# ଭାଗବତ

# ରସ-ସାଗର


## ଦ୍ୱିତୀୟ ଭାଗ



# ଭାଗବତ
# ରସସାଗର
## (ଦ୍ୱିତୀୟ ଭାଗ)

ଲେଖକ :
ଗୋରାଚାନ୍ଦ ମିଶ୍ର

ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ
ବିନୋଦ ବିହାରୀ, କଟକ - ୭୫୩ ୦୦୨



ଗୋରାଚାନ୍ଦ ମିଶ୍ର। ନିଜ ଗାଁ ଗଂଜାମ ଜିଲ୍ଲା, କୁଲାଡ଼ ନିକଟ ଗେରଡ଼ା। ଜନ୍ମ ୧୯୩୦, ଏପ୍ରିଲ ପହିଲା। ଚୈତ୍ର କୃଷ୍ଣ ଦ୍ୱାଦଶୀ। କିନ୍ତୁ ଅଧିକାଂଶ ଲୋକ ଜାଣନ୍ତି ସେ 'ବାଣପୁରିଆ'। ପୁରୀଜିଲ୍ଲା ବାଣପୁର, କୁମାରାଂଗ ଶାସନ ତାଙ୍କ ମାମୁଁଘର। ନଅ ବର୍ଷ ବୟସରୁ ସେ ଥିଲେ ମାମୁଁଘରେ। ପାଠପଢ଼ା ବାଣପୁର ହାଇସ୍କୁଲ ଓ ପୁରୀ ସାମନ୍ତଚନ୍ଦ୍ରଶେଖର କଲେଜରେ। ୧୯୫୦ରୁ କଟକର ବାସିନ୍ଦା, ଏ ପର୍ଯ୍ୟନ୍ତ। ସାମ୍ବାଦିକତା ମଧ୍ୟ ସେହି ସମୟରୁ। ସାତବର୍ଷ ଧରି ସାପ୍ତାହିକ 'କୃଷକ'ର ସହ ସଂପାଦକ ଓ ଯୁଗ୍ମସଂପାଦକ। ୧୯୫୭ ରୁ ୧୯୯୧ ପର୍ଯ୍ୟନ୍ତ ଦୈନିକ ପ୍ରଜାତନ୍ତ୍ରର ସହସଂପାଦକ, ବାର୍ତ୍ତାସଂପାଦକ ଏବଂ ପ୍ରଜାତନ୍ତ୍ରର ସାହିତ୍ୟ, ସଂସ୍କୃତି, ଆଧ୍ୟାତ୍ମିକତାର ପରିବାହକ ମାସିକ ପତ୍ରିକା 'ପ୍ରତିଭା'ର ସଂପାଦକ। ପ୍ରାୟ ଏକବର୍ଷ ଧରି ଅରୁଣାଚଳ ପ୍ରଦେଶ ରାଜ୍ୟପାଳ ଶ୍ରୀସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ବ୍ୟକ୍ତିଗତ ସଚୀବ। ୧୯୯୦ ଅଗଷ୍ଟରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ମହାରାଷ୍ଟ୍ର ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଦିଲ୍ଲୀରେ ସନ୍ଥ ଜ୍ଞାନଦେବ ବିରଚିତ ଗୀତାଭାବାର୍ଥଦୀପିକା 'ଜ୍ଞାନେଶ୍ୱରୀ' ସଂପର୍କରେ ଅନୁଷ୍ଠିତ ଐତିହାସିକ ସେମିନାରରେ ଅଧ୍ୟକ୍ଷତା କରି ଉଚ୍ଚ ପ୍ରଶଂସିତ। ଶିଶୁ ସାହିତ୍ୟ, ପାଠ୍ୟ ପୁସ୍ତକ, ନାଟକ, ଏକାଙ୍କିକା, ଗଳ୍ପ, କବିତା, ଉପନ୍ୟାସ, ଭ୍ରମଣ କାହାଣୀ, ଜୀବନୀ, ଆଧ୍ୟାତ୍ମିକ ଆଦି ଶତାଧିକ ପୁସ୍ତକର ରଚୟିତା ତଥା ଅନୁବାଦକ ଭାବରେ ସେ ଓଡ଼ିଶାର ଘରେ ଘରେ ସୁପରିଚିତ। ବାମପନ୍ଥୀ ଚିନ୍ତାଧାରା, ମାର୍କ୍ସବାଦର ବୈପ୍ଳବିକ ଦୁନ୍ଦୁଭିର ବାଦକ ଶ୍ରୀଯୁକ୍ତ ମିଶ୍ରଙ୍କ ମନରେ ୧୯୭୦ ମସିହା ଅଗଷ୍ଟ ୧୨ ତାରିଖରୁ ସୃଷ୍ଟିହେଲା ଏକ ଅଭିନବ ଆଲୋଡ଼ନ। ଏହି ଆଲୋଡ଼ନର ଏକମାତ୍ର ପ୍ରଶ୍ନ - 'କୋଽହଂ'? ମୁଁ କିଏ? ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ସେ ଧାବମାନ ଏକ ଦୁର୍ଗମ ପଥରେ, ଯାହାର ଶେଷ 'ସୋଽହଂ'ରେ। ଏ ସବୁ ଦିଗରେ ତାଙ୍କର ସହଯୋଗିନୀ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ମୃଦୁଳା (ଡ଼ାକ ନାଁ ଚାରୁଲତା)। ସେ ବହୁ ସାଂସ୍କୃତିକ, ସାମ୍ବାଦିକ, ସାହିତ୍ୟ, ରାଜନୀତିକ, ସାମାଜିକ ଅନୁଷ୍ଠାନ ପକ୍ଷରୁ ସଂବର୍ଦ୍ଧିତ, ପୁରସ୍କୃତ, ଅଭିନନ୍ଦିତ। ରାମାୟଣ, ମହାଭାରତ, ଭାଗବତ ଆଦି ବହୁ ସାଇ ସାହିତ୍ୟର ପ୍ରଣେତା ବିଶେଷତଃ 'ଗୀତା ଜ୍ଞାନେଶ୍ୱରୀ'ର ଅନୁବାଦକ ଶ୍ରୀ ମିଶ୍ର ଜଣେ ନୀରବ ସାଧକ। ଭଜନ, ନାମସଂକୀର୍ତ୍ତନରେ ସେ ଉଦ୍‌ବୁଦ୍ଧ। ତେଣୁ ତାଙ୍କ ବନ୍ଧୁମାନେ ତାଙ୍କୁ ଡ଼ାକନ୍ତି "ନାମାନନ୍ଦ ଗୋରାଚାନ୍ଦ।"

ଭାଗବତ । ଭାବବତ । 'ଭାବ'ରୁ କେବଳ ରସହିଁ ବାହାରେ । ରସାପ୍ଲୁତ । ଭାଗବତ ଭଗବତ୍‌ସ୍ୱରୂପ । ତେଣୁ ଏହି ଗ୍ରନ୍ଥର ରଚୟିତା ବ୍ୟାସଦେବ ସମସ୍ତ ସହୃଦୟ ଭଗବତ- ପ୍ରେମୀ ସଜ୍ଜନମାନଙ୍କୁ କହିଛନ୍ତି –

"ନିଗମକଳ୍ପତରୋର୍ଗଳିତ ଫଳମ୍
ଶୁକମୁଖାଦ୍ ଅମୃତଦ୍ରବ ସଂଯୁତମ୍
ପିବତ ଭାଗବତରସମାଳୟମ୍
ମୁହୁରହୋ ରସିକା ଭୁବି ଭାବୁକାଃ ।।"

ଏ ଭାଗବତ ହେଉଚି - କଳ୍ପତରୁ ଭଳି 'ବେଦ'ର ଗଳିତ ଫଳ । ଅନ୍ୟ ଫଳରେ ଚୋପା ଓ ଖୋସ୍ଵାଥାଏ । କିନ୍ତୁ ଏହି କଳ୍ପତରୁର ଫଳ କେବଳ ମଧୁର ରସମୟ । ଭିତରେ କିଛି ନାହିଁ । ଏକେ ତ ଏହା ବେଦର ଭାଗବତ ଫଳ, ପୁଣି ଶୁକଦେବଙ୍କ ମୁହଁରେ ଏହା ପ୍ରଚାରିତ, ପ୍ରସାରିତ ଓ ଉଚ୍ଚାରିତ ହୋଇଥିବାରୁ ଏହି ଫଳର ରସ ଅମୃତମୟ । ତେଣୁ ସମସ୍ତେ ଏହି ରସସାଗରରେ ନିମଗ୍ନ ହୋଇ ରସପାନ କରନ୍ତୁ । କୃତାର୍ଥ ହୁଅନ୍ତୁ । ଥରେ ନୁହେଁ ମୁହୁର୍ମୁହୁ, ଥରକୁ ଥର । ନିତ୍ୟନିରନ୍ତର । ଆଜୀବନ ଏହି ରସପାନରେ ବ୍ରତୀ ହୁଅନ୍ତୁ ।

ଭାଗବତ୍ ମହାମହିମ ମହାନ୍‌ଗ୍ରନ୍ଥ । ଏଥିରେ ଗ୍ରନ୍ଥି ବା ଗଣ୍ଠି ଅନେକ । ଶ୍ରୀଯୁକ୍ତ ଗୋରାଚାନ୍ଦ ମିଶ୍ର ଗଣ୍ଠିଗୁଡ଼ିକୁ ଅତି ଯତ୍ନର ସହିତ ଫିଟେଇ ଫିଟେଇ 'ଜ୍ଞାନେଶ୍ୱରୀ' ଭଳି ନୂତନ ଭାବାର୍ଥରୂପକ ପରିଧେୟ ବୁଣିଛନ୍ତି । ଏହା ଗଳ୍ପ, ଉପନ୍ୟାସଠୁ ବଳି ଅଧିକ ସ୍ନିଗ୍ଧ, ସୁମଧୁର, ସୁମିଷ୍ଟ ଓ ସୁକୋମଳ ।

– ପ୍ରକାଶକ –

# ଭାଗବତ
# ରସ-ସାଗର
## (ଦ୍ୱିତୀୟ ଭାଗ)

*ଲେଖକ :*
**ଗୋରାଚାନ୍ଦ ମିଶ୍ର**
ପି/୯, ରାଜାବଗିଚା, ଲେବର କଲୋନି
କଟକ – ୭୫୩ ୦୦୯, ଦୂରଭାଷ – ୬୧୯୧୫୨

*ପ୍ରକାଶକ :*
**ଗଙ୍ଗାଧର ତ୍ରିପାଠୀ**
**ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**
ବିନୋଦ ବିହାରୀ, କଟକ-୭୫୩ ୦୦୨, ଫୋନ୍ : ୬୧୯୦୩୭
*ପ୍ରଥମ ସଂସ୍କରଣ* – ୧୯୯୯
*ଅକ୍ଷରସଜ୍ଜା ଓ ମୁଦ୍ରଣ :*
**ଶ୍ରୀ ନୀଳକଣ୍ଠ ପ୍ରେସ୍**
ବିଡ଼ାନାସୀ, କଟକ–୧୪
**ମୂଲ୍ୟ : ଟ ୧୭୫.୦୦** ମାତ୍ର

**SREEMAD BHAGABAT**
**RASA SAGAR**
**(2nd part)**

*Author :*
**Gorachand Mishra**
P/9, Rajabagicha, Labour Colony
Cuttack – 753 009
Phone – 619152

*Published by :*
**Sri Gongadhar Tripathy**
Prachi Sahitya Pratisthan
Binodbihari, Cuttack – 753 002
Phone – 619037
*First Edition :* **1999**
*Lazer typesetting & printed by :*
**Sri Nilakantha Press**
Bidanasi, Cuttack–14
**Price : Rs. 175.00 only**

# ଆତ୍ମରମଣ ମହାରାସ

**ଭା**ଗବତ ବାସ୍ତବରେ ଭାବଗତ । ଏଥିରେ ଶ୍ରୀକୃଷ୍ଣ ଭଗବାନଙ୍କ ବିଭିନ୍ନ ଲୀଳାର ଯେଉଁ ବର୍ଣ୍ଣନା, ସବୁ ହେଉଛି ଭାବସର୍ବସ୍ୱ । ନବମ ଅଧ୍ୟାୟ ପର୍ଯ୍ୟନ୍ତ ଟିକିଏ ଟିକିଏ ରସ ଛିଞ୍ଚା ଯାଇଛି । ଦଶମ ସ୍କନ୍ଧରେ ଏହାର ପ୍ରଣେତା ବ୍ୟାସଦେବ ଏପରି ଭାବବିଭୋର ହୋଇପଡ଼ିଛନ୍ତି ଯେ ନିଜକୁ ସମ୍ଭାଳି ପାରିନାହାଁନ୍ତି । ତାଙ୍କ ସଂଯମର ଘେରିବନ୍ଧରେ କେତେବେଳେ ଘଲିଆ ପଡ଼ିଯାଇଛି, ସେ ନିଜେ ଜାଣି ପାରିନାହାଁନ୍ତି । ରସ-ସାଗରରେ ସେ ଉବୁଡୁବୁ ହେବାରେ ଲାଗିଛନ୍ତି । ରସୋତ୍ତୀର୍ଣ୍ଣ ହେବାକୁ ଚେଷ୍ଟା କରିଛନ୍ତି– କିନ୍ତୁ ସିଏ ଇମିତି ରସ ଯେ ତାଙ୍କ ମନକୁ ବଜ୍ର ଅଠାଭଳି ଜାବୁଡ଼ି ଧରିଛି ।

ଏ ରସ ସମ୍ପର୍କରେ ବହୁ ଆଲୋଚ଼ନା, ସମାଲୋଚ଼ନା, ପର୍ଯ୍ୟାଲୋଚ଼ନା ଲାଗି ରହିଛି । ତେଣୁ ଭଗବାନଙ୍କୁ କୁହାଯାଇଛି–''ରସୋ ବୈ ସଃ'' । ସେ ରସସ୍ୱରୂପ । ପୃଥିବୀର ଅନ୍ୟ ନାମ 'ରସା' । ଭଗବାନ ଭାବିଲେ,-ବୈକୁଣ୍ଠ ପୁରୀରେ ବସି ବସି, ବିଚ଼ରଣ କରି କରି, ସବୁ ରସ ତ ଚିପୁଡ଼ି ଚିପୁଡ଼ି ପିଇ ସାରିଲେଣି, ଯାଏ ରସାର ରସ ଆସ୍ୱାଦନ କରେ । ତେଣୁ ପୃଥିବୀକୁ ଆସି, ଜନ୍ମ ହେଉ ହେଉ, ସେ ରସାର ରସ ଶୋଷିବା ଆରମ୍ଭ କରିଦେଲେ । ଶୈଶବ ଓ କୈଶୋର – ଏହି ଦୁଇଟିଂଯାକ ଅବସ୍ଥାରେ ସେ 'ରସଗ୍ରାହୀ' ବା 'ମହାରସିକ' ହୋଇ ପଡ଼ିଲେ । କାରଣ ସେ ଜାଣିଥିଲେ ଯେ ଆଗକୁ ସେ ଯେଉଁ ଲୀଳା କରିବେ, ସେଥିରେ ଟୋପାଏ ବି ରସ ପାଇବାର ଅବକାଶ ନାହିଁ । ତା'ପରେ ଆସିଯିବ କୁଟିଳ କୁଟନୀତି । ଯୁଦ୍ଧବିଗ୍ରହ ଆଦି ଜଟିଳ ସମସ୍ୟା ।

ରାସଲୀଳା ସମ୍ପର୍କରେ ନାନା ପଣ୍ଡିତଙ୍କ ନାନାମତ । ବ୍ରହ୍ମଲୀନ ଋଷିପ୍ରତିମ ହନୁମାନ ପ୍ରସାଦ ପୋଦ୍ଦାର ମହାଶୟ ରାସଲୀଳାର ଅତି ସୁନ୍ଦର ବ୍ୟାଖ୍ୟା କରିଯାଇଛନ୍ତି । ଶ୍ରୀକୃଷ୍ଣ ତାଙ୍କର ଦିବ୍ୟ ରାସକ୍ରୀଡ଼ା ଲାଗି ଏକରୁ ଅନେକ ରୂପ ଧାରଣ କରିଛନ୍ତି । ରସକୁ ନେଇ ରଚ଼ିତ ପାଞ୍ଚଟି ଅଧ୍ୟାୟ (ଦଶମ ସ୍କନ୍ଧର ୨୯,୩୦,୩୧,୩୨ ଓ ୩୩) ଶ୍ରୀମଦ୍‌ଭାଗବତର ପଞ୍ଚପ୍ରାଣ ବୋଲି କୁହାଯାଇଥାଏ । ଭାଗବତ ଗ୍ରନ୍ଥରେ 'ରାଧା' ଶବ୍ଦ ନାହିଁ । କିନ୍ତୁ ରାଧା ହିଁ ଭଗବାନଙ୍କ ଆହ୍ଲାଦିନୀ ଶକ୍ତି । ଏହି ଶକ୍ତି କୌଣସି ନାମ କିମ୍ବା ଧାରାକୁ ଅପେକ୍ଷା କରିନଥାଏ । ଏହା ସ୍ୱତଃ ସୃଷ୍ଟ, ସ୍ୱତଃ ପ୍ରକଟ, ସ୍ୱତଃ ଦୃଶ୍ୟ ଓ ଅଦୃଶ୍ୟ । ଏକ ରସ ହିଁ ରସସମୂହ ରୂପରେ ପ୍ରକାଶିତ । ସେ ସ୍ୱୟଂ ଆସ୍ୱାଦ୍ୟ–ଆସ୍ୱାଦକ । ଭଗବାନଙ୍କ ଏହି ଦିବ୍ୟଲୀଳା ଦିବ୍ୟଧାମରେ ଦିବ୍ୟରୂପରେ ନିରନ୍ତର ଚ଼ାଲିଛି – ସୃଷ୍ଟିର ଆରମ୍ଭରୁ । ଚିନ୍ମୟ ଭଗବାନଙ୍କ ଲୀଳା ଚିନ୍ମୟୀ ହେବା ସ୍ୱାଭାବିକ । ସେ ନିତ୍ୟାନନ୍ଦ । ନିତ୍ୟ ରସିକ । ତାଙ୍କ ଲୀଳା ହିଁ ନିତ୍ୟରାସ ।

ସମୟର ପରିବର୍ତ୍ତନ ସହିତ ମନୁଷ୍ୟ ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ ଘଟି ଚାଲିଛି । ଆଜିକାଲିର ଯୁଗ ବା ସମୟ ଏପରି ଯେ ଭଗବାନଙ୍କ ଦିବ୍ୟଲୀଳା ତ ଦୂରର କଥା ଭଗବାନଙ୍କ ଅସ୍ତିତ୍ୱ ନେଇ ଅବିଶ୍ୱାସର ପ୍ରଖର ନିଃଶ୍ୱାସ ପ୍ରଶ୍ୱାସ ଚାଲିଛି । ଏପରି ସ୍ଥିତିରେ ଦିବ୍ୟଲୀଳାର ରହସ୍ୟ ନ ବୁଝି ଲୋକଙ୍କ ଭିତରେ ନାନା ସଂଦେହ ଓ ଆଶଙ୍କା ସ୍ୱାଭାବିକ । ଏଥିଲାଗି ସବୁ ଲୋକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ନପାରେ । କାରଣ ଲୋକଙ୍କ ଭିତରେ ଏପରି ମହାତ୍ମା ମଧ୍ୟ ଅଛନ୍ତି, ଯେଉଁମାନେ ଭଗବାନଙ୍କ ଲୀଳା ଆସ୍ୱାଦନ ଲାଗି ଆଗ୍ରହୀ । ବାସ୍ତବରେ ସେମାନଙ୍କ ଜୀବନ ଧନ୍ୟ । ସେମାନଙ୍କ ଚରଣଧୂଳି ଯୋଗୁଁ ତ୍ରିଲୋକ ମଧ୍ୟ ଧନ୍ୟ । ଏହିମାନଙ୍କ ଭକ୍ତି ଓ ଭାବର ଆଶ୍ରୟ ନ ନେଇ ରାସଲୀଳାର ତାତ୍ପର୍ଯ୍ୟ ପ୍ରକାଶ କରିବା ବିଡ଼ମ୍ବନା ମାତ୍ର ।

ପ୍ରଥମରୁ ବୁଝିବା ଉଚିତ ଯେ ଜୀବର ଶରୀର ଭଳି ଭଗବାନଙ୍କ ଶରୀର ସ୍ଥୂଳ ନୁହଁ । ଭାଗବତର ରାସ ପଞ୍ଚାଧ୍ୟାୟୀରେ ବଂଶୀଧ୍ୱନୀ, ଗୋପୀମାନଙ୍କ ଅଭିସାର, ବିରହ, ଶ୍ରୀକୃଷ୍ଣଙ୍କ ସହିତ ସେମାନଙ୍କ ଆଳାପ ଓ ସଂଳାପର ବିନିମୟ, ରମଣ, ଶ୍ରୀରାଧାଙ୍କ ସହିତ ଅନ୍ତର୍ଦ୍ଧାନ ଓ ପୁନଃପ୍ରକଟ, ବସ୍ତ୍ରହରଣ, ଗୋପୀମାନଙ୍କର ପ୍ରଶ୍ନର ଉତ୍ତର, ରାସନୃତ୍ୟ, ଜଳକ୍ରୀଡ଼ା, ବନବିହାର ଆଦିର ବର୍ଣ୍ଣନା ମାନବୀୟ ଭାଷାରେ କରାଗଲା ଭଳି ମନେ ହେଲେ ମଧ୍ୟ ବାସ୍ତବରେ ଏସବୁ ଦିବ୍ୟଭାଷା । ତେଣୁ 'ରାସ' ବସ୍ତୁତଃ ଭଗବାନଙ୍କ ପରମ ଉଜ୍ଜ୍ୱଳ ଦିବ୍ୟପ୍ରକାଶ । ଏହି ଦିବ୍ୟରସକୁ ପାଇଥିଲେ ସଚ୍ଚିଦାନନ୍ଦମୟୀ ଗୋପୀମାନେ ।

ସାଧନା ଦୃଷ୍ଟିରୁ ବିଚାର କରାଗଲେ, ଏହା ପ୍ରତିପାଦିତ ଯେ ଗୋପୀମାନେ କେବଳ ନିଜର ସ୍ଥୂଳଶରୀରକୁ ତ୍ୟାଗ କରିନଥିଲେ, ସୂକ୍ଷ୍ମଶରୀର ଦ୍ୱାରା ପ୍ରାପ୍ତ ସ୍ୱର୍ଗ, କୈବଲ୍ୟ ତଥା ମୋକ୍ଷାଭିଳାଷକୁ ମଧ୍ୟ ତ୍ୟାଗ କରି ଦେଇଥିଲେ । କେବଳ ଶ୍ରୀକୃଷ୍ଣଙ୍କ ଗୁଣସୁମରି ସେମାନେ ଭାବବିହ୍ୱଳ ହୋଇ ପଡ଼ିଥିଲେ । ଏହି ଅଲୌକିକ ସ୍ଥିତିରେ ଶ୍ରୀକୃଷ୍ଣଙ୍କ ସହିତ ଗୋପାଙ୍ଗନାମାନଙ୍କ 'ଅଙ୍ଗସଂଗ'ର କଳ୍ପନା ଏକ ଉଦ୍ଭଟ ଚିନ୍ତାଧାରା । ପ୍ରେମାମୃତ ପାନକରି ସେମାନଙ୍କର ଦେହବୋଧ ବୋଲି କିଛି ନଥିଲା । ଗୋପୀମାନଙ୍କ ପରିଚୟ ଲାଭ କରିବା ଅର୍ଥ ହେଉଛି ଆତ୍ମସାକ୍ଷାତକାର ଲାଭ କରିବା । ଗୋପୀମାନଙ୍କ ଦିବ୍ୟଭାବକୁ ସାଧାରଣ ସ୍ତ୍ରୀ ପୁରୁଷଙ୍କ ସଙ୍ଗସୁଖ ମନେ କରିବା ହେଉଛି ଗୋପୀମାନଙ୍କ ପ୍ରତି ତଥା ଭଗବାନଙ୍କ ପ୍ରତି, ବାସ୍ତବରେ ସତ୍ୟ ପ୍ରତି ଅନ୍ୟାୟ କରିବା । ଜଘନ୍ୟ ଅପରାଧ କରିବା । ଭଗବାନଙ୍କ ଗୁଣଗାନ, ଗୁଣସ୍ମରଣ ଦ୍ୱାରା ହିଁ ଏହି ଅପରାଧରୁ ଉଦ୍ଧାର ପାଇବାର ଯଥାର୍ଥ ଉପାୟ । ଜଗନ୍ନାଥ ଦାସଙ୍କ ଭାଷାରେ —

''କୃଷ୍ଣ କଥାଭାଳି ଗୋପୀସକଳ
ଗୁଣ ସୁମରି ହୁଅନ୍ତି ବିକଳ ।''

ଗୋପିକାମାନଙ୍କର ଶୁଦ୍ଧପ୍ରେମର ନାମ ନିଷ୍କାମ । ତାହା ସାଧାରଣ 'କାମ' ନୁହଁ, ବିଶୁଦ୍ଧ ପ୍ରେମ ମାତ୍ର । ଭାଗବତରେ କୁହାଯାଇଛି ଯେ ଭଗବତ୍ ଭକ୍ତି ପରାୟଣ ଉଦ୍ଧବାଦି ମହତ୍ମାମାନଙ୍କ ସେହି ନିଷ୍କାମ ଲାଭର ଅଭିଳାଷୀ ।

ଭକ୍ତର ଭକ୍ତି ହିଁ ଭଗବାନଙ୍କ ଗଣ୍ଠିଧନ । ଭଗବାନଙ୍କୁ ସଂପୂର୍ଣ୍ଣଭାବରେ ନିଜର କରିନେବା ପାଇଁ ଯେଉଁ ଇଚ୍ଛା, ଯେଉଁ ଆବେଗ – ତାହା ହିଁ ତା'ର ପ୍ରେମକାଂଚ୍ନ । ପ୍ରେମପାଗଳ ଭକ୍ତ ଆଗରେ ହାତ, ଗୋଡ଼ ଆଦିର କାର୍ଯ୍ୟ କ'ଣ ତା'ର ବିଚାର ନଥାଏ । ଶ୍ରୀମଦ୍ ଭଗବତ୍‌ଗୀତାରେ ଭଗବାନ ଅର୍ଜୁନଙ୍କୁ କହିଛନ୍ତି, ''ପତ୍ରଂ, ପୁଷ୍ପଂ, ଫଳଂ, ତୋୟଂ ଯୋମେ ଭକ୍ତ୍ୟା ପ୍ରଯଚ୍ଛତି .......'' ଅର୍ଥାତ୍ ମୋ ଭକ୍ତ ଭକ୍ତିର ସହିତ ଯାହା ମତେ ଦେଇଥା'ନ୍ତି, ମୁଁ ଆଦର ସହିତ ଆନନ୍ଦରେ ଗ୍ରହଣ କରିଥାଏ । ସେ ସର୍ବଦା ଚିଦାନନ୍ଦମୟ ।

ଉପନିଷଦ୍‌ରେ ଭଗବାନଙ୍କୁ କୁହାଯାଇଛି 'ଅଖଣ୍ଡ ବ୍ରହ୍ମଚାରୀ' । ପ୍ରଶ୍ନ – ସେ ଯଦି ବ୍ରହ୍ମଚାରୀ – କୃଷ୍ଣଲୀଳାରେ ତାଙ୍କର ଷୋଳହଜାର ଏକଶହ ଆଠ ରାଣୀ ଥିଲେ; ସେମାନଙ୍କର ପିଲାପିଲି ଆଦିର ଯେଉଁ ବର୍ଣ୍ଣନା କରାଯାଇଛି, ସେଗୁଡ଼ାକ କ'ଣ ମିଛ ? ଅଖଣ୍ଡ ବ୍ରହ୍ମଚାରୀ ପୁଣି ଏତେ ସନ୍ତାନର ଜନକ ? ବଡ଼ ବିଚିତ୍ର କଥା । ଏହାର ଉତ୍ତରରେ କୃଷ୍ଣପ୍ରେମୀ ପଣ୍ଡିତମାନେ କହିଥାଆନ୍ତି, ଏ ସବୁ ହେଉଛି ଭାଗବତୀ ସୃଷ୍ଟି । ଭଗବାନଙ୍କ ସଂକଳ୍ପରେ ଏସବୁ ସନ୍ତାନର ଉତ୍ପାଦନ । ଭଗବାନଙ୍କ ତଥାକଥିତ ଦୃଶ୍ୟ ଶରୀରରେ ଯେଉଁ ରକ୍ତମାଂସ ଦେଖାଯାଇଥାଏ, ଏସବୁ ହେଉଛି ଭଗବାନଙ୍କ ଯୋଗମାୟାଙ୍କ ଚମତ୍କାରିତା । ଏହି ବିଚାର ଦୃଷ୍ଟିରୁ ଏହା ସିଦ୍ଧ ହୋଇଥାଏ ଯେ ଗୋପୀମାନଙ୍କ ସହିତ ଶ୍ରୀକୃଷ୍ଣଙ୍କର ଯେଉଁ 'ରମଣ' ଏହା ସର୍ବଥା ଦିବ୍ୟ ଭଗବତ୍-ରାଜ୍ୟର ଲୀଳା । ଏହା ଲୌକିକ କାମକ୍ରୀଡ଼ା ନୁହଁ । ଶ୍ରୀକୃଷ୍ଣଙ୍କ ରୂପମାଧୁରୀ ନିତ୍ୟବର୍ଦ୍ଧନଶୀଳ । ନିତ୍ୟନୂତନ । ସେ ନିଜକୁ ନିଜେ ଆକର୍ଷଣ କରିଥାଆନ୍ତି । ନିଜ ଭିତରେ ନିଜେ ଲୀଳା କରି ନିଜେ ଆସ୍ୱାଦନ କରିଥାଆନ୍ତି ।

ଶ୍ରୀମଦ୍‌ଭାଗବତରେ ଦଶମସ୍କନ୍ଧର ପାଞ୍ଚଟି ଅଧ୍ୟାୟ (୨୯,୩୦,୩୧,୩୨ ଓ ୩୩) ରସପଞ୍ଚାଧ୍ୟାୟୀ ନାମରେ କଥିତ, ବିଖ୍ୟାତ ଏବଂ ଶ୍ରେଷ୍ଠ । ସେଥିମଧ୍ୟରୁ ଏକତିରିଶ ଅଧ୍ୟାୟର ଗୋପିକାଗୀତ ବା ଗୋପୀଗୀତ ଶ୍ରେଷ୍ଠତମ । ବିରହ ରସଠୁଁ ବଳି ରସ ନାହିଁ । ଏହି ରସ ହୃଦୟକନ୍ଦରରୁ ଝରେ । ସମସ୍ତ ଗୋପୀ ସମସ୍ୱରରେ ଏକତାନ, ଏକଲୟରେ ଏହି ଗୀତ ଗାଇଛନ୍ତି । ସଂସ୍କୃତ ଭାଷାର ଏହି ଗୀତର ପ୍ରଥମ ଶ୍ଳୋକ (ଶୋକରୁ ହିଁ 'ଶ୍ଳୋକ' ଶବ୍ଦର ଉତ୍ପତ୍ତି) ।

ଜୟତି ତେଽଧିକଂ ଜନ୍ମନା ବ୍ରଜଃ
ଶ୍ରୟତ ଇନ୍ଦିରା ଶଶ୍ୱଦତ୍ର ହି ।
ଜୟତି ଦୃଶ୍ୟତାଂ ଦିକ୍ଷୁ ତାବକା–
ସ୍ତ୍ୱୟି ଧୃତାସବସ୍ତ୍ୱାଂ ବିଚିନ୍ୱତେ ।।୧।।

''ହେ ପ୍ରିୟ ! ତୁମର ଜନ୍ମ ହେତୁ ବୈକୁଣ୍ଠ ଆଦି ଲୋକଠୁ ମଧ୍ୟ ବ୍ରଜର ମହିମା ଅଧିକ । ସେଥିଯୋଗୁଁ ତ ସୌନ୍ଦର୍ଯ୍ୟ ଓ ମୃଦୁଳତାର ମୂର୍ତ୍ତି ସ୍ୱୟଂ ଦେବୀ ମା'ଲକ୍ଷ୍ମୀ ନିଜ ନିବାସସ୍ଥାନ ବୈକୁଣ୍ଠକୁ ଛାଡ଼ି ଏଠାରେ ନିତ୍ୟ ନିରନ୍ତର ବାସ କରୁଛନ୍ତି– ବ୍ରଜଭୂମିର ସେବା କରୁଛନ୍ତି । ପରନ୍ତୁ ହେ ପ୍ରିୟତମ ! ଦେଖ, ଯେଉଁ ଗୋପୀମାନେ ତୁମ ଚରଣରେ ନିଜର ପ୍ରାଣ ସୁଦ୍ଧା ସମର୍ପଣ କରିଦେଇଛନ୍ତି, ସେମାନେ ଏବେ ବଣର ଏ କୋଣ ସେ କୋଣରେ ବୁଲି ବୁଲି, ତୁମକୁ ଖୋଜିବାରେ ଲାଗିଛନ୍ତି ।। ୧ ।।

ଏହି ଗୀତର ଅନ୍ୟ ଶ୍ଳୋକରେ ଗୋପୀମାନେ କହିଛନ୍ତି– 'ହେ ପ୍ରେମପୂର୍ଣ୍ଣ ହୃଦୟର ସ୍ୱାମୀ ! ଆମେ ତୁମର ମାଗଣା ଦାସୀ । ବିନା ମଜୁରୀରେ ତୁମର ସେବା କରି ଆସୁଚୁ । କିନ୍ତୁ ତୁମେ କରୁଚ଼ କ'ଣ ? ତୁମେ ଶରତକାଳୀନ ଜଳାଶୟରେ ଫୁଟୁଥିବା ସୁନ୍ଦର ସରସୀଜ (ପଦ୍ମ) କଳାପ (ପାଖୁଡ଼ା)ର ସୌନ୍ଦର୍ଯ୍ୟ ଚୋରି କରୁଥିବା ତୁମର ନେତ୍ରକଟାକ୍ଷରେ ଆମମାନଙ୍କ ହୃଦୟକୁ ଘାୟଲ କରି ପକାଇଛ । ହେ ମନୋରଥ ପୂର୍ଣ୍ଣ କରିବାବାଲା ପ୍ରାଣେଶ୍ୱର ! କ'ଣ ନେତ୍ରାଘାତରେ ମାରିବା 'ବଧ' ନୁହଁ ? ଅସ୍ତ୍ରରେ ହତ୍ୟା କରିବା ହିଁ 'ବଧ' ? ।। ୨ ।।

ହେ ପୁରୁଷ ଶିରୋମଣି ! ଯମୁନାର ବିଷାକ୍ତ ଜଳରୂପୀ ମୃତ୍ୟୁ, ଅଜଗରରୂପରେ ଅଘାସୁର, ଇନ୍ଦ୍ରର ବର୍ଷା, ପ୍ରବଳ ଝଡ଼ତୋଫାନ, ଘନଘନ ବିଜୁଳି, ଦାବାନଳ, ବୃଷଭାସୁର; ବ୍ୟୋମାସୁର ଏବଂ ଭିନ୍ନଭିନ୍ନ ରୂପରେ ବିଭିନ୍ନ ସମୟରେ ଦେଖାଦେଇଥିବା ଭୟଙ୍କର ଆପଦବିପଦରୁ ତୁମେ ହିଁ ଆମମାନଙ୍କୁ ରକ୍ଷା କରିଛ । ।। ୩ ।।

ତୁମେ କେବଳ ଅନ୍ତର୍ଯ୍ୟାମୀ ନୁହଁ, ସମସ୍ତ ଦେହଧାରୀ ଜୀବଙ୍କ ହୃଦୟ ନିବାସୀ ସାକ୍ଷୀଭୂତ । ଅନ୍ତର୍ଯ୍ୟାମୀ । ହେ ପ୍ରିୟ ସଖା ! ବ୍ରହ୍ମାଙ୍କ ପାର୍ଥନା ଯୋଗୁଁ ତୁମେ ବିଶ୍ୱର ସୁରକ୍ଷା ଲାଗି ଯଦୁବଂଶରେ ଅବତୀର୍ଣ୍ଣ ।। ୩ ।।

ନିଜ ପ୍ରେମୀମାନଙ୍କ ଅଭିଳାଷ ପୂର୍ଣ୍ଣ କରିବାବାଲାଙ୍କ ମଧ୍ୟରେ ତୁମେ ଅଗ୍ରଗଣ୍ୟ ଯଦୁବଂଶ ଶିରୋମଣି ! ଯେଉଁ ଲୋକ ଜନ୍ମ-ମୃତ୍ୟୁ ଚକ୍ରକୁ ଡ଼ରି ତୁମର ଚରଣରେ ଶରଣ ଗ୍ରହଣ କରିଥାଆନ୍ତି, ତାକୁ ତୁମର କରକମଳ ଛତ୍ର ଛାୟାତଳକୁ ନେଇ ଅଭୟବର ପ୍ରଦାନ କରିଥାଅ ।। ୪ ।।

ହେ ଆମର ପ୍ରିୟତମ ! ସମସ୍ତଙ୍କ ଅଭିଳାଷ ପୂର୍ଣ୍ଣ କରୁଥିବା ତୁମର କରକମଳ, ଯେଉଁଥିରେ ତୁମେ ଲକ୍ଷ୍ମୀଙ୍କ ହାତ ଧରିଛ, ସେହି କରକମଳକୁ ଆମମାନଙ୍କ ମଥା ଉପରେ ଥାପନା କରନ୍ତୁ ॥ ୫ ॥

ହେ ବ୍ରଜବାସୀଙ୍କ ଦୁଃଖହରଣକାରୀ ବୀର ଶିରୋମଣି ଶ୍ୟାମସୁନ୍ଦର ! ତୁମର ମନ୍ଦମନ୍ଦ ହାସ୍ୟର ଉଜ୍ଜ୍ୱଳ ରେଖା ହିଁ ତୁମ ପ୍ରେମୀଜନଙ୍କ ସମସ୍ତ ମାନ ଅଭିମାନକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେବା ଦିଗରେ ଯଥେଷ୍ଟ । ପର୍ଯ୍ୟାପ୍ତ । ହେ ପ୍ରିୟ ସଖା ! ଆମ ପ୍ରତି ରାଗ ନାହିଁ, ଆମକୁ ଅନୁରାଗ ଦିଅ । ପ୍ରେମ କର । ଆମେ ତ ତୁମର ଦାସୀ । ତୁମ ଚରଣରେ ସମର୍ପିତ । ଆମଭଳି ଅବଳାଙ୍କୁ ତୁମର ପରମ ସୁନ୍ଦର କୋମଳ ମୁଖମଣ୍ଡଳ ଦେଖାଅ ॥ ୬ ॥

ତୁମର ଚରଣକମଳ ଶରଣାଗତ ଜୀବଙ୍କ ସମସ୍ତ ପାପ ନଷ୍ଟ କରି ଦେଇଥାଏ । ତୁମେ ସମସ୍ତ ସୌନ୍ଦର୍ଯ୍ୟର ଖଣି । ସ୍ୱୟଂ ମହାଲକ୍ଷ୍ମୀ ତୁମର ଚରଣସେବିକା । ସେହି ଚରଣରେ ତୁମେ ଆମମାନଙ୍କ ବାଛୁରୀମାନଙ୍କ ପଛେ ପଛେ ଚାଲିଥାଅ । ଆମ ଲାଗି ତୁମେ ବିଷଧର ସାପର ଫଣା ଉପରେ ସେହି ଚରଣକୁ ରଖିବା ପାଇଁ କୁଣ୍ଠିତ ହୋଇ ନଥାଅ । ଆମମାନଙ୍କ ହୃଦୟ ତୁମର ବିରହବ୍ୟଥା ନିଆଁରେ ଜଳିବାରେ ଲାଗିଛି । ତୁମ ମିଳନ ଅଭିଳାଷ ଆମ ହୃଦୟକୁ ଦହିବାରେ ଲାଗିଛି । ନିଜ ଚରଣକୁ ଆମମାନଙ୍କ ବକ୍ଷସ୍ଥଳରେ ରଖି ଆମମାନଙ୍କ ହୃଦୟ-ଜ୍ୱାଳାକୁ ଶୀତଳ କର ॥ ୭ ॥

ହେ କମଳନୟନ ! ତୁମର ବଚନ କେତେ ମଧୁର ! ଏକ ଏକ ପଦ, ଏକ ଏକ ଶବ୍ଦ ମଧୁରାତିମଧୁର ! ବଡ଼ ବଡ଼ ପଣ୍ଡିତ ଏଥିରେ ରମିତ । ସେହି ବାଣୀପାଇଁ ସେମାନେ ସବୁକିଛି ତ୍ୟାଗ କରି ଦେଇଥାଆନ୍ତି । ଏହି ବାଣୀର ରସାସ୍ୱାଦନ କରି ତୁମ ଆଜ୍ଞାକାରିଣୀ ଦାସୀ ଗୋପିକାମାନେ ମୋହିତ । ହେ ଦାନବୀର ! ଏବେ ତୁମେ ନିଜ ଦିବ୍ୟବଚନାମୃତର ମଧୁର ରସ ପିଆଇ ଆମମାନଙ୍କୁ ଜୀବନଦାନ କର ॥ ୮ ॥

ହେ ପ୍ରଭୋ ! ତୁମର ଲୀଳାକଥା ମଧ୍ୟ ଅମୃତସ୍ୱରୂପ । ବିରହଦଗ୍ଧ ଲୋକଙ୍କ ଲାଗି ତ ତୁମେ ଜୀବନ-ସର୍ବସ୍ୱ । ବଡ଼ ବଡ଼ ଜ୍ଞାନୀ ମହାତ୍ମା-ଭକ୍ତକବିମାନେ ତୁମର ଗୁଣଗାନ କରିଥାଆନ୍ତି । ତୁମର ଲୀଳା କଥା ଶ୍ରବଣ କଲେ ସମସ୍ତ ପାପ ଦୂର ହୁଏ ତଥା ପରମ ମଙ୍ଗଳ, ପରମ କଲ୍ୟାଣ ପ୍ରାପ୍ତି ହୁଏ । ତାହା ପରମ ସୁନ୍ଦର ପରମ ମଧୁର । ଯିଏ ତୁମର ଲୀଳା କଥା ଗାନ କରେ ସେ ଭୂମଣ୍ଡଳରେ ସବୁଠୁ ବଡ଼ ଦାତା ॥ ୯ ॥

ହେ ପ୍ରିୟତମ ! ଦିନ ଥିଲା ଯେବେ ତୁମର ହସହସ ମୁଖ ତଥା ବିଭିନ୍ନ ପ୍ରକାରର ଲୀଳା ଅବଲୋକନ କରି ଆମେ ଆନନ୍ଦରେ ମଗ୍ନ ହୋଇ ଯାଉଥିଲୁ । ତା'ପରେ ତୁମର

ଦର୍ଶନ ଲାଭ କଲୁ, ଏକାନ୍ତରେ ତୁମର ହୃଦୟସ୍ପର୍ଶୀ ପ୍ରେମଭରା ବାକ୍ୟ ଶୁଣିବାକୁ ପାଇଲୁ । ହେ କପଟୀ ବନ୍ଧୁ ! ଏସବୁ କଥା ମନେ ପଡ଼ିବାରୁ ଏବେ ଆମ ମନ ବିଷଣ୍ଣ ହୋଇ ଯାଉଛି ॥ ୧୦ ॥

ହେ ପ୍ରିୟ ସ୍ୱାମି ! ତୁମର ଚରଣ କମଳଠୁ ବଳି ସୁକୋମଳ । ସୁନ୍ଦର । ତୁମେ ଯେତେବେଳେ ଗାଈ ଚରାଇବା ଲାଗି ବ୍ରଜରୁ ବାହାରକୁ ଯାଇଥାଅ, ସେତେବେଳେ ଆମ ଚିନ୍ତା ବଢ଼ିଯାଏ – ମନ ବିଚଳିତ ହୋଇ ପଡ଼େ । ଆଶଙ୍କା ହୁଏ ତୁମର କୋମଳ ପାଦ ଯୁଗଳରେ ହୁଏତ ଗୋଡ଼ିପଥର ବାଜୁଥିବ, କଣ୍ଟା ଆଦି ଫୋଡ଼ି ହୋଇ ଯାଉଥିବ ! ॥ ୧୧ ॥

ସନ୍ଧ୍ୟା ନଇଁ ଆସେ । ତୁମେ ବଣରୁ ଗାଈ ଚରାଇ ଫେରି ଆସିଥାଅ – ଆମେ ଲକ୍ଷ୍ୟ କରୁ ତୁମ ନୀଳ ଆଖିପତାଗୁଡ଼ିକରେ ଯେପରି ଧୂଳିକଣା ଲାଗି ରହିଛି, ଗୋରୁଗାଈଙ୍କ ଖୁରାରେ ଧୂଳି ଉଡ଼ି ତୁମ ମୁଖମଣ୍ଡଳ ଧୂଳି ଧୂସରିତ ! ହେ ପ୍ରିୟତମ ! ତୁମେ ଆମକୁ ନିଜର ଏହି ସୌନ୍ଦର୍ଯ୍ୟ ଦେଖାଇ ଆମମାନଙ୍କ ହୃଦୟରେ ମିଳନର ଆକାଂକ୍ଷା ଜାଗରିତ କରିଥାଅ । ପ୍ରେମଭାବ ଉତ୍ପନ୍ନ କରିଥାଅ ॥ ୧୨ ॥

ହେ ପ୍ରିୟତମ ! ଏକମାତ୍ର ତୁମେ ହିଁ ଆମମାନଙ୍କ ସମସ୍ତ ଦୁଃଖ ମୋଚନ କରିପାର । ତୁମର ଚରଣକମଳ ଶରଣାଗତ ଭକ୍ତମାନଙ୍କ ସମସ୍ତ ଅଭିଳାଷ ପୂର୍ଣ୍ଣ କରିପାରେ । ସ୍ୱୟଂ ଲକ୍ଷ୍ମୀ ଦେବୀ ସେହି ଚରଣକମଳର ସେବିକା । ସେହି ଚରଣ ହିଁ ପୃଥିବୀର ଭୂଷଣ ॥ ୧୩ ॥

ବିପଦଆପଦ ବେଳେ କେବଳ ତୁମ ଚରଣକମଳର ସ୍ମରଣ ଉଚିତ । ସ୍ମରଣମାତ୍ରେ ବିପଦ ଦୂର ହୋଇଯାଇଥାଏ । ହେ କୁଞ୍ଜବିହାରି ! ସେହି ଚରଣକମଳ ଦୁଇଟିକୁ ଆମ ବକ୍ଷ ଉପରେ ରଖି ଆମ ହୃଦୟର ବ୍ୟଥା ଶାନ୍ତ କରନ୍ତୁ ॥ ୧୪ ॥

ହେ ପ୍ରିୟତମ ! ତୁମେ ଚାଲିଯାଅ ବଣକୁ ଗୋଚାରଣ ଲାଗି । ତୁମର ଅଦର୍ଶନର ଏକ ଏକ କ୍ଷଣ, ଆମର ମନେହୁଏ ଗୋଟିଏ ଗୋଟିଏ ଯୁଗ । ତୁମେ ଗୋଧୂଳି ଲଗ୍ନରେ ଘରକୁ ଫେରିଆସ । ତୁମର ଧୂଳି ଧୂସରିତ ଅଳକ (ଆଖିପତା)କୁ ଆମେ ଅପଲକ ନେତ୍ରରେ ଦେଖୁ । ପଲକ ଆମ ପକ୍ଷରେ ଏତେ ଭାରି ହୋଇ ଉଠେ ଯେ ମନେ ମନେ ଭାବୁ ଏ ପଲକର ନିର୍ମାତା ଯେଉଁ ବିଧାତା, ସେ ନିପଟ ମୂର୍ଖ ! ॥ ୧୫ ॥

ହେ ଶ୍ୟାମସୁନ୍ଦର ! ଆମେ ନିଜ ପତି, ପୁତ୍ର, ଭାଇ, ବନ୍ଧୁ, କୁଳ ପରିବାର ସମସ୍ତଙ୍କୁ ତ୍ୟାଗ କରି, ସେମାନଙ୍କ ଇଚ୍ଛା ଓ ଆଦେଶକୁ ଉଲ୍ଲଘଂନ କରି ତୁମ ପାଖକୁ ଆସିଛୁ । ଆମେ ତୁମର ପ୍ରତ୍ୟେକ 'ଚାଲ୍'କୁ ଜାଣୁ, ସଂକେତ (ଠାର)କୁ

ଠଉରେଇ ପାରୁ, ତୁମର ମଧୁର ଗୀତର ଗତିକୁ ବୁଝୁ, ସେ ଗୀତରେ ମୋହିତ ହୋଇ ତ ଆସିଚୁ । ହେ କପଟୀ ମିତ୍ର ! ଏଭଳି ରାତ୍ରିକାଳରେ ଆସିଥିବା ଆମଭଳି ଯୁବତୀ ସ୍ତ୍ରୀମାନଙ୍କୁ ତମ ବ୍ୟତୀତ କିଏ ଛାଡ଼ିପାରେ ! ।। ୧୬ ।।

ହେ ପ୍ରେମିକ ଶେଖର ! ଏକାନ୍ତରେ ତୁମ ସହିତ ମିଳନର ଲାଳସା ଏବଂ ପ୍ରେମଭାବ ଜାଗ୍ରତ କରିବା ଭଳି କଥା ସବୁ କରିଥାଅ । ଆମ ସହିତ କେତେ ଥଟ୍ଟା ପରିହାସ, ତୁମର ପ୍ରେମପୂର୍ଣ୍ଣ ଚାହାଁଣୀରେ ଆମମାନଙ୍କୁ ଦେଖି ମୁରକି ମୁରୁକି ହସିଥାଅ । ଆମେମାନେ ମଧ ତୁମର ଯେଉଁ ବକ୍ଷସ୍ଥଳରେ ଲକ୍ଷ୍ମୀଙ୍କର ନିରନ୍ତର ନିବାସ, ସେହି ବିଶାଳ ବକ୍ଷକୁ ଦେଖି ମୋହିତ ହୋଇ ପଡ଼ିଥାଉ । କେବଳ ଦେଖୁ ନଥାଉ, ଦେଖୁ ଦେଖୁ ଆମମାନଙ୍କ ଲାଳସା ବଢ଼ି ବଢ଼ି ଚାଲିଥାଏ । ମନ ଅଧିକରୁ ଅଧିକ ମୁଗ୍ଧ ହୋଇ ପଡ଼ିଥାଏ ।। ୧୭ ।।

ହେ ପ୍ରିୟ ବନ୍ଧୁ ! ତୁମର ପ୍ରତ୍ୟେକ 'ଅଭିବ୍ୟକ୍ତି' ବ୍ରଜବାସୀଙ୍କ ସମସ୍ତ ଦୁଃଖତାପ ବିନାଶକ । ବିଶ୍ୱର ପୂର୍ଣ୍ଣ ମଙ୍ଗଳଦାୟକ । କ'ଣ କରିବୁ, ତୁମକୁ ପାଇବା ଲାଗି ହୃଦୟରେ ଏତେ ଲାଳସା ଜମି ଗଲାଣି ଯେ ଏହାର ଉପଶମ ଲାଗି ତୁରନ୍ତ କୌଣସି ଔଷଧର ବ୍ୟବସ୍ଥା କର । ଏପରି ଔଷଧ ଦିଅ, ଯେଉଁଥିରେ ଏ ହୃଦୟ-ରୋଗ ନିର୍ମୂଳ ହୋଇଯାଇ ପାରିବ ।। ୧୮ ।।

ତୁମର ଚରଣକମଳଠୁ ବଳି ସୁକୁମାର, ସୁକୋମଳ । ହୁଏତ ଏହି ପଦକମଳରେ ସାମାନ୍ୟ ଆଘାତ ଲାଗିଯାଇପାରେ, ସେହି ଆଶଙ୍କାରେ ଆମେ ନିଜର କଠୋର ସ୍ତନଯୁଗଳ ଉପରେ ଧୀରେ ଧୀରେ ରଖିଥାଉ । ଏହି ପାଦରେ ଏ ରାତ୍ରିକାଳରେ ଘନଘୋର ଜଙ୍ଗଲ ଭିତରେ ଲୁଚିଛପି ବୁଲିବାରେ ଲାଗିଚ ! ଗୋଡ଼ି ପଥର ଉପରେ ଚାଲିବା ବେଳେ ପାଦକୁ କି କଷ୍ଟ ହେଉ ନଥିବ ! ପୀଡ଼ା ତ ନିଶ୍ଚୟ ହେଉଥିବ । ସେହି ଆଶଙ୍କାରେ ତ ଆମ ମୁଣ୍ଡ ଘୂରେଇ ଯାଉଛି । ଭାବୁ ଭାବୁ ଅଚେତ ହୋଇ ପଡୁଛୁ । ହେ କୃଷ୍ଣ ! ଶ୍ୟାମସୁନ୍ଦର ! ପ୍ରାଣନାଥ ! ତୁମରି ପାଇଁ ତ ଆମମାନଙ୍କ ଜୀବନ ! ତୁମରି ଲାଗି ତ ବଞ୍ଚି ରହିଚୁ । ତୁମେ ଆମର, ଆମେ ତୁମର ।। ୧୯ ।।

ଗୋପୀଗୀତର ପ୍ରଥମ ଶ୍ଳୋକରେ 'ସମର୍ପଣ' ଭାବ । ଏହି ଭାବ ବିସ୍ତାରିତ ହୋଇ ମହାଭାବରେ ପରିଣତ ହୋଇଛି । ଉଣେଇଶିଟି ଶ୍ଳୋକ ଶୋକ ବା ବିରହର ଉଣେଇଶିଟି ସୋପାନ । ଧୀର ପଦକ୍ଷେପରେ ଆରୋହଣ । 'ଭାବ' ଯେତେବେଳେ ତୁଙ୍ଗ ଶିଖର ଚୂଳରେ ପହଞ୍ଚିଯାଇଛି, ସେତେବେଳେ ଗୋପୀମାନେ କହିଛନ୍ତି – 'ତୁମ ସହିତ ମିଳନର ଲାଳସା ହୃଦୟରେ ଏତେ ମାତ୍ରାରେ ଜମାଟ ବାନ୍ଧିଗଲାଣି ଯେ ଏହି ହୃଦୟ ବ୍ୟାଧିର ମୂଳୋତ୍ପାଟନ ଲାଗି 'ଔଷଧି'ର ବ୍ୟବସ୍ଥା କର । ମିଳନ ହିଁ ଏକମାତ୍ର

ପ୍ରତିକାର । ଏହି 'ଭାବ' ହିଁ ଗୋପୀମାନଙ୍କୁ 'ସମାଧି' ଅବସ୍ଥାକୁ ନେଇ ଆସିଛି । 'ଭାବ ସମାଧି'ରେ ସେମାନେ ଭଗବାନଙ୍କ ସହିତ ଏକାକାର ହୋଇ ପଡ଼ିଛନ୍ତି । ବିଳାପ ଯେତେବେଳେ ପ୍ରଳାପରେ ପରିଣତ ହୋଇଛି, ସେମାନେ କହିଛନ୍ତି — ତୁମେ ଆମର ସର୍ବସ୍ୱ । ତୁମେ ଆମର, ଆମେ ତୁମର । ଏହାଠୁ ବଳି ସମର୍ପଣ ଭାବ ଆଉ କିଛି ହୋଇ ନପାରେ ।

ପୂର୍ବରୁ 'ବେଣୁଗୀତ' ବା ବଂଶୀଧ୍ୱନି (ଦଶମ ସ୍କନ୍ଧ ୨୧ ଅଧ୍ୟାୟ) ଦ୍ୱାରା ଶ୍ରୀକୃଷ୍ଣ ଗୋପୀମାନଙ୍କ ମନରେ ପ୍ରେମଭାବ ତଥା ତାଙ୍କ ସହିତ ଗୋପଲଳନାମାନଙ୍କ ମିଳନାକାଂକ୍ଷା ସଞ୍ଚାର କରାଇଛନ୍ତି । ତା'ପରେ ଚିରହରଣ (୨୨ ଅଧ୍ୟାୟ) ବା ବସ୍ତ୍ର ହରଣ କରି ସେମାନଙ୍କ ଚିତ୍ତହରଣ କରିନେଇଛନ୍ତି । ଏହି 'ହରଣ' ହେଉଚି ବିଚ୍ଛେଦର ମିଶାଣ, ଫେଡ଼ାଣ, ହରଣ ଭଳି ଅଙ୍କକଷା କାର୍ଯ୍ୟ । ବିଚ୍ଛେଦ ବା ବିରହ ପରେ ଶ୍ରୀକୃଷ୍ଣଙ୍କ ସାନ୍ତ୍ୱନା (୩୨ ଅଧ୍ୟାୟ) ସର୍ବୌଷଧିର କାର୍ଯ୍ୟ କରିଛି ।

ସମାଲୋଚକମାନେ, ବୈଷ୍ଣବ କବିମାନଙ୍କ କାବ୍ୟ, କବିତାର 'ରସ'କୁ, ନିଜ ମନର ପ୍ରାସ-ପ୍ରକାଶ, କାମଲିପ୍ସାର ପରିପ୍ରକାଶ ବୋଲି ନାନା କଟୂକ୍ତି କରି ଆସିଛନ୍ତି । ସେମାନଙ୍କ ଯୁକ୍ତିର ଖଣ୍ଡନ ମଣ୍ଡନ ସମାନ୍ତରାଳ ଭାବରେ ଚାଲିଚି, ଚାଲିବ । ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଭାଷାରେ ଖାଲିମାଠିଆରେ ପାଣି ଭର୍ତ୍ତି ହେଉଥିବା ଯାଏଁ ରବରବ, ଡବ୍ ଡବ୍ ଶବ୍ଦ — ଭର୍ତ୍ତି ହୋଇଗଲେ ଆଉ ରବ ନାହିଁ କି ଡବ୍ ନାହିଁ । ଶବ୍ଦ ଯେପରି ସେ ମାଠିଆ ଭିତରେ ସ୍ୱତଃ ସମାହିତ ।

'ରାଧା' ଚରିତ୍ରକୁ ନେଇ ମଧ ନାନା ଆଲୋଚନା । ସମଗ୍ର ପ୍ରକୃତି ହିଁ ଶ୍ରୀରାଧା । ପ୍ରକୃତିର ବୈଚିତ୍ର୍ୟର ଚିତ୍ରଣ ଯେପରି ଅସରନ୍ତି; ସେହିପରି ରାଧା ଚରିତ୍ରର ଚିତ୍ରଣ ଅସୀମ । ମୋଟ କଥା ହେଉଚି— ଯିଏ ଆକର୍ଷଣ କରେ ସେ କୃଷ୍ଣ, ଯିଏ ତାଙ୍କ ପ୍ରତି ଆକୃଷ୍ଟ ହୁଏ ସେ ରାଧା । ସବୁ ବାଧାକୁ ହଟେଇ ଯିଏ ଭଗବାନ ଆଡ଼କୁ ଅଗ୍ରସର ହୋଇଥାଏ ତା ନାଆଁ ରାଧା ବା ରାଧିକା ବା ରାସେଶ୍ୱରୀ ।

କେହି କେହି ସମାଲୋଚକ ତଥା ନିନ୍ଦୁକ କହିଥା'ନ୍ତି ଯେ ରାଧା-କୃଷ୍ଣ ପ୍ରେମ ଲୀଳାର କବି ଓ ଲେଖକମାନେ ଅତ୍ୟଧିକ ସ୍ତ୍ରୈଣ । ନିଜର କାମପୀପାସା ମେଣ୍ଟାଇବା ପାଇଁ ସେମାନେ ଗୁଡ଼ିଏ ଗୋପୀଗୀତ ଲେଖି ଯାଇଛନ୍ତି । ଯେଉଁମାନଙ୍କର କାମପୀଡ଼ା ଯେତେ ଅଧିକ ସେମାନଙ୍କ କୃଷ୍ଣପ୍ରେମଲୀଳାର ବର୍ଣ୍ଣନା ସେତିକି ସରସ, ସୁନ୍ଦର ଓ ମଧୁର ।

ଗୋପଲଳନାମାନେ ଏପରି କୃଷ୍ଣପ୍ରାଣ ହୋଇ ପଡ଼ିଛନ୍ତି ଯେ ସେମାନେ କେଉଁ ଅଙ୍ଗ ଦ୍ୱାରା କ'ଣ କରାଯାଇଥାଏ ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି ।

ଶ୍ରୀକୃଷ୍ଣ ଗୋଚାରଣ ଲାଗି ବଣରେ ବୁଲନ୍ତି । ତାଙ୍କର ଏହି ବୁଲିବାଟା ଗୋପୀମାନଙ୍କ ପକ୍ଷରେ ଅସହ୍ୟ । ସେମାନେ କହନ୍ତି –

ଯତ୍ତେ ସୁଜାତ ଚରଣାମ୍ବୁରୁହଂ
ସ୍ତନେଷୁ ଭୀତାଃ ଶନୈ ପ୍ରିୟ
ଦଧି ମହି କର୍କଶେଷୁ
ତେନାଟବିମଟସି ତଦ୍ବ୍ୟଥତେ
ନ କିଂ ସ୍ୱିତ୍ କୂର୍ପାଦିଭିର୍ଭ୍ରମତି
ଧୀର୍ଭବଦାୟୁଷାଂ ନଃ ।

ଅର୍ଥାତ୍ ତୁମର ପଦାରବିନ୍ଦ ଯୁଗଳ ଏତେ ସୁକୋମଳ ଯେ ସେ ପାଦଦୁଇଟିକୁ ହୁଏତ କଷ୍ଟ ହେବ, ତେଣୁ ଅତି ସତର୍କଭାବରେ ଧୀରେ ଧୀରେ ପଦଯୁଗଳକୁ ଆମ କଠିନ ସ୍ତନ ଉପରେ ଥୋଇଥାଉ । ସେହି ପାଦଦ୍ୱାରା, ହେ କୃଷ୍ଣ ! କଣ୍ଟକ ଓ କଙ୍କରମୟ ବଣରେ ବିଚରଣ କରୁଥିବାରୁ, କଣ୍ଟା ଓ ପଥର ବାଜି ପାଦକୁ କଷ୍ଟ ହେଉଥିବ ନିଶ୍ଚୟ ! ଏହା ଭାବି ଭାବି ଆମମାନଙ୍କ ବୁଦ୍ଧି ହଜିଯାଉଛି – କାରଣ ତୁମେ ହେଉଚ ଆମର ପରମାରାଧ୍ୟ । ଆମର ଜୀବନନାଟିକା ।

ଏହିଭଳି କେତେକ ବର୍ଣ୍ଣନାର ସୁଯୋଗ ନେଇ ତଥାକଥିତ ତଥ୍ୟନିଷ୍ଠ ସମାଲୋଚକମାନେ କହନ୍ତି, ଏ ସବୁ ହେଉଛି ଅବାନ୍ତର, ଉଦ୍ଭଟ, ଅବାସ୍ତବ, ଅପ୍ରାସଙ୍ଗିକ । ଅତ୍ୟନ୍ତ କାମପ୍ରବଣମାନଙ୍କର ଆତ୍ମରମଣର ପ୍ରଚାର ମାତ୍ର ।

୰ ହନୁମାନ ପୋଦ୍ଦାର ମହାଶୟ ଲେଖିଛନ୍ତି, ''ଶ୍ରୀକୃଷ୍ଣଙ୍କ ଏକ ଏକ ଅଙ୍ଗ ପୂର୍ଣ୍ଣ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣଙ୍କ ମୁଖମଣ୍ଡଳ ଯେପରି ପୂର୍ଣ୍ଣ ଶ୍ରୀକୃଷ୍ଣ, ସେହିଭଳି ପଦନଖ ମଧ୍ୟ ପୂର୍ଣ୍ଣ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣଙ୍କ ସମସ୍ତ ଇନ୍ଦ୍ରିୟଦ୍ୱାରା ସବୁ କାର୍ଯ୍ୟ ହୋଇପାରେ । ତାଙ୍କ କାନ ଦେଖିପାରେ । ଆଖି ଶୁଣିପାରେ, ନାକ ସ୍ପର୍ଶ କରିପାରେ, ଜିଭ ବା ରସନା ଶୁଙ୍ଘିପାରେ । ତ୍ୱଚା ଆସ୍ୱାଦନ କରିପାରେ । ହାତ ଦେଖିପାରେ, ଆଖିରେ ଚାଲିପାରେ । ସବୁ କିଛି ଶ୍ରୀକୃଷ୍ଣ ହେବାରେ, ସେ ସର୍ବଦା ପୂର୍ଣ୍ଣତମ'' ।

ତେଣୁ ହାତର ଯେଉଁ କାମ ତାହା ପାଦଦ୍ୱାରା ହେବାରେ କୌଣସି 'ଅସମ୍ଭବତା' ନାହିଁ । ଶାସ୍ତ୍ର କହେ, ସୃଷ୍ଟିର ପ୍ରାରମ୍ଭରେ ''ସ ଐକ୍ଷତ ଏକୋଽହଂ ବହୁସ୍ୟାମ୍'' – ଭଗବାନଙ୍କ ଏହି 'ଇକ୍ଷଣ' ବା ଦେଖିବାରେ ଜଗତର ଉତ୍ପତ୍ତି । ସେହିଭଳି 'ରାସ'ର ପ୍ରାରମ୍ଭରେ ଶରତକାଳିନ 'ଦିବ୍ୟରାତ୍ରି'ର ସୃଷ୍ଟି । ଜ୍ୟୋତ୍ସ୍ନାସ୍ନାତ ନିଶିଥ । ନାନା ପୁଷ୍ପ ସୌରଭରେ ରାସସ୍ଥଳ ସୁବାସିତ । ଅର୍ଥାତ୍ ସମସ୍ତ ଉଦ୍ଦୀପନାମୟ ସାମଗ୍ରୀ ଏହି ସ୍ଥଳରେ

ସମବେତ । ଏସବୁ ଭଗବାନଙ୍କ ଯୋଗମାୟା ଦ୍ୱାରା ସୃଷ୍ଟ । ଏହା ଲୌକିକ ନୁହଁ, ଅଲୌକିକ । ଅପ୍ରାକୃତ । ଗୋପାଙ୍ଗନାମାନେ ନିଜର ମନକୁ ଭଗବାନ ଶ୍ରୀକୃଷ୍ଣଙ୍କ ମନସହିତ ମିଳେଇ ଦେବାପରେ ଶ୍ରୀକୃଷ୍ଣ କେବଳ ରାସଲୀଳା ଲାଗି ସୃଷ୍ଟି କରିଚ଼ନ୍ତି ଏକ ନୂତନ ଦିବ୍ୟମନ । ବଂଶୀସ୍ୱନ ଦ୍ୱାରା ଗୋପୀମାନଙ୍କ ମନରେ ପ୍ରଜ୍ୱଳିତ ହୋଇଛି 'ବୈରାଗ୍ୟ'ର ପ୍ରଦୀପ । ସେମାନେ କାହାକୁ ନ ପଚ଼ାରି, କାହାର ଆଦେଶକୁ ଅପେକ୍ଷା ନକରି ଅସ୍ତବ୍ୟସ୍ତ ଭାବରେ ସମସ୍ତ ଗୃହସ୍ଥକର୍ମକୁ ପଦାଘାତ କରି ଦ୍ରୁତପଦରେ ଯାଇ ପହଞ୍ଚିଛନ୍ତି ଶ୍ରୀକୃଷ୍ଣଙ୍କ ନିକଟରେ । ବୈରାଗ୍ୟ ଓ ପ୍ରେମ — ଏକୀଭୂତ ପରିପୂରକ ହୋଇପଡ଼ିଛି ।

ରାସକ୍ରୀଡ଼ା ସରିଲା । ଅଲୌକିକତାର ପୂର୍ଣ୍ଣଚ୍ଛେଦ ପଡ଼ିଲା । ଯୋଗମାୟା ନିଜର ମାୟାକୁ ଅପସାରିତ କରିନେଲେ । ଫେରି ଆସିଲେ ଲୌକିକତାକୁ । ଗୋପୀମାନଙ୍କ ମାଧମରେ ସେ ସାଧାରଣ ଲୋକଙ୍କୁ ଉପଦେଶ ଦେଲେ । ଗୋପଲଳନାମାନଙ୍କୁ କହିଲେ, ନିଜ ନିଜ ଘରକୁ ଫେରିଯାଅ । ବନଶୋଭାକୁ ତ ଉପଭୋଗ କଲ । ଏବେ ପରିବାର କଥା ଭାବ । ପତିଙ୍କ ଚିନ୍ତା କର । ସ୍ତ୍ରୀର ପତିସେବା ହିଁ ସନାତନ ଧର୍ମ । ମୁଁ ଜାଣେ ତୁମେମାନେ ମତେ 'ପ୍ରେମ' କର, ଭଲପାଅ । କିନ୍ତୁ ମୋ ପ୍ରତି ତୁମ ପ୍ରେମର କୌଣସି ଶାରିରୀକ ସମ୍ବନ୍ଧ ରହି ନପାରେ । ମୋ ପ୍ରେମଲାଗି ସାନ୍ନିଧ୍ୟର ଆବଶ୍ୟକତା ନାହିଁ । ଏଥିଲାଗି ଶ୍ରବଣ, ସ୍ମରଣ ଓ ଦର୍ଶନ ଯଥେଷ୍ଟ । ଯାଅ, ସନାତନ ସଦାଚାର ପାଳନ କର ।

ସାରାଂଶ — ଭାଗବାନ ଶ୍ରୀକୃଷ୍ଣ ହେଉଛନ୍ତି ଆତ୍ମା । ଆତ୍ମାକାର ବୃତ୍ତି ଶ୍ରୀରାଧା ଏବଂ ଆତ୍ମାଭିମୁଖୀ ବୃତ୍ତିଗୁଡ଼ିକ ହେଉଛନ୍ତି ଗୋପୀ । ଏହା ହିଁ ଆତ୍ମରମଣ ମହାରାସ ।

**ଗୋରାଚାନ୍ଦ ମିଶ୍ର**

*ତା ୨୧.୧.୧୯୯୯*

*ପି/୯, ରାଜାବଗିଚ଼ା ଲେବରକଲୋନି*
*କଟକ - ୭୫୩ ୦୦୯*
*ଦୂରଭାଷ – ୬୧୯୧୫୨*

# ସୂଚୀପତ୍ର


| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧ । | କୌରବ, ପାଣ୍ଡବ ଓ ଯାଦବ | ୧ |
| ୨ । | ବିଷ୍ଣୁ କେବେ ଯିବେ ପୃଥିବୀକୁ | ୩ |
| ୩ । | 'ଆରେ ଏ ମୂର୍ଖ କଂସ' | ୫ |
| ୪ । | କାଳନେମୀରୁ କଂସ | ୮ |
| ୫ । | ନାରାୟଣ - ବିଭୀଷିକା | ୧୧ |
| ୬ । | 'ତିନି ଜନ୍ମରେ ମୁଁ ତୁମ ପୁଅ' | ୧୪ |
| ୭ । | ପୁଅ ବଦଳରେ ଝିଅ | ୧୭ |
| ୮ । | କଂସର କ୍ଷମା ଭିକ୍ଷା | ୨୦ |
| ୯ । | ମୂଳୁ ମାରିଲେ ଯିବ ସରି | ୨୩ |
| ୧୦ । | ସବୁକଳାର ମେଳା ନନ୍ଦବଳୀ | ୨୬ |
| ୧୧ । | ପୂତନା ହେଲା ପୂଜିତା | ୨୯ |
| ୧୨ । | ଏକା ଲାତକେ ଶକଟା ମଲା | ୩୨ |
| ୧୩ । | ତୁଣ୍ଡ ଭିତରେ ବ୍ରହ୍ମାଣ୍ଡ | ୩୫ |
| ୧୪ । | 'ବଳ'ରୁ ବଳରାମ, 'କଳା'ରୁ କୃଷ୍ଣ | ୩୮ |
| ୧୫ । | 'ମା' ମୁଁ ମାଟି ଖାଇନି' | ୪୧ |
| ୧୬ । | ଯଶୋଦାଙ୍କ ହାତରେ ଛାଟ | ୪୪ |
| ୧୭ । | ଅମାପକୁ ମାପ ପାଉନି ! | ୪୭ |
| ୧୮ । | ଗର୍ବଗଞ୍ଜନ : ରିଷ୍ଟଖଣ୍ଡନ | ୫୧ |
| ୧୯ । | ନେ ଚାଉଳ, ଦେ କୋଳି | ୫୪ |
| ୨୦ । | ଗୋକୁଳରୁ ବୃନ୍ଦାବନ | ୫୭ |
| ୨୧ । | ବତ୍ସା, ବକ ଓ ଅଘ ବଧ | ୬୦ |
| ୨୨ । | ବ୍ରହ୍ମାଙ୍କ ଦାଦାଗିରି : ବାଛୁରୀ ଚୋରି | ୬୩ |
| ୨୩ । | ଏକରୁ ଅନେକ : ପରମାନନ୍ଦର ଆନନ୍ଦ | ୬୬ |
| ୨୪ । | ଗୋବିନ୍ଦ ଜୟ ଜୟ, ଗୋପାଳ ଜୟ ଜୟ ! | ୬୯ |
| ୨୫ । | ତାଳବଣିଆର ଅସୁର ମଲା | ୭୨ |
| ୨୬ । | କାଳିୟର କଳା ଗରଳ | ୭୫ |
| ୨୭ । | କାଳିୟ ଫଣାରେ କାଳିଆ | ୭୮ |
| ୨୮ । | ନିଆଁଗିଳା ଗୋବିନ୍ଦ | ୮୧ |
| ୨୯ । | ବଳରାମଙ୍କ ପ୍ରଲମ୍ବାସୁର ଶିକାର | ୮୪ |
| ୩୦ । | ମେଘଶ୍ୟାମ ନୁହଁ ଘନଶ୍ୟାମ | ୮୬ |
| ୩୧ । | ଶ୍ୟାମଘନ ଏବେ ମନମୋହନ | ୮୯ |
| ୩୨ । | ମଧୁବନରେ ମଧୁସୂଦନ | ୯୨ |

| କ୍ର.ନଂ | ବିଷୟ | | ପୃଷ୍ଠା |
|---|---|---|---|
| ୩୩ । | କୃଷ୍ଣଟୋକାଟା ଟାକି ରହିଛି | | ୯୫ |
| ୩୪ । | ଚିର ନୁହେଁ ଚିତ୍ତହରଣ | | ୯୮ |
| ୩୫ । | ସିମିତ ନୁହଁ, ଇମିତି | | ୧୦୧ |
| ୩୬ । | ବ୍ରାହ୍ମଣମାନଙ୍କ ମତିଭ୍ରମ | | ୧୦୪ |
| ୩୭ । | ବ୍ରାହ୍ମଣୀମାନଙ୍କ ବ୍ରହ୍ମଦର୍ଶନ | | ୧୦୭ |
| ୩୮ । | ଧିକ୍, ଧିକ୍, ଧିକ୍ | | ୧୧୦ |
| ୩୯ । | କର୍ମହିଁ ଈଶ୍ୱର, ଇନ୍ଦ୍ର ନାମମାତ୍ର | | ୧୧୩ |
| ୪୦ । | ଆଙ୍ଗୁଠି ଅଗରେ ଗିରିଗୋବର୍ଦ୍ଧନ | | ୧୧୬ |
| ୪୧ । | ଇନ୍ଦ୍ର, ଉପେନ୍ଦ୍ର ଓ ଗୋବିନ୍ଦ | | ୧୧୯ |
| ୪୨ । | ଗୋପଗୋପୀଙ୍କ ବ୍ରହ୍ମରୂପ ଦର୍ଶନ | ... | ୧୨୨ |
| ୪୩ । | ମିଳନର ପ୍ରଥମ ପର୍ବ | | ୧୨୬ |
| ୪୪ । | ଏ ସୁଯୋଗ ଆଉ ମିଳିବନି | | ୧୨୯ |
| ୪୫ । | 'ମତେ ଦେଖିଲ ତ, ଘରକୁ ଫେରିଯାଅ' | | ୧୩୨ |
| ୪୬ । | କରୁଣା ଭଣା ହେଲା କାହିଁକି ? | | ୧୩୫ |
| ୪୭ । | ହାତରେ ନ ମାରି, ଆଖିରେ ମାରିଲ | | ୧୩୯ |
| ୪୮ । | "ମୁଁ ଦୋଷୀନୁହଁ, ଋଣୀ" | | ୧୪୨ |
| ୪୯ । | ଏ ରାସପାଇଁ, ଭାଷା ନାହିଁ | | ୧୪୫ |
| ୫୦ । | ଆତ୍ମରମଣ ମହାରାସ | | ୧୪୭ |
| ୫୧ । | ତୁମ ବଂଶୀବଜା ସେତିକି ଆଉ | | ୧୫୦ |
| ୫୨ । | ରସିକ ପରମହଂସ | | ୧୫୩ |
| ୫୩ । | ଅରିଷ୍ଟ ମଲା, ନାରଦ ଆସିଲେ | | ୧୫୬ |
| ୫୪ । | ସାପ ମରିବ, ବାଡ଼ି ଭାଙ୍ଗିବନି | | ୧୫୯ |
| ୫୫ । | କଂସର ବଡ଼ ଶତ୍ରୁ 'ଭୟ' | | ୧୬୨ |
| ୫୬ । | ଭଗବାନଙ୍କଠାରୁ ଏପରି ପରିଚର୍ଯ୍ୟା ! | | ୧୬୬ |
| ୫୭ । | ମାମୁଁ ଡାକିଛନ୍ତି, ନିଶ୍ଚୟ ଯିବୁ | | ୧୬୯ |
| ୫୮ । | ଅକ୍ରୂର ପୁଣି ଏତେ କ୍ରୂର ! | | ୧୭୧ |
| ୫୯ । | ଏଇ ପିଲା ଦିଓଟି କିଏ ମ ? | | ୧୭୪ |
| ୬୦ । | ମଥୁରା ଦାଣ୍ଡରେ ରାମକୃଷ୍ଣ | | ୧୭୭ |
| ୬୧ । | କଂସ ମନ ଛନଛନ | ... | ୧୮୦ |
| ୬୨ । | ଟିକିଏ ରହ, ମୁଁ କଛାଟା ଭିଡ଼ି ପକାଏ . | | ୧୮୪ |
| ୬୩ । | ମଞ୍ଚାରୁ ପଡ଼ି ମାମୁଁ ମଲା... | | ୧୮୭ |
| ୬୪ । | ବ୍ରଜନାଥ ଏବେ ମଥୁରାନାଥ | | ୧୯୧ |
| ୬୫ । | ଗୁରୁଦକ୍ଷିଣା ଓ ପାଞ୍ଚଜନ୍ୟ | | ୧୯୫ |
| ୬୬ । | ଗଚ୍ଛୋଦ୍ଧବ ! ବ୍ରଜଂ ସୌମ୍ୟ ! | ... | ୧୯୮ |

| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୬୭ । | ମୋତେ ବୃନ୍ଦାବନର ଘାସ କର | ୨୦୨ |
| ୬୮ । | ପୁଣି ତ୍ରିବକ୍ରା ପୁଣି ଅକ୍ରୂର | ୨୦୬ |
| ୬୯ । | ହସ୍ତିନାପୁରରେ ଅକ୍ରୂର | ୨୦୯ |
| ୭୦ । | ଅସ୍ତି ଓ ପ୍ରାପ୍ତିଙ୍କ ବାପ ଜରାସନ୍ଧ | ୨୧୨ |
| ୭୧ । | କାଳଯବନ | ୨୧୫ |
| ୭୨ । | ଦ୍ୱାର + କା = ଦ୍ୱାରକା ଓ କାଳଯବନ | ୨୧୮ |
| ୭୩ । | ମାନ୍ଧାତାଙ୍କ ପୁତ୍ର ମୁଚୁକୁନ୍ଦ | ୨୨୨ |
| ୭୪ । | ଜରାସନ୍ଧ ଠକିଗଲା | ୨୨୫ |
| ୭୫ । | ଗାର୍ଗ୍ୟ ପୁତ୍ର କାଳଯବନ | ୨୨୯ |
| ୭୬ । | ଭୀଷ୍ମକ ଦୁହିତା ରୁକ୍ମିଣୀ | ୨୩୩ |
| ୭୭ । | ବଡ଼ ଅଡୁଆରେ ପକାଇଲ ହେ ! | ୨୩୬ |
| ୭୮ । | ଶ୍ରୀକୃଷ୍ଣଙ୍କ ରୁକ୍ମିଣୀଙ୍କ ପ୍ରେମପତ୍ର | ୨୪୦ |
| ୭୯ । | କୁଣ୍ଡିନପୁରରେ ରାମକୃଷ୍ଣ | ୨୪୩ |
| ୮୦ । | 'ନେଲା, ନେଲା' ବୋଲି ପଡ଼ିଲା ହୁରି | ୨୪୬ |
| ୮୧ । | ଶଳା-ଭିଣୋଇ ରହସ୍ୟ | ୨୪୯ |
| ୮୨ । | କାମଦେବ ହେଲେ ପ୍ରଦ୍ୟୁମ୍ନ | ୨୫୨ |
| ୮୩ । | ମଲାପୁଅ ବାହୁଡ଼ି ଅଇଲା ! | ୨୫୫ |
| ୮୪ । | ସ୍ୟମନ୍ତକ ମଣି ନେଲା କିଏ ? | ୨୫୮ |
| ୮୫ । | ଥିଲି ରାମ, ହେଲି କୃଷ୍ଣ | ୨୬୨ |
| ୮୬ । | ଦ୍ୱିତୀୟ ପାଟବଂଶୀ ସତ୍ୟଭାମା | ୨୬୫ |
| ୮୭ । | ଭକ୍ତ ବି ଶତ୍ରୁ ହୋଇପାରେ ! | ୨୬୮ |
| ୮୮ । | ଶତଧନ୍ୱା ନିହତ ! ଅକ୍ରୂର ଚମ୍ପଟ ! | ୨୭୧ |
| ୮୯ । | ଧନପତି, ଦାନପତି ଅକ୍ରୂର ! | ୨୭୪ |
| ୯୦ । | ଦୁର୍ଲ୍ଲଭ ଆଜି ସୁଲଭ | ୨୭୭ |
| ୯୧ । | ବନ ଭିତରେ ବନିତା | ୨୮୦ |
| ୯୨ । | ସାତଟା ମାରଣା ଷଣ୍ଢ ! | ୨୮୩ |
| ୯୩ । | ସୁଲକ୍ଷଣା ଲକ୍ଷଣା | ୨୮୫ |
| ୯୪ । | ମୁରାସୁର ଓ ନରକାସୁର | ୨୮୮ |
| ୯୫ । | ପାରିଜାତ ପାଇଁ କୃଷ୍ଣ ଓ ଇନ୍ଦ୍ର ଲଢ଼େଇ | ୨୯୦ |
| ୯୬ । | ଆସିବ, ଆସିବ, ଅପେକ୍ଷା କର | ୨୯୩ |
| ୯୭ । | ପାଶେ ନାହିଁ ଦିବ୍ୟ ତରୁଣ ! | ୨୯୬ |
| ୯୮ । | ଅବରୁଦ୍ଧ ଅନିରୁଦ୍ଧ | ୨୯୮ |
| ୯୯ । | କୃଷ୍ଣ-ମହାଦେବ ଲଢ଼େଇ | ୩୦୨ |
| ୧୦୦ । | ମୋ ନାଆଁ ନୃଗ ! | ୩୦୪ |

| କ୍ର.ନଂ | ବିଷୟ | ପୃଷ୍ଠା |
| --- | --- | --- |
| ୧୦୧। | ଯମୁନା ! ତୁ ମୋ ପାଖକୁ ଆ ! | ୩୦୬ |
| ୧୦୨। | ପୌଣ୍ଡ୍ରକ ବାସୁଦେବ ନିହତ | ୩୦୯ |
| ୧୦୩। | ତ୍ରେତାରେ ମିତ୍ର, ଦ୍ୱାପରରେ ଶତ୍ରୁ | ୩୧୧ |
| ୧୦୪। | ବଳରାମଙ୍କ ରୋଷ ; ହସ୍ତିନା ତାଷ | ୩୧୪ |
| ୧୦୫। | 'ରୁଣ୍ଡମାଳା' ପାଇଁ ଜରାସନ୍ଧର ପ୍ରସ୍ତୁତି | ୩୧୭ |
| ୧୦୬। | ଶ୍ରୀକୃଷ୍ଣଙ୍କ ପ୍ରିୟଶତ୍ରୁ ଜରାସନ୍ଧ | ୩୨୦ |
| ୧୦୭। | ଦି'ଟା ଫାଳିକିଆ ପିଲା ! | ୩୨୩ |
| ୧୦୮। | ଜରାସନ୍ଧ ପୁଣି ଦି'ଫାଳ | ୩୨୬ |
| ୧୦୯। | ରାଜସୂୟ ପରେ କୃଷ୍ଣାର୍ଚ୍ଚନା | ୩୨୯ |
| ୧୧୦। | ଶିଶୁପାଳର ମୁଣ୍ଡ କାଟ | ୩୩୨ |
| ୧୧୧। | ଦୁର୍ଯ୍ୟୋଧନର ଅପମାନ | ୩୩୫ |
| ୧୧୨। | ରାଜସୂୟରୁ ଅସୂୟା | ୩୩୮ |
| ୧୧୩। | ଶାଲ୍ୱ, ଦନ୍ତବକ୍ତ୍ର ଓ ବିଦୁରଥ | ୩୪୧ |
| ୧୧୪। | ବଳରାମଙ୍କ ବ୍ରହ୍ମହତ୍ୟା | ୩୪୩ |
| ୧୧୫। | ଇଲ୍ୱଳ ପୁତ୍ର ବଲ୍ୱଳ | ୩୪୬ |
| ୧୧୬। | ସୁଦାମାଙ୍କ ସୁଦର୍ଶନ ଦର୍ଶନ | ୩୪୮ |
| ୧୧୭। | ମୁଠିଏ ଖୁଦଭଜାର ମରାମତି ! | ୩୫୧ |
| ୧୧୮। | କୁରୁକ୍ଷେତ୍ରରେ ବନ୍ଧୁ ମିଳନ | ୩୫୬ |
| ୧୧୯। | ଆଖିର ପଲକ ! ତୁ ପଡ଼ ନା ! | ୩୫୯ |
| ୧୨୦। | ଗଙ୍ଗାକୂଳରେ ଘର ! ଖୋଜୁଚ୍ କି ତୀର୍ଥଜଳ ? | ୩୬୩ |
| ୧୨୧। | ଷଣ୍ଢ, ମାଛ, ଗଧ | ୩୬୭ |
| ୧୨୨। | ଦେବକୀ ଛ'ପୁଅ ପାଇଲେ | ୩୭୧ |
| ୧୨୩। | ଭଣ୍ଡବାବା ଦ୍ୱାରା ସୁଭଦ୍ରା ହରଣ | ୩୭୫ |
| ୧୨୪। | ଶେଷରେ ବଳରାମ ବୁଝିଗଲେ | ୩୭୭ |
| ୧୨୫। | ଦୁଇ ଭକ୍ତ : ଜଣେ ରାଜା, ଜଣେ ପ୍ରଜା... | ୩୭୯ |
| ୧୨୬। | ସମ୍ପତ୍ତିରୁ ବିପତ୍ତି | ୩୮୩ |
| ୧୨୭। | ବୋକା ବୃକାସୁର | ୩୮୭ |
| ୧୨୮। | ବିଷ୍ଣୁଙ୍କ ଛାତିରେ ଭୃଗୁଙ୍କ ଲାତ | ୩୯୦ |
| ୧୨୯। | ବ୍ରାହ୍ମଣଙ୍କ ଦଶପୁଅ ମରି ଜିଇଁଲେ | ୩୯୩ |
| ୧୩୦। | ଶାମ୍ବ ପେଟରୁ ମୁଷଳ | ୩୯୭ |
| ୧୩୧। | ବିନାଯୁଦ୍ଧେ ନ ଦେବି ମୁଁ ସୂଚ୍ୟଗ୍ରମେଦିନୀ ! | ୪୦୦ |
| ୧୩୨। | ହଂସଗାମିନୀ କୃଷ୍ଣକାମିନୀ | ୪୦୪ |
| ୧୩୩। | ଭାରତର ଆଦିନାମ ଅଜନାଭବର୍ଷ | ୪୦୭ |
| ୧୩୪। | ନିମିରୁ ନିମିଷ | ୪୧୦ |
| ୧୩୫। | ବିନାଶ ପୂର୍ବରୁ ପ୍ରଭାସ ... | ୪୧୩ |

| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧୩୬। | ଶ୍ରୀକୃଷ୍ଣ ଓ ଉଦ୍ଧବ : ଅଶ୍ରୁଳ ମିଳନ | ୪୧୫ |
| ୧୩୭। | ଅବଧୂତ-ଦତ୍ତାତ୍ରେୟ | ୪୧୮ |
| ୧୩୮। | ଜଳ, ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ ଓ କପୋତ କପୋତୀ | ୪୨୧ |
| ୧୩୯। | ପିଙ୍ଗଳା : ବିଷୟ-ବାସନାରୁ ଲଙ୍ଗଳା | ୪୨୩ |
| ୧୪୦। | ...ଅବଶ୍ୟ ଉପୁଜଇ କଳି | ୪୨୫ |
| ୧୪୧। | ସ୍ୱାମୀ ଜଣେ : ସଉତୁଣୀ ବହୁତ | ୪୨୮ |
| ୧୪୨। | କାଳର ଚାଲ୍ ଏହିପରି | ୪୩୦ |
| ୧୪୩। | ସବୁଗୁଣ ଇନ୍ଦ୍ରଜାଲ, ମାୟାମୂଳକ | ୪୩୩ |
| ୧୪୪। | ସତ୍‌ସଙ୍ଗରୁ ଗୋପୀ-ପ୍ରସଙ୍ଗ | ୪୩୫ |
| ୧୪୫। | ଏ ଜଗତ ମନର ବିଳାସ ମାତ୍ର | ୪୩୭ |
| ୧୪୬। | ଉଦ୍ଧବ ! ତୁମେ ହିଁ ମୋର ପ୍ରିୟତମ | ୪୩୯ |
| ୧୪୭। | ଦୂରଦର୍ଶନ : ଦୂରଶ୍ରବଣ | ୪୪୨ |
| ୧୪୮। | ଉଦ୍ଧବ ମୁଁ, ଅର୍ଜୁନ ମୁଁ | ୪୪୫ |
| ୧୪୯। | ଭଜ ଗୋବିନ୍ଦଂ, ସ୍ମର ଗୋବିନ୍ଦମ୍ | ୪୪୭ |
| ୧୫୦। | ତିନି, ନଅ, ଏଗାର, ପାଞ୍ଚ | ୪୫୦ |
| ୧୫୧। | ଅର୍ଥ ହିଁ ଅନର୍ଥର କାରଣ | ୪୫୪ |
| ୧୫୨। | ମୂର୍ତ୍ତିମାନ୍ ବ୍ରହ୍ମନିଷ୍ଠା | ୪୫୭ |
| ୧୫୩। | ଆତ୍ମା ହିଁ ସୃଷ୍ଟି ଓ ଲୟର ଅଧିଷ୍ଠାନ | ୪୬୧ |
| ୧୫୪। | ଦେବତା, ଅସୁର ଓ ରାକ୍ଷସ | ୪୬୪ |
| ୧୫୫। | କେବଳ ଆନନ୍ଦ, କେବଳ ଅନୁଭବ | ୪୬୭ |
| ୧୫୬। | ପ୍ରତିମା ମୋ ପ୍ରତିମ | ୪୭୧ |
| ୧୫୭। | ଅକୁଣ୍ଠିତ ବୈକୁଣ୍ଠ ... | ୪୭୪ |
| ୧୫୮। | ହେ ମାୟାଧର ! ତୁମକୁ ମୋର ନମସ୍କାର ! | ୪୭୮ |
| ୧୫୯। | ନାରାୟଣଙ୍କ ନରଲୀଳା ସରିଲା | ୪୮୧ |
| ୧୬୦। | ବଳିଆ ପଛେ ପଛେ କାଳିଆ | ୪୮୫ |
| ୧୬୧। | କ୍ଷଣିକେ ରୁଷ୍ଟ, କ୍ଷଣିକେ ତୁଷ୍ଟ | ୪୮୮ |
| ୧୬୨। | ବିଷୟରୁ ବିଷ : ବିଷରୁ ସବୁ ଶେଷ | ୪୯୨ |
| ୧୬୩। | ଘୋରକଳିର କେଳି କୌତୁକ | ୪୯୫ |
| ୧୬୪। | କୃଷ୍ଣ ନାମ କେବଳମ୍ | ୪୯୮ |
| ୧୬୫। | ଚାରି ପ୍ରକାରର ପ୍ରଳୟ | ୫୦୧ |
| ୧୬୬। | ପରୀକ୍ଷିତଙ୍କ ପରମଗତି | ୫୦୪ |
| ୧୬୭। | ଓଁ ତକ୍ଷକାୟ ସ୍ୱାହା | ୫୦୮ |
| ୧୬୮। | ବେଦର ସତାତନ ବୀଜ 'ଓଁକାର' | ୫୧୧ |
| ୧୬୯। | ମୃକୁଣ୍ଡୁ ପୁତ୍ର ମାର୍କେଣ୍ଡେୟ | ୫୧୪ |

| କ୍ର.ନଂ | ବିଷୟ | ପୃଷ୍ଠା |
|---|---|---|
| ୧୭୦। | ମାୟାର କାୟା ଦର୍ଶନ | ୫୧୭ |
| ୧୭୧। | ସନ୍ଥମନ ଚିରବସନ୍ତ | ୫୨୦ |
| ୧୭୨। | ଭଗବାନଙ୍କ ଅଙ୍ଗ, ଉପାଙ୍ଗ, ଆୟୁଧ | ୫୨୩ |
| ୧୭୩। | ପିବତ ଭାଗବତ 'ରସମାଲୟମ୍' | ୫୨୬ |
| ୧୭୪। | ନୂତନ ବ୍ରଜବୃନ୍ଦାବନ | ୫୩୦ |
| ୧୭୫। | ଦିବ୍ୟ ଚକ୍ଷୁରେ ଦିବ୍ୟ ଦର୍ଶନ | ୫୩୪ |
| ୧୭୬। | ପ୍ରବର ଓ ଅବର | ୫୩୭ |
| ୧୭୭। | ମାନବର ଭୋଗ-ରୋଗ | ୫୪୦ |
| ୧୭୮। | କମଣ୍ଡଳୁରେ କେରାଣ୍ଡି ! | ୫୪୩ |
| ୧୭୯। | ମା ଭୈଃ, ମା ଭୈଃ ! | ୫୪୬ |
| ୧୮୦। | ଧୃତ କଚ୍ଛପ ରୂପ... | ୫୪୯ |
| ୧୮୧। | ସନ୍ଧି ପଛରେ ଫନ୍ଦି | ୫୫୨ |
| ୧୮୨। | ମୋ ନାଆଁ କ୍ଷୀରାବ୍ଧି-ତନୟା | ୫୫୬ |
| ୧୮୩। | ମାରିନେଲେ ମହାପାତ୍ରେ | ୫୫୯ |
| ୧୮୪। | ଜୟ ବିଜୟଙ୍କ ଅଧୋଗତି | ୫୬୩ |
| ୧୮୫। | ଶ୍ୱେତ ବରାହ କଳ୍ପେ... | ୫୬୬ |
| ୧୮୬। | ଅସୁରର ହରିନାମ ବର୍ଜନ | ୫୭୦ |
| ୧୮୭। | ନରସିଂହ, ନୃସିଂହ, ନରହରି | ୫୭୩ |
| ୧୮୮। | ଗୋରୁ ମାରି ଜୋତା ଦାନ ! | ୫୭୭ |
| ୧୮୯। | ବଳିର ପାତାଳ ଗମନ | ୫୮୦ |
| ୧୯୦। | ରାମରୁ ପର୍ଶୁରାମ | ୫୮୩ |
| ୧୯୧। | କ୍ଷତ୍ରିୟ ରୁଧିର ମୟେ... | ୫୮୭ |
| ୧୯୨। | ଶ୍ୟାମଳ କୋମଳ ନୟନାଭିରାମ | ୫୯୦ |
| ୧୯୩। | ପରମପାବନ ମଙ୍ଗଳରାମ | ୫୯୩ |
| ୧୯୪। | ଧୃତ ହଳଧର ରୂପମ୍ | ୫୯୬ |
| ୧୯୫। | ବାଘ ଘରେ ମିରିଗ ନାଟ | ୫୯୯ |
| ୧୯୬। | କଂସେଇ ଓ କଂସ ମଲେ | ୬୦୨ |
| ୧୯୭। | ବଳରାମଙ୍କ ତୀର୍ଥଯାତ୍ରା | ୬୦୫ |
| ୧୯୮। | ବଳରାମଙ୍କ ବ୍ରହ୍ମହତ୍ୟା | ୬୦୯ |
| ୧୯୯। | ରୋଗ-ଜରା-ମରଣ | ୬୧୧ |
| ୨୦୦। | ନିର୍ବାଣ, ମହାନିର୍ବାଣ | ୬୧୪ |
| ୨୦୧। | ବଳିର ବଳ କଳହ | ୬୧୭ |
| ୨୦୨। | ଦୁଷ୍ଟ ହେବେ ଶିଷ୍ଟ !! | ୬୨୦ |

# କୌରବ, ପାଣ୍ଡବ ଓ ଯାଦବ

**ବ୍ୟା**ସଦେବଙ୍କ ବର୍ଣ୍ଣିତ 'କୃଷ୍ଣକଥା' କହିବାରେ ଶୁକମୁନି ଯେପରି ବିହ୍ୱଳ, ସେହିପରି ନିଜ ପୂର୍ବଜ ବଂଶଧରମାନଙ୍କ କଥା ଶୁଣିବାରେ ପରୀକ୍ଷିତ ମଧ୍ୟ ବିଭୋଳ । ଶୁକ କହିଲେ, ଭାଗବତ ହେଉଛି ଅଷ୍ଟାଦଶ ପୁରାଣର ସାରାଂଶ । ଏ ସବୁ ପୁରାଣରେ ନିହିତ ସମସ୍ତ ଭକ୍ତିରସକୁ ଚିପୁଡ଼ି ଭାଗବତରେ ଠୁଳ କରାଯାଇଛି । ରାମାୟଣ ଅବଶ୍ୟ ଅଷ୍ଟାଦଶ ପୁରାଣରେ ଯାଏନି, ତଥାପି ଏଥିରେ ପୂର୍ବରୁ ରାମରସ ଦିଆଯାଇଛି । ଆଗରୁ ଯଯାତି ଓ ପୂରୁଙ୍କ କଥା କୁହାଯାଇଛି । ଯଯାତିଙ୍କ ଦୁଇ ସ୍ତ୍ରୀ ଥିଲେ ଶର୍ମିଷ୍ଠା ଓ ଦେବଯାନୀ । ଶର୍ମିଷ୍ଠାଙ୍କଠୁ ପୁରୁ ବା କୁରୁ ବଂଶ, ଦେବଯାନୀଙ୍କ ଆଡୁ ଯଦୁବଂଶର ସୃଷ୍ଟି । ଏହି ଦୁଇ ସ୍ତ୍ରୀଙ୍କ ଗର୍ଭରୁ ଯଯାତିଙ୍କର ପାଞ୍ଚପୁତ୍ର ହୋଇଥିଲେ । ଯଥା ଯଦୁ, ଦ୍ରୁହ୍ୟୁ, ତୁର୍ବସୁ, ଅନୁ ଓ ପୁରୁ । ଯଯାତି ଜ୍ୟେଷ୍ଠପୁତ୍ର ପୁରୁଙ୍କୁ ରାଜ୍ୟଭାର ଦେଇ ବାନପ୍ରସ୍ଥ କରିଥିଲେ । ତାଙ୍କରି ବଂଶଧର ଶାନ୍ତନୁ । ଏହି ଶାନ୍ତନୁ ହିଁ କୌରବ ଓ ପାଣ୍ଡବମାନଙ୍କ ପିତାମହ । ପୁରୁଙ୍କ ପୁଅ କୁରୁ । କୁରୁରୁ କୌରବ ।

ଯଦୁବଂଶର ବଂଶାବଳୀ ବହୁତ ଲମ୍ବା । ଦେବଯାନୀପୁତ୍ର ଯଦୁ, ଯଯାତିଙ୍କ ଜ୍ୟେଷ୍ଠପୁତ୍ର ହୋଇଥିଲେ ମଧ୍ୟ ସେ ଯଯାତିଙ୍କ ପରେ ବିରାଟ ରାଜ୍ୟର ଶାସନ ଭାର ଗ୍ରହଣ ନକରି ଏକ ଛୋଟ ରାଜ୍ୟର ରାଜା ହୋଇଥିଲେ । ଏହି ବଂଶରେ ଜନ୍ମଗ୍ରହଣ କରିଥିଲେ ମଧୁ । ମଧୁଙ୍କ ଶହେ ପୁତ୍ରଙ୍କ ମଧ୍ୟରୁ ବଡ଼ପୁଅ ବୃଷ୍ଣି ରାଜା ହୋଇଥିଲେ । ତେଣୁ ଏହି ବଂଶାବଳୀ ମାଧବ ବା ବୃଷ୍ଣି ନାମରେ ପରିଚିତ । ଏହି ବଂଶରୁ ହିଁ ଭୋଜବଂଶର ସୃଷ୍ଟି । ଏ ସମସ୍ତେ ଯଦୁବଂଶର । ଯଦୁରୁ ହେଲେ ଯାଦବ ।

ବୃଷ୍ଣିଙ୍କର ଦୁଇପୁଅ । ବଡ଼ପୁଅ ଯୁଦ୍ଧାଜିତ । ଯୁଦ୍ଧାଜିତଙ୍କ ପୁଅ ସିନି, ସିନିଙ୍କ ପୁଅ ସାତ୍ୟକ । ତାଙ୍କପୁଅ ଯୁଯୁଧାନୁ । ଯୁଯୁଧାନୁଙ୍କ ଅନ୍ୟନାମ ଥିଲା ସାତ୍ୟକୀ । ଏହି ଯଦୁବଂଶର ଅନ୍ଧକ ନାମରେ ଜଣେ ରାଜା ଥିଲେ । ତାଙ୍କ ବଂଶଧର ଆହୁକଙ୍କ ଦୁଇପୁଅ ଦେବକ ଓ ଉଗ୍ରସେନ । ଦେବକଙ୍କ କନ୍ୟା ଦେବକୀ । ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ହୋଇଥିଲା । ବସୁଦେବ ସୁରଙ୍କ ପୁତ୍ର । ବସୁଦେବ ଭୂମିଷ୍ଠ ହେବାବେଳେ ସ୍ୱର୍ଗରୁ ପୁଷ୍ପବୃଷ୍ଟି ହୋଇଥିଲା । ଦୁନ୍ଦୁଭି ବାଜିଉଠିଥିଲା । ଶୂନ୍ୟବାଣୀ ହୋଇଥିଲା ଏହି ପିଲା ବଡ଼ ହେଲେ ନାରାୟଣଙ୍କ ଜନକ ହେବ । ବସୁଦେବଙ୍କ ପାଞ୍ଚଭଉଣୀଙ୍କ ମଧ୍ୟରୁ ବଡ଼ ଥିଲେ

ପୃଥା । ରାଜା ସୁରଙ୍କ ଘନିଷ୍ଠ ବନ୍ଧୁ ଥିଲେ କୁନ୍ତିଭୋଜ । ସେ ନିଃସନ୍ତାନ ଥିବାରୁ ବଡ଼ ଝିଅ କୁନ୍ତୀଙ୍କୁ ତାଙ୍କୁ ଦେଇଥିଲେ । କୁନ୍ତିଭୋଜ ହିଁ ପୃଥାଙ୍କୁ ଲାଳନପାଳନ କରିଥିଲେ । ତେଣୁ ପୃଥା କୁନ୍ତୀ ନାମରେ ପରିଚିତା ହୋଇଥିଲେ । ଏହି କୁନ୍ତୀ ହିଁ ପାଣ୍ଡବମାନଙ୍କ ଜନନୀ । ଶ୍ରୀକୃଷ୍ଣ ବଳରାମଙ୍କ ପିଉସୀ ।

ବସୁଦେବଙ୍କ ଦ୍ୱିତୀୟ ଭଉଣୀ ଶ୍ରୁତାଦେବୀ ବୃଦ୍ଧଶର୍ମାଙ୍କୁ ବିବାହ କରିଥିଲେ । ସେମାନଙ୍କ ପୁତ୍ର ଦନ୍ତାବକ୍ର । ଶ୍ରୁତା ଥିଲେ ନାରାୟଣଙ୍କ ଅନ୍ୟତମ ଦ୍ୱାରପାଳ ଜୟଙ୍କ ତୃତୀୟ ଜନନୀ । ପୂର୍ବ ଦୁଇଜନ୍ମ କାଳରେ ଜୟ ଥିଲେ ହିରଣ୍ୟକଶିପୁ ଓ ରାବଣ ।

ବସୁଦେବଙ୍କ ତୃତୀୟ ଭଗ୍ନୀଙ୍କ ବିବାହ ହୋଇଥିଲା କେକୟ ରାଜକୁମାରଙ୍କ ସହିତ । କୁରୁକ୍ଷେତ୍ର ଯୁଦ୍ଧରେ କେକୟ ଭାଇମାନେ ଖୁବ୍ ଲଢ଼ିଥିଲେ । ସେହି ବସୁଦେବଙ୍କ ପଞ୍ଚମ ଭଗ୍ନୀ ରାଜାଧିଦେବୀ ବିବାହ କରିଥିଲେ ଅବନ୍ତୀରାଜ ଜୟସେନଙ୍କୁ । ଏହାଙ୍କ କନ୍ୟା ମିତ୍ରାବିନ୍ଦଙ୍କୁ ପରେ ଶ୍ରୀକୃଷ୍ଣ ବିବାହ କରିଥିଲେ । ବସୁଦେବଙ୍କ ଚତୁର୍ଥ ଭଗ୍ନୀ ଶ୍ରୁତସ୍ରଭା ଚେଦିରାଜ ଦମଘୋଷଙ୍କ ପତ୍ନୀ ଥିଲେ । ଏହାଙ୍କ ପୁତ୍ର ଶିଶୁପାଳ ନାରାୟଣଙ୍କ ଦ୍ୱିତୀୟ ଦ୍ୱାରପାଳ । ବିଜୟ ହିଁ ତୃତୀୟ ଜନ୍ମରେ ଶିଶୁପାଳ ହୋଇଥିଲେ । ପୂର୍ବ ଦୁଇ ଜନ୍ମରେ ସେ ଥିଲେ ହିରଣାକ୍ଷ ଓ କୁମ୍ଭକର୍ଣ୍ଣ । ବସୁଦେବଙ୍କର ସାତପତ୍ନୀ, ପୌରବୀ, ରୋହିଣୀ, ଭଦ୍ରା, ମହିରା, ରୋଦନା, ଇଳା ଓ ଦେବକୀ । ଦେବକୀଙ୍କ ଗର୍ଭରୁ ଆଠପୁତ୍ର ଜାତ ହୋଇଥିଲେ । ଛଅଟି ସନ୍ତାନଙ୍କୁ କଂସ ଭୂମିଷ୍ଠ ହେବା ପରେ ପ୍ରାଣରେ ମାରିଦେଇଥିଲେ । ସପ୍ତମ ପୁତ୍ର ବଳରାମ । ଇଏ ଗର୍ଭରେ ଥିଲାବେଳେ ବିଷ୍ଣୁଙ୍କ ମାୟାବଳରେ ରୋହିଣୀଙ୍କ ଗର୍ଭକୁ ଚାଲିଯାଇଥିଲେ । ଦେବକୀଙ୍କ ଅଷ୍ଟମ ଗର୍ଭରୁ ସ୍ୱୟଂ ନାରାୟଣ ଭୂମିଷ୍ଠ ହୋଇ ନନ୍ଦଙ୍କ ଘରକୁ ରାତାରାତି ଯଶୋଦାଙ୍କ କୋଳକୁ ଚାଲିଆସିଥିଲେ ।

ପୃଥିବୀରେ ଅଧର୍ମ ବ୍ୟାପିଗଲେ, ଧର୍ମର ଗ୍ଲାନି ଘଟିଲେ, ଭଗବାନ ମନୁଷ୍ୟ ରୂପରେ ଜନ୍ମ ଗ୍ରହଣ କରିଥାଆନ୍ତି । କ୍ଷମତାମଦରେ ମତ୍ତ ହୋଇ ମନୁଷ୍ୟ ପାଲଟି ଯାଇଥାଏ ଅସୁର ବା ରାକ୍ଷସ । ନାନା ଅମାନୁଷିକ, ପାଶବିକ କାର୍ଯ୍ୟ କରିଥାଏ । କଂସ, ଜରାସନ୍ଧ, ଶିଶୁପାଳ ଆଦି ସେହି ପ୍ରକାରର ରାଜା ଥିଲେ । ସେମାନଙ୍କ ଦୌରାତ୍ମ୍ୟ ଓ ଅତ୍ୟାଚାରରେ ପ୍ରଜାମାନେ ତ୍ରାହି ତ୍ରାହି ଡାକ ଛାଡୁଥିଲେ । ଲୋକଙ୍କୁ ଏମାନଙ୍କ ଦାଉରୁ ରକ୍ଷା କରିବା ପାଇଁ ନାରାୟଣ ଓ ଶଙ୍କର ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ କୃଷ୍ଣ ବଳରାମ ରୂପରେ ।

ଶୁକମୁନି କହିଲେ, ହେ ରାଜା ପରୀକ୍ଷିତ ! ଏହି କୃଷ୍ଣ ବଳରାମଙ୍କ ଜନ୍ମ ବୃତ୍ତାନ୍ତ କହିବାପାଇଁ ମୁଁ ଭାଷା ପାଉନାହିଁ । ଏମାନଙ୍କ ନାମ ସ୍ମରଣ କରିବା ମାତ୍ରେ ମୋ ମନରେ

ଭକ୍ତିର ପ୍ଲାବନ ସୃଷ୍ଟି ହେଉଛି । ଶ୍ରୀକୃଷ୍ଣ ଥିଲେ ପୂର୍ଣ୍ଣାବତାର । ଭୋଜ, ବୃଷ୍ଣି, ଅନ୍ଧକ, ମଧୁ, ସୁରସେନ, ଦଶରାସ ଏପରିକି ପାଣ୍ଡବମାନେ ଏମାନଙ୍କୁ ପ୍ରାଣଠୁ ବଳି ଭଲ ପାଉଥିଲେ । ଶ୍ରୀକୃଷ୍ଣଙ୍କ ଦେହର ବର୍ଣ୍ଣ ଥିଲା କଳା । ବଳରାମ ଗୋରା । କୃଷ୍ଣ କଳା ହେଲେ କ'ଣ ହେବ, ତାଙ୍କ ମୁଖମଣ୍ଡଳ ଏତେ ସୁନ୍ଦର ଥିଲା ଯେ ଦେଖିବାମାତ୍ରେ ଗୋପୀକା ମାନେ ତାଙ୍କୁ କୁଣ୍ଢାଇ ପକାଉଥିଲେ । ସେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଚିହ୍ନ ସହ ଜନ୍ମ ହେବାମାତ୍ରେ ବସୁଦେବ ଓ ଦେବକୀଙ୍କ ଆଖି ଝଲସି ଉଠିଥିଲା । ସେ ଭୂମିଷ୍ଠ ହେଉ ହେଉ ସେମାନଙ୍କୁ କହିଥିଲେ, ମୁଁ ଆଗରୁ କହିଥିଲି, ତୁମେ ହେବ ମୋର ମାତାପିତା । କିନ୍ତୁ ସେ ଗୋକୁଳ ଓ ବୃନ୍ଦାବନରେ ବଢ଼ିଥିଲେ– ନନ୍ଦସୁତ ଗୋପାଳ ଭାବରେ ।

●

॥ ୨ ॥

# ବିଷ୍ଣୁ କେବେ ଯିବେ ପୃଥିବୀକୁ ?

କୃଷ୍ଣଗାଥା କହିବା ଆରମ୍ଭ କରୁକରୁ ଶୁକମୁନି ଏପରି ଭାବବିହ୍ୱଳ ହୋଇପଡ଼ିଲେ ଯେ ତାଙ୍କ ମୁହଁରୁ ଆଉ କଥା ବାହାରିଲାନି । ଚୁପ୍ ହୋଇଗଲେ ।

କିନ୍ତୁ ପରୀକ୍ଷିତ ତାଙ୍କୁ ବାରମ୍ବାର ପ୍ରଶ୍ନ କରିବାକୁ ଲାଗିଲେ । ଶୁକଦେବ ନିରୁତ୍ତର । ସଂପୂର୍ଣ୍ଣ ଧ୍ୟାନମଗ୍ନ । ତାଙ୍କ ମନ ଯାଇ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ । ମନଶ୍ଚକ୍ଷୁରେ ସେ ଶ୍ରୀକୃଷ୍ଣଙ୍କ ସମସ୍ତ ଲୀଳା ଦେଖିବାରେ ଲାଗିଛନ୍ତି । କିନ୍ତୁ ପରୀକ୍ଷିତ ଅତିଶୟ ବ୍ୟଗ୍ର । ଶାପଗ୍ରସ୍ତ ପରୀକ୍ଷିତ । ସାତଦିନ ଭିତରେ ସେ ସର୍ପଦଂଶନରେ ମରିବେ । ତା' ପୂର୍ବରୁ ସେ ସମଗ୍ର ହରିଚରିତ ଶୁଣିବାକୁ ଚାହାନ୍ତି । ସମୟ ଅତିବାହିତ ହେବାରେ ଲାଗିଛି । ସେ ବାଧହୋଇ ମୁନିଙ୍କ ଧ୍ୟାନଭଙ୍ଗ କଲେ । ଦେଖିଲେ, ଧ୍ୟାନସ୍ଥ ମହର୍ଷିଙ୍କ ଚକ୍ଷୁଯୁଗଳରୁ ଅଶ୍ରୁର ଧାରାଶ୍ରାବଣ ଲାଗି ରହିଛି । ଭାବାଶ୍ରୁ ଯେମିତି ଭକ୍ତିରସର ନିର୍ଝରିଣୀ ଜଳ ଭଳି ଛୁଟିଛି ।

କିଛି ସମୟ ପରେ ମୁନିଙ୍କ ଆଖି ଖୋଲିଲା । ପରୀକ୍ଷିତ କହିଲେ, ଆପଣ ଏପର୍ଯ୍ୟନ୍ତ ମୋତେ ସୂର୍ଯ୍ୟ ଓ ଚନ୍ଦ୍ରବଂଶର ରାଜାମାନଙ୍କ ଜୀବନ-ବୃତ୍ତାନ୍ତ ସଂକ୍ଷେପରେ କହିଛନ୍ତି । ଏବେ ଯଦୁବଂଶର ସୂଚନା ଦେଲେ । ଶ୍ରୀକୃଷ୍ଣଙ୍କ ପୂର୍ଣ୍ଣାବତାର ଓ ବଳରାମଙ୍କୁ ଅନନ୍ତଙ୍କ ରୂପାନ୍ତର ବୋଲି କହିଲେ । କିନ୍ତୁ ଯାହାକଥା ଶୁଣିଲେ ମନୁଷ୍ୟ ଜନ୍ମ ମୃତ୍ୟୁଚକ୍ରରୁ ଉଦ୍ଧାର ପାଇପାରିବ; ମୁକ୍ତ, ମୁମୁକ୍ଷୁ ଓ ବିଷୟୀ ପକ୍ଷରେ ଯାହାଙ୍କ ନାମ କୀର୍ତ୍ତନ ହିଁ ମୁକ୍ତିର ସିଂହଦ୍ୱାର; ସେହି ପୂର୍ଣ୍ଣାବତାର ଶ୍ରୀକୃଷ୍ଣଙ୍କ କଥା ମୋତେ ପ୍ରାଞ୍ଜଳ ଭାବରେ କହନ୍ତୁ – ମୃତ୍ୟୁପୂର୍ବରୁ ସେ ନାମାମୃତ ପାନ କରିବା ଲାଗି ମୁଁ ବ୍ୟାକୁଳ ।

କୁରୁକ୍ଷେତ୍ର ଯୁଦ୍ଧରେ କିପରି ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ସହାୟକ ହୋଇଥିଲେ, ମାତୃଗର୍ଭରେ ଥିବାବେଳେ ଅଶ୍ୱତ୍ଥାମାଙ୍କ ବ୍ରହ୍ମାସ୍ତ୍ର ଆକ୍ରମଣରୁ ଶ୍ରୀକୃଷ୍ଣ କିପରି ତାଙ୍କୁ ରକ୍ଷା କରିଥିଲେ– ସେ ସବୁକଥା ପରୀକ୍ଷିତ ନିଜେ କହି ସାରିବା ପରେ ଶୁକଦେବଙ୍କୁ କହିଲେ, ଶ୍ରୀକୃଷ୍ଣଙ୍କର ଲୀଳାଖେଳା ମୂଳରୁ ଶେଷ ପର୍ଯ୍ୟନ୍ତ ମୋତେ କହନ୍ତୁ ।

ଶୁକ ଦେଖିଲେ, ପରୀକ୍ଷିତଙ୍କର ମନ ପବିତ୍ର । କ୍ଷେତ୍ର ପ୍ରସ୍ତୁତ ହେଲେ ଯାଇ ବିହନ ବୁଣା ଯାଇଥାଏ । ଉପଯୁକ୍ତ ପାତ୍ର ନହେଲେ ଶ୍ରୀକୃଷ୍ଣ ଚରିତ୍ରକୁ ଧାରଣ କରିବା ଅସମ୍ଭବ । ପରୀକ୍ଷିତଙ୍କୁ ଉପଯୁକ୍ତ ପାତ୍ର ମନେ କରି ଶୁକମୁନି ଅକୁଣ୍ଠିତ ଚିତ୍ତରେ ହରିକଥା ପରିବେଷଣ କରିବାକୁ ଉଦ୍ୟମ କଲେ । ସେ କହିଲେ, ହରିକଥା ଯିଏ କହେ, ଯିଏ ଶୁଣେ, ଯିଏ ଶୁଣାଅ ବୋଲି କହେ– ତା ମନ ନିର୍ମଳ, ପବିତ୍ର ହୋଇ ଉଠେ । ଏହା ଗଙ୍ଗାଜଳଠୁ ବଳି ପବିତ୍ର । ହେ ରାଜା ପରୀକ୍ଷିତ ! ମୁଁ ଯାହା କହିବି, ମନଦେଇ ଶୁଣିବ ।

ଶୁକଦେବ କହିଲେ, ମା ଧରିତ୍ରୀ, ତା ବକ୍ଷରେ ପାପୀମାନଙ୍କ ସଂଖ୍ୟା ଓ ପାପ ପ୍ରବଳ ହୋଇ ଉଠିବାରୁ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ । ସେ ଗୋଟିଏ ଗାଈର ରୂପ ଧରି ବ୍ରହ୍ମାଙ୍କ ପାଖକୁ ନିଜର ଦୁର୍ଦ୍ଦଶା ଜଣାଇବାକୁ ଗଲେ । ତାଙ୍କ ଆଖିରୁ ଧାର ଧାର ହୋଇ ଲୁହ ବହୁଥାଏ । ବ୍ରହ୍ମା ତାଙ୍କୁ ଆଗମନର କାରଣ ପଚାରିବାରୁ, ମା ଧରିତ୍ରୀ କହିଲେ, ଅଧର୍ମ ମୋ ଦେହରେ ବ୍ୟାପିଗଲାଣି । ଚତୁର୍ଦ୍ଦିଗରେ ଦୁର୍ନୀତି । ସ୍ୱାର୍ଥପରତା । ମଣିଷଗୁଡ଼ାକ ଅସୁର ପାଲଟି ଗଲେଣି । ଅତ୍ୟାଚାର, ଅନାଚାର, ବ୍ୟଭିଚାର ମୋ ପକ୍ଷରେ ଅସହ୍ୟ ହୋଇ ପଡିଲାଣି । ମତେ ରକ୍ଷା କର । ନଚେତ୍ ପ୍ରଳୟ ରଚନାକରି ସୃଷ୍ଟିରୁ ମୋ ସତ୍ତା ଲୋପ କରିଦିଅ ।

ବ୍ରହ୍ମା ହସି ହସି କହିଲେ, କଳିଯୁଗରେ ଏ ସବୁ ଘଟିବା ସ୍ୱାଭାବିକ । ତେଣୁ ଯୁଗର ନାମ ହୋଇଛି କଳି । ତଥାପି ସବୁଥିରେ ଭାରସାମ୍ୟ ରକ୍ଷାକରିବାକୁ ପଡିବ । କିନ୍ତୁ ମୋ ଦେଇ କିଛି ହେବ ନାହିଁ । ମୁଁ କେବଳ ସୃଷ୍ଟିକର୍ତ୍ତା । ପାଳନ କର୍ତ୍ତା ସ୍ୱୟଂ ନାରାୟଣ । କିନ୍ତୁ ତୁମେ ତାଙ୍କ ପାଖକୁ ଏକା ଯାଇ ଆପତ୍ତି ଅଭିଯୋଗ କଲେ କିଛି ହେବ ନାହିଁ । ତୁମକୁ ସାଙ୍ଗରେ ଧରି ଆମକୁ ଯିବାକୁ ପଡିବ । ସେତେବେଳେ ନାରାୟଣ ଥାଆନ୍ତି କ୍ଷୀରସମୁଦ୍ରରେ ଅନନ୍ତ ଶୟନରେ ।

ବ୍ରହ୍ମା ଓ ମହାଦେବ ଧରିତ୍ରୀଙ୍କୁ ସାଙ୍ଗରେ ଧରି ଗଲେ କ୍ଷୀର ସମୁଦ୍ରକୁ । କିନ୍ତୁ ନାରାୟଣଙ୍କୁ ଅନନ୍ତ ଶୟନରୁ ଉଠାଇବା ତ ସହଜ ନୁହେଁ । ବ୍ରହ୍ମାଙ୍କ ସହିତ ସମସ୍ତ ଦେବତା ଓ ମହାଦେବ ସମସ୍ୱରରେ ଉଚ୍ଚକଣ୍ଠରେ ଆରମ୍ଭ କଲେ ନାରାୟଣ-ପୁରୁଷସୂକ୍ତ । ନାରାୟଣଙ୍କ ନିଦ୍ରାଭଙ୍ଗ ହେଲା । ସେ ବ୍ରହ୍ମାଙ୍କୁ ଯାହା କହିଲେ, କେବଳ ସେ ତାଙ୍କ ମନ ଭିତରେ ଶୁଣିଲେ । ଯାହା ଶୁଣିଲେ, ଅନ୍ୟମାନଙ୍କୁ କହିଲେ । କହିଲେ, ନାରାୟଣ ମନୁଷ୍ୟ ରୂପରେ ଧରାଧାମରେ ଜନ୍ମ ଗ୍ରହଣ କରିବେ । ପୃଥିବୀର ଦୁର୍ଦ୍ଦଶା ମୋଚନ କରିବେ ।

ଶାନ୍ତି ଫେରିବା ପର୍ଯ୍ୟନ୍ତ ସେ ସେଇଠି ରହିବେ । ଆଦିଶେଷ ଅନନ୍ତ ତାଙ୍କ ବଡଭାଇଙ୍କ ଭୂମିକା ନେବେ । ଦେବତାମାନଙ୍କ ମଧ୍ୟରୁ ସେ ଯାହାକୁ ଚାହିଁବେ, ସେମାନେ ଗୋପୀ ଗୋପାଳ ହୋଇ ଜନ୍ମ ଗ୍ରହଣ କରିବେ ଏବଂ ତାଙ୍କରି ସହିତ ସେ ରହିବେ । ବିଷ୍ଣୁଙ୍କ ମାୟା ମଧ୍ୟ ତାଙ୍କ କାୟା ସହିତ ଛାୟାଭଳି ରହିବେ । ସେ ଯାହା କହିବେ, ବିଷ୍ଣୁମାୟା ତାହା କରିବେ । ଏହି ମାୟା ଦ୍ୱାରା ହିଁ ସେ, ପୃଥିବୀରେ ଯେତେ ଆବର୍ଜନା ଜମି ରହିଛି, ଧୀରେ ଧୀରେ ସେସବୁ ପରିଷ୍କାର କରିବେ । ପାପ ଓ ପାପୀ ଉଭୟରୁ ଧରଣୀ ମୁକ୍ତ ହେବ । ସୁଖ, ସମୃଦ୍ଧି, ଶାନ୍ତି ବିରାଜମାନ କରିବେ । ଭୟଭ୍ରାନ୍ତି କିଛି ରହିବ ନାହିଁ । ସବୁ କାମ ସାରିବା ପରେ ସେ ତାଙ୍କ ବୈକୁଣ୍ଠପୁରୀକି ଫେରି ଆସିବେ । ସେଥିଲାଗି ସମସ୍ତଙ୍କୁ ଧୈର୍ଯ୍ୟ ଧରିବାକୁ ପଡିବ । କଳିର ପ୍ରଭାବରୁ ଯାହା ହୋଇଯାଇଛି, ସେ ସବୁ ହୋଇଛି ସେହି ବିଷ୍ଣୁମାୟାର କାୟାବିସ୍ତାର ଯୋଗୁଁ ।

ମା ଧରିତ୍ରୀ ସବୁ ଶୁଣିଲେ । ବିଷ୍ଣୁ ଆସିବେ ତା'ଙ୍କ କୋଳକୁ । ଶୁଣିବାମାତ୍ରେ ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠିଲେ ସେ । ଦେବତାମାନେ ନିଜ ନିଜ ସ୍ଥାନକୁ ଗଲେ । ସେମାନଙ୍କ ମଧ୍ୟରୁ ବିଷ୍ଣୁ କାହାକୁ କାହାକୁ ସାଙ୍ଗରେ ନେବେ, ସେ ସଂପର୍କରେ ସ୍ୱର୍ଗରେ ବହୁ ଆଲୋଚନା ଚାଲିଲା । କିଏ କହିଲା, ବିଷ୍ଣୁ ମତେ ନିଶ୍ଚୟ ନେବେ । ପୃଥିବୀଟା କ'ଣ, ସଂସାର କ'ଣ ସେମାନେ ଜାଣିବାପାଇଁ ଅଧୀର ହୋଇ ପଡିଲେ ।

କେବଳ ଏକମାତ୍ର ପ୍ରଶ୍ନ - 'ବିଷ୍ଣୁ କେବେ ଯିବେ ପୃଥିବୀକୁ'............ ?

॥ ୩ ॥

# 'ଆରେ ଏ ମୂର୍ଖ କଂସ'

ସ୍ୱର୍ଗରେ ରହି ରହି, ସ୍ୱର୍ଗସୁଖ ଉପଭୋଗ କରି କରି କେତେକ ଦେବତାଙ୍କ ମନ ଚିଟା ହୋଇଗଲାଣି । ଅତିରୁ ପ୍ରୀତି ତୁଟି ଆସିଲାଣି । ଅମୃତ ମଧ୍ୟ ସବୁବେଳେ ପାନ କଲେ, ମନ ଥିଲେ ତିକ୍ତତା ଆସିବା ସ୍ୱାଭାବିକ । ତେଣୁ ଦେବତାଙ୍କ ମଧ୍ୟରେ ମୃତ୍ୟୁପୁରୀ ପୃଥିବୀକୁ ଆସିବାପାଇଁ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା । ବିଷ୍ଣୁ ଯିବେ ପୃଥିବୀକୁ— ତାଙ୍କ ସହିତ ଗଲେ ମୃତ୍ୟୁ ମଧ୍ୟ ଅମୃତ ପାଲଟିବ । ବିଷ୍ଣୁଙ୍କର ପୃଥିବୀ ଆଗମନଲାଗି ବୈକୁଣ୍ଠପୁରୀରେ ସମସ୍ତ ଆୟୋଜନ ହୋଇ ସାରିଲାଣି । ଦେବତାମାନେ କେବଳ ଦିନ ବାର ନକ୍ଷତ୍ର ଗଣନା କରିବାରେ ଲାଗିଛନ୍ତି । କିନ୍ତୁ ବିଷ୍ଣୁ କାହାଗର୍ଭରେ ପ୍ରବେଶ କରିବେ କେହି ଜାଣନ୍ତି ନାହିଁ ।

ଯାଦବମାନଙ୍କର ରାଜା ସୁର । ଯଯାତିଙ୍କ ପୁଅ ଯଦୁ । ଯଦୁଙ୍କ ବଂଶଧର ଯାଦବ । ଯାଦବଙ୍କ ରାଜ୍ୟ ଦୁଇ ଭାଗରେ ବିଭକ୍ତ– ମଥୁରା ଓ ସୁରସେନ । ଦୁଇଭାଇ ଉଗ୍ରସେନ ଓ ଦେବକ । ମଥୁରାର ରାଜା ଉଗ୍ରସେନ । ଦେବକ ସୁରସେନର ରାଜା । ଉଗ୍ରସେନଙ୍କ ପୁଅ କଂସ । ଦେବକଙ୍କ କନ୍ୟା ଦେବକୀ । ସୁରଙ୍କ ପୁତ୍ର ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ସ୍ଥିର ହେଲା । କଂସର କୌଣସି ଭଉଣୀ ନଥିବାରୁ ସେ ଦେବକୀଙ୍କୁ ଭଉଣୀ ଭାବରେ ଅତି ଭଲ ପାଉଥିଲା ।

ଦେବକୀଙ୍କ ସହିତ ବସୁଦେବଙ୍କ ବିବାହ ଖୁବ୍ ଜାକଜମକରେ ହେଲା । ବିବାହ ଉତ୍ସବର ସମସ୍ତ ଦାୟିତ୍ୱ ନେଇଥିଲା ଭାଇ କଂସ । ଭଉଣୀର ବିଦାୟବେଳେ କଂସ ବହୁତ କାନ୍ଦିଲା । ଭଉଣୀକି ନିଜେ ସାଙ୍ଗରେ ନେଇ ଶ୍ୱଶୁର ଘରେ ଛାଡ଼ିଆସିବାପାଇଁ କହିଲା । ଭଉଣୀ ଭିଣୋଇଙ୍କୁ ରଥରେ ବସାଇ ନିଜେ ରଥ ଚଳାଇଲା । ରଥଟିକୁ ସେ ଇମିତି ସଜାଇଥିଲା ଯେ ସମସ୍ତେ କଂସକୁ ବାହାବାହା କଲେ । ରଥକୁ ଦେଖିବା ମାତ୍ରେ ଆଖି ଝଲସି ଉଠୁଥିଲା । ଦେବକ ଯୌତୁକ ଭାବରେ ଚାରିଶହ ହାତୀ, ପନ୍ଦର ଶହ ଘୋଡ଼ା, ଦୁଇଶହ ଦାସ ଏବଂ ଏକ ହଜାର ଆଠଶହ ଦାସୀ ଏବଂ ଏକ ହଜାର ଆଠଶହ ରଥ ଦେଇଥିଲେ । ଏହି ଥାଟ ପାଟକୁ ସାଙ୍ଗରେ ନେଇ କଂସ, ଭଉଣୀ ଭିଣୋଇଙ୍କୁ ରଥରେ ବସାଇ ଚାଲିଲା । ବାଟରେ ଭିଣୋଇଙ୍କ ସହିତ ନାନା ଥଟ୍ଟା ପରିହାସ । ନିଜେ ସେ ରଥର ସାରଥୀ ।

କିଛିବାଟ ଯିବାପରେ ହଠାତ୍ ଏକ ଶୂନ୍ୟବାଣୀ ଶୁଣାଗଲା । କଂସ ଯେତେ ସାହସୀ ହେଲେ କ'ଣ ହେବ, ଶୂନ୍ୟବାଣୀ ଶୁଣି ହଡ଼ବଡ଼େଇ ଗଲା । ଏ ବାଣୀ କୁଆଡୁ ଆସୁଛି ଜାଣିବାପାଇଁ କାନେଇଲା । ପ୍ରଥମ ବାଣୀ– 'ଆରେ ଏ ମୂର୍ଖ !' ଏ ବାଣୀରେ କଂସ ଶବ୍ଦ ନଥିଲା । କିନ୍ତୁ କଂସ ଜାଣି ପାରିଲା– ତାକୁଇ ଲକ୍ଷ୍ୟ କରି କୁହାଯାଉଛି । ଥାଟ ପାଟ ସାଙ୍ଗରେ ଯାଉଥିବା ସୈନ୍ୟସାମନ୍ତ ସମସ୍ତେ ସ୍ତବ୍ଧ । ଆଗରେ ପଛରେ ବାଜୁଥିବା ବାଇଦ ବାଜଣା ସବୁ ଯିମିତି ଆପେ ଆପେ ବନ୍ଦ ହୋଇ ଆସିଲା । ସମସ୍ତେ ମୂକ ପାଲଟି ଗଲେ । 'ମୂର୍ଖ' ପରେ ଆଉ କ'ଣ କୁହାଯିବ ଶୁଣିବାପାଇଁ ସମସ୍ତେ ଅପେକ୍ଷା କଲେ । ରଥ ଆଉ ଆଗକୁ ଆଗେଇ ପାରିଲାନାହିଁ । କଥା କ'ଣ ! ଏ ଶୂନ୍ୟବାଣୀର ଉଦ୍ଦେଶ୍ୟ କ'ଣ ଜାଣିବାପାଇଁ ସମସ୍ତେ ବ୍ୟଗ୍ର । କିନ୍ତୁ ସେହି 'ମୂର୍ଖ' ଶବ୍ଦଟି ବ୍ୟତୀତ ତ ଆଉ କିଛି କୁହାଗଲା ନାହିଁ । କଂସର ମନ ଭାରି ଭାରି ହୋଇ ଆସିଲା । ସେ ଘୋଡା ଦେହରେ ଚାବୁକ୍ ମାରିଲା– ରଥକୁ ଆଗେଇନେବାପାଇଁ । କିନ୍ତୁ ଘୋଡ଼ାଗୁଡ଼ିକ କେବଳ ଖୁରା ପିଟିବାକୁ ଲାଗିଲେ । ପାଦେ ସୁଦ୍ଧା ଆଗେଇଲେ ନାହିଁ । ଘଟଣା କ'ଣ ?

ପୁଣି ଶୂନ୍ୟବାଣୀ– ''ଆରେ ଏ ମୂର୍ଖ କଂସ ! ତୁ ଯେଉଁ ଭଉଣୀକି ନେଇ ତା ଶ୍ୱଶୁର ଘରେ ଛାଡ଼ିଆସିବାକୁ ଯାଉଛୁ– ସେ ଭଉଣୀ ତୋ ମୃତ୍ୟୁର କାରଣ ହେବ । ତା' ଅଷ୍ଟମ ଗର୍ଭର ସନ୍ତାନ ତୋତେ ପ୍ରାଣରେ ମାରିବ ।''

କଂସର ମୁଣ୍ଡ ଚହଲି ଗଲା । ସେ ସଙ୍ଗେ ସଙ୍ଗେ ରଥରୁ ଡେଇଁ ପଡ଼ିଲା । ଦେବକୀର ଚୂଟିକି ଧରି ତାକୁ ରଥରୁ ଓଟାରି ଆଣିଲା । ତୀକ୍ଷ୍ଣ ତରବାରୀ କାଢ଼ି ଦେବକୀର ମୁଣ୍ଡଗଣ୍ଡି ଅଲଗା କରିଦେବାକୁ ବାହାରିଲା । କହିଲା, ତୋର ପୁଣି ଏତେ ଅହନ୍ତା ! ଭଉଣୀ ବୋଲି ମୁଁ ତତେ ମୋ ପ୍ରାଣଠୁ ବଳି ଅଧିକ ସ୍ନେହ କରୁଥିଲି । ତୁ ପୁଣି ହେବୁ ମୋ ମୃତ୍ୟୁର କାରଣ ! ତୋ ପୁଅ ମତେ ମାରିବ ! ମୂଳୁ ମାରିଲେ ଯିବ ସରି ......... । ତୁ ଥିଲେ ସିନା ସେ ପୁଅଟାକୁ ଜନ୍ମ ଦେବୁ । ନଥିଲେ ମୋର କିଏ କ'ଣ କରିବ ?

ଖଣ୍ଡା ଚିକ୍ ଚିକ୍ କରୁଛି ! ଦେବକୀକୁ ହାଣିବା ଲାଗି ଉଠାଇବା ମାତ୍ରେ ବସୁଦେବ ଝପ୍‌ଟି ଆସି କଂସର ହାତକୁ ଧରିନେଲେ । ବହୁତ ବୁଝେଇଲେ । କହିଲେ, ଯଦୁବଂଶର ସମ୍ମାନ ରକ୍ଷାକର । ଭାଇ ଯଦି ଭଉଣୀକୁ ମାରେ ତୋ ବଂଶର ଘୋର ବଦ୍‌ନାମ ହେବ । କାଳ କାଳକୁ ଲୋକେ କହିବେ, କଂସ ବୋଲି ଗୋଟେ ରାଜା ଥିଲା– ଭଉଣୀକି ସେ ନିଜ ହାତରେ ହତ୍ୟା କରିଥିଲା । ପୃଥିବୀରେ ଜନ୍ମ ହେବାମାତ୍ରେ ମୃତ୍ୟୁ ନିଶ୍ଚିତ । ମୁଁ ମରିବି, ତୁ ମରିବୁ, ତୋ ଭଉଣୀ ବି ମରିବ । କେବଳ ସମୟର ବ୍ୟବଧାନ । ଗୋଟିଏ ଆତ୍ମା ସବୁ ଦେହରେ । ଦେହର ଶେଷ ଅଛି, ଆତ୍ମାର ନାହିଁ । ତୁ ରାଜା, ମୁଁ ପ୍ରଜା, ତୁ ଭାଇ, ଦେବକୀ ତୋ ଭଉଣୀ– ଏଗୁଡ଼ାକ ଅସ୍ଥାୟୀ । ଏ ସଂପର୍କ ମଧ୍ୟ କ୍ଷଣିକ । ସଂସାର ଏକ ସ୍ୱପ୍ନ ଭଳି । ଏହି ଟିକକ ତଳେ ତୁମ ଦୁହିଁଙ୍କ ମଧ୍ୟରେ ଭାଇ ଭଉଣୀ ସମ୍ପର୍କ ରହିଥିଲା । ହଠାତ୍ ଭଉଣୀ ତୋ ଦୃଷ୍ଟିରେ ଶତ୍ରୁ ପାଲଟିଗଲା ! ମନ ବଦଳେ କିନ୍ତୁ ଆତ୍ମା ବଦଳେ ନାହିଁ । ଯାହାକୁ ତୁ ଏତେ ଭଲ ପାଉଥିଲୁ, ତୋ କ୍ରୋଧକୁ ଦେଖି ତୋର ସେହି ଭଉଣୀ ଭୟରେ ଥରୁଛି ! ଏହାଠୁ ବଳି ଆଶ୍ଚର୍ଯ୍ୟ କ'ଣ ଥାଇପାରେ ?

କିନ୍ତୁ କଂସର କ୍ରୋଧ ଶାନ୍ତ ହେଲା ନାହିଁ । ତା ତରବାରୀ ତଳକୁ ଖସିଲା ନାହିଁ । ତା'ର ଏକା ଜିଦ୍, ଦେବକୀକୁ ଏଇଠି ଅବିକା ମାରିବ । ବସୁଦେବଙ୍କୁ ଆଉ କୌଣସି ବୁଦ୍ଧିବାଟ ଦେଖାଗଲା ନାହିଁ । ହଠାତ୍ ତାଙ୍କ ମନ ଭିତରେ କିଏ ପଶିଲା ଭଳି ସେ ଅନୁଭବ କଲେ । ମନ ଭିତରେ ହଠାତ୍ ବୁଦ୍ଧିରୂପରେ ଜଣେ କେହି ନିର୍ଦ୍ଦେଶ ଦେଇ କହିଲା, କଂସକୁ ଇମିତି ବୁଝାଇଲେ ଫଳ କିଛି ହେବ ନାହିଁ । ସିମିତି ନ କହି ଇମିତି କହ.........

ବସୁଦେବ କଂସର ପାଦତଳେ ପଡି କହିଲେ– 'ଯଦି ଦେବକୀ ଗର୍ଭଜାତ ସନ୍ତାନ ତତେ ମାରିବ, ତାହାହେଲେ ମୁଁ ପ୍ରତିଶ୍ରୁତି ଦେଉଛି, ଦେବକୀ ଗର୍ଭରୁ ଯେତେ ପିଲା

ଜାତ ହେବେ, ଜନ୍ମ ହେବା ମାତ୍ରେ, ପିଲାକୁ ନେଇ ତତେ ଦିଆଯିବ । ତୁ ଯାହା ଇଚ୍ଛା ତା' କରିପାରିବୁ । କିନ୍ତୁ ଦେବକୀ ତୋର ଶତ୍ରୁ ନୁହେଁ— ସିଏ ତତେ ମାରିବନି । ଶୂନ୍ୟବାଣୀ କହିଚି, ତା ପିଲା ତତେ ମାରିବ । ସେ ପୁଣି ଅଷ୍ଟମ ଗର୍ଭର ସନ୍ତାନ ! ଭଉଣୀ ତୋ'ର ଏବେ ବାହାହୋଇଛି । ତୁ ନିଜେ ଭାଇ ହୋଇ ବାହା କରାଇଛୁ । ସ୍ୱାମୀ ସୁଖ କ'ଣ ଜାଣିନି । ଶ୍ୱଶୁର ଘରକୁ ଯାଇନି । ତାକୁ ତୁ ଏଠି ମାରିଦେଲେ କ'ଣ ତୁ ଅମର ହୋଇ ଯିବୁ ? ତୁ ଯୁବରାଜ ! ଏ ରାଜ୍ୟରେ ତୋର ଯଥେଷ୍ଟ ସୁନାମ ଅଛି ।

କଂସର ମନ ବୁଝିଗଲା । ଖଣ୍ଡାକୁ ତଳକୁ ଖସେଇ ଆଣିଲା । ଦେବକୀ ବଞ୍ଚିଗଲା । ବସୁଦେବ କିଛି ସମୟପାଇଁ ନିଶ୍ଚିନ୍ତ ହେଲେ । କିନ୍ତୁ .............. ।

●

॥ ୪ ॥

## କାଳନେମୀରୁ କଂସ

ବସୁଦେବ କଥା ଦେଇଛନ୍ତି, ଦେବକୀ ଗର୍ଭରୁ ପିଲା ଜନ୍ମ ହେବାମାତ୍ରେ କଂସ ପାଖରେ ହାଜର କରାଇବେ । କଂସ ଭଉଣୀ ଭିଣୋଇଙ୍କୁ ନେଇ ଗୋଟିଏ ଘରେ ବନ୍ଦ କରି ରଖିଲା । ବନ୍ଦୀଶାଳା କହିଲେ ଚଳେ । ଏ ଘର ଦ୍ୱାରଦେଶ ଓ ଚାରିପଟେ ଦିନରାତି ସଶସ୍ତ୍ର ଜଗୁଆଳି ଜଗି ରହିଲେ । ବହୁତ କଟକଣା ।

କାଳକ୍ରମେ ଦେବକୀ ଗର୍ଭରୁ ପ୍ରଥମ ଶିଶୁ ଜନ୍ମଲାଭ କଲା । ବସୁଦେବ ଏହାର ନାମ ରଖିଲେ କୀର୍ତ୍ତିମାନ । ଏହି ନାମ ଉଚ୍ଚାରଣ କରି ସେ ଅଳ୍ପ ସମୟପାଇଁ ଆନନ୍ଦ ପାଇଲେ । ବସୁଦେବ ଓ ଦେବକୀଙ୍କର ଇଏ ପ୍ରଥମ ସନ୍ତାନ । ମନ କହୁନି ଶିଶୁଟିକୁ ନେଇ କଂସକୁ ଦେବାପାଇଁ । ପିଲାଟି ଭୂମିଷ୍ଠ ହେଉ ହେଉ ଖିଲି ଖିଲି ହସି ଉଠିଲା । କିନ୍ତୁ ପିଲାଟିକୁ ନେଇ କଂସକୁ ତ ଦେବାକୁ ପଡିବ । ବସୁଦେବ ବିଚାରବାନ ସୁପୁରୁଷ । ମନର ଉଦ୍‌ବେଗକୁ ସମ୍ଭାଳି ନେଲେ । ଦେବକୀଙ୍କ ଆଖିରୁ ଲୁହ ପୋଛିଦେଲେ । ପିଲାକୁ ଧରି ସିଧାସଳଖ ଗଲେ କଂସ ପାଖକୁ । କଂସ ଆଗରୁ ଖବର ପାଇଛି ପ୍ରଥମ ସନ୍ତାନ ଜାତ ହୋଇଛି ବୋଲି । ସେ ଅପେକ୍ଷା କରିଛି ବସୁଦେବକୁ – କଥା ଦେଇଛି, ପିଲାକୁ ଆଣୁଛି କି ନାହିଁ ଦେଖାଯାଉ । ନ ଆଣିଲେ ସେ ନିଜେ ଯାଇ ପିଲାକୁ ହାଣି ଖଣ୍ଡ ଖଣ୍ଡ କରିଦେବ । କଂସ ଦେବକୀଗର୍ଭଜାତ ପ୍ରଥମ ସନ୍ତାନ କଥା ଚିନ୍ତା କରୁଥିବାବେଳେ ବସୁଦେବ କଂସ ପାଖରେ ପହଞ୍ଚି କହିଲେ, ''ନିଅ ଏ ପିଲାକୁ । କଥା ଦେଇଥିଲି, ପିଲା ଜନ୍ମ ହେବା ମାତ୍ରେ ତୁମକୁ ଦେବାପାଇଁ । ନେଇ ଆସିଛି ।''

ପିଲାକୁ ଦେଖି କଂସର ମନ ଖୁସ୍ । ବସୁଦେବଙ୍କ ହାତରୁ ପିଲାଟିକୁ ନେଲା । କିନ୍ତୁ ସଙ୍ଗେ ସଙ୍ଗେ ବସୁଦେବଙ୍କ ହାତକୁ ପିଲାଟାକୁ ବଢାଇଦେଇ କହିଲା, ଯାହାହେଉ ତମେ କଥା ରଖିଛ । ସେତିକି ଯଥେଷ୍ଟ । ମୋର ବିଶ୍ୱାସ, ତୁମେ ଏଣିକି ଯେତେ ପିଲାହେବ, ଇମିତି ନିଜେ ଧରି ଆସୁଥିବ । ମତେ ତୁମ ପାଖକୁ ଯିମିତି ଯିବାକୁ ନପଡ଼େ । ମୁଁ ଏ ପିଲାକୁ ପ୍ରାଣରେ ମାରିବାକୁ ଚାହେଁନା । ଶୂନ୍ୟବାଣୀ ତ କହିଛି, ଦେବକୀର ଅଷ୍ଟମ ଗର୍ଭର ପିଲା ମତେ ମାରିବ । ଇଏତ ତୁମର ପ୍ରଥମ ସନ୍ତାନ । ଇଏ ତ ମତେ ମାରିବ ନାହିଁ, ମୁଁ ଯାକୁ ମାରିବି କାହିଁକି ? ଫେରାଇ ନିଅ । ପାଳିବ ଯଦି ପାଳ, ଯାହା କରିବା ଇଚ୍ଛା କର ।

ବସୁଦେବ ପିଲାଟିକୁ ନେଇ ଫେରିଗଲେ କିନ୍ତୁ ତାଙ୍କ ମନରୁ ଆଶଙ୍କା ଦୂରୀଭୂତ ହୋଇ ନଥିଲା । ଭାବିଲେ କଂସଟା ଅସୁରଟା । ତା ମନରେ କ'ଣ କେତେବେଳେ ହେବ କିଏ କହିବ ।

ଠିକ୍ ଏହି ସମୟରେ କଂସ ପାଖରେ ପହଞ୍ଚିଗଲେ ନାରଦ । ସନ୍ଦେହ ନଥିଲେ ସନ୍ଦେହ ସୃଷ୍ଟି କରିବା ତାଙ୍କର କାମ । ତେଣୁ ସମସ୍ତେ କହନ୍ତି କଳିହା ନାରଦ । କିନ୍ତୁ ସେ ଯେଉଁ କଳିର ମଞ୍ଜି ପୋତନ୍ତି, ସେଥିରୁ ଯେଉଁ ଗଛ ଉଠେ, ତାହା ପରିଶେଷରେ ଭଲ ଫଳଦିଏ ।

କଂସ ନାରଦଙ୍କୁ ଦେଖି ଖୁସି ହେଲା । ଦୁହିଁଙ୍କ ଭିତରେ ନାନା ଆଲୋଚନା ହେଲା । କଥା ପ୍ରସଙ୍ଗରେ ନାରଦ ମଞ୍ଜ କଥାଟାକୁ କହିଲେ । କହିଲେ, ତୁମ ମଥୁରାକୁ ଲାଗି ରହିଛି ଗୋକୁଳ । ସେଠି ଯାଦବମାନେ ବାସ କରୁଛନ୍ତି । ସେମାନଙ୍କ ମୁଖିଆ ନନ୍ଦ ମହାକୁଡ । ସବୁ ଯାଦବ, ସେମାନଙ୍କ ସ୍ତ୍ରୀ, ପିଲାପିଲି, ଆତ୍ମୀୟ ସ୍ୱଜନ ଯେତେ ଗଉଡ଼ ଗଉଡୁଣୀ, ସମସ୍ତେ ଜଣେ ଜଣେ ଦେବତା ଆଉ ଅପ୍‌ସରୀ । ସେମାନେ ନାରାୟଣଙ୍କ ନିର୍ଦ୍ଦେଶରେ ଗୋକୁଳରେ ଜନ୍ମ ଗ୍ରହଣ କରିଛନ୍ତି । ଏ ସମସ୍ତଙ୍କର ଉଦ୍ଦେଶ୍ୟ ହେଉଛି ଅସୁରକୁଳକୁ ଧ୍ୱଂସ କରିବା । ତୁମେ ତ ଅସୁର । ତୁମର ବି ବିନାଶ ହେବ ।

ଏ ଖବର ଶୁଣି କଂସର ମୁଣ୍ଡ ଚହଲି ଗଲା । ସବୁଆଡ଼ ଅନ୍ଧାର ଦେଖାଗଲା । ଆଗରୁ ତ ଶୂନ୍ୟରୁ ଦୈବୀବାଣୀ ଶୁଣିଥିଲା । ଏବେ ପ୍ରତ୍ୟକ୍ଷଭାବରେ ଦେବର୍ଷି ନାରଦଙ୍କଠୁ ଏ ଚେତାବନୀ ଶୁଣିଲା ।

ନାରଦ ପୁଣି କହିଲେ, ଦେବକୀର ଗର୍ଭଜାତ ସନ୍ତାନଙ୍କ ପ୍ରତି ଉଦାର ମନୋଭାବ ପୋଷଣ କରିବା ତୁମ ପକ୍ଷରେ ଉଚିତ ହେଉ ନାହିଁ । ଶୂନ୍ୟବାଣୀ କହିଛି— ଦେବକୀର ଅଷ୍ଟମ ଗର୍ଭର ସନ୍ତାନ ତୋର କାଳ ହେବ । ତା' ବୋଲି ତାର ପ୍ରଥମ ସନ୍ତାନକୁ ଜିଇଁ

ରହିବାକୁ ଦେବାଟା ଠିକ୍ ହୋଇନାହିଁ । ଅଷ୍ଟମର ଅର୍ଥ କ'ଣ ବୁଝୁଛୁ ? ଶେଷଆଡୁ ଗଣିଲେ ପ୍ରଥମ ସନ୍ତାନ ହେବ ଅଷ୍ଟମ । ଦ୍ୱିତୀୟ ସନ୍ତାନରୁ ଗଣିଲେ ମଧ୍ୟ ପ୍ରଥମ ସନ୍ତାନକୁ ମିଶେଇଲେ ଅଷ୍ଟମ । ସେହିପରି ତୃତୀୟ ଚତୁର୍ଥ ଯାହାକୁ ମିଶେଇ ହିସାବ କଲେ ସବୁ ସନ୍ତାନ ହେବ ଅଷ୍ଟମ । ତେଣୁ ତୋର ବୁଝିବାର ଭୁଲ ହେଉଛି । ଭଲକରି ହେଜ । ମନେ ମନେ ଥରେ ନୁହଁ, ହଜାର ବାର ହିସାବ କର । ଅଷ୍ଟମ ହି ଅଷ୍ଟମ । ଆଗ ହେଉ ପଛ ହେଉ, ମଝି ହେଉ । ହେଉ ବାବା ମୁଁ ଯାଉଛି— କହି 'ନାରାୟଣ' ଉଚ୍ଚାରଣ କରି ନାରଦ ଅନ୍ତର୍ହିତ ହୋଇଗଲେ ।

କଂସ ମନରେ ଡର ପଶିଗଲା । ଭାବିଲା ନାରଦ ଦେବକୀର ପ୍ରଥମ ପିଲାଟାର ଯେଉଁ ହିସାବ ଦେଲେ ତା' ନିର୍ଭୁଲ । ପ୍ରକୃତରେ ଅଷ୍ଟମ କେଉଁ ପିଲାଟା ଜାଣିବା ମୁସ୍କିଲ । ତେଣୁ ମୂଳୁ ମାଇଲେ ଯିବ ସରି — ଦେବଙ୍କ ସାଙ୍ଗେ କିମ୍ପା କଳି ? ସେ ହାତରେ ତରବାରୀ ଧରି ଝପଟିଲା ବସୁଦେବ ଓ ଦେବକୀଙ୍କ ପାଖକୁ । ଦେବକୀ କୋଳରୁ ପିଲାଟିକୁ ଓଟାରି ଆଣି ଖଣ୍ଡାରେ ଖଣ୍ଡ ଖଣ୍ଡ କରିଦେଲା ।

ପ୍ରାଣକୁ ଯାହାର ଭୟ, ସେ ନିଜ ପ୍ରାଣ ରକ୍ଷା କରିବା ଲାଗି ଦରକାର ପଡିଲେ ନିଜ ବାପ, ମାଆ, ସ୍ତ୍ରୀ, ପୁଅ, ଝିଅ ସମସ୍ତଙ୍କୁ ମାରି ଦେଇପାରେ । ନାରଦ ଆଉ ଗୋଟିଏ କଥା କଂସ ମନରେ ପୂରେଇ ଦେଇ ଯାଇଛନ୍ତି । କହିଛନ୍ତି, ପୂର୍ବ ଜନ୍ମରେ ତୁ ଥିଲୁ କାଳନେମୀ ଅସୁର । ତତେ ନାରାୟଣ ମାରିଥିଲେ । ଆଗରୁ ସାବଧାନ ନହେଲେ ସେହି ନାରାୟଣ ଦେବକୀ ଗର୍ଭରୁ ଜାତ ହୋଇ ତତେ ମାରି ପକାଇବେ । ନାରାୟଣ ତୋର ପରମ ଶତ୍ରୁ । ଜନ୍ମ ଜନ୍ମ ଧରି ସେ ତୋ ପିଛା ଲାଗି ରହିଛନ୍ତି । ତୋର ମୁକ୍ତି ନହେବା ପର୍ଯ୍ୟନ୍ତ ତୁ ଇମିତି ଅସୁର ହୋଇ ଜନ୍ମ ହେଉଥିବୁ ଏବଂ ନାରାୟଣ ତତେ ଗୋଡ଼େଇ ଗୋଡ଼େଇ ମାରୁଥିବେ ।

ଯାଦବମାନଙ୍କ ପ୍ରତି କଂସର ଆଗରୁ ସ୍ନେହ ଭାବ ଥିଲା । ହଠାତ୍ ସ୍ନେହ, ଘୃଣା ପାଲଟିଗଲା । ସେ ସେମାନଙ୍କୁ ନାନା ଭାବରେ ହଇରାଣ କରିବାକୁ ଲାଗିଲା । କଂସର ପିତା ଉଗ୍ରସେନ ସେତେବେଳେ ଯଦୁ, ଭୋଜ ଓ ଅନ୍ଧକ ତିନୋଟି ରାଜ୍ୟର ସମ୍ରାଟ ଥିଲେ । କଂସର ପିତା ଉଗ୍ରସେନଙ୍କୁ ବନ୍ଦୀ କରି ନିଜେ ଏ ତିନିରାଜ୍ୟର ଶାସକ ହୋଇଗଲା । ଆରମ୍ଭ ହୋଇଗଲା ପ୍ରଜାଙ୍କ ଉପରେ ଅତ୍ୟାଚାର ।

ଜରାସନ୍ଧ ଥିଲା ମଗଧର ରାଜା । କଂସ ସହିତ ଜରାସନ୍ଧଙ୍କର ଦୁଇ ଝିଅଙ୍କ ବିବାହ ହୋଇଥିଲା । ତେଣୁ କଂସ ପକ୍ଷରେ ଜରାସନ୍ଧ, ପ୍ରଲମ୍ବ, ବକା, ଚାଣୁର, ତୃଣାବର୍ତ୍ତ, ଅଘାସୁର, ମୁଷ୍ଟିକ, ଅରିଷ୍ଟ, ଦ୍ୱିବିଦ, ପୁତନା (ସ୍ତ୍ରୀ ଲୋକ), କେଶୀ, ଧେନୁକା ପ୍ରମୁଖ

ବହୁ ଯୋଦ୍ଧା, ମାୟାବୀ ଥିଲେ । ଜରାସନ୍ଧ ବ୍ୟତୀତ ଅନ୍ୟ ସମସ୍ତେ ଥିଲେ ଅସୁର । କଂସ ଅତ୍ୟାଚାର ଅସହ୍ୟ ହୋଇ ପଡ଼ିବାରେ ଅନେକ ଯାଦବ କୁରୁ, ପାଞ୍ଚାଳ, କେକୟ, ଶାଲ୍ୱ, ବିଦର୍ଭ, ବିଦେହ, ବିଶାଦ ଓ କୋଶଳ ରାଜ୍ୟରେ ଆଶ୍ରୟ ଗ୍ରହଣ କରିଥିଲେ ।

କିନ୍ତୁ ସବୁବେଳେ ସବୁଠି ଦଳେ ଖୋଷାମଦିଆ ଥାଆନ୍ତି । ସିମିତି ଦଳେ ଥିଲେ କଂସ ପାଖରେ । ସେ ଯାହା କହିଲା, ହାଁଜି ମାରିଲେ । କଂସକୁ ନାନା ଭାବରେ ଖୁସ୍ ମିଜାସରେ ରଖି ତା'ଠୁ ଫାଇଦା ଉଠାଇଲେ । ବହୁ ପ୍ରଜା ଅନ୍ୟତ୍ର ଚାଲିଯିବାରେ ଏମାନେ ସେମାନଙ୍କ ଭୂସଂପତ୍ତି ମାଡି ବସିଲେ । ସୁଖ ଉପଭୋଗ କଲେ । କିନ୍ତୁ କଂସର ନିର୍ଦ୍ଦେଶରେ ଚଳିଲେ ।

॥ ୫ ॥

# ନାରାୟଣ - ବିଭୀଷିକା

ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ବର୍ଣ୍ଣନା କରୁ କରୁ ଶୁକଦେବ ଏପରି ଭାବବିହ୍ୱଳ ହୋଇ ପଡ଼ିଲେ ଯେ, ଘଡ଼ିଏ କାଳ ସେ କେବଳ କୃଷ୍ଣ କୃଷ୍ଣ, ନାରାୟଣ, ନାରାୟଣ ନାମ ସଂକୀର୍ତ୍ତନ କରିବାକୁ ଲାଗିଲେ । ରାଜା ପରୀକ୍ଷିତ ତାଙ୍କର ପାଳି ଧରିଲେ । ଚୋଖା ଗାଆକକୁ ଚୋଖା ପାଳିଆ । ନାମ କୀର୍ତ୍ତନ ପରେ ପୁଣି କହିବା ଆରମ୍ଭ କଲେ ମୁନିଶ୍ରେଷ୍ଠ ଶୁକଦେବ ।

କହିଲେ, ଦେବକୀଙ୍କ ଗର୍ଭଜାତ ଛ'ଟି ଶିଶୁ କଂସ ହାତରେ ମଲେ । ଏବେ ଗର୍ଭରେ ସପ୍ତମ ସନ୍ତାନ । ନିରାକାର ଆଦିଶେଷ ସାକାର ହେବାରେ ଲାଗିଲେଣି । ସେ ନାରାୟଣଙ୍କ ଅନ୍ୟ ରୂପ । ପ୍ରଭୁ ନାରାୟଣ ଆଦେଶ କଲେ ଯୋଗମାୟାଙ୍କୁ ଯାଅ ଦେବି ! ଗୋକୁଳକୁ । ସେଠି ନନ୍ଦ ବୋଲି ଜଣେ ଗୋପାଳ ରାଜୁତି କରୁଛନ୍ତି । ବସୁଦେବଙ୍କ ଅନ୍ୟତମା ପତ୍ନୀ ରୋହିଣୀ ଏବେ ତାଙ୍କର ଘରେ ଅଛନ୍ତି । ଅନ୍ୟ ରାଣୀମାନେ କଂସ ଭୟରେ କିଏ କୁଆଡ଼େ ଲୁଚିଛନ୍ତି । ସେହିଭଳି ରୋହିଣୀ ନନ୍ଦଘରେ ଆଶ୍ରୟ ନେଇଛନ୍ତି । ଆଦିଶେଷ ଏବେ ଦେବକୀଙ୍କ ଗର୍ଭରେ । ତାଙ୍କ ଗର୍ଭରୁ ଆଦିଶେଷଙ୍କୁ କାଢ଼ିନେଇ, ରୋହିଣୀଙ୍କ ଗର୍ଭରେ ଥୋଇ ଦେଇ ଆସିବ । ତା'ପରେ ମୁଁ ଦେବକୀଙ୍କ ଗର୍ଭରେ ପ୍ରବେଶ କରିବି । ତାଙ୍କର ଅଷ୍ଟମ ସନ୍ତାନ ହୋଇ ଜାତ ହେବି । ଏବେ ପୃଥିବୀରେ ଅଧର୍ମ ବ୍ୟାପିଗଲାଣି । ମତେ ସେଠାକୁ ଯାଇ ଧର୍ମ ସଂସ୍ଥାପନ କରିବାକୁ ପଡିବ । ଏଇଟା ନୂଆ କଥା ନୁହଁ । ଆଗରୁ ସତ୍ୟରକ୍ଷା ଲାଗି ମତେ ରାମରୂପରେ ପୃଥିବୀକୁ ଯିବାକୁ ପଡିଥିଲା ।

ଯାଅ, ତୁମର କାମ ତୁରନ୍ତ କରି ଚାଲିଆସ । ଏହା ପରେ ମୁଁ ଦେବକୀ ଗର୍ଭରୁ ଜାତ ହେଲାବେଳେ ତୁମକୁ ନନ୍ଦ ଯଶୋଦାଙ୍କ ସନ୍ତାନ ଭାବରେ ଜନ୍ମ ନେବାକୁ ପଡ଼ିବ । ତୁମର ଏହି କାର୍ଯ୍ୟ ଲାଗି ତୁମେ ଯୁଗ ଯୁଗ ଧରି ଈଶ୍ୱରୀ ନାମରେ ପୂଜା ପାଇବ । ତୁମ ପାଇଁ ଲୋକେ ମନ୍ଦିର ତୋଳିବେ, ତୁମର ମୂର୍ତ୍ତି ରଖି ତୁମକୁ ଷୋଡଶ ଉପଚାରରେ ପୂଜା କରିବେ । ନିଃସନ୍ତାନମାନଙ୍କୁ ତୁମେ ସନ୍ତାନ ଦାନ କରିବ, ଯିଏ ଯାହା ମାଗିବ ଦେବ । ତୁମେ ବହୁନାମରେ ପରିଚିତା ହେବ; ଯଥା– ଦୁର୍ଗା, ଭଦ୍ରକାଳୀ, ବିଜୟା, ବୈଷ୍ଣବୀ, କୁମଦା, ଚଣ୍ଡୀକା, କୃଷ୍ଣା, କନ୍ନିକା, ମାୟା, ନାରାୟଣୀ, ଈଶାନୀ, ଶାରଦା ଓ ଅମ୍ବିକା ପ୍ରଭୃତି ।

ମହାମାୟାଙ୍କୁ ନାରାୟଣ ଆଉ ଗୋଟିଏ କଥା ମଧ୍ୟ କହିଲେ ଯେ ଦେବକୀଙ୍କ ଗର୍ଭରୁ ନେଇ ରୋହିଣୀଙ୍କ ଗର୍ଭରେ ଯେଉଁ ଶିଶୁକୁ ରୋପଣ କରାଯିବ, ଜନ୍ମ ହେବା ପରେ ତାଙ୍କ ନାଁ ରହିବ ଶଂକର୍ଷଣ, ରାମଙ୍କ ଭଳି ବଳ ଅଧିକା ହେତୁ ବଳରାମ, ବଳଭଦ୍ର, ବଳଦେବ ।

ଯୋଗମାୟା ସବୁ ଶୁଣି ଖୁସି ହେଲେ । ସେ ସଂଗେ ସଂଗେ ପୃଥିବୀକୁ ଅବତରଣ କଲେ । ସେତେବେଳକୁ ଦେବକୀଙ୍କ ବେହୋସ ଅବସ୍ଥା । କେହି କିଛି ଜାଣି ପାରିଲେ ନାହିଁ । ମୁହୂର୍ତ୍ତକରେ ଏ ଗର୍ଭରୁ ସେ ଗର୍ଭକୁ ସନ୍ତାନ ବଦଳ ହୋଇଗଲା । ତା ଆରଦିନ ସମସ୍ତେ ଜାଣିଲେ ଯେ ଦେବକୀଙ୍କ ଗର୍ଭରୁ ଶିଶୁ ଜନ୍ମ ହେବାପୂର୍ବରୁ ଉଭାନ ହୋଇଗଲା । କଂସ ଅନେକ ଧାଇ ପଠାଇ କଥାଟା ଠିକ୍ କି ନୁହେଁ ଜାଣିବାକୁ ଚେଷ୍ଟାକଲା । ଦେବକୀଙ୍କ ସପ୍ତମ ଗର୍ଭ ଶୂନ୍ୟ ବୋଲି ତା'ର ହୃଦ୍‌ବୋଧ ହେଲା । ଶଙ୍କର୍ଷଣ ରୋହିଣୀ ଗର୍ଭରେ ବଢ଼ିବାକୁ ଲାଗିଲେ ।

ତା'ପରେ ଶ୍ରୀକୃଷ୍ଣଙ୍କ ଅସଲ ଲୀଳା ଆରମ୍ଭ ହେଲା । କ୍ଷେତ୍ର ପ୍ରସ୍ତୁତ । କେବଳ ଏଣିକି ମଞ୍ଜି ବୁଣିବା କାମ । କ୍ଷେତ୍ର ଇମିତି ଉର୍ବର ଯେ ମଞ୍ଜି ପଡ଼ିଲା ମାତ୍ରେ ଗଜୁରି ଉଠିବ । ନାରାୟଣ ପ୍ରଥମେ ପ୍ରବେଶ କଲେ ବସୁଦେବଙ୍କ ମନ ଭିତରେ । ବସୁଦେବ ମୁଖମଣ୍ଡଳ ପ୍ରସନ୍ନ, ଉଜ୍ଜ୍ୱଳ, ଦୀପ୍ତିମନ୍ତ ହେବାକୁ ଲାଗିଲା । ଯାହାରା ଛ'ଟା ସନ୍ତାନ ମଲେଣି ତା ମନ ସର୍ବଦା ବିଷଣ୍ଣ ରହିବା କଥା । କିନ୍ତୁ ବସୁଦେବ ପ୍ରଫୁଲ୍ଲ – ଯେମିତି ତାଙ୍କ ମୁଖସାଗରରେ ଆନନ୍ଦର ଲହଡ଼ି ଭାଙ୍ଗିବାରେ ଲାଗିଛି । ବସୁଦେବଙ୍କ ମନ ଭିତରେ ନାରାୟଣ, ଅନାଦିକାରଣ । ସର୍ବଦେହେ ଯେ ଆତ୍ମନ୍ ରୂପରେ ଆବିର୍ଭୂତ, ସେହି ଅନ୍ତର୍ଯ୍ୟାମୀ, ଅବିନାଶୀ, ଶାଶ୍ୱତ, ଚିଦ୍‌ଆନନ୍ଦ, ସଚ୍ଚିଦାନନ୍ଦ ନାରାୟଣ – ବସୁଦେବ ଓ ଦେବକୀଙ୍କ ସର୍ବାଙ୍ଗରେ ଯେପରି ଆନନ୍ଦରେ ଖେଳିବାରେ ଲାଗିଛନ୍ତି । ସେମାନଙ୍କୁ ଘେରି

ରହିଥିବା କଂସର ଅନୁଚରମାନେ ବସୁଦେବ ଓ ଦେବକୀଙ୍କୁ ଦେଖି ନାରାୟଣ ଦର୍ଶନ ପାଇବାରେ ଲାଗିଛନ୍ତି । ସେମାନଙ୍କ ମନପ୍ରାଣ ମଧ ଅବ୍ୟକ୍ତ ଆନନ୍ଦରେ ପୁଲକିତ ହେବାରେ ଲାଗିଛି । ସେମାନେ ଭାବୁଛନ୍ତି – ରାତି ଅଧରେ ଯେପରିକି ପୂର୍ବ ଦିଗ୍‌ବଳୟର ଗର୍ଭ ଚିରି ବାଳସୂର୍ଯ୍ୟ ଉଦୟ ହେବାରେ ଲାଗିଛି ! କିନ୍ତୁ ଅନୁଚରଗଣଙ୍କର ଏ ଦର୍ଶନ ଅନ୍ତଃଚକ୍ଷୁରେ; ବହିଃଚକ୍ଷୁରେ ନୁହେଁ । ଅଧର୍ମରେ ଛାଇ ରହିଥିବା କଂସର ପୃଥିବୀ ଏ ଦିବ୍ୟସତ୍ତାର ଆବିର୍ଭାବକୁ ଅନୁଭବ କରିପାରୁ ନାହିଁ । ସମସ୍ତେ ଯେପରି ଅନ୍ଧ ପାଲଟିଛନ୍ତି । କଂସର କାରାଗାରରେ ମା' ଦେବକୀଙ୍କ ଗର୍ଭରେ କୃଷ୍ଣରତ୍ନର ଜ୍ୟୋତି ଝଲସିବାରେ ଲାଗିଛି ।

କଂସ ଖବର ପାଇ ଭଉଣୀ ଦେବକୀଙ୍କୁ ଦେଖିବାକୁ ଆସିଛି । କାରଗାର ଦ୍ୱାର ଖୋଲି ସେ ଭିତରେ ପ୍ରବେଶ କରିଛି । ଜ୍ୟୋତିର୍ମୟ ଭିଣୋଇ ଓ ଭଉଣୀ ଯେପରି ସେଠାରେ ଦୋଳି ଖେଳୁଛନ୍ତି । ଦେବକୀକୁ ଦେଖି କଂସ ଚିହ୍ନି ପାରିଲା । ଭାବିଲା– ଇଏ କ'ଣ ସେହି ଦେବକୀ ! ଛ'ଟି ସନ୍ତାନକୁ ହରେଇ ମଧ ତା ଓଷ୍ଠପୁଟରେ ଏତେ ହସ ! ସମସ୍ତ ସୁଖକୁ ଯିମିତି ସେ ଚନ୍ଦନ ଭାବରେ ବୋଳି ହୋଇ ପଡ଼ିଛି । ଦେବକୀ ଗର୍ଭରେ ସ୍ୱୟଂ ନାରାୟଣଙ୍କ ଆବିର୍ଭାବକୁ ଅନୁଭବ କରିପାରିଲା କଂସ ! କିନ୍ତୁ କ'ଣ କରାଯିବ– ହଠାତ୍ କିଛି ଭାବି ପାରିଲା ନାହିଁ । ତା' ମୁଣ୍ଡ ଚକ୍କର ଖାଇବାରେ ଲାଗିଲା । ମନକୁ ମନ କହିହେଲା, ନା ମୁଁ ମରିବାକୁ ଚାହେଁନା । ମୁଁ ସଂସାରକୁ ଭୋଗ କରିବାକୁ ଚାହେଁ । ସଂସାରଠୁ ବଳି ଭୋଗ୍ୟ ବସ୍ତୁ ଆଉ କିଛି ନାହିଁ । ପତ୍ର ଶୁଖିଲେ ଝଡେ । ଫଳ ପାଚିଲେ ତଳେ ପଡେ । ମୋର ବୟସ ଅଛି, ବୁଢ଼ା ହୋଇନି ! ଏ ପିଲାଟା ସତରେ କ'ଣ ଜନ୍ମ ହୋଇ ମତେ ମାରିପକାଇବ ! ଆଗରୁ ସତର୍କ ହେବା ଦରକାର । ଦେବକୀକୁ ମାରିଦେଲେ ଗଛ ସହିତ ଫଳ ଯିବ ! କିନ୍ତୁ ଦେବକୀ ନାରୀ, ମୋର ଭଉଣୀ, ସେ ଗର୍ଭବତୀ । ଆଗରୁ ତା'ର ଛ'ଟି ପିଲାଙ୍କୁ ମାରି ଅକ୍ଷମଣୀୟ ଅପରାଧ କରିଛି । ଜଣେ ରାଜାଭାବରେ ଜାଣେ, ଅପରାଧ ପାଇଁ ଦଣ୍ଡ ବିଧାନ ରହିଛି । ଏବେ ଦେବକୀକୁ ମାରିଲେ, ପୃଥିବୀର ଲୋକେ ମତେ କ'ଣ କହିବେ ! ଛି ଛି କରିବେ । ଘୋର ଅପବାଦ ହେବ । ମୁଁ ତ ବଞ୍ଚି ଥାଉ ଥାଉ ମରିଯିବି - ଆଉ ସୁଖ ଶାନ୍ତି ଭୋଗ କରିବି କ'ଣ !

କଂସ ଅସୁର, ରାକ୍ଷସ ହେଲେ କ'ଣ ହେବ, ତା'ର ମନ ଅଛି, ବିବେକ ଅଛି, ବିଚାର ବି ଅଛି । ତେଣୁ କ'ଣ କରିବ, ନ କରିବ - ବିବେକ ଦଂଶନ କରିବାକୁ ଲାଗିଲା ।

ମନେ ମନେ ସେ ସ୍ଥିର କଲା, ନା, ଦେବକୀକୁ ମାରିବିନି ! ଅପେକ୍ଷା କରିବି - ତା' ଗର୍ଭର ଅଷ୍ଟମ ସନ୍ତାନ ଭୂମିଷ୍ଠ ହେଉ - ତା'ପରେ ଦେଖାଯିବ । ଆସନରୁ ଉଠି

ଠିଆ ହେବା ଅବସ୍ଥାରେ କଂସ ଏସବୁ ଭାବିବାରେ ଲାଗିଥିଲା । ହଠାତ୍ ଆସନ ଗ୍ରହଣ କରିବାକୁ ଗଲାମାତ୍ରେ, ସେ ଦେଖିଲା, ତା ଆସନରେ ଗୋଟିଏ ବାଳୁତ ଶିଶୁ ବସିଛି ! ମୁଣ୍ଡ ବୁଲେଇ ହେଉଛି । ଶେଷରେ ଶୋଇବାକୁ ଗଲା । କିନ୍ତୁ ଶେଯରେ ଦେଖିଲା ସେହି ଶିଶୁ । ଘର କୋଣରେ, ତା ପାଦ ପାଖରେ, ଛାତ ତଳେ ଗୋଟିଏ ଶିଶୁ ଯିମିତି ବୁଲୁଚି, ଖେଳୁଛି । ଖିଲ୍ ଖିଲ୍ ହସୁଛି । ଖାଇବାକୁ ଗଲା, ଖାଦ୍ୟ ଭିତରେ ମଧ୍ୟ ସେହି ଶିଶୁ ମୂର୍ତ୍ତି । ଯିମିତି ସେ କଂସର ବାଟ ଓଗାଳିବାରେ ଲାଗିଛି ।

ନାରାୟଣ-ବିଭୀଷିକା ତା ମନକୁ ଆଚ୍ଛନ୍ନ ଓ ଉଚ୍ଛନ୍ନ କରିବାରେ ଲାଗିଲା ! କାହାକୁ କହିଲେ, କିଏ ବା ବିଶ୍ୱାସ କରିବ ? ଇଏ ତ୍ ମାୟା, ଛାୟା ରୂପରେ ଗୋଡ଼େଇଛି । କୌଣସି ଶସ୍ତ୍ର ନାହିଁ ଏହାକୁ ଛେଇବାକୁ ! କାୟା ଥିଲେ, ଛାୟା ଥାଏ । କିନ୍ତୁ ଇଏ ତ କାୟା ନଥାଇ ଛାୟା ! ଏହାହିଁ ମହାମାୟା, ମୋହମାୟା !

●

॥ ୬ ॥

# 'ତିନି ଜନ୍ମରେ ମୁଁ ତୁମ ପୁଅ'

ଦେବକୀଙ୍କ ଗର୍ଭରେ ବୈକୁଣ୍ଠାଧୀଶ ଶ୍ରୀମନ୍ ନାରାୟଣ । ମନ୍ଦିର ହେଉଛନ୍ତି ଦେବକୀ । ମନ୍ଦିର ଭିତରେ ଆରାଧ୍ୟ ଦେବତା । ବ୍ରହ୍ମା ଓ ମହାଦେବ ଦେବତାମାନଙ୍କ ସହିତ ଆସି ମନ୍ଦିର ଆଗରେ ଠିଆ । ହାତ ଯୋଡି ସେମାନେ ପ୍ରଣତି ଜଣାଇବାକୁ ଲାଗିଛନ୍ତି ଦେବକୀ ଗର୍ଭସ୍ଥ ନାରାୟଣଙ୍କୁ । ସ୍ତୁତି ପରେ ସ୍ତୁତି - ହେ ପ୍ରଭୁ, ତୁମେ ବିଭିନ୍ନ ରୂପରେ, ବିଭିନ୍ନ ସମୟରେ ଅବତୀର୍ଣ୍ଣ ହୋଇଥାଅ ବିଭିନ୍ନ ସ୍ଥାନରେ । ତୁମେ ମତ୍ସ୍ୟ, ହୟଗ୍ରୀବ, କୂର୍ମ, ନୃସିଂହ, ବରାହ, ହଂସ, ପର୍ଶୁରାମ, ରାମ, ଯଜ୍ଞ, କପିଳ ଆଦି ସବୁକିଛି । ତୁମେ ହିଁ କଳୁଷିତ ପୃଥିବୀକୁ ଗ୍ଲାନିରୁ ଉଦ୍ଧାର କରିପାରିବ । ତୁମ ବିନୁଁ ଅନ୍ୟଗତି ନାହିଁ । ଆମେ ତୁମକୁ ବାରମ୍ବାର ନମସ୍କାର କରୁଛୁ ।

ତା'ପରେ ସେମାନେ ଦେବକୀଙ୍କୁ ମଧ୍ୟ ନମସ୍କାର କଲେ । କହିଲେ, ହେ ମାତଃ, ତୁମେ ଭାଗ୍ୟବତୀ । ତ୍ରିପୁର ଯାହାର ଗର୍ଭରେ- ଏପରି ବିରାଟ ସ୍ୱରୂପକୁ ତୁମେ ଯେ ଗର୍ଭରେ ଧାରଣ କରିପାରିଛ ତାହାହିଁ ସବୁଠାରୁ ବଡ଼ ବିସ୍ମୟ ! ଆଗରୁ ଆଦିଶେଷଙ୍କୁ ମଧ୍ୟ ତୁମେ ଗର୍ଭରେ ଧରିଥିଲ । ଭାଗ୍ୟ ଯାକୁହିଁ କୁହାଯିବ । ଏକ ନାରାୟଣଙ୍କୁ ତୁମେ ଦୁଇ ଅଂଶରେ ଧରିପାରିଲ ! କଂସ ପ୍ରତି ଆଉ ଭୟର କୌଣସି କାରଣ ନାହିଁ । ତା'ର ଦିନ ସରି ଆସୁଛି । ତାର ମୃତ୍ୟୁ ପାଖେଇ ଆସିଲାଣି ! ଦେବକୀଙ୍କୁ ସାନ୍ତ୍ୱନା ଦେବା ପରେ ବ୍ରହ୍ମା ଓ ମହାଦେବ ଦେବତାଙ୍କ ସହିତ ଅନ୍ତର୍ଦ୍ଧାନ ହେଲେ ।

ତା'ପରେ ବର୍ଷ, ମାସ ଓ ଛଅଋତୁ ସହିତ ଆସି ନାରାୟଣଙ୍କୁ ବନ୍ଦନା କଲେ । ଗ୍ରହ ନକ୍ଷତ୍ର, ସୂର୍ଯ୍ୟ ଚନ୍ଦ୍ର ଆଦି ମଧ୍ୟ ଆରାଧନା କଲେ । ବନ, ପର୍ବତ, ନଦନଦୀ, ହ୍ରଦ, ସମୁଦ୍ର ଆଦିଙ୍କ ବନ୍ଦାପନା ସରିଲା । ପୃଥିବୀ ଶାନ୍ତି ଓ ଉଲ୍ଲାସ ସହିତ ପ୍ରଭୁଙ୍କ ଆଗମନକୁ ଅପେକ୍ଷା କରି ରହିଲା । ପ୍ରଜାପତିଙ୍କ ଦ୍ୱାରା ପରିଚାଳିତ ରୋହିଣୀ ନକ୍ଷତ୍ର ଆସିଲା ଗର୍ଭଦ୍ୱାର ଉନ୍ମୁକ୍ତ କରିବା ଲାଗି । ଆକାଶ ନିର୍ମଳ, ମେଘମୁକ୍ତ । ନକ୍ଷତ୍ର ସମୂହ ଦାଉ ଦାଉ ହୋଇ ଜଳିବାକୁ ଲାଗିଲେ । ସର୍ବତ୍ର ଜଳ ନିର୍ମଳ, ପବନ ସୁଗନ୍ଧିଯୁକ୍ତ । ଜଳାଶୟ ଉତ୍ପଳ ପରିପୂର୍ଣ୍ଣ । ସାଧୁମାନଙ୍କ ମନ ପ୍ରସନ୍ନ ।

ନାରାୟଣ ବିଷ୍ଣୁଙ୍କ ଜନ୍ମ ଆସନ୍ନ ଦେଖି କିନ୍ନର ଓ ଗନ୍ଧର୍ବ ଗଣ ଗୀତ ଗାଇବାରେ ଲାଗିଲେ । ପୁଲକିତ କଣ୍ଠରୁ ସୁମଧୁର ସଂଗୀତର ଝଙ୍କାର, ଆନନ୍ଦର ହିଲ୍ଲୋଳ । ସିଦ୍ଧ ଓ ଚାରଣମାନଙ୍କ ବେଦ ଧ୍ୱନିରେ ଚୌଦିଗ ମୁଖରିତ । ଅପ୍ସରୀ ଓ ବିଦ୍ୟାଧରମାନେ ନୃତ୍ୟରତ । ଦିବ୍ୟ ଦୁନ୍ଦୁଭି ଓ  ଶଙ୍ଖ ବାଜି ଉଠିଲା । ଦେବତା ଓ ଋଷିମାନେ ପୁଷ୍ପ ବୃଷ୍ଟି କଲେ । ହଠାତ୍ ଶୂନ୍ୟରୁ ସିଂହନାଦ ଓ ବଜ୍ରନିର୍ଘୋଷ କଂସର କାନରେ ପଡ଼ିଲା । ଭୟରେ ଥରି ଉଠିଲା ସେ । କେଉଁଠୁ ଏ ଶବ୍ଦ ଆସୁଛି ଠଉରେଇ ପାରିଲା ନାହିଁ । ତ୍ରିପୁର ସୁଖୀ । ଅସୁଖୀ କେବଳ କଂସ । ଅର୍ଦ୍ଧରାତ୍ରୀ । ତିମିରାଚ୍ଛନ୍ନ । ଘୋର ଅନ୍ଧକାର । ହଠାତ୍ କାରାଗାର ପ୍ରକୋଷ୍ଠ କୋଟିସୂର୍ଯ୍ୟସମ କିରଣପାତରେ ଆଲୋକିତ, ଉଦ୍‌ଭାସିତ ହୋଇ ଉଠିଲା । ସମସ୍ତେ ନିଦ୍ରିତ । ନିଘୋଡ଼ ନିଦ । ଯେମିତି ସମସ୍ତେ ନିଶାଗ୍ରସ୍ତ । ମୋହଗ୍ରସ୍ତ । ଠିକ୍ ଏହିପରି ସମୟରେ ଭୂମିଷ୍ଠ ହେଲେ ଭଗବାନ ଶ୍ରୀକୃଷ୍ଣ । ଦେବୀ ରୂପିଣୀ ଦେବକୀଙ୍କ ଗର୍ଭରୁ ସର୍ବାନ୍ତର୍ଯ୍ୟାମୀ ଭଗବାନ ଆବିର୍ଭୂତ ହେଲେ । ବସୁଦେବ ଦେଖୁ ଦେଖୁ ବିସ୍ମୟାଭିଭୂତ ହୋଇ ପଡ଼ିଲେ । ଇଏତ ଅଦ୍‌ଭୂତ ଶିଶୁ । ଶଙ୍ଖ, ଚକ୍ର, ଗଦା, ପଦ୍ମ ସହିତ  ଚତୁର୍ଭୁଜ ରୂପ । ବକ୍ଷସ୍ଥଳରେ ଶ୍ରୀବତ୍ସ ଚିହ୍ନ । ଗଳାରେ କୌସ୍ତୁଭମଣି । ପରିଧାନ ପୀତବସନ । ବର୍ଣ୍ଣ ପ୍ରଗାଢ଼ ନିବିଡ଼ ମେଘ ଭଳି ମନୋହର । ଅପରିସୀମ କେଶକଳାପ । ବୈଦୁର୍ଯ୍ୟ, କୀରିଟ ଓ କୁଣ୍ଡଳର ପ୍ରଭାରେ ଦେଦୀପ୍ୟମାନ ।

ବସୁଦେବ ନିର୍ବାକ । ବିସ୍ମୟରେ ଉତ୍‌ଫୁଲ୍ଲ । ପୁତ୍ରରୂପୀ ହରି ଦର୍ଶନ କରି ମନେ ମନେ ସେ ବ୍ରାହ୍ମଣମାନଙ୍କୁ ଦଶସହସ୍ର ଗୋ ଦାନ କଲେ । ଅଭିଜିତ ମୁହୂର୍ତ୍ତରେ ପୁତ୍ରର ଜନ୍ମ । ମନେ ହେଲା ସ୍ୱୟଂ ଚନ୍ଦ୍ର ଆସି କାରାଗାର ଗୃହରେ ଅବତୀର୍ଣ୍ଣ । ଦେବକୀଙ୍କ ଅଜ୍ଞାନ ଅବସ୍ଥା । କ'ଣ ଘଟୁଛି କିଛି ଜାଣିପାରିବାର ଉପାୟ ନାହିଁ । କେବଳ ବସୁଦେବହିଁ ପ୍ରତ୍ୟକ୍ଷ କରିବାରେ ଲାଗିଛନ୍ତି । ହରି ଦର୍ଶନରେ କି ଆନନ୍ଦ ! ପରେ ଅଭିଭୂତ ବିହ୍ୱଳ ଅବସ୍ଥାରୁ ଉଠି ବସୁଦେବ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲେ । ଭାବିଲେ, ନାରାୟଣ ହୁଅନ୍ତୁ ପଛକେ ଇଏ ତ ମୋର ପୁତ୍ର । ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ । ଦେବକୀଙ୍କ ପାଖରୁ ପୁଅକୁ ଉଠେଇ ଆଣି ତଳେ ଥୋଇଲେ । କିନ୍ତୁ ପିଲାଟିକୁ ସ୍ପର୍ଶ କରିବାମାତ୍ରେ

ତାଙ୍କ ଦେହରେ ଅଦ୍‌ଭୁତ କମ୍ପନ ସୃଷ୍ଟି ହେଲା । ପୁଲକିତ ହୋଇ ଉଠିଲେ ସେ । ନତଜାନୁ ହୋଇ ସେ ନବଜାତ ଶିଶୁକୁ ସ୍ତୁତି କରିବାରେ ଲାଗିଲେ – ହେ ପରମପୁରୁଷ ! ମୋର କି ସୌଭାଗ୍ୟ ! ମୁଁ ତୁମର ପ୍ରତ୍ୟକ୍ଷ ଦର୍ଶନପାଇ ନିଜକୁ ଧନ୍ୟ ମନେ କରୁଛି । ତୁମେ ତ ନିରବଚ୍ଛିନ୍ନ ଅନୁଭବ ଓ ଆନନ୍ଦ ସ୍ୱରୂପ । ସକଳ ବୁଦ୍ଧିର ସାକ୍ଷୀ । ତ୍ରିଗୁଣାତୀତ, ସର୍ବସ୍ୱରୂପ, ସର୍ବାତ୍ମା, ସର୍ବବ୍ୟାପକ, ପରମାର୍ଥ ବସ୍ତୁ । ତୁମକୁ ଯେ ଜାଣି ପାରୁଚି, ଚିହ୍ନି ପାରୁଚି, ଏହା ହିଁ ମୋର ପରମ ସୌଭାଗ୍ୟ । ତୁମେ ତ ସମସ୍ତ ତତ୍ତ୍ୱ, ସତ୍ତ୍ୱର ଆଧାର । ଯିଏ ବର୍ଣ୍ଣନାତୀତ ତାକୁ ଅଯଥା ବର୍ଣ୍ଣନା କରିବା ଧୃଷ୍ଟତା ମାତ୍ର । ନିଜ ମାୟା ଦ୍ୱାରା ତ୍ରିଲୋକର ପାଳନ ଲାଗି ଶୁକ୍ଳବର୍ଣ୍ଣ କିନ୍ତୁ ମୋର ଏଇ କାରାଗାର ପ୍ରକୋଷ୍ଠରେ ତୁମେ କୃଷ୍ଣବର୍ଣ୍ଣ । ହେ ପ୍ରଭୁ ! ଦୁଷ୍ଟ କଂସ, ତୁମେ ମୋ ଘରେ ଜନ୍ମ ଗ୍ରହଣ କରିବ ଜାଣି ତୁମର ଅଗ୍ରଜମାନଙ୍କୁ ନିର୍ମମ ଭାବରେ ହତ୍ୟା କରିଛି । ପ୍ରହରୀମାନେ ତୁମର ଜନ୍ମ ଖବର କଂସକୁ ଜଣାଇବା ମାତ୍ରେ ସେ ଖଡ୍ଗଧରି ଝପଟି ଆସିବ ତୁମକୁ ହତ୍ୟା କରିବା ଲାଗି ।

ଇତି ମଧ୍ୟରେ ଦେବକୀଙ୍କ ଚେତା ଫେରି ଆସିଛି । ସେ ମଧ୍ୟ ହରିଦର୍ଶନ କରି ଆନନ୍ଦ ବିଭୋଳ ହୋଇ ପଡିଛନ୍ତି । ସ୍ତୁତି କରିଛନ୍ତି । କହିଛନ୍ତି – ତୁମେ କେବଳ ସଂରକ୍ଷକ ନୁହଁ, ସଂହାରକ ମଧ୍ୟ । ତୁମକୁ ଜନ୍ମ ଦେଇ ମୁଁ ନିଜକୁ ଧନ୍ୟ ମନେ କଲେ କ'ଣ ହେବ - ଯଦି ମୋ ଭାଇ କଂସ ଆସି ତୁମର ଏ ଚତୁର୍ଭୁଜ ରୂପକୁ ଦେଖେ ! ଅବସ୍ଥା କ'ଣ ହେବ ? ତେଣୁ ନିଜ ବ୍ୟବସ୍ଥା ନିଜେ କର । ଆମେ ତ ବନ୍ଦୀ ଓ ବନ୍ଦିନୀ । ନିରୂପାୟ । ତୁମକୁ ଜନ୍ମ ଦେଇ ମୁଁ ଯେତିକି ସୁଖୀ, ତାଠୁ ବେଶି ଦୁଃଖୀ । କେବଳ ତୁମର ଭବିଷ୍ୟତ ଲାଗି ।

ଏଥର ପିଲାର ପାଟି ଫିଟିଲା । ସବୁ ଶୁଣି ନ ଶୁଣିଲା ଭଳି ରହିଥିଲା । ପିଲା କହିଲା, ମା ଦେବକୀ, ଭୟ କର ନାହିଁ । ମୋର ଅନ୍ୟ ନାମ ଅଭୟ । ଅଭୟକୁ ଜନ୍ମ ଦେଇ ଭୟ କରିବାର କୌଣସି କାରଣ ନାହିଁ । ତୁମେ କିଏ ଆଗ କହିରଖେ । ପୂର୍ବଜନ୍ମରେ ସ୍ୱାୟମ୍ଭୁବ ମନ୍ୱନ୍ତରରେ ତୁମର ନାଁ ଥିଲା 'ପୃଶ୍ନି' । ବସୁଦେବ ଥିଲେ ସୁତପା ନାମକ ପ୍ରଜାପତି । ବ୍ରହ୍ମା ତୁମ ଦୁଇ ଜଣଙ୍କୁ ପ୍ରଜାସୃଷ୍ଟି କରିବାକୁ ଆଦେଶ ଦେଲେ । ତୁମେମାନେ ଇନ୍ଦ୍ରିୟ ସଂଯତ କରି ଘୋର ତପସ୍ୟା କଲ । ଦିନେ ବା ବର୍ଷେ ନୁହେଁ ବାର ହଜାର ବର୍ଷ ଧରି ତପସ୍ୟା ଲାଗି ରହିଲା । ମୁଁ ପ୍ରସନ୍ନ ହୋଇ କି ବର ମାଗିବ ମାଗ କହିଲି । ସମସ୍ତେ ମୋକ୍ଷ ଚାହିଁଥାଆନ୍ତି । କିନ୍ତୁ ତୁମେ ଚାହିଁଲ, ମୁଁ ତୁମର ପୁଅ ହୋଇ ଜନ୍ମ ହେବା ଲାଗି । କାଳକ୍ରମେ ମୁଁ ତୁମର ପୁଅ ହେଲି । ମୋ ନାଁ ରହିଲା ପୃଶ୍ନିଗର୍ଭ । ପର ଜନ୍ମରେ ତୁମେ ହେଲ କାଶ୍ୟପ ଓ ଅଦିତି । ମୁଁ ପୁଣି ଉପେନ୍ଦ୍ର ନାମରେ ତୁମର ପୁଅ ହେଲି । ଖର୍ବକାୟ ହେତୁ ମୋର ନାମ ଥିଲା ବାମନ । ଏହି ରୂପରେ ବଳୀ ଯଜ୍ଞକୁ ବନ୍ଦ କରି ଥିଲି । ଇଏ ମୋର ତୃତୀୟ ଜନ୍ମ ତୁମମାନଙ୍କ ପୁଅ ଭାବରେ । ଏଣିକି ତୁମର ମୋକ୍ଷ ହୋଇଯିବ ।

॥ ୭ ॥

# ପୁଅ ବଦଳରେ ଝିଅ

ନାରାୟଣ ଚତୁର୍ଭୂଜ ରୂପଧରି ଜନ୍ମ ଗ୍ରହଣ କରିଥିବାରୁ ଦେବକୀଙ୍କ ବଡ଼ ଚିନ୍ତା, ୟାକୁ ଦେଖୁ ଦେଖୁ ତ କଂସ ମାରି ପକାଇବ । ତେଣୁ ସେ ପ୍ରଭୁଙ୍କୁ ପ୍ରାର୍ଥନା କରିବାରେ ଲାଗିଲେ, ଏ ରୂପ ପ୍ରତ୍ୟାହାର କରିନେବାପାଇଁ ।

ପ୍ରଭୁ କହିଲେ, ମୁଁ ଥର ଥର ହୋଇ ତିନିଥର ଯେ ତୁମ ଗର୍ଭରୁ ଜନ୍ମ ଗ୍ରହଣ କରି ସାରିଲିଣି, ସେ କଥା ମନେ ପକାଇଦେବା ପାଇଁ ଏ ରୂପ ଧରି ଆସିଛି । ଭୂମିଷ୍ଠ ହେଉ ହେଉ ମନୁଷ୍ୟ ରୂପ ଧରିଥିଲେ, ମତେ ଚିହ୍ନି ପାରି ନଥାଆନ୍ତ । ପୁତ୍ରଭାବରେ ହେଉ ବା ଭଗବାନ୍ ଭାବରେ ହେଉ, ତୁମେ ଦୁହେଁ ମୋ କଥା ଚିନ୍ତା କରି, ମତେ ସ୍ନେହ କରି, ମୋକ୍ଷପଦ ଲାଭ କରିପାରିବ ।

ଶୁକମୁନି ପରୀକ୍ଷିତଙ୍କୁ କହିଲେ, ହେ ରାଜା ! ଏତିକି କହି ଭଗବାନ ନିରବ ରହିଲେ ଏବଂ ସଙ୍ଗେ ସଙ୍ଗେ ମାତାପିତାଙ୍କ ଆଗରେ ସାମାନ୍ୟ ଶିଶୁ ରୂପ ଧାରଣ କଲେ । ତା'ପରେ ବସୁଦେବଙ୍କୁ ଭଗବାନ ନିର୍ଦ୍ଦେଶ ଦେଲେ, ମତେ ତୁରନ୍ତ ଗୋକୁଳକୁ ନେଇ ନନ୍ଦରାଜାଙ୍କ ଘରେ ଛାଡ଼ିଦେଇ ଆସ । ନନ୍ଦଙ୍କ ସ୍ତ୍ରୀ ଯଶୋଦାଙ୍କ ଗର୍ଭରୁ ମଧ୍ୟ ଏକ ଶିଶୁକନ୍ୟା ଜାତ ହୋଇଛି । ଯଶୋଦା ଅଜ୍ଞାନ ଅବସ୍ଥାରେ ଅଛନ୍ତି । ତାଙ୍କ କୋଳରେ ମତେ ଥୋଇ, ସେ ଜନ୍ମ ଦେଇଥିବା ଶିଶୁକୁ ଏଠାକୁ ନେଇ ଆସିବ ।

କିନ୍ତୁ ଦେବକୀ ଓ ବସୁଦେବ ଭାବିଲେ, ଏ କାର୍ଯ୍ୟ ହେବ କିପରି ? ସେମାନେ ତ ବନ୍ଦୀଶାଳରେ । ଚାରିଆଡ଼ୁ ଦ୍ୱାର ବନ୍ଦ । ବାହାରେ ପ୍ରହରୀ ସବୁ ଜଗି ରହିଛନ୍ତି । ଦେବକୀର ପିଲା ହେବ ଜାଣି କଂସ ଆଗରୁ ଯେତିକି ପ୍ରହରୀ ମୁତୟନ କରିଥିଲା, ତା'ଠୁ ଦୁଇଗୁଣ ପ୍ରହରୀ ଜଗେଇ ରଖିଛି । ସମସ୍ତେ ପ୍ରତିମୁହୂର୍ତ୍ତରେ ସଜାଗ ।

ଭଗବାନ କହିଲେ, କିଏ କିଛି ଜାଣି ପାରିବେନି । ତୁମେ ମତେ ଶୀଘ୍ର ନେଇ ଚାଲ । ରାତି ନପାହୁଣୁ ସବୁ କାର୍ଯ୍ୟ ସାରିବାକୁ ପଡିବ ।

ବସୁଦେବ ଗୋଟିଏ ଟୋକେଇ ଭିତରେ ଶିଶୁଟିକୁ ରଖି, ଉପରେ ଲୁଗା ଢ଼ାଙ୍କିଦେଲେ । ମୁଣ୍ଡରେ ମୁଣ୍ଡେଇ ବାହାରିଲେ । କିନ୍ତୁ କବାଟ ବନ୍ଦ । ହଠାତ୍ ଅଲୌକିକ

ଘଟଣା ଘଟିଲା । କବାଟଗୁଡ଼ାକ ତା ମନକୁ ଫଟାଫଟ ଖୋଲିଗଲା । ବସୁଦେବ ବାହାରକୁ ଯାଇ ଦେଖିଲେ ପ୍ରହରୀ ସମସ୍ତେ ନିଘୋଡ ନିଦରେ ଘୁଙ୍ଗୁଡି ମାରିବାରେ ଲାଗିଛନ୍ତି । ମୃତ ପ୍ରାୟ ଅବସ୍ଥା । ଆଗେଇ ଚାଲିଲେ ବସୁଦେବ । ମୁଣ୍ଡ ଉପରେ ଟୋକେଇ ଭିତରେ ଶିଶୁପୁତ୍ର । ତା' ହସର ଶବ୍ଦ ତାଙ୍କ କାନରେ ପଡୁଛି । ଯମୁନା କୂଳରେ ପହଞ୍ଚିଲେ ସେ । ଭୀଷଣ ବର୍ଷା । ଘଡଘଡିର ବଜ୍ର ନିନାଦ । ଘନ ଘନ ବିଜୁଳି । ଭରା ଯମୁନା । ନଦୀ ପାର ହୋଇ ଆରପଟକୁ ଯିବେ କିମିତି ? ସେ ପଟେ ଗୋକୁଳ । ନନ୍ଦଙ୍କ ଘର । ପାଣି ଭିତରେ ପାଦ ଦେଲେ । ଦେଖିଲେ ଅସମ୍ଭବ ସବୁ ସମ୍ଭବ ହେବାରେ ଲାଗିଛି । ପାଦ ଦେଉ ଦେଉ ଜାଣି ପାରିଲେ ନଈରେ ପାଣି ନାହିଁ । ଦିପଟେ ଜଳ କିନ୍ତୁ ସେ ଯେଉଁବାଟ ଦେଇ ଯାଉଛନ୍ତି ସେ ପଟେ ଖାଲି ଶୁଖିଲା ବାଲି । ରାସ୍ତା ପରିଷ୍କାର । ମୂଷଳଧାରାରେ ବର୍ଷା ହେଉଛି । ଅଥଚ ଟୋପାଏ ସୁଦ୍ଧା ପାଣି ପଡୁନାହିଁ । ଆଦିଶେଷ ସହସ୍ର ଫଣା ମେଲି ଛତାଭଳି ତାଙ୍କୁ ଢ଼ାଙ୍କି ପଛେ ପଛେ ଚାଲିଛି । ବସୁଦେବଙ୍କ ମନରେ ଭୟ ନାହିଁ କି ଭ୍ରାନ୍ତି ନାହିଁ । ପ୍ରଭୁଙ୍କ ଆଦେଶରେ ସେ ନିର୍ବିଘ୍ନରେ ଚାଲିଛନ୍ତି ଆଗକୁ ଆଗକୁ । ମନେ ମନେ ଭାବୁଛନ୍ତି, ଏମିତି ଦିନେ ସମୁଦ୍ର ଶ୍ରୀରାମଚନ୍ଦ୍ରଙ୍କୁ ବାଟ କଢ଼େଇ ନେଇଥିଲା, ଶ୍ରୀଲଙ୍କାକୁ, ରାବଣ ନିଧନ ଲାଗି ।

ବସୁଦେବ ପହଞ୍ଚିଲେ ନନ୍ଦଙ୍କ ଘରେ । ସମଗ୍ର ଗୋକୁଳ ସେତେବେଳେ ନିଦ୍ରିତ । ନିସ୍ତବ୍ଧ । ଯୋଗମାୟା ଜନ୍ମରହିତ ହେଲେ ମଧ୍ୟ ନାରାୟଣଙ୍କ ନିର୍ଦ୍ଦେଶରେ ଯଶୋଦା ଗର୍ଭରୁ କନ୍ୟାରୂପରେ ଜାତ ହୋଇ ଅପେକ୍ଷା କରି ରହିଛନ୍ତି ଭଗବାନଙ୍କ ଆଗମନକୁ । ସେ ରହିବେ ଯଶୋଦା କୋଳରେ, ଯୋଗମାୟା ଯିବେ ଦେବକୀଙ୍କ କୋଳକୁ ।

ବସୁଦେବ ପ୍ରଭୁଙ୍କ ନିର୍ଦ୍ଦେଶମତେ ସିଧା ଗଲେ ଯଶୋଦାଙ୍କ ସୂତିକା ଗୃହକୁ । ନନ୍ଦଙ୍କ ରାଣୀ ଯଶୋଦା ଯୋଗମାୟାଙ୍କୁ ଜନ୍ମଦେଇ ଅଜ୍ଞାନ ଅଚେତ ଅବସ୍ଥାରେ ପଡ଼ି ରହିଛନ୍ତି ଶେଯରେ । ଯୋଗମାୟା ତାଙ୍କ କୋଳରେ ଖେଳୁଛନ୍ତି । ଯଶୋଦା କିଛି ଜାଣନ୍ତି ନାହିଁ । ସମସ୍ତେ ଶୋଇଛନ୍ତି । ବସୁଦେବ ନିଜ ଶିଶୁ ପୁତ୍ରଙ୍କୁ ଯଶୋଦାଙ୍କ କୋଳରେ ଶୁଆଇ ଦେଇ ଶିଶୁକନ୍ୟାଙ୍କୁ ଧରି ଫେରିଆସିଲେ ଦେବକୀଙ୍କ ପାଖକୁ । ପୁଅ ବଦଳରେ ଝିଅ ଆସିଲା । ଦେବକୀ ଆଚମ୍ବିତ । କିନ୍ତୁ ସବୁ କିଛି ଚୁପ୍‌ଚାପ୍ କାରବାର । କିଏ କାହାକୁ ପଦେ ସୁଦ୍ଧା କହି ପାରୁନାହାନ୍ତି । ବସୁଦେବ ଚୁପ୍, ଦେବକୀ ମଧ୍ୟ ଚୁପ୍ । ଏହାପରେ କ'ଣ ଘଟିବ ସେଥିପାଇଁ ଅପେକ୍ଷା । କବାଟ ସବୁ ବନ୍ଦ ହୋଇଗଲା । ଯିମିତି ଥିଲା ସିମିତି । ବସୁଦେବ ଓ ଦେବକୀଙ୍କ ହାତ ଗୋଡରେ ପୂର୍ବଭଳି ଲୁହା ଶିକୁଳୀ ପଡ଼ିଗଲା ।

ଆଉ ହଲ୍ ନାହିଁ କି ଚଲ୍ ନାହିଁ । ଯେଉଁ ବନ୍ଦୀକି ସେଇ ବନ୍ଦୀ । ରାତି ପାହିବା ମାତ୍ରେ କଂସ ଦୌଡି ଆସିବ । ପିଲାକୁ ଦେଖିବ । ପୁଅ ହେବ ବୋଲି ସେ ଜାଣିଛି । ଶୂନ୍ୟବାଣୀ ଶୁଣିଛି । ନାରଦ ମଧ୍ୟ ତାକୁ ମନେ ପକେଇ ଦେଇ ଯାଇଛନ୍ତି । ତେଣୁ ଅଷ୍ଟମଗର୍ଭରେ ପୁତ୍ରଜାତ ହେବା କଥା । ଆଗରୁ ଯେତେ ଶିଶୁ ଜନ୍ମ ହୋଇଛନ୍ତି, ତା ହାତରେ ମରିଛନ୍ତି । ସପ୍ତମ ଗର୍ଭ ଫାଙ୍କା ପଡିଲା ବୋଲି ତା'ର ଧାରଣା ଓ ବିଶ୍ୱାସ । କିନ୍ତୁ ସପ୍ତମ ଓ ଅଷ୍ଟମ ଗର୍ଭର ଦୁଇଟି ସନ୍ତାନ ଯେ ତାକୁ ଠକିଦେଇ ଚମ୍ପଟ, ଅସୁରର ବୁଦ୍ଧି କେତେ ଯେ ଜାଣିବ ? ସେ କେବଳ ମାରିପାରେ, ପ୍ରଭୁଙ୍କ ଲୀଳାକୁ ଧରିପାରେନା ।

ସକାଳ ହେବାମାତ୍ରେ ଦେବକୀ କୋଳରେ ଥିବା ଶିଶୁକନ୍ୟାଟି ଇମିତି କୁଆଁ କୁଆଁ ରଡିଛାଡିଲା ଯେ ତ୍ରିପୁର କମ୍ପି ଉଠିଲା । ଗଭୀର ନିଦ୍ରାରେ ନିଦ୍ରିତ ପ୍ରହରୀମାନେ ହଠାତ୍ ଚେଇଁ ଉଠିଲେ । ଜାଣିଲେ ଯେ ଏଇକ୍ଷଣି ପିଲାଟା ଜନ୍ମ ହୋଇଛି । ଜନ୍ମ ହେବାମାତ୍ରେ ରଡି ଛାଡିଛି । ସେମାନେ ଦୌଡିଗଲେ କଂସ ପାଖକୁ । ଅନୁଗତ ଅନୁଚର ଓ ପ୍ରହରୀମାନେ ଯାଇ କହିଲେ, ମାହାର୍ଜା ! ଦେବକୀର ପିଲା ହୋଇଛି । ରଡି ଶୁଣିବାମାତ୍ରେ ଆମେ ଦୌଡି ଆସିଛୁ ।

କଂସ ଶେଯରେ କେବଳ ଗଡପଡ ହେଉଛି । କେତେ ଦିନ ହେଲା ତା' ଆଖିରୁ ନିଦ ବୋଲିକା ଜିନିଷଟା ଉଭେଇ ଯାଇଛି । ମଦପିଇ, ମାତାଲ୍ ହୋଇ ସେ ଆସନ୍ନ ମୃତ୍ୟୁ ବିପଦକୁ ଭୁଲିବାକୁ ଚେଷ୍ଟାକରୁଛି । ମନରେ ଶାନ୍ତି ଥିଲେ ସିନା ନିଦ ଆସନ୍ତା । ଦେବକୀ ଗର୍ଭରୁ ଅଷ୍ଟମ ସନ୍ତାନ କେବେ ଜାତ ହେବ, କେବଳ ସେ ସେହି ମୁହୂର୍ତ୍ତକୁ ଅପେକ୍ଷା କରି ରହିଛି । ଭାବିଥିଲା, ଦେବକୀଟାକୁ ମାରି ଦେଇଥିଲେ ଜଂଜାଳ ତୁଟି ଯାଇଥାଆନ୍ତା । ମାରିବାକୁ ପଛେଇଲି, ଏଂବେ କରାଯିବ କ'ଣ ? ଖବର ପାଇବା ମାତ୍ରେ ସେ ଶେଯରୁ ଧଡ୍‌ପଡ ହୋଇ ଉଠିପଡିଲା । ଆଗରୁ ତରବାରୀକୁ ଘସିମାଜି ରଖିଥିଲା । ତାକୁ ଧରି ଦେବକୀ ପାଖକୁ ଦୌଡିଲା । ତା'ର ଉନ୍ମୁକ୍ତକେଶ, ସ୍ଖଳିତ ପଦ, ଦେହରେ ଭୟର କଂପନ, ଦାନ୍ତ କଡମଡ । ଦେବକୀଙ୍କ ସୂତିକା ଗୃହରେ ପ୍ରବେଶ କଲା କଂସ ।

ଦେବକୀ କହିଲେ, ଭାଇ, ଇଏ ମୋର ପୁଅ ନୁହଁ, ଝିଅ । ତୁମର ଭୟ ମୋ ଅଷ୍ଟମ ଗର୍ଭର ପୁଅକୁ । ଭଗବାନ ପୁଅ ନଦେଇ ଝିଅ ଦେଲେ । ଯାକୁ ମାରି ତୁମର ଲାଭ କ'ଣ ହେବ ? ଯାକୁ ଛାଡିଦିଅ । ମତେ ସନ୍ତାନବତୀ ହେବାକୁ ଦିଅ ।

॥ ୮ ॥

# କଂସର କ୍ଷମା ଭିକ୍ଷା

ଦେବକୀ କଂସକୁ ଭାଇ ଭାଇ କହି ବହୁ କାକୁତି ମିନତି କଲେ । କନ୍ୟାକୁ ଛାତିରେ ଚାପି ଧରିଲେ । ଇଏ ପୁଅ ନୁହଁ ଝିଅ ବୋଲି କହିଲେ । କିନ୍ତୁ କଂସ କି ଜାଣେ ଝିଅ ପୁଅ ! ତା' ମନ ଭିତରେ କେବଳ ରହିଛି ଅଷ୍ଟମ ଗର୍ଭର ଭୟ । ପୁଅ ନ ହେଲେ କ'ଣ ହେଲା, ଝିଅଟା ମଧ୍ୟ ତାକୁ ମାରିଦେଇ ପାରେ । ସେ ସହଜେ ତ ଅସୁର, ରାକ୍ଷସ । ପ୍ରକୃତି ସେମିତି ରୁକ୍ଷ, ନିର୍ମମ ହେବା ସ୍ୱାଭାବିକ । ଦେବକୀ ଭଉଣୀ ହେଲେ କ'ଣ ହେଲା, ତା ଗର୍ଭଜାତ ସନ୍ତାନ ତା'ର ମୃତ୍ୟୁର କାରଣ ହେବ ବୋଲି ସେ ଶୂନ୍ୟବାଣୀ ଶୁଣିଛି, ନାରଦ ମଧ୍ୟ ଚେତେଇ ଦେଇ ଯାଇଛନ୍ତି । ସେ କାଳବିଳମ୍ୱ ନକରି ସଙ୍ଗେ ସଙ୍ଗେ ଦେବକୀଙ୍କଠୁ ସଦ୍ୟଜାତ କନ୍ୟାକୁ ଛଡେଇ ନେଲା । ପିଲାର ଦି ଗୋଡ ଧରି ତାକୁ ପଥର ଉପରେ ଲୁଗାକାଚିବା ଭଳି ଛେଚିବାରେ ଲାଗିଲା ।

କିନ୍ତୁ ଯିଏ ବିଷ୍ଣୁମାୟା, ମାୟାଧରଙ୍କ ମାୟାବତୀ କନ୍ୟା, ସିଏ କ'ଣ ମରିପାରେ ! ଇମିତି ଶହେଟା କଂସ ରାତିଦିନ ପଥର ଉପରେ ବାଡେଇଲେ ମଧ୍ୟ ସେ ଯେଉଁ ମାୟାକୁ ସେହି ମାୟା । କନ୍ୟା ରୂପିଣୀ ମହାମାୟା ଆଖି ପିଛୁଳାକେ ଉଠିଗଲେ ଆକାଶମାର୍ଗକୁ । ସମସ୍ତେ ଉପରକୁ ଲକ୍ଷ୍ୟ କରିବାରେ ଲାଗିଛନ୍ତି । ମାୟାକନ୍ୟା ଉପରକୁ ଯାଇ ଦେବୀ ପାଲଟିଗଲେ । ଅଷ୍ଟଭୂଜା ରୂପ ଧରିଲେ । ପ୍ରତ୍ୟେକ ହାତରେ ନାନା ରକମର ଆୟୁଧ । ନାନା ଅସ୍ତ୍ରଶସ୍ତ୍ର । ଗଳାରେ ନାନାବର୍ଣ୍ଣର ପୁଷ୍ପମାଲ୍ୟ । ସୃଷ୍ଟିର ସମସ୍ତ ମଣିମୁକ୍ତା, ହୀରାନୀଳା, ମୋତି ମାଣିକ୍ୟ- ଅଷ୍ଟ ଧାତୁରେ ନିର୍ମିତ ଅଳଙ୍କାର ତାଙ୍କ ସର୍ବାଙ୍ଗରେ ମଣ୍ଡିତ । ଶଂଖ, ଚକ୍ର, ଗଦା, ପଦ୍ମଧାରିଣୀ । ହଠାତ୍ ଦେବୀଙ୍କ ମୁଖରୁ ଉଚ୍ଚାରିତ ହେଲା- "ଆରେ ମୂର୍ଖ କଂସ ! ମତେ ମାରି ତୁ କ'ଣ ପାଇବୁ ? ଶତ ଚେଷ୍ଟା କଲେ ମଧ୍ୟ ମତେ କ'ଣ ତୁ ମାରି ପାରିବୁ ? ଏ ସୃଷ୍ଟିରେ ଯାହା ଦେଖୁଛୁ, ସବୁ ହେଉଛି ମୁଁ । ସଂସାର ହେଉଛି ମୁଁ । ତତେ ଯିଏ ମାରିବ, ସେ ଜନ୍ମ ହୋଇ ସାରିଲେଣି । ଏଇଠୁ ମୁଁ ଦେଖୁଛି, ସେ ଖିଲ୍‌ଖିଲ୍ ହସୁଛନ୍ତି । ବିନାକାରଣରେ ନିରୀହ ଲୋକଙ୍କୁ ମାରିବା ଯାହା, ଅନ୍ଧାରରେ ବାଡି ବୁଲାଇବା ତାହା !

ଏତିକି କହି ମାୟାକନ୍ୟା ଅଦୃଶ୍ୟ ହୋଇ ପଡ଼ିଲେ । କଂସ ବୋକାଙ୍କ ଭଳି ଖାଲି ଆକାଶକୁ ଚାହିଁ ରହିଲା ଘଡ଼ିଏ କାଳ । ଖାଲି ଭାବିବାରେ ଲାଗିଲା । ଏ ଝିଅଟା ଦେବୀରୂପ

ଧରି ଯାହା କହିଗଲା, ତାହା କ'ଣ ସତ ? ମତେ ମାରିବ ଯିଏ ସେ ଜନ୍ମଲାଭ କଲା କେଉଁଠି ? ଭଉଣୀ ଭିଣୋଇକି ଏତେ କଷ୍ଟ ଦେଲି କାହିଁକି ? ଦେବତାଗୁଡାକ ପୁଣି ଏତେ ମିଛୁଆ ହୋଇ ପାରନ୍ତି ! ଭଉଣୀକି ତା ଶଶୁର ଘରକୁ ନେବାବେଳେ ଯେଉଁ ଶୂନ୍ୟବାଣୀ ହୋଇଥିଲା, ଆଉ ନାରଦଟା ଯାହା କହିଥିଲା, ସେ ସବୁ କ'ଣ ମିଛ ? ଭୀଷଣ ଲଜ୍ଜିତ ଓ ଅନୁତପ୍ତ ହୋଇ ପଡିଲା କଂସ । ସେ ଦେବକୀ ଓ ବସୁଦେବଙ୍କ ଗୋଡତଳେ ପଡି କହିଲା– ମତେ କ୍ଷମା ନଦେଲେ ଏଇଠୁ ଉଠିବି ନାହିଁ । ଇମିତି ପଡି ରହିଥିବି ।

ବସୁଦେବ ଓ ଦେବକୀ କଂସକୁ ହାତଧରି ଉଠେଇଲେ । କହିଲେ, ତୁମ ଅନୁତାପ ହିଁ ତୁମ କ୍ଷମା । କଂସ ପୁଣି ହାତଯୋଡି କହିଲା, ମୋ ଜୀବନ ରକ୍ଷା କରିବା ଲାଗି ହିଁ ମୁଁ ଏପରି କାଣ୍ଡ ସବୁ କରିପକାଇଲି । ଶେଷକୁ ଶିଶୁ କନ୍ୟାଟାକୁ ମଧ ହତ୍ୟା କରିବାକୁ ମୋ ହାତ ଗଲା । ଏହାଠୁ ଜଘନ୍ୟ କାର୍ଯ୍ୟ ଆଉ କ'ଣ ଥାଇପାରେ ?

କିଛି କ୍ଷଣ ନୀରବ ରହିବାପରେ କଂସ ନିଜକୁ ଧିକ୍କାର କରି କହିଲା, ପର ବୋଲରେ ପଡିଲେ, ମଣିଷ ପ୍ରକୃତରେ ରାକ୍ଷସ ପାଲଟି ଯାଏ । ବାସ୍ତବରେ ମୁଁ ଜଣେ ରାକ୍ଷସ, ପିଶାଚ । କିନ୍ତୁ ଗୋଟିଏ କଥା ଏପର୍ଯ୍ୟନ୍ତ ମୋ ମନକୁ ଘାଣ୍ଟିବାରେ ଲାଗିଛି । କଥାଟି ହେଉଛି, ମଣିଷ ସିନା ତାର ସ୍ୱାର୍ଥସିଦ୍ଧି ଲାଗି ନାନା ମିଛ କହିଥାଏ, କିନ୍ତୁ ଦେବତାଗୁଡ଼ାକ ମଧ ମିଛ କହନ୍ତି ବୋଲି ମୋର ଧାରଣା ନଥିଲା । ଶୂନ୍ୟରୁ କିଏ କ'ଣ କହିଦେଲା ବୋଲି ତାକୁ ଦେବବାଣୀ ବୋଲି ଭାବିନେଇ ମୁଁ ମୋର ଭଣଜା ଭାଣିଜୀଗୁଡ଼ାକୁ ଜନ୍ମ ହେଉ ହେଉ ମାରି ପକାଇଲି ! ଧିକ୍ ମୋ ଜୀବନ ! ଭଉଣୀ ଦେବକୀ ! ଯାହା ହେବାର ତ ହୋଇଗଲାଣି, ମଲା ପୁଅ ଝିଅ ତ ଆଉ ଫେରିବେନି, ମାରି ତ ସାରିଲିଣି, ମୋତେ କ୍ଷମା କର । ଯେଉଁମାନେ ଗଲେଣି, ସେମାନଙ୍କୁ ଝୁରି ଝୁରି ଆଉ ତୁ କାନ୍ଦନା । ତୋ ଦୁଃଖ ମୁଁ ଆଉ ସହି ପାରିବିନି ।

ତା'ପରେ କଂସ ମୁହଁରୁ ବାହାରିଲା ବହୁ ଦର୍ଶନ, ବହୁ ଧର୍ମ ଓ ଶାସ୍ତ୍ର କଥା । କହିଲା, ଏ ସଂସାର କ୍ଷଣଭଙ୍ଗୁର । ସବୁ ଅସ୍ଥାୟୀ, ଆଜି ଯାହା ଅଛି କାଲିକି ନାହିଁ । ଏ ଦେହ ମାଟି ପିତୁଳାଭଳି । ମାଟି ପାତ୍ର ଭଳି । ଭାଙ୍ଗିଗଲେ ଏହାର ଆକାର ଲୋପ ପାଇଯାଏ । ସେହିଭଳି ଏ ଦେହ । ନଶ୍ୱର । ମଲାପରେ କିଏ କାହାର ? ମୁଁ ଭାଇ ନୁହଁ କି ତୁ ଭଉଣୀ ନୁହଁ । ତେଣୁ ଦୁଃଖ, ଅନୁଶୋଚନାର କୌଣସି କାରଣ ନାହିଁ । ଏକଥା ଯିଏ ବୁଝିପାରେ, ତା' ପକ୍ଷରେ ଦୁଃଖ ସୁଖ ସବୁ ସମାନ । ବ୍ରହ୍ମ ହିଁ ସତ୍ୟ । ବାକି ସବୁ

ଅସତ୍ୟ । ମଣିଷ କେବଳ ମୁଁ ମୁଁ ହୋଇ ଜୀବନ ଥାଉ ଥାଉ ମୃତ୍ୟୁ ବରଣ କରିଥାଏ । ଯିଏ ବ୍ରହ୍ମଜ୍ଞ, ତାର ଭୟ ନାହିଁ, ଭ୍ରାନ୍ତି ନାହିଁ । ଜନ୍ମ, ମୃତ୍ୟୁ ତା ପକ୍ଷରେ କିଛି ନାହିଁ । ସେ ଜାଣେ ଯେ ଦେହ ଓ ଆତ୍ମା ଅବିଚ୍ଛେଦ୍ୟ । ବିଚିତ୍ର ଏ ସଂସାର । ବିଚିତ୍ର ମଣିଷର ଜୀବନ । ମଣିଷ ବଡ ହୁଏ, ପୁରୁଷ ସହିତ ସ୍ତ୍ରୀର ବିବାହ ହୁଏ । ଦେହ ସହିତ ଦେହର ସଂଯୋଗରୁ ସନ୍ତାନ ଜାତ ହୁଏ । ଯୋଗରୁ ବିୟୋଗ ଘଟେ । ଏ ସବୁ ଭେଦଜ୍ଞାନ ଜନିତ । ଏହି ଯୋଗ ବିୟୋଗରୁ ହିଁ ଦୁଃଖ ସୁଖର ଉତ୍ପତ୍ତି । ଜ୍ଞାନୋଦୟ ନହେଲେ ସଂସାର-ନିବୃତ୍ତି ହୁଏନା । କେହି ସ୍ୱାଧୀନ ନୁହଁନ୍ତି । ପ୍ରତ୍ୟେକଙ୍କୁ କର୍ମଫଳ ଭୋଗ କରିବାକୁ ପଡିଥାଏ ।

ବସୁଦେବ ଓ ଦେବକୀଙ୍କ ହାତ ଧରି କଂସ କହିଲା, ତୁମେ ଦୁଇଜଣ ସାଧୁ ଓ ବନ୍ଧୁବତ୍ସଳ । ପୁଣି ଥରେ ନିବେଦନ କରୁଛି, ଭିକ୍ଷା କରୁଛି, ମୋତେ କ୍ଷମା କର ।

କଂସର ଚକ୍ଷୁ ଯୁଗଳ ଛଳ ଛଳ । ସେ ଏପରି ଅନୁତାପାନଳରେ ଦଗ୍ଧ ହୋଇ ପଡିଥିଲା ଯେ ଅନୁଭବ କଲା, କ୍ରମଶଃ ଦୟା, କ୍ଷମା ରୂପରେ ନାନା ଦୁର୍ବଳତା ତା ମନ ଭିତରେ ପ୍ରବେଶ କରିବାରେ ଲାଗିଛି । ମାୟାଦେବୀଙ୍କ କଥାହିଁ ସତ । ସେ କହିଛନ୍ତି, ତତେ ମାରିବାବାଲା ଯଥା ସ୍ଥାନରେ ରହି ତା ଯୋଜନା ଆରମ୍ଭ କରିଦେଲାଣି । ଏକଥା ଶୁଣିବା ପରେ ସେ ଦେବକୀ ଓ ବସୁଦେବଙ୍କୁ ବନ୍ଦୀଦଶାରୁ ମୁକ୍ତ କରିଦେଲା । ଫେରି ଯାଉ ଯାଉ ଦେବକୀ, ଭାଇର ହାତକୁ ଧରି ସେ ମଧ୍ୟ କିଛି ସଦ୍‌ବାଣୀ ବ୍ୟକ୍ତ କଲେ । ସେମାନଙ୍କର ବିଶ୍ୱାସ ହେଲା ଯେ, ପ୍ରକୃତରେ କଂସ ଛଳନା କରି କହୁନି, ସେ ତା'ର ହୃଦୟର କଥା ହିଁ କହୁଛି । ମନୁଷ୍ୟ ନିଶାଗ୍ରସ୍ତ ହୋଇ ପଡିଥିବା ସମୟରେ ବାଉଳି ଚାଉଳି ହୋଇ ନାନା କଥା କହିପକାଇଥାଏ । ନିଶା ଛାଡ଼ିଗଲେ, ନିଜର ଭୁଲ ବୁଝିପାରେ । କଂସର ବର୍ତ୍ତମାନ ସେହି ଅବସ୍ଥା ।

ଦେବକୀ ଶେଷରେ ଭାଇକୁ କହିଲେ, ତୁମେ ଯାହା କହୁଛ, ତାହା ନିରାଟ ସତ୍ୟ । ମଣିଷ ଅନ୍ୟକୁ ଘୃଣା କରିବାଦ୍ୱାରା ସେ ନିଜକୁ ନିଜେହିଁ ଘୃଣା କରିଥାଏ । ଯାହା ହେଉ ତୁମେ ତ ବୁଝିଗଲଣି, ଆଉ ତୁମକୁ ବୁଝାଇବି କ'ଣ ?

କଂସ ମଧ୍ୟ ଅନୁଭବ କଲା ଯେ ଭଉଣୀ ଓ ଭିଣୋଇ ତାକୁ କ୍ଷମା ଦେଇଛନ୍ତି । ସେ ଯେଉଁ ଅକ୍ଷମଣୀୟ ଦୋଷ କରିଛି, ତାକୁ କେହି କ୍ଷମା ଦେବା କଥା ନୁହଁ । ଭିକ୍ଷାକରି କ୍ଷମାଲାଭ ପରେ କଂସ ନିଶ୍ଚିନ୍ତରେ ଫେରିଗଲା ନିଜ ଉଆସକୁ । ଗଲାବେଳେ ମନ ଏତେ ଉଶ୍ୱାସ ହୋଇ ପଡିଥିଲା ଯେ, ମୁଖମଣ୍ଡଳ ତା'ର ପ୍ରସନ୍ନ ଦେଖାଯାଉଥିଲା ।

॥ ୯ ॥

# ମୂଳୁ ମାରିଲେ ଯିବ ସରି

ଶୁକମୁନି ଉପମା ଉପମେୟ ସହ ରାଜା ପରୀକ୍ଷିତଙ୍କୁ କୃଷ୍ଣଲୀଳା ବୁଝାଇ କହୁଛନ୍ତି । ସର୍ପଦଂଶନରେ ପରୀକ୍ଷିତଙ୍କ ମୃତ୍ୟୁ ସୁନିଶ୍ଚିତ । ସାତଦିନ ଅନ୍ତେ ପରୀକ୍ଷିତ ପରଲୋକ ଗମନ କରିବେ । ସାତଦିନରୁ ଚାରି-ପାଞ୍ଚ ଦିନ ବିତିଗଲାଣି । ପରୀକ୍ଷିତଙ୍କ ମୃତ୍ୟୁ ଆସନ୍ନ । କିନ୍ତୁ କୃଷ୍ଣଗାଥା ଶୁଣି ସେ ଅମୃତ ପାନ କରିବାରେ ଲାଗିଛନ୍ତି ।

ମୁନି କହିଲେ, ଆକାଶରେ ମେଘ ଛାଇ ଗଲେ ସୂର୍ଯ୍ୟ ଦର୍ଶନ ସମ୍ଭବ ହୁଏ ନାହିଁ । ମେଘ ଟିକିଏ ଛାଡ଼ଛାଡ଼ ହୋଇଗଲେ ସୂର୍ଯ୍ୟକିରଣ ଆଖିକୁ ଦିଶେ । ପୁଣି ମେଘ ଘୋଟି ଆସେ । ସୂର୍ଯ୍ୟକିରଣ ଉଭେଇ ଯାଏ । ବସୁଦେବ ଓ ଦେବକୀଙ୍କ ପାଖରେ ରହିଥିବା ଯାଏ କଂସର ଭଲ ବୁଦ୍ଧି ହୋଇଥିଲା । କେତେନା କ'ଣ ପାପ ପୁଣ୍ୟ କଥା ସେ ଭଉଣୀ ଭିଣୋଇଙ୍କ ଆଗରେ ବଖାଣୁ ଥିଲା । ସତ୍‌ସଙ୍ଗରେ ଥିବା ଯାଏଁ ମଣିଷର ସତ୍‌ଚିନ୍ତା । ପୁଣି ସେହି ଅସତ୍ । ସେତେବେଳେ କଂସ ବୁଝିଥିଲା ଯେ ଆତ୍ମା ଏକ, ସଂସାର ନଶ୍ୱର । ନିଜେ ଅମର ହୋଇ ରହିବ ବୋଲି ମଣିଷର ବିଚାର ଅଳିକ । ସମସ୍ତେ ସମସ୍ତଙ୍କୁ ଭଲପାଇବା ଉଚିତ ।

ସତ୍‌ସଙ୍ଗରୁ ଯାଇ କଂସ ପୁଣି ତା'ର ପ୍ରାଣପ୍ରିୟ ଅସତ୍‌ସଙ୍ଗରେ ପ୍ରବେଶ କଲା । ପୁଣି ଗର୍ବ, ଅହଂକାର, ହିଂସା, ଦ୍ୱେଷ, ଈର୍ଷା ଆଦି ଗ୍ଲାନି ତା ମନକୁ ଚହଲାଇ ଦେଲା । ତା' ଆରଦିନ ସେ ଦରବାରକୁ ଯାଇ ମନ୍ତ୍ରୀ, ରାଷ୍ଟ୍ର ମନ୍ତ୍ରୀ ଓ ଉପମନ୍ତ୍ରୀମାନଙ୍କୁ ଡକାଇଲା । ବନ୍ଦୀଶାଳାରେ ସେ ଯାହା ଯାହା ଦେଖିଥିଲା, ବିଷ୍ଣୁମାୟାରୂପିଣୀ ଦେବୀଙ୍କଠାରୁ ଯାହା ସବୁ ଶୁଣିଥିଲା, ଟିକିନିଖି କହିଲା ।

ଆଜି କାଲିକା ଭଳି ସବୁବେଳେ ସବୁକ୍ଷେତ୍ରରେ 'ହାଁଜୀ' ମାରିବା ଲୋକ ଥାଆନ୍ତି । କଂସ ଭଳି ତା ପାତ୍ର, ମନ୍ତ୍ରୀ ସମସ୍ତେ ରାକ୍ଷସ । ଦେବତାଙ୍କ ସହିତ ସବୁବେଳେ ସେମାନଙ୍କ କଳିକଜିଆ । ଥରେ ଥରେ ଉଭୟଙ୍କ ଭିତରେ ଘମାଘୋଟ ଯୁଦ୍ଧ ମଧ୍ୟ ହୋଇଥାଏ । ତେଣୁ ରାକ୍ଷସମାନେ ଦେବତାଙ୍କୁ ଘୃଣା କରିଥାଆନ୍ତି । ଦେଖିବାକୁ ବଳବାନ୍ ହୃଷ୍ଟପୁଷ୍ଟ । କିନ୍ତୁ ବୁଦ୍ଧିବୃତ୍ତି ବୋଲି କିଛି ନଥାଏ । ମନ୍ତ୍ରୀମାନେ କଂସ ମୁହଁରୁ ସବୁକଥା ଶୁଣିବାପରେ କହିଲେ ଯେ ପିଲାଟାକୁ ନିଶ୍ଚୟ କୁଉଠି ଲୁଚେଇ ରଖାଯାଇଛି । କିନ୍ତୁ ମଥୁରାରେ ନରଖି

ସମ୍ଭବତଃ ଅନ୍ୟଠି ରଖାଯାଇଛି । ଅନ୍ୟ ସହର, ଗାଁ କିମ୍ବା ସହରତଳି କୌଣସି ଏକ ସ୍ଥାନରେ ଥିବାଭଳି ମନେ ହେଉଛି । ଯେତେଦୂର ସମ୍ଭବ ଗୋପାଳମାନଙ୍କ ପାଖରେ ରହିଛି ।

ରାକ୍ଷସ ପ୍ରକୃତି ତ ! ଜଣେ ମନ୍ତ୍ରୀ ଉଠି କହିଲା, ମୋ ମନରେ ଦୁଧଦାନ୍ତ ଉଠିନଥିବା ଆଖପାଖ ସହର, ଗାଁ ଗଣ୍ଡାର ସବୁ ପିଲାଙ୍କୁ ନିପାତ କରିଦେଲେ, ଆଉ ଆଶଙ୍କା ରହିବନି । ମୂଳୁ ମାରିଲେ ଯିବ ସରି, ଦେବଙ୍କ ସାଥେ କିମ୍ପା କଳି ? କେହି କେହି କଂସକୁ ଟେକାଟେକି କରି କହିଲେ, ଦେବତାମାନେ ଆମର କିଛି କରି ପାରିବେ ନାହିଁ । ଆମ ସହିତ କେତେଥର ସେମାନଙ୍କ ଯୁଦ୍ଧ ହେଲାଣି । ସବୁଥର ଦେବତାମାନଙ୍କର ପରାଜୟ ହୋଇଛି । କେବଳ ଛାମୁଙ୍କ ନାଁ ପଡିବା ମାତ୍ରେ ସେମାନଙ୍କ ପିଳେହି ପାଣି ! କିଏ କୁଆଡେ ଭାଗେ । ସିଏ ଗୋଟାଏ କିଏ ନାରଣ (ନାରାୟଣ) ଅଛି ଯେ ଟିକିଏ ତୁମ୍ଭିତୋଫାନ କରୁଚି । ସିଏ ବି ଛାମୁଙ୍କୁ ଡରେ । ଯୁଦ୍ଧବେଳେ କୁଉଠି କେତେବେଳେ ଲୁଚିଛପି ରହୁଚି । ଧରା ପଡୁନି । ଥରେ ତାକୁ ଧରି ଥୋଡାଏ ପିଟିଲେ ସାବ୍‌ବାଡ ହୋଇଯିବ । ଆଉ ଗୋଟାଏ ଅଛି ମହାଦେବ । ସେଇଟା ଅଧେ ପୁରୁଷ, ଅଧେ ସ୍ତ୍ରୀ । ମାଇଚିଆଟା । ଲଙ୍ଗଳା ହୋଇ ବୁଲେ । ତା' କଥା ଛାଡ । ଆଉ ଯାହାକୁ ବ୍ରହ୍ମା କୁହାଯାଉଛି ସେ ଏ ଦୁହିଁଙ୍କଠୁ ନିର୍ବଳିଆ । ଯୁଦ୍ଧକୁ ତା'ର ଡର । ଇନ୍ଦ୍ରଟା ତ ଫୁଙ୍କିଦେଲେ ଉଡିଯିବ ।

ଆଉ ଜଣେ ମନ୍ତ୍ରୀ ବହୁତ ଚିନ୍ତା କରି କହିଲା, ସେ ଯାହାହେଉନା କାହିଁକି, ଆମକୁ ସତର୍କ ରହିବାକୁ ପଡିବ । ଗଛ ଗଜରୁ ଗଜରୁ ନ ଉପାଡିଲେ, ବଡ ହେଲେ ଚେର ଟାଣ ହୋଇଯିବ । ଉପାଡିବା କାଠିକର ପାଠ ହୋଇ ପଡିବ । ଦେହରେ ରୋଗ ହେଲେ ଘା' ହେଲେ, କୁଉଠି ହେଇଚି, କାହିଁକି ହେଇଚି, ତାକୁ ଠିକଣା ଭାବରେ ଦେଖି, ରୋଗର ନିଦାନ କରି ଉପଶମ କରିବାକୁ ପଡିବ । ଡେରିକଲେ ଡର ଅଧିକ । ରୋଗ ମାଡିବସିବ । ଇନ୍ଦ୍ରିୟଗୁଡିକୁ ନିସ୍ତେଜ କରିପକାଇବ । ତା'ପରେ ମୃତ୍ୟୁ । ତେଣୁ ବେଳ ଥାଉ ଥାଉ ପ୍ରତିକାର କରାଯିବା ଆବଶ୍ୟକ । ଲଗାମ ଠିକ ନରଖିଲେ ଘୋଡାକୁ ଆୟତ୍ତ କରିବା କଠିନ । ଶରୀରର ଇନ୍ଦ୍ରିୟଗୁଡାକ, ଲଗାମଛଡା ଘୋଡାଭଳି ।

ଏ ମନ୍ତ୍ରୀଜଣକ ରାକ୍ଷସ ହେଲେ ଜଣ ହେଲା ବିବେକବାନ୍ । ତେଣୁ ସେ କଂସକୁ ବୁଝାଇ କହିଲା, ସମସ୍ତେ କହନ୍ତି, ଜଗଦୀଶ ରକ୍ଷ । ଦଗଦୀଶଙ୍କ ଅନ୍ୟ ନାଆଁ ନାରାୟଣ । ସେ ଦେବତାମାନଙ୍କ ଆଶ୍ରୟ, ରକ୍ଷାକର୍ତ୍ତା । ସ୍ୱର୍ଗ ନାମକ ବୃକ୍ଷର ମୂଳ ହେଉଛି ନାରାୟଣ ।

ଯେଉଁଠି ସନାତନ ଧର୍ମର ପ୍ରଚଳନ ଓ ଆଚରଣ, ସେଇଠି ଏହି ନାରାୟଣ । ବେଦ, ପୁରାଣ, ଶାସ୍ତ୍ର, ଗୋ, ବ୍ରାହ୍ମଣ, ଯାଗ ଯଜ୍ଞ, ତପସ୍ୟା ସବୁର ମୂଳପିଣ୍ଡ ଏହି ନାରାୟଣ ।

କଥାଟା ଠିକ ମାର୍ଗରେ ଚାଲିଥିଲା । କଂସ ହୁଏତ ରୁଷ୍ଟ ହେବ, ରାଗିଲେ ହୁଏତ ହାଣି ମାରି ପକାଇବ, ସେ ଭୟରେ ବିବେକବାନ୍ ମନ୍ତ୍ରୀଜଣକ କଥାର ମୋଡ ବଦଳାଇ ନେଲା । କହିଲା, ମହାରାଜ ! ନାରାୟଣଙ୍କୁ ଖତମ୍ କରିଦେବା ଲାଗି ଗୋଟିଏ ବାଟ ହେଉଚି, ଗୋ ବ୍ରାହ୍ମଣ, ଋଷି ମହର୍ଷି ଆଦିକୁ ମୂଳପୋଛ କରିଦେବା । କାରଣ ସେହିମାନେ ହିଁ ନାରାୟଣସ୍ୱରୂପ । ନାରାୟଣ ଏମାନଙ୍କ ହୃଦୟରେ ସର୍ବଦା ବାସ କରିଥାନ୍ତି । ଗୋ ସମ୍ପଦ ଯୋଗୁଁ ଏମାନେ ସେମାନଙ୍କଠାରୁ ଘିଅ ପାଆନ୍ତି । ବେଦପାଠ କରି ଅଗ୍ନିରେ ଘିଅଢ଼ାଳି ଯଜ୍ଞ କରନ୍ତି । ତେଣୁ ଗୋସମ୍ପଦକୁ ଆଗେ ନିପାତ କରିବାକୁ ପଡିବ । ଗୋ, ବେଦ, ତପସ୍ୟା, ସତ୍ୟ, ଦମ, ଶମ, ଶ୍ରଦ୍ଧା, ଦୟା କ୍ଷମା ଓ ବିବିଧ ଯଜ୍ଞ – ଏ ସବୁ ହେଉଛି ନାରାୟଣ ବା ବିଷ୍ଣୁଙ୍କ ମୂର୍ତ୍ତି । ବିଷ୍ଣୁ ହିଁ ସର୍ବଦେବତାଙ୍କ ଅଧ୍ୟକ୍ଷ । ଅସୁରଦ୍ୱେଷୀ ଓ ଅନ୍ତର୍ଯ୍ୟାମୀ ବିଷ୍ଣୁହିଁ ହର ଓ ବିରଞ୍ଚି ପ୍ରଭୃତି ଯାବତୀୟ ଦେବତାଙ୍କ ଆଦିକାରଣ । ତେଣୁ ନାନରାୟଣହିଁ ଆମର ପରମ ଶତ୍ରୁ ।

ମୂର୍ଖକଂସ ଦୃଷ୍ଟମତି ମନ୍ତ୍ରୀମାନଙ୍କ ସହିତ ଏଭଳି ଭାବରେ ମନ୍ତ୍ରଣା କରିବା ପରେ ମନେ ମନେ ସ୍ଥିର କଲା, ବ୍ରହ୍ମବଧ ହିଁ ଶ୍ରେୟସ୍କର । କଂସ ଓ ଅସୁରମାନଙ୍କ ମୃତ୍ୟୁ ସନ୍ନିକଟ । ତେଣୁ ସେମାନଙ୍କ ମନରେ ସୁବୁଦ୍ଧି ପ୍ରବେଶ ନକରି କେବଳ ଦୁର୍ବୁଦ୍ଧିହିଁ ପ୍ରବେଶ କଲା । ମନ୍ତ୍ରୀମାନଙ୍କ କୁମନ୍ତ୍ରଣାକୁ ସେ ନିଜର ଗଳାର ମାଳା ମନେକଲା । ଜନ୍ମରୁ ସେ ଯେଉଁ ସୁଗୁଣ ନେଇ ଆସିଥିଲା, ସେସବୁ କୁଆଡ଼େ ଲୋପ ପାଇଲା । କେବଳ ଦୁର୍ଗୁଣହିଁ ତା ମନକୁ ଘାଣ୍ଟିବାରେ ଲାଗିଲା । ମନ୍ତ୍ରୀମାନଙ୍କ କଥା ତାକୁ ଭଲ ଲାଗିଲା । ସେମାନଙ୍କୁ ନିଜର ଶୁଭେଚ୍ଛୁ ମନେକଲା । ସଙ୍ଗେ ସଙ୍ଗେ ସେନାପତିଙ୍କୁ ଆଦେଶ କଲା, ଯାଅ ଚତୁର୍ଦ୍ଦିଗରେ ଯେତେ ବ୍ରାହ୍ମଣ ଋଷି ମହର୍ଷି ଅଛନ୍ତି ମାରିପକାଅ, ଗୋ' ବଧକର, ଯଜ୍ଞ, ନଷ୍ଟ କର । ଯେତେ ଛୋଟ ଛୋଟ ପିଲା ଅଛନ୍ତି, ସେମାନଙ୍କ ତଣ୍ଟି ଚିପିପକାଅ । ଅସୁରମାନେ ଅସ୍ତ୍ରଶସ୍ତ୍ର ଧରି ଶିଶୁ ଓ ସାଧୁମାରଣ ଅଭିଯାନ ଆରମ୍ଭ କରିଦେଲେ । ବୋକାଗୁଡ଼ାକ ଜାଣି ପାରିଲେ ନାହିଁ ଯେ ସେମାନଙ୍କ ମରଣ ମଧ୍ୟ ପାଖେଇ ଆସିଲାଣି ।

ଶୁକ କହିଲେ ପରୀକ୍ଷିତଙ୍କୁ – ହେ ରାଜନ ! ମହତର ଅବମାନନାରେ ଆୟୁ, ଶ୍ରୀ, ଯଶ, ଧର୍ମ୍ମ ଆଦି ଇଷ୍ଟ, ନଷ୍ଟ ହୋଇଥାଏ ।

●

## ॥ ୧୦ ॥

# ସବୁକଳାର ମେଳା ନନ୍ଦବଳା

**ଯୋ**ଗମାୟା ଯଶୋଦାଙ୍କ ଗର୍ଭରୁ ଜାତ ହେବାବେଳେ ଗୋକୁଳର ସମସ୍ତେ ଥିଲେ ନିଦ୍ରିତ । ମାୟାର ମୋହରେ ମୋହିତ ହୋଇପଡିଥିଲେ ସମସ୍ତେ । ଭିତରେ କେବଳ ପ୍ରାଣ ଟିକକ ଜାଗ୍ରତ ଥିଲା । କିନ୍ତୁ କାହାର ଜ୍ଞାନ ନଥିଲା । ଯେଉଁ କେତେଜଣଙ୍କର ଜ୍ଞାନ ଥିଲା, ସେମାନେ କେବଳ ଜାଣିଥିଲେ ଯଶୋଦାଙ୍କର ପିଲାଟିଏ ହୋଇଛି । କିନ୍ତୁ ଝିଅ କି ପୁଅ ଜାଣି ନଥିଲେ । ରାତିକ ଭିତରେ ଏତେ ଯେ କାଣ୍ଡ ହୋଇ ଯାଇଛି, ପୁଅ ରଖି ଝିଅ ନିଆଯାଇଛି, ବସୁଦେବ ମଥୁରାରୁ ଗୋକୁଳକୁ ଆସି ପିଲା ଅଦଳବଦଳ କରିଯାଇଛନ୍ତି - ଏସବୁ କଥା ଅଗୋଚର ଥିଲା । ସକାଳ ହେଲା, ସମସ୍ତଙ୍କର ନିଦ ଭାଙ୍ଗିଲା । ଚାରିଆଡ଼େ ଖବର ଖେଳିଗଲା ଯେ ଯଶୋଦାଙ୍କର ପୁଅ ହୋଇଛି । ନନ୍ଦଘରେ ଗୋବିନ୍ଦଙ୍କ ଆବିର୍ଭାବ । ସମସ୍ତେ ଦୌଡ଼ିଲେ ନନ୍ଦଙ୍କ ଘରକୁ । ପୁଅକୁ ଦେଖିବା ଲାଗି । ଇମିତି ପୁଅ ଆଗରୁ ଦେଖାନଥିଲା । ଦେଖିଲେ, ବିଶ୍ୱବ୍ରହ୍ମାଣ୍ଡ ଯିମିତି ନିଜକୁ ଏଡିକିଟିଏ କରିନେଇ ଯଶୋଦାଙ୍କ ପାଖରେ ଗଡୁଚି । ଲୋକଙ୍କୁ ଦେଖିବା ମାତ୍ରେ ଖିଲ୍ ଖିଲ୍ ହୋଇ ହସୁଛି । ପିଲାର ବୟସ ଦିନୁଟିଏ ବି ହୋଇନି, କିନ୍ତୁ ଏତେ ହସ ତା ଓଠରେ, ଦୁଇଟି ଅଧର ପାଖୁଡାରେ ! ମନେ ହେଉଛି ଯିମିତି ପଦ୍ମ ଫୁଲଟିଏ ଫୁଟିଛି । ଆକାଶର ପୂର୍ଣ୍ଣଚନ୍ଦ୍ର ଭଳି ଶୀତଳ, କୋମଳ ଓ ଉଜ୍ଜ୍ୱଳ ।

ନନ୍ଦ ଯଶୋଦାଙ୍କ ଆନନ୍ଦ କହିଲେ ନ ସରେ ! ଏତେ ଆନନ୍ଦ ଯେ କାହାକୁ କହିବେ, କ'ଣ କହିବେ, କ'ଣ କରିବେ କିଛି ମନେପଡୁନି । ପୁଅ ହେଲେ ମିଠେଇ ବଣ୍ଟାଯାଏ । ନନ୍ଦ ବ୍ରାହ୍ମଣମାନଙ୍କୁ ଡକେଇ ସେମାନଙ୍କୁ ପେଟେ ପେଟେ ଭଲ ଭଲ ଖାଦ୍ୟ ଖୁଆଇଲେ । ନାନା ଦାନ ଦକ୍ଷିଣା ଦେଲେ । ବ୍ରାହ୍ମଣମାନେ ମନ୍ତ୍ରପାଠ କଲେ । ପିଲାକୁ ଆଶୀର୍ବାଦ ଦେଲେ । ଅଳ୍ପ ସମୟ ଭିତରେ ଜାତକର୍ମ ଓ ଜାତକ ତିଆରି ହୋଇଗଲା । ଗଣକ ପଞ୍ଜିକା ଦେଖି କହିଲେ, ପିଲାର ଜନ୍ମ ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି ରୋହିଣୀ ନକ୍ଷତ୍ରରେ । ଜାତକ ସର୍ବ ଶୁଭଫଳ ଦାୟକ । ନାଆଁ ରହିଲା 'କୃଷ୍ଣ' ।

ନନ୍ଦଙ୍କ ଘରେ ପରମାନନ୍ଦ । ଘର ଓ ବାହାରେ କେବଳ ଆନନ୍ଦ ହିଁ ଆନନ୍ଦ । କାହାର ନିର୍ଦ୍ଦେଶକୁ ଅପେକ୍ଷା ନାହିଁ । ଘରେ ଘରେ ତୋରଣ, କଳସ ଆଦି ସ୍ଥାପନା ହେଲା । ଚତୁର୍ଦ୍ଦିଗରେ ଆନନ୍ଦର କୋଳାହଳ । ଯିମିତିକି ସମଗ୍ର ଗୋକୁଳ, ଗୋକୁଳାନନ୍ଦରେ

ପରିପ୍ଲୁତ ହୋଇପଡ଼ିଛି ! ଗାନା ବାଜଣାରେ ଚୌଦିଗ ମୁଖରିତ । ଗୋକୁଳର ଆବାଳବୃଦ୍ଧ ବନିତା ଅନୁଭବ କରୁଛନ୍ତି ଏକ ନୂତନ ଜୀବନ । ମଳୟ ଶୀତଳ, ସୁବାସିତ । ସତେ କି ଗୋକୁଳ ଏହି ମୁହୂର୍ତ୍ତରୁ ଚନ୍ଦନଗନ୍ଧ ପାଲଟି ଯାଇଛି । ମହୋତ୍ସବର ଦିବସ ଆଜି । ସମସ୍ତଙ୍କ ଦେହରେ ନୂଆଲୁଗା । ଝିଅବୋହୂମାନେ ପେଡ଼ିରେ ସାଇତି ରଖିଥିବା ବସ୍ତ୍ର ଓ ଅଳଙ୍କାରରେ ବିଭୂଷିତା । ସମସ୍ତେ ଆଜି ନନ୍ଦଙ୍କ ପରିବାର ସହିତ ଏକାକାର । ଧାଡି ଲାଗିଛି ନନ୍ଦଙ୍କ ଘରକୁ । ସମସ୍ତଙ୍କ ଆଶୀର୍ବାଦ, ନନ୍ଦଦୁଲାଳ ଦୀର୍ଘଜୀବୀ ହେଉ । ସମସ୍ତଙ୍କର ଦୃଷ୍ଟି ପିଲାଟି ପ୍ରତି, କିନ୍ତୁ ସମସ୍ତେ କହୁଚନ୍ତି, ପିଲାଟା ଉପରେ ଦୃଷ୍ଟି ପକାଅନି । କେହି କିନ୍ତୁ ଜାଣନ୍ତି ନାହିଁ ଯେ ଏ ପିଲା ସ୍ୱୟଂ ଅଦୃଷ୍ଟ, ଅଚିନ୍ତନୀୟ । ମୃଣ୍ମୟ ଉପରେ ଶାୟିତ ଚିନ୍ମୟ ରୂପ । ଯିଏ ଅରୂପ, ସିଏ ଆସିଛି ରୂପସାଗର ହୋଇ । ଦେଖିବାକୁ କଳା, କିନ୍ତୁ ନନ୍ଦବଳା ସବୁ କଳାର ମେଳା ।

ଯଶୋଦାଙ୍କର କୋଳରେ ପୁଅ । ରୋହିଣୀଙ୍କ କୋଳରେ ପୁଅ । ଜଣେ କଳା, ଜଣେ ଗୋରା । ରୂପରେ କିଏ କାହାକୁ ଊଣା ନୁହନ୍ତି । କଂସର ଅତ୍ୟାଚାରରେ ରୋହିଣୀ ଏବେ ନନ୍ଦଙ୍କ ଘରେ । ଯଶୋଦାଙ୍କ ଭଉଣୀ ଭାବରେ ସେ ପରିଚିତା । ଗୋପୀଙ୍କ ଭିତରେ ଶ୍ରେଷ୍ଠ ଗୋପୀକା । ସେମାନଙ୍କ କଳା-ଗୋରା ଦୁଇପୁଅ ନନ୍ଦଙ୍କ ଘରକୁ କୋଳାହଳରେ ଫଟେଇବାରେ ଲାଗିଛନ୍ତି ।

ଗୋକୁଳ ମଥୁରାର ଏକ କରଦ ରାଜ୍ୟ । ନନ୍ଦ ଗୋକୁଳର ରାଜା । କିନ୍ତୁ କଂସର ଅଧୀନସ୍ଥ । ପ୍ରତିବର୍ଷ ନନ୍ଦ ମହାକୁଡ଼ ମଥୁରାକୁ ଯାଇ କର ବା ଦେୟ ପୈଠ କରିଥାଆନ୍ତି । ଇମିତି ଚାଲିଆସିଛି ବହୁକାଳରୁ । କର ଦେବା ଉଦ୍ଦେଶ୍ୟରେ ନନ୍ଦ ଗଲେ ମଥୁରାକୁ । ଖବର ପାଇ ବସୁଦେବ ନନ୍ଦଙ୍କୁ ଭେଟିଲେ । ସେମାନେ ବାଲ୍ୟକାଳରୁ ସାଙ୍ଗସାଥି । ଏକ ପ୍ରାଣ, ଏକ ଆତ୍ମା କହିଲେ ଚଳେ ।

ଦୁଇସାଙ୍ଗ ଏକାଠି ହେଲେ । ଦୁଃଖ ସୁଖ ହେଲେ । ବସୁଦେବ କହିଲେ ନନ୍ଦଙ୍କୁ, ଶୁଣୁଚି ତୁମର ପୁଅ ହୋଇଛି । ଭାଗ୍ୟ ତୁମର ଭଲ । ଦେଖିଲେ, ତୁମକୁ ବଧେଇ ଜଣାଇବି ବୋଲି ଭାବିଥିଲି । ଯାହାହେଉ ଦେଖା ହୋଇଗଲା । ଭଲ ହେଲା । ମଥୁରା ଗୋକୁଳ, ଗୋପପୁର ପାଖାପାଖି ହେଲେ କ'ଣ ହେଲା, ଯମୁନା ପାରି ହୋଇ ଏପଟ ସେପଟ ଯିବା ଆସିବା ସହଜ ହୋଇପାରୁନି । ଯାହାହେଉ ଭଗବାନ ଆମ ଇଚ୍ଛା ପୂରଣ କରିଦେଲେ । ତମେ ଏଠିକି ଆସିଗଲ, ଦେଖା ହୋଇଗଲା, ଦି'ପଦ କଥାବାର୍ତ୍ତା ତ ହୋଇପାରିଲେ ।

ନନ୍ଦ ଓ ବସୁଦେବ ଏତେ ଘନିଷ୍ଠ ଥିଲେ ଯେ ଦୁହେଁ ପରସ୍ପରକୁ ଅଲଗା ବୋଲି କେବେହେଲେ ମନେ କରୁନଥିଲେ । ତେଣୁ ନନ୍ଦ କହିଲେ, କୃଷ୍ଣ କ'ଣ ମୋ ପୁଅ, ସିଏ ତୁମର ବି ପୁଅ । ବସୁଦେବ କହିଲେ, ନା ନନ୍ଦ, ସେ ଆମ ଦୁହିଁଙ୍କର ପୁଅ ।

ନନ୍ଦ ପରେ ଯାହା ଶୁଣିଥିଲେ କହିଲେ, ବସୁ ! ତୁମ ଭାଗ୍ୟ ମନ୍ଦ । କହୁ କହୁ ତାଙ୍କ ଆଖିରୁ ଲୁହ ଖସି ଆସିଲା । ଲୁଗାକାନିରେ ଲୁହପୋଛି କହିଲେ, ତୁମର ଛ'ପୁଅକୁ କଂସ ମାରି ପକାଇଲା । ଶୁଣିଛି ଶେଷରେ ତୁମର ଝିଅଟିଏ ହୋଇଥିଲା । କଂସ ତାକୁ ମାରିବ ବୋଲି ଧରୁ ଧରୁ ଝିଅଟି ଉପରକୁ ଉଡ଼ିଗଲା । ଶୂନ୍ୟରେ ମିଳେଇ ଗଲା । ଗଲାବେଳେ ଶୂନ୍ୟରୁ ଝିଅଟି କ'ଣ କହିଲା କେଜାଣି, ସେ ଦିନଠୁ କଂସ ଖାଲି ରବେଇ ଖବେଇ ହେଉଛି । ମଥୁରାର ସବୁ ସଦ୍ୟଜାତ ପୁଅଗୁଡ଼ିକୁ ମାରି ପକାଇଲାଣି ।

ବସୁଦେବ ବନ୍ଦୀଶାଳାରୁ ମୁକ୍ତ ହେଲେ କ'ଣ ହେଲା – ବଡ଼ ମନକଷ୍ଟରେ ରହୁଥିଲେ । କିନ୍ତୁ କଂସର ସବୁ ଖବର ଅନ୍ତର ରଖୁଥିଲେ । ତାଙ୍କର ବଡ଼ ଭୟ, ନନ୍ଦଘରେ ପୁଅ ଥିଲେ କ'ଣ ହେବ, ହୁଏତ କଂସ ଗୁଣ୍ଡା ପଠାଇ ପୁଅକୁ ମାରି ଦେଇପାରେ । ତେଣୁ ନନ୍ଦଙ୍କୁ କହିଲେ, ମଥୁରାକୁ ଆସି ତୁମର ବାର୍ଷିକ କର ତ ଦେଇ ସାରିଲଣି । ଶୀଘ୍ର ଗୋକୁଳକୁ ଫେରିଯାଅ । କେତେବେଳେ କ'ଣ ହୋଇପାରେ । ତୁମେ ଘରେ ନଥିଲେ ଯଶୋଦା, ରୋହିଣୀ କ'ଣ ବା କରିପାରିବେ ?

ବସୁଦେବଙ୍କ ତୁଣ୍ଡରୁ ଏକଥା ଶୁଣିବା ମାତ୍ରେ ନନ୍ଦଙ୍କ ମନରେ ଡର ପଶିଗଲା । ସେ ସଙ୍ଗେ ସଙ୍ଗେ ଶଗଡ଼ ଯୋଚି ଗୋକୁଳ ଅଭିମୁଖେ ଯାତ୍ରା କଲେ । ସେ ଜାଣିପାରିଲେ ଯେ କିଛି ଆଶଙ୍କା ନଥିଲେ ବସୁଦେବ ତାଙ୍କୁ ଶୀଘ୍ର ଗୋକୁଳ ଫେରିଯିବା ପାଇଁ କହି ନଥାଆନ୍ତେ ।

ଇଆଡେ କଂସର ଦରବାର ଦିନକୁ ତିନିଥର ବସୁଛି । ଆଜି କେତେଟା ଛୁଆଙ୍କୁ ମରାଗଲା, ସେ ସେହି ଖବର ନେବାରେ ବ୍ୟସ୍ତ । ଅସୁର ରାଜାଙ୍କୁ ଅସୁର ମନ୍ତ୍ରୀ । ପାତ୍ରମନ୍ତ୍ରୀଠାରୁ ଆରମ୍ଭ କରି ସେନାପତି ଓ ସେନାବାହାନୀର ସମସ୍ତ ଲୋକ ଅସୁର, ରାକ୍ଷସ । ପ୍ରଧାନମନ୍ତ୍ରୀ ଆସି ଖବର ଦେଲେ ଯେ ମଥୁରାରେ ଜାତ ହୋଇଥିବା ଦିନକର ଛୁଆଠୁ ଆରମ୍ଭ କରି ପାଞ୍ଚବର୍ଷର ସବୁ ପିଲାଙ୍କୁ ମାରିଦିଆ ସରିଲାଣି । ବାକି ଅଛନ୍ତି ଗୋକୁଳର କେତୁଟା ଛୁଆ । ଶୁଣୁଚି ନନ୍ଦ ସ୍ତ୍ରୀ ଯଶୋଦା ଏବେ ଗୋଟିଏ ପୁଅର ମା' ହୋଇଛି । କିନ୍ତୁ ସେଠିକି ଯିବ କିଏ ?

ଅସୁରଙ୍କ ବଳ ଓ ମାୟା ସେଇଠି କେବଳ କାଟୁ କରିଥାଏ, ଯେଉଁଠି ନାରାୟଣଙ୍କ ପ୍ରତି ଭକ୍ତିଭାବ ନଥାଏ । ନାରାୟଣଙ୍କ ପ୍ରଶଂସା ଯେଉଁଠି, ଅସୁରମାନେ ତା'ର ସୀମା ସୁଦ୍ଧା ମାଡ଼ି ପାରିନଥାଆନ୍ତି । କିନ୍ତୁ ନନ୍ଦ ଯଶୋଦାଙ୍କ ଘରେ ତ ସ୍ୱୟଂ ନାରାୟଣ ! ସେଠିକି କେଉଁ ଅସୁର ଅସୁରୁଣୀ ଯିବାକୁ ସାହସ କରିବ ? ଯିଏ ଯିବ, ସିଏ ମରିବ ।

●

॥ ୧୧ ॥

## ପୂତନା ହେଲା ପୂଜିତା

ନନ୍ଦ ଫେରିଲେ ମଥୁରାରୁ । ଆସୁ ଆସୁ ପୁଅକୁ କୋଳରେ ଧରି ଚୁମା ଦେଲେ । ଗୋପୀ ଗୋପାଳମାନେ ଗାଇବାରେ ଲାଗିଲେ, 'ନନ୍ଦ-ଆନନ୍ଦ, କୋଳେ ଗୋବିନ୍ଦ ।' କିନ୍ତୁ ନନ୍ଦଙ୍କ ମନରେ ବସୁଦେବଙ୍କ ଚେତାବନି ଆନ୍ଦୋଳିତ ହେବାରେ ଲାଗିଥିଲା ।

ଇଆଡ଼େ ମଥୁରାରେ କଂସର ମନ୍ତ୍ରଣା । କେବଳ ମଥୁରାରେ ନୁହଁ, ଆଖପାଖ ସବୁ ଅଞ୍ଚଳର ସଦ୍ୟଜାତ ପିଲାଙ୍କୁ ମରାଯିବ । ବିଶେଷତଃ ଗୋକୁଳର ପିଲାଙ୍କୁ । ସ୍ଥିର ହେଲା ଯେ ପୂତନା ଅସୁରୁଣୀକୁ ପଠାଯିବ । ପିଲାଙ୍କୁ ମାରିବାରେ ସେ ସମସ୍ତଙ୍କଠାରୁ ପାରଙ୍ଗମ । ସେ କଂସର ଜଣେ ମନ୍ତ୍ରଣାଦାତାର ସ୍ତ୍ରୀ । ମାୟାବିନୀ । ଇଚ୍ଛା କଲାମାତ୍ରେ ଯେ କୌଣସି ରୂପ ଧରି ପାରିବ । ସେ ସବୁଆଡ଼କୁ ଯାଇଥିଲା କିନ୍ତୁ ଗୋକୁଳକୁ ଯାଇ ନଥିଲା । ଗୋକୁଳ ତା' ପକ୍ଷରେ ନୂଆ । କଂସଠୁ ନିର୍ଦ୍ଦେଶ ପାଇବା ମାତ୍ରେ ସେ ଆକାଶ ମାର୍ଗରେ ଉଡ଼ି ଉଡ଼ି ଗୋକୁଳକୁ ଠାବ କରିନେଲା । ପ୍ରଥମେ ଏକ ସୁନ୍ଦରୀ ତରୁଣୀ ରୂପ ଧରିଲା । ତା'ପରେ ବେଲୁନ ଭଳି ଉପରେ ଉଡି ଉଡି ଗୋକୁଳରେ ଓହ୍ଲାଇଲା । ଦେଖିଲା ଗୋକୁଳରେ ଯେଉଁଟା ସବୁଠୁ ସୁନ୍ଦର ଘର, ସେ ଘରକୁ ବହୁଲୋକ ଯିବା ଆସିବା କରୁଚନ୍ତି । ସେହି ଘର ଆଡକୁ ଆଗେଇଲା ସେ ।

ପୂତନା ଏତେ ସୁନ୍ଦର ଦେଖା ଯାଉଥିଲା ଯେ ସମସ୍ତଙ୍କ ଆଖି ଯାଇ ତା ଉପରେ ଲାଖି ରହିଲା । ମଥାରେ ଚୂର୍ଣ୍ଣ କୁନ୍ତଳ । ଗଳାରେ ମଲ୍ଲୀମାଳ । ଗଭାରେ ପୁଷ୍ପସ୍ତବକ । ବନ୍ଧୂଲି ଅଧରରେ ସ୍ମିତହାସ୍ୟ । ମୃଗନୟନୀ । ଗଜଗମନୀ । ହାତରେ ପଦ୍ମକୋରକ । ସମସ୍ତେ ଭାବିଲେ ସ୍ୱୟଂ ମହାଲକ୍ଷ୍ମୀ ସ୍ୱର୍ଗରୁ ଅବତରଣ କରିଛନ୍ତି, ନନ୍ଦ ସୁତକୁ ସମ୍ବର୍ଦ୍ଧନା ଜଣାଇବା ଲାଗି । ଏପରି ରୂପସୀ, ଲାବଣ୍ୟବତୀକୁ ଦେଖି କାହାର ବା କାହିଁକି ସନ୍ଦେହ

ହେବ ଯେ ଏଇଟା ଅସୁରୁଣୀ ବୋଲି । ତେଣୁ ସେ ଯିବାମାତ୍ରେ ସମସ୍ତେ ବାଟ ଛାଡ଼ି ଦେଲେ । ସେ ସିଧାସଳଖ ଗଲା କହ୍ନେଇ ପାଖକୁ । ଯଶୋଦା ପୁଅକୁ ଦୋଳାରେ ଶୁଆଇ ଝୁଲାଇବାରେ ବ୍ୟସ୍ତ । ପୂତନାକୁ ଦେଖି ସେ ମଧ୍ୟ ବିସ୍ମିତ ହୋଇ ପଡିଲେ । ସେ ଗୋକୁଳର ସବୁ ଗୋପୀଙ୍କୁ ଚିହ୍ନିଥିଲେ । ଭାବିଲେ ବୋଧହୁଏ ଗୋକୁଳର କୌଣସି ଗୋଟିଏ ନୂଆବୋହୂ । ଏବେ କେତେଦିନ ହେଲା ବାହା ହୋଇ ଆସିଛି । ସଦ୍ୟଜାତ ପୁତ୍ରକୁ ସଦ୍ୟବଧୂ ଦର୍ଶନ କରିବାକୁ ଆସିଛି ।

କିନ୍ତୁ ପୂତନା ପାଖକୁ ଆସିବା ମାତ୍ରେ ପିଲାଟି ଆଖି ବୁଜିଦେଲା । ମନୁଷ୍ୟରୂପୀ ନାରାୟଣ ଭାବିଲେ, ଯଦି ଅସୁରୁଣୀ ଉପରେ ଏବେ ତାଙ୍କ ଦିବ୍ୟଦୃଷ୍ଟି ପଡିଯାଏ, ତାଙ୍କ କରୁଣାପାତ ଯୋଗୁଁ ସଂଗେ ସଂଗେ ସେ ପୁଣ୍ୟବତୀ ହୋଇପଡିବ । ତା'ହେଲେ ସେ ଯେଉଁ ଦୁଷ୍ଟଦଳନ ପାଇଁ ମର୍ତ୍ତ୍ୟକୁ ଆସିଛନ୍ତି, ସେ ଉଦ୍ଦେଶ୍ୟ ନିରର୍ଥକ, ବ୍ୟର୍ଥ ହୋଇପଡ଼ିବ ।

ପୂତନାର ମାୟାଠୁ ନାରାୟଣଙ୍କ ମାୟା ବଳି ପଡ଼ିଲା । ସେ ଏପରି ପରିସ୍ଥିତି ସୃଷ୍ଟି କରିଦେଲେ ଯେ ମାୟାବିନୀ ପୂତନା ତାଙ୍କ ପାଖରେ ପହଞ୍ଚିଲାବେଳକୁ ତାଙ୍କ ପାଖରେ କେହି ନଥିଲେ । ନୂଆବୋହୂକୁ ଦେଖି ଯଶୋଦା କହିଲେ, ତୁ ମୋ ପିଲାକୁ ଟିକିଏ ଝୁଲାଉଥା, ମୁଁ ଘରକାମ ସାରି ଆସିବି ।

ପୂତନା ଆସିଲା, ନନ୍ଦଦୁଲାଲଙ୍କୁ ଦୋଳାରୁ କୋଳକୁ ଉଠାଇ ନେଲା । ତା'ର ଧାରଣା ନଥିଲା ଯେ ତା' ପାଇଁ ଏ ଏକ ବିଷଧର କାଳସର୍ପ । ଦଉଡିଟିଏ ଭାବି କାଳକୁ ସେ ଗଳାର ମାଳା କରିନେଲା । ପିଲାକୁ କୋଳରେ ଧରି ଗେଲ କଲା । କିଏ କାହିଁକି ଭାବିବ ଯେ ଇଏ ଆସିଛି ପିଲାକୁ ମାରିବ ବୋଲି ! ପୂତନାର ସୌନ୍ଦର୍ଯ୍ୟରେ ସମସ୍ତେ ମୋହମୁଗ୍ଧ ।

ପୂତନା ଧୀରେ ଧୀରେ ତା' ସ୍ତନ ଯୁଗଳକୁ ଅନାବୃତ୍ତ କଲା । ବିଷ ବୋଳା ସ୍ତନରୁ ସ୍ତନ୍ୟପାନ କରାଇବା ଲାଗି ପିଲାର ପାଟିକୁ ନେଇ ଲଗାଇଲା । ନନ୍ଦବଳାରୂପୀ ଭଗବାନ ତାଙ୍କର ଛୋଟ ଛୋଟ ହାତରେ ପୂତନାର ସ୍ତନକୁ ଭିଡି ଧରିଲେ । ସ୍ତନ୍ୟଶୋଷଣ ଆରମ୍ଭ ହେବାମାତ୍ରେ ପୂତନାର ମନେହେଲା ପିଲାଟି ଯେମିତି ତା'ର ପ୍ରାଣକୁ ଶୋଷିବାରେ ଲାଗିଛି । କ୍ରମଶଃ ତା'ର ନିର୍ଜୀବ ଅବସ୍ଥା । ଭୀଷଣ ଯନ୍ତ୍ରଣା । ଅସହ୍ୟ ହେବାରେ ପୂତନା ପାଟି କରି ଖଣ୍ଡମଣ୍ଡଳ କମ୍ପେଇ ପକାଇଲା । ଭଗବାନଙ୍କ ତୁଣ୍ଡ ଭିତରେ ପୂତନାର ପ୍ରଚଣ୍ଡ ସ୍ତନ । 'ଛାଡ଼ ଛାଡ' ବୋଲି ଗର୍ଜନ କରିବାରେ ଲାଗିଛି ସେ । କିନ୍ତୁ ନନ୍ଦସୁତ ଛାଡୁଛି କେତେକେ । ପୂତନା ନିଜ ଦୁଇହାତରେ ଜୋରଲଗେଇ ପିଲାର ତୁଣ୍ଡକୁ ଛଡ଼ାଇବାରେ

ଲାଗିଛି । ଛଡ଼େଇ ପାରୁନି । ପିଲାଟାର ତୁଣ୍ଡରେ ସ୍ତନ । ପୂତନା ତଳେ ପ୍ରାଣ ବିକଳରେ ଗଡ଼ିବାରେ ଲାଗିଛି । ପ୍ରକାଣ୍ଡ ରାକ୍ଷସୀ ରୂପ । ନନ୍ଦଘରେ ସେ ଗଡିବାପାଇଁ ଜାଗା ହେଉନି । ମାୟାବିନୀ ପୂତନାର ପୂର୍ବ ସୌନ୍ଦର୍ଯ୍ୟ ଆଉ ନାହିଁ । ମାୟାର କାୟା ତୁଟିଚି । ସୌନ୍ଦର୍ଯ୍ୟର ଛାୟା ସୁଦ୍ଧା ନାହିଁ । ତା' ଗର୍ଜନ ଶୁଣି ଯିଏ ଯୁଆଡେ ଥିଲେ ଦୌଡିଆସିଲେ ।

ଦେଖିଲେ ପୂର୍ବରୂପସୀ ପୁତନା ରାକ୍ଷସୀ ପାଲଟିଛି । ତା' ଦେହରେ ଜୀବନ ନାହିଁ । ନନ୍ଦନନ୍ଦନ ତା ସ୍ତନ ଉପରେ ଦୋଳିରେ ଝୁଲିଲା ଭଳି ଝୁଲୁଛନ୍ତି । ଅଧରରେ ହସ । ଯିମିତିକି ସେ କିଛି କରି ନାହାଁନ୍ତି । ପୂତନା ତା ମନକୁ ମନ ମରି ଯାଇଛି । ଆତ୍ମହତ୍ୟା କରିଛି । ଯଶୋଦା ଓ ରୋହିଣୀ ଦେଖୁ ଦେଖୁ ପିଲାକୁ ଉଠାଇ ନେଇ ଆସିଲେ । ବହୁତ ଝଡା ଫୁଙ୍କା କଲେ । ଯଶୋଦା ପିଲାକୁ ଘରକୁ ନେଇ ସ୍ତନ୍ୟପାନ କରାଇଲେ । ଶୁଆଇ ଦେଇ ପିଲା ଉପରେ ଆଉ କାହାର ଦୃଷ୍ଟି ପଡିଯିବ ଅବା ଭାବି, ତାକୁ ସିଲ୍‌କକନାରେ ଘୋଡ଼ାଇ ଦେଲେ ।

ନନ୍ଦ ଆସି ଦେଖିଲେ ପୂତନା ମରି ପଡ଼ିଛି । ସବୁକଥା ଶୁଣି କହିଲେ, ବସୁଦେବ ଯାହା କହିଥିଲେ, ଠିକ୍ । ସେ ଅଶୁଭ ସଙ୍କେତ ପାଇ ମତେ ଶୀଘ୍ର ଗୋକୁଳକୁ ଫେରିଯିବାକୁ କହିଥିଲେ ।

ଗୋକୁଳର ଗୋପାଳମାନେ ପୂତନାକୁ ନେଇ ଦାହ କଲେ । ଦାହବେଳେ ପୁତନା ଦେହରୁ ଚନ୍ଦନ ବାସ୍ନା ବାହାରିଲା । ପୁତନା ତ ଗୋଟାଏ ଅସୁରୁଣୀ ! ତା ଦେହରୁ ପୁଣି ସୁଗନ୍ଧ ! ସେମାନେ କାହିଁକି ଜାଣିବେ ଯେ ଭଗବାନ ତା ଜୀବନରୁ ସମସ୍ତ ପାପ ଶୋଷି ନେଇଛନ୍ତି । ମଲାବେଳକୁ ସେ ପୂଣ୍ୟବତୀ ! ସେ ଭଗବାନଙ୍କ ସ୍ପର୍ଶ ପାଇଚି । ଇଏତ ବିଷପାନ କରାଇ, ଏତେ କରୁଣା ଲାଭ କରିପାରିଲା, ଯେଉଁ ଯଶୋଦା ଓ ଗୋପୀମାନେ ଭଗବାନଙ୍କୁ ସର୍ବଦା ଦୁଗ୍ଧପାନ କରାଇବାରେ ଲାଗିଛନ୍ତି, ସେମାନେ କେତେ ପୂଣ୍ୟବତୀ ହୋଇ ନଥିବେ । ସେହିମାନେ ଜୀବଦ୍ଦଶାରେ ମଧ୍ୟ ମୋକ୍ଷ ଲାଗି ଭାଜନ । ପୂତନା ମୃତ୍ୟୁ ପରେ ମୋକ୍ଷ ଲାଭ କଲା ।

ପୂତନା ହେଲା ପୂଜିତା । ସୁବାସ କେଉଁଠୁ ଆସୁଛି - କାହିଁକି ଆସୁଛି - ଗୋପୀ ଗୋପାଳମାନଙ୍କ ମଧ୍ୟରୁ କେହି ଅନୁମାନ ସୁଦ୍ଧା କରିପାରିଲେ ନାହିଁ । ଏ ସୁଗନ୍ଧ ଦିନ ସାରା ଗୋକୁଳକୁ ସୁଗନ୍ଧିତ କରିବାରେ ଲାଗିଲା । ଏପରି ଏକ ରାକ୍ଷସୀ କବଳରୁ ପିଲାଟା କିମିତି ଯେ ରକ୍ଷା ପାଇଲା, ସେ କଥା ମଧ୍ୟ କେହି ଜାଣି ପାରିଲେ ନାହିଁ । କେବଳ ନାରାୟଣଙ୍କୁ ଭଜିବାକୁ ଲାଗିଲେ । କିନ୍ତୁ ନାରାୟଣ ଯେ ନନ୍ଦଘରେ, ଯଶୋଦା କୋଳରେ !

## ॥ ୧୨ ॥

# ଏକା ଲାତକେ ଶକଟା ମଲା

ପୂତନା ମଲା । ମଲା ସିନା ସ୍ୱର୍ଗକୁ ଗଲା । ତା'ର ମୋକ୍ଷ ହୋଇଗଲା । ଶୁକମୁନି ପରୀକ୍ଷିତଙ୍କୁ କହିଲେ, ଯିଏ ପୂତନାମୋକ୍ଷ କଥା ଶୁଣେ, ସେ ମଧ୍ୟ ପବିତ୍ର ହୋଇଯାଏ ।

ପରୀକ୍ଷିତ ପ୍ରଶ୍ନ କଲେ, ପୂତନା ତ ଅସୁରୁଣୀଟାଏ । ସେ ଆସିଥିଲା ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ । ତା'ର ଉଦ୍ଦେଶ୍ୟ ମନ୍ଦଥିଲା - ତା'ର ମୋକ୍ଷ ହେଲା କିମିତି ?

ଶୁକଦେବ କହିଲେ, ପୂତନା ମାରିବାକୁ ଆସିଥିଲା ମରିବାପାଇଁ । କାରଣ ନାରାୟଣଙ୍କ ଦ୍ୱାରା ମଲେ, ତା'ର ପୂର୍ବଜନ୍ମର ପାପ ସବୁ ଧୋଇ ହୋଇଯିବ, ଆଉ ତା'ର ଜନ୍ମ ହେବ ନାହିଁ କି ମୃତ୍ୟୁ ହେବନାହିଁ ।

ପରୀକ୍ଷିତ ସେ କଥା ଉପରେ ଅଧିକ ଚର୍ଚ୍ଚା ନକରି କହିଲେ, ଭଗବାନଙ୍କ ମତ୍ସ୍ୟ ଅବତାରଠୁ ଆରମ୍ଭ କରି ଅନ୍ୟସବୁ ଅବତାର କଥା ତ ଆପଣ କହିଛନ୍ତି, କିନ୍ତୁ ସବୁ ଅବତାରଠୁ କୃଷ୍ଣାବତାର ସବୁଠୁ ଶ୍ରେଷ୍ଠ ବୋଲି ମୁଁ ଭାବୁଛି । କାରଣ ଦ୍ୱାପର ଯୁଗରେ ସେ ଏହି ଅବତାରରେ ହିଁ ସବୁଠୁ ବେଶୀ ଲୀଳା କରିଛନ୍ତି । ତାଙ୍କ କଥା ଶୁଣିଲେ, ମନରୁ ସବୁ ଗ୍ଲାନି ପୋଛି ହୋଇଯାଉଛି । ଏବେ ମତେ ଗୋକୁଳ-ଲୀଳା କଥା କୁହନ୍ତୁ ।

ଶୁକ କହିଲେ, ତମେ ଶୁଣିବାରେ ଯେତେ ଆନନ୍ଦ ପାଉଚ, ତା'ଠୁ ବେଶୀ ମୁଁ ଆନନ୍ଦ ପାଉଛି ତୁମକୁ କୃଷ୍ଣଗାଥା କହିବାରେ । ତା'ପରେ ସେ କହିଲେ, ଯଶୋଦାଙ୍କର ପାଦ ତଳେ ପଡୁନି । ମୋ କାହ୍ନା ଆଜି ଯା କଲା, ତା କଲା, ସେହି କଥାହିଁ ଘରକୁ ଯିଏ ଆସିଲା, ତାକୁ କହିବାରେ ଲାଗିଛନ୍ତି । ଏବେ ଜଣେ ଗୋପୀ ଆସିଥିଲା, ତାକୁ କହୁଥିଲେ, ଆଲୋ ଯା' ଦେଖେ, କହ୍ନେଇ ଆମର ପେଟେଇଲାଣି, ତା ମନକୁ କଡ ଲେଉଟେଇଲାଣି । ଗୋପୀ କହିଲା, ଯେତେହେଲେ ତୁମ ପୁଅଟିକି ! ତିନିମାସ ତ ହେଲାଣି । ଜନ୍ମନକ୍ଷତ୍ର ଲାଗି ଉତ୍ସବ କରୁନ କାହିଁକି !

ଯଶୋଦା କହିଲେ, ହଁ ତ ଭଲ ମନେ ପକେଇଦେଲୁ । ସଂଗେ ସଂଗେ ନନ୍ଦଙ୍କୁ ଡାକି କହିଲେ, କାଲି ଜନ୍ମନକ୍ଷତ୍ର ଉତ୍ସବର ବ୍ୟବସ୍ଥା କର । ନନ୍ଦ କହିଲେ, ପୁରୋହିତଙ୍କୁ ଡାକି ମୁଁ ସବୁ ବ୍ୟବସ୍ଥା, ଆୟୋଜନ କରିସାରିଛି ।

ସକାଳ ପାହିଲା । ନନ୍ଦ ଯଶୋଦା ପିଲାକୁ ଧରି ଯମୁନାକୁ ନେଲେ ଗାଧୋଇ ଆଣିବା ପାଇଁ । ନନ୍ଦପୁଅର ଜନ୍ମନକ୍ଷତ୍ର । ଗୋପୀଗୋପାଳଙ୍କ ଧାଡି ଲମ୍ବିଲା ଯମୁନା ତୁଠକୁ । ନାଚଗୀତ ବାଇଦ ବାଜଣାରେ ଯମୁନାତଟ ହୁଲସ୍ଥୁଲ । ଆନନ୍ଦର ପସରା ଯେମିତି ମେଲିଛି - ଖଣ୍ଡେବାଟ ଧରି । ବ୍ରାହ୍ମଣମାନେ ମନ୍ତ୍ରପାଠ କରିବାରେ ଲାଗିଛନ୍ତି । କହ୍ନେଇର ସ୍ନାନ ପର୍ବ ସରିଲା । ଯା ହାତକୁ ତା ହାତକୁ ହେବାରେ, ଯଶୋଦା ଦେଖିଲେ ପିଲାଟା ଝୋଲା ମାରିଗଲାଣି । ଝାଉଁଳି ପଡିଲାଣି । ନନ୍ଦବାବା ବହୁ ଲୋକଙ୍କୁ ଦାନଦେଲେ । ବହୁ ଜିନିଷ ଉପହାର ଦେଲେ । ବହୁ ଦୂର ଦୂରାନ୍ତରୁ ଲୋକେ ଶଗଡ କରି ଆସିଚନ୍ତି । ଧାଡି ଲମ୍ବିଛି ଶଗଡ ଗାଡିର । ପିଲାଟା ହାଲିଆ ହୋଇ ପଡିଥିବା ଦେଖି ଯଶୋଦା ଗୋଟିଏ ଶଗଡ଼ ତଳେ ଏକ ଦୋଳା କରି ଶୁଆଇ ଦେଲେ ।

ପିଲା ତ ଶୋଇଛି । ଯଶୋଦା ନିଶ୍ଚିନ୍ତ । ଗୋପାଳୁଣୀ ସଖୀ ସଂଗାତଙ୍କ ସହିତ ଗପସପ କରିବାରେ ଲାଗିଛନ୍ତି । ହଠାତ୍ ପିଲାଟା ଇମିତି ଏକ କାର୍କେଛିଆ ରଡି ଛାଡିଲା ଯେ ଯିଏ ଯୁଆଡେ ଥିଲେ ଦୌଡି ଆସିଲେ । ଯଶୋଦା ଦୌଡିଗଲେ ପିଲାର କ'ଣ ହେଲା ଦେଖିବା ପାଇଁ ।

''ମୁଁ ଅଲକ୍ଷଣୀ ଶଗଡ ତଳେ ପୁଅକୁ ଶୁଆଇ ଦେଇ ଗପୁଚି ବୋଲି କହି ସେ ନିଜକୁ ନିଜେ ଧିକ୍କାର କରିବାକୁ ଲାଗିଲେ । ପିଲାଟା ଯେ ଶୋଉ ଶୋଉ ଉଠି ପଡ଼ିବ, ସେ କଥା ସେ କଳ୍ପନା ସୁଦ୍ଧା କରି ନଥିଲେ । ମୁଁ ଏତେ ପାଟି କଲି, ଅଥଚ କେହି ଆସୁନାହାଁନ୍ତି- ବୋଲି ପିଲାର ରାଗ କହିଲେ ନସରେ । ତିନି ମାସର କଅଁଳ ଛୁଆଟାଏ । କଅଁଳିଆ ଛୋଟ ଛୋଟ ପାଦ ଦୁଇଟି । ସେଇ ପାଦରେ ଶଗଡଟାକୁ ଇମିତି ଶକତ ଲାତେ ମାରିଲା ଯେ ଶଗଡଟା ଉଡି ଉଡି ଯାଇ ଖଣ୍ଡେ ବାଟରେ ପଡ଼ିଲା । ଶଗଡର ଚକଗୁଡ଼ିକ ଗଡି ଗଡି ଯାଇ କୁଆଡେ ଗଲା ତା'ର ପିତ୍ତା ମିଳିନା ନାହିଁ । ଶଗଡ ଭିତରେ ଯାହାସବୁ ବାସନକୁସନ, ଘରକରଣା ଜିନିଷ ଥିଲା ସବୁ ଭାଙ୍ଗିରୁଜି ଚୁରମାର । ଘଟଣା କ'ଣ ? ଏତେ ବଡ ଶଗଡ ଛିନ୍ନଛତ୍ର । ବଡ ଆଚମ୍ବିତ କଥା । ଶଗଡ ତ ଗଲା । ଶଗଡ ଦିହରୁ ଗଁ ଗଁ ଶବ୍ଦ ମଧ୍ୟ ଶୁଭୁଛି । ଇମିତି ଶବ୍ଦ ଯେ ଚୌଦିଗ କମ୍ପି ଉଠୁଛି ।

ପାଖରେ ଖେଳୁଥିବା ଛୋଟ ଛୋଟ ପିଲାମାନେ କହିଲେ, ଶଗଡତଳେ ଶୋଇଥିବା ଛୋଟ ପିଲାଟି ଲାତ ମାରିବାରେ ଶଗଡ଼ଟା ପ୍ରଥମେ ଓଲଟି ପଡିଲା । ତା'ପରେ ଉପରକୁ ଉଠି ପୁଣି ତଳେ କଚାଡି ହୋଇ ପଡିଲା ।

ସମସ୍ତେ ଆଶ୍ଚର୍ଯ୍ୟ । ଯଶୋଦା ଓ ଗୋପୀମାନେ ଦେଖିଲେ କାହ୍ନାର କିଛି ହୋଇନାହିଁ । ଲୁଗାଦୋଳାଟି ତଳେ ପଡିଛି । ତା ଉପରେ କୃଷ୍ଣ ଶୋଇଛନ୍ତି - ହସୁଛନ୍ତି, ଦିଗୋଡ କଚାଡି ଖେଳୁଛନ୍ତି ।  ଶଗଡ ପାଖରୁ ଗର୍ଜନ ଶୁଣି ଗୋପୀଗୋପାଳମାନେ ଦୌଡିଲେ । ଦେଖିଲେ ଅସୁରଟାଏ ମରି ତଳେ ଗଡୁଛି । ଗୋକୁଳର କେହି କେହି ଏ ଅସୁରଟାକୁ ଚିହ୍ନିଥିଲେ । କହିଁଲେ ୟା ନାଁ ଶକଟାସୁର । କେତେବେଳେ ଆସି ଶଗଡ଼ ରୂପଧରି ଛପି ରହିଥିଲା । ସୁଯୋଗ ଉଣ୍ଡି ପିଲାଟାକୁ ଚକରେ ଚାପି ମାରିଦେଇଥାଆନ୍ତା । ଭଗବାନ ପିଲାଟାକୁ ରକ୍ଷା କରିଦେଲେ । କିନ୍ତୁ ଭଗବାନ ଯେ ନିଜକୁ ନିଜେ ରକ୍ଷାକରିବା ସଂଗେ ସଂଗେ ଶକଟାସୁରକୁ ଏକା ଲାତକେ ଯମପୁରକୁ ପଠେଇ ଦେଇଛନ୍ତି, ସେମାନେ ଜାଣିବେ କେମିତି ? ପୂତନା ମରିବା ପରେ କଂସ ଶକଟାସୁରକୁ ପଠାଇଥିଲା ଗୋକୁଳକୁ, ଗୋକୁଳାନନ୍ଦକୁ ମାରିବା ପାଇଁ । ସେ ଆଉ କଂସ ପାଖକୁ ଫେରି ପାରିଲା ନାହିଁ । ଗୋକୁଳରେ ହିଁ ତା'ର ସମାଧି ହୋଇଗଲା ।

ଆଉ ଦିନକର କଥା । ଯଶୋଦା ପୁଅକୁ ଗାଧୁଆ ପାଧୁଆ କରେଇଲେ । କପାଳରେ ଗୋରଚନା ଘୋରି ଲେପିଲେ । ଦୁଧସର ଲବଣୀ ଖୁଆଇଲେ । କୋଳରେ ଧରି ଗେଲ କଲେ । ଧୀରେ ଧୀରେ ପିଲାଟାର ଓଜନ ବଢ଼ିବାରେ ଲାଗିଲା । ଏତେ ଭାରି ହେଲା ଯେ କୋଳରେ ଆଉ ଧରି ହେଲାନି । ଛୋଟ ପିଲାଟା - ଦିଟା ବଡ ବଡ ମଣିଷଠୁ ବଳି ଭାରି । ସେ ତଳକୁ ଖସେଇ ଆଣିବାପାଇଁ ଚେଷ୍ଟା କଲେ । କିନ୍ତୁ ପିଲାଟା କୋଳରୁ ଖସିବା ପାଇଁ ନାରାଜ । ଏତେ ଭାରି ହୋଇ ଉଠିଲା ଯେ ଯଶୋଦା ଆଉ ସହ୍ୟ କରିପାରିଲେ ନାହିଁ । ପିଲାର ଓଜନରେ ତାଙ୍କ ଜଂଘ, ଆଣ୍ଠୁ ତଳକୁ ଦବି ଯାଉଥିବା ଭଳି ଲାଗିଲା । ଅତିଶୟ ଅସହ୍ୟ ହୋଇ ପଡ଼ିବାରେ, ସେ ବହୁକଷ୍ଟରେ ପିଲାଟାକୁ ତଳକୁ ଖସେଇ, କାମ କରିବା ବାହାନାରେ ଘର ଭିତରକୁ ଯାଇ ନନ୍ଦଙ୍କୁ ସବୁ କଥା କହିଲେ ।

ନନ୍ଦ ହସିଲେ । ସେ ବି ଗଲେ ପିଲାକୁ ଉଠେଇ କାଖରେ ଧରିବାପାଇଁ । କିନ୍ତୁ ଉଠେଇ ପାରିଲେ ନାହିଁ । ଭାବିଲେ, ଶକଟାସୁରକୁ ଲାତେ ମାରିବାପରେ ପିଲାଟା ତାଙ୍କର ଅସୁର ପାଇଟି ଗଲାନି ତ !

●

॥ ୧୩ ॥

# ତୃଣ ଭିତରେ ବ୍ରହ୍ମାଣ୍ଡ

ଶକଟାସୁର ପରେ ତୃଣାବର୍ତ୍ତର ପାଳି ପଡିଲା । ସେ ମଧ୍ୟ କଂସର ଅତି ଆପଣାର ଲୋକ । ମାୟାବୀ । ଚାହିଁଲେ, ଏଡେବଡ ଅସୁରଟା ମାଛି ଆଉ ପିମ୍ପୁଡି ଭଳି ଛୋଟ ହୋଇ ଯାଇପାରେ । ପୂତନା ଓ ଶକଟାସୁର ମରିବା ପରେ କଂସ ଆଉ ତା'ର ଲୋକେ ନିଶ୍ଚିତ ହୋଇଗଲେ ଯେ କଂସର ଶତ୍ରୁ ଗୋକୁଳରେହିଁ ରହିଚି । କଳା-ଶ୍ୟାମଳ ବର୍ଣ୍ଣର ପିଲାଟିଏ ଅସୁର ଅସୁରୁଣୀଙ୍କୁ ମାରି ପକାଉଚି ।

କଂସର ଆଦେଶ, ଯାଅ ତୃଣାବର୍ତ୍ତ, ସେ କାଳିଆ ପିଲାଟାକୁ ମାରି ଆସ । ତୃଣାବର୍ତ୍ତ ସଙ୍ଗେ ସଙ୍ଗେ ଏକ ଘୂର୍ଣ୍ଣିବାତ୍ୟା ହୋଇ ଉଠିଲା । ଚାଲିଲା ଗୋକୁଳ ଆଡିକି । ଇମିତି ଜୋରରେ ସେ ବୁଲିଲା ଯେ ଗୋକୁଳର ମଣିଷ କ'ଣ ଗଛପତ୍ର ଜନ୍ତୁଜୁନ୍ତା ଥରହର ହୋଇ ପଡିଲେ । ଘୂର୍ଣ୍ଣିବାତ୍ୟା ଫଳରେ ପର୍ବତ ସୁଦ୍ଧା ଟଳମଳ । ପ୍ରବଳ ଧୂଳି ଝଡ ହେଲା । ଧୂଳିରେ ବାଟଘାଟ କିଛି ଦେଖାଗଲା ନାହିଁ । ଆକାଶ ଘୋଡେଇ ହୋଇଗଲା । ଲୋକେ ଯିଏ ଯାହା ପାଇଲେ କୁଣ୍ଢେଇ ଧରି ରହିଲେ । ମନେହେଲା ଯେମିତି ଗୋକୁଳ ଗୋଟାକ ଯାକ ଘୂର୍ଣ୍ଣିବାତ୍ୟାରେ ଉଡୁଚି । ନାହିଁ ନଥିବା ଝଡବାତ୍ୟା ! ଶବ୍ଦରେ କାନ ତାବ୍ଦା ହୋଇ ପଡୁଛି । ଅନ୍ଧାର ମାଡି ଆସିଲା । ଲୋକେ ଆତଙ୍କିତ ହୋଇ କିଏ କୁଆଡେ ଦୌଡିବାକୁ ଲାଗିଲେ । ଏପରି ବାତ୍ୟା ଗୋକୁଳ ଇତିହାସରେ କେବେ ଦେଖା ନଥିଲା କି ଶୁଣାଯାଇ ନଥିଲା । କିଏ କାହିଁକି ଜାଣିବେ ଯେ ଇଏ କଂସର ଚର ତୃଣାବର୍ତ୍ତର ପ୍ରକୋପ ।

ହଠାତ୍ ପ୍ରକୋପ କମି ଆସିଲା । ଲୋକେ ଆଖି ଖୋଲି ଦେଖି ପାରିଲେ । ଆକାଶ ନିର୍ମଳ । ଧୂଳି ଆଉ ନାହିଁ । ଅନ୍ଧକାର ଅପସାରିତ । ଗୋକୁଳ ପୂର୍ବଭଳି ଉଜ୍ଜ୍ୱଳ । କିନ୍ତୁ କେଉଁଠୁ କେଜାଣି ବଡ ବଡ କୁଆପଥର ପରି ପଥର ବୃଷ୍ଟି ହେବାରେ ଲାଗିଛି । ଗୋପୀମାନେ ନିଜ ପୁଅଝିଅଙ୍କୁ ଖୋଜିବାରେ ଲାଗିଛନ୍ତି ।

ଯଶୋଦା ମଧ୍ୟ ତାଙ୍କ କାହ୍ନୁଙ୍କୁ ଖୋଜୁଛନ୍ତି । ପିଲାକୁ ଯେଉଁ ଘରେ ଯେଉଁଠି ଶୁଆଇ ଦେଇ ଯାଇଥିଲେ, ସେଠି ସେ ନାହିଁ । ଗଲା କୁଆଡେ ? ନନ୍ଦ ମଧ୍ୟ ପାଗଳଙ୍କ ଭଳି ପିଲାକୁ ଖୋଜୁଛନ୍ତି । ଗୋପୀ ଗୋପାଳମାନେ ମଧ୍ୟ ନନ୍ଦପୁଅ ଲାଗି ବିକଳ । ନିଜ ପୁଅଠୁ ବଳି ସମସ୍ତେ କାହ୍ନୁକୁ ଭଲ ପାଆନ୍ତି । ସମସ୍ତଙ୍କର ମନରେ ଆଶଂକା । ଉପରୁ

ପଥର ପଡ଼ିବା ଆଉ ନାହିଁ । କିନ୍ତୁ ପଥରଠୁ ବଳି ଏଡେ ଓଜନିଆ ପିଲାଟାକୁ ନେଲା କିଏ ? ଏଇ ସେଦିନ ତ ନନ୍ଦ ଯଶୋଦା ପିଲାଟାକୁ ଟେକୁ ଉଠାଇ ପାରୁ ନଥିଲେ ।

ଏ ସବୁ ତୃଣାବର୍ତ୍ତର କାଣ୍ଡ । ତୃଣ ଭଳି ସେ ପିଲାଟାକୁ ଉଠେଇ ନେଇଚି ବହୁତ ଉପରକୁ । ପିଲାକୁ ଧରି ସେ ଉପରେ ଉଡି ଉଡି ଚାଲିଚି । ମନେ ମନେ ଭାବିଛି ପିଲାଟିକୁ ବହୁତ ଉପରକୁ ଉଠେଇ ନେଇ ତଳକୁ ଖସେଇ ଦେଲେ ପିଲାଟା ଜୋରରେ ତଳେ ପଡ଼ି ମରିଯିବ । ତା'ର ଚିହ୍ନବର୍ଣ୍ଣ ସୁଦ୍ଧା ମିଳିବନି । ଟିକି ଟିକି ହୋଇ ଧୂଳିରେ ମିଶିଯିବ । କିନ୍ତୁ ବିଚରା ତୃଣାବର୍ତ୍ତ କ'ଣ ଜାଣିଥିଲା ଯେ ଏ ସାଧାରଣ ପିଲା ନୁହେଁ । ଅସାଧାରଣ । ତୃଣାବର୍ତ୍ତ ପିଲାଟାକୁ ପିଠିରେ ପକେଇ ଉପରେ ଶୁଖିଲା ଘାସଭଳି ଉଡୁଚି । ହଠାତ୍ ପିଲାଟା ଏତେ ଭାରି ହୋଇ ପଡିଲାଯେ, ତୃଣାବର୍ତ୍ତ ତାକୁ ଆଉ ସମ୍ଭାଳି ପାରିଲାନି । ଅସମ୍ଭାଳ । ତୃଣାବର୍ତ୍ତ ଚାହିଁଲା ପିଲାଟାକୁ ତଳେ ପକାଇବା ପାଇଁ । କିନ୍ତୁ ପାରିଲା ନାହିଁ । ତୃଣାବର୍ତ୍ତର ଅବସ୍ଥା ଶୋଚନୀୟ । ପିଲାଟା ଧୀରେ ଧୀରେ ତା ପିଠି ଉପରୁ ତା ବେକ ଆଡକୁ ଆଗେଇ ଆସୁଥିବା ସେ ଜାଣି ପାରିଲା । ତ୍ରାହି ତ୍ରାହି ଡାକ ଛାଡିବାରେ ଲାଗିଲା ସେ । ତା ବେକ ଉପରେ ଆର୍ତ୍ତତ୍ରାଣ । ତାକୁ ଉଦ୍ଧାର କରିବାକୁ ଆସିଛନ୍ତି ସେ । ଅସୁର ଅନୁଭବ କଲା ଯିମିତି କିଏ ତା ବେକ ଉପରେ ଗୋଟାଏ ମସ୍ତବଡ ପର୍ବତ ଆଣି ଲଦି ଦେଇଛି । ନିଃଶ୍ୱାସ ପ୍ରଶ୍ୱାସ ବନ୍ଦହୋଇ ଆସୁଛି । ପିଲାଟା, ସେଇଟା ପୁଣି ଏତେ ଓଜନ ! ପିଲାର ହାତ ଦିଇଟା ତା ବେକ ଉପରେ । ଧୀରେ ଧୀରେ ସେ ଅସୁରର ଗଳାକୁ ଇମିତି ଚିପି ପକାଇଲା ଯେ ବହୁକଷ୍ଟରେ ଶେଷଥର ପାଇଁ କ୍ଷୀଣ ନିଃଶ୍ୱାସ ନେଲା । ତା'ପରେ ସେତକ ବି ବନ୍ଦ ! ତୃଣାବର୍ତ୍ତ ନିହତ । ତଳେ କଚାଡି ହୋଇ ପଡିଲା ସେ । ସେତବେଳକୁ ଘୂର୍ଣ୍ଣିବାତ୍ୟା ବି ଶେଷ । ସବୁ ଶାନ୍ତ । ସମସ୍ତେ ଦୌଡି ଆସି ଦେଖିଲେ ଯେଉଁ କହ୍ନେଇକୁ ଗୋକୁଳ ସାରା ଖୋଜା ପଡିଥିଲା ଅସୁର ପିଠିରେ ହାମୁଡିବାରେ ଲାଗିଛି । ଖେଳୁଚି । ଯଶୋଦା ଦେଖୁ ଦେଖୁ ପିଲାକୁ କୋଳକୁ ଟାଣି ନେଲେ । କପାଳରେ ଚୁମା ଦେଲେ । ଯଶୋଦାଙ୍କୁ ଗାଳି ଦେଇ ନନ୍ଦ କହିଲେ, ପିଲାଟା ପ୍ରତି ଟିକିଏ ହେଲେ ନିଘା ରଖୁନ । କଂସ ତା ପିଛା ଲାଗିଚି । କେତେବେଳେ କ'ଣ କରି ପକାଇବ । ଲାଗ ଲାଗ ତିନିଟା ଅସୁର ଅସୁରୁଣୀ ପଠାଇ ସାରିଲାଣି । ପିଲାଟାକୁ ଦୈବ ରକ୍ଷା କରୁଚି ।

କିନ୍ତୁ ଏଇ ପିଲାଟା ଯେ ଅସୁରଗୁଡ଼ାକୁ ମାରି ପକାଉଚି - କେହି ଧାରଣା ସୁଦ୍ଧା କରି ପାରିଲେନି ! ଯାହାର କାର୍ଯ୍ୟ କଳ୍ପନାତୀତ ତା' ଶକ୍ତିକୁ କଳନା କରିବ କିଏ ? ସମସ୍ତେ କୁହାକୁହି ହେଲେ ଯେ ଲୋକ ପାଞ୍ଚେ ପରମନ୍ଦ, ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ ! କିନ୍ତୁ ଗୋବିନ୍ଦ ଯେ ଏ ପିଲାଟି ସେମାନେ ଜାଣିବେ କିପରି ? ସମସ୍ତେ ଜାଣନ୍ତି ଇଏ

ନନ୍ଦରାଜାର ପୁଅ । ଆଉ କେହି କେହି କହିଲେ, ଭାଗ୍ୟର କଥା ଯେ ନାରାୟଣଙ୍କର ଆମ ପ୍ରତି ଅଶେଷ ଦୟା । ନଚେତ୍ ପିଲାଟା ଏଡେ ବଡ ଅସୁର ହାବୁଡରୁ ବଞ୍ଚନ୍ତା ! ନନ୍ଦରାଜା ବଡ ପୁଣ୍ୟବାନ । ବହୁତ ଦାନ ଧର୍ମ କରିଛନ୍ତି । ପୁଣ୍ୟବଳରେ ହିଁ ବୁଢ଼ା ବୟସରେ ଏପରି ପୁଅ ପାଇଲେ । ଭଗବାନ ସାଧୁ ସନ୍ଥ ପୁଣ୍ୟବାନଙ୍କ ପ୍ରତି ସବୁବେଳେ ସଦୟ ହୋଇ ଥାଆନ୍ତି ।

କଳାକାହ୍ନୁର ଲୀଳା ଦେଖି ଦେଖି ଯଶୋଦ ବିଭୋଳ । ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ସେ ପିଲାର ଲୀଳା ଦେଖି ଆସୁଛନ୍ତି । ଏପରି ଲୀଳା ଦେଖୁଛନ୍ତି ଯେ କାହାକୁ କହିଲେ, କେହି ବିଶ୍ୱାସ କରି ପାରିବେନି । ଏପରିକି ନିଜ ସ୍ୱାମୀ ନନ୍ଦଙ୍କୁ ମଧ ସେ କହୁନାହାଁନ୍ତି । ନାନା ଘଟଣା ସମୁଦ୍ରର ଲହଡି ଭଳି ତାଙ୍କ ଆଖିଆଗରେ ଲହଡି ଭାଙ୍ଗି ଚାଲିଚି । ଛାର ପିଲାଟା, ବର୍ଷେବି ହୋଇନି - ସିଏ ପୁଣି ଇମିତି ଘଟେଇପାରେ, ଏପରି କରିପାରେ- ଏପରି କହି ସମସ୍ତେ କାହ୍ନୁର ଲୀଳାକୁ ଥଟାରେ ଉଡାଇ ଦେଉଛନ୍ତି ।

ଦିନକର କଥା । ପିଲା ଦୁଧ ପିଇ ସାରିଛି । ଯଶୋଦାଙ୍କ କୋଳରେ ଖେଳୁଛି । ଧୀରେ ଧୀରେ ପିଲାର ଆଖିକି ନିଦ ମାଡ଼ି ଆସିଲା । ଯଶୋଦା ପିଲାକୁ ହାତ ପାପୁଲିରେ ଥାପୁଡେଇ ଶୁଆଇବା ଲାଗି ଚେଷ୍ଟା କରୁଛନ୍ତି । କହ୍ନେଇ ହାଇ ମାରିଲା । ପାଟିଟା ଆଁ ହୋଇ ଆସିଲା । ଯଶୋଦା ତା ପାଟି ଭିତରେ ଯାହା ସବୁ ଦେଖିଲେ, ସେଥିରେ ନିର୍ବାକ, ନିଷ୍ପନ୍ଦ ହୋଇ ପଡ଼ିଲେ । ତା ପାଟି ଭିତରେ ଦେଖିଲେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ । ଏଡେ ଛୋଟ ପାଟିଟିଏ । କିନ୍ତୁ ତା ଆଁ ଭିତରେ ଯିମିତି ତ୍ରିପୁର, ତ୍ରିଲୋକ ଜଳ ଜଳ ହୋଇ ଦେଖାଯାଉଛି । ତା' ଭିତରେ ସୂର୍ଯ୍ୟ, ଚନ୍ଦ୍ର, ପାହାଡ ପର୍ବତ, ନାନା ଜୀବଜନ୍ତୁ । ଅଗ୍ନି, ବାୟୁ, ଅନନ୍ତ ସମୁଦ୍ର । ଅଗଣିତ ନକ୍ଷତ୍ର । ତା ଭିତରେ ସେ ବି ଅଛନ୍ତି, ନନ୍ଦ ବି ଅଛନ୍ତି, କଂସ ଅଛି, ଅସୁର ଅଛନ୍ତି - ଇନ୍ଦ୍ର, ବରୁଣ, ବ୍ରହ୍ମା, ବିଷ୍ଣୁ, ମହାଦେବ, ନାନା ଦେବଦେବୀ, ଗନ୍ଧର୍ବ, କିନ୍ନର, ଅପ୍ସରା, ଅପ୍ସରୀ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ନଦନଦୀ, ଫଳପୁଷ୍ପ । ସୃଷ୍ଟିର ସମସ୍ତ ଧନ ରତ୍ନ । କିଏ ଯାଉଛି, କିଏ ଆସୁଛି । ଯମଙ୍କ ଦରବାର ମଧ ବସିଛି । ଅନନ୍ତର ପାଟି ଭିତରେ ଅନନ୍ତ ।

ଭାବିଲେ, ଯାହା ଦେଖିଲି, କାହାକୁ କହିବି, କହିଲେ କ'ଣ କେହି ବିଶ୍ୱାସ କରିବେ ? କିନ୍ତୁ ତାଙ୍କୁ ଆଉ କାହାକୁ କହିବାକୁ ପଡ଼ିଲାନି । ଯଶୋଦାଙ୍କ ମନ ଭିତରେ ମାୟାଧର ମାୟାକୁ ଭର୍ତ୍ତି କରିଦେଲେ । ଯଶୋଦା ଯାହା ଦେଖିଥିଲେ ସଙ୍ଗେ ସଙ୍ଗେ ଭୁଲିଗଲେ ।

ସେ କେବଳ ଦେଖିଲେ, ପିଲା ତାଙ୍କର ନିଘୋଡ ନିଦରେ ଶୋଇଛି । ତାକୁ ଶେଯରେ ଶୁଆଇ ଦେଇ ଘର କାମରେ ଲାଗି ପଡିଲେ ସେ । ମାୟା ଭିତରେ ତାଙ୍କର କାୟାର କାର୍ଯ୍ୟ ଯିମିତି ଚାଲିବା କଥା ଚାଲିଲା ।

ସେ ଏତିକି ମାତ୍ର ଜାଣିଲେ ଯେ କାହ୍ନୁ ଶୋଇଚି । ଉଠି ପଡ଼ିଲେ, ସମସ୍ତଙ୍କୁ ଉଠବସ କରାଇ ପକାଇବ ।

•

॥ ୧୪ ॥

# 'ବଳ'ରୁ ବଳରାମ, 'କଳା'ରୁ କୃଷ୍ଣ

**ବା**ପ ବସୁଦେବ ମଥୁରାରେ । ପୁଅ ଗୋକୁଳରେ ନନ୍ଦ ଘରେ । କିନ୍ତୁ ବସୁଦେବ ମଥୁରାରେ ପୁଅର ସବୁ ଭଲମନ୍ଦ ଖବର ରଖୁଥିଲେ । ପୁଅର ବୟସ କେତେ ଦିନ ହେଲା ଗଣିବାରେ ସେ ବ୍ୟସ୍ତ । ତା'ଠୁ ବେଶୀ ବ୍ୟସ୍ତ ପୁଅପାଇଁ ଶାସ୍ତ୍ରମତେ ସବୁ ଶୁଭାକାର୍ଯ୍ୟ ପାଳନ କରାଯାଉଛି କି ନାହିଁ, ସେଥିଲାଗି । ଅବଶ୍ୟ ନନ୍ଦ ଯଶୋଦା ପିଲାର ଗୋଟେ ଡାକ ନାଁ କାହ୍ନୁ, କହ୍ନେଇ ରଖିଛନ୍ତି କିନ୍ତୁ ବିଧିବଦ୍ଧ ଭାବରେ ନାମକରଣ ହେବା ଆବଶ୍ୟକ । ଦିନେ ବସୁଦେବ ତାଙ୍କ କୁଳ ପୁରୋହିତ ଗାର୍ଗ ଋଷିଙ୍କି ଡାକି ପୁଅର ନାମକରଣ ବ୍ୟବସ୍ଥା କରିବାକୁ କହିଲେ । ଗାର୍ଗ ଜାଣିଥିଲେ ସ୍ୱୟଂ ନାରାୟଣ ମଣିଷ ରୂପଧରି ମଥୁରାରୁ ରାତାରାତି ଯାଇ ନନ୍ଦଘରେ ଲୀଳା କରୁଛନ୍ତି । ତାଙ୍କର ବାଲଲୀଳା ସାରି ସେ ପୁଣି ମଥୁରାକୁ ଲେଉଟିବେ । ସବୁ ଜାଣି, କିଛି ନଜାଣିବା ଭଳି ଗାର୍ଗ ମୁନି ବସୁଦେବଙ୍କୁ କହିଲେ, ଯିବେ ଯେ, ତାଙ୍କ ଯିବା ଖବର ଯିମିତି କେହି ନଜାଣନ୍ତି । ଜଣା ପଡିଲେ ଆଉ ରକ୍ଷାରକ୍ଷଣ ନାହିଁ ।

ଗାର୍ଗ ଗଲେ ଗୋକୁଳକୁ । ନନ୍ଦ ତାଙ୍କୁ ଫୁଲଚନ୍ଦନ ପାଦାର୍ଘ୍ୟ ଦେଇ ଘରକୁ ପାଛୋଟି ନେଲେ । ଗାର୍ଗ ତାଙ୍କ ଗୃହରେ ପଦାର୍ପଣ କରିଥିବାରୁ ନନ୍ଦ ଆନନ୍ଦରେ ଗଦ୍‌ଗଦ୍ ହୋଇ ପଡିଲେ । କହିଲେ ମୋର କି ଭାଗ୍ୟ ! ଆପଣଙ୍କ ଦର୍ଶନ ଲାଭ କରିବା ଯାହା ଶହ ଶହ ତୀର୍ଥାଟନ କରିବା ତାହା । କେବଳ ମୁଁ ନୁହେଁ, ସମସ୍ତେ ଜାଣନ୍ତି, ଆପଣ ଜ୍ୟୋତିଷୀବିଦ୍ୟାରେ ପାରଙ୍ଗମ । ରାଶି ନକ୍ଷତ୍ର ଆଦି ଗଣନା କରି ଅତୀତ, ବର୍ତ୍ତମାନ, ଭବିଷ୍ୟତ ସବୁ କଥା କହି ପାରନ୍ତି । ତେଣୁ ଆପଣଙ୍କ ଭଳି ବିଜ୍ଞାନୀଙ୍କ ଦ୍ୱାରା ଆମ କାହ୍ନାର ଜନ୍ମ କୁଣ୍ଡଳି ପ୍ରସ୍ତୁତ ହେବା ଉଚିତ୍ । ଆମ ଘରେ ଏବେ ଦୁଇପୁଅ । ଦୁହିଁଙ୍କର

ନାମକରଣ ଓ କୁଣ୍ଡଳି ଏକାବେଳକେ କରାଗଲେ, ଆମେ କୃତଜ୍ଞ ହେବୁ । ବସୁଦେବ ଉପଯୁକ୍ତ ଲୋକଙ୍କୁ ପଠାଇଛନ୍ତି ।

ଗାର୍ଗମୁନି କହିଲେ, ଆପଣ ଜାଣନ୍ତି ମୁଁ ହେଉଛି ଯାଦବମାନଙ୍କ କୁଳ ପୁରୋହିତ । ମୁଁ ଯଦି ଆପଣଙ୍କ ପୁଅମାନଙ୍କ ଜାତକ ପ୍ରସ୍ତୁତ କରେ, କଂସ ଧରିନେବ ଯେ ଏ ପୁଅ ନିଶ୍ଚୟ ଦେବକୀର । କାରଣ ମୁଁ ଯାଦବମାନଙ୍କ ବ୍ୟତୀତ ଅନ୍ୟ କାହାର ଜାତକଉତ୍ସବରେ ପୁରୋହିତୀ କରିନଥାଏ । ଆପଣମାନେ ହେଉଛନ୍ତି ଗୋପାଳ । ଗାର୍ଗମୁନି ନନ୍ଦଙ୍କୁ ଆଉ ଏକ କଥା ମନେପକାଇ ଦେଲେ ଯେ କଂସ ଜାଣେ ଦେବକୀଙ୍କ ଅଷ୍ଟମଗର୍ଭରୁ ଏକ କନ୍ୟା ଜାତ ହୋଇଥିଲା । କନ୍ୟାକୁ ସେ ମାରିବାକୁ ଗଲାବେଳେ, ସେ ଆକାଶକୁ ଉଡି ପଳାଇଲା । ଶୂନ୍ୟରୁ କହିଲା, ତତେ ଯେ ମାରିବ, ସେ ଜନ୍ମ ହୋଇସାରିଲାଣି । ଏବେ ବଢୁଛି, ତୋର ପ୍ରାଣ ନେବାପାଇଁ । ସେ ଦିନଠୁ କଂସ ମନରେ ଛନକା ପଶିଯାଇଛି । ତାକୁ ମାରିବାବାଲା ପିଲାଟା କିଏ ଖୋଜୁଛି । ତା' ଛଡ଼ା କଂସ ଜାଣେ ଯେ ଆପଣଙ୍କ ସହିତ ବସୁଦେବଙ୍କ ସଂପର୍କ ଅତି ଘନିଷ୍ଠ । ଦୁଇଭାଇ ଭଳି । ତେଣୁ ମୁଁ ଯଦି ପିଲାର ନାଆଁ ଦିଆ କାର୍ଯ୍ୟ କରେ, ନାନା ଅସୁବିଧା ଦେଖାଦେବ । ସଂକଟ ଉପୁଜିବ । ଆପଣଙ୍କ ପ୍ରତି ଓ ପୁଅପ୍ରତି କଂସର କ୍ରୋଧ ବଢ଼ିବ ।

ନନ୍ଦ କହିଲେ, ସେ ଭୟ କରନ୍ତୁ ନାହିଁ । ଆପଣ ସବୁ କାର୍ଯ୍ୟ କରିଯାଆନ୍ତୁ, ବାହାରେ କେହି ଜାଣିବେ ନାହିଁ, ସବୁ ଗୋପନ ରଖାଯିବ ।

ଗାର୍ଗ ତ ଆସିଛନ୍ତି ନାରାୟଣଙ୍କ ଦର୍ଶନପାଇଁ । ଲୋକାଚାର ଦୃଷ୍ଟିରୁ ସେ କେବଳ ଏତେକଥା କହୁଥିଲେ । ରାଜି ହେଲେ ନାଁ ଦିଆ ଉତ୍ସବ ସମ୍ପାଦନ କରିବା ଲାଗି । ଦୁଇ ପୁଅଙ୍କୁ ଆଣି ଗାର୍ଗମୁନିଙ୍କ ସାମନାରେ ରଖାଗଲା । ମୁନି ପ୍ରଥମେ ବୟସରେ ବଡ଼ ଯିଏ ସେ ପିଲାକୁ ଲକ୍ଷ୍ୟକରି କହିଲେ, ଇଏ ରୋହିଣୀଙ୍କ ପୁଅ । ଦେଖିବାକୁ ଗୋରା ଚେହେରା । ଅତି ସୁନ୍ଦର । ଭବିଷ୍ୟତରେ ଗୁଣବାନ୍ ହେବ । ତେଣୁ ଯା ନାଆଁ ରଖୁଛି ରାମ । ଏହାକୁ ବଳରେ କେହି ଟପି ପାରିବେ ନାହିଁ । ତେଣୁ 'ବଳରାମ' ଆ ବଳଦେବ ନାମରେ ପରିଚିତ ହେବ । କିନ୍ତୁ ଜାତକ ନାଆଁ 'ସଙ୍କର୍ଷଣ' । ଆର ପୁଅଟିର ଚେହେରା, ଦେହର ରଙ୍ଗ କଳା ତେଣୁ ତା ନାଆଁ 'କୃଷ୍ଣ' ରଖାଯାଉ । ଏ ପିଲା ପୂର୍ବରୁ ବସୁଦେବଙ୍କ ପୁତ୍ର ଥିଲା । ତେଣୁ ଏହାର ଅନ୍ୟନାମ 'ବାସୁଦେବ' ମଧ୍ୟ ରହୁ । କିନ୍ତୁ ବାସୁଦେବ ଅପେକ୍ଷା 'କୃଷ୍ଣ' ନାମରେ ହିଁ ବିଶ୍ୱବିଖ୍ୟାତ ହେବ । ଜ୍ଞାନୀମାନେ କହନ୍ତି ଏ ପିଲାର ଗୁଣ ଅକଳନ । ପ୍ରତ୍ୟେକ ଗୁଣ ଲାଗି ଏହାର ଗୋଟିଏ ଗୋଟିଏ ନାଆଁ । ମୁଁ ସୋନାଆଁ ସବୁ ଜାଣେ, କିନ୍ତୁ ସାଧାରଣ ଲୋକେ ଜାଣନ୍ତି ନାହିଁ । ଏ ପିଲାର ଗୁଣ ହିଁ ଆପଣମାନଙ୍କର ସବୁପ୍ରକାର ବାଧାବିଘ୍ନ

ଅକ୍ଳେଶରେ ଦୂର କରିଦେଇପାରିବ । ଇଏ ଇମିତି ଆନନ୍ଦ ଦେବ ଯେ ଗୋପୀ ଗୋପାଳମାନେ ସବୁବେଳେ ତା' ଚାରିପଟେ ଘେରି ରହିବେ । ସେ କେବଳ ନନ୍ଦନନ୍ଦନ ହୋଇ ରହିବ ନାହିଁ, ସେ ରହିବ ଗୋପନନ୍ଦନ ଭାବରେ । ଏବେ ଯିମିତି କଂସ ଅତ୍ୟାଚାରରେ ମଥୁରା ଥରୁଚି, ସିମିତି ପୂର୍ବକାଳରେ ବେନ ନାମକ ଜଣେ ରାଜାଙ୍କ ଅତ୍ୟାଚାରରେ ପୃଥିବୀ ଥରହର ହୋଇ ପଡୁଥିଲା । ତୁମର ଏହି ପୁଅ ପୃଥୁ ନାମକ ଏକ ରାଜା ଭାବରେ ଜନ୍ମ ଗ୍ରହଣ କରି ପ୍ରଜାକୂଳକୁ ରକ୍ଷା କରିଥିଲେ ।

ଗାର୍ଗ କହିଲେ, ଇଏ ଦେଖିବାକୁ କଳା କିନ୍ତୁ ଇଏ ଇମିତି କଳା କୌଶଳ ଦେଖାଇବ ଯେ ତାକୁ କେହି କଳନା କରି ପାରିବେ ନାହିଁ । ଯେଉଁମାନେ ଏହାକୁ ଭଲ ପାଇବେ, ସେମାନେ ଚିରଦିନ ଭଲରେ ରହିବେ । ଦୁଃଖ କ'ଣ ଜାଣିବେ ନାହିଁ । ଏପରିକି ଅସୁରମାନେ ମଧ୍ୟ ଏହାକୁ ଭଲପାଇ ସୁର ପାଲଟି ଯିବେ । ତେଣୁ କୃଷ୍ଣ ପ୍ରତି ମନକୁ ଯୋଡ଼ି ରଖିବ । ଏ କୃଷ୍ଣ ସମସ୍ତଙ୍କୁ ଆକର୍ଷଣ କରିବ - ଠିକ୍ ଚୁମ୍ବକ ଭଳି । ଜାତକରୁ ଯାହା ବାହାରୁଛି, ଗଣନାକରି କହିଦେଇ ଯାଉଛି ।

ଗାର୍ଗ ମନଭରି ବିଷ୍ଣୁ ଦର୍ଶନ କରିବାପରେ ମନେ ମନେ ପ୍ରଣାମ ଜଣାଇ ମଥୁରା ଫେରିଗଲେ । ଗୋକୁଳରେ ଯାଇ ଯାହା ହେଲା ସେ ବସୁଦେବ ଓ ଦେବକୀଙ୍କୁ ଠିକେ ଠିକେ ସବୁକଥା କହିଲେ । ଦେବକୀ ପଚାରିଲେ, ପିଲା ଆମର ହାମୁଡ଼ିଲାଣି ତ ? ଗାର୍ଗ ହସି ହସି କହିଲେ, ରୋହିଣୀପୁତ୍ର ଘୋଡ଼ା ସାଜୁଛି, ଦେବକୀ ପୁତ୍ର ଘୋଡ଼ା ଉପରେ ବସୁଛି । ସେମାନଙ୍କ ଖେଳ ଦେଖିଲେ, ପାଖ ଛାଡ଼ିବାକୁ ମନ କହୁନି । ଚାଲରେ ଘୋଡ଼ା କହିବାମାତ୍ରେ ବଳରାମ ଯିମିତି ମୁହୂର୍ତ୍ତକରେ ଚଉଦଭୁବନ ବୁଲି ଆସୁଛି । କିନ୍ତୁ ଯଶୋଦାଙ୍କ ବଡ଼ ଭୟ କାହ୍ନୁ ଅଥବା ତଳେ ପଡ଼ିଯିବ । ତେଣୁ ସେମାନଙ୍କ ପଛେ ପଛେ ନନ୍ଦ ଯଶୋଦା ଗୋଡ଼ାଉଛନ୍ତି ।

ବସୁଦେବ ଓ ଦେବକୀ ଗାର୍ଗଙ୍କୁ କହିଲେ, ଆମର ଦୁର୍ଭାଗ୍ୟ, ସେମାନଙ୍କ ବାଲ୍ୟଲୀଳା ଦେଖି ପାରିଲୁ ନାହିଁ । ବଡ଼ କୌତୁକିଆ ହୋଇଥିବେ ! ଯାହାହେଉ, ଯେଉଁଠି ଥାଆନ୍ତୁ, ଯାହାର ପୁଅ ବୋଲାଉ ଥାଆନ୍ତୁ ପଛକେ, ଭଲରେ ଥାଆନ୍ତୁ ।

ଆଉ କ'ଣ ସବୁ ଦେଖିଲେ ବୋଲି ପଚାରିବାରେ ଗାର୍ଗ କହିଲେ, କୃଷ୍ଣଲୀଳା ଶୁଣିବାରେ ଆପଣମାନଙ୍କର ଯେଉଁ ଆନନ୍ଦ, ମୋର ତା'ଠୁ ବଳି ଆନନ୍ଦ ଆପଣମାନଙ୍କୁ କହିବାରେ । ଅଳ୍ପ ସମୟ ତ ରହିଲି । ହାମୁଡା ତ ଦେଖିଥିଲି, ଚାଲିବାର ଦେଖିଚି, ଦୌଡିବାର ବି ଦେଖିଚି । ପିଲାଦି'ଟାକୁ ଆଣ ବୋଲି କହିବା ମାତ୍ରେ ନନ୍ଦ ଯଶୋଦା

କହିଲେ, ଏଇଠି ଏବେ ଖେଳୁଥିଲେ ଗଲେ କୁଆଡ଼େ ? ଏତିକି ତାଙ୍କ ତୁଣ୍ଡରୁ ବାହାରିଛି କି ନାହିଁ, ଦି'ଟା ଯାକ ଆସି ଘରେ ହାଜର । ଦେହଯାକ କାଦୁଅ ଲଟପଟ । ମା' ଯଶୋଦା ପିଟିବେ ବୋଲି ସେମାନଙ୍କ ଦେହ, ଭୟରେ ବରଡ଼ାପତ୍ର ଭଳି ଥରୁଛି । ମୋତେ ଦେଖି ସେମାନେ ଆହୁରି ଛାନିଆଁ । ରାମ ପଚାରୁଛି ଆରେ କାହ୍ନା ! ଆମ ଘରେ ଏ ଦାଢ଼ିଆଟା କିଏ ? କୃଷ୍ଣର ପାଟି ଲାଗୁଛି, ଭାଇକି କହିଲା, ଯା ନାଁ ଗାର୍ଗ । ଆମ ନାଆଁ ଦେବାକୁ ଆସିଛି । ତୁ ତ ଗୋରା, ମୁଁ କଳା । ଗୋରା, କଳା ନାଆଁ ଦେବ । ସଙ୍ଗେ ସଙ୍ଗେ ରୋହିଣୀ ଆଉ ଯଶୋଦା ସେମାନଙ୍କୁ ଗାଧୁଆ ପାଧୁଆ, ପୋଛାପୋଛିକରି, ଚୁଆଚନ୍ଦନ, କଜଳ ଲଗାଇ ମୋ ଆଗରେ ବସେଇଦେଲେ । ଚେହେରା ଦେଖି ନାଆଁ ଦେଇଆସିଲି ।

●

## ।। ୧୫ ।।

# 'ମା' ମୁଁ ମାଟି ଖାଇନି'

**ଗା**ର୍ଗମୁନି ନନ୍ଦଙ୍କୁ କହିଦେଇ ଯାଇଛନ୍ତି, ରାମ କୃଷ୍ଣ ଏହି ଦୁଇ ପିଲାଙ୍କ ପ୍ରତି ସାବଧାନ ରହିବ । କୃଷ୍ଣଙ୍କୁ ନାରାୟଣ, ବଳରାମଙ୍କୁ ଶଂକର୍ଷଣ ମନେ କରିବ । ଏମାନେ କେତେବେଳେ କ'ଣ କରି ପକାଇବେ ତା'ର ଠିକ୍ ଠିକଣା ନାହିଁ ।

ପିଲାଙ୍କ ହାମୁଡା ବୟସ ଚାଲିଗଲା । ଏବେ ଚାଲିଲାଣି । ରାମଙ୍କ ଅପେକ୍ଷା କୃଷ୍ଣ ଅଧିକ ଦୁଷ୍ଟ । ବଳରାମ ଧୀରସ୍ଥିର । କିନ୍ତୁ ଥରେ ଥରେ ଇମିତି ଅସ୍ଥିର ଯେ ରୋହିଣୀ ବୁଝେଇ ବୁଝେଇ ନାକେଦମ୍ । କୃଷ୍ଣ ଭାରି ଚାଲାକ୍, ଚତୁର । ଗାଈ ବାଛୁରୀଙ୍କ ଲାଞ୍ଜଧରି ଦୌଡ଼ିବାରେ ତା'ର ବଡ଼ ସଉକ । ତା'ଛଡ଼ା ଗୋପୀମାନଙ୍କୁ ଚିଡ଼େଇବାରେ ତା'ର ଆନନ୍ଦ । କାହା ଘରେ କେତେବେଳେ ଲୁଚି ଲୁଚି ପଶିଯିବ । ଇମିତି କାଣ୍ଡ କରିବ ଯେ କୁମାରୀ, ଯୁବତୀ ଝିଅ ଓ ବୋହୂମାନେ ଲଜ୍ଜାରେ କାହାକୁ କିଛି କହିପାରନ୍ତି ନାହିଁ । ଛୋଟ ପିଲାଟା, ଭଲକରି ଚାଲିପାରିନି, ସିଏ ଯେ ଇମିତି କାମ କରିଥିବ କିଏ ବା ବିଶ୍ୱାସ କରିବ ?

ହଁ, ଗୋପୀଙ୍କ ଭିତରୁ କେହି କେହି ଆସି ଯଶୋଦାଙ୍କ ଆଗରେ ଆପତ୍ତି, ଅଭିଯୋଗ କରନ୍ତି । କିନ୍ତୁ ଇଏତ ନିତିଦିନିଆ ଘଟଣା । ଯଶୋଦା ପିଲାଟାକୁ କେତେ ବା ଅଟକେଇବେ, କେତେ ଗାଳି ଦେବେ, କେତେ ବାଡ଼େଇବେ ! ଗୋପୀମାନେ ଆପତ୍ତି କରନ୍ତି ସତ, ମନେମନେ ଭାବନ୍ତି, କୃଷ୍ଣଟା ମୋ ଘରକୁ ସବୁବେଳେ ଆସନ୍ତା କି ! ତାକୁ ଦେଖିଲେ, କାହିଁକି କେଜାଣି ଦିନଟାଯାକ ସୁଖରେ କଟିଯାଉଛି ! ପେଟ ପୂରି ଯାଉଛି ।

ଦିନେ ଆସି ଜଣେ ଗୋପୀ କହିଲା, ତୁମ କାଳିଆ ଇମିତି ଦୁଷ୍ଟାମି କରୁଛି ଯେ କଥାରେ କହି ହେବନି । ହେଇ, ଆଜିର କଥା, ଦୁଧ ଦୁହିଁବା ପାଇଁ ଗାଈ ପାଖକୁ ଯାଇ ଦେଖିଲି, ତୁମ ପୁଅ ବାଛୁରୀକି ଫିଟେଇ ଦେଇଛି । ବାଛୁରୀ ତା' ମା'ଠୁ ଦୁଧ ପିଉଛି । ଗାଈର ପହ୍ନାରେ ଦୁଧ ଟୋପେ ନାହିଁ । ସବୁ ବାଛୁରୀ ପିଇ ଦେଇଛି । ବାଛୁରୀ ପିଉଛି, ତମ ଅଲିଅଳ ପୁଅ ପାଖରେ ଠିଆ ହୋଇଛି । ଗାଳିଦେଲି, ତାକୁ ବହୁତ ବକିଲି । କିନ୍ତୁ ମୋ ଗାଳିକୁ ସେ ତା' ହସ୍‌ରେ ଓଝାଳି ପକାଇଲା । ହାତ ଦେଖାଇ, ପିଠି ଦେଖାଇ କହିଲା, ମାରିବ ତ ମାର ! ଗାଈର କ୍ଷୀର ତା ବାଛୁରୀ ପିଇବା ପାଇଁ ହେଇଛି । ପିଉ, ମନଇଚ୍ଛା ପିଉ ।

ଆଉ ଦିନେ ଆଉ ଜଣେ ଗୋପୀ ଆସି କହିଲା, ତୁମ ପୁଅ ଚୋରଙ୍କ ସର୍ଦ୍ଦାର । ଘରେ ଆମର ଦୁଧ ଦହି ବୋଲି ଟୋପେ ରଖିଦେଉନି । ଥରେ ଥରେ ଗୋଟେ ପିଲାଙ୍କୁ ଧରି ପଶୁଛି । ଇମିତି ଛପି ଛପି ଯାଉଛି ଯେ ଘରେ ଥାଇ ମଧ ଜାଣି ହେଉନି । ସିକା ଉପରେ ଦୁଧଦହି ହାଣ୍ଡି । ପିଲାଙ୍କ ଉପରେ ପିଲା, ତା ଉପରେ ତୁମ ପିଲା । ଯେତେ ଉପରେ ରଖିଲେ ମଧ ତା ହାତ ପାଇଯାଉଛି । ନପାଇଲେ ବାଡ଼ିରେ ହାଣ୍ଡି କଣାକରି ତଳେ ପାଟିକି ଦେଖେଇ ଢକଢକ ପିଇ ଯାଉଛି । ନିଜେ ତ ପିଉଛି, ସମସ୍ତଙ୍କୁ କହୁଛି, ତମେମାନେ ବି ପାଟି ଦେଖେଇ ପିଇଯାଅ । କେହି ନଥିଲେ, ମାଙ୍କଡ଼ଗୁଡ଼ାକୁ ପିଆଉଛି । ମାଙ୍କଡ଼ଗୁଡ଼ାକ ବି ଇମିତି ବୋଲ ମାନିଛନ୍ତି ଯେ କୃଷ୍ଣ ଯୁଆଡ଼େ ମାଙ୍କଡ଼ଗୁଡ଼ାକ ସିଆଡ଼େ । ସେଗୁଡ଼ାକ ଆଖପାଖ ଗଛରେ ବସୁଛନ୍ତି, ତମ ପୁଅ ସେଗୁଡ଼ାକୁ ନେଇ ଦୁଧ ଦହି ପିଆଉଛି । ଦୁଧ ଦହି ପିଇ ଗୋକୁଳର ମାଙ୍କଡ଼ଗୁଡ଼ାକ ମୋଟା ସୋଟା ହୋଇପଡ଼ିଲେଣି ।

ଥରେ ଜଣେ ଗୋପୀ ଆସି କହିଲା, ଘରକୁ ଯାଉଛି, ଦୁଧ, ଦହି, ଲହୁଣୀ ନପାଇଲେ, ଆମ କଅଁଳା ପିଲାଙ୍କୁ ଚିମୁଟି ଦେଇ ଦୌଡ଼ି ପଳାଉଛି । ପିଲା କିରକିଛିଆ ରଡ଼ି ଛାଡୁଛି । ସେଥିରୁ ଆମେ ଜାଣୁଛୁ ଯେ ତମ ବଦ୍‌ମାସ ପୁଅ ଆସିଥିଲା । ଗତକାଲିର କଥା । ତୁମ ପୁଅ ଡ଼ରରେ, ଦୁଧ, ଲହୁଣୀ ସିକାରେ ନରଖି ଅନ୍ଧାର ଘର କୋଣରେ ରଖି ମୁଁ କାମରେ ଲାଗିଥିଲି । ତୁମ ପୁଅ ଇମିତି ମଣିମାଣିକ୍ୟ ସବୁ ପିନ୍ଧିଛି ଯେ ସେ ପଶିଲା ମାତ୍ରେ ଘର ଆଲୁଅ ହୋଇଯାଉଛି । ସେ ଆଲୁଅରେ ଦୁଧ ଲହୁଣୀ ହାଣ୍ଡି ପାଖରେ ପହଞ୍ଚି ସବୁ ଖାଇ ପକାଉଛି । ମୁଁ ତାଙ୍କୁ ଧରିଲି । ତା ମୁହଁଯାକ ସର ଲବଣୀ ଇମିତି ଲେପି ହୋଇଯାଇ ଥିଲା ଯେ, ତୁମ ପୁଅ ବୋଲି ହଠାତ୍ ଠଉରେଇ ପାରିଲି ନାହିଁ । କିନ୍ତୁ ସେ ନିଜେ କହିଲା, ମୁଁ ଯଶୋଦା ପୁଅ, କାହ୍ନୁ । ଖାଇ ତ ସାରିଲେଣି, କ'ଣ କରୁଛ କର । ଯାଇ ଯାଇ ତ ମାଆକୁ କହିବ, ଯାଅ କହ ! ଇମିତି ମୁହଁ ତୋଡ ଜବାବ

ଦେଉଛି ଯେ ଭୀଷଣ ରାଗ ମାଡୁଛି କିନ୍ତୁ ମାରିବାକୁ ହାତ ଯାଉନି ! ଥରେ ଥରେ ଖତେଇ ହେଉଛି । କହୁଛି, ମୁଁ ଏ ଘରର ମାଲିକ । ମୁଁ ଚୋର ନୁହେଁ, ତୁମେ ଚୋର । ଦୁଧ ଦହି ମାଗୁଚି, ନଦେଲେ, ଦାଣ୍ଡରୁ ଅଳିଆ, ମଇଳା ସବୁ ଗୋଟେଇ ଆଣି ଘରସାରା ଫିଙ୍ଗୁଚି । ଏଇ ତ ଏବେ ଘର ସଫା କରି ତୁମ ପାଖକୁ ଆସିଛି ।।

ଗୋପୀମାନେ ଆସି ଯଶୋଦାଙ୍କ ଆଗରେ ଫରିଆଦ କରି କହନ୍ତି । ପିଲାଟା ଯିମିତି ଖାଣ୍ଟି ସୁନାଟା । କିଛି ନକଲା ଭଳି, କିଛି ନଜାଣିଲା ଭଳି, ଦେଖ କିମିତି ମାଆର ଲୁଗାକାନି ଧରି ଠିଆହୋଇଛି । ସତେକି ନିରୀହ, ସରଳ ପିଲାଟାଏ । ଗୋପୀମାନେ କହନ୍ତି, ଆଉ ସହି ହେଉନି, ରହି ହେଉନି । ପିଲାଟାକୁ ତିଆର, କିଛି ଗୋଟାଏ ବ୍ୟବସ୍ଥା କର ।

ଯଶୋଦା ରାଗରେ ପୁଅକୁ ସାବ୍‌ଡ଼ କରିବା ପାଇଁ ଛାଟ ଧରି ଆସନ୍ତି ପିଟିବା ପାଇଁ । ଦେଖନ୍ତି କୃଷ୍ଣର ଆଖିରେ ଲୁହ । ମାଡ଼ ଭୟରେ ଭୟତ୍ରସ୍ତ । ଦେହ ତା'ର ଥରହର । ଓଠ ଥରୁଛି । ଯଶୋଦା କୃଷ୍ଣର ଏ ଅବସ୍ଥା ଦେଖି ବିକଳ ହୋଇପଡ଼ନ୍ତି । ପିଟିବେ କ'ଣ କାଖକୁ ଉଠାଇ ନିଅନ୍ତି । କହନ୍ତି, ଆଉ ଇମିତି କରିବୁନି । କଲେ ତେବେ ଘରୁ ବାହାର କରିଦେବି । ମୁଁ ତୋ'ର ଆଉ ମାଆ ହେବିନି । ତତେ ନ କାଖେଇ, ବଳରାମକୁ କାଖେଇବି ।

ଗୋପୀମାନେ ମଧ୍ୟ କୃଷ୍ଣ କହ୍ନେଇର ଏଭଳି କାକୁସ୍ଥ ଅବସ୍ଥା ଦେଖି, ଆମେ ଅଲକ୍ଷଣୀ କାହିଁକି ଗୁହାରି କରିବାକୁ ଆସିଲୁ ବୋଲି ମନେ ମନେ କହିହୁଅନ୍ତି । ସେମାନଙ୍କ ରାଗ କୃଷ୍ଣାନୁରାଗ ପାଲଟି ଯାଏ । ମନମୋହନଙ୍କ ବଦନ ସେମାନଙ୍କ ଆଖି ଆଗରେ ନାଚିଉଠେ । କୃଷ୍ଣ ଖତେଇ ହେବାଟା ମଧ୍ୟ ସେମାନଙ୍କୁ ଭଲ ଲାଗେ । ଦୁଷ୍ଟାମି କରୁ ପଛେ, ଦୁଧ ସର ଲହୁଣୀ ଖାଉ ପଛେ, ସେମାନଙ୍କ ଘରକୁ ବାରମ୍ବାର ଆସୁଥାଉ ବୋଲି ମନେ ମନେ କୃଷ୍ଣର ଆଗମନକୁ ସ୍ୱାଗତ କରିବାକୁ ଲାଗନ୍ତି ।

ଦିନେ ଦାଣ୍ଡରେ ରାମ ଓ କୃଷ୍ଣ ଦୁହେଁ ସାଙ୍ଗପିଲାଙ୍କ ସହିତ ଖେଳୁଥିଲେ । ବଳରାମ ଆସି ଯଶୋଦାଙ୍କୁ କହିଲେ, କୃଷ୍ଣ ମାଟି ଖାଉଛି । ଯେତେ ମନା କଲେ ବି ମାନୁନି । ଆହୁରି ଖାଇବି କହୁଛି । ସାଙ୍ଗପିଲାଙ୍କୁ ପଚାରୁନା । ସମସ୍ତେ ଦେଖିଛନ୍ତି । ଯଶୋଦା ଦୌଡ଼ିଗଲେ । କୃଷ୍ଣଙ୍କୁ ଟାଣିଆଣିଲେ । ଧମ୍‌କେଇ କହିଲେ, ସତ କହ, ତୁ ମାଟି ଖାଉଛୁ ? କୃଷ୍ଣ କହିଲେ, ନା ମା', ମୁଁ ବିଲକୁଲ ମାଟି ଖାଇନି । ଯଶୋଦା କହିଲେ, ତୋ ବଡ଼ ଭାଇ ଆଉ ଏ ପିଲାମାନେ କ'ଣ ମିଛ କହୁଛନ୍ତି ? କୃଷ୍ଣ କହନ୍ତି, ହଁ ସେମାନେ ମୋ

ନାଆଁରେ ଲଗେଇ ଜୁଟେଇ ମିଛ କହୁଛନ୍ତି । ସେମାନେ ଚାହାଁନ୍ତି ମୁଁ ମାଡ଼ଖାଏ । କହିବ ଯଦି ସମସ୍ତଙ୍କ ଆଗରେ ମୁଁ ପାଟି ଆଁ କରି ଦେଖାଇଦେବି । ଖାଇଥିଲେ, ଟିକିଏ ହେଲେ ବି ପାଟି ଭିତରେ ତ ଲାଗିଥିବ । ଯଶୋଦା କହିଲେ, ହଁ, ତୁ ଆଁ କର ।

ଶୁକମୁନି କହିଲେ ପରୀକ୍ଷିତଙ୍କୁ – ହେ ରାଜା ମାତାଙ୍କ ଧିକ୍କାରରେ ଶିଶୁରୂପୀ ହରି ପାଟିକୁ ଆଁ କରିଦେଲେ । ଯଶୋଦା ସେହି ମୁଖଗହ୍ୱର ଭିତରେ ଦେଖିଲେ, ସ୍ଥାବର, ଜଙ୍ଗମ, ଅନ୍ତରୀକ୍ଷ, ଦିଗସମୂହ, ଗିରିକାନନ, ସାଗର, ବିଦ୍ୟୁତ୍, ଅଗ୍ନି, ପ୍ରଭଞ୍ଜନ, ବିଶ୍ୱବ୍ରହ୍ମାଣ୍ଡ । ଇମିତି ଥରେ କୃଷ୍ଣ ତାଙ୍କ କୋଳରେ ଶୋଉ ଶୋଉ ହାଇ ମାରିବା ବେଳେ ଯଶୋଦା ବିଶ୍ୱରୂପ ଦର୍ଶନ କରିଥିଲେ । ଏଥରକୁ ମିଶାଇ ଦୁଇଥର ହେଲା । ସେତେବେଳେ ସଙ୍ଗେ ସଙ୍ଗେ ଭୁଲି ଯାଇଥିଲେ । କିନ୍ତୁ ଏ ଦର୍ଶନ ଅବିସ୍ମରଣୀୟ । ମନେ ମନେ ଭାବିଲେ, ଇଏ ସ୍ୱପ୍ନ ନା ସତ୍ୟ ? ଏ କ'ଣ ତାଙ୍କ ପୁତ୍ରର ଐଶ୍ୱର୍ଯ୍ୟ । ଇଏ ନାରାୟଣଙ୍କ ମାୟା ନୁହେଁ ତ ? ସେ ମନେ ମନେ ନମସ୍କାର କଲେ । କହିଲେ, ମୁଁ ତ ସାମାନ୍ୟ, କିଞ୍ଚନ ନନ୍ଦରାଜାର ପତ୍ନୀମାତ୍ର ! ଏ ତୁଣ୍ଡ ଭିତରେ କିଏ ଅଛ- ଏ ଅଧମ, ଜାଣିପାରୁନି, ବୁଝିପାରୁନି । ମତେ କ୍ଷମାକର ପ୍ରଭୋ !

●

॥ ୧୬ ॥

# ଯଶୋଦାଙ୍କ ହାତରେ ଛାଟ

କୃଷ୍ଣ ଯେତେବେଳେ ଜାଣିଲେ ଯେ ମା'ତାଙ୍କର ପ୍ରକୃତ ସ୍ୱରୂପ ଦେଖି ଅଭିଭୂତ ହୋଇପଡ଼ିଲେଣି, ସେ ସଂଗେ ସଂଗେ ବିଷ୍ଣୁମାୟା ବିସ୍ତାର କଲେ । ଏହି ମାୟା ହେଉଛି ପୁତ୍ରସ୍ନେହ । ଏହି ମାୟା ଫଳରେ ଯଶୋଦା ସତ୍ୟକୁ ଭୁଲିଗଲେ । ପୁଣି ସେହି ମୋହମାୟା ଅଳିକ ସଂସାର ଭିତରେ ପ୍ରବେଶ କଲେ । ଟିକକ ଆଗରୁ ଯାହା କହୁଥିଲେ, ଯାହା ଦେଖୁଥିଲେ, ସବୁ ଭୁଲିଗଲେ । ସତ୍ୟ ଯାହା ଋକ୍, ଯଜୁଃ ଓ ସାମବେଦରେ ଉଦ୍‌ଘୋଷିତ ହୋଇଛି; ଉପନିଷଦରେ ଯେଉଁ ବ୍ରହ୍ମ କଥା କୁହାଯାଇଛି, ସାଂଖ୍ୟରେ ଯାହାକୁ ପୁରୁଷ ମହାନ୍ତ ବୋଲି ଦାର୍ଶନିକମାନେ ନାନା ଭାବରେ ବ୍ୟାଖ୍ୟା କରିଛନ୍ତି; ଯୋଗୀମାନେ ଯାହାକୁ ପରମାତ୍ମା କହି ଆରାଧନା କରିଥାଆନ୍ତି- ସେହି ଭଗବାନଙ୍କୁ ଯଶୋଦା ପ୍ରତ୍ୟକ୍ଷ ଭାବରେ ଦର୍ଶନକରି ମଧ୍ୟ ପରମୁହୂର୍ତ୍ତରେ କିଛି ଦେଖି ନଥିବା ଭଳି ଅନୁଭବ କଲେ ।

ଯଶୋଦା ଦେଖିଲେ, ତାଙ୍କ କୃଷ୍ଣ ତାଙ୍କ ସାମନାରେ । ସେ ବାରମ୍ବାର କହିଚାଲିଛି – 'ମା' ମୁଁ ମାଟି ଖାଇନି । ସିମିତି ସେ ପାଟିକୁ ଆଁ କରି ଠିଆ ହୋଇଛି । ତା' ପାଟିରେ ମାଟି ନାହିଁ । ଏକାବେଳକେ ସୁନାପିଲା । ବଳରାମ ଓ ତା ସାଂଗ ସାଥୀମାନେ ମିଛ କହିଛନ୍ତି । ମାଟି ଖାଇଥିଲେ ପାଟିରେ ଟିକିଏ ହେଲେ ତ ଲାଗି ଥାଆନ୍ତା ।

ରାଜା ପରୀକ୍ଷିତ ମଧ୍ୟ ଅଭିଭୂତ । ସେ ଶୁକମୁନିଙ୍କଠୁ କୃଷ୍ଣଙ୍କ ମାଟିଖିଆ କଥାଶୁଣି କହିଲେ, ବାସ୍ତବିକ ଯଶୋଦା ମା' ଭାଗ୍ୟବତୀ । ବହୁ ଜନ୍ମର ତପସ୍ୟା ଫଳରେ ସେ ନିଜେ ଜନ୍ମ ନଦେଇ ମଧ୍ୟ ନାରାୟଣଙ୍କୁ ପୁଅ ଭାବରେ ପାଇ ପାରିଲେ । ନନ୍ଦ ମଧ୍ୟ ଭାଗ୍ୟବାନ । ଦେବକୀ, ବାସୁଦେବ ନାରାୟଣଙ୍କୁ ଜନ୍ମଦେଇ ମଧ୍ୟ ପୁତ୍ରସ୍ନେହରୁ ବଞ୍ଚିତ ହୋଇପଡ଼ିଲେ । ଯଶୋଦା ସ୍ତନ୍ୟପାନ କରାଇଲେ । ନନ୍ଦ ପାଳିଲେ ! !

ପରୀକ୍ଷିତ ପ୍ରଶ୍ନ କଲେ, ମୁନିଶ୍ରେଷ୍ଠ ! ନନ୍ଦ ଓ ଯଶୋଦା କେଉଁ ପୁଣ୍ୟବଳରୁ ଏପରି ଭାଗ୍ୟବାନ, ଭାଗ୍ୟବତୀ ହୋଇପାରିଲେ ?

ଶୁକଦେବ କହିଲେ, ବସୁ ଏକଦା ଦ୍ରୋଣ ନାମରେ ପରିଚିତ ଥିଲେ । ତାଙ୍କ ସ୍ତ୍ରୀଙ୍କ ନାମ ଥିଲା ଧାରା । ବ୍ରହ୍ମା ଏମାନଙ୍କୁ କହିଥିଲେ ଯେ ନାରାୟଣ ଯେତେବେଳେ ପୃଥିବୀରେ ଜନ୍ମ ଗ୍ରହଣ କରିବାକୁ ଚାହିଁବେ, ତା ପୂର୍ବରୁ ତୁମେ ଦୁହେଁ ପୃଥିବୀରେ ଜନ୍ମ ଗ୍ରହଣ କରିବ । ବ୍ରହ୍ମା ସେମାନଙ୍କୁ ଏକ ବର ଦେବାକୁ ଚାହିଁଲେ । ସେମାନେ କହିଥିଲେ ଯେ ନାରାୟଣଙ୍କ ପ୍ରତି ଆମର ଭକ୍ତି ଓ ମତି ଯିମିତି ରହିବ, ସେହି ବ୍ୟବସ୍ଥା କରନ୍ତୁ । ବ୍ରହ୍ମା ସେତେବେଳେ ତଥାସ୍ତୁ କହିଥିଲେ । ଏହି ଦ୍ରୋଣ ହିଁ ନନ୍ଦ ଓ ଧାରା ହେଉଛନ୍ତି ଯଶୋଦା ।

ଶୁକମୁନି କହିଲେ, ହେ ରାଜା ପରୀକ୍ଷିତ ! କ୍ରମଶଃ ତୁମର ମୃତ୍ୟୁ ସମୟ ନିକଟତର ହୋଇ ଆସୁଛି । ସେଥିଯୋଗୁଁ ମୁଁ କୃଷ୍ଣଲୀଳାର ବର୍ଣ୍ଣନା ଶୀଘ୍ର ସାରିବାକୁ ତରତର ହେଉଛି । ତେଣୁ ମତେ ଆଉ କିଛି ପଚାରନି, ମୁଁ ଯାହା କହୁଛି ଶୁଣିଯାଅ । ତୁମେ ପ୍ରଶ୍ନ କଲେ, ମୁଁ ଉତ୍ତର ଦେବାରେ ଲାଗିରହିବି, ହୁଏତ କୃଷ୍ଣକଥାଠୁ ଦୂରେଇ ଯିବି, ସେ ଭୟ ହେଉଛି ।

ପରୀକ୍ଷିତ କହିଲେ, ମୁଁ କେବଳ କୃଷ୍ଣକଥା ହିଁ ଶୁଣିବାକୁ ଚାହେଁ । ଶୁକମୁନି କହିଲେ, ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ଏତେ ଚମତ୍କାର ଯେ ତାହା ବର୍ଣ୍ଣନା କରିବାକୁ ଭାଷା ପାଉନି ।

ଏକଦା ଘରର ଦାସୀମାନେ ଅନ୍ୟ କାର୍ଯ୍ୟରେ ଲାଗିଥିଲେ । ତେଣୁ ଯାଶୋଦା ନିଜ ଦଧିମନ୍ଥନ କାର୍ଯ୍ୟରେ ଲିପ୍ତଥିଲେ ଏବଂ ହରିକୀର୍ତ୍ତନ କରୁଥିଲେ । ଦାସୀମାନେ

ମଧ୍ୟ କୃଷ୍ଣଙ୍କ ବାଲ୍ୟଲୀଳା ସ୍ମରଣକରି ସେ କଥାକୁ ଗୀତ ଆକାରରେ ଗାଇବାରେ ଲାଗିଥିଲେ । ଠିକ୍ ଏହି ସମୟରେ ବାଳକୃଷ୍ଣ ଯଶୋମତୀଙ୍କ ପାଖକୁ ଆସିଲେ । ଦେଖିଲେ, ଯଶୋଦା ମା' ଆଜି ଅତି ସୁନ୍ଦର ଦେଖାଯାଉଛନ୍ତି । ଦଧିମନ୍ଥନ କାର୍ଯ୍ୟ ସବୁବେଳେ ଦାସୀମାନେ କରିଥାନ୍ତି । ଆଜି ଯଶୋଦାଙ୍କ ହାତରେ ଖୁଆଦଣ୍ଡ । ଦଧିମନ୍ଥନ କରିକରି ସେ କ୍ଳାନ୍ତଶ୍ରାନ୍ତ । ଝାଳନାଳ । ପଦ୍ମପତ୍ରରେ ବର୍ଷାଜଳ ପଡିଲେ ଯେପରି ଦେଖାଯାଏ, ସେହିଭଳି ଯଶୋଦାଙ୍କ ମୁହଁସାରା ଝାଳ । ବିନ୍ଦୁ ବିନ୍ଦୁ ହୋଇ ସ୍ୱେଦ, ମୁକ୍ତା, ଖସିବାରେ ଲାଗିଛି । ଦଧିମନ୍ଥନବେଳେ ତାଙ୍କ ହାତର କାଚ ଓ କଂକଣ ଝଂକୃତ । କର୍ଣ୍ଣକୁଣ୍ଡଳ ଦୋଳାୟମାନ । କଟିବନ୍ଧନ ବିଶୃଙ୍ଖଳିତ । କଂପିତ ପୟୋଧର । ପୁତ୍ରସ୍ନେହରେ ସେଥିରୁ ଦୁଗ୍ଧ କ୍ଷରଣ ଅନବରତ । କବରୀରୁ ମଲ୍ଲୀମାଳା ଖସି ଆସୁଛି । ଚୂର୍ଣ୍ଣକୁନ୍ତଳ ଆଲୁଳାୟିତ ।

ବାଳକୃଷ୍ଣ ମା'ଙ୍କ ଏହି ସୌନ୍ଦର୍ଯ୍ୟାମୃତ ପାନକରିବା ପରେ ହଠାତ୍ ଦୌଡ଼ି ଆସି ଯଶୋଦାଙ୍କ ହାତରୁ ଖୁଆଦଣ୍ଡକୁ ଧରି ପକାଇଲେ । ଅଝଟ ଲଗାଇ କହିଲେ, ମତେ ଭୀଷଣ ଭୋକ, କ୍ଷୀର ପିଇବାକୁ ଦିଅ । ଦହିମନ୍ଥା ବହୁତ ହେଲାଣି । ମତେ ଟିକିଏ ଦେଖ । ଦେଖ ମୋ ପେଟକୁ । ପେଟ ଶୁଖି ଶୁଖି ପିଠିକି ଲାଗିଗଲାଣି ।

ଯଶୋଦା ସଂଗେ ସଂଗେ ଦହିମୁହିଁବା ବନ୍ଦକଲେ । ପିଲାକୁ କୋଳକୁ ଟାଣି ନେଇ ତା ହସ ହସ ମୁହଁକୁ ଚାହିଁ ସ୍ତନ୍ୟପାନ କରାଇବାରେ ଲାଗିଲେ । କୃଷ୍ଣଙ୍କୁ ସ୍ତନ୍ୟପାନ କରାଇବାବେଳେ ସେ ଆନନ୍ଦରେ ଏତେ ବିଭୋଳ ହୋଇ ପଡ଼ନ୍ତି ଯେ ଘରକରଣା କଥା ତାଙ୍କର ଆଦୌ ମନେପଡ଼େନି । ଚୂଲୀରେ ଦୁଧହାଣ୍ଡି ବସାଇଦେଇ ଆସିଛନ୍ତି, ସେକଥା ତାଙ୍କର ମନେ ନାହିଁ । ଦୁଧ ଉତୁରି ଚୂଲିରେ ପଶିଲାଣି । ମନେ ପଡ଼ିବା ମାତ୍ରେ ପୁଅକୁ ତଳେ ଗଡ଼େଇ ଦେଇ ଝପଟିଲେ ଦୁଗ୍ଧଭାଣ୍ଡକୁ ଓହ୍ଲେଇବା ପାଇଁ । ସେତେବେଳେକୁ ସ୍ତନ୍ୟପାନ କରି ପୁଅର ପେଟ ପୂରିନାହିଁ । ଅଧାଖିଆ । ରାଗ କହିଲେ ନସରେ । ଦାନ୍ତକୁ ଦାନ୍ତ ରଗଡି ବାଳୁତ କୃଷ୍ଣ ଭୀଷଣ ରଡି ଛାଡ଼ିଲେ । ହାତରେ ଖୁଆଦଣ୍ଡକୁ ଧରି ଅଧାମନ୍ଥା ଦଧିଭାଣ୍ଡକୁ ଜୋରରେ ବାଡିଏ ପକାଇଲେ । ଲହୁଣୀ ସହ ଦହି ଘରସାରା ଭାସିଲା । ସେହି ଦହି ଓ ଲହୁଣୀ ସବୁ ଚଟାପଟ ଚାଟିବାରେ ଲାଗିଲେ ଯଶୋଦଦୁଲାଳ ଶ୍ରୀକୃଷ୍ଣ ।

ଯଶୋଦା ଫେରିଆସି ଦେଖିଲେ ପୁଅକୁ ଯେଉଁଠି ଗଡେଇ ଦେଇ ଯାଇଥିଲେ, ସେଠି ସେ ନାହିଁ । ଗଲା କୁଆଡ଼େ ? ଦେଖିଲେ ପୁଅ ଯାଇ ଦହିହାଣ୍ଡି ପାଖରେ । ଦହି ଭାସୁଛି – କାହ୍ନୁ ଚାଟୁଛି । ନିଜେ ତ ଖାଉଛି । ଆଖପାଖ ଗଛରେ ବସିଥିବା ମାଙ୍କଡଗୁଡାଙ୍କୁ ଡାକି ଘରେ ପୂରାଇ ସେମାନଙ୍କୁ କହିବାରେ ଲାଗିଛି, ଯେତେ ପାରୁଛ ଖାଅ । ସିକାରୁ ଲହୁଣୀ ହାଣ୍ଡି ଟାଣି ଆଣି ମାଙ୍କଡଗୁଡ଼ାକୁ ଖୁଆଉଛି । ଦହି ଲହୁଣୀ ତା ମୁହଁସାରା ଇମିତି ବୋଳି ହୋଇଛି ଯେ ସିଏ ମଧ୍ୟ ମାଙ୍କଡଭଳିଆ ଦେଖାଯାଉଛି ।

ଯଶୋଦାଙ୍କ ହାତରେ ଛାଟ । ଧୀରେ ଧୀରେ ସେ କୃଷ୍ଣଙ୍କୁ ଧରିବାଲାଗି ତାଙ୍କ ପଛପଟୁ ଲୁଚି ଲୁଚି ଯାଉଛନ୍ତି । କିନ୍ତୁ କୃଷ୍ଣ ଜାଣିପାରିଲେ ଯେ ମା' ତାଙ୍କୁ ଧରିବାପାଇଁ ଆସୁଛନ୍ତି । କ୍ଷିପ୍ରଗତିରେ ଦୌଡ଼ିବାକୁ ଲାଗିଲେ ସେ । ଯୋଗୀମାନେ ଯାହାକୁ ପାଇବା ଲାଗି ଶହ ଶହ ବର୍ଷଧରି ତପସ୍ୟାରତ, ସେହି ହରିଙ୍କୁ ଧରିବା ପାଇଁ ଯଶୋଦା ତାଙ୍କ ପଛେ ପଛେ ଦୌଡିବାରେ ଲାଗିଛନ୍ତି । ଦୌଡି ଦୌଡି ସେ ହାଲିଆ । ଦୁଇ ହାତରେ ଝାଳପୋଛିବାରେ ଲାଗିଛନ୍ତି । କେବଳ ପାଟିକରି କହୁଛନ୍ତି, ଯିବୁ କୁଆଡେ ? ଆଜି ପିଟି ପିଟି ତୋ ପିଠି ଫଟେଇ ଦେବି । ଘରଟାକୁ ଉଜାଡି ଦେବାକୁ ବସିଲୁଣି । ଯେତେ ଉପରେ ଦହି ଲହୁଣୀ ରଖିଲେ ବି ଟାଣି ଓଟାରି ସବୁ ଖାଇ ପକାଉଛୁ ! ଏଥର ତତେ ନ ବାନ୍ଧିଲେ ଚଳିବନି । ଗାଈବାଛୁରୀଙ୍କ ସହିତ ତତେ ପଘାରେ ବାନ୍ଧି ପକାଇବି ।

କୃଷ୍ଣ ପଛକୁ ଚାହିଁ ଦେଖିଲେ ମା' ତାଙ୍କର ଝାଳନାଳ । ଆଉ ନ ଦୌଡି ଦଉଡିରେ ବନ୍ଧା ହେବାପାଇଁ ଅଟକି ଗଲେ ସେ ।

●

॥ ୧୭ ॥

# ଅମାପକୁ ମାପ ପାଉନି !

ଯାହାକୁ ଧରିବାପାଇଁ ଜନ୍ମଜନ୍ମାନ୍ତର ଧରି ଧ୍ୟାନ-ଧାରଣା, ଜପତପ, ପୂଜାଅର୍ଚ୍ଚନା, ସିଏ ଧରା ଦେଇଛନ୍ତି, ମା' ଯଶୋଦାଙ୍କ ହାତରେ । ଗୋଟିଏ ହାତରେ କହ୍ନେଇକୁ ଧରି, ଆର ହାତରେ ତାଙ୍କୁ ଛାଟରେ ପିଟିବାରେ ଲାଗିଛନ୍ତି । କୃଷ୍ଣ କାନ୍ଦୁଛନ୍ତି, ଦୁଇ ଆଖିରୁ ଝରଝର ହୋଇ ଲୁହ ଝରିବାରେ ଲାଗିଛି । ମଝି-ମଝିରେ ହାତ ପାପୁଲିରେ ଦୁଇ ଆଖିକୁ ମଳି ପକାଉଛନ୍ତି । ସହଜେ ତ କଳାବଦନ, ସେଥିରେ ପୁଣି କଜ୍ଜଳର କଳା ମୁହଁଯାକ ବୋଳି ହୋଇଯାଉଛି । କଳାରଙ୍ଗ ଉକୁଟି ଉଠୁଛି । କଳାରଙ୍ଗରେ ମୁଖମଣ୍ଡଳ ରଞ୍ଜିତ ହୋଇ ଅତି ସୁନ୍ଦର ଦେଖାଯାଉଛି । ଯଶୋଦାଙ୍କୁ ସେ ମୁହଁ ମୋହି ପକାଉଛି । ହେଲେ କ'ଣ ହେବ ପୁଅକୁ ତିଆରିବାକୁ ପଡ଼ିବ । ଦିନୁ ଦିନ ତା'ର ବହପ ବଢ଼ିବାରେ ଲାଗିଛି । ଦିନକୁ ତା' ବିରୁଦ୍ଧରେ ହଜାରେ ଅଭିଯୋଗ । ଯଶୋଦାଙ୍କ ହୃଦୟରେ ସ୍ନେହର ଲହଡ଼ି । କିନ୍ତୁ ହାତରେ ଲଉଡ଼ି । କଳାକାହ୍ନୁକୁ ପିଟୁଛନ୍ତି, କହୁଛନ୍ତି, ଆଉ କେବେ କରିବୁ ? କଲେ ଇମିତି ମାଡ଼ ମାରିବି ଯେ ତୋ ଚମଡ଼ା ଉତାରି ଦେବି । କ'ଣ କଲେ ତୁ ସାବ୍‌ବାଡ଼୍‌

ହେବୁ, ଜାଣିପାରୁନି, ଭାବି ପାରୁନି ! ବୁଝେଇ ବୁଝେଇ ତ ଥେୟା ହୋଇଗଲିଣି, ଆଉ କ'ଣ କଲେ ତୁ ବାଟକୁ ଆସିବୁ ! ତୋର ଏ ମାଙ୍କଡାମି କେବେ ଯିବ କେଜାଣି ! କେବଳ ନିଜ ଘରୁ ନୁହଁ, ଯା ତା ଘରୁ ସରଳବଣୀ ଚୋରି ତ କରୁଚୁ; ତାଙ୍କରି ଘରେ ତାଙ୍କର ପିଢ଼ା ଉପରେ ବସି ସେହି ଘରର ଝିଅବୋହୂଙ୍କୁ ଖତେଇ ହେଉଚୁ । ଏକା ଏକା ନୁହଁ ସାଙ୍ଗସାଥୀ, କେହି ନମିଳିଲେ ବାହାରୁ ମାଙ୍କଡ଼ଗୁଡ଼ାକୁ ଡାକି ସେମାନଙ୍କୁ ଖୁଆଉଛୁ ! କାହା ଦିହ ସହିବ, କହିଲୁ ! ଚୋରିକରି, ଲୁଟକରି, କହୁଚୁ କ'ଣ ନା ମୁଁ କିଛି ଦୋଷ କରିନି । ମୋ ନାଆଁରେ ଅନ୍ୟମାନେ ଲଗେଇ ଯୋଡ଼େଇ କହୁଛନ୍ତି !

ଯଶୋଦାଙ୍କ ଭିତରଟା ଫାଙ୍କା, ଖାଲି ଉପରକୁ କଥାଗୁଡ଼ାକ ବଙ୍କା । ବହୁ ଜୋରରେ ବାଡିକୁ ଉଂଚଉଚନ୍ତି ସତ; କିନ୍ତୁ କହ୍ନେଇର ଦିହରେ ବାଜିଲା ବେଳକୁ ବାଡ଼ିର ଭିଡ଼ ନାହିଁ । କୃଷ୍ଣ ମାଡ଼ ଖାଇ ଖାଇ ଯିମିତି ଲୋଟା ହୋଇଗଲେଣି । ସତେ କି ଅଚେତ ଅବସ୍ଥା । ସେ ମା' ଯଶୋଦାଙ୍କ କାନ୍ଧରେ ଓହଳି ପଡ଼ି କହୁଛନ୍ତି — ଆଉ ମାରନି ମା, ମରିଯିବି । 'ମରିଯିବି' କହିବା ମାତ୍ରେ ଯଶୋଦା କୃଷ୍ଣଙ୍କୁ କୁଣ୍ଢେଇ ପକାଉଛନ୍ତି । କାଖେଇ ଆଖିରୁ ଲୁହ ପୋଛି ପକାଉଛନ୍ତି । କିନ୍ତୁ ପୁଣି ମନେ ମନେ ଭାବୁଛନ୍ତି, ନା, ଏ ବୟସରୁ ପିଲାଟିକୁ ନସଜାଡ଼ିଲେ, ଇମିତି ବଙ୍କେଇ ଯିବ ଯେ ଆଉ କେବେ ସିଧା କରିହେବନି । କାହ୍ନୁ କୁ କାଖରୁ ତଳକୁ ଖସେଇ ପକାଇ କହୁଛନ୍ତି, ନା, ତତେ ପିଟିଲେ, ବାଡ଼େଇଲେ କିଛି ଲାଭ ନାହିଁ । ବସ୍ ତୋ ପିଢ଼ାରେ । ଏହି ପିଢ଼ା, ଏ ଖୁଆଦଣ୍ଡକୁ ଲଗେଇ ତତେ ବାନ୍ଧି ରଖିଲେ ଯାଇ ତୁ ସାବ୍‌ବାଡ଼ ହେବୁ ! ଇମିତି ସବୁଦିନ ତତେ କରିବାକୁ ପଡ଼ିବ ।

ଯଶୋଦା ଘର ଭିତରକୁ ଗଲେ ଦଉଡ଼ି ଆଣିବା ପାଇଁ । ଚାହିଁଥିଲେ କହ୍ନେଇ ଦୌଡ଼ି ପଳେଇ ଯାଇ ପାରିଥାଆନ୍ତେ । କିନ୍ତୁ ସୁନାପିଲା ଭଳି ମା'ଙ୍କ ବୋଲ ମାନି ଯେଉଁଠି ସେଇଠି ଠିଆ ହୋଇ ରହିଛନ୍ତି । ଯଶୋଦା ଦଉଡ଼ି ଧରି ଆସିଲେ । ଚେଷ୍ଟା କଲେ ଚରମ ପରମ 'ସତ୍ୟ'କୁ ଦଉଡ଼ିରେ ବାନ୍ଧି ରଖିବା ପାଇଁ । ଯାହାର ଆଦି ନାହିଁ କି ଅନ୍ତ ନାହିଁ, ଯାହାର ବାହାର ନାହିଁ କି ଭିତର ନାହିଁ, ଯିଏ ନିଜେ ବିଶ୍ୱବ୍ରହ୍ମାଣ୍ଡ, ତ୍ରିଲୋକର ନାଥ, ଯିଏ ସର୍ବଜୀବର ସର୍ବ ଅବସ୍ଥାର କାରଣ, ଯାହା ଦେହରେ ସର୍ବଜୀବର ନିବାସ, ଯିଏ ହର୍ତ୍ତାକର୍ତ୍ତା ଦୈବ ବିଧାତା, ମନୁଷ୍ୟ ରୂପରେ ଯିଏ ଅବତୀର୍ଣ୍ଣ, ତାକୁ ଯଶୋଦା ସାମାନ୍ୟ ଏକ ଦଉଡ଼ିରେ ପିଢ଼ାକୁ ଲଗେଇ ବାନ୍ଧିବାକୁ ଯାଉଛନ୍ତି ! ଉପରେ ଥାଇ ଦେବତାମାନେ ମା' ଓ ପୁଅଙ୍କ ଲୀଳାକୁ ଦର୍ଶନ କରୁଛନ୍ତି । ଆନନ୍ଦ ପାଉଛନ୍ତି ପରମାନନ୍ଦଙ୍କ ସହିତ ମା'

ଯଶୋଦାଙ୍କ ଖେଳକୁ ଦେଖି ! ଭଗବାନଙ୍କର ଇଏକି ଅପୂର୍ବ ବାଲ୍ୟଲୀଳା ! ସାମାନ୍ୟ ଏକ ଦଉଡ଼ିରେ ଅସାମାନ୍ୟକୁ ବନ୍ଧନ ଉଦ୍ୟମ ! ଛୋଟପିଲା ଲମ୍ବାଚଉଡ଼ାରେ ଏଡ଼ିକିଟିଏ । ଦଉଡ଼ିଟା ତା'ଠୁ ବଡ଼ ଅଥଚ ବାନ୍ଧିଲାବେଳକୁ ଛୋଟ । ପିଢ଼ା ସହିତ କୃଷ୍ଣଙ୍କୁ ବାନ୍ଧି ଗଣ୍ଠି ପକାଇଲା ବେଳକୁ ଦଉଡ଼ି ପାଉନି । ଯଶୋଦା ଭାବୁଛନ୍ତି, ଏଡ଼େ ଲମ୍ବା ଦଉଡ଼ି – କୃଷ୍ଣ ତ ମୋର ଏଡ଼େ ଛୋଟ । ଦଉଡ଼ି ନିଅଣ୍ଟ ହେଉଚି କେମିତି ? ହଉ ଦେଖେ, ଆଉ ଗୋଟେ ଆଣେ । ଯଶୋଦା ପୁଣି ଦୌଡ଼ୁଛନ୍ତି ଘର ଭିତରକୁ । ଘରେ ତ ପଘା ଦଉଡ଼ି ଅନେକ । ଗୋଟିକ ପରେ ଗୋଟିଏ ଆଣୁଛନ୍ତି, କହ୍ନେଇକୁ ବାନ୍ଧୁଛନ୍ତି । କିନ୍ତୁ ସବୁ ଛୋଟ, ସବୁ ନିଅଣ୍ଟ ! କୃଷ୍ଣଙ୍କ ଛାତିକୁ ମାପି ଦୁଇ ତିନିଗୁଣ ଲମ୍ବା ଦଉଡ଼ି ଆଣିଲେ ବି ନିଅଣ୍ଟ । ଦୁଇପଟୁ ଗୁଡ଼େଇ କୃଷ୍ଣଙ୍କୁ କଷିକରି ବାନ୍ଧିବାକୁ ଯାଉଛନ୍ତି । କିନ୍ତୁ ଠିକ୍ ଗଣ୍ଠିପକାଇବା ବେଳକୁ ଚାଖଣ୍ଡେ କି ଚକେ ଛୋଟ । ଗଣ୍ଠି ନପକାଇଲେ କୃଷ୍ଣଙ୍କୁ ବନ୍ଧାଯିବ କିପରି ?

ଇମିତି ହେଉଛି କାହିଁକି ଯଶୋଦା ଆଦୌ ବୁଝିପାରୁ ନାହାଁନ୍ତି । ଘରେ ଯେତେ ଦଉଡ଼ି ଥିଲା, ସବୁଆଣି କଣ୍ଟି ସାରିଲେଣି । ଘରେ ଥିବା କୂଅ ଦଉଡ଼ି ସୁଦ୍ଧା ବନ୍ଧା ସରିଲାଣି । ତଥାପି ଅମାପକୁ ମାପ ପାଉନି । ବାନ୍ଧି ବାନ୍ଧି, ଘର ଭିତରକୁ ଦୌଡ଼ି ଦୌଡ଼ି ଯଶୋଦାଙ୍କ ଧଡ଼ି ଛିଣ୍ଡିଗଲାଣି ! ଏଡ଼ିକିଟିଏ ପିଲାକୁ ଏଡ଼େ ଦଉଡ଼ି, ତଥାପି ଛୋଟ ହେବାର କାରଣ କ'ଣ, ସେହି କଥା ଭାବି ଭାବି ଯଶୋଦାଙ୍କ ମୁଣ୍ଡ ଘୂରିଗଲାଣି ! ଏଥି ଭିତରେ ଆସି ସାହି ପଡ଼ିଶାର ବହୁ ଗୋପୀ ନନ୍ଦଙ୍କ ଘରେ ରୁଣ୍ଡ ହେଲେଣି । ସେମାନଙ୍କ ଘରେ ଥିବା ଦଉଡ଼ି ମଧ ଆସିଲାଣି । କୃଷ୍ଣଙ୍କ ଆଖିରେ ଲୁହ ଓ ଓଠରେ ହସ । ଯୁବତୀ ଗୋପାଙ୍ଗନାମାନଙ୍କୁ ଦେଖିଲେ ତାଙ୍କ ସହିତ ତାଙ୍କର ଥଟ୍ଟା ପରିହାସ ଆରମ୍ଭ ହୋଇଯାଇଥାଏ । ରଙ୍ଗାଧରଙ୍କ ରଙ୍ଗ ଦେଖି ସେମାନଙ୍କ ହୃଦୟରେ ପ୍ରେମର ତରଙ୍ଗ ଖେଳିବାରେ ଲାଗିଛି । ମାୟାଧର ବାଳକୃଷ୍ଣ ସେମାନଙ୍କୁ ଜିଭ କାଢ଼ି ଖତେଇ ହେଉଛନ୍ତି । କିନ୍ତୁ ମା' ଯଶୋଦାଙ୍କ ଦୟନୀୟ ଅବସ୍ଥା ଦେଖି ଦୟାସାଗର ଦୟାକଲେ । ଶେଷ ଦଉଡ଼ିରେ ସେ ନିଜେ ବନ୍ଧା ପଡ଼ିଗଲେ । ଖୁଆ ପିଢ଼ା ସହିତ ତାଙ୍କ ଦେହକୁ ଗଣ୍ଠି ପକାଇ ବନ୍ଧାଗଲା । ସାଧାରଣ ମନୁଷ୍ୟଟିଏ ଯଶୋଦା, ଦଉଡ଼ିରେ ବିଶ୍ୱବ୍ରହ୍ମାଣ୍ଡ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳକୁ ବାନ୍ଧିଦେଇ ପାରିଲେ । ଦଉଡ଼ିରେ ଗଣ୍ଠି ପଡ଼ିବାମାତ୍ରେ ଯଶୋଦା କହ୍ନେଇକି କହିଲେ, ଏଥର କୁଆଡ଼େ ଯିବୁ ଦେଖିବି ! ଭଗବାନ ଯେ ଯଶୋଦାଙ୍କ ବାତ୍ସଲ୍ୟ– ଭକ୍ତିର ଦଉଡ଼ିରେ ବନ୍ଧା ହୋଇଛନ୍ତି, ଯଶୋଦା ଜାଣିବାର ଉପାୟ ନଥିଲା । ବ୍ରହ୍ମା ଓ ମହେଶ୍ୱର

ଏପରିକି ଲକ୍ଷ୍ମୀଙ୍କ ଦ୍ୱାରା ଯାହା ସମ୍ଭବ ହୋଇପାରିନାହିଁ, ଯଶୋଦା ଭକ୍ତି ବଳରେ ସେହି ଅସମ୍ଭବକୁ ସମ୍ଭବ କରିଦେଇ ପାରିଲେ !

ବହୁ ସମୟଧରି ଉଦ୍ୟମ କରିବାପରେ କାହ୍ନୁ କୁ ବାନ୍ଧି ପାରିଥିବାରୁ ଯଶୋଦାଙ୍କ ମନରେ ପ୍ରେମାନନ୍ଦ ! ଘରେ ବହୁତ କାମ ପଡ଼ିଛି, ତୁ ଏଇଠି ବନ୍ଧାହୋଇ ରହି ଥା' କହି ଯଶୋଦା ଘର ଭିତରକୁ ଗଲେ । ଅଦୃଶ୍ୟର ଦୃଶ୍ୟକୁ ଦେଖିସାରି ଗୋପୀମାନେ ମଧ ଯିଏ ଯାହା ଘରକୁ ଗଲେ ।

ଶ୍ରୀକୃଷ୍ଣ ପିଢ଼ା ଉପରେ ବନ୍ଧା ହୋଇଥିବା ଅବସ୍ଥାରେ ବସିଛନ୍ତି । ପିଢ଼ା ଓ ଖୁଆଦଣ୍ଡ ସହିତ ତାଙ୍କ ଦେହ ବନ୍ଧା ହୋଇଛି । ମା' ଘର ଭିତରେ । ବସି ବସି ଶ୍ରୀକୃଷ୍ଣଙ୍କ ମନ ଚିଟା ହୋଇଗଲାଣି । ସେ ଗଛରେ ବସିଥିବା ମାଙ୍କଡ଼ମାନଙ୍କୁ ତାଙ୍କ ଠାରରେ ଡାକିଲେ । ମାଙ୍କଡଗୁଡ଼ାକ ଗଛ ଉପରୁ ଖସିଆସି ବାଳକୃଷ୍ଣଙ୍କ ସହିତ କିଛି ସମୟ ଖେଳିଲେ । ହେଲେ କେତେ ବସିବେ ସେ ! ମା' ତାଙ୍କ କାମରେ ବ୍ୟସ୍ତ । ପିଢ଼ା ସହିତ ଶ୍ରୀକୃଷ୍ଣ ଉଠି ସେହି ବନ୍ଧା ହୋଇଥିବା ଅବସ୍ଥାରେ ଘର ଆଗକୁ ଗଲେ । ଦେଖିଲେ କେତେଜଣ ସାଙ୍ଗପିଲା କିଛି ଦୂରରେ ଖେଳୁଛନ୍ତି । ଆଉ ଟିକିଏ ଦୂରରେ ଦୁଇଟି ଯାଆଁଳା ଗଛ ଲଗାଲଗି ହୋଇ ବଢ଼ିଛନ୍ତି । ଦୁଇଟିଯାକ ଅର୍ଜୁନ ଗଛ । ସେ ଦୁଇଗଛର ସନ୍ଧିରେ ପଶି ବାହାରକୁ ବାହାରିବା ଲାଗି ଉଦ୍ୟମ କଲେ । କିନ୍ତୁ ସନ୍ଧି ଭିତରେ ପିଢ଼ାଟା ଲାଗିଗଲା । ବାଳକୃଷ୍ଣ ପିଢ଼ାଟାକୁ ଟାଣିବାପାଇଁ ଉଦ୍ୟମ କରିବାରେ ଲାଗିଛନ୍ତି । ଗଛ ଦିଇଟା ପିଢ଼ାକୁ ଜାବୁଡ଼ି ଧରିଛନ୍ତି । ଶ୍ରୀକୃଷ୍ଣ ଏତେ ଜୋରରେ ପିଢ଼ାଟାକୁ ଟାଣିଲେ, ଏପରି ପଦାଘାତ କଲେ ଯେ ଗଛ ଦୁଇଟା ମଡ଼ ମଡ଼ ହୋଇ ଭାଙ୍ଗି ତଳେ ପଡ଼ିଗଲା । ଶ୍ରୀକୃଷ୍ଣ ପଛକୁ ଚାହିଁ ଦେଖିଲେ ଗଛ ନାହିଁ । ଗଛ ବଦଳରେ ଦୁଇଜଣ ଯାଆଁଳା ଭାଇ । ସେମାନେ ଭଗବାନଙ୍କ ପାଦ ତଳେ ପଡ଼ି ସାଷ୍ଟାଙ୍ଗ ପ୍ରଣିପାତ କଲେ । କହିଲେ, ନାରଦଙ୍କ ଅଭିଶାପରୁ ଆମେ ଏଠି ଗଛହୋଇ ବଢ଼ିଥିଲୁ । ଭଗବାନଙ୍କ ପାଦ ସ୍ପର୍ଶରେ ମୁକ୍ତ ହେଲୁ । ଆମ ନିବାସ ଉତ୍ତରରେ । ଆମ ପିତା ଧନପତି କୁବେର !

●

॥ ୧୮ ॥

# ଗର୍ବଗଞ୍ଜନ : ରିଷ୍ଟଖଣ୍ଡନ

ଶ୍ରୀକୃଷ୍ଣଙ୍କ ପଦାଘାତରେ ଯାମଳାର୍ଜ୍ଜୁନ ଭଂଜନ ପରେ ଦୁଇଭାଇ ଫେରିଗଲେ କୁବେରପୁରୀକୁ । ପରୀକ୍ଷିତ ପ୍ରଶ୍ନ କଲେ, ନାରଦ ସେମାନଙ୍କୁ ଗଛ ହୋଇ ପୃଥିବୀରେ ଜାତ ହେବାଲାଗି ଅଭିଶାପ ଦେଇଥିଲେ କାହିଁକି ?

ଶୁକଦେବ କହିଲେ, ଧନପତି କୁବେରଙ୍କ ଦୁଇପୁଅ ନଳକୁବେର ଓ ମଣିଗ୍ରୀବ । ଧନୀର ପୁଅ ଧନୀ ହେବା ସ୍ୱାଭାବିକ । ତା'ଛଡ଼ା ସେମାନେ ଦେଖିବାକୁ ଅତି ସୁନ୍ଦର । ସେଥିରେ ପୁଣି ଯୁବକ ବୟସ । ଧନ ଓ ସୌନ୍ଦର୍ଯ୍ୟ ହେତୁ ସେମାନେ ସର୍ବଦା ମଦମତ୍ତ ହୋଇ ପଡୁଥିଲେ । ଦିନେ ସେମାନଙ୍କ ଔଦ୍ଧତ୍ୟ ସୀମା ଟପିଗଲା । କୈଳାସ ପର୍ବତର ପାଦ ଦେଶରେ ପ୍ରବାହିତ ଗଙ୍ଗାକୂଳରେ ସେମାନେ ଦିନେ ଯୁବତୀମାନଙ୍କ ସହିତ ଜଳକ୍ରୀଡାରେ ଲିପ୍ତ ରହିଥିଲେ । ବାରୁଣୀ ମଦ୍ୟପାନ କରିଥିବା ଫଳରେ ସେମାନେ ବାହ୍ୟଜ୍ଞାନଶୂନ୍ୟ ହୋଇ ପଡ଼ିଥିଲେ । ଉଲଗ୍ନ ଅବସ୍ଥାରେ ସେମାନେ ହସ୍ତୀ, ହସ୍ତିନୀଙ୍କ ଭଳି ଯୁବତୀଙ୍କ ସହିତ ନାନାଛନ୍ଦବନ୍ଧରେ କେଳି କରୁଥିଲେ ।

ଠିକ୍ ଏହି ସମୟରେ ନାରାୟଣଭକ୍ତ ମହର୍ଷି ନାରଦ ସେହି ବାଟେ ଯାଉଥିଲେ । ଦୁଇ କୁବେର ପୁତ୍ର ସେତେବେଳେ ଏପରି କାମାନ୍ଧ ହୋଇ ପଡ଼ିଥିଲେ ଯେ ନାରଦଙ୍କୁ ଦେଖି ମଧ୍ୟ ନଦେଖିଲା ଭଳି ରହିଲେ । କିନ୍ତୁ ବିବସ୍ତ୍ର ଗନ୍ଧର୍ବ ରମଣୀମାନେ ନାରଦଙ୍କୁ ଦେଖି ଲଜ୍ଜିତ ହୋଇପଡ଼ିଲେ । ମନ୍ଦାକିନୀ କୂଳକୁ ଆସି ସେମାନେ ନିଜ ନିଜର ବସ୍ତ୍ର ପିନ୍ଧିଲେ । ନାରଦଙ୍କ ପାଖକୁ ଆସି ସାଷ୍ଟାଙ୍ଗ ପ୍ରଣିପାତ କଲେ । କ୍ଷମାଭିକ୍ଷା କଲେ । ଅଥଚ ଗର୍ବାନ୍ଧ କୁବେର ପୁତ୍ରମାନେ ପୂର୍ବଭଳି ଉଲଗ୍ନ ଅବସ୍ଥାରେ ରହିଲେ । ନାରଦ କିଂଚିତ୍ ଉତ୍କ୍ଷିପ୍ତ ହୋଇ ପଡ଼ିଥା'ନ୍ତି । କିନ୍ତୁ କୁବେର ପୁତ୍ରଙ୍କ ଏପରି ଦୁର୍ବ୍ୟବହାରକୁ ସେ ସହ୍ୟ କରିପାରିଲେନି ! ସେ ଦେଖିଲେ, ଏମାନେ ଧନ, ଯୌବନ ସାଙ୍ଗକୁ ମଦିରାପାନ ଯୋଗୁ ଅତିଶୟ ଉନ୍ମତ୍ତ । ସେ ସେମାନଙ୍କୁ ଲକ୍ଷ୍ୟ କରି କହିଲେ, ଐଶ୍ୱର୍ଯ୍ୟଗର୍ବ ଯୋଗୁଁ ତୁମ୍ଭମାନଙ୍କର ମତିଭ୍ରମ ଘଟିଛି । ଏହି ଗର୍ବଯୋଗୁଁ ମନୁଷ୍ୟର ଦେହ ନଶ୍ୱର ହେଲେ ମଧ୍ୟ ସେ ନିଜକୁ ଅଜର, ଅମର ମନେ କରିଥାଏ । ସେ ପଶୁ ପାଲଟିଯାଏ ।

ନାରଦ କୁବେରପୁତ୍ରମାନଙ୍କ ଗର୍ବଗଞ୍ଜନ କରିବା ଲାଗି ଉପଦେଶଛଳରେ ନାନା କଥା କହିଲେ । ସେ କହିଲେ ଯେ ରଜଗୁଣ ହେଉଛି ସମସ୍ତ ପ୍ରକାର ଗର୍ବର ମୂଳ କାରଣ । ମଦ ନାନା ପ୍ରକାରର । ଉଚ୍ଚ ଜାତିରେ ଜାତ ବ୍ୟକ୍ତି, ଏପରିକି ତଥାକଥିତ ପଣ୍ଡିତ,

ଜ୍ଞାନୀମାନେ ମଧ୍ୟ ଏହି ମଦ ବା ଗର୍ବର ଶିକାର ହୋଇଥାଆନ୍ତି । ଧନ ଗର୍ବ ମଧ୍ୟ ଏକ ପ୍ରକାରର ମଦ । ଏହା ଫଳରେ ସେ କାମିନୀ, କାଂଚନ ଓ କାଦମ୍ବରୀକୁ ଶ୍ରେୟ ମନେ କରିଥାଏ । ନୀତି, ନିୟମ ସବୁକିଛି ଭୁଲିଯାଇ ସେ ଅନ୍ଧ ଓ ବଧିର ପାଲଟିଯାଏ । ଦୟା, କ୍ଷମା, ଭଦ୍ରତା ଆଦି ସୁଗୁଣ ବିବର୍ଜିତ ହୋଇ ସେ ସବୁ ଦିଗରୁ ଲଙ୍ଗଳା ହୋଇପଡ଼େ । ସଂଯତ ରହିପାରେନା । ଆତ୍ମନିୟନ୍ତ୍ରଣ ରହେନା । ଦେହର ତୃପ୍ତିଲାଗି ସେ ହତ୍ୟାକରେ, ହିଂସା କରେ । ଦୁଃଖ ବୋଲିବା ଜିନିଷଟି ସମସ୍ତଙ୍କ ଲାଗି ସମାନ । ବିଶ୍ୱ ସମ୍ରାଟ ଓ ଭିକ୍ଷୁକ- ମୃତ୍ୟୁ ସମସ୍ତଙ୍କ ପାଇଁ ଆସେ । ଉଭୟେ ଜଳିପୋଡ଼ି ମୁଠେ ପାଉଁଶରେ ବା ଧୂଳିମାଟିରେ ପରିଣତ ହୋଇଥାଆନ୍ତି । ଗର୍ବଯୋଗୁଁ ମଣିଷ ଏହି ସତ୍ୟକୁ ଉପଲବ୍ଧି କରିପାରେନା । ସେ ଅନ୍ୟକୁ ହତ୍ୟାକରେ । କିନ୍ତୁ ସେ ବି ଦିନେ ମରିବ, କାଳ ତାକୁ ହତ୍ୟା କରିବ, ସେ କଥା ସେ ବୁଝି ପାରେନ । ଦେହୀ ଓ ଦେହିନ୍ ମଧ୍ୟରେ ପାର୍ଥକ୍ୟ କ'ଣ ସେ ଜାଣି ପାରେନା ।

କୁବେରପୁତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବାଲାଗି ନାରଦ ସେମାନଙ୍କୁ ସ୍ଥାବର କରିଦେବାକୁ ଚାହିଁଲେ । ସେ କହିଲେ, ସ୍ଥାବର ତଥା ଗଛ ପାଲଟିଲେ ମଧ୍ୟ ସେମାନଙ୍କ ସ୍ମୃତି ଲୋପ ପାଇବନି । ସ୍ମୃତି ନଷ୍ଟ ନହେଲେ, ମନରେ ଭୟ ରହିବ ଏବଂ କେବେହେଲେ, ସେମାନେ ଏଭଳି ଆଚରଣ କରିବେନି । ଶହେ ଦିବ୍ୟବର୍ଷ ଅତୀତ ହେବାପରେ ସେମାନେ ବାସୁଦେବଙ୍କ ସାନ୍ନିଧ୍ୟଲାଭ କରି ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରିବେ । ଭକ୍ତିପୂତ ଜୀବନ ଯାପନ କରିବେ ।

ଶୁକଦେବ କହିଲେ, ନାରଦ ସେମାନଙ୍କ ପାଇଁ ଯେଉଁ ବ୍ୟବସ୍ଥା କରିଦେଇ ଗଲେ, ତାହା ତାଙ୍କର ଅଭିଶାପ ଜନିତ ଶାସ୍ତି ବୋଲି କୁହାଯାଇ ନପାରେ । ଆଚରଣର ସଂଶୋଧନ କରିବା ଲାଗି ସେ ଏହି ବ୍ୟବସ୍ଥା ଖଂଜି ଦେଇ ବୈକୁଣ୍ଠଧାମକୁ ଚାଲିଗଲେ । ଏହି ବ୍ୟବସ୍ଥା ଫଳରେ ଦୁଇ ଭାଇ ଯାମଳାର୍ଜ୍ଜୁନ ଗଛ ରୂପରେ ଗୋକୁଳରେ ଜାତ ହୋଇଥିଲେ । ଶ୍ରୀକୃଷ୍ଣ ଜାଣିଥିଲେ ଯେ ନାରଦ ଯେଉଁ କାଳନିର୍ଣ୍ଣୟ କରିଥିଲେ, ତାହା ଶେଷ ହୋଇଗଲାଣି । ତେଣୁ ସେ ଶହେବର୍ଷ ପରେ ସେହିଦିନ, ସେହି ମୁହୂର୍ତ୍ତରେ ଦୁଇ ଗଛ ଭିତରେ ପଶି ଖୁଆ ପିଢ଼ାକୁ ତା ଭିତରେ ଛନ୍ଦି, ତାକୁ ଟାଣି ଓ ପଦାଘାତ କରି ଗଛ ଦୁଇଟିକୁ ଭାଙ୍ଗିଦେଲେ । କୁବେର ପୁତ୍ରମାନଙ୍କୁ ବୃକ୍ଷଦଶାରୁ ମୁକ୍ତ କଲେ ।

ଦୁଇଟାଗଛ ମଡମାଡ୍ ହୋଇ ଭାଙ୍ଗିପଡିବା ମାତ୍ରେ ଭୀଷଣ ଶବ୍ଦହେଲା । ସେ ଶବ୍ଦ ଶୁଣି ନନ୍ଦ, ଯଶୋଦା ଓ ଗୋପୀମାନେ ଦୌଡ଼ି ଯାଇ ଦେଖିଲେ, ଗଛ ଦିଇଟା ଭାଙ୍ଗି ପଡ଼ିଛି । କିନ୍ତୁ ପୁଅର କୌଣସି କ୍ଷତି ହୋଇନାହିଁ । ପୁଅକୁ ବାନ୍ଧିଥିବାରୁ ଯଶୋଦା ବିସ୍ତାପି ହେଲେ । ସଙ୍ଗେ ସଙ୍ଗେ ବନ୍ଧାହୋଇଥିବା ଦଉଡ଼ି ପୁଅ ଦେହରୁ ଫିଟାଇଦେଲେ ।

ଚର୍ମଦଉଡ଼ି ଫିଟିଯିବାରେ ମୋକ୍ଷର ପଥ ପରିଷ୍କାର ହୋଇଗଲା । ଗଛ ଦୁଇଟାକୁ ତୁମ ପୁଅହିଁ ଭାଙ୍ଗି ଦେଲା ବୋଲି ପାଖରେ ଥିବା ପିଲାମାନେ କହିବାରେ ନନ୍ଦ ହସିଲେ । ପିଲାମାନେ ଆହୁରି ମଧ କହିଲେ ଯେ ଗଛ ଦିଇଟା ଭାଙ୍ଗି ପଡ଼ିବାମାତ୍ରେ ଭିତରୁ ଦି'ଜଣ ଦିବ୍ୟପୁରୁଷ ବାହାରି ଉପରକୁ ଉଠିଲେ । ସେମାନେ ଉଡ଼ି ଉଡ଼ି କୁଆଡେ ଚାଲିଗଲେ । ଆମେ କେବଳ ଆକାଶକୁ ଚାହିଁ ରହିଥିଲୁ ।

ବୟସ୍କ ଗୋପାଳ ଓ ଗୋପୀମାନେ ପିଲାଙ୍କ କଥାକୁ ବିଶ୍ୱାସ କରିପାରିଲେନି । ହସରେ ଉଡ଼େଇ ଦେଲେ । କହିଲେ, କାହ୍ନୁ ତ ଏଡିକିଟିଏ ପିଲା ତା'ର ଟଣା ଓଟରାରେ ଏଡ଼େ ବଡ଼ ଗଛ ଦୁଇଟା ଭାଙ୍ଗି ପଡ଼ିବା କ'ଣ ବିଶ୍ୱାସଯୋଗ୍ୟ ! ପିଲାମାନେ ଗୁଡାଏ ମନମଢ଼ା କଥା କହିଥା'ନ୍ତି ବୋଲି ସେମାନେ ଭାବିନେଲେ । ଆଉ କେହି କହିଲେ, କାହିଁକି ନ ହେବ ? ଏ ପିଲା ଆଗରୁ ଇମିତି କେତେ କାଣ୍ଡ କରିଛି ।

ଯାହାହେଉ, କୁବେରପୁତ୍ର ଓ ଗନ୍ଧର୍ବରାଜପୁତ୍ର ନଳକୁବେର ଓ ମଣିଗ୍ରୀବଙ୍କ ଶାପବିମୋଚନ ହେଲା । ସେମାନେ ରକ୍ଷା ପାଇଲେ । ସେମାନଙ୍କ ଆଚରଣ ବଦଳିଲା । ସେମାନେ ନାରାୟଣ ଭକ୍ତ ହେଲେ । ନାରଦଙ୍କୁ ମନେ ମନେ ଧନ୍ୟବାଦ ଜଣାଇଲେ । ତାହାହିଁ ହେଲା ବଡ଼କଥା ।

ସ୍ୱର୍ଗାରୋହଣ ପୂର୍ବରୁ ନଳକୁବେର ଓ ମଣିଗ୍ରୀବ ନାନା ଭାବରେ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲେ । କହିଲେ ପ୍ରଭୁ ! ଆମେ ତୁମର କିଂକରାନୁକିଂକର । ଦେବର୍ଷି ନାରଦଙ୍କ ଅନୁଗ୍ରହରୁ ହିଁ ସ୍ୱର୍ଗରେ ଯାହାଙ୍କ ଦର୍ଶନ ପାଇ ନଥିଲୁ, ସେହି ବୈକୁଣ୍ଠାଧିପତିଙ୍କ ଦର୍ଶନ ମର୍ତ୍ତ୍ୟରେ ପାଇଲୁ । ଶହେବର୍ଷ ଧରି ବୃକ୍ଷ ଦଶା ଭୋଗ କରି ଯେଉଁ କଷ୍ଟ ପାଇଥିଲୁ, ମୁହୂର୍ତ୍ତକର ସ୍ପର୍ଶରେ ଓ ଦର୍ଶନଲାଭ ପରେ ସେ କଷ୍ଟକୁ ଇଷ୍ଟ ମନେ କଲୁ । ରିଷ୍ଟ ଖଣ୍ଡନ ହେଲା । ଏଣିକି ଆମ ଜୀବନ ନାରାୟଣଙ୍କ ଗୁଣ କୀର୍ତ୍ତନରେ ହିଁ ଅତିବାହିତ ହେବ ।

ଭଗବାନ ଶ୍ରୀକଷ୍ଣ ସେମାନଙ୍କୁ ଆଶୀର୍ବାଦ କରି କହିଲେ, ତୁମେମାନେ ଐଶ୍ବର୍ଯ୍ୟ ମଦରେ ଅତିଶୟ ଉନ୍ମତ୍ତ ଓ ଉନ୍ମାଦିତ ହୋଇ ପଡୁଥିବା ଜାଣିପାରି ମୁଁ ଏହି ଲୀଳା ସୃଷ୍ଟି କରିଥିଲି । ନାରଦ ସେହିବାଟରେ ଯିବାଲାଗି ମୁଁ ତାଙ୍କ ଅଜାଣତରେ ପଥ-ନିର୍ଦ୍ଦେଶ କରିଥିଲି । ସେ ସେହି ବାଟେ ଯାଇନଥିଲେ, ତୁମମାନଙ୍କ ଉନ୍ମତ୍ତ ଅବସ୍ଥାକୁ ଦେଖି ନଥିଲେ, ଶହେବର୍ଷ କଣ ସହସ୍ର ବର୍ଷ ବିତି ଯାଇଥିଲେ ମଧ ତୁମ୍ଭମାନଙ୍କ ଆଚରଣରେ କୌଣସି ପରିବର୍ତ୍ତନ ଘଟି ନଥା'ନ୍ତା । ତୁମେମାନେ ଏବେ ସଂସାରମୁକ୍ତ, ତୁମମାନଙ୍କ ପ୍ରତି ମୋର ପ୍ରୀତିହିଁ ତୁମମାନଙ୍କ ପକ୍ଷରେ ସୁଗତି ! ତୁମେମାନେ ସ୍ୱର୍ଗକୁ ଯାଅ, ପିତା କୁବେର ଓ ଗନ୍ଧର୍ବ ତୁମମାନଙ୍କୁ ଅପେକ୍ଷା କରି ରହିଛନ୍ତି । ସେ ତୁମ୍ଭମାନଙ୍କୁ ସ୍ୱାଗତ କରିବେ !

॥ ୧୯ ॥

# ନେ ଚାଉଳ, ଦେ କୋଳି

**ଗୋ**କୁଳରେ ବାଳକୃଷ୍ଣ ଗୋପୀଗୋପାଳଙ୍କ ସହିତ ବେଶୀ ସମୟ କଟାଉଥିଲେ । ଗୋପୀମାନେ ତାଙ୍କୁ ପାଇଲାମାତ୍ରେ କୋଳେଇ କାଖେଇ ନିଜ ଘରଭିତରକୁ ନେଇଯାଉଥିଲେ । ତାଙ୍କୁ ନାନାଭାବରେ ବେଶଭୂଷା କରାଉଥିଲେ । କଳା କାହ୍ନୁଙ୍କୁ ନଚେଇ, ତା ନାଚ ଦେଖିବାରେ ଆନନ୍ଦ ପାଉଥିଲେ । ଶ୍ରୀକୃଷ୍ଣ ସେମାନଙ୍କୁ ଆନନ୍ଦ ଦେବାଲାଗି ନାନା ଭଙ୍ଗୀରେ ନାଚୁଥିଲେ । ଗୋପୀମାନେ ତାଳଦେଇ ତାଳି ମାରୁଥିଲେ । ଦିନଯାକ ସେ, ଯା ତା ଘରକୁ ଯାଇ ନାଚ ଦେଖଉଥିଲେ । ନାଚିବା ବେଳେ ତାଙ୍କ ମୁଣ୍ଡର ବାଳ ଫୁରଫୁର ହୋଇ ଉଡୁଥିଲା । ଗଳାରେ ପିନ୍ଧିଥିବା କୌସ୍ତୁଭହାର ଦୋହଲିବାରେ ଲାଗୁଥିଲା । ନାଚ କହିଲେ ନାଚୁଥିଲେ ଓ ଗାଅ କହିଲେ ଉଚ୍ଚ ସ୍ୱରରେ ଗାଉଥିଲେ । ଆରେ କାହ୍ନା ! ଗଲୁ ସେ କୋଣରେ ଅଛି, ଅମୁକ ଜିନିଷଟା ଆଣ କହିବା ମାତ୍ରେ, ଦୌଡିଯାଇ ଅନ୍ଧାର ଘରୁ ଚଟାପଟ ନେଇ ଆସୁଥିଲେ । ବୋଲହାକ୍, କରିବାକୁ କାହ୍ନା ଥିଲେ ଧୁରନ୍ଧର ! ଯେତେ ହାଲୁକା ଜିନିଷ ହୋଇଥିଲେ ମଧ୍ୟ ଭୀଷଣ ଭାରି ବୋଲି ଛଳନା କରି ବଡ଼ କଷ୍ଟରେ ମୁଣ୍ଡରେ ମୁଣ୍ଡେଇ, କାନ୍ଧରେ କାନ୍ଧେଇ ନେଇ ଆସୁଥିଲେ । ଗୋପୀମାନେ ତାଙ୍କୁ ବାହାବା କରିବାମାତ୍ରେ ଆଉ କୁଉଠି କ'ଣ ଅଛି, ଆଣ ବୋଇଲେ ଆଣିଦେବି ବୋଲି କହୁଥିଲେ । ଜିନିଷ ଟେକି ଆଣିବାବେଳେ ହାଲିଆ ହୋଇ ତଳେ ଲୋଟିପଡୁଥିଲେ । ଆହା ମୋ କାହ୍ନା କହି ଗୋପୀମାନେ ତାଙ୍କୁ ଉଠେଇ ଧରୁଥିଲେ । ଦେହରେ ମଇଳା ଲାଗିଗଲେ ଝାଡି ଦେଉଥିଲେ । ବୁକୁରେ ଲଗାଇ କାହ୍ନାକୁ ଚୁମା ଦେଉଥିଲେ । ଚୁମା ଦେବାମାତ୍ରେ ସେମାନେ ସ୍ୱର୍ଗୀୟ ସୁଖ ଲାଭ କରୁଥିଲେ ।

ବଳରାମ ଓ କୃଷ୍ଣ ଦୁହେଁ ଖେଳିଲାବେଳେ ଭୋକଶୋଷ ସବୁ ଭୁଲିଯାଉଥିଲେ । ଆରେ ବେଳ ହୋଇଗଲାଣି, ଖାଇବନି କି ବୋଲି ଯଶୋଦା ମଝିରେ ମଝିରେ ବଡ଼ ପାଟିରେ ଡାକିଲେ ମଧ୍ୟ ସେମାନେ ଶୁଣି ନଶୁଣିଲା ଭଳି ରହୁଥିଲେ । କେବେ କେବେ ଦାଣ୍ଡରେ ଖେଳି ଖେଳି ସେମାନେ ଧୂଳିଧୂସରିତ ହୋଇ ପଡୁଥିଲେ । ଖେଳିଲାବେଳେ କାହୁଅପଙ୍କ କିଛି ମାନୁ ନଥିଲେ । ଦେଖୁନ, ତୁମ ସାଙ୍ଗ ପିଲାମାନେ ସଫା ସୁତୁରା ହୋଇ ଭଲ ଲୁଗାପିନ୍ଧି ବୁଲୁଛନ୍ତି, ତୁମେ ଦି'ଟା, ଏତେ ଅସନା ଯେ କିଏ ହେଲେ ଛୁଇଁବାକୁ ଚାହିଁବନି ବୋଲି ଯଶୋଦା ବାରମ୍ବାର ଘରଭିତରୁ କହୁଥିଲେ କ'ଣ ହେବ, ଖେଳ ତ ଖେଳ, ମାଟି କ'ଣ ଗୋଡି କ'ଣ, ପଥର କ'ଣ- ସବୁଥିରେ ରାମକୃଷ୍ଣଙ୍କ ଖେଳ

ଚାଲୁଥିଲା । ବଡ଼ ଅମରମତା, ଅମାନିଆ, ଦି’ଟା ଯାକ ବୋଲି ଯଶୋଦା ଗୁଣୁଗୁଣୁ ହୋଇ କହିବାରେ ଲାଗୁଥିଲେ । ରୋହିଣୀ ସେମାନଙ୍କୁ ଧରିବାକୁ ଗଲାବେଳେ ସେମାନେ ତାଙ୍କୁ ମୁଠା ମୁଠା ଧୂଳି ଫିଙ୍ଗୁଥିଲେ । ବିରକ୍ତ ହୋଇ ସେ ଯଶୋଦାଙ୍କୁ କହୁଥିଲେ, ନାନି ! ମୁଁ ଏମାନଙ୍କୁ ପାରିବିନି । ସେମାନଙ୍କ ଧୂଳି ମାଡରେ ମୋ ଆଖି ବୁଜି ହୋଇଗଲାଣି ।

ଯଶୋଦା ବାଧ ହୋଇ ଘରକାମ ଅଧାକରି ଦାଣ୍ଡ ପିଣ୍ଡାକୁ ଆସି କହୁଥିଲେ, କହ୍ନେଇ ! ମୋ ବାପଟା ପରା, ମୋ ସୁନାପିଲା, ମୋ ଗଣ୍ଠିଧନ ! ବହୁତ ଖେଳିଲଣି, ଭାଇକୁ ଧରି ଘରକୁ ଚାଲିଆ ! ଗାଧୋଇ ଦେବି, ମୁଣ୍ଡ କୁଣ୍ଡେଇ ଦେବି; ଆଖିରେ କଜଳ ଲଗେଇ ଦେବି, କପାଳରେ ଗୋରଚନା ଟିପା ଲଗେଇ ଦେବି, ତୋ ପାଇଁ ବାପା, ନୂଆ ଲୁଗା ଆଣିଛନ୍ତି, ପିନ୍ଧେଇଦେବି - ଦୁଧଭାତ, ସରଲବଣୀ ଖୁଆଇ ଦେବି । ପେଟରେ ଗଣ୍ଡେ ପଡିଲେ ସିନା, ଖେଳିବ । ବାପା ତୁମର ପିଢ଼ା ପକେଇ ଚାହିଁ ବସିଛନ୍ତି- ତୁମେମାନେ ନଖାଇଲେ, ସେ ଖାଆନ୍ତିନି ବୋଲି ତ ତୁମେମାନେ ଜାଣିଛ ।

ଯଶୋଦା ସାଙ୍ଗ ପିଲାମାନଙ୍କୁ ତେଢ଼େଇ କରି କହନ୍ତି, ଆରେ ପିଲେ, ତୁମେମାନେ ନିଜ ନିଜ ଘରକୁ ଯାଅ । ତୁମେ ସମସ୍ତେ ନଗଲେ, ଏମାନେ ଘରେ ପଶିବେନି ! ଏହା କହି ସେ ଅନ୍ୟପିଲାଙ୍କୁ ଘଉଡାନ୍ତି !

ଖେଳ ମାଧମରେ ଶ୍ରୀକୃଷ୍ଣ ମା’ ଯଶୋଦାଙ୍କୁ ତାଙ୍କ ଦିବ୍ୟସତ୍ତା ପ୍ରଦର୍ଶନ କରୁଥିଲେ ମଧ ଯଶୋଦା ତାଙ୍କୁ ଦେଖିବାମାତ୍ରେ କୌଣସି ସତ୍ତାର ପତ୍ତା ପାଉନଥିଲେ । ଶ୍ରୀକୃଷ୍ଣ ଯେ ସ୍ୱୟଂ ନାରାୟଣ ଏକଥା ସେ ଅନୁଭବ କରିପାରୁ ନଥିଲେ । ମୁନିଋଷି, ସାଧୁସନ୍ଥମାନେ ଭିକ୍ଷାମାଗିବା ଛଳରେ ନନ୍ଦଙ୍କ ଘରକୁ ଆସି ଭଗବାନଙ୍କୁ ନରଦେହରେ ଶିଶୁରୂପରେ ଦର୍ଶନ କରି ଆହ୍ଲାଦିତ ହେଉଥିଲେ । ସେମାନଙ୍କ କୋଟିଜନ୍ମର ତପସ୍ୟା କ୍ଷଣିକ ଦର୍ଶନରେ ସାର୍ଥକ ହେଉଥିଲା । ପତିତପାବନ ପ୍ରଭୁ ଦାଣ୍ଡରେ ବହୁ ସମୟଧରି ଖେଳିବାର ଉଦ୍ଦେଶ୍ୟ ଥିଲା, ସର୍ବସାଧାରଣଙ୍କୁ ଦର୍ଶନ ଦେବା । ଏକଥା ରୋହିଣୀ ଓ ଯଶୋଦା ବୁଝି ପାରୁନଥିଲେ । କେବଳ ସେମାନେ କାହିଁକି, ନିରୀହ, ସରଳ ଗୋପୀ, ଗୋପାଳମାନେ ମଧ ଉପଲବ୍ଧି କରି ପାରୁନଥିଲେ । ଶ୍ରୀକୃଷ୍ଣ ଥିଲେ ଦୁଷ୍ଟଙ୍କ ଶିରୋମଣି । କିନ୍ତୁ ତାଙ୍କ ଦୁଷ୍ଟାମୀର ଉଦ୍ଦେଶ୍ୟ ଥିଲା ଗୋପୀମାନଙ୍କ ମନରେ, ତାଙ୍କୁ କୋଳେଇ କାଖେଇ, ଭକ୍ତି ଓ ପ୍ରୀତି ଜାଗ୍ରତ କରାଇବା । ପ୍ରୀତିରସକୁ ଘନୀଭୂତ କରିବା । ଏହି ନବଘନରସ କେତେବେଳେ ସେମାନଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ଭାବରେ ଝରିପଡୁଥିଲା । ରାମ ଓ କୃଷ୍ଣ ଯେ ଅବତାର ପୁରୁଷ, ଏକଥା ଜାଣିବା ଲାଗି ସେମାନେ ଗୋପୀ ଓ ଗୋପାଳମାନଙ୍କୁ ଫୁରୁସତ୍ ଦେଉ ନଥିଲେ । ସେମାନଙ୍କ ଦ୍ୱାରା ଅସୁରମାରଣ ଲୀଳା

ଚାଲିଥିଲେ ମଧ୍ୟ, ଇମିତି କୌଶଳରେ ଏସବୁ ନିଧନ କାର୍ଯ୍ୟ କରାଯାଉଥିଲା ଯେ ସେମାନଙ୍କ ଦୈବୀଶକ୍ତିର ପରିଚୟ କେହି ବୁଝି ପାରୁନଥିଲେ । ସେମାନେ ଭାବୁଥିଲେ ନାରାୟଣ ହିଁ ପିଲା ଦୁଇଟିକୁ ନାନା ବିପଦରୁ ରକ୍ଷା କରିବାରେ ଲାଗିଛନ୍ତି । କିନ୍ତୁ ନାରାୟଣ ଯେ ନରରୂପରେ ସେମାନଙ୍କ ସାମନାରେ ସବୁ ଅସାଧ୍ୟ ସାଧନ କରିବାରେ ଲାଗିଛନ୍ତି, ପ୍ରଭୁଙ୍କ ମାୟା ଫଳରେ କେହି ଜାଣିପାରୁ ନଥିଲେ ।

ଦିନେ ଶ୍ରୀକୃଷ୍ଣ ଘର ଅଗଣାରେ ଖେଳୁଥିଲେ । ହଠାତ୍ ଡାକ ଶୁଭିଲା, କୋଳି ନେବ କୋଳି । ଜାମୁକୋଳି, ମିଠାକୋଳି ! ଶ୍ରୀକୃଷ୍ଣ ଦୌଡ଼ିଯାଇ ଦେଖିଲେ, ଜଣେ ଜଙ୍ଗଲୀ ସ୍ତ୍ରୀଲୋକ କୋଳିବୋଝ ମୁଣ୍ଡରୁ ଓହ୍ଲାଇ ତଳେ ଥୋଇଲା । ଜାମୁକୋଳିର ବର୍ଣ୍ଣ ଯାହା, ଶ୍ରୀକୃଷ୍ଣଙ୍କ ଦେହର ରଙ୍ଗ ସେୟା । କୋଳିଦେଖି ଶ୍ରୀକୃଷ୍ଣଙ୍କର ପାଟିରୁ ଲାଳ ଗଡିଲା । ଶ୍ରୀକୃଷ୍ଣ ହାତ ପତେଇ କୋଳି ମାଗିଲେ । କେଳୁଣୀ କହିଲା, ଯାଅ ଘରୁ ଚାଉଳ ଆଣିଲେ ଦେବି । ଚାଉଳ ବଦଳରେ କୋଳି ମିଳିବ । ମତେ କିଛି ନଦେଲେ କୋଳି ଦେବି କିମିତି ? ଶ୍ରୀକୃଷ୍ଣ ଝପଟିଗଲେ ଘରଭିତରକୁ । ନନ୍ଦରଜାଙ୍କ ଘରେ କ'ଣ ଚାଉଳର ଅଭାବ ! ଡୋଲି ଡୋଲି ଚାଉଳ । ଶ୍ରୀକୃଷ୍ଣ ଆଞ୍ଜୁଳାରେ ଚାଉଳଧରି ଆସିଲେ । ଚାଉଳସବୁ ଆଙ୍ଗୁଠି ସନ୍ଧାଦେଇ ଗଳି ତଳେ ପଡୁଛି । ବାଟଯାକ ଚାଉଳର ଧାର । କୋଳି ବିକାଳି କେଳୁଣୀକି କହିଲେ, ନେ ଚାଉଳ, ଦେ କୋଳି । କେଳୁଣୀ ଦେଖୁଛି, ଚାଉଳ ସବୁ ତଳେ ପଡି ପଡି ଆସିଛି । ଶ୍ରୀକୃଷ୍ଣଙ୍କ ହାତଖାଲି । କିନ୍ତୁ ହାତର ପାପୁଲି ଦୁଇଟି ଯିମିତି କି ବଧୂଲି ରଙ୍ଗରେ ରଂଜିତ । ଅତି କଅଁଳିଆ । ହାତଦୁଇଟି ଦେଖୁ ଦେଖୁ କେଳୁଣୀ ମୋହି ହୋଇଗଲା । ଆଞ୍ଜୁଳାଭରି କୋଳି ଦେଲା ଶ୍ରୀକୃଷ୍ଣଙ୍କୁ ! ଅରଣ୍ୟର ନାରୀ ଆରଣ୍ୟକୀ । ସେ କୋଳି ବିକାଳି କେଳୁଣୀ । ଯିଏ ବେଦ, ଉପନିଷଦ ପକ୍ଷରେ ମଧ୍ୟ ବୋଧଗମ୍ୟ ନୁହଁ, ସାଧାରଣ ଜଙ୍ଗଲୀ ସ୍ତ୍ରୀ ତାକୁ ଜାଣିବ ବା କିମିତି ! ଯିଏ ଅକଳନ, ତାକୁ କୋଳି ଦେଇ କଳନା କରିବ କିପରି ? ନିଷାଧରମଣୀ, ଅରଣ୍ୟବାସିନୀ କେଳୁଣୀ ଘରକୁ ଫେରି ଯାଇଛି କୋଳି ବିକି ସାରି । ମୁଣ୍ଡରେ ଥିଲା ତାର ଖାଲି ଟୋକେଇ । ହାଲୁକା ଥିଲା, କିନ୍ତୁ ଘରକୁ ଫେରି ମୁଣ୍ଡରୁ ଟୋକେଇ ତଳକୁ ଓହ୍ଲାଇଲା ବେଳକୁ ଅନୁଭବ କଲା ଟୋକେଇଟା ଭୀଷଣ ଭାରି । ଓଜନିଆ । ଭାବିଲା ମୁଣ୍ଡ ଉପରେ ବୋଝ ତ ଏତେ ଭାରି ନଥିଲା । ତଳକୁ ଓହ୍ଲାଇ ଦେଖିଲା ବୋଝ ଭିତରେ ମୁଣ୍ଡା ମୁଣ୍ଡା ସୁନା, ହୀରା, ମୋତି ମାଣିକ୍ୟ ! ଏ ସବୁ ଦେଖି ତା ମୁଣ୍ଡଭିତରଟା ଚିନ୍ତାରେ ଭାରି ହୋଇପଡ଼ିଲା । ଏସବୁ ଆସିଲା କୁଆଡୁ ? ସେ କାଳିଆ ପିଲାଟା ହାତରେ କୋଳି ଆଞ୍ଜୁଳାଏ ଦେଇ ସେ ପାଇଛି ଅମୂଲ୍ୟ ଧନରତ୍ନ !!

●

॥ ୨୦ ॥

# ଗୋକୁଳରୁ ବୃନ୍ଦାବନ

କୋଳିଖିଆ ପରେ ପୁଣି ଖେଳ । ଖାଇବାବେଳ ଗଡିଗଲାଣି । ରୋହିଣୀ ଯେତେ ଡାକିଲେ ବି ରାମକୃଷ୍ଣଙ୍କର ଖେଳ ସରୁନି । ଏଇ ଯାଉଚି କହି କୃଷ୍ଣ ବଡ଼ଭାଇ ବଳରାମଙ୍କୁ ଭିଡ଼ି ଧରୁଛନ୍ତି । ରୋହିଣୀ ବ୍ୟସ୍ତ ହୋଇ ଯଶୋଦାଙ୍କୁ କହୁଛନ୍ତି, ମୁଁ ଏ ଦିଇଟାଙ୍କୁ ପାରିବିନି । ଯଶୋଦା ବାଧ ହୋଇ କୃଷ୍ଣଙ୍କୁ ଧରିବାକୁ ଯାଉଛନ୍ତି । କିନ୍ତୁ ସେ ଦୌଡ଼ି ପଳାଉଛନ୍ତି । ଯଶୋଦାଙ୍କ ସ୍ତନରେ, ସ୍ତନ୍ୟଭାର । ଅସହ୍ୟ ଯନ୍ତ୍ରଣା । ଯଶୋଦା ବଳରାମଙ୍କୁ କହୁଛନ୍ତି ତୁ କେବଳ ତାକୁ ବୁଝେଇ ଆଣିପାରିବୁ । ବଳରାମ ଦୌଡିଯାଇ କୃଷ୍ଣଙ୍କୁ ଧରିବାପରେ ଯଶୋଦା କୃଷ୍ଣଙ୍କୁ କହୁଛନ୍ତି, ଆଜି ତୋର ଜନ୍ମଦିନ । ବାପା ତୋ ପାଇଁ ନୂଆ ଲୁଗା ଆଣିଛନ୍ତି, ପିନ୍ଧି ବନ୍ଦେଇ ହେବୁ ।

'ଜନ୍ମଦିନ' କଥା ଶୁଣିବା ମାତ୍ରେ ଶ୍ରୀକୃଷ୍ଣ କହୁଛନ୍ତି- ଆଗରୁ ମନେ ପକାଇ ଦେଲନି । ଏବେ ତ ଦିନ ଗଡିଗଲାଣି । ମୁଁ କ'ଣ ଦିନରେ ଜନ୍ମ ହୋଇଥିଲି କି ? ତୁମେ ତ କହୁଥିଲ ମୁଁ ରାତିରେ ଜନ୍ମ ହୋଇଥିଲି । ରାତି ଗଲା, ସକାଳ ହେଲା, ଦିପ୍ରହର ଗଲା । ସଂଧ୍ୟା ହେବାକୁ ଆଉ ବେଶୀ ସମୟ ନାହିଁ । ମୋ ଜନ୍ମଦିନ ପାଳିବ କେବେ ? ହେଉ, ଚାଲ ।

ଯଶୋଦା ପ୍ରଥମେ କାହ୍ନୁକୁ ସ୍ତନ୍ୟପାନ କରାଇ, ତା'ପରେ ତାଙ୍କୁ ବେଶଭୂଷା କରିବାକୁ ଲାଗିଲେ । ଘର ଭିତରେ ଜନ୍ମାଷ୍ଟମୀ ପାଳନ । ଘର ବାହାର ବାରଣ୍ଡା ଉପରେ ନନ୍ଦ ଚଳାଇଛନ୍ତି ଗୋକୁଳବାସୀଙ୍କ ସହିତ ଆଲୋଚନା । ଗୋକୁଳର ସବୁଠାରୁ ଅଭିଜ୍ଞ ବୟସ୍କ ଲୋକ ହେଉଛନ୍ତି ଉପନନ୍ଦ । ନନ୍ଦ ଏହି ଉପନନ୍ଦଙ୍କ ପରାମର୍ଶ ଲୋଡୁଛନ୍ତି ।

ଉପନନ୍ଦ କହୁଛନ୍ତି, ଗୋକୁଳରେ ସର୍ବଦା ମହାଉତ୍ପାତ ଲାଗି ରହିଛି । ନନ୍ଦ ପଚାରୁଛନ୍ତି କ'ଣ କଲେ ଏ ଉତ୍ପାତ ଦୂର ହେବ ? ଉପନନ୍ଦ କହୁଛନ୍ତି, ଏକମାତ୍ର ଉପାୟ ହେଉଛି ଗୋକୁଳ ଛାଡ଼ି ଅନ୍ୟତ୍ର ଚାଲିଯିବା । ରାକ୍ଷସ, ରାକ୍ଷସୀମାନେ ତୁମ କାହ୍ନୁ ପିଛା ଲାଗି ରହିଛନ୍ତି । ତାକୁ ପ୍ରାଣରେ ମାରିଦେବା ପାଇଁ ବହୁ ଚେଷ୍ଟା କଲେଣି । ପୂତନା, ଶକଟାସୁର, ତୃଣାବର୍ତ୍ତ ଆଦି ତିନି ତିନିଟା ଅସୁର, ଅସୁରୁଣୀ କ'ଣ କଲେ ତ ଜାଣ । ନାରାୟଣ ସହାୟ ହେବାରେ ପିଲାଟାର କିଛି ହୋଇ ନାହିଁ । କିନ୍ତୁ କ୍ଷତି ହେବା ପୂର୍ବରୁ ଆମକୁ କିଛି ନା କିଛି ବ୍ୟବସ୍ଥା କରିବାକୁ ପଡ଼ିବ । ପିଲାମାନଙ୍କ ଜୀବନରକ୍ଷା ହେଉଛି ବଡ଼କଥା ।

ତାହାହେଲେ କେଉଁଦିନ ଯିବା ବୋଲି ମହାନନ୍ଦ ପ୍ରଶ୍ନ କରିବାରେ ଉପନନ୍ଦ କହିଲେ, ଆମେ ସମସ୍ତେ ଗୋପାଳ । ଗୋଧନ ହିଁ ଆମର ସମ୍ବଳ । ଗୋକୁଳରେ ବଣଜଙ୍ଗଲ, ଘାସ ଆଦି ରହିଥିବା ଯୋଗୁଁ ଏଠି ରହିଆସିଛେ । ଯେଉଁଠି ଏ ଜିନିଷ ମିଳିବ, ସେଠିକି ଆମେମାନେ ଚାଲିଯିବା ଉଚିତ । ଗୋକୁଳ ଯେ ନିରାପଦ ନୁହେଁ ଏକଥା ବହୁ ଘଟଣାରୁ ଜଣାପଡ଼ିଲାଣି । ମୁଁ ଭାବୁଛି ବୃନ୍ଦାବନ ବୋଲି ନିକଟରେ ଏକ ଜଙ୍ଗଲିଆ ସ୍ଥାନ ଅଛି । ସେଠିକି ଚାଲିଯିବା ଠିକ୍ ହେବ । ଗୋକୁଳ ଭଳି ସେଠି ଆମ ଗାଈଗୋରୁଙ୍କ ପାଇଁ ଘାସ, ପତ୍ର ଆଦି ମିଳି ପାରିବ । ସେଠି ଗୋବର୍ଦ୍ଧନ ବୋଲି ଏକ ପର୍ବତ ଅଛି । 'ଗୋବର୍ଦ୍ଧନ' ନାଆଁରୁ ଏହି ପର୍ବତ ଆମର କେତେ ଉପକାର କରିପାରିବ ଜାଣି ପାରୁଥିବେ । ପର୍ବତ ଚାରିପଟେ ଘନ ଜଙ୍ଗଲ । ଆମ ଗୋପୀ, ଗୋପାଳମାନେ ଏ ଜାଗାରେ ରହିଲେ ସୁଖଶାନ୍ତି ପାଇପାରିବେ । ଅବଶ୍ୟ ମୁଁ ଦେଖିନି, ଲୋକମୁଖରୁ ଶୁଣିଛି । ଯେତିକି ଶୁଣିଛି ତା'ଠାରୁ ଅଧିକ ଭଲ ହୋଇ ଥାଇପାରେ । କାଳବିଳମ୍ବ ନକରି ଯଥାଶୀଘ୍ର ଆମେମାନେ ସେଠିକି ଚାଲିଯିବା ଉଚିତ ।

ନନ୍ଦଙ୍କ ମନକୁ ପାଇଲା ଉପନନ୍ଦଙ୍କ ପରାମର୍ଶ । ଗୋକୁଳର ମୁଖ୍ୟ ମୁଖ୍ୟ ଲୋକେ ଏହି ଆଲୋଚନା ବେଳେ ଉପସ୍ଥିତ ଥିଲେ । ଗୋପାଳମାନେ ଗୋପୀମାନଙ୍କୁ କହିଲେ । ଅସୁରମାନଙ୍କ ଉପଦ୍ରବରୁ ତ୍ରାହି ପାଇବାପାଇଁ ସେମାନେ ବ୍ୟାକୁଳ ଥିଲେ । ଘରଲୋକଙ୍କ କଥା ଶୁଣି ଘରଣୀମାନେ କହିଲେ, ତାହାହେଲେ ସଙ୍ଗେ ସଙ୍ଗେ ବାହାରୁନ କାହିଁକି ?

ସଙ୍ଗେ ସଙ୍ଗେ ଶଗଡ଼ଗାଡ଼ି ଯୋଚାଗଲା । ଘରର ଯାହାବା ଆସବାବପତ୍ର ଥିଲା ଶଗଡ଼ ଗାଡିରେ ଲଦାଗଲା । ଶହଶହ ଶଗଡ । ଧାଡିଲମ୍ବିଲା । ଗୋଟିଏ ପଛକୁ ଗୋଟିଏ । ବୁଢ଼ାବୁଢ଼ୀ, ଛୋଟ ପିଲାମାନେ ଶଗଡରେ ବସିଲେ । ଗୋପୀଗୋପାଳମାନେ ଯିଏ ଯାହାର ଶଗଡ ପଛରେ ଚାଲିଲେ । ଶଗଡ ଆଗରେ ଗାଈଗୋରୁଗୁଡ଼ିକ ଚାଲିଲେ ବୃନ୍ଦାବନ ଅଭିମୁଖେ । ରାମକୃଷ୍ଣଙ୍କ ଆନନ୍ଦ କହିଲେ ନସରେ । ପିଲାହେଲେ କ'ଣ ହେବ, ସେମାନେ ଶଗଡରେ ନବସି ଚାଲି ଚାଲି ଯିବାକୁ ଚାହିଁଲେ । କହିଲେ, ହାଲିଆ ହୋଇଗଲେ, ଶଗଡ ଉପରକୁ ଉଠିଯିବୁ । ଗୋପୀମାନେ କୃଷ୍ଣଙ୍କୁ ଚାଲିବାକୁ ଦେଲେ ନାହିଁ । ଯା କାଖକୁ ତା କାଖ ହେବାକୁ ଲାଗିଲେ ସେ । ଗୋପୀଗୋପାଳମାନଙ୍କ ଶୋଭାଯାତ୍ରା ଚାଲିଲା । ବାଇଦ ବାଜଣାରେ ମୁଖରିତ ହୋଇ ଉଠିଲା ରାସ୍ତାଘାଟ । ବ୍ରାହ୍ମଣମାନେ ବେଦମନ୍ତ୍ର ଗାଇବାରେ ଲାଗିଲେ- ଅଶୁଭକୁ ଶୁଭ କରିବାପାଇଁ । ପଥକୁ ପବିତ୍ର କରିବା ଲାଗି । ମନେ ହେଲା ସମଗ୍ର ଗୋକୁଳ ଚାଲିଛି ଏକ ମହୋତ୍ସବରେ ଯୋଗଦେବା ଲାଗି ।

ଗୋପାଙ୍ଗନାମାନେ ନାନା ବେଶଭୂଷାରେ ବିଭୂଷିତା । ସମସ୍ତଙ୍କ ଅଙ୍ଗରେ ନବ ଦୁକୁଳର ତରଙ୍ଗ । ମଥାରେ ପୁଷ୍ପାଭରଣ । କଣ୍ଠଦେଶରେ ପୁଷ୍ପମାଳା ଓ ନାନା ଧାତବ ଅଳଙ୍କାର । କର୍ଣ୍ଣରେ କୁଣ୍ଡଳ । ବାଳକୃଷ୍ଣଙ୍କ ନାନା ଲୀଳାର ସଂକୀର୍ତ୍ତନରେ ଭାବବିହ୍ୱଳ ।

ଯଶୋଦା ଓ ରୋହିଣୀ ଶଗଡ଼ ଭିତରେ ବସି ରାମକୃଷ୍ଣଙ୍କୁ ଖୋଜିବାରେ ଲାଗିଛନ୍ତି । କିନ୍ତୁ ଗୋପୀମାନେ ସେମାନଙ୍କୁ ହାତଛଡା କରିବାକୁ ନାରାଜ । ଦୁଇଭାଇ ମଝି ମଝିରେ ରୋହିଣୀ ଓ ଯଶୋଦାଙ୍କ କୋଳରେ ବସୁଛନ୍ତି । ରାମ ତ ସର୍ବଦା ଚୁପଚାପ୍ । କିନ୍ତୁ କୃଷ୍ଣ ମହା ଚଗଲା । ହାତ ବୋଇଲେ ଗୋଡ ବୋଲ କରୁଛି । ଯଶୋଦାଙ୍କ କୋଳରେ ବସି ମଧ୍ୟ ନାନା ଭଙ୍ଗି କରିବାରେ ଲାଗିଛନ୍ତି । ନୂଆ ନୂଆ ଭଙ୍ଗି କରିବାରେ ଲାଗିଛନ୍ତି । ଖୁସି ହେବା କଥାତ । କିନ୍ତୁ ସବୁ କାର୍ଯ୍ୟ ଯେ ଏହି ପିଲାଖଣ୍ଡକର ଇଙ୍ଗିତରେ ହେଉଛି, ଏକଥା କିଏ ବା ଜାଣିବ ?

ଶେଷରେ ଗୋକୁଳବାସୀ ଗୋପୀ ଗୋପାଳମାନେ ବୃନ୍ଦାବନରେ ପହଞ୍ଚିଗଲେ । ରାମ କୃଷ୍ଣ ପ୍ରଥମେ ଶଗଡ ଉପରୁ ତଳକୁ ଡେଇଁ ପଡିଲେ । ବାଳକୃଷ୍ଣ ଚାରିଆଡକୁ ଆଖି ବୁଲାଇ ଦେଖିଲେ । ନନ୍ଦ, ଯଶୋଦାଙ୍କୁ କହିଲେ, ବଢ଼ିଆ ଜାଗା । ଯାହାହେଉ ଆମ ଗାଈ ବାଛୁରୀମାନେ କଅଁଳିଆ ଘାସ ପାଇ ଖୁସି ହେବେ । ଗୋବର୍ଦ୍ଧନ ପର୍ବତ ଉପରେ ତାଙ୍କର ଆଖିପଡ଼ିଲା । ଗୋବର୍ଦ୍ଧନ ମୁଣ୍ଡ ନୁଆଁଇ ତାଙ୍କୁ ନମସ୍କାର କଲା । କିନ୍ତୁ କେହି ଜାଣି ପାରିଲେ ନାହିଁ । ଦୁହିଁଙ୍କ ମଧ୍ୟରେ ସ୍ନେହ ସୋହାଗ ଆଦାନ ପ୍ରଦାନ ହେଲା । ଗୋବର୍ଦ୍ଧନ ପର୍ବତକୁ ଲାଗି ବହି ଚାଲିଛି ଯମୁନା ନଦୀ । ସ୍ୱୟଂ ନାରାୟଣଙ୍କୁ ବାଳକୃଷ୍ଣ ରୂପରେ ଦେଖି ତା ଆଖିରୁ ଆନନ୍ଦାଶ୍ରୁ ବିଗଳିତ ହୋଇ ପଡ଼ିଲା । ସେହି ଅଶ୍ରୁଜଳହିଁ ହେଲା ବାଳକୃଷ୍ଣଙ୍କ ପ୍ରତି ତାର ସ୍ୱାଗତ ସମ୍ଭାଷଣର ଭାଷା । ବାଳକୃଷ୍ଣ ପ୍ରଥମେ ଯମୁନାଜଳରୁ ଟୋଳାଏ ନେଇ ଆଚମନ କଲେ । ଯମୁନା ସେତିକିରେ କୃତାର୍ଥ ହେଲା ।

ବୃନ୍ଦାବନରେ ଗୋକୁଳବାସୀଙ୍କର ନୂତନ ବସତି ସ୍ଥାପନ ହେଲା । ଗୋପାଳ ବାଳକମାନଙ୍କ ପାଇଁ ବୃନ୍ଦାବନ ଏକ ବଡ଼ ଖେଳପଡ଼ିଆ ହୋଇ ପଡ଼ିଲା । ଗାଈ ଗୋରୁ ଚରାଇବା ଲାଗି ବଢ଼ିଆ ଜାଗା । ଦିନ ଗଡିଚାଲିଲା । ରାମକୃଷ୍ଣ ଶୈଶବ ଅତିକ୍ରମ କରି ବାଳକ ହୋଇଗଲେଣି । ଗୋପାଳବାଳକ ସହିତ ସେମାନେ ମଧ୍ୟ ଗାଈ ଚରାଇବା ଲାଗି ବଣକୁ ଗଲେଣି । କୃଷ୍ଣଙ୍କ ହାତରେ ସଦାବେଳେ ଏକ ବଂଶୀ । ସେ ବଂଶୀ ବଜାଇବା ମାତ୍ରେ ଶ୍ୟାମଳୀ, ଧବଳୀ ଆଦି ଧେନୁ ତାଙ୍କ ପାଖକୁ ଦୌଡି ଆସୁଛନ୍ତି । ହମ୍ବାରଡି କରି ଆନନ୍ଦରେ ବୁଲୁଛନ୍ତି । କାନରେ ପଡୁଛି ବଂଶୀସ୍ୱନ । ବଣରେ କଅଁଳିଆ ପତ୍ର । ଗୋଧନଙ୍କର ମନ ଉଲ୍ଲସିତ । ବଣରେ ନାନା ରକମର ସୁଆଦିଆ ଫଳ । ଢେଲା ପଥର ଫୋପଡ଼ ଫିଙ୍ଗି ରାମକୃଷ୍ଣ ସେ ସବୁ ସଂଗ୍ରହ କରୁଛନ୍ତି । ସାଙ୍ଗ ପିଲାଙ୍କ ଭିତରେ ବାଣ୍ଟୁଛନ୍ତି । ଡୁଡୁ, ବୋହୂଚୋରୀ, ଲୁଚକାଳି ଆଦି ଖେଳ ମଧ୍ୟ ଚାଲିଛି । ବଣର ପଶୁ ପକ୍ଷୀଙ୍କ ସ୍ୱରକୁ ଅନୁକରଣ କରି କୃଷ୍ଣ ଅବିକଳ ସେହିପରି ଧ୍ୱନି କରୁଛନ୍ତି ।

●

॥ ୨୧ ॥

# ବତ୍ସା, ବକ ଓ ଅଘ ବଧ

ଶ୍ରୀକୃଷ୍ଣ ଗୋକୁଳାନନ୍ଦରୁ ହେଲେ ବୃନ୍ଦାବନଚନ୍ଦ୍ର । ଶୁକଦେବ କହିଲେ, ହେ ମହାରାଜା ପରୀକ୍ଷିତ ! ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ଲୀଳା ଅଗଣିତ । କହୁ କହୁ ଶୁକମୁନି ଭାବବିହ୍ୱଳ ହୋଇପଡ଼ିଲେ । ବକ୍ତା ଓ ଶ୍ରୋତା ଉଭୟଙ୍କ ଅବସ୍ଥା ଏକାଭଳି ।

ଶୁକମୁନି ଭାବରାଜ୍ୟରୁ ଫେରି ଆସିବା ପରେ କହିଲେ, ଆଗରୁ ତିନିଟା ଅସୁର ଅସୁରୁଣୀ ମରିଥିଲେ । ଏଥର ବତ୍ସାସୁରର ମରିବା ପାଳି । ଗୋକୁଳରେ କଂସର ଗୁଣ୍ଡାମାନଙ୍କ ଉତ୍ପାତରୁ ଉଦ୍ଧାର ପାଇବା ପାଇଁ ଗୋପୀ, ଗୋପାଳ ଆସିଲେ ବୃନ୍ଦାବନକୁ, ଏ ସ୍ଥାନଟି ନିରାପଦ ମନେକରି । କିନ୍ତୁ ଏଠିକି ମଧ୍ୟ କଂସ ପଠେଇଲା ତାର ମାୟାବୀ ଅସୁରମାନଙ୍କୁ ।

ଦିନେ ରାମ ଓ କୃଷ୍ଣ ଯାଇଥିଲେ ଗାଈ ଚରାଇବା ପାଇଁ ବଣକୁ । ସାଙ୍ଗରେ ସାଙ୍ଗ ପିଲାମାନେ । ହଠାତ୍ ବତ୍ସାସୁର ଏକ ବାଛୁରୀ ରୂପଧରି ଗାଈବାଛୁରୀମାନଙ୍କ ସହିତ ମିଶିଗଲା । ଇମିତି ମିଶିଗଲା ଯେ ଯିମିତିକି ତାକୁ ବାଛି ହେବ ନାହିଁ । କୃଷ୍ଣ ଯୁଆଡେ ଯାଉଥିଲେ, ବତ୍ସା ତାଙ୍କ ଆଗ ପଛ ହେବାକୁ ଲାଗିଲା । ଓର ଉଣ୍ଡି କୃଷ୍ଣଙ୍କୁ ମାରିଦେବା ପାଇଁ ଚେଷ୍ଟା କଲା । କିନ୍ତୁ କୃଷ୍ଣ ଠିକ୍ ବାରି ନେଇଥିଲେ । ବତ୍ସା ବହୁସମୟ ଲଙ୍ଗରପଙ୍ଗର ହେଲା । କୃଷ୍ଣ ତ ବାଛୁରୀମାନଙ୍କୁ ଭଲ ପାଆନ୍ତି, ବାଛୁରୀସବୁ ଆସି କୃଷ୍ଣଙ୍କ ପାଖାପାଖି ରହିଥାଆନ୍ତି । ତାଙ୍କୁ ଗେଲରେ ଚାଟନ୍ତି । ବତ୍ସାସୁର ମଧ୍ୟ ତାଙ୍କୁ ଚଟାଚଟି କରିବାକୁ ଲାଗିଲା । ଭାବିଥିଲା ଇମିତି ଚଟାଚଟି କରି କୃଷ୍ଣଙ୍କୁ ଚଟାପଟ୍ ଗିଳି ପକାଇବ । ସେ ପାଖକୁ ଆସିବା ମାତ୍ରେ ଶ୍ରୀକୃଷ୍ଣ ଗେଲ କରିବା ଭଳି ତା ପଛ ଦି'ଗୋଡ଼କୁ ଧରିଲେ । ବତ୍ସାସୁରକୁ ଉପରକୁ ଟେକି ଚକାଚକା ଭଉଁରୀ, ମାମୁଁ ଘର ଚଉଁରୀ କରେଇଲେ । ରାକ୍ଷସଟା ରକ୍ତବାନ୍ତି କରି ପକାଇଲା । ତାକୁ ଘୂରେଇ ଘୂରେଇ ଦୂରକୁ ଜୋର୍‌ରେ ଫିଙ୍ଗିଦେଲେ । ପର୍ବତଭଳି ଏଡ଼େବଡ଼ ରାକ୍ଷସଟା ଯେଉଁଠି ପଡ଼ିଲା, ସେଠି ଗଛପତ୍ରସବୁ ଭାଙ୍ଗି ପଡ଼ିଲା । ପଥରସବୁ ଚୂନା ହୋଇଗଲା । ବୃନ୍ଦାବନର ଜଙ୍ଗଲରେ ବହୁ ସୁଆଦିଆ ଫଳଗଛ । ରାକ୍ଷସ ଦେହ ବାଜିବାରେ ତାର ଆଘାତରେ ଫଳସବୁ ଝଡ଼ି ତଳେ ପଡ଼ିଲା । ଶ୍ରୀକୃଷ୍ଣ ସାଙ୍ଗପିଲାଙ୍କୁ କହିଲେ, ଆରେ ଏ ସୁଦାମ, ସୁବଳ, ବଟୁ, ଘଟୁ, ନଟୁ- ଯାଅ, ଗଛତଳେ ବହୁତ ପାଚିଲା ଫଳ ପଡିଲାଣି, ଗୋଟାଇ ଖାଇବ ।

ପିଲାମାନେ ଫଳଗଛ ଆଡକୁ ଦୌଡିଯାଇ ଦେଖିଲେ, ତଳେ ବଢ଼ିଆ ବଢ଼ିଆ ଫଳସବୁ ଛାଇଲା ଭଳି ପଡ଼ିରହିଛି । ସେମାନେ ଖୁସିମନରେ ଖାଇଲେ । ଘରକୁ

ନେବାପାଇଁ ବୁଜୁଳିରେ ବାନ୍ଧିଲେ । କୃଷ୍ଣଙ୍କ ଉପରେ, ଉପରୁ ପୁଷ୍ପବୃଷ୍ଟି ହେଲା । ଆଉ ଗୋଟେ ଅସୁର ନିଧନରେ ଦେବତାମାନେ ଖୁସି ହେଲେ ।

ଗୁପ୍ତଚରମାନେ କଂସକୁ ଖବର ଦେଲେ ବତ୍ସାସୁର ବି ମଲା । ତା'ର କାୟା, ମାୟା ସବୁ ଗଲା । କିନ୍ତୁ କଂସ ହତାଶ ହୋଇ ପଡ଼ିଲାନି । ତା' ମନରେ ଏକମାତ୍ର ଭୟ, ତାକୁ ଯିଏ ମାରିବ, ସେ କେବଠୁ ପୃଥିବୀକୁ ଆସିଗଲାଣି ।

ଆଉ ଦିନକର କଥା । ଦିନେ ରାମ ଓ କୃଷ୍ଣ ବାଛୁରୀମାନଙ୍କୁ ପାଣି ପିଆଇବା ଲାଗି ଗଲେ ଯମୁନା କୂଳକୁ । ବାଛୁରୀ ଓ ସାଙ୍ଗପିଲେ ଯମୁନାଜଳ ପେଟେ ପେଟେ ପାନ କଲେ । ପୁଣି ଗାଈ ଚରାଇବା ପାଇଁ ବାହାରିବା ବେଳକୁ ଏକ ଅଦ୍‌ଭୂତ ପକ୍ଷୀଙ୍କୁ ଦେଖିଲେ । ବିରାଟକାୟ । ପ୍ରକାଣ୍ଡ ଥଣ୍ଟ । ମନେ ହେଲା ଇନ୍ଦ୍ରଙ୍କ ବଜ୍ରାଘାତରେ ଖଣ୍ଡେ ପାହାଡ଼ ଭାଙ୍ଗି ଗଡ଼ି ଗଡ଼ି ଆସି ଏଠି ପଡ଼ିଛି । କିନ୍ତୁ ଯା ନାଁ ବକାସୁର । ଅସୁରଟା ବଗରୂପ ନେଇ ଆସିଛି କୃଷ୍ଣଙ୍କୁ ମାରିବାପାଇଁ । ପିଲାମାନେ କୌତୂହଳୀ ହୋଇ ପକ୍ଷୀଟାକୁ ଭଲକରି ଦେଖିବା ଲାଗି ପାଖକୁ ପାଖକୁ ଲାଗି ଆସିଲେ । ବକାସୁରର ଆଖି କୃଷ୍ଣ ଉପରେ । କୃଷ୍ଣଙ୍କ ଆଖି ମଧ୍ୟ ବକାସୁର ଉପରେ । ଦୁହେଁ ପରସ୍ପରକୁ ଚାହିଁ ରହିଛନ୍ତି ।

ଶ୍ରୀକୃଷ୍ଣ ଜାଣିଶୁଣି ବକାସୁରର ଥଣ୍ଟ ପାଖକୁ ଆସିବାମାତ୍ରେ ବଗଟା ଟାଆଁକୁକିନି ତାଙ୍କୁ ଥଣ୍ଟରେ ଉଠେଇ ନେଲା । ମନେ ମନେ ଭାବିଲା, ଅନ୍ୟ ଅସୁରମାନେ ଯାହା ପାରିନଥିଲେ, ସେ ପାରିବ । ସାଙ୍ଗ ପିଲାମାନେ ଦେଖିଲେ, ତାଙ୍କ କହ୍ନେଇକି ବଗଟା ଗିଳିପକାଉଛି । ସେମାନେ ହୋହଲ୍ଲା କଲେ । କାନ୍ଦବୋବାଳି କଲେ । ବଗ ଉପରକୁ ଟେକାପଥର ଫିଙ୍ଗିଲେ । କିଛି ଫଳ ହେଲାନି । ଇଆଡ଼େ ବକର ଅଧାପ୍ରାଣ । ଗିଳିଦେଲା ସିନା, ଶ୍ରୀକୃଷ୍ଣଙ୍କୁ ସମ୍ଭାଳି ପାରିଲାନି । ସେ ତା ଗଳା ଭିତରେ ଏକ ନିଆଁ ପିଣ୍ଡୁଳା ବୁଲୁଥିବା ଭଳି ଅନୁଭବ କଲା । ସତେ ଯେମିତି ତା ଗଳାଟାକୁ କିଏ ପୋଡ଼ି ପକାଉଛି । ସେ ଶ୍ରୀକୃଷ୍ଣଙ୍କୁ ପେଟ ଭିତରକୁ ନେଇ ନପାରି ତଳେ ପକାଇଦେଲା । ପିଲାମାନେ ଦେଖିଲେ, ଶ୍ରୀକୃଷ୍ଣ ଯିମିତି ବଗଟା ସହିତ ଖେଳୁଛନ୍ତି ! ଯାହାହେଉ ଆମ କାହ୍ନା ବଞ୍ଚିଗଲା ବୋଲି ଭାବି ସେମାନେ ଆନନ୍ଦରେ ନାଚିଲେ । ବକାସୁର ଏଥର ଥଣ୍ଟ ଆଣ୍ଟ କରି ଶ୍ରୀକୃଷ୍ଣଙ୍କୁ ଧରିବାକୁ ଚେଷ୍ଟାକଲା । ଶ୍ରୀକୃଷ୍ଣ ସେହି ମୁହୂର୍ତ୍ତକୁ ଅପେକ୍ଷା କରିଥିଲେ । ସେ ତାଙ୍କୁ ଥଣ୍ଟରେ ଧରିବାକୁ ଯିବାମାତ୍ରେ ଶ୍ରୀକୃଷ୍ଣ ଥଣ୍ଟର ଦୁଇଫାଳକୁ ଧରି କାଠ ଚିରିଲା ଭଳି ଫାଡ଼ିଦେଲେ । ବକାସୁର ଗାଁ ଗାଁ ରଡ଼ି ଛାଡ଼ିଲା । ଦେବତାମାନେ ପୁଣି ଆକାଶରୁ ତାଙ୍କ ଉପରକୁ ପୁଷ୍ପ ବୃଷ୍ଟି କଲେ । ସାଙ୍ଗପିଲାମାନେ ଆସି ଦେଖିଲେ, ବଗ ଫଗ କିଛି ନାହିଁ । ଗୋଟାଏ ଅସୁର ଦି'ଫାଳ ହୋଇ ପଡ଼ିରହିଛି ।

ରାମକୃଷ୍ଣଙ୍କ ସହିତ ସାଙ୍ଗପିଲାମାନେ ଗାଈ ବାଛୁରୀଙ୍କୁ ଧରି ଘରେ ପହଞ୍ଚିଲେ । କାହ୍ନୁ ଆଜି ପୁଣି ଗୋଟାଏ ଅସୁରକୁ ମାରି ଶୁଆଇଦେଲା ବୋଲି କହିଲେ । ନନ୍ଦ ଯଶୋଦା କୁହାକୁହି ହେଲେ– ଗୋକୁଳରେ ଇମିତି କାଣ୍ଡ ହେଲା ବୋଲି ତ ବୃନ୍ଦାବନକୁ ଆସିଲେ । ଏଠୁ ଆଉ କୋଉଠିକି ଯିବା ? ନନ୍ଦ, ଯଶୋଦାଙ୍କୁ ବୁଝେଇ କହିଲେ, ଗାର୍ଗ ମୁନି ଯାହା କହିଥିଲେ, ସବୁ ଠିକେ ଠିକେ ଫଳୁଛି । ସେ କହିଥିଲେ, ତୁମର ଏ ଟିକି ପିଲାଟା ପିଛା ବହୁତ ଶତ୍ରୁ ଲାଗିବେ, ତାକୁ ମାରିବାପାଇଁ ଚେଷ୍ଟା କରିବେ । ହେଲେ, ତାର କିଛି ହେବ ନାହିଁ । ଇଏ ଦୀର୍ଘଜୀବୀ ହେବ । ତା'ର ଯଶ ତିନିପୁରରେ ଖେଳିଯିବ । ଯଶୋଦା କହିଲେ, ଯା' ବୋଲି ଆମେ ନିଶ୍ଚିନ୍ତ ହୋଇଯିବା ଠିକ୍ ହେବ ନାହିଁ । ମୁଁ ଆଉ ତାକୁ ବଣକୁ ପଠେଇବି ନାହିଁ ।

ଶ୍ରୀକୃଷ୍ଣ ପାଖରେ ଥିଲେ । ନନ୍ଦ ଯଶୋଦାଙ୍କ କଥାବାର୍ତ୍ତା ତାଙ୍କ କାନରେ ପଡୁଥିଲା । କହିଲେ, ମା' ମୋର କିଛି ହେବ ନାହିଁ । ମୁଁ ସବୁଦିନ ନିଶ୍ଚେ ବଣକୁ ଯିବି । ମୁଁ ନଗଲେ, ବାଛୁରୀମାନେ ଆଦୌ ଘାସପତ୍ର ଖାଇବେନି । ଭୋକରେ ମରିଯିବେ ।

ଦିନେ ଶ୍ରୀକୃଷ୍ଣ ସାଙ୍ଗପିଲାଙ୍କୁ ମତେଇଲେ, ଆଜି ବଣକୁ ଯିବା, ଭୋଜି କରିବା । ମୋର ତ ବଂଶୀ ଅଛି, ତୁମେମାନେ ଯିଏ ଯାହା ବାଇଦ ବାଜଣା ବଜେଇ ପାରୁଚ, ସବୁ ଧରି ଆସ । ବଜେଇବା ଗାଇବା, ନାଚିବା, ଧୂମ୍ ମଚେଇବା । ସାଙ୍ଗପିଲାମାନେ ଶିଙ୍ଗା, ତୂରୀ, ଭେରୀ, ଢୋଲ, ମାଦଳ, ମର୍ଦ୍ଦଳ, ମୃଦଙ୍ଗ, ଗିନି, କରତାଳ ଧରି କୃଷ୍ଣଙ୍କ ପାଖରେ ହାଜର । ବାଇଦ ବଜେଇ ଶୋଭାଯାତ୍ରାରେ ବାହାରିଲେ ବଣକୁ । ବାଜାରେ ବଣ କମ୍ପି ଉଠିଲା । କୃଷ୍ଣଙ୍କ ଦେଖାଦେଖି ବଣର ପଶୁପକ୍ଷୀଙ୍କ ସ୍ୱରକୁ ଅନୁକରଣ କରି ପିଲାମାନେ ନାନା ଧ୍ୱନି କଲେ । କିଏ ମାଙ୍କଡଙ୍କ ଭଳି ଖିଙ୍କାରି ହେଲା ତ କିଏ ବାଘ, ସିଂହ ଭଳି ଗର୍ଜି ଉଠିଲା । କିଏ ମୟୂରଙ୍କ ଭଳି ପଛପଟେ ପତ୍ରରେ ପୁଚ୍ଛକରି ନାଚିଲା, କିଏ କୋଇଲି ଭଳି କୁହୁ କୁହୁ ତାନ କଲା । ନାନା ଖେଳ ମଧ୍ୟ ହେଲା । ଲୁଚକାଳି ଖେଳବେଳେ କାଳିଆକାହ୍ନୁ ସବୁଜ ପତ୍ର ଗହଳରେ ଲୁଚିବାରେ ସାଙ୍ଗପିଲାମାନେ ତାଙ୍କୁ ଖୋଜି ନପାରି ହାର ମାନିଲେ । ଥରେ ଥରେ ସେ ଧରାଦେବାରେ ପିଲାଏ ଖୁସି ହୋଇ ନାଚୁନାଚୁ କିଏ କଚାଡି ହୋଇ ତଳେ ପଡ଼ିଲା ତ, କଣ୍ଟା ଖୁଞ୍ଚ ବାଜି କାହା ଦେହ ରାଞ୍ଜୁଡି ହେଲା ।

ଏପରି ଖେଳ, ମଉଜ ମଜଲିସ୍ ଚାଲିଥିବାବେଳେ ଅଘାସୁର ସେହି ଜାଗାରେ ହାଜର ହେଲା । ଅଘା ହେଉଛି ବକାସୁର ଓ ପୁତନାର ଭାଇ । ଭାଇ ଭଉଣୀକୁ ମାରିଥିବାରୁ, ଶ୍ରୀକୃଷ୍ଣଙ୍କ ଉପରେ ତାର ରାଗ ଥିଲା । ଶ୍ରୀକୃଷ୍ଣଙ୍କୁ ମାରି ତାଙ୍କ ରକ୍ତରେ ଭାଇଭଉଣୀଙ୍କ

ତର୍ପଣ କରିବ ବୋଲି ମନେ ମନେ ସ୍ଥିର କରିଥିଲା । ଗୋପାଳମାନେ ଖେଳୁଥିବା ଜାଗାରେ ଅଘାସୁର ଏକ ଅଜଗର ସାପ ରୂପ ନେଇ ପଡ଼ି ରହିଥିଲା । ପର୍ବତ ଭଳି ସେ ଦେଖା ଯାଉଥିଲା । ଆଁ କରି ପଡ଼ି ରହିଥିବାରୁ ଏକ ବଡ଼ ଗୁମ୍ଫାଭଳି ଦେଖାଯାଉଥିଲା । ଏଣେ ଗୋପାଳବାଳକମାନେ ଗାଈବାଛୁରୀଙ୍କୁ ଧରି ତା ଭିତରେ ପଶିଲେ । କିନ୍ତୁ ଅଘାର ଯେଉଁ ଆଁକୁ ସେ ଆଁ ହୋଇ ରହିଛି । ସେ ଅପେକ୍ଷା କରିଛି ରାମକୃଷ୍ଣଙ୍କୁ ଗିଳିବାପାଇଁ । ସମସ୍ତେ ସେହି ସୁଡ଼ଙ୍ଗ ତଥା ଗୁମ୍ଫା ଭଳି ଆଁରେ ପଶିବାପରେ ଅଘାସୁର ଆଁକୁ ବନ୍ଦ କରିଦେବା ମାତ୍ରେ ଶ୍ରୀକୃଷ୍ଣ ତା ଭିତରେ ନିଜ ଦେହକୁ ଇମିତି ଫୁଲେଇବାରେ ଲାଗିଲେ ଯେ ଅଘା ଗଁ ଗଁ ରଡ଼ି ଛାଡ଼ିଲା । ତା ପେଟ ଫାଟିଗଲା । ଅନ୍ତବୁଜୁଳା ସୁଦ୍ଧା ବାହାରି ପଡ଼ିଲା । ଗୋପାଳ ବାଳକମାନେ ବାହାରକୁ ବାହାରିଲେ । କିନ୍ତୁ ସମସ୍ତେ ବେହୋସ ହୋଇ ପଡ଼ିଥିଲେ । ଶ୍ରୀକୃଷ୍ଣ ସେମାନଙ୍କ ହୋସ୍ ଫେରାଇ ଆଣିଲେ । ପିଲାମାନେ କ'ଣ ଘଟିଲା ଜାଣିପାରି ନଥିଲେ । ଅଘାସୁର ମରିବା ପରେ ଜାଣିଲେ । କିନ୍ତୁ ଶ୍ରୀକୃଷ୍ଣ ତାକୁ ଛୁଇଁ ଥିବାରୁ ସେ ମୋକ୍ଷ ଲାଭ କଲା ।

●

॥ ୨୨ ॥

## ବ୍ରହ୍ମାଙ୍କ ଦାଦାଗିରି : ବାଛୁରୀ ଚୋରି

**ଗୋ**ପବାଳକମାନେ ଅଘାସୁର ବଧ କଥା ବର୍ଷକ ପରେ ପ୍ରଘଟ କରିଥିଲେ । ଅଘାସୁର ବଧବେଳେ ସେମାନଙ୍କୁ ମାତ୍ର ପାଞ୍ଚବର୍ଷ ବୟସ ହୋଇଥିଲା । ଶ୍ରୀକୃଷ୍ଣଙ୍କୁ ମଧ୍ୟ ସେତିକି ବର୍ଷ । ସେ ଇମିତି ମାୟା-ପଟଳ ବିସ୍ତାର କରି ଦେଇଥିଲେ ଯେ ବର୍ଷେକାଳ ସେମାନଙ୍କର ମନ, ବୁଦ୍ଧି, ସ୍ମରଣ ବୋଲି କିଛି ନ ଥିଲା ।

ଶୁକଦେବ ପରୀକ୍ଷିତଙ୍କୁ ଏକଥା କହିବାମାତ୍ରେ ପରୀକ୍ଷିତ ଚକିତ ହୋଇ ପଡ଼ିଲେ । ସେ ପ୍ରଶ୍ନ କଲେ ଆଗରୁ ତ ଅସୁର ଅସୁରୁଣୀମାନଙ୍କ ନିଧନ ପରେ ଶ୍ରୀକୃଷ୍ଣଙ୍କ ସାଙ୍ଗସାଥୀମାନେ ଏସବୁ ଘଟଣା ମା' ବାପାମାନଙ୍କୁ କହିଥିଲେ । ଅଘାସୁର ବେଳକୁ ଶ୍ରୀକୃଷ୍ଣ ବର୍ଷେକାଳ ଇମିତି ଭୁଲେଇ ରଖିଲେ କାହିଁକି ?

ଶୁକଦେବ କହିଲେ, ବ୍ରହ୍ମାଙ୍କ ଯୋଗୁଁ । ବ୍ରହ୍ମା ଏହି ଗୋପବାଳକ ଓ ସେମାନଙ୍କ ବାଛୁରୀଗୁଡ଼ିକୁ ହରଣ କରି ବର୍ଷେକାଳ ତାଙ୍କ କମଣ୍ଡଳୁରେ ଲୁଚେଇ ରଖିଥିଲେ । ଅଘର ଅର୍ଥ ପାପ । ପାପର ଅସୁର ଅଘାସୁର ଅଜଗର ସାପର ରୂପ ନେଇଥିଲା । ଗୋପବାଳକମାନେ ସେହି ପାପଗର୍ଭରେ ପଶି ଯାଇଥିଲେ ଏବଂ ଭଗବାନ ଏବଂ

ଭଗବାନ ଶ୍ରୀକୃଷ୍ଣ ସେମାନଙ୍କୁ ଏହି ପାପ ଗର୍ଭରୁ ବାହାର କରିଥିଲେ । ପାପରୂପକ ଅଘାସୁର ଉଦରରୁ କେହି ଆପେ ଆପେ ବାହାରି ପାରେନା । କୌଣସି ସିଦ୍ଧ ସନ୍ଥ ବା ପ୍ରଭୁ ହିଁ ପାପୀଙ୍କରୁ ଜୀବକୁ ଉଦ୍ଧାର କରିଥାନ୍ତି । ସାପର ବିଷ ଭଳି ପାପ ଯଦି ବେଶୀ ସମୟ ଦେହରେ ସଂଚରିଯାଏ, ଜୀବକୁ ବଞ୍ଚେଇବା ସହଜ ନୁହେଁ । ତେଣୁ ଶ୍ରୀକୃଷ୍ଣ ଏ ବିଷ ସଂଚରିବା ପୂର୍ବରୁ ଗୋପବାଳକମାନଙ୍କୁ ବାହାର କରି ଦେଇଥିଲେ ।

ଅଘାସୁର ଗର୍ଭରୁ ବାହାରିବା ପରେ ଗୋପବାଳକମାନେ ଭୋକରେ ଆଉଟୁପାଉଟୁ ହୋଇ ପଡ଼ିଲେ । ସେମାନେ କହ୍ନେୟାକୁ କହିଲେ, ଭୀଷଣ ଭୋକ ହେଲାଣି । କ'ଣ କିଛି ଖିଆପିଆର ବ୍ୟବସ୍ଥା କର । ନଚେତ ଭୋକରେ ମରିଯିବୁ ।

ଶ୍ରୀକୃଷ୍ଣ କହିଲେ, ଚାଲ ଯମୁନା କୂଳକୁ ଯିବା, ସେଠାରେ ପଂକ୍ତିଭୋଜନ କରିବା । ସାଙ୍ଗରେ ବାଛୁରୀମାନଙ୍କୁ ମଧ୍ୟ ନେବା । ଆମେ ଯିଏ ଯାହା ଘୋଟଣା ଆଣିଛେ, ସବୁ ମିଶେଇ ଖାଇବା । ବାଛୁରୀମାନେ ଘାସ ଖାଇବେ । କାହ୍ନୁ ର ନିର୍ଦ୍ଦେଶରେ ସମସ୍ତେ ଯମୁନା କୂଳକୁ ଗଲେ । ପଦ୍ମବ୍ୟୁହ, ଚକ୍ରବ୍ୟୁହ ରଚନା କରି ବସିଲେ ଖାଇବା ପାଇଁ । ସବୁବାଳକଙ୍କ ଇଚ୍ଛା କୃଷ୍ଣଙ୍କ ପାଖରେ ଲଗାଲଗି ହୋଇ ବସିବା ଲାଗି । ନିଜେ ଆଣିଥିବା ଖାଦ୍ୟ ସେମାନେ କାହ୍ନୁ କୁ ଖୁଆଇବାକୁ ଚାହିଁଲେ । ଶ୍ରୀକୃଷ୍ଣ ସମସ୍ତଙ୍କ ମନସ୍କାମନା ପୂର୍ଣ୍ଣ କଲେ । ସମସ୍ତଙ୍କ ଖାଦ୍ୟ ଏକାଠି ବସି ଖାଇଲେ ।

ଇଏ ବି ଏକ ରାସଲୀଳା । 'ରସୋ ବୈ ସଃ' । ରାସର ଅର୍ଥ ବ୍ରହ୍ମ ସହିତ ମିଳନ । ରାସର ରସ ହେଉଛି କୃଷ୍ଣାର୍ପଣ । ବ୍ରହ୍ମ ସଂବନ୍ଧ । କେବଳ ଗୋପବାଳକ ନୁହଁନ୍ତି, ଗୋପବାଳିକା, ବୁଢ଼ାବୁଢ଼ୀ, ଏପରିକି ଗାଈ ବାଛୁରୀ, ଘାସଲତା ସମସ୍ତେ ଚାହାଁନ୍ତି ବ୍ରହ୍ମଲୀନ ହୋଇଯିବା ପାଇଁ । ଏହି ତଲ୍ଲୀନତାରେ ହିଁ ଜୀବ କୃତାର୍ଥ ହୋଇଥାଏ । ବ୍ରହ୍ମସ୍ପର୍ଶ ବିନା ଆନନ୍ଦ ମିଳି ନଥାଏ । ଏହି ଆନନ୍ଦର ଅନ୍ୟନାମ ପ୍ରେମ । ଏହା ଏତେ ଶକ୍ତିଶାଳୀ ଯେ ନିଷ୍କାମ ନିରାକାର ଈଶ୍ୱର ମଧ୍ୟ ସକାମ ତଥା ସାକାର ହୋଇ ଉଠିଥା'ନ୍ତି । କାହ୍ନୁ ସାଙ୍ଗମାନଙ୍କୁ କହିଲେ, କେବେହେଲେ ଏକା ଏକା ଖାଇବ ନାହିଁ । ବିରାଡି ଏକା ଏକା ଲୁଚିଛପି ଆଖିବୁଜି ଖାଇଥାଏ । ଏପରି ଖାଇବା ପଶୁଧର୍ମ । ଖୁସି ମନରେ ଆନନ୍ଦ ଉଲ୍ଲାସରେ ଭୋଜନ କରିବା ଉଚିତ । । ପରମାତ୍ମାଙ୍କୁ ପ୍ରସନ୍ନ କରିବାକୁ ହେଲେ ବାଳକମନ ନେଇ ଯିବା ଆବଶ୍ୟକ । ନିଷ୍କପଟ ମନ ।

ଏହି ଭୋଜନ ଲୀଳା ବେଳେ ଶ୍ରୀକୃଷ୍ଣଙ୍କ ଅଣ୍ଟାରେ ଥିଲା ମୁରଲୀ, ହାତରେ ଲଉଡ଼ି । ବାଛୁରୀମାନଙ୍କୁ ଡାକିବାପାଇଁ ଶିଙ୍ଗା । ବାମ ହସ୍ତରେ ଥିଲା ଦହିଭାତର ପାତ୍ର । ଆଙ୍ଗୁଠିରେ ଲାଗିଥିଲା ଚଟଣୀ ବା ଆଚାର । ଚାରିପଟେ ଘେରି ରହିଥିଲେ ଗୋପବାଳକ ।

ମଝିରେ ଶ୍ରୀକୃଷ୍ଣ । ଆନନ୍ଦରେ ଭୋଜନ କାର୍ଯ୍ୟ ଚାଲିଥିଲା । ଏ ଦୃଶ୍ୟ ଦେଖି ସ୍ୱର୍ଗରେ ଦେବତା, ଅପ୍ସରୀ, କିନ୍ନରୀମାନେ ଆନନ୍ଦରେ ନାଚି ଉଠିଥିଲେ । ପ୍ରଭୁଙ୍କ ଆନନ୍ଦକୁ ସେମାନେ ଦୂରରୁ ଉପଭୋଗ କରୁଥିଲେ ।

ଏମାନଙ୍କ ଆନନ୍ଦ ଉଲ୍ଲାସ ଦେଖି ଏବଂ ଅଘାସୁର ଭଳି ପାପୀକୁ ଶ୍ରୀକୃଷ୍ଣ ମୋକ୍ଷ ପଦରେ ବସାଇଦେବାରେ ବ୍ରହ୍ମା ଚକିତ ହୋଇ ପଡିଲେ । ଇଏ ସବୁ ଲୀଳା କାହାର ଦେଖିବାପାଇଁ ବ୍ରହ୍ମା ସ୍ୱୟଂ ଧରିତ୍ରୀକୁ ଓହ୍ଲାଇ ଆସିଲେ । ସେତେବେଳକୁ ଶ୍ରୀକୃଷ୍ଣ ଗୋପବାଳକଙ୍କ ସହିତ ଭୋଜନାନନ୍ଦରେ ବ୍ୟସ୍ତ ଥିଲେ । ଏ ଦୃଶ୍ୟ ଦେଖି ବ୍ରହ୍ମା ମୋହ ଗ୍ରସ୍ତ ହୋଇ ପଡିଲେ । ବ୍ରହ୍ମା ହେଲେ କ'ଣ ହେବ, ସେ ଜାଣି ନଥିଲେ ଯେ ସଂସାରରେ ବହୁ ଆନନ୍ଦ ମଧ୍ୟରୁ ମନୁଷ୍ୟ ଚାହେଁ ଭଜନାନନ୍ଦ ସାଙ୍ଗକୁ ଭୋଜନାନନ୍ଦ । ଶ୍ରୀକୃଷ୍ଣଙ୍କ ଜଣେ ସାଙ୍ଗ ମଧୁମଙ୍ଗଳ । ଶାଣ୍ଡିଲ୍ୟ ମୁନିଙ୍କ ପୁତ୍ର ମଧୁମଙ୍ଗଳ । ପିତାଙ୍କ ତପସ୍ୟା ଫଳରୁ ମଧୁମଙ୍ଗଳ ପ୍ରଭୁଙ୍କ ଘନିଷ୍ଠ ବନ୍ଧୁ ହୋଇ ପାରିଥିଲେ । ଶ୍ରୀକୃଷ୍ଣ ବାଳକ ରୂପରେ ଏହି ମଧୁମଙ୍ଗଳଙ୍କ ମୁହଁକୁ ଚାଟୁଥିବା ଦେଖି ବ୍ରହ୍ମାଙ୍କ ମୁଣ୍ଡ ଚକ୍କର ଖାଇଗଲା । ସେ ଭ୍ରମରେ ପଡିଗଲେ । ଯେଉଁ ବ୍ରହ୍ମା ଧରାଧାମରେ ଦୁଷ୍ଟ ଦଳନ ଲାଗି, କ୍ଷୀରସାଗରରେ ଶେଷନାଗର ଶଯ୍ୟାରେ ଶୋଇଥିବା ଅବସ୍ଥାରେ, ଭଗବାନଙ୍କୁ ସ୍ତୁତି କରି ତାଙ୍କ ନିଦ୍ରାଭଙ୍ଗ କରାଇ, ଅବତାର ଗ୍ରହଣ କରିବାକୁ ନିବେଦନ କରିଥିଲେ, ସେହି ଭଗବାନ ପୁଣି ଏକ ଋଷିପୁତ୍ରର ଅଇଁଠା ଚାଟୁଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇ ପଡିବା ସ୍ୱାଭାବିକ । ବ୍ରହ୍ମା ଶ୍ରୀକୃଷ୍ଣଙ୍କ ସଗୁଣଲୀଳା ଦେଖି ଇଏ କିଏ ଆଦୌ ଜାଣି ପାରିଲେ ନାହିଁ । ଭାବିଲେ ଇଏ କଣ ସେହି ବିଷ୍ଣୁ ?

ବ୍ରହ୍ମା ପରୀକ୍ଷା କରିବାକୁ ଚାହିଁଲେ ଶ୍ରୀକୃଷ୍ଣ ଭଗବାନ ନା ଜଣେ ସାଧାରଣ ମନୁଷ୍ୟ ? ପରୀକ୍ଷାରେ ଯଦି ଏହି ପିଲାଟା ଉତ୍ତୀର୍ଣ୍ଣ ହୁଏ, ଜାଣିବି ଇଏ ସେହି ବିଷ୍ଣୁ । ବ୍ରହ୍ମା ନିଜ ମାୟାବଳରେ ପ୍ରଥମେ ସବୁ ବାଛୁରୀକୁ ବ୍ରହ୍ମଲୋକକୁ ଉଠେଇ ନେଇଗଲେ । ଭୋଜନ ସରିଆସିବାବେଳେ ଗୋପବାଳକମାନେ ଦେଖିଲେ ଗୋଟିଏ ବି ବାଛୁରୀ ନାହିଁ । ଗଲେ କୁଆଡେ ? ସମସ୍ତଙ୍କ ମନରେ ଭାଳେଣି ପଡିଲା । କାହ୍ନୁକୁ କହିଲେ । କାହ୍ନୁ କହିଲେ, ଠିକ ଅଛି, ତୁମେମାନେ କେହି ବ୍ୟସ୍ତ ହୁଅନି । ଖିଆପିଆ ସାର । ମୁଁ ଯାଉଚି ବାଛୁରୀମାନଙ୍କୁ ଖୋଜି ନେଇ ଆସିବି ।

ସେ ଗଲେ ବାଛୁରୀ ଖୋଜିବା ଲାଗି । ଯେ ପର୍ଯ୍ୟନ୍ତ ଗୋପବାଳକମାନେ ଭଗବାନଙ୍କ ପ୍ରତି ନିଘା ରଖି ଭୋଜନ କରୁଥିଲେ, ସେ ପର୍ଯ୍ୟନ୍ତ ସେମାନଙ୍କୁ ଆନନ୍ଦ ମିଳୁଥିଲା । ଖାଇବାବେଳେ ସେମାନଙ୍କ ମନରେ 'ଗୋଧନ'ର ଚିନ୍ତା ପ୍ରବେଶ

କରିବାମାତ୍ରେ, ଆନନ୍ଦରୁ ବଞ୍ଚିତ ହୋଇ ପଡିଲେ । ସଂପତ୍ତି ଚିନ୍ତାରୁ ବିପତ୍ତି ଆସିଥାଏ । ଭଗବାନ ସେମାନଙ୍କୁ ଛାଡି ଦୂରକୁ ଚାଲି ଯିବାରେ ଗୋପବାଳକମାନେ ବ୍ରହ୍ମାଙ୍କ ଅଧୀନ ହୋଇ ପଡିଲେ । ବ୍ରହ୍ମା ମଧ୍ୟ ଭଗବାନଙ୍କ ଲୀଳାକୁ ପରଖୁ ପରଖୁ ମାୟାର ଅଧୀନ ହୋଇ ପଡିଲେ ।

ଭୋଜନ ସମୟରେ ମନ ଯଦି ଭଗବାନଙ୍କଠି ରହେ, ଭୋଜନ ଭଜନ ପାଲଟିଯାଏ । ଭୋଜନ ଏକ ଅନିବାର୍ଯ୍ୟ ଶରୀରଧର୍ମ । ଏହା ପାପ ନୁହେଁ, କିନ୍ତୁ ମନ କେବଳ ଭୋଜନରେ ହିଁ ରହିବା ପାପ ।

ଶ୍ରୀକୃଷ୍ଣ ବାଛୁରୀମାନଙ୍କୁ ବହୁତ ଖୋଜିଲେ । ନପାଇ ଫେରି ଆସି ଦେଖିଲେ, ଗୋପବାଳକମାନେ ମଧ୍ୟ ଗାଏବ । ଶ୍ରୀକୃଷ୍ଣ ଜାଣି ପାରିଲେ ଏସବୁ ବ୍ରହ୍ମାଙ୍କ କାଣ୍ଡ କାରଖାନା । ବ୍ରହ୍ମାଙ୍କୁ ସେ କସିକରି ପାନେ ଦେବାପାଇଁ ବିଚାର କଲେ । ମନେ ମନେ କହିଲେ, ମୁଁ ପରା ସୃଷ୍ଟିର ପରିପାଳକ ! ତୁମର ଦାଦାଗିରି ଏକାମାଡକେ ଛଡେଇ ଦେବି । ସେ ନିଜେ ସମସ୍ତ ଗୋପବାଳକ ଓ ବାଛୁରୀଙ୍କ ରୂପ ଧାରଣ କଲେ ।

●

॥ ୨୩ ॥

# ଏକରୁ ଅନେକ : ପରମାନନ୍ଦର ଆନନ୍ଦ

**ପ**ରମାତ୍ମାଙ୍କ ସହିତ ମିଳନ ଲାଗି ଗୋ ଓ ଗୋପାଳ ଉଭୟଙ୍କ ଇଚ୍ଛା ଥିଲା । ତାଙ୍କରି ସାନ୍ନିଧ ଲାଗି ହିଁ ସେମାନେ କିଏ ମଣିଷ ତ କିଏ ପଶୁ ରୂପରେ ଜନ୍ମଗ୍ରହଣ କରିଥିଲେ ଗୋକୁଳରେ । ସଗୁଣ ବ୍ରହ୍ମା ତ ଶ୍ରୀକୃଷ୍ଣଙ୍କ ଚିତ୍ର ବିଚିତ୍ର ଲୀଳାକୁ ଦେଖି ଭ୍ରମରେ ପଡିଯାଇଥିଲେ । ସାଧାରଣ ଜୀବଙ୍କ କଥା ଛାଡ଼ ।

ବ୍ରହ୍ମା ଉଭୟ ବାଛୁରୀ ଓ ବାଳ ଗୋପାଳମାନଙ୍କୁ ହରଣ କରି ନେଇ କାହାକୁ ନିଜ କମଣ୍ଡଳୁ ଭିତରେ ତ କାହାକୁ ଗୁମ୍ଫା ଭିତରେ ରଖିଦେଲେ । ଶ୍ରୀକୃଷ୍ଣ ଏକଥା ଜାଣି ମନେ ମନେ ହସିଲେ । ବ୍ରହ୍ମାଙ୍କ ଲୀଳାଠୁ ତାଙ୍କ ଲୀଳା ବଳି ପଡ଼ିଲା । ଯେତେ ବାଛୁରୀ ଏବଂ ତାଙ୍କ ସାଙ୍ଗସାଥୀ ଥିଲେ, ନିଜେ ସେମାନଙ୍କ ରୂପ ଧରିଲେ । ମନେ ମନେ କହିଲେ, ବ୍ରହ୍ମା ଜାଣନ୍ତୁ, ଯାହାକୁ ସେ ସ୍ତୁତି କରି ଧରାଧାମକୁ ପଠାଇଥିଲେ, ମୁଁ ସେହି ନାରାୟଣ । ଏବେ କୃଷ୍ଣ ରୂପରେ ମର୍ତ୍ତ୍ୟବାସୀଭାବରେ ଯାହା କରିବା କଥା କରୁଛି । ଏକରୁ ଅନେକ ହେଲେ ସେ । କେବଳ ମଣିଷ ଆଉ ବାଛୁରୀ ହେଲେ ନାହିଁ । ବାଛୁରୀଙ୍କ ପଘା, ଗୋପାଳଙ୍କ ହାତର ଲାଠି (ଲଉଡି), ଘଣ୍ଟି, ଘାଘୁଡି, ସବୁ ହେଲେ ସେ । ସାଙ୍ଗ ସାଥୀମାନେ ଯାହା

ପିନ୍ଧି ଯାଇଥିଲେ, ସେପରି ଚିରା ଲେଙ୍ଗଡା, ମଇଳା କୋଚ ଲୁଗାପଟା ଆଦି ସବୁ ରୂପ ଧରିଲେ । ସେହି ଲୀଳାମୟ କୃଷ୍ଣ । ଗୋପାଳମାନଙ୍କ ପ୍ରକୃତି, ଚାଲିଚଳନ, କଥାବାର୍ତ୍ତାର ଭଙ୍ଗୀ ଠିକ୍ ସିମିତି ରହିଲା ।

ବୃନ୍ଦାବନରେ କୁମାରୀ ବାଳିକା, ନବବିବାହିତା ତରୁଣୀ, ବୁଢ଼ୀ ମା'ମାନେ ଶ୍ରୀକୃଷ୍ଣଙ୍କୁ ଆପଣାର କରି ନେବାପାଇଁ ମନେ ମନେ ଅତି ବ୍ୟାକୁଳ ଥିଲେ । ଏହି ରୂପାନ୍ତର ଲୀଳା ମାଧ୍ୟମରେ ସେ ସେମାନଙ୍କ କାମନା ପୂରଣ କରିବାକୁ ସୁଯୋଗ ପାଇଲେ । ମନେ ମନେ ସେ ବ୍ରହ୍ମାଙ୍କୁ ଧନ୍ୟବାଦ ଜଣାଇଲେ । ବୃନ୍ଦାବନର ଲଳନାମାନେ ଆଜି ଶ୍ରୀକୃଷ୍ଣଙ୍କୁ ନିଜର ପୁତ୍ର, ଭାଇ, ପୁତୁରା, ଦିଅର ଭାବରେ ପାଇବେ ।

ସନ୍ଧ୍ୟା ନଇଁ ଆସିଲା । ଶ୍ରୀକୃଷ୍ଣ 'ଅନେକ' ରୂପରେ ଅନେକ ବାଛୁରୀଙ୍କୁ ଧରି ଚାଲିଲେ ବୃନ୍ଦାବନ ଆଡିକି । ଏକ କୃଷ୍ଣ ଯେ ଅନେକ କୃଷ୍ଣ ପାଲଟିଛି, ବୃନ୍ଦାବନର ମା', ବାପାମାନଙ୍କ ଜାଣିବାର ଉପାୟ ନଥିଲା । ଗୋପାଳମାନେ ନିଜ ନିଜ ବାଛୁରୀଗୁଡ଼ିକୁ ଧରି ଘରେ ପଶିଲେ । ବାଛୁରୀମାନଙ୍କୁ ଗୁହାଳରେ ବାନ୍ଧି, କୁଣ୍ଡା ପେଜ ଯାହା ଦେଇ ପିଆଇବା କଥା । ପେଟେ ପେଟେ ପିଆଇଲେ । କୁଣ୍ଡ, କୁଣ୍ଡା, ପେଜ ଆଦି ସମସ୍ତ ଗୋଖାଦ୍ୟର ରୂପ ମଧ୍ୟ ଧରିଥିଲେ ସେ ଶ୍ରୀକୃଷ୍ଣ । ଗୋପୀମାନେ ନିଜ ପୁଅମାନଙ୍କୁ କୁଣ୍ଢେଇ ଧରିବା ଭଳି କୃଷ୍ଣଙ୍କୁ କୁଣ୍ଢେଇ ଧରିଲେ । ଏପରି ପରମାନନ୍ଦର ଆନନ୍ଦ ସେମାନେ କେବେ ପାଇ ନଥିଲେ । ଗୋପୀମାନଙ୍କ ବାତ୍ସଲ୍ୟରସକୁ ଶ୍ରୀକୃଷ୍ଣ ଆସ୍ୱାଦନ କରିବାକୁ ଲାଗିଲେ ।

ଦିନେ ନୁହଁ, ଦି'ଦିନ ନୁହଁ, ଇମିତି କେତେଦିନ ଧରି ଚାଲିଲା । ସବୁଦିନ ଏକାଭଳି ଚାଲିଲା । ଫରକ ବୋଇଲେ ଏତିକି, ଗାଈଗୁଡିକ ବାଛୁରୀଙ୍କ ଜିଭଚଟାରେ ଏତେ ଆନନ୍ଦ ପାଇଲେ ଯେ ସେମାନଙ୍କ ପହ୍ନାରୁ ପୂର୍ବତୁଳନାରେ ଅଧିକ କ୍ଷୀର ନିର୍ଗତ ହେଲା । ଯିଏ ଡ଼ାଳେ କ୍ଷୀର ଦେଉଥିଲା, ତା'ଠୁ ମାଠିଏ ମାଠିଏ କ୍ଷୀର ମିଳିଲା । ଘରର ବଡ଼ ବଡ଼ ଲୋକେ ଏକଥା ଦେଖି ଆଶ୍ଚର୍ଯ୍ୟ ହେଲେ । ଯେଉଁ ଗାଈର ପହ୍ନା ଶୁଖି ଆସିଥିଲା, ସେ ମଧ୍ୟ ଅଧିକ କ୍ଷୀର ଦେଲା । ଗୋପୀ ଓ ଗୋପାଳମାନେ ଏତେ ଖୁସି ହୋଇ ଉଠିଲେ ଯେ ଏପରି ହେଲା କିପରି, ଖୋଳତାଡ କରିବାକୁ ଭୁଲିଗଲେ ।

ଇମିତି ଚାଲିଲା ପ୍ରାୟ ବର୍ଷେକାଳ । ବ୍ରହ୍ମାଙ୍କ ଜିଦ୍‌କୁ ନାରାୟଣଙ୍କ ଜିଦ୍ । କିଏ କାହାକୁ ପରୀକ୍ଷା କରୁଛି ତା ଦେବତାମାନଙ୍କୁ ଅଗୋଚର ରହିଲା । ବର୍ଷ ସରିବାକୁ ଚାରି ପାଞ୍ଚଦିନ ବାକି ଅଛି । ଦିନେ କୃଷ୍ଣ ବଳରାମ ପ୍ରତିଦିନ ଭଳି ସେଦିନ ଗାଈ ବାଛୁରୀ ଚରାଇବାପାଇଁ ବଣକୁ ଗଲେ । ସାଙ୍ଗରେ ସାଙ୍ଗ ଗୋପାଳବାଳକମାନେ । ଏସବୁ କୃଷ୍ଣ

ତିଆରି । କେବଳ ବଳରାମ ବ୍ୟତୀତ । ଗୋବର୍ଦ୍ଧନ ମୁଣ୍ଡିଆ ଉପରେ ଚରୁଥିବା ବେଳେ ପାହାଡ ତଳେ ଗାଈଗୁଡ଼ିକ ନିଜ ନିଜ ବାଛୁରୀଙ୍କୁ ଦେଖିଲେ । ନିଜ ନିଜ ବାଛୁରୀଙ୍କୁ ଚିହ୍ନି ପାରି ସେମାନେ ଗୋପାଳଙ୍କ ମନା ନମାନି ଦୌଡିଲେ ବାଛୁରୀଙ୍କ ପାଖକୁ । ସେମାନଙ୍କୁ ପେଟେ ପେଟେ ଦୁଧ ପିଆଇଲେ ।

ଗାଈ ଚରଉଥିବା ଗୋପାଳମାନେ ଗାଈଗୁଡ଼ାକୁ ଅଡ଼େଇ ଆଣିବାପାଇଁ ପାହାଡ ତଳକୁ ଖସିଲେ । ଯେତେ ବାଡିଆବାଡି କଲେ ମଧ୍ୟ ଗାଈଗୁଡ଼ିକ ତାଙ୍କ ନିଜ ବାଛୁରୀକି ଛାଡ଼ି ଆସିବାପାଇଁ ଚାହିଁଲେ ନାହିଁ । ଗାଈ ଦୌଡୁଛନ୍ତି, କୃଷ୍ଣ ତିଆରି ଗୋପାଳମାନେ ମଧ୍ୟ ଦୌଡିବାରେ ଲାଗିଛନ୍ତି । ଇଆଡେ ବେଳ ଆସି ବୁଡିବା ଉପରେ । ବୃନ୍ଦାବନର ଲୋକେ, ପିଲାମାନେ ଫେରୁ ନଥିବା ଦେଖି ସମସ୍ତେ ଗଲେ ଗୋବର୍ଦ୍ଧନ ପର୍ବତକୁ । ନିଜ ପିଲାମାନଙ୍କୁ ଦେଖି ଖୁସି ହେଲେ । ଗାଈମାନେ ନିଜ ବାଛୁରୀକୁ ଛାଡି ଆସୁନାହାଁନ୍ତି । ମା ଓ ପିଲାଙ୍କ ମଧ୍ୟରେ ପୂର୍ବଠାରୁ ସ୍ନେହ ସୋହାଗ ଅଧିକା । ମମତାର ଯିମିତି ଜୁଆର ଛୁଟିଛି ।

ବଳରାମ ଏ ଲୀଳା ଦେଖି ଆଚମ୍ବିତ । କୃଷ୍ଣ ତିଆରି ବାଛୁରୀ ଓ ଗୋପାଳ ଯିମିତି, ସତ ସତ ଗୋପାଳ ଓ ବାଛୁରୀଗୁଡ଼ାକ ମଧ୍ୟ ସିମିତି । ମନେ ମନେ ଭାବିଲେ, ନିଶ୍ଚିତ ଭାବରେ ଏ ସବୁ କୃଷ୍ଣର ଲୀଳା ! ଏହା କୌଣସି ଦେବତା କିମ୍ବା ଅସୁରର ଲୀଳା ହୋଇ ନପାରେ ! ଆଖି ବୁଜି ଧ୍ୟାନସ୍ଥ ହେଲେ ସେ । ମନଶ୍ଚକ୍ଷୁରେ ଦେଖିଲେ, ସବୁଠି କେବଳ କୃଷ୍ଣ ! ସେ କୃଷ୍ଣଙ୍କୁ ପଚାରିଲେ, ଏ ଲୀଳା ତୋର କାହିଁକି ? ଏ ଲୀଳା କେତେ ଦିନ ଧରି ଚାଲିବ ?

କୃଷ୍ଣ ତାଙ୍କ ଲୀଳାର କାରଣ ବଡ଼ଭାଇ ବଳରାମଙ୍କୁ ବୁଝାଉଥିବା ବେଳେ ସବୁ ନାଟର ଗୋବର୍ଦ୍ଧନ ବ୍ରହ୍ମା ପହଞ୍ଚିଲେ । ନିଭୃତରେ ରହି କ'ଣ ଘଟୁଛି ଲକ୍ଷ୍ୟ କଲେ । ଦେଖିଲେ, ପୂର୍ବଭଳି ସବୁ ଚାଲିଛି । ଗାଈ ବାଛୁରୀଙ୍କୁ କ୍ଷୀର ପିଆଉଛନ୍ତି । ବାଛୁରୀ ନିଜ ନିଜ ମା'ମାନଙ୍କୁ ଚାଟୁଛନ୍ତି । ଗୋପାଳମାନେ ଗାଈ ଚରଉଛନ୍ତି । ବ୍ରହ୍ମା ଭାବିଲେ, ଏ ବାଛୁରୀ ଓ ବାଳକଗୁଡ଼ାକ ଅସଲି ନା ନକଲି ? ସେ ତ ଅସଲ ବାଛୁରୀ ଓ ଗୋପାଳ ବାଳକଙ୍କୁ ନେଇ ଯାଇଛନ୍ତି । ଏଗୁଡ଼ାକ ଆସିଲେ କୁଆଡୁ ?

କୃଷ୍ଣ ଆଉ ଏକ ଲୀଳା କଲେ । ସେ ନିଜେ ଏକ ବ୍ରହ୍ମା ପାଲଟିଗଲେ । ବ୍ରହ୍ମାଙ୍କ ସେବକ, ଦ୍ୱାରପାଳମାନଙ୍କୁ କହିଲେ, ଆଜିକାଲି ଏକ ନକଲି ବ୍ରହ୍ମା ସତ୍ୟଲୋକରେ ବୁଲୁଛି । ନିଜକୁ ବ୍ରହ୍ମା କହି ସତ୍ୟଲୋକମାନଙ୍କୁ ଭୁଲଉଛି । ତୁମେମାନେ ସତର୍କ ରହିବା ଆବଶ୍ୟକ । ନକଲି ବ୍ରହ୍ମା ପଶିଲେ ସତ୍ୟଲୋକଟା ଅସତ୍ୟଲୋକ ପାଲଟିଯିବ । ଦେବତାମାନେ ମଧ୍ୟ ଅସତ୍ୟ ଜାଲରେ ପଡି ଘାଣ୍ଟିହେବେ ।

ଶ୍ରୀକୃଷ୍ଣ ଆହୁରି ମଧ୍ୟ ସତ୍ୟଲୋକର ଦ୍ୱାରପାଳମାନଙ୍କୁ ଉସ୍‌କେଇ ଦେଇଥିଲେ ଯେ ଏପରି ନକଲି ବ୍ରହ୍ମା ପହଞ୍ଚିବାମାତ୍ରେ ତାକୁ ଇମିତି ପାନେ ଦେବ ଯେ ଦେହ ହାତରୁ ଦରଜ ଛାଡିବନି ।

ଶ୍ରୀକୃଷ୍ଣ ବ୍ରହ୍ମାରୂପରେ ଆଗରୁ ଯାଇ ସତ୍ୟଲୋକର ସିଂହାସନରେ ବସି ଯାଇଥିଲେ । ବ୍ରହ୍ମା ଏହି ଲୋକରେ ଢୁକିଲା ମାତ୍ରେ ତାଙ୍କର ଦ୍ୱାରପାଳମାନେ ତାଙ୍କୁ ଦୂର୍ ଦୂର୍ ମାର ମାର କଲେ । କହିଲେ, ତୁମେ ହେଉଛ ନକଲି ବ୍ରହ୍ମା । ସତ ବ୍ରହ୍ମା ରାଜପ୍ରାସାଦରେ ସିଂହାସନରେ ବସିଛନ୍ତି ।

ବ୍ରହ୍ମା ଆଖିବୁଜି ଧ୍ୟାନସ୍ଥ ହେଲେ । ଦେଖିଲେ ତାଙ୍କ ଆସନରେ ଶ୍ରୀକୃଷ୍ଣ ବସିଛନ୍ତି । ତାଙ୍କ ଚାରିପଟେ ସେ ଚୋରେଇ ନେଇ ଥିବା ବାଛୁରୀ ଓ ଗୋପାଳବାଳକମାନେ ଘେରି ରହିଛନ୍ତି ।

ବ୍ରହ୍ମା ବାଳକୃଷ୍ଣଙ୍କୁ ପରୀକ୍ଷା କରିବାକୁ ଚେଷ୍ଟା କରିଥିଲେ । ନିଜେ ଏଥିପାଇଁ ପରୀକ୍ଷା ଦେବାକୁ ପଡିଲା । ପରଂବ୍ରହ୍ମଙ୍କ ଦର୍ଶନ କଲେ । ଶ୍ରୀକୃଷ୍ଣ ଯେ ନାରାୟଣ ତାଙ୍କର ହୃଦ୍‌ବୋଧ ହେଲା । ସେ ନାରାୟଣଙ୍କୁ ସ୍ତୁତି କରିବାକୁ ଲାଗିଲେ । ତାଙ୍କର ମୋହ ଭଙ୍ଗ ହେଲା । ଭ୍ରମ ଦୂର ହେଲା ।

●

॥ ୨୪ ॥

# ଗୋବିନ୍ଦ ଜୟ ଜୟ, ଗୋପାଳ ଜୟ ଜୟ !

ଶ୍ରୀକୃଷ୍ଣ ନିଜେ ବ୍ରହ୍ମା ହୋଇ ବସିଛନ୍ତି ବ୍ରହ୍ମାଙ୍କ ସିଂହାସନରେ । ଶ୍ରୀକୃଷ୍ଣ ଦ୍ୱାରପାଳ ଓ ସେବକଙ୍କୁ ଇମିତି କର୍ଣ୍ଣ ମନ୍ତ୍ର ଦେଇଥିଲେ ଯେ ପ୍ରକୃତ ବ୍ରହ୍ମାଙ୍କୁ ସେମାନେ ଘଉଡାଇଲେ । ବ୍ରହ୍ମା ମଧ୍ୟ ନିଜ ଆଖିରେ ଦେଖିଲେ, ତାଙ୍କ ଭଳି ଜଣେ କିଏ ତାଙ୍କ ଆସନରେ ବସିଛି । ତା' ଚାରିପଟେ ଋଷି ଓ ଦେବତାମାନେ ଘେରି ରହିଛନ୍ତି । ସରସ୍ୱତୀ ବୀଣା ବଜାଇ ସ୍ତୁତି କରୁଛନ୍ତି । ସମସ୍ତେ ଚୁପ୍‌ଚାପ । କେବଳ ସଂଗୀତର ଧ୍ୱନିରେ ବ୍ରହ୍ମଲୋକ ମୁଖରିତ ।

ଘଟଣା କ'ଣ ବ୍ରହ୍ମା ପ୍ରଥମେ ଠଉରେଇ ପାରିଲେ ନାହିଁ । ସେ କାନମୁଣ୍ଡା ଆଉଁସି ଗଲେ ବୃନ୍ଦାବନକୁ । ଦେଖିଲେ ଶ୍ରୀକୃଷ୍ଣ ଆଦୌ ବିଚଳିତ ନୁହଁନ୍ତି । ପୂର୍ବପରି ବଳରାମ ଓ ଶ୍ରୀକୃଷ୍ଣ ଗାଈଗୋଠ ଧରି ବଣରେ ବୁଲୁଛନ୍ତି । ତାଙ୍କ ହାତରେ ବଂଶୀ । ଯେଉଁ ଗୁମ୍ଫାରେ ସେ ବାଛୁରୀ ଓ ଗୋପାଳମାନଙ୍କୁ ଲୁଚେଇ ରଖିଥିଲେ, ସେ ଗୁମ୍ଫାକୁ ଗଲେ । ଦେଖିଲେ ବାଛୁରୀ ଓ ପିଲାମାନେ ନିଘୋଡ଼ ନିଦରେ ଶୋଇଛନ୍ତି । ସେ ସେମାନଙ୍କୁ ଯେମିତି

ଅବସ୍ଥାରେ ଛାଡି ଦେଇ ଆସିଥିଲେ, ଠିକ୍ ସେମିତି ଅବସ୍ଥା । ରହସ୍ୟ କ'ଣ ବ୍ରହ୍ମା ବୁଝି ପାରିଲେ ନାହିଁ । ବିଷ୍ଣୁମାୟାରେ ବ୍ରହ୍ମା ଆଚ୍ଛନ୍ନ । ତାଙ୍କ ମନଟା ମଧ୍ୟ ନିଦେଇ ଯାଇଛି ।

କୃଷ୍ଣଙ୍କର ଦୟା ହେଲା । ବ୍ରହ୍ମାଙ୍କୁ ବର୍ଷ ବର୍ଷ ଧରି ମାୟାଜାଲରେ ପକାଇ ରଖିବା ଠିକ୍ ହେବ ନାହିଁ ବୋଲି ଭାବିଲେ । କିନ୍ତୁ ଶେଷ ଆଡ଼କୁ ଟିକିଏ ଭଲକରି ମାୟା କଲେ, ଯେଉଁଥିରେ ବ୍ରହ୍ମାଙ୍କ ଆଖି ଝଲସି ଉଠିଲା । ବ୍ରହ୍ମା ଦେଖିଲେ ପ୍ରତ୍ୟେକ ବାଛୁରୀ ଓ ଗୋପାଳବାଳକ ଶ୍ରୀକୃଷ୍ଣଙ୍କ ଭଳି କଳା ଦେଖାଯାଉଛନ୍ତି । ଗୋପାଳ ପିଲାଙ୍କ ଦେହରେ ପୀତାମ୍ବର । ସମସ୍ତଙ୍କର ଚାରି ଚାରିଟା ହାତ । ଚାରି ହାତରେ ଶଂଖ, ଚକ୍ର, ଗଦା, ପଦ୍ମ ।

ବ୍ରହ୍ମା ଏଥର ଜାଣିଲେ, ସ୍ୱୟଂ ନିରାକାର ନାରାୟଣ ଭକ୍ତଙ୍କ ଲାଗି ସାକାର ପାଲଟିଛନ୍ତି । ଅଘାସୁରକୁ ମାରିବାପରେ ସ୍ୱର୍ଗରେ ଯେଉଁ ଆନନ୍ଦ ଉତ୍ସବ ହେଉଥିଲା- ତାହା ଏହି ନାରାୟଣଙ୍କ ଯୋଗୁଁ । ନାରାୟଣ ଓ ଶ୍ରୀକୃଷ୍ଣ ଏକ- ଏକାକାର । ବ୍ରହ୍ମା ଠେକିଲେ, ଶିଖିଲେ । ଶ୍ରୀକୃଷ୍ଣ ତାଙ୍କ ମନ ପରଦାରୁ ମାୟାପଟଳ ହଟେଇ ନେଲେ । ବ୍ରହ୍ମା ନିଜ ଭୁଲ ବୁଝିପାରି ଶ୍ରୀକୃଷ୍ଣରୂପୀ ନାରାୟଣଙ୍କ ଗୋଡତଳେ ପଡିଗଲେ । କ୍ଷମା ଭିକ୍ଷା କଲେ । ଶ୍ରୀକୃଷ୍ଣଙ୍କ ଚାରିପଟେ ତିନିଥର ପରିକ୍ରମା କଲେ । ଶ୍ରୀକୃଷ୍ଣ କହିଲେ, ଏଥର ବ୍ରହ୍ମଲୋକକୁ ଯାଅ, ତୁମ ଆସନ ଖାଲି ପଡିଛି । ସେଠି ଯେଉଁ ବ୍ରହ୍ମାଙ୍କୁ ଦେଖିଥିଲ, ସେ ବୃନ୍ଦାବନକୁ ଫେରି ଆସିଲେଣି ! ଦ୍ୱାରପାଳମାନେ ଆଉ ତୁମବାଟ ଓଗାଳିବେ ନାହିଁ । ବ୍ରହ୍ମା ଗଲେ ସତ୍ୟଲୋକକୁ । ଦ୍ୱାରପାଳମାନେ ତାଙ୍କୁ ପାଛୋଟି ନେଲେ । ଦେଖିଲେ, ସତକୁ ସତ ତାଙ୍କ ସିଂହାସନ ଖାଲିପଡିଛି । ଏ ଆସନରେ ନାରାୟଣ ଯେ ବ୍ରହ୍ମା ହୋଇ ଆଗରୁ ବସିଥିବା ସେ ଦେଖିଥିଲେ, ତାହା ମିଥ୍ୟା । ତାଙ୍କର ମୋହ ଓ ଅହମିକା ଯୋଗୁ ହିଁ ସତ୍ୟଲୋକରେ ମିଥ୍ୟା ପ୍ରବେଶ କରିଥିଲା ।

ଶ୍ରୀକୃଷ୍ଣ ତାଙ୍କ ବାଛୁରୀ ଓ ସାଂଗପିଲାଙ୍କ ପାଖକୁ ଗଲେ । ସେମାନେ ମୋହ ନିଦରୁ ଉଠି ସତେଜ ଅବସ୍ଥାରେ ଶ୍ରୀକୃଷ୍ଣଙ୍କୁ ଅପେକ୍ଷା କରିଥିଲେ । ପିଲାଏ କହିଲେ, ତୁମେ ତ ଯାଇଥିଲ ବାଛୁରୀ ଖୋଜିବାପାଇଁ, ଆମେ ଗୁଣ୍ଡେ ବିଗୁଣ୍ଡା ପାଟିକୁ ନେଇଛୁ କି ନାହିଁ, ତୁମେ ବାଛୁରୀଗୁଡାକୁ ଧରି ଏତେଶୀଘ୍ର ଆସିଲ କେମିତି ? ୟା ଭିତରେ ଯେ ବର୍ଷେ ବିତିଗଲାଣି, ସେମାନେ ଜାଣିବାର ଉପାୟ ନଥିଲା ।

ସଙ୍ଗେ ସଙ୍ଗେ ଚଟାପଟ ଖିଆପିଆ ସରିଲା । ପୁଣି ଖେଳିବାପାଇଁ ସମସ୍ତେ ଆଗୁସାର । ଶ୍ରୀକୃଷ୍ଣ ଏପର୍ଯ୍ୟନ୍ତ ତାଙ୍କ ହାତରେ ଦହିଭାତ ପୁଡିଆ ଧରିଥିଲେ । ସେ ସାଙ୍ଗ ପିଲାଙ୍କୁ ହସି ହସି କହିଲେ, ବୁଲି ବୁଲି ହାଲିଆ ହୋଇଯାଇଛି, ମୁଁ ଆଗେ ଏତକ ଖାଇସାରେ, ତାପରେ ଖେଳିବା ।

ଶ୍ରୀକୃଷ୍ଣଙ୍କ ଖିଆ ସରିଲା । ସେ ତ୍ରିଭଙ୍ଗ ଠାଣିରେ ନାଚି ନାଚି ଚାଲିଲେ ଘର ଆଡକୁ । ବାଟରେ ନାନା ରଂଗର ଫୁଲ ତୋଳି ଗଳାରେ ଓ ଚୂଳରେ ଲଗାଇଲେ । ମୟୂରଟିଏ ତାଙ୍କ ପଛେ ପଛେ ଯାଉଥିଲା । ତା'ର ଏକ ପୁଚ୍ଛ ଟାଣି ଆଣି ମୁଣ୍ଡରେ ସଜେଇଲେ । ବଂଶୀ ବଜେଇ ବଜେଇ ଚାଲିଛନ୍ତି ସେ । ତାଙ୍କୁ ଅନୁକରଣ କରି ସାଂଗ ଗୋପାଳ ବାଳକମାନେ ମଧ୍ୟ ତ୍ରିଭଂଗ ଠାଣିରେ ନାଚୁଛନ୍ତି । ବଂଶୀ ସ୍ୱନ ସହ ତାଳଦେଇ ଗୀତ ଗାଉଛନ୍ତି- ''ଗୋବିନ୍ଦ ଜୟ ଜୟ, ଗୋପାଳ ଜୟ ଜୟ ।''

ପିଲାମାନେ ନିଜ ନିଜ ଘରକୁ ଗଲେ । ବାପ ମା' ଭାଇ ଭଉଣୀମାନଙ୍କୁ କୃଷ୍ଣଲୀଳା କଥା କହିଲେ । ଅଘାସୁର ପାଟିରେ ସେମାନେ ପଶିଯାଇଥିଲେ । କୃଷ୍ଣ ଆମକୁ ବଂଚେଇ ଦେଲା ବୋଲି କହିବାରେ ଘରଲୋକେ ଆଶ୍ଚର୍ଯ୍ୟ ହୋଇଗଲେ । ବର୍ଷେ ବିତିଯାଇଥିଲେ ମଧ୍ୟ ବାପମାଆମାନଙ୍କୁ ଦିନେ ଓଳିଏ ଭଳି ଲାଗିଲା ।

ଏବେ କୃଷ୍ଣଙ୍କ ବୟସ ଛଅବର୍ଷ । ସାଙ୍ଗ ପିଲାଙ୍କ ବୟସ ମଧ୍ୟ ପ୍ରାୟ ସେତିକି । ଦିନେ ଦୁଇ ଦିନ କିମ୍ବା ମାସେ ଦି ମାସ ଛୋଟବଡ଼ । ଶ୍ରୀକୃଷ୍ଣ ତ ବଂଶୀ ବଜେଇବାରେ ଧୁରନ୍ଧର । ଗାଈ ଚରେଇ ନେବାରେ ଅଭ୍ୟସ୍ତ । ବଣର ଅନ୍ଦିକନ୍ଦି ସବୁ ତାଙ୍କୁ ମାଲୁମ । ଦିନେ ପ୍ରତିଦିନ ଭଳି ବଳରାମ ଓ ଶ୍ରୀକୃଷ୍ଣ ସାଙ୍ଗମାନଙ୍କ ସହିତ ଗଲେ ବଣକୁ ଗାଈ ଚରେଇବା ଲାଗି । ଇମିତି ଏକ ସ୍ଥାନକୁ ଗଲେ, ଯେଉଁଠି ମିରିଗ ପଲ ପଲ । ପକ୍ଷୀମାନଙ୍କ ସୁମଧୁର କାକଳି, ଭ୍ରମର ଓ ମହୁମାଛିମାନଙ୍କ ଗୁଂଜନରେ ବନବନାନୀ ଗୁଂଜରିତ । ଶ୍ରୀକୃଷ୍ଣ, ବଳରାମଙ୍କୁ ନେଇ ଭଳିଭଳି ଫୁଲ ସଂଭାର ଦେଖାଇବାରେ ଲାଗିଛନ୍ତି । କହୁଛନ୍ତି, ଭାଇ ! ଏ ଫୁଲସବୁ ତୁମ ପାଦତଳେ ଲୋଟି ପଡୁଛନ୍ତି କାହିଁକି ଜାଣ ? ଏମାନେ ପୂର୍ବ ଜନ୍ମରେ କିଛି ନା କିଛି ପାପ କରିଛନ୍ତି । ତୁମ ପାଦସ୍ପର୍ଶ ପାଇଲେ ସେମାନେ ପାପମୁକ୍ତ ହେବେ । ମୟୂରଗୁଡାକ ତୁମକୁ ଦେଖି ଆନନ୍ଦରେ ନାଚୁଛନ୍ତି, ଭ୍ରମର ସବୁ ଉଲ୍ଲସିତ ମନରେ ଗୁଂଜରଣ ଛଳରେ ତୁମର ଗୁଣଗାନ କରୁଛନ୍ତି । ସମସ୍ତଙ୍କୁ ଆଶୀର୍ବାଦ କର ! ବାସ୍ତବରେ ତୁମର ପାଦସ୍ପର୍ଶ ପାଇ ବୃନ୍ଦାବନ ତ ଧନ୍ୟ, ତାଠାରୁ ଅଧିକ ଧନ୍ୟ ଏହି ବନକାନନ ।

ବଳରାମ ତ ଭୋଳାନାଥ । ଶ୍ରୀକୃଷ୍ଣଙ୍କ ମୁହଁରୁ ଏସବୁ କଥା ଶୁଣି ସେ ମନେ ମନେ ଖୁସି । ହସୁଛନ୍ତି, କହୁଛନ୍ତି, ଯାହାହେଉ, ତୋର ବର୍ଣ୍ଣନାଶୈଳୀ ଅତି ଚମତ୍କାର ! କୃଷ୍ଣ କିନ୍ତୁ ବଳରାମଙ୍କ ଭଳି ଭାବପ୍ରବଣ ନୁହନ୍ତି । ସେ ମାପିଚୁପି କଥା କହନ୍ତି । ସନ୍ତର୍ପଣରେ ଚାଲନ୍ତି । ତାଙ୍କ ହସରେ ଥାଏ ରହସ୍ୟ । ସେ ନାଚନ୍ତି, ଅନ୍ୟମାନଙ୍କୁ ନଚାନ୍ତି । ବଳରାମ ମଧ୍ୟ ନାଚିନାଚି ହାଲିଆ । ଏତେ ହାଲିଆ ଯେ ଆଉ ତାଙ୍କ ଗୋଡ ଉଠିଲା ନାହିଁ । ଶ୍ରୀକୃଷ୍ଣ କହିଲେ, ଭାଇ, ଏ ଗଛ ଛାଇ ତଳେ ଶୋଇପଡ । ମୁଁ ଗୋଡ ଚିପି ଦେଉଛି ।

॥ ୨୫ ॥

# ତାଳବଣିଆର ଅସୁର ମଲା

ଶ୍ରୀକୃଷ୍ଣ ବଳରାମଙ୍କ ଗୋଡ ମୋଡୁଛନ୍ତି । ବଳରାମ ଆରାମରେ ଆଖିବୁଜି ଶୋଇଛନ୍ତି । ପାଦମୋଡା ବନ୍ଦ କରିଦେବାମାତ୍ରେ ଶ୍ରୀକୃଷ୍ଣଙ୍କୁ ତାଗିଦ୍ କରୁଛନ୍ତି । କହୁଛନ୍ତି, ତୁ ତ ନଚେଇ ନଚେଇ ମତେ ହାଲିଆ କରାଇଲୁ । ଭଲକରି ମୋଡ଼ । ନଚେତ୍ ଉଠି ପାରିବିନି ! ଶ୍ରୀକୃଷ୍ଣ ଭାଇକି କହୁଛନ୍ତି, ମୁଁ ତ ଖୁସିରେ ନାଚୁଥିଲି, ତୁମେ ନାଚୁଥିଲ କାହିଁକି ? ମୁଁ କ'ଣ ତୁମକୁ ନାଚିବାକୁ କହୁଥିଲି ? ବଳରାମ କହୁଛନ୍ତି, ସମସ୍ତେ ତ ନାଚିଲେ, ମୁଁ କ'ଣ ଚୁପ୍ ରହିଥାନ୍ତି ? ତା' ଛଡା ତୋର ଯୋଉ ନାଚ, ତାକୁ ଦେଖିଲେ, ଯାହାର ହେଲେ ଗୋଡ ଉଠିଯିବ । ହଉ, ଯାହା ହେବା କଥା ତ ହୋଇଗଲାଣି, ଗୋଡ ଦିଟାକୁ ଭଲକରି ଜୋର କରି ମୋଡ । ତୋ କଅଁଳିଆ ହାତ ବାଜିଲେ ଦେହର ମଜରା ଚାଲିଯିବ ।

ଶ୍ରୀକୃଷ୍ଣଙ୍କ ତିନିଜଣ ବଡ ସାଙ୍ଗ ଶ୍ରୀଦାମ, ସୁବଳ ଓ ମଧୁମଙ୍ଗଳ । ଇଆଡ଼େ ବଳରାମଙ୍କ ଗୋଡମୋଡା ଲୀଳା ଚାଲିଛି । ସିଆଡ଼େ ତିନି ସାଙ୍ଗ ଆଲୋଚନା ଚଳାଇଛନ୍ତି- ପାଚିଲା ତାଳ ଖାଇବା ପାଇଁ । ସେମାନେ ଧୀରେ ଧୀରେ ଗଲେ ଶ୍ରୀକୃଷ୍ଣଙ୍କ ପାଖକୁ । କହିଲେ, ଏଠୁ ଅଳ୍ପଦୂରରେ ଏକ ବଡ଼ ତାଳବଣିଆ ଅଛି । ପାଚିଲା ତାଳସବୁ ତଳେ ପଡିଛି । ଗଛରେ ମଧ ଅନେକ ପାଚିକରି ରହିଛି । ପାଚିଲା ତାଳ ଖାଇବାକୁ ବଢ଼ିଆ । ଭାରି ସୁଆଦିଆ । ଖାଆନ୍ତେ, ଥୋଡ଼ା ଧରି ଘରକୁ ଯାଆନ୍ତେ । ତାଳରସରେ ଭଲ ଏଣ୍ଡୁରୀପିଠା ହୁଏ । ମା'ମାନେ କରି ଜାଣନ୍ତି । ଶ୍ରୀଦାମ ଉପରେ ପଡ଼ି କହିଲା, ତାଳ ସିନା ତଳେ ପଡ଼ିଚି, କିନ୍ତୁ ଜଗୁଆଳି ଜଗିଚି । ବଡ଼ ଅସୁରଟାଏ । ତା ନାଆଁ ଧେନୁକା । ତାଳବଣିଆଟା କାହାର କେଜାଣି, କିନ୍ତୁ ଧେନୁକା ଏବେ ମାଲିକ । ଭାରି ବଳୁଆ । ତୁ କିମ୍ବା ବଳରାମ ଛଡା ତାକୁ କେହି ପାରିବେ ନାହିଁ । ଖାଲି ଧେନୁକା ଜଗିନି, ତା'ର ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ସମସ୍ତେ ସେହି ତାଳବଣିଆରେ ଘର କରି ରହିଛନ୍ତି । ସେମାନେ ମଣିଷ ମାଉଁସ ଖାଆନ୍ତି । ତେଣୁ ତାଙ୍କ ଡରରେ କୌଣସି ମଣିଷ ସେ ତାଳବଣ ଭିତରକୁ ପଶିବାପାଇଁ ସାହସ କରନ୍ତି ନାହିଁ ।

ସୁବଳ କହିଲା, ପାଚିଲା ତାଳର ବାସନା ପବନରେ ଭାସି ଆସୁଛି । ସେହି ବାସନାହିଁ ତାଳ ଖାଇବା ଲାଗି ମନରେ ବାସନା ଜାଗ୍ରତ କରଉଛି । ତୁମେ ଦି'ଜଣ ସାହାଯ୍ୟ କଲେ ଆମେ ସମସ୍ତେ ତାଳ ଖାଆନ୍ତୁ ।

ଶ୍ରୀକୃଷ୍ଣ ଓ ବଳରାମ ହସିଲେ । ବଳରାମ କହିଲେ, ତାଳ ବଡ଼ ଗରିଷ୍ଠ ଖାଦ୍ୟ । ତୁମେ ମାନେ କ'ଣ ହଜମ କରି ପାରିବ ? ତା'ଛଡା ଏଇଟା ବଡ଼ ଛୋଟ କଥା ! ଧେନୁକା ତାକୁ ଖାଇ ବଂଚିଛି । ସେଥିରେ ଚଳୁଛି । ତାକୁ ବଂଚିତ କରିବା କ'ଣ ଠିକ୍ ହେବ ?

ଶ୍ରୀକୃଷ୍ଣ ବଳରାମଙ୍କୁ ବୁଝାଇ କହିଲେ, ତାଳବଣିଆଟା ଧେନୁକାର ନିଜର ନୁହେଁ । ଜୋର ଯାହାର ମୂଲକ ତା'ର ଭଳି କଥାଟା । ଏ ତାଳବଣଟା ଥିଲା ଏଠାକାର ଆଦିବାସୀଙ୍କର । ଧେନୁକା ସେମାନଙ୍କୁ ହଟେଇ ଜବରଦଖଲ କରିଛି । ନିଜ ଲୋକଙ୍କ ଛଡା ଆଉ କାହାକୁ ପୂରେଇ ଦେଉନାହିଁ । ଭାଇ ! ତୁମେହିଁ ତାକୁ ସାବ୍‌ବାଡ଼ କରି ପାରିବ ।

ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦକୁ କଥା ଦେଇଥିଲେ ଯେ ସେ ତା'ର କୌଣସି ବଂଶଧରକୁ ମାରିବେ ନାହିଁ । ତେଣୁ ସେ ଭାଇକି ଲଗେଇ ଦେଲେ ଏହି କାର୍ଯ୍ୟରେ । ଯିଏ ଧନଠୁଳ କରିବାକୁ ନିଜର ବଡ଼ପଣିଆ ମନେ କରିଥାଏ, ତା' ନାଁ ଧେନୁକାସୁର । ବଣରେ ତାଳଫଳ ନଷ୍ଟ ହେଲେ ମଧ୍ୟ ସେ ଅନ୍ୟ କାହାକୁ ଗୋଟିଏ ସୁଦ୍ଧା ଦେଇ ନଥାଏ । ଯୁଗ ଯୁଗ ଧରି ପୃଥିବୀରେ ବହୁ ଧେନୁକାସୁର ରହିଆସିଛନ୍ତି । ଏମାନେ ଦେହକୁ ସର୍ବସ୍ୱ ମାନିଥାଆନ୍ତି । ସମାଜ ତଥା ସାଧାରଣ ସଂପତ୍ତିକୁ ଆତ୍ମସାତ୍ କରିଥାଆନ୍ତି । ଏମାନେ ପରଜନ୍ମରେ ଗଧ ହୋଇ ଜନ୍ମ ଗ୍ରହଣ କରନ୍ତି । ଧେନୁକା ସିମିତି ଥିଲା ଗଧବୁଦ୍ଧିର ଏକ ଅସୁର । ରୂପ ମଧ୍ୟ ଗର୍ଦ୍ଦଭ ବା ଗଧର ।

ଶ୍ରୀକୃଷ୍ଣ ଭାଇ ବଳରାମଙ୍କୁ ଉସ୍‌କାଇ ଦେବାମାତ୍ରେ ସେ ଶୋଇବା ଜାଗାରୁ ଉଠି ପଡିଲେ । ଗୋଡମୋଡା ମୋଡି ସେତିକିରେ ରହିଲା । ବଳରାମ ଶ୍ରୀକୃଷ୍ଣ କାନ୍ଧରେ ହାତ ପକାଇ କହିଲେ ଚାଲିଲୁ କହ୍ନେଇ, ଅସୁରଟା କିଏ ଦେଖିବା, ଆଉ ତାକୁ ଦେଖିନେବା । ତୁ କିଛି କରିବା ଦରକାର ନାହିଁ । ମୁଁ ଏକା ତା ସହିତ ଲଢ଼ିବି ।

ଆଗେ ଆଗେ ବଳରାମ, ତାଙ୍କ ପଛେ ପଛେ ଶ୍ରୀକୃଷ୍ଣ ଶ୍ରୀଦାମ୍, ସୁବଳ ପ୍ରଭୃତି ଗୋପାଳବାଳକମାନେ ! ସୁଦାମ ଚାଟୁଗିରି କରିବାରେ ଲାଗିଛନ୍ତି, ବଳରାମର ବଳ କେତେ ଆଉ ଧେନୁକାର ବଳ କେତେ ଆଜି ଦେଖିବା । ଲଢ଼େଇଟା ବଡ଼ ମଜାଦାର ହେବ । ଆମେ ଜାଣୁ ବଳରାମ କିଛି କରନ୍ତି ନାହିଁ, କିନ୍ତୁ ଅନ୍ୟାୟକୁ ସହି ପାରନ୍ତି ନାହିଁ । ସେ ନିର୍ବଳ କା ବଳରାମ ।

ଛଅ ସାତ ବର୍ଷ ବୟସର ବଳରାମ । ଏବେ ମଦମତ୍ତ ହସ୍ତୀ ! ସେ ତାଳବଣରେ ପଶୁ ପଶୁ ଇମିତି ଗର୍ଜନ କଲେ ଯେ ସାରାବଣ କମ୍ପି ଉଠିଲା । ଦୁଲଦୁଲ୍ ହେଲା । ସେ

ଗୋଟିକ ପରେ ଗୋଟିଏ ତାଳଗଛକୁ ଧରି ଜୋର୍‌ରେ ହଲେଇଲେ । ପାଚିଲା ତାଳ ସବୁ ଶହ ଶହ ସଂଖ୍ୟାରେ ତଳେ ପଡ଼ିଲା । ତାଳର ଗାଲିଚାଭଳି ତଳଟା ଦେଖାଗଲା । ସାଙ୍ଗ ପିଲାମାନେ ତାଳ ଗୋଟେଇ ଖୁସିରେ ଖାଇବାରେ ଲାଗିଲେ ।

ଧେନୁକାସୁର ଏକ ଗଧ ରୂପରେ ତା'ଘରେ ଥିଲା । ବଳରାମଙ୍କ ଗର୍ଜନରେ ତା ଘର ଦୁଲୁକିଲା । ସେ ଝପଟି ଆସିଲା । ଏତେବଡ଼ ଗଧଟା ଯେ ସେ ଚାଲିବାରେ ତାଳବଣ କ'ଣ ଆଖପାଖ ବଣରେ ଭୂକମ୍ପ ହୁଏ । କାରଣ ସେ ରାଗିଲେ, ତା'ବଳ ଲକ୍ଷେଗୁଣ ବଢ଼ିଯାଏ । ସେ ବଳରାମଙ୍କ ଉପରକୁ ମାଡ଼ି ଆସିଲା । ଆସୁ ଆସୁ ସେ ତା'ର ପଛ ଦୁଇ ଗୋଡ଼ରେ ବଳରାମଙ୍କ ଛାତିକି ଆଘାତ କଲା । ମନେ ମନେ ଭାବିଲା, ଏ ଆଘାତରେ ଲୋକଟା ନିଶ୍ଚୟ ମରିଯାଇଥିବ । କିନ୍ତୁ ଦେଖିଲା, ବଳରାମଙ୍କର ତିଳେ ସୁଦ୍ଧା କ୍ଷତି ହୋଇନାହିଁ । ସେ ବଳରାମଙ୍କ ଚାରିପଟେ ଥରେ ଘୂରି ଆସି ପଛଗୋଡରେ ପୁଣି ଲାତ ମାରିବାକୁ ଯାଉ ଯାଉ ବଳରାମ ତା' ଗୋଡ଼ ଦିଇଟାକୁ ଧରି ତାକୁ ଭଉଁରୀ ଭଳି ଘୂରେଇ ଘୂରେଇ ଗୋଟାଏ ତାଳଗଛରେ ଜୋରରେ ପିଟିଦେଲେ । ଗଧରୂପୀ ଧେନୁକା ରକ୍ତ ବାନ୍ତି କରି ପକାଇଲା । ସଙ୍ଗେ ସଙ୍ଗେ ତା'ର ମୃତ୍ୟୁ ହୋଇଗଲା । ତାଳଗଛଟା ଭାଙ୍ଗି ତଳେ ପଡିଗଲା । ଭାଙ୍ଗିବାବେଳେ ସେ ତାଳଗଛଟାର ପାଖ ତାଳଗଛ, ସେ ଗଛ ଆଉ ଗଛ ଇମିତି ଗଛକୁ ଗଛ ବାଡ଼େଇ ହୋଇ ସବୁ ତାଳଗଛ ତଳେ ଲୋଟି ପଡ଼ିଲେ ।

ଧେନୁକାର ଆତ୍ମୀୟ ସ୍ୱଜନମାନେ ଧେନୁକାର ମୃତ୍ୟୁରେ ମର୍ମାହତ ହୋଇପଡିଲେ । ସମସ୍ତେ ଆସିଲେ ବଳରାମଙ୍କୁ ମାରିବାପାଇଁ । ରାମକୃଷ୍ଣ ଯେଉଁଠି ଥିଲେ ସେଇଠି । ବହୁ ଅସୁର ଆସିଲେ, ଦୁହେଁ ଗୋଟିକ ପରେ ଗୋଟିକକୁ ଯମପୁରକୁ ପଠେଇଦେଲେ । କୃଷ୍ଣ ବଳରାମଙ୍କ ସଖାମାନେ ଦେଖିଲେ, କୌଣସି ତାଳଗଛରେ ତାଳ ନାହିଁ, ତାଳ ବଦଳରେ ଅସୁରମାନଙ୍କର ଶବ ଓହଳିଛି ।

ସଂଧ୍ୟାବେଳେ ଗୋଗୋଷ୍ଠ ସହିତ ରାମକୃଷ୍ଣ ଓ ଗୋପାଳବାଳକମାନେ ଘରକୁ ଫେରିଲେ । ଗୋପୀମାନେ ଦେଖିଲେ ଶ୍ରୀକୃଷ୍ଣଙ୍କ ଦେହ ଧୂଳି ଧୂସରିତ; କିନ୍ତୁ ମୁଣ୍ଡରେ ତାଙ୍କର ମୟୂରଚୂଳ ଅମଳିନ । ମୁଖମଣ୍ଡଳରେ ହସ ଯିମିତି ଉକୁଟି ଉଠୁଛି । ଅତି ସୁନ୍ଦର ଦେଖା ଯାଉଥିଲେ ଦୁଇଭାଇ ରାମ ଓ କୃଷ୍ଣ !

●

॥ ୨୬ ॥

# କାଳିୟର କଳା ଗରଳ

ଯମୁନା ନଦୀ କୂଳକୁ ଲାଗି ଏକ ହ୍ରଦ । ଏକଦା ଏଇଟା ନଦୀର ଗଣ୍ଡ ଥିଲା । କାଳକ୍ରମେ ଏହା ଏକ ହ୍ରଦ ବା ଜୋର ପାଲଟି ଯାଇଥିଲା । ଏହାକୁ ସେକାଳରେ ମାଦୁ ହ୍ରଦ କୁହାଯାଉଥିଲା । କେହି କେହି କହୁଥିଲେ କାଳିନ୍ଦୀ । ବୃନ୍ଦାବନ ଠାରୁ ଏହା ଟିକିଏ ଦୂରରେ ଥିଲା ।

ଦିନେ ଗୋପବାଳକଙ୍କୁ ସାଙ୍ଗରେ ଧରି ଶ୍ରୀକୃଷ୍ଣ ଗଲେ ଯମୁନା କୂଳର ବଣକୁ । ଆଜି କ'ଣ କରିବେ ସେ ଆଗରୁ ପରିପଚ୍ଛନା କରି ସାରିଥିଲେ । କିନ୍ତୁ କାହାକୁ ଜଣେଇ ନଥିଲେ । ଭାଇ ବଳରାମକୁ ଆଜି ତାଙ୍କ ସହିତ ନେଇ ନଥିଲେ । ଉଦୁଉଦିଆ ଖରାବେଳ । ଗାଈବାଛୁରୀ ବଣରେ ଚରୁଛନ୍ତି । ଗୋପବାଳକମାନେ ଆନନ୍ଦରେ ଖେଳୁଛନ୍ତି । ନାନା ପ୍ରକାର ଖେଳ । ବିଶେଷତଃ ପେଣ୍ଡୁଖେଳ ଚାଲିଛି । ଖେଳି ଖେଳି ସେମାନେ ଯମୁନା କୂଳେ କୂଳେ ବହୁତ ବାଟ ଆଗେଇ ଗଲେଣି । ପେଣ୍ଡୁ ଗଡ଼ି ଗଡ଼ି ଚାଲିଛି, ପିଲାମାନେ ତା ପଛେ ଗୋଡଉଛନ୍ତି । ଖରା ସାଙ୍ଗକୁ ଖେଳନିଶା ଲାଗି ଯାଇଛି । କେତେଦୂର ଗଲେଣି ଜଣାପଡୁନି । ଖେଳି ଖେଳି ଝାଳନାଳ । ଭୀଷଣ ଶୋଷ । ତଣ୍ଟି ଶୁଖି ଗଲାଣି । କିନ୍ତୁ ପାଣି କାହିଁ ?

ଜଣେ କହିଲା, ପାଖରେ ଗୋଟାଏ ବଡ଼ ହ୍ରଦ ଅଛି । ଚାଲଯିବା ସେଠିକି । ପାଣି ପିଇବା । ଏଠି କାଳିୟ ନାମରେ ଏକ ବିରାଟକାୟ ବିଷଧର ସାପ ତା ପରିବାର ସହିତ ବହୁଦିନରୁ ରହିଆସୁଥିଲା । ସେମାନଙ୍କ ବିଷରେ ହ୍ରଦ ଗୋଟାକଯାକ ବିଷାକ୍ତ । ତେଣୁ ଏହି ହ୍ରଦରୁ ଆଖପାଖର ଲୋକେ ପାଣି ପିଅନ୍ତି ନାହିଁ କି ଯା ପାଖ ସୁଦ୍ଧା ମାଡନ୍ତି ନାହିଁ । କାଳିୟ ଏଠିକି କାହିଁକି ଆସିଲା, ତାର ଯଥେଷ୍ଟ କାରଣ ରହିଛି । ଗରୁଡ ଭୟରେ ସେ ଏଠିକି ଆସି ଲୁଚିଥିଲା ।

ଆଖପାଖ ଲୋକେ ସିନା ଏ ହ୍ରଦ ବିଷାକ୍ତ ବୋଲି ଜାଣିଥିଲେ, ଗୋପ ବାଳକମାନେ ଜାଣିବାର କୌଣସି ଉପାୟ ନଥିଲା । ସେମାନେ ନିଜେ ଏହି ହ୍ରଦର ପାଣି ପିଇଲେ, ଗାଈବାଛୁରୀଙ୍କୁ ମଧ୍ୟ ପିଆଇଲେ । ସଂଗେ ସଂଗେ ସମସ୍ତଙ୍କର ଚେତା ବୁଡିଗଲା । ଏହି ହ୍ରଦରୁ ବାହାରୁଥିବା ବାଷ୍ପ ମଧ୍ୟ ବିଷାକ୍ତ ହୋଇ ପଡ଼ିଥିଲା । ତେଣୁ ଯା ଉପର ଦେଇ ଉଡି ଉଡି ଯାଉଥିବା ପକ୍ଷୀଗୁଡ଼ାକ ମଧ୍ୟ ସଙ୍ଗେ ସଙ୍ଗେ ମରି ପାଣିରେ ପଡୁଥିଲେ ।

କୃଷ୍ଣଙ୍କ ପାଖରେ ଥିବା ତାଙ୍କର ଜଣେ ସାଙ୍ଗ ମଧ୍ୟ ଏ ହ୍ରଦକୁ ପାଣି ପିଇବାପାଇଁ ଯାଇଥିଲା । ସେ ବହୁ ସମୟଧରି ନଫେରିବାରେ ଶ୍ରୀକୃଷ୍ଣ ତାକୁ ଖୋଜିବାକୁ ଗଲେ । ଦେଖିଲେ, ହ୍ରଦର ଚାରିପଟେ ଗୋପାଳ ବାଳକମାନେ ଓ ଗାଈବାଛୁରୀ ସମସ୍ତେ ବେହୋସ ଅବସ୍ଥାରେ ପଡିଛନ୍ତି । କାହା ଦେହରେ ପ୍ରାଣ ଥିବାପରି ମନେହେଉନି । ସାଙ୍ଗ ପିଲାମାନେ ଅବାଟରେ ଆସିବାରେ ଏ ଦୁର୍ଦ୍ଦଶା ! ଯିଏ ବାଟ ଭୁଲେ, ତା'ର ଏହି ଦଶା ହୋଇଥାଏ ।

ଯେଉଁମାନେ ପାଣି ପିଇ ନଥିଲେ, ସେମାନେ କୃଷ୍ଣଙ୍କୁ ଆସି ସବୁକଥା କହିଲେ । ଜଣେ କହିଲା, ପେଣ୍ଡୁ ଖେଳୁଥିଲୁ । ପେଣ୍ଡୁଟା ଗଡି ଗଡି ଏଠିକି ଚାଲିଆସିଲା । ଶୋଷ ହେଉଥିଲା । ଏମାନେ ଏ ହ୍ରଦରୁ ପାଣି ପିଇବା ମାତ୍ରେ ବେହୋସ ହୋଇପଡିଲେ । ଶ୍ରୀକୃଷ୍ଣ ଦେଖିଲେ, ହ୍ରଦର ପାଣି ସାପ ବିଷରେ କଳା ପାଲଟି ଯାଇଛି । କାଳିୟ ବହୁବର୍ଷ ହେଲା ସପରିବାର ଏଇଠି ରହି, ତା'ର ବିଷ ଛାଡିବାରେ ଲାଗିଛି । ପିଲାମାନେ ସାଙ୍ଗମାନଙ୍କୁ ଓ ଗାଈବାଛୁରୀଙ୍କୁ ହରାଇବାରେ ଭୋ ଭୋ କାନ୍ଦି ଉଠିଲେ । ଶ୍ରୀକୃଷ୍ଣ ସେମାନଙ୍କୁ ଆଶ୍ୱାସନାବାଣୀ ଶୁଣେଇ କହିଲେ, ବ୍ୟସ୍ତ ହୁଅନି, ସବୁ ଠିକ୍ ହୋଇଯିବ । ଇଏ କାହାର କାଣ୍ଡ ମୁଁ ଜାଣି ସାରିଲିଣି ।

ଶ୍ରୀକୃଷ୍ଣ ଚାରିଆଡକୁ ଆଖି ବୁଲାଇ ଦେଖିଲେ । ବିଷାକ୍ତ ପବନ ବାଜିବାରେ ହ୍ରଦର ପାଖ ଆଖରେ ଥିବା ଗଛଗୁଡାକ ଥୁଣ୍ଟା ହୋଇପଡ଼ିଛି । ବହୁ ପଶୁପକ୍ଷୀ ମରି ପଡିଛନ୍ତି । ହୃଷ୍ଟପୃଷ୍ଟ ମଣିଷ ଗୁରୁତର ରୋଗଗ୍ରସ୍ତ ହୋଇ ପଡ଼ିଲେ ଯେମିତି କଂକାଳସାର ହୋଇପଡ଼େ, ବୃକ୍ଷଲତାଗୁଡ଼ିକର ସେହି ଅବସ୍ଥା ।

ସେ ଦେଖିଲେ, କେବଳ ଗୋଟିଏ କଦମ୍ବ ଗଛ ସବୁଜ ଦେଖାଯାଉଛି । ଏ ଗଛର କିଛି କ୍ଷତି ହୋଇନାହିଁ । ତାଙ୍କର ମନେ ପଡିଲା ତାଙ୍କ ବାହନ ଗରୁଡ କଥା । ସେ ଗୋଟିଏ ହାଣ୍ଡିରେ ଅମୃତ ଧରି ଆସୁଥିଲା, ତା ପରିବାରର ଲୋକଙ୍କ ପାଇଁ । ସମୁଦ୍ର ମନ୍ଥନରୁ ଅମୃତ ବାହାରିବା ପରେ ଏ ଘଟଣା ଘଟିଥିଲା । ଗରୁଡ ଅମୃତ ଧରି ଆସୁଥିବା ବେଳେ ଏହି କଦମ୍ବ ଗଛରେ ଅଳ୍ପ ସମୟପାଇଁ ବିଶ୍ରାମ ନେଇଥିଲା । ତେଣୁ କାଳିୟର ବିଷ ଏ ଗଛଟିକୁ ସ୍ପର୍ଶ କରିପାରି ନାହିଁ ।

ଶ୍ରୀକୃଷ୍ଣ ଏହି ଗଛ ଉପରକୁ ଚଢ଼ିଲେ । ସାଙ୍ଗ ପିଲାମାନେ ପାଟିକରି କହିଲେ, ତୁମର ଯଦି କିଛି ହୋଇଯାଏ, ଆମେ ସବୁ ଗଲୁ । ଶ୍ରୀକୃଷ୍ଣ ଗଛରେ ଚଢ଼ି ଉପରୁ ହାତଠାରି କହିଲେ, ଥୟ ଧର, କ'ଣ ହେଉଛି ଦେଖ । କୃଷ୍ଣସଖାମାନେ ଦେଖିଲେ, କଦମ୍ବ ଗଛର ଯେଉଁସବୁ ଡାଳରେ ପତ୍ର ନଥିଲା, ସେ ସବୁ ନୂତନ କିଶଳୟରେ ପଲ୍ଲବିତ । କଦମ୍ବଗଛ ଦେହରେ ଶ୍ରୀକୃଷ୍ଣ ପାଦ ଦେଉଁ ଦେଉ, ଗଛତଳେ ଥିବା ଘାସ ଗୁଡିକ ମଧ୍ୟ କଅଁଳି ଉଠିଛି । ଶ୍ରୀକୃଷ୍ଣ ଗଛର ଅଗ ପର୍ଯ୍ୟନ୍ତ ଚଢ଼ିବାପରେ ହଠାତ୍ ହ୍ରଦ ଭିତରକୁ ଝାମ୍ପ ଦେଲେ ।

ସଖାମାନଙ୍କର ଯେମିତି ଆଖି ବୁଜିହୋଇଗଲା । ସେମାନେ ଆତଙ୍କିତ ହୋଇ ପଡିଲେ । ଭୟହେଲା, ଆମ କାହ୍ନୁ ଆଉ ବଂଚିବ ନାହିଁ । ହ୍ରଦର ପାଣି ପିଇ ତ ଗୁଡିଏ ଗୋପାଳ ପିଲା ବେହୋସ, ଇଏତ ଏକାବେଳକେ ପାଣି ଭିତରକୁ ଡେଇଁଲାଣି । ସେମାନଙ୍କ ଭିତରୁ କେତେଜଣ ଦୌଡିଲେ ନନ୍ଦରାଜା ଓ ଯଶୋଦାଙ୍କୁ ଖବର ଦେବାଲାଗି । ଖବର ପାଇବା ମାତ୍ରେ ସାରା ବୃନ୍ଦାବନରେ ହା-ହାଉଳି ପଡ଼ିଗଲା । ଗୋପ ଓ ଗୋପୀମାନେ ଦୌଡିଲେ କାଳିୟ ରହୁଥିବା କାଳିନ୍ଦୀ ବା ମାଦୁ ହ୍ରଦ କୂଳକୁ । ଦେଖିଲେ, ସେମାନଙ୍କ ପିଲା ଓ ଅନେକ ଗାଈବାଛୁରୀ କୂଳରେ ମରିପଡିଛନ୍ତି । କୃଷ୍ଣଙ୍କର ମଧ ଦେଖା ନାହିଁ । ହ୍ରଦ ଭିତରକୁ ଡେଇଁ ପଡିଛି ଶୁଣି ଯଶୋଦା ଚେତା ହରାଇ ବସିଲେ । ନନ୍ଦଙ୍କର ଦଶା ମଧ ସେହିଭଳି । କେହି କେହି କହିଲେ, ଆଜି ବଳରାମ ସାଥିରେ ନଥିବାରୁ କୃଷ୍ଣ ଓ ଅନ୍ୟମାନଙ୍କର ଏହି ଅବସ୍ଥା ହେଲା । କୃଷ୍ଣ ତ ଚଗଲାଟା । ହ୍ରଦ ଭିତରକୁ ଡେଇଁ ପଡିଥିବ । ଅବଶ୍ୟ ଯା ଭିତରେ ସେମାନେ ବାଳକୃଷ୍ଣଙ୍କର ବହୁ ଲୀଳା ଦେଖିଛନ୍ତି, ତଥାପି ଏ ପିଲାଟା ଯେ ସ୍ୱୟଂ ନାରାୟଣ ଏ ଧାରଣା ସେମାନଙ୍କର ନଥିଲା ।

ବଳରାମ ପାଖରେ ଥାଇ ଗୋପବାସୀମାନଙ୍କ କଥା ଶୁଣୁଥିଲେ, ହସୁଥିଲେ । ସେ ନିଜେ କ'ଣ ଆଉ କୃଷ୍ଣ କ'ଣ ସେ କେବଳ ଜାଣିଥିଲେ । ଦେବରହସ୍ୟ କଥା ସେ କାହାକୁ ଜଣାଇବାକୁ ଚାହୁଁ ନଥିଲେ ।

ଶ୍ରୀକୃଷ୍ଣ ଏତେ ଜୋରରେ ଝାମ୍ପ ଦେଇଥିଲେ ଯେ ହ୍ରଦର ଜଳ ଉଛୁଳି ପଡିଥିଲା । ଢ଼େଉ ସୃଷ୍ଟି ହୋଇଥିଲା । ତାଙ୍କ ଶରୀର ସ୍ପର୍ଶରେ ବିଷାକ୍ତ ନୀଳଜଳ ନିର୍ମଳ ହୋଇ ପଡିଥିଲା । ଜଳ ଚାହୁଁଥିଲା ନାରାୟଣ ସ୍ପର୍ଶ ! ସେ ଜଳ ଭିତରେ କେଳି କରୁଥିଲେ । ପହଁରୁଥିଲେ । ହ୍ରଦର ଜଳ ଉଛୁଳିବାରେ କାଳିୟର ନିବାସ ମଧ କମ୍ପିଉଠିଲା । ପ୍ରଥମେ ପ୍ରଥମେ ସେ ବିଚଳିତ ହୋଇ ପଡିନଥିଲା । କିନ୍ତୁ କ୍ରମଶଃ ତା'ଘର ଦୋହଲିଲା । ସେ ହ୍ରଦରେ ରହିଥିବା ଭିତରେ ଏପରି କେବେ ହୋଇନଥିଲା । ସେ ପାଣି ଭିତରେ ହିଁ ରହୁଥିଲା । ଫଣା ଟେକି ଉପରକୁ ଉଠୁନଥିଲା । କିନ୍ତୁ ଅଥୟ ହୋଇପଡି ଉପରେ କ'ଣ ଘଟୁଛି ଜାଣିବାପାଇଁ ସେ ତା'ର ପାଞ୍ଚଟା ଯାକ ଫଣା ଟେକି ଉପରକୁ ଉଠିଲା । ଦେଖିଲା, ହଜାର ହଜାର ସ୍ତ୍ରୀ-ପୁରୁଷ ଛାତିକି ବାଡେଇ କାନ୍ଦୁଛନ୍ତି । ଗୋଟିଏ ସ୍ତ୍ରୀଲୋକ ତଳେ ଲୋଟି ପଡିଛି । ତା' ମୁହଁରେ ଗୋଟିଏ ମାତ୍ର ଶବ୍ଦ 'କୃଷ୍ଣ' ! ମୋ କାହ୍ନା ଗଲା କୁଆଡେ ? ତାକୁ ତ କାଳିୟ ଗିଳି ସାରିବଣି । ନନ୍ଦ ଓ ବଳରାମ ତାକୁ ବୁଝାଉଛନ୍ତି । ବଳରାମ କହୁଛନ୍ତି, 'ମା ଯଶୋଦା, ତୁମ କୃଷ୍ଣ, କାହ୍ନୁକୁ ମାରିବ କିଏ ? ସେ କାଳିୟ ନାଗକୁ ଦମନ କରିବ । ନାଗଟା କମ କ୍ଷତି କଲାଣି ? ଆମ ଗାଈବାଛୁରୀ ଓ ସାଙ୍ଗ ସାଥୀଙ୍କୁ କାଳିୟର ବିଷ ଘାରିଛି । କ୍ରମେ ଯମୁନା ଜଳକୁ ମଧ ବିଷାକ୍ତ କରିପକାଇବ ।

॥ ୨୭ ॥

# କାଳିୟ ଫଣାରେ କାଳିଆ

**ବ**ଳରାମ କହୁଛନ୍ତି ଯଶୋଦାଙ୍କୁ, ଦେଖ, କ'ଣ ହେଉଚି । କାହ୍ନୁ କାଳିନ୍ଦି ଜଳ ଭିତରେ ରହିଛି, ଖେଳୁଚି । କାଳିୟ ଖୋଜୁଚି କାଳିଆକୁ । କାଳିଆ ଅପେକ୍ଷା କରିଛି କାଳିୟକୁ । ହଠାତ୍ ପୂର୍ବାକାଶରେ ଚନ୍ଦ୍ର ଉଇଁଲା ଭଳି ଶ୍ରୀକୃଷ୍ଣ ଉଠି ଆସିଲେ ଜଳ ଉପରକୁ । କାଳିୟ ଦେଖିଲା, ତା ଭଳି କଳା ମିଚମିଚ ପିଲାଟାଏ ଜଳକୁ ଉଚ୍ଛୁଳେଇ ଉପରକୁ ଉଠି ଆସିଲା । କଳେବରରେ ପୀତାମ୍ବର । ଅନନ୍ତ ଆଜି ସିକ୍ତ, କାଳିୟ ଦମନ ଲାଗି । ଶେଷନାଗ ଉପରେ ସେ ଶୁଅନ୍ତି । ଅନନ୍ତଶୟନ । ସେ ଆଜି କୃଷ୍ଣ ରୂପରେ ଧରାଧାମରେ କେଳି କରୁଛନ୍ତି । ତାଙ୍କ ଛାତିରେ ମଧ ଏଡେ ବଡ କଳାଯାଇ । ପ୍ରସନ୍ନ ମୁଖମଣ୍ଡଳ । ଅଧରରେ ସ୍ମିତହାସ୍ୟ । ସେ ଏତେ ସୁନ୍ଦର ଦେଖାଯାଉଛନ୍ତି ଯେ କାଳିୟ ତାଙ୍କୁ ଦେଖି ମୋହମୁଗ୍ଧ ହୋଇ ପଡିଲା । ଶ୍ରୀକୃଷ୍ଣ ତା'ର ମୋହଭଙ୍ଗ କରିପକାଇଲେ କ୍ଷଣିକ ଭିତରେ । ତା' ମନରେ ସୃଷ୍ଟି ହେଲା କ୍ରୋଧାଗ୍ନି । ପ୍ରବଳ ଉତ୍ତେଜନା । କାଳିୟ କୃଷ୍ଣଙ୍କୁ ଗୁଡ଼େଇ ଧରିଲା । ତା'ର ପଞ୍ଚଫଣାରୁ ଗରଳ ବାହାର କଲା । ଗରଳ ଉସଭଳି ଚତୁର୍ଦ୍ଦିଗକୁ ଛାଇଗଲା । ହ୍ରଦର ଜଳ ଅଧିକ ବିଷାକ୍ତ ହୋଇପଡିଲା ଭଳି ମନେହେଲା ।

ଏ ଦୃଶ୍ୟ ଦେଖି ନନ୍ଦ ଯଶୋଦା, ଗୋପଗୋପୀ ଓ କୃଷ୍ଣଙ୍କ ସଖାମାନେ ଆତଙ୍କିତ ହୋଇ ପଡ଼ିଲେ । ଆକୁଳ ବ୍ୟାକୁଳ ହୋଇ ଭଗବାନଙ୍କୁ ପ୍ରାର୍ଥନା କଲେ, ଆମ କାହ୍ନୁକୁ ରକ୍ଷାକର । କିନ୍ତୁ ଭଗବାନ ଯେ ସ୍ୱୟଂ ଜଳଭିତରେ । କେତେକ ସଖା କୃଷ୍ଣଙ୍କ ଦୁଃଖ ଦେଖି ସହ୍ୟ କରିପାରିଲେ ନାହିଁ । ଅଚେତ ହୋଇ ପଡ଼ିଲେ । କେବଳ ଦୁଇଜଣଙ୍କ ମୁହଁରେ ହସ, ଜଳ ଭିତରେ କୃଷ୍ଣଙ୍କର, ଜଳ ବାହାରେ ବଳରାମଙ୍କର । ଯଶୋଦା ଓ ରୋହିଣୀ ଜୀବନ ହାରିଦେବପାଇଁ କାଳିନ୍ଦି ହ୍ରଦକୁ ଡେଇଁ ପଡିବାକୁ ତିଆର । କିନ୍ତୁ ବଳରାମ ସେମାନଙ୍କୁ ରୋକିନେଲେ ।

ଶ୍ରୀକୃଷ୍ଣ କାଳିୟର କୁଣ୍ଡଳି ଭିତରେ ରହି କେତେ ଯେ ଲୀଳା କଲେ, ତା'ର ଇୟତ୍ତା ନାହିଁ । ତାଙ୍କ ପ୍ରାଣ ଛାଡ଼ିଗଲା ଭଳି ଛଳନା କଲେ । କାଳିୟ ଭାବିଲା ତା ଦଂଶନରେ ଏବଂ ଶକ୍ତ କୁଣ୍ଡଳୀ ଭିତରେ ପିଲାଟାର ହାଡମାଂସ ସବୁ ଚୂନାଚୂନା ! କିନ୍ତୁ ହଠାତ୍ ସେ ଅନୁଭବ କଲା ଗୋଟାଏ ମସ୍ତ ଓଜନିଆ ଜିନିଷ ହାବୁଡରେ ସେ ପଡ଼ିଯାଇଛି । ପିଲାଟାର ଓଜନ ବଢ଼ିବାରେ ଲାଗିଛି । ତା' ସହିତ ଦେହଟା ତା'ର କ୍ରମଶଃ ଫୁଲି ଉଠୁଛି । କିନ୍ତୁ ବାହାରକୁ ଜଣା ପଡୁନି । କାଳିୟ ତାର କୁଣ୍ଡଳିକୁ ଯେତିକି ଫୁଲେଇବାରେ ଲାଗିଛି, ସେ ଦଂଶନ କରି ଯେତେ ବିଷ ବାହାର କରୁଛି, ସେସବୁ ଅମୃତ ପାଲଟୁଛି । ହ୍ରଦର ଜଳ

ସ୍ୱଚ୍ଛ ହୋଇ ଉଠୁଛି । ଶ୍ରୀକୃଷ୍ଣଙ୍କ ଗୋଟିଏ ହାତରେ କାଳିୟର ଫଣା, ଅନ୍ୟ ହାତରେ କାଳିୟର ଲାଞ୍ଜଟା । ହଠାତ୍ ସେ ଫଣା ସହିତ ଉପରକୁ ଉଠି ଆସିଲେ । ଫଣା ଉପରେ ତ୍ରିଭଙ୍ଗ ଠାଣିରେ ନାଚ କଲେ । ଏଦୃଶ୍ୟ ଦେଖି କୃଷ୍ଣସଖାମାନେ ଚକିତ, ବିସ୍ମିତ ।

କାଳିୟର କ୍ରୋଧ ବଢୁଛି । ବିଷ ମଧ ପ୍ରବଳ । ତା କୁଣ୍ଡଳି ଭିତରେ ଭିଡି ଧରିବା ପାଇଁ ଯେତେ ଚେଷ୍ଟା କରୁଚି, କୃଷ୍ଣ ନିଜ ଦେହକୁ ସେତିକି ପତଳା କରି ଖସି ଯାଉଛନ୍ତି । ବାରମ୍ବାର ଦଂଶନ କରି କରି କାଳିୟ କ୍ଲାନ୍ତ, ଶ୍ରାନ୍ତ । ସେ କ୍ରମଶଃ ନିସ୍ତେଜ ହୋଇ ପଡୁଛି । କୃଷ୍ଣଙ୍କୁ ମାରିବାପାଇଁ ତାର ସମସ୍ତ ଉଦ୍ୟମ ବୃଥା । ଶ୍ରୀକୃଷ୍ଣ ଥରେ ଥରେ ଆକାଶ ଉପରକୁ ଉଠି ଯାଇ ଖୁବ୍ ଜୋରରେ ତା ଫଣା ଉପରେ ଆସି ପଡୁଛନ୍ତି । ସାପର ଯେତିକି ଫଣା, ଶ୍ରୀକୃଷ୍ଣଙ୍କର ସେତିକି ପାଦ । ଆଘାତ ମଧ ସେତିକି ସାଙ୍ଘାତିକ । ସେ ଫଣା ଉପରେ ପାଦ ଚାଳନା କରି ଏତେ ସୁନ୍ଦର ନାଚୁଛନ୍ତି ଯେ ସ୍ୱର୍ଗରୁ ଦେବତା ଓ ଅପ୍ସରୀମାନେ ମଧ ସେ ଅପୂର୍ବ ନୃତ୍ୟ ଦେଖି ମନ୍ତ୍ର ମୁଗ୍ଧ ହୋଇ ପଡୁଛନ୍ତି ।

କାଳିୟର ସମସ୍ତ ଉଦ୍ୟମ ବ୍ୟର୍ଥ ହେବା ପରେ ସେ ଅନୁଭବ କଲା ତା ମଥା ଉପରେ ସ୍ୱୟଂ ନାରାୟଣଙ୍କ ପଦ୍ମପାଦ ! ସେ ମନେ ମନେ ପ୍ରଣତି ଜଣାଇବାରେ ଲାଗିଲା । କାଳିୟର ପତ୍ନୀ ଓ ପିଲାପିଲି ସମସ୍ତେ ଶ୍ରୀକୃଷ୍ଣଙ୍କ ପାଦତଳେ ସମବେତ । ସେମାନେ ଜାଣୁଛନ୍ତି ଯେ କୃଷ୍ଣ କୃପା ନକଲେ, କାଳିୟର ମୃତ୍ୟୁ ସୁନିଶ୍ଚିତ । ସେମାନେ ଶ୍ରୀକୃଷ୍ଣଙ୍କୁ ହାତଯୋଡି ପ୍ରାର୍ଥନା କରିବାରେ ଲାଗିଛନ୍ତି । ପତ୍ନୀମାନେ କହୁଛନ୍ତି, ଆମ ସ୍ୱାମୀଙ୍କୁ ଦଣ୍ଡିତ କରିବା ଉଚିତ ହୋଇଛି । କର୍ମାନୁସାରେ ସମସ୍ତେ ଦଣ୍ଡ ଭୋଗ କରିଥାଆନ୍ତି । ଦଣ୍ଡ ଦ୍ୱାରା ହିଁ ଦୁର୍ଜନର ପାପର ବିନାଶ ସମ୍ଭବ । ରାବଣବଧ ସମୟରେ ମନ୍ଦୋଦରୀ ମଧ ଶ୍ରୀରାମଚନ୍ଦ୍ରଙ୍କୁ ଏହି କଥା କହିଥିଲେ ।

କାଳିୟର ପତ୍ନୀମାନେ ଶ୍ରୀକୃଷ୍ଣଙ୍କୁ କହିଲେ, ଆମର ସ୍ୱାମୀଙ୍କ ମଥା ଉପରେ ପ୍ରଭୁଙ୍କ ପାଦ । ଶ୍ରୀପାଦ ସ୍ପର୍ଶରେ ତା ମନରେ ଯେତେ ଗ୍ଳାନିର ଗରଳ ଥିଲା, ସେ ସବୁ ନିଷ୍କାସିତ ହୋଇ ଅମୃତ ପାଲଟି ଯାଇଛି । ଶ୍ରୀକୃଷ୍ଣ କାଳିୟ ନାଗକୁ କହୁଛନ୍ତି, ତୁ ଏ ହ୍ରଦରେ ରହିବାରେ ଏହି ଜଳାଶୟ ବିଷାକ୍ତ ହୋଇ ପଡୁଛି । ତୁ ଏଠୁ ଦୂରକୁ ଚାଲି ଯାଆ । କାଳିୟ ନାଗ କହିଛି, ମୁଁ ଅନ୍ୟତ୍ର ଯିବାକୁ ପ୍ରସ୍ତୁତ; କିନ୍ତୁ ଗରୁଡକୁ ମୋର ବଡ଼ ଭୟ । ତା'ରି ଭୟରେ ମୁଁ ଏଠି ଲୁଚି ରହିଛି । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ତୋ ଦେହରେ ମୋର ସ୍ପର୍ଶ, ଆଉ ଗରୁଡ ତୋର କିଛି କରିବ ନାହିଁ । ତୋତେ ଦେଖିବାମାତ୍ରେ ସେ ତୋ ଫଣାରେ ମୋର ପାଦର କଠୋଉ ଚିହ୍ନ ବାରି ପାରିବ ।

ସେ କାଳିୟକୁ କହିଲେ, ତୁ ତୋ ନିଜ ଘର ରମ୍ୟକ ଦ୍ୱିପରେ ଯାଇ ରହ । ସେଠି ଆଉ ଗରୁଡର ଭୟ କହିବନି । ନଦୀ ହେଉଛି ଲୋକଙ୍କ ପାଇଁ, ଲୋକେ ନଦୀରେ ସ୍ନାନ କରନ୍ତି । ଜଳପାନ କରନ୍ତି । ତୁ ଯମୁନାରେ ରହିବା ଫଳରେ ଯମୁନାକୁ ବିଷାକ୍ତ

କରୁଛୁ । ଲୋକେ ମଧ ତୋ ଭୟରେ ଏହି ହ୍ରଦର ଜଳକୁ ଉପଭୋଗ କରି ପାରୁ ନାହାଁନ୍ତି । ତେଣୁ ଏଠୁ ଦୂରକୁ ହଟିଯିବା ଉଚିତ ।

କାଳିୟ ନିଧନ ନୁହେଁ, କାଳିୟ ଦମନଲୀଳା ସରିଲା । କାଳିୟ ସପରିବାର କୃଷ୍ଣଙ୍କ ଚରଣ ବନ୍ଦନା କରି ରମ୍ୟକ ଦ୍ୱୀପ ଆଡକୁ ଅଗ୍ରସର ହେଲା । ଶ୍ରୀକୃଷ୍ଣ ହ୍ରଦକୂଳକୁ ଆସିବା ମାତ୍ରେ ଦୁଇଭାଇ କୋଳାକୋଳି ହେଲେ । ନନ୍ଦ ଯଶୋଦା ଓ ରୋହିଣୀ କୃଷ୍ଣଙ୍କୁ କୁଣ୍ଢେଇ ପକାଇଲେ । ଏତିକିଟିଏ ପିଲା, ଏଡେ ବଡ ସାପଠୁ କିମିତି ରକ୍ଷା ପାଇଲା , ସେ ଭାବନା ସେମାନଙ୍କ ମନ ଭିତରେ ପ୍ରବେଶ କଲା ନାହିଁ । ସଖାମାନେ ଶ୍ରୀକୃଷ୍ଣଙ୍କୁ ବାହା ବାହା କଲେ ।

ନନ୍ଦ ଯଶୋଦା ଭାବିଲେ, ଦଇବ ବିଧାତାହିଁ ପୁଅଟାକୁ ରକ୍ଷା କରିବାରେ ଲାଗିଛନ୍ତି । ସେମାନେ ବ୍ରାହ୍ମଣ ପୁରୋହିତମାନଙ୍କୁ ଡାକି ଯାଗଯଜ୍ଞ ଦାନ, ଧର୍ମ କରିବାକୁ ସ୍ଥିର କଲେ । ଶ୍ରୀକୃଷ୍ଣଙ୍କୁ କୋଳରେ ଧରି ନାରାୟଣଙ୍କୁ ଧନ୍ୟବାଦ, କୃତଜ୍ଞତା ଜଣାଇଲେ । ରାତିଟି ସେହି ଯମୁନା କୂଳରେ ଅତିବାହିତ ହେଲା । ଗୋପୀ ଓ ଗୋପାଳମାନେ ବାହାରେ ରହିବାରେ ଅଭ୍ୟସ୍ତ । ତା' ଛଡା କୃଷ୍ଣ ପାଖରେ ଥିବାରୁ ରାତିଟି ବେଶ ଆନନ୍ଦରେ କଟିବ ବୋଲି ଭାବି ନେଇଥିଲେ ।

ମଣିଷର ସଂକଳ୍ପ ବିକଳ୍ପହିଁ ସାପର ଫଣା । ପ୍ରତ୍ୟେକ ଇନ୍ଦ୍ରିୟ ଓ ମନ ଭିତରେ ବିଷ । ରାଗ, ଦ୍ୱେଷ ବିଷୟ ବିକାରହିଁ ବିଷ । କାଳିୟନାଗ ହେଉଚି ଇନ୍ଦ୍ରିୟଗୁଡ଼ିକର ପ୍ରତୀକ । ଭକ୍ତିରେ ବିଳାସ, ଭୋଗବାସନା ଆଦି ବିଷଧର ସର୍ପ ପ୍ରବେଶ କରିବାରେ ଏହା ନଷ୍ଟ ହୋଇଯାଇଥାଏ । ଇନ୍ଦ୍ରିୟ ଦମନ ନକଲେ ଭକ୍ତିରସର ଆସ୍ୱାଦନ ଅସମ୍ଭବ । ଭଗବାନ ଶ୍ରୀକୃଷ୍ଣ ସବୁ ଦୈତ୍ୟଙ୍କୁ ନିଧନ କରିଥିଲେ, କିନ୍ତୁ କାଳିୟ ନାଗକୁ କେବଳ 'ଦମନ' କରିଥିଲେ, ନିୟନ୍ତ୍ରିତ କରିଥିଲେ । ଇନ୍ଦ୍ରିୟନାଶ ନୁହେଁ, ଇନ୍ଦ୍ରିୟ ଦମନ କରାଯିବା ଉଚିତ । କାଳିୟଦମନ ଦ୍ୱାରା ଭଗବାନ ନିଜ ସଖା ଏବଂ ମାନବସମାଜକୁ ସେହି ଶିକ୍ଷା ଦେଇଥିଲେ । ଇନ୍ଦ୍ରିୟକୁ ବିଷରହିତ କରି ରମ୍ୟକ ଦ୍ୱୀପ ରୂପକ ସତ୍‌ସଂଗକୁ ପ୍ରେରିତ କରିଦିଅ । ସେଠାରେ ବି ପାଇବ ଭକ୍ତିରସ ।

ଭକ୍ତିମାର୍ଗହିଁ ଅତି ଉତ୍ତମ । ଇନ୍ଦ୍ରିୟ ପୁଷ୍ପକୁ ଭଗବାନଙ୍କ ପଦପଙ୍କଜରେ ସମର୍ପଣ କରିଦିଅ । ହରିକୀର୍ତ୍ତନ କର । ପାଇବ ପରମପଦ । ଜ୍ଞାନମାର୍ଗରେ ଇନ୍ଦ୍ରିୟଗୁଡ଼ିକୁ ସଂଘର୍ଷ କରିବାକୁ ପଡ଼ିଥାଏ । ସେଗୁଡ଼ିକୁ ବିନାଶ କରିବାକୁ ପଡ଼ିଥାଏ । ସେପରି ନ କରି ଶ୍ରୀକୃଷ୍ଣ କାଳିୟକୁ ବୁଝାଇବା ଭଳି ଇନ୍ଦ୍ରିୟଗୁଡ଼ିକୁ ବଶୀଭୂତ କର । ବଶରୁ ମିଳିବ ଯଶ । ଏହି ଯଶହିଁ ଭକ୍ତିରସର ଅବଶେଷ ।

॥ ୨୮ ॥

# ନିଅାଁଗିଲା ଗୋବିନ୍ଦ

ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶକ୍ରମେ କାଳିୟ ନାଗ ତା ନିଜ ନିବାସ ରମ୍ୟକ ଦ୍ୱୀପକୁ ଚାଲିଗଲା । ଯମୁନା ବିଷମୁକ୍ତ ହେଲା । ଗରୁଡ଼ ଡ଼ରରେ କାଳିୟ ନିରାପଦ ସ୍ଥାନ ମନେକରି କାଳିନ୍ଦୀ ହ୍ରଦରେ ଆଶ୍ରୟ ନେଇଥିଲା । ପରୀକ୍ଷିତ ମହାରାଜ ପ୍ରଶ୍ନ କଲେ ଶୁକମୁନିଙ୍କୁ– ଗରୁଡ଼ ପ୍ରତି କାଳିୟର ଡରର ରହସ୍ୟ କ'ଣ ? ସେ କାହିଁକି ରମ୍ୟକ ଦ୍ୱୀପ ଛାଡି ଯମୁନାର ଏକ ଗଣ୍ଡରେ ଆସି ରହିଥିଲା । ?

ଶୁକମୁନି ହସି ହସି କହିଲେ, ତୁମ ପ୍ରଶ୍ନ ଯଥାର୍ଥ । ଲୋକେ ସର୍ପଦଂଶନରୁ ରକ୍ଷା ପାଇବାପାଇଁ ନାନା ଉପାୟ କରିଥାଆନ୍ତି । ସାପକୁ ରାଗିବା ଭଳି; ଚିଡିବା ଭଳି କିଛି କରନ୍ତି ନାହିଁ । ସର୍ବଦା ତାକୁ ସନ୍ତୁଷ୍ଟ ରଖିବାପାଇଁ ଉଦ୍ୟମ କରିଥାଆନ୍ତି । ସେମାନେ ପ୍ରତି ପୂର୍ଣ୍ଣିମାଦିନ ଅଶ୍ୱତ୍ଥ ଗଛ ମୂଳେ ସାପର ଖାଦ୍ୟ ଉପଯୋଗୀ କିଛି ନା କିଛି ଜିନିଷ ବଳି ଆକାରରେ ସ୍ଥାପନ କରନ୍ତି । ସାପ ଆସି ଏ ବଳିଖାଏ- କୌଣସି ମନୁଷ୍ୟକୁ କାମୁଡ଼େ ନାହିଁ । ଏ ବିଶ୍ୱାସ ଯୁଗ ଯୁଗ ଧରି ରହିଆସିଛି । ମନୁଷ୍ୟର ଭୟ ସାପକୁ, ସାପର ଭୟ ଗରୁଡ଼କୁ ।

ତେଣୁ ସାପ ଜାତି ଗରୁଡ଼କୁ ସନ୍ତୁଷ୍ଟ କରିବା ଲାଗି ସର୍ବଦା ଚେଷ୍ଟିତ । ସେମାନେ ନିଜ ଖାଦ୍ୟରୁ କିଛି ଅଂଶ ଗରୁଡ଼କୁ ଦିଅନ୍ତି- ଠିକ୍ ସେହି ପୂର୍ଣ୍ଣିମା ଦିନ । କଦ୍ରୁର ପୁଅ କାଳିୟ । ସେ ବଡ଼ ଅମାନିଆ, କାହାକୁ ଖାତିର କରେନା । ତା'ଠି ସବୁଠୁ ଅଧିକ ଏବଂ ସାଂଘାତିକ ବିଷ ରହିଛି ବୋଲି ସେ ମନେ ମନେ ଗର୍ବ କରିଥାଏ । ତେଣୁ ବେପରୁଆ ଭାବରେ ଯାତାୟାତ କରିଥାଏ । ସେ ତା ସାପ ଭାଇଭଉଣୀଙ୍କୁ ସବୁବେଳେ ବାରଣ କରି କହେ, ତୁମେମାନେ ନିଜର ଖାଦ୍ୟ ଗରୁଡକୁ ଦେବା ଠିକ୍ ନୁହେଁ । ଗରୁଡକୁ ଡରି, ତାକୁ ନିଜ ଆହାରରୁ ଅଧେ ଦେବା କାପୁରୁଷତା ଛଡ଼ା କିଛି ନୁହଁ । ଖାଲି ଏପରି ପରାମର୍ଶ ଦେଲା ନାହିଁ, ଅନ୍ୟ ସାପମାନେ ଗରୁଡ଼କୁ ଦେଉଥିବା ଖାଦ୍ୟ କାଳିୟ ନିଜେ ଖାଇ ପକାଇଲା ।

ଗରୁଡ ଜାଣିପାରିଲା ଏସବୁ କାଳିୟର ନାଟ । କ୍ରୋଧ ଜର୍ଜର ହୋଇଉଠିଲା ସେ । କଦ୍ରୁର ପୁଅମାନଙ୍କଠି ତା'ର ରାଗ ଆଗରୁ ରହି ଆସିଥିଲା । କଦ୍ରୁ ଓ ତା' ପୁଅମାନେ ଗରୁଡ଼ର ମା' ପ୍ରତି ବହୁ ଅତ୍ୟାଚାର କରିଥିଲେ । ଭାବିଲା, ଏବେ ପ୍ରତିଶୋଧ ନେବାର ସୁଯୋଗ ଯୁଟିଛି । କାଳିୟକୁ ମାରିଦେବାପାଇଁ ସେ ଅଗ୍ରସର ହେଲା । ଦୁହିଁଙ୍କ ଭିତରେ

ବହୁ ସମୟ ଧରି ଚାଲିଲା ଲଢ଼େଇ । କିଏ କାହାକୁ ଊଣା ନୁହଁନ୍ତି । କିନ୍ତୁ ଗରୁଡ଼ ଯେତେହେଲେ ନାରାୟଣଙ୍କ ବାହାନ । ସେ ତା'ର ଦକ୍ଷିଣ ପକ୍ଷରେ କାଳିୟର ପଞ୍ଚଫଣାକୁ ଏପରି ଜୋର୍‌ରେ ଆଘାତ କଲା ଯେ କାଳିୟ ତଳେ ଲୋଟି ପଡ଼ିଲା । ଆଉ ଉଠି ପାରିଲା ନାହିଁ । ବହୁ ସମୟ ପରେ ତଳୁ ଉଠି ସେ ରମ୍ୟକ ଦ୍ୱୀପ ଛାଡ଼ି ପଳେଇଲା । ଯମୁନାର କାଳିନ୍ଦୀଗଣ୍ଡରେ ଆଶ୍ରୟ ନେଲା । ସେ ଜାଣିଥିଲା ଏହା ହିଁ ତା' ପକ୍ଷରେ ଏକମାତ୍ର ନିରାପଦ ସ୍ଥାନ । କାରଣ ଗରୁଡ ଏଠିକି ଆସିପାରିବ ନାହିଁ ।

ପରୀକ୍ଷିତ ପଚାରିଲେ, କାହିଁକି ?

ଶୁକମୁନି କହିଲେ, ଏକଦା ସୌଭରି ମୁନି ଏହି କାଳିନ୍ଦୀ ହ୍ରଦ କୂଳରେ ତପସ୍ୟା କରୁଥିଲେ । ମୁନି ସେମାନଙ୍କ ପାଖରେ ରହୁଥିବାରୁ ହ୍ରଦର ମାଛଗୁଡ଼ିକ ନିର୍ଭୟରେ ରହିଥିଲେ । ସେମାନଙ୍କ କ୍ଷତିର କୌଣସି ଆଶଙ୍କା ନଥିଲା । ଦିନେ ଗୋଟିଏ ବଡ଼ଚିଲ ଏହି ହ୍ରଦର ଗୋଟିଏ ବଡ଼ ମାଛକୁ ଧରିବାକୁ ଚେଷ୍ଟା କଲା । ସୌଭରି ତାଙ୍କୁ ବାରଣ କଲେ । କିନ୍ତୁ ସେ ମୁନିଙ୍କ କଥା ମାନିଲା ନାହିଁ । ମାଛଟିକୁ ଖାଇ ପକାଇଲା । ମାଛଟିର ପିଲାମାନେ ଓ ପରିବାରର ସମସ୍ତେ ମୁନିଙ୍କ ପାଖରେ ଗୁହାରି କଲେ । କହିଲେ, ଇମିତି ଚିଲସବୁ ଆସି ଯଦି ଆମମାନଙ୍କୁ ଖାଇ ପକାଇବେ, ତାହାହେଲ ତ ଆମର ବଂଶ ବୁଡ଼ିଯିବ । ହ୍ରଦ ମାଛଶୂନ୍ୟ ହୋଇପଡିବ । ଆମେ ମଇଳା ଅସନା ସବୁ ଖାଇ ପକାଉଥିବାରୁ ହ୍ରଦର ଜଳ ନିର୍ମଳ ରହୁଥିଲା । ଏବେ ତ ଆଚମନ କରିବାକୁ ସୁଦ୍ଧା ଆପଣ ଭଲପାଣି ଟୋପେ ପାଇପାରିବେ ନାହିଁ । ମୁନି ତ ଆଗରୁ ଚିଲଟାକୁ ବାରଣ କରିଥିଲେ, ଇଆଡ଼େ ମାଛମାନଙ୍କ ଗୁହାରି ମଧ୍ୟ ଶୁଣିଲେ । ତାଙ୍କ ହୃଦୟ ବିଗଳିତ ହୋଇପଡ଼ିଲା । ସେ ସବୁ ପକ୍ଷୀଜାତିକୁ ଅଭିଶାପ ଦେଇ କହିଲେ, କୌଣସି ପକ୍ଷୀ ଏପରିକି ଗରୁଡ଼ ମଧ୍ୟ ଏହି ହ୍ରଦପାଖ ସୁଦ୍ଧା ମାଡ଼ିଲେ ଖଣ୍ଡ ଖଣ୍ଡ ହୋଇ ସହସ୍ର ଖଣ୍ଡ ହୋଇପଡ଼ିବ । ତା'ର ପ୍ରାଣନାଶ ହେବ ।

ମୁନିଙ୍କ ଏହି ଅଭିଶାପ କଥା କାଳିୟ ଆଗରୁ ଜାଣିଥିଲା । ଜାଣିବା ସ୍ୱାଭାବିକ । ଜୀବମାତ୍ରେ ତା' ଶତ୍ରୁର ଦୁର୍ବଳତା କେଉଁଠି ଖୋଜି ବୁଲିଥାଏ ଏବଂ ସେହି ଦୁର୍ବଳତାର ସୁଯୋଗ ନେଇଥାଏ । ମନୁଷ୍ୟ ଜାତି ପକ୍ଷରେ ମଧ୍ୟ ଏହା ବିଶେଷ ଭାବରେ ପ୍ରଯୁଜ୍ୟ । ସେ ନିଜର ସ୍ୱାର୍ଥ ସାଧନରେ ଯେତିକି ଆନନ୍ଦ ପାଏ, ଶତ୍ରୁର ଅନିଷ୍ଟ ଚିନ୍ତାରେ ତା'ଠୁ ଅଧିକ ଆନନ୍ଦ ପାଇଥାଏ । ଦ୍ୱାପର ଯୁଗ ତୁଳନାରେ କଳିଯୁଗରେ ଏହାର ମାତ୍ରା ଅଧିକ ।

ତେଣୁ କାଳିୟ ନିର୍ଭୟରେ ଏହି ହଦ୍ରରେ ଆସି ରହିଥିଲା । କିନ୍ତୁ ସେ ଆସିବା ଦିନୁଁ ପକ୍ଷୀମାନଙ୍କ ତୁଳନାରେ ମାଛମାନଙ୍କର ଅଧିକ କ୍ଷତି କରୁଥିଲା । ତା' ଗରଳରେ ମାଛ କ'ଣ କୌଣସି କୀଟପତଙ୍ଗ ସୁଦ୍ଧା ଏହି ହ୍ରଦରେ ଉଧେଇ ପାରୁନଥିଲେ ।

ଶ୍ରୀକୃଷ୍ଣ ଏହି କାଳିୟକୁ ଦମନ କଲେ । ସେ ତା' ନିଜ ଘରକୁ ଚାଲିଗଲା । ସେତେବେଳକୁ ଅଧରାତ୍ରି ସମୟ । କାଳିୟ ଫଣା ଟେକି ଯେପରି ଅନର୍ଗଳ ଗରଳ ବର୍ଷଣ କରିବାରେ ଲାଗିଥିଲା, ସେ ଦୃଶ୍ୟ ଦେଖି ଅଧିକାଂଶ ଗୋପୀଗୋପାଳ ବେହୋସ ହୋଇ ପଡ଼ିଥିଲେ । ଅନେକେ ଦେଖି ଦେଖି କ୍ଳାନ୍ତଶ୍ରାନ୍ତ ହୋଇ ପଡ଼ିଥିଲେ । ଫଳରେ ଆଖିକି ନିଘୋଡ଼ ନିଦ ଘୋଟି ଆସିଥିଲା ।

ଖରାଦିନ । ନିଦାଘ ଗ୍ରୀଷ୍ମ ଋତୁ । ହ୍ରଦର ଚାରିପଟେ ପାହାଡ଼ ପର୍ବତ । ଗହଳିଆ ଗଛଲତା । ଗ୍ରୀଷ୍ମହେତୁ ଶୁଖିଲା ପତ୍ରସବୁ ଶେଯଭଳି ପଡ଼ିରହିଥିଲା । ହଠାତ୍ ପ୍ରବଳ ଭୟଙ୍କର ବନାଗ୍ନି ସୃଷ୍ଟି ହେଲା । ଖରାଦିନେ ଜଙ୍ଗଲରେ ଇମିତି ନିଆଁ ଲାଗିଥାଏ । ଏହାକୁ ଦାବାନଳ ବା ଦାବାଗ୍ନି କୁହାଯାଏ । ନନ୍ଦ, ଯଶୋଦା, ରୋହିଣୀ ଓ ବୃନ୍ଦାବନରୁ ଆସିଥିବା ଗୋପାଳ ଓ ଗୋପାଙ୍ଗନାମାନେ ସୁଲୁସୁଲିଆ ପବନ ସ୍ପର୍ଶ ପାଇ ନିଘୋଡ଼ ନିଦ୍ରେ ଶୋଇ ପଡ଼ିଥିଲେ । ଆକସ୍ମିକ ଭାବରେ ଦାବାଗ୍ନିର ଲେଲିହାନ ଶିଖା ସେମାନଙ୍କ ଚାରିପଟେ ଘେରିଆସିଲା । ନିଆଁ ତାତିରେ କ'ଣ ଆଉ ନିଦ ହୁଏ ? ସମସ୍ତେ ଉଠି ପଡ଼ିଲେ । ଦେଖିଲେ ଅଗ୍ନିଦେବତା ଗୋଡ଼ାଇ ଆସୁଛନ୍ତି ସେମାନଙ୍କୁ ପୋଡ଼ିଜାଳି ପାଉଁଶ କରିଦେବା ଲାଗି । ସମସ୍ତେ କୃଷ୍ଣଙ୍କୁ କହିଲେ, ବାପ, ତୁ ହିଁ ଆମର ତ୍ରାଣକର୍ତ୍ତା । ଆମ ପ୍ରତି ଦୟାକର, କୃପାକର । ନିଆଁ ଯିମିତି ମାଡ଼ି ଆସୁଛି – ଇଏତ ବୃନ୍ଦାବନ ପର୍ଯ୍ୟନ୍ତ ମାଡ଼ିଯିବ । ରକ୍ଷାରକ୍ଷଣ ନାହିଁ ।

ଦାବାଗ୍ନି ତେଜରେ ଗାଈବାଛୁରୀଗୁଡ଼ାକ ଛଟପଟ । ସେମାନେ ମଧ୍ୟ ଗୋପାଳଙ୍କ ସହିତ ଛୁଟି ଆସିଥିଲେ କାଳିୟଦମନ ଦୃଶ୍ୟ ଦେଖିବା ପାଇଁ । କୃଷ୍ଣଙ୍କ ସଖାମାନେ ଅଗ୍ନି ପ୍ରକୋପରୁ ବଞ୍ଚିବାପାଇଁ ହେ କୃଷ୍ଣ, ହେ କୃଷ୍ଣ ବୋଲି ରଡ଼ି ଛାଡ଼ିଲେ । ଶ୍ରୀକୃଷ୍ଣ କହିଲେ, ତମେ ସବୁ ଆଖି ବନ୍ଦକର, ମୁଁ ଏକମନ୍ତ୍ର ଜପ କରିବି । ସମସ୍ତେ ଆଖି ବନ୍ଦ କରିବା ମାତ୍ରେ ଶ୍ରୀକୃଷ୍ଣ ବିରାଟ ରୂପ ଧାରଣ କରି ଦାବାଗ୍ନିକୁ ଏକା ଢୋକକେ ଗିଳି ପକାଇଲେ । ନିଆଁ ଲିଭିଗଲା । ସମସ୍ତେ ରକ୍ଷା ପାଇଲେ ।

ସଂସାର-ରୂପକ-ଦାବାଗ୍ନି ମନୁଷ୍ୟକୁ ସର୍ବଦା ଘେରି ରହିଛି । ଆଖି ବୁଜି ଈଶ୍ୱରଙ୍କ ପ୍ରତି ଲୟ ରଖିଲେ ଏ ଦାବାଗ୍ନିରୁ ଉଦ୍ଧାର ପାଇପାରିବ, ନଚେତ୍ ବିଷୟବାସନା-ରୂପକ-ନିଆଁ ଧାସରେ ସର୍ବଦା ସନ୍ତପ୍ତ ହେବାକୁ ପଡ଼ିବ ।

●

॥ ୨୯ ॥

# ବଳରାମଙ୍କ ପ୍ରଳମ୍ବାସୁର ଶିକାର

ଏବର ଋତୁର ନାଁ ଗ୍ରୀଷ୍ମ । ଏ ଗ୍ରୀଷ୍ମ ପ୍ରତିବର୍ଷ ପୃଥିବୀକୁ ପାଳିକରି ଆସେ । ବୃନ୍ଦାବନରେ ଏବେ ଗ୍ରୀଷ୍ମର ପାଳି । କିନ୍ତୁ ଶ୍ରୀକୃଷ୍ଣ ଓ ବଳରାମ ଯେଉଁଠି, ଚିରବସନ୍ତ ସେଇଠି । ସେମାନଙ୍କ ଇଚ୍ଛାନୁସାରେ ବିଭିନ୍ନ ଋତୁ ସେମାନଙ୍କପାଇଁ ଖଟିଥାଆନ୍ତି । ସେମାନେ ଚାହିଁଲେ ଗ୍ରୀଷ୍ମ ମଧ୍ୟ ଶରତ କିମ୍ବା ବସନ୍ତ ପାଲଟିଥାଏ । ତେଣୁ ବୃନ୍ଦାବନରେ ଗ୍ରୀଷ୍ମ ଋତୁରେ ବସନ୍ତ, ଶ୍ରୀକୃଷ୍ଣ ଓ ବଳରାମଙ୍କ ସେବା କାର୍ଯ୍ୟରେ ନିଯୁକ୍ତ । ବୃକ୍ଷମାନଙ୍କରେ ନବପଲ୍ଲବ । ଜଳପ୍ରପାତ ଓ ଝରଣା ପର୍ବତ ଶିଖରରୁ ଝରଝର, ଘର୍ଘର ନାଦ କରି ମୁଣ୍ଡ ନୁଆଇଁ ପ୍ରଣାମ କରିବାରେ ଲାଗିଛନ୍ତି । ଏମାନଙ୍କ ଧ୍ୱନିରୁ ସୃଷ୍ଟି ହେଉଛି ମଧୁର ସଂଗୀତ । ସୁବାସିତ ପୁଷ୍ପ ସମ୍ଭାରରେ ତରୁଲତା ସୁଶୋଭିତ । ମୃଦୁ ମଳୟ ପବନରେ ଚୌଦିଗ ମହକିତ । ସୂର୍ଯ୍ୟ ତାର ରଶ୍ମିଜାଲକୁ ଅତୀବ ପ୍ରଖର କରିବା ଲାଗି ଉଦ୍ୟମ କଲେ ମଧ୍ୟ ପରିବେଶ ବେଶ ଶାନ୍ତ ଶୀତଳ । ମୟୂର ନାଚେ ବର୍ଷାକାଳରେ । କିନ୍ତୁ ସେ ଏବେ ନିଜ ନୃତ୍ୟ ଦ୍ୱାରା କୃଷ୍ଣରୂପୀ ନାରାୟଣଙ୍କୁ ଆମୋଦିତ କରିବାରେ ତିଳେହେଲେ ଅବହେଳା କରୁନାହିଁ ।

ଆଜି ସକାଳୁ ସକାଳୁ ଶ୍ରୀକୃଷ୍ଣ ଚାଲିଛନ୍ତି ବଣକୁ ଗୋଚାରଣ ଲାଗି । ସାଙ୍ଗରେ ସଖାଗଣ । ବଣରେ ନାନା ଖେଳରେ ସମସ୍ତେ ମତୁଆଲ । ଦେବତାଙ୍କ ଈର୍ଷା କୃଷ୍ଣ ସଖାମାନଙ୍କ ପ୍ରତି । କେତେ ଭାଗ୍ୟବାନ ସେମାନେ । ସଖାଭାବରେ ସେମାନେ ନାରାୟଣଙ୍କ ସାନ୍ନିଧ୍ୟ ପାଉଛନ୍ତି । ସିଦ୍ଧଯୋଗୀ ତପସ୍ୱୀମାନଙ୍କ ପକ୍ଷରେ ଯାହା ଦୁରୂହ, ସଖାମାନେ ପ୍ରତିମୁହୂର୍ତ୍ତରେ ତାହା ପାଇ ପାରୁଛନ୍ତି । ଧନ୍ୟ ସେମାନଙ୍କ ଜୀବନ । ଦେବତାମାନେ ଅମର ହେଲେ କ'ଣ ହେବ, ଏତେ ଈର୍ଷା ଯେ ସେମାନେ ମଧ୍ୟ ମର ହେବାପାଇଁ ବ୍ୟଗ୍ର । ଯେଉଁ ଦେବତାମାନେ ଏହି ସୁଯୋଗ ପାଇ ଶ୍ରୀକୃଷ୍ଣଙ୍କ ସାଙ୍ଗସାଥି ହୋଇ ଗୋକୁଳ-ବୃନ୍ଦାବନରେ ଜନ୍ମ ହୋଇଛନ୍ତି, ଅନ୍ୟ ଦେବତାମାନଙ୍କର ମଧ୍ୟ ସେମାନଙ୍କ ପ୍ରତି ଈର୍ଷା । ଈର୍ଷା ଓ ପରଶ୍ରୀକାତରତା ଏପରି ଏକ ଉପାଦାନ, ଯାହାକି ମର ଅମର ସମସ୍ତଙ୍କଠି ସମାନ । ସମତୁଲ ।

ଗୋକୁଳରୁ ବୃନ୍ଦାବନକୁ ଆସିବା ପରେ କଂସ ଆଡୁ କୃଷ୍ଣ-ମାରଣ ଅଭିଯାନର ପ୍ରକୋପ କିଛିଟା କମିଥିଲା । ବୃନ୍ଦାବନରେ ଗୋପୀମାନେ ଶାନ୍ତିରେ ବାସ କରି ଆସୁଥିଲେ । କିନ୍ତୁ କଂସ ମନରୁ ଭୟ ତୁଟି ନଥିଲା । ସେ ପ୍ରଳମ୍ବ ନାମକ ଏକ ଅସୁରକୁ ପଠାଇଲା ବୃନ୍ଦାବନକୁ । କୃଷ୍ଣଙ୍କୁ ଖୋଜି ଖୋଜି ବଣକୁ ଆସି ଠାବ କଲା । ସେ ପହଞ୍ଚିବା

ମାତ୍ରେ ଶ୍ରୀକୃଷ୍ଣ ତା'ର ଆଗମନର ସୁରାକ ପାଇଗଲେ । ମାୟାବୀ ପ୍ରଳମ୍ବ ଜଣେ କୃଷ୍ଣସଖା ରୂପ ନେଇ ଗାଇ ବାଛୁରୀ ଗୋଠରେ ପ୍ରବେଶ କଲା । ସାଙ୍ଗ ସାଥିଙ୍କ ଭଳି ଶ୍ରୀକୃଷ୍ଣଙ୍କ ସହିତ ଖେଳିବାର ଛଳନା କଲା । ବଳରାମଙ୍କ ସହିତ ମଧ୍ୟ ଖେଳିଲା । ରାମକୃଷ୍ଣ ତା'ର ଅସଲ ପରିଚୟ ପାଇ ମଧ୍ୟ ତା' ସହିତ ବେଶୀ ଖେଳିଲେ । ପ୍ରଳମ୍ବ ଭାବିଲା, ଏ ଦୁଇଟା ପିଲା 'ସେ କିଏ' ଜାଣି ପାରୁନାହାନ୍ତି ।

ପ୍ରତିଦିନ ଭଳି ଯେଉଁ ଖେଳ ଖେଳାଯାଏ, ସେହି ଖେଳ ଚାଲିଲା । କିନ୍ତୁ ଖେଳର ନିୟମରେ ସାମାନ୍ୟ ବ୍ୟତିକ୍ରମ କରାଗଲା । ସ୍ଥିର ହେଲା ଯେ ସବୁ ପିଲା ଦୁଇ ଦଳରେ ବିଭକ୍ତ ହେବେ । ଯେଉଁ ଦଳ ହାରିବ, ସେ ଦଳର ଖେଳାଳୀ ବିଜୟୀଦଳର ପିଲାଙ୍କୁ କାନ୍ଧରେ ବସାଇ ଥୋଡ଼େ ବାଟ ଦୌଡ଼ିବ । ଗୋଟିଏ ଦଳର ମୁଖ୍ୟ ହେଲେ ବଳରାମ, ଅନ୍ୟ ଦଳର ମୁଖ୍ୟ ହେଲେ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣ ଦଳରେ ଥିଲା ପ୍ରଳମ୍ବାସୁର । ଶ୍ରୀକୃଷ୍ଣଙ୍କ ଦଳ ହାରିଗଲା । ବଳରାମଙ୍କ ଦଳର ଜିତାପଟ ହେଲା । ଶ୍ରୀକୃଷ୍ଣ ପ୍ରଳମ୍ବାସୁରକୁ କହିଲେ, ତୋ କାନ୍ଧରେ ବଳରାମ ବସିବେ । ତୁ ଦୌଡ଼ିବୁ । ପ୍ରଳମ୍ବାସୁର ତ କୃଷ୍ଣ ସଖାରୂପ ନେଇଥିଲା । କୃଷ୍ଣଙ୍କ ନିର୍ଦ୍ଦେଶ ମାନିବାକୁ ବାଧ୍ୟ । ପ୍ରଳମ୍ବାସୁର କାନ୍ଧରେ ବଳରାମ ବସିଲେ । ଶ୍ରୀକୃଷ୍ଣ ବଳରାମଙ୍କୁ ଠାରିଠୁରି ଜଣାଇ ଦେଇଥିଲେ ଯେ ଏଇଟା ଅସୁରଟା । ବଳରାମ ମଧ୍ୟ ଜଣେଇ ଦେଲେ ଯେ ଅସୁରଟାକୁ ସେ ଯମପୁରକୁ ପଠେଇ ଦେବେ । ବଳରାମ ଅସୁରଟା କାନ୍ଧରେ ବସି ତାଙ୍କୁ ବହୁଦୂରକୁ ନେଇଗଲେ । ପ୍ରଳମ୍ବାସୁର ଭାବିଲା, ଠିକ୍ ଅଛି । ନିର୍ଜନ ନିଛାଟିଆ ସ୍ଥାନ ଦେଖି ବଳରାମକୁ ସେ ମାରିଦେବ । କିନ୍ତୁ ଓଲଟା କାମ ହେଲା । ବଳରାମ ତାକୁ ଦଉଡେଇ ଦଉଡେଇ ଏମିତି ହାଲିଆ କରାଇ ଦେଲେ ଯେ ତା'ର ଦମ୍ ନିକିଳିବା ଉପରେ । ତା କାନ୍ଧ ଉପରେ ବଳରାମ ବସିଥିବା ଅବସ୍ଥାରେ ପ୍ରଳମ୍ବାସୁର ପ୍ରଳୟ ସୃଷ୍ଟି କରିବା ଭଳି ଗର୍ଜନ ତର୍ଜନ କରିବାରେ ଲାଗିଲା । ବିରାଟ ରୂପ ଧାରଣ କଲା ସେ । ତା ରୂପକୁ ଦେଖି ବଳରାମ ମଧ୍ୟ ଚକିତ ହୋଇ ପଡିଲେ ।

କିନ୍ତୁ ଯେତେହେଲେ ସେ ବଳରାମ । ତା ମୁଣ୍ଡକୁ ଲକ୍ଷ୍ୟ କରି ଇମିତି ଏକ ମୁଥ ମାରିଲେ ଯେ ପ୍ରଳମ୍ବାସୁରର ହାଲୁକ ଶୁଖିଗଲା । ସେ ମୁଥ ବଜ୍ରାଘାତଠୁ ବଳି ପଡିଲା । ପ୍ରଳମ୍ବ ଘିରି ଘିରି ହୋଇ ବୁଲିବା ପରେ ତଳେ ଛେଚି ହୋଇ ପଡିଲା । ଯିମିତି ଏକ ବିରାଟ ପର୍ବତ ଉପରୁ ଖସି ପଡିଲା । ଅସୁରଟାର ପାଟିରୁ ରକ୍ତର ନଦୀ ଛୁଟିଲା ।

ପ୍ରଳମ୍ବାସୁର ମଲା । ସଖାମାନେ ଦୌଡ଼ିଆସି ଦେଖିଲେ ଯିମିତି ଏକ ପାହାଡ ପଡିଛି । ସେମାନେ ବଳରାମଙ୍କୁ କୁଣ୍ଢେଇ ପକାଇଲେ । ତୁ ଥିବାରୁ ଆମେ ବଞ୍ଚିଗଲୁ । ନଚେତ୍ ଏ ଅସୁରଟା ଆମକୁ ଖାଇ ପକାଇଥାଆନ୍ତା ବୋଲି ସମସ୍ତେ କହିଲେ । ଦେବତାମାନେ ବଳରାମଙ୍କ ଉପରେ ପୁଷ୍ପ ବୃଷ୍ଟିକଲେ । ଏହି କେତେଦିନ ତଳେ ସେ ଧେନୁକାସୁରକୁ ମାରିଥିଲେ । ଏଇଟା ତାଙ୍କର ଦ୍ୱିତୀୟ ଅସୁର ଶିକାର ।

କୃଷ୍ଣ, ବଳରାମ ଓ ତାଙ୍କ ସଖାମାନେ ବୃନ୍ଦାବନକୁ ଗାଈ ବାଛୁରୀଙ୍କୁ ଧରି ଲେଉଟିଲେ । ଆଜି ବଳରାମ ଗୋଟିଏ ମସ୍ତବଡ ଅସୁରକୁ ମାରିଲା ବୋଲି ସଖାମାନେ ନିଜ ଘର ଲୋକଙ୍କୁ କହିଲେ । କୃଷ୍ଣଙ୍କୁ ଜାଣିଥିଲୁ ବଳୁଆ ବୋଲି ଏବେ ଦେଖିଲୁ ତା ବଡଭାଇ ବଳିଆ ମଧ କମ୍ ନୁହେଁ । ଏମାନେ କି କୌଶଳ ଜାଣିଛନ୍ତି କେଜାଣି । ଏମାନଙ୍କ ହାତ ବାଜିବା ମାତ୍ରେ ଏଡେ ଏଡେ ଅସୁରଗୁଡାକ ପୋକମାଛି ପରି ମରି ତଳେ ଗଡୁଛନ୍ତି । ଲୋକେ କୃଷ୍ଣ ବଳରାମଙ୍କୁ ଧନ୍ୟ ଧନ୍ୟ କଲେ । କିନ୍ତୁ ନନ୍ଦ ଯଶୋଦା ଓ ରୋହିଣୀଙ୍କ ବଡଭୟ । କଂସ, ଯିମିତି ଦାଉ ସାଧିବାରେ ଲାଗିଚି, କେତେବେଳେ କ'ଣ ହେବ, କିଏ କହିବ ? ଯଦି ଲଢୁ ଲଢୁ ଅକଳ, ଅଖଣ୍ଡରେ ପଡିଯିବେ ତ ପିଲା ଦୁଇଟାର ଚିହ୍ନବର୍ଣ୍ଣ ସୁଦ୍ଧା ରହିବ ନାହିଁ ।

ଜଣେ ଗୋପାଳ ସଖା କହିଲା, ବଳରାମ ସିନା ପ୍ରଲମ୍ବାସୁର ବଧ କଲା, କୃଷ୍ଣ ମଧ ଆସିବା ବାଟରେ ଯାହା କଲା, ସେଥିରେ ଆମ ଆଖିବୁଜି ହୋଇଗଲା । ଆସୁ ଆସୁ ବାଟରେ ହଠାତ୍ ବଣରେ ନିଆଁ ଲାଗିଗଲା । ଆମ ଚାରିପଟରେ ନିଆଁ ଖାଲି ନିଆଁ । ଆମେ ଡରିଗଲୁ । କାହ୍ନୁ କହିଲା, ସମସ୍ତେ ଆଖି ବୁଜ । ଆମେ ଆଖି ବନ୍ଦକଲୁ । ତା'ପରେ କହିଲା, ଆଖି ଖୋଲ । ଆଖି ଖୋଲି ଦେଖିଲୁ, ନିଆଁ ନାହିଁ କି ଧୂଆଁ ନାହିଁ ।

ଶ୍ରୀକୃଷ୍ଣ ଯଶୋଦାଙ୍କୁ କହିଲେ, ସଖାମାନେ ଖାଲି ମନଗଢ଼ା କଥା କହି ଚାଲିଛନ୍ତି, ମା' । ଏଗୁଡାକୁ ବିଶ୍ୱାସ କରନା ।

●

॥ ୩୦ ॥

# ମେଘଶ୍ୟାମ ନୁହଁ ଘନଶ୍ୟାମ

**ଗ୍ରୀ**ଷ୍ମଋତୁ ବିଦାୟ ନେଲା । ଏବେ ବର୍ଷାର ଆଗମନ । ଆଠମାସ ଧରି ପୃଥିବୀ ଥିଲା ଜଳହୀନ । ଶୁଷ୍କ । ଗ୍ରୀଷ୍ମ ଉତ୍ତାପ ପରେ ଶୀତଳ ପବନ ବହିଲା । ଆକାଶରେ ଆଉ ନୀଳିମା ନାହିଁ । ମେଘାଚ୍ଛନ୍ନ । ମେଘ ସଜଳ । ଜଳଭାରାରେ ଅବନତ । ବିଜୁଳି ଚମକି ଉଠୁଛି । ଘଡଘଡି ଶବ୍ଦରେ ଚୌଦିଗ ମୁଖରିତ । ଗଗମଣ୍ଡଳ ଯେପରି ତମଗୁଣରେ ଆଚ୍ଛାଦିତ । ବ୍ରହ୍ମ ଯେପରି ତମୋଗୁଣରେ ଆଚ୍ଛନ୍ନ କଳାମେଘ ଭଳି । ମେଘଗର୍ଜନ ରଜୋଗୁଣର ପ୍ରତୀକ ଏବଂ ଅନ୍ଧକାର ଭିତରେ ଆଲୋକର ଛଟା ସୃଷ୍ଟିକାରୀ ବିଜୁଳି ସତ୍ତ୍ୱଗୁଣର ପ୍ରତୀକ । ପରମାତ୍ମା ଆବରଣ ଦ୍ୱାରା ହୋଇଉଠେ ଜୀବାତ୍ମା ।

ବର୍ଷା ଆସନ୍ନ । ରାଜା ବିଭିନ୍ନ ଆକାରରେ ଲୋକଙ୍କଠାରୁ କର ଆଦାୟ କରନ୍ତି ଏବଂ ଆବଶ୍ୟକ ପଡିଲେ ଏହି କରଧନ ହିଁ ଖର୍ଚ୍ଚ କରନ୍ତି ଲୋକଙ୍କ ଉପକାର ଲାଗି,

ସେବା ଲାଗି । ସାଧୁସନ୍ଥମାନେ ଜନସମାଜର ଉପକାର ଲାଗି ଆବଶ୍ୟକ ପଡିଲେ ଜୀବନତ୍ୟାଗ କରିବାକୁ ମଧ ପ୍ରସ୍ତୁତ । ସେହିଭଳି ସୂର୍ଯ୍ୟଦେବତା ପୃଥିବୀରୁ ନିଜ ଉତ୍ତାପ ଦ୍ୱାରା ଯେଉଁ ଜଳ ଶୋଷଣ କରି ନେଇଥଆନ୍ତି, ତାହା ଫେରାଇ ଦିଅନ୍ତି ବର୍ଷାଜଳ ଆକାରରେ । ନିଜ ପାଖରେ ସେ କିଛି ରଖନ୍ତି ନାହିଁ । ଦିଆ ନିଆ ରୀତିରେ ଏ ସଂସାର ଚାଲି ଆସିଛି ସୃଷ୍ଟିର ଆରମ୍ଭ କାଳରୁ ।

ରାତି ହୋଇ ଆସିଲେ ମେଘାଚ୍ଛନ୍ନ ଆକାଶରେ କୌଣସି ତାରା ଆଉ ଦେଖାଯାଏ ନାହିଁ । ଗ୍ରହ, ନକ୍ଷତ୍ରସବୁ ମେଘର ଆବରଣରେ ଘୋଡେଇ ହୋଇଯାଏ । କେବେ କେତେବେଳେ ବିଜୁଳି ଝଲକରେ କିମ୍ବା ଜୁଳୁଜୁଳିଆ ପୋକର ଆଲୋକରେ ସାମାନ୍ୟ ଆଲୋକ ମିଳିଥାଏ । କିନ୍ତୁ ସେସବୁ କ୍ୱଚିତ ଓ କିଂଚିତ୍ । କଳିଯୁଗରେ ପାପର ପ୍ରଭାବରେ ଲୋକେ ବେଦକୁ ଭୁଲି ଯାଇଥାନ୍ତି । ସେହିଭଳି ବର୍ଷାକାଳରେ ଘନଘୋର ମେଘଘୋଟି ଆସିଲେ, ଗ୍ରହ ନକ୍ଷତ୍ର ଆଉ ଦେଖାଯାଇ ନଥାଆନ୍ତି । ଜୁଳୁଜୁଳିଆ ପୋକଭଳି ଅଳ୍ପ ବିଦ୍ୟାବୁଦ୍ଧି ସଂପନ୍ନ ଲୋକେ ବଡ ବଡ କଥା କହିଥାଆନ୍ତି । ସତ୍ୟକୁ ଗୋଳେଇ ଘାଣ୍ଟି ପିଇଦେବା ଲାଗି ନାନାମିଥ୍ୟାର ଆଶ୍ରୟ ନେଇଥାଆନ୍ତି । ଏଇ ମିଥ୍ୟା ମେଘ ହିଁ ସ୍ୱରୂପ ।

ଦିନସାରା ମୌନ ରହିଥିବା ଶିଷ୍ୟ ଗୁରୁ ପହଞ୍ଚିବା ମାତ୍ରେ ବଡପାଟିରେ ଶାସ୍ତ୍ର ପଢ଼ିବା ଆରମ୍ଭ କରିଥାଏ । ସେହିଭଳି ବର୍ଷାଗମ ମାତ୍ରେ ବେଙ୍ଗସବୁ ରଡ଼ିଛାଡ଼ନ୍ତି । ବର୍ଷାପାଣିରୁ ସେମାନଙ୍କୁ ଆନନ୍ଦ ମିଳେ, ସୁଖ ମିଳେ । କିନ୍ତୁ ବର୍ଷର ଆଠମାସ ଏମାନେ ମୌନ ନୀରବ, ନିସ୍ତବ୍ଧ । ଛୋଟ ଛୋଟ ନଦୀ ଓ ଝରଣା ଯେଉଁଗୁଡ଼ିକ ଏଯାଏଁ ଅଜଣା ରହିଆସିଥିଲେ, ସେଗୁଡ଼ିକ ବର୍ଷାପାଣି ପାଇବାମାତ୍ରେ କୂଳଲଙ୍ଘି ବାଟଭାଙ୍ଗି କୁଆଡେ ନା କୁଆଡେ ଛୁଟିଥା'ନ୍ତି । ଅଜିତେନ୍ଦ୍ରିୟ ପୁରୁଷ ଧନସଂପତ୍ତିର ମର୍ଯ୍ୟାଦା ଲଙ୍ଘନ କରି ଓଲଟା ବାଟରେ ମୁହାଁଇଥାଏ । ସେମାନେ ଥଳକୂଳ ମାନନ୍ତି ନାହିଁ । ସଂଯତ ରହିପାରନ୍ତି ନାହିଁ । କାମିନୀ, କାଞ୍ଚନ ଓ କାଦମ୍ବରୀରେ ବୁଡି ରହିଥାଆନ୍ତି । ସୁପଥ ଆଡକୁ ସେମାନଙ୍କ ମନ ଆସେ ନାହିଁ ! ମେଘ, ଘନଅନ୍ଧକାର ହେଉଛି ଏହି ଅସଂଯମତାର ପ୍ରତୀକ ।

କିନ୍ତୁ ଏହି ବର୍ଷା ଫଳରେ ଶସ୍ୟକ୍ଷେତ୍ରଗୁଡ଼ିକ ସବୁଜ ହୋଇଉଠେ । ମୃତବ୍ୟକ୍ତି ଯେପରି ଜୀବନ୍ୟାସ ପାଇ ସତେଜ ହୋଇ ଉଠେ, ସେହିଭଳି ଶୁଷ୍କଭୂମି ଜଳ ସିଂଚନ ଦ୍ୱାରା ଉଜ୍ଜୀବିତ ହୋଇଉଠେ । କୃଷକ ମନରେ ଆନନ୍ଦ ଉଲ୍ଲାସ ଦେଖାଦିଏ । ଅଧିକ ଶସ୍ୟ ପାଇବାର ଆଶା ତା'ର ଉଜ୍ଜ୍ୱଳ ହୋଇଉଠେ । ଭକ୍ତ ଯେପରି ଭଗବାନଙ୍କ ପୂଜା ଆରାଧନା ଦ୍ୱାରା ଅଧିକ ସବଳ, ସୁନ୍ଦର ହୋଇଉଠେ, ସେହିଭଳି ଜଳ ସେବନ ଦ୍ୱାରା ପ୍ରାଣୀର ପ୍ରାଣ ପୁଲକିତ ହୋଇଉଠେ । ଚିତ୍ତ ପ୍ରସନ୍ନ ହୁଏ । ଦୁଃଖତାପ ତାକୁ ବାଧେନା । ସେ ବ୍ୟଥିତ ହୋଇପଡେନା । ସେହିଭଳି ଜଳଧାରା ପାଇବାମାତ୍ରେ ଧରିତ୍ରୀ ଅଭିନବ ରୂପଧାରଣ କରେ ।

ସ୍ୱାଧ୍ୟାୟ ତଥା ଅଭ୍ୟାସ ନକଲେ ବ୍ରାହ୍ମଣ ବେଦକୁ ଭୁଲିଯାଏ । ସେ ବେଦ ନ କହି ଅବେଦର ଭାଷା କହିଥାଏ । ସେହିଭଳି ବର୍ଷାଗମନ ମାତ୍ରେ ଚଲାବାଟ ସବୁ ଘାସରେ ଘୋଡ଼େଇ ହୋଇଯାଏ । ବାଟଘାଟ କିଛି ଜଣାପଡ଼େ ନାହିଁ । ଗୁଣବାନ୍ ପୁରୁଷମନରେ କୁଟିଳତା ସାମାନ୍ୟ ମାତ୍ରାରେ ପ୍ରବେଶ କଲେ ମଧ୍ୟ ତା ମନ ଚଞ୍ଚଳ ତଥା ଅସ୍ଥିର ହୋଇପଡେ । ସେହିଭଳି ଲୋକହିତକାରୀ ମେଘ ଭିତରେ ବିଜୁଳି କେବେହେଲେ ସ୍ଥିର ରହେନାହିଁ । ଯେପରି ଗୁଣମୟ ପ୍ରପଞ୍ଚ ଭିତରେ ନିର୍ଗୁଣଆତ୍ମା ଶୋଭା ପାଇଥାଏ, ସେହିଭଳି ଗର୍ଜନଶୀଳ ମେଘାଚ୍ଛନ୍ନ ଆକାଶରେ ନିର୍ଗୁଣ ଇନ୍ଦ୍ର ବା ବର୍ଷାଦେବତା ଶୋଭା ପାଇଥାଆନ୍ତି । ଘର ଭିତରେ ରହିଥିବା ବୈରାଗୀ ପୁରୁଷ କୌଣସି ବୈଷ୍ଣବଙ୍କୁ ଦେଖିବାମାତ୍ରେ ଆନନ୍ଦରେ ବିଭୋର ହୋଇପଡ଼େ । ତାକୁ ଘର ଭିତରକୁ ଡାକିନେଇ ସମ୍ବର୍ଦ୍ଧନା କରେ, ନାନାଭାବରେ ଅପ୍ୟାୟିତ କରିଥାଏ । ସେହିଭଳି ବହୁଦିନରୁ ଜଳବଂଚିତ ପ୍ରାଣୀ ବର୍ଷାକୁ ଆନନ୍ଦରେ ସ୍ୱାଗତ କରିଥାଏ । ରାଜଗୁରୁଙ୍କ ସୁପରାମର୍ଶରେ ରାଜା ପ୍ରଜାଙ୍କ ସୁଖବିଧାନ କରିଥାଆନ୍ତି । ସେହିଭଳି ବାୟୁର ପ୍ରେରଣାରେ ମେଘ ସକଳ ଜୀବଜଗତକୁ ଅମୃତତୁଲ୍ୟ ଜଳଦାନ କରିଥାଆନ୍ତି ।

ବର୍ଷାଗମନରେ ପୃଥିବୀର ମନ ଉଲ୍ଲସିତ । ବନକାନନରେ ମୟୂରର ମଧୁର ନର୍ତ୍ତନ ଅତୀବ ମନୋରମ । ଚତୁର୍ଦ୍ଦିଗ ଜଳମୟ । ପୃଥିବୀ ଉପରେ ଯେପରି ଇନ୍ଦ୍ରଙ୍କ ଜଳାଭିଷେକ ଚାଲିଛି ।

ବୃନ୍ଦାବନର ବାଳକ କୃଷ୍ଣଚନ୍ଦ୍ର ବର୍ଷାଗମରେ ସାଙ୍ଗସାଥୀଙ୍କ ସହିତ ପର୍ବତ ଗୁମ୍ଫାମାନଙ୍କରେ ଲୁଚକାଳି ପ୍ରଭୃତି ନାନା ଖେଳରେ ବ୍ୟସ୍ତ । କନ୍ଦମୂଳ ତାଙ୍କର ଅତିପ୍ରିୟ ଖାଦ୍ୟ । କେତେବେଳେ ସେ ପର୍ବତର ବଡ ବଡ ପଥର ଉପରେ ବସି ସାଙ୍ଗସାଥୀଙ୍କ ସହିତ ଦହିଭାତ ଖାଉଛନ୍ତି ତ କେତେବେଳେ ଗଛମାନଙ୍କରୁ ତୋଳି ଆଣିଥିବା ଫଳ ଖାଉଛନ୍ତି । ଗାଈ ବାଛୁରୀମାନଙ୍କୁ ମଧ୍ୟ ଖୁଆଉଛନ୍ତି । ସମୟେ ସମୟେ ସେ ଜାଣିଶୁଣି ବର୍ଷାରେ ତିନ୍ତୁଛନ୍ତି । ସାଙ୍ଗମାନଙ୍କୁ ମଧ୍ୟ ତିନ୍ତାଉଛନ୍ତି । ଏକଥା ମଧ୍ୟ କହୁଛନ୍ତି ଯେ ବେଶୀ ତିନ୍ତନି, ଥଣ୍ଡା ସର୍ଦ୍ଦି ଧରିବ ।

ମହୁହାଣ୍ଡି ଧରି ଯାଉଥିବା ଶବରୀ ତଥା ବନବାସିନୀମାନଙ୍କୁ କହୁଛନ୍ତି, ମହୁ ଆମକୁ ଚଖେଇ ଯାଅ, ନଚେତ୍ ଖଟା ହୋଇଯିବ, ବଜାରରେ ବିକ୍ରିହେବ ନାହିଁ । ଶବରୀମାନେ ବାଧହୋଇ କାହ୍ନୁ ଓ କାହ୍ନୁ ସଖାଙ୍କୁ ମହୁ ଚଖାଉଛନ୍ତି । ଚାଖୁ ଚାଖୁ ହାଣ୍ଡିଯାକ ମହୁ ଚଖାରେ ହିଁ ସରିଯାଉଛି । ଶବରୀମୁଣ୍ଡରେ ହାତଦେଇ ବସୁଛି । ଶ୍ରୀକୃଷ୍ଣ ତାକୁ କହୁଛନ୍ତି - ଘରକୁ ଯାଅ, ମାଟିହାଣ୍ଡି ତୁମର ........ ସୁନା ପାଲଟି ଯାଇଥିବ । ମହୁ ତୁଳନାରେ ସୁନାର ମୂଲ୍ୟ ଅଧିକ ।

ବର୍ଷା ନଇଁ ଆସିବା ମାତ୍ରେ ଶ୍ରୀକୃଷ୍ଣ ଘାସପଡିଆ ଉପରେ ଶୋଇ ମେଘକୁ ନିରୀକ୍ଷଣ କରୁଛନ୍ତି । ବଡଭାଇ ବଳରାମଙ୍କୁ ପଚାରୁଛନ୍ତି – ଲୋକେ ମତେ ମେଘଶ୍ୟାମ କହୁଛନ୍ତି ମୋ ଦେହର ରଙ୍ଗ କ'ଣ ମେଘଭଳି କଳା ?

ବଳରାମ କହୁଛନ୍ତି – ତୋ ନାଁ କେବଳ ମେଘଶ୍ୟାମ ନୁହଁ, ଘନଶ୍ୟାମ ।

●

॥ ୩୧ ॥

# ଶ୍ୟାମଘନ ଏବେ ମନମୋହନ

ମଣିଷର ଜୀବନ ନିର୍ବାହ ଚାରୋଟି 'ଆଶ୍ରମ'ରେ ବିଭକ୍ତ । ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ । ଏସବୁ ଆଶ୍ରମର ଜୀବନଯାପନ କଠିନ । ଏଥିଲାଗି କଠୋର ପରିଶ୍ରମ, ନିଷ୍ଠା ଓ ଅଧ୍ୟବସାୟ ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ଆଶ୍ରମଜୀବନ କିଶୋରରୁ ବାଳକ ଅବସ୍ଥାରେ ହୋଇଥାଏ । ଏହି ସମୟରେ ବାଳକ ଗୁରୁକୁଳାଶ୍ରମରେ ରହେ । ଗୁରୁ, ପିଲାର ଯତ୍ନ ନିଅନ୍ତି । ପିଲାପକ୍ଷରେ ଗୁରୁ ହିଁ ସବୁକିଛି । ସେ ଯାହା କହନ୍ତି, ତା' କରିବାକୁ ପିଲା ବାଧ୍ୟ ହୋଇଥାଏ । ସମିଧ ସଂଗ୍ରହ କରିବା, ଗୁରୁଙ୍କ ଗୋଡ଼ ମୋଡ଼ିବା, ତାଙ୍କ ଲୁଗାପଟା ସଫା କରିବା, ବାସନ ମାଜିବାଠାରୁ ଆରମ୍ଭ କରି ବହୁ ଛୋଟବଡ଼ କାମ କରିବାକୁ ପଡ଼ିଥାଏ । ଗୁରୁଙ୍କ ସେବାକୁ ପିଲା ନିଜର କର୍ତ୍ତବ୍ୟ ତଥା ଧର୍ମ ମନେ କରିଥାଏ । ଏଥିଲାଗି, ଅସୀମ ଧୈର୍ଯ୍ୟ ଆବଶ୍ୟକ ହୋଇଥାଏ । ଯିଏ ଧୈଯ୍ୟ ହରାଏ, ସେ ଗୁରୁକୁଳର ବ୍ରହ୍ମଚର୍ଯ୍ୟ ଆଶ୍ରମରୁ ଉତ୍ତୀର୍ଣ୍ଣ ହୋଇପାରେନା । ଜୀବନ କଣ୍ଟକମୟ ହୋଇପଡ଼ିଥାଏ । ଏହି ସମୟରେ ଗୁରୁ ଶିଷ୍ୟକୁ ସଂଯତ, ଶୃଙ୍ଖଳିତ ହେବାପାଇଁ ଶିକ୍ଷା ଦେଇଥାଆନ୍ତି । ଫଳରେ ଶିଷ୍ୟର ମନ ସ୍ଥିର ରହେ । ସେ ଅସ୍ଥିର, ଚଞ୍ଚଳମନା ହୋଇପଡ଼େନା । ଗୁରୁ ଶିଷ୍ୟକୁ ଜ୍ଞାନ ଦାନ କରନ୍ତି, ଅନ୍ଧକାର ଭିତରୁ ଆଲୋକ ଆଡ଼କୁ ନେଇଯାଆନ୍ତି । ଶିଷ୍ୟର ମନ ଈଶ୍ୱରାଭିମୁଖୀ ହୁଏ । ମନରେ ଭକ୍ତିଭାବ ଧୀରେ ଧୀରେ ଗଭୀର ଓ ପ୍ରଗାଢ଼ ହୋଇଉଠେ । ମନରେ ଭକ୍ତିରସର ମନ୍ଦାକିନୀ ପ୍ରବାହିତ ହେଲେ, ଶିଷ୍ୟ ନିର୍ଭୀକ ହୁଏ, ସେ ସାହସର ସହିତ ଯେ କୌଣସି ବିପଦର ସମ୍ମୁଖୀନ ହୋଇପାରେ । ଗୁରୁ ଶିଷ୍ୟଙ୍କ ସଂପର୍କ ମାତାପିତା ଓ ପୁତ୍ର ସଂପର୍କଠାରୁ ମଧ୍ୟ ଅଧିକ ଘନିଷ୍ଠ ।

ପିଲା ବଡ଼ ହୁଏ । ବାଳକରୁ ଯୁବକ ହୁଏ । ବିବାହ କରେ । ଘର ସଂସାରର କୁଣ୍ଡଳି ଭିତରେ ସେ ଆବଦ୍ଧ ହୋଇପଡ଼େ । ଗୃହସ୍ଥାଶ୍ରମ କରେ । ତା'ର ପିଲାପିଲି ହୁଅନ୍ତି । ସେ ମାଆ ବା ବାପ ହୁଏ । ପିଲାଙ୍କୁ ମଣିଷ କରିବାର ଗୁରୁ ଦାୟିତ୍ୱ ତା' ଉପରେ ପଡ଼େ । ସେ ମାୟାଜାଲରେ ପଡ଼ି ହସିପାରେନା କି ମନଖୋଲି କାନ୍ଦି ସୁଦ୍ଧା ପାରେନା । ପରିବାରର ଭରଣପୋଷଣ ଦାୟିତ୍ୱ ତା' ଉପରେ ପଡ଼େ । ମଣିଷ ଦୁଃଖ ଭୋଗ କରେ । ବ୍ୟତିବ୍ୟସ୍ତ ହୋଇ ମନେ ମନେ କହେ ଧିକ୍ ଏ ଜୀବନ ! ଏହି ଦୁର୍ଦ୍ଦଶାରୁ ତ୍ରାହି ପାଇବାପାଇଁ ଏକମାତ୍ର ବାଟ ମନକୁ ଈଶ୍ୱରାଭିମୁଖୀ କରିବା । ଭକ୍ତି ହିଁ ମୁକ୍ତିର ପନ୍ଥା ।

ତୃତୀୟ ସୋପାନ ବାନପ୍ରସ୍ଥ । ବୟସ ହୋଇଯିବା ମାତ୍ରେ ମନୁଷ୍ୟ ଧୀରେ ଧୀରେ ସଂସାର ବନ୍ଧନରୁ ମୁକୁଳିବା ଲାଗି ଉଦ୍ୟମ କରିବା ଉଚିତ । ପରିବାର-ପ୍ରୀତି, ପରିବାର ପ୍ରତି ମମତା, ଆସକ୍ତି ତ୍ୟାଗ କରିବାକୁ ପଡ଼ିବ । ଏତେ କାଳଧରି ଗୃହସ୍ଥାଶ୍ରମରେ ରହି ମୋହ, ମାୟା ତ୍ୟାଗ କରିବା ସହଜ କଥା ନୁହଁ । କିନ୍ତୁ ମାନସିକ ଶାନ୍ତି ଲାଗି, ଶାରୀରିକ ସୁଖକୁ ତ୍ୟାଗ କରିବାକୁ ପଡ଼ିଥାଏ । ନଚେତ୍ ସାଂସାରିକ ଜଞ୍ଜାଳ ଭିତ୍‌ରେ ମଣିଷ ବୁଡ଼ିରହି ସେ ଆଉ ଉପରକୁ ଉଠିପାରେନା । ସଂସାରପଙ୍କ ଭିତରେ ଗୋଡ଼ ତଳକୁ ତଳକୁ ଖସିବାରେ ଲାଗିଥାଏ । ଗୃହସ୍ଥାଶ୍ରମରୁ ବାନପ୍ରସ୍ଥ ସୋପାନକୁ ଆରୋହଣ କରିବାରେ ପ୍ରଥମେ କଷ୍ଟ ଅନୁଭୂତ ହୁଏ । କିନ୍ତୁ ମନ କ୍ରମଶଃ ଅନାସକ୍ତ ହୋଇପଡ଼ିଲେ, ଭଗବତ ଧ୍ୟାନ ଧାରଣାରେ ମନୋନିବେଶ କଲେ, ପ୍ରଥମେ ଆନନ୍ଦ ମିଳେ, ତା'ପରେ ମିଳେ ପରମାନନ୍ଦ । ଜଡ଼, ଅଜଡ଼, ସମସ୍ତେ ନିଜର ସନ୍ତାନସନ୍ତତି, ଅତି ଆପଣାର ମନେ ହୋଇଥାଏ । ଆଉ ଘରଆଡ଼କୁ ମନ ଯାଏନା । ପଛକୁ ଚାହିଁବା ପାଇଁ ଇଚ୍ଛା ହୁଏନା । ଦୃଷ୍ଟି ଆଗକୁ ଆଗକୁ ପଡ଼ିଥାଏ । ଯାହା ବି ଛୋଟ ଛୋଟ ବିପଦ, ବାଧାବିଘ୍ନ ଆସେ, ତାକୁ ଭକ୍ତିରୂପକ ଶକ୍ତି ଦ୍ୱାରା ଦମନ କରାଯାଇଥାଏ । ସବୁ ମୂଳରେ ରହିଛି ଭକ୍ତି ।

ଶେଷ ସୋପାନ ହେଉଛି ସନ୍ନ୍ୟାସ । ବାନପ୍ରସ୍ଥବେଳେ ମନରେ ଗୃହସ୍ଥାଶ୍ରମର ଯାହା ବି ସାମାନ୍ୟ ଗ୍ଲାନି ବା ମଇଳା ରହିଥାଏ, ବାନପ୍ରସ୍ଥର ଶେଷ ସୀମାରେ ପହଞ୍ଚିଲାବେଳକୁ ତାହା ପରିଷ୍କାର ହୋଇଯାଇଥାଏ । ସଂସାରବନ୍ଧନ ଆପେ ଆପେ ଏକାବେଳକେ ଛିନ୍ନହୋଇ ପଡ଼ିଥାଏ । ମନରେ ଆସେ ତୁମୂଳ ବୈରାଗ୍ୟ । ଏହି ବୈରାଗ୍ୟ ହିଁ ସନ୍ନ୍ୟାସାଶ୍ରମର ପ୍ରଥମ ସୋପାନ । ସ୍ତ୍ରୀ, ପୁତ୍ର, କନ୍ୟା, ଘରଦ୍ୱାର, ସଂପତ୍ତି, ଧନରତ୍ନ-ଆଦି ମନର ଅତଳ ଗର୍ଭରେ ଲୀନ ହୋଇଯାଏ । ନିଶ୍ଚିହ୍ନ ହୋଇପଡ଼େ । ମୋକ୍ଷ ପଥରେ ଦୌଡ଼ିବା ପାଇଁ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହୁଏ । ଅବଶ୍ୟ, ଇଏ ଏକ ପ୍ରକାରର କାମନା, କିନ୍ତୁ ଏହି କାମନା ବ୍ରହ୍ମଲୀନ ହେବା ପାଇଁ । ତେଣୁ ଏ କାମନା ଓ ସାଂସାରିକ କାମନା ଭିତରେ ଆକାଶ-ପାତାଳ ଫରକ ।

ସନ୍ନ୍ୟାସ ଗ୍ରହଣ ବେଳେ ମାୟାଧରଙ୍କ ଅନନ୍ତ ଲୀଳା ଅତିକ୍ରମ କରିବାକୁ ପଡ଼ିଥାଏ । ଭକ୍ତର ମନ ତାଙ୍କ ପ୍ରତି ପୂରାପୂରି ଲାଗି ରହିଲାଣି କି ନାହିଁ, ପରୀକ୍ଷା କରିବା ଲାଗି ସେ ନାନା ଲୀଳା କରିଥାଆନ୍ତି । ସମସ୍ତ ଇନ୍ଦ୍ରିୟ ଏକତ୍ର ଭାବରେ କିମ୍ବା ଗୋଟିକ ପରେ ଗୋଟିଏ ଭକ୍ତପ୍ରତି ଆକ୍ରମଣ ଚଳାଇ ଥାଆନ୍ତି । କାମିନୀ, କାଞ୍ଚନ, କାଦମ୍ବରୀ- ଏଇଭଳି ନାନା ରୂପରେ ଷଡ଼ରିପୁ ଭକ୍ତର ମନକୁ ବିଚଳିତ କରିବାପାଇଁ ଆସିଥାଆନ୍ତି । ତିନୋଟି ପାହାଚ ଡ଼େଇଁବା ପରେ ମଧ ମନୁଷ୍ୟ ସନ୍ନ୍ୟାସ ଗ୍ରହଣ ପୂର୍ବରୁ ଏଗୁଡ଼ିକର ସମ୍ମୁଖୀନ ହୋଇଥାଏ । କାଶ, ଜ୍ୱର ପ୍ରଭୃତି ରୋଗ ସମସ୍ତ ପ୍ରକୋପ ସହିତ ମଣିଷର ମନକୁ ଘେରିଯାଏ । ଭକ୍ତ ଭଗବାନଙ୍କଠାରେ ସଂପୂର୍ଣ୍ଣ ଆତ୍ମସମର୍ପଣ କରିଗଲେ, ପ୍ରଗାଢ଼ ଭକ୍ତି ବଳରେ ଷଡ଼ରିପୁର ପ୍ରଚଣ୍ଡ ଆକ୍ରମଣକୁ ଅଚିରେ ଦମନ କରବା ସମ୍ଭବ ହୁଏ । ଭକ୍ତ ଉତ୍ତୀର୍ଣ୍ଣ ହୁଏ ମାୟାଧରଙ୍କ ଜଟିଳ ପରୀକ୍ଷାରେ । ସେତେବେଳେ ଭଗବାନ ଭକ୍ତକୁ କୋଳାଗ୍ରତ କରିନିଅନ୍ତି । ସଂଗ୍ରାମ କରି କରି ଭକ୍ତ କ୍ଳାନ୍ତ ହୋଇପଡ଼ିଥିବା ଦେଖି ଭଗବାନ ତାଙ୍କର କରୁଣାମୟ ବରଦ-ହସ୍ତରେ ଭକ୍ତର ସମସ୍ତ କ୍ଳାନ୍ତି ଦୂର କରିଥାଆନ୍ତି । ତେଣୁ ଭକ୍ତିଯୋଗ ହିଁ ଶ୍ରେଷ୍ଠ । ଏହା ହିଁ ମାୟାଧର ଶ୍ରୀକୃଷ୍ଣଙ୍କ ସବୁଠାରୁ ବଡ଼ ଅବଦାନ ।

ଗୋକୁଳରୁ ବୃନ୍ଦାବନ ଆସି, ସେଠି ଗାଈବାଛୁରୀ ଚରେଇ, ଗୋପବାଳକ ଓ ବାଳିକାମାନଙ୍କ ସହିତ ନାନା ଖେଳରେ ମାତି ସେ କେବଳ ଭକ୍ତିର ବୀଜ ବପନ କରିବାରେ ଲାଗିଥିଲେ । କି ଖରା, କି ବର୍ଷା ସବୁଋତୁରେ ସେ ଋତୁରାଜ ହୋଇ ଚିରବସନ୍ତର ମଳୟ ସୃଷ୍ଟି କରିବାରେ ଲାଗିଥିଲେ । ତାଙ୍କ ଲୀଳାରେ ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ– ଚାରୋଟିଯାକ ଆଶ୍ରମ ସମାହିତ ହୋଇଥିଲା । ସବୁ ଆଶ୍ରମ ଏକ ହୋଇ ଉଠିଥିଲା ।

ଗ୍ରୀଷ୍ମ ଋତୁ ପରେ ଏବେ ଶରତ ଆସିଛି, ବୃନ୍ଦାବନକୁ ଭକ୍ତି ରୂପରେ । ଶ୍ରୀକୃଷ୍ଣ ବର୍ଷା ଋତୁରେ ଥିଲେ ଶ୍ୟାମଘନ, ଘନଶ୍ୟାମ, ଶ୍ୟାମସୁନ୍ଦର ରୂପରେ । ଶରତ କାଳରେ ଏହି ଶ୍ୟାମ ଏବେ ବନମାଳୀ । ଗୋପୀମନ ରଞ୍ଜନ ନନ୍ଦନନ୍ଦନ ମନମୋହନ । ବର୍ଷା ଋତୁରେ ବୃନ୍ଦାବନ ହୋଇ ଉଠିଥିଲା ବ୍ରହ୍ମଚାରୀ । ଗାଈବାଛୁରୀ ତଥା ବଣ ପଶୁପକ୍ଷୀ ସମସ୍ତେ ଏବେ ଗୃହସ୍ଥ । ଭକ୍ତିର ପ୍ଲାବନ ଫଳରେ ବୃନ୍ଦାବନର ଶାରୀରିକ କଷ୍ଟ ଅପସାରିତ— ଏବେ ସେ ବାନପ୍ରସ୍ଥ ଆଶ୍ରମରେ । ସନ୍ନ୍ୟାସ ଜୀବନ ଭଳି ବୃନ୍ଦାବନରେ ନଦୀ, ଝରଣାର ଜଳ ଏବେ ସ୍ୱଚ୍ଛ ନିର୍ମଳ । ମୁନି ଋଷିମାନଙ୍କ ମନ ଭଳି ଆକାଶ ନିର୍ମଳ । ସବୁ ଶାନ୍ତ, ଶୀତଳ, ସୁନ୍ଦର ।

●

## ।। ୩୨ ।।

# ମଧୁବନରେ ମଧୁସୂଦନ

ବୃନ୍ଦାବନକୁ ଶରତ ଆସିଛି । ସବୁ ସୁନ୍ଦର, ସବୁ କମନୀୟ । ଶରତ ଋତୁର ଆଗମନରେ ବୃନ୍ଦାବନ ସୁଶୋଭନ । ମନ୍ଦମନ୍ଦ ସୁବାସିତ ପବନ ବହିବାରେ ଲାଗିଛି । ଭଗବାନ ବେଣୁଧରଙ୍କ ହାତରେ ବେଣୁ । ବଂଶୀଧାରୀଙ୍କ ବଂଶୀର ସ୍ୱନ ସୁମଧୁର । ଗୋପୀମାନେ ବଂଶୀସ୍ୱନରେ ଆହ୍ଲାଦିନୀ । ବେଣୁବାଦନ ତ ନାଦବ୍ରହ୍ମର ଉପାସନା । ବଂଶୀ ନ ବାଜିଲେ, ଭଗବାନଙ୍କ ଦର୍ଶନ ଦୁର୍ଲ୍ଲଭ । ବେଣୁନାଦ ହେଉଛି ବିଷୟାନନ୍ଦରୁ ବ୍ରହ୍ମାନନ୍ଦ । ବେଣୁ ଶ୍ରବଣରୁ ଯେଉଁ ଆନନ୍ଦ ମିଳିଥାଏ, ସେ ଆନନ୍ଦ ହେଉଛି ପରମାନନ୍ଦ । ଗୋପୀମାନେ ଘର ଭିତରେ ରହି ସୁଦ୍ଧା, ଯୋଜନ ଯୋଜନ ଦୂର ମଧୁବନରୁ ସେମାନେ ଭଗବାନଙ୍କ ଲୀଳା ଦେଖିପାରୁଛନ୍ତି । ଶୁଣି ପାରୁଛନ୍ତି । କାରଣ ଗୋପାଙ୍ଗନା, ଗୋପକାମିନୀମାନେ ଦୂରଦର୍ଶନ ଓ ଦୂରଶ୍ରବଣ ରୂପକ ସିଦ୍ଧି ଲାଭ କରି ପାରିଛନ୍ତି ।

ଯମୁନା ପୁଳିନରେ ମଧୁବନ, ଯେଉଁଠି କେବଳ ମଧୁ ଆଉ ମଧୁ । ମଧୁବାତା ଋତାୟତେ । ମଧୁର ବର୍ଷଣ । ଅମୃତର ସିଞ୍ଚନ । ଏ ବର୍ଷଣ, ଏ ସିଞ୍ଚନ ଅନିର୍ବଚନୀୟ । ଶ୍ରୀକୃଷ୍ଣ ଦିନେ ନିଜର ସଖାମାନଙ୍କ ସହିତ ଏହି ମଧୁବନରେ ପ୍ରବେଶ କଲେ । ସାଙ୍ଗରେ ଗୋ ଓ ଗୋବତ୍ସ । ଗାଈଗୁଡ଼ିକର ନାମକରଣ ମଧ୍ୟ ଅତି ସୁନ୍ଦର ଯଥା– ଶ୍ୟାମଳୀ, ଧବଳୀ ଇତ୍ୟାଦି । ମଧୁବନର ସମସ୍ତ ଲତାକୁଞ୍ଜରେ ନାନା ରଙ୍ଗର କୁସୁମ ସମ୍ଭାର । ଭ୍ରମର ଓ ମହୁମାଛି ଫୁଲ ଉପରେ ବସି ଗୁଞ୍ଜନ କରିବାରେ ଲାଗିଛନ୍ତି । ମଧୁପାନରେ ସେମାନେ ବିଭୋର ।

ଗୋପାଙ୍ଗନାମାନେ ବେଣୁସ୍ୱନ ଶୁଣି ପୁଲକିତ । ଜଣେ ଜଣକୁ କହିବାରେ ଲାଗିଛି, ଆଲୋ ସଖି ! ମନଭରି ଶ୍ୟାମ– ସୁବାସକୁ ଆଘ୍ରାଣ କର । ବାସ୍ତବରେ ଆମେ ଧନ୍ୟ । ବୃନ୍ଦାବନରେ ଶ୍ୟାମସୁନ୍ଦରଙ୍କୁ ପାଇଛୁ । ଏଇ ଦେଖ ଶ୍ୟାମଘନ ଶ୍ରୀକୃଷ୍ଣ, ଗୌର ସୁନ୍ଦର ବଳରାମ ଓ ସଖାମାନଙ୍କ ସହିତ ଗାଈ ଚରାଇବା ଲାଗି ମଧୁବନରେ ପ୍ରବେଶ କରିଛନ୍ତି । ତାଙ୍କ ଅଧର-ପୁଟରେ ମୁରଲୀ । ଦୂରରୁ ଆମ ପ୍ରତି କଟାକ୍ଷପାତ କରିବାରେ ଲାଗିଛନ୍ତି । ବ୍ରଜସୁନ୍ଦରଙ୍କ ଏ କଟାକ୍ଷରେ ମୋ ହୃଦୟରେ ଇମିତି ପ୍ରେମଜ୍ୱାଳା ସୃଷ୍ଟି ହେଉଛି ଯେ ଇଚ୍ଛା ହେଉଚି, ଦୌଡ଼ିଯାଇ ତାଙ୍କୁ କୁଣ୍ଢେଇ ପକାନ୍ତି । ସମସ୍ତ ଲୋକଲଜ୍ଜା ଛାଡ଼ି, ତାଙ୍କ ଅଧରରୁ ମୁରଲୀକୁ ହଟାଇ ମୋ ଅଧରକୁ ଲଗାଇ ରଖନ୍ତି । ଆଲିଙ୍ଗନ କରନ୍ତି ।

ଆଉ ଜଣେ ଗୋପବାଳା କହୁଛି - ଇଏ ବଂଶୀ ନୁହଁ ଲୋ, ଇଏ ଶ୍ରୀକୃଷ୍ଣଙ୍କ ପାଟରାଣୀ । ମୁଁ ଶୁଣିଚି, ଖାଇଲାବେଳେ, ଶୋଇଲାବେଳେ, ନାଚିବାବେଳେ, ସବୁବେଳେ

ଏ ବେଣୁ ତାଙ୍କୁ ଛାଡୁନି କି ସିଏ ବେଣୁକୁ ଛାଡୁ ନାହାଁନ୍ତି । ଯିମିତି ଦୁହେଁ ପରସ୍ପରର ଅଙ୍ଗାଙ୍ଗୀ । ପ୍ରଭୁଙ୍କ ଅଧର ତ ବଂଶୀର ତକିଆ, ତାଙ୍କ ହସ୍ତଯୁଗଳ ତା'ର ଗଦି, ତାଙ୍କ ଆଖି ବେଣୁର ଦାସଦାସୀ, ଚକ୍ଷୁର ପଲକ ବେଣୁ ଲାଗି ପଙ୍ଖା, ନୋଥ ତା'ର ଛତା । ପରମାତ୍ମାଙ୍କ ସହିତ ଯିମିତି ତା'ର ବିବାହ ହୋଇ ସାରିଛି । ନିତ୍ୟ ସଂଯୋଗ ତା'ର । ଧନ୍ୟ ମୁରଲୀ । ବୋଧହୁଏ ପୂର୍ବଜନ୍ମରେ ତପସ୍ୟା କରି ଏ ଜନ୍ମରେ ପ୍ରଭୁଙ୍କୁ ନିଜର କରିପାରିଛି ।

ଜଣେ ଗୋପୀ ଥରେ ମୁରଲୀକୁ ପଚାରିଥିଲେ - ଆଲୋ ଏ ମୁରଲୀ, ତୁ ପୂର୍ବଜନ୍ମରେ କି ତପସ୍ୟା କରିଥିଲୁ ଯେ ଏ ଜନ୍ମରେ ଏଭଳି ସୌଭାଗ୍ୟବତୀ ହୋଇ ପାରିଚୁ । ପ୍ରଭୁଙ୍କର ନିତ୍ୟ ଅଧରାମୃତ ପାନ କରିବାର ସୁଯୋଗ ପାଇ ପାରୁଚୁ । ମୁରଲୀ ଉତ୍ତର ଦେଇ କହିଛି, ହଁ ତପସ୍ୟା କରିନି କାହିଁକି, ଘୋର ତପସ୍ୟା କରିଛି । ତପସ୍ୟା କରିକରି ପେଟକୁ ଖାଲି କରି ଦେଇଛି । କୌଣସି କାମନା ନାହିଁ, ନିଷ୍କାମ । ଆଗରୁ ଜନ୍ମବେଳୁ ମୋ ପେଟରେ ଥିଲା ହିଂସା, ଦ୍ୱେଷ, ଈର୍ଷା, ଅସୂୟା ଆଦି ନାନା ଗ୍ଲାନି, ନାନା ମଳିନତା । ପ୍ରଭୁଙ୍କ କରୁଣାରୁ ସେ ସବୁ ଖାଲି । ଏ ମୁଣ୍ଡରୁ ସେ ମୁଣ୍ଡଯାଏ ପୋଲା । ବହୁତ କଷ୍ଟ ପାଇଛି । ଛ'ରତୁର ଅତ୍ୟାଚାର ସହ୍ୟ କରିଛି । ବାଉଁଶ ଜାତିରେ ଜାତ ହୋଇଛି । ଏବେ ମୋର ଜାତି ପାତି କିଛି ନାହିଁ । ସବୁ ଉତ୍ସର୍ଗ କରିଦେଇଛି । ମନ ପ୍ରାଣକୁ ସମର୍ପଣ କରିଦେଇଛି - ଏଇ ପ୍ରଭୁ ନନ୍ଦନନ୍ଦନଙ୍କଠି । ସିଏ ଯିମିତି ବଜାଉଛନ୍ତି, ମୁଁ ବାଜୁଛି । ଯେତେବେଳେ ଏକାକୀ ରହୁଛି, ସେତେବେଳେ ମୁଁ ମୌନ । ମନର ମୌନତାରେ ମଧ୍ୟ ସେହି ପ୍ରଭୁଙ୍କ ସ୍ମରଣ ।

ଶୁକଦେବ ପରୀକ୍ଷିତଙ୍କୁ ବେଣୁନାଦର ମହିମା କହୁଥିବା ବେଳେ ପରୀକ୍ଷିତ ମନେ ମନେ ସେହି ବେଣୁନାଦକୁ ଆସ୍ୱାଦନ କରିବାରେ ଲାଗିଛନ୍ତି । ସେ ମନେ ମନେ ନାଚୁଛନ୍ତି, ଢଳୁଛନ୍ତି । ବ୍ରହ୍ମାନନ୍ଦ, ନାଦବ୍ରହ୍ମ ପ୍ରବେଶ କରିଛି ତାଙ୍କ ହୃଦୟ କନ୍ଦରରେ ।

ବେଣୁସ୍ୱନ ଚାଲିଛି ଅନବରତ । ଯିମିତି ସୃଷ୍ଟିର ଆରମ୍ଭରୁ ଏହି ସଂଗୀତର ମୂର୍ଚ୍ଛନା ଲାଗିରହିଛି । ଯିଏ ଶୁଣୁଚି, ସେ ଆନନ୍ଦ ପାଉଛି, ଯିଏ ଶୁଣି ମଧ୍ୟ ନଶୁଣିଲା ଭଳି କାର୍ଯ୍ୟ କରୁଛି, ସେ ବିଷୟାନନ୍ଦ ପାଉଛି ସତ, ବ୍ରହ୍ମାନନ୍ଦରୁ ବଂଚିତ ହୋଇ ପଡୁଛି ।

ବ୍ରଜ ବୃନ୍ଦାବନରେ ବେଣୁଲୀଳା ଅପୂର୍ବ । ଜଣେ ଗୋପୀ ପାଖରେ ଥିବା ସଙ୍ଗିନୀକୁ କହୁଛି, ଦେଖ ମିତଣୀ, ବେଣୁସ୍ୱନରେ ମଧୁବନର ଗଛପତ୍ର ମଧ୍ୟ ବିଭୋଳ । ଢ଼ଳୁଛନ୍ତି, ନାଚୁଛନ୍ତି । ଭଲ ନିଶା ଲଗେଇଚି ଏ ନନ୍ଦବଳା । ଗୋପୀଜଣଙ୍କ ପ୍ରଗଲ୍‌ଭା । ଏତେ ଦୂରରେ ଥାଇ ସେ ଦେଖିପାରିଛି ଶ୍ରୀକୃଷ୍ଣଙ୍କ କୁଞ୍ଚିତ କେଶକୁ । ସଖୀକୁ କହୁଛି, କୁଞ୍ଚୁକୁଞ୍ଚିଆ କେଶରୁ କେରାଏ ମୃଦୁମନ୍ଦ ହିଲ୍ଲୋଳରେ ଦୋଳାୟିତ । କାହ୍ନୁ ର କର୍ଣ୍ଣଯୁଗଳରେ କର୍ଣ୍ଣିକାର ପୁଷ୍ପ କଳିକା । ଗଳାରେ ନାନା ପୁଷ୍ପରେ ସୁସଜ୍ଜିତ ସୁଶୋଭିତ ବୈଜୟନ୍ତୀମାଳା । ଆଜି

ସେ ସଂପୂର୍ଣ୍ଣ ବନମାଳୀ । ଦେହରେ ସ୍ୱର୍ଣ୍ଣାଭ ପୀତାମ୍ବର । ଶ୍ୟାମଳ ଦେହକୁ ପୀତାମ୍ବର ବେଶ ସାଜୁଛି । ଗୋପବାଳକମାନେ ଧନ୍ୟ । ସେମାନେ ଭାଗ୍ୟବାନ । ପ୍ରଭୁଙ୍କୁ ସେମାନେ ପାଇ ପାରୁଛନ୍ତି ଅତି ନିକଟରେ । ଭଗବାନ ଏବେ ଭକ୍ତମେଳରେ । ଚାରିପଟେ ଘେରି ରହିଛନ୍ତି ଗୋପାଳ ବାଳକମାନେ । ମଝିରେ ତ୍ରିଭଙ୍ଗି ଠାଣିରେ ଦଣ୍ଡାୟମାନ ବ୍ରଜସୁନ୍ଦର । ହେଇ ଶୁଣ ସଖୀ, ବଂଶୀ ବାଜି ଉଠିଲାଣି । କି ମଧୁର ସ୍ୱନ ! କି ମଧୁର ତାନ ! ଆମମାନଙ୍କ ମନକୁ ହରଣ କରିନେବାପାଇଁ ଯିମିତି ଏହି ସ୍ୱନର ଗଠନ, ନିର୍ମାଣ । ମଧୁବନରେ ମଧୁ ଆଜି ବଧୂ ପାଲଟିଛି ।

ଗୋପଲଳନାଙ୍କ ଭିତରେ ଏହି କଥୋପକଥନ ହିଁ ଭକ୍ତିର ନିର୍ଝରଣୀ । ଜଣେ କହୁଛି ଅନ୍ୟକୁ, ଆଉ ସହି ହେଉନି କି କହି ହେଉନି । ମୋ ହୃଦୟ ଭିତରେ କି ଦହନ, କି ମନ୍ଥନ ।

ବାଂଶବନିରେ ମହୋତ୍ସବ । ବାଉଁଶ କହୁଛି ନିଜ ବଂଶର ସମସ୍ତଙ୍କୁ- ଯାହା ହେଉ, ମହାପ୍ରଭୁ ବାଛି ବାଛି ଆମଭିତରୁ ଜଣଙ୍କୁ ନେଇଛନ୍ତି ବଂଶୀ ବାଦନ ଲାଗି । ବାଂଶରୁ ନାମକରଣ ବଂଶୀ ।

ବୃନ୍ଦାବନ ମଧ୍ୟ ଆନନ୍ଦ ଉଲ୍ଲାସରେ ମାତିଚି । ତା' ଉପରେ ପଦାଚାରଣ ଲୀଳା ଖେଳା ! ଆକାଶପଥରେ ଯାତାୟତ କରୁଥିବା ସ୍ୱର୍ଗର ଦେବତା, କିନ୍ନର, ଅପ୍ସରୀମାନେ ମଧ ନିର୍ବାକ, ନିଷ୍ପନ୍ଦ ଭାବରେ ପ୍ରଭୁଙ୍କ ବେଣୁସ୍ୱନକୁ କାନପତେଇ ଶୁଣିବାରେ ଲାଗିଛନ୍ତି । ଦର୍ଶନାନନ୍ଦ ଓ ଶ୍ରବଣାନନ୍ଦ ଲାଭ କରୁଛନ୍ତି ସେମାନେ ।

ଗାଈ ଓ ବାଛୁରୀମାନଙ୍କ ଘାସ ଚରିବା ବନ୍ଦ ! ସେମାନଙ୍କ କାନରେ ପଡୁଚି ମୁରଲୀ ଧ୍ୱନି ! ସଙ୍ଗୀତ ତ ସହଜେ ସମସ୍ତଙ୍କ ମନକୁ ଉଲ୍ଲସିତ, ପୁଲକିତ କରିଥାଏ । ଇଏ ପୁଣି ପ୍ରଭୁଙ୍କ ବେଣୁନିଃସୃତ ସଙ୍ଗୀତ । ସଙ୍ଗୀତର ସମସ୍ତ ତାଳ, ମାନ, ମୂର୍ଚ୍ଛନା । ବାଛୁରୀଗୁଡ଼ିକର କ୍ଷୀରଖିଆ ମଧ୍ୟ ବନ୍ଦ ! ଚିରରେ ତୁଣ୍ଡ କିନ୍ତୁ ବେଣୁସ୍ୱନରେ ସମସ୍ତେ ତଲ୍ଲୀନ ।

ମୁନି ଋଷିମାନଙ୍କର ଏକମାତ୍ର ଧ୍ୟାନ ଈଶ୍ୱରଙ୍କଠି । ମଧୁବନର ପଶୁପକ୍ଷୀ ଯିମିତି ମୁନିଋଷି ପାଲଟି ଯାଇଛନ୍ତି । ଦର୍ଶନରେ କୃଷ୍ଣ, ଶ୍ରବଣରେ କୃଷ୍ଣ, ଚିନ୍ତନରେ କୃଷ୍ଣ ! ଗିରି ଗୋବର୍ଦ୍ଧନ ମଧ ଧନ୍ୟ । ତା'ରି କୋଳରେ ହିଁ ମଧୁବନ । ମଧୁବନରେ ଆଜି ମଧୁସୂଦନ । ସ୍ଥାବର, ଅସ୍ଥାବର ସମସ୍ତେ ଭକ୍ତ । ସମସ୍ତେ ବେଣୁସ୍ୱନର ପରମ ଗ୍ରାହକ ! ଏହି ସ୍ୱନର ଶ୍ରବଣରେ ବାଳକ, ବୃଦ୍ଧ ସମସ୍ତେ ତରୁଣ । କାରଣ ସମସ୍ତଙ୍କ ମନ ଭିତରେ ତାରୁଣ୍ୟ ! ଗଗନ ପବନ ସର୍ବତ୍ର ବେଣୁସ୍ୱନର ପ୍ଳାବନ !

●

॥ ୩୩ ॥

# କୃଷ୍ଣଟୋକାଟା ଟାକି ରହିଛି

ରସସ୍ୱରୂପ ଭଗବାନ ଶ୍ରୀକୃଷ୍ଣଙ୍କର ଉପାଧି ହେଉଛି 'ମାୟା'। ତେଣୁ ତାଙ୍କର ଅନ୍ୟନାମ ମାୟାଧର। କିନ୍ତୁ ଏହି ମାୟାର ନିଜସ୍ୱ କୌଣସି ସତ୍ତା ନାହିଁ। ଜୀବନର ସ୍ଥୂଳଦେହ, ମନ, ପ୍ରାଣ, ଇନ୍ଦ୍ରିୟ, ବୁଦ୍ଧି, ଚିତ୍ତ, ଅହଂକାର ସବୁ ଏହି ମାୟାର କାର୍ଯ୍ୟ। ଭଗବାନ ଏହି ମାୟାବଳରେ ରାସଲୀଳା ମାଧ୍ୟମରେ ଭକ୍ତିରସର ପ୍ଲାବନ ସୃଷ୍ଟି କରିଥିଲେ। ସେ ନିଜେ ରସସ୍ୱରୂପ ........ ରସୋ ବୈ ସଃ। ସମଗ୍ର ଭାଗବତ ମଧ୍ୟରେ ଦଶମସ୍କନ୍ଧ ଶ୍ରେଷ୍ଠ ଏବଂ ଦଶମସ୍କନ୍ଧ ମଧ୍ୟରେ ରାସପଞ୍ଚାଧ୍ୟାୟ ସର୍ବୋତ୍ତମ। ଭଗବାନଙ୍କ ରାସଲୀଳା ପ୍ରତ୍ୟେକ ଜୀବ ଭିତରେ ଅନୁକ୍ଷଣ ସଂଘଟିତ।

ଶୁକଦେବ ରାଜା ପରୀକ୍ଷିତଙ୍କୁ କହିଲେ, ଭଗବାନଙ୍କ ରାସଲୀଳା ଦର୍ଶନ କରିବା ଲାଗି ଏକମାତ୍ର ଉପାୟ ହେଉଛି ଶରଣାଗତି ତଥା ଅନନ୍ୟାଭକ୍ତି। ବ୍ରଜର ଗୋପାଙ୍ଗନାଙ୍କଠି ସେହି ଭକ୍ତି ଥିବାରୁ ସେମାନେ ରସମୟୀ ହୋଇ ପାରିଥିଲେ। ରସସାଗରରେ ଅବଗାହନ କରି ପରମାନନ୍ଦ ରସରାଜଙ୍କୁ ଲାଭ କରିଥିଲେ।

ରସାନନ୍ଦ ନନ୍ଦନନ୍ଦନ ବ୍ରଜାଙ୍ଗନାମାନଙ୍କର ମନୋହରଣ କରିବାପାଇଁ ସୃଷ୍ଟି କରିଥିଲେ ମଧୁର ବଂଶୀସ୍ୱନ। ତେଣୁ ବଂଶୀ ପ୍ରତି ଗୋପବାଳାମାନଙ୍କର ବଡ଼ ଈର୍ଷା। ବଂଶୀ ଧ୍ୱନିରେ ସେମାନଙ୍କ ମନପ୍ରାଣ ତନ୍ମୟ ହୋଇପଡୁଥିଲା। କାମୋଦ୍ଦୀପକ ସେହି ବେଣୁଗୀତ ଶୁଣି ଗୋପବଧୂମାନଙ୍କର ଚିତ୍ତ କୃଷ୍ଣଙ୍କ ପ୍ରତି ଆକୃଷ୍ଟ। ସେମାନଙ୍କ ଶ୍ରୀକାନ୍ତ, ରମଣୀୟ କୃଷ୍ଣ ଯେଉଁଠି ଥାଇ ମୁରଲୀ-ଧ୍ୱନି କରୁଥିଲେ, ଅଗ୍ନିପ୍ରତି ପତଙ୍ଗ ଆକୃଷ୍ଟ ହେବାଭଳି, ଗୋପଲଳନାମାନେ ସେହି ଆଡ଼କୁ ଦୌଡ଼ିଲେ। ଧାବବତୀ ଗୋପସୁନ୍ଦରୀମାନଙ୍କ କର୍ଣ୍ଣକୁଣ୍ଡଳ ଦୋଳାୟିତ। ଇଏ ଏପରି ଲୀଳା ଯେ କିଏ କେଉଁ ଉଦ୍ଦେଶ୍ୟରେ କୃଷ୍ଣାଭିମୁଖୀ, ଅନ୍ୟ କେହି ଜାଣିବାର କୌଣସି ଅବକାଶ ନଥିଲା। ଜୀବ ଭଗବାନଙ୍କୁ ପାଇନଥାଏ, କିନ୍ତୁ ଭଗବାନ ଜୀବକୁ ପାଇଥାଆନ୍ତି। ଗୋପୀମାନଙ୍କ ମନକୁ ସେ ହରଣ କରିଥିବାରୁ ସେ ହରେକୃଷ୍ଣ, ଚିତ୍ତଚୋର ଚିତ୍ତରଞ୍ଜନ ଭଗବାନ ସେମାନଙ୍କ ସବୁକିଛି ଅଧିକାର କରି ନେଇଥିବାରୁ ଆଉ ଖସି ପଳେଇବାର ବାଟ ନାହିଁ, ଇଚ୍ଛା ବି ନାହିଁ। ମନ କୃଷ୍ଣପ୍ରାଣ, କୃଷ୍ଣସର୍ବସ୍ୱ ହୋଇ ଉଠିଲେ ଲୋକଲଜ୍ଜା, ମାନ, ଅଭିମାନ, ଭୟଭ୍ରାନ୍ତି କିଛି ରହେନା।

କୃଷ୍ଣଙ୍କୁ ସଂପୂର୍ଣ୍ଣ ଭାବରେ ପାଇବା ଲାଗି, ମନ ଭିତରେ କୋଳାଗ୍ରତ କରି, ଆଲିଙ୍ଗନ କରିବା ଲାଗି ଗୋପସ୍ତ୍ରୀମାନଙ୍କର କି ବ୍ୟାକୁଳତା ! ସମସ୍ତଙ୍କ ମନରେ ଐକାନ୍ତିକ ଭାବନା – 'ମୁଁ କେବଳ ତାଙ୍କୁ ପାଇପାରିବି ।'

ମାର୍ଗଶୀର ମାସ । ମେଘମୁକ୍ତ ଆକାଶ । ନବ ନବ ପୁଷ୍ପରେ ସଜ୍ଜିତ ହାସ୍ୟମୟୀ ପ୍ରକୃତି । ବିହଙ୍ଗମ କଣ୍ଠରୁ ମଧୁର କାକଳିର ଅମୃତଧାରା । ଶରତ ଓ ହେମନ୍ତର ମିଳନ । ସମସ୍ତ ବୃନ୍ଦାବନ ଅପୂର୍ବ ଶ୍ରୀମଣ୍ଡିତ । ଶରତର ଜ୍ୟୋତ୍ସ୍ନାସ୍ନାତ ରଜନୀରେ ରାସକ୍ରୀଡ଼ା କରିବା ଲାଗି ଶ୍ରୀକୃଷ୍ଣ ଗୋପରମଣୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସେଥିଲାଗି ଗୋପଯୁବତୀମାନଙ୍କ ମନରେ ଉତ୍କଣ୍ଠା । କିନ୍ତୁ ପୂଜା ଲାଗି ଉପଚାର ଆବଶ୍ୟକ । ପୂର୍ବରୁ ଯଥେଷ୍ଟ ପ୍ରସ୍ତୁତି ଲୋଡ଼ା ।

କ'ଣ କଲେ କୃଷ୍ଣଙ୍କୁ ସର୍ବାନ୍ତଃକରଣରେ ଲାଭ କରିପାରିବୁ, ସେଥିଲାଗି ଗୋପୀମାନଙ୍କ ମଧ୍ୟରେ ନାନା ଆଲୋଚନା । ଏଥିଲାଗି କଠୋର ବ୍ରତ ଆବଶ୍ୟକ । ଜଣେ ସଖୀ କହିଲେ, ବାରମାସ ଯାକରେ ମାର୍ଗଶୀର ମାସଟି ସବୁଠାରୁ ଶୁଭ । ଏ ମାସରେ ମା' ଜଗଦମ୍ବା କାତ୍ୟାୟିନୀଙ୍କ ପୂଜା କଲେ ମା' ମନସ୍କାମନା ପୂରଣ କରନ୍ତି । ଯାହା ଇଚ୍ଛା ଯିଏ କରେ, ଦିଅନ୍ତି ।

ଯମୁନାର ଜଳ ଏ ମାସରେ ସ୍ୱଚ୍ଛ ନିର୍ମଳ । ଦିନକରେ ଥରେ ହବିଷାନ୍ନ ଖିଆଯିବ । ପ୍ରାତଃକାଳରେ ଯମୁନାରେ ସ୍ନାନ କରିବାକୁ ପଡ଼ିବ । ବାଲିରେ ମା' ଜଗଦମ୍ବାଙ୍କ ମୂର୍ତ୍ତି ତିଆରି କରି ତାଙ୍କୁ ପୂଜା କରିବାକୁ ପଡ଼ିବ ।

ଗୋପୀମାନେ ବ୍ରତପାଳନ କରିବା ଲାଗି ସ୍ଥିର କଲେ । ସମସ୍ତ ବିଧିବିଧାନ ପାଳନ କଲେ । ପ୍ରତିଦିନ ଶୀତଳ ଯମୁନା ଜଳରେ ସ୍ନାନକରି କାତ୍ୟାୟିନୀଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା କଲେ । ପ୍ରତ୍ୟେକ ଦିନ ସେମାନଙ୍କର ପ୍ରାର୍ଥନା, ମା' ଜଗଦମ୍ବେ ! ଆମେ ତୋର ଭକ୍ତ । ଆମ ପ୍ରତି କରୁଣା ବର୍ଷଣ କର । । ନନ୍ଦନନ୍ଦନ ମନମୋହନ ଶ୍ରୀକୃଷ୍ଣ ଆମକୁ ଯେପରି ଭଲପାଇବେ, ଆମକୁ ତା' ପ୍ରେମପାଶରେ ବାନ୍ଧି ରଖିବେ, ସେହି ଉପାୟ କର ମା', ସେହି ବର ଦେ ମା' !

ଏ ଲୀଳା ଚାଲିଲା ପ୍ରତିଦିନ । ସୂର୍ଯ୍ୟୋଦୟ ନ ହେଉଣୁ, ଭୋର ସକାଳୁ ଗୋପକୁମାରୀମାନେ ଡକାଡକି ହୋଇ, ହାତକୁ ହାତ ଧରାଧରି ହୋଇ, ନାଚି, ଗାଇ, ଶ୍ରୀକୃଷ୍ଣଙ୍କ ଗୁଣକୀର୍ତ୍ତନ କରି ଚାଲିଥାଆନ୍ତି ଯମୁନାକୂଳକୁ । ଯମୁନାରେ ସ୍ନାନ ସାରି ମା' କାତ୍ୟାୟିନୀ ଜଗଦମ୍ବାଙ୍କ ପୂଜାଅର୍ଚ୍ଚନା ସାରି ଫେରନ୍ତି ଘରକୁ । କିନ୍ତୁ ଏତେଦିନ ଧରି କୃଷ୍ଣ କୁଆଡ଼େ ଯାଆନ୍ତି, କେଉଁଠି ଛପି ରହନ୍ତି, ଜାଣିବାର ଉପାୟ ନଥିଲା ।

ମନରେ କୃଷ୍ଣଦର୍ଶନ ପୀପାସା ଘନୀଭୂତ, ପ୍ରଗାଢ଼ ହୋଇ ଉଠିବା ପରେ ଦିନେ କୃଷ୍ଣ ଏକ ଅପୂର୍ବ ଲୀଳା ରଚନା କଲେ । ଏହି ଲୀଳା ସମଗ୍ର ଭାଗବତର ଆତ୍ମା । ଏହି

ଆତ୍ମା ହିଁ ମଧୁ, ଏହି ଆତ୍ମା ହିଁ ଅମୃତ, ଏହି ଆତ୍ମା ହିଁ ବ୍ରହ୍ମ, ଏହି ଆତ୍ମା ହିଁ ସବୁକିଛି । ଏହି ଆତ୍ମା ହିଁ ବ୍ରଜ ବୃନ୍ଦାବନ । ବ୍ରଜ ଶବ୍ଦର ଅର୍ଥ ସୁରକ୍ଷିତ ସ୍ଥାନ । ଯେଉଁଠି ନନ୍ଦ, ଯଶୋଦା, ରୋହିଣୀ, ବଳରାମ ଓ ଗୋପଗୋପୀ, ସେହି ସ୍ଥାନ ହିଁ ବ୍ରଜଧାମ । ତାହା ହିଁ ଆନନ୍ଦର ରାଜ୍ୟ, ଆନନ୍ଦାଳୟ ।

ଦିନେ, ପ୍ରତିଦିନ ଭଳି ଗୋପବାଳାମାନେ କୃଷ୍ଣଙ୍କ ଗୁଣକୀର୍ତ୍ତନରେ ବିହ୍ୱଳ ହୋଇ ଚାଲିଛନ୍ତି ଯମୁନା ପୁଳିନକୁ । ସେମାନଙ୍କ ଅଜ୍ଞାତସାରରେ, ଅଜାଣତରେ, ସେମାନଙ୍କ ପଛେ ପଛେ ଚାଲିଲେ ଲୀଳା ପରୁଷୋତ୍ତମ ନଟବର ନାଗର ଶ୍ରୀକୃଷ୍ଣ । ଅନ୍ତର୍ଯ୍ୟାମୀ ଅନ୍ତରାଳରେ । ଆଜି ଯେକୌଣସି ମତେ କୃଷ୍ଣଦର୍ଶନ ତୃଷ୍ଣା ମେଣ୍ଟିବ ବୋଲି ଗୋପକୁମାରୀମାନଙ୍କ ମନରେ ଦୃଢ଼ବିଶ୍ୱାସ । ଏ ପର୍ଯ୍ୟନ୍ତ କେବଳ ମଞ୍ଚ ପ୍ରସ୍ତୁତି କାମ ଚାଲିଥିଲା । ସେ କାମ ଶେଷ । ଅଭିନୟ ଲାଗି ଅଭ୍ୟାସ (ରହିର୍ସାଲ) ସରିଛି । ଗୋପାଙ୍ଗନାମାନେ ମନେ ମନେ କୃଷ୍ଣନାମ ସ୍ମରଣ କଲେ । ଯମୁନା କୂଳରେ ଲୁଗାପଟା ରଖିଦେଇ ଉଲଗ୍ନ ଅବସ୍ଥାରେ ପ୍ରବେଶକଲେ ଜଳ ଭିତରେ । ଜଳ ଭିତରେ ରହି ସେମାନେ ନାନା ଖୁସିଗପ କରିବାରେ ଲାଗିଲେ । ସବୁଗପ କୃଷ୍ଣଙ୍କୁ କେନ୍ଦ୍ରକରି । କେଉଁଦିନ କେତେବେଳେ କୃଷ୍ଣ କାହାକୁ କିପରି ଭାବରେ ଭାବରସ ପ୍ରଦାନ କରିଥିଲେ - ସେହି କଥା ହିଁ ଚର୍ଚ୍ଚା । କୃଷ୍ଣାନନ୍ଦରେ ସମସ୍ତେ ବିଭୋର । ନିଜର ପରିଚ୍ଛଦ, ଲୁଗାପଟା ପ୍ରତି କାହାରି ହେଲେ ଦୃଷ୍ଟି ନାହିଁ । ମଣିଷ ପ୍ରେମପାଗଳ ହୋଇପଡ଼ିଲେ ବାହ୍ୟଜ୍ଞାନଶୂନ୍ୟ ହୋଇ ଉଠିଥାଏ । ଇଏତ କୃଷ୍ଣପ୍ରେମାମୃତ । ଏହାକୁ ଯିଏ ମନେ ମନେ ଆସ୍ୱାଦନ କରିଛି ତା' ଅବସ୍ଥା କ'ଣ ହୋଇଥିବ, ସହଜେ ଅନୁମେୟ ।

ସ୍ନାନରତା ଗୋପଲଳନାଗଣ । ଅନ୍ୟ କୁଆଡ଼ିକି ଦୃଷ୍ଟି ନାହିଁ । ଏହି ସୁଯୋଗରେ ନଟଖଟିଆ ଶ୍ରୀକୃଷ୍ଣ କେତେବେଳେ ଛପି ଛପି ଆସି ଚିରହରଣ ବା ବସ୍ତ୍ରହରଣ କରି ଚମ୍ପଟ । ଚିରହରଣର ଉଦ୍ଦେଶ୍ୟ ଚିତ୍ତହରଣ । ଲୁଗାଗୁଡ଼ିକୁ ନେଇ ସେ କଦମ୍ବଗଛ ଉପରେ ବିଭିନ୍ନ ଡାଳରେ ଓହଳେଇଛନ୍ତି । ଗଛରେ ବସି ଗୋପକାମିନୀମାନଙ୍କ ଗପସପ ଶୁଣୁଛନ୍ତି । ମୁରୁକି ମୁରୁକି ହସୁଛନ୍ତି ! ତାଙ୍କ ସଂପର୍କରେ ଗୋପୀମାନଙ୍କର କେତେ କଳ୍ପନାଜଳ୍ପନା । କିଏ ସତ କୁହୁଚି, କିଏ ମିଛ କହୁଚି, ସବୁ ଠଉରଚନ୍ତି ଚିତ୍ତଚୋର ଯଶୋଦାଦୁଲାଳ ।

ଗୋପୀମାନେ ଆଉ କେତେକାଳ ବା ଶୀତଳ ଜଳରେ ବୁଡ଼ି ରହିବେ ? କୃଷ୍ଣଚିନ୍ତା ଥିବା ଯାଏ ଦେହରେ ଉଷ୍ଣତା ଅନୁଭୂତ ହେଉଥିଲା । ମନରୁ ସେ ଭାବ ହଟିଯିବା ମାତ୍ରେ ସେମାନଙ୍କ ଦେହବୋଧ ଆସିଗଲା । ନଦୀକୂଳକୁ ସମସ୍ତେ ଲକ୍ଷ୍ୟ କଲେ । କାହାରି ଗୋଟିଏ ହେଲେ ଲୁଗାପଟା ନାହିଁ । ଗଲା କୁଆଡ଼େ ? ସିମିତି ତ ଘୂର୍ଣ୍ଣିବାତ୍ୟା ଭଳି ପବନ ହୋଇ ନଥିଲା । ସୁଲୁସୁଲିଆ ପବନ ବହୁଥିଲା । ଲୁଗାପଟାଗୁଡ଼ାକ କ'ଣ ତା' ମନକୁ ଉଡ଼ିଗଲା ? ନଦୀକୂଳକୁ ତ ସେମାନଙ୍କ ବ୍ୟତୀତ ଅନ୍ୟ କେହି ଆସି ନଥିଲେ ।

ହଠାତ୍ ଜଣେ ସଖୀ କହିଲା - ଆଲୋ ଏ କୃଷ୍ଣଟୋକାଟା ପରା ଆମକୁ ଟାକି ରହିଛି । ଦେଖୁନୁ ସେ ଗଛକୁ । ଲୁଗାଗୁଡ଼ିକ ନେଇ ସେ ଡାଳରେ ଲଟେକେଇଛି । ମୁଁ ଜାଣେ ପରା – ଆମକୁ ଛାଡ଼ି ସେ କ'ଣ ରହିପାରିବ ?

●

॥ ୩୪ ॥

# ଚିର ନୁହେଁ ଚିତ୍ତହରଣ

**ମା** ଜଗଦମ୍ବା, କାତ୍ୟାୟନୀଙ୍କଠାରେ ବ୍ରଜକୁମାରୀମାନଙ୍କ ଏକମାତ୍ର ପ୍ରାର୍ଥନା- ଶ୍ରୀକୃଷ୍ଣଙ୍କୁ ନିଜର ପ୍ରାଣନାଥ ରୂପେ ପାଇବା ଲାଗି, ସ୍ୱାମୀ ଭାବରେ ଆଲିଙ୍ଗନ କରିବା ଲାଗି । କେହି କେହି ଗୋପୀ ଉଲଗ୍ନ ଅବସ୍ଥାରେ ଯମୁନା କୂଳ ଉପରକୁ ଉଠି ଚିରିବା ବସ୍ତ୍ର ନପାଇ ପୁଣି ଫେରି ଆସିଛନ୍ତି ଯମୁନା ଜଳ ଭିତରକୁ ।

କଦମ୍ବବୃକ୍ଷ ଉପରେ ଏକା କୃଷ୍ଣ ଥିଲେ ଏତେଟା ଲଜ୍ଜା ଆସନ୍ତା ନାହିଁ । କୃଷ୍ଣ ସାଙ୍ଗରେ ଧରି ଯାଇଛନ୍ତି ଗୋପାଳସଖାମାନଙ୍କୁ । ଗଛ ଉପରେ କୃଷ୍ଣ, ଗଛ ତଳେ ଗୋପାଳ ବାଳକଗଣ । କୁମାରୀମାନେ ଏପରି ଅବସ୍ଥା ହେବ ବୋଲି କଳ୍ପନା କରି ନଥିଲେ । ସେମାନେ ଆକଣ୍ଠ ଜଳମଗ୍ନ । ଯମୁନାର ଜଳ ଅତିଶୟ ଶୀତଳ । ହେମନ୍ତ ଋତୁ । ପ୍ରାତଃକାଳରେ ଏହି ଜଳ ଅଧିକ ଶୀତଳ ହେବା ସ୍ୱାଭାବିକ । ସ୍ନାନକାଳରେ ମନେ ମନେ କୁମାରୀମାନେ କୃଷ୍ଣସୋମରସ ପାନ କରୁଥିଲେ । ତେଣୁ ଦେହରେ ଥିଲା ଉତ୍ତେଜନା । ଥଣ୍ଡାର ପ୍ରକୋପ ଅନୁଭୂତ ହେଉନଥିଲା । କୃଷ୍ଣ ଭାବନା ଏବଂ ସାକ୍ଷାତ କୃଷ୍ଣଦର୍ଶନ ଭିତରେ ବହୁ ପାର୍ଥକ୍ୟ । ଏବେ ମନ ଭିତରେ ବସ୍ତ୍ରସଂଧାନ ଏବଂ ବସ୍ତ୍ର ଆହରଣର ଚିନ୍ତା । ସମସ୍ତେ ଯେ କୃଷ୍ଣଙ୍କୁ ଠାବ କରିପାରୁଛନ୍ତି ତା' ନୁହେଁ ।

ହଠାତ୍ କଦମ୍ବ ବୃକ୍ଷ ଉପରୁ ପ୍ରଥମେ ଶୁଣାଗଲା ବଂଶୀସ୍ୱନ । ତା'ପରେ କୃଷ୍ଣଙ୍କ ମୁହଁରୁ ଶୁଣାଗଲା, 'ତୁମ୍ଭମାନଙ୍କ ଲୁଗାପଟା, ପାଟପଠନି, ଅଙ୍ଗାଭରଣ ସବୁ ଏଇଠି, ମୋ ପାଖରେ ଗଚ୍ଛିତ । ପ୍ରତିଶ୍ରୁତି ଦେଉଛି, ଯିଏ ଆସିବ, ନେଇ ଯାଇ ପାରିବ । କୌଣସି ବାଧା ନାହିଁ । ସିଧାକଥା । ବାସ୍ତବରେ ମୁଁ ତୁମମାନଙ୍କ ବ୍ରତ, ତପସ୍ୟା, ସାଧନା ଯୋଗୁଁ ଦୁଃଖିତ, ବ୍ୟଥିତ । ଏତେଦିନ ଧରି ଦିନକୁ ବେଳାଏ ମାତ୍ର ଖାଇ, ହବିଷକରି କରି ତୁମମାନଙ୍କ ସୁଠାମ ଶରୀର ଶୀର୍ଣ୍ଣ, କ୍ଷୀଣ ହୋଇ ପଡିଲାଣି । କାହାର କାହାର ଚଳନ ଶକ୍ତି ମଧ୍ୟ ନାହିଁ । ଦେହରୁ ବଳ ଖସି ଆସିଲାଣି । ଏ ଅବସ୍ଥାରେ ଶୀତକାକରରେ ପାଣି ଭିତରେ ଏତେ ସମୟ ଧରି ରହିବାରେ ତୁମମାନଙ୍କର ଭୀଷଣ କଷ୍ଟ ହେଉଥିବ । ମୁଁ ତୁମମାନଙ୍କ ପ୍ରତି ସମବେଦନା ପ୍ରକାଶ କରୁଛି । ଜଣ ଜଣ ହୋଇ ଆସ, ନଚେତ୍ ଏକାଠି

ଆସ ସେଥିରେ କୌଣସି ଆପତ୍ତି ନାହିଁ । ଯିଏ ଯାହାର ଲୁଗାପଟା ଏଠୁ ଚିହ୍ନି ନେଇଯାଇପାର । ଗଛର ଡାଳଗୁଡ଼ିକ ତୁମମାନଙ୍କ ହାତ ପାହାନ୍ତାରେ ଅଛି । ହାତ ବଢ଼େଇ ଟାଣି ନେଇ ଯାଇପାରିବ । ମୁଁ ମଧ୍ୟ ତୁମମାନଙ୍କୁ ଲୁଗାପଟା ଫେରାଇବାରେ ସାହାଯ୍ୟ କରିବି ।

ଶ୍ରୀକୃଷ୍ଣଙ୍କ ପରିହାସରେ ମଧ୍ୟ ରସ । ସବୁଠୁ ବଡ ହାସ୍ୟରସିକ ସେ । ଇଆଡେ ବ୍ରଜବାଳାମାନେ କୃଷ୍ଣ ପ୍ରେମରେ ବିହ୍ୱଳା, ସିଆଡେ ମନ ଭିତରେ ଲଜ୍ଜା । (ଧର୍ମ ଦେବତାଙ୍କ ଦଶ ପତ୍ନୀଙ୍କ ଭିତରେ 'ଲଜ୍ଜା' ଅନ୍ୟତମା । ଅନ୍ୟପତ୍ନୀମାନେ ଶ୍ରଦ୍ଧା, କ୍ଷମା ପ୍ରଭୃତି ।) ଶ୍ରୀକୃଷ୍ଣ ବାରମ୍ୱାର ଡାକବାଜି ଯନ୍ତ୍ରରୁ ଘୋଷଣା କଲାଭଳି ସମବେଦନାବାଣୀ ଶୁଣାଇବାରେ ଲାଗିଛନ୍ତି । କହୁଛନ୍ତି, ହେ ବ୍ରତଚାରିଣୀ କୁମାରୀଗଣ, ତୁମେମାନେ ଯେ କ୍ଷୀଣ ହୋଇ ଆସିଲଣି, ଏକଥା କେବଳ ମୁଁ କହୁନି, ମୋ ସାଙ୍ଗସାଥୀ ସମସ୍ତେ କହୁଛନ୍ତି । ମୋ ଭଳି ସମସ୍ତେ ଦୁଃଖିତ । ମୁଁ ଯଦି ମିଛ କହୁଛି, ଏମାନଙ୍କୁ ପଚାର !

''ଅନ୍ୟମାନଙ୍କୁ ପଚାର'' – ଏହାଠୁ ଭଳି ନିଷ୍ଠୁର, କଠୋର ପରିହାସ ଆଉ କିଛି ହୋଇନପାରେ । ''ଜଳକ୍ଳେଶରୁ ତ୍ରାହି ପାଇବାପାଇଁ ଶୀଘ୍ର ଆସି ନିଜ ନିଜର ବସ୍ତ୍ର ନିଅ'' କହିବାଟା ଯେତେ ସହଜ, ଗୋପୀମାନଙ୍କ ପକ୍ଷରେ କରିବାଟା ସେତେ ସହଜ ନୁହେଁ । ଜଳ ଭିତରେ ଗୋଟିକଯାକ ଦେହ ଲୁଚି ରହିଛି ବୋଲି ଲଜ୍ଜା ନିବାରଣ ସଂଭବ ହୋଇ ପାରିଛି । ଲଙ୍ଗୁଳି ମୁକୁଳି ହୋଇ କୃଷ୍ଣ ଏବଂ ତାଙ୍କ ସଖା ଝିଅବାନଟୋକାଗୁଡାକ ସାମନାରେ ଉପରକୁ ଉଠିବେ କିପରି ?

ବ୍ରଜ କିଶୋରୀମାନେ ଇଏ ତା' ମୁହଁକୁ ସିଏ ତା' ମୁହଁକୁ ଚାହିଁବାରେ ଲାଗିଛନ୍ତି । ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ା, ନିରୂପାୟା, ନିଃସହାୟା । କିନ୍ତୁ ଶୀତରେ ଦେହ ଥୁରୁଥୁରୁ । ହୃଦୟରେ କମ୍ପନ, ପ୍ରାଣରେ ସ୍ପନ୍ଦନ । କୃଷ୍ଣଙ୍କ ବଚନ ମଧ୍ୟ ଚନ୍ଦନ ଭଳି ଶୀତଳ ।

କୃଷ୍ଣଙ୍କ ବାରମ୍ୱାର ଆହ୍ୱାନ ଓ ଆବାହନର ଉତ୍ତର ଦେଇ ଗୋପପ୍ରେୟସୀଗଣ ସମବେତ କଣ୍ଠରେ କହିଲେ, ''ହେ କୃଷ୍ଣ ! ତୁମେ ତ ଆମ ମନକଥା ଜାଣ – ଆମ ପ୍ରତି କଠୋର ହୁଅନି, ଅନ୍ୟାୟ କରନି, ତୁମେ ନନ୍ଦଗୋପର ପୁଅ, ତୁମକୁ ଆମେ ସବୁଠୁ ବେଶୀ ଭଲପାଉ, ଆମେ ଜାଣୁ, ସମଗ୍ର ଗୋପପୁର, ବ୍ରଜରାଜ୍ୟରେ ତୁମେ ସବୁଠୁ ଭଦ୍ର । ଦେଖୁଚ, ଶୀତରେ ଆମମାନଙ୍କ ଦେହ ଥରୁଛି । ଆମମାନଙ୍କୁ ବସ୍ତ୍ର ଫେରାଇ ଦିଅ । ହେ ଶ୍ୟାମସୁନ୍ଦର ! ଆମେ ତୁମର ଦାସାନୁଦାସୀ । ତୁମେ ଯାହା କହିବ କରିବୁ । ଆଜ୍ଞା ପାଳନ କରିବୁ । ଆମମାନଙ୍କ ଏକମାତ୍ର ଅନୁରୋଧ, ଏକମାତ୍ର ପାର୍ଥନା, ଆମ ଲୁଗାପଟା ଫେରାଇ ଦିଅ । ଲଜ୍ଜାରୁ ରକ୍ଷା କର । ନଚେତ୍ ଏଠି ଯାହା କରୁଛ, ସବୁକଥା ନନ୍ଦରାଜାଙ୍କୁ କହିଦେବୁ ।''

ଜଣେ ଗୋପୀ ସାହସ କରି କହିଲେ 'ଖାଲି କହିବୁନି, ଆପତ୍ତି ଦରଖାସ୍ତ କରିବୁ ।'

ଭଗବାନ ହସି ହସି କହିଲେ, ହେ ସୁହାସିନୀଗଣ ! ଇଆଡେ କହୁଚ, ମୋ ଆଜ୍ଞା ପାଳନ କରିବ, ଯାହା କହିବି ତା' କରିବ, ସିଆଡେ କହୁଚ ରାଜାଙ୍କ ପାଖରେ ଆପତ୍ତି କରିବ ? ଇଏତ ପରସ୍ପର ବିରୋଧୀ କଥା । ବୁଢ଼ାରାଜା ରାଗିଲେ, ମୋର କ'ଣ ବା କରି ପକାଇବ ? ଯଦି ଆଜ୍ଞା ପାଳନ କରିବାକୁ ଚାହଁ, ତୁମେମାନେ ଯଦି ମୋର ଦାସୀ, ବୋଲମାନିବାକୁ ପ୍ରସ୍ତୁତ, ତା'ହେଲେ ମୋର ଆଦେଶ, ଜଳ ଭିତରୁ ଉଠିଆସି, ଯିଏ ଯାହାର ଲୁଗାପଟା ନେଇଯାଅ । ମୁଁ ଏଠୁ ଉଠି ତୁମମାନଙ୍କ ଲୁଗାପଟା ଦେବି, ସେ କଥା କଦାପି ହୋଇପାରିବନି !

ଗୋପୀମାନେ ଯେତେହେଲେ ଅବଳା । ଯୁକ୍ତିତର୍କରେ ମଧ କୃଷ୍ଣଙ୍କୁ ପାରି ହେବନାହିଁ । ଜଳ ଭିତରେ ରହି କନକନିଆ ଶୀତକୁ ସହିବା କଷ୍ଟକର । ସେମାନେ ପରସ୍ପରକୁ ଚୁହାଁଚୁହିଁ ହେଲେ । ଯିଏ ରାଜାଙ୍କ ଆଗରେ ଆପତ୍ତି କରିବ ବୋଲି ବଡ଼ ଦମ୍ଭରେ କହୁଥିଲେ, ସେ ସମସ୍ତଙ୍କୁ କହିଲେ, ଆଉ କୌଣସି ବାଟନାହିଁ । ଚାଲ ଉପରକୁ ଉଠ ।

ଦୁଇହାତ ପାପୁଲିରେ ନିଜ ନିଜର ଗୁପ୍ତାଙ୍ଗକୁ ଘୋଡେଇ ଜଣଙ୍କ ପରେ ଜଣେ ଉଠିଲେ ଉପରକୁ । ଦେହରେ ଶୀତକଂପନ, ଅନାବୃତ୍ତ ସ୍ତନ ଜଘନ । ଭଗବାନ ଇକ୍ଷତ-ଅକ୍ଷତ କୌମାର୍ଯ୍ୟକୁ ଅବଲୋକନ କରି ପ୍ରୀତ ହେଲେ ଏବଂ ବସ୍ତ୍ରଗୁଡ଼ିକୁ ନିଜ କାନ୍ଧରେ ଓହଳେଇ ହସି ହସି କହିଲେ – ହେ ମୋର ପ୍ରୀତିପାଗଳିନୀ ଗୋପକୁମାରୀଗଣ ! ତୁମେମାନେ ବ୍ରତ ଆଚରଣ କରିଛ, ଅଥଚ ନୀତିନିୟମ ଲଙ୍ଘନ କରିବାରେ ଲାଗିଛ । ଯମୁନାର ପବିତ୍ର ଜଳରେ ବିବସନା ହୋଇ ସ୍ନାନ କରିବା ମହାପାତକ । ଏହାଦ୍ୱାରା ତୁମେମାନେ ଜଳଦେବତା ବରୁଣଙ୍କ ପ୍ରତି ଅବମାନନା କରିଛ । ପ୍ରାୟଶ୍ଚିତ୍ତ ସ୍ୱରୂପ ତୁମେମାନେ ମୁଣ୍ଡରେ ଦୁଇହାତ ରଖି, ମତେ ନମସ୍କାର କରିବା ଭଳି ମୁଦ୍ରାରେ ମୋ ପାଖକୁ ଆସ, ଲୁଗାପଟା ନେଇଯାଅ । ମନ ଭିତରେ ଲଜ୍ଜା ପୋଷଣ କରି ଆସିଲେ ବ୍ରତର କୌଣସି ଫଳ ମିଳିବନି ।

ଗୋପୀମାନେ ଗୋଟିଏ ହାତ ଗୁପ୍ତାଙ୍ଗ ପ୍ରଦେଶରେ ରଖି ଆଉ ଗୋଟିଏ ହାତ ମୁଣ୍ଡ ଉପରେ ରଖିଲେ । ଶ୍ରୀକୃଷ୍ଣଙ୍କୁ ଏକହାତିଆ ନମସ୍କାର କଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ଜିଦ ଦି'ହାତ ମୁଣ୍ଡ ଉପରେ ଅଞ୍ଜଳି କଲାଭଳି ରଖିବ । ହଁ, ମୁଣ୍ଡକୁ ନୁଆଇଁ ପାର । କିନ୍ତୁ ସର୍ତ୍ତଭଙ୍ଗ ଯେପରି ନହୁଏ । ସର୍ତ୍ତଭଙ୍ଗ ଅର୍ଥାତ୍ ଚୁକ୍ତିଭଙ୍ଗ । ଚୁକ୍ତିଭଙ୍ଗ ହେଲେ ଶାସ୍ତି ନିଶ୍ଚିତ ।

॥ ୩୫ ॥

# ସିମିତି ନୁହଁ, ଇମିତି

ଗୋଟିଏ ହାତ ଗୁପ୍ତାଙ୍ଗରେ, ଅନ୍ୟ ହାତଟି ମୁଣ୍ଡ ଉପରେ । ବାଳକୃଷ୍ଣଙ୍କୁ ଗୋପକୁମାରୀମାନଙ୍କର ଏକାହାତିଆ ଅଭିବାଦନ । ଏକ ହାତରେ ଲଜ୍ଜାନିବାରଣ, ଅନ୍ୟହାତରେ ଆତ୍ମନିବେଦନ ନୁହେଁ, ବାହ୍ୟ-ନିବେଦନ ।

ଶ୍ରୀକୃଷ୍ଣ କଦମ୍ବ ଗଛ ଉପରେ ଥାଇ ମୁଣ୍ଡ ହଲାଇବାରେ ଲାଗିଛନ୍ତି । କହୁଛନ୍ତି, ଇମିତି ନୁହଁ । ବସ୍ତ୍ରହରଣ-ନାଟକର ନିର୍ଦ୍ଦେଶକ ନିଜେ ମୁଣ୍ଡ ଉପରେ ହାତରଖି କହୁଛନ୍ତି- ସିମିତି ନୁହଁ, ଇମିତି । ଦୁଇହାତ ଯୋଡ଼ି ମୁଣ୍ଡ ଉପରେ ଆଞ୍ଜୁଳା କଲାଭଳି ରଖିବ । ଗୋଟିଏ ହାତରେ କିଏ କ'ଣ ନମସ୍କାର କରେ ? ଦୁଇକରପତ୍ର ଯୋଡିଲେ ଯାଇ ନମସ୍କାର କୁହାଯାଏ । ସଂପୂର୍ଣ୍ଣ ଭାବରେ ମନକୁ ମୋ'ଠି ଢାଳିଦିଅ, ଦି'ହାତ ମୁଣ୍ଡ ଉପରେ ରଖ । ମତେ 'ନମୋ ଶ୍ରୀବାସୁଦେବାୟ' କହି ନମସ୍କାର କଲେ ଯାଇ ବ୍ରତ ସଂପୂର୍ଣ୍ଣ ହେବ । ସଫଳ ହେବ । ବର ଲାଭକରିବ ।

ଗୋପପୁରର ସମସ୍ତ କୁମାରୀ କନ୍ୟାଙ୍କର-ଶ୍ରୀକାନ୍ତ ଶ୍ରୀକୃଷ୍ଣଙ୍କୁ ନିଜର କାନ୍ତ ଭାବରେ ପାଇବାଲାଗି ମନ ଭିତରେ ପ୍ରବଳ ବ୍ୟାକୁଳତା । ଏତେଦିନ ଧରି ଏହି ଉଦ୍ଦେଶ୍ୟରେ ହିଁ ବ୍ରତ ପାଳନ କରି ଆସିଛନ୍ତି । ବ୍ରତ ଅସମ୍ପୂର୍ଣ୍ଣ ରହୁ ବୋଲି କେହି ଚାହାନ୍ତି ନାହିଁ । ସେମାନଙ୍କ ତପସ୍ୟା କ'ଣ ଶୁଖୁଆପୋଡାରେ ଯିବ ! ନା, ତା ହୋଇ ନପାରେ । ତା'ଛଡା ସେମାନେ ଜାଣନ୍ତି ଶ୍ରୀକୃଷ୍ଣ ବଡ଼ ଜିଦ୍‌ଖୋର । ଯାହା କହେ, ତା'କରେ । ସମୟ ମଧ ଅତିବାହିତ ହେବାରେ ଲାଗିଛି । ସକାଳ ହେଲେ, ସୂର୍ଯ୍ୟୋଦୟ ହେବାମାତ୍ରେ ବୃନ୍ଦାବନର ଗୋପୀଗୋପାଳମାନେ ଠିକ୍ ଏହି ଜାଗାକୁ ଆସିବେ ନିତ୍ୟକର୍ମ ଲାଗି । ସେମାନେ ଦେଖିଲେ କ'ଣ ଭାବିବେ ! ଗୋପଦାଣ୍ଡରେ ନାନାକଥା ଚର୍ଚ୍ଚା ହେବ । ଝିଅଗୁଡାକ ପୁଣି ଏତେ ଅଲାଜୁକୀ, ଯୁଗ କ'ଣ ହେଲା କିରେ ବୋଲି କୁହାକୁହି ହେବେ । ଆଉ ଦାଣ୍ଡ ଘାଟରେ ଚାଲି ହେବନାହିଁ ।

ବାଧ ହୋଇ ଗୋପବାଳାମାନେ ଧାଡିବାନ୍ଧି ଚାଲିଲେ କୃଷ୍ଣଙ୍କ ଆଡକୁ । ନିରାଭରଣ ଗୁପ୍ତାଙ୍ଗ । ଆଉ ଦେହ ବୋଧ ବୋଲି କିଛି ନାହିଁ । ଶରୀରଚେତନା ନାହିଁ । ମନ ମଧ ସେମାନଙ୍କର ନୁହଁ । ସମ୍ପୂର୍ଣ୍ଣ ଆତ୍ମସମର୍ପଣ । ''ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପଦ୍ମୁ ଗଳୁଛି ମକରନ୍ଦ । ସେ ମକରନ୍ଦ ପାନକରି, ହେଲେ ତରିଲେ ଗୋପନାରୀ ।'' ଏମାନେ ଥିଲେ ଗୋପକୁମାରୀ । ଏଇଠି ଶ୍ରୀକୃଷ୍ଣ ମୁଖାରବିନ୍ଦରୁ ନିର୍ଗତ ହୋଇଛି, ''ଷୋଳସହସ୍ର ଗୋପନାରୀ, ମୋତେ ବରିଲେ ତପକରି । ମୁଁ ତାଙ୍କ ପୂରାଇବି ଆଶ, ସେ ଯେଣୁ ଭକତ ବିଶ୍ୱାସ ।''

ଶୁକଦେବ ରାଜା ପରୀକ୍ଷିତଙ୍କୁ କହିଲେ, ସମ୍ପୂର୍ଣ୍ଣ ମନ ସମର୍ପଣ, ତାହାହିଁ ଲଜ୍ଜା ନିବାରଣ । ବିବସ୍ତ୍ର ହୋଇ ଯମୁନା ଜଳରେ ସ୍ନାନ କରିବାରେ ଆମର ବ୍ରତ ଭଙ୍ଗ ହୋଇଛି ବୋଲି ଗୋପକନ୍ୟାମାନେ ଯେତେବେଳେ ବୁଝି ପାରିଲେ, ସେତେବେଳେ ସେମାନଙ୍କ ମନଭିତରେ ସୃଷ୍ଟି ହେଲା ଭାବରସର ପ୍ଲାବନ । ତା'ପରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ଭାବ-ସେମାନଙ୍କୁ ଠେଲିପେଲି ନେଇଗଲା ଭଗବାନଙ୍କ ସମୀପକୁ । ଆରାଧ୍ୟର ସାନ୍ନିଧ୍ୟ ଲାଭ କରି ସେମାନେ ଭୁଲିଗଲେ ନିଜକୁ । ଭକ୍ତ ଓ ଭଗବାନଙ୍କ ମିଳନ ପରେ ବସ୍ତ୍ରଦାନ ସ୍ୱରୂପ ବରଦାନ ।

ଶୁକଦେବ କହିଲେ, ରେ ରାଜନ୍ । ଶ୍ରୀକୃଷ୍ଣ ଗୋପଦୁଲାଳୀମାନଙ୍କୁ କଣ୍ଢେଇ ଭଳି ନଚେଇଲେ । କ'ଣ ନକଲେ ! ବଞ୍ଚନା କଲେ, ନିର୍ଲଜ୍ଜା କଲେ, ଉପହସିତ କଲେ, ବସ୍ତ୍ରହରଣ ଲୀଳା କଲେ ତଥାପି ଶ୍ରୀକୃଷ୍ଣଙ୍କ ପ୍ରତି କୁମାରୀମାନଙ୍କର ତିଳେହେଲେ ବିରକ୍ତି ନାହିଁ, ରାଗରୁଷା ନାହିଁ, କ୍ଷୋଭ ନାହିଁ, ବିକ୍ଷୋଭ ନାହିଁ, ତୁମେ ଦୋଷୀ ବୋଲି କାହା ମୁହଁରୁ ପଦେହେଲେ କଥା ବାହାରିନି । ବରଂ କୃଷ୍ଣଦର୍ଶନରେ ସେମାନଙ୍କ ମନ ଉତ୍‌ଫୁଲ୍ଲିତ ହୋଇ ଉଠିଲା । ପ୍ରିୟସଙ୍ଗ ଲାଭରେ ସମସ୍ତେ ସୁଖୀ ।

ଯିଏ ଯାହାର ଲୁଗାପଟା ଆଣି ପିନ୍ଧିଲେ । ଘରକୁ ଫେରିଯିବା କଥା । କିନ୍ତୁ ଫେରିବେ କେମିତି ? ସେମାନେ କୃଷ୍ଣପ୍ରେମ ପାଶରେ ଆବଦ୍ଧ । ସମସ୍ତେ ବଶୀଭୂତ । ସମସ୍ତଙ୍କ ଇଚ୍ଛା ଶ୍ରୀକୃଷ୍ଣ ପାଦବନ୍ଦନା କରିବା ଲାଗି, ପାଦସ୍ପର୍ଶ କରିବା ଲାଗି । ସେଥିଲାଗି ତ କାତ୍ୟାୟିନୀଙ୍କଠାରେ ପୂଜା ଅର୍ଚ୍ଚନା । ଏତେଦିନ ଧରି କଠୋର ବ୍ରତ ।

କୁମାରୀମାନଙ୍କ ମନରେ ଏକମାତ୍ର ପ୍ରଶ୍ନ – ହେ ମନମୋହନ ! ସଙ୍ଗସୁଖ ମିଳିବ କେବେ ? ଦର୍ଶନ ସୁଖ ତ ପାଇଲୁ, ସ୍ପର୍ଶନ ସୁଖରୁ ବଞ୍ଚିତ ହୋଇ ରହିଛୁ ଏତେକାଳ ଧରି । ସେତିକି ପାଇଗଲେ, ସବୁ ପାଇଗଲୁ ବୋଲି ଜାଣିବୁ ।

ଅନ୍ତର୍ଯ୍ୟାମୀ ଭଗବାନ ନନ୍ଦଦୁଲାଳ ଶ୍ରୀକୃଷ୍ଣ ସମସ୍ତଙ୍କୁ ସଂବୋଧନ କରି କହିଲେ, ହେ ସତୀ ସାଧ୍ୱୀଗଣ ! ତୁମମାନଙ୍କ ମନ ଭିତରେ ଅତି ଗୋପନରେ କ'ଣ ଅଛି, ମୁଁ ଜାଣେ । ମୁଁ ତୁମ୍ଭମାନଙ୍କ କାତ୍ୟାୟିନୀଙ୍କ ଆରାଧନାର ଉଦ୍ଦେଶ୍ୟ କ'ଣ ଜାଣେ । ମନେରଖ, ମତେ ଯିଏ ଭକ୍ତିକରେ, ମୁଁ ତା'ର ସମସ୍ତ କାମନା ପୂରଣ କରେ । ତୁମମାନଙ୍କ ମନରେ ମୋ ପ୍ରତି ଅଚଳାଭକ୍ତି ବ୍ୟତୀତ ଅନ୍ୟକିଛି ନାହିଁ । ତୁମେମାନେ ମନପ୍ରାଣ ଦେଇ ଯେ ମତେ ଭଲ ପାଅ, ଆଜି ଏହି ବ୍ରତ ଓ ବସ୍ତ୍ରହରଣରୁ ମୁଁ ଜାଣିପାରିଛି । ମୋ ଆଜ୍ଞାପାଳନ କରି ଯାହା କହିଲି, ତା'କଲ – ଏପରି ଘଟଣା ତୁମମାନଙ୍କ ଜୀବନରେ କେବେ ଘଟିନଥିଲା କି ଭବିଷ୍ୟତରେ କେବେ ଘଟିବ ନାହିଁ । ତୁମମାନଙ୍କ ଭକ୍ତି ଅନାବିଳ, ସ୍ୱଚ୍ଛ, ନିର୍ମଳ । ମଞ୍ଜି ପୋତିଲେ ଅଙ୍କୁରିତ ହୁଏ, ସେହି ଅଙ୍କୁରରୁ ହୁଏ ମହାବୃକ୍ଷ । କିନ୍ତୁ ନିରସ,

ଶୁଖିଲା, ଭଜାମଞ୍ଜିକୁ ମାଟିରେ ପୋତିଲେ, ଏହା କେବେ ଗଜା ହୁଏ ନାହିଁ । ଗଛ ଉଠିବା ଦୂରର କଥା । ସାଧାରଣ ଭଲ ପାଇବା ଏବଂ ମତେ ଭଲ ପାଇବା ଭିତରେ ଆକାଶ ପାତାଳ ପାର୍ଥକ୍ୟ ।

ବ୍ରଜଧାମର ଗୋପୀମାନଙ୍କ ଚିତ୍ତ କେବଳ ସଖ୍ୟ ଓ ବାତ୍ସଲ୍ୟରେ ତୃପ୍ତିଲାଭ କରିପାରିନଥିଲା । ସେମାନେ ଆନନ୍ଦସ୍ୱରୂପ ଭଗବାନଙ୍କୁ ଆହୁରି ଅଧିକ ନିବିଡ଼ଭାବରେ ଅନୁଭବ କରିବାଲାଗି ବ୍ୟାକୁଳ ହୋଇ ପଡ଼ିଲେ । ତାଙ୍କୁ ପତିରୂପରେ ପାଇବା ଲାଗି ହିଁ କାତ୍ୟାୟିନୀ ବ୍ରତ ଆଚରଣ କରିଥିଲେ ।

ଭକ୍ତବତ୍ସଳ-ଶରଣାଗତ-ପାଳକ-ଭଗବାନ ଶ୍ରୀପୁରୁଷୋତ୍ତମ ଗୋପୀମାନଙ୍କ ବ୍ୟାକୁଳତା, ସେମାନଙ୍କ ଆନ୍ତରିକତା ଓ ପ୍ରେମର ବିମଳ ନିବିଡତା ଅବଗତ ହୋଇ ସେମାନଙ୍କ ମନୋରଥପୂର୍ଣ୍ଣ କରିବା ଲାଗି 'ଲୋକଲଜ୍ଜା' ରୂପକ ଯେଉଁ ଟିକକ ଅନ୍ତରାୟ ଥିଲା, ତାହା ଦୂରକରି ଦେଇଥିଲେ । ସେ କହିଲେ, କେବଳ ମୁଁ ଯାହାର କାମ୍ୟ, ସେହି ଆତ୍ମକାମୀ ଲୋକଙ୍କର କୌଣସି କାମନା ସେମାନଙ୍କ ବନ୍ଧନ ହୋଇନପାରେ । ହେ ବ୍ରଜବାଳାଗଣ, ତୁମେମାନେ ଏବେ ସିଦ୍ଧ । ତୁମମାନଙ୍କ ଭକ୍ତି ପ୍ରମାଣିତ । ତୁମମାନଙ୍କ ବ୍ରତ ନିଶ୍ଚିତ ଭାବରେ ସଫଳ ହେବ । ଆଗାମୀ ରଜନୀମାନଙ୍କରେ ତୁମେମାନେ ମୋ ସହିତ କ୍ରୀଡ଼ାକରିବ । ତାହା ହେବ ରାସକ୍ରୀଡ଼ା ।

ଭକ୍ତ ପାଇଲା ଭଗବାନଙ୍କଠାରୁ ପ୍ରତିଶ୍ରୁତି । ଭକ୍ତିସ୍ୱରୂପିଣୀ ବ୍ରଜକନ୍ୟାଗଣ ଘରକୁ ଫେରିଲେ । ସେମାନଙ୍କ ମନରେ ଏକମାତ୍ର ଭାବନା, ଶ୍ରୀକୃଷ୍ଣ କହିଲେ, 'ତୁମମାନଙ୍କ ବ୍ରତର ସୁଫଳ ନିଶ୍ଚିତ ମିଳିବ ।' ତା ଅର୍ଥ ଶ୍ରୀକୃଷ୍ଣ ସେମାନଙ୍କର ପ୍ରେମନିବେଦନ ଗ୍ରହଣ କରିଛନ୍ତି । ପରସ୍ପର ମଧ୍ୟରେ ପ୍ରେମ ଦିଆନିଆର ପ୍ରଥମ ସୋପାନ ପଡିଯାଇଛି । ଆଗାମୀ ରଜନୀକୁ ଅପେକ୍ଷା । ସେ ରଜନୀ କେବେ ଆସିବ, ରସାନନ୍ଦ କେବେ ସେମାନଙ୍କୁ ପ୍ରେମାନନ୍ଦ ପରିବେଷଣ କରିବେ, ଗୋପୀମାନଙ୍କର ତାହାହିଁ ହୃଦୟ ଭିତରେ ଗୋପନୀୟ ମୂର୍ଚ୍ଛନା ।

ସେହି ମଧୁ ଆସ୍ୱାଦନ ଲାଗି ମଧୁବନ, ନିଧୁବନକୁ ଡାକରା ଆସିବ କେବେ ? କେତେ ତ ବଂଶୀସ୍ୱନ ଶୁଣାଯାଇଛି, କିନ୍ତୁ ଆଗାମୀ ରଜନୀର ବଂଶୀସ୍ୱନ ଶୁଣିବା ଲାଗି ଗୋପୀମାନେ କାନ ଡେରି ରହିଲେ । ଏହି ମଧୁ – ଯାହାକୁ ଉପଲବ୍ଧି କରି ବୈଦିକ ଋଷିଗଣ କହିଛନ୍ତି - ମଧୁବାତା ଋତାୟତେ ମଧୁକ୍ଷରନ୍ତି ସିନ୍ଧବଃ.... ମଧୁମତ୍ ପାର୍ଥିବ ରଜଃ' । ଋଷିଙ୍କ ଭକ୍ତି ହିଁ ଗୋପୀମାନଙ୍କର ସେହି ମଧୁଉପଲବ୍ଧି । ଓଁ ମଧୁଃ ମଧୁଃ ମଧୁଃ....

●

॥ ୩୬ ॥

# ବ୍ରାହ୍ମଣମାନଙ୍କ ମତିଭ୍ରମ

**ବି**ପ୍ରହରଣ ଓ ପ୍ରତ୍ୟର୍ପଣ ଲୀଳା ସରିଲା । ଶ୍ରୀକୃଷ୍ଣ ସଖାମାନଙ୍କ ସହିତ ଘରକୁ ଫେରିଲେ । ବ୍ରଜଧାମର ଲୋକେ ଏହି ହରଣ ଓ ହଇରାଣ କଥା କେହି କିଛି ଜାଣିପାରିଲେ ନାହିଁ । ସଖାମାନଙ୍କର ମଧ ମୁଖବନ୍ଦ । ବ୍ରଜକୁମାରୀମାନେ ତ କାହାକୁ କିଛି ନକହିବା ସ୍ୱାଭାବିକ ।

କେତେଦିନ ପରେ ପୁଣି ଆଉ ଏକ ଲୀଳା । ପ୍ରତିଦିନ ଭଳି ଶ୍ରୀକୃଷ୍ଣ ଗୋଚାରଣ ଲାଗି ସକାଳୁ ସକାଳୁ ବାହାରି ପଡ଼ିଲେ । ସଖାମାନଙ୍କୁ କହିଲେ, ଆଖପାଖରେ ଭଲ ଡାଳପତ୍ର କିମ୍ବା ଘାସ ନାହିଁ । ଜଙ୍ଗଲ ଭିତରେ ଟିକିଏ ଦୂରକୁ ଯିବାକୁ ପଡ଼ିବ । ବଳରାମ, ତ ଭୋଳାନାଥ ଶଙ୍କର । ସେ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ । ଶ୍ରୀକୃଷ୍ଣ ସାଙ୍ଗମାନଙ୍କୁ ଆଉ ଗୋଟିଏ କଥା ମଧ କହିଲେ । ଦୂରକୁ ଗଲେ, ବହୁତ ମିଠା ମିଠା ଫଳ ମୂଳ ମିଳିବ । ତେଣୁ ଦିପହର ଖିଆ ପାଇଁ କିଏ କିଛି ସାଙ୍ଗରେ ନେବା ଦରକାର ନାହିଁ । ଖାଦ୍ୟ ସାମଗ୍ରୀ ସାଙ୍ଗରେ ଧରି ଯିବା ଏକ ବଡ଼ ଝମେଲା । ସାଙ୍ଗମାନେ କହିଲେ, ତୁ ତ ସାଙ୍ଗରେ ଅଛୁ, ଖାଦ୍ୟପାଇଁ ଆମେ ଚିନ୍ତା କରିବା ଦରକାର ନାହିଁ ।

ଆଗେଆଗେ ଗାଈବାଛୁରୀ, ପଛେ ପଛେ ରାମ ଓ କୃଷ୍ଣ । ତାଙ୍କ ସହିତ ସଖାଗଣ । ଧୀରେ ଧୀରେ ସେମାନେ ଘନ ଅରଣ୍ୟ ଭିତରେ ପ୍ରବେଶ କଲେ । ବାଟଯାକ ଶ୍ରୀକୃଷ୍ଣ ବୃକ୍ଷଗୁଡ଼ିକର ଉପକାରିତା ସମ୍ପର୍କରେ ସାଙ୍ଗମାନଙ୍କୁ କହୁଛନ୍ତି । କହୁଛନ୍ତି, ଗଛ ଭଳି ଉପକାରୀ ଆଉ କିଏ ନୁହଁ । ଇଏ ଛାୟା ଦିଏ, ଫଳମୂଳ ଦିଏ । ମଣିଷ ମଣିଷକୁ ବେଖାତିର କରିଥାଏ । କିନ୍ତୁ ଗଛର ଦୟା ସମସ୍ତଙ୍କ ପ୍ରତି ସମାନ । ସେ ଖାଲିହାତରେ କାହାକୁ ଯିବାକୁ ଦିଏନା । ଗଛ ହେଉଛି ସର୍ବତ୍ୟାଗୀ । ଫଳ, ପୁଷ୍ପ ଛାୟା, ବଲ୍‌କଳ ସବୁ ଦିଏ । ଏପରିକି ସେ ମଲେ ମଧ ତା' କାଠକୁ ଲୋକେ ନେଇ ନାନା କାମରେ ଲଗେଇଥାଆନ୍ତି । ତେଣୁ ଗଛମାତ୍ରେ ତ୍ୟାଗବୀର ।

ଶ୍ରୀକୃଷ୍ଣ କହୁଛନ୍ତି, ସଖାମାନେ ମନକର୍ଣ୍ଣ ଦେଇ ଶୁଣୁଛନ୍ତି । ଶ୍ରୀକୃଷ୍ଣଙ୍କ ବିଷୟରେ ଯେ କୌଣସି କଥା ଅମୃତତୁଲ୍ୟ । ଇଏ ତ ସାକ୍ଷାତ କୃଷ୍ଣଙ୍କ ତୁଣ୍ଡ କଥା । ଏହା କେତେ ମିଠା ହୋଇଥିବ, ସହଜେ ଅନୁମେୟ ।

ଇମିତି କଥାବାର୍ତ୍ତା ହୋଇ ହୋଇ ଶ୍ରୀକୃଷ୍ଣ ଓ ସଖାମାନେ ପହଁଚିଲେ ଯମୁନାକୂଳରେ । ଗୋଧନମାନେ ମନଇଚ୍ଛା ଚରିଲେ । ଶ୍ରୀକୃଷ୍ଣ ସଖାମାନଙ୍କ ସହିତ

ଖେଳ କଉତୁକରେ ମାତିଲେ । ଯମୁନା ନଦୀର ଛୋଟ ଛୋଟ ଢ଼େଉଗୁଡ଼ିକ ମଧ୍ୟ ସେମାନଙ୍କ ସହିତ ଖେଳୁଥିବା ଭଳି ମନେହେଲା । ଖେଳୁ ଖେଳୁ ଦିନ ଦିପହର ହୋଇଗଲା ।

ହଠାତ୍ ସାଙ୍ଗମାନେ କୃଷ୍ଣଙ୍କୁ ଘେରିଯାଇ କହିଲେ, ଭଲ ଖେଳ ଲୀଳା ଲଗାଇଲୁ ଯେ ଆମେ ଭୋକଶୋକ ବି ଭୁଲିଗଲୁଣି । ସୂର୍ଯ୍ୟ ଦେବତା ମୁଣ୍ଡ ଉପରକୁ ହେଲେଣି । ଭୀଷଣ ଭୋକ । ରାମ କୃଷ୍ଣ ଦୁହେଁ ମିଶି କ'ଣ କିଛି ବ୍ୟବସ୍ଥା କର । କ'ଣ କୁଉଠୁ ଆଣ । ଜଣେ ସାଙ୍ଗ କହିଲା,. ଇମିତି ଭୋକ ହେଉଛି ଯେ ଗଛପତ୍ର କିଛି ବାକି ରହିବନି । ଅଖାଦ୍ୟ ହେଲେ ବି ପେଟ ତ ପୂରାଇବାକୁ ପଡ଼ିବ ।

ଶ୍ରୀକୃଷ୍ଣ କହିଲେ, ଟିକିଏ ସମ୍ଭାଳି ଯାଅ । ବହୁ ଦୂରକୁ ତ ଚାଲି ଆସିଲେଣି । ସାଙ୍ଗରେ ତ ଘୋଟଣା ଧରି ଆସିନେ । ଘରେ ମଧ୍ୟ କହିନେ । ମୁଁ ଟିକିଏ ଭାବେ ।

ହେଉ ଭାବ, କହି ସାଙ୍ଗମାନେ ଚୁପ୍ ରହିଲେ । ଶ୍ରୀକୃଷ୍ଣ ଆଖିବୁଜି ସତେକି କିଛି ଚିନ୍ତା କରୁଥିବା ଭଳି ମୁଖଭଙ୍ଗି କଲେ । ତା'ପରେ ଆଖି ଖୋଲି କହିଲେ, ନିକଟରେ ଗୋଟିଏ ପବିତ୍ର ଜାଗା ଅଛି । ତୀର୍ଥସ୍ଥଳୀ । ସେଠି ବେଦଜ୍ଞ ବ୍ରାହ୍ମଣମାନେ 'ଅଙ୍ଗିରସ' ଯଜ୍ଞ କରୁଛନ୍ତି । ସେଠି ଭୋଜି ଭାତ ଚାଲିଛି । ତୁମେମାନେ ସେଠିକି ଯାଅ – ବ୍ରାହ୍ମଣମାନଙ୍କୁ କହିବ, ବୃନ୍ଦାବନର କୃଷ୍ଣ, ବଳରାମ ପଠାଇଛନ୍ତି, ଆମକୁ ଖାଇବାକୁ ଦିଅ ।

ଯଜ୍ଞାନ୍ନ ମିଳିବ – ଶୁଣିବାମାତ୍ରେ ସାଙ୍ଗ ଗୋପାଳମାନେ ଦୌଡ଼ିଲେ ଯଜ୍ଞସ୍ଥଳୀକୁ । ବ୍ରାହ୍ମଣମାନଙ୍କ ପାଦତଳେ ପ୍ରଣିପାତ କଲେ । ଅତି ବିନୀତ ଭାବରେ କହିଲେ, ହେ ମହାତ୍ମାଗଣ ! ଆମେ ବୃନ୍ଦାବନର ଗୋପାଳ । ଗାଈ ଚରାଇବାପାଇଁ ଏ ଅଞ୍ଚଳକୁ ଆସିଥିଲୁ । ବହୁ ବିଳମ୍ବ ହୋଇଗଲାଣି । ଘରକୁ ଫେରିବା ପାଇଁ ବହୁତ ସମୟ ଲାଗିବ । ଆମକୁ ଆଉ କୃଷ୍ଣ ବଳରାମଙ୍କୁ ବହୁତ ଭୋକ ହେଉଛି । ଆମ କ୍ଷୁଧା ନିବାରଣ କରନ୍ତୁ । ନନ୍ଦପୁଅ କୃଷ୍ଣ ବଳରାମ ପାଇଁ ମଧ୍ୟ ଆମେ ଯଜ୍ଞପ୍ରସାଦ ନେଇ ଯିବୁ । ସେମାନେ ଗାଈ ଜଗିଛନ୍ତି । ଆମକୁ ପଠାଇଛନ୍ତି ।

ଜଣେ ପଣ୍ଡିତିଆ ଗୋପାଳ ବ୍ରାହ୍ମଣମାନଙ୍କୁ ବୁଝାଇ କହିଲେ, 'ଶୌତ୍ରମଣି' ଯଜ୍ଞ କରାଗଲେ, ତା'ର ପ୍ରସାଦ ଅନ୍ୟମାନେ ଖାଇବା କଥା ନୁହଁ । କିନ୍ତୁ ଯେହେତୁ ଯଜ୍ଞପଶୁର ଆହୁତି ଦିଆଯାଇଛି, ସେ ଯଜ୍ଞ ପ୍ରସାଦ ଆମକୁ ଦେବାରେ କିଛି କ୍ଷତି ନାହିଁ । ସେଥିରେ କୌଣସି ପାପ ହେବନାହିଁ ।

ବ୍ରାହ୍ମଣମାନେ ସବୁକଥା ନୀରବରେ ଶୁଣିଲେ । କିନ୍ତୁ ସେମାନଙ୍କ ମନରେ ପ୍ରଚଣ୍ଡ ଜ୍ଞାନଗର୍ବ । ଗୋପାଳଙ୍କ ମୁହଁରୁ ଉଚିତ, ଅନୁଚିତ କ'ଣ ଉପଦେଶ ଶୁଣି ମନେ ମନେ

ହସିଲେ । ସେମାନଙ୍କ ଯଜ୍ଞାନୁଷ୍ଠାନର ଏକମାତ୍ର ଉଦ୍ଦେଶ୍ୟ ସ୍ୱର୍ଗଲାଭ । କର୍ମକାଣ୍ଡ ଓ ତତ୍‌ସଂଲଗ୍ନ ବିଧିବିଧାନ, ଉପଚାର ଆଦି ଥିଲା ପ୍ରଧାନ । ଜ୍ଞାନଗର୍ବରେ ସେମାନଙ୍କ ମତିଭ୍ରମ ଘଟିଥିଲା । ତେଣୁ ନରରୂପରେ ନାରାୟଣ ଅନ୍ନଭିକ୍ଷା କଲେ ମଧ ସେମାନେ ପ୍ରତ୍ୟାଖ୍ୟାନ କଲେ । ବେଖାତିର କଲେ । ହଁ କି ନାହିଁ କିଛି କହିଲେ ନାହିଁ । ନାରାୟଣ ସ୍ୱୟଂ ଯଜ୍ଞେଶ୍ୱର । ଯଜ୍ଞ ମାଧମରେ ବ୍ରାହ୍ମଣମାନେ ନାରାୟଣଙ୍କୁ ହିଁ ପ୍ରାର୍ଥନା କରୁଥିଲେ । କିନ୍ତୁ ସେ ନିଜେ ଅନ୍ନ ଭିକ୍ଷା କଲେ ମଧ ବ୍ରାହ୍ମଣମାନେ ତାଙ୍କୁ ଚିହ୍ନି ପାରିଲେ ନାହିଁ । ନନ୍ଦରାଜାର ପୁଅ ଭାବରେ ହିଁ ସେମାନେ ଶ୍ରୀକୃଷ୍ଣଙ୍କୁ ଜାଣିଥିଲେ । କିନ୍ତୁ ଶ୍ରୀକୃଷ୍ଣ ଯେ ସ୍ୱୟଂ ବିଷ୍ଣୁ, ନାରାୟଣ, ଅଧମ ବ୍ରାହ୍ମଣମାନଙ୍କର ସେତିକି ଜ୍ଞାନ ନଥିଲା ।

କୃଷ୍ଣ ସଖାମାନେ ବହୁ ସମୟ ଧରି ଅପେକ୍ଷା କଲେ । ସମସ୍ତେ ଭୋକରେ ଆଉଟୁ ପାଉଟୁ । ଭୋକ ତୁଳନାରେ 'ଅପେକ୍ଷା' ଅଧିକ କଷ୍ଟଦାୟକ । ବ୍ରାହ୍ମଣମାନଙ୍କ ଆଡୁ କୌଣସି ଅନୁକୂଳ ଉତ୍ତର ନପାଇ ସେମାନେ ଫେରିଗଲେ ରାମକୃଷ୍ଣଙ୍କ ପାଖକୁ । ଯାହା ଯାହା ଘଟିଥିଲା ସେମାନେ ଶ୍ରୀକୃଷ୍ଣଙ୍କୁ କହିଲେ ।

ଶ୍ରୀକୃଷ୍ଣ ସାଙ୍ଗମାନଙ୍କୁ କହିଲେ, ଭିକାରୀ ମାତ୍ରେ ଏପରି ଅନେକ ସ୍ଥାନରୁ ପ୍ରତ୍ୟାଖାନ ବାଣୀ ଶୁଣିଥାଆନ୍ତି । ଅପମାନ ସହ୍ୟ କରନ୍ତି । ସେଥିରେ ବ୍ୟସ୍ତ ହେବାର କିଛି ନାହିଁ । ଆଚ୍ଛା ଗୋଟିଏ କାମ କର । ଯଜ୍ଞସ୍ଥଳରେ ବ୍ରାହ୍ମଣମାନଙ୍କ ସ୍ତ୍ରୀ ବ୍ରାହ୍ମଣୀମାନେ ଅଛନ୍ତି । ସେମାନେ ବେଦ ଫେଦ କିଛି ଜାଣନ୍ତି ନାହିଁ । କିନ୍ତୁ ସେମାନେ ମତେ ଭଲ ପାଆନ୍ତି । ମୋ ନାଁ ଶୁଣିବା ମାତ୍ରେ ଖାଦ୍ୟ କ'ଣ, ଦରକାର ପଡିଲେ ପ୍ରାଣତ୍ୟାଗ କରିବାକୁ ପ୍ରସ୍ତୁତ । କୃଷ୍ଣ ଓ ଭାଇ ବଳରାମ ଏଠି ଭୋକରେ ସଢୁଛନ୍ତି କହିବା ମାତ୍ରେ କେବଳ ତୁମକୁ ଖାଇବାକୁ ଦେବେ ନାହିଁ, ଖାଦ୍ୟ ପେୟ ଧରି ଆମ ପାଖକୁ ଦୌଡି ଆସିବେ । ସେମାନେ ଯଜ୍ଞାନ୍ନ ରାନ୍ଧିବାରେ ବ୍ୟସ୍ତ ଥିବେ । ସେମାନଙ୍କୁ ରୋଷେଇଶାଳାରେ ପାଇବ ।

ଜଣେ ଗୋପାଳ କହିଲେ, ଏକଥା ଆମକୁ ପ୍ରଥମରୁ କହିଲନି । ବ୍ରାହ୍ମଣଙ୍କ ପାଖକୁ ନଯାଇ ବ୍ରାହ୍ମଣୀମାନଙ୍କ ପାଖକୁ ଯାଇଥା'ନ୍ତୁ । ଅପମାନିତ ହୋଇନଥାନ୍ତୁ ।

ଶ୍ରୀକୃଷ୍ଣ କହିଲେ, ତଥାକଥିତ ବ୍ରାହ୍ମଣମାନେ କ'ଣ ଏତିକି ତ ଜାଣିଲ ! ଖାଲି ବେଦପାଠ କଲେ କିମ୍ବା ଶହ ଶହ ଯଜ୍ଞ କଲେ, କେହି ବ୍ରାହ୍ମଣ ବୋଲାଇ ନପାରେ । ଏଥିଲାଗି, ଯାହା ଆବଶ୍ୟକ, ସବୁ ରହିଛି ବ୍ରାହ୍ମଣୀମାନଙ୍କ ହୃଦୟରେ, ମନରେ । ଖାଲି ଘୃତ କିମ୍ବା ପଶୁ ଆହୁତି ଦେଇଦେଲେ ଯଜ୍ଞାନୁଷ୍ଠାନ ସାର୍ଥକ ହୋଇନଥାଏ । ଯଜ୍ଞର ଅର୍ଥ ତ୍ୟାଗ । ଏହା ଆନ୍ତରିକ ଭାବରେ କରାଯିବା ଆବଶ୍ୟକ । ବ୍ରାହ୍ମଣୀମାନେ ମୋ ଭକ୍ତ । ଭକ୍ତି ଭାବ ସେମାନଙ୍କର ଅନ୍ତର ଭିତରେ ଭରପୂର ରହିଛି ।

●

॥ ୩୭ ॥

# ବ୍ରାହ୍ମଣୀମାନଙ୍କ ବ୍ରହ୍ମଦର୍ଶନ

ବାଳଗୋପାଳମାନଙ୍କୁ ବାଳକୃଷ୍ଣଙ୍କ ନିର୍ଦ୍ଦେଶ, ଏଥର ସିଧାସଳଖ ଯିବ ବ୍ରାହ୍ମଣୀମାନଙ୍କ ପାଖକୁ । ବ୍ରାହ୍ମଣମାନେ ସିନା ମନା କରିଦେଲେ ଖାଇବାକୁ ଦେବାକୁ, — ବ୍ରାହ୍ମଣୀମାନେ ମନା କରିବେନି — ଏକଥା ଶ୍ରୀକୃଷ୍ଣ ଜାଣନ୍ତି । କାରଣ ବହୁଦିନରୁ ଶ୍ରୀକୃଷ୍ଣଙ୍କ ଦର୍ଶନ ଲାଗି ସେମାନେ ଆକୁଳ, ବ୍ୟାକୁଳ !

ବ୍ରାହ୍ମଣୀମାନେ ଯଜ୍ଞ ସ୍ଥଳରେ ଯେଉଁଠି ଥିଲେ, ବାଳଗୋପାଳମାନେ ସେଇଠି ପହଞ୍ଚିଲେ । ବ୍ରାହ୍ମଣୀମାନଙ୍କୁ ଦଣ୍ଡବତ୍ ପ୍ରଣାମ କଲେ । କହିଲେ, ଶ୍ରୀକୃଷ୍ଣ ଆମମାନଙ୍କୁ ପଠେଇଛନ୍ତି । ଆପଣମାନଙ୍କୁ ଏକ ବାର୍ତ୍ତା ମଧ୍ୟ ଦେଇଛନ୍ତି । ଟିକକ ଆଗରୁ ଏଠିକି ଆସି ଆମେ ଫେରି ଯାଇଛୁ । ରାମ ଓ କୃଷ୍ଣ ଏଠୁ ଅଳ୍ପ ଦୂରରେ ଗାଇ ଚରଉଛନ୍ତି । ତାଙ୍କର ବାର୍ତ୍ତା ହେଉଚି, ''ଗାଈ ଓ ବାଛୁରୀ ଚରଉ ଚରଉ ମୁଁ, ମୋ ଭାଇ ବଳରାମ ଓ ମୋ ସାଙ୍ଗସାଥୀମାନେ ଦୂରକୁ ଚାଲି ଆସିଛୁ ! ସମସ୍ତଙ୍କୁ ଭୀଷଣ ଭୋକ । ଘରକୁ ଫେରିଲା ବେଳକୁ ସଂଧ୍ୟା ହୋଇଯିବ । ଆମକୁ କିଛି କିଛି ଖାଇବାକୁ ଦିଅ ନଚେତ୍ ଭୋକରେ ଛଟପଟ ହେବୁ ।''

ଗୋପାଳମାନଙ୍କ ତୁଣ୍ଡରୁ କଥା ନସରୁଣୁ ବ୍ରାହ୍ମଣୀମାନଙ୍କ ମନ ଛଟପଟ ହେଲା ଶ୍ରୀକୃଷ୍ଣଙ୍କ ପାଖକୁ ଯିବାପାଇଁ । ଦୁଃଖରେ ହେଉ କି ସୁଖରେ ହେଉ, ସେମାନଙ୍କ ଆଖିରୁ ଲୁହ ଝରି ଆସିଲା । ମନ ଉଚ୍ଚାଟ ହୋଇ ଉଠିଲା । ମନ ଭିତରେ କୃଷ୍ଣ ଦର୍ଶନ ପିପାସା ଲହଡି ଭାଙ୍ଗିଲା । ହୃଦୟରେ ପ୍ରେମରସ ଉଚ୍ଛୁଳି ଉଠିଲା । ଯଜ୍ଞ ଲାଗି ସେମାନେ ଯାହା ଯାହା ରାନ୍ଧିଥିଲେ, ବାସନ କୁସନ ସହ ସବୁ ଧରି ସେମାନେ ଦୌଡିଲେ କୃଷ୍ଣଙ୍କ ପାଖକୁ । ରାମକୃଷ୍ଣ ଦୁହେଁ ଭୋକରେ ଡହଳ ବିକଳ ଅଥଚ ଯଜ୍ଞସ୍ଥଳରେ ଖାଦ୍ୟ ସାମଗ୍ରୀ ଭରପୁର.... ବ୍ରାହ୍ମଣୀମାନେ ଶୁଣିବାମାତ୍ରେ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ । ସେମାନଙ୍କ ହୃଦୟରେ କୃଷ୍ଣଦର୍ଶନ ପିପାସା ଅସମ୍ଭାଳ । ଏପଟେ ମନରେ କ୍ଷୁଧା, ସେପଟେ ପେଟରେ କ୍ଷୁଧା ! ସମୁଦ୍ର ଆଡକୁ ନଦୀଗୁଡ଼ିକ କ୍ଷିପ୍ର ଗତିରେ ଦୌଡ଼ିଲା ଭଳି ଭଗବାନଙ୍କ ଆଡକୁ ଭକ୍ତର ଦୌଡ଼ ଲାଗି ରହିଛି ଯୁଗ ଯୁଗ ଧରି, ସୃଷ୍ଟିର ଆରମ୍ଭରୁ । ଏହି ଦୌଡର କଳନା ନାହିଁ । ଭକ୍ତ ପାଦେ ଆଗେଇ ଯିବା ମାତ୍ରେ ଭଗବାନ ତା ଆଡକୁ ଦି'ପାଦ ଆଗେଇ ଆସନ୍ତି ।

ବ୍ରାହ୍ମଣୀମାନେ ଶ୍ରୀକୃଷ୍ଣଙ୍କ ଦର୍ଶନ ଲାଗି ପାଗଳିନୀ । କାହାର ଅଣ୍ଟାରୁ ତ କାହାର ଛାତିରୁ ଲୁଗା ଖସି ଆସିଲାଣି । ସେଥିପ୍ରତି ତିଳେ ହେଲେ ଦୃଷ୍ଟି ନାହିଁ । ଶ୍ୟାମଘନ ଆସିଛନ୍ତି ଗୋଚାରଣ ଛଳରେ କେବଳ ସେମାନଙ୍କୁ ଦର୍ଶନ ଦେବାଲାଗି । ସାଙ୍ଗସାଥୀମାନଙ୍କୁ ଭୋକରେ ରଖିବା ତାଙ୍କର ଆଉ ଏକ ଲୀଳା ।

ଦେହରେ ପୀତାମ୍ବର । ମଥାରେ ମୟୂରଚୂଳ । ଗଳାରେ ବନମାଳା । ହାତରେ କମଳକୋରକ । ଶ୍ୟାମ ସୁନ୍ଦର ମନେ ହେଲା ଯେପରି ଆଜି ଗୌର ସୁନ୍ଦର ପାଲଟିଛନ୍ତି । ଯଜ୍ଞପତ୍ନୀମାନେ ଏହି ଅପରୂପ ଆନନ୍ଦକନ୍ଦ ବ୍ରଜେନ୍ଦ୍ରନନ୍ଦନ କୃଷ୍ଣଚନ୍ଦ୍ରଙ୍କୁ ଦୂରରୁ ଦେଖିବାମାତ୍ରେ ଚକିତ ତଥା ବିମୋହିତ ହୋଇ ପଡ଼ିଲେ । ନିଜ ଅସ୍ତିତ୍ୱକୁ ଭୁଲିଗଲେ । ସେମାନଙ୍କ ମୁଣ୍ଡ ଉପରେ ସୁମିଷ୍ଟ ମିଷ୍ଟାନ୍ନର ଥାଳ । ଦେହ ଥରି ଉଠିଲା । ହୃଦୟ ଭିତରେ ସୃଷ୍ଟି ହେଲା ମଧୁର କମ୍ପନ । ଅପୂର୍ବ ସ୍ପନ୍ଦନ ।

ସେମାନଙ୍କ ପ୍ରାଣାରାମ ଶ୍ରୀକୃଷ୍ଣ ଜଣେ ସଖାଙ୍କ କାନ୍ଧ ଉପରେ ହାତ ରଖି, ମୃଦୁହାସ୍ୟର କଲ୍ଲୋଳ ସୃଷ୍ଟି କରିବାରେ ଲାଗିଥିଲେ । ସେ ହସରୁ ଯେପରି ଅମୃତ ଝରୁଥିଲା । ଶ୍ରୀକୃଷ୍ଣ ଗୋକୁଳରେ ଥିବାବେଳେ ତାଙ୍କର ବାଲ୍ୟଲୀଳା ସମ୍ପର୍କରେ ବ୍ରାହ୍ମଣୀମାନେ ନାନା କଥା ଶୁଣିଥିଲେ । ବୃନ୍ଦାବନକୁ ଆସିବା ପରେ ମଧ ବହୁ ଲୀଳା କଥା ଶୁଣିଥିଲେ । ଏହି ସେହି ଶ୍ରୀକୃଷ୍ଣ ! ସେମାନଙ୍କ ସମ୍ମୁଖରେ ଦଣ୍ଡାୟମାନ । ବ୍ରାହ୍ମଣୀମାନେ ନିଜର କର୍ଣ୍ଣଦେଇ ଶ୍ରୀକୃଷ୍ଣଙ୍କ ଲୀଳାରସ ପାନ କରିଆସୁଥିଲେ, ଏବେ ଚକ୍ଷୁ ଦେଇ ସାକ୍ଷାତ ଲୀଳାମୟଙ୍କୁ ଦେଖୁଛନ୍ତି । ସେମାନଙ୍କ ଆନନ୍ଦ କହିଲେ ନସରେ ।

ଶ୍ରୀକୃଷ୍ଣ ଜାଣିପାରିଲେ ବ୍ରାହ୍ମଣୀମାନଙ୍କ ମନକଥା । ମାଆ, ଭଉଣୀ ଆଦି ସଂବୋଧନ କରି ସେମାନଙ୍କୁ ସେ ସ୍ୱାଗତ କଲେ । ପାଖକୁ ଡାକି ସମସ୍ତଙ୍କୁ ବସିବା ପାଇଁ କହିଲେ । ବ୍ରାହ୍ମଣୀମାନେ ଅପଲକ ନେତ୍ରରେ କୃଷ୍ଣଚନ୍ଦ୍ରଙ୍କୁ ନିରୀକ୍ଷଣ କରି ରହିଥିଲେ । ସୂତ୍ରଧର ସେ । ବ୍ରାହ୍ମଣୀମାନେ ତାଙ୍କର କଣ୍ଢେଇ, କ୍ରୀଡ଼ା ପୁତ୍ତଳିକା ମାତ୍ର । ବସ କହିଲେ ବସିଲେ, ଉଠ କହିଲେ ଉଠିଲେ । ଯାହାର ଅସ୍ତିତ୍ୱର ଅନୁଭବ ନାହିଁ, ତା'ର କର୍ତ୍ତୃତ୍ୱ ଆସିବ କୁଆଡୁ ?

ଶ୍ରୀକୃଷ୍ଣ ସେମାନଙ୍କୁ କହିଲେ, ମୁଁ ଆପଣମାନଙ୍କ ପାଇଁ କ'ଣ କରି ପାରିବି କହିବା ହୁଅନ୍ତୁ । ଆମେମାନେ ଆପଣମାନଙ୍କୁ ପାଇ ଭାଗ୍ୟବାନ୍ । ଆମର ସୌଭାଗ୍ୟ ଯେ ଆପଣମାନେ ଆମମାନଙ୍କୁ ଦେଖିବାପାଇଁ, ଆମମାନଙ୍କୁ ଅନ୍ନଦାନ କରିବା ଲାଗି ଏତେ ଦୂରରୁ ଆସିଛନ୍ତି । ସବୁଯୁଗରେ, କ୍ଷୁଧିତକୁ ଅନ୍ନଦାନ କରିବା ହେଉଛି, ସବୁଠାରୁ ବଡ଼ପୁଣ୍ୟ । ଆମମାନଙ୍କ ଘର ଏଠାରୁ ବହୁତ ଦୂରରେ । ଘରେ ଥିଲେ, ଆପଣମାନଙ୍କ ଦାନ ଲାଗି ଯଥାସମ୍ଭବ କିଛି କିଛି ପ୍ରତିଦାନ କରି ପାରିଥାଆନ୍ତୁ । ମୁଁ ଜାଣେ, ତୁମେମାନେ କୌଣସି ପ୍ରତିଦାନ ଚାହଁ ନାହିଁ । କେବଳ ମତେ ଚାହଁ । ଏହି ନିଷ୍କାମଭକ୍ତି ହିଁ ସମର୍ପଣ

ଭାବ ଓ ଯୋଗ । ତୁମେମାନେ ସ୍ୱାମୀ, ସନ୍ତାନ, ଶାଶୁ, ଶ୍ୱଶୁର ପରିବାରର ସମସ୍ତଙ୍କୁ ତ୍ୟାଗ କରି ମତେ ସର୍ବାନ୍ତକରଣରେ ପାଇବା ଲାଗି ଇଚ୍ଛାକରି ଆସିଚ । ଏହି ପ୍ରେମାନନ୍ଦଠୁ ବଳି ଆନନ୍ଦ କିଛି ଥାଇ ନପାରେ । ବ୍ରାହ୍ମଣପତ୍ନୀ ହୋଇ ତୁମେମାନେ ବ୍ରହ୍ମୀ ପାଲଟି ଯାଇଛ । ଏହା ହିଁ ସର୍ବଶ୍ରେଷ୍ଠ ପ୍ରାପ୍ତି । ଶ୍ରେଷ୍ଠ ଗତି । କିନ୍ତୁ ମୁଁ ଗୋଟିଏ କଥା କହିବି, ହୁଏତ ତୁମମାନଙ୍କୁ ଭଲ ଲାଗି ନପାରେ । କର୍ତ୍ତବ୍ୟ ଦୃଷ୍ଟିରୁ ତାହା କରିବାକୁ ପଡ଼ିବ । ତୁମମାନଙ୍କ ଅନୁପସ୍ଥିତିରେ ବ୍ରାହ୍ମଣମାନଙ୍କ ଯଜ୍ଞାନୁଷ୍ଠାନ ସମ୍ପୂର୍ଣ୍ଣ ସାର୍ଥକ ହୋଇ ପାରିବନି । ତେଣୁ ମୋର ଆଦେଶ କହ ବା ଅନୁରୋଧ କହ, ତୁମେମାନେ ଯାଜ୍ଞିକବ୍ରାହ୍ମଣ ତୁମମାନଙ୍କ ସ୍ୱାମୀମାନଙ୍କ ପାଖକୁ ଫେରିଯାଅ । ତୁମମାନଙ୍କୁ ନପାଇ ସେମାନେ ବ୍ୟସ୍ତ ହୋଇ ପଡ଼ିଲେଣି । ସେମାନେ ଯେଉଁ ଯଜ୍ଞ କରୁଛନ୍ତି, ସେଥିରେ ସମୀଧଠାରୁ ଆରମ୍ଭ କରି ଘୃତାଦି ସମଗ୍ର ସାମଗ୍ରୀ ଭିତରେ ମୁଁ ରହିଛି । ମୋ ସଂକଳ୍ପ ବ୍ୟତୀତ ଏ ସଂସାରରେ କିଛି ହୋଇ ନପାରେ । ଘାସ ସୁଦ୍ଧା ହଲି ନପାରେ । ତୁମେମାନେ ତ ବୁଦ୍ଧିମତୀ, ଜ୍ଞାନବତୀ, ତୁମମାନଙ୍କୁ ବୁଝାଇବା ଆବଶ୍ୟକ ବୋଲି ମୁଁ ମନେ କରୁନାହିଁ ।

ଶ୍ରୀକୃଷ୍ଣଙ୍କ ସାନ୍ନିଧ ପାଇ, ତାଙ୍କର ମିଠାମିଠା କଥା ଶୁଣି, ତାଙ୍କର ମନମୋହନ ରୂପକୁ ଦେଖି, ବ୍ରାହ୍ମଣୀମାନେ ଏପରି ଭାବବିହ୍ୱଳ ହୋଇ ପଡ଼ିଥିଲେ ଯେ ଶ୍ରୀକୃଷ୍ଣଙ୍କୁ ଛାଡ଼ି ଯଜ୍ଞସ୍ଥଳକୁ ଫେରିଯିବା ପାଇଁ ଆଦୌ ଚାହୁଁ ନଥିଲେ । ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶକୁ ସେମାନେ ଅତି ନିର୍ମମ ଭାବରେ ଅନୁଭବ କଲେ । ଅଶ୍ରୁବିଗଳିତ ହୋଇ ପଡ଼ିଲେ । ଶ୍ରୀକୃଷ୍ଣଙ୍କୁ କହିଲେ, ତୁମ ମୁହଁରୁ ଏପରି କଠୋର ବଚନ ଶୁଣିବୁ ବୋଲି କଳ୍ପନା କରି ନଥିଲୁ । ଆମେ ଆସିଥିଲୁ, ତୁମର ଚରଣାରବିନ୍ଦରେ ପ୍ରଣାମ କରି, ତୁଳସୀ ସେବନ କରିବା ଲାଗି । ସ୍ୱାମୀମାନଙ୍କୁ ନ ପଚାରି କେବଳ ତୁମକୁ ପାଇବା ଲାଗି ଆସିଚୁ । ଏବେ ସେମାନଙ୍କ ପାଖକୁ ଫେରିଗଲେ । ସେମାନେ ଆମକୁ ଗ୍ରହଣ କରିବେ ତ ? ଆମେ ଏ କୂଳକୁ ହେଲୁନି କି ସେ କୂଳକୁ ହେଲୁନି । ତୁମ ବ୍ୟତୀତ ଆମେ କାହାକୁ ଚାହୁଁନା ।

ଶ୍ରୀକୃଷ୍ଣ ସେମାନଙ୍କୁ ପୁଣି ବୁଝେଇ କହିଲେ, ଫେରିଯାଅ, କେହି କିଛି କହିବେନି । ଦେବତାମାନେ ମଧ୍ୟ ତୁମ ପ୍ରତି ଖୁସି । ମୁଁ ତୁମମାନଙ୍କର ହୃଦୟରେ ସବୁବେଳେ ରହିଛି, ରହିଥିବି । ତୁମେମାନେ କେବଳ ମୋ ଗୁଣ କୀର୍ତ୍ତନ କର, ତା ଦ୍ୱାରା ମତେ ସବୁବେଳେ ପାଇ ପାରିବ । ତୁମେମାନେ ଗୃହିଣୀ । ଗୃହପ୍ରତି ତୁମମାନଙ୍କର ଦାୟିତ୍ୱ ରହିଛି । କର୍ତ୍ତବ୍ୟଚ୍ୟୁତ ହୁଅ ନାହିଁ ।

ବ୍ରାହ୍ମଣୀମାନେ ଯଜ୍ଞସ୍ଥଳକୁ ଫେରିଗଲେ । ଜଣେ ବ୍ରାହ୍ମଣୀ ବ୍ରାହ୍ମଣମାନଙ୍କ ଦ୍ୱାରା ଖୁଣ୍ଟରେ ବନ୍ଧା ହୋଇ ରହିଥିଲା । ବ୍ରାହ୍ମଣୀମାନେ ତାକୁ ମୁକୁଳେଇଲେ । ସେମାନଙ୍କ ଠାରୁ କୃଷ୍ଣଗାଥା ଶୁଣି ସେ ତୃପ୍ତିଲାଭ କଲା । ବ୍ରାହ୍ମଣମାନେ ନିଜ ନିଜ ସ୍ତ୍ରୀମାନଙ୍କୁ ଆନନ୍ଦରେ ଗ୍ରହଣ କଲେ ।

●

॥ ୩୮ ॥

# ଧିକ୍, ଧିକ୍, ଧିକ୍

ବ୍ରାହ୍ମଣୀମାନଙ୍କ ମନ କୃଷ୍ଣାନୁରାଗରେ ଅନୁରଞ୍ଜିତ, ଜର୍ଜରିତ । ସେମାନେ ଯଜ୍ଞଶାଳାକୁ ଫେରିଯିବାମାତ୍ରେ ବ୍ରାହ୍ମଣମାନଙ୍କ ମନରେ ଅପୂର୍ବ ପରିବର୍ତ୍ତନ ସଂଘଟିତ ହୋଇଥିଲା । କୃଷ୍ଣପ୍ରିୟାମାନଙ୍କ ଦର୍ଶନରେ ବ୍ରାହ୍ମଣମାନଙ୍କ ମନ ପୁଲକିତ ହୋଇ ଉଠିଥିଲା । ପତ୍ନୀମାନଙ୍କୁ ପାଖରେ ବସାଇ ସେମାନେ ଯଜ୍ଞାନୁଷ୍ଠାନ ସଂପନ୍ନ କରିଥିଲେ । କିନ୍ତୁ ପରେ ଅନୁତପ୍ତ ହୋଇ ପଡ଼ିଥିଲେ । ଲଜ୍ଜିତ ହୋଇଥିଲେ । ସେମାନଙ୍କ ମନରେ ନ୍ୟୂନ ଭାବର ସଂଚାର ହୋଇଥିଲା । ବ୍ରାହ୍ମଣୀମାନେ ଯେଉଁ ଭକ୍ତିଭାବର ଅମୃତରସ ପାନକଲେ, ସେଥିରୁ ସେମାନେ ବଞ୍ଚିତ ହୋଇପଡ଼ିଲେ । ସେହିମାନଙ୍କ ଗୃହୀଣୀମାନେ ବେଦ, ବେଦାନ୍ତ ଆଦି ଶାସ୍ତ୍ରର ଧାର ଧରନ୍ତି ନାହିଁ, ଜ୍ଞାନ ବିଜ୍ଞାନ କ'ଣ ଜାଣନ୍ତି ନାହିଁ, ଅଥଚ ସେମାନେ ଭକ୍ତିଭାବରେ ଭଗବାନଙ୍କ ସାନ୍ନିଧ୍ୟ ଲାଭକଲେ, ଭଗବାନଙ୍କ ମୁଖନିଃସୃତ ବାଣୀ ଶୁଣି ପାରିଲେ । ଏହି ଅନୁଶୋଚନା ହିଁ ବ୍ରାହ୍ମଣମାନଙ୍କ ମନକୁ ବାରମ୍ବାର ଆଘାତ କରିବାରେ ଲାଗିଲା ।

ରାମକୃଷ୍ଣ ଲୋକପଠାଇ ଖାଇବାକୁ ମାଗିଲେ, ଅଥଚ ବ୍ରାହ୍ମଣମାନେ ସେମାନଙ୍କୁ ହତାଦର କଲେ, ଅନ୍ନ ଦେବାକୁ ମନା କରିଦେଲେ, ଏହାଠୁ ବଳି ଅପରାଧ କ'ଣ ଥାଇପାରେ ? ସେମାନେ ନିଜର ସଂସ୍କାର, ପରମ୍ପରା କଥା ଭାବିବାକୁ ଲାଗିଲେ । ଭାବିଲେ, ଆମେ ସମସ୍ତେ ତ୍ରିବାର ପବିତ୍ର । ପ୍ରଥମତଃ ବ୍ରାହ୍ମଣକୁଳରେ ଆମର ଜନ୍ମ, ଦ୍ୱିତୀୟରେ ଗାୟତ୍ରୀ ମଂନ୍ତ୍ରରେ ଦୀକ୍ଷିତ, ତୃତୀୟରେ ଯଜ୍ଞାନୁଷ୍ଠାନ କରିବାକୁ ଯୋଗ୍ୟତା ହାସଲ କରିଥିବାରୁ ଆମେ ଯାଜ୍ଞିକ । କିନ୍ତୁ ଏହି ପବିତ୍ରତା, ଏହି ସ୍ୱଚ୍ଛତାର କ'ଣ ବା ମୂଲ୍ୟ ରହିଲା ? ଯାହାର ହୃଦୟ ନିର୍ମଳ, ପବିତ୍ର ନୁହଁ, ତା'ର ବାହ୍ୟିକ ପବିତ୍ରତାରେ ଲାଭ ବା କ'ଣ ? ଯେଉଁ ପିଲାଦୁଇଟି ପରମାତ୍ମାସ୍ୱରୂପ, ଯେଉଁମାନେ ନରଦେହରେ ନାରାୟଣ ଓ ଶଙ୍କର, ଯେଉଁମାନେ ମାନବରୂପରେ ମାଧବ, ପୁରୁଷ ରୂପରେ ପୁରୁଷୋତ୍ତମ, ସେମାନଙ୍କୁ ତ ଆମେ ଅବହେଳା କରିବସିଲୁ, ପୁଣ୍ୟ ଯାଚି ହୋଇ ଆସିବା ବେଳେ ତାକୁ ପଦାଘାତ କରି, ପାପକୁ ଆଦରିଲୁ, ଏହାଠୁ ବଳି ପାତକ ଆଉ କ'ଣ ଥାଇପାରେ ? ଧିକ୍ ଆମର ଜୀବନ, ଧିକ୍ ଆମର ଜ୍ଞାନ ଗରିମା, ଧିକ୍ ଆମର ଅଧ୍ୟୟନ ! ବେଦପାଠ କରି ଯଦି ବେଦର ମର୍ମକୁ ବୁଝି ନପାରିଲୁ, ବୁଝି ପାରିଲେ ମଧ ବେଦ

ନିର୍ଦ୍ଦେଶକୁ ଜୀବନରେ ପାଳନ ନକଲୁ, ତାହାହେଲେ ଆମର ଜ୍ଞାନ ନିରର୍ଥକ ନୁହଁ କି ? ଆମ କର୍ମକାଣ୍ଡକୁ ମଧ୍ୟ ଧିକ୍ ! ତଥାକଥିତ ଜ୍ଞାନଗହ୍ୱର ଭିତରେ ପ୍ରବେଶ କରି ସତ୍ୟକୁ ଦେଖି ପାରିଲୁ ନାହିଁ । ସ୍ତ୍ରୀମାନଙ୍କୁ ଆମେ 'ମାୟା' ବୋଲି ଜ୍ଞାନଗ୍ରନ୍ଥ ପାଠ କରି ବୁଝିଥିଲୁ । ସେହି ମାୟାବତୀମାନେ ହିଁ ଆମ ଆଖିରେ ଆଙ୍ଗୁଠି ଗେଞ୍ଜି ବୁଝାଇ ଦେଲେ, ଦୈହିକ ପ୍ରେମ, ପ୍ରେମ ନୁହଁ, କୃଷ୍ଣପ୍ରେମ ହିଁ ବାସ୍ତବ ପ୍ରେମ । ସେମାନେ ଉପନୟନ, ଗାୟତ୍ରୀମନ୍ତ୍ର ଜପ, ବ୍ରହ୍ମବିଦ୍ୟା, ବ୍ରହ୍ମଜ୍ଞାନର ଧାର ଧରନ୍ତି ନାହିଁ, କୌଣସି ତପସ୍ୟା କିମ୍ବା ସାଧନା କରିନାହାନ୍ତି । ଆତ୍ମବିଦ୍ୟା ସଂପର୍କରେ ସେମାନେ କୌଣସି ଅଧ୍ୟୟନ କରିନାହାଁନ୍ତି । ସନ୍ଧ୍ୟା, ବନ୍ଦନା, ପୂଜା, ଆରାଧନା, ଧ୍ୟାନ, ଧାରଣା ମଧ୍ୟ ଜାଣନ୍ତି ନାହିଁ ଅଥଚ ଭକ୍ତିଭାବ ଦ୍ୱାରା, ଯାହା ପାଇବା ଦୁଃସାଧ୍ୟ, ତାହା ପାଇ ପାରିଲେ । କେବଳ ଗଲେ, ଅଇଲେ । କ'ଣ ଦେଖିଲେ, କ'ଣ ଶୁଣିଲେ, ପଚାରିଲେ ମଧ୍ୟ ସେମାନେ ପଦେ ଉତ୍ତର ଦେବାକୁ ଅକ୍ଷମ । ଅଥଚ ସବୁ କିଛି ପାଇ ପାରିଲେ । ଏପରି ଉଚ୍ଛୁଳା ପ୍ରେମନଦୀରେ ସେମାନେ ଅବଗାହନ କରି ଆସିଛନ୍ତି ଯେ ବାଳମୁକୁଳା, ଦେହ ଲଗଲା – କିନ୍ତୁ ସେଥିପ୍ରତି କାହାର ଦୃଷ୍ଟି ନାହିଁ । ମନେ ହେଉଛି ଯିମିତି ସେମାନେ ପ୍ରାଣଟାକୁ ଶ୍ରୀକୃଷ୍ଣଙ୍କ ପାଖରେ ଛାଡିଦେଇ କେବଳ ଦିହଗୁଡ଼ିକୁ ଧରି ଫେରି ଆସିଛନ୍ତି ।

କେହି କେହି ବ୍ରାହ୍ମଣ ଧିକ୍କାର କରି କହିବାକୁ ଲାଗିଲେ, ଆମେ ବାହ୍ୟ ଉପଚାରରେ ଇମିତି ଲିପ୍ତ ହୋଇ ପଡିଥିଲୁ ଯେ ଶ୍ରୀକୃଷ୍ଣ ଆମକୁ ଗୃହସ୍ଥର ଧର୍ମ ସମ୍ପର୍କରେ ସୂଚନା ଦେଇଥିଲେ ମଧ୍ୟ ଆମେ ସେଥିପ୍ରତି ଭ୍ରୂକ୍ଷେପ କଲୁନାହିଁ । ଶ୍ରୀକୃଷ୍ଣ ତାଙ୍କ ସଖାମାନଙ୍କୁ ପଠାଇ ଆମକୁ ଶିକ୍ଷା ଦେଲେ ଯେ କେତେକ ପରିସ୍ଥିତିରେ ଯଜ୍ଞ ସଂପୂର୍ଣ୍ଣ ହେବା ପୂର୍ବରୁ ମଧ୍ୟ କ୍ଷୁଧିତକୁ ଅନ୍ନଦାନ କରିବା ବିଧେୟ । ନ କରିବା ପାପ । ଆମ ଭଳି ବୋକା କିଏ ଥାଇପାରେ ? ହଇହୋ, ଭଗବାନଙ୍କ ଅଭାବ କ'ଣ ? ସେ ଅନ୍ନଭିକ୍ଷା କରୁଥିଲେ କାହିଁକି ? କେବଳ ଆମକୁ ଶିକ୍ଷା ଦେବାପାଇଁ । ଆମେ ମୂର୍ଖଗୁଡାକ ନିଜକୁ ପଣ୍ଡିତ ମନେକରି କର୍ତ୍ତବ୍ୟ କ'ଣ ଭୁଲିଗଲୁ । ଲକ୍ଷ୍ମୀ ଯାହାଙ୍କ ଚରଣ ବନ୍ଦନା କରନ୍ତି, ସେ ପୁଣି ଆମକୁ ମୁଠେ ମୁଠେ ଅନ୍ନ ମାଗୁଥିଲେ ? ଆମେ ତାଙ୍କ ସଖାମାନଙ୍କୁ ମାଗିଖିଆ, ଚଖାଗୁଡାଏ ବୋଲି କହି ନାସ୍ତିବାଣୀ ଶୁଣାଇ ଫେରାଇ ଦେଲୁ !

ଯାଦବ କୁଳରେ ଯୋଗେଶ୍ୱର ନାରାୟଣ ଜନ୍ମଗ୍ରହଣ କରିଛନ୍ତି ବୋଲି ଦେବତାମାନେ ନାନା ଭାବରେ ଆମକୁ ସ୍ମରଣ କରାଇ ଯାଇଛନ୍ତି, ଅଥଚ ଆମେ ସେମାନଙ୍କ କଥାକୁ ବେଖାତିରି କରିବାରେ ଲାଗିଛୁ । ତେଣୁ ଜାଣିଶୁଣି ଆମେ ବାଟ ହୁଡିଲୁ । ଅଜାଣତରେ ଅବହେଳା କଲୁ ବୋଲି କହିଲେ କ'ଣ ଆମେ କ୍ଷମଣୀୟ ହୋଇ

ପାରିବୁ ? ଆମ ସ୍ୱାମୀମାନେ ଆମକୁ ଶିକ୍ଷା ଦେଲେ ଯେ ବିଧିବିଧାନ, ପୂଜା ଉପଚାର, ଏସବୁ ବାହ୍ୟିକ କର୍ମକାଣ୍ଡ ! ଭଗବତ ପ୍ରାପ୍ତି ଲାଗି ଏକମାତ୍ର ପଥ ହେଉଛି ଅକୁଣ୍ଠିତ ଭାବରେ ସଂପୂର୍ଣ୍ଣ ଆତ୍ମସମର୍ପଣ । ହେ କୃଷ୍ଣ, ହେ ଅଗତିର ଗତି, ହେ ଆର୍ତ୍ତତ୍ରାଣ, ଆମକୁ କ୍ଷମାକର । କ'ଣ କରିଛୁ ବା କରୁଛୁ, ନିଜେ ଜାଣୁନା । ପରମ୍ପରା ଆଉ ଲୋକାଚାରକୁ ଜାବୁଡ଼ି ଧରି, ଜ୍ଞାନର ଆସ୍ଫାଳନ କରି ଆମେ କୁପଥରେ ଚାଲିଆସିଛୁ ।

ଆଉ କୌଣସି କୌଣସି ବ୍ରାହ୍ମଣ ଅନୁତାପାନଳରେ ଦଗ୍ଧ ହୋଇ କହିବାକୁ ଲାଗିଲେ, ଭଗବାନଙ୍କ ମାୟା ଯୋଗୀମାନଙ୍କୁ ମଧ୍ୟ ମୋହିତ କରି ପକାଇଥାଏ । କାରଣ, ଆମେ ଜନ୍ମରୁ ବ୍ରାହ୍ମଣ ହେଲେ ମଧ୍ୟ ସ୍ୱାର୍ଥାନ୍ଧ । ଅମର କୁଳ ଧିକ୍, ଜନ୍ମ ଧିକ୍, ବ୍ରତ ଧିକ୍, ଜ୍ଞାନ, କର୍ମ, ନୈପୁଣ୍ୟ ସବୁ ଧିକ୍, ଧିକ୍, ଧିକ୍ ।

ଜଣେ ବ୍ରାହ୍ମଣ କହିଲେ, ଭାଗ୍ୟ ମନ୍ଦ, କୃଷ୍ଣଦର୍ଶନ ତ ହୋଇପାରିଲା ନାହିଁ, ଆସ ନିଜ ନିଜ ସ୍ତ୍ରୀମାନଙ୍କୁ ଦର୍ଶନ କରି କୃଷ୍ଣଦର୍ଶନ ସୁଖ ଓ ପୁଣ୍ୟ ଅର୍ଜନ କରିବା । ଆମମାନଙ୍କ ମନରେ ସଂସ୍କାରର ଗର୍ବ ହିଁ କୃଷ୍ଣ ଦର୍ଶନର ପ୍ରତିବନ୍ଧକ । ଆମେ ଭକ୍ତିରୁ ବିଚ୍ୟୁତ । ଆମ ସ୍ତ୍ରୀମାନେ ଦୃଢ଼ାଭକ୍ତି ଯୋଗୁଁ ହିଁ କୃଷ୍ଣଦର୍ଶନ ଲାଭ କରିପାରିଲେ । ଆମେମାନେ ଗୃହସ୍ଥ । ଗୃହରେ ହିଁ ରହିଗଲୁ । ସେମାନେ ଗୃହିଣୀ, କୃଷ୍ଣଙ୍କୁ ଗ୍ରହଣ କରିପାରିଲେ । ସେମାନଙ୍କ ଜୀବନ ଧନ୍ୟ ହୋଇଗଲା । ଆମେମାନେ କିଂଚିତ୍ ଦୋଷରୁ ସବୁଥିରୁ ବଞ୍ଚିତ ହୋଇ ପଡ଼ିଲୁ ।

ବ୍ରାହ୍ମଣମାନେ ବ୍ରାହ୍ମଣୀମାନଙ୍କୁ କୃଷ୍ଣଙ୍କୁ ଆଦର ସମ୍ବର୍ଦ୍ଧନା କରିବା ଭଳି ସ୍ୱାଗତ ସଂଭାଷଣ କଲେ । ପାଖରେ ବସାଇ ଶ୍ରୀକୃଷ୍ଣ ସେମାନଙ୍କୁ କ'ଣ କହିଲେ, ଆମକୁ କହ ବୋଲି ନିବେଦନ କଲେ ।

ବ୍ରାହ୍ମଣୀମାନେ କହିଲେ, ଶ୍ରୀକୃଷ୍ଣ ତ ଆମକୁ ଅଳ୍ପସମୟରେ ବହୁ କଥା କହିଲେ, ଆମେ ତ ମନ ସୁଦ୍ଧା ତାଙ୍କୁ ଅର୍ପଣ କରି ଦେଇଥିଲୁ । ତେଣୁ ମନ ବୋଲି କ'ଣ ଅଛି ଯେ ମନେ ପଡ଼ିବ । ଏତିକିମାତ୍ର ମନେ ଅଛି— ସେ ଆମକୁ ତୁମମାନଙ୍କ ପାଖକୁ ଫେରିଯିବାକୁ କହିଲେ । ଆମେ ଭୟ କରିଥିଲୁ, ହୁଏତ ତୁମେମାନେ ଆମମାନଙ୍କୁ ବାଡେଇବ, ମାରିବ, କୁଳଟା ବୋଲି କହି ଘରୁ ତଡିଦେବ । କିନ୍ତୁ ଶ୍ରୀକୃଷ୍ଣ ଆମକୁ ଭରସା ଦେଇ କହିଥିଲେ, ବ୍ରାହ୍ମଣମାନେ ସେଭଳି ଆଚରଣ କରିବେ ନାହିଁ । ତାଙ୍କର ଶେଷ ବାକ୍ୟ ହେଉଛି— 'ଜଗତରେ ସ୍ତ୍ରୀ-ପୁରୁଷଙ୍କ ଭିତରେ ଅଙ୍ଗସଙ୍ଗରୁ ଯେଉଁ ସୁଖ ଓ ସ୍ନେହ ବୃଦ୍ଧି ହୁଏ, ତାହା ଅଳିକ । କ୍ଷଣସ୍ଥାୟୀ । ତୁମେମାନେ ମୋ ପ୍ରତି ନିଜର ମନ ସମର୍ପଣ କରିଛ, ତେଣୁ ମୋତେ ପାଇପାରିବ । ମୋ ଗୁଣ, ଲୀଳା, ଭାବ ଓ ନାମ ସଂକୀର୍ତ୍ତନ ଦ୍ୱାରା ତୁମମାନଙ୍କ

ମନରେ ମୋପ୍ରତି ଯେଉଁ ପ୍ରେମଭାବ ଜାତହେବ, ତାହାହିଁ ଶାଶ୍ୱତ ପ୍ରେମ । ମୋ ସାନ୍ନିଧ ଲାଭକରି ଯେଉଁ ଆନନ୍ଦ ଲାଭକରିପାରିଛ, ମୋ ଗୁଣାଦି କୀର୍ତ୍ତନ କଲେ, ସେ ଆନନ୍ଦ ପାଇ ପାରିବ । ସ୍ୱାମୀମାନଙ୍କର ସେବା କରିବା ସଙ୍ଗେ ସଙ୍ଗେ ମୋତେ ସର୍ବଦା ମନରେ ରଖିଥିବ ।

ବ୍ରାହ୍ମଣମାନେ ସ୍ତ୍ରୀମାନଙ୍କଠାରୁ କୃଷ୍ଣବାଣୀ ଶ୍ରବଣ କରି ପରମ ଆନନ୍ଦ ଲାଭ କଲେ । ମନରୁ ଗ୍ଲାନି ଲୋପ ପାଇଲା ।

ଇଆଡେ ବ୍ରାହ୍ମଣୀମାନେ ଯେଉଁ ମିଷ୍ଟାନ୍ନ ଦେଇ ଆସିଥିଲେ, ରାମକୃଷ୍ଣ ସଖାମାନଙ୍କ ସହିତ ଏକାଠି ବସି ଖିଆପିଆ କଲେ । ସଞ୍ଜବେଳକୁ ଗାଇବାଛୁରୀ ସହିତ ଘରକୁ ଫେରିଲେ ।

●

॥ ୩୯ ॥

## କର୍ମହିଁ ଈଶ୍ୱର, ଇନ୍ଦ୍ର ନାମମାତ୍ର

ବ୍ରାହ୍ମଣମାନଙ୍କ ଯଜ୍ଞ ସରିଲା । ଶ୍ରୀକୃଷ୍ଣ ଓ ବଳରାମ ଦେଖିଲେ, ବ୍ରଜବୃନ୍ଦାବନରେ ଆଉ ଏକ ଯଜ୍ଞର ଆୟୋଜନ ଚାଲିଛି । ଆୟୋଜନର ପୁରୋଧା ନନ୍ଦରାଜା । ଏହାର ଉଦ୍ଦେଶ୍ୟ କ'ଣ, ଶ୍ରୀକୃଷ୍ଣ ଜାଣି ପାରିଲେ । ତଥାପି ନଜାଣିବା ଭଳି ନନ୍ଦବାବାଙ୍କୁ ପଚାରିଲେ, ଏ ଯଜ୍ଞର ଆୟୋଜନ କାହିଁକି ? ଏହାର ଫଳ କ'ଣ ? ଶୁଣିବା ଲାଗି ମନରେ କୌତୁହଳ ଜାଗ୍ରତ ହେଉଛି ।

ଶ୍ରୀକୃଷ୍ଣ ଆହୁରି ମଧ କହିଲେ, ''ଅନେକ ଲୋକ ଅଜାଣତରେ ଅନେକ କାର୍ଯ୍ୟ କରିପକାଇଥାଆନ୍ତି । ଯାହା ଜ୍ଞାନବଶତଃ କରାଯାଏ, ସେ କାର୍ଯ୍ୟ ସିଦ୍ଧ ହୋଇଥାଏ । କିନ୍ତୁ ଅଜ୍ଞାନରେ କରାଗଲେ, କୁକାର୍ଯ୍ୟରୁ ସୁଫଳ ମିଳି ନଥାଏ । ଆପଣମାନଙ୍କ ଏହି ଯଜ୍ଞାନୁଷ୍ଠାନ କ'ଣ ଶାସ୍ତ୍ରାନୁମୋଦିତ ?''

ନନ୍ଦରାଜା ପିଲା ମୁହଁରୁ ଏସବୁ ପ୍ରଶ୍ନ ଶୁଣି ଚକିତ ହେଲେ । ଯେତିକି ଜାଣିଥିଲେ, ବୁଝେଇ କହିଲେ । ସେ କହିଲେ, ''ସ୍ୱର୍ଗାଧିପତି ଇନ୍ଦ୍ର ହେଉଛନ୍ତି ପର୍ଜନ୍ୟ ବା ବର୍ଷାର ଦେବତା । ମେଘ ସକଳ ତାଙ୍କର ପ୍ରିୟତମ ମୂର୍ତ୍ତି । ସେ ଜୀବମାନଙ୍କୁ ବଞ୍ଚେଇ ରଖିବା ଲାଗି, ଶସ୍ୟ ଉତ୍ପାଦନ ଲାଗି, ଜଳବର୍ଷଣ କରିଥାଆନ୍ତି । ସେହି ଜଳରେ ପୃଥିବୀରେ ଯେଉଁ ଦ୍ରବ୍ୟ ଉତ୍ପନ୍ନ ହୁଏ, ସେହିଥିରେ ଯଜ୍ଞାନୁଷ୍ଠାନ କରାଯାଏ । ଯଜ୍ଞାନୁଷ୍ଠାନ ପରେ

ଯାହା ଅବଶିଷ୍ଟ ରହେ, ତଦ୍ଵାରା ମନୁଷ୍ୟ ଧର୍ମ, ଅର୍ଥ, କାମ ସିଦ୍ଧି ଲାଗି ଜୀବନ ଧାରଣ କରିଥାଏ । ମୋକ୍ଷ ଆଡ଼କୁ ଆଗେଇ ଥାଏ । ମନୁଷ୍ୟର ଯେକୌଣସି ବୃତ୍ତି, ବ୍ୟବସାୟ ଲାଗି ବର୍ଷାଋତୁ ହିଁ ସହାୟକ । ଏହି ଧର୍ମାନୁଷ୍ଠାନ ଯଜ୍ଞମାଧ୍ୟମରେ କରାଯାଏ । ଏହା ବହୁକାଳରୁ ଚଳି ଆସିଛି । ଯେଉଁ ବ୍ୟକ୍ତି କାମ, ଦ୍ଵେଷ, ଭୟ ବା ଲୋଭବଶତଃ ଏହି ଧର୍ମ ତ୍ୟାଗ କରେ, ତାହାର ମଙ୍ଗଳ ହୁଏନା । ମୁଁ ଏତିକିମାତ୍ର ଜାଣିଛି ।''

ଶୁକଦେବ ରାଜା ପରୀକ୍ଷିତଙ୍କୁ କହିଲେ, ପିତାଙ୍କ ମୁହଁରୁ ଏକଥା ଶୁଣି ଶ୍ରୀକୃଷ୍ଣ ମୁରୁକି ମୁରୁକି ହସିଲେ । ଇନ୍ଦ୍ରଙ୍କ ମନରେ କ୍ରୋଧ ଜନ୍ମେଇବା ଲାଗି ନନ୍ଦଙ୍କୁ କହିଲେ, ଜୀବଜନ୍ତୁ କର୍ମବଶତଃ ହିଁ ଜନ୍ମ ଗ୍ରହଣ କରିଥାଏ, କର୍ମବଶତଃ ହିଁ ସେ ଭୟ ପାଏ । କର୍ମ ଯୋଗୁଁ ହିଁ ସେ ସୁଖ, ଦୁଃଖ, ଭୟ, ମଙ୍ଗଳ ଆଦି ଲାଭ କରେ । ମଣିଷ ତ କର୍ମ କରିବ, ଫଳଦାତା ବୋଲି ଆଉ ଜଣେ ଦେବତା ଯଦି ରହିଥାଏ, ସେ ମଧ୍ୟ କର୍ମ କରୁଥିବ । ନଚେତ୍ ଫଳ ଦେବ କିମିତି ? ତା' କର୍ମର ଫଳ ସେ ପାଉଥିବ । ମଣିଷ ନିଜର କର୍ମର ଫଳ ନିଜେ ପାଇବ । ତା'ହେଲେ ଇନ୍ଦ୍ରଙ୍କୁ ପୂଜା କରି କି ଲାଭ ? ସେଥିରେ ଅଯଥା ଅର୍ଥ, ଶ୍ରମ ବ୍ୟୟ କରିବାର ତ କୌଣସି କାରଣ ମୁଁ ଦେଖିପାରୁ ନାହିଁ । ମନୁଷ୍ୟ ନିଜ ସ୍ଵଭାବର ଅଧୀନ । ନିଜ ସ୍ଵଭାବକୁ ଅନୁସରଣ କରିଥାଏ । ଦେବତା ହେଉ, ଅସୁର ହେଉ, ସମସ୍ତେ ସ୍ଵଭାବ ଦ୍ଵାରା ପରିଚାଳିତ । ତେଣୁ କର୍ମ ହିଁ ଈଶ୍ଵର । କର୍ମକୁ ହିଁ ପୂଜା କରାଯିବା ଉଚିତ । ଯିଏ ଯାହାଦ୍ଵାରା ଜୀବିତ, ସେ ତା'ର ଦେବତା । ଉଦାହରଣ ସ୍ଵରୂପ ଅସତୀ ନାରୀ ଉପପତି ଦ୍ଵାରା ସୁଖଲାଭ କରିନପାରେ । ତା' ମନରେ ଭୟ ଥାଏ । ସେହିଭଳି ଯିଏ ଗୋଟିଏ ବସ୍ତୁର କୃପାରେ ଜୀବନଧାରଣ କରି ଅନ୍ୟବସ୍ତୁର ସେବା କରେ, ସେ ମଙ୍ଗଳ ଲାଭ କରିନପାରେ । ବୃତ୍ତି ଚାରି ପ୍ରକାରର । କୃଷି, ବାଣିଜ୍ୟ, ଗୋପାଳନ ଓ କୁଶୀଦ (ସୁଧ) । ଗୋପାଳନ ଆମମାନଙ୍କ ବୃତ୍ତି । ଗାଈଙ୍କଠାରୁ ଯାହା ପାଉ, ସେଇଥିରେ ଆମେ ସମସ୍ତେ ବଞ୍ଚୁଛୁ ।

ଶ୍ରୀକୃଷ୍ଣ କହିଲେ, ମୋ ଯୁକ୍ତି ଆପଣମାନେ ମନଦେଇ ଶୁଣନ୍ତୁ । ଯଦି ମୋ କଥା ଆପଣମାନଙ୍କୁ ଭଲ ନଲାଗେ, ତାହାହେଲେ ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରିବାପାଇଁ ଯାଗଯଜ୍ଞ କର, ମୋର କୌଣସି ଆପତ୍ତି ନାହିଁ । କିନ୍ତୁ ମୁଁ ଜାଣେ ଯେ ତିନୋଟି ଗୁଣ ସତ୍ତ୍ଵ, ରଜ ଓ ତମ – ହେଉଛନ୍ତି ସୃଷ୍ଟି, ସ୍ଥିତି ଓ ପ୍ରଳୟର କାରଣ । ଏହି ବିଶ୍ଵ ରଜଃଗୁଣରୁ ଉତ୍ପନ୍ନ । ମେଘ ସମୂହ ରଜଗୁଣ ଦ୍ଵାରା ପରିଚାଳିତ ହୋଇ ସର୍ବତ୍ର ଜଳଦାନ କରିଥାଆନ୍ତି । ଏହି ଜଳରୁ ଶସ୍ୟ ଉତ୍ପନ୍ନ ହୋଇଥାଏ । ପ୍ରଜାକୁଳ ତାକୁ ଖାଇ ଜୀବିତ ରହିଥାଆନ୍ତି । ତେଣୁ ଇନ୍ଦ୍ରପୂଜାର ଆବଶ୍ୟକତା କ'ଣ ? ଆମମାନଙ୍କର ଘରଦ୍ଵାର, ଗାଁଗଣ୍ଡା କିଛି ନାହିଁ ।

ସମସ୍ତେ ବନବାସୀ । ତେଣୁ ଗୋ, ବ୍ରାହ୍ମଣ ଓ ପର୍ବତକୁ ପୂଜା କରିବା ଉଚିତ । ଇନ୍ଦ୍ରପୂଜା ଲାଗି ଯେଉଁସବୁ ସାମଗ୍ରୀ ଯୋଗାଡ କରାଯାଇଛି, ସେଥିରେ ଆମେ ଯଜ୍ଞ କରିବା । ବ୍ରହ୍ମଜ୍ଞ ବ୍ରାହ୍ମଣମାନଙ୍କୁ ବରଣ କରିବା । ଗାଈଗୋରୁଙ୍କୁ ଭଲ ଭଲ ଖାଦ୍ୟ ଖାଇବାକୁ ଦେବା । ଗିରିପୂଜା କରିବା । ଯିଏ ଆମ ଗାଈବାଛୁରୀଙ୍କୁ ଡାଳପତ୍ର, ଘାସ ଦେଇ ଆସୁଛି, ସେହି ପର୍ବତର ନାଆଁ ଗୋବର୍ଦ୍ଧନ । ଆମେ ତାକୁ ହିଁ ପୂଜାଅର୍ଚ୍ଚନା କଲେ– ବହୁତ ଫଳ ମିଳିବ । ଗ୍ରୀଷ୍ମତାପରେ ସମୁଦ୍ରଜଳ ଉତ୍ତପ୍ତ ହୁଏ । ସେଥିରୁ ସୃଷ୍ଟି ହୁଏ ବାଷ୍ପ । ବାଷ୍ପ ଉପରକୁ ଉଠେ । ଜଳକଣା ଏକାଠି ହୋଇ ମେଘ ହୁଏ । ଏହି ମେଘ ଗଛଲତା ପରିପୂର୍ଣ୍ଣ ପର୍ବତରେ ବାଡ଼େଇ ହୁଏ । ମେଘ ଫାଟେ । ବର୍ଷା ହୁଏ । ଏହା ହିଁ ପ୍ରାକୃତିକ ଲୀଳା । ବର୍ଷାଜଳ ଭୂମି ଉପରେ ପଡ଼େ । ଭୂମି ଓଦା ହୁଏ । ଭୂମିରେ ପଡ଼ିଥିବା ଶସ୍ୟବିହନ ଗଜା ହୁଏ । ଗଛ ହୁଏ । ଶସ୍ୟ ଉତ୍ପାଦନ ହୁଏ । ଆମେ ସେହି ଶସ୍ୟ ଖାଇ ଜୀବନଧାରଣ କରୁ । ଏଥିରେ ଇନ୍ଦ୍ରର କରିବାର କ'ଣ ଅଛି ? ଖାଲି କଥାରେ କଥା ଯେ ଇନ୍ଦ୍ର ବର୍ଷା କରିଯାଏ । ବୃଥାରେ ତାକୁ ବାହାଦୁରୀ ଦିଆଯାଇଛି । ଆମେ ତ ବୁଲାଫକୀର । ତେଣୁ କବିମାନେ କହିଛନ୍ତି, 'ଘରେ ନ ରହନ୍ତି ଗଉଡ଼େ, ବଡ଼ ଅଧମ ଜାତି ।' ଦିନରାତି ତ ବଣରେ ରହିଲୁ । ଘର ବୋଲି ଯାହା ବା ଅଛି, ସେସବୁ ମଧ୍ୟ ଅଳ୍ପଦିନ ପାଇଁ । ଗାଈଗୋରୁଙ୍କୁ ଘାସ ନ ମିଳିଲେ, ଡ଼େରା ଉଠାଇ ଅନ୍ୟଜାଗାକୁ ଚାଲ । ଏପରି ଅଘରିଆ ଜାତି ଆଉ କେଉଁଠି ନଥିବେ । ଆଗେ ଗୋକୁଳରେ ଥିଲେ, ଏବେ ବୃନ୍ଦାବନରେ । ଯେଉଁଠି ରହିଲେ ମଧ୍ୟ ଆମ ଠାବର ନାଆଁ ଗୋପପୁର । 'ଗୋ'ରୁ ଗୋପ । ଗୋପ ଅର୍ଥ ଯିଏ ଗୋପାଳନ କରେ । ଆମେ ଗୋପ । ଆମ ସ୍ତ୍ରୀଲୋକେ ଗୋପୀ ।

ଶ୍ରୀକୃଷ୍ଣ ନନ୍ଦରାଜା ଓ ଗୋପପୁରର ସମସ୍ତ ଗୁରୁଜନମାନଙ୍କୁ ବୁଝାଇ କହିଲେ, ମୋ ମତରେ ଗୋବର୍ଦ୍ଧନ ପର୍ବତକୁ ପୂଜା କରିବା ଉଚିତ । ଆପଣମାନେ ଏକମତ ହେଲେ, ଇନ୍ଦ୍ରପୂଜାର ସମସ୍ତ ଆୟୋଜନକୁ ଗିରିଗୋବର୍ଦ୍ଧନ ପୂଜାରେ ଲଗେଇବା ।

ଏତିକି କହି ଏଗାରବର୍ଷ ବୟସ୍କ ବାଳକ ଶ୍ରୀକୃଷ୍ଣ ନୀରବ ରହିଲେ । ଦେଖି, କିଏ କ'ଣ କହୁଛି, ଶୁଣିବାପାଇଁ ଅପେକ୍ଷା କଲେ ।

କେହି କିଛି ଉତ୍ତର ନଦେବାରେ ଶ୍ରୀକୃଷ୍ଣ ଗଣତାନ୍ତ୍ରିକ ରୀତିରେ ଘୋଷଣା କଲେ ଯେ ମୋ କଥା ପ୍ରତି ସମସ୍ତେ ଏକମତ ବୋଲି ଜଣାପଡୁଛି । ତା'ହେଲେ ବିଳମ୍ବ କାହିଁକି ? ଏହି ମୁହୂର୍ତ୍ତରୁ ଗିରିଗୋବର୍ଦ୍ଧନ– ଯାତ୍ରା ଆରମ୍ଭ ହୋଇଯାଉ । ଇନ୍ଦ୍ରପୂଜା ଲାଗି ଯେଉଁ ଦୁଧ, ଦହି, ଘିଅ, ଗୁଡ଼ ଓ ମହୁ ରଖାଯାଇଛି, ସେଥିରେ ପଞ୍ଚାମୃତ କର । ଗୋପ ଓ ଗୋପୀମାନେ ନୂତନ ଝୀନ ପାଟ ବସ୍ତ୍ର ପରିଧାନ କରନ୍ତୁ । ବାଇଦବାଜଣା, ହୁଳହୁଳି

ଧ୍ୱନିରେ ଗିରିଗୋବର୍ଦ୍ଧନ ଯିମିତି କମ୍ପି ଉଠିବ । ଭଲ ଭଲ ଶୁଦ୍ଧପୂତ ବ୍ରାହ୍ମଣଙ୍କୁ ବରଣ କର । ସେମାନେ ଯଜ୍ଞ କରିବେ । ଆମର ତ ଖାଣ୍ଟିଘିଅର ଅଭାବ ନାହିଁ । ବ୍ରାହ୍ମଣମାନେ ଘୃତାହୁତି କରିବେ । ଗୋପବାଳକମାନେ ନାଚିବେ, ଗାଇବେ । ଆମେ ଦୁଇଭାଇ ଗଳାରେ ବନଫୁଲମାଳା ପିନ୍ଧି ସେମାନଙ୍କ ସହିତ ସମତାଳରେ ନାଚିବୁ । ବଢ଼ିଆ ହେବ । ଇନ୍ଦ୍ର ରାଗିଲେ ରାଗୁ, ଅନ୍ୟ ଦେବତାମାନେ ତ ଖୁସି ହେବେ । ସ୍ୱର୍ଗରୁ ଆମକୁ ଦେଖି ସେମାନେ ତାଳି ମାରିବେ । କେତେକ ଦେବତା ମର୍ତ୍ତ୍ୟକୁ ଓହ୍ଲାଇ ଆସିବେ । ପ୍ରଥମେ ବ୍ରାହ୍ମଣମାନଙ୍କ ସେବା, ତାପରେ ଗୋପୂଜା, ଶେଷରେ ଗୋବର୍ଦ୍ଧନ ପୂଜା ହେବ । ଭୋଜିଭାତ ହେବ । ଯିଏ ଆସିବ, ପେଟପୂରା ଖାଇବ ।

●

॥ ୪୦ ॥

# ଆଙ୍ଗୁଠି ଅଗରେ ଗିରିଗୋବର୍ଦ୍ଧନ

ବ୍ରଜବୃନ୍ଦାବନର ଗୋପୀମାନେ ଇନ୍ଦ୍ରଙ୍କ ପୂଜା କଲେ ନାହିଁ । ଗିରିଗୋବର୍ଦ୍ଧନର ପୂଜା କଲେ । ଇନ୍ଦ୍ର କ୍ରୋଧାନ୍ଧ । କୃଷ୍ଣଙ୍କ ବୋଲମାନି ଗୋପାଳମାନେ ଏହା କଲେ । ଇନ୍ଦ୍ର ଏହି ଅପମାନକୁ ସହ୍ୟ କରିପାରିଲେ ନାହିଁ । ଅସଂଯତ ହୋଇ ପଡ଼ିଲେ । ତାଙ୍କ ମନଭିତରେ ଗର୍ବ ହିଁ କ୍ରୋଧର ଗିରିଗୋବର୍ଦ୍ଧନ ପର୍ବତ ସୃଷ୍ଟି କଲା । ଭାବିଲେ, ଦେବତାମାନଙ୍କ ସଭା ଡକାଇବାରେ କିଛି ଲାଭ ହେବ ନାହିଁ । କାରଣ ଗୋବର୍ଦ୍ଧନ ପୂଜାକୁ ସମର୍ଥନ କରି ଆନନ୍ଦରେ ସେମାନେ ତାଳି ମାରୁଥିଲେ । ସେମାନଙ୍କ କଥା ପରେ ବୁଝାଯିବ । ପ୍ରଥମେ ଗଉଡ଼ଗୁଡ଼ାକୁ ସାବ୍‌ବାଡ଼୍ କରିବାକୁ ପଡ଼ିବ । ଇମିତି ଦଣ୍ଡଦେବି ଯେ ସେମାନେ ଜୀବନଯାକ ଭୁଲି ପାରିବେ ନାହିଁ ।

ସେ ସଙ୍ଗେ ସଙ୍ଗେ ସଂବର୍ତ୍ତକକୁ ଡକାଇଲେ । ସଂବର୍ତ୍ତକ ମେଘମାନଙ୍କ ରାଜା । ଅଧିପତି । ଗୁଡ଼ିଏ ମେଘ ମିଶିଲେ ଗୋଟିଏ ସଂବର୍ତ୍ତକ । ସଂବର୍ତ୍ତକ ଆସିଲା । 'ଯଥାଆଜ୍ଞା' କହି ସେ ଇନ୍ଦ୍ରଙ୍କୁ ନମସ୍କାର କଲା । ଇନ୍ଦ୍ର କ୍ରୋଧରେ ଫୁଁ ଫୁଁ ହେଉଥିଲେ । ସଂବର୍ତ୍ତକକୁ କହିଲେ, ମର୍ତ୍ତ୍ୟରେ ବ୍ରଜବୃନ୍ଦାବନ ବୋଲି ଗୋଟିଏ ଛୋଟିଆ ଜାଗା । ସେଠି କୃଷ୍ଣ ନାମରେ ଗୋଟିଏ ଛୋଟିଆ ପିଲା ଲୀଳା ଚଳେଇଛି । ସେଠି ଗୋପାଳମାନେ ପ୍ରତିବର୍ଷ ମତେ ଆବାହନ କରି ଯଜ୍ଞ କରନ୍ତି । ମୋ ନାଆଁରେ ଘୃତାହୃତି ହୁଏ । ଏବର୍ଷ ବ୍ୟତିକ୍ରମ ହେଉଛି । କୃଷ୍ଣର ଇଙ୍ଗିତରେ ଗୋବର୍ଦ୍ଧନ ପୂଜା କଲେ । ମତେ ହତାଦର କଲେ । ଅବହେଳା କଲେ । ଏହାଠୁ ବଳି ଅପମାନ କ'ଣ ଥାଇପାରେ ?

ସଂବର୍ତ୍ତକକୁ ଇନ୍ଦ୍ର ଏକଥା କହିଲାବେଳେ ଯେଉଁ ଦେବତାମାନେ ଶୁଣୁଥିଲେ, ମନେ ମନେ ଭାବୁଥିଲେ, ଇନ୍ଦ୍ରଟା ପାଗଳ ହୋଇଗଲାଣି । ବୈକୁଣ୍ଠପୁରୀର କୌଣସି ଖବର ରଖିପାରୁନାହିଁ । ସ୍ୱୟଂ ବିଷ୍ଣୁ, ନାରାୟଣ ଯେ ମର୍ତ୍ତ୍ୟରେ କୃଷ୍ଣ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି, ସେ ଖବର ଯିଏ ରଖିପାରି ନାହିଁ, ସେ ଇନ୍ଦ୍ର ପଦବାଚ୍ୟ ନୁହେଁ । ଦେଖାଯାଉ, ଇନ୍ଦ୍ରର ଦୌଡ଼ କେତେ ! ଯେଉଁ ପାଣି ପାଇଁ ଇନ୍ଦ୍ରର ଏତେ ଗର୍ବ, କୃଷ୍ଣ ତାକୁ ସେହି ପାଣି ପିଆଇ ଛାଡ଼ିବେ ।

ଇନ୍ଦ୍ରର କୃଷ୍ଣଭର୍ତ୍ସନା ବନ୍ଦ ହେବାକୁ ନାହିଁ । ସେ ସଂବର୍ତ୍ତକକୁ ଆଦେଶ ଦେଲେ । ଯାଅ, ତୁମେ କୃଷ୍ଣ ବଳରାମ ସମେତ ଗଉଡ଼ଗୁଡ଼ାକୁ ପାନେ ଦେଇ ଆସ । ସେମାନେ ବୁଝନ୍ତୁ, ମୁଁ କିଏ ? ସଂବର୍ତ୍ତକକୁ କହିଲେ, ତୁମେମାନେ ଥାଟପାଟ ଧରି ଆଗେ ଆଗେ ଯାଅ, ପ୍ରଳୟମୂର୍ତ୍ତି ଧରି ମୂଷଳଧାରାରେ ଅବିଶ୍ରାନ୍ତ ବର୍ଷଣ ଚଳାଅ । ମୁଁ ଐରାବତ ହସ୍ତୀରେ ଚଢ଼ି ତୁମମାନଙ୍କ ପଛେ ପଛେ ଯାଉଛି, ଦଣ୍ଡବିଧାନ କାଟୁ କଲାକି ନାହିଁ ଦେଖିବି ।

ଇନ୍ଦ୍ରଙ୍କ ଆଦେଶରେ ସଂବର୍ତ୍ତକ ମେଘପଟଳ ଧରି ଚାଲିଲା ବୃନ୍ଦାବନ ଆଡ଼ିକି । ଝଡ଼ବର୍ଷାର କୌଣସି ସୂଚନା ନାହିଁ, ଘଡ଼ଘଡ଼ି ଶବ୍ଦ ନାହିଁ । ବିଜୁଳିର ଛଟା ନାହିଁ । ବୃନ୍ଦାବନର ଆକାଶ ଥିଲା ସ୍ୱଚ୍ଛ ନିର୍ମଳ । ଜ୍ୟୋତ୍ସ୍ନା ବିଛେଇ ହୋଇ ପଡ଼ିଥିଲା । ଚତୁର୍ଦ୍ଦିଗ ଶାନ୍ତଶୀତଳ । ହଠାତ୍ ମାଡ଼ିଆସିଲା ବର୍ଷା । ଆକାଶ ମେଘାଛନ୍ନ । ପ୍ରବଳ ବଜ୍ରନିର୍ଘୋଷ ।

ପ୍ରଥମେ ପ୍ରଥମେ ଗୋପାଳମାନେ ଭାବିଲେ, ଗର୍ଜିଲା ମେଘ ବର୍ଷେ ନାହିଁ । ଭୁକିଲା କୁକୁର କାମୁଡ଼େ ନାହିଁ । କିନ୍ତୁ ଇଏ କ'ଣ ? ମୂଷଳଧାରାରେ ଚାଲିଲା ବର୍ଷା । ଘୋର ବଜ୍ରାଘାତ । ବିଜୁଳି ଚମକି ଉଠିଲା । କୁଆପଥର ମାଡ଼ରେ ଘରଦ୍ୱାର ଭାଙ୍ଗି ପଡ଼ିଲା । ଆବହ ଓ ପ୍ରବାହ ନାମକ ପବନ ପ୍ରବଳ ଝଡ଼ଝଞ୍ଜାରେ ପରିଣତ ହେଲା । ବଡ଼ ବଡ଼ ଗଛସବୁ ଭାଙ୍ଗିପଡିଲା । ଭୀଷଣ ଥଣ୍ଡା । ଗାଈଗୋରୁ ବର୍ଷାମାଡ଼ରେ ଅସ୍ତବ୍ୟସ୍ତ । ଗଛସବୁ ଧରାଶାୟୀ । କେଉଁଠି ଆଶ୍ରୟ ନେବାପାଇଁ ସ୍ଥାନ ନାହିଁ । ସବୁକିଛି ବିପର୍ଯ୍ୟସ୍ତ ।

ଗୋପାଳ ଓ ଗୋପାଙ୍ଗନାମାନେ ଦୌଡ଼ି ଆସିଲେ କୃଷ୍ଣଙ୍କ ପାଖକୁ । ସମସ୍ତଙ୍କ ଆର୍ତ୍ତନାଦ, ଆମକୁ ରକ୍ଷା କର । ଇନ୍ଦ୍ରର କୋପରୁ ଏ ବିପତ୍ତି ! ସର୍ବତ୍ର ଜଳମୟ । ବାଟଘାଟ କିଛି ଦିଶୁନାହିଁ । ଯିବୁ କୁଆଡ଼େ ? ଆମ ଗାଈଗୋରୁ, ବାଛୁରୀ, ଆମ ପିଲାପିଲି ରହିବେ କେଉଁଠି ? ଯେଉଁ ଖଣ୍ଡିଏ ଖଣ୍ଡିଏ କୁଡ଼ିଆ ଥିଲା ସେସବୁ ପାଣିରେ ବୁଡ଼ିଗଲାଣି ।

ସର୍ବଜ୍ଞ ଶ୍ରୀକୃଷ୍ଣ ଜାଣିପାରିଲେ, ଏସବୁ ହେଉଛି ଇନ୍ଦ୍ରର ପ୍ରକୋପ ! ବେଟା କେତେଦୂର ଯାଉଚି ଯାଉ ! ମନେ ମନେ ଭାବୁଛି ସେ ତ୍ରିପୁରର ସମ୍ରାଟ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ଶାସକ ସେ । ଯାହା ଚାହିଁବ, ତା' କରିଦେଇପାରିବ । ତାକୁ ଯଥୋଚିତ

ଶାସ୍ତି ଦେବାର ସମୟ ଆସିଛି । ସେ ସେହି ସମୟକୁ ଡାକି ଆଣିଚି । ଲୋକଙ୍କୁ ହଇରାଣ କରି ମତେ ସେ ଦଣ୍ଡିତ କରିବାପାଇଁ ମନେ ମନେ ବିଚାରିଛି । ଛାର ଇନ୍ଦ୍ର, ତାର ପୁଣି ଏତେ ଗର୍ବ, ଏତେ ଔଦ୍ଧତ୍ୟ ! ମୁଁ ମୋର ଲୋକଙ୍କୁ, ଜୀବଜଗତକୁ କିପରି ରକ୍ଷା କରିପାରେ, ଇନ୍ଦ୍ର ଦେଖୁ, ଶିଖୁ ।

ମନେ ମନେ ଏତିକି କହି ଶ୍ରୀକୃଷ୍ଣ ବୃନ୍ଦାବନର ସମସ୍ତଙ୍କୁ କହିଲେ, ଗାଈଗୋରୁ ବାଛୁରୀ, ଯିଏ ଯାହା ପାଉଚ, ସାଙ୍ଗରେ ଧରି ମୋ ପଛେ ପଛେ ଆସ । ସେ ଧୀରେ ଧୀରେ ଗିରିଗୋବର୍ଦ୍ଧନ ପାଖକୁ ଯାଇ ନିଜ କାଣି ଆଙ୍ଗୁଠିରେ ପର୍ବତଟାକୁ ଉପରକୁ ଉଠେଇ ନେଲେ । ଗୋବର୍ଦ୍ଧନ ଛତା ଭଳି ଉପରକୁ ଟେକି ହୋଇରହିଲା । ଏତେ ବଡ଼ ଦୀର୍ଘକାୟ ପର୍ବତ । ତା ତଳେ ଲକ୍ଷ ଲକ୍ଷ ଲୋକ ଆରାମରେ ରହିପାରିବେ ।

ଗୋପାଳମାନେ ସପରିବାର ନିଜ ନିଜ ଗୃହପାଳିତ ପଶୁପକ୍ଷୀଙ୍କ ସହିତ ଗୋବର୍ଦ୍ଧନ ପର୍ବତ ତଳେ ରହିଲେ । ଯେତେ ବର୍ଷା ହେଲେ ବି କାହା ଉପରେ ଟୋପେ ବି ପାଣି ପଡ଼ିଲା ନାହିଁ । ଇନ୍ଦ୍ର ବାରମ୍ବାର ବଜ୍ରାଘାତ କଲେ । ଗୋବର୍ଦ୍ଧନ ସବୁ ସମ୍ଭାଳି ନେଲା । ସାତଦିନ ସାତରାତି ଧରି ଇନ୍ଦ୍ର ଓ ଗୋବର୍ଦ୍ଧନ ମଧ୍ୟରେ ଲଢ଼େଇ ଚାଲିଲା । ଭଗବାନଙ୍କ ଆଙ୍ଗୁଠି ଅଗରେ ଗୋବର୍ଦ୍ଧନ ଠିଆ – ତା'ର ଭୟ କ'ଣ ? ସର୍ବସଂହା ମହାମେରୁ ପାଲଟିଛି ସେ । ଇନ୍ଦ୍ରର କୋପାନଳକୁ ଦେଖି ସେ ମଧ୍ୟ ହସୁଛି ! ଭଗବାନଙ୍କ ଅଙ୍ଗୁଳି ସ୍ପର୍ଶରେ ସେ ଆରାମ ! ଇଆଡ଼େ ତଳେଥିବା ଗୋପପୁରର ଗୋପାଳମାନେ ରାମକୃଷ୍ଣଙ୍କ ସହିତ ରହି ଚଳାଇଛନ୍ତି ପ୍ରଭୁଙ୍କ ଗୁଣକୀର୍ତ୍ତନ । ରୋଷେଇ ହେଉଛି, ଖିଆପିଆ ଚାଲିଛି । ଗାଈଗୋରୁ ବାଛୁରୀମାନେ ଆନନ୍ଦରେ ଚରୁଛନ୍ତି । ଦୁଧ ଦେଉଛନ୍ତି । ବୃନ୍ଦାବନରୁ ଅଧିକ ସୁଖ ପାଉଛନ୍ତି ସେମାନେ । ଇମିତି ଲାଗି ରହିଥାଉ ବର୍ଷା, ବର୍ଷ ବର୍ଷ ଧରି - ସେମାନଙ୍କର ମନରେ ଭୟ ନାହିଁ କି ଆଶଙ୍କା ନାହିଁ । କାରଣ ରାମକୃଷ୍ଣ ସେମାନଙ୍କ ସହାୟ ।

କୃଷ୍ଣ କିଏ ଇନ୍ଦ୍ର ଜାଣିଲେ । ବର୍ଷାକୁ ହଟେଇ ନେଲେ । ମୁହଁକୁ ଲୁଚେଇ ସ୍ୱର୍ଗକୁ ଫେରିଲେ । ଦେବତାମାନେ ତାଙ୍କୁ ଦେଖି ହସିଲେ ।

ବୃନ୍ଦାବନର ଆକାଶ ପୂର୍ବଭଳି ନିର୍ମଳ । ଅରୁଣଙ୍କ ଅରୁଣିମା ଫୁଟି ଉଠିଲା । ଜଳଶୁଖି ଆସିଲା । ଶ୍ରୀକୃଷ୍ଣ ଗୋପଗୋପୀମାନଙ୍କୁ କହିଲେ, ଏଣିକି ଯିଏ ଯାହା ଘରକୁ ଫେରିଯାଅ । ଆଉ ବର୍ଷା ହେବନି । ଇନ୍ଦ୍ରର ପ୍ରକୋପ ଗଲାଣି । ତା'ର ଗର୍ବଗଞ୍ଜନ ହୋଇ ସାରିଲାଣି । ସେ ଭୁଲ ବୁଝିଲାଣି । ମଝି ମଝିରେ ଦେବତାମାନେ ମଧ୍ୟ ଗର୍ବରେ ଇମିତି ବାଟ ଭୁଲନ୍ତି । ସେମାନଙ୍କୁ ଠିକ୍‌ବାଟକୁ ଆଣିବାକୁ ପଡ଼େ ।

ଗୋପାଳମାନେ ସେମାନଙ୍କ ପେଡ଼ିପୁଟୁଳା ଧରି ବୃନ୍ଦାବନକୁ ଫେରିଲେ । ଖଣ୍ଡେ ଦୂରକୁ ଯାଇ ପଛକୁ ଚାହିଁ ଦେଖିଲେ କୃଷ୍ଣ ସିମିତି ଆଙ୍ଗୁଠି ଅଗରେ ପର୍ବତଟାକୁ ଧରି ଠିଆ ହୋଇଛି । ହାତୀ ପଦ୍ମଫୁଲକୁ ତୋଳି ଶୁଣ୍ଢରେ ଉଠେଇନେଲା ଭଳି ଶ୍ରୀକୃଷ୍ଣ ଧୀରେ ଧୀରେ ପର୍ବତଟାକୁ ତଳକୁ ଖସେଇ ଆଣିଲେ । ତଳେ ଥୋଇ ଦେଲେ । ଯିମିତି ଛତାଟା ବନ୍ଦ କରାଯାଏ – ସିମିତି ଇଏ ଏକ ସହଜିଆ କାମ ।

ସଖାମାନେ କୃଷ୍ଣଙ୍କ ପାଖକୁ ଦୌଡ଼ିଯାଇ ତାଙ୍କୁ କୁଣ୍ଢେଇ ପକାଇଲେ । ନାଚିଲେ । ସମସ୍ତେ ପଚାରିଲେ, ଏଡ଼େବଡ଼ ପର୍ବତ, ସାତଦିନ, ସାତରାତି ଆଙ୍ଗୁଠିରେ ଧରିରଖିଲୁ, ଏତେ ସହଜରେ ତଳକୁ ଖସେଇ ଆଣିଲୁ, କିମିତି କଲୁ, ତତେ କିମିତି ଲାଗିଲା ?

ଶ୍ରୀକୃଷ୍ଣ କହିଲେ, ଫୁଲଭଳି ଲାଗିଲା । ଗୁରୁଜନମାନେ ଶ୍ରୀକୃଷ୍ଣଙ୍କୁ ଚୁମା ଦେଲେ । ଆଶୀର୍ବାଦ କଲେ । ନନ୍ଦଙ୍କୁ ପ୍ରଶଂସା କଲେ । କହିଲେ, ତୋ ପୁଅଟା ମଣିଷ ନୁହେଁରେ, ଭଗବାନ । ଭଗବାନ ନହୋଇଥିଲେ, ଇମିତି କ'ଣ କରିପାରନ୍ତା । କିନ୍ତୁ ଭାଗବାନଙ୍କ ଦୈବୀଶକ୍ତି, ଅଲୌକିକତାକୁ ଚିହ୍ନିବା କ'ଣ ସହଜ କଥା ! ପୂତନା, ଶକଟ, ତୃଣାବର୍ତ୍ତ, ବକାସୁର, ପ୍ରଲମ୍ବାସୁର, ଧେନୁକା ଆଦି ଅସୁର ଅସୁରୁଣୀ ନିଧନ ଏବଂ କାଳୀୟ ଦମନ କଥା ସେମାନେ ମନେପକାଇ ଶ୍ରୀକୃଷ୍ଣଙ୍କ ଗୁଣକୀର୍ତ୍ତନ କରିବାକୁ ଲାଗିଲେ ।

ସମସ୍ତେ କହିଲେ, କୃଷ୍ଣ କ'ଣ, ବଳରାମ କ'ଣ, ଇଏ ସାଧାରଣ ମଣିଷ ନୁହଁନ୍ତି, ଅସାଧାରଣ ।

●

॥ ୪୧ ॥

# ଇନ୍ଦ୍ର, ଉପେନ୍ଦ୍ର ଓ ଗୋବିନ୍ଦ

ସାତଦିନ, ସାତରାତି । ଦଶ ଏଗାର ବର୍ଷର ପିଲାଟେ, ତା ଆଙ୍ଗୁଠି ଅଗରେ ଗିରିଗୋବର୍ଦ୍ଧନକୁ ଟେକି ଧରିଲା । ଇଏ ନିଶ୍ଚିୟ ମଣିଷ ନୁହେଁ, ମଣିଷ ରୂପରେ ସ୍ୱୟଂ ଭଗବାନ । ଏ ଚର୍ଚ୍ଚା ଚାଲିଲା ସମଗ୍ର ଗୋପପୁରରେ । ନନ୍ଦଙ୍କୁ ଲୋକେ ପଚାରିଲେ, ଇଏ କିଏ କୁହ ।

ନନ୍ଦ କହିଲେ, ମୁଁ ତୁମମାନଙ୍କ ଭଳି ସାଧାରଣ ମଣିଷଟିଏ । କିନ୍ତୁ ଗାର୍ଗମୁନି ଏ ପିଲାର ନାଆଁ ଦେଲାବେଳେ ଏହାର ଜାତକ କରିଥିଲେ । ସେତେବେଳେ ସେ ଗଣନା କରି କହିଥିଲେ ଯେ ଯା ନାଆଁ କୃଷ୍ଣ ରଖାଯାଉ । ଇଏ ସମସ୍ତଙ୍କୁ ଆକର୍ଷଣ କରିବ,

ସମସ୍ତଙ୍କ ହୃଦୟକୁ କର୍ଷଣ କରିବ । ଆଉ ଗୋଟିଏ କଥା କହିଥିଲେ, ଯାହାକି ମୋ ମନ ଭିତରେ ସବୁବେଳେ ଲହଡ଼ି ଭାଙ୍ଗିବାରେ ଲାଗିଛି । ସେ କହିଥିଲେ, ଇଏ ନରରୂପରେ ନାରାୟଣ । ବିଭିନ୍ନ ଯୁଗରେ ଦୁଷ୍ଟଦଳନ, ସାଧୁରକ୍ଷଣ ଲାଗି ଭଗବାନ ଅବତାର ଗ୍ରହଣ କରିଥାଆନ୍ତି । ଏ କୃଷ୍ଣ, ଏ ଯୁଗରେ ଶ୍ୟାମଘନ ରୂପରେ ଆସିଛନ୍ତି । ସେ ବସୁଦେବଙ୍କ ସନ୍ତାନ । ତେଣୁ ତାଙ୍କର ଅନ୍ୟ ନାମ ବାସୁଦେବ । ଗାର୍ଗ ମୁନି ସେଦିନ ତାଙ୍କର କେତେ ଯେ ନାଆଁ କହିଗଲେ, ମୋର ସବୁ ମନେ ରହିନି । ଇମିତି କେତେ ନା କେତେ ଲୀଳା କରିବେ ସେ ।

ଏକଥା କହିଲାବେଳେ ନନ୍ଦ ଅବଚେତନ ଅବସ୍ଥାରେ ରହିଥିଲେ । ଚେତନା ଫେରିଆସିବା ପରେ କହିଲେ, କୃଷ୍ଣ ମୋର ପୁଅ, ସେ ଯଶୋଦାଦୁଲାଳ !

ଗୋପପୁରର ଗୋପୀମାନେ ନନ୍ଦଙ୍କ ମୁହଁରୁ ଏକଥା ଶୁଣି ଚକିତ ହୋଇ ପଡ଼ିଲେ । ମନେ ମନେ ନରରୂପୀ ନାରାୟଣ କିଶୋର କାହ୍ନାକୁ ନମସ୍କାର କଲେ । କିନ୍ତୁ ପରେ ପରେ ଘରଜଞ୍ଜାଳ ଭିତରେ କୃଷ୍ଣଙ୍କ ଦୈବୀଶକ୍ତିକୁ ଭୁଲିଗଲେ । କୃଷ୍ଣ ଜଣେ ସାଧାରଣ ମଣିଷ ବୋଲି ଭାବିଲେ, ତାଙ୍କ ପ୍ରତି ସେହିଭଳି ବ୍ୟବହାର କଲେ ।

ଇଆଡ଼େ ଶ୍ରୀକୃଷ୍ଣ ଗିରିଗୋବର୍ଦ୍ଧନକୁ ତଳେ ଯିମିତି ଥିଲା, ସିମିତି ଥୋଇ, ସେଇଠି ରହିଥିଲେ । ସମସ୍ତ ଗୋପଗୋପୀ ତାଙ୍କ ପାଖରୁ ହଟିଯିବା ପର୍ଯ୍ୟନ୍ତ ସେ ଅପେକ୍ଷା କରିଥିଲେ । ଶ୍ରୀକୃଷ୍ଣ ଏକାଥିବା ଦେଖି ଇନ୍ଦ୍ର ଆସିଲେ ତାଙ୍କ ପାଖକୁ । ପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ନିଜର ଔଦ୍ଧତ୍ୟ ଓ ଅଭିମାନ ଯୋଗୁଁ ସେ ଅତିଶୟ ଲଜ୍ଜିତ ହୋଇପଡ଼ିଥିଲେ । ଭୟ ଓ ଲଜ୍ଜାରେ ତାଙ୍କ ତୁଣ୍ଡରୁ ପଦେକଥା ସୁଦ୍ଧା ବାହାରିଲା ନାହିଁ । ଇନ୍ଦ୍ରଙ୍କ ସହିତ କାମଧେନୁ ମଧ ଆସିଥିଲା । ଇନ୍ଦ୍ର ତାଙ୍କ ମଣିମୁକ୍ତା ମୁକୁଟ ଶ୍ରୀକୃଷ୍ଣଙ୍କ ପାଦତଳେ ସମର୍ପଣ କଲେ । କିଛିସମୟ ପରେ ସେ ହାତଯୋଡ଼ି ପ୍ରଭୁଙ୍କଠାରୁ କ୍ଷମାଭିକ୍ଷା କଲେ ।

ସ୍ତୁତି କଲେ । କହିଲେ, ଆପଣଙ୍କ ସ୍ୱରୂପରେ ରଜଃ କିବା ତମୋଗୁଣର ସତ୍ତା ନାହିଁ, ତେଣୁ ଶାନ୍ତ, ଏକରୂପ । ଏ ରୂପ ପ୍ରଚୁର ଜ୍ଞାନସଂପନ୍ନ । ସର୍ବଜ୍ଞ । ଆପଣ ଧର୍ମରକ୍ଷା ଲାଗି ଦଣ୍ଡଧାରଣ କରିଛନ୍ତି । ସେହି ଦଣ୍ଡ ଦ୍ୱାରା ମୋର ମାନଭଂଜନ ହୋଇଛି । ଆପଣ ଜଗତ ସମୂହର ପିତା, ଗୁରୁ, ଅଧୀଶ୍ୱର । ଯେଉଁମାନେ ନିଜକୁ ଜଗତର ଈଶ୍ୱର ମନେ କରିଥାଆନ୍ତି, ସେମାନଙ୍କ ଗର୍ବଗଞ୍ଜନ କରିବା ଲାଗି ଆପଣ ନାନା ଲୀଳା କରିଥାଆନ୍ତି । ମୁଁ ଐଶ୍ୱର୍ଯ୍ୟ ମଦରେ ମତ୍ତ ଥିଲି, ତେଣୁ ଆପଣଙ୍କ ପ୍ରଭାବ ଜାଣିପାରି ନଥିଲି । କ୍ଷମା କରନ୍ତୁ ପ୍ରଭୁ – ମୋର ଏପରି ମନ୍ଦବୁଦ୍ଧି ଯେପରି ଆଉ କେବେ ନହେଉ ।

ଶ୍ରୀକୃଷ୍ଣ ହସି ହସି କହିଲେ, ସ୍ତୁତି ଆଉ ଗୁଣଗାନ ଅନେକେ କରନ୍ତି । ତୁମେ ତାହା କଲ । ନୂଆକଥା କ'ଣ ? ମୁଁ ଉପେନ୍ଦ୍ର । ମୋର ଏ ଲୀଳା କାହିଁକି, ବୁଝିଲ ତ ? ଏ ଲୀଳା, ତୁମକୁ କୁପଥରୁ ସୁପଥକୁ ଆଣିବାପାଇଁ । ତୁମେ ମନେ ମନେ ଭାବିନେଇଥିଲ, ତୁମେ ସ୍ୱର୍ଗାଧିପତି, ସୁରପତି, ତୁମଠୁ ବଡ଼ ଆଉ କେହି ନାହିଁ । ଏହି ଭାବନା, ଏହି ଦର୍ପ ହିଁ ତୁମକୁ ଅବିବେକୀ କରିପକାଇଲା । ଗୋପାଳମାନେ ଏ ଯାଏଁ ପ୍ରତିବର୍ଷ ଇନ୍ଦ୍ରୋତ୍ସବ କରୁଥିଲେ । ତୁମକୁ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା କରୁଥିଲେ । ଯଜ୍ଞରେ ତୁମକୁ ଆବାହନ କରି ଅଗ୍ନିରେ ଘୃତାହୁତି କରୁଥିଲେ । ମୁଁ ତାକୁ ବନ୍ଦ କରିଦେଲି । ତୁମ ପ୍ରତି ଯେ ମୋର ରାଗ, ଦ୍ୱେଷ ରହିଥିଲା, ତା ନୁହେଁ । ମୁଁ ତୁମକୁ ମନେ ପକାଇ ଦେବାକୁ ଚାହିଁଲି ଯେ ମୋ ଯୋଗୁଁ ତୁମେ ଇନ୍ଦ୍ରାସନ ଲାଭ କରିପାରିଛ ।

ଶ୍ରୀକୃଷ୍ଣ ଆହୁରି ବୁଝେଇ କହିଲେ, ମୁଁ ଆଉ ଗୋଟିଏ କଥା ତୁମକୁ କହିବାକୁ ଚାହେଁ । ଧନ, ସମ୍ପତ୍ତି, ଐଶ୍ୱର୍ଯ୍ୟର ଝଲକରେ, ଯାହାର ଅନ୍ତଃଚକ୍ଷୁ ଅନ୍ଧ ହୋଇପଡ଼େ, ସେ ମତେ ଦେଖିପାରେନା, ଚିହ୍ନି ପାରେନା । ସଂପଦରୁ ବିପଦ ତଥା ସଂପତ୍ତିରୁ ବିପତ୍ତି ଆସିଥାଏ । ଏସବୁ ଥିବାଯାଏଁ ଭକ୍ତିଭାବ ଉଦ୍ରେକ ହୋଇନଥାଏ । କାରଣ, ବିଳାସବ୍ୟସନରେ ରହି, ସେ ନିଜକୁ ଭଗବାନ ମନେକରେ, ଅନ୍ୟମାନେ ତାକୁ ପୂଜା କରନ୍ତୁ ବୋଲି ସେ ଚାହିଁଥାଏ । ବିପଦରେ ପଡ଼ିଲେ, ସେ ମତେ ଡାକେ । ତୁମ ପ୍ରତି ମୋର କୌଣସି ଶତ୍ରୁଭାବ ନାହିଁ । ଯାହାହେବାର ହେଲାଣି, ଏଣିକି ସ୍ୱର୍ଗକୁ ଯାଇ ଶାନ୍ତିରେ ଜୀବନଯାପନ କର । ଅହଂ ଭାବ ଛାଡ଼ ।

ତା'ପରେ ଆସିଲେ ସୁରଭି, କାମଧେନୁ । ସେ ମଧ୍ୟ ସ୍ତୁତି କଲେ । କହିଲେ, ଭାଗ୍ୟ ଯେ ଆପଣ ବୃନ୍ଦାବନର ଜଣେ ଗୋପାଳ । ମୋ ସନ୍ତାନମାନଙ୍କ ପାଳକ । ମୋ ପକ୍ଷରେ ଆପଣ ପ୍ରଭୁଙ୍କ ପ୍ରଭୁ । ଆମର ସମ୍ରାଟ । ଆମର ଇନ୍ଦ୍ର । ଆମର ପ୍ରଭୁ ଭାବରେ ଆପଣଙ୍କୁ ଅଭିଷିକ୍ତ କରିବା ଲାଗି ମୁଁ ବ୍ରହ୍ମାଙ୍କଠାରୁ ଅନୁମତି ନେଇ ଆସିଛି । ଧରିତ୍ରୀକୁ ଅଧର୍ମରୁ ରକ୍ଷା କରିବା ଲାଗି ଆପଣଙ୍କର ଏ ନରରୂପକୁ ଦେଖି ଆମେ ଧନ୍ୟ ହୋଇଛୁ ।

ଶ୍ରୀକୃଷ୍ଣଙ୍କୁ ସେ ଏକ ଶୁଚିଶୁଭ୍ର ଆସନରେ ବସାଇଲେ । ତା'ପରେ ସେ ସ୍ୱର୍ଗରୁ ଆଣିଥିବା ଦୁଗ୍ଧ ଏବଂ ନିଜ ଦୁଧରେ ପ୍ରଭୁଙ୍କୁ ଅଭିଷିକ୍ତ କଲେ । ଐରାବତକୁ କହିଲେ, ମନ୍ଦାକିନୀ ଜଳ ଆଣିବା ଲାଗି । ସେ ଜଳରେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଅଭିଷେକ କରାଗଲା । ଇନ୍ଦ୍ର ନିଜେ ଏହି ଅଭିଷେକ କଲେ । ଏ ଅଭିଷେକ ଉତ୍ସବକୁ ଦେବତାମାନେ ଉପଭୋଗ କଲେ । କିନ୍ତୁ ସାଧାରଣ ମଣିଷଙ୍କ ଦୃଷ୍ଟିଗୋଚର ହେଲା ନାହିଁ ।

ଇନ୍ଦ୍ର ଶ୍ରୀକୃଷ୍ଣଙ୍କୁ 'ଗୋବିନ୍ଦ' ଉପାଧିରେ ଭୂଷିତ କଲେ । କହିଲେ, ହେ କୃଷ୍ଣ, ହେ ବିଷ୍ଣୁ, ହେ ନାରାୟଣ, ଆପଣ କେବଳ ଗୋକୁଳର ନୁହଁନ୍ତି, ତ୍ରିଲୋକର, ସମସ୍ତ ଜୀବଜଗତର ରକ୍ଷକ, ପରିପୋଷକ । ମୁଁ ତ ଦେବତାମାନଙ୍କ ଇନ୍ଦ୍ର, କିନ୍ତୁ ଆପଣ ତ୍ରିଲୋକର ଇନ୍ଦ୍ର । ଗୋବିନ୍ଦ । ଏହି ନାମ ଚିରଜାଜ୍ଜ୍ୱଲ୍ୟମାନ ରହିବ ।

ସେଦିନ ଏହି ଗୋବିନ୍ଦ ଉପାଧି ପ୍ରଦାନ ଏବଂ ଅଭିଷେକ ଉତ୍ସବ ଖୁବ୍ ଜମାଣିଆ ହୋଇଥିଲା । ନାରଦ ବୀଣା ବଜାଇ ନାରାୟଣ, ନାରାୟଣ, ନାରାୟଣ ଉଚ୍ଚାରଣ କଲେ । ଗନ୍ଧର୍ବ, ବିଦ୍ୟାଧର, ସିଦ୍ଧ, ଚାରଣଙ୍କ ମଧ୍ୟରୁ କିଏ ଗୁଣକୀର୍ତ୍ତନ କଲା ତ, କିଏ ଲୀଳାକୀର୍ତ୍ତନ, କେହି କେହି ଭାବକୀର୍ତ୍ତନ ଓ ନାମ ସଂକୀର୍ତ୍ତନ କଲେ । ଅପ୍ସରାମାନଙ୍କ ନୃତ୍ୟ ଲୋଭନୀୟ ହୋଇଥିଲା । ସ୍ୱର୍ଗରୁ ଅନବରତ ପୁଷ୍ପବୃଷ୍ଟି ଚାଲିଥିଲା । ସୁରଭି ଗାଭୀର ଦୁଗ୍ଧ-ବନ୍ୟାରେ ତ୍ରିଲୋକ ପ୍ଳାବିତ ହୋଇପଡ଼ିଥିଲା । ଆନନ୍ଦସାଗରରେ ସମସ୍ତେ ଅବଗାହନ କରିଥିଲେ । ବୃକ୍ଷଲତାରୁ ମଧୁବର୍ଷଣ ଚାଲିଥିଲା । ପର୍ବତଗୁଡ଼ିକରେ ନାନା ଔଷଧୀ-ବନସ୍ପତି ଅଙ୍କୁରିତ ହୋଇଥିଲା । ଉପରେ ନାନା ମୂଲ୍ୟବାନ ପଥର ଛାଇ ହୋଇଯାଇଥିଲା । ହିଂସ୍ରଜନ୍ତୁମାନେ ହିଂସା ତ୍ୟାଗକରି ଅଭିଷେକ ସ୍ଥାନରେ ସମବେତ ହୋଇଥିଲେ ।

ଇନ୍ଦ୍ର କାମଧେନୁ ସୁରଭି ସହିତ ସ୍ୱର୍ଗଲୋକକୁ ଫେରି ଆସିଥିଲେ । ଗୋପ-ଗୋପୀମାନେ ଏ ଦୃଶ୍ୟ ଦେଖି ନଥିଲେ ମଧ୍ୟ ଶ୍ରୀକୃଷ୍ଣ ବୃନ୍ଦାବନକୁ ଫେରିଆସିବା ମାତ୍ରେ ସେମାନେ ''ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପଦ୍ମ ଗଳୁଚି ମକରନ୍ଦ'' ଗାଇ ନାଚିଥିଲେ । ନନ୍ଦଯଶୋଦା ମଧ୍ୟ ଏଇତ ଆମ 'ଗୋବିନ୍ଦ' କହି କୁଣ୍ଢାଇ ପକାଇଥିଲେ ।

●

॥ ୪୨ ॥

# ଗୋପଗୋପୀଙ୍କ ବ୍ରହ୍ମରୂପ ଦର୍ଶନ

**ଅ**ତି ନିଷ୍ଠାବାନ ଗୋପରାଜା ନନ୍ଦ । ତାଙ୍କର ନାନା ବ୍ରତ, ଉପବାସ । ଆଜି ଦ୍ୱାଦଶୀ ତିଥି । କାଲି ସେ ଏକାଦଶୀ ବ୍ରତ ପାଳନ କରିଥିଲେ । ନିର୍ଜ୍ଜଳା କାଷ୍ଠା ଉପବାସ । କେବଳ ନାରାୟଣ ଧ୍ୟାନ, ନାରାୟଣ ପ୍ରାର୍ଥନା । ଉପବାସର ଅର୍ଥ ଭାଗବାନଙ୍କ ସହିତ ବାସ କରିବା । ତାଙ୍କ ନିକଟସ୍ଥ ହେବା । ଚିନ୍ତାରେ ଚିତ୍ତରେ ନାରାୟଣଙ୍କ ସାନ୍ନିଧ ଲାଭ କରିବା । ଏକାଦଶୀ ପରେ ଦ୍ୱାଦଶୀ ଦିନ ବ୍ରାହ୍ମ ମୁହୂର୍ତ୍ତରେ ସ୍ନାନ, ତା'ପରେ ପ୍ରାତଃଭୋଜନ । ହବିଷ୍ୟାନ୍ନ ସେବନ । ପାରଣ ପର୍ବ ।

ନନ୍ଦ ସେଦିନ ବ୍ରାହ୍ମମୁହୂର୍ତ୍ତର ଅବ୍ୟବହିତ ପୂର୍ବରୁ ଯମୁନା ସ୍ନାନ କରିବାକୁ ଗଲେ । ତମସା ହେଉଛି ତାମସିକ । ରାତ୍ରି ବେଳ ଅସୁରମାନଙ୍କ ସମୟ । ସମସ୍ତ ଆସୁରିକ କାର୍ଯ୍ୟ ସେହି ସମୟରେ କରାଯାଇଥାଏ । ରାତି ଥାଉ ଥାଉ ନନ୍ଦରାଜା ପ୍ରବେଶ କଲେ ଯମୁନା ଜଳରେ । ଅପବିତ୍ର ସମୟରେ ସ୍ନାନ ନିଷିଦ୍ଧ । ଅନିୟମକାର୍ଯ୍ୟ ତଥା ନିୟମଭଙ୍ଗର ସୁଯୋଗ ନେଇ ଜଣେ ଜଳଦୂତ ଅସୁର ନନ୍ଦରାଜାଙ୍କୁ ଭିଡ଼ି ଧରିଲା । ତାଙ୍କୁ ନେଇଗଲା ଜଳଦେବତା ବରୁଣଙ୍କ ନିକଟକୁ ।

ନନ୍ଦଙ୍କ ସହିତ ଯମୁନା କୂଳକୁ ଅନ୍ୟ କେତେକ ସମବୟସ୍କ ଗୋପାଳ ମଧ୍ୟ ଯାଇଥିଲେ । ସେମାନେ କୂଳରେ ଥିଲେ । ନନ୍ଦ ଯମୁନା ଜଳଭିତରୁ ଉପରକୁ ନଉଠିବା ଦେଖି ସେମାନେ ବ୍ୟସ୍ତ, ବିକଳ ହୋଇ ପଡ଼ିଲେ । ବହୁ ସମୟ ଧରି ଅପେକ୍ଷା କଲେ । ଭାବିଲେ, ଏ ଜଳରେ ଏକମାତ୍ର କାଳ ଥିଲା କାଳିୟ । ତାକୁ ତ ଶ୍ରୀକୃଷ୍ଣ ଦମନ କରି ହଟେଇ ଦେଇଛନ୍ତି । ଜଳ ଭିତରେ ସେପରି କୁମ୍ଭୀର କିମ୍ବା ବଡ଼ମାଛ ନଥିଲେ ଯେ ନନ୍ଦଙ୍କୁ ଗିଳି ପକାଇବେ । ତା'ହେଲେ, ଗଲେ କୁଆଡେ ? ଗୋପପୁରରେ ଭାଳେଣି ପଡ଼ିଗଲା ।

ସମସ୍ତେ ଗଲେ ଶ୍ରୀକୃଷ୍ଣ ଓ ବଳରାମଙ୍କ ପାଖକୁ । ଇଆଡେ, ଯଶୋଦା ସକାଳୁ ଉଠି, ବାସି ଆଡତି, ଗାଧୁଆ ପାଧୁଆ ସାରି, ରୋଷେଇ କରିବାରେ ବ୍ୟସ୍ତ । ନନ୍ଦ ସ୍ନାନ ସାରି ଆସିଲେ ହବିଷ୍ୟାନ୍ନ ଖାଇବେ । ଗୋପପୁରରେ ସମସ୍ତଙ୍କ ତୁଣ୍ଡରେ ଗୋଟିଏ କଥା, ନନ୍ଦ ଯମୁନାଜଳ ଭିତରୁ ଗଲେ କୁଆଡେ ? ସେ କ'ଣ ବୁଡ଼ି ମରିଗଲେ ?

ସମସ୍ତେ ବ୍ୟସ୍ତ, କିନ୍ତୁ ଯାହାର ଉପାସନା ଲାଗି ନନ୍ଦଙ୍କ ଉପବାସ— ସେହି ଶ୍ରୀକୃଷ୍ଣରୂପୀ ନାରାୟଣ ଆଦୌ ବ୍ୟସ୍ତ ନୁହନ୍ତି । ଖବର ପାଇବା ପୂର୍ବରୁ ସେ ଖବର ସୃଷ୍ଟି କରି ସାରିଥିଲେ । କିନ୍ତୁ ଗୋପାଳମାନଙ୍କ ଆତଙ୍କକୁ ଲକ୍ଷ୍ୟ କରି ସେ ନିଜେ ଆତଙ୍କିତ ହୋଇ ପଡିଲାପରି ଛଳନା କଲେ । ଆଖିବୁଜି ବସିଲେ । ସେ ଜାଣି ପାରିଲେ, ଏ ନାଟର ଗୋବର୍ଦ୍ଧନ ଜଳାଧିପତି ବରୁଣ ମହାରାଜ ।

ଶ୍ରୀକୃଷ୍ଣ ଚାଲିଲେ, ଯମୁନା ଅଭିମୁଖେ । ତାଙ୍କ ପଛେ ଛେ ସମଗ୍ର ବୃନ୍ଦାବନର ପିଲାଠୁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ । ଶ୍ରୀକୃଷ୍ଣ ଡିଆଁ ମାରିଲେ ଯମୁନା ଭିତରକୁ । କୂଳରେ ଥିବା ସାଙ୍ଗସାଥୀ ଓ ଗୋପଗୋପୀମାନଙ୍କୁ କହି ଯାଇଥିଲେ, କେହି ବ୍ୟସ୍ତ ହେବନି, ମୁଁ ବାପାଙ୍କୁ ଆଣି ଆସିବି ।

ଶ୍ରୀକୃଷ୍ଣ ଜଳତଳ ପାତାଳପୁରୀ ଗଲେ । ଏଇଠି ବରୁଣର ନିବାସ ବରୁଣାଳୟ । ବରୁଣ ସମ୍ପର୍କରେ ଶ୍ରୀକୃଷ୍ଣଙ୍କ ଶ୍ୱଶୁର । ଲକ୍ଷ୍ମୀଙ୍କ ପିତା ସେ । ଶ୍ରୀକୃଷ୍ଣ ବରୁଣର କବାଟ

ବାଡ଼େଇଲେ । ବରୁଣ କବାଟ ଫିଟେଇଲେ । ଦେଖିଲେ ସ୍ୱୟଂ ବୈକୁଣ୍ଠାଧିପତି ନାରାୟଣ ତାଙ୍କ ଦ୍ୱାରସ୍ଥ । ସେ ତାଙ୍କ ଗୋଡ଼ତଳେ ପଡ଼ିଗଲେ । ବରୁଣ ତ ଜଳୀୟ, ତରଳୀୟ । ନାରାୟଣଙ୍କ ସାକ୍ଷାତ ପାଇ ତାଙ୍କ ହୃଦୟ ଆନନ୍ଦରେ ବିଗଳିତ ହୋଇପଡିଲା । ବହୁକାଳର ଆକାଂକ୍ଷିତ ଅତି ପ୍ରିୟଜନଙ୍କୁ ଅଚାନକ, ହଠାତ୍ ଦେଖିଦେଲେ, ଏହି ଭାବ ସ୍ୱଭାବତଃ ଆସିଥାଏ ।

ବରୁଣ ନାରାୟଣଙ୍କୁ ବରଣ କଲେ, ପାଦାର୍ଘ୍ୟ ଦେଇ ଆବାହନ କଲେ । ସ୍ୱାଗତ କଲେ । କହିଲେ, ମୋ ଜନ୍ମ ସାର୍ଥକ ହୋଇଗଲା । ଗିରିଜନଙ୍କ ପରି ମୁଁ ଜଳଜନ । ଏହି ଅଗମ୍ୟ ପ୍ରଦେଶକୁ କେହି କେବେ ବଡବଡିଆ ଆସନ୍ତି ନାହିଁ । ଆପଣ ପଦାର୍ପଣ କଲେ । ଆପଣଙ୍କ ପାଦସ୍ପର୍ଶରେ ଜନ୍ମ, ମୃତ୍ୟୁରୁ ସମସ୍ତେ ରକ୍ଷା ପାଆନ୍ତି । ମୋକ୍ଷପଦ ଲାଭ କରନ୍ତି । ନନ୍ଦ ଆପଣଙ୍କ ପିତା ବୋଲି ମୋର ଜଗୁଆଳି ଜାଣି ନଥିଲା । ଭୁଲରେ ମୋ ପାଖକୁ ନେଇ ଆସିଲା । ତାକୁ ଓ ମତେ କ୍ଷମା କରନ୍ତୁ । ପିତାଙ୍କୁ ଫେରାଇ ନିଅନ୍ତୁ ।

ନନ୍ଦ ସବୁ ଦେଖୁଥିଲେ । ବରୁଣର ଭକ୍ତିଭାବ ଦେଖି ସେ ଅଭିଭୂତ ହୋଇ ପଡିଲେ । ବରୁଣ ତାଙ୍କର ଜଳଗର୍ଭରେ ଗଚ୍ଛିତ ଥିବା ସମସ୍ତ ଧନରତ୍ନ ଶ୍ରୀକୃଷ୍ଣଙ୍କ ପାଦତଳେ ସମର୍ପଣ କରିଦେବା ମଧ୍ୟ ସେ ଲକ୍ଷ୍ୟ କରିଥିଲେ । କିନ୍ତୁ ଶ୍ରୀକୃଷ୍ଣ କିଛି ନଆଣି, କେବଳ କ୍ଷମାଦାନ କଲେ ।

ନନ୍ଦ ଘରକୁ ଫେରି ତାଙ୍କ ରାଜ୍ୟ ଲୋକଙ୍କୁ ଶ୍ରୀକୃଷ୍ଣ ଜଳତଳକୁ ଯାଇ କ'ଣ କଲା, ସବୁକଥା କହିଲେ । ସମସ୍ତଙ୍କ ହୃଦ୍‌ବୋଧ ହେଲା, ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ । ଅନାଥର ନାଥ ଜଗନ୍ନାଥ । ସବୁ ଦେବତାଙ୍କ ମଉଡମଣି ସେ । କ୍ଷମତାଶାଳୀ ଲୋକଙ୍କୁ ପାଖରେ ପାଇଲେ, ତାଙ୍କଠୁ କିଛି ହାସଲ କରିବା ଲାଗି ମଣିଷର ଇଚ୍ଛା ହୁଏ । ସେହିଭଳି, ଗୋପ ଓ ଗୋପୀମାନଙ୍କ ଇଚ୍ଛା ହେଲା ବୈକୁଣ୍ଠକୁ ଯାଇ ସେହି ଦିବ୍ୟପୁରୀକୁ ଦେଖି ଆସିବା ପାଇଁ । ଦିନେ ସମସ୍ତେ ମିଶି ଶ୍ରୀକୃଷ୍ଣଙ୍କୁ ନିଜ ମନକଥା ଜଣାଇବା ପାଇଁ ସ୍ଥିର କଲେ ।

ଶ୍ରୀକୃଷ୍ଣ ସେମାନଙ୍କ ମନରେ କ'ଣ ଅଛି, ଆଗରୁ ଜାଣି ସାରିଥିଲେ । ସେ ଏକଥା ବହୁତ ଆଗରୁ ଭାବିଥିଲେ । ସେ ସ୍ୱଗତୋକ୍ତି କରି କହିଲେ, ବ୍ରହ୍ମ ଗୁଣାତୀତ । ଏହା 'ଅହଂ'ର ସ୍ପର୍ଶରେ ସଗୁଣ ରୂପ ଧାରଣ କରିବା ଭଳି ମନେହୁଏ । ଆତ୍ମନ୍ ଏହି ଗୁଣଦ୍ୱାରା ପରିବେଷ୍ଟିତ ହୋଇ ପଡିବା ମାତ୍ରେ 'ମାୟା' ତାକୁ ମାଡିବସେ । ଆତ୍ମନ୍ ନିଜ ସ୍ୱରୂପକୁ ଭୁଲିଯାଏ । ସେ ସଂସାର ଜଂଜାଳରେ ଲିପ୍ତ ହୋଇପଡେ । ଅହଂକାରରୁ ଅବିଦ୍ୟା,

ଅବିଦ୍ୟାରୁ କାମ, କାମରୁ କର୍ମର ଉତ୍ପତ୍ତି ହୁଏ । ଏହି କର୍ମ ଫଳରେ ସେ ଜନ୍ମମୃତ୍ୟୁର ଚକ୍ରରେ ଘୂରିହୁଏ । ନିଜର ସତ୍ୟସ୍ୱରୂପକୁ ଜାଣିବା ପର୍ଯ୍ୟନ୍ତ ଏହି ଚକ୍ର ଚାଲିଥାଏ । ସତ୍ୟର ପରିଚୟ ପାଇବାମାତ୍ରେ ସେ ଜାଣେ, ସେ ନିଜେ ବ୍ରହ୍ମ । ସୋଽହଂ । ସିଏ ଯିଏ, ମୁଁ ସିଏ । ଏହି ନିରୀହ ଗୋପାଳମାନଙ୍କୁ 'ସତ୍ୟ' କ'ଣ ଦେଖାଇବାକୁ ପଡିବ ।

ତାପରେ ଶ୍ରୀକୃଷ୍ଣ ଗୋପଗୋପୀମାନଙ୍କୁ ବୈକୁଣ୍ଠ ଦର୍ଶନ କରାଇଲେ । ତାଙ୍କ ପ୍ରତି ଅର୍ଥାତ୍ ନାରାୟଣଙ୍କ ପ୍ରତି ଗୋପାଳମାନଙ୍କ ଅଟଳ ଭକ୍ତି । ଗୋପୀମାନେ ତହୁଁ ବଳକା । ଏପରିକି, ସେମାନେ ନିଜର ଶ୍ରେଷ୍ଠ ଭୂଷଣ 'ଲଜ୍ଜା'ଟିକକ ମଧ୍ୟ ଜଳାଂଜଳି ଦେଇ କୃଷ୍ଣ ପ୍ରେମରେ ମଜ୍ଜି ଯାଇଛନ୍ତି । ସେମାନଙ୍କ ଏହି ତପସ୍ୟା ଯୋଗୁ ହିଁ ନାରାୟଣ ସେମାନଙ୍କୁ ତାଙ୍କର ଘର ଦେଖାଇବାକୁ ନେଲେ ।

ଯିଏ ନିତ୍ୟ, ଶାଶ୍ୱତ, ସ୍ୱପ୍ରକାଶ, ଯାହାର କୌଣସି ପ୍ରତିବନ୍ଧକ ନାହିଁ, ମୁନିଋଷିମାନେ ସଂପୂର୍ଣ୍ଣ ଅନାସକ୍ତ ହେବା ପରେ ବହୁବର୍ଷ ନିରବଚ୍ଛିନ୍ନ ତପସ୍ୟା କରିବାପରେ, ଯାହାର ଦର୍ଶନ ପାଇଥାଆନ୍ତି, ଭଗବାନ କୃପାକରି ଗୋପଗୋପୀମାନଙ୍କୁ ସେହି ବ୍ରହ୍ମଲୋକ ଦର୍ଶନ କରାଇଲେ । ତା'ପରେ ସେମାନଙ୍କୁ ନେଇଗଲେ ବ୍ରହ୍ମସରୋବର ଦେଖାଇବା ପାଇଁ । ଗୋପାଳମାନେ ଏହି ହ୍ରଦ ବା ସରୋବରରେ ନିମଗ୍ନ ହୋଇ ବୈକୁଣ୍ଠ ଦର୍ଶନ କଲେ । ଅକ୍ରୂର ଏହି ହ୍ରଦରେ ହିଁ ନାରାୟଣଙ୍କ ପାଦଦର୍ଶନ କରିଥିଲେ ।

ଶ୍ରୀକୃଷ୍ଣ ଭାବି ଦେଖିଲେ, ଗୋପଗୋପୀମାନେ ବୈକୁଣ୍ଠପୁରୀର ତେଜକୁ ବେଶୀ ସମୟ ସହ୍ୟ କରିପାରିବେନି । ମଣିଷ ଅତ୍ୟଧିକ ଆଲୋକର ବିକିରଣରେ ଅନ୍ଧ ହୋଇପଡିଥାଏ । ତେଣୁ ସେ ସମସ୍ତଙ୍କୁ ଭାବାବେଶରୁ ପ୍ରକୃତିସ୍ଥ କରାଇଲେ । ଗୋପଗୋପୀମାନେ କ୍ଷଣିକ ଭିତରେ ଏକ ବିରାଟ ରୂପକୁ ଦେଖିଥିଲେ । ସେମାନେ ଦେଖିଥିଲେ, ଶ୍ରୀକୃଷ୍ଣ ହିଁ ନାରାୟଣ । ସେ ସମସ୍ତ ବେଦଦ୍ୱାରା ପୂଜିତ । କିନ୍ତୁ ମନରୁ ହଠାତ୍ ଭାବର ଆବରଣ ହଟିଗଲା । ଦେଖିଲେ, ସେମାନଙ୍କ ପାଖରେ ଠିଆ ହୋଇଛନ୍ତି- ବୃନ୍ଦାବନର ବାଳକ ଶ୍ରୀକୃଷ୍ଣ ।

ମନେ ମନେ ଭାବିଲେ, କ'ଣ ଦେଖୁଥିଲୁ, ଏବେ ଦେଖୁଛୁ କ'ଣ ? କେଉଁଟା ସତ୍ୟ, କେଉଁଟା ମିଥ୍ୟା ? ଆଉ ତ ବୈକୁଣ୍ଠ ନାହିଁ, ମନରେ ରହିଛି କେବଳ କୁଣ୍ଡ ।

●

## ।। ୪୩ ।।

# ମିଳନର ପ୍ରଥମ ପର୍ବ

**ଭ**ଗବାନ ଶ୍ରୀକୃଷ୍ଣ ପ୍ରତିଶ୍ରୁତିବଦ୍ଧ । କୁମାରୀ ଗୋପୀମାନେ କାତ୍ୟାୟିନୀ ବ୍ରତ କରିଥିଲେ, ଶ୍ରୀକୃଷ୍ଣଙ୍କୁ ପତି ଭାବରେ ପାଇବା ଲାଗି । ବସ୍ତ୍ରହରଣ ଲୀଳା କରି ସେତେବେଳେ ସେ ଗୋପୀମାନଙ୍କ ଲଜ୍ଜାହରଣ ସହିତ ଚିତ୍ତହରଣ କରିଥିଲେ । ସେମାନଙ୍କୁ ଘରକୁ ଫେରିଯିବାପାଇଁ କହିଥିଲେ । କିନ୍ତୁ ଗୋପକୁମାରୀମାନେ କୃଷ୍ଣପ୍ରେମପିପାସାରେ ବ୍ୟାକୁଳ ହୋଇ ପଡ଼ିଲେ । ଶ୍ରୀକୃଷ୍ଣ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ, ଏକାନ୍ତରେ ତୁମମାନଙ୍କ କାନ୍ତ ହେବି, ତୁମମାନଙ୍କ ସହିତ ବିହାର କରିବି । ଗାଇବି, ନାଚିବି । ତୁମେମାନେ ଏବେ ଯାହା ଚାହୁଁଚ, ମୋଠାରୁ ସେତେବେଳେ ସବୁ ପାଇ ପାରିବ ।''

କିନ୍ତୁ ଆଗାମୀ ଯାମିନୀ କେବେ ଆସିବ, କୁମାରୀମାନେ ସେହି ବେଳକୁ ଅପେକ୍ଷା କରି ରହିଛନ୍ତି । କାନଡେରି ରହିଛନ୍ତି ବଂଶୀଧରଙ୍କ ବଂଶୀସ୍ୱନକୁ ।

ବର୍ଷକ ପରେ ଆସିଚି ସେହି ଯାମିନୀ । ଶାରଦୀୟ ରଜନୀ । ଆକାଶ ମେଘମୁକ୍ତ । ସ୍ୱଚ୍ଛ, ନିର୍ମଳ । ଚତୁର୍ଦ୍ଦିଗ ଶୋଭାମୟ । ପ୍ରସ୍ଫୁଟିତ ବନମଲ୍ଲୀର ସୁବାସରେ ଖଣ୍ଡମଣ୍ଡଳ ମହକିତ, ସୁବାସିତ । ଆକାଶରେ ପୂର୍ଣ୍ଣଚନ୍ଦ୍ର । ବହୁଦିନ ପରେ ବିଦେଶରୁ ପ୍ରିୟତମ ଫେରିଚି, ପ୍ରିୟତମା ପାଖକୁ । ସେ ପ୍ରେୟସୀର ମୁଖରଞ୍ଜନ କରିବାରେ ଲାଗିଚି କୁଙ୍କୁମରାଗରେ । ସେହିପରି ଆଜିର ପୂର୍ଣ୍ଣଚନ୍ଦ୍ର ନିଶିନାଥ । ପୂର୍ବଦ୍ଦିଗକୁ ଅରୁଣରାଗରେ ରଞ୍ଜିତ କରି ବିଶ୍ୱବାସୀଙ୍କୁ ଆନନ୍ଦ ବିତରଣ କରିବାରେ ଲାଗିଛନ୍ତି । ଶାନ୍ତ ଶୀତଳ ଧରିତ୍ରୀ । ବନବନାନୀ ସ୍ନିଗ୍ଧ, ଜ୍ୟୋସ୍ନାଧୌତ ।

ପ୍ରକୃତି ତା'ର ପ୍ରାଣରମଣକୁ ସଂଭାଷଣ କରିବାଲାଗି ନବବେଶରେ ସୁସଜ୍ଜିତ । ଚାରିଆଡ଼େ ପକ୍ଷୀମାନଙ୍କ କାକଳି ଓ ଆନନ୍ଦ ଧ୍ୱନି । ଆଜି ଶରତ ଆସିଛି । ସେ ପ୍ରତିବର୍ଷ ଆସେ । କିନ୍ତୁ ଆଜିର ଆଗମନ ବିଭାବନ । ଶରତ ଆଜି ସତ୍ୟବ୍ରତ । ପ୍ରତିଶ୍ରୁତି ପାଳନ ଲାଗି ଭଗବାନଙ୍କ ସଞ୍ଚାରଣ । ସତ୍ୟରକ୍ଷା କରିବେ ସେ । ତେଣୁ ଶରତ ନିଜେ ଗୋପୀଭାବରେ ନିଜକୁ ସଜେଇବାରେ ଲାଗିଚି । ନିକୁଞ୍ଜକାନନ ମଧୁବନରେ ମଧୁବର୍ଷଣ । ମଞ୍ଚ ପ୍ରସ୍ତୁତ । ନାୟକଙ୍କ ଆଗମନକୁ ଶରତର ଅପେକ୍ଷା, ଅପେକ୍ଷାମାଣ ସେ । ନାୟକଙ୍କ ପଦଧ୍ୱନି ଶୁଣିବା ମାତ୍ରେ ସେ ଦୌଡ଼ିଯିବ ତାଙ୍କୁ ପାଛୋଟି ଆଣିବା ଲାଗି । ବନମାଳାରେ ବିଭୂଷିତ କରିବା ଲାଗି ।

ରସାନନ୍ଦ ଗଲେ ଯମୁନାପୁଳିନକୁ । ହାତରେ ବଂଶୀ । ନଟବର ବେଶ । ଏପରି ବେଶରେ ବିଭୂଷିତ ସେ ପୂର୍ବରୁ କେବେ ହୋଇ ନଥିଲେ । ମନେହେଲା, ପୂର୍ବରୁ ସ୍ୱର୍ଗରୁ ଅପ୍‌ସରୀମାନେ ଆସି ତାଙ୍କୁ ଏପରି ସଜେଇ ଦେଇ ଯାଇଛନ୍ତି । ଦୁଇ ଅଧରପୁଟରେ ଲଗାଇଲେ ମୁରଲୀକି । ତା'ପରେ ଆରମ୍ଭ ହେଲା ପଞ୍ଚମତାନ । ସଙ୍ଗୀତର ସମସ୍ତ ମଧୁରତା ଯିମିତି ଠୁଳ ହୋଇଚି, ଏହି ବଂଶୀଧ୍ୱନିରେ । ସୁଲଳିତ ମଧୁର ନିଃସ୍ୱନ । ସୂର୍ଯ୍ୟୋଦୟ ମାତ୍ରେ କିରଣ ବିଚ୍ଛୁରିତ ହେବାଭଳି ସେ ବଂଶୀସ୍ୱନ ତରଙ୍ଗାୟିତ ହୋଇ ଛୁଟିଲା ଚତୁର୍ଦ୍ଦିଗକୁ । କିନ୍ତୁ ସେ ଏଭଳି ସ୍ୱନ ଯେ ସମସ୍ତେ ଏହାର ଆସ୍ୱାଦନ ଲାଗି ଯୋଗ୍ୟ ବିବେଚିତ ନୁହଁନ୍ତି । ଏହି ସ୍ୱନର ଲକ୍ଷ୍ୟସ୍ଥଳ ଗୋପୀମାନଙ୍କ ହୃଦୟ-କନ୍ଦର । ଏହି ନାଦନ କେବଳ ସେମାନଙ୍କ ହୃଦୟକୁ ସ୍ପର୍ଶ କରିବାକୁ, ପ୍ରାଣ ପୁଲକିତ କରିବାକୁ, ମନକୁ ଉଚ୍ଛନ୍ନ କରିବା ଲାଗି ଅଭିପ୍ରେତ । ଏହି ସ୍ୱନର ଭାଷା କେବଳ ଗୋପୀମାନଙ୍କ ପକ୍ଷରେ ବୋଧଗମ୍ୟ । ଏହାର ଭାଷାର ଏକମାତ୍ର ଶବ୍ଦ-କୃଷ୍ଣ, କୃଷ୍ଣ, କୃଷ୍ଣ । ଯିଏ କୃଷ୍ଣାନୁରଞ୍ଜିତ, ସେ କେବଳ ଏଇ ଭାଷା, ଏହି ଭାବକୁ ବୁଝିପାରେ ।

କର୍ଣ୍ଣଗହ୍ୱର ଦେଇ ଏହି ସ୍ୱନର ଆବାହନମନ୍ତ୍ର ପ୍ରବେଶ କଲା ଗୋପୀମାନଙ୍କ ହୃଦୟନିକୁଞ୍ଜରେ । ସେମାନଙ୍କ ହୃଦୟ ବିଗଳିତ ହୋଇ ପଡ଼ିଲା ଆନନ୍ଦରେ । ଘର ସଂସାର ଭିତରେ ମନ ବୋଲି ଯାହା ଟିକକ ଥିଲା, ହଜିଗଲା ସେହି ମୁହୂର୍ତ୍ତରେ । କୃଷ୍ଣପ୍ରେମରେ ଗୋପଲଳନାମାନେ ପାଗଳିନୀ । ସମସ୍ତେ ଭାବିଲେ, ବଂଶୀ ହିଁ ଡାକୁଛି । କିନ୍ତୁ ଏ ସ୍ୱନ ଆସୁଚି କେଉଁଠୁ ? କୃଷ୍ଣଙ୍କର ଠାବ ଏବେ କେଉଁଠି ? ଆଉ ଭାବିବାର ଶକ୍ତି ବି ନାହିଁ ।

ସମସ୍ତେ ଘରଛାଡ଼ି ବାହାରି ପଡ଼ିଲେ ଦାଣ୍ଡକୁ । ରନ୍ କେଉଁଠି ପଡ଼ିଛି ଖୋଜିବାକୁ । କିଏ କେଉଁଆଡ଼େ ଦୌଡ଼ିବାରେ ଲାଗିଛନ୍ତି । ଆଖିରେ ଅନ୍ଧପୁଟୁଳି ବାନ୍ଧି ଦେଇ କୃଷ୍ଣ ଯେପରି କହିବାରେ ଲାଗିଛନ୍ତି, ମୁଁ କେଉଁଠି ? ସମସ୍ତେ ଯମୁନାକୂଳକୁ ଧାବବତୀ । ଘୂର୍ଣ୍ଣିବାତ୍ୟାଭଳି ବଂଶୀସ୍ୱନ ଗୋପୀମାନଙ୍କୁ ଉଡେଇ ନେଇ ଚାଲିଛି ଆନନ୍ଦଧାମକୁ । ସମସ୍ତେ ଏକତ୍ର ଚାଲିଛନ୍ତି । କିନ୍ତୁ ପ୍ରତ୍ୟେକ ଗୋପୀ ଭାବୁଚି, ସେ କେବଳ କୃଷ୍ଣାଭିମୁଖୀ । କୃଷ୍ଣ କେବଳ ତା'ର ପ୍ରାଣ ! ହୃଦୟ ନିର୍ମଳ, ମନ ଚଞ୍ଚଳ, ଚିତ୍ତ ଉଦ୍‌ବେଳିତ । ବେଣୁ ଗୀତିରେ କେବଳ ପ୍ରୀତି ହିଁ ପ୍ରୀତି । ଏହାର ଜାତିପତି କିଛି ନାହିଁ । ଏହାର ଭିତ୍ତି, ନୀତି, ସଙ୍ଗତି ସବୁ ସମାନ । ମଣିଷ କୃଷ୍ଣାଭିମୁଖୀ ହୋଇ ପଡ଼ିଲେ ସେ ଭକ୍ତିକୁ ହିଁ ଜାଣେ । ଭଗବାନ ମଧ୍ୟ କେବଳ ଭକ୍ତକୁ ଚିହ୍ନନ୍ତି, ଆଉ କାହାକୁ ନୁହେଁ, ଏହା ହିଁ ଯୋଗ । ଗୋପୀମାନେ ସେହି ଯୋଗବଳରେହିଁ କୃଷ୍ଣସର୍ବସ୍ୱ ହୋଇ ପାରିଥିଲେ । ରସମୟୀ ହୋଇଥିଲେ ।

ମନୁଷ୍ୟର ଚିତ୍ତ ଯେତେବେଳେ ଶରତକାଳର ଆକାଶ ଭଳି ନିର୍ମଳ ହୋଇ ଉଠେ, ସେତେବେଳେ ଭଗବାନ ଶ୍ରୀକୃଷ୍ଣଙ୍କ ସୁମଧୁର ଆହ୍ୱାନ ଶ୍ରୁତିଗୋଚର ହୋଇଥାଏ । ସେ ପ୍ରଭୁଙ୍କ ମିଳନ ଲାଗି ବ୍ୟାକୁଳ ହୋଇ ଉଠେ । ଏହି ମିଳନପର୍ବ ହିଁ ରାସଲୀଳା ।

ରାସଲୀଳା ରସତତ୍ତ୍ୱର ସାର । ଆବ୍ରହ୍ମସ୍ତମ୍ଭ ପର୍ଯ୍ୟନ୍ତ ଏହି ରାସଲୀଳା ଅର୍ଥାତ୍ ଭଗବାନଙ୍କ ସହିତ ଏହି ମିଳନ ଅହରହ ଚାଲିଆସିଛି । ଏହି ମିଳନ ନିତ୍ୟ । ନୂତନ । ଅନିର୍ବଚନୀୟ ।

ସମଗ୍ର ଭାଗବତ ରସତତ୍ତ୍ୱର ଏକ ଇତିହାସ । ଲୌକିକ ଜଗତରେ ଯେପରି କୌଣସି ଜାତିର ଗଭୀରତମ ଭାବ ଏବଂ ସେହି ଭାବର ବିଭିନ୍ନ ବିକାଶକୁ ସେହି ଜାତିର ଇତିହାସ ବୋଲି କହୁ, ସେହିପରି ରସରାଜ ଶ୍ରୀକୃଷ୍ଣଙ୍କର ବିଭିନ୍ନ ରସର ବିକାଶ ଭାଗବତରେ ପରିସ୍ଫୁଟ ରୂପରେ ପ୍ରଦର୍ଶିତ ହୋଇଚି । ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର, ଶୃଙ୍ଗାର, ରୌଦ୍ର, ବୀଭତ୍ସ, ମୂଢ଼ ବା ଅଦ୍‌ଭୂତ ଭାବରେ ନବରସ ପ୍ରକାଶିତ । ରସର ବିଭିନ୍ନ ବିକାଶ ହିଁ ରାସ । ରସହିଁ ଆନନ୍ଦ ।

ମନୁଷ୍ୟ ଯେତେବେଳେ ଦେଖେ ସ୍ତ୍ରୀ, ପୁତ୍ର, ଧନଦୌଲତ, ବିଦ୍ୟା, ଯଶଃ, ମାନ ସବୁ ପାଇ ମଧ୍ୟ ଅନାବିଳ ଆନନ୍ଦ, ଶାନ୍ତି ପାଇ ପାରୁନାହିଁ, ସେତେବେଳେ ତା ମନ ପ୍ରାଣାରାମକୁ ପାଇବା ଲାଗି ବ୍ୟାକୁଳ ହୋଇପଡ଼େ । ସେତେବେଳେ ସେ ସାଧୁ, ସନ୍ନ୍ୟାସୀ, ମୁନି, ଋଷିଙ୍କଠାରୁ ଉପଦେଶ ଲାଭ କରି ଭଗବାନଙ୍କ ପ୍ରତି ଆକୃଷ୍ଟ ହୁଏ । ଗୋପୀମାନଙ୍କ ଭଳି ସେ ଭଗବାନଙ୍କ ଶରଣାଗତ ହୁଏ । ଶରଣାଗତି ସଂପୂର୍ଣ୍ଣ ହେଲେ ତା'ର ମନ, ବୁଦ୍ଧି, ଚିତ୍ତ, ଅହଙ୍କାର ଓ ସ୍ଥୂଳଦେହ ଆନନ୍ଦରେ ଆପ୍ଳୁତ ହୋଇପଡ଼େ । ସେ ଭାଗବତ ହୋଇଯାଏ । ସେତେବେଳେ ସେ ସର୍ବତ୍ର ଭଗବାନଙ୍କ ରାସଲୀଳା ଦେଖି ଆନନ୍ଦରେ ମଗ୍ନ ହୁଏ । ପୁରୁଷୋତ୍ତମ ଶ୍ରୀକୃଷ୍ଣ ସେତେବେଳେ ତାକୁ କହିଥାଆନ୍ତି, ଏହି ବିଶ୍ୱବ୍ରହ୍ମାଣ୍ଡହିଁ ମୋର ରାସଲୀଳା । ମୁଁ ଏଠାରେ ଅଷ୍ଟସଖୀ ଓ ମୋର ହ୍ଲାଦିନୀ ଶକ୍ତି ଆରାଧିତା ରାଧିକା ସହିତ ସର୍ବଦା ଲୀଳା କରିଥାଏ ।

ଶରଣାଗତି ପୂର୍ଣ୍ଣ ହେଲେ, ମନରେ ଆସେ ଗୋପୀଭାବ । ସେହି ଭାବରେ ଆବିଷ୍ଟ ହୋଇ ସେ ଭାଗବାନଙ୍କୁ କହିଥାଏ – ହେ ପ୍ରିୟତମ ! ତୁମ ବ୍ୟତୀତ ମୋର କେହି ପତି ନାହିଁ, ପୁତ୍ର ନାହିଁ, ମାତା ନାହିଁ, ଭାଇ, ଭଉଣୀ, ବନ୍ଧୁ, ବାନ୍ଧବୀ, ଆତ୍ମୀୟ, ସ୍ୱଜନ କେହି ନାହାଁନ୍ତି । ତୁମେ ହିଁ ମୋର କାନ୍ତ, ଶ୍ରୀକାନ୍ତ ତୁମେ ମୋର କୃଷ୍ଣସ୍ୱାମୀ । ବୃନ୍ଦାବନରେ ବୈଧବ୍ୟ ରହି ନପାରେ । ତୁମେ ଅଛ ତ ଆମେ ଅଛୁ । ତୁମେ ନାହିଁ ତ ଆମେ ନାହୁଁ ।

॥ ୪୪ ॥

# ଏ ସୁଯୋଗ ଆଉ ମିଳିବନି

ଯମୁନା ପୁଳିନ । ମଧୁବନ, ନିକୁଞ୍ଜକାନନରେ ବଂଶୀଧର । ବଂଶୀସ୍ୱନର ଆହ୍ୱାନ– ଯିଏ ଯେଉଁଠି ଯେଉଁ ଅବସ୍ଥାରେ ଥାଅନା କାହିଁକି, ଚାଲି ଆସ । ଏ ସୁଯୋଗ ଆଉ ମିଳିବ ନାହିଁ । ଗୋପାଙ୍ଗନାମାନଙ୍କୁ କଥା ଦିଆଯାଇଚି, ଆଗାମୀ ରଜନୀମାନଙ୍କରେ ତୁମମାନଙ୍କ ସହିତ ମୋର ମିଳନ ହେବ ।

ବେଣୁର କି ମଧୁର ରାଗିଣୀ ! ଗୋପୀମାନଙ୍କ କାନ ଦେଇ ଏ ସ୍ୱର ପ୍ରବେଶ କରିଛି ହୃଦୟକୁଞ୍ଜରେ । ସମସ୍ତେ କୃଷ୍ଣାଭିମୁଖୀ । କର୍ଣ୍ଣକୁଣ୍ଡଳ ଦୋଳାୟମାନ, ଅସ୍ତବ୍ୟସ୍ତ । ଦେହରେ ଲୁଗା ରହୁନି । କିଏ ମୁଣ୍ଡ କୁଣ୍ଡାଉଥିଲା ତ କିଏ ଦୁଧ ଦୁହୁଁଥିଲା । କବରୀ ବନ୍ଧା ଅଧା ରହିଛି । ଦୁଗ୍ଧଭାଣ୍ଡ ହାତରୁ ତଳକୁ ଖସି ପଡ଼ିଚି । ଦୁଧ ଭାସୁଚି । କେହି କେହି ଦୁଧ ସିଝାଉଥିଲେ, ଦୁଧ ଉତୁରି ଚୁଲିରେ ପଶିଗଲାଣି, ସେଥିପ୍ରତି ଦୃଷ୍ଟି ନାହିଁ । ଭାତ ରନ୍ଧା ହେଉଥିଲା । ରନ୍ଧା ସେତିକି ଥାଉ, ପିଲେ ଭୋକ ଉପାସରେ ରହନ୍ତୁ, ସେଥିକି ଖାତିର ନାହିଁ । ସ୍ନେହ, ମମତା ସବୁତକ ଯିମିତି ଠୁଳ ହୋଇଛି ସେହି ବଂଶୀସ୍ୱନରେ । ଆନନ୍ଦଉଦ୍ଦୀପକ ସେହି ସ୍ୱନର ମୂର୍ଚ୍ଛନା । ସମସ୍ତଙ୍କୁ ଏ ସ୍ୱନ ଯେପରି ଗୋଟିଏ ପଘାରେ ବାନ୍ଧି ଟାଣିବାରେ ଲାଗିଛି ।

ସ୍ୱାମୀ ପିଢ଼ାରେ ବସିଚି । ପତ୍ର ପଡ଼ି ସାରିଲାଣି । ଭାତ ପରଷା ହେବାକୁ ଅପେକ୍ଷା । ହଠାତ୍ କାନରେ ପଡ଼ିଲା ବଂଶୀଗୀତ । ପତିବ୍ରତା ନାରୀ, ସ୍ୱାମୀଙ୍କୁ ମୁଠେ ଭାତ ମଧ୍ୟ ପରିଷିବା ପାଇଁ ତର ସହିଲାନାହିଁ । ଦୌଡ଼ିଚି ସେ ଯମୁନାକୂଳକୁ । ମନ ବ୍ୟାକୁଳ, ଚିତ୍ତ ଚଞ୍ଚଳ । କିଏ ବା ନବଜାତ ଶିଶୁକୁ ସ୍ତନ୍ୟପାନ କରାଉଥିଲା, ଶିଶୁକୁ ତଳେ ଗଡ଼େଇ ଦେଇ ଦୌଡୁଚି କୃଷ୍ଣଙ୍କ ଅଧରାମୃତ ପାନ କରିବା ଲାଗି । ଗୋଟିଏ ଦିଗରେ ଜନ୍ମ-ଜନ୍ମ ସଂଚିତ ସଂସ୍କାର, କର୍ମ, କର୍ତ୍ତୃତ୍ୱ, ଦେହାତ୍ମଭିମାନ, ଅନ୍ୟ ଦିଗରେ ସଚ୍ଚିଦାନନ୍ଦ ପରମପୁରୁଷ ଭାଗବାନଙ୍କ ଆହ୍ୱାନ । ଥରେ ତ ପରୀକ୍ଷା ସରିଚି । ଗୋପ କୁମାରୀମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣା । ଲଜ୍ଜା, ମାନ, ଅଭିମାନ, ଭୟ, ଅହଂକାର ସବୁକିଛି ତ୍ୟାଗ କରି ଉଲଗ୍ନ ଅବସ୍ଥାରେ ସେମାନେ ଯାଇଥିଲେ ଭଗବାନଙ୍କ ନିକଟକୁ । ବାସନା ଯାହାର ନାହିଁ, ତା'ର ବସନ କ'ଣ ଦରକାର ?

ମାସପରେ ମାସ, ବର୍ଷପରେ ବର୍ଷ ବ୍ୟତୀତ, ଭଗବାନଙ୍କ ସହିତ ଗୋପୀମାନଙ୍କ ରାସକ୍ରୀଡ଼ା ହୋଇପାରି ନାହିଁ । ତଥାପି ସେମାନଙ୍କର ଦୁଃଖ ନାହିଁ । ଆଜି ଆସିଚି ସେହି

ଅପୂର୍ବ ସୁଯୋଗ । ବେଣୁବାଦନ ଅହରହ ଚାଲିଛି । ସଂଗୀତ-ସୁଧାରେ ବୃନ୍ଦାବନରେ ବନାନୀ, ତଟିନୀ, ଶୈଳ, ପ୍ରାନ୍ତର ପ୍ଲାବିତ । ବ୍ରଜବାସୀନୀ ଗୋପ ଲଳନାମାନଙ୍କ ହୃଦୟରେ ପୁଲକ, ଶିହରଣ । କାମୋଦ୍ଦୀପକ ଏ ସଂଗୀତ । ଯୁବତୀମାନେ ଘରୁ ବାହାରିବା ପୂର୍ବରୁ ନିଜକୁ ସଜେଇ ଥାଆନ୍ତି । ଭଲ ଲୁଗା ପିନ୍ଧନ୍ତି । କେଶ ବିନ୍ୟାସ କରନ୍ତି । ଗଭାରେ ଫୁଲ ଖୋଷନ୍ତି । ଆଖିରେ କଜ୍ଜ୍ୱଳ ଲଗାନ୍ତି । ଦର୍ପଣ ପାଖରେ ଘଡ଼ିଏ କାଳ ଠିଆ ହୋଇ ନିଜ ମୁଖମଣ୍ଡଳର ଶୋଭାକୁ ଦେଖନ୍ତି । ବାହାରକୁ ଗଲେ ଯୁବକମାନେ ଯିମିତି ଆକୃଷ୍ଟ ହେବେ, ସେଥିଲାଗି ନାନା ରଙ୍ଗରେ ନିଜ ଅଙ୍ଗକୁ ରଞ୍ଜିତ କରିଥାଆନ୍ତି । କିନ୍ତୁ ଗୋପାଙ୍ଗନାମାନଙ୍କର ବେଳ କାହିଁ ସଜେଇ ହେବାପାଇଁ ?

ଏ ସଂସାରରେ ସବୁଠାରୁ ବଡ଼ ରୀତି ହେଉଛି — ଅନ୍ୟକୁ ଦେଖେଇ ହେବା । ସ୍ୱାମୀ ତା ସ୍ତ୍ରୀକୁ ସବୁବେଳେ ଦେଖୁଛି । କିନ୍ତୁ ବାହାରକୁ ସ୍ତ୍ରୀକୁ ନେଇ ଗଲାବେଳେ ସ୍ୱାମୀ କହୁଛି ସ୍ତ୍ରୀକି, ଟିକିଏ ଭଲକରି ମୁଣ୍ଡ କୁଣ୍ଡାଅ, ଭଲ ଶାଢ଼ୀଟିଏ ପିନ୍ଧ, ମୁହଁରେ ପାଉଡ଼ର ଲଗାଅ । ସ୍ୱାମୀ ଚାହେଁ, ତା ସ୍ତ୍ରୀକୁ ବାହାରର ଲୋକେ ଦେଖନ୍ତୁ । ଏହା ମଣିଷର ସହଜାତ ପ୍ରବୃତ୍ତି ।

କିନ୍ତୁ ଗୋପୀମାନଙ୍କର ଦେଖେଇ ହେବାର ପ୍ରବୃତ୍ତି ନଥିଲା । ସେମାନେ ଜାଣିଥିଲେ ସ୍ୱାମୀ ଆମର ଶ୍ରୀକୃଷ୍ଣ । ସେ ଆମକୁ ଚାହାଁନ୍ତି, ଆମେ ତାଙ୍କୁ ଚାହୁଁ । ଏହି ମିଳନ ଲାଗି ଅଙ୍ଗାଭରଣର କୌଣସି ଆବଶ୍ୟକତା ନାହିଁ । ସ୍ୱାମୀମାନେ ବାରଣ କଲେ, ନ ଯିବାପାଇଁ । କିନ୍ତୁ ସେମାନେ କୌଣସି ବାଧା ମାନିଲେ କାହିଁ । ସ୍ୱାମୀମାନଙ୍କର ପ୍ରଶ୍ନ — ଘରଦ୍ୱାର, ସନ୍ତାନ ସନ୍ତତି, ଶାଶୁ ଶ୍ୱଶୁର ଏବଂ ଆମକୁ ଛାଡ଼ି ଯାଉଚ କୁଆଡ଼େ ? ସ୍ୱାମୀମାନଙ୍କର ଏସବୁ ପ୍ରଶ୍ନର ଉତ୍ତର ଦେବାପାଇଁ ସମୟ ନାହିଁ ? ହୃଦୟ ଭିତରେ କୃଷ୍ଣାନୁରାଗର ପ୍ରବଳ ପ୍ରଖର ସ୍ରୋତ ଛୁଟିଛି, ନଦୀଗୁଡ଼ିକ ସମୁଦ୍ରାଭିମୁଖୀ ହେବାଭଳି କୃଷ୍ଣ-ସାଗରରେ ବିଲୀନ ହେବା ଲାଗି ।

କେତେକ ସ୍ୱାମୀ ସଫଳ ହୋଇଛନ୍ତି ନିଜ ନିଜ ସହଧର୍ମିଣୀମାନଙ୍କୁ ଅଟକେଇବାରେ । ଘର କବାଟ ବନ୍ଦ କରି ସେମାନଙ୍କୁ ବନ୍ଦିନୀ କରି ରଖିଛନ୍ତି । ହେଲେ କ'ଣ ହେବ, ଆବଦ୍ଧ ଜଳ-ଉଛୁଳି ପଡୁଚି । କୃଷ୍ଣପ୍ରୀତିର ଜୁଆର ଛୁଟିଛି ସେମାନଙ୍କ ପ୍ରାଣ-ମହୋଦଧିରେ । ମୂର୍ଚ୍ଛିତ ଅବସ୍ଥାରେ ମଧ୍ୟ ସେମାନେ କୃଷ୍ଣଧନ ପାଇଛନ୍ତି । କୃଷ୍ଣଙ୍କୁ ମନ ଭିତରେ ଆଲିଙ୍ଗନ କରିବାରେ ଲାଗିଛନ୍ତି । ସେମାନେ ମୋକ୍ଷପଦ ଲାଭ କରିଛନ୍ତି । କେବଳ ମଣିଷ ପୁଣ୍ୟ ଅର୍ଜନ କଲେ, ପୁଣ୍ୟଲୋକକୁ ଯାଏ । ପାପ କଲେ ତା'ର ପାପଜନ୍ମ ହୁଏ । ପଶୁପକ୍ଷୀ ହୋଇ ଜନ୍ମେ । ପାପ ପୁଣ୍ୟର ମିଶ୍ରଣରେ ମଣିଷ ରୂପରେ ଜାତ ହୁଏ ।

କିନ୍ତୁ ଗୋପୀମାନଙ୍କର ପାପ ତ ନଥିଲା, ପୁଣ୍ୟ ଅର୍ଜନର କାମନା ମଧ ନଥିଲା । ସେମାନେ ନିଷ୍କାମ । କେବଳ କୃଷ୍ଣପ୍ରେମୀ । ପରମଭକ୍ତ । ତେଣୁ ମୋକ୍ଷ ନିଜେ ବାଟ ଖୋଜି ଖୋଜି ସେମାନଙ୍କ ପାଖକୁ ଆସିଥିଲା । ମୋକ୍ଷକୁ ମଧ ସେମାନେ ଚାହୁଁ ନଥିଲେ – ଚାହୁଁଥିଲେ କେବଳ କୃଷ୍ଣଭକ୍ତି । ଏ ଭକ୍ତିର ପରିଣତି କ'ଣ ସେମାନେ କଳ୍ପନା କରି କେବେ ଦେଖି ନଥିଲେ ।

ରାଜା ପରୀକ୍ଷିତ ପ୍ରଶ୍ନ କଲେ ଶୁକମୁନିଙ୍କୁ, ମୋ ମନରେ ଏକ ସନ୍ଦେହ ସୃଷ୍ଟି ହେଉଛି । ଆପଣ କହିଛନ୍ତି, ଗୋପୀମାନେ କେବଳ କୃଷ୍ଣପ୍ରେମରେ ବୁଡ଼ି ରହିଥିଲେ ବୋଲି ସେମାନେ ମୋକ୍ଷପଦର ଅଧିକାରିଣୀ ହୋଇପାରିଲେ । ସେମାନେ ତ ଶ୍ରୀକୃଷ୍ଣଙ୍କୁ ପରଂବ୍ରହ୍ମ ଭାବରେ ପୂଜା କରିନଥିଲେ, ସାଧାରଣ ସ୍ତ୍ରୀଲୋକ ଭଳି ସେମାନେ ଇନ୍ଦ୍ରିୟସୁଖ ଲାଗି କୃଷ୍ଣଙ୍କୁ ନିଜର ପ୍ରେମିକ ଭାବରେ ଗ୍ରହଣ କରିଥିଲେ । ଏଥିରେ ସେମାନେ ମୋକ୍ଷ ଲାଭ କଲେ କିପରି ? କୃଷ୍ଣ ସେମାନଙ୍କ ପକ୍ଷରେ ଜଣେ ଜାରଜପୁରୁଷ ତଥା ପରପୁରୁଷ । ଭଗବାନ ନୁହଁନ୍ତି । ଯେହେତୁ କୃଷ୍ଣଙ୍କର ଶ୍ୟାମଳ ଅଙ୍ଗକାନ୍ତି, ଲାବଣ୍ୟମୟ ମୁଖମଣ୍ଡଳ, ମୃଦୁମନ୍ଦ ମଧୁର ହାସ୍ୟ, ରସପୂର୍ଣ୍ଣ ସଂଗୀତମୟ ବେଣୁବାଦନ ଗୋପୀମାନଙ୍କ ମନକୁ ମୋହିତ କରି ପକାଇଥିଲା, ତେଣୁ ସେମାନେ ତାଙ୍କୁ ପ୍ରେମିକ ଭାବରେ ପାଇବାକୁ ବ୍ୟାକୁଳ ହୋଇ ଉଠି ଥାଇପାରନ୍ତି । ଏହି ସକାମ ପ୍ରେମକୁ 'ଭକ୍ତି' ଆଖ୍ୟା ଦିଆଯିବ କିପରି ? ଏହାର ଗୂଢ଼ ରହସ୍ୟ କ'ଣ ମତେ କହନ୍ତୁ ।

ଶୁକଦେବ ରାଜା ପରୀକ୍ଷିତଙ୍କୁ କହିଲେ, ତୁମର ପ୍ରଶ୍ନ ଅବାନ୍ତର କିମ୍ବା ଅପ୍ରାସଙ୍ଗିକ ନୁହଁ । ସାଧାରଣ ମନୁଷ୍ୟମାତ୍ରେ ଏ ପ୍ରଶ୍ନ କରିବା ସ୍ୱାଭାବିକ ।

ଶୁକ କହିଲେ, ମଣିଷ ଅମୃତପାନ କଲାବେଳେ, ତା ମନରେ ଇଏ ବିଷ ବୋଲି ଧାରଣା ଜନ୍ମିଲେ ମଧ, ବିଷଦ୍ୱାରା ସେ ବିଷାକ୍ତ ହୋଇ ପଡ଼ି ନଥାଏ । ସେ ନିଶ୍ଚିତ ଭାବରେ ଅମୃତର ଫଳ ପାଇଥାଏ । ସେହିଭଳି ବୃନ୍ଦାବନର ଗୋପଲଳନାମାନେ ଶ୍ରୀକୃଷ୍ଣଙ୍କୁ ଇନ୍ଦ୍ରିୟ ସୁଖାନୁଭୂତି ଲାଗି ଜଣେ ପାର୍ଥିବ ପ୍ରେମିକ ଭାବରେ ଭାବି ଥାଇପାରନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଶ୍ରୀକୃଷ୍ଣ ଯେହେତୁ ପରମବ୍ରହ୍ମ, ସେ ଗୋପୀମାନଙ୍କ ଏହି ପ୍ରେମକୁ ଭକ୍ତିରେ ପରିଣତ କରି ଦେଇଥିଲେ । ତେଣୁ ସେମାନେ ମୋକ୍ଷପଦ ଲାଭ କରିଥିଲେ । ଜନ୍ମ-ମୃତ୍ୟୁ-ଚକ୍ରରୁ ମୁକ୍ତିପାଇଥିଲେ । ଶିଶୁପାଳ ଶ୍ରୀକୃଷ୍ଣଙ୍କୁ ଘୃଣା କରୁଥିଲା, ଶତ୍ରୁ ମନେ କରୁଥିଲା । ସେହିଭଳି କଂସ ଭୟ କରୁଥିଲା । କିଏ ଭୟ କରି, କିଏ ଶତ୍ରୁତା କରି ମଧ ମୋକ୍ଷ ପାଇଥିଲେ । କାରଣ ସେମାନଙ୍କ ମନରେ କେବଳ କୃଷ୍ଣଚିନ୍ତାହିଁ ରହି ଆସିଥିଲା । ଗୋପୀମାନେ ସତତ କୃଷ୍ଣଭାବନାରେ ନିମଜ୍ଜିତ ରହି କର୍ମବନ୍ଧନରୁ ମୁକ୍ତି

ପାଇଥିଲେ । ସେମାନେ ଅଜ୍ଞାନ ଅନ୍ଧକାରରେ ରହି ମଧ ଅନ୍ତରାତ୍ମା ଭିତରେ ଆଲୋକ ପାଇ ଆସୁଥିଲେ ।

ମୁନିବର କହିଲେ – ଭଗବାନ ଅବ୍ୟୟ, ଅପ୍ରମେୟ, ଗୁଣାତୀତ । ଜନତାର ଜନାର୍ଦ୍ଦନ ସେ । ଲୋକଙ୍କ ମଙ୍ଗଳପାଇଁ ସେ ନାନା ରୂପ ଗ୍ରହଣ କରିଥାଆନ୍ତି । କାମ ହେଉ, କ୍ରୋଧ ହେଉ, ଭୟ ହେଉ, ସ୍ନେହ ହେଉ, ଭକ୍ତି ହେଉ ବା ଆତ୍ମୀୟତା ହେଉ, ଏଥିରୁ ଯେକୌଣସି ଗୋଟିଏ ଦ୍ୱାରା, ଯାହାର ଚିତ୍ତ ଅଚ୍ୟୁତ-ଚିନ୍ତାରେ ନିବିଷ୍ଟ, ସେ ତନ୍ମୟତା ଲାଭ କରିଥାଏ । ଜୀବାତ୍ମା ଓ ପରମାତ୍ମାର ମିଳନ ଘଟିଥାଏ । ଅସ୍ଥାବର-ସ୍ଥାବର, ସମସ୍ତେ ଏହି ମିଳନ ଲାଗି ବ୍ୟାକୁଳ । ତେଣୁ ଗୋପୀମାନଙ୍କ ମନରେ ଉପପତି ସଙ୍ଗମବୋଧ ଥିଲେ ମଧ ଅପାରଭକ୍ତି ରୂପକ ସଂପତ୍ତିର ଅଧିକାରିଣୀ ହୋଇ ପାରିଥିଲେ ।

●

॥ ୪୫ ॥

# 'ମତେ ଦେଖିଲ ତ, ଘରକୁ ଫେରିଯାଅ'

"ନିଶମ୍ୟ ଗୀତଂ ତଦନଙ୍ଗବର୍ଦ୍ଧନଂ ବ୍ରଜସ୍ତ୍ରିୟଃ କୃଷ୍ଣଗୃହୀତ ମାନସାଃ"…..

ଶ୍ରୀକୃଷ୍ଣ ଭଗବାନଙ୍କ ବଂଶୀର କାମୋଦ୍ଦୀପକ ସଙ୍ଗୀତ ଶୁଣିଲେ । ବ୍ରଜାଙ୍ଗନାମାନେ ବ୍ରଜସୁନ୍ଦରଙ୍କ କମନୀୟ ଦର୍ଶନ ଲାଗି ବୃନ୍ଦାବନରୁ ଅରଣ୍ୟ ଭିତରେ ପ୍ରବେଶ କଲେ । ଶ୍ରୀକୃଷ୍ଣ ଯେଉଁଠି, ସେଇଠି ଯାଇ ଏକାଠି ହେଲେ । କିନ୍ତୁ ଆସିଲାବେଳେ ପ୍ରତ୍ୟେକ ଗୋପୀ ମନେ କରୁଥିଲେ ଯେ ସେ କେବଳ ଯାଉଚି, ଅନ୍ୟ କୌଣସି ଗୋପୀ ନୁହଁ ।

ଶ୍ରୀକୃଷ୍ଣ ସେମାନଙ୍କ ପ୍ରେମକୁ ଅଧିକ ନିବିଡ଼ତର କରିବାପାଇଁ ସେମାନଙ୍କୁ ଆନନ୍ଦରେ ସ୍ୱାଗତ ସଂଭାଷଣ କଲେ । କହିଲେ, ହେ ମହାଭାଗ୍ୟବତୀ ଗୋପ ଲଳନାଗଣ ! ଆସ, ମୋ ପାଖକୁ ଲାଗି ଆସ । ତୁମମାନଙ୍କୁ ଖୁସି କରିବା ପାଇଁ, ମୁଁ କ'ଣ କରି ପାରିବି, ମନ ଖୋଲି କହ । ବ୍ରଜରେ ସବୁ କୁଶଳ ତ ? ଏହି ରାତିରେ ମୋ ପାଖକୁ ଆସିବାର ଉଦ୍ଦେଶ୍ୟ କ'ଣ ? କ'ଣ ବା ଆବଶ୍ୟକ ? ରାତି ସମୟ । ଇଏ ତ ବଣ ଜଙ୍ଗଲ । ଭୟର ବହୁ କାରଣ ରହିଛି । ହିଂସ୍ରଜନ୍ତୁମାନେ ରାତିରେ ଜଙ୍ଗଲ ଭିତରେ ଅବାଧରେ ବିଚରଣ କରିଥାଆନ୍ତି । ମୋ ପ୍ରତି ତୁମମାନଙ୍କର ସ୍ନେହ, ଅନୁରାଗବଶତଃ ଯଦିବା ଆସିଥାଅ, ତାହାହେଲେ, ମତେ ତ ଦେଖିଲ, କାମ ସରିଲା, ନିଜ ନିଜ ଘରକୁ

ଫେରିଯାଅ । ରାତିରେ ସ୍ତ୍ରୀଲୋକେ ଘରଦ୍ୱାର ଛାଡ଼ି ବାହାରେ ରହିବା ଅନୁଚିତ । ଅନ୍ୟାୟ । ତୁମମାନଙ୍କୁ ନଦେଖି, ମା, ବାପ, ପତି, ପୁତ୍ର, ଭାଇ ବନ୍ଧୁ ସମସ୍ତେ ବ୍ୟସ୍ତ ବିଚଳିତ ହୋଇ ପଡ଼ିବେଣି ।

ଶ୍ରୀକୃଷ୍ଣ ଆହୁରି କହିଲେ, ଶରତକାଳୀନ ପୂର୍ଣ୍ଣିମାରେ ଏହି ବନବନାନୀର ପୁଷ୍ପ ସମ୍ଭାର, ଜ୍ୟୋତ୍ସ୍ନାପ୍ଲାବିତ ଅରଣ୍ୟର ଶୋଭା ତ ଦେଖିଲ । ମନ ପ୍ରଫୁଲ୍ଲ ହୋଇ ଉଠୁଥିବ, ଯମୁନା ଜଳକୁ ସ୍ପର୍ଶ କରି ପ୍ରବାହିତ ମନ୍ଦମନ୍ଦ ଶୀତଳ ସମୀରଣକୁ ମଧ୍ୟ ଉପଭୋଗ କଲ । ଆଉ କ'ଣ ବା ଅଧିକ ପାଇବାକୁ ଇଚ୍ଛା ! ମତେ ଦେଖିଲ, ବଣକୁ ଦେଖିଲ, ନିଶିକାନ୍ତ ଶଶୀକୁ ଦେଖିଲ, ଏଣିକି ଆଉ ଡେରି ନ କରି ଘରକୁ ଫେରିଯାଅ । ତୁମେମାନେ କୁଳୀନ ଭଦ୍ର ପରିବାରର ଝିଅ । ବୋହୂ, ସତୀ ସାବିତ୍ରୀ.... ଯାଅ ନିଜ ସ୍ୱାମୀ, ଶାଶୁ ଶଶୁର, ପିତାମାତାଙ୍କ ସେବାକର । ପିଲାମାନଙ୍କ ଲାଳନ ପାଳନ କର । ମୋ ପାଖକୁ ଆସିଯାଇଛ ବୋଲି ଯେ ଭୁଲ କରିପକାଇଲ, ଏକଥା ମୁଁ କହୁନି । କାରଣ ଜଗତର ପଶୁପକ୍ଷୀ ମଧ୍ୟ ମତେ ଭଲ ପାଆନ୍ତି, ମତେ ଦେଖି ପ୍ରସନ୍ନ ହୁଅନ୍ତି, କୃତାର୍ଥ ହୁଅନ୍ତି– ତୁମ୍ଭେମାନେ ସେହି ଦର୍ଶନସୁଖ ଉପଭୋଗ କରିଛ । ମୂର୍ଖ, ଭାଗ୍ୟହୀନ, ଦୁରାଚାରୀ, ବୃଦ୍ଧ, ରୋଗୀ ହେଉନା କାହିଁକି, ପତିସେବା ତୁମମାନଙ୍କ ଧର୍ମ ।

ଶ୍ରୀକୃଷ୍ଣ ଆଉ ଟିକିଏ କଟୁଭାଷାରେ କହିଲେ, ଜାରପୁରୁଷର ସେବା ଅତ୍ୟନ୍ତ ନିନ୍ଦନୀୟ । ଏଥିରେ କେବଳ ଅପଯଶ ହୋଇ ନଥାଏ– ପରଲୋକ ପ୍ରାପ୍ତି ହୁଏନା, ସ୍ୱର୍ଗ ତ ଦୂରର କଥା । ଏପରି କୁକର୍ମ ଅତ୍ୟନ୍ତ ତୁଚ୍ଛ, କ୍ଷଣିକ । ବର୍ତ୍ତମାନ ମଧ୍ୟ କଷ୍ଟଦାୟକ । ଏହା ନରକ ଦଶାର କାରଣ ହୋଇଥାଏ ।

ଭଗବାନ ନନ୍ଦନନ୍ଦନ ଗୋପୀମାନଙ୍କୁ ବୁଝାଇବାପାଇଁ ସେମାନଙ୍କୁ ନାନା ଭାବରେ ସଂବୋଧନ କରିବାକୁ ଲାଗିଲେ । ବସ୍ତ୍ରହରଣବେଳେ ଯେଉଁସବୁ ଉପଦେଶ ଦେଇଥିଲେ, ପୁଣି ସେହି ଉପଦେଶ ଦେଲେ । କହିଲେ, ମୋ ଗୁଣ ଶ୍ରବଣ, ମୋ ରୂପ ଚିନ୍ତନ, ଦର୍ଶନ, ମୋ ଗୁଣକୀର୍ତ୍ତନ କଲେ ମଧ୍ୟ ମୋର ଅନନ୍ୟପ୍ରେମ ଲାଭ କରିପାରିବ । ପ୍ରେମର ପ୍ରାପ୍ତି କେବଳ ମୋ ପାଖରେ ରହିଲେ ହେବନି ।

ଶୁକଦେବ ରାଜା ପରୀକ୍ଷିତଙ୍କୁ କହିଲେ, ଗୋପୀମାନେ ଶ୍ରୀକୃଷ୍ଣଙ୍କ ତୁଣ୍ଡରୁ ଏକଥା ଶୁଣିବେ ବୋଲି କଳ୍ପନା ସୁଦ୍ଧା କରି ନଥିଲେ । କାରଣ ପ୍ରତିଶ୍ରୁତି ଦେଇଥିଲେ, ଆଗାମୀ ରଜନୀମାନଙ୍କରେ ସେ ସେମାନଙ୍କ ସହିତ ବିହାର କରିବେ । ରମଣ କରିବେ ।

ଶ୍ରୀକୃଷ୍ଣଙ୍କ ମୁହଁରୁ ଅପ୍ରିୟଭାଷଣ ଶୁଣି ଗୋପୀମାନଙ୍କ ମନ ଛି ହୋଇଗଲା । ଆଶା ତୁଟିଗଲା । କଣ୍ଠ ବାଷ୍ପରୁଦ୍ଧ ହୋଇ ଆସିଲା । ବନ୍ଧୁଲି ଅଧର କଳା ପଡ଼ି ଆସିଲା । ନିଃଶ୍ୱାସ ପ୍ରଶ୍ୱାସ ନେବା ଆଣିବା କଷ୍ଟବୋଧ ହେଲା । ମୁଣ୍ଡ ତଳକୁ ନଇଁ ଆସିଲା । ପାଦ

ନଖରେ ଭୂମି ଖନନ ଚାଲିଲା । ଚକ୍ଷୁ ସଜଳ ହୋଇ ପଡ଼ିଲା । ଦୁଃଖାଶ୍ରୁରେ ଆଖିର କଜ୍ଜଳଧାର ବକ୍ଷସ୍ଥଳ ପର୍ଯ୍ୟନ୍ତ ଗଡ଼ି ଆସିଲା । କୋମଳାଙ୍ଗ ଲୋଳିତ ହୋଇ ପଡ଼ିବା ଭଳି ମନେହେଲା । ହୃଦୟ ଦୁଃଖରେ ଏପରି ଦ୍ରବୀଭୂତ ହୋଇ ପଡ଼ିଲା ଯେ କୌଣସି ଗୋପୀର ତୁଣ୍ଡରୁ ପଦେହେଲେ କଥା ବାହାରିଲା ନାହିଁ । ସମସ୍ତେ ନିର୍ବାକ । ନୀରବ । ନିସ୍ତବ୍ଧ ।

ଗୋପୀମାନେ ଗୋପୀନାଥକୁ ପ୍ରାଣଭରି ପାଇବା ଲାଗି ସବୁ କାମନା, ସମସ୍ତ ଭୋଗ, ଉପଭୋଗ, ଲୋକ ଲଜ୍ଜାକୁ ଜଳାଞ୍ଜଳି ଦେଇଥିଲେ । ସମସ୍ତ ଅନୁରାଗ, ପ୍ରେମ ଢାଳି ଦେଇଥିଲେ ଶ୍ରୀକୃଷ୍ଣଙ୍କ ଚରଣାରବିନ୍ଦରେ । ତାଙ୍କରି ମୁହଁରୁ ଏପରି କଠୋର, ଏପରି ନିଷ୍ଠୁର, ଏପରି ଅପ୍ରିୟ ବାକ୍ୟ ଶୁଣିବେ ବୋଲି କ'ଣ ଏଠିକି ଘନଘୋର ରାତ୍ରିକାଳରେ ଦୌଡ଼ି ଆସିଥିଲେ ? ହଠାତ୍ ସେମାନଙ୍କ ବିଳାପ ରୋଳରେ ବନଭୂମି ପ୍ରକମ୍ପିତ ହୋଇ ପଡ଼ିଲା । ମୁଖମଣ୍ଡଳ ଲାଲ ହୋଇ ଆସିଲା । ଆଖିରୁ ଲୁହ ପୋଛୁ ପୋଛୁ ସମସ୍ତେ ଗଦ୍‌ଗଦ୍ କଣ୍ଠରେ ଶ୍ରୀକୃଷ୍ଣଙ୍କୁ କହିଲେ–

ହେ ପ୍ରିୟତମ ଶ୍ରୀକୃଷ୍ଣ ! ତୁମେ ଅନ୍ତର୍ଯ୍ୟାମୀ । ଘଟ ଘଟବ୍ୟାପୀ । ଆମ ମନକଥା, ହୃଦୟର ଆକୁଳତା ତୁମକୁ କିଛି ଅଜଣା ନାହିଁ । ଏପରି ହୃଦୟ-ବିଦାରକ ନିଷ୍ଠୁର କଥା ଆଉ କହ ନାହିଁ । ତୁମକୁ ଛାଡ଼ି ଏବେ ଆମେ ଯିବୁ କୁଆଡ଼େ ? ଆମେ ଜାଣୁ, ତୁମେ ବଡ଼ ଜିଦ୍‌ଖୋର, ନଟଖଟିଆ । ତୁମ ଉପରେ ଆମର କୌଣସି ଅଧିକାର ନାହିଁ । ତୁମକୁ ବଶୀଭୂତ କରିବା ଲାଗି ଆମେ କୌଣସି ବଶୀକରଣ ମନ୍ତ୍ର ଜାଣିନାହୁଁ । ଏତିକିମାତ୍ର ଜାଣୁ ଯେ ସଚ୍ଚାପ୍ରେମ ବୋଲି ଯାହାକୁ କୁହାଯାଏ, ସେହି ପ୍ରେମର ପୂଜାରିଣୀ ଆମେ । ତୁମେ ଆମର ଏକମାତ୍ର ପ୍ରେମିକ, ତୁମେ ପତି, ତୁମେ ପୁତ୍ର, ତୁମେ ଶାଶୁ, ଶଶୁର, ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ ସବୁକିଛି । ଯେପରି ଆଦିପୁରୁଷ ଭଗବାନ ନାରାୟଣ କୃପାକରି ମୁମୁକ୍ଷୁ ଭକ୍ତକୁ ପ୍ରେମ କରନ୍ତି, ସେହିଭଳି ଆମକୁ ସ୍ୱୀକାର କର । ଆମକୁ ପ୍ରତ୍ୟାଖ୍ୟାନ ନ କରି, ଗ୍ରହଣ କର । କୋଳାଗ୍ରତ କର ।

ହେ ଶ୍ୟାମ ସୁନ୍ଦର ! ତୁମକୁ ସବୁ ଧର୍ମର ରହସ୍ୟ ମାଲୁମ । ପତି, ପୁତ୍ର, ଭାଇ, ବନ୍ଧୁମାନଙ୍କ ସେବାକରିବା ସ୍ତ୍ରୀମାନଙ୍କ ସ୍ୱଧର୍ମ ବୋଲି ଯାହା କହିଲ, ତାହା ଠିକ୍ । ଏକଥା ଆମେ ମାନୁଛୁ । କିନ୍ତୁ ତୁମର ଉପଦେଶ ଅନୁସାରେ ଆମେ ଭାବୁଛୁ, ତୁମର ସେବା କଲେ, ସବୁସେବା ହୋଇ ଯାଇପାରିବ । କାରଣ, ତୁମେ ସବୁ ଉପଦେଶର ଚରମ ଲକ୍ଷ୍ୟ । ତୁମେ ଭଗବାନ ! ତୁମେ ସମସ୍ତଙ୍କର ସୁହୃଦ୍, ଆତ୍ମା, ପରମ ପ୍ରିୟତମ । ସବୁ ଅନିତ୍ୟ, ତୁମେ ହିଁ ନିତ୍ୟ । ପତି ଅନିତ୍ୟ, ପୁତ୍ର ଅନିତ୍ୟ । ସମସ୍ତେ ଦୁଃଖଦାୟକ । ନିତ୍ୟକୁ ଛାଡ଼ି ଅନିତ୍ୟର ସେବା କରିବା କ'ଣ ଉଚିତ ?

ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ହେ ପରମେଶ୍ୱର, ହେ କମଳନୟନ, ହେ ମନମୋହନ, ହେ ପ୍ରାଣବଲ୍ଲଭ ଆଦି କହି ସଂବୋଧନ କରିବାରେ ଲାଗିଲେ । କହିଲେ, ତୁମପଦପଙ୍କଜକୁ ଛାଡ଼ି ବ୍ରଜବୃନ୍ଦାବନକୁ ଫେରି ଯିବାପାଇଁ ଆମ ପାଦ ତିଳେ ହେଲେ ଉଠୁନାହିଁ । ମନ ତ ମନମୋହନଠି ସମର୍ପିତ, ଚେଷ୍ଟା କଲେ ପାଦଉଠିବ କିମିତି ? ତୁମ ଅଧରସୁଧା ପାନ କରିବା ଲାଗି ଆମେ ଆକୁଳ ବ୍ୟାକୁଳ । ଆମେ ରସ ଚାହୁଁ, ପ୍ରାସ ଚାହୁଁନା । ସତ କଥା କହୁଚୁ, ନିଷ୍ଠୁର ଭାବରେ ଯଦି ଆମକୁ ଠେଲିଦିଅ, ବିରହ-ବ୍ୟଥାରେ ଅଗ୍ନିରେ ନିଜକୁ ଆହୂତି ଦେଇ, ଭସ୍ମ ଅବସ୍ଥାରେ ମଧ ତୁମ ଚରଣକମଳକୁ ନିଶ୍ଚିତ ଭାବରେ ପାଇବୁ । ତୁମର ଭାଷଣ ନିଷ୍ଠୁର ହୋଇପାରେ, କିନ୍ତୁ ତୁମ ଚରଣ ନିଷ୍ଠୁର ହୋଇ ପାରିବନି । କାରଣ, ତୁମ ଚରଣ କମଳାଙ୍କ ନିବାସ । ଅଧିଷ୍ଠାନ । କେହି କେହି ଗୋପୀକହିଲେ, ହେ ପ୍ରାଣେଶ୍ୱର ! ତୁମର ମନ୍ଦ ମନ୍ଦ ମଧୁର ହସ, ମନୋହର ସଂଗୀତ ଆମ ହୃଦୟରେ ପ୍ରେମ ଓ ମିଳନର ମୂର୍ଚ୍ଛନା ସୃଷ୍ଟି କରିବାରେ ଲାଗିଛି । ଆମେ ଏ ଅବସ୍ଥାରେ, ବ୍ରଜକୁ ଫେରିଯାଇ କ'ଣ ବା କରିବୁ ? ଆମକୁ ଦାସୀ ଭାବରେ ସ୍ୱୀକାର କର । ଦୀନ ଦୁଃଖୀଙ୍କ ପ୍ରତି ତୁମର ଅପାର କୃପା । ସେହି କରୁଣାରୁ କାଣିଚାଏ ଆମକୁ ଦେବାପାଇଁ ଏତେ କୁଣ୍ଠିତ କାହିଁକି ? ଆମ ବକ୍ଷସ୍ଥଳ, ଆମ ଅଧର-ପୁଟ, ଆମର ସର୍ବାଙ୍ଗ ତୁମର ସେବା ଲାଗି ସମର୍ପିତ । ହାତ ରଖ କି ପାଦରଖ, ତୁମ ଶ୍ରୀଅଙ୍ଗର ଯେ କୌଣସି ଅଙ୍ଗସୁଖ ପ୍ରଦାନ କରି ଆମ ମିଳନ ପିପାସକୁ ମେଣ୍ଟାଅ । ଏହାହିଁ ପ୍ରାର୍ଥନା । ଏହାହିଁ ଆମର ଶେଷ ନିବେଦନ । ଆଉ କ'ଣ କହିବୁ, ଭାଷା ପାଉନୁ ।

●

॥ ୪୬ ॥

## କରୁଣା ଊଣା ହେଲା କାହିଁକି ?

ଉପନିଷଦରେ ଭଗବାନଙ୍କୁ 'ଅଖଣ୍ଡ ବ୍ରହ୍ମଚାରୀ' ବୋଲି କୁହାଯାଇଛି । ଶ୍ରୀକୃଷ୍ଣଙ୍କ ଏକ ଏକ ଅଙ୍ଗ ପୂର୍ଣ୍ଣ ଶ୍ରୀକୃଷ୍ଣ । ତାଙ୍କର ସବୁ ଇନ୍ଦ୍ରିୟ ସବୁ କାମ କରିବାପାଇଁ ସକ୍ଷମ । ତାଙ୍କ କାନ ଦେଖିପାରେ, ଆଖି ଶୁଣିପାରେ, ନାକ ସ୍ପର୍ଶ କରପାରେ, ଜିଭ ଶୁଂଘି ପାରେ । ସେ ହାତରେ ଦେଖିପାରନ୍ତି, ଆଖିରେ ଚାଲିପାରନ୍ତି । ଶ୍ରୀକୃଷ୍ଣଙ୍କ ସବୁକିଛି ଶ୍ରୀକୃଷ୍ଣ ହୋଇ ଥିବା ହେତୁ, ସେ ପୂର୍ଣ୍ଣତମ । ତାଙ୍କର ରୂପମାଧୁରୀ ନିତ୍ୟ, ନୂତନ । ସୌନ୍ଦର୍ଯ୍ୟମୟ । ନିତ୍ୟବର୍ଦ୍ଧନଶୀଳ । ତେଣୁ ତାଙ୍କର ପ୍ରାକୃତ ପଞ୍ଚଭୌତିକ ଶରୀରରେ ସ୍ତ୍ରୀପୁରୁଷର ରମଣ ବା ମୈଥୁନର କଳ୍ପନା କରାଯାଇ ନପାରେ । ତାଙ୍କର ଶରୀର ଅତ୍ୟନ୍ତ ଚମତ୍କାର । ସେ

ନିଜକୁ ନିଜେ ଆକର୍ଷିତ କରି ନେଇଥାଆନ୍ତି । ନିଜ ଭିତରେ ନିଜେ ବିହାର କରିବା ଲାଗି, ରମଣ ଲାଗି ସେ ଗୋପୀମାନଙ୍କୁ ସୃଷ୍ଟି କରିଥିଲେ । ରମଣର ବାତାବରଣ ମଧ୍ୟ ସୃଷ୍ଟି କରିଥିଲେ । ଶାରଦୀୟ ରଜନୀରେ ବନଭୂମିରେ ଚନ୍ଦ୍ରିକା ଏବଂ ଉଦ୍ଦୀପନାମୟୀ ପୁଷ୍ପ ସମ୍ଭାର ମଧ୍ୟ ସୃଷ୍ଟି କରିଥିଲେ । ଏଥିଲାଗି ଅବଲମ୍ବନ ଥିଲେ ଯୋଗମାୟା । ଗୋପ ପ୍ରେୟସୀମାନେ ଶ୍ରୀକୃଷ୍ଣଙ୍କ ମନ ସହିତ ନିଜ ମନକୁ ମିଳେଇ ଦେଇଥିଲେ । ସେମାନଙ୍କ ପାଖରେ ନିଜର ମନ ବୋଲି କିଛି ନଥିଲା । ରମଣ ଲାଗି ଭଗବାନ ଶ୍ରୀକୃଷ୍ଣ ଦିବ୍ୟ ନବୀନ ମନ ମଧ୍ୟ ସୃଷ୍ଟି କରିଥିଲେ, କେବଳ ଗୋପୀମାନଙ୍କ ଲାଗି ।

ଶ୍ରୀକୃଷ୍ଣଙ୍କ ମୁହଁରୁ 'ତୁମ୍ଭେମାନେ ଚାଲିଯାଅ' – ଏପରି କଠୋର ବାଣୀ ଶୁଣିବା ପରେ ଗୋପୀମାନଙ୍କ ତଥାକଥିତ ମନ କ୍ଷୁଣ୍ଣ, ବିଷଣ୍ଣ ହୋଇପଡ଼ିଥିଲା । ସେମାନେ ପିଲାଙ୍କଭଳି କାନ୍ଦିଲେ, କରୁଣା ଊଣା ହେଲା କାହିଁକି ବୋଲି ତୁହାଇ ତୁହାଇ ପ୍ରଶ୍ନ କରିବାକୁ ଲାଗିଲେ ।

ଶ୍ରୀକୃଷ୍ଣ ଗୋପୀମାନଙ୍କ ମନରେ ବ୍ୟଥା ସୃଷ୍ଟି କରି ମଧ୍ୟ ସେମାନଙ୍କ ବ୍ୟଥାରେ ବ୍ୟଥିତ ହୋଇ ପଡ଼ିଲେ । ଦୟାମୟଙ୍କ ହୃଦୟ ଦୟାରେ ଭରି ଉଠିଲା । ସେ ହସି ହସି ଗୋପୀମାନଙ୍କ ସହିତ କେଳି କଉତୁକ ଆରମ୍ଭ କଲେ । ଅନୁକୂଳ ଭାବ, ଠାଣି, ଚାହାଣି ସବୁ କଲେ । କିନ୍ତୁ ସେ ନିଜ ସ୍ୱରୂପରେ ଯାହା ଥିଲେ ସେୟା । କାରଣ ସେ ଅଚ୍ୟୁତ, ତାଙ୍କ ପ୍ରେମପୂର୍ଣ୍ଣ ହସ-ମାଧୁରୀ ଦେଖି ଗୋପୀମାନଙ୍କ ମୁଖକମଳ ପ୍ରଫୁଲ୍ଲିତ ହୋଇ ଉଠିଲା । ଭଗବାନ ସେତେବେଳେ, ଏପରି ଲୋଭନୀୟ କମନୀୟ ରୂପ ଧାରଣ କରିଥିଲେ ଯେ ମନେ ହେଉଥିଲା ନିଜ ପତ୍ନୀ ତାରକାମଣ୍ଡଳ ଭିତରେ ରହିଛନ୍ତି ନିଶିକାନ୍ତ ଚନ୍ଦ୍ରମା । ଶ୍ରୀକୃଷ୍ଣଙ୍କ ଗଳାରେ ବୈଜୟନ୍ତୀମାଳା । ସେ ଆଜି ବ୍ରଜବିନୋଦ, ଶହଶହ ଗୋପୀଙ୍କ ପ୍ରାଣନାଥ । ଗୋପୀନାଥ । ଧୀରେ ଧୀରେ ଶ୍ରୀକୃଷ୍ଣ ନିଜ ଆଲୌକିକ ପ୍ରେମରଜ୍ଜୁରେ ଗୋପୀମାନଙ୍କୁ ଯମୁନାର ପାବନ ପୁଳିନକୁ ଟାଣିନେଲେ ।

ଯମୁନାର ଶୀତଳ ତରଳ ତରଙ୍ଗର ସ୍ପର୍ଶ । କୁମୁଦିନୀଙ୍କ ସହଜ ସୁଗନ୍ଧ । ସୁବାସିତ ହିଲ୍ଲୋଳ । ଯମୁନାତଟ ବିପିନ ଆନନ୍ଦପ୍ରଦ । ଏହି ବାତାବରଣ ଭିତରେ ଭଗବାନଙ୍କ ରମଣ ଚାଲିଲା ବହୁସମୟ ଧରି । ଏହାକୁ କ୍ରୀଡ଼ା, କେଳି କୁହ ବା ଯାହା କୁହ – ଏହା ପରମାନନ୍ଦ ସହିତ ଆନନ୍ଦର ମିଳନ । ରସାନନ୍ଦ ସହିତ ରସର ସଂଯୋଗ । ଆନନ୍ଦ ସ୍ୱରୂପ ହୋଇ ଭଗବାନ ଭକ୍ତ ହୃଦୟରେ ପ୍ରକାଶିତ ହୋଇଥାଆନ୍ତି । ଆନନ୍ଦ ସର୍ବଦା ସ୍ୱଚ୍ଛ ନିର୍ମଳ । ତମଃଗୁଣର ଆବରଣରେ ଏହା କଳୁଷିତ ହୋଇପଡ଼ିଥାଏ । ସାଧନା ବଳରେ ଏହି ଆବରଣକୁ ଛିନ୍ନ କରାଯାଇଥାଏ । ଆମମାନଙ୍କ ପ୍ରତ୍ୟେକ କାର୍ଯ୍ୟ, ପ୍ରତ୍ୟେକ ଚିନ୍ତା, ହୃଦୟର ପ୍ରତ୍ୟେକ ଭାବ ଆନନ୍ଦର ଅନୁସନ୍ଧାନରେ ପ୍ରଶସ୍ତ । ଭକ୍ତି ହିଁ ଜ୍ଞାନ ଓ

କର୍ମକୁ ସରସ କରିଥାଏ । ଭକ୍ତିହୀନ ଜ୍ଞାନ ଶୁଷ୍କ, କର୍ମ ମଧ ସେୟା । ତେଣୁ ନାରଦଙ୍କୁ ଭଗବାନ କହିଛନ୍ତି, ମୁଁ ବୈକୁଣ୍ଠରେ କିମ୍ବା ଯୋଗୀମାନଙ୍କ ହୃଦୟରେ ନଥାଏ । ଭକ୍ତ ଯେଉଁଠି ମୁଁ ସେଇଠି । ଏବେ ଶ୍ରୀକୃଷ୍ଣ ସେହି ଭକ୍ତିମୟୀ ସାଧିକା ଗୋପୀମାନଙ୍କୁ ପାଇ ତାଙ୍କ ସହିତ କ୍ରୀଡ଼ା କରିବାରେ ଲାଗିଛନ୍ତି ।

ବାହୁ ପ୍ରସାର ପରିରମ୍ଭ କରାଳକୋରୁ-
ନୀବୀସ୍ତନାଳଭନନର୍ମନଖାଗ୍ରପାତୈଃ
କ୍ଷ୍ୱେଲ୍ୟାବଲୋକହସିତୈର୍ବ୍ରଜସୁନ୍ଦରିଣା-
ମୁତ୍ତମ୍ଭ୍ୟନ୍ ରତିପତିଂ ରମୟାଞ୍ଚକାର ।
(ଭା/୧୦/୪୦)

"ଭଗବାନ ଶ୍ରୀକୃଷ୍ଣ ତାରାଗଣ ବେଷ୍ଟିତ ଚନ୍ଦ୍ରମାଙ୍କ ଭଳି ଗୋପପ୍ରେୟସୀଙ୍କ ଦ୍ୱାରା ପରିବେଷ୍ଟିତ । ସେ କେତେବେଳେ ବାହୁ ପ୍ରସାର କରି ଗୋପୀମାନଙ୍କୁ ଆଲିଙ୍ଗନ କରିବାରେ ଲାଗିଲେ ତ କେତେବେଳେ ସେମାନଙ୍କ ହସ୍ତ, ଚୂର୍ଣ୍ଣକୁନ୍ତଳ, ଊରୁ, ନୀବୀ, ସ୍ତନ ଆଦିକୁ ନିଜହସ୍ତ ଦ୍ୱାରା ସ୍ପର୍ଶକରି, କେତେବେଳେ ନଖପ୍ରହାର, ମଧୁର କଟାକ୍ଷ, ହାସ୍ୟ ପରିହାସ କଲେ । ସେମାନଙ୍କ କାମଭାବ ଉଦ୍ଦୀପିତ କରି ସେମାନଙ୍କ ସହିତ କ୍ରୀଡ଼ା କରିବାକୁ ଲାଗିଲେ । ଭଗବାନଙ୍କ ଆଲିଙ୍ଗନ, ଚୁମ୍ବନ ଓ ସ୍ପର୍ଶ ଫଳରେ ଗୋପୀମାନଙ୍କ ଦେହ, ମନ ପ୍ରେମରସରେ ବିଗଳିତ, ବ୍ୟାକୁଳିତ ହୋଇପଡ଼ିଲା ।"

ଉଦାର ଶିରୋମଣି ସର୍ବବ୍ୟାପକ ଭଗବାନ, ଗୋପୀମାନଙ୍କୁ ଏପରି ଭାବରେ ଆଦର କରିବାରେ, ସମ୍ମାନିତ କରିବାରେ, ସେମାନେ ଭାବିଲେ, ସଂସାରରେ ସବୁ ସ୍ତ୍ରୀଙ୍କଠାରୁ ସେହିମାନେ ହିଁ ଶ୍ରେଷ୍ଠ । ଆମଭଳି କେହି ନୁହନ୍ତି, କି କେହି ହୋଇପାରିବେ ନାହିଁ । ସମ୍ମାନ ପାଇ ସେମାନେ ମାନବତୀ ହୋଇପଡ଼ିଲେ । ଗର୍ବରେ ଫୁଲି ଉଠିଲେ । ଗୋପୀମାନଙ୍କ ଗର୍ବିତ କାମଭାବକୁ ଶାନ୍ତ କରିବାଲାଗି ଶ୍ରୀକୃଷ୍ଣ ଆଖିପିଛୁଳାକେ ସେମାନଙ୍କ ଭିତରୁ ଅନ୍ତର୍ଦ୍ଧାନ ହୋଇଗଲେ । ଆଉ ଦେଖାଦେଲେ ନାହିଁ ।

ଶୃଙ୍ଗାରରସକୁ ଲୋକେ ସାଧାରଣତଃ କାମଭାବ ବୋଲି ଅଭିହିତ କରିଥାଆନ୍ତି । ନବରସ ମଧ୍ୟରେ ଏହାକୁ ଆଦିରସ କୁହାଯାଏ । ଏହି ଶୃଙ୍ଗାରରସ ଜୀବର ପ୍ରଥମ ସହଜାତ ଜ୍ଞାନ, ପ୍ରବୃତ୍ତି ବା ସଂସ୍କାର (Primary Instinct) । ଜୀବନ ସାଧାରଣତଃ କାମ ଓ କ୍ଷୁଧାର ତାଡ଼ନାରେ କାର୍ଯ୍ୟରେ ପ୍ରବୃତ୍ତ ହୋଇଥାଏ । କ୍ଷୁଧା ଓ କାମ କବଳରୁ ନିସ୍ତାର ପାଇବା ସହଜ ନୁହଁ । କେବଳ ସ୍ତ୍ରୀସଙ୍ଗ ତ୍ୟାଗ କରିଦେଲେ କାମ ହାତରୁ ପରିତ୍ରାଣ ସମ୍ଭବ ନୁହେଁ । ସଂସାରତ୍ୟାଗୀ ବ୍ୟକ୍ତି ମଧ ନିର୍ଜନ ଅରଣ୍ୟରେ ରହି କାମ-ଉପଦ୍ରବରୁ ନିଷ୍କୃତି ପାଇପାରେନା । ନରନାରୀ ପରସ୍ପରର ସୌନ୍ଦର୍ଯ୍ୟ ଦେଖି, କଥାବାର୍ତ୍ତା

କରିଥାଆନ୍ତି । ଏହିପରି ଅନେକ ମାଧ୍ୟମ ରହିଛି । ଯାହାର ମନରେ କାମଭାବ ପ୍ରବଳ, ସେ ସାଧନା ସମୟରେ ଭଗବାନଙ୍କ ମୂର୍ତ୍ତିର ଏପରି ବର୍ଣ୍ଣନା କରିଥାଆନ୍ତି ଯେ, କେବଳ ସୁନ୍ଦର ଶବ୍ଦ ବିନ୍ୟାସ ଦ୍ୱାରା ନିଜର ହୃଦୟସ୍ଥିତ ସ୍ଥୂଳ ଭୋଗବାସନାର ପରିତୃପ୍ତି ଲାଭ କରିଥାନ୍ତି । ଏକପ୍ରକାର ଆନନ୍ଦ ଅନୁଭବ କରନ୍ତି । ବୈଷ୍ଣବପଦାବଳୀ ଏପରି ସୁଲଳିତ ଭାଷା ଓ ଛନ୍ଦରେ ରଚିତ ଯେ ମନେହୁଏ ଏହାର ରଚୟିତା କାମକୁ ସ୍ଥୂଳଭାବରେ ଆକଣ୍ଠପାନ କରିବା ଲାଗି ପ୍ରୟାସ କରିଛନ୍ତି । କାମପ୍ରବଣ ପାଠକପାଠିକା ଭାବିବା ସ୍ୱାଭାବିକ ଯେ ରଚୟିତାଙ୍କ ଚିତ୍ତ ରସସ୍ୱରୂପ ପ୍ରେମମୟ ଆନନ୍ଦଘନ ଶ୍ରୀକୃଷ୍ଣଙ୍କ ସ୍ୱରୂପାନନ୍ଦଠାରୁ ବହୁ ଦୂରରେ । ପଦାବଳୀ ମଧ୍ୟ ଦେଇ କ୍ଷୁଧିତ କାମସର୍ପ ଯେପରି ଶତ ଶତ ଜିହ୍ୱା ବାହାର କରି ଉପରକୁ ଫୁଟି ଉଠିଚି ।

କିନ୍ତୁ ଏହି କାମ ତମଃପ୍ରଧାନ ହେଲେ ମଧ୍ୟ ଉପଯୁକ୍ତ ସାଧକର ସାଧନାର ବିଶେଷ କ୍ଷତି କରିନଥାଏ । ଏହି ପଦାବଳୀର ଭାବରେ ଭାବିତ ହୋଇ ଏହାର ଲକ୍ଷ୍ୟସ୍ଥଳ ରସରାଜ ଶ୍ରୀକୃଷ୍ଣ ଭଗବାନଙ୍କ ସହିତ ଯଦି ଅଚ୍ଛେଦ୍ୟ, ମଧୁର, ଶୁଦ୍ଧ ଓ ନିତ୍ୟ ସଂପର୍କ ସ୍ଥାପନ କରାଯାଏ, ତାହାହେଲେ ଭଗବାନଙ୍କ ସ୍ପର୍ଶରେ କାମର ତମୋଭବ କ୍ରମଶଃ ଦୂରୀଭୂତ ହୁଏ ଏବଂ ଭାଗବତ ସାକ୍ଷାତକାରର ଯୋଗ୍ୟତା ହାସଲ କରାଯାଇପାରେ । ଶରଣାଗତି ଯେତିକି ଐକାନ୍ତିକ ହୁଏ, ସାଧକର କାମଭୋଗର ସ୍ଥୂଳବାସନା ସେତିକି ତିରୋହିତ ହୋଇଥାଏ ।

ଗୋପୀମାନେ ଭଗବାନଙ୍କ କମନୀୟ ଦର୍ଶନ ଲାଭ କରି ପ୍ରଥମେ ତାଙ୍କୁ ସ୍ଥୂଳରୂପରେ ଭୋଗ କରିବାଲାଗି ବ୍ୟାକୁଳ ହୋଇପଡ଼ିଲେ । ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗରେ ସ୍ଥୂଳରୂପରେ କାମ ଉପଭୋଗ କରିବାଲାଗି ଯେଉଁ ସଂସ୍କାର ବା ପ୍ରବୃତ୍ତି ବିଦ୍ୟମାନ ଥିଲା, ଭଗବାନ ଶ୍ରୀକୃଷ୍ଣ ସେହି ସେହି ଅଙ୍ଗ ସ୍ପର୍ଶକଲେ । ଭଗବତ ସ୍ପର୍ଶରେ ଗୋପୀମାନଙ୍କ ସେହି ସେହି ଅଙ୍ଗ ପ୍ରତ୍ୟଙ୍ଗରୁ ଆନନ୍ଦଧାରା ପ୍ରବାହିତ ହେଲା । ସେମାନଙ୍କ ସ୍ଥୂଳଶରୀର କାମମୟ ଭାବ ପରିତ୍ୟାଗ କଲା । ଶୃଙ୍ଗାରରସ କ୍ରମଶଃ ମଧୁରରସରେ ପରିଣତ ହେଲା । ମନରେ ଏହି ରସର ପରିପ୍ରକାଶ ଘଟିବାରେ ସେମାନେ ଅତିଶୟ ଗର୍ବିତା ହୋଇ ପଡିଲେ । ମନେକଲେ ଚଉଦବ୍ରହ୍ମାଣ୍ଡରେ ସେମାନେ ହିଁ ଶ୍ରେଷ୍ଠ । କାରଣ ଭାଗବାନ ସ୍ୱୟଂ ସେମାନଙ୍କ ସହିତ କ୍ରୀଡାରତ । ସେମାନଙ୍କ ଭଗବତ୍ ସାଧନାର ଅହଂକାର ଦୂର କରିବାଲାଗି ଏବଂ ବିରହ ଦ୍ୱାରା ପ୍ରେମକୁ ଅଧିକ ଘନୀଭୂତ କରିବା ଲାଗି ଶ୍ରୀକୃଷ୍ଣ ସେମାନଙ୍କ ଭିତରେ ଥାଇ ମଧ୍ୟ ନଥିବା ଭଳି ଲୀଳା କଲେ । ସେ ଲୌକିକ ଦୃଷ୍ଟିରୁ ଅନ୍ତର୍ହିତ ହୋଇ ପଡ଼ିଲେ ।

॥ ୪୭ ॥

# ହାତରେ ନ ମାରି, ଆଖିରେ ମାରିଲ

ଶ୍ରୀକୃଷ୍ଣ ଗୋପୀମାନଙ୍କ ଗର୍ବଗଞ୍ଜନ ଲାଗି ଅନ୍ତର୍ହିତ ହୋଇ ପଡ଼ିଲେ । ତାଙ୍କୁ ପାଖରେ ଦେଖିବାକୁ ନପାଇ ଗୋପୀମାନେ ବିରହ ସନ୍ତପ୍ତ । ବଣ ଜଙ୍ଗଲ ଚାରିଆଡ଼େ ଖୋଜିବାକୁ ଲାଗିଲେ । କୃଷ୍ଣ ପ୍ରେମରେ ଉନ୍ମତ୍ତ ସେମାନେ । ଶରୀରରେ ଉତ୍ତେଜନା । ପ୍ରାଣରେ ପୁଲକ । ସେମାନେ ଶ୍ରୀକୃଷ୍ଣଙ୍କ ବିଭିନ୍ନ, ଲୀଳା, ଭାବଭଙ୍ଗିକୁ ଅନୁକରଣ କରିବାକୁ ଲାଗିଲେ । ସେ ମତେ ଇମିତି ଚୁମ୍ବନ ଦେଉଥିଲେ, ସେ ମତେ ଏପରି ଆଲିଙ୍ଗନ କରୁଥିଲେ, ଏସବୁ ଲୀଳାର ଅଭିନୟ କରି ମନେ ମନେ ଆନନ୍ଦ ଅନୁଭବ କଲେ । କେହି କେହି ନିଜେ ଶ୍ରୀକୃଷ୍ଣଙ୍କ ଭୂମିକା ଗ୍ରହଣ କରି ଅନ୍ୟ ଗୋପୀସହିତ କେଳି କୌତୁକ କରିବାକୁ ଲାଗିଲେ । ଆମ କୃଷ୍ଣ, ବଳରାମଙ୍କ ଛୋଟ ଭାଇକୁ ଦେଖିଚ କି ବୋଲି ଗୋପୀମାନେ ଗଛ, ଫଳ, ଫୁଲମାନଙ୍କୁ ମଧ୍ୟ ସଚେତନ ମନେ କରି ପଚାରିବାରେ ଲାଗିଲେ । କୁରୁବକ, କଦମ୍ବ, ଅଶୋକ, ନାଗେଶ୍ୱର, ଚଂପା ଆଦି ଗଛକୁ ଭାଇ ବୋଲି, ମଲ୍ଲୀ, ତୁଳସୀ, ମାଳତୀ, ବେଲ, ନିମ୍ବ ଆଦି ଗଛକୁ ଭଉଣୀ ବୋଲି ସଂବୋଧନ କରି ଆମ ନନ୍ଦନନ୍ଦନ ଶ୍ୟାମ ସୁନ୍ଦରଙ୍କୁ ଦେଖିଚ କି ବୋଲି ଜିଜ୍ଞାସା କଲେ ! ସେମାନଙ୍କୁ ବହୁତ ଟେକାଟେକି ମଧ୍ୟ କଲେ । ମା' ଧରିତ୍ରୀଙ୍କୁ ମଧ୍ୟ ସେମାନେ ପଚାରିଲେ ତୁମରି କୋଳରେ ତ ସେ ଖେଳୁଥିଲେ, ଗଲେ କୁଆଡେ ? କ'ଣ ପୃଥିବୀରୁ ଅନ୍ୟ ଲୋକକୁ ଚାଲିଗଲେ ? ଆମକୁ ଛାଡ଼ି ସେ ଅନ୍ୟଲୋକକୁ ଯାଇ ନପାରନ୍ତି ।

ଗୋପୀମାନେ ପ୍ରଳାପ କରି ପାଗଳିନୀଙ୍କ ଭଳି ଶ୍ରୀକୃଷ୍ଣଙ୍କୁ ଖୋଜୁ ଖୋଜୁ କିଏ ଗଛ ଦେହରେ ବାଡ଼େଇ ହେଲା ତ କିଏ କଣ୍ଟା ବୁଦା ଭିତରେ ଅଜାଡ଼ି ହୋଇ ପଡ଼ିଲା । ଦେହ କ୍ଷତ ବିକ୍ଷତ । କିନ୍ତୁ କୌଣସି କଷ୍ଟ ନାହିଁ । ଯନ୍ତ୍ରଣା ନାହିଁ । କୃଷ୍ଣପ୍ରେମମଦିରାପାନ କରି ସେମାନଙ୍କର ଉନ୍ମତ୍ତ ଅବସ୍ଥା । ଜଣେ ଗୋପୀ ପୂତନା ହେଲା ତ ଆଉ ଜଣେ ଶ୍ରୀକୃଷ୍ଣ ହୋଇ ତା'ର ସ୍ତନ୍ୟପାନ କରିବାରେ ଲାଗିଲା । କିଏ ଶକଟାସୁର, ତୃଣାବର୍ତ୍ତର ଅଭିନୟ କରିବାକୁ ଲାଗିଲେ । କିଏ ବା ଶିଶୁକୃଷ୍ଣର ଅଭିନୟ କରିବାରେ ଲାଗିଲା । କୌଣସି କୌଣସି ଗୋପୀ ଅନ୍ୟ ଗୋପୀର କାନ୍ଧରେ ହାତ ପକାଇ କହିଲା, ସେ ମତେ ଇମିତି ଧରିଥିଲେ । କିଏ ଛାତିରେ ହାତ ପକାଇଲା, କିଏ ଜାନୁ ସ୍ପର୍ଶ କରିବାକୁ ଲାଗିଲା । କିଏ ଯଶୋଦା ହୋଇ ଅନ୍ୟ ଗୋପୀକୁ କୋଳରେ ଧରି ନାନାବାୟା ଗୀତ ଗାଇ କୃଷ୍ଣଙ୍କୁ ଶୁଆଇବା ଲୀଳା କଲା, କିଏ ଆଙ୍ଗୁଠି ଅଗରେ ଗୋବର୍ଦ୍ଧନ ଧାରଣ କଲା ତ, କିଏ କାଳିୟ ଦଳନ କଲା !

ଏପରି ପ୍ରଳାପ କରୁକରୁ ଗୋପୀମାନେ ଯମୁନା ତଟବର୍ତ୍ତୀ ଗୋଟିଏ ସ୍ଥାନରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖିଲେ । ଏହି ଚିହ୍ନକୁ ଦେଖିବାମାତ୍ରେ ସେମାନଙ୍କ ମନ ଉଲ୍ଲସିତ ହୋଇ ଉଠିଲା । ଧ୍ୱଜା, କମଳ, ବଜ୍ର, ଅଙ୍କୁଶ ଥିଲା ସେହି ଚରଣ ଚିହ୍ନରେ । ସେମାନେ ନିଶ୍ଚିତ ହୋଇଗଲେ ଯେ ଏହି ବାଟେ ହିଁ ବ୍ରଜସୁନ୍ଦର ଯାଇଛନ୍ତି । ସେହି ଚିହ୍ନ ଅନୁସରଣ କରୁ କରୁ ସେମାନେ ଜଣେ ବ୍ରଜଯୁବତୀଙ୍କ ପାଦଚିହ୍ନ ଦେଖି ଚମକି ପଡ଼ିଲେ । ମନେ ମନେ ବିଚାର କଲେ ଯେ ଏହାଠୁ ବଳି ଭାଗ୍ୟବତୀ କେହି ହୋଇନପାରେ । ଇଏ ନିଶ୍ଚିତ ଆମ ବଡ଼ଠାକୁରଙ୍କ 'ଆରାଧିକା' । ତା'ପ୍ରତି ଅଧିକ ପ୍ରସନ୍ନ ହୋଇ, ତା ସୌନ୍ଦର୍ଯ୍ୟ, ତା'ର ଅଙ୍ଗରଙ୍ଗ ଓ ତରଙ୍ଗରେ ମୋହିତ ହୋଇ ତାକୁ ସାଙ୍ଗରେ ଧରି ପଳେଇଛନ୍ତି । ଆମମାନଙ୍କୁ ପ୍ରବଞ୍ଚିତ କରିଛନ୍ତି । 'ଆରାଧିକା' ତ ଆମ ପ୍ରଭୁଙ୍କ ସବୁତକ ଅଧରାମୃତ ପିଇ ସାରିବଣି, ଆଉ କ'ଣ ଥିବ ଯେ ଆମେ ପିଇବା ?

ସେମାନେ କିଛି ବାଟ ଯାଉ ଯାଉ ଆଉ ସେହି ଭାଗ୍ୟଶାଳିନୀ ଗୋପୀ ସଖୀଙ୍କ ପାଦଚିହ୍ନ ଦେଖି ପାରିଲେନି । ଫଳରେ ଗୋପୀମାନଙ୍କ ମନ ବିକ୍ଷୁବ୍ଧ ହୋଇ ପଡ଼ିଲା । ଈର୍ଷା, ଅସୂୟା ଜାତ ହେଲା । ସେମାନେ ଭାବିଲେ, ଚାଲି ଚାଲି ଥକି ଯିବାରୁ ଶ୍ରୀକୃଷ୍ଣ ତାକୁ ନିଜ କାନ୍ଧରେ ବସେଇ ନେଉଥିବେ । ଭାରି ଜିନିଷ ଧରିଥିବାରୁ ଶ୍ରୀକୃଷ୍ଣଙ୍କ ପାଦ ଠାଏ ଠାଏ ତଳକୁ ଦବି ଯାଇଚି । ମନରେ କେତେ ରକମର ଭାବନା, ନାନା ସଂଭାବନା । କେହି କେହି କହିଲେ, ଦେଖ ସଖୀ, ଏଇଠି ବସି ଶ୍ରୀକୃଷ୍ଣ ସଂଭବତଃ ତାଙ୍କର ସହଗାମିନୀ ସଂଗିନୀଙ୍କ କେଶବିନ୍ୟାସ କରିଛନ୍ତି । ଫୁଲ ତୋଳି ତା' ଜୁଡ଼ାରେ ଲଗେଇଛନ୍ତି – ଏଠି ଚୂନି ଚୂନି ଫୁଲ ପାଖୁଡ଼ା ପଡ଼ିଚି ।

ସେମାନଙ୍କ ଭାବନା ଅବାନ୍ତର, ଅପ୍ରାସଙ୍ଗିକ ହୋଇ ନପାରେ । ଯେଉଁ ସୌଭାଗ୍ୟଶାଳିନୀ 'ଆରାଧିକା' ଶ୍ରୀକୃଷ୍ଣଙ୍କ ସହିତ ଯାଇଛି, ସେ ମନେ ମନେ ଭାବିଛି, କୃଷ୍ଣ ଗୋଟିପଣେ ମୋର । ମୁଁ ଯାହା କହିବି, ସେ ତା' କରିବେ । କିଛି ବାଟ ଯିବାପରେ ତା'ର କଅଁଳପାଦ ଥକି ଯାଇଚି । ମତେ ତୁମ କାନ୍ଧରେ ବସେଇ ନିଅ ବୋଲି ସେ ଶ୍ରୀକୃଷ୍ଣଙ୍କୁ କହିଚି । ଶ୍ରୀକୃଷ୍ଣ କାନ୍ଧ ଦେଖେଇ ଦେଇ କହିଛନ୍ତି, ଚଢ଼ । ଠିକ ସେ ଚଢ଼ିବାକୁ ପାଦ ଉଠାଇବାମାତ୍ରେ ଶ୍ରୀକୃଷ୍ଣ ଚମ୍ପଟ, ଅନ୍ତର୍ହିତ । ଗୋପୀଜଣଙ୍କ ଭୋ ଭୋ ରଡ଼ି ଛାଡ଼ିଚି । ହେ ନାଥ ! ହେ ରମଣ ! ହେ ମହାଭୁଜ, ତୁମେ ଗଲ କୁଆଡ଼େ, ମତେ ଦେଖାଦିଅ ବୋଲି ବୋବାଳି କରି ।

ଇଆଡ଼େ ଗୋପୀମାନେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନରୁ ବାଟ ବାରି ବାରି ପହଞ୍ଚିଛନ୍ତି ଏହି ଶୋକାତୁରା ଗୋପୀ ପାଖରେ । ଲକ୍ଷ୍ୟ କରିଛନ୍ତି, ଶ୍ରୀକୃଷ୍ଣଙ୍କ ଅନୁଗାମିନୀ ସଖୀଜଣକ

ପ୍ରିୟତମଙ୍କ ବିରହରେ ମୂର୍ଚ୍ଛିତ, ଅଚେତ । ଗୋପୀମାନେ ତା ମୁହଁରେ ପାଣି ଛିଞ୍ଚି ତାକୁ ସଚେତ କରାଇଛନ୍ତି । ପ୍ରାଣାରାମ ଆତ୍ମାରାମ ଶ୍ରୀକୃଷ୍ଣ କାହିଁକି ତାକୁ ଛାଡ଼ି ଚାଲିଗଲେ ସେ ସବୁ କଥା ସେ ସଖୀମାନଙ୍କ ଆଗରେ ବଖାଣିଚି । ନିଜ ଦୋଷ ସ୍ୱୀକାର କରିଛି ।

ତା ମୁହଁରୁ ଶ୍ରୀକୃଷ୍ଣଙ୍କ କଥା ଶୁଣି ଗୋପୀମାନେ ବିସ୍ମିତ ହୋଇ ପଡ଼ିଲେ । ଚାଲି ଚାଲି ସେମାନେ ଝାଳନାଳ । ମନରେ କୃଷ୍ଣ ସନ୍ଧାନର ବ୍ୟାକୁଳତା ଥିଲା ବୋଲି ଦେହର କଷ୍ଟ ଜଣା ପଡୁନଥିଲା । କିନ୍ତୁ ସଖୀଠାରୁ ସନ୍ଧାନର ସୂଚନା ପାଇବାମାତ୍ରେ ଯନ୍ତ୍ରଣା, ଭୟ, ଆଶଙ୍କା ଆଦି ଅନୁଭୂତ ହେଲା । ନିବିଡ଼ ଅରଣ୍ୟ । ଶ୍ରୀକୃଷ୍ଣ ନାହାନ୍ତି ତ ଚନ୍ଦ୍ର କିରଣ ନାହିଁ । ଆକାଶ ମେଘାଚ୍ଛନ୍ନ । ଘୋର ଅନ୍ଧକାର । ପାଦ ଆଉ ଆଗକୁ ଆଗେଇଲା ନାହିଁ। ସମସ୍ତେ ଏକତ୍ର ବସି ରହି କେବଳ ଶ୍ରୀକୃଷ୍ଣଙ୍କ ଗୁଣକୀର୍ତ୍ତନ କରିବାକୁ ଲାଗିଲେ । ପୁଣି ଶ୍ରୀକୃଷ୍ଣଙ୍କ ଲୀଳାଭିନୟରେ ସେମାନେ ମାତି ଉଠିଲେ । ଶ୍ରୀକୃଷ୍ଣ— ଭାବନାରେ ସେମାନଙ୍କ ଶରୀର ରୋମାଞ୍ଚିତ ହୋଇ ଉଠିଲା । ସମସ୍ତେ ଭାବିଲେ, ଶ୍ରୀକୃଷ୍ଣ ଏଇଠି କୁଉଠି ଅଛନ୍ତି । ଉଚ୍ଚସ୍ୱରରେ ତାଙ୍କ ଲୀଳା କୀର୍ତ୍ତନ କଲେ, ସେ ନିଶ୍ଚୟ ଆମ ପାଖକୁ ଫେରି ଆସିବେ । ଲୁଚି ରହିପାରିବେ ନାହିଁ ।

ବଣ ଭିତରେ ଏ ପଟେ ସେପଟେ ବୁଲି ବୁଲି ଗୋପୀମାନେ ବିଳାପ କରିବାକୁ ଲାଗିଲେ । ଶ୍ରୀକୃଷ୍ଣଙ୍କୁ ଅଲକ୍ଷ୍ୟରେ ଲକ୍ଷ୍ୟ କରି କହିଲେ, ତୁମ କଟାକ୍ଷର ଆଘାତ ଆମକୁ ପ୍ରାଣରେ ମାରି ଦେଇଚି । ହାତରେ ନ ମାରି ଆଖିରେ ମାରିଲେ କ'ଣ ତାକୁ ହତ୍ୟା କୁହାଯିବନି ? ତୁମ ବିରହବ୍ୟଥାରେ ଆମ ହୃଦୟ ଜଳିବାରେ ଲାଗିଚି । ଆମର ଏହି ହୃଦୟଜ୍ୱାଳାକୁ ତୁମେ ନ ଆସିଲେ ଶାନ୍ତ କରିବ କିଏ ? କାନ୍ତ ବିହୁନେ ସବୁ ଅଶାନ୍ତ । ତୁମ ଲୀଳାଖେଳା ମନେ ପକାଇବା ମାତ୍ରେ ମନ ଯେ କ'ଣ ହୋଇଯାଉଚି ସେ କଥା ବୁଝିବ କିଏ ? ହେ କପଟୀ ମିତ୍ର ! ଏହି ଘନ ଘୋର ରାତିରେ ବଂଶୀ ବଜେଇ ନିଜ ପାଖକୁ ଟାଣି ଆଣି, ଆମମାନଙ୍କୁ ଛାଡ଼ି ପଳାଇବା କ'ଣ ତୁମ ପକ୍ଷରେ ଉଚିତ ହୋଇଚି ? ତୁମର କର କମଳ ଏତେ କୋମଳ ଯେ ଆମମାନଙ୍କ ଛାତି ଉପରେ ରଖିଲାବେଳେ ଭୟ ହୁଏ, ହୁଏତ ତୁମର ପୀଡ଼ା ହୋଇପାରେ । ସେଥିଲାଗି ଆମେ ସତର୍କ ରହିଥାଉ । ଧୀରେ ଧୀରେ ହସ୍ତ ସଂଚାଳନ କରିବାକୁ କହିଥାଉ । ସେ କର-ଚରଣ ରାତିର ଅନ୍ଧକାରରେ ବୁଲୁଥିବାବେଳେ କଣ୍ଟାଖୁଂଟରେ ବାଜି କି କଷ୍ଟ ହେଉଥିବ ! ଶୀଘ୍ର ଦେଖାଦିଅ । ଆମେ ତୁମର ଦାସୀ । ସେବିକା । ସେବା ଲାଗି ଆମମାନଙ୍କର ଚିତ୍ତ ବ୍ୟାକୁଳ ।

●

## ॥ ୪୮ ॥

# "ମୁଁ ଦୋଷୀନୁହଁ, ଋଣୀ"

ପ୍ରଳାପ, ବିଳାପ, ରୋଦନ, କ୍ରନ୍ଦନ ଭିତରେ ଗୋପୀମାନଙ୍କ ସମୟ ଅତିବାହିତ । କୃଷ୍ଣାନ୍ୱେଷଣରେ ସେମାନେ ବିଫଳ । ସମସ୍ତେ ବିରହ-ଦଗ୍ଧା । ମ୍ରିୟମାଣା । ଏ ଯାଏଁ ସେମାନଙ୍କ ହୃଦୟରେ ଶୃଙ୍ଗାରରସର ବିରତି ଘଟିନାହିଁ । କାମଜ୍ୱାଳା ହଟି ନାହିଁ । ଅଶ୍ରୁଜଳରେ କାମାନଳକୁ ପ୍ରଶମିତ କରିବା ମଧ୍ୟ ସଂଭବ ହେଉନାହିଁ । କୃଷ୍ଣଦର୍ଶନର ଲାଳସା ପ୍ରବଳ । ସବୁ ଗୋପୀ ଗୋଟିଏ ଜାଗାରେ ଠୁଳ ।

ଠିକ୍ ଏହି ସମୟରେ ଭଗବାନ୍ ଶ୍ରୀକୃଷ୍ଣ ଗୋପୀମାନଙ୍କ ମଝିରେ ଆସି ଠିଆ ହେଲେ । ତାଙ୍କ ଅଧରରେ ମନ୍ଦହାସ । ଗଳାରେ ବନମାଳା । ଦେହରେ ପୀତାମ୍ବର । ସମସ୍ତ କମନୀୟ ରୂପ ଧାରଣ କରି ସେ ଅପରୂପ । ଅପ୍ରମେୟ । ଅନୁପମ । କୋଟି କୋଟି କନ୍ଦର୍ପର ରୂପ ମଧ୍ୟ ଏ ରୂପ ଆଗରେ ତୁଚ୍ଛ । ଏହି ଅନୁପମ ରୂପମାଧୁରୀକୁ ଦେଖି ଅନୁପମା ବ୍ରଜସୁନ୍ଦରୀମାନଙ୍କ ଆଖି ଝଲସି ଉଠିଲା । ପ୍ରେମ ଓ ଆନନ୍ଦରେ ସେମାନଙ୍କ ଚିତ୍ତ-ଚକୋର ନାଚି ଉଠିଲା । ସମସ୍ତ ଗୋପୀ ଏକ ସାଂଗରେ ଉଠି ଠିଆ ହେଲେ । ଆଖି ମଳିଲେ । ନିଜକୁ ନିଜେ ସଂଭାଳି ପାରିଲେ ନାହିଁ ।

ଜଣେ ଗୋପୀ ଶ୍ରୀକୃଷ୍ଣଙ୍କ ହାତକୁ ଧରି ଆଉଁଶିବାରେ ଲାଗିଲା । ଆଉ ଜଣେ ତାଙ୍କର ଆଉ ଗୋଟିଏ ହାତକୁ ନିଜ କାନ୍ଧ ଉପରେ ନେଇ ରଖିଲା । ତୃତୀୟ ଗୋପୀ ଶ୍ରୀକୃଷ୍ଣଙ୍କ ପାଟିରେ ହାତ ପୂରାଇ ସେ ଚୋବାଉଥିବା ପାନର ଖଦା ଆଣି ନିଜ ପାଟିରେ ପୂରାଇଲା । ଚତୁର୍ଥ ଗୋପୀ ଆଉ ଠିଆ ହୋଇ ନପାରି ବସି ପଡିଲା । ଭଗବାନଙ୍କ ଚରଣକମଳକୁ ନେଇ ନିଜ ଛାତି ଉପରେ ରଖିଲା । ଷଷ୍ଠ ଗୋପୀ ପ୍ରଣୟକୋପରେ କୋପିତା ହୋଇ ଭଗବାନଙ୍କୁ ନିଜ କଟାକ୍ଷବାଣରେ ବିନ୍ଧିବାକୁ ଲାଗିଲା । କିଏ ମନେ ମନେ ଭଗବାନଙ୍କୁ ଆଲିଙ୍ଗନ କରିବାରେ ଲାଗିଲା ତ ଆଉ କିଏ ନିରନ୍ତର ମୁଖମାଧୁରୀ ପାନ କରିବାକୁ ଲାଗିଲା ।

ଶୁକମୁନି ରାଜା ପରୀକ୍ଷିତଙ୍କୁ କହିଲେ, ଶ୍ରୀକୃଷ୍ଣ-ବିରହରେ ଗୋପୀମାନଙ୍କର ଯେଉଁ ଦୁଃଖ ହୋଇଥିଲା, ଭଗବାନଙ୍କ ଦର୍ଶନରେ, ସେଥିରୁ ସେମାନେ ମୁକ୍ତ ହେଲେ । ଆନନ୍ଦସାଗରରେ ସେମାନେ ବୁଡୁବୁଡୁ ହେବାକୁ ଲାଗିଲେ । ଭଗବାନ ଅପ୍ରକଟ ହେବାରେ

ବନବନାନୀରେ ଯେଉଁ ଅନ୍ଧକାର ଛାଇ ଯାଇଥିଲା, ତାଙ୍କର ପ୍ରକଟ ଫଳରେ ସେ ଅନ୍ଧକାର ଦୂରୀଭୂତ ହେଲା । ଆକାଶ ମେଘମୁକ୍ତ ହେଲା । ପୁନଶ୍ଚ ଚନ୍ଦ୍ର କିରଣରେ ସର୍ବତ୍ର ଉଦ୍‌ଭାସିତ ହୋଇ ଉଠିଲା । ଶ୍ରୀକୃଷ୍ଣ ବ୍ରଜସୁନ୍ଦରୀମାନଙ୍କୁ ସାଙ୍ଗରେ ନେଇ ପୁଣି ଗଲେ ଯମୁନା ପୁଳିନକୁ । ଯମୁନା ନିଜ ଲହରୀ ଦ୍ୱାରା ଭଗବାନଙ୍କ ଲୀଳା ଲାଗି ସୁଚିକ୍କଣ ବାଲୁକା ଦ୍ୱାରା ପ୍ରସ୍ତୁତ କଲା ଏକ ମନୋରମ ରଙ୍ଗମଞ୍ଚ । ଗୋପୀମାନେ ଜ୍ଞାନୀମାନଙ୍କ ଭଳି ପୂର୍ଣ୍ଣକାମ ହୋଇ ପଡ଼ିଲେ । ନିଜ ବକ୍ଷସ୍ଥଳ ଆବୃତ କରିଥିବା ଓଢ଼ଣୀକୁ ବାଲି ଉପରେ ବିଛାଇ ଦେଲେ । ଯୋଗୀ, ମୁନି, ଋଷିମାନେ ଶହ ଶହ ବର୍ଷଧରି ତପସ୍ୟା କରି ନିଜ ହୃଦୟ ସିଂହାସନରେ ଯାହାକୁ ବସାଇବା ପାଇଁ ସକ୍ଷମ ହୋଇ ପାରନ୍ତି ନାହିଁ, ଗୋପୀମାନେ ତାଙ୍କୁ ନିଜ ଓଢ଼ଣୀ ଉପରେ ବସାଇଲେ । ବିରହ-ବିଚ୍ଛେଦ ପରେ ମିଳନର ଯେଉଁ ଆନନ୍ଦ, ଗୋପୀମାନେ ସେହି ଆନନ୍ଦ ଆହରଣ କରିବାକୁ ଲାଗିଲେ । କିଏ ହସରେ ତ କିଏ ସ୍ପର୍ଶରେ ତ କିଏ ପରିହାସରେ ଶ୍ରୀକୃଷ୍ଣଙ୍କୁ ସଂଭାଷଣ କରିବାକୁ ଲାଗିଲେ ।

କେତେଜଣ ଗୋପୀ ଏକାଠିହୋଇ ସ୍ଥିର କଲେ, ଆମକୁ ଠକି, ନ କହି, ନ ପୋଛି, ପ୍ରାଣନାଥ ଏତେ ସମୟ ଧରି ଅନାଥିନୀ କରି ରଖିବାଟା କ'ଣ ଠିକ ହେଇଚି ? ଶ୍ରୀକୃଷ୍ଣ ନିଶ୍ଚୟ ଦୋଷୀ, ଅପରାଧୀ । ତାଙ୍କ ତୁଣ୍ଡରେ ନିଜ ଅପରାଧ ସ୍ୱୀକାର କରାଇବାକୁ ପଡ଼ିବ । ନଚେତ ସେ ଥରକୁ ଥର ଆମକୁ ଡହଳ ବିକଳ କରି ମାରିବେ ।

ଜଣେ ଗୋପୀ ସାହସ କରି ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କଲା – କେତେକ ଲୋକ ଇମିତି ଅଛନ୍ତି ଯେଉଁମାନେ ପ୍ରେମ କରୁଥିବା ଲୋକକୁ ତ ପ୍ରେମ କରନ୍ତି, ଆଉ କେତେକ ଲୋକ ପ୍ରେମ କରୁନଥିବା ଲୋକକୁ ମନେ ମନେ ପ୍ରେମ କରନ୍ତି । ଆଉ କେତେକ ଅରସିକ ଯାକୁ ନୁହଁ କି ତାକୁ ନୁହଁ, ପ୍ରେମ କରନ୍ତି ନାହିଁ । ଏହି ତିନିପ୍ରକାର ଲୋକଙ୍କ ଭିତରୁ ତୁମ ମତରେ କିଏ ଭଲ ?

ଶ୍ରୀକୃଷ୍ଣ କହିଲେ, ଯେଉଁମାନେ ପ୍ରେମ କଲେ ଯାଇ ପ୍ରେମ କରନ୍ତି, ସେମାନେ ସ୍ୱାର୍ଥପର । ନେଣ-ଦେଣ ନ୍ୟାୟ । ସେଥିରେ ସୌହାର୍ଦ୍ଦ୍ୟ ନଥାଏ କି ଧର୍ମ ନଥାଏ । ଯେଉଁ ଲୋକ ପ୍ରେମ କରୁ ନଥିବା ଲୋକକୁ ପ୍ରେମ କରେ, ସେ ସ୍ୱଭାବତଃ କରୁଣାଶୀଳ, ସଜ୍ଜନ । ତୃତୀୟ ପ୍ରକାରର ଲୋକ ଚାରି ପ୍ରକାରର । ପ୍ରଥମତଃ ସେମାନେ ନିଜ ସ୍ୱରୂପାନନ୍ଦରେ ବୁଡ଼ି ରହିଥାଆନ୍ତି । ଦ୍ୱିତୀୟତଃ କେତେକ ଲୋକ ନିଜେ କୃତ୍ୟାକୃତ୍ୟ ହୋଇପଡ଼ିଥାଆନ୍ତି, କାହାର ପ୍ରେମକୁ ଅପେକ୍ଷା କରି ନ ଥାଆନ୍ତି । ତୃତୀୟତଃ କେତେକ

ଲୋକ ଜାଣି ପାରି ନଥାଆନ୍ତି ଯେ ସେମାନଙ୍କୁ ଅନ୍ୟ କେହି ପ୍ରେମ କରୁଛନ୍ତି । ଚତୁର୍ଥ ଶ୍ରେଣୀର ଲୋକେ ଜାଣିଶୁଣି ନିଜର ମଙ୍ଗଳ କରିଥିବା ଗୁରୁତୁଲ୍ୟ ଲୋକଙ୍କ ବିରୁଦ୍ଧରେ ବିଦ୍ରୋହ କରିଥାଆନ୍ତି । ପ୍ରେମ କରିବା ତ ଦୂରର କଥା ।

ଶ୍ରୀକୃଷ୍ଣ କହିଲେ, ମୋ ପ୍ରେମ ଏ ସମସ୍ତଙ୍କଠାରୁ ପୃଥକ୍ । ମୁଁ ପ୍ରେମ କରେ, ମୋଠି ମୋ ପ୍ରେମିକ ବା ପ୍ରେମିକାର ଚିତ୍ତବୃତ୍ତି ସର୍ବଦା ଲଗେଇ ରଖିବା ଲାଗି । ଗରିବ, ନିର୍ଦ୍ଧନ ଲୋକକୁ ହଠାତ୍ ଗୁଡାଏ ଧନ ମିଳିବା ପରେ, ପୁଣି ହଠାତ୍ ସେ ଧନ ଲୁଟ ହୋଇଗଲେ, ତା ମନ କେବଳ ସେହି ଧନ ଚିନ୍ତାରେ ହିଁ ବୁଡି ରହିଥାଏ । ସେହିଭଳି ମୁଁ ଦେଖା ଦିଏ, ପୁଣି ଲୁଚିଯାଏ । ମୁଁ ଚାହେଁ, ତୁମେମାନେ ସର୍ବଦା ମତେ ହିଁ ଚିନ୍ତାକର । ତୁମମାନଙ୍କ ମନ ମୋ'ଠି ଲାଗି ରହିଥାଉ । ମୁଁ ଜାଣେ, ତୁମେମାନେ ସମସ୍ତ ଲୋକ-ମର୍ଯ୍ୟାଦା, ବେଦମାର୍ଗ, ନିଜ ପରିବାର ଆଦି ସବୁକିଛି ଜଳାଞ୍ଜଳି ଦେଇ ମୋ ପାଖକୁ ଆସିଛ । ଏହି ସ୍ଥିତିରେ ତୁମମାନଙ୍କ ଚିନ୍ତା ଯେପରି ସେ ଆଡୁ ପୁଣି ନ ଯାଏ, ଘର ସଂସାର କଥା ମନେ ନ ପଡ଼େ, କେବଳ ମୋ ରୂପ, ମୋ ଗୁଣ, ମୋ ଲୀଳାର ଭାବନା ତୁମମାନଙ୍କ ମନରେ ରହେ, ସେଥିଲାଗି ପରୋକ୍ଷ ଭାବରେ ତୁମମାନଙ୍କୁ ପ୍ରେମ କରୁଥିଲେ ମଧ୍ୟ ମୁଁ ଛପି ଯାଇଥିଲି । ତେଣୁ ମୋ ପ୍ରେମରେ ତୁମେମାନେ ଦୋଷ ଧରିବା ଅନୁଚିତ । ତୁମେମାନେ ମୋର ପ୍ରେୟସୀ, ମୁଁ ତୁମମାନଙ୍କର ପ୍ରିୟତମ । ଏହାହିଁ ନିରାଟ ସତ୍ୟ । ଘରସଂସାରର ବନ୍ଧନ ଅତିଶୟ ଦୃଢ଼ । ଋଷି ମହର୍ଷିମାନେ ମଧ୍ୟ ଏହାକୁ ଛିଣ୍ଡାଇ ପାରନ୍ତି ନାହିଁ । ବନ୍ଧନରୁ ମୁକୁଳି ପାରନ୍ତି ନାହିଁ । କିନ୍ତୁ ତୁମେମାନେ ପାରିଛ । ମୋ ସହିତ ତୁମମାନଙ୍କର ମିଳନ ହେଉଛି ଆତ୍ମିକ-ସଂଯୋଗ । ଏହା ସର୍ବଥା ନିର୍ମଳ ଏବଂ ନିର୍ଦ୍ଦୋଷ । ଯଦି ମୁଁ ଅମର ରହେ, ତଥାପି ତୁମମାନଙ୍କ ସେବା, ତ୍ୟାଗ, ପ୍ରେମର ଋଣ ପରିଶୋଧ କରି ପାରିବନି । ଜନ୍ମ ଜନ୍ମ ଧରି ମୁଁ ତୁମମାନଙ୍କ ପାଖରେ ଋଣୀ । ତୁମେମାନେ ହିଁ ଅନାବିଳ ସ୍ୱଭାବ, ପ୍ରଗାଢ଼ ପ୍ରେମ ଦ୍ୱାରା ମତେ ଋଣମୁକ୍ତ କରିପାର । କିନ୍ତୁ ମୁଁ ମୁକ୍ତକଣ୍ଠରେ ସ୍ୱୀକାର କରୁଚି, ମୁଁ ଦୋଷୀ ନୁହଁ, ଋଣୀ ।

ଇମିତି କହନି, ଇମିତି କହନି ବୋଲି ଜଣେ ଗୋପୀ ଶ୍ରୀକୃଷ୍ଣଙ୍କ ପାଟିରେ ହାତ ଦେଇ ତାଙ୍କ ମୁଖ ବନ୍ଦ କରୁଥିବା ଦେଖାଗଲା । ଶ୍ରୀକୃଷ୍ଣଙ୍କ ମୁହଁରୁ ମଧୁର ସାନ୍ତ୍ୱନା ବାଣୀ ଶୁଣି ମନରେ ଯାହାବା ଟିକିଏ ସଂତାପ ଥିଲା, ସେତକ ଦୂର ହେଲା । ସୌନ୍ଦର୍ଯ୍ୟ-ମାଧୁର୍ଯ୍ୟନିଧି ପ୍ରାଣପ୍ରିୟଙ୍କ ଅଙ୍ଗସଙ୍ଗରେ ସେମାନେ ସଫଳ-ମନୋରଥ ହୋଇ ପାରିଲେ ।

॥ ୪୯ ॥

# ଏ ରାସପାଇଁ, ଭାଷା ନାହିଁ

ଯମୁନା ତଟ ରମଣ-ରେତୀ ଉପରେ ଆରମ୍ଭ ହେଲା ଭାଗବାନଙ୍କ ରାସକ୍ରୀଡ଼ା, ରାସୋତ୍ସବ, ମହାରାସ ବା ରାସକେଳି । (ଏବେ ମଧ୍ୟ ବୃନ୍ଦାବନର ଏକ ରାସ୍ତାର ନାମ ରମଣରେତୀ ରୋଡ଼ୁ ) । ଏହି ରାସୋତ୍ସବ ଦେଖିବାପାଇଁ ସ୍ୱର୍ଗରୁ ଦେବତାମାନେ ନିଜ ନିଜ ବିମାନରେ ପତ୍ନୀମାନଙ୍କ ସହିତ ଓହ୍ଲାଇ ଆସିଲେ ଧରିତ୍ରୀ ଉପର ଆକାଶକୁ । ସେମାନେ ଆନନ୍ଦରେ ପୁଷ୍ପବୃଷ୍ଟି କଲେ । ଦୁନ୍ଦୁଭି, କାହାଳି ଆଦି ନାନା ବାଦ୍ୟରେ ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ମୁଖରିତ ହୋଇଉଠିଲା । ଦେବୀମାନେ ହୁଳହୁଳି ଧ୍ୱନି କଲେ । ଭଗବାନ ଭକ୍ତିମତୀ ଷୋଳ ସହସ୍ର ଗୋପନାରୀଙ୍କ ସହିତ ଯିମିତି ନାଚୁଥିଲେ, ଦେବଦେବୀ ଓ ଗନ୍ଧର୍ବ ଗନ୍ଧର୍ବୀମାନେ ହାତ ଧରାଧରି ହୋଇ ବିମାନ ଉପରେ ସିମିତି ନାଚିବାରେ, ଗାଇବାରେ ଲାଗିଲେ ।

ଭଗବାନ ପ୍ରଥମେ ମଣ୍ଡଳାକାରରେ ଗୋପୀମାନଙ୍କ ହାତରେ ହାତକୁ ଛନ୍ଦି ଠିଆ ହେଲେ । ତା'ପରେ ଯୋଗୀଶ୍ୱର ଶ୍ରୀକୃଷ୍ଣ ଦୁଇ ଦୁଇ ଗୋପୀଙ୍କ ସହିତ ପ୍ରକଟିତ ହେଲେ । କ୍ରମଶଃ ଦୁଇରୁ ଏକ ଏକ ହେଲା । ଜଣେ ଗୋପୀଙ୍କ ସହିତ ଜଣେ ଶ୍ରୀକୃଷ୍ଣ । ସବୁ ଗୋପୀଙ୍କର ମନେ ହେଲା, ସେ କେବଳ ଶ୍ରୀକୃଷ୍ଣଙ୍କୁ ଆପଣାର କରି ପାଇପାରିଛି । ଅନ୍ୟମାନେ କୃଷ୍ଣପ୍ରେମରୁ ବଞ୍ଚିତ । ଏହିଭଳି ଭାବରେ ଦିବ୍ୟ ରାସୋତ୍ସବର ଅୟମାରମ୍ଭ ।

ରାସମଣ୍ଡଳରେ ସମସ୍ତ ଗୋପୀ ପ୍ରିୟତମ ଶ୍ୟାମଘନଙ୍କ ସହିତ ନୃତ୍ୟ କରି କରି ବିହ୍ୱଳ ତଥା ବାହ୍ୟଜ୍ଞାନଶୂନ୍ୟ ହୋଇପଡ଼ିଲେ । ସହସ୍ର ସହସ୍ର ଗୋପୀଙ୍କ ନୂପୁର ନିକ୍ୱଣରେ ରାସମଣ୍ଡଳ ଅନୁରଣିତ । ନୃତ୍ୟର ଭଙ୍ଗୀ ଅପୂର୍ବ । ଶ୍ରୀକୃଷ୍ଣଙ୍କ ପାଦ ସହିତ ପାଦ ମିଳାଇ, କେବେ ଆଗକୁ ତ କେବେ ପଛକୁ ପାଦ ପ୍ରସାରଣ କରି ଗୋପୀମାନେ ସମତାଳରେ ନାଚିବାକୁ ଲାଗିଲେ । ଶ୍ରୀକୃଷ୍ଣଙ୍କ ଅଧରରେ ମଧୁର ମୃଦୁହାସ୍ୟ ରେଖା । ଗୋପୀମାନଙ୍କ ବିମ୍ବୋଷ୍ଠରେ ମଧ୍ୟ ସେହି ହାସ୍ୟର ପ୍ରତିବିମ୍ବ । ହଂସଗାମିନୀମାନଙ୍କ ସିଂହକଟିର ଦୋଳନ ଦେଖି ଗନ୍ଧର୍ବୀମାନେ ମଧ୍ୟ ଚକିତ ହୋଇପଡ଼ିଲେ । ସେମାନେ ନୃତ୍ୟନିପୁଣା ଅଥଚ ଗୋପୀମାନେ କଳାଚାତୁରୀରେ ସେମାନଙ୍କୁ ବଳି ପଡ଼ିଲେ ।

ଗୋପୀମାନଙ୍କ ତନ୍ମୟଭାବ । ନୃତ୍ୟଗୀତରେ ବିଭୋର । କେତେବେଳେ ବସିଲେ ତ କେତେବେଳେ ଉଠିଲେ । କେତେବେଳେ ଚକ୍ରବତ୍ ଘୂରିବାକୁ ଲାଗିଲେ । ଘୂର୍ଣ୍ଣନ

ଫଳରେ ବକ୍ଷସ୍ଥଳରୁ ବସ୍ତ୍ର ଉଡି ତଳେ ଲୋଟିଲା । ସ୍ତନଯୁଗଳ ମଧ୍ୟ ସମତାଳରେ ନାଚି ଉଠିଲା । ଗଭାଶୋଭା ତୁଟିଲା । ବେଣୀ ଫିଟିଗଲା । ଅଲୁଳାୟିତ କେଶଗୁଚ୍ଛ । ଦୋଳନ, ଘୂର୍ଣ୍ଣନ ଫଳରେ କର୍ଣ୍ଣର କୁଣ୍ଡଳ କପୋଳକୁ ସ୍ପର୍ଶ କଲା । ପରିଶ୍ରମ ଫଳରେ ମୁହଁରେ ଶ୍ରମଝାଳ ବିନ୍ଦୁ ବିନ୍ଦୁ ଫୁଟି ଉଠିଲା । ନିବୀବନ୍ଧନ ଖୋଲିଗଲା ।

ହେ ରାଜା ପରୀକ୍ଷିତ ! ମନେ ହେଉଥିଲା ସହସ୍ର ସହସ୍ର ଶ୍ରୀକୃଷ୍ଣ ମେଘମଣ୍ଡଳରେ ବିଦ୍ୟୁତଭଳି ଚମକି ଉଠୁଛନ୍ତି । ଏ ଶୋଭା ଅବର୍ଣ୍ଣନୀୟ । ଏ ରାସପାଇଁ ଭାଷା ନାହିଁ ।

ସ୍ତ୍ରୀ ଓ ପୁରୁଷ ଏ ଭେଦଭାବ ଦୂର ହେଲେ ଯାଇ ରାସଲୀଳାର ରସାସ୍ୱାଦନ । ଦେହବୋଧ ନଷ୍ଟ ହେଲେ ଆସେ ଗୋପୀଭାବ । ଗୋପୀମାନେ ସେହି ଦିବ୍ୟ ସମାଧି ଲାଭ କରିଥିଲେ । ପ୍ରେମ-ସନ୍ନ୍ୟାସିନୀ ହୋଇ ପଡିଥିଲେ । ସଂସାର ଭିତରେ ରହି, ପାଟ ପତିନୀ ପିନ୍ଧି ମଧ୍ୟ ସେମାନେ ସନ୍ନ୍ୟାସିନୀ । ସେହିମାନଙ୍କ କଥା ବର୍ଣ୍ଣନା କରୁକରୁ ଶୁକଦେବଙ୍କ ଭଳି ମୁନି ଓ ଯୋଗୀ ମଧ୍ୟ ଭାବରସରେ ବୁଡ଼ି ଯାଇଥିଲେ । ଅସୀମ, ଅନନ୍ତକୁ ବର୍ଣ୍ଣନା କରିବା ଲାଗି ଭାଷା ନାହିଁ ବୋଲି ସେ ଆସନ୍ନମୃତ୍ୟୁ ଦଶା ଭୋଗୁଥିବା ରାଜା ପରୀକ୍ଷିତଙ୍କୁ କହି ଚାଲିଥିଲେ ।

ଶୁକମୁନି କହିଲେ, ଭଗବାନ ଶ୍ରୀକୃଷ୍ଣ ରାସମଣ୍ଡଳ ଭିତରେ କେବଳ ନାଚୁ ନଥିଲେ, ଗାଉଥିଲେ ମଧ୍ୟ । ତାଙ୍କ ଗୀତରେ ସୃଷ୍ଟିର ସମସ୍ତ ସଂଗୀତ, ରାଗରାଗିଣୀ, ଛନ୍ଦ, ତାଳ, ମାନ ଫୁଟିଉଠୁଥିଲା । ଏ ସଂଗୀତରେ ସାରା ଜଗତ ଝଂକୃତ ହୋଇ ଉଠୁଥିଲା । ଗୋପୀମାନେ ଭଗବାନଙ୍କ ସ୍ୱର ସହିତ ସ୍ୱର ମିଳେଇ ଗାଉଥିଲେ, ନାଚୁଥିଲେ, ହସୁଥିଲେ, କାନ୍ଦୁଥିଲେ, ତଳେ ଗଡୁଥିଲେ । ଧୂଳିଧୂସରିତ ହୋଇ ପଡୁଥିଲେ । ରମଣର ଧୂଳି(ରେଡ଼ି) ସେମାନଙ୍କୁ ଚନ୍ଦନ ବୋଲିଲା ଭଳି ଲାଗୁଥିଲା । ଶ୍ରୀକୃଷ୍ଣଙ୍କ ଶ୍ରୀଅଙ୍ଗ ସ୍ପର୍ଶରେ ଧୂଳି ମଧ୍ୟ ସୁବାସିତ ହୋଇ ପଡିଥିଲା । ଗୋପୀମାନେ ଉଚ୍ଚସ୍ୱରରେ ଭଗବାନଙ୍କ ଗୁଣକୀର୍ତ୍ତନ କରୁଥିବାବେଳେ ଭଗବାନ ମଧ୍ୟ ଭକ୍ତିମୟୀ ଗୋପୀମାନଙ୍କର ପ୍ରଶଂସା କରୁଥିଲେ । ନାଚିବାବେଳେ ଉପରକୁ ହାତ ଉଠାଇ 'ବାହା ବାହା' କରୁଥିଲେ ।

ଜଣେ ଗୋପୀ ନାଚୁ ନାଚୁ ଥକିଗଲା । ବାହୁରୁ କଂକଣ, ଗଭାର ଶୋଭା ଫୁଲସବୁ ଖସିପଡ଼ିଲା । ସେ ଆଗପଟୁ ମୁରଲୀମନୋହର ଶ୍ୟାମସୁନ୍ଦରଙ୍କ କାନ୍ଧକୁ ଭିଡି ଧରିଲା । ସ୍ପର୍ଶମାତ୍ରକେ ତା ଶରୀରରେ ବେପଥୁ କଂପନ ସୃଷ୍ଟି ହେଲା । ସେ ଭଗବାନଙ୍କ ଅଧର ସହିତ ଅଧର ମିଳାଇ ସୁଧାପାନ କରିବାରେ ଲାଗିଲା । ତା ଦେଖାଦେଖି ନୃତ୍ୟରତା ଆଉ ଜଣେ ଗୋପୀ ଅଧରସୁଧା ପାନ ଲାଗି ଇଚ୍ଛା କରିବା ମାତ୍ରେ ଭଗବାନ ନିଜ ତୁଣ୍ଡରୁ

ଚର୍ବିତ ପାନରସ ପ୍ରଦାନ କଲେ । ଆଉ ଜଣେ ଗୋପୀ ନାଚି ନାଚି କ୍ଳାନ୍ତଶ୍ରାନ୍ତ ହୋଇପଡିବାରେ ପାଖରେ ଦଣ୍ଡାୟମାନ ଶ୍ରୀକୃଷ୍ଣଙ୍କ କରକମଳକୁ ନେଇ ନିଜ ବକ୍ଷୋଜ ଉପରେ ରଖିଲା । ମୁହୂର୍ତ୍ତକରେ ତାର କାମଜ୍ୱାଳା ପ୍ରଶମିତ ହୋଇ ପଡିଲା । ସେ ଆନନ୍ଦ ସାଗରରେ ଭାସିଲା ।

ଶୁକମୁନି ପରୀକ୍ଷିତଙ୍କୁ କହିଲେ, ଗୋପୀମାନଙ୍କ ସୌଭାଗ୍ୟ ଲକ୍ଷ୍ମୀଙ୍କ ଠାରୁ ଅଧିକ । ସେମାନେ ଶ୍ରୀକୃଷ୍ଣଙ୍କୁ ପରମ ପ୍ରିୟତମ ରୂପରେ ପାଇ ତାଙ୍କ ସହିତ ବିହାର ଓ ରମଣ କରିବାକୁ ଲାଗିଲେ । ଶ୍ରୀକୃଷ୍ଣ ଗୋପୀରମଣ ହୋଇ ପଡିଲେ । ଅଜ୍ଞାନଶିଶୁ ନିଜ ଛାଇ ସହିତ ଖେଳିବା ଭଳି, ରମାରମଣ ଭଗବାନ ଗୋପୀମାନଙ୍କ ସହିତ କ୍ରୀଡ଼ା କରିବାରେ ଲାଗିଥିଲେ । ସେ ଗୋପୀମାନଙ୍କୁ କୁଣ୍ଢେଇ ପକାଉଥିଲେ । କେତେବେଳେ ସେମାନଙ୍କ ବିଭିନ୍ନ ଅଙ୍ଗକୁ ସ୍ପର୍ଶ କରିବାରେ ଲାଗିଥିଲେ । ପରିହାସ କରୁଥିଲେ । ହସି ହସି ଗୋପୀମାନଙ୍କୁ ହସାଉଥିଲେ ।

●

॥ ୫୦ ॥

# ଆତ୍ମରମଣ ମହାରାସ

**ଭ**ଗବାନଙ୍କ ସ୍ପର୍ଶପାଇ ଗୋପୀମାନଙ୍କ ସମସ୍ତ ଇନ୍ଦ୍ରିୟ ଆନନ୍ଦବିହ୍ୱଳ ହୋଇ ଉଠିଲା । ବାଳମୁକୁଳା । ଗଳାର ହାର ସବୁ ଛିଣ୍ଡି ତଳେ ପଡିଲା । ଆଭରଣ, ଅଳଙ୍କାର ଅସ୍ତବ୍ୟସ୍ତ । କେଶ ଓ ବସନ, ସ୍ତନାବରଣ ସଂଭାଳିବା ଲାଗି ଅସମର୍ଥ !

ହେ ରାଜା ପରୀକ୍ଷିତ ! ଅବଶ୍ୟ ଭଗବାନ ଆତ୍ମାରାମ । ନିଜ ବ୍ୟତୀତ ତାଙ୍କ ପାଇଁ ଅନ୍ୟ କାହାର ଆବଶ୍ୟକତା ନାହିଁ । ତଥାପି ଯେତେ ଗୋପୀ ଥିଲେ, ସେତିକି ରୂପ ଧାରଣ କରି ସେମାନଙ୍କ ସହିତ ରାସଲୀଳା କଲେ । ବହୁ ସମୟ ଧରି ନୃତ୍ୟ, ଗୀତ ଚାଲିଲା । ଗୋପୀମାନେ ଥକିଗଲେ । ସେମାନଙ୍କ ପାଦ ଉଠିଲାନି କି ହାତ ଉଠିଲାନି । କଣ୍ଠରୋଧ ହୋଇ ଆସିଲା । ଗୋପୀମାନଙ୍କ କ୍ଳାନ୍ତି ଦେଖି କରୁଣାମୟ ଭାଗବାନ ପ୍ରତ୍ୟେକ ଗୋପୀ ପାଖରେ ବସି ନିଜ ଝୀନ ପୀତାମ୍ବରରେ ସେମାନଙ୍କ ଶ୍ରମ-ସ୍ୱେଦ ପୋଛିବାକୁ ଲାଗିଲେ । ଶ୍ରୀକୃଷ୍ଣଙ୍କ କୋମଳାଙ୍ଗର ସ୍ପର୍ଶପାଇ ଗୋପୀମାନେ ପୁଣି ସତେଜ ହୋଇ ଉଠିଲେ । ସମବେତ କଣ୍ଠରେ ଭଗବାନଙ୍କ ଲୀଳାକୀର୍ତ୍ତନ କରିବାକୁ ଲାଗିଲେ ।

ଭାଗବାନ ଗାଈବାଛୁରୀଙ୍କୁ ଅଡ଼େଇ ଅଡ଼େଇ ନେବାଭଳି ଗୋପୀମାନଙ୍କୁ ଅଡ଼େଇ ଅଡ଼େଇ ନେଇ ଯମୁନା ଜଳ ଭିତରେ ପ୍ରବେଶ କରାଇଲେ । ଜଳକ୍ରୀଡ଼ା ପରେ ଆରମ୍ଭ

ହେଲା ଜଳକ୍ରୀଡା । ଜଳଭିତରେ ହସ୍ତୀଯୂଥର ଜଳକ୍ରୀଡ଼ା ଭଳି ଏ କ୍ରୀଡା । ଜଳ ଭିତରେ ମଧ୍ୟ ଚାଲିଲା ଅପୂର୍ବ ନୃତ୍ୟ । ସନ୍ତରଣ, ବିନୋଦନ, ସିଂଚନ, ଆଲିଙ୍ଗନ, ମର୍ଦ୍ଦନ ଆଦି ଖେଳ ଚାଲିଲା ବହୁ ସମୟ ଧରି । ଶ୍ରୀକୃଷ୍ଣ ଗଜରାଜ ଭଳି ଏହି କ୍ରୀଡାର ମୁଖ୍ୟ ନାୟକ । ପାଖେ ପାଖେ ଷୋଳସହସ୍ର ନାୟିକା । ନାୟକ ଜଣେ ।

ଜଳକେଳି ପରେ ବିଚରଣ । ପାଦ ସଂଚାଳନ । ଭଗବାନ ଗୋପୀମାନଙ୍କୁ ଜଳରୁ ଉଠେଇ ନେଲେ ଯମୁନା ପୁଳିନର ଏକ ମଂଜୁଳ ଉପବନକୁ । ଏହାର ପରିବେଶ ଅତି ସୁନ୍ଦର, ସୁଶୋଭନ । ଫଳପୁଷ୍ପରେ ବିମଣ୍ଡିତ ବୃକ୍ଷଲତା । ଗଜରାଜ ନିଜ ପତ୍ନୀଙ୍କ ସହିତ ବୁଲିଲାଭଳି ଶ୍ରୀକୃଷ୍ଣ ନିଜ ଭକ୍ତ ଗୋପୀମାନଙ୍କୁ ସାଙ୍ଗରେ ନେଇ ଉପବନରେ ବିଚରଣ କଲେ ।

ଶୁକମୁନି ମଝି ମଝିରେ ପରୀକ୍ଷିତଙ୍କୁ ଚେତେଇ ଦେବା ଲାଗି ନିଜ ଭାବକୁ ବ୍ୟକ୍ତ କରୁଥିଲେ । ସେ କହିଲେ, ହେ ମହାରାଜ ! ଏସବୁ ଭଗବାନଙ୍କ ଚିନ୍ମୟ ସଂକଳ୍ପର ଚିନ୍ମୟ ଲୀଳା । ଏହି ଲୀଳାରେ କାମଭାବ ଏବଂ ଏହାର କ୍ରିୟାକୁ ନିଜର ଅଧୀନସ୍ଥ କରି ରଖିଥିଲେ । ନିଜ ଭିତରେ ବନ୍ଦୀ କରି ରଖିଥିଲେ ।

ଏସବୁ ରସମୟ କଥା ଶୁଣିବା ପରେ ରାଜା ପରୀକ୍ଷିତ ସଂଦେହ ପଙ୍କରେ ଘାଣ୍ଟି ହେଲେ । ସେ ଶୁକଦେବଙ୍କୁ ପ୍ରଶ୍ନକଲେ, ଶ୍ରୀକୃଷ୍ଣ ସ୍ୱୟଂ ବିଷ୍ଣୁଙ୍କ ଅବତାର । ତାଙ୍କ ଅବତାରର ଉଦ୍ଦେଶ୍ୟ ଧର୍ମରକ୍ଷା, ଅଧର୍ମର ବିନାଶ । ସେ ନିଜେ ଧର୍ମର ବିପରୀତ ପରସ୍ତ୍ରୀଙ୍କୁ ସ୍ପର୍ଶ କଲେ କିପରି ? ମୁଁ ମାନୁଚି, ଭଗବାନ ଶ୍ରୀକୃଷ୍ଣ ପୂର୍ଣ୍ଣକାମ, ତାଙ୍କର କୌଣସି କାମନା ନଥିଲା । ତେବେ ଏପରି ନିନ୍ଦନୀୟ କର୍ମ କଲେ କାହିଁକି ? ପରମବ୍ରହ୍ମଚାରୀ ମୁନୀଶ୍ୱର, ମୋର ଏ ସଂଦେହ ମୋଚନ କରନ୍ତୁ ।

ଶୁକଦେବ କହିଲେ – ସୂର୍ଯ୍ୟ, ଅଗ୍ନି ଆଦି କେବେ କେବେ ଧର୍ମକୁ ଲଂଘନ କରିବାକୁ ଦୁଃସାହସ କରିଥାଆନ୍ତି । କିନ୍ତୁ ସେଥିରେ ସେମାନେ ଦୋଷଯୁକ୍ତ ହୋଇ ପଡନ୍ତି ନାହିଁ । ଅଗ୍ନି ସବୁକିଛି ଖାଇଯାଏ, କିନ୍ତୁ ଯାହାକୁ ଖାଏ ସେ ପଦାର୍ଥର ଦୋଷରେ ଲିପ୍ତ ହୋଇ ପଡ଼େନା । ଯାହାଠି ଏ ସାମର୍ଥ୍ୟ ନାହିଁ, ଶରୀରଦ୍ୱାରା ଏହି କର୍ମ କରିବା ଦୂରେ ଥାଉ, ମନରେ ମଧ୍ୟ ଏ ଚିନ୍ତା କରିବା ଅନୁଚିତ । ଭଗବାନ ଶଂକର ହଳାହଳ ବିଷ ପାନକରି ପାରିଥିଲେ, ଆଉ କିଏ କରିଥିଲେ ଜଳିପୋଡ଼ି ଭସ୍ମୀଭୂତ ହୋଇ ପଡ଼ିଥାଆନ୍ତା । ତେଣୁ ନିଜର ଅଧିକାର ଓ ସାମର୍ଥ୍ୟ ଅନୁସାରେ ଆଚରଣ କରିବା ଉଚିତ । ଯିଏ ବାସ୍ତବରେ ସମର୍ଥ, ତା'ର ଅହଂକାର ନଥାଏ । ଶୁଭକର୍ମ କରିବାରେ ତାର କୌଣସି ସାଂସାରିକ ସ୍ୱାର୍ଥସାଧନ ହୁଏ ନାହିଁ କିମ୍ବା କୌଣସି ଅଶୁଭ କର୍ମ କରିବାରେ କୌଣସି ଅନର୍ଥ କିମ୍ବା

ଲୋକସାନ ହୁଏ ନାହିଁ । ଯିଏ ସଚରାଚର ଜୀବଜଗତର ଏକମାତ୍ର ପ୍ରଭୁ, ସର୍ବେଶ୍ୱର ଭଗବାନ, ତାଙ୍କ ସହିତ ମାନବୀୟ ଶୁଭ ଅଶୁଭର ସଂପର୍କ ଯୋଡ଼ାଯାଇ ନପାରେ । ଭଗବାନ ନିଜ ଭକ୍ତଙ୍କ ଇଚ୍ଛାରେ ନିଜର ଚିନ୍ମୟ ଶ୍ରୀବିଗ୍ରହ ପ୍ରକଟିତ କରି ଏହି ଲୀଳା କରିଥିଲେ । ଏହା ଥିଲା ଆତ୍ମରମଣ ମହାରାସ ।

ଶୁକଦେବ ପରିଶେଷରେ ସମସ୍ତଙ୍କୁ ସାବଧାନ କରାଇଦେଇ କହିଛନ୍ତି, ଶ୍ରୀକୃଷ୍ଣଙ୍କ ଲୀଳାର ଅନୁକରଣ କେବଳ ଶ୍ରୀକୃଷ୍ଣ ହିଁ କରିପାରିବେ । ଭଗବାନଙ୍କ ଉପଦେଶ ସମସ୍ତେ ମାନିବା ଉଚିତ; କିନ୍ତୁ ତାଙ୍କର ସମସ୍ତ ଆଚରଣ ଅନୁକରଣ କରିବା ଅନୁଚିତ । କଲେ ପତନ ନିଶ୍ଚିତ ।

ଭଗବାନ ଭକ୍ତିସ୍ୱରୂପିଣୀ ଗୋପୀମାନଙ୍କ ସହିତ ରାତିସାରା କ୍ରୀଡା କଲେ । ବ୍ରାହ୍ମମୁହୂର୍ତ୍ତ ହେବାମାତ୍ରେ ନିଜ ନିଜ ଘରକୁ ଲେଉଟି ଯିବା ପାଇଁ ଗୋପୀମାନଙ୍କୁ କହିଲେ । ବ୍ରଜାଙ୍ଗନାମାନେ ନଯିବା ପାଇଁ ନାନା ଯୁକ୍ତି କଲେ । ଏଭଳିକି ବ୍ରାହ୍ମଣୀମାନେ ମଧ ଯଜ୍ଞସ୍ଥଳକୁ ଫେରି ନଯିବା ପାଇଁ ଯୁକ୍ତି କରିଥିଲେ । ଶ୍ରୀକୃଷ୍ଣ ପତ୍ନୀର ଧର୍ମ, ପତିସେବା, ପିଲାଙ୍କ ଲାଳନପାଳନ, ଶାଶୁଶ୍ୱଶୁରଙ୍କ ସେବା ଆଦି କଥାକହି ସେମାନଙ୍କ ଯୁକ୍ତିକୁ ଖଣ୍ଡନ କରିଥିଲେ । ଗୋପୀମାନଙ୍କ ଯୁକ୍ତି ମଧ ସେହିଭଳି ଖଣ୍ଡିତ ହେଲା । ତୁମମାନଙ୍କୁ କେହି କିଛି କହିବେ ନାହିଁ, ଘର ଲୋକେ ତୁମକୁ ଅପେକ୍ଷାକରି ରହିଥିବେ, ଶୀଘ୍ର ଫେରିଯାଅ ବୋଲି କହିବାରେ ଗୋପୀମାନେ ଭଗବାନଙ୍କ ଆଦେଶ ପାଳନ କରିବାକୁ ବାଧ ହୋଇଥିଲେ ।

ଭଗବାନଙ୍କ ମାୟାରେ ମୋହିତ ହୋଇ ପଡିଥିଲେ ଗୋପପୁର ଗୋପୀମାନେ । ଅଭିଭାବକମାନଙ୍କ ମନା ନମାନି ଗୋପଲଳନାମାନେ ଯାଇଥିଲେ ଶ୍ରୀକୃଷ୍ଣଙ୍କ ପାଖକୁ । ସେ ପୁଣି ଦିନବେଳା ନୁହେଁ, ରାତିରେ । ସେଥିଯୋଗୁ ଗୋପାଳମାନଙ୍କ ରାଗ ଥିଲା, ମନେ ମନେ ସ୍ଥିର କରିଥିଲେ ଆସନ୍ତୁ ସ୍ତ୍ରୀମାନେ, ଦେଖିନେବୁ । କିନ୍ତୁ ସକାଳୁ ଉଠି ଦେଖିଲେ ନିଜ ନିଜର ସ୍ତ୍ରୀ ନିଜ ପାଖରେ । ସେମାନଙ୍କ କ୍ରୋଧ ବା ରାଗ ଅନୁରାଗ ପାଲଟିଗଲା । ଶ୍ରୀକୃଷ୍ଣଙ୍କ ପ୍ରତି ଅସୂୟାଭାବ ଦୂର ହେଲା । ନିଜ ନିଜର ରସବତୀଙ୍କୁ ପାଇ ସେମାନଙ୍କ ଅଙ୍ଗସ୍ପର୍ଶରେ ଗୋପାଳମାନେ ରାସୋତ୍ସବର କିଞ୍ଚିତ ରସ ପାଇଥିବେ ନିଶ୍ଚିତ । କିନ୍ତୁ ସେ ରସ ଥିଲା ବ୍ୟକ୍ତ, ଇଏ ଅବ୍ୟକ୍ତ ।

●

॥ ୫୧ ॥

# ତୁମ ବଂଶୀବଜା ସେତିକି ଥାଉ

ଶିବ ରାତ୍ରି । ଆଜି ଶିବ ପୂଜା । ନନ୍ଦରାଜା ଗୋପାଳମାନଙ୍କ ସହିତ ବାହାରିଲେ ଅମ୍ବିକାବନ ଅଭିମୁଖେ । ଧାଡ଼ିକି ଧାଡ଼ି ଶଗଡ଼ଗାଡ଼ି । ମନରେ ଆନନ୍ଦ ଓ କୌତୁହଳ । କେତେଜଣ ଶଗଡ଼ଗାଡ଼ିରେ ବସିଲେ । ଆଉ କେତେକ ଗୋପାଳ ଚାଲି ଚାଲି ଗଲେ । ବାଟରେ ପାହାଡ଼ ପର୍ବତର ସୁଷମା ଉପଭୋଗ କରିବା ଥିଲା ସେମାନଙ୍କର ଇଚ୍ଛା ।

ସରସ୍ୱତୀ ନଦୀକୂଳରେ ଅମ୍ବିକାବନ । ଅତି ମନୋରମ ସ୍ଥାନ । ସମସ୍ତେ ପହଞ୍ଚିବା ପରେ ସରସ୍ୱତୀ ନଦୀରେ ସ୍ନାନ କଲେ । ଅମ୍ବିକାବନରେ ପଶୁପତିନାଥଙ୍କ ମନ୍ଦିର । ପାଖକୁ ଲାଗି ମା' ଅମ୍ବିକାଙ୍କ ପୀଠ । ଅମ୍ବିକାଙ୍କୁ ନେଇ ଅମ୍ବିକାବନ । ସର୍ବତ୍ର ସର୍ବଦା ପ୍ରକୃତିର ଆଧିପତ୍ୟ ଅଧିକ । ପୁରୁଷକୁ କିଏ ପଚାରେ ? ନାଆଁକୁ ସେ ଶିବ । ତାଙ୍କ ମନ୍ଦିର ଥିଲେ କ'ଣ ହେବ – ଇଏ ଶିବବନ ନୁହଁ – ଶିବାବନ । ଅନେକେ ଲାଗିପଡ଼ି ଘର ତୋଳନ୍ତି – ଘରର ନାଆଁ ରଖନ୍ତି ସ୍ତ୍ରୀ ନାଆଁରେ । ଯଥା ଅରୁଣାଳୟ, ଶୈଳବାଳାସଦନ ଇତ୍ୟାଦି । ସେହିଭଳି ଏଠି ଶିବ ମଧ୍ୟ ନିଜ ସ୍ତ୍ରୀ ଅମ୍ବିକାଙ୍କ ନାଆଁରେ ଅମ୍ବିକାବନ ନାମକରଣ କରିଛନ୍ତି। କିନ୍ତୁ ଆଜି ଶିବରାତ୍ରୀରେ ଶିବପୂଜା । ନନ୍ଦରାଜା ଗୋପାଳମାନଙ୍କୁ ସାଙ୍ଗରେ ନେଇ ମହାଦେବଙ୍କ ପୂଜା କଲେ, ମା' ଅମ୍ବିକାଙ୍କ ପୂଜା ମଧ୍ୟ କଲେ । ଶଗଡ଼ରେ ଭର୍ତ୍ତି କରି ଯେଉଁ ସବୁ ପୂଜା ଉପଚାର ଓ ଉପାଦାନ ଆଣିଥିଲେ ସବୁ ପୂଜାରେ ଲାଗିଲା । ବ୍ରାହ୍ମଣମାନଙ୍କୁ ଗୋ, ବସ୍ତ୍ର, ନାନା ରତ୍ନ ଦାନ ଦକ୍ଷିଣା ଦେଲେ । ସେମାନଙ୍କୁ ପେଟପୂରା ଖୁଆଇଲେ । ପୂଜା କଲାବେଳେ ନନ୍ଦବାବା ମହେଶ୍ୱର ଶିବଙ୍କୁ ପ୍ରାର୍ଥନା କଲେ, ଆମ ପିଲା ଦୁଇଟିର ମଙ୍ଗଳ ହେଉ ।

ନନ୍ଦ, ସୁନନ୍ଦ-ଦୁଇଭାଇଙ୍କର ସେଦିନ ଖାଡ଼ା ଖାଡ଼ା ଉପାସ । କେବଳ ଜଳପାନ । ଭୋକିଲା ପେଟରେ ଜଣ ଜଣକୁ ନିଦ ହୁଏ । କଥାରେ ଅଛି ଭୋକେ ମଣିଷ ନିଦ ଯାଏ । ଯାହାହେଉ ସେଦିନ ନନ୍ଦ ଓ ଗୋପୀମାନେ ସରସ୍ୱତୀ ନଦୀକୂଳରେ ଚିକ୍କଣିଆ ଘାସ ପଡ଼ିଆ ଦେଖି ଶୋଇ ପଡ଼ିଲେ । ରାତିବେଳା । ତଥାପି ସାପସୁପାର ଭୟ ନଥିଲା । ନିଦ ଆଗରେ ଭୟ କ'ଣ ?

ଅମ୍ବିକାବନରେ ଗୋଟାଏ ବଡ଼ ଅଜଗର ସାପ ରହୁଥିଲା । ଅଧରାତି ପରେ ସେ ଗଡ଼ିଗଡ଼ି ଆସିଲା ଗୋପାଳମାନେ ଶୋଇଥିବା ଜାଗାକୁ । ବୋଧହୁଏ ବଡ଼ ପେଟୁଆ ଦେଖି ସେ ନନ୍ଦବାବାଙ୍କୁ ଗିଳିବା ଆରମ୍ଭ କଲା । ନନ୍ଦ ଧଡ଼ପଡ଼ ହୋଇ ଉଠି ପଡ଼ିଲେ । କୃଷ୍ଣ, କୃଷ୍ଣ ବୋଲି ଡାକ ଛାଡ଼ିଲେ । କହିଲେ, ସାପଟା ମତେ ଗିଳି ପକାଉଛି, ଦୌଡ଼ି

ଆସ । ମତେ ଉଦ୍ଧାର କର । ନନ୍ଦଙ୍କ ଚିତ୍କାରରେ ସମସ୍ତଙ୍କ ନିଦ ଭାଙ୍ଗିଗଲା । ଏଠି ସେଠି ଭଲ ଜାଗା ଦେଖି ସମସ୍ତେ ଶୋଇଥିଲେ । ସମସ୍ତେ ଦୌଡ଼ିଲେ ନନ୍ଦଙ୍କ ପାଖକୁ । ଦେଖିଲେ, ସତରେ ପ୍ରକାଣ୍ଡ ଏକ ଅଜଗର ସାପ ନନ୍ଦଙ୍କୁ ଗିଳି ପକାଉଛି । ସଙ୍ଗେ ସଙ୍ଗେ ନିଆଁ ଜାଳି ସାପଟାକୁ ପୋଡ଼ି ଦେବାକୁ ଚେଷ୍ଟା କଲେ । କିନ୍ତୁ ଏଡ଼େ ବଡ଼ ସାପ, ତା'ର ଚମଡ଼ା ମଧ୍ୟ ବହଳିଆ । ନିଆଁ ତା' ଦେହରେ ଚଢ଼ୁକାଠି ଚେଇଁଲା ଭଳି ଲାଗୁଥିବ । ସେ ଆରାମରେ ନନ୍ଦବୁଢ଼ାକୁ ଗିଳିବାରେ ଲାଗିଛି । ଏତେଦିନେ ଗୋଟାଏ ମଣିଷ-ଆହାର ପାଇଛି ସେ । ଛାଡୁଛି କେତେବେ ? ରାହୁ ଚନ୍ଦ୍ରକୁ ଗ୍ରାସିଲା ଭଳି ଅଜଗର ନନ୍ଦଙ୍କୁ ଗ୍ରାସିବାରେ ଲାଗିଛି । ଆସ୍ତେ ଆସ୍ତେ ପୂର୍ଣ୍ଣଗ୍ରାସ ହୋଇଗଲା । ନନ୍ଦ ଆଉ ଦେଖାଗଲେ ନାହିଁ । ଅଜଗର ପେଟ ଭିତରେ ସେ ।

ୟା ଭିତରେ ଶ୍ରୀକୃଷ୍ଣ ଆସିଗଲେଣି । ସେ ଦେଖିବାରେ ଲାଗିଛନ୍ତି । କିଛି କରୁନାହାନ୍ତି କି କହୁ ନାହାଁନ୍ତି । ନନ୍ଦଙ୍କୁ ନଦେଖି ଗୋପାଳମାନେ କାନ୍ଦିବାରେ ଲାଗିଲେ । ସେମାନଙ୍କ କ୍ରନ୍ଦନରୋଳରେ ଅମ୍ବିକାବନ ମୁଖରିତ ହୋଇଉଠିଲା । କୃଷ୍ଣ କିଛି କଲେ ନାହିଁ । ଖାଲି ତାଙ୍କ ପାଦରେ ଅଜଗରକୁ ଟିକିଏ ସ୍ପର୍ଶ କରିଦେଲେ । ସେତିକିରେ କାମ ଶେଷ । ଭଗବାନଙ୍କ ସ୍ପର୍ଶ ପାଇବାମାତ୍ରେ ମୁକ୍ତି ! ଆଉ ସାପ ଫାପ କିଛି ନାହିଁ । ଅଜଗରଟା ତା'ର ଅସଲ ରୂପ ଦେଖାଇଲା । ସାପଟା ହୋଇଗଲା ଏକ ଦିବ୍ୟପୁରୁଷ । ପୁରୁଷର ନାଆଁ ବିଦ୍ୟାଧର । ଜଣେ ଯକ୍ଷ ସେ । ଦେହରେ ତା'ର ସୌନ୍ଦର୍ଯ୍ୟ ଯିମିତି, ଐଶ୍ବର୍ଯ୍ୟ ସିମିତି । ନାନା ଦିବ୍ୟ ଅଳଂକାରରେ ବିଭୂଷିତ । ସେ ଲମ୍ବଦଣ୍ଡା ହୋଇ ପଡ଼ିଗଲା ଶ୍ରୀକୃଷ୍ଣଙ୍କ ଗୋଡ଼ତଳେ । ହାତଯୋଡ଼ି ପ୍ରାର୍ଥନା କରିବାରେ ଲାଗିଲା ।

ସବୁଜାଣି ମଧ୍ୟ ନଜାଣିଲା ଭଳି ଶ୍ରୀକୃଷ୍ଣ ବିଦ୍ୟାଧରକୁ ପଚାରିଲେ, କିହୋ ତୁମେ କିଏ ? ଏଡ଼େ ସୁନ୍ଦର ମନୋରମ ରୂପ ତୁମର ! ତୁମେ ଏହି ଅଜଗର ହୋଇ ଏହି ବଣରେ ପଡ଼ି ରହିଥିଲ କାହିଁକି ?

ବିଦ୍ୟାଧର କହିଲା, ମୋର ଆଗର ନାଆଁ ଥିଲା ସୁଦର୍ଶନ । ମୋର ସୌନ୍ଦର୍ଯ୍ୟ ଥିଲା । ଧନ ଲକ୍ଷ୍ମୀ ମୋତି ଥିଲେ । ମୁଁ ବିମାନରେ ଚଢ଼ି ଚାରିଆଡ଼େ ଘୂରି ବୁଲୁଥିଲି । ଦିନେ ବୁଲୁ ବୁଲୁ ମୁଁ ଅଙ୍ଗିରା ଗୋତ୍ରୀୟ କୁରୂପ ଋଷିମାନଙ୍କୁ ଦେଖିଲି । ସେମାନଙ୍କୁ ଦେଖି ମୁଁ ହସି ଦେଲି । ଋଷିମାନେ ରାଗିଗଲେ । ମତେ ଅଭିଶାପ ଦେଲେ ଅଜଗର ସାପ ହୋଇଯିବାପାଇଁ । ସେଦିନୁ ମୁଁ ଅଜଗର ହୋଇ ଏହି ବଣରେ ବୁଲୁଥିଲି । ଏବେ ଭାବୁଚି, ସେମାନଙ୍କ ଅଭିଶାପ ମୋ ପକ୍ଷରେ ମଙ୍ଗଳକର ହୋଇଥିଲା । ଅଜଗର ହୋଇ ନଥିଲେ ମୁଁ ଭଗବାନଙ୍କ ଚରଣସ୍ପର୍ଶ ପାଇ ନଥା'ନ୍ତି । ସୁଦର୍ଶନ ଭଗବାନଙ୍କର ବହୁତ ସ୍ତୁତି କଲା । ତା'ପରେ ସେ ଆର୍ଶୀବାଦ ପାଇ ନିଜ ଲୋକକୁ ଗଲା । ନନ୍ଦବାବା ମଧ୍ୟ

ସର୍ପ କବଳରୁ ମୁକୁଳିଲେ । ନନ୍ଦବାବା ମଧ୍ୟ ଠେକିଲେ । ସତ୍‌କର୍ମ ପରେ ତାଙ୍କ ମନରେ ଗର୍ବ ଆସିଯାଇଥିଲା । ଶିବରାତ୍ରିରେ ଉଜାଗର ରହିବା କଥା । ସେ ଶୋଇ ପଡିଲେ । ତାଙ୍କ ଦେଖାଦେଖି ସମସ୍ତେ ନିଦ୍ରା ଗଲେ । ଅହଂଭାବ ହିଁ ଅଜଗର । ଯାହାହେଉ, ପାଖରେ କୃଷ୍ଣ, ବଳରାମ ଥିଲେ ବୋଲି ନଚେତ୍ ନନ୍ଦ ରାଜା ଅଜଗରର ପେଟ ଭିତରେ ହିଁ ରହିଥାଆନ୍ତେ ।

ଆଉ ଦିନକର କଥା । ଆକାଶରୁ ଚନ୍ଦ୍ର କିରଣ ପୃଥିବୀରେ ବିଛେଇ ହୋଇ ପଡ଼ିଛି । ଚତୁର୍ଦ୍ଦିଗ ଆଲୋକିତ । କୃଷ୍ଣ, ବଳରାମ ଦୁହେଁ, ଯମୁନା କୂଳକୁ ଗଲେ । ସେମାନେ ଯୁଉଠିକି ସବୁଦିନ ଖେଳିବାକୁ ଯାଆନ୍ତି, ସେଇଠି ଯାଇ ପହଞ୍ଚିଲେ । ସାଙ୍ଗରେ ଥିଲେ ଅଳ୍ପ କେତେଜଣ ସଖା । ମୁରଲୀଧରଙ୍କ ହାତରେ ମୁରଲୀ । ମୁରଲୀ ଫୁଙ୍କିବା ମାତ୍ରେ ତା ଧ୍ୱନି ଗୋପବାଳାମାନଙ୍କ କାନରେ ପଡିଲା । ବେଣୁ ସବୁବେଳେ ସେମାନଙ୍କୁ ଟାଣେ । ଆଜି ବି ଟାଣିଲା । ଗୋପୀମାନେ ଯିଏ ଯେଉଁଠି ଥିଲେ, ବଂଶୀସ୍ୱରକୁ କାନେଇ କାନେଇ ଦୌଡ଼ିଲେ । କଣ୍ଟା ଖୁଂଚ, ଢେଲା ପଥର କେହି ବାଧା ଦେଇ ପାରିଲେ ନାହିଁ । ସମସ୍ତେ କୃଷ୍ଣାଭିମୁଖୀ । ପହଁଚିଲେ କୃଷ୍ଣଙ୍କ ପାଖରେ । ବଂଶୀ ବାଜିବାରେ ଲାଗିଚି, ଗୋପକୁମାରୀମାନେ ନାଚିବାରେ ଲାଗିଛନ୍ତି । ବଂଶୀସ୍ୱନ ସେମାନଙ୍କୁ ନଚଉଛି – ଯିମିତିକି କାଠ କଣ୍ଢେଇ ସେମାନେ । ସୂତ୍ରଧାର ବିନୋଦିଆ ଚିତ୍ତଚୋର ଶ୍ରୀକୃଷ୍ଣ ।

କୁଆଡ଼େ ଥିଲା କେଜାଣି କୁବେରର ଶଙ୍ଖଚୂଡ଼ ନାମରେ ଜଣେ ଭୃତ୍ୟ ଆସି ଗୋପାଙ୍ଗନାମାନଙ୍କୁ ଟେକି ନେଇଗଲା । ଗୋପୀମାନେ ବୋବାଳି ଛାଡ଼ିଲେ – "ହେ ରାମ, ହେ କୃଷ୍ଣ, ଆମକୁ କିଏ ଗୋଟେ ନେଇଯାଉଚି । ରକ୍ଷାକର, ରକ୍ଷାକର । ତୁମ ବଂଶୀବଜା ସେତିକି ଥାଉ ।"

ଦି'ଭାଇ କୃଷ୍ଣ, ବଳରାମ ଦୁର୍ବୃତ୍ତକୁ ଧରିବାପାଇଁ ଦୌଡ଼ିଲେ । ସେମାନଙ୍କୁ ଦେଖିବାମାତ୍ରେ ଶଙ୍ଖଚୂଡ଼ର ପିଳେହି ପାଣି । ସେ ବ୍ରଜକିଶୋରୀମାନଙ୍କୁ ଛାଡିଦେଇ ପ୍ରାଣବିକଳରେ ଦୌଡ଼ିଲା । ଶ୍ରୀକୃଷ୍ଣ ବଳରାମଙ୍କୁ କହିଲେ, ଭାଇ ! ତୁମେ ଗୋପୀମାନଙ୍କୁ ଜଗିଥାଅ, ମୁଁ ଯାଉଚି, ସେ ପାମରକୁ ଧରିବି । ଖାଲି ଧରିବିନି, ମାରିବି । କୃଷ୍ଣଙ୍କ ରାଗ କହିଲେ ନସରେ । ସେ ବଂଶୀ ବଜାଉଥିଲେ, ଗୋପୀମାନେ କି ସୁନ୍ଦର ନାଚୁଥିଲେ, ଏଇଟା ଗୋଟେ କୁଆଡୁ ଆସିଲା, ସବୁ ଲଣ୍ଡଭଣ୍ଡ କରିଦେଲା ! ଶ୍ରୀକୃଷ୍ଣ ଦୌଡ଼ି ଦୌଡ଼ି ତାକୁ ଧରିଲେ । ତା ମୁଣ୍ଡରେ ଇମିତି ଏକ ବିଧା ମାରିଲେ ଯେ କୁବେରଦାସ ଶଙ୍ଖଚୂଡ଼ ଗାଁ ଗାଁ ରଡ଼ି ଛାଡ଼ି ତଳେ ଲୋଟିଲା । ସଙ୍ଗେ ସଙ୍ଗେ ତା'ର ପ୍ରାଣବାୟୁ ଉଡ଼ିଗଲା । ତା' ମୁଣ୍ଡରେ ଏକ ମଣି ଥିଲା । ଶ୍ରୀକୃଷ୍ଣ ସେ ମଣିଟିକୁ ଆଣି ଭାଇ ବଳରାମଙ୍କୁ ଦେଲେ ପିନ୍ଧିବା ପାଇଁ ।

●

॥ ୫୨ ॥

# ରସିକ ପରମହଂସ

(ଇଏ ଭାଗବତ କଥା ନୁହେଁ, ଏ ଯୁଗର ଏକ କଥା । ପଣ୍ଡିତ ଓଁକାରନାଥ ପୃଥିବୀ ପ୍ରସିଦ୍ଧ ସଙ୍ଗୀତଜ୍ଞ ଥିଲେ । ଥରେ ସେ ଇଟାଲି ଯାଇଥିଲେ । ସେତେବେଳେ ସେ ଦେଶରେ ମୁସୋଲିନ୍ ଥିଲେ ଅତି ପ୍ରତିପତ୍ତିଶାଳୀ । ସେ ଓଁକାରନାଥଙ୍କୁ ନିମନ୍ତ୍ରଣ କଲେ, ରାତ୍ରିଭୋଜନରେ ଯୋଗ ଦେବା ପାଇଁ । ଓଁକାରନାଥ ଗଲେ । ଟେବୁଲରେ ନାନା ସୁମିଷ୍ଟ ଖାଦ୍ୟସାମଗ୍ରୀର ଆୟୋଜନ । ମୁସୋଲିନ୍ କଥାବାର୍ତ୍ତା ଛଳରେ କହିଲେ, ଶୁଣିଚି, ଭାରତରେ ଶ୍ରୀକୃଷ୍ଣ ବୋଲି ଜଣେ କିଏ ଥିଲେ । ସେ ପିଲା ବୟସରେ କୁଆଡ଼େ ଏତେ ସୁନ୍ଦର ବଂଶୀ ବଜାଉଥିଲେ ଯେ ବଂଶୀସ୍ୱନରେ ଜଙ୍ଗଲର ପଶୁପକ୍ଷୀ ସୁଦ୍ଧା ମୁଗ୍ଧ ହୋଇପଡୁଥିଲେ । ସ୍ୱର ସହିତ ତାଳ ଦେଇ ନାଚୁଥିଲେ । ଯୁବତୀ ଝିଅ, ବୋହୂ ସବୁ କୁଆଡ଼େ କାମଦାମ ଛାଡ଼ି ଶ୍ରୀକୃଷ୍ଣଙ୍କ ପାଖକୁ ଦୌଡୁଥିଲେ । ଭାରତୀୟ ସଂଗୀତରେ ପୁଣି ଏତେ ଆକର୍ଷଣ ! ଇଏ କ'ଣ ସତ ?

ପଣ୍ଡିତ ଓଁକାରନାଥ କିଛି ସମୟ ନିରବ ରହିଲେ । କୌଣସି ଉତ୍ତର ଦେଲେନି । ମୁସୋଲିନ୍ ବାରମ୍ବାର ସେହି ପ୍ରଶ୍ନ କରିବାରେ ଓଁକାରନାଥ କହିଲେ, ମୁଁ କୃଷ୍ଣ ନୁହଁ, କୃଷ୍ଣଙ୍କ ଭଳି ସଙ୍ଗୀତ ସୃଷ୍ଟି କରିବାର ଶକ୍ତି ମୋ'ଠି ନାହିଁ । କିନ୍ତୁ ଏତିକି ମାତ୍ର ଜାଣେ ଯେ କୃଷ୍ଣଙ୍କ ଭଳି ବଂଶୀବାଦକ, ସଙ୍ଗୀତଜ୍ଞ ଏ ଯାଏଁ ପୃଥିବୀରେ କେହି ଜନ୍ମ ହୋଇ ନାହାଁନ୍ତି । ତାଙ୍କ ସ୍ୱରର ପଟାନ୍ତର ନାହିଁ । ମୁଁ ସଂଗୀତଜ୍ଞ ନୁହଁ, କିନ୍ତୁ ସଂଗୀତର କ,ଖ,ଗ ଆଦି ଯେତିକି ଜାଣେ, ମୁଁ ଏଇଠି ତାହା ଶୁଣାଇ ଦେଇପାରେ ।

ଓଁକାରନାଥଙ୍କ ପାଖରେ କୌଣସି ବାଦ୍ୟ ନଥିଲା । ଖିଆପିଆ ଚାଲିଥିଲା । ସାମନାରେ ପ୍ଲେଟ ଥିଲା, ଚାମଚ ଥିଲା । କେତୋଟି କପ୍ ମଧ୍ୟ ଥିଲା । ହାତରେ ଚାମଚ ଧରି ସେ କପ୍ ପ୍ଲେଟଗୁଡ଼ିକୁ ବଜାଇବା ଆରମ୍ଭ କରିଦେଲେ । ସେଥିରୁ ଯେଉଁ ସଙ୍ଗୀତ ବାହାରିଲା, ମୁସୋଲିନ୍ ତାହା ଶୁଣିଲେ । ପାଞ୍ଚ ମିନିଟ୍ ଭିତରେ ସେ ଭୋଳ ହୋଇଗଲେ । ତାଙ୍କ ଆଖି ବୁଜି ହୋଇ ଆସିଲା । ସ୍ୱର ମୂର୍ଚ୍ଛନାରେ ତାଙ୍କର ମୂର୍ଚ୍ଛିତ ଅବସ୍ଥା ଆସିଗଲା । ମୁଣ୍ଡ ଥରକୁ ଥର ଟେବୁଲ ଉପରେ ପିଟିହେଲା । ମୁଣ୍ଡ ଫାଟି ରକ୍ତ ବହିଲା । ମୁସୋଲିନ୍‌ଙ୍କ ଦେହରକ୍ଷୀ ଚିତ୍କାର କରି କହିଲେ, ସଙ୍ଗୀତ ସେତିକି ଥାଉ ।

ମୁସୋଲିନ୍ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ମୁଁ ଓଁକାରନାଥଙ୍କଠାରୁ କ୍ଷମା ଭିକ୍ଷା କରିଥିଲି । କହିଥିଲି, ତୁମ କୃଷ୍ଣଙ୍କ ବଂଶୀର ସ୍ୱର କ'ଣ ଥିବ, ମୁଁ ଅନୁମାନ

କରିସାରିଲିଣି । କଣ୍ଠାଚାମଚରୁ ତ ଏ ସଙ୍ଗୀତ, ବଂଶୀର କରାମତି ତ ବହୁତ ଅଧିକ ହୋଇଥିବ ।)

ଶୁକମୁନି କହୁଛନ୍ତି ମୃତ୍ୟୁର୍ମୁଖୀ ରାଜା ପରିକ୍ଷିତଙ୍କୁ – ବାଳକୃଷ୍ଣ ଗୋଧନ ଚରାଇବା ପାଇଁ ବଣର ଟିକିଏ ଦୂରକୁ ଚାଲିଗଲେ, ବ୍ରଜଧାମର ଗୋପବାଳିକାମାନେ ଅନୁଭବ କରୁଥିଲେ, ସେମାନଙ୍କ ଚିତ୍ତଚୋର ଚାଲିଗଲେ । ସେମାନେ ଗୋଧୂଳିଲଗ୍ନକୁ ଅପେକ୍ଷା କରୁଥିଲେ । ଶ୍ରୀକୃଷ୍ଣଙ୍କ ଫେରିବା ବାଟକୁ ଚାହିଁ ରହୁଥିଲେ ।

ଘରର କାମଦାମ ଚଟାପଟ ସାରିଦେଇ ଗୋପଲଳନାମାନେ କେବେ ୟା' ଘରେ ତ କେବେ ତା'ଘରେ ଏକାଠି ହେଉଥିଲେ । କେବଳ ଚାଲୁଥିଲା କୃଷ୍ଣଚର୍ଚ୍ଚା । ତାଙ୍କ ଅଙ୍ଗକାନ୍ତିର ବର୍ଣ୍ଣନା, ତାଙ୍କ କର୍ଣ୍ଣକୁଣ୍ଡଳ, ଗଳାର ବନମାଳା, ତାଙ୍କର କୋମଳ ଅଙ୍ଗୁଳି, ମୟୂରପୁଚ୍ଛ, ହାତର ବଂଶୀ ଆଦିର ଆଲୋଚନା ହିଁ ଚାଲୁଥିଲା ପରସ୍ପର ମଧ୍ୟରେ । କିଏ କହୁଥିଲା, ଆଲୋ ସଖୀ, ସେଦିନ ମୁଁ ଯମୁନାକୁ ଗାଧୋଇ ଗଲାବେଳେ ମାଧୋଇ (ମାଧବଙ୍କୁ ସେମାନେ ଗେଲରେ ମାଧୋଇ କହୁଥିଲେ) କୁଆଡେ ଥିଲେ କେଜାଣି, ମତେ ପଛପଟୁ ଆସି କୁଣ୍ଢେଇ ଧରିଲା । ମୋ ବେଣୀକି ଟାଣି ଧରିଲା, ମୋର ଅଧରରେ ଚୁମ୍ବନ ଦେଲା । ତାର ହାତର ସ୍ପର୍ଶରେ ମୋର ଅଙ୍ଗସାରା ଆନନ୍ଦର ତରଙ୍ଗ ଖେଳିଉଠିଲା । ଛାଡ଼ ଛାଡ଼ କହିଲେ, କ'ଣ ସେ ଛାଡୁଛି ? ତା'ର ଅଙ୍ଗ-ସୌରଭ ଲାଗି ଦିନସାରା ମୋ ଦିହଟା ପରା ମହକି ଉଠିଲା । ଘର ସାରା ଚହଟି ଉଠିଲା । ମୋ ସ୍ୱାମୀ ପଚାରିଲେ, ଏ ବାସନା ପାଇଲୁ କେଉଁଠୁ ? କହୁ କହୁ କହିଦେଲି, ଇଏ ନନ୍ଦନନ୍ଦନର ଅଙ୍ଗଚନ୍ଦନ ।

ଆଉ ଜଣେ ସଖୀ କେବଳ ବଂଶୀର ଚରିତ୍ର ବର୍ଣ୍ଣନା କରିବାକୁ ଲାଗିଲା । କହିଲା, ଶ୍ୟାମସୁନ୍ଦର ଢଳି ଢଳି ଚାଲୁଥିବେ, ଭ୍ରୁଲତା ନାଚି ଉଠୁଥିବ, ସେହି ସମୟରେ ତାଙ୍କ ବଂଶୀବାଦନ ଭଂଗି ଦେଖିଛ ତ ? ବଂଶୀ ଅଧରପୁଟକୁ ସ୍ପର୍ଶ କରୁଥିବ, ବଂଶୀର କଣାଗୁଡିକ ଉପରେ ତାଙ୍କର କୋମଳ ଅଙ୍ଗୁଳି ଖେଳି ବୁଲୁଥିବ, ମୁରଲୀରୁ ମୃଦୁ ମନ୍ଦମଧୁର ତାନ ଛୁଟୁଥିବ, ଏ ଦୃଶ୍ୟ ଦେଖି, ଏ ବାଦନ, ନିନାଦନ ଶୁଣି, କାହାର ମନ ଥୟ ଧରି ରହିପାରିବ ? ମୁଁ ତ ଦେଖିଚି, ଆକାଶରୁ ସିଦ୍ଧପତ୍ନୀମାନେ ମଧ୍ୟ ତଳକୁ ଓହ୍ଲାଇ ଆସି ଲୁଚିଛପି ଏ ଗୀତ ଶୁଣିଥାଆନ୍ତି । ଆମେ ତ ଛାର ମନୁଷ୍ୟ ! ଦେବଦେବୀ, କିନ୍ନରୀ ଅପ୍ସରୀମାନେ ତ ଅସଂଭାଳ, ଆମେ ସଂଭାଳି ରହି ପାରିବା କିମିତି ?

ଆଉ ଜଣେ ଗୋପୀ କହି ଉଠିଲା, ଆଲୋ ମୁଁ ପାସୋରି ଯିବି, ଆଗେ କହିଦିଏ । ସେ ଶ୍ରୀକୃଷ୍ଣଙ୍କ ଦଶନ ବା ଦନ୍ତପନ୍ତିର ବର୍ଣ୍ଣନା କରିବାକୁ ଲାଗିଲା । ଯେତେବେଳେ ସେ ହସନ୍ତି, ଦାନ୍ତଗୁଡ଼ିକ ଯିମିତି ଚମକି ଉଠେ । ତାଙ୍କର ବୈଜୟନ୍ତୀମାଳା ହାସ୍ୟର କିରଣରେ

ଝଲସି ଉଠେ । ମନେହୁଏ ଘନଶ୍ୟାମଙ୍କ ହାସ୍ୟରେ ଯିମିତି ବିଜୁଳି ଚମକି ଉଠୁଛି । କିଏ ଘଡିଏ କାଳ କେବଳ ଶ୍ରୀକୃଷ୍ଣଙ୍କ ମୁକୁଟ ଉପରେ ଲାଖି ରହିଥିବା ମୟୂରପୁଚ୍ଛର ବର୍ଣ୍ଣନା କରିବାରେ ଲାଗିଲା । ଜଣେ କହିଲା, ମତେ ସମୟେ ସମୟେ ଜଣେ ଶକତ ପହିଲମାନ ଭଳି ଦେଖାଯାଆନ୍ତି । ଅସୁରଗୁଡ଼ାକ ସହିତ ଲଢ଼ିଲା ବେଳେ ହଜାରେ ଅସୁରଙ୍କ ବଳ ତାଙ୍କଠି ଏକାଠି ହେଲା ଭଳି ମନେହୁଏ ।

ଜଣେ ଗୋପୀର ମନେପଡ଼ିଲା, ତାକୁ ବ୍ରଜସୁନ୍ଦର ଆଲିଙ୍ଗନ କରିବାବେଳର କଥା । କହିଲା ତୁମମାନଙ୍କର କ'ଣ ହେଉଥିବ କେଜାଣି, କିନ୍ତୁ ମତେ ଆଲିଙ୍ଗନ କଲାବେଳେ ମୋ ଦେହସାରା କମ୍ପିଉଠେ । ଇମିତି କଂପନ ଯେ ଧୀରେ ଧୀରେ ମୁଁ ଜଡ଼ ପାଲଟି ଯାଏ । ହାତ ଗୋଡ଼ଗୁଡ଼ାକ ଯିମିତି ନିସ୍ତେଜ, ନିଷ୍ପ୍ରାଣ । ଶାସ୍ତ୍ର କୁଆଡେ ଏହାକୁ କହୁଛି, ସଂଚାରୀଭାବ । ମୁଁ ବିଚାରୀ ଭାବଫାବ କିଛି ଜାଣେନା । ପ୍ରଗାଢ଼ ପ୍ରେମ ଯୋଗୁ ଇମିତି ହୋଇଥାଇପାରେ ।

ଅନନ୍ତ, ଅଚିନ୍ତ୍ୟ ଐଶ୍ୱର୍ଯ୍ୟର ଅଧିକାର ଭଗବାନ ନାରାୟଣ । ସେ ଆସିଛନ୍ତି ମନୁଷ୍ୟରୂପରେ ଲୀଳା କରିବାପାଇଁ । ତାଙ୍କ ଅନୁପସ୍ଥିତିରେ କୃଷ୍ଣପ୍ରେମିକା ଗୋପାଙ୍ଗନାମାନେ କୃଷ୍ଣ ଚିନ୍ତାରେ ନିମଗ୍ନ । ସେମାନେ ଲୀଳାକୀର୍ତ୍ତନ କରି କରି କୃଷ୍ଣପ୍ରାଣ ହୋଇ ଉଠନ୍ତି ।

ଜଣେ ଗୋପୀ ତ ଲୀଳା ବର୍ଣ୍ଣନା କରୁ କରୁ ପୂରାପୂରି ଦାର୍ଶନିକ ପାଲଟିଗଲା । ସେ ସଖୀମାନଙ୍କୁ କହିଲା, ସଂସାର ଏବଂ ସଂସାର ବାହାରେ ଯେତେ ସବୁ ଦର୍ଶନୀୟ, ସେ ସବୁଠାରୁ ସୁନ୍ଦର, ମଧୁର । ସମସ୍ତଙ୍କ ଶିରୋମଣି ମନମୋହନ । ତାଙ୍କୁ ହୃଦୟ ଭିତରେ ପାଇବାକୁ ହେଲେ ଇମିତି କୁହାଳିଆ ନ ହୋଇ ଚୁପଚାପ ବସି ରହ । ଆଖି ବୁଜ । ଚିତ୍ତକୁ ଏକାଗ୍ର କର । ଧ୍ୟାନ କର । ମନମନ୍ଦିରରେ ତାଙ୍କୁ ଥାପନା କରି ଆରାଧନା କର । ସେ ପରା ରସିକ ପରମହଂସ ! ତାଙ୍କୁ କ'ଣ ଇମିତି ଟେକାଟେକି କଲେ ପାଇବ ? ଠକିଯିବ । ସେ ଯୁଉଠି ଥାଆନ୍ତୁ, ବଣରେ ଥାଆନ୍ତୁ କି ଗାଈ ଗୁହାଳରେ ଥାଆନ୍ତୁ, ସେ ଆମର ହୃଦୟବଲ୍ଲଭ, ପ୍ରାଣେଶ୍ୱର, ଚିତ୍ତନିବାସୀ ।

କିନ୍ତୁ ଏ ସଖୀର ଦାର୍ଶନିକ ପରାମର୍ଶକୁ ମାନୁଚି କିଏ ? ସମସ୍ତେ ସମସ୍ୱରରେ କହିଲେ, ଆମେ ସମସ୍ତେ ଆହ୍ଲାଦିନୀ । ତାଙ୍କ ଲୀଳାଗାନ କରିବାରେ ପ୍ରଗଲ୍‌ଭତା ଦୋଷ ହୋଇ ନପାରେ । ଆମେ ସମସ୍ତେ ଉଚ୍ଚ ସ୍ୱରରେ ଗାଇବା – ଶ୍ରୀକୃଷ୍ଣ ଗୋବିନ୍ଦ, ହରେ ମୁରାରେ, ହେ ନାଥ ନାରାୟଣ ବାସୁଦେବ !

॥ ୫୩ ॥

# ଅରିଷ୍ଟ ମଲା, ନାରଦ ଆସିଲେ

**ଛୋ**ଟବଡ଼ କେତେ ଯେ ଅସୁର, ଅସୁରୁଣୀ ଶ୍ରୀକୃଷ୍ଣ ଓ ବଳରାମଙ୍କ ହାତରେ ମଲେଣି, ତା'ର ହିସାବ ନାହିଁ । ତଥାପି ଆଉ ଗୋଟେ ଯୋଡ଼େ କାଁ ଭାଁ ରହିଯାଇଛନ୍ତି । ଆଉ ଗୋଟେ ଅସୁର, ତା' ନାଆଁ ଅରିଷ୍ଟ । ନାଆଁଟା ସିନା ଅରିଷ୍ଟ, ସେ ଗୋଟିଏ ରିଷ୍ଟ । ସିଏ ବୃନ୍ଦାବନକୁ ଆସିଲା ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ । ବଳଦ ରୂପରେ । ତା'ର ଖୁରାଗୁଡିକ ଶହେଟା ହାତୀର ଖୋଜ ଭଳି । ସେ ଖୁରାରେ ବୃନ୍ଦାବନ ମାଟିକୁ ଉଖାରିଲା । ତୁମୁଳ ଗର୍ଜନ କଲା । ଲାଙ୍ଗୁଡ଼ ଟେକି ଏଣେ ତେଣେ ଦୌଡ଼ିଲା । ବଡ଼ ବଡ଼ ଶିଙ୍ଗରେ ଗଛଗୁଡାକୁ ଚିରି ପକାଇଲା । ଦେଖିବାକୁ କଦାକାର । ପ୍ରକାଣ୍ଡକାୟ । ତା'ର ଏ କାଣ୍ଡ ଦେଖି ଭୟରେ କିଏ କୁଆଡ଼େ ଦୌଡ଼ିଲେ । ତା' ଗର୍ଜନରେ ପୃଥିବୀ କଂପିଲା । ଗର୍ଭବତୀ ସ୍ତ୍ରୀମାନଙ୍କର ଗର୍ଭପାତ ହୋଇଗଲା । ଅମାନିଆ ବଳଦଟା । ଷଣ୍ଢ ନୁହେଁ କି ବଳଦ ନୁହେଁ । ଇମିତି ଗୋଟାଏ ଜନ୍ତୁ । ତା'ର କାନ୍ଧରେ ଥିବା ଚୂଳଟା ଗୋଟାଏ ପର୍ବତ ଭଳି । ଲୋକେ ଆତଙ୍କିତ ହୋଇ ପଡ଼ିଲେ । ବିପଦରେ ଭଗବାନ ହିଁ ଭରସା । ସମସ୍ତଙ୍କ ଚିତ୍କାର, ଜଗଦୀଶ ରଖ । ହେ କୃଷ୍ଣ ! ବଳଦ କବଳରୁ ଆମକୁ ରକ୍ଷାକର, ରକ୍ଷାକର । ସମସ୍ତେ ଛୁଟିଲେ ଶ୍ରୀକୃଷ୍ଣଙ୍କ ପାଖକୁ । ଶ୍ରୀକୃଷ୍ଣ ସେମାନଙ୍କୁ ଆଶ୍ୱାସନା ଦେଇ କହିଲେ, ଛାର ଗୋଟାଏ ବଳଦ । ସିଏ ଯେତେ ବଡ଼ ହେଉ, ଜାତିରେ ବଳଦ । ଏଗୁଡାକର କାନ୍ଧରେ ଯୁଆଳି ପକାଇ ଲୋକେ ବିଲ ଚଷନ୍ତି । ଶଗଡ଼ ଚଳାନ୍ତି । ଭୟ କରନି, ମୁଁ ତାକୁ ସାବ୍‌ବାଡ଼ କରିଦେବି ।

ସେ ଅରିଷ୍ଟ ପାଖକୁ ଗଲେ । କହିଲେ, ମୁଁ ଜାଣେ ତୁ ବଳଦ ନୋହୁଁ । ଅସୁରଟାଏ । ତୁ ଆସି ଲୋକମାନଙ୍କୁ ଇମିତି ଭୟଭୀତ କରାଉଛୁ କାହିଁକି ? ତୁ ଜାଣୁ ମୁଁ ଆସିଛି ଦୁଷ୍ଟଦଳନ ଲାଗି । ଯିଏ ଯେତେ ଦୁଷ୍ଟ ହେବ, ସେ ମୋ'ଠୁ ସେତିକି ଅଧିକ ଦଣ୍ଡ ପାଇବ । ତତେ ମୃତ୍ୟୁଦଣ୍ଡ ଛଡ଼ା ଆଉ କିଛି ଦଣ୍ଡ ଦିଆଯିବ ନାହିଁ । ସ୍ଥିର ହୁଅ । ଜୀବନ ରଖିବାକୁ ଇଚ୍ଛା ଥିଲେ, ବୃନ୍ଦାବନ ଛାଡି ଆଉ କୁଆଡ଼େ ପଳାଅ ।

ଶ୍ରୀକୃଷ୍ଣ ତାକୁ ଇମିତି କଡ଼ା କଡ଼ା କଥା କହିଲେ ଯେ, ଅରିଷ୍ଟ ଯେତିକି ଉପଦ୍ରବ କରୁଥିଲା, ଆଉ ଅଧିକରୁ ଅଧିକ କରିବାକୁ ଲାଗିଲା । ଖୁରାରେ ମାଟି ଖୋଳି ଚାରିଆଡ଼କୁ ଫିଙ୍ଗିଲା । ମୁଣ୍ଡକୁ ହଲେଇଲା । ସତେ କି ପୃଥିବୀଟାକୁ ଟାଳିଦେବ, ସିମିତି ଆଚରଣ କଲା । ଲାଙ୍ଗୁଡଟା ଯାହା ଟିକିଏ ତଳକୁ ଖସୁଥିଲା, ଆଉ ଖସିଲାନି, ଉପରକୁ ଉଠିରହିଲା । ମୁନିଆଁ ଶିଙ୍ଗ ଦି'ଟାରେ ଶ୍ରୀକୃଷ୍ଣଙ୍କୁ ଭୁଷିବା ପାଇଁ ଛୁଟି ଆସିଲା ।

ଶ୍ରୀକୃଷ୍ଣ ଦେଖିଲେ, ଅରିଷ୍ଟ ଠିକ୍ ବାଗକୁ ଆସିଗଲାଣି । ସେ ତା'ର ଶିଙ୍ଗ ଦି'ଟାକୁ ଧରି ବଳଦଟାକୁ କିଛିବାଟ ଟାଣି ଆଣିଲେ । ତା'ପରେ ତାକୁ ଏତେ ଜୋରରେ ଠେଲିଦେଲେ ଯେ ଅରିଷ୍ଟ ଅଠରହାତ ଦୂରରେ କଚାଡ଼ି ହୋଇ ପଡ଼ିଲା । କିଛି ସମୟ ପରେ ଅସୁରଟା ଠିଆ ହେଲା । ସେ ଇମିତି ରାଗିଯାଇଥିଲା ଯେ ତା' ନାକପୁଡ଼ାରୁ ଖାଲି ତତଲା ପବନ ସିଂ ସିଂ ହୋଇ ବାହାରିଲା । ଜୋରରେ ଗର୍ଜନ କରି ସେ ପୁଣି ଶ୍ରୀକୃଷ୍ଣଙ୍କ ଆଡକୁ ମାଡି ଆସିଲା । ଏଥର ଶ୍ରୀକୃଷ୍ଣ ତା' ଶିଙ୍ଗକୁ ଧରି ତାକୁ ମୋଡିମାଡି ତଳେ ପକାଇଦେଲେ । ତା' ଉପରେ ଚଢ଼ିଗଲେ । ଦି'ଟା ଶିଙ୍ଗରୁ ଗୋଟାଏ ଉପାଡି ଆଣିଲେ । ସେ ଶିଙ୍ଗରେ ତାକୁ ଇମିତି ଏକ ଶକତ ମାଡ ଚଢ଼ାଇଲେ ଯେ ସେ ଲହୁଲୁହାଣ ହୋଇ ପଡିଲା । ଗଁ ଗଁ ରଡି ଛାଡିଲା । ତା'ପରେ ଅରିଷ୍ଟର ଜୀବନ ନାଟିକା ଉଡିଗଲା ।

ଅରିଷ୍ଟ ମରିଗଲା ଜାଣିବା ପରେ ଗୋପାଳମାନେ ଦୌଡି ଆସି ମଲାବଳଦଟା ଉପରେ ଚଢ଼ି ନାଚିଲେ । ବୀରପଣିଆ ଦେଖାଇ ତା'କୁ ଆଉ ଥୋଡ଼ାଏ ବାଡେଇଲେ । ତା' ଦେହରୁ ପିଚ ପିଚ ହୋଇ ରକ୍ତ ଏତେ ବାହାରିଲା ଯେ ବୃନ୍ଦାବନର ଦାଣ୍ଡ ଘାଟ ରକ୍ତାକ୍ତ ହୋଇ ପଡିଲା । ଗୋପ ଓ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ବାହା ବାହା କଲେ ।

ଅରିଷ୍ଟ ମରିବା ଖବର ପାଇ ଦେବର୍ଷି ନାରଦ ଖୁସି ହେଲେ । ସେ କୁଉଠି ଥିଲେ କେଜାଣି, ମଥୁରାରେ ପହଞ୍ଚିଲେ । ନାରଦ ଭାବିଲେ, କଂସର ମରଣ ଅଧ୍ୟାୟଟା ଶୀଘ୍ର ଶେଷ ହେବା ଦରକାର । କାରଣ ନାରାୟଣ ଶ୍ରୀକୃଷ୍ଣଙ୍କର ପୃଥିବୀରେ ବହୁତ କାମ ବାକି ପଡିଛି । ସେ ଯଦି କଂସ ପିଛା ଏତେ ସମୟ ନେବେ, ଅନ୍ୟ କାମଗୁଡାକ ହେବ କିମିତି ? ନାରାୟଣ ଏତେ ସମୟ ସଂସାରରେ ରହିଲେ, ବୈକୁଣ୍ଠ କଥା ବୁଝିବ କିଏ ? ସେଠା ଶାସନ ହୁଗୁଳି ଯିବ ।

ନାରଦଙ୍କ କାମ ଯୋଗାଯୋଗ କରାଇବା । ସେ କଂସ ପାଖରେ ପହଁଚିବା ମାତ୍ରେ କଂସ ତାକୁ ବିପୁଳ ସ୍ୱାଗତ ସଂବର୍ଦ୍ଧନା କଲା । କହିଲା, ବହୁତ ଦିନ ହେଲା ଇଆଡେ ଆସି ନଥିଲେ, ପୂର୍ବରୁ କେବେ ଆସିଥିଲେ ମନେ ପଡୁନି !

ନାରଦ କହିଲେ, ମୋର ମନେ ଅଛି, ଆସିଥିଲି, ତୁମକୁ କହିବା ପାଇଁ ଯେ ଦେବକୀ ଗର୍ଭରୁ ଜାତ ଅଷ୍ଟମ ସନ୍ତାନ ତୁମର କାଳ ହେବ ।

କଂସ କହିଲା – ହଁ ତ, ଆପଣ ହିଁ ତ ମତେ ଚେତେଇ ଦେଇ ଯାଇଥିଲେ । କିନ୍ତୁ ଆପଣଙ୍କ କଥା ଠିକ୍ ହେଲା ନାହିଁ । ମୋ ଭଉଣୀ ଦେବକୀ ଗର୍ଭର ଅଷ୍ଟମ ସନ୍ତାନ, ପୁଅ ନ ହୋଇ ଝିଅ ହେଲା । ମୁଁ ଆଗରୁ ତା'ର ଛ'ଟା ସନ୍ତାନକୁ ମାରିଥିଲି । ଦେବକୀର ସପ୍ତମ ଗର୍ଭ ଫାଙ୍କା ଗଲା । ଅଷ୍ଟମ ସନ୍ତାନକୁ ମାରିବାକୁ ଗଲି । କିନ୍ତୁ ଦେବକୀର ସେ ଝିଅଟା ବଡ ଅଦ୍ଭୁତ କାଣ୍ଡ କଲା । ମୁଁ ପୂର୍ବରୁ କ'ଣ କରୁଥିଲି କି ଦେବକୀ ଜନ୍ମ ଦେବା ମାତ୍ରେ ତା' କୋଳରୁ ସନ୍ତାନକୁ ଟାଣି ଆଣି, ବାଁ ହାତରେ ବୁଲେଇ ବୁଲେଇ ଉପରକୁ

ଫିଙ୍ଗି ଦେଉଥିଲି । ତଳକୁ ଖସିବା ମାତ୍ରେ ଡାହାଣ ହାତରେ ତରବାରୀରେ ସେ ସନ୍ତାନକୁ ଦିଖଣ୍ଡ କରି ଦି'ପଟକୁ ଦିଖଣ୍ଡ ଯାକ ଫିଙ୍ଗି ଦେଉଥିଲି । କିନ୍ତୁ ଅଷ୍ଟମ ଗର୍ଭର ସନ୍ତାନଟା ଉପରକୁ ଗଲା, ଅଥଚ ତଳକୁ ଖସିଲା ନାହିଁ ।

ଦେବର୍ଷି ନାରଦ କିଛି ନ ଜାଣିଲା ପରି ପଚାରିଲେ, ତା'ପରେ କ'ଣ ହେଲା ?

କଂସ କହିଲା, ଆଉ ହେବ କ'ଣ, ପିଲାଟା ଉପରକୁ ଯାଇ ଦେବୀ ମହାମାୟା ପାଲଟିଗଲେ । ତାଙ୍କ ହାତରେ ସବୁ ଅସ୍ତ୍ରଶସ୍ତ୍ର ଥିବା ଦେଖିଲି । ଦେବୀ କହିଲେ, ଆରେ ମୂର୍ଖ ! ବିଧିର ବିଧାନ କେ କରିବ ଆନ ? ତତେ ଯିଏ ମାରିବ, ସେ ଜନ୍ମ ହୋଇ ସାରିଲାଣି, ମୁଁ ଯାଉଛି । ତୋ ଭଉଣୀର ଅଷ୍ଟମ ସନ୍ତାନ ତତେ କିମିତି ମାରିବ, ମୁଁ ଉପରେ ଥାଇ ବୁଝୁଛି । ଆପଣ ଯାହା କହିଥିଲେ, ସତ । ମୁଁ ବୃଥାଟାରେ, ମୋର ଭଣଜା ଭାଣିଜୀଗୁଡାକୁ ମାରି ପକାଇଲି । ଭଉଣୀ ଦେବକୀକୁ ମୁଁ କେତେ ଭଲ ପାଉ ନଥିଲି !

ନାରଦ କହିଲେ, ଛାଡ ସେ କଥା । ଯାହା ହେବା କଥା ହୋଇଗଲାଣି । ତୁମକୁ ଯେଉଁ ଭଣଜା ମାରିବ, ସିଏ ଏବେ କୁଉଠି ଅଛି, ଠାବ କଲଣି କି ?

କଂସ କହିଲା, ବହୁତ ଉଦ୍ୟମ କଲିଣି । ଚାରି ଦିଗକୁ ମୁଁ ମୋର ଅନୁଗତ ଅସୁର ଅସୁରୁଣୀଙ୍କୁ ପଠେଇ, ନୂଆ ହୋଇ ଜନ୍ମ ହୋଇଥିବା ବହୁ ଶିଶୁଙ୍କୁ ମାରିଲିଣି । କିନ୍ତୁ ନନ୍ଦର ଗୋଟାଏ ପୁଅ ହୋଇଛି, ସେ ମୋର ସବୁ ଅସୁରଙ୍କୁ ମାରି ପକାଉଛି । ସେ ଗୋକୁଳରୁ ଯାଇ ଏବେ ବୃନ୍ଦାବନରେ ଅଛି । ଶୁଣୁଛି, ପିଲାଟା ଦେଖିବାକୁ କଳା ସିନା, ଗଠନଟି ତା'ର କୁଆଡେ ଭାରି ସୁନ୍ଦର । ଡଉଲ ଡାଉଲ ଚେହେରା । କିନ୍ତୁ ସିଏ ତ ଦେବକୀ-ବସୁଦେବଙ୍କ ପୁଅ ନୁହେଁ । ନନ୍ଦ ମାହାକୁଡର ପୁଅ ।

ନାରଦ କିଛି ସମୟ ନୀରବରେ ବସିଲେ । କହିଲେ, ଦେବକୀଙ୍କ ପୁଅ କୁଉଠି ଅଛି, ମୁଁ ଜାଣେ । 'ମୁଁ ଜାଣେ' – ଏତିକି ନାରଦଙ୍କ ତୁଣ୍ଡରୁ ବାହାରି ପଡିବା ମାତ୍ରେ କଂସ ଧଡପଡ ହୋଇ ସିଂହାସନରୁ ଉଠି ପଡିଲା । ନାରଦଙ୍କ ପାଖକୁ ଲାଗିଆସି କହିଲା, ଶୀଘ୍ର କହନ୍ତୁ, ମୁଁ ମୁହୂର୍ତ୍ତକରେ ପିଲାଟାକୁ ମାରିଦେଇ ପାରିବି ।

ନାରଦ କହିଲେ – ଥୟ ଧର ବସ, ଥୟ ଧର । ଧୈର୍ଯ୍ୟର ସହିତ ମୋ କଥା ଶୁଣ । ସିଏ ଇମିତି ସହଜ ପିଲା ନୁହଁ ଯେ ତୁମେ ତାକୁ ମାରିଦେଇ ପାରିବ ।

କଂସର ମନ ଅଥୟ । କହିଲା, ଶୀଘ୍ର କହନ୍ତୁ ନା ଦେବର୍ଷି, ପିଲାଟା ଅଛି କୁଉଠି ?

ଦେବର୍ଷି କହିଲେ, ବୃନ୍ଦାବନରେ । ଗଉଡ ପିଲା । ତା ନାଆଁ କୃଷ୍ଣ !

କଂସ ହସିଲା, ଠୋ ଠୋ ହସ । କହିଲା, ଇଏ ମାରିବ ମଥୁରାର ସମ୍ରାଟ କଂସକୁ ! ମତେ ପରିହାସ କରୁନ ତ ! ଥରେ ତ ଯାହା କହିଥିଲ, ତା'ର ଓଲଟା ହେଲା । ଦେବକୀର ଅଷ୍ଟମ ଗର୍ଭର ପିଲା ପୁଅ ନହୋଇ ଝିଅ ହେଲା, ପୁଣି ମତେ ଏବେ ଭଣ୍ଡେଇବା ପାଇଁ କହୁନ ତ !

॥ ୫୪ ॥

# ସାପ ମରିବ, ବାଡ଼ି ଭାଙ୍ଗିବନି

ନନ୍ଦ ଯଶୋଦାଙ୍କ କାଳିଆ ଭୁଷୁଣ୍ଡା ପିଲାଟା ଯେ ଦିନେ ତାକୁ ମାରିବ – ନାରଦଙ୍କ କଥାରେ କଂସର ପ୍ରଥମେ ବିଶ୍ୱାସ ହେଲାନି । ନାରଦ କହିଲେ କଂସକୁ, ତୁମେ ନିଜେ କହୁଚ ଯେ ସେ ପିଲାଟା ତୁମର ଏତେ ବଡ଼ ବଡ଼ ଅସୁରଙ୍କୁ ମାରିପକାଇଲାଣି, ତଥାପି ତମର ବିଶ୍ୱାସ ହେଉନି ? ବିଶ୍ୱାସ କର ବା ନକର ମୁଁ ଯାହା କହୁଛି, ନିରାଟ ସତ୍ୟ ।

ସେ ଭଲଭାବରେ ବୁଝେଇ କହିଲେ, ତୁମେ ଯାହାକୁ ନନ୍ଦର ପୁଅ ବୋଲି ଭାବୁଛ, ସେ ପ୍ରକୃତରେ ଦେବକୀ-ବସୁଦେବଙ୍କ ପୁଅ । ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ ।

ଇମିତି କିମିତି ହେଲା ? କଂସ ପ୍ରଶ୍ନ କଲା । କହିଲା, ବସୁଦେବ ଆଉ ଦେବକୀ ତ ବନ୍ଦିଶାଳାରେ ଥିଲେ । ମୋର ଜଗୁଆଳିମାନେ ଜଗି ରହିଥିଲେ । ଭିତରକୁ ଟିକିଏ ପବନ ପଶିଲେ ବି ମୁଁ ଜାଣି ପାରୁଥିଲି । ତା'ଛଡ଼ା ବସୁଦେବଙ୍କ ପୁଅ ବୃନ୍ଦାବନରେ ଯାଇ ଜନ୍ମ ହେଲା କିପରି ?

ଦେବର୍ଷି କହିଲେ, ଖାଲି ସେତିକି ନୁହେଁ, ଦେବକୀଙ୍କ ଗର୍ଭରୁ ବଳରାମ ମଧ୍ୟ ବଦଳ ହୋଇ ବସୁଦେବଙ୍କ ଆଉ ଏକ ସ୍ତ୍ରୀ ରୋହିଣୀଙ୍କ ଗର୍ଭକୁ ଚାଲିଗଲେ । ରୋହିଣୀ ମଧ୍ୟ ନନ୍ଦ ଘରେ ରହୁଥିଲେ । ତା'ପରେ ଅଷ୍ଟମୀ ତିଥିରେ କିପରି ଦେବକୀଙ୍କ ଅଷ୍ଟମଗର୍ଭର ସନ୍ତାନ ଜାତ ହେଲା, ବସୁଦେବ କିପରି ରାତାରାତି ପିଲାଟିକୁ ଗୋକୁଳକୁ ନେଇଗଲେ, ଯଶୋଦାଙ୍କ ଗର୍ଭଜାତ ମହାମାୟାଙ୍କୁ ଆଣି କିପରି କୃଷ୍ଣଙ୍କୁ ସେଠି ରଖିଦେଇ ଆସିଲେ, ସେ ସବୁ କଥା ନାରଦ ଟିକିନିଖି ବର୍ଣ୍ଣନା କଲେ ।

କଂସର କ୍ରୋଧ ଶହେଗୁଣ ବଢ଼ିଗଲା । ସେ ତରବାରୀ ବାହାର କରି କହିଲା, ଏହିକ୍ଷଣି ଯାଉଚି ଭିଣୋଇ ଭଉଣୀ ଦି'ଟାକୁ ଟିକିଟିକି କରି କାଟି ପକାଇବି । ସେ ଦି'ଟା ମୋତେ ଠକି ଦେଇଛନ୍ତି ।

ନାରଦ କହିଲେ, ଶାନ୍ତ ହୁଅ ବତ୍ସ, ଶାନ୍ତ ହୁଅ । ସେ ଦି'ଟାକୁ ମାରି କି ଲାଭ ? ହଁ ଦଣ୍ଡ ଦେଇପାରୁ । ପୁଣି ସେମାନଙ୍କୁ ଅଟକବନ୍ଦୀ କରି ଦେଇପାରୁ । କୃଷ୍ଣକୁ ଯଦି ତୁ ମାରି ଦେଇପାରିବୁ, ତା'ହେଲେ ତ ପୁଅର ମୃତ୍ୟୁ ଖବର ପାଇବାମାତ୍ରେ ସେମାନେ ମୁହୂର୍ତ୍ତେ ସୁଦ୍ଧା ବଞ୍ଚି ପାରିବେନି । ମନକୁ ମନ ମରିଯିବେ । ବହୁତ ତ ପାପ କଲଣି, ଆଉ କଲେ, ଫଳ ଓଲଟା ହୋଇଯାଇପାରେ । ମୁଁ ଜାଣେ, କୃଷ୍ଣ ବଚ୍ଚେ ପିଲା ହେଲେ କ'ଣ ହେବ, ତାକୁ ଧରିବା କଷ୍ଟକର, ମାରିବା ତ ଦୂରର କଥା । ହେଉ ମୁଁ ଯାଉଚି, କହୁ କହୁ

ସବୁକଥା କହି ପକାଇଲି, ମତେ ତିନିପୁର ବୁଲିବାକୁ ପଡ଼ିବ, ବେଳ ହୋଇଗଲାଣି, କହି ନାରଦ ଅନ୍ତର୍ଦ୍ଧାନ ହୋଇଗଲେ ।

କଂସ ମୁଣ୍ଡ ଭିତରେ ପୋକ ପଶିଗଲା । ଚିନ୍ତା-ପୋକ ନାନା ଭାବରେ ତା' ମନକୁ ଦଂଶନ କଲା । ରାତିସାରା ଆଖିରେ ନିଦ ନାହିଁ । ଶୟନକକ୍ଷରେ ଆଲୁଅ ଜାଳିଲା । ତଥାପି ଅନ୍ଧାର ଦେଖାଗଲା । ଭାବିଲା, ବୋଧହୁଏ ଆଉ ସକାଳ ହେବନି – ରାତି ପାହିବନି ।

ଯାହାହେଉ ସକାଳ ହେଲା । କଂସ ନିତ୍ୟନୈମିତ୍ତିକ କାର୍ଯ୍ୟସବୁ ଭୁଲିଗଲା । ସଙ୍ଗେ ସଙ୍ଗେ ଦରବାର ଡକାଇଲା । ପାତ୍ର, ମନ୍ତ୍ରୀ, ପରିଷଦ ସବୁ ହାଜର ହେଲେ । ମନ୍ତ୍ରଣା ଚାଲିଲା । କଂସ ଦେଖିଲା ତା' ପାଖରେ ଆଉ ଜଣେ ଅସୁର ବାକି ରହିଛି । ଶକ୍ତିଶାଳୀ ରାକ୍ଷସ ସେ । ନାଆଁ ତାର କେଶୀ । ସେ ମଧ୍ୟ ଦରବାରକୁ ଡକରା ପାଇ ଆସିଥିଲା । କଂସ ତାକୁ କହିଲା, ତୁ ସଙ୍ଗେ ସଙ୍ଗେ ବୃନ୍ଦାବନ ଯାଇ ନନ୍ଦର ଦି' ପୁଅ କୃଷ୍ଣ, ବଳରାମକୁ ପ୍ରାଣରେ ମାରି ଦେଇଆସ । ସେମାନେ ମଲେ ବୋଲି ଯିମିତି ମୁଁ ଶୀଘ୍ର ଖବର ପାଏ । କହିଦେଲା ସିନା, କେଶୀ ଉପରେ ତା'ର ଭରସା ହେଲା ନାହିଁ । ଭାବିଲା, କୃଷ୍ଣ ତ କେତେ ଅସୁରକୁ ମାରିଦେଇଛି । କେଶୀଟାକୁ ବି ମାରି ଦେଇପାରେ । ତେଣୁ ଅନ୍ୟ ବ୍ୟବସ୍ଥା ମଧ୍ୟ କରିବାକୁ ପଡ଼ିବ ।

ଦରବାରରେ ଉପସ୍ଥିତ ଥିଲେ ମୁଷ୍ଟିକ, ଚାଣୁର, ଶଲ, ତୋଷକ ଆଦି ବଡ଼ ବଡ଼ ବୀର ମଲ୍ଲଯୋଦ୍ଧା । କଂସ କହିଲା, ତୁମମାନଙ୍କ ବୀରତ୍ୱ ସମ୍ପର୍କରେ ସନ୍ଦେହ କରିବାର କିଛି ନାହିଁ । ସମସ୍ତେ ଅଦ୍ୱିତୀୟ । ମୁଷ୍ଟିଯୋଦ୍ଧା । ପହିଲମାନ । ମୁଁ ଖବର ପାଇଲି ଯେ ମତେ ମାରିବା ପାଇଁ ଗୋଟେ ପିଲା ଜନ୍ମ ହେଇଛି । ତା ନାଆଁ କୃଷ୍ଣ । ତା' ବଡ଼ଭାଇ ବଳରାମ । ଏ ଦୁହେଁ ଏବେ ବୃନ୍ଦାବନରେ, ଗୋପାଳମାନଙ୍କ ରାଜା ନନ୍ଦଘରେ । ଅବଶ୍ୟ କେଶୀକୁ ମୁଁ ପଠାଇଛି ସେମାନଙ୍କୁ ମାରିବା ପାଇଁ, ଯଦି ସେ ମାରି ନପାରେ, ଅନ୍ୟ କୌଣସି ବାଟ ବାହାର କରିବାକୁ ପଡ଼ିବ ।

ଯୋଦ୍ଧାମାନେ ସମସ୍ୱରରେ କହିଲେ, ବାଟ କ'ଣ କହନ୍ତୁ । ଆମେ ତ ଛାମୁଙ୍କ ଦାସାନୁଦାସ । ଯାହା କହିବେ, ତା' କରିବୁ ।

କଂସ କହିଲା – ମୁଁ ଭାବୁଛି, ମଥୁରାରେ ଏକ ଧନୁଯଜ୍ଞ ଉତ୍ସବର ଆୟୋଜନ କରିବି । ଉତ୍ସବକୁ ସେ ପିଲା ଦି'ଟାକୁ ମଧ୍ୟ ଅଣାଯିବ । ପ୍ରଥମେ ମୁଷ୍ଟିଯୁଦ୍ଧ ହେବ । ସେ ପିଲା ଦି'ଟାକୁ କୁହାଯିବ, ଲଢ଼ିବା ପାଇଁ । ମଥୁରା ସାରା ଲୋକେ ଆସିବେ । ସେ ଯୁଦ୍ଧ ଦେଖିବେ । ମୁଷ୍ଟିଯୁଦ୍ଧରେ ତୁମେମାନେ ସେମାନଙ୍କୁ ମାରିଦେଲେ ସମସ୍ୟା ତୁଟିଯିବ ।

କାହାର ବି ଦୋଷ ହେବ ନାହିଁ । ଲୋକେ ଜାଣିବେ, ଲଢୁ ଲଢୁ ସେମାନଙ୍କ ପଞ୍ଚତ୍ୱପ୍ରାପ୍ତି ହୋଇଗଲା । ତୁମେମାନେ ଏତିକିବେଳୁ ଲାଗିଯାଅ । ଆଗୁରୁ ଭୂତପିଶାଚମାନଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିବ । ବଳି ଦେବାକୁ ପଡ଼ିବ । ସେ କାମ ଆଗରୁ ସାରିଦିଅ ।

ତାପରେ କଂସ ଡକାଇଲା ଅକ୍ରୂରଙ୍କୁ । ସେ ମଧ୍ୟ ଜଣେ ବିଶ୍ୱସ୍ତ ଯାଦବ । ନାଆଁ ଯିମିତି, ତାଙ୍କ କାମ ସିମିତି । ହୃଦୟରେ ତାଙ୍କର ଅଟଳ ଭଗବତ ବିଶ୍ୱାସ । କଂସ ନିଜର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ଭାବରେ ଅକ୍ରୂରଙ୍କ କାନ୍ଧରେ ହାତ ରଖି କହିଲା – ହେ ବନ୍ଧୁବର ! ମୁଁ ଯେଉଁ କାମ ପାଇଁ ତୁମକୁ ଡାକିଛି, ସେ କାମ ପାଇଁ ତୁମେ ହିଁ ଉପଯୁକ୍ତ । ନନ୍ଦର ଦୁଇପୁଅ କୃଷ୍ଣ ବଳରାମଙ୍କୁ ତୁମେ ବୃନ୍ଦାବନରୁ ମଥୁରା ଆଣିବାକୁ ପଡ଼ିବ । ହୁଏତ ଅକ୍ରୂର ଗୁଁ ପୁଁ ହେବେ, ସେଥିଲାଗି କଂସ କହିଲା, ମୁଁ ବଞ୍ଚି ରହିବାକୁ ତୁମେ ଚାହଁ ତ ?

ଅକ୍ରୁର କହିଲେ – ନିଶ୍ଚିତ । କିନ୍ତୁ ସେ ପିଲାଟାକୁ ମଥୁରା ଆଣିବାର ଉଦ୍ଦେଶ୍ୟ କ'ଣ ?

କଂସ କହିଲା, ଦିନକ ତଳେ ନାରଦ ଆସିଥିଲେ ମୋ ପାଖକୁ । ସେ କହିଲେ, ସ୍ୱୟଂ ନାରାୟଣ କୁଆଡେ ମଣିଷ ହୋଇ ଜନ୍ମ ହୋଇଛନ୍ତି କୃଷ୍ଣ ରୂପରେ । ତାଙ୍କର ପୃଥିବୀକୁ ଆସିବାର ଏକମାତ୍ର କାରଣ ହେଉଛି ଦୁଷ୍ଟମାନଙ୍କୁ ଦମନ କରିବା । ଏ ପିଲା ଦି'ଟା ମତେ ମାରି ପକାଇବେ, ଅଥଚ ତୁମେମାନେ ମତେ ରକ୍ଷା କରିବା ପାଇଁ କିଛି ହେଲେ କରିବନି, ଚୁପ୍‌ଚାପ୍ ବସି ରହିବ ? ବିପଦ ଆସି ଦ୍ୱାରା ଦେଶରେ, ଅଥଚ ଆମେ ଆଗରୁ ସତର୍କ ହେବାନି ? ମୁଁ ଇମିତି ବ୍ୟବସ୍ଥା କରିଛି ଯେ ପିଲା ଦି'ଟା ତ ମରିବେ । ସେମାନଙ୍କୁ ମାରିଦିଆଯିବ, କିନ୍ତୁ ସାପ ମରିବ, ଅଥଚ ବାଡ଼ି ଭାଙ୍ଗିବନି । ପିଲା ଦିଇଟା ମରିଯିବା ପରେ ମୁଁ ନନ୍ଦବଂଶ, ଗୋପାଳ ବଂଶଟାକୁ ଧ୍ୱଂସ କରିଦେବି । ସେ ସବୁ ପରବର୍ତ୍ତୀ କଥା । ଆଗେ ତୁମେ ବୃନ୍ଦାବନକୁ ଯାଇ ସେମାନଙ୍କୁ କହିବ, ମାମୁଁଙ୍କ ନିମନ୍ତ୍ରଣ, ଧନୁ ଉତ୍ସବକୁ ନେବାପାଇଁ ମୁଁ ରଥ ନେଇ ଆସିଛି ।

ଅକ୍ରୁର ପ୍ରଶ୍ନ କଲେ, ସେମାନଙ୍କୁ ମାରିବା ପାଇଁ ତୁମର ଯୋଜନା କ'ଣ ? କଂସ କହିଲା, ମୁଁ ମାହୁନ୍ତ ମହାମନ୍ତ୍ରକୁ କହିଛି, ଆମର ସବୁଠୁ ବଡ଼ ହାତୀ କୁବଳୟାପୀଡ଼କୁ ସେ ଇମିତି ବାଗରେ ତାଲିମ ଦେଇଥିବ ଯେ ପିଲାଦି'ଟା ଯଜ୍ଞସ୍ଥଳକୁ ପ୍ରବେଶ କରୁ କରୁ ସେମାନଙ୍କୁ ଦଳିଚକଟି ମାଟିରେ ମିଶେଇ ଦେବ । ଯଦି ସେଥିରେ ସେମାନେ ମରିବେନି, ସଙ୍ଗେ ସଙ୍ଗେ ଚାଣୁର, ମୁଷ୍ଟିକଙ୍କ ସହିତ ମଲ୍ଲଯୁଦ୍ଧ ହେବ । ସେମାନେ କିପରି ବୀର, ତୁମେ ତ ଜାଣ । ସେମାନଙ୍କ ଏକାମୁଥକେ ଦି'ଟାଯାକ ପିଲାର ହାଡ଼ମାଂସ ଚୂନା ହୋଇଯିବ । ସେମାନେ ମଲାପରେ ବସୁଦେବ, ଯାଦବ, ଭୋଜ, ଦର୍ଶର୍ହଙ୍କୁ ନିର୍ବଂଶ

କରାଯିବ । ମୋ ପିତା ଉଗ୍ରସେନ ଓ ତାଙ୍କ ଭାଇ ଦେବକୀ ମଧ ବାଦ ପଡ଼ିବେନି । ତା'ପରେ ମୁଁ ହେବି ଶତ୍ରୁଶୂନ୍ୟ । ମଗଧର ରାଜା ଜରାସନ୍ଧ ତ ମୋ ଶ୍ୱଶୁର । ଦ୍ରିବିଦ, ସମ୍ବର, ନରକାସୁର, ବାଣାସୁର ପ୍ରମୁଖ ମୋର ସାଙ୍ଗ । ସେମାନଙ୍କ ସାହାଯ୍ୟରେ ମୁଁ ହେବି ପୃଥିବୀର ଏକାଙ୍ଗ ଚକ୍ରବର୍ତ୍ତୀ । ଏବେ ବୁଝିଲ ତ ? ତୁମେ ଯଥାଶୀଘ୍ର ବୃନ୍ଦାବନ ? ଯାଅ ।

ଅକ୍ରୁର କିଛି ସମୟ ନୀରବ ରହି ପରେ କହିଲେ, ମୁଁ ତୁମର ଶୁଭେଚ୍ଛୁ । ରାମକୃଷ୍ଣଙ୍କୁ ମାରିବା ପାଇଁ ତୁମର ଯୋଜନାର ବିବରଣୀ ତ ଶୁଣିଲି । କିନ୍ତୁ ମୁଁ ଜାଣେ ସଫଳତା, ବିଫଳତା ମଣିଷ ହାତରେ ନଥାଏ । ସବୁ ଭଗବାନଙ୍କ ହାତରେ । ମଣିଷ ନାନା ସ୍ୱପ୍ନ ଦେଖେ, ନାନା କଳ୍ପନା କରେ । କିନ୍ତୁ ସବୁ ସ୍ୱପ୍ନ ସାର୍ଥକ ହୁଏନା । ଭାଗବାନ କୌଣସି ଜୀବକୁ ମାରିବାକୁ ଚାହୁଁଥିଲେ, ତାକୁ କେହି ରକ୍ଷା କରିନପାରେ । ମୁଁ ତ ରାଜାଙ୍କ ଦରବାରର ଜଣେ ନଗଣ୍ୟ ପାରିଷଦମାତ୍ର । କିନ୍ତୁ ମୁଁ ଯାହା କହିଲି, ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ । ରାଜାଙ୍କ ଆଦେଶ ମୁଁ ନିଶ୍ଚୟ ପାଳନ କରିବି । ଆସନ୍ତା କାଲି ବୃନ୍ଦାବନ ଯିବି । ରାମକୃଷ୍ଣ ଦୁଇଭାଇଙ୍କୁ ମଥୁରା ଆଣିବା ପାଇଁ ଯଥାସମ୍ଭବ ଉଦ୍ୟମ କରିବି । ମୋର ବିଶ୍ୱାସ, ସେମାନେ ନିଶ୍ଚୟ ଆସିବେ ।

●

॥ ୫୫ ॥

# କଂସର ବଡ଼ ଶତ୍ରୁ 'ଭୟ'

ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ କିଏ ବଗ ତ କିଏ ବଳଦ ଓ ଷଣ୍ଢ କିଏ ବା ଶଗଡ଼ ଆଦି ନାନା ରୂପରେ ଆସିଥିଲେ ଗୋକୁଳ ଓ ବୃନ୍ଦାବନକୁ । ସମସ୍ତେ କଂସର ଲୋକ । ସମସ୍ତେ ମାୟାବୀ ଅସୁର । କୃଷ୍ଣଙ୍କ ଦ୍ୱାରା ସମସ୍ତେ ନିହତ । କଂସ ପଠାଇଥିବା କେଶୀ ଅସୁର ବୃନ୍ଦାବନକୁ ଆସିଲା ଅଶ୍ୱ ରୂପରେ । ସେ ମନେ ମନେ ଭାବିଲା, ସମସ୍ତେ ସିନା ମଲେ, ସେ ନିଶ୍ଚୟ କୃଷ୍ଣଙ୍କୁ ମାରିବ । କଂସଠାରୁ ପୁରସ୍କାର ପାଇବ ।

କେଶୀ ଅଶ୍ୱ ରୂପ ଧରି ଛୁଟିଲା ବୃନ୍ଦାବନକୁ । ଅରିଷ୍ଟ ଆସିଥିଲା ବଳଦ ରୂପରେ । ସେ ଯିମିତି ଉପଦ୍ରବ କରିଥିଲା, କେଶୀ-ଅଶ୍ୱର ଉପଦ୍ରବ ତା'ଠୁ ବଳି ପଡ଼ଇଲା । ପାଗଳା ଘୋଡ଼ା ଭଳି ଖୁରାକୁ ଟପ୍ ଟପ୍ କରି ଏଣେ ତେଣେ ଦୌଡ଼ିବାକୁ ଲାଗିଲା । ପ୍ରକାଣ୍ଡକାୟ

ଅଶ୍ୱ । ସେ ଖୋଜିବାରେ ଲାଗିଲା ଶ୍ରୀକୃଷ୍ଣଙ୍କୁ । ଶ୍ରୀକୃଷ୍ଣ କେଶୀର ଆଗମନ କଥା ଜାଣି ପାରିଲେ । ହଠାତ୍ ତା' ଆଗରେ ଠିଆ ହୋଇ କହିଲେ, ଖୋଜୁଛୁ କ'ଣ, ମୁଁ ପରା ତୋ ସାମନାରେ ।

ଏତେଗୁଡ଼ାଏ ଅସୁର ଅସୁରୁଣୀଙ୍କୁ ମାରିଥିବା ପିଲାଟା ନିଶ୍ଚୟ ଅଲଗା ପ୍ରକାରର ହୋଇଥିବ, ତା' ହାତରେ ବହୁ ଅସ୍ତ୍ରଶସ୍ତ୍ର ଥିବ ବୋଲି କେଶୀ ମନେ ମନେ କଳ୍ପନା କରିଥିଲା । କିନ୍ତୁ ଦେଖିଲା, କୃଷ୍ଣଟା ଗୋଟେ ଛୋଟ ପିଲା, ଏକା ଲାତକେ ସେ ପିଲାଟାକୁ ଶହେ ହାତ ଦୂରକୁ ଫିଙ୍ଗିଦେବ, ନଚେତ୍ ଦଳି ଚକଟି ମାରିଦେଇ ପାରିବ ବୋଲି ମନେ ମନେ ସ୍ଥିର କରିନେଲା । ସେ କୃଷ୍ଣଙ୍କ ପାଖକୁ ଲାଗି ଆସି ଏଡ଼େ ବଡ଼ ଆଁ କରି ରହିଲା । ସତେ କି ଗିଳି ପକାଇବ । ଆକାଶଟାକୁ ସୁଦ୍ଧା । ତା'ପରେ ସେ ଗୋଟାଏ ଗୋଡ଼ରେ କୃଷ୍ଣଙ୍କୁ ଲାତ ମାରିବାକୁ ଚେଷ୍ଟା କଲା । ଶ୍ରୀକୃଷ୍ଣ ଚାଲାକି କରି ଖସିଗଲେ । ତା' ଦିଗୋଡ଼କୁ ଧରିନେଲେ । ତା'ପରେ ଗରୁଡ଼, ସର୍ପରାଜକୁ ଟେକି ଧରିଲା ପରି ଘୋଡାଟାକୁ ଟେକି ଧରିଲେ । ତାକୁ ଘଡ଼ିଏ କାଳ ବୁଲେଇ ବୁଲେଇ ଜୋରରେ ଫିଙ୍ଗି ଦେଲେ । କେଶୀ ଘୋଡ଼ା ଯାଇ ପଡ଼ିଲା ସହସ୍ର ଯୋଜନ ଦୂରରେ । ଏତେ ଜୋରରେ ସେ ଛେଚି ହୋଇ ପଡ଼ିଲା ଯେ ତା' ପାଟିରୁ ରକ୍ତର ସୁଅ ଛୁଟିଲା । କିନ୍ତୁ ମଲାନାହିଁ । ସେ ପୁଣି କୃଷ୍ଣଙ୍କ ଆଡ଼ିକି ମାଡ଼ି ଆସିଲା । ଏଥର ସେ କୃଷ୍ଣଙ୍କୁ ଗିଳି ଦେବାପାଇଁ ଚେଷ୍ଟା କଲା ।

ଶ୍ରୀକୃଷ୍ଣ ହସିଲେ । ଗୋଟାଏ ହାତ ତା ଆଁ ଭିତରେ ଭର୍ତ୍ତି କରିଦେଲେ । ତାଙ୍କ ହାତଟା ଗୋଟାଏ ବଡ଼ ସାପ ପାଟି ଭିତରେ ପଶିଲା ଭଳି ପଶିଗଲା । ହାତଟା ପେଟ ପର୍ଯ୍ୟନ୍ତ ଚାଲିଗଲା ଏବଂ ଭିତରେ ଫୁଲିବାରେ ଲାଗିଲା । ତା ଦେହ ଭିତରେ ଆଉ ଜାଗା ରହିଲା ନାହିଁ ନିଃଶ୍ୱାସ ପ୍ରଶ୍ୱାସ ନେବାପାଇଁ । ହାତଟା ତା' ପାଟିରୁ ପେଟ ପର୍ଯ୍ୟନ୍ତ ସବୁ ଜାଗା ମାଡ଼ି ବସିଲା । କେଶୀ ଝାଳନାଳ । ଛଟପଟ ହେବାରେ ଲାଗିଲା ସେ । ଆଖି ଦି'ଟା ଉପରକୁ ଠେଲି ହୋଇ ବାହାରି ଆସିଲା । ବଞ୍ଚିବାପାଇଁ କେଶୀ ବହୁତ ଚେଷ୍ଟା କଲା । କିନ୍ତୁ ବଞ୍ଚିବାର ବାଟ କିଛି ନଥିଲା । ଏକମାତ୍ର ବାଟ ମୃତ୍ୟୁ । କେଶୀ ମଧ ମଲା । ଶ୍ରୀକୃଷ୍ଣ ତାଙ୍କ ହାତ ବାହାର କରି ଆଣିବାପରେ ସାଙ୍ଗମାନଙ୍କୁ କହିଲେ, ଏହାପରେ କଂସର ଆଉ ଗୋଟେ ଅଧେ ଅସୁର ବଞ୍ଚିଛନ୍ତି, ସେମାନେ ମୋ ପାଖକୁ ଆସିବେ ମରିବା ପାଇଁ ।

କେଶୀ ମରିବା ପରେ ନାରଦ ଆସି ପହଞ୍ଚିଲେ ଶ୍ରୀକୃଷ୍ଣଙ୍କ ପାଖରେ । ବହୁତ ସ୍ତୁତି କଲେ । ହେ ପରମେଶ୍ୱର, ହେ ସର୍ବାନ୍ତର୍ଯ୍ୟାମୀ, ହେ ଯୋଗେଶ୍ୱର, ହେ ମହାପୁରୁଷ ଆଦି ନାନା ନାମରେ ଭଗବାନଙ୍କୁ ସଂବୋଧନ କଲେ । ଗୁଣକୀର୍ତ୍ତନ କଲେ । ଏକାନ୍ତରେ,

ଗୋପନରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦୀର୍ଘକାଳ ଧରି ଆଲୋଚନା ହେଲା । ଦ୍ୱାପରଯୁଗରେ, କୃଷ୍ଣାବତାରର କାର୍ଯ୍ୟକ୍ରମ ସବୁ ନାରଦ ଏକ ଦୁଇ ତିନି କରି ଗଣିଗଣି ସବୁ କହିଲେ । ନାରଦ କହିଲେ, ମହାପ୍ରଭୁ ଅଥବା ଭୁଲିଯିବେ, ସେଥିପାଇଁ ମନେ ପକାଇ ଦେବାପାଇଁ ଆସିଛି । କାହା ପରେ କ'ଣ କରାଯିବ, ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ସବୁ ଯିମିତି କି ନାରଦଙ୍କ ମାନସପଟରେ ଲିପିବଦ୍ଧ ହୋଇ ରହିଛି । ସେ ଭଗବାନଙ୍କୁ କହିଲେ, ଆଉ ଦୁଇଦିନ ପରେ ମହାପ୍ରଭୁଙ୍କ ହାତରେ ମୁଷ୍ଟିକ ଓ ଚାଣୁର ମରିବେ । ତା'ପରେ ଶଂଖାସୁର, ମୁରା ଓ ନରକାସୁର ନିଧନ ହେବେ । କଂସ ତ ଆପେ ଆପେ ମରିବ । ସ୍ୱର୍ଗରୁ ପାରିଜାତ ବୃକ୍ଷ ଅଣାଯିବାବେଳେ ଇନ୍ଦ୍ରଙ୍କ ସହିତ ଲଢ଼େଇ ହେବ । ଅଷ୍ଟ ପାଟବଂଶୀଙ୍କ ସହିତ-ବିବାହ, ସ୍ୟମନ୍ତକ ମଣି ବ୍ୟାପାର, ରୁକ୍ମିଣୀ ହରଣ, ଶିଶୁପାଳ ବଧ, କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ପ୍ରଭୃତି, ନାନା କାର୍ଯ୍ୟକ୍ରମର ଅବତାରଣା କରିଦେଇଗଲେ ଦେବର୍ଷି ନାରଦ ।

ବୃନ୍ଦାବନରେ ଶ୍ରୀକୃଷ୍ଣ କେବଳ ଲୀଳା, ଖେଳା ହିଁ କରିବାରେ ଲାଗିଥିଲେ । ସାଙ୍ଗସାଥିଙ୍କ ସହିତ ସେ ବେଳେବେଳେ ଲୁଚକାଳି, ଅନ୍ଧପୁଟୁଳି, ବୋହୂଚୋରୀ ଆଦି ଖେଳ ଖେଳିଥାଆନ୍ତି । ଗାଇ ଚରାଇବା ତ ନିତିଦିନିଆ କାମ । ଲୁଚକାଳି ଖେଳ ଖେଳିବାବେଳେ ସାଙ୍ଗସାଥିଙ୍କୁ ସେ ଦୁଇଦଳରେ ବିଭକ୍ତ କରନ୍ତି । ଇମିତି ଦିନେ ଗାଇ ଚରାଇବାକୁ ଗଲାବେଳେ ବଣ ଭିତରେ ଭଲ ଘାସ ପଡ଼ିଆ ଦେଖି ଖେଳିବା ଆରମ୍ଭ କରିଦେଲେ । ଦଳେ ଛେଳି ସାଜିଲେ । ଦଳେ ସେମାନଙ୍କ ଜଗୁଆଳି ହେଲେ, ଆଉ ଦଳେ ଛେଳିଚୋର ଭୂମିକା ଗ୍ରହଣ କଲେ ।

କଂସର ଶେଷ ଅସୁର ଥିଲା ବ୍ୟୋମାସୁର । କେଶୀ ମରିବାପରେ କଂସ ତାକୁ ପଠାଇଥିଲା କୃଷ୍ଣଙ୍କୁ ମାରିବା ପାଇଁ । ସେ କୃଷ୍ଣଙ୍କ ସାଙ୍ଗସାଥି ଗଉଡ଼ପିଲାଙ୍କ ମେଳରେ ପଶିଗଲା । ତିନିଦଳରୁ ସେ ଗୋଟିଏ ଦଳରେ ରହିଲା । ତା'ର ଉଦ୍ଦେଶ୍ୟ, ସୁଯୋଗ ଉଣ୍ଡି କୃଷ୍ଣଙ୍କୁ ମାରିବା । ବ୍ୟୋମାସୁରକୁ କଂସ ରଖିଥିଲା, ସମସ୍ତେ ମରିଗଲେ ତାକୁ ପଠାଇବା ପାଇଁ । କାରଣ ସେ ଥିଲା ମାୟାବୀମାନଙ୍କ ଗୁରୁ ମାୟାସୁରର ପୁଅ । ମାୟା ବଳରେ ସେ ଯେକୌଣସି ରୂପ ଧରି ପାରୁଥିଲା । ସେ ଏହି ଖେଳରେ ପ୍ରତିଥର ଚୋର ହିଁ ହେଉଥିଲା ଏବଂ ଛାଗଙ୍କ ଭୂମିକା ଗ୍ରହଣ କରିଥିବା ଗୋପବାଳକମାନଙ୍କୁ ଚୋରେଇ ନେଉଥିଲା । ସେମାନଙ୍କୁ ନେଇ ଗୋଟିଏ ଗୁମ୍ଫା ଭିତରେ ରଖି ଦେଇ ଆସୁଥିଲା । ଏକ ବଡ଼ ପଥର ନେଇ ଗୁମ୍ଫାରେ ଦ୍ୱାର ବନ୍ଦ କରି ଦେଉଥିଲା । ଫଳରେ ଗୋପ ବାଳକମାନେ ଆଉ ଗୁମ୍ଫା ଭିତରୁ ବାହାରି ପାରୁ ନଥିଲେ । ଇମିତି କରି କରି ସେ ପ୍ରାୟ ସବୁ କୃଷ୍ଣସଖାଙ୍କୁ ନେଇ ଗୁମ୍ଫା ଭିତରେ ବନ୍ଦ କରିଦେଲା ।

କେବଳ ବାକି ରହିଲେ କୃଷ୍ଣ, ବଳରାମ ସାଙ୍ଗକୁ ମାତ୍ର ଆଉ ଦୁଇ ଚାରିଜଣ । ଶ୍ରୀକୃଷ୍ଣ ଘଟଣା କ'ଣ ଲକ୍ଷ୍ୟ କଲେ । ଜାଣି ପାରିଲେ, ଏସବୁ ଏକ ମାୟାବୀ ଅସୁରର କାଣ୍ଡ । ସେ ଆଉ ଏକ ବାଳକକୁ ଚୋରି କରି ନେବାକୁ ଆସିବା ମାତ୍ରେ ଶ୍ରୀକୃଷ୍ଣ ତାକୁ ଜୋରରେ ଜାବୁଡ଼ି ଧରିଲେ । ବ୍ୟୋମାସୁରର ଅସଲ ରୂପ ଧରାପଡ଼ିଗଲା । ସେ ମାୟାବଳରେ ପର୍ବତ ଭଳି ଏକ ପ୍ରକାଣ୍ଡକାୟ ରୂପ ଧାରଣ କଲା । ଶ୍ରୀକୃଷ୍ଣଙ୍କ ହାତରୁ ଖସି ପଳାଇବା ପାଇଁ ଆପ୍ରାଣ ଚେଷ୍ଟା କଲା । କିନ୍ତୁ ସେ ତାକୁ ଏପରି ଜୋରରେ ଜାବୁଡ଼ି ଧରିଥିଲେ ଯେ ସେ ଯେତେ ମୋଡ଼ିମାଡ଼ି ହେଲେ ମଧ ଏପଟ ସେପଟ ହୋଇ ପାରିଲା ନାହିଁ । ଶ୍ରୀକୃଷ୍ଣ ତାକୁ ଭୂଇଁ ଉପରେ ଜୋରରେ କଚାଡ଼ି ଦେଲେ । ତଣ୍ଟିକି ଚିପି ଦେବାରେ ଗଁ ଗଁ ରଡ଼ି ଛାଡ଼ି ବ୍ୟୋମାସୁର ରକ୍ତବାନ୍ତି କରିବାକୁ ଲାଗିଲା । ମୁହୂର୍ତ୍ତକରେ ସେ ମୃତ୍ୟୁବରଣ କଲା ।

କଂସର ଶେଷ ରାକ୍ଷସ ବୀରପୁଙ୍ଗବ ମାୟାବୀ ବ୍ୟୋମାସୁରର ନିଧନରେ ସ୍ୱର୍ଗର ଦେବତାମାନେ ଖୁସି ହେଲେ । ଦୁଷ୍ଟଦଳନର ଏକ ଅଧ୍ୟାୟ ଶେଷ ହେବାକୁ ଯାଉଥିବାରୁ ସେମାନେ ନରରୂପୀ ନାରାୟଣଙ୍କୁ ଧନ୍ୟ ଧନ୍ୟ କଲେ ।

ବ୍ୟୋମ ନିଧନ ପରେ ଶ୍ରୀକୃଷ୍ଣ ଗଲେ ତାଙ୍କ ସଖାମାନେ ଥିବା ଗୁମ୍ଫାକୁ । ପଥରଦ୍ୱାର ଫିଟାଇ ସଖାମାନଙ୍କୁ ସେ ଉଦ୍ଧାର କଲେ । ବ୍ୟୋମାସୁର କିପରି ସେମାନଙ୍କୁ ଖେଳ ଖେଳିବା ବାହାନାରେ ଜଣକ ପରେ ଜଣଙ୍କୁ ଏଠିକି ଆଣୁଥିଲା, ସେ ସବୁକଥା ସେମାନେ ଶ୍ରୀକୃଷ୍ଣଙ୍କୁ କହିଲେ । ବାହାରକୁ ବାହାରିବା ପରେ ସେମାନେ ଦେଖିଲେ, ଖେଳରେ ଯେଉଁଟା ଚୋର ହୋଇଥିଲା, ସେଇଟା ତଳେ ମରି ଶୋଇଚି । ବିରାଟକାୟ ଅସୁର ।

କଂସ, ବ୍ୟୋମାସୁର ମଥୁରାକୁ ନ ଲେଉଟି ବାରେ ଜାଣିପାରିଲା ଯେ ବ୍ୟୋମର ମଧ ଅନ୍ୟ ଅସୁରଙ୍କ ଭଳି ଗତି ହେଲା । ନନ୍ଦପୁଅ କୃଷ୍ଣ ହିଁ ସବୁ ନାଟର ଗୋବର୍ଦ୍ଧନ ବୋଲି ତା'ର ଦୃଢ଼ ବିଶ୍ୱାସ ହେଲା । ସେ ଜାଣି ପାରିଲା ଯେ ଏଥର ତା'ର ପାଳି ପଡ଼ିବ । ଭାବିଲା ଦେଖାଯାଉ, ଅକ୍ରୂରକୁ ତ ପଠାଉଚି, କୃଷ୍ଣ ବଳରାମଙ୍କୁ ମଥୁରାକୁ ଆଣୁ । ଶେଷ ଉଦ୍ୟମ କରାଯିବ ସେମାନଙ୍କୁ ମାରିବା ପାଇଁ । ମଥୁରାରେ ତ ଆଉ ଅନେକ ଲଢୁଆ ବୀର ଅଛନ୍ତି, ବଡ଼ ବଡ଼ ହାତୀ ଘୋଡ଼ା ମଧ ଅଛନ୍ତି, ସେମାନଙ୍କୁ ଲଗାଇ ରାମକୃଷ୍ଣଙ୍କ ନିଧନ ବ୍ୟବସ୍ଥା କରାଯିବ । ଧନୁଯଜ୍ଞ ଉତ୍ସବ ଆଳରେ କୃଷ୍ଣନିଧନଯଜ୍ଞ କରାଯିବ । ମୁଷ୍ଟିକ, ଚାଣୁର ଓ କୁବଳୟା ହାତୀଙ୍କୁ ଲଗାଯିବ । ଏହି କଥା ଭାବି ଭାବି ସେ ଆତ୍ମସନ୍ତୋଷ ଲାଭ କରିବାରେ ଲାଗିଲା । କିନ୍ତୁ ମନ ଭିତରେ ତା'ର ବଡ଼ ଶତ୍ରୁ ଯେ 'ଭୟ' ଏକଥା ସେ ଭୁଲିଗଲା । ଭୟକୁ ସେ ଦୂର କରିପାରିଲା ନାହିଁ ।

॥ ୫୬ ॥

# ଭଗବାନଙ୍କଠାରୁ ଏପରି ପରିଚର୍ଯ୍ୟା !

**କଂ**ସର ଆଦେଶ ଅକ୍ରୂରଙ୍କୁ ବୃନ୍ଦାବନ ଯିବାପାଇଁ । ରାଜାର ଆଦେଶ ଅମାନ୍ୟ କଲେ ମୃତ୍ୟୁଦଣ୍ଡ ! ଅକ୍ରୂରଙ୍କ ଇଚ୍ଛା ମଧ୍ୟ ରାମକୃଷ୍ଣଙ୍କୁ ବେନିନେତ୍ରରେ ଦର୍ଶନ କରିବାପାଇଁ । ରାତିସାରା ଆଖିରେ ନିଦ ନାହିଁ । ଶେଯରେ ପଡ଼ିରହି ସେ ଦିବ୍ୟଚକ୍ଷୁରେ ଦେଖୁଛନ୍ତି ହରିହରଙ୍କୁ, କୃଷ୍ଣ ବଳରାମଙ୍କୁ । ଆନନ୍ଦରେ ତାଙ୍କ ହୃଦୟ ନାଚି ଉଠୁଛି । ସେ ଜାଣନ୍ତି, ଏ ଦି'ଟା ପିଲା ପ୍ରକୃତରେ କିଏ !

ଭୋର ସକାଳୁ ଅକ୍ରୂର-ରଥ ଛୁଟାଇଲେ ବୃନ୍ଦାବନ ଅଭିମୁଖେ । ମନ ଭିତରେ କେତେ ଭାବନା । ମଥୁରାରେ ଥିବା ସବୁଠୁ ଭଲରଥରେ ଭଲ ଭଲ ଘୋଡ଼ା ଯୋଚା ଯାଇଛନ୍ତି । ରଥ ଯେମିତି କ୍ଷିପ୍ର ଗତିରେ ଚାଲିଛି, ଅକ୍ରୂରଙ୍କ ମନ ସେମିତି ଚଞ୍ଚଳ ହୋଇଉଠୁଛି । ମନ ଯିମିତିକି ଉଡ଼ିବାରେ ଲାଗିଚି ।

ରଥ ଆସି ବୃନ୍ଦାବନ ଭୂମି ସ୍ପର୍ଶ କଲା । ଅକ୍ରୂରଙ୍କ ପ୍ରାଣ ପୁଲକିତ ହୋଇ ଉଠିଲା । ନାରାୟଣଙ୍କୁ ସେ ନର ରୂପରେ ପ୍ରଥମ ଦର୍ଶନ କରିବେ । ତାଙ୍କ ସହିତ ଥିବେ ବଳରାମ । ଶଙ୍କରଙ୍କ ଅବତାର । ଜଣେ ହରି ଜଣେ ହର । ମନେ ମନେ ଭାବିଲେ, ମୁଁ ପୂର୍ବଜନ୍ମମାନଙ୍କରେ କି ପୁଣ୍ୟ କରି ନଥିଲି ! ପୁଣ୍ୟ ତ ଯଥେଷ୍ଟ ନୁହଁ, ବୋଧହୁଏ ଘୋର ତପସ୍ୟା କରିଥିଲି । ସାଧନା କରିଥିଲି । ଆଗରୁ କ'ଣ ଥିଲି, ଏବେ କ'ଣ ? ଏବେ ସଂସାର ଭିତରେ ରହି ଷଡ଼ରିପୁଙ୍କ ସେବା କରିବାରେ ଲାଗିଚି । କାମ, କ୍ରୋଧ, ଲୋଭ ଆଦିଙ୍କ ପୂଜା କରୁଚି । ଏତେ ବଡ଼ ପାପୀ ହୋଇ, ଏ ପାପ-ନେତ୍ରରେ ଭଗବାନଙ୍କୁ ଦର୍ଶନ କରିବି କିପରି ? କାଳସ୍ରୋତରେ ମୁଁ ଖଣ୍ଡିଏ କାଠିକୁଟା ଭଳି ଭାସୁଚି । କେତେଦିନ ଇମିତି ଭାସୁଥିବି ? ହୁଏତ କର୍ମବଳରେ ଦିନେ ନା ଦିନେ ତଟଦେଶରେ ଲାଗିପାରେ । ସେହି ତଟଦେଶ ହୁଏତ ଏବେ ପାଖେଇ ଆସୁଛି । ଯାହାକୁ ଋଷି ମହର୍ଷିମାନେ ଧ୍ୟାନ ଧାରଣା କରି ପାଇନଥାଆନ୍ତି, ସେମାନଙ୍କ ଚରଣାରବିନ୍ଦରେ ମୋ ମଥା ନତ ହେବ କିପରି ? ହୁଏତ ମୋ ପାପରାଶି ପ୍ରାରବ୍ଧ ବଳରେ ସରି ସରି ଆସୁଚି । ବାସ୍ତବରେ କଂସଠୁ ବଳି ଦୟାଳୁ ଆଉ କେହି ହୋଇନପାରେ । ସେ ମତେହିଁ ବାଛିଲେ – ବୃନ୍ଦାବନକୁ ଆସି ହରିହରଙ୍କୁ ନେଇଯିବାପାଇଁ । କଂସକୁ ମୋର ଶତ ଧନ୍ୟବାଦ ! ଆଜି ମୋର

ସୌଭାଗ୍ୟର ଦିନ । ସନ୍ଧ୍ୟା ସୁଦ୍ଧା ମୁଁ ନନ୍ଦବାବାଙ୍କ ଘରେ ନିଶ୍ଚୟ ପହଞ୍ଚିଯିବି । ପହଞ୍ଚିବାମାତ୍ରେ ରଥରୁ ଡେଇଁ ପଡ଼ି, ନନ୍ଦବାବାଙ୍କୁ ପ୍ରଣାମ ଜଣାଇବି, ବାବାଙ୍କ ପାଖରେ ରାମକୃଷ୍ଣ ନିଶ୍ଚୟ ଥିବେ, ସେମାନଙ୍କୁ ଦର୍ଶନ କରି ଜୀବନକୁ କୃତାର୍ଥ କରିବି । ଭଗବାନ ତ ଜାଣିଥିବେ, ମୁଁ କାହିଁକି ଆସିଚି । ତଥାପି ସେମାନଙ୍କୁ ମୋର ଆଗମନର ବାର୍ତ୍ତା ଜଣାଇବି, ତାହା ମୋର ଦାୟିତ୍ୱ ଓ କର୍ତ୍ତବ୍ୟ ।

ଅକ୍ରୂରଙ୍କ ମନରେ କେତେ ପରିପଳ୍ପନା ! ଭାବି ଭାବି ସେ ବିଭୋର । ଆହୁରି ସେ ଭାବୁଛନ୍ତି, ମତେ ଦେଖିବାମାତ୍ରେ ରାମକୃଷ୍ଣ ଦୁଇଭାଇ ସେମାନଙ୍କ ହାତ ବଢ଼ାଇ ଦେବେ । କରମର୍ଦ୍ଦନ କରିବେ । ମତେ 'କକା ଅକ୍ରୂର' ବୋଲି ସେମାନେ ସଂବୋଧନ କରିବେ । କାହିଁକି ନ କରିବେ ? ମଧୁର ରସର ପ୍ରସାର ଲାଗି ତ ସେ ଲୀଳା କରୁଛନ୍ତି । ତାଙ୍କର ପ୍ରିୟ, ଅପ୍ରିୟ, ଆତ୍ମୀୟ, ସୁହୃଦ୍, ଶତ୍ରୁ ବୋଲି କେହି ନୁହଁନ୍ତି । କଳ୍ପବୃକ୍ଷ ଯେପରି ସମସ୍ତଙ୍କୁ ନିଷ୍ପକ୍ଷଭାବରେ ଫଳ ଓ ଛାୟା ପ୍ରଦାନ କରିଥାଏ, ସେହିଭଳି ଶ୍ରୀକୃଷ୍ଣ । ବଳରାମ ତ ମୁଁ ଯାଉ ଯାଉ ମୋ ହାତ ଧରି ଘର ଭିତରକୁ ନେଇଯିବେ ।

ଶ୍ୱଫଳ୍କନନ୍ଦନ ଶ୍ରୀଯୁକ୍ତ ଅକ୍ରୁର । ବାଟରେ ଏହି ଭାବରେ ଭାବାବିଷ୍ଟ । ରଥ ଯାଇ ନନ୍ଦଗାଁରେ ପହଞ୍ଚିଲା । ସୂର୍ଯ୍ୟ ଅସ୍ତାଚଳଗାମୀ । ଗୋଧୂଳି ଲଗ୍ନ । ଧୂଳି ଉପରେ ରାମକୃଷ୍ଣଙ୍କ ପଦଚିହ୍ନ ଦେଖି ଅକ୍ରୂରଙ୍କ ଆନନ୍ଦ କହିଲେ ନସରେ ! ସେ ଭାବ ଗଦ୍ ଗଦ୍ । ଅସମ୍ଭାଳ ଏହି ଭାବତରଙ୍ଗ । ବିହ୍ୱଳିତ ଚିତ୍ତ । ଶରୀରରେ ରୋମାଞ୍ଚ । ଚକ୍ଷୁ ଅଶ୍ରୁବିଗଳିତ । ସେ ରଥରୁ ଓହ୍ଲାଇ ପଡ଼ି ଧୂଳିରେ ଗଡ଼ିବାରେ ଲାଗିଲେ । ଇଏ ''ମୋ ପ୍ରଭୁଙ୍କ ଚରଣ ରଜ'' କହି କହି ଆନନ୍ଦରେ ନାଚି ଉଠିଲେ । ମନ ଭିତରେ ପାପୀ କଂସର ସଂଦେଶ । ହୃଦୟରେ କୃଷ୍ଣପ୍ରେମର ପ୍ଳାବନ ।

ବ୍ରଜ ବୃନ୍ଦାବନରେ ପହଞ୍ଚିଲେ ଅକ୍ରୁର । ଦେଖିଲେ, ରାମକୃଷ୍ଣ ଦୁଇଭାଇ ଗୁହାଳ ଘରେ । ଗାଈ ଦୁହାଁ ଚାଲିଚି । ଗୋଦୋହନ ସାରିଲେ, ସଜ ସଜ କ୍ଷୀର ପିଇବା ପାଇଁ ଅପେକ୍ଷା କରି ରହିଛନ୍ତି । ଶ୍ୟାମସୁନ୍ଦରଙ୍କ ଦେହରେ ପୀତାମ୍ବର, ବଳରାମଙ୍କ ପରିଧାନ ନୀଳାମ୍ବର । ଜଣେ କଳା, ଜଣେ ଗୋରା । କିଶୋର ବୟସ, ବେଶ ଡଉଲଡାଉଲ । ଦୁହିଁଙ୍କ ଗଳାରେ ନାନା ବନପତ୍ରଫୁଲ ଖଚିତ ମାଳା । ଗୋଗୋଷ୍ଠ ଧରି ବଣରୁ ଫେରିବାବେଳେ ସେମାନେ ଧୂଳି ଧୂସରିତ ହୋଇ ପଡ଼ିଥିଲେ । ଏହିକ୍ଷଣି ଗାଧୁଆ ପାଧୁଆ ସାରିଲେ । ଯଶୋଦା ସେମାନଙ୍କୁ ନୂଆ ବସ୍ତ୍ରରେ ବିଭୂଷିତ କଲେ । ତା'ପରେ ସେମାନେ

ଚଳି ଚଳି ଆସିଲେ ଗୋଦୋହନ ସ୍ଥଳକୁ । ଅକ୍ରୁର ଦୂରରୁ ସବୁ ଲକ୍ଷ୍ୟ କରୁଥିଲେ । ଦୂରରୁ ଦୁଇ ପରମପୁରୁଷଙ୍କୁ ଦେଖିଲେ । ଏମାନେ ଅନାଦି କାରଣ । ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ହର୍ତ୍ତାକର୍ତ୍ତା ଦୈବ ବିଧାତା । ଦୂରରୁ ତ ଏତେ ସୁନ୍ଦର ଦେଖା ଯାଉଛନ୍ତି, ପାଖରୁ କେତେ ସୁନ୍ଦର ଦେଖା ଯିବେନି !

ଭାବି ଭାବି ଭାବବିହ୍ୱଳ ଅବସ୍ଥାରେ ଅକ୍ରୁର ଦୌଡ଼ି ଗଲେ ଦୁଇଭାଇଙ୍କ ପାଖକୁ । ସାଷ୍ଟାଙ୍ଗ ପ୍ରଣିପାତ କଲେ । ସଙ୍ଗେ ସଙ୍ଗେ ପରିଚୟ ଦେବାପାଇଁ ଭାବୁଥିଲେ କିନ୍ତୁ ପାରିଲେ ନାହିଁ । ଆଖି ଦିଇଟାରୁ ଆନନ୍ଦାଶ୍ରୁର ସ୍ରୋତ ଛୁଟି ଚାଲିଚି । କଣ୍ଠରୋଧ ହୋଇ ଆସୁଚି । ଏତେ ଭାବ ଭିତରେ ଭାବଗ୍ରାହୀଙ୍କୁ ନିଜର ପରିଚୟ ଦେବାପାଇଁ ସେ ଅସମର୍ଥ ହୋଇ ପଡ଼ିଲେ ।

ଅକ୍ରୁର ବାଟଯାକ ଯାହା କଳ୍ପନା କରି କରି ଆସୁଥିଲେ, ତାହାହିଁ ହେଲା । ଶ୍ରୀକୃଷ୍ଣ ନିଜର ଦି'ହାତରେ ଅକ୍ରୁରଙ୍କୁ ଉଠେଇ ଠିଆ କରାଇଲେ । ବଳରାମ ତାଙ୍କୁ କୁଣ୍ଢେଇ ପକାଇଲେ । ଦି'ଭାଇ ଅକ୍ରୁରଙ୍କ ହାତଧରି ଘର ଭିତରକୁ ନେଇଗଲେ । ପାଣି ଦେଲେ ପାଦ ଧୋଇବା ପାଇଁ । ସଙ୍ଗେ ସଙ୍ଗେ ସେମାନେ ଆଣିଦେଲେ ମହୁ, ଦହି, ଘିଅ, ଗୁଡ଼ ଓ ଜଳ (ନଡ଼ିଆ ପାଣି) ମିଶ୍ରିତ ମଧୁପର୍କ । ଅତିଥିମାନଙ୍କ ପରିଚର୍ଯ୍ୟା ଲାଗି ଏହା ପ୍ରଥମ ବିଧି । କୋମଳ ଆସନ ଦେଲେ ବସିବା ପାଇଁ । କହିଲେ, ବହୁବାଟ ଆସିଛନ୍ତି, ପ୍ରଥମେ ବିଶ୍ରାମ କରନ୍ତୁ । ଅକ୍ରୁର ବିଶ୍ରାମ କଲେ । ପରେ ପରେ ଅନ୍ନବ୍ୟଞ୍ଜନ, ବହୁପ୍ରକାର ପିଠା ଓ ମିଠା ପରଷା ଗଲା । ଅକ୍ରୁର ଭାବବିହ୍ୱଳ ଅବସ୍ଥାରେ ଭୂରିଭୋଜନ କଲେ । ବଳରାମ ଦୌଡ଼ିଯାଇ ଆଣିଲେ ନାନା ସୁବାସିତ ପୁଷ୍ପର ମାଳା । ଅକ୍ରୁରଙ୍କ ଗଳାରେ ପିନ୍ଧାଇ ଦେଲେ । ଅଳେଇଚ, ଲବଙ୍ଗ, କାଶ୍ମୀର, କର୍ପୂର, ଗୁଆ ମିଶ୍ରିତ ତାମ୍ବୁଳ ଦେଲେ ମୁଖବାସ ଲାଗି । କୃଷ୍ଣ ବଳରାମ ଦୁହେଁ ଅକ୍ରୁରଙ୍କ ଦେହରେ ଅଗୁରୁଚନ୍ଦନ ଲେପନ କଲେ । ଅକ୍ରୁରଙ୍କୁ ବଡ଼ ଅଡୁଆ ବୋଧ ହେଲା । ସର୍ବେଶ୍ୱର ଭାଗବାନଙ୍କଠାରୁ ଏପରି ପରିଚର୍ଯ୍ୟା ! ଭାବିଲେ, ଅଯୋଗ୍ୟ ଦେହରେ ଏତେ ଯୋଗ୍ୟତାର ପ୍ରଲେପନ !

●

॥ ୫୭ ॥

# ମାମୁଁ ଡାକିଚନ୍ତି, ନିଶ୍ଚୟ ଯିବୁ

ଅକ୍ରୂର ଆରାମ କରିବାପରେ ନନ୍ଦରାଜା ପ୍ରଶ୍ନ କଲେ, ଆପଣ ତ ଦଶର୍ହବଂଶର ଲୋକ । ପିତା ଶ୍ୱଫଲ୍କ, ମାତା ଗନ୍ଧନୀଙ୍କ ପୁତ୍ର । ସଂଭ୍ରାନ୍ତ ବଂଶର । ଆପଣ କଂସ ଭଳି ଅସୁରଟାର ଦରବାରୀ ମନ୍ତ୍ରୀ ହେଲେ କିପରି ? କଂସେଇ ହାତରେ ଛେଳି ! ଯିଏ ନିଜ ଭଉଣୀର ନବଜାତ ଶିଶୁମାନଙ୍କୁ ନିର୍ମମ ଭାବରେ ମାରି ଦେଇପାରେ, ତା' ପାଖରେ ରହି ଆପଣଙ୍କର ସବୁ କୁଶଳ ତ ବୋଲି ପଚାରିବାକୁ କୁଣ୍ଠିତ ହେବାକୁ ପଡୁଚି ।

ନନ୍ଦବାବା ଇମିତି ନାନା ଅଡୁଆ ତଡୁଆ ପ୍ରଶ୍ନ କରିବାରେ ଲାଗିବେ ବୋଲି ଆଶଙ୍କା କରି ଶ୍ରୀକୃଷ୍ଣ ସେମାନଙ୍କ ଆଳାପକୁ ବାଧା ଦେଇ କହିଲେ, କ'ଣ ଅକ୍ରୂରକକା, ମଥୁରାବାସୀଙ୍କର ସବୁ ମଙ୍ଗଳ ତ ! ହଁ ମାମୁଁ କଂସର ଦୌରାତ୍ମ୍ୟ ଦିନକୁ ଦିନ ପ୍ରବଳ ହୋଇ ଉଠୁଥିବା ମୁଁ ଜାଣେ । ମଥୁରାବାସୀ ଆଉ କେତେଦିନ ସହ୍ୟ କରିବେ ? ମୁଁ ଜାଣେ, କିଛି ଗୋଟାଏ କାମ ନେଇ ଆପଣ ବ୍ରଜଧାମକୁ ଆସିଛନ୍ତି । ମନଖୋଲି କହନ୍ତୁ ।

ସୁଯୋଗ ପାଇଗଲେ ଅକ୍ରୂର । ସେ ଦେବକୀଙ୍କ ବିବାହ ଦିନଠାରୁ ଆଜି ପର୍ଯ୍ୟନ୍ତ ଯାହାସବୁ ଘଟି ଆସିଚି, ଗୋଟି ଗୋଟି ସବୁକଥା ବର୍ଣ୍ଣନା କରିଗଲେ । ନାରଦ ଯାଇ କଂସକୁ କ'ଣ କହିଲେ, କଂସ କିପରି ଦେବକୀ ଓ ବସୁଦେବଙ୍କୁ ପ୍ରାଣରେ ମାରିଦେବା ପାଇଁ ବାହାରିଥିଲା, ନାରଦ କିପରି ବାଧାଦେଲେ, କଂସ କିପରି ତୁମମାନଙ୍କୁ ମାରି ସାରି, ଅନ୍ୟମାନଙ୍କୁ ମାରିବ ବୋଲି ପଣ କରିଚି, ସବୁକଥା କହିଗଲେ । କହିଲେ, କଂସ ଏବେ ନିସଂଦେହ ଯେ ଦେବକୀଙ୍କ ଦୁଇପୁଅ ନନ୍ଦଙ୍କ ଘରେ ରହିଛନ୍ତି । ସେ ତୁମମାନଙ୍କୁ ମାରିବାପାଇଁ କ'ଣ କ'ଣ ସବୁ ଯୋଗାଡ଼ କରିଚି, ସେ କଥା ମଧ୍ୟ କହିଲେ । ପୁଣି କହିଲେ, ଧନୁଯଜ୍ଞ ଏକ ବାହାନା ମାତ୍ର । କେବଳ ତୁମମାନଙ୍କୁ ମଥୁରା ନେବା ପାଇଁ ଏ ଆୟୋଜନ । ହାତୀ ମାରୁ ବା ମୁଷ୍ଟିଯୋଦ୍ଧାମାନେ ତୁମମାନଙ୍କୁ ମାରନ୍ତୁ, ସେଥିରେ ତା'ର କିଛି ଦୋଷ ହେବ ନାହିଁ ବୋଲି ସେ ଭାବି ନେଇଛି । ସେ ମୋ ହାତରେ ତୁମମାନଙ୍କ ପାଖକୁ ନିମନ୍ତ୍ରଣପତ୍ର ପଠେଇଚି ଧନୁ ଉତ୍ସବରେ ଯୋଗ ଦେବା ଲାଗି । ସେ ନନ୍ଦବାବାଙ୍କୁ ମଧ୍ୟ ନିମନ୍ତ୍ରଣ କରିଚି – ସପରିବାର ଯିବାପାଇଁ କହିଚି । ତୁମେ ଦୁହେଁ ମୋ ସାଙ୍ଗରେ ଯିବ । ମୁଁ ତୁମ୍ଭମାନଙ୍କୁ ରଥରେ ବସାଇ ନେଇଯିବି ।

କଂସମାମୁଁଙ୍କ ନିମନ୍ତ୍ରଣ ! ରାମକୃଷ୍ଣ ଖୁସି ହୋଇଉଠିଲେ । କହିଲେ, ଯେତେବେଳେ ମାମୁଁ ଡାକିଛନ୍ତି, ନିଶ୍ଚୟ ଯିବୁ ।

କଂସର ନିମନ୍ତ୍ରଣ । ନନ୍ଦବାବା କିଛି ଭେଟି ନେଇଯିବା କଥା । ସେମାନେ ତ ଦୁଧବାଲା । ଦୁଧ, ଦହି, ଘିଅ, ଲହୁଣୀ ଆଦିର ଭାର ନେଇ ଯିବାପାଇଁ ସେ ଆୟୋଜନ କଲେ । ସେମାନେ ସକାଳୁ ସକାଳୁ ବାହାରି ପଡ଼ିବେ । ବୃନ୍ଦାବନରେ ଚାରିଆଡ଼େ ଘୋଷଣା କରି ଦିଆଗଲା, ଯିଏ ମଥୁରାରେ ଧନୁ ଉତ୍ସବ ଦେଖିବାକୁ ଚାହିଁବେ, ନନ୍ଦବାବାଙ୍କ ସହିତ ଯାଇପାରିବେ ।

ଗୋଟିଏ ରାତି ସରିଲା । ଭୋର ସକାଳ । ଜଣେ ଗୋପୀ ଦାଣ୍ଡ ଦୁଆରେ ଗୋବରପାଣି ପକାଇବା ପାଇଁ ଉଠିଲା । ଦାଣ୍ଡ ଲିପା ସରିଲେ ମୁରୁଜରେ ଝୋଟିଚିତା ଦିଆଯିବ । ସୂର୍ଯ୍ୟୋଦୟ ବେଳକୁ ଏହି କାମ ସାରିବାକୁ ପଡ଼ିବ । ଇଏ ତ ଗୋପଦାଣ୍ଡରେ ଗୋପୀମାନଙ୍କ ନିତିଦିନିଆ କାମ । ଗୋପୀଜଣଙ୍କ ଦେଖିଲା, ନନ୍ଦବାବାଙ୍କ ଦାଣ୍ଡ ଦୁଆରେ ଏତେବଡ଼ ରଥ ଆସି ଠିଆ ହୋଇଛି । କଥା କ'ଣ ? ଜଲ୍‌ଦି ଜଲ୍‌ଦି କାମ ସାରି ସେ ଦୌଡ଼ିଲା ସାହିପଡ଼ିଶା ଘରମାନଙ୍କୁ । ସାଙ୍ଗସାଥୀମାନଙ୍କୁ ରଥ ଖବର ଜଣାଇବାକୁ । ସଖୀମାନଙ୍କୁ କହିଲା, ଆଲୋ, ଇମିତି ରଥ ମୁଁ କେବେ ଦେଖିନଥିଲି । ନିଶ୍ଚୟ ରଜାଘରୁ ଆସିଚି । ସ୍ୱଚକ୍ଷୁରେ ଦେଖିଛି । ଆସୁନ ଦେଖିବ ! ୟା ତୁଣ୍ଡରୁ ତା ତୁଣ୍ଡ ହୋଇ ଗୋପପୁର ସାରା ରଥକଥା ଖେଳିଗଲା । ସବୁଗୋପୀ, ଜଣଙ୍କ ପରେ ଜଣେ ଆସି ରୁଣ୍ଡ ହେଲେ ନନ୍ଦରାଜାଙ୍କ ଘର ପାଖରେ । ମହିଳା ମେଳା ଚାଲିଲା ।

ଜଣେ ଗୋପୀ ସାହସ କରି ନନ୍ଦରାଜାଙ୍କ ଘର ଭିତରକୁ ଗଲା । କ'ଣ ସବୁ ଆଲୋଚନା ଚାଲିଛି, କାନ ଡେରି ଶୁଣିଲା । ସେ ଫେରି ଆସି ଗୋପୀମାନଙ୍କୁ କହିଲା, ଚାଲ ସମସ୍ତେ ଠେଲି ଠେଲି ଏ ରଥଟାକୁ ଯମୁନାରେ ପକାଇ ଦେଇ ଆସିବା । ଗୋପୀ ଜଣଙ୍କର ଆଖି ଛଳ ଛଳ ! ସଖୀମାନେ ପଚାରିଲେ, କଥା କ'ଣ କହ, ଇମିତି କଇଁ କଇଁ ହେଉଚୁ କାହିଁକି ? କିଏ ତତେ ମାରିଲା ନା କିଏ କ'ଣ କହିଲା ? ଗୋପୀଜଣକ କହିଲା, ଘର ଭିତରେ କ'ଣ କଥାବାର୍ତ୍ତା ଚାଲିଛି, ଭଲକରି ଶୁଣିନି । କିନ୍ତୁ ଏକଥା ନିଶ୍ଚିତ ଯେ ଜଣେ ଦାଢ଼ିଆ ଆସିଛି, ଆମ କୃଷ୍ଣଙ୍କୁ ସାଙ୍ଗରେ ନେଇଯିବା ପାଇଁ ।

ଏଁ ! କ'ଣ କହିଲୁ ? ଆମ କୃଷ୍ଣ କହ୍ନେୟା ନନ୍ଦଦୁଲାଲକୁ ନେଇଯିବ ?' ସମସ୍ତେ ଚମକି ଉଠିଲେ । ଶୁଣୁ ଶୁଣୁ କିଏ ତଳେ ପଡିଲା ତ, କିଏ ବେହୋସ ହୋଇଗଲା ! ଯେଉଁମାନେ ଧୈର୍ଯ୍ୟ ଧରି ଶୁଣୁଥିଲେ, କହିଲେ, ଆମ ପ୍ରାଣରାମ ଶ୍ରୀକୃଷ୍ଣଙ୍କୁ ନେଇଯିବ ? ସେ ତ ଗୋଟିପଣେ ଆମର, ସେ ଯିବେ କୁଆଡ଼େ ?

ଗୋପୀଜଣଙ୍କ କହିଲା, ଜାଣେନା କୁଆଡ଼େ ଯିବେ । କିନ୍ତୁ ରାମକୃଷ୍ଣ ଦୁହେଁ ପାଟପତନୀ ପିନ୍ଧି, ଯିବାପାଇଁ ପ୍ରସ୍ତୁତ ହୋଇସାରିଲେଣି । କେହି କେବେ ଦେଖିଚ, ସେମାନେ ଏତେ ସକାଳୁ କେବେ ନିଦରୁ ଉଠନ୍ତି । ମୁଁ ଦେଖିଚି, ନନ୍ଦବାବା ମୂକ ଭଳି

ଠିଆ ହୋଇଛନ୍ତି, ଆଉ ଯଶୋଦା ମା'ଙ୍କ ଆଖିରୁ ଝରଝର ଲୁହ ଗଡିବାରେ ଲାଗିଚି । ସେ କୃଷ୍ଣଙ୍କୁ କୁଣ୍ଢେଇ ଧରିଛନ୍ତି । କୃଷ୍ଣ ଯଶୋଦାଙ୍କ ଆଖିରୁ ଲୁହ ପୋଛୁଛନ୍ତି, ଆଉ ବୁଝଉଛନ୍ତି । ମା' ରୋହିଣୀ ଅଚେତ ଅବସ୍ଥାରେ ତଳେ ଲୋଟି ପଡ଼ିଛନ୍ତି । ବଳରାମ ତାଙ୍କ ମୁହଁରେ ପାଣି ଛିଞ୍ଚିବାରେ ଲାଗିଛନ୍ତି । ଏ ଦୃଶ୍ୟ ଦେଖି କିଏ କ'ଣ ସମ୍ଭାଳି ରହିପାରେ ? ମୁଁ ନିଃସନ୍ଦେହ ଯେ ରଥ ଧରି ଆସିଥିବା ଦାଢ଼ିଆ ଲୋକଟା ନିଶ୍ଚୟ ରଥରେ ବସାଇ ରାମକୃଷ୍ଣଙ୍କୁ କୁଆଡେ ନେଇଯିବ ।

ଗୋପୀମାନେ ହା କୃଷ୍ଣ, ହା କୃଷ୍ଣ କହି ଛାତିରେ ହାତ ବାଡ଼େଇବାକୁ ଲାଗିଲେ । ସମସ୍ତଙ୍କ ଆଖିରେ ଲୁହ । ତଥାପି ସେମାନେ ଧୈର୍ଯ୍ୟ ଧରି ରହିଲେ, ଦେଖାଯାଉ କ'ଣ ଘଟୁଛି, ଦେଖିବା ପାଇଁ ।

ଗୋପୀମାନେ ଦେଖିଲେ, ନନ୍ଦବାବାଙ୍କ ଘରକୁ ଲୋକଙ୍କ ଧାଁ ଧପଡ ଚାଲିଛି । କିଛି ସମୟ ପରେ ନବାଗତ ରଥବାଲା ପ୍ରଥମେ ଘର ଭିତରୁ ବାହାରିଲେ । ତାଙ୍କ ଦେହରେ ରାଜକୀୟ ପୋଷାକ ଚିକ୍ ଚିକ୍ କରୁଛି । ମନେ ହେଉଛି ଲୋକଜଣଙ୍କ ସହରିଆ । ରାଜଦରବାରର ଲୋକ । ସେ ଲୋକ ପଛେ ପଛେ ନନ୍ଦବାବା ଆସିଲେ । ତାଙ୍କ ପଛେ ପଛେ ଆସିଲେ ରାମ କୃଷ୍ଣ ଦୁଇଭାଇ । ଯଶୋଦା ଓ ରୋହିଣୀ କାନ୍ଥକୁ ଆଉଜି ଦୁଆର ମୁହଁରେ ଠିଆ ହୋଇଛନ୍ତି । ଦେହ ଥରୁଛି । ମୁହଁକୁ ପଣତକାନିରେ ଘୋଡେଇ ସେମାନେ କାନ୍ଦୁଛନ୍ତି ।

●

॥ ୫୮ ॥

# ଅକ୍ରୁର ପୁଣି ଏତେ କ୍ରୁର !

**ଗୋ**ପୀମାନେ ପ୍ରଥମ ଥର ପାଇଁ ଦେଖିଲେ କୃଷ୍ଣ ଦେଖା ଯାଉଛନ୍ତି ଅତିଶୟ ଗମ୍ଭୀର, ବଳରାମଙ୍କ ଆଖିରେ କ୍ରୋଧ । କୃଷ୍ଣ ଦୌଡ଼ି ଆସିଲେ ଗୋପୀମାନଙ୍କ ପାଖକୁ । ଗୋପୀମାନେ ତାଙ୍କୁ କୁଣ୍ଢେଇ ଧରିଲେ । ସମସ୍ତେ ନିର୍ବାକ୍, ନିସ୍ତବ୍ଧ । ସେମାନେ ପଚାରିଲେନି କୁଆଡ଼େ ଯାଉଚ ବୋଲି । କେବଳ ଜାଣିଲେ, ସେ ଯାଉଚନ୍ତି । କୁଆଡ଼େ ଯିବାଟା ସମସ୍ୟା ନୁହଁ, ସମସ୍ୟା ସେ ବୃନ୍ଦାବନ ଛାଡ଼ି ଚାଲିଯିବାଟା ।

ଗୋପୀମାନେ କୃଷ୍ଣଙ୍କୁ କହିଲେ, ବୃନ୍ଦାବନ ଧ୍ୱଂସ ହେବ, ହେଉ । ରାଜା ସିନା ପରେ ଧ୍ୱଂସ କରନ୍ତା, ତୁମେ ତ ଏବେ ଧ୍ୱଂସ କରି ଚାଲି ଯାଉଛ । କୃଷ୍ଣ ବିନା ବୃନ୍ଦାବନ କଣ ତୁମ ବୃନ୍ଦାବନ, ବ୍ରଜଧାମ ହୋଇ ରହିବ ? ତୁମକୁ ନଦେଖି ଆମେ ବଞ୍ଚି ରହିବୁ

କିପରି ? କୃଷ୍ଣ, ହେ କଳାକାହ୍ନୁ, ଆମକୁ ଛାଡ଼ି ଯାଅନି । କଂସ ତ ଦିନକ ଭିତରେ ବୃନ୍ଦାବନକୁ ଧ୍ୱଂସ କରିଦେଇପାରେ । କିନ୍ତୁ ତୁମକୁ ନଦେଖି, ଆମେ ଯେ ପ୍ରତି ମୁହୂର୍ତ୍ତରେ ମରୁଥିବୁ – ବିରହ ଯନ୍ତ୍ରଣାରେ ସଢୁଥିବୁ – ସେ କଷ୍ଟ ଆଗରେ କଂସକଷ୍ଟ ତ କିଛି ନୁହଁ । ତୁମ ଛଡ଼ା ଆମର କିଏ ଅଛି ? ହେ କୃଷ୍ଣ ! ଆମକୁ ଅନାଥିନୀ କରି ଚାଲିଯାଅନି ।

ତା'ପରେ ସେମାନେ ଅକ୍ରୁରଙ୍କୁ କହିଲେ, ଏଇଠି ଏବେ ଶୁଣୁଚୁ, ତୁମ ନାଆଁ ଅକ୍ରୁର । ଅନ୍ଧର ନାଁ ପଦ୍ମଲୋଚନ, ଚକ୍ଷୁଷ୍ମାନ ! ତୁମ ଗୋଡ଼ହାତ ଧରୁଚୁ, ନିଅନି ଆମ କୃଷ୍ଣଙ୍କୁ ।

କୃଷ୍ଣ ଇତିମଧ୍ୟରେ ସଖୀଙ୍କୁ ଛାଡ଼ି ସଖାମାନଙ୍କ ପାଖରେ ହାଜର । ପିଲାଦିନର ସାଙ୍ଗ ସେମାନେ । ସମସ୍ତେ ଯିମିତି ପଥର ପାଲଟି ଯାଇଛନ୍ତି । ତଥାପି ମନରେ ଏତିକି ଆଶ୍ୱାସନା ଯେ ସେମାନେ ମଧ୍ୟ ଯାଉଛନ୍ତି ମଥୁରାକୁ ନନ୍ଦବାବାଙ୍କ ସାଙ୍ଗରେ । କୃଷ୍ଣ ଯଦି ସେଠୁ ଫେରି ନ ଆସେ, ସେମାନେ ବୁଝେଇ ବାଝେଇ ବୃନ୍ଦାବନକୁ ନେଇ ଆସିପାରିବେ ।

କୃଷ୍ଣ ଗୋପଗୋପୀମାନଙ୍କୁ କହିଲେ, ମଥୁରାକୁ ନଗଲେ ନନ୍ଦବାବା ଦଣ୍ଡିତ ହେବେ । ପିତାମାତାଙ୍କ ମଙ୍ଗଳ କାମନା କରିବା ପୁତ୍ରର କର୍ତ୍ତବ୍ୟ । ଗୋପାଳ ଓ ଗୋପୀମାନେ ବୁଝନ୍ତୁ ନ ବୁଝନ୍ତୁ, ରାମକୃଷ୍ଣ ବୃନ୍ଦାବନରୁ ବିଦାୟ ନେଲେ । ଗଲାବେଳେ ଶ୍ରୀକୃଷ୍ଣଙ୍କ ଚକ୍ଷୁ ମଧ୍ୟ ଛଳ ଛଳ ହୋଇପଡ଼ିଥିଲା । ଭଗବାନ ହେଲେ କ'ଣ ହେଲା, ମଣିଷ ରୂପ ନେଇଚନ୍ତି ସେ । ସେ ଜାଣନ୍ତି ଯେ ଗଲାପୁତ୍ର ଆଉ ବାହୁଡ଼ି ନ ଆସିବ । ଗିରି ଗୋବର୍ଦ୍ଧନ, ଯମୁନାତଟ ବିପିନରେ ତାଙ୍କର ଲୀଳା ଖେଳା ଏତିକିରେ ସରିଲା । ଆଉ ବଂଶୀବାଦନ ହେବନି କି ଗୋଚାରଣ ହେବନି । ବଂଶୀ ଏଇଠି ପଡ଼ି ରହିଲା । ମୁରଲୀ ମଧ୍ୟ ତାଙ୍କୁ ଝୁରିବ । ଧବଳୀ, ଶ୍ୟାମଳୀ ଆଦି ଗାଈଗୁଡ଼ିକ ଆସି ତାଙ୍କୁ ଚାଟି ପକାଇଲେ । ସେମାନଙ୍କ ଆଖିରେ ବି ଲୁହ । ଶ୍ରୀକୃଷ୍ଣ ସେମାନଙ୍କ ଲୁହ ହାତରେ ପୋଛିବା ସଙ୍ଗେ ସଙ୍ଗେ ନିଜ ଆଖିର ଲୁହ ମଧ୍ୟ ପୋଛିବାକୁ ଲାଗିଲେ । ବଳରାମ ଆଗରୁ ରଥରେ ବସି ସାରିଥିଲେ । ଶ୍ରୀକୃଷ୍ଣ ଦୌଡ଼ିଗଲେ ମା' ଯଶୋଦାଙ୍କ ପାଖକୁ । ମତେ ଟିକିଏ ଗେଲ କରିଦିଅ, ଟିକିଏ କାଖେଇ ପକାଇ ଚୁମାଟିଏ ଦିଅ ବୋଲି କରୁଣ ନିବେଦନ କରିବାକୁ ଲାଗିଲେ । କିନ୍ତୁ କାଖେଇ ପାରିବା ଭଳି ବଳ ଯଶୋଦାଙ୍କ ଦେହରେ ନଥିଲା । ମନରେ ଆବେଗ, ଶରୀର ଅବଶ । ଶ୍ରୀକୃଷ୍ଣ ଯଶୋଦାଙ୍କ କାନ୍ଧରେ ଓହଳି ପଡ଼ିଲେ ।

ବୃନ୍ଦାବନଚନ୍ଦ୍ର ବୃନ୍ଦାବନ ଦିଗ୍‌ବଳୟରେ ଯେପରି ଅସ୍ତମିତ ହେବାରେ ଲାଗିଛନ୍ତି । ଅକ୍ରୁର ଶ୍ରୀକୃଷ୍ଣଙ୍କୁ ଟେକିନେଇ ବସେଇଦେଲେ ରଥରେ । ରାମକୃଷ୍ଣ ରଥ ଉପରେ ବସିବା

ମାତ୍ରେ ଗୋପୀମାନଙ୍କ ଭିତରେ କ୍ରନ୍ଦନରୋଳ ଆରମ୍ଭ ହୋଇଗଲା । ଶ୍ରୀକୃଷ୍ଣ ରଥ ଉପରେ ବସି ଅଶ୍ରୁଳ ନୟନରେ ଗୋପୀମାନଙ୍କୁ ମନେ ମନେ କହିଲେ, ମୋ ରାସଲୀଳା ସରିଲା, ଯାଉଛି, ହୁଏତ କେବେ ଦେଖା ହୋଇ ନପାରେ ।

ଅକ୍ରୁର ରଥର ସାରଥୀ । ଚାଳକ ସେ । ରଥ ଯିବ ମଥୁରା ଅଭିମୁଖେ । ଧୀରେ ଧୀରେ ବୃନ୍ଦାବନ ଅଦୃଶ୍ୟ ହୋଇ ପଡ଼ିବ ।

ଇଆଡେ ନନ୍ଦଙ୍କର ଚାଲିଚି ମଥୁରାଯିବା ଆୟୋଜନ । ଧନୁ ଉତ୍ସବ ଲାଗି ରାଜାଙ୍କୁ ଉପହାର, ଉପଢ୍ୌକନ କ'ଣ କ'ଣ ଦିଆଯିବ, ସେହି ଆୟୋଜନରେ ବ୍ୟସ୍ତ । ଖିଆପିଆ ସରିଲେ ଶଗଡ଼ରେ ସବୁ ଜିନିଷ ଲଦାଯିବ । ଗୋପାଳମାନଙ୍କୁ ସାଙ୍ଗରେ ନେଇ ସେ ବାହାରିବେ ମଥୁରା ଅଭିମୁଖେ । ପିଲା ଦିଟାକୁ ରଥରେ ବସାଇ ଛାଡ଼ି ଦେଇଛନ୍ତି । ମନ ତାଙ୍କର ଛନଛନ ।

ଗୋପଲଳନାମାନେ ବହୁ ସମୟ ଧରି ଆତ୍ମହରା ହୋଇ ପଡ଼ିଥିଲେ । ପ୍ରକୃତିସ୍ଥ ହେବାପରେ ସେମାନଙ୍କ ହୃଦ୍‌ବୋଧ ହେଲା ଯେ ଶ୍ରୀକୃଷ୍ଣ ଗାଁ ଛାଡ଼ି ସହରକୁ ଚାଲିଗଲେ । ସେମାନେ ମନେ ମନେ ଶ୍ରୀକୃଷ୍ଣଙ୍କୁ ଧିକ୍କାର କରିବାକୁ ଲାଗିଲେ । ଭାବିଲେ, କେତେ ନିଷ୍ଠୁର, କେତେ ନିର୍ମ୍ମମ କୃଷ୍ଣଟା ! ଗୋପାଳମାନେ ସିନା ପାରିଲେ ନାହିଁ, ଆମେ ପାରିବା ବୋଲି ପରସ୍ପର ମଧ୍ୟରେ କୁହାକୁହି ହେଲେ ଗୋପୀମାନେ । ଚାଲ ଯିବା, ଆମେ ରଥକୁ ଓଗାଳିବା । ଦେଖିବା ଅକ୍ରୁର ରଥ ଚଳେଇ ନେବ କିପରି ? ଆମେ ରାମକୃଷ୍ଣ ସହିତ ଅକ୍ରୁର ରଥକୁ ଘେରଉ କରିବା । କିନ୍ତୁ ସେମାନଙ୍କ ପରିକଳ୍ପନା ପସର ଫାଟିଗଲା । ଅକ୍ରୁର ଗୋପୀମାନଙ୍କ ମନକଥା ଜାଣି ପାରିଲେ । ରଥକୁ ଛୁଟେଇ ନେଲେ । ଗୋପୀମାନେ ରଥ ପଛେ ପଛେ ବହୁତ ଦୌଡ଼ିଲେ । ଦୌଡ଼ି ଦୌଡ଼ି ସେମାନଙ୍କ ଧଡ଼ି ଛିଣ୍ଡିଗଲା । ଶ୍ରୀକୃଷ୍ଣ ଦୂରରୁ ସେମାନଙ୍କୁ ହାତ ହଲାଇ ବଡ଼ ପାଟିରେ କହିଲେ, ହେ ମୋର ପ୍ରାଣପ୍ରିୟ ଗୋପବାଳାଗଣ ! ଆଉ ବେଶୀ ଦୌଡ଼ନି । ମୁଁ ଶୀଘ୍ର ଫେରି ଆସିପାରେ ।

ଗୋପୀମାନେ ଆଉ କୃଷ୍ଣଙ୍କୁ ଦେଖି ପାରିଲେ ନାହିଁ, କେବଳ ରଥଚକ ମାଡ଼ି ଚାଲି ଯାଇଥିବା ଧୂଳିପଟଳକୁ ଦେଖିଲେ । ମନେ ମନେ ଧରିନେଲେ, କୃଷ୍ଣ ଆଉ ନ ଫେରନ୍ତି !

●

॥ ୫୯ ॥

# ଏଇ ପିଲା ଦିଓଟି କିଏ ମ ?

ରଥ କ୍ଷିପ୍ରଗତିରେ ଚାଲିଲା । ଗୋପୀମାନଙ୍କ କାନ୍ଦ ବୋବାଳି ଆଉ କାନରେ ପଡୁନି । ରଥ ପହଞ୍ଚିଲା ଯମୁନାର ପାବନ ପୁଳିନରେ । ଯମୁନା ଆଜି ଅତି ସୁନ୍ଦର । ନୀଳ ଜଳରାଶି ଦେହରେ ଛୋଟ ଛୋଟ ଲହରୀ ।

ଦୁଇ ଭାଇ ରଥରୁ ଓହ୍ଲେଇ ଠିଆ ହେଲେ । ବାଲୁତ ବୟସ ପ୍ରାୟ ସରି ଆସିଲାଣି । ଦୁହେଁ ବସି ଭାବିଲେ ଅତୀତ ଦିନର ବହୁତ କଥା । ବହୁ ମଧୁର ସ୍ମୃତି । ଦୁହେଁ ପରମବ୍ରହ୍ମଙ୍କ ଦୁଇ ଅଂଶ । ତଥାପି ଏବେ ତ ମଣିଷ । 'ପରଂବ୍ରହ୍ମ' ଭାବରେ ସଂସାର ସହିତ ସେମାନେ ଜଡ଼ିତ ନୁହଁନ୍ତି । କିନ୍ତୁ ମଣିଷ ଭାବରେ ସେମାନଙ୍କୁ ସବୁ କରିବାକୁ ପଡୁଛି । ସେମାନଙ୍କର ବି ଅଛି ଅନୁଭୂତି, ଅଛି ଆସକ୍ତି ! ସେମାନଙ୍କର ବି ଅଛି ଦୁଃଖ ସୁଖ ।

ସୂର୍ଯ୍ୟ ଉଇଁ ଉଇଁ ଆସିଲେଣି । ଦୁଇ ଭାଇ ଯମୁନାର ଜଳ ଆଂଜୁଳାରେ ନେଇ ଆଚମନ କଲେ । ବାଳୁତ ସମୟ କିମିତି ବିତିଗଲା, ଦୁଇଭାଇ କଥାବାର୍ତ୍ତା କଲେ । ଆଉ ସେ ସମୟ ଫେରିବନି । ବହୁତ କାର୍ଯ୍ୟ କରିବାକୁ ପଡ଼ିବ ଯୋଜନାବଦ୍ଧ ଭାବରେ । ନଚେତ ଧରିତ୍ରୀକି ଆସିବାଟା ବୃଥା ହୋଇଯିବ ।

ଅକ୍ରୂର କୃଷ୍ଣ ବଳରାମଙ୍କୁ ନେଇ ରଥରେ ବସେଇ ଦେଲେ । କହିଲେ, ଗାଧୁଆ ପାଧୁଆ ସାରି ମୁଁ ଶୀଘ୍ର ଫେରି ଆସିବି । ଯମୁନା ଜଳ ଭିତରେ ପ୍ରବେଶ କଲେ ଅକ୍ରୂର । ଗାୟତ୍ରୀ ମନ୍ତ୍ର ଜପ କରି ଜଳ ଭିତରେ ବୁଡ଼ିଲେ । ଜଳ ଭିତରେ ସେ ଦେଖିଲେ ଅପୂର୍ବ ଦୃଶ୍ୟ । ଦେଖିଲେ ରାମକୃଷ୍ଣଙ୍କ ଦିବ୍ୟ କମନୀୟ ରୂପକୁ । ଭାବିଲେ, ମୁଁ ତ ସେମାନଙ୍କୁ ରଥରେ ବସେଇ ଦେଇ ଆସିଲି, ପାଣି ଭିତରକୁ ସେମାନେ ଆସିଲେ କିମିତି ? ଜଳ ଭିତରୁ ମୁଣ୍ଡକୁ ଉଠେଇ ରଥ ଆଡ଼କୁ ଦେଖିଲେ । ରାମକୃଷ୍ଣ ତ ରଥରେ ବସିଛନ୍ତି ! କଥାବାର୍ତ୍ତା କରୁଛନ୍ତି । ହସୁଛନ୍ତି । ଅକ୍ରୂର ପୁଣି ବୁଡ଼ିଲେ । କିନ୍ତୁ ଏଥର ଦେଖିଲେ ଅପୂର୍ବଠାରୁ ଅପୂର୍ବ ଅନ୍ୟ ଏକ ଦୃଶ୍ୟ । ଯାହା ଅଚିନ୍ତନୀୟ । ଅକ୍ରୂର ଦେଖିଲେ, ଆଦିଶେଷ ସହସ୍ରଫଣା ଟେକି ରହିଚି । ତା' ଉପରେ ଶୋଇଛନ୍ତି – ସ୍ୱୟଂ ନାରାୟଣ । ସନକ, ସନନ୍ଦ, ସନାତନ ପ୍ରମୁଖ ଋଷିମାନେ ତାଙ୍କର ଆରାଧନା କରୁଛନ୍ତି । ଇଏ ତ ଦିବ୍ୟ ଦର୍ଶନ !

ଅକ୍ରୂର ନିର୍ବାକ, ନିଷ୍ପନ୍ଦ । କେଡ଼େ ଭାଗ୍ୟ ତାଙ୍କର ! ସେ ଶୁଣିଥିଲେ ନାରାୟଣ ଓ ଶେଷଦେବ ଜନ୍ମଗ୍ରହଣ କରିଛନ୍ତି ପୃଥିବୀରେ ବସୁଦେବଙ୍କ ପୁତ୍ର ଭାବରେ । ପୃଥିବୀ ବିଷୟ ବିଷରେ ଜର୍ଜରିତ । ମା ଧରିତ୍ରୀକୁ ଏ ଦୁର୍ଦ୍ଦଶାରୁ ଉଦ୍ଧାର କରିବାପାଇଁ ସେମାନଙ୍କର ଧରାବତରଣ ! ସେ ମନେ ମନେ ପରମ ପୁରୁଷ ନାରାୟଣଙ୍କୁ ପ୍ରାର୍ଥନା କରିବାକୁ

ଲାଗିଲେ । ମୁଖମଣ୍ଡଳରେ ତାଙ୍କର ବିସ୍ମୟଭାବ । ବିବ୍ରତ, ଶଙ୍କିତ ନୁହଁନ୍ତି, କି ସଂତପ୍ତ ନୁହଁନ୍ତି । ଏ ଭାବ ସେହି ଦିବ୍ୟ ଦର୍ଶନରୁ ହିଁ ତାଙ୍କ ମୁହଁରେ ପ୍ରତିଫଳିତ ।

ଅକ୍ରୂର ଫେରି ଆସିଲେ ରଥ ପାଖକୁ । ଆସୁ ଆସୁ ଶ୍ରୀକୃଷ୍ଣ ପଚାରିଲେ, ଅକ୍ରୂର କକା ! ଗାଧୋଇବାକୁ ତ ଯାଇଥିଲ, ପାଣି ଭିତରେ କ'ଣ କିଛି ଘଟିଲା କି ! ତୁମ ମୁହଁର ଭାବ ତ ଅନ୍ୟ ପ୍ରକାରର ଜଣାପଡୁଚି । କ'ଣ କିଛି ଚମତ୍କାର ଦୃଶ୍ୟ ଦେଖିଲ କି ? ଆମକୁ କହୁନ । ଆମେ କାହାକୁ କହିବୁନି ।

ଅକ୍ରୂର କହିଲେ, ନିଜେ ଡାଆଁଣି, ନିଜେ ଗୁଣିଆ ହୋଇ ପୁଣି ପଚାରୁଚ କ'ଣ ଦେଖିଲ ? ଏପରି ଏକ ଦୃଶ୍ୟ ଦେଖିଲି, ଜୀବନରେ କେବେ ଦେଖିନି, ଆଉ ଦେଖି ପାରିବି କି ନା ସନ୍ଦେହ ! ଦେଖିଲି, ମୁଁ ଯାହା ଦେଖିପାରେ, ନପାରେ, ଅତୀତରେ ଯାହା ଦେଖିନି କି ଭବିଷ୍ୟତରେ କେବେ ଦେଖି ପାରିବିନି – ସେପରି ଏକ ଅକଳ୍ପନୀୟ ଦୃଶ୍ୟ । ହଁ, ତୁମକୁ ଦେଖିଲି । ତୁମ ଦୁହିଁଙ୍କୁ ଏକାଠି ଦେଖିଲି । ଦେଖିଲି, ପରମାତ୍ମା ସ୍ୱୟଂ ପୃଥିବୀରେ ବୁଲୁଛନ୍ତି, ଖେଳୁଛନ୍ତି, ସାଧାରଣ ମଣିଷ ଭଳି । ସେ ମଧ୍ୟ ସୁଖ ଦୁଃଖ ଭିତରେ ଗତି କରୁଛନ୍ତି । ତାଙ୍କର ମୋହ, ମାୟା, ସ୍ନେହ, ମମତା ସବୁ ମଣିଷଭଳି ରହିଛି ! ତୁମ ଦୁହିଁଙ୍କୁ ମୋର କୋଟି କୋଟି ନମସ୍କାର ! ହେ ପ୍ରଭୁ, ଆଉ ମତେ ପ୍ରଶ୍ନ କରନ୍ତୁ ନାହିଁ । ଉତ୍ତର ଦେବା ମୋ ପକ୍ଷରେ ଧୃଷ୍ଟତା ହେବ ।

ଅକ୍ରୂର ବସିଲେ ରଥରେ । ଲଗାମ ଧରିଲେ । ଅଶ୍ୱ ଦେହରେ ଚାବୁକ ବାଜିବା ମାତ୍ରେ ରଥ ଛୁଟିଲା ମଥୁରା ଅଭିମୁଖେ । ସୂର୍ଯ୍ୟ ଯାଇ ପଶ୍ଚିମ ଦିଗ୍‌ବଳୟରେ । ରଥ ପ୍ରବେଶ କଲା ମଥୁରା ଭିତରେ । ରଥର ଚାଳକ ଅକ୍ରୂର । ରଥ ଉପରେ ବସିଛନ୍ତି ଦୁଇଟି ଚନ୍ଦ୍ର ଉଦିଆ ବାଳକ । ଏପରି ସୁନ୍ଦର ପିଲା ମଥୁରା ଲୋକେ କେବେ ଦେଖି ନଥିଲେ । ସମସ୍ତଙ୍କ ଆଖି ଲାଖି ରହିଲା ସେ ପିଲା ଦିଓଟିଙ୍କ ଉପରେ । ସମସ୍ତେ ମନ୍ତ୍ରମୁଗ୍ଧ । ପଚରା ପଚରି ହେଲେ, ଏ ପିଲା ଦିଓଟି କିଏ ମ !

ନନ୍ଦ ଓ ତାଙ୍କର ସମସ୍ତ ଲୋକ ଆଗରୁ ପହଞ୍ଚି ସାରିଥିଲେ । ଅପେକ୍ଷା କରିଛନ୍ତି ରାମକୃଷ୍ଣଙ୍କ ଆଗମନକୁ । ଅକ୍ରୂର ସିଧାସଳଖ ରଥକୁ ନେଇ ରଖିଲେ ନନ୍ଦବାବା ଯେଉଁଠି ରହୁଥିଲେ ସେଇଠି, ରାଜୋଦ୍ୟାନରେ । ରାମକୃଷ୍ଣ ରଥରୁ ଓହ୍ଲାଇ ପ୍ରଥମେ ନନ୍ଦବାବାଙ୍କୁ ପ୍ରଣତି ଜଣାଇଲେ । ତା'ପରେ ଅକ୍ରୂରକକାଙ୍କ ପାଖକୁ ଆସି ତାଙ୍କପ୍ରତି କୃତଜ୍ଞତା ଜ୍ଞାପନ କଲେ । କହିଲେ, ଏଥର ତୁମ କାମ ଶେଷ । ଯାଅ କଂସ ମାମୁଁଙ୍କୁ ଜଣାଇ ଦିଅ ଯେ ତୁମ ଭଣଜା ଦି'ଜଣ ମଥୁରାରେ ପହଞ୍ଚିଗଲେଣି । ଆମେ ଏଠି କିଛି ସମୟ ରହି, ନଗର ପରିକ୍ରମା କରିବୁ । ତୁମେ ତ ଜାଣ ଆମେ ଗାଉଁଲିଆ ପିଲା । ଖାଣ୍ଟି ମଫସଲିଆ । ସେଥିରେ ପୁଣି ଜାତିରେ ଗଉଡ଼ । ସହର କେବେ ଦେଖି ନଥିଲୁ । କେଡ଼େ ସୁନ୍ଦର ଏ

ନଗର । ଚାରିଆଡ଼େ କୋଠାବାଡ଼ି । କେତେ ସାଜସଜ୍ଜା ! ଏସବୁ ଦେଖିବାକୁ ତ ସମୟ ଲାଗିବ ।

ପିଲା ଦି'ଟାଙ୍କ ମୁହଁରୁ ଏକଥା ଶୁଣି, ସେମାନଙ୍କୁ ଦେଖିବାକୁ ଆସିଥିବା ମଥୁରାବାସୀମାନେ ହସିଲେ ! ଅକ୍ରୁର ରାମକୃଷ୍ଣଙ୍କୁ ହାତଯୋଡ଼ି କହିଲେ, ମୋର କାମ ସରିଗଲା କହି, ମତେ ଏକାବେଳକେ ଛାଡ଼ିଦେଲେ, ମୁଁ ବଞ୍ଚି ରହି ପାରିବି ତ ! ମଥୁରାକୁ ଆସିଛନ୍ତି ଯେତେବେଳେ ଆମ ଘରେ ଥରେ ପାଦ ପକାଇଲେ, ମୁଁ ଓ ମୋ ପରିବାର କୃତାର୍ଥ ହେବୁ । ଆପଣମାନଙ୍କ ପାଦଧୋଇ ସେହି ଜଳସେବନ କଲେ ମୋ ଜନ୍ମ ସାର୍ଥକ ହେବ । କର୍ମଜନିତ ସମସ୍ତ ପାପରୁ ମୁକ୍ତ ନହେଲେ ମଧ ମୋର କିଞ୍ଚିତ୍ ପାପମୋଚନ ହୋଇ ପାରିବ ତ । କେହି ଜାଣୁ ନ ଜାଣୁ, ଆପଣମାନେ କିଏ, କାହିଁକି ଆସିଛନ୍ତି, ମୁଁ କିଛିଟା ଜାଣିପାରୁଛି ! ମତେ ଜନ୍ମମୃତ୍ୟୁ ଚକ୍ରରୁ ଉଦ୍ଧାର କରନ୍ତୁ ପ୍ରଭୁ !

କହୁ କହୁ ଅକ୍ରୁର ଅଶ୍ରୁ ବିଗଳିତ ହୋଇ ପଡ଼ିଲେ । ଶ୍ରୀକୃଷ୍ଣ ତାଙ୍କ ଆଖି ପୋଛି ଦେଲେ । କହିଲେ, ମୁଁ ଭକ୍ତର ଦାସ । ଭକ୍ତ ଯାହା ଚାହେଁ, ମୁଁ ତତ୍କ୍ଷଣାତ ଦେଇଥାଏ । ତୁମେ ତ ଜାଣ, ଆମେ ଆସିଚୁ କାହିଁକି । ଆଗ କାମ ଆଗେ କରିବାକୁ ପଡ଼ିବ । ଦୁଷ୍ଟଦଳନ ଓ ଶିଷ୍ଟପାଳନ ମୋର କାମ । ପାପୀ କଂସକୁ ଆଗେ ମାରି ସାରେ, ତା'ପରେ ଅନ୍ୟକଥା ବିଚାର କରାଯିବ । ଯାଦବମାନଙ୍କୁ କଂସ ଭୟରୁ ଉଦ୍ଧାର କରିବାକୁ ପଡ଼ିବ । ଏ କାମ ସାରିଲେ, ଆମେ ପ୍ରଥମେ ଯିବୁ ଆମର ଜନକ ଓ ଜନନୀ ବସୁଦେବ ଓ ଦେବକୀଙ୍କ ପାଖକୁ । ଶୁଣିଚି, କଂସ ପୁଣି ସେମାନଙ୍କୁ ଅଟକବନ୍ଦୀ କରି ରଖିଚି । ସେମାନଙ୍କୁ ମୁକୁଳେଇ, ସେମାନଙ୍କର ଚରଣବନ୍ଦନା କରିବୁ । ମଥୁରାରେ ଏସବୁ କାମ ଏହି ଦୁଇ ତିନିଦିନ ଭିତରେ ସରିଯିବ । ସବୁ କାମ ସରିବାପରେ ଆମେ ପ୍ରଥମେ ଯିବୁ ତୁମ ଘରକୁ । ସେଠି କିଛି ସମୟ ରହିବୁ । କିନ୍ତୁ ତୁମେ ଆଉ ବିଳମ୍ବ କର ନାହିଁ । ଆମ ପାଖରେ ରହି ଅଯଥା ସମୟ ନଷ୍ଟ କରନି । ଶୀଘ୍ର ଯାଅ କଂସ ପାଖକୁ । ସେ ତୁମ ଫେରିବା ବାଟକୁ ଚାହିଁ ରହିଛି । ଆମେ ଆସିଲୁ ବୋଲି ଅନ୍ତତଃ ସେ ଜାଣିବା ଦରକାର ।

ଅକ୍ରୁର ଗଲେ କଂସ ପାଖକୁ । ଇଆଡ଼େ କୃଷ୍ଣ ବଳରାମ ଗଲେ ନନ୍ଦବାବାଙ୍କ ପାଖକୁ । ନନ୍ଦବାବା କହିଲେ, ଏତେ ଡେରି ହେଲା କାହିଁକି ? ଆମେ ଶଗଡ଼ରେ ଆସି ଆଗରୁ ପହଞ୍ଚି ଗଲୁଣି । ତୁମେମାନେ ର ରଥରେ ଆସୁଥିଲ । ଆଗରୁ ପହଞ୍ଚିବା କଥା । କ'ଣ ବାଟରେ କୁଉଠି ଅଟକି ଗଲ ? ସକାଳୁ ଆସିଲଣି, ଖିଆପିଆ ତ ହୋଇନଥିବ । ଦେଖ, ତୁମ ମା' କ'ଣ ବୁଜୁଳିରେ ଦେଇଚି, ଫିଟାଇ ଖାଅ । କୃଷ୍ଣ ବଳରାମ ଗଣ୍ଠିଲି ଫିଟାଇଲେ । ସାଙ୍ଗ ସାଥୀଙ୍କୁ ଡାକିଲେ, ଆସ, ତୁମମାନଙ୍କ ମେଳରେ ଇଏ ଆମର ଶେଷଖିଆ । ତା'ପରେ ସେମାନେ ଚାଲିଲେ ନଗର ଭ୍ରମଣରେ ।

●

॥ ୬୦ ॥

# ମଥୁରା ଦାଣ୍ଡରେ ରାମକୃଷ୍ଣ

ଅକ୍ରୂର କଂସ ପାଖକୁ ଯାଇ ଭଣଜାମାନଙ୍କ ମଥୁରା ଆଗମନର ଖବର ଦେଲେ । ସେଠୁ ଫେରି ନିଜ ଘରକୁ ଗଲେ । ସେଦିନଟି ସେମିତି ସେମିତି ଚାଲିଗଲା । ତା'ପରଦିନ ରାମକୃଷ୍ଣ ଦୁହେଁ ବାହାରିଲେ ନଗର ଭ୍ରମଣ ଉଦ୍ଦେଶ୍ୟରେ । ଦେଖିଲେ, ମଥୁରା ଏକ ସୁନ୍ଦର ନଗର । ଉଚ୍ଚ ଉଚ୍ଚ ଘର । ସୌଧମାଳା । ଘରର ମୁଖଶାଳାଗୁଡ଼ିକ ସୁସଜ୍ଜିତ । ତମ୍ବା, ପିତ୍ତଳ, ସୁନାରୂପାରେ ଛାଉଣି । ସୁଶୋଭିତ । ବିଭିନ୍ନ ସ୍ଥାନରେ ସୁନ୍ଦର ସୁନ୍ଦର ଉଦ୍ୟାନ । ପୁରୁଷ, ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ଅଲଗା ଅଲଗା ବଗିଚା (ପାର୍କ) । ମଝିରେ ମଝିରେ ସଭାଗୃହ (ଟାଉନହଲ) । ସାଧାରଣ ଯାତ୍ରୀମାନଙ୍କ ପାଇଁ ବିଶ୍ରାମ ଘର । ସହରର ଚାରିପଟେ ଖାଇ । ଶତ୍ରୁ ଆକ୍ରମଣରୁ ନଗରକୁ ରକ୍ଷା କରିବାପାଇଁ ନାନା ପ୍ରତିରକ୍ଷା ବ୍ୟବସ୍ଥା । ରାସ୍ତାଗୁଡ଼ିକ ପ୍ରଶସ୍ତ । ଦୁଇପାଖରେ ଧାଡ଼ି ଧାଡ଼ି ହୋଇ ବିଭିନ୍ନ ବୃକ୍ଷ । ବିଭିନ୍ନ ଅତ୍ୟାବଶ୍ୟକ ଦ୍ରବ୍ୟ ବିକ୍ରି ଲାଗି ବଜାର ହାଟ । ବଡ଼ ବଡ଼ ବିପଣୀ । ପ୍ରତ୍ୟେକ ଘର ଦୁଆର ମୁହଁରେ କଳସ, ପୂର୍ଣ୍ଣକୁମ୍ଭ ଓ ଦୀପ । ରାମକୃଷ୍ଣ ଦୁଇଭାଇ ବୁଲୁଛନ୍ତି । ଦେଖୁଛନ୍ତି । ଭାବୁଛନ୍ତି ବୋଧହୁଏ ମାମୁଁ କଂସଙ୍କ ଧନୁଉତ୍ସବ ଯୋଗୁଁ ମଥୁରାରେ ଏତେ ଆୟୋଜନ ।

ଶୁକମୁନି କହିଲେ, ପରୀକ୍ଷିତଙ୍କୁ, ବସୁଦେବନନ୍ଦନ ଭଗବାନ ଶ୍ରୀକୃଷ୍ଣ ବୃନ୍ଦାବନରୁ ଆସିଥିବା ସାଙ୍ଗସାଥିଙ୍କ ସହିତ ମଥୁରା ନଗରୀ ନିରୀକ୍ଷଣ କରିବାରେ ଲାଗିଛନ୍ତି । ସେମାନେ ମଥୁରାବାସୀଙ୍କୁ ଦେଖୁଛନ୍ତି, ମଥୁରାବାସୀ ସେମାନଙ୍କୁ ଦେଖୁଛନ୍ତି । କଂସ ରାଜାଙ୍କ ଭଣଜା କେବଳ ନୁହଁନ୍ତି, ସେମାନେ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ଆସିଛନ୍ତି । ମଥୁରାବାସୀଙ୍କ ପକ୍ଷରେ ସେମାନେ ପ୍ରଧାନ ଅତିଥି । ତା'ଛଡ଼ା ଦୁଇଭାଇ ଏତେ ସୁନ୍ଦର ଦେଖାଯାଉଛନ୍ତି ଯେ ଦେଖଣାହାରୀଙ୍କ ଆଖିର ପଲକ ପଡୁନି । କିଏ କୋଠା ଉପରେ ଚଢ଼ିଛନ୍ତି ତ କିଏ ଗଛ ଉପରେ ଚଢ଼ି ରାମକୃଷ୍ଣଙ୍କୁ ଦେଖିବାରେ ଲାଗିଛନ୍ତି । ଦର୍ଶକମାନଙ୍କ ମୁଖମଣ୍ଡଳରୁ ଯେପରି ଆନନ୍ଦର ବିକିରଣ ହେବାରେ ଲାଗିଚି ।

କେହି କେହି କହୁଛନ୍ତି, ଆଲୋ, ଏ ପିଲା ଦିଇଟାକୁ କୁଉଠି ଦେଖିଲା ଭଳି ମନେ ହେଉଛି, ହଁ ତ ମୁଁ ସ୍ୱପ୍ନରେ ଦେଖିଥିଲି ! ଏବେ ସତକୁ ସତ ଦେଖୁଚି ! ଦେଖିଲେ, ଆଖି ଝଲସି ଯାଉଚି ! ଏମାନେ ସୂର୍ଯ୍ୟ ନା ଚନ୍ଦ୍ର ! କିଏ କିଏ କହୁଛନ୍ତି, ସହସ୍ର ପଦ୍ମଫୁଲକୁ ଏକାଠି ମିଶାଇ ଦେଲେ ଯାହା, ଏମାନଙ୍କ ମୁଖମଣ୍ଡଳ ସେୟା ।

ଗୋପ ଲଳନାମାନେ ଯାହାକୁ ଦେଖିବାପାଇଁ ସବୁ କିଛି ଭୁଲି ଯାଉଥିଲେ, ଏବେ ମଥୁରା ନାରୀମାନଙ୍କର ସେହି ଅବସ୍ଥା । କିଏ ଦେଖିବାପାଇଁ ଏତେ ବ୍ୟାକୁଳ ଯେ ଲୁଗାକୁ

ଓଲଟା ପିନ୍ଧିଛି, ଆଭରଣ ମଧ ଓଲଟି ପଡ଼ିଛି, ଦୌଡ଼ି ଆସିଚି ଦୁଆର ମୁହଁକୁ । କାହାର ଗୋଟିଏ କାନରେ ଗୋଟିଏ କୁଣ୍ଡଳ, ଅନ୍ୟ କାନରେ ନାହିଁ ।

'ରାଜଭୀତି' ହେଉଚି ମଥୁରାର ବଡ଼ଦାଣ୍ଡର ନାଆଁ । ଏହି ରାସ୍ତା ପଡ଼ିଚି ସିଧାସଳଖ ରାଜ ନଅରକୁ । କଂସ ଭବନକୁ । ସେହି ରାସ୍ତାରେ ଚାଲିଛନ୍ତି ରାମକୃଷ୍ଣ ଦୁଇଭାଇ । ସାଙ୍ଗରେ ତାଙ୍କର ବୃନ୍ଦାବନର ସଖାମାନେ । ଭାଗବାନଙ୍କ ସହିତ ଭକ୍ତମାନଙ୍କର ଶୋଭାଯାତ୍ରା ! ମଥୁରାବାସୀଙ୍କ ଭିତରେ ନାନା ଗୁଂଜରଣ । ନବାଗତଙ୍କୁ ଦେଖି କିଏ କ'ଣ କହିବାରେ ଲାଗିଛନ୍ତି । ଆଗରୁ ସେମାନେ ଶୁଣିଛନ୍ତି ଯେ ନନ୍ଦର ପୁଅ ଶ୍ରୀକୃଷ୍ଣ ଓ ତା' ବଡ଼ଭାଇ ବଳରାମ ପ୍ରଥମେ ଗୋକୁଳରେ ଥିଲେ । କଂସ ଭୟରେ ସେମାନେ ବୃନ୍ଦାବନକୁ ଗଲେ । ସେଠି ଥାଇ କୃଷ୍ଣ ବୋଲିବା ପିଲାଟା କଂସର ସବୁ ବଳୁଆ ବଳୁଆ ବୀର ଯୋଦ୍ଧାମାନଙ୍କୁ ମାରି ପକାଇଚି । ଇଏ କ'ଣ ସେହି କୃଷ୍ଣ ? ଇଏତ ବକଟେ ବୋଲି ପିଲା, ତା'ର ଦୁଧଖିଆ ଦାନ୍ତ ଏବେ ବି ପଡ଼ିନଥିବ । ସେ ପୁଣି ଅସୁରଗୁଡ଼ାକୁ ମାରି ପକାଇଲା ! ଏ ପିଲା ଦିହରେ ପୁଣି ଏତେ ବଳ ! ବଳଗୁଡ଼ାକୁ କ'ଣ ସେ ପେଟ ଭିତରେ ଲୁଚାଇ ରଖିଚି ! ଅବଶ୍ୟ ଦେଖିବାକୁ ସୁନ୍ଦର, କିନ୍ତୁ ୟା'ର ହାତଗୋଡ଼ରୁ ଜଣାପଡୁନି ଏତେ ବଳୁଆ ବୋଲି ! ନିଜେ ଭଗବାନ ହେଇଥିବ ! ସମସ୍ତଙ୍କ ମନରେ ଅସୁମାରୀ କୌତୂହଳ ! ନ ଦେଖିବା କଥା ଦେଖୁଛନ୍ତି, ନ ଜାଣିଥିବା କଥା ଜାଣୁଛନ୍ତି, ନ ଶୁଣିବା କଥା ଶୁଣୁଛନ୍ତି ।

କିଏ କ'ଣ କହୁଛନ୍ତି, ରାମକୃଷ୍ଣଙ୍କର ସେଥିପ୍ରତି ଖାତିର୍ ନାହିଁ । ଶୁଣୁଛନ୍ତି, ହସୁଚନ୍ତି । ହସିବାବେଳେ ସେମାନଙ୍କ ଦାନ୍ତକୁ ଦେଖି ମଥୁରାର ମାଧୁରୀ ଝିଅବୋହୂମାନେ କହୁଛନ୍ତି, ଦେଖଲୋ, ଇଏ ତ ଦାନ୍ତ ନୁହଁ, ମୁକ୍ତା । ମୁକ୍ତାଫଳ ଯିମିତି ଗୁନ୍ଥାହୋଇଛି ଏ ପିଲା ଦିଓଟିର ତୁଣ୍ଡରେ !

ରାମକୃଷ୍ଣ ଯାଉ ଯାଉ ଦେଖିଲେ, ଜଣେ ଧୋବା ଆସୁଚି । ତା' ମୁଣ୍ଡରେ ଆଉ କାନ୍ଧରେ ଲୁଗା ଗଣ୍ଠିଲି ! ଶ୍ରୀକୃଷ୍ଣ ତାକୁ ଅଟକାଇ ପଚାରିଲେ, କିହୋ ରଜକ ଭାଇ ! ଏସବୁ କ'ଣ ନେଉଚ ? ସିଏ କଂସରାଜାର ରଜକ । କମ ଲୋକ ନୁହଁ । ରାଜାର ରଜକ ! ମନରେ ତା'ର ଗର୍ବ । ଗର୍ବ ତା'ର ମୁହଁ ଦେଇ ଉବୁକି ବାହାରି ଆସିଲା । ଖୁବ୍ ଜୋରରେ ପାଟି କରି କହିଲା, ''ମୁଁ ଖୋଦ୍ କଂସ ରାଜାଙ୍କ ରଜକ ! କେବଳ ତାଙ୍କର ଲୁଗା ସଫା କରେ । ମୁଁ ସଫା କଲେ ଯାଇ ସେ ପିନ୍ଧନ୍ତି । ଗଣ୍ଠିଲିରେ ତାଙ୍କର ପୋଷାକ ଅଛି । ସିଲ୍କି ରେଶମୀ ଲୁଗା । ବାଟ ଛାଡ଼ ମୁଁ ନେଲେ ମାହାର୍ଜା ପିନ୍ଧିବେ, ଧନୁ ଉସବକୁ ଆସିବେ ।''

ଶ୍ରୀକୃଷ୍ଣ କହିଲେ, ଶୁଣ ଭାଇ ଟିକିଏ ଶୁଣ । ଆମେ ଦି'ଜଣ ତୁମ ରାଜାଙ୍କ ଖୋଦ୍ ଭଣଜା । ମାମୁଁ ଡକେଇଲେ ବୋଲି ତରବର ହୋଇ ଘରୁ ବାହାରି ଆସିଲୁ । ଯାହା ପିନ୍ଧିଚୁ ସେତିକି । ମାମୁଁ ଘରକୁ ଯିବୁ । ଇଏତ ମାମୁଁଙ୍କ ପୋଷାକ । ସେ କ'ଣ ଏତେ ଲୁଗା ପିନ୍ଧିବେ ? ସେଥିରୁ କିଛିଟା ସିଲ୍କ ଲୁଗା ଦିଅ, ଆମେ ପିନ୍ଧିବୁ । ମାମୁଁ ତୁମକୁ କିଛି କହିବେ ନାହିଁ, ଗାଳି ଦେବେନି କି ରାଗିବେନି । ବରଂ ଆମକୁ ଲୁଗାପଟା ଦେଇଚ ଶୁଣିଲେ, ସେ ଖୁସି ହେବେ । ତୁମକୁ ସାବାସ୍ କହିବେ ।

ରଜକ ସେମାନଙ୍କ କଥାକୁ ହସରେ ଉଡ଼େଇ ଦେଲା । କହିଲା, ମଫସଲିଆ ଦି'ଟା ପିଲା ! ରଜାଙ୍କ ପୋଷାକ ପିନ୍ଧିବାରେ କି ସଉକ ! କିହୋ ତୁମର କିମିତି ସାହସ ହେଉଛି କହିବାକୁ ! ଗଉଡ଼ ପିଲା, ବଣ ଜଙ୍ଗଲରେ ଦିନଯାକ ଗାଈ ଚରାଇବା ତୁମ କାମ । କଂଟା ଖୁଞ୍ଚ ସହିତ ତୁମମାନଙ୍କ କାରବାର । ତୁମମାନଙ୍କ ଚିରା ଲେଙ୍କଡ଼ା ଲୁଗାପଟାରୁ ତୁମେ କି ଜାତିଆ ପିଲା ସହଜେ ବାରି ହେଉଛି । ଦେଖ, ମତେ ରଗାଅନି ! ରଗେଇଲେ କଥାଟା ଯାଇ ଦରବାରରେ ପଡ଼ିବ । ତା'ପରେ ତୁମମାନଙ୍କ ଅବସ୍ଥା କ'ଣ ହେବ ଜାଣିପାରୁଚ ତ !

କୃଷ୍ଣ କହିଲେ, ଜାଣିବି କ'ଣ, 'ମୁଁ କ'ଣ' ତତେ ଜଣାଇ ଦେଉଚି । କହୁ କହୁ ରଜକ ମୁଣ୍ଡରେ ଶକତ ବିଧାଏ ପକାଇବା ମାତ୍ରେ ତା'ମୁଣ୍ଡ ଦେହରୁ ଅଲଗା ହୋଇ ତଳେ ପଡ଼ିଲା । ରଜକ ସହିତ ଥିବା ସବୁ ଲୋକ କିଏ କୁଆଡ଼େ ଭାଗେ । ଶ୍ରୀକୃଷ୍ଣ ଲୁଗା ବୁଜୁଳି ଫିଟାଇଲେ । ଭଲ ଭଲ ପୋଷାକ ବାଛି ପିନ୍ଧିଲେ । ବଳରାମ ଓ ବୃନ୍ଦାବନର ସାଙ୍ଗସାଥିମାନଙ୍କୁ ମଧ ଦେଲେ ପିନ୍ଧିବା ପାଇଁ ।

ତା'ପରେ ରାମକୃଷ୍ଣ ଗଲେ ଜଣେ ଦର୍ଜି ଦୋକାନକୁ । ଦର୍ଜିଠୁ ବେଶ୍ ସୁନ୍ଦର ସୁନ୍ଦର ଫୁଲପକା ସାଲ ଆଣିଲେ । ଦେହରେ ପକାଇଲେ । ଦର୍ଜି ଦୁଇ ଭାଇଙ୍କ ଦେହକୁ ଖାପିବା ଭଳି ଭଲ ଭଲ ପୋଷାକ ଦେଲେ । ଭଗବାନ ତାକୁ ତା' ବଦଳରେ ଦେଲେ ବିପୁଳ ଐଶ୍ୱର୍ଯ୍ୟ ଏବଂ ମୃତ୍ୟୁପରେ ମୋକ୍ଷର ପ୍ରତିଶ୍ରୁତି ।

ଦର୍ଜି ଘରଠୁ ଗଲେ ସୁଦାମା ମାଳି ଘରକୁ । ସୁଦାମା ଦୁଇଭାଇଙ୍କୁ ଘର ଭିତରକୁ ପାଛୋଟି ନେଲା । ସେମାନଙ୍କୁ ମୁଣ୍ଡିଆ ମାରିଲା । ଆଜି ମୁଁ ଓ ମୋ ପରିବାର ଧନ୍ୟ ହେଲେ ବୋଲି କହିଲା । ସୁଦାମା ସେମାନଙ୍କୁ ଦେଖୁ ଦେଖୁ ଜାଣିପାରିଲା ଯେ ଏମାନେ ମଣିଷ ନୁହଁନ୍ତି, ସ୍ୱୟଂ ଭଗବାନ । ଭକ୍ତ ହିଁ ଭଗବାନଙ୍କୁ ଜାଣିପାରେ । କହିଲା, ମୁଁ କେବଳ ଫୁଲ ବିକେ । ଫୁଲ ଛଡ଼ା ପ୍ରଭୁଙ୍କୁ ମୁଁ କ'ଣ ବା ଦେବି ? ସେ ସେମାନଙ୍କ ଗଳାରେ ସୁନ୍ଦର ସୁନ୍ଦର ଫୁଲମାଳ ପିନ୍ଧେଇଦେଲା ।

ଶ୍ରୀକୃଷ୍ଣ କହିଲେ, ସୁଦାମା ! ତୁମେ ଯଦି ଭାବୁଚ ଆମେ ଭଗବାନ , ତା'ହେଲେ, ଯାହା ଇଚ୍ଛା ତାହା ମାଗ । ସୁଦାମା କହିଲା, ଆଖିରେ ଦେଖିଲି, କାନରେ ଦି'ପଦ କଥା ଶୁଣିଲି, ସ୍ନେହ ପାଇଲି, ଏହାଠୁ କ'ଣ ବା ଅଧିକ ମାଗିବି ? ଏତିକି ମାତ୍ର ମିନତି, ଚିରଦିନ ତୁମ ପ୍ରତି ମୋ ଭକ୍ତି ଅଟଳ ରହୁ । ଜଗତର ସମସ୍ତେ ସୁଖରେ ରହନ୍ତୁ । ଏତିକି ମାତ୍ର ମୁଁ ଚାହେଁ ।

ସୁଦାମା ଯାହା ଚାହୁଁଥିଲା, ଭଗବାନ ତାକୁ ସବୁ ଦେଲେ । ଧନ, ଜନ, ଗୋପ ଲକ୍ଷ୍ମୀ ଦେଲେ । ତାକୁ ନିଜ ଭକ୍ତ ତାଲିକାଭୁକ୍ତ କରିନେଲେ । ତା'ପରେ ରାଜଦାଣ୍ଡରେ ଚାଲିଲେ ଆଗକୁ ଆଗକୁ, ଯିମିତି ପିଲାହାତୀ ଦି'ଟା ଚାଲିଛନ୍ତି ଢ଼ଳି ଢ଼ଳି, ଧୀରେ ଧୀରେ । ଦେହରେ ରାଜପୋଷାକ, ଗଳାରେ ସୁଦାମା ମାଳି ଦେଇଥିବା ଭକ୍ତି ରଂଜିତ ନାନାବର୍ଣ୍ଣର ପୁଷ୍ପମାଳା !

●

॥ ୬୧ ॥

# କଂସ ମନ ଛନଛନ

ମଥୁରାଦାଣ୍ଡରେ ଚାଲିଛନ୍ତି ରାମକୃଷ୍ଣ ଦୁଇଭାଇ ବୀର ଦର୍ପରେ । ସାଙ୍ଗରେ ସଖା ମଣ୍ଡଳୀ ! ସମସ୍ତଙ୍କର ହସ ହସ ମୁହଁ । ମହାରସିକ ଶ୍ରୀକୃଷ୍ଣ । ଅଙ୍ଗବସ୍ତ୍ର ପିନ୍ଧା ସରିଲା । କାନ୍ଧରେ ସ୍ନିଗ୍ଧ ମସୃଣ ରଙ୍ଗ ବେରଙ୍ଗର ଉତ୍ତରୀୟ । ଗଳାରେ ପୁଷ୍ପମାଳା, ଆଜାନୁଲମ୍ବିତ । ବାହୁକୁ ହଲେଇ ହଲେଇ ଚାଲିଛନ୍ତି ଶ୍ରୀକୃଷ୍ଣ । ବାକି ରହିଚି ଅଙ୍ଗରାଗ । ହଠାତ୍ ଦେଖାଗଲା ସେମାନଙ୍କ ସାମନାରେ ଜଣେ ଭଦ୍ରମହିଳା । ମୁହଁଟି ଦେଖିବାକୁ ସୁନ୍ଦର । ଯୁବତୀ ହେଲେ କ'ଣ ହେବ, ତା' ପିଠିରେ ଆବୁ, କୁବ୍‌ଜ । ଗୋଟିଏ ନୁହଁ ତିନୋଟି । ଏଥିଯୋଗୁଁ ସେ କୁବ୍‌ଜା ନାମରେ ପରିଚିତା । ହାତରେ ତା'ର ସମସ୍ତ ପ୍ରକାରର ଅଙ୍ଗରାଗ । ସୁବାସିତ ଚନ୍ଦନ ଓ ଅତର ବହୁ କିସମର । ବାସନାରେ ଚତୁର୍ଦ୍ଦିଗ ମହକିତ ।

ଶ୍ରୀକୃଷ୍ଣ ତା'ପାଖକୁ ଲାଗି ଆସିଲେ । ସ୍ମିତହାସ୍ୟରେ କୁବ୍‌ଜାକୁ ସଂଭାଷଣ କଲେ । ତାକୁ ସୁନ୍ଦରୀ, କଲ୍ୟାଣୀ ନାମରେ ସଂବୋଧନ କରି ପଚାରିଲେ, ଏସବୁ ନେଉଛ କ'ଣ ? ଚନ୍ଦନ ମନେ ହେଉଛି ତ ! ଆମକୁ ଟିକିଏ ଟିକିଏ ଦିଅ, ରଜା ଘରକୁ ଯାଉଚୁ, ଦେହରେ ଲାଗିଲେ ବାସିବ । ତୁମ ରାଜା ମଧ୍ୟ ଆଘ୍ରାଣ କରିବେ ।

କୁବ୍‌ଜା ମୁହଁ ଟେକି ଶ୍ରୀକୃଷ୍ଣଙ୍କୁ ଦେଖିଲା । ଦେଖୁ ଦେଖୁ ମୋହିତ ହୋଇଗଲା । କହିଲା, ମୁଁ ସୁନ୍ଦରୀ କ'ଣ, ତୁମେ ତ ପରମ ସୁନ୍ଦର ! ମୁଁ କଂସରାଜାଙ୍କ ପ୍ରିୟ ଦାସୀ । ମୋର ପ୍ରକୃତ ନାଆଁ ତ୍ରିବକ୍ରା । ପିଲେ ମତେ କୁବ୍‌ଜା ବୋଲି ଡାକନ୍ତି । ମୁଁ ଆଦୌ ଚିଡ଼େନି । ଭଗବାନ ତ ପିଠିରେ ମୋର ତିନୋଟି ଆବୁ ଦେଇଛନ୍ତି, ମୁଁ କୁବ୍‌ଜା ନୁହଁ ବୋଲି କହିବି କିମିତି ? ହେଲେ ଭୋଜରାଜ କଂସ ମୋ ହାତ ତିଆରି ଚନ୍ଦନ ଓ ଅଙ୍ଗରାଗକୁ ବହୁତ ଭଲ ପାଆନ୍ତି । କିନ୍ତୁ ଏ ସୁବାସ ଲାଗି ତୁମ ଦୁହିଁଙ୍କଠୁ ବଳି ଉପଯୁକ୍ତ ପାତ୍ର କେହି ନୁହଁନ୍ତି । ତୁମମାନଙ୍କ ମୁହଁକୁ ଦେଖିଲେ, ତୁମ କଥା ଶୁଣିଲେ, କାହିଁକି କେଜାଣି ମନେ ହେଉଚି, ତୁମେମାନେ ସ୍ୱୟଂ ଭଗବାନ ।

ଭଗବାନଙ୍କ ସୌନ୍ଦର୍ଯ୍ୟ, ପ୍ରେମାଳାପ, ସୁକୁମାରବଦନ, ରସିକତାରେ କୁବ୍‌ଜା ତା' ମନ ଭିତରେ ଚନ୍ଦନ ବୋଳିବା ଭଳି ଅନୁଭବ କଲା ।

ଶ୍ରୀକୃଷ୍ଣ କହିଲେ, ତୁମର ମଙ୍ଗଳ ହେବ, ଆମକୁ ଅଙ୍ଗରାଗ ଦିଅ । ତୁମେ ତ ସୈରିନ୍ଧ୍ରୀ । ତୁମ ଅଙ୍ଗରାଗ ଲାଗିଲେ ଯାଇ ଆମ ଅଙ୍ଗର ରଙ୍ଗ ସୁରଙ୍ଗ ହେବ । ତ୍ରିବକ୍ରା ରାମକୃଷ୍ଣଙ୍କ ଅଙ୍ଗରେ ଚନ୍ଦନ ଓ ଅଙ୍ଗରାଗ ପ୍ରଲେପନ କଲେ । ଅନୁରଞ୍ଜିତ ହେଲେ ଭଗବାନ ଶ୍ରୀକୃଷ୍ଣ । କୁବ୍‌ଜାର ଭକ୍ତିକୁ ଲକ୍ଷ୍ୟ କରି ତା'ପ୍ରତି ତାଙ୍କର କରୁଣା ହେଲା । ପ୍ରସନ୍ନ ହେଲେ ସେ । ଭାବିଲେ, ସଙ୍ଗେ ସଙ୍ଗେ ସେ ଉପକୃତ ହେବା ଉଚିତ । ତା' ଅଣ୍ଟା ନଇଁ ଆସିଥିଲା । ତାକୁ ସିଧା କରିଦେବା ପାଇଁ ଚାହିଁଲେ । ସେ କୁବ୍‌ଜାର ପାଦ ଉପରେ ନିଜ ପାଦ ଚାପି ରଖିଲେ । ତା'ପରେ ତା' ଥୋଡ଼ିରେ ହାତ ଦେଇ ମୁହଁକୁ ଉପରକୁ ଉଠାଇନେଲେ । ସଙ୍ଗେ ସଙ୍ଗେ କୁବ୍‌ଜାର ଶରୀର ସିଧା ହୋଇ ପଡ଼ିଲା । ଭଗବାନଙ୍କ ସ୍ପର୍ଶରେ ତ୍ରିବକ୍ରା କୁବ୍‌ଜା ଜଣେ ସର୍ବାଙ୍ଗ ସୁନ୍ଦରୀ ତରୁଣୀ ହୋଇ ଉଠିଲା । ଦର୍ଶକମାନେ ବିସ୍ମିତ ହୋଇପଡିଲେ । ଭାବିଲେ ଏ ପିଲାଟା କ'ଣ ଯାଦୁକର ! ଇଏ କ'ଣ କୁହୁକ ବିଦ୍ୟା ଜାଣେ ! ଇଆଡ଼େ କୁବ୍‌ଜାର ମନରେ ପରମାନନ୍ଦ । ସେ ରାମକୃଷ୍ଣଙ୍କୁ ଧରିଲା, ସେମାନଙ୍କୁ ନିଜ ଘରକୁ ନେବାପାଇଁ । ଶ୍ରୀକୃଷ୍ଣ ତାକୁ ନାନା ଚିକ୍କଣିଆ କଥା କହି ପରେ ଯିବି ବୋଲି କହିଲେ ।

ତା'ପରେ ଶ୍ରୀକୃଷ୍ଣ ଧନୁଯଜ୍ଞଶାଳା କୁଉଠି, ନଗରବାସୀଙ୍କୁ ପଚାରି ପଚାରି ସେହି ଆଡ଼ିକି ଚାଲିଲେ । ପହଁଚିଲେ ରଙ୍ଗଶାଳାରେ । ଦେଖିଲେ ଇନ୍ଦ୍ରଧନୁ ଭଳି ଏକ ଅଦ୍‌ଭୁତ ଧନୁ ଥୁଆ ହୋଇଛି । ଧନୁଟି ନାନା ଆଭରଣରେ ସୁସଜ୍ଜିତ । ବହୁ ବେଦଜ୍ଞ ବ୍ରାହ୍ମଣ ଧନୁପୂଜା ଚଳାଇଛନ୍ତି । ଧନୁକୁ ଜଗି ରହିଛନ୍ତି, ନାନା ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ସୈନ୍ୟ ସାମନ୍ତ । ସେମାନଙ୍କ ପ୍ରତିରୋଧ ସତ୍ତ୍ୱେ ଶ୍ରୀକୃଷ୍ଣ ଧନୁଟିକୁ ବାଁ ହାତରେ ଉଠାଇ ଧରିଲେ ।

ଗୁଣ ଚଢ଼ାଇଲେ । ଚାହୁଁ ଚାହୁଁ ଧନୁ ଦି'ଖଣ୍ଡ । ଭୀଷଣ ଶବ୍ଦରେ ପୃଥିବୀ କମ୍ପି ଉଠିଲା । ଜଗିଥିବା ସୈନ୍ୟମାନେ ଅବାକ୍ । ଇଏତ କମ ଧନୁ ନୁହଁ ! ଏହାକୁ କେତେ ବଳବାନ ଅସୁର ଲାଗିପଡ଼ି ଉଠେଇଆଣି ଏଠି ଥୋଇ ଥିଲେ । ଯାହାକୁ ଉଠାଇବା କଷ୍ଟକର, ପିଲାଟା ତାକୁ କେବଳ ସହଜରେ ଉଠେଇ ନେଲାନାହିଁ, ଟୁକୁରା ଟୁକୁରା କରି ଭାଙ୍ଗି ପକାଇଲା । ରାଜା ଜାଣିଲେ, ଜଗୁଆଳିମାନଙ୍କର ଆଉ ତ୍ରାହି ନାହିଁ । ଧର ସେ ପିଲା ଦିଇଟାକୁ ବୋଲି ରଡ଼ି ଛାଡ଼ିଲେ । ସେମାନେ ଶ୍ରୀକୃଷ୍ଣଙ୍କୁ ଘେରିଗଲେ । ତାଙ୍କୁ ବାନ୍ଧିବା ପାଇଁ ଚେଷ୍ଟା କଲେ । ଶ୍ରୀକୃଷ୍ଣ ଓ ବଳରାମ ବୁହେଁ ରାଗିଗଲେ । ବଳରାମ କ'ଣ ବୋଇଲେ କ'ଣ କରି ଦେଇଥାଆନ୍ତେ । ଶ୍ରୀକୃଷ୍ଣ କହିଲେ, ମତେ ତ ଯଥେଷ୍ଟ । ଏହା କହି ସେ ହାତରେ ଧରିଥିବା ଧନୁରୁ ଖଣ୍ଡେ ଅସ୍ତ୍ର ଭାବରେ ବ୍ୟବହାର କଲେ । ଜଗୁଆଳି ସୈନ୍ୟମାନଙ୍କୁ ନିପାତ କରିଦେଲେ । ବିଚରା କଂସ ଜଗେଇଥିଲା ଏମାନଙ୍କୁ, ଧନୁକୁ ରକ୍ଷା କରିବାପାଇଁ । ସେହି ଧନୁରେ ସେମାନେ ମଲେ । ତା'ପରେ ସେମାନେ ଧନୁଶାଳାର ବାହାରକୁ ଆସି ଛାତ ଉପରେ ଚଢ଼ିଲେ । ଉପରୁ ମଥୁରାର ଶୋଭା ଦେଖିଲେ ।

ଏହା ଭିତରେ ମଥୁରା ସାରା ରାମକୃଷ୍ଣଙ୍କ ତେଜ, ବୀର୍ଯ୍ୟ, ସାହସ ଓ ପରାକ୍ରମ ସଂପର୍କରେ ପ୍ରଚାର ହୋଇଯାଇଥିଲା । ଲୋକେ କୁହାକୁହି ହେଲେ, ଏହି ପିଲା ଦିଇଟା ନିଶ୍ଚୟ ଦେବତା । ସ୍ୱର୍ଗରୁ ଓହ୍ଲେଇ ଆସିଛନ୍ତି । ଯାହା ଭାବୁଛନ୍ତି, ତା' କରିଯାଉଛନ୍ତି । ଯିଏ ବାଧା ଦେଉଛି, ସେ ମରୁଚି । ରାଜା ଯଦି ବାଧା ଦିଅନ୍ତି, ତାଙ୍କର ମଧ ଏହି ଦଶା ହେବ । କୃଷ୍ଣ ବଳରାମ ସାଙ୍ଗ ସାଥିଙ୍କ ସହିତ ଅବାଧରେ ପଶି ନଗରସାରା ବୁଲି ଦେଖିଲେ । ସନ୍ଧ୍ୟା ହେବା ମାତ୍ରେ ସେମାନେ ନନ୍ଦବାବା ରହୁଥିବା ମଥୁରା ସୀମାବର୍ତ୍ତୀ ରାଜୋଦ୍ୟାନକୁ ଫେରି ଆସିଲେ । ସମସ୍ତଙ୍କ ପାଇଁ କ୍ଷିରୀ ପ୍ରସ୍ତୁତ ହୋଇଥିଲା । ରାମକୃଷ୍ଣ କ୍ଷିରୀ ଖାଇ ଆରାମରେ ଶୋଇପଡ଼ିଲେ ।

ଇଆଡ଼େ ରାଜଭବନରେ କଂସର ଆଖିରେ ନିଦ ନାହିଁ । ଶ୍ରୀକୃଷ୍ଣଙ୍କ ମଥୁରାଲୀଳା ତା' କାନରେ ପଡ଼ିଛି । ଆସୁ ଆସୁ ପିଲାଟା ମଥୁରାବାସୀଙ୍କ ହୃଦୟ ଜୟ କରିନେଲାଣି । ସମସ୍ତେ ତାକୁ ଭଲ ପାଉଛନ୍ତି । କୁବ୍ଜାଟାକୁ ଛୁଇଁବାମାତ୍ରେ ସେ ସୁନ୍ଦରୀ ଯୁବତୀ ପାଲଟିଗଲା । ତା' ଆବୁ ଗୁଡ଼ାକ କାବୁ ହୋଇଗଲା । ପିଲାଟା ତା' ଲୁଗାପଟାଠୁ ଆରମ୍ଭ କରି ଅଙ୍ଗରାଗ ପର୍ଯ୍ୟନ୍ତ ସବୁ ନେଇ ଯାଇଚି । ଏକା ମୁଥକେ ଧୋବାଟାକୁ ମାରି ପକାଇଲା । ଧନୁଟାକୁ ଭାଙ୍ଗି ପକାଇଲା । ଜଗୁଆଳି ସୈନ୍ୟମାନଙ୍କୁ ଯମଘରକୁ ପଠାଇଦେଲା । ବୃନ୍ଦାବନରେ ଯାହା କରୁଥିଲା, ମଥୁରାକୁ ଆସି ସେହି କାମ ଆରମ୍ଭ କରିଦେଲାଣି । କାଲି ସକାଳେ ତ ଦି'ଭାଇଯାକ ତା' ଆଡ଼କୁ ମାଡ଼ି ଆସିବେ । ସେ କରିବ କ'ଣ ? ଲୁଚିବ କେଉଁଠି ?

ଭାବି ଭାବି ଆଖି ପଡ଼ି ଆସିଲାମାତ୍ରେ ସେ ସ୍ୱପ୍ନରେ ମଧ୍ୟ ଦେଖିଲା, କୃଷ୍ଣ ପିଲାଟା ସତେ ଯିମିତି ତା' ଗଳାକୁ ଚିପି ଧରିଛି । ସେ ଗଁ ଗଁ ରଡ଼ି ଛାଡ଼ି ଥରକୁ ଥର ଉଠୁଛି, ପୁଣି ଶୋଉଛି । ପୁଣି ସେହି ସ୍ୱପ୍ନ । ସ୍ୱପ୍ନରେ ଦେଖୁଛି, ସେ ଏକ ଗଧ ଉପରେ ବସିଛି । ଆଉ ଥରେ ଦେଖିଲା, ସେ ବିଷଖାଇ ଛଟପଟ ହେଉଛି । ଲାଲ ମନ୍ଦାର ଫୁଲର ଗୋଟାଏ ମାଳ କିଏ ଆସି ତା' ବେକରେ ପକେଇ ଦେଇ ଯାଉଛି । କେତେବେଳେ ସେ ତୈଳ ସ୍ନାନ କରିବାରେ ଲାଗିଚି । କିଏ ଜଣେ ତାକୁ ଟେକି ନେଇଯାଉଚି ଏକ ଅଜଣା ସ୍ଥାନକୁ । ସବୁ ଅଶୁଭ ସୂଚନା । ଥରେ ଥରେ ଉଠି ପଡ଼ି ସେ ନିଜ ନାଡ଼ି ଚିପିବାରେ ଲାଗିଚି, ଛାତି ଉପରେ ହାତକୁ ପକାଇ ଧଡ଼କନକୁ ଲକ୍ଷ୍ୟ କରୁଛି । ଦେହରେ ପ୍ରାଣ ଥାଇ ମଧ୍ୟ ସେ ନିଷ୍ପ୍ରାଣ । ମନେ ପଡ଼ୁଚି ସେଦିନ ସେ କଅଁଳା ଶିଶୁକନ୍ୟାଟାକୁ ଦେବକୀ କୋଳରୁ ଟାଣିନେଲା । ଉପରକୁ ଫିଙ୍ଗିଦେବା ମାତ୍ରେ ଝିଅଟା ଉପରେ ମହାମାୟା ପାଲଟିଗଲା । କହିଥିଲା, ଆରେ କଂସ ତତେ ମାରିବାବାଲା ଜନ୍ମ ହୋଇସାରିଲାଣି । ନାରଦ ମଧ୍ୟ ସେହି କଥା କହିଥିଲେ । ସତରେ କ'ଣ ପିଲାଟା ମତେ ମାରିଦେବ ! ମୋ' ଦେହରେ ଏତେ ବଳ, ଅଥଚ ମୁଁ ନିଜକୁ ରକ୍ଷା କରିପାରିବିନି ? ମହାପରାକ୍ରମଶାଳୀ ମୋର ଶଶୁର ଜରାସନ୍ଧ କ'ଣ ମତେ ରକ୍ଷା କରିବାକୁ ଆସିବେ ? ସକାଳ ପାହିବା ମାତ୍ରେ କ'ଣ ନା କ'ଣ ହୋଇଯିବ । କଂସର ମନ ଛନଛନ ।

କଂସ କେବଳ ଭାବିବାରେ ଲାଗିଚି । ଭାବୁଚି, ମୁଷ୍ଟିକ ଚାଣୁର ତ ଅଛନ୍ତି କୁବଳୟାପୀଡ଼ ହାତୀ ତ ରହିଛି । ରାମକୃଷ୍ଣ ଏମାନଙ୍କଠୁ ରକ୍ଷା ପାଇପାରିବେନି । କୁବଳୟାପୀଡ଼ ହାତୀଠୁ ଏ ପର୍ଯ୍ୟନ୍ତ କେହି ବଞ୍ଚିନାହାନ୍ତି । ସେ ଥରେ ରାଗିଗଲେ,ସମସ୍ତଙ୍କୁ ଦଳି ଚକଟି ଚାଲିଯିବ । ତାକୁ ଚଳେଇବାବାଲା ମାହୁନ୍ତ ମଧ୍ୟ କମ ନୁହଁ । ରାମକୃଷ୍ଣ ହାତୀଠୁ ବର୍ତ୍ତିଗଲେ ମଧ୍ୟ ମୁଷ୍ଟିକ ଓ ଚାଣୁର ହାତରୁ ମୁକ୍ତି ପାଇ ପାରିବେନି ।

ରାତି ବିତିଗଲା । ସୂର୍ଯ୍ୟୋଦୟ ହେଲା ! କଂସ ମଲ୍ଲକ୍ରୀଡ଼ା ଆରମ୍ଭ କରିବାକୁ ଗଲା । ଆଗରୁ ରଙ୍ଗଭୂମି ସୁସଜ୍ଜିତ । ଭେରୀ ତୁରୀ ଢୋଲ ଢୋଲକ ଆଦି ବାଦ୍ୟରେ ରଙ୍ଗଭୂମି ମୁଖରିତ । ମଲ୍ଲଯୁଦ୍ଧ ଦେଖିବା ଲାଗି ବହୁଲୋକଙ୍କ ସମାଗମ । ବ୍ରାହ୍ମଣ, କ୍ଷତ୍ରିୟ, ସାଧାରଣ ପ୍ରଜା, ପାତ୍ରମନ୍ତ୍ରୀମାନଙ୍କ ପାଇଁ ଅଲଗା ଅଲଗା ଆସନ । କଂସ ଏକ ରାଜକୀୟ ଶୋଭାଯାତ୍ରାରେ ଆସିଲା । ସିଂହାସନରେ ବସିଲା । ବିଷଣ୍ଣ ମୁଖମଣ୍ଡଳ । ମଲ୍ଲଯୁଦ୍ଧ ଆରମ୍ଭ ସୂଚକ ବାଦ୍ୟ ବାଜିବାମାତ୍ରେ ମଲ୍ଲ ପହିଲମାନମାନେ ଜଣକ ପରେ ଜଣେ ଫୁଲ୍‌କା ଉପରକୁ ଆସିଲେ । ମୁଷ୍ଟିକ, ଚାଣୁର, କୂଟ, ଶଳ, ତୋଷଳ ପ୍ରମୁଖ ବାଦ୍ୟନାଦ ସହିତ ତାଳ ପକାଇ ପଦ ସଞ୍ଚାଳନ କରିବାକୁ ଲାଗିଲେ । କଂସର ନିର୍ଦ୍ଦେଶ ଅନୁସାରେ ସେମାନେ ନିର୍ଦ୍ଦିଷ୍ଟ ଆସନରେ ବସିଲେ ।

ଭୋଜରାଜ କଂସ ପ୍ରଥମେ ନନ୍ଦ ଆଦି ଗୋପାଳମାନଙ୍କୁ ଡାକିଲେ । ସେମାନେ ଆଣିଥିବା ଭେଟିସବୁ କଂସକୁ ଦେଲେ । କଂସ ସେମାନଙ୍କୁ ବସିବାପାଇଁ ହାତ ଠାରି କହିଲା । ମଞ୍ଚର ଗୋଟିଏ ପାଖରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ହୋଇଥିଲା । କଂସର ଅପେକ୍ଷା ରାମକୃଷ୍ଣଙ୍କୁ । ନନ୍ଦ କହିଲେ, ସ୍ନାନାଦି ନିତ୍ୟକର୍ମ ସାରି ସେମାନେ ଏବେ ଚାଲିଆସିବେ । ଉଠିଲାବେଳକୁ ସେମାନଙ୍କର ଟିକିଏ ଡେରି ହୋଇଗଲା ।

●

॥ ୬୨ ॥

# ଟିକିଏ ରହ, ମୁଁ କଛାଟା ଭିଡ଼ି ପକାଏ

ରଙ୍ଗଭୂମିରେ ମଲ୍ଲଯୁଦ୍ଧ ଆରମ୍ଭ ହୋଇଗଲାଣି । ଭୀଷଣ ପଟିତୁଣ୍ଡ । ହୋ ହଲ୍ଲା । ଆଉ ଗାଧୁଆ ପାଧୁଆ ହୋଇନି । କ'ଣ ସବୁ ଚାଲିଚି ଦେଖିବାପାଇଁ କୃଷ୍ଣ ବଳରାମ ବାହାରି ପଡ଼ିଲେ । ରଙ୍ଗଭୂମିର ଦ୍ୱାରଦେଶରେ ଦୁହେଁ ଠିଆ ହେଲେ । ଦେଖିଲେ ଏକ ବିରାଟକାୟ ହାତୀ ଠିଆ ହୋଇଚି । ଶୁଣ୍ଢକୁ ଟେକୁଛି, ପକାଉଛି । ସୁଁ ସୁଁ ଅବାଜ । ୟା ନାଆଁ କୁବଳୟାପୀଡ଼ । ଶ୍ରୀକୃଷ୍ଣ ସଙ୍ଗେ ସଙ୍ଗେ କମର କଷି ଆଣ୍ଠାକୁ ବାନ୍ଧିଲେ । ମାହୁନ୍ତ ପାଖକୁ ଗଲେ । କହିଲେ, ଓ' ମହାବତ (ମାହୁନ୍ତ) ! ଆମ ଦୁହିଁଙ୍କୁ ରାସ୍ତାଛାଡ଼ । ହାତୀଟାକୁ ହଟାଅ । ବାପା ଡେରି କରନା । କଲେ ପରିଣାମ ଖରାପ । ହାତୀ ସହିତ ତତେ ଯମପୁରକୁ ପଠାଇଦେବି ।

ମାହୁନ୍ତ ରାଗିଗଲା । ହାତୀ ଭଳି ସେ ମଧ ଫୁଁ ଫୁଁ କରିବାରେ ଲାଗିଲା । ହାତୀ ଦେହରେ ଅଙ୍କୁଶ ଖେଞ୍ଚିବାରେ ଲାଗିଲା । ଶ୍ରୀକୃଷ୍ଣଙ୍କ ଉପରେ ହାତୀଟାକୁ ଚଢ଼େଇଦେବା ଲାଗି ତାକୁ ଦୌଡ଼ାଇଲା । ହାତୀ ତା ଶୁଣ୍ଢରେ ଶ୍ରୀକୃଷ୍ଣଙ୍କୁ ଟେକି ଧରିବାକୁ ଗଲା । ହେଲେ, ଶ୍ରୀକୃଷ୍ଣ ହାତୀକୁ ଭୂଷିଟାଏ ମାରି, ତା' ଗୋଡ଼ ପାଖରେ, ପେଟତଳେ ଯାଇ ଲୁଚି ରହିଲେ । କୁବଳୟାପୀଡ଼ ଖୋଜିବାରେ ଲାଗିଚି, ପିଲାଟା ତ ଏଇଠି ଥିଲା, ଗଲା କୁଆଡ଼େ ? ସେ ଘିରି ଘିରି ବୁଲୁଚି, ପାଉନି । ଶ୍ରୀକୃଷ୍ଣ ତା' ସହିତ କେତେ ସମୟ ବେଶ୍ ଲୁଚକାଳି ଖେଳିଲେ । ସେ ଧରାଦେବାକୁ ଚାହିଁଲେ ସିନା, ସେ ଧରିପାରିବ । ଶେଷକୁ ଧରାଦେଲେ । ଶୁଣ୍ଢରେ ଧରିଲା । ଭାବିଥିଲା, ପିଲାଟାକୁ ସେ ଉପରକୁ ଉଠେଇ ତଳେ କଚାଡ଼ି ଦେବ ! କିନ୍ତୁ ଶ୍ରୀକୃଷ୍ଣ ଖସିଗଲେ । ହାତୀର ଲାଞ୍ଜକୁ ଧରିଲେ । କୁବଳୟାପୀଡ଼ ମସ୍ତବଡ଼ ହାତୀଟାକୁ ବୁଲେଇ ବୁଲେଇ ଶହେ ହାତ ଦୂରକୁ ପଛକୁ ଘୋଷାଡ଼ି ଆଣିଲେ । ପୁଣି ଧରିଲେ ତା

ଲାଞ୍ଜକୁ । ହାତୀଟାକୁ କେତେବେଳେ ବାଁଆଡ଼କୁ ତ କେତେବେଳେ ଡାହାଣ ଆଡ଼କୁ ଓଲଟାଇବାରେ ଲାଗିଲେ । ସର୍କସରେ ଖେଳ ଦେଖାଇବା ଭଳି ବାଳକୃଷ୍ଣ ହାତୀଖେଳ ଦେଖାଇବାରେ ଲାଗିଛନ୍ତି । ଦେଖଣାହାରୀଙ୍କୁ ବଡ଼ ମଜା ଲାଗୁଚି ଦେଖିବାକୁ । ଖୁସିରେ ତାଳି ମାରୁଛନ୍ତି । ଭଗବାନଙ୍କ ସହିତ ହାତୀର ଖେଳ । କେତେ ମଜା ହେଉଥିବ ସହଜେ ଅନୁମେୟ । ଶ୍ରୀକୃଷ୍ଣ ଥରେ ଥରେ ଜାଣି ଶୁଣି ତଳେ ଗଡ଼ି ପଡୁଛନ୍ତି । ତାଙ୍କର ପ୍ରାଣ ଛାଡ଼ିଗଲା ଭଳି ଅଭିନୟ କରୁଛନ୍ତି । ମନେ ହେଉଛି ଷ୍ଟାଡ଼ିୟମ୍ ଗ୍ୟାଲେରୀରେ ଶ୍ରୀକୃଷ୍ଣଙ୍କ ସମର୍ଥକ ଅଧିକ । ଶ୍ରୀକୃଷ୍ଣ ତଳେ ପଡ଼ିଗଲେ, ସେମାନେ ଆହା, ଚୁ ଚୁ କରୁଛନ୍ତି । କାହା କାହା ଆଖିରୁ ଲୁହ ଝରି ଆସୁଚି । ହାତୀର କ୍ରୋଧ ଶତଗୁଣ ବଢ଼ିବାରେ ଲାଗିଚି । କାରଣ ଭଗବାନଙ୍କ ସାମାନ୍ୟ ଆଘାତ, ତା' ଦେହରେ ବଜ୍ରାଘାତ ଭଳି ଲାଗୁଛି । ଅସହ୍ୟ ଯନ୍ତ୍ରଣା । ସେ ତା'ର ଲମ୍ବା ଲମ୍ବା ବିରାଟକାୟ ଦାନ୍ତରେ ଶ୍ରୀକୃଷ୍ଣଙ୍କୁ ଭୁଷିବା ପାଇଁ ଚେଷ୍ଟା କରୁଚି, ପାରୁନି । ହାତୀ ଉପରେ ମାହୁନ୍ତ ଲଟକି ରହିଚି । ହାତୀକୁ ଅଙ୍କୁଶ ମାରିବାରେ ଲାଗିଛି । କୁବଳୟାପୀଡ଼ ଏଥର ଝପଟି ଆସିଚି ଅତି କ୍ରୋଧରେ ।

ଶ୍ରୀକୃଷ୍ଣ ଭାବିଲେ, ବହୁତ ଖେଳ ହୋଇଗଲାଣି । ଏଣିକି ମାରଣଲୀଳା । ହାତୀର ଶୁଣ୍ଢକୁ ଧରି ତାକୁ ତଳେ ପକାଇଦେଲେ । ତା'ଉପରେ ଚଢ଼ିଗଲେ । ମାହୁନ୍ତ ହାତୀକୁ ଉଠାଇବାକୁ ଚେଷ୍ଟା କଲା, ନ'ପାରିବାରୁ ସେ ଡରିଥରି ଖସି ପଳାଇବା ପାଇଁ ଚାହିଁଲା । କିନ୍ତୁ ଯିବ କୁଆଡ଼େ ? ଦି'ପଟେ ଦି' କାଳାନ୍ତକ । ଖସି ପଳାଇଲେ, କଂସ ହାତରେ ତା'ର ମୃତ୍ୟୁ ସୁନିଶ୍ଚିତ । ରହିଲେ, ପିଲାଟା ତାକୁ ମାରି ପକାଇବ । ହାତୀ ଉପରେ ସିଂହ ଚଢ଼ିଛି । ଶ୍ରୀକୃଷ୍ଣ ହାତୀର ଦି'ଟାଯାକ ଦାନ୍ତ ଉପାଡ଼ିଦେଲେ । ସେହି ଦାନ୍ତରେ ଏକା ମାଡ଼କେ କୁବଳୟାପୀଡ଼ ଓ ତା' ମାହୁନ୍ତକୁ ଯମଦର୍ଶନ କରାଇଦେଲେ ।

ଶୁକମୁନି କହିଲେ, ହେ ରାଜା ପରୀକ୍ଷିତ । ତା'ପରେ ମଥୁରାନନ୍ଦ ଶ୍ରୀକୃଷ୍ଣଙ୍କ ଚାଲି ଆଉ ଠାଣିକି ଦେଖିବାର କଥା । ଦେହଯାକ ରକ୍ତ । ଝାଳ ଯେ ଝାଳ । କାନ୍ଧରେ ପଡ଼ିଚି ହାତୀଦାନ୍ତ । ବଳରାମଙ୍କ ହାତରେ ଗୋଟିଏ । ଦନ୍ତାହାତୀ ଭଳି ଦି'ଭାଇ ଝୁଲିଝୁଲି, ଢଳି ଢଳି ଚାଲିଲେ ରଙ୍ଗଭୂମି ଆଡ଼ିକି । ସେମାନଙ୍କ ସର୍ବାଙ୍ଗରେ ନବରସର ସଞ୍ଚାର । ନବଭାବର ପ୍ରତିଫଳନ ।

ଶୁକଦେବ କହିଲେ, ରାମକୃଷ୍ଣ ପହଁଚିଗଲେ ରଙ୍ଗଭୂମିର ରଙ୍ଗମଞ୍ଚ ପାଖରେ । ମନେ ହେଲା ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ପହେଲମାନ ଆସି ହଣ୍ଡାୟମାନ । କୃତାନ୍ତର କୃତାନ୍ତ । ସାଧାରଣ ମନୁଷ୍ୟ ପକ୍ଷରେ ଶ୍ରୀକୃଷ୍ଣ ନରରତ୍ନ । ସ୍ତ୍ରୀମାନଙ୍କ ଦୃଷ୍ଟିରେ ସ୍ୱୟଂ କାମଦେବ । ଗୋପୀମାନଙ୍କର ଅତି ଆତ୍ମୀୟ ସ୍ୱଜନ । ଦୁଷ୍ଟ ରାଜାଙ୍କ ପକ୍ଷରେ ଦଣ୍ଡଦାୟୀ ଶାସକ ।

ପିତାମାତାଙ୍କ ପକ୍ଷରେ ଶିଶୁମାତ୍ର । କଂସ ପକ୍ଷରେ ସେ ମୃତ୍ୟୁସ୍ୱରୂପ । ଯୋଗୀମାନଙ୍କର ପରମତତ୍ତ୍ୱ । ଭକ୍ତମାନଙ୍କର ଇଷ୍ଟଦେବ । ଶାନ୍ତ, ରୌଦ୍ର, ଅଦ୍‌ଭୁତ, ଶୃଙ୍ଗାର, ହାସ୍ୟ, ଦାସ, ବୀର, ବାତ୍ସଲ୍ୟ, ବୀଭତ୍ସ ଓ ଶାନ୍ତ । ନବରସ ସମନ୍ୱିତ ମୁଖାରବିନ୍ଦ ।

କଂସ ଦେଖିଲା, କୁବଳୟାପୀଡ଼ ହାତୀକି ଯିଏ ମାରି ଦେଇପାରିଲା, ତା' ପକ୍ଷରେ ମୁଁ କଂସ ତ ଛାରମାତ୍ର । ମୋ ଦେହରେ ବା କେତେ ବଳ ? ଭବି ଭାବି ସେ ହଡ଼ବଡ଼େଇଗଲା । ଦୁଇଭାଇଙ୍କର ବିଚିତ୍ର ବେଶଭୂଷା । ମନେ ହେଉଥିଲା, ଦୁଇଜଣ ଅଭିନେତା, ନଟ ଆସୁଛନ୍ତି ରଙ୍ଗମଞ୍ଚକୁ ନାଟ କରିବା ଲାଗି ! ଯାହା ଉପରେ ଶ୍ରୀକୃଷ୍ଣଙ୍କ ଆଖି ପଡୁଚି, ସେ ଅନୁଭବ କରୁଚି ଦେହରେ ଅଦ୍‌ଭୁତ କମ୍ପନ । ଏ କମ୍ପନ, ଏ ସ୍ପନ୍ଦନ ବର୍ଣ୍ଣାନାତୀତ । ଦି' ଭାଇ ରଙ୍ଗମଞ୍ଚର ଚାରିପଟେ ବୁଲୁଛନ୍ତି । କିଏ କୁଉଠି ବସିଚି ଲକ୍ଷ୍ୟ କରୁଛନ୍ତି । ଯିଏ ତାଙ୍କୁ ଭୟରେ ଦେଖୁଚି, ସେ ଭୀତତ୍ରସ୍ତ ହୋଇପଡୁଚି । ଯିଏ ତାଙ୍କୁ ଯେଉଁ ଭାବରେ ଦେଖୁଚି, ହୃଦୟରେ ସେହି ଭାବ ଅନୁଭବ କରୁଚି । କିନ୍ତୁ ଶତକଡ଼ା ଶହେରୁ ଊଣା ଜଣେଲୋକ ପୁରୁଷୋତ୍ତମ ଭଗବାନଙ୍କୁ ଦେଖି କେବଳ ଆନନ୍ଦ ହିଁ ଅନୁଭବ କରୁଛନ୍ତି । କେବଳ ଜଣେ ଆତଙ୍କିତ, ସେ ହେଉଚି କଂସ ।

ନାନା ବାଦ୍ୟନାଦରେ ରଙ୍ଗଭୂମି କମ୍ପିତ । ଭୟର ହୁଙ୍କାର । ଚାଣୁରର ପାଳି ପଡ଼ିଲା । ସେ ଭୀଷଣ ରଡ଼ି ଛାଡ଼ି ବଳରାମ ଓ ଶ୍ରୀକୃଷ୍ଣଙ୍କୁ ସଂବୋଧନ କରି କହିଲା, ହେ ନନ୍ଦନନ୍ଦନ ଶ୍ରୀକୃଷ୍ଣ, ବଳରାମ ! ତୁମେ ଦୁହେଁ ବହୁତ କସରତ ଦେଖାଇଲଣି । ତୁମେ ଦୁହେଁ ବୀର ଶିରୋମଣି ବୀରମାନଙ୍କ ଆଦରଣୀୟ । ତୁମର ବୀରତ୍ୱ-ବାର୍ତ୍ତା ପାଇ ଓ ଶୁଣି ଆମର ଭୋଜରାଜ ମହାବୀର ମହାରାଜା କଂସ ତୁମମାନଙ୍କୁ ଆମନ୍ତ୍ରଣ କରିଛନ୍ତି, ଏହି ରଙ୍ଗଭୂମିରେ ଆମମାନଙ୍କ ସହିତ କୁସ୍ତି ଲଢ଼ିବା ପାଇଁ । ଦେଖ ଭାଇ ! ଯିଏ କାୟ ମନ ବାକ୍ୟରେ ରାଜାଙ୍କ ପ୍ରିୟ କାର୍ଯ୍ୟ କରିଥାଏ, ତା'ର ଭଲ ହୋଇଥାଏ, ଯିଏ ରାଜାଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରେ, ତା'ର କ୍ଷତି ହୋଇଥାଏ । ଏକଥା ସମସ୍ତେ ଜାଣନ୍ତି ଯେ ଗାଈବାଛୁରୀଙ୍କୁ ପ୍ରତିଦିନି ଚରାଉଥିବା ଗଉଡ଼ ପିଲାମାନେ ଜଙ୍ଗଲରେ କୁସ୍ତି ଲଢ଼ି ଖେଳୁଥାଆନ୍ତି, ଇଆଡ଼େ ଗାଈ ମଧ୍ୟ ଚରାନ୍ତି । ତେଣୁ ତୁମେ ଦୁହେଁ ଫୁଲ୍‌କା ଉପରକୁ ଆସ ମହାରାଜାଙ୍କୁ ଖୁସି କରାଇବା ପାଇଁ । ଆମ ସହିତ କୁସ୍ତି ଲଢ଼ । ଏପରି କଲେ, ସବୁ ପ୍ରାଣୀ ଖୁସି ହେବେ, କାରଣ ରାଜା ସବୁ ପ୍ରଜାଙ୍କ ପ୍ରତୀକ ।

ଭଗବାନ ଶ୍ରୀକୃଷ୍ଣ କହିଲେ, ଆମେ କୁସ୍ତି ଲଢ଼ିବା ପାଇଁ ପ୍ରସ୍ତୁତ । ଇଏ ତ ଆମମାନଙ୍କ ନିତିଦିନିଆ ଖେଳ । ହଁ, ଚାଣୁର ! ତୁମେ ଯାହା କହିଲ, ସତକଥା । ଆମେମାନେ ରାଜାଙ୍କ ବନବାସୀ ପ୍ରଜା । ରାଜାଙ୍କୁ ଖୁସି କରାଇବା ଆମର କର୍ତ୍ତବ୍ୟ ।

ସେଥିରେ ଆମର ମଙ୍ଗଳ ହେବ । କିନ୍ତୁ ଚାଣୁର ! କୁସ୍ତି ସମବୟସ୍କଙ୍କ ଭିତରେ ହେବା ଉଚିତ୍ । ତୁମେ ତ ବୟସ୍କ । ଆମେ ତ ବୟସରେ ବାଳକ । ସମାନବଳର ଲୋକ ସହିତ ନ ଲଢ଼ି ଅନ୍ୟଥା କଲେ, ଲୋକେ କ'ଣ ଭାବିବେ ?

ଚାଣୁର କହିଲା, ତୁମେ ଆଉ ତୁମ ଭାଇ ତ କମ ବଳୁଆ ନୁହଁ ! ସେଥିରେ ବୟସର ମାପଚୁପ କ'ଣ ? ତୁମେ ତ ଏବେ କୁବଳୟାପୀଡ଼ ଭଳି ହାତୀ ଯାହାଠି ହଜାରେ ହାତୀର ବଳ ଥିଲା, ତାକୁ ମାରି ତଳେ ଗଡ଼େଇଦେଲ । ଆମ ସହିତ ଲଢ଼ିବାପାଇଁ ଏ ଫିସାଦି କାହିଁକି ? ଏଥିରେ ତ ଅନ୍ୟାୟ କିଛି ହେବ ନାହିଁ । ତୁମ ସହିତ ମୁଁ ଓ ବଳରାମଙ୍କ ସହିତ ମୁଷ୍ଟିକ ଲଢ଼ିବ । ସ୍ୱୀକାର ତ ?

ଶ୍ରୀକୃଷ୍ଣ ନିଜର ଦୁର୍ବଳତା ପ୍ରକାଶ କରିବା ଭଳି ଅଭିନୟ କରି କହିଲେ, ଟିକିଏ ଭାଇଙ୍କି ପଚାରେ । ବଳରାମଙ୍କୁ କହିଲେ, ଭାଇ, କ'ଣ କହୁଛ, ଲଢ଼ିବା ?

ବଳରାମ ଯିମିତି କି ପ୍ରସ୍ତୁତ ହୋଇ ରହିଥିଲେ । କହିଲେ, ପଚାରୁଚୁ କ'ଣ ମ ! ଡେଇଁପଡ । ଏ ଦିଇଟାକୁ ତ ଫୁତ୍କାରରେ ଉଡେଇଦେବା । ମୁଁ ପରା କୁସ୍ତିବାଲା ! ମଲ୍ଲଯୁଦ୍ଧ ପାଇଁ ଡାକରା ଆସିଚି, ଏ ସୁଯୋଗ କିଏ ଛାଡ଼େ ?

ଶ୍ରୀକୃଷ୍ଣ କହିଲେ, ହଉ, କହୁଛ ଯେତେବେଳେ..... ତାହାହେଲେ ହୋ' ଚାଣୁର ! ଆରମ୍ଭ ହୋଇଯାଉ । ଟିକିଏ ରହ, ମୁଁ କଛାଟା ଭିଡ଼ି ପକାଏ !

●

॥ ୬୩ ॥

# ମଞ୍ଚାରୁ ପଡ଼ି ମାମୁଁ ମଲା...

ମଲ୍ଲଯୁଦ୍ଧ ତ ଆରମ୍ଭ ହେଲେ ଶେଷ ହୋଇଯିବ । ଆରମ୍ଭ ଓ ଶେଷ ପୂର୍ବରୁ ମାମୁଁଙ୍କ ଦର୍ଶନ ହୋଇଯାଉ । ମାମୁଁ କଂସ ସିଂହାସନାରୂଢ଼ । ଶ୍ରୀକୃଷ୍ଣ ଟିକିଏ ପାଖକୁ ଲାଗି ଆସିଲେ । ମଞ୍ଚ ଉରେ ଠିଆ ହେଲେ । ଏବେ ମାମୁଁ ଭଣଜା ମୁହାଁମୁହିଁ । କଂସ ଆଗରୁ କୃଷ୍ଣଙ୍କୁ କେବେ ଦେଖି ନଥିଲା । କେବଳ ଶୁଣି ଶୁଣି ପିଳେହି ପାଣି । ହଁ, ସ୍ୱପ୍ନରେ ଦେଖିଚି କିନ୍ତୁ ଭୟ ଓ ଆତଙ୍କ ଭିତରେ । କଂସର ଆଖି ପଡ଼ିଲା କୃଷ୍ଣଙ୍କ ଆଖି ଦୁଇଟି ଉପରେ । ପଙ୍କଜଲୋଚନ ଭିତରୁ ଯିମିତି ଜ୍ୟୋତିର ସ୍ଫୁଲିଙ୍ଗ ଛୁଟୁଛି । ସେ ଆଖି ଦୁଇଟା ଯିମିତି ତା'ର ଛାତିକି ବିଦୀର୍ଣ୍ଣ କରି ପକାଉଛି । ଶ୍ରୀକୃଷ୍ଣଙ୍କ ସହିତ ବଳରାମ ମଧ୍ୟ ଆସିଗଲେ । ମଞ୍ଚ ଉପରେ ସେମାନେ ଦଣ୍ଡାୟମାନ । ଫଳରେ ସମସ୍ତଙ୍କ ଦୃଷ୍ଟି ସେହିମାନଙ୍କ ଉପରେ । ପୁଣି ଚାଲିଲା ନାନା ଆଲୋଚନା ।

କେହି କେହି କହିଲେ, ସେଦିନ ରାତିରେ କ'ଣ ଦେବକୀଙ୍କ ଗର୍ଭରୁ ଦୁଇଟାଯାକ ପିଲା ଜନ୍ମ ହୋଇଥିଲେ ! ଏମାନେ ତ ଯାଆଁଳା ଭଳି ଦେଖାଯାଉ ନାହାଁନ୍ତି । ଜଣେ ଗୋରାକୁ ଆଉ ଜଣେ କଳା । ବସୁଦେବ କ'ଣ ଦି'ଟାଯାକ ପିଲାଙ୍କୁ ସେଦିନ ରାତିରେ ନେଇ ନନ୍ଦ ଘରେ ଥୋଇଦେଇ ଆସିଥିଲେ ?

ଯିଏ ଯାହା ଶୁଣିଥିଲା, ସେ ସବୁ ଗପିଗଲା । ସେହି ଆଲୋଚନାରେ ହିଁ ଦର୍ଶକମଣ୍ଡଳୀ ଭିତରେ ସ୍ଥିର ହେଲା ଯେ ବାପ ଏକ, କିନ୍ତୁ ଏମାନେ ଦୁଇ ମାଆଙ୍କ ଦୁଇ ସନ୍ତାନ । ଗୋରାଜଣଙ୍କ ରୋହିଣୀଙ୍କ ପୁଅ, କଳା ଜଣକ ଦେବକୀଙ୍କ ପୁଅ । ପିତା ଶ୍ରୀଯୁକ୍ତ ବସୁଦେବ । ରୋହିଣୀ ଆଗରୁ ନିଜ ପୁଅକୁ ନେଇ ଗୋକୁଳକୁ ଚାଲିଯାଇଥିଲେ, ନନ୍ଦଘରେ ରହୁଥିଲେ । ତେଣୁ କଳାଠୁ ଗୋରା ବୟସରେ ବଡ଼ ।

ହଠାତ୍ ଦୁନ୍ଦୁଭି ଖୁବ୍ ଜୋରରେ ବାଜିଉଠିଲା । କୁସ୍ତି ଆରମ୍ଭ ହେବ । ଚାଣୁର ସହିତ ଶ୍ରୀକୃଷ୍ଣ, ମୁଷ୍ଟିକ ସହିତ ବଳରାମ । 'ଲଢ଼େଇ ସୁରୁ । ପିଲା ଦୁଇଟା ପ୍ରତି ସ୍ତ୍ରୀଲୋକଙ୍କର ବହୁତ ଦୟା । ଛୋଟ ଛୋଟ ପିଲା, ଆଠ ନଅ ବର୍ଷରୁ ଛୁଆ । କିଶୋର ବୟସ । ଏମାନଙ୍କ ସହିତ ଏଡ଼େ ଏଡ଼େ ଯୋଦ୍ଧା ! ଏଡ଼େ ଏଡ଼େ ବପୁ ସେମାନଙ୍କର ! ଇଏ କ'ଣ ସୁନ୍ଦର ଦେଖାଯାଉଚି । ଚାଣୁର, ମୁଷ୍ଟିକ ତ ପିଲାଦି'ଟାକୁ ସଙ୍ଗେ ସଙ୍ଗେ ତଳେ ଗଡ଼େଇଦେବେ । ସମବୟସ୍କଙ୍କ ଭିତରେ ସିନା ଲଢ଼େଇ ହୁଏ । ଅବୁଝାମଣା ରଜାଙ୍କୁ ତ ପାଙ୍କବିଣ୍ଡା ମନ୍ତ୍ରୀ ! ଭଲ ମନ୍ଦ, ନ୍ୟାୟ, ଅନ୍ୟାୟ, ବୁଝିବ କିଏ ? ପର୍ବତ ସହିତ ମୂଷିକର ଲଢ଼େଇ । ରାଜା ଆମକୁ ନିମନ୍ତ୍ରଣ କରିଛନ୍ତି, ଏ କୁସ୍ତି ଦେଖିବା ପାଇଁ । ଛି ! ଏଡ଼େ-ଅଧର୍ମ, ଏତେ ପାପ ! ସହି ହେଉନି କି କହି ହେଉନି । ମୁହଁ ଫିଟାଇଲେ ତ ଚକାଚକ୍ ମୁଣ୍ଡକାଟ ! କହିବ ବି କିଏ ? ସମସ୍ତଙ୍କ ତୁନି ତୁନି କଥାବାର୍ତ୍ତା । ରାଜାଙ୍କର ଗୁପ୍ତଚର ହୁଏତ କୁଉଠି ଛପି ରହିଥିବେ !

କୃଷ୍ଣଙ୍କ ସହିତ ଚାଣୁରର ଲଢ଼େଇ । ଶ୍ରୀକୃଷ୍ଣ ଭାବିଲେ, ସଙ୍ଗେ ସଙ୍ଗେ ଚାଣୁରକୁ ମାରିଦେବା ଉଚିତ୍ । କାରଣ ସେ ଦେଖିଲେ, ତାଙ୍କୁ ଛୋଟ ପିଲାଟା ଭାବି, ସ୍ତ୍ରୀଲୋକେ ତାଙ୍କ ପାଇଁ କାନ୍ଦୁଛନ୍ତି । ନନ୍ଦବାବା ଓ ଗୋପପୁରରୁ ଆସିଥିବା ସାଙ୍ଗ ସାଥିମାନେ ମଧ୍ୟ ବିଚଳିତ ! କୃଷ୍ଣଙ୍କର ଏତେ ଲୀଳା ସ୍ୱଚକ୍ଷୁରେ ଦେଖିଥିଲେ ମଧ୍ୟ ପର୍ବତ ଭଳି ରାକ୍ଷସ ଦୁଇଟାକୁ ଦେଖି ସେମାନଙ୍କ ମନରେ ଆଶଙ୍କା, ହୁଏତ କୃଷ୍ଣ ବଳରାମଙ୍କୁ ସେମାନେ ମାରି ପକାଇବେ । ଶ୍ରୀକୃଷ୍ଣ, ନନ୍ଦବାବାଙ୍କ ଆଡ଼ିକି ଚାହିଁଲେ । ସେ ଜାଣି ପାରିବା ଭଳି ସଂକେତ ଦେଲେ, କେହି ଡରନି । ଏମାନେ ଆମର କେଶ ସୁଦ୍ଧା ସ୍ପର୍ଶ କରିପାରିବେନି । ଆମେ ଏମାନଙ୍କ ସହିତ ଥୋଡ଼ା ସମୟ ଖେଳିବୁ, ତା'ପରେ ମାରିବୁ ।

ଚାଲିଲା କୁସ୍ତି । ନାନା ପେଞ୍ଚ । ଚାଣୁର ହଠାତ୍ ଅନୁଭବ କଲା, କୁସ୍ତିର ମାରପେଞ୍ଚ ସବୁ ବଦଳି ଯାଉଛି । ମୁଷ୍ଟିକ କ୍ଷେତ୍ରରେ ମଧ ସେୟା । ଚାଣୁର ଉପରେ ମୁଷ୍ଟି ପରେ ମୁଷ୍ଟି ବର୍ଷଣ ଚାଲିଚି । ତା' ଦେହ ସାରା ଯନ୍ତଣା । ସର୍ବାଙ୍ଗ ଯିମିତି ଭାଙ୍ଗି ପଡୁଛି । ହାଡଗୁଡ଼ାକ ଭିତରେ ଭିତରେ ଚୂନା ହୋଇଯାଉଛି । ଚାଣୁର କିଛିବାଟ ପଛକୁ ଘୁଞ୍ଚିଗଲା । ଚିଲ, ମାଛ ଧରିବା ଭଳି ପବନ ବେଗରେ ଆସି ଶ୍ରୀକୃଷ୍ଣଙ୍କ ଛାତିକୁ ଜୋରରେ ଆଘାତ କଲା । କିନ୍ତୁ କୃଷ୍ଣ ଅନୁଭବ କଲେ, ଯିମିତି ତାଙ୍କ ଦେହରେ ଫୁଲଟିଏ ଆସି ପଡ଼ିଲା । ତା'ପରେ ଦେଖ କୃଷ୍ଣକୁ । ସେ ଚାଣୁରକୁ ଗୋଟିଏ ହାତରେ ଟେକି ଧରିଲେ ! ଯିଏ କାଣି ଆଙ୍ଗୁଠିରେ ସାତଦିନ ଧରି ଗିରି ଗୋବର୍ଦ୍ଧନକୁ ଟେକି ଧରିଥିଲେ, ତା' ହାତ ଉପରେ ଚାଣୁର । ସେ ଚାଣୁରକୁ ଚକଭଳି ଘିରି ଘିରିକରି ଘଡ଼ିଏ କାଳ ବୁଲେଇ ବୁଲେଇ ତଳେ ଜୋରରେ କଚାଡ଼ି ଦେଲେ । ଠିକ୍ ସେହି ସମୟରେ ବଳରାମ ମଧ ମୁଷ୍ଟିକକୁ ଧରି ତଳେ ଛେଚିଦେଲେ । ଦୁଇ ରାକ୍ଷସଙ୍କର ପାଟିରୁ ରକ୍ତର ସ୍ରୋତ ଛୁଟିଲା । ତା'ପରେ ସବୁ ଶେଷ । ମୁଷ୍ଟିକ ଓ ଚାଣୁରଙ୍କ ପ୍ରାଣବାୟୁ ଉଡ଼ିଗଲା ।

ତା'ପରେ ଆସିଲା କୁଟ । ଆସୁ ଆସୁ ବଳରାମଙ୍କ ହାତରେ ସେ ମଲା । ଇଆଡ଼େ କୃଷ୍ଣ ଶଳ, ତୋଷଳ ନାମକ ଆଉ ଦୁଇଜଣ ପହେଲମାନ ଅଣ୍ଟା ଭିଡ଼ି ବସିଥିଲେ, ସେମାନେ ଏ ଦୃଶ୍ୟ ଦେଖି ମଞ୍ଚ ଛାଡ଼ି କିଏ କୁଆଡ଼େ ପଳାଇଲେ । ଗୋପର ଗୋପାଳମାନଙ୍କ ଆନନ୍ଦ କହିଲେ ନ ସରେ । ସେମାନେ ସମଗ୍ର ରଙ୍ଗଭୂମିକୁ ଦଖଲ କରିଗଲେ । ଆନନ୍ଦରେ ନାଚିଲେ, ଡେଇଁଲେ । ବାଜାବାଲାମାନେ ସେମାନଙ୍କ ନାଚ ସହିତ ତାଳ ଦେଇ ବାଜା ବଜାଇବାରେ ଲାଗିଲେ । ଦର୍ଶକମଣ୍ଡଳୀ ମଧ ଏହି ଆନନ୍ଦ ଉତ୍ସବ ଦେଖି ନୀରବ ରହିପାରିଲେ ନାହିଁ । ସେମାନେ ମଧ ଗୋପାଳମାନଙ୍କ ଆନନ୍ଦସ୍ରୋତରେ ଭାସିବାକୁ ଲାଗିଲେ । କଂସ ଦେଖିଲା ଯେପରିକି ସମଗ୍ର ମଥୁରା ନଗରୀ ନାଚୁଚି, ଗାଉଚି । ସ୍ତ୍ରୀଲୋକେ ଖୁସିରେ ହୁଳହୁଳି ଧ୍ୱନି କରୁଛନ୍ତି ।

କଂସ ଚିତ୍କାର କରିବାରେ ଲାଗିଲା । କହିଲା, ''ପିଲାଦିଇଟାକୁ, ବସୁଦେବର ଏ ପୁଅମାନଙ୍କୁ ଘୋଷାଡ଼ି ନିଅ । ଗୋପାଳମାନଙ୍କ ସମସ୍ତ ସଂପତ୍ତି ବ୍ୟାଜ୍ୟାପ୍ତି କର । ନନ୍ଦକୁ ହାତକଡ଼ି ପକାଇ ଦାଣ୍ଡରେ ଚଲାଇ ନିଅ । ବସୁଦେବ ସହିତ ତାକୁ ବନ୍ଦୀଶାଳାରେ ଠେସି ଦିଅ । ମୋ ବାପା ବୁଢ଼ା ଉଗ୍ରସେନ ମଧ ଏମାନଙ୍କ ସମର୍ଥକ, ସେ ଗୋଟାଏ ଠକ, ତାକୁ ମଧ ବନ୍ଦୀ କର ।''

କିନ୍ତୁ କିଏ ବା ଅଛି, କଂସର ଏ ଆଦେଶ ପାଳନ କରିବାକୁ ? କଂସ ଗରଗର ହୋଇ ଅଭଦ୍ରଭାଷା ଗାଳିବାରେ ଲାଗିଛି । ସିଡ଼ି ଉପରେ ପାଦେ ଉପରକୁ ଉଠୁଛି ।

ପଛକୁ ଚାହୁଁଛି, କୃଷ୍ଣ ବଳରାମ ତା ପିଛା କରୁଛନ୍ତି କି ନା ଦେଖିବା ପାଇଁ । ସିଡ଼ି ପାର ହୋଇ ଜଲଦି ସେ ଧାଉଁଛି କୋଠାଉପର ମଞ୍ଚ ଆଡ଼କୁ । ତା' ପଛେ ପଛେ କୃଷ୍ଣ । ଏବେ କଂସ ଯେଉଠି, ଶ୍ରୀକୃଷ୍ଣ ସେଇଠି । ଏତିକି ଟିକିଏ ପିଲା, କଂସକୁ ଦେଖାଗଲା, ଏକ ବିଶାଳକାୟ ବିରାଟ କୃଷ୍ଣ । ସେ ସିଂହାସନ ଉପରେ ବସିବାକୁ ଯାଉଥିଲା । ଆଉ ବସି ପାରିଲା ନାହିଁ । ପଛକୁ ହଟିବା ପାଇଁ ଚେଷ୍ଟା କଲା, ପାରିଲା ନାହିଁ । ତା' ଛାତି ଧଡ଼ପଡ଼ । ଆଖି ଦି'ଟା ଲାଲ ପଡ଼ି ଆସିଲା । ହାତରେ ଢାଲ ଓ ତରବାରୀ ଉଠାଇ ନିଜ ପ୍ରାଣରକ୍ଷା ଲାଗି ଚେଷ୍ଟା କଲା । ଖାଲି ଭୟରେ ଆଉ କ୍ରୋଧରେ ଜର୍ଜର ହୋଇ ଏପଟ ସେପଟ ହେବାକୁ ଲାଗିଲା । ଯିମିତି ସେ ବାଟ ଖୋଜୁଛି ଡେଇଁ କୁଦି କୁଆଡେ ପଳେଇ ଯିବାପାଇଁ । ଭଗବାନଙ୍କ ପ୍ରଚଣ୍ଡ ତେଜ କଂସ ପକ୍ଷରେ ଅସହ୍ୟ । ଗରୁଡ଼, ସାପକୁ ଆଖି ପିଛୁଳାକେ ଧରିନେବା ଭଳି ଭଗବାନ ଶ୍ରୀକୃଷ୍ଣ କଂସକୁ ବଳପୂର୍ବକ ଧରିନେଲେ । କଂସର ମୁକୁଟ ମୁଣ୍ଡରୁ ଖସି ପଡ଼ିଲା । ଶ୍ରୀକୃଷ୍ଣ ତା'ଚୂଟିକି ଧରି ତା' ମଞ୍ଚା ଉପରୁ ରଙ୍ଗଭୂମିକୁ ଫିଙ୍ଗିଦେଲେ । ତା' ଉପରକୁ ଡେଇଁ ପଡ଼ି ତାକୁ କୁଦିଦେବା ମାତ୍ରେ କଂସର ହଂସା ଉଡ଼ିଗଲା । କଂସବଧ ଲୀଳା ଏଇଠି ସରିଲା ।

ଶୁକମୁନି କହିଲେ, କଂସ ନିଧନ ନୁହଁ, ଇଏ କଂସୋଦ୍ଧାର । ଭୟରେ ହେଉ, ଶତ୍ରୁତା କରି ହେଉ, କଂସ ସତତ ଭଗବାନଙ୍କ ଭାବନାରେ ଲିପ୍ତ ରହିଥିଲା । ଶୟନେ ସ୍ୱପନେ କଂସର ଏକମାତ୍ର ଚିନ୍ତା ଥିଲା କୃଷ୍ଣ । ତା' ମୁହଁରେ ରହିଥିଲା ଏକମାତ୍ର ଶବ୍ଦ କୃଷ୍ଣ, କୃଷ୍ଣ, କୃଷ୍ଣ ! ଏହି ନିତ୍ୟଚିନ୍ତନ ଫଳରେ ଭଗବାନ କଂସକୁ ନିଜ କୋଳକୁ ଟାଣି ନେଲେ । ତା'ର ସାରୂପ୍ୟ ମୁକ୍ତି ହେଲା । ଏ ପ୍ରକାରରେ ମୁକ୍ତି ବଡ଼ ବଡ଼ ତପସ୍ୱୀଙ୍କ ପକ୍ଷରେ ମଧ୍ୟ କଠିନ !

କଂସର ପଙ୍କ ଓ ନ୍ୟଗ୍ରୋଧ ଆଦି ଆଠ ଛୋଟଭାଇ ଥିଲେ । ବଡ଼ଭାଇର ନିଧନ ଖବର ପାଇ ସେମାନେ ପ୍ରତିଶୋଧ ନେବା ଲାଗି କୃଷ୍ଣ ବଳରାମଙ୍କ ଆଡ଼କୁ ଝପଟି ଆସିଲେ । କିନ୍ତୁ ଯୁଦ୍ଧ କରିବେ କ'ଣ ଆସୁ ଆସୁ ଶ୍ରୀକୃଷ୍ଣଙ୍କ ହାତରେ ସେମାନେ ମଧ୍ୟ କଂସ ଦଶା ଭୋଗିଲେ ।

ଦୁଷ୍ଟଦଳନର ପ୍ରଥମ ଅଧ୍ୟାୟ ଶେଷ ହେଲା । ଆକାଶରେ ଦୁନ୍ଦୁଭି ବାଜି ଉଠିଲା । ବ୍ରହ୍ମା, ଶିବ ପ୍ରମୁଖ ଓ ଦେବତାମାନେ କୃଷ୍ଣରୂପୀ ନାରାୟଣଙ୍କ ଉପରେ ପୁଷ୍ପ ବୃଷ୍ଟି କଲେ; ସ୍ତୁତି କଲେ । ଅପ୍‌ସରାମାନେ ନୃତ୍ୟ କରିବାକୁ ଲାଗିଲେ ।

କଂସ ଓ ତା' ଭାଇମାନଙ୍କ ପତ୍ନୀମାନେ ପତିମାନଙ୍କର ଶବମାନଙ୍କ ଉପରେ ମୁଣ୍ଡ ରଖି ବିଳାପ କରିବାକୁ ଲାଗିଲେ । ଆମେ ଅନାଥିନୀ ହୋଇଗଲୁ, ଆମ ଘର

ଉଜୁଡ଼ିଗଲା କହି ସେମାନେ ଉଚ୍ଚ ସ୍ୱରରେ କାନ୍ଦିବାକୁ ଲାଗିଲେ । ରାମକୃଷ୍ଣ ସେମାନଙ୍କୁ ସାନ୍ତ୍ୱନା ଦେଲେ । ମାମୁଁମାନଙ୍କ ଶବସତ୍‌କାର କରାଇଲେ । ତା'ପରେ ସେମାନେ ପିତାମାତା ବସୁଦେବ ଓ ଦେବକୀଙ୍କୁ ବନ୍ଧନମୁକ୍ତ କଲେ । ସେମାନଙ୍କ ଚରଣ ବନ୍ଦନା କଲେ । ବସୁଦେବ ଜାଣିଥିଲେ ଯେ ତାଙ୍କ ପୁଅ ସ୍ୱୟଂ ଜଗଦୀଶ୍ୱର । ତେଣୁ ଭଗବାନଙ୍କୁ କୋଳାଗ୍ରତ କରିବାକୁ ମଧ୍ୟ ଶଙ୍କା ଓ ସଙ୍କୋଚବୋଧ କଲେ ।

●

॥ ୬୪ ॥

# ବ୍ରଜନାଥ ଏବେ ମଥୁରାନାଥ

ବନ୍ଦୀ ଅବସ୍ଥାରେ ଥିଲେ ମଧ୍ୟ ପୁଅମାନଙ୍କ କଥା ବସୁଦେବ ଓ ଦେବକୀଙ୍କ କାନରେ ପଡୁଥିଲା । ଉଆସରେ ଯାହାସବୁ ଘଟିଗଲା, ସେ କଥା ମଧ୍ୟ ସେମାନେ ଶୁଣିଥିଲେ । କେବଳ ଭାବୁଥିଲେ ପିଲା ଆମର କେଉଁଟିଏ ହେବଣି । ସିଏ କ'ଣ ଆଠଦଶ ବର୍ଷରେ ଏତେ ବଡ଼ ହୋଇଗଲାଣି ଯେ କଂସ ସୁଦ୍ଧା ତା ହାତରେ ନିହତ ହେଲା ! ରାମକୃଷ୍ଣଙ୍କୁ ସେମାନେ ଭଗବାନଙ୍କ ଦୁଇ ଅଂଶ ବୋଲି ଭାବି ନେଇଥିଲେ । ତେଣୁ ସେମାନେ ପିତାମାତାଙ୍କ ଚରଣବନ୍ଦନା କଲେ ମଧ୍ୟ ସାହସ ହେଲାନି ସେମାନଙ୍କୁ କୋଳାଗ୍ରତ କରିବାପାଇଁ । କିନ୍ତୁ ସଙ୍ଗେ ସଙ୍ଗେ ସେମାନଙ୍କ ମନରେ ମାୟାର ପଟଳ ଛାଇଗଲା । ପ୍ରଥମେ ଦ୍ୱିଧା ଥିଲା । ଏବେ ତାହା ନାହିଁ । ବସୁଦେବ ଓ ଦେବକୀ ରାମକୃଷ୍ଣଙ୍କୁ କୁଣ୍ଢେଇ ପକେଇଲେ । ହଜିଥିବା ବାଛୁରୀକୁ ଗାଈ ପାଇବା ମାତ୍ରେ ଯିମିତି ଚାଟି ପକାଏ, ସେମିତି ପିଲାଦୁଇଟିକୁ ଏକପ୍ରକାରର ଚାଟି ପକାଇଲେ । ବାଳଙ୍କ ବୟସ ହୋଇ ଯାଇଥିଲେ ମଧ୍ୟ ମା' ପାଖରେ ନିଜ ସନ୍ତାନ ସବୁବେଳେ ଶିଶୁ ।

ଶ୍ରୀକୃଷ୍ଣ ମନେ ମନେ ଭାବିଲେ, ମାଆ ବାପାଙ୍କର ଆହୁରି ସଂକୋଚ ରହିଛି । ଆମ ଦିବ୍ୟଶକ୍ତିର ପରିଚୟ ଯେପର୍ଯ୍ୟନ୍ତ ସେମାନଙ୍କ ମନଭିତରେ କିଛିବ୍ ସୁଦ୍ଧା ରହିଥିବ, ସେମାନେ ଖୋଲାମନରେ ଆନ୍ତରିକ ଭାବରେ, ସେମାନଙ୍କ ପ୍ରତି ପୁତ୍ରଭଳି ବ୍ୟବହାର କରିବେନି । ଏ ଦୁଇଜଣ ଅତି ଦୁର୍ଭାଗା । ଯେତେ ଛୁଆ ଜନ୍ମହେଲେ, ସମସ୍ତେ ମଲେ । ମୁଁ ଜନ୍ମ ହେବାମାତ୍ରେ ସେମାନେ ମୋର ଅଲୌକିକ ଶକ୍ତିକୁ ଦେଖିଲେ ଏବଂ ସେ ଦିନଠୁ ସେମାନେ ଜାଣି ଆସିଛନ୍ତି ଯେ ମୁଁ ବୈକୁଣ୍ଠାଧିପତି ନାରାୟଣ । ପରବର୍ତ୍ତୀ ଘଟଣାବଳିରୁ ଯାହା ବା ଟିକିଏ ସନ୍ଦେହ ଥିଲା, ସେ ସବୁ ଦୂର ହୋଇଗଲା । ମୁଁ ଯେ ଭଗବାନ, ଏ ବିଶ୍ୱାସ ସେମାନଙ୍କର ଅଟଳ । ତେଣୁ ଯେ ପର୍ଯ୍ୟନ୍ତ ଏହି ଭାବ ରହିଥିବ, ଏମାନଙ୍କଠାରୁ

ଆମ୍ଭେ ମାତୃସୁଲଭ ସ୍ନେହସରାଗ ପାଇ ପାରିବୁ ନାହିଁ । ବାପା ମାଆଙ୍କଠାରୁ ଯେଉଁ ସ୍ନେହ ମିଳିଥାଏ, କୌଣସି ଭକ୍ତଙ୍କଠାରୁ ମଧ୍ୟ ତା' ମିଳି ନପାରେ । ସେମାନଙ୍କ ଭକ୍ତି ନିଷ୍କାମ । ନନ୍ଦ ଓ ଯଶୋଦା ମତେ ଯେପରି ସ୍ନେହ କରୁଥିଲେ, ତା' ଏମାନଙ୍କଠାରୁ ମିଳି ନପାରେ । ତେଣୁ ଏମାନଙ୍କ ମନକୁ ମାଜିବାକୁ ପଡ଼ିବ ।

ଶ୍ରୀକୃଷ୍ଣ ମାୟା ବିସ୍ତାର କରି ପିତାମାତାଙ୍କୁ କହିଲେ, ଏହି ଖଳ କଂସଟା ଯୋଗୁଁ ଆମ ବାତ୍ସଲ୍ୟମମତାରୁ ତୁମେମାନେ ବଞ୍ଚିତ ହୋଇପଡିଲ । ଆମର ଦରୋଟି କଥା, ଠୁମ୍କ ଠୁମ୍କ ଚାଲିରୁ ଯେଉଁ ଆନନ୍ଦ ପାଇବା କଥା, ତାହା ପାଇ ପାରିଲ ନାହିଁ । ଆଠଟି ପିଲା ଜନ୍ମଦେଲ, କିନ୍ତୁ ସାଧାରଣ ସ୍ତ୍ରୀ ପୁରୁଷ ଯାହା ପାଇବା କଥା ସେତକ ମଧ୍ୟ ପାଇଲ ନାହିଁ । ଏଯାଏ କେବଳ ଦୁଃଖ, ଶୋକ, ସନ୍ତାପରେ ହିଁ ତୁମମାନଙ୍କ ଜୀବନ ଅତିବାହିତ ହେବାକୁ ଲାଗିଥିଲା । ଆମକୁ ତୁମମାନଙ୍କ ଋଣ ପରିଶୋଧ କରିବାକୁ ପଡ଼ିବ । ଶାସ୍ତ୍ରରେ ଅଛି ପୁଅ ବାପାଠାରୁ ଅଧିକ ଚାଲାକ, ଚତୁର କିମ୍ବା ବଳୁଆ ହୋଇଥାଇପାରେ, କିନ୍ତୁ ବୁଢ଼ାବୟସରେ ସେମାନଙ୍କର ସେବା କରିବା ପୁଅର କର୍ତ୍ତବ୍ୟ । ଧର୍ମ । ଯେଉଁ ପୁଅ ବାପ ବିପଦରେ ପଡ଼ିଥିଲେ, ତାକୁ ଉଦ୍ଧାର କରିବାପାଇଁ ଉଦ୍ୟମ ନକରେ, ସିଏ ନିଶ୍ୱାସ ପ୍ରଶ୍ୱାସ ନେବା ଆଣିବା କରୁଥିଲେ ମଧ୍ୟ ମୃତ । ଶବଟାଏ । ଆମେ ଏତେବର୍ଷ ଧରି ବାହାରେ ରହିଲୁ, ବାପାମାଆଙ୍କର ସେବା କରିପାରିନୁ । ସେ ସମୟତକ ଗଲା । କିନ୍ତୁ ଆମେ ଇଚ୍ଛାକରି ତା କରିନୁ । ସେ କ୍ଷତି ଏବେ ପୂରଣ କରିବୁ । ତୁମାନଙ୍କର ଦିନରାତି ସେବାକରିବୁ ।

ଶ୍ରୀକୃଷ୍ଣ ଏକଥା ନିଜେ କହିଥିଲେ ମଧ୍ୟ ସେ ତାଙ୍କ ମାୟା ମୁହଁରେ ହିଁ ଏକଥା କୁହାଉଥିଲେ । ପୁଅ ମୁହଁରୁ ଏକଥା ଶୁଣି ତାଙ୍କ ପୁଅ ଯେ ସ୍ୱୟଂ ନାରାୟଣ, ବସୁଦେବ ଓ ଦେବକୀଙ୍କ ମନରୁ ସେ ଭାବ ଅପସରି ଗଲା । ସେ ରାମକୃଷ୍ଣଙ୍କୁ ସାଧାରଣ ବାଳକ ବୋଲି ଭାବି, ସାଧାରଣ ମାଆ ବାପାଙ୍କ ଭଳି ଆଚରଣ କରିବାକୁ ଲାଗିଲେ । ସେମାନେ ପୁଅମାନଙ୍କୁ କୋଳରେ ବସାଇଲେ । ସେମାନଙ୍କ ଚକ୍ଷୁରୁ ସ୍ନେହାଶ୍ରୁ ବିଗଳିତ ହେବାକୁ ଲାଗିଲା ।

ତା'ପରେ ବଳରାମ ଓ ଶ୍ରୀକୃଷ୍ଣ ଗଲେ ଅଜା ଉଗ୍ରସେନଙ୍କୁ ବନ୍ଧନରୁ ମୁକ୍ତ କରିବାପାଇଁ । ତାଙ୍କ ଗୋଡ଼ ହାତରୁ ଲୁହାର ଶିକୁଳି ଫିଟିଲା । ଶ୍ରୀକୃଷ୍ଣ କହିଲେ, ତୁମ୍ଭେ ଏଣିକି ପୁଣି ମଥୁରାର ରାଜା ହୁଅ । ରାଜ୍ୟ ଶାସନ କର । ଉଗ୍ରସେନ କହିଲେ, ମୁଁ ବୁଢ଼ା ହୋଇଗଲିଣି । ରାଜ୍ୟ ଶାସନ କରିବାପାଇଁ ଅକ୍ଷମ । ତୁମେମାନେ ତ ଶତ୍ରୁ ଦମନ କଲ, ଶାସନଡୋରି ତୁମ୍ଭେମାନେ ସମ୍ଭାଳିବା କଥା ।

ଶ୍ରୀକୃଷ୍ଣ ବିନମ୍ର ଭାବରେ ଉଗ୍ରସେନଙ୍କୁ କହିଲେ, ଆମର ପୂର୍ବବଂଶର ରାଜା ଯଯାତିଙ୍କ ଅଭିଶାପ କଥା ମନେ ପକାଅ । ତାଙ୍କର ଅଭିଶାପ ହେଉଛି, କୌଣସି ଯାଦବ ରାଜ ସିଂହାସନରେ ବସି ପାରିବେ ନାହିଁ । ତୁମେ ଭୋଜରାଜ । ତୁମେ ସିଂହାସନରେ ବସିବ, ରାଜା ହେବ, ମୁଁ ଓ ମୋ ବଡ଼ଭାଇ ତୁମକୁ ସାହାଯ୍ୟ କରିବୁ । କିଛି ଅସୁବିଧା ହେବନାହିଁ ।

ଶ୍ରୀକୃଷ୍ଣ ତା'ପରେ ବୃଷ୍ଣି, ଅନ୍ଧକ, ଯାଦବ, ମଧୁ ଏବଂ ଦଶର୍ହ ଆଦି ଯେଉଁମାନେ କଂସ ଭୟରେ ରାଜ୍ୟ ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଥିଲେ, ସମସ୍ତଙ୍କୁ ଏକାଠି କଲେ । ସମସ୍ତେ ଶାନ୍ତିରେ ବସବାସ କରିବାକୁ ଲାଗିଲେ । ଦେବକୀଙ୍କ ବିବାହ ପୂର୍ବରୁ ମଥୁରା ଯିମିତି ଥିଲା, ପୁଣି ସେଭଳି ବାତାବରଣ ଫେରି ଆସିଲା । ଶୂନ୍ୟବାଣୀ ଶୁଣି ନଥିଲେ, କଂସ ମଧ୍ୟ ଏତେ ନୃଶଂସ ହୋଇ ପଡିନଥାନ୍ତା । ଶୂନ୍ୟବାଣୀ ହିଁ ମଥୁରାର ଶାନ୍ତିଭଙ୍ଗ କରି ଦେଇଥିଲା । କଂସ ମନରେ ଦକା ପଶିଗଲା । ଭୟ ତାକୁ ନିର୍ଦ୍ଦୟ କରିପକାଇଲା । ଏବେ 'ମଥୁରା' ପୁଣି 'ମଧୁରା' ପାଲଟିଗଲା । ଚାରିଆଡେ ମଧୁବର୍ଷଣ ଚାଲିଲା ।

କଂସ ମରିବା ପରେ ନନ୍ଦ ମଥୁରାରେ କିଛିଦିନ ରହିଥିଲେ । ସେ ଜାଣିଲେ ଯେ କୃଷ୍ଣ ବଳରାମ ତ ରାଜ୍ୟଭାର ମୁଣ୍ଡେଇଲେଣି, ସେମାନେ ଆଉ ବୃନ୍ଦାବନ ଫେରିବା ପ୍ରଶ୍ନ ଉଠୁନି । ନନ୍ଦଙ୍କୁ ବିଦାୟ ଦେବାବେଳେ ଶ୍ରୀକୃଷ୍ଣ ତାଙ୍କୁ କୁଣ୍ଢେଇ ପକାଇଲେ । ତାଙ୍କ କଣ୍ଠ ରୁଦ୍ଧ ହୋଇ ଆସିଲା । ଚକ୍ଷୁ ସଜଳ ହୋଇ ପଡିଲା । ସେ ନନ୍ଦବାବାଙ୍କୁ କହିଲେ, ବୃନ୍ଦାବନ କେବେହେଲେ ମୋ ମନରୁ ଯିବନି । ଏତେଦିନ ଧରି ଆମର ଆଉ ଜଣେ ପିତାମାତା ଅଛନ୍ତି ବୋଲି ଭୁଲରେ ସୁଦ୍ଧା କେବେ ଭାବି ନ ଥିଲୁ । ମା' ଯଶୋଦା ଓ ତୁମର ସ୍ନେହଶ୍ରଦ୍ଧାରେ ଆମେ ଦୁହେଁ ବଶୀଭୂତ, ଅଭିଭୂତ ହୋଇପଡିଥିଲୁ । ବିଦାୟ ଦେବାକୁ ମନ ହେଉନି । କିନ୍ତୁ ତୁମର, ଆମର ସମସ୍ତଙ୍କର କର୍ତ୍ତବ୍ୟ ରହିଛି । ଏଠି ମଥୁରା ଲୋକଙ୍କ ମନ ବୁଝିଲା ଭଳି କେତେକ କାମ କରିବାକୁ ପଡିବ । ସେଥିଲାଗି ସମୟ ଲାଗିବ । ମା' ଯଶୋଦା ଓ ଗୋପୀମାନଙ୍କୁ କହିବ, ଏଠାକାମ ସାରି ଆମେ ଫେରିବୁ । କିନ୍ତୁ କେବେ ଫେରିବୁ କହି ଦେଇପାରୁନୁ ।

ଶ୍ରୀକୃଷ୍ଣ ସାଙ୍ଗସାଥୀମାନଙ୍କୁ ମଧ୍ୟ ସେମାନଙ୍କ ମନ ବୁଝିବା ଭଳି କଥା କହିଲେ । ଜଣ ଜଣଙ୍କୁ କୁଣ୍ଢେଇଲେ । ସଖାମାନେ କୌଣସି ଉତ୍ତର ନ ଦେଇ, କେବଳ ଲୁହ ଗଡେଇଲେ । ଏ ଲୁହ ଆସୁଥିଲା, ସେମାନଙ୍କ ହୃଦୟକନ୍ଦରରୁ । ସେମାନେ ଜାଣିଲେ ଯେ କୃଷ୍ଣ ଆଉ ସେମାନଙ୍କର ନୁହଁ, କି କେବଳ ମଥୁରାର ନୁହଁ, ସମଗ୍ର ବିଶ୍ୱର । ଜଗତର

ନାଥ ଜଗନାଥ ସେ । ବୃନ୍ଦାବନରେ ସବୁ ଚାଲିବ, ଗୋଚାରଣ ହେବ, ଖେଳ ବି ହେବ କିନ୍ତୁ କୃଷ୍ଣ ବିନା ସେ ସବୁ ଶୁଖିଲା । ଆଉ ବଂଶୀ ବାଜିବ ନାହିଁ । ଗୋପୀମାନେ ଆଉ ଘରଦ୍ୱାର ଛାଡି ନିକୁଞ୍ଜକାନନ, ମଧୁବନକୁ ଦୌଡିବେନି । ବୃନ୍ଦାବନ ଅନାଥ, ମ୍ରିୟମାଣ । ଗିରିଗୋବର୍ଦ୍ଧନ ଟେକାଠୁ ଆରମ୍ଭ କରି, ଦାବାଗ୍ନି ଭକ୍ଷଣ, କାଳିୟ ଦଳନ ଆଦି କଥା ସେମାନଙ୍କ ମନେ ପଡିଲା । ଭାବିନେଲେ ଯେ ବୃନ୍ଦାବନର ମନଟା ଚାଲି ଆସିଲା ମଥୁରାକୁ । ବିପଦ ଆପଦରେ ସେମାନେ କାତର ଭାବରେ ଡାକୁଥିଲେ ହେ କୃଷ୍ଣ, ଆମକୁ ରକ୍ଷାକର, ଜଗଦୀଶ ରକ୍ଷା କର । ବ୍ରଜ ଆଉ ଧାମ ହୋଇ ରହିବ ନାହିଁ । ଯେଉଁ ଅଧମକୁ ସେହି ଅଧାମ ।

ଶ୍ରୀକୃଷ୍ଣ ସେମାନଙ୍କ ମନରୁ ବିଷାଦ ହଟାଇବା ପାଇଁ ସେମାନଙ୍କ ସହିତ ବହୁତ ଖୁସିଗପ କଲେ । ଇମିତି ସବୁ କଥା କହିଲେ ଯେ ସାଙ୍ଗମାନେ ନହସି ରହି ପାରିଲେ ନାହିଁ । ବହୁତ ବୁଝାଇବା ପରେ ସଖାମାନେ ରାଜି ହେଲେ ବୃନ୍ଦାବନ ଫେରି ଯିବାପାଇଁ ।

ଶଗଡ ଧାଡି ଧାଡି ହୋଇ ଚାଲିଲା ବୃନ୍ଦାବନ ଅଭିମୁଖେ । ଖାଲି ଶଗଡ । ନନ୍ଦବାବା ସମେତ କେହି ଆଉ ଶଗଡରେ ବସିଲେ ନାହିଁ । ପାଦରେ ଚାଲି ଚାଲି ଗଲେ । ମଝି ମଝିରେ ସେମାନେ ପଛକୁ ଚାହିଁବାରେ ଲାଗିଥିଲେ । ରାମକୃଷ୍ଣ ଦୁଇଭାଇ ମଧ ଠିଆ ହୋଇ ରହିଲେ ବହୁ ସମୟଧରି, ନନ୍ଦବାବା ଓ ସେମାନଙ୍କ ସଖାମାନେ ଅଦୃଶ୍ୟ ହୋଇଯିବା ପର୍ଯ୍ୟନ୍ତ ।

ଶ୍ରୀକୃଷ୍ଣ ଆଉ ବ୍ରଜେନ୍ଦ୍ର କୁମାର ନୁହଁନ୍ତି, ଏବେ ସେ ରାଜେନ୍ଦ୍ରକୁମାର । ବାଲ୍ୟ ସମୟ ଅତିବାହିତ । ବ୍ରଜ ବୃନ୍ଦାବନରେ ଶୈଶବ, କୈଶୋର ଓ ବାଲ୍ୟ ତିନୋଟି ସମୟ ଚାହୁଁ ଚାହୁଁ କଟିଗଲା । ଏକ ବିରାଟ ଯୋଜନା, ବ୍ୟାପକ ପରିକଳ୍ପନା, ଏକ ପ୍ରକାଣ୍ଡକାୟ ସୌଧର ନିଅଁ ଖୋଳା ଚାଲିଥିଲା ଗୋକୁଳ ଓ ଗୋପପୁରରେ । ସେଠି ସେ ଥିଲେ ରସରାଜ । ରାସ କରୁଥିଲେ, ରସ ପରଷୁ ଥିଲେ । ସେଠି ଥିଲେ ଭଅଁର । ଏବେ ମଥୁରା ଆସିଲେ ଭଉଁରୀ ରଚନା କରିବା ପାଇଁ । ସାଂସାରିକ ଧର୍ମପାଳନ କରିବାକୁ ପଡିବ । ମନୁଷ୍ୟ ଭାବରେ ମନୁଷ୍ୟତ୍ୱ ରକ୍ଷା କରିବାକୁ ପଡିବ । ପଶୁ ପାଲଟି ଯାଇଥିବା ମଣିଷମାନଙ୍କୁ ଉଚିତ ମାର୍ଗଦର୍ଶନ କରାଇବାକୁ ପଡିବ । ସେ ନିଜେ ଯାହା କରିବେ, ଲୋକେ ତାହା ଅନୁସରଣ କରିବେ । ଲୋକସଂଗ୍ରହ ବା ଲୋକଶିକ୍ଷା ଲାଗି ବହୁ ଉପାଦାନ ଓ ଉପଚାର ସଂଗ୍ରହ କରିବାକୁ ପଡିବ ।

॥ ୬୫ ॥

# ଗୁରୁଦକ୍ଷିଣା ଓ ପଞ୍ଚଜନ୍ୟ

କୃଷ୍ଣ ବଳରାମଙ୍କ ଜନ୍ମବେଳେ ବାସୁଦେବ ଓ ଦେବକୀ ବହୁ ମାନସିକ କରିଥିଲେ । ହଜାରେ ଗୋଦାନ, ଧନରତ୍ନ ଦାନ ଓ ବସ୍ତ୍ରଦାନ ଆଦି ସେ ମନେ ମନେ କରିସାରିଥିଲେ । ସେତେବେଳେ ମନରେ ହୋଇଥିଲା, ଏବେ ନିଜ ହାତରେ ଦାନ କରିବାକୁ ଚାହିଁଲେ । ଯାଦବମାନଙ୍କ ବ୍ରତୋପୟନ ପରମ୍ପରା ରହିଆସିଛି । ବସୁଦେବ ତାଙ୍କ କୁଳଗୁରୁ ଗାର୍ଗଙ୍କୁ କହିଲେ, ପିଲାମାନଙ୍କ ବ୍ରତୋପନୟନ କରାଇବା ଲାଗି ।

ଜଣେ ନାରାୟଣ, ସର୍ବଦେବତା ସ୍ୱରୂପ, ସ୍ୱୟଂ ବିଷ୍ଣୁ ଆଉ ଜଣେ ଜ୍ଞାନର ଜନକ ଆଦିଶେଷ । ଏକଥା ଗାର୍ଗମୁନି ଜାଣିଥିଲେ । ତଥାପି ଗୁରୁ ଭାବରେ ସେମାନଙ୍କୁ ନିଜ ପାଦତଳେ ବସାଇଲେ । ସେମାନଙ୍କୁ ଗାୟତ୍ରୀ ମନ୍ତ୍ରରେ ଦୀକ୍ଷିତ କଲେ । ଏହି ଉତ୍ସବରେ ବହୁ ମୁନିଋଷି ଯୋଗ ଦେଇଥିଲେ । ସମସ୍ତେ ରାମକୃଷ୍ଣଙ୍କୁ ଆଶୀର୍ବାଦ କଲେ ।

ତା'ପରେ ପୁଅମାନଙ୍କ ବିଦ୍ୟାଶିକ୍ଷା କଥା ଉଠିଲା । ଏ ପର୍ଯ୍ୟନ୍ତ ସେମାନେ ଗୋପାଳମାନଙ୍କ ଗୋପପୁରରେ ରହିଥିଲେ । ଗାଈବାଛୁରୀ ଚରାଉଥିଲେ । ଏବେ ଆଉ ଗୋପାଳବାଳକ ନୁହଁନ୍ତି, ଯାଦବବଂଶୀୟ କ୍ଷତ୍ରିୟ । ପ୍ରଥା ଅନୁଯାୟୀ ସେମାନଙ୍କୁ ଗୁରୁକୁଳାଶ୍ରମକୁ ପାଠାଇବାକୁ ପଡ଼ିବ । ଗାର୍ଗମୁନିଙ୍କୁ କୁହାଗଲା, ଜଣେ ଉପଯୁକ୍ତ ଶିକ୍ଷାଗୁରୁ ବାଛିବା ପାଇଁ । ଗାର୍ଗମୁନି ଧ୍ୟାନସ୍ଥ ହେଲେ । ତା'ପରେ କହିଲେ, ସାନ୍ଦୀପନି ହିଁ ଏମାନଙ୍କ ଲାଗି ଉପଯୁକ୍ତ ଗୁରୁ । ବାରାଣସୀରେ ତାଙ୍କର ଜନ୍ମ, ସେ ଅବନ୍ତୀରେ ଗୁରୁକୁଳାଶ୍ରମ କରି ରହିଛନ୍ତି । ତାଙ୍କରି ପାଖକୁ ରାମକୃଷ୍ଣ ଦୁଇଭାଇଙ୍କୁ ପଠାଯାଉ । ଅଳ୍ପଦିନରେ ସେମାନେ ବେଦପାରଗ ଓ ଶାସ୍ତ୍ରଜ୍ଞ ହୋଇ ଫେରିବେ ।

ରାମକୃଷ୍ଣ ଦୁଇଭାଇ ସାନ୍ଦୀପନୀଙ୍କ ଆଶ୍ରମରେ ପାଠ ପଢ଼ିଲେ । ଯେଉଁମାନଙ୍କଠାରୁ ସମସ୍ତ ଶିକ୍ଷାର ସୃଷ୍ଟି, ସେମାନେ ଶିଖିବେ କ'ଣ, ପଢ଼ିବେ କ'ଣ ? ସେମାନଙ୍କ ପାଇଁ ଗାୟତ୍ରୀ, ବେଦ, ଶାସ୍ତ୍ର ଅବା କ'ଣ ? କିନ୍ତୁ ସାଧାରଣ ମଣିଷ ଭାବରେ ସେସବୁ ସେମାନଙ୍କୁ ଶିକ୍ଷା କରିବାକୁ ପଡ଼ିବ । । ବଳରାମ ଓ ଶ୍ରୀକୃଷ୍ଣ ଗୁରୁକୁଳାଶ୍ରମରେ ପାଠ ତ ପଢ଼ିଲେ, ଗୁରୁଙ୍କର ସମସ୍ତ ସେବା କଲେ । ଅତି ନିଷ୍ଠାର ସହିତ ସବୁ କାମ କଲେ ସେମାନେ । ଘାସକଟାଠୁ ଆରମ୍ଭ କରି ଘୋଡ଼ାଚଢ଼ା ପର୍ଯ୍ୟନ୍ତ ସବୁ ଶିକ୍ଷା ଦିଆଯାଉଥିଲା ଏହି ଆଶ୍ରମରେ । ବେଦ, ବେଦାଙ୍ଗ, ଉପନିଷଦ ଆଦି ସମସ୍ତ ଶିକ୍ଷା ସାଙ୍ଗକୁ ଅସ୍ତ୍ରଶସ୍ତ୍ର ଚାଳନା, ଯୁଦ୍ଧବିଦ୍ୟା, ଧନୁର୍ବିଦ୍ୟା, ଗଦାଯୁଦ୍ଧ, ମୁଷ୍ଟିଯୁଦ୍ଧ ଆଦି ଜୀବନରେ

ଯାହାସବୁ ଦରକାର, ସବୁ ବିଦ୍ୟାରେ ସେମାନେ ପାରଙ୍ଗମ ହୋଇ ହୋଇଉଠିଲେ । ଗୁରୁ ସାନ୍ଦୀପନି ଏମାନେ ଏତେ ଶୀଘ୍ର ଏସବୁ ଅତି ନିପୁଣ ଭାବରେ ହାସଲ କରିପକାଇବେ ବୋଲି କଳ୍ପନା ସୁଦ୍ଧା କରିନଥିଲେ । ଧର୍ମଶାସ୍ତ୍ର, ମୀମାଂସା, ତର୍କ, ଆୟୁର୍ବେଦ, ଶାସନ ପରିଚାଳନା ଆଦି ବିଦ୍ୟାରେ ମଧ୍ୟ ସେମାନେ ପାରଦର୍ଶୀ ହୋଇଉଠିଲେ । ଚଉଷଠି ଦିନରେ ଚଉଷଠି ବିଦ୍ୟାରେ ଧୂରୀଣ ହେବା ଦେଖି ଗୁରୁ ସାନ୍ଦୀପନି, ଏ ପିଲାଦି'ଟା ମଣିଷ ନା ଭଗବାନ, ଭାବିପାରିଲେ ନାହିଁ । ଗୁରୁକୁଳାଶ୍ରମରେ ସେ ଏପରି ବିଦ୍ୟାର୍ଥୀ କେବେ ପାଇନଥିଲେ, ଦେଖି ନଥିଲେ ।

ପାଠପଢ଼ା ସରିଲା । ରାମକୃଷ୍ଣ ଦୁହେଁ ଗୁରୁଦକ୍ଷିଣା ଦେଇ ଆଶ୍ରମରୁ ବିଦାୟ ନେବା ବେଳ ଆସିଲା । ସେମାନେ ଗୁରୁଙ୍କୁ ଯାଇ କହିଲେ, ଦକ୍ଷିଣା ସ୍ୱରୂପ, ଆପଣ ଆମଠାରୁ କ'ଣ ପାଇବାକୁ ଚାହୁଁଛନ୍ତି, ମନଖୋଲି କହନ୍ତୁ । ଯାହା କହିବେ, ଆମେ ଦେବାକୁ ପ୍ରସ୍ତୁତ । ପ୍ରଥମେ ପ୍ରଥମେ ସାନ୍ଦିପନି ମନାକଲେ । କହିଲେ, ତୁମଭଳି ବିଦ୍ୟାର୍ଥୀଙ୍କଠାରୁ ମୁଁ ନେବି କ'ଣ ? ଦକ୍ଷିଣା ନେବା କଥା କହନି । କିନ୍ତୁ ରାମକୃଷ୍ଣ ଦୁହେଁ ଜିଦ୍ ଧରିଲେ, ଆମେ ଦେବୁ ନିଶ୍ଚୟ, ଆପଣ ନେବେ ନିଶ୍ଚୟ । ନାହିଁ କଲେ ଚଳିବନି ।

ସାନ୍ଦୀପନି ମୁନି ନିଜ ସ୍ତ୍ରୀଙ୍କ ସହିତ ପରାମର୍ଶ କଲେ । ରାମକୃଷ୍ଣଙ୍କୁ କହିଲେ, ସେ ବଡ଼ ଦୁରୂହ କାର୍ଯ୍ୟ । ତୁମମାନଙ୍କୁ ସେ ଦାୟିତ୍ୱ ଦେବାକୁ କୁଣ୍ଠାବୋଧ କରୁଛି । କିନ୍ତୁ ବୃନ୍ଦାବନରେ ତୁମମାନଙ୍କ କାର୍ଯ୍ୟ ମୋ କାନରେ ପଡ଼ିଛି । ସେଠି ତୁମେମାନେ କେତେ ଲୀଳା କରିଛ । କେତେ ଚମତ୍କାରିତା ଦେଖାଇଛ । ତେଣୁ ମୋର ଆଶା ହେଉଛି, ମୋ କଥା ତୁମେମାନେ ରଖିପାରିବ ।

ଶ୍ରୀକୃଷ୍ଣ କହିଲେ, କହନ୍ତୁ, ଆମେ କ'ଣ କରିବୁ । କହିଛି ପରା, ଯାହା କହିବେ, ତା' କରିବୁ । ଆମ ପକ୍ଷରେ ଅସମ୍ଭବ ବୋଲି କିଛି ନାହିଁ ।

ସାନ୍ଦୀପନି କହିଲେ, ସିଏ ଏକ ବିରାଟ କାହାଣୀ । ବହୁଦିନ ପୂର୍ବେ ମୁଁ ସସ୍ତ୍ରୀକ ପୁଅକୁ ସାଙ୍ଗରେ ନେଇ ପ୍ରଭାସତୀର୍ଥକୁ ଯାଇଥିଲି । ସେଠାରେ ସମୁଦ୍ରରେ ସ୍ନାନ କରିବା ବେଳେ ପୁଅ ଆମର ପାଣିରେ ବୁଡ଼ିଗଲା । ବହୁତ ସମୟ ଅପେକ୍ଷା କଲୁ, ପୁଅ ଫେରିଲା ନାହିଁ । ସମୁଦ୍ରଗର୍ଭରେ ସେ ଲୀନ ହୋଇଗଲା । ତୁମେମାନେ ଯଦି ତାକୁ ଜୀବନ୍ତ ଅବସ୍ଥାରେ ଆମ କୋଳକୁ ଫେରାଇ ଆଣିପାରିବ, ତାହା ହିଁ ହେବ ତୁମମାନଙ୍କର ଗୁରୁଦକ୍ଷିଣା ।

ରାମକୃଷ୍ଣ କହିଲେ, ଏହି କଥା ତ ! ଆପଣ ପୁଅକୁ ନିଶ୍ଚିତ ଭାବରେ, ସେ ଯିମିତି ଥିଲା, ଠିକ୍ ସିମିତି ଅବସ୍ଥାରେ ଫେରିପାଇବେ । ସେ ଭାର ଆମ ଉପରେ । ଏଇଠୁ ଆମେ ଯିବୁ ସିଧା ପ୍ରଭାସକୁ ।

କାଳବିଳମ୍ବ ନ କରି ରାମକୃଷ୍ଣ ଦୁହେଁ, ଗୁରୁ ଓ ଗୁରୁପତ୍ନୀଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ବିଦାୟ ନେଇ ରଥରେ ବସିଲେ । ଗଲେ ପ୍ରଭାସକୁ । ସମୁଦ୍ରକୂଳରେ ଦୁଇଭାଇ କିଛି ସମୟ ବସିଲେ । ପ୍ରଭୁଙ୍କ ଆଗମନର ଖବର ସଙ୍ଗେ ସଙ୍ଗେ ପହଞ୍ଚିଗଲା ଜଳାଧୀଶ ବରୁଣଙ୍କଠାରେ । ସେ ପାଦାର୍ଘ୍ୟ ଦେଇ ରାମକୃଷ୍ଣଙ୍କ ପଦବନ୍ଦନା କଲେ । ଶ୍ରୀକୃଷ୍ଣ ବରୁଣଙ୍କୁ କହିଲେ, ଆମେ ତୁମପାଖକୁ ଆସିଛୁ ଏକ ବଡ଼ କାମରେ । ତୁମର ତରଙ୍ଗମାଳା ଆମ ଗୁରୁପୁତ୍ରଙ୍କୁ ନେଇ କୁଉଠି ରଖିଛି ଜଣାଅ । ଖାଲି ଜଣାଇବ ନାହିଁ, ଆମ ଗୁରୁ ସାନ୍ଦୀପନିଙ୍କ ପୁତ୍ରକୁ ଶୀଘ୍ର ଆଣି ଆମ ପାଖରେ ହାଜର କରାଅ । ଆମେ ଗୁରୁଙ୍କୁ କଥାଦେଇ ଆସିଚୁ, ତାଙ୍କ ପୁଅକୁ ଜୀବନ୍ତ ଅବସ୍ଥାରେ ନେଇ ତାଙ୍କୁ ଦେବାପାଇଁ ।

ବରୁଣ କହିଲେ, ମହାପ୍ରଭୁ, ମୁଁ ଏ ସଂକ୍ରାନ୍ତରେ କିଛି ଜାଣେନା । ମୁଁ ଆପଣଙ୍କ ଗୁରୁପୁତ୍ରକୁ ନେଇନି । ମୋ ଜଳରେ ଜଣେ ଅସୁର ବହୁକାଳରୁ ବାସ କରିଆସୁଚି । ତା ନାଆଁ ପଞ୍ଚଜନ୍ୟ । ସେ ଶଙ୍ଖ ରୂପ ଧାରଣ କରି ଏକ ଜଳଚର ଭଳି ମୋ ଜଳରେ ଆତଯାତ କରିଥାଏ । ସେହି ଅସୁର ହିଁ ଆପଣଙ୍କ ଗୁରୁପୁତ୍ରଙ୍କୁ ହରଣଚାଳ କରିନେଇ ରଖିଚି ।

ଶ୍ରୀକୃଷ୍ଣ ସଙ୍ଗେ ସଙ୍ଗେ ସମୁଦ୍ରଗର୍ଭକୁ ଲମ୍ଫ ଦେଲେ । ଅସୁରକୁ ଧରିଲେ । ତାକୁ ମାରିବା ପରେ ଦେଖିଲେ ତା' ଗର୍ଭରେ ଗୁରୁପୁତ୍ର ନାହିଁ । କିନ୍ତୁ ଅସ୍ଥି ଅଛି । ଅସୁରଟା ମରିଯିବା ପରେ ତା ଶବ ଏକ ଶଙ୍ଖ ପାଲଟିଗଲା । ଶ୍ରୀକୃଷ୍ଣ ନିଜେ ବ୍ୟବହାର କରିବା ଲାଗି ଏହି ଶଙ୍ଖଟିକୁ ସାଇତି ରଖିଲେ । ଏହି ଅସୁରର ନାମ ଅନୁସାରେ ଏହି ଶଙ୍ଖର ନାମ ରହିଲା ପାଞ୍ଚଜନ୍ୟ । ଶ୍ରୀକୃଷ୍ଣ ଭାବିଲେ, ତା'ହେଲେ ଗୁରୁପୁତ୍ରକୁ ନେଲା କିଏ ? ସେ ସମୁଦ୍ର ଗର୍ଭରୁ ଉପରକୁ ଉଠିଲେ । ଦୁଇଭାଇ ପହଞ୍ଚିଲେ ଶମନପୁର ବା ଯମପୁରରେ । ଯମପୁରର ସିଂହଦ୍ୱାରରେ ରହି ଶ୍ରୀକୃଷ୍ଣ ବଜାଇଲେ ପାଞ୍ଚଜନ୍ୟ ଶଙ୍ଖ । ଏହି ଶଙ୍ଖ ଶବ୍ଦରେ ଯମପୁର କମ୍ପିଉଠିଲା । ଯମ ଜାଣିପାରିଲେ ଏ ଶଙ୍ଖ ନିନାଦ କାହାର । ସେ ଦୌଡ଼ିଆସି ହରିହର ତଥା ରାମକୃଷ୍ଣଙ୍କୁ ସସମ୍ମାନ ସମ୍ଭାଷଣ କଲେ । ପୂଜାଅର୍ଚ୍ଚନା ପରେ ଯମରାଜ କରପୁତ୍ର ଯୋଡ଼ି ରାମକୃଷ୍ଣଙ୍କୁ ପଚାରିଲେ, ଏ ଅସମୟରେ ମୋ'ଘରେ ଆପଣମାନଙ୍କ ପଦାର୍ପଣର ଉଦ୍ଦେଶ୍ୟ କ'ଣ ? ମୁଁ କ'ଣ କରିବି ଆଦେଶ କରନ୍ତୁ । ମୁଁ ତ ଆପଣମାନଙ୍କ ଦାସାନୁଦାସ ।

ଶ୍ରୀକୃଷ୍ଣ କହିଲେ, କଥା କ'ଣ କି, ଆମ ଗୁରୁପୁତ୍ର ପ୍ରଭାସତୀର୍ଥରେ ସମୁଦ୍ରରେ ବୁଡ଼ି ମରିଯାଇଛି । ଆମେ ତାକୁ ଜୀବନ୍ତ ଭାବରେ ଗୁରୁଦକ୍ଷିଣା ଦେବାକୁ ପ୍ରତିଶ୍ରୁତିବଦ୍ଧ । ସେଥିଲାଗି ତୁମର ସାହାଯ୍ୟ ଚାହୁଁଚୁ । ଅସ୍ଥି ଦେଖି ଜାଣିଲୁ ଯେ ସେ ଯମପୁରରେ ଅଛି ।

ଯମରାଜ କହିଲେ, ଜୀବକୁ ମାରିବା ଜିଆଁଇବା ଆପଣମାନଙ୍କ ନିର୍ଦ୍ଦେଶରେ ହିଁ ହୋଇଥାଏ । ମୁଁ ନିମିତ୍ତ ମାତ୍ର । ଯିଏ ଯେଉଁଠି ମଲା, ମୁଁ ତାକୁ ଗୋଟାଇଆଣି ମୋ

ପୁରରେ ରଖିଥାଏ । ଆପଣମାନେ ଯାହାକୁ ଚାହାନ୍ତି ନେଇଯାଇ ପାରନ୍ତି । ସେଥିରେ ମୋର କିଛି କରିବାର ନାହିଁ । ଏତିକି କହି ଯମରାଜ ଦୂତମାନଙ୍କୁ କହିଲେ, ସାନ୍ଦୀପନିଙ୍କ ପୁଅକୁ ଆଣି ପ୍ରଭୁଙ୍କୁ ଦେଇଦିଅ । ଦୂତମାନେ ରାଜାଙ୍କ ଆଦେଶ ପାଇ ସାନ୍ଦୀପନିଙ୍କ ପୁଅକୁ ଆଣି ରାମକୃଷ୍ଣଙ୍କ ଆଗରେ ପୈଠ କରିଦେଲେ । ରାମକୃଷ୍ଣ ଜୀବିତାବସ୍ଥାରେ ଗୁରୁପୁତ୍ରଙ୍କୁ ଆଣି ଗୁରୁ ସାନ୍ଦୀପନିଙ୍କୁ ଦକ୍ଷିଣା ସ୍ୱରୂପ ଦେଲେ ।

ଗୁରୁ ଓ ଗୁରୁପତ୍ନୀଙ୍କ ମନ ଖୁସ୍ । ସାନ୍ଦୀପନି କହିଲେ, ଇମିତି ଦକ୍ଷିଣା ପୃଥିବୀରେ କୌଣସି ଗୁରୁ ପାଇ ନଥିବେ । ଆମଠୁ ବଳି ଭାଗ୍ୟବାନ କିଏ ଅଛି ? ଭାଗ୍ୟକୁ ମୁଁ ନରନାରାୟଣ ଓ ଶଙ୍କରଙ୍କ ଗୁରୁ ହୋଇପାରିଲି । କେବଳ ପୁଅକୁ ପାଇଲି ନାହିଁ, ମୁଁ ଆଜିଠୁ କାମନାରୂପ ମହାବ୍ୟାଧିରୁ ମଧ୍ୟ ଆରୋଗ୍ୟ ଲାଭ କଲି ।

ତା'ପରେ ରାମକୃଷ୍ଣ ରଥାରୂଢ଼ ହେଲେ । ବାଟଯାକ ପାଞ୍ଚଜନ୍ୟ ଶଙ୍ଖ ବଜାଇ ବଜାଇ ସେମାନେ ପହଞ୍ଚିଲେ ମଥୁରାପୁରୀରେ ।

●

॥ ୬୬ ॥

# ଗଚ୍ଛୋଦ୍ଧବ ! ବ୍ରଜଂ ସୌମ୍ୟ !

କଂସ ନିଧନ, ଉଗ୍ରସେନଙ୍କ ଅଭିଷେକ ପରେ ରାମକୃଷ୍ଣଙ୍କ ପାଠପଢ଼ା କାମ ମଧ୍ୟ ସରିଲା । ଶ୍ରୀକୃଷ୍ଣ ଏପର୍ଯ୍ୟନ୍ତ ନାନା କାର୍ଯ୍ୟରେ ବ୍ୟସ୍ତ ଥିଲେ । ସେ ବ୍ରଜ ବୃନ୍ଦାବନକୁ ପାସୋରି ଯାଇଥିଲେ କହିଲେ ଚଳେ । ଗୁରୁକୁଳାଶ୍ରମରୁ ଫେରିବା ପରେ ହଠାତ୍ ତାଙ୍କ ମନରେ ନାଚି ଉଠିଲା ବୃନ୍ଦାବନର ସମସ୍ତ ଦୃଶ୍ୟ । ବୃନ୍ଦାବନରେ ଯେଉଁ ଯମୁନା, ମଥୁରାରେ ମଧ୍ୟ ସେହି ଯମୁନା । ଯମୁନାର ଜଳକୁ ଆଞ୍ଜୁଳାରେ ଧରିଲେ । ତା'ଭିତରେ ସେ ଦେଖିଲେ ଷୋଳସହସ୍ର ଗୋପନାରୀଙ୍କୁ । ତାଙ୍କ ହାତରେ ତ ଆଉ ମୁରଲୀ ନାହିଁ, ଯାହାକୁ ବଜାଇ ସେ ଗୋପର ଲଳନାମାନଙ୍କୁ ଟାଣି ଆଣୁଥିଲେ ନିଜ ପାଖକୁ । ଏଠି ବଂଶୀବଟ ନାହିଁ, କି ମଧୁବନ ନାହିଁ ।

ମଥୁରାରେ ଥିଲେ ବୃଷ୍ଣି, ଅନ୍ଧକ ଓ ଭୋଜ ବଂଶୀୟ ଲୋକେ । ଏମାନଙ୍କ ମଧ୍ୟରୁ ସବୁଠାରୁ ଘନିଷ୍ଠ, ଅନ୍ତରଙ୍ଗ ସାଙ୍ଗ ଥିଲେ ଶ୍ରୀମାନ୍ ଉଦ୍ଧବ । ଶ୍ରୀକୃଷ୍ଣ ତାଙ୍କୁ 'ଉଧୋ' ବୋଲି ଡାକୁଥିଲେ । ଉଦ୍ଧବଙ୍କ ଚେହେରା ମଧ୍ୟ ଠିକ୍ ଶ୍ରୀକୃଷ୍ଣଙ୍କ ଭଳି । ସେ ବୃହସ୍ପତିଙ୍କ ଶିଷ୍ୟ । ନିଜେ ତ ଯିବା ସମ୍ଭବ ନୁହଁ, ତେଣୁ ଶ୍ରୀକୃଷ୍ଣ ମନେ ମନେ ସ୍ଥିର କଲେ ବନ୍ଧୁ ଉଦ୍ଧବଙ୍କୁ ବୃନ୍ଦାବନ ପଠାଇବା ପାଇଁ । ଦିନେ ସେ ଉଦ୍ଧବଙ୍କୁ ନିଜ ଏକାନ୍ତ ପ୍ରକୋଷ୍ଠକୁ

ଡକାଇଲେ । ତାଙ୍କ ଦି'ହାତକୁ ଧରି କହିଲେ, ତୁମକୁ ଗୋଟାଏ କାମ ଦେବି । ବନ୍ଧୁ ଭାବରେ ସେ କାମଟି ତୁମକୁ ତୁଲାଇବାକୁ ପଡ଼ିବ । କହିଲେ, 'ଗଚ୍ଛୋଦ୍ଧବ ! ବ୍ରଜଂ ସୌମ୍ୟ !' ହେ ଉଦ୍ଧବ, ତୁମକୁ ବ୍ରଜବୃନ୍ଦାବନ ଯିବାକୁ ପଡ଼ିବ । ସେଠିକି ଯାଇ ମତେ ଯେଉଁମାନେ ପାଳିଥିଲେ, ଯେଉଁମାନେ ପ୍ରାଣଠୁ ବଳି ମତେ ଭଲ ପାଇଥିଲେ, ସେମାନଙ୍କୁ ମୋର କୁଶଳ ବାର୍ତ୍ତା ଜଣାଇବ । ନନ୍ଦବାବା, ମା' ଯଶୋଦାଙ୍କୁ ତ ଭେଟିବ, ତା ସଙ୍ଗେ ସଙ୍ଗେ ମୋର ପ୍ରାଣପ୍ରିୟା ଗୋପୀମାନଙ୍କୁ ମୋ ପ୍ରେମ ସଂଦେଶ ଦେବ । ମୁଁ ଆସିବା ଦିନଠୁ ସେମାନେ ମତେ ଝୁରି ଝୁରି କ'ଣ ଯେ କ'ଣ ହେବେଣି, କଳ୍ପନା କରି ହେଉନି ! ମୋ ସଂଦେଶ ସେମାନଙ୍କ ପାଖରେ ପହଞ୍ଚାଇବା ପାଇଁ ତୁମେ ହିଁ ଉପଯୁକ୍ତ ବାର୍ତ୍ତାବହ ! ଦାୟିତ୍ୱ କମ୍ ନୁହେଁ, ସେମାନଙ୍କ ମନ ବୁଝିଲା ଭଳି କଥା କହିବାକୁ ପଡ଼ିବ । ତୁମେ ତ ଜ୍ଞାନୀଶ୍ରେଷ୍ଠ । ଏ କାର୍ଯ୍ୟ କିପରି କରିବାକୁ ପଡ଼ିବ, ତୁମେ ହିଁ ତା' ବାଟ ବାହାର କରିବ ।

ଉଦ୍ଧବ ଶ୍ରୀକୃଷ୍ଣଙ୍କ ପ୍ରସ୍ତାବରେ ସମ୍ମତ ହେଲେ । କେବଳ ପଚାରିଲେ, ଗୋପୀ ବୋଲି ଯେଉଁମାନଙ୍କୁ କହୁଛ, ସେମାନେ କ'ଣ ସାଧାରଣ ନାରୀ ନୁହଁନ୍ତି ! ସେମାନଙ୍କୁ କ'ଣ ମୁଁ ବୁଝାଇ ପାରିବି ନାହିଁ ! ତଥାପି ସେମାନଙ୍କ ସାମାନ୍ୟ ପରିଚୟ ଦେଇଥାଅ ।

ଶ୍ରୀକୃଷ୍ଣଙ୍କ ଚକ୍ଷୁଯୁଗଳ ସଜଳ ହୋଇ ଆସିଲା । ନିଜକୁ ସମ୍ଭାଳି ନେଇ ଶ୍ରୀକୃଷ୍ଣ କହିଲେ, ମୁଁ ଥିଲି ଗୋପବାଳାମାନଙ୍କ ପ୍ରାଣାରାମ । ସେମାନଙ୍କ ଜୀବନ-ନାଟିକା । ମତେ ପାଇବା ଲାଗି ସେମାନେ ଘର ପରିବାର ସବୁ ତ୍ୟାଗ କରି ଦେଉଥିଲେ । ସେମାନଙ୍କ ପ୍ରେମର ପଟାନ୍ତର ନାହିଁ । ମଥୁରା ଆସିବାବେଳେ ସେମାନେ ମୋ ଗୋଡ଼ତଳେ ଲୋଟି ପଡ଼ିଥିଲେ । ଅକ୍ରୂରଙ୍କୁ କେତେ ନା କେତେ ଗାଳି ଦେଇଥିଲେ, ସେ ରଥରେ ବସାଇ ମତେ ନେଇ ଯାଉଥିବାରୁ । କହିଥିଲି, ମୁଁ ଯାଉଛି ସିନା ଫେରି ଆସିବି । ମୋ ଫେରିବା ବାଟକୁ ସେମାନେ ଚାହିଁ ରହିଥିବେ । ''ଗଲା ପୁତ୍ର ବାହୁଡ଼ି ନଇଲା'' ବୋଲି ସେମାନେ ବିଳାପ କରୁଥିବେ । ଉଧୋ ! ସେମାନଙ୍କୁ କହିବ, ମୋ କାମ ସରିଲେ, ମୁଁ ନିଶ୍ଚୟ ଫେରି ଆସିବି । ଏ ସଂଦେଶ ନ ଦେଲେ, ସେମାନେ ଆଉ ବେଶୀଦିନ ବଞ୍ଚିବେନି, ମରିଯିବେ ।

ଶ୍ରୀକୃଷ୍ଣଙ୍କ ଏହି ବିକଳ ଅବସ୍ଥା ଦେଖି ଉଦ୍ଧବ କହିଲେ, ହଁ ଯିବି । ଉଦ୍ଧବଙ୍କର ମଧ୍ୟ ବହୁଦିନରୁ ଇଚ୍ଛା ଥିଲା ବୃନ୍ଦାବନ ଦେଖିବା ପାଇଁ । ସେ ଜାଣିଥିଲେ କୃଷ୍ଣ ବୋଲିବା ତାଙ୍କ ସାଙ୍ଗ ଜଣକ ସ୍ୱୟଂ ନାରାୟଣ ପରଂବ୍ରହ୍ମ । ବୃନ୍ଦାବନ ତାଙ୍କର ଲୀଳାକ୍ଷେତ୍ର । ତୀର୍ଥକ୍ଷେତ୍ର ବ୍ରଜଧାମ । ଭୂସ୍ୱର୍ଗ ଏହି ବ୍ରଜ ବୃନ୍ଦାବନ ।

ଶ୍ରୀକୃଷ୍ଣ ନିଜେ ରଥ ସଜାଡ଼ି ଦେଲେ । ସବୁଠୁ କ୍ଷିପ୍ରଗାମୀ ଅଶ୍ୱ ଯୋଚାଗଲା । ତା' ଆରଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଦ୍ଧବ ବାହାରିଲେ ବୃନ୍ଦାବନ ଅଭିମୁଖେ । ଠିକ୍ ବେଳ ରତ ରତ ସମୟକୁ ସେ ପହଞ୍ଚିଲେ ବୃନ୍ଦାବନରେ । ଗୋଧୂଳି ଲଗ୍ନ । ଗୋପାଳମାନେ

ଫେରୁଥିଲେ ଗାଈବାଛୁରୀ ସହିତ । ଗୋପଦାଣ୍ଡରେ ଗୋପୀମାନେ ଏକାଠି ହୋଇ ଶ୍ରୀକୃଷ୍ଣଙ୍କ ଗୁଣକୀର୍ତ୍ତନ କରିବାରେ ଲାଗିଛନ୍ତି । ଘରଭିତରୁ ମଧ୍ୟ କେବଳ 'କୃଷ୍ଣ କୃଷ୍ଣ' ଧ୍ୱନି ପ୍ରତିଧ୍ୱନିତ । ପକ୍ଷୀମାନଙ୍କ କଳରବରେ ମଧ୍ୟ ସେହି 'କୃଷ୍ଣ କୃଷ୍ଣ' ଧ୍ୱନି । କୃଷ୍ଣ ନଥିଲେ ମଧ୍ୟ ସମଗ୍ର ବ୍ରଜବୃନ୍ଦାବନର ବାତାବରଣ କୃଷ୍ଣମୟ । କୃଷ୍ଣ ଥିବାବେଳେ ଏହାର ପରିବେଶ କ'ଣ ହୋଇ ନଥିବ ।

ଉଦ୍ଧବଙ୍କ ରଥ ପହଞ୍ଚିଲା ନନ୍ଦରାଜାଙ୍କ ଦାଣ୍ଡ ଦୁଆର ମୁହଁରେ । ନନ୍ଦ ଜାଣିପାରିଲେ, ଏ ରଥ ଆସିଛି ମଥୁରାରୁ । କୃଷ୍ଣ କାହାକୁ ପଠେଇଛି ନିଶ୍ଚୟ । ତେଣୁ ଉଦ୍ଧବ ରଥରୁ ଓହ୍ଲାଉ ଓହ୍ଲାଉ ନନ୍ଦବାବା ତାଙ୍କୁ ସ୍ୱାଗତ ସଂଭାଷଣ ଜଣାଇଲେ । ପାଛୋଟି ନେଲେ ଘର ଭିତରକୁ । କୋମଳ ଆସନ ଦେଲେ ଉଦ୍ଧବଙ୍କୁ ବସିବା ପାଇଁ । ତା'ପରେ ସରବସା କ୍ଷୀର ଦେଲେ ପିଇବା ପାଇଁ । ପ୍ରଥମେ ପ୍ରଶ୍ନ କଲେ, ବସୁଦେବ, ଦେବକୀ କିମିତି ଅଛନ୍ତି ? ତା'ପରେ ଯାଇ ପ୍ରଶ୍ନ କଲେ, କୃଷ୍ଣ ଆଉ ବଳରାମ ? ସେମାନଙ୍କ ଦେହ ପା' ଭଲ ଅଛି ତ ? ଆମ କଥା ସେମାନଙ୍କର ମନେ ଅଛି ତ ? ଏତିକି କହୁ କହୁ ନନ୍ଦବାବାଙ୍କ କଣ୍ଠରୁଦ୍ଧ ହୋଇ ଆସିଲା । ଟିକିଏ ଦୂରରେ ମା' ଯଶୋଦା କବାଟ କୋଣରେ ଠିଆ ହୋଇ ରହିଥିଲେ । ସେ କଇଁ କଇଁ ହୋଇ କାନ୍ଦୁଥିବା ଶୁଣାଗଲା । ତାଙ୍କ କାନ୍ଦ ଶବ୍ଦରୁ ହିଁ ଉଦ୍ଧବ ଜାଣିପାରିଲେ, ଇଏ ନିଶ୍ଚୟ ଯଶୋଦା ମା' । ଦଶ ବର୍ଷ ଧରି ବ୍ରହ୍ମାଣ୍ଡପତି ନାରାୟଣ ଯାଙ୍କରି କୋଳରେ ପାଳିତ ହୋଇ ଆସୁଥିଲେ । ଉଦ୍ଧବ ତାଙ୍କ ପାଖକୁ ଯାଇ ପ୍ରଣିପାତ କଲେ ।

ନନ୍ଦବାବା ଇତିମଧ୍ୟରେ ନିଜକୁ ସମ୍ଭାଳି ନେଇଥିଲେ । ସେ ଉଦ୍ଧବଙ୍କୁ କହିଲେ, କୃଷ୍ଣ ଏଠୁ ଯିବା ଦିନଠୁ ଗୋପୀ ଗୋପାଳଙ୍କର ଦିହରେ ପ୍ରାଣ ନାହିଁ କହିଲେ ଚଳେ । ଗାଈ ବାଛୁରୀଗୁଡ଼ାକ ମଧ୍ୟ ତାକୁ ଝୁରୁଛନ୍ତି । ଆମ କୃଷ୍ଣ କଦମ୍ବଗଛର ଡାଳରେ ବସି ବଂଶୀ ବଜାଏ । ତା'ବଂଶୀ ସ୍ୱନ ଶୁଣି ଗାଈ ବାଛୁରୀ ଆନନ୍ଦରେ ଚଳେ ଚରନ୍ତି । ସେ ଆନନ୍ଦ ଆଉ ନାହିଁ । ସେମାନଙ୍କ ପ୍ରେମାନନ୍ଦ ତ ଯାଇ ମଥୁରାରେ । ତା' ଶ୍ୟାମଳୀ, ଧବଳୀ ଧେନୁ ତାକୁ ହମ୍ବା ରଡ଼ିକରି ଡୁହାଇ ଡୁହାଇ ଡାକୁଛନ୍ତି । ସେମାନଙ୍କ ଆଖିରୁ ଲୁହ ଝରୁଛି ଶୁଣିଲେ, ଆମ କାହ୍ନୁ ମଥୁରାରେ କଦାପି ରହି ପାରିବନି । କୃଷ୍ଣ ଥିବାବେଳେ ଗିରି ଗୋବର୍ଦ୍ଧନର ବୃକ୍ଷଲତାରେ ସବୁବେଳେ ଛାଇ ହୋଇ ରହୁଥିଲା ନବପଲ୍ଲବ । ଗୋବର୍ଦ୍ଧନଧର ନଥିବାରୁ ସେ ମଧ୍ୟ ଗୋ-ବର୍ଦ୍ଧନ ଲାଗି ବିମୁଖ । ହେ ଉଦ୍ଧବ, ଆମ କୃଷ୍ଣଙ୍କୁ କହିବ, କେବଳ ଥରକ ପାଇଁ ବ୍ରଜକୁ ଫେରିଆସୁ । ମଲା ଦିହରେ ଜୀବନ ସଞ୍ଚାର କରି ଦେଇଯାଉ ।

ନନ୍ଦବାବାଙ୍କର ପୁଣି କଣ୍ଠରୋଧ ହୋଇ ଆସିଲା । ଉଦ୍ଧବ କ'ଣ କହି ନନ୍ଦବାବାଙ୍କୁ ବୁଝାଇବେ, ତାଙ୍କ ଜ୍ଞାନଗର୍ଭକ ମସ୍ତିଷ୍କ ବାଟ ଖୋଜି ପାଇଲା ନାହିଁ । ନନ୍ଦଙ୍କ ଅଶ୍ରୁ ସହିତ

ଉଦ୍ଧବଙ୍କ ଅଶ୍ରୁ ମିଶିଗଲା । ଉଦ୍ଧବ ତ ବୃହସ୍ପତିଙ୍କ ଶିଷ୍ୟ । ଆଧ୍ୟାତ୍ମିକ ଜ୍ଞାନ ଚର୍ଚ୍ଚା କରିବାରେ ସେ ପାରଙ୍ଗମ । ତେଣୁ ସେ କହିଲେ, ଆପଣମାନେ ରାମକୃଷ୍ଣଙ୍କୁ ପୁତ୍ର ଭାବରେ ପାଇ ଧନ୍ୟ ହୋଇଛନ୍ତି । ସେମାନେ ଏ ପୃଥିବୀକୁ ମନୁଷ୍ୟ ରୂପ ନେଇ ଅବତରଣ କରିଛନ୍ତି ଦୁଷ୍ଟଦଳନ, ଶିଷ୍ଟପାଳନ ଲାଗି । ସେମାନେ ସତ୍ୟସ୍ୱରୂପ । ପରଂବ୍ରହ୍ମ । ପୁରୁଷୋତ୍ତମ । ସ୍ରଷ୍ଟା ସିଏ, ସଂହାରକ ମଧ ସେ । ସେମାନେ ଏଠାକୁ ଆସିଛନ୍ତି ଲୀଳା କରିବାପାଇଁ । କାହା ସହିତ ସେମାନଙ୍କର ସମ୍ପର୍କ ନାହିଁ । ତାଙ୍କୁ ଭଜିଲେ, ପୁନର୍ଜନ୍ମରୁ ମୁକ୍ତି ମିଳିଥାଏ । ଆପଣମାନଙ୍କୁ କ'ଣ ବା ବୁଝାଇବି ?

ଉଦ୍ଧବ କହିଲେ, ମତେ ସେହି କୃଷ୍ଣ ପଠାଇଛନ୍ତି ଆପଣମାନଙ୍କୁ ଜଣାଇଦେବା ପାଇଁ ଯେ ସେ ଯଥାଶୀଘ୍ର ବୃନ୍ଦାବନକୁ ଫେରିଆସିବେ । ସେ ଭକ୍ତମାନଙ୍କୁ କେବେହେଲେ ନିରାଶ କରିବେ ନାହିଁ । ସେ ପ୍ରଥମେ ନନ୍ଦକୁମାର, ନନ୍ଦକିଶୋର, ବ୍ରଜସୁନ୍ଦର, ଗୋପୀନାଥ, ତା'ପରେ ଯାଇ ବସୁଦେବ ପୁତ୍ର କିମ୍ବା ଦେବକୀନନ୍ଦନ ମଥୁରାନାଥ ।

ତା'ପରେ ଉଦ୍ଧବ କହିଲେ, ରାମକୃଷ୍ଣଙ୍କୁ ଆପଣମାନେ ସାଧାରଣ ମଣିଷ ଭାବିବା ଠିକ୍ ନୁହଁ । ସେମାନେ କାହାର ପ୍ରିୟ ନୁହଁନ୍ତି କି ଅପ୍ରିୟ ନୁହଁନ୍ତି । ଅମାପ, ଅକଳନ ସେ । ଅବଶ୍ୟ ମନୁଷ୍ୟ ରୂପରେ ସେମାନେ ଦେହଧାରଣ କରିଛନ୍ତି, କିନ୍ତୁ ତାଙ୍କର ଆକାର ନାହିଁ, ଦେହ ତ ଦୂରର କଥା । ନିରାକାର, ନିର୍ଗୁଣ ପରଂବ୍ରହ୍ମ ସେ । ସେମାନଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ମାୟାକୁ ଧରି, ତା'ର ଆବରଣରେ ନିଜକୁ ଘୋଡ଼େଇ ରଖିଥିବାରୁ ସେମାନେ ଆପଣମାନଙ୍କ ପୁତ୍ର, ସଖା, ପ୍ରିୟତମ । କିନ୍ତୁ ସଚ୍ଚିଦାନନ୍ଦ ସ୍ୱରୂପ ପରମପୁରୁଷଙ୍କର କୌଣସି କାମନା ନାହିଁ କି କାମିନୀ କାଞ୍ଚନ ପ୍ରତି କୌଣସି ପ୍ରଲୋଭନ ନାହିଁ । ସେ ଅନାଦି, ଅନନ୍ତ । ତେଣୁ ହେ ନନ୍ଦବାବା ! ସେ କେବଳ ଆପଣଙ୍କର ନୁହଁନ୍ତି, ସମସ୍ତଙ୍କର । କିଏ ତାଙ୍କୁ ପୁଅ ଭାବରେ ତ କିଏ ସ୍ୱାମୀ ଭାବରେ, ଆଉ ବା କିଏ ଆତ୍ମୀୟ ସ୍ୱଜନ ଭାବରେ ଗ୍ରହଣ କରିଥାଏ । ସେ ଆତ୍ମାରାମ, ଅନ୍ତର୍ଯ୍ୟାମୀ ସର୍ବଲୋକେଶ୍ୱର ! କାଳାତୀତ ସେ । ଅନନ୍ତ ତାଙ୍କର ଅନ୍ୟ ନାମ ।

ରାତିଯାକ କାହା ଆଖିରେ ନିଦ ନାହିଁ । ସମସ୍ତେ ଖିଆପିଆ ସୁଦ୍ଧା ଭୁଲିଯାଇଛନ୍ତି । ଦ୍ୱୈତ, ଅଦ୍ୱୈତର ଚର୍ଚ୍ଚା । ଉଦ୍ଧବ ଯେତେ ହେଲେ ଦେବତାମାନଙ୍କ ଗୁରୁ ବୃହସ୍ପତିଙ୍କ ଶିଷ୍ୟ, ତେଣୁ ସେ କେବଳ ଜ୍ଞାନ କଥା ହିଁ କହି ଚାଲିଛନ୍ତି । ଉଦ୍ଧବ ତାଙ୍କ ମନକାଗଜରେ ସବୁ କଥା ଲେଖି ରଖୁଛନ୍ତି । କାରଣ ମଥୁରା ଫେରିଯିବା ପରେ ସଖା କୃଷ୍ଣଙ୍କଠାରେ ବୃନ୍ଦାବନ-ବିବରଣୀ ପେଶ୍ କରିବାକୁ ପଡ଼ିବ ।

ଇମିତି ଇମିତିରେ ରାତି ପାହିଗଲା । ଉଦ୍ଧବ ଚାଲିଲେ ଯମୁନାରେ ସ୍ନାନାଦି ଆହ୍ନିକ ଆଦି ସାରିବା ପାଇଁ ।

॥ ୬୭ ॥

# ମୋତେ ବୃନ୍ଦାବନର ଘାସ କର

ଭୋର ସକାଳ । ଜଣେ ଗୋପୀ ଦାଣ୍ଡବାରଣ୍ଡା ଓଳଉଥିଲା । ଦେଖିଲା, ନନ୍ଦରାଜାଙ୍କ ଘର ଦାଣ୍ଡରେ ଗୋଟାଏ ରଥ ଠିଆହୋଇଛି । ସେ ଝାଡୁକୁ ରଖି ଦୌଡ଼ିଗଲା ସାହିପଡ଼ିଶା ଘରକୁ । କହିଲା, ଆଲୋ ଦେଖି ଆସ, ନନ୍ଦବାବାଙ୍କ ଦାଣ୍ଡରେ ଗୋଟାଏ ରଥ ଅଛି । ଠିକ୍ ସେହି ରଥ ଲୋ ସେହି ରଥ – ଯେଉଁ ରଥରେ ଅକ୍ରୂର ଆମ ରାମକୃଷ୍ଣଙ୍କୁ ବସେଇ ମଥୁରା ନେଇଗଲା । ବୋଧହୁଏ ଅକ୍ରୂର ପୁଣି ଆସିଛି, କିନ୍ତୁ କାହିଁକି ?

ଗୋପୀମାନେ ନିଜ ନିଜ ଘର ଭିତରୁ ଆସି ଦାଣ୍ଡରେ ଠିଆହେଲେ । ଉଦ୍ଧବଙ୍କୁ ତ ସେମାନେ ଚିହ୍ନନ୍ତି ନାହିଁ । ଦେଖିଲେ, ଜଣେ ଯୁବକ ହାତରେ କମଣ୍ଡଳୁ ଧରି ଯମୁନା ଆଡ଼କୁ ମୁହାଁଇଛି । ଉଦ୍ଧବ ଦେଖିବାକୁ ଭାରି ସୁନ୍ଦର । ଆଜାନୁଲମ୍ବିତ ବାହୁଯୁଗଳ । କର୍ଣ୍ଣରେ ନାନାରତ୍ନ ଖଚିତ କୁଣ୍ଡଳ । ସୁନାକାଠି ଭଳି ଦିହର ରଙ୍ଗ । କୃଷ୍ଣଙ୍କ ପରିବାରର ଲୋକ ନିଶ୍ଚୟ । କୃଷ୍ଣ ଶ୍ୟାମଳ । ଇଏ ଗୌର । ଗୋଖା, ତୋଫା । ଗୋପୀମାନେ ବଡ଼ ଭ୍ରମରେ ପଡ଼ିଲେ । କୃଷ୍ଣ ଦୂରରେ ଥିଲେ ମଧ ସବୁ ଖବର ରଖୁଥିଲେ ସେମାନେ । ଭାବିଲେ, ଆମ କୃଷ୍ଣ କହ୍ନେୟା ସାନ୍ଦୀପନି ଆଶ୍ରମକୁ ତ ପଢ଼ିବା ପାଇଁ ଯାଇଥିଲେ । ସେଠି ରହି ରହି ହୁଏତ ଗୋରା ପାଲଟି ଯାଇଛନ୍ତି ! କହି ତ ଯାଇଥିଲେ, ଅଳ୍ପଦିନ ମଥୁରାରେ ରହି ଫେରି ଆସିବେ ବୋଲି । ଇଏ ସିଏ ନୁହଁନ୍ତି ତ ! ଯେତେ ଦେଖୁଛନ୍ତି, କୌତୂହଳ ସେତିକି ବଢ଼ିବାରେ ଲାଗିଛି । ଇମିତି ଭାବି ଭାବି ଗୋପୀମାନେ ଧୀରେ ଧୀରେ ଉଦ୍ଧବଙ୍କ ପାଖରେ ପହଞ୍ଚିଲେ । ଉଦ୍ଧବ ମଧ ଗୋପୀମାନଙ୍କୁ ଦେଖିବା ପାଇଁ ବ୍ୟାକୁଳ ଥିଲେ । ସେମାନଙ୍କୁ ଦେଖିବା ମାତ୍ରେ ସେ ହାତଯୋଡ଼ି ନମସ୍କାର କଲେ । ଉଦ୍ଧବ ଜ୍ଞାନୀ ହେଲେ ମଧ ନମ୍ର । ନମ୍ରତା ଜ୍ଞାନର ଲକ୍ଷଣ । ଉଦ୍ଧବ ଗୋପୀମାନଙ୍କୁ କହିଲେ, ଶ୍ରୀକୃଷ୍ଣ ତୁମମାନଙ୍କ ପାଖକୁ 'ସନ୍ଦେଶ' ପଠାଇଛନ୍ତି । ମୁଁ ଦେବାକୁ ଆସିଛି ।

ଗୋପୀମାନେ ଠୋ ଠୋ ହସିବାରେ ଲାଗିଲେ । ମନରେ ପରମାନନ୍ଦ । କିନ୍ତୁ ପରମାନନ୍ଦ ତ ଅବ୍ୟକ୍ତ । ତେଣୁ ପରମାନନ୍ଦଙ୍କୁ ବ୍ୟକ୍ତ ନକରି ମନୁଷ୍ୟୋଚିତ ଆନନ୍ଦକୁ ପରିହାସ ଛଳରେ ବ୍ୟକ୍ତ କଲେ । ନୋହିଲେ, ଆମେ ସବୁକିଛି ଅନୁମାନ କରିପାରିଛୁ । ତୁମେ ହରିବନ୍ଧୁ, ଶ୍ରୀକୃଷ୍ଣଙ୍କ ସଖା ଶିରୋମଣି । ନହିଲେ, ସେ ଲମ୍ପଟ କପଟିଆ କୃଷ୍ଣ ତୁମକୁ ପଠାଇଥାଆନ୍ତେ କାହିଁକି ? ତୁମେ ବି ସେହିଥିରୁ ଜଣେ । ହଇହେ ରଥ ତ ଅଛି

ନନ୍ଦଙ୍କ ଘର ଆଗରେ । ଶ୍ରୀକୃଷ୍ଣ ସେମାନଙ୍କ ପୁଅ । ସେ ତାଙ୍କ ବାପମାଆଙ୍କ ପାଖକୁ ଖବର ପଠାଇଥିବେ, ନଚେତ୍ କିଛି ଧନରତ୍ନ ପଠାଇଥିବେ । ଏବେ ତ ସେ ଗୋପାଳ ନୁହନ୍ତି, ରଜାପୁଅ । ବୃନ୍ଦାବନରେ ସେମାନଙ୍କ ବାପାମାଆ ଛଡ଼ା ଆଉ କିଏ ଅଛି ଯେ କାହା ପାଖକୁ ସନ୍ଦେଶ ପଠାନ୍ତେ ! ପିତାମାତଙ୍କ ପ୍ରତି ପୁଅର ସ୍ନେହ ମମତା ସ୍ୱାଭାବିକ । ସେ ସ୍ନେହ ସ୍ଥାୟୀ, ଅନ୍ୟ ସ୍ନେହ କ୍ଷଣସ୍ଥାୟୀ । ଯେପରିକି ଆମମାନଙ୍କ ପ୍ରତି ତାଙ୍କର 'ପ୍ରେମ' । ଆମମାନଙ୍କ ପ୍ରତି ତାଙ୍କର ପ୍ରେମ ଭ୍ରମର ଭଳି । ମହୁମାଛି ଭଳି । ଏ ଫୁଲରେ ସେ ଫୁଲରେ ବସି ମହୁତକ ଶୋଷିନେଇ ଚଲ୍ । ଇମିତି ସ୍ୱାର୍ଥପର ଜଗତରେ କେହି ନାହିଁ । ତୁମ କୃଷ୍ଣଙ୍କ ଚାଲବାଜି ଆମେ ଜାଣୁ । ତୁମ ସନ୍ଦେଶ ତ ଆମପାଇଁ ନୁହେଁ, ସନ୍ଦେଶ ହୁଏତ ତାଙ୍କ ବାପପମାଆଙ୍କ ପାଇଁ । ହୁଏତ ଏକଥା ଜଣାଇ ଦେବା ପାଇଁ ଯେ 'ତୁମପୁଅ ରଜା ହୋଇଗଲାଣି ! ସେ ଖୁସିରେ ଅଛି ।'' ସେ ରଜା ହୁଅନ୍ତୁ କି ଖୁସିରେ ରହନ୍ତୁ , ସେଥିରେ ଆମ ଯାଏ ଆସେ କେତେ ?

ଉଦ୍ଧବ ସ୍ତବ୍ଧ, ନିର୍ବାକ୍, ନିସ୍ପନ୍ଦ । ଗୋପୀମାନଙ୍କ ମୁହଁରୁ ସେ ଏକଥା ଶୁଣିବେ ବୋଲି କଳ୍ପନା ସୁଦ୍ଧା କରି ନଥିଲେ । କାରଣ ତାଙ୍କ ପରମ ଆତ୍ମୀୟ ଶ୍ରୀକୃଷ୍ଣ ଗୋପୀମାନଙ୍କ 'ପ୍ରେମ' କଥା ଏତେ କହିଥିଲେ ଯେ ସେ ସେମାନଙ୍କୁ ଦେଖିବାପାଇଁ ବ୍ୟଗ୍ର, ବ୍ୟାକୁଳ ହୋଇପଡ଼ିଥିଲେ । କିନ୍ତୁ ଏଇସବୁ କ'ଣ ଶୁଣୁଛନ୍ତି ! ନଦୀକି ଗାଧୋଇ ଯିବେ କ'ଣ ଉଦ୍ଧବ ଯେଉଁଠି ଥିଲେ, ସେଇଠି ଥକ୍କା ମାରି ବସି ପଡ଼ିଲେ ।

ଗୋପୀମାନେ ଏତେ ସମୟଧରି ଉଦ୍ଧବଙ୍କୁ ହିଁ କହୁଥିଲେ । କିନ୍ତୁ କୃଷ୍ଣସ୍ମରଣରେ ସେମାନେ ଇମିତି ନିମଜ୍ଜିତ ହୋଇପଡ଼ିଲେ ଯେ ସାମନାରେ ଉଦ୍ଧବଙ୍କ ଉପସ୍ଥିତିକୁ ବିଲ୍‌କୁଲ୍ ଭୁଲିଗଲେ । ଗୋପୀମାନଙ୍କ ଅଧରସୁଧା ପାନ କରିବାପାଇଁ ଗୋଟିଏ ଭ୍ରମର ସେମାନଙ୍କ ମୁଖମଣ୍ଡଳ ଚାରିପଟେ ଘୁରିବାରେ ଲାଗିଥିଲା । ଜଣେ ଗୋପୀ କୃଷ୍ଣଚିନ୍ତାରେ ଆତ୍ମହରା ହୋଇପଡ଼ିଲା । ସେ ଭ୍ରମରକୁ ଶ୍ରୀକୃଷ୍ଣଙ୍କ ବାର୍ତ୍ତାବହ ମନେକରି କହିଲା, ''ତୋ କୃଷ୍ଣ ଯାହା, ତୁ ତାହା । ଦୁହେଁ ଏକା ପ୍ରକୃତିର । ସ୍ୱାଭାବ ଏକ । ଦୁହେଁ ଶଠ, ଲମ୍ପଟ । ଏବେ ତ ତୋ କୃଷ୍ଣ ନଗରୀ-ରମଣୀମାନଙ୍କ ଅଧରାମୃତ ଆକଣ୍ଠ ପାନ କରିବାରେ ବ୍ୟସ୍ତ । ତୁ ଏହି ପଲ୍ଲୀ ଲଳନାଙ୍କ ପାଖକୁ ଆସିଛୁ, ଶୁଖିଲା ଅଧରରୁ ରସ ପାଇବା ପାଇଁ ! ସବୁ ରସ ତ ସେ ଶୋଷି ନେଇଯାଇଛି । ଏବେ ଖାଲି ଚୋପା ପଡ଼ିରହିଛି । ପାଇବୁ କ'ଣ ? ଖାଲି ଭଁ ଭଁ ହେବା ସାର ହେବ । ତୋ ମାଲିକ, ଇମିତି କୃତଘ୍ନ, କଳ୍ପନା କରି ହେଉନି । ଲକ୍ଷ୍ମୀ ତାଙ୍କର ସର୍ବଦା ପୂଜା ଆରାଧନା କରୁଛନ୍ତି କାହିଁକି ? ହୁଏତ ସେ ମଧ୍ୟ ଆମଭଳି ଶୁଣିଥିବେ ଯେ ତାଙ୍କ ସ୍ୱାମୀ ସବୁଠାରୁ ଚରିତ୍ରବାନ, ଭଗବାନଙ୍କ ଭଳି ସର୍ବଗୁଣ ସଂପନ୍ନ ! ଲକ୍ଷ୍ମୀ ମଧ୍ୟ ଭ୍ରମରେ ପଡ଼ି ଆମଭଳି ବାଉଳି ହେଉଥିବେ ।

ଆଉ ଜଣେ ଗୋପୀ କହିଲା, ଆରେ ଏ ଛଅଗୋଡ଼ିଆ ଭ୍ରମର, ତୋ ପ୍ରଭୁ ଲାଗି କ'ଣ ଆମଠୁ କ୍ଷମାଭିକ୍ଷା କରିବାକୁ ଆସିଛୁ ? ତୋ ମୁହଁରେ ଟୋପାଏ ଲାଜ ସରମ ନାହିଁ ! ତୁ ଯାହା ପାଖରୁ ଆସିଚୁ, ତତେ ଯିଏ ପଠାଇଚି, ତା ପ୍ରତି ଆମର ତିଳେ ହେଲେ ବିଶ୍ୱାସ ନାହିଁ । ସେ ତ ବିଶ୍ୱାସର ତଣ୍ଟିଚିପି ଦେଇଚି ! ଯିଏ ଅନ୍ୟ ରମଣୀମାନଙ୍କ ସହିତ ରମଣ କରୁଚି, ସ୍ୱର୍ଗର ଅପ୍ସରୀମାନଙ୍କୁ ଧରି କେଳି କରୁଚି, ସିଏ ଆମର ପ୍ରେମିକ ହେବା ପାଇଁ ଆଉ ଯୋଗ୍ୟ ନୁହଁ ! ଯା' କହିଦେବୁ, 'ଉତ୍ତମଶ୍ଳୋକ' ନାମ ପାଇଁ ସେ ଆଦୌ ଉପଯୁକ୍ତ ନୁହଁ । ଗରିବ ଭକ୍ତଙ୍କପ୍ରତି ଯାହାର କରୁଣାଥାଏ, ଅନୁକମ୍ପା ଥାଏ, ସିଏ କେବଳ ଏହି ନାଆଁ ପାଇଁ ଯୋଗ୍ୟ । ଆମେ କ'ଣ ତାଙ୍କୁ ଦେଇନଥିଲୁ ! ତାଙ୍କ ଲାଗି ଘରଦ୍ୱାର, ସ୍ୱାମୀ, ପୁତ୍ର, ଶାଶୁ-ଶ୍ୱଶୁର, ଆତ୍ମୀୟ ସ୍ୱଜନ, ସର୍ବସ୍ୱ ତ୍ୟାଗ କରିଥିଲୁ । କିନ୍ତୁ ସେ ଆମ ପାଇଁ କ'ଣ କଲେ ? ଆମକୁ କ'ଣ ଦେଲେ ? ଦଶବର୍ଷକାଳ ଆମକୁ ପ୍ରେମ-ପାଗଳିନୀ କରି ରଖିଲେ । ଶେଷରେ ବୃନ୍ଦାବନକୁ ପାଗଳଗାରଦ କରି ଛାଡ଼ିଦେଇଗଲେ । ଧିକ୍, ତୋ କୃଷ୍ଣଙ୍କୁ ! ସବୁ ତ ସରିଯାଇଛି, ସବୁ ତ ସେ ସାରିଦେଇ ଯାଇଛନ୍ତି ! ହଁ ତୁ କହିପାରୁ, ତା'ହେଲେ ତୋ ପ୍ରଭୁଙ୍କର ଆମେ ଗୁଣଗାନ କରୁଛୁ କାହିଁକି ? ହଁ ସିଏ ବି ଏକ ବଡ଼ ପ୍ରଶ୍ନ । ଆରେ ଭ୍ରମର ! ଆମେ କ'ଣ କରିବୁ, ଭୁଲିବା ପାଇଁ ଯେତେ ଚେଷ୍ଟା କଲେ ବି ଭୁଲି ତ ପାରୁନୁ । ତା'ର ଗୁଣ କୀର୍ତ୍ତନ, ଲୀଳା କୀର୍ତ୍ତନ କଲେ, ମନରୁ ହିଂସା, ଦ୍ୱେଷ ରାଗ ଦୂର ହୋଇଯାଉଛି । ଅନୁରାଗ ହିଁ ବଢ଼ିବାରେ ଲାଗିଛି । ଇମିତି ଲୋକ ଅଛନ୍ତି, ଯେଉଁମାନେ ସନ୍ନ୍ୟାସୀ ହୋଇ, ସର୍ବସଙ୍ଗ ପରିତ୍ୟାଗୀ ହୋଇ ଦାଣ୍ଡରେ ବୁଲି ଭିକମାଗୁଛନ୍ତି, ଲୋକେ ସେମାନଙ୍କୁ ପାଗଳ କହୁଛନ୍ତି । ଆମମାନଙ୍କର ମଧ୍ୟ ସେହି ପାଗଳାମି । ସେ ପାଗଳାମି ଆମକୁ ଛାଡ଼ି ଯାଉନାହିଁ ।

ଗୋପୀମାନେ ସମସ୍ୱରରେ ଉଦ୍ଧବଙ୍କୁ କହିଲେ, ଛାଡ଼ ସେ କୃଷ୍ଣକଥା । ଅନ୍ୟ ପ୍ରସଙ୍ଗ ପକାଅ । ସିଏ ତ ଆମକୁ ଚାହୁଁ ନାହାନ୍ତି, ଆମେ ତାଙ୍କୁ ଚାହିଁ ଲାଭ କ'ଣ ? ପଥର ଉପରେ ବୃଥା ମୁଣ୍ଡ ଛେଚିବା ସାର । ତୁମ କୃଷ୍ଣଙ୍କର ସବୁ କୁଶଳ ତ ?

କୃଷ୍ଣବାଉଳି ଜଣେ ଗୋପୀ କହିଲେ, କୃଷ୍ଣ କ'ଣ ଆମକୁ ନେବାପାଇଁ ତୁମକୁ ପଠାଇଛନ୍ତି ? ? ସହରୀ ଝିଅଙ୍କ ଗହଣରେ ତ ଅଛନ୍ତି ! କେତେ ସଭ୍ୟ ସେମାନେ । ଆମେ ତ ଅସଭ୍ୟ, ମଫସଲିଆଣୀ ! ଶିଂଘାଣିନାକି ! ମଇଳା ଅସ୍ନରା । ସବୁବେଳେ ଗୋବର ଘାଣ୍ଟି ଘାଣ୍ଟି ଆମେ ତ ଗୋବରୀ !

ଉଦ୍ଧବ ଲକ୍ଷ୍ୟ କଲେ, ଗୋପୀମାନେ କୃଷ୍ଣ କଥା କହି କହି କାନ୍ଦୁଛନ୍ତି । ହୃଦୟ ଭିତର ବିଦୀର୍ଣ୍ଣ ହୋଇପଡୁଛି । ସେ ସେମାନଙ୍କୁ ବୁଝାଇ କହିଲେ, ତୁମମାନଙ୍କର ଅନାବିଳ

ଭକ୍ତି ଦେଖି ମୋ ମନରେ ଈର୍ଷା ହେଉଛି ! ବହୁ ଜନ୍ମର ସୁକୃତ, କଠୋର ତପସ୍ୟା ବଳରେ ହିଁ ଏପରି ଭକ୍ତିଧନ ମିଳିଥାଏ । ତୁମମାନଙ୍କ ଭକ୍ତିଜଳରେ ଉବୁଟୁବୁ ହେବାକୁ ମୋର ଇଚ୍ଛା ହେଉଛି । କୃଷ୍ଣ ତୁମମାନଙ୍କୁ ପାସୋରି ନାହାନ୍ତି । ତାଙ୍କ ମନ ଭିତରେ ତୁମେମାନେ ସର୍ବଦା ରହିଆସିଛ । ସେ ତୁମମାନଙ୍କୁ ଏହି ସନ୍ଦେଶ ଦେଇଛନ୍ତି । ସେ କହିଛନ୍ତି, ''ଆଗୋ ମୋର ପ୍ରିୟତମା ଗୋପୀଗଣ ! ମୋ ବିନୁ ତୁମମାନଙ୍କ ମନରେ କି କଷ୍ଟ ହେଉଥିବ, ମୁଁ ମଥୁରାରେ ଥାଇ ଅନୁଭବ କରିପାରୁଛି । ମତେ ବିଶ୍ୱାସ କର, ଏ ବିଚ୍ଛେଦ କେବଳ ଦୈହିକ, ଆତ୍ମିକ ନୁହଁ । ମୁଁ କିଏ, ତୁମମାନଙ୍କୁ ଜଣାଇ ଦେବାକୁ ଚାହେଁ । ମୁଁ ସବୁ ଜୀବର ଅନ୍ତରାତ୍ମା । ମୁଁ ବିଶ୍ୱବ୍ରହ୍ମାଣ୍ଡରେ ସର୍ବତ୍ର ବିଦ୍ୟମାନ । ସ୍ଥାବର, ଜଙ୍ଗମ, ଚେତନ, ଅଚେତନ ସର୍ବତ୍ର । ମନ, ପଞ୍ଚପ୍ରାଣ, ଦଶ ଇନ୍ଦ୍ରିୟର ସମସ୍ତ କ୍ରିୟା ପ୍ରକ୍ରିୟାର କାରଣ ମୁଁ । ମାୟା ବଳରେ ମୁଁ ବିଭିନ୍ନ ରୂପରେ ବିଭିନ୍ନ ଭାବରେ ଦୃଶ୍ୟମାନ୍ । କିନ୍ତୁ ମୁଁ ନିରାକାର । ତ୍ରିଗୁଣତୀତ । ମୁଁ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସଂହାରକ । ଆତ୍ମା ଶାଶ୍ୱତ, ସର୍ବଦା ଅନାବିଳ । ସତ୍ୟ ଇନ୍ଦ୍ରିୟାତୀତ । ସର୍ବତ୍ର ମାୟାର ଆବରଣ ହେତୁ ସତ୍ୟ ଖାଲିଆଖିରେ ଦେଖାଯାଏନା । ଏହାକୁ ଜାଣିବା ଲାଗି ଦରକାର ଜ୍ଞାନ । ଦିବ୍ୟଦୃଷ୍ଟି । ସଂସାର ଏକ ଭ୍ରମ । ମରୀଚିକା । ଜାଗୃତି, ସ୍ୱପ୍ନ ଓ ସୁସୁପ୍ତି ଆଦି ଅବସ୍ଥା ହେଉଛି ମୋ ମାୟାର ଗୋଟିଏ ଗୋଟିଏ ଆବରଣ । ଏଥିରୁ ମୁକ୍ତି ପାଇବା ଲାଗି ଜ୍ଞାନର ଚାବି ଦରକାର । ଏଥିଲାଗି ବହୁ ପନ୍ଥା । ଯଥା – ଅଷ୍ଟାଙ୍ଗଯୋଗ ସାଧନା ଇତ୍ୟାଦି । ତୁମ ମୋ ଭିତରେ ଏ ଯେଉଁ ବିଚ୍ଛେଦ, ତୁମମାନଙ୍କ ପକ୍ଷରେ ହିତକର । ଏଥିରେ ପ୍ରେମ ଗାଢ଼ରୁ ଗାଢ଼ତର ହୋଇପାରିବ । ମୁଁ ଯେତିକି ଦୂରରେ ରହିବି, ତୁମେମାନେ ମତେ ସେତିକି ଘନିଷ୍ଠ ଭାବରେ ପାଇପାରିବ ।''

ଗୋପୀମାନେ ପୁଣି ହସିଲେ । ସେମାନେ ସମସ୍ୱରରେ କହିଲେ, ହେ ଉଦ୍ଧବ ! କୃଷ୍ଣ ଆମର ଏକଥା କେବେ କହି ନଥିବେ । ଏ ସବୁ ତୁମର ମନଗଢ଼ା କଥା । ବ୍ରଜପୁରୀ ଜ୍ଞାନର ହାଟ ନୁହଁ, ପ୍ରେମର ହାଟ, ଏଠି ତୁମ ଜ୍ଞାନର ଖରିଦ୍‌ଦାର ଜଣେ ବି ପାଇବ ନାହିଁ ।

ଉଦ୍ଧବ ଗୋପୀମାନଙ୍କ ଭକ୍ତିଭାବରେ ଏପରି ବିହ୍ୱଳିତ ହୋଇ ପଡ଼ିଲେ ଯେ ସେ କୃଷ୍ଣଙ୍କ ପାଖକୁ ଫେରିଯାଇ କହିଲେ, ପରଜନ୍ମରେ ମତେ ବୃନ୍ଦାବନର ଘାସ ତୃଣଲତା, ଗୁଳ୍ମ କରିଦିଅ । ତାହାହେଲେ ମୁଁ ଭକ୍ତିମତୀ ଗୋପୀମାନଙ୍କ ପଦରଜ ସର୍ବଦା ପାଇପାରିବି ।

●

॥ ୬୮ ॥

# ପୁଣି ତ୍ରିବକ୍ରା ପୁଣି ଅକ୍ରୁର

**ଶ୍ରୀ**କୃଷ୍ଣ ତ୍ରିବକ୍ରା ସୈରେନ୍ଧ୍ରୀକୁ ପ୍ରତିଶ୍ରୁତି ଦେଇଥିଲେ, ଦିନେ ତୁମ ଘରକୁ ଯିବି । ତ୍ରିବକ୍ରା କୁବ୍ଜା ଥିଲା । ପ୍ରଭୁଙ୍କ ସ୍ପର୍ଶରେ ଏବେ ସୁନ୍ଦରୀ ତରୁଣୀ । ତା'ପିଠିରେ ଆଉ ଆବୁ ନାହିଁ । ହେଲେ କ'ଣ ହେବ ନାଆଁ ତା'ର ସୁନ୍ଦର ହୋଇ ଯାଇନି । ଯେଉଁ ତ୍ରିବକ୍ରାକୁ ସେହି ତ୍ରିବକ୍ରା । ଅପେକ୍ଷା କରି ରହିଛି ଶ୍ରୀକୃଷ୍ଣ ତା' ଘରକୁ କେବେ ଆସିବେ । ଚାହିଁ ଚାହିଁ ଆଖି ପାଣି ଆଖିରେ ମରିଲାଣି । ଅପେକ୍ଷାରୁ ସେ ଧ୍ୟାନସ୍ଥା । ଚିତ୍ତଚନ୍ଦନରେ ପ୍ରଭୁଙ୍କୁ ଚର୍ଚ୍ଚିତ କରିବାପାଇଁ ବ୍ୟାକୁଳ ସେ ।

ଶ୍ରୀକୃଷ୍ଣ ତ୍ରିବକ୍ରା ଘରକୁ ଏକା ଏକା ଗଲେନି । ଉଦ୍ଧବଙ୍କୁ ସାଙ୍ଗରେ ନେଇଗଲେ । ପ୍ରିୟତମ ହଠାତ୍ ପହଞ୍ଚିଗଲେ ପ୍ରିୟତମାର ଯେଉଁ ଅବସ୍ଥା, ତ୍ରିବକ୍ରାର ସେହି ଅବସ୍ଥା । ସେ ପ୍ରତିଦିନ ତା'ର ଘର ସଜେଇ ରଖିଛି । ହୁଏତ ପ୍ରାଣପ୍ରିୟ ହଠାତ୍ ପହଞ୍ଚିଯାଇ ପାରନ୍ତି । ଶ୍ରୀକୃଷ୍ଣଙ୍କୁ ଦେଖିବାମାତ୍ରେ ତ୍ରିବକ୍ରା ନିର୍ବାକ ! ନିସ୍ପନ୍ଦ ! କ'ଣ କରିବ, କ'ଣ କହିବ, ଭଗବାନଙ୍କୁ କିପରି ସମ୍ଭାଷଣ କରିବ, ତାକୁ ବୁଦ୍ଧିବାଟ କିଛି ଦେଖାଗଲା ନାହିଁ । ଆନନ୍ଦ ଆସିଛି ଆନନ୍ଦୀ ପାଖକୁ । ଭକ୍ତି ଆସିଛି ଭକ୍ତିମତୀ ପାଖକୁ । ସାଙ୍ଗରେ ନିଜ ଜ୍ଞାନରୂପକ ଉଦ୍ଧବ ମଧ୍ୟ ଆସିଛନ୍ତି । ବହୁଦିନରୁ ତ୍ରିବକ୍ରା ସଜେଇ ରଖିଥିଲା ଏକ ସ୍ନିଗ୍ଧ ସୁକୋମଳ ଆସନ । ଶ୍ରୀକୃଷ୍ଣଙ୍କୁ ନେଇ ବସାଇଲା ସେହି ଆସନରେ । ଉଦ୍ଧବ ସେହି ଆସନକୁ ହାତରେ ସ୍ପର୍ଶ କଲେ । ନମସ୍କାର ଜଣାଇଲେ । କୌଣସି ଆସନରେ ନ ବସି ବସିଲେ ତଳେ । ଭୂଇଁ ଉପରେ । ଏ ଶିକ୍ଷା ସେ ପାଇ ଆସିଚନ୍ତି ବୃନ୍ଦାବନରୁ, ଗୋପୀମାନଙ୍କଠାରୁ । ଅଚଳାଭକ୍ତିର ଆସନ ସର୍ବଦା ଉପରେ । ଜ୍ଞାନର ଆସନ ତଳେ । ଏହାହିଁ ତାଙ୍କର ଶିକ୍ଷା ।

ଶ୍ରୀକୃଷ୍ଣ ଦେଖିଲେ, ସାନ୍ନିଧ୍ୟ ପାଇ ସୁଦ୍ଧା ତ୍ରିବକ୍ରାର ମନରେ ଶାନ୍ତି ନାହିଁ । ମୁହଁ ଶୁଖି ଯାଇଛି । ଏହା ଭିତରେ ତା' ଆଖିରୁ ସହସ୍ର ଯମୁନାର ଧାରା ଯିମିତି ଲୁହ ହୋଇ ଗଡ଼ି ଯାଇଛି । ତ୍ରିବକ୍ରା ଚାହେଁ ଶ୍ରୀକୃଷ୍ଣଙ୍କୁ ଏକାନ୍ତରେ । ଭଗବାନ ତା' ମନକଥା ଜାଣି ପାରିଲେ । ତ୍ରିବକ୍ରାକୁ ହାତ ଧରି ଡାକିନେଲେ ଏକାନ୍ତ ପ୍ରକୋଷ୍ଠକୁ । ଅଶାନ୍ତ ତ୍ରିବକ୍ରା ଶାନ୍ତ ।

ଉଦ୍ଧବଙ୍କ ସହିତ ଶ୍ରୀକୃଷ୍ଣ ଫେରି ଆସିଛନ୍ତି ରାଜଭବନକୁ । ଦିନ ବିତିବାରେ ଲାଗିଛି । ଘରେ ବସି ଶ୍ରୀକୃଷ୍ଣ ପରିବାରର ଲୋକଙ୍କ ସହିତ ଆଳାପ ଆଲୋଚନା କରୁଛନ୍ତି । ରାମକୃଷ୍ଣ ବୃନ୍ଦାବନରେ ଥିବାବେଳେ ମଥୁରାରେ କ'ଣ ସବୁ ଘଟୁଥିଲା, ସେହି କଥାହିଁ ପ୍ରତିଦିନ ପଡ଼େ । ଶ୍ରୀକୃଷ୍ଣ ଜାଣିବାକୁ ଚାହାଁନ୍ତି, ସେମାନଙ୍କ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ କିଏ କେଉଁଠି ଅଛନ୍ତି, କ'ଣ ସବୁ କରୁଛନ୍ତି, କିଏ କି ପ୍ରକାରର ଲୋକ ! ବସୁଦେବ

କହନ୍ତି, ଆତ୍ମୀୟ ସ୍ୱଜନଙ୍କ ସଂଖ୍ୟା ତ ବହୁତ ! ସେମାନଙ୍କୁ ତୁମେ ଦୁହେଁ ଭେଟିବା ଉଚିତ । ବସୁଦେବ ନିଜ ଭଉଣୀମାନଙ୍କ କଥା କହିଲେ । କହିଲେ, ଭଉଣୀଙ୍କ ଭିତରୁ ଜଣେ କୁନ୍ତୀ । ଆମ ପିତା ସୁର ତାଙ୍କୁ ତାଙ୍କର ଜଣେ ବନ୍ଧୁ କୁନ୍ତୀଭୋଜଙ୍କୁ ଝିଅ କରି ଦେଇଥିଲେ । କାରଣ କୁନ୍ତୀଭୋଜ ଥିଲେ ନିଃସନ୍ତାନ । ତା' ନାଆଁ ଆମ ଘରେ ଥିଲା ପୃଥା । କୁନ୍ତୀଭୋଜଙ୍କ ଝିଅ ହେବାରେ ତା' ନାଆଁ ହେଲା କୁନ୍ତୀ । ସେ ତୁମ ଦୁହିଁଙ୍କ ପିଉସୀ ।

କୁନ୍ତୀଙ୍କୁ ଜାଣିବାପାଇଁ କୃଷ୍ଣ ଓ ବଳରାମ ଉତ୍ସୁକ ହୋଇ ପଡ଼ିଲେ । ବସୁଦେବ କହିଲେ, ପରେ କୁନ୍ତୀର ବିବାହ ହେଲା କୁରୁବଂଶର ରାଜା ପାଣ୍ଡୁଙ୍କ ସହିତ । ତେଣୁ କୌରବଙ୍କ ସହିତ ଯାଦବମାନଙ୍କ ସମ୍ପର୍କ ଘନିଷ୍ଠ । ଯଯାତିଙ୍କ ଠାରୁ କୌରବ ଓ ଯାଦବ ବଂଶ ଗଡ଼ି ଗଡ଼ି ଆସିଛି । ପାଣ୍ଡୁଙ୍କ ବଡ଼ଭାଇ ଧୃତରାଷ୍ଟ୍ର । ସେ ଜନ୍ମାନ୍ଧ । ତେଣୁ ପାଣ୍ଡୁ ଶାସନ ପରିଚାଳନା କରୁଥିଲେ । ସେମାନଙ୍କ ଜେଜେବାପା ଦେବବ୍ରତ ତାଙ୍କୁ ସାହାଯ୍ୟ କରୁଥିଲେ । ଏହି ଦେବବ୍ରତ ଭୀଷ୍ମ ନାମରେ ପରିଚିତ । ସେ ତାଙ୍କ ପିତାଙ୍କ ସୁଖ ଲାଗି ବିବାହ କରିବେ ନାହିଁ ବୋଲି ଦୃଢ଼ପ୍ରତିଜ୍ଞା କରିବାରେ ତାଙ୍କ ନାଁ ରହିଲା ଭୀଷ୍ମ । ଏମାନେ ହସ୍ତୀନାପୁରର୍ ରାଜା ।

ପାଣ୍ଡୁ ଏକଦା ସପରିବାର ବନବାସ କରୁଥିଲେ । ସାଙ୍ଗରେ ଥିଲେ ତାଙ୍କ ଦୁଇପତ୍ନୀ କୁନ୍ତୀ ଓ ମାଦ୍ରୀ । ପାଣ୍ଡୁଙ୍କର ସେହି ବଣରେ ମୃତ୍ୟୁ ହେଲା । ମାଦ୍ରୀ ମଧ୍ୟ ସେଇଠି ଜୀବନ ତ୍ୟାଗ କଲେ । କୁନ୍ତୀ ତାଙ୍କ ସହିତ ପାଞ୍ଚପୁଅଙ୍କୁ ଧରି ହସ୍ତିନାପୁରକୁ ଫେରି ଆସିଲେ । ବସୁଦେବ ରାମକୃଷ୍ଣଙ୍କୁ କହିଲେ, ଶୁଣୁଚି, ହସ୍ତିନାରେ ଆମ ଭଉଣୀ କୁନ୍ତୀ ଦୁଃଖରେ ରହିଛି । ତା ପିଲାମାନେ ମଧ୍ୟ କଷ୍ଟ ସହୁଛନ୍ତି । ଧୃତରାଷ୍ଟ୍ରର ବଡ଼ପୁଅ ଦୁର୍ଯ୍ୟୋଧନ ସେମାନଙ୍କୁ ନାନା ଭାବରେ ଦଣ୍ଡ ଦେଉଚି । ଏ ସବୁ ଖବର ପାଉଥିଲି, କିନ୍ତୁ କିଛି କରି ପାରୁନଥିଲି । ତୁମେ ଦୁହେଁ ତ ମଥୁରାବାସୀଙ୍କୁ କଂସ ଅତ୍ୟାଚାରରୁ ଉଦ୍ଧାର କଲ । କୁନ୍ତୀପାଇଁ ଯଦି କିଛି କରି ପାରନ୍ତ, ଖୁସି ହୁଅନ୍ତି ।

ଶ୍ରୀକୃଷ୍ଣ ନୀରବରେ ସବୁ କଥା ଶୁଣୁଥିଲେ । ବସୁଦେବଙ୍କୁ କହିଲେ, ଆଚ୍ଛା, ଠିକ୍ ଅଛି । ଆଜିଠୁ ପ୍ରତିକାର ଆରମ୍ଭ ହେଲା ଜାଣ । ସେ ସ୍ଥିର କଲେ ପ୍ରଥମେ ଅକ୍ରୁରଙ୍କୁ ହସ୍ତୀନାପୁର ପଠାଇ ସେଠି କ'ଣ ସବୁ ଘଟୁଚି, ଖବର ଅନ୍ତର ବୁଝି ଆସିବା ପାଇଁ । ସେ ସଙ୍ଗେ ସଙ୍ଗେ ବଳରାମ ଓ ଉଦ୍ଧବଙ୍କୁ ସାଙ୍ଗରେ ନେଇ ପହଞ୍ଚିଲେ ଅକ୍ରୁରଙ୍କ ଘରେ । ଅକ୍ରୁର ରାମକୃଷ୍ଣ ଓ ଉଦ୍ଧବଙ୍କୁ ଦେଖିବାମାତ୍ରେ ହଡ଼ବଡ଼େଇଗଲେ । ଭାବିଲେ କ'ଣ କିଛି ଅଘଟଣ ଘଟିଲା କି ! କିନ୍ତୁ ସବୁ ଘଟଣା ଯାହା ଭିତରେ ତା' ପକ୍ଷରେ ଅଘଟଣ କ'ଣ ! ମନର ଭୁଲକୁ ସେ ସଂଶୋଧନ କରିନେଲେ । ଅକ୍ରୁର ଦ୍ୱାରମୁହଁକୁ ଯାଇ ତିନିଠାକୁରଙ୍କୁ ପାଛୋଟି ଆଣିଲେ । ସେମାନଙ୍କୁ ଘରେ ବସାଇ ଠାକୁରଭାବରେ ପୂଜା ଆରାଧନା

କରିବାକୁ ଲାଗିଲେ । ନାନା ସ୍ତୁତି କଲେ । କଂସନିଧନ ପରେ ମଥୁରା କିପରି ମଧୁରା ହୋଇ ଉଠିଚି, ନାନା ଭାବରେ ସେହିକଥା ବର୍ଣ୍ଣନା କରିବାକୁ ଲାଗିଲେ । ମାୟା, ବନ୍ଧନ, ବିଦ୍ୟା, ଅବିଦ୍ୟା, ସତ୍ୟ ଅସତ୍ୟ ଆଦି ସମ୍ପର୍କରେ ଦାର୍ଶନିକ ଭାବରେ ନାନା ଚର୍ଚ୍ଚା କଲେ ।

ଶ୍ରୀକୃଷ୍ଣ କହିଲେ, ଯୁଆଡ଼େ ଯାଉଚୁ, କେବଳ ସେହି ସ୍ତୁତି, ବନ୍ଦନା, ଅର୍ଚ୍ଚନା ! ସମସ୍ତେ କହୁଛନ୍ତି ଭଗବାନ, ଭଗବାନ ! ଶୁଣି ଶୁଣି କାନ ବଧିରା ହୋଇ ପଡ଼ିଲାଣି । ତୁମେ ବି ଅକ୍ରୂର ସେହି ସ୍ତୁତିରେ ବ୍ୟସ୍ତ ! ପଚାରୁନ, ଆମେ ତୁମ ପାଖକୁ ଆସିଚୁ କାହିଁକି ?

ଅକ୍ରୂର କୃଷ୍ଣଦର୍ଶନରେ ଅଭିଭୂତ ହୋଇ ପଡ଼ିଥିଲେ । ଦେହବୋଧ ବି ତାଙ୍କର ତୁଟି ଯାଇଥିଲା । ଶ୍ରୀକୃଷ୍ଣଙ୍କ ମୁହଁରୁ ଏକଥା ଶୁଣି ନିଜକୁ ସମ୍ଭାଳି ନେଲେ ସେ । କହିଲେ, ହଁ ସତେ ତ, ଆସିଚ କାହିଁକି, ଏକଥା ତ ପଚାରି ପାରିନାହିଁ । ମୁଁ ଖାଲି ଭାବୁଥିଲି, ଭଗବାନ ଆସିଛନ୍ତି ସଂସାରକୁ ନିଜ ସୃଷ୍ଟି ଠିକ୍ ଚାଲିଛି କି ନାହିଁ, ଦେଖିବା ପାଇଁ । ହେଉ, ଯଦି ବିନା ନିମନ୍ତ୍ରଣରେ ଆସିଗଲଣି, କରପତ୍ର ଯୋଡ଼ି ନିବେଦନ କରୁଛି, ମତେ ସଂସାର ବନ୍ଧନରୁ ମୁକ୍ତ କର ।

ଶ୍ରୀକୃଷ୍ଣ ହସି ହସି କହିଲେ, ସିଏ ତ ଏବକାର କଥା ନୁହଁ, ପରେ ବୁଝିବା । ଏବେ ଟିକିଏ ଆମ କଥା ବୁଝ । ତୁମେ ଆମର ଆତ୍ମୀୟ । ଲେଖାରେ କକା । ଆମ୍ଭେମାନେ ତୁମର ପୁଅ ଭଳି । ଦେବତାମାନେ ମଧ ସ୍ୱାର୍ଥପର । କିନ୍ତୁ ଆମେ ଜାଣୁ ତୁମେ ସ୍ୱାର୍ଥାନ୍ଧ ନୁହଁ । ପରୋପକାରୀ । ଅନ୍ୟର ସେବା କରିବା ହିଁ ପ୍ରକୃତ ଜ୍ଞାନ । ତୁମେ ଆମର ପୂଜ୍ୟ । ଜଣେ ନିଃସ୍ୱାର୍ଥପର ପୁଣ୍ୟବ୍ୟକ୍ତିଙ୍କ ଦର୍ଶନ ହିଁ ମଣିଷକୁ ଶୁଦ୍ଧ ନିର୍ମଳ କରିଥାଏ । ଆଉ ବିଶେଷ କ'ଣ କହିବୁ ?

ଇମିତି କଥାକୁ ଗଡେଇ ଗଡେଇ ଶ୍ରୀକୃଷ୍ଣ ହସ୍ତିନାପୁର କଥା ଉତ୍ଥାପନ କଲେ । କହିଲେ, ଶୁଣନ୍ତୁ, ହସ୍ତିନାପୁରରେ ନାନାଭାବରେ ପାଣ୍ଡବମାନେ ହଇରାଣ ହେଉଛନ୍ତି । ଆମ ପିତା ଆମକୁ କହିଛନ୍ତି ପାଣ୍ଡବମାନଙ୍କୁ ସାହାଯ୍ୟ କରିବାକୁ । କାରଣ ସେମାନେ ଆମ ପିଉସୀ କୁନ୍ତୀଙ୍କ ପୁଅ । ତୁମକୁ ଆମର ଅନୁରୋଧ, ତୁମେ ହସ୍ତିନାକୁ ଯାଇ ଘଟଣା କ'ଣ ବୁଝି ଆସ । ଆମର ଦୂତ ଭାବରେ ଯିବନି, ଯିବ ଜଣେ ସାଧାରଣ ଲୋକଭାବରେ । ତୁମେ ତ ଜଣେ କୂଟନୀତିଜ୍ଞ, କଂସର ସେ କାର୍ଯ୍ୟ କରୁଥିଲ । କିମିତି କେଉଁଠୁ ପ୍ରକୃତ ଘଟଣା ଜାଣିହେବ, ସେ ବାଟ ତୁମକୁ ଜଣା । ବୁଝି ଆସିବା ପରେ ଆମେ ହସ୍ତିନାପୁର ବ୍ୟାପାରରେ ହସ୍ତକ୍ଷେପ କରିବୁ କି ନାହିଁ, ଯାହା କିଛି ସ୍ଥିର କରିବୁ । ଏତିକି ହେଲା କଥା ।

ଅକ୍ରୂର ସମ୍ମତି ଜଣାଇ କହିଲେ, ହଁ ଯିବି ।

॥ ୬୯ ॥

# ହସ୍ତିନାପୁରରେ ଅକ୍ରୁର

କୌରବଙ୍କ ବଂଶଧର କୌରବମାନଙ୍କ ରାଜ୍ୟର ରାଜଧାନୀ ହସ୍ତିନାପୁର । କୃଷ୍ଣଙ୍କ ଦ୍ୱାରା ପ୍ରେରିତ ହୋଇ ଅକ୍ରୁର ସେଇଠି ପହଞ୍ଚିଲେ । ଇତିମଧ୍ୟରେ ବହୁ ରାଜା ହସ୍ତିନାପୁରରେ ବହୁକୀର୍ତ୍ତି କରିଯାଇଛନ୍ତି । କୀର୍ତ୍ତିମାଳିନୀ ହସ୍ତିନା । ଏକ ରମଣୀୟ କମନୀୟ ନଗରୀ । ଅକ୍ରୁରଙ୍କୁ ପାଛୋଟି ନେଲେ ପିତାମହ ଭୀଷ୍ମ ଓ ଅମ୍ବିକାପୁତ୍ର ଅନ୍ଧ ଧୃତରାଷ୍ଟ୍ର । ବିଦୁର ମଧ୍ୟ ସେଠି ଉପସ୍ଥିତ ଥିଲେ । କୁନ୍ତୀ, ଦ୍ରୋଣ, କୃପ, ଦୁର୍ଯ୍ୟୋଧନ, ରାଧେୟ କର୍ଣ୍ଣ ଓ ପାଣ୍ଡବ ପାଞ୍ଚଭାଇ ମଧ୍ୟ ଅକ୍ରୁରଙ୍କୁ ଅଭ୍ୟର୍ଥନା କଲେ । ସେଦିନ ରାତିଟି ପାହିଗଲା କେବଳ ମଥୁରା ସଂପର୍କରେ କଥାବାର୍ତ୍ତାରେ । ଭୀଷ୍ମ, ଦ୍ରୋଣ ପ୍ରମୁଖ କହିଲେ, ଯାହାହେଉ ଏତେ ଦିନେ ମଥୁରା ରକ୍ଷା ପାଇଲା କଂସର ଅତ୍ୟାଚାରରୁ । କିପରି କ'ଣ ସବୁ ଘଟିଗଲା, ସେମାନେ ଅକ୍ରୁରଙ୍କଠାରୁ ଜାଣିବାକୁ ଚାହିଁଲେ । ଅକ୍ରୁର କହିଲେ, ସବୁ ହେଉଛି ରାମକୃଷ୍ଣଙ୍କ ଲୀଳା । ସେମାନେ ଖେଳିଖେଳି କଂସକୁ ଇମିତି ଖେଳେଇଲେ ଯେ ସିଏ ତା ମନକୁ ମରିଗଲା । ତାକୁ ଆଉ ମାରିବାକୁ ପଡ଼ିଲାନି । ପୁରୁଷମାନଙ୍କ ସହିତ ଅକ୍ରୁରଙ୍କ କଥାବାର୍ତ୍ତା ସରିବା ପରେ ସେ ଗଲେ ମା' କୁନ୍ତୀଙ୍କ ପାଖକୁ । କୁନ୍ତୀ ପ୍ରଥମେ ତାଙ୍କ ଭାଇ ଭାଉଜ ଭଲ ଅଛନ୍ତି ତ ବୋଲି ପଚାରିଲେ । ଅକ୍ରୁର କହିଲେ, ଆଗରୁ ଭଲରେ ନଥିଲେ, ପୁଅମାନେ ଗୋପପୁରରୁ ଫେରିବା ପରେ ଏବେ ଭଲ ଅଛନ୍ତି । କୁନ୍ତୀ କହିଲେ, ପୁତୁରାମାନଙ୍କୁ ତ ସେ ଦେଖିନାହାଁନ୍ତି – କିନ୍ତୁ ପିଲାଦିଇଟାଙ୍କ କଥା ସେ କେବଳ ଶୁଣି ଆସିଛନ୍ତି । ସେମାନେ ଏବେ ବୟସରେ କେତେବଡ଼ ହେଲେଣି ? ତାଙ୍କ ପାଖକୁ କ'ଣ ସବୁ ଖବର ପଠେଇଛନ୍ତି, ଜାଣିବାକୁ ଚାହିଁଲେ ସେ ।

ଅକ୍ରୁର ତ ବଡ଼ ଚତୁର, କହିଲେ, ବଳରାମଙ୍କୁ ମାତ୍ର ଚଉଦବର୍ଷ, କୃଷ୍ଣ ତାଙ୍କଠୁ ବର୍ଷେ ଛୋଟ । ବୟସରେ ପିଲା, କିନ୍ତୁ ବୁଦ୍ଧିବୃତ୍ତିରେ ବୁଢ଼ା ! କିନ୍ତୁ କ'ଣ ଖବର ପଠେଇଛନ୍ତି, ସେକଥା ନ କହି ଏଡ଼େଇ ଦେଲେ ।

ଭୀଷ୍ମ କହିଲେ, ଆସିଛନ୍ତି ଯେତେବେଳେ, ଫେରିଯିବାକୁ ତରତର ହେବେନି । କିଛିଦିନ ହସ୍ତିନାପୁରରେ ରହି ସବୁକିଛି ଦେଖାଚାହାଁ କରି ଯିବାକୁ ସେ ଅକ୍ରୁରଙ୍କୁ ଅନୁରୋଧ କଲେ । ଅକ୍ରୁର ତ ସେହିକଥା ଚାହୁଁଥିଲେ । ତେଣୁ ଭୀଷ୍ମଙ୍କୁ କହିଲେ, ମତେ ଶୀଘ୍ର ଫେରିଯିବାକୁ ପଡ଼ିବ । ମଥୁରାରେ ବହୁତ କାମ ଅଛି କରିବାକୁ । ହେଉ, କହୁଛନ୍ତି ଯେତେବେଳେ ଦୁଇ ଚାରିଦିନ ରହିବି ।

ହସ୍ତିନାରେ ଅକ୍ରୂର । ତାଙ୍କ ଆଗମନରେ ପ୍ରଧାନ ଉଦ୍ଦେଶ୍ୟ ପାଣ୍ଡମାନେ କିପରି ଅବସ୍ଥାରେ ଅଛନ୍ତି, ଦେଖିବା, ଶୁଣିବା । ସେ ଦେଖିଲେ ପାଣ୍ଡବ ପାଞ୍ଚଭାଇଙ୍କ ବ୍ୟବହାର, ଆଚରଣ ଚମତ୍କାର । ହସ୍ତିନାର ଲୋକେ ସେମାନଙ୍କୁ ଅତି ଭଲ ପାଉଛନ୍ତି । ସେମାନେ ଯେପରି ଧାର୍ମିକ, ସେହିଭଳି ଧୈର୍ଯ୍ୟବାନ୍ ଓ ବଳବାନ୍ ମଧ୍ୟ । ଗୁଣ, ଜ୍ଞାନରେ ଯିମିତି ବଡ଼, ସେମିତି ସବୁ ବିଦ୍ୟାରେ ଧୁରନ୍ଧର । କିଏ କାହାକୁ ଊଣା ନୁହଁନ୍ତି । ମା' କୁନ୍ତୀଙ୍କ ପ୍ରତି ସେମାନଙ୍କ ଅଟଳ ଭକ୍ତି । ଇଆଡ଼େ ଦେଖିଲେ ଧୃତରାଷ୍ଟ୍ର ଅତ୍ୟନ୍ତ ଧୂର୍ତ୍ତ । ଅନ୍ଧହେଲେ କ'ଣ ହେଲା ତାଙ୍କର ଦୁଇଟା ବଡ଼ଆଖି ଜଳ ଜଳ ଦେଖାଯାଉଛି । ସେ ଦୁଇଟା ହେଉଛି ଈର୍ଷା ଓ ହିଂସା । ନିଜ ପୁଅମାନଙ୍କ ଇଙ୍ଗିତରେ ସେ ପରିଚାଳିତ । ଅତି ଛୋଟ ଛୋଟ କଥାରେ ପୁଅମାନଙ୍କ ବୋଲରେ ପଡ଼ି, ସେମାନଙ୍କୁ ଖୁସି କରାଇବା ପାଇଁ, ଧୃତରାଷ୍ଟ୍ର ପ୍ରତ୍ୟକ୍ଷ ଓ ପରୋକ୍ଷରେ ପାଣ୍ଡବମାନଙ୍କୁ ଅବହେଳା କରୁଛନ୍ତି । ନାନା ଭାବରେ ନିର୍ଯ୍ୟାତିତ କରୁଛନ୍ତି ।

ଅକ୍ରୂର ଲକ୍ଷ୍ୟ କଲେ, ଧୃତରାଷ୍ଟ୍ରଙ୍କର ଆଗରୁ ତାଙ୍କ ସାନଭାଇ ପାଣ୍ଡୁଙ୍କ ପ୍ରତି ଈର୍ଷାଭାବ ଥିଲା । ଧୃତରାଷ୍ଟ୍ର ବଡ଼ ଭାଇ ହେଲେ କ'ଣ ହେଲା, ଅନ୍ଧ ଯୋଗୁଁ ପାଣ୍ଡୁ ଶାସନକାର୍ଯ୍ୟ ଚଳାଉଥିଲେ । ପାଣ୍ଡୁ ଥିବାରୁ ସେ ନିଜ ଇଚ୍ଛା ଅନୁସାରେ କିଛି କରି ପାରୁନଥିଲେ । ପାଣ୍ଡୁଙ୍କ ଦେହାନ୍ତ ହେବା ପରେ ତାଙ୍କର ସମସ୍ତ ରାଗ ରୋଷ ପାଣ୍ଡୁପୁତ୍ର ପାଣ୍ଡବମାନଙ୍କ ଉପରେ ଆସି ପଡ଼ିଲା । ଅକ୍ରୂର ଶୁଣିଲେ ଯେ ଦୁର୍ଯ୍ୟୋଧନର ରାଗ ଭୀମ ଉପରେ । ଭୀମକୁ ପ୍ରାଣରେ ମାରିଦେବା ଲାଗି ସେ ସବୁବେଳେ ଷଡ଼ଯନ୍ତ୍ର ଚଳାଉଛି ।

କୁନ୍ତୀଙ୍କ ମୁହଁରୁ ଯାହା ଶୁଣିବେ ବୋଲି ଆଶା କରୁଥିଲେ, ଅକ୍ରୂର ସେସବୁ କଥା ବିଦୁରଙ୍କଠୁ ଶୁଣିଲେ । ଏସବୁ କଥା ଚାଲିଥିବା ବେଳେ ଅକ୍ରୂର ଲକ୍ଷ୍ୟ କଲେ, କୁନ୍ତୀଙ୍କ ଆଖିରୁ କେବଳ ଲୁହ ଝରିବାରେ ଲାଗିଛି । କୁନ୍ତୀ ଏ ପର୍ଯ୍ୟନ୍ତ ଧରିନେଇଥିଲେ ଯେ ବିଦୁର ହିଁ ଏକମାତ୍ର ଭରସା । କିନ୍ତୁ ତାଙ୍କ କଥା ବୁଝିବା ପାଇଁ ଭାଇ ବସୁଦେବ ଯେ ଅକ୍ରୂରଙ୍କୁ ପଠାଇଛନ୍ତି, ଏକଥା ଜାଣିବା ପରେ ସେ ମନେ ମନେ ଯଥେଷ୍ଟ ସାନ୍ତ୍ୱନା ପାଇଲେ । ଭାବିଲେ, ଯାହାହେଉ ତାଙ୍କ କଥା ବୁଝିବା ପାଇଁ ତାଙ୍କ ଭାଇ ଓ ପୁତୁରାମାନେ ମଧ୍ୟ ଅଛନ୍ତି । ସେ ଅକ୍ରୂରଙ୍କୁ କହିଲେ, ଯାହାହେଉ ଏଠି କୁନ୍ତୀ ବୋଲି ଜଣେ ଭଉଣୀ ଓ ପିଉସୀ ଯେ ଅଛି, ଏକଥା ସେମାନଙ୍କ ମନରେ ଥିବାରୁ ମୁଁ ଖୁସି । ଏଠି ତ ଚାରିଆଡ଼େ ଧୂ ଧୂ ହୋଇ ନିଆଁ ଜଳୁଚି – ମୁଁ ପାଞ୍ଚଟା ପୁଅଙ୍କୁ ଧରି, ସେହି ନିଆଁ ଘେର ଭିତରେ ରହିଛି । ଭାଇ ଓ ପୁତୁରାମାନଙ୍କୁ ଏତିକିମାତ୍ର କହିବ ଯେ ସେମାନେ ଆସି ଆମକୁ ଏହି ନିଆଁ ଭିତରୁ ଉଦ୍ଧାର କରନ୍ତୁ । ନଚେତ୍ ଜଳିପୋଡ଼ି ମରିଯିବୁ ।

ଅକ୍ରୁର ଓ ବିଦୁର ମା' କୁନ୍ତୀଙ୍କୁ ଆଶ୍ୱାସନା ଦେଲେ । ଅକ୍ରୁର କହିଲେ ଯେ ଭଗବାନ, କୃଷ୍ଣ ରୂପରେ ଜନ୍ମଗ୍ରହଣ କରିଛନ୍ତି ଦୁଷ୍ଟଦଳନ ଓ ଶିଷ୍ଟପାଳନ ଲାଗି । କ୍ରମଶଃ ଧୀରେ ଧୀରେ ସେ ଏସବୁ କାର୍ଯ୍ୟ କରିବେ । ତାଙ୍କର ବାଳଲୀଳା ସରିଲା ବୃନ୍ଦାବନରେ । ଯୁବକ ବୟସରୁ ତାଙ୍କର ଅସଲ କାର୍ଯ୍ୟ ଆରମ୍ଭ ହେବ । ମୁଁ ସେମାନଙ୍କ ସହିତ ଯେତିକି ମିଶିଛି, ସେଥିରୁ ଏତିକିମାତ୍ର ଜାଣିଛି । ତେଣୁ ଆପଣମାନଙ୍କୁ ଧୈର୍ଯ୍ୟ ଧରିବାକୁ ପଡ଼ିବ ।

ଅଳ୍ପ କେତେଦିନ ରହି ଅକ୍ରୁର ଟିକିନିଖି ସବୁ ଖବର ସଂଗ୍ରହ କଲେ । ଏଣିକି ମଥୁରା ଫେରିବା କଥା । ସେ ଭୀଷ୍ମ ପିତାମହ ଓ ଅନ୍ୟମାନଙ୍କଠାରୁ ବିଦାୟ ନେବାକୁ ଇଚ୍ଛା କଲେ । ଭୀଷ୍ମ ପୁଣି ତାଙ୍କୁ କହିଲେ ଆଉ କିଛିଦିନ ରହିବା ପାଇଁ । କିନ୍ତୁ ଅକ୍ରୁର ମନା କଲେ । କହିଲେ, ମଥୁରାରେ ବୁଢ଼ାରାଜା ଉଗ୍ରସେନ । ତାଙ୍କୁ ସାହାଯ୍ୟ କରିବାକୁ ଅଛନ୍ତି କେବଳ ବସୁଦେବ । କଂସ ରାଜୁତିରେ ଶାସନକଳ ସବୁ ବିଗିଡ଼ି ଯାଇଛି । ତାକୁ ସଜାଡ଼ିବାକୁ ପଡୁଛି । ସେମାନେ ମତେ ଅପେକ୍ଷା କରିଥିବେ । ରହୁ ରହୁ ମାସେ ଦି'ମାସ ରହିଗଲିଣି । ଆଉ ବେଶୀ ବଳାନ୍ତୁ ନାହିଁ ।

ହସ୍ତିନାପୁର ଛାଡ଼ିବା ପୂର୍ବରୁ ଅକ୍ରୁର ଭାବିଲେ, ଧୃତରାଷ୍ଟ୍ରଙ୍କୁ ପଦେ ଦିପଦ ପରାମର୍ଶ ଦେଇଗଲେ ଭଲ ହେବ । ଅନ୍ଧର ଯଦି ହୃଦୟ-ଆଖି ଖୋଲେ, ଦୟା ବୋଲି ତା' ଭିତରେ କିଂଚିତ ପରିମାଣରେ ଥାଏ, ତାହାହେଲେ ତାଙ୍କ ପରାମର୍ଶରେ ହୁଏତ ଧୃତରାଷ୍ଟ୍ରଙ୍କର କିଛିଟା ପରିବର୍ତ୍ତନ ହୋଇପାରେ । ଅଯଥା କଳିତକରାଳ ନ କରି ପାଣ୍ଡବମାନଙ୍କ ସହିତ ଯଦି ଧୃତରାଷ୍ଟ୍ରଙ୍କ ପିଲାମାନେ ଭାଇ ଭାଇ ଭାବରେ ଚଳନ୍ତେ, ତାହାହେଲେ ରାମକୃଷ୍ଣ ବା ବସୁଦେବଙ୍କୁ ଆଉ କିଛି ହସ୍ତକ୍ଷେପ କରିବାକୁ ପଡ଼ନ୍ତା ନାହିଁ । ଅକ୍ରୁର ଏ ସଂପର୍କରେ ପ୍ରଥମେ ଭୀଷ୍ମ ଓ ବିଦୁରଙ୍କ ସହିତ ପରାମର୍ଶ କଲେ । ସେମାନେ କହିଲେ, ପୁଅମାନଙ୍କ ଉପରେ ଧୃତରାଷ୍ଟ୍ରଙ୍କର ଏତେ ବିଶ୍ୱାସ ଯେ ଅନ୍ଧର ଆଖି ଖୋଲିବ ବୋଲି ବିଶ୍ୱାସ ହେଉନାହିଁ । ସନ୍ତାନମୋହରେ ତାଙ୍କର ବାହାର ଭିତର ସବୁ ଅନ୍ଧ । ସବୁ ଦ୍ୱାର ବନ୍ଦ । ସେ କେବଳ ଅନ୍ୟାୟ କରିବା ଜାଣନ୍ତି, ନ୍ୟାୟର ଧାର ଧରନ୍ତି ନାହିଁ । ତଥାପି ଆପଣ ଆସିଛନ୍ତି ଯେତେବେଳେ, ଧୃତରାଷ୍ଟ୍ରଙ୍କୁ, ସମସ୍ତେ ଶାନ୍ତିରେ, ସୁଖରେ, ସଦ୍‌ଭାବ ରକ୍ଷାକରି ରହିବାକୁ କିଛି ପରାମର୍ଶ ଦେଇଯାଆନ୍ତୁ । ହୁଏତ ଅନ୍ଧରାଜା ଆପଣଙ୍କ କଥା ରଖିପାରେ ନପାରେ, ଏଥିରେ ଯାଏ ଆସେ କିଛି ନାହିଁ ।

ଅକ୍ରୁର ସ୍ଥିର କଲେ, ଧୃତରାଷ୍ଟ୍ରଙ୍କ ପାଖକୁ ଯାଇ ତାଙ୍କ ସହିତ କଥାବାର୍ତ୍ତା କରିବେ । ତାଙ୍କୁ ଶାନ୍ତିରକ୍ଷା ଲାଗି ପରାମର୍ଶ ଦେବେ, ତା'ପରେ ଫେରିବେ ମଥୁରାକୁ ।

॥ ୭୦ ॥

# ଅସ୍ତି ଓ ପ୍ରାପ୍ତିଙ୍କ ବାପ ଜରାସନ୍ଧ

ବିଚିତ୍ରବୀର୍ଯ୍ୟଙ୍କ ପୁତ୍ର ଧୃତରାଷ୍ଟ୍ର । ବିଚିତ୍ର ଚିରିତ୍ର । ହସ୍ତିନାପୁରରୁ ବିଦାୟ ନେବା ପୂର୍ବରୁ ଅକ୍ରୂର ଗଲେ ତାଙ୍କ ପାଖକୁ । ଧୃତରାଷ୍ଟ୍ରଙ୍କ ବଂଶ ପରମ୍ପରାକୁ ଅକ୍ରୂର ବହୁତ ଟେକାଟେକି କଲେ । କହିଲେ, ଚନ୍ଦ୍ରବଂଶର ସମସ୍ତେ ଚନ୍ଦ୍ରଙ୍କ ଭଳି ଶାନ୍ତ ଶୀତଳ ରହିବା ଉଚିତ । ଅକ୍ରୂରଙ୍କ କହିବାର ଉଦ୍ଦେଶ୍ୟ ଥିଲା କୌରବ ଓ ପାଣ୍ଡବମାନେ ମିଳିମିଶି ଶାନ୍ତିରେ ଚଳିବା ଉଚିତ । କିଏ କାହାପ୍ରତି ଦ୍ୱେଷ, ହିଂସା କିମ୍ବା ଈର୍ଷା କରିବା ଅନୁଚିତ । ଏହି ଦୁର୍ଗୁଣଗୁଡ଼ାକ ଯେତିକି ବଢ଼ିବ, ମଣିଷକୁ ସେତିକି ଅଧିକ ଧ୍ୱଂସମୁଖୀ କରିପକାଇବ । ସେ ଧୃତରାଷ୍ଟ୍ରଙ୍କୁ କହିଲେ, ତୁମେ ନିଜ ପୁଅଝିଅଙ୍କୁ ଯେମିତି ଭଲ ପାଉଚ, ପାଣ୍ଡୁଙ୍କ ପୁଅମାନଙ୍କୁ ମଧ୍ୟ ସିମିତି ଭଲପାଇବା ଉଚିତ । ତା'ହେଲେ ଅଶାନ୍ତିର ବାଟ ବନ୍ଦ ହୋଇଯିବ । ଅକ୍ରୂର ନାନା ଉଦାହରଣ ଦେଇ କହିଲେ ଯେ ଧନଦୌଲତ କିଛି ନୁହଁ, ଏସବୁ କ୍ଷଣସ୍ଥାୟୀ । ମଲାବେଳେ କିଏ ଏସବୁ ସାଙ୍ଗରେ ନେଇ ଯାଇନଥାଏ । ସବୁ ହେଉଛି ମାୟା । ମାୟାର ଜାଲକୁ ଯିଏ ଯେତିକି ଛିଣ୍ଡେଇ ପାରିବ, ସେ ସେତିକି ମୁକ୍ତ ହେବାପାଇଁ ବାଟ ସଫା କରିପାରିବ । ବିଜ୍ଞ ଲୋକେ ହିଁ ଏକଥା ବୁଝିପାରନ୍ତି ।

ଧୃତରାଷ୍ଟ୍ର କହିଲେ, ମୁଁ ସବୁ ବୁଝୁଛି । କିନ୍ତୁ ନିଜ ସନ୍ତାନମାନଙ୍କ ପ୍ରତି ମୋର ଅତିରିକ୍ତ ଆସକ୍ତି ଓ ସ୍ନେହ ରହିଆସିଛି । ଯେତେ ଚେଷ୍ଟା କଲେ ମଧ୍ୟ ସେ ସ୍ନେହବନ୍ଧନରୁ ମୁଁ ମୁକୁଳି ପାରୁନାହିଁ । ବିଜୁଳି ଯେପରି କ୍ଷଣିକ ପାଇଁ ଆକାଶକୁ ଉଜ୍ଜ୍ୱଳ କରିପକାଏ କିନ୍ତୁ ପରମୁହୂର୍ତ୍ତରେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା, ସେହିଭଳି ମୋ ମନର ଅବସ୍ଥା । ତୁମେ କହିଲ, ବୁଝିଲି, କିନ୍ତୁ ପିଲାମାନେ ଆସି କ'ଣ ନା କ'ଣ କହିଦେବେ, ସବୁ ଭୁଲିଯିବି ।

କଥା ପ୍ରସଙ୍ଗରେ ଧୃତରାଷ୍ଟ୍ର କହିଲେ, ଆମ ପିତା ବ୍ୟାସଦେବ ଆମକୁ କହିଯାଇଛନ୍ତି ଯେ ଭଗବାନ କୃଷ୍ଣ ରୂପରେ ଯାଦବମାନଙ୍କ ଘରେ ଜନ୍ମ ହୋଇଛନ୍ତି । ସିଏ ହିଁ କେବଳ ଆମକୁ ଏହି ସଂସାର-ଯାତନାରୁ ରକ୍ଷା କରିପାରିବେ । ଆମେ ତାଙ୍କ ମାୟାର ଦାସ । ଏ ସଂସାର ତାଙ୍କର ଲୀଳାକ୍ଷେତ୍ର । ଶ୍ରୀକୃଷ୍ଣଙ୍କୁ ଆମର ନମସ୍କାର ଜଣାଇଦେବେ । ଆପଣ ଯେଉଁ ପରାମର୍ଶ ଦେଲେ, ସେଥିଲାଗି ଧନ୍ୟବାଦ ଜଣାଉଛି । ଚେଷ୍ଟା କରିବି ପାଳନ କରିବାଲାଗି ।

ଅକ୍ରୂର ଫେରିଲେ ମଥୁରାକୁ । ସେ ସିଧାସଳଖ ଗଲେ ବସୁଦେବଙ୍କ ପାଖକୁ । ପ୍ରଥମେ ତାଙ୍କୁ ତାଙ୍କ ଭଉଣୀ କୁନ୍ତୀଙ୍କ ଖବର ଦେଲେ । ତା'ପରେ ରାମକୃଷ୍ଣଙ୍କୁ କହିଲେ, ମୁଁ ଯାହା ଦେଖିଚି, ବୁଝିଚି, ସେଥିରୁ ମୋର ମନେ ହେଉଛି, ଧୃତରାଷ୍ଟ୍ର ରଜା ଥିବାଯାଏଁ ପାଣ୍ଡବମାନେ ଶାନ୍ତିରେ ରହିପାରିବେ ନାହିଁ ।

ଏହାପରେ କ'ଣ କରାଯିବ, ଶ୍ରୀକୃଷ୍ଣ ମନେ ମନେ ତା'ର ପରିକଳ୍ପନା କରିନେଲେ । କଂସ ନିଧନ ପରେ ଯେ ସମସ୍ତେ ଖୁସି ହେଲେ, ତା ନୁହେଁ, କେତେଜଣ ଦୁଃଖିତ ମଧ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜରାସନ୍ଧ ଜଣେ ।

କଂସର ଦୁଇ ସ୍ତ୍ରୀ ଥିଲେ ଅସ୍ତି ଓ ପ୍ରାପ୍ତି । ଏମାନଙ୍କ ଡାକ ନାଆଁ ହେତି, ପ୍ରହେତି । ମଗଧର ରାଜା ଜରାସନ୍ଧ ଏମାନଙ୍କ ପିତା । କଂସର ଶ୍ୱଶୁର ସେ । କଂସ ନିଧନ ପରେ ଦୁଇଝିଅ ବାପଘରକୁ ଚାଲିଗଲେ । ବାପ ଜରାସନ୍ଧଙ୍କ ପାଖରେ ମଥୁରାରେ ଯାହା ଯାହା ଘଟିଲା, ବର୍ଣ୍ଣନା କଲେ । ସେମାନେ କହିଲେ, କୃଷ୍ଣ ଓ ବଳରାମ ଯୋଗୁଁ ମଥୁରା ନିଃକଂସ ହୋଇପଡ଼ିଲା । ଦି'ଝିଅ ବାପଙ୍କୁ ନିଜର ଦୁଃଖଯନ୍ତ୍ରଣା ଇମିତି ସବୁ ବଢ଼େଇ ଚଢ଼େଇ କହିଲେ ଯେ ଶୁଣିବାମାତ୍ରେ ଜରାସନ୍ଧର ଦିହ ଜଳିଉଠିଲା । ସେ ଥିଲା ମହାପରାକ୍ରମଶାଳୀ ରାଜା । ମନେ ମନେ ପଣ କଲା, କେବଳ ରାମକୃଷ୍ଣଙ୍କୁ ନୁହଁ, ସମଗ୍ର ଯାଦବକୁଳକୁ ନିପାତ କରିଦେବ । ବହୁ ସୈନ୍ୟ ଠୁଳ କଲା । ଦିନେ ତିନି ଅକ୍ଷୌହିଣୀ ସେନା ସହିତ ଆସି ସମଗ୍ର ମଥୁରାକୁ ଘେରିଗଲା । ଚାହୁଁ ଚାହୁଁ ମଥୁରାର ଚତୁର୍ଦ୍ଦିଗ ଯିମିତି ଲଢୁଆସେନାଙ୍କ ସାଗର ପାଲଟିଗଲା । ଜରାସନ୍ଧ ମଥୁରାକୁ ଘେରିଗଲାଣି ଜାଣି ମଥୁରାର ଲୋକେ ଆତଙ୍କିତ ହୋଇପଡ଼ିଲେ । କିନ୍ତୁ ସେମାନଙ୍କର ମଥୁରାରୁ ବାହାରି ଅନ୍ୟତ୍ର ଆଶ୍ରୟ ନେବାର ଉପାୟ ନଥିଲା ।

ଶ୍ରୀକୃଷ୍ଣ ମନେ ମନେ ଭାବିଲେ, କ'ଣ କଲେ ଠିକ୍ ହେବ । ମଗଧର ସବୁ ସୈନ୍ୟଙ୍କୁ ନମାରି କେବଳ ଜରାସନ୍ଧଙ୍କୁ ମାରିଦେବି ନା ସୈନ୍ୟବାହିନୀ ଓ ଜରାସନ୍ଧଙ୍କୁ ଏକାବେଳକେ ମାରିବି । କ'ଣ କଲେ ପରିଣତି ଓ ପ୍ରତିକ୍ରିୟା କ'ଣ ହେବ, ସବୁଦିଗରୁ ସେ ଚିନ୍ତା କରିବାକୁ ଲାଗିଲେ । ଶେଷରେ ଭାଇ ବଳରାମ ସହିତ ପରାମର୍ଶ କଲେ । ଦୁହେଁ ସ୍ଥିର କଲେ ଯେ ସେନାବାହିନୀକୁ ନିର୍ମୂଳ କରାଯିବ, ଜରାସନ୍ଧ ନିରସ୍ତ୍ର ଭାବରେ ତା' ରାଜ୍ୟକୁ ଫେରିବ ।

ଦୁଇଭାଇ କଥାବାର୍ତ୍ତା କରୁଥିବାବେଳେ ହଠାତ୍ ସେମାନଙ୍କ ଆଗରେ ଦୁଇଟି ରଥ ଆସି ପହଞ୍ଚିଲା । ସ୍ୱର୍ଗରୁ ଏ ରଥଦୁଇଟିର ଅବତରଣ । ଜ୍ୟୋତିର୍ମୟ ରଥ । ରଥର ଚାଳକମାନଙ୍କୁ ଦେଖିଲେ ମନେହୁଏ ଏମାନେ ପୃଥିବୀର ଜୀବ ନୁହନ୍ତି । ଅନ୍ୟ ପୁରର ।

ଅନ୍ୟ ଲୋକର । ରଥ ଦୁଇଟିରେ ନାନା ପ୍ରକାରର ଅସ୍ତ୍ରଶସ୍ତ୍ର । ରଥର ସାରଥିମାନେ ଆସି ରାମକୃଷ୍ଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଶ୍ରୀକୃଷ୍ଣ ଏମାନଙ୍କୁ ଜାଣନ୍ତି । ସେ ଭାଇ ବଳରାମଙ୍କୁ କହିଲେ, ଯାହା ଦରକାର ଥିଲା, ଆସିଗଲା । ଆମେ ଦୁହେଁ ପୃଥିବୀକୁ କାହିଁକି ଆସିଛେ, ଆପଣ ତ ଜାଣନ୍ତି । ଏଣିକି ଦୁଷ୍ଟଦଳନ, ଶିଷ୍ଟପାଳନ କାର୍ଯ୍ୟ ଆରମ୍ଭ କରିବାକୁ ପଡ଼ିବ । ପ୍ରଥମେ ଜରାସନ୍ଧର ଏହି ସୈନ୍ୟମାନଙ୍କୁ ମାରିବା କାମରେ ଆପଣ ଅସ୍ତ୍ର ଧାରଣ କରନ୍ତୁ । ବଳରାମ ଭୋଳାରାମ । ତାଙ୍କୁ ମନେ ପକାଇଦେବାକୁ ପଡ଼ିଥାଏ । ଶ୍ରୀକୃଷ୍ଣ ତାଙ୍କ ବଳ କେତେ ଜାଣନ୍ତି ।

ଏବେ ଦୁଇଭାଇଙ୍କ ଯୁବକ ବୟସ । ତେର ଚଉଦ ଟପିଗଲାଣି । ଦୁହେଁ ଯୋଦ୍ଧାବେଶରେ ବିଭୂଷିତ ହେଲେ । ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ । ଦୁଇଭାଇ ଅଳ୍ପ କେତେକ ସୈନ୍ୟଙ୍କୁ ସାଙ୍ଗରେ ନେଲେ । ମଥୁରା ବାହାରକୁ ବାହାରିଲେ । ଶ୍ରୀକୃଷ୍ଣଙ୍କ ରଥର ସାରଥି ଦାରୁକ । ଦାରୁକ ରଥ ଚଳାଇଲା । ରଥରେ ବସି ଶ୍ରୀକୃଷ୍ଣ ତାଙ୍କର ପାଞ୍ଚଜନ୍ୟ ଶଙ୍ଖ ଫୁଙ୍କିଲେ । ଶଙ୍ଖର ତୁମୂଳ ନିନାଦରେ ପୃଥିବୀ କମ୍ପିଉଠିଲା । ମଗଧ ସୈନ୍ୟମାନେ ଭୟଭୀତ ହୋଇପଡ଼ିଲେ ।

ଜରାସନ୍ଧ ପ୍ରଥମକରି ରଥ ଉପରେ ଶ୍ରୀକୃଷ୍ଣଙ୍କୁ ଦେଖିଲା । ତାଙ୍କ ପାଖକୁ ଆସି କହିଲା, ତୁ ଏହି କୃଷ୍ଣ ! ଚାଖଣ୍ଡେ ବୋଲି ପିଲା । ଗାଲ ଚିପିଲେ ଦୁଧ ବାହାରିବ । ତୁ ପୁଣି ନିଜ ମାମୁଁଟାକୁ ମାରି ପକାଇଲୁ ! ନୀଚ, ନରାଧମ । ତୋ ଭଳି ପାପୀକୁ ମୁଁ ନିଜ ହାତରେ ମାରି ହାତ ଧୋଇବାକୁ ଚାହେଁନା । ତତେ ମାରିଲେ ମୋର ସମ୍ମାନ ନଷ୍ଟ ହେବା ସାର ହେବ । ତୁ ତୋ ଘରକୁ ଫେରିଯା' । ହଁ, ଏ ବଳରାମଟା ଟିକିଏ ବଡ଼ ଦେଖାଯାଉଛି । ଏହା ସାଙ୍ଗରେ ଲଢ଼େଇ କଲେ ଚଳିବ । ଜରାସନ୍ଧ ବଳରାମଙ୍କୁ କହିଲା, ତାହାହେଲେ ରଥଉପରୁ ଓହ୍ଲାଇ ଆସ । ହାତାହାତି ଲଢ଼େଇକି ମୁଁ ଭଲପାଏ । ହଁ, ଧନୁଶର ଯୁଦ୍ଧ କଲେ ଚଳିବ । କିନ୍ତୁ ଜାଣିଥା ବଳରାମ, ମୋର ପ୍ରଥମ ଶରରେ ତୁ ସ୍ୱର୍ଗକୁ ଯିବା ନିଶ୍ଚିତ । ସେଠି ରହିବୁ । ହଁ, ଆଉ ଏକ ବିକଳ୍ପ ବ୍ୟବସ୍ଥା ମଧ୍ୟ ଅଛି, ତାହା ହେଉଛି, ଯଦି ତୋ'ଠି ଅଧିକ ବଳ ଥାଏ, ମତେ ମଧ୍ୟ ତୁ ମାରିଦେଇପାରୁ ।

ଶ୍ରୀକୃଷ୍ଣ ବାଧାଦେଇ କହିଲେ, ବକ୍‌ବାସ ସେତିକି ଥାଉ । ଫଳେନେ ପରିଚୟତେ ! ତୁମେ ବୀର କି ଆମେ ବୀର ଲଢ଼େଇ କଲେ ଜଣାଯିବ । ମଣିଷ ମଲାବେଳେ ଇମିତି ବାଚାଳଙ୍କ ଭଳି କଥା କହେ । ସଂପର୍କରେ ତୁମେ ଆମର ଅଜା । ଅଜା-ନାତିଙ୍କ ଭିତରେ ଇମିତି ଥଟ୍ଟା ପରିହାସ ଚାଲେ ବୋଲି, ତୁମ କଥାକୁ ଆମେ

ଧରୁନୁ । ଆଦୌ ଗୁରୁତ୍ୱ ଦେଉନୁ । ଆମେ ଭାବିଥିଲୁ, ତୁମେ ଆମକୁ ଗେଲ କରିବାକୁ ଆସିଛ । ଆମେ କଂସକୁ ମାରିନୁ । ମାମୁଁ ହେଲେ କ'ଣ ହେଲା, ସେ ଲୋକଙ୍କ ଉପରେ, ଆମ ପିତାମାତା, ଏପରିକି ନିଜ ପିତାଙ୍କ ଉପରେ ଅତ୍ୟାଚାର କରୁଥିଲା । ତା' ଅତ୍ୟାଚାର ହିଁ ଭୟ ହୋଇ ତା'ପଛେ ପଛେ ଗୋଡ଼ାଇଲା । ତା' ଭୟ ତାକୁ ମାରିଲା । ଆମେ କେବଳ ନିମିତ୍ତ ମାତ୍ର । ଯାହା ହେବା କଥା ହେଲା, ତୁମେ ଯଦି ଜ୍ୱାଇଁର ପ୍ରତିଶୋଧ ନେବାକୁ ଆସିଚ, ତା ଫଳ ନିଜେ ଭୋଗିବ । ଭାଇଙ୍କୁ ପରା ଡାକିଚ ଲଢ଼ିବା ପାଇଁ, ସିଏ ତ ପ୍ରସ୍ତୁତ । ଲଢ଼େଇ ହୋଇଯାଉ ।

॥ ୭୧ ॥

# କାଳଯବନ

ଜରାସନ୍ଧ ସହିତ ରାମକୃଷ୍ଣଙ୍କ ଯୁଦ୍ଧ । ଗଗନ ପବନ ଥରହର ! ଜରାସନ୍ଧର ଲକ୍ଷ ଲକ୍ଷ ସେନା । ତିନି ଅକ୍ଷୌହିଣୀ । ଅଶ୍ୱ, ହସ୍ତୀ, ରଥ ଓ ପଦାତିକ ବିଶିଷ୍ଟ ଅପରିମିତ ସେନାନୀ । ଏପଟେ କେବଳ ରାମକୃଷ୍ଣ ଦୁଇଭାଇ ଓ ମୁଷ୍ଟିମେୟ ଯାଦବ ସୈନ୍ୟ । ଧୀରେ ଧୀରେ ଯୁଦ୍ଧଟା ଜମି ଆସିଲା । ଧୂଳିପଟଳରେ ଆକାଶ ଆଚ୍ଛନ୍ନ ! ମଥୁରାବାସୀ ନିଜ ଘରଛାତ ଉପରେ ଚଢ଼ି ଯୁଦ୍ଧାନନ୍ଦ ଉପଭୋଗ କରିବାରେ ଲାଗିଛନ୍ତି । ପ୍ରଥମେ ପ୍ରଥମେ ସେମାନେ ଭୟ କରୁଥିଲେ । ପରେ ସେମାନଙ୍କ ମନରେ ଭରସା ହେଲା ଯେ ଯିଏ କଂସକୁ ମାରି ପାରିଲେ, ଏ ଜରାସନ୍ଧ ସେମାନଙ୍କ ନିକଟରେ ଛାର୍ ! ସେମାନେ ଦେଖୁଛନ୍ତି କେବଳ ଆକାଶ ଲାଲ । କୃଷ୍ଣ ଓ ବଳରାମ ସେହି ଧୂଳିପଟଳରେ ଯିମିତି ଘୋଡ଼େଇ ହୋଇ ପଡ଼ିଛନ୍ତି । ହଁ ଦେଖୁଛନ୍ତି କୃଷ୍ଣଙ୍କ ରଥର ଗରୁଡ଼ଧ୍ୱଜ ଓ ବଳରାମଙ୍କ ତାଳଧ୍ୱଜ । ଜରାସନ୍ଧଟା ଗଲା କୁଆଡେ ? ତା' ରଥ ପଥ ତ କିଛି ଦିଶୁନି !

ରାମକୃଷ୍ଣ କେବଳ ଜରାସନ୍ଧର ସୈନ୍ୟମାନଙ୍କୁ ମାରିବାରେ ଲାଗିଛନ୍ତି । ଆଗରୁ ଯୋଜନା ଥିଲା ସେପରି ! ଅଳ୍ପ କେତେ ସମୟ ଭିତରେ ମଗଧର ଅଗଣିତ ସୈନ୍ୟବାହିନୀ ଧୂଳିସାତ୍ । ଜରାସନ୍ଧଙ୍କର ସମସ୍ତେ ମଲେ । ତା' ରଥ ଗଲା, ସାରଥୀ ମଧ୍ୟ ମଲା । ଏବେ ସେ ଏକାକୀ । ସେ ଯୁଦ୍ଧକ୍ଷେତ୍ରରୁ ଖସି ପଳାଉଥିଲା । ଶିବଶଙ୍କରଙ୍କ ଅବତାର ବଳରାମ । କେତେବେଳେ ଶାନ୍ତ ତ କେତେବେଳେ ଅଶାନ୍ତ । କ୍ରୋଧ ଜର୍ଜର । ସେ ଜରାସନ୍ଧକୁ ଭିଡ଼ି ଧରିଲେ । କହିଲେ, ଯିବୁ କୁଆଡ଼େ ? ଶ୍ରୀକୃଷ୍ଣ ଏବେ ଜରାସନ୍ଧର ମୃତ୍ୟୁ ଚାହୁଁ ନଥିଲେ ।

ସେ ଭାଇ ବଳରାମଙ୍କୁ କ୍ଷାନ୍ତ କରି ଶାନ୍ତ କଲେ । କହିଲେ, ଆଗରୁ ପରା କଥା ହୋଇଚି ତାକୁ ଛାଡ଼ିଦେବା । ବଳଦେବ କହିଲେ, ଆରେ ହଁ ତ ! ତାକୁ ସେ ଧରିଥିଲେ, କୃଷ୍ଣ କହିବାରେ ଛାଡ଼ିଦେଲେ ।

ଜରାସନ୍ଧର ଦୁଃଖ ଯେତିକି ଶୋକ ସେତିକି । କ୍ରୋଧ ମଧ୍ୟ ତାଠୁ ଅଧିକ । ଦୁଃଖ ଏଥିପାଇଁ ଯେ ବଡ଼ ବଡ଼େଇ କରି ଆସିଥିଲା, ଯାଦବ କୁଳକୁ ନିର୍ମୂଳ କରିଦେବା ପାଇଁ । ଫସର ଫାଟିଗଲା । କ୍ରୋଧ ହେଉଛି ଏଇଥିପାଇଁ ଯେ ପିଲା ଦି'ଟା ତା'ର ଥାଟପାଟ ସବୁକୁ ଧୂଳିରେ ମିଶେଇଦେଲେ । ସେମାନଙ୍କୁ କିଛି କଷ୍ଟ ହେଲାନି । ବେଶୀ ସମୟ ମଧ୍ୟ ଲଢ଼ିବାକୁ ପଡ଼ିଲାନି । ଯିମିତି ତା'ର ସୈନ୍ୟଗୁଡ଼ାକ ଆଗରୁ ମରି ରହିଥିଲେ । ଏମାନେ ଶବଗୁଡ଼ାକୁ ଛୁଇଁଲା ଭଳି ଛୁଇଁଦେଲେ । ଖାଲି ତ ସେତିକି ନୁହଁ, ବଳରାମଟା ତା ତଣ୍ଟିଚିପି ତାକୁ ମାରି ପକାଇଥାଆନ୍ତା । କୃଷ୍ଣ ଦୟା କରିବାରୁ ଛାଡ଼ିଦେଲା । ଏହାଠୁ ବଳି ଅପମାନ କ'ଣ ଥାଇପାରେ ? ଭାବିଲା, ମୁଁ ଯାହାକୁ ନୀଚ, ପାପୀ, ଛାର ଗଉଡ଼ପିଲାଟେ, ଗାଲ ଚିପିଲେ ଦୁଧ ବାହାରିବ, ଚାଖଣ୍ଡେ ବୋଲି ପିଲା ଭାବି ତାଚ୍ଛଲ୍ୟ କରିଥିଲି, ସେହି ପିଲା ମତେ ଅଜା ବୋଲି ଛାଡ଼ିଦେଲା । ମନକୁ ବହୁତ ବୁଝାଇଲା ସେ । ହେଲେ କ'ଣ ହେବ, କୃଷ୍ଣ ବୋଲିବା ପିଲାଟାର ଭାବଭଙ୍ଗୀକୁ ସେ ପସନ୍ଦ କରିପାରିଲା ନାହିଁ । ଭାବିଲା, ତା'ର ଦୟା ପଛରେ କିଛିଟା ମାୟା ଅଛି । ଶାସ୍ତ୍ର କହୁଛି, ଲୋକାପବାଦ ମୃତ୍ୟୁ ସହିତ ସମାନ । ଏଡ଼େ ଭିଡ଼ କରି ଆସିଥିଲି । କେଉଁ ମୁହଁରେ ମଗଧକୁ ଫେରିବି ? ମନେ ମନେ ସେ ଦି'ଝିଅକୁ ଗାଳିଦେଲା । ସେମାନେ ମତେ ରଗେଇବାରୁ ସିନା ମୋର ଏ ଦଶା ହେଲା ।

ଜରାସନ୍ଧ ଯିବ କୁଆଡ଼େ ! କାନମୁଣ୍ଡା ଆଉଁଶି ମଗଧକୁ ଫେରିଗଲା । ସେତେବେଳକୁ ମଗଧରେ ଖବର ପହଁଚି ସାରିଥିଲା । ସମଗ୍ର ରାଜ୍ୟରେ କାନ୍ଦ ବୋବାଳି । ମରିଥିବା ସୈନ୍ୟମାନଙ୍କ ପରିବାର ଛାରଖାର । ଲକ୍ଷ ଲକ୍ଷ ନାରୀ ବିଧବା, ଅନାଥ, ଅନାଥିନୀ ।

ରାଜାଙ୍କୁ ଦେଖି ବହୁପାତ୍ରମନ୍ତ୍ରୀ ତାଙ୍କୁ ପାଛୋଟି ନେଲେ । ରାଣୀମାନେ ଆସିଲେ । ଜରାସନ୍ଧ ସିଂହାସନରେ ବସିଲେ କ'ଣ ହେବ, ଭାବିଲା, ଏକଦା ଥିଲି ସିଂହ, ଏବେ ଛାଗଳ । ସିଂହାସନରେ ବସିବା ପାଇଁ ସେ ଅଯୋଗ୍ୟ । ତୋଷାମୋଦକାରୀମାନେ ତାଙ୍କୁ ଘେରିଗଲେ । ଆଶ୍ୱାସନା ଦେଲେ । କହିଲେ, ବୀରତ୍ୱ ତ ଚାଲିଯାଇନି । ଭାଗ୍ୟ ଖରାପ ଥିଲା, ଗ୍ରହ ଖରାପ ପଡ଼ିଥିଲା, ଯୁଦ୍ଧରେ ତ ହାରିବା, ଜିତିବା ମାମୁଲି କଥା । ଆଜି ହାରିଚନ୍ତି, କାଲି ଜିତିବେ । ଜିତିବା ପର୍ଯ୍ୟନ୍ତ ଲଢ଼େଇ ଚାଲିବ । ଏତିକିରେ ତ ସରିଯାଉନି । ଛାମୁଙ୍କ ବିଜୟ ସୁନିଶ୍ଚିତ ।

ଜରାସନ୍ଧ କହିଲା, ଅପମାନ କ'ଣ, ମୁଁ ଅନୁଭବ କରୁଛି । ଯନ୍ତ୍ରଣା କେତେ ଅନୁଭବୀ ହିଁ ଜାଣେ । ମୁଁ ସ୍ଥିର କରିଛି, ତପସ୍ୟା କରିବି, ତା'ପରେ ପୁଣି ଲଢ଼ିବି ।

ରାମକୃଷ୍ଣ ମଗଧ ସୈନ୍ୟମାନଙ୍କୁ ଗୋଡ଼େଇ ଗୋଡ଼େଇ ମଥୁରାଠୁ ବହୁଦୂରକୁ ନେଇଯାଇଥିଲେ । ମାରିବା ଓ ଛାଡ଼ିବା କାମ ସାରି ଦୁହେଁ ଫେରିଆସିଲେ ମଥୁରାକୁ । ଏହି କେତେମାସ ତଳେ କଂସକୁ ମାରିଥିଲେ । ଏବେ କଂସ ଶ୍ୱଶୁରକୁ ଚେଁଖେ ଦେଲେ । ମଥୁରାବାସୀଙ୍କ ମନରେ ଆନନ୍ଦ, ଉଲ୍ଲାସ । ଘରେ ଘରେ ମହୋତ୍ସବ ।

ଇଆଡ଼େ ଜରାସନ୍ଧ ତପସ୍ୟା କଲା । ତପସ୍ୟା କରି କରି କି ସିଦ୍ଧି ପାଇଲା କେଜାଣି, ସେ ଥରକୁ ଥର ସତରଥର ମଥୁରା ଆକ୍ରମଣ କଲା । ପ୍ରଥମଥର ଭଳି ସବୁଥର ତା'ର ସମଦଶା । ଯେତେ ସୈନ୍ୟ ଆଣିଲା, ସମସ୍ତେ ମଲେ । ପ୍ରତିଥର ସେ ଅପମାନିତ । କିନ୍ତୁ ମନରୁ ଜିଦ୍ ଗଲାନି । ଅପମାନଗୁଡ଼ାକ ଯେମିତି ତା ମନକୁ ମନ୍ଥିବାରେ ଲାଗିଲେ । ମନେ ମନେ ଭାବିଲା, ରାମକୃଷ୍ଣ ବୋଲିବା ପିଲା ଦି'ଟା କମ୍ ନୁହନ୍ତି । ଏମାନେ କ'ଣ କିଛି ମନ୍ତ୍ର ଜାଣିଛନ୍ତି ! ନଚେତ ଏତେ ଯୋଦ୍ଧାଙ୍କୁ ଆଖିପିଛୁଳାକେ ନିପାତ କରିବା କ'ଣ ସହଜ କଥା ! ଏମାନଙ୍କୁ ଜିଣିବାକୁ ହେଲେ, ଅନ୍ୟ କାହାର ସାହାଯ୍ୟ ଲୋଡ଼ା ।

ଅଠରବାର ମଥୁରା ଆକ୍ରମଣ କଲା ସେ । ସୈନ୍ୟସାମନ୍ତକୁ ଧରିଗଲାବେଳେ ଜରାସନ୍ଧର ଭେଟ ହେଲା କାଳଯବନ ସହିତ । ସେ କାଳ ସାଙ୍ଗକୁ ଯବନ । ମହାପ୍ରତାପଶାଳୀ । 'ପରାଜୟ' ଏପରି ଗୋଟିଏ ଶବ୍ଦ ଅଛି ବୋଲି ସେ ତା' ଜୀବନରେ ଜାଣିନି । ଯାଦବବଂଶର ରାମ ଓ କୃଷ୍ଣ ନାମକ ଦି'ଟା ପିଲା ହାତରୁ ଜରାସନ୍ଧ ସତରଥର ପରାଜୟର ପତର ଚାଟି ସାରିଲାଣି ଶୁଣି କାଳଯବନ ଆଶ୍ଚର୍ଯ୍ୟ ହେଲା । ମ୍ଲେଚ୍ଛମାନଙ୍କ ରାଜା ସେ । ସବୁବେଳେ ପୃଥିବୀରେ ମ୍ଲେଚ୍ଛଙ୍କ ସଂଖ୍ୟା କୋଟି କୋଟି । ତେଣୁ କାଳଯବନ ହାତରେ କୋଟି କୋଟି ସୈନ୍ୟ । ସମସ୍ତେ ଲଢୁଆ । ମ୍ଲେଚ୍ଛମାନଙ୍କ ବୁଦ୍ଧିବୃତ୍ତି ତ କିଛି ନ ଥାଏ, ଯିମିତି ଅଖାଦ୍ୟ ଖାଆନ୍ତି, ସେମିତି ବ୍ୟବହାର ମଧ୍ୟ ଅମାନୁଷିକ । ସେ ଜରାସନ୍ଧକୁ ସାନ୍ତ୍ୱନା ଦେଇ କହିଲା, ତୁମ ସୈନ୍ୟଙ୍କ ସହ ଆମ ସୈନ୍ୟ ମିଶି ଲଢ଼େଇ କରିବେ । ତୁମର ଶତ୍ରୁ ବୋଲି ଯେଉଁମାନଙ୍କୁ ଭାବୁଚ, ସେମାନେ ଯେତେ ବଳୁଆ, ବୁଦ୍ଧିଆ ବା କୌଶଳୀ ହୋଇଥାଆନ୍ତୁ ନା କାହିଁକି, ଏଥର ସେମାନେ ନିଶ୍ଚୟ ମରିବେ । ଜରାସନ୍ଧକୁ କହିଲା, ନିଶ୍ଚିନ୍ତ ରହିଥାଅ, 'ଏତିକି ଜାଣ ଯେ ମୋ ନାଆଁ 'କାଳଯବନ' ।

ମଥୁରାକୁ ମ୍ଲେଚ୍ଛସେନା ଘେରିଗଲେ । ଏ ପର୍ଯ୍ୟନ୍ତ ରାମ ଓ କୃଷ୍ଣଙ୍କୁ ଚିନ୍ତା କରିବାକୁ ପଡ଼ିନଥିଲା । ଜରାସନ୍ଧ ଆସୁଥିଲା, ହାରୁଥିଲା, ଯାଉଥିଲା । ଅକ୍ଲେଶରେ ଏସବୁ କାର୍ଯ୍ୟ ହେଉଥିଲା । କିନ୍ତୁ ଏଥର ଜରାସନ୍ଧ କାଳଯବନକୁ ସାଙ୍ଗରେ ଧରି ଆସିଥିବାରୁ ଶ୍ରୀକୃଷ୍ଣ

ଟିକିଏ ଚିନ୍ତିତ ହୋଇପଡ଼ିଲେ । ଶ୍ରୀକୃଷ୍ଣ ଭାଇ ବଳରାମଙ୍କୁ କହିଲେ, ନୂଆ ବାଟ ବାହାର କରିବାକୁ ପଡ଼ିବ । କାଳଯବନ ଜଣେ ପ୍ରଚଣ୍ଡ ଯୋଦ୍ଧା । ତାର ସୈନ୍ୟ ଅଗଣିତ । ସମସ୍ତେ ଲଢୁଆ । ମ୍ଲେଚ୍ଛଗୁଡ଼ାକ । ସେମାନେ ହୁଏତ ଆମର ବହୁ ଯାଦବଙ୍କୁ ମାରି ପକାଇବେ, ଅନେକଙ୍କୁ ବନ୍ଦୀ କରି ପକାଇବେ । ସେତେବେଳେ ଜରାସନ୍ଧ ଏକା ଥିଲା । ଲଢ଼ି ଲଢ଼ି ତା'ର ବଳ ଭାଙ୍ଗି ଯାଇଥିଲା । ସୈନ୍ୟ ତା'ର କମ୍ ଥିଲେ । ପରିସ୍ଥିତି ଏବେ ତାହା ନୁହଁ ।

ବଳରାମ ପଚାରିଲେ – ତା' ହେଲେ ତୁ' କ'ଣ କରାଯିବ ଭାବୁଚୁ ? ଲଢ଼, କହିଲେ ଲଢ଼ିବି । ବସ୍ କହିଲେ, ବସି ପଡ଼ିବି । କୂଟନୀତି କ'ଣ ମୁଁ ଜାଣେନା । ତୁ ଯାହା କରୁଛୁ କର, ସେଥିରେ ମୁଁ ରାଜି ।

ଶ୍ରୀକୃଷ୍ଣ କହିଲେ, ମୋର ପ୍ରସ୍ତାବ, ପଶ୍ଚିମ ସମୁଦ୍ର ଭିତରେ ଏକ ସହର ବସାଇବା । ଗୋଟିଏ ଦୁର୍ଗ ଭଳି । ଯାଦବମାନଙ୍କୁ ଏଠୁ ସେଠାକୁ ନେଇଯିବା । ସେଠି ସେମାନେ ନିରାପଦରେ ରହିବେ । ଆମେ ଇଆଡ଼େ ଯୁଦ୍ଧ କରି କାଳଯବନକୁ ମାରିଦେବା । ଆମକୁ ମାରିବା ପୁଅ ତ କେହି ଏପର୍ଯ୍ୟନ୍ତ ଜନ୍ମ ହୋଇନାହାଁନ୍ତି କି ହେବେନି । ଆମେ ନିରାପଦ ! ଚିନ୍ତା ବେଶୀ ଯାଦବମାନଙ୍କ ଲାଗି । ଏତେବର୍ଷ ଧରି ସେମାନେ ଏତେ ଦୁଃଖଯାତନା ଭୋଗିଲେ, ଆମକୁ ପାଇ ସେମାନେ ସୁଖୀ ହୋଇଥିଲେ । ସୁଖ କିନ୍ତୁ ବେଶୀ ଦିନ ଗଲାନି । ଜରାସନ୍ଧ ନାମକ କଣ୍ଟାଟି ଆସି କାଳ ହେଲା । ଥରକୁ ଥର ମଥୁରା ଆକ୍ରମଣ କରି ଯାଦବମାନଙ୍କୁ ଅଥୟ କରିପକାଇଲା । ଏବେ ଆସିଲାଣି କାଳଯବନ । ସିଏ ଛୁରୀକି ଇଏ ତରବାରୀ ।

କୃଷ୍ଣ କହିଚାଲିଛନ୍ତି, ବଳରାମ ଶୁଣୁଛନ୍ତି । ମଝିରେ ମଝିରେ ଢୋଳଉଛନ୍ତି । ଢୋକେ କାଦମ୍ବରୀ ପଡ଼ିଯାଇଛି । ପିଲାଟି ଦିନୁ କାଦମ୍ବରୀ ପାନରେ ଅଭ୍ୟସ୍ତ । ଶ୍ରୀକୃଷ୍ଣ କଦମ୍ବ ଗଛ ଉପରେ ଚଢ଼ି ବଂଶୀ ବଜାନ୍ତି । ବଳରାମ ତଳେ ରହି କଦମ୍ବ ଗଛରୁ କାଦମ୍ବରୀ ସଂଗ୍ରହ କରି ପିଅନ୍ତି । ଭାଇ ଶୁଣୁଚ ତ ବୋଲି ଶ୍ରୀକୃଷ୍ଣ ପଚାରିଦେବା ମାତ୍ରେ ବଳରାମଙ୍କ ଆଖି ଖୋଲିଗଲା । କହିଲେ, ଆଉ କେତେ ପଚାରୁଚୁ ? ଯାହା କହୁଚୁ ଶୀଘ୍ର କର । ମୁଁ ତ ଖାଲି ହଁ ମାରିବା ଲୋକ । କରି କରାଉ ଥାଉ ତୁହି, ମୁଁ ଖାଲି ହଁ ମାରୁଥାଇ । ସହର, ଦୁର୍ଗ ବା ଘର କରିବୁ ଯେ, ସମୁଦ୍ର ଭିତରେ କରିବୁ କୁଉଠି ? ଶ୍ରୀକୃଷ୍ଣ କହିଲେ, ଦ୍ୱାରକାରେ ।

●

॥ ୭୨ ॥

# ଦ୍ୱାର + କା = ଦ୍ୱାରକା ଓ କାଳଯବନ

ପଶ୍ଚିମ ସମୁଦ୍ରରେ ନଗର ନିର୍ମାଣ କରାଯିବ ! ଯାଦବମାନେ ସେଠାରେ ଯାଇ ରହିବେ । ମଥୁରା ଖାଲି ପଡ଼ିବ । କେବଳ ରହିବେ ବଳରାମ ଓ କୃଷ୍ଣ ! ଭଗବାନଙ୍କ ପରିକଳ୍ପନା । ଶ୍ରୀକୃଷ୍ଣ ସ୍ୱର୍ଗରୁ ଡକାଇଲେ ବିଶ୍ୱକର୍ମାଙ୍କୁ । ଦେବତାମାନଙ୍କର ସର୍ବୋଚ୍ଚ ସ୍ଥପତି ଶିଳ୍ପୀ ବିଶ୍ୱକର୍ମା । ଶ୍ରୀକୃଷ୍ଣଙ୍କ ଡକରା ପାଇ ବିଶ୍ୱକର୍ମା ହାଜର । ସମୁଦ୍ର ଭିତରେ ନଗର ନର୍ମାଣର ଆଦେଶ ଦେଲେ ଶ୍ରୀକୃଷ୍ଣ । ବିଶ୍ୱକର୍ମା କହିଲେ, ଭଗବାନଙ୍କ ଯାହା ଇଚ୍ଛା ତାହା ହେବ ।

ବିଶ୍ୱକର୍ମା ନିର୍ମାଣ କଲେ ସାଗର ଭିତରେ ଏକ ସୁବର୍ଣ୍ଣ ନଗରୀ । ଇନ୍ଦ୍ରଭବନଠୁ ବଳି ସୁନ୍ଦର । ଘରଗୁଡ଼ିକ ଯିମିତି ରାସ୍ତାଗୁଡ଼ିକ ସିମିତି । ଉଚ୍ଚ ଉଚ୍ଚ ଅଟ୍ଟାଳିକା । ପ୍ରଶସ୍ତ ସଡ଼କ । ନଗରୀ ଭିତରେ ବିଭିନ୍ନ ସ୍ଥାନରେ ସୁନ୍ଦର ସୁନ୍ଦର ଉଦ୍ୟାନ । ସବୁ ସୁନ୍ଦର, ଅବର୍ଣ୍ଣନୀୟ । ଦୁର୍ଗ ଭିତରେ ସହର । ଇମିତି ଢାଞ୍ଚାରେ ତିଆରି ଯେ କୁଉଠି ପ୍ରବେଶଦ୍ୱାର ଜାଣିବା ମୁସ୍କିଲ । ଯିଏ ଯିବ ସ୍ୱତଃ ତା ମନରେ ପ୍ରଶ୍ନ ଉଠିବ – ଦ୍ୱାର ? କା ? ଦ୍ୱାର କହିଁ ? ଦ୍ୱାର କିଏ ? କେଉଁଠି ? ତେଣୁ ଏହି ନଗରୀର ନାଆଁ ରହିଲା 'ଦ୍ୱାରକା' । ଦ୍ୱାର + କା = ଦ୍ୱାରକା ।

ଏହି ନଗରୀ ନିର୍ମାଣ ବେଳେ ଦେବତାମାନେ କିଏ କ'ଣ ଦେବେ ବାଣ୍ଟି ନେଇଥିଲେ । ଇନ୍ଦ୍ର ଏକ ସଭାଗୃହ ପଠେଇଲେ । ଏହାର ନାମ ସୁଧର୍ମା ସଭା । ବରୁଣ ଦେଲେ ଗୁଡ଼ିଏ କ୍ଷିପ୍ରଗାମୀ ଅଶ୍ୱ । ପବନ ଭଳି ଏମାନଙ୍କ ଗତି । କୁବେର ନାନା ଧନଦୌଲତରେ ଭଣ୍ଡାର ଘର ଭର୍ତ୍ତି କରିଦେଲେ । ଦେବତାମାନେ ଜାଣନ୍ତି, ସେମାନେ ଯାହା ପାଇଚନ୍ତି, ସବୁ ହେଉଛି ନାରାୟଣଙ୍କ ଦାନ । ନାରାୟଣ ଯେତେବେଳେ ଧରାଧାମରେ ଅବତୀର୍ଣ୍ଣ ହୋଇ ନିଜ ଘର ଓ ପୁର ନିର୍ମାଣ କରାଉଚନ୍ତି, ତାଙ୍କରି ଦାନରୁ କିଛି କିଛି ଦାନ କରିବାରେ କୁଣ୍ଠିତ ହେବେ କାହିଁକି ? ଅକୁଣ୍ଠିତ ଭାବରେ ସେମାନେ କିଏ କ'ଣ ଦେଲେ । ବିଶ୍ୱକର୍ମା ସ୍ୱର୍ଗର ଦେବଶିଳ୍ପୀ ଭାବରେ ଏସବୁ ସଜାଇ ଦେଲେ । ଶ୍ରୀକୃଷ୍ଣ ଯୋଗବଳରେ ରାତାରାତି ମଥୁରାବାସୀଙ୍କୁ ନେଇଗଲେ ଦ୍ୱାରକାକୁ । ରାତିରେ ସମସ୍ତେ ନିଘୋଡ଼ ନିଦରେ ଶୋଇଥିଲେ । ସକାଳେ ଉଠିବା ବେଳକୁ ଦେଖିଲେ, ସେମାନେ ସ୍ୱର୍ଣ୍ଣପୁରୀ ଦ୍ୱାରକାରେ । ସାଗର ଭିତରେ ଅଭିନବ ନଗରୀ । ଆନନ୍ଦ ସାଗରରେ ସମସ୍ତେ ଭାସିବାକୁ ଲାଗିଲେ । ମଥୁରା ଏବେ ନିର୍ଜନ, ନିକାଞ୍ଚନ । ରହିଲେ କେବଳ

ଦୁଇଭାଇ ରାମ ଓ କୃଷ୍ଣ । ଶ୍ରୀକୃଷ୍ଣ ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯିବ, ସେ ସମ୍ପର୍କରେ ଭାଇଙ୍କ ସହିତ ପରାମର୍ଶ କଲେ ।

ମଥୁରା ଚାରିପଟେ କାଳଯବନର ମ୍ଲେଚ୍ଛସୈନ୍ୟ ଘେରି ରହିଛନ୍ତି । ରାତିରେ ସେମାନେ ଶୋଇ ପଡ଼ିଥିଲେ । ସକାଳୁ ଉଠି ଦେଖିଲେ, ମଥୁରାର ପ୍ରବେଶ ଦ୍ୱାର ଦେଇ କିଏ ଜଣେ ନବଯୁବକ ବାହାରକୁ ଯାଉଚି । କେତେକ ସୈନ୍ୟ ଧାଁ ଧପଡ଼ ହୋଇ ଉଠି ଦୌଡ଼ିଲେ କାଳଯବନ ପାଖକୁ । କହିଲେ, ଜଣେ ଯୁବକ ମଥୁରା ଦ୍ୱାର ଦେଇ ବାହାରିବା ଦେଖିଲୁ । ଶ୍ୟାମଳ ବର୍ଣ୍ଣର ପିଲାଟା । କିନ୍ତୁ ତା' ଦେହରୁ ଇମିତି ଜ୍ୟୋତି ବାହାରୁଚି ଯେ ଆଖି ଝଲସି ଯାଉଛି । ମନେ ହେଉଛି ସେ ମଥୁରାରୁ ଖସି ଚାଲିଯିବା ପାଇଁ ଚେଷ୍ଟିତ । ତା'ର ଭାବଭଙ୍ଗୀରୁ ଏହା ହିଁ ଆମେ ଅନୁମାନ କରୁଛୁ । କାଳଯବନ ତମ୍ବୁ ଭିତରୁ ବାହାରିଲା । ପିଲାଟା କୁଉଠି ଅଛି, ମତେ ନେଇ ଦେଖାଅ ବୋଲି କହିଲା । ସୈନ୍ୟମାନେ କାଳଯବନକୁ ସାଙ୍ଗରେ ନେଇ ଠିକଣା ଜାଗାରେ ପହଞ୍ଚାଇଦେଲେ ।

କାଳଯବନ ଶ୍ରୀକୃଷ୍ଣଙ୍କୁ ଦେଖୁ ଦେଖୁ ସ୍ତମ୍ଭୀଭୂତ ହୋଇପଡ଼ିଲା ।

ନାରଦଙ୍କଠୁ ସେ ଶ୍ରୀକୃଷ୍ଣ ଦାମୋଦର ନାରାୟଣଙ୍କ ରୂପର ବର୍ଣ୍ଣନା ଶୁଣିଥିଲା । ତା' ସମ୍ମୁଖରେ ସେହି ଅନୁପମ ରୂପସମ୍ଭାର । ଭାବିଲା, ଇଏ ନିଶ୍ଚୟ ସେହି ଶ୍ରୀକୃଷ୍ଣ ବାସୁଦେବ । ଭାଗ୍ୟରେ ଥିଲେ ଏ ରୂପର ଦର୍ଶନ ମିଳେ । ଶ୍ରୀକୃଷ୍ଣ ସମ୍ପୂର୍ଣ୍ଣ ନିରସ୍ତ୍ର ।

କୃଷ୍ଣ ଯେଉଁଠି ଠିଆ ହୋଇଥିଲେ, ସେଠୁ ଆଉ ପାଦେ ଆଗକୁ କି ପଛକୁ ଘୁଞ୍ଚିଲେ ନାହିଁ । ତା'ପରେ ସେ ଖସି ପଳେଇଲା ଭଳି ଅଭିନୟ କଲେ । ଚାରିଆଡ଼କୁ ଚାହିଁଲେ । ତା'ପରେ ଚାଲିବା ଆରମ୍ଭ କଲେ । ମଥୁରାଠୁ ଟିକିଏ ଦୂରରେ ସେ । ସେ ଇମିତି ପଦକ୍ଷେପ କଲେ ଯେ ଯେକୌଣସି ଲୋକ ଭାବିବ ପିଲାଟା ଦୌଡ଼ି ପଳାଉଚି । ଦୌଡ଼ା ନୁହେଁ, ସିଏ ଏକ ଚାଲିର ଚାଲ୍ ।

କାଳଯବନ ମଧ ନିରସ୍ତ୍ର । ହାତରେ ବାଡ଼ି ଖଣ୍ଡିଏ ବି ନାହିଁ । ସେ ଶ୍ରୀକୃଷ୍ଣ ପିଛା କଲା । ଭାବିଲା, ପିଲାଟା ଦୌଡ଼ିଦୌଡ଼ି କେତେ ବାଟ ବା ଯିବ ! ହାଲିଆ ହେଲେ ଅଟକିଯିବ । ଶ୍ରୀକୃଷ୍ଣ ପଛକୁ ନିଘା କଲେ । ତା'ପରେ ଇମିତି କାକର୍ଛାନିଆ ହୋଇ ଦୌଡ଼ିଲେ, ଯିମିତିକି କୌଣସି ଲୋକ ପ୍ରାଣ ବିକଳରେ ଦୌଡୁଛି । କାଳଯବନ ମଧ ପଛେ ପଛେ ଦୌଡ଼ିଲା । ପାଟି କଲା ଭୀରୁ, କାପୁରୁଷ, ଭାରି ଭିଡ଼ ତ ଦେଖାଉଥିଲୁ, ଇମିତି ଦୌଡୁଚୁ କାହିଁକି ? ଜୀବନକୁ ଏତେ ଭୟ ! ଠିଆ ହୁଅ କହୁଚି, ନଚେତ୍ ଦେଖିବୁ । ମୁଁ କିଏ ଜାଣୁ ତ !

ଦିହେଁ ଦୌଡୁଚନ୍ତି । କୃଷ୍ଣଙ୍କ ମୁହଁରୁ ପଦେ କଥା ବାହାରୁନି । କିନ୍ତୁ କାଳଯବନ ଖାଲି କହିବାରେ ଲାଗିଚି, ଆରେ ଏ କୃଷ୍ଣ ! ତୁ ତ ଖାଲି ହାତରେ ମାମୁଁ କଂସକୁ ମାରିଦେଇ

ପାରିଲୁ । ଜରାସନ୍ଧ ଭଳି ମହାବୀରକୁ ସତର ଥର ହରେଇ ଦେଇ ପାରିଲୁ । ଏଡ଼େ ପାରିବାର ହୋଇ ମତେ ତୋର ଡର ! ମୁଁ ତତେ ଯାହା ଭାବିଥିଲି, ଦେଖୁଚି ତୁ ତ ତା' ନୋହୁଁ । ଲୋକେ ତାହାହେଲେ କ'ଣ ମିଛଟାରେ ତୋର ବଡ଼େଇ ବଖାଣିବାରେ ଲାଗିଚନ୍ତି ! ଯଦି ସତରେ ତୁ ଲଢୁଆ, ରହିଯା, ମୋ ସାଙ୍ଗେ ଲଢ଼ । ତୋ ଭଳି ମୋ ହାତରେ ବି କିଛି ନାହିଁ । ଆ, ମୋ ସାଥିରେ ମଲ୍ଲଯୁଦ୍ଧ କର । ମତେ ତୁ ଚାଣୁର, ମୁଷ୍ଟିକ ବୋଲି ଭାବନା । ମୁଁ ଲୁହା, ଇସ୍ପାତଠୁ ବଳି ଟାଣ । ମତେ ମାରିବା ସହଜ ନୁହେଁରେ ବାପ ! ଛି, ଛି ତୋ ଭଳି ବୀରପୁଙ୍ଗବ, ମତେ ଡରି ଥରିବା ଠିକ ହେଉ ନାହିଁ ।

ଦୌଡ଼ାଦୌଡ଼ି ଖେଳ ଚାଲିଲା ବହୁ ସମୟ ଧରି । କାଳଯବନ ପ୍ରତିମୁହୂର୍ତ୍ତରେ ଭାବିଲା, ଶ୍ରୀକୃଷ୍ଣ ଯିମିତି ତା' ହାତପାହାନ୍ତରେ । ହାତ ବଢଉଚି ପାଉନି । କୃଷ୍ଣ ଯେ ପରମବ୍ରହ୍ମ ! ତାକୁ ପାଇବା ପାଇଁ ଯୁଗ ଯୁଗ ଧରି କେତେ ଯୋଗୀ ମୁନି, କେତେ ଯେ ତପସ୍ୟା କରିଛନ୍ତି, ତା'ର କଳନା ନାହିଁ । ପାଇ ନାହାନ୍ତି । ଯିଏ ପାଇଚି, ସେ ପାଇଚି ବୋଲି ମଧ କେବେ ସ୍ୱୀକାର କରିନାହିଁ । ସେହି ପରମବ୍ରହ୍ମ ଶ୍ରୀକୃଷ୍ଣ ରୂପରେ ଧର୍ କହି ଧରାଦେଉ ନାହାନ୍ତି କାଳଯବନକୁ । ଛଳନାୟକ ସେ । ବାଘ ହାବୁଡ଼ରେ ପଡ଼ିଲେ ଭୟରେ ହରିଣ ଦୌଡ଼ିବା ଭଳି ସେ ଦୌଡ଼ିବାରେ ଲାଗିଚନ୍ତି । କାଳଯବନର ରାହା ସରିନି । ବାହା ବଢ଼ଉଚି ପାଉନି । କହିବାରେ ଲାଗିଚି, ଆରେ ଏ ବଙ୍କା କୃଷ୍ଣ ! ତୁ କ'ଣ ମତେ ଭାବିଚୁ ! ତୁ ମୋ ରାଣୀ ଉଦ୍ୟାନର ସାମାନ୍ୟ ଚାରାଟିଏ । ମୋ'ଠୁ ଖସିଯାଇ ପାରିବୁ ନାହିଁ ।

ଶ୍ରୀକୃଷ୍ଣ କାଳଯବନକୁ ଦଉଡ଼େଇ ଦଉଡ଼େଇ ବହୁ ଦୂରକୁ ନେଇଗଲେଣି । ବାଟରେ ପଡ଼ିଲା ଏକ ବିରାଟ ପାହାଡ଼ । ଶ୍ରୀକୃଷ୍ଣ ଛଳନା କରି କାଳଯବନକୁ ଜଣାଇଦେଲେ ଯେ ସେ ଆଉ ଆଗକୁ ଯିବାର ବାଟ ନାହିଁ । ଯବନର ମନ ଖୁସ୍ । ପାଟିକରି କହିଲା, ଆରେ ଆଉ ଯିବୁ କୁଆଡ଼େ ? ସେ ଦୌଡ଼ିଗଲା ଧରିବା ପାଇଁ । କିନ୍ତୁ ଶ୍ରୀକୃଷ୍ଣ ପଶିଗଲେ ଏକ୍ ଗୁମ୍ଫା ଭିତରେ । କାଳଯବନ କହିଲା, ଇଏ ତୋର ଯୋଜନା ନା ? ଗୋଟିଏ ତ ବାଟ, ଭାବିଚୁ ଲୁଚି ରହିଯିବୁ ? କାଳଯବନ ପଶିଲା ଗୁମ୍ଫା ଭିତରେ । ଅନ୍ଧାର କିଟି କିଟି । ଆଲୁଅରୁ ଆସିଥିବାରୁ ଭିତରେ ତାକୁ ପ୍ରଥମେ କିଛି ଦେଖାଗଲା ନାହିଁ । କିଛି ସମୟ ପରେ ଜାଲୁ ଜାଲୁ ଦେଖାଗଲା । ଅଳ୍ପ ଆଲୁଅ ଭିତରେ ଦେଖିଲା, ଶ୍ରୀକୃଷ୍ଣ ଲମ୍ବଦଣ୍ଡା ହୋଇ ଶୋଇଚନ୍ତି ଗୋଟିଏ ଜାଗାରେ । ଦେଖିବାମାତ୍ରେ କାଳଯବନ କହିଲା, ଲୋକେ କହୁଥିଲେ ତୁ ଭାରି ଖଲୁଆ, ଜାଲିଆ । କଥାଟା ସତ । ଉଠ, ଆସେ, ମୋ ସଙ୍ଗେ ଲଢ଼ !

ଶ୍ରୀକୃଷ୍ଣ ଯିମିତି ଶୋଇଚନ୍ତି, ସିମିତି । ସତେ କି ତାଙ୍କୁ ନିଘୋଡ଼ ନିଦ ! କାଳଯବନ ଯେତେ ଡାକିଲେ ବି ଉଠିବାକୁ ନାରାଜ ! ଯିମିତି ତାଙ୍କୁ କିଛି ଶୁଭୁନି । କାଳଯବନ କହିଲା, ଦେଖୁଚି ତତେ କଅଁଳ କଥା କହି କିଛି ଲାଭ ନାହିଁ । ସେ ଶ୍ରୀକୃଷ୍ଣଙ୍କୁ ତା ଗୋଡ଼ରେ ଲାତେ ପକାଇଲା । ଶ୍ରୀକୃଷ୍ଣ ଆଖି ଖୋଲିଲେ । ଚାରିଆଡକୁ ଚକା ଡୋଳା ଖେଳେଇଲେ । କିଏ ତାଙ୍କ ନିଦରେ ବାଧା ଦେଉଚି ଦେଖିଲେ । କାଳଯବନ ଦେଖିଲା, ଇଏ ତ ସେହି କୃଷ୍ଣ ନୁହଁ । ଆଉ କିଏ ଜଣେ ! ତା ଆଖି ଦି'ଟାରୁ ଲେଲିହାନ ଅଗ୍ନିଶିଖା ମାଡ଼ି ଆସିଲା ତା ଉପରକୁ । ମୁହୂର୍ତ୍ତକରେ କାଳଯବନ ଭସ୍ମସାତ୍ । ଗୁମ୍ଫା ଭିତରେ ସେ ମୁଠେ ପାଉଁଶ ମାତ୍ର ।

●

॥ ୭୩ ॥

# ମାନ୍ଧାତାଙ୍କ ପୁତ୍ର ମୁଚୁକୁନ୍ଦ

ଗୁମ୍ଫା ଭିତରେ ଶୋଇଥିବା ଲୋକଟି କିଏ ? ପ୍ରଶ୍ନ କଲେ ରାଜା ପରିକ୍ଷିତ । ପଚାରିଲେ, ଲୋକଟାର ଆଖି ଦିଇଟାରେ କ'ଣ ନିଆଁ ଜଳୁଥିଲା ? ସେ ଚାହିଁଦେବା ମାତ୍ରେ କାଳଯବନ ଜଳିପୋଡ଼ି ପାଉଁଶ ହୋଇଗଲା ? ପରୀକ୍ଷିତ କହିଲେ, ଶୁଣିଥିଲି ମହାଦେବ ଥରେ ଇମିତି ଆଖି ଖୋଲିଦେବା ମାତ୍ରେ, ତାଙ୍କ କୋପାନଳରେ କାମଦେବ ଭସ୍ମୀଭୂତ ହୋଇ ପଡ଼ିଥିଲେ । ଏ ଶୋଇଥିବା ଲୋକଟା କ'ଣ ମହାଦେବଙ୍କ ଭଳି ଅତି ଶକ୍ତିଶାଳୀ ? ସେ ସେହି ଗୁମ୍ଫା ଭିତରେ ଶୋଇଥିଲା କାହିଁକି ? ତାର ପରିଚୟ କ'ଣ ? ସେ କେଉଁ ବଂଶର ?

ଶୁକମୁନି କହିଲେ, କୃତଯୁଗରେ ମାନ୍ଧାତା ନାମରେ ଜଣେ ସମ୍ରାଟ ଥିଲେ । ଶୋଇଥିବା ଲୋକଟି ସେହି ମାନ୍ଧାତାଙ୍କ ପୁତ୍ର ଶ୍ରୀମାନ୍ ମୁଚୁକୁନ୍ଦ । ସୂର୍ଯ୍ୟବଂଶର ଜଣେ ବରପୁତ୍ର । ପ୍ରବୀଣ ଶାସକ, ନିପୁଣ ଯୋଦ୍ଧା ଓ ଅତି ପୁଣ୍ୟବାନ ସେ । ଦେବତା ଓ ମାନବ ସମସ୍ତେ ତାଙ୍କୁ ଭଲ ପାଉଥିଲେ, ବିଶେଷତଃ ଦେବତାମାନେ ତାଙ୍କୁ ଆଦର କରୁଥିଲେ ଅଧିକ ।

ସବୁଯୁଗରେ ଦେବତା ଓ ଅସୁରମାନଙ୍କର ଯୁଦ୍ଧ ଲାଗି ରହିଥାଏ । କୃତଯୁଗରେ ମଧ ଲାଗିଥିଲା । ମୁଚୁକୁନ୍ଦ ଦେବତାମାନଙ୍କ ପକ୍ଷ ନେଇଥିଲେ । ଦେବାସୁର ଯୁଦ୍ଧରେ

ସେ ଅସୁରମାନଙ୍କ ସହିତ ଲଢ଼ି ସେମାନଙ୍କୁ ପରାସ୍ତ କରୁଥିଲେ । ଦେବତାମାନେ ତାଙ୍କରି ଯୋଗୁଁ ନିରାପଦରେ ରହିପାରୁଥିଲେ । କିନ୍ତୁ ଯୁଦ୍ଧର ବିରତି ନଥିଲା । ଇତି ମଧ୍ୟରେ ଦେବତାମାନେ ଶିବପୁତ୍ର କୁମାର (କାର୍ତ୍ତିକେୟ)ଙ୍କୁ ନିଜ ବାହିନୀର ସେନାଧ୍ୟକ୍ଷ ପଦରେ ଭୂଷିତ କଲେ । ଇନ୍ଦ୍ର ଦେବତାମାନଙ୍କ ସହିତ ପୃଥିବୀକୁ ଆସି ମୁଚୁକୁନ୍ଦଙ୍କୁ ଭେଟିଲେ । କହିଲେ, ତୁମକୁ ଆମର ଶତ ଧନ୍ୟବାଦ । ତୁମରି ସାହାଯ୍ୟ, ସହଯୋଗ ଯୋଗୁଁ ଆମେ ଏଯାଏଁ ନିଶ୍ଚିନ୍ତରେ ରହିପାରିଛୁ । ଆମପାଇଁ ବହୁତ କଲଣି । ତୁମକୁ ଆମର ନିରାପତ୍ତାରକ୍ଷା ଦାୟିତ୍ୱ ଦେଇ ତୁମପ୍ରତି ଯଥେଷ୍ଟ ଅନ୍ୟାୟ କରିଚୁ । ଆମମାନଙ୍କ ଦାୟିତ୍ୱ ନେଇ ତୁମେ ଏକାବେଳକେ ପୃଥିବୀକଥା ଭୁଲିଯାଇଛ କହିଲେ ଚଳେ । ପୃଥିବୀଟା ଯିମିତି ପୂରାପୂରି ବଦଳି ଯାଇଛି । ଯୁଦ୍ଧରୁ ଫେରିବା ପରେ ତୁମ ରାଜଧାନୀକୁ ମଧ୍ୟ ଠାବ କରିବା ତୁମ ପକ୍ଷରେ କଷ୍ଟକର ହୋଇପଡିଛି । ତୁମ ଅନୁପସ୍ଥିତିରେ ପୃଥିବୀ କଥା ବୁଝିବାପାଇଁ ଯେଉଁ ପୁଅମାନଙ୍କୁ ଦାୟିତ୍ୱ ଦେଇଥିଲ, କାଳକ୍ରମେ ସେମାନେ ପୃଥିବୀରୁ ବିଦାୟ ନେଇ ସାରିଲେଣି । ତୁମର ଥାଟପାଟ, ପାତ୍ରମନ୍ତ୍ରୀ, ରାଜଗୁରୁ – ସମସ୍ତେତ କାଳଗର୍ଭରେ ଲୀନ । ଆମ ଲାଗି ତୁମର ଏ ଦୁର୍ଦ୍ଦଶା ! ମୋକ୍ଷ ବ୍ୟତୀତ, ଯାହା ଇଚ୍ଛା ମାଗ, ଆମେ ଦେବାକୁ ପ୍ରସ୍ତୁତ । ମୋକ୍ଷଟା କେବଳ ନାରାୟଣଙ୍କ ହାତରେ ।

ମୁଚୁକୁନ୍ଦଙ୍କ ବନ୍ଧନ ବୋଲି କିଛି ନଥିଲା । କାମନା ମଧ୍ୟ କିଛି ନଥିଲା । ଦେବତାମାନଙ୍କ ସହିତ ରହି ରହି ଯେମିତି ଦେବତା ପାଲଟି ଯାଇଥିଲେ । କିନ୍ତୁ ବାରମ୍ବାର ଯୁଦ୍ଧ କରିକରି ସେ ଅତ୍ୟନ୍ତ କ୍ଳାନ୍ତଶ୍ରାନ୍ତ ହୋଇ ପଡ଼ିଥିଲେ । ଏହି କ୍ଳାନ୍ତିର ଭାବନା ହିଁ ଥିଲା ତାଙ୍କ ମନରେ । ହଠାତ୍ ତାଙ୍କ ମୁହଁରୁ ବାହାରି ପଡ଼ିଲା, ହେ ସୁରପତି ଇନ୍ଦ୍ର ! ଯଦି ବର ଦେବାକୁ ଚାହୁଁଚ ନିଦ୍ରା ଲାଗି ଦିଅ । ଆଜିଠୁ ଖାଲି ଶୋଇ ରହିବି, ନିଘୋଡ଼ ନିଦରେ । ଦିନେ ଦିଦିନ ନୁହଁ, ବହୁ ଦିନ, ବହୁ କାଳ ଧରି । ଅବାଧ ନିର୍ବିଘ୍ନ ନିଦ୍ରା । ମୋ ନିଦରେ ଯିଏ ବାଧା ଦେବ, ନିଦରୁ ଯିଏ ମତେ ଉଠାଇବ, ତାକୁ ମୁଁ ଚାହିଁବାମାତ୍ରେ, ସେ ଭସ୍ମ ହୋଇଯିବ ।

'ତଥାସ୍ତୁ' କହି ଇନ୍ଦ୍ର ଚାଲିଗଲେ । ମୁଚୁକୁନ୍ଦ ଗଲେ ଏକ ନିକାଞ୍ଚନ ନିର୍ଜନ ଗୁମ୍ଫା ଭିତରକୁ । ଶୋଇବା ପାଇଁ । ଶୋଇଲେ ଯେ କୃତ ଗଲା, ତ୍ରେତା ଯୁଗ ଗଲା, ଦ୍ୱାପର ମଧ୍ୟ ସରିବା ଉପରେ । ମୁଚୁକୁନ୍ଦ ନିଘୋଡ଼ ନିଦରେ ଶୋଇଥିଲେ । ଶ୍ରୀକୃଷ୍ଣ ଏକଥା ଜାଣିଥିଲେ । ଦୌଡ଼େଇ ଦୌଡ଼େଇ ସେ କାଳଯବନକୁ ନେଇଗଲେ ସେହି ଗୁମ୍ଫା ଭିତରକୁ । ମୁଚୁକୁନ୍ଦ ପାଖକୁ । ଶ୍ରୀକୃଷ୍ଣ ଚାହୁଁଥିଲେ ମୁଚୁକୁନ୍ଦକୁ ମୋକ୍ଷ ଦେବାକୁ, ଇଆଡ଼େ କାଳଯବନକୁ ନିଜ ହାତରେ ନମାରି, ଅନ୍ୟ ଦ୍ୱାରା ମାରିବାକୁ । ଏକାବେଳକେ ଦୁଇଟି

ଲକ୍ଷ୍ୟ ପୂରଣ । ମୁଚୁକୁନ୍ଦ ଉଠିଲେ । କାଳଯବନକୁ ଦେଖିବା ମାତ୍ରେ ସେ ପାଉଁଶ ପାଲଟିଗଲା । ଉଠିଲେ ଯେ ଉଠିଲେ । କ୍ଲାନ୍ତି ମେଣ୍ଟିଛି । ସେ ସଂପୂର୍ଣ୍ଣ ଜାଗ୍ରତ । ଦେଖିଲେ, ତାଙ୍କ ଆଖି ଆଗରେ ସ୍ୱୟଂ ନାରାୟଣ । ଶଂଖଚକ୍ର ଗଦାପଦ୍ମ ସହ ଚତୁର୍ଭୁଜ ସେ । ଜ୍ୟୋତିର୍ମୟ ରୂପ । ବକ୍ଷରେ ଶ୍ରୀବତ୍ସ ଚିହ୍ନ । କିନ୍ତୁ ସେ ଜାଣିପାରିଲେ ନାହିଁ ।

ମୁଚୁକୁନ୍ଦ ଠିଆ ହେଲେ । ହାତଯୋଡ଼ି ନମସ୍କାର କଲେ । ସେହି ଜ୍ୟୋତିର୍ମୟ ରୂପକୁ ପଚାରିଲେ, ତୁମେ କିଏ ? ତୁମ ତ ଜଣେ ଦିବ୍ୟ ପୁରୁଷ । ଗୁହା ଭିତରେ କଣ୍ଟକ ପଥ ଦେଇ ଏହି କୋମଳ ପଦ୍ମପାଦ ଦୁଇଟି ଆସିଲା କେମିତି ? ତୁମ ଆବିର୍ଭାବରେ ଏହି ଅନ୍ଧକାରାଚ୍ଛନ୍ନ ଗୁହା ଉଜ୍ଜ୍ୱଳ ଆଲୋକରେ ଉଦ୍‌ଭାସିତ । ତୁମେ କ'ଣ ସ୍ୱୟଂ ସୂର୍ଯ୍ୟ । ନା, ନା ମୋ ଧରଣା ଭୁଲ । ତୁମେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ତିନିରୂପର ଏକ ଅପୂର୍ବ ସମ୍ମିଶ୍ରଣ । ମୋର ତ ପାର୍ଥିବ ଶରୀର । ମୁଁ ସୂର୍ଯ୍ୟବଂଶର ସନ୍ତାନ । ମୋ ପିତାମହଙ୍କ ନାଆଁ ଯୁବନାକ୍ଷ । ପିତାଙ୍କ ନାଁ ମାନ୍ଧାତା । ମୋ ନାଆଁ ମୁଚୁକୁନ୍ଦ । ତୁମକୁ ମୋର କୋଟି କୋଟି ନମସ୍କାର ।

ଶ୍ରୀକୃଷ୍ଣ କହିଲେ, ମୁଁ କିଏ ତୁମେ ଜାଣିବାକୁ ଚାହୁଁଛ ନା ? ମୋ ନାଆଁ, ମୋର ଜନ୍ମ ଓ ମୋ କାର୍ଯ୍ୟ କ'ଣ ଗୋଟିଏ ଯେ କହିବି । ଲକ୍ଷ, ଲକ୍ଷ, କୋଟି କୋଟି । ମୋର ଆରମ୍ଭ ନାହିଁ କି ଶେଷ ନାହିଁ । ନଈବାଲିକି ଗଣିଲେ ସରି ଯାଇପାରେ କିନ୍ତୁ ମତେ ଗଣିଲେ, ଖାଲି ଗଣୁଥିବ । ଯେତିକି ଗଣିବ, ସେତିକି ଗୁଣିତକ ହୋଇ ଚାଲିଥିବ । ମୁଁ ଅତୀତ, ବର୍ତ୍ତମାନ, ଭବିଷ୍ୟତ ତ୍ରିକାଳାତୀତ । କିନ୍ତୁ ମୁଁ ଏଠିକି କାହିଁକି ଆସିଲି, ଗୁମ୍ଫା ଭିତରେ କାହିଁକି ପଶିଲି, ଆଉ ସେ ଅସୁରଟାକୁ କାହିଁକି ପୂରେଇଲି, ତୁମକୁ କହିରଖେ । ଏବେ ପୃଥିବୀରେ ଅସୁର ସଂଖ୍ୟା ବଢ଼ିଗଲେଣି । ସେହି ଅସୁରଗୁଡ଼ାକ ହିଁ ପୃଥିବୀ ସାରା ରାଜା ମହାରାଜା ହୋଇ ଆସ୍ଥାନ ଜମେଇଛନ୍ତି । ପ୍ରଜାଙ୍କ ଉପରେ ନାନା ଅତ୍ୟାଚାର କରୁଛନ୍ତି । ପୃଥିବୀରେ ଅଧର୍ମ ବ୍ୟାପି ଗଲାଣି ।

ଏହି ପରିସ୍ଥିତିରୁ ଉଦ୍ଧାର ପାଇବା ପାଇଁ ମା' ଧରିତ୍ରୀ ବ୍ରହ୍ମାଙ୍କ ପାଖକୁ ଗଲେ । ରକ୍ଷାକର ରକ୍ଷାକର ବୋଲି ବୋବାଳି ଛାଡ଼ିଲେ । ବ୍ରହ୍ମା ତାଙ୍କୁ ପଠାଇ ଦେଲେ ମୋ ପାଖକୁ । ନାରାୟଣଙ୍କ ପାଖକୁ । କାରଣ ବ୍ରହ୍ମା ସୃଷ୍ଟି କରିବା ହିଁ ଜାଣନ୍ତି । ମୁଁ ହେଉଛି ପାଳନ କର୍ତ୍ତା । ମୁଁ ଧରିତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଥିଲି ତାଙ୍କୁ ରକ୍ଷାକରିବା ପାଇଁ । ତେଣୁ ମତେ ବିଷ୍ଣୁଲୋକରୁ ଧରିତ୍ରୀକୁ ଆସିବାକୁ ପଡ଼ିଲା । ମୁଁ ଜନ୍ମଲାଭ କଲି ଚନ୍ଦ୍ରବଂଶର ଏକ ଶାଖା ଯାଦବ କୁଳରେ । ବସୁଦେବ ଜଣେ ଯାଦବ । ମୁଁ ତାଙ୍କର ପୁଅ । ମୋ ନାଆଁ କୃଷ୍ଣ । ବସୁଦେବଙ୍କ ପୁଅ – ତେଣୁ ବାସୁଦେବ ନାମରେ ମଧ୍ୟ ପରିଚିତ । ମୁଁ କଂସ ଆଉ

ତା ଭଳି ପାପୀ ଅତ୍ୟାଚାରୀ ଅସୁରମାନଙ୍କୁ ମାରିଲି । ତୁମକୁ ନିଦରୁ ଉଠାଇ ତୁମ ଦୃଷ୍ଟି ଜ୍ୱାଳାରେ ଯିଏ ମଲା, ସିଏ ବି କଂସ ଭଳି ଏକ ଅସୁର, ନାଆଁ ତାର କାଳଯବନ । ତୁମ ଦୃଷ୍ଟି ତା ଉପରେ ପଡୁ ପଡୁ ତାର କାଳ ପୂରିଗଲା । ମୁଁ ଏଠିକି ଆସିଲି, କାରଣ ମୁଁ ଆଗରୁ ଜାଣିଥିଲି, ତୁମେ ଏଠି ଶୋଇଛ । ଶୋଇବା ଲାଗି ତୁମେ ଇଚ୍ଛା କରିଥିଲ । ଇନ୍ଦ୍ରଙ୍କଠାରୁ ସେହି ବର ପାଇଥିଲ । ତୁମେ ମୋର ପରମ ଭକ୍ତ । ମୁଁ ଠିକ୍ ବେଳକାଳ ଉଣ୍ଡି ପହଁଚିଲି । ତୁମେ ମୋ'ଠୁ ଯାହା ଇଚ୍ଛା କରିବ ପାଇ ପାରିବ । ମୁଁ ଯାହା ଦିଏ, କେବଳ ମୋର ଭକ୍ତକୁ ହିଁ ଦେଇଥାଏ । କୌଣସି ଭକ୍ତ ମୋ ପାଖରୁ ଖାଲି ହାତରେ ଫେରି ଯାଏ ନାହିଁ । ମାଗ, ଯାହା ଇଚ୍ଛା ମନଖୋଲି କହ ।

ମୁଚୁକୁନ୍ଦ ଆଗରେ ସ୍ୱୟଂ ନାରାୟଣ । ମୁଚୁକୁନ୍ଦ ନିର୍ବାକ୍ ନିଷ୍ପନ୍ଦ । ତାଙ୍କ ମୁହଁ ବନ୍ଦ । ଆଖିରୁ କେବଳ ଲୁହ ଝରିବାରେ ଲାଗିଛି । କେବଳ ଆନନ୍ଦାଶ୍ରୁ । ଭାବାଶ୍ରୁ । ଚେଷ୍ଟା କରୁଛନ୍ତି କହିବା ପାଇଁ, କହି ପାରୁନାହାଁନ୍ତି । ଥରେ ନୁହେଁ, ଦୁଇଥର ଚେଷ୍ଟା କରି ମଧ୍ୟ ବ୍ୟର୍ଥ । ହୃଦୟ ଯିମିତି ନିଷ୍ପନ୍ଦ ହୋଇ ପଡୁଛି । ତୁଣ୍ଡ ଖନି ମାରିଯାଉଛି । ଜିଭ ଶୁଖିଯାଉଛି । ମନରେ ଏକମାତ୍ର ପ୍ରଶ୍ନ — ଏ ସର୍ବମୟ କର୍ତ୍ତାଙ୍କୁ ମାଗିବି କ'ଣ ? ଯାହାକୁ ଦେଖିବା ମାତ୍ରେ ସବୁ ପାଇଗଲା ଭଳି ଲାଗୁଛି, ତା'ଠୁ କିଛି ଆଶା କରିବା ହିଁ ଦୁରାଶା । ଶେଷରେ ମୁଚୁକୁନ୍ଦ କହିଲେ, ହେ ପ୍ରଭୁ ! ଇମିତି କିଛି ଦିଅ, ଯାହା ପାଇବା ସହଜ ନୁହେଁ । କୌଣସି ପାର୍ଥିବ ସାଂସାରିକ ସୁଖ ଚାହେଁନା । ସେ ସବୁ କ୍ଷଣସ୍ଥାୟୀ । ସେ ସବୁ କାମନା କରିବା ଅର୍ଥ ନିରର୍ଥକ ପଛରେ ଗୋଡ଼େଇବା । ମୋର କ'ଣ ଆବଶ୍ୟକ, ତୁମେ ହିଁ ଜାଣ ।

●

॥ ୭୪ ॥

# ଜରାସନ୍ଧ ଠକିଗଲା

ସୂର୍ଯ୍ୟବଂଶର ମାନ୍ଧାତାଙ୍କ ପୁତ୍ର ମୁଚୁକୁନ୍ଦ । ତା' ସମ୍ମୁଖରେ ସ୍ୱୟଂ ନାରାୟଣ । କୃଷ୍ଣ ରୂପରେ ଶ୍ରୀ ନାରାୟଣ କହିଛନ୍ତି, ତୁ ମୋର ପରମଭକ୍ତ, ଯାହା ମାଗୁଚ ମାଗ, ଦିଆଯିବ ।

ମୁଚୁକୁନ୍ଦ କହିଲେ, ହେ ପ୍ରଭୁ, କ'ଣ ମାଗିବି ? ଏ ଜଗତ ତ ତୁମ ମାୟାରେ ଆଚ୍ଛନ୍ନ । ଯାହା ମାଗିବି, ସବୁ ତ ଦେବ । ମାଗିଲା ମାତ୍ରେ ପାଇବି, କିନ୍ତୁ ସିଏ କେତେ କାଳ ମୋର ହୋଇ ରହିବ ? ପୁରୁଷ, ସ୍ତ୍ରୀ, ସମସ୍ତ ଜୀବ ଜଗତ କାମନାର ଭଉଁରୀ ଭିତରେ ଘୂରିବାରେ ଲାଗିଚନ୍ତି । ସତ୍ କ'ଣ ଜାଣନ୍ତି ନାହିଁ । ଅସତ୍‌କୁ ହିଁ ଭଲ ପାଇ

ଆସିଛନ୍ତି । ସବୁ ଯେ ନଶ୍ୱର, ଏ ଧାରଣା କାହାର ନାହିଁ । ଯିଏ ଜାଣୁଚି, ଯିଏ ନ ଜାଣୁଚି – ଉଭୟ କାମନାର ଦାସ । ପ୍ରଭୁଙ୍କ ପ୍ରତି କାହାର ଧ୍ୟାନ ନାହିଁ । ସମସ୍ତେ ନିଜେ ନିଜର ପ୍ରଭୁ ! ଘରଦ୍ୱାର, ସ୍ତ୍ରୀ ପୁତ୍ର, ଆତ୍ମୀୟ ସ୍ୱଜନଙ୍କ ପ୍ରତି ପ୍ରଗାଢ଼ ଆସକ୍ତି । ମଣିଷ ଜନ୍ମ ପାଇବା ସହଜ ନୁହଁ । ବହୁ ଜନ୍ମ ପରେ ଭାଗ୍ୟରେ ଥିଲେ ଏହି ଜନ୍ମ ମିଳିଥାଏ । କିନ୍ତୁ ଜନ୍ମ ହେବା ପରେ, ଶୈଶବରୁ ବାଲୁତ ଅବସ୍ଥାକୁ ଆସିବାମାତ୍ରେ, ମଣିଷମାତ୍ରେ ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ବଶୀଭୂତ ହୋଇପଡ଼େ । ଠକିଯାଏ । ଠିକ୍ ଗାଈ ଚରୁଥିବା ଅବସ୍ଥାରେ କୂଅରେ ପଡ଼ିବା ଭଳି । କୂଅ ଉପରେ ସବୁଜ ଘାସ ଦେଖି, ଗାଈ ଦଉଡ଼େ ଘାସ ଖାଇବା ପାଇଁ । ତଳେ ଯେ ଗାତ ଅଛି ଜାଣି ପାରେନା । ଘାସ ଖାଇବ କ'ଣ କୂଅରେ ପଡ଼େ । ମଣିଷର ଠିକ୍ ସେହି ଦଶା । ଥରକୁ ଥର ଜନ୍ମଲାଭ କରେ, ଥରକୁ ଥର ଇନ୍ଦ୍ରିୟାସକ୍ତ ହୋଇ ରସାତଳକୁ ଯାଏ ।

ମୁଚୁକୁନ୍ଦ ପାଇଛନ୍ତି ଭଗବାନଙ୍କୁ । ମନ କଥା, ଅନୁଭବର କଥା କହୁଛନ୍ତି ସେ । ଗୁମ୍ଫା ଆଜି ବୈକୁଣ୍ଠପୁରୀ । ମୁଚୁକୁନ୍ଦ କହିଲେ, ଯାହା କହୁଚି, ତା'ର ଜୀବନ୍ତ ଦୃଷ୍ଟାନ୍ତ ହେଉଚି ମୁଁ । ମୁଁ ପୃଥିବୀର ରାଜରାଜେଶ୍ୱର । ମୋ ପ୍ରତି ରାଜଲକ୍ଷ୍ମୀଙ୍କ ଅପାର କରୁଣା । ତାଙ୍କଠୁ ଯାହା ଚାହିଁଚି, ପାଇଚି । ଭୋଗ, ସୁଖ, ଐଶ୍ୱର୍ଯ୍ୟ ସବୁ ପାଇଚି । ସ୍ତ୍ରୀ, ପୁତ୍ର, ଧନ ଜନ ସବୁ । ମୁଁ ଜାଣେ ଏ ସବୁ ମାୟା । ଏ ମାୟା ହିଁ ତୁମରି ଭିଆଣ । ଏହି ମାୟାମୋହରେ ପଡ଼ି ମୋର ମୁହୂର୍ତ୍ତେ ବି ସମୟ ହୋଇନି ତୁମ କଥା ଚିନ୍ତା କରିବା ପାଇଁ । ଉପରକୁ ଉଠିବି, ଆହୁରି ଆହୁରି ଉପରକୁ, ସମସ୍ତେ ମୋର ପ୍ରଶଂସା କରିବେ, ଏହି ଚିନ୍ତାହିଁ ମତେ ଘାରିଛି । କିନ୍ତୁ କାଳଗର୍ଭରେ ଏସବୁ ଯେ ଧୀରେ ଧୀରେ ଲୀନ ହୋଇ ନିଶ୍ଚିହ୍ନ ହେବାରେ ଲାଗିଚନ୍ତି, ତା'ର ହିସାବ କରୁଚି କିଏ ? ଇଏ ଠିକ୍ ମୂଷା ଓ ସାପ କଥା ଭଳି ।

ଶ୍ରୀକୃଷ୍ଣ ମୁଚୁକୁନ୍ଦଙ୍କ କଥା ଶୁଣୁଛନ୍ତି । ହସୁଛନ୍ତି । ଆହୁରି କହ ବୋଲି ତାଙ୍କୁ ଉତ୍ସାହିତ କରିବାରେ ଲାଗିଛନ୍ତି । ମୁଚୁକୁନ୍ଦ ନାନା ଦୃଷ୍ଟାନ୍ତ ଦେଇ ନିଜ ଅନୁଭୂତି ହିଁ କହି ଚାଲିଛନ୍ତି । ଛାତ ଉପରୁ ଶିକା ଓହଳିଛି । ଶିକା ଉପରେ ସର ଲବଣୀର ପାତ୍ର । ଗୋଟିଏ ମୂଷା ଶିକା ଦଉଡ଼ି ଦେଇ ଉପରକୁ ଉଠୁଛି । ସିଆଡ଼େ ମୂଷାକୁ ଖାଇବା ପାଇଁ ସାପ ଥରକୁ ଥର ପାଟିକୁ ଆଁ କରି ରହିଛି । ମୂଷା ଜାଣେନା ସାପ ତାକୁ ଅପେକ୍ଷା କରିଚି ଖାଇବା ପାଇଁ । ତା'ର ଲକ୍ଷ୍ୟ ସର ଲବଣୀ । ସେହି କାଳ ହେଉଚି ସର୍ପ । ମଣିଷ ହେଉଛି ମୂଷା । କାମନା ହେଉଛି ସର ଲବଣୀ ।

ମୁଚୁକୁନ୍ଦ ପ୍ରଭୁଙ୍କୁ ସ୍ତୁତି କରି ନଶ୍ୱର ଜୀବନର ବହୁ ଅନୁଭୂତି ବର୍ଣ୍ଣନା କଲେ । ଶେଷରେ କହିଲେ, ହେ ପରମାତ୍ମନ ! ଏ ସଂସାରରେ ବହୁକାଳ ଧରି ମୁଁ କର୍ମଫଳ ଦ୍ୱାରା ପ୍ରପୀଡ଼ିତ । ତଥାପି ଷଡ଼ରିପୁର ତୃଷ୍ଣା ମୋ ମନରୁ ଦୂର ହୋଇପାରିନି । କୌଣସିମତେ ଶାନ୍ତି ନ ପାଇ ଆଜି ମୁଁ ପ୍ରଭୁଙ୍କ ଚରଣକମଳକୁ ଆଶ୍ରୟ କରିଚି । ମତେ ପରିତ୍ରାଣ କରନ୍ତୁ ।

ଭଗବାନ କହିଲେ, ତୁମର ବୁଦ୍ଧି ନିର୍ମଳ ଓ ମହତ୍ । ବର ଦେବି ବୋଲି କହି ମୁଁ ତୁମକୁ ପ୍ରଲୋଭିତ କଲି । ଅଥଚ ତୁମ ବୁଦ୍ଧି ବିମୋହିତ ହୋଇପଡ଼ିନି । ତୁମେ ଯେ ମୋର ପରମଭକ୍ତ – ଏହା ତୁମ ଭକ୍ତିରୁ ପ୍ରମାଣିତ । ମୁଁ ତୁମ ପ୍ରତି ପ୍ରସନ୍ନ । କିନ୍ତୁ ତୁମକୁ ଆହୁରି କେତେକ ବର୍ଷ ପୃଥିବୀରେ ବଞ୍ଚି ରହିବାକୁ ପଡ଼ିବ । ମୁଁ ଜାଣେ, ତୁମେ ସାଂସାରିକ ବନ୍ଧନରୁ ମୁକ୍ତ । ମୋ ପ୍ରତି ତୁମ ମନ ସର୍ବଦା ଲାଗି ରହିବ । କିନ୍ତୁ ଜଣେ କ୍ଷତ୍ରିୟ ଭାବରେ ବହୁ ନିରୀହ ଜୀବଙ୍କୁ ତୁମେ ହତ୍ୟା କରିଛ । ଏହି ପୃଥିବୀରେ ହିଁ ରହି ତୁମେ ମତେ ହିଁ ମନରେ ରଖି ସେ ସବୁ ପାପରୁ ମୁକ୍ତ ହୋଇ ପାରିବ । ମୃତ୍ୟୁ ପରେ ତୁମକୁ ଆଉ ଥରେ ମନୁଷ୍ୟ ଭାବରେ ଜନ୍ମଗ୍ରହଣ କରିବାକୁ ପଡ଼ିବ । ସେ ଜନ୍ମରେ ମଧ୍ୟ ମତେ ଭୁଲିବ ନାହିଁ । ତା'ପରେ ଯାଇ ତୁମେ ମୋ ପାଖରେ ପହଞ୍ଚି ପାରିବ ।

ଇକ୍ଷ୍ୱାକୁ ବଂଶର ରାଜା ମୁଚୁକୁନ୍ଦ ଶ୍ରୀକୃଷ୍ଣଙ୍କ ସହିତ ଗୁମ୍ଫାରୁ ବାହାରକୁ ଆସିଲେ । ଶ୍ରୀକୃଷ୍ଣ ତାଙ୍କଠୁ ବିଦାୟ ନେଲେ । ତିନିଯୁଗ ଧରି ନିଦରେ ଶୋଇ ରହିଥିବାରୁ ମୁଚୁକୁନ୍ଦଙ୍କ ବହୁ ପରିବର୍ତ୍ତନ ଘଟିଛି । ଦେଖିଲେ ଗଛପତ୍ର ଓ ଜୀବଜଗତ ବହୁତ ଛୋଟ ହୋଇଯାଇଚି । ଯିମିତି କାହା ଦେହରେ ପ୍ରାଣ ନାହିଁ । ଜଗତର ଲକ୍ଷଣରୁ ତାଙ୍କର ମନେ ହେଲା, କଳିଯୁଗ ଆସିଗଲାଣି । କ୍ରିତ, ତ୍ରେତା ଓ ଦ୍ୱାପର ଆଉ ନାହିଁ । ମୁଚୁକୁନ୍ଦ ଚାଲିଲେ ଉତ୍ତର ଦିଗକୁ । ହିମାଳୟ ଅଭିମୁଖୀ ହେଲେ ତପସ୍ୟା କରିବା ଲାଗି । ପହଞ୍ଚିଲେ ଗନ୍ଧମାର୍ଦନ ପର୍ବତରେ । ସେଠାରେ ବଦରିକାଶ୍ରମ । ନର-ନାରାୟଣଙ୍କ ବାସସ୍ଥାନ ଏହି ବଦରିକା । ମୁଚୁକୁନ୍ଦ ସ୍ଥିର କଲେ ଏହି ସ୍ଥାନ ହିଁ ତପସ୍ୟା ଲାଗି ଉପଯୁକ୍ତ । ହରି ଆରାଧନାପୂର୍ବକ ମୁଚୁକୁନ୍ଦ ସେଇଠି ତପସ୍ୟାରତ ହେଲେ ।

ଶ୍ରୀକୃଷ୍ଣ ଫେରିଆସିଲେ ମଥୁରାକୁ । ଦେଖିଲେ, ଭାଇ ବଳରାମ ମ୍ଳେଚ୍ଛବାହିନୀ ସହିତ ଯୁଦ୍ଧ କରିବାରେ ଲାଗିଛନ୍ତି । କାଳଯବନ ସିନା ଭସ୍ମ ପାଲଟିଗଲା, ସେ ମଥୁରାରେ ଛାଡ଼ି ଯାଇଥିଲା ତା' ମ୍ଳେଚ୍ଛ ସେନାବାହିନୀକୁ । ତାଙ୍କ ରାଜା ମରିଗଲାଣି ବୋଲି ଜାଣିବେ କିପରି ? ରାଜାଙ୍କ ଆଦେଶ, ଯୁଦ୍ଧ କର । ସେମାନେ ଯୁଦ୍ଧ କରିବାରେ ଲାଗିଛନ୍ତି । ରାଜା କୃଷ୍ଣଙ୍କୁ ମାରିବା ପାଇଁ ତାଙ୍କ ପଛେ ପଛେ ଦୌଡ଼ିଛନ୍ତି ବୋଲି ସେମାନଙ୍କ ଧାରଣା । ଯୁଦ୍ଧ

କରୁଛନ୍ତି, ବଳରାମଙ୍କ ପ୍ରହାରରେ ହଜାର ହଜାର ମରୁଛନ୍ତି । କୃଷ୍ଣଙ୍କୁ ଦେଖି ସେମାନଙ୍କ ହାଲୁକା ଶୁଖିଗଲା । ସେମାନେ ଜାଣିପାରିଲେ ଯେ କାଳଯବନ ଆଉ ଫେରିବନି । ଶ୍ରୀକୃଷ୍ଣଙ୍କ ଦ୍ୱାରା ନିହତ । କିଏ କୁଆଡ଼େ ଦୌଡ଼ି ପଳାଇଲେ । ସେମାନଙ୍କ ଶିବିରରେ ଯାହାସବୁ ଧନରତ୍ନ ଥିଲା, ଶ୍ରୀକୃଷ୍ଣ ସେ ସବୁ ଗୋଟିଆ ଗୋଟି କରି ପଠାଇଦେଲେ ଦ୍ୱାରକାକୁ ।

ଜରାସନ୍ଧ ମନେ ମନେ ଖୁସି । କାଳଯବନ ତା'ର ଅସୁମାରୀ ମ୍ଳେଚ୍ଛ ସୈନ୍ୟଙ୍କୁ ନେଇ ମଥୁରା ଆକ୍ରମଣ କରିଛି । କାଳଯବନ ତାକୁ ସାହାଯ୍ୟ କରୁଛି । ଜରାସନ୍ଧ ମଗଧରେ ରହି ସୈନ୍ୟ ସଂଗ୍ରହ କରିବାରେ ଲାଗିଛି । ସେ ଏଥର ତେଇଶ ଅକ୍ଷୌହିଣୀ ସୈନ୍ୟ ନେଇ ପହଞ୍ଚିଲା ମଥୁରାରେ । ଦେଖିଲା କୃଷ୍ଣ ବଳରାମ ମଥୁରାରେ ପ୍ରବେଶ ଦ୍ୱାରଦେଶରେ ଦଣ୍ଡାୟମାନ । ନିରସ୍ତ୍ର ସେମାନେ । ଦୁଇଭାଇଙ୍କୁ ଏ ଅବସ୍ଥାରେ ଦେଖି ଜରାସନ୍ଧ ଭାବିଲା, ମ୍ଳେଚ୍ଛ ସୈନ୍ୟମାନେ ମଥୁରାକୁ ଧ୍ୱଂସ କରି କାଳଯବନ ସହିତ ଫେରିଯାଇଛନ୍ତି । ଅଧିକ ଖୁସି ହୋଇଉଠିଲା । ସେ ଦେଖିଲା ପିଲା ଦିଇଟାର ମୁହଁ ଶୁଖିଯାଇଛି ।

ଜରାସନ୍ଧର ବିପୁଳ ସୈନ୍ୟବାହିନୀକୁ ଦେଖି ରାମକୃଷ୍ଣ ଭୀତତ୍ରସ୍ତ ହୋଇପଡ଼ିଲା ଭଳି ଛଳନା କଲେ । ଦୁହେଁ ଦୌଡ଼ିବାରେ ଲାଗିଲେ । ଜରାସନ୍ଧ ଭାବିଲା, ପିଲା ଦି'ଟା ପ୍ରାଣ ବିକଳରେ ଦୌଡ଼ିବାରେ ଲାଗିଛନ୍ତି । ପୁଣି ଭାବିଲା, ରାମକୃଷ୍ଣଙ୍କଠି ତ ଏପରି ଭାବ କେବେ ଦେଖା ନଥିଲା । କିଛି ରହସ୍ୟ ନିଶ୍ଚୟ ଅଛି । ସେ ସତରଥର ଯୁଦ୍ଧ କରିବାକୁ ଆସିଲାଣି । ପିଲା ଦି'ଟା ତ ତା' ସୈନବାହିନୀକୁ ଫୁଲର ପାଖୁଡ଼ା ଭଳି ଦଳି ପକାଉଥିଲେ । ଡର ଭୟ କିଛି ନ ଥିଲା । ଏବେ ଡରୁଛନ୍ତି କାହିଁକି ? ଏପରି ହଠାତ୍ କାପୁରୁଷତାକୁ ଭେଦ କରିବାକୁ ପଡ଼ିବ । ଭାବି ଭାବି ସମୟ ନଷ୍ଟ କରିବା ଠିକ୍ ହେବ ନାହିଁ ।

କୃଷ୍ଣ ଓ ବଳରାମ କ୍ଷିପ୍ର ଗତିରେ ଦୌଡ଼ିବାରେ ଲାଗିଛନ୍ତି । ଜରାସନ୍ଧ ରଥ ଉପରେ ବସିଲା । ସାରଥିକି କହିଲା, ସେ ପିଲା ଦିଇଟାର ପିଛା କର । ସେମାନଙ୍କୁ କୌଣସିମତେ ଧରିବାକୁ ପଡ଼ିବ । ଯାଇ ଯାଇ କେତେ ଦୂର ଯିବେ ?

ରାମକୃଷ୍ଣ ଦୌଡୁଛନ୍ତି । ପଛେ ପଛେ ଜରାସନ୍ଧର ରଥ । ରଥର ଦୌଡ଼ ଯେତିକି କ୍ଷିପ୍ର, ରାମକୃଷ୍ଣଙ୍କ ଦୌଡ଼ ତତୋଧିକ । ରାମକୃଷ୍ଣ ପହଞ୍ଚିଲେ 'ପ୍ରବର୍ଷଣ' ନାମକ ଏକ ପର୍ବତର ନିମ୍ନ ଦେଶରେ । ପଶ୍ଚିମ ସମୁଦ୍ର ପାଖରେ ଏ ପର୍ବତ । ଇନ୍ଦ୍ରଙ୍କ ଦୟା ଓ ପକ୍ଷପାତିତ୍ୱ ହେତୁ ଏହି ପର୍ବତ ଉପରେ ସର୍ବଦା ବର୍ଷା ହୋଇଥାଏ । ସବୁବେଳେ ଏହା ସିକ୍ତ । ଓଦା । ପର୍ବତରେ ପଥରଗୁଡ଼ାକ ପାଣିରେ ଭିଜି ଭିଜି ଭୀଷଣ ଖସଡ଼ା । ରାମକୃଷ୍ଣ ଅନାୟାସରେ

ସେ ପର୍ବତ ଉପରେ ଚଢ଼ିଲେ । ଜରାସନ୍ଧ ଦେଖିଲା, ପିଲା ଦି'ଟା ରହିଛନ୍ତି ପର୍ବତର ଶିଖର ଦେଶରେ । ସେ ଓ ତା'ର ସେନାମାନେ ପର୍ବତ ଉପରେ ଚଢ଼ିବାକୁ ଚେଷ୍ଟା କଲେ । କିନ୍ତୁ ପାଦେ ସୁଦ୍ଧା ଆଗେଇ ପାରିଲେନି । ଚଢୁ ଚଢୁ ପାଦ ଖସିଲା । ରାମକୃଷ୍ଣ ଜରାସନ୍ଧଙ୍କୁ ଦେଖାଦେବା ପରେ ପରମୁହୂର୍ତ୍ତରେ ଅଦୃଶ୍ୟ ହୋଇଗଲେ । ବହୁତ ଖୋଜା ଖୋଜି କଲା ଜରାସନ୍ଧ । ପତ୍ତା ପାଇଲା ନାହିଁ । ସୈନ୍ୟମାନଙ୍କୁ କହିଲା, ଯିବେ କୁଆଡ଼େ ? ପର୍ବତ ଭିତରେ ହିଁ ଥିବେ । ପର୍ବତ ଚାରିପଟେ ନିଆଁ ଲଗାଇ ଦିଅ । ଶୁଖିଲା କାଠ ଚାରିପଟେ ଘେରାଇ ଦିଅ । ପାହାଡ଼ ଓଦା ହେଲେ କ'ଣ ହେବ, ନିଆଁ ଝାସରେ ଶୁଖିଯିବ । ନିଆଁରେ ପିଲା ଦି'ଟା ପୋଡ଼ି ମରିଯିବେ । ମୋ ଝିଅମାନଙ୍କ ଆତ୍ମା ଶାନ୍ତି ପାଇବ । ନିଆଁବାଟେ ନିଆଁ ଲାଗିଲା । ଧୂ ଧୂ ହୋଇ ଜଳିଲା । କିନ୍ତୁ ନିଆଁଗିଳା ଦୁଇଭାଇ ରାମକୃଷ୍ଣ ପର୍ବତ ଉପରୁ ଡେଇଁ ଦ୍ୱାରକା ଚାଲିଗଲେ । ଜରାସନ୍ଧ ଏ ଖବର ପାଇ ପାରିଲା ନାହିଁ ।

●

॥ ୭୫ ॥

# ଗାର୍ଗ୍ୟ ପୁତ୍ର କାଳଯବନ

ପିଲାଟିଦିନୁ ତ ଶ୍ରୀକୃଷ୍ଣ ଅସୁର, ଅସୁରୁଣୀଙ୍କୁ ମାରିବାରେ ଲାଗିଛନ୍ତି । ଏବେ ତ ବଡ଼ ହୋଇଗଲେଣି । ସେ ଚାହିଁଥିଲେ ତ କାଳଯବନକୁ ସହଜରେ ମାରି ଦେଇ ପାରିଥାନ୍ତେ, ତାକୁ ମୁଚୁକୁନ୍ଦଙ୍କ ପାଖକୁ ନେଇ ତା' କୋପାନଳରେ ତାକୁ ଭସ୍ମ କଲେ କାହିଁକି ? ଏତେ ବଙ୍କା ବାଟରେ ଯିବା କ'ଣ ଦରକାର ଥିଲା ? ଏ ପ୍ରଶ୍ନ ରାଜା ପରୀକ୍ଷିତଙ୍କର ଶୁକମୁନିଙ୍କୁ । ଏହାର କୌଣସି କାରଣ ନିଶ୍ଚୟ ଥିବ ବୋଲି ପରୀକ୍ଷିତ ଭାବିଲେ ଏବଂ କାରଣ କ'ଣ ବୋଲି ପଚାରିଲେ ।

ଶୁକମୁନି କହିଲେ, ତୁମର ଅନୁମାନ ଠିକ୍ । ଇଏ ଏକ ବିରାଟ ଇତିହାସ । ଲମ୍ବା କାହାଣୀ । ଶାସ୍ତ୍ରରେ ଅଛି, ଦୁଇ ବିପ୍ର, ଦୁଇ ବେଶ୍ୟା, ଦୁଇଟା କୁକୁର ଓ ଦୁଇଜଣ ବୈଦ୍ୟଙ୍କ ଭିତରେ କେବେ ପଡ଼େନି । ଥରେ ଯାଦବମାନଙ୍କ ଏକ ସମ୍ମିଳନୀ ହୋଇଥିଲା । ସେଠାରେ ଉପସ୍ଥିତ ଥିଲେ ଯାଦବମାନଙ୍କ କୁଳପୁରୋହିତ ଶ୍ୟାଳ ଓ କୁଳଗୁରୁ ଗାର୍ଗ୍ୟ । ଦୁଇଜଣ ଋଷି । ସମ୍ମିଳନୀରେ ନାନା ଆଲୋଚନା ଚାଲିଲା । ତା' ଭିତରେ ଦୁଇ ଋଷିଙ୍କ ଭିତରେ ଯୁକ୍ତିତର୍କ ଆରମ୍ଭ ହୋଇଗଲା । ଉତ୍ତେଜନା ବଢ଼ିଲା । ଋଷିଙ୍କ ଭିତରେ କିଏ କାହାକୁ ଊଣା ନୁହନ୍ତି । ଦୁହେଁ କର୍ମକାଣ୍ଡରେ ଅଭିଜ୍ଞ, ପଣ୍ଡିତ । ଯାଦବମାନଙ୍କ ଆଲୋଚନା

ବନ୍ଦ ହୋଇ ପଡ଼ିଲା । ଗାର୍ଗ୍ୟ କହିଲେ, ଶ୍ୟଳ ମତେ ଅପମାନିତ କରିଛି । କଠୋର ଭାଷା ପ୍ରୟୋଗ କରିଛି । ଯାଦବମାନେ କିଏ କାହାକୁ କ'ଣ କହିଲା ଶୁଣି ନଥିଲେ । ସେମାନେ ଗାର୍ଗ୍ୟଙ୍କୁ ଶାନ୍ତ କରିବା ପାଇଁ ପଚାରିଲେ, ଶ୍ୟଳ କ'ଣ କହିଲେ ଯେ ଆପଣ ଇମିତି ଉତ୍ତେଜିତ ହୋଇ ପଡ଼ିଛନ୍ତି ? ଗାର୍ଗ୍ୟ କହିଲେ, ଶ୍ୟଳ ମତେ ନପୁଂସକ କହିଲା । ୟାଠୁ ବଳି ଆପମାନ କ'ଣ ହୋଇପାରେ ?

ଯାଦବମାନେ ହସିଲେ । କହିଲେ, ଇଏ ତ ପିଲାଳିଆ କଳି । ଗାର୍ଗ୍ୟଙ୍କୁ ଏକଥା କଟା ଘା'ରେ ଚୂନ ଲେସିବା ଭଳି ଲାଗିଲା । ସେ ସମ୍ମିଳନୀକକ୍ଷ ଛାଡି ଚାଲିଗଲେ । କ୍ରୋଧ ଜର୍ଜର । ସେ ଆଉ ଘରକୁ ଫେରିଲେ ନାହିଁ । ସିଧା ଗଲେ ପର୍ବତ ଉପରକୁ । ମହାଦେବଙ୍କୁ ପ୍ରସନ୍ନ କରାଇବା ପାଇଁ କଠୋର ତପସ୍ୟା କଲେ । ବହୁ ବର୍ଷ ଧରି । ମହାଦେବ ଆବିର୍ଭୂତ ହେଲେ । ପ୍ରଶ୍ନ କଲେ ତୁମେ ମୋ'ଠୁ କ'ଣ ଚାହଁ ?

ଗାର୍ଗ୍ୟ କହିଲେ, ଯାଦବମାନଙ୍କୁ ଦଣ୍ଡ ଦିଆଯାଉ । ମୁଁ ଏପରି ଏକ ପୁତ୍ର ସନ୍ତାନ ଚାହେଁ ଯିଏ କି ଯାଦବ ବଂଶକୁ ନିଶ୍ଚିହ୍ନ କରିଦେଇ ପାରିବ । ସେଥିଲାଗି ମୁଁ ଏଯାଏଁ କେବଳ ଲୁହାକୁ ଗୁଣ୍ଡ କରି ଖାଉଛି । ତାହାହିଁ ମୋର ଦୈନନ୍ଦିନ ଖାଦ୍ୟ । ତା'ଛଡ଼ା ଶ୍ୟଳ ଋଷି ମୋ ପ୍ରତି ଯେଉଁ ଭାଷା ପ୍ରୟୋଗ କରିଛି, ମୁଁ ତାହା ନୁହେଁ ବୋଲି ପ୍ରମାଣିତ କରି ଦେବାକୁ ଚାହେଁ । ମୁଁ ଜାଣାଇ ଦେବାକୁ ଚାହେଁ ଯେ ମୁଁ ନପୁଂସକ ନୁହେଁ ।

ମହାଦେବ ଭାବିଲେ, ଋଷିଟା ତପସ୍ୟା କରି କରି ପାଗଳ ହୋଇପଡ଼ିଲାଣି । ନିହାତି ଏକ ଛୋଟ କଥା ପାଇଁ ଏତେ ତପସ୍ୟା ! ଦୁଃଖିତ ହେଲେ ସେ । ତଥାପି ବର ଦେବେ ବୋଲି କହିଦେଇ ଥିବାରୁ ସେ ବିରକ୍ତରେ 'ତାହା ହିଁ ହେବ', କହି ଅନ୍ତର୍ଦ୍ଧାନ ହୋଇଗଲେ ।

ଗାର୍ଗ୍ୟ ଖୁସି ହେଲେ । ଯାହା ଚାହିଁଥିଲେ ପାଇଲେ । ଫେରି ଆସିଲେ ନିଜ ଆଶ୍ରମକୁ । ସେହି ସମୟରେ ଯବନେଶ ନାମରେ ଜଣେ ରାଜା ଥିଲେ । ତାଙ୍କର ପିଲାପିଲି କିଛି ନଥିଲେ । ଭଗବାନଙ୍କୁ ବହୁତ ପ୍ରାର୍ଥନା କରିଥିଲେ ପିଲାଟିଏ ପାଇଁ । କିନ୍ତୁ ସଫଳ ହୋଇ ପାରି ନ ଥିଲେ । ସେ ଗାର୍ଗ୍ୟ ମୁନିଙ୍କ ପାଖକୁ ଗଲେ । କହିଲେ, ମୋ ରାଣୀଙ୍କୁ ତୁମେ ସ୍ତ୍ରୀ ଭାବରେ ରଖ । ମୁଁ ଏହା ଗର୍ଭରୁ ଗୋଟିଏ ପୁତ୍ର ସନ୍ତାନ ଚାହେଁ । ସେ ସମୟରେ ଏଭଳି ପ୍ରଥା ଥିଲା । ସନ୍ତାନ ନଥିଲେ ଆଉ କାହା ଔରସରୁ ସନ୍ତାନ ଜାତ କରାଇ, ନିଜ ସନ୍ତାନ ଭାବରେ ଗ୍ରହଣ କରାଯାଉଥିଲା । ଏହାକୁ ପାପ ବୋଲି ଧରାଯାଉ ନଥିଲା । ବିରାଡ଼ି କପାଳକୁ ଶିକା ଛିଣ୍ଡିଲା ଭଳି ଇଏ ଏକ ଘଟଣା । ଗାର୍ଗ୍ୟଙ୍କ ପକ୍ଷରେ ଏହା ଏକ ସୁଯୋଗ । ସେ ନପୁଂସକ ନୁହନ୍ତି, ଏକଥା ସେ ପ୍ରମାଣିତ କରିବାକୁ ଚାହୁଁଥିଲେ । ତାଙ୍କୁ

ଅପମାନିତ କରିଥିବା ଶ୍ୟଳ ଋଷି ଓ ଯାଦବମାନଙ୍କୁ ନିଜର ପୁରୁଷତ୍ୱ ଦେଖାଇ ଦେବାକୁ ଚାହୁଁଥିଲେ । ତେଣୁ ସେ ରାଜା ଯବନେଶଙ୍କ ରାଣୀଙ୍କୁ ନିଜ ପାଖରେ ରଖିଲେ । କାଳକ୍ରମେ ଗାର୍ଗ୍ୟଙ୍କ ଔରସରୁ ରାଣୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହେଲା । ପିଲାଟା ଦେଖିବାକୁ ଭୀଷଣ କଳା । ଗାର୍ଗ୍ୟ ନାମ ରଖିଲେ କାଳଯବନ । ଇଆଡ଼େ ଗୋଟିଏ ହିସାବରେ ଯବନେଶଙ୍କ ପୁତ୍ର । ଗାର୍ଗ୍ୟ ତେଣୁ କାଳ ସହିତ ଯବନ ଶବ୍ଦ ଯୋଡ଼ି ଦେଇଥିଲେ । ବାସ୍ତବରେ ସେ ଗାର୍ଗ୍ୟପୁତ୍ର ।

ଶୁକମୁନି କହିଲେ, ଅବଶ୍ୟ ଶ୍ରୀକୃଷ୍ଣ ତାକୁ ସହଜରେ ମାରିଦେଇ ପାରିଥାନ୍ତେ । କିନ୍ତୁ ସେ ଚାହିଁଲେ, କାଳଯବନ ଯଦି ନିଜେ ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଏ ତ ତା' ରୂପକୁ ଦେଖି ଯାଦବ ସୈନ୍ୟମାନେ ଡରି ଯିବେ । କଦାକାର ଚେହେରାକୁ ଦେଖି ସେମାନେ ନିସ୍ତେଜ ନିଷ୍କ୍ରିୟ ହୋଇ ପଡିବେ । ସେ ଦେଖିଲେ, ମ୍ଳେଚ୍ଛ ସୈନ୍ୟମାନେ ଯୁଦ୍ଧ କରୁଛନ୍ତି, କରୁଥାଆନ୍ତୁ । ଭାଇ ବଳରାମଙ୍କ ଆଘାତରେ ସେମାନେ ମରିବେ । ସେମାନେ ମରିବା ପୂର୍ବରୁ କାଳଯବନକୁ ହଟେଇ ନେବା ଠିକ୍ ହେବ । କାରଣ ମ୍ଳେଚ୍ଛ ସୈନ୍ୟମାନେ ବେଶୀ ସଂଖ୍ୟାରେ ନିହତ ହେବାମାତ୍ରେ କାଳଯବନ ରଣାଙ୍ଗନକୁ ଝପଟି ଆସିବ । ଯାଦବମାନେ ଲଢ଼ିବେ କ'ଣ ଡରରେ ମରିଯିବେ । ସେଥିଲାଗି ଆଗରୁ ସେ ଦ୍ୱାରକା ନିର୍ମାଣ କରି ବହୁ ଯାଦବଙ୍କୁ ସେଠିକି ସ୍ଥାନାନ୍ତରିତ କରିଦେଇଥିଲେ । ମଥୁରାରେ ନାଆଁକୁ ମାତ୍ର ଅଳ୍ପ କେତେଜଣ ଯାଦବ ସୈନ୍ୟ ଥିଲେ । ଏହି କାରଣରୁ ଶ୍ରୀକୃଷ୍ଣ କୌଶଳ କରିଥିଲେ । କାଳଯବନକୁ ବାଟ କଢ଼େଇ ମୁଚୁକୁନ୍ଦ ଶୋଇଥିବା ଗୁମ୍ଫା ଭିତରକୁ ନେଇ ଯାଇଥିଲେ । ଦୁଇଟି କାମ ସେ ଏକାବେଳେକେ କରିବାକୁ ଚାହିଁଥିଲେ । କାଳଯବନକୁ ମୁଚୁକୁନ୍ଦଙ୍କ ଆଖିରେ ମରାଇଲେ, ଇଆଡ଼େ ମୁଚୁକୁନ୍ଦଙ୍କୁ ମୋକ୍ଷ ଦେଲେ । ଜଣେ କେବଳ ଶୋଇ ଶୋଇ ଭକ୍ତ ପାଲଟିଗଲା । ଭକ୍ତି ଯୋଗୁଁ ମୁକ୍ତି ମିଳିଗଲା ।

ଶ୍ରୀକୃଷ୍ଣ ସବୁ ଅସୁରକୁ ଏକାଦିନକେ ମାରିଦେବାକୁ ଚାହୁଁ ନଥିଲେ । ଜଣଙ୍କ ପରେ ଜଣଙ୍କୁ ନାନା ଭାବରେ ମାରୁଥିଲେ । ଯିଏ ଯେଉଁ ବାଟରେ ନିଜ କର୍ମ ଦ୍ୱାରା ମରିବାକୁ ଥିଲା, ତା ପାଇଁ ସେ ସେହି ବାଟ ଫିଟାଇଥିଲେ । ପୁତନାକୁ ତା'ର ସ୍ତନ୍ୟପାନ କରି ମାରିଲେ । ସ୍ତନ୍ୟପାନ କରି ତା' ଦେହରୁ ରକ୍ତସବୁ ଶୋଷଢ଼ି ନେଲେ । କଂସ ନିଧନ ପରେ କାଳଯବନ ଥିଲା ତା' ପରବର୍ତ୍ତୀ ଅସୁର । ମାଆ ଧରିତ୍ରୀଙ୍କୁ ନାରାୟଣ ପ୍ରତିଶ୍ରୁତି ଦେଇଥିଲେ, ଦୁଷ୍ଟଦମନ ଲାଗି । ସେହି ପ୍ରତିଶ୍ରୁତି ସେ ରକ୍ଷା କରି ଚାଲିଛନ୍ତି, ଧୀରେ ଧୀରେ । କେତେକଙ୍କୁ ଶ୍ରୀକୃଷ୍ଣ ନିଜେ ମାରିଥିଲେ, ଆଉ କେତେକଙ୍କୁ ଅନ୍ୟମାନଙ୍କ ଦ୍ୱାରା ମରେଇ ଥିଲେ । ଆଉ ଯେଉଁମାନେ ବାକି ଥିଲେ, କୁରୁକ୍ଷେତ୍ର ଯୁଦ୍ଧରେ, ପାଣ୍ଡବଙ୍କ

ଦ୍ୱାରା ମରିଥିଲେ । ସେତେବେଳେ ସେ ଅର୍ଜ୍ଜୁନଙ୍କ ରଥରେ ସାରଥି ଥିଲେ । ଅସ୍ତ୍ରଧାରଣ କରିବି ନାହିଁ ବୋଲି ଘୋଷଣା କରିଥିଲେ । ଅସ୍ତ୍ର ଧରି ନଥିଲେ ମଧ୍ୟ ପାପୀମାନଙ୍କ ନିଧନ, ଦୁଷ୍ଟଦମନ ଦିଗରେ ସେ ହୋଇଥିଲେ କୃତାନ୍ତଠୁ ବଳି ନିର୍ମମ । ସବୁ ସେ କରିଥିଲେ, କିନ୍ତୁ କିଛି ନ କରିବା ଭଳି ବାହାରକୁ ଜଣା ପଡୁଥିଲେ । ତେଣୁ ଭଗବାନଙ୍କ ଲୀଳା ଅଦ୍ଭୁତ, ଅକଳନ । ଶୁକମୁନି ପରୀକ୍ଷିତଙ୍କୁ କହିଲେ, ଭଗବାନ ଅନ୍ତର ଭିତରେ ରହି, ଦୂରରେ ରହିବା ଭଳି କାର୍ଯ୍ୟ କରିଥାଆନ୍ତି । ତେଣୁ ମନୁଷ୍ୟ ମାତ୍ରେ ତୁମ ଭଳି କେବଳ ପ୍ରଶ୍ନ କରି ଆସିଛି, କାହିଁକି ଓ କିପରି ?

ମହାଦେବଙ୍କ 'ବର' ଥିଲା ଗାର୍ଗ୍ୟମୁନି ନପୁଂସକ ନୁହନ୍ତି, ଏକଥା ପ୍ରମାଣିତ ହେବ । ଦ୍ୱିତୀୟରେ ଯାଦବମାନେ ମଧ୍ୟ ଦଣ୍ଡିତ ହେବେ । କାରଣ ଶ୍ୟାଳମୁନିଙ୍କ ଭର୍ତ୍ସନାକୁ ସେମାନେ ହସରେ ଉଡାଇ ଦେଇଥିଲେ । ପରବର୍ତ୍ତୀ କାଳରେ ମୁଷଳକୁ ଘଷି ଘଷି ଯାଦବ ବଂଶ ଲୋପ ପାଇଥିଲା । ଅବଶ୍ୟ ଅନ୍ୟ ଋଷିମାନଙ୍କ ଅଭିଶାପରୁ ଏହା ଘଟିଥିଲା । କିନ୍ତୁ ଗାର୍ଗ୍ୟମୁନିଙ୍କ ତପସ୍ୟା କେବେଳ ଲୁହାକୁ ଗୁଣ୍ଡ କରି ଖାଇବା ପଛରେ ମଧ୍ୟ ଏହି ଅଭିଶାପ ଥିଲା । ସେ ମହାଦେବଙ୍କୁ କହିଥିଲେ, ଯାଦବମାନେ ମୋ କଟା ଘା'ରେ ଯେଉଁ ଚୂନ ଲେପିଲେ, ତା'ର ପରିଣାମ ସେମାନଙ୍କୁ ଭୋଗିବାକୁ ପଡିବ । ମହାଦେବଙ୍କ ବରଦାନଯୋଗୁଁ ପରବର୍ତ୍ତୀ କାଳରେ ଯାଦବମାନେ ଦଣ୍ଡିତ ହେଲେ ।

ଶୁକମୁନି କହିଲେ, ଏହି କଥା ଏତିକିରେ ସରିଲା । ଏବେ ଆମେ ରାମକୃଷ୍ଣଙ୍କ ପାଖକୁ ଫେରି ଆସିବା । ଆନର୍ତ୍ତ ଦେଶର ରାଜା ରୈବତ । ବ୍ରହ୍ମାଙ୍କ ଆଜ୍ଞାରେ ସେ ବଳରାମଙ୍କୁ ନିଜ କନ୍ୟା ରେବତୀଙ୍କୁ ସଂପ୍ରଦାନ କରିଥିଲେ । ଏହି ବିବାହ କାର୍ଯ୍ୟ ନିର୍ବିଘ୍ନରେ ହୋଇଥିଲା । କିନ୍ତୁ ଶ୍ରୀକୃଷ୍ଣଙ୍କ ବିବାହ ସୁରୁଖୁରୁରେ ହୋଇନଥିଲା । ଗରୁଡ଼ ଯେପରି ଅମୃତକୁମ୍ଭ ହରଣଚାଲ କରି ନେଇ ଯାଇଥିଲେ, ସେହିଭଳି ଶ୍ରୀକୃଷ୍ଣ ଭୀଷ୍ମକ ରାଜ ତନୟା ରୁକ୍ମିଣୀଙ୍କୁ ହରଣ କରି ନେଇଥିଲେ । ବହୁ ରାଜାଙ୍କ ସମ୍ମୁଖରେ ଏହି ହରଣଚାଲ ଲୀଳା କରାଯାଇଥିଲା । ବହୁ ରାଜା ଶ୍ରୀକୃଷ୍ଣଙ୍କ ପଛରେ ଗୋଡାଇଥିଲେ । 'ନେଇ ଗଲାରେ, ନେଇ ଗଲାରେ' ବୋଲି ହୁରି କରିଥିଲେ । ରୁକ୍ମିଣୀ ଥିଲେ ମହାଲକ୍ଷ୍ମୀଙ୍କ ଅଂଶସମ୍ଭୂତା । ନାରାୟଣ ଶ୍ରୀକୃଷ୍ଣଙ୍କ ରୂପରେ ରୁକ୍ମିଣୀଙ୍କୁ ପାଇଥିଲେ ନିଜର ସ୍ତ୍ରୀ ଭାବରେ । କିନ୍ତୁ ରାକ୍ଷସଙ୍କ ବିଧି ଅନୁସାରେ ରୁକ୍ମୀଣୀଙ୍କୁ ସେ ହରଣ କରି ଗ୍ରହଣ କରିଥିଲେ ।

ପରୀକ୍ଷିତ ଶୁଣୁଛନ୍ତି, ଶୁକମୁନି କହିଲେ, ହରଣ ହେଉ ବା ବରଣ ହେଉ, ଇଏ ତ କୃଷ୍ଣରସ କଥା । ଏହା କେବଳ ପାପନାଶିନୀ ନୁହଁ, ନିତ୍ୟନୂତନ । ରୁକ୍ମିଣୀ କଥା ପଡିବା ମାତ୍ରେ, ପରୀକ୍ଷିତ ତାଙ୍କର ବିବାହ ସଂପର୍କରେ ଅଧିକ ଜାଣିବାକୁ ଚାହିଁଲେ ।

॥ ୭୬ ॥

# ଭୀଷ୍ମକ ଦୁହିତା ରୁକ୍ମିଣୀ

**ଭୀ**ଷ୍ମକ ଥିଲେ ବିଦର୍ଭ ରାଜ୍ୟର ରାଜା । ତାଙ୍କର ପାଞ୍ଚପୁଅ ଓ ଗୋଟିଏ ଝିଅ । ବଡ଼ ପୁଅ ରୁକ୍ମୀ । କେହି କେହି ତାକୁ ରୁକ୍ମ ଓ ରୁକ୍ମଣ ବୋଲି ଡାକୁଥିଲେ । ଅନ୍ୟ ଚାରିଜଣ ରୁକ୍ମରଥ, ରୁକ୍ମବାହୁ, ରୁକ୍ମକେଶ ଓ ରୁକ୍ମମାଳା । ଏମାନଙ୍କ ଏକମାତ୍ର ଭଉଣୀ ମନୋଜ୍ଞ-ବଦନା ସାଧ୍ୱୀ ରୁକ୍ମିଣୀ । ଭାଇମାନେ ସମସ୍ତେ ତାଙ୍କୁ ଭଲ ପାଉଥିଲେ । ବାପ, ମା, ଭାଇଙ୍କର ଆଦରଣୀୟ କନ୍ୟା ଓ ଭଗ୍ନୀ । ପିଲାଦିନୁ ରୁକ୍ମିଣୀ କୃଷ୍ଣଙ୍କ କଥା ଶୁଣି ଆସିଥିଲେ । ଯେଉଁମାନେ ତାଙ୍କ ଉଆସରୁ ଆସୁଥିଲେ, ସେମାନେ ତାଙ୍କୁ କୃଷ୍ଣ କଥା ହିଁ କହୁଥିଲେ । ରୂପରେ କ'ଣ, ଗୁଣରେ କ'ଣ, ଐଶ୍ବର୍ଯ୍ୟରେ କ'ଣ କୃଷ୍ଣଠୁ ବଳି ଏଯାଏଁ ପୃଥିବୀରେ କେହି ଜନ୍ମ ହୋଇନାହାଁନ୍ତି । ଏହିକଥା ରୁକ୍ମିଣୀ ତାଙ୍କ ସଖୀମାନଙ୍କଠାରୁ ମଧ୍ୟ ଶୁଣୁଥିଲେ । ବୟସରେ ଛୋଟରୁ ସେ ବଡ଼ ହେଲେ । ତାଙ୍କ ମନରେ ମଧ୍ୟ ଶ୍ରୀକୃଷ୍ଣ ବଡ଼ ହୋଇ ରହିଲେ । ରୁକ୍ମିଣୀ ମନେ ମନେ ଶ୍ରୀକୃଷ୍ଣଙ୍କୁ ନିଜ ସ୍ୱାମୀ ଭାବରେ ବରଣ କରିନେଇଥିଲେ। ଶ୍ରୀକୃଷ୍ଣ ମଧ୍ୟ ଏକଥା ଜାଣିପାରିଥିଲେ । ସେ ଜାଣିଥିଲେ ଯେ ରୁକ୍ମିଣୀ କେବଳ ରୂପବତୀ ନୁହଁନ୍ତି, ଗୁଣବତୀ । ମଣିଷଠି ଯେତେ ଭଲ ଗୁଣ ରହିବା ଉଚିତ, ସବୁ ଗୁଣ ରୁକ୍ମିଣୀଙ୍କଠି ଥିଲା । ତେଣୁ ଶ୍ରୀକୃଷ୍ଣ ମଧ୍ୟ ରୁକ୍ମିଣୀଙ୍କୁ ନିଜର ପାଟବଂଶୀ (ରାଣୀ) କରିବା ପାଇଁ ମନସ୍ଥ କରିଥିଲେ । କେହି କାହାକୁ ଦେଖି ନଥିଲେ । କିନ୍ତୁ ଦୁହିଁଙ୍କର ପ୍ରଗାଢ଼ ପ୍ରେମର ସ୍ରୋତ ଅନ୍ତଃସଲିଳା ଭଳି ବହି ଚାଲିଥିଲା ।

ରୁକ୍ମିଣୀଙ୍କୁ କେବଳ ଉଆସର ଲୋକେ ଭଲ ପାଉ ନଥିଲେ, ରାଜ୍ୟବାସୀ ସମସ୍ତେ ଧରି ନେଇଥିଲେ, ରୁକ୍ମିଣୀ ସେମାନଙ୍କ ଝିଅ ଓ ଭଉଣୀ । ପିତା ଭୀଷ୍ମକ ଯୁଆଡ଼େ ଯାଉଥିଲେ, ସାଙ୍ଗରେ ଧରି ଯାଉଥିଲେ ରୁକ୍ମିଣୀଙ୍କୁ । ତେଣୁ ସାଧାରଣ ପ୍ରଜାଙ୍କ ସହିତ ରୁକ୍ମିଣୀ ମିଶିବାର ସୁଯୋଗ ପାଉଥିଲେ । ଲୋକଙ୍କ ଭଲ ମନ୍ଦ ବୁଝି ସେ ପିତାଙ୍କୁ କହୁଥିଲେ । ଭୀଷ୍ମକ ତା'ର ପ୍ରତିକାର କରୁଥିଲେ । ଭୀଷ୍ମକ ଥିଲେ, ଜନକଙ୍କ ଭଳି ଜଣେ ଋଷିପ୍ରତିମ ରାଜା । ସେ ସାଧୁସନ୍ଥଙ୍କ ସହିତ ବହୁ ସମୟ ଅତିବାହିତ କରୁଥିଲେ । ସତ୍‌ସଙ୍ଗରେ ଭାଗ ନେଉଥିଲେ । ସ୍ୱାଧ୍ୟାୟ କରୁଥିଲେ । ପଣ୍ଡିତମାନଙ୍କ ସହିତ ବେଦବେଦାନ୍ତ ଚର୍ଚ୍ଚା କଲାବେଳେ ରୁକ୍ମିଣୀ ପିତାଙ୍କ ପାଖରେ ବସି ଶୁଣୁଥିଲେ ।

ନାରାୟଣଙ୍କ ପରମ ଭକ୍ତ ନାରଦ । ତାଙ୍କର ବଡ଼ ପ୍ରଚାରକ ମଧ୍ୟ । ଦେବର୍ଷି ନାରଦ ସମୟେ ସମୟେ ଭୀଷ୍ମକଙ୍କ ପାଖକୁ ଆସୁଥିଲେ । ସେ କୃଷ୍ଣଙ୍କ କଥା କହୁଥିଲେ । ତାଙ୍କର ଗୁଣଗାନ କରୁଥିଲେ ।

ଶୁକମୁନି କହିଲେ, ମୁଁ ଯିମିତି ତୁମକୁ କୃଷ୍ଣ କଥା କହୁଚି, ଆହୁରି କହ, ଆହୁରି କହ ବୋଲି ତୁମେ ଯିମିତି ଅଥୟ କରି ଦେଉଛ, ଠିକ୍ ସିମିତି ଭୀଷ୍ମକ ଓ ନାରଦଙ୍କ ମଧ୍ୟରେ କୃଷ୍ଣଚର୍ଚ୍ଚା ହେଉଥିଲା । ଶୁଣିବା ଲୋକ ଯିମିତି ସୁଖୀ ହେଉଥିଲା, କହିବା ଲୋକ ମଧ୍ୟ ସିମିତି ସୁଖୀ ହେଉଥିଲା । ରୁକ୍ମିଣୀ ତ ଲୋକମୁଖରୁ କୃଷ୍ଣକଥା ଶୁଣିଥିଲେ, ନାରଦଙ୍କ ମୁହଁରୁ ସେହିକଥା ଶୁଣିବାମାତ୍ରେ ସେ ଅଧିକ ଉତ୍ସାହିତ ହୋଇଉଠୁଥିଲେ ।

ନାରଦ ତ ନାରାୟଣସର୍ବସ୍ୱ । ଅନ୍ୟର ମନକୁ ରସେଇବା, ମଜ୍ଜେଇବାରେ ନାରଦ ଧୁରନ୍ଧର । ସେ ଭୀଷ୍ମକ ଓ ରୁକ୍ମିଣୀଙ୍କ ମନକୁ କୃଷ୍ଣରସରେ ରସାଣିତ କରିଦେଇଥିଲେ । ଦୁହେଁ ଭାବି ନେଇଥିଲେ, ରୁକ୍ମିଣୀଙ୍କ ସ୍ୱାମୀ ହେବା ପାଇଁ କୃଷ୍ଣ ବ୍ୟତୀତ ଆଉ ଦ୍ୱିତୀୟ ଯୋଗ୍ୟ ବ୍ୟକ୍ତି କେହି ନାହିଁ । ତେଣୁ ବର ଖୋଜିବା ଲାଗି ଭୀଷ୍ମକଙ୍କର ଆଉ କୌଣସି ଚିନ୍ତା ନଥିଲା । କୃଷ୍ଣ ରାଜା କି ପ୍ରଜା, ତା'ର ଜାତିଗୋତ୍ର କ'ଣ, ତା'ର ଘରଦ୍ୱାର, ବଂଶ ପରମ୍ପରା କ'ଣ ଏସବୁ ଖୋଜିବା ମଧ୍ୟ ଦରକାର ନଥିଲା । ନାରଦ ତାଙ୍କୁ କହିଥିଲେ, କୃଷ୍ଣ ତ କୃଷ୍ଣ – ତାଙ୍କ ସଂପର୍କରେ ଖୋଳତାଡ଼ କରି ବୁଝିବାର ପ୍ରଶ୍ନ କରିବା ବୃଥା । ନାରଦ ଶେଷଥର ଆସିବାବେଳେ କହିଦେଇଥିଲେ, ଝିଅଟି ଗୃହଯୋଗ୍ୟା ହୋଇଗଲାଣି, ଏଣିକି ସିଏ ଯାହାପାଇଁ ଆସିଛି, ତା' ଘରକୁ ସିଧା ପଠାଇ ଦେବା ଉଚିତ । ଭୀଷ୍ମକ କହିଥିଲେ, ଯେତେହେଲେ ମୁଁ ଝିଅର ବାପ, ତା'ଛଡ଼ା ରାଜା । ରାଜାସୁଲଭ କିଛି ବ୍ୟବସ୍ଥା ତ କରିବାକୁ ପଡ଼ିବ । ପୁଅମାନଙ୍କ ସହିତ ପରାମର୍ଶ କରିବାକୁ ପଡ଼ିବ । ନାରଦ ଗଲାବେଳେ କହିଥିଲେ, ଦାଣ୍ଡକୁ ଯାହା ସୁନ୍ଦର ଦେଖାଯିବ, ପିତା ଭାବରେ ତାହା କରିବା ଉଚିତ । ଆପଣ ତା' କରନ୍ତୁ । କିନ୍ତୁ ଜାଣି ରଖନ୍ତୁ, କୃଷ୍ଣ-ରୁକ୍ମିଣୀ ଏକଆତ୍ମା, ଏକପ୍ରାଣ ।

ଦିନେ ଭୀଷ୍ମକ ଜ୍ୟେଷ୍ଠପୁତ୍ର ରୁକ୍ମୀକୁ ଡକାଇ କହିଲେ, ତୁମମାନଙ୍କ ଭଉଣୀ ରୁକ୍ମିଣୀର ବିବାହ ବୟସ ହୋଇଗଲାଣି । ଶୀଘ୍ର ତା'ର ବ୍ୟବସ୍ଥା କରିବାକୁ ପଡ଼ିବ । ଝିଅମାତ୍ରେ ଘିଅ ସହିତ ସମାନ । କେତେବେଳେ କ'ଣ ହେବ କହିହେବନି । କିନ୍ତୁ ମୁଁ ଜାଣେ ରୁକ୍ମିଣୀ ମୋର ଅବାଧ୍ୟ ସନ୍ତାନ ନୁହଁ । ଆମେ ଯାହାକୁ ବର ଭାବରେ ବାଛିବା, ସେ ତାକୁ ବରଣମାଳା ପିନ୍ଧାଇବ । ମୁଁ ଜଣକୁ ବର ହେବାପାଇଁ ମନେମନେ ବାଛି ସାରିଚି ।

ରୁକ୍ମୀ କହିଲେ, ଯାହାହେଉ ମୋ ମୁଣ୍ଡ ଉପରୁ ବୋଝ ଗଲା । ବଡ଼ଭାଇ ହିସାବରେ ସୁଯୋଗ୍ୟ ଭିଣୋଇ ବାଛିବା ମୋର ମଧ୍ୟ କର୍ତ୍ତବ୍ୟ ଓ ଦାୟିତ୍ୱ ଥିଲା । କିନ୍ତୁ ବରଜଣଙ୍କ କିଏ ?

କହିବି କହିବି ହେଉଥିଲେ, ଭୀଷ୍ମକ ତୁଣ୍ଡରୁ ସଙ୍ଗେ ସଙ୍ଗେ ବାହାରି ପଡ଼ିଲା — ବସୁଦେବ ପୁତ୍ର ।

''କ'ଣ କହିଲ ? ଆଉ ଥରେ କୁହନ୍ତୁ ତ !'' କ୍ରୋଧରେ ନିଆଁଖଣ୍ଡ ହୋଇ ପଡ଼ିଲା ରୁକ୍ମୀ । ''ତୁମେ କ'ଣ ପାଗଳ ହୋଇଗଲଣି ! ତା ''ନାଆଁ'' କୃଷ୍ଣଟିକି ? ନା, ମୁଁ ତା ସହିତ ଭଉଣୀର ବାହା ହେବାକୁ ଦେବିନି'' କହି ଗୋଡ଼କୁ କଚାଡ଼ିବାରେ ଲାଗିଲା ସେ ।

ପରୀକ୍ଷିତ ପ୍ରଶ୍ନ କଲେ, କୃଷ୍ଣଙ୍କ ନାଆଁ ପଡ଼ିବାମାତ୍ରେ ରୁକ୍ମୀର ଗାତ୍ରଦାହ ହେଲା କାହିଁକି ? ଶୁକମୁନି କହିଲେ, କଥା କ'ଣ କି, ରୁକ୍ମୀ ଥିଲା ଜରାସନ୍ଧ ଓ କାଳଯବନର ଘନିଷ୍ଠ ବନ୍ଧୁ । ସେମାନଙ୍କ ଭଳି ରୁକ୍ମୀର ପ୍ରକୃତି ମଧ୍ୟ ଆସୁରିକ । ତା'ର ଅନ୍ୟ ବନ୍ଧୁମାନେ ଥିଲେ ଦମଘୋଷପୁତ୍ର ଶିଶୁପାଳ, ପୌଣ୍ଡ୍ରକ, ବିଦୁରଥ, ଶାଲ୍ୱ, ଦନ୍ତବକ୍ର । ଏ ସମସ୍ତେ ରାମକୃଷ୍ଣଙ୍କୁ ଘୃଣା କରୁଥିଲେ । କୃଷ୍ଣଙ୍କ ନାଆଁ ପଡ଼ିଲେ, ସେମାନଙ୍କ ନାହି ଡେଉଁଥିଲା । ଏବେ ଏବେ ମଥୁରା ଆକ୍ରମଣ ବେଳେ କାଳଯବନ ମରିଛି । ଜରାସନ୍ଧ ମୁହଁରେ କଳାବୋଳା ହୋଇଛି । ତେଣୁ ରୁକ୍ମୀର କ୍ରୋଧ ପ୍ରବଳ ।

ସେ କ୍ରୋଧ ସଂଭାଳି ନେଇ ପିତା ଭୀଷ୍ମକଙ୍କୁ ବୁଝାଇବା ଭଳି କହିଲା, ମୋ ଭଉଣୀ ବିଦର୍ଭ ରାଜକନ୍ୟା । ସେ ଆପଣଙ୍କର ଏକମାତ୍ର କନ୍ୟା ସନ୍ତାନ । ସମସ୍ତ କାର୍ଯ୍ୟ ରାଜୋଚିତ ହେବା ବାଞ୍ଛନୀୟ । କୃଷ୍ଣଟା ରାଜପୁତ୍ର ନୁହଁ କି କ୍ଷତ୍ରିୟ ବଂଶୋଦ୍ଭବ ନୁହଁ । ପିଲାଦିନୁ ସେ ଥିଲା ଗୋପାଳ । ଗଉଡ଼ । ଗୋପାଳଘରେ ବଢ଼ିଥିଲା । ତା ପ୍ରକୃତି ଗୋପାଳ ସୁଲଭ । ଗୋପପୁରରେ ଥିଲା, ମଥୁରାକୁ ଆସିଲା । କଂସକୁ କପଟ କରି ମାରିଲା । ମଥୁରାରେ ସେ ନିଷ୍କଣ୍ଟକ ହେଲେ ମଧ୍ୟ ମଥୁରାର ରାଜା ହେଲା ନାହିଁ । କାରଣ ତା'ଦେହରେ ରାଜରକ୍ତ ନାହିଁ । ରାଜ୍ୟଶାସନ କରିବା ଏକ ସ୍ୱତନ୍ତ୍ର ବିଦ୍ୟା । ତେଣୁ ରାଜାପୁଅ ହିଁ ରଜା ହୋଇଥାଏ । ନିଜର ସାହସ ଥିଲେ ସିନା ରଜା ହୋଇଥାଆନ୍ତା । ବଳଦ ବାଘଛାଲ ଘୋଡ଼େଇ ହେଲା ଭଳି କୃଷ୍ଣର ବିନୟଭାବ । ଅଜା ଉଗ୍ରସେନକୁ ରଜା କରାଇ ନିଜେ କେତେ ଉଦାର ଦେଖେଇ ହେଉଚି । ଗୁରୁଜନଙ୍କୁ ତା'ର କି ଖାତିର ! କି ସମ୍ମାନ ! ମାନମର୍ଯ୍ୟାଦା, ଜାତି, କୁଳ, ଧନ, ଯାହା କୁହନା କାହିଁକି ସିଏ ଆମଠୁ ଊଣା । ଅତି ନୀଚ, ଅତି ହୀନ । ଏପରି ଏକ ଯୁବକ ହାତରେ ଆମ ରୁକ୍ମିଣୀ ଭଳି ଭଉଣୀକୁ ଟେକି ଦେବା କଥା ତ ମୁଁ କଳ୍ପନା ସୁଦ୍ଧା କରି ପାରୁନି । ମୁଁ ତ କୌଣସିମତେ ସହ୍ୟ କରିପାରିବିନି । ଏ ବିବାହ ମୁଁ କରେଇ ଦେବି ନାହିଁ ।

ଭୀଷ୍ମକ ବଡ଼ ଚିନ୍ତାରେ ପଡ଼ିଲେ । ପୁଅକୁ ବହୁତ ବୁଝେଇଲେ । ନାରଦ ଓ ଅନ୍ୟମାନେ କୃଷ୍ଣଙ୍କ ସମ୍ପର୍କରେ କ'ଣ କହୁଥିଲେ, ସବୁ କଥା ସେ କହିଲେ । ହେଲେ କ'ଣ ହେବ, ରୁକ୍ମୀର ଏକ ଜିଦ୍— କୃଷ୍ଣ ସହିତ ରୁକ୍ମିଣୀଙ୍କ ବିବାହ ହୋଇ ପାରିବ ନାହିଁ ।

ଭୀଷ୍ମକ ପଚାରିଲେ, ତାହାହେଲେ ଆଉ କିଏ ଯୋଗ୍ୟ ପାତ୍ର ଅଛି କହ । ରୁକ୍ମୀ କହିଲେ, ମୁଁ ବହୁତ ଆଗରୁ ସ୍ଥିର କରିଚି, ଦମଘୋଷ ପୁତ୍ର ଶିଶୁପାଳ ସହିତ ରୁକ୍ମିଣୀର ବିବାହ ହେବ । ଚେଦି ରାଜ୍ୟର ଯୁବରାଜ ସେ ।

ଭୀଷ୍ମକ କହିଲେ, ତାହାହେଲେ ମୁଁ ଜଣକୁ ବାଛିଚି ବୋଲି କହିବାମାତ୍ରେ, ତୁ ଟୋ ମୁଣ୍ଡରୁ ବୋଝ ଗଲା ବୋଲି କହୁଥିଲୁ କିମିତି ? ରୁକ୍ମୀ କହିଲେ, ମୋର ଧାରଣା ଥିଲା ଆପଣ ଶିଶୁପାଳକୁ ବାଛିଥିବେ । ଭୀଷ୍ମକ ପୁଣି କହିଲେ, ଏ ପ୍ରସ୍ତାବ ତ ମତେ ତୁ କେବେ କହି ନଥିଲୁ । ରୁକ୍ମୀ କହିଲେ, ଭଉଣୀ ତ ବିବାହଯୋଗ୍ୟା ହୋଇ ନଥିଲା, ଆଗରୁ କହିଥା'ନ୍ତି କାହିଁକି ?

ଇମିତି ବାପ ପୁଅଙ୍କ ଭିତରେ ବହୁସମୟ ଧରି କଥା କଟାକଟି ଚାଲିଲା । ଭୀଷ୍ମକଙ୍କ ମନ ଭୀଷଣ ଖରାପ । ସେ ଜାଣନ୍ତି ଶିଶୁପାଳଟାର ବ୍ୟବହାର, ଆଚରଣ ଅତି କଦର୍ଯ୍ୟ । କିନ୍ତୁ ବଡ଼ପୁଅର କଥାକୁ ଏଡ଼ି ହେବ ନାହିଁ । ବାଧହୋଇ ପୁଅ କଥାରେ ରାଜି ହେଲେ । ବାପକୁ ମନେଇ ପାରିଥିବାରୁ ରୁକ୍ମୀ ଖୁସି । ସେ ଭଉଣୀର ବିବାହ ଲାଗି ଆୟୋଜନ ଆରମ୍ଭ କରିଦେଲା ।

●

॥ ୭୭ ॥

## ବଡ଼ ଅଡୁଆରେ ପକାଇଲ ହେ !

ରୁକ୍ମିଣୀ ସଖୀମାନଙ୍କଠାରୁ ଶୁଣିଲେ, କୃଷ୍ଣଙ୍କ ସହିତ ତାଙ୍କର ବିବାହ ହୋଇ ପାରିବ ନାହିଁ । ପିତା ଭୀଷ୍ମକ ପ୍ରସ୍ତାବ ଦେଲେ, ଭାଇ ରୁକ୍ମ ଭାଙ୍ଗି ଦେଲେ । ସଖୀମାନେ କହିଲେ, ରୁକ୍ମଙ୍କ ଏକା ଜିଦ୍ ଭଉଣୀର ବିବାହ କୃଷ୍ଣ ସହିତ ନ ହୋଇ ଚେଦିଦେଶର ରାଜକୁମାର ଶିଶୁପାଳ ସହିତ ହେବ । ଦିନ ସ୍ଥିର ହୋଇସାରିଲାଣି, ଭାଇ ରୁକ୍ମ ଆୟୋଜନରେ ଲାଗିଗଲେଣି ।

ରୁକ୍ମିଣୀଙ୍କ କାନରେ ଏ ଖବର ପଡ଼ିବା ମାତ୍ରେ ସେ ଅଚେତ ହୋଇ ପଡ଼ିଲେ । କୃଷ୍ଣଙ୍କୁ ସେ ମନେ ମନେ ପ୍ରାଣନାଥ ଭାବରେ ବରଣ କରି ସାରିଛନ୍ତି । ହୃଦୟ-ମନ୍ଦିରରେ କୃଷ୍ଣଙ୍କୁ ସ୍ଥାପନା, ଆରାଧନା କରିବାରେ ଲାଗିଛନ୍ତି । ସଖୀମାନେ ମୁଣ୍ଡରେ ପାଣି ଛିଞ୍ଚି ରୁକ୍ମିଣୀଙ୍କ ଚେତା ଫେରାଇଲେ । ଏବେ ସେ ବୁଝିଲେ ଯେ ସେ କେବଳ କୃଷ୍ଣସ୍ୱପ୍ନ ଦେଖି ଆସିଥିଲେ । ସବୁ ସ୍ୱପ୍ନ ସତ ହୁଏନା । ନାରଦଙ୍କଠାରୁ କୃଷ୍ଣଲୀଳା ଶୁଣି ଶୁଣି ସେ କୃଷ୍ଣପ୍ରାଣ ହୋଇପଡ଼ିଥିଲେ । ପ୍ରାଣବାୟୁ ଉଡ଼ିଗଲା ଭଳି ସେ ଅନୁଭବ କଲେ ।

ରୁକ୍ମିଣୀ ଜାଣିଥିଲେ ଯେ ତାଙ୍କ ଘରେ ବଡ଼ ଭାଇ ରୁକ୍ମଙ୍କର ହିଁ ରାଜୁତି । ପିତା ରାଜ୍ୟର ରାଜା । ରୁକ୍ମ ଘରର ରାଜା । ତାଙ୍କ କଥା ଟାଳିବାର ଶକ୍ତି କାହାର ନାହିଁ । ରୁକ୍ମିଣୀ ମନେମନେ ବିଦ୍ରୋହୀ ହୋଇ ଉଠିଲେ । ଭାବିଲେ, ବିବାହ କରିବି ମୁଁ, ଭାଇ ବର ବାଛିବାରେ ମତେ ତ ପଚାରିବା କଥା ଥିଲା । କୃଷ୍ଣଙ୍କ ବିରୁଦ୍ଧରେ ମଧ୍ୟ ତାଙ୍କର ଅଭିଯୋଗ ବହୁତ । ମନେ ମନେ ଗୁମୁରି ହେବାକୁ ଲାଗିଲେ ସେ । ଭାବିଲେ, ନାରଦ ତ କହିଥିଲେ, ଶ୍ରୀକୃଷ୍ଣ ସ୍ୱୟଂ ବିଷ୍ଣୁ, ନାରାୟଣ । ଭଗବାନ ସେ । ମୁଁ ତାଙ୍କୁ ଭଲ ପାଏ । ସେ କ'ଣ ମୋତେ ଭଲ ପାଆନ୍ତି ନାହିଁ ? ମୋ ଭଲପାଇବା ଖବର ସର୍ବଜ୍ଞ ପ୍ରଭୁ କ'ଣ ଜାଣନ୍ତି ନାହିଁ ? ଜାଣନ୍ତି ଯଦି ମତେ ସେ ନେଇ ଯାଉ ନାହାଁନ୍ତି କାହିଁକି ? ନେବେ ବା କାହିଁକି ? ଶୁଣିଚି ସେ ଷୋଳ ସହସ୍ର ଗୋପନାରୀଙ୍କ ପ୍ରାଣବଲ୍ଲଭ ଗୋପୀନାଥ ହୋଇ ରାସଲୀଳା କରୁଥିଲେ । ତାଙ୍କ ଦୃଷ୍ଟିରୁ ହୁଏତ ମୁଁ ଅଲୋଡ଼ା ହୋଇଥାଇପାରେ । ମୁଁ ଏବେ କରିବି କ'ଣ ? ଶ୍ରୀକୃଷ୍ଣ ତ ମୋର ହୃଦୟବଲ୍ଲଭ । ଆଉ ଜଣଙ୍କୁ ସ୍ପର୍ଶ କରିବି କିପରି ! ଶିଶୁପାଳଟା ତ ନଷ୍ଟଚରିତ୍ର, ଗୁଣ୍ଡାଟାଏ । ମୁଁ ପ୍ରାଣ ବିସର୍ଜନ କରିଦେବି ପଛକେ, କୃଷ୍ଣ ବ୍ୟତୀତ ଆଉ କାହାକୁ ବରଣ କରି ପାରିବିନି । ଏକଥା ପିତାମାତାଙ୍କୁ କହିବି କିମିତି ? ସେମାନେ ତ ଭାଇଙ୍କ କଥା ଏଡ଼ି ପାରିବେନି । କହିଲେ, ଭାଣ୍ଡିଆ ହେବା ଛଡ଼ା କିଛି ହେବନାହିଁ ।

ରୁକ୍ମିଣୀ ବହୁ ସମୟ ଚିନ୍ତା କଲେ । ମନେ ମନେ ସ୍ଥିର କଲେ, ଲୋକଲଜ୍ଜାକୁ ଜଳାଞ୍ଜଳି ଦେବେ । ଶ୍ରୀକୃଷ୍ଣଙ୍କ ପାଖକୁ ଚିଠି ଲେଖିବେ, ବାର୍ତ୍ତା ପଠାଇବେ । ମନକୁ ବୁଝାଇବାରେ ଲାଗିଲେ ସେ । ଭାବିଲେ, ଶୁଣିଛି, କୃଷ୍ଣଙ୍କଠି ସଂପୂର୍ଣ୍ଣ ଆତ୍ମସମର୍ପଣ କଲେ, ସେ ଭକ୍ତର ସବୁ ଭାର ବହନ କରନ୍ତି । ବିପଦରୁ ଉଦ୍ଧାର କରନ୍ତି । ସିଧାସଳଖ ତାଙ୍କୁ ଜଣାଇଦେବି ରୁକ୍ମଙ୍କ ପ୍ରସ୍ତାବ ରୁକ୍ମିଣୀର ସ୍ୱୀକୃତ ନୁହେଁ । ତ୍ୱମେବ ଶରଣଂ ମମ ! ଯଦି ତୁମେ ମୋତେ ସ୍ୱୀକାର ନ କର, ମୋର ଆତ୍ମହତ୍ୟା ହିଁ ଶ୍ରେୟ ।

ଜଣେ ବ୍ରାହ୍ମଣ ପ୍ରତିଦିନ ରାଜଅନ୍ତଃପୁରକୁ ପୂଜାପାଠ କରିବାପାଇଁ ଆସୁଥିଲେ । ବାହାରର ଲୋକଙ୍କ ଭିତରୁ ଏହି ବ୍ରାହ୍ମଣ ହିଁ ରୁକ୍ମିଣୀଙ୍କ ପାଖକୁ ଯାଉଥିଲେ । ଆଶୀର୍ବାଦ କରୁଥିଲେ । ସେଦିନ ମଧ୍ୟ ସେ ରୁକ୍ମିଣୀଙ୍କ ପାଖକୁ ଆସିଲେ । ଦେଖିଲେ, ରୁକ୍ମିଣୀଙ୍କ ମୁହଁ ଶୁଖିଯାଇଛି । ମୁଣ୍ଡ ବାଳ ଅସଜଡ଼ା । ଆଖିରେ ଲୁହ । ବ୍ରାହ୍ମଣ ରୁକ୍ମିଣୀଙ୍କୁ ପଚାରିଲେ, ତୋର ଏ ଦଶା କାହିଁକି ? ତତେ ତ ଏପରି କେବେ ଦେଖି ନଥିଲି । ମତେ ମନକଥା ଖୋଲି କହ ! ରୁକ୍ମିଣୀ ସବୁ କଥା କହିଲେ । ବ୍ରାହ୍ମଣ କହିଲେ, ଦୁଃଖ କରନା ମା !

ଭଗବାନ କେବେହେଲେ ଭକ୍ତକୁ ଛାଡ଼ି ରହି ନପାରନ୍ତି । ମୁଁ ଜାଣେ ତୁ କୃଷ୍ଣାନୁରାଗିଣୀ ! ମୁଁ ତୋ ପାଇଁ କ'ଣ କରିପାରିବି କହ ! ଯାହା କହିବୁ ତା' କରିବି । ମୋର ଭରସା, କିଛି ନହେଲେ ମଧ୍ୟ ତୋ ଆଖିରୁ ଲୁହ ପୋଛି ଦେଇ ପାରିବି ତ !

ରୁକ୍ମିଣୀ କହିଲେ, ଶ୍ରୀକୃଷ୍ଣ ବ୍ରାହ୍ମଣମାନଙ୍କୁ ବହୁତ ଭଲପାଆନ୍ତି । ମୋର ଗୋଟିଏ ମାତ୍ର କାମ କରିବାକୁ ଅନୁରୋଧ । ମୋ ବାର୍ତ୍ତା ନେଇ ଶ୍ରୀକୃଷ୍ଣଙ୍କୁ ଦେବ ।

ବ୍ରାହ୍ମଣ ମନେ ମନେ ଆନନ୍ଦିତ । କୃଷ୍ଣଦର୍ଶନ ଭାଗ୍ୟରେ ଥିଲେ ମିଳେ । ଇଆଡ଼େ ପ୍ରଭୁଙ୍କ ଦର୍ଶନ ହେବ, ବାର୍ତ୍ତା ମଧ୍ୟ ଦେବା କଥା ହେବ, ମୁଁ ଏଇଠୁ ସିଧା ଯିବି ଦ୍ୱାରକା । ଭଗବାନଙ୍କ ଦୟା ହେଲେ, ମୁଁ ତାଙ୍କ ପାଖରେ ଯଥାଶୀଘ୍ର ପହଞ୍ଚି ଯାଇପାରିବି ।

ବାର୍ତ୍ତା ନେଇ ବ୍ରାହ୍ମଣ ଚାଲିଲେ ଦ୍ୱାରକା ଅଭିମୁଖେ । ଜରୁରୀ ଖବର । ପ୍ରଭୁଙ୍କ ଅନୁକମ୍ପାରୁ ବ୍ରାହ୍ମଣ ଅବିଳମ୍ବେ ପହଞ୍ଚିଲେ ଦ୍ୱାରକାରେ । ଦୂରପଥ ନିକଟ ହୋଇ ପଡ଼ିଲା । ଦ୍ୱାରକା ନଗରୀକୁ ଦେଖି ବ୍ରାହ୍ମଣଙ୍କ ଆଖି ଝଲସି ଉଠିଲା । ଦ୍ୱାର କେଉଁଠି ଏପର୍ଯ୍ୟନ୍ତ କେହି ଜାଣି ପାରି ନ ଥିଲେ । କିନ୍ତୁ ବ୍ରାହ୍ମଣଙ୍କ ଲାଗି ସବୁ ସହଜ ହୋଇ ପଡ଼ିଲା । କୃଷ୍ଣ ଯେଉଁଠି ରହନ୍ତି, ଠିକ୍ ସେହି ଦ୍ୱାରଦେଶରେ ସେ ହାଜର । ବ୍ରାହ୍ମଣ ଯିମିତି ସମସ୍ତଙ୍କ ପରିଚିତ ! ଦ୍ୱାରପାଳମାନେ ତାଙ୍କୁ ପାଛୋଟି ନେଲେ ଅନ୍ତଃପୁରକୁ । ବ୍ରାହ୍ମଣ ଦେଖିଲେ, ବୈକୁଣ୍ଠାଧିପତି ଶ୍ରୀକୃଷ୍ଣ ରୂପରେ ବସିଛନ୍ତି ଏକ ସ୍ୱର୍ଣ୍ଣ ସିଂହାସନରେ । ବ୍ରାହ୍ମଣ କେବଳ ଶ୍ରୀକୃଷ୍ଣଙ୍କ ଐଶ୍ୱର୍ଯ୍ୟକୁ ଦେଖି ଦେଖି ବିଭୋଳ । ତାଙ୍କ ତୁଣ୍ଡରୁ ପଦେ ହେଲେ କଥା ସ୍ଫୁରିଲା ନାହିଁ ।

ଶ୍ରୀକୃଷ୍ଣ ବ୍ରାହ୍ମଣଙ୍କ ପାଖକୁ ଯାଇ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଆଶୀର୍ବାଦ ଭିକ୍ଷା କଲେ । ତାଙ୍କୁ ହାତ ଧରି ନେଇଗଲେ ନିଜ ସିଂହାସନ ନିକଟକୁ । ନିଜ ପାଖରେ ବସାଇଲେ । ତାଙ୍କର ସେବା କଲେ । ନିଜ ହାତରେ ପଙ୍ଖାରେ ବିଞ୍ଚିଲେ । ଖାଦ୍ୟପେୟ ବ୍ୟବସ୍ଥା କରାଇଲେ । ତୁଳିତଳ୍ପ ଦେଲେ ଶୋଇବା ପାଇଁ । ବ୍ରାହ୍ମଣଙ୍କ ଗୋଡ଼ ମୋଡ଼ିଦେଲେ । ବ୍ରାହ୍ମଣଙ୍କୁ ପଚାରିଲେ, ଯେଉଁ ରାଜ୍ୟରୁ ଆସିଚ, ସେଠା ଲୋକେ ସୁଖଶାନ୍ତିରେ ଅଛନ୍ତି ତ ! ଆପଣମାନେ ନିର୍ବିଘ୍ନରେ କର୍ତ୍ତବ୍ୟ ପାଳନ କରିପାରୁଛନ୍ତି ତ ! ଆପଣମାନଙ୍କ ରାଜା ଧର୍ମପଥର ପଥିକ ତ ! ଆପଣଙ୍କ ପାଦରୁ ମୁଁ ଜାଣିପାରୁଛି, ବହୁ ଦୂରରୁ ଆସିଛନ୍ତି । ନଦୀ, ନାଳ, ପାହାଡ଼, ପର୍ବତ ଏବଂ ଆମ ରାଜ୍ୟ ଚାରିପଟେ ଘେରି ରହିଥିବା ଜଳଭାଗକୁ ଅତିକ୍ରମ କରି ଆସିବାକୁ ପଡ଼ିଥିବ । ବୟସରେ ବାର୍ଦ୍ଧକ୍ୟ, ସେଥିରେ ପୁଣି ଏତେ ବାଟ ପାଦରେ ଚାଲି ଚାଲି ! କ'ଣ ଦରକାର ଥିଲା ଏତେ ଦୂର ଆସିବା

ପାଇଁ ? ଆସିବାଟା କ'ଣ ଏତେ ଜରୁରୀ ? ହେଉ, କୁହନ୍ତୁ ମୁଁ ଆପଣଙ୍କ ପାଇଁ କ'ଣ କରିପାରେ ? ଯାହା କହିବେ, ଆନନ୍ଦରେ କରିବି । କ'ଣ କିଛି ଗୁପ୍ତକଥା ଅଛି ?

ଶ୍ରୀକୃଷ୍ଣ ସବୁ ଜାଣି, ନ ଜାଣିଲା ଭଳି 'ତାହା' ଜଣାଅ ବୋଲି କହୁଛନ୍ତି । ବ୍ରାହ୍ମଣ ଜାଣି ପାରିଲେ ନାହିଁ । ସେ ପ୍ରଥମେ ନିଜର ପରିଚୟ ଦେଲେ । କହିଲେ, ମୁଁ ବିଦର୍ଭ ରାଜ୍ୟର ଲୋକ । କୁଣ୍ଡିନପୁର ବିଦର୍ଭର ରାଜଧାନୀ । ଆମ ରାଜାଙ୍କ ନାମ ଭୀଷ୍ମକ । ତାଙ୍କର ଏକମାତ୍ର କନ୍ୟାଙ୍କ ନାମ ରୁକ୍ମିଣୀ । ବ୍ରାହ୍ମଣ ଟିକିଏ ଅଟକିଗଲେ । କହିଲେ, ଆପଣ ଏ ରାଜକନ୍ୟାଙ୍କ ନାଆଁ ଶୁଣିଛନ୍ତି ?

ଶ୍ରୀକୃଷ୍ଣଙ୍କ ଅଧରରେ ସ୍ମିତହାସ୍ୟ । ସେ ନୀରବ ରହିଲେ । ବ୍ରାହ୍ମଣ କହିଲେ, ଆମ ରାଜାଙ୍କ ପାଞ୍ଚପୁଅ । ବଡ଼ ପୁଅ ରୁକ୍ମ । ରାଜା ଆପଣଙ୍କୁ ହିଁ କନ୍ୟାଦାନ କରିବେ ବୋଲି ମନେ ମନେ ସ୍ଥିର କରିଥିଲେ ।

ଶ୍ରୀକୃଷ୍ଣ କହିଲେ, କ'ଣ କହିଲେ, ମତେ ? ତାଙ୍କ ଝିଅ ସହିତ ମୋର ବିବାହ ? କାହିଁ ଏପର୍ଯ୍ୟନ୍ତ ମୋ'ପିତାଙ୍କୁ ଏ ପ୍ରସ୍ତାବ କେହି ଦେଇ ନାହାଁନ୍ତି କି ଲୋକ-ପଠାଇ କେହି ଜଣାଇ ନାହାଁନ୍ତି । ଆପଣଙ୍କୁ କ'ଣ ବିଦର୍ଭରାଜ ଭୀଷ୍ମକ ପଠାଇଛନ୍ତି ?

ବ୍ରାହ୍ମଣ କହିଲେ, ଆପଣଙ୍କ ପ୍ରସ୍ତାବ ପଡୁପଡୁ ତ ଭାଙ୍ଗିଗଲା । ବାପର ପ୍ରସ୍ତାବକୁ ବଡ଼ପୁଅ ରୁକ୍ମ କାଟି ପକାଇଲା । ତା'ର ଜିଦ୍ ଭଉଣୀକୁ ସେ ଚେଦିରାଜ ଦମଘୋଷର ପୁଅ ଶିଶୁପାଳ ହାତରେ ସମର୍ପିବ ।

ଶ୍ରୀକୃଷ୍ଣ ଗାଲରେ ହାତ ରଖି ଚିନ୍ତିତ ହେଲା ଭଳି ମୁଖଭଙ୍ଗୀ କଲେ । କହିଲେ, ଶୁଣିଚି ଶିଶୁପାଳଟା ଭଲ ଲୋକ ନୁହଁ । ଭୀଷ୍ମକ କ'ଣ ରାଜି ?

ବ୍ରାହ୍ମଣ କହିଲେ, ରୁକ୍ମ ହେଉଚି ସର୍ବେସର୍ବା । ତା'କଥାକୁ ବାପମାଆ କେହି ଭାଙ୍ଗି ପାରିବେନି । ଶ୍ରୀକୃଷ୍ଣ କହିଲେ, ତା'ହେଲେ ମୋ କଥା ଉଠୁଛି କେଉଁଠୁ ? ବ୍ରାହ୍ମଣ କହିଲେ, କିନ୍ତୁ ରୁକ୍ମିଣୀ ଯେ ଆପଣଙ୍କୁ ମନେ ମନେ ବିବାହ କରିସାରିଚି । ମୁଁ ତାକୁ ପିଲାଟିଦିନୁ ଜାଣେ । ମତେ କହିଛି, କୃଷ୍ଣ ମତେ ରକ୍ଷା ନ କଲେ, ମୁଁ ଜୀବନ ହାରିଦେବି । ବାର୍ତ୍ତା ଧରି ମୁଁ ଦୌଡ଼ିଚି ଏଠିକି । ଆପଣ ଯାହା ଉତ୍ତର ଦେବେ, ମୁଁ ଯାଇ ରୁକ୍ମିଣୀଙ୍କୁ ଜଣାଇବି । ଶ୍ରୀକୃଷ୍ଣ ବ୍ରାହ୍ମଣଙ୍କୁ କହିଲେ, "ବଡ଼ ଅଡୁଆରେ ପକାଇଲେ ହେ !" ହଉ ବାର୍ତ୍ତା କ'ଣ ଦିଅ । ତା'ପରେ ଦେଖାଯିବ ।

●

॥ ୭୮ ॥

# ଶ୍ରୀକୃଷ୍ଣଙ୍କୁ ରୁକ୍ମିଣୀଙ୍କ ପ୍ରେମପତ୍ର

ଶ୍ରୀଯୁକ୍ତ କୃଷ୍ଣ ନିକଟକୁ ଭୀଷ୍ମକନନ୍ଦିନୀ ରୁକ୍ମିଣୀଙ୍କ ସଂଦେଶ । ଏହାକୁ ପ୍ରେମପତ୍ର କୁହାଯାଇପାରେ । ସଂବୋଧନ – 'ହେ କୃଷ୍ଣ ! ହେ ଅଚ୍ୟୁତ । ଶୁଣିଛି ତୁମେ ତ୍ରିଭୁବନସୁନ୍ଦର ! ତୁମ ଗୁଣ ଓ ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ । ତୁମେ ଧର୍ମ, ଅର୍ଥ, କାମ, ମୋକ୍ଷ – ଚାରି ପୁରୁଷାର୍ଥର ଫଳସ୍ୱରୂପ । ସ୍ୱାର୍ଥ ପରମାର୍ଥ ସବୁ ହେଉଚ ତୁମେ ! ଏ ସବୁ ଶୁଣି ଶୁଣି ମୋ ମନରୁ ଲଜ୍ଜା, ସରମ ସବୁ ତୁଟିଯାଇଛି । ସେଥିପାଇଁ ସାହସ କରିଚି ଜଣାଇବା ପାଇଁ ଯେ 'ମୁଁ ତୁମକୁ ଭଲ ପାଏ ।' ହେ ପ୍ରେମସ୍ୱରୂପ ଶ୍ୟାମସୁନ୍ଦର ! କୁଳ, ଶ୍ରୀ, ସ୍ୱଭାବ, ବିଦ୍ୟାବୁଦ୍ଧି, ଧନ-ଜନ-ଗୋପ ଲକ୍ଷ୍ମୀ ସବୁ ଦିଗରୁ ତୁମେ ଅଦ୍ୱିତୀୟ । ତୁମର ତୁଳନା କେବଳ ତୁମେ ହିଁ । କେବଳ ନାରଦ ନୁହନ୍ତି, କେତେ ମୁନି ଋଷିଙ୍କଠାରୁ ତୁମର ଅନନ୍ତ ଗୁଣାମୃତ ପାନ କରି କରି ମୋ ହୃଦୟ କୃଷ୍ଣମୟ ହୋଇପଡିଛି । ମନୁଷ୍ୟଲୋକର ସମସ୍ତ ପ୍ରାଣୀ, ତୁମ କଥା ଶୁଣି ଶାନ୍ତି ଲଭ କରିଥାଆନ୍ତି । ଆନନ୍ଦିତ ହୋଇଥାଆନ୍ତି । ମୁଁ ତ ଯୁବତୀ, ତେଣୁ ତୁମକୁ ଭଲ ପାଇବାରେ, ମନେ ମନେ ପ୍ରେମ କରିବାରେ କୌଣସି ଅନ୍ୟାୟ କରିନି । ବରଂ ନିଜକୁ ଭାଗ୍ୟବତୀ ମନେ କରୁଛି । ହୁଏତ ବିସ୍ମିତ ହୋଇପାର, ମୁଁ ଆଗତୁରା ତୁମକୁ ଭଲ ପାଇ ବସିଲି କିମିତି ? ଇଏତ ଏକପାଖିଆ ପ୍ରେମ ! ମୋ ଭଳି ଜଣେ ସଂଭ୍ରାନ୍ତବଂଶୀୟା ରାଜକୁମାରୀ ଅନ୍ୟ ମୁଖରୁ କେବଳ ପ୍ରଶଂସା ଶୁଣି ଶୁଣି ତୁମକୁ ପ୍ରେମକରି ବସିବା ରାଜୋଚିତ ହୋଇନାହିଁ । କାହିଁକି କେଜାଣି ସମସ୍ତ ପ୍ରକାରର ରୀତି, ନୀତି, ଭୀତିକୁ ଭ୍ରୂକ୍ଷେପ ନକରି ମୋ ହୃଦୟ ସିଂହାସନରେ ତୁମକୁ ବସାଇଚି, ତା'ର କାରଣ ମୁଁ ନିଜେ ମଧ୍ୟ ଜାଣିପାରୁ ନାହିଁ । କିନ୍ତୁ ଭାବୁଛି, ଯେ କୌଣସି କୁଳବତୀ, ମହାଗୁଣବତୀ ଓ ଧର୍ମବତୀ କନ୍ୟାର ବିବାହଯୋଗ୍ୟ ବୟସ ହେବାମାତ୍ରେ, ମୁଁ ଯିମିତି ଶୁଣିଆସିଛି, ସେ ଯଦି ଶୁଣିଥାଏ, ନିଶ୍ଚୟ ତୁମକୁ ପତିଭାବରେ ଗ୍ରହଣ କରିବାପାଇଁ ବ୍ୟାକୁଳ ହୋଇ ପଡିବା ସ୍ୱାଭାବିକ ! ତେଣୁ ହେ ମୁକୁନ୍ଦ, ହେ ପରମାନନ୍ଦ ! ମୁଁ ନିଃସଂକୋଚ ଭାବରେ କହିଦେବାକୁ ଚାହେଁ ଯେ ବିବାହ ହେଉ ବା ନହେଉ, ତୁମେ ମୋର ସ୍ୱାମୀ, ତୁମେ ମୋର ପତି । ମୁଁ ତୁମଠି ସଂପୂର୍ଣ୍ଣ ଆତ୍ମସମର୍ପଣ କରି ସାରିଚି ।

ରୁକ୍ମିଣୀଙ୍କର ଇଏ ଏକ ଦୀର୍ଘ ପ୍ରେମପତ୍ର । ମନରେ ଯାହାଥିଲା, ସବୁ ଖୋଲାଖୋଲି ଲେଖିଛନ୍ତି । ଏପରି କି ସେ କିପରି ସର୍ବାଙ୍ଗ ସୁନ୍ଦରୀ, ନିଜର ଗୁଣଗ୍ରାମ

କ'ଣ, ସବୁ ଜଣାଇ ସାରି ଲେଖିଛନ୍ତି, ''ତୁମର ରାଣୀ ହେବାପାଇଁ ମୁଁ ସବୁଦିଗରୁ ସୁଯୋଗ୍ୟା କନ୍ୟାରତ୍ନ । ଏଠାକୁ ଆସି ମତେ ନେଇଯାଅ । ମୁଁ ତୁମ ସହିତ ଯିବାପାଇଁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ । ଏ ଦେହ ପୁରୁଷସିଂହ ପାଇଁ, ଚେଦୀ ରାଜକୁମାର ଶିଶୁପାଳ ଭଳି ଜଣେ ଶୃଗାଳ ପାଇଁ ନୁହଁ । ସେ ମୋ ମୁହଁ ନ ଦେଖୁଣୁ ତୁମେ ମତେ କୁଣ୍ଡିନପୁରରୁ ନେଇଯିବା ଉଚିତ ।

ଶ୍ରୀକୃଷ୍ଣଙ୍କ ମନରେ ଯେପରି ଲେଶମାତ୍ର ସନ୍ଦେହ ନ ରହେ, ସେଥିଲାଗି ରୁକ୍ମିଣୀ ଜଣାଇଛନ୍ତି– ଦାନ, ଯାଗ, ଯଜ୍ଞ, ଜପ, ତପ, ବ୍ରତ, ପୂଜା ଆରାଧନା, ଅତିଥିସେବା ବ୍ରାହ୍ମଣ ଓ ଗୁରୁଜନମାନଙ୍କ ପୂଜା ଆଦି ସବୁ କରିଛି କେବଳ ତୁମକୁ ପାଇବା ପାଇଁ । ମୁଁ ସର୍ବକଳାରେ ନିପୁଣା । ସ୍ତ୍ରୀଲୋକଠି ଯେତେ ଭଲଗୁଣ ରହିବା ଉଚିତ, ସବୁ ମୋ'ଠି ଅଛି । ସେ ସବୁର ପ୍ରମାଣ ତ ଏ ସନ୍ଦେଶ ଭିତରେ ଦେଇ ପାରିବିନି । ଏତିକି ମାତ୍ର କହିପାରେ ଯେ ମୁଁ ସତ୍ୟବ୍ରତୀ ଓ ସତ୍ୟବତୀ ! ଯଦି ତୁମର ସ୍ପର୍ଶ ପାଇବା ପୂର୍ବରୁ ଦମଘୋଷ ପୁତ୍ର ଶିଶୁପାଳ ମତେ ସ୍ପର୍ଶ କରିବାକୁ ଆସେ, ସେତେବେଳକୁ ମୁଁ ଆଉ ଜୀବନଧରି ନଥିବି । ଆତ୍ମହତ୍ୟା ଦୋଷ ମୋ'ଠି ଲାଗିବନି । କାରଣ ମୋ ମନ ଓ ହୃଦୟ ଭିତରେ ତୁମେ ଅଛ ଆତ୍ମା ସ୍ୱରୂପରେ । ଦୋଷ ହେବ ତୁମର, ପାପୀ ହେବ ତୁମେ । କାରଣ ସଂପୂର୍ଣ୍ଣ ଆତ୍ମସମର୍ପଣ କରିବା ସତ୍ତ୍ୱେ ତୁମେ ଭକ୍ତକୁ ରକ୍ଷାକରି ପାରିଲ ନାହିଁ ।

''ମନରେ ତୁମର ସନ୍ଦେହ ହେବା ସ୍ୱାଭାବିକ ଯେ ଏତେ ଜନଗହଳି ଭିତରୁ ମତେ ତୁମେ ହରଣଚାଳ କରିନେବ କିମିତି ? ପିତା ଓ ଭାଇ ଦୁହେଁ ତ ଆଉଜଣଙ୍କୁ ମତେ ଦେଇଦେବାପାଇଁ ସ୍ଥିର କରିସାରିଛନ୍ତି । ଦୁଇଦିନ ପରେ ବିଭାଘର । ଯିଏ ସର୍ବଶକ୍ତିମାନ, ତ୍ରିପୁରାଧିପତି, ତା ପକ୍ଷରେ ସବୁକିଛି ସମ୍ଭବ । ମତେ ହରଣ କରି ବରଣ କରିବାରେ କିଛି ଅନ୍ୟାୟ ହେବ ନାହିଁ । କ୍ଷତ୍ରିୟ କୂଳରେ 'ହରଣଚାଳ' କରି କନ୍ୟାବରଣ ନୂଆ କଥା ନୁହେଁ । ତା'ଛଡ଼ା ମୁଁ ତୁମକୁ ଭଲପାଏ ! ମତେ ଜବରଦସ୍ତି ଅନ୍ୟକୁ ଅର୍ପଣ କରାଯିବା ପୂର୍ବରୁ ମତେ ରକ୍ଷା କରିବା ହେଉଛି ତୁମର ଧର୍ମ, କର୍ତ୍ତବ୍ୟ । ତୁମେ ତୁମର ସୈନ୍ୟସାମନ୍ତ, ଅସ୍ତ୍ରଶସ୍ତ୍ର ଧରି ଆସ । ଜରାସନ୍ଧ ଓ ଶିଶୁପାଳର ସେନାବାହିନୀକୁ ତୁମେ ତ ଚାହିଁଲେ ମୁହୂର୍ତ୍ତକରେ ଧୂଳିସାତ୍ କରିଦେଇ ପାରିବ ।

''ହଁ, ଆଉ ଏକ ସନ୍ଦେହ ମୋଚନ କରିଦେବାକୁ ଚାହେଁ । ତୁମେ ଭାବିପାର, ମୁଁ ତ ରାଣୀହଂସପୁରର ଅନ୍ତଃପୁରରେ ଥିବି । ସେଠିକି ପ୍ରବେଶ କରି ମୋତେ ନେବ କିପରି ? ଅନ୍ତଃପୁରର ନିରୀହ ରମଣୀମାନଙ୍କୁ ଆଘାତ କରିବା ଠିକ୍ ହେବ ନାହିଁ । ତାର

ବାଟ ମୁଁ ରଖିଛି । ବିବାହ ଦିବସର ଦିନକ ପୂର୍ବରୁ, ବିଧିବିଧାନ ଅନୁସାରେ କନ୍ୟା ଉଆସ ବାହାରକୁ ଯିବ । ବାଇଦବାଜଣା ଭିତରେ ମତେ ଦିଅଁମଙ୍ଗୁଳିବା ଲାଗି ଗଡବାହାରେ ଥିବା ପାର୍ବତୀ ମନ୍ଦିରକୁ ଯିବାକୁ ପଡିବ । ଏହାହିଁ ସୁବର୍ଣ୍ଣ ସୁଯୋଗ । ମୁଁ ଉଆସରୁ ବାହାରିବା ମାତ୍ରେ ମତେ ତମେ ବାଟରୁ ହରଣଚାଳ କରିନେଇ ପାରିବ ।

''ସାଧୁ ସନ୍ଥମାନେ ଏପରିକି ସ୍ୱୟଂ ଶଂକର ଯାହାର ପାଦଧୂଳି ପାଇବାପାଇଁ ବହୁ ତପସ୍ୟା କରିଥାଆନ୍ତି, ତମୋଗୁଣରୁ ଉଦ୍ଧାର ଲାଗି ଯାହାର ପଦରଜ ଏକମାତ୍ର ମହୌଷଧି, ସେ ଚରଣଧୂଳି ଯଦି ଏହି ଭାଗ୍ୟହୀନା ନପାଏ, ତାହାହେଲେ ଏ ଦେହ ଧୂଳିରେ ହିଁ ମିଶିଯିବ । ଏତିକିମାତ୍ର ଆଶା ନେଇ ମରିବି ଯେ ପରଜନ୍ମରେ ତୁମକୁ ପାଇପାରେ ।''

ସଂଦେଶ ଏତିକିରେ ଶେଷ ।

ଶ୍ରୀକୃଷ୍ଣ ସବୁ ଜାଣି ନଜାଣିଥିବା ଭଳି ବାର୍ତ୍ତାବହ ବ୍ରାହ୍ମଣଙ୍କୁ କହିଲେ, ଯା ଭିତରେ ପୁଣି ଏତେ କଥା ! ସଂଦେଶରୁ ଜଣାପଡୁଛି ତୁମ ରୁକ୍ମିଣୀ, ବଡ ଚତୁରୀ । ବ୍ରାହ୍ମଣଙ୍କ ହାତକୁ ଧରି କହିଲେ, ରୁକ୍ମିଣୀ ଯିମିତି ମତେ ଚାହାଁନ୍ତି, ମୁଁ ମଧ ତାଙ୍କୁ ସିମିତି ଚାହେଁ । ମୁଁ ମଧ ତାଙ୍କୁ ଭଲପାଏ । ତାଙ୍କ ଚିତ୍ତ ସହିତ ମୋ ଚିତ୍ତ ବହୁକାଳରୁ ଲାଗି ରହିଛି । ରୁକ୍ମିଣୀ ଚିନ୍ତାରେ ମୋ ଆଖିରେ ନିଦ ନାହିଁ । ଦ୍ୱେଷ କରି ରୁକ୍ମ ମୋ ସହିତ ରୁକ୍ମିଣୀଙ୍କ ବିବାହ ବାଟ ବନ୍ଦ କରିଦେଇଚି । ହେ ବ୍ରାହ୍ମଣଦେବତା ! ଦେଖିବ ସେହି ରୁକ୍ମକୁ ମୁଁ ଇମିତି ପାନେ ଦେବି, ଯିମିତି ଲୋକେ କହିବେ ଠିକ ଶଳାକୁ ଠିକ୍ ଭିଣୋଇ । ଶିଶୁପାଳ ବରବେଶରେ ରହିବ, କନ୍ୟାକୁ ପାଇବ ନାହିଁ ।

ଶ୍ରୀକୃଷ୍ଣ ସଙ୍ଗେ ସଙ୍ଗେ ସାରଥି ଦାରୁକକୁ କହିଲେ – ରଥ ସଜ କର, ପଅରଦିନ ବିବାହ । ଦାରୁକ ସବୁଠାରୁ କ୍ଷିପ୍ରଗାମୀ ଚାରି ଅଶ୍ୱ ଶୈବ୍ୟ, ସୁଗ୍ରୀବ, ମେଘପୁଷ୍ପ ଓ ବଳାହକଙ୍କୁ ରଥରେ ଯୋଚିଲେ । ରଥକୁ ଆଣି ଦ୍ୱାରଦେଶରେ ହାଜର କରାଇଲେ । ରଥ ପ୍ରସ୍ତୁତ ବୋଲି ଦାରୁକ ହାତଯୋଡ଼ି ପ୍ରଭୁଙ୍କୁ କହିଲେ । ଶ୍ରୀକୃଷ୍ଣ ବ୍ରାହ୍ମଣଙ୍କୁ ପ୍ରଥମେ ରଥାରୁଢ଼ କରାଇବା ପରେ ନିଜେ ବସିଲେ । ଦାରୁକ ଚାବୁକ ଟେକିବା ମାତ୍ରେ ରଥ ଚାଲିଲା ପବନ ବେଗରେ । ବିଦର୍ଭ ଦେଶ ଆଡ଼କୁ ରାତାରାତି ରଥ ଚାଲିଲା । ସକାଳ ହେବାମାତ୍ରେ ରଥ ପହଞ୍ଚିଲା କୁଣ୍ଡିନପୁରରେ ।

ଭାଇ ବଳରାମ ପରେ ସବୁକଥା ଶୁଣିଲେ । ଜାଣି ପାରିଲେ, ନିଶ୍ଚୟ ଝମେଲା ହେବ । ସେ ଯାଦବ ସୈନ୍ୟମାନଙ୍କୁ ନେଇ ଶ୍ରୀକୃଷ୍ଣଙ୍କ ପଛେ ପଛେ ଯାଇ ବିଦର୍ଭରେ ପହଞ୍ଚିଲେ ।

●

॥ ୭୯ ॥

# କୁଣ୍ଡିନପୁରରେ ରାମକୃଷ୍ଣ

ରାଜା ଭୀଷ୍ମକଙ୍କ ଏକମାତ୍ର କନ୍ୟା ରୁକ୍ମିଣୀଙ୍କ ବିଭାଘର । କୁଣ୍ଡିନପୁରରେ ବିପୁଳ ଆୟୋଜନ । ସାଜସଜ୍ଜା କହିଲେ ନ ସରେ । ଦାଣ୍ଡଘାଟ ଚାରିଆଡ଼େ ତୋରଣ । ଘରେ ଘରେ ପୂର୍ଣ୍ଣକୁମ୍ଭ । ଚତୁର୍ଦ୍ଦିଗ ସୁଗନ୍ଧରେ ସୁଗନ୍ଧିତ । ସମସ୍ତେ ନବବସ୍ତ୍ର ପରିହିତ । ନାନା ବାଦ୍ୟଧ୍ୱନିରେ କୁଣ୍ଡିନପୁର ମୁଖରିତ । ରାଜକନ୍ୟାଙ୍କ ପରିଣୟ । ସ୍ୱୟଂବର ସଭା ହେବା କଥା । କିନ୍ତୁ ଯେହେତୁ ଆଗରୁ ବରପାତ୍ର ସ୍ଥିର ହୋଇସାରିଛି, ତେଣୁ ଆଉ ସ୍ୱୟଂବରର ପ୍ରଶ୍ନ ନାହିଁ । ସମସ୍ତେ ଜାଣନ୍ତି, ଶିଶୁପାଳ ସହିତ ରୁକ୍ମିଣୀଙ୍କ ବିବାହ ନିଶ୍ଚିତ । ଯୁବରାଜ ରୁକ୍ମ ଆଗରୁ ନିର୍ବନ୍ଧ କରିସାରିଛନ୍ତି ।

ଆଜି ମଙ୍ଗଳକୃତ୍ୟ । ବ୍ରାହ୍ମଣମାନଙ୍କ ଚର୍ଚ୍ଚା ଚାଲିଛି । ହଜାର ହଜାର ପ୍ରଜା ଭୁରି ଭୋଜନ କରୁଛନ୍ତି । ବେଦମନ୍ତ୍ର ବୋଲା ହେଉଛି । ନାନା ଅଳଙ୍କାର ଏବଂ ବସ୍ତ୍ରରେ ରୁକ୍ମିଣୀ ବିଭୂଷିତା । ବିଷ୍ଣୁପ୍ରିୟା ମହାଲକ୍ଷ୍ମୀଙ୍କ ଭଳି ଦେଖାଯାଉଛନ୍ତି ସେ । ତାଙ୍କ ଚାରିପଟେ ସଖୀମାନେ ଘେରି ବସିଛନ୍ତି ।

ଚେଦିର ରାଜା ଦମଘୋଷ ମଧ୍ୟ ତାଙ୍କ ରାଜ୍ୟରେ ପୁଅ ଶିଶୁପାଳର ବିବାହ ଲାଗି ବିପୁଳ ଆୟୋଜନ କରିଛନ୍ତି । ସେଠାରେ ମଧ୍ୟ ମଙ୍ଗଳକୃତ୍ୟ ସମ୍ପନ୍ନ ହୋଇଛି । ଏସବୁ ସାରି ସେ ବିପୁଳ ଥାଟପାଟ ସହ ଶିଶୁପାଳଙ୍କୁ ସାଙ୍ଗରେ ଧରି ବିଦର୍ଭରେ ଉପସ୍ଥିତ । ଶିଶୁପାଳ ସାଙ୍ଗରେ ଆସିଛନ୍ତି ତା' ସାଙ୍ଗ ଜରାସନ୍ଧ, ଶାଳ୍ୱ, ଦନ୍ତବକ୍ର ବିଦୁରଥ ଏବଂ ପୌଣ୍ଡ୍ରକ । ବହୁ ସୈନ୍ୟ ସାଙ୍ଗରେ ଆଣିବାର ଯଥେଷ୍ଟ କାରଣ ରହିଛି । ଶିଶୁପାଳ ଜାଣିଚି ଯେ ରାଜା ଭୀଷ୍ମକ, କନ୍ୟା ରୁକ୍ମିଣୀର ବିବାହ ପାଇଁ କୃଷ୍ଣଙ୍କୁ ବରପାତ୍ର ଭାବରେ ବାଛି ସାରିଥିଲେ । ପୁତ୍ର ରୁକ୍ମ ଏ ପ୍ରସ୍ତାବରେ ରାଜି ହେଲା ନାହିଁ । ତେଣୁ ସଙ୍କଟ ଉପୁଜିବାର ଯଥେଷ୍ଟ ଆଶଙ୍କା ରହିଛି । ସେଥିପାଇଁ ଶିଶୁପାଳ ଓ ତା ସାଙ୍ଗମାନେ ଆଗରୁ ପ୍ରସ୍ତୁତ ହେବା ସ୍ୱାଭାବିକ ।

କୁଣ୍ଡିନପୁରରେ ସମସ୍ତେ ଖୁସି । କିନ୍ତୁ ରୁକ୍ମିଣୀ ଖୁସି ନୁହଁନ୍ତି । ତାଙ୍କ ମନ ଛଟ ପଟ । ସେ ଦ୍ୱାରକା ପଠାଇଥିବା ବ୍ରାହ୍ମଣ ଜଣଙ୍କ ଏଯାଏଁ ଫେରିନାହାଁନ୍ତି କାହିଁକି ? ମନରେ ଗୁଡ଼ାଏ ପ୍ରଶ୍ନ । ବ୍ରାହ୍ମଣ କ'ଣ ସଂଦେଶ ନେଇ ଠିକ୍ ସମୟରେ ଦ୍ୱାରକାରେ ପହଞ୍ଚି ପାରିନାହାଁନ୍ତି ? ବାଟରେ କେହି ତାଙ୍କୁ ଅଟକାଇ ଦେଇ ନାହିଁ ତ ? କେବଳ

ମଝିରେ ଗୋଟିଏ ରାତି । ଆସନ୍ତାକାଲି ବାହାଘର । ମୋ ଚିଠି ପାଇ ଶ୍ରୀକୃଷ୍ଣ କ'ଣ ବିରକ୍ତ ହେଲେ ! ମତେ କ'ଣ ସେ ଅଲାଜୁକି ବୋଲି ପ୍ରତ୍ୟାଖ୍ୟାନ କଲେ ? ବୋଧହୁଏ ସେ ବ୍ରାହ୍ମଣଙ୍କୁ କିଛି କଡ଼ାକଥା କହି ବିଦାୟ କରିଦେଲେ । ବ୍ରାହ୍ମଣ ହୁଏତ ଫେରିଥିବେ କିନ୍ତୁ ସେକଥା ମତେ କହିବାକୁ ଚାହିଁଲେ ନାହିଁ । କହିଲେ, ମୋ ମନ ଖରାପ ହେବ ବୋଲି ଭାବି ନେଲେ । ଦେବତାମାନେ କ'ଣ ମୋ ପ୍ରତି ରୁଷ୍ଟ ହେଲେ ? ମୋ ବ୍ରତ, ଦାନଧର୍ମରେ କ'ଣ କିଛି ତ୍ରୁଟି ରହିଗଲା କି ! ମୁଁ ତ ଗୌରୀପୂଜା କରି ଆସୁଚି । ସିଏ ତ ମୋ ଗିରିଜା ମାଆ ! ତାଙ୍କ ଆଶୀର୍ବାଦରୁ ମୁଁ କ'ଣ ବଞ୍ଚିତା ? ସେ ତ ଜାଣୁଥିବେ, ଶ୍ରୀକୃଷ୍ଣଙ୍କ ସହିତ ଯଦି ମୋର ପରିଣୟ ନ ହୁଏ, ମୁଁ ଜୀବନ ତ୍ୟାଗ କରିଦେବି । ଏକଥା ଜାଣି ସୁଦ୍ଧା ମା' ପାର୍ବତୀ ତାଙ୍କ କନ୍ୟା ପାଇଁ କିଛି ନ କରି କ'ଣ ନୀରବ ରହିବେ ?

ମନରେ ଇମିତି ନାନା ପ୍ରଶ୍ନ ଗୁଡ଼େଇ ତୁଡ଼େଇ ହେବାରେ ଲାଗିଲା । ରୁକ୍ମିଣୀ ଦୁଇ ଆଖିବୁଜି ବସି ରହିଲେ । ମନକୁ ସାନ୍ତ୍ୱନା ଦେବାରେ ଲାଗିଲେ । ସମୟ ତ ଗଡ଼ି ଯାଇନି । ତାଙ୍କ ପ୍ରିୟତମ ଯା' ଭିତରେ ଆସିଯାଇ ପାରନ୍ତି । ସେ ଆଖିର ଲୁହକୁ ଆଖି ଭିତରେ ଲୁଚେଇ ରଖିଲେ । ଭାବିଲେ, ଏତିକିବେଳୁ ଆତ୍ମହତ୍ୟା କରିବା ଠିକ୍ ହେବ ନାହିଁ । ସେ ଯଦି ଆସିଯିବେ, ମୋ ଶବକୁ ଦେଖିବେ, ଆତ୍ମହତ୍ୟା ପାପଠୁ ସେ ପାପ ବଳିପଡ଼ିବ । ସେ ହଠାତ୍ ନିଜ ଅଙ୍ଗରେ ଶୁଭ ସଙ୍କେତ ଅନୁଭବ କଲେ । ବାମଚକ୍ଷୁ ଓ ବାମସ୍କନ୍ଧ ସ୍ପନ୍ଦିତ ହେଲା । ତାଙ୍କ ଚକ୍ଷୁଯୁଗଳରୁ ଆନନ୍ଦାଶ୍ରୁ ନିର୍ଗତ ହେଲା ।

ଠିକ୍ ଏତିକିବେଳକୁ ଶ୍ରୀକୃଷ୍ଣ କୁଣ୍ଡିନପୁରର ପ୍ରବେଶଦ୍ୱାର ନିକଟରେ ଉପସ୍ଥିତ । ତାଙ୍କ ପଛେ ପଛେ ଭାଇ ବଳରାମ । ଶ୍ରୀକୃଷ୍ଣ ବ୍ରାହ୍ମଣ ବାର୍ତ୍ତାବହଙ୍କୁ ରଥରୁ ଓହ୍ଲାଇ ଦେଇ କହିଲେ, ଆପଣ ଶୀଘ୍ର ଯାଇ ରୁକ୍ମିଣୀଙ୍କୁ ଜଣାଇ ଦିଅନ୍ତୁ; ଆମେ ଆସିଗଲୁଣି । ଆମର ଆଗମନର ଅର୍ଥ ରୁକ୍ମିଣୀଙ୍କ ବିପଦର ଅବସାନ । ରୁକ୍ମିଣୀଙ୍କ ମନ ଭିତରେ ମଧ୍ୟ ଏକ ସୁ-ମଧୁର ସ୍ୱର ଯିମିତି ଅନୁରଣିତ ହେବାରେ ଲାଗିଲା । ସେ ସ୍ୱର ଶ୍ରୀକୃଷ୍ଣଙ୍କ ଆଗମନୀ ସଙ୍ଗୀତ ! ରୁକ୍ମିଣୀଙ୍କ ସାଶ୍ରୁ ନୟନ ଧୀରେ ଧୀରେ ଖୋଲିବାରେ ଲାଗିଲା । ସେ ଦୂରରୁ ଏକ ଚିହ୍ନା ମୁହଁ ଦେଖିଲା ଭଳି ଅନୁଭବ କଲେ । ଆଖିକି ଭଲ ଭାବରେ ମଳିଲେ । ଦେଖିଲେ, ବୃଦ୍ଧବ୍ରାହ୍ମଣ ଆସିଗଲେଣି । ବ୍ରାହ୍ମଣଙ୍କ ଅଧରରେ ସ୍ମିତ ହାସ୍ୟ । ଏହି ହାସ୍ୟ ହିଁ ଶୁଭ ସଙ୍କେତ । ବ୍ରାହ୍ମଣ ତାଙ୍କ ପାଖରେ ପହଞ୍ଚିବା ମାତ୍ରେ, ଦୁହିଁଙ୍କ ମଧ୍ୟରେ ଆଖିଠାରରେ ପ୍ରଶ୍ନୋତ୍ତର କାମ ସରିଗଲା । ତା'ପରେ ରୁକ୍ମିଣୀ ନିଭୃତ କକ୍ଷକୁ ନେଇଗଲେ ବୃଦ୍ଧ ବ୍ରାହ୍ମଣଙ୍କୁ । ସବିଶେଷ ବିବରଣୀ ମିଳିଗଲା । ବ୍ରାହ୍ମଣ କହିଲେ, ତୁମେ ଶ୍ରୀକୃଷ୍ଣଙ୍କୁ ଯେତିକି ଭଲ ପାଅ, ତା'ଠୁ ଅଧିକ ସେ ତୁମକୁ ଭଲପାଆନ୍ତି । ଶୁଣୁ ଶୁଣୁ ରୁକ୍ମିଣୀଙ୍କ ହୃଦୟର ଆନନ୍ଦ-ବନ୍ୟା ନୟନ ଯୁଗଳ ଦେଇ ପ୍ରବାହିତ ହେବାକୁ ଲାଗିଲା । ରୁକ୍ମିଣୀ

ବ୍ରାହ୍ମଣଙ୍କୁ କହିଲେ, ତୁମର ଉପକାର ମୁଁ ଜୀବନରେ ଭୁଲି ପାରିବିନି । ପୁରସ୍କୃତ କରିବାପାଇଁ କେବଳ ଏତିକିମାତ୍ର ଅଛି କହି ସେ ଅଶ୍ରୁଜଳରେ ବ୍ରାହ୍ମଣଙ୍କ ପାଦ ଧୋଇଲେ ।

ଭୀଷ୍ମକ ମହାରାଜ ରାମକୃଷ୍ଣଙ୍କ ଆଗମନର ଖବର ପାଇ ଆନନ୍ଦିତ ହେଲେ । ଭାବିଲେ, ସେମାନେ ନିଶ୍ଚୟ ରୁକ୍ମିଣୀଙ୍କ ବିବାହ ଉତ୍ସବରେ ଯୋଗ ଦେବାପାଇଁ ଆସିଛନ୍ତି । କିନ୍ତୁ ବିନା ନିମନ୍ତ୍ରଣରେ ସେମାନେ ଆସିଥିବାରୁ ସେ ମନେ ମନେ ଲଜ୍ଜିତ ହେଲେ । ବହୁ ଆଗରୁ ଭୀଷ୍ମକ ଶ୍ରୀକୃଷ୍ଣଙ୍କ ଭକ୍ତ ହୋଇସାରିଥିଲେ ; ସେ ତାଙ୍କ ଝିଅକୁ ଶ୍ରୀକୃଷ୍ଣଙ୍କ ହାତରେ ସମର୍ପଣ କରିବେ ବୋଲି ମନେ ମନେ ସ୍ଥିର କରିସାରିଥିଲେ । ସେ ରାମ କୃଷ୍ଣଙ୍କୁ ସ୍ୱାଗତ କଲେ । ସେମାନଙ୍କୁ ପାଦାର୍ଘ୍ୟ ଦେଲେ । ପିନ୍ଧିବାକୁ ମୂଲ୍ୟବାନ ପୋଷାକ ଦେଲେ । ରାମକୃଷ୍ଣଙ୍କୁ ନିଜ ପୁଅ ଭଳି ଆଦର ଅଭ୍ୟର୍ଥନା କଲେ । ଭଲଘର ଦେଲେ ରହିବା ପାଇଁ । କହିଲେ, ଯାହାହେଉ ଆସିଗଲେ, ଭଲ କଲେ । ଶ୍ରୀକୃଷ୍ଣ କହିଲେ, କେବଳ ଆପଣଙ୍କ ଝିଅ ବାହା ହେଉଛି ଖବର ପାଇ ଆମେ ଆସିଚୁ । ନିମନ୍ତ୍ରଣପତ୍ରକୁ ଅପେକ୍ଷା କଲୁ ନାହିଁ । ନାରଦ ଆଗରୁ ଆମକୁ ବିବାହ ଦିବସ ଜଣାଇ ଦେଇଥିଲେ । ଆମ ଆଗମନ ଯୋଗୁଁ ଆପଣ କିଛି ଭୟ କରନ୍ତୁ ନାହିଁ । ବିବାହ କାର୍ଯ୍ୟ ଯେପରି ନିର୍ବିଘ୍ନରେ ହେବ, ତା'ର ବ୍ୟବସ୍ଥା କରନ୍ତୁ । ବହୁତ କାମ ବାକିଥିବ, ଆମ ସହିତ ପରେ ଗପସପ କରିବେ, ଯାଆନ୍ତୁ, ଆୟୋଜନ କରନ୍ତୁ ।

ଭୀଷ୍ମକ ରାମକୃଷ୍ଣଙ୍କ ଠାରୁ ବିଦାୟ ନେଲେ । ବଳରାମ କହିଲେ, କହ୍ନେଇ ! ତୁ ଏଠି କିଛି ଗଣ୍ଡଗୋଳ କଲା ଭଳି ତୋ ଭାବଭଙ୍ଗୀରୁ ମୁଁ ଠଉରଉଚି । ନଚେତ ମତେ ନ କହି, ତୁ ଏକା ଏକା ଏଠିକି ଆସି ନଥାନ୍ତୁ । ଶ୍ରୀକୃଷ୍ଣ ଭାଇଙ୍କୁ ନିଜ ମତଲବ ଜଣାଇ ଦେଲେ । ଦୁହିଁଙ୍କ ଭିତରେ ବହୁ ସମୟ ଧରି କଥାବାର୍ତ୍ତା ହେଲା ।

ଇତି ମଧ୍ୟରେ ସମଗ୍ର ବିଦର୍ଭରେ ରାଷ୍ଟ୍ର ହୋଇଗଲା ଯେ ରାମକୃଷ୍ଣ ଦୁଇ ଭାଇ କୁଣ୍ଡିନପୁରରେ ବିଦ୍ୟମାନ । ସମସ୍ତେ ଜାଣିଥିଲେ ଯେ ଶ୍ରୀକୃଷ୍ଣଙ୍କ ସହିତ ରୁକ୍ମିଣୀଙ୍କ ବିବାହ ହେବାର ଥିଲା । ରୁକ୍ମ ଏ ପ୍ରସ୍ତାବକୁ ନାକଚ କରିଦେଲେ । କିନ୍ତୁ କୃଷ୍ଣରୁକ୍ମିଣୀ ଯୋଡ଼ି ଭଲ ହୋଇଥାଆନ୍ତା । କେହି କେହି ଚୁପ୍‌ଚାପ୍ କହିଲେ, ଆମର ପୁଣ୍ୟବଳ ନାହିଁ ବୋଲି ଯାହା ହେବା କଥା ଥିଲା, ତାହା ହୋଇ ପାରିଲା ନାହିଁ । ରୁକ୍ମିଣୀଙ୍କ ଭାଗ୍ୟ ସହିତ ଆମର ଭାଗ୍ୟ ମଧ୍ୟ ଯୋଡ଼ା ହୋଇ ରହିଚି । ଶିଶୁପାଳଟା ନିହାତି ଖଲୁଆଟାଏ । ତା'ର କୁପ୍ରଭାବ ଆମ ଉପରେ ମଧ୍ୟ ପଡ଼ିବ । ଆଉ କେହି କେହି କହିଲେ, ଯାହା ହେବା କଥା ହେବ, ତାକୁ କେହି ଅନ୍ୟଥା କରିପାରିବେ ନାହିଁ । ଯାହାହେଉ, ରାମକୃଷ୍ଣଙ୍କ ଦର୍ଶନ କରିବା ଚାଲ । ସମସ୍ତଙ୍କ ଧାଡ଼ି ଲମ୍ବିଲା, ରାମକୃଷ୍ଣ ରହିଥିବା ଘର ଆଡ଼କୁ । କିନ୍ତୁ ରୁକ୍ମ ଭୟରେ ସମସ୍ତଙ୍କ ମୁହଁ ବନ୍ଦ !

॥ ୮୦ ॥

# 'ନେଲା, ନେଲା' ବୋଲି ପଡ଼ିଲା ହୁରି

ସୁଶୋଭିତା, ବିଭୂଷିତା ରାଜକୁମାରୀ ରୁକ୍ମିଣୀ । ଦିଅଁମଙ୍ଗୁଳା କାମ ଆରମ୍ଭ । ଶୁଭଲଗ୍ନ । ଅନ୍ତଃପୁରରୁ ବାହାରି ଧୀର ପଦକ୍ଷେପରେ ଚାଲିଛନ୍ତି ରାଜଜେମା । ତାଙ୍କ ଆଗରେ, ପଛରେ, ଚାରିପଟେ ଶହଶହ ଜଗୁଆଳି ସଶସ୍ତ୍ର ସୈନ୍ୟ ! ଅଙ୍ଗରକ୍ଷୀ । କନ୍ୟା ସହିତ ତାଙ୍କ ମାଆ ଓ ଅନ୍ତରଙ୍ଗ ସଖୀମାନେ । ନାନା ବାଇଦ ବାଜଣା । ସମସ୍ତଙ୍କ ଆଖି ରୁକ୍ମିଣୀଙ୍କ ପ୍ରତି । କିନ୍ତୁ ରୁକ୍ମିଣୀଙ୍କ ଆଖି ଖୋଜିବାରେ ଲାଗିଛି କେବଳ ଜଣଙ୍କୁ, ଶ୍ରୀମାନ୍ ଶ୍ରୀକୃଷ୍ଣଙ୍କୁ । ସମସ୍ତେ ଅଗ୍ରସର ଉଆସ ବାହାରେ ଥିବା ପାର୍ବତୀ ମନ୍ଦିର ଅଭିମୁଖେ । ଆନନ୍ଦ କୋଳାହଳ । ଶଂଖ ଓ ହୁଳହୁଳି ଧ୍ୱନି । ସଖୀମାନଙ୍କ ହାତରେ ଦିଅଁ ମଙ୍ଗୁଳାର ନାନାଦି ଉପଚାର । ପୂର୍ଣ୍ଣକୁମ୍ଭ, ଦୂବ ବରକୋଳିପତ୍ର, ହଳଦିଆ ଚାଉଳ ଇତ୍ୟାଦି । ସୁବାସିତ ଜଳ ଛିଂଚା ଚାଲିଛି । ବ୍ରାହ୍ମଣମାନେ ବେଦମନ୍ତ୍ର ପାଠ କରିବାରେ ଲାଗିଛନ୍ତି । ସମଗ୍ର ପରିବେଶ ମନ୍ତ୍ରଧ୍ୱନିରେ ପୂତ ପବିତ୍ର । କେବଳ ପ୍ରମିଳାମାନଙ୍କ ଶୋଭାଯାତ୍ରା ।

ରାଜନିବାସ ଅନ୍ତଃପୁରରୁ ପାର୍ବତୀଙ୍କ ମନ୍ଦିର ବେଶୀ ଦୂର ନୁହେଁ । ତେଣୁ ଶୋଭାଯାତ୍ରା ଶୀଘ୍ର ମନ୍ଦିରର ମୁଖଶାଳାରେ ପହଞ୍ଚିଲା । ପୂଜକ ଆଗରୁ ଅପେକ୍ଷା କରି ରହିଥିଲେ । ରାଜକୁମାରୀ ପ୍ରଥମେ ହାତପାଦ ଧୋଇସାରି ମନ୍ଦିରରେ ପ୍ରବେଶ କଲେ । ପୂଜକ ତାଙ୍କୁ ପାଛୋଟି ନେଲେ । ଠାକୁରାଣୀଙ୍କୁ ଧୂପ, ଦୀପ, ନୈବେଦ୍ୟ ଆଦି ଦିଆଗଲା । ମା' ଅମ୍ବିକା ପାର୍ବତୀଙ୍କୁ ରୁକ୍ମିଣୀ ଆଖି ବୁଜି ପ୍ରାର୍ଥନା କଲେ । ପ୍ରଣିପାତ କରି ମନେ ମନେ କହିଲେ, 'ମା'ଠୁ ମୋର ଆଉ କିଛି ଦରକାର ନାହିଁ । ମୁଁ ଚାହେଁ କେବଳ କୃଷ୍ଣଙ୍କୁ ପତିଭାବରେ । ମା' ! ତୁ ମତେ କୃଷ୍ଣଙ୍କର କରିଦେ !

ତା'ପରେ ସାଙ୍ଗରେ ଯାଇଥିବା ନିଜ ମାଆ ଓ ଅନ୍ୟ ବୟସ୍କା ସ୍ତ୍ରୀଲୋକେ ରୁକ୍ମିଣୀଙ୍କୁ ଯାହା କହିଲେ, ସେ ତା' କଲେ । ପୁଷ୍ପାଞ୍ଜଳି ଦେଲେ । ସେ ଜଣଜଣ କରି ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କୁ ମୁଣ୍ଡିଆ ମାରିଲେ । ନମସ୍କାର କଲେ । ପ୍ରସାଦ ପାଇ ସାରି ରୁକ୍ମିଣୀ ମନ୍ଦିରରୁ ବାହାରିଲେ ଉଆସକୁ ଫେରିଯିବା ପାଇଁ । ରୁକ୍ମିଣୀଙ୍କୁ ଦେଖିବା ଲାଗି ବହୁରାଜ୍ୟର ରାଜକୁମାର ଆସି ମନ୍ଦିର ବାହାରେ ସମବେତ । ଅନିନ୍ଦ୍ୟସୁନ୍ଦରୀ ଭୀଷ୍ମକ ରାଜନନ୍ଦିନୀ କୁମାରୀ ରୁକ୍ମିଣୀ । ଅଦୂରରୁ ରୂପ ମାଧୁରୀ ଆସ୍ୱାଦନ କରିବା ଲାଗି ବହୁଲୋକ ଆତୁର ହୋଇ ପଡ଼ିଥିଲେ । କିନ୍ତୁ ରୁକ୍ମିଣୀଙ୍କ ମୁଖମଣ୍ଡଳ ଦେଖିବା ସହଜ ନୁହେଁ । ଲମ୍ବା ଓଢ଼ଣା ଟଣାହୋଇଛି ମୁଣ୍ଡରୁ ମୁହଁ ପର୍ଯ୍ୟନ୍ତ । ଦେଖଣାହାରୀ ଦେଖିଲେ

କେବଳ ଗୁଡିଏ ଅଳଙ୍କାର, ଦେହ ଉପରର ଆଭରଣ ଓ ଆବରଣ । ସେତିକି ଦେଖି କେତେକ ରାଜକୁମାର ବେହୋସ ହୋଇପଡ଼ିଲେ । କେହି କେହି ମନେ ମନେ ରାଜକୁମାରୀଙ୍କ ରୂପ ଲାବଣ୍ୟକୁ ସୁମରି ସୁମରି ହତାଶ ହେଲେ । କେହି କେହି ହଂସଗାମିନୀ ରୁକ୍ମିଣୀଙ୍କ ଚାଲି ଓ ଠାଣିକୁ ଦେଖି ଚକିତ ହେଲେ ।

ଇଆଡ଼େ ରୁକ୍ମିଣୀଙ୍କ ମନ ଛନଛନ ଶ୍ରୀକୃଷ୍ଣଙ୍କୁ ପାଇବା ପାଇଁ । ସେ କେବଳ ଭାବୁଥିଲେ ତାଙ୍କ ପ୍ରାଣପ୍ରିୟ ଶ୍ରୀକୃଷ୍ଣ ଏହି ଜନଗହଳି ଭିତରେ ନିଶ୍ଚୟ କୁଉଠି ଥିବେ । କଥା ଦେଇଛନ୍ତି, ଠିକ୍ ସମୟରେ ଠିକ୍ ଜାଗାରେ ପହଞ୍ଚିବେ ସେ । ମନ ଭିତରେ 'ଭାବ'ର ଲହଡି ଉଚ୍ଚକୁ ଉଠି ପୁଣି ତଳକୁ ଖସିବାରେ ଲାଗିଛି । ସେ ଜୋର୍‌ରେ ପାଦ ପକାଇବାରେ ଲାଗିଲେ । ପୁଣି ଭାବିଲେ, ଶୀଘ୍ର ଗଲେ, ସମସ୍ତେ ତାଙ୍କୁ ଠେଲି ପେଲି ଉଆସ ଭିତରକୁ ନେଇଯିବେ । ବିଦର୍ଭର ବାହାରଟା ସେ କେବେ ଦେଖି ନଥିଲେ କି ବିଦର୍ଭ ମଧ୍ୟ ତାଙ୍କୁ କେବେ ଦେଖି ନଥିଲା । ମନ ପୂରାଇ ଦେଖୁ । ଇଏ ତ ତାର ଶେଷ ଦେଖା । କେହି ନଜାଣିବା ଭଳି ରୁକ୍ମିଣୀ ଓଢ଼ଣାକୁ ଟେକି ଚାରିଆଡ଼େ ଆଖି ବୁଲାଇବାରେ ଲାଗିଛନ୍ତି । ହଠାତ୍ ଏକ ରଥ ଉପରୁ ଏକ ସୁନ୍ଦର ସବଳ ହାତ ନଇଁଆସିଲା । ତାଙ୍କ ମୃଣାଳ ବାହୁକୁ ଧରି ରଥ ଉପରକୁ ଉଠାଇ ନେଲା । ସମସ୍ତେ ଦେଖୁଛନ୍ତି, କିନ୍ତୁ କାହା ତୁଣ୍ଡରୁ ପଦେହେଲେ କଥା ବାହାରୁ ନାହିଁ । ଆପତ୍ତି ନାହିଁ, ଅଭିଯୋଗ ନାହିଁ । ରୁକ୍ମିଣୀ ରଥରେ ବସିଲେ । ଇଏ ସେହି କୃଷ୍ଣରଥ । ସାରଥି ଦାରୁକ ସଂଗେ ସଂଗେ ରଥ ଚଳାଇ ନେଲେ କ୍ଷିପ୍ର ଗତିରେ... ଅଣଚାଶ ପବନ ବେଗରେ । ଲକ୍ଷ ଲକ୍ଷ ଶୃଗାଳ ପଲ ଭିତରେ ଶ୍ରୀକୃଷ୍ଣ ସିଂହଙ୍କ ଭଳି ରଥରେ ବସିଛନ୍ତି । ରଥ ଉପରେ ଶ୍ରୀକୃଷ୍ଣ ଓ ରୁକ୍ମିଣୀ । ନାରାୟଣ, ନାରାୟଣୀ । ଶ୍ରୀକୃଷ୍ଣ, ଶ୍ରୀମହାଲକ୍ଷ୍ମୀ । ରୁକ୍ମିଣୀଙ୍କ ପ୍ରାଣର ପ୍ରାଣେଶ୍ୱର । ଶ୍ରୀକୃଷ୍ଣଙ୍କୁ ପାଇ ଆନନ୍ଦରେ ଉଲ୍ଲସିତ ।

କିଛି ସମୟ ପାଇଁ ବିପୁଳ ଜନତା ସ୍ତବ୍ଧ, ନୀରବ । ରୁକ୍ମିଣୀ ହରଣଚାଲ । ରାଜକୁମାରମାନେ ମଧ୍ୟ ମୂକ । ହଠାତ୍ ସେମାନଙ୍କର ଚେତା ପଶିଲା । 'ନେଲା, ନେଲା' ବୋଲି ହୁରି ପଡ଼ିଲା । ସମସ୍ତଙ୍କ ମୁହଁରେ ଏହି ଗୋଟିଏ ଶବ୍ଦ । କିନ୍ତୁ କିଏ ନେଲା, କେହି ଜାଣି ପାରିଲେ ନାହିଁ । ରୁକ୍ମ ଓ ତା ସାଂଗ ଜରାସନ୍ଧ, ଶାଲ୍ୱ ପ୍ରମୁଖ ଲଜ୍ଜିତ । ସେମାନଙ୍କ ପ୍ରତି ଘୋର ଅପମାନ ! ଯାହାକୁ ସେମାନେ ସାମାନ୍ୟ ଗଉଡ଼ ପିଲାଟେ ବୋଲି ଭାବୁଥିଲେ, ସେ ସମସ୍ତଙ୍କ ଆଖିରେ ଧୂଳି ଦେଇ ରୁକ୍ମିଣୀକି ନେଇ ଖସ୍ । ଇଆଡେ ଚେଦିରାଜ ଦମଘୋଷଙ୍କ ଅଯୋଗ୍ୟ ପୁତ୍ର ଶିଶୁପାଳ ବରବେଶରେ ବସିଛି, ରୁକ୍ମିଣୀଙ୍କୁ ପତ୍ନୀଭାବରେ ପାଇବା ଆଶାରେ । ହତାଶ ସେ । ଏତେ ଥାଟପାଟ ସହ ଆସିଥିଲା ସେ । କେହି କିଛି କରି ପାରିଲେ ନାହିଁ । ନେଲା ବେଳେ ଟେକାଟିଏ ସୁଦ୍ଧା ଫିଙ୍ଗି ପାରିଲେ ନାହିଁ । ଚିଲ ଭଳି କାହୁଁ ଉଡ଼ିଆସି ମାଛକୁ ଥଣ୍ଟରେ ଧରି ଚଲ୍ ।

ଶ୍ରୀକୃଷ୍ଣଙ୍କ ରଥ ରୁକ୍ମିଣୀଙ୍କି ସାଙ୍ଗରେ ନେଇ କ୍ଷିପ୍ର ଗତିରେ ଆଗେଇ ଚାଲିଛି । ପଛେ ପଛେ ବଳରାମ ଓ ତାଙ୍କ ଯାଦବ ସେନାବାହିନୀ । ରୁକ୍ମିଣୀଙ୍କୁ ଶ୍ରୀକୃଷ୍ଣଙ୍କ କବଳରୁ ଛଡ଼ାଇ ଆଣିବା ଲାଗି ଜରାସନ୍ଧ, ଶାଲ୍ୱ ପ୍ରମୁଖ ସେନାବାହିନୀ ସହ ପଛେ ପଛେ ଦୌଡ଼ିଲେ । ଶ୍ରୀକୃଷ୍ଣଙ୍କ ରଥ ଆଗକୁ ଯିବାପାଇଁ ସେମାନେ ଆପ୍ରାଣ ଉଦ୍ୟମ କଲେ । କିନ୍ତୁ ବଳରାମ ସେମାନଙ୍କୁ ବାଧା ଦେଲେ । ଜଣେ ହେଲେ ପାଦେ ସୁଦ୍ଧା ଆଗେଇ ପାରିଲେ ନାହିଁ । ରଥ ଉପରୁ ରୁକ୍ମିଣୀ ଦେଖିଲେ ଦୁଇପକ୍ଷ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଛି । ତାଙ୍କର ଆଶଙ୍କା, ହୁଏତ ରଥ ଉପରୁ ଭାଇ ରୁକ୍ମ ଆସି ତାଙ୍କୁ ଓଟାରି ନେଇଯିବେ । ଶ୍ରୀକୃଷ୍ଣ ଅବିଚଳିତ । ସେ କେବଳ ରୁକ୍ମିଣୀଙ୍କ ସୌନ୍ଦର୍ଯ୍ୟ-ରସ ପାନ କରିବାରେ ଲାଗିଛନ୍ତି । ଅଧରରେ ସ୍ମିତହାସ୍ୟ । ରୁକ୍ମିଣୀଙ୍କୁ ଶୁଣାଇ କହିଲେ, 'ଅଭୟ' ତୁମରି ପାଖେ ପାଖେ । ଭୟ କାହାକୁ ? ସେମାନଙ୍କର ଯେତେ ସୈନ୍ୟ ଦେଖୁଚ, ଆମ ସୈନ୍ୟଙ୍କ ଦ୍ୱାରା ନିପାତ ହେବେ । ଯେତେକ ବଂଚିବେ, ସେମାନେ ଲାଙ୍ଗୁଡ ଜାକି କିଏ କୁଆଡେ ପଳାଇବେ ।

ଶ୍ରୀକୃଷ୍ଣ ମୁହଁରୁ କଥା ନ ସରୁଣୁ, ରୁକ୍ମିଣୀ ଦେଖିଲେ, ସତକୁ ସତ ଜରାସନ୍ଧ, ଶାଲ୍ୱ ଆଦିଙ୍କ ସୈନ୍ୟମାନେ ଛତ୍ରଭଙ୍ଗ ଦେବାରେ ଲାଗିଚନ୍ତି । ଜରାସନ୍ଧ ଅଳ୍ପ ସଂଖ୍ୟକ ସୈନ୍ୟଙ୍କୁ ନେଇ ପଛଘୁଞ୍ଚା ଦେବାରେ ଲାଗିଚି । ଶ୍ରୀକୃଷ୍ଣଙ୍କ ରଥର କିନ୍ତୁ ବିରାମ ନାହିଁ । ଜରାସନ୍ଧ, ଶାଲ୍ୱ ପ୍ରମୁଖ ଭୀଷ୍ମକଙ୍କ ଉଆସକୁ ଫେରିଲେ । ଦେଖିଲେ ଶିଶୁପାଳ ମୁଣ୍ଡର ମୁକୁଟ ତଳେ ପଡିଚି । ମୁହଁକୁ ଶୁଖେଇ ବସିଚି । କୋଟିପତି ହଠାତ୍ ସବୁ ହରେଇ କପର୍ଦ୍ଦକଶୂନ୍ୟ ହୋଇପଡିବା ଭଳି ଶିଶୁପାଳର ଅବସ୍ଥା । ରାଗରେ ଗରଗର ସେ । ଜରାସନ୍ଧ ଶିଶୁପାଳର ପାଖରେ ବସି ବହୁ ନୀତିବାକ୍ୟ ବଖାଣିବାରେ ଲାଗିଲା । କହିଲା, ଏ ସଂସାରରେ କିଛି ହେଲେ ସ୍ଥାୟୀ ନୁହେଁ । ସୁଖ, ଦୁଃଖ ଉଭୟ କ୍ଷଣସ୍ଥାୟୀ । ଲଲାଟ ଲିଖନ କେ କରିବ ଆନ ? ମଣିଷ ମାତ୍ରେ ପରିସ୍ଥିତିର ଦାସ । ଭାଗ୍ୟ ହାତରେ ମଣିଷ ଠିକ୍ ଏକ କଣ୍ଢେଇ ଭଳି । ମୋ କଥା ଦେଖ । ମୁଁ ଅଠରବାର ମଥୁରା ଆକ୍ରମଣ କଲି । ସବୁଥର ହଟି ଆସିବାକୁ ପଡ଼ିଲା । ତୁମ ଭାଗ୍ୟରେ ରୁକ୍ମିଣୀ ନାହିଁ । ଆମେ କମ୍ ଉଦ୍ୟମ କରିନୁ । ସବୁ ରାଜା ମିଶି ଏତେ ସୈନ୍ୟକୁ ନେଇ ପ୍ରତିରୋଧ କରିବାକୁ ଗଲୁ । ବଳରାମ ଅଳ୍ପସଂଖ୍ୟକ ସୈନ୍ୟଦ୍ୱାରା ସମସ୍ତଙ୍କୁ ହଟେଇ ଦେଇପାରିଲା । ସୁଯୋଗକୁ ଅପେକ୍ଷା କରିବାକୁ ପଡ଼ିବ । ସବୁବେଳେ ସମାନ ଯାଏନା । ଦିନେ ନା ଦିନେ ଆମେ କୃଷ୍ଣ ବଳରାମଙ୍କୁ ପରାସ୍ତ କରି ରୁକ୍ମିଣୀଙ୍କୁ ନେଇ ଆସିପାରିବା । ବାଗ୍‌ଦତ୍ତା ସେ, ଯିବ କୁଆଡ଼େ ?

ଶିଶୁପାଳ ଦେଖିଲା, ଜରାସନ୍ଧର ଏ ସବୁ କଥା ବୃଥା । ସୁଯୋଗ କେବେ ଆସିବ, ତା'ର ଠିକ୍ ଠିକଣା ନାହିଁ । ସେତେବେଳକୁ ସିଏ ବୁଢ଼ା ହୋଇ ଯାଇଥିବ,

ରୁକ୍ମିଣୀ ବି ବୁଢ଼ୀ ହୋଇ ଯାଇଥିବ । ତେଣୁ ଲାଙ୍ଗୁଡ ଜାକି ଶ୍ୱାନ ଶୃଗାଳ ଭଳି ଶିଶୁପାଳ ଫେରିଗଲା ନିଜଦେଶ ଚେଦିକୁ । ଶ୍ରୀକୃଷ୍ଣ କନ୍ୟା ରୁକ୍ମିଣୀକୁ କଳେ ବଳେ କୌଶଳେ ନେଇ ଯାଇଥିବାରୁ ଭୀଷ୍ମକଙ୍କ ମନ ଆନନ୍ଦରେ କୁଣ୍ଢେ ମୋଟ । ବାପ, ମାଆ ଉଭୟଙ୍କ ଯାହା ଇଚ୍ଛା ଥିଲା, ସ୍ୱୟଂ ଦଇବ ଶ୍ରୀକୃଷ୍ଣ ତାହା କରିଦେଲେ । ବିଦର୍ଭର ଲୋକେ ମଧ ଖୁସି ।

●

॥ ୮୧ ॥

# ଶଳା-ଭିଣୋଇ ରହସ୍ୟ

ସଂବର୍ଦ୍ଧିତ ହେବା ପାଇଁ ସଭାମଞ୍ଚ ଉପରେ ବସି, ସମ୍ବର୍ଦ୍ଧିତ ହେବାତ ଦୂରର କଥା ଫୁଲମାଳଟିଏ ସୁଦ୍ଧା ନ ପାଇ ଫେରି ଆସିଲେ ଲୋକେ କହନ୍ତି, ଆହା ! ଲୋକଟା ଶିଶୁପାଳ ଦଶା ଭୋଗିଲା । ଶିଶୁପାଳ ବରବେଶ ପିନ୍ଧି ଅପେକ୍ଷା କରି ବସିଥିଲା । କନ୍ୟା ହରଣଚାଳ ହୋଇ ଚାଲିଗଲା । ଶିଶୁପାଳ ତ ଲଜ୍ଜିତ ହେଲା, ତା'ଠୁ ଅଧିକ ଲଜ୍ଜିତ ହେଲା ରୁକ୍ମିଣୀଙ୍କ ବଡଭାଇ ରୁକ୍ମ । ସେ ବଡ ଦମ୍ଭରେ ଶିଶୁପାଳକୁ ଡାକି ଆଣିଥିଲା, ଭଉଣୀ ସହିତ ବିବାହ କରାଇବା ପାଇଁ । ତା' ହୋଇପାରିଲା ନାହିଁ । ସାଂଗ ସାଥିମାନେ ମଧ ପରାଜୟ ସ୍ୱୀକାର କଲେ । ନିଜ ନିଜ ଭାଗ୍ୟକୁ ନିନ୍ଦିଲେ । ଜରାସନ୍ଧ, ଦନ୍ତବକ୍ର, ଶାଲ୍ୱ ପ୍ରମୁଖଙ୍କ ମୁହଁରେ ମଧ କଳା ବୋଳା ହେଲା । ରୁକ୍ମଙ୍କ ପକ୍ଷରେ ଅସହ୍ୟ ଏହି ଅପମାନ । କ୍ରୋଧରେ ତାଙ୍କ ଦାନ୍ତ କଡମଡ ହେବାରେ ଲାଗିଲା । ସାଂଗମାନଙ୍କୁ କହିଲା, ଚାଲ ଆଉ ଥରେ ଯିବା । କୃଷ୍ଣଠାରୁ ଭଉଣୀକି ଛଡେଇ ଆଣିବା । ଛାର ଗଉଡ଼ ପିଲାର ପୁଣି ଏତେ ବହପ ! ସେ ଆମକୁ କ'ଣ ବୋଲି ଭାବିଛି କି ! ଆମେ କ'ଣ ଭୀରୁ, କାପୁରୁଷ !

ରୁକ୍ମ ଏକ ଅକ୍ଷୌହିଣୀ ସୈନ୍ୟ ନେଇ ଦୌଡିଲା କୃଷ୍ଣଙ୍କ ରଥର ବାଟ ଓଗାଳିବା ପାଇଁ । ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ କହିଲେ, ଦେଖ ଦେଖ ବଡ ବୀରପଣିଆ ଦେଖେଇ ତୁମ ବଡଭାଇ ରୁକ୍ମ ଆସୁଛନ୍ତି । ଯେତେହେଲେ ବଡ଼ଶଳା ସେ । ବିପୁଳ ସଂବର୍ଦ୍ଧନା କରିବା ଦରକାର । କିନ୍ତି ଯୌତୁକ ପତ୍ର ତ ଦେଇନାହାନ୍ତି, ଭୁଲି ଯାଇଥିଲେ, ଖଣ୍ଡାତଲବାର, ଧନୁଶର, ହାତୀ ଘୋଡା କେତେ ନା କ'ଣ ଯୌତୁକ ସଂଭାର ଧରି ଧଇଁ ସଇଁ ହୋଇ ଦୌଡୁଛନ୍ତି ।

ରୁକ୍ମିଣୀ ଥଟ୍ଟା ପରିହାସ ବୁଝି ନପାରି ରୁକ୍ମଙ୍କୁ ଦେଖି ପୁଣି ଭୟରେ ଥରିବାରେ ଲାଗିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ହସ ଓ ସ୍ପର୍ଶରେ ରୁକ୍ମିଣୀଙ୍କ ମନରୁ ଭୟ ତୁଟିଲା । ନିଜେ ଆଖିରେ ସେ ଦେଖିଛନ୍ତି, କେତେ ସୈନ୍ୟ ଆସିଥିଲେ, କ୍ଷଣିକରେ ବଳରାମ ସମସ୍ତଙ୍କୁ ପାଣି ପିଆଇଦେଲେ । ଭାଇଙ୍କ ସୈନ୍ୟ ସଂଖ୍ୟା ତ ବହୁତ କମ୍ । ବୀରଶୂର ବଳରାମଙ୍କ ବଳ ଆଗରେ ସମସ୍ତେ ତୁଚ୍ଛ ।

ରୁକ୍ମ ଘରୁ ବାହାରିବାବେଳେ ଶପଥ କରିଥିଲେ, କୃଷ୍ଣକୁ ମାରି ରୁକ୍ମିଣୀକୁ ଉଦ୍ଧାର ନ କରିପାରିଲେ, ଆଉ ରାଜଧାନୀ କୁଣ୍ଡିନପୁରକୁ ଫେରିବେ ନାହିଁ । ରୁକ୍ମଙ୍କ ରଥ ଆସୁଛି ଦେଖି ଶ୍ରୀକୃଷ୍ଣ ସାରଥିଙ୍କୁ କହିଲେ, ଶଳା ଆସୁଛନ୍ତି, ରଥକୁ ଧୀରେ ଧୀରେ ଚଳାଅ । ରୁକ୍ମ ନିଜ ସାରଥିକୁ କହିଲେ, ଆମ ରଥ ଆଗକୁ ନେଇ କୃଷ୍ଣଙ୍କ ରଥ ଓଗାଳି ଦିଅ । ରୁକ୍ମଙ୍କ ରଥ କୃଷ୍ଣଙ୍କ ରଥ ପାଖକୁ ଲାଗି ଆସିଲା । ରୁକ୍ମ ରଥ ଉପରୁ ଚିତ୍କାର କରିବାକୁ ଲାଗିଲା, ଆରେ ଚୋର ! ମୋ ଭଉଣୀକି ନେଇ ଯିବୁ କୁଆଡେ ? ତୋ'ର ତ ସାହସ କମ୍ ନୁହଁ !

'ରହ ରହ' କହି କହି ରୁକ୍ମ ଶର ବର୍ଷଣ କରିବାରେ ଲାଗିଲା । ଶ୍ରୀକୃଷ୍ଣ, ରୁକ୍ମିଣୀଙ୍କୁ ହସି ହସି କହିଲେ, ତୁମ ଭାଇ ତ ଶକତ ଧନୁର୍ଦ୍ଧର ! ଏକା ଧନୁରୁ ତିନି ତିନିଟା ଶର ବିନ୍ଧିବାରେ ଲାଗିଛନ୍ତି । ହଉ ଦେଖାଯାଉ କହି ଶ୍ରୀକୃଷ୍ଣ ଧନୁରେ ଗୁଣ ଚଢ଼ାଇ ଶର ବିନ୍ଧିବା ମାତ୍ରେ ରୁକ୍ମଙ୍କ ସବୁ ଶର ଏକାବେଳକେ ଖଣ୍ଡ ଖଣ୍ଡ ହୋଇ ତଳେ ପଡିଲା । ଆଉ ଏମିତି ଏକ ଶର କ୍ଷେପିଲେ ଯେ ସେଥିରେ ରୁକ୍ମଙ୍କର ଧନୁଟି ମଧ୍ୟ ଭାଙ୍ଗି ଚୂରମାର ହୋଇଗଲା । ଆଉ ଛଅଟା ଶରରେ ରଥର ଚାରିଟା ଯାକ ଅଶ୍ୱ ଓ ଆଉ ଏକ ଶରରେ ସାରଥି ଭୂପତିତ ହେଲେ । ରଥଟକ ସବୁ ଭାଙ୍ଗିଗଲା । ରୁକ୍ମ ତଳେ ଠିଆ ହୋଇ ନାନା ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ବହୁ ସମୟ ଧରି ଲଢ଼ିଲା । ସବୁ ଅସ୍ତ୍ରଶସ୍ତ୍ର ସରିବା ପରେ ତରବାରୀ ଧରି ଦୌଡିଲା ଶ୍ରୀକୃଷ୍ଣଙ୍କୁ ହାଣିବା ପାଇଁ । କିନ୍ତୁ କୃଷ୍ଣଙ୍କ ବାଣରେ ରୁକ୍ମର ତରବାରୀ ମଧ୍ୟ ଟିକିଟିକି ହୋଇ ପଡିଲା । ପୁଣି ଏକ ତରବାରୀ ଧରି ଝପଟି ଆସିଲା କୃଷ୍ଣଙ୍କ ଗଳା କାଟି ଦେବାପାଇଁ । ଶ୍ରୀକୃଷ୍ଣ ଏଥର ତରବାରୀ ଧାରଣ କଲେ । ରୁକ୍ମିଣୀ ଲକ୍ଷ୍ୟ କଲେ, କୃଷ୍ଣ ଯିମିତି ରାଗି ଗଲେଣି, ଭାଇକି ନିଶ୍ଚିତ ଭାବରେ ହାଣି ପକାଇବେ । ରୁକ୍ମ ଯେତେହେଲେ ସହୋଦର ଭାଇ , ତାଙ୍କରି ଆଗରେ ଭାଇ ହାଣ ଖାଇବେ, ସହି ପାରିବେନି ସେ ।

କିନ୍ତୁ ଶ୍ରୀକୃଷ୍ଣ ଆଖି ପିଛୁଳାକେ, ରୁକ୍ମର ହାତରୁ ତରବାରୀ ଛଡ଼େଇ ନେଲେ । ସେ ତା ଦେହରେ ପକାଇଥିବା ଉତ୍ତରୀୟରେ ନିଜ ରଥଖୁଣ୍ଟରେ ତାକୁ ଆଣି ଆଣ୍ଟରେ ବାନ୍ଧି ଦେଲେ । ସାତ ବେଣ୍ଟି କରି ତା'ର ମୁଣ୍ଡର ବାଳକୁ ଧାରୁଆ ତରବାରୀରେ ଚାଂଛି

ପକାଇଲେ । ମଝିରେ ଥିବା ଚୂଟିକି ଭିଡି ଧରି ତା' ବେକକୁ କାଟିଦେବା ପାଇଁ ତରବାରୀ ଉଠାଇଲେ । ରୁକ୍ମିଣୀ ଦେଖିଲେ, ଆଉ ରକ୍ଷା ନାହିଁ ! ସେ ଶ୍ରୀକୃଷ୍ଣଙ୍କ ପାଦତଳେ ପଡି ହାତଯୋଡ଼ି ପ୍ରାର୍ଥନା କଲେ, ହେ ପ୍ରଭୁ ! ଯାହା କରିବ ପଛେ କର, ପ୍ରାଣରେ ମାରି ଦିଅନି । ଯେତେହେଲେ ସେ ମୋର ବଡଭାଇ । ତୁମର ଜ୍ୟେଷ୍ଠ ଶାଳକ । ମୋର ଏତିକି ମାତ୍ର ମାଗୁଣି, ଭାଇଙ୍କୁ କ୍ଷମା କର ।

ଶ୍ରୀକୃଷ୍ଣ ରୁକ୍ମିଣୀକି କହିଲେ, ଇଏ ପରା ତୁମକୁ ଶିଶୁପାଳ ହାତରେ ଟେକି ଦେଉଥିଲା । ତା'ପ୍ରତି ତୁମର ପୁଣି ଏତେ ଦୟା ! ଆଚ୍ଛା, ଠିକ୍ ଅଛି, ଛାଡି ଦେଉଛି । ବେଦିରେ ବସି ତୁମକୁ ବିଭା ହୋଇଥିଲେ, ଯାଙ୍କଠୁ ଶଳାବିଧା ଖାଇଥାଆନ୍ତି । ଏବେ ମୋ'ଠୁ ଯାଙ୍କ ପିଠି ଥୋଡା ବିଧାଗୋଇଠା ଖାଉ । କହୁ କହୁ ନାକତଳେ ଥିବା ରୁକ୍ମର ଦି'ପଟ ନିଶକୁ କାଟି ପକାଇଲେ । ରଥକୁ ଚଳାଇ କିଛି ବାଟ ଘୋଷାରି ନେଲେ । ରୁକ୍ମଙ୍କ ଆଣ୍ଠୁ ଗଣ୍ଠି ଘୋଷାରା ଖାଇ ଛିଣ୍ଡିବାରେ ଲାଗିଲା । ଧାର ଧାର ହୋଇ ରକ୍ତ ବାହାରିଲା । ମରଣଠୁ ଏ ଦଣ୍ଡ ବଳିପଡିଲା । ରୁକ୍ମିଣୀଙ୍କ ଆଖି ବୁଜି ହୋଇଗଲା । ତାଙ୍କ ଜିଭ ଶୁଖି ଆସିଲା । ଭାଇଙ୍କ ଅସହ୍ୟ ଯନ୍ତ୍ରଣା ସେ ନିଜ ଦେହରେ ଅନୁଭବ କଲେ । ଶଳା ପ୍ରତି ଭିଣୋଇଙ୍କ ଏପରି ବ୍ୟବହାରକୁ କ'ଣ ପରିହାସ ବୋଲି ଧରାଯିବ !

ଇତି ମଧ୍ୟରେ ବଳରାମ ଘଟଣାସ୍ଥଳରେ ପହଂଚି ଯାଇଥିଲେ । ସେ କୃଷ୍ଣଙ୍କୁ କ୍ଷାନ୍ତ କଲେ । କହିଲେ, ଭଉଣୀକି ତ ଓଟାରି ଆଣିଲୁ, ତା' ଭାଇକି ଏପରି କଠୋର ଦଣ୍ଡ ଦେବା ତୋ ପକ୍ଷରେ ଉଚିତ ହୋଇନାହିଁ । ତୁ କ'ଣ ପାଗଳ ହୋଇଗଲୁ ନା କ'ଣ । ଯେତେହେଲେ, ଏବେ ରୁକ୍ମ ଆମର ବନ୍ଧୁ । ସଂପର୍କରେ ବଡଶଳା ! ବନ୍ଧୁଙ୍କୁ ସମ୍ମାନ ଦେବା କଥା । ତୁ ତାଙ୍କୁ ଦଣ୍ଡବତ ପ୍ରଣାମ କରିବା ଉଚିତ ।

ଶ୍ରୀକୃଷ୍ଣ ଭାଇଙ୍କ କଥା ରଖିଲେ । ରଥଖୁଣ୍ଟରୁ ରୁକ୍ମକୁ ଫିଟେଇ ଦେଲେ । ରୁକ୍ମ ଏତେ ଲଜ୍ଜିତ ହୋଇ ପଡିଥିଲା ଯେ ପଛକୁ ନ ଚାହିଁ ଦୌଡି ପଳାଇଲା । ଶପଥ କରିଥିଲା, ଶ୍ରୀକୃଷ୍ଣକୁ ମାରି ରୁକ୍ମିଣୀକୁ ଫେରାଇ ନ ଆଣିଲେ, ରାଜଧାନୀକୁ ଫେରିବ ନାହିଁ । କୁଣ୍ଡିନପୁର ବାହାରେ ଏକ ଜଂଗଲ ଭିତରେ ଏକ ଘର ତୋଳି ତା' ଭିତରେ ମୁହଁ ଲୁଚେଇ ରହିଲା । ତା' ଆବାସସ୍ଥଳିର ନା ରଖିଲା ଭୋଜକୋଟ ନଗର । ମନେମନେ ପଣ କଲା, ଦିନେ ନା ଦିନେ ସେ ଶ୍ରୀକୃଷ୍ଣଙ୍କୁ ମାରିବ । ଶିଶୁପାଳର ମଧ୍ୟ ସେହି ପଣ । ଦେଖାଯାଉ, କିଏ କେତେବେଳେ କାହାକୁ ମାରିବ !

ଯାଦବ ସୈନ୍ୟମାନେ ଆନନ୍ଦ ଉଲ୍ଲାସରେ ଜୟ ଜୟକାର କରି ଦ୍ୱାରକାକୁ ଫେରିଲେ । ଦ୍ୱାରକାର ଲୋକେ ଦୂରରୁ ଦେଖିଲେ, ଶ୍ରୀକୃଷ୍ଣଙ୍କ ନନ୍ଦିଘୋଷ ରଥର

ଗରୁଡ଼ଧ୍ୱଜ ଫର ଫର ହୋଇ ଉଡୁଛି । ରୁକ୍ମିଣୀଙ୍କ ସହିତ ଶ୍ରୀକୃଷ୍ଣଙ୍କର ବୈଦିକ ରୀତିରେ ବିବାହ ସଂପନ୍ନ ହେଲା । ବହୁ ଦାନଧର୍ମ କରାଗଲା । ଭୋଜିଭାତରେ ଦ୍ୱାରକାରେ ଧୂଳା ଉଡିଲା । ରୁକ୍ମିଣୀ ହେଲେ ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠା ରାଣୀ, ପ୍ରଥମ ପାଟବଂଶୀ । ପରବର୍ତ୍ତୀ କାଳରେ ଆଉ ସାତ କନ୍ୟାଙ୍କ ସହିତ ଶ୍ରୀକୃଷ୍ଣଙ୍କ ବିବାହ ହୋଇଥିଲା । ଏମାନଙ୍କ ବିବାହ ରୁକ୍ମିଣୀ ହରଣ ଭଳି ଏକ ଏକ କାହାଣୀ ।

●

॥ ୮୨ ॥

## କାମଦେବ ହେଲେ ପ୍ରଦ୍ୟୁମ୍ନ

ସତୀଙ୍କ ପିତା ଦକ୍ଷ ଯଜ୍ଞ କଲେ । ସବୁ ଜାମାତାଙ୍କୁ ନିମନ୍ତ୍ରଣ କଲେ । କିନ୍ତୁ ସତୀଙ୍କ ସ୍ୱାମୀ ମହାଦେବଙ୍କୁ ଡ଼ାକିଲେ ନାହିଁ । କହିଲେ ଶ୍ମଶାନ ତାଙ୍କର ନିବାସ । ଦେହରେ ଭସ୍ମ । ଜଟାଜୁଟ । ଜଟା ଆଉ ଗଳାରେ ମାଳମାଳ ସାପ । ଭୂତନାଥ ସେ । ଦକ୍ଷ ତାଙ୍କୁ ହେୟଜ୍ଞାନ କଲେ । ସ୍ୱାମୀଙ୍କ ପ୍ରତି ଘୋର ଅପମାନ ! ସହ୍ୟ କରିପାରିଲେ ନାହିଁ ସତୀ । ଯଜ୍ଞକୁଣ୍ଡରେ ପ୍ରାଣାହୁତି ଦେଲେ । ସତୀଙ୍କି ହରାଇ ମହାଦେବ ରୁଷ୍ଟ ହେଲେ । ସେ ହିମାଳୟରେ ଘୋର ତପସ୍ୟା କଲେ । ସତୀ ଜନ୍ମଗ୍ରହଣ କଲେ ହିମବାନ (ହିମାଳୟ)ର କନ୍ୟା ଭାବରେ । ନାଆଁ ରହିଲା ପାର୍ବତୀ । କାରଣ ସେ ପର୍ବତର ସନ୍ତାନ । ପାର୍ବତୀ ବଡ଼ ହେଲେ । ସେ ଚାହିଁଲେ ମହାଦେବଙ୍କୁ ସ୍ୱାମୀ ଭାବରେ ପାଇବା ପାଇଁ । ତାଙ୍କର ବହୁ ସେବା କଲେ । କିନ୍ତୁ ମହାଦେବ ନିର୍ବିକାର । ତପସ୍ୟାରତ । କିଏ ତାଙ୍କର ସେବା ଶୁଶ୍ରୁଷା କରୁଚି, ସେଥିପ୍ରତି ତାଙ୍କର ଧ୍ୟାନ ନାହିଁ କି ମନ ନାହିଁ । ସମାଧି ଅବସ୍ଥାରେ ମନ ବୋଲି କିଛି ନ ଥାଏ ।

ଦେବତାମାନଙ୍କ ସହିତ ଅସୁରମାନଙ୍କର ସର୍ବଦା କଳହ । ମଝି ମଝିରେ ଯୁଦ୍ଧ ବି ହୁଏ । ଅସୁରମାନେ ସବୁବେଳେ ଦେବତାମାନଙ୍କୁ ହଇରାଣ କରିଥାଆନ୍ତି । କେତେବେଳେ ଅସୁରଙ୍କ ପରାଜୟ ତ କେତେବେଳେ ଦେବତାମାନଙ୍କର । ଇମିତି ଲାଗି ରହିଛି ବହୁକାଳରୁ । ଦେବତାମାନଙ୍କୁ ଜୁହାଗଲା ଯେ ମହାଦେବଙ୍କ ଏକ ପୁତ୍ର ସନ୍ତାନ ଜାତ ହେବ, ତା' ନାଆଁ ରହିବ କୁମାର (କାର୍ତ୍ତିକେୟ) । ସିଏ ଭବିଷ୍ୟତରେ ଦେବତାମାନଙ୍କର ସେନାଧ୍ୟକ୍ଷ ହେବେ । ତା'ହେଲେ ଅସୁରମାନଙ୍କୁ ସାବାଡ଼୍ କରିହେବେ ।

କିନ୍ତୁ ମହାଦେବ ତ ତପସ୍ୟାରତ । ସେ ବାହାହେଲେ ସିନା ତାଙ୍କର ପୁଅ ହେବ । ବାହା ହେବେ ମଧ୍ୟ କାହାକୁ ? ଇନ୍ଦ୍ର ଏ ଦିଗରେ ବାଟ ସଫା କରିବାକୁ ଲାଗିଲେ । ସେ ଜାଣିଲେ ଯେ ପାର୍ବତୀ ହେବେ ମହାଦେବଙ୍କ ପତ୍ନୀ । ପୂର୍ବଜନ୍ମରେ ସେ ଥିଲେ ସତୀ । ମହାଦେବଙ୍କ ସହିତ ତାଙ୍କର ବିବାହ ହୋଇଥିଲା । କିନ୍ତୁ ମହାଦେବଙ୍କ ତପସ୍ୟା ଭଂଗ ହେବ କିପରି ? ସେ ଏହି କାର୍ଯ୍ୟ ସାଧନ ଲାଗି କାମଦେବଙ୍କୁ ଏହି କାମରେ ଲଗାଇଲେ । କାମଦେବ ବସନ୍ତ ଋତୁକୁ ସାଙ୍ଗରେ ଧରି ଗଲେ । ମହାଦେବଙ୍କ ଚତୁର୍ଦ୍ଦିଗରେ ବସନ୍ତ ଋତୁ ତା'ର କମନୀୟ ପରିବେଶ ସୃଷ୍ଟି କଲା । ମୃଦୁ ମନ୍ଦ ମଳୟ ବହିଲା । କମଳ, ଚ୍ୟୁତ, ନବମଲ୍ଲିକା ଫୁଟିଲା । ସୁବାସିତ ହେଲା ହିମାଳୟର ପରିବେଶ ।

ପାର୍ବତୀ ମହାଦେବଙ୍କ ସେବାରେ ଲାଗି ରହିଛନ୍ତି । ମୁହୂର୍ତ୍ତେ ସୁଦ୍ଧା ତାଙ୍କ ପାଖ ଛାଡୁ ନାହାଁନ୍ତି । ସୌନ୍ଦର୍ଯ୍ୟର ସମସ୍ତ ଉପାଦାନ ପାର୍ବତୀଙ୍କ ଅଙ୍ଗଲତିକାରେ । ତରୁଣୀ ସେ । ତନ୍ୱୀ, ସୁନ୍ଦରୀ, ଲାବଣ୍ୟବତୀ । କାମଦେବ ମହାଦେବଙ୍କୁ ଲକ୍ଷ୍ୟ କରି ପୁଷ୍ପଧନୁରୁ କାମଶର ବର୍ଷଣ କଲେ । କାମବାଣରେ ଅଥୟ ହୋଇପଡ଼ିଲେ ମହାଦେବ । ଆଖି ଖୋଲିଗଲା । ଦେଖିଲେ ତାଙ୍କ ସମ୍ମୁଖରେ ଏକ ଅପରୂପା କନ୍ୟାରତ୍ନ । ଉଚ୍ଛଳଯୌବନ । ତାଙ୍କର ଚକ୍ଷୁର ଜ୍ୟୋତିରେ ପାର୍ବତୀଙ୍କ ମୁଖମଣ୍ଡଳ ଜ୍ୟୋତିର୍ମୟ । ସେ ପାର୍ବତୀଙ୍କ ପ୍ରତି ଆକୃଷ୍ଟ ହେଲେ ସତ, କ୍ରୋଧରେ ଜଳି ଉଠିଲେ ସେ । କିଏ ସେ ପାଷାଣ୍ଡ ତାଙ୍କର ତପଃ ଭଗ୍ନ କଲା ! ଦେଖିଲେ ଅନ୍ୟ କେହି ନୁହେଁ, ସ୍ୱୟଂ କାମଦେବ । ସେ ଦୁଇ ଚକ୍ଷୁରେ ଲକ୍ଷ୍ୟ କରୁଥିଲେ ପାର୍ବତୀଙ୍କୁ । ଏ ଦୁଇଟି ପ୍ରେମଚକ୍ଷୁ । ପ୍ରେମ ଦୃଷ୍ଟି । ମହାଦେବ ସୃଷ୍ଟି କଲେ ନିଜ ଲଲାଟରୁ ତୃତୀୟ ଚକ୍ଷୁ । ଏହି ଚକ୍ଷୁରୁ ନିର୍ଗତ ହେଲା କୋପାନଳ । ସେହି ଅନଳରେ କାମଦେବ ଭସ୍ମୀଭୂତ ହେଲେ ।

କାମଦେବଙ୍କ ପତ୍ନୀ ରତି । ସ୍ୱାମୀ ଭସ୍ମୀଭୂତ ହେବାରେ ରତି ଶୋକାକୁଳ ହୋଇପଡ଼ିଲେ । ରୋଦନ କଲେ । ମହାଦେବଙ୍କର ଦୟା ହେଲା । କହିଲେ, ଯାହା ହେବା କଥା ହୋଇଗଲାଣି । ଏବେ କିଛି ପ୍ରତିକାର ହୋଇ ପାରିବ ନାହିଁ । ଅପେକ୍ଷା କର । ପାର୍ବତୀଙ୍କ ସହିତ ମୋର ବିବାହ ସଂପନ୍ନ ହୋଇସାରୁ । ତା'ପରେ ତୁମେ ତୁମ ସ୍ୱାମୀକୁ ପାଇ ପାରିବ । କିନ୍ତୁ କେବଳ ତୁମେ ହିଁ ତାଙ୍କୁ ଦେଖିପାରିବ, ଅନ୍ୟ କେହି ନୁହଁ । ସେ ଅନ୍ୟମାନଙ୍କ ପକ୍ଷରେ ଅଦୃଶ୍ୟ ହୋଇ ରହିବେ । ରତିଦେବୀ ପୁଣି ପ୍ରାର୍ଥନା କଲେ । କହିଲେ, ମୋ ସ୍ୱାମୀ କ'ଣ ଆଉ ସାକାର ହୋଇ ପାରିବେ ନାହିଁ ? କାମ କ'ଣ କେବଳ ମୋ ପାଇଁ ରହିବେ, ଅନ୍ୟ କାହା ପାଇଁ ନୁହଁ ? ମହାଦେବ କହିଲେ, ହଁ, ସେ ସାକାର ହେବେ, କିନ୍ତୁ ଏଥିଲାଗି ଆଉ ଏକ ଯୁଗକୁ ଅପେକ୍ଷା କରିବାକୁ ପଡ଼ିବ । ଦ୍ୱାପର

ବୋଲି ଏକ ଯୁଗ ଆସିବ । ସେ ଯୁଗରେ ନାରାୟଣ କୃଷ୍ଣ ନାମ ନେଇ ଧରାଧାମରେ ଜନ୍ମ ଗ୍ରହଣ କରିବେ । ତାଙ୍କରି ପୁଅ ହେବ ତୁମ ସ୍ୱାମୀ କାମଦେବ । ତୁମେ ସେତେବେଳେ ସମ୍ବର ନାମକ ଏକ ଅସୁର ଘରେ ପରିଚାରିକା ହୋଇ ରହିଥିବ । ସେଇଠି କାମଦେବଙ୍କ ସହିତ ତୁମର ମିଳନ ହେବ ।

ମହାଦେବଙ୍କ କହିବାନୁସାରେ କାଳକ୍ରମେ ଦ୍ୱାପର ଯୁଗ ଆସିଲା । କୃଷ୍ଣ ଜନ୍ମ ହେଲେ । ରୁକ୍ମିଣୀଙ୍କ ସହିତ ତାଙ୍କର ବିବାହ ହେଲା । କାମଦେବ ସେମାନଙ୍କ ପୁତ୍ରସନ୍ତାନ ଭାବରେ ଜନ୍ମଗ୍ରହଣ କଲେ । ତାଙ୍କ ନାଆଁ ରହିଲା 'ପ୍ରଦ୍ୟୁମ୍ନ' ।

ସମ୍ବର ସେହି ଯୁଗର ଜଣେ ଦୁର୍ଦ୍ଦାନ୍ତ ଅସୁର । ସେ ଶୁଣିଥିଲା ସେ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ପୁତ୍ର ହିଁ ତା'ର କାଳ ହେବ । ସେ ଦ୍ୱାରକା ଆସିଲା । ଖବର ନେଇ ଜାଣିଲା ଯେ ଯେଉଁ ପୁଅ କଥା ତାକୁ କୁହାଯାଇଛି, ଇତି ମଧ୍ୟରେ ସେ ପୁଅ ଜନ୍ମ ହୋଇ ସାରିଲାଣି । ମାତ୍ର ନଅଦିନ ତଳେ ସେ ପୁଅ ଭୂମିଷ୍ଠ ହୋଇଛି । ସେ ଦ୍ୱାରକାରେ ରହି ପିଲାଟାକୁ ମାରିବ କିମିତି ଭାବିବାରେ ଲାଗିଲା । କିନ୍ତୁ ତାଙ୍କୁ ପାଇଲେ ସିନା ମାରିବ । ସୁଯୋଗ ଉଣ୍ଡିବାରେ ଲାଗିଲା ସେ । ଦିନେ ଦେଖିଲା ପିଲା ପାଖରେ କେହି ନାହାଁନ୍ତି । ଶେଯରେ ଶୋଇଛି । ସେ ଘରେ ପଶି ପିଲାଟିକୁ ଧରି ଚଂପଟ । ଦ୍ୱାରକା ପାଖାପାଖି ନରହି ସେ ଚାଲିଗଲା ବହୁଦୂରକୁ । ଭାବିଲା ପିଲାଟାକୁ ତଣ୍ଟି ଚିପି ମାରିଦେବ । ତା'ପରେ ଭାବିଲା ସିମିତି କଲେ ହେବ ନାହିଁ । ପଥରରେ ଛେଚି ମାରିଦେବ । କିନ୍ତୁ ଦେଖିଲା, ପିଲାଟି ଦେଖିବାକୁ ଅତି ସୁନ୍ଦର । ଡଉଲ ଡାଉଲ । ଖିଲ୍‌ଖିଲ୍ ହସୁଛି । ତା'ର ହାତ ଗଲାନି ମାରିବାକୁ । ଅସୁର ହେଲେ କ'ଣ ହେବ, ପିଲାର ମୃତ୍ୟୁ ଯନ୍ତ୍ରଣା ନିଜ ଆଖିରେ ଦେଖିବାକୁ ଚାହିଁଲା ନାହିଁ । ତେଣୁ ସ୍ଥିର କଲା, ସମୁଦ୍ର ଗର୍ଭକୁ ଫିଙ୍ଗିଦେବ । ତା'ହେଲେ ପିଲାର ମୃତ୍ୟୁ ତା' ଆଖିରେ ପଡ଼ିବନି । ପିଲାଟା ମରିବ ନିଶ୍ଚୟ । ନିଶ୍ଚିନ୍ତ ହେବ ସେ । ଭାବି ଭାବି ସେ ସେୟା କଲା । ପିଲାଟାକୁ ସମୁଦ୍ରରେ ଫୋପାଡ଼ି ଦେଲା । ସେ ମଲା ବୋଲି ଧରିନେଇ ସମ୍ବରାସୁର ଖୁସିରେ ଫେରିଲା ନିଜ ଘରକୁ ।

ରୁକ୍ମିଣୀ ଆସି ଦେଖିଲେ ପିଲା ଶେଯରେ ନାହିଁ । ଚାରିଆଡ଼େ ହୁରି ପଡ଼ିଗଲା । ରୁକ୍ମିଣୀଙ୍କ କାନ୍ଦରେ ଉଆସ ଯିମିତି ବି ଫାଟିପଡ଼ିଲା । ବହୁତ ଖୋଜାଖୋଜି ହେଲା । ପିଲାର ସଂଧାନ ମିଳିଲା ନାହିଁ । ସମୟ ସ୍ରୋତରେ ସମସ୍ତଙ୍କ ସ୍ମୃତି କୁଆଡ଼େ ଭାସିଗଲା । ରୁକ୍ମିଣୀଙ୍କ ଗର୍ଭରୁ ଶ୍ରୀକୃଷ୍ଣଙ୍କର ପୁଅଟିଏ ହୋଇଥିଲା ବୋଲି ଆଉ କାହାର ମନେ ପଡ଼ିଲା ନାହିଁ । ସମସ୍ତେ ଭୁଲିଗଲେ । ରୁକ୍ମିଣୀ ମନର ଦୁଃଖକୁ ମନରେ ମାରି ରହିଲେ ।

କିନ୍ତୁ ପୁଅ ଜିଇଁ ଥିଲା । ସମୁଦ୍ରରେ ଗୋଟିଏ ବଡ଼ମାଛ ଭଲ ଖାଦ୍ୟ ଭାବି ପୁଅଟାକୁ ଜୀଅନ୍ତା ଗିଳି ପକାଇଥିଲା । କେତେକ ଧୀବର ଏହି ମାଛଟାକୁ ଜାଲ ପକାଇ ଧରିଲେ । ମାଛଟା ପେଟରେ ଗୋଟାଏ ମଣିଷ ଛୁଆ ! ମାଛଟା ଯେତିକି ଆକାର ହେବାର କଥା, ତା'ଠୁ ବହୁତ ବଡ଼ ଦେଖାଯାଉଥିଲା । ଇଏ ଏକ ଅଦ୍ଭୁତ ଅସାଧାରଣ ମାଛ ! ସେ ରାଜ୍ୟର ରାଜା ସମ୍ବରାସୁରକୁ କେଉଟମାନେ ଏ ମାଛଟାକୁ ଭେଟି ଦେଲେ । ସମ୍ବର ମାଛଟାକୁ ପଠାଇଦେଲା ରୋଷେଇଶାଳାକୁ ତରକାରୀ କରିବା ପାଇଁ । ରୋଷେଇଶାଳର ଦାୟିତ୍ୱରେ ଥିଲା ମାୟାବତୀ । ରୋଷେୟାମାନେ ମାଛକୁ କାଟିଲେ । ଦେଖିଲେ ମାଛ ପେଟରେ ଗୋଟାଏ ମଣିଷ ପିଲା । ଆଶ୍ଚର୍ଯ୍ୟ ହେଲେ । ପିଲାଟିକୁ ନେଇ ମାୟାବତୀଙ୍କୁ ଦେଲେ । ମାୟାବତୀ ପିଲାଟିକୁ ପାଳିଲା । ପିଲାଟି କ୍ରମଶଃ ବଡ଼ ହେଲା । ଶିଶୁରୁ ହେଲା ବାଳକ ।

●

॥ ୮୩ ॥

## ମଲାପୁଅ ବାହୁଡ଼ି ଅଇଲା !

ମାଛ ପେଟରୁ ବାହାରିଥିବା ପିଲାଟି କିଏ, କେହି ଜାଣନ୍ତି ନାହିଁ । ସମ୍ବରାସୁରର ପରିଚାରିକା ମାୟାବତୀ ପିଲାକୁ ପାଳିଛି । ତା' ଲାଳନ ପାଳନରେ ପିଲାଟି ବେଶ୍ ସୁସ୍ଥ ସବଳ । ବଡ଼ ହୋଇ ଆସିଲାଣି । ଦିନେ ଦେବର୍ଷି ନାରଦ ପହଞ୍ଚିଲେ ମାୟାବତୀ ପାଖରେ । ପିଲାଟିକି ଦେଖିଲେ । କିଛି ନ ଜାଣିଲା ଭଳି ପଚାରିଲେ, ଏ ପିଲାଟି କିଏ ? ତୁମର, ନା ଆଉ କାହାର ? ତୁମେ ତ ବାହାସାହା ହେଇନ, ଏ ପିଲା ତୁମର ନୁହଁ, ଆଉ କାହାର ନିଶ୍ଚୟ । ମାୟାବତୀ ସବୁକଥା କହିଲା । ଗୋଟିଏ ମାଛ ପିଲାଟିକୁ ଗିଳି ପକାଇଥିଲା, ସେ ମାଛ ପେଟରୁ ଏ ପିଲା ବାହାରିଲା ବୋଲି ନାରଦ ଶୁଣିଲେ । କହିଲେ, ଇଏ ତ ବଡ଼ ଆଚମ୍ବିତ କଥା ! କଥା ପ୍ରସଙ୍ଗରେ ନାରଦ ପଚାରିଲେ ମାୟାବତୀଙ୍କୁ – ଆଚ୍ଛା ତୁମର ପୂର୍ବଜନ୍ମ କଥା ମନେ ପଡୁଛି ?

ମାୟାବତୀ କହିଲେ, ନା ତ, କିଛି ମନେ ପଡୁନି । ହଁ ଥରେ ଥରେ ମୁଁ ସ୍ୱପ୍ନ ଦେଖେ । ସ୍ୱପ୍ନରେ ମୁଁ ଅନୁଭବ କରେ, ମୁଁ ଜଣେ ଦେବୀ । ମୋ ଚାରିପଟେ ନାନା ସୁବାସିତ ଫୁଲ - ବହୁ କିସମର । ଅନୁଭବ କରେ ଯିମିତି ମୁଁ ଫୁଲଶେଯରେ ଶୋଇଛି । ମୋ ପାଖରେ ଶୋଇଚି ଜଣେ ଅତି ସୁନ୍ଦର ଯୁବକ । ସେ ଇମିତି ସୁନ୍ଦର ଯେ କୌଣସି

ଯୁବତୀ ଦେଖିଲେ ମୋହି ହୋଇଯିବ । ମୁଁ ତାଙ୍କୁ ଛୁଇଁବାକୁ ହାତ ବଢ଼ାଇବାମାତ୍ରେ ସେ କୁଆଡ଼େ ଉଭାନ ହୋଇଯାଏ । ପରମୁହୂର୍ତ୍ତରେ ଦେଖେ, ଯୁବକ ତ ନାହିଁ, ତା'ବଦଳରେ ପଡ଼ିରହିଛି ଗଦାଏ ପାଉଁଶ ! ଅନେକବାର ମୁଁ ଏ ଯୁବକକୁ ସ୍ୱପ୍ନରେ ଦେଖି ଆସୁଛି ! ଦେବର୍ଷି ! ମତେ କହନ୍ତୁ ତ ଏସବୁ ଘଟୁଛି କାହିଁକି ? ସେ ଯୁବକ ଜଣକ କିଏ ? ମୋ ପାଖକୁ ସେ ବାରମ୍ବାର ଆସିବାର କାରଣ କ'ଣ ? ମୁଁ ତ ସମ୍ବରାସୁରର ଦାସୀ ମାତ୍ର ! ମୋ ଭଳି ଅଭାଗିନୀ ପାଖକୁ ଏ ରୂପବାନ୍ ଯୁବକର ଗମନାଗମନ କାହିଁକି ?

ଦେବର୍ଷି ନାରଦ କହିଲେ, ସେହି କଥା ତ ମୁଁ ତୁମଠୁ ଜାଣିବାକୁ ଚାହୁଁଥିଲି । ମା' ମାୟାବତୀ, ଇଏ ସ୍ୱପ୍ନ ନୁହଁ, ସତ । ତୁମ ପୂର୍ବଜନ୍ମର ଇଏ ଛିଟିକାଏ ମାତ୍ର । ପୂର୍ବଜନ୍ମରେ ଇଏ ଥିଲା ତୁମ ଜୀବନର ସବୁଠାରୁ କରୁଣ, ଦୁଃଖଦାୟକ ଘଟଣା । ସେହି ଘଟଣାକୁ ଭାବି ଭାବି ତୁମର ଦେହାନ୍ତର ହୋଇଗଲା । ତେଣୁ ସେହି ଘଟଣା ଏ ଜୀବନରେ ମଧ୍ୟ ତୁମ ମନକୁ ଘାଣ୍ଟୁଛି, ମନ୍ଥୁଛି ।

ମାୟାବତୀ ବ୍ୟାକୁଳିତ ପୂର୍ବଜନ୍ମ କଥା ଜାଣିବା ଲାଗି । ସେହିକଥା ସେ ନାରଦଙ୍କୁ ତୁହାଇ ତୁହାଇ ପଚାରିବାରେ ଲାଗିଛନ୍ତି । ନାରଦ ମାୟାବତୀର ଉତ୍କଣ୍ଠାରେ ପୂର୍ଣ୍ଣଚ୍ଛେଦ ଟାଣିଲେ । କହିଲେ, ତୁମେ ମହାଦେବୀ ରତି । କାମଦେବଙ୍କ ପତ୍ନୀ ।

ମାୟାଦେବୀଙ୍କର ବିଶ୍ୱାସ ହେଲା ନାହିଁ । ତେଣୁ ବାଧ୍ୟ ହୋଇ ନାରଦ ପୂର୍ବଜନ୍ମର ଘଟଣାବଳୀ ଟିକିନିଖି କହିଲେ । କହିଲେ, ତୁମେ ଯେଉଁ ପିଲାଟିକୁ ପାଳିଛ, ସିଏ ତୁମର ସ୍ୱାମୀ – ଇଏ କନ୍ଦର୍ପ । ଶ୍ରୀମାନ୍ କାମଦେବ । ମହାଦେବଙ୍କ ଇଚ୍ଛା, ଏ ପିଲା, ଦିନେ ସମ୍ବରାସୁରକୁ ମାରିବ ! ତା'ପରେ ତୁମ ସହିତ କାମଦେବଙ୍କ ମିଳନ ହେବ ।

ଏଭଳି କହିଦେଇ ନାରଦ ଅନ୍ତର୍ଦ୍ଧାନ ହେଲେ । କିନ୍ତୁ ମାୟାବତୀଙ୍କ ମନ ଭିତରେ ଯେଉଁ ମଂଜି ପୋତିଦେଲେ, ତାହା କ୍ରମଶଃ ଗଜା ହୋଇ ପ୍ରକାଣ୍ଡ ଗଛ ହେଲା । ବହୁ ଶାଖା ପ୍ରଶାଖା । ଚିନ୍ତା ଯେ ଚିନ୍ତା ଅସରନ୍ତି । ପିଲା କେବେ ବଡ଼ ହେବ, ସମ୍ବରାସୁରକୁ ମାରିବ, ତେବେ ଯାଇ ସେ ହେବ ରତି, ପିଲା ହେବ କାମଦେବ – ତା'ପରେ ମିଳନ ! କିନ୍ତୁ ଏବେ ତ ସିଏ ପାଳିତ ପୁତ୍ର ! ମାଆ ପୁଅର ସମ୍ପର୍କ ! ଏଠି ସ୍ୱାମୀ ସ୍ତ୍ରୀର ସମ୍ପର୍କ କ'ଣ ସଂଭବ !

ପିଲା ବାଳକରୁ ଯୁବକ ହେଲା । କୃଷ୍ଣଙ୍କ ଭଳି ପଦ୍ମପଲାଶ ନେତ୍ର । ମାୟାବତୀର ପ୍ରୀତିର ପଟାନ୍ତର ନାହିଁ । ହସରେ, କଟାକ୍ଷରେ ସେ ଯୁବକର ହୃଦୟକୁ, ମନକୁ ଆକର୍ଷଣ କରିବାରେ ଲାଗିଛି । ଏକାନ୍ତରେ ମାୟାବତୀ ପ୍ରଶ୍ନ କରେ ଯୁବକଙ୍କୁ, ମତେ ତମେ ଭଲପାଅ ? ଯୁବକ ଏଡ଼େଇ ଯାଏ । ଦିନେ ମାୟାବତୀକୁ ପଚାରିଲା, ତୁମର ଆଚରଣ

ମୋ ମନକୁ ଆନ୍ଦୋଳିତ କରୁଛି କାହିଁକି ? ମୁଁ ଜାଣେ ତୁମେ ମତେ ପିଲାଦିନୁ ଲାଳନ ପାଳନ କରି ଆସିଛ । ଯାହା କରିଛ, କୌଣସି ନିଜ ମାଆବି ଏତେ କରିବନି ! ଏ ପର୍ଯ୍ୟନ୍ତ ମୁଁ ଭାବିଆସିଥିଲି, ତୁମେ ମୋର ମାଆ । କିନ୍ତୁ ଏବେ କେତେଦିନ ହେଲା, ତୁମର ଆଚରଣରୁ ମୁଁ ଲକ୍ଷ୍ୟ କରୁଛି, ତୁମେ ମାଆଭଳି ଆଉ ସ୍ନେହ କରୁନା । ସ୍ନେହ ତୁମର ମୋ ପ୍ରତି ପ୍ରେମରେ ପରିଣତ ହୋଇଛି ! ଏ ପ୍ରେମ ପ୍ରଣୟର ! ଯିମିତି ପ୍ରେମିକା ଚାହୁଁଛି ତା'ର ପ୍ରାଣପ୍ରିୟ ପ୍ରେମିକକୁ । ଏପରି ପରିବର୍ତ୍ତନ, ଭାବାନ୍ତର କାହିଁକି ? ଯାହା କର ପଛକେ ମତେ ଆଲିଙ୍ଗନ କରନାହିଁ । ମୋର ପ୍ରଣୟିନୀ ହୋଇପଡ଼ନାହିଁ ।

ମାୟାବତୀ ଯୁବକକୁ କହିଲେ, ତୁମେ ବାସ୍ତବରେ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କ ପୁତ୍ର । ତୁମ ନାଆଁ ପ୍ରଦ୍ୟୁମ୍ନ । ତୁମେ ମାତ୍ର ଦଶଦିନର ହୋଇଥିଲ, ସମ୍ବରାସୁର ତୁମକୁ ଚୋରେଇ ଆଣିଲା । ସମୁଦ୍ରରେ ଫିଙ୍ଗିଦେଲା । ଗୋଟିଏ ବଡ଼ମାଛ ତୁମକୁ ଗିଳି ପକାଇଥିଲା । ମାଛକୁ କଟାଯିବାରେ ତୁମେ ତା'ପେଟରୁ ବାହାରିଲ । ମୁଁ ତୁମକୁ ସେଦିନଠୁ ପାଳି ଆସିଛି । ବ୍ରହ୍ମାପୁତ୍ର ଦେବର୍ଷି ନାରଦ ମତେ ଏସବୁ କଥା କହି ଯାଇଛନ୍ତି । ତୁମେ ସମ୍ବରାସୁରକୁ ମାରିବାକୁ ପଡ଼ିବ । କିନ୍ତୁ ସେ ମାୟାବୀ । ମାୟାର କଳା ମୁଁ ମଧ ଜାଣେ । ତୁମକୁ ଶିଖେଇଦେବି । ଏତିକି କହି ମାୟାବତୀ ପ୍ରଦ୍ୟୁମ୍ନଙ୍କୁ ମାୟାର ସବୁ ପ୍ରକାରର କଳାକୌଶଳ ଶିକ୍ଷା ଦେଲେ । ତା'ପରେ ପ୍ରଦ୍ୟୁମ୍ନ ଗଲେ ସମ୍ବରାସୁର ପାଖକୁ । ତାଙ୍କ ସହିତ ଲଢ଼ିବା ପାଇଁ ସମ୍ବରାସୁରକୁ ଆହ୍ବାନ କଲେ । ଯାହାକୁ ସେ ଶିଶୁ ଅବସ୍ଥାରେ ସମୁଦ୍ରକୁ ଫିଙ୍ଗି ଦେଇଥିଲା, ଇଏ ଯେ ସେହି ପିଲା, ସମ୍ବରାସୁର ଜାଣି ପାରିଲା ନାହିଁ । ପ୍ରଦ୍ୟୁମ୍ନଙ୍କ ସହିତ ତା'ର ଜୋରସୋର ଲଢ଼େଇ ହେଲା । ହାତାହାତି ଯୁଦ୍ଧରେ ସମ୍ବର ପ୍ରଦ୍ୟୁମ୍ନଙ୍କୁ ପାରିଲା ନାହିଁ । ମାୟା ପ୍ରୟୋଗ କଲା ସେ । ଚାଲିଲା ଘମାଘୋଟ ଲଢ଼େଇ । ଶେଷରେ ପ୍ରଦ୍ୟୁମ୍ନ ତରବାରୀରେ ସମ୍ବରାସୁରର ମୁଣ୍ଡ କାଟିଦେଲେ ।

ମାୟାବତୀ ମାୟା ବଳରେ ପ୍ରଦ୍ୟୁମ୍ନଙ୍କୁ ସାଙ୍ଗରେ ନେଇ ଆକାଶରେ ଉଡ଼ି ଉଡ଼ି ପହଞ୍ଚିଲା ଦ୍ୱାରକାରେ । ଦୁହେଁ ଅନ୍ତଃପୁର ଆଡ଼କୁ ଅଗ୍ରସର ହେଲେ । ପ୍ରହରୀମାନେ ଦେଖିଲେ, ଯୁବକଜଣକ ଦେଖିବାକୁ ଠିକ୍ କୃଷ୍ଣଙ୍କ ଭଳି । ଶ୍ରୀକୃଷ୍ଣ ମନେ କରି ଯୁବକଙ୍କୁ କେହି ରୋକିଲେ ନାହିଁ । ଇଏତ କୃଷ୍ଣ, କିନ୍ତୁ ଝିଅଟି କିଏ ? ଏଭଳି ଝିଅ ତ ଦ୍ୱାରକାପୁରୀରେ କେଉଁଠି କେବେ ଦେଖା ନଥିଲା । ପ୍ରହରୀମାନଙ୍କ ମନରେ ଭ୍ରାନ୍ତି ! ଯୁବକର ପାଖକୁ ଗଲେ । ନିରିଖେଇ ଦେଖିଲେ, ଇଏ କୃଷ୍ଣ ନୁହଁ, କୃଷ୍ଣ ଭଳି ! ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ – ଯୁବକଟି କିଏ ? ଯୁବତୀଟି କିଏ ?

ଦୁଇଟି ପୁଅ ଝିଅ ଉଆସରେ ପ୍ରବେଶ କରିଛନ୍ତି– ରୁକ୍ମିଣୀ ଖବର ପାଇ ଆଗେଇ ଆସିଲେ । ଯୁବକଙ୍କୁ ଦେଖୁ ଦେଖୁ ତାଙ୍କ ଆଖି ଛଳଛଳ ହୋଇ ଆସିଲା । ମନେ ମନେ କହିଲେ, ମୋ ପିଲା ଯଦି ବଂଚିଥାଆନ୍ତା, ରୂପ ଆଉ ବୟସରେ ଠିକ୍ ଏହି ପିଲାଟି ଭଳି ହୋଇଥାଆନ୍ତା । ଯା ଚେହେରା ତ ଆମ ପ୍ରଭୁଙ୍କ ଭଳି ! ଇଏ ମୋ ପୁଅ ପ୍ରଦ୍ୟୁମ୍ନ ନୁହଁ ତ ! ଉଆସ ସାରା ସମସ୍ତଙ୍କ ମୁହଁରେ ନାନା ଚର୍ଚ୍ଚା !

ଠିକ୍ ଏହି ସମୟରେ ପହଂଚିଲେ ଶ୍ରୀକୃଷ୍ଣ । ସାଂଗରେ ପିତା ବସୁଦେବ ଓ ମାତା ଦେବକୀ । ଶ୍ରୀକୃଷ୍ଣ ପୁଅ ପ୍ରଦ୍ୟୁମ୍ନକୁ ଦେଖିଲେ । ଖୁସି ହେଲେ । କିନ୍ତୁ ତାଙ୍କ ଖୁସି ଅନ୍ୟମାନେ ଜାଣିପାରିଲେ ନାହିଁ । ସବୁକଥା ଜାଣିଥିଲେ ମଧ୍ୟ ସେ କାହାକୁ କିଛି ନ କହି ଚୁପ୍ ରହିଲେ । ମାୟାବତୀ ନିଜର ଓ ଯୁବକର ପରିଚୟ ଦେବାକୁ ତୁଣ୍ଡ ଖୋଲିଛନ୍ତି କି ନାହିଁ, ଘଟଣାସ୍ଥଳରେ ନାରଦ ଆସି ହାଜର । ସମସ୍ତଙ୍କ ମନରୁ ସଂଦେହ ମୋଚନ କରିଦେଲେ ସେ । ରୁକ୍ମିଣୀ ନିଜକୁ ସଂଭାଳି ପାରିଲେ ନାହିଁ । ତାଙ୍କର ଆନନ୍ଦ କହିଲେ ନ ସରେ । ସମସ୍ତେ ପ୍ରଦ୍ୟୁମ୍ନଙ୍କୁ କୁଣ୍ଢେଇ ପକାଇଲେ । ରୁକ୍ମିଣୀ ପ୍ରଥମେ କୁଣ୍ଢେଇଲେ ମାୟାବତୀକୁ । କହିଲେ, ମା' ତୋରି ଯୋଗୁଁ ମୋ ପୁଅକୁ ଫେରି ପାଇଲି ! ଦ୍ୱାରକାରେ ମହୋତ୍ସବ ଚାଲିଲା । ସମସ୍ତେ ଅନୁଭବ କଲେ, ଯିମିତି କି ପ୍ରଦ୍ୟୁମ୍ନଙ୍କ ଜନ୍ମ ଆଜି ହୋଇଛି ।

ଶ୍ରୀକୃଷ୍ଣ ମଧ୍ୟ ଆନନ୍ଦ ଉତ୍ସବରେ ଭାଗ ନେଲେ । ବସୁଦେବ ଓ ଦେବକୀ ନାତି ସହିତ ବହୁତ ଥଟ୍ଟା ପରିହାସ କଲେ । କହିଲେ, ମଲା ପୁଅ ବାହୁଡ଼ି ଅଇଲା !

●

॥ ८४ ॥

# ସ୍ୟମନ୍ତକ ମଣି ନେଲା କିଏ ?

**ଉ**ଗ୍ରସେନ ନାଆଁକୁ ମାତ୍ର ରାଜା । କିନ୍ତୁ ପ୍ରକୃତ ଦ୍ୱାରକାଧୀଶ ଶ୍ରୀକୃଷ୍ଣ । ପାତ୍ରମନ୍ତ୍ରୀ ଅନେକ । ପାତ୍ରଙ୍କ ମଧ୍ୟରୁ ଜଣେ ସତ୍ରାଜିତ । ସୂର୍ଯ୍ୟଙ୍କ ଭକ୍ତ ସେ । କିନ୍ତୁ ସୂର୍ଯ୍ୟ ତାଙ୍କୁ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ଭାବରେ ଭଲ ପାଉଥିଲେ । ଦିନେ ସେ ସତ୍ରାଜିତ ପ୍ରତି ଅତି ପ୍ରୀତ ହୋଇ କହିଲେ, ''ତୁମକୁ ଗୋଟିଏ ଦୁର୍ଲ୍ଲଭ ମଣି ଦେବି । ଏ ମଣିଟି ଐଶ୍ୱର୍ଯ୍ୟର ପ୍ରତୀକ । ଇଏ ତୁମ ପାଖରେ ଥିବା ଯାଏଁ, ତୁମେ ସୁଖୀ ରହିଥିବ ।'' ସଙ୍ଗେ ସଙ୍ଗେ ସେ ସତ୍ରାଜିତଙ୍କୁ ସେହି ମଣିଟି ଦେଲେ । ମଣିଟିର ନାମ 'ସ୍ୟମନ୍ତକ' ।

ମଣିଟି ସୂର୍ଯ୍ୟଙ୍କ ଭଳି ଜ୍ୟୋତିର୍ମୟ । ଦେଖିବା ମାତ୍ରେ ଆଖି ଝଲସିଯିବ । ସତ୍ରାଜିତ ମଣିଟିକୁ ଗଳାରେ ଲମ୍ବେଇ ଘରୁ ବାହାରକୁ ଆସିଲା । ଲୋକେ ଭାବିଲେ ସ୍ୱୟଂ ସୂର୍ଯ୍ୟଦେବ ଯିମିତି ଚାଲିଛନ୍ତି, ଦ୍ୱାରକାର ରାଜଦାଣ୍ଡରେ । ସତ୍ରାଜିତ୍ ସମସ୍ତଙ୍କୁ ମଣିଟି ଦେଖେଇ ଚାଲିଚି । ତା' ପଛେ ପଛେ ମନେହେଲା ଯିମିତି ସମଗ୍ର ଦ୍ୱାରକା ଚାଲିଚି । ମଣିଟିର ଆଉ ଏକ ଅଦ୍ଭୁତ ଗୁଣ । ଇଏ ଯାହାପାଖରେ ରହେ, ସେ ଚାହିଁବାମାତ୍ରେ ଦିନକୁ ତାକୁ ବାରମହଣ ସୁନା ଦେଇଥାଏ । ଏ ଖବର ମଧ୍ୟ ଦ୍ୱାରକାରେ ପ୍ରଚାରିତ ହେବାରେ ଲାଗିଲା ।

ଲୋକେ ମଣିଟିକୁ ନିଜ ଆଖିରେ ଦେଖିଲେ । ଏହାର କରାମତି କ'ଣ ଜାଣିଲେ । କେତେଜଣ ଗଲେ କୃଷ୍ଣଙ୍କ ପାଖକୁ । କହିଲେ, ସତ୍ରାଜିତ କ'ଣ ଗୋଟାଏ ମଣି ପିନ୍ଧିଚି, ସେଥିରୁ ସୂର୍ଯ୍ୟଙ୍କ ଭଳି ତେଜ ଛୁଟୁଚି । ଚକ୍‌ଚକ୍ ଦେଖାଯାଉଚି । ଶ୍ରୀକୃଷ୍ଣ ହସିଲେ । ଲୋକଙ୍କୁ କହିଲେ, ମଣିଟା ସୂର୍ଯ୍ୟ ନୁହଁ, କିନ୍ତୁ ଏକଥା ସତ୍ ଯେ ସୂର୍ଯ୍ୟ ଏ ମଣିଟିକୁ ଆମ ସତ୍ରାଜିତକୁ ଦେଇଛନ୍ତି । ସେ ସୂର୍ଯ୍ୟଙ୍କ ଭକ୍ତ । ଅନ୍ତରଙ୍ଗ ବନ୍ଧୁ ମଧ୍ୟ । ସୂର୍ଯ୍ୟ ନିଜ ବନ୍ଧୁଙ୍କୁ ଏ ମଣିଟି ଉପହାର ସ୍ୱରୂପ ଦେଇଛନ୍ତି । ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

ସତ୍ରାଜିତ ମଣିଟି ଘରେ ରଖି ପୂଜା କଲା । ଲୋକେ ମଧ୍ୟ ମଣି ଯୋଗୁଁ ଉପକୃତ ହେଲେ । କାରଣ ଏ ମଣି ଯେଉଁ ରାଜ୍ୟରେ ଥିବ, ସେଠି ବଢ଼ି, ମରୁଡ଼ି ହେବ ନାହିଁ । କେହି ଗରିବ ରହିବେ ନାହିଁ । କିନ୍ତୁ ସତ୍ରାଜିତ ସବୁଠୁ ଅଧିକ ଉପକୃତ । ପ୍ରତିଦିନ ତାଙ୍କ ଘରେ ବାରମହଣ କରି ସୁନା ଗଦା ହେଲା । ଏତେ ସୁନା ଯେ ଘରେ ରଖିବା ପାଇଁ ଜାଗା ହେଲାନି । ଧନରତ୍ନରେ ସତ୍ରାଜିତର ଘର ଭରପୂର । ଫଳରେ ସତ୍ରାଜିତର ମନରେ ଗର୍ବ ବଢ଼ିବାକୁ ଲାଗିଲା । ସେ ଧରାକୁ ସରା ମଣିଲା ।

ଦିନେ ଶ୍ରୀକୃଷ୍ଣ ସତ୍ରାଜିତର ଘରକୁ ଗଲେ । ସତ୍ରାଜିତ ସହିତ ଖୁସିଗପ କଲେ । କଥାବାର୍ତ୍ତା ପ୍ରସଙ୍ଗରେ ଶ୍ରୀକୃଷ୍ଣ ସତ୍ରାଜିତକୁ କହିଲେ, ଶୁଣୁଚି, ତୁମକୁ ସୂର୍ଯ୍ୟଦେବ ଯେଉଁ ସ୍ୟମନ୍ତକ ମଣି ଦେଇଚନ୍ତି, ତା'ର ବହୁତ ସୁଗୁଣ । ଯେଉଁଠି ଏ ମଣି, ସେଠି ରୋଗ ଶୋକ ବୋଲି କିଛି ରହିବ ନାହିଁ । ଅକାଳ ପଡ଼ିବ ନାହିଁ । ଦାରିଦ୍ର୍ୟ ରହିବ ନାହିଁ । ରୋଗ ଓ ଦୁର୍ଘଟଣା ମଧ୍ୟ ହେବ ନାହିଁ । କାହାରି ଦେହରେ କଷ୍ଟ ହେବ ନାହିଁ । ସବୁବେଳେ ଶାନ୍ତି ବିରାଜିତ । ଚୋରି ଡକାୟତିର ତ ପ୍ରଶ୍ନ ନାହିଁ । ଭୂତପ୍ରେତ ଦୂରରେ ରହିବେ । ଏଭଳି ଏକ ମଣି ତୁମେ ପାଖରେ ନ ରଖି ରାଜା ଉଗ୍ରସେନଙ୍କୁ ଦେଇଦେବା ଉଚିତ । ତାଙ୍କ ପାଖରେ ରହିଲେ ସମଗ୍ର ଦ୍ୱାରକା ଉପକୃତ ହେବ । ଲୋକେ ସୂର୍ଯ୍ୟଙ୍କ କରୁଣା ଲାଭ କରିପାରିବେ । ତୁମେ ଓ ତୁମ ପରିବାର ମଧ୍ୟ ଉପକୃତ ହେବେ । ମଣିଟି ସୁରକ୍ଷିତ ହେବ ।

ସତ୍ରାଜିତ ଏପରି ଉଦ୍ଧତ ହୋଇପଡ଼ିଥିଲା ଯେ ସେ ଶ୍ରୀକୃଷ୍ଣଙ୍କ ପରାମର୍ଶକୁ ଖାତିର୍ କଲା ନାହିଁ । କହିଲା, ଏ ମଣି ମୋ ନିଜର । ମୋ ପ୍ରଭୁ, ମୋ ବନ୍ଧୁ ସୂର୍ଯ୍ୟ ମତେ ଦେଇଚନ୍ତି । ନିଜ ପାଖରେ ରଖିବା ପାଇଁ କହିଚନ୍ତି, କାହାକୁ ହସ୍ତାନ୍ତର କରିବାକୁ କହି ନାହାଁନ୍ତି । ତୁମେ ସୂର୍ଯ୍ୟଙ୍କୁ ପୂଜା କର, ତାଙ୍କର ଭକ୍ତ ହୁଅ, ମାଗିଲେ ହୁଏତ ତୁମକୁ ଗୋଟିଏ ମଣି ଦେଇପାରନ୍ତି । ସେ ମଣିଟି ପାଇ ତୁମେ ଯାହା କରୁଚ କର, କିନ୍ତୁ ଏ ମଣି ଦେବି ନାହିଁ ।

ଶ୍ରୀକୃଷ୍ଣ ଆଉ କିଛି ନ କହି ଚୁପ୍‌ଚାପ୍ ଚାଲିଗଲେ । ଦିନ ପରେ ଦିନ ଗଡ଼ି ଚାଲିଲା । ସତ୍ରାଜିତର ସାନଭାଇ ପ୍ରସେନ୍‌ଜିତ୍ । ଦି'ଭାଇଙ୍କ ଭିତରେ ଭଲ ସଂପର୍କ ରହି ଆସିଥିଲା । ପ୍ରସେନଜିତ୍ ଦିନେ ଭାଇକୁ କହିଲା, ମତେ ଦିନକ ପାଇଁ ମଣିଟି ଦିଅ । ସତ୍ରାଜିତ ରାଜି ହେଲା । ଭାଇକୁ ମଣିଟି ପିନ୍ଧିବାକୁ ଦେଲା । ପ୍ରସେନଜିତ୍ ମଣିଟିକୁ ଗଳାରେ ଲମ୍ବେଇ ଗଲା ଜଙ୍ଗଲକୁ ଶିକାର କରିବାକୁ । ସୂର୍ଯ୍ୟାସ୍ତ ହୋଇଆସିଲା । ପ୍ରସେନ୍‌ଜିତ୍ ଘରକୁ ଫେରିଲା ନାହିଁ । ସତ୍ରାଜିତ ବ୍ୟସ୍ତ,ଚିନ୍ତିତ । ଚିନ୍ତିତ ଭାଇ ପାଇଁ ନୁହଁ, ମଣି ପାଇଁ । ରାତିଯାକ ଆଖିରେ ନିଦ ନାହିଁ । ସକାଳ ହେଲା, ତଥାପି ପ୍ରସେନ୍‌ଜିତ୍‌ର ଦେଖା ନାହିଁ । ସତ୍ରାଜିତର ମନ ଅସମ୍ଭାଳ । ସେ ଦଳବଳ ସହ ଗଲା ଜଙ୍ଗଲକୁ । ବହୁତ ଖୋଜାଖୋଜି କଲା । ପ୍ରଥମେ ଦେଖିଲା, ଭାଇ ଯେଉଁ ଘୋଡ଼ାରେ ଯାଇଥିଲା, ସେ ଘୋଡ଼ା ମରିପଡ଼ି ତଳେ ଚିତ୍‌ପଟାଙ୍ଗ୍ । ଆଉ କିଛିବାଟ ଯିବା ପରେ ପ୍ରସେନ୍‌ଜିତର ଶବ ପଡ଼ିଥିବା ଦେଖି ବିଚଳିତ ସତ୍ରାଜିତ । ପ୍ରଥମେ ଭାଇର ଦେହ ସାରା ଦରାଣ୍ଡିଗଲା । ମଣି ପାଇଲା ନାହିଁ । ଶବ ଘରକୁ ଆଣି ମନଦୁଃଖରେ ସତ୍କାର କଲା । ସତ୍ରାଜିତ ଠଉରେଇ ନେଲା, ନିଶ୍ଚୟ କେହି ସ୍ୟମନ୍ତକମଣି ନେବା ପାଇଁ ପ୍ରସେନ୍‌ଜିତ୍‌କୁ ମାରି ପକାଇଚି ! ତା'ର ମନେ ପଡ଼ିଲା, କିଛିଦିନ ତଳେ ଶ୍ରୀକୃଷ୍ଣ ଆସିଥିଲେ, ତା'ଠୁ ମଣିଟିକୁ ମାଗିନେବା ପାଇଁ । ସେ ଦେଇ ନ ଥିଲା । ଇଏ ସେହି ଶ୍ରୀକୃଷ୍ଣଙ୍କ କାଣ୍ଡ । ଭାଇକି ମାରି ତା'ଠୁ ସେ ସ୍ୟମନ୍ତକମଣି ନେଇଛନ୍ତି ।

ଏଇ କଥା ସେ ଚାରିଆଡ଼େ ପ୍ରଚାର କଲା । କଥା ଶ୍ରୀକୃଷ୍ଣଙ୍କ କାନକୁ ଗଲା । ତାଙ୍କ ନାଆଁରେ ମିଛ ପ୍ରଚାର ଚାଲିଚି ଜାଣି ସେ ବି ଟିକିଏ ବ୍ୟସ୍ତ ହୋଇପଡ଼ିଲେ । କାହା ବିରୁଦ୍ଧରେ କିଛି ଅପପ୍ରଚାର ହେଲେ, ଲୋକେ ତାକୁ ସହଜରେ ବିଶ୍ୱାସ କରିଥାଆନ୍ତି । ଇଏ ମଣିଷର ସାଧାରଣ ପ୍ରକୃତି । ସାମାନ୍ୟ କଥାକୁ ବଡ଼ ମନେ କରନ୍ତି । ଛୋଟକଥାକୁ ବଡ଼ କରି ପ୍ରଚାର କରନ୍ତି । ଏ କ୍ଷେତ୍ରରେ ସମସ୍ତେ ମୁହଁ ଖୋଲି କହି ନ ପାରିଲେ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଦୋଷୀ କଲେ । କୁହାକୁହି ହେଲେ, ପିଲାଟିଦିନୁ କୃଷ୍ଣ ନାନା ମନ୍ତ୍ରଯନ୍ତ୍ର

କରିଆସୁଚି । କେଡ଼େ କେଡ଼େ ଯୋଦ୍ଧାକୁ ସେ ଟାଳି ପକାଇଚି । ସ୍ୱାର୍ଥ ହାସଲ ଲାଗି ସେ ସବୁ କିଛି କରିପାରେ । ଏପରି ନିନ୍ଦା, ଅପପ୍ରଚାର ଜୋରସୋରରେ ଚାଲିଲା । ଶ୍ରୀକୃଷ୍ଣ ଦେଖିଲେ, ଅସଲ କଥାଟା ବାହାରକୁ ପ୍ରକାଶ ପାଇବା ଉଚିତ । ଶ୍ରୀକୃଷ୍ଣ ତାଙ୍କ ସାଙ୍ଗସାଥିଙ୍କୁ ଧରି ଚାଲିଲେ ଜଙ୍ଗଲକୁ । ପ୍ରକୃତରେ ପ୍ରସେନ୍‌ଜିତ୍ ମଲା କିମିତି, ଲୋକେ ଜାଣିବା ଦରକାର । ସେ ମଧ୍ୟ ଜାଣିବା ଉଚିତ । ପ୍ରସେନ୍‌ଜିତ୍‌ର ଶବ ଯେଉଁଠି ପଡ଼ିଥିଲା, ସେ ଜାଗାକୁ ଗଲେ । ଶବକୁ ନେବାବେଳେ ସତ୍ରାଜିତ ଓ ତା'ଲୋକେ ଆଖପାଖ ଜାଗାକୁ ଦେଖି ନ ଥିଲେ । କିମିତି ସେ ମଲା, ସେ କଥା ମଧ୍ୟ ଜାଣିବା ପାଇଁ ଚେଷ୍ଟା କରି ନଥିଲେ । ଶ୍ରୀକୃଷ୍ଣ ଓ ତାଙ୍କ ସାଙ୍ଗମାନେ ଦେଖିଲେ, ସେଠି ଗୋଟାଏ ସିଂହର ପାଦଚିହ୍ନ ପଡ଼ିଚି ।

ଶ୍ରୀକୃଷ୍ଣ ଏକ ହତ୍ୟାକାଣ୍ଡର ତଦନ୍ତ କରିବା ଭଳି ସବୁକଥା ଟିକିନିଖି ଦେଖିଲେ । ଦେଖିଲେ, ସିଂହ ଯାଇଥିବା ବାଟରେ ରକ୍ତର ଛିଟିକା ପଡ଼ିଚି । କିଛି ଦୂର ପର୍ଯ୍ୟନ୍ତ ଏହି ରକ୍ତର ଦାଗ ଲମ୍ବିଚି । ଶ୍ରୀକୃଷ୍ଣ ତାଙ୍କ ସାଙ୍ଗମାନଙ୍କ ସହିତ ସେହି ସିଂହ ପାଦଚିହ୍ନକୁ ଦେଖି ଦେଖି ଚାଲିଲେ ଆଗକୁ ଆଗକୁ । ଦେଖିଲେ, ଆଉ ରକ୍ତର ଚିହ୍ନ ନାହିଁ । ସେଇଠି ରହିଲେ । ଦେଖିଲେ ସିଂହଟା ମରିପଡ଼ିଚି । ମଲାସିଂହର ଦେହ ସାରା ଖୋଜିଲେ । ମଣି ପାଇଲେ ନାହିଁ । ତା'ହେଲେ ମଣି ଗଲା କୁଆଡ଼େ ? ସେଠି କିଛି ସମୟ ରହି ଜାଗାଟିକୁ ସେ ତନ୍ନତନ୍ନ କରି ଯାଞ୍ଚ କଲେ । ଲକ୍ଷ୍ୟ କଲେ, ଏଠି ସିଂହ ସହିତ ଗୋଟିଏ ଭାଲୁର ସଂଘର୍ଷ ହୋଇଛି । ଭାଲୁର ପାଦଚିହ୍ନ ମଧ୍ୟ ପଡ଼ିଚି । ଯାହା ସମ୍ଭବ ନୁହଁ, ତା' ଏ କ୍ଷେତ୍ରରେ ହୋଇଚି । ଭାଲୁଟା ସିଂହକୁ ମାରିଦେଇଚି । ସିଂହ ମରିପଡ଼ିଚି । ଭାଲୁ ଚାଲିଯାଇଚି ।

ଭାଲୁର ଖୋଜକୁ ଦେଖି ଦେଖି ଶ୍ରୀକୃଷ୍ଣ ଗଲେ ଆଗକୁ ଆଗକୁ । ସମସ୍ତେ ଏକ ଗୁମ୍ଫା ମୁହଁରେ ପହଞ୍ଚିଲେ । ସେ ସାଙ୍ଗମାନଙ୍କୁ କହିଲେ, ତୁମେ ସମସ୍ତେ ବାହାରେ ମତେ ଅପେକ୍ଷା କରିଥାଅ, ମୁଁ ଏକା ଏକା ଗୁମ୍ଫା ଭିତରେ ପଶୁଚି, ଭାଲୁ ତା'ଭିତରେ ଅଛି କି ନାହିଁ ଦେଖିବା ପାଇଁ । ଖାଲି ଭାଲୁ ନୁହଁ, ତା'ପାଖରେ ସ୍ୟମନ୍ତକମଣି ଅଛି କି ନାହିଁ, ସେ କଥା ମଧ୍ୟ ଜାଣିବା ଦରକାର । ମଣି ଗଲା କୁଆଡ଼େ, ନିଜେ ଜାଣିବା ଏବଂ ଯେଉଁମାନେ ତାଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇଚନ୍ତି, ସେମାନଙ୍କୁ ନ ଜଣାଇବା ପର୍ଯ୍ୟନ୍ତ ରକ୍ଷା ନାହିଁ । ଲୋକନିନ୍ଦା ମୃତ୍ୟୁ ସହିତ ସମାନ ।

●

॥ ୮୫ ॥

# ଥିଲି ରାମ, ହେଲି କୃଷ୍ଣ

**ସ୍ୟ**ମନ୍ତକ ମଣି ଗଲା କୁଆଡ଼େ ? ସିଂହ ମାରିଲା ସତ୍ରାଜିତ ଭାଇ ପ୍ରସେନ୍‌ଜିତକୁ । ସିଂହକୁ ମାରିଲା ଭାଲୁ । ମଣି ଥିଲା ପ୍ରସେନ୍‌ଜିତ ପାଖରେ । ଏଠୁ ସେଠିକି ହୋଇ ମଣି ରହିଚି ଭାଲୁ ପାଖରେ ବୋଲି ଶ୍ରୀକୃଷ୍ଣଙ୍କ ବିଶ୍ୱାସ । ଭାଲୁର ଖୋଜ ବାରି ବାରି ସେ ପହଞ୍ଚିଛନ୍ତି ଭାଲୁ ରହୁଥିବା ଗୁମ୍ଫା ମୁହଁରେ । ଗୁମ୍ଫା ମୁହଁରେ ଠିଆହୋଇ ସେ ଭିତରକୁ ଦୃଷ୍ଟିପାତ କଲେ । ଦେଖିଲେ ଭାଲୁଛୁଆ ଗୁମ୍ଫା ଭିତରେ ଖେଳୁଚି । ତା ହାତରେ ସ୍ୟମନ୍ତକ ମଣି ଦାଉ ଦାଉ ହୋଇ ଝଟକୁଛି । କିଛି ସମୟ ଲକ୍ଷ୍ୟ କରିବା ପରେ ଶ୍ରୀକୃଷ୍ଣ ଧୀରେ ଧୀରେ ଗଲେ ଭାଲୁଛୁଆ ପାଖକୁ । ମଣିଟିକୁ ତା'ଠୁ ଛଡ଼େଇ ଆଣିବା ଲାଗି ଉଦ୍ୟମ କଲେ । କିଛିଦୂରରେ ଛୁଆର ମା' ଶୋଇଥିଲା । ଗୋଟାଏ ମଣିଷ ଗୁମ୍ଫା ଭିତରେ ପ୍ରବେଶ କରିଥିବା ଦେଖି ସେ କାକ୍‌ରଛାନିଆ ରଡ଼ି ଛାଡ଼ିଲା । ତା ରଡ଼ି ଶୁଣି ଏକ ବିରାଟକାୟ ଭାଲୁ ଦୌଡ଼ି ଆସିଲା ମାଈ ଭାଲୁ ପାଖକୁ । ଦେଖିଲା ଜଣେ ଅପରିଚିତ ମଣିଷ, ଛୁଆଭାଲୁଠାରୁ ମଣିଟିକୁ ଛଡ଼େଇ ନେବା ପାଇଁ ତିଆର । ଅଣ୍ଡିରା ଭାଲୁ ଶ୍ରୀକୃଷ୍ଣଙ୍କ ଆଡ଼କୁ ମାଡ଼ିଆସିଲା । ଆକ୍ରମଣ କଲା ।

ଏ ଭାଲୁଟି ଅନ୍ୟ କେହି ନୁହଁ, ରାମାବତାର ବେଳର ଭଲ୍ଲୁକ ଜାମ୍ବବାନ । ତ୍ରେତାଯୁଗରେ ରାମ-ରାବଣ ଯୁଦ୍ଧବେଳେ ଜାମ୍ବବାନ ଥିଲା ଶ୍ରୀରାମଙ୍କ ପକ୍ଷରେ । ତାଙ୍କୁ ସେ ନାନା ଭାବରେ ସାହାଯ୍ୟ, ସହଯୋଗ କରିଥିଲା । ସେ ଚିରଞ୍ଜୀବୀ । ଦ୍ୱାପର ଯୁଗରେ ସେ ଏହି ଗୁମ୍ଫା ଭିତରେ ରହି ଆସୁଥିଲା ।

ଶ୍ରୀକୃଷ୍ଣଙ୍କ ସହିତ ଜାମ୍ବବାନର ହାତାହାତି ଯୁଦ୍ଧ ଚାଲିଲା ଅଠେଇଶ ରାତି ଏବଂ ଅଠେଇଶ ଦିନ ଧରି । କିଏ କାହାକୁ ଊଣା ନୁହଁନ୍ତି । ଜାମ୍ବବାନ ଖୁବ୍ ବଳବାନ୍ । ଏତେଦିନ ଧରି ଲଢ଼େଇ କରି ମଧ୍ୟ ସେ ଶ୍ରୀକୃଷ୍ଣଙ୍କୁ ଜିଣି ପାରିଲା ନାହିଁ । ଜାମ୍ବବାନ ବିସ୍ମିତ । ସେ ଶ୍ରୀକୃଷ୍ଣଙ୍କୁ କହିଲା, ଯୁଗ ଯୁଗ ଧରି ମୋ ସହିତ ବହୁ ଯୋଦ୍ଧା ଲଢ଼େଇ କରି ଆସୁଚନ୍ତି । ସମସ୍ତେ ପରାଜୟ ସ୍ୱୀକାର କରିଛନ୍ତି । କିନ୍ତୁ ଶ୍ରୀକୃଷ୍ଣଙ୍କୁ ପରାଜିତ କରି ନ ପାରିବାରୁ ତା' ମନରେ ସନ୍ଦେହ ଜାତ ହେଲା । ସେ ଶ୍ରୀକୃଷ୍ଣଙ୍କୁ କହିଲା, ତୁମେ ଯିମିତି ଲଢ଼େଇ କରୁଚ, ଇମିତି ଲଢ଼େଇ ଏ ପର୍ଯ୍ୟନ୍ତ ମୋର କାହା ସହିତ ହୋଇନି । ଇମିତି ଲଢ଼େଇ କେବଳ ଜଣେ ମାତ୍ର କରି ପାରୁଥିଲେ ।

ଶ୍ରୀକୃଷ୍ଣ ପଚାରିଲେ, ସେ ଜଣକ କିଏ ?

ଜାମ୍ବବାନ କହିଲା, ତ୍ରେତାଯୁଗରେ ସେ ଥିଲେ ଶ୍ରୀରାମଚନ୍ଦ୍ର । ସୂର୍ଯ୍ୟବଂଶର ରାଜା ସେ । ସେ ଥିଲେ ପ୍ରବଳ ପରାକ୍ରମୀ । ରାକ୍ଷସ ରାବଣକୁ ମାରିଥିଲେ ।

ଶ୍ରୀକୃଷ୍ଣ କହିଲେ, ସିଏ କ'ଣ ସେହି ରାମ ଯାହାଙ୍କ ସ୍ତ୍ରୀଙ୍କୁ ରାବଣ ଚୋରେଇ ନେଇଥିଲା ? ଶୁଣିଚି, ତାଙ୍କର ବିମାତା ତାଙ୍କୁ ବହୁବର୍ଷ ଧରି ବଣକୁ ପଠେଇ ଦେଇଥିଲେ । ସେ ବଣରେ ଥିବାବେଳେ ରାବଣ ତାଙ୍କ ସ୍ତ୍ରୀକୁ ନେଇଗଲା । ସିଏ କୁଆଡ଼େ ଦଶମାସ ଧରି କାନ୍ଦିଥିଲେ । ସ୍ତ୍ରୀକୁ ଯିଏ ରକ୍ଷା କରିପାରିଲା ନାହିଁ, ତା ବିରହରେ ଯିଏ ଏତେ ଶୋକସନ୍ତପ୍ତ ହୋଇ ପଡ଼ିଲା, ସେ ରାମକୁ ମୁଁ ବଡ଼ ମନେ କରିପାରୁନି ।

ଶ୍ରୀରାମଙ୍କ ପ୍ରତି ଅପମାନ ଜାମ୍ବବାନ ପକ୍ଷରେ ଅସହ୍ୟ ! ସେ ରାଗରେ ଜଳି ଉଠିଲା । କହିଲା, ମୋ ପ୍ରଭୁଙ୍କ ବିରୁଦ୍ଧରେ ତୁମର ଏ ମନ୍ତବ୍ୟ ! କରିପାରୁଚ କିପରି ? ସେ ଥିଲେ ସ୍ୱୟଂ ନାରାୟଣ । ଦୁଷ୍ଟ ଦଳନ, ଶିଷ୍ଟ ରକ୍ଷଣ ଲାଗି ସେ ଧରାଧାମକୁ ଆସିଥିଲେ । ସେ ସତ୍ୟ ହିଁ ପାଳନ କରି ଆସିଥିଲେ । ଅଧର୍ମର ବିନାଶ କରିଥିଲେ । ସେ ବଡ଼ ନୁହଁନ୍ତି ତ କ'ଣ ତୁମେ ବଡ଼ ?

ଲଢ଼େଇ ତ ଚାଲିଥିଲା । ଏପରି କଥା କଟାକଟିରେ ଜାମ୍ବବାନ ଅତ୍ୟନ୍ତ କ୍ରୁଦ୍ଧ ହୋଇ ପଡ଼ିଲା । ସେ ଜୋରସୋରରେ ଆକ୍ରମଣ ଚଳାଇଲା । କିନ୍ତୁ ତା' ବଳଠୁ କୃଷ୍ଣଙ୍କ ବଳ ବଳି ପଡ଼ିଲା । ଶ୍ରୀକୃଷ୍ଣଙ୍କ ଆଘାତରେ ଜାମ୍ବବାନ ବେହୋସ । ସେହି ଅବସ୍ଥାରେ ସେ ଦେଖିଲା, ତା' ସମ୍ମୁଖରେ ସାକ୍ଷାତ ପ୍ରଭୁ ଶ୍ରୀରାମଚନ୍ଦ୍ର ଠିଆ ହୋଇଚନ୍ତି । ତାଙ୍କ ହାତରେ କୋଦଣ୍ଡ ଧନୁ । ଜାମ୍ବବାନ ଏହି ରୂପକୁ ଦେଖି ଆଚମ୍ବିତ । ଶ୍ରୀରାମ ହସି ହସି କେବଳ ସମ୍ବୋଧନ କଲେ 'ଜାମ୍ବବାନ !'

ଜାମ୍ବବାନର ମନ ଉଲ୍ଲସିତ ହୋଇ ଉଠିଲା । ସେ ପ୍ରଭୁଙ୍କ ଚରଣ ତଳେ ଲୋଟିପଡ଼ି ହାତ ଯୋଡ଼ି କହିଲା, ଏତେକାଳ ପରେ ମୋ ଆଖି ପବିତ୍ର ହେଲା । ଏହି ନୟନାଭିରାମ କାନ୍ତ କୋମଳ ଶ୍ୟାମଳ ରୂପକୁ ଦେଖିବା ପାଇଁ ମୁଁ ବହୁକାଳରୁ ବ୍ୟାକୁଳ ହୋଇ ପଡ଼ିଥିଲି । ମୋର ଧାରଣା ହୋଇଥିଲା, ଯାହା କହିଥିଲ, ହୁଏତ ଭୁଲିଗଲଣି । ଦ୍ୱାପର ଯୁଗରେ ଦର୍ଶନ ଦେବ ବୋଲି କହିଥିଲ । ସେହି ଶୁଭ ମୁହୂର୍ତ୍ତକୁ ଅପେକ୍ଷା କରି କରି ମୋ ଆଖି ପାଣି ଆଖିରେ ମରିବାରେ ଲାଗିଥିଲା । ହେ ପ୍ରଭୁ, ତୁମର କରୁଣାର କଳନା ନାହିଁ । ଯାହାହେଉ ମୁଁ ଆଜି ସବୁଠାରୁ ବଡ଼ ଭାଗ୍ୟବାନ ।

ଜାମ୍ବବାନ ଦୁଇ ଆଖି ମଳିଲା । ଦେଖିଲା, ସେ କୋଦଣ୍ଡଧର ଶ୍ରୀରାମ ଆଉ ନାହାଁନ୍ତି । ତା ସାମ୍ନାରେ ଠିଆ ହୋଇଛନ୍ତି ସେହି ଶତ୍ରୁ — ଯିଏକି ଅଠେଇଶ ଦିନ ଧରି ତା ସହିତ ମଲ୍ଲଯୁଦ୍ଧ କରିବାରେ ଲାଗିଚି । ଶ୍ରୀରାମଙ୍କୁ ନ ପାଇ ଜାମ୍ବବାନ ପାଗଳ । ସେ ଲଢ଼େଇ କରିବ କ'ଣ, ଗୁମ୍ଫା ସାରା କେବଳ ନିଜ ପ୍ରାଣପ୍ରିୟ ଶ୍ରୀରାମଙ୍କୁ ଖୋଜିବାରେ

ଲାଗିଲା । ବୁଲି ବୁଲି, ଖୋଜି ଖୋଜି ପାଇଲା ନାହିଁ । ପୁଣି ପହଞ୍ଚିଲା ଶ୍ରୀକୃଷ୍ଣ ଯେଉଁଠି ଥାଇ ତା ସହିତ ଲଢ଼େଇ କରୁଥିଲେ, ସେଇଠି । ଦେଖିଲା, ଶ୍ରୀକୃଷ୍ଣଙ୍କ ବଦଳରେ ଶ୍ରୀରାମଙ୍କୁ । ଖୁସି ହେଲା । କିନ୍ତୁ ପର ମୁହୂର୍ତ୍ତରେ ଦେଖିଲା ଶ୍ରୀରାମଙ୍କ ବଦଳରେ ଶ୍ରୀକୃଷ୍ଣ । ହେଇଟି ରାମ, ହେଇଟି ପୁଣି ଶ୍ରୀକୃଷ୍ଣ । ତା' ଆଖି ଆଗରେ ଯିମିତି ଭେଳିକି ଲାଗିଚି । ସଙ୍ଗେ ସଙ୍ଗେ ରୂପ ପରିବର୍ତ୍ତନ । ହତ୍‌ବଡ଼େଇ ଗଲା ଜାମ୍ବବାନ ।

ମନରେ କ୍ଳାନ୍ତି ଆଉ ଭ୍ରାନ୍ତି ! ଏପରି ଘଡ଼ିଘଡ଼ିକେ ରୂପର ରୂପାନ୍ତର କାହିଁକି ଭଲ୍ଲୁକ ଜାମ୍ବବାନ ବୁଝିପାରିଲା ନାହିଁ । ସେ ପ୍ରାର୍ଥନା କଲା ଶ୍ରୀରାମଙ୍କୁ । କହିଲା, ହେ ପ୍ରଭୁ ! କ'ଣ ଘଟୁଛି ମୁଁ ବୁଝି ପାରୁନାହିଁ । ମୋ ଭଳି ଭକ୍ତ ଲାଗି ପ୍ରଭୁଙ୍କ ଏପରି ପ୍ରହେଳିକା କାହିଁକି ? ମୋର କ'ଣ ଭକ୍ତି ଊଣା ହୋଇ ପଡ଼ିଲା ? ସେଥିଲାଗି କରୁଣାର ଊଣା ? କହନ୍ତୁ, ଏପରି ଭେଳିକି ଭିଆଉଚ କାହିଁକି ? ଏ ଲୋକଟା ତ ତୁମର ନିନ୍ଦା ହିଁ କରିଆସିଚି । ତମକୁ ଅପମାନିତ କରିବାରେ ଲାଗିଚି । ନିଜ ରୂପ ବଦଳେଇ ତା' ରୂପ ନେଇ ମୋ ମନକୁ ବିଭ୍ରାନ୍ତ କରୁଚ କାହିଁକି ?

ଜାମ୍ବବାନ ଏକଥା କହୁ କହୁ ଶ୍ରୀରାମ ତା' ଆଗରେ ଠିଆ ହୋଇଗଲେ । ପୁଣି ରୂପ ବଦଳାଇ ଶ୍ରୀକୃଷ୍ଣ ରୂପ ଧରିଲେ । ପୁଣି ଶ୍ରୀରାମ ହୋଇ ଜାମ୍ବବାନକୁ କହିଲେ, "ମୁଁ ହେଉଚି କୃଷ୍ଣ । ଦ୍ୱାପରର ଅବତାର । ଥିଲି ରାମ, ହେଲି କୃଷ୍ଣ । ସେତେବେଳେ ଧର୍ମରକ୍ଷା କରିବା ପାଇଁ ଆସିଥିଲି, ଏବେ ମଧ୍ୟ ଆସିଛି ଧର୍ମ ସଂସ୍ଥାପନ ଲାଗି । ସେତେବେଳେ ସୂର୍ଯ୍ୟବଂଶରେ ଜନ୍ମଗ୍ରହଣ କରିଥିଲି, ଏବେ ଯାଦବ ବଂଶରେ ଜନ୍ମଗ୍ରହଣ କରିଛି । ସେତେବେଳେ ଥିଲି ଦଶରଥନନ୍ଦନ ଦାଶରଥୀ, ଏବେ ବସୁଦେବନନ୍ଦନ ବାସୁଦେବ । ତୁମ ପାଖକୁ ଆସିଛି, ତୁମ ଛୁଆ ହାତରେ ଥିବା ସ୍ୟମନ୍ତକ ମଣିଟିକୁ ନେବା ପାଇଁ । ଏ ମଣି ନେଇ ତା'ର ମାଲିକକୁ ଦେବି । ମଣିଟି ମୋର ନିତାନ୍ତ ଆବଶ୍ୟକ ।'

ଜାମ୍ବବାନର ହୃଦ୍‌ବୋଧ ହେଲା ଯେ ଯିଏ ଶ୍ରୀରାମ, ସିଏ ଶ୍ରୀକୃଷ୍ଣ । ସେ ଅକୁଣ୍ଠିତ ଚିତ୍ତରେ ମଣିଟିକୁ ଦେଲା ଶ୍ରୀକୃଷ୍ଣଙ୍କ ହାତରେ । ଦାନ ସହିତ ଦକ୍ଷିଣା ମଧ୍ୟ ଦେଲା । କହିଲା, ଏ ମଣିଟିକି ନିଅ, ତା ସହିତ ମୋ ଆଖିର ମଣି ମୋ ଝିଅ ଜାମ୍ବବତୀକୁ ମଧ୍ୟ ନିଅ । ସେ ପତ୍ନୀ ଭାବରେ ପ୍ରଭୁଙ୍କର ସେବା କରିବ ।

ଶ୍ରୀକୃଷ୍ଣ ସ୍ୟମନ୍ତକ ମଣି ଓ ଜାମ୍ବବତୀଙ୍କୁ ସାଙ୍ଗରେ ନେଇଗଲେ ଦ୍ୱାରକାକୁ । ଦ୍ୱାରକାରେ ଜାମ୍ବବତୀଙ୍କ ସହିତ ତାଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହେଲା । ଆଗରୁ ରୁକ୍ମିଣୀ ଥିଲେ ତାଙ୍କର ପ୍ରଥମ ପାଟବଂଶୀ, ଜାମ୍ବବତୀ ହେଲେ ଦ୍ୱିତୀୟ ।

●

॥ ୮୬ ॥

# ତୃତୀୟ ପାଟବଂଶୀ ସତ୍ୟଭାମା

ଶ୍ରୀକୃଷ୍ଣ ଭାଲୁ ଗୁମ୍ଫା ଭିତରେ ପଶିଥିଲେ । ପଶିବା ପୂର୍ବରୁ ସାଙ୍ଗସାଥୀମାନଙ୍କୁ କହିଥିଲେ, ତୁମେମାନେ ଗୁମ୍ଫା ମୁହଁରେ ଅପେକ୍ଷା କରି ରହିଥିବ, ମୁଁ ସ୍ୟମନ୍ତକ ମଣି ନେଇ ଫେରିବି । ମୁଁ ନ ଫେରିବା ପର୍ଯ୍ୟନ୍ତ କେହି କୁଆଡ଼େ ଯିବନି । ସାଙ୍ଗମାନେ ବାରଦିନ ଧରି ଦିନରାତି ଗୁମ୍ଫା ମୁହଁରେ ପଡ଼ିରହିଲେ । ଗୁମ୍ଫା ଭିତରେ ଲଢେଇ ଚାଲିଥିବା ଶବ୍ଦ ସେମାନଙ୍କ କାନରେ ପଡୁଥିଲା । ସୁଁ, ସାଁ, ହୋ ହା ଆଦି ଶବ୍ଦ ଚାଲିଥିଲା । ସେମାନେ ଭାବୁଥିଲେ ଭାଲୁ ସହିତ ଶ୍ରୀକୃଷ୍ଣଙ୍କର ଘମାଘୋଟ ଲଢ଼େଇ ଚାଲିଚି । ତା'ପରେ ଆଉ କୌଣସି ଶବ୍ଦ ଶୁଭିଲା ନାହିଁ । କୃଷ୍ଣ ଫେରିବେ ଫେରିବେ ବୋଲି ସେମାନେ ବହୁ ସମୟ ଅପେକ୍ଷା କଲେ । ଶବ୍ଦ ନ ଶୁଭିବାରେ ସେମାନଙ୍କ ଧାରଣା ହେଲା, ଶ୍ରୀକୃଷ୍ଣଙ୍କୁ ଭାଲୁ ବୋଧହୁଏ ମାରିଦେଲା । କୃଷ୍ଣ ନ ମରିଥିଲେ ନିଶ୍ଚୟ ଫେରି ଆସନ୍ତେଣି । ଲଢ଼େଇ ସରିବା ପରେ ସେ ଏତେ ସମୟ ଗୁମ୍ଫା ଭିତରେ ରହିବାର କୌଣସି କାରଣ ନାହିଁ । ତେଣୁ ଶ୍ରୀକୃଷ୍ଣଙ୍କୁ ମୃତ ମନେ କରି ସାଙ୍ଗସାଥୀମାନେ ଦ୍ୱାରକା ଫେରି ଆସିଲେ । ଦ୍ୱାରକା ସାରା ପ୍ରଚାରିତ ହେଲା ଯେ ଶ୍ରୀକୃଷ୍ଣଙ୍କ ପ୍ରାଣନାଶ ଘଟିଛି । ଶ୍ରୀକୃଷ୍ଣଙ୍କ ପରିବାରର ଲୋକେ ଶୋକସନ୍ତପ୍ତ ହେଲେ । ରୁକ୍ମିଣୀଙ୍କ ଦୂର୍ଦ୍ଦଶା କହିଲେ ନ ସରେ ।

ଦ୍ୱାରକାବାସୀ ମର୍ମାହତ । ସମସ୍ତେ ସତ୍ରାଜିତକୁ ଛି ଛି କଲେ । ଶ୍ରୀକୃଷ୍ଣଙ୍କୁ ମଣିଚୋର ବୋଲି ସେ ଅପପ୍ରଚାର କରିବାରେ ଦ୍ୱାରକା ଅନାଥ ହୋଇପଡ଼ିଲା । ସେତେବେଳେ ସେମାନେ ସତ୍ରାଜିତର କଥାକୁ ବିଶ୍ୱାସ କରୁଥିଲେ । କିନ୍ତୁ ଶ୍ରୀକୃଷ୍ଣ ମଣି ଖୋଜିବାକୁ ଯାଇ ପ୍ରାଣତ୍ୟାଗ କରିଥିବାରୁ ସମସ୍ତେ ସତ୍ରାଜିତକୁ ନିନ୍ଦା କଲେ । ତୋରି ଯୋଗୁଁ ଆମେ ଶ୍ରୀକୃଷ୍ଣଙ୍କୁ ହରେଇଲୁ ବୋଲି ତାକୁ ଦାୟୀ କଲେ ।

ଦ୍ୱାରକାର ଲୋକେ ଦେବୀ ଦୁର୍ଗାଙ୍କୁ ପୂଜା କଲେ । ଶ୍ରୀକୃଷ୍ଣ ଏବେ ନ ଆସିଲେ, ପରେ ଆସନ୍ତୁ ପଛକେ, ସେ ବଞ୍ଚିଚନ୍ତି ବୋଲି ଭରସା ଦେବାକୁ ମା' ଦୁର୍ଗାଙ୍କୁ ପ୍ରାର୍ଥନା କଲେ । ଅଖଣ୍ଡ ପୂଜା ଚାଲିଲା । ଯାଗଯଜ୍ଞ ହେଲା । ପୂଜା ଶେଷରେ ଦେବୀ ଦୁର୍ଗା ଶୂନ୍ୟରୁ କହିଲେ, ''କେହି ବ୍ୟସ୍ତ ହୁଅ ନାହିଁ । ଶ୍ରୀକୃଷ୍ଣ ଯଥାଶୀଘ୍ର ଦ୍ୱାରକା ଫେରିବେ ।'' ମନ୍ଦିର ଭିତରୁ ସେମାନେ ବାହାରକୁ ଆସି ଦେଖିଲେ, ଶ୍ରୀକୃଷ୍ଣ ଆସୁଚନ୍ତି । ତାଙ୍କ ଗଳାରେ

ସ୍ୟମନ୍ତକମଣି ଜାଜ୍ଜ୍ୱଲ୍ୟମାନ । ତାଙ୍କ ସହିତ ଅବତୀର୍ଣ୍ଣ ହୋଇଛନ୍ତି ଏକ ସୁନ୍ଦରୀ ତରୁଣୀ । ସମସ୍ତଙ୍କ ଆଖି ଏ ଦୃଶ୍ୟ ଦେଖି ଝଲସି ଉଠିଲା । ଆନନ୍ଦରେ ନାଚିଉଠିଲେ ସେମାନେ ।

ଶ୍ରୀକୃଷ୍ଣ କହିଲେ, ସମସ୍ତେ ସୁଧର୍ମା ସଭା କକ୍ଷକୁ ଆସ । ସାଙ୍ଗରେ ସତ୍ରାଜିତକୁ ମଧ୍ୟ ଡାକିଆଣ । ମୁଁ ଘରବାଟ ହେଇ ସଭାକୁ ଯାଉଚି । ଦ୍ୱାରକାର ଲୋକେ ସତ୍ରାଜିତକୁ ଧରି ସୁଧର୍ମା ସଭାଗୃହରେ ଉପସ୍ଥିତ ହେଲେ । ଉଆସରେ ଜାମ୍ବବତୀକୁ ଛାଡ଼ି ଦେଇ ଶ୍ରୀକୃଷ୍ଣ ଆସିଲେ ଏହି ସଭାକୁ । କ'ଣ ସବୁ ଘଟିଲା, ଏ ମଣି କିମିତି ମିଳିଲା, ଜାଣିବା ପାଇଁ ଦ୍ୱରକାବାସୀମାନେ ଉତ୍କଣ୍ଠିତ ।

ଶ୍ରୀକୃଷ୍ଣ କହିଲେ, ମୁଁ ମରିଯାଇଛି ବୋଲି ଭାବିବାରେ ସାଙ୍ଗସାଥୀମାନଙ୍କର କୌଣସି ଭୁଲ ହୋଇନି । ବାସ୍ତବରେ ଗୁମ୍ଫା ଭିତରେ ସିମିତି ଏକ ଅବସ୍ଥା ସୃଷ୍ଟି ହୋଇଥିଲା । ଫଳରେ ବହୁଦିନ ବିତିଗଲା । ତା'ପରେ ସତ୍ରାଜିତର ଭାଇ ପ୍ରସେନ୍‌ଜିତ କିମିତି ମଲା, ସିଂହ ଭାଲୁର ଲଢ଼େଇ, ସ୍ୟମନ୍ତକ ମଣି କିପରି ପ୍ରସେନ୍‌ଜିତଠାରୁ ଭାଲୁ ପାଖକୁ ଗଲା, ଶ୍ରୀକୃଷ୍ଣ ସେ ସବୁ କଥା ଟିକିନିଖି ବର୍ଣ୍ଣନା କଲେ । ସେ ସ୍ୟମନ୍ତକମଣିଟିକୁ ନିଜ ଗଳାରୁ କାଢ଼ି ସତ୍ରାଜିତ ଗଳାରେ ପିନ୍ଧାଇଦେଲେ । କହିଲେ, ଏଣିକି ମୁଁ କଳଙ୍କ ମୁକ୍ତ । ସତ୍ରାଜିତ ଯେଉଁ ଅପପ୍ରଚାର ଚଳାଇଥିଲା, ସେଥିରୁ ଅନ୍ତତଃ ତ୍ରାହି ମିଳିଲା । ଲୋକଙ୍କ ମଙ୍ଗଳ କାମନା କରି ମୁଁ ସତ୍ରାଜିତକୁ ମଣିଟିକି ଉଗ୍ରସେନଙ୍କ ପାଖରେ ରଖିବା ପାଇଁ ଅନୁରୋଧ କରିଥିଲି । ସେ ଏ ମଣିକି ପାଇ ଏତେ ଉଦ୍ଧତ ହୋଇପଡ଼ିଥିଲା ଯେ ମୋର ଅନୁରୋଧ ତ ରକ୍ଷା କଲା ନାହିଁ, ଓଲଟା ମୁଁ ମଣିଚୋର ବୋଲି ପ୍ରଚାର କଲା । ଏବେ ସତ୍ରାଜିତ ନିଜ ଭୁଲ ବୁଝିଲାଣି । ମୁଁ ନ ଲାଗିଥିଲେ, ଏ ମଣି ଭାଲୁ ଗୁମ୍ଫାରେ ପଡ଼ି ରହିଥାଆନ୍ତା । କେହି ଏହାକୁ ଉଦ୍ଧାର କରିପାରି ନ ଥାଆନ୍ତେ ।

ଏ ଘଟଣା ପରେ ସତ୍ରାଜିତ ଏତେ ଲଜ୍ଜିତ ହୋଇପଡ଼ିଲା ଯେ ଆଉ ମୁଣ୍ଡ ଉଠେଇ ପାରିଲା ନାହିଁ । ମଥାବନତ କରି ସେ ସୁଧର୍ମା ସଭା ଛାଡ଼ି ଘର ଆଡ଼କୁ ମୁହାଁଇଲା । ମନେ ମନେ ଭାବିଲା, ଶ୍ରୀକୃଷ୍ଣଙ୍କ ଭଳି ଜଣେ ଲୋକ ପ୍ରତି ସେ ଯେଉଁ ଅନ୍ୟାୟ କରିଚି, ସେଥିଲାଗି କ୍ଷମାଭିକ୍ଷା ଯଥେଷ୍ଟ ନୁହଁ । ଅନୁତାପ ମଧ୍ୟ ଏ ପାପକୁ ଧୋଇ ପାରିବ ନାହିଁ । କ'ଣ କହି ସେ ଶ୍ରୀକୃଷ୍ଣଙ୍କୁ ମନକଥା ଜଣାଇବ, ଭାବିପାରିଲା ନାହିଁ । ସମଗ୍ର ଦ୍ୱାରକା ତା' ବ୍ୟବହାରରେ କ୍ଷୁବ୍ଧ । କେବଳ କୃଷ୍ଣଙ୍କ ଗୋଡ଼ତଳେ ପଡ଼ିଲେ ଯଥେଷ୍ଟ ହେବ ନାହିଁ, ଦ୍ୱାରକାର ପ୍ରତିଟି ଲୋକ ଗୋଡ଼ତଳେ ପଡ଼ିବାକୁ ପଡ଼ିବ । କିନ୍ତୁ ତାହା ତ ସମ୍ଭବ ନୁହଁ ।

କ୍ଷଣିକ ଉନ୍ମାଦନା ଏବଂ ଲୋଭରାକ୍ଷସର ତାଡ଼ନାରେ ସେ ମିଥ୍ୟା ରଟନା କରିଥିଲା । ଦିନରାତି ବହୁତ ଭାବିଭାବି ସ୍ଥିର କଲା, ଏକମାତ୍ର ବାଟ ହେଉଛି, ନିଜର କନ୍ୟା ସତ୍ୟଭାମାକୁ ଶ୍ରୀକୃଷ୍ଣଙ୍କ ହାତରେ ଅର୍ପଣ କରିବ । ତା'ଫଳରେ ଆତ୍ମୀୟତା ବଢ଼ିବ । ଲୋକେ ମଧ୍ୟ ତାକୁ ଭଲ କଲୁ ବୋଲି କହିବେ । ଏକଥା ସେ ଅନ୍ୟମାନଙ୍କୁ କହିଲା । ଲୋକେ କହିଲେ ଇଏ ଉତ୍ତମ ପ୍ରସ୍ତାବ । ତା' ପରିବାରର ଲୋକେ କହିଲେ, ଖାଲି ସତ୍ୟଭାମାକୁ ଦେଲେ ଯଥେଷ୍ଟ ହେବ ନାହିଁ, ବିବାହ ବେଦୀରେ ସ୍ୟମନ୍ତକ ମଣିଟିକୁ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଯୌତୁକ ସ୍ୱରୂପ ଦେଇଦେବୁ ।

ଶ୍ରୀକୃଷ୍ଣଙ୍କ ସହିତ ସତ୍ରାଜିତ କନ୍ୟା ସତ୍ୟଭାମାଙ୍କର ବିବାହ ସମ୍ପନ୍ନ ହେଲା । ସତ୍ରାଜିତ ସ୍ୟମନ୍ତକମଣିଟିକୁ ଦେବା ମାତ୍ରେ ଶ୍ରୀକୃଷ୍ଣ ମନା କଲେ ନେବା ପାଇଁ । କହିଲେ, ଏ ମଣି ତୁମକୁ ସୂର୍ଯ୍ୟ ଦେଇଛନ୍ତି । ଏ ମଣି ଉପରେ ତୁମର ହିଁ ଅଧିକାର, ଅନ୍ୟ କାହାର ହୋଇ ନ ପାରେ । ମୁଁ ଏକଥା ଅଭିମାନରେ କହୁ ନାହିଁ, ଆନ୍ତରିକ ଭାବରେ କହୁଚି । ତୁମର ଦୁଇଟି ମଣି । ଗୋଟିଏ ମଣି ସତ୍ୟଭାମାକୁ ତ ଦେଲ, ଇଏ ମୋ ପକ୍ଷରେ ଯଥେଷ୍ଟ । ଏତିକି କହି ସେ ନବପରିଣିତା ସତ୍ୟଭାମାକୁ ଚାହିଁ ଟିକିଏ ହସିଦେଲେ । ଏ ଟିକକ ହସ ସତ୍ୟଭାମା ପାଇଁ ଥିଲା ଶହେଟା ସ୍ୟମନ୍ତକମଣିଠୁ ବଳି ମୂଲ୍ୟବାନ୍ ।

ସତ୍ୟଭାମା ଅନିନ୍ଦ୍ୟ ସୁନ୍ଦରୀ । ଦ୍ୱାରକାରେ ପ୍ରାୟ ଅଧିକାଂଶ ଯୁବକଙ୍କ ଆଖି ଥିଲା ସତ୍ୟଭାମା ଉପରେ । ତିନି ଶ୍ରେଣୀର ଲୋକ ଥିଲେ ଦ୍ୱାରକାରେ—ବୃଷ୍ଣି, ଅନ୍ଧକ ଓ ଯାଦବ । ଏମାନଙ୍କ ଭିତରୁ ପ୍ରତିପତ୍ତିଶାଳୀ ଯୁବକ କେତେଜଣ ଚାହୁଁଥିଲେ ସତ୍ୟଭାମାଙ୍କୁ ବାହାହେବାକୁ । ସେମାନଙ୍କ ଭିତରୁ ଜଣେ କୃତବର୍ମା । ହୃଦିକାର ପୁଅ ସେ । କୃତବର୍ମା ଆଡୁ ବିବାହ ପ୍ରସ୍ତାବ ଆସିଥିଲା । କିନ୍ତୁ ଆଚ୍ଛା ଦେଖାଯିବ, ଝିଅର ବୟସ ତ ହେଇନି କହି ସତ୍ରାଜିତ ଦିନ ଗଡ଼େଇବାରେ ଲାଗିଥିଲା । ଏ ଅବସ୍ଥାରେ ସ୍ୟମନ୍ତକ ମଣି ବ୍ୟାପାର ଆସିଗଲା । ତା'ର ଇଚ୍ଛା ନ ଥିଲା କୃତବର୍ମା ସହିତ ଝିଅର ବିବାହ ଦେବା ପାଇଁ । କିନ୍ତୁ କୃତବର୍ମା ଶିଶୁପାଳ ଭଳି ପଗଡ଼ି ବାନ୍ଧି ଅପେକ୍ଷା କରି ରହିଥିଲା । ସତ୍ରାଜିତ ଚାହିଁଲା, କୃଷ୍ଣଙ୍କ ସହ ସଂପର୍କ ରକ୍ଷା କରିବା ପାଇଁ । ସତ୍ୟଭାମାକୁ ପାଇ ଶ୍ରୀକୃଷ୍ଣ ଖୁସି ହେଲେ । ତାଙ୍କଠୁ ବଳି ଖୁସି ହେଲେ ସତ୍ୟଭାମା । ସେ ହେଲେ ଶ୍ରୀକୃଷ୍ଣଙ୍କ ତୃତୀୟ ପାଟବଂଶୀ ।

●

॥ ୮୭ ॥

# ଭକ୍ତ ବି ଶତ୍ରୁ ହୋଇପାରେ !

ଶ୍ରୀକୃଷ୍ଣଙ୍କ ମନରେ ସର୍ବଦା ପାଣ୍ଡବମାନଙ୍କ ଚିନ୍ତା ଘାରୁଥିଲା । ସେ ଥରେ ଅକ୍ରୂରକୁ ପଠାଇଥିଲେ ହସ୍ତିନାପୁରକୁ, ପାଣ୍ଡବମାନଙ୍କ କଥା ବୁଝି ଆସିବା ପାଇଁ । ଧୃତରାଷ୍ଟ୍ର ଓ ତାଙ୍କ ପୁଅମାନେ ପାଣ୍ଡବମାନଙ୍କୁ ନାନାଭାବରେ ହଇରାଣ କରୁଛନ୍ତି ବୋଲି ଅକ୍ରୂର ଫେରିଆସି ଶ୍ରୀକୃଷ୍ଣ ଓ ବଳରାମଙ୍କୁ କହିଥିଲେ । ସେଦିନଠୁ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ଖବର ଅନ୍ତର ରଖି ଆସୁଥିଲେ । କିନ୍ତୁ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ଥିଲେ । ସେ ଦ୍ୱରକାକୁ ସଜାଡ଼ିବା କାମରେ ବ୍ୟସ୍ତ ଥିଲେ ।

ଖବର ପହଞ୍ଚିଲା ଯେ ବର୍ଷେ ହେଲା କୁନ୍ତୀ ତାଙ୍କ ପୁଅମାନଙ୍କ ସହିତ ବାରଣାବତରେ ରହୁଥିଲେ । ବାରଣାବତ ଏକ ରମଣୀୟ ଓ ତୀର୍ଥସ୍ଥାନ । ଯାଅ ସେଠି କିଛିଦିନ ବିଶ୍ରାମ କର ବୋଲି ଧୃତରାଷ୍ଟ୍ର ପାଣ୍ଡବପୁତୁରାମାନଙ୍କୁ କହିଥିଲେ । କିନ୍ତୁ ବାରଣାବତ ପଠାଇବାରେ ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନଙ୍କ ଖରାପ ଉଦ୍ଦେଶ୍ୟ ଥିଲା । ଶକୁନିର ମନ୍ତ୍ରଣାରେ ପାଣ୍ଡବମାନଙ୍କୁ ଏ ଜାଗାକୁ ପଠାଯାଇଥିଲା । ଶ୍ରୀକୃଷ୍ଣ ଖବର ପାଇଲେ ଯେ ପାଣ୍ଡବମାନଙ୍କୁ ସେଠି ପୋଡ଼ି ମାରି ଦିଆଯାଇଚି । ସେମାନଙ୍କ ଅଗ୍ନିଦଗ୍ଧ ଶରୀର ଏଠି ସେଠି ପଡ଼ିଥିବା ଲୋକେ ଦେଖିଚନ୍ତି । ପାଣ୍ଡବମାନେ ଯେଉଁ ଘରେ ରହୁଥିଲେ , ସେ ଘରଟି ଜଉ ଆଉ ମହମରେ ତିଆରି । ବାହାରକୁ ଘରଟି ବେଶ୍ ଚିକ୍‌ଚିକ୍କଣିଆ ଦେଖା ଯାଉଥିଲା । ପୁରୋଚନ ନାମକ ଜଣେ ମିସ୍ତ୍ରୀ ଦ୍ୱାରା ଦୁର୍ଯ୍ୟୋଧନ ଆଗରୁ ଏହି ଜଉଘରଟିକୁ ନିର୍ମାଣ କରାଇଥିଲା । ପାଣ୍ଡବମାନେ ଏଠି ରହିବାର ଯେଉଁଦିନ ବର୍ଷେ ପୂରିଗଲା, ଠିକ୍ ସେହିଦିନ ସେମାନେ ଶୋଇଥିବା ଅବସ୍ଥାରେ ଘରେ ନିଆଁ ଲଗାଇ ଦିଆଗଲା । ଜଉଘରେ ନିଆଁ, ସେଥିରୁ କେହି କ'ଣ ବଞ୍ଚେ !

କୁନ୍ତୀଙ୍କ ସମେତ ପାଣ୍ଡବମାନେ ମରି ଯାଇଥିବା ଖବର ପାଇ କୃଷ୍ଣ ବଳରାମ ମର୍ମାହତ ହୋଇପଡ଼ିଲେ । ସଙ୍ଗେ ସଙ୍ଗେ ସେମାନେ ଭୀଷ୍ମ, ଧୃତରାଷ୍ଟ୍ର ଓ ବିଦୁର ପ୍ରମୁଖ ସେମାନଙ୍କ ଆତ୍ମୀୟ ସ୍ୱଜନମାନଙ୍କୁ ସାନ୍ତ୍ୱନା ଦେବାପାଇଁ ହସ୍ତିନାପୁର ଗଲେ । ଧୃତରାଷ୍ଟ୍ର ସବୁ ଜାଣି ନ ଜାଣିଲା ଭଳି ଛଳନା କଲେ । ରାମକୃଷ୍ଣଙ୍କୁ ଦେଖି ପାଣ୍ଡବମାନଙ୍କ ମରଣରେ ସେ ଭାଙ୍ଗି ପଡ଼ିଥିବା ଭଳି ଅଭିନୟ କଲେ । କିନ୍ତୁ ଭୀଷ୍ମ ଅତିଶୟ ଶୋକସନ୍ତପ୍ତ ହୋଇ ପଡ଼ିଥିଲେ । କାରଣ ସେ ପାଣ୍ଡବମାନଙ୍କୁ ନିଜ ପ୍ରାଣଠୁ ବଳି ଅଧିକ ଭଲ ପାଉଥିଲେ, ସ୍ନେହ କରୁଥିଲେ । ନିଜ ପ୍ରିୟ ଶିଷ୍ୟ ଅର୍ଜ୍ଜୁନର ମୃତ୍ୟୁ ଯୋଗୁଁ ଗୁରୁଦେବ ଦ୍ରୋଣ ମଧ୍ୟ

ଦୁଃଖିତ ହୋଇ ପଡ଼ିଥିଲେ । ରାମକୃଷ୍ଣ ସେମାନଙ୍କୁ ସାନ୍ତ୍ୱନା ଦେଲେ । ଶ୍ରୀକୃଷ୍ଣ ଦେଖିଲେ, ସତରେ ହେଉ ବା ମିଛରେ ହେଉ, ଉପସ୍ଥିତ ଥିବା ସମସ୍ତେ ଦୁଃଖିତ । କିନ୍ତୁ ଜଣେ ଦୁଃଖିତ ନଥିବା ସେ ଲକ୍ଷ୍ୟ କଲେ । ସେ ଜାଣିଥିଲେ ଯେ ବିଦୁର ହିଁ ପାଣ୍ଡବମାନଙ୍କ ରକ୍ଷକ । ବିଦୁରଙ୍କ ମୁହଁକୁ ଦେଖି ସେ ଜାଣିପାରିଲେ ଯେ ପାଣ୍ଡବମାନଙ୍କର କୌଣସି କ୍ଷତି ହୋଇନାହିଁ । ଜଉଘରେ ସେମାନେ ପୋଡ଼ି ମରିଯାଇ ନାହାଁନ୍ତି । ନିଆଁ ଲାଗିବା ପୂର୍ବରୁ ଅନ୍ୟତ୍ର  ପଳାଇ ଯାଇଛନ୍ତି । ବିଦୁର ହିଁ ତାଙ୍କୁ ରକ୍ଷା କରିଛନ୍ତି । ଏକଥା ଶ୍ରୀକୃଷ୍ଣ ସଠିକ୍ ଭାବରେ ଜାଣିବା ପରେ ସେ ମଧ ଅଭିନୟ ଆରମ୍ଭ କରିଦେଲେ । ଧୃତରାଷ୍ଟ୍ର ତ କାନ୍ଦି କାନ୍ଦି ଖାଲି ଛାତିକି ବାଡ଼େଇବାରେ ଲାଗିଥିଲେ । କହୁଥିଲେ, ଆହା ମୋ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ମତେ ଛାଡ଼ି ଚାଲିଗଲ ! ବୁଢ଼ା ବୟସରେ ତୁମର ମରଣ ଖବର ଶୁଣିବାକୁ ପଡ଼ିଲା । ମୁଁ ଆଉ ଜୀବନ ଧରି ରହିବି କିପରି ? କହି କହି ସେ ଆଖିରୁ ଲୁହ ଗଡ଼ାଇବାରେ ଲାଗିଥିଲେ । ଶ୍ରୀକୃଷ୍ଣ ତାଙ୍କୁ ବୁଝାଇବାରେ ଲାଗିଥିଲେ । ଦୁର୍ଯ୍ୟୋଧନ ଚୁପ୍‌ଚାପ୍ ଘରର ଗୋଟିଏ କୋଣରେ ବସି ରହିଥିଲା । ସେ ଦୁଃଖିତ ହେବାଭଳି କୌଣସି ଛଳନା ମଧ କରୁ ନ ଥିଲା । ଶ୍ରୀକୃଷ୍ଣ ତା' ଆଡ଼କୁ କଣେଇ କଣେଇ ଚାହୁଁଥିଲେ । ମନେ ମନେ କହୁଥିଲେ, ହଁରେ ବାପ, ଖୁସି ହେଉଥା । ପାଣ୍ଡବମାନେ ନିର୍ମୂଳ ହୋଇଗଲେ ବୋଲି ନିଶ୍ଚିନ୍ତ ହୋଇ ବସିଥା.... ଯେଉଁଦିନ ଶୁଣିବୁ, ସେମାନେ ବଞ୍ଚିଚନ୍ତି, ସେଦିନ ଜାଣିବୁ ଯେ ଯମ ତୋର ପିଛା କଲାଣି । ଯିବୁ କୁଆଡ଼େ ?

ରାମକୃଷ୍ଣ ହସ୍ତିନାରେ ଥିବା ସମୟରେ ଦ୍ୱାରକାରେ କୃତବର୍ମା ରୀତିମତ ଏକ ଷଡ଼ଯନ୍ତ୍ର ଚଳାଇଥିଲା । ସତ୍ରାଜିତ ତା' ଝିଅ ସତ୍ୟଭାମା ସହିତ କୃତବର୍ମାର ବିବାହ ଦେବ ବୋଲି କୁଆଡ଼େ ପ୍ରସ୍ତାବ ପକ୍କା ହୋଇଯାଇଥିଲା । କିନ୍ତୁ ସତ୍ୟଭାମା ପଡ଼ିଲେ ଶ୍ରୀକୃଷ୍ଣଙ୍କ  ହାତରେ । ଘଟଣାକ୍ରମେ ପରିସ୍ଥିତି ଚାପରେ ସତ୍ରାଜିତ ଏଭଳି ଭାବରେ ଶ୍ରୀକୃଷ୍ଣଙ୍କୁ କନ୍ୟାଦାନ କରିବାକୁ ବାଧ ହୋଇଥିଲେ । ସତ୍ୟଭାମାଙ୍କୁ ପାଇବା ପାଇଁ ଜଣେ ଯାଦବ ଶତଧନ୍ୱା ମଧ ଆଶାୟୀ ଥିଲେ । ଶ୍ରୀକୃଷ୍ଣ ସତ୍ୟଭାମାଙ୍କୁ ସ୍ତ୍ରୀ ଭାବେ ପାଇବାରେ, କୃତବର୍ମା ଓ ଶତଧନ୍ୱା ଦୁହେଁ, ସତ୍ରାଜିତ ଓ ଶ୍ରୀକୃଷ୍ଣଙ୍କ ବିରୁଦ୍ଧରେ ଲାଗିଥିଲେ । ସେମାନଙ୍କୁ ସମର୍ଥନ ଓ ସହଯୋଗ କଲେ ଅକ୍ରୁର । ଅକ୍ରୁର ଏଯାଏଁ ଶ୍ରୀକୃଷ୍ଣ ଓ ବଳରାମଙ୍କୁ  ଭଗବାନଙ୍କ ଅବତାର ବୋଲି ମାନି ଆସିଥିଲେ । ସମସ୍ତଙ୍କୁ ସେ ଏକଥା କହି ଆସୁଥିଲେ । ସମସ୍ତେ ଜାଣିଥିଲେ ଯେ ଅକ୍ରୁର ହିଁ ଶ୍ରୀକୃଷ୍ଣଙ୍କ ପ୍ରଥମ ଓ ପରମ ଭକ୍ତ । ସେ ରାମକୃଷ୍ଣଙ୍କୁ ବୃନ୍ଦାବନରୁ ଆଣିଥିଲେ ମଥୁରାକୁ । ଧନର ମହିମା ସବୁ ଯୁଗରେ ଅଧିକ । ମଣିଷ ମାତ୍ରେ ଲୋଭୀ । ସ୍ୱାର୍ଥପର ! ସାଧୁ ସନ୍ଥମାନଙ୍କୁ ମଧ ଧନର ମୋହ

ଛାଡି ନ ଥାଏ । ଏଯାଏଁ ଅକ୍ରୁର ସାଧୁ ବୋଲାଇ ଆସୁଥିଲେ । କିନ୍ତୁ ସ୍ୟମନ୍ତକ ମଣିର ଲୋଭ ତାଙ୍କୁ ଗ୍ରାସିଲା । ଏ ମଣି ଯାହା ପାଖରେ ଥାଏ, ସେ ଚାହିଁଲା ମାତ୍ରେ ମହଣ ମହଣ ସୁନା ପାଏ । ଆଉ ଏକ କନ୍ୟାରତ୍ନ ସତ୍ୟଭାମା । ଏପରି ସୁନ୍ଦରୀ ଭାର୍ଯ୍ୟା ଭାଗ୍ୟରେ ଥିଲେ ମିଳେ । କଥାରେ କୁହାଯାଏ କାମିନୀ ଓ କାଞ୍ଚନ ଏକ । ବୟସ ଅଧିକ ହେଲେ କ'ଣ ହେବ, ଅକ୍ରୁରଙ୍କର ଏ ଦୁଇଟିଯାକର ଲୋଭ ଥିଲା । ସେ ମଧ୍ୟ ସତ୍ୟଭାମାଙ୍କୁ ସ୍ତ୍ରୀ ଭାବେ ପାଇବା ପାଇଁ ଚାହୁଁଥିଲେ । ତେଣୁ କୃତବର୍ମା ଓ ଅକ୍ରୁର ଶତଧନ୍ୱା ପାଖକୁ ଯାଇ ତାକୁ ମତେଇଲେ । କହିଲେ, ଆମ ତିନିଜଣଙ୍କ ମଧ୍ୟରୁ ଜଣେ କେହି ସତ୍ୟଭାମାଙ୍କୁ ପାଇବା କଥା । ସତ୍ରାଜିତ ଆମକୁ ଠକିଦେଲା । ସେ ତା ଝିଅକୁ କୃଷ୍ଣକୁ ଦେଇଦେଲା । ସତ୍ରାଜିତକୁ ମାରିବା ଆମମାନଙ୍କର କର୍ତ୍ତବ୍ୟ । ପ୍ରବଞ୍ଚନାର ପ୍ରତିଶୋଧ ନେବାକୁ ପଡ଼ିବ । ତାଠୁ ସତ୍ୟଭାମା ତ ପାଇଲେ ନାହିଁ, ମଣିଟିକୁ ହାତ କରିବାକୁ ପଡ଼ିବ । ଶତଧନ୍ୱା ଅତିଶୟ ଖଳ ପ୍ରକୃତିର ଲୋକ । ଅକ୍ରୁର ଓ କୃତବର୍ମା ଏକଥା ମଧ୍ୟ ତାକୁ କହିଲେ ଯେ ଏବେ ହେଉଛି ଅପୂର୍ବ ସୁଯୋଗ । ରାମ ଓ କୃଷ୍ଣ ଦ୍ୱାରକାରେ ନାହାନ୍ତି । ସେମାନଙ୍କ ଅନୁପସ୍ଥିତିରେ ଯଥାଶୀଘ୍ର ସତ୍ରାଜିତକୁ ଖତମ କରିବାକୁ ପଡ଼ିବ । ଶତଧନ୍ୱା କହିଲା, ଠିକ୍ ଅଛି । ଆଜି ସେ କାର୍ଯ୍ୟ ହେବ । ସତ୍ରାଜିତ ରାତିରେ ନିଘୋଡ଼ ନିଦରେ ଶୋଇଥିବା ବେଳେ ଶତଧନ୍ୱା ତା ଘରକୁ ଯାଇ ସତ୍ରାଜିତକୁ ତଣ୍ଟିଚିପି ମାରିଦେଲା । ସ୍ୟମନ୍ତକ ମଣିଟିକୁ ଚୋରି କରି ନେଇ ଆସିଲା ।

ତା' ଆରଦିନ ସକାଳେ ଦେଖାଗଲା, ଶେଯରେ ସତ୍ରାଜିତର ଶବ ପଡ଼ିଚି । କିଏ ମାରିଲା, କିଏ ମାରିଲା ବୋଲି ଲୋକେ କୁହାକୁହି ହେଲେ । ସତ୍ୟଭାମା ପିତା ସତ୍ରାଜିତଙ୍କ ମୃତ୍ୟୁରେ ଭାଙ୍ଗି ପଡ଼ିଲେ । ବହୁତ କାନ୍ଦିଲେ । ସେ ନିଜ ଆତ୍ମୀୟମାନଙ୍କୁ କହିଲେ, ଏବେ ଶବଦାହ କରନି, ଶବକୁ ତେଲ ଦେଇ ରଖ । ସେ ସଙ୍ଗେ ସଙ୍ଗେ ଗଲେ ହସ୍ତୀନାପୁରକୁ । ସବୁକଥା କୃଷ୍ଣଙ୍କୁ କହିଲେ । ଶ୍ରୀକୃଷ୍ଣ ସତ୍ୟଭାମାଙ୍କୁ ସାନ୍ତ୍ୱନା ଦେଲେ । କହିଲେ, ଏ କାମ ନିଶ୍ଚିତ ଭାବରେ ଈର୍ଷୁକମାନଙ୍କର । ସେ ଜାଣିପାରିଲେ ଏବଂ ସତ୍ୟଭାମାଙ୍କଠାରୁ ମଧ୍ୟ ଶୁଣିଲେ ଯେ ଏ କାମ ଶତଧନ୍ୱାର । ଏକଥା ମଧ୍ୟ ଜାଣିଲେ ଯେ ଏ ହତ୍ୟା ଶତଧନ୍ୱା ଅକ୍ରୁର ଓ କୃତବର୍ମାର ମତାଣରେ କରିଚି । ଶ୍ରୀକୃଷ୍ଣ ନିଜ କ୍ରୋଧକୁ ମନ ଭିତରେ ଚାପି ରଖିଲେ । ସତ୍ୟଭାମାଙ୍କୁ କହିଲେ, ତୁମ ପିତାଙ୍କ ହତ୍ୟାର ପ୍ରତିଶୋଧ ନେବି । ଶତଧନ୍ୱାକୁ ମାରିବି ।

●

॥ ୮୮ ॥

# ଶତଧନ୍ୱା ନିହତ ! ଅକ୍ରୂର ଚମ୍ପଟ !

ଶ୍ରୀକୃଷ୍ଣ ଫେରିଆସୁଛନ୍ତି ହସ୍ତିନାରୁ । ସତ୍ରାଜିତର ହତ୍ୟା ଖବର ପାଇ ଶ୍ରୀକୃଷ୍ଣ ନିଆଁବାଣ । ଶତଧନ୍ୱାକୁ ପ୍ରାଣରେ ମାରିଦେବେ ବୋଲି ସେ ସତ୍ୟଭାମାଙ୍କୁ କହିଚନ୍ତି । ଶ୍ରୀକୃଷ୍ଣ ଆସିଲେ ଶତଧନ୍ୱାର ମୃତ୍ୟୁ ନିଶ୍ଚିତ । ପରବୋଲରେ ପଡ଼ି ସେ ସତ୍ରାଜିତକୁ ହତ୍ୟା କରିଚି । ତା'ଠୁ ସ୍ୟମନ୍ତକ ମଣି ନେଇଯାଇଚି । ମୃତ୍ୟୁ ଭୟ ତୁଳନାରେ ମଣିଲୋଭ କିଛି ନୁହଁ । ଶତଧନ୍ୱା ଏବେ ବଞ୍ଚିଥାଇ ନିର୍ଜୀବ । ଭୟରେ ତା'ଛାତି ପଡୁଚି, ଉଠୁଚି ।

ଶତଧନ୍ୱା ଗଲା କୃତବର୍ମା ପାଖକୁ । କହିଲା, ମତେ ମତେଇଦେଲ, ମୁଁ ସତ୍ରାଜିତକୁ ମାରିଦେଲି । କୃଷ୍ଣ ଏବେକେବେ ଫେରିଆସିବ । ମତେ ମାରିପକେଇବ । ଅକ୍ରୂର ଆଉ ତୁ ମିଶି ମତେ ରକ୍ଷାକର । ମୁଁ ତୁମମାନଙ୍କୁ ମଣି ଦେଇଦେବି । କୃତବର୍ମା କହିଲା, ତତେ ରକ୍ଷା କରିବାକୁ ଯାଇ ମୁଁ ମରିବି ନା କ'ଣ ? ରାମକୃଷ୍ଣ ଦୁଇଭାଇ କବଳରୁ ଏଯାଏଁ କିଏ ରକ୍ଷା ପାଇଚି ନା ପାଇବ ? ଜାଣିଶୁଣି କ'ଣ ନିଆଁକୁ ଡେଇଁବି ? ଯାଉନୁ ଅକ୍ରୂର ପାଖକୁ । ସିଏ ତ କୃଷ୍ଣଙ୍କ ଭକ୍ତ । ହୁଏତ ସେ କହିଲେ, ରାମକୃଷ୍ଣ ତା'କଥା ରଖି ପାରନ୍ତି । ମତେ ସେହି ଅକ୍ରୂର କହୁଥିଲା ଯେ ରାମକୃଷ୍ଣ ଦିହେଁ ନାରାୟଣ ଓ ଆଦିଶେଷଙ୍କ ଅବତାର । ସେମାନେ ଅସନ୍ତୁଷ୍ଟ ହେଲାଭଳି ମୁଁ କୌଣସି କାର୍ଯ୍ୟ କରିପାରିବିନି । ତୁ ତ ଜାଣୁ କଂସଆଦି କେତେ ଅସୁର, ଅସୁରୁଣୀଙ୍କୁ ଏ ଦି'ଭାଇ ଯମପୁରକୁ ପାଠାଇ ଦେଇଚନ୍ତି । ଜରାସନ୍ଧ ଭଳି ପ୍ରବଳ ପରାକ୍ରମୀ ବୀର ଅଠରଥର ଏମାନଙ୍କ ସହିତ ଯୁଦ୍ଧ କଲା । ଶେଷରେ ହାରିଲା । ଏସବୁ ଜାଣିବା ସତ୍ତ୍ୱେ ତୁ ଏ କାମ କରୁଥିଲୁ କାହିଁକି ? ଆମେ କହିଲୁ ବୋଲି ତୋଲାଗି ମରିବୁ ନା କ'ଣ ! ବାପ ଶତଧନ୍ୱା, ତୁ ତୋ ବାଟ ଧର । ମତେ କିଛି ପଚାରନା । ମୋ ସହିତ ସଲା ସୁତରା କରୁଥିଲୁ ବୋଲି ରାମକୃଷ୍ଣ ଜାଣିଲେ, ତୋ ସହିତ ମୁଁ ମଧ ମରିବି । ତେଣୁ ତୋ'ଠୁ ଯେତିକି ଦୂରେଇ ରହିବ, ସେତିକି ଭଲ ।

ଶତଧନ୍ୱା ନିଃସହାୟ, ନିରୁପାୟ । ଭାବିଲା, ସଂସାରରେ ମତେଇ ବତେଇବା ଲୋକ ଅନେକ । କିନ୍ତୁ ବିପଦବେଳେ ସାହାଯ୍ୟ କରିବା ଲୋକ ବହୁତ କମ୍ । କୃତବର୍ମା ସହିତ କଳି କରିବା ପାଇଁ ଆଉ ସମୟ ନାହିଁ । ରାମକୃଷ୍ଣ ଆଜିକାଲି ପହଞ୍ଚିବେ । ତେ

ଗଲା ଅକ୍ରୁର ପାଖକୁ – ହୁଏତ ସେ ରକ୍ଷା କରିପାରେ, ସେହି ଆଶାରେ । କିନ୍ତୁ ଅକ୍ରୁର କୃତବର୍ମାଠୁ ବଳି ସ୍ୱାର୍ଥପର । ଅକ୍ରୁର ମଧ ମନା କରିଦେଲା । କହିଲା, ମୋ ଦେଇ କିଛି ହୋଇ ପାରିବ ନାହିଁ । ଅକ୍ରୁର ମନରେ ଆଗରୁ ଥିଲା ଈଶ୍ୱରପ୍ରୀତି, କୃଷ୍ଣଭକ୍ତି, କିନ୍ତୁ ସତ୍ରାଜିତ ହତ୍ୟା ଘଟଣା ପରେ ତା'ମନ୍‌ରେ ଆନ୍ଦୋଳିତ, ଉଦ୍‌ବେଳିତ ହେଲା ଈଶ୍ୱର ଭୀତି । ବୋଧହୁଏ ଅନୁତାପାନଳରେ ଦଗ୍ଧ ହୋଇ ପଡ଼ିବାରେ ହଠାତ ତା'ର ଏହି ପରିବର୍ତ୍ତନ ! ସେ ଲକ୍ଷ୍ୟ କଲା, ଦ୍ୱାରକାର ପ୍ରଜାମାନେ ତାକୁ ସାଧୁସନ୍ଥ ଭଳି ଆଜ୍ଞା, ଆପଣ କହୁଥିଲେ, ଏବେ ତ କହୁଚନ୍ତି, ଅକ୍ରୁରଟା ଘରଭଙ୍ଗୁଆଟେ, ନିଆଁଲଗାଟେ । ଯିଏ ଘାତକକୁ ସାହାଯ୍ୟ କରେ ସେ ମଧ ଜଣେ ଘାତକ । ତାକୁ ଲୋକେ ତୁ, ତା' କରିବାକୁ ଲାଗିଲେ ।

ମନେହେଲା ଅକ୍ରୁର କ୍ରୁରକାର୍ଯ୍ୟ କରି ଯିମିତି ପାଗଳ ହୋଇପଡ଼ିଚି । ଶତଧନ୍ୱାକୁ କହିଲା, ମଣିଷର ବିବେକ ବୋଲି ଯଦି କିଛି ଥାଏ, ଚେତନା ବୋଲି କିଛି ଥାଏ, କେବେହେଲେ ରାମକୃଷ୍ଣଙ୍କ ବିରୁଦ୍ଧରେ ପଦେ କହିବାକୁ ତା'ର ଜିଭ ଲେଉଟିବ ନାହିଁ । ଶ୍ରୀକୃଷ୍ଣ ହେଉଚନ୍ତି ସ୍ୱୟଂ ମହାବିଷ୍ଣୁ, ନାରାୟଣ, ପରମାତ୍ମା । ସୃଷ୍ଟିର କର୍ତ୍ତା, ପାଳକ ଓ ସଂହାରକ । ସେ କିଏ ମୁଁ ଜାଣେ । ତାଙ୍କୁ ମୋର କୋଟି କୋଟି ନମସ୍କାର ।' କହୁ କହୁ ସେ ଆଖି ବୁଜି ବସି ରହିଲା । ମନେ ହେଲା ଯେପରି ଧ୍ୟାନସ୍ଥ ସେ ।

ଶତଧନ୍ୱା ପାଇଁ ସବୁ ବାଟ ବନ୍ଦ । ତା' ଲାଗି ଚାରିଦିଗ ଅନ୍ଧକାର । ସେ ସ୍ୟମନ୍ତକ ମଣିଟିକୁ ଅକ୍ରୁରର କୋଳରେ ଥୋଇଦେଲା । ଆଗରୁ ଏକ କ୍ଷିପ୍ରଗାମୀ ଅଶ୍ୱ ସଜିଲ କରି ରଖିଥିଲା । ଏ ଅଶ୍ୱ ଦିନକ ଭିତରେ ଶହେ ଯୋଜନ ରାସ୍ତା ଅତିକ୍ରମ କରିପାରେ । ମଣି ରହିଲା ଅକ୍ରୁର ପାଖରେ । ସେ ବୁଝିଲା, ଅର୍ଥ ହିଁ ଅନର୍ଥର କାରଣ । ଶତଧନ୍ୱା ଘୋଡ଼ାରେ ବସି ଅକ୍ରୁର ପାଖରୁ ଛୁଟିଲା ଦୂରକୁ, ବହୁଦୂରକୁ ।

ଯା' ଭିତରେ ବଳରାମ ଓ ଶ୍ରୀକୃଷ୍ଣ ପହଞ୍ଚି ଯାଇଥିଲେ ଦ୍ୱାରକାରେ । ଶତଧନ୍ୱା ଘୋଡ଼ାରେ ବସି ପଳେଇ ଯାଉଥିବା ଜାଣି ଦି'ଭାଇ ରଥାରୁଢ଼ ହେଲେ । ସାରଥି ଦାରୁକକୁ କହିଲେ ଶତଧନ୍ୱାର ପିଛା କର । ଶତଧନ୍ୱା ପହଞ୍ଚିଲା ମିଥିଳା ରାଜ୍ୟରେ । ତା' ପଛେ ପଛେ ରାମକୃଷ୍ଣଙ୍କ ରଥ । ମିଥିଳାରେ ପହଞ୍ଚିବା ମାତ୍ରେ ଶତଧନ୍ୱାର ଘୋଡ଼ାଟି ଆଉ ଦୌଡ଼ି ପାରିଲା ନାହିଁ । ଦୌଡ଼ି ଦୌଡ଼ି ହାଲିଆ ହୋଇପଡ଼ିଥିଲା । ତା' ଦମ୍ ଛୁଟିଗଲା । ମରି ତଳେ ଲୋଟିପଡ଼ିଲା । ଶତଧନ୍ୱା ଦେଖିଲା ତା' ପଛେ ପଛେ ରାମକୃଷ୍ଣଙ୍କ ରଥ ।

ଖାଲି ପାଦରେ ସେ ଦୌଡ଼ିଲା । ଶ୍ରୀକୃଷ୍ଣ ରଥରୁ ଡେଇଁପଡ଼ି ତା' ପଛରେ ଦୌଡ଼ିଲେ । ଧରିନେଲେ ଶତଧନ୍ୱାକୁ । ସଙ୍ଗେ ସଙ୍ଗେ ଚକ୍ରରେ ତା'ର ଶିର ଛେଦନ କଲେ । ତା'ର ଦିହ ସାରା, ଲୁଗାପଟା ଆଦି ଦରାଣ୍ଡିଲେ । କିନ୍ତୁ ମଣି ପାଇଲେ ନାହିଁ । ଭାଇ ବଳରାମଙ୍କ ପାଖକୁ ଆସି କହିଲେ, ଶତଧନ୍ୱାକୁ ମାରିବା ବୃଥା ହେଲା । ତା'ଠି ମଣି ନାହିଁ ।

ବଳରାମ କହିଲେ, ତାକୁ ହତ୍ୟା କରିବା ଠିକ ହୋଇଚି । ମାରିବା ବୃଥା ହୋଇନି । ସାମନ୍ତକ ମଣି ପାଇଁ ସେ ସତ୍ୟଭାମାର ବାପାକୁ ମାରିଥିଲା । ସେ ନିଶ୍ଚିତ ଭାବରେ ସ୍ୟମନ୍ତକ ମଣିଟିକୁ ଆଉ କାହାକୁ ଦେଇ ଦେଇଚି । ପାଇବାବାଲାର ସନ୍ଧାନ ନେବାକୁ ପଡ଼ିବ । ସେ ମଣି ଦ୍ୱାରକାରେ ନିଶ୍ଚୟ କାହା ପାଖରେ ଅଛି । ତୁ ଦ୍ୱାରକା ଫେରିଯା । ମିଥିଳାକୁ ଆସିଚେ ଯେତେବେଳେ ମୁଁ ଏ ରାଜ୍ୟର ରାଜା ଜନକଙ୍କ ସହିତ ସାକ୍ଷାତ କରିବି । ଆମେ ଆସିଥିଲେ, ତାଙ୍କୁ ଦେଖା ନକରି ଫେରିଗଲେ, ସେ ମନ ଦୁଃଖ କରିବେ । ସେ ମୋର ବନ୍ଧୁ ।

ବଳରାମ ଗଲେ ବିଦେହ ରାଜ୍ୟର ରାଜାଙ୍କ ନଅରକୁ । ଶ୍ରୀକୃଷ୍ଣ ଫେରିଲେ ଦ୍ୱାରକା । ସେ ପ୍ରଥମେ ଗଲେ ସତ୍ୟଭାମାଙ୍କ ପାଖକୁ । ତାଙ୍କୁ କହିଲେ, ଶତଧନ୍ୱାକୁ ବଧ କରି ଫେରିଲି । ତୁମ ପିତାଙ୍କ ହତ୍ୟାକାରୀ ନିହତ । କିନ୍ତୁ ମଣି ମିଳିଲା ନାହିଁ । ସତ୍ରାଜିତଙ୍କର କୌଣସି ପୁତ୍ର ସନ୍ତାନ ନଥିଲେ । ଶ୍ରୀକୃଷ୍ଣ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କଲେ ।

ତା'ପରେ ଶ୍ରୀକୃଷ୍ଣ ସ୍ୟମନ୍ତକ ମଣିର ସନ୍ଧାନରେ ଲାଗିଲେ । ଖବର ନେଇ ଜାଣିଲେ, ଶତଧନ୍ୱାକୁ ଉସ୍‌କାଇଥିବା କୃତବର୍ମା ଓ ଅକ୍ରୁର ଦ୍ୱାରକା ଛାଡ଼ି ପଳେଇଚନ୍ତି । ସେହିମାନେ ହିଁ ସ୍ୟମନ୍ତକ ମଣିଟି ନେଇଚନ୍ତି ବୋଲି ଜଣାପଡ଼ିଲା । କାଳକ୍ରମେ ସତ୍ରାଜିତର ହତ୍ୟା, ସ୍ୟମନ୍ତକମଣି କଥା ଲୋକେ ଭୁଲିଗଲେ । ରାମକୃଷ୍ଣ ମଧ ତା' ଉପରେ ଜୋର ଦେଲେନି । କିନ୍ତୁ ଅକ୍ରୁର କଥା କେହି ଭୁଲି ପାରିଲେ ନାହିଁ । ଅକ୍ରୁର ଭଳି ଚିତା ତିଳକକଟା ବାବାଜୀଙ୍କୁ ଦେଖିଲେ, ଲୋକେ ଘୃଣା କଲେ । ଦିନେ ବଳରାମ କହିଲେ, କିରେ କହ୍ନେଇ, ଅକ୍ରୁରଟା ପୁଣି ଏତେ ନୀଚ ହୋଇପାରେ ! ରସାତଳକୁ ଚାଲିଗଲା ସେ ! ଯାଉ ଯାଉ, ଯୁଆଡ଼େ ଯାଉଚି ଯାଉ, ଦିନେ ସେ ଭୋଗିବ ଯେ !

ଶ୍ରୀକୃଷ୍ଣ କହିଲେ, ଶୁଣିଚି, ସେ କାଶୀରେ ଅଛି । ଯଜ୍ଞ କରୁଚି ।

●

॥ ୮୯ ॥

# ଧନପତି, ଦାନପତି ଅକ୍ରୁର !

ପୂଣ୍ୟତୀର୍ଥ କାଶୀ । ଅକ୍ରୁର ସ୍ୟମନ୍ତକ ମଣି ସହିତ ଏଇଠି ହାଜର । ମଣିଯୋଗୁଁ ସେ ଏବେ ଧନପତି ଓ ଦାନପତି । ଦ୍ୱାରକାରେ ଖବର ପହଞ୍ଚିଲା ଯେ, ଅକ୍ରୁର କାଶୀରେ ଯଜ୍ଞ ପରେ ଯଜ୍ଞ ଚଳାଇଛନ୍ତି । ତାଙ୍କ ପାଖରେ ହଜାର ହଜାର ଋଷି ଓ ବ୍ରାହ୍ମଣ । ମୁକ୍ତ ହସ୍ତରେ ସେ ସ୍ୱର୍ଣ୍ଣଦାନ କରିବାରେ ଲାଗିଛନ୍ତି । ହଜାର ହଜାର ଲୋକଙ୍କ ଧାଡ଼ି ଲମ୍ବିଚି ତାଙ୍କ ପାଖକୁ । ସ୍ୱର୍ଣ୍ଣ ସହିତ ଅନ୍ନଦାନ ମଧ ଚାଲିଚି । କାଶୀର ଲୋକଙ୍କ ଘରେ ଆଉ ଚୁଲି ଲାଗୁନି । ମାଗଣା ତ ଅକ୍ରୁର ଖାଇବାକୁ ଦେଉଛନ୍ତି, ଚୂଲି ଲାଗିବ କାହିଁକି ? ଅନ୍ନ ସାଙ୍ଗକୁ କ୍ଷୀରି ପିଠା ମଧ ମିଳୁଚି । ଯଜ୍ଞ କୁଣ୍ଡରେ ମହଣ ମହଣ ଘୃତାହୂତି ଦିଆଯାଉଚି । ଏ ଯଜ୍ଞର ଯିମିତି ଶେଷ ନାହିଁ । ଅକ୍ରୁର ପଇସାପତ୍ର ପାଣିଭଳି ଖର୍ଚ୍ଚ କରିବାରେ ଲାଗିଚନ୍ତି । ଏତେ ପୂଣ୍ୟ ଅର୍ଜିଲେଣି ଯେ ହୁଏତ ତାଙ୍କୁ ଇନ୍ଦ୍ର ଆସନ ମିଳିଯାଇପାରେ ।

କାଶୀରେ ଅକ୍ରୁରଙ୍କ ଯାଗଯଜ୍ଞ– ଇଆଡ଼େ ଦ୍ୱାରକାରେ ବହୁ ଅଶୁଭ ସଂକେତ । ମେଘ ନାହିଁ, ବର୍ଷା ନାହିଁ । ଅନାବୃଷ୍ଟିରୁ ମରୁଡ଼ି ଅବସ୍ଥା । ଖାଦ୍ୟାଭାବ ଉତ୍କଟ । କାରଣ କ'ଣ କେହି ଜାଣି ପାରିଲେ ନାହିଁ । କାରଣ ସଂପର୍କରେ ନାନା ଆଲୋଚନା ଚାଲିଲା । କେହି କେହି କହିଲେ ବହୁବର୍ଷ ପୂର୍ବେ କାଶୀରେ ଜଣେ ରାଜା ରାଜୁତି କରୁଥିଲେ । ତାଙ୍କ ଶାସନ କାଳରେ ଏକଦା ଦ୍ୱାରକା ଭଳି ଅବସ୍ଥା ହୋଇଥିଲା । ଅକାଳ ପଡ଼ିଲା । ଏହି ସମୟରେ ସ୍ୱପାଂଲ୍କ ନାମରେ ଜଣେ ତରୁଣ ଋଷି ଆସିଲେ କାଶୀରାଜାଙ୍କ ପାଖକୁ । ତାଙ୍କୁ ସୁଖୀ କରାଇବା ଲାଗି ତାଙ୍କର ଏକମାତ୍ର ସୁନ୍ଦରୀ କନ୍ୟା ସହିତ ଏହି ଋଷିକୁମାର ସ୍ୱପାଂଲ୍କଙ୍କ ବିବାହ କରାଇଦେଲେ । ଏହି ରାଜକନ୍ୟାଙ୍କ ନାଆଁ ଗାନ୍ଧିନୀ । ଋଷିକୁମାର ସୁଖୀ ହେବାରେ କାଶୀ ରାଜ୍ୟରେ ବର୍ଷା ହେଲା । ଅକ୍ରୁର ସେହି ସ୍ୱପାଂଲକ୍ ଓ ଗାନ୍ଧିନୀଙ୍କ ପୁତ୍ର । ଇନ୍ଦ୍ରଙ୍କ ସହିତ ଅକ୍ରୁରଙ୍କର ଘନିଷ୍ଠ ସମ୍ପର୍କ । ଦୁହେଁ ପରସ୍ପରକୁ ଭଲ ପାଆନ୍ତି । ତେଣୁ ଅକ୍ରୁର ଯେଉଁଠି ବର୍ଷା ସେଇଠି । ଅକ୍ରୁର ନାହିଁ ତ ବର୍ଷା ନାହିଁ । କେବଳ ସେତିକି ନୁହେଁ, ଅକ୍ରୁର ଥିଲେ ରୋଗ, ଯନ୍ତ୍ରଣା ମଧ ନଥାଏ । ଏକଥା ସତ ଏବଂ ସୁପରୀକ୍ଷିତ । ଅକ୍ରୁର ଦ୍ୱାରକାରୁ ପଳାଇ ଯାଇଥିବାରୁ ଦ୍ୱାରକାରେ ଦୁର୍ଭିକ୍ଷର ଆଶଙ୍କା ! ନାନା ଅଶୁଭ ସଂକେତ ।

ଖବର ମିଳିଲା ଯେ ଅକ୍ରୁର କାଶୀରେ ଯଜ୍ଞ କରୁଛନ୍ତି । ଅଜସ୍ର ଖର୍ଚ୍ଚ କରୁଛନ୍ତି । ଖର୍ଚ୍ଚ ପାଇଁ ଧନରତ୍ନ ଆସୁଚି କୁଆଡୁ ? ନିଶ୍ଚିତ ଭାବରେ ତା' ପାଖରେ ସ୍ୟମନ୍ତକ ମଣି

ଅଛି ! ହୁଏତ ସେ ଏ ମଣିଟିକୁ ଶତଧନ୍ୱାଠାରୁ ହାତ କରି ନେଇଚି ନଚେତ କୃଷ୍ଣ ତାକୁ ମଣିଟିକୁ ଦେଇ ଦ୍ୱାରକାଠୁ ଦୂରକୁ ଚାଲିଯିବା ପାଇଁ କହିଛନ୍ତି । ଲୋକଙ୍କ ମନରେ ନାନା ସନ୍ଦେହ । ବିଶେଷତଃ କୃଷ୍ଣଙ୍କ ସଂପର୍କରେ ପୁଣି ଅପପ୍ରଚାର । କଥାରେ ଅଛି, ତୁଣ୍ଡ ବାଇଦ ସହସ୍ର କୋଶ । ଏ ତୁଣ୍ଡରୁ ସେ ତୁଣ୍ଡ ହୋଇ ଦ୍ୱାରକା ସାରା ଏ ପ୍ରଚାର ଚାଲିଲା । ଏପରି କି ଭାଇ ବଳରାମ ଓ ସ୍ତ୍ରୀ ସତ୍ୟଭାମାଙ୍କର ମଧ ସନ୍ଦେହ । କୃଷ୍ଣଙ୍କ ଉପରୁ ସେମାନଙ୍କ ବିଶ୍ୱାସ ତୁଟିଗଲା । ସତ୍ୟଭାମାଙ୍କର କୃଷ୍ଣପ୍ରେମ ତୁଳନାରେ ମଣିପ୍ରେମ ଅଧିକ । କାରଣ ସମ୍ୟନ୍ତକ ମଣିଟି ତାଙ୍କ ପିତୃଅର୍ଜିତ ଧନ । ମଣିଟିକୁ ସେ ଯୌତୁକ ସ୍ୱରୂପ ପାଇବା କଥା । ପିତା ସତ୍ରାଜିତ ଶ୍ରୀକୃଷ୍ଣଙ୍କୁ ମଣିଟିକୁ ଦେଇଥିଲେ । କିନ୍ତୁ ଶ୍ରୀକୃଷ୍ଣ ମନାକଲେ ଆଣିବା ପାଇଁ । ସେଦିନଠୁ ସତ୍ୟଭାମାଙ୍କ ମନରେ ଦୁଃଖ ଆଉ କ୍ଷୋଭ । ଏବେ ମଣି ଦ୍ୱାରକାରୁ ଗଲାଣି କାଶୀକୁ ଶୁଣି ସତ୍ୟଭାମାଙ୍କ ମନ ରବେଇ ଖବେଇ ହେବାରେ ଲାଗିଲା । ବଳରାମ ଭାବିଲେ ଅକ୍ରୂର ସହିତ କୃଷ୍ଣର ବେଶ୍ ଭାବଦୋସ୍ତି ବହୁକାଳରୁ ରହି ଆସିଚି । ଅକ୍ରୂର କୃଷ୍ଣର ଭକ୍ତ ବୋଲି ସମସ୍ତେ ଜାଣନ୍ତି । ତେଣୁ ସେ ହୁଏତ ମଣିଟିକୁ ଅକ୍ରୂରକୁ ଦେଇଚି । ପଚାରିଲେ ଜାଣିନି ବୋଲି ମନା କରୁଛି ।

ପୁଣି ଶ୍ରୀକୃଷ୍ଣଙ୍କୁ ଜନତାର ଦରବାରରେ ଠିଆ ହେବାକୁ ପଡ଼ିବ । ପୁଣି ପ୍ରମାଣ ସହିତ ଘୋଷଣା କରିବାକୁ ପଡ଼ିବ ଯେ ଶତଧନ୍ୱାକୁ ମାରିବା ବେଳେ ସେ ମଣି ପାଇ ନାହାଁନ୍ତି କି ଅକ୍ରୂରକୁ ଦେଇ ନାହାନ୍ତି । ଲୋକେ ତ ଟିକକ କଥାରେ ନାନା କଥା ମିଶାଇ କହିଥାଆନ୍ତି ।  କିନ୍ତୁ କୃଷ୍ଣଙ୍କର ବଡ଼ ଚିନ୍ତା ବଳରାମ ଓ ସତ୍ୟଭାମାଙ୍କୁ ସେ ବୁଝେଇବେ କିମିତି ?

ଶ୍ରୀକୃଷ୍ଣ ଲୋକ ପଠାଇଲେ କାଶୀକି । ଅକ୍ରୂରକୁ ଆଣିଲେ ଦ୍ୱାରକାକୁ । ଅକ୍ରୂର ଆସିବାକୁ ଚାହୁଁ ନଥିଲେ । କିନ୍ତୁ କୃଷ୍ଣ ଯେ ସ୍ୱୟଂ ନାରାୟଣ , ଏ ଧାରଣା ତାଙ୍କ ମନ ଭିତରୁ ତୁଟି ନଥିଲା । ତେଣୁ ସେ ଶ୍ରୀକୃଷ୍ଣଙ୍କୁ ଭୟ କରୁଥିଲେ । ଅକ୍ରୂର ବାଧ ହୋଇ ଆସିଲେ ଦ୍ୱାରକାକୁ । ସୁଧର୍ମା ସଭା ଡକାଗଲା । ଶ୍ରୀକୃଷ୍ଣ ତାଙ୍କ ପିତା ବସୁଦେବ, ଅଜା ଉଗ୍ରସେନ, ଭାଇ ବଳରାମ, ସ୍ତ୍ରୀ ସତ୍ୟଭାମା ସମସ୍ତଙ୍କୁ ଡକାଇଲେ ଦରବାରକୁ । କାରଣ ସେ ଚାହିଁଲେ, ପାଞ୍ଚଜଣଙ୍କ ଆଗରେ କଥାଟା ପଡ଼ିଯାଉ । ସିଏ ଦୋଷୀ କି କିଏ ଦୋଷୀ ସମସ୍ତେ ଜାଣନ୍ତୁ ।

ଅକ୍ରୂର ଆସିଲେ । ଶ୍ରୀକୃଷ୍ଣ ତାଙ୍କ ଦୁଇ ହାତ ଧରି ପାଛୋଟି ନେଲେ । ଅକ୍ରୂରଙ୍କ ପାଇଁ ଏକ ସ୍ୱତନ୍ତ୍ର ଆସନର ବ୍ୟବସ୍ଥା ହୋଇଥିଲା । ଶ୍ରୀକୃଷ୍ଣଙ୍କ ଆସନଠାରୁ ଏ ଆସନ ଅଧିକ ସୁନ୍ଦର ଦେଖାଯାଉଥିଲା । ଅକ୍ରୁର କେବେ ଥିଲେ ଭକ୍ତ, ଏବେ ସେ ଅତିଥି । ଦେବତା ଭଳି ପୂଜନୀୟ, ସମ୍ମାନନୀୟ । ଅକ୍ରୂରଙ୍କୁ ପୁଣି ଏତେ ଚର୍ଚ୍ଚା ! ଲୋକେ ଦେଖି

ଆଚମ୍ବିତ । ଚର୍ଚ୍ଚା ପରେ କ'ଣ ଘଟିବ, ଜାଣିବା ପାଇଁ ଲୋକେ ଉତ୍କଣ୍ଠିତ । ଶ୍ରୀକୃଷ୍ଣ ପ୍ରଥମେ ଅକ୍ରୂରକୁ ପଚାରିଲେ, ତୁମର ସବୁ ଭଲ ତ ! କାଶୀରେ କିମିତି ଦିନ କଟୁଚି ? ଶୁଣୁଚି ଖୁବ୍ ଯାଗଯଜ୍ଞ, ଦାନଧର୍ମ ଚଳାଇଚ ! ଭଲ କଥା । ଯେତେ ପୁଣ୍ୟ କରିପାରିବ ସେତେ ଭଲ । କେବଳ ଭଲ ଏ ଜନ୍ମ ପାଇଁ ନୁହଁ, ପରଜନ୍ମ ପାଇଁ ମଧ୍ୟ । ଶୁଣୁଚି, କାଶୀରେ ତୁମକୁ ଲୋକେ 'ଦାନପତି' ବୋଲି ଡାକୁଛନ୍ତି । ଧନ ଆଉ ମନ ଥିଲେ ପୁଣ୍ୟ ଅର୍ଜନ ସହଜ ! ମୁଁ କେବଳ ଗୋଟିଏ ବିଷୟରେ ସନ୍ଦେହ ମୋଚନ କରିବାକୁ ଚାହେଁ । କିଛି ଲୁଚେଇବ ନାହିଁ, ସତ କଥା କହିବ । ଦୟା କରି ସ୍ୱୀକାର କର ଯେ ଶତଧନ୍ୱା ତୁମକୁ ସ୍ୟମନ୍ତକ ମଣି ଦେଇଚି । ମୁଁ ଏକଥା ଜାଣେ । ମୁଁ ତୁମଠୁ ସେ ମଣିଟିକି ନେବାକୁ ଚାହେଁନା, କାରଣ ତା' ବଦଳରେ ତୁମେ ଲୋକଙ୍କ ବହୁ ଉପକାର କରୁଚ । ଦ୍ୱାରକାର ଲୋକଙ୍କ ଧାରଣା ଯେ ମୁଁ ଶତଧନ୍ୱାଠୁ ମଣିଟିକୁ ଆଣି ତୁମକୁ ଦେଇଚି ଏବଂ କହିଚି ଯେ ମଣିକି ଧରି ଅନ୍ୟତ୍ର ଚାଲିଯାଅ । ମୁଁ ମଣିଚୋର ବୋଲି ଚାରିଆଡ଼େ ପ୍ରଚାର ଚାଲିଚି । ମଣି ସହିତ ମୋର ଯେ କୌଣସି ସଂପର୍କ ନାହିଁ, ଏକଥା ତୁମ ମୁହଁରୁ ଲୋକେ ଶୁଣିବାକୁ ଚାହାଁନ୍ତି ।

ଶ୍ରୀକୃଷ୍ଣ କହିଲେ, ସତ୍ରାଜିତ ମଲାବେଳେ ସତ୍ୟାଭାମା ବ୍ୟତୀତ ତାଙ୍କର ଆଉ କେହି ନଥିଲେ । ତାଙ୍କର ପୁଅ ନଥିଲା । ଏହା ନ୍ୟାୟୋଚିତ ଯେ ସତ୍ରାଜିତଙ୍କୁ ଯିଏ ତିଳୋଦକ ଓ ପିଣ୍ଡ ଦେବ, ସ୍ୟମନ୍ତକ ମଣିର ଅଧିକାରୀ ସିଏ ହେବା ଉଚିତ ! ଜାମାତା ହିସାବରେ ବାର୍ଷିକ ଶ୍ରାଦ୍ଧାଦି କାର୍ଯ୍ୟ ମତେ ତୁଲାଇବାକୁ ପଡ଼ିବ । କିନ୍ତୁ ମୁଁ ସେ ମଣି ଚାହେଁନା । ସେ ମଣି ଯେତିକି ଭଲ, ସେତିକି ଖରାପ । ମଣି ତୁମ ପାଖରେ ଅଛି, ରହିବ ମଧ୍ୟ । ସେଥିରେ କେହି ହାତ ଦେଇ ପାରିବେ ନାହିଁ । ଏତିକି ମାତ୍ର ଲୋକେ ଜାଣିବା ଉଚିତ ଯେ ମଣି ନେଇ ଦ୍ୱାରକା ଛାଡ଼ି ପଳାଅ ବୋଲି ତୁମକୁ ମୁଁ କହିନି । ତୁମେ ନିଜ ଇଚ୍ଛାରେ ଯାଇଚ ।

ଅକ୍ରୂର ଏତେ ଲଜ୍ଜିତ ହୋଇ ପଡ଼ିଥିଲେ ଯେ ଆଉ ମୁଣ୍ଡ ଉଠାଇ ପାରିଲେ ନାହିଁ । ମଣି ସେ କିପରି କାହାଠୁ ନେଲେ ସବୁକଥା ବର୍ଣ୍ଣନା କଲେ । ସେ ଲୁଗାଗଣ୍ଠି ଫିଟାଇ ସ୍ୟମନ୍ତକ ମଣିଟିକୁ ବାହାର କଲେ । ଶ୍ରୀକୃଷ୍ଣଙ୍କ ହାତକୁ ଦେଲେ । ଶ୍ରୀକୃଷ୍ଣ ମଣିଟିକୁ ଉପରକୁ ଉଠାଇ ସମସ୍ତଙ୍କୁ ଦେଖାଇଲେ । ତାଙ୍କର ଓଠରୁ ଚିରାଚରିତ ସ୍ମିତହାସ୍ୟ ଉକୁଟି ଉଠିଲା । ସମସ୍ତେ ଖୁସି ହେଲେ । ତାଳି ମାରିଲେ । ସତ୍ୟଭାମା ଭାବିଥିଲେ ପିତାଙ୍କ ଏକମାତ୍ର ଦାୟାଦ ଭାବରେ ମଣିଟିକୁ ସିଏ ପାଇବେ, କିନ୍ତୁ ଶ୍ରୀକୃଷ୍ଣ ମଣିଟିକୁ ଅକ୍ରୂରଙ୍କ ହାତକୁ ବଢ଼ାଇ ଦେଲେ । ଚୁପଚାପ୍ ସଭାତ୍ୟାଗ କରି ଅନ୍ଦର ମହଲକୁ ଚାଲିଗଲେ ।

●

॥ ୯୦ ॥

# ଦୁର୍ଲ୍ଲଭ ଆଜି ସୁଲଭ

ସମୟର ସ୍ରୋତ ବହି ଚାଲିଚି । ସ୍ରୋତରେ କେତେବେଳେ କାଠିକୁଟା ପତ୍ର ଆଦି ଏକାଠି ହୁଅନ୍ତି । ପୁଣି ଛଡ଼ାଛଡ଼ି । ଏକଦା ପାଞ୍ଚାଳର ରାଜା ଦ୍ରୁପଦ ଓ ଦ୍ରୋଣ ଘନିଷ୍ଠ ବନ୍ଧୁ ଥିଲେ । ପରେ ଘଟଣାକ୍ରମେ ପରସ୍ପରର ଶତ୍ରୁ ହୋଇ ପଡ଼ିଲେ । ଦ୍ରୁପଦ ଏକ ବଡ଼ ପୁତ୍ରେଷ୍ଟି ଯଜ୍ଞ କଲେ । ଯଜ୍ଞର ଉଦ୍ଦେଶ୍ୟ ଥିଲା ପୁତ୍ରଲାଭ । ପୁତ୍ରଲାଭର ଉଦ୍ଦେଶ୍ୟ ଥିଲା, ଏ ପୁତ୍ର ଦିନେ ଦ୍ରୋଣଙ୍କୁ ମାରିବ । ଆଉ ଏକ ଇଚ୍ଛା ଥିଲା– ଇମିତି ଏକ କନ୍ୟାରତ୍ନ ପାଇବେ, ଯେଉଁ କନ୍ୟା କି ଧନୁର୍ଦ୍ଧର ଅର୍ଜ୍ଜୁନଙ୍କୁ ବାହା ହେବ । କାହିଁକି କେଜାଣି ଦ୍ରୁପଦ ମନେ ମନେ ଅର୍ଜ୍ଜୁନଙ୍କ ବହୁତ ଭଲ ପାଉଥିଲେ । ଅର୍ଜ୍ଜୁନଙ୍କ ଗୁରୁ ଦ୍ରୋଣଙ୍କୁ ହତ୍ୟା କରାଯିବ ଅଥଚ ତାଙ୍କ ଶିଷ୍ୟ ଅର୍ଜ୍ଜୁନଙ୍କୁ ଜ୍ୱାଇଁ କରାଯିବ । ବଡ଼ ବିଚିତ୍ର ଅଭିଳାଷ ।

ଦ୍ରୁପଦ ଯଜ୍ଞ କଲେ । ଯଜ୍ଞ କୁଣ୍ଡରୁ ପୁଅ ଭାବରେ ପାଇଲେ ଧୃଷ୍ଟଦ୍ୟୁମ୍ନଙ୍କୁ । ଝିଅ ଭାବରେ ପାଇଲେ କୃଷ୍ଣାଙ୍କୁ । ପରେ ଏହି ଏହି କୃଷ୍ଣାଙ୍କୁ ସମସ୍ତେ ଡାକିଲେ ଦ୍ରୌପଦୀ । ପାଞ୍ଚାଳର ରାଜକନ୍ୟା ହେତୁ କେହି କେହି ପାଞ୍ଚାଳୀ ମଧ୍ୟ ଡାକିଲେ । ସ୍ଥିର ହେଲା ଦ୍ରୌପଦୀଙ୍କ ସ୍ୱୟମ୍ବର ହେବ । ରାଜା ଦ୍ରୁପଦଙ୍କ ମନରେ ବଡ଼ ଦୁଃଖ ଯେ ସେ ଆଉ ଅର୍ଜ୍ଜୁନଙ୍କୁ ଜାମାତା ଭାବରେ ପାଇବେ ନାହିଁ । କାରଣ ବାରଣାବତ୍‌ର ଜଉଘର ପୋଡ଼ିରେ ପାଣ୍ଡବ ପାଞ୍ଚଭାଇ ମା' କୁନ୍ତୀ ସହିତ ପୋଡ଼ି ମରିଯାଇଛନ୍ତି । ଦ୍ରୁପଦ ଖାଲି ଭାବୁଚନ୍ତି, ଅର୍ଜ୍ଜୁନ ତ ଗଲେ, ତାଙ୍କ ଭଳି ଆଉ କେହି ଧନୁର୍ଦ୍ଧର ବୀର ବାହାରନ୍ତେ କି ! ଝିଅଟା କୂଳରେ ଲାଗିଯାଆନ୍ତା । ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ସେ କିଛିଟା ଆତ୍ମସନ୍ତୋଷ ଲାଭ କରନ୍ତେ ।

ପୃଥିବୀର ସବୁ ରାଜାଙ୍କୁ ସ୍ୱୟମ୍ବର ଲାଗି ନିମନ୍ତ୍ରଣ କରାଗଲା । ଶ୍ରୀକୃଷ୍ଣ ବଳରାମ ମଧ୍ୟ ନିମନ୍ତ୍ରଣ ପତ୍ର ପାଇଲେ । ଶ୍ରୀକୃଷ୍ଣ ଜାଣିଥିଲେ ଯେ ପାଣ୍ଡବମାନେ ମରିନାହାଁନ୍ତି । ବଞ୍ଚିଛନ୍ତି । ବଣ ଜଙ୍ଗଲରେ ବୁଲୁଛନ୍ତି । ଶ୍ରୀକୃଷ୍ଣ ତାଙ୍କର ଯାଦବ ବୀରମାନଙ୍କୁ ସାଙ୍ଗରେ ନେଇ ପାଞ୍ଚାଳ ଗଲେ । ଯଥା ସମୟରେ ଶ୍ରୀକୃଷ୍ଣ ନିଜ ପୁଅ ପ୍ରଦ୍ୟୁମ୍ନ ଏବଂ କକାପୁଅ ଭାଇ ସାତ୍ୟକିକି କହି ଦେଇଥିଲେ– ତୁମେ ଦୁହେଁ ମତ୍ସ୍ୟଯନ୍ତ୍ରକୁ ଶରନିକ୍ଷେପ କରିବ ନାହିଁ । କାରଣ ସେ ଜାଣିଥିଲେ ଦ୍ରୌପଦୀଙ୍କ ଜନ୍ମ କେବଳ ଅର୍ଜ୍ଜୁନଙ୍କ ପାଇଁ । ପାଣ୍ଡବ ପାଞ୍ଚଭାଇ ନିଶ୍ଚିତ ଭାବରେ ସ୍ୱୟମ୍ବର ସଭାକୁ ଆସିବେ ।

ଅର୍ଜ୍ଜୁନ ବାସ୍ତବରେ ଠିକ ସମୟରେ ପହଁଞ୍ଚିଲେ । କିନ୍ତୁ ସେ ଆସିଥିଲେ ବ୍ରାହ୍ମଣ ବେଶରେ । ଧନୁକୁ ଯୋଖି ସେ ବହୁ ଉଚ୍ଚରେ ଥିବା ମାଛର ଆଖିକୁ ଶର ମାରିଲେ । ଦ୍ରୌପଦୀ ତାଙ୍କରି ଗଳାରେ ବରଣମାଳା ଦେଲେ । ଦ୍ରୁପଦ ମଧ୍ୟ ଜାଣିଲେ ଯେ ପାଣ୍ଡବମାନେ ବଞ୍ଚିଛନ୍ତି ଏବଂ ଦ୍ରୌପଦୀ ଯାହା ଗଳାରେ ବରଣମାଳା ଦେଲେ, ସେ ଅର୍ଜ୍ଜୁନ ବ୍ୟତୀତ ଅନ୍ୟ କେହି ନୁହନ୍ତି । ଦ୍ରୁପଦଙ୍କ ମନରେ ଆନନ୍ଦ କହିଲେ ନ ସରେ । ଅନ୍ୟ ରଜାପୁଅମାନେ ମୁହଁ ଶୁଖେଇ ଯିଏ ଯାହା ଘରକୁ ଗଲେ ।

ସେତେବେଳେ ପାଣ୍ଡବ ଭାଇମାନେ ମା' କୁନ୍ତୀଙ୍କ ସହ ଜଣେ କୁମ୍ଭାର ଘରେ ରହୁଥିଲେ । ସ୍ୱୟମ୍ବର ସରିଲା । ରାମକୃଷ୍ଣ ଦୁଇ ଭାଇ ପାଣ୍ଡବଙ୍କ ସହିତ କୁମ୍ଭାର ଘରକୁ ଗଲେ । ଏକଚକ୍ରାଠାରେ ଏ ଘର । ଯାଉ ଯାଉ ପାଣ୍ଡବ ଭାଇମାନେ ମା'କୁ ଡାକି କହିଲେ, ଆମେ ଗୋଟିଏ ଭଲ ଜିନିଷ ଆଣିଚୁ । ମା' କୁନ୍ତୀ ଘର ଭିତରେ ଥିଲେ । କହିଲେ, ଯାହା ଆଣିଚ ବାଣ୍ଟିକୁଣ୍ଟି ଖାଅ । ତେଣୁ ଦ୍ରୌପଦୀ ପାଞ୍ଚ ଭାଇଙ୍କ ପତ୍ନୀ ହୋଇ ରହିଲେ । ମା' କୁନ୍ତୀଙ୍କ କଥା ରହିଲା । କୃଷ୍ଣ ବଳରାମଙ୍କୁ ଦେଖି କୁନ୍ତୀ ଖୁସି ହେଲେ । ଏହି କୁମ୍ଭାର ଘରେ ହିଁ ପାଣ୍ଡବମାନଙ୍କ ସହିତ ରାମକୃଷ୍ଣଙ୍କ ପ୍ରଥମ ଦେଖା ସାକ୍ଷାତ । ଏଇଠି ସ୍ଥିର ହେଲା ଯେ ପାଣ୍ଡବମାନଙ୍କ ପ୍ରତି ଯେ କୌଣସି ବିପଦ ଆସିଲେ, କୃଷ୍ଣ ବଳରାମ ସେମାନଙ୍କ ପାଖରେ ଠିଆ ହେବେ ।

ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥ ଫେରି ଆସିଲେ । କିଛିଦିନ ପରେ ଶ୍ରୀକୃଷ୍ଣ ସାତ୍ୟକି ସହିତ ଆସିଲେ ପାଣ୍ଡବମାନଙ୍କ ପାଖକୁ । ସେମାନେ କିଛିଦିନ ପାଣ୍ଡବଙ୍କ ସହିତ ରହିବା ପାଇଁ ଆସିଛନ୍ତି ଶୁଣି ସମସ୍ତେ ଖୁସି ହେଲେ । କୁନ୍ତୀଙ୍କୁ ପଚାରିଲେ, ଏବେ କିମିତି ଅଛ ? କୁନ୍ତୀ କହିଲେ, ଜଉ ଘରେ ପୋଡ଼ି ମରି ଯାଇଥାଆନ୍ତୁ, ଠିକ୍ ସମୟରେ ଖବର ପାଇଲୁ । ତେଣୁ ନିଆଁ ଲାଗିବା ଆଗରୁ ଆମେ ସୁଡ଼ଙ୍ଗ ବାଟ ଦେଇ ଜଉଘରୁ ବାହାରକୁ ପଳେଇଥିଲୁ । ବାରଣାବତରୁ ଚାଲି ଚାଲି ଗଙ୍ଗା କୂଳରେ ପହଞ୍ଚିଲୁ । ସେ ସମୟର କଷ୍ଟ ଦୁଃଖରେ କହି ହେବନି । ବହୁଦିନ ଧରି ଭିକ୍ଷା ମାଗି ଚଳିଲୁ । ଜଙ୍ଗଲରେ ହିଡିମ୍ବ ରାକ୍ଷସ ହାବୁଡ଼ରେ ପଡ଼ିଥିଲୁ । ହିଡିମ୍ବ ମଲା, ତା' ଭଉଣୀ ହିଡିମ୍ବିକୀ ସହିତ ଆମ ଭୀମର ବାହାଘର ହେଲା ।

ବଣରେ ବ୍ରାହ୍ମଣ ବେଶରେ ବହୁଦିନ ଧରି କଟିଲା— କୁନ୍ତୀ କହି ଚାଲିଛନ୍ତି, ଆରେ ବାପ କୃଷ୍ଣ ! ତୁ ଆମ ସଙ୍ଗରେ ରହିଥିଲେ, ଆଉ କିଛି ଭୟ ନାହିଁ । ଯେତେ ବାଧାବିଘ୍ନ ଆସୁ ପଛେ ତୁ ଥିଲେ, ସବୁ କୁଆଡ଼େ ଚାଲିଯିବ । ମୋର ମନେ ଅଛି, ତୁ ମଥୁରାରେ କଂସକୁ ମାରିଲୁ । ପରେ ପରେ ଅକ୍ରୂରକୁ ପଠେଇଥିଲୁ ହସ୍ତୀନାପୁରକୁ ଆମ କଥା ବୁଝିବା

ପାଇଁ । ସେଇଦିନଠୁ ମୁଁ ଜାଣିଚି, ଆମ ପ୍ରତି ତୋର ପ୍ରଗାଢ଼ ପ୍ରେମ ଓ ଶ୍ରଦ୍ଧା ରହିଛି । ତୁ କିଛି କର ନ କର, ଆମ ପାଖେ ପାଖେ ରହିଥିଲେ ଯଥେଷ୍ଟ ।

ଶୁକମୁନି କହିଲେ, ପରୀକ୍ଷିତଙ୍କୁ, ଯିଏ ଅଗମ୍ୟ, ଅଗୋଚର, ଯିଏ ଦୁର୍ଲ୍ଲଭ ଆଜି ସେ ପାଣ୍ଡବମାନଙ୍କ ପକ୍ଷରେ ଅତି ସୁଲଭ, ଗମ୍ୟ ଓ ଗୋଚର । କହୁ କହୁ ମା' କୁନ୍ତୀ ଅଭିଭୂତ ହୋଇପଡ଼ିଲେ । ସେ ଶ୍ରୀକୃଷ୍ଣଙ୍କର ହାତ ଧରି କଥା କହୁଥିଲେ । ଏଥର ତାଙ୍କ ଗୋଡ଼ ତଳେ ପଡ଼ି ମୁଣ୍ଡିଆ ମାରିବାକୁ ଲାଗିଲେ । କହିଲେ ତୋ ନାଆଁ ତ ଅନେକ । କେଉଁ ନାଆଁ ଧରି ଡାକିବି ? ଭାବୁଛି, ପରମାତ୍ମା ହିଁ ତୋ'ର ସର୍ବଶ୍ରେଷ୍ଠ ନାମ । ଯାହା ପ୍ରତି ପରମାତ୍ମାଙ୍କ ପ୍ରୀତି, ତା' ପକ୍ଷରେ ଭୀତି ହେଉଛି ଅଜାତି । କୁନ୍ତୀ କହିଲେ, ତୋ'ଠି 'ମୁଁ' 'ମୋର' ବୋଲି କିଛି ନାହିଁ । ତଥାପି ଆମେ ତୋ'ର ଆତ୍ମୀୟ ସ୍ୱଜନ । ମୁଁ ତୋ'ର ପିଉସୀ ବୋଲି ତୁ ଆମକୁ ସ୍ନେହ ଦେଉଚୁ, ମମତା ଦେଉଚୁ । ନ ଡାକିଲେ ମଧ୍ୟ ଘରକୁ ଆସୁଚୁ । ଅର୍ଜୁନ ସହିତ ଏକାଠି ବସି ଏକ ପତରରେ ଭାତ ରୁଟି ଖାଉଚୁ । ଏକା ଶେଯରେ ଦୁହେଁ ଶୋଉଚ— ଏହାଠୁ ବଳି ବନ୍ଧୁ ଭାବ ଆଉ କ'ଣ ଥାଇପାରେ ?

ଯୁଧିଷ୍ଠିର ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କର ସ୍ତୁତି କରିବାକୁ ଲାଗିଲେ । କହିଲେ, ତୁମେ ଚିନ୍ତାମଣି, କିନ୍ତୁ ଆମମାନଙ୍କର ଚିନ୍ତାତୀତ । ନିଗମ କଳ୍ପତରୁର ପାଚିଲା ଫଳ ତୁମେ । ଋଷିମାନେ ଶହ ଶହ ବର୍ଷ ଧରି ତପସ୍ୟା କରି ଯାହାକୁ ପାଇ ପାରିନାହାଁନ୍ତି, ସେ ଆସି ଆମରି ପାଖରେ ହାଜର ! ବନ୍ଧୁ ଭାବରେ, ସଖା ଭାବରେ, ଆତ୍ମୀୟସ୍ୱଜନ ଭାବରେ, ପରିବାରର ଅନ୍ୟତମ ସଭ୍ୟ ଭାବରେ ।

ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ସହିତ ଚତୁର୍ମାସ୍ୟା ଚାରିମାସ ଧରି ରହିଲେ । ସେମାନଙ୍କ ଆଚରଣ, ଦୁର୍ଯ୍ୟୋଧନର ଆଚରଣ ଆଦି ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କଲେ । ଭଗବାନ ଚାରିମାସ ଧରି ଭକ୍ତ ପାଣ୍ଡବମାନଙ୍କ ପାଖରେ ରହିଥିବା ଶୁଣି ଦୁର୍ଯ୍ୟୋଧନର ଗାତ୍ରଦାହ ହେଲା । ଶ୍ରୀକୃଷ୍ଣ ରହିଥିବା ଚାରି ମାସ ହିଁ ଥିଲା ପାଣ୍ଡବମାନଙ୍କ ପକ୍ଷରେ ସବୁଠାରୁ ସୁଖର ସମୟ । ତା'ପରେ ଆସିଲା ରାଜସୂୟ ଯଜ୍ଞ, ତା'ପରେ ପାଣ୍ଡବମାନଙ୍କର ବାରବର୍ଷ ବନବାସ ଓ ବର୍ଷେ ଅଜ୍ଞାତ ବାସ । ସିଏ ତ ବିରାଟ ମହାଭାରତ କାହାଣୀ ।

●

## ॥ ୯୧ ॥

# ବନ ଭିତରେ ବନିତା

ପାଣ୍ଡବମାନଙ୍କ ଅନ୍ତଃପୁରରେ ରହି ରହି ଶ୍ରୀକୃଷ୍ଣଙ୍କ ମନ ଚିଟା ହୋଇଗଲା । ଦିନେ ସେ ଅର୍ଜୁନଙ୍କୁ କହିଲେ, ଜଙ୍ଗଲକୁ ଚାଲ ଯିବା, ଶିକାର କରିବା । ଦୁହେଁ ଘନ ଅରଣ୍ୟ ଭିତରକୁ ଗଲେ । ବାଘ, ଭାଲୁ, ହରିଣ, ସମ୍ବର ପ୍ରଭୃତି ବହୁ ଜନ୍ତୁ ସେ ଜଙ୍ଗଲରେ । ବଣ ପଶୁପକ୍ଷୀଙ୍କୁ ଦୁହେଁ ଶିକାର କଲେ । ହରିଣଗୁଡ଼ିକ ଦେଖିବାମାତ୍ରେ ଡରଭୟରେ କ୍ଷିପ୍ର ଗତିରେ ଦୌଡ଼ିଲେ । ସେ ଦୃଶ୍ୟ ଶ୍ରୀକୃଷ୍ଣଙ୍କୁ ଖୁବ୍ ଭଲ ଲାଗିଲା । ଶ୍ରୀକୃଷ୍ଣ ଓ ଅର୍ଜୁନ ପଶୁଙ୍କ ପଛେ ଦୌଡ଼ି ଦୌଡ଼ି ହାଲିଆ ହୋଇପଡ଼ିଲେ । ସେମାନଙ୍କ ଗୋଡ଼ ଘୋଳେଇ ହେଲା । ପ୍ରବଳ ଶୋଷ ମଧ ଲାଗିଲା । ଯମୁନା ନଦୀରୁ ପାଣି ପିଇଲେ । ନଦୀ କୂଳରେ ଥିବା ଗୋଟିଏ ଗଛ ଛାଇ ତଳେ ବିଶ୍ରାମ ନେଲେ । ଗପସପ କରି ସମୟ କଟେଇବାକୁ ଚାହିଁଲେ । ଗୋଡ଼ ଲମ୍ବେଇ ଦୁଇ ସଖା ଆରାମରେ ଘାସ ପଡ଼ିଆରେ ବସିଲେ ।

ଠିକ୍ ଏହି ସମୟରେ ଗୋଟିଏ ଝିଅ ସେମାନଙ୍କ ଆଡ଼କୁ ଆସୁଥିବା ଦେଖାଗଲା । ଦେହର ରଙ୍ଗ କଳା ସତ ଗଠନ ଅତି ସୁନ୍ଦର ! ଅଙ୍ଗଇତିକାରେ ଯୌବନର ସମସ୍ତ ସୌନ୍ଦର୍ଯ୍ୟ ଯିମିତି ଲୋଟି ପଡ଼ିଚି । ଦୂରରୁ କୃଷ୍ଣଙ୍କ ଆଖି ସହିତ ଝିଅଟିର ଆଖିର ମିଳନ ଘଟିଲା । ଝିଅଟିର ଇଚ୍ଛା କୃଷ୍ଣାର୍ଜୁନଙ୍କ ପାଖକୁ ଆସିବା ପାଇଁ । କିନ୍ତୁ ଲାଜସରମ ସାଙ୍ଗକୁ ଭୟ ତାକୁ ଆଗେଇବା ପାଇଁ ଦେଲାନି । ଶ୍ରୀକୃଷ୍ଣ, ସଖା ଅର୍ଜୁନଙ୍କୁ କହିଲେ, ଝିଅଟି ପାଖକୁ ଯାଇ ସିଏ କିଏ, କାହିଁକି ଏ ଜଙ୍ଗଲରେ ଏକା ଏକା ବୁଲୁଚି, ବୁଝିଆସ ।

ଅର୍ଜୁନ ଝିଅ ପାଖକୁ ଗଲେ । କହିଲେ, ତୁମ ଭଳି ଜଣେ ସୁନ୍ଦରୀ ତରୁଣୀ କନ୍ୟା ଏକା ଏକା ନିର୍ଜନ ଜଙ୍ଗଲରେ ବୁଲିବା ଉଚିତ ନୁହଁ । ତୁମେ କିଏ, କାହା ଝିଅ, ଆସିଚ କେଉଁଠୁ ? କୌଣସି ଅସୁବିଧାରେ ପଡ଼ି ନାହଁ ତ ! ଦରକାର ଥିଲେ, ନିଃସଂକୋଚରେ କହ, ଆମେ ସାହାଯ୍ୟ କରିବାକୁ ପ୍ରସ୍ତୁତ ।

ଝିଅଟି କିଛିକ୍ଷଣ ପାଇଁ ଅର୍ଜୁନଙ୍କୁ ନିରୀକ୍ଷଣ କଲା । କହିଲା, ମୁଁ ସୂର୍ଯ୍ୟତନୟା । କାଳିନ୍ଦୀ ମୋ ନାଆଁ । ମୁଁ ଏ ନିକାଞ୍ଚନ ଅରଣ୍ୟକୁ ଆସିଚି ତପସ୍ୟା କରିବା ପାଇଁ । ନାରାୟଣଙ୍କୁ ପତି ଭାବରେ ପାଇବା ମୋ ତପସ୍ୟାର ଲକ୍ଷ୍ୟ । ଯଦି ନାରାୟଣଙ୍କୁ ନ

ପାଏ, ମୁଁ ଏହି ବନଭୂମିରେ ହିଁ ଆତ୍ମବିସର୍ଜନ କରିବି । ଯମୁନା କୂଳରେ ଗୋଟିଏ ପତ୍ରକୁଡ଼ିଆ କରି ରହୁଚି । ଅପେକ୍ଷା କରିଚି ନାରାୟଣଙ୍କ ଆଗମନକୁ । ଯାହାହେଉ ମୋ ତପସ୍ୟା ସାର୍ଥକ ହୋଇଚି । ମୁଁ ନାରାୟଣଙ୍କ ଦର୍ଶନ ପାଇ ସାରିଲିଣି । କହୁ କହୁ ସେ ଅଳ୍ପ ଦୂରରେ ଥିବା ଶ୍ରୀକୃଷ୍ଣଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କଲା । ଦୁହିଁଙ୍କ ଚକ୍ଷୁର ମିଳନ ଘଟିଲା । ଉଭୟଙ୍କ ଅଧରରେ ସ୍ମିତହାସ୍ୟ ।

ଅର୍ଜୁନ ଗଲେ ଶ୍ରୀକୃଷ୍ଣଙ୍କ ପାଖକୁ । କହିଲେ ହେ ସଖା ! ତୁମେ ପରା ସେହି ନାରାୟଣ ! କାଳିନ୍ଦୀ ତୁମ ଅପେକ୍ଷାରେ ।

ଶ୍ରୀକୃଷ୍ଣ ଯେ ଏହି କାଳିନ୍ଦୀଙ୍କୁ ପାଇବା ପାଇଁ ବଣକୁ ଆସିଥିଲେ ଅର୍ଜୁନ ଏବେ ଜାଣିଲେ । ପଶୁ ଶିକାର ଥିଲା ନାଆଁକୁ ମାତ୍ର । ଶ୍ରୀକୃଷ୍ଣ କାଳିନ୍ଦୀ ପାଖକୁ ଗଲେ । ତପସ୍ୱିନୀ କାଳିନ୍ଦୀ ଶ୍ରୀକୃଷ୍ଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଶ୍ରୀକୃଷ୍ଣ ତାଙ୍କୁ ରଥରେ ବସେଇ ଆସିଲେ ଇନ୍ଦ୍ରପ୍ରସ୍ଥକୁ । ଅନ୍ତଃପୁରରେ ଯୁଧିଷ୍ଠିରଙ୍କ ସହିତ ଭେଟ ହେଲା । ଅର୍ଜୁନ ବଡ଼ଭାଇଙ୍କୁ କାଳିନ୍ଦୀଙ୍କ ପରିଚୟ ଦେଲେ । ଦ୍ରୌପଦୀଙ୍କ ସହିତ କାଳିନ୍ଦୀଙ୍କ ସମୟ ଅତିବାହିତ ହେଲା ଆନନ୍ଦରେ ।

ଯମୁନା କୂଳରେ ଶ୍ରୀକୃଷ୍ଣ ଓ ଅର୍ଜୁନ ଥିବାବେଳେ ଦିନେ ଅଗ୍ନି ଆସି ପହଞ୍ଚିଲେ ସେମାନଙ୍କ ପାଖରେ । ଅଗ୍ନିଙ୍କୁ ଭୀଷଣ ଭୋକ । ସେ ଚାହିଁଲେ ଇନ୍ଦ୍ରଙ୍କ ଖାଣ୍ଡବବନ ଦହନ କରିବା ଲାଗି । ଅଗ୍ନିଙ୍କୁ ଉଦୁବୁଦି ରୋଗ ହୋଇଥିଲା । ସେ ଚାହୁଁଥିଲେ ଖାଣ୍ଡବ ବନ ଦହନ କରି ସେଠି ଥିବା ଗଛପତ୍ରଠୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତଙ୍କୁ ଭକ୍ଷଣ କରିବା ଲାଗି । ସେ ଦିଗରେ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ଅର୍ଜୁନ ଅଗ୍ନିଙ୍କୁ ସାହାଯ୍ୟ କଲେ । ଇନ୍ଦ୍ର ଚାହୁଁ ନ ଥିଲେ ଖାଣ୍ଡବବନ ଧ୍ୱଂସ ହେଉ ବୋଲି । ସେ ଲକ୍ଷ୍ୟ କଲେ ଅର୍ଜୁନ ବନ ଧ୍ୱଂସ କରୁଚି । ଅର୍ଜୁନ ତାଙ୍କ ମାନସପୁତ୍ର । ତେଣୁ ଇନ୍ଦ୍ର କୌଣସି ହସ୍ତକ୍ଷେପ କଲେ ନାହିଁ, ପୁଅ ସହିତ ଲଢ଼ିବା ପାଇଁ ଚାହିଁଲେ ନାହିଁ ।

ଏହି ବନ ଧ୍ୱଂସ କରିବା ଦିଗରେ ଅଗ୍ନି ଅର୍ଜୁନଙ୍କ ସାହାଯ୍ୟ ଲୋଡ଼ିବାରେ ଅର୍ଜୁନ କହିଲେ, ମତେ ସେମିତି ରଥ, ଅଶ୍ୱ, ଅସ୍ତ୍ରଶସ୍ତ୍ର ଆଦି ବହୁ ପରିମାଣରେ ଦିଅ । ନଚେତ ଇନ୍ଦ୍ରଙ୍କ ଖାଣ୍ଡବ ବନ ଧ୍ୱଂସ କରାଯିବ କିପରି ? ଅଗ୍ନି ମାଗିବାରେ ବରୁଣ ଅର୍ଜୁନଙ୍କୁ ଗାଣ୍ଡିବ ଧନୁ, ଶ୍ୱେତଅଶ୍ୱ ଦ୍ୱାରା ଚାଳିତ ଶ୍ୱେତବସନ ରଥ ଦେଲେ । ଶ୍ରୀକୃଷ୍ଣଙ୍କୁ ଦେଲେ ଚକ୍ର । ଏ ଦୁହେଁ ମିଶି ଖାଣ୍ଡବ ବନ ଦହନ କଲେ । କୌଣସି ଜୀବଜନ୍ତୁ ଯେପରି ନ

ପଳାଇବେ, ସେଥି ପ୍ରତି ସେମାନେ ସତର୍କ ରହିଥିଲେ । ତଥାପି 'ମୟ' ରକ୍ଷା ପାଇଗଲା । ସେ ଆସି କୃଷ୍ଣାର୍ଜୁନଙ୍କ ପାଦତଳେ ଶରଣ ପଶିଲା । କ୍ଷତ୍ରିୟର କର୍ତ୍ତବ୍ୟ ହେଉଚି ଶରଣାଗତକୁ ରକ୍ଷା କରିବା । ତେଣୁ ମୟ ବଞ୍ଚିଗଲା । ପରେ ଏହି ମୟ ହିଁ ଇନ୍ଦ୍ରପ୍ରସ୍ଥରେ ଯୁଧିଷ୍ଠିରଙ୍କ ଲାଗି ସଭାଗୃହ ନିର୍ମାଣ କରିଥିଲା ।

ଦ୍ୱାରକା ଫେରି ଆସିବା ପରେ କାଳିନ୍ଦୀ ସହିତ ଶ୍ରୀକୃଷ୍ଣଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା । କାଳିନ୍ଦୀ ହେଲେ ଚତୁର୍ଥ ପାଟବଂଶୀ । ଆଗରୁ ଥିଲେ ରୁକ୍ମିଣୀ, ଜାମ୍ବବତୀ ଓ ସତ୍ୟଭାମା ।

X X X

ବସୁଦେବଙ୍କ ଗୁଡିଏ ଭଉଣୀଙ୍କ ମଧ୍ୟରୁ ଗୋଟିଏ ଭଉଣୀ ରାଜାଧିଦେବୀ । ଅବନ୍ତୀର ରାଜାଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ତାଙ୍କର ତିନୋଟି ସନ୍ତାନ ଥିଲେ । ଦୁଇପୁଅ ବିନ୍ଦା ଓ ଅନୁବିନ୍ଦା । ଏକମାତ୍ର କନ୍ୟା ମିତ୍ରବିନ୍ଦା । ମିତ୍ରବିନ୍ଦାଙ୍କ ବିବାହ ଲାଗି ବିଧିବଦ୍ଧ ଭାବରେ ସ୍ୱୟମ୍ବର ସଭା ଅନୁଷ୍ଠିତ ହୋଇଥିଲା । ଶ୍ରୀକୃଷ୍ଣ ଏହି ସଭାରେ ଉପସ୍ଥିତ ଥିଲେ । ମିତ୍ରବିନ୍ଦା ଶ୍ରୀକୃଷ୍ଣଙ୍କୁ ହିଁ ସ୍ୱାମୀ ଭାବରେ ବରଣ କରିବାରେ ଉପସ୍ଥିତ ଅନ୍ୟ ରାଜକୁମାରମାନେ ରାଗି ଯାଇଥିଲେ । ଅବନ୍ତୀର ଦୁଇ ରାଜକୁମାର ବିନ୍ଦା ଓ ଅନୁବିନ୍ଦା ଦୁର୍ଯ୍ୟୋଧନର ସାଙ୍ଗସାଥି । ଶ୍ରୀକୃଷ୍ଣ ଜାଣିଥିଲେ ଯେ ରୁକ୍ମଙ୍କ ଭଳି ଏହି ଦୁଇଭାଇ ମଧ୍ୟ ମିତ୍ରବିନ୍ଦାଙ୍କୁ ତାଙ୍କ ହାତରେ ଦେବେ ନାହିଁ । ଅଥଚ ସମସ୍ତେ ଏକଥା ଜାଣିଥିଲେ ଯେ ମିତ୍ରବିନ୍ଦା କୃଷ୍ଣ ବ୍ୟତୀତ ଅନ୍ୟ କାହାକୁ ପତି ରୂପେ ବରଣ କରିବ ନାହିଁ । ଶ୍ରୀକୃଷ୍ଣ ସ୍ୱୟମ୍ବର ସଭାରେ ପହଞ୍ଚିବା ମାତ୍ରେ ବିନ୍ଦା ଓ ଅନୁବିନ୍ଦା ବନ୍ଧୁ ରାଜକୁମାରମାନଙ୍କ ସହିତ ଛକି ରହିଲେ । ସ୍ୱୟମ୍ବର ସଭା ପରିସରକୁ ଯିମିତି ଶ୍ରୀକୃଷ୍ଣ ଆସି ପାରିବେ ନାହିଁ, ସେ ବ୍ୟବସ୍ଥା କଲେ । କିନ୍ତୁ ସେମାନଙ୍କ ସମସ୍ତ ବ୍ୟବସ୍ଥା ଓଲଟ ପାଲଟ ହୋଇଗଲା । ସମସ୍ତଙ୍କ ଆଖିରେ ଧୂଳି ଦେଇ ଶ୍ରୀକୃଷ୍ଣ ମିତ୍ରବିନ୍ଦାଙ୍କୁ ରଥରେ ବସେଇ ନେଇଗଲେ । ସମସ୍ତେ ଦେଖୁଚନ୍ତି – ଅଥଚ କିଛି କରିପାରୁ ନାହାଁନ୍ତି । ଶ୍ରୀକୃଷ୍ଣ ମିତ୍ରବିନ୍ଦାଙ୍କୁ ଦ୍ୱାରକା ନେଇ ଆସିଲେ । ସେଠାରେ ବିବାହ ବିଧିବଦ୍ଧ ଭାବରେ ସମ୍ପନ୍ନ ହେଲା । ମିତ୍ରବିନ୍ଦା ହେଲେ ଶ୍ରୀକୃଷ୍ଣଙ୍କର ପଞ୍ଚମ ରାଣୀ ବା ପାଟବଂଶୀ ।

●

॥ ୯୨ ॥

# ସାତଟା ମାରଣା ଷଣ୍ଢ !

ଦ୍ୱାପର ଯୁଗରେ କୋଶଳ ଥିଲା ଏକ ବଡ଼ ରାଜ୍ୟ । ଏହି ରାଜ୍ୟର ରାଜା ନଗ୍ନଜିତ୍ ଥିଲେ ରାଜା ଜନକଙ୍କ ଭଳି ଜଣେ ରାଜର୍ଷି । ସାଧୁ ସନ୍ଥ । ତାଙ୍କର ଏକମାତ୍ର କନ୍ୟାରତ୍ନ 'ସତ୍ୟା' ଥିଲେ ଅତି ସୁନ୍ଦରୀ । ନାଆଁ ଯିମିତି ଗୁଣ ସିମିତି । ସତ୍ୟା ଥିଲେ ସତ୍ୟବତୀ । ଲୋକେ ରାଜଜେମାଙ୍କୁ ତାଙ୍କ ରାଜାଙ୍କ ନାମାନୁସାରେ ନଗ୍ନଜିତୀ ବୋଲି ଡାକୁଥିଲେ । ରାଜା ନଗ୍ନଜିତ୍ ଝିଅକୁ ବାହାଦେବା ଲାଗି ଗୋଟିଏ ପଣ ବା ସତ୍ୟ କରିଥିଲେ । ରାଜାଙ୍କର ସାତଟି ମାରଣା ଅରଣା ଷଣ୍ଢ ଥିଲା । ଏଗୁଡ଼ିକ ଅତିଶୟ ଅମାନିଆଁ । ଏମାନଙ୍କୁ ମହଣ କରିବା ବା ମନେଇବା କଷ୍ଟକର ବ୍ୟାପାର ହୋଇ ପଡୁଥିଲା । ଏମାନେ ଯିମିତି ବଳୁଆ, ସିମିତି ଖଳୁଆ ଓ ଖରୁଆ । ମୁଣ୍ଡରେ ଗୋଜିଆ ଗୋଜିଆ ଶିଙ୍ଗ । ଲୋକେ ଏ ଷଣ୍ଢଗୁଡ଼ିକୁ ଦେଖିବାମାତ୍ରେ ଦୌଡ଼ି ପଳାଉଥିଲେ । ଘରେ ଲୁଚୁଥିଲେ । ତେଣୁ ସବୁବେଳେ ଏମାନଙ୍କୁ ଗୁହାଳ ଘରେ ବନ୍ଧାହୋଇ ରଖାଯାଉଥିଲା । ରାଜା ସର୍ତ୍ତ ରଖିଥିଲେ ଯେ ଯିଏ ଏହି ଅରଣା ଷଣ୍ଢ ସାତଟିକି ଜବତ୍ କରିଦେଇ ପାରିବ, ତା' ହାତରେ ସେ ଝିଅକୁ ସମର୍ପଣ କରିବେ ।

ରାଜକନ୍ୟାଙ୍କ ସୌନ୍ଦର୍ଯ୍ୟ ଓ ଗୁଣ ପ୍ରତି ଆକୃଷ୍ଟ ହୋଇ ପୃଥିବୀର ବିଭିନ୍ନ ରାଜ୍ୟର ରାଜା ଓ ରାଜକୁମାରମାନେ କୋଶଳକୁ ଆସୁଥିଲେ ସତ୍ୟାଙ୍କୁ ପାଇବା ଆଶାରେ । କିନ୍ତୁ ଷଣ୍ଢ ହାବୁଡ଼ରେ ପଡୁଥିଲେ । ଷଣ୍ଢଗୁଡ଼ିକୁ ଜବତ୍ କରି ସେମାନଙ୍କୁ ମନେଇବା କାର୍ଯ୍ୟ କାହା ଦେଇ ହୋଇ ପାରୁ ନଥିଲା । ସମସ୍ତେ ମୁହଁ ଶୁଖେଇ ନିଜ ନିଜ ରାଜ୍ୟକୁ ଫେରୁଥିଲେ । ଷଣ୍ଢକୁ ମନଉ ମନଉ ମୁନିଆ ଶିଙ୍ଗର ଆଘାତରେ ରାଜକୁମାରମାନଙ୍କ ସୁକୁମାର ଶରୀର ରକ୍ତରଂଜିତ ହୋଇପଡୁଥିଲା । ସେମାନେ ରକ୍ତାକ୍ତ ଅବସ୍ଥାରେ ମୁହଁ ଲୁଚେଇ ଫେରୁଥିଲେ ।

ପୂର୍ବ କାଳରେ ରାଜାମାନେ ନିଜ ନିଜ କନ୍ୟାମାନଙ୍କ ସ୍ୱୟଂବର ଲାଗି ଇମିତି ସବୁ ଅସମ୍ଭବ ସର୍ତ୍ତ ରଖୁଥିଲେ ଯେ ବହୁ ବୀର ପୁଙ୍ଗବଙ୍କ ପକ୍ଷରେ ସର୍ତ୍ତ ପୂରଣ କରିବା ସମ୍ଭବ ହେଉ ନଥିଲା । ଫଳରେ ରାଜାମାନେ ମଧ ନିଜ ସର୍ତ୍ତ ଲାଗି ଅନୁତପ୍ତ ହେଉଥିଲେ । ରାଜା ଜନକ ସୀତା ସ୍ୱୟମ୍ବର ଲାଗି ଶିବଧନୁ ଭଙ୍ଗ, ପାଞ୍ଚାଳର ରାଜା ଦ୍ରୁପଦ ନିଜ ଝିଅ ଦ୍ରୌପଦୀ ସ୍ୱୟମ୍ବର ଲାଗି ମତ୍ସ୍ୟଯନ୍ତ୍ରର ଆଖିକୁ ଶର ବିନ୍ଧିବା ଲାଗି ସର୍ତ୍ତ ରଖି ହଇରାଣରେ ପଡ଼ିଥିଲେ । ଶ୍ରୀରାମ ଓ ଅର୍ଜୁନ ନ ଜୁଟିଥିଲେ, ସେମାନଙ୍କ ଝିଅ ଅଭିଆଡ଼ି ରହିଥାଆନ୍ତେ ।

ଏବେ କୋଶଳ ରାଜାଙ୍କ ସର୍ତ୍ତ ହେଲା ମାରଣା ଷଣ୍ଢ ସାତଟାକୁ ଜବତ୍ କରିବା । ବହୁ ସୁଦର୍ଶନ ରାଜକୁମାର ଆସି ହଟିଗଲେ । ରାଜା ନଗ୍ନଜିତ୍‌ଙ୍କ ଚିନ୍ତା, କନ୍ୟା ସତ୍ୟା କ'ଣ ଅବିବାହିତ ରହିଯିବ ? ଏହି ଚିନ୍ତା କାଳରେ ଚିନ୍ତାମଣି ଶ୍ରୀକୃଷ୍ଣ ଉପସ୍ଥିତ ହେଲେ କୋଶଳରେ । ସତ୍ୟାଙ୍କୁ ନିଜ ପତ୍ନୀ ଭାବରେ ଗ୍ରହଣ କରିବା ଲାଗି । ନଗ୍ନଜିତ୍ ଶ୍ରୀକୃଷ୍ଣଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କଲେ । ପିତାଙ୍କ ସହିତ ଶ୍ରୀକୃଷ୍ଣ କଥାବାର୍ତ୍ତା ବେଳେ ରାଜଜେମା ସତ୍ୟା ଅଳ୍ପ ଦୂରରେ ଠିଆ ହୋଇ କୃଷ୍ଣ ଦର୍ଶନରୁ ଅପାର ଆନନ୍ଦ ଲାଭ କରୁଥିଲେ । ରୁକ୍ମିଣୀଙ୍କ ଭଳି ସତ୍ୟା ମଧ୍ୟ ଶ୍ରୀକୃଷ୍ଣଙ୍କ କୀର୍ତ୍ତିକଳାପ, ଗୁଣଗ୍ରାମ ସବୁ ଶୁଣି, ମନେ ମନେ ତାଙ୍କୁ ପତିଭାବେ ବରଣ କରିନେଇଥିଲେ । ତାଙ୍କର ଭୟ ଥିଲା ପିତାଙ୍କ ସର୍ତ୍ତକୁ । ମାରଣା ଅମାନିଆ ଷଣ୍ଢଗୁଡ଼ାକୁ ଜବତ୍ କରିବା ନେଇ । କିନ୍ତୁ ମନରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ଯାହାକୁ ପ୍ରାଣପତି ଭାବରେ ପାଇବା ଲାଗି ଏତେ ବ୍ରତ, ତପସ୍ୟା, ସେସବୁ ବୃଥାରେ ଯିବନି । ନିଶ୍ଚୟ ତା'ର ସୁଫଳ ମିଳିବ । ଯିଏ ପିଲାଟି ଦିନୁ ବହୁ ଅସୁର ଅସୁରୁଣୀଙ୍କୁ ଦମନ କରି ପାରିଚି, ସେ କୃଷ୍ଣ ପକ୍ଷରେ ଷଣ୍ଢ ସାତଟା ତ ଛାର ! ମଥୁରାରେ ଯିଏ କଂସର କୁବଳୟା ଭଳି ଦୁର୍ଦ୍ଧର୍ଷ ହାତୀକି ଜବତ୍ କରି ଦେଇ ପାରିଚି, ତା' ପକ୍ଷରେ ସାତଟା ଷଣ୍ଢ କ'ଣ ହଜାରେ ଷଣ୍ଢ ଆସିଲେ ମଧ୍ୟ ମୁହୂର୍ତ୍ତକରେ ଧୂଳିସାତ୍ ହୋଇ ପଡ଼ିବେ । ରାଜଜେମା ସତ୍ୟା ମନେ ମନେ ଏପରି ନାନା ଚିନ୍ତାରେ ନିମଗ୍ନା । ଏକଥା ମଧ୍ୟ ଭାବୁଛନ୍ତି ଯେ, କଠୋର ତପସ୍ୟା କରି ମୁନିଋଷିମାନେ ଯାହାକୁ ପାଇପାରି ନ ଥାଆନ୍ତି, ସେ କ'ଣ ତାଙ୍କୁ ପାଇ ପାରିବେ ? କିନ୍ତୁ ସେ ଇଚ୍ଛା କଲେ, ସବୁ କିଛି ସମ୍ଭବ ।

ରାଜା ନଗ୍ନଜିତ୍ ଶ୍ରୀକୃଷ୍ଣଙ୍କୁ କିପରି ଭାବରେ ପରିଚର୍ଯ୍ୟା କରିବେ, ଭାବି ପାରୁ ନାହାଁନ୍ତି । ସେ ହାତଯୋଡ଼ି କେବଳ କହିବାରେ ଲାଗିଛନ୍ତି ହେ ପ୍ରଭୁ ! ଆପଣଙ୍କ ପାଇଁ ମୁଁ କ'ଣ ବା କରି ପାରିବି ?

ଶ୍ରୀକୃଷ୍ଣ ହସି ହସି କହିଲେ, କ୍ଷତ୍ରିୟମାନେ କୌଣସି କ୍ଷତ୍ରିୟକୁ ଭିକ୍ଷା ମାଗି ନଥା'ନ୍ତି । ମୁଁ ଆପଣଙ୍କ ସହିତ ବନ୍ଧୁତା ରକ୍ଷା କରିବାକୁ ଚାହେଁ । ଏହି ବନ୍ଧୁତା ଯେପରି ଆଜୀବନ ରହିବ, ସେଥିଲାଗି ମୋର ଇଚ୍ଛା ଆପଣଙ୍କ କନ୍ୟା ସତ୍ୟାର ପାଣିଗ୍ରହଣ କରିବାକୁ ।

ନଗ୍ନଜିତ୍ ଶୁଣୁ ଶୁଣୁ ଆନନ୍ଦରେ ଅଧୀର ହୋଇ ପଡ଼ିଲେ । ଆଖିରୁ ଆନନ୍ଦାଶ୍ରୁ ଖସି ଆସିଲା । କହିଲେ, ଇଏ ମୋର ସୌଭାଗ୍ୟ ! ଯାହାର ହୃଦୟ ଲକ୍ଷ୍ମୀଙ୍କ ନିବାସ, ତାଙ୍କ ସହିତ ମୋ କନ୍ୟାର ବିବାହ ! ଏହାଠୁ ବଳି ସୁସମ୍ବାଦ କ'ଣ ଥାଇପାରେ ! କିନ୍ତୁ ?

ଶ୍ରୀକୃଷ୍ଣ ପ୍ରଶ୍ନ କଲେ, ''କିନ୍ତୁ କ'ଣ ?''

ନଗ୍ନଜିତ୍ କହିଲେ, ଆପଣ ତ ଜାଣିଥିବେ- ମୁଁ ଏକ ସର୍ତ୍ତ ରଖିଛି ଯେ ମୋର ସାତଟି ମାରଣା ଷଣ୍ଢଙ୍କୁ ଯିଏ ଜବତ୍ କରି ଦେଇପାରିବ, ସେ କେବଳ ମୋ କନ୍ୟା ସହିତ ବିବାହ ପାଇଁ ଉପଯୁକ୍ତ ବିବେଚିତ ହେବେ । କେତେ ଆସିଲେଣି । କେହି ପାରି ନାହାଁନ୍ତି ! ଆପଣ ଯଦି ସେତକ କରିଦିଅନ୍ତେ ତ ମୁଁ ମଧ୍ୟ ଅପମାନରୁ ରକ୍ଷା ପାଆନ୍ତି । କାରଣ ଷଣ୍ଢ ଜବତ୍ ନ ହେଉଣୁ ଆପଣଙ୍କୁ କନ୍ୟା ସମର୍ପଣ କରିଦେଲେ, ଲୋକେ ମତେ ଛି ଛି କରିବେ ।

ଶ୍ରୀକୃଷ୍ଣ କହିଲେ, ଏଇ କଥା ତ ! କହିଲେ, ଷଣ୍ଢଗୁଡ଼ାକ ରହନ୍ତି କେଉଁଠି ? ମତେ ସେଠିକି ନେଇ ଚାଲ । ଷଣ୍ଢ ସାତଟାଯାକ ପାଖକୁ ଶ୍ରୀକୃଷ୍ଣଙ୍କୁ ନିଆଗଲା । ଶ୍ରୀକୃଷ୍ଣ ସାତଟି ବିଭିନ୍ନ ରୂପ ଧରି ଷଣ୍ଢମାନଙ୍କ ପାଖକୁ ଗଲେ । ସେମାନଙ୍କୁ ସେ କେବଳ ଛୁଇଁଦେବା ମାତ୍ରେ ଷଣ୍ଢଗୁଡ଼ାକ ବୃନ୍ଦାବନର ବାଛୁରୀ ଭଳି ତାଙ୍କ ପଛେ ପଛେ ଗୋଡ଼େଇଲେ । ତାଙ୍କ ଦେହକୁ ଖୁସିରେ ଚାଟିଲେ । ଦେଖଣାହାରି ଲୋକେ ଜୟ ଜୟକାର କଲେ । ରାଜା ନଗ୍ନଜିତ୍ ଅତ୍ୟନ୍ତ ଖୁସି ହେଲେ । ସଙ୍ଗେ ସଙ୍ଗେ ରାଜଜେମା ସତ୍ୟାଙ୍କର ବିବାହର ଆୟୋଜନ ହେଲା । ଶ୍ରୀକୃଷ୍ଣଙ୍କ ସହିତ ସତ୍ୟାଦେବୀଙ୍କର ପାଣିଗ୍ରହଣ ଉତ୍ସବ ସରିଲା । ଶ୍ରୀକୃଷ୍ଣ କୋଶଳରେ ଅଳ୍ପ କେତେଦିନ ରହିଲେ । ସତ୍ୟାଙ୍କୁ ରଥରେ ବସାଇ ଦ୍ୱାରକା ଫେରିଲେ । ଯେଉଁମାନେ ସତ୍ୟାକୁ ପାଇ ପାରିନଥିଲେ, ସେମାନେ ଶ୍ରୀକୃଷ୍ଣଙ୍କ ବାଟ ଓଗାଳିଲେ । ଶ୍ରୀକୃଷ୍ଣଙ୍କ ମାଡ଼ରେ ସାବାଡ଼ ହେଲେ । ପ୍ରାଣ ବିକଳରେ କିଏ କୁଆଡ଼େ ପଳେଇଲେ । ସତ୍ୟା ହେଲେ ଶ୍ରୀକୃଷ୍ଣଙ୍କର ଷଷ୍ଠ ପାଟବଂଶୀ ।

●

॥ ୯୩ ॥

# ସୁଲକ୍ଷଣା ଲକ୍ଷଣା

**ଶ୍ରୀ**କୃଷ୍ଣଙ୍କ ସପ୍ତମ ରାଣୀ (ପାଟବଂଶୀ) ଭଦ୍ରା । ଏହାଙ୍କ ସହିତ ବିବାହ ସୁରୁଖୁରୁରେ ହୋଇଥିଲା । କାରଣ ଭଦ୍ରା ଥିଲେ ଶ୍ରୀକୃଷ୍ଣଙ୍କ ପିଉସୀ ଝିଅ ଭଉଣୀ । ବସୁଦେବଙ୍କ ଅନ୍ୟତମା ଭଗ୍ନୀ ଶ୍ରୁତକୀର୍ତ୍ତିଙ୍କ କନ୍ୟା ଭଦ୍ରା । କେକୟ ଦେଶର ରାଜଦୁଲାଳି । ଯେଉଁ ଦିନ ପ୍ରସ୍ତାବ ଆସିଲା, ତା' ଆରଦିନ ଶ୍ରୀକୃଷ୍ଣଙ୍କ ସହିତ ଭଦ୍ରାଙ୍କର ବିବାହ ଭଦ୍ରୋଚିତ ଭାବରେ ହୋଇଥିଲା । ଚୋରି କରିବାକୁ ପଡ଼ିଲା ନାହିଁ କି କାହାକୁ ମାରଧର କରିବାକୁ ପଡ଼ିଲାନି ।

କିନ୍ତୁ ଅଷ୍ଟମ ପାଟବଂଶୀ ଲକ୍ଷଣାଙ୍କ ସହିତ ବିଭାଘର ହୋଇଥିଲା ଠିକ୍ ଅର୍ଜୁନଙ୍କ ଲାଖବିନ୍ଧା ଭଳି । ମଦ୍ର ଦେଶର ରାଜଜେମା ଲକ୍ଷଣା । ସୌନ୍ଦର୍ଯ୍ୟର ସମସ୍ତ ଲକ୍ଷଣ ତାଙ୍କ ଦିହରେ ଭରପୂର ହୋଇ ରହିଥିଲା । ରୁକ୍ମିଣୀଙ୍କ ଭଳି ସେ ମଧ୍ୟ କୃଷ୍ଣଙ୍କ କଥା ଶୁଣି ଶୁଣି ମନେ ମନେ ତାଙ୍କୁ ବରଣ କରି ନେଇଥିଲେ । ତାଙ୍କ ପିତା ବୃହତ୍‌ସେନ୍ ଝିଅର ମନକଥା ଜାଣିଥିଲେ । ହେଲେ କ'ଣ ହେବ, ସେ ତ ସିଧାସଳଖ ଶ୍ରୀକୃଷ୍ଣଙ୍କ ହାତରେ ଝିଅକୁ ସମର୍ପି ଦେଇ ପାରିବେନି । କାରଣ ଲକ୍ଷଣାଙ୍କୁ ପତ୍ନୀଭାବରେ ପାଇବା ପାଇଁ ବହୁ ରାଜ୍ୟର ରାଜକୁମାର ଆଶାୟୀ ଥିଲେ । ମଦ୍ର ସେପରି ବଡ଼ କିମ୍ବା ଶକ୍ତିଶାଳୀ ରାଜ୍ୟ ନଥିଲା । ମଦ୍ରରାଜ କାହା ସହିତ ଶତ୍ରୁତା କରିବାକୁ ଚାହୁଁ ନଥିଲେ । ତେଣୁ ସେ ମଧ୍ୟ ଅନ୍ୟ ରାଜାମାନଙ୍କ ଭଳି ସ୍ୱୟମ୍ବର ଲାଗି ଏକ ସର୍ତ୍ତ ରଖିଥିଲେ । ଏ ସର୍ତ୍ତ ଥିଲା, ଠିକ୍ ପାଞ୍ଚାଳ ରାଜା ଦ୍ରୁପଦ, ଦ୍ରୌପଦୀଙ୍କ ବିବାହ ଲାଗି ସର୍ତ୍ତ ଆରୋପ କରିଥିବା ଭଳି ଏକ କଠିନ ପରୀକ୍ଷା ।

ଦ୍ରୌପଦୀ ସ୍ୱୟଂବର ବେଳେ ତାଳଗଛ ଭଳି ଖୁଣ୍ଟରେ ଗୋଟିଏ ମତ୍ସ୍ୟଯନ୍ତ୍ର ଘିର୍ ଘିର୍ ହୋଇ ବୁଲୁଥିଲା । ଚକ୍ର ମଝିରେ ରଖାଯାଇ ଥିଲା ମାଛଟିକୁ । ଖୁଣ୍ଟ ତଳେ ରଖାଯାଇଥିଲା ଏକ ତୈଳପାତ୍ର । ତୈଳ ଭିତରେ ମାଛର ଛାଇକି ଦେଖି ତା' ଆଖିକି ଶରବିଦ୍ଧ କରିବା ଲାଗି ସର୍ତ୍ତ ରଖାଯାଇଥିଲା । ମାଛ ଉପରେ କୌଣସି ଆବରଣ ନଥିଲା । କିନ୍ତୁ ଏଠି ସେଇଭଳି ସବୁ ବ୍ୟବସ୍ଥା ରଖାଯାଇଥିଲେ ମଧ୍ୟ ମାଛଟିକୁ ଘୋଡ଼େଇ ରଖାଯାଇଥିଲା । ପାଞ୍ଚାଳଠାରୁ ଏ ପରୀକ୍ଷା ଅଧିକ କଠିନ । ବୃହତ୍‌ସେନ ଛୋଟ ଦେଶର ରାଜା ହେଲେ କ'ଣ ହେବ, ତାଙ୍କ ବୁଦ୍ଧି ଥିଲା ତୀକ୍ଷ୍ଣ । ମାଛଟା ଉପରେ କ୍ଷିପ୍ରଗତିରେ ଘୂରୁଥିବ । ଲାଖ ବିନ୍ଧିବା ଲୋକ ତଳେ ଥାଇ ତୈଳପାତ୍ରରେ କେବଳ ତା'ର ଛାଇ ଦେଖୁଥିବ । କିନ୍ତୁ ଜାଣିପାରିବନି ଲାଖ ବିନ୍ଧିବ କୁଉଠିକି । କୁଉଠିକି ବିନ୍ଧିଲେ ମାଛର ଆଖିରେ ଶର ଫୋଡ଼ି ହୋଇଯିବ, ସଙ୍ଗେ ସଙ୍ଗେ ତଳେ ଆସି ପଡ଼ିବ, ଇଏ ଇମିତି ଏକ ବ୍ୟାପାର ଯେ ଯେତେ ଧନୁର୍ଦ୍ଧର ବୀର ହେଉନା କାହିଁକି, ତା' ମୁଣ୍ଡ ଘୂରେଇଯିବ ।

ସ୍ୱୟଂବର ଦିବସ ଘୋଷିତ ହୋଇଗଲା । ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଦିଷ୍ଟ ସମୟରେ ଶହ ଶହ ରାଜକୁମାର ସଭାକୁ ଆସିଲେ । ପାରିବାର ପଣିଆ ଦେଖାଇ ମଞ୍ଚ ଉପରୁ ତଳକୁ ଖସିଲେ ଜଣଙ୍କ ପରେ ଜଣେ । ସମସ୍ତେ ହାର ମାନିଲେ । କୌରବ ଓ ପାଣ୍ଡବମାନେ ମଧ୍ୟ ସ୍ୱୟଂବର ସଭା ମଣ୍ଡନ କରୁଥିଲେ । ଅର୍ଜୁନ ଦେଖିଲେ ଶ୍ରୀକୃଷ୍ଣ ଆସିଛନ୍ତି । ଲକ୍ଷଣାଙ୍କୁ ସେ ବିବାହ କରିବାକୁ ଚାହୁଁଛନ୍ତି ବୋଲି ଅର୍ଜୁନ ଜାଣି ପାରିଲେ । କାରଣ ଏ ଉଦ୍ଦେଶ୍ୟ ନଥିଲେ ଶ୍ରୀକୃଷ୍ଣ ଆଦୌ ଏ ସଭାକୁ ଆସି ନ ଥାଆନ୍ତେ । ଅର୍ଜୁନଙ୍କର ମନେ ପଡ଼ିଲା

ଦ୍ରୌପଦୀ ସ୍ୱୟଂବର କଥା । ସେଠାକୁ ଶ୍ରୀକୃଷ୍ଣ ଯାଇଥିଲେ ଜଣେ ଦର୍ଶକ ଭାବରେ । ଏଠାରେ ଅର୍ଜ୍ଜୁନ ମଧ୍ୟ ଦର୍ଶକ ଭୂମିକା ଗ୍ରହଣ କଲେ । ଲାଖ ବିନ୍ଧିବା ପାଇଁ ସେ ମଞ୍ଚ ଉପରୁ ତଳକୁ ଓହ୍ଲାଇଲେ ନାହିଁ । କୌରବ ଭାଇମାନେ ଲାଖ ବିନ୍ଧିବାକୁ ଯାଇ ଅପଦସ୍ଥ ହେଲେ । ପାଣ୍ଡବ ଭାଇଙ୍କ ଭିତରୁ ଜଣେ ହେଲେ କେହି ଲାଖ ବିନ୍ଧିବାକୁ ଗଲେ ନାହିଁ । ଏକଥା ଲକ୍ଷ୍ୟ କଲେ ଦୁର୍ଯ୍ୟୋଧନ । ଭାବିଲେ, ଦ୍ରୌପଦୀ ସ୍ୱୟଂବର ବେଳେ ସହଜିଆ ସର୍ତ୍ତ ଥିବାରୁ ଅର୍ଜ୍ଜୁନ ଲାଖବିନ୍ଧି ପକାଇଥିଲା । କିନ୍ତୁ ଏଠି ସର୍ତ୍ତ କଷ୍ଟକର । ତେଣୁ ବୋଧହୁଏ ପାଣ୍ଡବମାନେ ନୀରବ ରହିଲେ । କିନ୍ତୁ ସେମାନେ ଯେ ଶ୍ରୀକୃଷ୍ଣଙ୍କ ପାଇଁ ବାଟ ଛାଡ଼ି ଦେଇଛନ୍ତି, ମୂର୍ଖ କୌରବ ଭାଇମାନେ ତାହା ବୁଝିପାରିଲେ ନାହିଁ । ସମସ୍ତେ ପରାଜୟ ସ୍ୱୀକାର ସାରିବା ପରେ ଶ୍ରୀକୃଷ୍ଣ ଉଠିଲେ ମଞ୍ଚ ଉପରୁ ତଳକୁ । ଧନୁରେ ଗୁଣ ଚଢ଼ାଇଲେ । ଶର ଯୋଖିଲେ । ତଳେ ତୈଳପାତ୍ରକୁ ନିରୀକ୍ଷଣ କଲେ । ଏକା ଶରକେ ମାଛର ଦୁଇ ଆଖି ଫୁଟେଇ ମାଛଟିକୁ ତଳେ ପକାଇଦେଲେ । ସଭାମଣ୍ଡଳୀ ଆନନ୍ଦ ଧ୍ୱନିରେ ମୁଖରିତ ହୋଇ ଉଠିଲା ।

ରବି ଓ ଅଭିଜିତ୍ ନକ୍ଷତ୍ରର ସଂଯୋଗ ବେଳାରେ ଏହି ଲାଖବିନ୍ଧା କାର୍ଯ୍ୟ ସଂପନ୍ନ ହୋଇଥିଲା, ମାଛ ତଳକୁ ଖସୁଛି, ସିଆଡ଼େ ସ୍ୱର୍ଗରୁ ଶ୍ରୀକୃଷ୍ଣଙ୍କ ଉପରେ ପୁଷ୍ପ ବୃଷ୍ଟି ହେଉଚି । ଏକ ଅପୂର୍ବ ଅଲୌକିକ ଦୃଶ୍ୟ ।

ଶୁକ୍ଳ ଝୀନ ବସନ ପରିହିତା ଲକ୍ଷଣା ଆଗରୁ ବରଣାମାଳା ଧରି ଠିଆ ହୋଇଥିଲେ । ବିଜୟ ଦୁନ୍ଦୁଭି ବାଜି ଉଠିବା ମାତ୍ରେ ସେ ଶ୍ରୀକୃଷ୍ଣଙ୍କ ପାଖକୁ ଆସି ତାଙ୍କ ଗଳାରେ ବରଣମାଳା ପିନ୍ଧାଇ ଦେଲେ । ହୃଦୟର ଆନନ୍ଦ ତାଙ୍କ ଅଧର ପୁଟ ଦେଇ ଫୁଟି ପଡ଼ିଲା ସ୍ମିତହାସ୍ୟ ଆକାରରେ । ଧୀର ମନ୍ଥର ଗତିରେ ସୋପାନ ପରେ ସୋପାନ ଦେଇ ସେ ତଳକୁ ଓହ୍ଲାଇ ଆସିଲେ । ହାତରୁ କାଚ ଓ କଙ୍କଣର ଧ୍ୱନି ସାଙ୍ଗକୁ ପାଦର ନୂପୂର ନିକ୍ୱଣ ବ୍ୟତୀତ କୌଣସି ଶବ୍ଦ ଶୁଣାଯାଉ ନଥିଲା । ସଭାସ୍ଥଳ ନୀରବ ନିସ୍ତବ୍ଧ । ବରଣମାଳା ଦିଆନିଆ ସରିଲା । ମଦ୍ର ଦେଶରେ ସେଦିନ ମହୋତ୍ସବ । ବହୁ ଆତସବାଜି ଫୁଟିଲା ।

ଶ୍ରୀକୃଷ୍ଣ ଲକ୍ଷଣାଙ୍କୁ ରଥରେ ବସାଇଲେ । ଦାରୁକକୁ କହିଲେ, ଦ୍ୱାରକାଭିମୁଖେ ରଥ ଚଳାଇବାପାଇଁ । ରଥ ଚାଲିଲା । କିନ୍ତୁ ବାଟରେ ଛକି ରହିଥିଲେ ହତାଶିଆ ରାଜକୁମାର ଦଳ । ସେମାନେ କୃଷ୍ଣଙ୍କ ରଥକୁ ଅଟକାଇଲେ । ସାରଙ୍ଗଧର ଏଥର ସାରଙ୍ଗ ଧନୁରୁ ଶର ପ୍ରୟୋଗ କଲେ । ହତାଶିଆଙ୍କ ମଧ୍ୟରୁ କାହାର ମୁଣ୍ଡ କଟିଲା ତ କାହାର

ହାତ ଗୋଡ଼ କଟିଲା । କିଏ ଚନ୍ଦା ହେଲା ତ କିଏ ଅନ୍ଧ ହେଲା । ଲକ୍ଷଣା ରଥରେ ବସି ଏ ସବୁ ଦୃଶ୍ୟ ଦେଖି କହିଲେ, ଶୁଣିଥିଲି ଯାହା, ଏବେ ଆଖିରେ ଦେଖିଲି ତାହା । ଶ୍ରୀକୃଷ୍ଣଙ୍କ ରାଣୀ ଆହରଣ ଲୀଳା ଏହି ଲକ୍ଷ୍ମଣାଠି ଶେଷ ହେଲା । ସୁଲକ୍ଷଣୀ ଲକ୍ଷଣା ହେଲେ ଶେଷ ଅଷ୍ଟମ ପାଟବଂଶୀ ।

●

॥ ୯୪ ॥

# ମୁରାସୁର ଓ ନରକାସୁର

ଜଣେ ଜଣେ ଅସୁର ନିଜ ତପସ୍ୟା ଓ ପୁଣ୍ୟ ବଳରେ ଶକ୍ତିଶାଳୀ ହୋଇଉଠୁଥିଲେ । ସେପରି ଜଣେ ରାଜା ନରକାସୁର । ତାକୁ ଇନ୍ଦ୍ର ଓ ସ୍ୱର୍ଗର ଦେବତାମାନେ ଭୟ କରୁଥିଲେ । ନରକାସୁର ବାହୁ ବଳରେ ଇନ୍ଦ୍ରଙ୍କ ମାତା ଅଦିତିଙ୍କ କର୍ଣ୍ଣକୁଣ୍ଡଳ ଏବଂ ବରୁଣଙ୍କ ବିଖ୍ୟାତ ଛତ୍ର ଛଡ଼େଇ ନେଇ ନିଜେ ବ୍ୟବହାର କରୁଥିଲା । ମେରୁପର୍ବତ ଥିଲା ଇନ୍ଦ୍ରଙ୍କର ବିଶ୍ରାମ-ଶୈଳ । ନରକାସୁର ଏହି ପର୍ବତକୁ ମଧ୍ୟ ଦଖଲ କରିନେଇଥିଲା । ଦେବତାମାନଙ୍କୁ ସେ ନାନା ଭାବରେ ହଇରାଣ କରିବାରେ ଲାଗିଥିଲା । କହୁଥିଲା, ମୁଁ ଭଗବାନଙ୍କ ପୁତ୍ର । ତାଙ୍କରି ଔରସରୁ ଜାତ । ଏହି ନରକର ଅନ୍ୟନାମ ଭୌମାସୁର । ଇନ୍ଦ୍ର ନିରୁପାୟ ହୋଇ, ଗଲେ ଶ୍ରୀକୃଷ୍ଣଙ୍କ ପାଖକୁ । ନରକାସୁରର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ସେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କଲେ । ଶ୍ରୀକୃଷ୍ଣ କହିଲେ, ଏଣିକି ନିଶ୍ଚିନ୍ତ ରହ । କଥାଟା ମୋ କାନରେ ପକାଇଦେଲ, ଯଥେଷ୍ଟ ହେଲା ।

ନରକାସୁର ରହୁଥିଲା ପ୍ରାଗ୍‌ଜ୍ୟୋତିଷପୁରରେ । ଏକ ସୁନ୍ଦର ନଗରୀ । ଚାରିପଟେ ବଡ଼ ବଡ଼ ପାଚେରୀ, ଗଡ଼ଖାଇ । ଏ ନଗରୀକୁ ପ୍ରବେଶ କରିବା କଷ୍ଟକର ବ୍ୟାପାର । ପାଚେରୀ ତ ପାଚିରୀ, ତା'ଛଡ଼ା ନଗରୀ ଚାରିପଟେ ଘେରି ରହିଥିଲା ଉତ୍ତୁଙ୍ଗ ପର୍ବତମାଳା । ସଦାସର୍ବଦା ସଶସ୍ତ୍ର ରାକ୍ଷସ ସୈନ୍ୟମାନେ ଏହି ସହରକୁ ଜଗି ରହିଥିଲେ । ମନେ ହେଉଥିଲା ଜଳ, ଅଗ୍ନି ଓ ବାୟୁ ନରକାସୁରର ସେବା କରିବା ଲାଗି ଦିନରାତି ଯିମିତି ନିଯୁକ୍ତ ରହିଛନ୍ତି । ମୁର ନାମକ ଏକ ଦୁର୍ଦ୍ଦାନ୍ତ ପାଞ୍ଚମୁଣ୍ଡିଆ ଅସୁର ଥିଲା ନରକାସୁରର ସେନାପତି । ସେ ହଜାର ହଜାର ଫାଶ ସହର ଚାରିପଟେ ଛନ୍ଦଣିମନ୍ଦଣି କରି ରଖିଥିଲା ।

ଶ୍ରୀକୃଷ୍ଣ ଗଲେ ଏହି ଜ୍ୟୋତିଷପୁର ନଗରୀକୁ । ସାଙ୍ଗରେ ତାଙ୍କର ଦ୍ୱିତୀୟ ପାଟବଂଶୀ ସତ୍ୟଭାମା । ଯାଉ ଯାଉ ଭିତରେ ପ୍ରବେଶ ଲାଗି ଥିବା ଅନେକ ବାଧାବିଘ୍ନକୁ ସେ ଧୀରେ ଧୀରେ ଛିନ୍ନ କଲେ । ତାଙ୍କ ଚକ୍ର, ଧନୁଶର ଓ ତରବାରୀ ବଳରେ ପାଶ

ଫାଶ ସବୁ ଛିନ୍ନ ହୋଇପଡ଼ିଲା । ନଗରୀ ଭିତରେ ପ୍ରବେଶ କରି ସେ ତାଙ୍କ ପାଞ୍ଚଜନ୍ୟ ଶଙ୍ଖ ବଜାଇବା ମାତ୍ରେ ସମଗ୍ର ରାଜ୍ୟ ଦୁଲ୍‌କି ଉଠିଲା । ମୁରାସୁର ନିଘୋଡ଼ ନିଦରେ ପାଣି ଭିତରେ ଶୋଇଥିଲା । ଶଙ୍ଖଧ୍ୱନିରେ ତା ନିଦ ଭାଙ୍ଗିଗଲା । ପାଞ୍ଚମୁଣ୍ଡ ଉଠେଇ ସେ ଜଳ ଉପରୁ ବାହାରିଲା । ହାତରେ ତୀକ୍ଷ୍ଣ ତ୍ରିଶୂଳ ଧରି ସେ ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ତାଙ୍କ ଆଡ଼ିକି ଦୌଡ଼ିଲା । ଶ୍ରୀକୃଷ୍ଣ ଗରୁଡ଼ ଉପରେ ବସିଥିଲେ । ମୁର ତ୍ରିଶୂଳ ଧରି ଦୌଡ଼ି ଆସିବା ଦେଖି ହସିଲେ । ମୁର ଭୀଷଣ ଶବ୍ଦ କରି ତ୍ରିଶୂଳଟିକୁ ଶ୍ରୀକୃଷ୍ଣଙ୍କ ଆଡ଼ିକି ଲକ୍ଷ୍ୟ କରି ଫିଙ୍ଗିଲା । ଭାବିଲା, ଶ୍ରୀକୃଷ୍ଣ ନିଶ୍ଚିତ ଭାବରେ ମରିଯାଇଛି । ଭୀଷଣ ଅଟ୍ଟହାସ କରିବାକୁ ଲାଗିଲା । କିନ୍ତୁ ଶ୍ରୀକୃଷ୍ଣଙ୍କ ତିନୋଟି ଶରରେ ମୁରର ତ୍ରିଶୂଳ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ପଡ଼ିଲା । ତା'ପରେ ମୁର ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଚାଲିଲା ତୁମୁଳ ଲଢ଼େଇ । ଶେଷରେ ଶ୍ରୀକୃଷ୍ଣଙ୍କ ଚକ୍ରରେ ମୁରର ଗଳା ଛେଦନ ହୋଇଗଲା । ମୁର ସମୁଦ୍ର ଭିତରେ ଏକ ପାହାଡ଼ ଭଳି ଅଜାଡ଼ି ହୋଇପଡ଼ିଲା । ଯନ୍ତ୍ରଣାରେ ସେ କିଛି ସମୟ ଛଟପଟ ହେଲା । ଇନ୍ଦ୍ର ଆସି ବଜ୍ର ପ୍ରୟୋଗ କରି ତା'ର ଜୀବନ ନାଟିକା ଉଡ଼ାଇଦେଲେ ।

ମୁରର ସାତ ପୁଅ ଥିଲେ– ଯଥା ତାମ୍ର, ଅନ୍ତରୀକ୍ଷ, ଶ୍ରାବଣ, ବିଭାବସୁ, ବସୁ, ନବାସ୍ୱାନ, ଅରୁଣ । କୃଷ୍ଣ ନାମଧେୟ ଜଣେ ଛାର ମଣିଷ ଦ୍ୱାରା ପିତାଙ୍କ ନିଧନ ହେତୁ ପୁଅମାନେ ମର୍ମାହତ ହୋଇପଡ଼ିଲେ । ସେମାନେ ନରକାସୁର ଆଗରେ ଗୁହାରି କଲେ । ନରକାସୁର ନିଜେ ନ ଯାଇ ସେ ତାଙ୍କର ଅନ୍ୟତମ ସେନାପତି 'ପୀଠ'ଙ୍କୁ ପଠାଇଲେ । ମୁର ପୁତ୍ରମାନେ ଓ ପୀଠ ଲଢ଼ିଲେ ସତ କିନ୍ତୁ ଅଳ୍ପ କେତେ ସମୟ ଭିତରେ ସମସ୍ତେ ମୁରଙ୍କ ଦଶା ଭୋଗିଲେ ।

ଭୂମିପୁତ୍ର ନରକାସୁର । ତା'ର ସମସ୍ତେ ମରି ଯାଇଥିବା ଶୁଣି ବିଚଳିତ ହୋଇ ପଡ଼ିଲା । ସମଗ୍ର ଥାଟ ପାଟ, ହାତୀ ଘୋଡ଼ା, ରଥ ଆଦି ସହିତ ଆସିଲା ଯୁଦ୍ଧ କରିବା ପାଇଁ । ହାତୀଗୁଡ଼ିକ କ୍ଷୀର ସମୁଦ୍ରରୁ ଉଦ୍‌ଭୁତ ହୋଇଥିଲେ । ସମସ୍ତେ ଐରାବତ ଶ୍ରେଣୀର । ନରକ ଆସି ଦୂରରୁ ଦେଖିଲା ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ସହିତ ଗରୁଡ଼ବାହନରେ ବସିଛନ୍ତି । ତାକୁ ଦେଖି ହସୁଛନ୍ତି । ଏ ହସ ତା' ଦେହରେ ଶୂଳବିଦ୍ଧ କଲା ଭଳି ଲାଗିଲା । କାଳ ବିଳମ୍ବ ନ କରି ସେ ଶତଘ୍ନୀ, ଶତଘ୍ନୀ ପରେ ଶକ୍ତି, ଶୂଳ, ତ୍ରିଶୂଳ ଆଦି ପ୍ରୟୋଗ କରିବାରେ ଲାଗିଲା । ଶ୍ରୀକୃଷ୍ଣ କିଛି ସମୟ ନରକାସୁର ସହିତ ଖେଳିଲେ । ଶେଷରେ ଚକ୍ର ଦ୍ୱାରା ତା'ର ଶିରଚ୍ଛେଦନ କଲେ । ସ୍ୱର୍ଗରେ ଦେବତାମାନେ ଆନନ୍ଦ ଧ୍ୱନି ଓ ପୁଷ୍ପ ବୃଷ୍ଟି କଲେ । ନରକାସୁରର ମାତା ଭୂମି ଶ୍ରୀକୃଷ୍ଣଙ୍କ ପାଖକୁ ଆସି ଅଦିତିଙ୍କ କୁଣ୍ଡଳ, ବରୁଣଙ୍କ ଛତ୍ର ଏବଂ ମେରୁର ଚୂଡ଼ା ମନ୍ଦରାଚଳକୁ ସମର୍ପଣ କଲେ ଶ୍ରୀକୃଷ୍ଣଙ୍କ ପାଦତଳେ । ମା' ଧରିତ୍ରୀ କହିଲେ, ବହୁ ଯୁଗ ତଳେ ହିରଣାକ୍ଷ ମତେ ପାତାଳ ଦେଶକୁ ଠେଲି

ଦେଇଥିଲା । ଶୂକର (ବରାହ) ରୂପରେ ତୁମେ ମତେ ଉପରକୁ ଉଠାଇ ଆଣିଥିଲ । ସେତେବେଳେ ଆମ ଦୁହିଁଙ୍କର ଯେଉଁ ସଂଯୋଗ ଘଟିଥିଲା, ସେଥିରୁ ମୋ ଗର୍ଭରୁ ଜାତ ହୋଇଥିଲା ଏହି ନରକ । ନରକକୁ ମତେ ଦେଇଥିଲ ପାଳନ ପୋଷଣ କରିବା ଲାଗି, ଏବେ ତୁମେ ହିଁ ତାକୁ ନେଇଗଲ । କିନ୍ତୁ ନରକର ପୁଅକୁ ଜୀବନରେ ରହିବାକୁ ଦିଅ ।

ଶ୍ରୀକୃଷ୍ଣ ନରକର ପୁଅକୁ ହାତରେ ଉଠେଇ, ତା' ସହିତ ପ୍ରାଗ୍‌ଜ୍ୟୋତିଷପୁରକୁ ଆସିଲେ । ସେଠାରେ ବହୁ ସୁନ୍ଦରୀ ସ୍ତ୍ରୀଙ୍କୁ ଦେଖି ବିସ୍ମିତ ହେଲେ । ନରକାସୁର ଦେବ, ନାଗ, ପାତାଳ ଲୋକର ରାଜାଙ୍କୁ ପରାଜିତ କରି ସେ ରାଜ୍ୟରେ ଥିବା ବହୁ ତରୁଣୀ କନ୍ୟାଙ୍କୁ ଆଣି ରଖିଥିଲା । ଏପରି ଷୋଳ ହଜାର ଏକଶହ କନ୍ୟାଙ୍କୁ ଶ୍ରୀକୃଷ୍ଣ ଉଦ୍ଧାର କଲେ । ସମସ୍ତଙ୍କୁ ଦ୍ୱାରକା ପଠାଇଦେଲେ । ତା'ଛଡ଼ା ସେ ଚଉଷଠି ଶ୍ୱେତହସ୍ତୀଙ୍କୁ ମଧ ଦ୍ୱାରକା ପଠାଇଲେ । ପରେ ଏହି କନ୍ୟାମାନଙ୍କ ସହିତ ଶ୍ରୀକୃଷ୍ଣଙ୍କ ବିବାହ ହୋଇଥିଲା ।

ଶ୍ରୀକୃଷ୍ଣ ସତ୍ୟଭାମା ସହିତ ଗଲେ ସ୍ୱର୍ଗପୁରୀକୁ, ସେ ଉଦ୍ଧାର କରିଥିବା ଅଦିତିଙ୍କ କୁଣ୍ଡଳ, ବରୁଣଙ୍କ ଛତ୍ର ଆଦି ଇନ୍ଦ୍ର ଓ ବରୁଣଙ୍କୁ ଦେଇ ଆସିବା ପାଇଁ । ଇନ୍ଦ୍ର ଓ ଇନ୍ଦ୍ରାଣୀ ଶ୍ରୀକୃଷ୍ଣ ଓ ସତ୍ୟଭାମାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କଲେ । ଶ୍ରୀକୃଷ୍ଣ ଓ ସତ୍ୟଭାମା ମନୁଷ୍ୟ ରୂପରେ ସ୍ୱର୍ଗକୁ ଯାଇ ଦେବଦେବୀ ଭାବରେ ସେଠାରେ କିଛିଦିନ ରହିଲେ । ଆନନ୍ଦ ଉପଭୋଗ କଲେ ।

●

॥ ୯୫ ॥

# ପାରିଜାତ ପାଇଁ କୃଷ୍ଣ ଓ ଇନ୍ଦ୍ର ଲଢ଼େଇ

ନରକାସୁରକୁ ବଧ କରିବାକୁ ଗଲାବେଳେ ଶ୍ରୀକୃଷ୍ଣ ତାଙ୍କ ସାଙ୍ଗରେ ରାଣୀ ସତ୍ୟଭାମାଙ୍କୁ ନେବାର କାରଣ ଏବେ ଜଣାପଡ଼ିଲା । କୃଷ୍ଣଙ୍କ ହାତରେ ମୁର ମଲା, ନରକାସୁର ବି ମଲା । ଇନ୍ଦ୍ରଙ୍କ ମା' ଅଦିତିଙ୍କ କର୍ଣ୍ଣକୁଣ୍ଡଳ ମଧ ଉଦ୍ଧାର କରାଗଲା । ଶ୍ରୀକୃଷ୍ଣ ସତ୍ୟଭାମାଙ୍କ ସହିତ ଗଲେ ସ୍ୱର୍ଗକୁ ଏହି କୁଣ୍ଡଳ ଇନ୍ଦ୍ରଙ୍କୁ ଦେବାପାଇଁ । ଇନ୍ଦ୍ର ମାତୃକୁଣ୍ଡଳ ପାଇ ଖୁସି ହେଲେ । ଶ୍ରୀକୃଷ୍ଣ ସସ୍ତ୍ରୀକ କେତେଦିନ ସ୍ୱର୍ଗରେ ରହିଲେ । ସ୍ୱର୍ଗର ଚାରିଆଡ଼ ବୁଲାବୁଲି କରି ନିଜେ ତ ଦେଖିଲେ, ସତ୍ୟଭାମାଙ୍କୁ ମଧ ଦେଖାଇଲେ । ସତ୍ୟଭାମା ଯାଇଛନ୍ତି ସ୍ୱର୍ଗକୁ, ଖାସ୍ ପାରିଜାତ ପୁଷ୍ପ ଆଣିବା ପାଇଁ । ଏହି ପାରିଜାତ ପୁଷ୍ପ ମୂଳରେ ରହିଛନ୍ତି ନାରଦ ।

ପାରିଜାତ କମ୍ ପୁଷ୍ପ ନୁହଁ । ସମୁଦ୍ର ମନ୍ଥନ ବେଳେ କ୍ଷୀର ସମୁଦ୍ରରୁ ଅମୃତ, ଚନ୍ଦ୍ର, ଲକ୍ଷ୍ମୀ, ଐରାବତ ହସ୍ତୀ ତ ବାହାରିଥିଲେ । ତା' ସାଙ୍ଗକୁ ବାହାରିଥିଲା ପାରିଜାତ ଫୁଲର ଗଛ । ଇନ୍ଦ୍ର ସେ ଗଛଟିକୁ ନେଇ ଲଗାଇଲେ ସ୍ୱର୍ଗର ନନ୍ଦନକାନନରେ । ଏ ଫୁଲ ଅମରାବତୀର ଶୋଭାବର୍ଦ୍ଧନ କରୁଥିଲା । ବାରକାଳି ବାରମାସ ଏ ଫୁଲ ଫୁଟୁଥିଲା । ଦେଖିବାକୁ ଯିମିତି ସୁନ୍ଦର, ଏହାର ବାସନା ମଧ୍ୟ ତଦ୍ରୂପ । ଭୁବନମୋହିନୀ କୁସୁମ ଇଏ ।

ଦିନେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ସହିତ ଦ୍ୱାରକାରେ ଦୋଳିରେ ବସି ଝୁଲୁଥିଲେ । ଏହି ସମୟରେ ଦେବର୍ଷି ନାରଦ ସେଠି ଉପସ୍ଥିତ ହେଲେ । ପ୍ରଭୁଙ୍କୁ ଯଥାବିଧି ଅର୍ଚ୍ଚନା କଲେ । ସ୍ୱର୍ଗରୁ ଗଲାବେଳେ ସେ ଗୋଟିଏ ପାରିଜାତ ଫୁଲ ନେଇ ଯାଇଥିଲେ । ଫୁଲଟିକୁ ସେ ପ୍ରଭୁଙ୍କ ହାତରେ ସମର୍ପଣ କଲେ । ଶ୍ରୀକୃଷ୍ଣ ଏକନମ୍ବରୀ କଳିହା । ସେ ସଙ୍ଗେ ସଙ୍ଗେ ଫୁଲଟିକୁ ରୁକିଣ୍ଣୀଙ୍କ ହାତକୁ ବଢ଼ାଇଦେଲେ । ଜଣେ ଦାସୀ ସଙ୍ଗେ ସଙ୍ଗେ ସେଠୁ ଯାଇ ସତ୍ୟଭାମା ପାଖରେ ହାଜର । ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ସ୍ୱର୍ଗୀୟ ପାରିଜାତ ଫୁଲ ଦେଇଛନ୍ତି– ଶୁଣିବା ମାତ୍ରେ ସତ୍ୟଭାମାଙ୍କ ମନ ଛଟପଟ ହେଲା । ଗୁମାନ କଲେ ସେ । ଶ୍ରୀକୃଷ୍ଣ ଗଲେ ତାଙ୍କ ପାଖକୁ ମାନଭଂଜନ କରିବା ପାଇଁ । କହିଲେ, ସତ୍ୟଭାମା ! ରୁକ୍ମଣୀ ତ ଗୋଟାଏ ଫୁଲ ପାଇଛି । ତୁମକୁ ସାଙ୍ଗରେ ନେଇ ସ୍ୱର୍ଗକୁ ଯିବି । ସେଠୁ ଏକାବେଳକେ ଗୋଟାଏ ପାରିଜାତ ଗଛ ନେଇ ଆସିବି । ତୁମେ ତୁମ ବଗିଚାରେ ଲଗାଇବ । ଗୋଟେ କ'ଣ ଶହ ଶହ ପାରିଜାତ ଫୁଲ ପାଇପାରିବ ।

ଶ୍ରୀକୃଷ୍ଣ ସତ୍ୟଭାମାଙ୍କୁ ସାଙ୍ଗରେ ନେଇ ନନ୍ଦନକାନନରେ ବୁଲୁବୁଲୁ ସତ୍ୟଭାମାଙ୍କ ଆଖିରେ ପଡ଼ିଲା ପାରିଜାତ ପୁଷ୍ପ । ସତ୍ୟଭାମା କହିଲେ, ତୁମେ ପରା କହିଥିଲ ଏଠୁ ଗୋଟିଏ ଗଛ ଉପାଡ଼ି ଦ୍ୱାରକାକୁ ନେଇଯିବା ପାଇଁ । ଶ୍ରୀକୃଷ୍ଣ ଗୋଟିଏ ଗଛ ଉପାଡ଼ି ଗରୁଡ଼ ଉପରେ ଲଦିଲେ । ଇନ୍ଦ୍ର ଖବର ପାଇଲେ ଯେ ଶ୍ରୀକୃଷ୍ଣ ପାରିଜାତ ଗଛ ଅପହରଣ କରି ନେଇ ଯାଉଛନ୍ତି । ସେ ଆସି କୃଷ୍ଣଙ୍କୁ ବାଧା ଦେବାରୁ ଦୁହିଁଙ୍କ ଭିତରେ ଘୋର ଲଢ଼େଇ ଚାଲିଲା । ଇନ୍ଦ୍ର ଶ୍ରୀକୃଷ୍ଣଙ୍କୁ କହିଲେ, ସ୍ୱର୍ଗର ଗଛ ପୃଥିବୀକୁ ଯାଇ ନପାରେ । ଗଲେ ମଧ୍ୟ ସେଠି ଏ ଗଛ ବଞ୍ଚିବନି, ମରିଯିବ । ଶ୍ରୀକୃଷ୍ଣ କହିଲେ, ମୋ ସ୍ତ୍ରୀ ସତ୍ୟଭାମା ପାଇଁ ଏ ଗଛ ଅଲବତ୍ ଯିବ ଏବଂ ପୃଥିବୀରେ ଏ ଗଛ ଅଲବତ୍ ବଞ୍ଚିବ । ଇନ୍ଦ୍ର କହିଲେ, ବିଷ୍ଣୁ ଭାବରେ ଏ ଫୁଲ ଉପରେ ଆପଣଙ୍କର ନିଶ୍ଚୟ ଅଧିକାର ରହିଛି– କିନ୍ତୁ କୃଷ୍ଣ ଭାବରେ ନୁହଁ । ଏହିଭଳି କଥା କଟାକଟିରୁ ରୀତିମତ ଯୁଦ୍ଧ ହୋଇଗଲା । ଇନ୍ଦ୍ର ହାରିଲେ । ପାରିଜାତ ଗଛ ଦ୍ୱାରକାକୁ ଅଣାଗଲା । ସତ୍ୟଭାମାଙ୍କ ବଗିଚାରେ ଏହା ପୋତାଗଲା । କାଳକ୍ରମେ ଏ ଗଛରେ ଫୁଲ ଫୁଟିଲା ।

ଶୁକମୁନି କହିଲେ ପରୀକ୍ଷିତଙ୍କୁ , ଏ ଗଛ ଶ୍ରୀକୃଷ୍ଣ ଧରାଧାମରେ ଥିବାଯାଏଁ ରହିଥିଲା । ତାଙ୍କ ଅନ୍ତେ ଏହା ସ୍ୱର୍ଗକୁ ଚାଲିଗଲା । ସେତେବେଳେ ବିଷ୍ଣୁ ଇନ୍ଦ୍ରଙ୍କୁ କହିଥିଲେ, ନରକାସୁର ଉପଦ୍ରବରେ ତୁମେମାନେ ବୋବାଳି ଛାଡୁଥିଲ । ତୁମମାନଙ୍କୁ ତା' କବଳରୁ ଉଦ୍ଧାର କରାଗଲା । ଅଥଚ ଛାର ଗୋଟାଏ ଗଛ ପାଇଁ ତୁମେ ମୋ ସହିତ ଯୁଦ୍ଧ କଲ ! ପୃଥିବୀର ମଣିଷମାନଙ୍କୁ ଧନଲୋଭୀ ବୋଲି କହିବା କ'ଣ, ଦେବତା ହୋଇ ତ ତୁମେମାନେ ସେମାନଙ୍କଠୁ ବଳି ଅଧିକ ଲୋଭୀ । ଖାଲି ଲୋଭୀ ତ ନୁହଁ ଭୋଗୀ ମଧ୍ୟ ! ବାସ୍ତବରେ ଦେଖିବାକୁ ଗଲେ ଦେବତାମାନଙ୍କ କାମନା ଯେତେବେଳେ ସୀମାଟପି ଯାଉଛି, ସେତେବେଳେ ଆସୁରୀକ ପ୍ରବୃତ୍ତି ସେମାନଙ୍କୁ ଆକ୍ରମଣ କରୁଛି । ନରକାସୁର ଆଦି ହେଉଛନ୍ତି ସେଥିରୁ ଗୋଟିଏ ଗୋଟିଏ ଆସୁରୀକ ପ୍ରବୃତ୍ତି । ଏହି ପ୍ରବୃତ୍ତିରୁ ନିବୃତ୍ତି ଲାଗି ଭଗବାନଙ୍କ ସାହାଯ୍ୟ ଲୋଡ଼ାଯାଉଛି ! ପୁଣ୍ୟବଳରେ ଯିଏ ଇନ୍ଦ୍ର ହେଉନା କାହିଁକି, ଥରେ କ୍ଷମତା ପାଇଗଲେ, ସତ୍ କ'ଣ ଅସତ୍ କ'ଣ ସେ ବିଚାର ତା'ର ରହୁନାହିଁ । ଏ ଧାରା, ପରମ୍ପରା ଚାଲିଆସିଛି ବହୁକାଳରୁ । ଏଥିରୁ ମୁକୁଳିବା ସହଜ ନୁହଁ ।

ରାଜା ଭୀଷ୍ମକଙ୍କ ପୁଅ ରୁକ୍ମ । ରୁକ୍ମିଣୀଙ୍କୁ ଶ୍ରୀକୃଷ୍ଣ ହରଣଚାଲ କରିନେବାବେଳେ ଭଉଣୀକି ଛଡ଼େଇ ଆଣିବ ବୋଲି ପଣ କରି ତାଙ୍କ ପଛେ ପଛେ ବହୁତ ବାଟ ଗୋଡ଼ାଇଲା । ଘୋର ଅପମାନିତ ହେଲା । ପଣ କରିଥିଲା ଭଉଣୀକି ଉଦ୍ଧାର କରି ନ ପାରିଲେ, ସେ ରାଜଧାନୀ କୁଣ୍ଡିନପୁରକୁ ଫେରିବନି । ସତକୁ ସତ ସେ ନିଜ ରାଜଧାନୀକୁ ନଫେରି ଜଙ୍ଗଲ ଭିତରେ ଭୋଜକଟ ନାମକ ଏକ ନଗରୀ ସ୍ଥାପନ କରି ସେଇଠି ସପରିବାର ରହିଥିଲା । ତା'ର ଏକମାତ୍ର କନ୍ୟା ରୁକ୍ମାବତୀର ବିବାହ ଲାଗି ସ୍ୱୟମ୍ବର ସଭା ହେଲା । ସେଠାକୁ ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ଯାଇଥିଲେ । ରୁକ୍ମାବତୀ ମନେ ମନେ ପ୍ରଦ୍ୟୁମ୍ନଙ୍କୁ ଭଲ ପାଉଥିଲା । ତେଣୁ ପ୍ରଦ୍ୟୁମ୍ନ ଗଳାରେ ବରଣମାଳା ଦେବାକୁ ଚାହିଁଲା । ରୁକ୍ମ ମନାକଲା । ଏକଥା ଜାଣିପାରି ପ୍ରଦ୍ୟୁମ୍ନ ତାଙ୍କ ପିତାଙ୍କ ବାଟ ଧରିଲା । ସେ ସ୍ୱୟମ୍ବର ସଭା ସ୍ଥଳରୁ ଜବରଦସ୍ତି ରୁକ୍ମାବତୀକୁ ଟେକି ନେଇଗଲେ । ଏଥର ମଧ୍ୟ 'ନେଲାନେଲା' ବୋଲି ହୁରି ପଡ଼ିଲା ସତ କେହି ସାହସ କଲେ ନାହିଁ ପ୍ରଦ୍ୟୁମ୍ନ ସହିତ ଲଢ଼ିବା ପାଇଁ । ରୁକ୍ମିଣୀ ସ୍ୱୟମ୍ବର ବେଳର କଥା ରୁକ୍ମ ମନରୁ ଯାଇ ନଥିଲା । ତେଣୁ ସେ ମଧ୍ୟ ଚୁପ୍ ରହିଲା । ଭଣଜା ସହିତ ଲଢ଼ି ପୁଣି ଅପମାନିତ ହେବାକୁ ଚାହିଁଲାନି । ରୁକ୍ମ ବା ରୁକ୍ମୀ କୃଷ୍ଣଙ୍କୁ ଭଲ ନ ପାଉଥିଲେ ମଧ୍ୟ ଭଉଣୀ ରୁକ୍ମିଣୀଙ୍କୁ ପ୍ରାଣଠୁ ବଳି ଭଲ ପାଉଥିଲା । ତେଣୁ ଭଉଣୀ ମନରେ କଷ୍ଟ ଦେବାକୁ ସେ ଚାହିଁଲା ନାହିଁ ।

ପରବର୍ତ୍ତୀ କାଳରେ ପ୍ରଦ୍ୟୁମ୍ନଙ୍କ ଔରସରୁ ରୁକ୍ମାବତୀଙ୍କ ଗର୍ଭରୁ ହିଁ ଜାତ ହୋଇଥଲେ ଅନିରୁଦ୍ଧ । ଇଏ ତା' ବାପା ଓ ଜେଜେବାପା ଭଳି ଦେଖିବାକୁ ଭାରି ସୁନ୍ଦର । ଅବଶ୍ୟ ଅନିରୁଦ୍ଧ ପୁତ୍ର ବଜ୍ର ଯାଦବ ବଂଶର ଶେଷ ଚିହ୍ନ ତଥାପି ଅନିରୁଦ୍ଧ ହିଁ ଯାଦବ କୁଳର ସମ୍ମାନ ରକ୍ଷା କରି ଆସିଥିଲେ ।

●

॥ ୯୬ ॥

# ଆସିବ, ଆସିବ, ଅପେକ୍ଷା କର

ନାରାୟଣଙ୍କ ପରମ ଭକ୍ତ ଥିଲେ ପ୍ରହ୍ଲାଦ । ତେଣୁ କାଳ କାଳକୁ ନାଆଁ ରହିଯାଇଛି 'ଭକ୍ତ ପ୍ରହ୍ଲାଦ' । କେହି ତାଙ୍କୁ ଖାଲି 'ପ୍ରହ୍ଲାଦ' ବୋଲି ଡାକନ୍ତି ନାହିଁ । ଏହି ଭକ୍ତ ପ୍ରହ୍ଲାଦଙ୍କ ନାତି ଥିଲେ ମହାଦାନୀ ବଳି । ତ୍ୟାଗ ଓ ଦାନ ଥିଲା ତାଙ୍କର ସବୁଠାରୁ ବଡ଼ ବଳ । ସେ ଏତେ ଦାନ କଲେ ଯେ, ପୁଣ୍ୟ ବଳରେ ସେ ଇନ୍ଦ୍ରପଦ ଲାଭ କରିବାର ସମ୍ଭାବନା ଦେଖାଦେଲା । ଲୋକେ କହିଲେ, 'ଦାନବେନ୍ଦ୍ର' ବଳିରାଜା । ତେଣୁ ତାଙ୍କର ଦାନ ଗର୍ବକୁ ଖର୍ବ କରିବା ଲାଗି ନାରାୟଣ ବାମନ ରୂପ ଧରିଲେ । ଟିକି ବ୍ରାହ୍ମଣ ରୂପରେ ସେ ପହଞ୍ଚିଲେ ବଳି ପାଖରେ । ବଳିଙ୍କୁ ସେ ତିନିପାଦ ଭୂମି ମାଗିଲେ । ବଳି ଭାବିଥିଲେ, ଛୋଟ ଛୋଟ ଦି'ଟା ପାଦ କେତେବା ଭୂମି ନେବ ? କିନ୍ତୁ ଦି'ପାଦ ଏତେ ପ୍ରକାଣ୍ଡକାୟ ହୋଇପଡ଼ିଲା ଯେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ସୁଦ୍ଧା ଅଣ୍ଟିଲା ନାହିଁ । ତୃତୀୟ ପାଦ ପାଇଁ ଆଉ ଭୂମି କାହିଁ ? ବଳି ନିରୂପାୟ ହୋଇ ନିଜ ମୁଣ୍ଡକୁ ଦେଖାଇଦେଲା । ତୃତୀୟପାଦ ସୃଷ୍ଟି କରି ନାରାୟଣ ସେହି ପାଦରେ ବଳିକି ପାତାଳକୁ ଚାପିଦେଲେ । କିନ୍ତୁ ବଳିଙ୍କର ଭକ୍ତିରେ ନାରାୟଣ ଅଭିଭୂତ ହୋଇପଡ଼ିଲେ । ବଳି ପାତାଳର ରାଜା ହେଲେ । ନାରାୟଣ ତାଙ୍କୁ ପ୍ରତିଶ୍ରୁତି ଦେଲେ ଯେ ସେ ତାଙ୍କ ରାଜଭବନର ଦ୍ୱାରପାଳ ହୋଇ ରହିବେ ।

ଏହି ବଳିର ଶହେ ପୁଅ ଥିଲେ । ସେମାନଙ୍କ ମଧ୍ୟରୁ ଜ୍ୟେଷ୍ଠ ବାଣାସୁର । ବାଣାସୁର ମହାଦେବଙ୍କ ପରମ ଭକ୍ତ । ପିତାଙ୍କ ଭଳି ସେ ମଧ୍ୟ ଥିଲା ଦାନବୀର, ସତ୍ୟବ୍ରତ ଏବଂ ଅତୀବ ବୁଦ୍ଧିମାନ । ତ୍ରିଲୋକର ଅଧିବାସୀମାନେ ତାଙ୍କୁ ସମ୍ମାନ କରୁଥିଲେ । ଅତ୍ୟନ୍ତ ନୀତିନିଷ୍ଠ ଥିଲେ ସେ । ସବୁବେଳେ ପୂଜା, ଆରାଧନା, ଧର୍ମଚର୍ଚ୍ଚାରେ ସେ ସମୟ ଅତିବାହିତ କରୁଥିଲେ । ଶୋଣିତ ନାମକ ଏକ ନଗରୀ ତାଙ୍କର ଶାସନାଧୀନ ଥିଲା । ମହାଦେବ ନିଜ ପୁଅଙ୍କଠୁ ବଳି ବାଣାସୁରକୁ ଭଲ ପାଉଥିଲେ । ତେଣୁ ଦେବତାମାନେ

ବାଣାସୁରଙ୍କ ଦାସଦାସୀ ଭଳି ଖଟୁଥିଲେ । ବାଣାସୁର ଯାହା କହୁଥିଲା, ଦେବତା, ଅପ୍ସରା, ଅପ୍ସରୀ, ଯକ୍ଷ, କିନ୍ନର ସମସ୍ତେ ତାହା କରିବାକୁ ବାଧ ହେଉଥିଲେ ।

ମହାଦେବ ବାଣାସୁରକୁ ଏତେ ଭଲ ପାଇବାର ପ୍ରଧାନ କାରଣ ଥିଲା, ସେ ଥିଲା ଜଣେ ଭଲ ବାଦକ । ସେ ଥିଲା ସହସ୍ରଭୂଜା । ଥରେ ମହାଦେବ ତାଣ୍ଡବ ନୃତ୍ୟ କଲାବେଳେ ବାଣାସୁର ପ୍ରତ୍ୟେକ ହାତରେ ଢୋଲ, ମୃଦଙ୍ଗ, ମହୁରୀ, ମର୍ଦ୍ଦଳ ପ୍ରଭୃତି ବଜାଇଥିଲା । ତେଣୁ ଆଶୁତୋଷ ମହାଦେବ ଖୁସିରେ ତାଙ୍କୁ 'ଯୋ ବର ମାଗୁଚୁ ମାଗ' ବୋଲି କହିଥିଲେ । ବାଣାସୁର ହଜାରେ ହାତ ମାଗିଲା । ଶିବ ତାହାଦେଲେ । ମହାଦେବଙ୍କ ପ୍ରେମ ଏବଂ ବରଦାନରେ ବାଣାସୁର ଅଧିକ ଉଦ୍ଧତ ହୋଇ ପଡ଼ିଲା । ଧରାକୁ ସରା ମଣିଲା ସେ । ସେ ତା' ରାଜମୁକୁଟ ସହିତ ଅବନତ ମସ୍ତକରେ ମହାଦେବଙ୍କୁ କହିଲା, ଘରେ ବସି ବସି ମନ ଚିଟା ହୋଇ ପଡ଼ିଲାଣି । ଏତେ ବଳବୀର୍ଯ୍ୟ, ବିଚକ୍ଷଣ ବୁଦ୍ଧି ଥାଇ ଲାଭ କ'ଣ ? ଦେଖୁଚି ତିନିଲୋକରେ କେବଳ ଆପଣଙ୍କ ବ୍ୟତୀତ ମୋର ସମାସ୍କନ୍ଧ ଜଣେ ହେଲେ କାହାକୁ ଦେଖୁନାହିଁ । ଆପଣ ମତେ ହଜାର ହାତ ଦେଲେ କ'ଣ ହେବ, ଗୋଟିଏ ହାତପାଇଁ ତ କାମ ନାହିଁ । ହାତଗୁଡ଼ାକ ମୋ ପକ୍ଷରେ ବୋଝ ହୋଇ ପଡ଼ିଲେଣି । ପର୍ବତ ଆଡ଼କୁ ଗଲି, ମୋ ହାତର ଚାପରେ ସବୁ ପର୍ବତ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ପଡ଼ିଲେ । ସପ୍ତସମୁଦ୍ର ଆଡ଼କୁ ଗଲି । ଯାଉ ଯାଉ ମୋ ଭୟରେ ସମୁଦ୍ରଗୁଡ଼ାକ ମରୁଭୂମି ପାଲଟି ଗଲେ । ଅଷ୍ଟଦିଗପାଳ ଭାବରେ ଯେଉଁ ଆଠଟି ବଡ଼ ବଡ଼ ଦିଗଗଜ ରହିଛନ୍ତି, ସେମାନେ ମତେ ଦେଖୁ ଦେଖୁ ଭାଗେ, କିଏ କୁଆଡ଼େ ପଳେଇଗଲେ, ପତ୍ତା ମିଳିଲାନି ।

ମହାଦେବ ପଚାରିଲେ, ଏସବୁ କହିବାର ଉଦ୍ଦେଶ୍ୟ କଣ ? ତୁ ଚାହୁଁଛୁ କ'ଣ ? ଥରେ ତ ବର ମାଗିଲୁ ଯେ ସହସ୍ରଭୁଜ ଦେଲି । ଏବେ ତ ସେଗୁଡ଼ାକ ତୋ ପକ୍ଷରେ ବୋଝ ବୋଲି କହୁଚୁ । ତୁ କ'ଣ ଚାହୁଁଛୁ ମୁଁ ସେ ହାତ ଗୁଡ଼ାକୁ ଫେରାଇ ନେବି ?

ବାଣାସୁର କହିଲା, ନା ବାବା, ମୁଁ ସେମିତି କିଛି ଚାହୁଁନି । ମୁଁ ଚାହୁଁଚି, ଜଣକ ସାଙ୍ଗରେ ଲଢ଼ନ୍ତି ! ମୋ'ଠୁ ବଳିୟାନ କିଏ ଅଛି କି ? ମତେ ସେମିତି ଜଣେ ସମାସ୍କନ୍ଧ ବୀରକୁ ଦେଖାଇଦିଅ, ଯାହା ସହିତ ମୁଁ ମନଖୋଲି ଲଢ଼ିପାରିବି । ଏହା ହିଁ ମୋର ଇଚ୍ଛା । ଏହା ହିଁ ମୋର ଏକାନ୍ତ ନିବେଦନ ।

ମହାଦେବ ବାଣାସୁର କଥା ମନ ଦେଇ ଶୁଣୁଥିଲେ । ମନେ ମନେ କହିଲେ, ବାଣାସୁରଟାର ଶେଷ ଦଶା ଆସିଗଲାଣି । ନହେଲେ ଏପରି ଅବାନ୍ତର ଇଚ୍ଛା ପ୍ରକଟ କରନ୍ତାନି । ମହାଦେବ ସବୁବେଳେ ଭୋଳାନାଥ ନୁହନ୍ତି । କେବଳ ପ୍ରେମରେ ଭୋଳ

ହୋଇ ପଡ଼ନ୍ତି । ଭକ୍ତିରେ ଭଳିଯାଆନ୍ତି । ବାଣାସୁରକୁ ଏଥର କଡ଼ା କଡ଼ା କଥା କହିଲେ । କହିଲେ, ଆରେ ମୂର୍ଖ ! ଭାବିଥିଲି ତୁ ଅନ୍ୟମାନଙ୍କ ଅପେକ୍ଷା ଉଚ୍ଚରେ ଅଛୁ । ତୋର ଭାବନା ଉଚ୍ଚ । କିନ୍ତୁ ଦେଖୁଛି, ତୋ ମୁଣ୍ଡ ଠିକ୍ ନାହିଁ । ତୋର ଗର୍ବ ବଢ଼ିଗଲାଣି । ଗର୍ବ ହିଁ ତୋତେ ଖାଇବ । ତୋ ଇଚ୍ଛା ତ ନିଶ୍ଚୟ ପୂରଣ ହେବ । କାରଣ ମୁଁ କଥା ଦେଇଛି, ଯାହା ଚାହିଁବୁ, ତାହା ଦେବି । ମୁଁ ଏପରି ଜଣେ ଲୋକକୁ ତୋ ସହିତ ଲଢ଼ିବା ପାଇଁ ଜୁଟେଇ ଦେବି, ଯିଏ କି ମୋ ଭଳି ଶକ୍ତିଶାଳୀ । ତୋ ଔଦ୍ଧତ୍ୟକୁ ସେ ଅତି ଚିକ୍କଣ ଭାବରେ ଧୋଇଧାଇ ସାଫ୍ କରିଦେବେ ।

ମହାଦେବ ଯେ ବିରକ୍ତରେ ଏବଂ କ୍ରୋଧରେ ତାକୁ ଏସବୁ କଥା କହୁଛନ୍ତି, ବାଣାସୁର ବୁଝି ପାରିଲାନି । ଲଢ଼େଇ କରିବାକୁ ସେ ଜଣକୁ ପାଇବ ଶୁଣି ଆନନ୍ଦରେ ନାଚି ଉଠିଲା । ମହାଦେବଙ୍କ ହାତରୁ ଡମ୍ବରୁ ଛଡ଼େଇ ନେଇ ଡମ୍, ଡମ୍, ଡମ୍ ବଜାଇବାକୁ ଲାଗିଲା । ମହାଦେବଙ୍କୁ କହିଲା, ତୁମେ ନାଚ, ମୁଁ ବଜାଇବି । ଖାଲି ଡମ୍ବରୁ କ'ଣ, ହଜାର ହଜାର ବାଜା ବଜାଇପାରିବି ।

ମହାଦେବ ଦେଖିଲେ, ବାଣାସୁରଟା ପାଗଳା ହୋଇଗଲାଣି । କହିଲେ, ଆରେ ବୁଦ୍ଧୁ କାହାଁକା, ତୋ ମୃତ୍ୟୁ ପାଖେଇ ଆସିଲାଣି । ଯମ ତୋ ବାଟ ପରିଷ୍କାର କରିବାରେ ଲାଗିଲେଣି ।

ବାଣାସୁର ମହାଦେବଙ୍କ କାନ୍ଧରେ ହାତ ପକାଇ କହିଲା, ମୃତ୍ୟୁ କ'ଣ ? ଯମ କିଏ ? ଏମାନେ କ'ଣ ମୋଠୁ ବଳୀୟାନ ? ସେମାନେ ମତେ ନେବେ କ'ଣ ? ମୋ ପାଖ ସୁଦ୍ଧା ଗାଡ଼ି ପାରିବେ ନାହିଁ । ମୁଁ ମୃତ୍ୟୁର ମୁଣ୍ଡ କାଟ କରିଦେବି । ଯମକୁ ଯମାଳୟ ଦେଖାଇ ଦେବି ।

ମହାଦେବ ଦେଖିଲେ, ଏ ପିଲାଟାକୁ ଯେତେ ବୁଝାଇଲେ ବୁଝିବ ନାହିଁ । ଯାହା ମାଗୁଛି, ତାହା ଦେଇ ନିଜ ବାଟ କାଟିବା ଭଲ । ତେଣୁ ସେ 'ତଥାସ୍ତୁ' କହି, ବାଣାସୁର ହାତରୁ ଡମ୍ବରୁ ଆଣି ନିଜ ବାଟ ଧରିଲେ ।

ମହାଦେବ ଗଲାବେଳେ ବାଣାସୁର କହିଲା, ଖାଲି 'ତଥାସ୍ତୁ' କହିଦେଇ ଯାଉଚ କୁଆଡ଼େ ? ଲଢ଼େଇ କରିବା ଲୋକ କାହିଁ ?

ମହାଦେବ ପଛରୁ ହାତ ହଲେଇ କହିଲେ, ଆସିବ, ଆସିବ, ଅପେକ୍ଷା କର ।

॥ ୯୭ ॥

# ପାଶେ ନାହିଁ ଦିବ୍ୟ ତରୁଣ !

ମହାଦେବ ଗଲାବେଳେ ବାଣାସୁରକୁ କହିଦେଇ ଗଲେ, ତୋ ସହିତ ଲଢ଼ିବା ଲୋକ ଆସିବ, ଅପେକ୍ଷା କର । ବାଣାସୁର ସେଦିନଠାରୁ ଅପେକ୍ଷା କରି ରହିଛି ଲଢ଼ିବାବାଲାକୁ । କିନ୍ତୁ ଲଢ଼ିବାବାଲା ଯେ ସିଧା ବାଟରେ ନ ଆସି, ବଙ୍କା ବାଟରେ ଆସିବ, ସେ କଥା ସେ କଳ୍ପନା କରି ନଥିଲା ।

ପରୀକ୍ଷିତ ମଧ ଅତି ଉତ୍କଣ୍ଠିତ ଭାବରେ ଶୁକମୁନିଙ୍କୁ ପଚାରିଲେ, ଲଢ଼ିବାବାଲାଟି କିଏ ? ଶୁକମୁନି କହିଲେ, ସିଏ ଏକ ଲମ୍ବା କାହାଣୀ । ଶୁଣ ପରୀକ୍ଷିତ, ମନ ଦେଇ ଶୁଣ ।

ବାଣାସୁରର ଗୋଟିଏ ଅତି ସୁନ୍ଦରୀ କନ୍ୟା ଥିଲା । ନାଆଁ ତା'ର ଉଷା । ନବାରୁଣ କିରଣ ଭଳି ସିଏ ଜ୍ୟୋତିର୍ମୟୀ । ବାଣାସୁରର ମନ୍ତ୍ରୀଙ୍କ କନ୍ୟା ଚିତ୍ରଲେଖା ଉଷାର ଘନିଷ୍ଠ ଅନ୍ତରଙ୍ଗ ସହଚରୀ । ଶୁଆ, ବସା, ଖିଆ ପିଆ ସବୁ ଏକା ସାଙ୍ଗରେ । ଦିନେ ରାତିରେ ଉଷା ଏକ ଅଦ୍‌ଭୁତ ସ୍ୱପ୍ନ ଦେଖିଲା । ସ୍ୱପ୍ନରେ ଦେଖିଲା ଏପରି ଜଣେ ରାଜକୁମାରକୁ, ଯାହାକୁ ସେ ଜୀବନରେ କେବେ ଦେଖି ନଥିଲା । ରାଜକୁମାର ରାତିସାରା ଉଷା ସହିତ ରହିଲେ । ଆଳାପ କଲେ । ତାକୁ ବାହୁ ଯୁଗଳରେ ବାନ୍ଧି ରଖିଲେ ସାରା ରାତି । ସକାଳୁ ନିଦ ଭାଙ୍ଗିଲା । ଉଷା ଦେଖିଲା, ପାଖରେ ସେ ଦିବ୍ୟତରୁଣ ନାହିଁ । ସେ ଜାଣିଲା ଯେ ସବୁକଥା ଘଟିଗଲା ସ୍ୱପ୍ନରେ ସ୍ୱପ୍ନରେ । ହେଲେ କ'ଣ ହେବ, ଉଷା ସେହି ସ୍ୱପ୍ନ-ତରୁଣଙ୍କୁ ଭୁଲି ପାରିଲା ନାହିଁ । ଚିତ୍ରଲେଖା ନିଦରୁ ଉଠି ଦେଖିଲା, ତା ସଖୀ ରାଜକନ୍ୟା ଉଷାର ଆଖି ଛଳଛଳ । ତଳେ ପଡୁଛି ଟୋପା ଟୋପା ଅଶ୍ରୁଜଳ ! ଆଶ୍ଚର୍ଯ୍ୟ ହେଲା ଚିତ୍ରଲେଖା । ଘଟଣା କ'ଣ, କାରଣ କ'ଣ, ସେ ହଠାତ୍ ବୁଝି ପାରିଲା ନାହିଁ ।

ଚିତ୍ରଲେଖା ପଚାରିଲା ଉଷାକୁ, ସଖି ! କଥା କ'ଣ ? ତୋ ଆଖିରେ ପୁଣି ଲୁହ ! ମୁଁ ତ କେବେହେଲେ ତୋର ଏଭଳି ଅବସ୍ଥା ହେବା ଦେଖି ନାହିଁ । ମନଖୋଲି ମନ କଥା ମତେ କହିବୁନି ତ କହିବୁ କାହାକୁ ? ହୃଦୟ ଭିତରେ ବେଦନାକୁ ଚପେଇ, ଛପେଇ ରଖିବୁ କେତେଦିନ ?

ଉଷା କପାଳରେ ଦି' ହାତ ରଖି ସଖୀ ଚିତ୍ରଲେଖାକୁ କହିଲା, ତୁ ମୋର ଏକମାତ୍ର ଅନ୍ତରଙ୍ଗ ସହଚରୀ । ତତେ ହିଁ ମନ ଖୋଲି କହୁଚି । ଯାହା କହିବି, ସୁଖ ଯେତିକି ଦୁଃଖ ସେତିକି । ଘଟଣା କ'ଣ କି, କାଲି ରାତିରେ ଜଣେ ସୁଦର୍ଶନ ଯୁବକ

ମୋ ପାଖକୁ ଆସିଥିଲେ । ଆଖି ଦୁଇଟି ତାଙ୍କର ଠିକ୍ ପଦ୍ମପାଖୁଡ଼ା ଭଳି । ଦେହର ପରିଧାନ ପୀତାମ୍ବର । ଆଜାନୁଲମ୍ବିତ ବାହୁ । ସେହି ବାହୁ ଯୁଗଳରେ ସେ ରାତିସାରା ମତେ ବାନ୍ଧି ରଖିଲେ । ମିଳନରେ କି ଆନନ୍ଦ ! ଭାଷା ନାହିଁ କହିବାକୁ । ହେଲେ କ'ଣ ହେବ, ନିଦ ଭାଙ୍ଗିଲା ବେଳକୁ, ପାଖରେ ଆଉ ସେ ତରୁଣ ନାହାନ୍ତି । ଏ ସବୁ ଘଟିଗଲା ସ୍ୱପ୍ନରେ, ସ୍ୱପ୍ନରେ । କହୁ କହୁ ଉଷାର ନୟନ ଯୁଗଳରୁ ଅଶ୍ରୁ ବିଗଳିତ ହେବାକୁ ଲାଗିଲା ।

ଚିତ୍ରଲେଖା ସଖୀ ରାଜଜେମା ଉଷାକୁ ବୁଝେଇ କହିଲେ, ଲୁହ ଗଡେଇଲେ କ'ଣ ସ୍ୱପ୍ନର ଯୁବକ ସତରେ ତୋ ପାଖକୁ ଚାଲି ଆସିବ ? ତୁ ନିଶ୍ଚୟ ସେ ଯୁବକକୁ ଆଗରୁ କେଉଁଠି ଦେଖିଚୁ ନଚେତ ସ୍ୱପ୍ନରେ ସେ ଆସନ୍ତା କିପରି ? ଭାବି ଦେଖ, ସେ ଯୁବକ ସହିତ ତୋର କେବେ .......... ?

ଉଷା କହିଲା, ସତ କହୁଛି ଚିତ୍ରଲେଖା, ସେ ଯୁବକ ସହିତ ମୋର କେବେ କୁଉଠି ଦେଖା ସାକ୍ଷାତ ହୋଇନାହିଁ । ହୋଇଥିଲେ ତୁ କ'ଣ ଜାଣନ୍ତୁ ନାହିଁ ? ତୋତେ ମୁଁ ତ କିଛି ଅଛପା ରଖେନି । ତୁ ଭାବୁଚୁ କ'ଣ, ମୁଁ ତାକୁ ଆଗରୁ ଦେଖିଛି, ଅଥଚ ଭୁଲି ଯାଇଛି ? ଏବେ କ'ଣ କରାଯିବ ? ସେ କ'ଣ ଆଜି ବି ସ୍ୱପ୍ନରେ ମୋ ପାଖକୁ ଆସିବେ ! ସେଇ ଆଶାରେ ହିଁ ବଞ୍ଚି ରହିବା ଛଡ଼ା ଆଉ କୌଣସି ଉପାୟ ନାହିଁ ।

ଚିତ୍ରଲେଖା କିଛି ସମୟ ଚିନ୍ତା କଲା । ତା'ପରେ କହିଲା, ଶୁଣ ଉଷା ! ଦେବର୍ଷି ନାରଦଙ୍କଠୁଁ ମୁଁ ଗୋଟିଏ ବିଦ୍ୟା ଶିଖିଚି । ଅଙ୍କନ ବିଦ୍ୟା । ମୋ ନାଁ ମଧ ଚିତ୍ରଲେଖା । ଚିତ୍ର ଆଙ୍କିବାରେ ମୁଁ ଜଣେ କୁଶଳୀ କଳାକାର, ଶିଳ୍ପୀ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରର ନାମଜାଦା ଯୁବକଙ୍କ ଅବିକଳ ମୁହଁ ମୁଁ ଆଙ୍କି ଦେଇ ପାରିବି । ତୋର ଯଦି ଠିକ୍ ମନେଥିବ, ତୁ ସେ ଯୁବକଙ୍କୁ ଠଉରେଇ ନେଇ ପାରିବୁ । ଚିତ୍ର ଦେଖି କହିବୁ, ତୋର ସେ ପ୍ରେମିକ ଜଣକ କିଏ !

ଚିତ୍ରଲେଖା ଚିତ୍ର ଅଙ୍କନ କରିବାରେ ଲାଗିଲା । ପ୍ରଥମେ ଗଣେଶଙ୍କର, ତା'ପରେ ନିଜ ଗୁରୁ ନାରଦଙ୍କର । ତା'ପରେ ଦେବତା, ଗନ୍ଧର୍ବ, ସିଦ୍ଧ, ଚାରଣ, ପନ୍ନଗ, ଦୈତ୍ୟ, ବିଦ୍ୟାଧର, ଯକ୍ଷ ଆଦି ସବୁ ଶ୍ରେଣୀର ଯେତେ ସୁନ୍ଦର ଯୁବକ ଥିଲେ, ସମସ୍ତଙ୍କର ଚିତ୍ର ଅଙ୍କାଗଲା । ଉଷା ସମସ୍ତଙ୍କ ଚିତ୍ର ଦେଖି, ନାହିଁ ନାହିଁ କଲା । କହିଲା, ଇଏ ସବୁ କିଏ ମ, ମୋ ସ୍ୱପ୍ନ ଦେଖା ତରୁଣ ଯାଙ୍କ'ଠୁ ହଜାର ଗୁଣରେ ସୁନ୍ଦର ।

ତା'ପରେ ଚିତ୍ରଲେଖା ପୃଥିବୀର ସୁବିଖ୍ୟାତ ରାଜପୁରୁଷମାନଙ୍କ ଚିତ୍ର ଆଙ୍କିଲା । ଆଉ କେଉଁ ରାଜ୍ୟର ରାଜା ବାଦ୍ ପଡ଼ିଲେ ନାହିଁ । ସମସ୍ତଙ୍କୁ ଦେଖି ଉଷା ମୁହଁ ବୁଲାଇ ଦେଲା । ସବୁ ଚିତ୍ର ଅଙ୍କା ସରିବା ପରେ ଚିତ୍ରଲେଖା ଆସିଲା ଯାଦବମାନଙ୍କ ପାଖକୁ ।

ଏହି ବଂଶ, ପରିବାରର ଗୋଟିଏ ପୁରୁଷଙ୍କ ଚିତ୍ର ଆଙ୍କୁ ଆଙ୍କୁ ଉଷା କହିଲା, ଏ ଯାଏଁ ତୁ ଆଙ୍କୁଥିଲୁ କ'ଣ ? ମନେ ହେଉଛି, ଏହିମାନଙ୍କ ଭିତରୁ ଜଣେ କେହି । ମୁହଁର ଗଠନ ଟିକିଏ ଟିକିଏ ମିଶୁଛି ତ ! ଉଷା ପଚାରିଲା, ଇଏ କିଏ ? ଚିତ୍ରଲେଖା କହିଲା, ଇଏ ବସୁଦେବ । ପରେ ପରେ ଚିତ୍ରଲେଖା ଆଙ୍କିଲା ବଳରାମ ଓ ଶ୍ରୀକୃଷ୍ଣଙ୍କ ଚିତ୍ର । ଉଷା ଚିତ୍ରଗୁଡ଼ିକୁ ନିରୀକ୍ଷଣ କଲା । କୃଷ୍ଣଙ୍କ ଚିତ୍ରକୁ ଦେଖି କହିଲା, ଠିକ୍ ଏପରି ମୁହଁର ଜଣେ ଯୁବକ । କୃଷ୍ଣଙ୍କ ପରେ ପ୍ରଦ୍ୟୁମ୍ନଙ୍କ ଚିତ୍ର ଦେଖି ଉଷା କହିଲା, ବୁଝିଲୁ ଚିତ୍ରଲେଖା, ମୁହଁଟା ଅବିକଳ ଇମିତି । ହେଲେ, ସେ ଥିଲେ ଯୁବକ, ଇଏ ଟିକିଏ ବୟସ୍କ । ଫରକ ବୋଇଲେ ଏତିକି । ତା'ପରେ ଚିତ୍ରଲେଖା ଆଙ୍କିଲା ଅନିରୁଦ୍ଧଙ୍କର ଚିତ୍ର । ପ୍ରଦ୍ୟୁମ୍ନ ପୁତ୍ର ଅନିରୁଦ୍ଧ । ଶ୍ରୀକୃଷ୍ଣଙ୍କ ଖୋଦ୍ ନାତି । ଏ ଚିତ୍ରକୁ ଦେଖି ଉଷାର ହୃଦୟରେ ଆନନ୍ଦର କଲ୍ଲୋଳ ଖେଳି ଉଠିଲା । ତା' ମୁହଁରୁ କଥା ବାହାରିଲା ନାହିଁ । ଚିତ୍ରଲେଖା କହିଲା, ତୋର ଚିତ୍ତଚୋର କିଏ, ଏବେ ଜଣାପଡ଼ିଲା । ବ୍ୟସ୍ତ ହୁଅନା ସଖୀ । ଯିଏ ତୋ ଚିତ୍ତକୁ ଚୋରେଇ ନେଇଚି, ମୁଁ ତାକୁ ଚୋରେଇ ନେଇ ଆସି ତୋ ପାଖରେ ହାଜର କରାଇଦେବି ।

ଉଷା ପ୍ରଶ୍ନ କଲା କିମିତି ?

ଚିତ୍ରଲେଖା କହିଲା, ସିଏ ଯିମିତି ଆସିଥିଲା, ସିମିତି । ଅପେକ୍ଷା କର ।

●

॥ ୯୮ ॥

# ଅବରୁଦ୍ଧ ଅନିରୁଦ୍ଧ

**ବା**ଣାସୁରର ମନ୍ତ୍ରୀଙ୍କ କନ୍ୟା ଚିତ୍ରଲେଖା । ଉଷା ସଙ୍ଗିନୀ । ନାରଦଙ୍କ ଶିଷ୍ୟା । ଚିତ୍ର ଅଙ୍କନରେ ସୁନିପୁଣା । ନାଁ ଯିମିତି କାମ ସିମିତି ! ଖାଲି ସେତିକି ନୁହଁ, ଯୋଗବିଦ୍ୟାରେ ମଧ୍ୟ ଧୁରନ୍ଧର ! ମହାଯୋଗିନୀ ସେ । ସଖୀ ଉଷାକୁ କଥା ଦେଇଚି . ଯେ ଅନିରୁଦ୍ଧଙ୍କୁ ସେ ହରଣଚାଳ କରି ନେଇଆସିବ । କଥାରେ ଅଛି – ହାତୀ କା ଦାନ୍ତ, ମରଦ୍‌କା ବାତ୍ । କିନ୍ତୁ ଇଏ ଔରତ୍‌କି ବାତ୍ । ଯୋଗ ବଳରେ ଚିତ୍ରଲେଖା ଆକାଶରେ ଉଡ଼ି ଉଡ଼ି ଚାଲିଲା । ଶୋଣିତପୁରରୁ ଦ୍ୱାରକା ବହୁ ବାଟ ।

ଚିତ୍ରଲେଖା ପହଞ୍ଚିଲା ଦ୍ୱାରକାରେ । ବିଶ୍ୱକର୍ମା ନିର୍ମାଣ କରିଚି ଏହି ଦ୍ୱାରକା ନଗରୀ । ଦ୍ୱାର କେଉଁଠି ଜାଣିବା ମୁସ୍କିଲ । କିନ୍ତୁ ଚିତ୍ରଲେଖା ପକ୍ଷରେ କଠିନ ବୋଲି କିଛି ନାହିଁ । ତା'ର ଯୋଗଶକ୍ତିର ଆଘାତରେ ଦ୍ୱାରକାଦୁର୍ଗର ସବୁ ଦୁଆର ଖୋଲିଗଲା । ଚିତ୍ରଲେଖା ପହଞ୍ଚିଲା ଅନ୍ଦରମହଲରେ । ରାଣୀ ହଂସପୁରରେ । ଦେଖିଲା ଶ୍ରୀକୃଷ୍ଣଙ୍କ

ଆଠରାଣୀ ଓ ଅନିରୁଦ୍ଧଙ୍କ ଆଖିରେ ନିଘୋଡ଼ ନିଦ । ଅନିରୁଦ୍ଧ ଶୋଇଚି କୋମଳ ତୁଳିତଳ୍ପରେ । ପଲଙ୍କରେ । ଚିତ୍ରଲେଖା ଆଉ କୁଆଡ଼କୁ ନ ଚାହିଁ ଅନିରୁଦ୍ଧକୁ ଉଠାଇ ନେଇଗଲା । ଆଖିରେ ସିମିତି ନିଦ ଘାରି ରହିଛି । ଚିତ୍ରଲେଖା ଅନିରୁଦ୍ଧକୁ ଶୋଣିତପୁର ରାଜଉଆସକୁ ନେଇଆସିଲା । ଉଷା ପାଖରେ ଅନିରୁଦ୍ଧଙ୍କୁ ନେଇ ଶୁଆଇ ଦେଇ ଚାଲିଗଲା ।

ସକାଳ ହେଲା । ଉଷାର ମୃଣାଳ ବାହୁବେଷ୍ଟନି ଭିତରେ ଆବଦ୍ଧ ଅନିରୁଦ୍ଧ । ଅନିରୁଦ୍ଧ ମଧ୍ୟ ରାତିସାରା ସ୍ୱପ୍ନ ଦେଖିଚାଲିଚି । ସ୍ୱପ୍ନରେ ଦେଖିଚି ଏକ ତରୁଣୀ କନ୍ୟା ସହିତ ସେ ପ୍ରଣୟ କରିବାରେ ଲାଗିଚି । ନିଦ ଭାଙ୍ଗିବା ପରେ ମଧ୍ୟ ସେ ଜାଣିପାରିଲେନି ଏସବୁ ଘଟୁଚି କ'ଣ ? କୁଉଠୁ ଆସି ସେ ଏବେ କୁଉଠି ? ସ୍ୱପ୍ନ ସତ ହେଲା ।

ଉଷାଠୁ ଅଧିକ ଚାଲାକ ଚିତ୍ରଲେଖା । ଦୁହିଁଙ୍କ ଭିତରେ ମନ୍ତ୍ରଣା ଚାଲିଲା । ଶେଷରେ ସ୍ଥିର ହେଲା, ଉଷା ଓ ଅନିରୁଦ୍ଧ ଏପରି ଏକ ଗୋପନ ଜାଗାରେ ରହିବେ ଯେ କେହି କିଛି ଜାଣି ପାରିବେ ନାହିଁ । ଏକ ଗୁପ୍ତ ପ୍ରେମ-ଦୁର୍ଗ ଭିତରେ ରହିଲେ ଉଷା ଓ ଅନିରୁଦ୍ଧ । ନାୟକ ନାୟିକା । ପ୍ରେମିକ ପ୍ରେମିକା । ଦୁର୍ଗଦ୍ୱାରର ପାଳିକା ଚିତ୍ରଲେଖା । ଅନ୍ତଃପୁରକୁ ଅନ୍ୟ କେହି ଯିବାକୁ ମନା । ଏପରି କି ମାଛି, ପିମ୍ପୁଡ଼ି ସୁଦ୍ଧା ଯିବା ପାଇଁ ବାଟ ରହିଲା ନାହିଁ । ଅନିରୁଦ୍ଧ ଅବରୁଦ୍ଧ । ଉଷା କେବେ କେବେ ବାହାରକୁ ବାହାରୁଥିଲା । ଗୁପ୍ତ ପ୍ରଣୟର ଆନନ୍ଦ ଉଲ୍ଲାସ ଭିତରେ ଦୁହିଁଙ୍କର ସମୟ ଅତିବାହିତ ହେବାରେ ଲାଗିଲା ।

ଯେତେହେଲେ ରଜାଘର । ଦାସଦାସୀ ଅନେକ । ରାଜଜେମାଙ୍କ ସହିତ ସମସ୍ତଙ୍କ ଘନିଷ୍ଠ ପରିଚୟ । ଏବେ କେତେଦିନ ହେଲା ସେମାନେ ଉଷାଙ୍କ ମୁହଁର ଭାବରୁ ନୂତନ ପରିଚୟ ପାଇଲେ । ଉଷାଙ୍କ ମୁହଁରେ ଏବେ ସର୍ବଦା ଉଲ୍ଲାସର ତରଙ୍ଗ । ପ୍ରେମିକା, ପ୍ରେମିକଙ୍କୁ ପାଇଲେ ଯେପରି ଖୁସି ହେବା କଥା, ସେହି ଖୁସି-ଭାବକୁ ସେମାନେ ଲକ୍ଷ୍ୟ କଲେ ଉଷାର ଭାବଭଙ୍ଗୀରୁ । ସେମାନେ ନିଶ୍ଚିତ ଭାବରେ ଜାଣିପାରିଲେ ଯେ ଉଷା ଜଣେ ଯୁବକକୁ ଆଣି ତାଙ୍କ ଘର ଭିତରେ ରଖିଚନ୍ତି ।

ଦାସଦାସୀମାନେ ବାଣାସୁରଙ୍କୁ ଯାଇ କହିଲେ, ରାଜଦୁଲାଳୀ ଉଷାଙ୍କ ଅନ୍ତଃପୁରରେ ଜଣେ ଯୁବକ ଲୁଚିଛପି ରହିଥିବା ମନେ ହେଉଚି । ଆମେ ଅବଶ୍ୟ ଅନ୍ତଃପୁରକୁ ଚାରିପଟୁ ଜଗି ରହିଚୁ । କିନ୍ତୁ ଯୁବକଜଣକ ତା' ଭିତରେ ପଶିଲା କିମିତି ଜାଣି ହେଉନି । ଯୁବକଟି ରାଜଜେମାଙ୍କ ସହିତ ଶୁଆବସା, ଖିଆପିଆ ସବୁ କରୁଥିବା ଖବର ଆମେ ପାଇଚୁ । ଅବଶ୍ୟ ସଠିକ ଭାବରେ ସବୁକଥା କହିପାରିବୁନି । ତେବେ ଜଣେ ଯୁବକ ଭିତରେ ଥିବା କଥା ନିଶ୍ଚିତ । ଆମର କର୍ତ୍ତବ୍ୟ ଆପଣଙ୍କୁ ଜଣାଇବା । ତା'ପରେ ଛାମୁ ଯାହା କରିବେ ।

ବାଣାସୁର ସଙ୍ଗେ ସଙ୍ଗେ ଦୌଡ଼ିଗଲା ଉଷା ନିବାସକୁ । ଦେଖିଲା ପଲଙ୍କ ଉପରେ ଜଣେ ସୁଦର୍ଶନ ଯୁବକ ସହିତ ତା' କନ୍ୟା ଉଷା ବେଶ୍ ହସଖୁସିରେ ପଶା ଖେଳିବାରେ ଲାଗିଚି । ଯୁବକର ରୂପକୁ ଦେଖି ବାଣାସୁର ପ୍ରଥମେ ମୋହି ହୋଇଗଲା । ସେ ଜାଣିପାରିଲା ଯେ ତରୁଣ ଜଣକ କୃଷ୍ଣଙ୍କର ନାତି ଛଡ଼ା ଅନ୍ୟ କେହି ନୁହଁ । ସଙ୍ଗେ ସଙ୍ଗେ ସୈନ୍ୟମାନେ ଅନିରୁଦ୍ଧଙ୍କୁ ଘେରିଗଲେ । ସେହି ଘର ଭିତରେ ଅନିରୁଦ୍ଧ ସହିତ ବାଣାସୁରର ଖଣ୍ଡେପଟେ ଲଢ଼େଇ ହୋଇଗଲା । ବାଣାସୁର ଚାହିଁଲା ଅନିରୁଦ୍ଧଙ୍କୁ ଅପମାନିତ କରିବା ପାଇଁ । ସେ ନାଗପାଶରେ ଅନିରୁଦ୍ଧକୁ ବାନ୍ଧି ପକାଇ ବନ୍ଦିଶାଳାକୁ ନେଇଗଲା । ଉଷା ଯେତେ କାକୁତି ମିନତି, କାନ୍ଦ ବୋବାଳି କଲେ ମଧ୍ୟ ବାଣାସୁର ଅନିରୁଦ୍ଧକୁ ଛାଡ଼ିଲା ନାହିଁ ।

ଇଆଡ଼େ ଦ୍ୱାରକାରେ କାନ୍ଦ ବୋବାଳି । ଅନିରୁଦ୍ଧ ରାତିରେ ଶୋଇଥିଲା । ସକାଳୁ ଦେଖିବାବେଳକୁ ଘରେ ନାହିଁ । ଦ୍ୱାରକା ସାରା ଖୋଜା ପଡ଼ିଲା । ଅନିରୁଦ୍ଧର ପତ୍ତା ମିଳିଲା ନାହିଁ । ଖୋଜାଖୋଜିରେ ଚାରିମାସ ବିତିଗଲା ।

ଇତିମଧ୍ୟରେ ଦେବର୍ଷି ନାରଦ ଆସି ପହଞ୍ଚିଲେ ଦ୍ୱାରକାରେ । ଶ୍ରୀକୃଷ୍ଣ ଓ ଅନ୍ୟ ଯାଦବ ଭାଇମାନେ ଦେବର୍ଷିଙ୍କୁ ବିପୁଳ ସମ୍ବର୍ଦ୍ଧନା କଲେ । ନାରଦ ଦେଖିଲେ, କାହା ମୁହଁରେ ହସ ନାହିଁ । ଉଦାସିଆ ଭାବ ଚାରିଆଡ଼େ । ନାରଦ ପଚାରିଲେ ଶ୍ରୀକୃଷ୍ଣଙ୍କୁ, କ'ଣ କିଛି ବିପଦ ପଡ଼ିଚି କି ? ଘଟିଚି କ'ଣ ?

ଶ୍ରୀକୃଷ୍ଣ କହିଲେ, ନାରଦ ତୁମେ ସବୁକଥା ଜାଣ । ସମସ୍ତେ ପଚାରନ୍ତି ବୋଲି ପଚାରୁଚ ମାତ୍ର । ନାରଦ ହସିଲେ । ଶ୍ରୀକୃଷ୍ଣ କହିଲେ, ଆମ ନାତି ଅନିରୁଦ୍ଧ ହଠାତ୍ ଦିନେ ନିରୁଦ୍ଦିଷ୍ଟ ହୋଇଗଲା । ବହୁତ ଖୋଜାଖୋଜି କଲୁଣି । ପାଉ ନାହୁଁ । ତୁମେ ଟିକିଏ ଚେଷ୍ଟା କଲେ ହୁଅନ୍ତା ।

ନାରଦ କହିଲେ, ଅନିରୁଦ୍ଧ କୁଉଠି ଅଛି, ମୁଁ ଜାଣେ । ରାମକୃଷ୍ଣ ଦୁଇଭାଇ ଉତ୍ସୁକ ହୋଇ ପଚାରିଲେ, ଅଛି କୁଉଠି ? ନାରଦ କହିଲେ, ବନ୍ଦିଶାଳାରେ । ଶୋଣିତପୁରରେ । ବାଣାସୁର ତାକୁ ନାଗପାଶରେ ବାନ୍ଧି ବନ୍ଦୀ କରି ରଖିଚି ।

ରାମକୃଷ୍ଣ କହିଲେ, ବାଣାସୁର କିଏ, ଏ ପର୍ଯ୍ୟନ୍ତ ଆମେ ଜାଣିନୁ । ତା'ଛଡ଼ା ତା'ସହିତ ତ ଆମର କୌଣସି ଝଗଡ଼ା କିମ୍ବା ଶତ୍ରୁତା ନଥିଲା । ଅନିରୁଦ୍ଧ ସେଠିକି ଗଲା କିମିତି ଏବଂ କାହିଁକି ?

ନାରଦ କହିଲେ, ଅନିରୁଦ୍ଧ ସହିତ ବାଣାସୁରର ମଧ୍ୟ କୌଣସି କଳହ ନଥିଲା । କିନ୍ତୁ ଅସୁରଟା କାହିଁକି କେଜାଣି ଅନିରୁଦ୍ଧଙ୍କୁ ଦେଖୁ ଦେଖୁ ରାଗିଯାଇଚି । ଶ୍ରୀକୃଷ୍ଣ କହିଲେ, ଏହା ପଛରେ କିଛି ଗୋଟିଏ ରହସ୍ୟ ନିଶ୍ଚୟ ରହିଚି । ନଚେତ କାହିଁ ଦ୍ୱାରକା, କାହିଁ ସେ ଶୋଣିତପୁର ! ଅନିରୁଦ୍ଧ ନିଜେ ସେଠିକି ଗଲା ନା ତାକୁ ଏଠୁ ଆସି କେହି ନେଇ ଚାଲିଗଲା ? ଦ୍ୱାରକା ଭଳି ଦୁର୍ଗ ! ଚାରିପଟେ ସଶସ୍ତ୍ର ଜଗୁଆଳି । ତଥାପି କିଏ ଉଆସ ଭିତରେ ପଶି ନାତିଟାକୁ ନେଇ ଚମ୍ପଟ ! ଆମେ ବୋକାଗୁଡ଼େ ଯା' ଭିତରେ ଥାଇ ନାଆଁକୁ ବାହାଦୁରୀ କରୁଚୁ ଯେ ଆମେ ଥାଉଁ ଥାଉଁ ଦ୍ୱାରକା ଭିତରେ ପଶିବ କିଏ ? ହଉ ! ନାରଦ ଆଚ୍ଛା ! କହିଲ ଭଲା, ଏପରି ଅସମ୍ଭବ ଘଟଣା ସମ୍ଭବ ହେଲା କିମିତି ?

●

॥ ୯୯ ॥

# କୃଷ୍ଣ-ମହାଦେବ ଲଢ଼େଇ

ଶ୍ରୀକୃଷ୍ଣଙ୍କ ନାତି, ପ୍ରଦ୍ୟୁମ୍ନ ପୁତ୍ର ଅନିରୁଦ୍ଧ । ତାଙ୍କୁ ହରଣଚାଳ କରିନେବା ଏକ ବିଚିତ୍ର ଘଟଣା । ପୁରୁଷମାନେ ନାରୀମାନଙ୍କୁ ହରଣଚାଳ କରି ନେଇଥିବା ଘଟଣା ବହୁତ । କିନ୍ତୁ ଜଣେ ନାରୀ ଦ୍ୱାରା ଜଣେ ନର ହରଣଚାଳ ହେବା ଘଟଣା ଇଏ ନୂଆ । ହରଣଚାଳ କରିନେଇଥିବା ନାରୀ ଜଣକ ଅନ୍ୟ କେହି ନୁହଁ ସ୍ୱୟଂ ଦେବର୍ଷି ନାରଦଙ୍କ ଶିଷ୍ୟା ଚିତ୍ରଲେଖା । ତେଣୁ ଅନିରୁଦ୍ଧ ଯେ ଅବରୁଦ୍ଧ, ଏ ଖବର ନାରଦଙ୍କୁ ଜଣା ଥିଲା । ସେ କେବଳ ଏହି ଖବର ଜଣାଇବା ପାଇଁ ରାମକୃଷ୍ଣଙ୍କ ପାଖକୁ ଆସିଥିଲେ । ତେଣୁ ନାତିର ସଂଧାନ ନେବାକୁ କହିବା ମାତ୍ରେ ନାରଦ କହିଲେ, ମୁଁ ତ ସେହି କଥା କହିବାକୁ ଆସିଛି । ଇଏ ଭାରି ମଜା ଖବର । ଆପଣମାନେ ନିଶ୍ଚିନ୍ତ ରୁହନ୍ତୁ ଯେ ଅନିରୁଦ୍ଧ ଅବରୁଦ୍ଧ ସତ, କିନ୍ତୁ ତାଙ୍କର କିଛି କ୍ଷତି ହୋଇନାହିଁ । ବାଣାସୁର ଅସୁର ହେଲେ କ'ଣ ହେଲା, ସେପରି ନିର୍ମମ ନୁହଁ । ଏତିକିମାତ୍ର, ଚୋରାଲୁଚା କାରବାର ଏବଂ ଉଷା ଓ ଅନିରୁଦ୍ଧଙ୍କ ଚୋରାପ୍ରୀତି ଯୋଗୁଁ ସେ ଟିକିଏ ଚିଡ଼ି ଯାଇଚି । ସେ ଜାଣିସାରିଲାଣି ଯେ ଦୋଷ ଅନିରୁଦ୍ଧର ନୁହଁ, ଦୋଷ ନିଜ କନ୍ୟା ଉଷାର ।

ଶ୍ରୀକୃଷ୍ଣ ପ୍ରଶ୍ନ କଲେ, ଏସବୁ ଅଭାବିତ କଳ୍ପନାତୀତ ଘଟଣା ଘଟିଲା କିମିତି ? ନାରଦ ଏଣିକି ସୂତାର ଖିଅ ଛଡ଼ାଇ କହିଲେ ଯେ, ଉଷା ସ୍ୱପ୍ନରେ ଦେଖିଲା ଅନିରୁଦ୍ଧଙ୍କୁ । କହିଲା ତା'ର ସଖୀ ଚିତ୍ରଲେଖାକୁ । ଚିତ୍ରଲେଖା ପୃଥିବୀଯାକ ରାଜକୁମାରଙ୍କ ଚିତ୍ର ଆଙ୍କିଲା । ଶେଷରେ ତୁମ ନାତିକି ଯେ ଉଷା ସ୍ୱପ୍ନରେ ଦେଖିଚି, ତାହା ଜଣାପଡ଼ିଲା ।

ଚିତ୍ରଲେଖା ଯୋଗ ବଳରେ ସବୁ କରିପାରେ । ସେ ଯୋଗବଳରେ ତୁମ ଘରେ ପଶି ଅନିରୁଦ୍ଧଙ୍କୁ ଶୋଇବା ଅବସ୍ଥାରେ ଉଠାଇ ନେଲା । ଉଷା ଯାହାକୁ ସ୍ୱପ୍ନରେ ଦେଖି ମନେ ମନେ ପତି ଭାବରେ ବରଣ କରି ନେଇଥିଲା, ତାକୁ ପାଖରେ ପାଇ ଖୁସି ହେଲା । ଦୁହେଁ ଉଷା-ନିବାସରେ ରହିଲେ ସ୍ୱାମୀ ସ୍ତ୍ରୀ ଭାବରେ । ଚିତ୍ରଲେଖା ଭଳି ଜଗୁଆଳି ଥିବାରୁ ଚାରିମାସ ହେଲା ଏ କଥା ପ୍ରଘଟ ହୋଇ ନଥିଲା । ଏପରିକି ବାଣାସୁର କିମ୍ବା ତା ରାଣୀମାନେ କେହି ଜାଣି ନଥିଲେ । ଅନ୍ୟ ଦାସଦାସୀମାନେ ଏକଥା ଜାଣିପାରି ବାଣାସୁରଙ୍କୁ କହିଲେ । ବାଣାସୁର ଉଷା ଓ ଅନିରୁଦ୍ଧଙ୍କୁ ପଶା ଖେଳୁଥିବା ଅବସ୍ଥାରେ ଧରିଲା । ଚୋରାପ୍ରୀତିକି କେଉଁ ବାପ ବା ପସନ୍ଦ କରିବ ? ଝିଅକୁ ତ ଦଣ୍ଡ ଦେଇ ହେବ ନାହିଁ, ବାଣାସୁର ତୁମ ନାତିକୁ ନାଗଫାଶରେ ବାନ୍ଧି ନେଇ ବନ୍ଦୀ କରି ରଖିଲା ।

କୃଷ୍ଣ ଅତି ଆଗ୍ରହରେ ନାତି ଉପାଖ୍ୟାନ ଶୁଣୁଥିଲେ । ବଳରାମ ନାରଦଙ୍କୁ ପଚାରିଲେ, ଚିତ୍ରଲେଖା କ'ଣ ଆମ କୃଷ୍ଣର ମଧ୍ୟ ଚିତ୍ର ଆଙ୍କି ଉଷାକୁ ଦେଖାଇଥିଲା ? ନାରଦ କହିଲେ, ହଁ, ଆମ ପ୍ରଭୁଙ୍କର ମଧ୍ୟ । କିନ୍ତୁ ଉଷା ଚିତ୍ରଟିକୁ ଦେଖି କହିଲା, ଠିକ୍ ଏହିଭଳି । କିନ୍ତୁ ମୋ ସ୍ୱପ୍ନର ନାୟକ ୟାଙ୍କଠୁ ଆହୁରି ସୁନ୍ଦର । ବୟସ ମଧ୍ୟ ୟାଙ୍କଠୁ ବହୁତ କମ୍ ।

ବଳରାମ ପରିହାସ କରି କୃଷ୍ଣଙ୍କୁ କହିଲେ, ତୋ ଦିନକାଳ ଗଲା ବୋଲି ଧରିନେ ! ପିଲାଦିନେ ସିନା ଗୋକୁଳ ବୃନ୍ଦାବନରେ ଗୋପୀ-ମନ-ରଂଜନ କରି ଗୋପୀବଲ୍ଲଭ ବୋଲାଉଥିଲୁ, ଆଉ ତୋର ସେ ମନମୋହନ ରୂପଗୌରବ ନାହିଁ । ନଚେତ ଉଷା କ'ଣ ଇମିତି ନାକ ଟେକିଥାଆନ୍ତା ! ଅସୁରପୁରରେ ଅସୁରକନ୍ୟା ଆଖିରେ ତୋ ନାତି ପ୍ରଦ୍ୟୁମ୍ନ ପୁତ୍ର ତୋ'ଠୁ ସୁନ୍ଦର ! ୟା ଭିତରେ ଏତେ ଘଟଣା ଘଟିଯାଇଛି ଶୁଣି ବଳରାମ ଠୋ ଠୋ ହସିଲେ ! କୃଷ୍ଣଙ୍କୁ କହିଲେ, ତୁ ଏ ଯାଏଁ ଯାହା କରି ଆସିଥିଲୁ, ତା'ର ଓଲଟା ପାଠ ପଢ଼େଇଦେଲେ ବାଣାକନ୍ୟା ଉଷା ଓ ତା' ସଖୀ ଚିତ୍ରଲେଖା ।

କିଛି ସମୟ ପରେ ରାମକୃଷ୍ଣ ଟିକିଏ ବିବ୍ରତ ହୋଇ ପଡ଼ିବା ଭଳି ମନେହେଲା । ନାରଦ କହିଲେ, ତାହାହେଲେ ମୁଁ ଯାଉଚି.. ଯାହା କରିବେ ଶ୍ରୀଅନନ୍ତ, କି କରିପାରେ ବଳବନ୍ତ ! ରଙ୍ଗନାଥ ସବୁ ରଙ୍ଗ ଜାଣନ୍ତି ।

କୃଷ୍ଣ ସଙ୍ଗେ ସଙ୍ଗେ ସୈନ୍ୟସଜ୍ଜା ଲାଗି ଆଦେଶ ଦେଲେ । ନାରାୟଣୀ ସେନା ଅଗ୍ରସର ହେଲେ ଶୋଣିତପୁର ଅଭିମୁଖେ । ସାଙ୍ଗରେ ବଳରାମ, ସାତ୍ୟକୀ, ପ୍ରଦ୍ୟୁମ୍ନ ଓ ଅନ୍ୟ ସମସ୍ତ ଯାଦବ ବୀରମାନେ ଚାଲିଲେ । ବାଣାସୁର ଶୁଣିଲା ଯାଦବ ସୈନ୍ୟଙ୍କ ସଂଖ୍ୟା ବାର ଅକ୍ଷୌହିଣୀ । ଅନିରୁଦ୍ଧଙ୍କୁ ବାନ୍ଧି ରଖିବାବେଳୁ ସେ ଜାଣିଥିଲା ଯେ, ଯାଦବମାନଙ୍କ ସହିତ ତା'ର ଯୁଦ୍ଧ ହେବ । ତେଣୁ ସେ ଆଗରୁ ପ୍ରସ୍ତୁତ ଥିଲା । ଯୁଦ୍ଧ ତ ଆଗରୁ ବହୁତ ହୋଇଛି, କିନ୍ତୁ ଏ ଯୁଦ୍ଧର ବିଶେଷତ୍ୱ ହେଲା କୃଷ୍ଣ ଓ ମହାଦେବଙ୍କ ମଧ୍ୟରେ

ପ୍ରତ୍ୟକ୍ଷ ଓ ସମ୍ମୁଖ ଲଢ଼େଇ । ମହାଦେବଙ୍କ ପରମ ଭକ୍ତ ବାଣାସୁର । ସେ ଭକ୍ତ ସପକ୍ଷରେ ଲଢ଼ିବା ପାଇଁ ଆସିଲେ । ସାଙ୍ଗରେ ବଡ଼ ପୁଅ କୁମାର (କାର୍ତ୍ତିକେୟ) ମଧ୍ୟ ଆସିଲେ । କୁମାର ଦେବତାମାନଙ୍କ ସର୍ବୋଚ୍ଚ ପ୍ରଧାନ ସେନାପତି ।

ଶଙ୍କରଙ୍କ ସହିତ ଶ୍ରୀକୃଷ୍ଣ, ପ୍ରଦ୍ୟୁମ୍ନଙ୍କ ସହିତ କୁମାରଙ୍କ ଲଢ଼େଇ ଚାଲିଲା । ବଳରାମ ଲଢ଼ିଲେ ବାଣାସୁରର ବଡ଼ ବଡ଼ ବୀରମାନଙ୍କ ସହିତ । କୃଷ୍ଣଙ୍କ ସାରଙ୍ଗ ଧନୁ ସହିତ ମହାଦେବଙ୍କ ପିନାକ ଧନୁର ଲଢ଼େଇ ଚାଲିଲା ବହୁ ସମୟ ଧରି । ଏ ଲଢ଼େଇ ଦେଖିବା ଲାଗି ସ୍ୱର୍ଗର ଦେବତାମାନେ ଆକାଶରେ ଆସି ରୁଣ୍ଡ ହେଲେ । ବିଷ୍ଣୁଙ୍କ ସହ ମହେଶ୍ୱରଙ୍କ ଲଢ଼େଇ ଦେଖିବା ଭଳି ଏକ ଦୃଶ୍ୟ ! ଶ୍ରୀକୃଷ୍ଣ 'ଜୃମ୍ଭଣ' ଅସ୍ତ୍ର ପ୍ରୟୋଗ କରି ଭୋଳାନାଥ ମହାଦେବଙ୍କୁ ଶୁଆଇ ଦେଲେ । ତା'ପରେ ସେ ଅନ୍ୟ ସୈନ୍ୟମାନଙ୍କ ସହିତ ଲଢ଼ିଲେ ।

ବାଣାସୁର ଲକ୍ଷ୍ୟ କଲା, ତା' ସୈନ୍ୟମାନେ ଡ଼ରିଗଲେଣି । ସେ ନିଜେ ଆସିଲା ଯୁଦ୍ଧ କ୍ଷେତ୍ରକୁ । ପ୍ରଥମେ ସାତ୍ୟକୀ ସହିତ ଲଢ଼ିବା ପରେ ଆସିଲା କୃଷ୍ଣଙ୍କ ସହିତ ଲଢ଼ିବା ପାଇଁ । ଶ୍ରୀକୃଷ୍ଣ ତା'ର ସମସ୍ତ ଅସ୍ତ୍ରଶସ୍ତ୍ର, ଭାଙ୍ଗିଭୁଙ୍ଗି ଚୂରମାର କରିଦେଲେ । ନିରୂପାୟ ହୋଇ ସେ ତା' ଅନ୍ତଃପୁରକୁ ଚାଲିଗଲା । ପୁଣି ସଜବାଜ ହୋଇ ଆସିଲା । ସିଏ ଇମିତି ସୁସଜ୍ଜିତ ଥିଲା ଯେ ମନେ ହେଉଥିଲା, ତାକୁ କେହି ମାରିପାରିବେ ନାହିଁ । ତା'ର ସହସ୍ର ଭୁଜରେ ହଜାର ହଜାର ଅସ୍ତ୍ରଶସ୍ତ୍ର । ସବୁ ମାରଣାସ୍ତ୍ର । ଶ୍ରୀକୃଷ୍ଣ ଏଥର ତାଙ୍କ ଚକ୍ର ପେଶିଲେ । ସୁଦର୍ଶନ ଚକ୍ର ବାଣାସୁରର ହାତଗୁଡ଼ିକୁ ଛେଦି ପକାଇଲା ।

ମହାଦେବ ନିଦରୁ ଉଠି ଦେଖିଲେ, ଆଉ ରକ୍ଷା ନାହିଁ । ଚକ୍ର ପ୍ରୟୋଗ ଅର୍ଥ ବାଣାସୁରର ମୁଣ୍ଡକାଟ ନିଶ୍ଚିତ । ସେ ହସ୍ତକ୍ଷେପ କଲେ । ଶ୍ରୀକୃଷ୍ଣଙ୍କୁ କହିଲେ, ବାଣାସୁର ମୋର ପରମ ଭକ୍ତ । ତାକୁ ନିର୍ବଳ କରିଦିଅ ପଛକେ, ପ୍ରାଣରେ ମାର ନାହିଁ । ଶ୍ରୀକୃଷ୍ଣ କହିଲେ, ମୁଁ ଜାଣେ, ବାଣାସୁର ମୋ ଭକ୍ତ ବଳିରାଜାର ପୁତ୍ର । ମୋର ପରମ ଭକ୍ତ ପ୍ରହ୍ଲାଦର ବଂଶଧର । ତା'ର ଇଏ ନାତି ହେବ । ମୁଁ ପ୍ରହ୍ଲାଦର କୌଣସି ବଂଶଧରଙ୍କୁ ମାରିବି ନାହିଁ ବୋଲି ପଣ କରିଚି । ତେଣୁ ବାଣାସୁରକୁ ମାରିବିନି । ତା' ହାତଗୁଡ଼ିକୁ କାଟି ଦେଇ ମୁଁ ତା'ର ଔଦ୍ଧତ୍ୟକୁ ନଷ୍ଟ କରିଦେଉଛି । ସେ ମହାଦେବଙ୍କୁ କହିଲେ, ଏହି ବାଣା ଆପଣଙ୍କ ଅନ୍ୟତମ ସେବକ ହୋଇ ରହିବ । ବାଣାସୁର ରାମକୃଷ୍ଣଙ୍କ ପାଦତଳେ ନତମସ୍ତକ ହେଲା । ଉଆସ ଭିତରକୁ ଯାଇ ଉଷା ଓ ଅନିରୁଦ୍ଧଙ୍କୁ ବରକନ୍ୟା ବେଶରେ ବିଭୂଷିତ କରି ଆଣିଲା । ଶୋଣିତପୁରରେ ସେଦିନ ମହୋତ୍ସବ ! ଉଷା-ଅନିରୁଦ୍ଧ ରଥରେ ବସି ଗଲେ ଦ୍ୱାରକାକୁ । ସେଠି ମଧ୍ୟ ଭୋଜିଭାତ ହେଲା । ନାତିର ବାହାଘର । ଶ୍ରୀକୃଷ୍ଣ ସବୁ ଆୟୋଜନ କରିଥିଲେ । ବର କନ୍ୟାଙ୍କୁ ଆଶୀର୍ବାଦ କଲେ ।

## ॥ ୧୦୦ ॥

# ମୋ ନାଆଁ ନୃଗ !

**ଗୋ**କୁଳ, ବୃନ୍ଦାବନ, ମଥୁରା ପରେ ଦ୍ୱାରକା ହେଉଛି ଭଗବାନଙ୍କ ନିବାସ । ସବୁଠି ନାନା ଅଘଟଣ ଘଟଣା ଘଟି ଆସିଛି । ଅଭିନବ ଦ୍ୱାରକା ନଗରୀ । ନଗରୀ ବାହାରେ ଏକ ବିରାଟ ସୁନ୍ଦର ଉଦ୍ୟାନ । ଏଠି ଯାଦବବୀରମାନଙ୍କ କିଶୋର, ବାଳକ ପୁଅମାନେ ଖେଳନ୍ତି । ଦିନେ ଶାମ୍ବ, ପ୍ରଦ୍ୟୁମ୍ନ ସାଙ୍ଗପିଲାଙ୍କ ସହିତ ଖେଳୁଥିଲେ । ଖେଳ ସରିଲା । ସମସ୍ତଙ୍କୁ ଭୀଷଣ ଶୋଷ ହେଲା । କିନ୍ତୁ ପାଣି କାହିଁ ? ପୋଖରୀଟିଏ ଥିଲା, ଶୁଖି ଯାଇଛି । ଗୋଟିଏ କୂଅ ପାଖକୁ ଗଲେ । ଦେଖିଲେ କୂଅରେ ବି ପାଣି ନାହିଁ । କିନ୍ତୁ କୂଅ ଭିତରେ ଏକ ଅଦ୍ଭୁତ ଜୀବକୁ ଦେଖି ସେମାନେ ଶୋଷ ଭୁଲିଗଲେ । ଜୀବଟା ଗୋଟେ ଗୋଧିସାପ । କୂଅ ଭିତରେ କିମିତି ପଡ଼ିଯାଇଛି, ଆଉ ଉଠି ପାରୁନି । ଜଳ ଜଳ ଚାହିଁ ରହିଛି । ଦଉଡ଼ି ବାନ୍ଧି କୂଅ ଭିତରକୁ ପକାଇଲେ । କିନ୍ତୁ ପିଲାଏ ଗୋଧିଟାକୁ ଉଠାଇ ପାରିଲେ ନାହିଁ । ସମସ୍ତେ ଦୌଡ଼ିଲେ କୃଷ୍ଣଙ୍କ ପାଖକୁ । କହିଲେ ତୁମକୁ କୂଅ ପାଖକୁ ଯିବାକୁ ପଡ଼ିବ । ଆମେ ଗୋଟେ ଅଦ୍ଭୁତ ଜୀବକୁ ଉଠେଇ ପାରୁନୁ । ସେଇଟା କୂଅରେ ପଡ଼ି ଯାଇଚି ।

ପିଲାଙ୍କ କଥା ରଖି କୃଷ୍ଣ ଗଲେ କୂଅ ପାଖକୁ । ସେ ତାଙ୍କର ଗୋଟିଏ ହାତରେ ଗୋଧିସାପଟିକୁ କୂଅ ଭିତରୁ ଉଠେଇ ଆଣିଲେ । କିନ୍ତୁ ଗୋଧିଟା ଉପରକୁ ଉଠିବା ମାତ୍ରେ ଏକ ଦିବ୍ୟପୁରୁଷ ପାଲଟିଗଲା । ଇଏ କିଏ ଶ୍ରୀକୃଷ୍ଣ ଜାଣିପାରିଲେ । କିନ୍ତୁ ପିଲାମାନଙ୍କୁ ଜଣାଇବା ପାଇଁ ସେ ଏହି ଦିବ୍ୟପୁରୁଷଙ୍କୁ ତୁମ ପରିଚୟ କ'ଣ ପଚାରିଲେ । ଦିବ୍ୟପୁରୁଷ ଜଣଙ୍କ ପ୍ରଥମେ ଶ୍ରୀକୃଷ୍ଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ତାଙ୍କ ଚକ୍ଷୁଯୁଗଳ ସଜଳ ହୋଇ ପଡ଼ିଲା ।

ଶ୍ରୀକୃଷ୍ଣ କହିଲେ— ତୁମ ରୂପ, ବେଶଭୂଷାରୁ ଜଣାପଡୁଛି ତୁମେ ସ୍ୱର୍ଗର ଦେବତା । ଶିରରେ ତୁମର ସ୍ୱର୍ଣ୍ଣ ମୁକୁଟ । ତୁମେ ପ୍ରକୃତରେ କିଏ, ଏଠି ଏହିକ୍ଷଣି, ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କର ।

ଦିବ୍ୟପୁରୁଷ ପୁଣିଥରେ ଶ୍ରୀକୃଷ୍ଣଙ୍କ ପାଦତଳେ ପ୍ରଣିପାତ କଲେ । କହିଲେ, ମୁଁ ସୂର୍ଯ୍ୟବଂଶର ଇକ୍ଷ୍ୱାକୁଙ୍କ ପୁତ୍ର ନୃଗ । ମୁଁ ପୃଥିବୀରେ ରାଜୁତି କରୁଥିବା ବେଳେ ବହୁ ସୁନାମ ଅର୍ଜନ କରିଥିଲି । ମହାଦାନୀ ହରିଶ୍ଚନ୍ଦ୍ର, କର୍ଣ୍ଣ ଓ ବଳିରାଜାଙ୍କ ଭଳି ମୁଁ ମଧ୍ୟ ଥିଲି ଜଣେ ଦାନଶୀଳ ରାଜା । ଆପଣ ତ ସବୁ କରି କରାଇଥାଆନ୍ତି, ଆପଣଙ୍କୁ ମୋର

କ'ଣ ବା ପରିଚୟ ଦେବି ? ଦେଲେ ଧୃଷ୍ଟତା ହେବ । ତଥାପି ଆପଣଙ୍କ ବାରମ୍ବାର ତାଗିଦ୍‌କୁ ମୁଁ ଏଡ଼ିଦେଇ ପାରିବିନି । ପିଲାମାନଙ୍କୁ ଅବଶ୍ୟ ଶୁଣିବାକୁ ଭଲ ଲାଗିବ । ନୃଗ କହିଲେ, ''ମୁଁ ମୋ କଥା ବଢ଼େଇ କରି କହୁନି । ଏ କଥା ସତ ଯେ ନଈର ବାଲି, ଆକାଶର ତାରା, ବର୍ଷା ବିନ୍ଦୁକୁ ଗଣା ଯାଇପାରେ; କିନ୍ତୁ ମୁଁ ବ୍ରାହ୍ମଣମାନଙ୍କୁ ଯେଉଁ ଗୋଦାନ କରିଛି, ତାହା ଅଗଣନ । କପିଳା ସମେତ ଯେଉଁ ଦଶଟି ଦିବ୍ୟଗାଭୀ କଥା ଶାସ୍ତ୍ରରେ ଉଲ୍ଲେଖ ଅଛି, ମୁଁ ସେହି ପ୍ରକାରର କୋଟି କୋଟି ଗୋଦାନ କରିଛି । ଯାହାକୁ ଦାନ କରାଯାଇଛି, ସମସ୍ତେ ଜଣେ ଜଣେ ନିଷ୍ଠାବାନ୍, ପବିତ୍ର ବ୍ରାହ୍ମଣ । ମୁଁ ସେମାନଙ୍କୁ ଖୁସିରେ ଦେଇଚି, ସେମାନେ ମଧ୍ୟ ଖୁସିରେ ନେଇଛନ୍ତି ।

ନୃଗ କହୁଛନ୍ତି, ଶ୍ରୀକୃଷ୍ଣ ଓ ତାଙ୍କ ପିଲାମାନେ ନୀରବରେ ଶୁଣୁଛନ୍ତି । ନୃଗ କହିଲେ– ହେ ପ୍ରଭୁ ! କେବଳ ଯେ ଗୋଦାନ କରୁଥିଲି ତାହା ନୁହେଁ, ଘୋଡ଼ା, ହାତୀ, ସ୍ୱର୍ଣ୍ଣ, ଭୂମି ଆଦି ମଧ୍ୟ ମୁଁ ଅକାତରରେ ଦାନ କରି ଆସୁଥିଲି । ବହୁ ପୁଷ୍କରିଣୀ ମଧ୍ୟ ଖନନ କରାଇଥିଲି । ଏହି ଦାନ କରିବା ଭିତରେ ଏକ ଭୁଲ ହୋଇଗଲା । ଦିନେ ଜଣେ ବ୍ରାହ୍ମଣଙ୍କୁ ଏକ ଦୁଗ୍ଧବତୀ ଗାଈ ଦାନ କଲି । ଏ ଗାଈଟି କେତେଦିନ ପରେ ମୋ ପାଖକୁ ଫେରି ଆସିଲା । ଏକଥା ମୁଁ ଜାଣିପାରି ନଥିଲି । କେତେଦିନ ପରେ ଜଣେ ଗରିବ ବ୍ରାହ୍ମଣଙ୍କୁ ମୁଁ ଏ ଗାଈଟି ଦାନ କଲି । ସେ ଏ ଗାଈଟିକୁ ନେବାବେଳେ ପୂର୍ବରୁ ଏହି ଗାଈଟି ଦାନସ୍ୱରୂପ ନେଇଥିବା ବ୍ରାହ୍ମଣ ଏହି ବ୍ରାହ୍ମଣଙ୍କୁ ଧରିଲା । କହିଲା, ଏ ଗାଈ ମୋର । ଇଏ କହିଲା ମୋର, ସିଏ କହିଲା ମୋର । ନୃଗ ମହାରାଜ ଏ ଗାଈ ମତେ ଦେଇଥିଲେ ବୋଲି ଦୁହେଁ ଦାବୀ କଲେ । ଦୁହେଁ ଆସି ମତେ ଭର୍ତ୍ସନା କଲେ । କାହା କଥା ମିଛ ନୁହେଁ । ମୁଁ ସେମାନଙ୍କ ପାଦତଳେ ପଡ଼ି କ୍ଷମା ଭିକ୍ଷା କଲି । ଦୁଇ ବ୍ରାହ୍ମଣଙ୍କୁ ହାତଯୋଡ଼ି କହିଲି, ଏ ଗାଈକି ମୁଁ ଫେରାଇ ନେଉଛି । ଏହାଠୁ ଭଲ ଗାଈ ଦୁଇଟି ଦୁହିଁଙ୍କି ଦେବାକୁ ମୁଁ ପ୍ରସ୍ତୁତ । ଦାନ ନିଅ, ମୋତେ ପାପରୁ ଉଦ୍ଧାର କର ବୋଲି ବହୁତ କାକୁତି ମିନତି କଲି । କିନ୍ତୁ ଦି'ଜଣଯାକ ବ୍ରାହ୍ମଣ ଆଉ ତମଠୁ କିଛି ନେବୁ ନାହିଁ ବୋଲି ମନା କରିଦେଲେ । ମୁହଁ ଛିଙ୍ଗାଡ଼ି ଚାଲିଗଲେ । ଠିକ୍ ସେହି ମୁହୂର୍ତ୍ତରେ ଯମଦୂତ ହାଜର ମୋତେ ନେବା ପାଇଁ । ମୁଁ ମୃତ୍ୟୁ ବରଣ କଲି । ଯମରାଜାଙ୍କ ପାଖରେ ଉପସ୍ଥିତ ହେଲି । ଯମରାଜ କହିଲେ, ମୁଁ ଜାଣେ ତୁମେ ବହୁତ ଭଲ କାମ କରିଚ, ତୁମର ପୁଣ୍ୟ ବହୁତ । ପୁଣ୍ୟ ଫଳ ନିଶ୍ଚୟ ଭୋଗ କରିବ । କିନ୍ତୁ ଅଜାଣତରେ ହେଉ ନା କାହିଁକି, ଗୋଟିଏ ପାପ କରି ପକାଇଚ । ତୁମେ ପ୍ରଥମେ ପୁଣ୍ୟ ଫଳ ଭୋଗ କରିବାକୁ ଚାହୁଁଚ ନା ପ୍ରଥମେ ପାପ ଲାଗି ଯାହାବା ସାମାନ୍ୟ ଦଣ୍ଡ ଦିଆଯିବ, ତାହା ଭୋଗିବାକୁ ଚାହୁଁଚ ? ତୁମେ ପ୍ରଥମେ ଯାହା ଚାହିଁବ ମୁଁ ତା'ର ବ୍ୟବସ୍ଥା କରିଦେବି ।

ମୁଁ ନତମସ୍ତକ ହୋଇ ଯମରାଜଙ୍କୁ କହିଲି, ମୁଁ ପ୍ରଥମେ ପାପର କୁପରିଣାମ ଭୋଗିବାକୁ ଚାହେଁ । ଯାହା ଦଣ୍ଡ ଦିଆଯିବ ତାହା ମୁଁ ଗ୍ରହଣ କରିନେବି ।

କହୁ କହୁ ଦେଖିଲି, ମୋର ରୂପ ବଦଳି ଯାଇଛି । ମୁଁ ଗୋଟିଏ ଭୟଙ୍କର ଗୋଧିସାପ ହୋଇଯାଇଛି । ମୁଁ ଜାଣିଥିଲି ଯେ ଦିନେନା ଦିନେ ମୁଁ ଏହି ଦଶାରୁ ମୁକ୍ତ ହେବି । ମୁଁ ମୋର ମୁକ୍ତିଦାତାଙ୍କୁ ଖୋଜି ବୁଲୁଥିଲି । ପରେ ଜାଣିଲି ଯେ ସ୍ୱୟଂ ନାରାୟଣ ଏବେ ଧରାଧାମରେ ଅବତୀର୍ଣ୍ଣ ଏବଂ ଦ୍ୱାରକାରେ ବିଦ୍ୟମାନ । ମୁଁ ଏଠି ଆଶ୍ରୟ ନେଇଥିଲି କେବଳ ପ୍ରଭୁଙ୍କ ହସ୍ତସ୍ପର୍ଶ ପାଇବା ଲାଗି । ମୁଁ ଜାଣିଶୁଣି କୂଅ ଭିତରେ ପଡ଼ିଥିଲି । ପିଲାମାନେ ମତେ ଉଠାଇଲେ ମଧ୍ୟ ଉଠୁ ନଥିଲି । ପ୍ରଭୁ ହାତ ବଢ଼ାଇବା ମାତ୍ରେ ମୁଁ ଉପରକୁ ଉଠି ଆସି ତାଙ୍କୁ ଧରା ଦେଇଥିଲି । ପ୍ରଭୁଙ୍କ କୋମଳ ଅମୃତ ହସ୍ତ ସ୍ପର୍ଶରେ ମୁଁ ଅମୃତ ପାଲଟିଗଲି । ମୋର ପାପର ଫଳଭୋଗ ସରିଗଲା । ପୁଣ୍ୟ ଯାହା ଥିଲା, ପ୍ରଭୁଙ୍କ କରକମଳ ସ୍ପର୍ଶ ଦ୍ୱାରା ତା'ର ଫଳଭୋଗ ମଧ୍ୟ ହୋଇଗଲା । ମତେ ଏତିକିମାତ୍ର ବର ପ୍ରଦାନ କରନ୍ତୁ. ମୋ ମତି ପ୍ରଭୁଙ୍କ ପାଦରେ ହିଁ ଚିରଦିନ ଲାଗି ରହୁ ।

ଏତିକି କହି ନୃଗ ଆକାଶମାର୍ଗକୁ ଉଠି ସ୍ୱର୍ଗକୁ ଫେରିଗଲେ ।

●

॥ ୧୦୧ ॥

# ଯମୁନା ! ତୁ ମୋ ପାଖକୁ ଆ !

ଦ୍ୱାରକାରେ କୃଷ୍ଣ, ବଳରାମ ଏବେ ସଂପୂର୍ଣ୍ଣ ଗୃହସ୍ଥ । ପୁଅ, ପୁତୁରା ହୋଇ ବିରାଟ ପରିବାର । ସବୁବେଳେ ଘରକଥା ବୁଝି ବୁଝି ବଳରାମଙ୍କ ମନ ଚିଟା ହୋଇଗଲା । ହଠାତ୍ ଦିନେ ବୃନ୍ଦାବନ କଥା ମନେ ପଡ଼ିଗଲା । ମନେ ମନେ ସ୍ଥିର କଲେ ସେ ବ୍ରଜ ବୃନ୍ଦାବନ ଯିବେ । ବଳରାମ ଯାହା ସ୍ଥିର କରନ୍ତି, ସଙ୍ଗେ ସଙ୍ଗେ କରିବସନ୍ତି । ସେ ରଥ ସଜିଲ କରି ବୃନ୍ଦାବନ ଅଭିମୁଖେ ବାହାରିଲେ ।

ବୃନ୍ଦାବନରେ ସେ ପହଞ୍ଚିବା ମାତ୍ରେ ଲୋକେ ତାଙ୍କୁ ଦେଖି ଆନନ୍ଦରେ ନାଚିଲେ, ଡେଇଁଲେ । ସେ ନନ୍ଦ, ଯଶୋଦାଙ୍କୁ ପ୍ରଣିପାତ କଲେ । ଦାଣ୍ଡଠୁ ବାଡ଼ିଆଡ଼ ଯାଏଁ ଥରେ ସେ ବୁଲିଗଲେ । ଦେଖିଲେ, ପୁରୁଣା ଜିନିଷ, ଯୋଉଠି ଯାହା ଥିଲା ସବୁ ରହିଛି । ଗଛଗୁଡ଼ାକ ବହୁତ ବଢ଼ିଗଲାଣି । ନନ୍ଦ ଯଶୋଦା ଏବେ ବୁଢ଼ାବୁଢ଼ୀ । ତଥାପି ବଡ଼ ପୁଅକୁ ପାଖରେ ପାଇ ସେମାନଙ୍କ ମନ ଯୁବକ-ଯୁବତୀଭଳି ସତେଜ ହୋଇଉଠିଲା । କହ୍ନେଇକି ସାଙ୍ଗରେ ଆଣିଲୁ ନାହିଁ କାହିଁକି ବୋଲି ସେମାନେ ପଚାରିଲେ । ବଳରାମ କହିଲେ,

ମୋର ଇଚ୍ଛା ହେଲା, ଚାଲି ଆସିଲି । ଦୁହେଁ ଆସିଲେ, ଘର ସମ୍ଭାଳିବ କିଏ ? ନନ୍ଦ ଯଶୋଦା ବଳରାମଙ୍କୁ ବହୁତ ସରଲବଣୀ ଖୁଆଇଲେ । ବଳରାମ କହିଲେ, ମତେ ସେଗୁଡ଼ାକ ଭଲ ଲାଗେନି । ତୁମ ସାନପୁଅ କହ୍ନେଇ ଆସିଥିଲେ, ତାକୁ ଅଣ୍ଡେଇ ପାରି ନ ଥାଆନ୍ତ ।

କେତେ ସମୟ ଘରେ ରହିବା ପରେ ସେ ସାଙ୍ଗ ସାଥୀମାନଙ୍କୁ ଭେଟିବା ପାଇଁ ବାହାରିଲେ । ସେମାନେ ମଧ୍ୟ ବଡ଼ ହୋଇଗଲେଣି । ସେମାନଙ୍କ ପୁଅମାନେ ଏବେ ଗାଈ ବାଛୁରୀ କଥା ବୁଝୁଛନ୍ତି । ପିଲାମାନେ ଗିରିଗୋବର୍ଦ୍ଧନ ଉପରକୁ ଗାଈ ଗୋଠକୁ ନେଇ ଚରଉଛନ୍ତି ! ସାଙ୍ଗ ସାଥୀଙ୍କ ସହିତ ଦେଖା ହେବା ମାତ୍ରେ ସମସ୍ତଙ୍କର ପିଲାଦିନ କଥା ମନେ ପଡ଼ିଗଲା । କିମିତି ଗଛରେ ଚଢ଼ି ଫଳ ଝଡ଼ଉଥିଲେ, ବାଡ଼ି ଆଙ୍କୁଡ଼ି ଓ ଲୁଚକାଳି ଖେଳ ଖେଳୁଥିଲେ, ସବୁକଥା ମନେ ପଡ଼ିଲା । ସେମାନେ ବଳରାମଙ୍କୁ ନାନା ପ୍ରଶ୍ନ କରିବାରେ ଲାଗିଲେ । ମଥୁରାରୁ ଦ୍ୱାରକା କାହିଁକି ଚାଲିଗଲ ବୋଲି ପଚାରିଲେ । ବଳରାମ କହିଲେ କଂସର ଶ୍ୱଶୁର ଜରାସନ୍ଧ ବାରମ୍ବାର ମଥୁରା ଉପରେ ଚଢ଼ଉ କଲା । ଥରେ ନୁହେଁ ଅଠର ଥର । ଦେଖିଲୁ, କେବଳ ଯୁଦ୍ଧ କରି କରି ଆମେ ସର୍ବସ୍ୱାନ୍ତ ହୋଇଯିବୁ । ମଥୁରାର ଲୋକେ ମଧ୍ୟ ବ୍ୟସ୍ତ ହୋଇପଡ଼ିଲେ । ଯୁଦ୍ଧ ଫଳରେ ଦୁର୍ଭିକ୍ଷ ପଡ଼ିଲା । ତେଣୁ ବାଧ୍ୟ ହୋଇ ମଥୁରାଠୁ ଆହୁରି ଏକ ସୁନ୍ଦର ନଗର ନିର୍ମାଣ କରି ଆମେ ଦ୍ୱାରକା ଚାଲିଗଲୁ । ଜରାସନ୍ଧ ସେଠିକି ମଧ୍ୟ ଆକ୍ରମଣ କରିବା ପାଇଁ ଉଦ୍ୟମ କରିଥିଲା । କିନ୍ତୁ ବେଶୀଦୂର ଯୋଗୁଁ ସାହସ କରିପାରିଲା ନାହିଁ ।

ଗୋପୀମାନେ ନିଜ ସ୍ୱାମୀମାନଙ୍କୁ କହିଲେ, ନନ୍ଦଙ୍କ ବଡ଼ପୁଅ ବଳରାମ ଆସିଚନ୍ତି । ଆମ ସହିତ କ'ଣ କଥାବାର୍ତ୍ତା କରିବାକୁ ମନା ? ସେମାନେ ବଳରାମଙ୍କୁ ଏ କଥା ଜଣାଇବାରେ ସେ କହିଲେ, କହ୍ନେଇ ଆସିଥିଲେ, ସେମାନଙ୍କ ପାଖକୁ ପ୍ରଥମେ ଯାଇଥାଆନ୍ତା । ଗଲେ, ସେମାନେ କୃଷ୍ଣ କଥା ପଚାରିବେ ବୋଲି ମୁଁ ଜାଣିଶୁଣି ସେମାନଙ୍କ ପାଖକୁ ଯାଇ ନଥିଲି । ଏବେ ତ ଯିବାକୁ ହିଁ ପଡ଼ିବ । ଗଲେ ମଧ୍ୟ । ଯାଉ ଯାଉ ଗୋପୀମାନେ ବଳରାମଙ୍କୁ କୃଷ୍ଣ-ବାଣରେ ବିଦ୍ଧ କରି ପକାଇଲେ । ପଚାରିଲେ ସହରୀ ସ୍ତ୍ରୀମାନଙ୍କ ସହିତ ଆମ କୃଷ୍ଣ ଭଲ ଅଛନ୍ତି ତ ? ଏହାହିଁ ଥିଲା ଗୋପୀମାନଙ୍କ ପ୍ରଥମ ପ୍ରଶ୍ନ । ପିଲାଦିନ କଥା କ'ଣ କିଛି ମନେ ପଡୁନି ? ଆଉ କ'ଣ ସେ ବୃନ୍ଦାବନ ଆସିବେନି ? ଆମେ ବା ତାଙ୍କର କ'ଣ, କିନ୍ତୁ ମା' ବାପାଙ୍କୁ କ'ଣ ଏକାବେଳକେ ପାସୋରି ଦେଲେ ? ତୁମେ ତ ଆସିପାରିଲ । ଆମେ କୃଷ୍ଣଙ୍କ ଲାଗି କ'ଣ ନ କରିଛୁ ? ସ୍ତ୍ରୀଜାତି ପକ୍ଷରେ ଯାହା ନ କରିବା କଥା, ସବୁ ତାଙ୍କ ପାଇଁ କରିଚୁ ! ତୁମେ ତ ସବୁ

ଦେଖିଚ ! ତୁମକୁ ଆଉ କ'ଣ ବା କହିବୁ ! ଲୋକଟା ଏପରି ଶଠ, ମିଛୁଆ ବୋଲି ଜାଣି ନ ଥିଲୁ । ଅକ୍ରୁର ଆସିଲା, ମାମୁଁ ଘରକୁ ନେବା ପାଇଁ । ଆମେ ବାଟ ଓଗାଳିଲୁ । ଗଲାବେଳେ କହିଲେ, ଧନୁଯାତ୍ରା ଦେଖି ସାରି ଫେରିଆସିବି । ଆସିବେ ଆସିବେ ବୋଲି ସେଦିନଠୁ ଆମେ ବାଟ ଚାହିଁ ରହିଚୁ । କେବଳ ଆଶାରେ ଆଶାରେ ବିରହ ନିଶାରେ ଘାରି ହେଉଚୁ । ହଁ ଉଦ୍ଧବଙ୍କୁ ଥରେ ପଠାଇଥିଲେ, ଆମ ଦେହ ପା' ବୁଝି ଆସିବା ପାଇଁ । ସେ ତ ଯାଇ ଆମ ଅବସ୍ଥା କ'ଣ କହିଥିବେ । ତଥାପି ଆସିଲେ ନାହିଁ ।

ଇମିତି କହୁ କହୁ ଗୋପୀମାନେ କୃଷ୍ଣ ଭାବନାରେ ବିହ୍ୱଳ ହୋଇପଡ଼ିଲେ । ଲମ୍ପଟ, କୁଟିଳ, ଠକ, ମିଛୁଆ ଆଦି ଯେତେ ଗାଳିର ଭାଷା ଥିଲା, ସେମାନେ ବଳରାମଙ୍କ ପାଖରେ ଓଝାଳି ପକାଇଲେ । ପିଲାଙ୍କ ଭଳି ଭୋ ଭୋ କାନ୍ଦିଲେ । ବଳରାମ ସେମାନଙ୍କୁ ବହୁତ ବୁଝେଇଲେ । କୃଷ୍ଣଙ୍କ ପ୍ରତିନିଧିତ୍ୱ କରିବା ପାଇଁ ବଳରାମ ବୃନ୍ଦାବନରେ ଚୈତ୍ର ଓ ବୈଶାଖ ଦୁଇମାସ ଧରି ରହିଲେ । ସାଥିମାନଙ୍କୁ ସାଙ୍ଗରେ ନେଇ ଯମୁନା ପୁଳିନରେ ଖେଳିଲେ, ବୁଲିଲେ ।

ବଳରାମ କାଦମ୍ବରୀ ଓ ବାରୁଣୀ ପାନ କରିବାରେ ଅଭ୍ୟସ୍ତ । ଭୋଳାନାଥ ସେ । ସେଥିରୁ ମନ୍ଦେ ମନ୍ଦେ ପିଇଦେଇ ସେ କେତେବେଳେ ଯମୁନା କୂଳରେ ତ କେବେ କେବେ ବଣ ଜଙ୍ଗଲରେ ବୁଲିଲେ । ପିଇଲାବେଳେ ନିଶା ଭୋଳରେ ସେ ଛୋଟ ପିଲା ପାଲଟି ଯାଉଥିଲେ । ସତେକି ମଦମତ୍ତ ହସ୍ତୀ ସେ । ଦେହରୁ ଲୁଗାପଟା ମଧ୍ୟ ଖସି ତଳେ ପଡ଼ିଲା । କାନର କୁଣ୍ଡଳ ମଧ୍ୟ ହଜିଗଲା । ଦିନେ ଏତେ ପିଇଦେଲେ ଯେ ବଣରେ ବୁଲୁବୁଲୁ ଗୋଟିଏ ଜାଗାରେ ବସି ଯମୁନା ନଦୀକି କହିଲେ, ତୁ ଏଠିକି ଆସ, ମୁଁ ଗାଧୋଇବି । ମୁଁ ତୋ ପାଖକୁ ଯାଇ ପାରିବିନି । ଯମୁନା ଜାଣିଲା, ଇଏ ବଳରାମ କହୁନି, ତା' ନିଶା କହୁଚି । ତେଣୁ ଜାଣିଶୁଣି ଗଲାନି । ବଳରାମ ରାଗିଗଲେ । ଉଠାଇଲେ ଲଙ୍ଗଳ । କହିଲେ, ତତେ ଚଷି ଚଷି ସାଫ କରିଦେବି । ଶତଧା ବିଦୀର୍ଣ୍ଣ କରିଦେବି । ଯମୁନାନଦୀ ବୋଲି ତୋର ସତ୍ତା କିଛି ରହିବ ନାହିଁ । ଯମୁନା ଡରିଗଲା । ଦୌଡ଼ିଯାଇ ତାଙ୍କ ପାଦତଳେ ପଡ଼ିଲା । ବଳରାମ ଲଙ୍ଗଳ ଉପରକୁ ଉଠେଇ ଆଣିଲେ । ଯମୁନା ରକ୍ଷା ପାଇଗଲା । ବଳରାମ ଗୋପୀମାନଙ୍କୁ ସାଙ୍ଗରେ ନେଇ ବହୁ ସମୟ ଧରି ଯମୁନା ଜଳରେ କେଳି କଲେ, ତାଙ୍କର ବାରୁଣୀ ନିଶା ଛାଡ଼ିବା ପର୍ଯ୍ୟନ୍ତ । ନିଶା ଭୋଳରେ ସେ ସବୁ ହରେଇଥିଲେ । ମା' ଲକ୍ଷ୍ମୀ ଆସି ତାଙ୍କ ଆଭୂଷଣ, ପରିଧାନ ଆଦି ଦେଲେ । ନୀଳବସ୍ତ୍ର ଓ ଅଳଙ୍କାର ପରିଧାନ କରି ସେ ଯମୁନା ଗର୍ଭରୁ ବାହାରି ଆସିଲେ । ଐରାବତ ହସ୍ତୀ ଭଳି ଝୁଲି ଝୁଲି ବୃନ୍ଦାବନ

ଦାଣ୍ଡରେ ଚାଲିଲେ । ତାଙ୍କ ଲଙ୍ଗଳ ଆଘାତରେ ଯମୁନାର ଯେଉଁଠି କ୍ଷତ ହୋଇଥିଲା, ଏବେ ବି ସେ ଜାଗା ରହିଚି । ଯମୁନାକୁ ତା'ର ଗତିପଥ ବଦଳାଇବାକୁ ପଡ଼ିଚି ।

ବଳରାମ ବୃନ୍ଦାବନରେ ଥିବାଯାଏଁ ଗୋପୀ ଗୋପାଳମାନେ ରାମକୃଷ୍ଣ ଉଭୟଙ୍କ ଉପସ୍ଥିତି ଅନୁଭବ କରୁଥିଲେ । ବଳରାମ ବାରୁଣୀ ପାନ କରି ଆନନ୍ଦ ଅନୁଭବ କରୁଥିଲେ, ଗୋପୀଗୋପାଳମାନେ ତାଙ୍କର ଝୁଲଣ ଦୃଶ୍ୟକୁ ଅନୁଭବ କରି ଆନନ୍ଦ ପାଉଥିଲେ ।

●

॥ ୧୦୨ ॥

# ପୌଣ୍ଡ୍ରକ– ବାସୁଦେବ ନିହତ

**କା**ରୁଷ ରାଜ୍ୟର ରାଜା ପୌଣ୍ଡ୍ରକ । ଜରାସନ୍ଧର ବନ୍ଧୁ । ଇଏ ମଧ୍ୟ ଶିଶୁପାଳର ବରଯାତ୍ରୀ ହୋଇ ଯାଇଥିଲା ବିଦର୍ଭ ରାଜ୍ୟକୁ– ରୁକ୍ମିଣୀଙ୍କ ସ୍ୱୟମ୍ବର ବେଳେ । ଶିଶୁପାଳ ତ ବାହା ହୋଇପାରିଲାନି, ହତାଶ ହୋଇ ଫେରିଲା । ତା' ସହିତ ସାଙ୍ଗମାନେ ମଧ୍ୟ ରବେଇ ଖବେଇ ହୋଇ ଫେରିଲେ । ପୌଣ୍ଡ୍ରକ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଘୃଣା କରୁଥିଲା । କୁତ୍ସିତ ଭାଷାରେ ଗାଳିଗୁଲଜ କରୁଥିଲା ।

ବଳରାମ ବୃନ୍ଦାବନ ଯାଇଛନ୍ତି ଖବର ପାଇ ପୌଣ୍ଡ୍ରକ ଭାବିଲା, ଏହା ହିଁ ଅପୂର୍ବ ସୁଯୋଗ କୃଷ୍ଣଙ୍କ ସହିତ ଲଢ଼ିବା ପାଇଁ । ସେ ଦୂତ ପଠାଇଲା ଦ୍ୱାରକାକୁ । ଶ୍ରୀକୃଷ୍ଣ ସେତେବେଳକୁ ପିତା ବସୁଦେବ ଓ ଅଜା ଉଗ୍ରସେନ ସହିତ ସଭାଗୃହରେ ବସିଥିଲେ । ପୌଣ୍ଡ୍ରକର ଦୂତ ଆସି କହିଲା, କାରୁଷ ରାଜା ମତେ ଏକ ସନ୍ଦେଶ ଦେଇ ପଠାଇଛନ୍ତି । ଏ ପତ୍ରରେ କ'ଣ ଲେଖାଯାଇଛି ମୁଁ ଜାଣେନା । ମୁଁ ମୋର କର୍ତ୍ତବ୍ୟ ଦୃଷ୍ଟିରୁ ରାଜା ଯାହା ଦେଲେ ଆଣିଲି । ଶ୍ରୀକୃଷ୍ଣ କହିଲେ, କିଛି ଭୟ କରନି । ତୁମ ରାଜାଙ୍କ ସନ୍ଦେଶ କ'ଣ ନିର୍ଭୟରେ ପ୍ରକାଶ କର । ଦୂତ କହିଲା, ଆମ ରାଜା କହିଛନ୍ତି– "ଆରେ ଏ କୃଷ୍ଣ ! ତୁ ନିଜକୁ ନାରାୟଣଙ୍କ ଅବତାର ବାସୁଦେବ ବୋଲି କହି ବୁଲୁଛୁ ! ଏ କଥା ମନରୁ ପାସୋରି ଦେ ! ମୁଁ ହେଉଛି ପ୍ରକୃତ ବାସୁଦେବ । ମୋ ନାଁ ପୌଣ୍ଡ୍ରକ ବାସୁଦେବ । ପିଲାମାନେ ଖେଳିବାବେଳେ ନିଜକୁ ନିଜେ ରଜାରାଣୀ କହିଥାଆନ୍ତି । ସେହିଭଳି ଜଣେ କେହି ତତେ ନାରାୟଣଙ୍କ ଅବତାର ବୋଲି କହୁ କହୁ କହି ଦେଇଛି । ମୂର୍ଖଙ୍କ ଭଳି ତୁ ସେହି କଥାକୁ ଦୋହରେଇ ଚାଲିଚୁ । ବାସ୍ତବରେ ମୁଁ ହେଉଛି ଅବତାର । ମୁଁ ମନୁଷ୍ୟ ସମାଜର ରକ୍ଷାକର୍ତ୍ତା । ତୁ ନାରାୟଣଙ୍କ ଭଳି ଯେଉଁସବୁ ଶଂଖ, ଚକ୍ର, ଗଦା, ପଦ୍ମ ଧାରଣ କରୁଛୁ,

ସେସବୁ ମୋର– କାରଣ ମୁଁ ହେଉଛି ବାସୁଦେବ । ସ୍ୱୟଂ ନାରାୟଣ । ତୁ ନିଜେ ସେସବୁ ସହିତ ମୋ ପାଦତଳେ ସମର୍ପଣ କରିଦେଇ ଯାଆ । ଯଦି ନ କରୁ ମୋ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୁଅ ।

ପୌଣ୍ଡ୍ରକର ଏହା ହିଁ ଥିଲା କୃଷ୍ଣଙ୍କ ପ୍ରତି ଚରମ ସଂଦେଶ । ଏହାକୁ ଶୁଣିବା ମାତ୍ରେ ସଭାରେ ଉପସ୍ଥିତ ସମସ୍ତେ ହସିଲେ । ଏ ହସ ସରିବା ପରେ ଶ୍ରୀକୃଷ୍ଣ ଦୂତକୁ କହିଲେ, ତୁମେ ତୁମ ମୂର୍ଖ ରାଜାଙ୍କ ଏପରି ସନ୍ଦେଶ ଶୁଣାଇଲ ବୋଲି ଯେ ତୁମ ଉପରେ ରାଗିବି, ତାହା ନୁହଁ । ବରଂ ଆମମାନଙ୍କୁ ହସର ଖୋରାକ ଯୋଗାଇଲ ବୋଲି ତୁମ ଉପରେ ଆମେ ସମସ୍ତେ ଖୁସି ! ଭାଇ ଥିଲେ, ହୁଏତ୍ କ'ଣ ବୋଇଲେ କ'ଣ ହୋଇ ଯାଇଥାଆନ୍ତା । ତୁମ ଭାଗ୍ୟ ଭଲ, ସେ ନାହାଁନ୍ତି । ତୁମେ ତ ତମ ରାଜାଙ୍କ ସନ୍ଦେଶ ଶୁଣାଇଲ, ମୁଁ ତାକୁ ମୋର ସନ୍ଦେଶ ଦେଉଛି । ମୋ ସନ୍ଦେସ ତାଙ୍କୁ ସନ୍ଦେଶ ଭଳି ମିଠା ଲାଗିବ ବୋଲି ଆଶା । ତାକୁ ଯାଇ କହିବ– ''ଆରେ ମୂର୍ଖ ପୌଣ୍ଡ୍ରକ । କୁଉଠି ବାଟରେ ପଡ଼ିଥିବା ଖଣ୍ଡିଆ ଗୋଟାଏ ଗଦା, ଭଙ୍ଗା ଶଂଖ, ଦଦରା ଚକ୍ର, ଶୁଖିଲା ପଦ୍ମ ଫୁଲଟେ ଗୋଟାଇ ଆଣି ନିଜକୁ ନାରାୟଣ ବୋଲି ଦାବି କରିବାଠୁ ବଳି ହାସ୍ୟାସ୍ପଦ କଥା କିଛି ହୋଇ ନପାରେ ! ଅପେକ୍ଷାକର ତୋର ବାସୁଦେବ ପଣିଆ ଛଡ଼େଇଦେବି । ତୋର ମରିବାବେଳ ପାଖେଇ ଆସିଲାଣି । ତୋ ଶବକୁ ଚିଲ, ଶାଗୁଣା ଓ କୁକୁର ଝୁଣିବେ ।''

ଦୂତ ଏ ସନ୍ଦେଶ ନେଇ ପୌଣ୍ଡ୍ରକ ପାଖକୁ ଗଲା । ତା' ପଛେ ପଛେ ଶ୍ରୀକୃଷ୍ଣ ରଥରେ ବସି କାରୁଷ ରାଜ୍ୟ ଅଭିମୁଖେ ବାହାରିଲେ । ଶ୍ରୀକୃଷ୍ଣ ତାଙ୍କ ରାଜ୍ୟ ଆଡ଼କୁ ମାଡ଼ି ଆସିଗଲେଣି ଶୁଣିବାମାତ୍ରେ ପୌଣ୍ଡ୍ରକ ମଧ୍ୟ ତା'ର ତିନି ଅକ୍ଷୌହିଣୀ ସୈନ୍ୟ ସଜିତ କଲା । ଆଗରୁ ସେ ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲା । ତା' ସାଙ୍ଗ କାଶୀର ରାଜା ମଧ୍ୟ ତିନି ଅକ୍ଷୌହିଣୀ ସୈନ୍ୟ ଆଣି ତାକୁ ସାହାଯ୍ୟ କରିବାକୁ ବାହାରିଲେ ।

ଶ୍ରୀକୃଷ୍ଣ ପୌଣ୍ଡ୍ରକକୁ ଦେଖିଲେ । ଦେଖିଲେ, ତାଙ୍କ ଭଳି ନିଜକୁ ସଜେଇଛି । ଶଂଖ, ଚକ୍ର, ଗଦା, ପଦ୍ମ ଧରିଛି । ସେ ମଧ୍ୟ ଶ୍ରୀବତ୍ସ ଚିହ୍ନ ଭଳି ତା' ଛାତିରେ ଏକ ଚିହ୍ନ କରିଛି । କୌସ୍ତୁଭମାଳା ଭଳି ଏକ ମଣିମୁକ୍ତା ଖଚିତ ମାଳା ଗଳାରେ ଲମ୍ବେଇଛି । ବନମାଳା ମଧ୍ୟ ବେକରୁ ଗୋଡଯାଏ ଓହଳିଛି । ଦେହରେ ପୀତାମ୍ବର । ଏ ଦୃଶ୍ୟ ଦେଖି ଶ୍ରୀକୃଷ୍ଣ ନ ହସି ରହିପାରିଲେ ନାହିଁ । ଚିତ୍ରାଳୟରେ ଚିତ୍ରିତ ହୋଇ ଜଣେ ନାଟୁଆ ରଙ୍ଗମଞ୍ଚ ଉପରେ ଅଭିନୟ କରିବା ଭଳି ପୌଣ୍ଡ୍ରକ ଶ୍ରୀକୃଷ୍ଣ ବେଶରେ ଯୁଦ୍ଧକୁ ଆସିଛି ।

ସତ କୃଷ୍ଣ ଆଉ ମିଛ କୃଷ୍ଣ ମଧ୍ୟରେ ଲଢ଼େଇ ଆରମ୍ଭ ହୋଇଗଲା । ଅଳ୍ପ ସମୟ ଭିତରେ ଶ୍ରୀକୃଷ୍ଣ ପୌଣ୍ଡ୍ରକର ଅଧିକାଂଶ ସୈନ୍ୟଙ୍କୁ ମାରିଦେଲେ । ତା'ପରେ ପୌଣ୍ଡ୍ରକକୁ କହିଲେ, ମୋର ଚକ୍ର, ଗଦା ଆଦି ଅସ୍ତ୍ରଶସ୍ତ୍ର ସବୁ ତୋ ପାଖରେ ସମର୍ପଣ କରିଦେବା ପାଇଁ କହିଥିଲୁ, ମୁଁ ଏବେ ସେଗୁଡ଼ିକୁ ପ୍ରୟୋଗ କରୁଚି, ନିଜକୁ ନିଜେ ସମ୍ଭାଳ । ମୁଁ ତୋ ସହିତ ଲଢ଼ିବାକୁ ଚାହୁଁ ନଥିଲି । ତୁ ନିଜେ ମତେ ଡାକି ଆଣିଚୁ, ଲଢ଼ିବା ପାଇଁ । ତୁ ନାରାୟଣ କି ମୁଁ ନାରାୟଣ ଏବେ ଦେଖାଯାଉ । କହି, ଶ୍ରୀକୃଷ୍ଣ ପୌଣ୍ଡ୍ରକକୁ ଶରବିଦ୍ଧ କଲେ । ସେ ଗୁରୁତର ଆହତ ହୋଇପଡ଼ିଲା । ତଥାପି ଯୁଝିଲା । ଏଥର ସୁଦର୍ଶନ ଚକ୍ର ଦ୍ୱାରା ଶ୍ରୀକୃଷ୍ଣ ପୌଣ୍ଡ୍ରକର ମୁଣ୍ଡ ଗଣ୍ଡି ଅଲଗା କରିଦେଲେ । ଗୋଟିଏ ଶରରେ କାଶୀ ରାଜାର ମୁଣ୍ଡ ମଧ୍ୟ କଟିଲା । ପୌଣ୍ଡ୍ରକର ମୁଣ୍ଡଟା ଗୋଟିଏ ଶରରେ ଲାଖି ରହି କାରୁଷ ରାଜ୍ୟଯାକ ବୁଲିଲା, ଶେଷରେ ତଳେ ପଡ଼ିଲା ।

ଶ୍ରୀକୃଷ୍ଣ କାରୁଷ ରାଜ୍ୟର ଲୋକଙ୍କୁ କହିଲେ, ମୁଁ ଅଯଥା ଶକ୍ତିକ୍ଷୟ, ଲୋକକ୍ଷୟ କରିବାକୁ ଚାହୁଁ ନଥିଲି । ହେଲେ କ'ଣ ହେବ, ତମ ରାଜାଙ୍କ ଔଦ୍ଧତ୍ୟ ସୀମା ଟପିଗଲା । ତା' ଦୋଷରୁ ତୁମେମାନେ ମଧ୍ୟ ଦଣ୍ଡ ଭୋଗିଲ । ରାଜ୍ୟର ବହୁ ଲୋକ ମରିବା ସାର ହେଲା ।

●

॥ ୧୦୩ ॥

# ତ୍ରେତାରେ ମିତ୍ର, ଦ୍ୱାପରରେ ଶତ୍ରୁ

ନିଜକୁ ନାରାୟଣ କହୁଥିବା ପୌଣ୍ଡ୍ରକ ମଲା । ତା' ସହିତ ତା' ସାଙ୍ଗ କାଶୀରାଜା ମଧ୍ୟ ମୃତ୍ୟୁବରଣ କଲା । କାରୁଷ ରାଜ୍ୟରେ ଶ୍ରୀକୃଷ୍ଣ ଏହି ଦୁଷ୍ଟ ଦଳନ କାର୍ଯ୍ୟ ସାରିଲେ । ଦ୍ୱାରକା ଫେରିଲେ ।

କାଶୀରାଜାର ପୁତ୍ର ସୁଦକ୍ଷିଣ । ପିତୃହତ୍ୟାର ପ୍ରତିଶୋଧ ନେବା ଲାଗି ସେ ମନେ ମନେ ସ୍ଥିର କଲା । ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସରିଲା । ଶ୍ରୀକୃଷ୍ଣଙ୍କୁ କିମିତି ମାରିବ, ସେହି ଚିନ୍ତା ହିଁ ତା' ମନକୁ ଅଥୟ କରି ପକାଇଲା । ଭାବିଲା, କୃଷ୍ଣଠୁ ଅଧିକ ଶକ୍ତିଶାଳୀ ଦେବ ଦେବ ମହାଦେବ । ତାଙ୍କ ସାହାଯ୍ୟ ଲୋଡ଼ିବାକୁ ପଡ଼ିବ । ତାଙ୍କୁ ପ୍ରସନ୍ନ କରିବାକୁ ପଡ଼ିବ । ସିଏ ଆଶୁତୋଷ । ହେଲେ କ'ଣ ହେବ, ତାଙ୍କଠୁ ବର ପାଇବା ଲାଗି କଠୋର ତପସ୍ୟା ଆବଶ୍ୟକ । ବଣକୁ ଯାଇ ସେ ଦିନରାତି ଗୋଟିଏ ନିର୍ଜନ ସ୍ଥାନରେ ବସି ରହିଲା ।

ବହୁଦିନ ଧରି ସେ କଠୋର ତପସ୍ୟା କଲା । ମନମୁନ ଚଇତନ ଲଗାଇ ସେ ମହାଦେବଙ୍କୁ ଧ୍ୟାନ କଲା ।

ମହାଦେବ ତା' ତପସ୍ୟାରେ ପ୍ରସନ୍ନ ହେଲେ । ତା' ପାଖକୁ ଆସିଲେ । କ'ଣ ଚାହୁଁଚୁ, ପଚାରିବାରେ ସେ ସବୁକଥା କହିଗଲା । କହିଲା, ମୁଁ ମୋର ପିତୃହନ୍ତାକୁ ମାରିବାକୁ ଚାହେଁ । ଏହି କାର୍ଯ୍ୟ ଯେଉଁ ବାଟରେ ହାସଲ ହୋଇ ପାରିବ, ସେହି ଉପାୟ ବତାଅ । ମତେ ସେହି ବର ଦିଅ । ମହାଦେବ କହିଲେ, ମୁଁ ଏକ ମନ୍ତ୍ର ଶିକ୍ଷା ଦେବି । ଅଭିଚାର ମନ୍ତ୍ର । ଯାହାକୁ ମାରିବାକୁ ଚାହୁଁ, ତାକୁ ମନରେ ରଖି, ଏଥିଲାଗି ଅଭିଚାର-ହୋମ କରିବାକୁ ପଡ଼ିବ ।

ସୁଦକ୍ଷିଣ ଏହି ହୋମ କଲା । ହୋମାଗ୍ନିରୁ ଏକ ଭୟଙ୍କର ଜୀବର ଉଦ୍‌ଭବ ହେଲା । ଏହି ଜୀବଟା ଅଗ୍ନି ଭଳି ଲେଲିହାନ, ଜାଜ୍ଜ୍ୱଲ୍ୟମାନ । ଏହାର ମୁଣ୍ଡର ବାଳଗୁଡ଼ାକ ତମ୍ବାକାଠି ଭଳି । ଆଖିରୁ ଅଗ୍ନିର ସ୍ଫୁରଣ । ହାତରେ ସୁତୀକ୍ଷ୍ଣ ତ୍ରିଶୂଳ । ଏହାର ପ୍ରତି ପଦକ୍ଷେପରେ ମେଦିନୀ କମ୍ପିଲା । ଗର୍ଜନ କରିବାରେ ଲାଗିଲା ସେ । ମନେ ହେଲା ଯେପରି ଯମରାଜକୁ ସୁଦ୍ଧା ଇଏ ଗିଳି ପକାଇବ । ଏକାଢ଼ୋକରେ ତ୍ରିଲୋକକୁ ଗର୍ଭସାତ୍ କରିନେବ । ଇଏ ଅଗ୍ରସର ହେଲା ଦ୍ୱାରକା ଆଡ଼ିକି !

ଏକ ବିକଟାଳ ପ୍ରକାଣ୍ଡକାୟ ଅଦ୍‌ଭୁତ ଜୀବ । ଯାକୁ ଦେଖିବା ମାତ୍ରେ ଦ୍ୱାରକାର ଲୋକେ ଘରଦ୍ୱାର ଛାଡ଼ି କିଏ କୁଆଡ଼େ ପଳେଇଲେ । ଲୁଚିଲେ । ଏ ଜୀବଟା ଦ୍ୱାରକାରେ ପ୍ରବେଶ କରିବାବେଳେ ଶ୍ରୀକୃଷ୍ଣ ବିଶ୍ରାମ କରୁଥିଲେ । ପାଟବଂଶୀ ରାଣୀମାନଙ୍କ ସହିତ ପଶା ଖେଳୁଥିଲେ । ଲୋକେ ଭୟରେ ରଡ଼ି ଛାଡ଼ିଲେ । ସେମାନଙ୍କ କାନ୍ଦ ବୋବାଳି ଶ୍ରୀକୃଷ୍ଣଙ୍କ କାନରେ ପଡ଼ିଲା । ସେ ଉଆସ ଛାତ ଉପରକୁ ଉଠିଲେ । ଦେଖିଲେ, ଦ୍ୱାରାକାରେ କୋକୁଆଭୟ ଖେଳି ଯାଇଛି । କିଏ କୁଆଡ଼େ ଦୌଡ଼ିବାରେ ଲାଗିଛନ୍ତି । କୃଷ୍ଣଙ୍କୁ ଦେଖି 'ହେ କୃଷ୍ଣ, ହେ କୃଷ୍ଣ', କହି ବୋବାଳି କଲେ । କହିଲେ, ଦ୍ୱାରାକାକୁ ଏକ ଅଦ୍‌ଭୁତ ଜୀବ ଆସିଛି । ଯୁଆଡ଼େ ଯାଉଚି, ସବୁ ଜଳିପୋଡ଼ି ପାଉଁଶ ହୋଇ ଯାଉଛି । ଜୀବ, ଜନ୍ତୁ, ଘର, ଦ୍ୱାର ସବୁ ଭସ୍ମୀଭୂତ । ରକ୍ଷାକର, ରକ୍ଷାକର । ଶ୍ରୀକୃଷ୍ଣ ହାତ ଉଠାଇ କହିଲେ, କେହି କିଛି ଭୟ କର ନାହିଁ । ସବୁ ଠିକ୍ ହୋଇଯିବ ।

ଶ୍ରୀକୃଷ୍ଣଙ୍କ ଗୋଟିଏ ହାତରେ ଥିଲା ପଶାକାଠି । ସେ ଚକ୍ରକୁ ସ୍ମରଣ କରିବା ମାତ୍ରେ ଅନ୍ୟ ହାତକୁ ଚକ୍ର ଆସିଗଲା । ସେ ଜାଣିପାରିଲେ ଯେ ଏ ଜୀବଟା ଗୋଟାଏ ରାକ୍ଷସ । ଦୁର୍ଦ୍ଦେବତା । ମହାଦେବଙ୍କ ଅବଦାନ । ତେଣୁ ଅତିକାୟ ଏବଂ ଅତି ଶକ୍ତିଶାଳୀ । ଏହାକୁ ନିପାତ କରିବା ପାଇଁ ଅଧିକ ଶକ୍ତିଶାଳୀ ଶସ୍ତ୍ର ଦରକାର । ସେ ସୁଦର୍ଶନଚକ୍ରକୁ

ଅତୀବ ଶକ୍ତିଶାଳୀ କରିଦେଲେ । ଯୁଗାନ୍ତରେ ଦ୍ୱାଦଶ ସୂର୍ଯ୍ୟ ଭଳି ଚକ୍ର ଅଧିକ ତେଜସ୍ୱୀ ହୋଇପଡ଼ିଲା । ଜୀବଟା ଥିଲା ଅଗ୍ନିପିଣ୍ଡୁଳା ଭଳି । ସୁଦର୍ଶନଚକ୍ର ସେହି ଅଗ୍ନିପିଣ୍ଡୁଳା ପଛରେ ଗୋଡ଼େଇଲା । ରାକ୍ଷସ ଦେଖିଲା ଚକ୍ର ତାକୁ ଗୋଡଉଚି । ପ୍ରାଣ ବିକଳରେ ଦୌଡ଼ିଲା ସେ । ତା'ପଛେ ପଛେ ଚକ୍ର । ଚକ୍ର ଭୟରେ କୁଚକ୍ରୀ ଅଗ୍ନିରୂପୀ ରାକ୍ଷସ ପହଁଚିଲା କାଶୀ ରାଜ୍ୟରେ । ଯାହାର ଯଜ୍ଞାଗ୍ନିରୁ ଇଏ ବାହାରିଥିଲା, ସେହି ସୁଦକ୍ଷିଣକୁ ପ୍ରଦକ୍ଷିଣ କରି ଶେଷରେ ତାକୁ ଜାଳିପୋଡ଼ି ଧ୍ୱଂସ କରିଦେଲା । ତା' ସହିତ କାଶୀରାଜ୍ୟ ମଧ୍ୟ ଭସ୍ମୀଭୂତ ହେଲା । ଚକ୍ର ଫେରିଗଲା ଦ୍ୱାରକା । ତା' କାମ ସରିଲା ।

ଇଆଡ଼େ ଏକ ପ୍ରତିଶୋଧର ପାଲା ଚାଲିଥିବା ବେଳେ ସିଆଡ଼େ ରୈବତକ ପର୍ବତରେ ସେଭଳି ଏକ କାର୍ଯ୍ୟ ଚାଲିଥିଲା । ଇତିମଧ୍ୟରେ ବଳରାମ ଫେରି ଆସିଛନ୍ତି ବୃନ୍ଦାବନରୁ ଦ୍ୱାରକା । ଦ୍ୱାରକା ପାଖରେ ଆନର୍ତ୍ତ ରାଜ୍ୟ । ଏହି ରାଜ୍ୟରେ ଏକ ପର୍ବତର ନାମ ରୈବତ ବା ରୈବତକ । ଦିନେ ବଳରାମ ତାଙ୍କ ସଂଗିନୀମାନଙ୍କ ସହିତ ଏହି ପର୍ବତରେ ବିଶ୍ରାମ କରୁଥିଲେ । ହଠାତ୍ ଦ୍ୱିବିଜ ନାମକ ଏକ ବାନର ବଳରାମଙ୍କ ସାମନାକୁ ଆସି ତାଙ୍କୁ ଧମକାଇଲା । ଏହି ଦ୍ୱିବିଜ ଥିଲା ନରକାସୁରର ସାଙ୍ଗ । ଶ୍ରୀକୃଷ୍ଣ ନରକାସୁରକୁ ମାରିଥିଲେ । ଦ୍ୱିବିଜ ଥିଲା ତ୍ରେତା ଯୁଗରେ ଶ୍ରୀରାମଙ୍କ ଭକ୍ତ । ସୁଗ୍ରୀବର ଦ୍ୱାରପାଳ । ରାମଭକ୍ତ ହେଲେ କ'ଣ ହେବ, ଦ୍ୱାପର ଯୁଗରେ ସେ କୁସଂଗରେ ପଡ଼ିଗଲା । ନରକାସୁରର ବନ୍ଧୁ ହେଲା । ବନ୍ଧୁହତ୍ୟାର ପ୍ରତିଶୋଧ ନେବା ଲାଗି ସେ ମନେ ମନେ ପଣ କରିଥିଲା । ସେ ଚାହିଁଲା ଯେଉଁଠି ଯେଉଁଠି କୃଷ୍ଣ ବଳରାମଙ୍କ ସଂପର୍କ, ସେସବୁ ସ୍ଥାନ ଏବଂ ସେ ସ୍ଥାନର ଲୋକଙ୍କୁ ଧ୍ୱଂସ କରିଦେବା ପାଇଁ । ଗୋକୁଳ, ବୃନ୍ଦାବନ, ଦ୍ୱାରକା, ମଥୁରା ସବୁ ରାଜ୍ୟର ଚିହ୍ନବର୍ଣ୍ଣ ସୁଦ୍ଧା ରଖିବନି । ତା' ଦେହରେ ହଜାର ହାତୀର ବଳ । ଥରେ ସେ ସମୁଦ୍ରକୁ ଡ଼େଇଁ ସମୁଦ୍ରକୁ ଏଭଳି ମନ୍ଥି ପକାଇଲା ଯେ ସମୁଦ୍ରଜଳ ଉଚ୍ଛୁଳି କୂଳରେ ଥିବା ସବୁ ରାଜ୍ୟ ବୁଡେଇ ଦେଇଥିଲା । ଲୋକେ ହାହାକାର କରିଥିଲେ । ବଣଜଙ୍ଗଲରେ ରହୁଥିବା ଋଷିମାନଙ୍କ ଆଶ୍ରମଗୁଡ଼ିକୁ ମଧ୍ୟ ସେ ଧୂଳିସାତ୍ କରି ପକାଇଥିଲା । ଋଷିମାନଙ୍କୁ କାଖରେ ଜାକି ନେଇ ଅନ୍ଧାରୁଆ ଗୁମ୍ଫାମାନଙ୍କ ଭିତରେ ବନ୍ଦୀ କରି ରଖିଥିଲା ।

ଏହି ଦ୍ୱିବିଜ ସେଦିନ ରୈବତକ ପର୍ବତକୁ ଉଠିଲା । ବଳରାମଙ୍କ ସହିତ ଥିବା ସ୍ତ୍ରୀଲୋକଙ୍କୁ ଖତେଇ ହେଲା । ଗଛର ଡାଳ ପତ୍ର ଛିଣ୍ଡେଇ ସେମାନଙ୍କ ଉପରକୁ ଫିଙ୍ଗିଲା । ବଳରାମଙ୍କ ସଙ୍ଗିନୀମାନେ ମାଙ୍କଡ଼ଟାକୁ ଦେଖି ହସିଲେ । ସେମାନଙ୍କ ହସ ଦ୍ୱିବିଜ ପକ୍ଷରେ ଅସହ୍ୟ ହେଲା । ସ୍ତ୍ରୀଲୋକଙ୍କ ପ୍ରତି ସେ ଅଶ୍ଳୀଳ ଇଙ୍ଗିତ କଲା । ବଳରାମଙ୍କ ପାଇଁ ଥିବା ବାରୁଣୀ (ମଦ) ହାଣ୍ଡିଟାକୁ ଭାଙ୍ଗି ପକାଇଲା । କିନ୍ତୁ ହାଣ୍ଡି ଭାଙ୍ଗିବା ପୂର୍ବରୁ ବଳରାମ

ସେଥିରୁ ଥୋଡାଏ ପିଇ ସାରିଥିଲେ । ସେ ଉନ୍ମତ୍ତ ଅବସ୍ଥାରେ ଥିଲେ । ମାଙ୍କଡ଼ଟାର ଏପରି ଦୁର୍ବ୍ୟବହାରରେ ସେ କ୍ରୋଧାନ୍ଧ ହୋଇପଡ଼ିଲେ । ଦ୍ୱିବିଜ ଗୋଟାଏ ଗଛ ଭାଙ୍ଗି ବଳରାମଙ୍କ ମୁଣ୍ଡରେ ଆଘାତ କଲା । କିନ୍ତୁ ସେଥିରେ ବଳରାମଙ୍କର ବିଶେଷ କିଛି କ୍ଷତି ହେଲାନାହିଁ । ଦ୍ୱିବିଜ ପାହାଡ଼ରୁ ପଥର କାଢ଼ି ବଳରାମଙ୍କ ଉପରକୁ ଫିଙ୍ଗିଲା । ସେଥିରେ ମଧ୍ୟ ଫଳ ହେଲା ନାହିଁ । ସେ ବାଧ୍ୟ ହୋଇ ଗଛରୁ ଓହ୍ଲାଇ ଆସି ବଳରାମଙ୍କ ଛାତିକୁ ବିଧା ମାରିଲା । ସେତେବେଳେକୁ ବଳରାମ ଏକ ମଦମତ୍ତ ହସ୍ତୀ । ହାତୀ ଦେହରେ ପିମ୍ପୁଡ଼ିର ଆଘାତ ! ବଳରାମ ଏଥର ମାଙ୍କଡ଼ର ଗାଲକୁ କଷିକରି ଏକ ଚାପୁଡ଼ା ମାରିଲେ । ସେଥିରେ ଦ୍ୱିବିଜର ଜୀବନ ନାଟିକା କୁଆଡ଼େ ଉଡ଼ିଗଲା । ଗଁ ଗଁ ରଡ଼ି ଛାଡ଼ି ସେ ରୈବତକ ପାହାଡ଼ ଉପରୁ ଗଡ଼ିଗଡ଼ି ତଳେ ପଡ଼ିଲା ।

ବଳରାମ ଦ୍ୱାରକା ଫେରି ଆସି କୃଷ୍ଣଙ୍କୁ କହିଲେ, ଆଜି ଗୋଟାଏ ମାଙ୍କଡ଼ ଶିକାର ହେଲା । ଶ୍ରୀକୃଷ୍ଣ କହିଲେ, ସିଏ ପରା ତ୍ରେତାଯୁଗରେ ଆମର ଭକ୍ତ ଥିଲା ! ବଳରାମ କହିଲେ – ଆରେ କାହ୍ନା ! ତ୍ରେତାଯୁଗର କେତେକ ଭକ୍ତ ଏ ଯୁଗରେ ଆମର ଶତ୍ରୁ । କଳିଯୁଗରେ ମଧ୍ୟ ସେମାନେ ନେତା ପାଲଟି ଲୋକଙ୍କୁ ଶୋଷଣ କରିବେ । ଆମର କଳ୍କୀ ଅବତାରରେ, ଯେତକ ବାକି ଥିବେ, ସେମାନଙ୍କୁ ଧ୍ୱଂସ କରିବାକୁ ପଡ଼ିବ ।

●

॥ ୧୦୪ ॥

# ବଳରାମଙ୍କ ରୋଷ : ହସ୍ତିନା ଚାଷ

ଦୁର୍ଯ୍ୟୋଧନଙ୍କ କନ୍ୟା ଲକ୍ଷ୍ମଣା । ହସ୍ତିନାପୁରରେ ତା'ର ବିବାହ ଲାଗି ସ୍ୱୟମ୍ବରସଭା ହେଲା । ଲକ୍ଷ୍ମଣା ଏ ସଭା ହେଉ ବୋଲି ଚାହୁଁ ନଥିଲା । ସେ ମନେ ମନେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବଙ୍କୁ ବରଣ କରିବ ବୋଲି ସ୍ଥିର କରିଥିଲା । ଏକଥା ଶାମ୍ବ ଓ ତାଙ୍କ ମା' ଜାମ୍ବବତୀ ଜାଣିଥିଲେ । ତେଣୁ ଏ ଦୁହେଁ ଯଥା ସମୟରେ ହସ୍ତିନାରେ ପହଞ୍ଚି ଲକ୍ଷ୍ମଣାକୁ ହରଣଚାଳ କରି ନେଇ ଆସିଲେ । ଦୁର୍ଯ୍ୟୋଧନ ଓ କୌରବମାନେ ଏ ଘଟଣାରେ ଉତ୍‌କ୍ଷିପ୍ତ ହୋଇ ପଡ଼ିଲେ । ସେମାନେ କୁହାକୁହି ହେଲେ ଯେ ଶାମ୍ବ ଯୋଗ୍ୟ ବରପାତ୍ର ନୁହଁ । କୁଳ, ମାନ, ସଂଭ୍ରମ ସବୁଦୃଷ୍ଟିରୁ ଶାମ୍ବ ଅନୁପଯୁକ୍ତ । ତା'ର ଆଚରଣ ମଧ୍ୟ ଭଲ ନୁହଁ । ତାକୁ ଧରି ଆଣି ବନ୍ଦୀ କରିବାକୁ ପଡ଼ିବ । ଯାଦବମାନେ କିଛି କରିପାରିବେ ନାହିଁ । ପୁଅ ବନ୍ଦୀ ହୋଇଚି ଶୁଣିଲେ, ନିଜ ଭୁଲ ବୁଝିବେ । ଯାଦବମାନେ ସାବ୍‌ବାଡ଼ ହେବେ । ଦୁର୍ଯ୍ୟୋଧନ, କର୍ଣ୍ଣ, ଭୁରି, ଶଲ୍ଲ ପ୍ରମୁଖ ଆଟପାଟ ସହ ବାହାରିଲେ । କୁଳବୃଦ୍ଧ ଭୀଷ୍ମଦେବ ସବୁକଥା ଶୁଣିଲେ । କୌଣସି ଆପତ୍ତି କଲେ ନାହିଁ ।

ଶାମ୍ବ ଦେଖିଲେ କୌରବ ସେନାବାହିନୀ ତାଙ୍କର ପିଛା କରୁଛନ୍ତି । ସେ ଏକା ଏକା ସେମାନଙ୍କ ସହିତ ଯୁଦ୍ଧ କଲେ । ବହୁ ସମୟ ଧରି ଲଢ଼େଇ ହେଲା । କୌରବ ସେନାମାନେ ଶାମ୍ବଙ୍କୁ ପାରିଲେ ନାହିଁ । ଶେଷରେ ସେମାନେ ଚାରିପଟୁ ତାଙ୍କୁ ଘେରିଗଲେ । ଶାମ୍ବଙ୍କୁ ବାନ୍ଧିନେଲେ ।

ଏକଥା ନାରଦ ଦ୍ୱାରକା ଯାଇ ବଳରାମ ଓ ଶ୍ରୀକୃଷ୍ଣଙ୍କୁ ଜଣାଇ ଦେଲେ । ଯାଦବ ସେନାମାନେ ସଜ୍ଜିତ ହେଲେ ହସ୍ତିନା ଆକ୍ରମଣ କରିବା ପାଇଁ । ଦୁର୍ଯ୍ୟୋଧନ ତଥା କୌରବମାନଙ୍କୁ ବଳରାମ ଭଲ ପାଉଥିଲେ । କାଦମ୍ବରୀ ପାନ ନକରିଥିଲେ ବଳରାମ ସ୍ୱଭାବତଃ ଶାନ୍ତ । ସେ କୃଷ୍ଣଙ୍କୁ କହିଲେ,— ତୁ ଥା, ମୁଁ ସାଙ୍ଗରେ ଅଳ୍ପ କେତେକ ସୈନ୍ୟ ନେଇ ହସ୍ତିନା ଯାଉଛି । ଘଟଣା କ'ଣ ବୁଝିବି । ପ୍ରତିକାର ବ୍ୟବସ୍ଥା କରିବି । ସେ ସାଙ୍ଗରେ ଉଦ୍ଧବଙ୍କୁ ମଧ୍ୟ ନେଲେ । ହସ୍ତିନା ସୀମା ଅତିକ୍ରମ ନକରୁଣୁ ବାହାରେ ରଥ ରଖିଲେ । ମୁଁ ଆସିଚି ବୋଲି ଧୃତରାଷ୍ଟ୍ରଙ୍କୁ ଜଣାଇବାପାଇଁ ଉଦ୍ଧବଙ୍କୁ ପଠାଇଲେ ।

ଉଦ୍ଧବ ଗଲେ । ଧୃତରାଷ୍ଟ୍ର, ଭୀଷ୍ମ, ଦ୍ରୋଣ ପ୍ରମୁଖଙ୍କୁ କହିଲେ ଯେ ବଳରାମ ଆସି ବାହାରେ ଅପେକ୍ଷା କରିଛନ୍ତି । ସେତେବେଳେ ରାଜ ଦରବାରରେ ଦୁର୍ଯ୍ୟୋଧନ, କର୍ଣ୍ଣ, ଶକୁନି ପ୍ରମୁଖ ଉପସ୍ଥିତ ଥିଲେ । ଉଦ୍ଧବଙ୍କଠାରୁ ସଂଦେଶ ପାଇ ସମସ୍ତେ ବଳରାମଙ୍କୁ ପାଛୋଟି ଆଣିବା ଲାଗି ଗଲେ । ବହୁ ଧନରତ୍ନ ଉପହାର ସ୍ୱରୂପ ଦେଲେ । ରାଜୋଚିତ ସମସ୍ତ ପ୍ରକାରର ସମ୍ମାନ ତାଙ୍କୁ ଦିଆଗଲା । ହସ୍ତିନା ଓ ଦ୍ୱାରକା ସଂପର୍କରେ ଆଲୋଚନା ହେଲା ।

ବଳରାମ କହିଲେ, ଆମ ଅଜା, ଦ୍ୱାରକାର ରାଜା ଉଗ୍ରସେନ ମତେ ପଠାଇଛନ୍ତି ଆପଣମାନଙ୍କୁ କହିବାପାଇଁ । ସେ କୁଆଡୁ ଜାଣିବାକୁ ପାଇଲେ ଯେ କୌରବମାନେ ଅଧର୍ମ ଯୁଦ୍ଧ କରି ଆମ ପୁଅ ଶାମ୍ବଙ୍କୁ ବାନ୍ଧି ରଖିଛନ୍ତି । ଆମମାନଙ୍କ ଭିତରେ ବହୁ କାଳରୁ ପାରିବାରିକ ସୁସଂପର୍କ ରହି ଆସିଚି । ଏହା କ୍ଷୁଣ୍ଣ ହେଉ ବୋଲି ମୁଁ ଚାହେଁନା । ଆପଣମାନେ ଶାମ୍ବଙ୍କୁ ଯଥାଶୀଘ୍ର ମୁକ୍ତ କରିଦିଅନ୍ତୁ ।

ବଳରାମ ଅତି ଭଦ୍ରଭାବରେ ଏହି କଥା କହିଲେ । କିନ୍ତୁ କୌରବମାନେ ତାଙ୍କ କଥାକୁ ଭଲମନରେ ଘେନିଲେ ନାହିଁ । ବରଂ ସେମାନେ ତାଙ୍କ କଥାକୁ ହସରେ ଉଡ଼େଇ ଦେଲେ । ସେମାନେ କହିଲେ, ତୁମେ ଯାଦବମାନେ ନିଜକୁ ବହୁତ ବଡ଼ ମନେ କରିଆସୁଚ । ତୁମ ସହିତ ଆମର ସଂପର୍କ କ'ଣ ? କେବଳ କୁନ୍ତୀ ତୁମର ପିଉସୀ ବୋଲି ଯାହାବା ସମ୍ପର୍କ ରହି ଆସିଛି । ସେ ସମ୍ପର୍କ ପାଣ୍ଡବଙ୍କ ସହିତ । ବାସ୍ତବରେ ଦେଖିବାକୁ ଗଲେ, ତୁମେମାନେ ଆମର ପ୍ରଜା । କୌରବ ଆଉ ଯାଦବ ! ଆକାଶ

ପାତାଳ ପ୍ରଭେଦ ! ଆମେ ବହୁ ଉଚ୍ଚରେ, ତମେମାନେ ବହୁ ନୀଚରେ । ଆମ ସହିତ ତମେମାନେ କୌଣସି କ୍ଷେତ୍ରରେ ସମାସ୍କନ୍ଧ ହୋଇନପାର । ସିଂହାସନ, ରାଜଛତ୍ର, ଆଲଟ, ଚାମର ଆଦି ଲାଗି ତମେମାନେ ଉପଯୁକ୍ତ ନୁହଁ । ଏ ସବୁ ବହୁଦିନରୁ ଛଡ଼େଇ ଆଣିବା କଥା ଥିଲା । ତମେ ଯାହା କହିବ, ଆମେ ତା' କରିବୁ – ଏ ଔଦ୍ଧତ୍ୟ ସେତିକିରେ ଥାଉ । ଆମେ ଯାହାକୁ ହେଲେ ଆମ ଇଚ୍ଛାରେ ବନ୍ଦୀ କରିବୁ, ତାକୁ ତୁମ ଇଚ୍ଛାରେ ମୁକ୍ତ କରାଯାଇ ନପାରେ !

କୌରବମାନେ ବଳରାମଙ୍କ ଉତ୍ତରକୁ ଅପେକ୍ଷା ନକରି ଅନ୍ୟଆଡ଼କୁ ମୁହଁମୋଡ଼ି ବସିଲେ । କୌରବମାନଙ୍କ ଏପରି ଆଚରଣ ଦେଖି ବଳରାମ ନିର୍ବାକ ହୋଇ ପଡ଼ିଲେ । ଭାବିଲେ, ମୁଁ ଭୁଲ କରି ବସିଲି । କୃଷ୍ଣ ଓ ଯାଦବ ବୀରମାନେ ହସ୍ତିନା ଆକ୍ରମଣ କରିବାକୁ ସଜ୍ଜିତ ହୋଇ ପଡ଼ିଥିଲେ । ମୁଁ ଭାବିଲି କଥାଟା ବେଶିଦୂର ଆଗେଇ ନେବା ଭଲ ହେବ ନାହିଁ । କିନ୍ତୁ ଏଠି ଆସି ଯାହା ଦେଖୁଚି, କୃଷ୍ଣ ଯାହା କହୁଥିଲା, ଯାହା କରିବାକୁ ଯାଉଥିଲା, ତାହା ଠିକ୍ । ବଳରାମ, ଉଦ୍ଧବ ପ୍ରମୁଖଙ୍କୁ ମଧ୍ୟ ସେହିକଥା କହିଲେ । କହିଲେ, ପଶୁର ମେଦମାଂସ ବଢ଼ିଗଲେ, ସେ ନିଜକୁ ବଳବାନ ମନେ କରିଥାଏ । ସେ ବନ୍ଧବାଡ଼ ମାନେନା । ସେଭଳି ପଶୁକୁ କଠୋର ପ୍ରହାର ଦରକାର । କୌରବମାନେ ସେୟା ଲୋଡ଼ୁଛନ୍ତି । ଧନ ଆଉ ବଳ ବଢ଼ିଗଲେ ମଣିଷ ଅମରମତା ହୋଇପଡ଼େ । ଏମାନଙ୍କୁ ଉଚିତ ଶିକ୍ଷା ଦେବାକୁ ପଡ଼ିବ । ପୃଥିବୀକୁ କୌରବହୀନ କରିଦେବି । ମତେ ଏମାନେ କ'ଣ ବୋଲି ଭାବିଛନ୍ତି କି !

ବଳରାମ ସଙ୍ଗେ ସଙ୍ଗେ ଉଠେଇଲେ ଲଙ୍ଗଳ । କହିଲେ ଗୋଟିଏ ମୁହୂର୍ତ୍ତରେ ମୁଁ ସମସ୍ତ ହସ୍ତିନାପୁରକୁ ଖୋଳିତାଡ଼ି ଗଙ୍ଗାକୁ ଫୋପାଡ଼ି ଦେବି । ଖାଲି କହିଲେ ନାହିଁ, ସଂଗେସଂଗେ ହସ୍ତିନାକୁ ଚଷି ଗଙ୍ଗା ଆଡ଼କୁ ଠେଲିଠେଲି ନେଲେ ।

ହସ୍ତିନାପୁର ଥରିଲା । କଂପିଲା । ଭୂକମ୍ପ ହେବାଭଳି ସମସ୍ତେ ଅନୁଭବ କଲେ । ହସ୍ତିନାପୁର ଚାଲିଚି ଗଙ୍ଗା ଆଡ଼ିକି । ଲୋକେ ଘରୁ ବାହାରକୁ ଚାଲି ଆସିଲେ । ଦୁର୍ଯ୍ୟୋଧନ ଜାଣିପାରିଲା ନାହିଁ, କ'ଣ ଘଟୁଛି । ଜାଣିଲେ ଯେ, ଟିକିଏ ଡେରିରେ । ସେମାନେ ଶାମ୍ବକୁ ବନ୍ଧନରୁ ମୁକ୍ତ କଲେ । ଶାମ୍ବ ଓ ଲକ୍ଷ୍ମଣାକୁ ରଥରେ ବସେଇ ବଳରାମଙ୍କ ଗୋଡ଼ତଳେ ପଡ଼ିଲେ । ପ୍ରଜାମାନେ ମଧ୍ୟ ସମସ୍ତେ ମିଶି ବଳରାମଙ୍କଠାରେ କ୍ଷମାଭିକ୍ଷା କଲେ । ସମସ୍ତେ ହାତଯୋଡ଼ି କହିଲେ, ପ୍ରଭୁ ଯେ ସ୍ୱୟଂ ସଂକର୍ଷଣ । ଏକଥା ଆମେ ଜାଣି ମଧ୍ୟ ନଜାଣିଲା ଭଳି କାର୍ଯ୍ୟ କରି ବସିଲୁ । ଯାହା ଦଣ୍ଡ ଦିଅନ୍ତୁ ଭୋଗିବାକୁ ପ୍ରସ୍ତୁତ ! କିନ୍ତୁ ହସ୍ତିନାକୁ ଗଙ୍ଗା ଗର୍ଭକୁ ଫିଙ୍ଗିଦିଅନ୍ତୁ ନାହିଁ ।

ବଳରାମ ଯେପରି କ୍ଷଣକୋପୀ, ସେପରି ଆଶୁତୋଷ । ସେ ଲଙ୍ଗଳକୁ ଉଠେଇ ଆଣିଲେ । କହିଲେ, ହସ୍ତିନାର କ୍ଷତି କରିବାକୁ ମୁଁ ଚାହୁଁ ନଥିଲି, କିନ୍ତୁ ତୁମେମାନେ ମତେ ବାଧ କଲ । ଦୁର୍ଯ୍ୟୋଧନ କରପତ୍ର ଯୋଡ଼ି କହିଲେ, ଆପଣ ମୋର ଗୁରୁ । ମୁଁ ଶିଷ୍ୟ । ଶିଷ୍ୟକୁ କ୍ଷମା ଦିଅନ୍ତୁ ।

ବଳରାମ ମିଥିଳାରେ ଥିବାବେଳେ ଦୁର୍ଯ୍ୟୋଧନ ତାଙ୍କ ପାଖରେ ରହି ଗଦାଯୁଦ୍ଧ ଶିକ୍ଷା କରୁଥିଲେ । ସେ ନିଜ ଭୁଲ ବୁଝିଲେ । ଶାମ୍ବ ସହିତ ନିଜ କନ୍ୟା ଲକ୍ଷ୍ମଣାର ବିବାହ ଦେଲେ । ବହୁ ଧନରତ୍ନ ସହିତ ବରକନ୍ୟାଙ୍କୁ ଦ୍ୱାରକା ପଠାଇବା ବ୍ୟବସ୍ଥା କଲେ । ବଳରାମ ପୁଅବୋହୂଙ୍କୁ ସାଙ୍ଗରେ ନେଇ ଦ୍ୱାରକା ଫେରିଲେ । ହସ୍ତିନାରେ ଯାହାସବୁ ଘଟିଲା, ସମସ୍ତଙ୍କୁ କହିଲେ । ବଳରାମଙ୍କ ଲଙ୍ଗଳ ମୁନ ବାଜିଥିବାରୁ ଏବେ ମଧ ତା'ର ଚିହ୍ନ ରହିଛି ହସ୍ତିନାପୁରରେ । ଏହାର ଦକ୍ଷିଣପାର୍ଶ୍ୱ ଗଙ୍ଗା ଆଡ଼ିକି ଢଳି ରହିଛି ।

●

॥ ୧୦୫ ॥

# 'ରୁଣ୍ଡମାଳା' ପାଇଁ ଜରାସନ୍ଧର ପ୍ରସ୍ତୁତି

ଦ୍ୱାରକାରେ ସୁଧର୍ମା ସଭାଭବନ । ଶ୍ରୀକୃଷ୍ଣ ଏଠାରେ ଭାଇ ବଳରାମ ଓ ଅନ୍ୟମାନଙ୍କ ସହିତ ଆଲୋଚନାରତ । ଦ୍ୱାରପାଳ ଖବର ଦେଲେ ଜଣେ କେହି ଅପରିଚିତ ବ୍ୟକ୍ତି ଆସିଛନ୍ତି । ଭିତରକୁ ଆସିବାକୁ ଚାହୁଁଛନ୍ତି । ଶ୍ରୀକୃଷ୍ଣ କହିଲେ, ଡାକିଆଣ । ଲୋକଟି ଆସି ସମସ୍ତଙ୍କୁ ନମସ୍କାର କଲା । ତା'ପରେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲା । ସମସ୍ତେ ଭାବିଲେ, ଲୋକଟା ପାଗଳ ନା କ'ଣ ! କିଛି କହୁନି, ଖାଲି ବସି ରହିଛି । କିଛି ସମୟ ପରେ ଲୋକଟି ଠିଆ ହେଲା । ଶ୍ରୀକୃଷ୍ଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା । କହିଲା, ମୁଁ ଜରାସନ୍ଧର ରାଜଧାନୀ ଗିରିବ୍ରଜରୁ ଆସିଛି ।

ଜରାସନ୍ଧର ନାଆଁ ଶୁଣୁ ଶୁଣୁ ସମସ୍ତେ ନିର୍ବାକ ହୋଇପଡ଼ିଲେ । ଯାଦବ କୁଳର ସବୁଠୁ ବଡ଼ ଶତ୍ରୁ ଜରାସନ୍ଧ । ଅଠର ଥର ମଥୁରା ଆକ୍ରମଣ କଲା ସେ । ତା' ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ରାମକୃଷ୍ଣ ଯାଦବମାନଙ୍କୁ ନେଇ ଦ୍ୱାରକା ଆସିବାକୁ ବାଧ ହେଲେ । ସୁଧର୍ମା ସଭାରେ ନୀରବତା ଛାଇଗଲା । ନୀରବତା ଭଙ୍ଗ କରି ଶ୍ରୀକୃଷ୍ଣ କହିଲେ, ତା'ହେଲେ ତୁମେ ହେଉଚ ଜରାସନ୍ଧର ଦୂତ ? ତୁମ ରାଜା କି ସଂଦେଶ ପଠାଇଛନ୍ତି ପ୍ରକାଶ କର ।

ଲୋକଟି ମୁଣ୍ଡ ହଲେଇ କହିଲା, ସଂଦେଶ ଜରାସନ୍ଧର ନୁହେଁ । ସଂଦେଶ ଜରାସନ୍ଧର ଔଦ୍ଧତ୍ୟ, ଉତ୍ପାତ ସଂପର୍କରେ । ମୂଳରୁ ସେକଥା କହିଥିଲେ ଠିକ୍ ହୋଇଥାନ୍ତା । କଥା କ'ଣ କି, ଜରାସନ୍ଧ ବହୁ ରାଜାଙ୍କୁ ବନ୍ଦୀକରି ରଖିଛି । ସେହିମାନେ ମତେ ଅତି ଗୋପନରେ ଆପଣଙ୍କ ପାଖକୁ ପଠାଇଛନ୍ତି । ଆପଣମାନେ ଜାଣନ୍ତି, ଜରାସନ୍ଧ ମହାଦେବଙ୍କ ଭକ୍ତ । ସେ ଶହେ ରାଜାଙ୍କ ମୁଣ୍ଡକାଟି ଏକ 'ରୁଣ୍ଡ ବା ମୁଣ୍ଡମାଳା' ମହାଦେବଙ୍କ ଗଳାରେ ପିନ୍ଧେଇବା ଲାଗି ପଣ କରିଛି । ଇତିମଧ୍ୟରେ ସେ ବହୁ ରାଜାଙ୍କୁ ପରାସ୍ତ କରି ବନ୍ଦୀ କରି ରଖିଛି । କିନ୍ତୁ ସେମାନେ ବଂଚିଛନ୍ତି । କାରଣ ଶହେ ପୂର୍ତ୍ତି ହୋଇନି । ଶହେ ରାଜାଙ୍କୁ ବନ୍ଦୀ କରିବା ପରେ ସେମାନଙ୍କ ମୁଣ୍ଡ କାଟି ସେଥିରେ ମାଳା କରିବ । ବନ୍ଦୀ ରାଜାମାନେ ମତେ ପଠାଇଛନ୍ତି, ଯାଅ ଶ୍ରୀକୃଷ୍ଣଙ୍କୁ କହିବ, ସେ କେବଳ ଆମକୁ ଉଦ୍ଧାର କରିପାରିବେ । ସେମାନେ କହିଛନ୍ତି, ଜରାସନ୍ଧର ବଳ ହଜାରେ ହାତୀର ବଳ ସହିତ ସମାନ । ତେଣୁ ଆମେ କେହି ତାକୁ ପାରିଲୁ ନାହିଁ । ସେ ଆମକୁ ଗାଈ ବାଛୁରୀ ଭଳି ପର୍ବତ ଗୁମ୍ଫା ଭିତରେ ବାନ୍ଧି ରଖିଛି । ଘରେ ଆମ ପିଲାମାନେ, ପରିବାର ଲୋକେ ଆମକୁ ଝୁରି ଝୁରି ମଲେଣି । ସେମାନଙ୍କ ପ୍ରତି ମଧ୍ୟ ଜରାସନ୍ଧର ଟିକେ ହେଲେ ଦୟାମାୟା ନାହିଁ । ଲୋକଟି ଏକଥା କହୁଥିବା ବେଳେ ନାରଦ ଆସି ପହଞ୍ଚିଲେ । ଦରବାରରେ ବସିଥିବା ସମସ୍ତେ ଉଠିପଡ଼ି ଦେବର୍ଷି ନାରଦଙ୍କୁ ପ୍ରଣାମ କଲେ । ଉଚ୍ଚ ଆସନ ଦେଲେ ବସିବା ପାଇଁ । ଶ୍ରୀକୃଷ୍ଣ କିଛି ନ ଜାଣିବା ଭଳି ନାରଦଙ୍କୁ ପଚାରିଲେ, ତ୍ରିଲୋକର ଖବର କ'ଣ ?

ଶ୍ରୀକୃଷ୍ଣ ପ୍ରଶ୍ନ କରିବା ସଙ୍ଗେ ସଙ୍ଗେ ଟିକିଏ ହସିଦେଲେ । ନାରଦ ମଧ୍ୟ ହସିଦେଲେ । କହିଲେ, ଖବର କ'ଣ, ଏ ପ୍ରଶ୍ନ ଆଉ କାହାକୁ ପଚାରିଥିଲେ ଭଲ ହୋଇଥାଆନ୍ତା । ମତେ ପଚାରିବା ଠିକ୍ ହୋଇନି । କାରଣ ତୁମେ କିଏ ମୁଁ ଜାଣେ । ତୁମେ ହିଁ ସତ୍ୟ, ଆଉ ସବୁ ମାୟା । ଏହି ମାୟାର ସୃଷ୍ଟିକର୍ତ୍ତା ତୁମେ ନିଜେ । କେଉଁଠି କ'ଣ କେତେବେଳେ ଘଟୁଛି, କ'ଣ ଘଟିବ, ଏକଥା ବରଂ ମୁଁ ତୁମକୁ ପଚାରିବା କଥା । ଓଲଟା ମତେ ପଚାରୁଛ ? ତୁମେ ଯଦି ଛଳନା କରିବ, ମୁଁ ନକରିବି କାହିଁକି ? ଯାହାହେଉ, ଯା ଭିତରେ ସେପରି କିଛି ଉଲ୍ଲେଖଯୋଗ୍ୟ ଘଟଣା ଘଟିନାହିଁ । କେବଳ ଗୋଟିଏ କଥା କହିବାକୁ ଆସିଛି । ତୁମ ପିଉସୀ ପୁଅ ଭାଇ ଯୁଧିଷ୍ଠିର ସ୍ଥିର କରିଛନ୍ତି ରାଜସୂୟ ଯଜ୍ଞ କରିବା ପାଇଁ । ଯାଗ ସରିଲେ ପାଣ୍ଡବମାନେ ତୁମକୁ ସମ୍ମାନିତ କରିବାକୁ ଚାହାଁନ୍ତି । ଏହି ସମ୍ମାନ ଗ୍ରହଣ କରିବାକୁ ମୋର ଅନୁରୋଧ ।

ତା'ପରେ ନାରଦ ଶ୍ରୀକୃଷ୍ଣଙ୍କ ଗୁଣଗାନ କରୁ କରୁ ତାଙ୍କ ଚକ୍ଷୁଯୁଗଳ ସଜଳ ହୋଇପଡ଼ିଲା ।

ଶ୍ରୀକୃଷ୍ଣ ଚାରିଆଡ଼କୁ ଦୃଷ୍ଟିପାତ କଲେ । ଦୁଇଟି ଘଟଣା - କାହା ସହିତ କାହାର ସମ୍ପର୍କ ନାହିଁ । ଏପଟେ ଲୋକଟି ହାତ ଯୋଡ଼ି ଠିଆ ହୋଇଛି— ରାଜାମାନଙ୍କୁ ଜରାସନ୍ଧ କବଳରୁ ମୁକ୍ତ କରିବା ପାଇଁ, ସେପଟେ ନାରଦଙ୍କ ସଂଦେଶ ରାଜସୂୟ ଯଜ୍ଞରେ ଯୋଗ ଦେବାଲାଗି । ରାଜସୂୟ ଯଜ୍ଞ ତ ଏବେ ହେଉନି, ପରେ କେବେ ହେବ । ଏବକାର କଥା ହେଉଛି କିପରି ରାଜାମାନଙ୍କୁ ବନ୍ଧନରୁ ମୁକ୍ତ କରାଯିବ । ଶହେ ରାଜା ବନ୍ଧା ସରିଲେ, ସେମାନଙ୍କ ମୁଣ୍ଡକାଟ ହେବ ।

ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ପଚାରିଲେ, ତୁମେ ହେଉଚ ସମସ୍ତଙ୍କଠାରୁ ଅଧିକ ଜ୍ଞାନୀ । ବୃହସ୍ପତିଙ୍କ ଶିଷ୍ୟ ତୁମେ ! ବର୍ତ୍ତମାନ ଦୁଇଟି ସମସ୍ୟା । ଏହାର ସମାଧାନର ବାଟ କ'ଣ ?

ଉଦ୍ଧବ ବଡ଼ ଅଡୁଆରେ ପଡ଼ିଲେ । ଯିଏ ସର୍ବଜ୍ଞ ସର୍ବମୟ କର୍ତ୍ତା, ତାଙ୍କର ପ୍ରଶ୍ନର କ'ଣ ବା ସେ ଉତ୍ତର ଦେବେ ? ଉଦ୍ଧବ ଜାଣନ୍ତି ଯେ ଜରାସନ୍ଧ ପ୍ରତି ଯାଦବମାନଙ୍କ କ୍ରୋଧ ବହୁକାଳରୁ । ଜରାସନ୍ଧକୁ ପରାସ୍ତ କରିବା ପାଇଁ ବାହାରିପଡ଼ ବୋଲି କହିବାମାତ୍ରେ, ଯାଦବମାନେ ଅସ୍ତ୍ରଶସ୍ତ୍ର ଧରି ସଙ୍ଗେ ସଙ୍ଗେ ଧାଡ଼ିବାନ୍ଧି ଠିଆ ହୋଇ ପଡ଼ିବେ । କିନ୍ତୁ ଶ୍ରୀକୃଷ୍ଣଙ୍କ ଇଚ୍ଛା, ଇନ୍ଦ୍ରପ୍ରସ୍ଥକୁ ଯାଇ ଯୁଧିଷ୍ଠିରଙ୍କୁ ଭେଟିବେ । ରାଜସୂୟ ଯଜ୍ଞ ସମ୍ପର୍କରେ କଥାବାର୍ତ୍ତା କରିବେ ।

ଉଦ୍ଧବ ବହୁ ସମୟ ଚିନ୍ତା କରି କହିଲେ, ହେ କୃଷ୍ଣ ! ମୋ ଦୃଷ୍ଟିରେ ଦୁଇଟିଯାକ ସମସ୍ୟାର ସମାନ ଗୁରୁତ୍ୱ ରହିଛି । ଇନ୍ଦ୍ରପ୍ରସ୍ଥ ଯାଇ ଯୁଧିଷ୍ଠିରଙ୍କୁ ସାହାଯ୍ୟ କରିବା ଉଚିତ, ଇଆଡ଼େ ରାଜାମାନଙ୍କୁ ମଧ୍ୟ ବନ୍ଧନମୁକ୍ତ କରାଯିବା ଉଚିତ । କିନ୍ତୁ ଗୋଟିଏ କଥା ମୋ ମନକୁ ଘାଣ୍ଟୁଛି । ରାଜସୂୟ ଯଜ୍ଞ କଲେ, ପୃଥିବୀର ସମସ୍ତ ରାଜାଙ୍କୁ ପରାସ୍ତ କରି ସେମାନଙ୍କ ନିଜ ଅଧୀନସ୍ଥ କରିବାକୁ ପଡ଼ିବ । ଜରାସନ୍ଧକୁ ପରାସ୍ତ ନକଲେ ତ ରାଜସୂୟ ଯଜ୍ଞ ହୋଇପାରିବ ନାହିଁ । ତା'ଛଡ଼ା ସବୁ ରାଜା ତ ଏବେ ବନ୍ଦୀ ! କେବଳ ଜରାସନ୍ଧକୁ ପରାଜିତ କଲେ, ରାଜସୂୟ ଯଜ୍ଞ କରିବା ସହଜ ହେବ । ରାଜାମାନଙ୍କୁ ଉଦ୍ଧାର କରାଗଲେ, ସେ ଆପଣଙ୍କର ବଶ୍ୟତା ସ୍ୱୀକାର କରିବେ । ତଦ୍ୱାରା ଆପଣ ଯୁଧିଷ୍ଠିରଙ୍କୁ ସାହାଯ୍ୟ କରିବା ହେବ । ଗୋଟିଏ ଉପାୟ ମୋ ମନକୁ ଆସୁଛି । ଜରାସନ୍ଧକୁ କେବଳ ଦ୍ୱନ୍ଦ୍ୱ (ଦ୍ୱୈତ) ମଲ୍ଲ ଯୁଦ୍ଧରେ ପାରିହେବ । ଏଥିଲାଗି ଏକମାତ୍ର ଉପଯୁକ୍ତ ଯୋଦ୍ଧା ହେଉଚି ଭୀମ ।

ସମସ୍ତଙ୍କ ମନକୁ ଏ ପ୍ରସ୍ତାବଟା ମାନିଲା । ନାରଦ ମଧ କହିଲେ, ଏହା ହିଁ ଏକମାତ୍ର ଉପାୟ । ଶ୍ରୀକୃଷ୍ଣ ଯାହା ଚାହୁଁଥିଲେ, ତାହା ଉଦ୍ଧବଙ୍କ ମୁହଁରେ କୁହାଇଲେ । ଶ୍ରୀକୃଷ୍ଣ ସଙ୍ଗେ ସଙ୍ଗେ ରାଜାମାନଙ୍କ ଦୂତକୁ କହିଲେ, ତୁମେ ଯାଅ, ରାଜାମାନଙ୍କୁ କହିଦେବ ଯେ ସେମାନେ ଶୀଘ୍ର ମୁକ୍ତ ହେବେ ।

ଲୋକଟି ଖୁସି ମନରେ ଫେରିଲା । ବନ୍ଦୀ ରାଜାମାନଙ୍କୁ ଶ୍ରୀକୃଷ୍ଣ ସଂଦେଶ ଜଣାଇଲା । ରାଜାମାନେ ନିଶ୍ଚିନ୍ତ ହେଲେ । ସେମାନେ ଜାଣନ୍ତି ଯେ ଶ୍ରୀକୃଷ୍ଣଙ୍କ କଥା କେବେ ଅନ୍ୟଥା ହେବନି । ନାରଦ ମଧ ଖୁସି ହେଲେ । ଭାବିଲେ, ଯେଉଁ କାର୍ଯ୍ୟ ପାଇଁ ସେ ଆସିଥିଲେ, ତାହା ସଫଳ ହେବ ।

●

॥ ୧୦୬ ॥

## ଶ୍ରୀକୃଷ୍ଣଙ୍କ ପ୍ରିୟଶତ୍ରୁ ଜରାସନ୍ଧ

**ନା**ରଦ ଆସିଥିଲେ ଦ୍ୱାରକା । ଫେରିଲାବେଳେ ସେ ତାଙ୍କ ଦିବ୍ୟଚକ୍ଷୁରେ ଦେଖିଲେ, ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ସଫଳ ହେବ । ଶିଶୁପାଳ ମରିବ । ନାରାୟଣ, ନାରାୟଣ ଉଚ୍ଚାରଣ କରି କରି ନାରଦ ବିଦାୟ ନେଲେ । ଶ୍ରୀକୃଷ୍ଣ ସାରଥି ଦାରୁକକୁ ଡାକି କହିଲେ, ରଥ ସଜାଡ଼ । ଇନ୍ଦ୍ରପ୍ରସ୍ଥ ଅଭିମୁଖେ ଅଗ୍ରସର ହେଲେ ସେ । ବାଟରେ ବହୁ ରାଜ୍ୟ ଅତିକ୍ରମ କଲେ । ପ୍ରଥମେ ଅନର୍ତ୍ତ, ସୌଭିର ରାଜ୍ୟ ପଡ଼ିଲା । ଏହି ରାଜ୍ୟଗୁଡ଼ିକର କମନୀୟ ଦୃଶ୍ୟ ଦେଖି ଦେଖି ସେ ଆଗକୁ ଆଗକୁ ଚାଲିଲେ । ମାରୁ ରାଜ୍ୟ ପରେ କୁରୁକ୍ଷେତ୍ର ପଡ଼ିଲା । ନଈ, ନାଳ, ପର୍ବତ, ବହୁ ଗ୍ରାମ, ସହର ଓ ଶସ୍ୟ ଶ୍ୟାମଳା କେଦାରର ଦୃଶ୍ୟ ଉପଭୋଗ କଲେ ସେ । ପବିତ୍ର ନଦୀ ବୃଷଦ୍ୱତୀ ଓ ସରସ୍ୱତୀ ପାର ହେବାକୁ ପଡ଼ିଲା । ପାଞ୍ଚାଳ, ମତ୍ସ୍ୟ ଦେଶ ପରେ ଇନ୍ଦ୍ରପ୍ରସ୍ଥ ।

ଶ୍ରୀକୃଷ୍ଣ ଇନ୍ଦ୍ରପ୍ରସ୍ଥ ସୀମା ଅତିକ୍ରମ ନ କରୁଣୁ ଯୁଧିଷ୍ଠିରଙ୍କ ନିକଟରେ ଖବର ପହଞ୍ଚିଗଲା । ଯୁଧିଷ୍ଠିର ତାଙ୍କର ଚାରିଭାଇ ଓ ବ୍ରାହ୍ମଣମାନଙ୍କ ସହିତ ଗଲେ ଇନ୍ଦ୍ରପ୍ରସ୍ଥର ପ୍ରବେଶଦ୍ୱାର ନିକଟକୁ । ଶ୍ରୀକୃଷ୍ଣଙ୍କୁ ବିପୁଳ ସଂବର୍ଦ୍ଧନା ଜ୍ଞାପନ କରାଗଲା । ପାଦାର୍ଘ୍ୟ ଦେଇ ଯୁଧିଷ୍ଠିର ତାଙ୍କୁ ରଥ ଉପରୁ ପାଛୋଟି ଆଣିଲେ । ବହୁଦିନର ବିଚ୍ଛେଦ ପରେ ଏ ମିଳନ । ଶ୍ରୀକୃଷ୍ଣ ଓ ଯୁଧିଷ୍ଠିର କୋଳାକୋଳି ହେଲେ । ପାଣ୍ଡବ ପାଞ୍ଚଭାଇ ଓ ଶ୍ରୀକୃଷ୍ଣଙ୍କ ଆଖି ଛଳଛଳ ହୋଇ ପଡ଼ିଲା । ସମସ୍ତଙ୍କ ଚକ୍ଷୁରେ ଆନନ୍ଦାଶ୍ରୁ । ପାଣ୍ଡବମାନଙ୍କ ପ୍ରତି

ଶ୍ରୀକୃଷ୍ଣଙ୍କ ଅପାର କରୁଣା । କାରଣ ପାଣ୍ଡୁପୁତ୍ର ଭାବରେ ପାଣ୍ଡବମାନେ ଯାହା ପାଇବା କଥା, ସେଥିରୁ ସେମାନେ ବଂଚିତ ହୋଇପଡ଼ିଥିଲେ । ସେମାନଙ୍କୁ ବହୁ କଷ୍ଟ ଭୋଗିବାକୁ ପଡ଼ିଚି । ଯାହାହେଉ ଇନ୍ଦ୍ରପ୍ରସ୍ଥରେ ଏବେ ପାଣ୍ଡବମାନେ ବସବାସ କରିବାର ସାମାନ୍ୟ ସୁଯୋଗ ପାଇଛନ୍ତି । ଏଠାରୁ ସେମାନଙ୍କୁ ଆଉ କେହି ହଟେଇ ପାରିବେ ନାହିଁ । ଯୁଧିଷ୍ଠିର ଭାଇ ଓ ମାଆଙ୍କ ସହିତ ଏଠି ରହିବା ପରେ, ରାଜସୂୟ ଯଜ୍ଞ କରିବା ଲାଗି ପରିକଳ୍ପନା କରିଛନ୍ତି । କିନ୍ତୁ ଏ ଯଜ୍ଞ ସହଜ କଥା ନୁହଁ । ପୃଥିବୀର ସବୁ ରାଜାଙ୍କୁ ନିଜର ବଶୀଭୂତ କରିବାକୁ ପଡ଼ିବ । ସମସ୍ତେ ଯୁଧିଷ୍ଠିରଙ୍କୁ କର ଦେବାକୁ ବାଧ ହେବେ । ସବୁ ରାଜା ଯୁଧିଷ୍ଠିରଙ୍କ ପ୍ରଜା ହେବାକୁ ପଡ଼ିବ । ସେ ହେବେ ପୃଥିବୀର ଏକାଙ୍ଗ ଚକ୍ରବର୍ତ୍ତୀ ।

ଭୀମ ଶ୍ରୀକୃଷ୍ଣଙ୍କୁ କୁଣ୍ଢାଇ ପକାଇଲେ । ଦୁହେଁ ହସି ହସି ପରସ୍ପରକୁ ସମ୍ବର୍ଦ୍ଧନା କଲେ । ବୟସ ଦୃଷ୍ଟିରୁ ଯୁଧିଷ୍ଠିର ଓ ଭୀମ ଶ୍ରୀକୃଷ୍ଣଙ୍କଠୁ ବଡ଼ । ତେଣୁ ଶ୍ରୀକୃଷ୍ଣ ଏ ଦୁହିଁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଅର୍ଜୁନ ସମବୟସ୍କ । ତେଣୁ ସେ ସଖା ଭାବରେ ଶ୍ରୀକୃଷ୍ଣଙ୍କୁ ଯଥୋଚିତ ସମ୍ମାନ ଜ୍ଞାପନ କଲେ । ନକୁଳ, ସହଦେବ କନିଷ୍ଠ ହେତୁ ସେମାନେ ଶ୍ରୀକୃଷ୍ଣଙ୍କ ପଦଧୂଳି ନେଇ ଲଲାଟରେ ଲେପନ କଲେ । ଶ୍ରୀକୃଷ୍ଣ ସେମାନଙ୍କୁ ଦୁଇହାତରେ ଉଠେଇ ଠିଆ କରାଇଲେ । ସେମାନଙ୍କୁ ମିଠା କଥା କହି ଆନନ୍ଦ ଦେଲେ ।

କୃଷ୍ଣଙ୍କ ଆଗମନରେ ଇନ୍ଦ୍ରପ୍ରସ୍ଥରେ ବିପୁଳ ଆନନ୍ଦ, ଉଲ୍ଲାସ । ରାସ୍ତାମାନଙ୍କରେ ସଂବର୍ଦ୍ଧନା-ତୋରଣ । ଘର ଆଗରେ ପୂର୍ଣ୍ଣକୁମ୍ଭ । ଶ୍ରୀକୃଷ୍ଣ ରାଜଭବନକୁ ଯିବା ରାସ୍ତାରେ ନାନା ସାଜସଜ୍ଜା । ବାଇଦ ବାଜଣା । ଶ୍ରୀକୃଷ୍ଣଙ୍କ ଉପରେ ପୁଷ୍ପବୃଷ୍ଟି । ସୁଗନ୍ଧିତ ଜଳ ସିଂଚନ । ଶ୍ରୀକୃଷ୍ଣ ପ୍ରଥମେ ଗଲେ ପିଉସୀ କୁନ୍ତୀଙ୍କ ପାଖକୁ । ତାଙ୍କୁ ପ୍ରଣିପାତ କଲେ । କୁନ୍ତୀ ତାଙ୍କୁ କୁଣ୍ଢେଇ ଧରି ଘଡ଼ିଏ କାଳ ଖୁସିରେ କାନ୍ଦି ପକାଇଲେ । ତା'ପରେ ଶ୍ରୀକୃଷ୍ଣ ଦ୍ରୌପଦୀ ପାଖକୁ ଗଲେ । ଦ୍ରୌପଦୀ ତାଙ୍କୁ ଦେଖୁ ଦେଖୁ ସବୁ ଘର କାମ ଭୁଲିଗଲେ । ଶ୍ରୀକୃଷ୍ଣଙ୍କ ପାଦ ଧୋଇ ପାଦୋଦକ ସେବନ କଲେ । ଶ୍ରୀକୃଷ୍ଣଙ୍କ ସହିତ ଆସିଥିଲେ ତାଙ୍କର ଅଷ୍ଟପାଟବଂଶୀ । ଆଠ ରାଣୀ । ଦ୍ରୌପଦୀ ସେମାନଙ୍କୁ ରାଣୀହଂସପୁରକୁ ପାଛୋଟି ନେଲେ ।

ଶ୍ରୀକୃଷ୍ଣ ଯେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଇନ୍ଦ୍ରପ୍ରସ୍ଥ ଆସିଛନ୍ତି, ଏକଥା ସେ କାହାକୁ ଜଣାଇ ନଥିଲେ । ପାଣ୍ଡବମାନଙ୍କ ସହିତ ଇନ୍ଦ୍ରପ୍ରସ୍ଥରେ କେତୋଟି ଦିନ ତାଙ୍କର ଆନନ୍ଦରେ କଟିଗଲା । କେତେବେଳେ ପାଣ୍ଡବମାନଙ୍କ ସହିତ ଶିକାରକୁ ଗଲେ ତ କେତେବେଳେ ପଶା ଖେଳିଲେ ।

ଦିନେ ଦରବାରରେ ପାଣ୍ଡବ ଭାଇମାନଙ୍କ ସହିତ ପାତ୍ର ମନ୍ତ୍ରୀ ସମସ୍ତେ ବସିଛନ୍ତି । ଆତ୍ମୀୟ ସ୍ୱଜନ ଓ ଶୁଭେଚ୍ଛୁମାନେ ଉପସ୍ଥିତ । ଶ୍ରୀକୃଷ୍ଣଙ୍କୁ ସର୍ବୋଚ୍ଚ ଆସନ ଦିଆଯାଇଛି ।

ଏହି ସମୟରେ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ସଂବୋଧନ କରି କହିଲେ, ଆପଣ ନାରଦଙ୍କଠାରୁ ସବୁ କଥା ଶୁଣିଥିବେ । ଗତ କେତେମାସ ହେଲା ମୋ ମୁଣ୍ଡକୁ ଗୋଟିଏ କଥା ଢୁକିଛି । କଥାଟି ହେଉଛି ରାଜସୂୟ ଯଜ୍ଞ । ପ୍ରସ୍ତାବଟିକୁ କିନ୍ତୁ ଆପଣ ଅନୁମୋଦନ ନକରିବା ପର୍ଯ୍ୟନ୍ତ ସେ ଦିଗରେ ଆଗେଇବା ଠିକ୍ ହେବ ନାହିଁ । ଏତିକି କହି ସେ ଚୁପ୍ ରହିଲେ । ଶ୍ରୀକୃଷ୍ଣ ମଧ ଚୁପ୍ । ତାଙ୍କ ନୀରବତାକୁ ଲକ୍ଷ୍ୟ କରି ଯୁଧିଷ୍ଠିର କହିଲେ, ମନେ ହେଉଚି ମୋର ଏ ପ୍ରସ୍ତାବଟା ଅବାନ୍ତର । ମୋର କୌଣସି ଆତ୍ମାଭିମାନ କିମ୍ବା ଉଚ୍ଚାଭିଳାଷ ନାହିଁ । କିନ୍ତୁ ଶାସ୍ତ୍ରଜ୍ଞମାନେ କହନ୍ତି ଆମ ପିତା ରାଜସୂୟ ଯଜ୍ଞାନୁଷ୍ଠାନ କରି ନ ଥିବାରୁ ସେ ଇନ୍ଦ୍ରଙ୍କ ଦରବାରରେ ଆସନ ପାଇବାରୁ ବଂଚିତ । ଏହି ଯଜ୍ଞ କରିବା ପୂର୍ବରୁ ସେ ପ୍ରାଣତ୍ୟାଗ କଲେ । ତେଣୁ ତାଙ୍କ ପକ୍ଷରୁ ଏ ଯଜ୍ଞ କରିବାକୁ ମତେ କୁହାଯାଇଛି । ବର୍ତ୍ତମାନ ପରିସ୍ଥିତିରେ ଏ ଯଜ୍ଞ ମୁଁ କରିବା ଉଚିତ୍ ହେବ କି ନାହିଁ କେବଳ ଆପଣ ହିଁ ପରାମର୍ଶ ଦେଇପାରିବେ ।

ଶ୍ରୀକୃଷ୍ଣ ନୀରବରେ ଯୁଧିଷ୍ଠିରଙ୍କ କଥା ଶୁଣୁଥିଲେ । ସେ କ'ଣ କହିବେ, ସେଥିଲାଗି ଦରବାରର ସମସ୍ତେ ଶୁଣିବା ପାଇଁ ଉତ୍କଣ୍ଠିତ । ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଲେ, ତୁମେ ଉଚ୍ଚାଭିଳାଷୀ କିମ୍ବା ଆତ୍ମାଭିମାନୀ ନୁହଁ– ଏକଥା ସମସ୍ତେ ଜାଣନ୍ତି । ତୁମେ ଯାହା କରିବାକୁ ଚାହୁଁଚ, ତାକୁ ତୁମ ପିତୃ ପୁରୁଷ, ମୁନି ଋଷି ଏପରିକି ଦେବତାମାନେ ସମର୍ଥନ କରିବା ସ୍ୱାଭାବିକ । ତୁମେମାନେ ସମଗ୍ର ଭାରତବର୍ଷର ରାଜାମାନଙ୍କୁ ପରାଜିତ କରି ପାରିବ ବୋଲି ମୋର ବିଶ୍ୱାସ ଅଛି । ସାରା ପୃଥିବୀକି ମଧ ଜୟ କରିପାରିବ । ତୁମେ ସମସ୍ତେ ଜଣେ ଜଣେ ଦେବପୁତ୍ର, କିନ୍ତୁ... ।

'କିନ୍ତୁ' ଶବ୍ଦଟା ସମସ୍ତଙ୍କୁ ଆଚମ୍ବିତ କରି ପକାଇଲା । ସମସ୍ତେ ସ୍ତବ୍ଧ ହୋଇପଡ଼ିଲେ । ଯୁଧିଷ୍ଠିର ପଚାରିଲେ– କ'ଣ କିଛି ପ୍ରତିବନ୍ଧକ ରହିଛି କି ? ବାଧାଟା କ'ଣ ?

ଶ୍ରୀକୃଷ୍ଣ କହିଲେ, ବାଧା ହେଉଛି ମୋର ଅତିପ୍ରିୟ ଶତ୍ରୁ ଜରାସନ୍ଧ ।

ଯୁଧିଷ୍ଠିର କହିଲେ, ଠିକ୍ କହିଛନ୍ତି । ଜରାସନ୍ଧ ତ ଅପରାଜେୟ । ତା'ହେଲେ 'ରାଜସୂୟ' ସମ୍ପର୍କରେ ଚିନ୍ତା କରିବା ଅନାବଶ୍ୟକ । ମୁଁ ଜାଣେ, ରାମକୃଷ୍ଣ ଉଭୟ ତା' ସହିତ ବହୁତ ଲଢ଼ିଛନ୍ତି । ଯେତେବେଳେ ଆପଣମାନେ ତାକୁ ମାରିପାରୁ ନାହାଁନ୍ତି, ଆମେ କିଏ ? ଜରାସନ୍ଧ କୌରବମାନଙ୍କ ବନ୍ଧୁ । ତେଣୁ ଆମମାନଙ୍କ ପ୍ରତି ତା'ର ଶତ୍ରୁଭାବ ଲାଗି ରହିଛି । ବାସ୍ତବରେ ମୁଁ ରାଜସୂୟ ଯଜ୍ଞ ଲାଗି ଇଚ୍ଛା କରିବାଟା ହିଁ ଭୁଲ ।

କୃଷ୍ଣ କହିଲେ, ଜଣଙ୍କ ଲାଗି ଯେ ଯଜ୍ଞ ବନ୍ଦ କରାଯିବ, ତା' ଠିକ୍ ନୁହେଁ । କୌଣସି ଏକ ଉପାୟ ଚିନ୍ତା କରିବାକୁ ପଡ଼ିବ ।

ଯୁଧିଷ୍ଠିର କହିଲେ, ଜରାସନ୍ଧର ଇମିତି କି ଶକ୍ତି ଅଛି ଯେ ଆପଣମାନେ ତାକୁ ପାରୁ ନାହାଁନ୍ତି ?

ଶ୍ରୀକୃଷ୍ଣ କହିଲେ, ଦୁଇଟି କାରଣରୁ ସେ ଶକ୍ତିଶାଳୀ । ପ୍ରଥମତଃ ତା'ର ଜନ୍ମ । ଦ୍ୱିତୀୟତଃ ସେ ମହାଦେବଙ୍କ ଭକ୍ତ । ତେଣୁ ସେ ଅସାଧାରଣ ଶକ୍ତିର ଅଧିକାରୀ । ସେ ଶହେ ରାଜାଙ୍କୁ ମାରି ସେମାନଙ୍କ ମୁଣ୍ଡରେ ଏକ ମାଳା କରିବ । ଯା ନାଁ 'ରୁଣ୍ଡମାଳା' । ଏହି ମାଳାକୁ ସେ ଶିବଙ୍କ ଗଳାରେ ପିନ୍ଧାଇବା ଲାଗି ପଣ କରିଛି । ସେଥିଲାଗି ଏଯାଏଁ ପଞ୍ଚାନବେ ରାଜାଙ୍କୁ ବାନ୍ଧି ରଖିଛି । ଆଉ ପାଞ୍ଚଟି ରାଜା ହୋଇଗଲେ, ସେ ସେମାନଙ୍କ ମୁଣ୍ଡକାଟ କରି 'ରୁଣ୍ଡମାଳା' ଗୁନ୍ଥିବ ।

ଯୁଧିଷ୍ଠିର ପ୍ରଶ୍ନ କଲେ, ତାର ଜନ୍ମବୃତ୍ତାନ୍ତ କ'ଣ ?

●

॥ ୧୦୭ ॥

# ଦି'ଟା ଫାଳିକିଆ ପିଲା !

ଜରାସନ୍ଧର ଜନ୍ମ ରହସ୍ୟ କୌତୁହଳପ୍ରଦ, ବିସ୍ମୟକର । ଶ୍ରୀକୃଷ୍ଣ ଯୁଧିଷ୍ଠିର ତଥା ପାଣ୍ଡବମାନଙ୍କୁ ଏହି ରହସ୍ୟ ସମ୍ପର୍କରେ ଯାହା କହିଥିଲେ ଶୁକମୁନି ରାଜା ପରୀକ୍ଷିତଙ୍କୁ ସେହି କଥା କହିଲେ ।

ମଗଧର ରାଜା ଜରାସନ୍ଧ । ପିତାଙ୍କ ନାମ ବୃହଦ୍ରଥ । ବୃହଦ୍ରଥଙ୍କ ଦୁଇ ରାଣୀ ଥିଲେ । ଏମାନଙ୍କର କୌଣସି ସନ୍ତାନ ନଥିଲେ । ବଂଶରକ୍ଷା କରିବା ପାଇଁ ତ କେହି ରହିବେ ନାହିଁ, ଗୃହସ୍ଥାଶ୍ରମ କରି କି ଲାଭ ଭାବି ବୃହଦ୍ରଥ ସନ୍ନ୍ୟାସ ଜୀବନ ଯାପନ କଲେ । ବଣକୁ ଚାଲିଗଲେ । ଏଠାରେ ଚଣ୍ଡ କୌଶିକ ନାମକ ଜଣେ ଋଷିଙ୍କ ସହିତ ତାଙ୍କର ଭେଟ ହେଲା । ରାଜା ବିଷଣ୍ଣ ଥିବା ଦେଖି ଋଷିଙ୍କର ଦୟା ହେଲା । ସେ ରାଜାଙ୍କୁ ମନକଥା ପଚାରିଲେ । ରାଜା କହିଲେ, ସେ ନିଃସନ୍ତାନ ହେବାରେ ସନ୍ନ୍ୟାସ ଗ୍ରହଣ କରିଛନ୍ତି । ଋଷି ତାଙ୍କୁ ଗୋଟିଏ ସୁସ୍ୱାଦୁ ଫଳ ଦେଲେ । କହିଲେ, ନିଅ ତୁମର ରାଣୀକି ଦେବ । ଏ ଫଳ ଖାଇଲେ ତାଙ୍କର ଗୋଟିଏ ପୁଅ ହେବ । ଏହି ପୁଅଟି ହେବ ମହାପରାକ୍ରମଶାଳୀ । ସେ ମହାଦେବଙ୍କ ଭକ୍ତ ହେବ । ତାଙ୍କ ଆଶୀର୍ବାଦରୁ ସେ ରହିବ ଅପରାଜେୟ ।

ରାଜା ଫଳଟିକୁ ନେଲେ । ଦୁଇ ରାଣୀଙ୍କୁ ଯାକୁ ଫାଳେ ତାକୁ ଫାଳେ ଖାଇବାକୁ ଦେଲେ । ଦୁହେଁ ଗର୍ଭବତୀ ହେଲେ । ପୁଅ ହେବ ଜାଣି ରାଜାଙ୍କ ଆନନ୍ଦ କହିଲେ ନସରେ । ପ୍ରଜାମାନେ ମଧ୍ୟ ଖୁସି ହେଲେ । ବର୍ଷକ ପରେ ଦୁଇ ରାଣୀଙ୍କର ଫାଳିକିଆ ପିଲା ଜନ୍ମ ହେଲା । ସବୁ ଅଧା ଅଧା । ଦୁଇଟିଯାକ ଶିଶୁର ଗୋଟିଏ ଗୋଟିଏ ଗୋଡ଼, ହାତ, କାନ, ଆଖି । ଫାଳେ ଫାଳେ ମୁଣ୍ଡ । ମଲା ପିଲା । ଏଭଳି ଫାଳିକିଆ, ମଲା ପୁଅ କ'ଣ ହେବ ବୋଲି ବିରକ୍ତରେ ରାଜା ଓ ରାଣୀମାନେ ପିଲା ଦୁଇଟିକୁ ବାହାରେ ଫିଙ୍ଗି ଦେଲେ ।

ସେ ରାଜ୍ୟରେ ଜରା ନାମରେ ଜଣେ ରାକ୍ଷସୀ ଥିଲା । ସେ ନିଶାଚରୀ । ଅଧରାତିକି ସେ ରାଜଧାନୀ ଗିରିବ୍ରଜକୁ ଆସେ । କଅଁଳା ପିଲାଙ୍କୁ ଚୋରି କରି ନେଇ ଖାଏ । ସେ ଦିନ ସେ ରାତିରେ ଆସି ଦେଖିଲା, ରାଜ ଉଆସ ବାହାରେ ନବଜାତ ଶିଶୁ ଦୁଇଟି ପଡ଼ିଛି । ପାଖକୁ ଆସି ନିରିଖେଇ ଦେଖିଲା– ଦୁଇଟା ଫାଳିକିଆ ପିଲା । ସେ ଶିଶୁ ଦୁଇଟିକୁ ଉଠେଇ ନେଲା । ଭାବିଲା ଟିକିଏ ଦୂରକୁ ନେଇ ନିର୍ଜନ ସ୍ଥାନରେ ବସି ଆରାମରେ ଖାଇବ । ପିଲା ଦୁଇଟିକୁ ଯୋଡ଼ିଦେଲେ ଏକାବେଳକେ ଖାଇବାକୁ ସୁବିଧା ହେବ ଭାବି ଦୁଇ ଫାଳକୁ ଏକାଠି କରିଦେଲା । ଯୋଡ଼ିଦେବା ମାତ୍ରେ ଦିଫାଳଯାକ ଗୋଟିଏ ଶିଶୁ ହୋଇଗଲା । ଶିଶୁଟି ଜିଇଁ ଉଠିଲା । ପାଟିରେ ହାତ ମୁଠା ପୂରାଇ ସିଂହ ଭଳି ଗର୍ଜନ କରିବାକୁ ଲାଗିଲା ସେ । ରାକ୍ଷସୀ ଏ ରଡ଼ି କୁଉଠୁଁ ଆସୁଛି ପ୍ରଥମେ ଜାଣିପାରିଲା ନାହିଁ । ପରେ ଜାଣିଲା, ସେ ଯୋଡ଼ି ଦେଇଥିବା ପିଲାଟା ହିଁ ଗର୍ଜୁଛି । ପିଲାଟା ଏଡ଼େ ଭାରି ହେଲା ଯେ ରାକ୍ଷସୀ ଉଠେଇ ପାରିଲାନାହିଁ । ତାକୁ ଖାଇବ କ'ଣ ? ରାକ୍ଷସୀ ଭୟ ପାଇଲା । ତା'ଛଡ଼ା ପିଲାଟା ମୋଟାମୋଟି ହୋଇ ଏତେ ସୁନ୍ଦର ଦେଖାଗଲା ଯେ ତା'ର ମଧ୍ୟ ଦୟା ହେଲା ।

ପିଲାର ରଡ଼ି ଶୁଣି ରାଜା ଓ ରାଣୀମାନେ ଦୌଡ଼ିଗଲେ । ସେମାନଙ୍କୁ ଦେଖି ଜରା କହିଲା, "ତମ ପିଲାକୁ ତୁମେ ନିଅ ।" ରାଜା କହିଲେ, ଏ ପିଲା ତ ଆମର ନୁହଁ । ତା'ପରେ ରାକ୍ଷସୀ କିମିତି ଏ ପିଲା ହେଲା ଜଣେଇଲା । ଜଣେଇ ଦେଇ ସେ ଖସି ପଳାଇଲା । ରାଜା ଓ ରାଣୀମାନେ ପୁଅକୁ ପାଇ ଖୁସି ହେଲେ । ଫାଳିକିଆ ମଲା ପିଲା ଦିଇଟାକୁ ଯୋଡ଼ି ତାକୁ ଜିଆଇଁ ଥିବାରୁ ରାଜା ବୃହଦ୍ରଥ ଜରା ନାଆଁକୁ ରଖି ପିଲାର ନାଁ ଦେଲେ ଜରାସନ୍ଧ । ଇଏ ସେହି ।

ଜରାସନ୍ଧର କେତେ ବଳ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଲେ । ଜରାସନ୍ଧ ତପସ୍ୟା କରି ମହାଦେବଙ୍କଠୁ ଗୋଟିଏ ଗଦା ପାଇଛି । ତା' ହାତରେ ଏ ଗଦାଥିବା ଯାଏଁ ସେ ଅପରାଜେୟ । ଶ୍ରୀକୃଷ୍ଣ କହିଲେ, ମଥୁରା ଆକ୍ରମଣ ବେଳେ ଜରାସନ୍ଧ ଏ ଗଦାକୁ ଧରି

ମତେ ଓ ଭାଇ ବଳରାମଙ୍କୁ ଗୋଡ଼େଇଲା । ଆମେ ଦୁହେଁ ତା ଡରରେ ପ୍ରବର୍ଷଣ ପର୍ବତ ପଛପଟେ ଲୁଚି ରହିଲୁ । ରାଗରେ ଜରାସନ୍ଧ ପର୍ବତ ଉପରକୁ ଏ ଗଦା ଫିଙ୍ଗିଲା । ଏହି ଗଦାର ଆଘାତରେ ପର୍ବତ ଅଧେ ଭୂଷୁଡ଼ି ପଡ଼ିଲା । ଜରାସନ୍ଧ ଗଦାଟିକୁ ଫେରାଇ ନେବାପାଇଁ ବହୁତ ଚେଷ୍ଟା କଲା । କିନ୍ତୁ ଗଦାଟି ପର୍ବତ ଦେହରେ ଲାଖି ରହିଗଲା । ସେ ଦିନଠୁ ଶିବଦତ୍ତ ଗଦା ସେ ହରେଇ ବସିଛି । ଫଳରେ ପୂର୍ବରୁ ତା'ର ଯେଉଁ ଗଦାବଳ ଥିଲା, ସେ ବଳ ଆଉ ନାହିଁ । ଏବେ ତାକୁ ଆୟତ୍ତ କରିହେବ ।

ଶ୍ରୀକୃଷ୍ଣ ଜରାସନ୍ଧକୁ ଆୟତ୍ତ କରାଯାଇପାରିବ ବୋଲି କହିଲେ । କିନ୍ତୁ ତାକୁ ମାରିବାର ଉପାୟ କ'ଣ କିଛି କହିଲେ ନାହିଁ । ତେଣୁ ଯୁଧିଷ୍ଠିର ଚିନ୍ତା କରି କହିଲେ, ତାହାହେଲେ ରାଜସୂୟ ଯଜ୍ଞ କରିବାଟା ଠିକ୍ ହେବ ନାହିଁ । ମୁଁ ମୋର ଭାଇମାନଙ୍କୁ ମରଣ ମୁହଁକୁ ଠେଲି ଦେଇ ପାରିବି ନାହିଁ ।

ଭୀମ କ୍ରୋଧଜର୍ଜର ହୋଇ ପଡ଼ିଲେ । ଅର୍ଜୁନ ଠିଆ ହୋଇ ପଡ଼ିଲେ । କହିଲେ, ଯଦି ଜରାସନ୍ଧ ସହିତ ଲଢ଼େଇ କରିପାରିବା ନାହିଁ, ତା' ହେଲେ ଆମେ ଏତେବର୍ଷ ଧରି ଯୁଦ୍ଧ ବିଦ୍ୟା ଶିଖିଲେ କାହିଁକି ? ଯୁଦ୍ଧକୁ ଡରିବା ଅପେକ୍ଷା ଆତ୍ମହତ୍ୟା କରିବା ଶ୍ରେୟସ୍କର । ଜରାସନ୍ଧର ସହାୟକ ଯଦି ଶିବଶଙ୍କର, ଆମର ସହାୟକ ସ୍ୱୟଂ ନାରାୟଣ । ଜଣକୁ ଡରି ରାଜସୂୟ ଯଜ୍ଞ ପ୍ରସ୍ତାବ ବନ୍ଦ କରିଦେବା କାପୁରୁଷତା ହେବ । ମୁଣ୍ଡ ନଇଁ ପଡ଼ିବ ।

ଭୀମ ଅର୍ଜୁନଙ୍କୁ କୁଣ୍ଢେଇ ପକାଇଲେ । କହିଲେ, ମୋ ମନ କଥା ଅର୍ଜୁନ ତୁଣ୍ଡ ଦେଇ ବାହାରି ପଡ଼ିଲା । ଦୁହେଁ ଯୁଧିଷ୍ଠିରଙ୍କୁ କହିଲେ, ତୁମେ ନିଶ୍ଚିନ୍ତ ଭାବରେ ଯଜ୍ଞ ପ୍ରସ୍ତାବରେ ଆଗେଇ ଯାଅ । ତୁମକୁ କିଛି କରିବାକୁ ପଡ଼ିବ ନାହିଁ । ଆମେ ଚାରିଭାଇ ସବୁ କରିବୁ । ତୁମେ ଯାହା କହିବ, କରିବୁ ।

ଯୁଧିଷ୍ଠିର ଦେଖିଲେ, ଭୀମ ଓ ଅର୍ଜୁନ ଯାହା କହୁଛନ୍ତି ଠିକ୍ । ଶ୍ରୀକୃଷ୍ଣ ଭୀମ ଓ ଅର୍ଜୁନଙ୍କ ପିଠିକି ଥାପୁଡ଼େଇ କହିଲେ, ଯୁଦ୍ଧ ତ କରିବାକୁ ପଡ଼ିବ । ଜରାସନ୍ଧକୁ ସବୁବେଳେ ଡରି ରହିବାଟା ଠିକ୍ ନୁହେଁ । କିନ୍ତୁ ମଗଧର ଚାରିପଟେ ବୈହାର, ବରାହ, ବୃଷଭ, ଋଷିଗିରି ଓ ଚୈତକ ନାମରେ ପାଞ୍ଚଟି ବଡ଼ ବଡ଼ ପର୍ବତ ଘେରି ରହିଛି । ସୈନ୍ୟସାମନ୍ତ ନେଇ ସେ ରାଜ୍ୟ ଜୟ କରିବା ଅସମ୍ଭବ । ତେଣୁ ଜରାସନ୍ଧକୁ ଅନ୍ୟବାଟରେ ମାରିବାକୁ ପଡ଼ିବ ।

ଏ ପର୍ଯ୍ୟନ୍ତ କୃଷ୍ଣଙ୍କ ମୁହଁରୁ ଜରାସନ୍ଧକୁ 'ମାରିବା' କଥା ବାହାରି ନଥିଲା । ଏକଥା ବାହାରିବାମାତ୍ରେ ଭୀମ ଆନନ୍ଦରେ ଗଦାକୁ ଉପରକୁ ଫିଙ୍ଗି ଡେଇଁବାରେ, ନାଚିବାରେ ଲାଗିଲେ ।

ଯୁଧିଷ୍ଠିର ତଥାପି ଚିନ୍ତିତ । ଯେହେତୁ ଶ୍ରୀକୃଷ୍ଣ କହିଛନ୍ତି, ଅନ୍ୟ ଉପାୟ ସ୍ଥିର କରିବାକୁ ପଡ଼ିବ, ତେଣୁ ସେ ସେହି ଉପାୟଟି କ'ଣ ଜାଣିବା ପାଇଁ ବ୍ୟାକୁଳ ହୋଇ ପଡ଼ିଲେ । ଶତ୍ରୁକୁ ଅସ୍ତ୍ରଶସ୍ତ୍ରରେ ମରାଯାଏ, କିନ୍ତୁ ଶ୍ରୀକୃଷ୍ଣ କହୁଛନ୍ତି ସୈନ୍ୟସାମନ୍ତ ନେଲେ କିଛି ଲାଭ ହେବ ନାହିଁ ।

ସମସ୍ତେ ପ୍ରଶ୍ନ କଲେ ଶ୍ରୀକୃଷ୍ଣଙ୍କୁ, ସୂକ୍ଷ୍ମ ଉପାୟଟି କ'ଣ ? ଶ୍ରୀକୃଷ୍ଣ କହିଲେ, 'ବ୍ୟସ୍ତ ହୁଅନି, ମୁଁ ମଧ୍ୟ ତୁମମାନଙ୍କ ସାଙ୍ଗରେ ଯିବି ।"

●

॥ ୧୦୮ ॥

# ଜରାସନ୍ଧ ପୁଣି ଦି'ଫାଳ !

**ଶ୍ରୀ**କୃଷ୍ଣ ସ୍ଥିର କଲେ ତାଙ୍କ ସହିତ ଭୀମ ଓ ଅର୍ଜୁନ ଯିବେ । ତିନି ହେଁ ସ୍ନାତକ-ବ୍ରାହ୍ମଣ ବେଶ ଧରିଲେ । ବହୁ ରାଜ୍ୟ ଅତିକ୍ରମ କରିବା ପରେ ସେମାନେ ମଗଧର ରାଜଧାନୀ ଗିରିବ୍ରଜ ପାଖରେ ପହଞ୍ଚିଲେ । ଚାରିଆଡ଼େ ପାହାଡ଼ ଘେରି ରହିଲା ଭଳି ଏକ ଅଭେଦ୍ୟ ଦୁର୍ଗ ଗିରିବ୍ରଜନଗରୀ ।

ଦ୍ୱିପ୍ରହର ସମୟ । ତିନି ବ୍ରାହ୍ମଣ ସୁଉଚ୍ଚ ପ୍ରାଚୀର ଡେଇଁ ନଗରୀ ଭିତରେ ପ୍ରବେଶ କଲେ । ନଗରୀ ଭିତରେ ରାଜଉଆସ । ତା' ଚାରିପଟେ ମଧ୍ୟ ପାଚିରୀ । ମୁଖ୍ୟଦ୍ୱାର ଦେଇ ଗଲେ ଦ୍ୱାରପାଳମାନେ ବାଧା ଦେଇପାରନ୍ତି— ତେଣୁ ସେମାନେ ଉଆସ ପାଚିରୀ ଉପରେ ଚଢ଼ି ତଳକୁ ଡେଇଁଲେ । ଦେଖିଲେ, ଅନ୍ତଃପୁର ବାହାରେ ବହୁ ବ୍ରାହ୍ମଣ ଯାଚକ ଠିଆ ହୋଇଛନ୍ତି । ଏମାନେ ସେମାନଙ୍କ ସହିତ ମିଶିଗଲେ । ଜରାସନ୍ଧ ପ୍ରତିଦିନ ମହାଦେବଙ୍କୁ ପୂଜା ଅର୍ଚ୍ଚନା କରେ । ପୂଜାସାରି ଯିଏ ଯାହା ମାଗିଲେ ଦାନ କରେ । ଇଏ ତା'ର ନିତ୍ୟନୈମିତ୍ତିକ କାର୍ଯ୍ୟ । ତେଣୁ ସମସ୍ତେ ତା'ର ଆଗମନକୁ ଅପେକ୍ଷା କରି ରହିଥିଲେ ।

ଜରାସନ୍ଧ ପୂଜା ସାରି ବ୍ରାହ୍ମଣମାନଙ୍କ ପାଖକୁ ଆସିଲା । ଅନ୍ୟମାନଙ୍କ ଭିତରୁ କିଏ ତାକୁ କିଛି କହିବା ପୂର୍ବରୁ ଇନ୍ଦ୍ରପ୍ରସ୍ଥର ଏହି ନବୀନ ତିନି ବ୍ରାହ୍ମଣ ଜରାସନ୍ଧ ସାମନାରେ ଯାଇ ଠିଆ ହେଲେ । ତିନିହେଁ ସମସ୍ୱରରେ କହିଲେ, "ଆମେ ବହୁ ଦୂରରୁ ଆସିଛୁ, ଆମ କଥା ଆଗ ବୁଝନ୍ତୁ । ଆମର ଦୃଢ଼ ଆଶା, ରାଜା ଆମର ଇଚ୍ଛା ପୂର୍ଣ୍ଣ କରିବେ । ରୋଗୀ ପକ୍ଷରେ ଅସହ୍ୟ ବୋଲି କିଛି ନାହିଁ । ସେହିଭଳି ଦୁଷ୍ଟ ପକ୍ଷରେ ଭୁଲ ବୋଲି କିଛି

ନ ଥାଏ । ଦୁଷ୍ଟନଷ୍ଟ ସମସ୍ତଙ୍କୁ ଯିଏ ସମାନ ଭାବରେ ଦେଖେ, ତା’ ପକ୍ଷରେ ପରିଚୟ, ଅପରିଚୟ କିଛି ନ ଥାଏ । ଯାହାର ଦେବାର ଶକ୍ତି ଓ ସମ୍ବଳ ଥାଏ ଅଥଚ ମାଗିଲେ ସୁଦ୍ଧା ଅନ୍ୟକୁ କିଛି ଦିଏ ନାହିଁ, ତା ପକ୍ଷରେ ଥିବା ଯାହା ନ ଥିବା ତାହା । ସେମାନେ ସର୍ବଥା ନିନ୍ଦନୀୟ । ରାଜା ହରିଶ୍ଚନ୍ଦ୍ର, ରନ୍ତୀଦେବ, ଶିବି, ବଳି ଓ ବ୍ରାହ୍ମଣ ମୁଦ୍‌ଗଲ ପ୍ରମୁଖ ଦେଇଚନ୍ତି ବୋଲି ସୁନାମ ପାଇ ଆସୁଛନ୍ତି । ତାଙ୍କର କୀର୍ତ୍ତିବାନା ସବୁବେଳେ ଫରଫର ଉଡୁଛି । ଦାତା ହିଁ ଶ୍ରେଷ୍ଠ ।’’

ଜରାସନ୍ଧ ଏମାନଙ୍କୁ ନିରିଖେଇ ଦେଖିଲା । ଏମାନଙ୍କ ବଡ଼ ବଡ଼ କଥା, ଲମ୍ବା ଓସାରିଆ ଦେହର ଚେହେରା ଦେଖି ଧୀରେ ଧୀରେ ତା’ ମନରେ ସନ୍ଦେହ ହେଲା । କିନ୍ତୁ ତିନିହେଁ ବ୍ରାହ୍ମଣ । ସ୍ନାତକ । ଦେହର ଗଠନ, ଚିହ୍ନବର୍ଣ୍ଣ ଦେଖି ଭାବିଲା, ଏମାନେ ବ୍ରାହ୍ମଣ ନୁହଁନ୍ତି । ନିଶ୍ଚିତ ଭାବରେ କ୍ଷତ୍ରିୟ । ବୋଧହୁଏ ତା’ ବିରୁଦ୍ଧରେ କିଛି ଷଡ଼ଯନ୍ତ୍ର ଚାଲିଛି । ମନେମନେ ଭାବିଲା, ଯାହାହେଉ ଏମାନେ ତ ବ୍ରାହ୍ମଣ ବେଶରେ ଆସିଛନ୍ତି । ତେଣୁ ସେ ସେମାନଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା । ପୁଣି ଭାବିଲା, ମୋ ପାଖରୁ ଏ ଯାଏଁ କେହି ଖାଲି ହାତରେ ଫେରି ନାହାଁନ୍ତି । ଯିଏ ଯାହା ମାଗିଛି, ଦେଇଚି । ଏମାନେ ଯାହା ମାଗିବେ ଦେବି । ଏପରିକି ଜୀବନ ସୁଦ୍ଧା । ବଳିରାଜା ପାଖକୁ ସ୍ୱୟଂ ନାରାୟଣ ବାମନ ରୂପରେ ଯାଇଥିଲେ । ତିନିପାଦ ଭୂମି ତାଙ୍କୁ ମାଗିଲେ । ନାରାୟଣ ଛଳ କରି ତାକୁ ଗୋଟିଏ ପାଦରେ ପାତାଳକୁ ଚାପିଦେଲେ । ବାମନକୁ ମନେ ରଖିଛି କିଏ ? କିନ୍ତୁ ଦେଲାବାଲା ବଳିକୁ ସମସ୍ତେ ମନେ ରଖିଚନ୍ତି । ତେଣୁ ଦାନର ମହିମା ଅଧିକ । ଯିଏ ହାତପାତେ ସେ ବଡ଼ ନୁହେଁ, ଯିଏ ମନ ଖୋଲି, ହାତଖୋଲି ଦିଏ, ସିଏ ବଡ଼ । ଏ ଦିହ ତ ଦିନେ ମାଟିରେ ମିଶିବ । ଘରେ କୁଢ଼ କୁଢ଼ ସୁନାରୂପା ରଖି କି ଲାଭ !

ଦାତା ଭାବରେ ତା’ ମନରେ ମଧ୍ୟ ଗର୍ବ ଥିଲା । ସେ ତିନି ସ୍ନାତକ ବ୍ରାହ୍ମଣଙ୍କୁ କହିଲା, ଯାହା ମାଗୁଛ ମାଗ, ମୁଁ ଦେବାକୁ ପ୍ରସ୍ତୁତ । ମୋ ପାଖରୁ ହତାଶ ହୋଇ ଏ ପର୍ଯ୍ୟନ୍ତ କେହି ଫେରିନାହିଁ । ଏପରିକି ମୁଣ୍ଡ ସୁଦ୍ଧା କାଟି ଦେଇଦେବାକୁ ମୁଁ ପ୍ରସ୍ତୁତ ।

ଶ୍ରୀକୃଷ୍ଣ କାଳବିଳମ୍ବ ନ କରି ଚଟାପଟ କହିଲେ, ଆମେ କୌଣସି ପଦାର୍ଥ ମାଗୁନୁ, ସୁନାରୂପା ମାଗୁନୁ, ଆମେ ଚାହୁଁଚୁ ତୁମ ସହିତ ଦ୍ୱୈତଯୁଦ୍ଧ କରିବା ପାଇଁ । ଆମ ତିନିହିଁଙ୍କ ଭିତରୁ ଯାହାକୁ ହେଲେ ବାଛି ପାର । ତୁମେ ଭଲ ମଲ୍ଲଯୁଦ୍ଧ ଜାଣ ବୋଲି ଶୁଣିଚୁ । ତେଣୁ ସେହି ଯୁଦ୍ଧ ଲାଗି ଆମେ ବହୁ ଦୂରରୁ ଗିରି କାନ୍ତାର ଅତିକ୍ରମ କରି ଆସିଚୁ । ଆମେ ତିନିଜଣଯାକ କ୍ଷତ୍ରିୟ । କେବଳ ମଲ୍ଲ ଯୁଦ୍ଧ ଚାହୁଁ ।

ଜରାସନ୍ଧ କହିଲା, ତୁମମାନଙ୍କୁ ଦେଖିବା ମୁହୂର୍ତ୍ତରୁ ହିଁ ମୁଁ ଜାଣିପାରିଚି, ତୁମେମାନେ ବ୍ରାହ୍ମଣ ନୁହଁ । କିଏ କ୍ଷତ୍ରିୟ, କିଏ ବ୍ରାହ୍ମଣ, ଚାଲିଚଳଣ, କଥାବାର୍ତ୍ତାରୁ

ଜଣା ପଡ଼ିଯିବ । ଜରାସନ୍ଧ କୃଷ୍ଣଙ୍କୁ ଦେଖି କହିଲା, ତତେ ତ ମୁଁ କୁଉଠି ଥରେଅଧେ ଦେଖିଲା ଭଳି ମନେ ହେଉଛି ।

ଶ୍ରୀକୃଷ୍ଣ କହିଲେ, ଥରେ କାହିଁକି, କେତେଥର ଦେଖିଚ । ଜରାସନ୍ଧଙ୍କ ପୂର୍ବକଥା ମନେ ପଡ଼ିଗଲା । ସେ କହିଲା, ତୁ ସେ ଗଉଡ଼ପିଲା କୃଷ୍ଣଟି କି ! ଆରେ ତୁ କ'ଣ ଏଡୁଟେ ହେଇଗଲୁଣି ! ହଇରେ ମୋ ଡରରେ ତୁ ଓ ତୋ' ଭାଇ, ବାପ-ଅଜା ସମସ୍ତେ ପରା ମଥୁରା ଛାଡ଼ି କୁଆଡ଼େ ଅପନ୍ତରା ସମୁଦ୍ର ଭିତରେ ଯାଇ ଲୁଚି ରହିଲ । ଏବେ ତୁ ଆସିଛୁ ଲଢ଼ିବା ପାଇଁ ! ତୋ' ମୁହଁରେ ଟିକିଏ ବି ଲାଜ ନାହିଁ ! ମାମୁଁଙ୍କୁ ତ ମାରିଲୁ, ମାଇଁମାନଙ୍କୁ, ମୋ ଝିଅ ଦିଇଟା ହେତି ପ୍ରହେତିଙ୍କୁ ରାଣ୍ଡ କରାଇଲୁ, ଏବେ ଆସିଚୁ ମୋ ସହିତ ମଲ୍ଲଯୁଦ୍ଧ କରିବା ପାଇଁ !

ଶ୍ରୀକୃଷ୍ଣ କହିଲେ, ଲେଖାଯୋଖାରେ ତୁମେ ମୋର ଅଜା । ଅଜା ସହିତ ନାତିର ଲଢ଼େଇ ବେଶ ଜମିବ । ଆସ, ସଜ ହୋଇଯାଅ ।

ଜରାସନ୍ଧ କହିଲା, ତୁ କ୍ଷତ୍ରିୟ ନୋହୁଁ, ଯାଦବ, ମହାକୁଡ଼ ! ଚୁଚୁନ୍ଦ୍ରାକୁ ମାରିଲେ ହାତ ଗନ୍ଧେଇବ । ତୋ ସାଥିରେ ଏ ଦି'ଟା କିଏ ?

ଶ୍ରୀକୃଷ୍ଣ କହିଲେ, ଏ ଦୁହେଁ କୁନ୍ତୀପୁତ୍ର ଭୀମ ଆଉ ଆଉ ଅର୍ଜୁନ । ପାଣ୍ଡବ କୁଳର ଦୁଇଜଣ ମଣି । ମୋ ସହିତ ନ ଲଢ଼ିଲେ, ଏମାନଙ୍କ ସହିତ ଲଢ଼ । ଲଢ଼ିବା ଆମେ ଚାହୁଁ ।

ଜରାସନ୍ଧ ଅର୍ଜୁନଙ୍କୁ ଦେଖାଇ କହିଲା, ଏଇଟା ଦୁର୍ବଳିଆଟା, ପତଳାଟା । ସମାସ୍କନ୍ଧ ନୁହେଁ । ଭୀମର ହାତକୁ ଧରି କହିଲା, ଏଇଟା ଠିକ୍ ଅଛି । ବେଶ୍ ମୋଟାସୋଟା, ସ୍ଥୂଳକାୟ । ଏହା ହାତଗୋଡ଼ରୁ ଜଣାପଡୁଛି, ଇଏ ଆଗରୁ ଲଢ଼ିଚି । ଲଢ଼ିବା ଶିଖିଚି ।

ଜରାସନ୍ଧ ସଙ୍ଗେ ସଙ୍ଗେ ଦୁଇଟା ଗଦା ମଗେଇଲା । ଦି'ଜଣ ଗଦା ଧରିଲେ । ଖୋଲା ଜାଗାକୁ ଆସିଲେ । ଲଢ଼େଇ ଚାଲିଲା । ଧମାଧମ୍ ଲଢ଼େଇ । କିଏ କାହାକୁ ଊଣା ନୁହଁନ୍ତି । ଏ ଲଢ଼େଇ ଚାଲିଲା, ଅଠେଇଶ ଦିନ ଧରି ।

ଦୁଇଜଣ ସଚ୍ଚୋଟ ବଳିଷ୍ଠ ନିଷ୍ପାପର ଖେଳାଳୀ । ରାଗ ରୋଷ କିଛି ନାହିଁ । ଦୁହିଁଙ୍କ ଭିତରେ ଘନିଷ୍ଠ ସଂପର୍କ । ଦିନବେଳେ ଯୁଦ୍ଧ । ରାତି ହେଲେ ଦୁହେଁ ଏକାଠି ବସି ଗପସପ କରନ୍ତି । ନିବିଡ଼ ବନ୍ଧୁତା ।

ଦିନେ ରାତିରେ ଭୀମ ଶ୍ରୀକୃଷ୍ଣଙ୍କୁ କହିଲେ, ମୁଁ ଏ ଯାଏଁ କେଉଁଠି ପରାଜୟ ସ୍ୱୀକାର କରିନି ! କିନ୍ତୁ ଏ କ୍ଷେତ୍ରରେ କାହିଁକି କେଜାଣି ମତେ କିମିତି କିମିତି ଲାଗୁଚି । ଦେଖୁଚି ଜରାସନ୍ଧକୁ ମାରିହେବନି । ଲଢ଼ି ଲଢ଼ି ମୁଁ ହାଲିଆ ହୋଇପଡ଼ିଲିଣି ।

ଶ୍ରୀକୃଷ୍ଣ କହିଲେ, ଆସନ୍ତାକାଲି ତୁମେ ଜରାସନ୍ଧକୁ ମାରି ପାରିବ । ତା' ଆରଦିନ ଲଢ଼େଇ ଚାଲିଲା । ଥରେ ଭୀମ ଜରାସନ୍ଧକୁ ଉପରକୁ ଟେକି ତଳେ କଚାଡ଼ିଦେଲେ । ତା' ଉପରେ ବସିପଡ଼ିଲେ । ଠିକ୍ ଏହି ସମୟରେ ଶ୍ରୀକୃଷ୍ଣ ହାତରେ ଧରିଥିବା ଗୋଟିଏ ଗଛ ଡାଳକୁ ଦିଫାଳ କରି ଜରାସନ୍ଧକୁ ଇମିତି ମାରିହେବ ବୋଲି ଠାରରେ ଜଣେଇଦେଲେ । ଭୀମ ସଙ୍ଗେ ସଙ୍ଗେ ଜରାସନ୍ଧର ଗୋଟିଏ ଗୋଡ଼କୁ ପାଦରେ ଚାପି ଧରିଲେ, ଆଉ ଗୋଟିଏ ଗୋଡ଼କୁ ଧରି ଚିରିଦେଲେ । ଜରାସନ୍ଧ ଜନ୍ମ ହେବାବେଳେ ଯିମିତି ଥିଲା, ସିମିତି ଦି' ଫାଳ ହୋଇଗଲା । ଜ୧ରାସନ୍ଧ ମଲା ବୋଲି ରାଜ୍ୟ ସାରା ଖବର ବ୍ୟାପିଗଲା ।

●

॥ ୧୦୯ ॥

# ରାଜସୂୟ ପରେ କୃଷ୍ଣାର୍ଚ୍ଚନ

ଜରାସନ୍ଧର ଉଆସ ଭିତରେ ଯେ ହାତାହାତି ମଲ୍ଲଯୁଦ୍ଧ ଚାଲିଥିଲା, କେହି ଜାଣିବାର ଉପାୟ ନ ଥିଲା । ଜରାସନ୍ଧ ମଲାବେଳେ ଇମିତି ରଡ଼ି ଛାଡ଼ିଲା ଯେ ରାଜଧାନୀ ଗିରିବ୍ରଜ କମ୍ପି ଉଠିଲା । ପ୍ରଜାମାନେ ଜାଣିଲେ ଇଏ ଆମ ରାଜାଙ୍କ ରଡ଼ି । ପରେ ସେମାନେ ଜାଣିଲେ ଜରାସନ୍ଧକୁ ଭୀମ ବୋଲି ଗୋଟାଏ ଲୋକ ତା' ଦି ଗୋଡ଼ ଫାଡ଼ି ମାରିଦେଲା । ସମସ୍ତେ ଦୌଡ଼ିଲେ ନଅର ଆଡ଼ିକି । ନଅର ଭିତରେ ଲୋକେ ଅଦ୍ଭୁତ ଦୃଶ୍ୟ ଦେଖିଲେ । ଦେଖିଲେ, ତାଙ୍କ ରାଜା ଦିଫାଳ ହୋଇ ଗଡୁଛି । ଇଆଡ଼େ ଦି'ଟା ବ୍ରାହ୍ମଣ କୁଣ୍ଢାକୁଣ୍ଢି ହୋଇ ଆନନ୍ଦ ଉଲ୍ଲାସରେ ମାତିଛନ୍ତି । ଶ୍ରୀକୃଷ୍ଣ ଭୀମଙ୍କୁ କୁଣ୍ଢାଇ 'ସାବ୍‌ବାସ୍ ଭୀମ' କହିବାରେ ଲାଗିଛନ୍ତି ।

ଯାହାହେଉ ଏତେଦିନେ ଜରାସନ୍ଧ ଲୀଳା ସରିଲା । ଶ୍ରୀକୃଷ୍ଣ ସାଙ୍ଗେ ସାଙ୍ଗେ ଜରାସନ୍ଧ ପୁତ୍ର ସହଦେବକୁ ମଗଧର ରାଜା କରାଇଲେ । ତା' ପରେ ଭୀମ ଅର୍ଜ୍ଜୁନଙ୍କ ସହିତ ଗିରିବ୍ରଜ କାରାଗାରକୁ କଲେ । ଏଠି ପଞ୍ଚାନବେ ଜଣ ରାଜା ମହାରାଜା ବନ୍ଦୀ ହୋଇ ରହିଥିଲେ । ଶ୍ରୀକୃଷ୍ଣଙ୍କୁ ଦେଖୁ ଦେଖୁ ସେମାନେ ଖୁସିରେ ନାଚିଉଠିଲେ । ଶ୍ରୀକୃଷ୍ଣ ସେମାନଙ୍କୁ ବନ୍ଧନମୁକ୍ତ କଲେ । କହିଲେ, ମୁଁ ତୁମ ଦୂତ ଆଗରେ ଯାହା ପ୍ରତିଶ୍ରୁତି ଦେଇଥିଲି, ଆଜି ତାହା କାର୍ଯ୍ୟକାରୀ ହେଲା । ନିଶ୍ଚିନ୍ତରେ ନିଜ ନିଜ ରାଜ୍ୟକୁ ଯାଇ ରାଜୁତି କର । ନିକଟରେ ଯୁଧିଷ୍ଠିର ରାଜସୂୟ ଯଜ୍ଞ କରିବେ । ତୁମେ ସମସ୍ତେ ତାଙ୍କୁ ସାହାଯ୍ୟ କରିବ । ରାଜାମାନେ କହିଲେ, ଯଥା ଆଜ୍ଞା ପାଳନ କରିବୁ । ମରୁ ମରୁ

ବଞ୍ଚିଗଲୁ । ପ୍ରଭୁ ଯାହା କହିବେ, ତା' କରିବୁ । ଜରାସନ୍ଧ ପୁତ୍ର ସହଦେବ ମଧ୍ୟ କହିଲେ, ଯୁଧିଷ୍ଠିରଙ୍କୁ କର ତ ଦେବି, ଆଉ ଯଜ୍ଞ ପାଇଁ ଯାହା ଦରକାର ଇନ୍ଦ୍ରପ୍ରସ୍ଥକୁ ପଠାଇଦେବି । ଯଜ୍ଞବେଳେ ନିଜେ ଯିବି ।

ଶ୍ରୀକୃଷ୍ଣ ଭୀମ ଅର୍ଜୁନଙ୍କ ସହିତ ଗିରିବ୍ରଜ ଛାଡ଼ି ଇନ୍ଦ୍ରପ୍ରସ୍ଥ । (ଏହାର ଅନ୍ୟନାମ ଖାଣ୍ଡବପ୍ରସ୍ଥ)କୁ ଫେରିଲେ । ଜରାସନ୍ଧ ନିହତ ବୋଲି ଯୁଧିଷ୍ଠିର ଆଗରୁ ଖବର ପାଇଥିଲେ । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖର ଶବ୍ଦ ଶୁଣି ଯୁଧିଷ୍ଠିର ସଦଳବଳ ଗଲେ ଇନ୍ଦ୍ରପ୍ରସ୍ଥର ପ୍ରବେଶ ଦ୍ୱାରଦେଶକୁ । ସେ ବ୍ରାହ୍ମଣବେଶୀ ବୀରମାନଙ୍କୁ ପାଛୋଟି ଆଣିଲେ ।

ଏଣିକି ରାଜସୂୟ ଯଜ୍ଞ ପାଇଁ ଆୟୋଜନ ଚାଲିଲା । ସମଗ୍ର ପୃଥିବୀରେ ଯୁଧିଷ୍ଠିରଙ୍କୁ ସାର୍ବଭୌମତ୍ୱ ଜାହିର କରିବାକୁ ପଡ଼ିବ । ଏଥିଲାଗି ସେ ଚାରିଭାଇଙ୍କୁ ଚାରି ଦିଗକୁ ପଠାଇଲେ । ସବୁ ଦେଶର ରାଜାମାନେ ଯୁଧିଷ୍ଠିରଙ୍କ ବଶ୍ୟତା ସ୍ୱୀକାର କଲେ । ଜଣେ ଦି'ଜଣ ବିରୋଧ କରିଥିଲେ; କିନ୍ତୁ ପାଣ୍ଡବମାନଙ୍କ ଦ୍ୱାରା ସେମାନେ ପରାଜିତ ହେଲେ । କାହାରି ବିରୋଧ କରିବାର ଅବକାଶ ରହିଲା ନାହିଁ । କାରଣ ସମଗ୍ର ପୃଥିବୀରେ ଯୁଧିଷ୍ଠିର ଧର୍ମରାଜ ଭାବରେ ସୁପରିଚିତ ଥିଲେ । ସମସ୍ତେ ତାଙ୍କୁ ଭଲ ପାଉଥିଲେ ।

ପ୍ରଥମ ପର୍ଯ୍ୟାୟର କାମ ସରିଲା । ଯୁଧିଷ୍ଠିର ନିଜେ ଯାଇ ମୁନିଋଷିମାନଙ୍କୁ ପାଦାର୍ଘ୍ୟ ଦେଇ ନିମନ୍ତ୍ରଣ କଲେ । ଯଜ୍ଞ ହୋତାମାନଙ୍କୁ ବିଭିନ୍ନ ଦେଶରୁ ଅଣାଗଲା । ଯଜ୍ଞସ୍ଥାନ ନିରୂପଣ କରାଗଲା । ନିର୍ଦ୍ଦିଷ୍ଟ ଦିନ ନିମନ୍ତ୍ରିତ ମୁନିଋଷି, ସାଧୁସନ୍ଥ, ହୋତା, ଋତ୍ୱିକ ପହଞ୍ଚିଲେ । ବ୍ୟାସ, ଭରଦ୍ୱାଜ, କ୍ରତୁ, ଜୈମିନୀ, ପୈଲ, ପରାଶର, ପର୍ଶୁରାମ, ବିତିହୋତ୍ର ପ୍ରମୁଖ ଋଷି, ମହର୍ଷିମାନେ ଯଜ୍ଞସ୍ଥଳ ମଣ୍ଡନ କଲେ ।

ଶ୍ରୀକୃଷ୍ଣ ଦ୍ୱାରକାରୁ ଆଗରୁ ଆସି କ'ଣ କ'ଣ କରାଯିବା କଥା ଯୁଧିଷ୍ଠିରଙ୍କୁ ସବୁପ୍ରକାରର ପରାମର୍ଶ ଦେଉଥିଲେ । ଯୁଧିଷ୍ଠିର କନିଷ୍ଠ ଭ୍ରାତା ସହଦେବଙ୍କୁ ପଠାଇଲେ ହସ୍ତିନାପୁରକୁ । ସେ ଭୀଷ୍ମ, ଧୃତରାଷ୍ଟ୍ର, ଦ୍ରୋଣ, କୃପ, ବିଦୁର ଏବଂ ଦୁର୍ଯ୍ୟୋଧନ, କର୍ଣ୍ଣ, ଶକୁନି, ଦ୍ରୋଣପୁତ୍ର ଅଶ୍ୱତ୍ଥମାଙ୍କୁ ନିମନ୍ତ୍ରଣ କରି ଫେରିଲେ । ଭାରତବର୍ଷରେ ଯେତେ ରାଜା ଥିଲେ ସମସ୍ତଙ୍କୁ ନିମନ୍ତ୍ରଣ କରାଗଲା ।

ନିର୍ଦ୍ଦିଷ୍ଟ ଦିବସରେ ଯଜ୍ଞର ଶୁଭାରମ୍ଭ କରାଗଲା । ଯୁଧିଷ୍ଠିର ନିଜେ ହାତରେ ଲଙ୍ଗଳ ଧରି ଯଜ୍ଞସ୍ଥଳ କର୍ଷଣ କଲେ । ସେଇଠି ଯଜ୍ଞଶାଳା ଓ ଯଜ୍ଞମଣ୍ଡପାଦି ନିର୍ମାଣ କରାଗଲା । ଯଜ୍ଞକାର୍ଯ୍ୟ ସୁରୁଖୁରୁରେ ଚାଲିଲା । ଇଏ ଧର୍ମରାଜ ଧର୍ମପୁତ୍ର ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ! ନାରଦଙ୍କ ନେତୃତ୍ୱରେ ସ୍ୱର୍ଗରୁ ଋଷିମାନେ ମଧ୍ୟ ଯଜ୍ଞ ଦେଖିବାକୁ ଆସିଲେ । ଇନ୍ଦ୍ରସଭାରେ ମଧ୍ୟ ଏହି ଯଜ୍ଞର ଆଲୋଚନା ଚାଲିଲା । ଦେବତାମାନେ କହିଲେ, ଏ ପ୍ରକାରର ଯଜ୍ଞ କେବଳ ବରୁଣ ହିଁ ଥରେ କରିଥିଲେ । ଇଏ ଦ୍ୱିତୀୟ ।

ଯଜ୍ଞ ଶେଷରେ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରୁ ଯଜ୍ଞକର୍ତ୍ତା ଯାହାକୁ ଶ୍ରେଷ୍ଠ ମନେ କରିଥାଆନ୍ତି, ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନିତ କରିବା କଥା । ଏହା ପରମ୍ପରାଗତ । ଯୁଧିଷ୍ଠିର ବଡ଼ ଅଡୁଆରେ ପଡ଼ିଲେ । ତାଙ୍କ ଦୃଷ୍ଟିରୁ ଅତିଥିମାତ୍ରେ ଦେବତା । ସମସ୍ତେ ଶ୍ରେଷ୍ଠ । ସେମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ବୋଲି ଜଣଙ୍କୁ ବାଛି ସମ୍ମାନିତ କଲେ, ଅନ୍ୟମାନେ ନିଜକୁ ଅସମ୍ମାନିତ ବୋଧକରିପାରନ୍ତି । ପକ୍ଷପାତ ଦୋଷ ମଧ୍ୟ ଲାଗିବ । ସ୍ୱତନ୍ତ୍ର ଉତ୍ସବର ବ୍ୟବସ୍ଥା ହୋଇ ସାରିଲାଣି । ସମସ୍ତ ନିମନ୍ତ୍ରିତ ଅତିଥି ଆସନ ଗ୍ରହଣ କରିସାରିଲେଣି । ସହଦେବ ତ ସର୍ବଜ୍ଞ । ସେ ଭାଇଙ୍କ ମନ କଥା ଜାଣିପାରିଲେ । ତେଣୁ ପ୍ରଥମେ ଦଣ୍ଡାୟମାନ ହୋଇ ଘୋଷଣା କଲେ, ମନୁଷ୍ୟମାନଙ୍କ ଭିତରେ ସର୍ବଶ୍ରେଷ୍ଠ ହେଉଛନ୍ତି ଶ୍ରୀକୃଷ୍ଣ । ମଣିଷ ରୂପ ଧରିଥିଲେ ମଧ୍ୟ ସେ ସ୍ୱୟଂ ନାରାୟଣ । ପୃଥିବୀରୁ ଗ୍ଳାନି ଦୂର କରିବା, ଦୁଷ୍ଟ ବିନାଶ, ଶିଷ୍ଟ ପାଳନ ଲାଗି ସେ ଧରାଧାମରେ ଅବତରଣ କରିଛନ୍ତି । ତାଙ୍କୁ ସମ୍ମାନିତ କରିବା ଅର୍ଥ ବିଶ୍ୱ ବ୍ରହ୍ମାଣ୍ଡର ସ୍ଥାବର, ଜଙ୍ଗମ ସବୁ ପ୍ରାଣୀ, ସବୁ ଜୀବଙ୍କୁ ସମ୍ମାନିତ କରିବା । ତେଣୁ ଭାଇଙ୍କ ପକ୍ଷରୁ ମୁଁ ଘୋଷଣା କରୁଛି, ଶ୍ରୀକୃଷ୍ଣଙ୍କୁ ସର୍ବଶ୍ରେଷ୍ଠ ଭାବରେ ସମ୍ମାନିତ କରାଯିବ ।

ମୁନିଋଷି, ପଣ୍ଡିତ, ବିଦ୍ୱାନ୍, ଋତ୍ୱିକ, ସ୍ନାତକ ବ୍ରାହ୍ମଣ ସମସ୍ତେ ସହଦେବଙ୍କ ଘୋଷଣାରେ ଖୁସି ହେଲେ । 'ଶ୍ରୀକୃଷ୍ଣ କି ଜୟ' ଧ୍ୱନିରେ ଯଜ୍ଞସ୍ଥଳ କମ୍ପିଉଠିଲା । କାରଣ ସମସ୍ତେ ଜାଣନ୍ତି, ଶ୍ରୀକୃଷ୍ଣ ହିଁ ପରମପୁରୁଷ, ପୁରୁଷୋତ୍ତମ, ସଚ୍ଚିଦାନନ୍ଦ ଭଗବାନ ସ୍ୱୟଂ ବିଷ୍ଣୁ । ଯୁଧିଷ୍ଠିର ଅତି ଖୁସି । ସହଦେବ ତାଙ୍କ ମନକଥା ଜାଣି, ସେ ଯାହା କହିଥାଆନ୍ତେ, ତାହା କହିଦେଇଥିବାରୁ ସେ ଚିନ୍ତାମୁକ୍ତ ହେଲେ ।

ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କ ପାଦଧୌତ କଲେ । ଦ୍ରୌପଦୀ ସୁବର୍ଣ୍ଣକଳସରୁ ପାଣି ଢାଳିଲେ । ତା'ପରେ ପାଦାର୍ଘ୍ୟ ଦିଆଯାଇ ଯଥାବିଧି ପୂଜା ଅର୍ଚ୍ଚନା କରାଗଲା । ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କ ପାଦଧୁଆ ପାଣି ନିଜ ମୁଣ୍ଡରେ, ପତ୍ନୀ ଦ୍ରୌପଦୀ ଓ ଭକ୍ତମାନଙ୍କ ମୁଣ୍ଡରେ ଛିଞ୍ଚିଦେଲେ । ବହୁବର୍ଷ ପୂର୍ବେ ସ୍ୱର୍ଗରୁ ଯେଉଁ ମନ୍ଦାକିନୀକୁ ଭଗୀରଥ ଆଣିଥିଲେ, ପୃଥିବୀରେ ସେ ଗଙ୍ଗା ନାମରେ ପରିଚିତ । ସେହି ଗଙ୍ଗାଜଳ ହିଁ ସିଞ୍ଚନ କରାଗଲା । ଶ୍ରୀକୃଷ୍ଣଙ୍କ ପାଦପୂଜା କଲାବେଳେ ଯୁଧିଷ୍ଠିରଙ୍କ ଚକ୍ଷୁ ଯୁଗଳରୁ ଆନନ୍ଦାଶ୍ରୁ ମନ୍ଦାକିନୀ ଭଳି ପ୍ରବାହିତ ହେବାକୁ ଲାଗିଲା । ଶ୍ରୀକୃଷ୍ଣ ଠିଆ ହେଲେ । କିନ୍ତୁ ଯୁଧିଷ୍ଠିର ଏତେ ଭାବାବିଷ୍ଟ ହୋଇପଡ଼ିଥିଲେ ଯେ ଘଡ଼ିଏ କାଳ ଶ୍ରୀକୃଷ୍ଣଙ୍କ ମୁଖାରବିନ୍ଦ ତାଙ୍କୁ ଦେଖାଗଲା ନାହିଁ ।

## ।। ୧୧୦ ।।

# ଶିଶୁପାଳର ମୁଣ୍ଡ କାଟ

ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ଉତ୍ସବରେ ଶିଶୁପାଳ ମଧ୍ୟ ଯୋଗଦେଇଥିଲା । ରୁକ୍ମିଣୀ ସ୍ୱୟଂବରବେଳେ ଇଏ ବରବେଶରେ ଯାଇଥିଲା । ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣଚାଳ କରିନେଲେ । ଶିଶୁପାଳ ହତାଶ ଓ ଅପମାନିତ ହୋଇ ନିଜ ରାଜ୍ୟ ଚେଦିକୁ ଫେରିଥିଲା । ସେହି ଦିନଠୁ ଶ୍ରୀକୃଷ୍ଣଙ୍କ ପ୍ରତି ତା'ର ରାଗ । ରାଜସୂୟ ଯଜ୍ଞ ଶେଷରେ ଶ୍ରୀକୃଷ୍ଣଙ୍କୁ ବିପୁଳ ସଂବର୍ଦ୍ଧନା ଓ ସମ୍ମାନିତ କରାଯିବାରେ ସେ ଆଉ ସମ୍ଭାଳି ପାରିଲା ନାହିଁ । ଅତିଷ୍ଠ ହୋଇ ପଡ଼ିଲା । ସଭାମଂଚ ଉପରୁ ପାଟିକଲା, ବହୁତ ହେଲାଣି, କୃଷ୍ଣାର୍ଚ୍ଚନ ସେତିକିରେ ବନ୍ଦ କର ।

ସଭାରେ ଉପସ୍ଥିତ ସମସ୍ତେ ଶ୍ରୀକୃଷ୍ଣଙ୍କ ସମର୍ଥକ । ତେଣୁ ତାଙ୍କୁ ସମ୍ମାନିତ କରାଯିବାରେ ସମସ୍ତେ ଆନନ୍ଦିତ । ହଠାତ୍ ଶିଶୁପାଳ 'ବନ୍ଦକର ବନ୍ଦକର' ବୋଲି ଚିତ୍କାର କରିବାରେ ସମସ୍ତେ ବିସ୍ମିତ ଓ ବିବ୍ରତ ହୋଇ ପଡ଼ିଲେ । ସମସ୍ତଙ୍କ ଦୃଷ୍ଟି ଶିଶୁପାଳ ଉପରେ । ସମସ୍ତେ ଦେଖିଲେ, ଏ ଚିତ୍କାର ଚେଦିରାଜ ଦମଘୋଷ ପୁତ୍ର ଶିଶୁପାଳର । କ୍ରୋଧରେ ତା'ର ଆଖି ଦି'ଟା ଲାଲ ଲାଲ । ଦେହଟା ତା'ର ବରଡ଼ାପତ୍ର ପରି ଥରଥର । ସେ କେବଳ ଶ୍ରୀକୃଷ୍ଣଙ୍କ ପ୍ରତି କୁତ୍ସିତ ଗାଳି ବର୍ଷଣ କଲାନି, ଯୁଧିଷ୍ଠିରଙ୍କୁ ମଧ୍ୟ କଟୁଭାଷାରେ ତିରସ୍କାର କରିବାକୁ ଲାଗିଲା ।

କହିଲା, ମଣିଷ ବୁଢ଼ା ହୋଇଗଲେ ନିଜ ବିବେକ ହରାଇ ବସେ । ମୁନି ଋଷିଙ୍କ କ୍ଷେତ୍ରରେ ମଧ୍ୟ ଏହି କଥା କୁହାଯାଇପାରେ । ଶ୍ରୀକୃଷ୍ଣ କ୍ଷତ୍ରିୟ ବଂଶଜ ନୁହଁ, ଯଦୁବଂଶର ଗଉଡ଼ଟାଏ । ସେ ସ୍ୱୟଂ ନାରାୟଣ ଆଉ ଶ୍ରୀକୃଷ୍ଣ ରୂପରେ ଧରାଧାମରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି କହିଦେଲେ ଯେ ତା'ମତକୁ ସମସ୍ତେ ଗ୍ରହଣ କରିଯିବେ, ତାହା ନୁହେଁ । ଶ୍ରୀକୃଷ୍ଣ କୌଣସି ସମ୍ମାନ ଲାଗି ଯୋଗ୍ୟ ନୁହେଁ । ସଭାରେ ବହୁ ବ୍ରହ୍ମଜ୍ଞ ମୁନିଋଷି ବସିଛନ୍ତି । ସେମାନେ କଠୋର ତପସ୍ୟା କରି ଜଣେ ଜଣେ ସିଦ୍ଧପୁରୁଷ । ସେମାନେ ଥାଉ ଥାଉ ଗୋଟାଏ ଗଉଡ଼କୁ ଏଠାରେ ପୂଜା କରିବା କ୍ଷତ୍ରିୟକୁଳପ୍ରତି ଘୋର ଅପମାନ । ଯୁଧିଷ୍ଠିରଙ୍କ ଭଳି ଜଣେ ରାଜା ଶ୍ରୀକୃଷ୍ଣଙ୍କୁ ସମ୍ମାନିତ କରି ନିଜ ମୂର୍ଖତାର ପରିଚୟ ଦେଇଛନ୍ତି । ଦେବତାମାନଙ୍କ ଲାଗି ଯେଉଁ 'ହବି' ଉଦ୍ଦିଷ୍ଟ, ତାକୁ କୁଆ ଝାମ୍ପି ନେବା ଭଳି ଇଏ ଏକ ଗର୍ହିତ କାର୍ଯ୍ୟ ।

ଶିଶୁପାଳର ଗାଳି ଏତିକିରେ ସରିଲାନି । ତା' ଗାଳି ଚାଲିଛି ଅନର୍ଗଳ । କହିଲା, ଏ କୃଷ୍ଣର ଜନ୍ମ କାରାଗୃହରେ, ଲାଳନପାଳନ ଗାଈ ଗୁହାଳରେ । ଏହାର କୌଣସି

ଗୋଟିଏ ହେଲେ ଗୁଣ ପ୍ରଶଂସନୀୟ ନୁହଁ । ଏହାର ପୂର୍ବ ବଂଶଧର ଯଦୁନାମରେ ଜଣେ ରାଜା ଥିଲା । ଏ ଯଦୁ ଥିଲା ଯଯାତିଙ୍କ ବଡ଼ ପୁଅ । ଯଯାତି ବଡ଼ ପୁଅଠୁ ଯୌବନ ଭିକ୍ଷା କରିଥିଲେ । ସେ ନ ଦେବାରେ ଯଦୁ ହୋଇଥିଲେ ତ୍ୟଜ୍ୟପୁତ୍ର ! ଯଯାତି ଯଦୁଙ୍କୁ ଅଭିଶାପ ଦେଇଥିଲେ । ଯଦୁ କିମ୍ବା ତା'ର କୌଣସି ବଂଶଧର ରାଜା ହୋଇପାରିବେନି ବୋଲି ସେ କହିଥିଲେ । ଶ୍ରୀକୃଷ୍ଣ ସେହି ବଂଶର ସାଧାରଣ ମଣିଷଟାଏ । ସେ କ୍ଷତ୍ରିୟ ହୋଇ ନପାରେ । ତେଣୁ ଯୁଧିଷ୍ଠିର କୃଷ୍ଣଙ୍କୁ ସମ୍ମାନ ଦେବାରେ ସେ ନିଜ ବଂଶର ଅମର୍ଯ୍ୟାଦା କରିଛନ୍ତି ।

ଶିଶୁପାଳ କୃଷ୍ଣଙ୍କର ଆହୁରି ଅନେକ ଦୁର୍ଗୁଣ ବଖାଣିଲା । କହିଲା, ଏହାର ସମଗ୍ର ପରିବାର ମଦୁଆ । ଏହାର ବଡ଼ଭାଇ ସବୁବେଳେ ମଦ ପିଇ ପିଇ ଉନ୍ମତ୍ତ ଅବସ୍ଥାରେ ରହିଥାଏ । ଏମାନେ ଚୌର୍ଯ୍ୟବୃତ୍ତିରେ ଧୁରନ୍ଧର । ବ୍ରହ୍ମର୍ଷିମାନେ ଯେଉଁ ଭୂମିକୁ ଭୁଲରେ ସୁଦ୍ଧା ସ୍ପର୍ଶ କରିନଥାନ୍ତି, ସେଭଳି ଏକ ଜାଗାରେ ଯାଇ ଏମାନେ ରହିଛନ୍ତି । କୃଷ୍ଣ ବୃନ୍ଦାବନରେ ଥିବାବେଳେ ଲଂପଟ ଭାବରେ ପରିଚିତ ଥିଲା । ଜଣେ ଗଉଡ଼, ଚୋର, ମଦ୍ୟପୀ, ଲଂପଟ, କପଟୀକୁ ମନୁଷ୍ୟ ଭିତରେ ସର୍ବଶ୍ରେଷ୍ଠ ବୋଲି ଘୋଷଣା କରିବା ଅବିବେକିତାର ପରିଚାୟକ ।

ଶିଶୁପାଳ ଗାଳି ଦେଇ ଦେଇ ହାଲିଆ ହୋଇ ପଡ଼ିଲା । ତା'ଠି ଯେତିକି ଗାଳି ଜମା ଥିଲା, ସବୁ ଖର୍ଚ୍ଚ କରିପକାଇଲା । ତା'ପରେ ଚୁପ୍ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ଓ ମୁନିଋଷିମାନେ କୃଷ୍ଣ ପ୍ରତି ଭର୍ତ୍ସନା ପଦମାନ କିଛି ସମୟ ଶୁଣିବା ପରେ ଛି ଛି କହି କାନରେ ହାତଦେଇ ବସିଥିଲେ । ଶ୍ରୀକୃଷ୍ଣଠି ମଧ୍ୟ କୌଣସି ପ୍ରତିକ୍ରିୟା ଲକ୍ଷ୍ୟ କରାଯାଉ ନଥିଲା । ଶୃଗାଳର ରଡ଼ିକି ସିଂହ ଖାତିର ନକରିବା ଭଳି ସେ ଆରାମରେ ସିଂହାସନରେ ବସି ରହିଥିଲେ । ଗାଳିବର୍ଷଣ ଆରମ୍ଭ ହେଉ ହେଉ ଏସବୁ ଅଶ୍ରାବ୍ୟ କହି କେତେକ ସାଧୁସନ୍ଥ ସଭାତ୍ୟାଗ କରି ପଳାଇଥିଲେ । ସେମାନେ ଜାଣିଥିଲେ ଯେ ଯଜ୍ଞ ଶେଷ ପରେ ପରେ ଶ୍ରୀକୃଷ୍ଣାର୍ଚ୍ଚନ ମଧ୍ୟ ସରିଛି । ଏଠି ବସି ଜଣଙ୍କ ମୁହଁରୁ ଏଭଳି ଅକଥ୍ୟ ଭାଷା ଶୁଣି ନିଜ ମନକୁ କଳୁଷିତ କରିବେ କାହିଁକି ? ଯାହାବା ପୁଣ୍ୟ ଅର୍ଜନ ହୋଇଛି, ଏସବୁ ଶୁଣିବାରେ ସେତକ ମଧ୍ୟ ଯିବ ! ଭଗବାନଙ୍କ ନିନ୍ଦା ଶୁଣିବା ହେଉଛି ମହାପାତକ ।

ଶିଶୁପାଳ ମୁହଁରୁ କୃଷ୍ଣନିନ୍ଦା ଶୁଣି କେକୟ, ମତ୍ସ୍ୟ ପ୍ରଭୃତି ଦେଶରୁ ଆସିଥିବା ରାଜାମାନେ ଶିଶୁପାଳକୁ ମାରିବାପାଇଁ ତିଆର । ଭୀମ ଯା ଭିତରେ କେତେଥର ଗଦା ଉଠାଇ ସାରିଲେଣି । କୃଷ୍ଣସଖା ଅର୍ଜୁନ କେବଳ ସଖାଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ରହିଛନ୍ତି । ଶିଶୁପାଳ ମୁହଁରୁ ଶେଷ ବାକ୍ୟ ଶୁଣିବାମାତ୍ରେ ଭୀମ ଗଦା ଧରି ତା' ପାଖକୁ ଝପଟି ଗଲେ । କୃଷ୍ଣ ସମସ୍ତଙ୍କୁ ଇଙ୍ଗିତ ଦେଲେ, ତୁମେମାନେ କିଛି କରିବା ଦରକାର ନାହିଁ ।

ଭୀଷ୍ମ ଭୀମକୁ କହିଲେ ବାପ, ତୁ ଗଦା ତଳକୁ ଖସେଇ ଆଣ । ଶିଶୁପାଳର ମୃତ୍ୟୁ କୃଷ୍ଣଙ୍କ ଦ୍ୱାରା ହେବ – ଏହା ବିଧିନିର୍ଦ୍ଦିଷ୍ଟ । ଶିଶୁପାଳର ଜନ୍ମବେଳୁ ଶୂନ୍ୟରୁ ଦୈବବାଣୀ ଏହା କହିଦେଇଚି । ଶିଶୁପାଳର ମାତା ସୁପ୍ରଭା ତୁମମାନଙ୍କ ମାଉସୀ । ଦୈବବାଣୀ ଶୁଣି ମା' ସୁପ୍ରଭା (ଶ୍ରୁତଶ୍ରବା) କୃଷ୍ଣଙ୍କୁ ଅନୁରୋଧ କରିଥିଲା, ଏହି ବାଣୀକୁ ଅନ୍ୟଥା କରିଦେବାପାଇଁ । ଶ୍ରୀକୃଷ୍ଣ କହିଥିଲେ, ତୁମ ପୁଅର ଶହେଟି ଦୋଷ ସେ କ୍ଷମା କରିବେ । ଶହେରୁ ଗୋଟିଏ ବି ଅଧିକା ହେଲେ – ମୋ ଦ୍ୱାରା ଶିଶୁପାଳ ନିହତ ହେବ । ମାଉସୀ ଭାବିନେଲେ ଯେ ଶିଶୁପାଳ ଶହେ ଦୋଷ କରିବା ସଂଭବ ନୁହଁ । ତେଣୁ ସେ ନିହତ ହେବ ନାହିଁ । ଭୀଷ୍ମଦେବ, ଭୀମକୁ କହିଲେ, ତୁମେ ଲକ୍ଷ୍ୟ କରିଥିବ ଯୁଧିଷ୍ଠିର ଯେତେ ଫୁଲ ଦେଇ ଶ୍ରୀକୃଷ୍ଣଙ୍କୁ ଅର୍ଚ୍ଚନା କରିଥିଲେ, ସେ ସବୁ କୃଷ୍ଣଙ୍କ ପାଖରେ ଗଦା ହୋଇ ରହିଥିଲା । ଶିଶୁପାଳ ଗାଳି ଦେବାବେଳେ ଶ୍ରୀକୃଷ୍ଣ ସେହି ଫୁଲରୁ ଗୋଟିଏ ଗୋଟିଏ ଆଣି ତାଙ୍କର ଅନ୍ୟ ପାଖରେ ପକାଉଥିଲେ । ସେ ଏହିଭଳି ଭାବେ ଶିଶୁପାଳର ଗାଳି ବା ଦୋଷ ଗଣନା କରିବାରେ ଲାଗିଥିଲେ । ଗାଳିସଂଖ୍ୟା ଶହେକୁ ଟପିଗଲାଣି । ତେଣୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଶିଶୁପାଳ ନିହତ ହେବା ନିଶ୍ଚିତ ।

ଦୋଷ ସଂଖ୍ୟା ଶହେ ଏକ ହେବାମାତ୍ରେ ଶ୍ରୀକୃଷ୍ଣ ସିଂହାସନରୁ ଉଠି ଠିଆହେଲେ । ସେ ଉତ୍ତେଜିତ ଦେଖାଯାଉଥିଲେ । ଶିଶୁପାଳ ତାଙ୍କୁ ମାରିବା ପାଇଁ ତରବାରୀ ଧରି ତାଙ୍କ ଆଡ଼କୁ ମାଡ଼ି ଆସିଲା । ଦର୍ଶକମଣ୍ଡଳୀ ନିର୍ବାକ୍ । ହଠାତ୍ ସୁଦର୍ଶନ ଚକ୍ର ଶ୍ରୀକୃଷ୍ଣଙ୍କ ହାତକୁ ଆସିଗଲା । ଚକ୍ର ଯାଇ ଶିଶୁପାଳର ମୁଣ୍ଡ କାଟି ପକାଇଲା । ନାରଦ, ବ୍ୟାସ, ଯୁଧିଷ୍ଠିର ପ୍ରମୁଖ ଦେଖିଲେ ଶିଶୁପାଳର ଶରୀର ଏକ ଜ୍ୟୋତିର୍ମୟ ଶିଖା ହୋଇ ଶ୍ରୀକୃଷ୍ଣଙ୍କ ଦେହରେ ମିଶିଗଲା ।

ବୈକୁଣ୍ଠପୁରୀର ଦୁଇ ଦ୍ୱାରପାଳ ଜୟ ଓ ବିଜୟ । ମହାମୁନି ସନକଙ୍କ ଅଭିଶାପରେ ଜୟ ମନୁଷ୍ୟ ଜନ୍ମଗ୍ରହଣ କରି ଶିଶୁପାଳ ହୋଇଥିଲା । ସେ ପୁଣି ଜୟ ହୋଇ ନିଜସ୍ଥାନକୁ ଫେରିଗଲା ।

ରାଜସୂୟ ଯଜ୍ଞ ସରିଲା । ଅତିଥିମାନଙ୍କୁ ଯଥାସମ୍ମାନ ସ୍ଥାପନ କରାଗଲା । ଶ୍ରୀକୃଷ୍ଣ ଆଉ ଅଳ୍ପ କେତେଦିନ ଇନ୍ଦ୍ରପ୍ରସ୍ଥରେ ରହିବାପରେ ଦ୍ୱାରକା ଫେରିଗଲେ ।

●

॥ ୧୧୧ ॥

# ଦୁର୍ଯ୍ୟୋଧନର ଅପମାନ

ଏ ଘଟଣା ଘଟିଥିଲା ଶ୍ରୀକୃଷ୍ଣ ଦ୍ୱାରକା ଫେରିଯିବା ପୂର୍ବରୁ । ଶୁକଦେବ ରାଜା ପରୀକ୍ଷିତଙ୍କୁ କହିଲେ, ତୁମର ଜେଜେବାପା ଯୁଧିଷ୍ଠିର ଜଣେ ମହାତ୍ମା ଥିଲେ । ରାଜସୂୟ ଯଜ୍ଞବେଳେ ସେ ସମସ୍ତ ବନ୍ଧୁବାନ୍ଧବଙ୍କୁ ବିଭିନ୍ନ ଦାୟିତ୍ୱ ଦେଇଥିଲେ । ଭୀମସେନ ଭୋଜନାଳୟ ଦାୟିତ୍ୱ ବହନ କରିଥିଲେ । ଉଦାର ଶିରୋମଣି କର୍ଣ୍ଣ ମୁକ୍ତହସ୍ତରେ ଧନରତ୍ନ ଦାନ କରୁଥିଲେ । ଦ୍ରୌପଦୀ ଖାଦ୍ୟ ପରିବେଷଣ କାର୍ଯ୍ୟ କରୁଥିଲେ । ସହଦେବ ନିମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରୁଥିଲେ । ଅର୍ଜ୍ଜୁନ ଥିଲେ ଗୁରୁଜନମାନଙ୍କ ସେବା ଶୁଶ୍ରୂଷା ଦାୟିତ୍ୱରେ । ନକୁଳ ବିଭିନ୍ନ ପ୍ରକାରର ସାମଗ୍ରୀ ସଂଗ୍ରହ କରୁଥିଲେ । ଶ୍ରୀକୃଷ୍ଣ ଅତିଥିମାନଙ୍କ ପାଦ ଧୋଇବା ଏବଂ ଖିଆ ସରିବା ପରେ ଖଲି ଗୋଟେଇବା ଦାୟିତ୍ୱ ନିଜ ଇଚ୍ଛାରେ ବହନ କରିଥିଲେ । ଏହିଭଳି ଭାବରେ ସାତ୍ୟକି, ବିକର୍ଣ୍ଣ, ବିଦୁର, ଭୁରିଶ୍ରବା ପ୍ରମୁଖ ମଧ୍ୟ ବିଭିନ୍ନ ସେବାକାର୍ଯ୍ୟ ବାଣ୍ଟି ନେଇଥିଲେ ।

ରାଜସୂୟ ଯଜ୍ଞ ସରିବା ପରେ ଦାନଦକ୍ଷିଣାଦି ଦେଇ ବ୍ରାହ୍ମଣମାନଙ୍କୁ ବିଦା କରାଗଲା । ଶିଶୁପାଳ ବଧ କାର୍ଯ୍ୟ ମଧ୍ୟ ସରିଲା । ଯଜ୍ଞ ଶେଷରେ ଯଜ୍ଞକର୍ତ୍ତା ଗଙ୍ଗାସ୍ନାନ କରିବା ବିଧେୟ । ଯୁଧିଷ୍ଠିର ଏବଂ ଦ୍ରୌପଦୀ କୌରବ ଓ ପାଣ୍ଡବ ଭାଇମାନଙ୍କ ସହିତ ଏକ ସାଡ଼ମ୍ବର ଶୋଭାଯାତ୍ରାରେ ଗଙ୍ଗାସ୍ନାନ ପାଇଁ ବାହାରିଲେ । ନାନା ବାଇଦ ବାଜଣା ଏବଂ ବେଦଧ୍ୱନିରେ ବାଟଘାଟ କମ୍ପି ଉଠିଲା । ଏ ଦୃଶ୍ୟ ଥିଲା ଅତ୍ୟନ୍ତ ମନୋରମ । ଭାଇମାନେ ଯୁଧିଷ୍ଠିରଙ୍କୁ ଆଲଟଚାମର ବିଞ୍ଚୁଥିଲେ । ଛତି ଟେକି ଧରିଥିଲେ । ନର୍ତ୍ତକୀମାନେ ଆଗରେ ପଛରେ ନୃତ୍ୟ କରୁଥିଲେ । ଏ ଦୃଶ୍ୟ ଦେଖିବା ପାଇଁ ସ୍ୱର୍ଗରୁ ଦେବତାମାନେ ଆକାଶ ପର୍ଯ୍ୟନ୍ତ ଓହ୍ଲାଇ ଆସିଥିଲେ । ପୁଷ୍ପ ବୃଷ୍ଟି କରୁଥିଲେ ।

ଶୁକଦେବ କହିଲେ, ହେ ମହାରାଜା ପରୀକ୍ଷିତ ! ଚକ୍ରବର୍ତ୍ତୀ ରାଜା ଯୁଧିଷ୍ଠିର ଦ୍ରୌପଦୀ ଆଦି ରାଣୀମାନଙ୍କ ସହିତ ସୁବର୍ଣ୍ଣ ହାରମାଳ ସୁସଜ୍ଜିତ ରଥ ଉପରେ ବସି ଏତେ ସୁନ୍ଦର ଦେଖାଯାଉଥିଲେ ଯେ, ମନେ ହେଉଥିଲା ସମଗ୍ର ରାଜସୂୟ ଯଜ୍ଞ ପ୍ରାଣବନ୍ତ ହୋଇ ଏ ଶୋଭାଯାତ୍ରାରେ ଚାଲିଛି । ଯୁଧିଷ୍ଠିର ପ୍ରମୁଖ ଗଙ୍ଗା ସ୍ନାନ ସାରି ଆସିଲେ । ନବବସ୍ତ୍ର ପରିଧାନ କଲେ । ଅନ୍ୟମାନେ ମଧ୍ୟ ନୂଆ ଲୁଗା ପିନ୍ଧିଲେ ।

ଯୁଧିଷ୍ଠିର ଥିଲେ ଧର୍ମପରାୟଣ । ସେ ସମସ୍ତଙ୍କୁ ନାରାୟଣ ସ୍ୱରୂପ ମନେ କରୁଥିଲେ । ସମସ୍ତଙ୍କଠି ସେ ଭଗବାନଙ୍କୁ ଦର୍ଶନ କରୁଥିଲେ । ତେଣୁ ଯାହାଙ୍କୁ ଯାହା

ଦେବା କଥା ସବୁ ଦେଉଥିଲେ । ରାଜସୂୟ ଯଜ୍ଞ ବେଳେ ସେବା କାର୍ଯ୍ୟରେ ତିଳେ ହେଲେ ତ୍ରୁଟି ହୋଇ ନଥିଲା । ସମସ୍ତେ ଆନନ୍ଦ ଲାଭ କରିଥିଲେ । ଦୁର୍ଯ୍ୟୋଧନ ଟିକିନିଖି ସବୁ କଥାକୁ ଲକ୍ଷ୍ୟ କରୁଥିଲେ । ଈର୍ଷା ଓ ଅସୂୟା, ପରଶ୍ରୀକାତରତାରେ ତାଙ୍କ ହୃଦୟ ଯେପରି ହା-ହୁତାଶନରେ ଜଳି ଯାଉଥିଲା । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ, ମନେ ହେଉଚି ଦୁର୍ଯ୍ୟୋଧନ ଆଉ କେତେଦିନ ଇନ୍ଦ୍ରପସ୍ଥରେ ରହିବ । ତା'ର ସେବା ସତ୍କାରରେ ଊଣା କରିବ ନାହିଁ । ସେ ତ ଟିକକେ ବିଗିଡ଼ି ଯାଏ । ବିଗିଡ଼ି ଗଲା ଭଳି କୌଣସି ଘଟଣା ଘଟେଇବ ନାହିଁ । ଏହି ଇଙ୍ଗିତ ଥିଲା ଯଥେଷ୍ଟ । ଭବିଷ୍ୟତ ପାଇଁ ।

ଭୀଷ୍ମ, ଦ୍ରୋଣ, ଧୃତରାଷ୍ଟ୍ର ପ୍ରମୁଖ ଫେରିଗଲେ ହସ୍ତିନାପୁରକୁ । କିନ୍ତୁ ଯୁଧିଷ୍ଠିର ଇନ୍ଦ୍ରପ୍ରସ୍ଥରେ କ'ଣ କ'ଣ କରିଛନ୍ତି, କ'ଣ ସବୁ କରିଥିବାରୁ ପ୍ରଜାମାନେ ଏତେ ଖୁସିରେ ଅଛନ୍ତି ଦେଖିବା ପାଇଁ ରହିଲେ । ମାମୁ ଶକୁନି ଓ ଦୁଃଶାସନ ପ୍ରମୁଖ ରହିଲେ ତାଙ୍କ ସହିତ ।

ଯୁଧିଷ୍ଠିରଙ୍କ ଅନ୍ତଃପୁରର ସୌନ୍ଦର୍ଯ୍ୟ, ଧନ, ସଂପତ୍ତି ତା ସାଙ୍ଗକୁ ରାଜସୂୟ ଯଜ୍ଞଦ୍ୱାରା ତାଙ୍କର ଖ୍ୟାତିକୁ ଲକ୍ଷ୍ୟ କରି ଦୁର୍ଯ୍ୟୋଧନଙ୍କ ମନ ପ୍ରତିମୁହୂର୍ତ୍ତରେ ଜଳି ଉଠୁଥିଲା । ପାଣ୍ଡବଙ୍କ ଲାଗି ମୟଦାନବ ଯେଉଁ ରାଜମହଲ ଓ ସଭାଗୃହ ନିର୍ମାଣ କରିଥିଲା, ସେଥିରେ ନରପତି, ଦୈତ୍ୟପତି ଓ ସୁରପତିମାନଙ୍କ ବିବିଧ ବିଭୂତି ସ୍ଥାନେ ସ୍ଥାନେ ଖଞ୍ଜା ଯାଇଥିଲା । ତା' ଭିତରେ ରହି ରାଜରାଣୀ ଦ୍ରୌପଦୀ ପତିମାନଙ୍କ ସେବା କରୁଥିଲେ । ଏହି ସମୟରେ ଏହି ରାଜମହଲରେ ଶ୍ରୀକୃଷ୍ଣ ଓ ସହସ୍ରରାଣୀ ମଧ୍ୟ ରହୁଥିଲେ । ସେମାନଙ୍କ ସୌନ୍ଦର୍ଯ୍ୟର କଳନା ନାହିଁ । ସେମାନଙ୍କ ନୂପୁର ନିକ୍ୱଣରେ ରାଜମହଲ ଝଙ୍କୃତ ହୋଇ ଉଠୁଥିଲା । ସର୍ବତ୍ର ସୁଲଳିତ ସଂଗୀତର ସ୍ୱର କର୍ଣ୍ଣଗୋଚର ହେଉଥିଲା । ଦୁର୍ଯ୍ୟୋଧନଙ୍କ ଚିତ୍ତ ସର୍ବଦା ଦ୍ରୌପଦୀଙ୍କ ପ୍ରତି ଆସକ୍ତ ରହିଥିଲା । ତାଙ୍କର ପ୍ରତ୍ୟେକ ଅଙ୍ଗଭଙ୍ଗୀ ଦୁର୍ଯ୍ୟୋଧନଙ୍କ ମନରେ ଶିହରଣ ସୃଷ୍ଟି କରୁଥିଲା । ତେଣୁ ସେ ସବୁବେଳେ ଚାତକ ଭଳି ରାଣୀହଂସପୁର ଆଡ଼କୁ ଚାହିଁ ରହୁଥିଲେ । ଦୁର୍ଯ୍ୟୋଧନଙ୍କୁ କୌଣସି ସ୍ତ୍ରୀଲୋକ ଭଲ ପାଉ ନଥିଲେ । ତେଣୁ ତାଙ୍କ ଗତିବିଧିକୁ ଲକ୍ଷ୍ୟ କରି ପରସ୍ପର ଭିତରେ ନାନାକଥା କୁହାକୁହି ହେଉଥିଲେ ।

ସବୁ ନାଟର ଗୋବର୍ଦ୍ଧନ ଶ୍ରୀକୃଷ୍ଣ, ଦୁର୍ଯ୍ୟୋଧନଙ୍କ ପାଖକୁ ଆସି କହୁଥିଲେ, କ'ଣ ବାପ, ସବୁ ଭଲ ତ ! ଆଉ କିଛି ଦିନ ରହିଯାଅ । ମୁଁ ମଧ୍ୟ ଅଛି – ସମସ୍ତେ ଏକାଠି ବିଦାୟ ନେଇ ଯିବା । ଲୀଳାମୟ ଶ୍ରୀକୃଷ୍ଣଙ୍କ, ପରିକଳ୍ପନା ସୁଦୂରପ୍ରସାରୀ ।

ଦିନକର କଥା । ରାଜାଧିରାଜ ଯୁଧିଷ୍ଠିର ମୟନିର୍ମିତ ସ୍ୱର୍ଣ୍ଣ ସିଂହାସନରେ ବସିଛନ୍ତି । ସଭାସଦ୍‌ମାନଙ୍କ ସହିତ ବସିଛନ୍ତି ପାଣ୍ଡବ ଭାଇମାନେ ଏବଂ ଭଗବାନ ଶ୍ରୀକୃଷ୍ଣ । ଯୁଧିଷ୍ଠିରଙ୍କ ଭୋଗସାମଗ୍ରୀ, ତାଙ୍କର ରାଜଲକ୍ଷ୍ମୀ, ବ୍ରହ୍ମାଙ୍କ ଐଶ୍ୱର୍ଯ୍ୟ ସହିତ

ସମାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସିଂହାସନାରୁଢ ହୋଇ ସେ ଦେଖାଯାଉଛନ୍ତି ଦେବରାଜ ଇନ୍ଦ୍ରଙ୍କ ଭଳି ଜ୍ୟୋତିର୍ମୟ । ଦୁର୍ଯ୍ୟୋଧନ ଏଭଳି ସଭାଗୃହ ଜୀବନରେ କେବେ କେଉଁଠି ଦେଖି ନଥିଲେ । ଯୁଧିଷ୍ଠିର କହିଲେ, ଦୁର୍ଯ୍ୟୋଧନ, ଦୁଃଶାସନ ଓ ମାମୁଁ ଶକୁନିଙ୍କୁ ଡାକ । ସେମାନେ ଆସି ସଭାମଣ୍ଡନ କରନ୍ତୁ । ଏମାନଙ୍କୁ ସଙ୍ଗେ ସଙ୍ଗେ ଡକାଗଲା । ଦୁର୍ଯ୍ୟୋଧନ ଆସିଲା । ତା'ର ମୁଣ୍ଡରେ ମୁକୁଟ, ଗଳାରେ ମାଳା ଓ ହାତରେ ତରବାରୀ । ଆସୁ ଆସୁ ଦ୍ୱାରପାଳ ସହିତ ତା'ର ଝଗଡ଼ା ହେଲା । ମୁଣ୍ଡ ଉପରକୁ କ୍ରୋଧ ଚଢ଼ିଗଲା । ସଭାଗୃହକୁ ପ୍ରବେଶ କଲା ଦୁର୍ଯ୍ୟୋଧନ । ଗୃହକୁ ଦେଖୁ ଦେଖୁ ସେ ଚକିତ ହୋଇପଡ଼ିଲା । ମୟଦାନବ ଏପରି ମାୟା ବିଛେଇଥିଲା ଯେ, ସ୍ଥଳ ଭାଗ ଜଳଭଳି ଏବଂ ଜଳଭାଗ ସ୍ଥଳଭଳି ଦେଖାଯାଉଥିଲା । ସ୍ଥଳଭାଗ ଅତିକ୍ରମ କଲାବେଳେ ଦୁର୍ଯ୍ୟୋଧନ ଜଳ ମନେ କରି ପିନ୍ଧାଲୁଗାକୁ ଆଣ୍ଠୁ ଉପରକୁ ଉଠାଇନେଲା । ସେହିଭଳି ଜଳଭାଗ ଅତିକ୍ରମ କଲାବେଳେ ସ୍ଥଳ ବୋଲି ମନେ କରିବାରେ ଜଳରେ ଉବୁଟୁବୁ ହେଲା । ଉପର ମହଲାରେ ରହୁଥିବା ରାଣୀହଂସପୁରର ତରୁଣୀମାନେ ଦୁର୍ଯ୍ୟୋଧନର ଏ ଅବସ୍ଥା ଦେଖି ଠୋ ଠୋ ହସିଲେ । ଦ୍ରୌପଦୀ ଓ ଭୀମଙ୍କ ହସ ଦୁର୍ଯ୍ୟୋଧନଙ୍କୁ ଭୀଷଣ ବାଧିଲା । ଆଉ ଗୋଟିଏ ସ୍ଥାନରେ ସ୍ଫଟିକ କାନ୍ଥକୁ ଫାଟକ ମନେକରି ବାହାରକୁ ବାହାରିବା ପାଇଁ ଯାଉ ଯାଉ ଦୁର୍ଯ୍ୟୋଧନର ମୁଣ୍ଡ ବାଜିଲା । ମୁଣ୍ଡକୁ ଆଉଁସି ଆଉଁସି ଥକାମାରି ବସିପଡ଼ିଲା ସେ । ପୁଣି ଚାରିଆଡୁ ହସ । ପାଣିରେ ବୁଡ଼ି ସେ ଓଦା ସରସର । ଲଜ୍ଜିତ, ଅପମାନିତ ଦୁର୍ଯ୍ୟୋଧନ । ଯାହାହେଉ ଯୁଧିଷ୍ଠିରଙ୍କ କର୍ମଚାରୀମାନେ ଲୁଗା ଆଣିଦେଲେ, ଓଦାଲୁଗା ବଦଳାଇବା ପାଇଁ । ଦୁର୍ଯ୍ୟୋଧନ ସଭାଗୃହ ଭିତରେ ଯେଉଁଠି ପ୍ରବେଶ କଲା, ସବୁଠି ତାଙ୍କୁ ଅପଦସ୍ଥ ହେବାକୁ ପଡ଼ିଲା । କ୍ରୋଧରେ ସେ ଭଳି ଉଠିଲା । ହେଲେ କ'ଣ ହେବ, କ୍ରୋଧ ପ୍ରକାଶ କଲେ ଲୋକହସା ହେବାକୁ ପଡ଼ିବ । ମନରେ କ୍ରୋଧକୁ ଚାପିରଖି ପ୍ରତିଶୋଧ ନେବାପାଇଁ ସଂକଳ୍ପବଦ୍ଧ ହେଲା ସେ ।

ଶ୍ରୀକୃଷ୍ଣ ଏହା ହିଁ ଚାହୁଁଥିଲେ । ତେଣୁ ସବୁ ଦେଖି ମଧ୍ୟ ସେ ଚୁପ୍ ରହିଲେ । କିନ୍ତୁ ଯୁଧିଷ୍ଠିର, ଭୀମ, ଦ୍ରୌପଦୀ ପ୍ରମୁଖଙ୍କୁ କହିଲେ, ତୁମେମାନେ ହସିବା ଠିକ୍ ହୋଇନାହିଁ । ଦ୍ରୌପଦୀ କହିଲେ, ଦୁର୍ଯ୍ୟୋଧନ ଯେପରି କଚଡ଼ା ଖାଇଲା, ସେଥିରେ କିଏ ନହସି ରହିବ ? ହସ ତ ତା' ମନକୁ ବାହାରି ପଡ଼ିଲା ।

ଦୁର୍ଯ୍ୟୋଧନଙ୍କ ସଭାଗୃହ ଦେଖା ସେତିକିରେ ରହିଲା । ସେ ଯୁଧିଷ୍ଠିରଙ୍କ ପାଖକୁ ଯାଇ କହିଲା, ଭାଇ । ସବୁ ତ ଦେଖିଲି, ଏଣିକି ହସ୍ତିନାପୁର ଫେରିଯାଉଚି । ଯୁଧିଷ୍ଠିର ଦୁର୍ଯ୍ୟୋଧନଙ୍କୁ ନାନା ଉପହାର ଦେଲେ । କହିଲେ, ଯେତେବେଳେ ଇଚ୍ଛା, ଏଠିକି ଆସିପାର ।

ଦୁର୍ଯୋଧନ ସଦଳବଳ ଫେରିଲା ହସ୍ତିନାପୁର । ମନରେ ଏକମାତ୍ର ଚିନ୍ତା, ଅପମାନର ପ୍ରତିଶୋଧ । ମାମୁଁ ଶକୁନି କହିଲେ, ପ୍ରତିଶୋଧର ଏକମାତ୍ର ପନ୍ଥା ଯୁଦ୍ଧ । କିନ୍ତୁ ପ୍ରଥମେ ପଶାଖେଳ । ସେଥିରୁ ଆରମ୍ଭ ହେବ ଯୁଦ୍ଧର ଲୀଳାସୂତ୍ର ! ଦୁର୍ଯ୍ୟୋଧନ କହିଲେ, ଠିକ୍ ଅଛି ।

●

॥ ୧୧୨ ॥

# ରାଜସୂୟରୁ ଅସୂୟା

**ଶ୍ରୀ**କୃଷ୍ଣଙ୍କ ସୁଦର୍ଶନଚକ୍ରରେ ଶିଶୁପାଳର ମୁଣ୍ଡକାଟ ହେଲା । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞ ସିନା ସରିଲା, କେତେକ ରାଜାଙ୍କ ମନରେ ଅସୂୟାଯଜ୍ଞ ଆରମ୍ଭ ହୋଇଗଲା । ଏ ଯଜ୍ଞାନଳ ହୁ ହୁ ହୋଇ ଜଳିଲା । ଶିଶୁପାଳ ଅଭିଶାପରୁ ମୁକ୍ତ ହୋଇ ବୈକୁଣ୍ଠପୁରକୁ ଗଲା । କିନ୍ତୁ ତା' ସାଙ୍ଗସାଥୀମାନେ ଜିଇଁଥାଇ ନରକ ଦଶା ଭୋଗିଲେ । ଶିଶୁପାଳର ଅନେକ ସାଙ୍ଗଙ୍କ ଭିତରୁ ଶାଲ୍ୱ ଜଣେ । ରୁକ୍ମିଣୀ ସ୍ୱୟଂବର ବେଳେ ସେ ଶିଶୁପାଳକୁ ବରବେଶରେ ସଜେଇଥିଲା । ରୁକ୍ମିଣୀଙ୍କ ଭାଇ ରୁକ୍ମଠାରୁ ସେ ସ୍ୱତନ୍ତ୍ର ଗୁଆ ନିମନ୍ତ୍ରଣ ପାଇଥିଲା । ଏଭଳି ନିମନ୍ତ୍ରଣ ମାତ୍ର କେତେଜଣ ରାଜା ପାଇଥିଲେ । ସମସ୍ତଙ୍କ ଆଖି ଆଗରେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣଚାଳ କରି ନେଇଥିଲେ । ଶାଲ୍ୱ ମଧ୍ୟ ରୁକ୍ମ ଓ ଶିଶୁପାଳ ସହିତ ଖଣ୍ଡା ବର୍ଚ୍ଛା ଧରି ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ଗୋଡ଼େଇଥିଲା । ରୁକ୍ମଙ୍କୁ ରଥରେ ବାନ୍ଧି ଶ୍ରୀକୃଷ୍ଣ ଘୋଷାଡ଼ି ଘୋଷାଡ଼ି ନେବା ଦୃଶ୍ୟ ଶାଲ୍ୱ ମଧ୍ୟ ଦେଖିଥିଲା । ଶିଶୁପାଳ ସହିତ ସମସ୍ତେ ପରାଜିତ ହୋଇଥିଲେ । ଏବେ ଶିଶୁପାଳର ମୁଣ୍ଡକାଟ ଦୃଶ୍ୟ ଦେଖି ଶାଲ୍ୱ କ୍ରୋଧରେ ଜଳି ଉଠିଲା । ଆଗରୁ ଜରାସନ୍ଧ ମରିଥିଲା, ଏବେ ଶିଶୁପାଳ ମଲା । ଦୁଃଖ ଯେତିକି, ଅପମାନ ତା'ଠୁ ଅଧିକ । ଶାଲ୍ୱ ଭୂମିସ୍ପର୍ଶ କରି ଶପଥ ନେଲା — ମୁଁ ଯାଦବ ବଂଶକୁ ନିର୍ମୂଳ କରିଦେବି । କିନ୍ତୁ କୃଷ୍ଣକୁ ମାରିବା ସହଜ କଥା ନୁହଁ । କୃଷ୍ଣଠୁ ବଡ଼ କିଏ — ସେହିକଥା ଭାବି ଭାବି ସେ ଅଥୟ ହୋଇପଡ଼ିଲା ।

ଶାଲ୍ୱ ରାଜସୂୟ ଯଜ୍ଞରୁ ଆଉ ଘରକୁ ଫେରିଲା ନାହିଁ । ସିଧା ଚାଲିଲା ହିମାଳୟକୁ । ସେଠି ଏକ ନିକାଞ୍ଚନ ଗୁମ୍ଫା ଭିତରେ ବସି କଠୋର ତପସ୍ୟା କଲା । ତପସ୍ୟାର ଏକମାତ୍ର ଲକ୍ଷ୍ୟ କୃଷ୍ଣଙ୍କ ଏକମାତ୍ର ସମାସ୍କନ୍ଧ ମହାଦେବଙ୍କୁ ପ୍ରସନ୍ନ କରିବା । ଦିନକେ ଥରେ କେବଳ ମେଞ୍ଚେ କାଦୁଅ ଖାଇ ରହିଲା । ସେ ଜାଣିଥିଲା ଯେତେ ଦିଅଁ ଦେବତା ଅଛନ୍ତି, ସେମାନଙ୍କ ମଧ୍ୟରୁ କେବଳ ମହାଦେବଙ୍କୁ ସନ୍ତୁଷ୍ଟ କରିବା ସହଜ । ଆଗରୁ ବହୁ ମୁନି

ଋଷି, ରାଜା ମହାରାଜା ଏହି ଆଶୁତୋଷଙ୍କୁ ତୋଷ କରି ବହୁ ବର ଲାଭ କରିଚନ୍ତି । ଶାଲ୍ୱର ତପସ୍ୟାରେ ଶିବ ପ୍ରସନ୍ନ ହେଲେ । କ'ଣ ମାଗୁଛୁ ମାଗ ବୋଲି କହିଲେ । ଶାଲ୍ୱ କହିଲା, ମତେ ଗୋଟେ ବିମାନ ଦିଅ । ଇମିତି ଏକ ବିମାନ ଦେବ ଯାହାକୁ ସୁର, ଅସୁର, ମଣିଷ, ଗନ୍ଧର୍ବ, ନାଗ କିମ୍ୱା ଜଳ ଦେବତା କେହି ଭାଙ୍ଗି ପାରିବେନି । ଅଭଙ୍ଗା ବିମାନ । ଏ ବିମାନରେ ଚଢ଼ି ମୁଁ ଯୁଆଡ଼େ ଚାହିଁବି, ସିଆଡ଼େ ଯାଇପାରିବି । ଏ ବିମାନକୁ ଦେଖିବା ମାତ୍ରେ ଯାଦବମାନେ ଡରି ଥରିଯିବେ । ମହାଦେବ ଦାନବ ଶିଳ୍ପୀ ମୟଙ୍କୁ କହିଲେ, ସଙ୍ଗେ ସଙ୍ଗେ ସିମିତି ଏକ ବିମାନ ତିଆର କରି ଶାଲ୍ୱକୁ ଦିଅ । ମୟ ସେହିଭଳି ଏକ ବିମାନ ଶାଲ୍ୱ ପାଇଁ ନିର୍ମାଣ କରିଦେଲେ । ଏହି ବିମାନ ଶାଲ୍ୱକୁ ଦିଆ ଯିବାରେ ଏହାର ନାମ ରଖାଗଲା 'ସୌଭ' । ବିମାନଟି ଏକ ଛୋଟ ସହର ଭଳି । ଶାଲ୍ୱ ବିମାନାରୂଢ଼ ହେଲା । ସେ ଯୁଆଡେ ଚାହିଁଲା ଆକାଶରେ ରଥ ସିଆଡ଼େ ଚାଲିଲା । ରଥରେ ବସି ସେ ପୃଥିବୀ ପର୍ଯ୍ୟଟନ କଲା । ସବୁଆଡେ ବୁଲି ଆସିବା ପରେ ଭାବିଲା, ଏଣିକି ସେ ଦ୍ୱାରକା ଧ୍ୱଂସ କରିବା ପାଇଁ ଯିବ । ନିଜେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେଲା । ବିମାନ ଭିତରେ ନାନା ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଏକ ବିରାଟ ସୈନ୍ୟ ବାହିନୀକୁ ଧରି ଦ୍ୱାରକା ଅଭିମୁଖେ ଉଡ଼ି ଉଡ଼ି ଚାଲିଲା । ବିମାନଟି ଏଭଳି ତିଆରି ହୋଇଥିଲା ଯେ, ଭୂଇଁରେ ଚାଲିବ, ଆକାଶରେ ଉଡ଼ିବ, ଜଳରେ ଭାସିବ ।

ଶାଲ୍ୱ ଦ୍ୱାରକାପୁରୀରେ ପହଞ୍ଚିଲା । ସେ ପ୍ରଥମେ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ଘରଦ୍ୱାର, ବାଡ଼ିବଗିଚା, ଉଦ୍ୟାନ, ବଡ଼ ବଡ଼ ସୌଧ ସବୁ ଧ୍ୱଂସ କରିବାରେ ଲାଗିଲା । ବିମାନରେ ବସି ସେ ପାହାଡ଼ ଧସେଇଲା । ବଡ଼ ବଡ଼ ପଥରସବୁ ଆଖି ବୁଜା ଏଣେ ତେଣେ ଫିଙ୍ଗିଲା । ପାହାଡରେ ଥିବା ସାପଗୁଡ଼ାକୁ ଧରି ଦ୍ୱାରକାବାସୀଙ୍କ ଉପରକୁ ଫୋପାଡ଼ିଲା । ଝଡ଼ବର୍ଷା ସୃଷ୍ଟି କଲା । ଦ୍ୱାରକାସାରା ଦିନବେଳେ ଅନ୍ଧାର ଘୋଟି ଆସିଲା । ତ୍ରିପୁରାସୁର ପୃଥିବୀକୁ ଧ୍ୱଂସ କଲା ଭଳି ଶାଲ୍ୱ ଦ୍ୱାରକାରେ ଧ୍ୱଂସଲୀଳା ସୃଷ୍ଟି କଲା ।

କୃଷ୍ଣପୁତ୍ର ପ୍ରଦ୍ୟୁମ୍ନ ଦେଖିଲେ ଦ୍ୱାରକାର ଲୋକେ ଏଣେ ତେଣେ ଦୌଡ଼ିବାରେ ଲାଗିଛନ୍ତି । ଜଣେ କିଏ ଦ୍ୱାରକା ଆକ୍ରମଣ କରିଥିବା ଜାଣିଲେ ସେ । ସେ ସାତ୍ୟକି, ଶାମ୍ୱ, ଅକ୍ରୁର, କୃତବର୍ମା ପ୍ରମୁଖ ଯାଦବ ବୀରମାନଙ୍କୁ ସାଙ୍ଗରେ ନେଇ ପ୍ରତି ଆକ୍ରମଣ ଚଳାଇଲେ । ଭୀଷଣ ଯୁଦ୍ଧ ଚାଲିଲା । ପ୍ରଦ୍ୟୁମ୍ନ ଶାଲ୍ୱର ସମସ୍ତ ଯୁଦ୍ଧ କୌଶଳକୁ ପ୍ରତିହତ କରିବାକୁ ଲାଗିଲେ । କିନ୍ତୁ ସେ ଲକ୍ଷ୍ୟ କଲେ, ଯେତେ ବାଣ ମାରିଲେ ମଧ୍ୟ ଶାଲ୍ୱର ବିମାନର କୌଣସି କ୍ଷତି ହେଉ ନାହିଁ । ବିମାନଟି କେତେବେଳେ ଉପରେ ଉଡୁଚି ତ କେତେବେଳେ ଭୂଇଁରେ କ୍ଷିପ୍ର ଗତିରେ ଚାଲୁଛି । କେତେବେଳେ ଦ୍ୱାରକାରେ ଥିବା ପୁଷ୍କରିଣୀରେ ଭାସୁଚି । କେତେବେଳେ ବିମାନଟା ବିରାଟ ଆକାର ଧରୁଚି ତ

କେତେବେଳେ କ୍ଷୁଦ୍ରରୁ ଅତି କ୍ଷୁଦ୍ର ଆକାର ଧାରଣ କରୁଚି । ଫଳରେ ଯାଦବବୀରମାନଙ୍କ ଶର ଲକ୍ଷ୍ୟ ଭ୍ରଷ୍ଟ ହୋଇପଡୁଛି । ବହୁ ଉଦ୍ୟମ ସତ୍ତ୍ୱେ ବିମାନକୁ ଲକ୍ଷ୍ୟ କରି ବାଣବର୍ଷଣ କରିବା ସମ୍ଭବ ହେଉନାହିଁ ।

ଶାଲ୍ୱର ମନ୍ତ୍ରୀ ଦ୍ୟୁମନ । ସେ ପ୍ରଦ୍ୟୁମ୍ନ ସହିତ ଗଦାଯୁଦ୍ଧ ଚଳାଇଲା । ତା' ଗଦାଘାତରେ ପ୍ରଦ୍ୟୁମ୍ନ ଅଚେତ ହୋଇ ପଡ଼ିଲେ । ସାରଥି ପ୍ରଦ୍ୟୁମ୍ନଙ୍କୁ ରଥରେ ବସେଇ ଯୁଦ୍ଧସ୍ଥଳରୁ ହଟେଇ ନେଲା । ଚେତା ଫେରି ପାଇବା ପରେ ପ୍ରଦ୍ୟୁମ୍ନ ସାରଥି ଉପରେ ଭୀଷଣ ରାଗିଲେ । ମତେ ତୁ ଯୁଦ୍ଧ ଭୂମିରୁ ନେଇ ଆସିଲୁ କାହିଁକି, ଶତ୍ରୁପକ୍ଷ ଭାବିବେ ମୁଁ ଡରି ଥରି ପଳେଇଲି ବୋଲି ସାରଥିକି କହିଲେ । କହିଲେ, ତୁ ମତେ ହଟେଇ ଆଣିବାରେ ଯାଦବକୁଳ ପ୍ରତି ଘୋର ଅପମାନ ହେଲା । ତୋ'ର ଏଭଳି କରିବା ଉଚିତ ହେଲା ନାହିଁ ।

ପ୍ରଦ୍ୟୁମ୍ନଙ୍କ ସାରଥି ଶ୍ରୀକୃଷ୍ଣଙ୍କ ସାରଥି ଦାରୁକର ପୁତ୍ର । ସେ କହିଲା, କାହିଁ ଆପଣ ତ ଡରିବା ଭଳି ଦେଖା ଯାଉନାହାଁନ୍ତି । ଯୁଦ୍ଧବେଳେ ବୀରର କର୍ତ୍ତବ୍ୟ ହେଉଛି ସାରଥି ବିପଦରେ ପଡ଼ିଲେ ତାକୁ ରକ୍ଷା କରିବା ଏବଂ ସାରଥିର କର୍ତ୍ତବ୍ୟ ହେଉଚି ଯୁଦ୍ଧରତ ବୀର ବିପଦରେ ପଡ଼ିଲେ ତାକୁ ରକ୍ଷା କରିବା । ଇଏ ଯୁଦ୍ଧନୀତି । ଆପଣଙ୍କ ସୁନାମ ଉପରେ ଟୋପାଏ ବି ଆଞ୍ଚ ଆସିନି । ମୁଁ ସଙ୍ଗେ ସଙ୍ଗେ ଆପଣଙ୍କୁ ଯୁଦ୍ଧକ୍ଷେତ୍ରକୁ ନେଇ ଯାଉଛି । ସାରଥି ପ୍ରଦ୍ୟୁମ୍ନଙ୍କୁ ଯୁଦ୍ଧକ୍ଷେତ୍ରକୁ ନେଲା । ପ୍ରଦ୍ୟୁମ୍ନ ଦ୍ୟୁମନ ସହିତ ପୁଣି ଲଢ଼ିଲେ ଏବଂ ତାକୁ ହତ୍ୟା କଲେ । କିନ୍ତୁ ଶାଲ୍ୱକୁ କେହି ହରେଇ ପାରିଲେ ନାହିଁ, ମାରିବା ତ ଦୂରର କଥା । ସତେଇଶ ଦିନ ଧରି ଯୁଦ୍ଧ ଚାଲିଲା । ଶାଲ୍ୱ ମଲା ନାହିଁକି ବିମାନ 'ଶୌଭ'ର କୌଣସି କ୍ଷତି ହେଲା ନାହିଁ ।

ଶ୍ରୀକୃଷ୍ଣ ଏ ଯାଏଁ ଇନ୍ଦ୍ରପ୍ରସ୍ଥରୁ ଦ୍ୱାରକା ଫେରି ନଥିଲେ । ରାଜସୂୟ ଯଜ୍ଞ ପରେ ମଧ୍ୟ ସେ କିଛିଦିନ ଇନ୍ଦ୍ରପ୍ରସ୍ଥରେ ଥିଲେ । ଏହି ସମୟରେ ଦ୍ୱାରକା ବାହାରେ ଏହି ଲଢ଼େଇ ଚାଲିଥିଲା । ଇନ୍ଦ୍ରପ୍ରସ୍ଥରେ ଥିବାବେଳେ ଶ୍ରୀକୃଷ୍ଣ ଅଶୁଭ ସୂଚନା ପାଇଲେ । ତାଙ୍କ ମନ ଛନ ଛନ ହେଲା ଦ୍ୱାରକା ଫେରିଯିବାପାଇଁ । ସେ ଯୁଧିଷ୍ଠିର ଓ ପାଣ୍ଡବମାନଙ୍କୁ କହିଲେ, ମୋ ଅନୁପସ୍ଥିତିରେ ଦ୍ୱାରକାରେ କ'ଣ କିଛି ବିପର୍ଯ୍ୟୟ ଘଟୁଥିବା ମତେ ଜଣାପଡୁଛି । ତେଣୁ ମୁଁ ଭାଇଙ୍କ ସହିତ ଦ୍ୱାରକା ଶୀଘ୍ର ଯିବା ଦରକାର । ସେ ଭାଇ ବଳରାମଙ୍କୁ କହିଲେ, ଶିଶୁପାଳର ମିତ୍ର ଶାଲ୍ୱ ମହାଦେବଙ୍କଠାରୁ ବର ପାଇ, ଦ୍ୱାରକାରେ ଧ୍ୱଂସ ଲୀଳା ଚଳାଇଛି । ବଳରାମ ନିଶା ଭୋଳରେ କହିଲେ, କ'ଣ କହିଲୁ ? ଶାଲ୍ୱ ! ସେଇଟା କିଏ କିରେ ? ତା'ର ପୁଣି ଏବେ ବହପ ? ଚାଲ ଚାଲ ଶୀଘ୍ର ଦ୍ୱାରକାକୁ ଚାଲ ।

ରାମକୃଷ୍ଣ ଦୁଇ ଭାଇ ସଙ୍ଗେ ସଙ୍ଗେ ଦ୍ୱାରକା ଅଭିମୁଖେ ବାହାରିଲେ ।

●

॥ ୧୧୩ ॥

# ଶାଲ୍ୱ, ଦନ୍ତବକ୍ର ଓ ବିଦୂରଥ

ରାମକୃଷ୍ଣ ଦୁଇଭାଇ ଇନ୍ଦ୍ରପ୍ରସ୍ଥରୁ ଫେରିଲେ ଦ୍ୱାରକା । ସେତେବେଳେକୁ ଶାଲ୍ୱ ଦ୍ୱାରକା ଭିତରେ ପଶିବ ପଶିବ ହେଉଥିଲା । ଶ୍ରୀକୃଷ୍ଣ ଭାଇବଳରାମଙ୍କୁ କହିଲେ, ତୁମେ ଦ୍ୱାରକାକୁ ସଂଭାଳ, ମୁଁ ଯାଉଛି ସିଧା ଶାଲ୍ୱ ପାଖକୁ, ତା' ସହିତ ଲଢ଼ିବାପାଇଁ । ଯାଦବସୈନ୍ୟମାନେ ଦୂରରୁ ଗରୁଡ଼ଧ୍ୱଜ ଦେଖି ଉତ୍ସାହିତ ହେଲେ । ମନେ ମନେ କହିଲେ, 'ଆଉ ଡର କାହାକୁ, ଦେଖ ଆସୁଚନ୍ତି ଚଉବାହାକୁ ।' ଶାଲ୍ୱ ମଧ ଗରୁଡ଼ଧ୍ୱଜ ଦେଖି ଉତ୍ସାହିତ । ମନେ ମନେ ଭାବିଲା, ଏ ଯାଦବଗୁଡ଼ାକୁ ମାରି କି ଲାଭ; ଯାହାକୁ ମାରିବା କଥା ସିଏ ଆସିଗଲାଣି !

ଶ୍ରୀକୃଷ୍ଣଙ୍କୁ ଦେଖୁ ଦେଖୁ ଶାଲ୍ୱ ତାଙ୍କ ସାରଥିକୁ ଲକ୍ଷ୍ୟ କରି ଏକ ଶକ୍ତି ପ୍ରୟୋଗ କଲା । ହଜାରେ ବଜ୍ର ଏକତ୍ର ହେଲେ ଯେପରି ଶବ୍ଦ ବାହାରିବ, ଏହି ଶକ୍ତିର ସେହିଭଳି ପ୍ରଚଣ୍ଡ ଶବ୍ଦ । ବିଦ୍ୟୁତ୍‌ଭଳି ଉଜ୍ଜ୍ୱଳ । ଏହାର ଶବ୍ଦ ଓ ଜ୍ୟୋତିରେ ଯାଦବ ସେନାମାନେ ସ୍ତବ୍ଧ ହୋଇପଡ଼ିଲେ । କିନ୍ତୁ ଶ୍ରୀକୃଷ୍ଣ ଶର ପରେ ଶର ମାରି ଶକ୍ତିକି ଖଣ୍ଡ ଖଣ୍ଡ କରି ପକାଇଲେ । ଶରର ପ୍ରଭାବରେ ସାଲ୍ୱର 'ଶୌଭ' ରଥ ମଧ ଦେଖାଗଲା ନାହିଁ । ଶାଲ୍ୱ ଭାବିଲା, ତା' 'ଶୌଭ' ରଥ କ'ଣ ଧୂଳିସାତ୍ ହୋଇ ପଡ଼ିଲା କି ! ଅଥଚ ସେ ରହିଚି, ସେହି ରଥ ଉପରେ ! ଆଖି ମଳି ଦେଖିଲା, ରଥ ଅଛି । ଶାଲ୍ୱ ସଙ୍ଗେ ସଙ୍ଗେ ଏପରି ଏକ ତୀକ୍ଷ୍ଣଶର କ୍ଷେପିଲା ଯେ ଶ୍ରୀକୃଷ୍ଣଙ୍କ ହାତରୁ ସାରଙ୍ଗଧନୁ ତଳକୁ ଖସି ପଡ଼ିଲା । ଶରର ଆଘାତରେ ତାଙ୍କ ହାତରେ ଭୀଷଣ କଷ୍ଟ ହେଲା । ଶାଲ୍ୱ ଭାବିଲା, କୃଷ୍ଣଙ୍କୁ ସେ ପାନେ ଦେଇଛି । ସାମାନ୍ୟ ଶରରେ ତ ସାରଙ୍ଗ ଖସିଲା, ଏଣିକି କୃଷ୍ଣଙ୍କୁ ମାରିବା ସହଜ । ସେ ଅଟ୍ଟହାସ୍ୟ କରି ଶ୍ରୀକୃଷ୍ଣଙ୍କୁ କହିଲା, ଜୀବନରେ ବହୁତ ଭୁଲ କରିଚୁ, ବହୁତ ଲୋକଙ୍କୁ ମାରିଚୁ, ତୁ ଗୋଟାଏ ଚୋର, ଡକାୟତ, କାପୁରୁଷ ! ଶିଶୁପାଳର ବାଗ୍‌ଦତ୍ତା ରୁକ୍ମିଣୀକି ତୁ ଚୋରେଇ ନେଲୁ, ବଳ ଥିଲେ ସିନା ଲଢ଼ି ନେଇଥାଆନ୍ତୁ । ଶିଶୁପାଳ ପ୍ରସ୍ତୁତ ନଥିବାବେଳେ, ରାଜସୂୟ ଯଜ୍ଞସଭାରେ ତାକୁ ତୁ ଅନ୍ୟାୟରେ ମାରି ପକାଇଲୁ । ମୁଁ ମୋର ବନ୍ଧୁହତ୍ୟାର ପତିଶୋଧ ନେବି । ତତେ ନମାରି ଏଠୁ ଯିବିନି ।

ଶ୍ରୀକୃଷ୍ଣ ଶାଲ୍ୱକୁ ମୂର୍ଖ, ଦୁରାଚାର କହି ଗାଳିର ଉତ୍ତର ଗାଳିରେ ଦେଲେ । କହିଲେ, ବୃଥା ଆସ୍ଫାଳନ କରନା, ବୀରୋଚିତ ଆଚରଣ କର । ଯାହା କହୁଚୁ, ତୁ ଶତଜନ୍ମରେ ମଧ କରି ପାରିବୁ ନାହିଁ । କଥାରେ ନକହି, ତୋ ବୀରତ୍ୱ କାମରେ ଦେଖା । କହୁ କହୁ ଶ୍ରୀକୃଷ୍ଣ ତା' ଗାଲକୁ ଇମିତି ଜୋରରେ ଗଦାପ୍ରହାର କଲେ ଯେ ତା' ଦେହରୁ

ଝରଝର ହୋଇ ରକ୍ତ ଝରିବାକୁ ଲାଗିଲା । ଗଦା ତା' କାମ ଦେଖେଇ ଶ୍ରୀକୃଷ୍ଣଙ୍କ ହାତକୁ ଫେରି ଆସିଲା । ଶାଲ୍ୱ ନିରୂପାୟ ଏବଂ କ୍ଷତବିକ୍ଷତ ହୋଇ ଭୀଷଣ ରଡ଼ି ଛାଡ଼ିଲା । ତା'ପରେ ମାୟା ବଳରେ ସେ ସ୍ଥାନରୁ ଉଭାନ ହୋଇଗଲା ।

ଶାଲ୍ୱ କୁଆଡ଼େ ଗଲା ଶ୍ରୀକୃଷ୍ଣ ତାକୁ ଖୋଜୁଥିବା ବେଳେ ଦ୍ୱାରକାରୁ ଜଣେ ଦୂତ ଆସି ଶ୍ରୀକୃଷ୍ଣଙ୍କୁ କହିଲା, ''ହେ କୃଷ୍ଣ ! ତୁମ ମାଆ ମତେ ପଠାଇଛନ୍ତି । ଶୀଘ୍ର ଆସ, ତୁମ ପିତା ବସୁଦେବଙ୍କୁ ଜଣେ କେହି ଧରିନେଇ ବାନ୍ଧି ରଖିଛି ।''

ଶ୍ରୀକୃଷ୍ଣ ବିବ୍ରତ, ବିଚଳିତ ହୋଇ ପଡ଼ିଲେ । ବଳରାମଙ୍କ ଭଳି ବଳବାନ ଯୋଦ୍ଧା ଥାଉ ଥାଉ ଶାଲ୍ୱ କ'ଣ ତାଙ୍କୁ ପରାସ୍ତ କରି ପିତାଙ୍କୁ ନେଇ ବାନ୍ଧି ରଖିଚି ! ଦେଖୁଚି, ସବୁ ଶତ୍ରୁଙ୍କ ଅପେକ୍ଷା ଦୁର୍ଭାଗ୍ୟ ହିଁ ସବୁଠୁ ବଡ଼ ଶତ୍ରୁ ।

ହଠାତ୍ ଶ୍ରୀକୃଷ୍ଣ ଦେଖିଲେ, ଶାଲ୍ୱ ଆସି ତାଙ୍କ ସମ୍ମୁଖରେ ଠିଆ । ତା' ସହିତ ପିତା ବସୁଦେବ ବନ୍ଧା ହୋଇ ରହିଛନ୍ତି । ଶାଲ୍ୱ କହିଲା, ଆରେ କୃଷ୍ଣ, ଦେଖ ତୋ'ର ବାପାକୁ । ତୋ'ର ସବୁଠୁ ଶ୍ରଦ୍ଧା ଓ ସ୍ନେହର ପାତ୍ର ଇଏ । ତୋ'ରି ଆଖି ଆଗରେ ତୋ ପିତାଙ୍କୁ ମାରିବି । ବଳ ଯଦି ଅଛି ଉଦ୍ଧାର କର । ତୋ'ର ବୀରତ୍ୱ କେତେ ଦେଖେଁ ।

ଶ୍ରୀକୃଷ୍ଣ କିଛି ସମୟ ନୀରବ ରହିଲେ । ସେ ଧନୁଶରକୁ ଛୁଉଁ ଛୁଉଁ ଶାଲ୍ୱ ତାଙ୍କର ଆଖି ଆଗରେ ବସୁଦେବଙ୍କ ମୁଣ୍ଡ କାଟି ପକାଇଲା । ମୁଣ୍ଡଟାକୁ ହାତରେ ଧରି କହିଲା — ଏଇ ଦେଖ ତୋ' ବାପର ମୁଣ୍ଡ ! ଇମିତି ତୋ ମୁଣ୍ଡ କାଟି ହାତରେ ଟେକି ଧରି ସମସ୍ତଙ୍କୁ ଦେଖେଇ କହିବି — କୃଷ୍ଣର କେତେ ଶକ୍ତି, ତା ବାପର ମୁଣ୍ଡକାଟରୁ ଜଣା ପଡ଼ିଗଲା । ସେ ଭାବିଚି ମୁଁ ଜରାସନ୍ଧ କିମ୍ୱା ଶିଶୁପାଳ । ମୋ ନାଁ ଶାଲ୍ୱ । ମହାଦେବଙ୍କ ବରରେ ବଳୀୟାନ । ତ୍ରିପୁର ବିଜୟୀ ମୁଁ ।

ଶ୍ରୀକୃଷ୍ଣ ପ୍ରଥମେ ଟିକିଏ ଭାଙ୍ଗି ପଡ଼ିଲେ । ପୁଣି କିଛିକ୍ଷଣ ଚୁପ୍ ରହିଲେ । ଜାଣି ପାରିଲେ ଇଏ ଶାଲ୍ୱର ଏକ ମାୟାଖେଳ । ଏ ଖେଳ ଭସାମେଘ ଭଳି ଆସିଲା, ମୁହୂର୍ତ୍ତକରେ ଭାସି ଭାସି ଚାଲିଗଲା । ଏହି ମାୟା ଯାହାହେଉ, କ୍ଷଣିକପାଇଁ ହେଲେ ମଧ୍ୟ ମାୟାଧର ଶ୍ରୀକୃଷ୍ଣଙ୍କ ମନକୁ ମଧ୍ୟ ଆଚ୍ଛନ୍ନ କରି ପକାଇଲା । ମଣିଷର ମନକୁ ମାୟା ହିଁ ସର୍ବଦା ଗ୍ରାସିଥାଏ । ମାୟାର ଇଙ୍ଗିତରେ ସେ ମାଙ୍କଡ଼ ଭଳି ନାଚେ, ଡିଏଁ । ନିଜ ସ୍ୱରୂପକୁ ଭୁଲିଯାଏ । ମଣିଷ ଭୂମିକାରେ ଭଗବାନ ମଧ୍ୟ ଅଭିନୟ କଲାବେଳେ ଇମିତି ଘଟିଥାଏ । ମଣିଷ ସ୍ୱପ୍ନ ଦେଖେ । ସ୍ୱପ୍ନ ତୁଟିଗଲେ ସ୍ୱପ୍ନରେ ଦେଖା ସବୁ ଜିନିଷ କୁଆଡ଼େ ଉଭେଇଯାଏ । ତା'ର ସତ୍ତା ରହେନା । ପତ୍ତା ମିଳେନା । ମାୟାପଟଳ ହଟି ଯିବାପରେ ଶ୍ରୀକୃଷ୍ଣ ଦେଖିଲେ, ତାଙ୍କ ପାଖରେ ଦ୍ୱାରକା ରାଜଭବନରୁ ଆସିଥିବା ଦୂତ ନାହିଁ, ବସୁଦେବ ମଧ୍ୟ ନାହାନ୍ତି । ଅଥଚ ଏହି ଟିକକ ପୂର୍ବରୁ ବସୁଦେବଙ୍କ ମୁଣ୍ଡ ଦେହରୁ ଅଲଗା ହୋଇ ତଳେ ଲୋଟି ପଡ଼ିଥିଲା ।

ଶ୍ରୀକୃଷ୍ଣ ଶାଲ୍ୱପ୍ରତି କ୍ରୋଧ ପ୍ରକାଶ କରିବେ କ'ଣ , ନିଜ ପ୍ରତି କ୍ରୋଧ ପ୍ରକାଶ କଲେ ଅଧିକ । ନିଜ ମନକୁ ଧିକ୍କାର କଲେ । ତାଙ୍କ ଭଳି ଲୋକ ଯଦି ମାୟାଦ୍ୱାରା ବିହ୍ୱଳିତ, ମୋହିତ, ବିଚଳିତ ହୋଇ ପଡ଼ିଲେ, ସାଧାରଣ ଲୋକଙ୍କ କଥା କହିବା କ'ଣ ? ସେ ତ ମାୟାକୁ ଧରିପାରନ୍ତି ବୋଲି ତାଙ୍କ ନାଆଁ ମାୟାଧର । ଏବେ ସେହି ମାୟା ତାଙ୍କ ଚୂଟିକି ଧରି ମୁହୂର୍ତ୍ତେ ହେଉ ପଛକେ ତାଙ୍କୁ ଘୋଷାଡ଼ିବାରେ ଲାଗିଲା । ଏପର୍ଯ୍ୟନ୍ତ ତାଙ୍କ ଦିହରେ ହାତ ଦେବାକୁ କେହି ସାହସ କରିନଥିଲେ । ଯାଠୁ ବଡ଼ ଯୋଦ୍ଧା, ବୀର ଯୁବକ ଥିଲେ ଜରାସନ୍ଧ ଓ ଶିଶୁପାଳ । ଜରାସନ୍ଧ ତ ସେ ମଥୁରାରେ ଥିବାବେଳେ ଅଠରଥର ଆକ୍ରମଣ କରିଥିଲା । ତା' ଡରରେ ସେ ଯାଦବମାନଙ୍କୁ ସାଙ୍ଗରେ ନେଇ ଦ୍ୱାରକା ପଳେଇ ଯାଇଥିଲେ । ଏକରକମ ତା'ଠୁ ସେ ଲୁଚି ରହିଥିଲେ । ଜରାସନ୍ଧକୁ ସେ କୌଶଳ କରି ଭୀମ ହାତରେ ମାରିଲେ । ଶିଶୁପାଳକୁ ସେ ସୁଦର୍ଶନ ଚକ୍ରରେ ମାରିଲେ । ଏମାନଙ୍କ ତୁଳନାରେ ଅଧିକ ବଳବାନ୍ ଥିଲା ଭୌମାସୁର ବା ନରକାସୁର । ତାକୁ ମଧ ମାରିଲେ ସେ । କେଉଁଠି ହେଲେ ମାୟା ତାଙ୍କୁ ସ୍ପର୍ଶ କରି ପାରିନଥିଲା । ଛାର ଶାଲ୍ୱ – ମାୟାବଳରେ ତାଙ୍କୁ ବିହ୍ୱଳିତ କରି ପକାଇଲା । ଶାଲ୍ୱ କେବଳ ତ ଶିବଙ୍କଠୁ ବର ପାଇନି, ଆଗରୁ କେତେ କେତେ ବୀର ଶିବଙ୍କ ବରରେ ବଳୀୟାନ ହୋଇ ତାଙ୍କୁ ମାରିବାକୁ ଆସିଛନ୍ତି; ମାୟା ଜାଲ ବିଛେଇଛନ୍ତି, ସବୁ ଜାଲକୁ ସେ ଛିଣ୍ଡେଇ ପକାଇଛନ୍ତି ।

ଶ୍ରୀକୃଷ୍ଣ ମନେ ମନେ ଏପରି ନାନାଭାବନାରେ ବ୍ୟସ୍ତ ଥିବାବେଳେ ଶାଲ୍ୱ ସିଆଡ଼େ ହୁଂକାର ପରେ ହୁଂକାର କରିବାରେ ଲାଗିଚି – କୃଷ୍ଣଙ୍କୁ ଆହ୍ୱାନ କରୁଚି ଲଢ଼ିବାପାଇଁ ଯେତେ ଯିମିତି ସେ ଶିବଙ୍କ ବରଦାନରେ ଅମର ହୋଇପଡ଼ିଚି ।

•

॥ ୧୧୪ ॥

# ବଳରାମଙ୍କ ବ୍ରହ୍ମହତ୍ୟା

ଶିବ ଦତ୍ତ 'ଶୌଭ' ରଥରେ ବସି ଶାଲ୍ୱ ମାଙ୍କଡ଼ଙ୍କ ଭଳି ଖିଙ୍କାରିବାରେ ଲାଗିଚି । ଖତେଇ ହେଉଚି । ମୁହଁକୁ ନାନା ଭାବରେ ବିକୃତ କରି ଅମାନୁଷିକ ଇଙ୍ଗିତ କରିବାରେ ଲାଗିଚି !

ପ୍ରଥମେ ଶ୍ରୀକୃଷ୍ଣ ଶାଲ୍ୱ ସହିତ କିଛି ସମୟ ଖେଳିବାକୁ ଲାଗିଲେ । ସର୍ବୋତ୍ତମ ଖେଳଓ୍ୱାଡ଼ ସେ । ହସିଲେ । ଶାଲ୍ୱକୁ ମଧ ନାନା ହସକଥା କହି ହସେଇଲେ । ଶାଲ୍ୱ ତାଙ୍କ କଥାରେ ଇମିତି ହସିଲା ଯେ ହସି ହସି ହାଲିଆ ହୋଇପଡ଼ିଲା । ତା'ଦେହରୁ ସମସ୍ତ

ବଳ ଖସି ଆସିଲା । ନିର୍ଜୀବ ଭଳି ଅନୁଭବ କଲା ସେ । ଭାଙ୍ଗ ଖାଇଲେ ମଣିଷ ଥରେ ହସିବା ଆରମ୍ଭ କଲେ, ହସି ହସି ବେଦମ୍ ହୋଇ ପଡ଼େ । ସେହିଭଳି ଅବସ୍ଥା ହେଲା ଶାଲ୍ୱର । ଚାହିଁଥିଲେ, ଶ୍ରୀକୃଷ୍ଣ ତାକୁ କନ୍ଦେଇ ପାରିଥାଆନ୍ତେ । କିନ୍ତୁ ତାହା ସେ କଲେ ନାହିଁ । ଶାଲ୍ୱ ହସି ହସି ମରୁ ବୋଲି ସେ ଚାହିଁଲେ ।

ଶ୍ରୀକୃଷ୍ଣ ପ୍ରଥମେ ତୀକ୍ଷ୍ଣ ଶର ନିକ୍ଷେପକରି ଶାଲ୍ୱର ଦେହରେ ଥିବା ବଜ୍ର ଭଳି ଟାଣୁଆ ସାଞ୍ଜୁକୁ ଖସେଇ ଦେଲେ । ତା'ପରେ ତା' ହାତରୁ ଧନୁଶର ମଧ ହଟେଇ ଦେଲେ । ମୁଣ୍ଡରେ ଥିବା ନାନା ମଣିରତ୍ନ ଖଚିତ ମୁକୁଟ ଭୂପତିତ ହେଲା । ପରିଶେଷରେ ଗଦା ଫିଙ୍ଗିଲେ, ତା'ର ସବୁଠୁ ଶକ୍ତିଶାଳୀ ଶିବଦତ୍ତ ରଥ 'ଶୌଭ' ଉପରକୁ । 'ଶୌଭ' ମଧ ଗଲା । 'ସୌଭ' ଧ୍ୱଂସ ହେଲା । ସାଲ୍ୱର ସୈନ୍ୟମାନେ ଏ ଦୃଶ୍ୟ ଦେଖି ଭୟଭୀତ ହୋଇ ପଡ଼ିଲେ । ସମସ୍ତଙ୍କ ଦେହ ବରଡ଼ାପତ୍ର ଭଳି ଥରିବାକୁ ଲାଗିଲା । ଶାଲ୍ୱର 'ଶୌଭ' ବଳ ଗଲା ଦେଖି ସୈନ୍ୟମାନେ ପଛଘୁଞ୍ଚା ଦେବାକୁ ଲାଗିଲେ । ତା' ସେନା ଛାଉଣିରେ 'ହାହାକାର' ପଡ଼ିଗଲା ।

ମନପବନ ରଥ ଗଲା । ଶାଲ୍ୱ ଏବେ ଏକରକମ ନିରସ୍ତ୍ର । ହାତରେ ରହିଲା କେବଳ ଗଦାଟିଏ । ସିଏ ମଧ ଅକ୍ଷତ ଅବସ୍ଥାରେ ନଥିଲା । ଶ୍ରୀକୃଷ୍ଣଙ୍କ ଶର ବାଜି ତା' ଗଦା ଠାଏ ଠାଏ ଭାଙ୍ଗି ପଡ଼ିଥିଲା । ଯାହାହେଉ ଶାଲ୍ୱ ଯୁଦ୍ଧଭୂମିରେ ଠିଆହୋଇ ନିଜର ଭଙ୍ଗା ଗଦାଟିକୁ ଜୋର୍‌ରେ ବୁଲାଇବାକୁ ଲାଗିଲା । ଶ୍ରୀକୃଷ୍ଣ ଏଣିକି ସୁଦର୍ଶନ ଚକ୍ରକୁ ଛାଡ଼ିଲେ । କହିଲେ, ବହୁତ ଖେଳ ଦେଖା ସରିଲାଣି, ଏଣିକି ବେଳ ଆସିଚି, ତୁ ଶାଲ୍ୱର ମୁଣ୍ଡ କାଟି କରି ଆସିବୁ ! ସୁଦର୍ଶନ ଚକ୍ର ପ୍ରଭୁଙ୍କ ଆଜ୍ଞା ପାଳନ କଲା । ଚୁପ୍‌ଚାପ ଯାଇ ଶାଲ୍ୱର ମୁଣ୍ଡକାଟି ଦେଇ ଶ୍ରୀକୃଷ୍ଣଙ୍କ ହାତକୁ ଫେରିଆସିଲା ।

ଏ ଘଟଣାରେ ଯାଦବ ସୈନ୍ୟମାନେ ଉଲ୍ଲସିତ ହୋଇଉଠିଲେ । କିନ୍ତୁ ହଠାତ୍ ଦେଖାଗଲା ଆଉ ଗୋଟେ ଲୋକ ଆସି ଯୁଦ୍ଧକ୍ଷେତ୍ରରେ ହାଜର । ଯା ନାଁ ଦନ୍ତାବକ୍ର । ଶିଶୁପାଳ ଭଳି ଦନ୍ତାବକ୍ର ମଧ ଶ୍ରୀକୃଷ୍ଣଙ୍କ ଆତ୍ମୀୟ । ସେ ଗଦାଯୁଦ୍ଧରେ ପାରଙ୍ଗମ ଥିଲା । ସେ ଗଦା ଧରି ଦୌଡ଼ି ଆସିଲା କୃଷ୍ଣଙ୍କୁ ମାରିବାପାଇଁ । ଅଚାନକ ଆକ୍ରମଣ । ଶ୍ରୀକୃଷ୍ଣ ତାଙ୍କ ଶକ୍ତିଶାଳୀ କୌମୋଦକୀ ଗଦାରେ ଦନ୍ତବକ୍ରର ଛାତିକି ଆଘାତ କଲେ । ଦନ୍ତବକ୍ର ଗଁ ଗଁ ରଡ଼ି ଛାଡ଼ି ଧୂଳିରେ ଗଡ଼ି ଗଡ଼ି ମଲା । ମରିବା ସଙ୍ଗେ ସଙ୍ଗେ ତା' ଦେହରୁ ଏକ ଜ୍ୟୋତିଶିଖା ବାହାରିଲା । ସେ ଶିଖା ଶ୍ରୀକୃଷ୍ଣଙ୍କ ପାଦ ସ୍ପର୍ଶ କରି କୁଆଡ଼େ ମିଳେଇଗଲା । ଦନ୍ତବକ୍ରର ଭାଇ ବିଦୁରଥ ଆସିଲା ଯୁଦ୍ଧ କରିବାପାଇଁ । ସେ ମଧ ଭାଇର ସମଦଶା

ଭୋଗ କଲା । ବହୁଦିନ ପରେ ଏ ଯୁଦ୍ଧ ସରିଲା । ଯାଦବ ସୈନ୍ୟମାନେ ଯିଏ ଯାହା ଘରକୁ ଫେରିଲେ । ଶ୍ରୀକୃଷ୍ଣ ଉଆସକୁ ଗଲେ ।

କୌରବ ପକ୍ଷ ସ୍ଥିର କଲେ ପାଣ୍ଡବଙ୍କ ସହିତ ଯୁଦ୍ଧ କରିବା ଲାଗି । ଯୁଦ୍ଧ ଏଡ଼ିବା ଲାଗି ଉଭୟ ବଳରାମ ଓ ଶ୍ରୀକୃଷ୍ଣ ମଧ୍ୟସ୍ଥ ହେଲେ । କିନ୍ତୁ ଦୁହେଁ ବିଫଳ ହେଲେ । ବଳରାମ ଚାହିଁଲେ କୌଣସି ପକ୍ଷ ନ ନେଇ ନିରପେକ୍ଷ ରହିବା ପାଇଁ । ତେଣୁ ସେ ହସ୍ତିନାପୁରରୁ ଫେରିଗଲେ ଦ୍ୱାରକା । ସେଠାରୁ ସେ ସସ୍ତ୍ରୀକ ତୀର୍ଥଯାତ୍ରା କଲେ । ଦ୍ୱାରକାରୁ ଗଲେ ପ୍ରଭାସ । ସେଠାରେ ତୀର୍ଥସ୍ନାନ କଲେ । ତର୍ପଣ କଲେ । ଦାନଧର୍ମ କଲେ । କ୍ରମଶଃ ପୃଥୁଦକ, ବିନ୍ଦୁସର, ତ୍ରିତକୂପ, ସୁଦର୍ଶନ, ବ୍ରହ୍ମତୀର୍ଥ, ଚକ୍ରତୀର୍ଥ ଓ ସରସ୍ୱତୀ ଆଦି ତୀର୍ଥ ପର୍ଯ୍ୟଟନ କଲେ । ବୁଲି ବୁଲି ସେ ଆସିଲେ ନୈମିଷାରଣ୍ୟ । ସେତେବେଳେ ମୁନିଋଷିମାନେ ସେଠାରେ ସତ୍‌ସଙ୍ଗ କରୁଥିଲେ । ଏହା ଦୀର୍ଘ ଦିନ ଧରି ଚାଲି ଆସୁଥିଲା । ବଳରାମଙ୍କୁ ଦେଖିବାମାତ୍ରେ ମୁନି ଋଷିମାନେ ନିଜ ନିଜ ଆସନରୁ ଉଠି ଆସିଲେ । ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କଲେ । ଯଥାଯୋଗ୍ୟ ଆସନ ଦେଲେ ବସିବା ପାଇଁ ।

ବଳରାମ ଦେଖିଲେ, ସର୍ବୋଚ୍ଚ ଆସନରେ ବସିଛନ୍ତି ମହର୍ଷି ଲୋମହର୍ଷଣ । ସୂତମୁନିଙ୍କ ପୁତ୍ର ଲୋମହର୍ଷଣ । ଭଗବାନ ବ୍ୟାସଦେବଙ୍କ ପଞ୍ଚଶିଷ୍ୟ । (କୌଣସି କୌଣସି ପୁରାଣରେ ବର୍ଣ୍ଣିତ ଯେ ଲୋମହର୍ଷଣ ହିଁ ସୂତମୁନି) । ବ୍ୟାସ ଆସନରେ ଉପବିଷ୍ଟ ଲୋମହର୍ଷଣ, ବଳରାମଙ୍କୁ ଦେଖି ନିଜ ଆସନ ତ୍ୟାଗ କଲେ ନାହିଁ । ତାଙ୍କୁ ପ୍ରଣାମ ସୁଦ୍ଧା କଲେ ନାହିଁ । ବଳରାମଙ୍କ କ୍ରୋଧ ହେଲା । ବ୍ରାହ୍ମଣ ହେଲେ କ'ଣ ହେଲା ଲୋମହର୍ଷଣ ଜଣେ ଆତ୍ମଗର୍ବୀ, ଉଦ୍ଧତ ଋଷି ବୋଲି ସେ ବିଚାର କଲେ । ଭାବିଲେ, ଲୋମହର୍ଷଣ ପାଇଁ ମୃତ୍ୟୁଦଣ୍ଡ ହିଁ ଶ୍ରେୟ । ଯିଏ ହେଉ ନା କାହିଁକି, ନବାଗତ ଅତିଥିଙ୍କୁ ସ୍ୱାଗତ କରିବା ମନୁଷ୍ୟର ଧର୍ମ । ଲୋମହର୍ଷଣ ନିଜକୁ ଅତି ଜ୍ଞାନୀ, ପଣ୍ଡିତ ମନେ କରି ତା' କରିବା ପାଇଁ କୁଣ୍ଠିତ । ଅବଶ୍ୟ ତୀର୍ଥଯାତ୍ରା କରୁଥିବାରୁ ବଳରାମ କାହାକୁ ହତ୍ୟା କରିବା ଲାଗି ଚାହୁଁ ନଥିଲେ, ତଥାପି କ୍ରୋଧର ଶିକାର ହେଲେ ସେ । ତାଙ୍କ ହାତରେ ଥିଲା ବିଡ଼ାଏ କୁଶ । ସେ କୁଶ ବିଡ଼ାରେ ଲୋମହର୍ଷଣଙ୍କୁ ପ୍ରହାର କଲେ । ଫଳରେ ଋଷି ଟଳିପଡ଼ିଲେ । ତାଙ୍କର ମୃତ୍ୟୁ ହେଲା ।

●

॥ ୧୧୫ ॥

# ଇଲ୍ୱଳ ପୁତ୍ର ବଲ୍ୱଳ

**ଲୋ**ମହର୍ଷଣଙ୍କ ମୃତ୍ୟୁଦଣ୍ଡ ଦେଖି ମୁନିଋଷିମାନେ ଭୟଭୀତ ହୋଇପଡ଼ିଲେ । ଚାରିଆଡ଼େ ହାହାକାର ପଡ଼ିଗଲା । ସମସ୍ତେ ଭୀତତ୍ରସ୍ତ ଅବସ୍ଥାରେ ବଳରାମଙ୍କୁ ସ୍ତୁତି କଲେ । କହିଲେ, ଲୋମହର୍ଷଣ ସ୍ୱୟଂ ସୂତମୁନିଙ୍କ ପୁତ୍ର । ଶାସ୍ତ୍ର, ପୁରାଣ, ବେଦବେଦାନ୍ତ ଏପରି ସୁନ୍ଦର ସାବଲୀଳ ଭାବରେ କହନ୍ତି, ଶୁଣିବାମାତ୍ରେ ଯେକୌଣସି ଶ୍ରୋତାର ରୋମ ଟାଙ୍କୁରି ଉଠିଥାଏ । ତେଣୁ ସମସ୍ତେ ତାଙ୍କୁ ଲୋମହର୍ଷଣ ଋଷି ବୋଲି କହିଥାଆନ୍ତି । ତେଣୁ ଆମ୍ଭେମାନେ ତାଙ୍କୁ ବ୍ୟାସାସନରେ ବସାଇଥିଲୁ । ସତ୍‌ସଙ୍ଗର ନିୟମାନୁସାରେ, ସତ୍‌ସଙ୍ଗ ଚାଲିଥିବାଯାଏଁ ବ୍ୟାସ, ଆସନ ତ୍ୟାଗ କରିବେ ନାହିଁ କିମ୍ବା କାହାକୁ ହାତଉଠାଇ ପ୍ରଣାମ କରିବେ ନାହିଁ । ତେଣୁ ତାଙ୍କର କୌଣସି ଭୁଲ ହୋଇନଥିଲା । ତାଙ୍କ ହୃଦୟରେ ଆପଣଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଥିଲା । ସତ୍‌ସଙ୍ଗ ଚାଲିଥିବା ଯାଏଁ, ତାଙ୍କର କୌଣସି ଶାରୀରିକ କଷ୍ଟ ହେବ ନାହିଁ କିମ୍ବା ଆୟୁ ପୂରିବ ନାହିଁ ବୋଲି ତାଙ୍କୁ ଆମେ ବର ଦେଇଥିଲୁ । ତା'ଛଡ଼ା ଆମର ସମସ୍ତ ପୁଣ୍ୟବଳ ତାଙ୍କୁ ଦେଇ ସାରିଥିଲୁ । ସତ୍‌ସଙ୍ଗ ରୂପକ ଯଜ୍ଞାନୁଷ୍ଠାନ କରାଯାଉଥିଲା ଲୋକସଂଗ୍ରହ ତଥା ଲୋକଙ୍କୁ ଶିକ୍ଷାଦେବାଲାଗି । ଲୋମହର୍ଷଣ ମୁନିଙ୍କୁ ମାରି ଆପଣ ବ୍ରହ୍ମହତ୍ୟା ଦୋଷ କଲେ । ଆପଣ ତ ଯୋଗେଶ୍ୱର । ଆପଣଙ୍କୁ ପାପ କ'ଣ, ପୁଣ୍ୟ କ'ଣ ବୁଝାଇବା ଆମମାନଙ୍କ ପକ୍ଷରେ ଧୃଷ୍ଟତା ମାତ୍ର । ଏତିକିମାତ୍ର ଅନୁରୋଧ, ବ୍ରହ୍ମହତ୍ୟା ପାପରୁ ମୁକ୍ତ ହେବା ଲାଗି ଆପଣ ପ୍ରାୟଶ୍ଚିତ୍ତ କରନ୍ତୁ । ଯଦି ନ କରନ୍ତି, ଆପଣଙ୍କଠୁ ଲୋକେ କ'ଣ ଶିଖିବେ ?

ବଳରାମ କହିଲେ, ଠିକ୍ ଅଛି, ମୁଁ ଈଶ୍ୱର ହେଲେ କ'ଣ ହେଲା, ଏବେ ତ ମଣିଷ । ମୁଁ କିପ୍ରକାରର ପ୍ରାୟଶ୍ଚିତ୍ତ କଲେ ଲୋମହର୍ଷଣ ମୁନି ପରଜନ୍ମରେ ତୁମେମାନେ ଚାହିଁବା ଅନୁସାରେ ଦୀର୍ଘାୟୁ, ଜିତେନ୍ଦ୍ରିୟ ହେବେ, ସେ ବାଟ ମତେ ବତାଅ । ମୁଁ ଯୋଗବଳରେ ସବୁକିଛି ସମ୍ପନ୍ନ କରିଦେଇ ପାରିବି ।

ମୁନିଋଷିମାନେ ଅତି ଚତୁର । ସମସ୍ତେ ସମସ୍ୱରରେ କହିଲେ, ଏପରି ଏକ ଉପାୟ ସ୍ଥିର କରନ୍ତୁ, ଯେଉଁଥିରେ ଲୋମହର୍ଷଣଙ୍କ ମୃତ୍ୟୁ ବ୍ୟର୍ଥ ହେବନାହିଁ, ଆପଣଙ୍କ ବଳ ପରାକ୍ରମ ମଧ୍ୟ ବ୍ୟର୍ଥ ହେବନାହିଁ ଏବଂ ଆମେ ଲୋମହର୍ଷଣଙ୍କୁ ଯେଉଁ ବରଦାନ କରିଥିଲୁ, ତାହା ଅସତ୍ୟ ହେବ ନାହିଁ ।

ବଳରାମ କହିଲେ ତାହା ହିଁ ହେବ ! ସେ କହିଲେ, ବେଦ କହେ, ଏକ ଆତ୍ମା ହିଁ ପୁତ୍ର ରୂପରେ ଜାତ ହୋଇଥାଏ । ତେଣୁ ଲୋମହର୍ଷଣଙ୍କ ସ୍ଥାନରେ ତାଙ୍କ ପୁତ୍ର ଅଧିଷ୍ଠିତ ହେବେ । ସେ ଆପଣମାନଙ୍କୁ ପୁରାଣକଥା ଶୁଣାଇବେ । ପୁତ୍ରର ନାମ 'ସୌତି' ରହିବ । ସେ ତାଙ୍କ ପିତାଙ୍କ ଭଳି ସବୁ କାର୍ଯ୍ୟ ତୁଲାଇବେ । ଦୀର୍ଘଜୀବୀ ଓ ଜିତେନ୍ଦ୍ରିୟ ହେବେ । ଏହା ବ୍ୟତୀତ ଆଉ କ'ଣ ଚାହୁଁଚ, ନିର୍ଭୟରେ କହ । ମୁଁ କରିବା ପାଇଁ ପ୍ରସ୍ତୁତ । ଅଜ୍ଞାତସାରରେ ମୁଁ ଅପରାଧ କରି ବସିଚି । ଆପଣମାନଙ୍କୁ ତୃପ୍ତିଦାନ କଲେ, ତାହା ହିଁ ହେବ ମୋର ପ୍ରାୟଶ୍ଚିତ୍ତ ।

ଋଷିମାନେ ସୁଯୋଗ ପାଇଗଲେ କହିବା ପାଇଁ । କହିଲେ, ଇଲ୍ୱଳର ପୁତ୍ର ବଲ୍ୱଳ । ସେ ଜଣେ ଭୟଙ୍କର ରାକ୍ଷସ । ପ୍ରତ୍ୟେକ ପର୍ବପର୍ବାଣୀ ବେଳେ ସେ ଏଠାକୁ ଆସି ଆମମାନଙ୍କ ଯଜ୍ଞାନୁଷ୍ଠାନରେ ବିଘ୍ନ ସୃଷ୍ଟି କରୁଛି । ତାକୁ ମାରିଦେଲେ ଆମେ ନିଶ୍ଚିନ୍ତ ହୁଅନ୍ତୁ । ତା'ପରେ ସମଗ୍ର ଭାରତବର୍ଷ ପରିକ୍ରମା କରି ସବୁ ତୀର୍ଥାଟନ କଲେ, ଆପଣଙ୍କ ସମସ୍ତ ପାପ ଧୋଇ ହୋଇଯିବ ।

ବଳରାମ ଅପେକ୍ଷା କଲେ ରାକ୍ଷସ ବଲ୍ୱଳକୁ । ପର୍ବଦିନ ଆସିଲା । ମୁନିମାନେ ଯଜ୍ଞ କଲେ । ହଠାତ୍ ଚାରିଆଡ଼ ଅନ୍ଧାର ଦେଖାଗଲା । ଧୂଳିଝଡ଼ ହେଲା । ଭୀଷଣ ଶବ୍ଦ ମଧ ହେଲା । ଯଜ୍ଞକୁଣ୍ଡରେ ମଳମୂତ୍ର ଆଦି ବୃଷ୍ଟିହେଲା । ତା'ପରେ ହାତରେ ତ୍ରିଶୂଳ ଧରି ଦେଖାଦେଲା ରାକ୍ଷସ ବଲ୍ୱଳ । ମାୟାବୀ ରାକ୍ଷସ । କେତେବେଳେ ଆକାଶରେ ଉଡ଼ିଲା ତ କେତେବେଳେ ଭୂତଳରେ ଉପଦ୍ରବ ସୃଷ୍ଟି କରିବାକୁ ଲାଗିଲା । ବଳରାମଙ୍କୁ ଦେଖି ସେ ମୁନିଋଷିଙ୍କି ପଚାରିଲା, ଏଇଟା ତ ନୂଆ ଜଣାପଡୁଛି । ଋଷି ନୁହଁ, ମୁନି ନୁହଁ । ଏଇଟା କିଏ ?

ବଳରାମ ହସିଲେ । ତାଙ୍କ ହସରେ ବଲ୍ୱଳର କ୍ରୋଧ ଜାତ ହେଲା । ସେ ଆକାଶକୁ ଯାଇ ବଳରାମଙ୍କୁ ଲକ୍ଷ୍ୟ କରି ବଡ଼ ବଡ଼ ଗଛ ଓ ପଥର ଫିଙ୍ଗିଲା । ବଳରାମ ବଲ୍ୱଳର ବଳ କଷୁଥିଲେ । ଆଉ ଅପେକ୍ଷା ନକରି, ସେ ଲଙ୍ଗଳକଣ୍ଟିକୁ ତା' ଗଳାରେ ଲଗେଇ ତାକୁ ତଳକୁ ଟାଣି ଆଣିଲେ । ତା'ପରେ ବ୍ରହ୍ମଦ୍ରୋହୀ ବଲ୍ୱଳକୁ ମୂଷଳରେ ଇମିତି ପାହାରେ ପକାଇଲେ ଯେ ତା ମୁଣ୍ଡ ଫାଟିଗଲା । ବଲ୍ୱଳ ମଲା । ନୈମିଷାରଣ୍ୟର ଋଷିମାନେ ବଳରାମଙ୍କୁ ବାହା ବାହା କଲେ । ସ୍ତୁତି କଲେ । ଅଭିଷେକ କଲେ ।

ତା'ପରେ ବଳରାମ, ସ୍ତ୍ରୀ ରେବତୀ ଏବଂ ସତୀର୍ଥମାନଙ୍କ ସହିତ ଭାରତବର୍ଷର ସମସ୍ତ ତୀର୍ଥ ପର୍ଯ୍ୟଟନ କଲେ । ମହେନ୍ଦ୍ର ପର୍ବତ ଉପରେ ସେ ପର୍ଶୁରାମଙ୍କୁ ଦର୍ଶନ କଲେ । ସବୁ ତୀର୍ଥ ସାରି ସେ ଫେରିଆସିଲେ ପ୍ରଭାସକୁ । ସେଠାରେ ଶୁଣିଲେ, କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧ ଫଳରେ ବହୁଲୋକ ମୃତ୍ୟୁବରଣ କରିଛନ୍ତି । ଏବେ

ସେଠାରେ ଭୀମ ଓ ଦୁର୍ଯ୍ୟୋଧନ ମଧ୍ୟରେ ଗଦାଯୁଦ୍ଧ ଚାଲିଚି । ଏ ଦୁହେଁ ବଳରାମଙ୍କ ଶିଷ୍ୟ । ସେ ଏ ଦୁହିଁଙ୍କୁ ଗଦାଯୁଦ୍ଧ ଶିକ୍ଷା ଦେଇଥିଲେ । ସେ ସଙ୍ଗେ ସଙ୍ଗେ କୁରୁକ୍ଷେତ୍ରକୁ ଗଲେ । ବଳରାମଙ୍କୁ ଦେଖି ଶ୍ରୀକୃଷ୍ଣ ଓ ପାଣ୍ଡବ ଭାଇମାନେ ପ୍ରଣାମ କଲେ । କିନ୍ତୁ ଭୟରେ ନୀରବ ରହିଲେ । ବଳରାମ ଯୁଦ୍ଧକ୍ଷେତ୍ରକୁ ଯାଇ ଭୀମ ଓ ଦୁର୍ଯ୍ୟୋଧନଙ୍କୁ ଗଦାଯୁଦ୍ଧରୁ ନିବୃତ୍ତ କରିବା ଲାଗି ଉଦ୍ୟମ କଲେ । ଦୁହିଁଙ୍କୁ କହିଲେ, ଦୁହେଁ କିଏ କାହାଠୁଁ ଊଣା ନୁହଁ । ଦୁହେଁ ମହାବୀର । କିନ୍ତୁ ତୁମମାନଙ୍କ ଜୟ ପରାଜୟ ମୁଁ ଦେଖିବାକୁ ଚାହେଁନା । ଗଦାଯୁଦ୍ଧ ଛାଡ଼ । କିନ୍ତୁ ଦୁହେଁ ଏପରି ଉତ୍ତେଜିତ ଅବସ୍ଥାରେ ଥିଲେ ଯେ ସେମାନେ ବଳରାମଙ୍କ କଥାକୁ ଭ୍ରୂକ୍ଷେପ କଲେ ନାହିଁ । ଶେଷରେ ବଳରାମ କହିଲେ, ତୁମମାନଙ୍କ ପ୍ରାରବ୍ଧ ହିଁ ଏହା କରାଉଚି । ମୁଁ ଯାଉଚି କହି, ବଳରାମ ଫେରିଆସିଲେ ଦ୍ୱାରକା । ପୁଣି ସ୍ତ୍ରୀ ରେବତୀଙ୍କୁ ସାଙ୍ଗରେ ନେଇ ସେ ଗଲେ ନୈମିଷାରଣ୍ୟ । ସେଠାରେ ସେ ମୁନି ଋଷିମାନଙ୍କୁ ବହୁ ତତ୍ତ୍ୱଜ୍ଞାନ ଉପଦେଶ ଦେଲେ ।

ଶୁକମୁନି କହିଲେ – ହେ ରାଜା ପରୀକ୍ଷିତ ! ଯେତେ ଯାଗଯଜ୍ଞ, ସବୁ ହେଉଚି ବଳରାମଙ୍କ ଅଙ୍ଗ । ମୁନିମାନଙ୍କୁ ନେଇ ସେ ବହୁ ଯଜ୍ଞ କଲେ । ମୁନିମାନେ ବଳରାମଙ୍କୁ ଯଜ୍ଞପୁରୁଷ ଭାବରେ ବିପୁଳ ସମ୍ବର୍ଦ୍ଧନା କଲେ ।

●

॥ ୧୧୬ ॥

# ସୁଦାମାଙ୍କ ସୁଦର୍ଶନ ଦର୍ଶନ

ଦରିଦ୍ର ବ୍ରାହ୍ମଣ ସୁଦାମା । ଭଗବାନ ଶ୍ରୀକୃଷ୍ଣଙ୍କ ପରମ ବନ୍ଧୁ । ସାନ୍ଦୀପନି ଆଶ୍ରମରେ ଦୁହେଁ ପାଠ ପଢୁଥିଲେ । ଏକାଠି ଖାଉଥିଲେ, ଶୋଉଥିଲେ । ବଣକୁ ଯାଇ ଶୁଖିଲା କାଠ ଆଣୁଥିଲେ । ଗୁରୁଙ୍କ ସେବା କରୁଥିଲେ । ସୁଦାମା ବ୍ରହ୍ମଜ୍ଞାନୀ । ଶାନ୍ତଚିତ୍ତ । ବିଷୟ ବାସନା ବୋଲି କିଛି ନଥିଲା । ବିବାହ ପରେ ସ୍ତ୍ରୀ କଲ୍ୟାଣୀ ସହିତ ଗୃହସ୍ଥାଶ୍ରମ କଲେ । ଅତି ଦରିଦ୍ର ଅବସ୍ଥା । ଭିକ୍ଷା କରି ଯେଉଁ ଦିନ ଯାହା ମିଳିଲା, ସେତିକିରେ ସନ୍ତୁଷ୍ଟ । ଦିନେ ଦିନେ ସ୍ୱାମୀ ସ୍ତ୍ରୀ ଦୁହେଁ ଖାଡ଼ାଖାଡ଼ା ଉପବାସ । ଦିହରେ ଛିଣ୍ଡା ଲେଙ୍ଗଡ଼ା ଲୁଗା । ଘର ବୋଇଲେ ପତ୍ର କୁଡ଼ିଆଟିଏ ।

ଦିନେ ସୁଦାମାଙ୍କୁ ଭୀଷଣ ଭୋକ । ଅତି ଦୁର୍ବଳ । କୁଆଡ଼େ ଭିକ୍ଷା କରିବାକୁ ଯିବାପାଇଁ ଦିହରେ ବଳ ନାହିଁ । ଜରରେ ଦେହ କମ୍ପୁଛି । ତିନି ଚାରିଦିନ ହେଲା ପେଟରେ ଦାନା ପଡ଼ିନି । ସ୍ତ୍ରୀ କଲ୍ୟାଣୀଙ୍କର ମଧ୍ୟ ସେହି ଦଶା । ଭୋକରେ ବିକଳ । ମନେ ମନେ

ଭାବୁଛନ୍ତି, ମୁଁ ହେଲେ ମରି ଯାଆନ୍ତି, ସ୍ୱାମୀଙ୍କର ଏ ଅବସ୍ଥା ଆଉ କେତେଦିନ ଦେଖିବି ? ହୀନିକପାଳୀ ମୁଁ । ମୋ ଲାଗି ସିନା ତାଙ୍କର ଏ ଦଶା ! ଯାର କ'ଣ କିଛି ପ୍ରତିକାର ନାହିଁ ? ପ୍ରାରବ୍ଧ କ'ଣ ଆମ ଦୁହିଁଙ୍କ ପାଇଁ ଏକାଭଳି ? ଛି ଏ ଜୀବନ !

ସ୍ୱାମୀଙ୍କ ପାଖରେ ବସି ଭାବୁଛନ୍ତି କଲ୍ୟାଣୀ । ହଠାତ୍ ତାଙ୍କ ମୁଣ୍ଡକୁ ଉପାୟ ଦେଖାଗଲା । ସ୍ୱାମୀଙ୍କୁ କହିଲେ, ହଇହେ ! ସାକ୍ଷାତ୍ ଲକ୍ଷ୍ମୀପତି ଶ୍ରୀକୃଷ୍ଣ ତ ଆପଣଙ୍କର ପରମ ସଖା । ସେ ତ ଭକ୍ତବାଞ୍ଛା କଳ୍ପତରୁ, ଶରଣାଗତ ବତ୍ସଳ । ଆପଣ ତାଙ୍କ ପାଖକୁ ଯାଆନ୍ତୁ । ତାଙ୍କୁ ସ୍ମରଣ କଲାମାତ୍ରେ, ସେ ବଳ ଦେବେ, ଧୈର୍ଯ୍ୟ ଦେବେ । ସେ ଯଦି ଜାଣିବେ, ଆପଣ ଏବେ ଗୃହସ୍ଥ, କୁଟୁମ୍ବୀ, ଦରିଦ୍ର ଅବସ୍ଥାରେ କାଳାତିପାତ କରୁଛନ୍ତି, ସେ ନିଶ୍ଚୟ ସାହାଯ୍ୟ କରିବେ । ଅନ୍ତତଃ ଅନ୍ନବସ୍ତ୍ର ତ ଦେବେ । ଶୁଣିଚି, ସେ ଏବେ ଭୋଜ, ବୃଷ୍ଣି, ଅନ୍ଧକ ଓ ଯାଦବମାନଙ୍କ ସହିତ ଦ୍ୱାରକାରେ ରହୁଛନ୍ତି । ଦ୍ୱାରକାଧିପତି ସେ । ସେ କେବଳ ବ୍ରାହ୍ମଣ ନୁହନ୍ତି, ସମସ୍ତଙ୍କୁ ଅକାତରରେ ଧନରତ୍ନ ଦେଉଛନ୍ତି । ଯିଏ ଯାଉଚି, କେହି ଖାଲି ହାତରେ ଫେରୁନି ।

ସ୍ତ୍ରୀ କଲ୍ୟାଣୀର କଥା ସୁଦାମା ମନ ଦେଇ ଶୁଣିଲେ । ଶୁଣୁ ଶୁଣୁ ସେହି ବାଲ୍ୟ ବୟସର ଛବି ତାଙ୍କ ଆଖିଆଗରେ ଝଲସି ଉଠିଲା । ସେ ଛବି ଯେପରି କ୍ରମଶଃ ଜୀବନ୍ତ ହୋଇ ଆସିଲା । ତାଙ୍କ ହୃଦୟରେ ଆନନ୍ଦର କଲ୍ଲୋଳ ଖେଳିଗଲା । ଦେହରେ ଶତ ସିଂହର ବଳ ଆସିଗଲା । ଓଠରେ ହାସ୍ୟରେଖା ଫୁଟି ଉଠିଲା । ସେ ମନେ ମନେ ଭାବିଲେ, ଧନରତ୍ନ ପାଇବା ବଡ଼ କଥା ନୁହଁ । ସେ ସେଥିପ୍ରତି ଲାଳାୟିତ ନୁହଁନ୍ତି । ଦ୍ୱାରକା ଗଲେ ଅନ୍ତତଃ ଭଗବାନ୍‌ଙ୍କ ଦର୍ଶନ ତ ପାଇବି ! ସୁଦର୍ଶନଙ୍କୁ ଦର୍ଶନ କରିବି । ଏହି ଦର୍ଶନ ହିଁ ସବୁ ପାଇବାଠୁଁ ଅଧିକ ।

ସ୍ତ୍ରୀ କଲ୍ୟାଣୀଙ୍କୁ କହିଲେ, ତମେ ଠିକ୍ ସମୟରେ ଠିକ୍ କଥା କହିଚ । ହଁ, ମୁଁ ଦ୍ୱାରକା ଯିବି । କିନ୍ତୁ ଏତେକାଳ ପରେ ସାଙ୍ଗ ପାଖକୁ ଯିବି, ତାଙ୍କୁ ଭେଟି ଦେବି କ'ଣ ? ସେ ମୋର ଅନ୍ତରଙ୍ଗ ବନ୍ଧୁ । ସେ ତ ଦେଖିବାମାତ୍ରେ ପଚାରିବେ, ମୋ ପାଇଁ କ'ଣ ଆଣିଚ ? ମୋ'ଠୁ ଯାହା ପାଇଲେ, କଷା ହେଉ ପିତା ହେଉ, ପତ୍ର ହେଉ ଫୁଲ ହେଉ, ଖାଇ ପକାଇବେ । ଭକ୍ତକୁ ପାଇଲେ, ସେ ଆନନ୍ଦରେ ଏପରି ବିଭୋଳ ହୋଇ ପଡ଼ନ୍ତି ଯେ, କିଏ ପତ୍ର, ଫଳ ଅବା ଫୁଲ ଦେଲା ତାକୁ ଦେଖିବାକୁ ମଧ୍ୟ ତାଙ୍କର ତର ସହେନା । ଫୁଲ ବାସି କି ସଜ ତା'ର ବାଛ ବିଚାର ମଧ୍ୟ ନଥାଏ । ଭକ୍ତିରେ ଯିଏ ଯାହା ଯେତେବେଳେ ଦେଲା ତାହା ସେ ଆନନ୍ଦରେ ଗ୍ରହଣ କରିଥାଆନ୍ତି । ତେଣୁ ସୁଦାମା, ସ୍ତ୍ରୀ କଲ୍ୟାଣୀଙ୍କୁ କହିଲେ, ଗଲେ ଏଠୁ ନେବି କ'ଣ ?

କଲ୍ୟାଣୀ କହିଲେ, ଭେଟି ଦେବାର ବ୍ୟବସ୍ଥା ମୁଁ କରିବି । ସଙ୍ଗେ ସଙ୍ଗେ ବସିବା ଜାଗା ଉଠିଲେ। ପାଖ ପଡ଼ୋଶୀ ଘରମାନଙ୍କରୁ ଚାରିମୁଠା ଖୁଦକୁଣି ଭିକ୍ଷାକରି ଆଣିଲେ । ଖୁଦକୁଣିତକ ଭାଜିଲେ । ସେତକ ସୁଦାମାଙ୍କ ଲୁଗାକାନିରେ ବାନ୍ଧି ଦେଇ କଲ୍ୟାଣୀ କହିଲେ, ଯାଅ, ସଖାଙ୍କୁ ଏତକ ଭେଟି ଦେବ । ଗରିବ ଘରର ଭେଟି ଆଉ କ'ଣ ହୋଇପାରେ ?

ସୁଦାମା ଚାଲିଲେ ଦ୍ୱାରକା ଅଭିମୁଖେ । ବାଟଯାକ କେବଳ ଗୋଟିଏ ମାତ୍ର ଚିନ୍ତା, ଭାଗବାନଙ୍କୁ ଦର୍ଶନ ପାଇବି କିମିତି ? ଦ୍ୱାରକାରେ ପହଞ୍ଚିଲେ ସୁଦାମା । ସୁରମ୍ୟ ଦ୍ୱାରକାପୁରୀ । ଏହି ପୁରୀ ଭିତରେ ବହୁତ ପୁର । ଲୁଗା ଚଉତା ହେବାଭଳି ଥାକକୁ ଥାକ ଘର । ଘର ନୁହଁ ସୌଧ । ଚାରିଆଡ଼େ ସଶସ୍ତ୍ର ସୈନ୍ୟ । ସୈନ୍ୟଙ୍କ ଘେର ଭିତରେ ରାଜ ଉଆସ । ସତେକି ଇନ୍ଦ୍ର ଭବନ – ଅମରାବତୀ । ତା' ଭିତରେ । ଶ୍ରୀକୃଷ୍ଣଙ୍କ ଷୋଳସହସ୍ର ରାଣୀଙ୍କ ମହଲ ରାଣୀ ହଂସପୁର । ବହୁ କଷ୍ଟରେ ଜଗୁଆଳିମାନଙ୍କୁ କୁହାକହି କରି, ହାତଯୋଡ଼ି ସୁଦାମା ପ୍ରବେଶ କଲେ କୃଷ୍ଣ ମହଲରେ । ସୁଦାମା ଅନୁଭବ କଲେ ଯେପରି କି ସେ ବ୍ରହ୍ମାନନ୍ଦ-ସାଗରରେ ଉବୁଟୁବୁ ହେବାରେ ଲାଗିଛନ୍ତି ।

ସେତେବେଳେ ଶ୍ରୀକୃଷ୍ଣ, ପାଟରାଣୀ ରୁକ୍ମିଣୀଙ୍କ ପଲଙ୍କ ଉପରେ ବିରାଜମାନ ଥିଲେ । ଦୂରରୁ ସଖା ସୁଦାମାଙ୍କୁ ଦେଖି ଶ୍ରୀକୃଷ୍ଣ ଝପ୍‌ଟି ଆସି ତାଙ୍କୁ କୁଣ୍ଢାଇ ପକାଇଲେ । ଶୁକମୁନି ରାଜା ପରୀକ୍ଷିତଙ୍କୁ କହିଲେ, ଏ ବନ୍ଧୁମିଳନଦୃଶ୍ୟ ମୁଁ ଭାଷାରେ ବର୍ଣ୍ଣନା କରିବାକୁ ଅକ୍ଷମ । ସଖା ସୁଦାମାଙ୍କୁ ପାଇ ଶ୍ରୀକୃଷ୍ଣଙ୍କ କମଳନୟନ ସଜଳ ହୋଇ ପଡ଼ିଲା । ସଖାଙ୍କ ହାତକୁ ଧରି ନିଜ ପଲଙ୍କ ଉପରେ ବସାଇଲେ । ସଖାଙ୍କ ସେବା ପୂଜାରେ ଲାଗିଲେ । ଏତେ ବାଟରୁ ଚାଲି ଚାଲି ଆସିଚ ଗୋଡ଼ ଘୋଳେଇ ହେଉଥିବ କହି, ସଖାଙ୍କ ଗୋଡ଼ ମୋଡ଼ିଦେଲେ । ଦେହରେ ଚନ୍ଦନ, କେଶର ଆଦି ଦିବ୍ୟଗନ୍ଧ ଲେପନ କଲେ । ତାଙ୍କ ଚରଣୋଦକ ନିଜ ମୁଣ୍ଡରେ ଛିଞ୍ଚିଲେ । ମା' ଭଗବତୀ ରୁକ୍ମିଣୀ ଚାମର ଢାଳିଲେ । ଶୁକମୁନି କହିଲେ, ହେ ରାଜା ପରୀକ୍ଷିତ ! ଏ ସ୍ୱାଗତ ସମ୍ବର୍ଦ୍ଧନାର ପଟାନ୍ତର ନାହିଁ ।

ଅନ୍ତଃପୁରର ରାଣୀ ଓ ଦାସୀମାନେ ଏ ଦୃଶ୍ୟ ଦେଖି ଚକିତ ହୋଇ ପଡିଲେ । ପରସ୍ପର ମଧ୍ୟରେ କୁହାକୁହି ହେଲେ, ଏଇ ମଇଳା ଅପରିଚ୍ଛନ୍ନ, ଚିରାଲୁଗା ପିନ୍ଧିଥିବା କଂକାଳସାର ବ୍ରାହ୍ମଣଟାକୁ ଭଗବାନ ଏପରି ପୂଜାଅର୍ଚ୍ଚନା କରୁଛନ୍ତି କାହିଁକି ! ଭଗବାନ କ'ଣ ପାଗଳ ହୋଇଗଲେ ନା କ'ଣ ? ନିର୍ଦ୍ଧନ, କୁତ୍ସିତ, ନିକୃଷ୍ଟ, ଭିକମଗା ଅବଧୂତ ବ୍ରାହ୍ମଣର ଏପରି ଆଦର ସତ୍କାର କ'ଣ ଭଗବାନଙ୍କ ପକ୍ଷରେ ଉଚିତ ହେଉଚି ? ରାଣୀଙ୍କ ମଧ୍ୟରେ ଏପରି ଚର୍ଚ୍ଚା ଚାଲିଥିବା ବେଳେ ସିଆଡ଼େ ସଖାଙ୍କ ସହିତ ଶ୍ରୀକୃଷ୍ଣଙ୍କ ଚର୍ଚ୍ଚା ଚାଲିଚି । ଗୁରୁକୁଳାଶ୍ରମର କଥା । ଶ୍ରୀକୃଷ୍ଣ କହିବାରେ ଲାଗିଛନ୍ତି । ଗୁରୁଦକ୍ଷିଣା ଦେଇତ ଯିଏ ଯାହା ଘରକୁ ଫେରିଲେ । ତା'ପରେ ଆମମାନଙ୍କ ଭିତରେ ଆଉ କୌଣସ ସମ୍ପର୍କ

ରହିଲା ନାହିଁ । କ'ଣ ଗୁଣବତୀ, ରୂପବତୀ, ପତିପରାୟଣା ସ୍ତ୍ରୀଟିଏ ପାଇଲ କି ନାହିଁ ? ମୁଁ ଜାଣେ ଗୃହସ୍ଥାଶ୍ରମ ପ୍ରତି ତୁମର ସବୁବେଳେ ବିରକ୍ତ ଭାବ । ତୁମର ତ କୌଣସି ଆସକ୍ତି ନଥିଲା । ଧନ ପ୍ରତି ପ୍ରୀତି ବି ନଥିଲା । ସଂସାରରେ ତୁମଭଳି ଲୋକ ବିରଳ ।

ସାନ୍ଦୀପନି ଆଶ୍ରମ କଥା ମନେ ପକାଇ ଶ୍ରୀକୃଷ୍ଣ କହିଲେ, ଜନ୍ମଦାତା ପିତା ପ୍ରଥମ ଗୁରୁ । ଉପନୟନ ସଂସ୍କାର କରି ସତ୍‌କର୍ମ କରିବା ଲାଗି ଯିଏ ଉପଦେଶ ଦିଅନ୍ତି, ସେ ଦ୍ୱିତୀୟ ଗୁରୁ । ତୃତୀୟ ଗୁରୁ ବିଦ୍ୟାଦାତା ଶିକ୍ଷକ । ଏ ସମସ୍ତେ ମୋଭଳି ପୂଜ୍ୟ । ପ୍ରିୟ ମିତ୍ର ! ମୁଁ ହେଉଛି ସମସ୍ତଙ୍କ ଆତ୍ମା । ମୁଁ ସମସ୍ତଙ୍କ ହୃଦୟରେ ଅନ୍ତର୍ଯ୍ୟାମୀ ସ୍ୱରୂପ ବିରାଜମାନ । ତୁମର ମନେ ଥିବ, ଆମେ ଗୁରୁପତ୍ନୀଙ୍କ ଇନ୍ଧନ ଲାଗି ଜଙ୍ଗଲକୁ ଯାଇଥିଲେ । ଭୀଷଣ ଝଡ଼ ତୋଫାନ ଆସିଲା । ଧୀରେ ଧୀରେ ସୂର୍ଯ୍ୟାସ୍ତ ହୋଇ ଆସିଲା । ମୂଷଳଧାରାରେ ବର୍ଷା ହେଲା । ଘୋର ଅନ୍ଧକାର । ଛୋଟ କାଟର ଏକ ପ୍ରଳୟ ଅବସ୍ଥା ଦେଖାଦେଲା । ଆମେ ସମସ୍ତେ ବିଚଳିତ ହୋଇ ପଡ଼ିଲେ । ହାତକୁ ହାତ ଧରାଧରି ହୋଇ ଜଙ୍ଗଲରେ ଏଠିକି ସେଠିକି ଦୌଡ଼ିବାରେ ଲାଗିଲେ । ରାତିରେ ଆମେମାନେ ଆଶ୍ରମକୁ ନ ଫେରିବାରେ ଗୁରୁ ସାନ୍ଦୀପନି ଭୀଷଣ ବ୍ୟସ୍ତ ହୋଇ ପଡ଼ିଲେ । ସେ ଦିନ ଆମେ ଘୋର ବର୍ଷାରେ ସାରାରାତି ଜଙ୍ଗଲରେ ରହିଲେ । ତା' ଆରଦିନ ସକାଳେ ଗୁରୁଦେବ ଖୋଜି ଖୋଜି ଆମ ପାଖରେ ପହଞ୍ଚିଲେ । କହିଲେ, ମୋ ଲାଗି ତୁମେମାନେ ଏତେ କଷ୍ଟ ଭୋଗିଲ ! ସବୁ ପ୍ରାଣୀଙ୍କର ନିଜ ଶରୀର ହେଉଛି ସବୁଠାରୁ ପ୍ରିୟ । ତୁମମାନଙ୍କ ଶରୀରକୁ କଷ୍ଟ ଦେବା ଦ୍ୱାରା ମୁଁ ଘୋର ଅପରାଧ କଲି । ମୁଁ ଗୁରୁଦେବଙ୍କୁ କହିଥିଲି, କଷ୍ଟରୁ ହିଁ ଇଷ୍ଟ ମିଳେ । ଗୁରୁସେବାରେ ଶିଷ୍ୟ ଶରୀରପାତ୍ କରିବାପାଇଁ ମଧ୍ୟ କୁଣ୍ଠିତ ହେବା ଉଚିତ ନୁହଁ । ଆମେ ଆମର କର୍ତ୍ତବ୍ୟ ପାଳନ କରିଚୁ । ଆମ ଶରୀରର କଷ୍ଟ ଲାଗି ଆପଣଙ୍କ ମନରେ କଷ୍ଟ ହୋଇଚି, ସେଥିଲାଗି ହେ ଗୁରୁଦେବ ! ଆମକୁ କ୍ଷମା କରନ୍ତୁ । ଗୁରୁକୁଳାଶ୍ରମରେ ଥିବାବେଳର ଏପରି ଅନେକ ଘଟଣା ମନେ ପଡୁଚି । ଇଚ୍ଛା ହେଉଚି, ଗୋଟି ଗୋଟି ସବୁ କହିପକାନ୍ତି । ମୁଁ ତୁମ ପ୍ରତି ପ୍ରସନ୍ନ । କେବଳ ଏବେ ନୁହଁ, ପିଲାଦିନୁ ମୋର ଏହି ପ୍ରସନ୍ନତା ରହି ଆସିଛି । ତୁମର ମନୋରଥ ପୂର୍ଣ୍ଣ କରିବା ଲାଗି ମୁଁ ପ୍ରସ୍ତୁତ ।

ସୁଦାମା କହିଲେ, ଭାଗ୍ୟରେ ଥିଲା ଗୁରୁକୁଳାଶ୍ରମରେ ମୁଁ ଭଗବାନଙ୍କୁ ବନ୍ଧୁ ଭାବରେ ପାଇଥିଲି । ହେ ପ୍ରଭୋ ! ଆପଣ ତ ଛନ୍ଦୋମୟ ବେଦ, ଧର୍ମ, ଅର୍ଥ, କାମ, ମୋକ୍ଷ, ଚତୁର୍ବେଦ ପୁରୁଷାର୍ଥର ମୂଳସ୍ରୋତ, ଆପଣଙ୍କ ଏ ଶରୀର ତ ମନୁଷ୍ୟଲୀଳା ଲାଗି ହିଁ ରହିଛି । ଏ ଶରୀର ଭିତରେ ତ କୋଟିବ୍ରହ୍ମାଣ୍ଡ ପୂରି ରହିଚି । ଆପଣଙ୍କୁ କଳନା କରିବ କିଏ ? ମାପିବ କିଏ ? ଆଦି ନାହିଁ କି ଅନ୍ତ ନାହିଁ । ଅନନ୍ତ କେବଳ ଅନନ୍ତ । ମୁଁ ତ ଏକ ସାଧାରଣ ଜୀବ । ମୋର ଯାହା ବା ଜ୍ଞାନ ଓ କର୍ମ, ସବୁର କାରଣ ଆପଣ । ତେଣୁ ଆପଣଙ୍କୁ କେବଳ କୋଟି କୋଟି ନମସ୍କାର ।

॥ ୧୧୭ ॥

# ମୁଠିଏ ଖୁଦଭଜାର କରାମତି !

**ଶ୍ରୀ**କୃଷ୍ଣ କଥାରୁ ଲଥା ବାହାର କରିବା ପାଇଁ ସଖା ସୁଦାମାଙ୍କୁ ଉସ୍କାଇବାରେ ଲାଗିଛନ୍ତି । ଗୁରୁକୂଳାଶ୍ରମର କଥା ହିଁ ପଡ଼ିଛି । ମଝି ମଝିରେ ଶ୍ରୀକୃଷ୍ଣ କହୁଛନ୍ତି, ''ତୁମର ମନେ ଅଛି ତ ?'' ଅମୁକ ସମୟରେ ଅମୁକ କରିଥିଲେ । ସୁଦାମା ଭଗବାନ୍‌ଙ୍କ ମୁହଁରୁ କଥା ଶୁଣିବା ପାଇଁ ଉତ୍ତର ଦେଉଛନ୍ତି, ହଁ ସଖା, ମନେଅଛି । ଅନ୍ତର୍ଯ୍ୟାମୀ ଭଗବାନ୍ ଶ୍ରୀକୃଷ୍ଣ । ସୁଦାମା ଦ୍ୱାରକା କାହିଁକି ଆସିଛନ୍ତି, ସେ ଭଲ ଭାବରେ ଜାଣନ୍ତି । ବାଙ୍କବିହାରୀ ବଙ୍କେଇ ବଙ୍କେଇ କଥା କହି ଚାଲିଛନ୍ତି । ତାଙ୍କ କଥାରେ ନିଗୂଢ଼ ଗୀତାତତ୍ତ୍ୱ ମଧ୍ୟ ରହିଛି । ସେ ହଠାତ୍ କଥାକୁ ଆଉ ନବଙ୍କେଇ ସିଧା କଥା କହିଲେ । ଅର୍ଜୁନଙ୍କୁ କୁରୁକ୍ଷେତ୍ର ରଣାଙ୍ଗନରେ ଯାହା କହିଥିଲେ, ଭକ୍ତ ସଖା ସୁଦାମାଙ୍କୁ ମଧ୍ୟ ସେହି କଥା କହିଲେ । ପଚାରିଲେ, ସଖା ମୋ ପାଇଁ ଘରୁ କ'ଣ ଆଣିଛ ? ବନ୍ଧୁପତ୍ନୀ ତ ଖାଲି ହାତରେ ତୁମକୁ ଛାଡ଼ି ନଥିବେ । କିଛି ନା କିଛି ଦେଇଥିବେ ମତେ ଦେବା ପାଇଁ ।

ସୁଦାମା ଲଜ୍ଜିତ । ନୀରବ । ପାଟିରୁ କଥା ବାହାରୁନି । ଲୁଗାକାନିରେ ବନ୍ଧା ହୋଇଥିବା ଖୁଦଭଜାତକ ସଖାକୁ ଦେବେ କିପରି ? କିନ୍ତୁ ଶ୍ରୀକୃଷ୍ଣ ଛାଡ଼ିବା ଲୋକ ନୁହଁନ୍ତି । କହିଲେ, ଅଛିକିଆ କ'ଣ କିଛି ଚିଜ ଆଣିଛ ବୋଲି କ'ଣ ଏତେ ଲଜ୍ଜା ? ଉପହାର ଯେତେ ହୀନ, ଅଳ୍ପ ହେଉନା କାହିଁକି, ଭକ୍ତ ଯାହା ଦିଏ, ମୁଁ ଆନନ୍ଦରେ ଗ୍ରହଣ କରିଥାଏ । ଛୋଟ, ବଡ଼ର ଭାବ, ବାଛବିଚାର ମୋର ନଥାଏ । ଫୁଲ ହେଉ, ଫଳ ହେଉ ବା ଜଳ ବିନ୍ଦୁଏ ହେଉ, ଭକ୍ତ ଯାହା ଦିଏ ତା' ମୋର ଅତି ପ୍ରିୟ । ଭକ୍ତର ମନ ନିର୍ମଳ ତ ସବୁ ନିର୍ମଳ । ତେଣୁ ସଙ୍କୋଚ ନକରି ଯାହା ଆଣିଛ ଦିଅ ।

ତଥାପି ସୁଦାମା ଚୁପ୍ । ସୁଦାମାଙ୍କ ଲୁଗାକାନିରେ ବନ୍ଧା ହୋଇଥିବା ଗଣ୍ଠିଲିଟି ଶ୍ରୀକୃଷ୍ଣଙ୍କ ଆଖିରେ ପଡ଼ିଚି । ଗଣ୍ଠିଲି ଫିଟାଇବା ପାଇଁ ସେ ଆଉ ଅପେକ୍ଷା କଲେ ନାହିଁ । ନିଜ ହାତରେ ଫିଟାଇଲେ । ମଇଳା ଲୁଗା । ଗଣ୍ଠିଲି ଭିତରେ ଦରଭଜା ଖୁଦ । ଧାନ ଗୋଡ଼ି ମଧ୍ୟ ପାଛୁଡ଼ା ହୋଇ ନାହିଁ । ଶ୍ରୀକୃଷ୍ଣ କହିଲେ, ସଖା ! ଏହି ଖୁଦଭଜା ତ ମତେ ଭାରି ଭଲ ଲାଗେ । ପିଲାଦିନେ ଯଶୋଦା ମା'ଠୁ ଯାହା ବା ଖାଇଥିଲି, ସେତିକି । ଦ୍ୱାରକା ତ ଐଶ୍ୱର୍ଯ୍ୟପୁରୀ । ଏଠି ଖାଦ୍ୟପେୟ ଆଦି ସବୁଠି ଐଶ୍ୱର୍ଯ୍ୟର ଛାପ । ଯାହାହେଉ ଏତେଦିନେ ମନମୁଖୀ ଖାଦ୍ୟ ମିଳିଲା କହି ଶ୍ରୀକୃଷ୍ଣ ମୁଠାଏ ପାଟିରେ ପକାଇଲେ । ଆଉ ଏକ ମୁଠା ପାଟିକୁ ନେବା ମାତ୍ରେ ରୁକ୍ମିଣୀ ତାଙ୍କ ହାତକୁ ଧରି ପକାଇଲେ । କହିଲେ,

ସଖା ଭକ୍ତ ସୁଦାମାଙ୍କ ଘର ଧନରତ୍ନରେ ଭରପୂର କରିବା ପାଇଁ ତ ଚାହୁଁଚ ! ସେଥିଲାଗି ସେଇ ମୁଠାଏ ଯଥେଷ୍ଟ । ଆଉ ଯଦି ମୁଠାଏ ଖାଅ, ତାହାହେଲେ ମୋ ସହିତ ଏ ଦ୍ୱାରକାର ସମସ୍ତ ଐଶ୍ବର୍ଯ୍ୟ ଚାଲିଯିବ ତୁମ ସଖାଙ୍କ ଘରକୁ । ତେଣୁ ଖୁଦ ଭଜାଖିଆ ସେତିକି ଥାଉ ।

ସୁଦାମା କୃଷ୍ଣଙ୍କ ଦର୍ଶନରେ ଏପରି ବିଭୋର ହୋଇ ପଡ଼ିଥିଲେ ଯେ, ରୁକ୍ମିଣୀଙ୍କ କଥା ତାଙ୍କ କାନକୁ ସୁଦ୍ଧା ଗଲାନି । ହୃଦୟ ଭିତରକୁ ଯିବା ତ ଦୂରର କଥା । ସେଦିନ ରାତି ପାହିଲା । ଐଶ୍ବର୍ଯ୍ୟ ଭିତରେ ରହି ତାଙ୍କର ଶ୍ୱାସରୁଦ୍ଧ ହୋଇ ଆସିଥିଲା । ସେ ଶ୍ରୀକୃଷ୍ଣଙ୍କୁ ଅନୁରୋଧ କଲେ ବିଦାୟ ଦେବାଲାଗି । କହିଲେ, ଦେହଟା ସିନା ଏଠୁ ଚାଲିଯିବ, କିନ୍ତୁ ମନ ରହିବ ପ୍ରଭୁଙ୍କ ପାଦପଦ୍ମରେ ।

ଶ୍ରୀକୃଷ୍ଣ ତାଙ୍କୁ ଆଉ କେତେଦିନ ରହିବା ପାଇଁ ବିନମ୍ର ନିବେଦନ କଲେ । କିନ୍ତୁ ସୁଦାମା ରହିବା ପାଇଁ ଚାହିଁଲେ ନାହିଁ । ରାମକୃଷ୍ଣ ଦୁହେଁ ଓ ସେମାନଙ୍କ ରାଣୀମାନେ ସୁଦାମାଙ୍କୁ ବନ୍ଦାପନା କଲେ । ବିଦାୟ ସଂବର୍ଦ୍ଧନାର ଏଭଳି ଦୃଶ୍ୟ ଦ୍ୱାରକାବାସୀ ଆଗରୁ କେବେ ଦେଖିନଥିଲେ ।

ସୁଦାମା କୃଷ୍ଣଦର୍ଶନରେ ପରିତୃପ୍ତ । ତୃପ୍ତିର କ୍ଷୁଧା ମେଣ୍ଟିଲା । ସେ ମନେ ମନେ ଭାବିଲେ, ରକ୍ଷା ହୋଇଚି, ମୁଁ ସଖାକୁ ଯା' ଦିଅ, ତା' ଦିଅ ବୋଲି କିଛି ମାଗି ନାହିଁ । ଏହା ହିଁ ପରମତୃପ୍ତି । ସଖାଙ୍କ ପାଖରେ ସେ ଯେତୋଟି ଦିନ ରହିଲେ, ସବୁ ତାଙ୍କୁ ସ୍ୱପ୍ନଭଳି ଲାଗିଲା । ସୁଦାମା ପହଞ୍ଚିଲେ ନିଜ ରାଜ୍ୟରେ । ଯିବା ଆସିବା ବାଟଚଲା କଷ୍ଟ ତିଳେ ହେଲେ ବୋଧ କଲେ ନାହିଁ ସେ । ମନରେ ଅସୁମାରି ଭାବନା । ଚିରା ମଇଳା ଲୁଗା ପିନ୍ଧିଥିଲେ ମଧ୍ୟ ପ୍ରଭୁ ତାଙ୍କୁ କୁଣ୍ଢାଇ ପକାଇଲେ । କୁଣ୍ଢାଇବା ବେଳେ ଶ୍ରୀକୃଷ୍ଣଙ୍କ ଚକ୍ଷୁ ଆନନ୍ଦରେ ସଜଳ ହୋଇ ପଡ଼ିଲା । ସେ ନିଜେ ମୋର ପାଦଧୋଇ ପାଦୋଦକ ସେବନ କଲେ । ଏଠାରୁ ବଳି ବନ୍ଧୁତ୍ୱ ଆଉ କ'ଣ ଥାଇପାରେ ? ମୁଁ ତ କିଛି ଚାହୁଁନଥିଲି । ଶ୍ରୀକୃଷ୍ଣ ଆପେ ଆପେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ । ଏହାଠୁ ବଳି ଭାବବିନିମୟ ଆଉ କିଛି ଥାଇ ନ ପାରେ । ଶ୍ରୀକୃଷ୍ଣ ଜାଣନ୍ତି ମଣିଷର ଧନବଳ ପ୍ରବଳ ହୋଇ ଉଠିଲେ ସେ ଭଗବାନଙ୍କୁ ଭୁଲିଯାଏ ।

ଏହିଭଳି ଭାବି ଭାବି ଘର ଆଡ଼କୁ ଆଗେଇ ଚାଲିଛନ୍ତି । ଦୂରରୁ ଦେଖିଲେ, ତାଙ୍କ ଘର ଯେଉଁଠି ଥିଲା, ସେ କୁଡ଼ିଆ ଆଉ ନାହିଁ । ସେଠି ଠିଆ ହୋଇଚି, ଏକ ବିରାଟ ଅଟ୍ଟାଳିକା । ଭାବିଲେ, ଏ ଅଟ୍ଟାଳିକା, ଏ ସୌଧ, ଏ ରାଜଭବନ ତ ଆଗରୁ ତାଙ୍କ ଘର ପାଖରେ ନଥିଲା । ଇଏ ଆସିଲା କୁଆଡୁ ? କେଉଁ ଧନୀ ସୌଦାଗର କ'ଣ ଆସି ତାଙ୍କ ଜାଗା ମାଡ଼ିବସିଲା ? ଏହି ଅଳ୍ପ ଦିନ ଭିତରେ ଏପରି ଅସମ୍ଭବ ପରିବର୍ତ୍ତନ !

ପଡ଼ିଶା ଅଡ଼ିଶା ଲୋକଙ୍କ ଭିତରୁ କାହାରିଠି ତ ଏପରି କୋଠା ତୋଳିବା ଲାଗି ସମ୍ବଳ ନଥିଲା । ଅବଶ୍ୟ ବାଣିଜ୍ୟେ ବସତି ଲକ୍ଷ୍ମୀ । କିନ୍ତୁ ବ୍ୟବସାୟ ଲାଗି ତ ମୂଳଧନ ଆବଶ୍ୟକ । ତା'ଛଡ଼ା ଅଳ୍ପ ଦିନ ଭିତରେ କେହି ଏତେ 'ଲାଭ' କରିବା ସମ୍ଭବ ନୁହଁ ।

ଗାଁ ଲୋକେ ଅପେକ୍ଷା କରିଛନ୍ତି ସୁଦାମାଙ୍କୁ । କାରଣ ସୁଦାମା ଭଗବାନଙ୍କ ପାଖକୁ ଯାଇଛନ୍ତି ବୋଲି ସେମାନେ ଜାଣିଥିଲେ । ଧନରତ୍ନ କେବଳ ସୁଦାମା ପାଇନି, ସେମାନେ ମଧ ରାତାରାତି ବହୁତ ଧନୀ ହୋଇ ପଡ଼ିଛନ୍ତି । ସେମାନେ ସୁଦାମା ଭଳି ଅତି ଗରିବ ନଥିଲେ । ପେଟକୁ ଦି'ଓଳା ଦି'ମୁଠା ପାଉଥିଲେ । ଲୋକେ ଦୂରରୁ ଲକ୍ଷ୍ୟ କଲେ, ଜଣେ କିଏ ଦିବ୍ୟପୁରୁଷ ଆସୁଛନ୍ତି । ସୁଦାମାଙ୍କ ଦେହରେ ମଧ ଚିରାଲେଙ୍କଡ଼ା ଲୁଗାପଟା ନାହିଁ । ତାଙ୍କ ଦେହରେ ଦାମିକା ପାଟ ବସ୍ତ୍ର । ଚେହେରା ମଧ ବଦଳି ଯାଇଚି ।

ଗ୍ରାମବାସୀମାନେ ପାଛୋଟି ନେଲେ ସୁଦାମାଙ୍କୁ, ତାଙ୍କ ନିଜ ଘରକୁ । ସୁଦାମା ଭାବିଲେ, ମୁଁ କ'ଣ ଦ୍ୱାରକାରୁ ଫେରି ପୁଣି ସେହି ଦ୍ୱାରକାରେ ପହଁଚିଗଲି ! ଇଏ ତ ଅବିକଳ ଦ୍ୱାରକାପୁରୀ । ଭାବୁ ଭାବୁ ସ୍ତ୍ରୀ କଲ୍ୟାଣୀ ଆସି ସୁଦାମାଙ୍କ ପଦବନ୍ଦନା କଲେ । ସୁଦାମା ନିଜ ସ୍ତ୍ରୀକୁ ସୁଦ୍ଧା ଚିହ୍ନି ପାରିଲେ ନାହିଁ । ପଚାରିଲେ, ତୁମେ ମା' ଠାକୁରାଣୀ, ଲକ୍ଷ୍ମୀ ନା କଲ୍ୟାଣି ! ଏ ପାଟପଟନୀ, ଏହି ଅଳଙ୍କାର ଦେଲା କିଏ ? ଏ ସବୁ କ'ଣ ଧାର କରି ଆଣିଛ ? ସ୍ତ୍ରୀ କଲ୍ୟାଣୀର ରୂପ ଯୌବନ ଅପ୍‌ସରାଙ୍କଠୁ ବଳି । ସୁଦାମା କେବଳ ନିରୀକ୍ଷଣ କରିବାରେ ଲାଗିଛନ୍ତି । ନିଜ ସ୍ତ୍ରୀକି ଦେଖି ଲାଜଲାଜ ଭାବ । କଲ୍ୟାଣୀ କହିଲେ, ମତେ ଇମିତି ଜଳ ଜଳ ହେଇ ଦେଖୁଚ କ'ଣ ମ ! ଦୃଷ୍ଟି ପକାଇ ଦିଅନି ! ମୋର ଅକଲ୍ୟାଣ ହେବ ।

ସୁଦାମା ପ୍ରଶ୍ନ କଲେ ତୁମେ ମୋର କଲ୍ୟାଣୀଟି କି ? ତୁମର ଇଏ କି ରୂପ ? ମୁଁ ତ ଏ ରୂପ, ଏ ଧନ ଦୌଲତ, କୋଠାବାଡ଼ି ଜୀବନରେ କେବେ ଚାହିଁ ନଥିଲି ? ଏ ଦଣ୍ଡ ଦେଲା କିଏ ?

କଲ୍ୟାଣୀ କହିଲେ, ତୁମକୁ ଭଗବାନ ସଖା ଶ୍ରୀକୃଷ୍ଣଙ୍କ ପାଖକୁ ପଠାଇଥିଲି କାହିଁକି ? ତୁମେ ନ ଚାହିଁଲେ କ'ଣ ହେବ, ସେ ଭକ୍ତଙ୍କୁ ଦିଅନ୍ତି, ଦେଲେ । ସେଥିରେ ତୁମର ମନ ଦୁଃଖ କାହିଁକି ? ସେ ତୁମର ଅନ୍ତର, ବାହାର ସବୁଠି । ସେ ତମ ହୃଦୟ ମନ୍ଦିରରୁ ବାହାରକୁ ଆସିଲେ । ତୁମରି ପାଖରେ ରହିବାକୁ ଚାହିଁଲେ । ନିଜ ରହିବା ଜାଗାଟିକୁ ରହିପାରିବା ଭଳି କଲେ । ତାଙ୍କୁ ତମେ ଦ୍ୱାରାକାରେ ଦେଖି ଆସିଲ, ଏବେ ଏଇଠି ସବୁବେଳେ ଦେଖିବ । ଖୁସି ହେବା କଥା । ଇଏ ତୁମର ଐଶ୍ୱର୍ଯ୍ୟ ନୁହଁ, ତୁମ ସଖା ଶ୍ରୀକୃଷ୍ଣଙ୍କ ଆଶ୍ଚର୍ଯ୍ୟ । ମତେ ଦେଖୁଚ କ'ଣ, ନିଜକୁ ଦେଖ । ଯାଇଥିଲ, ଚିରାଲେଙ୍କଡ଼ା କୋଚଟ ମଇଳା ଲୁଗାଖଣ୍ଡିକରେ । ଆସିଲ ପାଟବସ୍ତ୍ର ପିନ୍ଧି । ତୁମେ ତ

ତୁମ ସଖାଙ୍କ ଭଳି ଦେଖାଯାଉଚ । ମୁଁ ମଧ୍ୟ ତୁମକୁ ଚିହ୍ନି ପାରୁନାହିଁ । ମତେ ତୁମେ ଚିହ୍ନିବ କ'ଣ ? ମୁଁ ପରା ତୁମର ଅର୍ଦ୍ଧାଙ୍ଗିନୀ । ଅଧେ ଅଙ୍ଗକୁ ସୁନ୍ଦର କରି, ଆଉ ଅଧେ ଅଙ୍ଗକୁ କ'ଣ ସେ ଅସୁନ୍ଦର ରଖନ୍ତେ ? ତୁମେ ଯେପରି, ମୁଁ ମଧ୍ୟ ସେହିପରି– ଦୁହେଁ ମିଶି ପୂର୍ଣ୍ଣାଙ୍ଗ-ପୂର୍ଣ୍ଣାଙ୍ଗିନୀ ।

କଲ୍ୟାଣୀ ତୁଣ୍ଡରେ ତତ୍ତ୍ୱବାଣୀ । ସୁଦାମା ଶୁଣିଲେ, ହସିଲେ । ମନେ ମନେ କହିଲେ, ଲୀଳାମୟ ସଖା ଶ୍ରୀକୃଷ୍ଣଙ୍କର ଇଏ ବି ଏକ ଲୀଳା । କିନ୍ତୁ ଏ ଧନ, ମାନ କେତେଦିନ ? ନ ମାଗିଲେ ମଧ୍ୟ ଯିଏ ଦିଏ, ଭକ୍ତି ଊଣା ହେଲେ ସେ ପୁଣି ନେଇଯାଏ । ତେଣୁ ଭକ୍ତର ଭକ୍ତି ହିଁ ଏକମାତ୍ର ଐଶ୍ୱର୍ଯ୍ୟ । ତାହା ହିଁ ଧନ, ଜନ, ଗୋପ, ଲକ୍ଷ୍ମୀ । ମେଘ ବର୍ଷେ । ଏହା ସାତସମୁଦ୍ରକୁ ଜଳମୟ କରିଦେଇପାରେ । କିନ୍ତୁ ଚାଷୀକି ସେ ଯେତିକି ଦରକାର ଦିଏ– କୃଷି ଲାଗି । କ୍ଷେତ୍ରକୁ ଜଳପୂର୍ଣ୍ଣ କରେ । ଚାଷୀ ଜାଣିପାରେନା, ବର୍ଷା କେତେବେଳେ ଆସିବ । ଶ୍ରୀକୃଷ୍ଣଙ୍କ ପାଖରେ ଏତେ ଦିନ କଟେଇଲି, କେତେ କଥାବାର୍ତ୍ତା, କାହିଁ ସେ ମତେ ଧନରତ୍ନ ଦେବା କଥା ତ କହିନାହାଁନ୍ତି । ମତେ ବିଦାୟ ଦେଲେ । ତାଙ୍କ ଆଖିରୁ ଆନନ୍ଦାଶ୍ରୁ ଦୁଇଟୋପା ଗଡ଼ିଆସିଲା । ସେହି ବିନ୍ଦୁ ବିନ୍ଦୁ ଅଶ୍ରୁଜଳ କ'ଣ ଏଇଠି ଆସି ଐଶ୍ୱର୍ଯ୍ୟର ସିନ୍ଧୁ କରିଦେଇଗଲା ? ମୁଠାଏ ଖୁଦକଣିଭଜାର ପ୍ରତିଦାନ କ'ଣ ଅକଳନ ଧନରତ୍ନ ! ସେ ସ୍ୱପ୍ନରେ ସୁଦ୍ଧା ଯାହା କଳ୍ପନା କରି ନଥିଲେ, ଯାହା କାମନା କରି ନଥିଲେ, ତାହା ବାସ୍ତବରେ ପରିଣତ ହେଲା କାହିଁକି ଓ କିପରି ?

ସୁଦାମାଙ୍କ ମନରେ ବହୁ ଆଲୋଡ଼ନ । ତାଙ୍କ ହୃଦୟର ଅନ୍ଧିକନ୍ଧି ଯେପରି କୃଷ୍ଣମୟ ହୋଇପଡ଼ିଛି । ହସିବା ପାଇଁ ଚାହୁଁଛନ୍ତି, ହସି ପାରୁନାହାନ୍ତି । କାନ୍ଦିବା ପାଇଁ ଚାହୁଁଛନ୍ତି କାନ୍ଦି ପାରୁନାହାନ୍ତି । ମୁଠିଏ ଖୁଦଭଜାର ପୁଣି ଏ କରାମତି !

ନିଘୋଡ଼ ନିଦରୁ ଉଠିଲା ଭଳି ଅନୁଭବ କଲେ ଭକ୍ତ ସୁଦାମା । ପଥର ଭଳି ଅଚେତନ ଅବସ୍ଥା ଆସି ଯାଇଥିଲା । ଚେତା ଆସିଗଲା । ତଥାପି ଆଶଙ୍କା ଓ ସନ୍ଦେହ । ସାମନାରେ ସ୍ତ୍ରୀ କଲ୍ୟାଣୀ । ସୁଦାମା ତାଙ୍କ ହାତଧରି କହିଲେ, ତୁମେ ତା' ହେଲେ ସେହି କଲ୍ୟାଣୀ, ମୋ ସ୍ତ୍ରୀ !

କଲ୍ୟାଣୀ କହିଲେ, ହଁ, ମୁଁ ତୁମର କଲ୍ୟାଣୀ । ତୁମ ପତ୍ନୀ, ସ୍ତ୍ରୀ, ସହଧର୍ମିଣୀ, ଅର୍ଦ୍ଧାଙ୍ଗିନୀ । ଆସ ଘର ଭିତରକୁ ଆସ । ଶଂଖମଲମଲ ପଥରର ଚଟାଣ । ଧୀରେ ଧୀରେ ଚାଲ, ଗୋଡ଼ ଖସିଯିବ । ପୁଣି ଥରେ ଖସିଲେ ରସାତଳକୁ । କିନ୍ତୁ ରସାନନ୍ଦଙ୍କୁ ହୃଦୟ ଭିତରେ ରଖି ପୂଜା କଲେ ଚିରାନନ୍ଦ ଚିଦାନନ୍ଦଙ୍କୁ ଯୁ'ଠିକି ଗଲେ, ଯୁ'ଠି ରହିଲେ ମଧ୍ୟ ପାଇପାରିବା ।

●

॥ ୧୧୮ ॥

# କୁରୁକ୍ଷେତ୍ରରେ ବନ୍ଧୁ ମିଳନ

କୁରୁକ୍ଷେତ୍ରରେ ସମନ୍ତପଞ୍ଚକ ଏକ ତୀର୍ଥସ୍ଥାନ । ପର୍ଶୁରାମ ଏଠାରେ କ୍ଷତ୍ରିୟମାନଙ୍କ ରକ୍ତରେ ପିତୃତର୍ପଣ କରିଥିଲେ । ଏହି ରକ୍ତରେ ପାଞ୍ଚଟି ହ୍ରଦ ସୃଷ୍ଟି ହୋଇଥିଲା । କ୍ରମଶଃ ଏହା ପଞ୍ଚକୁଣ୍ଡରେ ପରିଣତ ହେଲା । ରକ୍ତ ବଦଳରେ ଏଥିରେ ଜଳ ରହିଲା । ଲୋକଙ୍କ ବିଶ୍ୱାସ ସୂର୍ଯ୍ୟପରାଗ ବେଳେ ଏହି କୁଣ୍ଡରେ ସ୍ନାନ କଲେ, ଜୀବନର ସମସ୍ତ ପାପ ଧୋଇ ହୋଇଯାଏ । ପାପ ମୋଚନ ହୁଏ । ଦ୍ୱାପରଯୁଗରେ ମଧ୍ୟ ଏହି ବିଶ୍ୱାସ ଥିଲା ।

ଥରେ ଇମିତି ସୂର୍ଯ୍ୟପରାଗ ବା ଗ୍ରହଣ ପଡ଼ିଲା । ଭାରତବର୍ଷର ବିଭିନ୍ନ ଅଞ୍ଚଳରୁ ଲକ୍ଷ ଲକ୍ଷ ଲୋକ ସୂର୍ଯ୍ୟପରାଗ ଦିନ ଓ ପୂର୍ବରୁ ସମନ୍ତପଞ୍ଚକକୁ ଆସିଲେ । କୃଷ୍ଣ, ବଳରାମଙ୍କ ସହିତ ଉଗ୍ରସେନ, ବସୁଦେବ ପ୍ରମୁଖ ଯାଦବମାନେ ମଧ୍ୟ ଏଠାକୁ ଆସି ଗଛ ତଳେ ଆଗରୁ ଡେରା ପକାଇଥିଲେ । ପ୍ରଦ୍ୟୁମ୍ନ ପୁତ୍ର ଅନିରୁଦ୍ଧ ଦ୍ୱାରକାକୁ ଜଗିବା ପାଇଁ ରହିଲେ । କୃତବର୍ମା ମଧ୍ୟ ରହିଲେ ତାଙ୍କ ସହିତ ।

ଦେଶଟା ଯାକର ରାଜା କି ପ୍ରଜା ସମସ୍ତେ ଆସିଥିଲେ ତୀର୍ଥଜଳରେ ସ୍ନାନ କରିବା ଲାଗି । ଦ୍ୱାରକାର ଲୋକେ ଏ ଯାଏ ଅନ୍ୟ ସ୍ଥାନକୁ ଯାଇ ନଥିଲେ । ତେଣୁ ତୀର୍ଥଯାତ୍ରାକୁ ସେମାନେ ବେଶ ଉପଭୋଗ କଲେ । ମତ୍ସ୍ୟ, କୋଶଳ, ବିଦର୍ଭ, କେକୟ, କାମ୍ବୋଜ ଆଦି ରାଜ୍ୟର ରାଜାମାନେ ତ ଆସିଥିଲେ, ଦୁର୍ଯ୍ୟୋଧନ ମଧ୍ୟ ତାଙ୍କ ସାଙ୍ଗସାଥି ଓ ପରିବାରକୁ ନେଇ ଏଠାରେ ଉପସ୍ଥିତ ହୋଇଥିଲେ । ବନ୍ଧୁ ମିଳନର ସୁଯୋଗ ଦେଇଥିଲା, ଏହି ସୂର୍ଯ୍ୟପରାଗ ।

ସବୁଠୁ ଉଲ୍ଲେଖଯୋଗ୍ୟ ଯେ, ନନ୍ଦ, ଯଶୋଦା ଓ ଗୋପଗୋପୀମାନେ ବହୁ ଆଗରୁ ସମନ୍ତପଞ୍ଚକ ଆସିଥିଲେ । ରାମକୃଷ୍ଣଙ୍କ ଆଗମନକୁ ଅପେକ୍ଷା କରିଥିଲେ । ସେମାନେ ଆସିବାର ଦୁଇଟି ଉଦ୍ଦେଶ୍ୟ ଥିଲା । ଏକେ ତ ତୀର୍ଥଜଳରେ ସ୍ନାନ କରି ପୁଣ୍ୟ ଅର୍ଜନ କରାଯିବ, ଦ୍ୱିତୀୟତଃ ରାମକୃଷ୍ଣଙ୍କ ଦର୍ଶନ ମିଳିବ ।

ପାଣ୍ଡବ ଜନନୀ କୁନ୍ତୀ ମଧ୍ୟ ଏଠାରେ ଉପସ୍ଥିତ ଥିଲେ । ବଡ଼ଭାଇ ବସୁଦେବଙ୍କୁ ଭେଟି ସେ ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠିଲେ । ବଡ଼ଭାଇ ହୋଇ ତାଙ୍କୁ ବହୁତ ଅବହେଳା କରିଛନ୍ତି ବୋଲି ସେ ବସୁଦେବଙ୍କ ବିରୁଦ୍ଧରେ ଅଭିଯୋଗ କଲେ । ଅଭିଯୋଗର ଭାଷା ଗାଳି ଭଳି ଟିକିଏ କଟୁ ଥିଲା । ବସୁଦେବ ଏହି ଅନ୍ୟାୟ ଅଭିଯୋଗ ଯୋଗୁଁ ଅତିଷ୍ଠ ହୋଇପଡ଼ିଲେ । ସାନଭଉଣୀ କୁନ୍ତୀଙ୍କୁ ବୁଝାଇ କହିଲେ, ସମସ୍ତେ ପରିସ୍ଥିତିର ଦାସ । ପରିସ୍ଥିତି କାହାକୁ କେତେବେଳେ କ'ଣ କରିବ, କେହି ଜାଣନ୍ତି ନାହିଁ । ମଣିଷ ମାତ୍ରକେ

ଭାଗ୍ୟର ଖେଳନା କଣ୍ଢେଇ । ଦଇବ ଦଉଡ଼ି ମଣିଷ ଗାଇ, ଯେଣିକି ଟାଣିଲେ ତେଣିକି ଯାଇ । ଜଗତ ଭଗବାନଙ୍କ ଏକ ଲୀଳାକ୍ଷେତ୍ର । ସେ ଜୀବଦ୍ୱାରା ନିଜର, ସୃଷ୍ଟିର ସମସ୍ତ କାର୍ଯ୍ୟ କରାନ୍ତି । କିଶୋରୀ ବୟସରୁ ତୁ କୁନ୍ତଭୋଜଙ୍କ ପାଳିତା କନ୍ୟା ହୋଇ ରହିଲୁ । ଭୋଜ, ଅନ୍ଧକ ଓ ଯାଦବମାନେ ଯେତେବେଳେ କଂସର ନିର୍ଯ୍ୟାତନାରେ ନିର୍ଯ୍ୟାତିତ ହେଉଥିଲେ, ତୁ ଆରାମରେ ଥିଲୁ । ମୋର ଯୁବକ ଜୀବନଟି କଟିଲା କଂସର ବନ୍ଦୀଶାଳାରେ । ଦେବକୀ ଗର୍ଭଜାତ ମୋର ସନ୍ତାନମାନଙ୍କୁ କୋଳରେ ଧରିବା ଲାଗି ମଧ୍ୟ ମୁହୂର୍ତ୍ତେ ସୁଯୋଗ ପାଇଲି ନାହିଁ । ଅନ୍ତତଃ ସେହି ସମୟରେ ତୁ ଆନନ୍ଦରେ ଥିଲୁ ।

ଏତିକି କହି ବସୁଦେବ କୁନ୍ତୀଙ୍କ ପାଖ ଛାଡ଼ି ପଳେଇଲେ । ନିଜର କଟୂକ୍ତି ଲାଗି କୁନ୍ତୀଙ୍କୁ ଅନୁତପ୍ତ ହେବାପାଇଁ ବସୁଦେବ ଠିକେ ଠିକେ ଦି'ପଦ କହିଦେଲେ । ସେ ଯାହା କହିଲେ ନିରାଟ ସତକଥା । ଭଉଣୀମାତ୍ରେ ନିଜ ସ୍ୱାର୍ଥ ଲାଗି ଭାଇର ସୁବିଧା ଅସୁବିଧା କଥା ଭାବି ନଥାଆନ୍ତି । ଭାଇ ପାଖରେ ଭଉଣୀ ସବୁବେଳେ ଅଭିଯୋଗ କରିବା ଏକ ପ୍ରକୃତିଗତ ଅଭ୍ୟାସ । ଏହା ଯୁଗ ଯୁଗ ଧରି ଚାଲିଆସିଛି ।

ବୈଶମ୍ପାୟନ ହ୍ରଦ କୂଳରେ କୁରୁକ୍ଷେତ୍ର । କୁରୁକ୍ଷେତ୍ରରେ ସମନ୍ତପଞ୍ଚକ ତୀର୍ଥ । ଭୀଷ୍ମ, ଦ୍ରୋଣ, ଅନ୍ଧରାଜା ଧୃତରାଷ୍ଟ୍ର, ଗାନ୍ଧାରୀ ପ୍ରମୁଖ କୌରବକୁଳ ଏଠି ସମବେତ । କୁନ୍ତୀ ନିଜ ପାଣ୍ଡବ ପୁତ୍ର ଓ ବୋହୂମାନଙ୍କୁ ସାଙ୍ଗରେ ଧରି ଆସିଛନ୍ତି । କ୍ଷତ୍ରିୟ ରକ୍ତରେ ଏକଦା ସମନ୍ତପଞ୍ଚକ ହ୍ରଦ ପାଲଟିଥିଲେ ମଧ୍ୟ ଦେଶର ସମସ୍ତ କ୍ଷତ୍ରିୟ ଏଠାକୁ ଆସିଛନ୍ତି ତୀର୍ଥସ୍ନାନ ଲାଗି । ରାଜାମାନଙ୍କ ଆଡ଼ମ୍ବର କହିଲେ ନସରେ । ଥାଟପାଟ ଅନେକ ।

ଶ୍ରୀକୃଷ୍ଣ ସମସ୍ତଙ୍କୁ ଦେଖିଲେ । କିଏ କେତେ ଶକ୍ତିଶାଳୀ, କାହାର ଆଡ଼ମ୍ବର କେତେ ମନେ ମନେ କଳନା କଲେ । ସେମାନଙ୍କ ଗର୍ବକୁ ଲକ୍ଷ୍ୟ କରି ମନେ ମନେ ହସିଲେ । ମନେ ମନେ କହିଲେ, ବିଚରା ରାଜାମାନେ ନିଜର ଭାଗ୍ୟ କ'ଣ ଜାଣନ୍ତି ନାହିଁ । ଏହି କୁରୁକ୍ଷେତ୍ରରେ ଅଳ୍ପ କେତେଦିନ ପରେ ସେମାନେ ବଳି ପଡ଼ିବେ । ପର୍ଶୁରାମ ଯେଉଁ ରକ୍ତରେ ପିତୃତର୍ପଣ କରିଥିଲେ, ସେହି କ୍ଷତ୍ରିୟ ରକ୍ତର ସ୍ରୋତ ବହିବ ଏଇଠି । ଏହି ରକ୍ତର ଦାଗ ଆଉ ଲିଭିବନି । ଯୁଗ ଯୁଗ ଧରି ଏହା ରହିବ, ଇତିହାସ ଗର୍ଭରେ । କେବଳ ରାମ, କୃଷ୍ଣ ଓ ମୁନିଋଷିମାନେ ଜାଣନ୍ତି କୁରୁକ୍ଷେତ୍ରରେ କ'ଣ ଘଟିବ । ଏଠି ହେବ ମହାଭାରତ ମହାସମର । କାଳର ଗର୍ଭରେ ସମସ୍ତେ ଲୀନ ହୋଇଯିବେ । ପୃଥିବୀରେ ଅଧର୍ମ ବ୍ୟାପି ଯିବାରେ ତ ନର ଦେହରେ ନାରାୟଣଙ୍କ ଅବତରଣ । ଧର୍ମ ସଂସ୍ଥାପନ ହେବ କିପରି ? ମଣିଷ ଭିତରେ ଥିବା ଅସୁରଗୁଡ଼ାକୁ ମାରିବା ପାଇଁ ସେ ଦୃଢ଼ସଂକଳ୍ପ । କ୍ଷତ୍ରିୟମାନେ ଅକ୍ଷତ୍ରିୟ କର୍ମ କରିବା ଯୋଗୁଁ ତ ପର୍ଶୁରାମ ରୂପରେ ଆସିଥିଲେ ସେ । ସେହି ତ୍ରେତା ଯୁଗରେ ରାମାବତାରର ଉଦ୍ଦେଶ୍ୟ ମଧ୍ୟ ସେୟା ଥିଲା । ରାମ ତ କେବଳ ରାବଣକୁ ମାରି ନଥିଲେ । ରାବଣ ସ୍ୱଭାବର ରାକ୍ଷସମାନଙ୍କୁ ସେ ନିପାତ କରିଥିଲେ । ତାଙ୍କ ସହିତ ସହଯୋଗ କରିଥିଲେ ବାନର ସେନାମାନେ ।

ଶ୍ରୀକୃଷ୍ଣ ଆସିଛନ୍ତି ଏହି କୁରୁକ୍ଷେତ୍ରରେ ହିଁ ଧର୍ମର ମଞ୍ଜି ପୋତିବା ପାଇଁ । ବୀଜ ଅଙ୍କୁରିତ ହେବ । ଏହି ଧର୍ମର ପାଦପ ବଢ଼ିବ । ଜଳ ସିଂଚନରେ ନୁହଁ, ରକ୍ତ ସିଂଚନରେ । କୃଷ୍ଣ ଗୋଟି ଗୋଟି ସବୁ ରାଜାଙ୍କୁ ଲକ୍ଷ୍ୟ କରିବାରେ ଲାଗିଛନ୍ତି । ଏମାନଙ୍କ ମଧ୍ୟରୁ କିଏ ଭଲ, କିଏ ମନ୍ଦ ମନେ ମନେ ତା'ର ହିସାବ ରଖୁଚନ୍ତି । ଯୁଦ୍ଧ ତ ହେବ, କାହାକୁ କାହା ପକ୍ଷରେ ରଖାଯିବ, ତା'ର ଶ୍ରେଣୀ ବିଭାଗ କରୁଛନ୍ତି । ଇଏ କୃପ, ଇଏ ବିଦୁର, ଦ୍ରୁପଦ, ଶାଲ୍ୱ, କୁନ୍ତୀ, ଭୋଜ, ବିରାଟ, ଭୀଷ୍ମକ, ନଗ୍ନଜିତ୍, ପୁରଜିତ୍, ଦ୍ରୁପଦ, ମଦ୍ର, କେକୟ, ମିଥିଳା ଆଦି ରାଜ୍ୟ ଓ ରାଜାଙ୍କ ଗଣନା ଚାଲିଛି ତାଙ୍କ ମନ ଭିତରେ । ଦେଖିଲେ, କେତେକ ରାଜା ନିଶ ମୋଡୁଛନ୍ତି, କେତେକ ରାଜାଙ୍କ ଦିହରେ ତେଲଘଷା ଚାଲିଛି, କିଏ ମଦ ଓ ଭାଙ୍ଗ ଖାଇ ଟୁଳୁ ଟୁଳ ହେଉଛି, କିଏ ବା ଆଖିବୁଜି ମାଳା ଗଡ଼ଉଚି । ବିଚିତ୍ର ଏମାନଙ୍କ ଆଚରଣ ।

ଭବିଷ୍ୟତରେ କ'ଣ ସବୁ ଘଟିବ ଶ୍ରୀକୃଷ୍ଣଙ୍କ ଆଖି ଆଗରେ ସବୁ ଭାସି ଆସୁଛି । ଶ୍ରୀକୃଷ୍ଣ ଅବଶ୍ୟ ସ୍ଥିତିପ୍ରଜ୍ଞ । ସେ ତ୍ରିକାଳର କୌଣସି ଘଟଣାରେ ବିଚଳିତ ହେବା କଥା ନୁହଁ, କାରଣ ସବୁ ଘଟଣାର ସଂଘଟକ ସେ ନିଜେ; କିନ୍ତୁ ଭବିଷ୍ୟତ ଘଟଣାବଳୀରେ ସେ ବିଚଳିତ । ଦିନେ ଏଠିକି ରକ୍ତ ଅଣାଯାଇଥିଲା, କିନ୍ତୁ ଭବିଷ୍ୟତରେ ରକ୍ତ ନିଜେ ଆସିବ ଏହି କୁରୁକ୍ଷେତ୍ରକୁ । ଶତଚେଷ୍ଟା କଲେ ମଧ୍ୟ ଭବିଷ୍ୟତକୁ କେହି ଏଡ଼ି ଦେଇ ନପାରେ ।

ଅନ୍ୟ କେହି ନ ଜାଣିପାରିଲେ ମଧ୍ୟ କୃଷ୍ଣ କ'ଣ ଭାବୁଛନ୍ତି, ବଳରାମ ଜାଣିଥିଲେ । ଶ୍ରୀକୃଷ୍ଣ ଚିନ୍ତାମଗ୍ନ ହୋଇପଡ଼ିଥିବା ବେଳେ ବଳରାମ ତାଙ୍କୁ ଟିକିଏ ହଲେଇ ଦେଇ କହିଲେ, ଯାହା ଘଟିବା କଥା ଘଟିବ, ସେଥିରେ ଏତେ ହତାଶ କାହିଁକି ? ନଇ ନ ଦେଖୁଣୁ ଲଙ୍ଗଳା ହେବାଟା ତୋ' ପକ୍ଷରେ ଶୋଭା ପାଉନି । ଭବିଷ୍ୟତ ତ ତୋ' ହାତରେ । ସେ ସବୁକଥା ଭୁଲିଯାଅ । ଆସ ଭାଇ, ସମସ୍ତେ ସ୍ନାନ କରିସାରିଲେଣି, ବାକି ରହିଛୁ କେବଳ ତୁ । ମୁଁ ତ ମନା କରୁଥିଲି ଆସିବା ପାଇଁ । ତୁ ତ ଆଗୁଆ ହୋଇ ବାହାରି ପଡ଼ିଲୁ । ଦ୍ୱାରକାରେ ଥିଲେ, ତୋ ମୁଣ୍ଡକୁ ଏ ଚିନ୍ତା ଆସି ନଥା'ନ୍ତା ।

ବିଷଣ୍ଣ ମନରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଓଠରେ ହାସ୍ୟ-ରେଖା ଫୁଟି ଉଠିଲା । ସେ ଭାଇଙ୍କ ହାତଧରି ବସିବା ଜାଗାରୁ ଉଠି ଠିଆ ହେଲେ । ସେ ଇମିତି ଏକ ଜାଗାରେ ବସିଥିଲେ, ଦୂରରୁ ତାଙ୍କୁ କେହି ଦେଖିପାରୁ ନଥିଲେ । ଠିଆ ହେବାମାତ୍ରେ ସମସ୍ତେ ଦେଖିଲେ । ଦୂରରୁ ସେ ଦେଖିଲେ ନନ୍ଦବାବା ଓ ମା' ଯଶୋଦାଙ୍କୁ । ଭାବିଲେ, ଏମାନେ କେତେ ବୁଢ଼ାବୁଢ଼ୀ ହୋଇଗଲେଣି । ତଥାପି ଦେହରେ ଓ ମନରୁ ବଳ ତୁଟିନି । ଶ୍ରୀକୃଷ୍ଣଙ୍କୁ ଦେଖି ବୃନ୍ଦାବନରୁ ଆସିଥିବା ସାଙ୍ଗସାଥି ଗୋପାଳ ଭାଇମାନେ ତାଙ୍କ ପାଖକୁ ଦୌଡ଼ି ଆସିଲେ । ଗାଇ ନିଜ ବାଛୁରୀକି ଚାଟି ପକାଇବା ଭଳି ଶ୍ରୀକୃଷ୍ଣ ସେମାନଙ୍କୁ ଏକରକମ

ଚାଟି ପକାଇଲେ । ସମସ୍ତଙ୍କୁ କୁଣ୍ଢେଇ ଧରିଲେ । କୃଷ୍ଣ ନିଜକୁ ସମ୍ଭାଳି ପାରିଲେ ନାହିଁ । ଏକାନ୍ତରେ ଠିଆ ହୋଇଥିଲେ ନନ୍ଦ ଯାଶୋଦା । ଶ୍ରୀକୃଷ୍ଣ ଦୌଡ଼ିଗଲେ ସେମାନଙ୍କ ପାଖକୁ । କାହା ମୁହଁରୁ ପଦେ ବି କଥା ବାହାରିଲା ନାହିଁ । ଏ ମିଳନର ପଟାନ୍ତର ନାହିଁ ।

ଶୁକମୁନି ରାଜା ପରୀକ୍ଷିତଙ୍କୁ ଏ ଦୃଶ୍ୟ ବର୍ଣ୍ଣନା କଲାବେଳେ ଛୋଟପିଲା ପାଲଟିଗଲେ । କହିଲେ, ହେ ରାଜା ! ମୋ ତୁଣ୍ଡରୁ କଥା ବାହାରୁନି । ତୁମକୁ କହିବି କ'ଣ ? ତାଙ୍କ ହୃଦୟ ଗୋବିନ୍ଦମୟ ହୋଇପଡ଼ିଲା । ତଥାପି ସେ ଥଙ୍ଗେଇ ଥଙ୍ଗେଇ କହିଲେ, ହେ ପରୀକ୍ଷିତ ! ନନ୍ଦ ଯଶୋଦା ସତେ କି ପଥର ପାଲଟି ଗଲେ, ସେମାନଙ୍କ ଆଖିରୁ ଯେତିକି ଲୁହ ଝରିଲା, ତା'ଠୁ ଅଧିକ ଝରିଲା ଶ୍ରୀକୃଷ୍ଣଙ୍କ ଦୁଇ ଆଖିରୁ ।

ରୋହିଣୀ ଓ ଦେବକୀ ଗଲେ ଯଶୋଦାଙ୍କ ପାଖକୁ । କହିଲେ, ଭଉଣୀ ଯଶୋମତି ! ଅବଶ୍ୟ ଆମେ ରାମକୃଷ୍ଣଙ୍କୁ ଜନ୍ମ ଦେଇଥିଲୁ; କିନ୍ତୁ ବିଧାତା ସେମାନଙ୍କୁ ସ୍ନେହ ଦେବାରେ ଆମକୁ ବଞ୍ଚିତ କରିଦେଇଥିଲା । ସେମାନେ ତୁମର ପୁଅ ଥିଲେ, ଏବେ ବି ଅଛନ୍ତି, ଯୁଗ ଯୁଗ ଧରି ରହିବେ ।

ଯଶୋଦା କହିଲେ, ସେ ବେଳର ସ୍ମୃତିଟିକ ହିଁ ଆମକୁ ବଞ୍ଚେଇ ରଖିଛି । ରାମକୃଷ୍ଣ କହିଲେ ଯେତେ ଦୂରରେ ଥିଲେ ମଧ୍ୟ ସେମାନେ ସର୍ବଦା ଆମ ଅନ୍ତର ଭିତରେ ରହିଛନ୍ତି । ସେମାନେ ଥିବାଯାଏ ତୁମେମାନେ ମଧ୍ୟ ରହିଥିବ ।

●

॥ ୧୧୯ ॥

# ଆଖିର ପଲକ ! ତୁ ପଡ଼ ନା !

ଅତି ପ୍ରିୟଜନଠାରୁ ବିଚ୍ଛେଦ ଯେତିକି ଦୁଃଖଦାୟକ, ପୁନର୍ମିଳନ ସେତିକି ଆନନ୍ଦଦାୟକ । ଶ୍ରୀକୃଷ୍ଣ ବଡ଼ ହୋଇଗଲେଣି, ତାଙ୍କର ନାତି ମଧ୍ୟ ହୋଇ ସାରିଲାଣି । ତଥାପି ମା' ଯଶୋଦାଙ୍କ ନିକଟରେ ସେ ବାଳକୃଷ୍ଣ ! କୁରୁକ୍ଷେତ୍ରରେ ଯଶୋଦାଙ୍କୁ ପାଇ ଛୋଟ ପିଲାଭଳି ଆଚରଣ କରିବାରେ ଲାଗିଛନ୍ତି । ଯଶୋଦାଙ୍କ ପଛପଟୁ କାନ୍ଧରେ ମୁଣ୍ଡ ରଖି ସେ ଗୋପୀମାନଙ୍କୁ ଦେଖୁଛନ୍ତି । କିଶୋର ବୟସରେ ଗୋପାଙ୍ଗନାଙ୍କ ସହିତ ସେ କେତେ ଲୀଳାଖେଳା କରିଛନ୍ତି । ସବୁ କଥା ତାଙ୍କର ମନେ ପଡୁଚି । ଗୋପଲଳନାମାନେ ମଧ୍ୟ ଦୂରରୁ ନିଜର ପ୍ରାଣପ୍ରିୟଙ୍କୁ ଦେଖି ଦର୍ଶନାନନ୍ଦ ଉପଭୋଗ କରୁଛନ୍ତି । ପରସ୍ପର ମଧ୍ୟରେ କୁହାକୁହି ହେଉଛନ୍ତି, ଇଏ ଆମ କୃଷ୍ଣ ଟିକି ? ଏତେ ବୁଢ଼ା ହୋଇଗଲେଣି ! ମୁଣ୍ଡର ବାଳ ପାଚି ଆସିଲାଣି । ପିଲାଦିନେ ଇଏ ଆମର କେତେ ନା

କେତେ ପାଣି ମାଠିଆ ଭାଙ୍ଗିଛି । ଘରେ ପଶି କେତେ ଦୁଧ ଦହି ଖାଇଚି ! ଧରା ପଡ଼ିଲେ ମଧ ମାନେ ନାହିଁ । ଯଶୋଦାଙ୍କ ଲୁଗା କାନିରେ ମୁହଁ ଘୋଡ଼େଇ ଲୁଚେ । ''ମା ମୈନେ ମାଖନ ନହିଁ ଖାଇଓ'' – ମୁଁ କାହାଘରୁ ଲହୁଣି ଚୋରେଇ ଖାଇନି ବୋଲି ସଫେଇ ଦିଏ । ଯମୁନା ନଈର କଳା କଳା ଚିକ୍କଣ ବାଲି ଉପରେ ଚନ୍ଦ୍ର କିରଣ । ତା' ଉପରେ କୃଷ୍ଣର ନାଚ ! ନାୟକ ସେ, ନାୟିକା ଆମେ ସମସ୍ତେ । ଆକାଶରେ ପୂର୍ଣ୍ଣିମାର ଚାନ୍ଦ । ସେଥିରେ ପୂର୍ଣ୍ଣଚନ୍ଦ୍ର କିଶୋର ଚନ୍ଦ୍ରାନନର କେତେ ଭଙ୍ଗି, କେତେ ଠାଣି । ଠାଣି ଆମକୁ ଟାଣେ । ସେଦିନ ପରା ବସ୍ତ୍ରହରଣ କରି ଆମମାନଙ୍କ ଲଜ୍ଜାହରଣ କରି ନେଇଥିଲା । ତା' ନାଆଁ ରହିଗଲା 'ଚିତ୍ତଚୋର ।'

କିଶୋର ଶ୍ୟାମ୍‌ସୁନ୍ଦରଙ୍କ ସ୍ମୃତି ସେମାନଙ୍କ ଶରୀରରେ ଏବେ ବି ପୁଲକ ସୃଷ୍ଟି କରିବାରେ ଲାଗିଚି । କୃଷ୍ଣ ଯଦି ବୁଢ଼ା, ସେମାନେ ମଧ ବୁଢ଼ୀ । କିନ୍ତୁ କୃଷ୍ଣସ୍ମରଣ ହେଉଚି ଚିରଯୌବନ । ଏବେ ବି ସେମାନଙ୍କ ଦେହରେ ଶିହରଣ । ଏବେ ବି ପ୍ରେମିକ-ପ୍ରେମିକା ଭାବ ! ଗୋପତନ୍ୱୀମାନେ କୃଷ୍ଣ ଦର୍ଶନରେ ତଲ୍ଲୀନ । କିନ୍ତୁ ମନରେ ସଂକୋଚ – ଏତେ ରାଜା ପ୍ରଜାଙ୍କ ସମାଗମ ଏଇଠି, ଯଦି ସେମାନଙ୍କ ଭାବସଂଚାରକୁ କେହି ଠଉରେଇ ନିଏ ତ, ସବୁଭାବ ଗାଏବ ହୋଇଯିବ । ଭାବ ବିନିମୟରେ ଭଟ୍ଟା ପଡ଼ିଯିବ । ଲୋକେ କହିବେ, ଏ ବୁଢ଼ା କାଳରେ ବି ଏତେ ପୀରତି !

ଯାହାହେଉ କୃଷ୍ଣ ଓ ଗୋପୀକାମାନେ ପରସ୍ପରଠାରୁ ଟିକିଏ ଦୂରରେ । ଯଦି ପାଖକୁ ଲାଗି ଆସନ୍ତି, ସଂଲଗ୍ନ, ସଂଯୁକ୍ତ ହୋଇପଡ଼ନ୍ତି, ତାହାହେଲେ ସଂସାର ଯେପରି ଉଜୁଡ଼ିଯିବ !

ଗୋପୀମାନଙ୍କ ମନରେ କ'ଣ ଅଛି, ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ଜାଣନ୍ତି । ଅବଶ୍ୟ ହାତରେ ମୁରଲୀ ନାହିଁ ତଥାପି ତାଙ୍କ ଚାହାଁଣିରେ ରହିଚି ମୁରଲୀର ମଧୁର ନିସ୍ୱନ ! ଏହି ଚାହାଁଣିରେ ରହିଚି ପ୍ରୀତିର ଇଙ୍ଗିତ । ଏହି ଇଙ୍ଗିତ ହିଁ ଚିରସଂଗୀତ ।

ଗୋପାଙ୍ଗନାମାନେ ଗୋଟିଏ ଜାଗାରେ ସମବେତ । ଶ୍ରୀକୃଷ୍ଣ ଧୀରେ ଧୀରେ ସେମାନଙ୍କ ପାଖକୁ ଗଲେ । ଅଧରରେ ମୃଦୁମନ୍ଦ ହାସ୍ୟ ! ଦୂରରୁ ସେ ବୁଢ଼ା ଦେଖାଯାଉଥିଲେ । ପାଖକୁ ଆସିବାରେ ସେ ଯୁବକ ପାଲଟିଗଲେ । ଗୋପୀମାନେ ଯୁବତୀ ହୋଇଗଲେ ।

ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଏକାନ୍ତରେ କାନ୍ତକୁ ପାଇଲାଭଳି ଅନୁଭବ କଲେ । ଶ୍ରୀକୃଷ୍ଣପ୍ରତି ସେମାନଙ୍କର ଯେଉଁ ରାଗରୋଷ ଥିଲା ତାହା ଅନୁରାଗ ପାଲଟିଗଲା । ସମସ୍ତଙ୍କ ହୃଦୟରେ ଆନନ୍ଦକଲ୍ଲୋଳ । ଶ୍ରୀକୃଷ୍ଣ ପ୍ରତ୍ୟେକ ଗୋପୀଙ୍କ ପାଖକୁ ଯାଇ ଆଲିଙ୍ଗନ କଲେ । ସେମାନେ ଭାବିଥିଲେ ନଗରୀରେ ରହି ନଟନାଗର ଶ୍ରୀକୃଷ୍ଣଙ୍କ ହାବଭାବ ବଦଳି ଯାଇଥିବ । ବୃନ୍ଦାବନିଆ ଭାଷା ମଧ ନଥିବ । କିନ୍ତୁ ଗୋପୀମାନେ ଲକ୍ଷ୍ୟ କଲେ,

ଯେଉଁ କୃଷ୍ଣକୁ ସେହି କୃଷ୍ଣ । ଦୂରରୁ ଦେଖାଯାଉଥିଲେ ପାଚିଲା କାଳିଆ ଚୂଡ଼ା । କିନ୍ତୁ ପାଖରେ ଦେଖିଲେ କିଶୋର କାହ୍ନୁ । ମଥାରେ ସେହି କୁଂଚୁକୁଂଚିଆ କେଶରାଶି । ଫରକ୍ ବୋଇଲେ ଏତିକି, ମଥା ଉପରେ ମୟୂରଚୂଳ ନାହିଁ କି ହାତରେ ମୂରଲୀ ନାହିଁ ।

ଗୋପସ୍ତ୍ରୀମାନଙ୍କ ଚକ୍ଷୁରେ ଆନନ୍ଦାଶ୍ରୁ । ଓଠରେ ହସ । କୁରୁକ୍ଷେତ୍ର ଆଜି ଯିମିତି ପ୍ରେମକ୍ଷେତ୍ରରେ ପରିଣତ ହୋଇଛି । ଇଏ କୁରୁକ୍ଷେତ୍ର ନୁହଁ, ମିଳନତୀର୍ଥ । ପ୍ରୀତିତୀର୍ଥ । ଗୋପୀମାନଙ୍କ ହୃଦୟ ନିକୁଂଜ ଆଜି ମଧୁମୟ, ରସମୟ । ଏକଦା ଯେଉଁମାନେ ଥିଲେ କୃଷ୍ଣପ୍ରମଦା, ଏଠି ସେମାନଙ୍କ ସମ୍ମିଳନୀ । ପୁରୋଧା ଶ୍ରୀକୃଷ୍ଣ । ଗୋପୀମାନଙ୍କୁ ସଂବୋଧନ କରି ଶ୍ରୀକୃଷ୍ଣ ଏକ ଦୀର୍ଘ ଭାଷଣ ଦେଲେ । ଭାଷଣ ନୁହଁ ସଂଭାଷଣ । କହିଲେ, ହେ ମୋର ପ୍ରାଣପ୍ରିୟା ଗୋପରୂପସୀଗଣ ! ବହୁକାଳ ପରେ ତୁମମାନଙ୍କ ସହିତ ତ ଦେଖାସାକ୍ଷାତ । ମନେ କରନି ମୁଁ ତୁମମାନଙ୍କୁ ଭୁଲିଯାଇଛି ବୋଲି । ଏ ଭୁଲ କେବେ ହୋଇ ନପାରେ । ତୁମମାନଙ୍କ ଧାରଣା, ମୁଁ ମିଛ କହେ, ଛଳନା କରେ, ପ୍ରବଂଚନା କରେ । ଖାଲି ସେତିକି ନୁହଁ, ମୁଁ ଜଣେ ବିଶ୍ୱାସଘାତକ, ଲଂପଟ, କୃତଘ୍ନ ବୋଲି ତୁମେମାନେ ମନେ ମନେ ବହୁତ ଗାଳି ଦେଉଥିବା ମୁଁ ଜାଣେ । ହଁ, ମୁଁ ମିଛ କହିଚି । ଅକ୍ରୂରଙ୍କ ସହିତ ମଥୁରା ଗଲାବେଳେ ତୁମେମାନେ ମୋର ବାଟ ଓଗାଳିଥିଲ । ରଥ ଆଗରେ ଶୋଇ ପଡ଼ିଥିଲ । ସତ୍ୟାଗ୍ରହ କରିଥିଲ । ମୁଁ ମାମୁଁ ଘରକୁ ଯାଉଚି, ଫେରି ଆସିବି ବୋଲି ତୁମମାନଙ୍କୁ କହିଥିଲି । ସ୍ୱୀକାର କରୁଚି, ମୁଁ ଠିକ୍ ଏହି କଥା କହିଥିଲି । କିନ୍ତୁ ମଥୁରାରୁ ଫେରି ନଥିଲି । ତା ବୋଲି ଯେ ତୁମମାନଙ୍କୁ ଭୁଲି ଯାଇଥିଲି, ତାହା ନୁହଁ ।

ଶ୍ରୀକୃଷ୍ଣ କହି ଚାଲିଛନ୍ତି, ଦୋଷ ସ୍ୱୀକାର କରିବାରେ ଲାଗିଛନ୍ତି । କହିଲେ, ତୁମମାନଙ୍କୁ ଛାଡ଼ିଯିବା ପରେ ମୋ ମନରେ ଭୀଷଣ କଷ୍ଟ ହୋଇଥିଲା । ସାନ୍ଦିପନୀ ଆଶ୍ରମରୁ ଫେରିବା ପରେ ପରେ ମୋର ପ୍ରିୟସଖା ଉଦ୍ଧବଙ୍କୁ ପଠାଇଥିଲି ତୁମମାନଙ୍କ ପାଖକୁ । ବୃନ୍ଦାବନରେ ସେ କିଛିକାଳ ରହିଥିଲେ । ତୁମେମାନେ ଉଦ୍ଧବଙ୍କୁ କି ଭକ୍ତିରସ ପିଆଇଲ କେଜାଣି, ସେ ଫେରିଯାଇ ମତେ କହିଲେ, ପରଜନ୍ମରେ ତାଙ୍କୁ ବ୍ରଜ ବୃନ୍ଦାବନର ଗଛଲତା, ଘାସ କରିଦେବା ପାଇଁ । ତୁମମାନଙ୍କ ପଦରଜ ପାଇବା ପାଇଁ ଉଦ୍ଧବ ବ୍ୟାକୁଳ ହୋଇ ପଡ଼ିଲେ । ମୁଁ ମଥୁରାକୁ ଯିବା ପରେ ସଂସାରପଙ୍କରେ ବୁଡ଼ିଗଲି । ଅସ୍ତ୍ର ଧରିଲି । ପୁଣି ଅସ୍ତ୍ର ଛାଡ଼ିଲି । ଏ ସବୁ କାର୍ଯ୍ୟ କାହିଁକି କରିବାକୁ ପଡ଼ିଲା, ଶ୍ରୀକୃଷ୍ଣ ସଂଭାଷଣରେ ଗୋପୀମାନଙ୍କୁ ଟିକିନିଖି ବୁଝାଇଦେଲେ ।

ଗୋପୀମାନଙ୍କ ମନରୁ ବିରହ-ସଂତାପ ଦୂର ହେଲା । ଶ୍ରୀକୃଷ୍ଣ ବୃନ୍ଦାବନରେ ଥିବାବେଳେ ମଧ ଗୋପୀମାନେ ତାଙ୍କ ବିରୁଦ୍ଧରେ ବହୁ ଅଭିଯୋଗ କରୁଥିଲେ । କିନ୍ତୁ ତାଙ୍କୁ ନ ଦେଖି ମୁହୂର୍ତ୍ତେ ସୁଦ୍ଧା ରହିପାରୁ ନଥିଲେ । ସମସ୍ତେ ଯଶୋଦାଙ୍କ ଆଗରେ

ଆପତ୍ତି ଅଭିଯୋଗ କରିବା ଛଳରେ କୃଷ୍ଣଦର୍ଶନ ଲାଗି ନନ୍ଦଘରକୁ ଯାଉଥିଲେ । ତେଣୁ ଅଭିଯୋଗ ଥିଲା ଅନୁରାଗର ରୂପାନ୍ତର ମାତ୍ର ।

ଶୁକମୁନି କହିଲେ, ହେ ରାଜା ପରୀକ୍ଷିତ ! ମୁଁ ଆଗରୁ କହିଚି, ଶ୍ରୀକୃଷ୍ଣ ଥିଲେ ଗୋପୀମାନଙ୍କ ପରମପ୍ରିୟତମ ତଥା ଜୀବନସର୍ବସ୍ୱ । ତାଙ୍କ ଦର୍ଶନବେଳେ ଆଖିର ପଲକ ପଡ଼ିଗଲେ, ପଲକ ପକାଇବାବାଲାକୁ ସେମାନେ ଧିକ୍କାର କରୁଥିଲେ । ପ୍ରିୟତମଙ୍କୁ ଆଲିଙ୍ଗନ କଲାବେଳେ ସେମାନେ ତନ୍ମୟ ହୋଇ ପଡୁଥିଲେ ।

ଶ୍ରୀକୃଷ୍ଣ ସେମାନଙ୍କୁ ସମସ୍ତେ ଭଲ ଅଛ ତ ବୋଲି ପଚାରି ବୁଝିଲେ । ବିଚ୍ଛେଦ ହୋଇଥିବା କଥା ଗୋପୀମାନେ ଭୁଲିଗଲେ । କାରଣ ସବୁପ୍ରାଣୀଙ୍କ ଯୋଗ ଓ ବିୟୋଗର କାରଣ ଭଗବାନ୍ – ଯେପରି, ବାୟୁ, ଧୂଳିକଣାକୁ ଏକାଠି କରିଥାଏ, ପୁଣି ଅଲଗା କରିଦେଇଥାଏ, ଠିକ୍ ସେହିଭଳି ।

ପ୍ରେମ ଓ ଭକ୍ତିତତ୍ତ୍ୱ ଅତି ସରଳ । ତେଣୁ ଭଗବାନ୍ ଶ୍ରୀକୃଷ୍ଣ ଗୋପୀମାନଙ୍କୁ ଜ୍ଞାନ ନ ଦେଇ ଦେଇଥିଲେ ପ୍ରେମ ଓ ଭକ୍ତି । ଜ୍ଞାନମାର୍ଗ ଅତି କଠିନ । ଶ୍ରୀକୃଷ୍ଣ ଏଣିକି ଗୋପୀମାନଙ୍କୁ ପ୍ରଗାଢ଼ ପ୍ରେମତତ୍ତ୍ୱ ବୁଝାଇ କହିଲେ, ପ୍ରେମଭକ୍ତି ହେଉଚି ଅମୃତ । ଏହା ପରମାନନ୍ଦ ଧାମ । ପ୍ରେମୀ ଗୋପୀବୃନ୍ଦ ! ଯେପରି ଘଟ, ପଟ ଆଦି ଯେତେ ଭୌତିକ ପଦାର୍ଥ ରହିଛି, ଏଗୁଡ଼ିକର ବାହାର, ଭିତର, ଆଦି, ଅନ୍ତ ଓ ମଧ୍ୟ ଭାଗ ଆଦି ସବୁର ମୂଳ କାରଣ ପୃଥ୍ୱୀ, ଜଳ, ବାୟୁ, ଅଗ୍ନି ଓ ଆକାଶ, ସେହିଭଳି ସବୁ ପଦାର୍ଥର ଆଗ, ପଛ ଭିତରେ କେବଳ ମୁଁ ରହିଛି । ସେହିଭଳି ପ୍ରାଣୀମାନଙ୍କ ଶରୀରରେ ଏହି ପଞ୍ଚଭୂତର କାରଣ ରୂପରେ ମୁଁ ରହିଆସିଛି । ଆତ୍ମା ଭୋକ୍ତା ରୂପରେ ଅର୍ଥାତ୍ ଜୀବ ରୂପରେ ସ୍ଥିତ । କିନ୍ତୁ ମୁଁ ଏହି ଦୁଇଟି ଯାକର ଉର୍ଦ୍ଧ୍ୱରେ ଅବିନାଶୀ ସତ୍ୟ । ତୁମେମାନେ ଏହା ଅନୁଭବ କର । ତାହାହେଲେ ବିଚ୍ଛେଦ ବାଧିବ ନାହିଁ କି ମିଳନରୁ ଯେଉଁ କ୍ଷଣିକ ସୁଖ ପାଉଚ-ତାହା ରହିବ ନାହିଁ । ନଦୀ ସମୁଦ୍ରରେ ପଡ଼ିବାପରେ ତାର ସତ୍ତା କିଛି ରହିନଥାଏ । ଏହାହିଁ 'ତାଦାତ୍ମ୍ୟ' ପ୍ରାପ୍ତି ।

ଉଦ୍ଧବ ମଧ୍ୟ ଗୋପୀମାନଙ୍କୁ ଏହି କଥା ବୁଝାଇଥିଲେ । କିନ୍ତୁ ସେତେବେଳେ ଏମାନେ ଏପରି କୃଷ୍ଣପ୍ରାଣ ହୋଇ ଉଠିଥିଲେ ଯେ, ଉଦ୍ଧବଙ୍କୁ କହିଥିଲେ, ବୃନ୍ଦାବନ ହେଉଚି କୃଷ୍ଣର ହାଟ । କେବଳ କୃଷ୍ଣପ୍ରେମର ଗ୍ରାହକ ସମସ୍ତେ । ଏଠି ଜ୍ଞାନର ହାଟ ମେଲେଇ ବସିଲେ ଜଣେ ବି ଗ୍ରାହକ ପାଇବ ନାହିଁ । କିନ୍ତୁ ସେହି ଜ୍ଞାନ ବିତରଣ କଲେ ଶ୍ରୀକୃଷ୍ଣ । ଗୋପୀମାନେ ମନ ଦେଇ ଶୁଣିଲେ । ଆଧ୍ୟାତ୍ମ୍ୟ ଜ୍ଞାନର ଗ୍ରାହକ ହେଲେ । ଶ୍ରୀକୃଷ୍ଣ ମୁଖନିଃସୃତ ବଚନାମୃତ ପାନ କରି ସେମାନଙ୍କ ହୃଦୟର ଉଦର ପରିପୂର୍ଣ୍ଣ ହୋଇ ପଡ଼ିଲା ।

ଗୋପୀମାନେ କହିଲେ, ହେ କମଳନାଭ ! ମୁନିମାନଙ୍କର ଅଗାଧ ବୋଧଶକ୍ତି । ସେମାନେ ମହାନ୍ ଜ୍ଞାନୀ ଓ ଯୋଗୀ । ସେମାନେ କେବଳ ତୁମର ଚରଣକମଳକୁ ଧ୍ୟାନ କରିଥାଆନ୍ତି । ସଂସାର-କୂପରେ ପଡ଼ିଲା ଲୋକର ଉଦ୍ଧାର ଲାଗି ଆପଣଙ୍କ ଚରଣାରବିନ୍ଦ ହିଁ ଏକମାତ୍ର ଅବଲମ୍ବନ । ଆମେମାନେ ଗୃହସ୍ଥୀ, ଗୃହିଣୀ । ହେ ପ୍ରଭୋ ! ଆମର ଏତିକିମାତ୍ର ପ୍ରାର୍ଥନା, ଗୃହକର୍ମରେ ଲିପ୍ତ ଥାଇ ମଧ୍ୟ ଆମେ ଯେପରି ଚକାନୟନ ଜଗତର ନାଥ ଜଗନ୍ନାଥଙ୍କୁ ସର୍ବଦା ପାଇପାରୁଥିବୁ । ସେତିକି ମାତ୍ର ବ୍ୟବସ୍ଥା କରି ଦିଅନ୍ତୁ ।

॥ ୧୨୦ ॥

## ଗଙ୍ଗାକୂଳରେ ଘର ! ଖୋଜୁଚ ତୀର୍ଥଜଳ ?

ସୂର୍ଯ୍ୟ ପରାଗ ଦିବସ । ବହୁ ଋଷି ମଧ୍ୟ ପହଞ୍ଚିଲେ କୁରୁକ୍ଷେତ୍ରରେ ସମନ୍ତପଞ୍ଚକରେ । ସେମାନଙ୍କ ଆଗମନର ପ୍ରଧାନ ଉଦ୍ଦେଶ୍ୟ ରାମକୃଷ୍ଣଙ୍କ ଦର୍ଶନ ଲାଭ । ଏହି ଦର୍ଶନକୁ ହିଁ ସେମାନେ ପରମ ପୁଣ୍ୟ ମନେ କଲେ । ବ୍ୟାସ, ନାରଦ, ଚ୍ୟବନ, ଅସିତ, ଦେବଳ, ବିଶ୍ୱାମିତ୍ର, ଭରଦ୍ୱାଜ, ଗୌତମ, ପର୍ଶୁରାମ, ବଶିଷ୍ଠ, ଗାଲବ, ପୁଲସ୍ତ୍ୟ, କାଶ୍ୟପ, ଅତ୍ରି, ମାର୍କଣ୍ଡେୟ, ବୃହସ୍ପତି, ଅଙ୍ଗିରସ, ଅଗସ୍ତ୍ୟ, ଯାଜ୍ଞବଲ୍କ୍ୟ, ସନକ, ସନନ୍ଦନ, ସନତ, ସନାତନ, ବାମଦେବ ପ୍ରମୁଖ ବହୁ ଋଷିଙ୍କ ସମାଗମ ହେଲା ସମନ୍ତପଞ୍ଚକରେ । ଏମାନଙ୍କ ଉପସ୍ଥିତିରେ ରାଜା ମହାରାଜାଙ୍କ ଉପସ୍ଥିତି ନିଷ୍ପ୍ରଭ ହୋଇପଡ଼ିଲା । ଋଷିମାନଙ୍କୁ ଦେଖି ରାଜାପ୍ରଜା ସମସ୍ତେ ଆସି ସେମାନଙ୍କ ପାଦ ସେବା କଲେ । ଅର୍ଘ୍ୟ, ଅଚମନ, ପାଦ୍ୟ ଇତ୍ୟାଦି ସମସ୍ତ ଉପଚାରରେ ସେମାନଙ୍କୁ ପୂଜା ଅର୍ଚ୍ଚନା, ସଂବର୍ଦ୍ଧନା କରାଗଲା । ଏ ଦିଗରେ ଅଗ୍ରଣୀ ହେଲେ ରାମକୃଷ୍ଣ ଦୁଇ ଭାଇ । ଚାରିଆଡ଼ ଆନନ୍ଦର ଲହରୀ ଖେଳିଗଲା । (ଏବେ ମଧ୍ୟ କୁରୁକ୍ଷେତ୍ରରେ/ କୁମ୍ଭମେଳା ବେଳେ ପ୍ରୟାଗରେ ଋଷିମାନଙ୍କ ସମାଗମ ହୋଇ ଆସୁଚି । ଅନେକେ ସେଠାକୁ ଯାଆନ୍ତି କେବଳ ତୀର୍ଥସ୍ନାନ ଲାଗି ନୁହଁ, ସାଧୁଦର୍ଶନ, ସାଧୁସଂଗ ଲାଗି) ।

ଋଷିମାନଙ୍କ ସମାଗମରେ ସମନ୍ତପଞ୍ଚକ ତୀର୍ଥପୀଠଟି ସତ୍ୟଲୋକ ଭଳି ଅନୁଭୂତ ହେଲା । ଏହି ଋଷିମାନଙ୍କ ତପସ୍ୟାର ବଳ ଅକଳନ । ଚାହିଁଲେ ପ୍ରଳୟ ସୃଷ୍ଟି କରିଦେଇ ପାରନ୍ତି । ନୂତନ ପୃଥିବୀ ଗଢ଼ି ପାରନ୍ତି । ସେମାନେ ଯେ ଆସିଛନ୍ତି ରାମକୃଷ୍ଣଙ୍କ ଦର୍ଶନ ପାଇବା ଲାଗି, ଏକଥା ରାଜା କି ପ୍ରଜା କେହି ଜାଣନ୍ତି ନାହିଁ । ଜାଣିବାର ଉପାୟ ମଧ୍ୟ ନଥିଲା । କାରଣ, ସେମାନଙ୍କ ଭଳି ରାମକୃଷ୍ଣ ମଧ୍ୟ ଋଷିମାନଙ୍କୁ ପୂଜା କରୁଛନ୍ତି । ସେମାନଙ୍କ ପାଦତଳେ ମୁଣ୍ଡ ନୁଆଉଛନ୍ତି ।

ଶ୍ରୀକୃଷ୍ଣ ଋଷିମାନଙ୍କୁ ଅଭ୍ୟର୍ଥନା କରି କହିଲେ, ଆପଣମାନଙ୍କ ଦର୍ଶନ ପାଇ ଆମେ କୃତାର୍ଥ ହେଲୁ । ଏପରି ସୁଯୋଗ ଭାଗ୍ୟରେ ଥିଲେ ମିଳେ । ଆପଣମାନଙ୍କ ଦର୍ଶନ ଓ ସେବା ହିଁ ସବୁଠାରୁ ବଡ଼ ତୀର୍ଥ । ସର୍ବାଧିକ ପୁଣ୍ୟ । ଏ ଦର୍ଶନ, ସ୍ପର୍ଶନ, ଶ୍ରବଣ ଓ ସଂଭାଷଣ ଦ୍ୱାରା ଆମମାନଙ୍କ ସମସ୍ତ ପାପ ମୋଚନ ହୋଇ ପାରିଚି । ଆମର ପୂର୍ବଜ ଗୁରୁଜନମାନେ କହି ଆସିଛନ୍ତି, ପାପରୁ ମୁକ୍ତ ହେବା ଲାଗି କେତୋଟି ବ୍ୟବସ୍ଥା ରହିଛି । ପ୍ରଥମତଃ ପବିତ୍ର ନଦୀଜଳରେ ସ୍ନାନ, ଦ୍ୱିତୀୟତଃ ପାଷାଣମୂର୍ତ୍ତି କିମ୍ବା ମୃଣ୍ମୟମୂର୍ତ୍ତି ପୂଜା ଦ୍ୱାରା ଚିନ୍ମୟ ଭଗବାନ୍‌ଙ୍କ ଉଦ୍‌ବୋଧନ; କିନ୍ତୁ ଆପଣମାନଙ୍କ ଦର୍ଶନରେ ଯେଉଁ ପୁଣ୍ୟ ଅର୍ଜନ, ସେ ପୁଣ୍ୟ ସହିତ ଏସବୁ ପୁଣ୍ୟ ପାସଙ୍ଗରେ ପଡ଼ି ନ ପାରେ । ମୁନିଋଷିମାନଙ୍କ ଦର୍ଶନ, ସାଧୁସଙ୍ଗ ଦ୍ୱାରା ତତ୍‌କ୍ଷଣାତ୍ ସବୁପାପ ଧୋଇ ହୋଇ ଯାଇଥାଏ । ଆପଣମାନଙ୍କ ପାଦୋଦକରେ ଜୀବ ଜନ୍ମ ଓ ମୃତ୍ୟୁଚକ୍ରରୁ ମୁକ୍ତ ହୋଇଥାଏ । ତାହା ହିଁ ମୋକ୍ଷ । ତାହା ହିଁ ମୁକ୍ତି । ତାହା ହିଁ ନିର୍ବାଣ । ତା ବୋଲି ଯେ ତୀର୍ଥ ଓ ମୂର୍ତ୍ତିପୂଜା ଦ୍ୱାରା ପୁଣ୍ୟ ଅର୍ଜନ ହୁଏ ନାହିଁ, ତା ନୁହେଁ । ହୁଏ, କିନ୍ତୁ ସମୟ ଲାଗେ । କିନ୍ତୁ ସାଧୁ, ସଜ୍ଜନ, ଋଷି ମୁନିଙ୍କ ଚକ୍ଷୁର ପଲକରେ ମନୁଷ୍ୟର ହୃଦୟ ସ୍ୱଚ୍ଛ, ନିର୍ମଳ ହୋଇ ଉଠେ । ଅନ୍ୟ ସମସ୍ତ ପନ୍ଥା ଯଥା– ସୂର୍ଯ୍ୟ, ଚନ୍ଦ୍ରଙ୍କ ଦର୍ଶନ, ବ୍ରହ୍ମ ଶବ୍ଦର ଉଚ୍ଚାରଣ ଦ୍ୱାରା ସଦ୍‌ଗତି ହୋଇପାରେ କିନ୍ତୁ ଅଜ୍ଞାନ, ଭ୍ରମ, ସତ୍ୟ ସମ୍ପର୍କରେ ସନ୍ଦେହ ଆଦି ନାନା ପାପର ଯେଉଁ କାରଣ, ତାହା ଦୂର ହେବାକୁ ଡେରି ହୁଏ । କିନ୍ତୁ ସାଧୁସନ୍ଥମାନଙ୍କ କୃପାଦୃଷ୍ଟିରେ ମୁହୂର୍ତ୍ତକରେ ପୋଛି ହୋଇଯାଏ । ମନୁଷ୍ୟର ସବୁଠାରୁ ବଡ଼ ମାରାତ୍ମକ ବ୍ୟାଧି 'ମୁଁ' କାର । ମୋ ସ୍ତ୍ରୀ, ମୋ ସନ୍ତାନ, ମୋ କୋଠାବାଡ଼ି ହିଁ ସବୁ ମୁଁ ଓ ମୋର– ଏ ଭାବନା ପାପର ମୂଳକାରଣ । ତେଣୁ ଜ୍ଞାନୀ ମାତ୍ରେ ସାଧୁସେବା ଦ୍ୱାରା ଏହି ବନ୍ଧନରୁ ମୁକ୍ତ ହୋଇଥାଆନ୍ତି ।

ଶ୍ରୀକୃଷ୍ଣଙ୍କ ସମ୍ଭାଷଣ ଶୁଣି, ଋଷି ମହର୍ଷିମାନେ କ'ଣ ଉତ୍ତର ଦେବେ ଚିନ୍ତା କରିପାରିଲେ ନାହିଁ । ମନେ ମନେ ସମସ୍ତଙ୍କର ଏକ ଭାବନା– ଶ୍ରୀକୃଷ୍ଣ ତ ପରମାତ୍ମା । ତାଙ୍କ ମୁହଁରେ ଆମମାନଙ୍କ ସ୍ତୁତି ଓ ସ୍ତାବକତା ! ଏହାଠୁ ବଳି ବିସ୍ମୟ ଆଉ କ'ଣ ଥାଇପାରେ ? କିନ୍ତୁ ଆମକୁ ଏକଥା ଶ୍ରୀକୃଷ୍ଣ ନିଜେ କହିବା ଅଧିକ ବିସ୍ମୟକର । ସେ କ'ଣ ଜାଣନ୍ତି ନାହିଁ, ଆମେ ତାଙ୍କୁ ଜାଣୁ ବୋଲି ? ବୈକୁଣ୍ଠାଧିପତି ନାରାୟଣ ଯେ ନରଲୀଳା କରୁଛନ୍ତି, ଏକଥା ଉପସ୍ଥିତ ସବୁ ଋଷି ମୁନି ଜାଣନ୍ତି । ତାଙ୍କର ଦର୍ଶନ ଲାଗି ଆମେ ତ ସ୍ୱର୍ଗଠୁ ବଳି ଶାନ୍ତିପ୍ରଦ ସ୍ଥାନରୁ ଓହ୍ଲାଇ ଆସିଚୁ ! ବୈକୁଣ୍ଠାଧିପତି ନାରାୟଣଙ୍କ ଦର୍ଶନ ତ ଦୁରୂହ ବ୍ୟାପାର । କିନ୍ତୁ ତାଙ୍କୁ ନର ରୂପରେ ଦର୍ଶନ କରିବା ସହଜ ବୋଲି ତ ଏଠିକି ଆସିଚୁ !

ଏହି ଭାବନାରେ ରତ ରହି ଋଷିମାନେ ମନେ ମନେ ହସିଲେ । ବାହାରେ ସେ କୃଷ୍ଣଙ୍କଠାରୁ ଅଭ୍ୟର୍ଥନା ଗ୍ରହଣ କଲେ; କିନ୍ତୁ ଅନ୍ତର ଭିତରେ ସେମାନେ ନରରୂପୀ ନାରାୟଣଙ୍କୁ ପୂଜା କଲେ । ଶ୍ରୀକୃଷ୍ଣ ମଧ୍ୟ ଆନ୍ତରିକ ଭାବରେ ସେମାନଙ୍କ ପୂଜା ଗ୍ରହଣ କରି ହସିଲେ । ସେ ମନେ ମନେ କହିଲେ, ହେ ମୋର ପ୍ରିୟ ଭକ୍ତ ଋଷି ମହର୍ଷିଗଣ ! ମୋର ନରରୂପକୁ ଦର୍ଶନ କରି ତମେମାନେ କୃତାର୍ଥ ହୁଅ । ଏଠାରେ ଅନ୍ୟମାନଙ୍କ ଆଗରେ ମୋ ରହସ୍ୟ ଉଦ୍‌ଘାଟନ ନ କରି ମୋର ଯଥେଷ୍ଟ ଉପକାର କରିଚ । ମୁଁ ଜଣେ ଯାଦବ, ବଳରାମ ମୋର ବଡ଼ ଭାଇ ବୋଲି ପୃଥିବୀରେ ସମସ୍ତେ ଜାଣନ୍ତି । ସେମାନଙ୍କୁ ଅଧିକ ଜଣାଇବା ଉଚିତ୍ ନୁହେଁ । କାରଣ, ମୁଁ ଯେଉଁ କାର୍ଯ୍ୟ ପାଇଁ ନରରୂପ ଧାରଣ କରିଛି, ସେ କାର୍ଯ୍ୟ ପୂରା ହୋଇନି ।

ଋଷିମାନେ ମନେ ମନେ ଶ୍ରୀକୃଷ୍ଣଙ୍କ ଆଗରେ ନତମସ୍ତକ ହେଲେ । କହିଲେ, ତୁମର ଲୀଳାକୁ ସଂସାର ବନ୍ଧନରେ ବାନ୍ଧି ହୋଇପଡ଼ିଥିବା ଜନସାଧାରଣ ଜାଣିବା ଏତେ ସହଜ ନୁହେଁ । ବ୍ରହ୍ମାଣ୍ଡରେ ବ୍ରହ୍ମର ଅବାଧ ଆତଯାତ । ଆମେ ବାଧା ଦେବାକୁ କିଏ ? ଆମମାନଙ୍କର ମାନସପୂଜା ଗ୍ରହଣ କରନ୍ତୁ ।

ଋଷିମାନେ ରାମକୃଷ୍ଣଙ୍କ ଦର୍ଶନ ଲାଭ ପରେ କୁରୁକ୍ଷେତ୍ର ସମନ୍ତପଞ୍ଚକରୁ ବିଦାୟ ନେଲେ । କିନ୍ତୁ ସେମାନଙ୍କ ପଛେ ପଛେ ଗୋଡ଼େଇଲେ ଶ୍ରୀକୃଷ୍ଣଙ୍କ ପିତା ବସୁଦେବ । ଋଷିମାନେ ପଚାରିଲେ, ଆମର ପିଛା କରିବାର ଉଦ୍ଦେଶ୍ୟ କ'ଣ ? ବସୁଦେବ କରପତ୍ର ଯୋଡ଼ି କହିଲେ, ଏକାନ୍ତରେ ମୁଁ ଆପଣମାନଙ୍କ ପୂଜା କରିପାରିଲି ନାହିଁ ! ମୁଁ ପାପରୁ ମୁକ୍ତ ହେବି କିପରି, ତା'ର ପନ୍ଥା ବତାଇ ଦେଇ ଯାଆନ୍ତୁ । ବସୁଦେବଙ୍କ ସହିତ ନାରଦଙ୍କର ପରିଚୟ ଥିଲା । ନାରଦ ଅନ୍ୟ ଋଷିମାନଙ୍କୁ ଚୁପ୍ ଚୁପ୍ କହିଲେ, ବସୁଦେବ ନରରୂପୀ ନାରାୟଣଙ୍କ ଜନ୍ମକ । ଲୋକଟା ଏତେ ମୂର୍ଖ ବୋଲି ମୁଁ ଜାଣି ନଥିଲି । ଗଙ୍ଗାକୂଳରେ ଘର କରି କିଏ କ'ଣ ପାପ ଧୋଇବା ପାଇଁ ଅନ୍ୟ ତୀର୍ଥକୁ ଯାଏ ? ବସୁଦେବଙ୍କ ଅଜ୍ଞାନ ହିଁ ତାଙ୍କର ଉତ୍କଟ ମାନସିକ ବ୍ୟାଧି !

ଜଣେ ଋଷି କହିଲେ, ଭଗବାନଙ୍କ ସହିତ ମଧ୍ୟ ମିଶି ମିଶି ବସୁଦେବଙ୍କର ବୋଧହୁଏ ଦେହଘଷା ହୋଇ ପଡ଼ିଲାଣି । ନଚେତ୍ ଭଗବାନଙ୍କୁ ନିଜ ସନ୍ତାନ ଭାବରେ ପାଇ ପାପମୋଚନ ହେବ କିପରି ଆମକୁ ପଚାରନ୍ତେ ? କଥାରେ କୁହାଯାଏ, ଅତିଲେମ୍ବୁ ଚିପୁଡ଼ିଲେ ପିତା । ସେହିଭଳି ଭଗବାନଙ୍କ ସହିତ ବସୁଦେବଙ୍କ ଅତି ସାନ୍ନିଧ ଯୋଗୁଁ ତାଙ୍କ ମନରେ ଏହି ଉଦାସୀନତା । ଉଦାସଭାବ । ତାଙ୍କର ସନ୍ଦେହ କୃଷ୍ଣଙ୍କୁ ଭଗବାନ୍ ବୋଲି ସିନା ଅନେକେ ଭାବୁଛନ୍ତି, ସେ କ'ଣ ପ୍ରକୃତରେ ଭଗବାନ୍ ! ସିଏ ତ ଜଣେ ସାଧାରଣ ମଣିଷ ଭଳି ଆମ ସହିତ ଖାଉଚି, ପିଉଚି, ଶୋଉଚି । ନନ୍ଦ ଯଶୋଦାଙ୍କର

ମଧ୍ୟ ସେହି ଧାରଣା ! ନରଲୀଳାରେ ଭଗବାନ୍ ଠିକ୍ ମଣିଷ ଭଳି ଆଚରଣ କରିଥାଆନ୍ତି, ତାଙ୍କର ମଧ୍ୟ କ୍ଷୁଧା, ଶୋକ, ଭୟ ଆଦି ଥାଏ । ଏକଥା ବସୁଦେବ ବୁଝିପାରୁ ନାହାଁନ୍ତି ।

ତେଣୁ ଋଷିମାନେ ଶ୍ରୀକୃଷ୍ଣ ହିଁ ସ୍ୱୟଂ ନାରାୟଣ ଏକଥା ନକହି, ବସୁଦେବଙ୍କୁ କହିଲେ, ନାରାୟଣଙ୍କୁ ପୂଜା କର, ଧ୍ୟାନ କର, ପାପରୁ ମୁକ୍ତ ହୋଇପାରିବ । ତାହାହିଁ ଶସ୍ତା ସୁବିଧା ଓ ସିଧା ବାଟ । ରାଜାମାନେ ଯାଗଯଜ୍ଞ କରି ନାରାୟଣଙ୍କୁ ନାନା ଦେବ ଦେବୀ ନାମରେ ଆବାହନ କରିଥାଆନ୍ତି । ତୁମେ ଯଦି ପାରିବ, ଯଜ୍ଞ କର ।

ବସୁଦେବ ତତ୍‌କ୍ଷଣାତ୍ କହିଲେ, ମୁଁ ଯାଗଯଜ୍ଞ କରିବାକୁ ପ୍ରସ୍ତୁତ । କିନ୍ତୁ ସେଥିଲାଗି ଆପଣମାନଙ୍କ ଉପସ୍ଥିତି ଓ ପୌରୋହିତ୍ୟ ଆବଶ୍ୟକ । ତାହାହିଁ ଆପଣମାନଙ୍କ ପଛରେ ଗୋଡ଼େଇବାର ପ୍ରଧାନ ଉଦ୍ଦେଶ୍ୟ ।

ଋଷିମାନେ ଋତ୍ୱିକ ହେବାପାଇଁ ରାଜି ହେଲେ । କହିଲେ, ରାଜା ହେଉ ପ୍ରଜା ହେଉ, ଯଜ୍ଞକର୍ତ୍ତା ନିଷ୍ଠାବାନ ହେବା ଆବଶ୍ୟକ । ସ୍ତ୍ରୀ, ପୁତ୍ର, ଧନ ଦୌଲତ ଆଦି ପାର୍ଥିବ କାମନା ଓ ଆସକ୍ତି ତିଳେ ହେଲେ ମନରେ ରହିବ ନାହିଁ । ସ୍ୱର୍ଗପ୍ରାପ୍ତି କିମ୍ବା ନୈସର୍ଗିକ ସୁଖ ଲାଭର ଇଚ୍ଛା ମଧ୍ୟ ଛାଡ଼ିବାକୁ ପଡ଼ିବ । ଇଏ ଏକ କଠୋର ବ୍ରତ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଯିଏ ହେଉନା କାହିଁକି, ଦ୍ୱିଜ ମାତ୍ରେ ତିନୋଟି କର୍ତ୍ତବ୍ୟ ସମ୍ପାଦନ କରିବା ହେଉଛି ତାର ଧର୍ମ । ଦେବତା, ଋଷି ଓ ପିତୃପୁରୁଷଙ୍କ ତୃପ୍ତି ବିଧାନ ହିଁ ପ୍ରତ୍ୟେକଙ୍କ କର୍ତ୍ତବ୍ୟ । ଏହା ହିଁ ଋଣ ପରିଶୋଧ ।

ତେଣୁ ସେମାନେ କହିଲେ, ''ହେ ବସୁଦେବ ! ତୁମେ ଦେବତାଙ୍କଠାରେ ଋଣୀ । ଯାଗଯଜ୍ଞ କରି ଏହି ଋଣ ପରିଶୋଧ କର ।''

ବସୁଦେବ ସେହି ସମନ୍ତପଞ୍ଚକଠାରେ ହିଁ ଯାଗଯଜ୍ଞର ବ୍ୟବସ୍ଥା କଲେ । ଋଷିମାନେ ଋତ୍ୱିକ ହେଲେ ! ସେମାନେ ମନେ ମନେ ଭାବିଲେ, ଏହି ଯଜ୍ଞ ଫଳରେ ରାମକୃଷ୍ଣ ପିତାଙ୍କୁ ସାହାଯ୍ୟ କରିବା ଲାଗି ଅଧିକ ଦିନ ରହିବେ । ତେଣୁ ସେମାନେ ବାରମ୍ବାର ଏବଂ ଅଧିକ ସମୟ ରାମକୃଷ୍ଣଙ୍କ ଦର୍ଶନ ପାଇବାର ସୁଯୋଗ ପାଇବେ । ବସୁଦେବ ନିଜ ଆତ୍ମୀୟସ୍ୱଜନ ଏବଂ ବୃନ୍ଦାବନରୁ ଆଗତ ନନ୍ଦଯଶୋଦା ଏବଂ ଗୋପୀ ଗୋପାଳମାନଙ୍କୁ ଅଟକେଇ ରଖିଲେ । କୃଷ୍ଣ ମଧ୍ୟ ଭାବିଲେ, ଭଲ ହେଲା । ସେ ଗୋପୀ ଗୋପାଳମାନଙ୍କ ମେଳରେ ଅଧିକ ଦିନ ରହିପାରିବେ । ପାଣ୍ଡବ, କୌରବ ଏବଂ ବସୁଦେବଙ୍କ ସମର୍ଥକ ରାଜା ମହାରାଜାମାନେ ମଧ୍ୟ ଯଜ୍ଞ ଦେଖିବା ପାଇଁ ସମନ୍ତପଞ୍ଚକରେ ରହିଲେ । ଯଜ୍ଞ ବେଶ୍ ଧୁମ୍‌ଧାମ୍‌ରେ ଏବଂ ବିଧିବଦ୍ଧ ଭାବରେ ଅନୁଷ୍ଠିତ ହେଲା ।

●

॥ ୧୨୧ ॥

# ଷଣ୍ଢ, ମାଛ, ଗଧ

କଥାରେ ଅଛି ସ୍ତ୍ରୀ ପ୍ରକୃତି, ବ୍ରହ୍ମା ନ ଜାନତି । ଏମାନେ ଏକାଠି ହୋଇଗଲେ ଢିଙ୍କିଶାଳରୁ ଢେଙ୍କାନାଳ ପର୍ଯ୍ୟନ୍ତ ନାନା କଥା ପଡ଼େ । ଆଳାପରୁ ପ୍ରଳାପ ଆରମ୍ଭ ହୋଇଯାଏ ।

ଇଆଡ଼େ ବସୁଦେବଙ୍କ ଯଜ୍ଞ ଚାଲିଚି । ବେଦମନ୍ତ୍ରରେ ସମନ୍ତପଞ୍ଚକ ତୀର୍ଥ ପ୍ରତିଧ୍ୱନିତ । ସିଆଡ଼େ ଶ୍ରୀକୃଷ୍ଣଙ୍କ ଆଠ ପାଟରାଣୀ ଓ ଦ୍ରୌପଦୀଙ୍କ ମଧ୍ୟରେ ଆଳାପ ଆଲୋଚନା । ରସାନନ୍ଦ ଶ୍ରୀକୃଷ୍ଣ ଯେଉଁଠି, ସେଠି କେବଳ ରସକଥା ପଡ଼େ । ଭାଷା ରସାଳ, କଥା ବି ବିଶାଳ ।

ଶୁକମୁନି କହିଲେ, ହେ ରାଜା ପରୀକ୍ଷିତ ! ମିଳନ ପର୍ବର ପୂର୍ବାଭାସ ସରିଲା । ଆରମ୍ଭ କଥା କହିଚି । ଏବେ ସେହି ପର୍ବର ମଧ୍ୟାଭାସ । ଶେଷାଭାସ ପରେ ଦେବି । ଯୁଧିଷ୍ଠିର ପ୍ରମୁଖ ସମସ୍ତ ଆତ୍ମୀୟସ୍ୱଜନ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ତୁତି କରୁଥିବାବେଳେ କୌରବ କୁଳର ସ୍ତ୍ରୀମାନେ ଯାଦବକୁଳ ସ୍ତ୍ରୀମାନଙ୍କ ସହିତ ଭଗବାନଙ୍କ ତ୍ରିଭୁବନ ବିଖ୍ୟାତ ଲୀଳା ସମ୍ପର୍କରେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବାରେ ଲାଗିଥିଲେ । ଏହି ଆଲୋଚନା କରି ସେମାନେ ଅଖଣ୍ଡ ଆନନ୍ଦ ସମୁଦ୍ରରେ ଭାସୁଥିଲେ ।

ଦ୍ରୌପଦୀଙ୍କର ବହୁଦିନର ଇଚ୍ଛା ଥିଲା ଶ୍ରୀକୃଷ୍ଣଙ୍କ ସହିତ ଆଠ ପାଟରାଣୀଙ୍କ ବିବାହ କିପରି ହେଲା ଜାଣିବା ପାଇଁ । ଯୁଧିଷ୍ଠିର ଓ ଅର୍ଜୁନଙ୍କୁ ସେ ଏ ସମ୍ପର୍କରେ ବାରମ୍ବାର ପଚାରୁଥିଲେ । ସେମାନେ କହୁଥିଲେ, ସମୟ ସୁଯୋଗ ପାଇଲେ, ଶ୍ରୀକୃଷ୍ଣଙ୍କ ରାଣୀମାନଙ୍କୁ ପଚାରିବ, ସେହିମାନେ ହିଁ କହିପାରିବେ । ଦ୍ରୌପଦୀ ଆଜି ସେ ସୁଯୋଗ ପାଇଛନ୍ତି । ଜଣ ଜଣ କରି ପାଟବଂଶୀଙ୍କୁ ସେମାନଙ୍କ ବିବାହ ବୃତ୍ତାନ୍ତ ସଂକ୍ଷେପରେ କହିବାକୁ ଅନୁରୋଧ କଲେ ।

ରୁକ୍ମିଣୀ କହିଲେ, ଜରାସନ୍ଧ ଆଦି ତାଙ୍କ ଅନୁଗତ ରାଜା ମହାରାଜାମାନେ ଚାହୁଁଥିଲେ ମୋର ବିବାହ ଶିଶୁପାଳ ସହିତ ହେଉ । ଏପରିକି ମୋ ନିଜ ଭାଇ ରୁକ୍ମ ଶିଶୁପାଳକୁ ବରବେଶରେ ସଜେଇ ସ୍ୱୟମ୍ବର ସଭାକୁ ଆଣିଥିଲେ । ବର ବରଣ ସରିଥିଲା । କିଛି ଗଣ୍ଡଗୋଳ ହେଲେ ଯୁଦ୍ଧ କରିବାପାଇଁ ମଧ୍ୟ ସେମାନେ ଆଟପୋଟ ଧରି ଆସିଥିଲେ । କିନ୍ତୁ ଆଗରୁ ମୋର ମନୋମତ ସ୍ୱାମୀ ଶ୍ରୀକୃଷ୍ଣଙ୍କ ପାଖକୁ ମୁଁ ଖବର

ପଠାଇ ଦେଇଥିଲି । ମା ଜଗଦମ୍ବାଙ୍କ ମନ୍ଦିରରୁ ଦିଅଁ ମଙ୍ଗୁଳେଇ ଫେରିବା ବାଟରେ ସେ ମତେ ହରଣଚାଳ କରି ନେଇଆସିଲେ । ବଡ଼ ବଡ଼ ଯୋଦ୍ଧା ବୀରମାନେ ତାଙ୍କ ରଥ ପଛରେ ଗୋଡ଼େଇଲେ । କିନ୍ତୁ ଅଜେୟକୁ ଜୟ କରିବ କିଏ ? ସେ ଦିନଠୁ ମୁଁ ମୋର ସର୍ବସ୍ୱ ତାଙ୍କରି ଚରଣାରବିନ୍ଦରେ ଢାଳି ଦେଇଚି । ତାଙ୍କ ପଦ ସେବା ହିଁ ମୋର ପତିସେବା ।

ସତ୍ୟଭାମା କହିଲେ– ମୋର ବିବାହ ଅତି ବିଚିତ୍ର । ମୋ ପିତା ସତ୍ରାଜିତଙ୍କ ପାଖରେ ସ୍ୟମନ୍ତକ ମଣି ଥିଲା । ଏହି ମଣିକି କେନ୍ଦ୍ର କରି ବହୁ ଘଟଣା, ଦୁର୍ଘଟଣା ଘଟିଲା । ମୋ କକା ପ୍ରସେନ୍‌ଜିତ୍‌ଙ୍କୁ ବଧ କରାଇଲା । ହତ୍ୟାକଳଙ୍କ ଭଗବାନଙ୍କ ନାମରେ ବୋଲାଗଲା । ଏହି କଳଙ୍କ ପୋଛିବା ଲାଗି ସେ ଋକ୍ଷରାଜ ଜାମ୍ବବାନଙ୍କୁ କବଳିତ କଲେ । ଜାମ୍ବବାନଙ୍କଠି ଏହି ମଣି ଥିଲା । ଭଗବାନ ଏ ମଣି ଆଣି ମୋ ପିତାଙ୍କୁ ଦେଲେ । ମିଥ୍ୟା ଦୋଷାରୋପ କରିଥିବାରୁ ସେ ଡରିଗଲେ । ମୁଁ ବାଗ୍‌ଦତ୍ତା ହୋଇ ସାରିଥିଲି । ଅନ୍ୟ ସହିତ ମୋ ବିବାହ ସ୍ଥିର ହୋଇ ସାରିଥିଲା । କିନ୍ତୁ ପରିସ୍ଥିତି ଚାପରେ ପଡ଼ି ମୋ ପିତା ସତ୍ରାଜିତ ମଣି ସହିତ ମତେ ଭଗବାନଙ୍କ ଚରଣରେ ସମର୍ପଣ କରିଦେଲେ ।

ଜାମ୍ବବତୀ କହିଲେ– ଦ୍ରୌପଦି ! ତୁମେ ତ ଜାଣ ତ୍ରେତାଯୁଗରେ ମୋ ପିତା ଜାମ୍ବବାନ ରଘୁପତି ରାଘବ ରାଜା ରାମଙ୍କ ପରମ ଭକ୍ତ ଥିଲେ । ସେହି ରାମ ଯେ ଦ୍ୱାପରରେ ଶ୍ରୀକୃଷ୍ଣ ଏକଥା ମୋ ପିତା ଜାଣି ନଥିଲେ । ଘଟଣାକ୍ରମେ ସ୍ୟମନ୍ତକ ମଣି ମୋ ପିତାଙ୍କ ହାତରେ ପଡ଼ିଥିଲା । ଶ୍ରୀକୃଷ୍ଣ ମଣିକି ଠାବ କରିବା ପାଇଁ ମୋ' ପିତାଙ୍କ ପାଖରେ ପହଞ୍ଚିଲେ । ପିତାଙ୍କ ସହିତ ୟାଙ୍କର (ମୋ ସ୍ୱାମୀଙ୍କର) ସତେଇଶ ଦିନ ଧରି ଘମାଘୋଟ ଲଢେଇ ହେଲା । ପରୀକ୍ଷା ପୂର୍ଣ୍ଣ ହେଲା । ମୋ ପିତା ଶେଷରେ ଜାଣିଲେ ଯେ ଯିଏ ଶ୍ରୀରାମ, ସିଏ ଶ୍ରୀକୃଷ୍ଣ । ଜାଣିବା ମାତ୍ରେ ସେ ସ୍ୟମନ୍ତକ ମଣି ସହିତ ମତେ ଭଗବାନଙ୍କୁ ସମର୍ପଣ କରିଦେଲେ । ମୁଁ ଜନ୍ମଜନ୍ମାନ୍ତର ତାଙ୍କର ଦାସୀ ରହିବି– ଏହା ହିଁ ମୋର ଏକାନ୍ତ କାମନା ।

କାଳିନ୍ଦୀ କହିଲେ– ମୁଁ ଭଗବାନଙ୍କୁ ପତି ରୂପେ ପାଇବା ପାଇଁ ଯମୁନା ତଟରେ ତପସ୍ୟା କରୁଥିଲି । ଭଗବାନ ଅର୍ଜୁନଙ୍କର ସହିତ ମୋ' ପାଖରେ ପହଞ୍ଚିଲେ ଏବଂ ମତେ ନିଜର ପତ୍ନୀ ରୂପେ ଗ୍ରହଣ କରିନେଲେ । ତପସ୍ୟାର ଫଳ ପାଇଲି ।

ମିତ୍ରବିନ୍ଦା କହିଲେ– ଆମ ବଡ଼ ଭଉଣୀ ରୁକ୍ମିଣୀଙ୍କ ଭଳି ମୁଁ ମଧ୍ୟ ହରଣଚାଳ ହୋଇ ଆସିଲି । ମୋ ସ୍ୱୟମ୍ବର ସଭାବେଳେ ଭଗବାନ ଉପସ୍ଥିତ ଥିଲେ । ସିଂହ ଛେଳିକି ଟେକି ନେଲା ଭଳି ଇଏ ମତେ ସଭାରୁ ଟେକି ନେଇ ଆସିଲେ । ଅନ୍ୟ ରାଜାମାନଙ୍କର ଶିଶୁପାଳ ଦଶା ହେଲା ।

ସତ୍ୟା କହିଲେ— ମୋ ବିବାହ ଲାଗି ମୋ ପିତା ଏକ ଅଦ୍‌ଭୂତ ସର୍ତ୍ତ ରଖିଥିଲେ । ସେ ସାତଟା ମାରଣା ଷଣ୍ଢ ପୋଷିଥିଲେ । ସେମାନଙ୍କର ତିଖ ମୁନିଆଁ ଶିଙ୍ଗ । ଏହି ସାତଟାକୁ ଯିଏ ମହଣେଇ ପାରିବ, ବୋଲ ମନେଇ ପାରିବ, ତାକୁ ମୋ ଝିଅକୁ ବାହା ଦେବି ବୋଲି ସେ ଆଗରୁ ଘୋଷଣା କରିଥିଲେ । ଷଣ୍ଢ ପାଖକୁ ଯିବେ କ'ଣ, ରାଜା ଓ ଯୁବରାଜମାନେ ଏମାନଙ୍କୁ ଦେଖୁ ଦେଖୁ ଝୋଲା ମାରି ପଡ଼ିଗଲେ । ଭଗବାନ ଶ୍ରୀକୃଷ୍ଣ ଷଣ୍ଢମାନଙ୍କ ସହିତ ପୋଷା ମନେଇଲା ଭଳି ବହୁ ସମୟ ଖେଳିଲେ । ମୋ ପିତା ଏ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ । ସେ ସଙ୍ଗେ ସଙ୍ଗେ ଏହାଙ୍କ ଗଳାରେ ବରଣମାଳା ଦେବା ଲାଗି ମତେ ଇଙ୍ଗିତ ଦେଲେ । ସେ ଦିନଠୁ ମୁଁ ଏହାଙ୍କ ସେବିକା ହୋଇ ରହିଛି ।

ଭଦ୍ରା କହିଲେ— ଭଗବାନ ମୋ ମାମୁ ପୁଅ ଭାଇ । ମୁଁ ମନେ ମନେ ତାଙ୍କୁ ଭଲ ପାଇ ଆସିଥିଲି । ଏକଥା ମୋ ପିତା ଜାଣିବା ମାତ୍ରେ ବହୁ ଦାସୀ ଓ ଅକ୍ଷୌହିଣୀ ସେନାଙ୍କ ସହିତ ସେ ମତେ ଭଗବାନଙ୍କ ପାଦପଦ୍ମରେ ସମର୍ପଣ କରିଦେଲେ । ଭାଇ ଥିଲେ, ସ୍ୱାମୀ ହେଲେ ।

ଲକ୍ଷ୍ମଣା କହିଲେ— ଭଉଣୀ ଦ୍ରୌପଦି ! ତୁମ ସହିତ ଅର୍ଜୁନଙ୍କର ଯେପରି ବିବାହ ହେଲା ଠିକ୍ ସେହି ମାର୍ଗରେ ଭଗବାନଙ୍କ ସହିତ ମୋର ବିବାହ । ଉପରେ ମାଛ, ତଳେ ଜଳ । ଜଳକୁ ଦେଖି ମାଛକୁ ଲାଖବିନ୍ଧା ଭଳି ସର୍ତ୍ତ ଥିଲା । କିନ୍ତୁ ଏ ସର୍ତ୍ତ ଥିଲା ଅଧିକ ଜଟିଳ ଏବଂ କଠୋର । ଯାହାହେଉ ଭଗବାନ ସେ ସର୍ତ୍ତ ପୂରଣ କରି ମତେ ପତ୍ନୀରୂପେ ବରଣ କଲେ ।

ଦ୍ରୌପଦୀ ଆଠ ପାଟରାଣୀଙ୍କ ବିବାହ କାହାଣୀ ଶୁଣି ହସିଲେ । କହିଲେ— କିଏ ଷଣ୍ଢ, କିଏ ମାଛ, କିଏବା ଗଧକୁ ସର୍ତ୍ତ ରଖି ବିବାହ କଲ ନା ? ଶୁଣିଚି, ଭଗବାନ, ରୁକ୍ମିଣୀଙ୍କ ବିବାହବେଳେ ଗଧ ପାଦ ଧରିଥିଲେ । ଗଧଶାଳାରେ ଆଗରୁ ଆସି ଲୁଚିଥିଲେ । ଗଧ ବୋବାଇବାରେ ବୋବାନା ବୋଲି ତା' ପାଦ ଧରି ତାକୁ ନିବେଦନ କରିଥିଲେ ।

ଦ୍ରୌପଦୀ ଆଠ ପାଟରାଣୀଙ୍କଠୁ ଏକଥା ଶୁଣି ହସିଲେ । ଶ୍ରୀକୃଷ୍ଣ ଆଉ ଷୋଳହଜାର ରାଣୀଙ୍କୁ କିପରି ବିବାହ କଲେ, ସେକଥା ରୋହିଣୀ ବର୍ଣ୍ଣନା କଲେ । କହିଲେ, ଭୌମାସୁର (ନରକାସୁର) ଏହି କୁମାରୀ କନ୍ୟାମାନଙ୍କୁ ବନ୍ଦୀ କରି ରଖିଥିଲା । ଶ୍ରୀକୃଷ୍ଣ ଏମାନଙ୍କୁ ମୁକୁଳାଇ ସେମାନଙ୍କୁ ବିବାହ କରିଥିଲେ ।

ଯଜ୍ଞ ସରିଲା । ଋତ୍ୱିକ ଋଷି ମହର୍ଷିମାନେ ବସୁଦେବ ଓ ତାଙ୍କ ପରିବାରର ଲୋକଙ୍କ ଉପରେ ଶାନ୍ତିଉଦକ ସିଞ୍ଚନ କଲେ । ବେଦ ମନ୍ତ୍ର ଉଚ୍ଚାରଣ ପୂର୍ବକ ଆଶୀର୍ବାଦ

କଲେ । ଯଜ୍ଞବେଳେ ସେମାନେ ରାମକୃଷ୍ଣଙ୍କୁ ଯଜ୍ଞସ୍ଥଳିରେ ବସାଇ ସେମାନଙ୍କୁ ଆବାହନ କରୁଥିଲେ । ଏ ଦୃଶ୍ୟ ସମସ୍ତଙ୍କୁ ବିହ୍ୱଳିତ କରୁଥିଲା । ଭାବଚକ୍ଷୁରେ ସେମାନେ ମନୁଷ୍ୟ ଦେହଧାରୀ ରାମକୃଷ୍ଣଙ୍କୁ ନାରାୟଣ ରୂପରେ ଦର୍ଶନ କରୁଥିଲେ । ଋଷିମାନେ ରାମକୃଷ୍ଣଙ୍କୁ ପାଦାର୍ଘ୍ୟ ଦେଇ ଆବାହନ କରିବା ମାତ୍ରେ ରାଜାମହାରାଜାମାନଙ୍କ ମଧ୍ୟରେ ନାନା ଗୁଞ୍ଜରଣ ଚାଲିଲା । ଶତ୍ରୁମାନେ ନାକଟେକିଲେ । ମିତ୍ରମାନେ ଆନନ୍ଦ ଅନୁଭବ କଲେ ।

ବସୁଦେବ ବ୍ରାହ୍ମଣ ଦେବତାମାନଙ୍କୁ ବହୁଦାନ ଦକ୍ଷିଣା ଦେଲେ । ବସ୍ତ୍ରଠାରୁ ଗୋଦାନ ପର୍ଯ୍ୟନ୍ତ । ଯଜ୍ଞାନ୍ତ ସ୍ନାନ ସାରି ନିଜର ପରିଧାନ ଦାନ ଦେଇ ସେ ନବବସ୍ତ୍ର ପିନ୍ଧିଲେ । ଭୀଷ୍ମଦେବ, ଧୃତରାଷ୍ଟ୍ର, ବ୍ୟାସଦେବ, ନାରଦ ପ୍ରମୁଖ ରାଜା ଓ ଋଷିମାନେ ସ୍ୟମନ୍ତପଞ୍ଚକରୁ ବିଦାୟ ନେଲେ । କେତେକ ଯାଦବ ମଧ୍ୟ ବିଦା ହେଲେ । କେତେଦିନ ଧରି ବନ୍ଧୁ ମିଳନରେ ସମୟ ଜଣାପଡୁ ନଥିଲା । ପରସ୍ପର ମଧ୍ୟରେ ପ୍ରୀତିସମ୍ଭାଷଣ ଚାଲିଥିଲା । ଜଣକ ପରେ ଜଣେ ବିଦାୟ ନେବାରେ ଚାରିଆଡ ଖାଁ ଖାଁ ଲାଗିଲା ।

ହେ ପରୀକ୍ଷିତ ! ବସୁଦେବ ସୁରୁଖୁରୁରେ ଯଜ୍ଞ ସମ୍ପନ୍ନ ହୋଇଥିବାରୁ ଆନନ୍ଦ ସାଗରରେ ଉବୁଟୁବୁ ହେଉଥିଲେ । ସେ ନନ୍ଦବାବାଙ୍କ ହାତ ଧରି କହିଲେ, ଭଗବାନ ମଣିଷଲାଗି ଏକ ବଡ଼ ବନ୍ଧନ ସୃଷ୍ଟି କରିଛନ୍ତି । ଏହି ବନ୍ଧନର ନାମ ସ୍ନେହ ଓ ପ୍ରେମ । ଏହା ଏପରି ଏକ ଜିନିଷ, ବଡ଼ ବଡ଼ ସାଧୁସନ୍ଥ ମଧ୍ୟ ଏହି ବନ୍ଧନରୁ ମୁକ୍ତ ହେବା ଲାଗି ଅସମର୍ଥ । ମୋ ଜୀବନର ଅଧିକାଂଶ ସମୟ ତ ବନ୍ଦିଶାଳାରେ କଟିଲା । କାହାକୁ ସ୍ନେହ ଶ୍ରଦ୍ଧା ଦେଇ ପାରିନାହିଁ । ଏହି ନ ଦେବାଟା ହିଁ ମୋର ପାପ ବୋଲି ଧରି ନେଇଥିଲି । ଯାହାହେଉ ଯଜ୍ଞ କରି ନିଜକୁ ଉଶ୍ୱାସ କରିନେଲି । କହୁ କହୁ ତାଙ୍କ ଆଖିରୁ ପ୍ରେମାଶ୍ରୁ ନିର୍ଗତ ହେବାକୁ ଲାଗିଲା ।

ନନ୍ଦବାବା ବସୁଦେବ, ଦେବକୀ, ରାମକୃଷ୍ଣଙ୍କ ଗହଣରେ ତିନିମାସ ରହିଲେ । ରାମକୃଷ୍ଣ ନନ୍ଦ ଯଶୋଦା ଓ ଗୋପୀ ଗୋପାଳମାନଙ୍କୁ ବହୁ ମୂଲ୍ୟବାନ୍ ବସ୍ତ୍ର ଓ ଆଭୂଷଣ ଦେଲେ । ସେମାନେ ଏସବୁ ପାଇଲେ ମଧ୍ୟ ନ ପାଇଲା ଭଳି ଅନୁଭବ କଲେ । କାରଣ ସେମାନେ ରାମକୃଷ୍ଣଙ୍କୁ ପାଇ ଯେଉଁ ଆନନ୍ଦ ପାଉଥିଲେ, ସେ ଆନନ୍ଦ କ'ଣ ସାମଗ୍ରୀରୁ ପାଇବେ ? ସେ ଆନନ୍ଦ ଆଗରେ ଏ ସବୁ ତୁଚ୍ଛ ।

ସବୁ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ବିଦା ହେବାପରେ ବସୁଦେବ ସପରିବାର ଦ୍ୱାରକା ଅଭିମୁଖେ ଯାତ୍ରା କଲେ । କାରଣ ବର୍ଷା ଋତୁ ଆସି ଯାଇଥିଲା । ଦ୍ୱାରକା ଫେରି ଯେଉଁମାନେ ସ୍ୟମନ୍ତପଞ୍ଚକ ଯାଇପାରି ନଥିଲେ, ସେମାନଙ୍କୁ ତୀର୍ଥଯାତ୍ରା କିପରି ସଫଳ ହେଲା, ବର୍ଣ୍ଣନା କରି କହିଲେ ।

●

|| ୧୨୨ ||

# ଦେବକୀ ଛ'ପୁଅ ପାଇଲେ

କୃଷ୍ଣ ଭଳି ପୁଅ ପାଇ ମଧ୍ୟ ଦେବକୀ ସର୍ବଦା ଦୁଃଖରେ ରହିଥିଲେ । ବନ୍ଦୀଶାଳାରୁ ନେଇ କଂସ ଯେଉଁ ଛ'ପୁଅକୁ ମାରି ଦେଇଥିଲା, ଦେବକୀ ସବୁବେଳେ ସେ ପୁଅଙ୍କ କଥା ଭାବୁଥିଲେ । ଥରେ ଥରେ ବସୁଦେବଙ୍କୁ କହୁଥିଲେ, ବଞ୍ଚିଥିଲେ ପୁଅ ଛଅଟି କେଡ଼େକେଡ଼େ ହୋଇ ସାରନ୍ତେଣି ! କୋଳରେ ଧରି ସେମାନଙ୍କୁ ଟିକିଏ ଗେଲ ବି କରିପାରିଲିନି ।

ତୀର୍ଥାଦି ସରିବା ପରେ ଦିନେ ଦେବକୀ ଦୁଇ ପୁଅ ବଳରାମ ଓ କୃଷ୍ଣଙ୍କୁ ପାଖକୁ ଡାକିଲେ । କୃଷ୍ଣଙ୍କୁ କହିଲେ, ହଇରେ, ଋଷିମୁନିଙ୍କଠୁ ଶୁଣିଛି, ତୁ କୁଆଡ଼େ ନାରାୟଣଙ୍କ ଅବତାର । ସେମାନେ କହୁଛନ୍ତି ଯେତେବେଳେ, ମୁଁ ବି ବିଶ୍ୱାସ କରୁଛି । ତୁ ନାରାୟଣ, ବଳିଆ, ସଂକର୍ଷଣ ହୋଇଥାଅ ପଛକେ, ତୁମେ ଦୁହେଁ ମୋର ପୁଅ । ମୁଁ ତୁମମାନଙ୍କର ମା' ହୋଇଥିବାରୁ ଖୁସି । ଗୋଟିଏ କଥା କହିବି କହିବି ହେଉଛି, ସୁବିଧା ହେଉନି କହିବା ପାଇଁ ।

କହିବି ବୋଲି କହିବା ମାତ୍ରେ ଦେବକୀଙ୍କ ଚକ୍ଷୁ ଯୁଗଳ ସଜଳ ହୋଇ ଉଠିଲା । ସେ ଲୁଗାକାନିରେ ଆଖି ପୋଛିଲେ । କହିଲେ, ତୁମେ ଦୁହେଁ ସାନ୍ଦପନୀଙ୍କ ଆଶ୍ରମରେ ରହି ପାଠ ପଢ଼ିଲ । ପଢ଼ା ସରିବାପରେ ମୁନିଙ୍କୁ ଗୁରୁଦକ୍ଷିଣା ଦେବାକୁ ଚାହିଁବା ମାତ୍ରେ, ଗୁରୁ ଓ ଗୁରୁ ପତ୍ନୀ କହିଲେ, ସେମାନଙ୍କ ମଲାପୁଅକୁ ଜୀଅନ୍ତା ଫେରାଇ ଆଣି ଦେବାପାଇଁ । ଯାହା ସଂସାରରେ କେବେ କୁଉଠି ହେଇନି, ସେପରି ଏକ ଦକ୍ଷିଣା ତୁମମାନଙ୍କୁ ଦେବାକୁ ପଡ଼ିଥିଲା । ତୁମେ ଦୁହେଁ ଯମପୁରକୁ ଗଲ । ଯମଠାରୁ ମଲାପୁଅକୁ ଜୀବିତ ଭାବରେ ଫେରାଇ ଆଣି ଗୁରୁ ଦକ୍ଷିଣା ଦେଇଥିଲ । ଏକଥା ସମସ୍ତେ ଜାଣନ୍ତି । ଯଦି ଗୁରୁ ପାଇଁ ଏପରି ଅସମ୍ଭବ କାର୍ଯ୍ୟ କରିପାରିଲ, ତୁମର ମା' ମୁଁ, ମୋ ପାଇଁ କରିପାରିବନି ? ତୁମେମାନେ ଜନ୍ମହେବା ପୂର୍ବରୁ ମୁଁ ଆଉ ଛଅ ପୁଅଙ୍କୁ ଜନ୍ମ ଦେଇଥିଲି । ସମସ୍ତଙ୍କୁ କଂସ ମାରି ଦେଇଥିଲା । ମୁଁ ତ ଆସି ବୁଢ଼ୀ ହେଲିଣି । କେତେବେଳେ ଚିରଦିନ ପାଇଁ ଆଖି ବୁଜିଦେବି, କିଏ କହିବ ? ମୋର ଇଚ୍ଛା, ମରିବା ପୂର୍ବରୁ ଅନ୍ତତଃ ସେହି ଛଅପୁଅଙ୍କ ମୁହଁ ଟିକିଏ ଦେଖନ୍ତି । ସିଏ ଥିଲା ତୁମମାନଙ୍କର ଗୁରୁଦକ୍ଷିଣା, ଇଏ ମାତୃଦକ୍ଷିଣା ବୋଲି ଭାବ । ସେ ଛଅ ପୁଅକୁ ଯଦି ଫେରାଇ ଆଣନ୍ତ... ।

'ଆଚ୍ଛା ମା', ତୁମର ମନସ୍କାମନା ପୂର୍ଣ୍ଣ କରାଯିବ ବୋଲି ଦୁଇଭାଇ ସମସ୍ୱରରେ କହିଲେ । ଦୁହେଁ ତ ଯୋଗେଶ୍ୱର । ସଙ୍ଗେ ସଙ୍ଗେ ସେମାନେ ଯୋଗ ବଳରେ ସୁତଳ ପାତାଳପୁରକୁ ପ୍ରବେଶ କଲେ । ବାମନାବତାରରେ ଶ୍ରୀକୃଷ୍ଣ ଦାନବୀର ବଳିର ଦାନଗର୍ବ ଦମନ କରିଥିଲେ । ତାଙ୍କୁ ତୃତୀୟ ପାଦରେ ପାତାଳକୁ ଚାପି ଦେଇଥିଲେ । ସେହିଦିନଠୁ ବଳି ପାତାଳର ରାଜା । ରାମକୃଷ୍ଣଙ୍କୁ ପାଇ ସେ ଅତି ଖୁସି ହେଲା । ସ୍ୱାଗତ ସମ୍ବର୍ଦ୍ଧନା କରି ନିଜ ଉଆସକୁ ପାଛୋଟି ନେଲା । ଷୋଡ଼ଶ ଉପଚାରରେ ପୂଜା ଅର୍ଚ୍ଚନା କଲା । ରାମକୃଷ୍ଣଙ୍କ ପାଦୋଦକ ସେବନ କଲା । ସ୍ତୁତି କଲା ।

ଶ୍ରୀକୃଷ୍ଣ ବଳିକି କହିଲେ, ବହୁତ କଲଣି, ବହୁତ ସ୍ତୁତି ବି କଲଣି । ଆମେ ଦୁହେଁ ସନ୍ତୁଷ୍ଟ । କିନ୍ତୁ ଆମେ ତୁମ ପାଖକୁ ଆସିବାର ଅନ୍ୟ ଉଦ୍ଦେଶ୍ୟ ରହିଛି । ସବୁ କଥା ସଂକ୍ଷେପରେ ହେଲେ ମଧ ଠିକେ ଠିକେ କହିଦେଉଛି । ତୁମେ ବୁଝିପାରିବ । ଆମକୁ ସାହାଯ୍ୟ ମଧ କରିପାରିବ । ଶ୍ରୀକୃଷ୍ଣ କହିଲେ, ସ୍ୱାୟଂମ୍ଭୁବ ମନ୍ୱନ୍ତର କାଳରେ ମରୀଚ ଓ ତାଙ୍କ ସ୍ତ୍ରୀ ଉର୍ଣ୍ଣାଙ୍କର ଛ'ପୁଅ ଥିଲେ । ଏମାନେ ସମସ୍ତେ ଦେବତା । ଥରେ ବ୍ରହ୍ମା ନିଜ କନ୍ୟା ସରସ୍ୱତୀଙ୍କୁ ପ୍ରେମାଲିଙ୍ଗନ କରୁଥିବା ଦେଖି ଏହି ଛଅଭାଇ ଖିଁ ଖିଁ ହସିବାରେ ଲାଗିଲେ । ବ୍ରହ୍ମାଙ୍କ କନ୍ୟା-ପ୍ରେମ ସେତିକିରେ ରହିଲା, କିନ୍ତୁ ଭୀଷଣ ଲଜ୍ଜିତ ହୋଇପଡ଼ିଲେ ସେ । କ୍ରୋଧ ବି ହେଲା । ସେ ସଙ୍ଗେ ସଙ୍ଗେ ଛ'ଭାଇଙ୍କୁ ଅଭିଶାପ ଦେଲେ, ଅସୁର ହୋଇଯିବା ପାଇଁ । ଏହି ଛ'ଦେବତା ଭାଇ ପରେ ହିରଣ୍ୟକଶିପୁର ପୁଅ ହୋଇ ଜନ୍ମଗ୍ରହଣ କଲେ; କିନ୍ତୁ ଯୋଗମାୟା ସେମାନଙ୍କୁ ଆଣି ଦେବକୀଙ୍କ ଗର୍ଭରେ ଥାପନା କରିଦେଲେ । ଏହି ଛ'ପୁଅ ଦେବକୀଙ୍କ ଗର୍ଭରୁ ଜାତ ହେବା ମାତ୍ରେ କଂସାସୁର ସେମାନଙ୍କୁ ମାରିଦେଲା । ଏମାନଙ୍କୁ ପାଇବା ପାଇଁ ଆମ ମା' ଦେବକୀ ବ୍ୟାକୁଳ । ସେ ପୁଅଙ୍କୁ ହରେଇ ସେଦିନଠୁ ଶୋକାତୁରା । ସେହି ପୁଅ ଛ'ଟି ତୁମରି ପାଖରେ ଅଛନ୍ତି । ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେମାନଙ୍କୁ ତୁମଠୁ ନେଇଯିବୁ । ତା' ପରେ ମୋ କୃପାରେ ସେମାନେ ଶାପମୁକ୍ତ ହୋଇ ଦେବଲୋକକୁ ଫେରିଯିବେ । ସଦ୍‌ଗତି ଲାଭ କରିବେ ।

ବଳି ପଚାରିଲା, ସେ ଛ'ପୁଅଙ୍କ ନାଁ କ'ଣ ? ଶ୍ରୀକୃଷ୍ଣ କହିଲେ, ସ୍ମର, ଉଦ୍‌ଗିଥ, ପରିଷ୍ୱଙ୍ଗ, ପତଙ୍ଗ, କ୍ଷୁଦ୍ରଭୃତ ଓ ଘୃଣି ।

ନାଆଁ କହିବା ମାତ୍ରେ ବଳି କହିଲା, ହଁ ସେମାନେ ମୋ ପାଖରେ ଅଛନ୍ତି । ଡକେଇ ଦେଉଛି । ନେଇ ଯାଆନ୍ତୁ । ଦୈତରାଜ ପୁନଶ୍ଚ ରାମକୃଷ୍ଣଙ୍କୁ ଅର୍ଘ୍ୟ, ପାଦାର୍ଘ୍ୟ ଆଦି ନାନା ଉପଚାର ଦେଇ ପୂଜା କଲା । ଛ'ଭାଇଙ୍କୁ ଧରି ସେମାନେ ଦ୍ୱାରକା ଫେରି

ଆସିଲେ । ଦେବକୀଙ୍କ ନିକଟରେ ଛ'ପୁଅଙ୍କୁ ସମର୍ପଣ କରି କହିଲେ, ଏମାନେ ଏକଦା ତୁମର ପୁଅ ହୋଇ ଜନ୍ମିଥିଲେ ।

ସେମାନେ ସଦ୍ୟଜାତ ସନ୍ତାନ ରୂପରେ ହିଁ ଆସିଥିଲେ । ଛ'ପୁଅଙ୍କୁ ଦେଖିବା ମାତ୍ରେ ଦେବକୀ ଆନନ୍ଦରେ ଗଦ୍‌ଗଦ୍ ହୋଇ ଉଠିଲେ । ତାଙ୍କଠି ବାତ୍ସଲ୍ୟ ସ୍ନେହ ଉକୁଟି ଉଠିଲା । ସ୍ତନରୁ କ୍ଷୀର ଝରିଲା । ଦେବକୀ ପିଲାଗୁଡ଼ିକୁ କୋଳରେ ବସାଇ ଚୁମା ଦେଲେ । ଗେଲ କଲେ । ଦେହସାରା ହାତ ବୁଲାଇ 'ଆହା ଚୁ ଚୁ' କଲେ । କୁଆଡ଼େ ଥିଲରେ ବୋଲି ମନେ ମନେ କେତେ କ'ଣ ପଚାରିଲେ । ସ୍ତନ୍ୟ ପାନ କରାଇଲେ । ଭଗବାନ ବିଷ୍ଣୁଙ୍କ ମାୟାରେ ଦେବକୀ ମୋହିତ ହୋଇ ପଡ଼ିଲେ । ଭାବିଲେ, ସେ ମଥୁରାର କାରାଗୃହରେ ହିଁ ରହିଛନ୍ତି । ଭଗବାନ ସୃଷ୍ଟିଚକ୍ର ବଦଳାଇ ଦେବକୀଙ୍କ ମନକୁ ଶାନ୍ତ କରାଇଲେ । ଛ'ପୁଅଙ୍କୁ ପାଇ ସେ ଯିମିତି ରାମକୃଷ୍ଣଙ୍କୁ ପୂରାପୂରି ଭୁଲିଗଲେ । ପିଲା ବଡ଼ ହୋଇଗଲେ ସେମାନଙ୍କ ପ୍ରତି ମା'ର ସ୍ନେହ ହ୍ରାସ ପାଇଥାଏ । କିନ୍ତୁ ଛୋଟ ପିଲାବେଳେ ପୁଅ ଝିଅଙ୍କ ପ୍ରତି ମା'ର ସ୍ନେହ ଥାଏ ପ୍ରଗାଢ଼, ନିବିଡ଼ ।

ଦେବକୀଙ୍କ ସ୍ତନର ଦୁଗ୍ଧ ଥିଲା ଅବିକଳ ଅନାବିଳ ଅମୃତ । କାରଣ ଭଗବାନ ଜନ୍ମ ହେବା ମାତ୍ରେ ସେ ସ୍ତନ୍ୟପାନ କରିଥିଲେ । ତାଙ୍କର ଅଧର ଓ ରସନାର ସ୍ପର୍ଶରେ ଦେବକୀଙ୍କ ସ୍ତନ୍ୟ ରସାମୃତ ପାଲଟିଥିଲା । ଶ୍ରୀକୃଷ୍ଣଙ୍କ ପରିକଳ୍ପନା ଥିଲା ପୃଥକ୍ । ଏ ପରିକଳ୍ପନା ଥିଲା, ଅଭିଶପ୍ତ ଛ' ଦେବତାଙ୍କୁ ସଦ୍‌ଗତି ପ୍ରଦାନ କରିବା । ଦେବକୀଙ୍କ ସ୍ତନ ଯେହେତୁ ଭଗବାନଙ୍କ ସ୍ପର୍ଶ ପାଇଥିଲା, ତେଣୁ ଛ' ଦେବତା ତାଙ୍କ ସ୍ତନ୍ୟ ପାନ କରି ଅଭିଶାପମୁକ୍ତ ହେଲେ । ସେମାନଙ୍କର ଆତ୍ମସାକ୍ଷାତକାର ହୋଇଗଲା । ଦେଖୁ ଦେଖୁ ସେମାନେ ପୂର୍ବ ରୂପ ଲାଭ କଲେ ଦେବତା ପାଲଟିଗଲେ । ସମ୍ମୁଖରେ ଭଗବାନଙ୍କ ଦୁଇ ରୂପ ବିଷ୍ଣୁ ଓ ଶିବଶଙ୍କର । ସେମାନେ ଦେବକୀ ଓ ବସୁଦେବଙ୍କ ଚରଣ ସ୍ପର୍ଶ କଲେ । ରାମକୃଷ୍ଣଙ୍କୁ ନମସ୍କାର କଲେ ଏବଂ ଦେବଲୋକକୁ ଚାଲିଗଲେ ।

ଶୁକଦେବ କହିଲେ, ହେ ରାଜା ପରୀକ୍ଷିତ । ଏ ଦୃଶ୍ୟ, ଏ ଘଟଣା ଦେଖି ମା' ଦେବକୀ ବିସ୍ମିତ ହୋଇ ପଡ଼ିଲେ । ସେ ଦେଖିଲେ, ମୃତ ପୁତ୍ରମାନେ ଜୀବନ୍ତ ଅବସ୍ଥାରେ ତାଙ୍କ ପାଖକୁ ଆସିଲେ, ସେଇ ଅବସ୍ଥାରେ ଉଭାନ ହୋଇଗଲେ, ତିରୋହିତ ହୋଇପଡ଼ିଲେ । ମନେ ମନେ ସେ ନିଶ୍ଚିତ ହେଲେ ଯେ ଅନ୍ୟ କାହା କଥାରେ ବିଶ୍ୱାସ, ଅବିଶ୍ୱାସ କରିବାର ପ୍ରଶ୍ନ ଉଠୁନି, ତାଙ୍କ ପୁଅ ରାମକୃଷ୍ଣ ଯେ ହରି ଓ ହର ଏଥିରେ କୌଣସି ସନ୍ଦେହ ନାହିଁ । ଯାହାସବୁ ଘଟିଲା, ସେସବୁ ଥିଲା, ରାମକୃଷ୍ଣଙ୍କ ଲୀଳ-। କୈବଲ୍ୟ ! ବସୁଦେବଙ୍କର ମଧ ବିଶ୍ୱାସ ଦୃଢ଼ୀଭୂତ ହେଲା ।

ଦିନେ ବ୍ରାହ୍ମ ମୁହୂର୍ତ୍ତରେ ରାମକୃଷ୍ଣ ଦୁଇଭାଇ ପ୍ରଣାମ କରିବା ପାଇଁ ମାତାପିତାଙ୍କ ପାଖକୁ ଗଲେ । ବସୁଦେବ ସେତେବେଳେ ଭାବପୂର୍ଣ୍ଣ ଅବସ୍ଥାରେ ଥିଲେ । ଦୁହିଁଙ୍କୁ ଦେଖି ତାଙ୍କର ଭାବସାଗର ଉଦ୍‌ବେଳିତ ହୋଇ ପଡ଼ିଲା । ସେ ରାମକୃଷ୍ଣଙ୍କୁ ହାତଯୋଡ଼ି ପ୍ରାର୍ଥନା କଲେ । କହିଲେ, ହେ ସଚ୍ଚିଦାନନ୍ଦ ସ୍ୱରୂପ ଶ୍ରୀକୃଷ୍ଣ ! ହେ ମହାଯୋଗେଶ୍ୱର ସଂକର୍ଷଣ ! ତୁମେ ଦୁହେଁ ସନାତନ । ସମଗ୍ର ସୃଷ୍ଟିର କାରଣ, ଆଧାର, ନିର୍ମାତା ଓ ନିୟାମକ । ତୁମେମାନେ ମତେ ନିଜ ନିଜ ଚରଣ କମଳରେ ଆଶ୍ରୟ ଦିଅ । ତୁମମାନଙ୍କୁ ପୁତ୍ର ମନେ କରି ଶାସନ କରିଛି, କଟୁକଥା କହିଛି, ମତେ କ୍ଷମା କର ।

ବସୁଦେବଙ୍କ ମୁହଁରୁ ସ୍ତୁତିବାକ୍ୟ ଶୁଣି ଭକ୍ତବତ୍ସଳ ଭଗବାନ ବାସୁଦେବ ଶ୍ରୀକୃଷ୍ଣ ନ ହସି ରହିପାରିଲେ ନାହିଁ । ସେ ପିତାଙ୍କ ସମ୍ମୁଖରେ ମୁଣ୍ଡ ନୁଆଇଁଲେ । କହିଲେ, ଆମେ ଦୁହେଁ ତୁମର ପୁତ୍ର । ଯାହାହେଉ, ଆପଣଙ୍କ ମନରେ ବ୍ରହ୍ମଜ୍ଞାନ ଉଦୟ ହୋଇଛି ଦେଖି ଆମେ ଆନନ୍ଦିତ । ଆତ୍ମା ଏକ । ଗୁଣ ଦ୍ୱାରା ପ୍ରସ୍ତୁତ ପଞ୍ଚଭୂତରେ ଏକ ହେଲେ ମଧ୍ୟ ଅନେକ, ସ୍ୱୟଂ ପ୍ରକାଶ ହେଲେ ମଧ୍ୟ ଦୃଶ୍ୟ, ନିଜ ସ୍ୱରୂପରେ ଥିଲେ ମଧ୍ୟ ଭିନ୍ନ, ନିତ୍ୟ ହେଲେ ମଧ୍ୟ ଅନିତ୍ୟ, ନିର୍ଗୁଣ ହେଲେ ମଧ୍ୟ ସଗୁଣ ରୂପରେ ଏହି ଆତ୍ମା ପ୍ରତୀତ ହୋଇଥାଏ । ତେଣୁ ଆପଣ ଯାହା କହିଛନ୍ତି ଠିକ୍ । ସାଂସାରିକ ଦୃଷ୍ଟିରୁ ଆମେ ଆପଣଙ୍କର ପୁତ୍ର । ଏକଥା ଯେପରି ଠିକ୍, ଆମେ ଯେ ପ୍ରକୃତି ଓ ଜୀବଜଗତର ସ୍ୱାମୀ ଏକଥା ମଧ୍ୟ ଠିକ୍ । ସମଗ୍ର ସୃଷ୍ଟି ବ୍ରହ୍ମମୟ । ସର୍ବ ଦେହେ ନାରାୟଣ । 'ମୁଁ ଅଛି' ରେ ସବୁ ଅଛି ।

ବସୁଦେବଙ୍କର ଆତ୍ମଜ୍ଞାନ ହେବାପରେ ସବୁକଥା ମନେ ପଡ଼ିଲା । ସେ କହିଲେ, ମୋର ମନେ ଅଛି, ହେ ପ୍ରଭୁ, ତୁମେ ବନ୍ଦୀଗୃହରେ ଭୂମିଷ୍ଠ ହେବାମାତ୍ରେ କହିଥିଲ, "ମୁଁ ଅଜନ୍ମା ହେଲେ ମଧ୍ୟ ନିଜ ଦ୍ୱାରା ନିର୍ମିତ ଧର୍ମମର୍ଯ୍ୟାଦା ରକ୍ଷା କରିବା ଲାଗି ପ୍ରତ୍ୟେକ ଯୁଗରେ ଆବଶ୍ୟକ ହେଲେ ଥରେ କ'ଣ ବାରମ୍ବାର ଅବତାର ଗ୍ରହଣ କରିଥାଏ ।"

ଶୁକଦେବ ରାଜା ପରୀକ୍ଷିତଙ୍କୁ କହିଲେ, ପୁଅ ମୁହଁରୁ ବସୁଦେବ ବ୍ରହ୍ମଜ୍ଞାନ ଶୁଣି ଆନନ୍ଦ ବାରିଧିରେ ମଗ୍ନ ହୋଇପଡ଼ିଲେ । ତାଙ୍କ ମୁହଁରୁ ଆଉ କଥା ବାହାରିଲା ନାହିଁ । ମୌନ ହୋଇଗଲେ । 'ଭାବ' ର 'ଭବ' ରାଜ୍ୟକୁ ଫେରିଆସିବା ପରେ ସେ ଯେଉଁ ବସୁଦେବକୁ ସେହି ବସୁଦେବ ହୋଇପଡ଼ିଲେ ।

●

॥ ୧୨୩ ॥

# ଭଣ୍ଡବାବା ଦ୍ୱାରା ସୁଭଦ୍ରା ହରଣ

ଥରେ ଅର୍ଜୁନ ତୀର୍ଥଯାତ୍ରା କରିଥିଲେ । ବର୍ଷେକାଳ ତାଙ୍କୁ ସାରା ଭାରତ ଭ୍ରମଣ କରିବାକୁ ପଡ଼ିଥିଲା । ପ୍ରତିତୀର୍ଥ ସ୍ଥାନରେ ଦିନେ ବା ଦୁଇଦିନ ରହି ଦାନଧର୍ମାଦି କରିଥିଲେ । ଭାରତର କେଉଁଠି କ'ଣ ଅଛି ବୁଲି ଦେଖିବା ଥିଲା ଏହି ତୀର୍ଥଯାତ୍ରାର ଉଦ୍ଦେଶ୍ୟ । ବୁଲୁଥିବାବେଳେ ଖବର ପାଇଲେ ଯେ, ଦ୍ୱାରକାରେ ରାମକୃଷ୍ଣଙ୍କ ଭଉଣୀ ସୁଭଦ୍ରାଙ୍କ ବିବାହ ଉତ୍ସବ ଲାଗି ଆୟୋଜନ ଚାଲିଛି । ବଳରାମ ସ୍ଥିର କରିଛନ୍ତି ତାଙ୍କର ପ୍ରିୟଶିଷ୍ୟ ଦୁର୍ଯ୍ୟୋଧନ ହାତରେ ସୁଭଦ୍ରାଙ୍କୁ ସମର୍ପଣ କରିବା ପାଇଁ । ଏଥିଲାଗି ଶିଶୁପାଳ ଭଳି ଦୁର୍ଯ୍ୟୋଧନ ପାଗ ବାନ୍ଧି ବସିଚି । ଦୁର୍ଯ୍ୟୋଧନ ସହିତ ସୁଭଦ୍ରାଙ୍କ ବିବାହ ନିଶ୍ଚିତ ବୋଲି ସବୁଆଡ଼େ ପ୍ରଚାର ହୋଇଯାଇଛି । ଏ ପ୍ରସ୍ତାବରେ କେବଳ ବଳରାମ ବ୍ୟତୀତ ଦ୍ୱାରକାର ଅନ୍ୟ କେହି ଖୁସି ନୁହଁନ୍ତି । ସୁଭଦ୍ରା ସ୍ୱର୍ଗର ଉର୍ବଶୀ, ମେନକାଙ୍କଠୁ ବଳି ସୁନ୍ଦରୀ । ରୂପ ଯିମିତି ଗୁଣ ସିମିତି । ସୁଭଦ୍ରା ମନେ ମନେ ବହୁ ଦିନରୁ ସ୍ଥିର କରିଛନ୍ତି ଅର୍ଜୁନଙ୍କ ସହିତ ବିବାହ କରିବା ଲାଗି ।

ଇନ୍ଦ୍ରପ୍ରସ୍ଥରେ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞବେଳେ ବହୁ ଯାଦବ ସସ୍ତ୍ରୀକ ସେଠାକୁ ଯାଇଥିଲେ । ରାମକୃଷ୍ଣଙ୍କ ଆତ୍ମୀୟସ୍ୱଜନମାନେ ମଧ୍ୟ ଏହି ଯଜ୍ଞରେ ଯୋଗ ଦେଇଥିଲେ । ସୁଭଦ୍ରା ସେତେବେଳେ ଥିଲେ କିଶୋରୀ ବୟସର । ସେ ଯାଇ ନ ଥିଲେ ମଧ୍ୟ ଯାଦବମାନଙ୍କ ଠାରୁ ଅର୍ଜୁନଙ୍କ ବୀରତ୍ୱ ସମ୍ପର୍କରେ ନାନା କଥା ଶୁଣିଥିଲେ । ଅର୍ଜୁନ ମଧ୍ୟ ସେମାନଙ୍କ ଠାରୁ ସୁଭଦ୍ରାଙ୍କ ରୂପ ଲାବଣ୍ୟ ସମ୍ପର୍କରେ ଶୁଣିଥିଲେ । କିଏ କାହାକୁ ଦେଖି ନ ଥିଲେ ମଧ୍ୟ ସେ ଦିନଠୁ ମନେ ମନେ ପରସ୍ପରକୁ ଭଲ ପାଇ ଆସୁଥିଲେ । ସୁଭଦ୍ରାଙ୍କ ଭଳି ସର୍ବଗୁଣସମ୍ପନ୍ନା କନ୍ୟା ଦୁର୍ଯ୍ୟୋଧନ ଭଳି ଜଣେ ଦୁଷ୍ଟଲୋକ ହାତରେ ପଡ଼ିବ ଶୁଣି ଦ୍ୱାରକାର ଲୋକେ ବାଟଘାଟରେ ନାନାଚର୍ଚ୍ଚା କରୁଥିଲେ । କୃଷ୍ଣ ଏକଥା କେବେ କରେଇ ଦେବେ ନାହିଁ ବୋଲି ମଧ୍ୟ କୁହାକୁହି ହେଉଥିଲେ ।

ତିଥି-ବାର-ନକ୍ଷତ୍ର ଏବୁ ସ୍ଥିର ହୋଇ ସାରିଲାଣି । ବିବାହ ତିଥି ମଧ୍ୟ ପାଖେଇ ଆସିଲାଣି । ଯେତେହେଲେ ରାମକୃଷ୍ଣଙ୍କ ଭଉଣୀ ! ରୋହିଣୀ ଓ ବସୁଦେବଙ୍କ କନ୍ୟା । ଉଗ୍ରସେନଙ୍କ ନାତୁଣୀ । ବିଭାଘର ଦ୍ୱାରକାରେ ହେବ । ମାସକ ଆଗରୁ ଆୟୋଜନ ଚାଲିଛି ।

ଏ ଖବର ଅର୍ଜୁନଙ୍କ କାନରେ ପଡ଼ିବା ମାତ୍ରେ ତୀର୍ଥ ଯାତ୍ରା ବନ୍ଦ । ପାପ ହେଉ ବା ପୁଣ୍ୟ ହେଉ ଯେତିକି ଅର୍ଜନ ହୋଇଚି ସେତିକି । ଅର୍ଜୁନ ଉପାୟ ଚିନ୍ତା କରିବାରେ

ଲାଗିଲେ । ସେ ଯତି ବା ସନ୍ନ୍ୟାସୀ ବେଶ ଧରିଲେ । ଦେହରେ ଗୈରିକ ବସନ । ହାତରେ ତ୍ରିଦଣ୍ଡ । ମୁହଁରେ ପ୍ରଣବ ଓଁ ଓଁ ଉଚ୍ଚାରଣ । ସତେକି ହିମାଳୟରେ ବହୁ ବର୍ଷ ଧରି ତପସ୍ୟା କରି ଫେରିଛନ୍ତି । ଯେଉଁଠିକି ଯାଉଛନ୍ତି, ଲୋକେ ତାଙ୍କୁ ପୂଜା ଅର୍ଚ୍ଚନା କରୁଛନ୍ତି । ତାଙ୍କର ରହିବା ଖାଇବାର ବ୍ୟବସ୍ଥା କରୁଛନ୍ତି । ଲୋକ ସମାଗମ ହେଉଛି । ଯତି ମୁନି ବେଶଧାରୀ ଅର୍ଜ୍ଜୁନଙ୍କ ମୁହଁରୁ ଅନର୍ଗଳ ବେଦପାଠ ଚାଲିଛି । ସବୁ ମୁଖସ୍ଥ । ଯିଏ ଯାହା ପ୍ରଶ୍ନ ପଚାରୁଛନ୍ତି, ତା'ର ସନ୍ତୋଷଜନକ ଉତ୍ତର ଦେଉଛନ୍ତି । ସତେକି ସପ୍ତର୍ଷି ଅର୍ଜ୍ଜୁନଙ୍କ କଣ୍ଠରେ ବିଜେ ହୋଇଛନ୍ତି । ବେଦ ବେଦାନ୍ତ, ବ୍ରହ୍ମସୂତ୍ର ଆଦି ଯିଏ ଯେଉଁ ବିଷୟରେ ପ୍ରଶ୍ନ କଲା, ତାର ନିର୍ଭୁଲ ଉତ୍ତର ଦେଉଛନ୍ତି ଛଦ୍ମବେଶୀ ବାବା ଅର୍ଜ୍ଜୁନ ମହାରାଜ ! ମୁହଁରେ ଲମ୍ବା ଦାଢ଼ି । ମୁଣ୍ଡରେ ଜଟାଜୁଟ । ସ୍ୱର୍ଗର ଚିତ୍ରାଳୟରୁ ଯେପରି ସଜେଇ ହେଇ ଆସିଛନ୍ତି ଅର୍ଜ୍ଜୁନ ।

ମୁନିଋଷି ସାଧୁସନ୍ଥମାନେ ବର୍ଷାକାଳିନ ଚାରୋଟି ମାସରେ ଚତୁର୍ମାସ୍ୟା ବ୍ରତ ପାଳନ କରିଥାଆନ୍ତି । ଏହି ଚାରିମାସ ସେମାନେ କୌଣସି ଜଣେ ରାଜାଙ୍କ ଅତିଥି ହୁଅନ୍ତି । ତାଙ୍କ ରାଜ୍ୟର କୌଣସି ପର୍ବତ ବା ନଦୀକୂଳର ପର୍ଣ୍ଣକୁଟୀରରେ ବାସ କରନ୍ତି । ଅର୍ଜ୍ଜୁନ ସୁଭଦ୍ରାଙ୍କୁ ପାଇବା ଯୋଜନାରେ ଚତୁର୍ମାସ୍ୟା ବ୍ରତ ପାଳନ କଲେ । ପ୍ରଭାସ ବାଟ ଦେଇ ସେ ଦ୍ୱାରକାର 'ରୈବତକ' ପର୍ବତରେ ନିଜ ଆସ୍ଥାନ ଜମାଇଲେ । ବାବା ଅର୍ଜ୍ଜୁନ ବହୁ ଲୀଳା କରୁଛନ୍ତି, ସେ ତ୍ରିକାଳଦର୍ଶୀ ବୋଲି ଦ୍ୱାରକା ସାରା ପ୍ରଚାରିତ ହେଲା । ଅର୍ଜ୍ଜୁନବାବା ଯେଉଁଠି ରହୁଥିଲେ, ତାହା ରୀତିମତ ଏକ ମନ୍ଦିରରେ ପରିଣତ ହେଲା । ତ୍ରିଦଣ୍ଡୀ ସ୍ୱାମୀ ଅର୍ଜ୍ଜୁନ ମହାରାଜଙ୍କ ଦର୍ଶନ ଓ ଆଶୀର୍ବାଦ ପାଇବା ପାଇଁ ଲୋକଙ୍କ ଧାଡ଼ି ଲମ୍ବିଲା । ବଳରାମ ଦିନେ ଶ୍ରୀକୃଷ୍ଣଙ୍କୁ କହିଲେ, ସମସ୍ତେ ଯାଉଛନ୍ତି, ଚାଲ୍ ଆମେ ଯିବା । ଶ୍ରୀକୃଷ୍ଣ କହିଲେ, ଲୋକଟା ଗୋଟେ ଭଣ୍ଡବାବା, ତୁମେ ଯିବ ଯଦି ଯାଅ, ମୁଁ ଯିବିନାହିଁ । କାରଣ ବାବା ଜଣଙ୍କ କିଏ ଶ୍ରୀକୃଷ୍ଣ ଜାଣିଥିଲେ । ବଳରାମ ଲୋଭ ସମ୍ବରଣ କରି ପାରିଲେ ନାହିଁ । ସେ କେତେଜଣ ଯାଦବଙ୍କୁ ସାଙ୍ଗରେ ନେଇ ଛଦ୍ମବେଶୀ ଅର୍ଜ୍ଜୁନବାବାଙ୍କ ପାଖକୁ ଗଲେ । ଦେଖିଲେ ବାବା ଜଣେ ଦିବ୍ୟପୁରୁଷ । ଜ୍ୟୋତିର୍ମୟ ମୁଖମଣ୍ଡଳ । ସୁନ୍ଦର ଅବୟବ । ଦେଖୁ ଦେଖୁ ବଳରାମ ବାବାଙ୍କ ପାଦ ସ୍ପର୍ଶ କଲେ । ସାଷ୍ଟାଙ୍ଗ ପ୍ରଣିପାତ କଲେ । ତାଙ୍କ ପଦଧୂଳି ନେଇ ନିଜ ଲଲାଟରେ ବୋଳିଲେ । ବାବା ଅର୍ଜ୍ଜୁନ ତାଙ୍କ ବରଦହସ୍ତ ଉତ୍ତୋଳନ କରି ବଳରାମଙ୍କୁ ଆଶୀର୍ବାଦ କଲେ । 'ପ୍ରେମ' ସମ୍ପର୍କରେ ଦୀର୍ଘକାଳ ଧରି ପ୍ରବଚନ ଦେଲେ । କହିଲେ, 'ପ୍ରେମ' ହିଁ ଭଗବାନ । କି ସ୍ତ୍ରୀ, କି ପୁରୁଷ, ଆବାଳ ବୃଦ୍ଧବନିତାଙ୍କୁ ପ୍ରେମ କର । ଭଲ ପାଅ । ଭଲ ପାଇବାରେ ଅପାର ଆନନ୍ଦ । ଆନନ୍ଦମୟ ଏ ସଂସାର । ସମସ୍ତେ ଆନନ୍ଦର ଭିକାରୀ ।

ବାବାଙ୍କ ପ୍ରବଚନରେ ବଳରାମ ମୋହିତ ହୋଇ ପଡ଼ିଲେ । କହିଲେ, ବାବା ! ସବୁଦିନ ତ ଏତେଦୂର ଆସି ହେବନି । ଆପଣଙ୍କ କଥାମୃତ ପାନ କରିବାକୁ ସବୁବେଳେ ଇଚ୍ଛା । ଆମ ଘରଲୋକେ ତ ଏଠିକି ଆସି ପାରିବେ ନାହିଁ । ତେଣୁ ଏଠି ନ ରହି ଯଦି ଆମ ଉଆସ ଭିତରେ ରହନ୍ତେ, ଆମେ କୃତାର୍ଥ ହୁଅନ୍ତୁ । ବଳରାମ ତାଙ୍କ ସାଙ୍ଗରେ ଧରି ଆସିଥିଲେ ଭଉଣୀ ସୁଭଦ୍ରାକୁ । ବଳରାମ କହିଲେ, ଇଏ ମୋ ଭଉଣୀ । ଆପଣଙ୍କ କଥା ଶୁଣି, ସିଏବି ଚାହୁଁଛି ବାବାଙ୍କୁ ଆମ ଉଆସକୁ ନେବା ପାଇଁ । ବଳରାମ କହି ଚାଲିଛନ୍ତି, ତା' ଭିତରେ ଅର୍ଜୁନ ଓ ସୁଭଦ୍ରାଙ୍କ ମଧ୍ୟରେ ପ୍ରଥମ ଦର୍ଶନରେ ଚକ୍ଷୁର ମିଳନ ହୋଇଚାଲିଛି । ପ୍ରେମର ଆଦାନପ୍ରଦାନ ଚାଲିଚି ।

॥ ୧୨୪ ॥

# ଶେଷରେ ବଳରାମ ବୁଝିଗଲେ

ତେଣୁ ବଳରାମଙ୍କ ଆମନ୍ତ୍ରଣକୁ ବାବା ବ୍ରହ୍ମଚାରୀ ତ୍ରିଦଣ୍ଡୀ ସ୍ୱାମୀ ଅର୍ଜୁନ ମହାରାଜ ଚଟାପଟ ଗ୍ରହଣ କରିନେଲେ । ସୁଭଦ୍ରାଙ୍କ ମନ ଖୁସି । ଭାଇ ଭଉଣୀ ଦୁହେଁ ବରଣ କରିନେଲେ ଅର୍ଜୁନଙ୍କୁ ନିଜ ଉଆସ ଭିତରକୁ । ଅର୍ଜୁନ ଯୁବରାଜ ବଳରାମଙ୍କ ଅତିଥି । ବିଧି ଅନୁସାରେ କୌଣସି ଋଷି ରାଜାଙ୍କ ଅତିଥି ହେଲେ, ବିବାହଯୋଗ୍ୟା କୌଣସି ରାଜକନ୍ୟା, ତାଙ୍କର ସେବା କାର୍ଯ୍ୟରେ ନିୟୋଜିତ ହେବା କଥା । କାରଣ ସେବା କଲେ, ଋଷିଙ୍କ ଆଶୀର୍ବାଦରେ କନ୍ୟା ଜଣେ ଉତ୍ତମ ବର ଲାଭ କରିପାରିବ । ତେଣୁ ବଳରାମ ଭଉଣୀ ସୁଭଦ୍ରାକୁ କହିଲେ, ତୁ ତ୍ରିଦଣ୍ଡୀ ବ୍ରହ୍ମଚାରୀଙ୍କ ସେବା ଶୁଶ୍ରୂଷା କର । କିନ୍ତୁ ପ୍ରତିବାଦ କଲେ ଶ୍ରୀକୃଷ୍ଣ । କହିଲେ– ଭାଇ, ତୁମେ ସଂସାର କ'ଣ ଜାଣ ନାହିଁ । ଇଏ ଜଣେ ଯୁବକ ଯତି । ଦେଖିବାକୁ ସୁନ୍ଦର । ଆମ ଭଉଣୀ ମଧ୍ୟ ଯୁବତୀ, ଆଉ ଅନିନ୍ଦ୍ୟ ସୁନ୍ଦରୀ । ତାକୁ ଏ ସନ୍ନ୍ୟାସୀଙ୍କ ସେବା କାର୍ଯ୍ୟରେ ନିଯୁକ୍ତ କରିବା ଯାହା ନିଆଁ ଆଗରେ ଘିଅ ଘଡ଼ି ରଖିବା ତାହା ।

ବଳରାମ ଟିକିଏ ରାଗିଯାଇ କହିଲେ, ତୁ ତ ମୋର ସବୁ କାର୍ଯ୍ୟରେ ବିଘ୍ନ ସୃଷ୍ଟି କରୁଛୁ ! ତୁ ମନା କରିବାର କାରଣ କ'ଣ ? ତୁ ଏ ବାବାଙ୍କୁ ଚିହ୍ନିନୁ । ବାଳ ବ୍ରହ୍ମଚାରୀ ଇଏ । ଜିତେନ୍ଦ୍ରିୟ । ଅତି ସଂଯତ । ତାଙ୍କ ପ୍ରବଚନ ଶୁଣିବୁ ? ଶୁଣିଲେ ତୁ ଆଦୌ ଆପତ୍ତି କରିବୁନି ।

ଶ୍ରୀକୃଷ୍ଣ କହିଲେ, ମୁଁ ଏହାଙ୍କ ମୁହଁକୁ ଦେଖି ଜାଣି ପାରୁଛି, ଏଇ ଜଣେ ଭଣ୍ଡବାବା । ଗୋଟାଏ ବଦ୍‌ମାସ ଟୋକା, ବେଶ ବଦଳେଇ ବାବାଭେକ ଧରିଛି । ଇଏ ବାବା ଫାବା କିଛି ନୁହେଁ । ଝିଅଙ୍କ ଭିତରେ ଏ ବାବା ରହିଲେ, କେତେବେଳେ କି କାଣ୍ଡ କରିପକାଇବ । ପରେ ତୁମେ ପସ୍ତେଇବ । ସେତେବେଳକୁ ନେଡ଼ି ଗୁଡ଼ କହୁଣୀ କି ବହି ଯାଇଥିବ । ତା'ଛଡ଼ା ମୁଁ ଦାସୀମାନଙ୍କଠୁ ଶୁଣିଛି, ଏ ବାବା କୁଆଡ଼େ ଚାହୁଁଛନ୍ତି, କେବଳ ସୁଭଦ୍ରା ତାଙ୍କ ପାଖରେ ରହିବ । ଆଉ କୌଣସି ଝିଅ ରହି ପାରିବେନି ।

ବଳରାମ ବେଶି ଟିକିଏ ରାଗିଗଲେ । କହିଲେ, ଦେଖ କହ୍ନେଇ ! ଏ ବାବାଙ୍କ ସମ୍ପର୍କରେ ତୁ କିଛି କହିପାରିବୁ ନାହିଁ । ବାବାଜଣଙ୍କ ଯୁବକ ବୋଲି କ'ଣ ସେ ଭଣ୍ଡ ! ତୋର ଏ ଯୁକ୍ତି ସହିତ ମୁଁ ଏକମତ ନୁହଁ । ମୁଁ ଯାହା କହୁଛି, ତାହା ହେବ । କେବଳ ଭଉଣୀ ସୁଭଦ୍ରା ହିଁ ବାବାଙ୍କ ସେବା ସୁଶ୍ରୂଷା ଦାୟିତ୍ୱରେ ରହିବ ।

ଶ୍ରୀକୃଷ୍ଣ ମନେ ମନେ ହସିଲେ । କହିଲେ, ମୁଁ ଯାଉଚି, କ'ଣ କିଛି ଘଟିଲେ ମତେ ଆଉ ଡାକିବନି ! ସୁଭଦ୍ରା ପାଖରେ ଥିଲେ । ଶ୍ରୀକୃଷ୍ଣ ଭଉଣୀ ମୁଣ୍ଡରେ ହାତ ରଖି କହିଲେ, ଯା' ମା ଯାଅ । ବାବାଙ୍କର ସେବା ଭଲ ଭାବରେ କର । ଭଲ ବର ପାଇବୁ । ଜୀବନରେ ତୁ' ଯାହାକୁ ଚାହୁଁଛୁ, ନିଶ୍ଚୟ ପାଇବୁ । ଗଲାବେଳେ ଅର୍ଜୁନଙ୍କୁ ଆଖିଠାରରେ ଭବିଷ୍ୟତର ଯୋଜନା ସବୁ ଜଣାଇ ଦେଇଗଲେ । ବଳରାମଙ୍କୁ ଶୁଣାଇଲା ଭଳି ଅର୍ଜୁନଙ୍କୁ ଲକ୍ଷ୍ୟ କରି କହିଲେ– ବାବା, ତୁମ ତୀର୍ଥଯାତ୍ରାର ସବୁ ପୁଣ୍ୟ ଏଇଠି ମିଳିଯିବ ।

ଶ୍ରୀକୃଷ୍ଣ ଚାହୁଁଥିଲେ ଦୁର୍ଯ୍ୟୋଧନ ଶିଶୁପାଳ ହେଉ, ଭଉଣୀ ସୁଭଦ୍ରାଙ୍କ ସହିତ ସଖା ଅର୍ଜୁନଙ୍କ ବିବାହ ହେଉ । ଏଥିଲାଗି ତ ସେ ଆଗରୁ ଅର୍ଜୁନଙ୍କୁ ତୀର୍ଥଯାତ୍ରା କରିବାକୁ ପଠାଇଥିଲେ ।

ରାଜ ଉଆସର ପ୍ରଶସ୍ତ କମନୀୟ ଉଦ୍ୟାନ । ତା' ଭିତରେ ଅର୍ଜୁନଙ୍କ ଆବାସ । ଦିନରାତି ସୁଭଦ୍ରାଙ୍କ ସହିତ ତାଙ୍କର ମଧୁର ମିଳନ । ସେବା ଶୁଶ୍ରୂଷାରୁ ପ୍ରଣୟ । ସୁଭଦ୍ରା ଯେଉଁ ଦିନ ନିଶ୍ଚିତ ଭାବରେ ଜାଣିଲେ ଯେ ବାବା ହେଉଛନ୍ତି ଅର୍ଜୁନ, ଠିକ୍ ସେହିଦିନ ଶ୍ରୀକୃଷ୍ଣ ଦ୍ୱାରକାରେ ଏକ ମହୋତ୍ସବର ଆୟୋଜନ କଲେ । ସ୍ଥିର ହେଲା ଯେ ଏ ଉତ୍ସବ ହେବ ସହର ବାହାରେ । ଦ୍ୱାରକାର ସମସ୍ତେ ଏ ଉତ୍ସବରେ ଯୋଗ ଦେବେ । ସେ ଦିନ ସୁଭଦ୍ରା ମଧ୍ୟ ସଖୀମାନଙ୍କ ସହିତ ଉଆସ ଭିତରୁ ବାହାରିଲେ ଉତ୍ସବ ପୀଠକୁ । ଗଡ଼ ଭିତରୁ ବାହାରିବା ମାତ୍ରେ ଅର୍ଜୁନ ସୁଭଦ୍ରାଙ୍କୁ ହରଣଚାଳ କରିନେଲେ । ଶ୍ରୀକୃଷ୍ଣ ଆଗରୁ ତାଙ୍କ ପାଇଁ କ୍ଷିପ୍ରଗାମୀ ରଥର ବ୍ୟବସ୍ଥା କରିଥିଲେ । ଅର୍ଜୁନ ରଥରେ ସୁଭଦ୍ରାଙ୍କୁ ବସାଇ ଇନ୍ଦ୍ରପ୍ରସ୍ଥ ନେଇଗଲେ ।

ବଳରାମ ଲଙ୍ଗଳ ଟେକି ବାହାରିଲେ ଅର୍ଜୁନଙ୍କ ରଥ ପଛରେ ଗୋଡ଼େଇବା ପାଇଁ, ସୁଭଦ୍ରାଙ୍କୁ ଉଦ୍ଧାର କରି ଆଣିବା ପାଇଁ । ଶ୍ରୀକୃଷ୍ଣ ପ୍ରତିରୋଧ କଲେ । ବଳରାମଙ୍କୁ କହିଲେ, ମୁଁ ଆଗରୁ କହୁଛି, ସେଇଟା ଗୋଟେ ଭଣ୍ଡବାବା । ମୋ କଥା ମାନିଲ ନାହିଁ । ଆମ ଭଉଣୀ ମଧ କମ୍ ନୁହେଁ । ସେ ମନେ ମନେ ଅର୍ଜୁନଙ୍କୁ ବରଣ କରି ସାରିଥିଲା । ବଳରାମ କହିଲେ, ତୁ ସବୁ ନାଟର ଗୋବର୍ଦ୍ଧନ । ବାବାଜଣଙ୍କ ଅର୍ଜୁନ ବୋଲି ତୁ ତ ଜାଣିଥିଲୁ । ମତେ ଲୁଚେଇଥିଲୁ କାହିଁକି ?

ଶ୍ରୀକୃଷ୍ଣ କହିଲେ, ଅର୍ଜୁନ ତ ଧନୁର୍ଦ୍ଧର ମହାବୀର । ଆମ ପିଉସୀ ପୁଅ ଭାଇ । ବନ୍ଧୁ ସହିତ ବନ୍ଧୁତା ହେବାରେ ଅସୁବିଧା ହେଲା କ'ଣ ? ସୁଭଦ୍ରା ମଧ ଅର୍ଜୁନଙ୍କୁ ଚାହୁଁଥିଲା । ତୁମେ ତାକୁ ଜବରଦସ୍ତି ଦୂର୍ଯ୍ୟୋଧନ ହାତରେ ସମର୍ପଣ କରିଥିଲେ, ଜୀବନ ସାରା ତା'ର ଦୁଃଖରେ କଟିଥାଆନ୍ତା । ଚାଲ, ଭଉଣୀକି ଯାହା ଦେବା କଥା ଦୁହେଁ ଇନ୍ଦ୍ରପ୍ରସ୍ଥ ଯାଇ ଦେଇ ଆସିବା । ବଳରାମ ବୁଝିଗଲେ । ସମସ୍ତେ ଗଲେ ଇନ୍ଦ୍ରପ୍ରସ୍ଥ । କନ୍ୟା ସଂପ୍ରଦାନ କରିବା ଲାଗି ।

॥ ୧୨୫ ॥

## ଦୁଇ ଭକ୍ତ : ଜଣେ ରାଜା, ଜଣେ ପ୍ରଜା...

ବିଦେହ ରାଜ୍ୟର ରାଜଧାନୀ ମିଥିଳା । ଏକଦା ରାଜର୍ଷି ଜନକ ଏହି ରାଜ୍ୟର ରାଜା ଥିଲେ । ସୀତା ତାଙ୍କ କନ୍ୟା । ଅଯୋଧାର ରାଜା ଶ୍ରୀରାମଙ୍କ ସହିତ ସୀତାଙ୍କ ବିବାହ ହୋଇଥିଲା । ଏସବୁ ଘଟିଥିଲା, ତ୍ରେତାଯୁଗରେ । ତ୍ରେତା ପରେ ଦ୍ୱାପର ଆସିଲା । ରାଜାଙ୍କ ପରେ ରାଜା ବିଦେହରେ ରାଜୁତି କଲେ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଦ୍ୱାରକାଠି ଥିଲେ । ଅଳ୍ପଲୋକ ତାଙ୍କୁ ଭଗବାନ ବୋଲି ମାନୁ ନ ଥିଲେ । କିନ୍ତୁ ବହୁଲୋକ ମାନୁଥିଲେ । ଏମାନଙ୍କ ମଧ୍ୟରୁ ଜଣେ ଥିଲେ ଶ୍ରୁତଦେବ । ସେ ଥିଲେ ବିଦେହ ରାଜ୍ୟର ପ୍ରଜା । ସେ ଶ୍ରୀକୃଷ୍ଣଙ୍କର ପରମ ଭକ୍ତ । ଶ୍ରୁତଦେବ ଗୃହସ୍ଥ ଥିଲେ । ତାଙ୍କର ସ୍ତ୍ରୀ ଓ ପିଲାପିଲି ଥିଲେ । କିନ୍ତୁ ଅତି ଶୃଙ୍ଖଳିତ ଭାବରେ ଚଳି ଆସୁଥିଲେ । କାମନାକୁ ସୀମିତ କରି ନେଉଥିଲେ । ଯେଉଁଦିନ ଯାହା ପ୍ରଭୁଙ୍କ କୃପାରୁ ମିଳୁଥିଲା, ସେତିକିରେ ଚଳୁଥିଲେ । ତା ବୋଲି ସେ କର୍ମକୁଢ଼ ବା ଅଳସୁଆ ନ ଥିଲେ । କର୍ତ୍ତବ୍ୟ କରୁଥିଲେ । ସତ୍‌କର୍ମ କରୁଥିଲେ । ପରିଶ୍ରମ କରୁଥିଲେ । କିନ୍ତୁ କାହାଠୁ ପଇସେ ସୁଦ୍ଧା ପାରିଶ୍ରମିକ ଚାହୁଁ ନଥିଲେ । ନିଜର କୁଟୁମ୍ବ ଚଳାଇବାପାଇଁ ଯାହା ମିଳୁଥିଲା, ସେତିକିରେ ସେ ସନ୍ତୁଷ୍ଟ ଥିଲେ । କାହା ବିରୁଦ୍ଧରେ ତାଙ୍କର କୌଣସି ଆପତ୍ତି ଅଭିଯୋଗ ନଥିଲା । ସଂସାର ଭିତରେ ଥିଲେ ମଧ ସଂସାର ତାଙ୍କ ଭିତରେ ନଥିଲା । ତାଙ୍କ ସ୍ତ୍ରୀ ଓ ପିଲାମାନେ ମଧ ତାଙ୍କ ଢାଞ୍ଚାରେ ପଡ଼ିଯାଇଥିଲେ ।

ସେତେବେଳେ ବିଦେହ ରାଜ୍ୟର ରାଜା ଥିଲେ ବହୁଳାଶ୍ୱ । ସେ ମଧ୍ୟ ଶ୍ରୁତଦେବଙ୍କ ଭଳି କୃଷ୍ଣଭକ୍ତ । ପୂର୍ବପୁରୁଷ ଜନକଙ୍କ ଭଳି ସେ ଚଳୁଥିଲେ । ଲୋକେ ତାଙ୍କୁ ଭକ୍ତି କରୁଥିଲେ, ଶ୍ରଦ୍ଧା କରୁଥିଲେ । 'ମୁଁ' କିମ୍ବା 'ମୋର' ଶବ୍ଦ ତାଙ୍କ ତୁଣ୍ଡରୁ ବାହାରିବା କେହି କେବେ ଶୁଣି ନଥିଲେ । ନିନ୍ଦା, ପ୍ରଶଂସା ତାଙ୍କ ପକ୍ଷରେ ସମାନ ଥିଲା । ବାସ୍ତବରେ ବହୁଳାଶ୍ୱ ଥିଲେ ସ୍ଥିତପ୍ରଜ୍ଞ। ସମଦର୍ଶୀ ।

ଏ ସଂସାରରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ନିରନ୍ତର ଆଦାନପ୍ରଦାନ ଚାଲିଆସିଛି । ଭକ୍ତ ଯେପରି ଭଗବାନଙ୍କୁ ନାନାଭାବରେ ପରୀକ୍ଷା କରିଥାଏ, ସେହିଭଳି ଭଗବାନ ମଧ୍ୟ ଭକ୍ତକୁ ପରୀକ୍ଷା କରିଥାଆନ୍ତି । ଏଥିଲାଗି ତାଙ୍କୁ ଭକ୍ତର ଦ୍ୱାରସ୍ଥ ହେବାକୁ ପଡ଼ିଥାଏ । ଦିନେ ଶ୍ରୀକୃଷ୍ଣ ମିଥିଳାର ଦୁଇଭକ୍ତ ଶ୍ରୁତଦେବ ଓ ବହୁଳାଶ୍ୱଙ୍କ ଘରକୁ ଆସିବା ପାଇଁ ସ୍ଥିର କଲେ ।

ଶୁକମୁନି ରାଜା ପରୀକ୍ଷିତଙ୍କୁ ଏକଥା କହୁ କହୁ ସେ ନିଜେ ଭକ୍ତିଭାବରେ ବିହ୍ୱଳ ହୋଇ ପଡ଼ିଲେ । କହିଲେ, ଶ୍ରୀକୃଷ୍ଣ ସେଦିନ ନାରଦ, ବାମଦେବ, ଅତ୍ରୀ, ବ୍ୟାସ, ପର୍ଶୁରାମ, ଆସିତ, କାରୁଣ୍ୟ, କଣ୍ୱ, ବୃହସ୍ପତି, ମୈତ୍ରେୟ, ଚ୍ୟବନ ପ୍ରମୁଖ ଋଷି ମହର୍ଷିମାନଙ୍କୁ ସାଙ୍ଗରେ ଧରି ମିଥିଳା ଆସିଥିଲେ । ସେମାନଙ୍କ ସହିତ ମୁଁ (ଶୁକ) ଆସିଥିଲି । ହେ ରାଜା ପରୀକ୍ଷିତ ! ସେତବେଳର ଆନନ୍ଦ ବର୍ଣ୍ଣନାତୀତ । ଆମ ସାଙ୍ଗରେ ସ୍ୱୟଂ ଭଗବାନ ସାକ୍ଷାତ ନାରାୟଣ ରୂପ । ଭଗବାନ ଦାରୁକକୁ ଡାକିଲେ । ରଥରେ ସୁସ୍ଥ ସବଳ ସୁନ୍ଦର କ୍ଷିପ୍ରଗାମୀ ଅଶ୍ୱ ସଂଯୋଗ କରିବାକୁ କହିଲେ । ବିରାଟ ରଥ । ସାମନାରେ ସାରଥି ଦାରୁକ । ତାଙ୍କ ପଛରେ ଭଗବାନ ଶ୍ରୀକୃଷ୍ଣ, ତାଙ୍କ ପଛକୁ ଆମେ ସମସ୍ତେ ବସିଲୁ । ଭଗବାନ ଦ୍ୱାରକାରୁ ମିଥିଳା ଆସୁଛନ୍ତି ବୋଲି ଚାରିଆଡ଼େ ଖବର ପ୍ରଚାରିତ ହୋଇଯାଇଥିଲା । ଲୋକେ ରାସ୍ତାକଡ଼ ମାନଙ୍କରେ ଧାଡ଼ିବାନ୍ଧି ଠିଆହୋଇ ଥିଲେ ଭଗବାନଙ୍କ ଦର୍ଶନ ଲାଗି । ଠାଏ ଠାଏ ରଥକୁ ଅଟକାଇ ଲୋକେ ଶ୍ରୀକୃଷ୍ଣଙ୍କ ବନ୍ଦାପନା କରିଥିଲେ । ଆନର୍ତ୍ତ, ଧନ୍ୱା, କୁରୁ, କଂକ, ମସ୍ୟ, ପାଞ୍ଚାଳ, ମଧୁ, କେକୟ, କୋଶଳ ଆଦି ରାଜ୍ୟ ଅତିକ୍ରମ କରି ରଥ ଚାଲିଛି । ଏ ସବୁ ରାଜ୍ୟର ରାଜା, ପ୍ରଜା ସମସ୍ତେ ଶ୍ରୀକୃଷ୍ଣଙ୍କୁ ସଂବର୍ଦ୍ଧନା କଲେ । ଶେଷରେ ଶ୍ରୀକୃଷ୍ଣ ପହଞ୍ଚିଲେ ବିଦେହ ରାଜ୍ୟର ରାଜଧାନୀ ମିଥିଳାରେ । କୃଷ୍ଣ କେବେ ଆସିବେ, କେବେ ଆସିବେ ପରସ୍ପରକୁ ଏକମାତ୍ର ଏହି ପ୍ରଶ୍ନ ପଚାରି ପଚାରି ଲୋକେ ଉଦ୍‌ବିଗ୍ନ ହୋଇପଡ଼ିଥିଲେ । ଉତ୍କଣ୍ଠାର ସୀମା ଟପି ଯାଇଥିଲା । ଶ୍ରୀକୃଷ୍ଣ ବିଦେହ ରାଜ୍ୟର ସୀମା ସ୍ପର୍ଶ କରିବାମାତ୍ରେ ବିଦେହ ଯେପରି ଦେହ ପାଇଗଲା । ମିଥିଳା ଦାଣ୍ଡରେ ଲୋକାରଣ୍ୟ । ଚାରିଆଡୁ ପୁଷ୍ପବୃଷ୍ଟି । ଶଙ୍ଖଧ୍ୱନିରେ ମିଥିଳା ନିନାଦିତ । ଲୋକେ ଭକ୍ତିରେ ଅଭିଭୂତ । ଭକ୍ତ ଶ୍ରୁତଦେବ ଓ ବହୁଳାଶ୍ୱଙ୍କ କଥା କ'ଣ କହିବି ?

ରାଜଭବନ ଭିତରୁ ବହୁଳାଶ୍ୱ ବହୁତ ଆଗରୁ ଆସି ଦ୍ୱାରଦେଶରେ ଅପେକ୍ଷା କରିଥିଲେ । ତାଙ୍କ ସହିତ ଥିଲେ ବ୍ରାହ୍ମଣ ଶ୍ରୁତଦେବ । ଦୂରରୁ ଭଗବାନଙ୍କ ଶ୍ରୀମୁଖ ଦେଖି ସେମାନଙ୍କ ଚକ୍ଷୁରୁ ଲୁହର ସ୍ରୋତ ପ୍ରବାହିତ ହେବାରେ ଲାଗିଲା । ଲୁହ ପ୍ରବଳ ହେବାରେ ଆଖିପତା ବୁଜି ହୋଇ ରହିଲା । ସେମାନେ ହାତ ଉପରକୁ ଟେକି କହିଲେ, ''ହେ ଜଗନ୍ନାଥ, ହେ ପତିତପାବନ, ହେ ଅନନ୍ତ, ହେ ବାସୁଦେବ ! ଆମକୁ ଏ ଜନ୍ମରୁ ତ୍ରାହି କର ! ମଣିଷ କର ବା ପଶୁ କର, କେବଳ ତୁମରି ସେବାରେ ଆମକୁ ନିୟୋଜିତ ରଖ ।''

ଭକ୍ତ ଦୁହେଁ ଶ୍ରୀକୃଷ୍ଣଙ୍କ ପାଦତଳେ ଲୋଟି ପଡ଼ିଲେ । ଆତିଥ୍ୟ ଗ୍ରହଣ କରିବାକୁ ଦୁହେଁ ଅନୁରୋଧ କଲେ । ନିବେଦନ କଲେ । ଶ୍ରୀକୃଷ୍ଣ ତ ଆସିଛନ୍ତି ସେହି ଦୁଇଜଣ ଭକ୍ତଙ୍କ ଲାଗି । ସେମାନେ ଯାହା ଦେବେ ସେତିକିରେ ତୃପ୍ତ । କିଛି ନ ଦେଇ କେବଳ ଭକ୍ତିର ଅର୍ଘ୍ୟ ଦେଲେ, ସେଥିରେ ବି ସେ ସନ୍ତୁଷ୍ଟ ।

ଶ୍ରୀକୃଷ୍ଣ ଏକରୁ ଦୁଇ ହୋଇ ଏକାବେଳକେ ଦୁଇ ଭକ୍ତଙ୍କ ଘରେ ପଦାର୍ପଣ କଲେ । ବହୁବର୍ଷ ବିତିଗଲାଣି । ଦିନେ ନା ଦିନେ ପୂଜା ଅର୍ଚ୍ଚନା କରିବାର ସୁଯୋଗ ମିଳିବ । ମନ ଭିତରେ ଏହି ଭରସା ଥିଲା ବହୁଳାଶ୍ୱରଙ୍କର । ଭଗବାନ ଆଜି ଆସିଛନ୍ତି, ବିନା ନିମନ୍ତ୍ରଣରେ, ସ୍ୱଇଚ୍ଛାରେ । କି ଅପୂର୍ବ ସୁଯୋଗ ! ସୌଭାଗ୍ୟର ପଟାନ୍ତର ନାହିଁ !

ବହୁଳାଶ୍ୱ ଖଟୁଳି ଭିତରେ ଶାଳଗ୍ରାମକୁ ପୂଜା କରିବାଭଳି ଶ୍ରୀକୃଷ୍ଣଙ୍କୁ ସିଂହାସନରେ ବସାଇ ଷୋଡ଼ଶ ଉପଚାରରେ ପୂଜା କଲେ । ଋଷିମାନଙ୍କ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କଲେ । ଶ୍ରୀକୃଷ୍ଣ ସଂବର୍ଦ୍ଧନାର ଉତ୍ତର ଦେଇ କହିଲେ, ମୁଁ ସର୍ବଦା କହି ଆସିଚି, ବୈକୁଣ୍ଠପୁରୀ ମୋର ଘର ନୁହଁ କି ଋଷିମାନଙ୍କ ଆଶ୍ରମ ମୋ ଆବାସସ୍ଥଳ ନୁହଁ, ଭକ୍ତମାନଙ୍କ ହୃଦୟ ହେଉଛି ମୋର ସିଂହାସନ ! ଭକ୍ତ ଯେଉଁଠି ମୁଁ ସେଇଠି ।''

ଶ୍ରୀକୃଷ୍ଣଙ୍କୁ ପରଂବ୍ରହ୍ମ କହି, ବହୁଳାଶ୍ୱ ତାଙ୍କୁ ନାନା ଭାବରେ ସ୍ତୁତି କଲେ । ସେ ଜାଣିପାରିଲେ ନାହିଁ ଯେ ଠିକ୍ ସେତିକିବେଳେ ଶ୍ରୀକୃଷ୍ଣ ଶ୍ରୁତଦେବଙ୍କ ଘରେ ମଧ୍ୟ ପୂଜା ପାଉଛନ୍ତି । ବ୍ରାହ୍ମଣ, ବ୍ରାହ୍ମଣୀ ତାଙ୍କୁ ନାନା ପିଠାପଣାରେ ଆପ୍ୟାୟିତ କରିବାରେ ଲାଗିଛନ୍ତି । ଭଗବାନ ଏକ, କିନ୍ତୁ ଚାହିଁଲେ ଏକ ସମୟରେ ଅନେକ ହୋଇପାରନ୍ତି । ସଂସାରର ସବୁ ଭକ୍ତଙ୍କ ଘରକୁ ଯାଇ ମୁହୂର୍ତ୍ତକରେ ସମସ୍ତଙ୍କୁ ଆଶୀର୍ବାଦ ଦେଇପାରନ୍ତି । ଶ୍ରୀକୃଷ୍ଣ ବହୁଳାଶ୍ୱ ଓ ଶ୍ରୁତଦେବଙ୍କ ଉଆସ ଓ କୁଟୀରରେ ଦିନେ ନୁହଁ କେତେଦିନ ରହିଲେ । ରାଜଭବନରେ ରାଜୋଚିତ ବିପୁଳ ସଂବର୍ଦ୍ଧନା ପାଉଥିବାବେଳେ, ଶ୍ରୁତଦେବଙ୍କ ଘରେ କେତେବେଳେ ଖଣ୍ଡିଆଦଦରା କାଠ ପିଢ଼ା ତ କେତେବେଳେ କୁଶ ଆସନରେ ବସି

ଶାଗପଖାଳ ମଧ୍ୟ ଖାଉଥିଲେ । ଶ୍ରୁତଦେବଙ୍କ ସ୍ତ୍ରୀ ଓ ପିଲାମାନେ ଶ୍ରୀକୃଷ୍ଣଙ୍କୁ ପାଇ ଆନନ୍ଦରେ ଗଦ୍‌ଗଦ୍ ହୋଇ ପଡୁଥିଲେ । ପିଲାମାନଙ୍କ ସହିତ ସେ କେତେବେଳେ ପିଲା ତ କେତେବେଳେ ଅଜା, ଜେଜେବାପାଙ୍କ ଭଳି ବ୍ୟବହାର କରୁଥିଲେ । ପିଲାମାନେ ତାଙ୍କୁ କେତେବେଳେ ଅଁଳାକୋଳି ତ କେତେବେଳେ ପାଚିଲା ପିଜୁଳି ଆଣି ଖାଇବାକୁ ଦେଉଥିଲେ । ଶ୍ରୀକୃଷ୍ଣ ପିଲାମାନଙ୍କ ହାତରୁ ପତ୍ରଟିଏ ପାଇଲେ ମଧ୍ୟ ପିତା ହେଉ କଷା ହେଉ, ଚୋବେଇ ଚୋବେଇ ଆନନ୍ଦରେ ଖାଉଥିଲେ ।

ଭଗବାନଙ୍କର ଏହି ଲୀଳା ଦେଖି ଶ୍ରୁତଦେବ, ବୁଢ଼ା ବୟସରେ ପିଲାପାଲଟି ଯାଇଥିଲେ । ବିଦାୟ ନେବାବେଳେ ଭଗବାନ ଶ୍ରୁତଦେବଙ୍କୁ କହିଲେ, ମୁଁ ଆସିଥିଲି ଭକ୍ତିର ପରୀକ୍ଷା ନେବାଲାଗି । ଭକ୍ତ ଆନନ୍ଦ ଉଲ୍ଲାସରେ ମତେ ଯାହା କିଛି ଅର୍ପଣ କରୁନା କାହିଁକି, ମୁଁ ହାତରୁ ଛଡ଼ାଇ ନେଇ ଗିଳି ପକାଇଥାଏ । ଫଳରେ ଚୋପା ସହିତ ଖାଇପକାଏ । କିଏ ଫୁଲ ଦେଲା କି ଫଳ ଦେଲା, ଶୁଂଘା ଯିବ କି ଖିଆ ଯିବ, ତା'ର ବିଚାର କରିବାର ଧୈର୍ଯ୍ୟ ମୋର ନଥାଏ । ଭକ୍ତର ଭକ୍ତିରେ ମୁଁ ଏପରି ଖୁସି ହୋଇ ପଡ଼େ ଯେ ଫୁଲକୁ ଫଳ ଭାବି ଖାଇଯାଏ, ଫଳକୁ ଫୁଲ ଭାବି ଆଘ୍ରାଣ କରିବାରେ ଲାଗିଥାଏ । ମୁଁ ଭାବେ, ମୋ ଭକ୍ତ ମତେ ଗରୁଡ଼ଭଳି ବାହନ, କଳ୍ପତରୁମୟ ରମଣୀୟ କାନନ, କାମଧେନୁଭଳି ଗୋଦାନ କରିଛି । ଭକ୍ତ ଦେଇଥିବା ଜଳବିନ୍ଦୁକୁ ସୁଦ୍ଧା ମୁଁ ଭାବେ ଅମୃତମୟ ସୁରସ ପାନୀୟ ।

ତେଣୁ ହେ ଶ୍ରୁତଦେବ ! ମୁଁ କେବଳ ଭକ୍ତିକି ହିଁ ଜାଣେ । ତା' ଭିତରେ ଛୋଟ ବଡ଼ ଅଳ୍ପ ବହୁତ କିଛି ଦେଖେନା । ମୁଁ ଭକ୍ତର 'ଭାବ' କୁ ହିଁ ଦେଖେ । ପତ୍ର, ପୁଷ୍ପ, ଫଳ, ତୋୟ (ଜଳ) ହେଉଛି ପୂଜାର ଉପଚାର ମାତ୍ର । ମୁଁ କେବଳ 'ଭକ୍ତି'ର ଅତିଥି । ପତ୍ର, ପୁଷ୍ପ, ଫଳ ଓ ଜଳ ଭିତରେ ଭକ୍ତର ଯେଉଁ ଭକ୍ତି ବା ପ୍ରେମଭାବ ଜଡ଼ିତଥାଏ, ମୁଁ କେବଳ ତାକୁ ହିଁ ମହୁମାଛି ମହୁ ଗ୍ରହଣ କରିବା ଭଳି ଗ୍ରହଣ କରି ନେଇଥାଏ । ଯେତେ ମନ୍ଦିର ବା ଉପାସନାପୀଠ ଦେଖୁଚ, ଏଗୁଡ଼ିକ କେବଳ ବାହ୍ୟିକ ଆଡମ୍ବର ମାତ୍ର । ଏହା ଭିତରେ ଭକ୍ତିର ଛଳନା କରାଯାଇଥାଏ । ଭକ୍ତର ମନ ହିଁ ପ୍ରକୃତ ମନ୍ଦିର ।

ବହୁଳାଶ୍ୱଙ୍କୁ ସେ କହିଥିଲେ, ଧନ ବିଦ୍ୟାଦିର ବଡ଼ିମାକୁ ଫିଙ୍ଗିଦିଅ । ଆକିଞ୍ଚନ ଭାବ ଆସିଲେ ଯାଇ ମତେ ପାଇପାରିବ ।

●

॥ ୧୨୬ ॥

# ସମ୍ପତ୍ତିରୁ ବିପତ୍ତି

ରାଜା ପରୀକ୍ଷିତ ଶୁକମୁନିଙ୍କଠାରୁ ଭକ୍ତି ଗାଥା ଶୁଣୁଛନ୍ତି । ତାଙ୍କ ମୃତ୍ୟୁକାଳ ପାଖେଇ ଆସୁଛି । ତେଣୁ ମନରେ ଯେତେବେଳେ ଯେଉଁ ସନ୍ଦେହ ଆସୁଛି, ତାହା ସଫା କରି ଦେବାକୁ ଚାହୁଁଛନ୍ତି । ପରୀକ୍ଷିତ ମା' ପେଟରେ ଥିବାବେଳଠୁ ସବୁକଥା ତନ୍ନ ତନ୍ନ କରି ପରୀକ୍ଷା କରି ଆସିଛନ୍ତି । ସେଥିପାଇଁ ତ ତାଙ୍କ ନାଆଁ ପରୀକ୍ଷିତ ରହିଛି ।

ତେଣୁ ପରୀକ୍ଷିତ ଶୁକମୁନିଙ୍କୁ ପଚାରିଲେ, ହେ ମହାତ୍ମନ୍ ! ଭଗବାନଙ୍କ କଥା ବହୁତ ଶୁଣିଲିଣି । ଗୋଟିଏ କଥା ମୋତେ ବୁଝେଇ ଦିଅନ୍ତୁ । ଦେବତା, ଅସୁର ଓ ମନୁଷ୍ୟ ଏକ ବ୍ରହ୍ମଙ୍କୁ ନାନା ଭାବରେ ନାନା ରୂପରେ ପୂଜା କରିଥାଆନ୍ତି । ସାଧାରଣତଃ ଲୋକଙ୍କ ବିଶ୍ୱାସ ବ୍ରହ୍ମଙ୍କର ତିନିରୂପ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ବ୍ରହ୍ମା ତ ସୃଷ୍ଟିକର୍ତ୍ତା । ସୃଷ୍ଟି ପରେ ତାଙ୍କ କାମ ଶେଷ । ମହେଶ୍ୱର ବା ମହାଦେବଙ୍କ କାରବାର, ଆଚରଣ ଅତି ବିଚିତ୍ର । ପରମ ତ୍ୟାଗୀ ସେ । ସମସ୍ତ ଐଶ୍ୱର୍ଯ୍ୟଠାରୁ ସେ ବହୁଦୂରରେ । ପରିଧାନ ବ୍ୟାଘ୍ରଚର୍ମ କିମ୍ବା ହାତୀ ଚର୍ମ । ଗଳାରେ ଶ୍ମଶାନର ଖପୁରୀମାଳ । ମୁଣ୍ଡରେ ଜଟାଜୁଟ । ଦେହସାରା ଶ୍ମଶାନ ପାଉଁଶ । ଗଳାରେ, ମୁଣ୍ଡରେ ଗୁଡ଼ିଏ ବିଷଧର ସର୍ପ । ବାସସ୍ଥାନ ହିମାଳୟ । ଚାରିଆଡ଼େ ବରଫ ଓ ପର୍ବତ । ପ୍ରମଥଗଣ ତାଙ୍କର ସେବକ । ମହାଯୋଗୀ ସେ । ଯୋଗ ହିଁ ତାଙ୍କର ଭୋଗ ।

କିନ୍ତୁ ପାଳନକର୍ତ୍ତା ବିଷ୍ଣୁ ବା ନାରାୟଣ ଠିକ୍ ତାଙ୍କର ଓଲଟା । ଧନର ଅଧିଷ୍ଠାତ୍ରୀ ଦେବୀ ମହାଲକ୍ଷ୍ମୀ ତାଙ୍କର ପତ୍ନୀ ! ପିନ୍ଧନ୍ତି ସବୁଠୁ ସୁନ୍ଦର, ଚିକ୍କଣ ପାଟ୍ ପୀତାମ୍ବର । କର୍ଣ୍ଣରେ ସୁବର୍ଣ୍ଣ କୁଣ୍ଡଳ । ଛାତି ଉପରକୁ ଲମ୍ବି ଆସିଥାଏ କୌସ୍ତୁଭର ମାଳା । ଚନ୍ଦନ ଚର୍ଚ୍ଚିତ ନୀଳକଳେବର, ପୀତବସନ ବନମାଳୀ ସେ । ମୁଣ୍ଡରେ ନବରତ୍ନ ଖଚିତ ମୁକୁଟ । ଏପରିକି, ସେ ଯେଉଁ ଖଡ଼୍ଗ ଓ ଧନୁଶର ଧରନ୍ତି, ସେଗୁଡ଼ିକ ମଧ୍ୟ ରତ୍ନଖଚିତ ।

ଜଣେ ସର୍ବତ୍ୟାଗୀ, ଆଉ ଜଣେ ସର୍ବ ଐଶ୍ୱର୍ଯ୍ୟଶାଳୀ । ଅଥଚ ମହାଦେବଙ୍କୁ ଯିଏ ନିଜର ଇଷ୍ଟଦେବ ଭାବରେ ପୂଜା କରିଥାଏ, ତାଙ୍କୁ ସେ ସବୁଦିଗରୁ ତୁଷ୍ଟ କରିଥାଆନ୍ତି । ଆଶୁତୋଷ ସେ । ମହାଦେବ, ଯାହା ମାଗିବ, ସେ ଦେଇଦେବ । ଏପରିକି ତାଙ୍କ ଭକ୍ତ ସ୍ୱପ୍ନରେ ସୁଦ୍ଧା ଯାହା କଳ୍ପନା କରି ନଥାଏ, ମହାଦେବ ପ୍ରସନ୍ନ ହେଲେ, ସବୁ ଆଣି କୁଢେଇ ପକାନ୍ତି । ଏତେ ଧନ ଦିଅନ୍ତି ଯେ ଭକ୍ତର ମନ ଭୋଗ କରି କରି ଚିଟା

ହୋଇଯାଏ । ଅଥଚ ନାରାୟଣଙ୍କୁ ଯିଏ ପୂଜା କରେ, ଭକ୍ତି କରେ, ଇଷ୍ଟ ଭାବରେ ଗ୍ରହଣ କରେ, ସେ ଜୀବନ ସାରା ଘୋର ଦାରିଦ୍ର୍ୟ ଭିତରେ କାଳାତିପାତ କରିଥାଏ । ନାରାୟଣ ଏତେ ଐଶ୍ୱର୍ଯ୍ୟଶାଳୀ ହୋଇ ମଧ୍ୟ ତାଙ୍କ ଭକ୍ତର ଏହି ଦୁରବସ୍ଥା ! ଦୀନହୀନ ସେ !

ପରୀକ୍ଷିତ କହିଲେ, ହେ ମୁନି ଶ୍ରେଷ୍ଠ ଶୁକଦେବ ମହାରାଜ ! ଏ ବିଚିତ୍ର ରହସ୍ୟ ଭେଦ କରିବା ମୋ ପକ୍ଷରେ କଷ୍ଟକର ବ୍ୟାପାର । ମୋର ସଂଦେହ ମୋଚନ କରାନ୍ତୁ । ସର୍ବତ୍ୟାଗର ଭକ୍ତ ସର୍ବସୁଖଭୋଗୀ, ସବୁଠୁ ଧନଶାଳୀର ଭକ୍ତ ସର୍ବଅଭାବୀ !

ଶୁକଦେବ କହିଲେ, ହେ ରାଜା ପରୀକ୍ଷିତ, ତୁମେ ସବୁଠୁ ବଢ଼ିଆ ପ୍ରଶ୍ନ କରିଚ । ଏଥିରୁ ଜଣାପଡୁଛି, ତୁମେ ଭଗବାନଙ୍କ କଥା ମନଧ୍ୟାନ ଦେଇ ଶୁଣୁଛ । ନଚେତ୍ ଏ ପ୍ରଶ୍ନ ତମ ମନରୁ ବାହାରନ୍ତା ନାହିଁ । ଯଥାସମ୍ଭବ ମୁଁ ଏହାର ଉତ୍ତର ଦେବାକୁ ଚେଷ୍ଟା କରିବି । ଭଲ ବିହନ ବୁଣିଲେ, ଭଲ ଫଳ ହୁଏ । ମଞ୍ଜିରୁ ଗଛ ବାହାରେ, ଗଛ କ୍ରମଶଃ ବଢ଼େ, ଅଧିକ ଫଳ ପାଇବା ପାଇଁ ଗଛ ମୂଳରେ ପାଣି ଦେବାକୁ ପଡ଼େ । ଭଲ ସାର ମଧ୍ୟ ଦେବାକୁ ପଡ଼େ ।

ସେହିଭଳି ବ୍ରହ୍ମ ବା ବ୍ରହ୍ମନ୍ ସମ୍ପର୍କରେ ଭକ୍ତର ଜ୍ଞାନ ଉପରେ ଇଷ୍ଟ, ଅନିଷ୍ଟ ନିର୍ଭର କରେ । ବ୍ରହ୍ମ ନିରାକାର, ନିର୍ଗୁଣ, ନିରୂପମ । ମନୁଷ୍ୟ ସତ୍ୟ କ'ଣ ନିର୍ଦ୍ଦିଷ୍ଟ ଭାବରେ ନ ଜାଣିବା ପର୍ଯ୍ୟନ୍ତ ସେ ଇଷ୍ଟଙ୍କ ସାହାଯ୍ୟ ଉପରେ ନିର୍ଭର କରେ । ବ୍ରହ୍ମ ନିର୍ଗୁଣ ହେଲେ ମଧ୍ୟ ଭକ୍ତ ତାଙ୍କ ପ୍ରତି ତିନୋଟି ଗୁଣ ଆରୋପ କରିଥାଏ । ଏହି ଗୁଣଗୁଡ଼ିକ ମାଧ୍ୟମରେ ସେ ନିଜର କାମନା ଚରିତାର୍ଥ କରିଥାଏ । ଗୁଣ ଦ୍ୱାରା ଆରୋପିତ ଇଷ୍ଟଦେବଙ୍କୁ ସେ ମନ ଭିତରେ ପ୍ରାର୍ଥନା କରେ । ଏଇଟା ଦିଅ, ସେଇଟା ଦିଅ କହେ । ନିରାକାରକୁ ଆକାର ଦେଇ ସେ ତାଙ୍କୁ ଇଷ୍ଟଦେବତା ଭାବରେ ପୂଜା କରି ଛୋଟ ଛୋଟ ଇଚ୍ଛା ପୂରଣ କରେ । ତ୍ରିଗୁଣର ପ୍ରତୀକ ତ୍ରିମୂର୍ତ୍ତି । ରାଜସର ପ୍ରତୀକ ବ୍ରହ୍ମା, ତାମସର ପ୍ରତୀକ ମହାଦେବ ଏବଂ ସତ୍ତ୍ୱର ପ୍ରତୀକ ନାରାୟଣ । ଏକତ୍ର ଏହି ତିନିଗୁଣରୁ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି । କିନ୍ତୁ ବ୍ରହ୍ମ କ'ଣ ତାକୁ ଯେତେ ବୁଝାଇଲେ ମଧ୍ୟ ଯଥେଷ୍ଟ ନୁହେଁ । ତେଣୁ ବ୍ରହ୍ମର ଏହି ତିନୋଟି ନାମ ଓ ଉପାଧି ନିରୂପଣ ।

ବ୍ରହ୍ମ ଯେତେବେଳେ ଏହି ତିନୋଟି ଗୁଣରୁ ଗୋଟିଏ ଗୁଣର ଆକାର ଗ୍ରହଣ କରିଥାଆନ୍ତି, ସେହି କଳ୍ପିତରୂପ ବା ଆକାରକୁ ବ୍ରହ୍ମ କୁହାଯାଏ । ଶିବ, ଶଙ୍କର ବା ମହାଦେବ ଅହଂତତ୍ତ୍ୱର ପ୍ରତୀକ । ଏହି ଅହଂ ସହିତ ଜଡ଼ିତ ମାୟା । ତାଙ୍କଠି ବିଭିନ୍ନ ସମୟରେ ତିନୋଟିଯାକ ଗୁଣ ସଂଗଠିତ ହୋଇଥାଏ । ପ୍ରଥମତଃ ନିରବଚ୍ଛିନ୍ନ କେବଳ ତାମସ । ଦ୍ୱିତୀୟରେ ତମଃ ଓ ରଜର ସମ୍ମିଶ୍ରଣ । ତୃତୀୟତଃ ତାମସ ସହିତ ସତ୍ତ୍ୱର

ମିଶ୍ରଣ । ତେଣୁ ମହାଦେବ ସର୍ବଗୁଣର ସମାବେଶ । ଅହଂତତ୍ତ୍ୱର ବିକାର ସଂଖ୍ୟା ଷୋହଳ, ଯଥା– ପାଞ୍ଚଟି କର୍ମେନ୍ଦ୍ରିୟ, ପାଞ୍ଚଟି ଜ୍ଞାନେନ୍ଦ୍ରିୟ, ପଞ୍ଚଭୂତ ଓ ମନ । ମନୁଷ୍ୟ ସ୍ୱଳ୍ପ ଜ୍ଞାନରେ ଏହି ଗୁଣାଚ୍ଛନ୍ନ ଆକାରକୁ ଆରାଧନା କରିବାରେ ତା'ର କାମନା ଚରିତାର୍ଥ ହୋଇଥାଏ ।

କିନ୍ତୁ ନାରାୟଣ ତ୍ରିଗୁଣାତୀତ । ସେ ଏକମାତ୍ର ପୁରୁଷ । ତେଣୁ ଶ୍ରୁତି କହେ ସେ ପୁରୁଷ ମହାନ୍ତ । ଆଦିତ୍ୟବର୍ଣ୍ଣ ସେ । ଏହି ପୁରୁଷର ବିକିରଣ ହେଉଛି ପ୍ରକୃତି । କିନ୍ତୁ ପ୍ରକୃତି ସହିତ ସେ ଜଡ଼ିତ ନୁହଁନ୍ତି । ଜ୍ୟୋତିର୍ମୟର ଜ୍ୟୋତି ସେ । ପ୍ରକାଶ ସେ । ବିଶ୍ୱବ୍ରହ୍ମାଣ୍ଡର ସମସ୍ତ କାର୍ଯ୍ୟ ତଥା କାରବାର ତାଙ୍କ ଦ୍ୱାରା ହେଉଥିଲେ ମଧ୍ୟ ସେ ଅକର୍ତ୍ତା ସାକ୍ଷୀଭୂତ ମାତ୍ର ।

ଶୁକଦେବ କହିଲେ, ହେ ମହାରାଜା ପରୀକ୍ଷିତ । ଯିଏ ନାରାୟଣଙ୍କୁ ଏହିଭଳି ଭାବରେ ଉପଲବ୍ଧି କରିଥାଏ, ତା'ର ଭକ୍ତି ହିଁ ତାକୁ ଗୁଣହୀନ କରି ପକାଇଥାଏ । ତା ଅର୍ଥ ସେ ନିଷ୍କାମ । କାମନା ଶୂନ୍ୟ । ଧନ ତା ଦୃଷ୍ଟିରେ ନିରର୍ଥକ । କାରଣ, ସେ ସର୍ବଦା ପ୍ରଶାନ୍ତମନା । ପରମାନନ୍ଦ ତା'ର ଆଧାର । ଅଶ୍ୱମେଧ ଯଜ୍ଞ ଉଦ୍‌ଯାପିତ ହେବା ପରେ ତୁମର ଜେଜେବାପା ଯୁଧିଷ୍ଠିର ତୁମ ଭଳି ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଥିଲେ– ତୁମ ଭକ୍ତ ଦୀନହୀନ ଦରିଦ୍ର ହୁଏ କାହିଁକି ? ଶ୍ରୀକୃଷ୍ଣ କହିଥିଲେ, ମୁଁ ଯେତେବେଳେ କୌଣସି ମଣିଷ ପ୍ରତି ପ୍ରସନ୍ନ ହୁଏ ଏବଂ ତାକୁ ପୁରସ୍କୃତ କରିବାକୁ ଯାଏ, ସେତେବେଳେ ମୋର ପ୍ରଥମ କାର୍ଯ୍ୟ ହୁଏ ତା'ଠାରୁ ସମସ୍ତ ଧନରତ୍ନ ଛଡ଼େଇନେଇ ତାକୁ ସମ୍ପତ୍ତିମୁକ୍ତ କରିବା । କାରଣ, ସମ୍ପତ୍ତି ହିଁ ବିପତ୍ତିର କାରଣ । ମଣିଷର ମନରେ ଯେତେବେଳେ ମୋ ପ୍ରତି ଭକ୍ତି ଭରପୂର ହୋଇଯାଏ, ସେ ଚାହେଁ ଅକିଞ୍ଚନ ରହିବା ପାଇଁ । କାରଣ ସେ ଜାଣେ ଯେ ଜୀବନ ତ କ୍ଷଣସ୍ଥାୟୀ, ଧନରତ୍ନ ମୋର କ'ଣ ହେବ ? ଏ ଜଂଜାଳରେ ମୁଁ ବୁଡ଼ି ରହିବି କାହିଁକି ? ଭକ୍ତିଧନ ହିଁ ଶ୍ରେଷ୍ଠ ଧନ ବୋଲି ସେ ଉପଲବ୍‌ଧି କରିଥାଏ । ଏହି ଉପଲବ୍‌ଧି ଯୋଗୁଁ ସେ ବାହାରକୁ ଦୀନହୀନ ଦେଖାଯାଏ । ନାନା ଦୁଃଖଯାତନା ଭୋଗ କରିବା ଭଳି ଅନ୍ୟମାନଙ୍କର ମନେ ହୁଏ । କିନ୍ତୁ ସେହି ଅବସ୍ଥାରେ ସେ ମୋ ପାଖକୁ ଲାଗି ଆସିଥାଏ । ତାହାହିଁ 'ଉପସନା' । ସଂସାରରେ ଥିବା ହେତୁ ତାକୁ କେତେକ କର୍ମ, କରିବାକୁ ପଡ଼ିଥାଏ– ଯେଉଁଗୁଡ଼ିକ ଦାରିଦ୍ର୍ୟର ଉପକରଣ । ଏହି' କର୍ମବେଳେ ସେଗୁଡ଼ିକ ସହିତ ସେ ଜଡ଼ିତ ହୋଇ ପଡ଼ିଥାଏ । କିନ୍ତୁ ବାସ୍ତବରେ ସେ ଦରିଦ୍ର କିମ୍ବା ଅକିଞ୍ଚନ ନୁହଁ । ତା' ପ୍ରତି ମୋ 'ଅନୁଗ୍ରହ' ହିଁ ଦାରିଦ୍ର୍ୟ ରୂପ ନେଇଥାଏ । ମଣିଷ ଦରିଦ୍ର

ହୋଇପଡ଼ିବା ମାତ୍ରେ, ତା ଆତ୍ମୀୟ ସ୍ୱଜନ ତା' ପାଖରୁ ଦୂରେଇ ଯାଇଥାଆନ୍ତି । ତାକୁ ଘୃଣା କରନ୍ତି । କିନ୍ତୁ ଏହି ଅବସ୍ଥା ହିଁ ଭକ୍ତ ପ୍ରତି ମୋର ଆଶୀର୍ବାଦ । କୁଟୁମ୍ବ ପୋଷଣ ଲାଗି ଏବଂ ତା' ଉପରେ ନିର୍ଭର କରୁଥିବା ସ୍ତ୍ରୀ, ସନ୍ତାନମାନଙ୍କୁ ସନ୍ତୁଷ୍ଟ କରିବା ଲାଗି ସେ ଧନ ଅର୍ଜନ କରିବାକୁ ଚେଷ୍ଟା କରିଥାଏ ସତ, କିନ୍ତୁ ବିଫଳ ହୋଇଥାଏ । କାରଣ, ମୁଁ ତା' ପିଛା ଛାଡ଼େ ନାହିଁ । ଧୀରେ ଧୀରେ ସମସ୍ତ ଆସକ୍ତିରୁ ମୁକ୍ତ କରିବା ଲାଗି ମୁଁ ନାନା ଭାବରେ ତାକୁ ସାହାଯ୍ୟ କରିଥାଏ । ସଂପୂର୍ଣ୍ଣ ଅନାସକ୍ତ ହେବା ମାତ୍ରେ ତା' ମନ ନିର୍ମଳ ହୋଇଉଠେ ଏବଂ ସେ ଉତ୍ତମ ଲୋକଙ୍କ ସହିତ ସତ୍‌ସଙ୍ଗ କରିବାକୁ ଚାହିଁଥାଏ ।

ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ଆହୁରି ମଧ କହିଥିଲେ, ଏଭଳି କେତେକ ଲୋକ ଅଛନ୍ତି, ଯେଉଁମାନଙ୍କରଠାରୁ ସମସ୍ତ ଧନରତ୍ନ ଛଡ଼ାଇ ନିଆଗଲେ ମଧ ମୋହମୁକ୍ତ ହୋଇଯାଏ ନାହିଁ । ସେମାନେ ସଗୁଣ କେତେକ ଦେବତାଙ୍କୁ ପୂଜା କରନ୍ତି ଏବଂ ଯାହା ଚାହାଁନ୍ତି ପାଆନ୍ତି । ଦୁଇ ମୂର୍ତ୍ତି ବ୍ରହ୍ମା ଓ ମହାଦେବଙ୍କୁ ପ୍ରସନ୍ନ କରାଇ ସେମାନଙ୍କଠାରୁ କାର୍ଯ୍ୟ ହାସଲ କରିବା ସହଜ କିନ୍ତୁ ନାରାୟଣଙ୍କଠାରୁ ସମ୍ଭବ ନୁହେଁ । ବ୍ରହ୍ମା ଓ ମହାଦେବ ଦାତା ଭାବରେ ଯେପରି ଉଦାର, ସେହିଭଳି ଧ୍ୱଂସ କରିବାରେ ଧୁରନ୍ଧର ।

ଉଦାହରଣ ସ୍ୱରୂପ ଶୁକଦେବ ପରୀକ୍ଷିତଙ୍କୁ ବୃକାସୁର କଥା କହିଲେ । ଦିନେ ନାରଦଙ୍କ ସହିତ ବୃକାସୁରର ଭେଟ ହେଲା । ବୃକ କହିଲା, ହେ ଦେବର୍ଷି ନାରଦ ! ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ମଧରୁ କାହାକୁ ଶୀଘ୍ର ପ୍ରସନ୍ନ କରାଯାଇପାରିବ, ମତେ ସେହି ଦେବତାଙ୍କ ନାମ କହନ୍ତୁ– ମୁଁ ତାଙ୍କୁ ପ୍ରାର୍ଥନା କରିବି ।

ନାରଦ କହିଲେ, ତୁମ ଭଳି ଲୋକ ପାଇଁ ମହାଦେବ ହିଁ ଉପଯୁକ୍ତ ପାତ୍ର । ସେ ଆଶୁତୋଷ । ଆଗରୁ ସେ ବହୁ ଅସୁରଙ୍କୁ ବହୁ ବର ଦେଇଛନ୍ତି । ରାବଣ ଓ ବାଣାସୁର ସେମାନଙ୍କ ମଧରୁ ଦୁଇଜଣ । ମହାଦେବଙ୍କୁ ପ୍ରସନ୍ନ କରି ସେମାନେ ଅପାର ଶକ୍ତି ଓ ଧନଲାଭ କରିଥିବା ମୁଁ ଜାଣେ ।

ନାରଦ ଅତି ଚତୁର । ସେ କେଉଁ ରୋଗୀ ପାଇଁ କି ଔଷଧ ଓ ପଥ୍ୟ ଦରକାର, ତାହା ଜାଣନ୍ତି । ରାବଣ ଓ ବାଣାସୁରଙ୍କ 'ପାଇବା' କଥାଟି ହିଁ କହିଦେଲେ; କିନ୍ତୁ ପ୍ରଚୁର ପାଇବା ପରେ ସେମାନେ କିପରି ଚୂରମାର ହେଲେ, ସେ କଥା ବୃକାସୁରକୁ କହିଲେ ନାହିଁ । କାରଣ, କହିଦେଲେ ହୁଏତ ବୃକ୍ ଆଗରୁ ସତର୍କ ହୋଇଯାଇପାରେ । ତେଣୁ ରାବଣ ଓ ବାଣାସୁର କିପରି ଧ୍ୱଂସ ପାଇଲେ, ନାରଦ ସେ କଥାଟିକି ଏଡ଼େଇ ଦେଲେ ।

॥ ୧୨୭ ॥

# ବୋକା ବୃକାସୁର

ନାରଦ ବାଟ ବତେଇ ଦେଲେ । ବୃକାସୁରକୁ କହିଲେ, ହର ହର ମହାଦେବଙ୍କୁ ପ୍ରସନ୍ନ କର, ଯାହା ମାଗିବୁ ସେ ଦେବେ । ବୃକାସୁର ନାରଦଙ୍କ ବୋଲରେ ପଡ଼ି କେଦାର କ୍ଷେତ୍ରକୁ ଗଲା । ସେଠି ତପସ୍ୟା କଲା । ଅଗ୍ନିକୁ ଶଙ୍କରଙ୍କ ମୁଖ ବୋଲି ଭାବିଲା । ନିଜ ଦେହରୁ ଖଣ୍ଡ ଖଣ୍ଡ ମାଂସ କାଟି ଅଗ୍ନିରେ ଆହୁତି ଦେବାରେ ଲାଗିଲା । ଇମିତି ଛ'ଦିନ କାଳ କଲା । ତଥାପି ଭଗବାନ ଶଙ୍କର ପ୍ରସନ୍ନ ହେଲେ ନାହିଁ । ସପ୍ତମଦିନ ସେ ନିଜ ମୁଣ୍ଡ କାଟି ଆହୁତି ଦେବାକୁ ବସିଲା । କୌଣସି ଲୋକ ଆତ୍ମହତ୍ୟା ଉଦ୍ୟମ କରୁଥିବା ଦେଖିଲେ, ଦେଖୁଥିବା ଲୋକ ନିଶ୍ଚିତ ଭାବରେ ତାକୁ ଉଦ୍ଧାର କରିବାକୁ ଦୌଡ଼ି ଆସେ । ଭଗବାନ ଶଙ୍କର ଦେଖିଲେ, ଅସୁରଟା ମରିବାକୁ ବସିଲାଣି, ତେଣୁ ତାଙ୍କର ଦୟା ହେଲା । ସେ ଅଗ୍ନିକୁ ଡେଇଁବା ପାଇଁ ଗଲାବେଳେ ମହାଦେବ ତା' ଦି' ହାତକୁ ଧରିନେଲେ । ଦେହର ମାଂସ ସବୁ ଆହୁତି ଦେଇଥିବା ଯୋଗୁଁ ବୃକାସୁର ବିକଳାଙ୍ଗ ହୋଇ ପଡ଼ିଥିଲା । ଭଗବାନଙ୍କ ହାତର ସ୍ପର୍ଶ ପାଇ ବୃକାସୁର ତା' ପୂର୍ବରୂପ ଫେରିପାଇଲା । ଈଶ୍ୱର ବୃକାସୁରକୁ କହିଲେ, ବସ୍ସ ! ତୁ ବହୁତ କଲୁଣି । ଆଉ ବେଶି କରନା । ମୁଁ ତ ସାମାନ୍ୟ ଜଳଟୋପାଏ ଶିବଲିଙ୍ଗ ଉପରେ ଚଢ଼ାଇଲେ, ସନ୍ତୁଷ୍ଟ ହୋଇଥାଏ, ତୁ ତା' ନ କରି ଦେହର ମାଂସ କାଟି ଅଗ୍ନିକି ସମର୍ପଣ କରୁଥିଲୁ କାହିଁକି ? ଶେଷରେ ମୁଣ୍ଡଟାକୁ ମଧ କାଟିବାକୁ ଯାଉଥିଲୁ ! ଛି ! ଇମିତି କରନ୍ତି ନାହିଁ ! ଯା ନାଁ କ'ଣ ତପସ୍ୟା ! ଯାହା କରିବାର କଲୁଣି – ମୁଁ ତତେ ବର ଦେବାପାଇଁ ପ୍ରସ୍ତୁତ । ମନକୁ ଯାହା ଆସୁଚି, ମାଗ ।

'ମାଗ' କହିବା ମାତ୍ରେ ବୋକା ବୃକାସୁର ଭାବିଲା, ଇମିତି ଏକ ବର ମାଗିବି, ଯାହା କେହି କେବେ ଭାବି ନ ଥିବ । ପୃଥିବୀର ସବୁ ଜୀବ ଜଗତକୁ ଭୟଭୀତ କରିବା ଲାଗି, ସେ କହିଲା, ମତେ ଇମିତି ଏକ ମହାଶକ୍ତିଶାଳୀ ବର ଦିଅନ୍ତୁ, ଯାହା ଫଳରେ, ମୁଁ ଯାହା ମୁଣ୍ଡରେ ହାତ ରଖିବି, ସେ ଜଳିପୋଡ଼ି ପାଉଁଶ ହୋଇଯିବ ।

ବୃକାସୁର ଏଭଳି ଏକ ବର ମାଗିବ ବୋଲି ମହାଦେବ କଳ୍ପନା ସୁଦ୍ଧା କରି ନ ଥିଲେ । ତେଣୁ ସେ ପ୍ରଥମେ ଟିକିଏ ବିଚଳିତ ହୋଇ ପଡ଼ିଲେ । ପରେ ହସି ହସି କହିଲେ, ଆଚ୍ଛା ହେଉ, ତତେ ସେହି ବର ଦିଆଗଲା । ଏପରି ବର ଦେଇ ଭଗବାନ ଶଙ୍କର ଯେପରି କି ବିଷଧର ସର୍ପକୁ ଅମୃତ ପାନ କରାଇଦେଲେ ! ବୃକାସୁର ମନେ ମନେ ଭାବିଲା, ଏହି ବର ବଳରେ ସେ ପାର୍ବତୀକୁ ନିଜର ପତ୍ନୀ ଭାବରେ ପାଇ ପାରିବ । ସେ

ସଙ୍ଗେ ସଙ୍ଗେ ବରର କରାମତି କେତେ, ପରୀକ୍ଷା କରିବା ପାଇଁ ଭାବିଲା । ବରଦାତା ମହାଦେବଙ୍କ ମୁଣ୍ଡ ଉପରେ ପ୍ରଥମେ ହାତ ରଖିବାପାଇଁ ଚାହିଁଲା । ମହାଦେବ ଦୌଡ଼ିଲେ । ତାଙ୍କ ପଛେ ପଛେ ବୃକାସୁର । ଯିଏ ସମସ୍ତଙ୍କ ସଂକଟମୋଚନ କରିଥାଆନ୍ତି, ସେ ନିଜେ ସଂକଟର ସମ୍ମୁଖୀନ । ସ୍ୱର୍ଗରେ ଥାଇ ଦେବତାମାନେ ବିସ୍ମିତ, ଚକିତ ହୋଇପଡ଼ିଲେ । ଇଏ ତ ହର ହର ମହାଦେବ ନୀଳକଣ୍ଠଙ୍କ ବରର ପ୍ରତିକ୍ରିୟା ! ଦେବତାମାନେ କରିବେ ବା କ'ଣ ? ସେମାନେ କେବଳ ଦେଖଣାହାରୀ । ଭୟତ୍ରସ୍ତ ।

ଦେବତାମାନେ ଗଲେ ବୈକୁଣ୍ଠପୁରୀକି । ନାରାୟଣଙ୍କ ନିକଟକୁ । ନାରାୟଣ ହିଁ ଆପଦବାନ୍ଧବ । ସେ ଥିଲେ ଅନନ୍ତ ଶୟନରେ । ଦେବତାମାନଙ୍କ ପ୍ରାର୍ଥନା ଶୁଣି ନାରାୟଣ ଉଠିଲେ । ଜାଣିଲେ, ଶଙ୍କରଙ୍କ ପଛରେ ମହାବିପଦ ରୂପକ ବୃକାସୁର ଗୋଡ଼ାଇଛି । ତାଙ୍କୁ ସଂକଟରୁ ଉଦ୍ଧାର କରିବାକୁ ପଡ଼ିବ । ସେ ସଙ୍ଗେ ସଙ୍ଗେ ଯୋଗମାୟା ବଳରେ ବ୍ରହ୍ମଚାରୀ ପାଲଟିଲେ । ହାତରେ କମଣ୍ଡଳୁ । କପାଳରେ ଚିତା ଚୈତନ । ଗୋଟିଏ ହାତରେ ଦଣ୍ଡ । ପରିଧାନ ମୃଗଚର୍ମ । ଗଳାରେ ରୁଦ୍ରାକ୍ଷମାଳା । ପ୍ରତ୍ୟେକ ଅଙ୍ଗରେ ଜ୍ୟୋତିର ତରଙ୍ଗ । ଏହି ରୂପରେ ନାରାୟଣ ଯାଇ ଠିଆ ହେଲେ ବୃକାସୁର ଆଗରେ । ବୃକାସୁର ଆଉ ଆଗକୁ ଆଗେଇ ପାରିଲା ନାହିଁ । ବ୍ରହ୍ମଚାରୀଙ୍କୁ ଦେଖି ବୃକାସୁର ବିହ୍ୱଳିତ ହୋଇପଡ଼ିଲା । ହାତଯୋଡ଼ି ନମସ୍କାର କଲା ।

ବ୍ରହ୍ମଚାରୀ ବେଶଧାରୀ ନାରାୟଣ କହିଲେ, ହେ ଶକୁନିନନ୍ଦନ ବୃକାସୁର ! ମନେ ହେଉଚି ତୁମେ ଦୌଡ଼ି ଦୌଡ଼ି ହାଲିଆ ହୋଇ ପଡ଼ିଚ । ବହୁତ ଦୂରରୁ ଆସିବା ଭଳି ଜଣାପଡୁଚ । ତୁମର ବିଶ୍ରାମ ନିହାତି ଆବଶ୍ୟକ । ଇମିତି ଧଁସଁ ହୋଇ ଦୌଡ଼ିବା ଠିକ୍ ହେଉ ନାହିଁ । ଏ ଶରୀର ହେଉଚି ସବୁ ସୁଖର ଭଣ୍ଡାର । ୟା' ଭିତରେ କେତେ ଯେ କାମନା ବାସନା ଭର୍ତ୍ତି ହୋଇ ରହିଛି, ତା'ର କଳନା ନାହିଁ । ଆଉ ଶରୀରକୁ ଅଧିକ କଷ୍ଟ ଦିଅନି । ତୁମେ ତ ସବୁ ଦିଗରୁ ସମର୍ଥ । ବଳ, କଳ, କୌଶଳ କେଉଁଥିରେ ଊଣା ନୁହଁ । ମଣିଷ ନିଜ ହାତରେ ସବୁ କାମ କରେନି । କାମ କରିବାପାଇଁ ସେ ଅନ୍ୟର ସାହାଯ୍ୟ ଲୋଡ଼ିଥାଏ । ମୁଁ ତୁମକୁ ସାହାଯ୍ୟ କରିବାକୁ ପ୍ରସ୍ତୁତ । ଯଦି ମୋ' ସାହାଯ୍ୟ ଉପଯୁକ୍ତ ମନେ କରୁଛ, ମନଖୋଲି କୁହ । ଯଥାସମ୍ଭବ ମୁଁ ସହଯୋଗ କରିବି ।

ବୃକାସୁର ଭାବିଲା, ବାସ୍ତବରେ ତା'ର ସାହାଯ୍ୟ ଦରକାର । ଶିବଶଙ୍କରଙ୍କୁ ଗୋଡ଼େଇ ଗୋଡ଼େଇ ଧରିବା ସହଜ ନୁହଁ । ବହୁତ ବାଟ ଦୌଡ଼ିଲିଣି । ଏ ଲୋକଟା ତ ସାହାଯ୍ୟ କରିବ ବୋଲି କହୁଚି, ହୁଏତ ଇଏ ଶିବକୁ ଧରେଇ ଦେଇପାରେ । ଏହା ଭାବି ସେ କିଛି ସମୟ ବିଶ୍ରାମ ନେଲା । ତା'ପରେ ଗୋଟି ଗୋଟି କରି ସବୁ କଥା ଫିଟେଇ

କହିଲା । କହିଲା, ମୁଁ କିଛି ଅନ୍ୟାୟ କରିବାକୁ ଯାଉନି । ଯିଏ ବର ଦେଲା, ତା'ଠି ଏଇ ବରଟା ସତ ସତ ଫଳୁଛି କି ନା ସେହି କଥା ପରୀକ୍ଷା କରିବାକୁ ଚାହୁଁଚି । ଦେଇଥିବା ବରଟା ପ୍ରତି ଯଦି ଏତେ ଡର, ତାହାହେଲେ ବର ଦେଉଥିଲା କାହିଁକି ?

ବାମନ ବାଳ ବ୍ରହ୍ମଚାରୀ ନାରାୟଣ ଠୋ ଠୋ ହସିବାରେ ଲାଗିଲେ । କହିଲେ, ବୃକାସୁର ତୋ'ଠୁ ବଳି ବୋକା ସଂସାରରେ କେହି ନ ଥିବେ । ଯା ନାଆଁ ପରା ଭୋଳା ଶଙ୍କର ! ଗଞ୍ଜେଇ ଟାଣି କ'ଣ କେତେବେଳେ କହି ପକାଇଚି ବୋଲି ତା' କଥାକୁ ବିଶ୍ୱାସ କରୁଚୁ ? ଏହି ଶିବର ଶ୍ୱଶୁର ଦକ୍ଷ ପ୍ରଜାପତି ! ଯା'ର ଭୋଳା ଭାବକୁ ଦେଖି ଦକ୍ଷ ପ୍ରଜାପତି ଅଭିଶାପ ଦେବା ଦିନଠୁ ଇଏ ପିଶାଚ ପାଲଟି ଯାଇଚି । ଆଜିକାଲି ଇଏ ଭୂତପ୍ରେତ ପିଶାଚମାନଙ୍କ ସମ୍ରାଟ । ତୁ ଜଣେ ଦାନବ ବୀର । ତ୍ରିପୁରବିଜୟୀ ହୋଇ ଏହାର କଥାରେ ଭଳି ଯାଉଚୁ କିପରି ? ଅସଲ କଥା ହେଉଚି, ସେ ତୁମକୁ ଦେଇଥିବା ବରର କୌଣସି ମୂଲ୍ୟ ନାହିଁ କି ଫଳ ନାହିଁ । ସେ ଭୟରେ ଦୌଡ଼ିବାର ପ୍ରଧାନ କାରଣ ହେଉଚି ତା' ବର ମିଥ୍ୟା ସାବ୍ୟସ୍ତ ହୋଇଯିବ । କାହିଁକି ମିଛ ବର ଦେଲୁ ବୋଲି ହୁଏତ ତାକୁ ତୁ ମାରି ପକାଇବୁ । ମୁଁ ଏକଥା ଭଲ ଭାବରେ ଜାଣେ ବୋଲି ତୋର ଭଲ ପାଇଁ କହୁଚି । ତଥାପି ତୁ ଯଦି ତା' ବରକୁ ସତ ବୋଲି ବିଚାରୁ ଥାଉ ଏବଂ ଶିବକୁ ସଦ୍‌ଗୁରୁ ବୋଲି ମାନୁଥାଉ, ତାହା ହେଲେ ଗୋଟିଏ କାମ କର । ନିଜ ମୁଣ୍ଡରେ ହାତ ଦେଇ ସତ କି ମିଛ ପରୀକ୍ଷା କର ।

ବୃକାସୁର କହିଲା, ନାରଦ ତ ମତେ କହିଛନ୍ତି, ରାବଣ ଓ ବାଣାସୁର, ଏହି ଶିବଙ୍କ ବରରେ ବଳୀୟାନ ହୋଇଥିଲେ, ତୁମ କଥାକୁ ବିଶ୍ୱାସ କରିବି ନା ନାରଦଙ୍କ କଥାକୁ ବିଶ୍ୱାସ କରିବି ?

ବାଳ ବ୍ରହ୍ମଚାରୀ ବାମନରୂପୀ ନାରାୟଣ କହିଲେ, ନାରଦ ତତେ ଭଣ୍ଡେଇବାପାଇଁ ଏପରି କହିଥାଇପାରନ୍ତି; କିନ୍ତୁ ମୁଁ ଜାଣେ ଶିବଶଙ୍କରର ବର କେବେ ଫଳିନି କି ଫଳିବ ନାହିଁ । ମିଛ ବର ନିଶ୍ଚୟ ନିଷ୍ଫଳ ହେବ । ନିଜେ ପରୀକ୍ଷା କରି ଦେଖ ତୋର ମରଣ ହେବନାହିଁ । ତା'ପରେ ଆମେ ଦୁହେଁ ଦି'ପଟୁ ଗୋଡ଼େଇ ଗୋଡ଼େଇ ଶିବକୁ ଧରି ତାକୁ ଇମିତି ନାମ୍ ଦେବା ଯେ ଜୀବନରେ ଆଉ କାହାକୁ ବର ଦେବାକୁ ସେ ସାହସ କରିବନି । ମିଛ ବି କହିବନି । ତା' ଭଣ୍ଡାମି ଏତିକିରେ କାଳ କାଳ ପାଇଁ ବନ୍ଦ ହୋଇଯିବ । ଆଉ କେହି ତପସ୍ୟା କରି ଶିବକୁ ବର ମାଗିବେନି । ତାକୁ ଧରାପକାଇ ଦେବା ।

ବାଳ ବ୍ରହ୍ମଚାରୀଙ୍କ ମିଠା ମିଠା କଥାରେ ବୃକାସୁର ବିବେକବୁଦ୍ଧି ହରେଇ ବସିଲା । ନିଜ ହାତକୁ ନେଇ ନିଜ ମୁଣ୍ଡ ଉପରେ ରଖିବା ମାତ୍ରେ ସେ ଭସ୍ମ ପାଲଟିଗଲା । ଆକାଶରୁ

ଦେବତାମାନେ ଜୟ ଜୟକାର ଧ୍ୱନି କଲେ । ନାରାୟଣଙ୍କ ଉପରେ ପୁଷ୍ପବୃଷ୍ଟି ହେଲା । ସଙ୍କଟମୁକ୍ତ ହୋଇ ମହାଦେବ ନାରାୟଣଙ୍କୁ କୁଣ୍ଢାଇ ପକାଇଲେ । ନାରାୟଣ ଦେବାଧିଦେବ ମହାଦେବଙ୍କୁ କହିଲେ, ଏଣିକି ଦେଖି ଚାହିଁ, ଆଗ ପଛକୁ ବିଚାର କରି, ବର ଦେବ । ନଚେତ ବୃକାସୁର ଭଳି ଅସୁରଗୁଡ଼ାକ ତୁମକୁ ଗୋଡ଼େଇ ଗୋଡ଼େଇ ନାକେଦମ୍ କରିପକାଇବେ । ମୁଁ ଜାଣେ ତୁମର କେହି କିଛି କରିପାରିବେ ନାହିଁ, ତଥାପି ବର ଦେବାବେଳେ ସାବଧାନ ରହିବା ଉଚିତ । ବୃକାସୁର ଥିଲା ମହାପାପୀ । ତା' ପାପର ଫଳ ସେ ଭୋଗ କଲା ।

ମହାଦେବ କହିଲେ, ମୁଁ ବର ଦେଇ ନ ଥିଲେ ସେ ମରିଥାଆନ୍ତା କିପରି ?

ନାରାୟଣ କହିଲେ, ହଁ, ଇଏ ବି ନିରାଟ ସତକଥା । ବୃକାସୁର ବର ପାଇ ବରଦାତାଙ୍କଠି ବର ପରୀକ୍ଷା କରିବାରେ ମୃତ୍ୟୁକୁ ଆପେ ଆପେ ବରଣ କଲା । ଯାହା ଯେଉଁ ବାଟରେ ହେବାକୁ ଥିଲା, ହେଲା ।

●

॥ ୧୨୮ ॥

# ବିଷ୍ଣୁଙ୍କ ଛାତିରେ ଭୃଗୁଙ୍କ ଲାତ

ମାନବ ହେଉ, ଦାନବ ହେଉ, ଋଷି କିମ୍ବା ଦେବତା ହେଉ, ନାରଦଙ୍କ କାମ ହେଲା ସମସ୍ତଙ୍କ ମନରେ ସନ୍ଦେହର ମଞ୍ଜି ବୁଣିବା । ଶୁକଦେବ ରାଜା ପରୀକ୍ଷିତଙ୍କୁ କହିଲେ, ତୁମକୁ ନାରଦଙ୍କ କାର୍ଯ୍ୟ ସମ୍ପର୍କରେ ଆଗରୁ ବହୁତ କହିଚି । ଏବେ ଆଉ ଗୋଟିଏ କଥା ଶୁଣନ୍ତୁ ।

ଏକଦା ପବିତ୍ର ସରସ୍ୱତୀ ନଦୀକୂଳରେ ଋଷିମାନେ ଯଜ୍ଞର ଆୟୋଜନ କରୁଥିଲେ । ଯଜ୍ଞର ପୁରୋଧା ଥିଲେ ବ୍ରହ୍ମାପୁତ୍ର ମହାମୁନି ଭୃଗୁ । ନାରଦ ସେଠି ପହଞ୍ଚିଗଲେ । ଋଷିମାନଙ୍କୁ ପ୍ରଶ୍ନ କଲେ, ଏ ଯଜ୍ଞ କରୁଚ କାହିଁକି ? ଆବାହନ ଓ ସମର୍ପଣ କରୁଚ କାହାକୁ ? ଭୃଗୁ କହିଲେ, ଯଜ୍ଞ କରୁଛୁ ଭଗବାନଙ୍କୁ ପ୍ରସନ୍ନ କରିବା ପାଇଁ । ନାରଦ କହିଲେ, ଈଶ୍ୱର ତଥା ଭଗବାନ ତ ତିନିଜଣ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ କିଏ ? ଜାଣିଲେ ସିନା ତାଙ୍କୁ ପ୍ରଥମେ ଆବାହନ କରିବ । ପରୀକ୍ଷା କରି ଦେଖିଚ, ଶ୍ରେଷ୍ଠ କିଏ ?

ଋଷିମାନେ କହିଲେ, ସତେ ତ ! ଜଣଙ୍କୁ ତ ପ୍ରଥମେ ଆବାହନ କରିବାକୁ ପଡ଼ିବ । ଭୃଗୁ ଭଳି ମହାମୁନି ମଧ୍ୟ ସନ୍ଦେହରେ ପଡ଼ିଗଲେ । ଭାବିଲେ, ତିନିମୂର୍ତ୍ତିଙ୍କ ମଧ୍ୟରୁ ତ କିଏ କାହାଠୁ ଊଣା ନୁହଁନ୍ତି । ସମସ୍ତେ ଶ୍ରେଷ୍ଠ । ସର୍ବଶ୍ରେଷ୍ଠ କିଏ, ଜାଣିବା ଆବଶ୍ୟକ ।

ନାରଦ ସନ୍ଦେହ ବୀଜ ବପନ କରି ଛନ୍ତି ! ଋଷିମାନେ ଭୃଗୁଙ୍କୁ କହିଲେ, ଆମମାନଙ୍କ ମଧ୍ୟରେ ତୁମେ ଶ୍ରେଷ୍ଠ । ଶ୍ରେଷ୍ଠ ଓ ଜ୍ୟେଷ୍ଠ ହିଁ ତ୍ରିମୂର୍ତ୍ତିଙ୍କ ପରୀକ୍ଷା ଦାୟିତ୍ୱ ନେବା ଉଚିତ । ଭୃଗୁ ମଧ୍ୟ ଦାୟିତ୍ୱ ବହନ କଲେ । ଋଷିମାନଙ୍କୁ କହିଲେ, ମୁଁ ତ୍ରିମୂର୍ତ୍ତିଙ୍କୁ ପରୀକ୍ଷା କରି ଆସିବା ପରେ ଯାଇ ଯଜ୍ଞ ଆରମ୍ଭ ହେବ । ତୁମେମାନେ ମୁଁ ଆସିବା ପର୍ଯ୍ୟନ୍ତ ସତ୍‌ସଂଗ କରୁଥାଅ ।

ଭୃଗୁ ସର୍ବପ୍ରଥମେ ଗଲେ ନିଜ ପିତା ବ୍ରହ୍ମାଙ୍କ ଧୈର୍ଯ୍ୟ ଓ ସହିଷ୍ଣୁତା ପରୀକ୍ଷା କରିବା ଲାଗି । ପୁତ୍ରକୁ ଦେଖି ବ୍ରହ୍ମା ଖୁସି ହେଲେ । ବହୁ କାଳରୁ ପିତା ପୁତ୍ରଙ୍କ ଭେଟ ହୋଇ ନ ଥିଲା । ବ୍ରହ୍ମା କୁଶାସନରେ ବସିଥିଲେ । ଭୃଗୁ ଯାଇ ତାଙ୍କ ସାମନାରେ ଠିଆହେଲେ । କିନ୍ତୁ ବ୍ରହ୍ମାଙ୍କୁ ନମସ୍କାର କଲେ ନାହିଁ କି ପଦେ ବି ସ୍ତୁତି ବାକ୍ୟ ଉଚ୍ଚାରଣ କଲେ ନାହିଁ । ବ୍ରହ୍ମା ରାଗିଗଲେ । ମନେ ମନେ ଭାବିଲେ, ଅଭିଶାପ ଦେବେ । କିନ୍ତୁ ଭୃଗୁ ଯେତେହେଲେ ତାଙ୍କ ପୁତ୍ର । ତେଣୁ କ୍ରୋଧାଗ୍ନିକୁ ଭିତରେ ଭିତରେ ଦମନ କରିନେଲେ । ପୁଅ ସହିତ କଥାବାର୍ତ୍ତା କଲେ ନାହିଁ । ମୁହଁ ମୋଡି ବସିଲେ । ଭୃଗୁ ମନେ ମନେ ଭାବିଲେ, ବ୍ରହ୍ମାଙ୍କୁ ସେ ପରଖିନେଲେ । ଏହାଙ୍କୁ ଯଜ୍ଞଦେବତା ଭାବରେ ପ୍ରଥମେ ଆବାହନ କରିବା ଠିକ୍ ନୁହଁ । କରିଥିଲେ ଭୁଲ ହୋଇଥାଆନ୍ତା । ଯଜ୍ଞ ଫଳ ମିଳି ନ ଥାଆନ୍ତା ।

ବ୍ରହ୍ମାଙ୍କୁ ଛାଡ଼ି ଭୃଗୁ ଗଲେ କୈଳାସକୁ । କୈଳାସପତି ଦେବ ଦେବ ମହାଦେବଙ୍କ ପାଖକୁ । ଭୃଗୁଙ୍କୁ ଦେଖି ମହାଦେବ ଆଗେଇ ଆସି ତାଙ୍କୁ ପାଛୋଟି ନେଲେ । ଆଲିଙ୍ଗନ କରିବା ଲାଗି ଦୁଇହାତ ବଢ଼େଇଲେ । କିନ୍ତୁ ଭୃଗୁ, ଭଗବାନ ଶଙ୍କର ମହାଦେବଙ୍କୁ ଆଲିଙ୍ଗନ କରିବାକୁ ଚାହିଁଲେ ନାହିଁ । ତାଙ୍କ ସ୍ୱାଗତ ସଂବର୍ଦ୍ଧନାକୁ ଅସ୍ୱୀକାର କଲେ । କହିଲେ, ତୁମେ ବେଦ ମର୍ଯ୍ୟାଦା ଲଙ୍ଘନ କରିଆସୁଛ । ଯାହା କରୁଛ, ସବୁ ବେଦ୍ ବିରୋଧୀ । ତୁମ ପାଖ ସୁଦ୍ଧା ମାଡ଼ିବା କଥା ନୁହଁ । ଭୁଲରେ ଚାଲିଆସିଛି ।

ଶିବ ଯିମିତି ଆଶୁତୋଷ, ସେହିଭଳି ଆଶୁକ୍ରୁଦ୍ଧ । କଥାଟିକିଏ ଏପଟ ସେପଟ ହୋଇଗଲେ, ଲଙ୍ଗଳା ହୋଇ ଡ଼େଇଁବା ତାଙ୍କର ସ୍ୱଭାବ । ଭୃଗୁଙ୍କ କଥାରେ ତାଙ୍କ ମଥାରେ କ୍ରୋଧ ଚଢ଼ିଗଲା । ସେ ସଙ୍ଗେ ସଙ୍ଗେ ତ୍ରିଶୂଳ ଉଠାଇଲେ ଭୃଗୁଙ୍କୁ ମାରିଦେବା ପାଇଁ । ଭୃଗୁଙ୍କ ଭାଗ୍ୟକୁ ସତୀ ପାଖରେ ଥିଲେ । ସେ ସ୍ୱାମୀ ଶିବଙ୍କ ଗୋଡ଼ ତଳେ ପଡ଼ିଗଲେ । ବହୁତ ଅନୁନୟ ବିନୟ କରି ଶିବଙ୍କୁ ଶାନ୍ତ କରାଇଲେ । ସତୀ ଭୃଗୁଙ୍କୁ କହିଲେ, ଶୀଘ୍ର ଚାଲିଯାଅ । ତୁମ ମୁହଁକୁ ଦେଖିବା ମାତ୍ରେ ଈଶ୍ୱରଙ୍କ ତ୍ରିଶୂଳରେ ତୁମ ଶିରଚ୍ଛେଦ ହୋଇଯାଇପାରେ ।

ତ୍ରିଦେବଙ୍କ ମଧ୍ୟରୁ ବାକି ରହିଲେ ବିଷ୍ଣୁ । ବିଷ୍ଣୁଙ୍କ ନିବାସସ୍ଥାନ ବୈକୁଣ୍ଠପୁରୀକି ଗଲେ ମହର୍ଷି ଭୃଗୁ । ବିଷ୍ଣୁ ସର୍ବଦା ରସରସିଆ । କିଏ ତାଙ୍କୁ ରସାନନ୍ଦ ତ କିଏ ପରମାନନ୍ଦ

ବୋଲି ଡାକିଥାଆନ୍ତି । ଐଶ୍ୱର୍ଯ୍ୟ ଭିତରେ ଥାଆନ୍ତି । ଭୃଗୁ ଦେଖିଲେ ବିଷ୍ଣୁ ମହାଲକ୍ଷ୍ମୀଙ୍କ କୋଳରେ ମୁଣ୍ଡ ରଖି ଆରାମ କରୁଛନ୍ତି । ଭୃଗୁ ବିଷ୍ଣୁଙ୍କ ଛାତି ଉପରେ ଜୋର୍‌ରେ ଏକ ଲାତ ଲାଦିଦେଲେ । ବିଷ୍ଣୁ ଲକ୍ଷ୍ମୀଙ୍କ ସହିତ ଉଠି ବସିଲେ । ଦେଖିଲେ, ଆଗରେ ଭୃଗୁ ମୁନି । ବିଷ୍ଣୁ ଶଯ୍ୟାରୁ ଉଠି ଭୃଗୁଙ୍କ ପାଖକୁ ଗଲେ । ମୁଣ୍ଡ ନୁଆଇଁ ପ୍ରଣାମ କଲେ । ତାଙ୍କୁ ହାତ ଧରି ପାଛୋଟି ନେଲେ । ନିଜେ ଠିଆ ହୋଇ ମହର୍ଷିଙ୍କୁ ଉଚ୍ଚ ଆସନ ଦେଲେ ବସିବା ପାଇଁ । କହିଲେ, ବହୁତ ପଥ ଅତିକ୍ରମ କରି ଏଠିକି ଆସିଛନ୍ତି, କିଛି ସମୟ ବିଶ୍ରାମ କରନ୍ତୁ । ଲକ୍ଷ୍ମୀଙ୍କି କହିଲେ ଜଳ ଆଣ । ଜଳ ଆସିବା ମାତ୍ରେ ନିଜ ହାତରେ ମୁନିଙ୍କ ପାଦ ଧୂଆପୋଛା କଲେ । କହିଲେ, ହେ ବ୍ରହ୍ମାପୁତ୍ର ମହାମୁନି ଭୃଗୁ ! ଏତେ କଷ୍ଟ କରି ବୈକୁଣ୍ଠକୁ ଆସିବା କ'ଣ ବା ଦରକାର ଥିଲା ? ଯେତେ ଦୂରରୁ ହେଉ, ମତେ ଡାକିବା ମାତ୍ରେ, ମୁଁ ହାଜର ହୋଇଥାଏ । ନ ଡାକି ମତେ ସ୍ମରଣ କରିଥିଲେ ବି ମୁଁ ଆପଣଙ୍କ ପାଖରେ ପହଞ୍ଚି ଥାଆନ୍ତି । ଆପଣଙ୍କ ଶୁଭାଗମନର ସୂଚନା ପାଇ ନ ଥିଲି । ତେଣୁ ମୋର ସମ୍ମାକ୍ଷଣରେ ତ୍ରୁଟି ହୋଇଗଲା ।

ବିଷ୍ଣୁ କହୁଥିବା ସଙ୍ଗେ ସଙ୍ଗେ ଭୃଗୁଙ୍କ ଗୋଡ଼ ବଥାଉଥିବ ଭାବି ତାଙ୍କ ଗୋଡ଼ ଚିପିବାରେ ଲାଗିଥାଆନ୍ତି । ମୁନି ଗୋଡ଼କୁ ଉଠାଇ ନେବାବେଳେ, ଆଉ ଟିକିଏ ଚିପି ଦିଏ ଭଲ ଲାଗିବ ବୋଲି କହୁଥାଆନ୍ତି । ଆହୁରି ମଧ୍ୟ କହୁଥାଆନ୍ତି, ମହାମୁନିଙ୍କ ଚରଣ କମଳ ଅତି କୋମଳ ! ମୋ ହାତ ଧନ୍ୟ ହେଲା । ମୋର ଦୋଷ କ୍ଷମା କରନ୍ତୁ ମହାମୁନି !

ଭୃଗୁ ଭଗବାନଙ୍କ ବାଳସୁଲଭ ବ୍ୟବହାରରେ ଅତି ଲଜ୍ଜିତ । ଭାବିବାରେ ଲାଗିଚନ୍ତି, ବିଷ୍ଣୁଙ୍କ ବକ୍ଷସ୍ଥଳକୁ ସେ ଶକ୍ତ ଲାତେ ପକାଇଚନ୍ତି । ବରଂ ସେ ପ୍ରଭୁଙ୍କ ଛାତିକୁ ହାତରେ ଆଉଁସିଦେବା କଥା ! ପରୀକ୍ଷା କରିବାକୁ ଆସି ଏକ ମହାପରୀକ୍ଷାର ସମ୍ମୁଖୀନ ହୋଇପଡ଼ିଚନ୍ତି ସେ । ମୁହଁରୁ କଥା ବାହାରୁ ନାହିଁ । କହିବାକୁ ଚାହିଁଲେ ମଧ୍ୟ କହିବାର ଅବକାଶ ନାହିଁ ।

ବିଷ୍ଣୁ କହିଚାଲିଛନ୍ତି— ଆପଣଙ୍କ ଚରଣୋଦକ ତିନିପୁରର ସମସ୍ତ ତୀର୍ଥଠାରୁ ଅଧିକ ପବିତ୍ର । ସେହି ତୀର୍ଥଜଳ ସେବନ କରି ମୁଁ ଓ ମୋର ଧର୍ମପତ୍ନୀ ଶ୍ରୀମତୀ ମହାଲକ୍ଷ୍ମୀ ଦେବୀ ଦୁହେଁ କୃତାର୍ଥ । ଆପଣଙ୍କ ଚରଣସ୍ପର୍ଶଦାନ କରି ବୈକୁଣ୍ଠପୁରୀ ଏବଂ ଏହା ଭିତରେ ରହୁଥିବା ଲୋକପାଳମାନଙ୍କ ଜୀବନକୁ ପବିତ୍ର କରନ୍ତୁ । ଆପଣଙ୍କ ଚରଣ ସ୍ପର୍ଶରେ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ଯାହା ବା ପାପ ତାପ କରିଆସିଚି, ସବୁ ଧୋଇ ହୋଇଗଲା । ଏ ପର୍ଯ୍ୟନ୍ତ ମୋ ବକ୍ଷସ୍ଥଳ ଥିଲା କେବଳ ଲକ୍ଷ୍ମୀଙ୍କ ଆଶ୍ରୟସ୍ଥଳ । ଆପଣଙ୍କ ପଦଚିହ୍ନ ଏଣିକି ହେବ ତାଙ୍କର ଆଶ୍ରୟ ।

ଏତିକି କହି ବିଷ୍ଣୁ ନିରବ ରହିଲେ । କିନ୍ତୁ ଭୃଗୁଙ୍କ ପଦସେବାରୁ ସେ ନିବୃତ୍ତ ହେଲେ ନାହିଁ । ବହୁ ପ୍ରକାର କୁହାକୁହି କରି ଭୃଗୁ ବୈକୁଣ୍ଠଧାମରୁ ବିଦାୟ ନେଲେ । ଇଆଡ଼େ ବ୍ରହ୍ମବାଦୀ ମୁନି ଋଷିମାନେ ଅପେକ୍ଷା କରି ରହିଥିଲେ ସରସ୍ୱତୀ କୂଳରେ । ଭୃଗୁ ପରୀକ୍ଷା ସାରି ଏଠି ପହଞ୍ଚିବା ମାତ୍ରେ ଋଷିମାନେ 'ଫଳ' କ'ଣ ହେଲା ଶୀଘ୍ର କହନ୍ତୁ ବୋଲି ବ୍ୟାକୁଳ ହୋଇପଡ଼ିଲେ । ଭୃଗୁ କହିଲେ, ପରୀକ୍ଷାରେ ବିଷ୍ଣୁ ହିଁ ଉତ୍ତୀର୍ଣ୍ଣ ହେଲେ, ବ୍ରହ୍ମା ଓ ଶିବ ଅଯୋଗ୍ୟ ପ୍ରମାଣିତ ହେଲେ । ଭୃଗୁ କହିଲେ ବିଷ୍ଣୁ ହିଁ ଶକ୍ତି ଓ ଅଭୟର ମୂଳାଧାର । ସେ ସାକ୍ଷାତ ଧର୍ମ, ଜ୍ଞାନ, ବୈରାଗ୍ୟ ଆଦି ଆଠ ପ୍ରକାରର ଐଶ୍ୱର୍ଯ୍ୟର ଅଧିକାରୀ । ଚିତ୍ତଶୁଦ୍ଧି ଲାଗି ପ୍ରଥମେ ତାଙ୍କୁ ଆବାହନ କରାଯିବା ଉଚିତ । କାରଣ ସେ ଅନାଥର ନାଥ, ଜଗନ୍ନାଥ ଏବଂ ପରମଗତି । ସେ ସମସ୍ତ ପୁରୁଷାର୍ଥ ସ୍ୱରୂପ । ତାଙ୍କର ଗୁଣମୟୀ ମାୟା ହିଁ ମାନବ, ଦାନବ ଓ ଦେବତା ଆଦି ବନେଇଚି । ସତ୍ତ୍ୱ, ରଜ ଓ ତମ ତାଙ୍କରି ହିଁ ଭିଆଣ । ବ୍ରହ୍ମା, ବିଷ୍ଣୁ, ମହେଶ୍ୱର– ଏହି ଭେଦ ଭିତରେ ସେ ଅଭେଦ । ଏକରୁ ଅନେକ । ଅନେକରୁ ଏକ ସେ । ତେଣୁ ତାଙ୍କୁ ବୁଝିବା କାଠିକର ପାଠ । ବେଦ ଯେଉଁଠି ଚୁପ୍, ଆମେ କିଏ ?

ଋଷିମାନଙ୍କ ସନ୍ଦେହ ମୋଚନ ହେଲା । ନାରଦ ହାଜର ହୋଇ ପଚାରିଲେ, ସର୍ବଶ୍ରେଷ୍ଠ କିଏ ? ଋଷିମାନେ ସମସ୍ୱରରେ କହିଲେ, ବିଷ୍ଣୁ, ବିଷ୍ଣୁ, ମହାବିଷ୍ଣୁ !

●

॥ ୧୨୯ ॥

# ବ୍ରାହ୍ମଣଙ୍କ ଦଶପୁଅ ମରି ଜିଇଁଲେ

ଏହା ଦ୍ୱାରକାରେ ଘଟିଥିଲା । ଜଣେ ବାହ୍ମଣଙ୍କର ପୁଅଟିଏ ହେଲା । ଦୁର୍ଭାଗ୍ୟକୁ ପିଲା ମା'ପେଟରୁ ଜନ୍ମ ହେଉ ହେଉ ମରିଗଲା । ବ୍ରାହ୍ମଣ ବ୍ୟଥିତ, ଶୋକାତୁର ହୋଇ ପଡ଼ିଲେ । ସେ ପିଲାଟିର ଶବକୁ ଧରି ରାଜଉଆସର ଦ୍ୱାରସ୍ଥ ହେଲେ । ସେଠି ବିଳାପ କରିବାକୁ ଲାଗିଲେ । ଏ ରାଜ୍ୟର ରାଜା ବ୍ରାହ୍ମଣଦ୍ରୋହୀ, ଧୂର୍ତ୍ତ, କୃପଣ ବୋଲି ଗାଳିବର୍ଷଣ କଲେ । କହିଲେ, ରାଜାଙ୍କ କର୍ମଦୋଷରୁ ହିଁ ମୋ ପିଲାର ଅକାଳ ମୃତ୍ୟୁ ହେଲା । ରାଜା ହିଂସାପରାୟଣ, ଦୁରାଚାରୀ ହେଲେ ପ୍ରଜାମାନେ ଦରିଦ୍ର ହୁଅନ୍ତି । ଦୁଃଖ କଷ୍ଟ ଭୋଗନ୍ତି । ସେମାନଙ୍କ ଉପରକୁ ସଙ୍କଟ ପରେ ସଙ୍କଟ ମାଡ଼ି ଆସେ ।

ବ୍ରାହ୍ମଣଙ୍କର ଏହିଭଳି ଦ୍ୱିତୀୟ ଓ ତୃତୀୟ କ୍ରମରେ ନବମ ପୁତ୍ର ମଧ୍ୟ ଜନ୍ମ ହେଉ ହେଉ ମଲେ । ସେ ପ୍ରତିଥର ମୃତପିଲାକୁ ଧରି ରାଜଦ୍ୱାରକୁ ଆସନ୍ତି । ରାଜାଙ୍କୁ ଧିକ୍କାର କରନ୍ତି । ନବମ ପୁତ୍ର ବେଳକୁ ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କ ସହିତ କୁନ୍ତୀପୁତ୍ର ଅର୍ଜୁନ ଥିଲେ । ଅନ୍ଦର ମହଲରେ ବସି ଦୁଇସଖା ଆଳାପ ଆଲୋଚନା କରୁଥିଲେ । ବ୍ରାହ୍ମଣଙ୍କ ଗାଳି ତାଙ୍କ କାନରେ ପଡ଼ିଲା । ବ୍ରାହ୍ମଣଙ୍କର ଗାଳିର ମାତ୍ରା ଆହୁରି ବଢ଼ିଗଲା । ସେ ଅକଥ୍ୟ ଭାଷାରେ ଅର୍ଜୁନଙ୍କୁ ଦେଖେଇ ଦେଖେଇ ଗାଳି ଦେଲେ । କହିଲେ, କେବଳ ରାଜା ନୁହଁନ୍ତି, ନଅରରେ ଥିବା ସମସ୍ତ କର୍ମଚାରୀ, ସେବକମାନେ ମଧ୍ୟ ଘୃଣାର ପାତ୍ର । ସେମାନଙ୍କ ମୁହଁ ଦେଖିଲେ ପାପ ।

ଅର୍ଜୁନ ବ୍ରାହ୍ମଣଙ୍କୁ ସାନ୍ତ୍ୱନା ଦେଲେ । ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଲେ । କହିଲେ, ଦ୍ୱାରକାରେ କ'ଣ କେହି ଧନୁର୍ଦ୍ଧାରୀ କ୍ଷତ୍ରିୟ ନାହାଁନ୍ତି ! ପ୍ରଜାଙ୍କ ପ୍ରତିରକ୍ଷା ଲାଗି କ'ଣ କେହି ଜଣେ ବି ଆଗଭର ନୁହଁନ୍ତି ! ଏଠି ନିଶ୍ଚୟ ଯଦୁବଂଶୀଙ୍କ ବ୍ରାହ୍ମଣ ଅବଶ୍ୟ ଥିବେ, ସେମାନେ କ'ଣ ପ୍ରଜାପାଳନ ନାଆଁରେ କେବଳ ଯଜ୍ଞ କରିବାରେ ବ୍ୟସ୍ତ ? ସ୍ୱଜାତି ବ୍ରାହ୍ମଣଙ୍କ ଦୁଃଖଦୁର୍ଦ୍ଦଶା ମୋଚନ ଲାଗି ସେମାନଙ୍କର କ'ଣ କୌଣସି ଚିନ୍ତା ନାହିଁ ! ଯେଉଁଠି କୌଣସି ବ୍ରାହ୍ମଣ, ନିଜ ସ୍ତ୍ରୀ, ପିଲା ଧନ ହରାଇ ଦୁଃଖରେ କାଳାତିପାତ କରୁଥାଏ, ସେ ରାଜ୍ୟ କୌଣସି କ୍ଷତ୍ରିୟ ଦ୍ୱାରା ଶାସିତ ବୋଲି କୁହାଯାଇ ନପାରେ । ଅଭିନେତା ବେଶଭୂଷା ପିନ୍ଧି ଅଭିନୟ କରିବା ଭଳି, କେବଳ ବେଶଭୂଷାରେ ସଜେଇ ହୋଇ ରାଜା ବୋଲାଉଥିବା କୌଣସି ମଣିଷ ନିଜକୁ କ୍ଷତ୍ରିୟ ବୋଲି ଦାବୀ କରି ନ ପାରେ । ଏପରି ରାଜା ଓ ରାଜ୍ୟର ଜୀବନ ବ୍ୟର୍ଥ ।

ଅର୍ଜୁନ ବ୍ରାହ୍ମଣ ଦମ୍ପତିକି କହିଲେ, ଯାହା ହେବାର ତ ହୋଇଗଲାଣି । ଆଉ କାନ୍ଦନି । ଏଣିକି ତୁମର ପିଲା ହେଲେ, ତାକୁ ଜୀବିତ ରଖିବାର ଭାର ମୁଁ ନେଉଚି । କଥା ଦେଉଚି, ତାକୁ କେହି ମାରି ପାରିବେନି । ଯଦି ମୋ କଥା ଅନ୍ୟଥା ହୁଏ, ମୁଁ ଜଳ କିମ୍ବା ଅଗ୍ନିକୁ ଡେଇଁ ପ୍ରାଣାହୁତି ଦେବି ।

ବ୍ରାହ୍ମଣଙ୍କ ମନ ସାମାନ୍ୟ ବୁଝିଗଲା । ତଥାପି ସେ ଅର୍ଜୁନଙ୍କୁ କହିଲେ, ଦ୍ୱାରକାରେ ଶ୍ରୀକୃଷ୍ଣ, ବଳରାମ, ପ୍ରଦ୍ୟୁମ୍ନ, ସାତ୍ୟକି, କୃତବର୍ମା ପ୍ରଭୃତି ବହୁ ବଡ଼ ବଡ଼ ବୀର ଅଛନ୍ତି, କିନ୍ତୁ ଗତ ନଅବର୍ଷ ହେଲା, ମୋ'ପାଇଁ କେହି କିଛି କରିନାହାଁନ୍ତି । ବୋଧହୁଏ ସେମାନଙ୍କର କରିବାର କ୍ଷମତା ମଧ୍ୟ ନାହିଁ । ସମସ୍ତେ ଜାଣୁଛନ୍ତି, ଦେଖୁଛନ୍ତି କିନ୍ତୁ କାମବେଳକୁ ଚୁପ୍ । ତୁମେ ମତେ ରକ୍ଷା କରିପାରିବ ବୋଲି ମୋର ତ ତିଳେ ହେଲେ ବିଶ୍ୱାସ ହେଉ ନାହିଁ ।

ଅର୍ଜୁନ କହିଲେ, ମୁଁ ବଳରାମ ନୁହଁ କି ଶ୍ରୀକୃଷ୍ଣ କିମ୍ବା ଯେଉଁମାନଙ୍କ ନାଆଁ କହିଗଲ, ସେମାନଙ୍କ ମଧ୍ୟରୁ ଜଣେ ବି ନୁହଁ । ମୁଁ ପାଣ୍ଡବ ବଂଶର ଅର୍ଜୁନ । ମୋ ହାତରେ ଅଛି ତ୍ରିପୁରବିଖ୍ୟାତ ଗାଣ୍ଡିବ ଧନୁ । ଏହା ବଳରେ ମୁଁ ଯାହା ଚାହିଁବି, କରିପାରିବ । ତେଣୁ ଆଦୌ ବିଚଳିତ ହୁଅନ୍ତୁ ନାହିଁ । ଶ୍ରୀକୃଷ୍ଣ ତ ମୋର ଅନ୍ତରଙ୍ଗ ବନ୍ଧୁ, ତାଙ୍କ କଥା ଛାଡ଼ । ମତେ ମହାଦେବଠାରୁ ଆରମ୍ଭ କରି ସବୁ ଦେବତା ଭଲ ପାଇ ଥାଆନ୍ତି । ମୁଁ ଯମ ସହିତ ଲଢ଼ି ତୁମ ପିଲାକୁ ଫେରାଇ ଆଣିବି । ମୋ'କଥା ଅନ୍ୟଥା ହେବ ନାହିଁ ।

ଅର୍ଜୁନଙ୍କ କଥାକୁ ବ୍ରାହ୍ମଣ ବିଶ୍ୱାସ କଲେ । ସ୍ୱାମୀ ସ୍ତ୍ରୀ ଦିହେଁ ଘରକୁ ଫେରିଲେ । ବର୍ଷକ ପରେ ବ୍ରାହ୍ମଣୀଙ୍କ ସନ୍ତାନ ପ୍ରସବର ସମୟ ଆସିଗଲା । ବ୍ରାହ୍ମଣ ପୁଣି ଚିନ୍ତିତ ହୋଇ ପଡ଼ିଲେ । ଅର୍ଜୁନଙ୍କ ପାଖକୁ ଆସି କହିଲେ, ସନ୍ତାନ ଭୂମିଷ୍ଠ ହେବା ପରେ ଯିମିତି ମରିବ ନାହିଁ, ତା'ର ବ୍ୟବସ୍ଥା କରନ୍ତୁ । ନଚେତ୍ ଆପଣଙ୍କ କଥାର କୌଣସି ମୂଲ୍ୟ ରହିବ ନାହିଁ ।

ଅର୍ଜୁନ ପବିତ୍ର ଜଳରେ ଆଚମନ କଲେ । ମହାଦେବଙ୍କୁ ବିନୀତ ଭାବରେ ପୂଜା ଓ ପ୍ରାର୍ଥନା କଲେ । ତା' ପରେ ଗାଣ୍ଡିବ ଧନୁ ଧରି ବ୍ରାହ୍ମଣ ସହିତ ତାଙ୍କ ଘରକୁ ଗଲେ । ବ୍ରାହ୍ମଣୀର ପ୍ରସୂତି ଘର ଚାରିପଟେ ସେ ନିଜ ଦିବ୍ୟାସ୍ତ୍ରକୁ ଛନ୍ଦି ଏକ ପଞ୍ଜୁରୀ ନିର୍ମାଣ କଲେ । କିଛି ସମୟ ପରେ ପ୍ରସୂତି ଘରୁ ଗୋଟିଏ ନବଜାତ ଶିଶୁର କୁଆଁ କୁଆଁ ରଡ଼ି ଶୁଣାଗଲା । ପରକ୍ଷଣରେ ଶିଶୁଟି ଆକାଶ ଉପରକୁ ଉଠି କୁଆଡ଼େ ଉଭେଇଗଲା । ବ୍ରାହ୍ମଣ ନିଜ ଶୋକକୁ ଭୁଲି ଅର୍ଜୁନଙ୍କ ଉପରେ ରାଗରେ ଜଳି ଉଠିଲେ । ଅର୍ଜୁନଙ୍କୁ କହିଲେ, ତୁମ ଭଳି କାପୁରୁଷ, ଠକ ଜଗତରେ କେହି ନଥିବେ । ଶ୍ରୀକୃଷ୍ଣ, ବଳରାମ, ସାତ୍ୟକି ଆଦି ଯାହା କରିପାରିଲେ ନାହିଁ, ତୁମେ ଅର୍ଜୁନ ପାରିବ ବୋଲି ବୀରପଣିଆ ଦେଖାଉଥିଲ କାହିଁକି ? ଏହିଭଳି ଭାବେ ବ୍ରାହ୍ମଣ ନାନା ଗାଳି ଗୁଲଜ କରି ଅର୍ଜୁନଙ୍କୁ ଉତ୍ତେଜିତ କରିବାକୁ ଲାଗିଲେ । ଅଭିଶାପ ମଧ୍ୟ ଦେଲେ ।

ଅର୍ଜୁନ ତାଙ୍କ ଅସ୍ତ୍ରଶସ୍ତ୍ର ଧରିଲେ । ଯୋଗମାୟାଙ୍କ ବଳରେ ସେ ଯମପୁର 'ସାମ୍ୟମଣି'ଠାରେ ପହଁଚିଲେ । କିନ୍ତୁ ବ୍ରାହ୍ମଣର ଦଶମ ପୁତ୍ରକୁ ସେଠି ପାଇଲେ ନାହିଁ । ଅଷ୍ଟମ ଦିଗପାଳଙ୍କ ପୁରକୁ ମଧ୍ୟ ଗଲେ । ବ୍ରହ୍ମାଣ୍ଡଯାକ ବୁଲିଲେ ! କିନ୍ତୁ କେଉଁଠି ହେଲେ ପିଲାଟିର ପତ୍ତା ମିଳିଲା ନାହିଁ । ଅର୍ଜୁନ ଭାବିଲେ, ଖୋଜିବା ବୃଥା । ବ୍ରାହ୍ମଣଙ୍କୁ କଥା ଦେଇଛନ୍ତି, କିନ୍ତୁ କଥା ରଖିପାରିଲେ ନାହିଁ । ତେଣୁ ସେ ଚାଲିଗଲେ ଦ୍ୱାରକା । ସେଠି ସେ ଏକ ନିଆଁକୁଣ୍ଡ କଲେ । ଅଗ୍ନିରେ ପ୍ରାଣାହୁତି ଦେବାପାଇଁ ଉଦ୍ୟତ ହେଲେ । କିନ୍ତୁ ଶ୍ରୀକୃଷ୍ଣ ତାଙ୍କୁ କ୍ଷାନ୍ତ କଲେ । କହିଲେ, ହତାଶ ହୋଇ ଆତ୍ମହତ୍ୟା କରିବା ଅବିବେକିତା ।

ମୁଁ ବ୍ରାହ୍ମଣର ପୁଅ କୁଉଠି ଅଛି, ଜାଣେ । ଯେଉଁ ବ୍ରାହ୍ମଣ ଆମ ବାପଅଜା ଚଉଦ ପୁରୁଷ ଓଘାଳି ସାରିଥିଲା, ଦେଖିବ ସେହି ବ୍ରାହ୍ମଣ ଆମର ପ୍ରଶଂସାରେ ମୁଖର ହୋଇ ଉଠିବ । ମଣିଷର ପ୍ରକୃତି ଏପରି ।

ଶ୍ରୀକୃଷ୍ଣ ରଥରେ ବସାଇ ନେଲେ ଅର୍ଜୁନକୁ । ସାତ ଦ୍ୱୀପ, ସାତ ସମୁଦ୍ର ପାର ହେଲେ । ବହୁବାଟ ଅତିକ୍ରମ କଲେ । ଶେଷରେ ପହଞ୍ଚିଲେ ଏକ ଅନ୍ଧାରୁଆ ଅଞ୍ଚଳରେ । ରଥାଶ୍ୱ ଆଉ ଆଗେଇ ପାରିଲେ ନାହିଁ । ଶ୍ରୀକୃଷ୍ଣ ଅନ୍ଧାରକୁ ସୁଦର୍ଶନ ଚକ୍ର ନିକ୍ଷେପ କଲେ । ଏହି ଚକ୍ର ସୂର୍ଯ୍ୟଙ୍କ ଭଳି ଆଲୋକ ସୃଷ୍ଟି କଲା । ଅଶ୍ୱଗୁଡ଼ିକ ଆଲୁଅରେ ଆଗେଇଲେ । କିନ୍ତୁ ଚକ୍ରର ଜ୍ୟୋତିରେ ଅର୍ଜୁନଙ୍କ ଆଖି ବୁଜି ହୋଇଗଲା । ଆଖି ଫିଟାଇବା ମାତ୍ରେ ଅର୍ଜୁନ ଦେଖିଲେ, ସେ ଜଳରେ ପହଁରୁଛନ୍ତି । କିଛି ବାଟ ଢେଉ କାଟି କାଟି ସେମାନେ ପହଁଞ୍ଚିଲେ ଏକ ଦିବ୍ୟ ନଗରୀରେ । ନଗରୀର ନାମ ମହାକାଳପୁର । ଶ୍ରୀକୃଷ୍ଣ ଏଇଠି ଅର୍ଜୁନଙ୍କୁ ଦେଖାଇଲେ ପ୍ରସିଦ୍ଧ ସର୍ପ ଆଦିଶେଷକୁ । ସହସ୍ରଫଣା, ଲାଲ ଲାଲ ଆଖି । ଫଣା ଉପରେ ନାନା ବୈଦୂର୍ଯ୍ୟ ଖଚିତ । ଯାକୁ ଦେଖିଲେ, ଯିଏ କେହି ଡରିଯିବ ।

ଅର୍ଜୁନ ଦେଖିଲେ ଏକ ଅଦ୍ଭୁତ ଦୃଶ୍ୟ । ଏହି ସର୍ପଶଯ୍ୟାରେ ମହାପ୍ରଭୁ ନାରାୟଣ ଆରାମ କରୁଛନ୍ତି । ଶ୍ରୀକୃଷ୍ଣ ନାରାୟଣଙ୍କୁ ପ୍ରଣାମ କଲେ । ଅର୍ଜୁନ ମଧ । ନାରାୟଣ କହିଲେ, କୃଷ୍ଣ ଓ ଅର୍ଜୁନ ଦୁହେଁ ମୋର ଅଂଶୀ । ତୁମେ ଦୁହେଁ ଯିମିତି ଏକାଠି ମୋ ପାଖକୁ ଆସିବ, ସେଥିପାଇଁ ମୁଁ ବ୍ରାହ୍ମଣ ପୁତ୍ରମାନଙ୍କୁ ମୋ ପାଖରେ ରଖିଚି । କେବଳ ଗୋଟିଏ ପୁଅ କ'ଣ ବ୍ରାହ୍ମଣଙ୍କ ସବୁପୁତ୍ରଙ୍କୁ ମୁଁ ଫେରାଇ ଦେଉଚି । ତୁମମାନଙ୍କୁ ପୃଥିବୀର ଗ୍ଲାନିଭାର କମେଇବା ପାଇଁ ପଠାଯାଇଛି । କାମ ସରିବା ମାତ୍ରେ ମୋ ପାଖକୁ ଆସିବ । ତୁମେ ଦୁହେଁ ନର ଓ ନାରାୟଣ ।

କୃଷ୍ଣ ଓ ଅର୍ଜୁନ ବ୍ରାହ୍ମଣପୁତ୍ରମାନଙ୍କୁ ସାଙ୍ଗରେ ଧରି ଆସିଲେ । ନାରାୟଣଙ୍କ ଠାରୁ ବିଦାୟ ନେଲେ । ଅର୍ଜୁନଙ୍କ ହୃଦ୍‌ବୋଧ ହେଲା, ତାଙ୍କ ଗାଣ୍ଡିବ ନାମ ମାତ୍ର । ସବୁ ହେଉଚି କୃଷ୍ଣଙ୍କ କୃପାରୁ ।

ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କଠାରୁ ଦଶପୁତ୍ର ଜୀବିତ ଅବସ୍ଥାରେ ପାଇ ବ୍ରାହ୍ମଣ ଏମାନଙ୍କ ପ୍ରଶଂସାରେ ଶତମୁଖ ହୋଇଉଠିଲେ । ଶ୍ରୀକୃଷ୍ଣଙ୍କର ପୃଥିବୀରେ ବହୁ କାମ ବାକି । ସବୁ ସାରି ପୁଣି ଫେରିଯିବେ, ଯେଉଁଠୁ ଆସିଥିଲେ ସେଠିକି ।

●

॥ ୧୩୦ ॥

# ଶାମ୍ବ ପେଟରୁ ମୁଷଳ

ଭଗବାନ ନାରାୟଣ ନରରୂପୀ ଶ୍ରୀକୃଷ୍ଣ । ତାଙ୍କର କାମନା ବୋଲି କିଛି ନ ଥିଲା । କିନ୍ତୁ ମଣିଷ ହୋଇଥିବାରୁ କର୍ତ୍ତବ୍ୟ ସମ୍ପାଦନ ଲାଗି ତାଙ୍କୁ କର୍ମ କରିବାକୁ ପଡୁଥିଲା । ଏହି କର୍ମ ଥିଲା ଅବାଟରେ ଯାଉଥିବା ମଣିଷକୁ ଠିକ୍ ବାଟରେ ଚଲାଇବା ଲାଗି । ତାଙ୍କ ପରିକଳ୍ପନା ଅକଳ୍ପନୀୟ । ଯଶୋଦା ଦୁଲାଳ ଭାବରେ ସେ କିଶୋର ବୟସ ପର୍ଯ୍ୟନ୍ତ ରହିଥିଲେ ଗୋକୁଳ ଓ ବ୍ରଜ ବୃନ୍ଦାବନରେ । ସେଠି ସିଏ ଓ ବଡ଼ଭାଇ ବଳରାମ ଗୁଡ଼ିଏ ଅସୁରଙ୍କୁ ନିପାତ କରିଥିଲେ । ପରେ ମଥୁରା ଓ ଦ୍ୱାରକାରେ ମଧ୍ୟ ଗୁଡ଼ିଏ ରାକ୍ଷସଙ୍କୁ ମାରିଥିଲେ । କାହାକୁ ନିଜ ହାତରେ ଏବଂ କାହାକୁ ଅନ୍ୟମାନଙ୍କ ହାତରେ ମାରିବେ, ସବୁ ଆଗରୁ ସ୍ଥିର କରି ସାରିଥିଲେ ।

ମା' ଧରିତ୍ରୀଙ୍କ ବିନତି ଯୋଗୁ ସେ ବୈକୁଣ୍ଠରୁ ଅବତରଣ କରିଥିଲେ, ଧରାଧାମରେ ମାନବ ରୂପରେ ଦାନବ-ଦଳନ ଲାଗି । ନାରାୟଣ ଦେବତାମାନଙ୍କୁ କହିଥିଲେ, ମୁଁ ଯାଦବ କୁଳରେ ଜନ୍ମ ନେବି । ତୁମମାନଙ୍କ ମଧ୍ୟରୁ କେତେଜଣ ଏହି କୁଳରେ ଜାତ ହେବ । ପୃଥିବୀରେ ତାଙ୍କର ଯାହା କରିବା କଥା, ପ୍ରାୟ ସରିଆସିଲାଣି । ସିଏ ତ ବୈକୁଣ୍ଠକୁ ଫେରିଯିବେ । କିନ୍ତୁ ତାଙ୍କ ସାଙ୍ଗରେ ଆସିଥିବା ମାନବରୂପୀ ଦେବତାମାନଙ୍କୁ ନିର୍ମୂଳ କରାଯିବ କିପରି ? ସେମାନଙ୍କୁ ତ ଅନ୍ୟ କେହି ମାରି ପାରିବେ ନାହିଁ । କେବଳ ଯାଦବ ନୁହଁ, ଅନ୍ଧକ, ଭୋଜ, ବୃଷ୍ଣି, ଦଶର୍ହ ମଧ୍ୟ ଦେବବଂଶଧର । ସମସ୍ତେ ଅବଧ୍ୟ । କଳିଯୁଗ ଆସନ୍ନ । ଏ ଯୁଗରେ ଯାଦବାଦିଙ୍କ ପୁଣ୍ୟବଳ ନଷ୍ଟ ହୋଇପଡ଼ିବ । ସେମାନେ ମଧ୍ୟ ଦାନବ, ରାକ୍ଷସ ଭଳି ଆଚରଣ କରିବେ । ଫଳରେ ଧରିତ୍ରୀ ଉପରେ ବୋଝ ହୋଇ ପଡ଼ିବେ । ଅସୁର ମାରଣ ଭଳି ଆତ୍ମୀୟ ସ୍ୱଜନମାରଣ ଲାଗି ଆଗରୁ ବ୍ୟବସ୍ଥା କରିବାକୁ ପଡ଼ିବ । ଏହା ହିଁ ହେବ ଶ୍ରୀକୃଷ୍ଣଙ୍କ ଶେଷ କର୍ତ୍ତବ୍ୟ ।

ଶ୍ରୀକୃଷ୍ଣ ଚିନ୍ତା କରି ଦେଖିଲେ, ସ୍ୱଜନ ନିଧନ ଲାଗି କୌଣସି ଜଣେ ଉପଯୁକ୍ତ ବ୍ରାହ୍ମଣଙ୍କୁ ନିଯୁକ୍ତ କରିବାକୁ ପଡ଼ିବ । ସେ ଅଭିଶାପ ଦେଲେ ଯାଇ ଯାଦବ, ଗନ୍ଧର୍ବ ବୃଷ୍ଣି ଆଦିଙ୍କୁ ନିପାତ କରାଯାଇ ପାରିବ ।

ମୁନିଋଷିମାନେ ମଧ୍ୟ ଜାଣି ପାରିଥିଲେ ଯେ ଭଗବାନଙ୍କ ମାନବ ଲୀଳା ସରିଆସୁଚି । କାରଣ ସେ ସ୍ୱୟଂ କାଳ । ବିଶ୍ୱାମିତ୍ର, ଅସିତ, କଣ୍ୱ, ଦୁର୍ବାସା, ଅଙ୍ଗିରଶ, କାଶ୍ୟପ, ବାମଦେବ, ଅତ୍ରୀ, ବଶିଷ୍ଠ, ନାରଦ ପ୍ରମୁଖ ଦେବର୍ଷିମାନେ ସ୍ଥିର କଲେ

ପିଣ୍ଡାରିକ ତୀର୍ଥକୁ ଯିବା ପାଇଁ । ଏହି ତୀର୍ଥାଟନ ଲାଗି ସମସ୍ତେ ଏକତ୍ର ବାହାରିଲେ । କିଛିବାଟ ଯିବା ପରେ ସେମାନଙ୍କ ଇଚ୍ଛା ହେଲା ପ୍ରଥମେ ଦ୍ୱାରକା ଯାଇ କୃଷ୍ଣ ଓ ବଳରାମଙ୍କୁ ଦର୍ଶନ କରିବା ପାଇଁ । କାରଣ ଦୁଇଭାଇ କେବେ ଧରାଧାମରୁ ବିଦାୟ ନେଇଯାଇପାରନ୍ତି । ଋଷି ମହର୍ଷିମାନେ ପହଞ୍ଚିଲେ ଦ୍ୱାରକାରେ । ରାମକୃଷ୍ଣ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କଲେ । ଶ୍ରୀକୃଷ୍ଣ ଋଷିମାନଙ୍କୁ କହିଲେ, ଦ୍ୱାରକାରେ ଆପଣମାନଙ୍କ ରହିବା ଖାଇବାରେ ତିଳେହେଲେ ଅସୁବିଧା ହେବ ନାହିଁ । କିଛିଦିନ ରହନ୍ତୁ । ଆମମାନଙ୍କୁ ଆପଣମାନଙ୍କ ସେବା କରିବାର ସୁଯୋଗ ଦିଅନ୍ତୁ । ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟ ଯେ ଅଲଗା, ଋଷିମାନେ ଜାଣିପାରିଲେ ନାହିଁ । ଭଗବାନଙ୍କ ଅନୁରୋଧକୁ ସେମାନେ ଏଡ଼ିପାରିଲେ ନାହିଁ । ସେମାନେ ଭାବିଲେ ପରେ ପିଣ୍ଡାରିକ ତୀର୍ଥକୁ ଗଲେ ଚଳିବ । ସେମାନେ ଦ୍ୱାରକାରେ ରହିଲେ । ଶ୍ରୀକୃଷ୍ଣ ସେମାନଙ୍କ ରହିବାର ସୁବନ୍ଦୋବସ୍ତ କରିଦେଲେ ।

ରାମକୃଷ୍ଣଙ୍କ ପରିବାରରେ ପୁଅ, ଝିଅ, ନାତି ନାତୁଣୀ ହୋଇ ଗୋଠେ । ଋଷିମାନେ ରାଜୋଦ୍ୟାନରେ ରହୁଥିଲେ । ସେଠିକି ରାମକୃଷ୍ଣଙ୍କ ପିଲାମାନେ ଖେଳାଖେଳି କରିବା ଲାଗି ଯାଉଥିଲେ । ଋଷିମାନଙ୍କ ଜଟାଜୁଟ, ଦାଢ଼ି, କୌପୁନୀକୁ ଦେଖି ସେମାନେ ଥଟ୍ଟା ପରିହାସ କଲେ । କୃଷ୍ଣ ଓ ଜାମ୍ବବତୀଙ୍କ ପୁତ୍ର ଶାମ୍ବ ପିଲାମାନଙ୍କ ନେତା ଥିଲେ । ରାଜପରିବାରର ପିଲାମାନେ ଶାମ୍ବଙ୍କୁ ନବବଧୂ ବେଶରେ ସଜେଇଦେଲେ । ତାଙ୍କ ପେଟରେ ଗୋଟାଏ ବୁଜୁଲା କରି ବାନ୍ଧିଦେଲେ । ସମସ୍ତେ ଋଷିମାନଙ୍କ ପାଖକୁ ଗଲେ । ସେମାନଙ୍କୁ ସମ୍ମାନ କଲେ । ପାଦତଳେ ପଡ଼ି ସାଷ୍ଟାଙ୍ଗ ପ୍ରଣିପାତ କଲେ । ଶାମ୍ବଙ୍କୁ ଦେଖେଇ କହିଲେ ୟା ପେଟରେ ପିଲା ଅଛି । ଗର୍ଭବତୀ । ଆପଣମାନେ ଯେକୌଣସି ଜୀବର ଅତୀତ, ବର୍ତ୍ତମାନ, ଭବିଷ୍ୟତ ଜାଣିପାରନ୍ତି । ଇଏ ଜାଣିବା ପାଇଁ ବ୍ୟଗ୍ର ଯେ ତା'ର ପୁଅ ହେବ କି ଝିଅ ହେବ । ଏ ଯାଏଁ ଶ୍ୱଶୁର ଘରେ ଥିଲା । ଏବେ କେତେଦିନ ହେଲା ବାପଘରକୁ ଆସିଚି, ପିଲା ଜନ୍ମ କରିବା ଲାଗି । ଇଏ ଭାରି ଶର୍ମିଳା । ଲାଜକୁଳୀ । ନିଜେ ପଚାରିପାରି ବୁଝିବା ପାଇଁ ସଙ୍କୋଚ କରୁଛି । ତେଣୁ ଆମମାନଙ୍କୁ ସାଙ୍ଗରେ ଧରି ଆସିଛି ।

ଋଷିମାନେ ପିଲାମାନଙ୍କ ଫନ୍ଦି ଜାଣି ପାରିଲେ । ସେମାନଙ୍କ ଭିତରେ ଦୁର୍ବାସା ଅତି କ୍ରୋଧୀ । କିନ୍ତୁ ଏ ଘଟଣାରେ ସବୁ ଋଷି ଦୁର୍ବାସା ପାଲଟି ଗଲେ । ସମସ୍ତେ ସମସ୍ୱରରେ କହିଲେ, ଇଏ ଗୋଟାଏ ମସ୍ତବଡ଼ ଲୌହ ମୁଷଳ ପ୍ରସବ କରିବ । ସେହି ମୁଷଳ ହିଁ ଯାଦବକୂଳ ନିର୍ମୂଳର କାରଣ ହେବ । ଯାଦବମାନଙ୍କ ସହିତ ଦ୍ୱାରକାରେ ଅନ୍ୟବଂଶର ଯେତେ ମଣିଷ ଅଛନ୍ତି ସମସ୍ତେ ଧ୍ୱଂସ ପାଇବେ ।

ପିଲାମାନେ ଥଟ୍ଟା ପରିହାସରେ ଯାହା କରି ବସିଲେ ତା'ର ପରିଣତି ଯେ ଏହା ହେବ, କଳ୍ପନା ସୁଦ୍ଧା କରି ନ ଥିଲେ । ସମସ୍ତେ ଭୟତ୍ରସ୍ତ ହୋଇ ପଡ଼ିଲେ । କ'ଣ କରାଯିବ, ଭାବି ପାରିଲେ ନାହିଁ । ଶାମ୍ବଙ୍କ ଦେହରୁ ଶାଢ଼ୀ, ବ୍ଲାଉଜ ଫିଟାଇ ଦେଖିଲେ, ତାକୁ ଗର୍ଭବତୀ କରିବା ଲାଗି ଯେଉଁ କନା ବିଣ୍ଡା ତା' ପେଟ ଉପରେ ଲଦିଥିଲେ, ସେହି ଲୁଗା ବୁଜୁଳିଟା ଗୋଟାଏ ଲୁହାର ମୁଷଳ ପାଲଟି ଯାଇଛି । ସେମାନେ ସେହି ମୁଷଳଟିକି ଧରି ଦୌଡ଼ିଲେ ରାଜ ସଭାକୁ । ସଭାରେ କୃଷ୍ଣ, ବଳରାମ ସହିତ ଅନ୍ୟ ଗୁରୁଜନମାନେ ବସିଥିଲେ । ସେମାନେ ମୁଷଳଟିକୁ ସିଂହାସନ ତଳେ ଥୋଇ ମୁଣ୍ଡପୋତି ଠିଆ ହେଲେ ।

ଶ୍ରୀକୃଷ୍ଣ ସବୁକଥା ଜାଣି ମଧ୍ୟ ନ ଜାଣିଲା ଭଳି ଶାମ୍ବ ପ୍ରମୁଖ ନିଜ ପୁଅ ପୁତୁରାମାନଙ୍କୁ ପଚାରିଲେ, କିରେ ପିଲେ, ଇମିତି ମୌନ ହୋଇ ଠିଆ ହୋଇଛ କାହିଁକି ? କଥା କ'ଣ ? ଭୂତ ନା ପ୍ରେତ ଦେଖିଲ ? ଇମିତି ଡର ଭୟରେ ଥରୁଚ କାହିଁକି ? କ'ଣ ଘଟିଛି, ନିର୍ଭୟରେ କହ ! ଯଦି ସେପରି କୌଣସି ଅଘଟଣ ଘଟିଥାଏ, ତା'ର ପ୍ରତିକାର କରିବା । ତୁମେମାନେ ତ କେବେ ହେଲେ ରାଜସଭାକୁ ଆସ ନାହିଁ । ଏଇଟା କ'ଣ ଧରି ଆସିଛ ? ଏ ମୁଷଳକୁ ପାଇଲ କୁଉଠୁ ?

ଶ୍ରୀକୃଷ୍ଣଙ୍କ ଅଭୟବାଣୀ ଶୁଣି ପିଲାମାନଙ୍କର ସାହସ ହେଲା କହିବା ପାଇଁ । ଶାମ୍ବ କହିଲେ, ଏମାନେ ମତେ ଝିଅ ସଜେଇ, ମୋ ପେଟକୁ ଫୁଲାଇ ଥିଲେ । ଋଷିମାନଙ୍କୁ ଥଟ୍ଟା ପରିହାସ କଲେ । ତା'ପରେ ଋଷିମାନେ ଯେଉଁ ଅଭିଶାପ ଦେଲେ, ସେ କଥା ମଧ୍ୟ କହିଲେ ।

ବଳରାମ ଶୁଣିବାମାତ୍ରେ ନିଆଁଖଣ୍ଡ ପାଲଟିଗଲେ । ପିଲାମାନଙ୍କୁ ମାରିବାପାଇଁ ବାହାରିଲେ । କିନ୍ତୁ ଶ୍ରୀକୃଷ୍ଣ ବଡ଼ ଭାଇଙ୍କି କହିଲେ, ଯାହା ତ ହେବାର ହୋଇଗଲାଣି । ଏବେ କ'ଣ କରାଯିବ, ସେମାନଙ୍କୁ ସେହି ବାଟ ବତାଅ ।

ରାଜା ଉଗ୍ରସେନ ଓ ବଳରାମ ପିଲାମାନଙ୍କୁ କହିଲେ, ଏହି ମୁଷଳକୁ ଘଷି ଘଷି ଗୁଣ୍ଡ କର । ସେ ଗୁଣ୍ଡକୁ ନେଇ ସମୁଦ୍ର ଗର୍ଭକୁ ଫିଙ୍ଗ । ତାହାହେଲେ ଋଷିମାନଙ୍କ ଅଭିଶାପରୁ ଯାଦବ କୁଳକୁ ଧ୍ୱଂସ ମୁଖରୁ ଉଦ୍ଧାର କରାଯାଇପାରିବ ।

ପିଲାମାନେ ଦିନରାତି ମୁଷଳକୁ ଘଷି ଘଷି ଗୁଣ୍ଡ କଲେ ଏବଂ ସମୁଦ୍ରରେ ଫିଙ୍ଗି ଦେଲେ । କିନ୍ତୁ ମୁଷଳଟି ପୂରାପୂରି ଗୁଣ୍ଡ ହେଲା ନାହିଁ । ପିଲାମାନେ ଘଷି ଘଷି ଥକିଗଲେ । ଛୋଟିଆ ଖଣ୍ଡେ ଆଉ ଘଷି ହେଲା ନାହିଁ । ଭାବିଲେ ସବୁ ତ ଗୁଣ୍ଡ ହୋଇ ସାରିଲାଣି । ଏଇ ଛୋଟ ଖଣ୍ଡେ ରହିଗଲେ କ'ଣ ବା ହେବ ? ସେ ଖଣ୍ଡଟିକୁ ମଧ୍ୟ ସେମାନେ ସମୁଦ୍ରକୁ ଫିଙ୍ଗିଦେଲେ ।

ଯାଦବମାନେ ଆଶ୍ୱସ୍ତ ହେଲେ । ନିର୍ମୂଳ ହେବାର ଭୟ ଯାହା ଥିଲା, ସେ ଭୟ ତୁଟିଗଲା । ସମସ୍ତେ ଭାବିଲେ, ମୁଷଳଟା ଯିମିତି ସିମିତି ରହିଥିଲେ ସିନା ବିପଦ ହୋଇ ଥାଆନ୍ତା । ସେଇଟା ତ ଗୁଣ୍ଡୁଗୁଣ୍ଡା ହୋଇ ସମୁଦ୍ରକୁ ଫୋପଡ଼ା ହୋଇଗଲା । ଆଉ ଭୟ କରିବାର କାରଣ ନାହିଁ । ଯୁବକ ବୟସରେ ସବୁ ପିଲା ଇମିତି କରିଥାଆନ୍ତି, ଆମ ପିଲାମାନେ ତାହା କରିଦେଇଥିଲେ । ଯାହା ହେଉ ରାଜା ଉଗ୍ରସେନ ଓ ବଳରାମ ବାଟ ବତେଇଲେ ବୋଲି ରକ୍ଷା ହେଲା । ମୁଷଳ ଥିଲେ ବଡ ଅଡୁଆ ହୋଇଥାଆନ୍ତା । ପିଲାମାନଙ୍କୁ କ୍ଷମା ଦେଇ କହିଲେ, ଗୁରୁଜନମାନଙ୍କୁ ଆଉ କେବେ ଥଟ୍ଟା ପରିହାସ କରିବ ନାହିଁ । ସାବଧାନ !

କିନ୍ତୁ ଶ୍ରୀକୃଷ୍ଣ ଟିକିଏ ଦୂରରେ ଥାଇ ହସୁଥିଲେ । ସେ ସଭାସଦ୍ ଓ ପିଲାମାନଙ୍କୁ କହିଲେ, ଛୋଟ ହେଉ ବଡ଼ ହେଉ ମୁଷଳରୁ ଖଣ୍ଡିଏ ରହିଗଲା ଯେ... ଆଉ ଗୁଣ୍ଡଗୁଡ଼ାକ ଗୁଣ୍ଡା ପାଲଟି ଯାଇ ପାରନ୍ତି !

●

|| ୧୩୧ ||

# ବିନାଯୁଦ୍ଧେ ନ ଦେବି ମୁଁ ସୂଚ୍ୟଗ୍ରମେଦିନୀ !

**ରା**ଜା ପରୀକ୍ଷିତ ଶୁକମୁନିଙ୍କୁ ପ୍ରଶ୍ନ କଲେ– ଜାମ୍ବବତୀନନ୍ଦନ ଶାମ୍ବଙ୍କ ପେଟରୁ ଯେଉଁ ମୂଷଳ ବାହାରିଥିଲା ତା'ର ଶେଷ ପରିଣତି କ'ଣ ହେଲା ?

ଶୁକମୁନି କଥାକୁ ଆଉ ବେଶୀ ବଢ଼ାଇଲେ ନାହିଁ । କେବଳ କହିଲେ– ମୂଷଳର ଚୂର୍ଣ୍ଣଗୁଡ଼ିକ ସମୁଦ୍ର ଜୁଆରରେ ଆସି କୂଳରେ ଲାଗିଲା । ସେଥିରୁ ସୃଷ୍ଟି ହେଲା ଏକପ୍ରକାରର ଘାସ– ଯାହାର ଗଣ୍ଠି ନ ଥାଏ । ଗଛଗୁଡ଼ିକ ଲମ୍ବା ଲମ୍ବା । ମୂଷଳର ମୁନିଆଁ ଅଂଶଟିକୁ ଗୋଟିଏ ମାଛ ଗିଳି ପକାଇଥିଲା । ମତ୍ସ୍ୟଜୀବୀ ନୋଳିଆମାନେ ଅନ୍ୟ ମାଛ ସହିତ ଏ ମାଛଟିକୁ ମଧ ଧରିଥିଲେ । ମାଛ କାଟୁ କାଟୁ ତା' ପେଟରୁ ଏହି ଲୁହା ବାହାରିଲା । ମାଛ ଧରାଳୀମାନେ ଏହି ଲୁହାଟିକୁ ସେମାନଙ୍କ ରାଜା ଜରାକୁ ଦେଇଥିଲେ । ଜରା ସେ ଲୁହାରେ ଗୋଟିଏ ତୀର ତିଆରି କରିଥିଲା । ଘଟଣାକ୍ରମେ ସେହି ତୀରରେ ବିଦ୍ଧ ହେଲେ ଭଗବାନ ଶ୍ରୀକୃଷ୍ଣ । ଭଗବାନ ନରରୂପୀ ନାରାୟଣ ଶ୍ରୀକୃଷ୍ଣ ସୁଯୋଗ ଖୋଜୁଥିଲେ ନରଲୀଳା ତ୍ୟାଗ କରି ବୈକୁଣ୍ଠକୁ ଫେରିଯିବାକୁ । ଜରା ସେ ସୁଯୋଗ ଦେଲା । ପ୍ରଭୁ ନିଜେ କାଳ ସ୍ୱରୂପ । ଜରାର ତୀର ଆଘାତରେ ପ୍ରଭୁଙ୍କ କାଳ ପୂରିଲା । କୃଷ୍ଣଙ୍କ ବଂଶର ଲୋକେ ସେହି ସମୁଦ୍ର ତୀର ଘାସକୁ ଉପାଡ଼ି ଆଗରୁ ପିଟାପିଟି

ହୋଇ ନିପାତ ହୋଇଥିଲେ । ବାକି ଉଗ୍ରସେନ, ବସୁଦେବ ଆଦି ଯେଉଁ କେତେଜଣ ବଞ୍ଚି ରହିଥିଲେ, ସେମାନେ ମଧ୍ୟ କାଳକ୍ରମେ କାଳ ଗର୍ଭରେ ଲୀନ ହେଲେ । ବଳରାମ ପ୍ରଭାସକୁ ଯାଇ ତପସ୍ୟା କରୁ କରୁ ସମାଧିସ୍ଥ ହୋଇଥିଲେ ।

ଶୁକଦେବ କହିଲେ, ହେ ରାଜା ପରୀକ୍ଷିତ । ଯଦୁବଂଶ ଧ୍ୱଂସ ଲୀଳା ଏକ କୌତୁହଳ ତଥା ଆମୋଦଦାୟକ କଥା । କିନ୍ତୁ ପ୍ରଭୁଙ୍କ ଲୀଳା କ'ଣ ସରିଲାଣି ? ସେ ଆସିଥିଲେ, ଅସୁର ଦଳନ ସଙ୍ଗେ ସଙ୍ଗେ ଲୋକସଂଗ୍ରହ କରି ଲୋକଙ୍କୁ ନାନା ଶିକ୍ଷା ଦେବା ଲାଗି । ସେ କେବଳ କଥାରେ କହୁନଥିଲେ, ଯାହା କହୁଥିଲେ କାମରେ ଦେଖାଇ ଦେଉଥିଲେ । ସେ ତାଙ୍କ ଭକ୍ତମାନଙ୍କୁ ଧର୍ମ ଓ କର୍ମ ଉଭୟ ଶିକ୍ଷା ଦେଉଥିଲେ । ଲୀଳା ଭିତରେ ସମାନ୍ତରାଳ ଭାବରେ ଲୋକଶିକ୍ଷା ମଧ୍ୟ ଚାଲିଥିଲା । ସେଥିମଧ୍ୟରୁ ମହାଭାରତଯୁଦ୍ଧକ୍ଷେତ୍ର ଥିଲା, ସବୁଠୁ ବଡ଼ ଶିକ୍ଷାକ୍ଷେତ୍ର ।

ପରୀକ୍ଷିତ ପ୍ରଶ୍ନ କଲେ, ଏ ଯୁଦ୍ଧ ହେଲା କାହିଁକି ? ଆପଣ ତ କହୁଥିଲେ, ମଥୁରା ଛାଡ଼ି ଭଗବାନ ଶ୍ରୀକୃଷ୍ଣ ଦ୍ୱାରକା ଯିବା ପରେ, ସେ ଆଉ ଅସ୍ତ୍ର ଧାରଣ କରିବେ ନାହିଁ ବୋଲି ଶପଥ ନେଇଥିଲେ । ପୁଣି ଯୁଦ୍ଧରେ ଲିପ୍ତ ହେଲେ କାହିଁକି ? ଶୁକଦେବ କହିଲେ, ବାସ୍ତବରେ ସେ ରଣ ଛାଡ଼ି ଦେଇଥିଲେ । କିନ୍ତୁ ଲୀଳାମୟଙ୍କ ଲୀଳାକୁ କଳନା କରାଯାଇ ନ ପାରେ । ମହାଭାରତ ଯୁଦ୍ଧରେ ପ୍ରଭୁ ନିଜେ ଯୁଦ୍ଧ କରି ନ ଥିଲେ । କେବଳ ଅର୍ଜୁନଙ୍କ ରଥର ସାରଥି ହୋଇଥିଲେ ।

ପରୀକ୍ଷିତ ଖୋଳି ତାଡ଼ି ସବୁ କଥା ପଚାରିବାରେ ଶୁକମୁନି କହିଲେ, ମୁଁ ସେ କଥା ସଂକ୍ଷେପରେ କହୁଚି, ଶୁଣ । ଇଏ ତୁମ ଦୁଇତିନି ପୁରୁଷର କଥା । ଦଦେଇ, କକେଇ, ଜେଜିମା, ଅଜା, ଆଈମାନଙ୍କ କଥା । ଏମାନଙ୍କ ଜନ୍ମ ବୃତ୍ତାନ୍ତ କହି ବସିଲେ ଏହା ଭାଗବତ ନ ହୋଇ ମହାଭାରତ ହୋଇପଡ଼ିବ । ଈର୍ଷା, ଅସୂୟା, ପରଶ୍ରୀକାତରତା, ହିଂସା, ଦ୍ୱେଷ, କଳହ ଆଦି ଗ୍ଳାନି ଯୋଗୁଁ ମହାଭାରତ ଯୁଦ୍ଧ ହୋଇଥିଲା । ତୁମେ କୌରବ ଓ ପାଣ୍ଡବ ବଂଶୀୟ ରାଜା । ତୁମ ପୂର୍ବବଂଶରେ କୁରୁ ନାମକ ଜଣେ ରାଜା ଥିଲେ । ତାଙ୍କ ନାମାନୁସାରେ ଧୃତରାଷ୍ଟ୍ର, ଦୁର୍ଯ୍ୟୋଧନ ଓ ତୁମ ପିତାମହ ଯୁଧିଷ୍ଠିର ଆଦି ସମସ୍ତେ କୌରବ । କିନ୍ତୁ ତୁମେମାନେ ରାଜା ପାଣ୍ଡୁଙ୍କ ବଂଶଜ ହେତୁ ପାଣ୍ଡବ ବୋଲାଇଛ । ଧୃତରାଷ୍ଟ୍ରଙ୍କ ବଂଶର ଲୋକେ ଧୃତରାଷ୍ଟ୍ରୀୟ ନ ହୋଇ କୌରବ ବୋଲାଉଥିଲେ ।

କାଳର ଗତି ଅତି କ୍ଷିପ୍ର । ଚକ୍ର ଭଳି ଏହା ବୁଲିବାରେ ଲାଗିଛି । କେତେବେଳେ ଉପରକୁ ତ କେତେବେଳେ ତଳକୁ । ରାଜା ଧୃତରାଷ୍ଟ୍ର କେବଳ ଆଖିରେ ଅନ୍ଧ ନ ଥିଲେ । ଅତିଶୟ ପୁତ୍ରସ୍ନେହରେ ହୃଦୟରେ ମଧ୍ୟ ଅନ୍ଧ ଥିଲେ । ସେ ରାଷ୍ଟ୍ର ବା କ୍ଷମତାକୁ ଜାବୁଡ଼ି

ଧରିଥିବାରୁ ତାଙ୍କ ନାଆଁ ଧୃତରାଷ୍ଟ୍ର ହୋଇଥିଲା । ସେ ରାଷ୍ଟ୍ରର ନାମମାତ୍ର ରାଜା ଥିଲେ; କିନ୍ତୁ ତାଙ୍କ ବଡ଼ପୁଅ ଦୁର୍ଯ୍ୟୋଧନ ହାତରେ ସମସ୍ତ କ୍ଷମତା ଥିଲା । ସେ ଯାହା କହୁଥିଲା, ଧୃତରାଷ୍ଟ୍ର ତା' କରୁଥିଲେ । ଘଟଣାକ୍ରମେ ପଶାଖେଳ ହେଲା । ପାଣ୍ଡୁପୁତ୍ର ଧର୍ମରାଜ ଯୁଧିଷ୍ଠିର ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ଏ ଖେଳ ହେଲା ସତ, ପଶାକାଠି ଗଡ଼ାଇଲେ ଦୁର୍ଯ୍ୟୋଧନଙ୍କ ମାମୁଁ ଶକୁନି । ଶକୁନି ଏ ଖେଳରେ ଧୁରନ୍ଧର । ଯୁଧିଷ୍ଠିର ହାରିଲେ । ପଣ ଅନୁସାରେ ପାଣ୍ଡବ ପାଞ୍ଚଭାଇ ସ୍ତ୍ରୀ ଦ୍ରୌପଦୀଙ୍କ ସହିତ ବାରବର୍ଷ ବନବାସ ଓ ବର୍ଷେ ଅଜ୍ଞାତବାସ କଲେ । ଏହି ଦଣ୍ଡଭୋଗ ପରେ ସେମାନେ ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନ ଆଦି କୌରବ ପକ୍ଷକୁ ନିଜ ରାଜ୍ୟ ଇନ୍ଦ୍ରପ୍ରସ୍ଥ ଫେରାଇ ଦେବା ପାଇଁ କହିଲେ । ଦୁର୍ଯ୍ୟୋଧନ କହିଲେ, ବିନା ଯୁଦ୍ଧରେ ଛୁଞ୍ଚି ମୂନରେ ମୁନେ ସୁଦ୍ଧା ଭୂମି ଦିଆଯିବ ନାହିଁ । ଯୁଦ୍ଧ କରିବା ଲାଗି ଶାନ୍ତିପ୍ରିୟ ଯୁଧିଷ୍ଠିରଙ୍କ ଇଚ୍ଛା ନଥିଲା । ଶାନ୍ତି ଚୁକ୍ତି କରିବା ଲାଗି ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କୁ ଦୂତ କରି କୌରବମାନଙ୍କ ପାଖକୁ ପଠାଇଲେ । ଶ୍ରୀକୃଷ୍ଣ ଚାହିଁଥିଲେ ସବୁ ଓଲଟ ପାଲଟ କରି ଦେଇ ପାରିଥାଆନ୍ତେ । କିନ୍ତୁ ଯୁଦ୍ଧ ହେଉ ବୋଲି ଶ୍ରୀକୃଷ୍ଣ ବି ଚାହୁଁଥିଲେ । ତଥାପି ସେ ଦୂତ ହୋଇ ଗଲେ । ଯୁଦ୍ଧ କରନି ବୋଲି ଦୁର୍ଯ୍ୟୋଧନଙ୍କୁ କହିଲେ । କିନ୍ତୁ ଦୁର୍ଯ୍ୟୋଧନ ତାଙ୍କ ଶାନ୍ତିପ୍ରସ୍ତାବକୁ ନାକଚ କରିଦେଲେ ।

ଶେଷରେ କୁରୁକ୍ଷେତ୍ରରେ ଯୁଦ୍ଧ ହେବା ନିଶ୍ଚିତ ହୋଇ ପଡ଼ିଲା । ନିଜ ପକ୍ଷଭୁକ୍ତ କରିବା ଲାଗି ଦୁର୍ଯ୍ୟୋଧନ ଓ ଅର୍ଜୁନ ଏକା ସମୟରେ ଶ୍ରୀକୃଷ୍ଣ ଓ ବଳରାମଙ୍କ ପାଖକୁ ଗଲେ । ଶ୍ରୀକୃଷ୍ଣ କହିଲେ, ଏକପକ୍ଷରେ ମୋର ସୁସଜ୍ଜିତ ଯାଦବସେନା ବାହିନୀ, ଅନ୍ୟ ପକ୍ଷରେ ମୁଁ ଏକା । ଯୁଦ୍ଧକ୍ଷେତ୍ରରେ ମୁଁ ଅସ୍ତ୍ର ଧାରଣ କରିବିନି । ଦୁର୍ଯ୍ୟୋଧନ ଓ ଅର୍ଜୁନଙ୍କୁ କହିଲେ, ତୁମେ ମୋ ସେନାବାହିନୀକି ନେବ ନା ମତେ ନେବ, ସ୍ଥିର କର । ଯେହେତୁ ଅର୍ଜୁନ ବୟସରେ ଦୁର୍ଯ୍ୟୋଧନଠାରୁ ଛୋଟ, ତେଣୁ ସେ ପ୍ରଥମେ କହନ୍ତୁ, ତାଙ୍କ ଇଚ୍ଛା କ'ଣ ? ଅର୍ଜୁନ ନିରସ୍ତ୍ର କୃଷ୍ଣଙ୍କୁ ନେଇ ତାଙ୍କ ରଥର ସାରଥି କରିବାକୁ ଚାହିଁଲେ । ଦୁର୍ଯ୍ୟୋଧନ ନେଲେ ଯାଦବସେନା ବାହିନୀକି । ସେଥିରେ ସେ ଖୁସି । ଭାବିଲେ, ଅର୍ଜୁନ ବୋକାଟା । କୃଷ୍ଣ ତ ଅସ୍ତ୍ର ଧରିବେ ନାହିଁ, ସାରଥି ହୋଇ କେବଳ ରଥ ଚଳାଇବେ– ତାଙ୍କୁ ନେଇ ସେ ଠକିଗଲା ।

ଦୁର୍ଯ୍ୟୋଧନ ଗଲେ ବଳରାମଙ୍କ ପାଖକୁ । ବଳରାମଙ୍କ ଶିଷ୍ୟ ଦୁର୍ଯ୍ୟୋଧନ । ଗଦାଯୁଦ୍ଧର ଶିକ୍ଷକ ସେ । ଦୁର୍ଯ୍ୟୋଧନ ତାଙ୍କୁ ନିଜ ପକ୍ଷରେ ରହିବା ପାଇଁ ଅନୁରୋଧ କଲେ । ବଳରାମ କହିଲେ, ଶୁଣ ଦୁର୍ଯ୍ୟୋଧନ ! କୌରବମାନେ ଯେପରି ମୋର ଆତ୍ମୀୟସ୍ୱଜନ, ତମଠୁ ବଳି ଅଧିକ ଆତ୍ମୀୟ ପାଣ୍ଡବମାନେ । ପାଣ୍ଡବ ଭାଇମାନଙ୍କ

ମାତା କୁନ୍ତୀ ମୋର ସଖ୍ୟ ପିଉସୀ । ତେଣୁ ମୁଁ ନିରପେକ୍ଷ ରହିବି । କୃଷ୍ଣ ପକ୍ଷଭୁକ୍ତ ହେବାଟା ଠିକ୍ ହେଉନି । ମୁଁ ତା' କରିବିନି । ବଡ଼ କଥା ହେଲା କୃଷ୍ଣ ଯେତେବେଳେ ପାଣ୍ଡବ ପକ୍ଷରେ, ସେତେବେଳେ ମୁଁ ତୁମମାନଙ୍କ ପକ୍ଷରେ ରହି ଭାଇ ସହିତ କ'ଣ ଲଢ଼ିବି ? ତେଣୁ ମତେ ଅଧିକ ବଳାଅନି । ତୁମ ମୋ ମଧ୍ୟରେ ଯେଉଁ ଗୁରୁଶିଷ୍ୟ ସମ୍ପର୍କ ରହିଚି ତାହା ଅତୁଟ ରହୁ । ଏତିକି ମାତ୍ର ଜାଣ ଯେ ମୁଁ ତୁମକୁ ଭଲ ପାଏ । ସ୍ନେହ କରେ । ତୁମର କଲ୍ୟାଣ ଚାହେଁ । କପାଳରେ ଯାହା ଲେଖା ହୋଇଚି, ତାକୁ କେହି ଲିଭାଇ ପାରିବ ନାହିଁ । ତୁମେ ଜଣେ ସଚ୍ଚା କ୍ଷତ୍ରିୟ ଭାବରେ ଲଢ଼ ।

ଦୁର୍ଯ୍ୟୋଧନ ବଳରାମଙ୍କୁ ପାଇବ ବୋଲି ବଡ଼ ଆଶା କରିଥିଲା । ଆଶା ତୁଟିଗଲା । ମନେ ମନେ ସନ୍ତୋଷ ଲାଭ କଲା ଯେ ତା' ପକ୍ଷରେ ଯେତେହେଲେ ଅସୁମାରି ଯାଦବସେନା ରହିବେ । ତେଜ ଓଜରେ ଯାଦବ ସେନାବାହିନୀ ବିଶ୍ୱବିଖ୍ୟାତ । ସେମାନେ ଅପରାଜେୟ ।

ବଳରାମ ସ୍ଥିର କଲେ, ଯୁଦ୍ଧବେଳେ ଦ୍ୱାରକାରେ ରହିବେ ନାହିଁ । ସେ ତୀର୍ଥଯାତ୍ରାରେ ବାହାରିଲେ । ଶ୍ରୀକୃଷ୍ଣ ଭାବିଲେ, ଭାଇ ଯାହା ନିଷ୍ପତ୍ତି କଲେ, ତାହା ପାଣ୍ଡବପକ୍ଷ ଲାଗି ଅନୁକୂଳ । କାରଣ ସେ ଦ୍ୱାରକାରେ ରହିଲେ, ଦୁର୍ଯ୍ୟୋଧନ ପରାଜୟର ସୂଚନା ପାଇବାମାତ୍ରେ ଭାଇଙ୍କ ପାଖକୁ ଦୌଡ଼ିବ । ତାଙ୍କ ଗୋଡ଼ହାତ ଧରି ଯୁଦ୍ଧକ୍ଷେତ୍ରକୁ ନେଇ ଠିଆ କରାଇଦେବ ।

କୁରୁକ୍ଷେତ୍ରରେ ଅଠରଦିନ ଧରି ଯୁଦ୍ଧ ହେଲା । ରଥୀ, ମହାରଥୀ ଆଦି ସମସ୍ତେ ମଲେ । କରୁକ୍ଷେତ୍ରରେ ଏତେ ରକ୍ତ ବହିଲା ଯେ ସେ ରକ୍ତରେ ଏକ ହ୍ରଦ ହୋଇଗଲା । ଅଳ୍ପ କେତେଜଣ ବଞ୍ଚି ରହିଲେ । ବିଧବା ପତ୍ନୀମାନେ କୁରୁକ୍ଷେତ୍ରକୁ ଆସି ନିଜ ନିଜ ସ୍ୱାମୀଙ୍କ ଶବ ପାଖରେ ବସି ବିଳାପ କଲେ । ସେମାନଙ୍କ କ୍ରନ୍ଦନ ରୋଳରେ ଚତୁର୍ଦ୍ଦିଗ ମୁଖରିତ ହୋଇଉଠିଲା ।

ପାଣ୍ଡବମାନେ ହସ୍ତିନାପୁରରେ ରାଜୁତି କଲେ । ଜ୍ୟେଷ୍ଠପୁତ୍ର ଭାବରେ ଯୁଧିଷ୍ଠିର ସିଂହାସନରେ ବସିଲେ । ଶ୍ରୀକୃଷ୍ଣ ଦ୍ୱାରକା ଫେରିଗଲେ । ଏଣିକି ବୈକୁଣ୍ଠପୁରୀକୁ ଫେରିବା ଲାଗି ସେ ବେଡ଼ିଂ ବିସ୍ତରା ବାନ୍ଧିବା ଆରମ୍ଭ କଲେ ।

ଯିବା ପୂର୍ବରୁ ଆଉ କେତୋଟି ଲୀଳା ମଧ୍ୟ କଲେ । ଏହି ଲୀଳା ଥିଲା ମୁଖ୍ୟତଃ ଲୋକଶିକ୍ଷା ଲାଗି ।

●

॥ ୧୩୨ ॥

# ହଂସଗାମିନୀ କୃଷ୍ଣକାମିନୀ

ରସାନନ୍ଦ ଶ୍ରୀକୃଷ୍ଣ ସର୍ବଦା ରସମୟ । ବ୍ରଜବୃନ୍ଦାବନରେ ସେ ଯେପରି ରାସଲୀଳା କରୁଥିଲେ, ଦ୍ୱାରକାରେ ମଧ୍ୟ ସେହି ଲୀଳା କରି ଆସୁଥିଲେ । ସେଠି ଥିଲେ ଷୋଳ ସହସ୍ର ଗୋପନାରୀ, ଏଠି ମଧ୍ୟ ତାଙ୍କର ଷୋଳସହସ୍ର ଏକଶହ ଆଠ ପତ୍ନୀ । ଏମାନଙ୍କ ପାଇଁ ଅଲଗା ଅଲଗା ମହଲ । ରାଣୀ ହଂସପୁର । ରାଣୀମାନଙ୍କ ମନ ସର୍ବଦା ପ୍ରଫୁଲ୍ଲ । ସୁରମ୍ୟ ଉପବନରେ ଏହି ସ୍ତ୍ରୀମାନେ ପଦସଂଚାରଣ କରୁଥିଲେ । ଏକାଠି ମିଶି ନାନା କ୍ରୀଡ଼ା କରୁଥିଲେ । ଅଭାବ କ'ଣ ଜାଣି ନଥିଲେ । ଭଗବାନଙ୍କ ପକ୍ଷରେ ଦୂର ଅଦୂର ସମାନ । ତେଣୁ ସେ ହସ୍ତିନାପୁରୀରେ ଥିଲେ ମଧ୍ୟ ପତ୍ନୀମାନେ ସେମାନଙ୍କ ପ୍ରାଣବଲ୍ଲଭ ଶ୍ରୀକୃଷ୍ଣଙ୍କୁ ପାଖରେ ପାଇବା ଭଳି ଅନୁଭବ କରୁଥିଲେ । ଏକ ରୂପରେ ସେ ବହୁରୂପ ଧାରଣ କରି ପ୍ରତ୍ୟେକ ପ୍ରେୟସୀଙ୍କ ସହିତ ପ୍ରାଣପ୍ରିୟ ଭାବରେ ରମଣ କରୁଥିଲେ ।

ପତ୍ନୀମାନଙ୍କ ମହଲ ପରିସର ଭିତରେ ସୁନ୍ଦର ସୁନ୍ଦର ପୁଷ୍କରିଣୀ । ନିର୍ମଳ ଜଳ । ଜଳ ଭିତରେ କମଳ । ଏହିସବୁ କମଳ, ସାରସ ପରିପୂର୍ଣ୍ଣ ସରୋବରରେ ଶ୍ରୀକୃଷ୍ଣ ପୃଥକ୍ ପୃଥକ୍ ଭାବେ ଜଳ ବିହାର କରୁଥିଲେ । କେବେକେବେ ଫଗୁଖେଳ ମଧ୍ୟ ହେଉଥିଲା । ପିଚକାରୀ ଖେଳ ବେଳର ଆନନ୍ଦ କହିଲେ ନସରେ । କୃଷ୍ଣଙ୍କ ଅଙ୍ଗସ୍ପର୍ଶରେ ଅର୍ଦ୍ଧାଙ୍ଗିନୀମାନେ ଅଙ୍ଗାଭରଣ ସୁଦ୍ଧା ଭୁଲି ଯାଉଥିଲେ । କୋମଳ ବାହୁ ବନ୍ଧନରେ ସେମାନେ ଶ୍ରୀକୃଷ୍ଣଙ୍କୁ ବାନ୍ଧି ରଖୁଥିଲେ । ହାସ୍ୟ ପରିହାସରେ ବହୁ ସମୟ ଅତିବାହିତ ହେଉଥିଲା ।

ଶୁକମୁନି ରାଜା ପରୀକ୍ଷିତଙ୍କୁ କହିଲେ, ରାଣୀମାନଙ୍କ ଭାବକୁ ବର୍ଣ୍ଣନା କରିବା ଲାଗି ମୁଁ ଭାଷାପାଉନି । କାରଣ ଭଗବାନ ଶ୍ରୀକୃଷ୍ଣ ଥିଲେ ସେମାନଙ୍କ ଜୀବନ ସର୍ବସ୍ୱ, ହୃଦୟେଶ୍ୱର । କେବେ କେବେ, ଭଗବାନ ଅନୁପସ୍ଥିତ ଥିଲେ ମଧ୍ୟ ପତ୍ନୀମାନଙ୍କ ପ୍ରେମୋନ୍ମାଦ ପ୍ରବଳ ହୋଇ ପଡୁଥିଲା । ସେମାନେ ବିରହ, ବିଚ୍ଛେଦ ମଧ୍ୟ ଅନୁଭବ କରୁଥିଲେ । ଏହି ବିରହ ବେଳେ ସେମାନେ ପଶୁପକ୍ଷୀ କାଠ ପଥରକୁ ମଧ୍ୟ ମାଧ୍ୟମ କରି ନିଜର ମନର ବେଦନା ପ୍ରକାଶ କରୁଥିଲେ ।

ଚକୋରୀକୁ ଉପଲକ୍ଷ୍ୟ କରି କୃଷ୍ଣ ବଲ୍ଲଭୀମାନେ କହୁଥିଲେ, ଏବେ ତ ବହୁତ ରାତି ହୋଇଗଲାଣି, ତୋ ଆଖିକି କ'ଣ ନିଦ ନାହିଁ ? ରାତି ସାରା କ'ଣ ବିଳାପ କରିବାରେ ଲାଗିଥିବୁ ? ତୋ ପତି କ'ଣ ବିଦେଶକୁ ଚାଲି ଯାଇଚନ୍ତି ?

ସମୁଦ୍ରକୁ ଲକ୍ଷ୍ୟ କରି କହୁଥିଲେ, ଇମିତି ଦିନରାତି ଗର୍ଜୁଚୁ କାହିଁକି ? ରାତ୍ରି ଉଜାଗର ରହି ରହି ତୁ କ'ଣ ରୁଗ୍ଣ ହୋଇଗଲୁଣି ! ଆମ ଶ୍ୟାମସୁନ୍ଦର ବୋଧହୁଏ

ତୋ'ଠୁ ଧୈର୍ଯ୍ୟ, ଗାମ୍ଭୀର୍ଯ୍ୟ ଆଦି ସ୍ୱାଭାବିକ ଗୁଣ ଛଡ଼େଇ ନେଇ ଯାଇଚନ୍ତି । ତୁ' କ'ଣ ଆମଠୁ ବଳି ବିରହବ୍ୟାଧିଗ୍ରସ୍ତ ! ଏହାର କ'ଣ କିଛି ଔଷଧ ନାହିଁ !

ଚନ୍ଦ୍ର ! ତତେ ରାଜଯକ୍ଷ୍ମା ହୋଇ ଗଲାଣି । ସେଥିପାଇଁ ତୁ ଦୁର୍ବଳା ପତଳା ହୋଇ ଗଲୁଣି ! ନିଜ କିରଣରେ କ'ଣ ଆଉ ଅନ୍ଧାରକୁ ହଟେଇ ପାରିବୁନି ?

କାନନ ଭିତରେ କୃଷ୍ଣକାମିନୀଗଣ । ବହିବାରେ ଲାଗିଚି ମୃଦୁମନ୍ଦ ମଳୟାନିଳ । ତେଣୁ ସେମାନେ ମଳୟାନିଳକୁ ସଂବୋଧନ କରି କହୁଥିଲେ, ଆମେ ତୋ'ର କ'ଣ ବିଗାଡ଼ି ଦେଲୁ ଯେ, ଆମ ଉପରେ ଏପରି ଦାଉ ସାଧିବାରେ ଲାଗିଚୁ ! ତୋ ହିଲ୍ଲୋଳ ସ୍ପର୍ଶରେ ଆମ ମନ କଲ୍ଲୋଳିତ । ଆମ ହୃଦୟରେ କାମସଂଚାର କରି ଏପରି ହଟହଟା କରୁଚୁ କାହିଁକି ? ତୁ କ'ଣ ନିଜେ କାମପୀଡ଼ିତ ! ତୁ ଏତିକି ମନେ ରଖ, ଭଗବାନଙ୍କ ବାଙ୍କଚାହାଣୀ ବହୁ ଆଗରୁ ଆମକୁ ଆହତ କରି ପକାଇଚି ! ତୁ କ'ଣ ଆମ କାମଭାବରୁ ଭାଗ ନେବାକୁ ଚାହୁଁଚୁ ?

ମେଘକୁ ଶ୍ରୀମାନ୍ ମେଘ ବୋଲି ସଂବୋଧନ କରି କୃଷ୍ଣଙ୍କ ଦୁଲାଳୀମାନେ କହୁଥିଲେ, ତୋ' ନାଆଁ ନେଇ ତ ସେ ଆମର ମେଘଶ୍ୟାମ ଓ ଶ୍ୟାମଘନ ! ତୋ ଶରୀରର ସୌନ୍ଦର୍ଯ୍ୟ ଠିକ୍ ଆମ ପ୍ରିୟତମ ଭଳି ! ତୁ ଯଦୁବଂଶ ଶିରୋମଣି ଭଗବାନଙ୍କର ଅତିପ୍ରିୟ ବୋଲି ଆମେ ଜାଣୁ । ତୁ କ'ଣ ଆମ ଭଳି ବିରହଦଗ୍ଧ ! ନ ହୋଇଥିଲେ ତୋ ଆଖିରୁ ଟପ୍‌ଟପ୍ ଲୁହ ଝରନ୍ତା କାହିଁକି ?

ଆଲୋ ଏ କୋଇଲି କି ମଧୁର ତୋର ସ୍ୱର ! ଶୁଣିଚୁ, କିଶୋର ଚନ୍ଦ୍ରାନନ ନନ୍ଦନନ୍ଦନ, ଯଶୋଦା ଦୁଲାଳ ବୃନ୍ଦାବନରେ ଥିବାବେଳେ ତୋ ସ୍ୱରକୁ ସ୍ୱର ମିଳାଇ ବଂଶୀ ବଜାଉଥିଲେ । ତୋ କୁହୁତାନ ଆମମାନଙ୍କ ହୃଦୟକନ୍ଦରରେ ପ୍ରବେଶ କରି ଅପୂର୍ବ ସ୍ପନ୍ଦନ ସୃଷ୍ଟି କରୁଚି । ବିତାନରେ ତୋ ତାନ ସାଙ୍ଗକୁ ମଳୟ ପବନର ସ୍ପର୍ଶ– କ'ଣ କହିବୁ ଲୋ କୋଇଲି ! ମନ କ'ଣ ହେଉଚି କହି ହେଉନି ।

ଆଖି ଆଗରେ ନୀଳଶୈଳ ! କୋଇଲିଠୁ ମନ ଯାଇ ଲାଗୁଚି ଗିରିର ଶିରୀଠି । ଦ୍ୱାରକାଧୀଶ୍ୱରୀମାନେ ପର୍ବତକୁ ସଂବୋଧନ କରି କହୁଥିଲେ– ତୁ ତ ଅଚଳ ! ଉଦାର ! ପୃଥିବୀକୁ ତୁ ଧାରଣ କରି ଆସିଚୁ ଯୁଗ ଯୁଗ ଧରି ! କେତେବେଳେ ତୁ ଅତଳରେ ଥିଲୁ, ଏବେ ଉପରକୁ ଉଠି ଆସିଚୁ । ହଲିପାରୁନୁ କି କିଛି କହି ପାରୁନୁ । ଭଗବାନଙ୍କ ନାଆଁ ନେଇ ନେଇ ସତେ ଯେମିତି ତୁ ମୂକ ପାଲଟି ଯାଇଚୁ । ମନେ ହେଉଚି, କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାରେ ତୁ ସର୍ବଦା ମଗ୍ନ ! ଠିକ୍ ଅଛି, ତୋ ଚିନ୍ତାଭଙ୍ଗ କରିବାକୁ ଆମେ ଚାହୁଁନୁ । ତୁ ତପସ୍ୱୀ ହେଲେ ଆମେ ବି ତପସ୍ୱିନୀ ।

ସମୁଦ୍ର ପତ୍ନୀ ନଦୀମାନେ ! ଇଏତ ଗ୍ରୀଷ୍ମଋତୁ । ତୁମେମାନେ ବି ଭଗବାନଙ୍କ ବିରହରେ ଶୀର୍ଣ୍ଣକାୟା ! ଆମେ ବି ତୋ ଭଳି ଅପେକ୍ଷା କରିଚୁ ଶ୍ୟାମଘନଙ୍କ ଆଗମନକୁ ।

ଆମଠୁ ତାଙ୍କର ପ୍ରେମବର୍ଷଣ, ମଧୁର ସମ୍ଭାଷଣ । ତୋ'ଠି ମଧ ମେଘରୂପୀ ଘନଶ୍ୟାମଙ୍କ ବାରିବର୍ଷଣ । ଆମେ ପ୍ରମୋଦର ପ୍ରେମଦା, ତୁ ମଧ ବାରିଦର ସୁଖଦା ।

ସାରସ ହଂସକୁ ମଧ ସେମାନେ ସ୍ୱାଗତ କରିଚନ୍ତି । ତାକୁ ଦୁଗ୍ଧ ପାନ କରାଇ କହିଚନ୍ତି, ଆମ ଶ୍ୟାମସୁନ୍ଦରଙ୍କଠୁ କି ସଂଦେଶ ଆଣିଚୁ ଶୀଘ୍ର ଜଣାଅ । ତୁ ଶ୍ୟାମସୁନ୍ଦରଙ୍କ ଦୂତ ଥିଲୁ, ଏବେ ବି ରହିଚୁ । ସେ ଭଲରେ ଅଛନ୍ତି ତ ?

କୃଷ୍ଣପତ୍ନୀ ହେଲେ କ'ଣ ହେବ ଯେତେହେଲେ ସେମାନେ ନାରୀ । ପ୍ରେମ ବିଷୟରେ ଯେ କୌଣସି ତରୁଣୀ ଏକାନ୍ତରେ ନିଜ ମନକଥା କହିବାକୁ ଚାହେଁ । ତେଣୁ ଷୋଳସହସ୍ର ଆଠ କୃଷ୍ଣପତ୍ନୀଙ୍କ ମଧରୁ ଜଣେ ହଂସକୁ ଫୁସ୍‌ଲେଇ ଡାକି ନେଇଚି ଏକ ନିଭୃତ ନିର୍ଜନ ସ୍ଥାନକୁ । ହଂସକୁ କୋମଳ ଆସନରେ ବସେଇଚି । ଭଲ କରି ଦୁଧ ପିଆଇଚି । ଅନ୍ୟମାନେ ଥିଲାବେଳେ କଥାବାର୍ତ୍ତା ବଙ୍କେଇ ବଙ୍କେଇ ଚାଲିଥିଲା । ଏବେ ସିଧାସଳଖ । ହଂସକୁ କୃଷ୍ଣଙ୍କ ଦୂତ ମନେ କରି କହିଚି, ଭଗବାନଙ୍କ ସହିତ ଘନିଷ୍ଠତା, ମିତ୍ରତା କ୍ଷଣଭଙ୍ଗୁର । ଅସ୍ଥିର । ଗୋଟିଏ କଥା ଜାଣିବାକୁ ଚାହୁଁଚି । ସେ (ଶ୍ରୀକୃଷ୍ଣ) ମତେ କହିଥିଲେ, ତୁମେ ହିଁ ମୋର ପ୍ରିୟତମା । ଏକଥା ତାଙ୍କର ମନେ ଅଛି ତ ?

ହଂସ ଦୁଧ ପିଇବାରେ ଲାଗିଚି । ତା'ଠୁ ଉତ୍ତର ନପାଇବାରେ ହଂସପ୍ରତି ଏହି କୃଷ୍ଣ ପତ୍ନୀ ଭୀଷଣ ବିରକ୍ତ । କହିଚି, ତୁ ଗଲୁ ଏଠୁ !

ହଂସ ମୁଣ୍ଡ ହଲେଇବା ମାତ୍ରେ କୃଷ୍ଣପତ୍ନୀ ମନେ କରିଚି ଶ୍ରୀକୃଷ୍ଣ କେବଳ ତା'କଥା ଭାବୁଚନ୍ତି । ପୁଣି ଉଲ୍ଲାସ । ପ୍ରସନ୍ନ ଭାବ । ପୁଣି ସେ ଅପ୍ରସନ୍ନା । କହିଚି, ଆରେ ହଂସ, କହିବୁ ମୋ ପାଖକୁ ଆସିଲେ, ସେ ଯେପରି ଲକ୍ଷ୍ମୀକି ଧରି ଆସିବେନି । ଲକ୍ଷ୍ମୀକି ଧରି ଆସିଲେ ତ ସବୁ ଉଜୁଡ଼ି ଯିବ । ସେ କ'ଣ ଭାବୁଚନ୍ତି, ଏକମାତ୍ର ଲକ୍ଷ୍ମୀହିଁ ତାଙ୍କୁ ପ୍ରେମ କରନ୍ତି ! ଅନ୍ୟମାନଙ୍କ ପ୍ରେମ ଝୁଟା ! ମିଛ ! ଆମ ଭିତରୁ କ'ଣ କେହି ଜଣେ ହେଲେ ଲକ୍ଷ୍ମୀକି ସରି ହେବୁନି ! ରୁକ୍ମଣୀ, ସତ୍ୟଭାମା, ଜାମ୍ବବତୀ, କାଳିନ୍ଦୀ ପ୍ରଭୃତି ଆଠପାଟବଂଶୀଙ୍କ ମଧରୁ ସମସ୍ତେ କ'ଣ ଅଭାଗିନୀ ! କେହିହେଲେ ଭଗବାନଙ୍କ ପ୍ରେମପାତ୍ରୀ ହେବା ପାଇଁ ଯୋଗ୍ୟା କି ଭୋଗ୍ୟା ନୁହଁନ୍ତି ।

ହଂସ ଆନନ୍ଦରେ ଦୁଗ୍ଧପାନ କରିବାରେ ଲାଗିଚି । କେବେ ସେ ନଳଦମୟନ୍ତୀଙ୍କ ଦୂତ ଥିଲା ବୋଲି ସମସ୍ତଙ୍କୁ ଯେ ଦୂତ ହୋଇ ଖଟିବ, ତା'ର କୌଣସି ମାନେ ନାହିଁ । ହଂସ ପିଉଚି କିନ୍ତୁ ହଂସଗାମିନୀ କୃଷ୍ଣକାମିନୀମାନେ ମନେ ମନେ କୃଷ୍ଣ ପ୍ରେମରେ ବିହ୍ୱଳା ହୋଇ ଏଣୁ ତେଣୁ ଗୁଡ଼ାଏ ଓଝାଳିବାରେ ଲାଗିଚନ୍ତି !

ହଂସରୂପୀ ଶ୍ରୀକୃଷ୍ଣ ମୁଣ୍ଡ ହଲେଇ, ଆଖିକି ବୁଲେଇ, ମନେ ମନେ 'ଠିକ୍ ଅଛି, ଦେଖାଯିବ', କହୁଥିବାବେଳେ ଅନ୍ୟ ହଂସ ଗାମିନୀମାନେ ଭଗବାନଙ୍କ ଅନନ୍ୟ ପ୍ରେମଭାବରେ ଯେପରି କି ଉଲ୍ଲସିତ, ନିମଜ୍ଜିତ ।

॥ ୧୩୩ ॥

# ଭାରତର ଆଦିନାମ ଅଜନାଭବର୍ଷ

ଏକମାତ୍ର ପୁରୁଷ ଭଗବାନ । ଏକ ବ୍ରହ୍ମ-ଦ୍ୱିତୀୟ ନାସ୍ତି ! ଆଉ ସବୁ ପ୍ରକୃତି । ଲୌକିକ ଦୃଷ୍ଟିରୁ ମନୁଷ୍ୟ ସମାଜ ଭିତରେ ପୁରୁଷ ଓ ସ୍ତ୍ରୀ-ଦୁଇ ବିଭାଗ । କିନ୍ତୁ ଆଧ୍ୟାତ୍ମିକ ତଥା ତାତ୍ତ୍ୱିକ ଦୃଷ୍ଟିରୁ ମନୁଷ୍ୟ ମାତ୍ରେ ସ୍ତ୍ରୀ । ସେ ମଧ୍ୟ ପ୍ରକୃତିର ଏକ ଅଂଶ ବିଶେଷ । ଏ ସଂପର୍କରେ ନାନା ବିଶ୍ଳେଷଣ । ନାନା ଗବେଷଣା । ପ୍ରକୃତିର ପ୍ରକୃତି ହେଉଚି ପୁରୁଷ ପ୍ରତି ଟାଣି ହେବା । ଆକୃଷ୍ଟ ହେବା । ତେଣୁ ବ୍ୟାସଦେବ ଭଗବାନଙ୍କ ନାଆଁ ରଖିଲେ କୃଷ୍ଣ । ଅର୍ଥାତ୍ ଯିଏ ଆକର୍ଷଣ କରେ, ଚିତ୍ତକୁ କର୍ଷଣ କରେ ଏବଂ ବିକର୍ଷଣ ମଧ୍ୟ କରେ । ତେଣୁ ଦ୍ୱାରକା ବା ବ୍ରଜ ବୃନ୍ଦାବନର କେବଳ ରମଣୀଗଣ ଯେ କୃଷ୍ଣଙ୍କ ପ୍ରତି ଆକୃଷ୍ଟ ହେଉଥିଲେ, ତାହା ନୁହଁ, ଗୋପୀ ଗୋପାଳ, ସ୍ତ୍ରୀ, ପୁରୁଷ ସମସ୍ତେ ତାଙ୍କ ପ୍ରତି ଟାଣି ହୋଇ ଆପେ ଆପେ ତାଙ୍କ ପାଦତଳେ ଲୋଟୁଥିଲେ । କୃଷ୍ଣ ନାଆଁ ପଡ଼ିବା ମାତ୍ରେ, ହୃଦୟରେ ଏକ ସ୍ପନ୍ଦନ ସୃଷ୍ଟି ହୁଏ । ଏହି ସ୍ପନ୍ଦନ ହିଁ କୃଷ୍ଣ ।

କୃଷ୍ଣଙ୍କ ପ୍ରତି ଗୋପାଳ ସ୍ତ୍ରୀମାନଙ୍କର ଅନନ୍ୟ ପ୍ରେମଭାବ ରହି ଆସିଥିଲା । ଏହି ପ୍ରେମରୁ ହିଁ ସେମାନେ ପରମପଦ ପରମାନନ୍ଦ ଲାଭ କରିଥିଲେ । ଶ୍ରୀକୃଷ୍ଣଙ୍କ ବିଭିନ୍ନ ଲୀଳାକୁ ସେମାନେ ଗୀତ ଆକାରରେ ଗାନ କରୁଥିଲେ । ଲୀଳା ଗାନ କରି କରି କୃଷ୍ଣ ସେବିକା, କୃଷ୍ଣସାଧିକା ହୋଇପଡ଼ିଥିଲେ । ଭଗବାନଙ୍କୁ ସେମାନେ ନିଜ ଆଖିରେ ଦେଖୁଥିଲେ, ତାଙ୍କ କଥା କାନରେ ଶୁଣୁଥିଲେ । ତାଙ୍କୁ ପାଖରେ ବସାଇ ଖୁଆଉଥିଲେ, ପିଆଉଥିଲେ, ତାଙ୍କ ପାଦ ସେବା କରୁଥିଲେ । ଏହା ହିଁ ଥିଲା ସେମାନଙ୍କ ତପସ୍ୟାର ମାର୍ଗ । ସେବା ମାର୍ଗ ।

ମହାମାନ୍ୟ ଶୁକଦେବ, ରାଜା ପରୀକ୍ଷିତଙ୍କୁ ଏସବୁ କହିବା ବେଳେ ତନ୍ମୟ ହୋଇ ପଡୁଥିଲେ । ନିଜକୁ ସେ କୃଷ୍ଣକାନ୍ତା ମନେ କରୁଥିଲେ । ଗୋପାଙ୍ଗନାମାନେ ସମଗ୍ର ବିଶ୍ୱବାସୀଙ୍କୁ ଦେଖାଇ ଦେଉଥିଲେ ଯେ, ଶ୍ରୀକୃଷ୍ଣ ହିଁ ସମସ୍ତଙ୍କର ହର୍ତ୍ତାକର୍ତ୍ତା, ଭାଗ୍ୟବିଧାତା ତଥା ଧର୍ମ, ଅର୍ଥ, କାମ ଓ ମୋକ୍ଷ । ସେମାନେ ଗୃହସ୍ଥୋଚିତ ଶ୍ରେଷ୍ଠ ଧର୍ମର ଆଶ୍ରୟ ନେଇ, ସେହିଭଳି ସୁନ୍ଦର ଆଚରଣ ମଧ୍ୟ କରୁଥିଲେ ।

ଶୁକମୁନି ଶ୍ରୀକୃଷ୍ଣଙ୍କ ପରିବାରର ବିବରଣୀ ବିବରଣ କରି କହିଲେ, ଭଗବାନଙ୍କର ପତ୍ନୀସଂଖ୍ୟା ଥିଲା ଷୋଳହଜାର ଏକଶହ ଆଠ । ଏମାନଙ୍କ ମଧ୍ୟରୁ ଆଠ ହେଉଛନ୍ତି ପାଟରାଣୀ । ଏମାନଙ୍କୁ ପାଟବଂଶୀ କୁହାଯାଉଥିଲା । ପାଟବଂଶୀଙ୍କ ମଧ୍ୟରୁ ରୁକ୍ମଣୀ

ଶ୍ରେଷ୍ଠ । ପାଟବଂଶୀମାନଙ୍କ ପୁଅଝିଅଙ୍କ ବ୍ୟତୀତ ଅନ୍ୟ ପତ୍ନୀମାନଙ୍କର ଦଶ ଦଶ ପୁଅ ଥିଲେ । ଏହି ପୁଅଙ୍କ ମଧ୍ୟରୁ ଅଠର ଜଣ ଥିଲେ ମହାରଥୀ । ପୁତ୍ର ଓ ନାତି ନାତୁଣୀଙ୍କ ସଂଖ୍ୟା ଏତେ ଯେ ସମସ୍ତଙ୍କ ନାଆଁ ଉଲ୍ଲେଖ କରି ହେବନି । ମହାରଥୀଙ୍କ ମଧ୍ୟରୁ ପ୍ରଦ୍ୟୁମ୍ନ ଥିଲେ ସର୍ବଶ୍ରେଷ୍ଠ ଓ ଜ୍ୟେଷ୍ଠ । ସେ ଶ୍ରୀକୃଷ୍ଣ ଅନୁରୂପ ହୋଇଥିଲେ । ରୂପ ଯିମିତି ଗୁଣ ମଧ୍ୟ ସିମିତି । ଅନ୍ୟ ପୁତ୍ର ଓ ନାତିମାନେ ହେଲେ ଅନିରୁଦ୍ଧ, ଦୀପ୍ତିମାନ, ଭାନୁ, ଶାମ୍ବ, ବୃହଦ୍‌ଭାନୁ, ଚିତ୍ରଭାନୁ, ବୃକ୍, ଅରୁଣ, ପୁଷ୍କର, ବେଦଭାନୁ, ଶ୍ରୁତଦେବ, ସୁନନ୍ଦନ, ଚିତ୍ରବାହୁ, ବିରୂପ, କବି ଓ ନିଗୋଧ । ପ୍ରଦ୍ୟୁମ୍ନ ବିବାହ କରିଥିଲେ ମାମୁଁ ରୁକ୍ମଙ୍କ କନ୍ୟାକୁ । ପ୍ରଦ୍ୟୁମ୍ନଙ୍କ ପୁତ୍ର ଅନିରୁଦ୍ଧ । ଅନିରୁଦ୍ଧଙ୍କ ପୁତ୍ର ବଜ୍ର । ଯଦୁବଂଶ ଧ୍ୱଂସ ହେବାପରେ କେବଳ ଏହି ବଜ୍ର ହିଁ ବଞ୍ଚି ରହିଥିଲେ । ବଜ୍ରଙ୍କ ଠାରୁ ପୁଣି ବହୁ ଶାଖା ପ୍ରଶାଖା ବିସ୍ତାର ଲାଭ କରିଥିଲା । ସମସ୍ତେ ଥିଲେ ଶୂରବୀର । ମୂଳଠୁ ଆରମ୍ଭ କରି ଶାଖାପ୍ରଶାଖା ପର୍ଯ୍ୟନ୍ତ ଗଣି ବସିଲେ, ହଜାରେ ବର୍ଷ ଲାଗି ଯିବ, ତଥାପି ସରିବନି ।

ଶୁକମୁନି କହିଲେ, ହେ ରାଜା ପରୀକ୍ଷିତ ! ମୁଁ ଶୁଣିଚି, ଯଦୁବଂଶର ପିଲାଙ୍କ ସଂଖ୍ୟା ଏତେ ବେଶୀ ଥିଲା ଯେ ସେମାନଙ୍କୁ ପାଠ ପଢ଼ାଇବା ଲାଗି କୁଆଡ଼େ ତିନିକୋଟି ଅଠାଅଶି ଲକ୍ଷ ଶିକ୍ଷକ ତଥା ଆଚାର୍ଯ୍ୟ ନିଯୁକ୍ତ ହୋଇଥିଲେ । ଉଗ୍ରସେନ ଦ୍ୱାରକାର ଆଜୀବନ ରାଜା ରହିଥିଲେ । ତାଙ୍କ ସୈନ୍ୟ ସଂଖ୍ୟା ଦୁଇଲକ୍ଷ କୋଟି ଥିଲା ।

ପ୍ରାଚୀନକାଳରେ ଦେବାସୁର ଯୁଦ୍ଧ ଲାଗି ରହିଥିଲା । ଏହି ଯୁଦ୍ଧରେ ବହୁ ଦୁର୍ଦ୍ଦାନ୍ତ ଅସୁର ନିହତ ହୋଇଥିଲେ । ମଣିଷ ଭିତରୁ ହିଁ ଅସୁର ସୃଷ୍ଟି ହୋଇଥିଲେ । କାରଣ ସେମାନଙ୍କର ରାକ୍ଷସଭାବ ଥିଲା । ସମାଜ-ଶୃଙ୍ଖଳାକୁ ସେମାନେ ମାନୁ ନଥିଲେ । ଆଜିକାଲି ଯେଉଁମାନଙ୍କୁ ଅସାମାଜିକ ଲୋକ କୁହାଯାଉଚି, ସେଇଥିରୁ ଥୋଡାଏ ପୃଥିବୀରେ ନାନା ଉତ୍ପାତ କରୁଥିଲେ । ସେଗୁଡ଼ାକୁ ଦମନ କରିବା ପାଇଁ ହିଁ ନାରାୟଣ ନରରୂପ ଗ୍ରହଣ କରିଥିଲେ । ସେ ମଧ୍ୟ ଯଦୁବଂଶୀୟ ଥିଲେ । ଯଦୁବଂଶ ଭିତରେ ମଧ୍ୟ ଏକଶହ ଏକ ବିଭାଗ ଥିଲା । ଏମାନଙ୍କୁ ଏକାଠି ରଖିବା, ପରସ୍ପର ଭିତରେ ଯେପରି ଅପଡ଼ ନ ହୁଏ, ସେଥିଲାଗି ଶ୍ରୀକୃଷ୍ଣ ସର୍ବଦା ସତର୍କ ରହୁଥିଲେ । ଯଦୁବଂଶୀୟ ଆବାଳବୃଦ୍ଧବନିତା ଶ୍ରୀକୃଷ୍ଣଙ୍କୁ ନିଜର ଗୁରୁଜନ, ପ୍ରିୟଜନ ମନେ କରି ଆସୁଥିଲେ ।

ଶ୍ରୀକୃଷ୍ଣଙ୍କ ଜୀବନ ହିଁ ଥିଲା ମାନବ ସମାଜ ଲାଗି ମହାନ୍ ସଂଦେଶ । ସେ ସମସ୍ତଙ୍କୁ ନିଜର, ଆପଣାର କରି ରଖିଥିଲେ । ସମସ୍ତଙ୍କ ସହିତ ସମାନ ବ୍ୟବହାର କରୁଥିଲେ । ରାମାବତାରରେ ସେ ଯେପରି ମର୍ଯ୍ୟାଦା ଲଙ୍ଘନ କରି ନଥିଲେ, ଦ୍ୱାପରରେ ମଧ୍ୟ ଶ୍ରୀକୃଷ୍ଣ କେବେହେଲେ ସୀମା ଲଂଘନ କରି ନଥିଲେ । କାହାକୁ ହସେଇ, କାହାକୁ କନ୍ଦେଇ,

କାହାକୁ ଦେଇ, କାହାଠୁ ନେଇ ସେ ସମସ୍ତଙ୍କୁ ଆନନ୍ଦରେ ରଖିଥିଲେ । ଲୋକେ ମଧ୍ୟ ତାଙ୍କୁ ରାଜା ଭଳି ସମ୍ମାନ ଦେଉଥିଲେ । ଉଗ୍ରସେନ ରାଜା ଥିଲେ କ'ଣ ହେବ, ଲୋକେ ହାରି ଗୁହାରି ସବୁ କିଛି କରୁଥିଲେ ଶ୍ରୀକୃଷ୍ଣଙ୍କ ପାଖରେ ।

ଦ୍ୱାରକା ଥିଲା ସବୁଦିଗରୁ ସୁରକ୍ଷିତ । ଏଠାରେ ଦକ୍ଷ ଆଦିଙ୍କ ଅଭିଶାପ କାଟୁ କରୁ ନଥିଲା । ନାରାୟଣଙ୍କ ପରମଭକ୍ତ ଦେବର୍ଷି ନାରଦ ଭଗବାନଙ୍କ ସାନ୍ନିଧ୍ୟ ଲାଭ ଲାଗି ମଝିରେ ମଝିରେ ଦ୍ୱାରକା ଆସୁଥିଲେ । ବସୁଦେବ, ଉଗ୍ରସେନ ଆଦି ଗୁରୁଜନମାନେ ନାରଦଙ୍କ ଠାରୁ ନାରାୟଣଙ୍କ ଲୀଳା ସଂପର୍କରେ ନାନା କଥା ଶୁଣୁଥିଲେ । ଭବିଷ୍ୟତରେ ଶ୍ରୀକୃଷ୍ଣ କ'ଣ ସବୁ କରିବେ, ନାରଦ ଜାଣିପାରୁଥିଲେ । ଧର୍ମରକ୍ଷା ଲାଗି ନାରାୟଣଙ୍କ ଲୀଳା କାର୍ଯ୍ୟକାରୀ କରିବା ଦିଗରେ ନାରଦ ମଧ୍ୟ ସହାୟକ ହେଉଥିଲେ । ବସୁଦେବଙ୍କୁ ଇତିହାସ କହୁଥିଲେ, ଭୂଗୋଳ ବି କହୁଥିଲେ ।

ଦିନେ ଇତିହାସ ପ୍ରସଙ୍ଗ ପଡ଼ିବାରେ ନାରଦ କହିଲେ, ସ୍ୱୟମ୍ଭୁବ ମନୁଙ୍କର ପ୍ରିୟବ୍ରତ ନାମରେ ଗୋଟିଏ ପୁଅ ଥିଲା । ପ୍ରିୟବ୍ରତଙ୍କ ପୁତ୍ର ଆଗ୍ନିଧ୍ର, ଆଗ୍ନିଧ୍ରଙ୍କ ପୁତ୍ର ନାଭି ଏବଂ ନାଭିଙ୍କ ପୁତ୍ର ଥିଲେ ଋଷଭ । ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି ଯେ ଋଷଭ ଭଗବାନ ବାସୁଦେବଙ୍କ ଅଂଶ ନେଇ ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ମୋକ୍ଷଧର୍ମର ଉପଦେଷ୍ଟା । ତାଙ୍କ ପୁତ୍ର ସଂଖ୍ୟା ଥିଲା ଏକଶହ । ସମସ୍ତେ ଥିଲେ ବେଦପାରଗ । ଏହି ପୁତ୍ରଙ୍କ ମଧ୍ୟରୁ ଜ୍ୟେଷ୍ଠ ଥିଲେ ଭରତ । ଏହାଙ୍କ ନାମାନୁସାରେ ଭାରତବର୍ଷ । କିନ୍ତୁ କେତେକ ଶାସ୍ତ୍ରରେ କୁହାଯାଇଛି ଯେ ଦୁଷ୍ମନ୍ତ-ଶକୁନ୍ତଳାଙ୍କ ପୁତ୍ର 'ଭରତ'ରୁ ଭାରତ । ଏହି ଭୂମଣ୍ଡଳ ଭାରତବର୍ଷର ନାମ ପୂର୍ବରୁ ଥିଲା 'ଅଜନାଭବର୍ଷ' । ସୂର୍ଯ୍ୟବଂଶୀୟ ପୁଣ୍ୟଶ୍ଳୋକ ମହାରାଜା ରଘୁଙ୍କ ପୁତ୍ର ଅଜ । ଅଜଙ୍କ ପୁତ୍ର ଦଶରଥ । ଅଜଙ୍କ ସ୍ତ୍ରୀ ଥିଲେ ବିଦର୍ଭ କନ୍ୟା ଇନ୍ଦୁମତୀ । ଅଜର ଅନ୍ୟ ଅର୍ଥ ଜନ୍ମ ରହିତ, ନିତ୍ୟ, ତଥା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ନାଭ ଶବ୍ଦର ଅର୍ଥ ଯାହାର ଭୟ ନାହିଁ, ନିର୍ଭୟ । ବର୍ଷ ଅର୍ଥ କାଳନିର୍ଣ୍ଣୟ ବତ୍ସର ଏବଂ ଏସିଆର ନଅଟି ଦେଶକୁ ନେଇ ଜମ୍ବୁଦୀପ ଥିଲା । ତେଣୁ ସଂକଳ୍ପବେଳେ କୁହାଯାଏ, 'ଜମ୍ବୁଦ୍ୱୀପ ଭାରତବର୍ଷେ' ଇତ୍ୟାଦି ଇତ୍ୟାଦି । ପ୍ରଥମେ ଯେଉଁ ଭରତ କଥା କୁହାଯାଇଛି, ସେ ଥିଲେ ନାରାୟଣଙ୍କ ପରମ ଭକ୍ତ । ସେ ସାରା ପୃଥିବୀର ଏକାଙ୍ଗ ଚକ୍ରବର୍ତ୍ତୀ ଥିଲେ । କିନ୍ତୁ ସବୁ ତ୍ୟାଗ କରି ବଣକୁ ଚାଲିଯାଇଥିଲେ । ତପସ୍ୟା କରି କରି ରାଜା ଭରତରୁ ସେ ଜଡ଼ଭରତ ପାଲଟି ଯାଇଥିଲେ । ତିନି ଜନ୍ମରେ ସେ ଭଗବାନଙ୍କୁ ପାଇପାରିଥିଲେ ।

ଜ୍ୟେଷ୍ଠ ପୁତ୍ରଙ୍କୁ ଛାଡ଼ିଦେଲେ ଋଷଭଦେବଙ୍କ ଆଉ ଅନେଶ୍ୱତ ପୁତ୍ରଙ୍କ ମଧ୍ୟରୁ ନଅପୁତ୍ର ନଅଟି ଯାକ ଦ୍ୱୀପର ଅଧିପତି ହେଲେ । ବାକି ପୁତ୍ରମାନେ ଏକତ୍ର ମିଶି

କର୍ମକାଣ୍ଡ ରଚନା କରିଥିଲେ । ସେମାନେ କ୍ଷତ୍ରିୟରୁ ବ୍ରାହ୍ମଣ ସ୍ଥାନ ଲାଭ କରିପାରିଥିଲେ । ନଅପୁତ୍ର ସନ୍ନ୍ୟାସୀ ହୋଇଥିଲେ । ସମସ୍ତେ ଥିଲେ ଦିଗମ୍ବର । ସେମାନେ ଆତ୍ମବିଦ୍ୟାବିଦ୍ ଥିଲେ ଏବଂ ଉପଯୁକ୍ତ ଲୋକଙ୍କୁ ବ୍ରହ୍ମବିଦ୍ୟା ଉପଦେଶ ଦେଉଥିଲେ । ଏହି ନଅପୁତ୍ରଙ୍କ ନାମ ଥିଲା– କବି, ହରି, ଅନ୍ତରୀକ୍ଷ, ପ୍ରବୁଦ୍ଧ, ପିପ୍ପଳାୟନ,ଆବିର୍ହୋତ୍ର, ଦ୍ରୁମିଳ, ଚମସ ଓ କରଭାଜନ । ଏମାନେ ଯୁଆଡ଼େ ଯେତେବେଳେ ଇଚ୍ଛା ଯାଇପାରୁଥିଲେ । ସମସ୍ତେ ଥିଲେ ଜୀବନ୍ମୁକ୍ତ ।

●

॥ ୧୩୪ ॥

# ନିମିରୁ ନିମିଷ

ନିମିରୁ ନିମିଷ । ଇକ୍ଷ୍ୱାକୁ ରାଜପୁତ୍ର । ଦଶରଥଙ୍କ ପୂର୍ବପୁରୁଷ । ନିମି, ମହର୍ଷି, ବଶିଷ୍ଠଙ୍କ ଅଭିଶାପରେ ନିଜ ଦେହ ହରାଇଥିଲେ । କିନ୍ତୁ ଦେବତାମାନଙ୍କ ବରଦାନ ଫଳରେ ସେ ସବୁ ଜୀବଙ୍କର ଆଖିର ପଲକରେ ରହିଥିଲେ । ତେଣୁ ଆଖି ପଲକର ନାମ ନିମିଷ ବା ନିମେଷ ।

ଦେବର୍ଷି ନାରଦ ରାମକୃଷ୍ଣଙ୍କ ପିତା ବସୁଦେବଙ୍କୁ ନିମିଙ୍କ ଯଜ୍ଞ ସମ୍ପର୍କରେ ଯାହା କହିଥିଲେ, ଇଆଡ଼େ ରାଜା ପରୀକ୍ଷିତ ଶୁକମୁନିଙ୍କଠାରୁ ସେହି ପରିଚୟ ପଚାରିଲେ । ଶୁକମୁନି କହିଲେ, ସୂର୍ଯ୍ୟବଂଶୀୟ ରାଜା ଇକ୍ଷ୍ୱାକୁଙ୍କ ଦ୍ୱାଦଶ ପୁତ୍ରଙ୍କ ମଧ୍ୟରୁ ଜଣଙ୍କର ନାମ ନିମି । ସେ ହିମାଳୟ ନିକଟ ବୈଜୟନ୍ତ ନଗରରେ ରାଜତ୍ୱ କରୁଥିଲେ । ଥରେ ସେ ଏକ ବିରାଟ ଯଜ୍ଞର ଆୟୋଜନ କଲେ । ଯାଜ୍ଞିକ ଭାବରେ ପ୍ରଥମେ ବଶିଷ୍ଠ ଓ ପରେ ଗୌତମ, ଅତ୍ରି, ଅଙ୍ଗିରା ଓ ଭୃଗୁଙ୍କୁ ନିମନ୍ତ୍ରଣ କଲେ । କିନ୍ତୁ ବଶିଷ୍ଠ ସେତେବେଳେ ଇନ୍ଦ୍ରଙ୍କ ଯଜ୍ଞକର୍ମରେ ଲିପ୍ତ ଥିଲେ । ତେଣୁ ସେ ରାଜା ନିମିଙ୍କୁ କହିଲେ, ଇନ୍ଦ୍ରଙ୍କ ଯଜ୍ଞ ଶେଷ ହେଲେ ଯାଇ ଯିବି । ସେ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । କିନ୍ତୁ ନିମି ଅପେକ୍ଷା ନ କରି ଋଷି ଗୌତମଙ୍କୁ ଯଜ୍ଞ ଦାୟିତ୍ୱ ଦେଲେ । ବଶିଷ୍ଠ ଫେରିଲେ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ । ଆସି ଦେଖିଲେ ଗୌତମ ହୋମ କରୁଛନ୍ତି । ଅପମାନିତ ବୋଧ କଲେ ବଶିଷ୍ଠ । ତାଙ୍କ ମନରେ କ୍ରୋଧ ଜାତ ହେଲା । ସେତେବେଳେ ନିମି ଶୋଇ ପଡ଼ିଥିଲେ । ବଶିଷ୍ଠ ତାଙ୍କୁ ନିଦ୍ରିତ ଅବସ୍ଥାରେ ଅଭିଶାପ ଦେଇ କହିଲେ– ନିମି, ତୋର ଦେହ ଅଚେତ ଅବସ୍ଥା ଭୋଗିବ । ଚେତନାହୀନ ହୋଇ ପଡ଼ିବ । ନିମିଙ୍କ ହଠାତ୍ ନିଦ୍ରାଭଙ୍ଗ ହେଲା । ସେ ବଶିଷ୍ଠଙ୍କୁ ଅଭିଶାପ ଦେଇ କହିଲେ, ଜଣେ ସୁପ୍ତ ଜୀବକୁ ଯିଏ ଅଭିଶାପ ଦେଲା, ତା'ର ମୃତ୍ୟୁ ହେବ ।

ପରସ୍ପରର ଅଭିଶାପ ଫଳରେ ନିମି ଓ ବଶିଷ୍ଠ ଦୁହେଁ ଦେହତ୍ୟାଗ କଲେ । ଦୁହେଁ ବାୟୁଭୂତ ଦେହ ଗ୍ରହଣ କଲେ । ନିମିଙ୍କ ଶାପଫଳରେ ବଶିଷ୍ଠଙ୍କ ତେଜ ମିତ୍ରାବରୁଣଙ୍କ ତେଜରେ ପ୍ରବେଶ କଲା ।

ଋଗ୍‌ବେଦର ବହୁ ସୂକ୍ତରେ ମିତ୍ର ଓ ବରୁଣଙ୍କୁ ସ୍ତୁତି କରାଯାଇଚି । ମିତ୍ରାବରଣ ଚିରତରୁଣ । ଦୁହେଁ ସର୍ବଦା ଉଜ୍ଜ୍ୱଳ ପରିଚ୍ଛଦଧାରୀ । ସୂର୍ଯ୍ୟ ଏମାନଙ୍କ ଚକ୍ଷୁକୁ ନିଜର କିରଣ ରୂପକ ଅସ୍ତ୍ରରେ ତାଡ଼ନା କରିଥିଲେ । ମିତ୍ର ଦିବସ ଓ ବରୁଣ ରାତ୍ରିର ଦେବତା । ଅର୍ଥାତ୍ ମିତ୍ର ଆଲୋକର ଓ ବରୁଣ ଆବରଣର ଦେବତା । ଆଲୋକ ପାପ, ଅସତ୍ୟ ଅନ୍ଧକାର ଦୂର କରେ । ଇଏ ବୈଦିକ ମିତ୍ର । ଆବରଣକାରୀ ଆକାଶକୁ ଆର୍ଯ୍ୟମାନେ ବରୁଣ ନାମରେ ପୂଜା କରି ଥାଆନ୍ତି । ଋଗ୍‌ବେଦରେ ଆକାଶ ଓ ସମୁଦ୍ରର ମିଳନ ରେଖାରେ ବରୁଣଙ୍କ ଅବସ୍ଥିତି । ଏମାନେ ସମ୍ରାଟ, ଶାସକ, ରକ୍ଷକ, ସ୍ୱର୍ଗ, ଅନ୍ତରୀକ୍ଷର ଧାରଣକର୍ତ୍ତା । ଏମାନଙ୍କ ମାୟାରେ ଜଗତ୍ ଶାସିତ ହୁଏ । ମାୟାଶକ୍ତି ବଳରେ ସେମାନେ ଉଷାକୁ ପଠାଇଥାଆନ୍ତି । ସୂର୍ଯ୍ୟଙ୍କୁ ଆକାଶରେ ବିଚରଣ କରାଇ ଥାଆନ୍ତି । ମେଘ ସୃଷ୍ଟି କରି ସୂର୍ଯ୍ୟଙ୍କୁ ଢାଙ୍କି ପକାନ୍ତି । ତେଣୁ ଏମାନେ ସୁର ହେଲେ ମଧ ଅସୁର । ମିତ୍ରାବରଣ ନଦୀର ପରିଚାଳକ । ଧର୍ମ ଓ ନିୟମର ରକ୍ଷକ । ଏମାନେ ଏପରି ଏପରି ନିୟମ ନିର୍ଦ୍ଦିଷ୍ଟ କରିଥାଆନ୍ତି, ଯାହାକୁ ଦେବତାମାନେ ମଧ ବଦଳାଇ ପାରନ୍ତି ନାହିଁ । ମିତ୍ରାବରଣ ଦ୍ୱାଦଶ ଆଦିତ୍ୟଙ୍କ ମଧରୁ ଅନ୍ୟତମ । ଏମାନେ ଏକତ୍ର ମିତ୍ରାବରଣ ନାମରେ ପରିଚିତ । ଉର୍ବଶୀଙ୍କୁ ଦେଖି ଏହି ଦୁହିଁଙ୍କର ରେତଃପାତ ଫଳରେ ମିତ୍ରଙ୍କ ବୀର୍ଯ୍ୟରୁ ବଶିଷ୍ଠ ଏବଂ ବରୁଣଙ୍କ ବୀର୍ଯ୍ୟରୁ ଅଗସ୍ତ୍ୟଙ୍କ ଦେହଲାଭ ହୋଇଥିଲା ।

ନିମିଙ୍କ ମୃତ୍ୟୁ ପରେ ଋଷିମାନେ ତାଙ୍କ ଦେହକୁ ତେଲ ଓ ସୁବାସିତ ଗନ୍ଧାଦି ଦେଇ ସଯତ୍ନ ରଖିଲେ । ଯଜ୍ଞାନୁଷ୍ଠାନ ଚଳାଇଲେ । ଏଥିରେ ଦେବତାମାନେ ସନ୍ତୁଷ୍ଟ ହୋଇ କହିଲେ, ନିମିଙ୍କ ଦେହରେ ଚେତନା ଦାନ କରାଯିବ । କିନ୍ତୁ ନିମି ଅଚେତନ ଅବସ୍ଥାରେ କହିଲେ, ଶରୀର ଓ ଆତ୍ମାର ପରସ୍ପର ବିୟୋଗଠୁ ବଳି ଆଉ ଅଧିକ ଦୁଃଖଦାୟକ କିଛି ନାହିଁ । ତେଣୁ ମୁଁ ଆଉ ଥରେ ଶରୀର ଧାରଣ କରିବାକୁ ଚାହେଁନା । କିନ୍ତୁ ଚାହେଁ ସବୁ ଲୋକଙ୍କ ଚକ୍ଷୁରେ ବାସ କରି ରହିବି । ଦେବତାମାନେ ତଥାସ୍ତୁ କହିଲେ । ସେଦିନଠୁ ସବୁ ଜୀବଙ୍କ ଚକ୍ଷୁରେ ନିମି ରହିଁଆସିଛନ୍ତି । ତା'ଫଳରେ ସମସ୍ତଙ୍କ ଚକ୍ଷୁର ବିଶ୍ରାମ ଲାଗି ପଲକ ପଡୁଚି, ଉଠୁଚି । ଉନ୍ମେଷ ଓ ନିମେଷ ଚାଲିଛି ।

ତା'ପରେ ଋଷିମାନେ ରାଜା ନିମିଙ୍କର କୌଣସି ପୁତ୍ର ନଥିବାରୁ ତାଙ୍କ ଦେହକୁ ଅରଣିରେ ମନ୍ଥନ କରିବାକୁ ଲାଗିଲେ । ଏହାଫଳରେ ମହତପା 'ମିଥି' ଜନ୍ମଲାଭ କଲେ ।

ମନ୍ଥନରୁ ଜନ୍ମ ହୋଇଥିବାରୁ ଏହାଙ୍କ ନାମ 'ମିଥି' ରଖାଗଲା । ମୃତଦେହରୁ ତାଙ୍କର ଜନ୍ମ ହେତୁ ତାଙ୍କର ଅନ୍ୟନାମ ଜନକ । ବିଦେହ (ସଚେତନ ଦେହ)ରୁ ଉତ୍ପନ୍ନ ହେତୁ ଆଉ ଏକ ନାମ ବୈଦେହ । ମିଥିଙ୍କ ରାଜ୍ୟ, ତାଙ୍କ ନାମାନୁସାରେ ମିଥିଳା । ମିଥିଙ୍କ ପୁତ୍ର ଥିଲେ ଜନକ । ଏହି ନାମ ତାଙ୍କ ପିତାଙ୍କ ନାମାନୁସାରେ ଗଡ଼ି ଆସିଥିଲା । ସୀତାଙ୍କ ପିତାଙ୍କ ନାମ ସୀରଧ୍ଵଜ ଜନକ । ସୀରଧ୍ଵଜଙ୍କ କନିଷ୍ଠଭ୍ରାତା କୁଶଧ୍ଵଜ ।

ଶୁକମୁନି ରାଜା ପରୀକ୍ଷିତଙ୍କୁ କହିଲେ, ନାରଦ ଯେଉଁ ନିମିଙ୍କ କଥା କହିଲେ, ଏଇ ସେହି ରାଜା ନିମି । ନିମି ଯଜ୍ଞ କରୁଥିବାବେଳେ ସ୍ଵଚ୍ଛନ୍ଦରେ ବିଚରଣ କରି କରି ନଅ ଯୋଗୀଶ୍ଵର ଯଜ୍ଞସ୍ଥଳରେ ଉପସ୍ଥିତ ହେଲେ । ସେମାନଙ୍କୁ ଦେଖି ନିମି ଯଥାରୀତି ସସମ୍ମାନ ଆବାହନ କଲେ । ଏହି ଋଷିମାନେ ଭଗବାନଙ୍କ ପରମ ଭକ୍ତ ଜାଣି ଋତ୍ଵିକ ବ୍ରାହ୍ମଣମାନେ ସେମାନଙ୍କୁ ସ୍ଵାଗତ କଲେ । ସୁଯୋଗ ପାଇ ରାଜା ନିମି ବିନମ୍ର ଭାବରେ ଋଷିମାନଙ୍କ ମଧ୍ୟରୁ ଜଣ ଜଣଙ୍କୁ ପ୍ରଶ୍ନ କଲେ । ପରମ କଲ୍ୟାଣର ସ୍ଵରୂପ କ'ଣ ? ଏଥିଲାଗି ସାଧନା କ'ଣ ? ନିମି କହିଲେ, ପ୍ରଶ୍ନର ଉତ୍ତର ପାଇବା ଲାଗି ମୋର ଅଧିକାର ଓ ଯୋଗ୍ୟତା ଅଛି କି ନା ଜାଣେନା । କିନ୍ତୁ ଆପଣମାନଙ୍କ ସାନ୍ନିଧ ପାଇବାପରେ ଏ ପ୍ରଶ୍ନ ସ୍ଵତଃ ମୋ ମନକୁ ଆଲୋଡ଼ିତ କରିବାରେ ଲାଗିଲା ।

ନଅଜଣଯାକ ଯୋଗୀଶ୍ଵର ସମସ୍ଵରରେ କହିଲେ ଯେ ଭଗବାନ ଅଚ୍ୟୁତଙ୍କ ଚରଣରେ ନିତ୍ୟ ନିରନ୍ତର ଉପାସନା ହିଁ ଏହି ସଂସାରରେ ପରମ କଲ୍ୟାଣ ।

ପ୍ରଥମ ଯୋଗୀଶ୍ଵର କବି କହିଲେ, ଭଗବାନ ଅଜ୍ଞାନୀ ପୁରୁଷକୁ ତାଙ୍କ ସହିତ ସାକ୍ଷାତ ଲାଗି ଯେଉଁ ସୁଗମ ଉପାୟ ନିଜ ଶ୍ରୀମୁଖରେ କହିଛନ୍ତି, ତାହାହିଁ ଭଗବତ ଧର୍ମ । ଲଜ୍ଜା ସଂକୋଚ ଛାଡ଼ି ସମ୍ପୂର୍ଣ୍ଣ ସମର୍ପଣ ଭାବହିଁ ଶ୍ରେଷ୍ଠ ସାଧନା ।

ନିମି ଭକ୍ତର ଧର୍ମ କ'ଣ, କର୍ମ କ'ଣ, ମାୟା କ'ଣ ଆଦି ନାନା ପ୍ରଶ୍ନ କରିଥିଲେ । ନଅଯୋଗୀଶ୍ଵର କବି, ହରି, ଅନ୍ତରିକ୍ଷ, ପ୍ରବୁଦ୍ଧ, ପିପ୍ପଳାୟନ, ଆବିର୍ହୋତ୍ର, ଦ୍ରୁମିଳ, ଚମସ ଓ କରଭାଜନ ନିମିଙ୍କ ସବୁ ପ୍ରଶ୍ନର ଉତ୍ତର ପ୍ରାଞ୍ଜଳ ଭାବରେ ଦେଇଥିଲେ । ସେମାନେ କହିଥିଲେ, ଭଗବାନ ଅନନ୍ତ । ଯିଏ ଭାବେ ଭଗବାନଙ୍କ ଗୁଣକୁ ସେ ଗଣି ପାରିବ, ତାଠୁ ବଳି ମୂର୍ଖ କେହି ନାହିଁ ।

ଭଗବାନଙ୍କ ଅବତାର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ । ଭକ୍ତଙ୍କ ଭକ୍ତିଦ୍ଵାରା ବଶୀଭୂତ ହୋଇ ସେ ନାନା ଲୀଳା କରିଥାଆନ୍ତି । ପ୍ରଥମେ ଜଗତର ଉତ୍ପତ୍ତିଲାଗି ରଜଗୁଣ ଅଂଶରେ ବ୍ରହ୍ମା, ପୁଣି ସଂସାରର ସ୍ଥିତି, ଧର୍ମରକ୍ଷା ଲାଗି ସତ୍ତ୍ଵଗୁଣରେ ସେ ଯଜ୍ଞପତି ବିଷ୍ଣୁ, ପୁନଶ୍ଚ ଜଗତର ସଂହାର ଲାଗି ତମୋଗୁଣରେ ସେ ରୁଦ୍ର ବା ମହେଶ୍ଵର । ପୁରୁଷ, ନର, ନାରାୟଣ, ମତ୍ସ୍ୟ, କୂର୍ମ, ନରସିଂହ, ରାମ, ପର୍ଶୁରାମ ଆଦି ନାନା ଆବରଣ ।

ନଅ ଯୋଗୀଶ୍ୱର ରାଜା ନିମିଙ୍କୁ ଯେଉଁସବୁ ଉତ୍ତର ଦେଇଥିଲେ ବସୁଦେବ, ନାରଦଙ୍କଠାରୁ ଶୁଣି ପରମ ସନ୍ତୋଷ ଲାଭ କଲେ । ଦେବକୀ ମଧ ଶୁଣିଲେ । ସେମାନଙ୍କ ମନରେ ଯେଉଁ ଟିକକ ମୋହ ମାୟା ଥିଲା, ତାହା ତୁଟିଲା ।

॥ ୧୩୫ ॥

# ବିନାଶ ପୂର୍ବରୁ ପ୍ରଭାସ

ଶ୍ରୀକୃଷ୍ଣ ଧରାଧାମ ତ୍ୟାଗ କରିବାକୁ ଆଉ ଅଳ୍ପଦିନ ରହିଲା । ତେଣୁ ଧରଣୀରେ ଧରଣୀଧର ରହିଥିବା ଭିତରେ ତାଙ୍କ ମାୟା ଦେଖିବା ପାଇଁ ଦେବଦେବୀମାନଙ୍କ ଆଗ୍ରହ ହେଲା । ସାଧାରଣ ମଣିଷ ଭାବରେ ଭଗବାନ କିମିତି ଚଳୁଛନ୍ତି, ସ୍ୱଚକ୍ଷୁରେ ଦେଖି ନିଜ ଚକ୍ଷୁକୁ ପବିତ୍ର କରିବା ହେଲା ସେମାନଙ୍କ ଲକ୍ଷ୍ୟ । ବ୍ରହ୍ମା ତାଙ୍କର ପୁତ୍ର ସନକ, ସନନ୍ଦ, ସନାତନ ଆଦି ନିଜ ପିଲାପିଲିଙ୍କୁ ଧରି ବାହାରିଲେ । ଦେବତାମାନଙ୍କ ନେତୃତ୍ୱ ନେଲେ ମହାଦେବ, ଇନ୍ଦ୍ର ଓ ପ୍ରଜାପତିମାନେ । ସେମାନଙ୍କ ସହିତ ବାହାରିଲେ ରୁଦ୍ର, ବିଶ୍ୱଦେବ, ଗନ୍ଧର୍ବ, ଅପ୍‌ସରାମାନେ ଏବଂ ଅଶ୍ୱିନୀକୁମାର । ସମସ୍ତେ ସ୍ୱର୍ଗରୁ ଧରି ଆସିଥିଲେ ନୈସର୍ଗିକ ପୁଷ୍ପହାର ଓ ପୁଷ୍ପଗୁଚ୍ଛ ।

ଏମାନେ ଦ୍ୱାରକାରେ ପହଞ୍ଚିବାବେଳେ ଶ୍ରୀକୃଷ୍ଣ ନିଜ ଘର ଭିତରୁ ଅଳନ୍ଧୁ ସଫା କରୁଥିଲେ । ସେ ତ ଜନ୍ମରୁ କୃଷ୍ଣକାୟ, ଶ୍ୟାମଘନ । ସେଥିରେ ଦେହରେ ଅଳନ୍ଧୁ ଲାଗିବାରେ କାଳିଆ ଅଧିକ କାଳିଆ ଦେଖାଯାଉଥିଲେ । ହାତରେ ତାଙ୍କ ଫୁଲଝାଡୁ ଥିଲା । ଦେବତାମାନଙ୍କୁ ଦେଖି ସେ ଥମ୍ବ ହୋଇଗଲେ । କହିଲେ, ଏପରି ଅକାଳରେ ? ଉଦନ୍ତ ନ ଦେଇ ତଦନ୍ତ ? ବ୍ରହ୍ମା ସଂଗେ ସଂଗେ ତାଙ୍କ କମଣ୍ଡଳୁରୁ ମନ୍ଦାକିନୀ ଜଳ ଛିଞ୍ଚି କୃଷ୍ଣଙ୍କ ଦେହରୁ କଳା ପୋଛିଦେଲେ । ମନ୍ଦାକିନୀର ବିନ୍ଦୁଏ ଜଳ ପୃଥିବୀର ସାତ ସମୁଦ୍ରର ଜଳ ସହିତ ସମାନ । ଶ୍ରୀକୃଷ୍ଣଙ୍କ ଗଳାରେ ହଜାର ହଜାର ପୁଷ୍ପମାଳ ଲୋଟି ଆସିଲା । ବ୍ରହ୍ମା ପୁରୁଷସୂକ୍ତ ପାଠ କରି ନରରୂପୀ ନାରାୟଣଙ୍କୁ ପୂଜା କଲେ । କହିଲେ, ପ୍ରଭୁ ! ଏହା ପୂର୍ବରୁ ଥରେ ଆପଣଙ୍କୁ ବୈକୁଣ୍ଠପୁରୀରେ ଭେଟିଥିଲୁ । ମା' ଧରିତ୍ରୀଙ୍କ ନିବେଦନ କ୍ରମେ, ଆମେ ଆପଣଙ୍କୁ ଅନୁରୋଧ କରିଥିଲୁ, ଧରାଧାମରେ ଅବତୀର୍ଣ୍ଣ ହୋଇ ଧର୍ମରକ୍ଷା କରିବା ପାଇଁ । ଆପଣ ଆମ ଅନୁରୋଧ ରକ୍ଷା କରିଥିଲେ ଏବଂ ଶ୍ରୀକୃଷ୍ଣ ରୂପରେ ଯାଦବଙ୍କ ଘରେ ଜନ୍ମ ଲାଭ କରିଥିଲେ । ଆପଣ ଧରାଧାମ ତ୍ୟାଗ କଲେ ମଧ ଧରା

ଆପଣଙ୍କ ନାମକୁ ଧରି ରଖିଥିବ । ଏଯାଏଁ ଏପରି ଲୀଳା ଆପଣ ଅନ୍ୟ କୌଣସି ଅବତାରରେ କରି ନାହାନ୍ତି । କଳିଯୁଗ ତ ଆସୁଚି । ଆସନ୍ନପ୍ରାୟ । ଆପଣ ପୃଥିବୀରୁ ବିଦାୟ ନେବାମାତ୍ରେ କଳି ପ୍ରବେଶ କରିବ । ସେ ଅପେକ୍ଷା କରି ରହିଛି । କଳିକାଳରେ ମୁକ୍ତି ବା ମୋକ୍ଷ ଲାଗି ଏକମାତ୍ର ପନ୍ଥା ହେବ କୃଷ୍ଣନାମ ସ୍ମରଣ, କୀର୍ତ୍ତନ, ଜପ, ଧ୍ୟାନ । ଆମେ କାହିଁକି ଆସିଚୁ, ଆପଣଙ୍କୁ ଜଣାଇବାକୁ ପଡ଼ିବ ନାହିଁ । କାରଣ ଆପଣ ସର୍ବଜ୍ଞ ।

ବ୍ରହ୍ମା କହିଲେ, ହେ ଜଗତର ନାଥ ଜଗନ୍ନାଥ ! ଆପଣ ଧରାଧାମରେ ଅବତରଣ କରିବାର ଶହେ କୋଡ଼ିଏ ବର୍ଷ ହୋଇଗଲାଣି । ଇତିମଧ୍ୟରେ ସବୁ ଉଦ୍ଦେଶ୍ୟ ସାଧିତ ହୋଇସାରିଚି । ବ୍ରାହ୍ମଣମାନଙ୍କ ଅଭିଶାପରେ ତ ଯାଦବକୁଳ ଧ୍ୱଂସ ପାଇବ । ତା' ବ୍ୟବସ୍ଥା ଆପଣ ନିଜେ କରି ସାରିଲେଣି । ଏଣିକି ହେ ବୈକୁଣ୍ଠପତି ! ବୈକୁଣ୍ଠକୁ ଫେରିଆସନ୍ତୁ । ସ୍ୱର୍ଗରେ ଆମମାନଙ୍କୁ ରକ୍ଷା କରିବାର ଦାୟିତ୍ୱ ମଧ୍ୟ ଆପଣଙ୍କର ।

ଶ୍ରୀକୃଷ୍ଣ ସବୁକଥା ଜାଣି ମଧ୍ୟ ବ୍ରହ୍ମାଙ୍କୁ କହିବାକୁ ବାଧା ଦେଲେ ନାହିଁ । ତାଙ୍କ କଥା ମନ ଦେଇ ଶୁଣିଲେ ।

ଶ୍ରୀକୃଷ୍ଣ କହିଲେ, ମୁଁ ସବୁ କଥା ଜାଣେ । ଫେରିଯିବାକୁ ପ୍ରସ୍ତୁତ ହୋଇ ସାରିଲିଣି । ପେଡ଼ିପୁଟୁଳା ବନ୍ଧା ସରିଲାଣି । ଆପଣମାନେ ଯାହା ଯାହା କହିଥିଲେ, ମୁଁ ଏଠିକି ଆସି ସବୁ କରିସାରିଲିଣି । ପୃଥିବୀ ଏବେ ଭୟମୁକ୍ତ । ଏହା ପ୍ରତି ବିପଦର ଆଶଙ୍କା ନାହିଁ । କିନ୍ତୁ ମୁଁ ଆଗରୁ ଚାଲିଗଲେ ଏ ଯାଦବ ବଂଶକୁ ସମ୍ଭାଳିବ କିଏ ? ଏମାନେ ଦିନୁଦିନ ଏପରି ଉଦ୍ଧତ ହୋଇପଡ଼ିଲେଣି ଯେ ମୋର ଆଶଙ୍କା, ଆଉ ଅଳ୍ପଦିନ ଭିତରେ ସେମାନେ ପୃଥିବୀକୁ ଧ୍ୱଂସ କରିପକାଇବେ । ମୁଁ ଅଛି ବୋଲି ଏମାନେ କିଛିଟା ସଂଯତ ଓ ଶୃଙ୍ଖଳିତ ହୋଇ ରହିଛନ୍ତି । ଏବେ କାଳ୍ ପାକଳ ହୋଇ ନାହିଁ । ଏମାନଙ୍କ ଉପରେ ଋଷିମାନଙ୍କ ଅଭିଶାପ ପଡ଼ିବ । କାର୍ଯ୍ୟ ସରୁ ମୁଁ ବୈକୁଣ୍ଠକୁ ଫେରିଯିବି !

ନାରାୟଣଙ୍କ ଶ୍ରୀମୁଖ ବାଣୀ ଶୁଣି ବ୍ରହ୍ମା ଓ ଦେବତାମାନେ ସ୍ୱର୍ଗକୁ ଫେରିଗଲେ । ସେମାନେ ନିଶ୍ଚିତ ହେଲେ ଯେ ଅଳ୍ପଦିନ ପରେ ଭଗବାନ ସେମାନଙ୍କ ପାଖକୁ ଚାଲିଆସିବେ ।

ପରେ ପରେ ଦ୍ୱାରକାରେ ନାନା ବିପର୍ଯ୍ୟୟର ସୂଚନା ଦେଖାଗଲା । ଶ୍ରୀକୃଷ୍ଣ ତାଙ୍କ କୁଳ କୁଟୁମ୍ବ ଲୋକଙ୍କୁ ଏକାଠି କରି କହିଲେ, ଚାରିଆଡୁ ବିପଦ ମାଡ଼ି ଆସୁଛି । ସେଥିରୁ ତ୍ରାହି ପାଇବାର ଆଶା ଭରସା ଦେଖା ଯାଉନି । ଏକମାତ୍ର ଉପାୟ ହେଉଛି ଦ୍ୱାରକାରୁ ଅନ୍ୟତ୍ର ଚାଲିଯିବା । ମୋର ଗୋଟିଏ କଥା ମନେ ପଡୁଚି ।

କଥାଟି ହେଉଛି ଦକ୍ଷ ପ୍ରଜାପତି ଚନ୍ଦ୍ରଙ୍କ ସହିତ ତାଙ୍କ କନ୍ୟାମାନଙ୍କ ବିବାହ ଦେଲେ । କନ୍ୟାମାନେ କିଛିକାଳ ଚନ୍ଦ୍ରଙ୍କ ସହିତ ଘର ସଂସାର କଲେ । କିନ୍ତୁ କ୍ରମଶଃ

ବିଭ୍ରାଟ ଦେଖାଗଲା । କନ୍ୟାମାନେ ପ୍ରଜାପତି ପିତାଙ୍କ ନିକଟରେ ଅଭିଯୋଗ କଲେ ଯେ ଚନ୍ଦ୍ର କେବଳ ଚିତ୍ରାକୁ ଭଲ ପାଉଛନ୍ତି । ପକ୍ଷପାତ କରୁଛନ୍ତି । ଦକ୍ଷ ସଙ୍ଗେ ସଙ୍ଗେ ଚନ୍ଦ୍ରଙ୍କୁ ଅଭିଶାପ ଦେଲେ । କହିଲେ, ତୁମେ କ୍ଷୟ ରୋଗରେ ପୀଡ଼ିତ ହେବ । ଚନ୍ଦ୍ର ଅଭିଶାପମୁକ୍ତ ହେବା ଲାଗି ମହାଦେବଙ୍କ ଶରଣାପନ୍ନ ହେଲେ । ଏଥିଲାଗି ସେ ପ୍ରଭାସତୀର୍ଥରେ ତପସ୍ୟା କଲେ । ମହାଦେବ ପ୍ରସନ୍ନ ହୋଇ ଅଭିଶାପର ପ୍ରକୋପକୁ ଲାଘବ କରିଦେଲେ । କହିଲେ, ତୁମେ ବଢୁଥିବ, କମୁଥିବ । କିନ୍ତୁ କେବଳ ଗୋଟିଏ ଦିନ ବ୍ୟତୀତ ଆଉ କେବେହେଲେ ପୂର୍ଣ୍ଣଚନ୍ଦ୍ର ହୋଇ ରହିପାରିବ ନାହିଁ ।

ଶ୍ରୀକୃଷ୍ଣ କହିଲେ,ଚନ୍ଦ୍ର ଯେଉଁଠି ତପସ୍ୟା କରି ବରଲାଭ କରିଥିଲେ, ସେ ପୀଠର ନାମ ପ୍ରଭାସ । ଚାଲ ସମସ୍ତେ ସେଠାକୁ ଯାଇ ତୀର୍ଥ ଜଳରେ ସ୍ନାନ କରିବା, ଯାଗଯଜ୍ଞାଦି କରାଇବା । ତାହାହେଲେ ସମସ୍ତେ ସଂସାରପଙ୍କରୁ ଉଦ୍ଧାର ପାଇ ପାରିବା ।

କୃଷ୍ଣଙ୍କ କଥାକୁ ଯାଦବମାନେ ଗ୍ରହଣ କଲେ । ସମସ୍ତେ ଚାଲିଲେ ପ୍ରଭାସ ଅଭିମୁଖେ । ଗାଡ଼ି, ଘୋଡ଼ା, ଶଗଡ଼, ରଥ, ହାତୀ, ଓଟ ଆଦି ଯାହାର ଯେଉଁ ଯାନବାହନ ଥିଲା, ସେଥିରେ ଚଢ଼ି ଯାଦବ, ବୃଷ୍ଣି ବଂଶର ଆବାଳ ବୃଦ୍ଧବନିତା ସମସ୍ତଙ୍କର ଧାଡ଼ି ଲମ୍ବିଲା– ପ୍ରଭାସ ତୀର୍ଥ ଆଡ଼ିକି ।

କିନ୍ତୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟକୁ କେହି ଠଉରେଇ ପାରିଲେ ନାହିଁ ।

●

॥ ୧୩୬ ॥

# ଶ୍ରୀକୃଷ୍ଣ ଓ ଉଦ୍ଧବ : ଅଶ୍ରୁଳ ମିଳନ

**ବା**ଙ୍କବିହାରୀ ଶ୍ରୀକୃଷ୍ଣ । ତାଙ୍କ କାମ ବଙ୍କା । କଥା ବଙ୍କା ବାଟ ବଙ୍କା । ସବୁ ବଙ୍କା, ସବୁ ଫାଙ୍କା । କାମ କରନ୍ତି, କିନ୍ତୁ କାମନା ନାହିଁ । ପ୍ରବୃତ୍ତିରେ ମଧ୍ୟ ନିବୃତ୍ତି । କର୍ତ୍ତା କିନ୍ତୁ କର୍ତ୍ତବ୍ୟ ନାହିଁ । ତେଣୁ ଯାଦବମାନଙ୍କୁ ପ୍ରଭାସ ଯିବା ପାଇଁ ଉସ୍‌କାଇବାର କାରଣ ମଧ୍ୟ ବଙ୍କା । ଗୋକୁଳରୁ ବୃନ୍ଦାବନ, ବୃନ୍ଦାବନରୁ ମଥୁରା । ମଥୁରାରୁ ଦ୍ୱାରକା । ଏବେ ଦ୍ୱାରକାରୁ ପ୍ରଭାସ । ତାଙ୍କର ଏପରି କାର୍ଯ୍ୟକୁ କେବଳ ଜଣେ ଠଉରେଇ ପାରିଥିଲେ । ସେ ହେଉଛନ୍ତି ବୃହସ୍ପତି ଶିଷ୍ୟ ଶ୍ରୀମାନ୍ ଉଦ୍ଧବ । ହସ୍ତିନାରେ ଅର୍ଜୁନଙ୍କ ଭଳି ମଥୁରା ଓ ଦ୍ୱାରକାରେ ଉଦ୍ଧବ ହିଁ ଶ୍ରୀକୃଷ୍ଣଙ୍କ ପ୍ରଧାନ ସଖା । ଅନ୍ତରଙ୍ଗ, ଘନିଷ୍ଠ ବନ୍ଧୁ । ଆଗରୁ ସେ ବହୁ ଅଶୁଭ ସୂଚନା ଲକ୍ଷ୍ୟ କରୁଥିଲେ । ଏବେ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖରୁ ଶୁଣିଲେ ।

କେହି କୁଆଡ଼େ ନ ଥିବାବେଳେ ଉଦ୍ଧବ ଗଲେ ଶ୍ରୀକୃଷ୍ଣଙ୍କ ପାଖକୁ ଏକାନ୍ତରେ କଥାବାର୍ତ୍ତା କରିବା ପାଇଁ । ଉଦ୍ଧବ ପ୍ରଥମେ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରଣିପାତ କଲେ ।

ଖାଲି ମୁଣ୍ଡିଆ ମାରିଲେ ନାହିଁ, ତାଙ୍କ ଦି' ପାଦକୁ ଭିଡ଼ି ଧରିଲେ । ଶ୍ରୀକୃଷ୍ଣ ତାଙ୍କୁ ଦୁଇ ହାତରେ ଧରି ଉଠେଇ ଠିଆ କରାଇଲେ । ସେତେବେଳକୁ ଉଦ୍ଧବଙ୍କ ଚକ୍ଷୁଯୁଗଳ ସଜଳ । କହିଲେ, ହେ କୃଷ୍ଣ ! ହେ ଯୋଗେଶ ! ପ୍ରଭୁମାନଙ୍କ ପ୍ରଭୁ, ମହାପ୍ରଭୁ ! ତୁମର ସିଦ୍ଧାନ୍ତ, ନିଷ୍ପତ୍ତି କ'ଣ ମୁଁ ଜାଣି ପାରିଚି । ମୁଁ ଜାଣେ ଯାଦବମାନଙ୍କୁ ପ୍ରଭାସ ନେଇ ସେମାନଙ୍କୁ ସମୂଳେ ଧ୍ୱଂସ କରିବାକୁ ଚାହୁଁଚ । କେବଳ ତୁମର ଏତିକି କାମ ବାକି ରହିଛି । ତା'ପରେ ତୁମେ ଧରାଧାମ ତ୍ୟାଗ କରି ନିଜ ପୁରକୁ ଯିବ । ଯାଦବକୁଳ ପ୍ରତି ଋଷିମାନଙ୍କ ଅଭିଶାପକୁ ତୁମେ ଚାହିଁଥିଲେ ଏଡ଼େଇ ପାରିଥାଆନ୍ତ । କିନ୍ତୁ ସେହି କାର୍ଯ୍ୟଟି ତୁମେ ନିଜେ ହିଁ ଋଷିମାନଙ୍କୁ ଲଗେଇ କରେଇଚ । ନାରାୟଣ ତୁମେ । ଚାହିଁଲେ ସୃଷ୍ଟିକୁ ଲେଉଟେଇ ଦେଇପାରିବ । ମୁଁ ଏକଥା ମଧ୍ୟ ଜାଣେ ଯେ ତୁମେ ନିର୍ଦ୍ଦିଷ୍ଟ କେତେକ କାର୍ଯ୍ୟ ସଂପାଦନ ଲାଗି ନରରୂପ ଧାରଣ କରିଚ । ଏସବୁ କାର୍ଯ୍ୟ କାହିଁକି କରିଚ, କାହିଁକି ଯାଦବମାନଙ୍କୁ ପ୍ରଭାସ ଅଭିମୁଖୀ କରାଉଚ, ସେ କଥା ମୁଁ ପଚାରିବାକୁ ଚାହେଁନା । ପଚାରିବା ମଧ୍ୟ ଧୃଷ୍ଟତା ହେବ । ମଣିଷ ମାତ୍ରେ କାମନାଶୀଳ, ସ୍ୱାର୍ଥପର । ମୁଁ ମଧ୍ୟ ମଣିଷ ମଧ୍ୟରୁ ଜଣେ । ତୁମ ଭଳି ଦେବତା ନୁହଁ କି ପ୍ରଭୁ ନୁହଁ । ସାହସ ହେଉନି କହିବା ପାଇଁ ।

ଶ୍ରୀକୃଷ୍ଣ ଉଦ୍ଧବଙ୍କ ଆଖିରୁ ଲୁହ ପୋଛି ଦେଇ କହିଲେ, ମନ କଥା ଖୋଲି କହ । ଉଦ୍ଧବଙ୍କ ହାତରେ, କାନ୍ଧରେ ହାତ ପକେଇ କହିଲେ, ହଁ ମୋର ଯିବା ସମୟ ହୋଇଗଲାଣି । କହ, କ'ଣ ତୁମେ ଚାହଁ ।

ଉଦ୍ଧବ କହିଲେ, କେବଳ ତୁମକୁ ଚାହେଁ, ତୁମ ସାନ୍ନିଧ୍ୟ ଚାହେଁ । ପାଖେ ପାଖେ ରହିବାକୁ ଚାହେଁ । ମତେ ପାଖଛଡ଼ା କରନି । ବର୍ଷ ବର୍ଷ ଧରି ତୁମରି ପାଖରେ ରହିଆସିଛି– ପିଲାଟି ଦିନୁ କହିଲେ ଚଳେ । ମନ ଖୋଲି ତୁମେ ତୁମ କଥା ମତେ କହିଛ, ମୁଁ ମଧ୍ୟ ତୁମକୁ କହିଛି । ମୁହୂର୍ତ୍ତେ ସୁଦ୍ଧା ଆମେ ଅଲଗା ହୋଇନେ । ତୁମେ ଯଦି ଚାଲିଯାଅ, ମୁଁ କରିବି କ'ଣ ? ଯୁଆଡ଼େ ଯିବ, ମତେ ସାଙ୍ଗରେ ନେଇ ଯାଅ । କହୁ କହୁ ଉଦ୍ଧବ ଛୋଟ ପିଲାଟି ଭଳି ପୁଣି କଇଁ କଇଁ କାନ୍ଦି ଉଠିଲେ । ଅସମ୍ଭାଳ ସେ କ୍ରନ୍ଦନ । ଆକୁଳ, ବ୍ୟାକୁଳ, ଶୋକସଂକୁଳ ହୃଦୟ । ହୃଦୟ ଭିତରୁ ଲୁହଗୁଡ଼ାକ ଯେପରି ଉବୁକି ଆଖିବାଟେ ଉସ ଭଳି ବାହାରି ଆସୁଛି ।

ଭକ୍ତବିକଳା ଶ୍ରୀକୃଷ୍ଣ । ଉଦ୍ଧବଙ୍କ କାନ୍ଦ ଦେଖି ଶ୍ରୀକୃଷ୍ଣ ମଧ୍ୟ କାନ୍ଦି ପକାଇଲେ । ଏକାନ୍ତରେ ଭଗବାନ ଓ ଭକ୍ତର ଅଶ୍ରୁଳ ମିଳନ । ସ୍ୱର୍ଗରୁ ଦେବତାମାନେ ଏ ଦୃଶ୍ୟ ଦେଖି ବିହ୍ୱଳିତ ହୋଇ ପଡ଼ିଲେ । ଏ ମିଳନର ପଟାନ୍ତର ନାହିଁ । ଘଡ଼ିଏ କାଳ କାହା ତୁଣ୍ଡରୁ

ପଦେ ବି କଥା ବାହାରିଲା ନାହିଁ । ଭକ୍ତ ପ୍ରତି ଭଗବାନଙ୍କ ଯେଉଁ ପ୍ରେମ, ସେ ପ୍ରେମ ନାରାୟଣଙ୍କର ନିଜ ପତ୍ନୀ ଲକ୍ଷ୍ମୀଙ୍କ ପ୍ରତି ହେବନି ।

କିଛି ସମୟ ପରେ ଦୁହେଁ ପ୍ରକୃତିସ୍ଥ ହେଲେ । ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲେ । ଶ୍ରୀକୃଷ୍ଣ ଉଦ୍ଧବକୁ ଏକ ଆସନରେ ବସେଇଲେ । କହିଲେ, ଉଧୋ ! (ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଉଧୋ ବୋଲି ସମ୍ବୋଧନ କରୁଥିଲେ) ତୁମେ ଯାହା ଠଉରେଇଚ, ସବୁ ସତ । ମୁଁ ଯାଦବମାନଙ୍କୁ ପ୍ରଭାସତୀର୍ଥକୁ ନେଉଚି, ସେମାନଙ୍କୁ ନିପାତ କରାଇବା ପାଇଁ । ସେମାନେ ନିଜ ହାତରେ ନିଜେ ବାଡ଼ିଆପିଟା ହୋଇ ମରିବେ । ନିକଟରେ ବ୍ରହ୍ମା, ମହେଶ୍ୱର, ଇନ୍ଦ୍ର, ସପ୍ତର୍ଷି ଓ ଦେବତାମାନେ ଆସିଥିଲେ । ମୁଁ ଯଥାଶୀଘ୍ର ବୈକୁଣ୍ଠପୁରୀ ଫେରିଯିବାକୁ କହିଲେ । ସେହିମାନଙ୍କ ନିବେଦନ କ୍ରମେ ମୁଁ ପୃଥିବୀକୁ ଆସିଥିଲି ଧର୍ମରକ୍ଷା କରିବା ପାଇଁ । ସେ କାର୍ଯ୍ୟ ସରିଛି । ଆଉ ମାତ୍ର ସପ୍ତାହେ ରହିଲା ମୋ ଶେଷ କାର୍ଯ୍ୟ କରିବା ପାଇଁ । ଶେଷ କାର୍ଯ୍ୟ ହେଉଛି ଯାଦବକୁଳ ଧ୍ୱଂସ । ମୁଁ ଦ୍ୱାରକା ଛାଡ଼ିବା ମାତ୍ରେ ସମୁଦ୍ର ଏ ଅଞ୍ଚଳକୁ ମାଡ଼ି ଆସିବ । ଦ୍ୱାରକାର ଚିହ୍ନ ସୁଦ୍ଧା ରହିବ ନାହିଁ । ପରେ ଲୋକେ କେବଳ ଠଉରେଇବେ ଏଇଠି ଦ୍ୱାରକା ଥିଲା ବୋଲି ।

ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ବୁଝେଇ କହିଲେ, ମୁଁ ଧରାକୁ ଛାଡ଼ିବା ମାତ୍ରେ ସେ ତା'ର ଗୌରବ ହରେଇବ । କଳିଯୁଗ ପୃଥିବୀରେ ରାଜୁତି କରିବ । ତୁମେ ମଧ୍ୟ ସଂସାର ପରିହାର କରିବା ଉଚିତ । କାରଣ କଳିଯୁଗରେ ଲୋକେ ପାପ କରିବାରେ ସୁଖ ପାଇବେ । ପାପକୁ ହିଁ ପୁଣ୍ୟ ମନେ କରିବେ । ମିଛକୁ ସତ ମଣିବେ । ସମସ୍ତ ପ୍ରକାରର ଅବୈଧ କାର୍ଯ୍ୟ କରିବେ । ଅଧିକାଂଶ ଲୋକ ଅଧର୍ମ କରିବେ । ତୁମକୁ ଅବଶ୍ୟ ସଂସାରରେ ରହିବାକୁ ପଡ଼ିବ, କିନ୍ତୁ ଅନାସକ୍ତ ଭାବରେ । ଆୟୁଷ ଶେଷ ନ ହେଲେ, କିଏ ଚାହିଁଲେ ମଧ୍ୟ ମୃତ୍ୟୁ ତାକୁ ବରଣ କରି ନପାରେ । ତେଣୁ ତୁମକୁ ବଞ୍ଚି ରହିବାକୁ ହିଁ ପଡ଼ିବ । ଇଏ ମୋ ଆତ୍ମୀୟ, ଇଏ ମୋ ସ୍ୱଜନ, ଏ ଭାବ ତୁମ ମନରେ ରହିବା ଅନୁଚିତ । ଏହି ସଂସାରରେ କେହି କାହାର ନୁହଁନ୍ତି । ଇଏ ଏକ ରଙ୍ଗଭୂମି । ସମସ୍ତେ ଅଭିନୟ କରିଥାଆନ୍ତି । ଅଭିନୟ ସରିଲେ ପରଦା ପଡ଼ିଯାଏ । ନାଟକ ସମାପ୍ତ । ତୁମେ ଜୀବନରେ ବାକି ସମୟ କେବଳ ମୋ ପ୍ରତି ଲୟ କରି ରହିବ । ମତେ ହିଁ ସ୍ମରଣ କରିବ । ମୋର ଗୁଣ କୀର୍ତ୍ତନ କରିବ । ଶୂନ୍ୟମନ ହିଁ ଅମୂଲ୍ୟ ଧନ । ଏ ଜଗତରେ ଯାହା ଦେଖୁଛ, ଯାହା ଶୁଣୁଚ, ଯାହା କିଛି ମନରେ ଭାବୁଚ, ସବୁ ନାଶଶୀଳ । ସ୍ୱପ୍ନ ଭଳି ମନର ବିଳାସ । ସବୁ ମାୟା, ସବୁ ମିଥ୍ୟା । ଯାହାର ମନ ଅଶାନ୍ତ, ଅସଂଯତ, ସେ ସବୁ ବସ୍ତୁକୁ ସତ ମନେ କରିଥାଏ । ଇଏ ଏକ ପାଗଳାମି । ସମସ୍ତେ ପାଗଳା । ଯଶ, ମାନ, ମହତ,

ଧନ, ଧାନ୍ୟ, ସଂତାନ, ସଂତତି ପ୍ରତି ମାୟା– ଚିତ୍ତର ଭ୍ରମ ମାତ୍ର । ଏହି ଭ୍ରମରୁ କର୍ମ, ଅକର୍ମ, ବିକର୍ମର ଭେଦଭାବ । ତେଣୁ ହେ ଉଧୋ ! ଇନ୍ଦ୍ରିୟଗୁଡ଼ିକ ଉପରେ ଲଗାମ ରଖ । ଆତ୍ମୋପଲବ୍ଧି ହୋଇଗଲେ, ନିଜର ପରିଚୟ ପାଇଗଲେ, ଇନ୍ଦ୍ରିୟାତୀତ ବ୍ରହ୍ମକୁ ଚିହ୍ନିପାରିବ । ଆତ୍ମାନୁଭବ ହେଲେ ତୁମେ ଆନନ୍ଦମଗ୍ନ ହୋଇପାରିବ ।

ଉଦ୍ଧବ କହିଲେ, ଭଗବାନ୍ ! ଆପଣ ସମସ୍ତ ଯୋଗୀଙ୍କ ଗୁପ୍ତ ପୁଞ୍ଜି । ମୋର ପରମ କଲ୍ୟାଣ ଲାଗି ସନ୍ନ୍ୟାସ ରୂପକ ତ୍ୟାଗ ଲାଗି ଉପଦେଶ ଦେଲେ । କିନ୍ତୁ ଯେଉଁ ଲୋକ ବିଷୟ ସାଗରରେ ବୁଡ଼ି ରହି ବିଷୟାତ୍ମା ହୋଇ ପଡ଼ିଚି, ତା'ପକ୍ଷରେ ବିଷୟ ତ୍ୟାଗ, କାମନା ତ୍ୟାଗ ତ କଠିନ ବ୍ୟାପାର । ମୁଁ ତ ସେହି ଶ୍ରେଣୀର ଲୋକ । ମୋର ମତି ଏପରି ମୂଢ଼ ହୋଇ ପଡ଼ିଛି ଯେ ଆପଣଙ୍କ ମାୟାଜାଲକୁ ଛିଣ୍ଡାଇବା ମୋ ପକ୍ଷରେ ତ ସମ୍ଭବ ହେବ ନାହିଁ । ତା'ର ଉପାୟ କ'ଣ ?

●

॥ ୧୩୭ ॥

# ଅବଧୂତ–ଦତ୍ତାତ୍ରେୟ

ଆତ୍ମ ତତ୍ତ୍ୱଟି କ'ଣ, ଉଦ୍ଧବ ଶ୍ରୀକୃଷ୍ଣଙ୍କ ଠାରୁ ଜାଣିବାକୁ ଚାହିଁଥିଲେ । ଶ୍ରୀକୃଷ୍ଣ କହିଲେ, ହେ ଉଧୋ (ଉଦ୍ଧବ), ସଂସାରରେ ଯେଉଁ ମନୁଷ୍ୟ 'ଏ ଜଗତ କ'ଣ, ଏଠି ହେଉଛି କ'ଣ'', ଏହି ବିଚାର କରିବାରେ ନିପୁଣ, ସେ ମନର ସମସ୍ତ ଅଶୁଭ ବାସନାକୁ ନିଜ ବିବେକଦ୍ୱାରା ଦୂର କରିଥାଏ । ଆତ୍ମା ହିଁ ନିଜର ଗୁରୁ । ହିତ କ'ଣ ଅହିତ କ'ଣ ଆତ୍ମା ହିଁ ଉପଦେଶ ଦେଇଥାଏ । ଜଗନ୍ନାଥ ଦାସଙ୍କ ଭାଷାରେ ମନ ତୋହର ନିଜ ଗୁରୁ– ଉଦ୍ଧବ କେତେ ତୁ ପଚାରୁ ? ଶ୍ରୀକୃଷ୍ଣ ଆତ୍ମାକୁ ଗୁରୁ ବୋଲି କହିଛନ୍ତି । କାରଣ ମନୁଷ୍ୟ ନିଜ ଅନୁଭବ ଓ ଅନୁମାନ ଦ୍ୱାରା ହିତ ଅହିତ ନିର୍ଣ୍ଣୟ କରିବାକୁ ସମ୍ପୂର୍ଣ୍ଣ ସମର୍ଥ ।

ଶ୍ରୀକୃଷ୍ଣ କହିଲେ– ମୁଁ ଏକ, ଦୁଇ, ତିନି, ଚାରି ବା ତତୋଽଧିକ ଗୋଡ଼ଥିବା ଏବଂ ବିଲକୁଲ ଗୋଡ଼ ନଥିବା ଅନେକ ପ୍ରକାରର ଶରୀର ସୃଷ୍ଟି କରିଛି । ସବୁଠୁ ମୋର ପ୍ରିୟ ମନୁଷ୍ୟ ଶରୀର । ଏହି ମନୁଷ୍ୟଙ୍କ ମଧ୍ୟରୁ କେତେକ ଏକାଗ୍ରଚିତ୍ତ, ତୀକ୍ଷ୍ଣବୁଦ୍ଧି ସମ୍ପନ୍ନ । ଏମାନେ ନିଜ ଉଦ୍ୟମ ବା ସାଧନା ବଳରେ ମତେ ସାକ୍ଷାତ ଅନୁଭବ କରିଥା'ନ୍ତି । ଏ ସମ୍ପର୍କରେ ଏକ ଇତିହାସ ବା ଉଦାହରଣ ରହିଛି । ଏହି ଇତିହାସ ହେଉଛି ପରମ ତେଜସ୍ୱୀ

ଅବଧୂତ ଦତ୍ତାତ୍ରେୟ ଏବଂ ରାଜା ଯଦୁଙ୍କ ସମ୍ବାଦ । ଥରେ ରାଜା ଯଦୁ ଦେଖିଲେ ଜଣେ ତ୍ରିକାଳଦର୍ଶୀ ତରୁଣ ଅବଧୂତବ୍ରାହ୍ମଣ ନିର୍ଭୟରେ ଏଣେତେଣେ ବୁଲୁଛନ୍ତି । ସେ ତାଙ୍କ ପାଖକୁ ଗଲେ, ବିନମ୍ର ଭାବରେ ପ୍ରଶ୍ନ କଲେ, ହେ ବ୍ରହ୍ମନ୍ ! ଆପଣ ତ କୌଣସି କର୍ମ କରୁନାହାଁନ୍ତି, ଏପରି ନିପୁଣ ବୁଦ୍ଧି ପାଇଲେ କେଉଁଠୁ ? ଏହି ବୁଦ୍ଧି ବଳରେ ତ ଆପଣ କିଶୋର ତଥା ବାଳକ ଭଳି ସଂସାରରେ ବିଚରଣ କରୁଛନ୍ତି । କୌଣସି ଆସକ୍ତି ନାହିଁ, କାମନା ନାହିଁ, ସମ୍ପୂର୍ଣ୍ଣ ବୈରାଗ୍ୟ, ଭୟ ନାହିଁ କି ଭ୍ରାନ୍ତି ନାହିଁ । ଆପଣଙ୍କ କଥା ତ ଅମୃତ ତୁଲ୍ୟ । ବେଳେ ବେଳେ ଜଡ଼ ଭଳି ତ କେତେବେଳେ ଉନ୍ମତ୍ତ । ଠିକ୍ ପିଶାଚଙ୍କ ଭଳି । ଏପରି ଅଦ୍ଭୁତ ଆଚରଣ ତ କୌଣସି ପ୍ରାଣୀଙ୍କଠି ଦେଖାଯାଏନି । ସମ୍ପୂର୍ଣ୍ଣ ମୁକ୍ତ । ସ୍ୱାଧୀନ । ବିପଦ ପ୍ରତି ଖାତିର ନାହିଁ, ସମ୍ପଦ ପ୍ରତି ଆସକ୍ତି ନାହିଁ । ପୁତ୍ର କଳତ୍ର, ସ୍ତ୍ରୀ ରହିତ । ଦିଗମ୍ବର । ଅନିର୍ବଚନୀୟ ଆନନ୍ଦକୁ ଯେପରି ଆପଣ ଆତ୍ମଗତ କରିପାରିଛନ୍ତି । ଏସବୁ ସମ୍ଭବ ହେଉଛି କିପରି ? ଆପଣ କି ସାଧନା କରିଛନ୍ତି ? ଆପଣଙ୍କ ଗୁରୁ କିଏ ?

ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଯଦୁ ରାଜା ଓ ଦତ୍ତାତ୍ରେୟଙ୍କ ସମ୍ପର୍କରେ ଯାହା କହିଥିଲେ, ଶୁକମୁନି ସେ କଥା କହିଲେ ରାଜା ପରୀକ୍ଷିତଙ୍କୁ ।

ଶ୍ରୀକୃଷ୍ଣ କହିଲେ, ମହାରାଜା ଯଦୁ ଆମର ପୂର୍ବଜ । ତାଙ୍କରି ନାମାନୁସାରେ ଆମ ବଂଶର ନାମ ଯାଦବ । ବ୍ରହ୍ମଜ୍ଞ ବ୍ରାହ୍ମଣମାନଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି ଥିଲା । ସେ ଅବଧୂତ ଦତ୍ତାତ୍ରେୟଙ୍କ ସତ୍‌କାର କଲେ । ନତମସ୍ତକରେ ତାଙ୍କରି ସାମନାରେ ଠିଆ ହୋଇ ପୁଣି ପ୍ରଶ୍ନ କଲେ, ଆପଣଙ୍କ ଗୁରୁ କିଏ ?

ଦତ୍ତାତ୍ରେୟ କହିଲେ– ମୋର ଚବିଶ ଗୁରୁ । ମୁଁ ସେହିମାନଙ୍କ ଠାରୁ ଶିକ୍ଷା ଲାଭ କରିଛି । ଏହି ଗୁରୁମାନେ ହେଲେ ପୃଥିବୀ, ବାୟୁ, ଆକାଶ, ଜଳ, ଅଗ୍ନି, ଚନ୍ଦ୍ରମା, ସୂର୍ଯ୍ୟ, କପୋତ ପକ୍ଷୀ, ଅଜଗର, ପତଙ୍ଗ, ମହୁମାଛି, କୁରର, ହାତୀ, ମଧୁହାରୀ, ହରିଣ, ମାଛ, ସମୁଦ୍ର, ପିଙ୍ଗଳା ବେଶ୍ୟା, ଶିଶୁ, କନ୍ୟା, ଧନୁଶର ନିର୍ମାତା, ସାପ, ମାଙ୍କଡ଼ସା, ଭୃଙ୍ଗୀକୀଟ ।

ମନୁଷ୍ୟ ମାତ୍ରେ ସତ୍ୟାନୁସନ୍ଧିତ୍ସୁ । ପ୍ରତ୍ୟକ୍ଷ ଓ ଅନୁମାନ ବଳରେ ମଣିଷ ସତ୍ୟ କ'ଣ ଅନୁଭବ କରିଥାଏ । ଦତ୍ତାତ୍ରେୟ କହିଲେ, ହେ ମହାରାଜା ଯଦୁ ! ମୁଁ ଏହି ଚବିଶ ଗୁରୁଙ୍କ ଠାରୁ ଯେଉଁ ଶିକ୍ଷା ଲାଭ କଲି, ସେ ଶିକ୍ଷା ହିଁ ମତେ ସତ୍ୟ ପାଖରେ ପହଞ୍ଚାଇ ଦେଇପାରିଲା । ଏହି ସତ୍ୟ ହିଁ ମୋର ଭଗବାନ୍ । ଏହି ସତ୍ୟ ହିଁ ଶାନ୍ତି ! ଏହି ସତ୍ୟ ହିଁ ଆନନ୍ଦ ।

ପ୍ରଥମ ଗୁରୁ ପୃଥ୍ୱୀ ବା ପୃଥିବୀ । ସେ ସର୍ବଂସହା । ବହୁ ଘଟଣା, ଦୁର୍ଘଟଣା, ବିପର୍ଯ୍ୟୟ, ଆପଦ ବିପଦ ତା ଉପରେ ମାଡ଼ି ଚାଲିଛନ୍ତି । ତଥାପି ସେ ସତ୍ୟ ବା କକ୍ଷ

ପଥରେ ଅଟଳ । ତିଳେ ଏଣିକି ନାହିଁ କି ତେଣିକି ନାହିଁ । ପକ୍ଷପାତ ନାହିଁ । ସମ୍ପୂର୍ଣ୍ଣ ନିରପେକ୍ଷ । ଏହା ଉପରେ ଅବସ୍ଥିତ ପର୍ବତ ମଧ୍ୟ ମୋର ଜଣେ ଗୁରୁ । ଏହା ଅଟଳ ମହାମେରୁ । ଉତ୍ତମ ଲୋକେ ସର୍ବଦା ପରୋପକାରୀ । ସେମାନେ ଭାବିଥାଆନ୍ତି, ପରର ଉପକାର କରିବା, ସେବା କରିବା ଲାଗି ହିଁ ସେ ଏ ସଂସାରକୁ ଆସିଛି । ପୃଥିବୀ ଓ ପର୍ବତ ଠାରୁ ମୁଁ ଏ ଶିକ୍ଷା ଲାଭ କଲି ।

ମଣିଷ ବୁଝିବା ଉଚିତ୍ ଯେ, ସେ ବଞ୍ଚିବା ପାଇଁ ଯାହା ଯେତିକି ଆବଶ୍ୟକ, ତା'ଠାରୁ ଅଧିକ କିଛି ପାଇବା ଲାଗି ଇଚ୍ଛା କରିବା ଅନୁଚିତ । ଆଜେ ବାଜେ ଖର୍ଚ୍ଚ କରିବା ଠିକ୍ ନୁହେଁ । ମୁଁ ପୃଥିବୀଠାରୁ ଧୈର୍ଯ୍ୟ ଓ କ୍ଷମା କ'ଣ ଶିଖିଲି । ପର୍ବତ ଓ ବୃକ୍ଷଲତାଙ୍କ ଠାରୁ ଶିଖିଲି ଅନ୍ୟର ହିତ ସାଧନ କରିବା ।

ବାୟୁ ତଥା ଶରୀର ଭିତରେ ଥିବା ପ୍ରାଣବାୟୁଠୁ ଶିକ୍ଷା କଲି ଇନ୍ଦ୍ରିୟ ତୃପ୍ତି ଲାଗି ମାତ୍ରାଧିକ ବିଷୟର ଉପଯୋଗ କରିବା ଅନୁଚିତ । ଜୀବନ ନିର୍ବାହ ଲାଗି ଯେତିକି ଆବଶ୍ୟକ ସେତିକି ଭୋଜନ କରିବା ଉଚିତ । ସଂକ୍ଷେପରେ କହିବାକୁ ଗଲେ ଯେତିକି ବିଷୟର ଉପଯୋଗ ଆବଶ୍ୟକ, ସେତିକି କର, ଯେଉଁଥିରେ ବୁଦ୍ଧି ବିକୃତ ହୋଇ ପଡ଼ିବ ନାହିଁ, ମନ ଚଞ୍ଚଳ ହୋଇ ଉଠିବ ନାହିଁ । ବାୟୁର ସଞ୍ଚଳନ ସତତ ସର୍ବତ୍ର, କିନ୍ତୁ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ପ୍ରତି ଆସକ୍ତ ନୁହଁ, କୌଣସି ଗୁଣ ଦୋଷକୁ ସେ ଗ୍ରହଣ କରି ନଥାଏ । ସେହିପରି ସାଧକ ମାତ୍ରେ, ବିଭିନ୍ନ ଧର୍ମକୁ ଆଦରି ଥିଲେ ମଧ୍ୟ ନିଜ ଲକ୍ଷ୍ୟରେ ସ୍ଥିର, ଅଟଳ । ଗନ୍ଧ ବାୟୁର ଗୁଣ ନୁହଁ, ପୃଥିବୀର । କିନ୍ତୁ ବାୟୁକୁ ପୃଥିବୀର ଗନ୍ଧ ବହନ କରିବାକୁ ପଡ଼ିଥାଏ । ତଥାପି ବାୟୁ ଶୁଦ୍ଧ । ଗନ୍ଧ ସହିତ ଏହାର ସମ୍ପର୍କ ନାହିଁ । ସେହିଭଳି ସାଧକ, ଯେ ପର୍ଯ୍ୟନ୍ତ ପାର୍ଥିବ ଶରୀର ସହିତ ସଂପର୍କ, ସେ ପର୍ଯ୍ୟନ୍ତ ଭୋକ ଶୋଷ, ବ୍ୟାଧି, ପୀଡ଼ା ଆଦି ସେ ସହ୍ୟ କରିଥାଏ । ସେ ସର୍ବଦା ନିର୍ଲିପ୍ତ । ଦତ୍ତାତ୍ରେୟ (ଅବଧୂତ) ଯଦୁ ରାଜାଙ୍କୁ କହିଲେ, ଏହି ନିର୍ଲିପ୍ତ ଭାବଟିକୁ ମୁଁ ବାୟୁଠୁ ଶିଖିଲି ।

ତା'ପରେ ଆକାଶ । ଏହା ଏକ, ଅଖଣ୍ଡ ଅପରିଚ୍ଛିନ୍ନ କିନ୍ତୁ ଘଟ— ମଠରେ ଏହି ଆକାଶ ବା ଶୂନ୍ୟ, ଚଳ ଓ ଅଚଳ ପ୍ରତୀତ ହୋଇଥାଏ । ସେହି ଭଳି ଚରଅଚର ଆଦି ଯେତେ ସ୍ଥୂଳ—ସୂକ୍ଷ୍ମ ଶରୀର, ଏଥିରେ ଆତ୍ମା ସ୍ୱରୂପ ସର୍ବତ୍ର ବ୍ରହ୍ମର ଅବସ୍ଥିତି । ନିଆଁ ଲାଗେ, ଜଳ ବର୍ଷେ, ଅନ୍ନାଦି ଉତ୍ପନ୍ନ ହୁଏ, ନଷ୍ଟ ବି ହୁଏ, ବାୟୁର ପ୍ରେରଣାରେ ମେଘ ଆସେ, ଯାଏ— ଏସବୁ ହେଲେ ମଧ୍ୟ ଆକାଶର ସଂସ୍ପର୍ଶ ନାହିଁ । ଆତ୍ମାକୁ ଏହି ଆକାଶ ଭଳି ମନେ କରାଯିବା ଉଚିତ ।

●

॥ ୧୩୮ ॥

# ଜଳ, ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ ଓ କପୋତ କପୋତୀ

'ପ୍ରତ୍ୟକ୍ଷ' ଓ 'ଅନୁମାନ' କ'ଣ ସେଥିଲାଗି ଉଦାହରଣ ସ୍ୱରୂପ ଅବଧୂତ ଦତ୍ତାତ୍ରେୟଙ୍କ ଚବିଶ ଗୁରୁଙ୍କ କଥା ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହୁଛନ୍ତି । ଶ୍ରୀକୃଷ୍ଣଙ୍କ ଏହି କଥନକୁ ''ଅବଧୂତ– ଗୀତା'' କୁହାଯାଏ । ଏ ପର୍ଯ୍ୟନ୍ତ ମହାରାଜା ଯଦୁଙ୍କୁ ଅବଧୂତ ତାଙ୍କର ତିନିଗୁରୁଙ୍କ କଥା କହିଲେ । ଏ ତିନିଗୁରୁ ପୃଥିବୀ, ବାୟୁ ଓ ଆକାଶ ।

ଚତୁର୍ଥ ଗୁରୁ ଜଳ । ନଦୀର ଜଳ ସ୍ୱଚ୍ଛ, ନିର୍ମଳ । ଜୀବଜଗତ ପ୍ରତି ଜଳର ପ୍ରେମଭାବ ଅସୀମ । ମଧୁର ସ୍ୱଭାବ । ସମସ୍ତଙ୍କ ଉପକାର ଲାଗି, ସମସ୍ତଙ୍କୁ କୋଳାଗ୍ରତ କରିବା ଲାଗି ଜଳ ସତତ ପ୍ରସ୍ତୁତ । ପାପ, ତାପ, ଆବିଳତା ସବୁ କିଛି ଇଏ ଧୋଇ ସଫା କରିଥାଏ । ସେହିଭଳି ସାଧକର ଜୀବନ । ସେମାନଙ୍କ କଥାରେ, କାମରେ ଏପରିକି ସାମାନ୍ୟ ସ୍ପର୍ଶରେ ମନୁଷ୍ୟର ଦୂଷିତମନ ସ୍ୱଚ୍ଛ ଓ ନିର୍ମଳ ହୋଇଥାଏ । ସଦ୍‌ଚିନ୍ତାର ଉଦୟ ହୋଇଥାଏ ।

ପଞ୍ଚମ ଗୁରୁ ଅଗ୍ନି ବା ନିଆଁ । ଏହା ଯାହା ପାଏ ଗର୍ଭସାତ୍ କରିନିଏ । କିନ୍ତୁ ଯାହା ଖାଏ, ସେଥିରେ ତା'ର କୌଣସି କ୍ଷତି ହୋଇ ନଥାଏ । ସବୁ ଜୀର୍ଣ୍ଣ କରିଦିଏ । ଏହାର ଉତ୍ତାପ ଦ୍ୱାରା ଖାଦ୍ୟ ନିଶ୍ଚିହ୍ନ ହୁଏ । ଯାହା ଖାଣ୍ଟି ତାହା ହିଁ ଅବଶେଷ ରହେ । ସବୁ ବସ୍ତୁକୁ ଖାଏ, କିନ୍ତୁ ବସ୍ତୁ ସହିତ ଲିପ୍ତ ରହେନା । ସେହିଭଳି ସାଧକ ନିର୍ଲିପ୍ତ । ପରମ ତେଜସ୍ୱୀ । ତପସ୍ୟା କରି କରି ଦେଦୀପ୍ୟମାନ । ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ବଶୀଭୂତ ନୁହଁ । ଯଥାଯୋଗ୍ୟ ସବୁ ବିଷୟକୁ ଉପଭୋଗ କରିଥାଏ, କିନ୍ତୁ ମନ ଓ ଇନ୍ଦ୍ରିୟଗୁଡ଼ିକୁ ନିଜ ଅଧୀନରେ ରଖିଥାଏ । ଦୋଷଦୁଷ୍ଟ ନୁହଁ । ଅଗ୍ନି ଯେପରି କେବେ ପ୍ରକଟିତ ତ କେବେ ଅପ୍ରକଟିତ ରହିଥାଏ, ସେହିଭଳି ସାଧକ କେବେ ଗୁପ୍ତ ତ କେବେ ପ୍ରକଟିତ । ସାଧକ କେବେ କେଉଁଠି ଏପରି ଭାବରେ ନିଜକୁ ପ୍ରକଟିତ କରିଥାଆନ୍ତି, ଯାହା ଫଳରେ କଲ୍ୟାଣକାମୀ ପୁରୁଷ ସେମାନଙ୍କ ଉପାସନା କରିଥାଆନ୍ତି । ଅଗ୍ନି ଭଳି ଇଏ ଭଲ, ଇଏ ମନ୍ଦ–ସାଧକର ଏହି ବାଛ ବିଚାର ନଥାଏ । ଅଗ୍ନି ସହିତ ସଂଯୁକ୍ତ କାଠ ହୁଏତ ବଙ୍କା, ସିଧା ଦେଖାଯାଏ, କିନ୍ତୁ ଅଗ୍ନିର ସ୍ୱରୂପ ବଙ୍କା ନୁହଁ କି ଟେଢ଼ା ନୁହଁ । ଏକ ସ୍ୱରୂପ । ଅଗ୍ନି ହିଁ ଅଗ୍ନି । ସେହି ଭଳି ଆତ୍ମା କାଠରେ ନିଆଁଥିବା ଭଳି ଶରୀରରେ ଥାଏ । ସାଧାରଣ ଚକ୍ଷୁରେ ଆତ୍ମଦର୍ଶନ ହୋଇ ନଥାଏ ।

ଅବଧୂତ କହିଲେ ଚନ୍ଦ୍ରମା ମୋର ଷଷ୍ଠ ଗୁରୁ । ଏହାର ଗତିକୁ ଜାଣି ହୁଏ ନାହିଁ । କାଳ ବା ସମୟର ପ୍ରଭାବରେ ଚନ୍ଦ୍ରକଳାର କ୍ଷୟ, ବୃଦ୍ଧି ହୋଇଥାଏ ସତ କିନ୍ତୁ ଚନ୍ଦ୍ରମା ହିଁ ଚନ୍ଦ୍ରମା । ଏହାର ବୃଦ୍ଧି ନାହିଁ କି ହ୍ରାସ ନାହିଁ । ସେହିଭଳି ମନୁଷ୍ୟର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅବସ୍ଥାର ଯେତେ କିଛି ପରିବର୍ତ୍ତନ ହୁଏ, ସବୁ ଶରୀରର, ଆତ୍ମାର ନୁହେଁ । କ୍ଷୟ ବୃଦ୍ଧି ଆଦି ପରିବର୍ତ୍ତନ ସହିତ ଆତ୍ମାର କୌଣସି ସମ୍ପର୍କ ନଥାଏ । ଅଗ୍ନିରୁ ଶିଖା ଉଠେ । ଏହାର ଆରମ୍ଭ କେଉଁଠି, ଶେଷ କେଉଁଠି ଜାଣି ହୁଏନା । ବିନ୍ଦୁ ବିନ୍ଦୁ ଜଳରୁ ନଦୀ ହୁଏ, ନଦୀର ଜଳ ସିନ୍ଧୁରେ ପଡ଼େ । ବିନ୍ଦୁରୁ ସିନ୍ଧୁ । ବିନ୍ଦୁର ପରିଚୟ ମିଳେନା । ସେହିଭଳି ସମୟର ସ୍ରୋତ । ଅନନ୍ତ ଯାତ୍ରା । ସେହିଭଳି ଆତ୍ମନ ଶରୀର ରୂପକ ନାନା ରୂପ ଧାରଣ କରିଥାଏ । ଏ ରୂପଗୁଡ଼ିକ ଜାତ ହୋଇ ଲୋପ ପାଆନ୍ତି । କିନ୍ତୁ ଆତ୍ମାର ଯାତ୍ରା ଅବିରତ ଲାଗି ରହିଥାଏ ।

ସୂର୍ଯ୍ୟ । ମୋର ଅନ୍ୟତମ ଗୁରୁ । ସୂର୍ଯ୍ୟ ନିଜ କିରଣର ଉତ୍ତାପ ବଳରେ ଜଳ ଶୋଷଣ କରେ । ସମୟ ଅନୁସାରେ ଯାହାର ପାଇବାର ଇଚ୍ଛା ତାକୁ ସେ ଦିଏ । ଅନ୍ୟର କଲ୍ୟାଣ ଲାଗି ସେ ଜଳଦାନ କରେ । ସେହିଭଳି ଯୋଗୀ ଓ ସାଧକ । ନିଜ ଇନ୍ଦ୍ରିୟ ଦ୍ୱାରା ବିଭିନ୍ନ ଧନଧାନ୍ୟ ଆଦି ବିଷୟ ଗ୍ରହଣ କରି, ପରୋପକାର ଲାଗି ବିଷୟଗୁଡ଼ିକ ତ୍ୟାଗ କରିଥାଆନ୍ତି । ଦାନ କରନ୍ତି । ସୂର୍ଯ୍ୟଠାରୁ ମୁଁ ଏହି ଶିକ୍ଷା ଲାଭ କଲି । ଏହାଠୁ ଆଉ ଏକ କଥା ଶିଖିଲି । ଜଳ ଥିବା ବିଭିନ୍ନ ପାତ୍ରରେ ସୂର୍ଯ୍ୟ ପ୍ରତିବିମ୍ବିତ ହୋଇ ଭିନ୍ନ ଭିନ୍ନ ଦେଖାଯାଇଥାଏ । କିନ୍ତୁ ସୂର୍ଯ୍ୟ ଅନେକ ନୁହଁ, ଏକ । ସେହିଭଳି ସ୍ଥୂଳବୁଦ୍ଧିସମ୍ପନ୍ନ ପୁରୁଷର ଭାବ ଅନେକ । ଚଳ, ଅଚଳ ଉପାଧିର ଭେଦ ଅନୁସାରେ ମନେହୁଏ ପ୍ରତ୍ୟେକ ବ୍ୟକ୍ତିର ଶରୀରରେ ଆତ୍ମା ଅଲଗା ଅଲଗା । ଯାହାର ଏପରି ଧାରଣ ହୁଏ, ସେ ମୋଟାବୁଦ୍ଧିଆ । ବାସ୍ତବରେ ଆତ୍ମା ସୂର୍ଯ୍ୟ ଭଳି ଏକ, ଅଭିନ୍ନ ।

କାହା ପ୍ରତି ଅତ୍ୟନ୍ତ ଆସକ୍ତ ହୋଇପଡ଼ିବା ଅନୁଚିତ । ମୁଁ ଏହି ଶିକ୍ଷା ପାଇଲି କପୋତ ଓ କପୋତୀଠୁ । ଏହା ଫଳରେ ଦୁଃଖ ହିଁ ସାର ହୋଇଥାଏ । ହଳେ କପୋତ ଓ କପୋତୀ । ଦୁହେଁ ଏକାଠି ରହିଲେ । ପରସ୍ପରକୁ ଅତି ଭଲ ପାଇଲେ । କିଏ କାହାକୁ ଛାଡୁ ନଥିଲେ । କପୋତୀ ଯାହା ଯେତେବେଳେ ଚାହିଁଲା, କପୋତ ଆଣି ଯୋଗାଇଲା । କାଳକ୍ରମେ କପୋତୀ ଅଣ୍ଡା ଦେଲା । ଅଣ୍ଡା ଫାଟି ଛୁଆ ହେଲେ । ଛୁଆଙ୍କୁ ଦେଖି କପୋତ ଦମ୍ପତିଙ୍କ ଆନନ୍ଦ କହିଲେ ନ ସରେ । ଛୁଆଙ୍କ ଦେହରେ ପର କଅଁଳିଲା । ଖଣ୍ଡିଉଡ଼ା ଦେବାମାତ୍ରେ କପୋତ ଦମ୍ପତି ଛୁଆଙ୍କୁ ଦେଖି ଖୁସି ହେଲେ । ଭଲ ଭଲ ଆହାର ଆଣି ସେମାନଙ୍କୁ ଖୁଆଇଲେ ।

ଦିନେ କପୋତ କପୋତୀ ବାହାରକୁ ଯାଇଥିଲେ ଆହାର ସଂଗ୍ରହ ଲାଗି । ଛୁଆଗୁଡ଼ିକ ବସା ପାଖରେ ଖଣ୍ଡିଉଡ଼ା ଦେଇ ଚେଁ ଚାଁ କରି ଖେଳୁଥିଲେ । ହଠାତ୍ ଏକ ବ୍ୟାଧ ପକ୍ଷୀ ଶିକାର କରିବା ପାଇଁ ବୁଲୁଥିଲା । ପକ୍ଷୀ ଛୁଆଗୁଡ଼ିକୁ ଦେଖି ଶିକାର ମିଳିଗଲା ଭାବି ଆନନ୍ଦରେ ଡେଇଁଲା । ଛୁଆଗୁଡ଼ିକର ପର ବଡ଼ ହୋଇ ନଥିଲା । ଦୂରକୁ ଉଡ଼ିଯାଇ ପାରୁ ନଥିଲେ । ଶିକାରୀ ଜାଲ ବିଛେଇବା ମାତ୍ରେ ପକ୍ଷୀ ଶାବକଗୁଡ଼ିକ ଜାଲ ଭିତରେ ଛନ୍ଦି ହୋଇ ରହିଗଲେ ।

ଇତିମଧ୍ୟରେ ଆହାର ସଂଗ୍ରହ କରି କପୋତ କପୋତୀ ବସା ପାଖକୁ ଆସି ଦେଖନ୍ତି, ସେମାନଙ୍କ ପିଲାମାନେ ଜାଲରେ ପଡ଼ି ଛଟପଟ ହେଉଛନ୍ତି । ପିଲାଙ୍କ ଏ ଅବସ୍ଥା ଦେଖି କପୋତୀ ବିକଳ ହୋଇ ପଡ଼ିଲା । ଛୁଆଙ୍କ ପାଖକୁ ଉଡ଼ି ଉଡ଼ି ଯାଇ ସେ ମଧ୍ୟ ଜାଲ ଭିତରେ ବାନ୍ଧି ହୋଇ ପଡ଼ିଲା । କପୋତ ପିଲାଙ୍କୁ ଓ କପୋତୀକୁ ଝୁରି ଝୁରି ବିଚଳିତ ହୋଇପଡ଼ିଲା । ଭାବିଲା, ଏମାନଙ୍କୁ ଛାଡ଼ି ମୁଁ ବଞ୍ଚି ରହିବି କିପରି ? ସେ ବି ଗଲା ଜାଲ ଭିତରକୁ । ଶିକାରୀର ମନ ଖୁସ୍ ।

ମୋ ଘର, ମୋ ସ୍ତ୍ରୀ, ମୋ ପିଲାପିଲି, ମୋର ଧନ ସମ୍ପତ୍ତି– ଏହି ଚିନ୍ତାରେ ଯିଏ ବୁଡ଼ି ରହେ, ତା'ର କପୋତ କପୋତୀଙ୍କ ଦଶା ହୁଏ । ମନୁଷ୍ୟର ଜନ୍ମ ହେଉଛି ମୁକ୍ତିର ସିଂହଦ୍ୱାର । ଯିଏ ଯେତେ ଉଚ୍ଚକୁ ଉଠେ, ପତନର ଆଘାତ ତା'ଲାଗି ସେତିକି ଅଧିକ ।

●

॥ ୧୩୯ ॥

## ପିଙ୍ଗଳା : ବିଷୟ-ବାସନାରୁ ଲଙ୍ଗଳା

ଅବଧୂତ ନୃପନନ୍ଦନ ଯଦୁରାଜଙ୍କୁ କହିଲେ, ମୁଁ ଗଣିକା ପିଙ୍ଗଳାଠାରୁ ମଧ୍ୟ ଶିକ୍ଷା ଗ୍ରହଣ କରିଛି । ପ୍ରାଚୀନ କାଳର କଥା । ବିଦେହନଗରୀ ମିଥିଳାରେ ଏହି ବେଶ୍ୟା ବାସ କରୁଥିଲା । ସେ ଥିଲା ରୂପବତୀ, ସ୍ୱେଚ୍ଛାଚାରିଣୀ । ଦିନେ ରାତିରେ ସେ ନାନା ବେଶଭୂଷାରେ ନିଜକୁ ସଜେଇଲା । ନାନା ଅଳଙ୍କାର ପିନ୍ଧିଲା । ଘର ଦ୍ୱାର ମୁହଁରେ ଠିଆ ହେଲା । ଧନୀ ପୁରୁଷକୁ ତା'ର ଅପେକ୍ଷା । ପିଙ୍ଗଳାର ଲୋଭ ଧନ ପ୍ରତି, ପୁରୁଷ ପ୍ରତି ନୁହେଁ । ବହୁପୁରୁଷ ସେହି ଘରବାଟ ଦେଇ ଯିବା ଆସିବା କଲେ । ପିଙ୍ଗଳା ସେମାନଙ୍କୁ ଦେଖି ଭାବିଲା, ଏମାନେ ନିଶ୍ଚିତ ଭାବରେ ଧନୀ, ମତେ ହିଁ ଉପଭୋଗ କରିବାକୁ

ଆସୁଛନ୍ତି । କିନ୍ତୁ କେହି ଆସିଲେ ନାହିଁ । ପିଙ୍ଗଳା ତା'ର ଭାବଭଙ୍ଗୀ ଦ୍ୱାରା ସମସ୍ତଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କଲା । ବିଫଳ ହେଲା । କ୍ରମଶଃ ତା' ମନ ଭିତରେ ହତାଶା ଛାଇଗଲା । ବହୁ ସମୟ ଅପେକ୍ଷା କଲା ସେ । ଆଖିକି ତନ୍ଦ୍ରା ଘାରି ଆସିଲା । ସେ ଘର ଭିତର ବାହାର ହେଲା ବାରମ୍ବାର, ନିଦକୁ ସମ୍ଭାଳିବା ପାଇଁ । ଧନୀ ପୁରୁଷଙ୍କ ଧନ ଲୋଭର ନିଶାରେ ସେ ମସ୍‌ଗୁଲ ହୋଇ ପଡ଼ିଥିଲା । ଧୀରେ ଧୀରେ ମୁହଁ ଶୁଖି ଆସିଲା । ବେଶଭୂଷା ମଧ୍ୟ ମଉଳି ଆସିଲା । ଶରୀର ଅବଶ । ଚିତ୍ତ ବ୍ୟାକୁଳ । ନିଜ ବେଶ୍ୟା ବେଉଷା ପ୍ରତି ତାର ଘୃଣାଭାବ ଜାତ ହେଲା । ବୈରାଗ୍ୟ ଆସିଗଲା । ଚିନ୍ତାହିଁ ତା'ର ବୈରାଗ୍ୟର କାରଣ । ମନେ ମନେ ସେ ଏକ ଗୀତ ଗାଇଲା । ଏହି ଗୀତର ସାରାଂଶ ହେଉଚି, ମଣିଷ ଆଶାର ଫାଶରେ ଲଟକି ରହିଛି । ଏହି ଫାଶୀର ଫାଶକୁ କାଟିବା ଲାଗି ବୈରାଗ୍ୟଭଳି ତରବାରୀ ଆବଶ୍ୟକ । ଶରୀର ଏକ ବନ୍ଧନ । ଅଜ୍ଞାନୀ ପୁରୁଷ ମମତାକୁ ଛାଡ଼ିବାପାଇଁ ନାରାଜ ।

ପିଙ୍ଗଳା ଯେଉଁ ଗୀତ ଗାଇଲା, ତାହା ସମସ୍ତଙ୍କ ପକ୍ଷରେ ଶିକ୍ଷଣୀୟ । ସେ କହିଲା, ହାୟ ! ମୁଁ ଇନ୍ଦ୍ରିୟର ଅଧୀନ ହୋଇ ପଡ଼ିଲି । ମୋହଗ୍ରସ୍ତ ମୁଁ । ଧନୀ ଦୁଷ୍ଟ ପୁରୁଷଙ୍କର ଅସ୍ତିତ୍ୱ ବୋଲି କିଛି ନାହିଁ । ଅଥଚ ମୁଁ ବିଷୟ ସୁଖ ଲାଗି ବ୍ୟାକୁଳ ! ମୁଁ ମୂର୍ଖ, ଅଜ୍ଞାନୀ । ମୋର ଅତି ନିକଟରେ, ମୋ ହୃଦୟ ଆସନରେ ମୋ ସ୍ୱାମୀ ଭଗବାନ ସର୍ବଦା ବିରାଜମାନ । ସେ ମତେ ପରମାନନ୍ଦ, ପରମାର୍ଥ ଭଳି ପ୍ରକୃତ ଧନ ଦେବାକୁ ହାତ ବଢ଼େଇ ନେ ନେ ବୋଲି କେତେ ଡାକୁଛନ୍ତି । କିନ୍ତୁ ହୃଦୟର ଧନକୁ ନ ନେଇ ପାର୍ଥିବ କ୍ଷଣିକ ଧନ ପାଇଁ ମୁଁ ହାତ ପତେଇ ରାତିସାରା ଅପେକ୍ଷା କରି ରହିଛି ! ମୂଢ଼ ମୁଁ, ଅଧମ ମୁଁ । ବାହାରେ ଯେଉଁ ପୁରୁଷକୁ ମୁଁ ଦେଖୁଛି, ସମସ୍ତେ ତ ଅନିତ୍ୟ । ହୃଦୟାସନରେ ଅଧିଷ୍ଠିତ ପରମସ୍ୱାମୀ ତ ନିତ୍ୟ, ଶାଶ୍ୱତ । ସେମାନେ ତ ମୋର ଗୋଟିଏ ହେଲେ କାମନା ଚରିତାର୍ଥ କରିବାକୁ ଅସମର୍ଥ । ଅନ୍ୟମାନେ ତ ଦୁଃଖ, ଭୟ, ଆଧି ବ୍ୟାଧି, ଶୋକ ସଂତାପ ଦେଇପାରିବେ । ଛି, ମୁଁ ଏ ଯାଏଁ ବେଶ୍ୟାବୃତ୍ତିକୁ ଆଦରି କେତେ ଭୁଲ ନ କରି ଆସୁଛି ! ଜାଣିଶୁଣି ଶରୀର ଓ ମନକୁ କ୍ଲେଶ ଦେବାରେ ଲାଗିଛି ।

ଏପରି ଭାବରେ ପିଙ୍ଗଳା ନିଜକୁ ଧିକ୍କାର କରିବାକୁ ଲାଗିଲା । ମନେ ମନେ କହିଲା, ଶରୀର ଏକ ଘର । ରକ୍ତ, ମାଂସ, ହାଡ଼, ମଜ୍ଜା, ମେଦ, ଶୁକ୍ର ଆଦିର ଛାଉଣି । ଏହାର ନ'ଦ୍ୱାର ବା ନାଳନର୍ଦ୍ଦମା । ସେହି ବାଟ ଦେଇ କେବଳ ମଳମଇଳା ହିଁ ନିର୍ଗତ ହୁଏ । ସଂଚିତ ସଂପତ୍ତି କେବଳ ମଳମୂତ୍ର ଛଡ଼ା କିଛି ନୁହେଁ । ସ୍ଥୂଳଶରୀର ଭିତରେ ସୂକ୍ଷ୍ମ ଶରୀର ମଧ୍ୟ ରହିଛି । ତାହା ଜୀବନ୍ମୁକ୍ତର ନଗରୀ । ସେହି ନଗରୀ ଭିତରେ ମୋ

ପରମସ୍ୱାମୀ ଭଗବାନ ରତ୍ନସିଂହାସନରେ ଅଧିଷ୍ଠିତ । ତାଙ୍କୁ ପାଇବାପାଇଁ ଚେଷ୍ଟା ନ କରି ମୁଁ ପରପୁରୁଷର ଅଭିଳାଷୀ ! ଭଗବାନ ଆତ୍ମା ରୂପରେ ବିରାଜିତ । ସେ ମୋର ସୁହୃଦ୍ ପ୍ରିୟତମ । ଲକ୍ଷ୍ମୀଙ୍କ ଭଳି ତାଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରି, ଯାହା ଚାହିଁବି ପାଇ ପାରିବି ।

ଏହିପରି ଭାବି ଭାବି ପିଙ୍ଗଳାବେଶ୍ୟାର ମନରେ ବୈରାଗ୍ୟ ଘନୀଭୂତ ହେବାରେ ଲାଗିଲା । ଭାବିଲା ଏଣିକି ପ୍ରାରବ୍ଧ ଉପରେ ହିଁ ଭରସା । ସେହି ପ୍ରାରବ୍ଧ ଦୋଷରୁ ହିଁ ମୁଁ ଏଯାଏଁ ବେଶ୍ୟାଗିରି କରି ଆସୁଥିଲି । ଏବେ ତ ସତ୍ କ'ଣ ଅସତ୍ କ'ଣ ଜାଣିପାରିବି । ଅସତ୍ ମାତ୍ରେ ତୁଚ୍ଛ । ସତ୍ ହିଁ ସ୍ୱଚ୍ଛ । ବାକିଥିବା ସେହି ପ୍ରାରବ୍ଧ ହିଁ ଏବେ ମୋର ସହାୟକ ! ଅନ୍ୟ ପୁରୁଷ ସହିତ ବିହାର ନକରି ଏଣିକି ହୃଦୟେଶ୍ୱର, ଆତ୍ମପୁରୁଷ ପ୍ରଭୁଙ୍କ ସହିତ ବିହାର କରିବି । ଜୀବମାତ୍ରେ ସଂସାର ପଙ୍କରେ ପଡ଼ି ଛଟପଟ । ବିଷୟବୁଦ୍ଧି ହିଁ ତାକୁ ଅନ୍ଧ କରି ପକାଇଛି । କାଳରୂପୀ ଅଜଗର ଜୀବକୁ ଗିଳିବାରେ ଲାଗିଚି । ଭଗବାନ ବ୍ୟତୀତ ତାକୁ ଆଉ କେହି ରକ୍ଷାକରି ନପାରେ ।

ବିଷୟ ବାସନା ପ୍ରତି ବିରକ୍ତି ଆସିବାମାତ୍ରେ ପିଙ୍ଗଳା ମନରେ ଆସିଗଲା ପରମଶାନ୍ତି ଭାବ । ତାର ହୃଦ୍‌ବୋଧ ହେଲା ଯେ 'ଆଶା' ହିଁ ସବୁଠୁ ବଡ଼ ଦୁଃଖ, ନିରାଶା ହିଁ ସବୁଠୁ ବଡ଼ ସୁଖ ।

●

॥ ୧୪୦ ॥

## ... ଅବଶ୍ୟ ଉପୁଜଇ କଳି

ମନୁଷ୍ୟ ଆତ୍ମାନନ୍ଦ ଲାଭ କରିବା ଲାଗି କ'ଣ କ'ଣ କରିବା ଉଚିତ, ଅନୁଚିତ ସେହିକଥା ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ବୁଝାଇ କହୁଛନ୍ତି । ସେଥିଲାଗି ଯଦୁରାଜଙ୍କୁ ଅବଧୂତ ଦତ୍ତାତ୍ରେୟ ଯାହା ଯାହା କହିଥିଲେ, ଶ୍ରୀକୃଷ୍ଣ ଉଦାହରଣ ସ୍ୱରୂପ କହିବାରେ ଲାଗିଛନ୍ତି ।

ଅବଧୂତ ଯଦୁରାଜାଙ୍କୁ କହିଲେ, ଗୋଟିଏ କୁରର ପକ୍ଷୀ (କପୋତ ଜାତୀୟ ଏକ ପକ୍ଷୀ) ତା' ଥଣ୍ଟରେ ଖଣ୍ଡିଏ ମାଂସ ଟୁକୁଡ଼ା ଧରି ଉଡ଼ି ଉଡ଼ି ଯାଉଥିଲା । ବାଟରେ ତା'ଠୁ ଅଧିକ ବଳୁଆ ପକ୍ଷୀ ହାବୁଡ଼ରେ ସେ ପଡ଼ିଲା । ତା' ଥଣ୍ଟରୁ ମାଂସ ଟିକକ ଛଡ଼େଇ ନେବା ପାଇଁ ଏ ପକ୍ଷୀଗୁଡ଼ିକ ତାକୁ ଘେରିଗଲେ । ହଇରାଣ କଲେ । ତା'ଦେହ ସାରା ଖୁମ୍ପା ଖୁମ୍ପି କଲେ । ଦେହ ସାରା ଅସହ୍ୟ ଯନ୍ତ୍ରଣା । ନିରୂପାୟ । ବାଧ ହୋଇ ସେ ମାଂସ ଖଣ୍ଡିକୁ ତା' ଥଣ୍ଟରୁ ଖସେଇ ଦେଲା । ତା'ପରେ ଖୁମ୍ପା ଖୁମ୍ପି ବନ୍ଦ । କୁରର ଶାନ୍ତି ଲାଭ

କଲା । ମୁଁ ଏହାଠୁ ଶିଖିଲି, ମଣିଷ ଯେଉଁ ଜିନିଷକୁ ଅତି ଭଲ ପାଏ, ପ୍ରାଣ ପଣେ ସେ ସବୁ ଜିନିଷ ଏକାଠି କରେ । ଦୁଃଖ ଯନ୍ତ୍ରଣା ପାଏ । ଯେଉଁ ଲୋକ ଅକିଞ୍ଚନ ଭାବରେ ରହେ, ଶରୀର କଥା ଛାଡ଼, ମନରେ ସୁଦ୍ଧା କୌଣସି ବସ୍ତୁକୁ ସଞ୍ଚୟ କରିବା ଲାଗି ଇଚ୍ଛା କରି ନଥାଏ, ସେ ''ଅନନ୍ତ ସୁଖ ସ୍ୱରୂପ ପରମାତ୍ମା ପରମାନନ୍ଦ'' ଲାଭ କରିଥାଏ ।

ଛୋଟ ନିରୀହ ନିଷ୍କପଟ ବାଳକ ମଧ୍ୟ ମୋର ଗୁରୁ । ବାଳକର ମାନ ଅପମାନ ବୋଧ ନଥାଏ । ଆନନ୍ଦରେ ଖେଳେ, ବୁଲେ । ମୁଁ ସେହି ଶିକ୍ଷା ପାଇଲି ବାଳକଠୁ । ମୋର ଘର ପରିବାର ଚିନ୍ତା ନାହିଁ । ମୁଁ ଆତ୍ମରମଣ । ନିଜ ସହିତ ନିଜେ କ୍ରୀଡ଼ା କରିଥାଏ । ତେଣୁ ବାଳକ ଭଳି ମୁଁ ନିଶ୍ଚିନ୍ତ । ଆନନ୍ଦରେ ଦିନ କଟାଏ । ଜଗତରେ ଦୁଇ କିସମର ଲୋକ ନିଶ୍ଚିନ୍ତ । ପରମାନନ୍ଦରେ ମଗ୍ନ । ପ୍ରଥମତଃ ଭୋଳାନାଥ ବାଳକ ଏବଂ ଅନ୍ୟଜଣେ ହେଉଚି ଗୁଣାତୀତ ।

ଏକଦା ଜଣେ କୁମାରୀ କନ୍ୟା ନିଜ ଘରେ ଏକା ଏକା ରହୁଥିଲେ । କେତେକ ଲୋକ ଆସିଲେ ତାଙ୍କ ଘରକୁ । ତା' ପରିବାରର ଅନ୍ୟ କେହି ସେତେବେଳେ ନ ଥିଲେ । ବାହାରକୁ ଚାଲିଯାଇଥିଲେ । ଘରେ ଅତିଥି । ସେମାନଙ୍କ ସତ୍‌କାର କରିବାକୁ ପଡ଼ିବ । ଖିଆପିଆର ବ୍ୟବସ୍ଥା କରିବା ତା'ର କର୍ତ୍ତବ୍ୟ । କିନ୍ତୁ ଘରେ ମୁଠେ ବି ଚାଉଳ ନାହିଁ । କୁମାରୀ କନ୍ୟା ଗଲା ଧାନ କୁଟିବାକୁ । ଧାନ କୁଟିବାବେଳେ ସେ ପିନ୍ଧିଥିବା ଶଙ୍ଖା ଆଉ କାଚ ଝଣ ଝଣ ଶବ୍ଦ କଲା । ଏ ଶବ୍ଦ ଅତିଥିମାନଙ୍କ କାନରେ ପଡୁଥିବ, ଖରାପ ଭାବୁଥିବେ ବୋଲି ମନେ କଲା ସେ । ଧୀରେ ଧୀରେ ଗୋଟିକ ପରେ ଗୋଟିକ ଚୁଡ଼ି ବା କାଚ ଭାଙ୍ଗି ପକାଇଲା । ଦୁଇ ହାତରେ କେବଳ ଦୁଇଟି ଚୁଡ଼ି ରହିଲା । ଫଳରେ ଆଉ ଶବ୍ଦ ହେଲାନି । ମୁଁ ତ ଅବଧୂତ । ଏଣେ ତେଣେ ବୁଲେ । ଠିକ୍ ଧାନକୁଟା ସମୟରେ ମୁଁ ମଧ୍ୟ ସେ ଘରଠି ପହଞ୍ଚିଥିଲି । କୁମାରୀ କନ୍ୟାର ଚୂଡ଼ି ଭାଙ୍ଗିବା ଘଟଣାରୁ ମୁଁ ଏକ ଶିକ୍ଷା ଲାଭ କଲି । ଅନେକ ଜନ ଯହିଁ ମିଳି, ଅବଶ୍ୟ ଉପୁଜଇ କଳି । ଏପରିକି ଦି'ଜଣ ଏକାଠି ହେଲେ ମଧ୍ୟ କଥାବାର୍ତ୍ତାରୁ ବିତଣ୍ଡା ଆରମ୍ଭ ହୋଇଥାଏ । ତେଣୁ କୁମାରୀ କନ୍ୟାଠୁ ଶିଖିଲି, ଏକା ଏକା ଏକାନ୍ତରେ ଏକାଗ୍ର ଚିତ୍ତରେ ବିଚରଣ କରିବା ଉଚିତ ।

ଥରେ ମୁଁ ଲକ୍ଷ୍ୟ କଲି ଜଣେ ଧନୁଶର ଧରି ଶିକାରକୁ ଲକ୍ଷ୍ୟ କରୁଥିବା ଲୋକକୁ । ବ୍ୟାଧ ଶିକାରକୁ ଲକ୍ଷ୍ୟ କରିଚାଲିଚି ଏକାଗ୍ର ଚିତ୍ତରେ । ନିଜ କାର୍ଯ୍ୟରେ ତନ୍ମୟ ସେ । ତା' ପାଖ ଦେଇ ସଦଳବଳ ରାଜାଙ୍କ ସବାରି ଗଲା । ଲୋକଙ୍କ କୋଳାହଳ ତା'କାନରେ ପଡୁନି । ମୁଁ ଶିକାରୀଠୁ ଶିଖିଲି ଅଭ୍ୟାସ ଦ୍ୱାରା ନିଜ ମନକୁ ବଶୀଭୂତ କରାଯାଇପାରେ । ପରମାନନ୍ଦ ସ୍ୱରୂପ ପରମାତ୍ମାଙ୍କଠି ମନ ଲାଖି ରହିଲେ, ଧୀରେ ଧୀରେ ବିଷୟବାସନା

ଧୂଳି ଭଳି ଉଡ଼ିଯିବ । ଇନ୍ଧନ ବିନା ଅଗ୍ନି ଯେପରି ଶାନ୍ତ, ସେହିଭଳି ସତ୍ତ୍ୱଗୁଣ ବଢ଼ିଲେ ରଜ ଓ ତମୋଗୁଣର ସତ୍ତା ରହିବ ନାହିଁ । ମନ ଶାନ୍ତ ହେବ । ମନରେ ଚଞ୍ଚଳତା ଟୋପାଏ ସୁଦ୍ଧା ରହିବ ନାହିଁ ।

ମୁଁ ସାପଠୁ ମଧ୍ୟ ଶିକ୍ଷା ପାଇଛି । ସନ୍ନ୍ୟାସୀ ମାତ୍ରେ ସାପ ଭଳି ଏକା ଏକା ବିଚରଣ କରିବା ଉଚିତ । ସେ ମଣ୍ଡଳି, ସଂଗଠନ, ମଠ, ଆଶ୍ରମ ଆଦି କରିବା ଅନୁଚିତ । କାହାର ସାହାଯ୍ୟ ଦରକାର ନାହିଁ । ଯେତେ କମ କଥା କହିବ, ସେତିକି ଆରାମ । ଗୋଟିଏ ସ୍ଥାନରେ ଆସ୍ଥାନ ଜମେଇ ପ୍ରମାଦକୁ ଆମନ୍ତ୍ରଣ କରିବା ଅନୁଚିତ । ଗୁହା ବା ଗୁମ୍ଫା ବା ବିଲ ଭିତରେ ସାପ ପଡ଼ି ରହିଥାଏ । ବାହାର ଆଚାର ବିଚାର ପ୍ରତି ତା'ର କୌଣସି ଧ୍ୟାନ ନ ଥାଏ । ଏ ଶରୀର ଅନିତ୍ୟ । କେତେବେଳେ ପ୍ରାଣବାୟୁ ଉଡିଯିବ, ତା'ର ଠିକ୍ ଠିକଣା ନାହିଁ । ତଥାପି ମନୁଷ୍ୟ ଘର ତୋଳେ । କାହାର କୁଡ଼ିଆ ତ କାହାର କୋଠା । ଏ ସବୁ ହେଉଛି ଦୁଃଖର ହେତୁ । ସାପ ନିଜେ ନିଜ ପାଇଁ ଅଯଥା ଘର କରେନା । ଉଇ ନିଜର ହୁଙ୍କା ବନାଏ । ସାପ ଉଇର ଘରେ ପଶି ଆରାମରେ ରହେ । କେତେବେଳେ କେଉଁ ହୁଙ୍କାରେ ପଶି ଆଶ୍ରୟ ନେଇଥାଏ । ମୁଁ ମଧ୍ୟ ସାପ ଭଳି ବିଚରଣ କରେ । କେଉଁଠି କେତେବେଳେ ଶରୀରରକ୍ଷା ଲାଗି ବିଶ୍ରାମ କରିଥାଏ । ଆଜି ଏଠି ତ କାଲି ଆଉ କେଉଁଠି ।

ସର୍ବଶକ୍ତିମାନ ଅନ୍ତର୍ଯ୍ୟାମୀ ଭଗବାନ ସମସ୍ତଙ୍କର ପ୍ରକାଶକ । ପୂର୍ବରୁ ତାଙ୍କର କୌଣସି ପରିକଳ୍ପନା ନ ଥାଏ । କାହାର ସାହାଯ୍ୟ ନ ନେଇ ନିଜ ମାୟା ବଳରେ ଜଗତ ରଚନା କରିଥାଆନ୍ତି । କଳ୍ପାନ୍ତ ମଧ୍ୟ ତାଙ୍କର ମାୟା । ପ୍ରଳୟକାଳ ଆସିଗଲେ, ନିଜ କାଳଶକ୍ତି ଦ୍ୱାରା ସେ ନିଜ ରଚିତ ଜଗତକୁ ନଷ୍ଟ କରିନିଅନ୍ତି । ନିଜ ଭିତରେ ଜଗତକୁ ଲୀନ କରି ଦିଅନ୍ତି । ସେ ସବୁରି ଅଧିଷ୍ଠାନ । ସମସ୍ତଙ୍କ ଆଶ୍ରୟ । ସେ ଆଶ୍ରୟ ଭିତରେ ନିଜେ ଆଶ୍ରିତ, ନିଜ ଆଧାରରେ ଆଧାରିତ । କିନ୍ତୁ ତାଙ୍କ ନିଜର କୌଣସି ଆଧାର ନାହିଁ । ସେ ପ୍ରକୃତି ପୁରୁଷ– ଉଭୟର ନିୟାମକ । କାରଣାତ୍ମକ ଜଗତର ଆଦିକାରଣ । କାଳ ତାଙ୍କର ଶକ୍ତି । ଏହି କାଳର ପ୍ରଭାବରେ ସମସ୍ତ ଶକ୍ତିକୁ ସମାନ ଅବସ୍ଥାରେ ପହଞ୍ଚାଇ ଥାଆନ୍ତି । ନିଜେ କୈବଲ୍ୟରୂପରେ ଏବଂ ଏକ ଅଦ୍ୱିତୀୟ ରୂପରେ ବିରାଜମାନ ରହିଥାଆନ୍ତି । ସେ କେବଳ ଆନନ୍ଦଘନ । କୌଣସି ଉପାଧି ସହିତ ତାଙ୍କର ସମ୍ବନ୍ଧ ନ ଥାଏ । ମାଙ୍କଡ଼ସା ଭଳି ତ୍ରିଗୁଣମୟୀ ମାୟା ଦ୍ୱାରା ସେ କ୍ରିୟାଶକ୍ତିର ପ୍ରଧାନ ସୂତ୍ର (ମହତ୍ତତ୍ତ୍ୱ) ରଚନା କରିଥାଆନ୍ତି । ଏହି ସୂତ୍ର ରୂପକ ମହତ୍ତତ୍ତ୍ୱ ତ୍ରିଗୁଣର ପ୍ରଥମ ଅଭିବ୍ୟକ୍ତି । ସବୁ ପ୍ରକାର ସୃଷ୍ଟିର ମୂଳ କାରଣ । ଏଥିରେ ସାରା ବିଶ୍ୱ ସୂତ୍ର ଭଳି ଓତଃପ୍ରୋତ ।

ଏଥିଯୋଗୁଁ ଜୀବକୁ ଜନ୍ମମୃତ୍ୟୁର ଚକ୍ରରେ ପଡ଼ିବାକୁ ପଡ଼ିଥାଏ । ମାଙ୍କଡ଼ସା (ବୁଢ଼ୀଆଣୀ) ନିଜ ଭିତରୁ ମୁହଁ ଦେଇ ଯେଉଁ ଲାଳ ସୃଷ୍ଟି କରେ, ତାହା ଜାଲ ଭଳି ବିଛେଇ ହୋଇ ରହେ । ତା'ଭିତରେ ସେ ଯା'ଆସ କରେ । ପଶେ, ପୁଣି ବାହାରେ । ସେହିଭଳି ପରମେଶ୍ୱର ନିଜ ଭିତରୁ ଜଗତ ସୃଷ୍ଟି କରି ଜୀବରୂପରେ ବିଚରଣ କରନ୍ତି, ପୁଣି ସେହି ଜଗତକୁ ନିଜ ଭିତରେ ଲୀନ କରି ଦେଇଥାଆନ୍ତି । ମାଙ୍କଡ଼ସାଠୁ ମୁଁ ଏହି ଶିକ୍ଷା ପାଇଲି ।

●

॥ ୧୪୧ ॥

# ସ୍ୱାମୀ ଜଣେ : ସଉତୁଣୀ ବହୁତ

ଅବଧୂତ କହିଲେ, ହେ ଯଦୁ ମହାରାଜ ! ମୁଁ ଭୃଙ୍ଗୀଠୁ ମଧ ଶିକ୍ଷା ଗ୍ରହଣ କରିଛି । ଯିଏ ସ୍ନେହବଶତଃ ହେଉ ବା ଦ୍ୱେଷବଶତଃ ହେଉ କିମ୍ବାର ଭୟରେ ହେଉ, ଯଦି ଜାଣିଶୁଣି, ଏକାଗ୍ରଭାବରେ ନିଜ ମନକୁ ଯେକୌଣସି ବସ୍ତୁ ପ୍ରତି ଲଗାଇ ରଖେ, ସେ ସେହି ବସ୍ତୁର ସ୍ୱରୂପ ଲାଭ କରିପାରେ । ଭୃଙ୍ଗୀ କୌଣସି ଏକ ପୋକକୁ ନେଇ ନିଜେ ରହୁଥିବା ଜାଗାରେ ବନ୍ଦ କରି ଦେଇଥାଏ । ପୋକ ଭୟରେ ନିଜ ଶରୀରର ଚିନ୍ତା କରିଥାଏ । ଭୟ ତାକୁ ଏପରି କରିପକାଏ ଯେ ନିଜ ଶରୀରକୁ ତ୍ୟାଗ ନ କରୁଣୁ ତା' ଶରୀର ତଦ୍ରୂପ ହୋଇପଡ଼େ । ତେଣୁ ମନୁଷ୍ୟ ଅନ୍ୟ ଚିନ୍ତା ନକରି କେବଳ ପରମାତ୍ମାଙ୍କ ଚିନ୍ତା କରିବା ଉଚିତ ।

ହେ ରାଜା ! ମୁଁ ଏତେ ଗୁରୁଙ୍କଠୁ ଏତେ ଶିକ୍ଷା ପାଇଲି । ଚବିଶ ଗୁରୁ ତ କଲି । ଏବେ ଶୁଣ, ମୁଁ ନିଜ ଶରୀରଠୁ କ'ଣ ଶିଖିଚି । ଏ ଶରୀର ମଧ ମୋର ଗୁରୁ । କାରଣ ଏହା ମତେ ବିବେକ ଓ ବୈରାଗ୍ୟ କ'ଣ ଶିଖେଇଚି । ମରିବା ଓ ଜିଇଁବା ଏହା ସାଥିରେ ସର୍ବଦା ଲାଗି ରହିଛି । ଯେପରିକି ଏ ଦୁହେଁ ପରସ୍ପର ଘନିଷ୍ଠ ବନ୍ଧୁ । ଶରୀର ପ୍ରତି ମୋହ ମାୟା ରଖିବା ଅର୍ଥ ଦୁଃଖ ପରେ ଦୁଃଖ ହିଁ ଭୋଗିବା । ଅବଶ୍ୟ ଶରୀରଠୁ ତତ୍ତ୍ୱବିଚାର କରିବା ଲାଗି ସହାୟତା ମିଳିଥାଏ, ତଥାପି ଏହା ନାଶଶୀଳ । ଦିନେ ନା ଦିନେ ଏ ସୁନ୍ଦର ଶରୀର ମାଟିରେ ମିଶିଯିବ । କେହି ଯଦି ଦାହ ନ କରିନ୍ତି, କୁକୁର ବିଲୁଆ ଖାଇଯିବେ । ମନୁଷ୍ୟ, ଶରୀରକୁ ସୁଖୀ, ରଖିବାଭଳି ବହୁକର୍ମ କରେ, ପରିଶ୍ରମ କରେ, ସମୟ ଅତିବାହିତ କରେ । ଏହି ଶରୀର ଯୋଗୁଁ ହିଁ ସ୍ତ୍ରୀ, ପୁତ୍ର, ଧନ, ଦୌଲତ, ନୌକର, ଘରବାଡ଼ି, ବଗିଚା, ଭାଇବନ୍ଧୁ, କୁଟୁମ୍ବ ଆଦିର ବିସ୍ତାର । ସେମାନଙ୍କୁ ପାଳନପୋଷଣ

କରିବାକୁ ପଡ଼େ । ବହୁ କଷ୍ଟ କରି ଧନ ଅର୍ଜନ ଓ ସଞ୍ଚୟ କରେ । ଆୟୁଷ ପୂରା ହୋଇଯିବା ପରେ ଶରୀର ନିଜେ ନଷ୍ଟ ହୋଇଯାଏ । ବୃକ୍ଷ ଭଳି ଅନ୍ୟ ଶରୀର ଲାଗି ବୀଜ ବପନ ! ପୁଣି ଦୁଃଖ ଲାଗି ବ୍ୟବସ୍ଥା । ବହୁ ଇନ୍ଦ୍ରିୟ । ସ୍ୱାମୀ ଜଣେ । ସଉତୁଣୀ ବହୁତ । ଏମାନେ ନିଜ ପତିକୁ ନିଜ ନିଜ ଆଡ଼କୁ ଟାଣିବାରେ ବ୍ୟସ୍ତ । ସେହିଭଳି ଜିଭ ଏକ । ସାମନାରେ ବହୁ ସୁଆଦିଆ ରୁଚିକର ଖାଦ୍ୟ । ତଣ୍ଟି ଶୁଖିଯାଉଚି, ମନ ଜଳ ଆଡ଼ିକି । ଇଆଡ଼େ ସ୍ତ୍ରୀ ସମ୍ଭୋଗ ଲାଗି ଲାଳସା, ସିଆଡ଼େ ପେଟ କହୁଚି ଖାଆ, ଖାଆ । କାନ କହୁଚି ଶୁଣ ଶୁଣ । ତ୍ୱଚା ଚର୍ମ ଚାହୁଁଚି କୋମଳ ସ୍ପର୍ଶ । ଆଖି ଚାହୁଁଚି କମନୀୟ ଦୃଶ୍ୟ । କାନ ଚାହୁଁଚି ମଧୁର ସୁଲଳିତ ଶବ୍ଦ ଓ ସଙ୍ଗୀତ । ନାକ ଖୋଜୁଚି ଭଲ ଗନ୍ଧ । ସୁଗନ୍ଧି । ଏହିଭଳି ଭାବରେ କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ ଦୁହେଁ ଶରୀରକୁ ହଇରାଣ କରିବାରେ ଲାଗିଛନ୍ତି ।

ଭଗବାନଙ୍କ ଶକ୍ତି ଅଚିନ୍ତ୍ୟ । ସେ ମାୟାବଳରେ ସୃଷ୍ଟି କଲେ ବୃକ୍ଷଲତା, ସରୀସୃପ, ପଶୁ, ପକ୍ଷୀ, କୀଟ, ପତଙ୍ଗ, ମଶା ମାଛି, ମାଛ ଆଦି ଭିନ୍ନ ଭିନ୍ନ ନାନା ଜୀବ ଜନ୍ତୁ । ଏତେ ସୃଷ୍ଟି କରି ମଧ୍ୟ ତାଙ୍କର ସନ୍ତୋଷ ହେଲାନି । ତେଣୁ ସେ ସୃଷ୍ଟି କଲେ ମନୁଷ୍ୟ ନାମକ ଏକ ଜୀବ । ତାକୁ ଦେଲେ ବିବେକ, ବୁଦ୍ଧି । ଭଲ ମନ୍ଦର ବିଚାର ଶକ୍ତି । କାରଣ ତା'ଦ୍ୱାରା ବ୍ରହ୍ମନ୍ ସହିତ ତା'ର ସାକ୍ଷାତ୍କାର ହୋଇପାରିବ । ମଣିଷକୁ ଗଢ଼ି ସେ ଆନନ୍ଦିତ ହେଲେ । ମନୁଷ୍ୟକୁ ଏପରି ଶକ୍ତି ଓ କ୍ଷମତା ଦେଲେ କାହିଁକି ? କାରଣ ଯାହା ତାକୁ ଦିଆଯାଇଛି, ସେଗୁଡ଼ିକର ସେ ସଦୁପଯୋଗ କରିପାରିବ । ମୋକ୍ଷ ଲାଗି ସେ ନିଜ ଶରୀରକୁ ସାଇତି ରଖି ପାରିବ । ତା'ର ଯତ୍ନ ନେବ । ଜୀବନର ମୁଖ୍ୟ ଉଦ୍ଦେଶ୍ୟ ହେଉଚି, ମୋକ୍ଷ ବା ମୋହକ୍ଷୟ । ତେଣୁ ହେ ଯଦୁରାଜ ! ମୁଁ ମୋ ଶରୀରଠୁଁ ହିଁ ଶିଖିଲି ବୈରାଗ୍ୟ କ'ଣ ? ଗୁରୁମାନଙ୍କଠୁ ଶିଖି ଶିଖି ସତ୍‌ସଙ୍ଗ କରି କରି ମୁଁ ନିଃସଂଗତ୍ୱରେ ପହଞ୍ଚି ପାରିଲି । ମୁଁ କୌଣସି ପଦାର୍ଥ କିମ୍ବା ଜୀବ ପ୍ରତି ଆସକ୍ତ ନୁହେଁ । ନିରାସକ୍ତ । 'ମୁଁ', 'ମୋର', 'ଆମର, ତା'ର' ଆଦି ବ୍ୟାଧି ଦ୍ୱାରା ମୁଁ ପୀଡ଼ିତ ନୁହଁ । ମୁଁ ଜୀବନ୍ମୁକ୍ତ । କୌଣସି କାମନା ବାସନା ମନ ଭିତରେ ନରଖି ମୁଁ ସମଗ୍ର ପୃଥିବୀରେ ଏକାଏକା ବିଚରଣ କରିବାରେ ଲାଗିଚି । ତେଣୁ ମୋ ମୁଖମଣ୍ଡଳରେ ଚିରଶାନ୍ତ ଭାବ ।

ଅବଧୂତ ଚବିଶ ଗୁରୁଙ୍କ କଥା କହି ଯଦୁରାଜଙ୍କଠାରୁ ବିଦାୟ ନେବାକୁ ଚାହିଁଲେ । ଯଦୁରାଜା ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଅବଧୂତ ଦତ୍ତାତ୍ରେୟ ଗଲାବେଳେ ରାଜାଙ୍କୁ ଶେଷ ଉପଦେଶ ଦେଇ କହିଲେ, କେବଳ ଗୁରୁଙ୍କଠାରୁ ଶିକ୍ଷାଲାଭ ଯଥେଷ୍ଟ ନୁହେଁ, ନିଜ ବୁଦ୍ଧି ବିବେକ ଦ୍ୱାରା ସବୁ ବିଷୟ ବୁଝିବା ଆବଶ୍ୟକ । ତୁମେ ଜାଣ ବହୁ ଋଷି, ମହର୍ଷି, ରାଜର୍ଷି ଅଦ୍ୱିତୀୟ ବ୍ରହ୍ମ ସମ୍ପର୍କରେ ନାନା କଥା କହିଯାଇଛନ୍ତି । ସବୁବେଳେ

ଏହି କୁହା, ଲେଖା, ପଢ଼ା ଚାଲିଥିବ । ଏ ସ୍ରୋତ ଅନନ୍ତ । କିନ୍ତୁ ତୁମେ ଯଦି ନିଜେ ବିଚାର କରି ନିର୍ଣ୍ଣୟ ନ କର, ତାହାହେଲେ ବ୍ରହ୍ମଙ୍କୁ ବାସ୍ତବ ରୂପରେ ଜାଣିବ କିପରି ?

ଭଗବାନ ଶ୍ରୀକୃଷ୍ଣଙ୍କଠୁ ଶ୍ରୀମାନ୍ ଉଦ୍ଧବ ଏଯାଏଁ ଦତ୍ତାତ୍ରେୟ ଅବଧୂତଙ୍କ ଗୁରୁକରଣ କଥା ଶୁଣୁଥିଲେ । ସେ ସ୍ତବ୍ଧ ଚକିତ ହୋଇ ପଡ଼ିଥିଲେ । ଶ୍ରୀକୃଷ୍ଣ କହିଲେ, ଏହି ଯଦୁରାଜ ଆମର ପୂର୍ବଜଙ୍କଠୁ ବଳି ପୂର୍ବଜ । ତାଙ୍କ ନାମାନୁସାରେ ଆମେ ସବୁ ଯାଦବ । ଅବଧୂତ ସମ୍ବାଦ ଶୁଣି ଆମର ଏହି ପୂର୍ବଜ ସମସ୍ତ ଆସକ୍ତିରୁ ନିଜକୁ ମୁକ୍ତ କରି ପାରିଥିଲେ । ସମଦର୍ଶୀ ହୋଇ ପାରିଥିଲେ । ତୁମେ ମଧ ସେପରି ହେବାକୁ ଚେଷ୍ଟା କର ।

ଉଦ୍ଧବ ପୂର୍ବଜଙ୍କ ବଂଶ ବିବରଣୀ ଜାଣିବାକୁ ଚାହିଁବାରେ ଶ୍ରୀକୃଷ୍ଣ କହିଲେ, ଋଷି ଅତ୍ରିଙ୍କଠାରୁ ଏହି ବଂଶର ଆରମ୍ଭ । ଅତ୍ରିଙ୍କ ପୁତ୍ର ସୋମ, ସୋମ ପୁତ୍ର ବୁଧ, ବୁଧ ପୁତ୍ର ନହୁଷ । ନହୁଷ ପୁତ୍ର ଯଯାତି । ଯଯାତିଙ୍କ ଦୁଇ ସ୍ତ୍ରୀ ଶର୍ମିଷ୍ଠା ଓ ଦେବଯାନୀ । ଶର୍ମିଷ୍ଠାଙ୍କଠାରୁ କୌରବ ବଂଶ । ଦେବଯାନୀଙ୍କ ଆଡୁ ଯାଦବ ବଂଶ । ଦେବଯାନୀଙ୍କ ପୁତ୍ର ଯଦୁ । ଯଦୁ ଓ ଅନୁଙ୍କ ଠାରୁ ବୃଷ୍ଣି, ବୃଷ୍ଣି ପରେ ଦେବରତ, ଦେବରତରୁ ଅନ୍ଧକ, ଅନ୍ଧକରୁ ଶୂର । ଶୂରଙ୍କଠାରୁ ବସୁଦେବ, ପୃଥା (କୁନ୍ତୀ) ଶ୍ରୁତିଶ୍ରବା ଓ ଅନାଧୃତି । ଶ୍ରୁତିଶ୍ରବାଙ୍କଠାରୁ ଶିଶୁପାଳ, ଅନାଧୃତିଙ୍କ ଠାରୁ ଦେବଶ୍ରବା ଏବଂ ଦେବଶ୍ରବାଙ୍କଠାରୁ ଏକଲବ୍ୟ । ତା'ପରେ ଆମେ କାହା ପୁଅ-ଝିଅ ତୁମେ ତ ଜାଣ !

●

॥ ୧୪୨ ॥

# କାଳର ଚାଲ୍ ଏହିପରି

**ଭ**ଗବାନ୍ ଶ୍ରୀକୃଷ୍ଣ ଏ ଯାଏଁ ଉଦ୍ଧବଙ୍କୁ ଅବଧୂତଙ୍କ କଥା କହି ଚାଲିଥିଲେ । ସେ କଥା ସରିଲା । ଏଣିକି ଲୌକିକ ଓ ପାରଲୌକିକ ଭୋଗ ଉପଭୋଗର ଅସାରତା ସମ୍ପର୍କରେ କହିଲେ । ଶ୍ରୀକୃଷ୍ଣ କହିଲେ, ହେ ମୋର ପ୍ରିୟ ବନ୍ଧୁ ଉଦ୍ଧବ ! ମୋର ଶରଣାଗତ ହୁଅ । ମୁଁ ଯାହା ଗୀତା ଓ ପଞ୍ଚରାତ୍ର ଆଦିରେ ଉପଦେଶ ଦେଇ ଆସିଚି, ସେହି ଧର୍ମକୁ ସାବଧାନ ରହି ପାଳନ କର । ନିଷ୍କାମ ଭାବରେ ନିଜର ବର୍ଣ୍ଣ, ଆଶ୍ରମ ଓ କୁଳ ଅନୁସାରେ ସଦାଚାର ଅନୁଷ୍ଠାନ କର । ଜଗତର ବିଷୟୀପ୍ରାଣୀ ମାତ୍ରେ ଶବ୍ଦ, ସ୍ପର୍ଶ, ରୂପ ଆଦି ବିଷୟକୁ ସତ୍ୟ ମନେ କରି ସେସବୁ ପାଇବାଲାଗି ଯତ୍ନ କରିଥାଏ । ତା'ର ଉଦ୍ଦେଶ୍ୟ

ଏଥିରୁ ସୁଖ ମିଳିବ, କିନ୍ତୁ ଦୁଃଖ ହିଁ ମିଳିଥାଏ । ନିଷ୍କାମ ହେବାର ଉପାୟ ହେଉଚି, ଶୁଦ୍ଧ ଚିତ୍ତରେ ସ୍ୱଧର୍ମ ପାଳନ କରିବା । ଯିଏ ମୋ଼ର ସ୍ୱରୂପ ଜାଣିଥାଏ, ସିଏ ହିଁ ପ୍ରକୃତ ଗୁରୁ । ଜିଜ୍ଞାସୁମାତ୍ରେ ଯମ, ନିୟମ ପାଳନ କରିବା ସହିତ ଗୁରୁଙ୍କ ସେବା କରିବା ଉଚିତ । ଶିଷ୍ୟ ମାତ୍ରେ ଅଭିମାନ କରିବା ଅନୁଚିତ । କାହାର ଖରାପ ଚିନ୍ତା ନକରି, କାହାକୁ ଗାଳିଗୁଲଜ ନକରି ପ୍ରତ୍ୟେକ କାର୍ଯ୍ୟ ଭଲମନରେ କରିବା ଉଚିତ । କୌଣସି କାର୍ଯ୍ୟ ତରବରିଆ ଭାବରେ ନ କରି ସାବଧାନ ହୋଇ କରିବା ଆବଶ୍ୟକ । ଜିଜ୍ଞାସୁର ପରମ ଧନ ହେଉଛି ଆତ୍ମା । ସ୍ତ୍ରୀ, ପୁତ୍ର, କଳତ୍ର, ଘର, କ୍ଷେତ୍ର, ଧନ, ସ୍ୱଜନ, ସବୁଥିରେ ଆତ୍ମା ହିଁ ବିରାଜିତ ବୋଲି ମନେକରିବା ଉଚିତ ।

ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଲେ, ଜ୍ୱଳନ୍ତ କାଠ ଏବଂ ଏହାକୁ ଜଳାଇଥିବା ଅଗ୍ନି ଏକ ପଦାର୍ଥ ନୁହେଁ । ଦୁହେଁ ଅଲଗା । ସେହିଭଳି ପଞ୍ଚଭୂତରେ ନିର୍ମିତ ସ୍ଥୂଳଶରୀର ଏବଂ ମନ, ବୁଦ୍ଧି ଆଦି ୧୭ଟି ତତ୍ତ୍ୱରେ ତିଆରି ସୂକ୍ଷ୍ମଶରୀର ଦୁହେଁ ଦୃଶ୍ୟ, ଜଡ଼ । କିନ୍ତୁ ଏ ଦୁଇଟିକୁ ଜାଣିବା ଏବଂ ପ୍ରକାଶିତ କରୁଥିବା ଆତ୍ମା ହେଉଛି ସାକ୍ଷୀ ଏବଂ ସ୍ୱୟଂପ୍ରକାଶ । ଶରୀର ଅନିତ୍ୟ, ଅନେକ ଏବଂ ଜଡ଼ । ଆତ୍ମା ନିତ୍ୟ, ଏକ ଏବଂ ଚେତନ । ତେଣୁ ଦେହଠୁ ଆତ୍ମା ଭିନ୍ନ । ଅଗ୍ନି ଯେତେବେଳେ କାଠରେ ପ୍ରଜ୍ୱଳିତ ହୋଇଥାଏ, ସେତେବେଳେ ସେ କାଠର ଉତ୍ପତ୍ତି, ବିନାଶ, ବଡ଼ ଛୋଟ ଆଦି ସବୁ ଗୁଣ ଗ୍ରହଣ କରିଥାଏ । କିନ୍ତୁ କାଠର ଏ ସବୁ ଗୁଣ ସହିତ ଅଗ୍ନିର କୌଣସି ସମ୍ପର୍କ ନଥାଏ । ଈଶ୍ୱରଙ୍କ ମାୟାରୂପକ ଗୁଣ ଦ୍ୱାରା ହିଁ ସ୍ଥୂଳ ଓ ସୂକ୍ଷ୍ମ ଶରୀରର ନିର୍ମାଣ । ଆତ୍ମାର ସ୍ୱରୂପ ଅନୁଭୂତ ହେବାମାତ୍ରେ, ସେହି ଜ୍ଞାନ ହିଁ ଜଡ଼କୁ କାଟିପକାଏ ।

ପ୍ରିୟ ଉଦ୍ଧବ ! ଜନ୍ମ ମୃତ୍ୟୁ ରୂପକ ସଂସାରର ଅନ୍ୟ କୌଣସି କାରଣ ନାହିଁ । ଅଜ୍ଞାନ ହିଁ ଏକମାତ୍ର କାରଣ । ଯଜ୍ଞାଦି ଲାଗି ଅରଣି ମନ୍ଥନ କରାଯାଏ । ତଳେ ଉପରେ ଦୁଇଟି କାଠ ରହେ । ମଝିରେ ମଝିରେ ରହେ ମନ୍ଥନ କାଠ । ସେହିଭଳି ବିଦ୍ୟାରୂପକ ଅଗ୍ନିର ଉତ୍ପତ୍ତି ଲାଗି ଆଚାର୍ଯ୍ୟ (ଗୁରୁ) ଓ ଶିଷ୍ୟ ହେଉଛନ୍ତି ତଳ ଉପରର ଦୁଇଟି ଅରଣିକାଠ । ଉପଦେଶ ହେଉଛି ମନ୍ଥନକାଠ । ଏଥିରୁ ଯେଉଁ ଜ୍ଞାନାଗ୍ନି ପ୍ରଜ୍ୱଳିତ ହୁଏ, ତାହା ଦିଏ ବିଲକ୍ଷଣ ଆନନ୍ଦ । ଶିଷ୍ୟ ଯେଉଁ ଜ୍ଞାନଲାଭ କରେ, ତଦ୍ୱାରା ମାୟା ଭସ୍ମୀଭୂତ ହୋଇପଡ଼େ । ଧୀରେ ଧୀରେ ବିଷୟାଦି ସମସ୍ତ ମାୟା ବା କାମନା ଲାଳସାଦି ଯେତେବେଳେ ସମ୍ପୂର୍ଣ୍ଣ ଭସ୍ମ ହୋଇଯାଏ, ସେତେବେଳେ ଆତ୍ମା ବ୍ୟତୀତ ଆଉ କିଛି ରହେନାହିଁ । ଶାନ୍ତ, ନିଶ୍ଚଳ ଅବସ୍ଥା ଆସିଥାଏ । ସମିଧ ନ ରହିଲେ, ନିଆଁ ତା ମନକୁ ଲିଭିଯାଏ । ତେଣୁ ହେ ଉଦ୍ଧବ ! ଆତ୍ମଜ୍ଞାନ ହିଁ ସମସ୍ତ ବିପତ୍ତିରୁ ମନୁଷ୍ୟକୁ ମୁକ୍ତ କରିଥାଏ ।

ଶ୍ରୀକୃଷ୍ଣ ଅନର୍ଗଳ କହି ଚାଲିଛନ୍ତି, ଉଦ୍ଧବ ମନକର୍ଣ୍ଣ ଦେଇ କେବଳ ଶୁଣିବାରେ, ମନନ କରିବାରେ ଲାଗିଛନ୍ତି । ଉଦ୍ଧବଙ୍କ ମନରେ ପ୍ରଶ୍ନର ଉଦୟ ହେବାମାତ୍ରେ ଶ୍ରୀକୃଷ୍ଣ ସେହି ପ୍ରଶ୍ନର ଉତ୍ତର ଦେବାରେ, ଉଦ୍ଧବଙ୍କ ପ୍ରଶ୍ନ କରିବାର ଆଉ ଅବକାଶ ରହୁନି ।

ଶ୍ରୀକୃଷ୍ଣ କହିଲେ, ଯଦି କୁହାଯାଏ ଯେ ଯିଏ ବୁଝି ବିଚାରି ଭଲ ଭାବରେ କର୍ମ କରିପାରେ, ସେ ସୁଖୀ ହେବ, ଯିଏ ଜାଣେନା, ସେ ଦୁଃଖ ଭୋଗ କରିବ ହିଁ କରିବ । କିନ୍ତୁ ଏ କଥା ଠିକ୍ ନୁହେଁ । ତୁମେ ଲକ୍ଷ୍ୟ କରିଥିବ, ବଡ଼ ବଡ଼ କୁଶଳୀ ବିଦ୍ୱାନଙ୍କୁ ମଧ୍ୟ ସୁଖ ମିଳେନା । ମୂଢ଼ ଲୋକଙ୍କୁ ଦୁଃଖ ଭୋଗିବାକୁ ପଡ଼େନା । ତେଣୁ ହେ ଉଦ୍ଧବ, ଯେଉଁ ଲୋକ ବୁଦ୍ଧି ଓ କର୍ମ ବଳରେ ସୁଖ ମିଳିବ ବୋଲି ଭାବିଥାଏ, ତା'ର ଅଭିମାନ ବ୍ୟର୍ଥ । ଯଦି ଏକଥାକୁ ସ୍ୱୀକାର କରାଯାଏ ଯେ ମନୁଷ୍ୟ ସୁଖପ୍ରାପ୍ତି ଏବଂ ଦୁଃଖର ବିନାଶର ଉପାୟ ଠିକ୍ ଠିକ୍ ଜାଣେ, ତାହାହେଲେ ଏକଥାକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ସେ ଏହି ଉପାୟଟିକୁ ଜାଣେନା, ଯେଉଁ ଉପାୟରେ ସେ ମୃତ୍ୟୁକୁ ହଟେଇ ଦେଇ ପାରିବ ଅର୍ଥାତ୍ ସେ କେବେହେଲେ ମରିବନି । ମୃତ୍ୟୁ ତ ତା ମୁଣ୍ଡ ଉପରେ ନାଚୁଛି । ତା'ହେଲେ ଏପରି କି ଭୋଗ କାମନା ବା ଭୋଗ ସାମଗ୍ରୀ ଅଛି, ଯାହା ଦ୍ୱାରା ସେ ସୁଖୀ ହୋଇପାରିବ ? ବିଚାରପତି ଫାଶୀଦଣ୍ଡ ଘୋଷଣା କରି ସାରିଲେଣି, ଅପରାଧକୁ ବଧ୍ୟଭୂମିକୁ ନିଆଯାଉଚି, ସେତେବେଳେ ତା'ଦେହରେ ଚନ୍ଦନ ବୋଳିଲେ କିମ୍ବା ସୁବାସିତ ପୁଷ୍ପମାଳା ଚଢ଼ାଇଲେ କ'ଣ ସେ ସୁଖ ଅନୁଭବ କରିପାରିବ ? କଦାପି ନୁହଁ ।

ପ୍ରିୟ ଉଦ୍ଧବ ! ପ୍ରତି ମୁହୂର୍ତ୍ତରେ ଅର୍ଜିତ ପୁଣ୍ୟ କ୍ଷୀଣ ହୋଇ ଚାଲିଥାଏ । କାରଣ ସୁଖ କ୍ଷୟ ହୋଇ ହୋଇ ଦିନେ ଏହା ନଷ୍ଟ ହୋଇଯାଏ । ସବୁଜ ଫଳଭରା ଫସଲ ମଧ୍ୟ ଅତିବୃଷ୍ଟି କିମ୍ବା ଅନାବୃଷ୍ଟି ଯୋଗୁଁ ନଷ୍ଟ ହୋଇଯାଏ । ସେହିଭଳି ସ୍ୱର୍ଗସୁଖ ମିଳୁ ମିଳୁ ନାନା ବିଘ୍ନ ହେତୁ ହାତଛଡ଼ା ହୋଇଯାଏ । ଯଜ୍ଞାନୁଷ୍ଠାନ କରୁଥିବା ଲୋକ ଦେବତାମାନଙ୍କୁ ଆରାଧନା କରେ । ସ୍ୱର୍ଗ ଲାଭ କରେ । ପୁଣ୍ୟକର୍ମ ଯୋଗୁଁ ଦେବତାଙ୍କ ଭଳି ଦିବ୍ୟଭୋଗ କରେ । ପୁଣ୍ୟ ଅନୁସାରେ ସେ ପାଏ ଦିବ୍ୟବିମାନ । ଏହି ବିମାନରେ ଚଢ଼ି ସେ ସୁରସୁନ୍ଦରୀଙ୍କ ସହିତ ବିବାହ କରିଥାଏ । ଗନ୍ଧର୍ବମାନେ ତା'ର ଗୁଣଗାନ କରିଥାଆନ୍ତି । ସେ ଯୁଆଡ଼େ ଯିବାକୁ ଚାହେଁ, ବିମାନରେ ବସି ଯାଇପାରେ । ଅପ୍ସରୀମାନଙ୍କ ସହିତ ସେ ନନ୍ଦନକାନନରେ କ୍ରୀଡ଼ା କରେ । ଏସବୁ ସୁଖ ଭୋଗ କଲାବେଳେ, ତା'ର ପୁଣ୍ୟ କ୍ଷୀଣ ହୋଇ ଆସୁଛି ବୋଲି ଜାଣିପାରେନା । ପୁଣ୍ୟ ଶେଷ ହେବା ପରେ ବିମାନରୁ ତଳକୁ ଖସିପଡ଼େ । ପ୍ରିୟ ଉଦ୍ଧବ ! କାଳର ଚାଲ୍ ଏହିପରି !

●

॥ ୧୪୩ ॥

# ସବୁଗୁଣ ଇନ୍ଦ୍ରଜାଲ, ମାୟାମୂଳକ

ଉଦ୍ଧବ ବୃହସ୍ପତିଙ୍କ ଶିଷ୍ୟ । ଜ୍ଞାନବାନ୍ । ତଥାପି ମନରେ ଭ୍ରମ ବହୁତ । ଭଗବାନ ଶ୍ରୀକୃଷ୍ଣ ଇହଲୀଳା ତ୍ୟାଗ କରିବା ପୂର୍ବରୁ ଉଦ୍ଧବ ନିଜ ମନର ଭ୍ରମ ଦୂର କରିବା ଲାଗି ବହୁ ପ୍ରଶ୍ନ କରିଛନ୍ତି । ଗୀତାରେ ଅର୍ଜୁନଙ୍କୁ ପ୍ରଦାନ କରିବା ଭଳି ଭଗବାନ ଉଦ୍ଧବଙ୍କୁ ମଧ୍ୟ ବହୁ ସଦ୍‌ଜ୍ଞାନ ଦାନ କରିଛନ୍ତି । ପ୍ରଶ୍ନ କରିଛନ୍ତି ଉଦ୍ଧବ ମହାରାଜ— ଏକ ହିଁ ଆତ୍ମା ଅନାଦି । ଗୁଣର ସଂସର୍ଗ ଫଳରେ ନିତ୍ୟବଦ୍ଧ ଭଳି ମନେହୋଇଥାଏ ଏବଂ ଅସଂଗ ହେବା ଯୋଗୁଁ ଆତ୍ମା ନିତ୍ୟମୁକ୍ତ ମଧ୍ୟ । ଏ ସଂପର୍କରେ ମୋ ମନରେ ଥିବା ଭ୍ରମ ଦୂର କରନ୍ତୁ ।

ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ହେ ପ୍ରିୟ ଉଦ୍ଧବ ! ଅବଧୂତଙ୍କ ମନ ସହିତ ପୃଥିବୀ, ବାୟୁ, ଆକାଶ, ଜଳ, ଅଗ୍ନି, ରବି, ଚନ୍ଦ୍ର, ସମୁଦ୍ର, କପୋତ, ଅଜଗର, ପତଙ୍ଗ, ମଧୁକୃତ୍ ଗଜ, ମଧୁହାରୀ, ହରିଣ, ମୀନ, ପିଙ୍ଗଳା, କୁରର, ବାଳକ, କୁମାରୀ କନ୍ୟା, ଶର ବା ବାଣ କାରକ, ସର୍ପ, ଉର୍ଣ୍ଣନାଭ ଓ କୀଟପେଶକାରୀ ଭୃଙ୍ଗୀ ଆଦି ୨୪ ଗୁରୁକଥା ଆଗରୁ କହିଛି । ସମଗ୍ର ବ୍ରହ୍ମାଣ୍ଡର ବସ୍ତୁ ଓ ଜୀବ ଥିଲେ ତାଙ୍କ ଗୁରୁ । ତା'ପରେ ଭଗବାନ 'ଗୁଣ' କଥା କହିଲେ । ସବୁ ଗୁଣ ମାୟାମୂଳକ । ଇନ୍ଦ୍ରଜାଲ । ଠିକ୍ ଯାଦୁ ଖେଳ ଭଳି । ତେଣୁ ମୋର ମୋକ୍ଷ ନାହିଁ କି ବନ୍ଧନ ନାହିଁ । ସ୍ୱପ୍ନ ଯେପରି ମିଥ୍ୟା, ସେହିଭଳି ସୁଖ, ଦୁଃଖ, ଶୋକ, ମୋହ, ଶରୀରର ଉତ୍ପତ୍ତି ଓ ମୃତ୍ୟୁ (ବିନାଶ), ଏସବୁ ସଂସାରର ମାୟା (ଅବିଦ୍ୟା) ଯୋଗୁଁ ସତ୍ୟ ବୋଲି ପ୍ରତୀତ ହେଲେ ମଧ୍ୟ ବାସ୍ତବିକ ନୁହେଁ । ଆତ୍ମବିଦ୍ୟା ଯୋଗୁଁ ମୁକ୍ତିର ଅନୁଭବ ଏବଂ ଅବିଦ୍ୟା ଯୋଗୁଁ ବନ୍ଧନର ଅନୁଭବ ହୋଇଥାଏ । ଏ ଦୁଇଟି ଯାକ ମୋର ଅନାଦି ଶକ୍ତି । ମୋର ମାୟା ବଳରେ ହିଁ ଏହି ଦୁଇଟିର ସୃଷ୍ଟି । ଏ ଦୁଇଟିର କୌଣସି ବାସ୍ତବିକ ଅସ୍ତିତ୍ୱ ନାହିଁ । ଜୀବ (ମନୁଷ୍ୟ) ଆତ୍ମଜ୍ଞାନ ସଂପନ୍ନ ହେଲେ 'ମୁକ୍ତ'ଆତ୍ମଜ୍ଞାନ ନ ହେବା ଯାଏଁ 'ବଦ୍ଧ' ।

ଉଦାହରଣ ଦେଇ ଶ୍ରୀକୃଷ୍ଣ କହିଲେ, ଶରୀର ଏକ ବୃକ୍ଷ । ଏହି ବୃକ୍ଷରେ ହୃଦୟରୂପକ ଏକ ବସାବାନ୍ଧି ଜୀବ ଓ ଈଶ୍ୱର ନାମକ ଦୁଇଟି ପକ୍ଷୀ ରହିଥାଆନ୍ତି । ଦୁଇଟିଯାକ ଚେତନ ହେତୁ ଦୁହେଁ ସମାନ ଏବଂ ଦୁହେଁ ପରସ୍ପରଠୁ ବିଚ୍ଛିନ୍ନ ନ ହେବା ଯୋଗୁଁ ଦୁହେଁ ଦୁଇ ସଖା । ଦୁହେଁ ଏକାଠି ରହୁଥିଲେ ମଧ୍ୟ ଜୀବ, ଶରୀର ରୂପକ ଫଳ ଅର୍ଥାତ୍ ସୁଖ ଦୁଃଖାଦି ଭୋଗ କରିଥାଏ. କିନ୍ତୁ ଈଶ୍ୱର କିଛି ଭୋଗ କରି ନଥାନ୍ତି । ସୁଖଦୁଃଖାଦି କର୍ମଫଳ ଏହାକୁ ସ୍ପର୍ଶ କରି ନଥାଏ । ସେ କେବଳ ସାକ୍ଷୀ ମାତ୍ର

ରହିଥାଆନ୍ତି । ଈଶ୍ୱର ଅଭୋକ୍ତା ଥାଇ ନିଜର ବାସ୍ତବିକ ସ୍ୱରୂପ ଓ ଜଗତକୁ ଜାଣନ୍ତି; କିନ୍ତୁ ଭୋକ୍ତା ନିଜକୁ ଜାଣି ପାରେନା, ଅନ୍ୟକୁ ଜାଣିବା ତ ଦୂରର କଥା । ଗୁଣ ହିଁ ସମସ୍ତ କର୍ମର କର୍ତ୍ତା ଓ ଭୋକ୍ତା । ଏକଥା ଜାଣି ବିଦ୍ୱାନ ପୁରୁଷ କର୍ମବାସନା ଏବଂ କର୍ମଫଳରେ ବାନ୍ଧି ହୋଇ ପଡ଼ି ନଥାଏ । ଜୀବନ୍ମୁକ୍ତ ପୁରୁଷ କୌଣସି ଭଲ କିମ୍ବା ମନ୍ଦ କରିନଥାଏ, ଭଲ ମନ୍ଦ କଥା କହି ନଥାଏ, କିମ୍ବା ଚିନ୍ତା କରି ନଥାଏ । ସେ ସର୍ବଦା ଆତ୍ମାନନ୍ଦରେ ହିଁ ମଗ୍ନ ରହିଥାଏ । ମନୁଷ୍ୟ ବେଦପାରଙ୍ଗମ ହୋଇପାରେ । ଯଦି ସେ ପରମବ୍ରହ୍ମ–ଜ୍ଞାନଶୂନ୍ୟ, ତା'ର ପରିଶ୍ରମର କୌଣସି ଫଳ ନଥାଏ । ଏହା ଠିକ୍ ଦୁଧ ଦେଉ ନଥିବା ଗାଈକୁ ଘାସ କୁଟା ଦେଇ ପୋଷିବା ଭଳି । ଯେଉଁ ବାଣୀ ବା କଥନରେ ଜଗତର ଉତ୍ପତ୍ତି, ସ୍ଥିତି ଏବଂ ପ୍ରଳୟରୂପକ ମୋର ଲୋକପାବନ ଲୀଳାର ବର୍ଣ୍ଣନା ନାହିଁ ଏବଂ ଯେଉଁଠି ଲୀଳାବତାରଙ୍କ ଯଶୋଗାନ ନାହିଁ, ସେ ବାଣୀ 'ବନ୍ଧ୍ୟା' । ବୁଦ୍ଧିମାନ ମନୁଷ୍ୟ ସେ ବାଣୀର ଉଚ୍ଚାରଣ ଓ ଶ୍ରବଣ କରିବା ଅନୁଚିତ । ହେ ଉଦ୍ଧବ ! ତୁମେ ଯଦି ମନକୁ ପରବ୍ରହ୍ମଙ୍କଠି ସ୍ଥିର ରଖି ନପାର, ତାହାହେଲେ ନିରପେକ୍ଷ ଭାବରେ ସମସ୍ତ କର୍ମ ମୋ ଲାଗି ହିଁ କର । ମୋ କଥା କହି, ଲୋକଙ୍କ ମନକୁ ପବିତ୍ର କର, ଲୋକଙ୍କ ମଙ୍ଗଳ କର ।

ଭଗବାନ କହିଲେ, ଭକ୍ତିର ପ୍ରାପ୍ତି ସତ୍‌ସଙ୍ଗରୁ ହୋଇଥାଏ । ଯିଏ ଭକ୍ତ, ସେ ମୋର ଉପାସକ । ସେ ମୋର ସାନ୍ନିଧ୍ୟ ଅନୁଭବ କରିଥାଏ । ଏହା ସର୍ବଶ୍ରେଷ୍ଠ ତପସ୍ୟା ତଥା ସାଧନା । ଅନ୍ତର ଶୁଦ୍ଧ ହୋଇଯିବା ମାତ୍ରେ ମୋ ଭକ୍ତ ସାଧୁ ସନ୍ନ୍ୟାସୀମାନଙ୍କ ଉପଦେଶ ଗ୍ରହଣ କରିଥାଏ । ମୋର ବାସ୍ତବିକ ସ୍ୱରୂପକୁ ସେ ସହଜରେ ଜାଣିପାରେ, ଚିହ୍ନିପାରେ ।

ଭକ୍ତ ଓ ଭକ୍ତିର ରହସ୍ୟ ଜାଣିବାକୁ ଉଦ୍ଧବ ପ୍ରଶ୍ନ କରିବାରେ ଭଗବାନ କହିଲେ, ମୋ ଭକ୍ତ, କୃପାର ଜୀବନ୍ତ ମୂର୍ତ୍ତି । କୌଣସି ପ୍ରାଣୀ ପ୍ରତି ତା'ର ବୈରଭାବ ରହି ନଥାଏ । ଘୋର ବା ଘୋରତର ଦୁଃଖକୁ ସେ ପ୍ରସନ୍ନ ଚିତ୍ତରେ ଗ୍ରହଣ କରିଥାଏ । ତା' ମନ କାମନା ଦ୍ୱାରା କଳୁଷିତ ହୋଇ ପଡ଼ି ନଥାଏ । ସେ ସଂଯମୀ, ମଧୁରସ୍ୱଭାବ ଓ ପବିତ୍ର । ସେ କୌଣସି ବସ୍ତୁ ପାଇବା ଲାଗି ଚେଷ୍ଟା ସୁଦ୍ଧା କରିନଥାଏ । କ୍ଷୁଧା, ତୃଷ୍ଣା, ମୋହ ଇତ୍ୟାଦି ତାଦ୍ୱାରା ବଶୀଭୂତ । ପରିମିତ ଭୋଜନ କରି ସେ ଶାନ୍ତ ରହିଥାଏ । ସେ କାହାଠୁ ସମ୍ମାନ ଆଶା କରିନଥାଏ ଅଥଚ ସମସ୍ତଙ୍କୁ ସମାନ ଭାବରେ ସମ୍ମାନ କରିଥାଏ । ମୁଁ କିଏ, ମୁଁ କେତେବଡ଼, ମୁଁ ଦେଖିବାକୁ କିପରି, ଏସବୁ କଥା ଜାଣୁ ବା ନଜାଣୁ, ଯିଏ ଅନନ୍ୟଭାବରେ ମୋର ଭଜନ କୀର୍ତ୍ତନ କରିଥାଏ, ସିଏ ମୋ ପରମ ଭକ୍ତ ।

ହେ ଉଦ୍ଧବ ! ଯାହା କିଛି ପାଇବ, ମତେ ସମର୍ପଣ କରିଦିଅ । ଦାସ୍ୟ ଭାବରେ ମତେ ଆତ୍ମନିବେଦନ କର । ମୋର ଦିବ୍ୟଜନ୍ମଦିବସ ପାଳନ କର । ଜନ୍ମାଷ୍ଟମୀ,

ରାମନବମୀ ଆଦି ପର୍ବଦିନରେ ଆନନ୍ଦ ଉଲ୍ଲାସ ସହିତ ସଂଗୀତ, ନୃତ୍ୟ, ବାଦ୍ୟ ବାଦନ ଆଦି ମୋ ମନ୍ଦିରରେ କରିବା ଉଚିତ । ବୈଦିକ ଅଥବା ତାନ୍ତ୍ରିକ ରୀତିରେ ଦୀକ୍ଷା ଗ୍ରହଣ କରିବ । ମନ୍ଦିରରେ ମୋର ମୂର୍ତ୍ତି ସ୍ଥାପନ କରି ପୂଜା କରିବ । ଏକା ଏକା ନ କରିପାରିଲେ, ଅନ୍ୟମାନଙ୍କ ସହିତ ମିଳିମିଶି କରିପାର । କିପରି ପୂଜା କରାଯିବ, ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ସମସ୍ତ ପଦ୍ଧତି ପ୍ରାଞ୍ଜଳ ଭାବରେ ବୁଝାଇଦେଲେ । ତା'ପରେ ସତ୍‌ସଙ୍ଗର ମହିମା ଓ କର୍ମତ୍ୟାଗର ବିଧିବିଧାନ କଥା କହିଲେ ।

●

॥ ୧୪୪ ॥

# ସତ୍‌ସଙ୍ଗରୁ ଗୋପୀ-ପ୍ରସଙ୍ଗ

**ଭ**ଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାରେ ଅର୍ଜୁନଙ୍କୁ କ୍ଷତ୍ରିୟୋଚିତ ଧର୍ମ ପାଳନ ହିଁ ନିଜର କର୍ତ୍ତବ୍ୟ ବୋଲି କହିଥିଲେ । ଏଥିଲାଗି ଅଠରଟି ଅଧ୍ୟାୟରେ ସାତଶହ ଶ୍ଳୋକ ସନ୍ନିବେଶିତ କରାଯାଇଚି । ଶ୍ରୀମଦ୍ ଭାଗବତରେ ଏକାଦଶ ସ୍କନ୍ଧର ଷଷ୍ଠ ଅଧ୍ୟାୟରୁ ଅଣତ୍ରିଶ ଅଧ୍ୟାୟ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ-ଉଦ୍ଧବ ସମ୍ବାଦ ହିଁ ଚାଲିଛି ।

ଶ୍ରୀକୃଷ୍ଣ କହିଲେ, ହେ ଦେବଗୁରୁ ବୃହସ୍ପତିଙ୍କ ଶିଷ୍ୟ ମୋର ପ୍ରିୟ ଉଦ୍ଧବ ! ଜଗତରେ ଯେତେ ଆସକ୍ତି ରହିଛି, ସବୁ ନଷ୍ଟ କରିଥାଏ ସତ୍‌ସଙ୍ଗ । ସତ୍‌ସଙ୍ଗ ଦ୍ୱାରା ମୁଁ ଯେପରି ବଶୀଭୂତ ତାହା କୌଣସି ଯୋଗ, ତପସ୍ୟା, ସାଧନ, ଧର୍ମପାଳନ ଏପରିକି ସାଂଖ୍ୟ ଦ୍ୱାରା ମଧ୍ୟ ସମ୍ଭବ ନୁହଁ । ଋଷି ମହର୍ଷିଙ୍କଠାରୁ ଆରମ୍ଭ କରି ବୃତ୍ରାସୁର, ପ୍ରହ୍ଲାଦ, ବୃଷପର୍ବା, ବଳି, ବାଣାସୁର, ମୟଦାନବ, ବିଭୀଷଣ, ସୁଗ୍ରୀବ, ହନୁମାନ, ଗଜେନ୍ଦ୍ର, ଜଟାୟୁ, ଧର୍ମବ୍ୟାଧ, କୁବ୍‌ଜା, ବ୍ରଜବାସିନୀ ଗୋପୀ, ଯଜ୍ଞପତ୍ନୀ ପ୍ରମୁଖ ସମସ୍ତେ ସତ୍‌ସଙ୍ଗ ଦ୍ୱାରା ପ୍ରଭାବିତ ହୋଇ ମତେ ପାଇପାରିଛନ୍ତି ।

ସତ୍‌ସଙ୍ଗ କଥା କହୁ କହୁ ଗୋପୀପ୍ରସଙ୍ଗ ଆସିଯିବାରେ ଶ୍ରୀକୃଷ୍ଣ ବିହ୍ୱଳିତ ହୋଇପଡ଼ିଲେ । ସାନ୍ଦିପନୀ ଆଶ୍ରମରୁ ପାଠପଢ଼ା ସାରି ଶ୍ରୀକୃଷ୍ଣ ମଥୁରାକୁ ଫେରିଲେ । ପଢ଼ାପଢ଼ିରେ ମନ ଲାଖି ରହିଥିବାରୁ ସେ ଗୋପୀମାନଙ୍କୁ ଭୁଲିଯାଇଥିଲେ । ମଥୁରାରେ କୌଣସି କାମ ଧନ୍ଦା ଆରମ୍ଭ ହୋଇ ନଥିଲା । ମନ ଫାଙ୍କା । ଠିକ ବଂଶୀଭଳି । ହଠାତ୍ ଗୋପୀ-ଧ୍ୱନି ପଶିଆସିଲା ଶ୍ରୀକୃଷ୍ଣଙ୍କ ମନମୁରଲୀ ଭିତରେ । ବିରହିଣୀ ଗୋପିକାମାନଙ୍କ ମନ ବୁଝାଇବା ଲାଗି ସେ ଆଗରୁ ଥରେ ପଠାଇଥିଲେ ଉଦ୍ଧବଙ୍କୁ ବ୍ରଜବୃନ୍ଦାବନକୁ । ବ୍ରହ୍ମଜ୍ଞାନୀ ଉଦ୍ଧବ ବ୍ରଜକୁ ଯାଇ ଗୋପୀମାନଙ୍କୁ ଭେଟିଥିଲେ । ଶ୍ରୀକୃଷ୍ଣ ସ୍ୱୟଂ ପରବ୍ରହ୍ମ ।

ନରରୂପୀ ନାରାୟଣ ବୋଲି ସେ କହିବାରେ ଗୋପୀମାନେ ଉଦ୍ଧବଙ୍କୁ କହିଲେ, ବ୍ରଜହାଟରେ ବ୍ରହ୍ମଜ୍ଞାନର ଖରିଦ୍‌ଦାର ଜଣେ ହେଲେ ପାଇବ ନାହିଁ । ଏଇଟା କୃଷ୍ଣପ୍ରେମର ହାଟ । କେବଳ କୃଷ୍ଣ କଥା କହିବ ତ କହ, ନଚେତ ତୁମ ବ୍ରହ୍ମଜ୍ଞାନର ବୁଜୁଳି ବାନ୍ଧି ଯେଉଁ ବାଟେ ବାଟେ ଆସିଚ ବନ୍ଧୁ, ସେହି ବାଟେ ବାଟେ ଯାଅ । ଭକ୍ତିମୟୀ ଗୋପୀମାନଙ୍କଠାରୁ ବିଦାୟ ନେଇ ଉଦ୍ଧବ ପହଞ୍ଚିଥିଲେ ଶ୍ରୀକୃଷ୍ଣଙ୍କ ନିକଟରେ । ଉଦ୍ଧବ ଶ୍ରୀକୃଷ୍ଣଙ୍କୁ ହାତଯୋଡ଼ି କହିଥିଲେ, ମତେ ପରଜନ୍ମରେ ବ୍ରଜବୃନ୍ଦାବନର ଗୁଳ୍ମଲତା ବା ଘାସ କରିଦିଅ । ତାହାହେଲେ ମୁଁ କୃଷ୍ଣପ୍ରାଣା ଗୋପୀମାନଙ୍କ ପଦରଜ ପାଇ ଜୀବନକୁ କୃତାର୍ଥ କରିପାରିବି ।

ଏବେ ଶହେ କୋଡ଼ିଏ ବର୍ଷର ବୁଢ଼ା ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ସେହି ଉଦ୍ଧବ । ଗୋପୀମାନେ ହିଁ ସତ୍‌ସଙ୍ଗର ଜୀବନ୍ତ ପ୍ରତିମୂର୍ତ୍ତି ବୋଲି ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ ଭାବବିହ୍ୱଳ ହୋଇ ପଡ଼ିଲେ । ମଥୁରାରେ ଥିବାବେଳେ ଯେଉଁ ବିଚ୍ଛେଦ, ଏବେ ବି ସେହି ବିଚ୍ଛେଦ । କହିଲେ, ହେ ଉଦ୍ଧବ, ଅକ୍ରୂର ରଥ ଧରି ଆସିଲେ ମଥୁରାରୁ ଗୋପପୁରକୁ । ଆମ ଦୁଇ ଭାଇଙ୍କୁ ମାମୁ କଂସଙ୍କ ଧନୁଯାତ୍ରା ଦେଖେଇବା ପାଇଁ ରଥରେ ବସାଇ ନେଲେ । କ'ଣ କହିବି ଉଧୋ ! ସେତେବେଳେ ଗୋପୀମାନଙ୍କ ହୃଦୟ ପ୍ରଗାଢ଼ ପ୍ରେମାନୁରାଗରେ ଅନୁରଂଜିତ ଥିଲା । ମୋର ବିଚ୍ଛେଦ ସେମାନଙ୍କ ପକ୍ଷରେ ଅସହ୍ୟ ହୋଇ ପଡ଼ିଥିଲା । ସେମାନେ ଏପରି କୃଷ୍ଣପାଗଳିନୀ ହୋଇ ପଡ଼ିଥିଲେ ଯେ, ମୋ କଥା ବ୍ୟତୀତ ସେମାନେ ଆଉ କିଛି ହେଲେ ଶୁଣିବାକୁ ପ୍ରସ୍ତୁତ ନଥିଲେ । ବୃନ୍ଦାବନରେ ଥିବାବେଳେ ମୁଁ ସେମାନଙ୍କ ସହିତ ରାସକ୍ରୀଡ଼ା କରୁଥିଲି । ରାତି ବିତିଯାଉଥିଲା । ସେମାନେ ଗୃହ ଗୃହସ୍ଥି କଥା ସଂପୂର୍ଣ୍ଣ ଭୁଲିଯାଉଥିଲେ । ସେମାନେ ମୋର ବାସ୍ତବିକ ସ୍ୱରୂପ ଜାଣି ପାରୁନଥିଲେ । ସମସ୍ତେ ମତେ ନିଜର ପ୍ରିୟତମ ମନେ କରୁଥିଲେ । ଏହି ଭାବ ହିଁ ଥିଲା ସେମାନଙ୍କର ସତ୍‌ସଙ୍ଗ ।

ତେଣୁ ହେ ଉଦ୍ଧବ, ତୁମ ମନରେ ସର୍ବଦା ଗୋପୀଭାବ ରହୁ । ତୁମେ ଶ୍ରୁତି, ସ୍ମୃତି, ବେଦ, ବିଧି ନିଷେଧ, ପ୍ରବୃତ୍ତି ନିବୃତ୍ତି ଆଦି ଶୁଣିବାଯୋଗ୍ୟ ଏବଂ ଶୁଣିଥିବା ବିଷୟଗୁଡ଼ିକୁ ପରିତ୍ୟାଗ କରି, କେବଳ ମୋ ଭାବନାରେ ମନକୁ ବୁଡ଼େଇ ରଖ । ମୋର ଶରଣ ଗ୍ରହଣ କର । ତାହାହେଲେ ନିର୍ଭୀକ ହୋଇପାରିବ । ମନରେ ସଂକୋଚ, ଲଜ୍ଜା ବୋଲି କିଛି ରହିବ ନାହିଁ ।

ଏତେ କହିବା ପରେ ମଧ୍ୟ ଉଦ୍ଧବଙ୍କ ମନରୁ ସନ୍ଦେହ ତୁଟିଲା ନାହିଁ । ପ୍ରଶ୍ନ କଲେ, ମୁଁ ସ୍ୱଧର୍ମ ପାଳନ କରିବି ନା ସବୁଛାଡ଼ି ଦେଇ ଆପଣଙ୍କ ଶରଣ ଗ୍ରହଣ କରିବି ?

ଶ୍ରୀକୃଷ୍ଣ କହିଲେ, ସମସ୍ତ କର୍ତ୍ତା, କାରଣ ଏବଂ କର୍ମ ମୋର ହିଁ ଅଭିବ୍ୟକ୍ତି । ସମସ୍ତଙ୍କୁ ଜୀବିତ ରଖୁଥିବା ପରମେଶ୍ୱର ହିଁ ତ୍ରିଗୁଣମୟ (ସତ୍ତ୍ୱ, ରଜ, ତମ) ବ୍ରହ୍ମାଣ୍ଡ—

କରଣର କାରଣ । ଏହି ପରମେଶ୍ୱର ଆଦି ପୁରୁଷ, ପ୍ରଥମେ ଏକ ଓ ଅବ୍ୟକ୍ତ ଥିଲେ । ଯେପରି କ୍ଷେତରେ ବୁଣା ହେଉଥିବା ବିହନ ଶାଖା-ପତ୍ର-ପୁଷ୍ପ ଆଦି ଅନେକ ରୂପ ଧାରଣ କରିଥାଏ, ସେହିଭଳି କାଳଗତିରେ ମାୟାର ଆଶ୍ରୟ ନେଇ ପରମେଶ୍ୱର ନିଜ ଶକ୍ତିକୁ ଭାଗ ଭାଗ କରି ନେଲେ ଏବଂ ଅନେକ ରୂପରେ ପ୍ରତୀତ ହେଲେ । ଯେପରି ସୂତା ବିନା ବସ୍ତ୍ରର କୌଣସି ଅସ୍ତିତ୍ୱ ନାହିଁ, କିନ୍ତୁ ସୂତା ବିନାବସ୍ତ୍ରରେ ରହିପାରେ, ସେହିଭଳି ଏହି ଜଗତ ନରହିଲେ ମଧ୍ୟ ପରମାତ୍ମା ରହିଥାଆନ୍ତି । କିନ୍ତୁ ଜଗତ୍ ପରମାତ୍ମାଙ୍କ ରୂପ । ପରମାତ୍ମା ବିନା ଜଗତର ଅସ୍ତିତ୍ୱ ନାହିଁ ।

ହେ ଉଦ୍ଧବ ! ବାସ୍ତବରେ ମୁଁ ଏକ । ମୋର ଯେଉଁ ଅନେକ ପ୍ରକାରର ରୂପ, ସବୁ ହେଉଚି ମାୟାମୟ । ଯିଏ ଗୁରୁଙ୍କ ଦ୍ୱାରା ଏହି କଥାଟିକୁ ବୁଝିପାରେ, ସେ ବେଦର ସମସ୍ତ ରହସ୍ୟ ଭେଦକରି ପାରିଚି ବୋଲି ଜାଣିବ । ତେଣୁ ହେ ଉଧୋ ! ପରମାତ୍ମା ସ୍ୱରୂପ ହୋଇ ବୃତ୍ତିରୂପକ ଅସ୍ତ୍ରକୁ ଛାଡ଼ି ଦିଅ ଏବଂ ନିଜର ଅଖଣ୍ଡ ସ୍ୱରୂପରେ ଅଟଳ ରହ । ନିରନ୍ତର ସାତ୍ତ୍ୱିକ ବସ୍ତୁ ସେବନ କଲେ, ସତ୍ତ୍ୱଗୁଣର ବୃଦ୍ଧି ହୋଇଥାଏ ଏବଂ କ୍ରମଶଃ ମୋର ଭକ୍ତି ରୂପକ ସ୍ୱଧର୍ମରେ ପ୍ରବୃତ୍ତ ହେବା ଦିଗରେ ପ୍ରବୃତ୍ତି ହୋଇଥାଏ । କାଠକୁ କାଠରେ, ପଥରକୁ ପଥରରେ ଘଷିଲେ ଅଗ୍ନି ସୃଷ୍ଟି ହୁଏ ଏବଂ ଏହି ଅଗ୍ନି ସମଗ୍ର ଜଙ୍ଗଲକୁ ପୋଡ଼ି ପାଉଁଶ କରିଦିଏ । ତା'ପରେ ଅଗ୍ନି ଶାନ୍ତ, ଶୀତଳ । ସେହିଭଳି ଏ ଶରୀର, ଗୁଣର ବୈଷମ୍ୟରୁ ଉତ୍ପନ୍ନ । ବିଚାର ଦ୍ୱାରା ମନ୍ଥନ କଲେ ଜ୍ଞାନାଗ୍ନି ପ୍ରଜ୍ୱଳିତ ହୋଇଥାଏ ଏବଂ ଏହା ସମସ୍ତ ଶରୀର ଓ ଗୁଣଗୁଡ଼ିକୁ ଭସ୍ମ କରି ନିଜେ ଶାନ୍ତ ହୋଇଯାଏ ।

●

॥ ୧୪୫ ॥

# ଏ ଜଗତ ମନର ବିଳାସ ମାତ୍ର

**ଭ**ଗବାନ ଶ୍ରୀକୃଷ୍ଣ ଧରାଧାମରୁ ବିଦାୟ ନେବାପାଇଁ ତରତର । ଅଳ୍ପଦିନ ପରେ ସେ ସ୍ୱଧାମ ବୈକୁଣ୍ଠପୁରୀକୁ ଫେରିଯିବେ । ଏକାନ୍ତରେ ଭଗବାନଙ୍କୁ ପାଇଛନ୍ତି ବୃହସ୍ପତି ଶିଷ୍ୟ ଉଦ୍ଧବ । ମନର ପଙ୍କୋଦ୍ଧାର ଲାଗି ସେ ଭଗବାନଙ୍କୁ ନିଯୁକ୍ତ କରିଛନ୍ତି । ଏ ସୁଯୋଗ ଛାଡ଼ିଦେଲେ, ଭଗବାନଙ୍କୁ ପାଇବା ସମ୍ଭବ ନୁହେଁ । ଏଥିଲାଗି କେତେ ତପସ୍ୟା, ସାଧନା ଦରକାର ।

ଭଗବାନ କହିଲେ, ବନ୍ଧୁ ଉଦ୍ଧବ ! ସତ୍ତ୍ୱ, ରଜଃ ଓ ତମ ଏହି ତିନୋଟି ପ୍ରକୃତି (ବୁଦ୍ଧି)ର ଗୁଣ, ଆତ୍ମାର ନୁହଁ । ସତ୍ତ୍ୱ ଦ୍ୱାରା ରଜଃ ଓ ତମ ଏହି ଦୁଇଗୁଣକୁ ହଟେଇ ଦିଆଯିବା ଆବଶ୍ୟକ । ସତ୍ତ୍ୱ ଗୁଣ ବଢ଼ିଲେ ଜୀବ ମୋର ଭକ୍ତିରୂପକ ସ୍ୱଧର୍ମ ଲାଭ କରିଥାଏ । କାଠ ବା ପଥର ସହିତ କାଠ ଓ ପଥର ରଗଡ଼ିଲେ ନିଆଁ ବାହାରେ । ଏହି ନିଆଁ ଜଙ୍ଗଲକୁ ଜାଳିପୋଡ଼ି ପାଉଁଶ କରିଦେବା ପରେ ଆପେ ଆପେ ଶାନ୍ତ ହୋଇପଡ଼େ । ସେହିଭଳି ବିଚାର ଦ୍ୱାରା ମନ୍ଥନ କରିବାରେ ଜ୍ଞାନାଗ୍ନି ପ୍ରଜ୍ୱଳିତ ହୁଏ ଏବଂ ଏହା ସମସ୍ତ ଶରୀର ଏବଂ ଗୁଣକୁ ଭସ୍ମ କରି ସ୍ୱୟଂ ଶାନ୍ତ ହୋଇପଡ଼େ ।

ଉଦ୍ଧବ ପ୍ରଶ୍ନ କଲେ, ମଣିଷ ଜାଣେ ଯେ ବିଷୟ ବା ସମ୍ପତ୍ତି ବିପତ୍ତିର ଘର । ତଥାପି ବିଷୟ ବାସନାରେ ମାତି ସେ ଗଧ, କୁକୁର, ଛେଳି, ମେଣ୍ଢା, ଭଳି ଦୁଃଖ ଭୋଗ କରିଥାଏ । ଏହାର କାରଣ କ'ଣ ?

ଭଗବାନ କହିଲେ, ଅଜ୍ଞାନ ହିଁ ଏହାର କାରଣ । ବିଷୟପଙ୍କରେ ଲଟପଟ ହୋଇ ସେ ନିଜ ସ୍ୱରୂପକୁ ଭୁଲିଯାଏ । ଫଳରେ ଅହଂଭାବ ବଢ଼ିବାରେ ଲାଗେ । ତା'ର ସତ୍ତ୍ୱପ୍ରଧାନ ମନ ରଜଃଗୁଣ ଆଡ଼ିକି ଢଳିପଡ଼େ । ଦୁର୍ବୁଦ୍ଧି ହେତୁ କାମ ପାଖରେ ବନ୍ଧା ହୋଇଯାଏ । ସେଥିରୁ ଫିଟି ଆସିବା ତା'ପକ୍ଷରେ କାଠିକର ପାଠ ହୋଇପଡ଼େ । ରଜଃଗୁଣ ତାକୁ ମୋହିତ କରିପକାଏ । ଅତି ସାବଧାନତା ସହିତ ନିଜ ବିବେକବୁଦ୍ଧି ଖଟେଇ ନିଜ ମନକୁ ଏକାଗ୍ର କରି ମୋ ପ୍ରତି ମନ ଲଗାଇଲେ, ବିଷୟ ପାଖରୁ ମୁକ୍ତି ପାଇବା ସହଜ ହୁଏ ।

ଉଦ୍ଧବଙ୍କର ପ୍ରଶ୍ନ ପରେ ପ୍ରଶ୍ନ । ପଚାରିଲେ, ହେ ଶ୍ରୀକୃଷ୍ଣ ! ଆପଣ ଯେଉଁ ସମୟରେ, ଯେଉଁ ରୂପରେ ସନକାଦି ପରମ ମହର୍ଷିମାନଙ୍କୁ ଯୋଗ ସାଧନ ଲାଗି ନିର୍ଦ୍ଦେଶ ଦେଇଥିଲେ, ସେ ରୂପଟି କ'ଣ ମୁଁ ଜାଣିବାକୁ ଚାହେଁ ।

ଶ୍ରୀକୃଷ୍ଣ କହିଲେ, ସେଇଟି ମୋର ହଂସରୂପ । ତୁମେ ଜାଣ ସନକ, ସନନ୍ଦ, ସନାତନ ଆଦି ସପ୍ତର୍ଷି ବ୍ରହ୍ମାଙ୍କ ମାନସପୁତ୍ର । ସେମାନେ ଏକଦା ନିଜ ପିତାଙ୍କୁ ଯୋଗର ସୂକ୍ଷ୍ମ ଓ ଅନ୍ତିମ ସୀମା ସଂପର୍କରେ ପ୍ରଶ୍ନ କରିଥିଲେ । ବ୍ରହ୍ମା ସବୁ ଦେବତାଙ୍କ ଶିରୋମଣି, ସ୍ୱୟମ୍ଭୂ ଏବଂ ସବୁ ପ୍ରାଣୀଙ୍କ ଜନ୍ମଦାତା । ତଥାପି ସେ ଧ୍ୟାନସ୍ଥ ହୋଇ ସୁଦ୍ଧା ମହର୍ଷିମାନଙ୍କ ପ୍ରଶ୍ନର ମୂଳକାରଣ କ'ଣ କହିପାରିଲେ ନାହିଁ । କାରଣ ତାଙ୍କ ବୁଦ୍ଧି କର୍ମପ୍ରବଣ ହୋଇ ପଡ଼ିଥିଲା । ଏ ପ୍ରଶ୍ନର ଯଥାର୍ଥ ଉତ୍ତର ଦେବା ଲାଗି ସେ ଭକ୍ତିଭାବରେ ମତେ ଚିନ୍ତା କଲେ । ମୁଁ ହଂସରୂପ ଧରି ତାଙ୍କ ସମ୍ମୁଖରେ ପ୍ରକଟିତ ହେଲି । ମତେ ଦେଖିବାମାତ୍ରେ ସନକାଦି ଋଷିମାନେ ବ୍ରହ୍ମାଙ୍କୁ ପଛ ଆଡ଼ କରି ମୋ ପାଖକୁ ଆସିଲେ । ମୋର ପଦବନ୍ଦନା

କଲେ । ମତେ ଦେଖି ସେମାନେ ପ୍ରଶ୍ନ କଲେ, ଆପଣ କିଏ ? ଏପରି ପ୍ରଶ୍ନ କରିବାରେ ମୁଁ ମନେ ମନେ ହସିଲି, କହିଲି, ହେ ବ୍ରାହ୍ମଣଗଣ ! ପରମାର୍ଥ ସର୍ବଥା ତତ୍ତ୍ୱରଚିତ । ତେଣୁ ଆତ୍ମା ସମ୍ପର୍କରେ ଆପଣମାନଙ୍କ ଏପରି ପ୍ରଶ୍ନ ଯୁକ୍ତିସଂଗତ ହେବ କିପରି ? ଯଦିବା ଉତ୍ତର ଦିଏ, ତାହାହେଲେ କେଉଁ ଜାତି, ଗୁଣ ଓ କ୍ରିୟାକୁ ଆଶ୍ରୟ କରି କହିବି ? ଦେବତା, ମନୁଷ୍ୟ, ପଶୁ, ପକ୍ଷୀ ଆଦି ସମସ୍ତଙ୍କ ଶରୀର ପଞ୍ଚଭୂତାତ୍ମକ ହେତୁ ଅଭିନ୍ନ । ପରମାର୍ଥ ରୂପରେ ମଧ୍ୟ ଅଭିନ୍ନ । ତେଣୁ ''ଆପଣ କିଏ ?'' ବୋଲି ପ୍ରଶ୍ନ କରିବା ହେଉଚି କେବଳ ବାଣୀର ଠାଣି ମାତ୍ର । ଏହା ବିଚାରପୂର୍ବକ ନୁହଁ, ତେଣୁ ନିରର୍ଥକ । ମନ, ବଚନ, ଦର୍ଶନ ବା ଅନ୍ୟ ଇନ୍ଦ୍ରିୟାଦି ଦ୍ୱାରା ଯାହାବା ଗ୍ରହଣ କରାଯାଇଥାଏ, ସବୁଥିରେ ମୁଁ ରହିଛି । ମୋ ବ୍ୟତୀତ ଅନ୍ୟ କିଛି ନାହିଁ । ଏହି ସିଦ୍ଧାନ୍ତକୁ ଆପଣମାନେ ତତ୍ତ୍ୱବିଚାର ଦ୍ୱାରା ବୁଝିନିଅନ୍ତୁ । ଏ ଜଗତ ହେଉଚି ମନର ବିଳାସ ମାତ୍ର । ତେଣୁ ହେ ଉଦ୍ଧବ, ଆତ୍ମାନନ୍ଦରେ ମଗ୍ନ ରହ । ଯେପରି ମଦିରା (ମଦ) ପାନ କରି ଉନ୍ମତ୍ତ ପୁରୁଷ ତା' ଦେହରେ ଲୁଗା ଅଛି କି ଖସି ତଳେ ପଡ଼ିଲାଣି ଜାଣିପାରେନା କିମ୍ୱା ଜାଣିବାକୁ ଚାହେଁନା, ସେହିପରି ଯେଉଁ ସିଦ୍ଧପୁରୁଷ ଶରୀରରେ ଥାଇ, ନିଜ ସ୍ୱରୂପ ସହିତ ସାକ୍ଷାତକାର କରିଥାଏ, ସେ ପ୍ରାରବ୍ଧବଶତଃ ଠିଆ ହୋଇଛି କି ବସିଚି କିମ୍ୱା ଦୈବାତ୍ କୁଆଡ଼େ ଚାଲିଯାଇଚି, ନଶ୍ୱର ଶରୀର ସମ୍ପର୍କୀୟ ଏ ବିଷୟ ପ୍ରତି କେବେହେଲେ ଧ୍ୟାନ ଦେଇ ନଥାଏ ।

ହଂସରୂପୀ ଭଗବାନ ସନକାଦି ଋଷିମାନଙ୍କୁ କହିଲେ, ମୁଁ ଆପଣମାନଙ୍କୁ ଯାହା କହିଲି, ସେ ସବୁ ଯୋଗ ଓ ସାଂଖ୍ୟ ଉଭୟର ଗୋପନୀୟ ରହସ୍ୟ । ''ଆପଣ କିଏ ?'' ବୋଲି ପଚାରିଚ, ତା'ର ଉତ୍ତର ହେଉଚି ମୁଁ ସ୍ୱୟଂ ଭଗବାନ । ତୁମମାନଙ୍କୁ ଉପଦେଶ ଦେବା ଲାଗି ଏଠିକି ଆସିଚି । ମୁଁ ଯୋଗ, ସାଂଖ୍ୟ, ସତ୍ୟ, ଋତ (ଇନ୍ଦ୍ରିୟ ନିଗ୍ରହ)– ଏସବୁର ପରମଗତି, ପରମ ଅଧିଷ୍ଠାନ । ମୁଁ ସମସ୍ତ ଗୁଣ ରହିତ । ମୋର କାହାକୁ ଅପେକ୍ଷା ନାହିଁ । ତଥାପି ସାମ୍ୟ ଓ ଅସଂଗତି ଆଦି ଗୁଣ ମୋର ସେବା କରିଥାଆନ୍ତି । ସେଗୁଡ଼ିକ ମୋଠି ପ୍ରତିଷ୍ଠିତ । କାରଣ ମୁଁ ସମସ୍ତଙ୍କର ଶୁଭାକାଂକ୍ଷୀ, ପ୍ରିୟତମ ଓ ଆତ୍ମା ।

ପ୍ରିୟ ଉଦ୍ଧବ ! ମୁଁ ଏହିଭଳି ଭାବରେ ମହର୍ଷିମାନଙ୍କୁ ବୁଝାଇବାରେ ସେମାନଙ୍କ ମନରୁ ଭ୍ରମ ଦୂର ହୋଇଥିଲା । ସେମାନେ ପରମ ଭକ୍ତି ସହିତ ମୋର ପୂଜା ଅର୍ଚ୍ଚନା କଲେ, ମୋର ମହିମାଗାନ କଲେ, ସ୍ତୁତି କଲେ । ତା'ପରେ ବ୍ରହ୍ମା ସେଠାରେ ଉପସ୍ଥିତ ଥିବାବେଳେ ହିଁ ମୁଁ ହଂସ ରୂପରେ ଉଡ଼ି ପଳେଇଲି । ଉଭାନ ହୋଇଗଲି ।

●

॥ ୧୪୬ ॥

# ଉଦ୍ଧବ ! ତୁମେ ହିଁ ମୋର ପ୍ରିୟତମ

ଶୁକଦେବଙ୍କଠାରୁ ରାଜା ପରୀକ୍ଷିତ ଏ ପର୍ଯ୍ୟନ୍ତ କେବଳ କୃଷ୍ଣରସ ପାନ କରି ଆସୁଥିଲେ । କାରଣ ଶ୍ରୀକୃଷ୍ଣଙ୍କ ଅନ୍ୟନାମ ରସାନନ୍ଦ । ପରୀକ୍ଷିତଙ୍କ ମନ ରସରେ ରସାଳ ହୋଇ ପଡ଼ିଥିଲା । ଏଥିଲାଗି ତାଙ୍କୁ ଅଧିକ ମନମନ୍ଥନ କରିବାକୁ ପଡୁ ନଥିଲା । କିନ୍ତୁ ଶ୍ରୀକୃଷ୍ଣ ଉଦ୍ଧବଙ୍କ କଥୋପକଥନରେ ଗୋପୀ, ଗୋପାଳ କିମ୍ବା ରୁକ୍ମିଣୀ, ସତ୍ୟଭାମାଙ୍କ ରସ ନଥିଲା । ଏଥିରେ ଖାଲି ତତ୍ତ୍ୱ । ନିଗମ କଳ୍ପତରୁରୁ ତତ୍ତ୍ୱ-ରସ ଗଳି ପଡୁଥିଲା । କିନ୍ତୁ ଏ ରସ ଉପରଠାଉରିଆ ଭାବରେ ପାନ କରା ଯାଇନଥିଲା । ଏଥିଲାଗି ମନନ୍ମୂନ ଚଇତନ ଲୋଡ଼ା ହୋଇଥିଲା ।

ଉଦ୍ଧବ ପ୍ରଶ୍ନ କଲେ, ବ୍ରହ୍ମବାଦୀ ମହାତ୍ମାମାନେ ଆତ୍ମକଲ୍ୟାଣ ଲାଗି ଅନେକ ସାଧନ ମାର୍ଗ ନିର୍ଦ୍ଦେଶ କରିଛନ୍ତି । ଏ ମାର୍ଗ ଭିତରୁ ଶ୍ରେଷ୍ଠ କିଏ ?

ଶ୍ରୀକୃଷ୍ଣ କଥାଟିକୁ ଅଧିକ ପ୍ରାଞ୍ଜଳ କରିବା ପାଇଁ ମୂଳରୁ ଆରମ୍ଭ କଲେ । କହିଲେ, ସମୟର ଆବର୍ତ୍ତନରେ ଦେବବାଣୀ ପ୍ରଳୟ କାଳରେ ଲୁପ୍ତ ହୋଇ ପଡ଼ିଥିଲା । ପ୍ରଳୟ ପରେ ପୁଣି ସୃଷ୍ଟିର ସମୟ ଆସିଲା । ସେତେବେଳେ ମୁଁ ମୋର ସଂକଳ୍ପ ବଳରେ ବ୍ରହ୍ମାଙ୍କୁ ଉପଦେଶ ଦେଇଥିଲି । ଏହାକୁ ''ଭାଗବତ୍-ଧର୍ମ'' ଭାବରେ ବର୍ଣ୍ଣନା କରାଯାଇଛି । ବ୍ରହ୍ମା ତାଙ୍କ ଜ୍ୟେଷ୍ଠପୁତ୍ର ସ୍ୱାୟମ୍ଭୁବ ମନୁଙ୍କୁ ଉପଦେଶ କଲେ ଏବଂ ତାଙ୍କଠୁଁ ଏହି ଉପଦେଶ ପାଇଲେ ଭୃଗୁ, ଅଙ୍ଗିରା, ମରୀଚି, ପୁଲହ, ଅତ୍ରି, ପୁଲସ୍ତ୍ୟ ଓ କ୍ରତୁ । ତା'ପରେ ପାଇଲେ ଏମାନଙ୍କ ସନ୍ତାନ ଦେବତା, ଦାନବ, ଗୁହ୍ୟକ, ମନୁଷ୍ୟ, ସିଦ୍ଧ, ଗନ୍ଧର୍ବ, ବିଦ୍ୟାଧର, ଚାରଣ, କିନ୍ଦେବ, କିନ୍ନର, ନାଗ, ରାକ୍ଷସ ଓ କିଂ ପୁରୁଷ ପ୍ରମୁଖ । ସତ୍ତ୍ୱ, ରଜ ଓ ତମର କାରଣ ଭିନ୍ନ ଭିନ୍ନ । ତଦନୁସାରେ ସବୁ ଜାତି ଓ ବ୍ୟକ୍ତିଙ୍କ ସ୍ୱଭାବ ବା ପ୍ରକୃତି ଭିନ୍ନ ଭିନ୍ନ । ତେଣୁ ସମସ୍ତେ ନିଜ ନିଜ ପ୍ରକୃତି ଅନୁସାରେ ଏହି ଦେବବାଣୀକୁ ଭିନ୍ନ ଭିନ୍ନ ଅର୍ଥରେ ଗ୍ରହଣ କଲେ । ଏହି ବାଣୀ ଏପରି ଅଲୌକିକ ଯେ, ଏଥିରୁ ବିଭିନ୍ନ ଅର୍ଥ ବାହାର କରିବା ସ୍ୱାଭାବିକ । ସ୍ୱଭାବ ଭେଦରୁ ଅର୍ଥ ଭେଦ, ବୁଦ୍ଧିର ଭେଦ କରିଥାଆନ୍ତି । ସମସ୍ତଙ୍କ ବୁଦ୍ଧି ମୋ ମାୟା ଦ୍ୱାରା ଆଚ୍ଛନ୍ନ ଓ ମୋହିତ । ତେଣୁ ନିଜ ନିଜର କର୍ମ ସଂସ୍କାର ଏବଂ ଭିନ୍ନ ଭିନ୍ନ ରୁଚି ହେତୁ ସାଧନ ଏକ ହୋଇପାରେନା । ଆତ୍ମକଲ୍ୟାଣ ଲାଗି ବିଭିନ୍ନ ବ୍ୟକ୍ତି ବିଭିନ୍ନ ପନ୍ଥା ଅବଲମ୍ବନ କରିଥାଆନ୍ତି । ପୂର୍ବ ମୀମାଂସକମାନେ ଧର୍ମକୁ, ସାହିତ୍ୟାଚାର୍ଯ୍ୟମାନେ ଯଶକୁ, କାମଶାସ୍ତ୍ରୀ କାମକୁ, ଯୋଗବିଦ୍‌ମାନେ ସତ୍ୟକୁ,

ଶମ ଦମକୁ, ଦଣ୍ଡ ନୀତିକାର ଐଶ୍ୱର୍ଯ୍ୟକୁ, ତ୍ୟାଗୀ ତ୍ୟାଗକୁ ଏବଂ ସାଧାରଣ ଲୋକେ ଭୋଗକୁ ପରମ ଲାଭ ବୋଲି ବିଚାର କରିଥାଆନ୍ତି । କର୍ମଯୋଗୀମାନେ ଯଜ୍ଞ, ତପ, ଦାନ, ବ୍ରତ ତଥା ଯମନିୟମ ଆଦିକୁ ପୁରୁଷାର୍ଥ ମନେ କରିଥାଆନ୍ତି । କର୍ମର ଫଳ ସରିଗଲେ, ଦୁଃଖ ହିଁ ମିଳିଥାଏ । ଏହାର ଅନ୍ତିମ ଗତି ହେଉଛି ଅଜ୍ଞାନ । ଏଥିରୁ ଯେଉଁ ସୁଖ ମିଳିଥାଏ, ଏହା ତୁଚ୍ଛ, ନଗଣ୍ୟ । ଭୋଗରୁ ଅସୂୟା ନାମକ ସନ୍ତାନର ଜନ୍ମ । ଏହି ସନ୍ତାନ ଶୋକର କାରଣ ହୋଇଥାଏ । ତୁମେ ଏସବୁ ସାଧନର ବଶବର୍ତ୍ତୀ ହୋଇପଡ଼ନାହିଁ ।

ହେ ଉଦ୍ଧବ ! ଯିଏ ମୋଠି ଆତ୍ମସମର୍ପଣ କରିଥାଏ, ସେ ପରିପୂର୍ଣ୍ଣ ସନ୍ତୋଷ ଲାଭ କରିଥାଏ । ବ୍ରହ୍ମପଦ ହେଉ ବା ଇନ୍ଦ୍ରପଦ ହେଉ, ଯେତେ ଲୋଭନୀୟ ପଦ ଯାଚିଲେ ମଧ୍ୟ ସେ ମୁହଁ ମୋଡ଼ି ଦେଇଥାଏ । କାରଣ ମତେ ପାଇ ସେ ସାର୍ବଭୌମ ସମ୍ରାଟ ହେବାକୁ ମଧ୍ୟ ଇଚ୍ଛା କରି ନଥାଏ । ତା'ର କୌଣସି ସିଦ୍ଧି କିମ୍ବା ମୋକ୍ଷର ଲାଳସା ନଥାଏ ।

କହୁ କହୁ ଭଗବାନ୍ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଏତେ ଭଲ ପାଇ ବସିଲେ ଯେ, କହିଲେ, ଭକ୍ତ ହିଁ ମୋର ପ୍ରିୟତମ । ତୁମେ ହିଁ ମୋର ସେହି ଭକ୍ତ । ତୁମେ ମୋର ଯେତେ ପ୍ରିୟ, ମୋ ପୁତ୍ରପ୍ରତିମ ବ୍ରହ୍ମା, ଆତ୍ମାପ୍ରତିମ ଶଙ୍କର, ନିଜ ଭାଇ ବଳରାମ, ମୋର ଅର୍ଦ୍ଧାଙ୍ଗିନୀ ଲକ୍ଷ୍ମୀ, ଏପରି କି ମୋର ଆତ୍ମା ମଧ୍ୟ ସେତେ ପ୍ରିୟ ନୁହଁନ୍ତି । ଅଗ୍ନି ଯେପରି ବଡ଼ ବଡ଼ ଗଣ୍ଡି କାଠକୁ ପୋଡ଼ି ପାଉଁଶ କରି ଦେଇଥାଏ, ସେହିଭଳି ମୋ ପ୍ରତି ଭକ୍ତର ଭକ୍ତି ସମସ୍ତ ପାପକୁ ଧ୍ୱଂସ କରିଦେଇଥାଏ । ଭକ୍ତି ନିକଟରେ ଯୋଗସାଧନା, ଜ୍ଞାନ ବିଜ୍ଞାନ, ଧର୍ମାନୁଷ୍ଠାନ, ଜପତପ ଆଦି ଅସାର । ତେଣୁ ତୁମେ ଅନ୍ୟ ସାଧନା ପ୍ରତି ମନ ନ ଦେଇ ଭକ୍ତିଯୋଗ ଦ୍ୱାରା ମୋ ସହିତ ଯୁକ୍ତ ରହିବା ପାଇଁ ଉଦ୍ୟମ କର ।

ଉଦ୍ଧବ ପ୍ରଶ୍ନ କଲେ, ମୁମୁକ୍ଷୁ ପୁରୁଷ ଆପଣଙ୍କୁ କେଉଁ ରୂପରେ, କେଉଁଭଳି ଭାବରେ ଧ୍ୟାନ କରିବା ଆବଶ୍ୟକ ?

ଭଗବାନ୍ କହିଲେ, ଉଚିତ ପ୍ରଶ୍ନ ପଚାରିଛ । ତା'ପରେ ସେ କହିଲେ, ଧ୍ୟାନ କରିବା ବେଳେ ବେଶୀ ଉଚ୍ଚ କିମ୍ବା ଅଧିକ ନୀଚ ଆସନରେ ବସିବନି । ଏପରି କୁଶାସନରେ ବସିବ, ଯେଉଁଠି ଶରୀରକୁ ସିଧା ସଳଖ ରଖିହେବ । ଆରାମରେ ପଦ୍ମାସନରେ ବସି ହାତକୁ ଦୁଇ ଆଣ୍ଠୁ ଉପରେ ରଖିବ । ଦୃଷ୍ଟି ରହିବ ନାକ ଅଗରେ । ତା'ପରେ ପୂରକ, କୁମ୍ଭକ, ରେଚକ ଏବଂ ରେଚକ, କୁମ୍ଭକ ଓ ପୂରକ ଏହିଭଳି ଭାବରେ ନିଃଶ୍ୱାସ ନେବ ଏବଂ ଛାଡ଼ିବ । ଏହା ହିଁ ପ୍ରାଣାୟାମ । ଏହି ପ୍ରାଣାୟାମ ଦ୍ୱାରା ନାଡ଼ି ଶୋଧନ କରିବ । ପ୍ରାଣାୟାମ ଅଭ୍ୟାସ ଧୀରେ ଧୀରେ ବଢ଼ିବା ଉଚିତ । ତା' ସହିତ

ଇନ୍ଦ୍ରିୟଗୁଡ଼ିକୁ ସଂଯତ କରିବାକୁ ପଡ଼ିବ । ଏପରି ଭାବରେ ପ୍ରତିଦିନ (ତ୍ରିସନ୍ଧ୍ୟା) ଦଶ ଦଶଥର କଲେ, ମାସକ ଭିତରେ ପ୍ରାଣବାୟୁ ବଶୀଭୂତ ହୁଏ । ତା'ପରେ ଚିନ୍ତା କରିବ ଯେ ହୃଦୟ ହେଉଛି ଏକ ପଦ୍ମଫୁଲ । ଶରୀର ଭିତରେ ଏହା ଏପରି ଭାବରେ ରହିଛି, ଯାହାର ଡେମ୍ଫ ଉପରକୁ, ମୁହଁ ତଳକୁ । ଏହାର ଆଠଟି ପାଖୁଡ଼ା । ମଝିରେ ସୁକୁମାର କର୍ଣ୍ଣିକା । କର୍ଣ୍ଣିକା ଭିତରେ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିର ନ୍ୟାସ କରିବା ଉଚିତ । ଅଗ୍ନି ଭିତରେ ହିଁ ମୋ ରୂପର ଚିନ୍ତନ କରିବ । ମୋ ଦେହର ଗଠନ ସୁଠାମ । ପ୍ରତି ଲୋମକୂପରେ ଶାନ୍ତି ବିରାଜମାନ । ମୁଖମଣ୍ଡଳ ଅତ୍ୟନ୍ତ ପ୍ରଫୁଲ୍ଲିତ । ମନୋହର ଚାରିହସ୍ତ । ମରକତମଣି ଭଳି ସୁନ୍ଦର ସୁସ୍ନିଗ୍ଧ କପୋଳ । ଶ୍ୟାମଳ ଶରୀର । ଶରୀର ଉପରେ ପୀତାମ୍ବର । ବକ୍ଷରେ ଲକ୍ଷ୍ମୀ ଓ ଶ୍ରୀବତ୍ସ ଚିହ୍ନ । ହାତଗୁଡ଼ିକରେ ଶଙ୍ଖ, ଚକ୍ର, ଗଦା, ପଦ୍ମ । ଗଳାରେ ବନମାଳା ଓ କୌସ୍ତୁଭମଣି । ଚରଣରେ ନୂପୁର । ତମେ ମୋର ଏହି ସୁକୁମାର ରୂପକୁ ଧ୍ୟାନ କରିବା ଉଚିତ । ଯିଏ ମୋର ଏହି ରୂପକୁ ଧ୍ୟାନ କରେ ତା'ର କୌଣସି ପଦାର୍ଥ, ଜ୍ଞାନ, କର୍ମ ଆଦିର ଭ୍ରମ ନଥାଏ ।

●

॥ ୧୪୭ ॥

# ଦୂରଦର୍ଶନ : ଦୂରଶ୍ରବଣ

ସିଦ୍ଧଯୋଗୀଙ୍କ ଠାରୁ ନାନା ଅଲୌକିକ ଘଟଣା ଦେଖିବାକୁ ମିଳିଥାଏ ।ଏହି ବିସ୍ମୟକର ଅସଂଭବ କୃତି ଓ ସୃଷ୍ଟିକୁ କେହି କେହି ସିଦ୍ଧି, ଲୀଳା, ମହିମା, ବିଭୂତି, ଭୋଜବିଦ୍ୟା, କୁହୁକ, ଯାଦୁବିଦ୍ୟା, ମିରାକଲ ଆଦି କହିଥାଆନ୍ତି । ଏହି ସିଦ୍ଧିକ୍ରିୟା ବିଭିନ୍ନ ମାଧ୍ୟମରେ ହୋଇଥାଏ । ବାକ୍‌ସିଦ୍ଧଯୋଗୀଙ୍କ ତୁଣ୍ଡରୁ ଯାହା ପ୍ରକଟିତ ହୁଏ, ତାହା ସଙ୍ଗେ ସଙ୍ଗେ ଫଳିଥାଏ । ହେତୁବାଦୀ (ରାସନାଲିଷ୍ଟ) ଓ ବୈଜ୍ଞାନିକମାନେ ଏହାକୁ ହସରେ ଉଡ଼ାଇ ଦେଇଥାଆନ୍ତି । କିନ୍ତୁ ଭାଗବତର ଏକାଦଶ ସ୍କନ୍ଧର ପଞ୍ଚଦଶ ଅଧ୍ୟାୟରେ ଏହାର ଅବତାରଣା ପ୍ରାଞ୍ଜଳ ଭାବରେ କରାଯାଇଛି ।

ଉଦ୍ଧବ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଛନ୍ତି, ହେ ଅଚ୍ୟୁତ ! ଧ୍ୟାନ, ଧାରଣା, ତପସ୍ୟା ଆଦି ବିଭିନ୍ନ ସାଧନା ଦ୍ୱାରା କି ପ୍ରକାରର ସିଦ୍ଧି କାହାକୁ ମିଳିଥାଏ ଏବଂ ଏହାର ସଂଖ୍ୟା କେତେ ? ଉତ୍ତର ଦେଇ ଭଗବାନ କହିଛନ୍ତି– ପ୍ରିୟ ଉଦ୍ଧବ ! ସାଧକ ଇନ୍ଦ୍ରିୟ, ପ୍ରାଣ ଓ ମନକୁ ନିଜର ବଶୀଭୂତ କରି ମୋଠି ଚିତ୍ତାର୍ପଣ କଲେ, ତା'ପାଖରେ

ବହୁ ସିଦ୍ଧି ଆପେ ଆପେ ଆସି ହାଜର ହୋଇଥାଆନ୍ତି । ସିଦ୍ଧିର ସଂଖ୍ୟା ଅଠର । ଏଥିରୁ ଆଠଟି ସିଦ୍ଧି ମୋ'ଠି ରହିଥାଏ । ଆଉ ଦଶଟି ସତ୍ତ୍ୱଗୁଣ ବିକଶିତ ହେଲେ ମିଳିଥାଏ । ଏଥିରୁ ତିନୋଟି ସିଦ୍ଧି ଓ 'ଅଣିମା' 'ଲଘିମା' ଓ ମହିମା । ଇନ୍ଦ୍ରିୟ ଗୁଡ଼ିକର ଗୋଟିଏ ସିଦ୍ଧି 'ବ୍ୟାପ୍ତି' । ଲୌକିକ ଓ ପାରଲୌକିକ ପଦାର୍ଥକୁ ଅନୁଭବ କରି ହେଉଥିବା ସିଦ୍ଧିର ନାମ 'ପ୍ରାକାମ୍ୟ' । ମାୟା ଓ ଏହାର କାର୍ଯ୍ୟକୁ ଇଚ୍ଛାନୁସାରେ ସଂଚାଳିତ କରୁଥିବା ସିଦ୍ଧି ହେଉଚି 'ଈଶିତା' । ବିଷୟ ଭିତରେ ରହି ମଧ୍ୟ ସେଥିପ୍ରତି ଆସକ୍ତ ନ ହୋଇ ପଡ଼ିବା ସିଦ୍ଧି 'ବଶିତା' । ଯେଉଁ ଯେଉଁ ସୁଖ ପାଇବା ଲାଗି କାମନା କରାଯାଏ, ତା'ର ସୀମା ପର୍ଯ୍ୟନ୍ତ ପହଞ୍ଚିବା ସିଦ୍ଧି ହେଉଚି 'କାମାବସାୟିତା' । 'ମହିମା' ଅନୁର୍ମି ଅନ୍ୟ ଏକ ସିଦ୍ଧି ।

ଭଗବାନ କହିଲେ, ଏହି ଆଠଟିଯାକ ସିଦ୍ଧି ମୋର ସ୍ୱଭାବସିଦ୍ଧ । ମୁଁ ସାଧକମାନଙ୍କୁ ଯୋଗ୍ୟତା ଦେଖି ଏହି ସିଦ୍ଧି ଭିତରୁ ଗୋଟିଏ ଦୁଇଟି ବା ତତୋଧିକ ଦେଇଥାଏ । କିନ୍ତୁ ଆଂଶିକ ଭାବରେ । ଏହା ବ୍ୟତୀତ ଆଉ କେତେକ ସିଦ୍ଧି ରହିଛି । ଶରୀର ଭିତରେ ଭୋକ ଶୋଷକୁ ରୋକିବା, ବହୁଦୂରର ବସ୍ତୁକୁ ଆଖି ସାମନାରେ ଦେଖି ପାରିବା, ବହୁ ଦୂରରୁ କଥା ଶୁଣିବା (ଦୂରଦର୍ଶନ ଓ ଦୂରଶ୍ରବଣ), ମନ ସହିତ ଶରୀରକୁ ସେହି ସ୍ଥାନରେ ପହଁଚାଇବା, ଯାହା ଇଚ୍ଛା ସେହି ରୂପ ସୃଷ୍ଟି କରିବା, ଅନ୍ୟ ଶରୀରରେ ପ୍ରବେଶ କରିବା, ଇଚ୍ଛାନୁସାରେ ଶରୀର ତ୍ୟାଗ କରିବା, ଅପ୍ସରାମାନଙ୍କ ସହିତ, ଦେବତାମାନଙ୍କ କେଳି କୌତୁକ ଦର୍ଶନ କରିବା, ଯାହା ଭାବିବ, ତାହା ସୃଷ୍ଟି କରିବା (ସଂକଳ୍ପ ସିଦ୍ଧି), ସବୁସ୍ଥାନରେ ସମସ୍ତଙ୍କ ଦ୍ୱାରା ଆଜ୍ଞାପାଳନ– ଏହି ଦଶଟି ସିଦ୍ଧି ସତ୍ତ୍ୱଗୁଣର ବିକାଶ ଦ୍ୱାରା ହୋଇଥାଏ । ଭୂତ, ଭବିଷ୍ୟତ ଓ ବର୍ତ୍ତମାନର ଘଟଣାଗୁଡ଼ିକୁ ଜାଣି ପାରିବା; ଶୀତ, ଉଷ୍ଣ, ସୁଖ, ଦୁଃଖ ଓ ରାଗ ଦ୍ୱେଷ ଆଦି ଦ୍ୱନ୍ଦ୍ୱ ଦ୍ୱାରା ବଶୀଭୂତ ହୋଇ ନ ପଡ଼ିବା, ଅନ୍ୟର ମନର କଥାକୁ ଜାଣିପାରିବା; ଅଗ୍ନି, ସୂର୍ଯ୍ୟ, ଜଳ, ବିଷ, ଆଦିର ଶକ୍ତିକୁ ସ୍ତମ୍ଭିତ କରିଦେବା ଏବଂ କାହା ଦ୍ୱାରା ବି ପରାଜିତ ନ ହେବା– ଏହି ପାଞ୍ଚଟି ସିଦ୍ଧି ମଧ୍ୟ ଯୋଗୀମାନେ ହାସଲ କରିପାରନ୍ତି । ପଞ୍ଚଭୂତର ସୂକ୍ଷ୍ମତମ ମାତ୍ରାଗୁଡ଼ିକ ହେଉଚି ମୋର ଶରୀର । ଯେଉଁ ସାଧକ ମୋର ଏହି ଶରୀରକୁ ଉପାସନା କରିଥାଏ, ନିଜ ମନକୁ ମୋ'ଠି ପୂରାପୂରି ସମର୍ପଣ କରି ଦେଇଥାଏ, ମୋ ବ୍ୟତୀତ ଅନ୍ୟ କିଛି ଚିନ୍ତା କରିନଥାଏ, ସେ 'ଅଣିମା' ସିଦ୍ଧିର ଅଧିକାରୀ ହୋଇପାରେ, ଅର୍ଥାତ୍ ଅଣୁ ପରମାଣୁ ଭାବରେ ପଥର ଚଟାଣରେ ସୁଦ୍ଧା ରହିଥାଏ । ଯିଏ ମହତତ୍ତ୍ୱ ରୂପରେ ନିଜ ମନକୁ ତନ୍ମୟ କରିଦେଇଥାଏ, ସେ ପାଏ 'ମହିମା' ନାମକ ସିଦ୍ଧି । ଯେଉଁ ସାଧକ ଯୋଗୀ ଅଣୁ

ପରମାଣୁ ଆଦିକୁ ମୋର ରୂପ ମନେ କରି ନିଜର ଚିତ୍ତକୁ ତଦାକାର କରିଥାଏ, ସେ 'ଲଘିମା' ସିଦ୍ଧି ପ୍ରାପ୍ତ ହୋଇଥାଏ । ସେ ପରମାଣୁ ସ୍ୱରୂପ କାଳ ଭଳି ସୂକ୍ଷ୍ମବସ୍ତୁ ହେବା ଲାଗି ସମର୍ଥ ହୋଇଥାଏ । ଏହି ସିଦ୍ଧିଗୁଡ଼ିକ ଦ୍ୱାରା ସାଧକ ଯୋଗୀର ସମସ୍ତ କାମନା ପୂର୍ଣ୍ଣ ହୋଇଥାଏ । ତା'ପରେ ସେ କାମନାଶୂନ୍ୟ, ନିଷ୍କାମ ହୋଇପଡ଼େ । ଯିଏ ମୋର ଶ୍ରୀବତ୍ସ ଆଦି ଚିହ୍ନ ଏବଂ ଶଙ୍ଖ, ଚକ୍ର, ଗଦା, ପଦ୍ମ ଆଦି ଆୟୁଧରେ ବିଭୂଷିତ ମୋ ଅବତାର-ରୂପକୁ ଧ୍ୟାନ କରିଥାଏ, ସେ ଅଜେୟ, ଅପରାଜେୟ ହୋଇଥାଏ । ଯିଏ ମୋର ଏହି ରୂପକୁ ଧାରଣା କରିଥାଏ, ସେ ଭୋକ ଶୋଷ, ଜନ୍ମ ମୃତ୍ୟୁ, ଶୋକ, ମୋହରୁ ମୁକ୍ତ ହୋଇଥାଏ । ମୋ ଶୁଦ୍ଧ ସ୍ୱରୂପ ଲାଭ କରିଥାଏ । ମୁଁ ହିଁ ସମଷ୍ଟି-ପ୍ରାଣରୂପ ଆକାଶାତ୍ମା । ସେ ଯକ୍ଷ ଦୂରଦର୍ଶନ, ଦୂରଶ୍ରବଣ ଆଦି ସିଦ୍ଧିବନ୍ତ ହୋଇଥାଏ । ତା'ର ଯୋଗମୟ ଶରୀରକୁ ଅଗ୍ନି କିମ୍ବା ଜଳ ଆଦି କୌଣସି ପଦାର୍ଥ ନଷ୍ଟ କରିପାରେନା ।

ଭଗବାନ କହିଲେ, ଯୋଗବଳରେ ସାଧକ ମୋ ସହିତ ଏକାତ୍ମ ହୋଇଉଠିଲେ— ଅଠରଟି ଅଲୌକିକ କ୍ଷମତାରେ ବଳୀୟାନ ହୋଇଥାଏ । ଅଠରଟି ସିଦ୍ଧି ହେଉଚି – ଅଣିମା, ମହିମା, ଲଘିମା, ବ୍ୟାପ୍ତି, ପ୍ରାକାମ୍ୟ, ଈଶିତା, ବଶିତା, କାମାବସାୟିତା, ଅନୁର୍ମି, ଦୂରଦର୍ଶନ, ଦୂରଶ୍ରବଣ, ମନୋଜିବ, କାମରୂପ, ପରକାୟା ପ୍ରବେଶ, ସ୍ୱଚ୍ଛନ୍ଦ ମୃତ୍ୟୁ, ଅମରସିଦ୍ଧି, ସଂକଳ୍ପ ସିଦ୍ଧି ଓ ବଚନ ସିଦ୍ଧି । ଏଗୁଡ଼ିକ ଅସାଧାରଣ ଶକ୍ତି । ଏଥିମଧ୍ୟରୁ ଆଠଟି ମୋର ଐଶ୍ୱର୍ଯ୍ୟ ।

ଏସବୁ କହି ସାରିବା ପରେ ଭଗବାନ ଚେତାବନୀ ଶୁଣାଇ କହିଛନ୍ତି, ଶ୍ରେଷ୍ଠ ପୁରୁଷମାନେ କହନ୍ତି, ଯେଉଁମାନେ ଭକ୍ତି ଓ ଜ୍ଞାନଯୋଗ ଅଭ୍ୟାସ କରିଥାଆନ୍ତି, ସେମାନଙ୍କ ଲାଗି ଏସବୁ ଗୋଟିଏ ଗୋଟିଏ ବିଘ୍ନ ସ୍ୱରୂପ । କାରଣ ଏହା ଫଳରେ ସମୟର ଦୁରୁପଯୋଗ ହୋଇଥାଏ । ଜଗତରେ ଜନ୍ମ, ଔଷଧି, ତପସ୍ୟା ଏବଂ ମଂତ୍ରାଦି ଦ୍ୱାରା ଯେତେ ସିଦ୍ଧି, ସବୁ ମିଳିଥାଏ ଯୋଗ ଦ୍ୱାରା । କିନ୍ତୁ ଯୋଗୀର ଅନ୍ତିମ ସୀମା ହେଉଚି ମୋର ସାରୂପ୍ୟ, ସାଲୋକ୍ୟ, ସାଯୁଜ୍ୟ । ଏସବୁ ନ ମିଳିବା ଯାଏଁ କୌଣସି ସାଧନା ସଫଳ ହୋଇ ନଥାଏ । ବ୍ରହ୍ମବାଦୀମାନେ ଯୋଗ, ସାଂଖ୍ୟ, ଧର୍ମ ଆଦି ବହୁ ସାଧନା-ମାର୍ଗ ନିର୍ଦ୍ଦେଶ କରିଥାଆନ୍ତି । ସମସ୍ତ ସିଦ୍ଧିର କାରଣ କେବଳ ମୁଁ । ମୋଠି ଭିତର, ବାହାର କୌଣସି ଭେଦ ନାହିଁ, କାରଣ ମୁଁ ହେଉଚି ନିରାକରଣ, ଏକ, ଅଦ୍ୱିତୀୟ ଆତ୍ମା ।

●

॥ ୧୪୮ ॥

# ଉଦ୍ଧବ ମୁଁ, ଅର୍ଜୁନ ମୁଁ

ଦ୍ୱାପର ଯୁଗ । ଭଗବାନ୍‌ଙ୍କ କୃଷ୍ଣାବତାର । ଅବତାରୀ ଧରାଧାମରେ ଅବତରଣ କରିଛନ୍ତି ଅବତାର ଭାବରେ । ଧର୍ମ ସଂସ୍ଥାପନା ଲାଗି, ଦୁଷ୍କୃତମାନଙ୍କ ବିନାଶ ଲାଗି । ଏହି ଅବତାରରେ ଯିଏ ଯେତେ ଘନିଷ୍ଠ ହୋଇ ପାରିଛି, ସେ ସେତେ ସନ୍ଦେହ ମୋଚନ ଲାଗି ପ୍ରଶ୍ନ କରିଛନ୍ତି । ଉଦ୍ଧବ ଶ୍ରୀକୃଷ୍ଣଙ୍କର ବାଲ୍ୟବନ୍ଧୁ । ବୃହସ୍ପତିଙ୍କ ଶିଷ୍ୟ ହେଲେ କ'ଣ ହେବ, ଜ୍ଞାନ ତାଙ୍କର ସଡ଼ ହୋଇ ପାରିନି । ପରିପକ୍ୱ ହୋଇ ପାରିନି । ତେଣୁ ପ୍ରଶ୍ନ କରିଛନ୍ତି, ଭଗବାନ ! ତୁମେ ପରବ୍ରହ୍ମ । ତୁମର ଆଦି ଅନ୍ତ ନାହିଁ । ସବୁ ପଦାର୍ଥର ଉତ୍ପତ୍ତି, ସ୍ଥିତି, ରକ୍ଷା ଓ ପ୍ରଳୟର କାରଣ ମଧ ତୁମେ । ବ୍ରହ୍ମବେତ୍ତାରଷି ମହର୍ଷିମାନେ ତୁମର ଯେଉଁ ରୂପ ଓ ବିଭୂତିର ସଭକ୍ତି-ଉପାସନା-ସିଦ୍ଧି ଲାଭ କରିଥାଆନ୍ତି, ସେ ସବୁ ମତେ କହନ୍ତୁ ।

ଭଗବାନ୍ କହିଲେ, ତୁମେ ପ୍ରଶ୍ନର ମର୍ମ ବୁଝିବା ଦିଗରେ ଶିରୋମଣି । କୁରୁକ୍ଷେତ୍ରରେ କୌରବ-ପାଣ୍ଡବମାନଙ୍କ ଯୁଦ୍ଧବେଳେ ଅର୍ଜୁନ ମଧ ଏପରି ପ୍ରଶ୍ନ କରିଥିଲେ । ଯୁଦ୍ଧକ୍ଷେତ୍ରରେ ଦଣ୍ଡାୟମାନ ହେବାମାତ୍ରେ ସେ ମୋହଗ୍ରସ୍ତ ହୋଇ ପଡ଼ିଥିଲେ । ସାମାନ୍ୟ ରାଜ୍ୟ ତଥା କ୍ଷମତା ପ୍ରାପ୍ତି ଲାଗି ବନ୍ଧୁବାନ୍ଧବ, ନିଜ କୁଟୁମ୍ବର ଲୋକଙ୍କୁ ମାରିବା ନିନ୍ଦନୀୟ, ଅଧର୍ମ ବୋଲି ସେ ବିଚାର ପ୍ରକଟ କରିଥିଲେ । ସାଧାରଣ ଲୋକଙ୍କ ଭଳି ସେ ଭାବିଥିଲେ, 'ସେ ମାରିବାବାଲା, ଅନ୍ୟମାନେ (ଶତ୍ରୁପକ୍ଷ) ମରିବାବାଲା ।'' ସେ ଯୁଦ୍ଧ କରିବେ ନାହିଁ ବୋଲି ସ୍ଥିର କଲେ । ମୁଁ ସେତେବେଳେ ତାଙ୍କର ରଥର ସାରଥି ଥିଲି । ସେହି ରଥ ଉପରେ ହିଁ ତାଙ୍କର  ସମସ୍ତ ଯୁକ୍ତିକୁ ଖଣ୍ଡ କରିଥିଲି । ସ୍ୱଧର୍ମ ପାଳନ କରିବା ପାଇଁ କହିଥିଲି । ଅର୍ଜୁନଙ୍କର ମୋହଭଙ୍ଗ ହୋଇଥିଲା । ସେ ତଳକୁ ଖସେଇ ଦେଇଥିବା ଗାଣ୍ଡୀବକୁ ଉଠାଇଥିଲେ । ଯୁଦ୍ଧ କରିଥିଲେ । ସେତେବେଳେ ମୁଁ ମୋ ବିଭୂତି କ'ଣ କ'ଣ ତାଙ୍କୁ କହିଥିଲି । ତୁମେ ତ ସେଠି ନଥିଲ, ଜାଣିବ କିପରି ? ବିଭୂତି ତ ଅଗଣିତ । ଚୁମ୍ବକରେ କହୁଚି, ଶୁଣ । ମୁଁ ସବୁ ପଦାର୍ଥର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର କାରଣ । ଏକଥା ତୁମେ ଆଗରୁ କହିଛ । ଗତିଶୀଳର ଗତି ମୁଁ । ସମସ୍ତଙ୍କୁ ଅଧୀନରେ ରଖିବାବାଲା କାଳ ମୁଁ । ଯେତେ ଗୁଣବାନ୍ ପଦାର୍ଥ ରହିଛି, ସମସ୍ତଙ୍କର ସ୍ୱାଭାବିକ ଗୁଣ ମୁଁ । ମହାନ୍‌ରେ ମୁଁ ମହତତ୍ତ୍ୱ । ସୂକ୍ଷ୍ମବସ୍ତୁ ମଧରେ ମୁଁ ହେଉଛି ଜୀବ । ଯାହାକୁ ବଶୀଭୂତ କରିବା କାଠିକର ପାଠ ସେହି 'ମନ' ମୁଁ । ବେଦରେ ଅଭିବ୍ୟକ୍ତି ସ୍ଥଳ ହିରଣ୍ୟଗର୍ଭ ଏବଂ

ମନ୍ତ୍ରରେ ତିନିମାତ୍ରା (ଅ+ଉ+ମ୍) 'ଓଁକାର' ମୁଁ; ଅକ୍ଷରରେ 'ଅ'କାର, ଛନ୍ଦମାନଙ୍କ ମଧ୍ୟରେ ତ୍ରିପଦୀ ଗାୟତ୍ରୀ ମୁଁ । ସବୁ ଦେବତାଙ୍କ ଭିତରେ 'ଇନ୍ଦ୍ର', ଆଠ ବସୁଙ୍କ ମଧ୍ୟରେ ଅଗ୍ନି, ଦ୍ୱାଦଶ ଆଦିତ୍ୟଙ୍କ ଭିତରେ ମୁଁ ବିଷ୍ଣୁ, ଏକାଦଶ ରୁଦ୍ରଙ୍କ ମଧ୍ୟରେ ମୁଁ ହେଉଛି ନୀଳଲୋହିତ ରୁଦ୍ର । ବ୍ରହ୍ମର୍ଷିଙ୍କ ମଧ୍ୟରେ ଭୃଗୁ, ରାଜର୍ଷିଙ୍କ ଭିତରେ ମନୁ, ଦେବର୍ଷିଙ୍କ ମଧ୍ୟରେ ନାରଦ, ଗାଭୀଙ୍କ ମଧ୍ୟରେ କାମଧେନୁ । ସିଦ୍ଧେଶ୍ୱରଙ୍କ ମଧ୍ୟରେ କପିଳମୁନି, ପକ୍ଷୀଙ୍କ ଭିତରେ ଗରୁଡ଼, ପ୍ରଜାପତିଙ୍କ ଭିତରେ ଦକ୍ଷ, ପିତରଙ୍କ ମଧ୍ୟରେ ଅର୍ଯ୍ୟମା ।

କହୁ କହୁ ଭଗବାନ୍ ଶ୍ରୀକୃଷ୍ଣ ଟିକିଏ ଅଟକି ଯିବାରେ ଉଦ୍ଧବଙ୍କ ଉତ୍କଣ୍ଠା ବଢ଼ିବାକୁ ଲାଗିଲା । ପ୍ରଶ୍ନ କଲେ- କ'ଣ ଏତିକି ? ଶ୍ରୀକୃଷ୍ଣ କହିଲେ, ହେ ଭକ୍ତ ଶିରୋମଣି ଉଦ୍ଧବ, କହିଲେ ତ କହୁଥିବି ସରିବନି– ତଥାପି ଶୁଣ, ଦୈତ୍ୟଙ୍କ ଭିତରେ ମୁଁ ହେଉଛି ପ୍ରହ୍ଲାଦ; ନକ୍ଷତ୍ରରେ ଚନ୍ଦ୍ରମା, ଔଷଧରେ ସୋମରସ, ଯକ୍ଷ ରାକ୍ଷସଙ୍କ ଭିତରେ କୁବେର, ଗଜରାଜଙ୍କ ଭିତରେ ଐରାବତ, ଜଳଜୀବଙ୍କ ପ୍ରଭୁ ବରୁଣ, ସବୁଠୁ ଉତ୍ତପ୍ତଙ୍କ ଭିତରେ ସୂର୍ଯ୍ୟ, ମନୁଷ୍ୟଙ୍କ ଭିତରେ ରାଜା, ଅଶ୍ୱମାନଙ୍କ ମଧ୍ୟରେ ଉଚ୍ଚୈଃଶ୍ରବା, ଧାତୁରେ ସୁନା, ଦଣ୍ଡ ଦେବାବାଲାଙ୍କ ମଧ୍ୟରେ ଯମ, ସର୍ପ ଭିତରେ ବାସୁକି, ନାଗରାଜଙ୍କ ମଧ୍ୟରେ ଶେଷନାଗ, ଜନ୍ତୁଙ୍କ ମଧ୍ୟରେ ସିଂହ । ଆଶ୍ରମ ଭିତରେ ସନ୍ନ୍ୟାସ । ବର୍ଣ୍ଣରେ ବ୍ରାହ୍ମଣ । ତୀର୍ଥରେ ଗଙ୍ଗା, ଜଳାଶୟଗୁଡ଼ିକ ଭିତରେ ସମୁଦ୍ର । ଅସ୍ତ୍ରଶସ୍ତ୍ରରେ ଧନୁଷ । ଧନୁର୍ଦ୍ଧରଙ୍କ ଭିତରେ ତ୍ରିପୁରାରି ଶଙ୍କର । ନିବାସସ୍ଥାନ ମଧ୍ୟରେ ସୁମେରୁ, ଦୁର୍ଗମ ସ୍ଥାନ ମଧ୍ୟରେ ହିମାଳୟ, ବନସ୍ପତି ମଧ୍ୟରେ ପିପ୍ପଳ, ଧାନ୍ୟ ମଧ୍ୟରେ ଯଅ । ପୁରୋହିତଙ୍କ ମଧ୍ୟରେ ବଶିଷ୍ଠ, ବେଦବକ୍ତା ବୃହସ୍ପତି, ସେନାପତି କାର୍ତ୍ତିକେୟ, ସନ୍ମାର୍ଗ ପ୍ରଦର୍ଶକ ଭାବରେ ବ୍ରହ୍ମା, ପଞ୍ଚ ମହାଯଜ୍ଞ ଭିତରେ ବ୍ରହ୍ମଯଜ୍ଞ (ସ୍ୱାଧ୍ୟାୟ), ବ୍ରତରେ ଅହିଂସ ବ୍ରତ, ଶୁଦ୍ଧ କରିବା ବାଲାଙ୍କ ମଧ୍ୟରେ ବାୟୁ, ଅଗ୍ନି, ସୂର୍ଯ୍ୟ, ଜଳ, ବାଣୀ ଏବଂ ଆତ୍ମା ମୁଁ । ଅଷ୍ଟାଙ୍ଗ ଯୋଗ ଭିତରେ ମୁଁ ହେଉଛି 'ସମାଧି' । ବିଜୟୀର 'ନୀତି', କୌଶଳରେ ବିବେକ, ଖ୍ୟାତିବାଦୀଙ୍କ ମଧ୍ୟରେ ବିକଳ୍ପ । ସ୍ତ୍ରୀଙ୍କ ଭିତରେ ମନୁପତ୍ନୀ ଶତରୂପା, ପୁରୁଷଙ୍କ ଭିତରେ ସ୍ୱାୟମ୍ଭୁବ ମନୁ, ମୁନୀଶ୍ୱରଙ୍କ ମଧ୍ୟରେ ସନତକୁମାର । ସ୍ତ୍ରୀ-ପୁରୁଷ ଯୋଡ଼ିଙ୍କ ମଧ୍ୟରେ ମୁଁ ହେଉଛି ପ୍ରଜାପତି । ମନକଥା, ଗୋପନ ରଖିବାରେ ମଧୁର ବଚନ ଓ ମୌନ, ଋତୁଭିତରେ ବସନ୍ତ । ମାସରେ ମାର୍ଗଶୀର । ଯୁଗରେ ସତ୍ୟଯୁଗ । ବିବେକୀଙ୍କ ଭିତରେ ମହର୍ଷି ଦେବଳ ଓ ଅସିତ, ବ୍ୟାସଙ୍କ ଭିତରେ କୃଷ୍ଣ ଦ୍ୱୈପାୟନ; କବିଙ୍କ ମଧ୍ୟରେ ଶୁକ୍ରାଚାର୍ଯ୍ୟ (ଉଷନା) । ମୁଁ ହେଉଛି ଜନ୍ମ ମୃତ୍ୟୁ ରହସ୍ୟ ଜାଣିବାବାଲା ଭଗବାନ୍ ବାସୁଦେବ, ପ୍ରେମୀ ଭକ୍ତଙ୍କ ମଧ୍ୟରେ ତୁମେ (ଉଦ୍ଧବ) ମୁଁ । ମୁଁ ହେଉଚି ହନୁମାନ, ବୀର ଅର୍ଜୁନ, ସୁଦର୍ଶନ

(ବିଦ୍ୟାଧର), ପଦ୍ମରାଗ, କମଳକଳି, କୁଶ, ହବିଷ୍ୟରେ ଗୋଘୃତ । ମୁଁ ଲକ୍ଷ୍ମୀ, ଦ୍ୟୁତକ୍ରୀଡ଼ା, ତିତିକ୍ଷା, ସତ୍ତ୍ୱଗୁଣ । ବଳବାନର ଉତ୍ସାହ ଓ ପରାକ୍ରମ, ଭକ୍ତିଯୁକ୍ତ ନିଷ୍କାମ କର୍ମ । ଜଳରେ ରସ । ଯାହା ଦେଖୁଚ, ଶୁଣୁଚ, ସ୍ପର୍ଶ କରୁଚ, ଆଘ୍ରାଣ କରୁଚ, ଏ ସବୁଥିରେ ଶ୍ରେଷ୍ଠ ଯାହା ମୁଁ ହେଉଛି ସେହି । ତେଜ, ଶ୍ରୀ, କୀର୍ତ୍ତି, ଲଜ୍ଜା, ତ୍ୟାଗ, ସୌନ୍ଦର୍ଯ୍ୟ, ସୌଭାଗ୍ୟ, ବିଜ୍ଞାନ– ଏସବୁ ହେଉଛି ମୋର ଅଂଶମାତ୍ର । ମନ ଭିତରେ ଥିବା ସଂକଳ୍ପ, ବିକଳ୍ପ ବନ୍ଦ କରି ଇନ୍ଦ୍ରିୟଗୁଡ଼ିକୁ ଦମନ କର । କଞ୍ଚା ମାଠିଆରେ ପାଣି ରଖିଲେ ଯାହା ହୁଏ , ସେହିଭଳି ଯେଉଁ ସାଧକ ବୁଦ୍ଧି ଦ୍ୱାରା ବଚନ ଓ ମନକୁ ସମ୍ପୂର୍ଣ୍ଣ ବଶୀଭୂତ କରି ନପାରେ, ସେହିଭଳି ତା'ର ବ୍ରତ, ତପ ଓ ଦାନ କ୍ଷୀଣ ହୋଇ ହୋଇ ପଡ଼ିଥାଏ । ତେଣୁ ହେ ଉଦ୍ଧବ ! ସାତ୍ତ୍ୱିକ ବୁଦ୍ଧିଦ୍ୱାରା ପ୍ରପଞ୍ଚ ଅଭିମୁଖୀ ମନକୁ ଶାନ୍ତକର । ତାହାହେଲେ ତୁମେ ଜନ୍ମ ମୃତ୍ୟୁ ଚକ୍ରରୁ ଉଦ୍ଧାର ପାଇ ପାରିବ ।

●

॥ ୧୪୯ ॥

# ଭଜ ଗୋବିନ୍ଦଂ, ସ୍ମର ଗୋବିନ୍ଦମ୍

**ଉ**ଦ୍ଧବଙ୍କ ମନରେ ପ୍ରଶ୍ନର ଲହଡ଼ି ପରେ ଲହଡ଼ି । ଶ୍ରୀକୃଷ୍ଣଙ୍କୁ କହିଲେ, ତୁମ ବ୍ୟତୀତ ଆଉ କେହି ନାହିଁ ଯିଏକି ଧର୍ମର ପ୍ରବଚନ, ପ୍ରବର୍ତ୍ତନ ଓ ସଂରକ୍ଷଣ କରିପାରେ । ପୃଥିବୀରେ, ନିଜର ଲୀଳା ସମ୍ବରଣ କରିସାରିବା ପରେ ଧର୍ମ ତ କ୍ରମଶଃ ଲୋପ ପାଇଯିବ, ତାକୁ ପୁଣି ରକ୍ଷା କରିବ କିଏ ?

ଭଗବାନ କହିଲେ, ଉଧୋ ! ତୁମେ ଉପଯୁକ୍ତ ପ୍ରଶ୍ନ କରିଛ । ତା'ପରେ ଭଗବାନ ସନାତନ ଧର୍ମ କଥା କହିଲେ । ବର୍ଣ୍ଣାଶ୍ରମ ଧର୍ମ ହେଉଛି ମନୁଷ୍ୟ ସମାଜ ଲାଗି ପରମ କଲ୍ୟାଣକାରୀ । ଏହା ଦ୍ୱାରା ମୋକ୍ଷ ମିଳେ । ଯେତେବେଳେ ଏହି କଳ୍ପର ପ୍ରାରମ୍ଭ ହେଲା, ସେତେବେଳେ ଥିଲା ସତ୍ୟଯୁଗ । ସେତେବେଳେ ସବୁ ମନୁଷ୍ୟ ଲାଗି 'ହଂସ' ନାମରେ କେବଳ ଗୋଟିଏ ବର୍ଣ୍ଣ ଥିଲା । ଏହି ଯୁଗରେ ଜନ୍ମରୁ ହିଁ ସମସ୍ତେ କୃତକୃତ୍ୟ ହେଉଥିଲେ । ତେଣୁ ସମସ୍ତେ ଏହି ଯୁଗକୁ କୃତଯୁଗ କହୁଥିଲେ । ଏହି ଯୁଗରେ ପ୍ରଣବ (ଓଁକାର) ହିଁ ଥିଲା ବେଦ । ଏହାର ଚାରୋଟି ପାଦ ତପସ୍ୟା, ଶୌଚ, ଦୟା ଓ ସତ୍ୟ । ଧର୍ମର ରୂପ ଥିଲା ବୃଷଭ । ପରମ ତପସ୍ୱୀମାନେ ମତେ 'ହଂସ' ରୂପରେ ଉପାସନା କରୁଥିଲେ । ସତ୍ୟଯୁଗ ପରେ ଆସିଲା ତ୍ରେତା । ଏହା ଆରମ୍ଭ ହେବା ପରେ ମୋ ଶ୍ୱାସ ପ୍ରଶ୍ୱାସରୁ

ସୃଷ୍ଟି ହେଲା ତିନୋଟି ବେଦ ବା ବିଦ୍ୟା ଯଥା– ଋକ୍, ଯଜୁ ଓ ସାମ । ଏହି ବିଦ୍ୟାରୁ ହିଁ କର୍ମ ରୂପରେ ଯଜ୍ଞର ଉଦ୍‌ଭବ । ବିରାଟ ପୁରୁଷର ମୁଖରୁ ବ୍ରାହ୍ମଣ, ହାତରୁ କ୍ଷତ୍ରିୟ, ଜଂଘରୁ ବୈଶ୍ୟ ଓ ଚରଣରୁ ଶୂଦ୍ରର ଉତ୍ପତ୍ତି । ଏମାନଙ୍କ ପରିଚୟ ସ୍ୱଭାବ ଓ ଆଚରଣରୁ । ସେହି ବିରାଟ ପୁରୁଷ ହେଉଛି ମୁଁ । ମୋର ଉରୁରୁ ଗୃହସ୍ଥାଶ୍ରମ, ହୃଦୟରୁ ବ୍ରହ୍ମଚର୍ଯ୍ୟ, ବକ୍ଷସ୍ଥଳରୁ ବାନପ୍ରସ୍ଥ ଏବଂ ମସ୍ତକରୁ ସନ୍ନ୍ୟାସାଶ୍ରମର ଉତ୍ପତ୍ତି । ଏହି ଚାରି ଆଶ୍ରମ ମନୁଷ୍ୟ ସମାଜର ଆଶ୍ରୟସ୍ଥଳି, ଠିକ୍ ପାନ୍ଥଶାଳା ଭଳି । ଯିଏ ଯେଉଁ ଆଶ୍ରମର ପୁରୁଷ, ସେ ତା'ର ସ୍ୱଭାବ ଅନୁସାରେ ଉତ୍ତମ, ମଧ୍ୟମ ଓ ଅଧମ । ବ୍ରାହ୍ମଣ ବର୍ଣ୍ଣର ସ୍ୱଭାବ– ଶମ, ଦମ, ତପସ୍ୟା, ପବିତ୍ରତା, ସଂଶ୍ଳେଷ, କ୍ଷମାଶୀଳତା, ସରଳତା, ମୋ ପ୍ରତି ଭକ୍ତି, ଦୟା ଓ ସତ୍ୟ । ଏହି ସ୍ୱଭାବରୁ ବିଚ୍ୟୁତ ହେଲେ ସେ ବ୍ରାହ୍ମଣ ପଦବାଚ୍ୟ ହୋଇ ନପାରେ । କ୍ଷତ୍ରିୟର ସ୍ୱଭାବ ତେଜ, ବଳ, ଶୌର୍ଯ୍ୟ, ଧୈର୍ଯ୍ୟ, ସହନଶୀଳତା, ଉଦାରତା, ସ୍ଥିରତା ଓ ବ୍ରାହ୍ମଣ ଭକ୍ତି । ବୈଶ୍ୟର ସ୍ୱଭାବ– ଆସ୍ତିକତା, ଦାନଶୀଳତା, ଦମ୍ଭହୀନତା, ସେବା ଏବଂ ଧନସଂଚୟରେ ସନ୍ତୁଷ୍ଟ ନହେବା । ଗୋ, ବ୍ରାହ୍ମଣ, ଦେବତା ମାନଙ୍କର ନିଷ୍କପଟ ଭାବରେ ସେବା କରିବା ଏବଂ ଏଥିରୁ ଯାହା କିଛି ମିଳେ ସେଥିରେ ସନ୍ତୁଷ୍ଟ ରହିବା– ଶୂଦ୍ରର ସ୍ୱଭାବ । ଅନ୍ତ୍ୟଜମାନଙ୍କ ସ୍ୱଭାବ ଅପବିତ୍ରତା, ମିଛ କହିବା, ବୃଥାରେ ଝଗଡ଼ା କରିବା, କାମ କ୍ରୋଧ, ଏବଂ କାମନାର ବଶବର୍ତ୍ତୀ ହେବା । ଚାରୋଟିଯାକ ଆଶ୍ରମର ଧର୍ମ ହେଉଛି – କାୟ, ମନ, ବାକ୍ୟରେ କାହା ପ୍ରତି ହିଂସା ନ କରିବା, ସତ୍ୟପଥରେ ଦୃଢ଼ ରହିବା, ଚୋରି ଡକାୟତି ନ କରିବା, ସମସ୍ତଙ୍କ ଉପକାର କରିବା, ସମସ୍ତଙ୍କୁ ଖୁସି ରଖିବା । ଶରୀର ହେଉଚି ଚାରୋଟିଯାକ ବର୍ଣ୍ଣର ପୀଠ । ଶରୀର ହିଁ ଶୌଚାଦି ଶୂଦ୍ର କର୍ମ କରେ । ସତ୍‌କର୍ମ ଦ୍ୱାରା ବ୍ରାହ୍ମଣ କର୍ମ, ଭରଣ ପୋଷଣ ଲାଗି ବୈଶ୍ୟ କର୍ମ ଏବଂ ବିପଦର ସମ୍ମୁଖୀନ ହେବା ଲାଗି କ୍ଷତ୍ରିୟ କର୍ମ କରିଥାଏ ।

ଭଗବାନ କହିଲେ, ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କ ଲାଗି ଗର୍ଭାଧାନ ସଂସ୍କାରଠୁ ଆରମ୍ଭ କରି ଯଜ୍ଞୋପବୀତ ସଂସ୍କାର ଆବଶ୍ୟକ । ଏହା ଫଳରେ ସେମାନଙ୍କର ଦ୍ୱିତୀୟ ଜନ୍ମ ହୋଇଥାଏ । ସମସ୍ତେ ଦ୍ୱିଜ । ତା'ପରେ ଗୁରୁକୁଳାଶ୍ରମରେ ରହି ବିଦ୍ୟାଶିକ୍ଷା କରିବା ସଙ୍ଗେ ସଙ୍ଗେ ଇନ୍ଦ୍ରିୟଗୁଡ଼ିକୁ ବଶୀଭୂତ କରିବା ଉଚିତ । ଏହି ଆଶ୍ରମରେ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ପାଳନ କରିବାକୁ ପଡ଼ିଥାଏ । ଯଦି ବିଚ୍ୟୁତି ଘଟେ, ଶୀତଳ ଜଳରେ ସ୍ନାନ କରି ପ୍ରାଣାୟାମ ଏବଂ ଗାୟତ୍ରୀ ଜପ କରିବାକୁ ହେବ । ଗୁରୁ ବା ଆଚାର୍ଯ୍ୟ ହେଉଛନ୍ତି ମୋ ସ୍ୱରୂପ । ତେଣୁ ସେମାନଙ୍କୁ ତିରସ୍କାର କରିବ ନାହିଁ । ତାଙ୍କରି ନିର୍ଦ୍ଦେଶ ମାନି ଚଳିବାକୁ ପଡ଼ିବ । ଭିକ୍ଷା କରି ଆଚାର୍ଯ୍ୟଙ୍କୁ ଦେବ । ସେ ଯାହା ଦେବେ, ସେତିକିରେ ସନ୍ତୁଷ୍ଟ ରହିବ ।

ବୈଷ୍ଣବ ମାତ୍ରେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ଏବଂ ସାରାଜୀବନ ଗୁରୁ ବା ଆଚାର୍ଯ୍ୟ ସେବା ଏବଂ ବେଦାଧ୍ୟୟନ କରିବା ଆବଶ୍ୟକ । ଏପରି କଲେ ମନୁଷ୍ୟ ତେଜସ୍ୱୀ ହୋଇଉଠେ । ତା'ର ସମସ୍ତ ପ୍ରାପ୍ୟ ନଷ୍ଟ ହୋଇଥାଏ । ତୀବ୍ର ତପସ୍ୟା ପାପ କର୍ମସଂସ୍କାର ଭସ୍ମ ହୋଇଯାଏ । ଯଦି ନୈଷ୍ଠିକ ବ୍ରହ୍ମଚର୍ଯ୍ୟ ସଂଭବ ନହୁଏ ଏବଂ ଗୃହସ୍ଥାଶ୍ରମ କରିବାକୁ ଇଚ୍ଛା ହୁଏ ତ ବିଧିପୂର୍ବକ ବେଦାଧ୍ୟୟନ ସମାପ୍ତ କରି, ଆଚାର୍ଯ୍ୟଙ୍କୁ ଦକ୍ଷିଣା ଦେଇ, ତାଙ୍କଠୁ ଅନୁମତି ନେଇ ସମାବର୍ତ୍ତନ ସଂସ୍କାର କରାଯାଇପାରେ । କୁଳୀନ ଏବଂ ନିଜ ବର୍ଣ୍ଣର କନ୍ୟା ସହିତ ବିବାହ କରାଯାଇପାରେ । ଯଦି କାମବଶ ହୋଇ ଅନ୍ୟ ବର୍ଣ୍ଣର କନ୍ୟା ସହିତ ବିବାହ ଲାଗି ଇଚ୍ଛା ହୁଏ, ତାହାହେଲେ ନିଜ ବର୍ଣ୍ଣଠାରୁ ନିମ୍ନ ବର୍ଣ୍ଣର କନ୍ୟା ସହିତ ବିବାହ କରାଯାଇପାରେ । କିନ୍ତୁ ନିଜଠୁ ଉଚ୍ଚବର୍ଣ୍ଣ କନ୍ୟା ସହିତ ବିବାହ କରିବା ଅନୁଚିତ ।

ଭଗବାନ କହିଲେ– ଯାଗ, ଯଜ୍ଞ, ଅଧ୍ୟୟନ ଓ ଦାନ ଦେବାରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟର ଅଧିକାର ସମାନ । କିନ୍ତୁ ଦାନ ନେବା, ପାଠ ପଢ଼ାଇବା, ଓ ଯଜ୍ଞ କରାଇବାର ଅଧିକାର କେବଳ ବ୍ରାହ୍ମଣର । ସଚ୍ଚା ବ୍ରାହ୍ମଣହେବା ସହଜ ନୁହଁ । କେବଳ ଜନ୍ମଗତ ଅଧିକାର ଦ୍ୱାରା ଏହା ସାବ୍ୟସ୍ତ ହୋଇ ନପାରେ । ବିଷୟ ଭୋଗରେ ଲିପ୍ତ ରହି ନିଜକୁ କେହି ବ୍ରାହ୍ମଣ ବୋଲାଇ ନ ପାରେ । ଯିଏ ମୋ'ଠି ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଥାଏ, ସିଏ ହିଁ ପ୍ରକୃତ ଭକ୍ତ ଓ ବ୍ରାହ୍ମଣ । ମୁଁ ତାକୁ ସମସ୍ତ ଆପଦ ବିପଦରୁ ରକ୍ଷା କରିଥାଏ । କ୍ଷତ୍ରିୟ ରାଜାର ଧର୍ମ ଓ କର୍ତ୍ତବ୍ୟ ହେଉଛି ପ୍ରଜାପାଳନ, ପ୍ରଜାମାନଙ୍କୁ ରକ୍ଷା କରିବା । ଯଦି ବ୍ରାହ୍ମଣ ଓ କ୍ଷତ୍ରିୟ ନିଜ ଧର୍ମରେ ଅଟଳ ରହିନପାରେ, ବରଂ ସେ ବୈଶ୍ୟବୃତ୍ତି ଅବଲମ୍ବନ କରିବା ଉଚିତ । ଧର୍ମଚ୍ୟୁତ ହୋଇ ସେମାନେ ଅନ୍ୟକାର୍ଯ୍ୟ କଲେ, ତାକୁ 'ଶ୍ୱାନବୃତ୍ତି' କୁହାଯାଏ । ଗୃହସ୍ଥାଶ୍ରମରେ ରହି ମଧ ମୋ'ଠି ଲୟ ରଖାଯାଇପାରେ । ମତେ ଭୁଲି ଯିଏ ଗୃହ-ଗୃହସ୍ଥି ପ୍ରତି ଆସକ୍ତ ହୋଇ ପଡ଼େ, ସାରା ଜୀବନ ସେ ବିଷୟ ପଙ୍କରେ ଲଟପଟ ହୋଇ ପଡ଼େ । ଆଉ ଉପରକୁ ଉଠି ପାରେନା । ଯିଏ କେବଳ ଭାବେ ଯେ ମୋ'ବାପା ବୁଢ଼ା ହୋଇ ଗଲେଣି, ମୁଁ ବାନପ୍ରସ୍ଥ କଲେ, ମୋ ସ୍ତ୍ରୀ ଓ ପିଲାପିଲି ଅନାଥ ହୋଇ ପଡ଼ିବେ, ଏହି ମୋହ ହିଁ ତା' ଜୀବନ କ୍ଷୟର କାରଣ ହୁଏ । ଏମାନଙ୍କ ଲାଗି କେବଳ ଗୋଟିଏ ମାତ୍ର ଶବ୍ଦ ପ୍ରଯୋଜ୍ୟ, ତାହା ହେଉଚି 'ମୂଢ଼' । ତେଣୁ କୁହାଯାଇଛି, ହେ ମୁଢ଼ମତେ ! ସଂସାର-ସାଗର ଅତିକ୍ରମ କରିବା ଲାଗି ଏକମାତ୍ର ପନ୍ଥା– ଭଜଗୋବିନ୍ଦଂ, ସ୍ମର ଗୋବିନ୍ଦଂ । ମତେ ବା ଗୋବିନ୍ଦଙ୍କୁ ଭଜନ କଲେ, ତା'ର ସବୁ ସତ୍‌କାର ହୋଇଯାଏ ।

ତା'ପରେ ଭଗବାନ ଶ୍ରୀକୃଷ୍ଣ ବାନପ୍ରସ୍ଥ ଓ ସନ୍ନ୍ୟାସଶ୍ରମରେ କିଭଳି ରହିବ, କ'ଣ କ'ଣ ଖାଇବ, କିପରି ଶୋଇବ, ଉଦ୍ଧବଙ୍କୁ ଏସବୁର ନିୟମ ଓ ପଦ୍ଧତି ବତାଇଲେ । ବିଚାରବାନ, ସନ୍ନ୍ୟାସୀ ଦୃଶ୍ୟମାନ ଜଗତକୁ ସତ୍ୟ ବୋଲି କେବେହେଲେ ମନେ କରେନା । କାରଣ ସେ ଜାଣେ ଏସବୁ ନାଶଶୀଳ । ସବୁ ମାୟା । ସନ୍ନ୍ୟାସୀ ମାତ୍ରେ ବୁଦ୍ଧିମାନ ହେଲେ ମଧ ପିଲାଙ୍କ ଭଳି ଖେଳେ, ନିପୁଣ ହେଲେ ମଧ ସେ ଜଡ଼ବତ୍ । ବିଦ୍ୱାନ୍ ହେଲେ ମଧ ପାଗଳଙ୍କ ଭଳି କଥାବାର୍ତ୍ତା କରିଥାଏ । ହେ ଉଦ୍ଧବ ! ସବୁ ଆଶ୍ରମର ନୀତି, ନିୟମ ରହିଛି । ତୁମେ ନୀତିନିଷ୍ଠ ରହି କାର୍ଯ୍ୟ କରିବା ଉଚିତ୍ ।

॥ ୧୫୦ ॥

# ତିନି, ନଅ, ଏଗାର, ପାଞ୍ଚ ମିଶି ଅଠେଇଶ

ଉଦ୍ଧବ ପ୍ରଶ୍ନ କଲେ, ଭଗବନ୍ ! ତତ୍ତ୍ୱ ସଂଖ୍ୟା କେତେ ? ମୁଁ ଜାଣେ ଏବଂ ମୁନି ଋଷିଙ୍କଠାରୁ ମଧ ଶୁଣିଚି ତତ୍ତ୍ୱସଂଖ୍ୟା ଅଠେଇଶ । କିନ୍ତୁ କୌଣସି କୌଣସି ମହର୍ଷି କହିଛନ୍ତି, ପଚିଶ । କିଏ ବା କହିଛନ୍ତି ସାତ, ନଅ, ଛଅ, ଏଗାର, ଚାରି, ଷୋଳ, ସତର ଇତ୍ୟାଦି । ଏପରି ଭିନ୍ନ ଭିନ୍ନ ମତ କାହିଁକି ?

ଶ୍ରୀକୃଷ୍ଣ କହିଲେ, ବେଦଜ୍ଞ ଋଷିମାନେ ଯିଏ ଯାହା କହିଛନ୍ତି, ସବୁ ଠିକ୍ । ସେମାନେ ଯୁକ୍ତି ସହିତ କହିଥାଆନ୍ତି । କାରଣ ସବୁ ତତ୍ତ୍ୱ ସବୁ ଭିତରେ ରହିଛି । ସମସ୍ତେ ନିଜ ଯୁକ୍ତି ସାବ୍ୟସ୍ତ କରିବା ପାଇଁ କହିଥାଆନ୍ତି, "ମୁଁ ଯାହା କହୁଚି ଠିକ୍, ଯଥାର୍ଥ, ଅନ୍ୟମାନେ ଯାହା କହୁଚନ୍ତି, ଭୁଲ ।" ଏପରି ବିବାଦ ଉପୁଜିବା ମୂଳରେ ରହିଛି ମୋ ମାୟା । ମାୟା ହେତୁ ମୋ ଶକ୍ତି (ସତ୍ୱ, ରଜ, ତମର ଗୁଣ ଓ ବୃତ୍ତି)କୁ ସେମାନେ ବୁଝି ପାରି ନ ଥାଆନ୍ତି । ନିଜ ନିଜ ମନୋବୃତ୍ତିକୁ ହିଁ ପ୍ରକଟ କରିଥାଆନ୍ତି । ମୋ ମାୟା ଯୋଗୁଁ ତୁମ ଭଳି ବେଦଜ୍ଞ ହେଲେ ମଧ ନାନା କଳ୍ପନାର ପ୍ରପଞ୍ଚ ଭିତରେ ସେମାନେ ଗୁଡ଼େଇ ତୁଡ଼େଇ ହୋଇପଡ଼ନ୍ତି । ସତ୍ୟକୁ ଉପଲବ୍ଧି କରି ପାରନ୍ତି ନାହିଁ । ତେଣୁ ତତ୍ତ୍ୱଗଣନା ବା କଳନା କରିବାରେ ସେମାନେ ସଠିକ ସଂଖ୍ୟା କେତେ କଷି ପାରନ୍ତି ନାହିଁ । ସେମାନଙ୍କ ଅଙ୍କ ବା ଗଣିତ ଅଛିଣ୍ଡା ରହିଯାଏ । ଇନ୍ଦ୍ରିୟଗୁଡ଼ିକୁ ବଶୀଭୂତ କରିପାରିଲେ ମନରୁ ମାୟା ହଟିଯାଏ । ପ୍ରପଞ୍ଚରୁ ନିବୃତ୍ତ ହେଲେ ଚିତ୍ତ ଶାନ୍ତ ହୋଇଯାଏ । ନିବୃତ୍ତି ସହିତ ସମସ୍ତ ବାଦବିବାଦ ହଟିଯାଏ । ତେଣୁ କୁହାଯାଇଚି, ସତ୍‌ସଂଗତ୍ୱେ, ନିଃସଂଗତ୍ୱଂ, ନିଃସଂଗତ୍ୱେ, ନିର୍ମୋହତ୍ୱଂ, ନିର୍ମହତ୍ୱେ, ନିଶ୍ଚଳତତ୍ତ୍ୱ, ନିଶ୍ଚଳତତ୍ତ୍ୱେ ଜୀବନମୁକ୍ତି ।

ଭଗବାନ କହିଲେ, ତତ୍ତ୍ୱ ବିଚାର କଲାବେଳେ, ତତ୍ତ୍ୱ ଭିତରେ ଅନ୍ୟତତ୍ତ୍ୱର ଅନୁପ୍ରବେଶ ଘଟିଥାଏ । ତେଣୁ ବକ୍ତା ତତ୍ତ୍ୱସଂଖ୍ୟା ଯେତେ କହିଥାଆନ୍ତି, ତା' ଅନୁସାରେ କାରଣକୁ କାର୍ଯ୍ୟ ଭିତରେ କିମ୍ବା କାର୍ଯ୍ୟକୁ କାରଣ ଭିତରେ ମିଶାଇ ନିଜେ ନିଜ ଇଚ୍ଛାନୁସାରେ ତତ୍ତ୍ୱ ସଂଖ୍ୟା କହିଥାଆନ୍ତି ।

ଉଦ୍ଧବହେ ! ଯେଉଁମାନେ ତତ୍ତ୍ୱସଂଖ୍ୟା ୨୬ କହିଥାଆନ୍ତି, ସେମାନେ ଏପରି କହିବାର କାରଣ ହେଉଛି ଜୀବ ଅନାଦି କାଳରୁ ଅବିଦ୍ୟାଗ୍ରସ୍ତ । ସେ ନିଜକୁ ନିଜେ ଜାଣିପାରେନା । ଏହାକୁ ଆତ୍ମଜ୍ଞାନସଂପନ୍ନ କରାଇବା ଲାଗି ଜଣେ ସର୍ବଜ୍ଞର ଆବଶ୍ୟକ ପଡ଼ିଥାଏ । ତେଣୁ ପ୍ରକୃତିର କାର୍ଯ୍ୟ କାରଣ ସ୍ୱରୂପ ଚବିଶ ତତ୍ତ୍ୱ, ପଚିଶ ହେଉଛି ପୁରୁଷ ଏବଂ ଛବିଶ ହେଉଛନ୍ତି ଈଶ୍ୱର । ଏପରି ମୋଟରେ ଛବିଶ ତତ୍ତ୍ୱକୁ ସ୍ୱୀକାର କରାଯାଇଥାଏ । ଯେଉଁମାନେ ତତ୍ତ୍ୱସଂଖ୍ୟା ପଚିଶ ବୋଲି କହିଥାଆନ୍ତି, ସେମାନଙ୍କ ଯୁକ୍ତି ହେଉଚି, ଏ ଶରୀରରେ ଜୀବ ଓ ଈଶ୍ୱର ମଧ୍ୟରେ ଅଣୁମାତ୍ର ପ୍ରଭେଦ ନାହିଁ । ତେଣୁ ଦୁହିଁଙ୍କ ମଧ୍ୟରେ କଳ୍ପନା ବ୍ୟର୍ଥ । ବାକି ରହିଲା ଜ୍ଞାନ । ଏହା ସତ୍ତ୍ୱାତ୍ମିକା ପ୍ରକୃତିର ଗୁଣ । ତିନିଗୁଣର ସାମ୍ୟାବସ୍ଥା ହେଉଛି ପ୍ରକୃତି । ଆତ୍ମାର କୌଣସି ଗୁଣ ନ ଥାଏ । ଏହା ପ୍ରକୃତିର । ତେଣୁ ହେ ଉଦ୍ଧବ ! ସତ୍ତ୍ୱଗୁଣ ହେଉଛି ଜ୍ଞାନ, ରଜୋଗୁଣ କର୍ମ, ତମୋଗୁଣ ହେଉଚି ଅଜ୍ଞାନ । ଏହି ଗୁଣ ଭିତରେ କ୍ଷୋଭ ଉତ୍ପନ୍ନ କରୁଥିବା ଈଶ୍ୱର ହେଉଛନ୍ତି 'କାଳ' । ତେଣୁ ପଚିଶ ଠିକ୍, ଛବିଶ ମଧ୍ୟ ଠିକ୍, ଅଠେଇଶ ମଧ୍ୟ ଠିକ୍ । ଯଥା– ପୁରୁଷ, ପ୍ରକୃତି, ମହତତ୍ତ୍ୱ, ଅହଂକାର, ଆକାଶ, ବାୟୁ, ତେଜ, ଜଳ ଓ ପୃଥ୍ୱୀ । ଇଏ ନଅଟି ତତ୍ତ୍ୱକଥା ମୁଁ ଆଗରୁ କହିଛି । ଶ୍ରୋତ୍ର ବା 'କର୍ଣ୍ଣ', ତ୍ୱଚା, ଚକ୍ଷୁ, ନାସିକା ଓ ରସନା– ଏ ପାଞ୍ଚ ଜ୍ଞାନେନ୍ଦ୍ରିୟ । ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ– ପାଞ୍ଚ କର୍ମେନ୍ଦ୍ରିୟ । ମନ ଓ ବୁଦ୍ଧି ହେଉଛି ଜ୍ଞାନ ଓ କର୍ମ- ଉଭୟ ଇନ୍ଦ୍ରିୟ । ପାଞ୍ଚ, ପାଞ୍ଚ, ଏକ ମିଶି ଏଗାର । ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ, ଏହି ପାଞ୍ଚଟି ଜ୍ଞାନେନ୍ଦ୍ରିୟର ବିଷୟ । ଆଗରୁ ସତ୍ତ୍ୱ, ରଜ, ତମ, ଗୁଣ କଥା କୁହାଯାଇଛି । ତିନି, ନଅ, ଏଗାର, ପାଞ୍ଚକୁ ମିଶାଇ ମୋଟ ଅଠେଇଶ ତତ୍ତ୍ୱ । କର୍ମେନ୍ଦ୍ରିୟର ପାଞ୍ଚ କର୍ମତତ୍ତ୍ୱ ଅନ୍ତର୍ଭୁକ୍ତ କରାଯାଇ ନଥାଏ ।

ଯେଉଁମାନେ ତତ୍ତ୍ୱସଂଖ୍ୟା ମାତ୍ର ସାତ ବୋଲି ମାନନ୍ତି, ସେମାନଙ୍କ ବିଚାରରେ ଆକାଶ, ବାୟୁ, ତେଜ, ଜଳ ଓ ପୃଥ୍ୱୀ– ଇଏ ପଞ୍ଚଭୂତ, ଷଷ୍ଠ ହେଉଚି ଜୀବ ଏବଂ ସପ୍ତମ ହେଉଚନ୍ତି ପରମାତ୍ମା । କେବଳ ଛଅ ତତ୍ତ୍ୱକୁ ମାନୁଥିବା ବ୍ୟକ୍ତିଙ୍କ ବିଚାରରେ ପଞ୍ଚଭୂତ ଓ ପରମପୁରୁଷ ପରମାତ୍ମା ହିଁ ତତ୍ତ୍ୱ । ମାତ୍ର ଚାରୋଟି ତତ୍ତ୍ୱକୁ ମାନିବାବାଲା ମଧ୍ୟ ଅଛନ୍ତି । ସେମାନଙ୍କ ମତରେ ଆତ୍ମାରୁହିଁ ତେଜ, ଜଳ ଓ ପୃଥ୍ୱୀର ଉତ୍ପତ୍ତି ଏବଂ

ଜଗତରେ ଯେତେ ପଦାର୍ଥ ଏହି ସବୁରୁ ଉତ୍ପନ୍ନ । ତତ୍ତ୍ୱ ସଂଖ୍ୟା ସତର କହୁଥିବା ଋଷିମାନେ କହନ୍ତି, ପାଞ୍ଚଭୂତ, ପାଞ୍ଚ ତନ୍ମାତ୍ରା, ପାଞ୍ଚ ଜ୍ଞାନେନ୍ଦ୍ରିୟ, ଏକ ମନ ଏବଂ ଏକ ଆତ୍ମା । ଷୋହଳବାଲାଙ୍କର ଏତିକି ଫରକ, ସେମାନେ ଆତ୍ମାକୁ ମନର ସମାବେଶ ବୋଲି ଧରିନିଅନ୍ତି । ସେହିଭଳି ତେର, ଏଗାର ବାଲା ମଧ୍ୟ ଅଛନ୍ତି । ସେହି ଅଠେଇଶ ତତ୍ତ୍ୱକୁ କାଟଛାଣ୍ଟ କରାଯାଇ, ଯା ସହିତ ତାକୁ ମିଶାଇ ବା ଫେଡ଼ି ତତ୍ତ୍ୱସଂଖ୍ୟା ନିରୂପଣ କରାଯାଇଥାଏ ।

ଶ୍ରୀକୃଷ୍ଣ ଭାବିଥିଲେ, ଏତିକିରେ ଉଦ୍ଧବଙ୍କ ମନ ମାନିଯିବ । କିନ୍ତୁ ଉଦ୍ଧବ, ବୃହସ୍ପତିଙ୍କ ଶିଷ୍ୟ । ସେ ଦେବଗୁରୁଙ୍କଠାକୁ ଯାଇ ଯାହା ପାଇନାହାନ୍ତି, ସେ ସର୍ବଦେବାଧିଦେବ ଗୁରୁ ବିଷ୍ଣୁସ୍ୱରୂପ ଶ୍ରୀକୃଷ୍ଣଙ୍କଠାରୁ ତାହା ପାଇବା ପାଇଁ ବାରମ୍ବାର ପ୍ରଶ୍ନ କରିଛନ୍ତି । ପଚାରିଛନ୍ତି, ହେ ଶ୍ୟାମସୁନ୍ଦର ! ସ୍ୱରୂପତଃ ପୁରୁଷ ଓ ପ୍ରକୃତି ପରସ୍ପରଠାରୁ ଭିନ୍ନ କିନ୍ତୁ ଦୁହେଁ ପରସ୍ପର ସହିତ ଇମିତି ଘନିଷ୍ଠ ଭାବରେ ମିଶି ରହିଛନ୍ତି ଯେ, ସାଧାରଣତଃ ଏମାନଙ୍କ ଭିତରେ ପ୍ରଭେଦ କ'ଣ ଜଣାପଡୁନାହିଁ । ମନେ ହେଉଚି ପ୍ରକୃତି ଭିତରେ ପୁରୁଷ ଓ ପୁରୁଷଠି ପ୍ରକୃତି ବିଦ୍ୟମାନ । ଭେଦ, ଅଭେଦ ମନେ ହେଉଛି କିପରି ଓ କାହିଁକି ?

ଭଗବାନ ଶ୍ରୀକୃଷ୍ଣ କହିଲେ, ଉଧୋ ! ପୁରୁଷ ଓ ପ୍ରକୃତି; ଶରୀର ଓ ଆତ୍ମା ଭିତରେ ଅତ୍ୟନ୍ତ ପ୍ରଭେଦ ରହିଛି । ପ୍ରାକୃତ ଜଗତରେ ଜନ୍ମ, ମରଣ, ବୃଦ୍ଧି, ଓ ହ୍ରାସ ଆଦି ବିକାର ଲାଗି ରହିଛି । ଏ ସବୁ ଗୁଣର କ୍ଷୋଭରୁ । ମୋର ତ୍ରିଗୁଣାତ୍ମିକ ମାୟା ହିଁ ଅନେକ ଭେଦଭାବ ସୃଷ୍ଟି କରିଥାଏ । ଅବଶ୍ୟ ଏହାର ବିସ୍ତାର ବ୍ୟାପକ, ତଥାପି ଏହି ବିକାରାତ୍ମକ ସୃଷ୍ଟିକୁ ତିନିଭାଗରେ ବିଭକ୍ତ କରାଯାଇପାରେ । ଏହି ତିନିଗୁଣ ହେଉଚି, ଅଧ୍ୟାତ୍ମ, ଅଧିଦୈବ ଓ ଅଧିଭୂତ । ଉଦାହରଣ, ଆଖି ହେଉଚି ଅଧ୍ୟାତ୍ମ, ଏହା ଯାହାଦେଖେ ସେ ବିଷୟ ହେଉଚି ଅଧିଭୂତ ଏବଂ ଆଖିଡ଼ୋଳାରେ ଥିବା ସୂର୍ଯ୍ୟ ଦେବତାଙ୍କ ତେଜ ହେଉଛି ଅଧିଦୈବ । ଏ ପରସ୍ପର ସାପେକ୍ଷ, କିନ୍ତୁ ସୂର୍ଯ୍ୟମଣ୍ଡଳ ଏହି ତିନିଠୁ ମୁକ୍ତ, ସ୍ୱୟଂସିଦ୍ଧ । ସେହିଭଳି ଆତ୍ମା । କୌଣସି ପଦାର୍ଥ ସହିତ ଏହାର ସଂପର୍କ ନାହିଁ । ଜ୍ଞାନସ୍ୱରୂପ ଆତ୍ମାକୁ କେନ୍ଦ୍ର କରି କୌଣସି ବିବାଦ ନାହିଁ । ଅସ୍ତିନାସ୍ତି (ହଁ, ନାହିଁ), ସଗୁଣ ନିର୍ଗୁଣ, ଭାବ-ଅଭାବ, ସତମିଛ ଆଦି ଯେତେ ବିବାଦ ରହିଛି, ସବୁର ମୂଳକାରଣ ଭେଦସୃଷ୍ଟି । ଏହାର କୌଣସି ଆବଶ୍ୟକତା ନାହିଁ ତଥାପି ଯିଏ ମୋ ପ୍ରତି ଏବଂ ନିଜ ସ୍ୱରୂପର ବାସ୍ତବତା ଜାଣିବା ଲାଗି ବିମୁଖ, ସେ ଏହି ବିବାଦରୁ ମୁକ୍ତ ହୋଇ ନପାରେ ।

ଉଦ୍ଧବଙ୍କ ପୁଣି ପ୍ରଶ୍ନ - ହେ, ଭଗବନ୍, ବ୍ୟାପକ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ଯିବା, ଅକର୍ତ୍ତା ଭାବରେ କର୍ମ କରିବା ଏବଂ ନିତ୍ୟ ବସ୍ତୁର ଜନ୍ମ ମରଣ ସମ୍ଭବ ହୁଏ କିପରି ?

ଭଗବାନ ଶ୍ରୀକୃଷ୍ଣ କହିଲେ, ମନୁଷ୍ୟର ମନ, କର୍ମ ସଂସ୍କାରର ଏକ ଭଣ୍ଡାର । ଏହି ସଂସ୍କାର ଅନୁସାରେ ଭୋଗ କରିବା ଲାଗି ପାଞ୍ଚ ଇନ୍ଦ୍ରିୟ ଲାଗି ରହିଛି । ତେଣୁ ଏହାର ନାମ ଲିଙ୍ଗଶରୀର । କର୍ମ ଅନୁସାରେ ମନୁଷ୍ୟ ଏକ ଶରୀରରୁ ଅନ୍ୟ ଶରୀର, ଏକ ଲୋକରୁ ଅନ୍ୟ ଲୋକକୁ ଯାତାୟାତ କରିଥାଏ । ଆତ୍ମା ଏହି ଲିଙ୍ଗ ଶରୀର ଠାରୁ ସର୍ବଦା ପୃଥକ୍ । ଏହାର ଯିବା ଆସିବା ନଥାଏ । କିନ୍ତୁ ନିଜକୁ ଲିଙ୍ଗ ଶରୀରରେ ବସେଇ ରଖିଥାଏ ଏବଂ ଶରୀର ଭିତରେ ଅହଂକାର ସୃଷ୍ଟି କରାଏ  ତେଣୁ ଶରୀର ଭଳି ଆତ୍ମାର ମଧ୍ୟ ଯିବା ଆସିବା ଥିବା ପ୍ରତୀତ ହୋଇଥାଏ । ମନ କର୍ମର ଅଧୀନ । ଇଏ ଦେଖିବା ବା ଶୁଣିବା ବିଷୟକୁ ଚିନ୍ତନ କରିଥାଏ ଏବଂ କ୍ଷଣିକରେ ତଦାକାର ହୋଇଯାଏ । ପୂର୍ବ ଚିନ୍ତିତ ବିଷୟରେ ଲୀନ ହୋଇଯାଏ । ଧୀରେ ଧୀରେ ସ୍ମୃତି ଏବଂ ପୂର୍ବାପର ଅନୁସଂଧାନକୁ ନଷ୍ଟ କରି ପକାଏ । ବିଷୟଚିନ୍ତାରେ ମନ ଏପରି ତଲ୍ଲୀନ ହୋଇ ପଡ଼େ ଯେ ପୂର୍ବ ଶରୀରକୁ ମଧ୍ୟ ଭୁଲିଯାଏ । କୌଣସି କାରଣରୁ ହେଉନା କାହିଁକି ଶରୀରକୁ ଏକାବେଳକେ ଭୁଲିଯିବା ହିଁ ମୃତ୍ୟୁ । ଯେତେବେଳେ ଜୀବ ଶରୀରକୁ ଅଭେଦ ଭାବରେ 'ମୁଁ'କୁ ସ୍ୱୀକାର କରିନିଏ, ସେତେବେଳେ ଏହାକୁ 'ଜନ୍ମ' କୁହାଯାଏ ।

ହେ ଉଦ୍ଧବ !  କାଳର ଗତି ଅତି ସୂକ୍ଷ୍ମ । ସାଧାରଣତଃ ଏହା ଦେଖାଯାଏ ନାହିଁ । ଏହାଦ୍ୱାରା ପ୍ରତିକ୍ଷଣ ଶରୀରର ଉତ୍ପତ୍ତି ଓ ବିନାଶ ଘଟିଥାଏ । ଯେହେତୁ ଗତି ସୂକ୍ଷ୍ମ, ତେଣୁ ପ୍ରତି ମୁହୂର୍ତ୍ତରେ ହୋଇ ଚାଲିଥିବା ଜନ୍ମ ଓ ମୃତ୍ୟୁ ଜଣା ପଡ଼େ ନାହିଁ । କାଳର ପ୍ରଭାବରେ ଯେପରି ନଦୀର ପ୍ରବାହ, ବୃକ୍ଷର ଫଳ ବିଶେଷ ଅବସ୍ଥାରେ ବଦଳିଥାଏ, ସେହିଭଳି ସମସ୍ତ ପ୍ରାଣୀଙ୍କ ଶରୀରର ଆୟୁ, ଅବସ୍ଥା ଆଦି ବଦଳିଥାଏ । ଭ୍ରାନ୍ତ ପୁରୁଷ ନିଜ କର୍ମ ଦ୍ୱାରା ଯେପରି ଜାତ ହୋଇ ନ ଥାଏ କିମ୍ବା ମରି ନ ଥାଏ, ଇଏ ବି ଅଜନ୍ମା ଓ ଅମର, ତଥାପି ଭ୍ରାନ୍ତିରେ ଏହା ଉତ୍ପନ୍ନ ହୋଇଥାଏ, ମରିଥାଏ- ଯିମିତି କାଠ ସହିତ ନିଆଁ ଉତ୍ପନ୍ନ ହୋଇଥାଏ, ନଷ୍ଟ ବି ହୋଇଯିବା ଦେଖାଯାଏ ।

●

॥ ୧୫୧ ॥

# ଅର୍ଥ ହିଁ ଅନର୍ଥର କାରଣ

**[ଭଗବାନ ଶ୍ରୀକୃଷ୍ଣ ଧରାଧାମ ତ୍ୟାଗ କରିବା ପୂର୍ବରୁ ବନ୍ଧୁ ଉଦ୍ଧବଙ୍କୁ ଯେଉଁ ସବୁ ଉପଦେଶ ଦେଇଥିଲେ ତାହା 'ଉଦ୍ଧବ-ଗୀତା' ନାମରେ ବିଖ୍ୟାତ । ସମୀକ ପୁତ୍ର ଶୃଙ୍ଗୀମୁନିଙ୍କ ଦ୍ୱାରା ଅଭିଶପ୍ତ ପାଣ୍ଡବକୁଳଶ୍ରେଷ୍ଠ ରାଜା ପରୀକ୍ଷିତଙ୍କୁ ମହର୍ଷି ଶୁକଦେବ ଭକ୍ତିରସ ପାନ କରାଇବାରେ ଲାଗିଛନ୍ତି । ପରୀକ୍ଷିତ ଆସନ୍ନ ମୃତ୍ୟୁମୁଖୀ । ସର୍ପଦ୍ୱାରା ଦଂଶିତ ହୋଇ ସେ ମୃତ୍ୟୁ ବରଣ କରିବେ । ସାତଦିନ ଅନ୍ତେ ଯମରାଜ ତାଙ୍କ ଦୂତମାନଙ୍କୁ ପଠାଇ ପରୀକ୍ଷିତଙ୍କୁ ଯମପୁରୀକୁ ନେଇଯିବେ । ପରୀକ୍ଷିତ ଶୁକମୁନିଙ୍କଠୁ କୃଷ୍ଣଗାଥା ଶୁଣି ଆସୁଥିଲେ । ଭଗବାନ-ଉଦ୍ଧବଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ହେଉଛି ପରମତତ୍ତ୍ୱ । ଭକ୍ତିମାର୍ଗରୁ ଜ୍ଞାନମାର୍ଗ ଦୁର୍ଗମ, ଦୁର୍ଭେଦ୍ୟ । ଏଥିଲାଗି ରାଜା ପରୀକ୍ଷିତ ଭଳି ପାଠକ ପାଠିକାମାନଙ୍କ ଆଗ୍ରହ ଓ ଧୈର୍ଯ୍ୟ ଆବଶ୍ୟକ –]**

ଭଗବାନ ଶ୍ରୀକୃଷ୍ଣ କହିଲେ, ହେ ଉଦ୍ଧବ ! ଗର୍ଭାଧାନ, ଗର୍ଭବୃଦ୍ଧି, ଜନ୍ମ, ଶୈଶବ, ବାଲ୍ୟାବସ୍ଥା, କୁମାରାବସ୍ଥା, ଯୌବନ, ପ୍ରୌଢ଼ତ୍ୱ ଓ ବାର୍ଦ୍ଧକ୍ୟ– ଇଏ ହେଉଚି ଶରୀରର ନଅଟି ଅବସ୍ଥା । ଅନ୍ୟ ଜୀବର ଶରୀର ମନୁଷ୍ୟ ଠାରୁ ଭିନ୍ନ । ଏହାର ଉଚ୍ଚନୀଚ ଅବସ୍ଥା ନିଜର ମନୋରଥ ଅନୁସାରେ ହୋଇଥାଏ । କିନ୍ତୁ ସେ ଅଜ୍ଞାନବଶତଃ ଗୁଣସଂଗରୁ ଏସବୁ ଅବସ୍ଥା ନିଜର ମନେ କରି ଇତସ୍ତତଃ ହୋଇଥାଏ । ବିବେକ ହୋଇଗଲେ, ଏ ସବୁକୁ ମଧ୍ୟ ସେ ଛାଡ଼ି ଦେଇଥାଏ । ପିତା ସନ୍ତାନର ଜନ୍ମରୁ ଏବଂ ସନ୍ତାନ ପିତାର ମୃତ୍ୟୁରୁ ନିଜ ଜନ୍ମ-ମରଣକୁ ଅନୁମାନ କରିନେବା ଉଚିତ । ଜନ୍ମ ମୃତ୍ୟୁ ସହିତ ଯୁକ୍ତ ଦେହର ଦ୍ରଷ୍ଟା, ଜନ୍ମ ଓ ମୃତ୍ୟୁଯୁକ୍ତ ଶରୀର ନୁହେଁ । ଧାନ ବା ଗହମର ବିହନ ବୁଣା ଯିବା ପରେ ଏହାର ଗଜା ବାହାରେ, ଗଛ ହୁଏ, ଫଳେ, କଟାଯାଏ, କିନ୍ତୁ ଯେଉଁ ପୁରୁଷ ଏହାକୁ ବୁଣିବା ଏବଂ କାଟିବାରେ ସାକ୍ଷୀ, ସେ ଧାନ, ଗହମଠାରୁ ସର୍ବଦା ପୃଥକ । ସେହିଭଳି ଯିଏ ଶରୀର ଏବଂ ଏହାର ବିଭିନ୍ନ ଅବସ୍ଥାର ସାକ୍ଷୀ, ସେ ଶରୀରଠାରୁ ସର୍ବଦା ପୃଥକ । ଅଜ୍ଞାନୀ ପୁରୁଷ ଏହି ପ୍ରକାରେ ପ୍ରକୃତି ଓ ଶରୀରଠାରୁ ଆତ୍ମା ଯେ ପୃଥକ, ସେ ବିବେଚନା କରି ନଥାଏ । ସେ ବିଷୟ ଭୋଗକୁ ହିଁ ଅସଲ ସୁଖ ମନେ କରିଥାଏ ଏବଂ ସେଥିରେ ମୋହିତ ହୋଇ ପଡ଼ିଥାଏ । ଫଳରେ ସେ ଜନ୍ମ ମୃତ୍ୟୁ ରୂପକ ସଂସାର ସାଗରରେ

ଉବୁଟୁବୁ ହେବାକୁ ବାଧ୍ୟ ହୋଇଥାଏ । ଅବିବେକୀ ଜୀବ ନିଜ କର୍ମ ଅନୁସାରେ ଜନ୍ମ ମୃତ୍ୟୁ ଚକ୍ରରେ ପଡ଼ି ବୁଲୁଥାଏ । ସାତ୍ତ୍ୱିକ କର୍ମର ଆସକ୍ତିରୁ ମୁନିଋଷିମାନେ ଦେବଲୋକ ପାଇଥାନ୍ତି । ରାଜସିକ କର୍ମରୁ ମନୁଷ୍ୟ ଓ ଅସୁର ଏବଂ ତାମସିକ କର୍ମରୁ ଭୂତପ୍ରେତ ଏବଂ ପଶୁପକ୍ଷୀ ଆଦି ହୋଇଥାଆନ୍ତି । ମନୁଷ୍ୟ କାହାର ନାଚଗୀତ ଦେଖିଲେ ବା ଶୁଣିଲେ ସ୍ୱଭାବତଃ ତା'ର ଅନୁକରଣ କରି ତାଳି ମାରେ, ନାଚେ ବା ଗାଏ । ସେହିପରି ଜୀବ ଯେତେବେଳେ ବୁଦ୍ଧିର ଗୁଣକୁ ଦେଖେ, ସେତେବେଳେ ନିଷ୍କ୍ରିୟ ହେଲେ ମଧ୍ୟ ଏହି ଗୁଣର ଅନୁକରଣ କରିବାକୁ ବାଧ୍ୟ ହୋଇଥାଏ । ନଦୀ ବା ପୋଖରୀର ପାଣି ଚହଲିଲେ, ତଟ ଦେଶରେ ଥିବା ଗଛର ଡାଳ ମଧ୍ୟ ହଲିଲା ଭଳି ମନେହୁଏ । ନିଦ୍ରିତ ଚକ୍ଷୁ ସହିତ ପୃଥିବୀ ମଧ୍ୟ ନିଦ୍ରିତ ଥିବା ଭଳି ମନେ ହୋଇଥାଏ । ମନରେ ଚିନ୍ତା ଦ୍ୱାରା କିମ୍ବା ସ୍ୱପ୍ନରେ ନାନା ଭୋଗ୍ୟ ପଦାର୍ଥ ଦେଖାଯାଇଥାଏ । ଏସବୁ ଯେପରି ମିଥ୍ୟା, ଅଳିକ । ସେହିଭଳି ଆତ୍ମାଦ୍ୱାରା ବିଷୟାନୁଭୂତ ସଂସାର ମଧ୍ୟ ଅସତ୍ୟ । ଆତ୍ମାନିତ୍ୟ ଶୁଦ୍ଧ, ବୁଦ୍ଧ ଏବଂ ମୁକ୍ତ ସ୍ୱଭାବର । ବିଷୟ ସତ୍ୟ ନ ହେଲେ ମଧ୍ୟ ଯେଉଁ ଜୀବ ବିଷୟ ଚିନ୍ତାରେ ମଗ୍ନ ରହିଥାଏ, ସେ କେବେହେଲେ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ ହୋଇ ନପାରେ ।

ତେଣୁ ହେ ପ୍ରିୟ ଉଦ୍ଧବ ! ଏସବୁ ଦୁଷ୍ଟ ଇନ୍ଦ୍ରିୟଦ୍ୱାରା ବିଷୟ ଭୋଗ କରନାହିଁ । ଅସାମାଜିକ ଅସାଧୁ ଲୋକ ଆସି ତୁମର ତଣ୍ଟି ଚିପିବାକୁ ଉଦ୍ୟମ କରିପାରେ, ଅସଭ୍ୟ ଭାଷାରେ ଗାଳି ଗୁଲଜ କରିପାରେ, ଉପହାସ, ନିନ୍ଦା କରିପାରେ, ମାରପିଟ ମଧ୍ୟ କରିପାରେ, ତୁମର ଚାକିରୀ ନେଇ ଯାଇପାରେ, ତୁମ ଉପରେ ଛେପ ପକାଇପାରେ, ତୁମ ଉପରେ ଆସି ମୂତ୍ରତ୍ୟାଗ କରିପାରେ, ନାନା ଭାବରେ ତୁମକୁ ବିଚଳିତ କରିବାକୁ ଚେଷ୍ଟା କରିପାରେ, କିନ୍ତୁ କୌଣସି ଉପଦ୍ରବରେ ବି ତୁମେ କ୍ଷୁବ୍ଧ ହେବା ଅନୁଚିତ । କାରଣ ଏପରି ଆଚରଣ କରୁଥିବା ବ୍ୟକ୍ତି ଅଜ୍ଞାନୀ, ମୂର୍ଖ । ଇଏ ପରମାର୍ଥର ବିଚାର କରିପାରିବ କିପରି ? ଆତ୍ମଦୃଷ୍ଟି ହିଁ ସମସ୍ତ ବିପଦର ସମ୍ମୁଖୀନ ହେବାଲାଗି ଏକମାତ୍ର ସାଧନ ।

ଭଗବାନ କହିଲେ, ସଂସାରରେ ଏପରି ସନ୍ଥପୁରୁଷ ବିରଳ ଯିଏକି ଦୁର୍ଜନଙ୍କ କଟୂକ୍ତିରେ ନିଜକୁ ଅବିଚଳିତ ରଖିପାରେ ? ଦୁଷ୍ଟ, ଦୁର୍ଜନମାନଙ୍କ ମର୍ମାନ୍ତିକ କଠୋର ବାଣୀ ମନରେ ଯେତିକି କଷ୍ଟ ଦେଇଥାଏ, ଛାତିରେ ମର୍ମଭେଦୀ ଶରବିଦ୍ଧ ହେବାରେ ମଧ୍ୟ ସେତିକି କଷ୍ଟ ହୋଇ ନଥାଏ । ଏ ସଂପର୍କରେ ମହାତ୍ମାମାନେ ଏକ ପ୍ରାଚୀନ ପବିତ୍ର ଇତିହାସ କଥା କହିଥାଆନ୍ତି । ମୁଁ କହୁଚି, ତୁମେ ମନଦେଇ ଶୁଣ ।

ପ୍ରାଚୀନ କାଳରେ, ଉଜ୍ଜୟିନୀରେ ଜଣେ ବ୍ରାହ୍ମଣ ବାସ କରୁଥିଲେ । ସେ ନିଜର ବ୍ରାହ୍ମଣବୃତ୍ତି ନ କରି ବିଲବାଡ଼ି ଚାଷ କରୁଥିଲେ । ଏଥିରୁ ବହୁ ଧନ ଉପାର୍ଜନ କଲେ ।

କିନ୍ତୁ ସେ କୃପଣ ପ୍ରକୃତିର ଲୋକ । ପ୍ରବଳ ଲୋଭୀ ଓ ଭୀଷଣ କ୍ରୋଧୀ । କଟୁ କଥା ଛଡ଼ା ମିଠା କଥା କହିବା ଲାଗି କେବେହେଲେ ତାଙ୍କ ଜିଭ ଲେଉଟୁ ନଥିଲା । ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ ଓ ଅତିଥି ଅଭ୍ୟାଗତଙ୍କୁ ଗାଳିଗୁଲଜ କରୁଥିଲେ, ସେମାନଙ୍କ ଖାଇବାକୁ, ପିଇବାକୁ ଦେବା ତ ଦୂରର କଥା । ଧନସମ୍ପତ୍ତି ପ୍ରଚୁର ଥିଲେ କ'ଣ ହେବ ନିଜର ସୁଖ ଲାଗି ମଧ ତିଳେହେଲେ ବ୍ୟୟ କରୁ ନଥିଲେ । ଆଜି ଏତିକି, କାଲି ଏତିକି ହେଲା ବୋଲି ଖାଲି ହିସାବ କରିବାରେ ଲାଗି ରହିଥିଲେ । ନିଜର ଚୋଠାମି ଯୋଗୁଁ ନିଜର ପୁଅଝିଅ, ଭାଇବନ୍ଧୁ, ପତ୍ନୀ, ନୌକର, ଚାକର ସମସ୍ତେ ଦୁଃଖରେ କାଳାତିପାତ କରୁଥିଲେ । ସେମାନେ ସବୁବେଳେ ମନେ ମନେ ସଂପୁଥିଲେ, ବୁଢ଼ାଟା ମରିଯାଆନ୍ତା କି ! କେହି ହେଲେ ତାକୁ ଭଲ ପାଉ ନଥିଲେ । ଲୋକେ କହୁଥିଲେ, ଏଇଟା ମଣିଷ ନୁହଁ, ଯକ୍ଷଟାଏ । ତା'ର ଲୋକ ପରଲୋକ ସବୁକିଛି ତଳିତଳାନ୍ତ ହୋଇ ପଡ଼ିଥିଲା । ଧନଦ୍ୱାରା ସେ ଧର୍ମ କରୁ ନଥିଲା, ଭୋଗ ବି କରୁନଥିଲା । ବହୁଦିନ ଧରି ତା' ଜୀବନ ଏହିଭଳି ଚାଲିଲା ।

କହୁକହୁ ଭଗବାନ ଟିକିଏ ଅଟକିଗଲେ । ଉଦ୍ଧବ ପଚାରିଲେ, ତା'ପରେ ଏ ଲୋକର ଦଶା କ'ଣ ହେଲା ? ଶ୍ରୀକୃଷ୍ଣ କହିଲେ, ପଞ୍ଚମହାଯଜ୍ଞ (ବେଦାଧ୍ୟୟନ, ଅଗ୍ନି-ହୋତ୍ର, ପିତୃତର୍ପଣ, ଭୂତବଳି ଓ ଅତିଥି ପୂଜା)ର ଭାଗୀମାନେ ଏହି ବ୍ରାହ୍ମଣ ପ୍ରତି ବିଗିଡ଼ିଗଲେ । ପୂର୍ବଜନ୍ମର ଅର୍ଜିତ ପୁଣ୍ୟ ଯୋଗୁଁ ବ୍ରାହ୍ମଣର ସଂଚିତ ଧନ ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଥିଲା । ଲୋକଟା କ'ଣ କରୁଚି ଦେଖାଯାଉ ବୋଲି ସେମାନେ ଅପେକ୍ଷା କରିଥିଲେ । କିନ୍ତୁ ଦିନୁଦିନ ତା'ର କୃପଣତା ବଢ଼ିବାରେ, ପଞ୍ଚମହାଯଜ୍ଞର ଭାଗୀଦାରମାନେ ତାକୁ ଭୀଷଣ ତିରସ୍କାର କଲେ । ସେମାନଙ୍କ କୋପ ଯୋଗୁଁ ବ୍ରାହ୍ମଣର ଧନ କ୍ରମଶଃ ତା' ଆଖି ଆଗରେ ନଷ୍ଟ ହେବାରେ ଲାଗିଲା । ସଂଚିତ ଧନରୁ କେତେକ ଚୋରମାନେ ଲୁଟି ନେଲେ । କେତେକ ତା'ର କୁଟୁମ୍ବର ଲୋକେ ଛଡ଼େଇ ନେଲେ । ଆଉ କେତେକ ଘରେ ନିଆଁ ଲାଗି ନଷ୍ଟ ହୋଇଗଲା । ଆତ୍ମୀୟସ୍ୱଜନ ସମସ୍ତେ ତାକୁ ବାସନ୍ଦ କରିଦେଲେ । ଧନନାଶ ସହିତ ତା'ର ସର୍ବନାଶ ହେଲା । ସର୍ବଦା ଆଖିରୁ ଲୁହ ଗଡ଼ିଲା । କଣ୍ଠରୋଧ ହୋଇ ଆସିଲା । ଚିନ୍ତାଗ୍ରସ୍ତ ହୋଇ ହୋଇ ପରିଶେଷରେ ତା'ମନରେ ବୈରାଗ୍ୟ ଜାତ ହେଲା । ମନେ ମନେ ଭାବିଲା, ଏତେ କାଳ ସେ ନିଜକୁ ନିଜେ ଦଣ୍ଡ ଦେବାରେ ଲାଗିଥିଲା । କଠୋର ପରିଶ୍ରମ କରି ଯାହା ଅର୍ଜିଲି, ସେଥିରେ ଧର୍ମକର୍ମ କରି ପାରିଲି ନାହିଁ କି ସୁଖଭୋଗ ବି କରି ପାରିଲି ନାହିଁ । ଛି; ଏ ଜୀବନ, ଧିକ୍ ଏ ଧନ !

ତେଣୁ ହେ ଉଦ୍ଧବ ! ଅର୍ଥ ହେଉଚି ଅନର୍ଥର କାରଣ । ଏଥିରେ ଲେଶ ସୁଦ୍ଧା ସୁଖ ମିଳି ନଥାଏ ! ଧନଅର୍ଜନ, ଧନବୃଦ୍ଧି, ଧନ ପୋଷଣ, ସଂରକ୍ଷଣ, ଧନ ବିନିଯୋଗ, ଧନାଗମ ଓ ଧନନିର୍ଗମ ଏସବୁଥିରେ ନିରନ୍ତର ପରିଶ୍ରମ, ଭୟ, ଚିନ୍ତା ଓ ଭ୍ରମର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଚୋରି, ହିଂସା, ମିଥ୍ୟା, ଦମ୍ଭ, କାମ, କ୍ରୋଧ, ଗର୍ବ ବା ଅହଂକାର, ଭେଦବୁଦ୍ଧି, ଶତ୍ରୁତା, ଅବିଶ୍ୱାସ, ସଂଦେହ, ସ୍ପର୍ଦ୍ଧା, ଲମ୍ପଟତା, ଜୁଆ, କାମିନୀ ଓ କାଦମ୍ବରୀ (ମଦ)– ଏହିଭଳି ନାନା ଅନର୍ଥ ଧନ ଯୋଗୁଁ ସୃଷ୍ଟି ହୋଇଥାଏ । ସ୍ନେହ, ସୌହାର୍ଦ୍ଦ୍ୟ, ଶ୍ରଦ୍ଧା, ଦୟା, କ୍ଷମା, ପରୋପକାର, ସେବା, ତ୍ୟାଗ ଆଦି ଭଲ ଗୁଣ ମନଭିତରେ ଧନ ଯୋଗୁଁ ପ୍ରବେଶ କରି ପାରେ ନାହିଁ ।

ଶ୍ରୀକୃଷ୍ଣ କହିଲେ, ମନୁଷ୍ୟ ଶରୀର ସ୍ୱର୍ଗଦ୍ୱାର । ଏକଥା ଯିଏ ବୁଝିପାରେ, ସେ ଧନ ଲାଳସାରେ ପଶି ନଥାଏ । ବଡ଼ ବଡ଼ ବିଦ୍ୱାନମାନେ ମଧ୍ୟ ଧନ ଫଳରେ ନିଜର ମନକୁ ଭ୍ରଷ୍ଟ କରିପକାନ୍ତି । ତେଣୁ ହେ ଉଦ୍ଧବ ! ବୈରାଗ୍ୟ ହିଁ ସଂସାର ସାଗର ପାର ହେବାଲାଗି ଉପଯୁକ୍ତ ନୌକା । ଉଜ୍ଜୟିନୀର ବ୍ରାହ୍ମଣର ମନରୁ 'ମୁଁ' ଓ 'ମୋର' ଆଦି ଗଣ୍ଠି ଖୋଲିଗଲା । ମୌନୀ ସନ୍ନ୍ୟାସୀ ପାଲଟିଲା । ପ୍ରତିଦିନ ଭିକ୍ଷା କରି, ଯାହା ପାଇଲା, ସେଥିରେ ଶରୀର ରକ୍ଷା କଲା । ତା'ପରେ ଏହି ବ୍ରାହ୍ମଣର ଅବସ୍ଥା କ'ଣ ହେଲା, ତୁମେ ଜାଣିବା ଉଚିତ ।

●

॥ ୧୫୨ ॥

# ମୂର୍ତ୍ତିମାନ୍ ବ୍ରହ୍ମନିଷ୍ଠା

**ଶ୍ରୀ**କୃଷ୍ଣ ଉଦ୍ଧବଙ୍କୁ ଲୋଭୀ ବ୍ରାହ୍ମଣ କଥା କହୁଛନ୍ତି । କହିଲେ, ଲୋଭ ଓ କ୍ରୋଧ ମନୁଷ୍ୟର ସର୍ବନାଶକ । ଟିକିଏ ବି କୁଷ୍ଠ ଛଉ ଯେପରି ସର୍ବାଙ୍ଗ ସୁନ୍ଦର ପୁରୁଷର ଶରୀରକୁ ବିଗାଡ଼ିଦିଏ, ସେହିଭଳି ଟିକେ ହେଲେ ଲୋଭ ଯଶସ୍ୱୀର ଯଶ, ଗୁଣୀର ସୁଗୁଣକୁ ନଷ୍ଟ କରି ପକାଏ । ଅବଶ୍ୟ ସବୁଆଡୁ ତାଡ଼ନା, ନିର୍ଯ୍ୟାତନା ଓ ଚରମ ଦାରିଦ୍ର୍ୟ ଫଳରେ ବ୍ରାହ୍ମଣର ମନରେ ବୈରାଗ୍ୟ ଜାତ ହେଲା, ତଥାପି ତାର ଦୁର୍ଦ୍ଦଶା ସରିଲା ନାହିଁ । ଧନୀ ଥିବାରୁ ତାକୁ ଗାଁ ଗଣ୍ଡାର ସମସ୍ତେ ଚିହ୍ନିଥିଲେ । ଏବେ ସେ ତ ନିର୍ଦ୍ଧନ । ଭିକ୍ଷୁକ । ଭିକ୍ଷା କରିବାକୁ ଗଲାବେଳେ ଲାଜରେ ସେ ମୁହଁ ଲୁଚାଇଲା, ଯିମିତି ତାକୁ କେହି ଅମୁକ ଲୋକ ବୋଲି ଚିହ୍ନି ପାରିବେନି । ସେ ଭିକ୍ଷୁକ ଅବଧୂତ ପାଲଟିଲା । ବୁଢ଼ା ହୋଇ ଆସିଲା । ମୁହଁ ଘୋଡ଼େଇଲେ କ'ଣ ହେବ, ତାକୁ ଲୋକେ ବେଶ୍ ବାରି ପାରୁଥିଲେ । ଚିହ୍ନୁଥିଲେ ।

ଚାହିଁଚାପରା କରୁଥିଲେ । କିଏ ତା'ର ଦଣ୍ଡ ଛଡ଼େଇ ନେଲା ତ କିଏ ଭିକ୍ଷାପାତ୍ରକୁ ଛଡ଼େଇ ନେଇ ଫିଙ୍ଗି ଦେଲା । କିଏ କମଣ୍ଡଳୁ ଉଠାଇ ନେଲା, କିଏ ଆସନ, ଆଉ ରୁଦ୍ରାକ୍ଷମାଳ ନେଇଗଲା । ଏପରିକି ତା'ଲେଙ୍ଗୁଟି ଓ ପିନ୍ଧିଥିବା ଲୁଗାକୁ ମଧ୍ୟ ଚିରି ପକାଇଲେ ।

ଏତିକିରେ ତା ଦୁର୍ଦ୍ଦଶା ଶେଷ ହେଲା ନାହିଁ । ଭିକ ମାଗିବାପାଇଁ ସେ ଦ୍ୱାର ଦ୍ୱାର ବୁଲିଲା । ଘରର ଘରଣୀମାନେ ଭିକ ଆଣିଲେ କିନ୍ତୁ ଅବଧୂତ ବ୍ରାହ୍ମଣକୁ ଦେଖି ଭିକ ନଦେଇ ଘରେ ପଶିଗଲେ । କିଏ ବା ଦେଖୁ ଦେଖୁ କବାଟ କିଲିଲେ । ଯେତିକି ପାଇଲା, ତାକୁ ନେଇ ନଈକୂଳରେ ବସି ଖାଉ ଖାଉ ଦୁଷ୍ଟ ପିଲାଏ ଆସି ଜୁଟିଲେ । ଖାଇବା ପତରରେ ଛେପ ପକାଇଲେ, ତା ମୁଣ୍ଡ ଉପରେ ମୁତିଲେ ।

ବ୍ରାହ୍ମଣ ଏବେ ମୌନୀ ଅବଧୂତ । ମୌନବ୍ରତ । ତା'ର ମୌନ ଭଙ୍ଗ କରିବା ଲାଗି ଯୁବକମାନେ ତାକୁ ବିବଶ କରିବାକୁ ଲାଗିଲେ । କଥା କହ, ନଚେତ ପିଟିବୁ ବୋଲି ଧମକ ଦେଲେ । କେହି କେହି ପିଟିଲେ ମଧ୍ୟ । ତାକୁ ନେଇ ଗଛରେ ବାନ୍ଧିଲେ । ଚିଡ଼େଇଲେ, ଚିଲ୍ଲେଇଲେ । କେହି କେହି ତାକୁ ଚୋର କହି, ରାଜଦ୍ୱାରରେ ଠିଆ କରାଇଲେ । କେହି କେହି କହିଲେ କୃପଣ ବ୍ରାହ୍ମଣ, ଏବେ ବୁଢ଼ାକାଳେ ସାଧୁ ବନିଚି ! ଭଣ୍ଡ ସନ୍ନ୍ୟାସୀ । ସାପ ପାଟିରେ ବେଙ୍ଗ । ମଲି ମଲି ବୋଲି ବେଙ୍ଗର ରଡ଼ି । ଆଉ ଟିକକ ପରେ ସାପ ତାକୁ ଗିଳି ଗର୍ଭସାତ୍ କରିଦେବ । ତଥାପି ତା' ପାଖ ଦେଇ ପୋକ ଜୋକ ଗଲେ ତାକୁ ଖାଇବାକୁ ତା ଜିଭ ଲହ ଲହ । ଲୋକେ କହିଲେ, ଅବଧୂତ ସାଜିଲେ କ'ଣ ହେବ ବେଙ୍ଗ ଭଳି ବ୍ରାହ୍ମଣର ଲୋଭ ଯାଇନି । ଯିମିତି ତା'ର ଲୋଭ, ସାତ ଜନ୍ମରେ ବି ତୁଟିବନି । ଏବେ ସେ ଧାର୍ମିକ ପାଲଟିଛି । ଧନରତ୍ନ ଥିବାବେଳେ ତ କେବେ ହେଲେ, ଦାନାଏ ଶସ୍ୟ ସୁଦ୍ଧା ସେ କାହାକୁ ଦାନ କରିନି । ସ୍ତ୍ରୀ, ପୁତ୍ର ସମସ୍ତେ ତାକୁ ଘରୁ ବାହାର କରିଦେଲେ ।

ଆଉ କେହି କେହି ପରିହାସ କରି କହିଲେ, ଲୋକଟା ଧନ ସଞ୍ଚି ସଞ୍ଚି ଶୁଖି ଚେମଡ଼ା ହୋଇଥିଲା, ଏବେ ତ ବେଶ୍ ମୋଟା ସୋଟା ଦେଖାଯାଉଛି । କେହି କେହି ତାକୁ ଘର ଭିତରେ ପୂରେଇ ବାନ୍ଧି ରଖିଲେ ।

ଅବଧୂତ ବ୍ରାହ୍ମଣ ସବୁ ସହିଲା । କାହାକୁ ପଦେ ସୁଦ୍ଧା ଉତ୍ତର ଦେଲାନି । ମୌନବ୍ରତରେ ଅଟଳ ରହିଲା । ଥଣ୍ଡା ଯୋଗୁ ଜ୍ୱର କାଶ ହେଲା । ଭୀଷଣ ଗରମ ଯୋଗୁ ଶେଷରେ ତା' ତଣ୍ଟି ଶୁଖି ଆସିଲା । କେହି ହେଲେ ତାକୁ ପାଣି ଟୋପାଏ ବି ଦେଲେନି ।

ଭଗବାନ କହିଲେ, ବୁଢ଼ା ଅବଧୂତର ମନରେ ବୈରାଗ୍ୟ ଇମିତି ଜମାଟ ବାନ୍ଧି ଯାଇଥିଲା ଯେ ଅପମାନ, ଭର୍ତ୍ସନାକୁ ସେ ବିଲକୁଲ ଖାତିର୍ କଲାନି । ତା'ମନରେ କୌଣସି

ବିକାର ଜାତ ହେଲାନି । ମନେ ମନେ ତା'ର ଦୃଢ଼ଭାବନା ଯେ ଏସବୁ ତା'ର ପୂର୍ବଜନ୍ମର କର୍ମଫଳ । ପୁଣ୍ୟକରିଥିଲି, ଧନ ପାଇଥିଲି, କିନ୍ତୁ ଧନର ସଦୁପଯୋଗ କରିପାରିଲି ନାହିଁ ବୋଲି ଏବେ ଏ ଶାସ୍ତି ଭୋଗୁଛି ।

ସେ ମନେ ମନେ ନିଜକୁ ନିଜେ କହିବାରେ ଲାଗିଲା, ମୋର ସୁଖ ଦୁଃଖର କାରଣ କୌଣସି ଦେବତା ନୁହଁନ୍ତି କି କୌଣସି ମନୁଷ୍ୟ ନୁହଁନ୍ତି, ଏପରିକି ମୋର ଶରୀର ନୁହଁ କି କର୍ମ ଓ କାଳ ମଧ୍ୟ ନୁହଁ । ଶ୍ରୁତି ଓ ବେଦଜ୍ଞ ମହାତ୍ମାମାନେ କହିଛନ୍ତି, ମନହିଁ ପରମକାରଣ (ମନ ତୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ– ଜଗନ୍ନାଥ ଦାସ ଭାଗବତ) । ମନହିଁ ସମଗ୍ର ସଂସାର ଚକ୍ରର ଚାଳକ । ମନ ସବୁଠୁ ବଳବାନ୍ । ଏହି ମନହିଁ ବିଷୟ, ବାସନା, ନାନା ପ୍ରବୃତ୍ତି ସୃଷ୍ଟି କରିଥାଏ । ମନହିଁ ସୃଷ୍ଟି କରେ ସମସ୍ୟା, ତା'ର ସମାଧାନ, ପ୍ରତିକାର ମଧ୍ୟ ସିଏ କରେ । ମନ ସକ୍ରିୟ । ମନ ସହିତ ଆତ୍ମା ରହିଥିଲେ ମଧ୍ୟ, ଆତ୍ମା ନିଷ୍କ୍ରିୟ । ଏହା ଜ୍ଞାନଶକ୍ତି ପ୍ରଧାନ । ଜୀବର ସନାତନ ସଖା । ସେ ନିର୍ଲିପ୍ତ ଅଥଚ ଜ୍ଞାନବଳରେ ସବୁ ଦେଖେ, ଶୁଣେ । ମନ ଦ୍ୱାରାହିଁ ଆତ୍ମାର ଅଭିବ୍ୟକ୍ତି ।

ଭଗବାନ କହିଲେ, ମନର ବିସ୍ତାରକୁ କଳନା କରାଯାଇ ନପାରେ । ଦାନ, ଧର୍ମପାଳନ, ଯମ, ନିୟମ, ବେଦାଧ୍ୟୟନ, ସତ୍‌କର୍ମ, ବ୍ରହ୍ମଚର୍ଯ୍ୟ ଆଦି ହେଉଛି ଗୋଟିଏ ଗୋଟିଏ ଶ୍ରେଷ୍ଠ ବ୍ରତ । ଏହାଦ୍ୱାରା ମନକୁ ଏକାଗ୍ର କରାଯାଇ ଭଗବାନଙ୍କଠି ଲଗେଇ ରଖାଯାଇଥାଏ । ମନ ସମାହିତ, ସମର୍ପିତ ହେବାହିଁ ପରମଯୋଗ । ଯାହାର ମନ ଶାନ୍ତ, ସମାହିତ, ସେଥିରୁ ଜଣାଯାଏ ଯେ ତାକୁ ସମସ୍ତ ସତ୍‌କର୍ମର ଫଳ ମିଳିଗଲାଣି । ଯାହାର ମନ ଚଞ୍ଚଳ, ସେ ଦାନ ଧର୍ମ କଲେ ମଧ୍ୟ ମନରେ ଅହଂକାର ହେତୁ ସେ ସତ୍‌କର୍ମର ଫଳ ପାଇନି ବୋଲି ବୁଝାଯିବ । ସବୁ ଇନ୍ଦ୍ରିୟ ମନଦ୍ୱାରା ବଶୀଭୂତ ହୋଇଥାଆନ୍ତି, କିନ୍ତୁ ମନ ଇନ୍ଦ୍ରିୟ ଦ୍ୱାରା ବଶୀଭୂତ ନୁହଁ । ମନ ବଳବାନଠୁ ବଳି ବଳିଆର । ଭୟଙ୍କର ମଧ୍ୟ । ମନଠୁ ବଳି ଶତ୍ରୁ କେହି ହୋଇ ନପାରେ । ମନର ଆକ୍ରମଣ ଅସହ୍ୟ । ବାହାର ଶରୀରକୁ ନୁହଁ, ଏହା ହୃଦୟଭଳି ମର୍ମସ୍ଥଳକୁ ବିନ୍ଧେ । ଏହାକୁ ଜିଣିବା କଷ୍ଟକର । ତେଣୁ ମନୁଷ୍ୟର କର୍ତ୍ତବ୍ୟ ହେଉଛି ଏହି ଶତ୍ରୁ ଉପରେ ବିଜୟ ହାସଲ ଲାଗି ଯତ୍‌ପରୋନାସ୍ତି ଉଦ୍ୟମ କରିବା । କିନ୍ତୁ ମନୁଷ୍ୟ ନିଜ ଭିତରର ଶତ୍ରୁ ବିରୁଦ୍ଧରେ ଆକ୍ରମଣ ନ କରି ଅନ୍ୟ ମନୁଷ୍ୟ ସହିତ ଅଯଥା ଝଗଡ଼ା କରିଥାଏ । ସମୟ ନଷ୍ଟ କରିଥାଏ । ତା'ଫଳରେ ତାର ନିଜର ଉନ୍ନତି ନହୋଇ ଅବନତି ହୋଇଥାଏ । ସେ ନିଜର ଶରୀରକୁହିଁ 'ମୁଁ ଓ ମୋର' ମନେ କରିଥାଏ । ଅଜ୍ଞାନ ଅନ୍ଧକାର ଭିତରେହିଁ ତାର ଜୀବନ ଶେଷ ହୋଇଯାଏ । ସେ ଆଲୋକ ଦେଖି ପାରେନା ।

ଯଦି ଧରାଯାଏ, ମନୁଷ୍ୟ ହିଁ ନିଜ ଦୁଃଖର କାରଣ, ତେବେ, ଏହା ସହିତ ଆତ୍ମାର କି ସମ୍ବନ୍ଧ ? ଭୋଜନ କଲାବେଳେ ନିଜ ଦାନ୍ତରେ ଯଦି ଜିଭ କଟିଯାଏ, ପୀଡ଼ା ହୁଏ, ସେଥିଲାଗି ମନୁଷ୍ୟ କାହା ପ୍ରତି କ୍ରୋଧ କରିବ ? ଯଦି ଧରାଯାଏ, ଦେବତା ହିଁ ଦୁଃଖର କାରଣ, ତାହାହେଲେ ଏ ଦୁଃଖରେ ଆତ୍ମାର ହାନି କ'ଣ ? ଦେବତା ସବୁ ଶରୀରରେ ଏକ । ତେଣୁ ହେ ଉଦ୍ଧବ, ଦୁଃଖର କାରଣ ମନୁଷ୍ୟ, ଦେବତା, ଗ୍ରହ ନକ୍ଷତ୍ର, ନିଜ ଶରୀର ମଧ୍ୟ ନୁହଁ କି ଆତ୍ମା ନୁହଁ । ଯେଉଁ ପଟୁ ଅଙ୍କ କଷ, ହିସାବ କିତାବ କର, ଫଳ ହେବ ମନ । କର୍ମ କିମ୍ବା କାଳ ମଧ୍ୟ ଦୁଃଖର କାରଣ ନୁହଁନ୍ତି । ତେଣୁ କ୍ରୋଧ କରିବା କାହା ପ୍ରତି ? ଯଦି କର୍ମକୁ ସୁଖ ଦୁଃଖର କାରଣ ବୋଲି ଧରାଯିବ, ତାହାହେଲେ କର୍ମ ସହିତ ଆତ୍ମାର କି ପ୍ରୟୋଜନ ? କାଳ ମଧ୍ୟ ସେହିପରି । ଆତ୍ମା ଉପରେ କାଳର କି ପ୍ରଭାବ ? ନିଆଁ ନିଆଁକୁ ଜଳାଏନା, ବରଫ ବରଫକୁ ତରଳାଏନା । ସେହିଭଳି, ଆତ୍ମସ୍ୱରୂପ କାଳ ଆତ୍ମାକୁ ଦୁଃଖ ଦେଇ ନପାରେ । ଆତ୍ମା ଶୀତ, ଉଷ୍ଣ, ସୁଖ, ଦୁଃଖ ଆଦି ଦ୍ୱନ୍ଦ୍ୱର ଅତୀତ । ଆତ୍ମା ପ୍ରକୃତିର ବିଭିନ୍ନ ସ୍ୱରୂପ ଧର୍ମ, କାର୍ଯ୍ୟ କାରଣ, ସଂବନ୍ଧ, ଗନ୍ଧରହିତ । ବ୍ରାହ୍ମଣ ନିଜ ମନକୁ ନିଜେ କହିଲା, ମୁଁ ତ ନିଜକୁ ନିଜେ ଜାଣି ସାରିଲିଣି, ଭୟ ମୋର କ'ଣ ? ଲୋକେ ମତେ ମାରନ୍ତୁ, ଛି ଛାକର କରନ୍ତୁ, ମୁଁ ତ ଆତ୍ମସ୍ୱରୂପ, ମୋର ଯାଏ ଆସେ କେତେ ? ପ୍ରାଚୀନ ଋଷି ମହର୍ଷିମାନେ ଯେଉଁ ପରମାତ୍ମାନିଷ୍ଠାର ଆଶ୍ରୟ ଗ୍ରହଣ କରି ଆସିଛନ୍ତି, ମୁଁ ତାଙ୍କରି ଆଶ୍ରୟ ଗ୍ରହଣ କରିବି । ସେଥିରେ ମୋର ମୁକ୍ତି । ମୁକ୍ତି ଓ ପ୍ରେମଦାତା ଭଗବାନଙ୍କ ଚରଣକମଳର ସେବା ଦ୍ୱାରା, ଦୂରନ୍ତ ଅଜ୍ଞାନ ସାଗରକୁ ମୁଁ ଅନାୟାସରେ ପାର ହୋଇପାରିବି ।

ଭଗବାନ ଉଦ୍ଧବଙ୍କୁ କହିଲେ, ବ୍ରାହ୍ମଣର ଧନ ତ ନଷ୍ଟ ହୋଇଥିଲା, ଆତ୍ମଜ୍ଞାନସମ୍ପନ୍ନ ହେବାରେ ତା'ର ସମସ୍ତ କ୍ଳେଶ ମଧ୍ୟ ଦୂର ହୋଇଗଲା । ସେ ସନ୍ନ୍ୟାସ ଗ୍ରହଣ କରି ସ୍ୱଚ୍ଛନ୍ଦରେ ପୃଥିବୀ ସାରା ବିଚରଣ କଲା । ଉଦ୍ଧବ ! ଏ ସଂସାରରେ ମନୁଷ୍ୟକୁ ଅନ୍ୟ କେହି ଦୁଃଖ ବା ସୁଖ ଦେଇନଥାଆନ୍ତି, କିନ୍ତୁ ସେ ଭାବେ ଅନ୍ୟ କେହି ଦିଏ ବୋଲି । ଏହା ତା'ର ସବୁଠୁ ବଡ଼ ଭ୍ରମ । ଅଜ୍ଞାନକଳ୍ପିତ । ତେଣୁ ତୁମେ ଅବଧୂତ ବ୍ରାହ୍ମଣ ଭଳି ନିଜ ବୃତ୍ତିଗୁଡ଼ିକୁ ମୋ' ସହିତ ତନ୍ମୟ କରିଦିଅ । ମନକୁ ନିଜର ବଶୀଭୂତ କର । ମୋ ପ୍ରତି ନିତ୍ୟଯୁକ୍ତ ରହ । ଏହାହିଁ ସମସ୍ତ ଯୋଗ ସାଧନାର ସାରସଂଗ୍ରହ । ବ୍ରାହ୍ମଣ ତନ୍ମୟ ହୋଇ ଯେଉଁ ଗୀତ ଗାଉଥିଲା, ତାହା ହେଉଛି ମୂର୍ତ୍ତିମାନ୍ ବ୍ରହ୍ମନିଷ୍ଠା ।

॥ ୧୫୩ ॥

# ଆତ୍ମା ହିଁ ସୃଷ୍ଟି ଓ ଲୟର ଅଧିଷ୍ଠାନ

ଛାତ୍ର ବୁଝିପାରିବା ଭଳି ଶିକ୍ଷକ ଗୋଟିଏ ଜଟିଳ ବିଷୟକୁ ନାନା ଭାବରେ, ବିଭିନ୍ନ ଉଦାହରଣ ଦେଇ ବୁଝାଇଥାଆନ୍ତି । ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧବେଳେ ଅର୍ଜୁନଙ୍କ ସାରଥି ଥିଲେ । ସେ କେବଳ ରଥ ଚଳାଉ ନଥିଲେ, ଅର୍ଜୁନଙ୍କ ମନୋରଥକୁ ମଧ୍ୟ ଚଳାଉଥିଲେ । ଅର୍ଜୁନ 'ସ୍ୱଧର୍ମ' ପାଳନ ଲାଗି ଅନିଚ୍ଛୁକ ହୋଇ ପଡ଼ିବାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ମନରୁ ବିଷାଦ ଦୂର କରିବା ଲାଗି ପ୍ରଥମେ ସାଂଖ୍ୟଯୋଗ ପ୍ରୟୋଗ କରିଥିଲେ । ''ମୁଁ ଓ ମୋର'' ଏହି ଭାବ ମଣିଷ ମନରୁ ସମ୍ପୂର୍ଣ୍ଣ ଦୂର କରିବା ସହଜ କଥା ନୁହଁ । ସାଂଖ୍ୟ ଏକ ଦର୍ଶନ, ଏକ ଉତ୍କୃଷ୍ଟ ମାର୍ଗ । କପିଳ ବାସୁଦେବ ତାଙ୍କ ମାଆ ଦେବହୂତିଙ୍କ ମନରୁ ଅହଂଭାବ ହଟାଇବା ଲାଗି ଏହି ସାଂଖ୍ୟଯୋଗର ଆଶ୍ରୟ ନେଇଥିଲେ । ମନୁଷ୍ୟ ନିଜ ସମ୍ପର୍କରେ ସତ୍ୟଟି କ'ଣ ଜାଣିଗଲେ, ଦୁଃଖ ଓ ସୁଖର ଭ୍ରମଜାଲରେ ପଡ଼ି ନଥାଏ । ସତ୍ୟଟି ହେଉଛି ଜୀବାତ୍ମା କ'ଣ, ପରମାତ୍ମା କ'ଣ ସେ ସମ୍ପର୍କରେ ଜ୍ଞାନ ଲାଭ କରିବା । କାଳଚକ୍ରର ଗତିରେ ପ୍ରଳୟ ପରେ ପ୍ରଥମେ ସୃଷ୍ଟିକୁ ଆସିଲା ଆଦି ସତ୍ୟଯୁଗ ବା କ୍ରିତ ଯୁଗ । ସେତେବେଳେ ବ୍ରହ୍ମ ବ୍ୟତୀତ ଆଉ କିଛି ନଥିଲା । ସେତେବେଳେ ଦ୍ରଷ୍ଟା ଓ ଦୃଷ୍ଟି ଏକ— ଏ ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ କିଛି ନଥିଲା । ମାୟା ବା ମାୟାର କ୍ଷମତା ଯୋଗୁଁ ବ୍ରହ୍ମର ଦୁଇଟି ଆକାର ଥିବା ଭଳି ମନେ ହେଲା । ଏହି ଦୁଇଟି ହେଉଛି ଦ୍ରଷ୍ଟା ଓ ଦୃଷ୍ଟି । ଯିଏ ଦେଖେ ବା ଦ୍ରଷ୍ଟା ସେ ହେଉଛି ପୁରୁଷ, ପୁରୁଷର ଦୃଷ୍ଟି ହେଉଛି ପ୍ରକୃତି । ପୁରୁଷ ଚୈତନ୍ୟମୟ ଆତ୍ମା । ଏହା ଶରୀର, ଇନ୍ଦ୍ରିୟ ଓ ମନଠାରୁ ପୃଥକ । ଆତ୍ମା ଅବ୍ୟୟ, ଅକ୍ଷୟ, ଅମର, ଅବିନାଶୀ । ସମସ୍ତ ଜାଗତିକ ସୃଷ୍ଟି ଆଦି କର୍ମ ପ୍ରକୃତି ଦ୍ୱାରା ସମ୍ପନ୍ନ ହୋଇଥାଏ ।

ଭଗବାନ କହିଲେ, ଶୁଣ ଉଧୋ (ଉଦ୍ଧବ) ! ପ୍ରକୃତି ଭିତରୁ ପ୍ରକଟିତ ତିନୋଟି ଗୁଣ । ସତ୍ତ୍ୱ, ରଜ ଓ ତମ । ଏହି ଗୁଣରୁ ପ୍ରକଟିତ ହୁଏ କ୍ରିୟାଶକ୍ତିପ୍ରଧାନ ସୂତ୍ର ଓ ଜ୍ଞାନଶକ୍ତି ପ୍ରଧାନ ମହତ୍ତତ୍ତ୍ୱ । ଏ ଦୁଇଟି ପରସ୍ପର ସହିତ ଜଡ଼ିତ । ମହତ୍ତତ୍ତ୍ୱରେ ବିକାର ହେବାରେ ବ୍ୟକ୍ତ ହୁଏ ଅହଂକାର । ଏହି ଅହଂକାର ହିଁ ଜୀବକୁ ମୋହଗ୍ରସ୍ତ କରାଇଥାଏ । ଇଏ ମଧ୍ୟ ତିନି ପ୍ରକାରର-ସତ୍ତ୍ୱ, ରଜ, ତମ । ଅହଂକାର ପଞ୍ଚତନ୍ମାତ୍ରା ଇନ୍ଦ୍ରିୟ ଓ ମନର କାରଣ । ତେଣୁ ଏହା ଜଡ଼ ଓ ଚେତନ ଉଭୟାତ୍ମକ । ତାମସ ଅହଂକାରରୁ ପଞ୍ଚଭୂତ, ରାଜସ ଅହଂକାରରୁ ବିଭିନ୍ନ ଇନ୍ଦ୍ରିୟ ଏବଂ ସାତ୍ତ୍ୱିକ ଅହଂକାରରୁ ଇନ୍ଦ୍ରିୟ ଗୁଡ଼ିକର ଅଧିଷ୍ଠାତା

ଏଗାର ଦେବତା (ପାଞ୍ଚ ଜ୍ଞାନେନ୍ଦ୍ରିୟ, ପାଞ୍ଚ କର୍ମେନ୍ଦ୍ରିୟ ଓ ମନ) ପ୍ରକଟିତ । ଏ ସମସ୍ତ ମୋ ପ୍ରେରଣାରେ ଏକତ୍ର ହୋଇ ପରସ୍ପର ସହିତ ମିଶିଗଲେ । ଏଥିରୁ ଉତ୍ପନ୍ନ ହେଲା ବ୍ରହ୍ମାଣ୍ଡ ରୂପୀ ଅଣ୍ଡ । ଏହି ଅଣ୍ଡ ହିଁ ମୋର ନିବାସ ସ୍ଥାନ । ଏହି ଅଣ୍ଡ ଜଳରେ ରହିବା ପରେ ମୁଁ ନାରାୟଣ ରୂପରେ ବିରାଜମାନ ହେଲି । ମୋ ନାଭିରୁ ଉତ୍ପନ୍ନ ହେଲା ବିଶ୍ୱରୂପକ କମଳ । ଏଥିରୁ ଆବିର୍ଭୂତ ହେଲେ ଚତୁର୍ମୁଖ ବ୍ରହ୍ମା । ବ୍ରହ୍ମାଣ୍ଡ ଅଣ୍ଡ ଭିତରେ ରହିଥିବା ବିରାଟ ପୁରୁଷ ଏବଂ ତା'ଭିତରେ ଆବିର୍ଭୂତ ବ୍ରହ୍ମା ମୁଁ ନିଜେ । ମୋର ତିନୋଟି ଦିଗ ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଓ କ୍ରିୟାଶକ୍ତି । ବ୍ରହ୍ମା ଯିଏ କି ରଜଗୁଣର ପ୍ରତୀକ, ସେ ଭୂଃ ଭୁବଃ ଓ ସ୍ୱଃ – ତିନିଲୋକ (ପୃଥିବୀ, ଅନ୍ତରୀକ୍ଷ ଓ ସ୍ୱର୍ଗ) ସୃଷ୍ଟି କଲେ । ଏମାନଙ୍କ ଲୋକପାଳ ମଧ୍ୟ ସୃଷ୍ଟି କରାଗଲା । ଦେବତାମାନଙ୍କ ଅଧିଷ୍ଠାନ ସ୍ୱର୍ଗଲୋକ, ମନୁଷ୍ୟମାନଙ୍କ ପାଇଁ ଭୂର୍ଲୋକ (ପୃଥିବୀ), ଭୂତପ୍ରେତାଦି ଲାଗି ଭୁବଲୋକ (ଅନ୍ତରୀକ୍ଷ ବା ଆକାଶ) ନିର୍ଣ୍ଣୟ କରାଗଲା । ଏହି ତିନିଲୋକ ଊର୍ଦ୍ଧ୍ୱରେ ମହର୍ଲୋକ, ତପଲୋକ- ସିଦ୍ଧମାନଙ୍କ ଆବାସସ୍ଥାନ ।

ଅସୁର ଓ ନାଗମାନଙ୍କ ଲାଗି ସୃଷ୍ଟି କରାଗଲା ପୃଥିବୀତଳେ ଅତଳ ଓ ସୁତଳ ଆଦି ସାତଟି ପାତାଳ । ତ୍ରିଗୁଣ ଅନୁସାରେ ଏହି ସବୁ ଲୋକର ଅଧିବାସୀମାନଙ୍କର ବିଭିନ୍ନ ଗତି ହୋଇଥାଏ । ଯୋଗ, ତପସ୍ୟା ଓ ସନ୍ୟାସ ଦ୍ୱାରା ମହର୍ଲୋକ, ଜନଲୋକ, ତପଲୋକ ଏବଂ ସତ୍ୟଲୋକ ରୂପକ ଉତ୍ତମ ଗତି ତଥା ଭକ୍ତିଦ୍ୱାରା ମୋର ପରମଧାମ ମିଳିଥାଏ । ସମଗ୍ରଜଗତ କର୍ମ ଏବଂ ଏହାର ସଂସ୍କାର ସହିତ ଜଡ଼ିତ । ମୁଁ କାଳରୂପରେ କର୍ମାନୁସାରେ ଫଳର ବ୍ୟବସ୍ଥା କରିଥାଏ । ଗୁଣ ପ୍ରବାହର ଗତି ପ୍ରଖର । ଏହି ପ୍ରବାହ ଆବର୍ତ୍ତରେ ଜୀବ ପଡ଼ି କେବେ ବୁଡିଯାଏ ତ କେତେବେଳେ ଉପରକୁ ଉଠେ । କେବେ ଅଧୋଗତି ତ କେତେବେଳେ ଊର୍ଦ୍ଧ୍ୱଗତି । ଜଗତରେ ଛୋଟ ବଡ଼, ମୋଟା, ପତଳା ଆଦି ଯେତେ ପଦାର୍ଥ ତିଆରି ହୁଏ, ସବୁ ସିଦ୍ଧ ହୋଇଥାଏ ପ୍ରକୃତି ଓ ପୁରୁଷର ସଂଯୋଗରେ । ଏହାର ଆରମ୍ଭରେ ଯାହା, ଶେଷରେ ମଧ୍ୟ ସେୟା । ମଝିରେ ମଧ୍ୟ ସେୟା । ଏହା ହେଉଛି ନିରାଟ ସତ୍ୟ । ବିକାର ତ କେବଳ ବ୍ୟବହାର ଲାଗି କରାଯାଇଥିବା କଳ୍ପନାମାତ୍ର । ସୁନା ଓ ମାଟିର ଉଦାହରଣ ଦିଆଯାଇପାରେ । ସୁନାରୁ ନାନା ଅଳଙ୍କାର କଙ୍କଣ, କୁଣ୍ଡଳ, ହାର ଆଦି ପ୍ରସ୍ତୁତ କରାଯାଇପାରେ । ସେହିଭଳି ମାଟିରୁ ହାଣ୍ଡି, ମାଠିଆ, ସରା ଆଦି ପ୍ରସ୍ତୁତ କରାଯାଇପାରେ; କିନ୍ତୁ ଆଗରୁ ଏହା ସୁନା ଓ ମାଟି ଥିଲା । ଅଳଙ୍କାର ଓ ମାଠିଆକୁ ତରଳେଇ ବା ଭାଙ୍ଗିଦେଲେ ସେହି ସୁନା ଓ ମାଟି ହିଁ ରହିବ । ତେଣୁ ଆକାର, ପ୍ରକାର ଯାହାହେଉନା କାହିଁକି ଏକ ମାତ୍ର ସତ୍ୟ ହେଉଚି ପରଂବ୍ରହ୍ମ । ବିଭିନ୍ନ

କ୍ରିୟାଲାଗି ଅହଂ ଓ ମହତତ୍ତ୍ୱର ସୃଷ୍ଟି । ତାତ୍ପର୍ଯ୍ୟ ହେଉଚି ଯାହା ଯେକୌଣସି କାର୍ଯ୍ୟର ଆଦିଅନ୍ତରେ ବିଦ୍ୟମାନ ରହେ, ତାହା ହେଉଚି ସତ୍ୟ । ଏହି ପ୍ରପଞ୍ଚର ଉପାଦାନର କାରଣ, ହେଉଚି ପ୍ରକୃତି । ପ୍ରକୃତିର ଅଧିଷ୍ଠାନ ପରମାତ୍ମା । ପୁରୁଷ ଓ ପ୍ରକୃତିର ପ୍ରକାଶକ ହେଉଛି କାଳ । ଯେପର୍ଯ୍ୟନ୍ତ ପରମାତ୍ମାଙ୍କ ରକ୍ଷଣ ଶକ୍ତି ନିଜ କାର୍ଯ୍ୟ କରି ଚାଲିଥାଏ, ସେ ପର୍ଯ୍ୟନ୍ତ ଜୀବର କର୍ମଭୋଗ ଲାଗି କାରଣ-କାର୍ଯ୍ୟ ରୂପରେ ଅର୍ଥାତ ପିତା ପୁତ୍ରାଦି ରୂପରେ ସୃଷ୍ଟିଚକ୍ର ଚାଲିଥାଏ ।

ଶ୍ରୀକୃଷ୍ଣ କହିଲେ, ହେ ଉଦ୍ଧବ ! ଏ ସବୁ ତ ଏପରି ଭାବରେ ହେଲା ଏବଂ ଚାଲିଲା, କିନ୍ତୁ ମୁଁ ଯେତେବେଳେ ପ୍ରଳୟର ସଂକଳ୍ପ କରେ, ସେତେବେଳେ ସବୁ କିଛି ଲୋପପାଏ । କିଛି ରହେନା ।

ଉଦ୍ଧବ ପ୍ରଶ୍ନ କଲେ, ଏଡ଼େ ବଡ଼ ବ୍ରହ୍ମାଣ୍ଡ, ତିନିଲୋକ, ସାତ ପାତାଳ, ସେଥିରେ ପୁଣି ତପଲୋକ, ଏସବୁ ଯାଏ କୁଆଡ଼େ ? କ'ଣ ତୁମେ ଯେଉଁ ଅଣ୍ଡରୁ ନାରାୟଣ ରୂପରେ ବାହାରିଥାଅ, ସେ ସବୁ ସେହି ଅଣ୍ଡ ଭିତରେ ପଶିଯାଏ ? ତାହାହେଲେ ତ ଅଣ୍ଡର ବିନାଶ ନାହିଁ । ଅଣ୍ଡର ସ୍ଥିତିରେ କୌଣସି ଆଞ୍ଚ ଆସିବ ନାହିଁ ।

ଭଗବାନ ହସି ହସି କହିଲେ, ପ୍ରଳୟର ରହସ୍ୟ ଜଟିଳ । ସରଳଭାବରେ କହୁଛି- ଲୀନ ହେବାର ପ୍ରକ୍ରିୟା ହେଉଚି ପ୍ରାଣୀମାନଙ୍କ ଶରୀର ଅନ୍ନରେ, ଅନ୍ନ ବୀଜରେ ଏବଂ ବୀଜ ଭୂମିରେ ଏବଂ ଭୂମି, ଗନ୍ଧ ତନ୍ମାତ୍ରାରେ ଲୀନ ହୁଏ । ଗନ୍ଧ ଜଳରେ, ଜଳ ନିଜ ଗୁଣ ରସରେ, ରସ ତେଜରେ ଏବଂ ତେଜ, ରୂପରେ ଲୀନ ହୁଏ । ରୂପ ବାୟୁରେ । ବାୟୁ ବାୟୁରେ, ସ୍ପର୍ଶ ସ୍ପର୍ଶରେ, ଆକାଶ ଆକାଶରେ, ଶବ୍ଦ ତନ୍ମାତ୍ରାରେ ଲୀନ ହୋଇଯାଏ । ଇନ୍ଦ୍ରିୟଗୁଡ଼ିକ ନିଜର କାରଣ ଦେବତାମାନଙ୍କରେ ଏବଂ ଅନ୍ତଃସ୍ଥ ରାଜସ ଅହଂକାର ସହିତ ମିଶିଯାଏ । ରାଜସ ଅହଂକାର ନିଜର ନିୟନ୍ତା ସାତ୍ତ୍ୱିକ ଅହଂକାର ରୂପକ 'ମନ'ରେ ଏବଂ ଶବ୍ଦ ତନ୍ମାତ୍ରା ପଞ୍ଚଭୂତର କାରଣ ତାମସ ଅହଂକାର ଏବଂ ସାରା ଜଗତକୁ ମୋହିତ କରିବାରେ ସମର୍ଥ ତିନିପ୍ରକାରର ଅହଂକାର, ମହତତ୍ତ୍ୱରେ ଲୀନ ହୋଇଯାଏ । ଜ୍ଞାନଶକ୍ତି ଓ କ୍ରିୟା ଶକ୍ତି ପ୍ରଧାନ ମହତ୍ତତ୍ତ୍ୱ ନିଜର କାରଣ, ଗୁଣ ଗୁଡ଼ିକରେ ଲୀନ ହୋଇଯାଆନ୍ତି । ଗୁଣ ଲୀନ ହୁଏ ଅବ୍ୟକ୍ତ ପ୍ରକୃତିରେ ଏବଂ ପ୍ରକୃତି ନିଜର ପ୍ରେରକ ଅବିନାଶୀ 'କାଳ'ରେ ଲୀନ ହୁଏ । କାଳ ମାୟାମୟ ଜୀବରେ ଏବଂ ଜୀବ ମୋର ଅଜନ୍ମା ଆତ୍ମାରେ ଲୀନ ହୁଏ । କିନ୍ତୁ ଆତ୍ମା କେଉଁଥିରେ ଲୀନ ହୁଏ ନାହିଁ । ଏହା ଉପାଧିରହିତ ନିଜ ସ୍ୱରୂପରେ ହିଁ ରହେ । ତେଣୁ ବୁଝ ଯେ ଆତ୍ମା ହିଁ ଜଗତର ସୃଷ୍ଟି ଏବଂ ଲୟର ଅଧିଷ୍ଠାନ ।

ହେ ଉଦ୍ଧବ ! ଯିଏ ଏପରି ବିବେକପୂର୍ଣ୍ଣ ଦୃଷ୍ଟିରେ ଦେଖେ, ତା' ମନରେ ପ୍ରପଞ୍ଚର ଭ୍ରମ ରହେନାହିଁ । ସୂର୍ଯ୍ୟୋଦୟ ହେଲେ ଅନ୍ଧକାର ରହେ କି ? ହେ ଉଧୋ ! ମୁଁ କାର୍ଯ୍ୟ ଓ କାରଣ ଉଭୟର ସାକ୍ଷୀ । ମୁଁ ସୃଷ୍ଟିରୁ ପ୍ରଳୟ ଏବଂ ପ୍ରଳୟରୁ ସୃଷ୍ଟି ପର୍ଯ୍ୟନ୍ତ 'ସାଂଖ୍ୟବିଧି' କହିଲି । ସନ୍ଦେହର ଗଣ୍ଠି କାଟିବା ଲାଗି ଏହି ମାର୍ଗହିଁ ଶ୍ରେଷ୍ଠ ଓ ସହଜ ।

ଉଦ୍ଧବ ନିଜେ ଥିଲେ ଜ୍ଞାନମାର୍ଗୀ ତଥାପି ସେ ପ୍ରଶ୍ନ କଲେ ଯଦି କେବଳ ନିରୋଳା ଭକ୍ତି ଦ୍ୱାରା ତୁମକୁ ଖୁସି କରାଯାଇପାରିବ, ତା'ହେଲେ ଦୁରୂହ ଜ୍ଞାନମାର୍ଗ ଆଚରଣ କରିବୁ କାହିଁକି ?

ଶ୍ରୀକୃଷ୍ଣ ସ୍ମିତ ହସ ହସି କହିଲେ, ନାରଦ, ପ୍ରହ୍ଲାଦ ଓ ଧ୍ରୁବ ଭଳି ଭକ୍ତ ହୁଅ, ତା'ହେଲେ ମତେ ପାଇ ପାରିବ । ନାରଦ ଜଣେ ଦିବ୍ୟପୁରୁଷ, ପ୍ରହ୍ଲାଦ ଜଣେ ଅସୁର ବାଳକ, ଧ୍ରୁବ ଜଣେ ମନୁଷ୍ୟ, କିନ୍ତୁ ସେ ମଧ୍ୟ ବାଳକ । ଭକ୍ତିଲାଗି କୌଣସି ଭଜନ, କୀର୍ତ୍ତନ, ପୂଜା ଆରାଧନା, ଛତ୍ର, ଚାମର, ସିଂହାସନ, ଚିତା ଚଇତନ ଦରକାର ନାହିଁ । ଦରକାର ନିର୍ମଳ ମନ । ଜଗତରେ ଯାହା ଦେଖୁଚ, ଶୁଣୁଚ ସବୁଥିରେ ଯେ ମୁଁ ଅଛି- ଏହି ଭାବ ଯାହାର ହେଲା ସେ ମତେ ପାଇଲା ବୋଲି ଜାଣ !

●

॥ ୧୫୪ ॥

# ଦେବତା, ଅସୁର ଓ ରାକ୍ଷସ

ଧର୍ମ ତ ଧର୍ମ- ସନାତନ ଧର୍ମ ପୁଣି କ'ଣ ? ଧର୍ମ ମାତ୍ରେ କ'ଣ ସନାତନ ନୁହଁ ? ଏପରି ପ୍ରଶ୍ନ ବା ଜିଜ୍ଞାସା ଅର୍ଜୁନ ଓ ଉଦ୍ଧବଙ୍କ ମନରେ ଉଠିଥିଲା । ଧର୍ମ ଓ ସନାତନ ଧର୍ମ ମଧ୍ୟରେ ପାର୍ଥକ୍ୟ ସାମାନ୍ୟ ବୋଲି ମନେ ହେଉଥିଲେ ମଧ୍ୟ ଏହା ବ୍ୟାପକ । ବାସ୍ତବରେ ଧର୍ମ ମାତ୍ରେ ସନାତନ, ଏଥିରେ ଦ୍ୱିମତ ନାହିଁ । କିନ୍ତୁ କାଳକ୍ରମେ ଧର୍ମ, ବିଶ୍ୱାସ ଉପରେ ନିର୍ଭରଶୀଳ ହୋଇପଡ଼ିବାରେ ଏହା ସାମ୍ପ୍ରଦାୟିକ ଧର୍ମକୁ ବୁଝେଇଲା । ବିଶ୍ୱାସରେ ପରିବର୍ତ୍ତନ ହୋଇପାରେ । କୌଣସି ବ୍ୟକ୍ତିର ଏକ ନିର୍ଦ୍ଦିଷ୍ଟ ବିଧିବିଧାନ ଉପରେ ବିଶ୍ୱାସ ଥାଇପାରେ ଏବଂ ପରେ ସେ ବିଶ୍ୱାସର ପରିବର୍ତ୍ତନ ଘଟାଇ ଅନ୍ୟ ବିଧିରେ ଆସ୍ଥା ସ୍ଥାପନ କରିପାରେ । କିନ୍ତୁ ସନାତନ ଧର୍ମର ପରିବର୍ତ୍ତନ ହୋଇ ନପାରେ । ଯାହାର ଆଦି ନାହିଁ କି ଅନ୍ତ ନାହିଁ, ତାହା ହିଁ ସନାତନ । ଶାଶ୍ୱତ, ଅପରିବର୍ତ୍ତନୀୟ । ଉଦାହରଣ ସ୍ୱରୂପ ମିଠାରୁ ମଧୁରତା, ଜଳରୁ ତରଳତା କିମ୍ବା ଅଗ୍ନିରୁ ଉତ୍ତାପକୁ କାଢ଼ି ନିଆଯାଇ

ନପାରେ । ସେହିପରି ପରମେଶ୍ୱର ଓ ତାଙ୍କ ଦିବ୍ୟଧାମ ଉଭୟ ସନାତନ । ସନାତନଧାମରେ ଭଗବାନ୍ ଓ ଜୀବଗଣଙ୍କ ସହାବସ୍ଥାନ ହିଁ ମାନବଜୀବନର ପରମ ଲକ୍ଷ୍ୟ ବା ସିଦ୍ଧି । ଏକଥା ସବୁଧର୍ମ ମତର ପ୍ରତିଷ୍ଠାତା, କଥା ଓ କାର୍ଯ୍ୟରେ ପ୍ରତିପାଦନ କରି ଆସିଛନ୍ତି । ସନାତନ-ଜୀବର ସନାତନ-କର୍ମକୁ ତା'ଠାରୁ କାଢ଼ି ନିଆଯାଇ ନପାରେ । ଯାହାର ଆଦି ନାହିଁ କି ଅନ୍ତ ନାହିଁ; ତାହା କଦାପି ସାମ୍ପ୍ରଦାୟିକ ହୋଇ ନପାରେ । ବୈଜ୍ଞାନିକ ଧାରାରେ ବିଚାର କଲେ ଜଣାଯାଏ ସନାତନ ଧର୍ମ ପୃଥିବୀର ସମସ୍ତ ଲୋକଙ୍କ କର୍ମ ।

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସାଂଖ୍ୟ ବା ଜ୍ଞାନ କ'ଣ ବୁଝାଇବାକୁ ଯାଇ ଯାହା କହିଲେ, ତାହା ସନାତନ । ଚିରନ୍ତନ । ଯାହା ସନାତନ ଧର୍ମ ନୁହେଁ, ତାହାର ଆରମ୍ଭ ଥାଏ । ମାନବ.ସମାଜର ଇତିହାସ ଖୋଜିଲେ ଆମେ ଆରମ୍ଭ ପାଇବା କିନ୍ତୁ ସନାତନ ଧର୍ମର ଇତିହାସ ଖୋଜିଲେ ଏହାର ଆରମ୍ଭ ପାଇପାରିବା ନାହିଁ । କାରଣ ଏହା ଶାଶ୍ୱତ ଭାବରେ ଜୀବାତ୍ମା ସାଥିରେ ରହିଚି । ଭୌତିକ ଅସ୍ଥାୟୀ ଶରୀରର ବିନାଶ ଘଟିଲେ ମଧ୍ୟ ଜୀବାତ୍ମା ରହେ । 'ଧର୍ମ' ଶବ୍ଦର ଅର୍ଥ ହେଉଛି ଯାହା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ବରାବର ରହିଚି, ଯେପରି କି ଅଗ୍ନି ସହିତ ଆଲୋକ ଓ ଉତ୍ତାପ ।

ଉଦ୍ଧବଙ୍କୁ ଯଦି ଜଣେ ସାଧାରଣ ମନୁଷ୍ୟ ବୋଲି ଧରାଯାଏ, ତାହାହେଲେ ସେ ପ୍ରଶ୍ନ କରିବା ସ୍ୱାଭାବିକ ଯେ ଯଦି ଲୁଗା ପୁରୁଣା ଓ ଚିରା ହୋଇଗଲେ ମଣିଷ ନୂଆ ଲୁଗା ପିନ୍ଧିଲା ଭଳି ଜୀବ ପୁରାତନ ଜରାଜୀର୍ଣ୍ଣ ହେଲେ ଶରୀର ତ୍ୟାଗ କରିଥାଏ, ତାହାହେଲେ କୌଣସି କୌଣସି ପିଲା ଜନ୍ମ ହେଉ ହେଉ ମରୁଛନ୍ତି କାହିଁକି ଓ କିପରି ? ଏହାର ଉତ୍ତର ଗୀତାରେ ଏବଂ ଅନ୍ୟାନ୍ୟ ଶାସ୍ତ୍ର, ପୁରାଣରେ ବହୁବାର ଦିଆଯାଇଛି । ଆଧୁନିକ ବିଚାର ଅନୁସାରେ ଏହାର ଉତ୍ତର ହେଉଛି, ଏପରି ଅନେକ ଲୁଗା ବଜାରକୁ ଆସେ, ଯାହା ରହି ରହି ଆଗରୁ ପୁରୁଣା ହୋଇଯାଇଥାଏ । ଏଗୁଡ଼ିକୁ 'ଓଲଡ୍‌ଷ୍ଟକ୍' କୁହାଯାଏ । ତାହା ପିନ୍ଧିବା ମାତ୍ରେ ଚିରିଯାଏ । ସେହିଭଳି ଯିଏ ପିଲାଦିନରୁ ମରେ ବା ଅଳ୍ପାୟୁ, ସେ ପୁରୁଣା ଷ୍ଟକର । ଆଗରୁ ତାର ବହୁ ଜନ୍ମ ହୋଇଯାଇଛି । ଜୀବ ଜନ୍ମ ନେଇ ନେଇ ବହୁ ଜନ୍ମ ପରେ ତା'ର ସଞ୍ଚିତ କର୍ମଫଳ ବା ପୁଣ୍ୟବଳରୁ ବା ମୋହର କ୍ଷୟ ହୋଇଯାଇଥିବାରୁ ମୋକ୍ଷ ଲାଭ କରିଥାଏ । ମୋକ୍ଷ ଅର୍ଥ ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ପ୍ରତ୍ୟେକ ଜୀବ ମୋକ୍ଷାଭିମୁଖୀ । (ବୁଦ୍ଧଙ୍କ ଭାଷାରେ 'ନିର୍ବାଣ'-ବୁଦ୍ଧ ଜାତକରୁ ଜଣାଯାଏ ବୁଦ୍ଧଦେବ ନିର୍ବାଣ ପୂର୍ବରୁ ବହୁ ଯୋନିରେ ଜନ୍ମଗ୍ରହଣ କରିଥିଲେ) । ଜୀବ କେବେ ମୋକ୍ଷ ଲାଭ କରିବ, ତାହା ମୋକ୍ଷଦାତାଙ୍କୁ ହିଁ ଜଣା । ତା'ହାତରେ ସମସ୍ତଙ୍କ ସି.ସି.ଆର.

ରେକର୍ଡ଼ । ତଦନୁସାରେ ଜୀବର ଉନ୍ନତି ବା ଅବନତି । ସେ ସବୁବେଳେ ଏକମାତ୍ର ଉପଦେଶ ଦେଇ ଆସିଛନ୍ତି, ଆତ୍ମା ଅମର, ଦେହ ବିନାଶଶୀଳ । ତେଣୁ ସମସ୍ତେ ସ୍ୱଧର୍ମ ପାଳନ କର ।

ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଲେ, ପ୍ରତ୍ୟେକ ବ୍ୟକ୍ତିର ଅଲଗା ଅଲଗା ଗୁଣ । ସେଥିଯୋଗୁଁ ପ୍ରାଣୀମାନଙ୍କ ସ୍ୱଭାବରେ 'ଭେଦ' ହୋଇଥାଏ । ସତ୍ତ୍ୱଗୁଣର ସ୍ୱଭାବ ହେଉଚି ଶମ (ମନସଂଯମ), ଦମ (ଇନ୍ଦ୍ରିୟ ଦମନ), ତିତିକ୍ଷା (ସହିଷ୍ଣୁତା), ବିବେକ, ତପ, ସତ୍ୟ, ଦୟା, ସ୍ମୃତି, ସନ୍ତୋଷ, ତ୍ୟାଗ, ବିଷୟ-ବିତୃଷ୍ଣା, ଶ୍ରଦ୍ଧା, ଲଜ୍ଜା (ପାପ କରିବାରେ ସଂକୋଚ) ଆତ୍ମରତି, ଦାନ, ବିନୟ ଓ ସରଳତା । ରଜୋଗୁଣର ବୃତ୍ତି ଓ ପ୍ରବୃତ୍ତି ହେଉଛି – ଇଚ୍ଛା, ପ୍ରଯତ୍ନ, ତୃଷ୍ଣା, ଅସନ୍ତୋଷ, ଭେଦବୁଦ୍ଧି, ବିଷୟ ଭୋଗ, ଯୁଦ୍ଧ ଲାଗି ଉତ୍ସାହ, ପ୍ରଶଂସାପ୍ରୀତି, ହାସ୍ୟ, ପରାକ୍ରମ, ଜିଦଖୋରଭାବ । ତମୋଗୁଣର ସ୍ୱଭାବ– କ୍ରୋଧ, ଅସହିଷ୍ଣୁତା, ଲୋଭ, ମିଥ୍ୟାଭାଷଣ, ହିଂସା, ପାଷଣ୍ଡତା, ଶ୍ରମ, କଳହ, ମୋହ, ଶୋକ, ବିଷାଦ, ଦୀନତା, ନିଦ୍ରା, ଆଶା, ଭୟ ଏବଂ ଅକର୍ମଣ୍ୟତା ।

ଉଦ୍ଧବ ପ୍ରଶ୍ନ କଲେ – ଏହି ତିନୋଟିଯାକ ଗୁଣ ଯାହାଠି ରହିଥାଏ, ତା'ର ମନର ଭାବ କ'ଣ ହୁଏ ? ଭଗବାନ କହିଲେ, ସେ କେବଳ 'ମୁଁ, ମୋର, ଆମର' ଭାବରେ ବଶୀଭୂତ ହୋଇ ବାଚାଳତା କରିଥାଏ । ମନୁଷ୍ୟ ଯେତେବେଳେ ଧର୍ମ, ଅର୍ଥ ଓ କାମ ସହିତ ସଂଶ୍ଳିଷ୍ଟ ରହିଥାଏ, ସେତେବେଳେ ସତ୍ତ୍ୱଗୁଣରୁ 'ଶ୍ରଦ୍ଧା', ରଜୋଗୁଣରୁ 'ରତି' ଏବଂ ତମୋଗୁଣରୁ ଧନ ଲାଭ କରିଥାଏ । ସକାମ କର୍ମ, ଗୃହସ୍ଥାଶ୍ରମ ଏବଂ ସ୍ୱଧର୍ମାଚରଣ ପ୍ରତି ଅଧିକ ପ୍ରୀତି ରଖିଲେ ମଧ୍ୟ ତା'ଠି ଏହି ତିନିଗୁଣର ସମ୍ମିଶ୍ରଣ ଘଟିଥାଏ । ସତ୍ତ୍ୱଗୁଣ ଅଧିକ ହେଲେ ସୁଖ, ଜ୍ଞାନ, ଧର୍ମ ଲାଗି ମନୁଷ୍ୟ ଉପଯୁକ୍ତ ହୋଇଥାଏ । ରଜୋଗୁଣ ଅଧିକ ହେଲେ ଆସକ୍ତି ଓ ପ୍ରବୃତ୍ତି ବୃଦ୍ଧିପାଏ । ଦୁଃଖ ତ ପାଏ, ତା'ସହିତ ଯଶ ଓ ଧନଲକ୍ଷ୍ମୀକୁ ମଧ୍ୟ ପାଏ । ତମୋଗୁଣ ଅଧିକ ହେଲେ ଅଜ୍ଞାନ, ଆଳସ୍ୟ, ମୂର୍ଖତା ବଢ଼େ । ଏହି ଗୁଣ ତିନୋଟି ଯୋଗୁଁ କିଏ ଦେବୋପମ, କିଏ ଅସୁର, କିଏ ରାକ୍ଷସ ହୋଇଥାଏ । ଏ ସମସ୍ତଙ୍କର ମଣିଷ ଦେହ, କିନ୍ତୁ ଭିତର ସ୍ୱଭାବରେ ପାର୍ଥକ୍ୟ ।

ଭଗବାନ କହିଲେ, ଗୋଟିଏ କଥା ମନେ ରଖ, ଯେଉଁ ବ୍ୟକ୍ତି ତ୍ରିଗୁଣାତୀତ, ସତ୍ତ୍ୱ, ରଜଃ ବା ତମଃ ଯାହାକୁ ସ୍ପର୍ଶ କରିନଥାଏ, ସେ ଜୀବନ୍ମୁକ୍ତ ହୋଇଥାଏ । ଅର୍ଥାତ୍ ସେ ମତେ ପାଏ । ମୋଠି ଲୀନ ବା ବ୍ରହ୍ମଲୀନ ହୋଇଯାଏ । ନିଜର ଧର୍ମାଚରଣକୁ ଯିଏ ମୋ'ଠି ସମର୍ପଣ କରିଦିଏ, ନିଷ୍କାମ ଭାବରେ ମତେ ପ୍ରାର୍ଥନା କରେ, ମୁଁ ଯାହା, ସିଏ ତାହା ହୋଇଯାଏ ।

ହେ ଉଧୋ ! ଦ୍ରବ୍ୟ, ଦେଶ (ସ୍ଥାନ), ଫଳ, କାଳ, ଜ୍ଞାନ, କର୍ମ, କର୍ତ୍ତା, ଶ୍ରଦ୍ଧା ଆଦି ବିଭିନ୍ନ ଅବସ୍ଥା । ଦେବ, ମନୁଷ୍ୟ, ତିର୍ଯ୍ୟଗାଦି ଶରୀର ଓ ନିଷ୍ଠା- ସବୁ ତ୍ରିଗୁଣାତ୍ମକ । ପୁରୁଷ ଓ ପ୍ରକୃତି ଆଶ୍ରିତ ସମସ୍ତ ପ୍ରକାରର ଭାବ ହେଉଛି ଗୁଣମୟ । ଆଖିରେ ଦେଖ, କାନରେ ଶୁଣ, ଶାସ୍ତ୍ରାଦି ପଢ଼ି ଜାଣ, ବୁଦ୍ଧି ଦ୍ୱାରା ଭାବନା କର – ସବୁ ହେଉଚି ଗୁଣାନୁଗ୍ରହ । ମନୁଷ୍ୟ ଶରୀର ଦୁର୍ଲ୍ଲଭ । ଏହି ଶରୀରରେ ହିଁ ତତ୍ତ୍ୱଜ୍ଞାନ, ନିଷ୍ଠାରୂପକ ବିଜ୍ଞାନ ଲାଭ କରିବା ସମ୍ଭବ । ରଜୋଗୁଣ ଓ ତମୋଗୁଣକୁ ପରାଜିତ କରି ସତ୍ତ୍ୱଗୁଣକୁ ନିଜ ଭିତରେ ଅଧିଷ୍ଠିତ କରିବାକୁ ପଡ଼ିବ । ତା'ପରେ ଧୀରେ ଧୀରେ ବା 'କ୍ରମଶଃ' ସତ୍ତ୍ୱଗୁଣକୁ ହଟେଇ ମନୁଷ୍ୟ ନିଜକୁ ଜୀବଭାବରୁ ମୁକ୍ତ କରିପାରିଲେ, ମୋ ସହିତ ଏକ ହୋଇ ଯାଇପାରିବ ।

ତିନିଗୁଣକୁ ତ୍ରିତାପ କୁହାଯାଏ । ଏ ତିନୋଟିଯାକ ଅବାସ୍ତବ । ମାୟା ମାତ୍ର । ଏ ଗୁଣଗୁଡ଼ିକର କୌଣସି ବାସ୍ତବିକ ସତ୍ତା ନଥାଏ । ସାଧାରଣ ମଣିଷ ଏଥିପ୍ରତି ଧ୍ୟାନ ଦେବା ଉଚିତ ଯେ ଯେଉଁ ଲୋକ ଉଦର ପୋଷଣରେ ଲାଗି ରହିଥାଏ, ସେଭଳି ଅସତ୍ ପୁରୁଷର ସାଙ୍ଗସାଥୀ ହେବନାହିଁ । କାରଣ, ଏପରି ଲୋକର ଅନୁସରଣ କରିବା ଯାହା, ଅନ୍ଧକୁ ଅନ୍ଧ ବାଟ କଢ଼େଇନେବା ତାହା ।

●

॥ ୧୫୫ ॥

# କେବଳ ଆନନ୍ଦ, କେବଳ ଅନୁଭବ

**ଉ**ଦ୍ଧବ ପଚାରିଲେ ଶ୍ରୀକୃଷ୍ଣଙ୍କୁ, ମଣିଷ ମନରେ ବୈରାଗ୍ୟ କେତେବେଳେ ଓ କିପରି ଆସେ ? ଶ୍ରୀକୃଷ୍ଣ ଉତ୍ତରରେ ଏକ ଐତିହାସିକ ଘଟଣା କହିଲେ । କହିଲେ, ହେ ଉଦ୍ଧବ ! ଇଲାଙ୍କ ପୁତ୍ର ପୁରୁରବା । କାଳକ୍ରମେ ପୁରୁରବା ସମ୍ରାଟ ହେଲେ । ଚାରିଆଡ଼େ ତାଙ୍କର ଯଶର ପ୍ରସାର ହେଲା । ସେ ଉର୍ବଶୀଙ୍କୁ ଅତିଶୟ ଭଲ ପାଉଥିଲେ । ବହୁ ବର୍ଷ ଧରି ଦୁହେଁ ସମ୍ଭୋଗରେ ମାତିଲେ । ପୁରୁରବା ଉର୍ବଶୀଙ୍କୁ ଛାଡ଼ି ମୁହୂର୍ତ୍ତେ ସୁଦ୍ଧା ରହି ପାରୁ ନଥିଲେ । ଦିନେ ଉର୍ବଶୀ ପୁରୁରବାଙ୍କୁ ଛାଡ଼ି ପଳେଇଲେ । ପୁରୁରବା ବିହ୍ୱଳ ଭାବରେ ତାଙ୍କ ପଛରେ ଗୋଡ଼େଇଲେ । କହିଲେ, ତୁମେ ମୋର ଜୀବନ ନାଟିକା । ମତେ ଛାଡ଼ି ଯାଅନାହିଁ । ମୋ ପ୍ରତି ନିଷ୍ଠୁର ହୁଅନି । ତୁମ ବିନା ମୁଁ ପାଗଳ ହୋଇଯିବି । କିନ୍ତୁ ଉର୍ବଶୀ ଫେରିବା ତ ଦୂରର କଥା ପୁରୁରବାଙ୍କୁ ଆଡ଼ ଆଖିରେ ସୁଦ୍ଧା ଚାହିଁଲେ ନାହିଁ । ଉର୍ବଶୀ

ପୁରୁରବାଙ୍କୁ ଇମିତି ମୋହିତ କରିଦେଇଥିଲେ ଯେ ସେ ଯାହା କହୁଥିଲେ, କରୁଥିଲେ । ବସ କହିଲେ ବସୁଥିଲେ, ଉଠ କହିଲେ ଉଠୁଥିଲେ । ସୁନ୍ଦରୀ ତରୁଣୀ ଅପ୍‌ସରା ଉର୍ବଶୀ । ତାଙ୍କୁ ପାଇ ପୁରୁରବା ଦିନରାତି ସୁଦ୍ଧା ଭୁଲିଯାଉଥିଲେ । ଉର୍ବଶୀ ପୁରୁରବାଙ୍କ ସେବା କରିବେ କ'ଣ, ପୁରୁରବା ଉର୍ବଶୀଙ୍କ ସେବା କରୁଥିଲେ ।

ଏବେ ସେ ଛାଡ଼ି ଚାଲିଯିବାରେ ପୁରୁରବାଙ୍କ ମନରେ ବୈରାଗ୍ୟ ଜାତ ହେଲା । ମନରୁ ତାଙ୍କର ବିରହଜନିତ ଦୁଃଖ ହଟିଗଲା । ସେ ମନେମନେ ଗୋଟିଏ ଗୀତ ଗାଇଲେ । ସେ ଗୀତର ସାରାଂଶ ହେଉଚି— ମୋ ଭଳି ମୂଢ଼ କିଏ ଅଛି ? କାମବାସନା ମତେ ଖାଇଲା । ଉର୍ବଶୀ ନିଜ ବାହୁବନ୍ଧନରେ ଏଯାଏ ମତେ ବାନ୍ଧି ରଖିଥିଲା । ତା ପ୍ରେମରେ ପଡ଼ି ମୁଁ ଅଯଥା ଆୟୁକ୍ଷୟ କରିବାରେ ଲାଗିଲି । ମୋହର ବି ଏକ ସୀମା ଥାଏ ମୁଁ ସେ ସୀମା ଟପିଗଲି । ଉର୍ବଶୀ ମତେ ଲୁଟି ନେଲା । ତା ଦିହରେ କ'ଣ ବା ଥିଲା ଯେ ତା' ସହିତ ମାତି ସୂର୍ଯ୍ୟ ଅସ୍ତ ହେଲେ କି ଉଦୟ ହେଲେ ଜାଣି ପାରୁ ନଥିଲି । କି ମୋହ ଜାତ ହେଲା କେଜାଣି, ମୋ ଭଳି ଜଣେ ରାଜ ରାଜେଶ୍ୱର ଚକ୍ରବର୍ତ୍ତୀ ସମ୍ରାଟ ସାମାନ୍ୟ ଜଣେ ସ୍ତ୍ରୀର ଖେଳନା ହୋଇ ପଡ଼ିଥିଲି । ପ୍ରଜାପାଳନ କରିବା ମୋର ଧର୍ମ । ଧର୍ମଚ୍ୟୁତ ହେଲି । ଉଲଗ୍ନ ହୋଇ ଉର୍ବଶୀ ପଛରେ ଦୌଡ଼ିଲି । ତା' ଗୋଡ଼ ହାତ ଧରିଲି । ମୋ ପ୍ରତି ନିଷ୍ଠୁର ହୁଅନି ବୋଲି କାକୁତି ମିନତି ହୋଇ କହିଲି । ଧିକ୍ ଏ ଜୀବନ ! ନିଜକୁ ତେଜସ୍ୱୀ, ପ୍ରଭାବଶାଳୀ ବୋଲି କହିବି କିମିତି ? ମୋ ପ୍ରେମପାଗଳାମିକି ଦେଖି ମୋ ପ୍ରଜାମାନେ ମତେ କ'ଣ ବୋଲି ଭାବୁ ନଥିବେ । ଯିଏ ସ୍ତ୍ରୀ ଦ୍ୱାରା ବଶୀଭୂତ, ତା'ର ସମସ୍ତ ବିଦ୍ୟାବୁଦ୍ଧି ବ୍ୟର୍ଥ, ନିରର୍ଥକ । ତା'ର ତପସ୍ୟା, ତ୍ୟାଗ, ଦାନ ଆଦିରେ କିଛି ଲାଭ ନାହିଁ । ଭଲ କ'ଣ, ମନ୍ଦ କ'ଣ ତ ଜାଣିପାରୁନି, ନିଜକୁ ବିବେକୀ ପଣ୍ଡିତ ବୋଲି କହିବି କିପରି ? ଅନ୍ୟମାନେ ମତେ ଖାତିର କରିବେ ବା କାହିଁକି ? ମୁଁ ଚକ୍ରବର୍ତ୍ତୀ ହୋଇ ସୁଦ୍ଧା ଗଧ, ବଳଦ ଭଳି ସ୍ତ୍ରୀ ଫାନ୍ଦରେ ପଡ଼ିଗଲି । ବର୍ଷ ବର୍ଷ ଧରି ଉର୍ବଶୀ ଉର୍ବଶୀ ହୋଇ ମଲି ।

ଉଦ୍ଧବ ପ୍ରଶ୍ନକଲେ ପୁରୁରବା ଓ ଉର୍ବଶୀଙ୍କ ମିଳନ ହେଲା କିପରି ? ତୁମେ ତ କହିଲ, ପୁରୁରବା ଇଳାନନ୍ଦନ । ଇଳାଙ୍କ ସ୍ୱାମୀ କିଏ ? କାହା ଔରସରୁ ପୁରୁରବା ଜାତ ହୋଇଥିଲେ ?

ଶ୍ରୀକୃଷ୍ଣ କହିଲେ, ପୁରୁରବା ବୁଧଙ୍କ ପୁତ୍ର । ଚନ୍ଦ୍ରଙ୍କ ନାତି । ବୃହସ୍ପତିଙ୍କ ସ୍ତ୍ରୀ ତାରାଙ୍କୁ ଚନ୍ଦ୍ର ହରଣ କରି ନେଇଥିଲେ । ତାଙ୍କର ଗର୍ଭରୁ ବୁଧ ଜନ୍ମିଲେ । ଇଳାଙ୍କ ସହିତ ବୁଧଙ୍କର ବିବାହ ହୋଇଥିଲା । ଇଳାଙ୍କ ଜୀବନ ରହସ୍ୟ କୌତୁହଳପ୍ରଦ । ଇଳା ବୈବସ୍ୱତ ମନୁଙ୍କ କନ୍ୟା । ମନୁ ମିତ୍ର ଓ ବରୁଣ (ମିତ୍ରାବରଣ)ଙ୍କୁ ଉପାସନା କରି ଗୋଟିଏ ପୁତ୍ର ସନ୍ତାନ

ପ୍ରାର୍ଥନା କରିଥିଲେ । କିନ୍ତୁ ଉପାସନାରେ ତ୍ରୁଟି ହେତୁ ପୁତ୍ର ନ ହୋଇ କନ୍ୟା ଜାତ ହେଲା । ଏହି କନ୍ୟାର ନାମ 'ଇଳା' । ଇଏ ପରେ ବିଷ୍ଣୁଙ୍କ ବରରେ ପୁରୁଷତ୍ୱ ଲାଭ କରିଥିଲେ । ସେତେବେଳେ ତାଙ୍କର ନାମ ଥିଲା 'ସୁଦ୍ୟୁମ୍ନ' । ମହାଦେବଙ୍କ ଅଭିଶପ୍ତ କୁମାର-ବନରେ ପ୍ରବେଶ କରିବାରେ ସୁଦ୍ୟୁମ୍ନ ପୁଣି ଯେଉଁ ସ୍ତ୍ରୀ କି ସେହି ସ୍ତ୍ରୀ ହୋଇଗଲେ । ଏମାନଙ୍କ ପୁରୋହିତ ଥିଲେ ଋଷି ବଶିଷ୍ଠ । ସେ ଏହି କନ୍ୟାର ପୁରୁଷତ୍ୱ ଲାଗି ଶିବ ଉପାସନା କଲେ । ଶିବ ଦେଖିଲେ ପ୍ରଥମରୁ ମିତ୍ରାବରଣ, ପରେ ବିଷ୍ଣୁଙ୍କୁ ପ୍ରସନ୍ନ କରାଯିବାରେ ସ୍ତ୍ରୀ ଜନ୍ମ ପାଇ ଇଳା ପୁରୁଷ ହୋଇ ପାରିଥିଲା । ତେଣୁ ସେ ମଝିମଝିକିଆ ଏକ ବାଟ ବାହାର କଲେ । ବଶିଷ୍ଠଙ୍କୁ କହିଲେ, ସେ ମାସେ ସ୍ତ୍ରୀ ଓ ମାସେ ପୁରୁଷ ହୋଇ ଜୀବନଯାପନ କରିବେ । ଏହି ସେହି ଇଳା । ବୁଧ ଓ ଇଳାଙ୍କ ଆତ୍ମ ପୁରୁରବା ।

ଉର୍ବଶୀ ଉପାଖ୍ୟାନ ବ୍ୟାପକ । ବେଦରେ ଉର୍ବଶୀଙ୍କ ନାମୋଲ୍ଲେଖ ରହିଛି । ଶତପଥ ବ୍ରାହ୍ମଣ, ପଦ୍ମ ପୁରାଣରେ ଏହି ଚରିତ୍ରର ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି । ଶତପଥ ବ୍ରାହ୍ମଣରେ ଉଲ୍ଲେଖ ଅଛି ଯେ, ନାନା ଘଟଣାକ୍ରମରେ ପୁରୁରବା ଓ ଉର୍ବଶୀଙ୍କ ମଧ୍ୟରେ ଛଡ଼ାଛଡ଼ି ହୋଇଯାଇଥିଲା । କିନ୍ତୁ ପରେ ସେମାନେ ଗନ୍ଧର୍ବ ଲୋକରେ ସୁଖରେ ବସବାସ କରିଥିଲେ । ଏମାନଙ୍କ ମିଳନ ପୂର୍ବରୁ ଉର୍ବଶୀ ସ୍ୱର୍ଗର ଗନ୍ଧର୍ବ ଲୋକରେ ଥିଲେ । ମିତ୍ରାବରଣ ଉର୍ବଶୀଙ୍କୁ ବିବାହ କରିବାପାଇଁ ଚାହିଁଥିଲେ । କିନ୍ତୁ ଉର୍ବଶୀ ମନା କରିବାରେ ଏହି ଦୁଇ ଦେବତା ତାଙ୍କୁ ଅଭିଶାପ ଦେଇଥିଲେ ମର୍ତ୍ତ୍ୟକୁ ଖସିଯିବା ପାଇଁ । ଅଭିଶପ୍ତ ଉର୍ବଶୀ ମର୍ତ୍ତ୍ୟକୁ ଆସିବା ପାଇଁ ବାଧ ହୋଇଥିଲେ । ପୃଥିବୀରେ ସେତେବେଳେ ସମ୍ରାଟ ଥିଲେ ପୁରୁରବା । ପୁରୁରବା ଉର୍ବଶୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାଙ୍କୁ ରାଣୀ କରିବା ପାଇଁ ଚାହିଁଲେ । କିନ୍ତୁ ଉର୍ବଶୀ ତିନୋଟି ସର୍ତ୍ତ ରଖିଲେ । (୧) ଉର୍ବଶୀ କେବେହେଲେ ପୁରୁରବାଙ୍କୁ ଉଲଗ୍ନ ଥିବା ଅବସ୍ଥାରେ ଦେଖିବେନି । (୨) ଉର୍ବଶୀ ନ ଚାହିଁଲେ ପୁରୁରବା ତାଙ୍କ ସହବାସ କରିବେନି । (୩) ଉର୍ବଶୀଙ୍କ ଶଯ୍ୟା ପାଖରେ ସେ ନିଜର ପୁଅ ଭଳି ପାଳିଥିବା ଦୁଇଟି ମେଣ୍ଢା ବନ୍ଧା ହୋଇ ରହିବ । ସେମାନେ ସୁରକ୍ଷିତ ରହିବେ । ସେ ଦୁଇଟିକୁ ଯେମିତି କେହି ଚୋରେଇ ନେବେ ନାହିଁ ।

ପୁରୁରବା ତ ପ୍ରେମପାଗଳ । ସେ ଏସବୁ ସର୍ତ୍ତରେ ରାଜି ହେଲେ । ପୁରୁରୁବା ଓ ଉର୍ବଶୀ ବହୁବର୍ଷ ଧରି ସ୍ୱାମୀ ସ୍ତ୍ରୀ ହୋଇ ସୁଖରେ କାଳାତିପାତ କଲେ ।

ଇତି ମଧ୍ୟରେ ଗନ୍ଧର୍ବମାନେ ଉର୍ବଶୀଙ୍କୁ ସ୍ୱର୍ଗକୁ ଫେରାଇ ଆଣିବା ପାଇଁ ଚାହିଁଲେ । ଦିନେ ଗନ୍ଧର୍ବ ବିଶ୍ୱାବସୁ ମେଣ୍ଢା ଦୁଇଟିକୁ ଚୋରି କରି ନେଇଗଲେ । ଉର୍ବଶୀ ସକାଳୁ ଉଠି ଦେଖିଲେ ତାଙ୍କ ମେଣ୍ଢା ଦୁଇଟି ନାହିଁନ୍ତି । ସେ କାନ୍ଦବୋବାଳି କଲେ । ପୁରୁରବା

ଶେଯରୁ ଉଠି ବିବସ୍ତ୍ର ଅବସ୍ଥାରେ ବିଶ୍ୱାବସୁ ପଛରେ ଗୋଡ଼େଇଲେ । ମେଣ୍ଢା ଦୁଇଟି ତ ଗଲେ, ଇଆଡ଼େ ଉର୍ବଶୀ ପୁରୁରବାଙ୍କୁ ଉଲଗ୍ନ ଅବସ୍ଥାରେ ଦେଖିଲେ । ଫଳରେ ସର୍ତ୍ତଭଙ୍ଗ ହେଲା । ଉର୍ବଶୀ ପୁରୁରବାଙ୍କୁ ଛାଡ଼ି ପଳାଇଲେ । ଉର୍ବଶୀଙ୍କ ଠାରୁ ବିଚ୍ଛେଦଯୋଗୁଁ ପୁରୁରବାଙ୍କ ବୈରାଗ୍ୟ ଆସିଯାଇଥିଲା ।

[ ପଣ୍ଡିତ ମାକ୍ସମୁଲାରଙ୍କ ମତରେ ବେଦର ଏହି ଗଳ୍ପରୁ ଉଷା ଓ ସୂର୍ଯ୍ୟଙ୍କ ମିଳନ କାହାଣୀ ମିଳେ । ଏହି ମିଳନରୁ ମର ଓ ଅମରଙ୍କ ମଧ୍ୟରେ ପ୍ରେମ ତଥା ପ୍ରୀତି ସ୍ଥାପିତ ହୋଇପାରିଛି । ପ୍ରଭାତ ସହିତ ସନ୍ଧ୍ୟା ଗୋଧୂଳିର ମିଳନ ହୋଇଛି । ପୁରୁରବା ହେଉଛନ୍ତି ସୂର୍ଯ୍ୟ, ଉର୍ବଶୀ ପ୍ରଭାତର କୁହୁଡ଼ି । ପୁରୁରବା ଉଦୟ ହେଲେ ଉର୍ବଶୀ ଅଦୃଶ୍ୟ ହୋଇପଡ଼ନ୍ତି । ଆଲୋକ ଆସିଲେ କୁହୁଡ଼ି ସୂର୍ଯ୍ୟରେ ଲୀନ ହୋଇଯାଏ । ଅପ୍‌ସରାମାନେ କୁହୁଡ଼ିର ପ୍ରତୀକ । ସେମାନେ କୁହୁଡ଼ି ବା ମେଘ ରୂପରେ ସୂର୍ଯ୍ୟ ପ୍ରତି ଆକୃଷ୍ଟ ହୁଅନ୍ତି । ]

ଶ୍ରୀକୃଷ୍ଣ କହିଲେ, ହେ ଉଦ୍ଧବ ! କାହାଣୀ ବା ଉପାଖ୍ୟାନ ଶୁଣୁଥିଲେ, ତୁମେ କେବଳ ଉପରେ ଭାସୁଥିବ, ମନ ଆଉ ଗଭୀରକୁ ଯିବନି । ବୈରାଗ୍ୟ କେତେବେଳେ କାହିଁକି ଓ କିପରି ଆସେ ପୁରୁରବା ତା'ର ପ୍ରକୃଷ୍ଟ ଦୃଷ୍ଟାନ୍ତ । କାମ ଓ କାମନା ମଣିଷକୁ ଜୀବନ ଶେଷ ସୁଦ୍ଧା ଜାବୁଡ଼ି ଧରିଥାଆନ୍ତି । ଅତିରିକ୍ତ ହୋଇଗଲେ ସେଥିପ୍ରତି ମନ ଆପେ ଆପେ ଛି ହୋଇଆସେ । ପୁରୁରବାଙ୍କର ସେହି ଅବସ୍ଥା ଆସିଯାଇଥିଲା । ପୁରୁରବା ଭାବିଲେ, ଉର୍ବଶୀକି ଦୋଷ ଦେଇ ଲାଭ ନାହିଁ । ଇନ୍ଦ୍ରିୟଗୁଡ଼ିକ ଉପରେ ତ ମୁଁ ଲଗାମ ରଖି ପାରିଲି ନାହିଁ । ଉର୍ବଶୀର ଅଧରମଦିରା ଏତେ ପାନ କରି ସୁଦ୍ଧା ମୋର ତୃପ୍ତି ଆସିଲାନି । ଅଜ୍ଞାନବଶତଃ ମୁଁ ଅସୁନ୍ଦର ଉପରେ ସୁନ୍ଦର ଆରୋପ କରି ବସିଲି । କେବଳ ଭାବିବାରେ ଲାଗିଲି ସ୍ତ୍ରୀର ମୁହଁ କି ସୁନ୍ଦର, କି ଡଉଲଡ଼ାଉଲ ! ନାକର ଗଢ଼ଣ କି ଚମତ୍କାର ! ଅଧରର ମନ୍ଦ ମନ୍ଦ ହାସ୍ୟ କେତେ ମନୋହର ! ପରିଶେଷରେ ପୁରୁରବାଙ୍କ ମୋହଭଙ୍ଗ ହେଲା । ଆତ୍ମସାକ୍ଷାତକାର ହେବାରେ ତାଙ୍କ ଚିତ୍ତ ଶାନ୍ତ ହେଲା ।

ତେଣୁ ହେ ଉଦ୍ଧବ ! ବୁଦ୍ଧିମାନ ପୁରୁଷ ପକ୍ଷରେ ଉଚିତ ହେଉଛି ପୁରୁରବାଙ୍କ ଭଳି କୁସଙ୍ଗ ତ୍ୟାଗ କରି ସତ୍‌ସଙ୍ଗ କରିବା । ସତ୍‌ପୁରୁଷର ଲକ୍ଷଣ ହେଉଛି ସଦାସର୍ବଦା ସର୍ବତ୍ର ସବୁଥିରେ ମତେ ଦର୍ଶନ କରିବା । ମୋ ଲୀଳାକଥା ଚର୍ଚ୍ଚା କରିବା । ମୋ ସ୍ୱରୂପ ହେଉଛି କେବଳ ଆନନ୍ଦ, କେବଳ ଅନୁଭବ, ବିଶୁଦ୍ଧ ଆତ୍ମା । ମୁଁ ସାଧୁ, ସନ୍ଥ, ଭକ୍ତ, ଜ୍ଞାନୀ, ନିଷ୍ଠାବାନ୍, ନିଷ୍କାମକର୍ମୀଙ୍କ ହୃଦୟରେ ଚିର ବିଦ୍ୟମାନ । ଏହି ଆତ୍ମବୋଧ ହୋଇ ଯିବାମାତ୍ରେ ପୁରୁରବାଙ୍କର ଆଉ ଉର୍ବଶୀ ପ୍ରତି ସ୍ପୃହା ରହିଲା ନାହିଁ । ସେ ଆତ୍ମାରାମ ହୋଇ ସ୍ୱଚ୍ଛନ୍ଦରେ ପୃଥିବୀରେ ବିଚରଣ କଲେ ।

॥ ୧୫୬ ॥

# ପ୍ରତିମା ମୋ ପ୍ରତିମ

ଉଦ୍ଧବ ଭଗବାନଙ୍କୁ ପ୍ରଶ୍ନ କଲାବେଳେ ନିଜ ମତକୁ ମଧ ପ୍ରକାଶ କରୁଥିଲେ । ଏତେ ଯୋଗ, ଦର୍ଶନ, ତତ୍ତ୍ୱ କଥା ଶୁଣି ଶୁଣି ଉଦ୍ଧବଙ୍କ ମନ ଚିଟା ହୋଇ ପଡ଼ି ନଥିଲା । ସେ କହିଲେ, ଆପଣଙ୍କ କଥାରୁ ମୁଁ ଜାଣିପାରୁଚି, ଭଗବାନଙ୍କୁ ଯେପରି ଯେଉଁ ପ୍ରକାରରେ ପୂଜା ଅର୍ଚ୍ଚନା କରାଯାଇଥାଏ, ସେହି ଆରାଧନାକୁ ହିଁ କ୍ରିୟାଯୋଗ କୁହାଯାଏ । ଦେବର୍ଷି ନାରଦ, ଭଗବାନ ବ୍ୟାସଦେବ ଏବଂ ଦେବାଚାର୍ଯ୍ୟ ବୃହସ୍ପତି ଆଦି ବଡ଼ ବଡ଼ ମୁନିଋଷିମାନେ କହିଛନ୍ତି ଯେ, କ୍ରିୟାଯୋଗ ଦ୍ୱାରା ଭଗବାନଙ୍କ ଆରାଧନା ହିଁ ସବୁଠୁଁ ମଙ୍ଗଳକର ସାଧନା । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ସମସ୍ତେ ଏହି ସାଧନା କରିପାରିବେ । ଏହି କ୍ରିୟାଯୋଗ ପ୍ରଥମେ ଭଗବାନ ବିଷ୍ଣୁଙ୍କ ମୁଖାରବିନ୍ଦରୁ ବାହାରିଥିଲା । ତା'ପରେ ବ୍ରହ୍ମା ତାଙ୍କ ପୁତ୍ର ଭୃଗୁ ଆଦି ମହର୍ଷିମାନଙ୍କୁ ଏବଂ ଭଗବାନ ଶଙ୍କର ତାଙ୍କର ଅର୍ଦ୍ଧାଙ୍ଗିନୀ ଭଗବତୀ ପାର୍ବତୀଙ୍କୁ ଉପଦେଶ ଦେଇଥିଲେ । ବ୍ରହ୍ମଚାରୀ ଓ ଗୃହସ୍ଥ ସମସ୍ତଙ୍କ ପାଇଁ କ୍ରିୟାଯୋଗର ଦ୍ୱାର ଉନ୍ମୁକ୍ତ । ଉଦ୍ଧବ ପ୍ରଶ୍ନ କଲେ ଶ୍ରୀକୃଷ୍ଣଙ୍କୁ- କର୍ମବନ୍ଧନରୁ ମୁକ୍ତ ହେବା ଲାଗି ଏହି କ୍ରିୟାଯୋଗର ବିଧିବିଧାନ କ'ଣ ?

ଭଗବାନ ଶ୍ରୀକୃଷ୍ଣ କହିଲେ, ହେ ଉଦ୍ଧବ ! କର୍ମକାଣ୍ଡ ଅସୀମ । ତେଣୁ ଏ ସମ୍ପର୍କରେ ତୁମର ବୋଧଗମ୍ୟ ହେବା ଭଳି କେତୋଟି ସୂଚନା ମାତ୍ର ଦେଉଛି । ମୋ ପୂଜା ଲାଗି ତିନୋଟିବିଧି– ବୈଦିକ, ତାନ୍ତ୍ରିକ ଓ ମିଶ୍ରିତ । ଯାହାକୁ ଯାହା ଅନୁକୂଳ, ସେ ସେ ବିଧି ଗ୍ରହଣ କରିପାରେ ଏବଂ ସେହି ବିଧିରେ ମୋର ଉପାସନା କରିପାରେ । ପ୍ରଥମେ ନିଜ ଅଧିକାର ଅନୁସାରେ ଉପଯୁକ୍ତ ସମୟରେ ବ୍ରତୋପନୟନ ସଂସ୍କାର କରାଯିବା ଉଚିତ । ଭକ୍ତିପୂର୍ବକ ନିଷ୍କପଟ ଭାବରେ ପିତାମାତା, ଆଚାର୍ଯ୍ୟ ଏବଂ ଗୁରୁରୂପକ ମତେ ବା ପରମାତ୍ମାଙ୍କ ପୂଜା ଲାଗି ପୂଜା ସାମଗ୍ରୀ ସଂଗ୍ରହ କରିବାକୁ ପଡ଼ିବ ଏବଂ ସେହି ସାମଗ୍ରୀ ଦ୍ୱାରା ମୂର୍ତ୍ତି, ବେଦୀ, ଅଗ୍ନି, ସୂର୍ଯ୍ୟ, ଜଳ କିମ୍ବା ହୃଦୟରେ ଆରାଧନା କରିବାକୁ ପଡ଼ିବ । ପ୍ରତ୍ୟୁଷରୁ ନିତ୍ୟକର୍ମ ସାରିବ । ତା'ପରେ ବୈଦିକ କିମ୍ବା ତାନ୍ତ୍ରିକ– ଏହି ଦୁଇ ପ୍ରକାରରେ ଦେହରେ ମାଟି ଏବଂ ଭସ୍ମ ବୋଳି ସ୍ନାନ କରିବ । ତା'ପରେ ବେଦୋକ୍ତ ସନ୍ଧ୍ୟା ବନ୍ଦନାଦି ନିତ୍ୟକର୍ମ କରିବା ଉଚିତ । ଏସବୁ କାମ ସରିବା ପରେ ଆରାଧନା ଲାଗି ଦୃଢ଼ ସଂକଳ୍ପ କରିବା ଆବଶ୍ୟକ ।

କର୍ମବନ୍ଧନରୁ ମୁକ୍ତି ପାଇବା ଲାଗି ଆଠ ପ୍ରକାରର ମୂର୍ତ୍ତିପୂଜା କରିବାର ପ୍ରଣାଳୀ ରହିଛି । ପଥର, କାଠ, ଧାତୁ ପଦାର୍ଥ, ମାଟି ଏବଂ ଚନ୍ଦନରେ ମୂର୍ତ୍ତି ତିଆରି କରିବ । ଏହି ମୂର୍ତ୍ତି ଗୁଡ଼ିକ ଚିତ୍ରମୟୀ, ବାଲୁକାମୟୀ, ମନୋମୟୀ ଏବଂ ମଣିମୟୀ ହୋଇଥାଏ । ଏଥିରୁ କେହି କେହି ଚଳ ଏବଂ ଅଚଳ । ସବୁ ପ୍ରତିମାଶ୍ରେଣୀଭୁକ୍ତ । ଅଚଳ ପ୍ରତିମାର ପୂଜାରେ ପ୍ରତିଦିନ ଆବାହନ ଓ ବିସର୍ଜନ କରିବା ଅନୁଚିତ । ସଚଳ ପ୍ରତିମା ପୂଜାରେ ଆବାହନ ବିସର୍ଜନ କର ବା ନ କର – ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ବାଲୁକାମୟୀ ପ୍ରତିମା ପୂଜାରେ ଆବାହନ ଓ ବିସର୍ଜନ କରିବା ଉଚିତ । ମାଟି ଓ ଚନ୍ଦନ କିମ୍ବା ଚିତ୍ରପୂଜାରେ ମୂର୍ତ୍ତିକୁ ସ୍ନାନ ନ କରାଇ କେବଳ ମାର୍ଜନ କରିବ । ଅନ୍ୟ ପ୍ରକାରର ମୂର୍ତ୍ତିଗୁଡ଼ିକୁ ସ୍ନାନ କରାଇବା ଉଚିତ । କିନ୍ତୁ ଯିଏ ମୋ ନିଷ୍କାମ ଭକ୍ତ, ସେ ସହଜରେ ମିଳୁଥିବା ଯେକୌଣସି ପଦାର୍ଥକୁ ପ୍ରତୀକ ପରି କିମ୍ବା ନିଜ ହୃଦୟରେ ପୂଜା କରିଥାଏ । (ଯଥା ଶିବମାନସ ପୂଜା)

ଭଗବାନ କହିଲେ, ଗୀତାରେ ମୁଁ ସଖା ଅର୍ଜୁନଙ୍କୁ କହିଛି, କେହି ଜଳ ଦେଉ, ପୁଷ୍ପ ଦେଉ ବା ପତ୍ରଟିଏ ଦେଉ, ଭକ୍ତି ସହିତ ଦିଆଗଲେ, ମୁଁ ଆନନ୍ଦରେ ଗ୍ରହଣ କରିଥାଏ । ଯିଏ ଅଭକ୍ତ, ସେ କୁଢ଼ କୁଢ଼ ଧନରତ୍ନ ଦେଲେ ମଧ୍ୟ ମୁଁ ସନ୍ତୁଷ୍ଟ ହୋଇ ନଥାଏ । ଭକ୍ତି ଓ ଶ୍ରଦ୍ଧା ପୂର୍ବକ ଟୋପାଏ ଜଳ ଦିଆଗଲେ ଯିଏ ସନ୍ତୁଷ୍ଟ, ତାକୁ ବହୁ ଧନ ସମ୍ପତ୍ତି ନିବେଦନ କରି କି ଲାଭ ? ଉପଚାର ତ ବହୁତ- ସବୁଠୁ ବଡ଼ ଉପଚାର ପ୍ରୀତି, ଭକ୍ତି ବା ପ୍ରେମ ।

ତା'ପରେ ଭଗବାନ ଉଦ୍ଧବଙ୍କୁ କେଉଁ ଆସନରେ କିମିତି ବସିବ, କିମିତି ମୁଦ୍ରା ପ୍ରଦର୍ଶନ ପୂର୍ବକ ପୂଜା କରିବ, ସବୁ ଗୋଟି ଗୋଟି ନିଜେ କରି ବତାଇ ଦେଇଥିଲେ । ସେ କହିଲେ, ପ୍ରତିମା ହେଉଛି ମୋର ପ୍ରତିମ । ବିଧିବଦ୍ଧ ଭାବରେ ଅଙ୍ଗନ୍ୟାସ, କରନ୍ୟାସ ଓ ମୂର୍ତ୍ତି ମନ୍ତ୍ରନ୍ୟାସ କରିବ । ତା'ପରେ ପୂର୍ଣ୍ଣକୁମ୍ଭ, ପ୍ରୋକ୍ଷଣ ପାତ୍ର ଆଦିର ପୂଜା, ଗନ୍ଧ ପୁଷ୍ପ ଆଦିରେ କରିବ । ଯଥାବିଧି ପଞ୍ଚମ କିମ୍ବା ଷୋଡ଼ଶ ଉପଚାର ପୂଜା କରିବ । କର୍ମକାଣ୍ଡରେ ଯେଉଁସବୁ ବିଧିବିଧାନ ନିୟମ ରହିଛି– ଭଗବାନ ଉଦ୍ଧବଙ୍କୁ ତା'ପରେ, ତା'ପରେ କ'ଣ କରାଯିବ, ସବୁ ବୁଝାଇ ଦେଲେ । ହୃଦୟମନ୍ତ୍ର, ଶିରୋମନ୍ତ୍ର ଓ ଶିଖାମନ୍ତ୍ରରେ ପୂଜା କରି ଗାୟତ୍ରୀମନ୍ତ୍ରରେ ପୂଜା କରିବା ଆବଶ୍ୟକ । ଶରୀରସ୍ଥ ଅଗ୍ନି ଶୁଦ୍ଧ ହୋଇଯିବା ପରେ ପ୍ରତ୍ୟେକଙ୍କ ହୃଦୟ କମଳରେ ପରମ ସୂକ୍ଷ୍ମ ଏବଂ ଦୀପଶିଖା ଭଳି ଜାଜ୍ଜ୍ୱଲ୍ୟମାନ ମୋ 'ଜୀବକଳା'କୁ ଧ୍ୟାନ କରିବା ଉଚିତ । ସିଦ୍ଧ ମୁନିଋଷିମାନେ ଓଁକାରର 'ଅ' କାର, 'ଉ' କାର ଓ 'ମ' କାର ଏବଂ ବିନ୍ଦୁ ଓ ନାଦ – ଏହି ପାଞ୍ଚକଳାକୁ ଏବଂ ଶେଷରେ ଜୀବକଳାକୁ ଧ୍ୟାନ କରିଥା'ନ୍ତି । ଏହି ଜୀବକଳା ଆତ୍ମସ୍ୱରୂପିଣୀ । ଏହାର

ତେଜ ଅନ୍ତଃକରଣ ଓ ଶରୀରରେ ଭରପୂର ହୋଇ ଉଠିଲେ, ମାନସିକ ଉପଚାରରେ ପୂଜା କରିବା ଉଚିତ । ତା'ପରେ ତନ୍ମୟ ଭାବରେ ମତେ ଆବାହନ କରି ମୋ ସ୍ୱରୂପକୁ ଧୀରେ ଧୀରେ ପ୍ରତିମା ଉପରେ ସ୍ଥାପନ କରିବ ଏବଂ ମନ୍ତ୍ର ଦ୍ୱାରା ଅଙ୍ଗନ୍ୟାସ କରି ମୋର ପୂଜା କରିବ । ପ୍ରତିମା ରୂପରେ ମୋତେ ଯେଉଁଠି ରଖାଯିବ, ତାହାହିଁ ମୋର ଆସନ । ଏହି ଆସନରେ ଧର୍ମଗୁଣ ଏବଂ ବିମଳା ଆଦି ଶକ୍ତିମାନଙ୍କୁ ଚିନ୍ତା କରିବ । ଅର୍ଥାତ୍ ଆସନର ଚାରିକୋଣରେ ଧର୍ମ, ଜ୍ଞାନ, ବୈରାଗ୍ୟ ଓ ଐଶ୍ୱର୍ଯ୍ୟର ଅଧିଷ୍ଠାନ । ଏଠି ଶକ୍ତିଙ୍କ ସଂଖ୍ୟା ନଅ ଯଥା: ବିମଳା, ଉତ୍କର୍ଷିଣୀ, ଜ୍ଞାନା, କ୍ରିୟା, ଯୋଗ, ପ୍ରହ୍ୱୀ, ସତ୍ୟା, ଈଶାନା ଓ ଅନୁଗ୍ରହା । ଏହି ଆସନ ଉପରେ ଏକ ଅଷ୍ଟଦଳ କମଳ । ଏହାର କର୍ଣ୍ଣିକା ଆଲୋକୋଜ୍ଜ୍ୱଳ କେଶର ଗୁଡ଼ିକ ହଳଦିଆ ।

ଆସନର ଭାବନା ପରେ ଖାଦ୍ୟ, ଆଚମନ ଓ ଅର୍ଘ୍ୟ ଆଦି ଉପଚାର । ତା'ପରେ ଭୋଗ ଓ ମୋକ୍ଷ ସିଦ୍ଧି ଲାଗି ବୈଦିକ ଓ ତାନ୍ତ୍ରିକ ବିଧିରେ ପୂଜା କରିବ । ସୁଦର୍ଶନ ଚକ୍ର, ପାଞ୍ଚଜନ୍ୟ ଶଙ୍ଖ, କୌମୋଦକୀ ଗଦା, ଖଡ୍ଗ, ବାଣ, ଧନୁ, ହଳ, ମୂଷଳ ଇତ୍ୟାଦି ଆଠ ଆୟୁଧ ଏବଂ କୌସ୍ତୁଭମଣି, ବୈଜୟନ୍ତୀମାଳା ଓ ଶ୍ରୀବତ୍ସ ଚିହ୍ନକୁ ବକ୍ଷସ୍ଥଳ ବା ଯଥା ସ୍ଥାନରେ ଭାବନା ଦ୍ୱାରା ସ୍ଥାପନ ପୂର୍ବକ ପୂଜା କରିବ ।

ଉଦ୍ଧବ ପ୍ରଶ୍ନ କଲେ, କେଉଁ ମନ୍ତ୍ରରେ ହବନ କରାଯିବ ? ଭଗବାନ କହିଲେ, ନିଜ ଇଷ୍ଟ ମନ୍ତ୍ରରେ କିମ୍ବା 'ଓଁ ନମୋ ନାରାୟଣାୟ' – ଏହି ଅଷ୍ଟାକ୍ଷର ମନ୍ତ୍ରରେ ତଥା ପୁରୁଷ ସୂକ୍ତର ଷୋଡ଼ଶ ମନ୍ତ୍ରରେ ହବନ କରାଯିବ ।

ଯଦି ମୂର୍ତ୍ତି ବିସର୍ଜନ କର, ତାହାହେଲେ ଏପରି ଭାବନା କରିବା ଉଚିତ ଯେପରିକି ପ୍ରତିମାରୁ ଏକ ଦିବ୍ୟ ଜ୍ୟୋତି ପ୍ରକାଶିତ ହୋଇ ମୋ ହୃଦୟସ୍ଥ ଜ୍ୟୋତିରେ ଲୀନ ହୋଇଗଲା । ହେ ଉଦ୍ଧବ ! ପ୍ରତିମାର ପ୍ରାଣପ୍ରତିଷ୍ଠା କରି ଶ୍ରଦ୍ଧାର ସହିତ ପୂଜା ଅର୍ଚ୍ଚନା କରିବା ଉଚିତ । ଯିଏ ଯେଉଁଠି ଯେଉଁ ପ୍ରକାରରେ ପୂଜା କରୁନା କାହିଁକି ଭକ୍ତି ଶ୍ରଦ୍ଧାର ସହିତ କରାଯିବା ଉଚିତ । ଭକ୍ତ ଅନୁଭବ କରିବା ଉଚିତ ମୁଁ ହେଉଚି ସର୍ବାତ୍ମା ଏବଂ ସବୁପ୍ରାଣୀଙ୍କ ହୃଦୟନିବାସୀ । ଯଦି ଶକ୍ତି, ସାମର୍ଥ୍ୟ ହୁଏ ତ ଉପାସକ ସୁନ୍ଦର ସୁଦୃଢ଼ ମନ୍ଦିର ନିର୍ମାଣ କରି ସେଠି ମୋ ପ୍ରତିମା ସ୍ଥାପନ କରିପାରେ । ବଡ଼ ବଡ଼ ଉତ୍ସବର ବ୍ୟବସ୍ଥା କରିପାରେ । ସୁନ୍ଦର ସୁନ୍ଦର ଫୁଲ ବଗିଚା କରିପାରେ । ପ୍ରତିଦିନ ପୂଜା ଲାଗି ସମ୍ବଳ ଦରକାର । ଏଥିଲାଗି ଦୀର୍ଘସ୍ଥାୟୀ ଖେତବାଡ଼ି, ଅର୍ଥାଦିର ବ୍ୟବସ୍ଥା କରିପାର । ଯିଏ ନିଷ୍କାମ ଭାବରେ ମୋର ପୂଜା କରେ, ସ୍ତୁତି କରେ, ସେ ହୁଏ ଭକ୍ତିଯୋଗୀ । ଭକ୍ତି ହିଁ ମୁକ୍ତିର ଦ୍ୱାର ।

(କ୍ରିୟା ଯୋଗକୁ ବୈଜ୍ଞାନିକ ଯୋଗକୌଶଳ କୁହାଯାଇପାରେ । ଯେକୌଣସି ବ୍ୟକ୍ତି (ଜାତି ଧର୍ମ ନିର୍ବିଶେଷରେ) ଏହି ଯୋଗକୌଶଳ ସାଧନ କଲେ, ସେ ସ୍ଥୂଳ ଶରୀରରେ ବଳରାମଙ୍କୁ, ସୂକ୍ଷ୍ମ ଶରୀରରେ ସୁଭଦ୍ରାଙ୍କୁ ଓ କାରଣ ଶରୀରରେ ନିର୍ଗୁଣ ଦାରୁବ୍ରହ୍ମଙ୍କୁ ଉପଲବ୍ଧି କରିପାରେ ଏବଂ ମାନବ ଜନ୍ମକୁ ସାର୍ଥକ କରିପାରେ । ସାଧନା ଦ୍ୱାରା ମନୁଷ୍ୟ ମନରୁ ଜୀବଭାବ ଚାଲିଗଲେ ଈଶ୍ୱର ଭାବ ପ୍ରକାଶିତ ହୁଏ । ମନୁଷ୍ୟ ଭାବାତୀତ, ତ୍ରିଗୁଣାତୀତ ଅବସ୍ଥାକୁ ଗଲେ ପୁରୁଷୋତ୍ତମ ଅବସ୍ଥା ଉପଲବ୍ଧି କରିପାରେ । କ୍ରିୟାଯୋଗ ସାଧନାଦ୍ୱାରା ଶରୀର, ମନ ଓ ଆତ୍ମାର ଏକକାଳୀନ ଉତ୍‌ଥାନ ହୋଇଥାଏ । ମନୁଷ୍ୟ ଶରୀରରେ ୧୯ ପ୍ରକାରର ଆଲୋକ ଥାଏ । ସେହି ଆଲୋକଗୁଡ଼ିକର ସମନ୍ୱୟ ହେଉଚି ଆତ୍ମା । ପୃଥିବୀରେ ବାରମାସ ପରି ମଣିଷର ମେରୁଦଣ୍ଡ ମଧ୍ୟରେ ଦ୍ୱାଦଶ ରାଶି ଓ ବାରମାସ ରହିଛି । ପୃଥିବୀ ସୂର୍ଯ୍ୟର ଚାରିପାଖରେ ଥରେ ଘୂରି ଆସିଲେ, ଯେପରି ପରିବର୍ତ୍ତନ ଓ ବିକାଶ ଲକ୍ଷ୍ୟ କରାଯାଏ, ସେହିଭଳି ଏହି ପରିବର୍ତ୍ତନ ଦେଇ ସମଗ୍ର ଜୀବଜଗତ ମଧ୍ୟରେ ବିବର୍ତ୍ତନ ଓ ଉତ୍‌ଥାନ ସ୍ୱାଭାବିକ ଭାବରେ ହୁଏ, କାରଣ ଏହି ବର୍ଷକ ମଧ୍ୟରେ ପ୍ରତ୍ୟେକ ଜୀବ ଭିତରେ ଥିବା ଜୀବଶକ୍ତି ଥରେ ଆତ୍ମସୂର୍ଯ୍ୟ ଚାରିପଟେ ଘୂରି ଆସେ । କ୍ରିୟାଯୋଗ ଦ୍ୱାରା ମନୁଷ୍ୟ ବୁଝିପାରେ ଯେ ଶରୀର ହେଉଛି ଭଗବାନଙ୍କ ମନ୍ଦିର ।

●

## ॥ ୧୫୭ ॥

# ଅକୁଣ୍ଠିତ ବୈକୁଣ୍ଠ

ଉଦ୍ଧବ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ପ୍ରସଙ୍ଗରେ ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରଶ୍ନ ଯେପରି ଜ୍ଞାନଗର୍ଭକ, ଉତ୍ତର ସେହିପରି ଯୁକ୍ତିଯୁକ୍ତ ଏବଂ ଜ୍ଞାନଉନ୍ମେଷକ । ଚରମ ଜ୍ଞାନ ହେଉଛି ଆତ୍ମୋପଲବ୍ଧି । ନିଜକୁ ନିଜେ ଜାଣିବା ।

ଭଗବାନ୍ ଶ୍ରୀକୃଷ୍ଣ କହିଲେ – ହେ ଉଦ୍ଧବ ! ବ୍ୟବହାର ଦ୍ୱାରା ପୁରୁଷ ଓ ପ୍ରକୃତି, ଦ୍ରଷ୍ଟା ଓ ଦୃଶ୍ୟ ଦୁଇ ପ୍ରକାରର ମନେ ହୋଇଥାଏ । କିନ୍ତୁ ପରମାର୍ଥ ଦୃଷ୍ଟିରୁ ଏ ସବୁ ଏକଅଧିଷ୍ଠାନ ସ୍ୱରୂପ । ସ୍ୱଭାବ ଅନୁସାରେ କିଏ ଶାନ୍ତ, କିଏ ମୂଢ଼ ବା କିଏ ନିର୍ମମ, ନିଷ୍ଠୁର ଜଣାପଡ଼ିଥାଏ । ଏହି ସ୍ୱଭାବ ହିଁ ମଣିଷକୁ କର୍ମ ଲାଗି ପ୍ରେରଣା ଦିଏ । ଏହି

କର୍ମର ସ୍ତୁତି କିମ୍ବା ନିନ୍ଦା କରିବା ଅନୁଚିତ । ଯିଏ ନିନ୍ଦା କିମ୍ବା ପ୍ରଶଂସା କରିଥାଏ, ସିଏ ପରମାର୍ଥ ସାଧନରୁ ବି ଚ୍ୟୁତ ହୋଇ ପଡ଼ିଥାଏ । ତେଣୁ ସର୍ବଦା ଅଦ୍ୱୈତ ଦୃଷ୍ଟି ରଖିବା ଉଚିତ ।

ହେ ଉଧୋ ! ସବୁ ଇନ୍ଦ୍ରିୟର କାର୍ଯ୍ୟ ରାଜସ ଅହଙ୍କାରରୁ । ଜୀବ ଶୋଇପଡ଼ିଲେ ଚେତନାଶୂନ୍ୟ ହୋଇପଡ଼େ । ବାହାର ଶରୀରର ସ୍ମୃତି ଲୋପ ପାଏ । ସେତେବେଳେ ମନ ତିଷ୍ଠି ରହିଥିବା ଯୋଗୁଁ ସେ ସ୍ୱପ୍ନ ଦେଖେ । ବହୁ ଅଳିକ ଘଟଣାର ଦୃଶ୍ୟ ତା'ର ଅବଚେତନ ମନପରଦାରେ ଝଲ୍‌ସିଉଠେ । ସ୍ୱପ୍ନ ମଧ୍ୟ କ୍ରମଶଃ ବି ଲୀନ ହୋଇଥାଏ । ଜୀବ ମୃତ୍ୟୁ ତୁଲ୍ୟ ଗାଢ଼ନିଦ୍ରା ଅର୍ଥାତ୍ ସୁଷୁପ୍ତିରେ ଲୀନ ହୁଏ । ସେହିଭଳି ଜୀବ ନିଜର ଅଦ୍ୱିତୀୟ ଆତ୍ମା ସ୍ୱରୂପକୁ ଭୁଲି ନାନା ବସ୍ତୁକୁ ଦର୍ଶନ କରିବାରେ ଲାଗେ । ସେ ସେତେବେଳେ ସ୍ୱପ୍ନ ଭଳି ମିଥ୍ୟା ଦୃଶ୍ୟ ଭିତରେ ଫଶିଯାଏ ଅଥବା ମୃତ୍ୟୁ ଭଳି ଅଜ୍ଞାନରେ ଲୀନ ହୋଇଯାଏ । ଯେତେବେଳେ ଦ୍ୱୈତ ବୋଲି କିଛି ନାହିଁ, ସେତେବେଳେ ଅମୁକ ଭଲ, ଅମୁକ ଖରାପ– ଏ ପ୍ରଶ୍ନ ଉଠି ନପାରେ । ଛାୟା, ପ୍ରତିଧ୍ୱନି ଆଦି ମିଥ୍ୟା ହେଲେ ମଧ୍ୟ ଏହା ଦ୍ୱାରା ମଣିଷ ମନରେ ଭୟ ଓ କମ୍ପନ ସୃଷ୍ଟି ହୋଇଥାଏ । ସେହିଭଳି ଦେହାଦି ସବୁ ବସ୍ତୁ ସର୍ବଥା ମିଥ୍ୟା କିନ୍ତୁ ଯେ ପର୍ଯ୍ୟନ୍ତ ଜ୍ଞାନ ଦ୍ୱାରା ଏସବୁ ଅସତ୍ୟ ବୋଧ ନ ହୋଇଛି, ସେ ପର୍ଯ୍ୟନ୍ତ ଏହା ଅଜ୍ଞାନୀମାନଙ୍କୁ ଭୟଭୀତ କରାଇଥାଏ । ଯାହା କିଛି ପ୍ରତ୍ୟକ୍ଷ ବା ପରୋକ୍ଷ ବସ୍ତୁ ରହିଛି ସବୁ ହେଉଛି ଆତ୍ମା । ଏହି ଆତ୍ମା ହିଁ ବିଶ୍ୱ ହୋଇ ବିଶ୍ୱକୁ ସୃଷ୍ଟି କରିଥାଏ । ଇଏ ରକ୍ଷକ । ରକ୍ଷିତ ମଧ୍ୟ । ସର୍ବାତ୍ମା ଭଗବାନ୍ ସଂହାରକ ଓ ସଂରକ୍ଷକ । ବ୍ୟବହାର ଦୃଷ୍ଟିରୁ ଆତ୍ମା ଏହି ବିଶ୍ୱଠାରୁ ଭିନ୍ନ, କିନ୍ତୁ ଆତ୍ମା ଦୃଷ୍ଟିରୁ ଦେଖିଲେ, ଏହା ବ୍ୟତୀତ ଆଉ କୌଣସି ବସ୍ତୁ ନାହିଁ । ଏହି ରହସ୍ୟ ଭେଦ କରି ଯିଏ ଆତ୍ମାସ୍ୱରୂପ ମତେ ଜାଣେ, ସିଏ କାହାକୁ ପ୍ରଶଂସା କରେ ନାହିଁ କିମ୍ବା ନିନ୍ଦା କରେ ନାହିଁ । ପ୍ରତ୍ୟକ୍ଷ, ଅପ୍ରତ୍ୟକ୍ଷ, ଅନୁମାନ, ଆତ୍ମାନୁଭୂତି ଆଦି ସବୁ ପ୍ରମାଣରୁ ଏକଥା ସିଦ୍ଧ ଯେ ଏ ଜଗତର ଉତ୍ପତ୍ତି ବିନାଶଶୀଳ ହେଉଥିବାରୁ ଅନିତ୍ୟ ଓ ଅସତ୍ୟ । ଏକଥା ଜାଣି ତୁମେ ଅସଂଗ ବା ଅନାସକ୍ତ ଭାବରେ ବିବେଚନା କରିବା ଉଚିତ ।

ଉଦ୍ଧବ ପ୍ରଶ୍ନ କଲେ – ଏ ଜନ୍ମ ମୃତ୍ୟୁ ରୂପ ସଂସାର କ'ଣ ଓ କାହିଁକି ?

ଭଗବାନ୍ ଶ୍ରୀକୃଷ୍ଣ କହିଲେ– ସ୍ୱପ୍ନରେ ବହୁ ବିପତ୍ତି ଆସିଥାଏ । କିନ୍ତୁ ବାସ୍ତବରେ ସେ ସବୁ କିଛି ନୁହେଁ । ତଥାପି ଭ୍ରମ ଦୂର ନ ହେବା ଯାଏଁ, ଏ ସବୁର ଅସ୍ତିତ୍ୱ ରହିଥାଏ । ସେହିଭଳି ସଂସାରର ଅସ୍ତିତ୍ୱ ନାହିଁ ତଥାପି ଯେ ପର୍ଯ୍ୟନ୍ତ ଦେହ, ଇନ୍ଦ୍ରିୟ ଓ ପ୍ରାଣ ଆଦିର ଭ୍ରାନ୍ତି ରହିଛି, ସେ ପର୍ଯ୍ୟନ୍ତ ଜନ୍ମମୃତ୍ୟୁ ରୂପକ ସଂସାରର ନିବୃତ୍ତି ହୋଇ ନଥାଏ । ଅହଙ୍କାର

ହିଁ ଶୋକ, ହର୍ଷ, ଭୟ, କ୍ରୋଧ, ଲୋଭ, ମୋହ, ସ୍ପୃହା ଆଉ ଜନ୍ମମୃତ୍ୟୁର ଶିକାର କରାଇ ଥାଏ । ଆତ୍ମା ସହିତ ଏହାର କୌଣସି ସମ୍ବନ୍ଧ ନାହିଁ । ମନନଶୀଳ ପୁରୁଷ ଉପାସନାର ଶିଖର ଉପରେ ଚଢ଼ି ଜ୍ଞାନରୂପକ ତରବାରୀରେ ଦେହାଭିମାନ ତଥା ଅହଙ୍କାରର ମୂଳଚ୍ଛେଦ କରିଥାଏ । ସେତେବେଳେ ସେ ପୃଥିବୀରେ ନିର୍ଦ୍ୱନ୍ଦ୍ୱରେ ବିଚରଣ କରିଥାଏ । ତା ମନରେ ଆଉ କୌଣସି ବିଷୟ ଚିନ୍ତା କିମ୍ବା ଆଶା, ଅଭିଳାଷ ରହି ନଥାଏ । ଆତ୍ମା ଓ ଅନାତ୍ମା ସ୍ୱରୂପକୁ ପୃଥକ୍ ପୃଥକ୍ ଭଲ ଭାବରେ ବୁଝିପାରିବା ହିଁ 'ଜ୍ଞାନ' । କାରଣ ବିବେକ ହେବାମାତ୍ରେ 'ଦ୍ୱୈତ'ର ଅସ୍ତିତ୍ୱ ମିଟିଯାଏ । ଏହାର ସାଧନା ହେଉଛି ତପସ୍ୟା ଦ୍ୱାରା ହୃଦୟକୁ ଶୁଦ୍ଧ କରି ବେଦାଧ୍ୟୟନ ଓ ଶ୍ରବଣ କରିବା । ସାର କଥା ହେଉଛି ଏ ସଂସାରର ମୂଳରେ ଯାହା ଥିଲା, ଶେଷରେ ଯାହା ରହିବ, ଯାହା ଏହାର ମୂଳ କାରଣ ଓ ପ୍ରକାଶକ, ତାହା ହେଉଛି ଅଦ୍ୱିତୀୟ ଉପାଧିରହିତ ପରମାତ୍ମା । ସୁନାରେ ଚୂଡ଼ି, କୁଣ୍ଡଳ, କଙ୍କଣ, ଅଳଙ୍କାର ତିଆରି ହୋଇଥାଏ । କିନ୍ତୁ ଯେତେବେଳେ ଏସବୁ ତିଆରି ହୋଇ ନଥିଲା, ସେତେବେଳେ ଏହା ସୁନା ଥିଲା, ପରେ ମଧ୍ୟ ସୁନା ହୋଇ ରହିଛି ଓ ରହିବ । ଠିକ୍ ସେହିଭଳି ଜଗତର ଆଦି, ଅନ୍ତ ଓ ମଧ୍ୟରେ ମୁଁ ରହିଥିଲି, ରହିଛି, ରହିବି । ଏହା ନିରାଟ ସତ୍ୟ ଯେ ଯେଉଁ ପଦାର୍ଥ ଯେଉଁଥିରେ ନିର୍ମିତ, ଯାହା ଦ୍ୱାରା ପ୍ରକାଶିତ, ଏହା ତା'ର ବାସ୍ତବିକ ସ୍ୱରୂପ, ଏହା ତା'ର ପରମାର୍ଥ ସତ୍ତା । ଏହା ସ୍ୱୟଂପ୍ରକାଶ ବ୍ରହ୍ମ । ବ୍ରହ୍ମ ବିଚାରର ସାଧନ ହେଉଛି ଶ୍ରବଣ, ମନନ, ନିଦିଧ୍ୟାସନ ଓ ନିଜର ଅନୁଭୂତି । ଆତ୍ମଜ୍ଞାନୀ ଗୁରୁଦେବଙ୍କ ସାହାଯ୍ୟରେ ବିଚାରପୂର୍ବକ ଦେହାଦି ଅନାତ୍ମପଦାର୍ଥଗୁଡ଼ିକୁ ନିଷିଦ୍ଧ କରିବା ଉଚିତ । ନେତି, ନେତି ଏହା ନୁହଁ, ଏହା ନୁହଁ— (ପ୍ରସେସ ଅଫ ଏଲିମିନେସନ) ଏହି ପ୍ରଣାଳୀ ଦ୍ୱାରା ଆତ୍ମବିଷୟକ ସନ୍ଦେହଗୁଡ଼ିକୁ ଛିନ୍ନଭିନ୍ନ କରି ନିଜର ଆନନ୍ଦସ୍ୱରୂପ ଆତ୍ମାରେ ମଗ୍ନ ହେବା ଉଚିତ ।

ଉଦ୍ଧବ ଏ ପର୍ଯ୍ୟନ୍ତ 'ତଥାପି', 'ତଥାପି'ରେ ଥିଲେ । ଶ୍ରୀକୃଷ୍ଣ ତାଙ୍କର ମେଘାଚ୍ଛନ୍ନ ମନକୁ ଆକାଶ ସହିତ ତୁଳନା କରି କହିଲେ, ଅନ୍ତର ବାହାର ସବୁ ଗୁଣମୟ । ଆତ୍ମା ସହିତ ଏହାର କୌଣସି ସମ୍ପର୍କ ନାହିଁ । ବାୟୁ ଆକାଶକୁ ଶୁଖେଇ ଦେଇ ନପାରେ, ଅଗ୍ନି ଜଳେଇ ନପାରେ, ଜଳ ଓଦା କରି ଦେଇ ନପାରେ । ଧୂଳି ପଟଳ ଏହାକୁ ମଇଳା କରି ଦେଇ ନପାରେ । ଋତୁ ଏହାକୁ ପ୍ରଭାବିତ କରି ନପାରେ, କାରଣ ଏସବୁ ଭସାମେଘ ଭଳି ଯିବେ, ଆସିବେ ଯିବେ । କ୍ଷଣସ୍ଥାୟୀ । ଆକାଶ ଏସବୁର ଅଧିଷ୍ଠାନ ହେଲେ ମଧ୍ୟ ନିର୍ଲିପ୍ତ । ସେହିଭଳି ଅବିନାଶ ଆତ୍ମାକୁ ସତ୍ତ୍ୱ, ରଜଃ, ତମଃ, ଆଦି ଗୁଣଜାତ ବୃତ୍ତି ଆଦି ସ୍ପର୍ଶ କରି ନପାରେ । କେବଳ ଭକ୍ତିଯୋଗ ଦ୍ୱାରା ମନର ମୁନ୍‌କୁ ନିର୍ମୂଳ କରାଯାଇପାରେ ।

ଶ୍ରୀକୃଷ୍ଣ କହିଲେ, ହେ ଉଦ୍ଧବ ! ଭଲ ଭାବରେ ଚିକିତ୍ସା ନକଲେ, ଯେପରି ରୋଗୀ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ନଥାଏ, ରୋଗ ଗୁଡ଼େଇ ତୁଡ଼େଇ ରୋଗୀକୁ ଯନ୍ତ୍ରଣା ଦେଇଥାଏ, ସେହିଭଳି ଯାହାର ମନର ବାସନା ଓ କର୍ମର ସଂସ୍କାର ତୁଟି ନଥାଏ; ଯିଏ ସ୍ତ୍ରୀ ପୁତ୍ର ଆଦି ପ୍ରତି ଆସକ୍ତ, ସେ ଶତସାଧନା, ତପସ୍ୟା କଲେ ମଧ୍ୟ ଅଧାଯୋଗୀ ହୋଇ ରହିଥାଏ । ତାକୁ ଯୋଗଭ୍ରଷ୍ଟ କୁହାଯାଏ । କିନ୍ତୁ ଯୋଗୀ ମାର୍ଗଚ୍ୟୁତ ହେଲେ ମଧ୍ୟ ପୂର୍ବାଭ୍ୟାସ ଯୋଗୁଁ ପୁଣି ଯୋଗାଭ୍ୟାସ କରି କର୍ମ ବନ୍ଧନରୁ ମୁକ୍ତ ହୋଇପାରେ । ଯାହାର ଆତ୍ମତତ୍ତ୍ୱ ସହିତ ସାକ୍ଷାତ୍‌କାର ହୋଇଯାଏ, ସେ ସଂସ୍କାର ଅନୁସାରେ କର୍ମତତ୍ପର ଥିଲେ ମଧ୍ୟ ଇଷ୍ଟ-ଅନିଷ୍ଟ ବିବେକ ହେତୁ ସେ ସୁଖଦୁଃଖ ହର୍ଷବିଷାଦାଦି ବିକାର ସହିତ ଯୁକ୍ତ ହୁଏ ନାହିଁ । ଯାହାର ଆତ୍ମାସ୍ୱରୂପ ପରିଚୟ ହୋଇଯାଏ, ତା' ଦେହ ଠିଆ ହୋଇଛି କି ବସିଛି, ଚାଲୁଛି କି ଶୋଇଛି, ଏ ସବୁର ଅନୁଭବ ହୁଏ ନାହିଁ; କାରଣ ତା'ର ସମସ୍ତ ବୃତ୍ତି ପ୍ରବୃତ୍ତି ବ୍ରହ୍ମାକାର ହୋଇପଡ଼େ । ଯେପରି ସୂର୍ଯ୍ୟୋଦୟ ହେଲେ ଅନ୍ଧକାରର ପରଦା ହଟିଯାଏ, ସେହିଭଳି ମୋ ସ୍ୱରୂପର ଦୃଢ଼ ଅପରୋକ୍ଷ ଜ୍ଞାନ ମନୁଷ୍ୟର ବୁଦ୍ଧିଗତ ଅଜ୍ଞାନର ଆବରଣକୁ ନଷ୍ଟ କରି ଦେଇଥାଏ । ଆତ୍ମା ନିତ୍ୟ, ଅପରୋକ୍ଷ । ଏହା ସ୍ୱୟଂ ପ୍ରକାଶ । ଏଥିରେ ଅଜ୍ଞାନ ଆଦି କୌଣସି ବିକାର ନଥାଏ । ତେଣୁ ଅପ୍ରମେୟ । ବହୁ ପଣ୍ଡିତ ଜ୍ଞାନାଭିମାନୀ ବ୍ୟକ୍ତି କହିଥାଆନ୍ତି, ଏହା 'ପଞ୍ଚଭୌତିକ' 'ଦ୍ୱୈତ' ଆଜି ବିଭିନ୍ନ ନାମ ଓ ରୂପରେ ଇନ୍ଦ୍ରିୟ ଦ୍ୱାରା ଗ୍ରହଣ କରାଯାଇଥାଏ, ସେଥିଯୋଗୁଁ ସତ୍ୟ । ଏପରି କହିବା ନିରର୍ଥକ । ବାଣୀର ଆଡ଼ମ୍ବର ମାତ୍ର, କାରଣ ତତ୍ତ୍ୱତଃ ଇନ୍ଦ୍ରିୟଗୁଡ଼ିକର ପୃଥକ୍ ସତ୍ତା ସିଦ୍ଧ ହୋଇ ନଥାଏ । ତେଣୁ କାହାକୁ କିଏ ପ୍ରମାଣିତ କରିପାରିବ ?

ଉଦ୍ଧବ ପ୍ରଶ୍ନ କଲେ, ଆତ୍ମସାକ୍ଷାତ୍‌କାର କିମ୍ବା ବ୍ରହ୍ମଲୀନ ହେବାର ସହଜ ଉପାୟ କ'ଣ ? ଭଗବାନ୍ କହିଲେ, ମୋ ଭକ୍ତଙ୍କ ମଧ୍ୟରେ ତୁମ ପ୍ରଶ୍ନ ଅନୁସାରେ ଏକ ସହଜିଆ ସଂପ୍ରଦାୟ ମଧ୍ୟ ରହିଥାଆନ୍ତି । ଏମାନଙ୍କ ମଧ୍ୟରୁ କେତେକ ବହୁ କଠିନ ସାଧନା କରି ମତେ ନପାଇ ହତାଶ ହୋଇ ଯିବାରେ ମୁଁ ସେମାନଙ୍କ ହୃଦୟ କନ୍ଦରରେ ପ୍ରବେଶ କରି କହେ, ଆରେ ବାପ ! ଆଉ କିଛି କର ନାହିଁ, ମୋତେ ସ୍ମରଣ କର, ମୋ ନାମ ସଂକୀର୍ତ୍ତନ କର । ତାହାହେଲେ କାମ କ୍ରୋଧ ଆଦି ବିଘ୍ନକୁ ଅତିକ୍ରମ କରିପାରିବ । ଯେଉଁ ସାଧକ, ମୋ ଆଶ୍ରୟ ନେଇ, ମୁଁ ଯାହାସବୁ କହିଲି, ସେଥିରୁ ଯେ କୌଣସି ଏକ ବାଟ ଧରିଥାଏ ଯଥା– ଯୋଗ, ତପସ୍ୟା, ଦାନ, ଧର୍ମ, ତ୍ୟାଗ, ତିତିକ୍ଷା ଦ୍ୱାରା ନିଜକୁ ସିଦ୍ଧ ଶୁଦ୍ଧ ରଖିପାରେ, ତା'ର ସମସ୍ତ କାମନା ନଷ୍ଟ ହୋଇଯାଏ । ସେ ଆତ୍ମାନନ୍ଦରେ ମଗ୍ନ ହୋଇପଡ଼େ ।

●

॥ ୧୫୮ ॥

# ହେ ମାୟାଧର ! ତୁମକୁ ମୋର ନମସ୍କାର!

ଯାହାର ଆତ୍ମୋପଲବ୍ଧି ହୋଇ ନଥାଏ, ସେ ପ୍ରଶ୍ନ କରିବା ସ୍ୱାଭାବିକ ଯେ ''ଏକବ୍ରହ୍ମ ଦ୍ୱିତୀୟ ନାସ୍ତି''– ଏତିକି କହିଦେଲେ ତ ସବୁ କହିବା ସରିଗଲା ; ସେହି ସେହି କଥାକୁ ଶାସ୍ତ୍ର ପୁରାଣମାନଙ୍କରେ ଦୋହରା ଯାଇଛି କାହିଁକି ? ପୁନରାବୃତ୍ତି ଫଳରେ ଆନନ୍ଦ-ଆଖିରେ ପରଳ ପଡ଼ିବା ସାର ହେଉଛି । ଉଦ୍ଧବ ମହାଶୟ ମଧ୍ୟ ସେହି ସେହି କଥା ପଚାରୁଛନ୍ତି, ଭଗବାନ୍ ଶ୍ରୀକୃଷ୍ଣ ମଧ୍ୟ ସେହି ଆତ୍ମା, ଅନାତ୍ମା କଥା ହିଁ ବାରମ୍ବାର କହି ଚାଲିଛନ୍ତି । ଏହାର ଉତ୍ତରରେ ଏତିକି ମାତ୍ର କୁହାଯାଇପାରେ ଯେ, ଜପ, ତପ, ନାମ ସ୍ମରଣ, କୀର୍ତ୍ତନ ମଧ୍ୟ ସେହି ପୁନରାବୃତ୍ତି । ମଣିଷର ଜୀବନ-ଚକ୍ରର ଗତିରେ ମଧ୍ୟ ସେହି ପୁନରାବୃତ୍ତିର ପରିଣତି । ପ୍ରଳୟ ପରେ ସୃଷ୍ଟି, ସୃଷ୍ଟି ପରେ ପ୍ରଳୟ । ଏହି କ୍ରମ ଲାଗି ରହିଛି । ପୁନରାବୃତ୍ତିରେ ବିରକ୍ତି ନଥାଏ । ଚାଷୀ ଜମି ଚଷେ, ବିହନ ବୁଣେ, ବିହନ ଗଜା ହୁଏ, ଗଛ ହୁଏ, ଫଳ ଧରେ । ଫଳ ଅମଳ ହୁଏ । ବର୍ଷ ପରେ ବର୍ଷ ଏହିପରି ଚାଲେ । ଇଏ ବି ଏକ ପୁନରାବୃତ୍ତି । କିନ୍ତୁ ଏହି ପୁନରାବୃତ୍ତିରେ କ୍ଳାନ୍ତି ନଥାଏ । ଥାଏ ଆନନ୍ଦ, ସନ୍ତୋଷ ।

ଉଦ୍ଧବ ଭଗବାନଙ୍କଠାରୁ ପ୍ରଶ୍ନ ଛଳରେ ସବୁ ଆଦାୟ କରିବା ପାଇଁ ଚାହିଁଛନ୍ତି । ସଫଳ ମଧ୍ୟ ହୋଇଛନ୍ତି । ଉଦ୍ଧବଙ୍କ ଶେଷ ପ୍ରଶ୍ନ – ଆପଣ ଜାଣନ୍ତି, ଅନେକ ଯୋଗୀ ବାରମ୍ବାର ଚେଷ୍ଟା କଲେ ମଧ୍ୟ ସଫଳ ନ ହେବାରେ ପରାଜୟ ସ୍ୱୀକାର କରିଛନ୍ତି । ନିଜ ମନକୁ ବଶୀଭୂତ କରି ପାରି ନାହାନ୍ତି । ମନକୁ ବଶ କରିବାର ଆଉ କ'ଣ ସରଳ ଉପାୟ ଅଛି କି, ଯାହାଦ୍ୱାରା ଅନାୟାସରେ ପରମପଦ ଲାଭ ହୋଇପାରେ !

ଇଏ ଭାଗବତର କଥା ଅର୍ଥାତ୍ ଭଗବତ୍ କଥା । ଶୁକମୁନି ମରଣାସନ୍ନ ରାଜା ପରୀକ୍ଷିତକୁ କହିଲେ, ଭଗବାନ୍ ଶ୍ରୀକୃଷ୍ଣ ବ୍ରହ୍ମାଦି ଈଶ୍ୱରଙ୍କ ଈଶ୍ୱର । ସେ ସତ୍ତ୍ୱ, ରଜ, ତମ ଓ ଗୁଣ ଦ୍ୱାରା ବ୍ରହ୍ମା, ବିଷ୍ଣୁ, ରୁଦ୍ରଙ୍କ ରୂପ ଧାରଣ କରି ଜଗତର ଉତ୍ପତ୍ତି ସ୍ଥିତି ଆଦିର ଖେଳ ଖେଳି ଥାଆନ୍ତି । ଉଦ୍ଧବ ଯେତେବେଳେ ସ୍ନେହ ଶ୍ରଦ୍ଧାରେ ଏହି ପ୍ରଶ୍ନ କଲେ, ଭଗବାନ୍ ଟିକିଏ ହସିଦେଲେ । ପ୍ରେମରେ ଉଦ୍ଧବଙ୍କ କାନ୍ଧରେ ହାତ ପକାଇ କହିଲେ, ଭଗବତ ଧର୍ମ ଆଚରଣ ହିଁ ସବୁଠାରୁ ସରଳ ଉପାୟ । ଯିଏ ଶ୍ରଦ୍ଧା ପୂର୍ବକ ଆଚରଣ କରେ, ସେ ସଂସାର ରୂପକ ଦୁର୍ଜ୍ଜୟ ମୃତ୍ୟୁକୁ ଅନାୟସରେ ଜୟ କରିପାରେ । ଦେବତା କିମ୍ବା ମନୁଷ୍ୟ ହେଉ, ଯିଏ ମୋ ଭକ୍ତ, ତା'ର ଆଚରଣକୁ ଅନୁସରଣ କରିବା ଉଚିତ ।

ପ୍ରଶ୍ନ କରିପାର ଭକ୍ତ କିଏ ? ଯିଏ ସମସ୍ତ କର୍ମ ମୋ ଲାଗି କରିଥାଏ, ଧୀରେ ଧୀରେ ତା ମନ ମୋ'ଠି ସମର୍ପିତ ହୋଇ ଯାଇଥାଏ । ସେ ସମସ୍ତ ପ୍ରାଣୀ ଓ ପଦାର୍ଥରେ କେବଳ ମତେ ହିଁ ଦର୍ଶନ କରିଥାଏ । ଚୋର ଚାଣ୍ଡାଳ ସମସ୍ତଙ୍କୁ ସେ ସମାନ ଦୃଷ୍ଟିରେ ଦେଖିଥାଏ । ଏପରି ମନୁଷ୍ୟ ମୋର ପରମଭକ୍ତ ଓ ପରମ ଜ୍ଞାନୀ ।

ଭଗବାନ୍ କଥାଟିକୁ ଅଧିକ ପ୍ରାଞ୍ଜଳ କରିବା ଲାଗି କହିଲେ, ସାଧକ ସ୍ଥିତିପ୍ରଜ୍ଞ, ସମଦୃଷ୍ଟିବାନ୍ ହେବା ପରେ ତା' ମନରୁ ସ୍ପର୍ଦ୍ଧା, ଈର୍ଷା, ତିରସ୍କାର ତଥା ଅହଙ୍କାର ଆଦି ଦୋଷ ଦୂର ହୋଇଥାଏ । ଲୋକେ ମୋ ଆଚରଣକୁ ଲକ୍ଷ୍ୟ କରି ଯଦି ହସୁଛନ୍ତି ହସନ୍ତୁ, ସେଥିରେ ମୋର କ'ଣ ବା ଯାଏ ଆସେ– ଏ ଭାବ ଆସିଗଲେ ସେ ସମସ୍ତଙ୍କୁ ଦଣ୍ଡବତ ପ୍ରଣିପାତ କରିଥାଏ ।

ଭଗବାନ୍ କହିଲେ, ଗୋରୁଗାଈ ହେଉ ବା ଗଧ କି କୁକୁର ହେଉ ସେ ସମସ୍ତଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥାଏ । ମନ ବଚନ ଦ୍ୱାରା ସେ ମୋର ପୂଜା, ଉପାସନା କରିଥାଏ । ମୁଁ ବର୍ଣ୍ଣ, ଅବର୍ଣ୍ଣ, ଶୂଦ୍ର, ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ କିଛି ବୁଝେନା । ମୁଁ ଗୁଣକୁ ହିଁ ବୁଝେ । ଗୁଣାନୁସାରେ ହିଁ ବର୍ଣ୍ଣ ବିଭାଗ ।

ପ୍ରଶ୍ନ କରିପାର, ଚାରିବର୍ଣ୍ଣ ତ ଆପଣଙ୍କ ସୃଷ୍ଟି । ତାକୁ ଅସ୍ୱୀକାର କରି ପାରିବେ କି ?

ଭଗବାନ କହିଲେ, ଅର୍ଜୁନ ମଧ୍ୟ ଏପରି ପ୍ରଶ୍ନ କରିଥିଲେ । ମୁଁ ତାଙ୍କୁ କହିଥିଲି ''ଚାରୋଟି ବର୍ଣ୍ଣକୁ ମୁଁ ଗୁଣ କର୍ମ ଭେଦରେ ସୃଷ୍ଟି କରିଛି । ପ୍ରକୃତିର ଆଧାରରେ ଗୁଣର ମିଶ୍ରଣ ହୁଏ ଏବଂ ସେହି ଗୁଣ ଅନୁସାରେ କର୍ମର ନିୟମ କରାଯାଇଥାଏ । ଏ ଜଗତରେ ସବୁ ହେଉଛି ଏକ; ତେବେ ସ୍ୱଭାବତଃ ଗୁଣ ଓ କର୍ମର ଏପରି ବ୍ୟବସ୍ଥା କରାଯାଇଛି ଯେ, ସେଥିରେ ଏହାକୁ ଚାରୋଟି ବର୍ଣ୍ଣରେ ବିଭକ୍ତ କରିବାକୁ ପଡ଼ିଛି । ଗଭୀର ଭାବରେ ଅନୁଧ୍ୟାନ କଲେ ଜାଣି ପାରିବ ବର୍ଣ୍ଣଭେଦ ବ୍ୟବସ୍ଥାର କର୍ତ୍ତା ମୁଁ ନୁହଁ । ଏହି ଭେଦ ମୋ ହେତୁ ହିଁ ଉତ୍ପନ୍ନ ହୋଇଛି ବା ହେଉଛି ଅଥଚ ମୁଁ ଏଥିରେ ଲିପ୍ତ ନୁହଁ କି ମୁଁ ଏହା କରି ନାହିଁ । ଯିଏ ଏକଥା ବୁଝିପାରେ, ସେ କର୍ମରୁ ମୁକ୍ତ ହୁଏ । ଜ୍ଞାନୀ ମାତ୍ରେ ଜାଣନ୍ତି, ମୁଁ କର୍ମରେ କିମ୍ବା କର୍ମ ଫଳରେ ଲିପ୍ତ ନୁହଁ ।

ଜଳାଶୟ ନିକଟରେ ଠିଆ ହୋଇ ନିଜର ପ୍ରତିବିମ୍ବକୁ ଦେଖିଲେ ମଣିଷ ଜାଣିପାରେ ଯେ, ସେ ଏହି ପ୍ରତିବିମ୍ବ ଠାରୁ ପୃଥକ୍ । ଗତିଶୀଳ ଯାନର ଆରୋହୀ ତୀରସ୍ଥ ବୃକ୍ଷଗୁଡ଼ିକୁ ଧାଉଁଥିବା ଦେଖିଲେ ମଧ୍ୟ ଯିଏ ସତ୍ୟଦ୍ରଷ୍ଟା, ସେ ନିଶ୍ଚୟ କହିବ ଯେ ବୃକ୍ଷଗୁଡ଼ାକ ଅଚଳ । ସୂର୍ଯ୍ୟ ସ୍ଥିର ଥିଲେ ମଧ୍ୟ ଉଦୟ ଓ ଅସ୍ତବେଳେ ଗତିଶୀଳ ବୋଲି

କହିବା ସ୍ୱାଭାବିକ । ସେହିଭଳି ଯିଏ କର୍ମକରି ମଧ୍ୟ ନୈଷ୍କର୍ମ୍ୟ ତତ୍ତ୍ୱକୁ ଜାଣେ, ମନୁଷ୍ୟର ଦୋଷ ଗୁଣରେ ସେ ଲିପ୍ତ ହୁଏନା । ସେ ଜାଣେ ସୂର୍ଯ୍ୟର ବିମ୍ବ କେବେହେଲେ ଜଳରେ ବୁଡି ଯାଏନା । ଯିଏ ଆଖି ଖୋଲି ନ ଦେଖିଲେ ମଧ୍ୟ ଅନ୍ତଃଚକ୍ଷୁରେ ସମଗ୍ର ବିଶ୍ୱକୁ ଦେଖି ପାରୁଛି; କେହି କିଛି ତାକୁ ଭୋଗ ନୈବେଦ୍ୟ ନ ଦେଲେ ମଧ୍ୟ ସେ ସମସ୍ତ ଭୋଗ୍ୟ ବସ୍ତୁକୁ ଭୋଗ କରି ପାରୁଛି । ସେ ଗୋଟିଏ ସ୍ଥାନରେ ଥିଲେ ମଧ୍ୟ ସର୍ବତ୍ର ରହିଛି ।

ଭଗବାନ୍ ଅର୍ଜୁନଙ୍କ ଭଳି ଉଦ୍ଧବଙ୍କୁ କହିଲେ, ବେଦାନ୍ତ ଯାହାକୁ 'ଜ୍ଞାନ' ବୋଲି କହି ମହିମାକୀର୍ତ୍ତନ କରିଛି, ସଂସାରରେ ଯାହାର ସୁକୀର୍ତ୍ତି ପ୍ରତିଷ୍ଠିତ, ଯାହା ବୁଦ୍ଧିର ଉଦ୍‌ଭାସକ, ଯାହାର ଉଦୟମାତ୍ରେ ସର୍ବଦ୍ରଷ୍ଟାଙ୍କୁ ଦର୍ଶନ କରାଯାଏ, ସେହି ଆତ୍ମଜ୍ଞାନ ହିଁ ମୋର ଗୁପ୍ତ ସମ୍ପଦ । ଅର୍ଜୁନଙ୍କ ପାଖରେ ଗୁପ୍ତ ରଖି ପାରି ନଥିଲି, ତୁମ ପାଖରେ ମଧ୍ୟ ଗୁପ୍ତ ରଖି ପାରିଲି ନାହିଁ । ଦୟା ଓ ପ୍ରେମରେ ମୋ ହୃଦୟ ଏପରି ଉଛୁଳି ଉଠିଲା ଯେ, ମୁଁ ମୋ ଗୁପ୍ତ ଭଣ୍ଡାରକୁ ତୁମ ପାଖରେ ଏକାବେଳକେ ଖୋଲି ଦେଖାଇଦେଲି । ସ୍ନେହବଶରେ ମାଆ ଯେପରି ପିଲା ପାଖରେ ମନ ଖୋଲି କଥାବାର୍ତ୍ତା କରିଥାଏ, ସେହି ଆବେଗରେ ମୁଁ ତୁମକୁ ମନ ଖୋଲି ସବୁକଥା କହିଦେଲି ।

ଭଗବାନ୍ କହିଲେ, ଏହି ସନ୍ଦେଶ, ଏ ଦିବ୍ୟ ଉପଦେଶ ହେଉଛି ଆତ୍ମଜ୍ଞାନ, ବ୍ରହ୍ମଜ୍ଞାନ ବା ବ୍ରହ୍ମବିଦ୍ୟା ।

ଏ ପ୍ରକାରର ସର୍ବତ୍ର ଆତ୍ମବୁଦ୍ଧି ବା ବ୍ରହ୍ମବୁଦ୍ଧି ଲାଗି ଅଭ୍ୟାସ କରାଗଲେ, ଅଳ୍ପଦିନ ଭିତରେ ଜ୍ଞାନୋଦୟ ହୁଏ ଏବଂ ସବୁ କିଛି ବ୍ରହ୍ମସ୍ୱରୂପ ଦେଖାଯାଏ । ସଂଶୟ, ସନ୍ଦେହ ବୋଲି ତିଳେ ହେଲେ ରହେ ନାହିଁ । ଏହା ହିଁ ମୋର ଭାଗବତ ଧର୍ମ । ସର୍ବଶ୍ରେଷ୍ଠ ଉପାସନା । ଆଉ ବାଧାବିଘ୍ନ କିଛି ରହେ ନାହିଁ । ସାଧକ ହୃଦୟରୁ ସ୍ପର୍ଦ୍ଧା, ଈର୍ଷା, ତିରସ୍କାର, ଅହଙ୍କାର ଆଦି ଦୋଷ ଦୂର ହୋଇଥାଏ । ଏହି ଭାଗବତ ଧର୍ମ ବିବେକୀମାନଙ୍କ ବିବେକ, ଚତୁରମାନଙ୍କ ଚାତୁର୍ଯ୍ୟ ।

ଭଗବାନ୍ କହିଲେ, ପ୍ରିୟ ଉଦ୍ଧବ ! ମୁଁ ତୁମକୁ ସମ୍ପୂର୍ଣ୍ଣ ବ୍ରହ୍ମବିଦ୍ୟା ସଂକ୍ଷେପରେ କହିଲି । ତୁମେ ବିସ୍ତୃତ ଭାବରେ ବୁଝିବାକୁ ଚେଷ୍ଟା କର । ଚେଷ୍ଟା କର ବୋଲି କହିବାର ଉଦ୍ଦେଶ୍ୟ ହେଉଛି, ଏହାକୁ ବୁଝିବା ମନୁଷ୍ୟ ତ ଛାର, ଦେବତାମାନେ ମଧ୍ୟ ହୃଦୟଙ୍ଗମ କରିବା କଷ୍ଟକର । ଯିଏ ବୁଝିବ, ସେ ଆଉ ଭଡ଼ଭଡ଼ ହେବ ନାହିଁ । ନୀରବରେ ଏହି ତତ୍ତ୍ୱକୁ ଉପଭୋଗ କରିବ । ଆମ ତୁମ ଭିତରେ ଏ ଯେଉଁ ପ୍ରଶ୍ନୋତ୍ତର, ଏହାକୁ ଯିଏ ମନନ କରିବ ସେ ପରମ ରହସ୍ୟ ସନାତନ ପରବ୍ରହ୍ମଙ୍କୁ ପାଇ ପାରିବ । ଏ ପ୍ରଶ୍ନୋତ୍ତର ସ୍ୱୟଂ ପରମ ପବିତ୍ର- ତେଣୁ ଯିଏ ଶୁଣିବ, ତା' ହୃଦୟ ମଧ୍ୟ ପବିତ୍ର ହୋଇଯିବ । ଏତେ ସମୟ ଧରି ତ ଶୁଣିଲ, ତୁମ ଚିତ୍ତାକାଶରୁ ମୋହ ଓ ଶୋକର ଆବରଣ ଦୂର ହେଲା ତ ?

ଏହା ହିଁ ଥିଲା ଉତ୍ତରଦାତା ଶ୍ରୀକୃଷ୍ଣଙ୍କର ଉଦ୍ଧବଙ୍କୁ ପ୍ରଶ୍ନ ।

ଶୁକମୁନି ରାଜା ପରୀକ୍ଷିତଙ୍କୁ କହିଲେ, ଯୋଗମାର୍ଗ ସମ୍ପର୍କରେ ସ୍ୱୟଂ ଭଗବାନଙ୍କଠାରୁ ଉପଦେଶ ଶୁଣିବା ପରେ ଉଦ୍ଧବଙ୍କ ଚକ୍ଷୁଯୁଗଳ ଅଶ୍ରୁ ଛଳଛଳ ହୋଇ ପଡ଼ିଲା । ପ୍ରେମରେ ତାଙ୍କ ହୃଦୟ ଗଦ୍‌ଗଦ୍ ହୋଇ ଆସିଲା । କଣ୍ଠରୁଦ୍ଧ ହୋଇ ପଡ଼ିଲା । ସେ କେବଳ ହାତ ଯୋଡ଼ି ଠିଆ ହୋଇ ରହିଲେ । ଏତେ ପ୍ରଶ୍ନ କରୁଥିଲେ, ଏବେ ତୁଣ୍ଡରୁ ପଦେ ହେଲେ କଥା ବାହାରିଲା ନାହିଁ । ବିହ୍ୱଳିତ ଚିତ୍ତ, ଅଶ୍ରୁଳଚକ୍ଷୁ । ସେ ଭଗବାନଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଚରଣାରବିନ୍ଦ ସ୍ପର୍ଶ କରି ପଦରଜ ମୁଣ୍ଡରେ ଲଗାଇଲେ । ନିଜକୁ ସମ୍ଭାଳି ନେବା ପରେ ଉଦ୍ଧବ କହିଲେ, ହେ ମାୟାଧର ! ତୁମକୁ ମୋର କୋଟି କୋଟି ନମସ୍କାର । ଆପଣ ତ ଧରାଧାମ ତ୍ୟାଗ କରି ନିଜ ନିବାସ ବୈକୁଣ୍ଠପୁରୀକି ଫେରିଯିବେ । ମୁଁ ଯିବି କୁଆଡ଼େ ?

ଭଗବାନ କହିଲେ, ତୁମେ ଏଠୁ ସିଧା ବଦରିକାଶ୍ରମକୁ ଯାଅ । ସିଏ ବି ମୋର ଏକ ଆଶ୍ରମ । ସେଠି ପାପତାପ ଧୋଇ ଯିବ । ଗଙ୍ଗାସ୍ନାନ କରିବ, ଗଙ୍ଗାଜଳ ପାନ କରିବ । ବୃକ୍ଷର ବଳ୍କଳ ପିନ୍ଧିବ । ଫଳମୂଳ ଖାଇବ । ଶୀତ ଉଷ୍ଣ, ସୁଖ ଦୁଃଖକୁ ସମାନ ମନେ କରି ଆନନ୍ଦରେ ସହ୍ୟ କରିବ । ମୋ ସ୍ୱରୂପକୁ ଧ୍ୟାନ କରିବ । ଏପରି କରୁ କରୁ ତୁମେ ଦିନେ ମୋଠି ଲୀନ ହୋଇଯିବ ।

ଉଦ୍ଧବ କାଳବିଳମ୍ବ ନ କରି ଭଗବାନଙ୍କ ନିର୍ଦ୍ଦେଶ ପାଳନ କଲେ । ପ୍ରଣିପାତ କଲେ । ଅଶ୍ରୁଜଳରେ ଭଗବାନଙ୍କ ପାଦ ଦୁଇଟିକୁ ଧୋଇଦେଲେ । ଶ୍ରୀକୃଷ୍ଣଙ୍କୁ ତିନି ଥର ପରିକ୍ରମା କରି ଚାଲିଲେ ବଦରିକାଶ୍ରମ ଅଭିମୁଖେ ।

●

॥ ୧୫୯ ॥

# ନାରାୟଣଙ୍କ ନରଲୀଳା ସରିଲା

**ନା**ରାୟଣଙ୍କ ନରଲୀଳା ସରିବା ଉପରେ । ଏଣିକି ସେ ଫେରିଯିବେ ନିଜ ନିବାସ ବୈକୁଣ୍ଠପୁରୀକି । ଧରାଧାମରେ ମନୁଷ୍ୟରୂପୀ ଭଗବାନଙ୍କ ଶେଷ ଦର୍ଶନ ଲାଗି ଆସିଥିଲେ ବିଶ୍ୱାମିତ୍ର, କଣ୍ୱ ଓ ଦେବର୍ଷି ନାରଦ ।

ଯାହା କଳିଯୁଗରେ ବିଶେଷତଃ ଆଜିକାଲି ହେଉଛି, ସେତେବେଳେ ଦ୍ୱାପର ଯୁଗରେ ଦ୍ୱାରକାରେ ମଧ୍ୟ ତାହା ହୋଇଥିଲା । ବାପ ବଳରେ ପୁଅ ବଳୀୟାର । ମଣିଷ କ୍ଷମତାଶାଳୀ ଧନଶାଳୀ ହୋଇ ଉଠିଲେ ତା' ପୁଅ, ପୁତୁରା, ଆତ୍ମୀୟ ସ୍ୱଜନମାନେ

ଅନ୍ତେ ବହୁତେ ଉଦ୍ଧତ ହୋଇପଡ଼ନ୍ତି । ସେମାନେ ଧରାକୁ ସରା ମଣନ୍ତି । ଚରିତ୍ରବାନ୍ ମଧ୍ୟ ଚରିତ୍ରଭ୍ରଷ୍ଟ ହେବାର ବହୁ ଦୃଷ୍ଟାନ୍ତ ରହିଛି । ଉଗ୍ରସେନଙ୍କ ଶାସନ ଏବଂ ଶ୍ରୀକୃଷ୍ଣଙ୍କ ଅନୁଶାସନରେ ଯାଦବମାନେ ଖୁବ୍ ଭଲ ଥିଲେ । ଭଗବାନ୍ ଶ୍ରୀକୃଷ୍ଣଙ୍କ ମାୟା ହେଉ ବା ଅନ୍ୟ କାରଣରୁ ହେଉ ତାଙ୍କ ପରିବାରର ପିଲାମାନେ ଲଗାମଛଡ଼ା ହୋଇପଡ଼ିଲେ । ଗୁରୁଜନଙ୍କୁ ଥଟ୍ଟା ପରିହାସ କଲେ ।

ଶ୍ରୀକୃଷ୍ଣ ଓ ସତ୍ୟଭାମାଙ୍କ ପୁତ୍ର ଶାମ୍ବ । ଶାମ୍ବକୁ ତା' ସାଙ୍ଗସାଥୀମାନେ ସ୍ତ୍ରୀ ବେଶରେ ସଜେଇଲେ । ତା ପେଟ ଫୁଲିଲା ଭଳି କଲେ । ଆଗନ୍ତୁକ ଋଷିମାନଙ୍କ ପାଖକୁ ତାକୁ ନେଇ କହିଲେ ଇଏ ଆମଭାଇ ବଭ୍ରୁର ସ୍ତ୍ରୀ । ଗର୍ଭବତୀ । ଆସନ୍ନପ୍ରସବା । ଆପଣମାନେ ତ ସର୍ବଜ୍ଞ, କହନ୍ତୁ ଭଲା ଯାର ପୁଅ ହେବ କି ଝିଅ ହେବ ? ଋଷିମାନେ ପିଲାମାନଙ୍କ ପ୍ରତାରଣା ବୁଝିପାରିଲେ । ଅଭିଶାପ ଦେଇ କହିଲେ, ଶାମ୍ବ ଏକ ଲୌହମୂଷଳ ପ୍ରସବ କରିବ । ଏହି ମୂଷଳ ହିଁ ଯଦୁବଂଶକୁ ଧ୍ୱଂସ କରିବ ।

ସତକୁ ସତ ଶାମ୍ବ ପେଟରୁ ମୂଷଳ ବାହାରିଲା । ଏହି ମୁଷଳ ସୃଷ୍ଟି କରିବାରେ ଶ୍ରୀକୃଷ୍ଣଙ୍କ ପରିକଳ୍ପନା ମଧ୍ୟ ଥିଲା । ମୂଷଳଟିକୁ ଧରି ପିଲାମାନେ ରାଜା ଉଗ୍ରସେନ, ବସୁଦେବ ଓ ବଳରାମଙ୍କ ପାଖକୁ ଗଲେ । ଋଷିମାନଙ୍କ ଅଭିଶାପ କଥା ମଧ୍ୟ ସେମାନେ ଜାଣିଲେ । ଯାଦବପିଲାମାନଙ୍କୁ କହିଲେ, ସମସ୍ତେ ଏ ମୂଷଳକୁ ନେଇ ଘୋରି ଘୋରି ଚୂନା କରିଦିଅ । ଚୂନାତକ ସମୁଦ୍ରକୁ ଫିଙ୍ଗିଦିଅ । ତା'ପରେ କ'ଣ ହେବ, ନ ହେବ ଦେଖାଯିବ । ପିଲାଏ ମୂଷଳକୁ ଘୋରି ଘୋରି ନାକେଦମ୍ । ଲୁହା ଗୁଣ୍ଡତକ ସମୁଦ୍ରକୁ ଫିଙ୍ଗିଦେଲେ । ଶେଷରେ ପତଳା ମୁନିଆ ଲୁହା ଖଣ୍ଡେ ବଳିପଡ଼ିଲା । ଯେତିକି ହେଲା ସେତିକି, ଆଉ ପାରିବାନି କହି ସେହି ଲୁହାଟିକକୁ ମଧ୍ୟ ସେମାନେ ସମୁଦ୍ରକୁ ଫିଙ୍ଗିଦେଲେ । ଆଉ କିଛି ହେବନି ଭାବି ସମସ୍ତେ ନିଶ୍ଚିନ୍ତ ।

ଲୁହା ଗୁଣ୍ଡଗୁଡ଼ିକ ସମୁଦ୍ର ଜୁଆରରେ ଆସି ସମୁଦ୍ର କୂଳରେ ବିଛେଇ ହୋଇ ପଡ଼ିଲା । ଏ ସବୁ ପ୍ରଭାସ ପର୍ଯ୍ୟନ୍ତ ବ୍ୟାପିଗଲା । ଏହି ଲୁହାଗୁଣ୍ଡରୁ ସୃଷ୍ଟି ହେଲା ଶରବଣ । ବାକି ଲୁହାଖଣ୍ଡଟିକୁ ଗୋଟିଏ ମାଛ ଗିଳିପକାଇଲା । ସମୁଦ୍ରରେ ଧୀବରମାନେ ଜାଲ ପକାଇବାବେଳେ ଏ ମାଛଟି ମଧ୍ୟ ଧରା ପଡ଼ିଲା । ମାଛ କଟାଗଲାବେଳେ ଏହି ଲୁହାଟିକୁ ପାଇ ଧୀବରମାନେ ଦେଲେ ସେମାନଙ୍କ ରାଜା ଜରାକୁ । ଭଲ ଲୁହାଟିଏ ଦେଖି ଜରା ସେ ଲୁହାରେ ଏକ ଶର ତିଆରି କଲା । ଏହି ଶର ହିଁ ପରେ ଶ୍ରୀକୃଷ୍ଣଙ୍କ ପ୍ରାଣନେଲା ।

କୃଷ୍ଣ, ବଳରାମ, ଉଗ୍ରସେନ ପ୍ରଭୃତି ଆଗରୁ ଦ୍ୱାରକାରେ ନିଶାନିବାରଣ ବ୍ୟବସ୍ଥା ଜାରି କରିଥିଲେ । ସୁରାପାନ ନିଷିଦ୍ଧ ହୋଇଥିଲା । କିନ୍ତୁ କ୍ରମେ ଦ୍ୱାରକାର ଚତୁର୍ଦ୍ଦିଗରେ

ଅଶୁଭ ସଙ୍କେତ ଦେଖାଗଲା । ଶ୍ରୀକୃଷ୍ଣ ଯାଦବମାନଙ୍କୁ କହିଲେ, ଚାଲ ସମସ୍ତେ ଦ୍ୱାରାକା ଛାଡ଼ି ପ୍ରଭାସ ତୀର୍ଥକୁ ପଳାଇବା । ସେଠି ଠାକୁର ଠାକୁରାଣୀମାନଙ୍କୁ ପୂଜା କଲେ ହୁଏତ ତ୍ରାହି ମିଳିପାରେ । ସମସ୍ତେ ରାଜି ହେଲେ ଯିବା ପାଇଁ । ଯିବା ପୂର୍ବରୁ ରାଜା ଉଗ୍ରସେନଙ୍କୁ କହି ଶ୍ରୀକୃଷ୍ଣ ନିଷିଦ୍ଧ ହୋଇଥିବା ନିଶାନିବାରଣ ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେଲେ ।

କାମିନୀ, କାଞ୍ଚନ ଓ କାଦମ୍ବରୀ ହିଁ ସର୍ବନାଶର କାରଣ ହୋଇଥାଏ । ଯାଦବମାନେ ଗଲେ ପ୍ରଭାସତୀର୍ଥକୁ । ସାଙ୍ଗରେ ହାଣ୍ଡିଏ ହାଣ୍ଡିଏ ମଦ ନେଇ ଯାଇଥିଲେ । ଶ୍ରୀକୃଷ୍ଣ, ବଳରାମ, ଉଗ୍ରସେନ ଓ ବସୁଦେବ ଠାକୁର ପୂଜାରେ ଲାଗିଲେ । ଅନ୍ୟ ଯାଦବମାନେ ମଦ ପିଇ ମାତାଲ । ଚାଲିଲା ପରସ୍ପର ଭିତରେ କଳହ । ସଂଘର୍ଷ । ମାତାଲ ଅବସ୍ଥାରେ କିଏ କାହାକୁ ମୁଥେ ମାରିଲା ତ କିଏ ବିଧେ ମାରିଲା । ମହାଭାରତ ଯୁଦ୍ଧବେଳେ ଯାଦବମାନଙ୍କ ମଧ୍ୟରୁ କୃତବର୍ମା ଥିଲେ କୌରବ ପକ୍ଷରେ । ସାତ୍ୟକି ଥିଲେ ପାଣ୍ଡବ ପକ୍ଷରେ । ସାତ୍ୟକି କୃତବର୍ମାଙ୍କୁ କହିଲେ, ତୁ ମଣିଷ ନୋହୁଁ ଗୋଟାଏ ପଶୁ । ଧୃଷ୍ଟଦ୍ୟୁମ୍ନ ଓ ଦ୍ରୌପଦୀଙ୍କୁ ପୁଅମାନେ ନିଦରେ ଶୋଇଥିବାବେଳେ ଅଶ୍ୱତ୍ଥାମା ସେମାନଙ୍କୁ ହତ୍ୟା କଲା । ତୁ ମଧ୍ୟ କମ୍ ନୋହୁଁ । ତୁ ଭୁରିଶ୍ରବାଙ୍କୁ ମାରିଥିଲୁ । ଦୁହିଁଙ୍କ ମଧ୍ୟରେ କଥା କଟାକଟି ଚାଲିଲା । ସାତ୍ୟକି କୃତବର୍ମାର ମୁଣ୍ଡ କାଟି ପକାଇଲେ । କୃତବର୍ମାର ସମର୍ଥକମାନେ ଶ୍ରୀକୃଷ୍ଣଙ୍କ ସାମନାରେ କୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ଓ ସାତ୍ୟକିକୁ ହତ୍ୟା କଲେ ।

ଶ୍ରୀକୃଷ୍ଣ ଶରବଣରୁ ମୁଠେ ଶର ଉପାଡ଼ି ଆଣିବାମାତ୍ରେ ସେଗୁଡ଼ାକ ଏକ ମୁଦ୍‌ଗର ପାଲଟିଗଲା । ଶ୍ରୀକୃଷ୍ଣ ସେହି ମୁଦ୍‌ଗରରେ କୃତବର୍ମାର ସମର୍ଥକମାନଙ୍କୁ ପିଟି ପିଟି ମାରି ପକାଇଲେ । ତା'ପରେ ଶ୍ରୀକୃଷ୍ଣଙ୍କ ଦେଖାଦେଖି ଉନ୍ମତ୍ତ ଯାଦବମାନେ ମୁଠେ ମୁଠେ ଶର ଉପାଡ଼ିଲେ । ସେଗୁଡ଼ିକ ମଧ୍ୟ ମୁଦ୍‌ଗର ପାଲଟିଗଲା । ଯାଦବମାନେ ପିଟାପିଟି ହେଲେ । କୃଷ୍ଣ ବଳରାମଙ୍କ ପୁଅ, ନାତି ଆଦି ସମସ୍ତେ ମଲେ । ଯାଦବଙ୍କ ମଧ୍ୟରୁ କେହି ଆଉ ଜୀବିତ ରହିଁଲେ ନାହିଁ । ହଁ ବଞ୍ଚି ରହିଥିଲେ ଉଗ୍ରସେନ, ବଳରାମ, ଶ୍ରୀକୃଷ୍ଣ, ବସୁଦେବ ଭବ୍ରୁ ଓ ଶ୍ରୀକୃଷ୍ଣଙ୍କ ସାରଥି ଦାରୁକ ଏବଂ ଶ୍ରୀକୃଷ୍ଣଙ୍କ ନାତିଙ୍କ ଭିତରୁ ଜଣେ । ତାଙ୍କ ନାଆଁ ବଜ୍ର ।

ବଳରାମ ଶ୍ରୀକୃଷ୍ଣଙ୍କୁ କହିଲେ, ଇଏ ହେଉଚି ତୋ'ର ଲୀଳା ! ଶ୍ରୀକୃଷ୍ଣ କହିଲେ, ଏହା ମୋର ଅନ୍ତିମ ଲୀଳା । ଆଉ କ'ଣ ବା କରାଯାଇଥାଆନ୍ତା ! ଯାଦବମାନେ ତ ନୀତିଭ୍ରଷ୍ଟ ହୋଇ ପଡ଼ିଲେ । ଚରିତ୍ରଭ୍ରଷ୍ଟ ହେଲେ । ଗୁରୁଜନଙ୍କ କଥା ମାନିଲେ ନାହିଁ । ଚାରିଆଡ଼େ ଅରାଜକତା ବ୍ୟାପିଗଲା । ସ୍ତ୍ରୀ ସ୍ୱାମୀକୁ ମାନିଲେ ନାହିଁ । ପୁଅ ବାପକୁ

ଗୋଇଠା ମାରିଲା । ମୋ କଥାକୁ ମଧ କେହି ଖାତିର କଲେ ନାହିଁ । ତୁମର ମୋର ଫେରିବା ବେଳ ହୋଇଗଲାଣି ।

ବଳରାମ କହିଲେ, ଆରେ ହଁ ତ, ବହୁ ବର୍ଷ ହେଲା ନିଜ ଧାମ ଛାଡ଼ି ଆସିଲେଣି ! ଆଉ ରହି ହେବ ନାହିଁ । ତୁ ଯାହା କରିଛୁ, ଠିକ୍ କରିଛୁ । ମୁଁ ଚାଲିଲି କହି, ବଳରାମ କ୍ରମଶଃ ଅଦୃଶ୍ୟ ହୋଇଗଲେ । କୁଆଡ଼େ ଗଲେ କେହି ଜାଣି ପାରିଲେ ନାହିଁ । ଶ୍ରୀକୃଷ୍ଣ ବଭ୍ରୁ ଓ ଦାରୁକଙ୍କୁ ସାଙ୍ଗରେ ନେଇ ବଳରାମଙ୍କୁ ଠାବ କରିବାକୁ ବାହାରିଲେ ।

ବହୁତ ଖୋଜାଖୋଜି କରିବା ପରେ ଏମାନେ ଦେଖିଲେ, ବଳରାମ ଗୋଟିଏ ଗଛତଳେ ବସି ତପସ୍ୟା କରୁଛନ୍ତି । ଶ୍ରୀକୃଷ୍ଣ, ବଭ୍ରୁ ଓ ଦାରୁଙ୍କ ପାଦଶବ୍ଦରେ ବଳରାମଙ୍କ ଆଖି ଖୋଲିଲା । ଶ୍ରୀକୃଷ୍ଣ ଭାବିଲେ, ବଳରାମଙ୍କ ଅନ୍ତିମଯାତ୍ରାର ଦୃଶ୍ୟ ବଭ୍ରୁ କିମ୍ବା ଦାରୁକ ଦେଖିବା ଉଚିତ ନୁହଁ । ଶ୍ରୀକୃଷ୍ଣ ଦାରୁକକୁ କହିଲେ, ତୁମେ ଶୀଘ୍ର ହସ୍ତିନାପୁରକୁ ଯାଇ ଅର୍ଜୁନଙ୍କୁ କହିବ, ଯଦୁକୂଳ ଧ୍ୱଂସ ପାଇଚି, ସେ ଶୀଘ୍ର ଦ୍ୱାରକା ଆସିବେ । ବଭ୍ରୁକୁ କହିଲେ, ତୋ'ର ଏଠି କିଛି କାମ ନାହିଁ । ତୁ ଶୀଘ୍ର ଯାଇ ଯାଦବ ସ୍ତ୍ରୀମାନଙ୍କୁ ରକ୍ଷାକର ।

କିନ୍ତୁ ବିଚରା ବଭ୍ରୁ ଦ୍ୱାରକା ଯିବା ବାଟରେ ଡକାୟତମାନଙ୍କ ହାବୁଡ଼ରେ ପଡ଼ିଲା । ଡକାୟତମାନେ ବଭ୍ରୁକୁ ବାଟରେ ମାରି ପକାଇଲେ । ଏ ଖବର ପାଇ ଶ୍ରୀକୃଷ୍ଣ ବ୍ୟସ୍ତ ହେଲେ । ସେ ପିତା ବସୁଦେବଙ୍କୁ କହିଲେ, ତୁମେ ଦ୍ୱାରକା ଯାଇ ଯାଦବ ସ୍ତ୍ରୀମାନଙ୍କ ସୁରକ୍ଷା ଦାୟିତ୍ୱ ନିଅ । ମୁଁ ଅର୍ଜୁନଙ୍କୁ ଡକାଇଛି । ସେ ଆସି ତୁମକୁ ସାହାଯ୍ୟ କରିବେ । ଭାଇ ବଳରାମ ପ୍ରଭାସ ତୀର୍ଥରେ ତପସ୍ୟା କରୁଛନ୍ତି । ମୁଁ ତାଙ୍କ ପାଖକୁ ଯାଉଛି ।

ଶ୍ରୀକୃଷ୍ଣ ଗଲେ ବଳରାମଙ୍କ ପାଖକୁ । ତାଙ୍କ ପାଖରେ ପହଞ୍ଚିବା ମାତ୍ରେ ଦେଖିଲେ ବଳରାମଙ୍କ ପାଟିରୁ ଏକ ବିରାଟ ସାପ ବାହାରି ସହସ୍ର ଫଣା ଟେକି ରହିଛି । ବଳରାମଙ୍କ ସମାଧିସ୍ଥ ଅବସ୍ଥା । ସମ୍ପୂର୍ଣ୍ଣ ଯୋଗାରୁଢ଼ । ଯିମିତି ସାକ୍ଷାତ୍ ଶଙ୍କର ସେ ! ଶ୍ରୀକୃଷ୍ଣ ଜାଣି ପାରିଲେ ଭାଇ ବଳରାମ ମର୍ତ୍ତ୍ୟ ଛାଡ଼ି ସ୍ୱର୍ଗାଭିମୁଖେ ଯାତ୍ରା କରିବା ଲାଗି ପ୍ରସ୍ତୁତ ହୋଇଗଲେଣି । ବଳରାମଙ୍କ ଆତ୍ମା ସଙ୍ଗେ ସଙ୍ଗେ ସର୍ପ ଆକାରରେ ସମୁଦ୍ର ଆଡ଼କୁ ଛୁଟିଲା । ବରୁଣ ଓ ନାଗମାନେ ତାଙ୍କୁ ପୂଜା କଲେ । ପାଛୋଟି ନେଲେ । ବଳରାମଙ୍କ ଜଡ଼ ଶରୀର ସେହି ଗଛ ମୂଳେ ପଡ଼ି ରହିଲା ।

ଭାଇ ତୁମେ ତ ଗଲ, ମୁଁ ପଛେ ପଛେ ଯାଉଛି କହି ଶ୍ରୀକୃଷ୍ଣ ବଣ ଆଡ଼କୁ ଚାଲିଲେ । ଆଉ ଦ୍ୱାରକା ଫେରିଲେ ନାହିଁ ।

●

॥ ୧୬୦ ॥

# ବଳିଆ ପଛେ ପଛେ କାଳିଆ

ବଳିଆ ପଛେ ପଛେ କାଳିଆ ଚାଲିଲେ । ବଡ଼ ଭାଇ ବଳରାମ ପରମପଦରେ ଲୀନ ହୋଇଗଲେ । ଆଗରୁ ପରିବାରର ଏବଂ ଜ୍ଞାତିକୁଟୁମ୍ବ ସମସ୍ତେ ପରଲୋକ ଗମନ କରିଥିଲେ । କେବଳ ରହିଥିଲେ ସ୍ତ୍ରୀ ଲୋକେ ଓ ଛୋଟ ଛୋଟ ପିଲାମାନେ । ଶ୍ରୀକୃଷ୍ଣ ପ୍ରଭାସରୁ ଆଉ ଦ୍ୱାରକା ଫେରିଲେ ନାହିଁ । ପ୍ରଥମେ ଥକ୍କାମାରି ଗୋଟିଏ ଗଛ ମୂଳେ ବସିପଡ଼ିଲେ । କିଛି ସମୟ ବିଶ୍ରାମ ନେବା ପରେ ଦେଖିଲେ ଅଳ୍ପ ଦୂରରେ ଏକ ଶିଆଳୀ ଲଟା ଦୋଳି ଭଳି ଝୁଲୁଛି । ଯିବାବେଳ ଆସିଗଲା ଭାବି ସେ ନରରୂପ ତ୍ୟାଗ କରି ନାରାୟଣ ରୂପ ଧରିଲେ । ନିଘଞ୍ଚ ଜଙ୍ଗଲ । ସୂର୍ଯ୍ୟ କିରଣ ସୁଦ୍ଧା ଗଛ ପତ୍ରକୁ ଭେଦ କରିପାରୁ ନଥିଲା । ତାଙ୍କ ରୂପକାନ୍ତିରେ ଚତୁର୍ଦ୍ଦିଗ ଆଲୋକିତ ହୋଇ ଉଠିଲା । ବକ୍ଷସ୍ଥଳରେ ଶ୍ରୀବତ୍ସ ଲାଞ୍ଛନର ଚିହ୍ନ । ଶରୀରରେ ପରିଧାନ ପୀତାମ୍ବର । ଅଧରରେ ସ୍ମିତହାସ । ସୁକୁମାର ଜ୍ୟୋତିର୍ମୟ କମଳ ନୟନ । ଗଳାରେ କୌସ୍ତୁଭମଣି, ବନମାଳା ଓ ବୈଜୟନ୍ତୀ ମାଳା । କର୍ଣ୍ଣରେ ମକରାକୃତି କୁଣ୍ଡଳ । ଶିରରେ ମୁକୁଟ । ଦୋଳି ଉପରେ ଗୋଡ଼ ଲମ୍ବେଇ ଶୋଇ ରହିଲେ ସେ । ଶିଆଳୀ ଲଟାର ଦୋଳି ଭଗବାନ୍‌ଙ୍କୁ ପାଇ ନିଜକୁ ଧନ୍ୟ ମନେକଲା । ପବନ ମଧ୍ୟ ଚାହିଁଲା ଭଗବାନଙ୍କ ସେବା କରିବା ପାଇଁ । ଏକାନ୍ତରେ ଶ୍ରୀକାନ୍ତ । ନର ରୂପରେ ସେ ନିଜର ନାରାୟଣ ରୂପକୁ ଉପଭୋଗ, ଆସ୍ୱାଦନ କରିବାରେ ଲାଗିଛନ୍ତି । ଡାହାଣ ଜଂଘ ଉପରେ ବାମ ପାଦକୁ ରଖି ମହାପ୍ରଭୁ ଦୋଳନାନନ୍ଦ ଉପଭୋଗ କରି ଚାଲିଛନ୍ତି । କେତେବେଳେ ଆଖି ପଡ଼ିଯାଉଛି ତ କେତେବେଳେ ଖୋଲିଯାଉଛି । ଚତୁର୍ଦ୍ଦିଗର ଗଛ, ଫଳପୁଷ୍ପ ଗୁଡ଼ିକ ଦେଖି ନିଜ ସୃଷ୍ଟିର ଅପାର ସୌନ୍ଦର୍ଯ୍ୟ ଓ ସୁରଭିକୁ ଆଘ୍ରାଣ କରୁଛନ୍ତି ସେ । ଗୋଟିଏ ପାଦର ଲାଲ ଲାଲ ଅଙ୍ଗୁଳିଗୁଡ଼ିକ ମଧ୍ୟ ହଲୁଚି, ଟଳୁଚି ।

ଶ୍ରୀକୃଷ୍ଣ ଭାବୁଛନ୍ତି, ଗାନ୍ଧାରୀ, ଦୁର୍ବାସା ପ୍ରମୁଖ ତାଙ୍କୁ ଯିଏ ଯେତେ ଅଭିଶାପ ଦେଇଛନ୍ତି, ସେଗୁଡ଼ିକ ଫଳିବାର ବେଳ ଆସିଗଲାଣି । ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଇଥିଲେ ମୋର ଅନେଶ୍ୱତ ପୁଅକୁ କୂଟ କପଟ କରି ମରେଇଚ, ମୋ ଭଳି ତୁମେ ବି ପୁତ୍ରଶୋକରେ ମରିବ । ଦୁର୍ବାସା ଅଭିଶାପ ଦେଇଥିଲେ, ତୁମ ଦେହର କୌଣସି ସ୍ଥାନରେ ଅସ୍ତ୍ର ଭେଦ କରି ପାରିବନି ସତ, କିନ୍ତୁ ପାଦରେ ଭେଦ କରିବ । ଅସ୍ତ୍ରାଘାତରେ ହିଁ ତୁମର ମୃତ୍ୟୁ ହେବ ।

ଲତାଗହଳରେ ଶ୍ରୀକୃଷ୍ଣ ଦେହ ଘୋଡ଼େଇ ହୋଇ ରହିଥିଲା । କିନ୍ତୁ ବାମ ପାଦର କେଂତୋଟି ଆଙ୍ଗୁଠି ବାହାରକୁ ଦେଖାଯାଉଥିଲା । ଠିକ୍ ସେତିକି ବେଳେ ଶବର ରାଜା ଜରା ସେହି ବାଟ ଦେଇ ଶିକାର କରିବା ପାଇଁ ଯାଉଥିଲା । ଶ୍ରୀକୃଷ୍ଣଙ୍କ ପାଦର ଆଙ୍ଗୁଠିଗୁଡ଼ିକୁ ଦେଖି ଭାବିଲା, ଲଟା ଗହଳରେ ନିଶ୍ଚୟ ଗୋଟିଏ ହରିଣ ଲୁଚିଛି, ତା'ର କାନଟି ଦିଶୁଚି । ଠିକ୍, ସେହି ସ୍ଥାନକୁ ଲକ୍ଷ୍ୟ କରି ସେ ତୀର ମାରିଲା । ତୀର ବସିଲା, ଶ୍ରୀକୃଷ୍ଣଙ୍କ ଦିହରେ, ପାଦରେ । ଦୁର୍ବାସାଙ୍କ ଅଭିଶାପ ଫଳିଲା । ଭଗବାନ୍ ଚାହିଁଥିଲେ, ଶରଟିକୁ କାଢ଼ି ଦେଇ ବଂଚିଯାଇ ପାରିଥାଆନ୍ତେ । କିନ୍ତୁ ତା' କଲେ ନାହିଁ । ଯେପରି କି ସେ ଏହି ଶରମରାକୁ ଅପେକ୍ଷା କରିଥିଲେ ମରଧାମରୁ ଅମର ଧାମକୁ ଯିବାପାଇଁ ।

ଜରା ଶର ମାରିଥିବା ମୃଗଟିକୁ ନେବା ପାଇଁ ଗଲା ଲଟାଗହଳକୁ । ଦେଖିଲା ମୃଗ ନୁହଁ, ଜଣେ ଜ୍ୟୋତିର୍ମୟ ଦିବ୍ୟ ଚତୁର୍ଭୁଜ ପୁରୁଷ । ଅପରାଧ କରିଛି । ଦେଖିବା ମାତ୍ରେ ଡରରେ ତା' ଦେହ କମ୍ପିଉଠିଲା । ଶ୍ରୀକୃଷ୍ଣଙ୍କ ଚରଣ ତଳେ ଲୋଟିପଡ଼ି କ୍ଷମା ପ୍ରାର୍ଥନା କଲା ଜରା ।

ଭଗବାନ ଶ୍ରୀକୃଷ୍ଣ ଜରାକୁ କହିଲେ, ଡର ନାହିଁ, ଉଠ, ଉଠ । ତୋ'ର କୌଣସି ଅପରାଧ କିମ୍ବା ପାପ ହୋଇ ନାହିଁ । ମୁଁ ଯାହା ଚାହୁଁଥିଲି, ତା'ତୁ କଲୁ । ତୁ ଏଣିକି ସ୍ୱର୍ଗରେ କାମ କରିବୁ ।

ଭଗବାନ ନିଜ ଇଚ୍ଛାରେ ଶରୀର ଧାରଣ କରିଥିଲେ । ସେ ଜରା ଜରିଆରେ ଶରୀର ତ୍ୟାଗ କରିବାକୁ ଚାହିଁଲେ । ତା'ପରେ ଜରା ଭଗବାନଙ୍କୁ ତିନି ଥର ପରିକ୍ରମା କଲା । ସ୍ୱର୍ଗରୁ ବିମାନ ଆସି ଜରାକୁ ନେଇଗଲା ।

ଭଗବାନଙ୍କ ଆଦେଶକ୍ରମେ ଦାରୁକ ହସ୍ତିନାପୁର ଯାଇ ଅର୍ଜୁନଙ୍କୁ ଖବର ଦେବା କଥା ଥିଲା । କିନ୍ତୁ ଦାରୁକ ବୁଲି ବୁଲି ପହଞ୍ଚିଲା ସେହି ଶିଆଳୀ ଲଟା ପାଖରେ । ସେ ମନେ ମନେ ଭଗବାନଙ୍କୁ ଖୋଜୁଥିଲା । ହଠାତ୍ ତାକୁ ତୁଳସୀ ପତ୍ର ବାସନା ହେଲା । ସେହି ଗନ୍ଧ ବାରି ବାରି ସେ ପଶିଲା ଶିଆଳୀ ଲଟା ଭିତରେ । ଦେଖିଲା ଭଗବାନ୍ ବସିଛନ୍ତି ଲଟା ଗହଳରେ । ନର ରୂପ ନାହିଁ । ଶ୍ରୀକୃଷ୍ଣଙ୍କ ନାରାୟଣ ରୂପକୁ ଦେଖି ସେ ସ୍ତମ୍ଭୀଭୂତ ହୋଇପଡ଼ିଲା । ତା' ହୃଦୟରେ ପ୍ରେମର ପ୍ଲାବନ ସୃଷ୍ଟି ହେଲା । ଆଖିରୁ ଲୁହ ଖସି ଆସିଲା । ଭଗବାନ୍‌ଙ୍କୁ ପ୍ରାର୍ଥନା କରି କହିଲା, ମତେ ଦିଗବିଦିଗ କିଛି ଦେଖା ଯାଉ ନାହିଁ । ମୁଁ ଯିବି କୁଆଡ଼େ ?

ଶୁକମୁନି ରାଜା ପରୀକ୍ଷିତଙ୍କୁ କହିଲେ, ଦାରୁକ ଏତିକି କହୁ କହୁ ଭଗବାନ ଗରୁଡ଼ଧ୍ୱଜ ରଥରେ ଚଢ଼ି ଆକାଶରେ ଅଦୃଶ୍ୟ ହୋଇଗଲେ । ତାଙ୍କ ପଛେ ପଛେ

ଭଗବାନ୍‌ଙ୍କ ଦିବ୍ୟ ଆୟୁଧଗୁଡ଼ିକ ମଧ୍ୟ ଚାଲିଗଲେ । ଯିବା ପୂର୍ବରୁ ସେ ଦାରୁକକୁ କହିଥିଲେ, ମୁଁ ଯିବାପରେ ଦ୍ୱାରକା ସମୁଦ୍ରରେ ବୁଡିଯିବ । ତେଣୁ ତୁମେମାନେ ସମସ୍ତେ ଇନ୍ଦ୍ରପ୍ରସ୍ଥକୁ ଚାଲିଯାଅ ।

ଦାରୁକ ଚାଲିଯିବା ପରେ ବ୍ରହ୍ମା, ଶିବ, ପାର୍ବତୀ ଇନ୍ଦ୍ରାଦି ଲୋକପାଳ, ମରୀଚି ପ୍ରମୁଖ ପ୍ରଜାପତି, ବଡ଼ ବଡ଼ ମୁନିଋଷି, ଗନ୍ଧର୍ବ, ବିଦ୍ୟାଧର, ନାଗ ଚାରଣ, ଯକ୍ଷରାକ୍ଷସ, କିନ୍ନର ଅପ୍‌ସରା, ଗରୁଡ଼ଲୋକର ବିଭିନ୍ନ ପକ୍ଷୀ ଶ୍ରୀକୃଷ୍ଣଙ୍କ ପରମଧାମ ପ୍ରସ୍ଥାନ ଦୃଶ୍ୟ ଦେଖିବା ଲାଗି ମହାଶୂନ୍ୟରେ ଅପେକ୍ଷା କରି ରହିଥିଲେ । ବିମାନରେ ସାରା ଆକାଶ ଭରପୂର ହୋଇ ଉଠିଥିଲା । ସମସ୍ତେ ନାରାୟଣଙ୍କ ଉପରେ ପୁଷ୍ପ ବୃଷ୍ଟି କଲେ । ସ୍ୱର୍ଗରେ ସ୍ୱର୍ଗୀୟ ବାଇଦବାଜଣା ବାଜିଉଠିଲା ।

ରାଜା ପରୀକ୍ଷିତ ପ୍ରଶ୍ନ କଲେ, ହେ ମୁନିବର ! ଭଗବାନ୍ ଗଲାବେଳେ ଧରାଧାମରୁ ଆଉ କ'ଣ ସବୁ ଚାଲି ଯାଇଥିଲା ? ଶୁକମୁନି କହିଲେ ସତ୍ୟ, ଧର୍ମ, ଧୈର୍ଯ୍ୟ, କୀର୍ତ୍ତି ଓ ଶ୍ରୀଦେବୀ ମଧ୍ୟ ଚାଲିଗଲା । ଯେପରି ଅଭିନେତା ମଞ୍ଚ ଉପରେ ନାନା ବେଶରେ ନାନା ଭଙ୍ଗୀରେ ଅଭିନୟ କରିଥାଏ, ସେହିଭଳି ଭଗବାନ ମନୁଷ୍ୟ ରୂପରେ ଜନ୍ମ ନେଲେ; ଲୀଳା କଲେ, ଲୀଳା ସମ୍ବରଣ କଲେ । ଏସବୁ ଥିଲା ତାଙ୍କର ଅଭିନୟ, ତାଙ୍କ ମାୟାର ବିଳାସ ମାତ୍ର ।

ଇଆଡ଼େ ଦାରୁକ ବ୍ୟାକୁଳ ବିକଳ ଚିତ୍ତରେ ପ୍ରଭାସରୁ ଆସିଲା ଦ୍ୱାରକା । ବସୁଦେବ ଓ ଉଗ୍ରସେନଙ୍କୁ ଯଦୁବଂଶ ଧ୍ୱଂସର ପୂରା ବିବରଣୀ ଦେଲା । ଦେବକୀ, ରୋହିଣୀ ଓ ବସୁଦେବ, ବଳରାମ ଓ ଶ୍ରୀକୃଷ୍ଣ ଇହଲୀଳା ସମ୍ବରଣ କରିଥିବା ଶୁଣି ମୁଣ୍ଡ ପିଟିବାକୁ ଲାଗିଲେ । ରାମକୃଷ୍ଣଙ୍କ ବିଚ୍ଛେଦରେ ନିଜର ଶିରଚ୍ଛେଦ ହେଲାଭଳି ଅନୁଭବ କଲେ । ଦ୍ୱାରକା ଶୋକର ସାଗର ପାଲଟିଗଲା । ଉଗ୍ରସେନ ଶୋକ ସାଗରରେ ଭାସି ଭାସି ଆରପୁରକୁ ଚାଲିଗଲେ ।

ଇନ୍ଦ୍ରପ୍ରସ୍ଥ ତଥା ହସ୍ତିନାପୁରରେ କୃଷ୍ଣ ବଳରାମଙ୍କ ବିଦାୟ ଖବର ପ୍ରଥମେ ପାଇଲେ ଶ୍ରୀକୃଷ୍ଣ ସଖା ଅର୍ଜୁନ । ସେ ପହଞ୍ଚିଲେ ଦ୍ୱାରକାରେ । ଶ୍ରୀକୃଷ୍ଣଙ୍କ ବିରହରେ ସେ ଏକାବେଳକେ ଭାଙ୍ଗି ପଡ଼ିଥିଲେ । ଦିହରେ ବଳ ନଥିଲା । ମନୋବଳ ତୁଟିଯାଇଥିଲା । ଦ୍ୱାରକା ରାଜପ୍ରାସାଦରେ ଥିଲେ କେବଳ ବସୁଦେବ ଓ ସ୍ତ୍ରୀଲୋକମାନେ । ବସୁଦେବ ସ୍ତ୍ରୀଲୋକଙ୍କ ସୁରକ୍ଷା ଦାୟିତ୍ୱ ଅର୍ଜୁନଙ୍କୁ ସମର୍ପି ଦେଇ ସମାଧିସ୍ଥ ହୋଇଗଲେ । ଚିର ଦିନ ପାଇଁ ଆଖି ବୁଜି ଦେଲେ । ପରେ ପରେ ଦେବକୀ, ରୋହିଣୀ ମଧ୍ୟ ପତିଙ୍କ ବାଟ ଧରିଲେ । ଅଗ୍ନିରେ ଝାସ ଦେଲେ । ଅର୍ଜୁନ ଏ ସମସ୍ତଙ୍କ ଶବ ସତ୍‌କାର ସାରି ବଳରାମ ଓ ଶ୍ରୀକୃଷ୍ଣଙ୍କ ଶବସତ୍‌କାର କରିବା ପାଇଁ ଗଲେ ପ୍ରଭାସ ତୀର୍ଥକୁ । ସେମାନଙ୍କ ଶ୍ରାଦ୍ଧାଦି

ଶେଷକୃତ୍ୟ ସାରି ଫେରିଲେ ଦ୍ୱାରକା । ସେଠାରେ ବଞ୍ଚି ରହିଥିବା ସ୍ତ୍ରୀ ଓ ଛୋଟ ଛୋଟ ପିଲାମାନଙ୍କୁ ତଥା ଶ୍ରୀକୃଷ୍ଣଙ୍କ ନାତି ବଜ୍ରକୁ ସାଙ୍ଗରେ ନେଇ ଦ୍ୱାରକା ଛାଡ଼ିବା ମାତ୍ରେ ସମୁଦ୍ର ମାଡ଼ିଆସିଲା । ଅର୍ଜୁନ ପଛକୁ ଚାହିଁ ଦେଖିଲେ ଦ୍ୱାରକା ଆଉ ନାହିଁ । ନିଶ୍ଚିହ୍ନ । ବାଟରେ କେତେକ ଦସ୍ୟୁ ତାଙ୍କୁ ଆକ୍ରମଣ କଲେ । ଅର୍ଜୁନ ଭଳି ଧନୁର୍ଦ୍ଧର ବୀର ନିଜ ଗାଣ୍ଡିବଧନୁ ଟେକି ପାରିଲେ ନାହିଁ । ସବୁ ଦିବ୍ୟାସ୍ତ୍ର-ମନ୍ତ୍ର ସେ ଭୁଲିଗଲେ । ଦସ୍ୟୁମାନଙ୍କ ପ୍ରତିରୋଧ କରିପାରିଲେ ନାହିଁ । କେବଳ ବଜ୍ର ବ୍ୟତୀତ ଦସ୍ୟୁମାନେ ଅନ୍ୟ ସମସ୍ତଙ୍କୁ ନେଇଗଲେ ।

ଅର୍ଜୁନ ବ୍ୟାସଦେବଙ୍କ ପାଖକୁ ଆସି ସବୁ କଥା କହିଲେ । ବ୍ୟାସ କହିଲେ, ଏହା ହେବ ବୋଲି ମୁଁ ଜାଣିଥିଲି । କାଳର ଗତିକୁ କେହି ରୋକି ନପାରେ ।

ଅର୍ଜୁନ ଅନିରୁଦ୍ଧଙ୍କ ପୁତ୍ର ବଜ୍ରକୁ ମଥୁରାରେ ରାଜା କରାଇ ଫେରିଆସିଲେ ଇନ୍ଦ୍ରପ୍ରସ୍ଥକୁ । ସେ ଯୁଧିଷ୍ଠିରଙ୍କୁ ପୂର୍ଣ୍ଣ ବିବରଣୀ ଦେଲେ । ଯଦୁବଂଶ ତ ଧ୍ୱଂସ ହେଲା, ରାମକୃଷ୍ଣ ତ ସ୍ୱଧାମକୁ ଫେରିଗଲେ, ଆମ କାର୍ଯ୍ୟ ବି ସରିଯାଇଛି କହି ଯୁଧିଷ୍ଠିର ଚାଲିଲେ ହିମାଳୟ ଅଭିମୁଖେ । ତାଙ୍କ ପଛେ ପଛେ ଚାଲିଲେ ଆଉ ଚାରିଭାଇ ଓ ଦ୍ରୌପଦୀ । ଯିବା ପୂର୍ବରୁ ଯୁଧିଷ୍ଠିର ତଥା ପାଣ୍ଡବମାନେ ତୁମକୁ (ପରୀକ୍ଷିତଙ୍କୁ) ରାଜ୍ୟ ଭାର ସମର୍ପି ଦେଇଥିଲେ । ଶୁକମୁନି କହିଲେ, ତୁମ ଜେଜେବାପାମାନଙ୍କ ମଧ୍ୟରୁ କିଏ କେଉଁଠି ପଡ଼ି ମଲେ । କେବଳ ଯୁଧିଷ୍ଠିର ସ୍ୱର୍ଗାରୋହଣ କଲେ, ତାଙ୍କ ସହିତ ଥିଲା ଗୋଟିଏ କୁକୁର । ଏହି କୁକୁର ସ୍ୱୟଂ ଧର୍ମ ।

●

॥ ୧୬୧ ॥

# କ୍ଷଣିକେ ରୁଷ୍ଟ, କ୍ଷଣିକେ ତୁଷ୍ଟ

**ଶ୍ରୀ**କୃଷ୍ଣମୟ ଭାଗବତ୍ । କୃଷ୍ଣାନୁରାଗୀ ହିଁ ଭାଗବତକୁ ବୁଝିପାରେ । ଏଥିରୁ ରସ ଗ୍ରହଣ କରିପାରେ । ଭାଗବତର ଅନ୍ୟନାମ ରସସାଗର । ଶ୍ରୀକୃଷ୍ଣ ରସସ୍ୱରୂପ । ରସୋ ବୈ ସଃ । ପରୀକ୍ଷିତ ଭାଗ୍ୟବାନ୍ । ସମୀକ ଋଷିଙ୍କ ପୁତ୍ର ଶୃଙ୍ଗୀଙ୍କ ଅଭିଶାପ । ସେ ସାତଦିନ ପରେ ସର୍ପଦଂଶନରେ ପ୍ରାଣ ତ୍ୟାଗ କରିବେ । ଅଭିମନ୍ୟୁନନ୍ଦନ, ଉତ୍ତରାଙ୍କ ଗର୍ଭଜାତ ସନ୍ତାନ । ପାଣ୍ଡବମାନଙ୍କ ନାତି । ପୌତ୍ର ପରୀକ୍ଷିତ ଯାଇଥିଲେ ମୃଗୟାକୁ । ଭୀଷଣ ଶୋଷ ହେଲା । ଜଳ ପାଇଁ ବିକଳ । ଦେଖିଲେ ପାଖରେ ଏକ ଋଷି ଆଶ୍ରମ । ଜଳ ଆଶାରେ ଗଲେ ଆଶ୍ରମକୁ, ଆଶ୍ରମରେ ସମୀକ ମୁନି ଧ୍ୟାନମଗ୍ନ । ଯୁବକ ରାଜା

ପରୀକ୍ଷିତ, ଋଷିଙ୍କୁ ପାଣି ମାଗିଲେ । ଧ୍ୟାନସ୍ଥ ମୁନି ସମାଧିସ୍ଥ । ବାହ୍ୟଜ୍ଞାନଶୂନ୍ୟ । ଶୋଷରେ ଛଟପଟ ପରୀକ୍ଷିତ । ଜଳ ମିଳିଲାନି । ବୁଦ୍ଧିଭ୍ରଷ୍ଟ ହେଲା ପରୀକ୍ଷିତଙ୍କର । ମନରେ କ୍ରୋଧ ରାକ୍ଷସ ପ୍ରବେଶ କଲା । ପାଖରେ ପଡ଼ିଥିଲା ଏକ ମଲାସାପ । ଧ୍ୟାନସ୍ଥ ମୁନିଙ୍କ ଗଳାରେ ପରୀକ୍ଷିତ ଲମ୍ବେଇଦେଲେ ମଲା ସାଁପଟିକୁ ।

ଏତିକିରେ ସବୁ ବିଭ୍ରାଟ ସୃଷ୍ଟି ହୋଇଗଲା । ଅନ୍ୟତ୍ର ଯାଇଥିଲେ ସମୀକ ପୁତ୍ର ଶୃଙ୍ଗୀ । ସେ ଆଶ୍ରମକୁ ଫେରି ଆସି ପିତାଙ୍କ ଗଳାରେ ମଲାସାପକୁ ଦେଖି ଚମକି ପଡ଼ିଲେ । ବାଳକ ଶୃଙ୍ଗୀ, ବାଳବ୍ରହ୍ମଚାରୀ । ତାଙ୍କ ମନରେ ମଧ କ୍ରୋଧ ଜାତ ହେଲା । କ୍ରୋଧରୁ ଅଭିଶାପ- ''ଯିଏ ଏହି ଅପକର୍ମ କରିଛି, ତା'ର ସର୍ପ ଦଂଶନରେ ମୃତ୍ୟୁ ହେବ ।'' ଏ ଅଭିଶାପ ସଙ୍ଗେ ସଙ୍ଗେ ଫଳିଥାନ୍ତା । କିନ୍ତୁ ଧ୍ୟାନ ଭଙ୍ଗ ହେବାପରେ ସମୀକ ମୁନି ଜାଣି ପାରିଲେ ତାଙ୍କ ପୁତ୍ରର ଅଭିଶାପ ଉଚିତ ହୋଇନାହିଁ । ଯାହାହେଉ ସେ ହସ୍ତକ୍ଷେପ କରିବାରୁ ପରୀକ୍ଷିତ ସାତଦିନ ସମୟ ପାଇଲେ । ସାତଦିନ ଅନ୍ତେ ସର୍ପରାଜ ତକ୍ଷକ ଆସି ପରୀକ୍ଷିତଙ୍କୁ ଦଂଶନ କରିବ । ଜୀବମାତ୍ରେ ମରିବ । ସମସ୍ତଙ୍କ ପାଇଁ ମୃତ୍ୟୁ ନିଶ୍ଚିତ । କେଉଁ ମୁହୂର୍ତ୍ତରେ କାଳସର୍ପ କାହାକୁ ଦଂଶନ କରିବ, କେହି କହି ନପାରେ । କିନ୍ତୁ ପରୀକ୍ଷିତ ଭାଗ୍ୟବାନ୍ । ତାଙ୍କୁ ସାତଦିନ ସମୟ ମିଳିଲା । ଏହି ସମୟର ସଦୁପଯୋଗ କରିଛନ୍ତି ପରୀକ୍ଷିତ । ଶୁକଙ୍କ ଭଳି ମୁନିଙ୍କୁ ପାଇଲେ ସେ କୃଷ୍ଣଚରିତ ଶୁଣିବା ଲାଗି । ଶୁକମୁନି ତାଙ୍କୁ ଯାହା କହିଲେ, ତାହାହିଁ ଶ୍ରୀମଦ୍ ଭାଗବତ ।

ଶ୍ରୀକୃଷ୍ଣଙ୍କ ବୃତ୍ତାନ୍ତ (୧) ମହାଭାରତ (୨) ହରିବଂଶ (୩) ଏବଂ ପୁରାଣମାନଙ୍କର ଉଲ୍ଲେଖ ରହିଛି । ପୁରାଣ ସଂଖ୍ୟା ଅଠର । ଅଷ୍ଟାଦଶ ପୁରାଣ । ଏହି ଅଠରଟି ମଧ୍ୟରୁ ନଅଟିରେ ଆମେ ଶ୍ରୀକୃଷ୍ଣଙ୍କୁ ପାଉ । ପୁରାଣଗୁଡ଼ିକ ହେଉଛି — (୧) ବ୍ରହ୍ମପୁରାଣ, (୨) ପଦ୍ମପୁରାଣ, (୩) ବିଷ୍ଣୁ ପୁରାଣ, (୪) ଶ୍ରୀମଦ୍ ଭାଗବତ୍ ମହାପୁରାଣ, (୫) ବ୍ରହ୍ମବୈବର୍ତ୍ତ ପୁରାଣ, (୬) ସ୍କନ୍ଦ ପୁରାଣ, (୭)ବାମନ ପୁରାଣ, (୮) କୂର୍ମ ପୁରାଣ, (୯) ନାରଦ ପୁରାଣ । ମହାଭାରତ ଓ ଅଷ୍ଟାଦଶ ପୁରାଣର ପ୍ରଣେତା ଜଣେ । ଭଗବାନ୍ ବ୍ୟାସଦେବ । ଯାହା ମହାଭାରତରେ ଅଛି ତାହା ହରିବଂଶ ଓ ଅନ୍ୟ ପୁରାଣଗୁଡ଼ିକରେ ନାହିଁ । ହରିବଂଶ ପୁରାଣ ଅନ୍ତର୍ଭୁକ୍ତ ନୁହଁ । ଏହା ବ୍ୟାସଶିଷ୍ୟ ବୈଶମ୍ପାୟନ କହିଥିଲେ । ପରବର୍ତ୍ତୀ କାଳରେ ବହୁ ପୁରାଣ ରଚିତ ହୋଇଛି । ଯଥା — ଦେବୀଭାଗବତ ପୁରାଣ, କାଳିକା ପୁରାଣ, ବାୟୁ ପୁରାଣ, ସୂର୍ଯ୍ୟ ପୁରାଣ, କଳ୍କି ପୁରାଣ, ଆମ୍ର ପୁରାଣ ଇତ୍ୟାଦି । ଲକ୍ଷେଶ୍ଳୋକୀ ମହାଭାରତ କୌରବ ଓ ପାଣ୍ଡବମାନଙ୍କ ଇତିହାସ । ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ସଖା ଓ ସହାୟକ ଥିଲେ । ସଖା ଭାବରେ ପାଣ୍ଡବମାନଙ୍କ ସହିତ ରହି

ଶ୍ରୀକୃଷ୍ଣ ଯାହା କରିଥିଲେ, ତାହାହିଁ ମହାଭାରତରେ ଅଛି । ତାଙ୍କ ଜୀବନର ଅବଶିଷ୍ଟାଂଶ ହରିବଂଶ ଓ ଅନ୍ୟ ନଅଟି ପୁରାଣରେ ଅଛି ।

ଅଠରଟି ପୁରାଣ ମଧ୍ୟରୁ ବ୍ରହ୍ମପୁରାଣର ଶ୍ଳୋକ ସଂଖ୍ୟା ଦଶହଜାର । ଏହାର ପ୍ରଚାରକ ବ୍ୟାସ ଶିଷ୍ୟ ଲୋମହର୍ଷଣ । ଏଥିରେ ସୂର୍ଯ୍ୟଦେବ ହେଉଛନ୍ତି ପ୍ରଧାନ ବିଷୟ । ପଦ୍ମପୁରାଣର ଶ୍ଳୋକ ସଂଖ୍ୟା ୫୫ ହଜାର । ପ୍ରଚାରକ ଲୋମହର୍ଷଣଙ୍କ ପୁତ୍ର ଉଗ୍ରସେନ । ବିଷୟ ହେଉଛି ସୃଷ୍ଟିବର୍ଣ୍ଣନା । ବିଷ୍ଣୁ ପୁରାଣ: ଶ୍ଳୋକ ୨୩ ହଜାର । ପ୍ରଚାରକ ମୁନି ପରଶର । ବିଷୟ: ସୃଷ୍ଟିର ଇତିହାସ । ଶିବ ପୁରାଣ: ଶ୍ଳୋକ ୨୪ ଜହାର । ପ୍ରଚାରକ ସୁତ ମୁନି । ବିଷୟ- ମହାଦେବ । ଶ୍ରୀମଦ୍ ଭାଗବତ: ଶ୍ଳୋକ ସଂଖ୍ୟା ୧୮ ହଜାର । ପ୍ରଚାରକ ଶୁକମୁନି । ବିଷୟ: ବିଷ୍ଣୁ । ନାରଦ ପୁରାଣ: ଶ୍ଳୋକ ୨୫ ହଜାର । ବିଷୟ ବିଷ୍ଣୁ । ମାର୍କଣ୍ଡେୟ ପୁରାଣ: ଶ୍ଳୋକ ସଂଖ୍ୟା ୯ ହଜାର । ପ୍ରଚାରକ ମାର୍କଣ୍ଡେୟ । ବିଷୟ- ମା ଦୁର୍ଗା । ଅଗ୍ନି ପୁରାଣ: ଶ୍ଳୋକ ୧୫ ହଜାର ୪ ଶହ । ପ୍ରଚାରକ ସୁତ । ବିଷୟ: ଅବତାର ଓ ରାଜବଂଶାବଳୀ । ଭବିଷ୍ୟ ପୁରାଣ: ଶ୍ଳୋକ ୧୪ ହଜାର ୫ ଶହ । ପ୍ରଚାରକ: ବ୍ୟାସ । ବିଷୟ: ଭବିଷ୍ୟ ଘଟଣାବଳୀ । ବ୍ରହ୍ମବୈବର୍ତ୍ତ ପୁରାଣ: ଶ୍ଳୋକ ୧୮ ହଜାର । ପ୍ରଚାରକ-ସୁତ । ବିଷୟ ଶ୍ରୀକୃଷ୍ଣ । ଲିଙ୍ଗ ପୁରାଣ: ଶ୍ଳୋକସଂଖ୍ୟା ୧୧ ହଜାର । ବିଷୟ- ମହାଦେବ । ପ୍ରଚାରକ ସୁତ । ବରାହ ପୁରାଣ: ୨୦ରୁ ୨୪ ହଜାର ଶ୍ଳୋକ । ପ୍ରଚାରକ ବ୍ୟାସ । ବିଷୟ ବରାହ ଅବତାର, ସ୍କନ୍ଦ ପୁରାଣ, ଶ୍ଳୋକ ସଂଖ୍ୟା ୮୧ ହଜାର ୧ଶହ । ପ୍ରଚାରକ ବ୍ୟାସ । ବିଷୟ-ମହାଦେବ । ବାମନ ପୁରାଣ । ଶ୍ଳୋକ ୧୦ ହଜାର । ପ୍ରଚାରକ- ଲୋକହର୍ଷଣ । ବିଷୟ-ତ୍ରିବର୍ଣ୍ଣ ଓ ବାମନ ଅବତାର । କୂର୍ମ ପୁରାଣ: ଶ୍ଳୋକ ୧୭ ହଜାର । ପ୍ରଚାରକ ବ୍ୟାସ । ବିଷୟ-ଚତୁର୍ବର୍ଗ । ମସ୍ୟ ପୁରାଣ: ୧୪ ହଜାର । ପ୍ରଚାରକ ବ୍ୟାସ । ବିଷୟ ସୃଷ୍ଟି ବର୍ଣ୍ଣନା । ଗରୁଡ଼ ପୁରାଣ: ଶ୍ଳୋକ ୧୯ ହଜାର । ପ୍ରଚାରକ ବ୍ୟାସ । ବିଷୟ ଗରୁଡ଼ । ବ୍ରହ୍ମାଣ୍ଡ ପୁରାଣ: ଶ୍ଳୋକ ୧୨ ହଜାର । ପ୍ରଚାରକ ବ୍ୟାସ । ବିଷୟ-ସୃଷ୍ଟି ଓ ପ୍ରଳୟ ।)

ଶ୍ରୀକୃଷ୍ଣ ଧରାଧାମ ତ୍ୟାଗ କରି ସ୍ୱଧାମକୁ ଗଲେ । କିନ୍ତୁ ଭାଗବତ ସରିନି । ରାଜା ପରୀକ୍ଷିତ ଶୁକମୁନିଙ୍କଠୁ କୃଷ୍ଣ ଚରିତ ଶୁଣି ଖୁସି ହେଲେ । ତାଙ୍କ ହୃଦୟ କୃଷ୍ଣରସରେ ଆପ୍ଳୁତ ହେଲା । ସେ ଆସନ୍ନ ମୃତ୍ୟୁ କଥା ଭୁଲିଗଲେ । ସେ ଶୁକଦେବଙ୍କୁ ପ୍ରଶ୍ନ କଲେ- ଭଗବାନ୍ ଶ୍ରୀକୃଷ୍ଣ ପରମଧାମକୁ ଯିବାପରେ ପୃଥିବୀରେ କେଉଁ ବଂଶ ରାଜୁତି କଲେ ଏବଂ ପରେ କିଏ ରାଜୁତି କରିବ ?

ଶୁକଦେବ କହିଲେ, ମୁଁ ତୁମକୁ ଆଗରୁ ଜରାସନ୍ଧ କଥା କହିଛି । ଜରାସନ୍ଧର ପିତାଙ୍କ ନାମ ବୃହଦ୍ରଥଙ୍କ ନାମାନୁସାରେ ଏହି ବଂଶର ନାମକରଣ । ଏହି ବଂଶର ଶେଷ ରାଜା ହେବେ ପୁରଂଜୟ ବା ରିପୁଞ୍ଜୟ । ଏହାଙ୍କ ମନ୍ତ୍ରୀଙ୍କ ନାମ ଶୁନକ । ସେ ରିପୁଞ୍ଜୟକୁ

ମାରି ନିଜ ପୁତ୍ର ପ୍ରଦ୍ୟୋଜଙ୍କୁ ରାଜଗାଦିରେ ବସାଇବ । ଏହି ବଂଶର ନାମ ହେବ ପ୍ରଦ୍ୟୋଜନ । ଏମାନେ ୧୩୮ ବର୍ଷ କାଳ ପୃଥ୍ୱୀରେ ରାଜୁତି କରିବେ । ତାଙ୍କ ପରେ ରାଜା ହେବେ ଶିଶୁନଗ । ଏହାଙ୍କ ପୁତ୍ର, ପୌତ୍ର, ପ୍ରପୌତ୍ର ଆଦି କଳିଯୁଗରେ ୩୬୦ ବର୍ଷ ଧରି ରାଜୁତି କରିବେ । ଶେଷ ରାଜା ମହନନ୍ଦୀଙ୍କ ଶୁଦ୍ର ପତ୍ନୀଙ୍କ ଗର୍ଭରୁ ନନ୍ଦ ନାମକ ଏକ ପୁତ୍ର ଜାତ ହେବ । ଇଏ ବଳବାନ ହେବ । ସେ ବିଖ୍ୟାତ ହେବ 'ମହାପଦ୍ମ' ନାମରେ । କ୍ଷତ୍ରିୟ କୁଳକୁ ସେ ଧ୍ୱଂସ କରି ପୃଥିବୀର ଏକଛତ୍ର ଶାସକ ହେବ । ନିଜକୁ ସେ ପର୍ଶୁରାମଙ୍କ ଅବତାର ବୋଲି କହିବ । କିନ୍ତୁ କାଳକ୍ରମେ କୌଟିଲ୍ୟ, ତଥା ଚାଣକ୍ୟ (ଏହାଙ୍କ ନାମ ବାତ୍ସାୟନ ମଧ୍ୟ) ନାମକ ଜଣେ ବ୍ରାହ୍ମଣ ନନ୍ଦ ଓ ତା'ର ଆଠପୁଅକୁ କୌଶଳକ୍ରମେ ନିପାତ କରିଦେବେ ଏବଂ ତାଙ୍କ ସାହାଯ୍ୟରେ ମୌର୍ଯ୍ୟବଂଶୀୟ ରାଜା (ଚନ୍ଦ୍ରଗୁପ୍ତ) ରାଜତ୍ୱ କରିବେ । ଏହି ବଂଶର ଶେଷ ରାଜା ବୃହଦ୍ରଥ । ଇଏ ନିଜ ସେନାପତି ପୁଷ୍ପମିତ୍ର ଶୁଙ୍ଗଙ୍କ ଦ୍ୱାରା ନିହତ ହେବେ । ତା'ପରେ ଶୁଙ୍ଗବଂଶର ରାଜତ୍ୱ ଚାଲିବ । ଶୁଙ୍ଗଙ୍କ ପରେ କଣ୍ୱ, କଣ୍ୱ ପରେ କଂକ ବଂଶୀୟ ରାଜାମାନେ ଭୀଷଣ ଦୁଷ୍ଟ ନଷ୍ଟ ହେବେ । ମ୍ଲେଚ୍ଛଙ୍କ ଭଳି କାର୍ଯ୍ୟ କରିବେ । ଘୋର କଳିଯୁଗ ମାଡ଼ି ଆସିବା ସହିତ କ୍ଷତ୍ରିୟ ରାଜାମାନେ ମଧ୍ୟ ଶୂଦ୍ରଙ୍କ ଭଳି ଆଚରଣ କରିବେ । ଏମାନେ କ୍ଷଣିକେ ରୁଷ୍ଟ ତ କ୍ଷଣିକେ ତୁଷ୍ଟ ହେବେ । ଏମାନଙ୍କର ପରମ୍ପରାଗତ ସଂସ୍କାର ବୋଲି କିଛି ରହିବ ନାହିଁ । ବାସ୍ତବରେ ରଜୋଗୁଣ ଓ ତମୋଗୁଣ ହିଁ ପୃଥିବୀରେ ରାଜୁତି କରିବେ । ଲୁଣ୍ଠନ, ଡକାୟତି ପ୍ରବଳ ଭାବରେ ଚାଲିବ । ହିଂସା, ହତ୍ୟାକାଣ୍ଡ, ଧର୍ଷଣ ଆଦି କାର୍ଯ୍ୟ ବଢ଼ି ବଢ଼ି ଚାଲିବ । ରାଜା ଏହି ସ୍ୱଭାବର ହେଲେ, ପ୍ରଜାମାନେ ତାଙ୍କୁ ଅନୁକରଣ କରିବେ । (ଯାହା ଏବେ ହେଉଛି) । ବ୍ରାହ୍ମଣମାନେ ଅବ୍ରାହ୍ମଣ କାର୍ଯ୍ୟ କରିବେ ।

ଶୁକମୁନି କହିଲେ ଧର୍ମ, ସତ୍ୟ, ପବିତ୍ରତା, ଦୟା, କ୍ଷମା, ଆୟୁ, ବଳ ଓ ସ୍ମରଣ ଶକ୍ତି ଲୋପ ପାଇବ । ଯାହା ପାଖରେ ଧନ ଜନ ଅଧିକ, ତାକୁ ଲୋକେ ଦିଅଁ ଦେବତାଙ୍କ ଭଳି ପୂଜା କରିବେ । ସେ ଯେତେ ଅସତ୍ କାମ କଲେ ମଧ୍ୟ ଲୋକେ ତାକୁ ସଦାଚାରୀ, କୁଳୀନ, ସଂଭ୍ରାନ୍ତ, ଭଦ୍ର ଓ ସଦ୍‌ଗୁଣବାନ୍ ବୋଲି କହିବେ । ସିଂହାସନରେ ବସାଇ ସେମାନଙ୍କର ସ୍ତୁତି କରିବେ । ନିଜର ସ୍ୱାର୍ଥ ସାଧନ ଲାଗି ଧନବାନର ପଦଲେହନ କରିବେ । ଯାହା ହାତରେ କ୍ଷମତା, ସେ ଧର୍ମ ଓ ନ୍ୟାୟ ବ୍ୟବସ୍ଥାକୁ ନିଜର ଅନୁକୂଳ ହେବା ଭଳି ନିଜ ବାଟରେ ଚଳାଇବ । କଳିର କଳୁଷ ପୋଛିବା ନାଆଁରେ ନାନା ସଂସ୍ଥା ଗଠିତ ହେବ । ଏମାନେ କଳିର କାଳିମାକୁ ଅଧିକ ଗାଢ଼ତର କରିବେ । କଳାବଜାର, କଳାଟଙ୍କା, କଳାକୃଷ୍ଣ (ଅଫିମ ଆଦି ନିଶା ଦ୍ରବ୍ୟ) କଳିଯୁଗର କୁଳଧର୍ମ ହେବ ।

॥ ୧୬୨ ॥

# ବିଷୟରୁ ବିଷ : ବିଷରୁ ସବୁ ଶେଷ

କଳିଯୁଗରେ ସବୁ କଳା । ସବୁଆଡ ଅନ୍ଧାର । ତମସାଚ୍ଛନ୍ନ । ବହୁ ପୁରାଣରେ କଳିଯୁଗର କଳୁଷ ସମ୍ପର୍କରେ ବହୁ ବର୍ଣ୍ଣନା ରହିଛି । ଆମେ ସମସ୍ତେ ସେହି କଳିଯୁଗର ଲୋକ । ଆମ ସାତ ପୁରୁଷ କ'ଣ, ଶହ ଶହ ପୁରୁଷର ଲୋକଙ୍କୁ କଳି କୋଳେଇ ଆସିଚି । କାରଣ କଳିଦେବତାଙ୍କ ବୟସ ୪୩୨୦୦୦ (ଚାରିଲକ୍ଷ ବତିଶ ହଜାର) ବର୍ଷ । ଏଥରୁ କେତେବର୍ଷ ଗଲାଣି, ଆଉ କେତେବର୍ଷ ରହିଛି, ସେ ସମ୍ପର୍କରେ ମଧ୍ୟ ବହୁତ କଳି ବା କଳହ । ବହୁ ବାଦବିବାଦ । କାହା ଗଣନା ଠିକ୍ କହିବା ସହଜ ନୁହଁ । ଯାହାହେଉ ଆମେ କଳିକି ଚିହ୍ନିଚୁ, ତା'ର ପ୍ରକୋପ ସହିଚୁ – ଏହା କମ୍ ସୌଭାଗ୍ୟର କଥା ନୁହଁ । ଭବିଷ୍ୟ ପୁରାଣର ପ୍ରଥମ ଅଂଶରେ ଉଲ୍ଲେଖ ଅଛି ଯେ କଳି ଜଣେ ଯୁଗପ୍ରବର୍ତ୍ତକ ଦେବତା । ଏହାଙ୍କ ପିତା ହେଉଛନ୍ତି 'କ୍ରୋଧ', ମାତା ଶ୍ରୀମତୀ 'ହିଂସା' ଦେବୀ । ଏହି ଦେବତାଙ୍କ ଭଉଣୀ ନାଁ 'ଦୁରୁକ୍ତି' ବା ଖରାପ କଥା । ଏହାଙ୍କ ଦୁଇପୁଅ– ଭୟ ଓ ମୃତ୍ୟୁ । ଏ ଯୁଗ ସରିଲେ ବିଷ୍ଣୁ ପୁଣି ଅବତାର ନେଇ ଆସିବେ । ତାଙ୍କ ନାମ ରହିବ କଳ୍କି । ସେ କଳିକି ସଂହାର କରିବେ । ତା'ପରେ ପୁଣି ଆସିବ ସତ୍ୟଯୁଗ । କେହି କେହି କହୁଛନ୍ତି, କଳିର କାଳ ସରି ଆସିଲାଣି । ଏଇ ଆଠ ଦଶ ବର୍ଷ ବାକି ଥିବ । ସତ୍ୟ କହୁଚି, ଶୀଘ୍ର କବାଟ ଖୋଲ; ମୁଁ ପଶିବି । କିନ୍ତୁ କଳି କଳି ନକରି ସହଜେ ସତ୍ୟକୁ ଘରେ ପୁରାଇ ଦେବାପାଇଁ ପ୍ରସ୍ତୁତ ନୁହଁ । ସତ୍ୟକୁ କହୁଚି, ମୁଁ ବ୍ରହ୍ମାଙ୍କ ପିଠିରୁ ଜନ୍ମିଚି । ମୋ ନାଆଁ ଥିଲା ଅଧର୍ମ । ମୋ ସ୍ତ୍ରୀ ଦିବ୍ୟସୁନ୍ଦରୀ ମନୋହାରିଣୀ ଶ୍ରୀମତୀ ମିଥ୍ୟାଦେବୀ । ମୋ ଔରସରୁ ମିଥ୍ୟାଙ୍କ ଗର୍ଭଜା ପୁତ୍ର ହେଉଛି ଶ୍ରୀମାନ୍ 'ଦଂଭ' । ମୋ କନ୍ୟାର ନାମ ମାୟା । ମୋ ଆଖି ଆଗରେ ଭାଇ ଭଉଣୀ ପ୍ରେମ କରି ବସିଲେ । ଦୁହେଁ ବାହାଟାହା ହେଇ ଘର କଲେ । ସେମାନେ ମଧ୍ୟ ଦୁଇପୁତ୍ର କନ୍ୟାଙ୍କ ଜନକ ଜନନୀ ହେଲେ । ପୁତ୍ରର ନାମ 'ଲୋଭ' । କନ୍ୟାର ନାମ 'ନିବୃତ୍ତି' । ଭାଇଭଉଣୀ ସ୍ୱାମୀ ସ୍ତ୍ରୀ ହେଲେ । ଏ ଦମ୍ପତିଙ୍କ ପୁଅର ନାଁ କ୍ରୋଧ ଓ କନ୍ୟା ହିଂସା । ମୁଁ ଏମାନଙ୍କ ପୁତ୍ର । ପୃଥିବୀରେ ମୋର ଅଧିକାର ଲକ୍ଷ ଲକ୍ଷ ବର୍ଷ । ମୋ ବୟସ ଏଯାଏଁ (୧୯୯୪) ସୁଦ୍ଧା ମାତ୍ର ୫୦୯୫ (ଆରମ୍ଭ ଖ୍ରୀଷ୍ଟପୂର୍ବ ୩୧୦୧ ରୁ ଖ୍ରୀଷ୍ଟପର ୧୯୯୪ କୁ ମିଶାଇ) ବର୍ଷ । ସତ୍ୟ ସହିତ ମିଥ୍ୟାର ବହୁ ଯୁକ୍ତିତର୍କ । ସତ୍ୟ କହୁଚି ତୋ ନାଆଁ ତ ମିଥ୍ୟା । କଥା ମିଛ, ବର୍ଷ ଗଣନା ମଧ୍ୟ ଭୁଲ । ତୋ ପ୍ରକୋପରେ ଲୋକେ ଅତିଷ୍ଠ ହୋଇଗଲେଣି । ଲଜ୍ଜା, ସମ୍ମାନ, ସାଧୁତା ସବୁ ନଷ୍ଟ ଭ୍ରଷ୍ଟ ।

ଶୁକଦେବ ରାଜା ପରୀକ୍ଷିତଙ୍କୁ କହିଲେ, ସମୟ ବା କାଳ ବଡ଼ ବଳବାନ୍ । କଳିଯୁଗର କଳେବର ଯେତିକି ଯେତିକି ବଢ଼ି ଚାଲିବ, ସେତିକି ସେତିକି ଧର୍ମ, ସତ୍ୟ, ପବିତ୍ରତା, କ୍ଷମା , ଦୟା, ଆୟୁ, ବଳ ଓ ସ୍ମରଣଶକ୍ତି ଲୋପ ପାଇବାରେ ଲାଗିବ । କଳିଯୁଗରେ ଯାହା ପାଖରେ ଧନ ଅଧିକ, ଲୋକେ ତାଙ୍କୁ କୁଳୀନ, ସଦାଚାରୀ ବୋଲି ମାନିବେ । ଯାହା ହାତରେ ଶକ୍ତି ବା କ୍ଷମତା ତାକୁ ସୁହାଇଲା ଭଳି ସେ ଧର୍ମ ଓ ନ୍ୟାୟ ବ୍ୟବସ୍ଥାକୁ ଚଳେଇବ । ବିବାହ ସମ୍ବନ୍ଧରେ କୁଳ, ଶୀଳ ଯୋଗ୍ୟତାର ପ୍ରଶ୍ନ ରହିବ ନାହିଁ । ଯୁବକ- ଯୁବତୀମାନେ ନିଜ ନିଜ ରୁଚି ଅନୁସାରେ ବିବାହ-ବନ୍ଧନରେ ବାନ୍ଧି ହେବେ । ଅବୈଧ ସନ୍ତାନଙ୍କ ସଂଖ୍ୟା ବୃଦ୍ଧି ପାଇବ । ପିତାମାତାଙ୍କ ହସ୍ତକ୍ଷେପକୁ ପୁଅଝିଅମାନେ ସହ୍ୟ କରିବେନି । ବାପା ମାଆ' ଗୋଇଠାମାଡ଼ ଖାଇବେ । ଯିଏ ଯେତିକି ଛନ୍ଦ କପଟ କରିପାରିବ, ତା'ର ସେତିକି ଜୟ ଜୟକାର ହେବ । ସଂଯମ ଶବ୍ଦର କୌଣସି ମୂଲ୍ୟ ରହିବ ନାହିଁ । ପ୍ରୀତି ଜାଗାରେ ରତି ରାଜୁତି କରିବ । ଗୈରିକ ବସନ, ଦଣ୍ଡ କମଣ୍ଡଳୁ ଆଦି ଛଦ୍ମବେଶର ଭୂଷଣ, ଆଭୂଷଣ ହେବ । ସନ୍ନ୍ୟାସୀ, ବ୍ରହ୍ମଚାରୀ ଭେକ ଧରି ଲୋକେ ରତି କୌଶଳରେ ମାତିବେ । ଅସାଧୁକୁ ଲୋକେ ସାଧୁ, ସାଧୁକୁ ଅସାଧୁ କହିବେ ।

ଯିଏ ଲାଞ୍ଛନା ଦେବନି, ଧନ ଖର୍ଚ୍ଚ କରିପାରିବନି, ସେ ନିର୍ଦ୍ଦୋଷ ହେଲେ ମଧ୍ୟ ଦୋଷୀ ସାବ୍ୟସ୍ତ ହେବ । ନ୍ୟାୟ ମିଳିବନି । ଯିଏ କୁହାଳିଆ, ଚାଲାକ, ଚତୁର, ଧପ୍ପାବାଜ, ଲୋକେ ତାକୁ 'ପଣ୍ଡିତ' କହିବେ । ସିଂହାସନରେ ବସାଇ ତାକୁ ଫୁଲମାଳ ପିନ୍ଧେଇବେ । ପ୍ରବଚକ ଭାବରେ ସମ୍ମାନ ଦେବେ । ଯିଏ ଯେତିକି ଧପେଇ ଧାପେଇ ଲୋକଙ୍କୁ ଠକି 'ନେଇ' ପାରିଲା, ତାକୁ ଲୋକେ 'ନେତା' କହି ମୁଣ୍ଡରେ ମୁଣ୍ଡେଇବେ । ଗରିବ, ସାଧୁ ଜ୍ଞାନୀ ହେଲେ ମଧ୍ୟ ମୂର୍ଖ, ଅସାଧୁ ତାଲିକାରେ ରହିବ । ସଂସ୍କାର, ବିଧିବିଧାନ, ଶାସ୍ତ୍ରମତ, ବେଦନିର୍ଦ୍ଦେଶକୁ ଲୋକେ ମାନିବେ ନାହିଁ । ବେଶଭୂଷା ସବୁ ଓଲଟପାଲଟ ହୋଇଯିବ । କୁନ୍ତଳିନୀ କେଶବତୀ ତରୁଣୀମାନେ କେଶହୀନ ହେବେ, ତରୁଣମାନେ ସକୁନ୍ତଳ ହେବେ । ଦେହରେ ନାଆଁକୁ ମାତ୍ର ଚାଖଣ୍ଡେ ଦି'ଚାଖଣ୍ଡେ କନା ରହିବ । ସ୍ତ୍ରୀଲୋକମାନେ ପତଳା ଲୁଗା ପିନ୍ଧିବାକୁ ଭଲପାଇବେ । ଯୁବକମାନେ କଣ୍ଟା ମୋଟା କପଡ଼ା ପିନ୍ଧିବେ ଯଥା— ଜିନ୍ । ଲଙ୍ଗଳା ହୋଇ ସନ୍ତରଣ ପୁଷ୍କରିଣୀରେ ପହଁରିବେ । ଏଇ ମ୍ଳେଚ୍ଛ ସଭ୍ୟତାର ପ୍ରସାର ଲାଗି ଶାସକମାନେ ସୁବିଧା ସୁଯୋଗ କରିଦେବେ । ଏହି ସନ୍ତରଣ ପୁଷ୍କରିଣୀ ହିଁ ହେବ ତୀର୍ଥସ୍ଥାନ । ଗଙ୍ଗା ଗୋମତୀ ଅଦି ଉପେକ୍ଷିତ ହେବେ । ଜୀବନର ଶ୍ରେଷ୍ଠ ପୁରୁଷାର୍ଥ ହେବ, ମଦମାଂସରେ ପେଟ ଭରିବା, ଅଶ୍ଳୀଳ ଚିତ୍ର ଦେଖିବା, ଅଶ୍ଳୀଳ ସଙ୍ଗୀତ ଶୁଣିବା । ସ୍ୱାର୍ଥସାଧନ ହିଁ ହେବ ଚରିତାର୍ଥ ଓ ସାର୍ଥକତା ।

ଶୁକଦେବ କହିଚାଲିଛନ୍ତି, ରାଜା ପରୀକ୍ଷିତ କେବଳ ଛି ଛି କରିବାରେ ଲାଗିଛନ୍ତି । ଶୁକମୁନି କହିଲେ, ବ୍ୟସ୍ତ ହୁଅନି, ତୁମେ ସେତେବେଳକୁ ନଥିବ, କିନ୍ତୁ ତୁମର ବଂଶଧରମାନେ ଏସବୁ ଯୁଗ-ରୋଗ ଭୋଗିବେ । ଯାହା ଧାରଣ କରାଯାଏ ତାହାହିଁ ଧର୍ମ ଭାବରେ କଥିତ । ତେଣୁ ଲୋକେ ଭଲ ହେଉ ମନ୍ଦ ହେଉ, ଯାହା ଧାରଣ କରିବେ, ତାହାହିଁ ସେମାନଙ୍କର ଧର୍ମ ହେବ । ଏଥିରେ ପାଳନୀୟ, ରକ୍ଷଣୀୟ, ଗ୍ରହଣୀୟ ଆଦି ଯୋଗ୍ୟତାର ପ୍ରଶ୍ନ ରହିବ ନାହିଁ । ନିଜର ସମ୍ମାନ ବୃଦ୍ଧି, ଯଶବିକାଶ ଲାଗି ଧର୍ମର ସେବା କରାଯିବ । ବ୍ରାହ୍ମଣମାନେ ଶୂଦ୍ର ପାଲଟିବେ, କ୍ଷତ୍ରିୟମାନେ ବୈଶ୍ୟ ପାଲଟିବେ । ଆଉ ବର୍ଣ୍ଣର କୌଣସି ପରିଚୟ ରହିବ ନାହିଁ । ଶାସନରେ ଅନୁଶାସନ ରହିବ ନାହିଁ । କିଏ ବାହୁବଳରେ ତ କିଏ ଧନବଳରେ କିଏ ବା କୌଶଳ ବଳରେ କ୍ଷମତାଶାଳୀ ବା ରାଜା (ଏବର ମନ୍ତ୍ରୀ) ହୋଇପାରିବେ । ମୂର୍ଖ ମଧ ମୁଖ୍ୟମନ୍ତ୍ରୀ ହୋଇପାରିବେ । ଶଠ ହେବ ମଠ ମହନ୍ତ । ବହୁତ ପାଠ ପଢ଼ି ଲୋକେ ଦାଣ୍ଡର ଭିକାରୀ ହେବେ । ପରସ୍ତ୍ରୀ ପ୍ରତି ଅତ୍ୟାଚାର ବଢ଼ିବ । ରାଜାଙ୍କ ଭୟରେ ପ୍ରଜାମାନେ ଘରଦ୍ୱାର ଛାଡ଼ି ବଣ ଜଙ୍ଗଲରେ ଆଶ୍ରୟ ନେବେ । ଫଳମୂଳ ଖାଇ ଜୀବନ ଧାରଣ କରବେ । ଚାରିଆଡ଼େ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବ । କେବେ ଅତି ବୃଷ୍ଟି ହେବ ତ କେତେବେଳେ ଅନାବୃଷ୍ଟି । ବନ୍ୟା ଓ ମରୁଡ଼ି ସୃଷ୍ଟି ହେବ । ଉତ୍ପାତ, ସଂଘର୍ଷ ଯୋଗୁଁ ଲୋକେ ଉତ୍ପୀଡ଼ିତ ହେବେ । ନାନା ରୋଗ ଗ୍ରାସ କରିବ । କଳିଯୁଗରେ ମଣିଷର ପରମାୟୁ କୋଡ଼ିଏ, ତିରିଶ ବର୍ଷ ହେବ ।

''ବିଂଶତ୍ରିଶତି ବର୍ଷାଣି ପରମାୟୁଃ କଳୌ ନୃଣାମ୍''

ହେ ପରୀକ୍ଷିତ, କ୍ରୋଧ ଓ ହିଂସା ଯାହାର ବାପ,' ସେମାନଙ୍କ ସନ୍ତାନସନ୍ତତି ଓ ବଂଶଧର ଆଉ କ'ଣ ହୁଅନ୍ତେ ? ରକ୍ଷକମାନେ ଭକ୍ଷକ ହେବା ସ୍ୱାଭିବିକ । କେବଳ ଗୋଟିଏ ବର୍ଣ୍ଣ ରହିବ – ତାହା ଶୂଦ୍ର । କାରଣ ସମସ୍ତଙ୍କ ସ୍ୱଭାବ ଶୂଦ୍ର ଭଳି ହେବ । କଳିକାଳର କଳୁଷ ଦୋଷରୁ ଶରୀର ମଧ ଛୋଟ ଛୋଟ ହେବ । ଗାଇ ଛେଳି ମଇଁଷି ଆଦି ଗୃହପାଳିତ ପଶୁ ମଧ କମ୍ କ୍ଷୀର ଦେବେ । ସେମାନେ ମଧ ଅବୈଧ ଶାବକ ଜନ୍ମ ଦେବେ । ସବୁ କୃତ୍ରିମ ହୋଇ ପଡ଼ିବ । ବାନପ୍ରସ୍ଥୀ ଓ ସନ୍ୟାସୀମାନେ ଆଶ୍ରମଧର୍ମ ତ୍ୟାଗ କରିବେ । ଘର-ଘରଣୀ କରିବେ । ବେପାର ବଣିଜ କରିବେ । ଧନଲୋଭ ସମସ୍ତଙ୍କୁ ଗ୍ରାସିବ । ପୁଅମାନେ ବିବାହ କରି ସାରିବା ପରେ ଶାଶୁ ଶ୍ୱଶୁରଙ୍କ ଗୃହାଭିମୁଖୀ ହେବେ । ବାପାମାଆଙ୍କ କଥା ସେମାନଙ୍କୁ ଗନ୍ଧେଇବ । ଶାଶୁ ଶ୍ୱଶୁରଙ୍କ କଥା ଅମୃତ ଭଳି ଲାଗିବ । ବିଶେଷତଃ ଶିକ୍ଷିତ ପରିବାରମାନଙ୍କରେ ଏହିଭଳି ବେଶି ଦେଖାଯିବ । ଫଳମୂଳ ସବୁ ଭେଜାଲ ହେବ । ସାର ଦେଇ ଦେଇ ଜମିକୁ ଅସାର କରିଦିଆଯିବ । ଜନସଂଖ୍ୟା ହୁହୁ ହୋଇ ବଢ଼ିବ । ଦିନ ଆସିବ ଜନ ବନ କିଛି ରହିବ ନାହିଁ । ପୃଥିବୀ ଜନଶୂନ୍ୟ ହୋଇ ପଡ଼ିବ ।

ହେ ପରୀକ୍ଷିତ,, କଳିଯୁଗର ଲକ୍ଷଣ ଆଉ କେତେ କହିବି ? ଯୁଗ ଶେଷ ବେଳକୁ ମଣିଷର ସ୍ୱଭାବ ଗଧ ଭଳି ହୋଇପଡ଼ିବ । ବିଷୟରୁ ଯେଉଁ ବିଷ ବାହାରିବ, ସେହି ବିଷ (ନିଶାସେବନ) ହିଁ ଶେଷ କରିଦେବ । ଏପରି ପରିସ୍ଥିତି ଯେତେବେଳେ ଚରମକୁ ଆସିଯିବ, ସେତେବେଳେ ସତ୍ୟଯୁଗ ପାଇଁ ଦ୍ୱାର ଖୋଲିଯିବ, ଭଗବାନ ପୁଣି ଅବତାର ଗ୍ରହଣ କରିବେ । ବିଷ୍ଣୁଙ୍କ ଦଶ ଅବତାର ମଧ୍ୟରୁ ଶେଷ ଅବତାର ହେବ କଳ୍କୀ । ସେ ଦୁଇଟି ପକ୍ଷୀ ଥିବା ଧଳା ଘୋଡ଼ାରେ ଚଢ଼ି ଆସିବେ । ଜ୍ୱଳନ୍ତ ଧୂମକେତୁ ଭଳି ସେ ଦେଖାଯିବେ । ତାଙ୍କର ଗୋଟିଏ ହାତରେ ତରବାରୀ, ଅନ୍ୟ ହାତରେ ଚକ୍ର ରହିବ । ମ୍ଳେଚ୍ଛ ଓ ବିଧର୍ମୀମାନଙ୍କୁ ସେ ନିର୍ମୂଳ କରିବେ । ତାଙ୍କର ଏକମାତ୍ର ଲକ୍ଷ୍ୟ ହେବ ସାଧୁସଜ୍ଜନ ଓ ଧର୍ମରକ୍ଷଣ ।

॥ ୧୬୩ ॥

# ଘୋରକଳିର କେଳି କୌତୁକ

ଯୁଗ ବିଭାଗରେ ପ୍ରଥମଭାଗର ନାମ 'ସମୟ' ବା କାଳ । ଏହାକୁ କୃତ୍ (କ୍ରିତ) ବା ସତ୍ୟଯୁଗ କୁହାଯାଏ । ଦ୍ୱିତୀୟ ଭାଗ ତ୍ରେତା । ତୃତୀୟ ଦ୍ୱାପର । ଚତୁର୍ଥ ହେଉଛି କଳି । ଚତୁର୍ଥର ଚତୁର୍ଥ ଭାଗ ହେଉଛି ଘୋରକଳି । ଅନ୍ୟନାମ ମ୍ଳେଚ୍ଛ । ଏହା ସଂସାରର ଶେଷ ଅବସ୍ଥା । ସତ୍ୟ, ଧର୍ମ, ନ୍ୟାୟ ସଂଚାରର ସୂଚନା ମିଳିଲେ ଯାଇ ଜଣାଯିବ ଯେ କଳିର କାଳ ପୂରି ଆସିଲାଣି । ଏବେ ଘୋରକଳିର କେଳି ଚାଲିଥିବା ମନେହୁଏ । କିନ୍ତୁ ଆମ ପୂର୍ବ ପୁରୁଷର ଲୋକେ ମଧ୍ୟ କହୁଥିଲେ ଯେ, ସେମାନେ ମଧ୍ୟ ଘୋରକଳି ଭିତରେ କାଳାତିପାତ କରୁଥିଲେ । ପୁରୁଣା ଶବ୍ଦରୁ ପୁରାଣ । ପୁରାଣମାନଙ୍କରେ ଏହି ଘୋରକଳି କଥା ବର୍ଣ୍ଣିତ ହୋଇଛି ।

ଏହି ବର୍ଣ୍ଣନାନୁସାରେ ଭଗବାନ ଶମ୍ଭଳ ଗ୍ରାମରେ ବିଷ୍ଣୁଯଶା ନାମକ ଜଣେ ଶ୍ରେଷ୍ଠ ବ୍ରାହ୍ମଣ ଘରେ ଜନ୍ମ ଗ୍ରହଣ କରିବେ । ଭଗବାନଙ୍କ ନାମ ରହିବ କଳ୍କି । ସେ କଳିକି ସଂହାର କରି ସତ୍ୟଯୁଗ ପ୍ରତିଷ୍ଠା କରିବେ । ଲକ୍ଷ୍ମୀ ପଦ୍ମା ରୂପରେ ପୃଥିବୀରେ ଅବତୀର୍ଣ୍ଣ ହେବେ ଏବଂ କଳ୍କିଙ୍କୁ ପତିରୂପେ ବରଣ କରିବେ । ପଦ୍ମାଙ୍କ ସହିତ ବିବାହ ପରେ ସେ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ପ୍ରାସାଦରେ ବାସ୍ କରିବେ । ସେ କୃଥୋଦରୀ ନାମ୍ନୀ ରାକ୍ଷସୀକି ବଧ କରିବେ । ତା'ପରେ ସେ ଯିବେ ଭଲ୍ଲାଟ ନଗରୀକି । ସେଠାରେ ଶଯ୍ୟାକର୍ଣ୍ଣ, ଶଶିଧ୍ୱଜ

ପ୍ରଭୃତି ରାଜାମାନଙ୍କ ସହିତ ତାଙ୍କର ଯୁଦ୍ଧ ହେବ । କଳ୍କିଙ୍କ କରୁଣାରୁ ଶଶିଧ୍ୱଜ ମୋକ୍ଷ ଲାଭ କରିବେ । ତା'ପରେ ପୁଣି ସେ ଶମ୍ଭଳଗ୍ରାମକୁ ଫେରି ଆସି ସେଠାରେ ନାନା ପ୍ରକାରର ଯଜ୍ଞ କରିବେ । ଧର୍ମ ପ୍ରବର୍ତ୍ତିତ ହେବ । ଦେବତାମାନେ ଶମ୍ଭଳ ଗ୍ରାମକୁ ଆସି ଭଗବାନଙ୍କୁ ଅଭ୍ୟର୍ଥନା କରିବେ । ପୃଥିବୀରେ ମ୍ଲେଚ୍ଛ ନିଧନ ପରେ ଭଗବାନ ସ୍ୱଧାମକୁ ଫେରିଯିବେ ।

ଶୁକମୁନି କହିଲେ, ପ୍ରିୟ ପରୀକ୍ଷିତ ! ସର୍ବବ୍ୟାପକ ଭଗବାନ ସର୍ବଶକ୍ତିମାନ୍ । ସେ ସଚରାଚର ଜଗତର ସଚ୍ଚା ଶିକ୍ଷକ, ସଦ୍‌ଗୁରୁ । ତେଣୁ ସେ କେବଳ ଜଗଦ୍‌ଗୁରୁ ପଦବାଚ୍ୟ । ସେ ଅଷ୍ଟସିଦ୍ଧି (ଯଥା ଅଣିମା, ଲଘିମା, ମହିମା, ବ୍ୟାପ୍ତି, ପ୍ରକାମ୍ୟ, ଈଶିତା, ବଶିତା ଓ କାମାବସାୟିତା) ବା ଆଠଟି ଐଶ୍ୱର୍ଯ୍ୟ ଏବଂ ସର୍ବସଦ୍‌ଗୁଣର ଆଶ୍ରୟ । ତେଣୁ ସେ ରକ୍ଷକ ଓ ସମସ୍ତଙ୍କର ସ୍ୱାମୀ । ସେ ଦେବଦତ୍ତ ନାମକ କ୍ଷିପ୍ରଗାମୀ ଅଶ୍ୱ ଉପରେ ବସି ମ୍ଲେଚ୍ଛ ନିଧନ କରିବେ । ରାଜା ବା ମନ୍ତ୍ରୀ ବେଶରେ ଛପି ରହି ଡକାୟତି କରୁଥିବା ଡକାୟତମାନଙ୍କୁ ସଂହାର କରିବେ । ଦୁଷ୍ଟଦଳନ ପରେ ଶିଷ୍ଟ ପାଳନ କାର୍ଯ୍ୟ ଚାଲିବ । କଳ୍କିଙ୍କ ଅଙ୍ଗରାଗର ସ୍ପର୍ଶରେ ପ୍ରଜାମାନଙ୍କ ଅଙ୍ଗ ପବିତ୍ର ହେବ । ଦିବ୍ୟଗନ୍ଧରେ ସଂସାର ସୁଗନ୍ଧିତ ହେବ । ଚତୁର୍ଦ୍ଦିଗରେ ଆନନ୍ଦ ଉଲ୍ଲାସର କଲ୍ଲୋଳ ଛୁଟିବ । ସମସ୍ତଙ୍କ ହୃଦୟରେ ସତ୍ୟମୂର୍ତ୍ତି ଭଗବାନ ବାସୁଦେବ ବିରାଜମାନ ହେବେ । ଲୋକଙ୍କ ଆୟୁଷ ବଢ଼ିବ । ଶରୀର ସୁସ୍ଥ ସବଳ, ହୃଷ୍ଟପୁଷ୍ଟ ରହିବ । ଭଗବାନ ବିଷ୍ଣୁ ଶ୍ରୀମାନ୍ ନାରାୟଣ କୃଷ୍ଣ ରୂପରେ ଲୀଳା କରିଥିଲେ । ସେ ବିଦାୟ ନେବା ପରେ କଳିଯୁଗ ଆସିଥିଲା । ସେ ପୁଣି ଧରାକୁ ଆସିଲେ, ତାଙ୍କ ସହିତ ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା ମଧ୍ୟ ଆସିବେ । ଏହାହିଁ ହେବ ପଞ୍ଚଶୀଳ ।

ପରୀକ୍ଷିତ ପ୍ରଶ୍ନ କଲେ, ମୁଁ ତ ଆଉ ଦିନେ ଦୁଇଦିନ ପରେ ସର୍ପଦଂଶନରେ ମୃତ୍ୟୁ ବରଣ କରିବି । ଆପଣ ମୋ ଭବିଷ୍ୟତ ବଂଶଧର ତଥା ଭବିଷ୍ୟତର ପ୍ରଜାମାନଙ୍କ ପାଇଁ କହନ୍ତୁ, ସତ୍ୟଯୁଗର ପ୍ରାରମ୍ଭ କେବେ ? ଶୁକମୁନି କହିଲେ-

**"ଯଦା ଚନ୍ଦ୍ରାଶ୍ଚ ସୂର୍ଯ୍ୟଶ୍ଚ ତଥା ତିଷ୍ୟବୃହସ୍ପତୀ ।**
**ଏକରାଶୌ ସମେଷ୍ୟନ୍ତି ତଦା ଭବତି ତତ୍‌କୃତମ୍ ।** *ଭା : ୧୨/୨୪*

"ଯେତେବେଳେ ସୂର୍ଯ୍ୟ, ଚନ୍ଦ୍ର ଓ ବୃହସ୍ପତି ଏକ ସମୟରେ ଏକାଠି ପୁଷ୍ୟା ନକ୍ଷତ୍ରରେ ପ୍ରବେଶ କରି ଗୋଟିଏ ରାଶିରେ ଅବସ୍ଥାନ କରିଥାଆନ୍ତି- ସେତେବେଳେ କୃତ୍ ବା ସତ୍ୟଯୁଗର ପ୍ରାରମ୍ଭ ହୋଇଥାଏ ।"

ହେ ରାଜା ପରିକ୍ଷୀତ ! ମୁଁ ଚନ୍ଦ୍ରବଂଶ, ସୂର୍ଯ୍ୟବଂଶର ଯେତେ ରାଜା ହେଲେଣି ବା ହେବେ ସଂକ୍ଷେପରେ ସେ ସବୁ ବିବରଣୀ କହିଚି । ତୁମ ଜନ୍ମଠୁ ରାଜା ନନ୍ଦଙ୍କ ଅଭିଷେକ

ପର୍ଯ୍ୟନ୍ତ ଏକ ହଜାର ଏକଶହ ପନ୍ଦର ବର୍ଷ ବିତିଯିବ । ଯେଉଁ ସମୟରେ ଆକାଶରେ ସପ୍ତର୍ଷିଙ୍କ ଉଦୟ ହୋଇଥାଏ, ସେତେବେଳେ ଏମାନଙ୍କ ମଧ୍ୟରୁ କେବଳ ଦୁଇଟି ତାରା ଦେଖାଯାଇଥାଏ । ଏ ଦୁଇଟି ତାରା ମଝିରେ ଦକ୍ଷିଣ ଓ ଉତ୍ତର ରେଖାର ସମଭାଗରେ ଅଶ୍ୱିନୀଆଦି ନକ୍ଷତ୍ର ମଧ୍ୟରୁ ଗୋଟିଏ ନକ୍ଷତ୍ର ଦେଖାଦିଏ । ଏହି ନକ୍ଷତ୍ର ସହିତ ସପ୍ତର୍ଷିମାନେ ମନୁଷ୍ୟମାନଙ୍କ ଗଣନା ଅନୁସାରେ ଶହେବର୍ଷ ଯାଏ ରହିଥାଆନ୍ତି । ତୁମ ଜନ୍ମ ସମୟ ଏବଂ ଏବେ ମଧ୍ୟ ତୁମକୁ କହୁଥିବା ସମୟ ମଘା ନକ୍ଷତ୍ରରେ ଅବସ୍ଥିତ । ଜାଣିରଖ ଯେ, ଯେଉଁ ସମୟରେ ସପ୍ତର୍ଷି ମଘା ନକ୍ଷତ୍ରରେ ବିଚରଣ କରିବାରେ ଲାଗିଥାଆନ୍ତି, ସେତେବେଳେ କଳିଯୁଗର ପ୍ରାରମ୍ଭ ହୋଇଥାଏ । କଳ୍କିଭଗବାନଙ୍କ କୃପାରେ ମନୁଷ୍ୟଙ୍କମନରେ ଯେତେବେଳେ ସାତ୍ତ୍ୱିକ ଭାବର ସଂଚାର ହେବ, ଲୋକେ ନିଜ ସ୍ୱରୂପକୁ ଜାଣିପାରିବେ, ସେହି ସମୟରୁ ସତ୍ୟଯୁଗ ଆରମ୍ଭ ହେବ ।

ଶୁକଦେବ କହିଲେ, ଯେପରି ମନୁବଂଶର ଗଣନା ହୋଇଥାଏ, ସେହିଭଳି ପ୍ରତ୍ୟେକ ଯୁଗରେ ଚାରିବର୍ଣ୍ଣର ବଂଶ ପରମ୍ପରାକୁ ବୁଝିବା ଉଚିତ । ମୁଁ ଯେଉଁ ରାଜା ମହାରାଜା ଓ ମହାତ୍ମାମାନଙ୍କ କଥା କହିଛି, ସେମାନେ କେବଳ ନାମ ଓ କଥାରେ ରହିଛନ୍ତି । ସେମାନଙ୍କ କୀର୍ତ୍ତି ଓ କୃତିତ୍ୱ କେବଳ ଶୁଣିବାକୁ ମିଳିଥାଏ । ଭୀଷ୍ମ ପିତାମହଙ୍କ ପିତା ଥିଲେ ମହାରାଜା ଶାନ୍ତନୁ । ତାଙ୍କ ଭାଇ ଦେବାପି ଏବଂ ଇକ୍ଷ୍ୱାକୁ ବଂଶର ମରୁ ନାମକ ଜଣେ ରାଜା ଆଗରୁ କଳାପ ଗ୍ରାମରେ ରହୁଥିଲେ । ଏ ଦୁହେଁ ଯୋଗନିଷ୍ଠ ଥିଲେ । କଳିଯୁଗର ଅନ୍ତିମ ସମୟରେ ଭଗବାନ କଳ୍କିଙ୍କ ନିର୍ଦ୍ଦେଶରେ ସେମାନେ ପୁଣି ପୃଥିବୀ ପୃଷ୍ଠକୁ ଆସିବେ । ସେମାନେ ପୂର୍ବଭଳି ବର୍ଣ୍ଣାଶ୍ରମ ଧର୍ମର ପ୍ରସାର କରିବେ । ଯେଉଁମାନେ ପୃଥିବୀରେ ରାଜତ୍ୱ କରିଆସିଛନ୍ତି, ସମସ୍ତେ କହିଛନ୍ତି, ଏଇଟା 'ମୋର', ଏହା 'ମୁଁ' କରିଚି । କିନ୍ତୁ ସମସ୍ତେ ମରିଛନ୍ତି । ସମସ୍ତଙ୍କ ଦେହ ଧୂଳିରେ ମିଶିଚି । ନିଜ ଶରୀରକୁ କେନ୍ଦ୍ର କରି ଯିଏ ଅନ୍ୟ ଶରୀରକୁ ପୀଡ଼ା ଦେଉଚି, ସେ ନିଜର ସ୍ୱାର୍ଥ କ'ଣ ଜାଣିନି, ପରମାର୍ଥକୁ ଜାଣିବା ତ ଦୂରର କଥା । ସମସ୍ତଙ୍କ ମନରେ ଗୋଟିଏ କଥା ଲୁଚାୟିତ ଭାବରେ ରହିଥାଏ, ତାହା ହେଉଛି କ୍ଷଣସ୍ଥାୟୀ ସ୍ୱାର୍ଥ । ଥରେ ଜଣେ କ୍ଷମତାକୁ ଆସିଗଲେ, ଶତ ଅପମାନ ପାଇଲେ ମଧ୍ୟ ତାକୁ ଛାଡ଼ି ନଥାଏ । ସେ ଭାବେ, ମୁଁ ରାଜୁତି କରୁଚି, ମୋ ପରେ ମୋର ପୁଅ ଝିଅ ରାଜୁତି କରିବେ, ମୁଁ ଯେପରି ଉପଭୋଗ କରୁଚି, ମୋ ବଂଶଜମାନେ ମଧ୍ୟ ସେହିଭଳି ସୁଖ ଉପଭୋଗ କରିବେ । ଏହାଠୁ ବଳି ମୂର୍ଖତା କ'ଣ ହୋଇପାରେ ? ପ୍ରିୟ ପରୀକ୍ଷିତ ! ଯେଉଁମାନେ ବଳପୌରୁଷ ଦ୍ୱାରା ପୃଥିବୀକି ଉପଭୋଗ କରୁଛନ୍ତି, ଏମାନେ କାଳର କରାଳଗର୍ଭରେ ଲୀନ ହୋଇଯିବେ । ହଁ, ଇତିହାସରେ

ହୁଏତ ଏମାନଙ୍କ କୀର୍ତ୍ତି, ଅକୀର୍ତ୍ତିର କାହାଣୀ କେତେ କାଳପାଇଁ ରହିପାରେ ! ଏ କାହାଣୀ ମଧ୍ୟ ଅପଭ୍ରଷ୍ଟ ହୋଇଯାଇପାରେ । ସବୁ ହେଉଛି କଳିର ପ୍ରଭାବ ।

ମହାଭାରତର ବନପର୍ବରେ ନଳ ଚରିତ ଏକ କାହାଣୀ । ଏକ ଇତିହାସ । କଳିର ଅତ୍ୟାଚାରରେ ନିଷଧରାଜ ନଳ ରାଜ୍ୟଚ୍ୟୁତ ହୋଇଥିଲେ । ସେ ତାଙ୍କ ରୂପସୀ ରାଣୀ ଦମୟନ୍ତୀଙ୍କ ସହିତ ଅକଥନୀୟ କଷ୍ଟ ସହ୍ୟ କରିଥିଲେ । ଦେବତାମାନଙ୍କ କ୍ରୋଧରୁ ଏହା ଘଟିଥିଲା । ବିଦର୍ଭରାଜ କନ୍ୟା ଦମୟନ୍ତୀ । ଇନ୍ଦ୍ରାଦି ଦେବତାମାନେ ମଧ୍ୟ ଦମୟନ୍ତୀଙ୍କୁ ସ୍ତ୍ରୀ ଭାବରେ ବରଣ କରିବା ପାଇଁ ଇଚ୍ଛା କରିଥିଲେ । ସେଥିଲାଗି ସେମାନେ ସ୍ୱୟଂବର ସଭାକୁ ଯାଇଥିଲେ । କିନ୍ତୁ ଦମୟନ୍ତୀ ସେମାନଙ୍କୁ ଉପେକ୍ଷା କଲେ । ନଳଙ୍କ ଗଳାରେ ବରଣମାଳା ଦେଲେ । ଦ୍ୱାପର ଓ କଳି ଦୁଇଦେବତା । ଦୁଇସଖା । ଏ ଦୁହେଁ ଅପମାନର ପ୍ରତିଶୋଧ ନେବାପାଇଁ ସ୍ଥିର କଲେ । ଦମୟନ୍ତୀଙ୍କୁ ବିପନ୍ନା କରିବା ଲାଗି ସୁଯୋଗ ଉଣ୍ଡିଲେ । ନଳଙ୍କ ଛିଦ୍ର ଖୋଜିବାରେ ଲାଗିଲେ । ପ୍ରାୟ ଏଗାର ବର୍ଷ ପରେ ନଳଙ୍କୁ ଅଶୁଚି ଅବସ୍ଥାରେ ଦେଖି କଳି ତାଙ୍କ ଦେହରେ ପ୍ରବେଶ କଲେ । ନଳ ସଦ୍‌ବୁଦ୍ଧି ହରେଇ ବସିଲେ । ସେ ନିଜ ଭାଇ ପୁଷ୍କରଙ୍କ ସହିତ ଜୁଆଖେଳି ରାଜ୍ୟ ହରାଇଲେ । ବନବାସ କଲେ । କର୍କୋଟକ ନାଗସାପ ତାଙ୍କୁ ଦଂଶନ କଲା । ଫଳରେ ବିଷଜ୍ୱାଳାରେ ନଳଙ୍କ ଦେହରେ କଳି ନିର୍ଜୀବ ହୋଇପଡ଼ିଲା । କର୍କୋଟକର ଉପଦେଶ କ୍ରମେ ଅଯୋଧ୍ୟା ରାଜା ଋତୁପର୍ଣ୍ଣ ନଳଙ୍କୁ ଅକ୍ଷକ୍ରୀଡ଼ା ଶିକ୍ଷାଦେଲେ । ବିଷ ପ୍ରକୋପ ପ୍ରବଳ ହେବାରେ କଳି ନିଜ ଜୀବନରକ୍ଷା କରିବା ଲାଗି ନଳଙ୍କ ଦେହରୁ ବାହାରିଯିବାକୁ ବାଧ୍ୟ ହେଲେ । ଦୀର୍ଘ ବିରହ ପରେ ଦମୟନ୍ତୀଙ୍କ ସହିତ ନଳଙ୍କ ମିଳନ ହେଲା । ନଳ ପୁଣି ନିଷଧର ରାଜା ହେଲେ । ଇଏ ବି କଳିର କରାମତି । ଜୟ ପରାଜୟର ଏକ କାହାଣୀ ।

●

॥ ୧୬୪ ॥

# କୃଷ୍ଣ ନାମ କେବଳମ୍

ଆଧ୍ୟାତ୍ମିକ ତତ୍ତ୍ୱକୁ ଜଡ଼ର ଗୁଣ ଦ୍ୱାରା ଘୋଡ଼ାଇ ରଖିବା ଯାହା, ହାତୀକୁ କୁଲାରେ ଘୋଡ଼େଇ ରଖିବା ତାହା । ପୃଥିବୀର ଆଦି ନିର୍ମାଣ ପ୍ରାୟ ଛଅ ହଜାର ବର୍ଷ ବୋଲି କେତେକ ତତ୍ତ୍ୱବିତ୍ କହିଥାଆନ୍ତି । ତାହାହେଲେ କ'ଣ ପୃଥିବୀର ନିର୍ମାଣ ଦିନଠାରୁ କଳିଯୁଗର ଆରମ୍ଭ ! କିନ୍ତୁ ରାମ ଓ କୃଷ୍ଣ ଆଦି ତ ଏହି ପୃଥିବୀକୁ ଆସି ଲୀଳା କରିଥିଲେ । ସେମାନେ କ'ଣ ତ୍ରେତା ଓ ଦ୍ୱାପର ଯୁଗର ଲୋକ ନ ଥିଲେ ? ସମସ୍ତେ କ'ଣ ଏଇ କଳି ଯୁଗର ?

ଏହିଭଳି ନାନା ପ୍ରଶ୍ନ । ଶୁକଦେବ ଆସନ୍ନ ମୃତ୍ୟୁମୁଖୀ ରାଜା ପରୀକ୍ଷିତଙ୍କୁ କହିଲେ, ଧରା ସମସ୍ତଙ୍କୁ ଧରି ରଖିଛି । ସେ ଦେଖିଚି, ବହୁ ରାଜା ମହାରାଜା ତାକୁ ଜୟ କରିବା ଲାଗି ବ୍ୟାକୁଳ । ସେମାନଙ୍କ ଉଦ୍ୟମକୁ ଦେଖି ପୃଥିବୀ ହସେ । ସେ କହେ, ରାଜୁତି କରେ ଯିଏ, ଯିଏ ରାଜା ବୋଲାଏ । ଏମାନେ ନାନା ନାମରେ ଆସୁଚନ୍ତି । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଏକଛତ୍ରପତି, ଚାନ୍‌ସେଲର ଇତ୍ୟାଦି ଇତ୍ୟାଦି । ଆଶ୍ଚର୍ଯ୍ୟର କଥା ହେଉଚି, ଏମାନେ ସମସ୍ତେ ମୃତ୍ୟୁର ଖେଳନା । ତଥାପି ମତେ ଜୟ କରିବା ଲାଗି ନାନା ଚକ୍ରାନ୍ତ, ନାନା ଷଡ଼ଯନ୍ତ୍ର ଏବଂ ଅସ୍ତ୍ରର ଝଙ୍କାର, କାର୍ମୁକ ଟଙ୍କାର । କ୍ଷଣଭଙ୍ଗୁର ଶରୀର ଉପରେ ସେମାନଙ୍କର ପ୍ରବଳ ଆସ୍ଥା । କେହି କେହି ସଂଯତ ହୋଇ ମନେ ମନେ ଭାବୁଚନ୍ତି, ପ୍ରଥମେ ମନ ସହିତ ପଞ୍ଚଇନ୍ଦ୍ରିୟଙ୍କୁ ଜୟ କରିବୁ, କାରଣ ଏଗୁଡ଼ିକୁ ନ ଜିଣିଲେ ବାହାରର ଶତ୍ରୁକୁ ଜିଣିବା କଠିନ । ତା'ପରେ ଅନ୍ୟ ସମସ୍ତଙ୍କୁ ବଶୀଭୂତ କରାଯାଇପାରିବ । ଯିଏ ଏହି ବାଟରେ ବାଧାଦେବ, ତାକୁ କାବୁ କରିବାକୁ ପଡ଼ିବ । ରାଜନୀତି, ଅର୍ଥନୀତି, କୂଟନୀତି ଆଦି ସବୁ ନୀତି ପ୍ରୟୋଗ କରି ସମଗ୍ର ପୃଥିବୀର ଚକ୍ରବର୍ତ୍ତୀ ହେବାକୁ ପଡ଼ିବ ।

ନାନା ଆଶା । କିନ୍ତୁ ଆଶାର ମୁଣ୍ଡ ଉପରେ କାଳର କରାଳ ମୂର୍ତ୍ତି ବସିଚି, ଏ ଧାରଣା କାହାରି ନାହିଁ । ମନ ଓ ଇନ୍ଦ୍ରିୟକୁ ବଶ କରି ଲୋକେ ମୁକ୍ତି ଲାଭ କରିଥାଆନ୍ତି; କିନ୍ତୁ ଏହି ଆଶାବାଦୀମାନେ ଏଗୁଡ଼ିକୁ ବଶ କରି କେତୋଟି ଭୂଭାଗ ଦଖଲ କରିଥାଆନ୍ତି । ପରିଶ୍ରମ ଓ ଆତ୍ମସଂଯମର ଏହା ହେଉଛି ତୁଚ୍ଛଫଳ ।

ପୃଥିବୀ ଏମାନଙ୍କୁ ମନେ ପକାଇ ଦେବାରେ ଲାଗିଚି । କେତେ ମନୁ ଓ ସେମାନଙ୍କ ବୀର ପୁତ୍ରମାନେ ମତେ ଛାଡ଼ି ଗଲେଣି । ଖାଲିହାତରେ ଆସିଥିଲେ, ସମସ୍ତେ ଖାଲିହାତରେ ଯାଇଛନ୍ତି । ମତେ ସେମାନେ ସାଙ୍ଗରେ ନେଇ ପାରି ନାହାନ୍ତି । ତୁମେ କେତେଟା ରାଜା ଆସି କହୁଚ ଯେ ଆମେ ଚିରସ୍ଥାୟୀ ! ମତେ ଜୟ କରିବା ଲାଗି ଭାଇ ଭାଇ ଲଢ଼େଇ କରୁଚ ! ପୃଥୁ, ପୁରୁରବା, ଗାଧି, ନହୁଷ, ଭରତ, ସହସ୍ରବାହୁ, ଅର୍ଜୁନ, ମାନ୍ଧାତା, ସଗର, ରାମ, ଖଟ୍ୱାଙ୍ଗ, ଧୁନ୍ଧୁମାର, ରଘୁ, ତୃଣବିନ୍ଦୁ, ଯଯାତି, ଶର୍ଯ୍ୟାତି, ଶାନ୍ତନୁ, ଗୟ, ଭଗୀରଥ, କୁବଳାଶ୍ୱ, କକୁତସ୍ଥ, ନଳ, ନୃଗ, ହିରଣାକ୍ଷ, ହିରଣ୍ୟକଶିପୁ, ବୃତ୍ରାସୁର, ଲୋକଦ୍ରୋହୀ, ନମୁଚି, ଶମ୍ବର, ଭୌମାସୁର, ତରାକାସୁର –ଏହିଭଳି ବହୁ ଶକ୍ତିଶାଳୀ ନରପତି ଆସିଛନ୍ତି । ସମସ୍ତେ ଥିଲେ ଦିଗ୍‌ବିଜୟୀ । ଏମାନଙ୍କୁ କେହି ଜିଣି ପାରିନଥିଲେ । କିନ୍ତୁ ସମସ୍ତଙ୍କୁ ମୃତ୍ୟୁ ଗ୍ରାସ କଲା । କେବଳ କାହାଣୀରେ ଏମାନେ ରହିଗଲେ ।

ଶୁକମୁନି ପରୀକ୍ଷିତଙ୍କୁ କହିଲେ, ଜ୍ଞାନ, ବୈରାଗ୍ୟର ସାର୍ଥକତା ଲାଗି ମୁଁ ଏମାନଙ୍କ କଥା କହିଲି । କିନ୍ତୁ ଏସବୁ ବାଣୀର ବିଳାସ ମାତ୍ର । ଏଥିରେ ପରମାର୍ଥିକ ସତ୍ୟ ବିନ୍ଦୁଏ

ବି ନାହିଁ । ଭଗବାନ ଶ୍ରୀକୃଷ୍ଣଙ୍କ ଗୁଣାନୁବାଦ ହିଁ ସବୁ ଅମଙ୍ଗଳ ନାଶ କରିପାରେ । ବହୁ ମହାତ୍ମା ଏହା କରିଛନ୍ତି, ଏବେ ବି କରୁଛନ୍ତି ।

ପରୀକ୍ଷିତ ପ୍ରଶ୍ନ କଲେ, ଏ ଯାଏଁ ତ ମୁନିବର ମତେ କଳିଯୁଗର ବହୁ ଦୋଷ ଦର୍ଶାଇଲେ । କିନ୍ତୁ ଏସବୁ ଦୋଷର ବିନାଶ ଲାଗି ଉପାୟ କ'ଣ ? ଯଦି ଏଇଟା କଳିଯୁଗ ତ କାଳସ୍ୱରୂପ ଭଗବାନଙ୍କ କାଳରୂପ କିପରି ଓ କ'ଣ ?

ଶୁକଦେବ କହିଲେ, ତୁଳସୀ ପତ୍ରରୁ ବାସନା ତୁଟିବ, ଶାଳଗ୍ରାମ ଉପରେ ଚନ୍ଦନ ଦେଉ ଦେଉ ଶୁଖିଯିବ, ତେବେ ଯାଇ ଘୋରରୁ ଘୋରତର କଳିଯୁଗର ସଂଚାର ହେଲା ବୋଲି ଜାଣିବ । ଯୁଗ, ଧର୍ମ, କଳ୍ପର ସ୍ଥିତି, ପ୍ରଳୟକାଳର ପରିଚୟ ପାଇଁ ତୁମେ ଅଯଥା ବ୍ୟଗ୍ର ହେବା ଅନୁଚିତ । ତଥାପି ଜାଣ ଯେ, ସତ୍ୟଯୁଗରେ ଧର୍ମର ଚାରୋଟି ପାଦ । ସତ୍ୟ, ଦୟା, ତପ ଓ ଦାନ । ଏହି ଯୁଗରେ ସମସ୍ତେ ଧର୍ମନିଷ୍ଠ । ଧର୍ମ ହେଉଛି ଭଗବାନଙ୍କ ସ୍ୱରୂପ । ସମସ୍ତେ ପରସ୍ପରର ବନ୍ଧୁ । ସମସ୍ତେ ଶାନ୍ତ । ସମସ୍ତେ ଇନ୍ଦ୍ରିୟ-ସଂଯମୀ । ସୁଖ ଦୁଃଖ ସେମାନଙ୍କ ଦୃଷ୍ଟିରେ ସମାନ । ଅଧିକାଂଶ ଲୋକ ଆତ୍ମଦର୍ଶୀ । ଆତ୍ମାରାମ । ଧର୍ମ ଭଳି ଅଧର୍ମର ମଧ ଚାରିଚରଣ । ଅସତ୍ୟ, ହିଂସା, ଅସନ୍ତୋଷ ଓ କଳହ । ତ୍ରେତା ଯୁଗରେ ଧୀରେ ଧୀରେ ସତ୍ୟ, ଧର୍ମ ଆଦି ଏକଚତୁର୍ଥାଂଶ କ୍ଷୀଣ ହୋଇ ପଡ଼ିଥାଏ; କିନ୍ତୁ ବର୍ଣ୍ଣାଶ୍ରମ ଅକ୍ଷୁର୍ଣ୍ଣ ରହେ । କର୍ମକାଣ୍ଡ ଓ ତପସ୍ୟା ପ୍ରତି ନିଷ୍ଠା ରହେ । ସମସ୍ତେ ବେଦପାରଦର୍ଶୀ । ଦ୍ୱାପର ଯୁଗରେ ହିଂସା, ଦ୍ୱେଷ, ଅସନ୍ତୋଷ, ମିଥ୍ୟା- ଅଧର୍ମର ଏହି ଚାରିପାଦ ତ୍ରେତାଠାରୁ ଅଧିକ ପୃଥୁଳ ହୋଇପଡ଼େ । କିନ୍ତୁ ବେଦାଧ୍ୟୟନ, ଅଧ୍ୟାପନା କାର୍ଯ୍ୟରେ ଅବହେଳା ହୁଏ ନାହିଁ । ଲୋକଙ୍କ ପରିବାର ବୃଦ୍ଧି ପାଏ । ଧନଅର୍ଜନ କରିବାର ଲାଳସା ବଢ଼େ । ଧନୀ ହୋଇ ଲୋକେ ସୁଖୀ ହୁଅନ୍ତି । ଏହି ସମୟରେ କ୍ଷତ୍ରିୟ ଓ ବ୍ରାହ୍ମଣଙ୍କ ପ୍ରତିପତ୍ତି ବଢ଼େ । ଲୋକେ ଏହି ଦୁଇ ବର୍ଣ୍ଣର ଲୋକଙ୍କୁ ଅଧିକ ସମ୍ମାନ ଦିଅନ୍ତି ।

କଳିଯୁଗରେ ଅଧର୍ମର ଚାରୋଟି ଯାକ ପାଦ ବଢ଼ିଯାଏ । ଯେପରିକି ଗୋଦର ଗୋଡ଼ । ଗୋଡ଼ ଗୋଦର, ଶରୀର କଦାକାର । ଧର୍ମର କ୍ଷୀଣ ଅବସ୍ଥା । ପ୍ରାୟ ନିଶ୍ଚିହ୍ନ କହିଲେ ଚଳେ । ଲୋକେ ଦୁରାଚାରୀ, ଲମ୍ପଟ, କପଟୀ ହୋଇ ଉଠନ୍ତି । ଯାହାକୁ ଜନ୍ମଗତ ଭାବରେ ଉଚ୍ଚ, କୁଳୀନ, ଭଦ୍ରଲୋକ ବୋଲି ମନେ କରାଯାଏ, ସେହିମାନେ ହିଁ ଅଧିକ ନୀଚ, ହୀନ କାର୍ଯ୍ୟ କରି ଥାଆନ୍ତି । ଅଧିକାଂଶ ଲୋକ ଗରିବ, ନିର୍ଦ୍ଧନ ହେଲେ କ'ଣ ହେବ, ଖାଆନ୍ତି ପିଅନ୍ତି ବେଶୀ । ଭାଗ୍ୟ ଛୋଟ କିନ୍ତୁ କାମନା ମୋଟ । କେତେକ ଲୋକ ମହାତ୍ମା ବୋଲାଇ, ବାବାଜୀ ବେଶ ପିନ୍ଧି ନିଜର ଐଶ୍ୱର୍ଯ୍ୟ ବଢ଼ାଇ ଦିଅନ୍ତି । କିଏ ଗୋଳାବାରୁଦ କାରଖାନା କରନ୍ତି, କିଏ ବନ୍ଧୁକ କାରଖାନା କରିଥାଏ, ଚୋରା ମଦଭାଟି କରିଥାଏ । ଜଣେ ଜଣେ ପନ୍ଦର କୋଡ଼ିଏ ସନ୍ତାନର ଜନକ ଜନନୀ ହୋଇଯାଆନ୍ତି ।

ସାଧୁ ସନ୍ନ୍ୟାସୀ ହୁଅନ୍ତି ଅର୍ଥପିପାସୁ । ସ୍ୱାମୀ ଦରିଦ୍ର ହୋଇପଡ଼ିବା ଦେଖିଲେ, ସ୍ତ୍ରୀ ନାନା ବାହାନା କରେ । କିନ୍ତୁ ସ୍ୱାମୀ ବିଚରା ଧନ ଥିବା ଯାଏ ଶଳାଶାଳୀଙ୍କୁ ତୁଷ୍ଟ କରିବାରେ ଲାଗିଥାଏ । ସେମାନଙ୍କ ସେବା କରିଥାଏ ।

ଶୁକମୁନି କହିଲେ, କଳିର କଳୁଷ ନାଶନ ଲାଗି କିଏ କେତେ ପ୍ରକାରର ଧ୍ୱନି ଦେବେ । କିଏ 'ଭୋ' କହିବ ତ କିଏ 'ଭା' କହିବ । କିଏ କାନ୍ଦିବ ତ କିଏ ହସିବ । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି କୁମ୍ଭୀର କାନ୍ଦଣା ମଧ୍ୟ ହେବ । ଦୋଷ ଦୂର ହେବ କ'ଣ ଦୋଷ ବଢ଼ିବାରେ ଲାଗିବ । ସବୁ ଦୋଷର ମୂଳସ୍ରୋତ ହେଉଚି ଅନ୍ତଃକରଣ- ମଣିଷର ହୃଦୟ । ଯାହା ହୃଦୟରେ ପୁରୁଷୋତ୍ତମ ଭଗବାନ ବିରାଜନ୍ତି, ତା'ର ସବୁ ଦୋଷ କ୍ଷଣିକରେ ନଷ୍ଟ ହୋଇଥାଏ । ଭଗବାନଙ୍କ ରୂପ, ଗୁଣ, ଲୀଳା, ଧାମ ଓ ନାମର ଶ୍ରବଣ, କୀର୍ତ୍ତନ, ଧ୍ୟାନ, ପୂଜା ଦ୍ୱାରା ହିଁ କଳିକଳୁଷ ଦୂର ହୋଇଥାଏ । ବିଦ୍ୟା, ତପସ୍ୟା, ପ୍ରାଣାୟାମ, ତୀର୍ଥାଟନ, ବ୍ରତ, ଦାନ ଦ୍ୱାରା ହୃଦୟର ଶୁଦ୍ଧି ହୋଇ ନଥାଏ । ହୃଦୟ ଶୁଦ୍ଧ ହୁଏ ନାମ ସଂକୀର୍ତ୍ତନରେ ।

ହେ ପରୀକ୍ଷିତ । ତୁମର ମୃତ୍ୟୁକାଳ ନିକଟ ହୋଇ ଆସିଲାଣି । ସାବଧାନ ହୁଅ । ସମସ୍ତ ଶକ୍ତି ଓ ବୃତ୍ତିକି ଖଟେଇ ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜ ହୃଦୟ ସିଂହାସନରେ ବସାଅ । ତା' କଲେ, ତୁମର ପରମଗତି ହେବ । କଳିଯୁଗ ସବୁ ଦୋଷର ଖଣି ହେଲେ କ'ଣ ହେବ, ଲୋକଙ୍କ ଲାଗି ଏକ ଆଶୀର୍ବାଦ । କାରଣ ଏ ଯୁଗ ଭଗବାନ ଶ୍ରୀକୃଷ୍ଣଙ୍କ ଗୁଣ ଓ ନାମ କୀର୍ତ୍ତନ କରିବା ଲାଗି ସୁଯୋଗ ଦିଏ । ସତ୍ୟ ଯୁଗରେ ଭଗବାନଙ୍କୁ ଧ୍ୟାନ କରିବାରେ, ତ୍ରେତାରେ ଯଜ୍ଞ କରିବାରେ, ଯେଉଁ ଫଳ ମିଳିଥାଏ, କଳିଯୁଗରେ କେବଳ ଭଗବାନ ନାମ ସଂକୀର୍ତ୍ତନରୁ ସେହି ଫଳ ମିଳିଥାଏ ।

●

॥ ୧୬୫ ॥

# ଚାରି ପ୍ରକାରର ପ୍ରଳୟ

**ଜୀ**ବନରେ ଯାହାର ପ୍ରଳୟ ଆସନ୍ନ, ସେହି ରାଜା ପରୀକ୍ଷିତଙ୍କୁ ଶୁକଦେବ ପ୍ରଳୟ କେବେ କିମିତି ଆସେ କହିଲେ । ଜୀବର ମୃତ୍ୟୁ ଯେପରି ନିଶ୍ଚିତ, ସେହିଭଳି କଳ୍ପର ପ୍ରଳୟ । ପ୍ରଳୟ ରହସ୍ୟ ଅତ୍ୟନ୍ତ ଜଟିଳ ଓ କୌତୂହଳପ୍ରଦ । ଏକହଜାର ଚତୁର୍ଯୁଗ ହେଉଚି ବ୍ରହ୍ମାଙ୍କର ଗୋଟିଏ ଦିନ । ବ୍ରହ୍ମାଙ୍କ ଏହି ଦିନଟିକୁ କଳ୍ପ ମଧ୍ୟ କୁହାଯାଏ । ଗୋଟିଏ କଳ୍ପରେ ଚଉଦ ମନୁ । ପ୍ରଳୟକୁ ବ୍ରହ୍ମାଙ୍କ ରାତି ମଧ୍ୟ କୁହାଯାଏ । ଏହି ସମୟରେ ତିନିଲୋକ ଲୀନ ହୋଇଯାଏ, ଅର୍ଥାତ୍ ଏମାନଙ୍କ ପ୍ରଳୟ ହୋଇଯାଏ । ଏହା 'ନୈମିତ୍ତିକ' ପ୍ରଳୟ ।

ଏହି ପ୍ରଳୟ ବେଳେ ବ୍ରହ୍ମା ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ଗର୍ଭସ୍ଥ କରିନିଅନ୍ତି । ତା'ପରେ ବ୍ରହ୍ମା ଓ ଶେଷଶାୟୀ ଶ୍ରୀମନ୍ ନାରାୟଣ ଶୋଇ ପଡ଼ନ୍ତି । ଦୁହିଁଙ୍କର ନିଦ୍ରିତ ଅବସ୍ଥା । ରାତି ପରେ ଦିନ ହୁଏ, ଦିନ ପରେ ରାତି । ଏହିଭଳି ଭାବେ ବ୍ରହ୍ମାଙ୍କର ଶହ ଶହ ବର୍ଷ ବିତିଯାଏ । ମନୁଷ୍ୟଙ୍କ ଦୃଷ୍ଟିରୁ ଦୁଇ ପରାର୍ଦ୍ଧ ଆୟୁ ଶେଷ ହୋଇଯାଏ । ତା'ପରେ ମହତତ୍ତ୍ୱ, ଅହଂକାର ଓ ପଞ୍ଚତନ୍ମାତ୍ରା– ଏହି ସାତ ପ୍ରକୃତି ନିଜର ମୂଳ କାରଣ ମୂଳ ପ୍ରକୃତିରେ ଲୀନ ହୋଇଯାଏ । ଏହାର ନାମ ''ପ୍ରାକୃତିକ ପ୍ରଳୟ ।'' ଏହି ପ୍ରଳୟ ଆସିବାମାତ୍ରେ ପଞ୍ଚଭୂତର ମିଶ୍ରଣ ଘଟେ । ଏହି ମିଶ୍ରଣ ଫଳରେ ବ୍ରହ୍ମାଣ୍ଡ ନିଜର ସ୍ଥୂଳରୂପ ଛାଡ଼େ ଏବଂ ନିଜ କାରଣ ଦେହରେ ଗୋଳେଇ ପୋଳେଇ ହୋଇପଡ଼େ ।

ପରୀକ୍ଷିତ ପ୍ରଶ୍ନ କଲେ, ପ୍ରାକୃତିକ ପ୍ରଳୟର ଲକ୍ଷଣ କ'ଣ ? ମୁନିବର ଶୁକଦେବ କହିଲେ, ଲକ୍ଷଣ ହେଉଛି, ଶହେବର୍ଷ କାଳ ପୃଥିବୀ ଉପରେ ବର୍ଷା ହୁଏ ନାହିଁ । ଫଳରେ ପୃଥିବୀ ନିରନ୍ନ ହୋଇପଡ଼େ । ପ୍ରଜାମାନେ ଭୋକଶୋଷରେ ପରସ୍ପରକୁ ଖାଇ ପକାନ୍ତି । ମଣିଷ ମଣିଷର ରକ୍ତ ପିଇ ତୃଷା ମେଣ୍ଟାଏ । କାଳର ଉପଦ୍ରବରେ ଧୀରେ ଧୀରେ ପୃଥିବୀ ଜନଶୂନ୍ୟ ହୋଇପଡ଼େ । ପ୍ରଳୟ କାଳରେ ସାମ୍ବର୍ତକ ସୂର୍ଯ୍ୟ ନିଜର ପ୍ରଚଣ୍ଡ କିରଣରେ ସମୁଦ୍ରର ଜଳ, ମନୁଷ୍ୟର ଶରୀର ଏବଂ ପୃଥିବୀର ରସ ଶୋଷିନିଏ । ଏହି ସମୟରେ ଭଗବାନ ଶଙ୍କରଙ୍କ ମୁଖରୁ ସାମ୍ବର୍ତକ ଅଗ୍ନି ପ୍ରକଟ ହୋଇଥାଏ । ବାୟୁର ବେଗରେ ଏ ଅଗ୍ନିର ପ୍ରକୋପ ପ୍ରବଳ ହୋଇଉଠେ । ତଳଅତଳ ଆଦି ସପ୍ତଲୋକକୁ ଏହା ଭସ୍ମ କରିପକାଏ । ତଳୁ ଉତ୍ତାପ, ଉପରୁ ସୂର୍ଯ୍ୟଙ୍କ ଉତ୍ତାପ । ଚତୁର୍ଦ୍ଦିଗରୁ ଉତ୍ତାପ । ବ୍ରହ୍ମାଣ୍ଡ ଜଳିଉଠେ । ପ୍ରଚଣ୍ଡ ଉତ୍ତପ୍ତ ସାମ୍ବର୍ତକ ବାୟୁ ଶହ ଶହ ବର୍ଷ ଧରି ଲାଗି ରହେ । ବାଷ୍ପରେ ଆକାଶ ଛାଇ ହୋଇଯାଏ । ତା'ପରେ ଚାଲେ ଶହ ଶହ ବର୍ଷ ଧରି କେବଳ ବର୍ଷା । ବ୍ରହ୍ମାଣ୍ଡ ଏକ ସମୁଦ୍ର ପାଲଟେ । ସବୁକିଛି ଜଳମଗ୍ନ । ଏହାକୁ କୁହାଯାଏ 'ଜଳପ୍ରଳୟ' । ପୃଥିବୀର ବିଶେଷ ଗୁଣ 'ଗନ୍ଧ' ବୋଲି ଆଉ କିଛି ରହେନା । ଜଳ କ୍ରମଶଃ ନିରସ ହୋଇପଡ଼େ । ଏହା ତେଜ ସହିତ ମିଶିଯାଏ । ଏହି ତେଜକୁ ବାୟୁ ଗ୍ରାସ କରେ । ବାୟୁର ଗୁଣ ହେଉଛି ସ୍ପର୍ଶ । ଆକାଶ ଏହି ଗୁଣକୁ ନିଜ ଦେହରେ ମିଶେଇ ନିଏ । ଆକାଶର ଗୁଣ ହେଉଚି ଶବ୍ଦ । ତାମସ ଅହଂକାର ଆକାଶକୁ ଶବ୍ଦହୀନ କରି ନିଜ ଦେହରେ ମିଶେଇଦିଏ । ତାମସ ଅହଂକାରକୁ ସାତ୍ତ୍ୱିକ ଅହଂକାର ଗ୍ରହଣ କରିନିଏ । ଏହି କ୍ରମରେ କେବଳ ପ୍ରକୃତି ଅବଶେଷରେ ରହେ । ପ୍ରକୃତି ହିଁ ଚରାଚର ଜଗତର ମୂଳ କାରଣ । ଏହା ଅବ୍ୟକ୍ତ, ଅନାଦି, ଅନନ୍ତ, ନିତ୍ୟ, ଅବିନାଶୀ । ଏହା ଯେତେବେଳେ ନିଜ କାର୍ଯ୍ୟକୁ ଲୀନକରି ପ୍ରଳୟ ସମୟରେ ସମ ଅବସ୍ଥାରେ ରହେ, ସେତେବେଳେ ବର୍ଷ, ମାସ, ଦିନ, ରାତି,

ମୁହୂର୍ତ୍ତ ଆଦି କାଳର ନିର୍ଣ୍ଣୟ ହୋଇଥାଏ । ଏଗୁଡ଼ିକ ଯୋଗୁଁ କାଳଠି କ୍ଷୟ, ବୃଦ୍ଧି ଆଦି କୌଣସି ପ୍ରକାରର ବିକାର ହୋଇ ନ ଥାଏ ।

ପରୀକ୍ଷିତ ଜ୍ଞାନୀ ହେଲେ କ'ଣ ହେଲା, ଶୁକମୁନିଙ୍କ ମୁଖରୁ ଏହା ଶୁଣି ସ୍ତମ୍ଭୀଭୂତ । ଶୁକଦେବ ଆଖି ବୁଜି କହିଚାଲିଛନ୍ତି । କହିଲେ, ଏହି ସମୟରେ ପ୍ରକୃତିରେ ସ୍ଥୂଳ ହେଉ ବା ସୂକ୍ଷ୍ମ ରୂପରେ ହେଉ ବାଣୀ, ମନ, ବିକାର, ପ୍ରାଣ, ବୁଦ୍ଧି ଓ ଇନ୍ଦ୍ରିୟ ଆଦିର କୌଣସି ଅସ୍ତିତ୍ୱ ରହେନା । କଳ୍ପନା ମଧ୍ୟ ରହେନା । ସ୍ୱପ୍ନ, ଜାଗୃତି ଓ ସୁଷୁପ୍ତି– ଏହି ତିନି ଅବସ୍ଥାର ସ୍ଥିତି ରହେନା । ଆକାଶ, ଜଳ, ପୃଥ୍ୱୀ, ବାୟୁ, ଅଗ୍ନି ଓ ସୂର୍ଯ୍ୟ ରହନ୍ତି ନାହିଁ । ସବୁ ଶୂନ୍ୟ । ଏହି ଅବସ୍ଥାକୁ ତର୍କ ଦ୍ୱାରା ଅନୁମାନ କରିବା ମଧ୍ୟ ଅସମ୍ଭବ । ଏହି 'ଅବ୍ୟକ୍ତ'କୁ ଜଗତର ମୂଳଭୂତ ତତ୍ତ୍ୱ କୁହାଯାଏ । ଏହି ଅବସ୍ଥାର ନାମ 'ପ୍ରାକୃତ ପ୍ରଳୟ' । ଏହା ବ୍ୟତୀତ 'ଆତ୍ୟନ୍ତିକ ପ୍ରଳୟ' ରହିଛି । ଯେତେବେଳେ ଜୀବର ହୃଦୟରେ ଜିଜ୍ଞାସା ଜାଗ୍ରତ ହୋଇଥାଏ, ସେତେବେଳେ ଆତ୍ମାର ଉପାଧି 'ଅହଂକାର' ନଷ୍ଟ ହୋଇଥାଏ । ନିଜ ସ୍ୱରୂପ ସହିତ ସାକ୍ଷାତକାର ହୋଇଥାଏ । ବିବେକ ରୂପକ ଖଡ଼୍‌ଗରେ ମାୟାମୟ ଅହଂକାରର ବନ୍ଧନ କଟିଗଲେ, ଯେଉଁ ସ୍ଥିତି ହୁଏ, ତାହାହିଁ 'ଆତ୍ୟନ୍ତିକ ପ୍ରଳୟ' । ଏହି ସମୟରେ ପୁରୁଷ ଓ ପ୍ରକୃତି, କାଳର ପ୍ରଭାବରେ ମୂଳ ସ୍ୱରୂପରେ ଲୀନ ହୋଇଯାଆନ୍ତି ।

ତତ୍ତ୍ୱଦର୍ଶୀମାନେ କହନ୍ତି ଯେ ବ୍ରହ୍ମଠାରୁ ଆରମ୍ଭ କରି ଯେତେ ପ୍ରାଣୀ ଓ ପଦାର୍ଥ, ସବୁକିଛିର ଉତ୍ପତ୍ତି ଓ ମୃତ୍ୟୁ ବା ପ୍ରଳୟ ରହିଛି । ଆଦି ଅଛି, ଅନ୍ତ ବି ଅଛି । ପ୍ରତି ମୁହୂର୍ତ୍ତରେ ଉତ୍ପତ୍ତି ଓ ପ୍ରଳୟ । ଯେପରି ଆକାଶରେ ତାରା ସବୁ ସମୟରେ ଚାଲୁଥିଲେ ମଧ୍ୟ ଏଗୁଡ଼ିକର ଗତି ସ୍ପଷ୍ଟ ଭାବରେ ଖାଲି ଆଖିରେ ଧରାପଡ଼େନା, ସେହିଭଳି ଭଗବାନଙ୍କ ସ୍ୱରୂପଭୂତ ଅନାଦି ଅନନ୍ତକାଳ ଯୋଗୁଁ ପ୍ରାଣୀମାନଙ୍କର ପ୍ରତିକ୍ଷଣର ଉତ୍ପତ୍ତି ଓ ପ୍ରଳୟ ଜଣା ପଡ଼ିନଥାଏ । ମେଘ ସୂର୍ଯ୍ୟରୁ ଉତ୍ପନ୍ନ, ସୂର୍ଯ୍ୟ ଦ୍ୱାରା ହିଁ ପ୍ରକାଶିତ । ଚକ୍ଷୁ ହେଉଚି ସୂର୍ଯ୍ୟର ଅଂଶ । କିନ୍ତୁ ସୂର୍ଯ୍ୟ ଦର୍ଶନ ଲାଗି ମେଘ ହିଁ ଚକ୍ଷୁର ବାଧକ ହୋଇଥାଏ । ସେହିଭଳି ଅହଂକାର । ଏହା ବ୍ରହ୍ମରୁ ଉତ୍ପନ୍ନ । ବ୍ରହ୍ମ ଦ୍ୱାରା ପ୍ରକାଶିତ । ବ୍ରହ୍ମର ଅଂଶ ହେଉଚି ଜୀବ । ଅଥଚ ଏହି ଅହଂକାର ହିଁ ବ୍ରହ୍ମ ସାକ୍ଷାତକାର ଲାଗି ଜୀବର ପ୍ରତିବନ୍ଧକ । ସୂର୍ଯ୍ୟରୁ ପ୍ରକଟିତ ମେଘ ହଟିଗଲେ, ଚକ୍ଷୁ ନିଜ ସ୍ୱରୂପ ସୂର୍ଯ୍ୟ ଦର୍ଶନ କରିଥାଏ ! ସେହିଭଳି ଅହଂକାର, ହଟିଗଲେ ଆତ୍ମସ୍ୱରୂପ ଭଗବାନଙ୍କ ଦର୍ଶନ ମିଳିଥାଏ । ଶୁକଦେବ କହିଲେ, ପ୍ରଳୟ ଚାରିପ୍ରକାରର । (୧) ନିତ୍ୟ ପ୍ରଳୟ (୨) ନୈମିତ୍ତିକ ପ୍ରଳୟ (୩) ପ୍ରାକୃତିକ ପ୍ରଳୟ (୪) ଆତ୍ୟନ୍ତିକ ପ୍ରଳୟ । ପ୍ରାକୃତିକ ପ୍ରଳୟ ଭିତରେ ଅଗ୍ନି ଓ ଜଳପ୍ରଳୟ ଅନ୍ତର୍ଭୁକ୍ତ ।

ଶୁକଦେବ କହିଲେ, ହେ କୁରୁଶ୍ରେଷ୍ଠ ! ବିଶ୍ୱବିଧାତା ନାରାୟଣ ହିଁ ସମସ୍ତ ପ୍ରାଣୀ ଓ ଶକ୍ତିର ଆଶ୍ରୟ । ଯାହା ମୁଁ ସଂକ୍ଷେପରେ କହିଲି, ସବୁ ହେଉଚି ତାଙ୍କରି ଲୀଳା ।

ଭଗବାନଙ୍କର ଲୀଳାର ସମ୍ପୂର୍ଣ୍ଣ ବର୍ଣ୍ଣନା ସ୍ୱୟଂ ବ୍ରହ୍ମା ମଧ କରିପାରିବେ ନାହିଁ । ମୁଁ ବା କିଏ ? ଦୁସ୍ତର ସଂସାର ସାଗର ପାର ହେବାଲାଗି ଯିଏ ଉଦ୍ୟମ ବା ସାଧନା କରିଥାଏ, ଅଥବା ଯିଏ ଅନେକ ପ୍ରକାରର ଦୁଃଖ ଦାବାନଳରେ ଦଗ୍ଧ, ତା' ଲାଗି ଭଗବାନ ପୁରୁଷୋତ୍ତମ ଜଗତର ନାଥ ଜଗନ୍ନାଥଙ୍କ ଲୀଳା-କଥାରସ ପାନ କରିବା ବ୍ୟତୀତ ଅନ୍ୟ କୌଣସି ସାଧନ ବା ନୌକା ନାହିଁ ।

ଶୁକଦେବ ପରୀକ୍ଷିତଙ୍କୁ କହିଲେ, ଏପର୍ଯ୍ୟନ୍ତ ମୁଁ ତୁମକୁ ଯାହା କହିଲି ବା ଶୁଣାଇଲି ଏହାହିଁ ଶ୍ରୀମଦ୍‌ଭାଗବତ ମହାପୁରାଣ । ସନାତନ ଋଷି ନରନାରାୟଣ ଏହାକୁ ଦେବର୍ଷି ନାରଦଙ୍କୁ ଶୁଣାଇଥିଲେ । ପୁରୁଷାନୁକ୍ରମେ ବହୁ ମୁନି ଋଷି ଲୋକଙ୍କୁ ଏହି ପୁରାଣ ଶୁଣାଇବେ । 'ବଦରୀ ବନବିହାରୀ' ଭଗବାନ୍ ଶ୍ରୀକୃଷ୍ଣଦ୍ୱୈପାୟନ ମୋ ପ୍ରତି ପ୍ରସନ୍ନ ହୋଇ ମତେ ବେଦତୁଲ୍ୟ ଶ୍ରୀଭାଗବତସଂହିତା ଉପଦେଶ ଦେଇଥିଲେ । ଭବିଷ୍ୟତରେ ନୈମିଷାରଣ୍ୟ କ୍ଷେତ୍ରରେ ଶୌନକାଦି ଋଷିମାନେ ଏକ ସତ୍ରର ଆୟୋଜନ କରିବେ । ସେଠି ପୌରାଣିକ ବକ୍ତା ବା ପ୍ରବଚକ ଶ୍ରୀ ସୂତମୁନି ଏମାନଙ୍କୁ ଏହି ମହାପୁରାଣ ଶୁଣାଇବେ ।

●

॥ ୧୬୬ ॥

# ପରୀକ୍ଷିତଙ୍କ ପରମଗତି

**କୃ**ଷ୍ଣ-ଉପାସନା ସର୍ବବ୍ୟାପକ । ବିଶ୍ୱବ୍ୟାପୀ । ବିଷ୍ଣୁ ଯିଏ, ନାରାୟଣ ସିଏ, କୃଷ୍ଣ ଓ ହରି ସିଏ । ଏହି କୃଷ୍ଣଙ୍କ ନାମରେ ଆନ୍ତର୍ଜାତିକ କୃଷ୍ଣ ଭାବନା ସଂଘ ଗଠିତ । ଯାହାକୁ ଆମେ 'ମ୍ଲେଚ୍ଛ' ବୋଲି କହି ଆସିଛୁ, ସେମାନେ କୃଷ୍ଣ ନାମ ସଂକୀର୍ତ୍ତନରେ ବିଭୋଳ । ଚିତା ଚୈତନ୍ୟ । ଆବାଳ ବୃଦ୍ଧ ବନିତା କୃଷ୍ଣ ରସାମୃତ ପାନ କରି ଡେଉଁଛନ୍ତି, ଗାଉଛନ୍ତି । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଭାଷାରେ "ଗ୍ରାମେ ଗ୍ରାମେ କୃଷ୍ଣ ମନ୍ଦିର । ଘରେ ଘରେ କୃଷ୍ଣ ପୂଜା । ପ୍ରାୟ ପ୍ରତି ମାସରେ କୃଷ୍ଣୋତ୍ସବ । ପ୍ରତି ଉତ୍ସବରେ କୃଷ୍ଣ—ଯାତ୍ରା । ପ୍ରତି କଣ୍ଠରେ କୃଷ୍ଣ ଗୀତି । ସମସ୍ତଙ୍କ ମୁହଁରେ ବିଷ୍ଣୁ, ବିଷ୍ଣୁ, କୃଷ୍ଣ କୃଷ୍ଣ । ପରିଧାନରେ କୃଷ୍ଣ ନାମାବଳୀ । ଦେହରେ କୃଷ୍ଣ ନାମର ଛାପା । କେହି କୃଷ୍ଣ ନାମ ନ ଧରି କେଉଁଠିକି ଯାତ୍ରା କରନ୍ତି ନାହିଁ । କେହି କୃଷ୍ଣ ନାମ ନ ଲେଖି କୌଣସି ଲେଖାପଢ଼ା କରନ୍ତି ନାହିଁ । ଭିକାରୀ 'ଜୟ ରାଧେ କୃଷ୍ଣ' ନ କହି ଭିକ୍ଷା ମାଗନ୍ତି ନାହିଁ । କୌଣସି ଘୃଣାର କଥା ଶୁଣିଲେ 'ରାଧେ କୃଷ୍ଣ' କହି ଆମେ ଘୃଣା ପ୍ରକାଶ କରୁ । ଶୁଆ ସାରୀ ବା ବଣର କୌଣସି ପକ୍ଷୀ ପୋଷିଲେ ତାକୁ 'ରାଧେ କୃଷ୍ଣ' ନାମ ଶିଖାଉ ।"

ଶୁକଦେବ ଅନ୍ତିମ ଉପଦେଶ ଦେଇ ପରୀକ୍ଷିତଙ୍କୁ କହିଲେ, ଶ୍ରୀମଦ୍ ଭାଗବତ ମହାପୁରାଣର ସର୍ବତ୍ର ଭଗବାନ ଶ୍ରୀହରିଙ୍କ ନାମ ସଂକୀର୍ତ୍ତନ । ବ୍ରହ୍ମା ଓ ରୁଦ୍ର ଶ୍ରୀହରିଙ୍କ ଠାରୁ ପୃଥକ୍ ନୁହଁନ୍ତି । ବ୍ରହ୍ମାଙ୍କର ପ୍ରସାଦ ଲୀଳା ଓ ରୁଦ୍ରଙ୍କ କ୍ରୋଧ ଲୀଳ ମଧ୍ୟ ଶ୍ରୀହରିଙ୍କ ଲୀଳାରେ ଲୀଳାୟିତ । ପଶୁତୁଲ୍ୟ ତୁମେ ଅବିବେକୀ ହୁଅ ନାହିଁ । ବିବେକ ପ୍ରୟୋଗ ଦ୍ୱାରା ଆତ୍ମାରାମ ହୁଅ । ମୁଁ ମରିବି, ଏ ଶରୀର ଆଗରୁ ନଥିଲା, ଏବେ ଜନ୍ମଲାଭ କଲି, ପୁଣି ଏହା ନଷ୍ଟ ହୋଇଯିବ, ଏ ଧାରଣା ମନରୁ ପୋଛିଦିଅ । ଯେପରି ବୀଜରୁ ଅଙ୍କୁର ଏବଂ ଅଙ୍କୁରରୁ ବୀଜର ଉତ୍ପତ୍ତି, ସେହିଭଳି ଗୋଟିଏ ଦେହରୁ ଅନ୍ୟ ଦେହ, ଅନ୍ୟ ଦେହରୁ ପୁଣି ଅନ୍ୟ ଦେହର ଉତ୍ପତ୍ତି ହୋଇଥାଏ । ଏହା ସାଧାରଣତଃ ଅନିର୍ବାର୍ଯ୍ୟ । କିନ୍ତୁ ତୁମେ ଅସାଧାରଣ ଭାବନା ନେଇ ମୃତ୍ୟୁର ସମ୍ମୁଖୀନ ହୁଅ । ବାସ୍ତବରେ ତୁମେ କାହାଠୁ ଉତ୍ପନ୍ନ ହୋଇନାହଁ କିମ୍ବା ଭବିଷ୍ୟତରେ ପୁତ୍ର, ପୌତ୍ରାଦିର ଶରୀର ନେଇ ଉତ୍ପନ୍ନ ହେବ ନାହିଁ । ଯେପରି ଅଗ୍ନି କାଠଠାରୁ ସର୍ବଥା ଅଲଗା ରହିଥାଏ, ଏହା କାଠର ଉତ୍ପତ୍ତି ଓ ବିନାଶଠାରୁ ଊର୍ଦ୍ଧ୍ୱରେ, ସେହିଭଳି ତୁମେ ଶରୀର ଆଦିଠାରୁ ସର୍ବଥା ପୃଥକ୍ । ସ୍ୱପ୍ନରେ ମନେ ହୁଏ, ହେଇ ମୋର ମୁଣ୍ଡ କଟିଗଲା, ମୁଁ ମରିଗଲି, ଲୋକେ ମତେ ଶ୍ମଶାନକୁ ନେଇ ଚିତାରେ ଜଳେଇ ଦେଲେ । ଏସବୁ ଶରୀରର ଅବସ୍ଥା ଦେଖାଯାଇଥାଏ । ଆତ୍ମାର ନୁହେଁ । ଦେଖିବାବାଲା ବାସ୍ତବରେ ଏସବୁ ଅବସ୍ଥାର ଊର୍ଦ୍ଧ୍ୱରେ । ସେ ଜନ୍ମ ମୃତ୍ୟୁ ରହିତ । ସେ ଶୁଦ୍ଧ ଓ ବୁଦ୍ଧ ପରମତତ୍ତ୍ୱ । ଘଟ ଭାଙ୍ଗିଗଲେ ମଧ୍ୟ ଆକାଶ ପୂର୍ବଭଳି ଅଖଣ୍ଡ ରହିଥାଏ । ମନେ ହୋଇଥାଏ, ଆକାଶ ଯେପରି ମହାକାଶରେ ଲୀନ ହୋଇଗଲା । କିନ୍ତୁ ବାସ୍ତବରେ ଆଗରୁ ତାହା ଲୀନ ହୋଇ ରହିଥିଲା । ସେହିଭଳି ଦେହପାତ ହେବାପରେ ମନେ ହୋଇଥାଏ ଜୀବ ବ୍ରହ୍ମ ହୋଇଗଲା । ବାସ୍ତବରେ ଏହା ବ୍ରହ୍ମ ହିଁ ଥିଲା । ଏହାର ଅବ୍ରହ୍ମତା ପ୍ରତୀତ ମାତ୍ର ।

ମନ ହିଁ ଆତ୍ମା ଲାଗି ଶରୀର, ବିଷୟ ଓ କର୍ମ ଆଦିର କଳ୍ପନା କରିଥାଏ । ଏହି ମନର ଜନକ ହେଉଚି ମାୟା ବା ଅବିଦ୍ୟା । ବାସ୍ତବରେ ମାୟା ହିଁ ଜୀବକୁ ସଂସାର ଚକ୍ରରେ ପକାଇଥାଏ । ଯେପର୍ଯ୍ୟନ୍ତ ଦୀପରେ ତେଲ, ତେଲ ରହିବାର ପାତ୍ର, ସଳିତା ଏବଂ ଅଗ୍ନିର ସଂଯୋଗ ରହିଥାଏ, ସେ ପର୍ଯ୍ୟନ୍ତ ଦୀପର ଦୀପକତ୍ୱ ରହିଥାଏ । ସେହିଭଳି ଯେପର୍ଯ୍ୟନ୍ତ ଆତ୍ମ ସହିତ କର୍ମ, ମନ, ଶରୀର ଏବଂ ଚୈତନ୍ୟର ସମ୍ବନ୍ଧ ରହିଥାଏ, ସେ ପର୍ଯ୍ୟନ୍ତ ଆତ୍ମାକୁ ଜନ୍ମ ମୃତ୍ୟୁ ଚକ୍ରରେ ପଡ଼ି ସଂସାରରେ ଘୂରିବାକୁ ପଡ଼ିଥାଏ ଏବଂ ତ୍ରିଗୁଣ (ସତ୍ତ୍ୱ, ରଜଃ, ତମଃ)ର ବୃତ୍ତି ଯୋଗୁଁ ଉତ୍ପତ୍ତି, ସ୍ଥିତି ଓ ବିନାଶ ହେବାକୁ ପଡ଼ିଥାଏ ।

ଯେପରି ଦୀପ ଲିଭିଗଲେ ମଧ୍ୟ ସତ୍ତ୍ୱରୂପକ ତେଜର ବିନାଶ ଘଟିନଥାଏ, ସେହିଭଳି ସଂସାରର ବିଲୋପ ଘଟିଲେ ମଧ୍ୟ ଆତ୍ମାର ବିନାଶ ହୋଇନଥାଏ । କାରଣ ଏହା କାର୍ଯ୍ୟ ଓ କାରଣ, ବ୍ୟକ୍ତ ଓ ଅବ୍ୟକ୍ତର ଅତୀତ । ଏହା ଆକାଶ ଭଳି ସମସ୍ତଙ୍କ ଆଧାର । ଏହା ନିତ୍ୟ, ନିଶ୍ଚଳ ଓ ଅନନ୍ତ ! ବାସ୍ତବରେ ଆତ୍ମାର ଉପମା ଆତ୍ମା ବ୍ୟତୀତ ଆଉ କିଛି ହୋଇ ନପାରେ ।

ପରିଶେଷରେ ଶୁକମୁନି ପରୀକ୍ଷିତଙ୍କୁ କହିଲେ, ତୁମର ବିବେକ ବୁଦ୍ଧିକୁ ପରମାତ୍ମା ଚିନ୍ତନରେ ଭରପୂର କରି ଦିଅ ଏବଂ ନିଜ ଅନ୍ତର ଭିତରେ ବାସ କରୁଥିବା ପରମାତ୍ମାଙ୍କ ସହିତ ସାକ୍ଷାତ କର । ଏହାହିଁ ଆତ୍ମୋପଲବ୍ଧି । ତୁମେ ସ୍ୱୟଂ ଭଗବାନ । ଋଷିପୁତ୍ର ଭୃଙ୍ଗୀଙ୍କ ଅଭିଶାପ ଦ୍ୱାରା ପ୍ରେରିତ ସର୍ପରାଜ ତକ୍ଷକ ତୁମକୁ ଭସ୍ମ କରି ନପାରେ । ତକ୍ଷକ କ'ଣ, ମୃତ୍ୟୁ ବା ମୃତ୍ୟୁସମୂହ ମଧ୍ୟ ତୁମ ପାଖ ସୁଦ୍ଧା ମାଡ଼ି ପାରିବେ ନାହିଁ । ତୁମେ ଅନୁଧ୍ୟାନ, ଅନୁସଂଧାନ କରି ନିଜକୁ ନିଜେ ଦୃଢ଼ ଭାବରେ କହ " ମୁଁ ହେଉଚି ସର୍ବାଧିଷ୍ଠାନ ପରବ୍ରହ୍ମ" । ଏହିଭଳି ଭାବରେ ନିଜକୁ ଅଖଣ୍ଡ ସ୍ୱରୂପରେ ପ୍ରତିଷ୍ଠିତ କର । ଏହି ଭାବନାରେ ତନ୍ମୟ ଥିବାବେଳେ ଶତ ତକ୍ଷକ ଆସି ଦଂଶନ କଲେ ମଧ୍ୟ ସେଥିରେ ତୁମର ଯାଏ ଆସେ କେତେ ?

ଶେଷକୁ ଶୁକଦେବ ପରୀକ୍ଷିତଙ୍କୁ ରାଜା ବୋଲି ସଂବୋଧନ ନ କରି 'ବତ୍ସ' ବୋଲି ସଂବୋଧନ କଲେ । ସେତିକି ନୁହଁ, ସେ କହିଲେ, ହେ ଆତ୍ମସ୍ୱରୂପ ବତ୍ସ ! ତୁମେ ଭଗବାନଙ୍କ ଲୀଳା ସଂପର୍କରେ ଯେଉଁ ପ୍ରଶ୍ନ କରିଥିଲ, ମୁଁ ତା'ର ଉତ୍ତର ଦେଲି । ଆଉ କ'ଣ ପ୍ରଶ୍ନ ଅଛି କି ?

ପରୀକ୍ଷିତଙ୍କର ସଂସାରରୁ ବିଦାୟ ନେବାର ସମୟ ହୋଇ ଯାଇଥିଲା । ତେଣୁ ସେ ପ୍ରଶ୍ନ କରିବେ କ'ଣ ? ଶୁକଦେବ ଯାହାସବୁ କହିଲେ, ସେହି କଥାହିଁ ମନନ କରିବାରେ ଲାଗିଲେ । କହିଲେ, 'ହେ ପ୍ରଭୋ ! ସବୁ ରସ ଚାଖି ଗଲି । ଅତି ଲେମ୍ବୁ ଚିପୁଡ଼ିଲେ ପିତା ଭଳି ଆଉ ରସ ଚିପୁଡ଼ିବାକୁ ଚାହେଁନା । ବାସ୍ତବରେ ଶୁକମୁଖରୁ ଯେଉଁ ହରିରସାମୃତ ଝରିଲା, ସେହି ଭାଗବତ ମହାପୁରାଣ ହେଉଚି 'ରସମାଳୟମ୍' ଅର୍ଥାତ୍ ରସର ଆଳୟ । ରସର ଭଣ୍ଡାର ।

ବ୍ୟାସନନ୍ଦନ ଶୁକଦେବ ପରୀକ୍ଷିତ ମହାରାଜଙ୍କୁ ଯାହା କହିଥିଲେ ପୁରାଣପଣ୍ଡା (ପଣ୍ଡିତ) ଶ୍ରୀ ସୂତ ମୁନି ଶୌନକାଦି ମୁନିମାନଙ୍କୁ କହିଥିଲେ । ଶୌନକ ଥିଲେ ଜଣେ

ମହାନ୍ ତପସ୍ୱୀ । ସେ ବାରବର୍ଷ ଧରି ନୈମିଷ୍ୟାରଣ୍ୟରେ ଯଜ୍ଞ କରିଥିଲେ । ଏହି ଯଜ୍ଞବେଳେ ବହୁ ମୁନି ଋଷିଙ୍କ ସମାବେଶ ହୋଇଥିଲା । ଶ୍ରୀ ସୁତମୁନି ମଧ ସେଠି ଥିଲେ । ଶୌନକାଦି ଋଷିମାନେ, ଶ୍ରୀ ସୁତଙ୍କଠାରୁ ଶୁକମୁନି ପରୀକ୍ଷିତଙ୍କୁ ଯାହା କହିଥିଲେ, ଶୁଣିବାକୁ ଚାହିଁଥିଲେ । ଶ୍ରୀ ସୁତମୁନି କହିଲେ, ହେ ଋଷିବୃନ୍ଦ ! ଶୁକଦେବ ଥିଲେ ସ୍ୱୟଂ ଭଗବାନ୍ । ସେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ନିଜ ଆତ୍ମା ରୂପରେ ଅନୁଭବ କରୁଥିଲେ । ସେ ଥିଲେ ସମଦର୍ଶୀ ।

ସୂତମୁନି ଶୌନକାଦି ମୁନିମାନଙ୍କୁ କହିଲେ, ଭାଗବତ-ଅମୃତ ପାନ କରିବା ପରେ ରାଜା ପରୀକ୍ଷିତ ନତମସ୍ତକ ହୋଇ ଶୁକମୁନିଙ୍କ ଚରଣ ସ୍ପର୍ଶ କଲେ । କୃତାଞ୍ଜଳିପୁଟରେ ପ୍ରାର୍ଥନା କରି କହିଲେ, ଆପଣଙ୍କ ବାଣୀରେ ମୁଁ କୃତକୃତ୍ୟ । ଆପଣ ମତେ ଅଭୟ ପଦ, ବ୍ରହ୍ମ ଓ ଆତ୍ମା ସହିତ ସାକ୍ଷାତାକାର କରାଇଲେ । ମୁଁ ଏବେ ଶାନ୍ତିସ୍ୱରୂପ ବ୍ରହ୍ମରେ ଅଧିଷ୍ଠିତ । ଆଉ ମୋର ମୃତ୍ୟୁ ଭୟ ନାହିଁ । ମୁଁ ଏଣିକି ଯେପରି ମୌନ ରହିପାରିବି ସେହି ଶକ୍ତିଦାନ କରନ୍ତୁ । ଶୁକଦେବ ତଥାସ୍ତୁ କହି ପରୀକ୍ଷିତଙ୍କ ଠାରୁ ବିଦାୟ ନେଲେ ।

ପରୀକ୍ଷିତ ଗଙ୍ଗା ତଟରେ କୁଶାସନରେ ବସି ଧ୍ୟାନମଗ୍ନ ହେଲେ । ତାଙ୍କ ମନରୁ ଆସକ୍ତି ଓ ସଂଶୟ ତୁଟି ଯାଇଥିଲା । ସେ ମହାଯୋଗୀଙ୍କ ଭଳି ସମାଧିସ୍ଥ ହୋଇ ପଡ଼ିଥିଲେ । ଏକ ପ୍ରକାରର କାଠ ପଥର ଭଳି ଜଡ଼ ପାଲଟି ଯାଇଥିଲେ । ଶୃଙ୍ଗୀଙ୍କ ଅଭିଶାପ ଦ୍ୱାରା ପ୍ରେରିତ ତକ୍ଷକ ସର୍ପ ପରୀକ୍ଷିତଙ୍କୁ ଦଂଶନ କରିବାକୁ ଆସିଲା । ରାସ୍ତାରେ କଶ୍ୟପ ଋଷିଙ୍କ ସହିତ ତକ୍ଷକର ଭେଟ ହେଲା । କଶ୍ୟପ ସର୍ବ ବିଷର ଚିକିତ୍ସକ । ସେ ଜାଣିଥିଲେ ଯେ ପରୀକ୍ଷିତଙ୍କୁ ତକ୍ଷକ ଦଂଶନ କରିବ । ସେ ରାଜାଙ୍କ ଦେହରୁ ସାପ ବିଷ ଝାଡ଼ିବା ପାଇଁ ଆସୁଥିବା ଜାଣି ତକ୍ଷକ ବ୍ରାହ୍ମଣ କଶ୍ୟପଙ୍କୁ ନାନାକଥା କହି ବାଟରୁ ହଟାଇ ଦେଲା । ତକ୍ଷକ ସର୍ପ ରୂପରେ ନ ଆସି ପରୀକ୍ଷିତଙ୍କ ପାଖକୁ ଆସିଲା ବ୍ରାହ୍ମଣ ବେଶରେ । ସେ ଭାବିଲା, ମୋ ସାପରୂପକୁ ଦେଖିଲେ ହୁଏତ ପରୀକ୍ଷିତ ତର୍‌କି ଯିବେ, ମତେ ମାରିବାକୁଚେଷ୍ଟା କରିବେ । ବ୍ରାହ୍ମଣବେଶୀ ତକ୍ଷକ ପରୀକ୍ଷିତଙ୍କ ପାଖକୁ ଯାଇ ତାଙ୍କୁ ଦଂଶନ କଲା । କିନ୍ତୁ ତକ୍ଷକ ଜାଣି ନଥିଲା ଯେ ରାଜର୍ଷି ପରୀକ୍ଷିତ ସେ ଦଂଶନ କରିବା ପୂର୍ବରୁ ବ୍ରହ୍ମଲୀନ ହୋଇ ସାରିଥିଲେ । ଯାହା ହେଉ ସମସ୍ତଙ୍କ ସାମନାରେ ତକ୍ଷକର ବିଷଜ୍ୱାଳାରେ ପରୀକ୍ଷିତ ଭସ୍ମୀଭୂତ ହେଲେ ।

●

॥ ୧୬୭ ॥

# ଓଁ ତକ୍ଷକାୟ ସ୍ୱାହା

ସର୍ପରାଜ ତକ୍ଷକଙ୍କ ଦଂଶନରେ ରାଜା ପରୀକ୍ଷିତଙ୍କ ମୃତ୍ୟୁ ହେଲା । ସାମାନ୍ୟ ଦୋଷରୁ ସେ ଅଭିଶପ୍ତ ହୋଇଥିଲେ । କିନ୍ତୁ ଶୁକମୁନିଙ୍କଠୁ ଭାଗବତ ଶୁଣି ଶୁଣି ପରୀକ୍ଷିତ ଭଗବାନ ପାଲଟି ଯାଇଥିଲେ । ମୃତ୍ୟୁ ପୂର୍ବରୁ ସେ ବ୍ରହ୍ମଲୀନ ହୋଇ ପଡ଼ିଥିଲେ । ପରୀକ୍ଷିତ ଧର୍ମରାଜ ଯୁଧିଷ୍ଠିରଙ୍କ ଭଳି ଧର୍ମନିଷ୍ଠ ଥିଲେ । ତେଣୁ ତାଙ୍କ ମୃତ୍ୟୁରେ ଚତୁର୍ଦ୍ଦିଗରେ ହାହାକାର ପଡ଼ିଗଲା । ଦେବତା, ଅସୁର ଓ ମନୁଷ୍ୟ ସମସ୍ତେ ତାଙ୍କର ପରମଗତି ଦେଖି ଖୁସି ହେଲେ । ଦେବତା, କିନ୍ନର ଓ ଅପ୍‌ସରାମାନେ ତାଙ୍କ ଉପରେ ପୁଷ୍ପ ବୃଷ୍ଟି କଲେ ।

ସମୀକ ମୁନି ଧ୍ୟାନସ୍ଥ ଥିବାବେଳେ ପରୀକ୍ଷିତ ତାଙ୍କ ଗଳାରେ ମଲା ସାପଟାଏ ଗଳେଇ ଦେଇଥିଲେ । ଫଳରେ ସମୀକଙ୍କ ପୁତ୍ର ବାଳବ୍ରହ୍ମଚାରୀ ଶୃଙ୍ଗୀ ପ୍ରତିଶୋଧ ନେଇଥିଲେ । ତାଙ୍କରି ଅଭିଶାପରୁ ହିଁ ପରୀକ୍ଷିତଙ୍କୁ ସର୍ପରାଜ ତକ୍ଷକ କାମୁଡ଼ିଲା । ବିଷ ଜ୍ୱାଳାରେ ପରୀକ୍ଷିତଙ୍କ ମୃତ୍ୟୁ ହେଲା । ପରୀକ୍ଷିତଙ୍କ ପୁତ୍ର ଜନ୍ମେଜୟ । ସେ ତକ୍ଷକ ଉପରେ ପ୍ରତିଶୋଧ ନେବାକୁ ବାହାରିଲେ । ସେ ବ୍ରାହ୍ମଣଙ୍କୁ ଡକାଇ ସର୍ପଯଜ୍ଞ ଆରମ୍ଭ କରିଦେଲେ । ସର୍ପମାନଙ୍କୁ ଆହୁତି ଦେବାରେ ଲାଗିଲେ । ତ୍ରିଲୋକର ଯେତେ ସାପ ଥିଲେ, ସବୁ ଆସି ଲେଲିହାନ ଅଗ୍ନିକୁଣ୍ଡରେ ପଡ଼ିଲେ । ସର୍ପଜାତି ଲୋପ ପାଇଲା । କିନ୍ତୁ ତକ୍ଷକ ଆସିଲା ନାହିଁ । ବ୍ରାହ୍ମଣମାନେ 'ତକ୍ଷକାୟ ସ୍ୱାହା', 'ତକ୍ଷକାୟ ସ୍ୱାହା' ବୋଲି ବାରମ୍ବାର ଆବାହନ କଲେ । ସର୍ପରାଜ ତକ୍ଷକ ହଡ଼ବଡ଼େଇ ଗଲା । ତାହାକୁ ଲକ୍ଷ୍ୟ କରି ଏ ଯଜ୍ଞ, ସିଏ ନଆସିବାରେ ଜନ୍ମେଜୟ ବ୍ୟତିବ୍ୟସ୍ତ ହୋଇ ପଡ଼ିଲେ । ସେ ବ୍ରାହ୍ମଣମାନଙ୍କୁ କହିଲେ, ତୁମେମାନେ ବୋଧହୁଏ ଠିକ୍ ଭାବରେ ମନ୍ତ୍ର ଉଚ୍ଚାରଣ କରୁନ, ତକ୍ଷକ ଆସୁନି କାହିଁକି ?

ଇଆଡ଼େ ତକ୍ଷକ ଭୟଭୀତ ହୋଇ ଇନ୍ଦ୍ରଙ୍କର ଶରଣ ପଶିଲା । ଇନ୍ଦ୍ର ତକ୍ଷକକୁ ନିଜ ପାଖରେ ରଖିଲେ । ବ୍ୟସ୍ତ ହୁଅନାହିଁ କହିଲେ । ଜନ୍ମେଜୟଙ୍କ କ୍ରୋଧ ବ୍ରାହ୍ମଣମାନଙ୍କ ଉପରେ ପଡ଼ିଲା । ବ୍ରାହ୍ମଣମାନେ ଯାଞ୍ଚ କରି ଦେଖିଲେ, ଯଜ୍ଞ ଓ ଆବାହନରେ ତିଳେ ବି ତ୍ରୁଟି ହୋଇ ନାହିଁ । ଧ୍ୟାନସ୍ଥ ହୋଇ ସେମାନେ ଦେଖିଲେ, ତକ୍ଷକ ଯାଇ ଇନ୍ଦ୍ରଙ୍କ ପାଖରେ । ସେମାନେ ରାଜାଙ୍କୁ ଏ ଖବର ଦେଲେ । ଜନ୍ମେଜୟ ବୀର ଯିମିତି, ବୁଦ୍ଧିମାନ୍ ସେମିତି । ସେ ବ୍ରାହ୍ମଣମାନଙ୍କୁ କହିଲେ, ତକ୍ଷକ ଓ ଇନ୍ଦ୍ର ଦୁହିଁଙ୍କୁ ଆଣି ନିଆଁରେ ପକାଇ ଦିଅ । କହ, 'ଇନ୍ଦ୍ରାୟ, ତକ୍ଷକାୟ ସ୍ୱାହା' । ଦୁହେଁ ଆସି ଅଗ୍ନିରେ ଝାସ ଦିଅନ୍ତୁ । ଇନ୍ଦ୍ର ମଧ ମରୁ । ଦୋଷୀକୁ ପ୍ରଶ୍ରୟ ଦେବା ଲୋକ ମଧ ଦୋଷୀ । ଉଭୟେ ଦଣ୍ଡିତ ହେବା ଉଚିତ ।

ଋତ୍ୱିକ ବ୍ରାହ୍ମଣମାନେ ଜନ୍ମେଜୟଙ୍କ ନିର୍ଦ୍ଦେଶ ମାନିଲେ । ଆକର୍ଷଣ ମନ୍ତ୍ର ଉଚ୍ଚାରଣ କଲେ । କହିଲେ, ''ଆରେ ଏ ତକ୍ଷକ ! ତୁ ମରୁତ୍‌ଗଣଙ୍କ ସହଚର ଇନ୍ଦ୍ରଦେବଙ୍କ ସହିତ ଆସି ଏଠି ଯଜ୍ଞକୁଣ୍ଡରେ ପଡ଼ ।'' ଇନ୍ଦ୍ର ବିଚଳିତ ହୋଇପଡ଼ିଲେ । ସେ ତକ୍ଷକ ସହିତ ବିମାନରେ ବସିଥିଲେ । ବିମାନ ଚକ୍ରବତ୍ ଘୂରିବାକୁ ଲାଗିଲା । ବିମାନରୁ ଖସି ଆସି ଦୁହେଁ ଯଜ୍ଞକୁଣ୍ଡରେ ଝାସ ଦେବା ପାଇଁ ବାଧ୍ୟ । ନଚେତ୍ ମନ୍ତ୍ରର ମହିମା ବୋଲି କିଛି ରହିବ ନାହିଁ । ଅଙ୍ଗିରାନନ୍ଦନ ବୃହସ୍ପତି ଦେବଗୁରୁ । ଦେବତାମାନଙ୍କ ପୁରୋହିତ । ସେ ଦେଖିଲେ, ଇନ୍ଦ୍ର ଓ ତକ୍ଷକ ଅଗ୍ନିକୁଣ୍ଡ ଆଡ଼କୁ ଖସିବାରେ ଲାଗିଛନ୍ତି । ସେ ଅବିଳମ୍ବେ ପରୀକ୍ଷିତ ପୁତ୍ର ଜନ୍ମେଜୟଙ୍କ ପାଖରେ ପହଞ୍ଚିଲେ । କହିଲେ, ତୁମେ ଜଣେ ରାଜା, ନରପତି, ବାପ ତ ସାମାନ୍ୟ ଅନ୍ୟାୟ କାର୍ଯ୍ୟ କରି ଶାପଗ୍ରସ୍ତ ହୋଇ ପଡ଼ିଥିଲେ । ତୁମେ ମଧ୍ୟ ସେହିଭଳି ଅନ୍ୟାୟ କରିବାକୁ ଯାଉଚ । ସର୍ପରାଜ ତକ୍ଷକକୁ ମାରିବା ଲାଗି ତୁମର ଜିଦ୍ ଠିକ୍ ନୁହଁ । ତକ୍ଷକ ଅମୃତପାନ କରିସାରିଛି । ତେଣୁ ସେ ଅଜର, ଅମର । ସେ ନିଆଁରେ ପଡ଼ିଲେ ମଧ୍ୟ ମରିବ ନାହିଁ । ତା' ଛଡ଼ା, ତା'ର କି ଦୋଷ ? ଜଣେ ଋଷି ମୁନିଙ୍କ ଅଭିଶାପ କାର୍ଯ୍ୟକାରୀ କରିବା ତା'ର କର୍ତ୍ତବ୍ୟ । ତା' ସେ କରିଛି । ଜଗତରେ ପ୍ରାଣୀ ମାତ୍ରେ ନିଜ ନିଜ କର୍ମ ଅନୁସାରେ ଜୀବନ ଧାରଣ କରିଥାଆନ୍ତି ଏବଂ ମୃତ୍ୟୁ ବରଣ କରିଯାଆନ୍ତି । କର୍ମ ଅନୁସାରେ ମରଣୋତ୍ତର ଗତି ହୋଇଥାଏ । ମୃତ୍ୟୁର ବାଟ ବହୁତ । କେହି କେହି ଭୋକଶୋଷରେ ମରିଥାଆନ୍ତି । ପ୍ରତ୍ୟେକ ଜୀବ ନିଜ ପ୍ରାରବ୍ଧ କର୍ମ ଉପଭୋଗ କରିଯାଆନ୍ତି । ଏହି ଅଳ୍ପ କେତେଦିନ ଭିତରେ ହେ ରାଜା ! ତୁମେ ବହୁତ ପାପ କରି ସାରିଲଣି । ଗୁଡ଼ିଏ ନିରୀହ ନିରପରାଧ ସାପକୁ ଡାକିଆଣି ପୋଡ଼ି ଭସ୍ମ କରିଦେଲଣି । ଇଏ ତୁମର ଅଭିଚାର ଯଜ୍ଞ । ଏ ଯଜ୍ଞର ଫଳ କେବଳ ପ୍ରାଣୀଙ୍କ ପ୍ରତି ପ୍ରତିହିଂସା । ଏହାକୁ ଶୀଘ୍ର ବନ୍ଦ କର । ନଚେତ ତୁମେ ମଧ୍ୟ ପିତାଙ୍କ ଭଳି ଅକାଳମୃତ୍ୟୁର ଶିକାର ହେବ ।

ଶ୍ରୀ ସୂତମୁନି, ଶୌନକାଦି ମୁନିମାନଙ୍କୁ କହିଲେ, ଜନ୍ମେଜୟ ବୃହସ୍ପତିଙ୍କ କଥା ରଖିଲେ । ତାଙ୍କ ଉପଦେଶକୁ ସମ୍ମାନ ଦେଲେ । କହିଲେ, ଆପଣଙ୍କ ଆଜ୍ଞା ଶିରୋଧାର୍ଯ୍ୟ । ସେ ସଙ୍ଗେ ସଙ୍ଗେ ସର୍ପାହୁତି ଯଜ୍ଞ ବନ୍ଦ କରିଦେଲେ । ବୃହସ୍ପତିଙ୍କ ପୂଜାର୍ଚ୍ଚନା କଲେ ।

ସୂତମୁନି କହିଲେ, ଏ ପର୍ଯ୍ୟନ୍ତ ଯେତେ କାଣ୍ଡ କାରଖାନା ହେଲା, ସବୁର ମୂଳ ହେଉଚି କ୍ରୋଧ । କ୍ରୋଧ ଆସେ ଅହଂକାରରୁ । ବ୍ରାହ୍ମଣ ଶୃଙ୍ଗୀଙ୍କ କ୍ରୋଧରୁ ପରୀକ୍ଷିତ ଅଭିଶପ୍ତ ହେଲେ । ଜନ୍ମେଜୟଙ୍କ କ୍ରୋଧରୁ ଗୁଡ଼ିଏ ସାପ ମଲେ । ଏ ସବୁ ଭଗବାନ ବିଷ୍ଣୁଙ୍କ ଲୀଳା । ତାଙ୍କରି ମାୟା । ଯିଏ ମାୟାବନ୍ଧନ କାଟିପାରିଲା, ସେ ତରିଲା । ଜୀବ ଜାଣିପାରେନା ଯେ ସେ ଭଗବାନଙ୍କ ସ୍ୱରୂପ । ଶରୀର ହେଉଚି କ୍ରୋଧାଦି ରଜଃ, ତମଃ ଗୁଣର ବୁଣାକାର । ସେ ଏହି ଗୁଣବୃତ୍ତିରେ ମୋହିତ ହୋଇ ପଡ଼େ । ମନୁଷ୍ୟ ହିଁ ମନୁଷ୍ୟକୁ

ଦୁଃଖ ଦିଏ । ସଂତପ୍ତ କରେ । ଭଗବାନଙ୍କ ଭଜନ, କୀର୍ତ୍ତନ କଲେ ଯାଇ ମାୟାଜାଲରୁ ଉଦ୍ଧାର ପାଇବା ସମ୍ଭବ । ତା' ନକରି ଆତ୍ମବାଦୀ ସ୍ୱାର୍ଥପର ମନୁଷ୍ୟ ଆତ୍ମଚର୍ଚ୍ଚା କରିବାରେ ଲାଗେ । ମନୁଷ୍ୟର ସବୁଠାରୁ ପ୍ରିୟ ହେଉଚି ପ୍ରଶଂସା । ସେ ନିଜର ପ୍ରଶଂସା ଶୁଣିବାକୁ କାନଡେରି ରହିଯାଏ । ପ୍ରଶଂସାପତ୍ରଟିଏ ପାଇବା ଲାଗି ବହୁ ଧନବ୍ୟୟ କରେ । ଲକ୍ଷେ ଖର୍ଚ୍ଚ କରି ପଚାଶ ପଇସାର ପ୍ରଶଂସାପତ୍ର ପାଇଲେ ମଧ୍ୟ ସେ କୃତକୃତ୍ୟ ହୋଇ ଉଠେ । ନିଜେ ଖର୍ଚ୍ଚ କରି ନିଜର ଜନ୍ମୋତ୍ସବ ପାଳନରେ ଆୟୋଜନ କରିଥାଏ । ବାଦ ବିବାଦ, କଳି ତକରାଳ, ମତଭେଦ ଆଦି ହେଉଛି ମାୟାର ଆଶ୍ରିତ । 'ମୁଁ, ମୋର' ଆଦି ଭାବ ହେଉଚି ଜଗତରେ ସବୁଠାରୁ ବଡ଼ ଦୁର୍ଘଟଣା । କିଏ କଡ଼ା କଥା କହିଲେ, ଶାନ୍ତଚିତ୍ତରେ ତାହା ସହିନେବା, ମାନ ଅପମାନରେ ବିଚଳିତ ନ ହେବା ହେଉଚି ସଦ୍‌ଗୁଣ । ସମସ୍ତେ ସଂସାର ଭିତରେ ରହିବାକୁ ବାଧ୍ୟ । କିନ୍ତୁ ସଂସାର ଯାହା ଭିତରେ ନଥାଏ, ସେ କେବଳ ସଂସାର ସାଗର ପାରି ହୋଇପାରେ ।

ସୂତମୁନି କହିଲେ, ହେ ଶୌନକାଦି ଋଷିଗଣ, ଭଗବାନ ଶ୍ରୀକୃଷ୍ଣଙ୍କ ମହିମା ଅନନ୍ତ । ଶୁକଦେବ ରାଜା ପରୀକ୍ଷିତଙ୍କୁ ଏହି ଅନନ୍ତ ମହିମାକୁ ସଂକ୍ଷିପ୍ତ ଭାବରେ କହିଥିଲେ । ପରେ ଏହା ଶ୍ରୀମଦ୍ ଭାଗବତ୍ ମହାପୁରାଣ ନାମରେ ବିଖ୍ୟାତ ହେଲା । ମୁଁ ଆପଣମାନଙ୍କୁ ଶୁକମୁଖରୁ ଗଳିତ ଫଳରସ ଚଖେଇଲି । ଏହା ନିଶ୍ଚିତ ଭାବରେ ଆପଣମାନଙ୍କୁ ମିଠା ଲାଗିଥିବ ବୋଲି ମୋର ବିଶ୍ୱାସ । ଏହିଠି ମୋର ପୁରାଣ ପାଠ ସମାପ୍ତ ।

କିନ୍ତୁ ଶୌନକ ସୂତମୁନିଙ୍କୁ ଏତିକିରେ ଛାଡ଼ିଲେ ନାହିଁ । କହିଲେ, ବେଦବ୍ୟାସଙ୍କ ପୈଲଆଦି ଅନେକ ଶିଷ୍ୟ । ମହର୍ଷି ତଥା ମହାତ୍ମା ଥିଲେ । ସମସ୍ତେ ଥିଲେ ବେଦାଚାର୍ଯ୍ୟ । ବେଦବ୍ୟାସ ଏମାନଙ୍କ ସହଯୋଗରେ ବେଦର ବିଭିନ୍ନ ବିଭାଜନ କହିଥିଲେ । ସେ ସଂପର୍କରେ ଆପଣ ଯାହା ଜାଣନ୍ତି, ଆମକୁ କହନ୍ତୁ ।

ସୂତଜୀ କହିଲେ, ବେଦ ଅଗାଧ । ଏହାର ବିଭାଗ ବା ବିଭାଜନ ମଧ୍ୟ ଅଗଣିତ । ବ୍ରହ୍ମା ହେଉଛନ୍ତି ସୃଷ୍ଟି କର୍ତ୍ତା । ସୃଷ୍ଟି ପୂର୍ବରୁ ସେ ଧ୍ୟାନସ୍ଥ ଥିଲେ । ତାଙ୍କ ମନ କହିଲା, ସୃଷ୍ଟି ସର୍ଜନା କରିବେ । ହଠାତ୍ ତାଙ୍କ ହୃଦୟାକାଶରୁ ଏକ ଅନାହତ ନାଦ ପ୍ରକଟିତ ହେଲା । ଏହା ଏକ ବିଲକ୍ଷଣ ନାଦ । ଜୀବ ମଧ୍ୟ ନିଜ ମନକୁ ଅବିଚଳିତ ରଖି ପାରିଲେ, ଏହି ଅନାହତ ନାଦକୁ ଅନୁଭବ କରିପାରେ । ବଡ଼ ବଡ଼ ଯୋଗୀମାନେ ଏହି ଅନାହତ ନାଦର ଉପାସକ । ଏହାର ପ୍ରଭାବରେ ଅଧିଭୂତ, ଅଧ୍ୟାତ୍ମ ଓ ଅଧିଦୈବ ଆଦି ଆବର୍ଜନାକୁ ନଷ୍ଟ କରାଯାଇପାରେ । ଏହି ଉନ୍ନତ ଅବସ୍ଥା ହିଁ ମୋକ୍ଷ । ଅର୍ଥାତ୍ ଜନ୍ମମୃତ୍ୟୁ ସଂସାର ଚକ୍ରରୁ ମୁକ୍ତି । ଏହି ଅନାହତ ନାଦରୁ ହିଁ 'ଅ' କାର, 'ଉ' କାର ଓ 'ମ' କାର ଏହି ତିନିମାତ୍ରାର ସମ୍ମିଶ୍ରଣରେ 'ଓଁକାର' ପ୍ରକଟିତ ।

## ।। ୧୬୮ ।।

# ବେଦର ସନାତନ ବୀଜ 'ଓଁକାର'

ସୂତମୁନି ଶୌନକାଦିଙ୍କୁ କହିଲେ, 'ଓଁକାର'ର ଅନ୍ୟନାମ ପ୍ରଣବ । ଏହି ଓଁକାର ଶକ୍ତିରୁ ହିଁ ପ୍ରକୃତି ଅବ୍ୟକ୍ତରୁ ବ୍ୟକ୍ତରେ ପରିଣତ ହୋଇଥାଏ । ଓଁକାର ସ୍ୱୟଂ ମଧ୍ୟ ଅବ୍ୟକ୍ତ ଓ ଅନାଦି । ଏହା ପରମାତ୍ମା ସ୍ୱରୂପ । ତେଣୁ ସ୍ୱୟଂପ୍ରକାଶ । ଶ୍ରବଣ ଶକ୍ତି ଲୋପ ପାଇଗଲେ ମଧ୍ୟ ଏହି ଓଁକାର ସମସ୍ତ ଅର୍ଥକୁ ପ୍ରକାଶ କରିଥାଏ । ସୁଷୁପ୍ତି ଓ ସମାଧି ଅବସ୍ଥାରେ ଓଁକାରର ଅସ୍ତିତ୍ୱ ରହିଥାଏ । କାରଣ ଏହା ପରମାତ୍ମାଙ୍କ ହୃଦୟାକାଶରୁ ପ୍ରକଟିତ ହୋଇ ବେଦବାଣୀକୁ ଅଭିବ୍ୟକ୍ତ କରିଥାଏ । ଏହା ହେଉଚି ସଂପୂର୍ଣ୍ଣ ମନ୍ତ୍ର । ବେଦ ଓ ଉପନିଷଦର ସନାତନ ବୀଜ ।

ସୂତମୁନି କହିଲେ, ମୁଁ ଆଗରୁ କହିଚି, ଓଁକାରର ତିନି ବର୍ଣ୍ଣ- 'ଅ', 'ଉ' ଓ 'ମ୍' । ଏହି ତିନିବର୍ଣ୍ଣ ସତ୍ତ୍ୱ, ରଜ, ତମ- ଏହି ତିନିଗୁଣ; ଋକ୍, ଯଜୁ ଓ ସାମ- ବେଦର ଏହି ତିନିନାମ; ଭୂଃ, ଭୁବଃ, ସ୍ୱ- ଏହି ତିନି ଅର୍ଥ; ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି- ଏହି ତିନୋଟି ବୃତ୍ତି ବା ଅବସ୍ଥା ଦ୍ୱାରା ପରିପୁଷ୍ଟ । ଏହା ପରେ ସର୍ବଶକ୍ତିମାନ ବ୍ରହ୍ମା ଓଁକାରରୁ ହିଁ 'ଅ' ଠାରୁ 'ହ' ପର୍ଯ୍ୟନ୍ତ ବର୍ଣ୍ଣମାଳା ରଚନା କରିଥିଲେ । ଚତୁର୍ମୁଖ ବ୍ରହ୍ମା ଏହି ବର୍ଣ୍ଣମାଳା ଦ୍ୱାରା ଚାରି ଋତ୍ୱିଜଙ୍କୁ ସୃଷ୍ଟି କଲେ । ଏମାନେ ହେଲେ ହୋତା, ଅଧ୍ୱର୍ଯ୍ୟୁ, ଉଦ୍‌ଗାତା ଓ ବ୍ରହ୍ମା । ତା'ପରେ ତାଙ୍କରି ମୁଖରୁ ପ୍ରକଟିତ ହେଲା ଚତୁର୍ବେଦ । ଏହି ବେଦଶିକ୍ଷା ଲାଗି ସେ ପ୍ରଥମେ ନିଯୁକ୍ତ କଲେ ନିଜ ପୁତ୍ର ବ୍ରହ୍ମର୍ଷି ମରୀଚିଙ୍କୁ । ଇଏ ଧର୍ମ ଉପଦେଶ ଦେବାଲାଗି ନିପୁଣ ହେବା ପରେ ସେ ମଧ୍ୟ ତାଙ୍କ ପୁତ୍ରମାନଙ୍କୁ ବେଦ ଅଧ୍ୟୟନ କରିବା ପାଇଁ କହିଲେ । କାଳକ୍ରମେ ସେମାନଙ୍କ ଶିଷ୍ୟ ଓ ପ୍ରଶିଷ୍ୟମାନେ ଚାରିଯୁଗରେ ବିଭିନ୍ନ ସଂପ୍ରଦାୟରେ ବିଭକ୍ତ ହୋଇ ବେଦର ରକ୍ଷାକବଚ ହୋଇ ଆସିଛନ୍ତି । ଦ୍ୱାପର ଯୁଗର ଶେଷ କାଳରେ ମହର୍ଷିମାନେ ବେଦର ବହୁ ବିଭାଜନ କଲେ । ସେମାନେ ଲକ୍ଷ୍ୟ କଲେ, କ୍ରମଶଃ ଲୋକଙ୍କ ଆୟୁ, ଶକ୍ତି ଓ ବୁଦ୍ଧି କ୍ଷୀଣ ହୋଇ ଆସୁଛି; କାଳକ୍ରମେ ବେଦପ୍ରତି ଶ୍ରଦ୍ଧା ଓ ଆଗ୍ରହ ମଧ୍ୟ କ୍ଷୀଣ ହୋଇ ପଡ଼ିବ; ତେଣୁ ପରମାତ୍ମାଙ୍କ ପ୍ରେରଣାରେ ସେମାନେ ବେଦକୁ ନାନା ବିଭାଗରେ ବିଭକ୍ତ କଲେ । ବୈବିସ୍ୱତ ମନ୍ୱନ୍ତରରେ ଧର୍ମରକ୍ଷା ଲାଗି ମୁନିଋଷିମାନେ ଭଗବାନଙ୍କୁ ପ୍ରାର୍ଥନା କଲେ । ବେଦରକ୍ଷା ହିଁ ଧର୍ମରକ୍ଷା । ତେଣୁ ଭଗବାନ୍ ମହର୍ଷି ପରାଶର

ରୂପରେ ପୃଥିବୀରେ ଜନ୍ମଲାଭ କଲେ । ପରାଶରଙ୍କ ଔରସରୁ ସତ୍ୟବତୀଙ୍କ ଗର୍ଭରୁ ଜାତ ହେଲେ ବ୍ୟାସଦେବ । ବ୍ୟାସଦେବ ହିଁ ବେଦକୁ ଚାରିଭାଗ କରି ପ୍ରଚଳନ କଲେ । ଏହି ଚାରୋଟି ବିଭାଗ ହେଲା ଋକ୍, ଯଜୁ, ସାମ ଓ ଅଥର୍ବ । ଇଏ ଚାରୋଟି ସଂହିତା । ବ୍ୟାସଦେବ ତାଙ୍କର ଶିଷ୍ୟମାନଙ୍କୁ ନିଜ ପାଖରେ ବସାଇ ସେମାନଙ୍କୁ ଗୋଟିଏ ଗୋଟିଏ ସଂହିତା ଶିକ୍ଷା ଦେଲେ ।

ସୂତମୁନି କହିଲେ, ବେଦର ବିଭାଜନ ସଂପର୍କରେ ଗୋଟିଏ ଗୋଟିଏ ବିଭାଗୀୟ ସଂହିତା ପଛରେ ଗୋଟିଏ ଗୋଟିଏ ଇତିହାସ ରହିଛି । ପୈଲ, ବୈଷମ୍ପାୟନ, ଜୈମିନି ଆଦି ବ୍ୟାସଦେବଙ୍କ ତିନିଜଣ ସ୍ୱନାମଧନ୍ୟ ଶିଷ୍ୟ ଥିଲେ । ବ୍ୟାସଦେବ ଏମାନଙ୍କୁ ବିଭିନ୍ନ ବେଦ ସଂହିତା ଶିକ୍ଷା ଦେବା ପରେ ସେମାନଙ୍କ ଶିଷ୍ୟ ଓ ପ୍ରଶିଷ୍ୟ ଯଥା ସୁମନ୍ତ, ଇନ୍ଦ୍ର, ପ୍ରମିତି, ମାଣ୍ଡୁକେୟ ପ୍ରମୁଖ ବେଦର ପାଠ୍ୟକ୍ରମ ରଚନା କଲେ । ସମୟ ପ୍ରବାହ କ୍ରମେ ଏହା ଗଡ଼ି ଗଡ଼ି ବହୁଧା ବିଭକ୍ତ ହେଲା ।

ବୈଷମ୍ପାୟନଙ୍କ କେତେଜଣ ଶିଷ୍ୟଙ୍କ ନାମ ଥିଲା 'ଚରକାଧ୍ୱର୍ଯ୍ୟୁ' । ଗୁରୁଦେବଙ୍କ ବ୍ରହ୍ମହତ୍ୟା ପାପର ପ୍ରାୟଶ୍ଚିତ ଲାଗି ଏମାନେ ଏକ ବ୍ରତାନୁଷ୍ଠାନ କଲେ । ବୈଷମ୍ପାୟନଙ୍କ ଆଉ ଜଣେ ଶିଷ୍ୟ ଥିଲେ ଯାଜ୍ଞବଲ୍‌କ୍ୟ । ସେ ଗୁରୁଦେବଙ୍କୁ କହିଲେ, ପ୍ରାୟଶ୍ଚିତ ଲାଗି ଚରକାଧ୍ୱର୍ଯ୍ୟୁ କ'ଣ କରିବେ ? ମୁଁ ପ୍ରାୟଶ୍ଚିତ ଲାଗି କଠୋର ତପସ୍ୟା କରିବି । ଏକଥା ଶୁଣିବା ମାତ୍ରେ ଗୁରୁ ବୈଷମ୍ପାୟନ କ୍ରୋଧ ଜର୍ଜର ହୋଇ ପଡ଼ିଲେ । କହିଲେ ତୁ ଚୁପ୍ ରହ । ତୁ ମୋ ପାଇଁ କଠୋର ତପସ୍ୟା କରିବାର କୌଣସି ଆବଶ୍ୟକତା ନାହିଁ । ତୁ ଏପର୍ଯ୍ୟନ୍ତ ମୋ'ଠୁ ଯାହା ଶିଖିଚୁ, ସବୁ ତ୍ୟାଗ କରି, ଶୀଘ୍ର ଏଠୁ ଚାଲିଯା' । ଯାଜ୍ଞବଲ୍‌କ୍ୟ ଗୁରୁଙ୍କ ଆଦେଶ ପାଳନ କଲେ । ସେ ତାଙ୍କଠୁ ଯଜୁର୍ବେଦର ଯାହା ଅଧ୍ୟୟନ କରିଥିଲେ, ସବୁତକ ବାନ୍ତି କରିଦେଇ ଚାଲିଗଲେ । ଗୁରୁଦେବଙ୍କ ଅନ୍ୟ ଶିଷ୍ୟମାନେ ସେଠି ଥିଲେ । ବାନ୍ତି ହୋଇଥିବା ଯଜୁର୍ବେଦର ଉପାଦେୟ ପାଠଗୁଡ଼ିକୁ ଦେଖି ଏହି ଶିଷ୍ୟମାନଙ୍କ ଲୋଭ ହେଲା । ଆଉ ଜଣେ ବାନ୍ତିକରି ଯାଇଥିବା ଜିନିଷକୁ ଗ୍ରହଣ କରିବା ଉଚିତ ହେବ ନାହିଁ ଭାବି ସେମାନେ ସମସ୍ତେ 'ତିତର୍' (ଏକ ପ୍ରକାର ପକ୍ଷୀ) ପାଲଟିଗଲେ ଏବଂ ବାନ୍ତି ହୋଇଥିବା ପାଠକୁ ଚାଟି ନେଲେ । ଯଜୁର୍ବେଦର ଏହା ଏକ ରମଣୀୟ ଗାଥା । ତିତିର ପକ୍ଷୀ ରୂପରେ ଏହା ଗ୍ରହଣ କରାଯାଇଥିବାରୁ ଏହା 'ତୈତ୍ତିରୀୟ' ଉପନିଷଦ ନାମରେ ପ୍ରସିଦ୍ଧ ।

ଯାଜ୍ଞବଲ୍‌କ୍ୟ ମନେ ମନେ ସ୍ଥିର କଲେ, ମୁଁ ଏପରି ଏକ ଶ୍ରୁତି ରଚନା କରିବି, ଯାହା ମୋ ଗୁରୁଦେବ ସୁଦ୍ଧା ଜାଣି ନଥିବେ । ସେ ଅନ୍ୟତ୍ର ଯାଇ ସୂର୍ଯ୍ୟଦେବତାଙ୍କ ଉପାସନା କଲେ । ସ୍ତୁତି କଲେ । ଭଗବାନ ସୂର୍ଯ୍ୟ ଯାଜ୍ଞବଲ୍‌କ୍ୟଙ୍କ ପ୍ରତି ପ୍ରସନ୍ନ ହେଲେ । ସେ ଯଜୁର୍ବେଦର ଏପରି କେତେକ ମନ୍ତ୍ର ଉପଦେଶ ଦେଲେ, ଯାହାକୁ ସେ ପର୍ଯ୍ୟନ୍ତ କେହି ଜାଣି ନଥିଲେ । ଏହି ମନ୍ତ୍ରଗୁଡ଼ିକୁ ନେଇ ଯାଜ୍ଞବଲ୍‌କ୍ୟ ପନ୍ଦରଟି ଶାଖାରଚନା କଲେ । ଏହା 'ବାଜସନେୟ' ଶାଖା ନାମରେ ବିଖ୍ୟାତ । ସେହିଭଳି ବ୍ୟାସ ଶିଷ୍ୟ ଜୈମିନି ମୁନି ଓ ତାଙ୍କ ପୁତ୍ରମାନେ ବହୁ ସଂହିତା ରଚନା କରିଥିଲେ । ଏମାନେ ସମସ୍ତେ ସାମବେଦର ପ୍ରଚାରକ । ସେହିଭଳି ଅଥର୍ବ ବେଦର ମୂଳ ପ୍ରଚାରକ ସୁମନ୍ତୁ ମୁନି ।

ଶ୍ରୀ ରୋମହର୍ଷଣ ମୁନିଙ୍କ ପୁତ୍ର ଶ୍ରୀ ସୂତ ଶୌନକମୁନିଙ୍କୁ କହିଲେ, ବେଦ ବିଭାଗର ଇତିହାସ ଭଳି ପୁରାଣଗୁଡ଼ିକର ଇତିହାସ ମଧ୍ୟ ରହିଛି । ବେଦ ଓ ଶାସ୍ତ୍ର, ଅନୁସାରେ ପୁରାଣର ଦଶ ଲକ୍ଷଣ । ଯଥା— ବିଶ୍ୱ ସର୍ଗ, ବିସର୍ଗ, ବୃତ୍ତି, ରକ୍ଷା, ମନ୍ୱନ୍ତର, ବଂଶ, ବଂଶାନୁଚରିତ, ସଂସ୍ଥା (ପ୍ରଳୟ), ହେତୁ ଓ ଅପାଶ୍ରୟ । ଏମାନଙ୍କ ପାଇଁ ଆଚାର୍ଯ୍ୟ ମଧ୍ୟ ନିର୍ଦ୍ଧିଷ୍ଟ କରାଯାଇଚି । ଏମାନେ ହେଲେ ତ୍ରର୍ଯ୍ୟାରଣି, କଶ୍ୟପ, ସାବର୍ଣ୍ଣି, ଅକୃତବ୍ରଣ, ବୈଷମ୍ପାୟନ ଓ ହାରୀତ ।

ସୂତ ମୁନି ଶୌନକଙ୍କୁ କହିଲେ, ମୁଁ ଯାହା ମୋ ପିତାଙ୍କ ଠାରୁ ଶିକ୍ଷା କରିଚି, ସଂକ୍ଷେପରେ କହିଲି । ମତେ ବିଦାୟ ଦିଅ କହିବା ମାତ୍ରେ ଶୌନକାଦି ମୁନିମାନେ କହିଲେ, ଦୟାକରି ଆଉ ଗୋଟିଏ କଥା କହନ୍ତୁ । କଥା କ'ଣ କି ଲୋକେ କହନ୍ତି ମୃକୁଣ୍ଡ ଋଷିଙ୍କ ପୁତ୍ର ମାର୍କଣ୍ଡେୟ ଋଷି କୁଆଡ଼େ ଚିରାୟୁ । ପ୍ରଳୟରେ ସାରା ଜଗତ୍ ପାଣିରେ ବୁଡି ଯାଇଥିବା ବେଳେ ମାର୍କଣ୍ଡେୟ କୁଆଡ଼େ ଜୀବିତ ଥିଲେ ! କିନ୍ତୁ ସିଏ ତ ଏହି କଳ୍ପରେ ଜନ୍ମିଥିବା ଭୃଗୁବଂଶୀୟ ଜଣେ ଋଷି । ଏ କଳ୍ପରେ ତ କୌଣସି ପ୍ରଳୟ ହୋଇନାହିଁ ! ତାହେଲେ କ'ଣ ଲୋକମୁଖରେ ପ୍ରଚାରିତ କଥା ସତ ? ଲୋକେ ଆହୁରି ମଧ୍ୟ କହନ୍ତି ଯେ, ପ୍ରଳୟକାଳରେ ସମୁଦ୍ରରେ ମାର୍କେଣ୍ଡେୟ ଋଷି କୁଆଡ଼େ ଭବୁଡୁବୁ ହେଉଥିବା ଅବସ୍ଥାରେ ଭାସମାନ ଅକ୍ଷୟବଟ ପତ୍ରରେ ଶୋଇଥିବା ବାଳମୁକୁନ୍ଦଙ୍କୁ ଦର୍ଶନ କରିଥିଲେ ! ଆମ ମନରେ ଏକଥା ନେଇ ସନ୍ଦେହ ରହିଛି । ସତ କି ମିଛ— ଆପଣଙ୍କ ମୁହଁରୁ ଆମେ ଶୁଣିବାକୁ ଚାହୁଁ ।

●

॥ ୧୬୯ ॥

# ମୃକୁଣ୍ଡୁ ପୁତ୍ର ମାର୍କଣ୍ଡେୟ

**ମ**ହର୍ଷି ମାର୍କଣ୍ଡେୟଙ୍କ ଜୀବନ-ବୃତ୍ତାନ୍ତ ଜାଣିବାକୁ ଶୌନକମୁନି ଇଚ୍ଛା ପ୍ରକାଶ କରିବାରେ ସୂତମୁନି ଖୁସିହେଲେ । ସୂତମୁନି କହିଲେ, ବାସ୍ତବରେ ମାର୍କଣ୍ଡେୟ ଚିରଂଜୀବୀ । ଏଥିଲାଗି ତାଙ୍କୁ କଠୋର ତପସ୍ୟା କରିବାକୁ ପଡ଼ିଥିଲା । ସେ ମୃତ୍ୟୁରାଜ ଯମଙ୍କୁ ଜୟ କରିଥିଲେ ।

ସୂତମୁନି କହିଲେ, ମାର୍କଣ୍ଡେୟ ମୃକୁଣ୍ଡୁ ମୁନିଙ୍କ ପୁତ୍ର । ତାଙ୍କ ମାତାଙ୍କ ନାମ ମନସ୍ୱିନୀ । ସେ ଭୃଗୁ ବଂଶୀୟ । ଭୃଗୁଙ୍କ ତିନି ସନ୍ତାନ ଧାତା, ବିଧାତା ଓ ଶ୍ରୀ । ମୃକୁଣ୍ଡୁ ବିଧାତାଙ୍କ ପୁତ୍ର । ମାର୍କଣ୍ଡେୟଙ୍କ ଔରସରୁ ଧୂମାବତୀଙ୍କ ଗର୍ଭରୁ ଜାତ ହୋଇଥିଲେ ବେଦଶିର । ଇଏ ହେଲା ମାର୍କଣ୍ଡେୟଙ୍କ ବଂଶାନୁକ୍ରମ । ମାର୍କଣ୍ଡେୟ ଜନ୍ମହେବା ପରେ ମୃକୁଣ୍ଡୁ ଜାଣିପାରିଲେ ଯେ ପୁଅଟି ତାଙ୍କର ଅଳ୍ପାୟୁ । ବାରବର୍ଷ ଆୟୁଷ । ପିତାମାତା ଏକଥା ଜାଣି ସର୍ବଦା ଦୁଃଖରେ କାଳାତିପାତ କଲେ । ଦୁଃଖର କାରଣ କ'ଣ ପଚାରିଲେ ମାର୍କଣ୍ଡେୟ । ମୃକୁଣ୍ଡୁ ମର୍ମାହତ ହୋଇ କହିଲେ, ବାପ, ତୁ ମାତ୍ର ବାରବର୍ଷ ବଞ୍ଚିବୁ । ସେଥିଯୋଗୁଁ ଆମର ଦୁଃଖ । ମାର୍କଣ୍ଡେୟ କହିଲେ, ତୁମେମାନେ ବ୍ୟସ୍ତ ହୁଅ ନାହିଁ । ମୁଁ ଯମଙ୍କୁ ଜୟ କରି ଚିରଞ୍ଜିବୀ ହେବି । ସେତେବେଳକୁ ମାର୍କଣ୍ଡେୟଙ୍କ ବୟସ ମାତ୍ର ସାତବର୍ଷ । ମାର୍କଣ୍ଡେୟ ବଣକୁ ଗଲେ । କଠୋର ତପସ୍ୟା କଲେ । ବିଷ୍ଣୁମୂର୍ତ୍ତି ପ୍ରତିଷ୍ଠା କରି ପୂଜା ଅର୍ଚ୍ଚନା କଲେ । ବିଷ୍ଣୁ ପ୍ରସନ୍ନ ହୋଇ ତାଙ୍କୁ ଚିରଞ୍ଜିବୀ ହେବା ପାଇଁ ବର ଦେଲେ । ଏକଥା ନୃସିଂହ ପୁରାଣରେ ଅଛି ।

କିନ୍ତୁ ପଦ୍ମ ପୁରାଣରେ ଏହି ଉପାଖ୍ୟାନର ବର୍ଣ୍ଣନା ଅନ୍ୟ ପ୍ରକାରର । ପୁଅ ଅଳ୍ପାୟୁ ଜାଣି ପିତାମାତା ଅଳ୍ପବୟସରେ ମାର୍କଣ୍ଡେୟଙ୍କ ବ୍ରତୋପନୟନ କଲେ । ଦିନେ ସପ୍ତର୍ଷି ତାଙ୍କ ଘରକୁ ଆସିଲେ । ମାର୍କଣ୍ଡେୟ ସେମାନଙ୍କୁ ସମ୍ବର୍ଦ୍ଧନା କଲେ । ପିଲାଟିର ବ୍ୟବହାରରେ ଖୁସି ହୋଇ ସପ୍ତର୍ଷି 'ଦୀର୍ଘାୟୁ ହୁଅ' 'ଆୟୁଷ୍ମାନ ଭବ' କହି ଆଶୀର୍ବାଦ କଲେ । କିନ୍ତୁ ପରେ ଜାଣିଲେ ଯେ ମାର୍କଣ୍ଡେୟ ଅଳ୍ପାୟୁ । ସେମାନେ ମାର୍କଣ୍ଡେୟଙ୍କୁ ସାଙ୍ଗରେ ନେଇ ବ୍ରହ୍ମାଙ୍କ ପାଖକୁ ଗଲେ । ବ୍ରହ୍ମାଙ୍କୁ ସେମାନେ ନିଜର ଆଶୀର୍ବାଦ କଥା କହିଲେ । ସପ୍ତର୍ଷିଙ୍କ କଥା ଯିମିତି ଅନ୍ୟଥା ନ ହେବ, ସେଥିଲାଗି ବ୍ରହ୍ମା ମାର୍କଣ୍ଡେୟଙ୍କୁ ଚିରଞ୍ଜିବୀ କରାଇଲେ ।

ଭାଗବତରେ ଏହାର ବିଶଦ ବର୍ଣ୍ଣନା କରାଯାଇଛି । ସୂତମୁନି ଶୌନକଙ୍କୁ କହିଲେ, ମାର୍କଣ୍ଡେୟ ଆଜୀବନ ବ୍ରହ୍ମଚର୍ଯ୍ୟ ପାଳନ କରି ଆସୁଥିଲେ । ମୁଣ୍ଡରେ ଜଟାଜୁଟ,

ପରିଧାନ ମୃଗଚର୍ମ ଓ ବଲ୍କଳ । ହାତରେ ଦଣ୍ଡ କମଣ୍ଡଳୁ । ଗଳାରେ ରୁଦ୍ରାକ୍ଷମାଳ । କୁଶାସନ । ''ମୁଁ ପରମାତ୍ମା ସ୍ୱରୂପ'' ମନରେ ଏହି ଭାବନା । ସକାଳ, ସଂଧ୍ୟାରେ ଭିକ୍ଷା କରି ଗୁରୁଦେବଙ୍କ ଚରଣରେ ନିବେଦନ କରୁଥିଲେ । ମୌନ ରହୁଥିଲେ । ଗୁରୁଦେବଙ୍କ ଆଜ୍ଞା ହେଲେ ଦିନକୁ ଥରେ ହିବିଷ୍ୟାନ୍ନ ଭୋଜନ କରୁଥିଲେ । ଏହିଭଳି ଜୀବନଯାପନ କରିବାରେ ମୃତ୍ୟୁ ତାଙ୍କୁ ସ୍ପର୍ଶ କରିବାକୁ ଭୟ କଲା । ସେ ମୃତ୍ୟୁକୁ ଜୟ କରିବାରେ ଦେବତାମାନେ ବିସ୍ମିତ ହୋଇ ପଡ଼ିଲେ । ମାର୍କଣ୍ଡେୟଙ୍କ ତପସ୍ୟା ଛଅ ମନ୍ୱନ୍ତର ପର୍ଯ୍ୟନ୍ତ ଚାଲିଲା । ସାତ ମନ୍ୱନ୍ତର ବେଳକୁ ଇନ୍ଦ୍ରଙ୍କ ଆସନ ଟଳମଳ ହୋଇ ପଡ଼ିଲା । ଇନ୍ଦ୍ର ଭୟଭୀତ ହୋଇ ପଡ଼ିଲେ । ତେଣୁ ସେ ମାର୍କଣ୍ଡେୟଙ୍କ ତପସ୍ୟା ଭଙ୍ଗ କରିବା ଲାଗି ଉଦ୍ୟମ କଲେ । ମାର୍କଣ୍ଡେୟଙ୍କ ପାଖକୁ ଗନ୍ଧର୍ବ, ଅପ୍ସରା, କାମ, ବସନ୍ତ, ମଳୟାନିଳ, ଲୋଭ ଓ ମଦ ଆଦିକୁ ପଠାଇଲେ ।

ମାର୍କଣ୍ଡେୟଙ୍କ ଆଶ୍ରମ ଥିଲା ହିମାଳୟର ଉତ୍ତରାଞ୍ଚଳରେ । ଏଠାରେ ପୁଷ୍ପଭଦ୍ରା ନଦୀ । ନଦୀର ତଟ ଦେଶରେ ଚିତ୍ରା ନାମରେ ଏକ ସୁନ୍ଦର ପର୍ବତ । ମାର୍କଣ୍ଡେୟଙ୍କ ଆଶ୍ରମ ଥିଲା ଅତି କମନୀୟ । ଚତୁର୍ଦ୍ଦିଗରେ ସବୁଜ ବୃକ୍ଷଲତା, ପକ୍ଷୀଙ୍କ କାକଳି । ଏହି ଆଶ୍ରମରେ ଇନ୍ଦ୍ରଙ୍କ ଆଦେଶକ୍ରମେ ପ୍ରବେଶ କଲେ ଗନ୍ଧର୍ବ ଓ ଅପ୍‌ସରୀମାନେ । ମନୋରମ ପରିବେଶକୁ ଦେଖି ସେମାନେ ଭାବିଲେ ଇଏତ ନନ୍ଦନକାନନଠୁ ବଳି ପଡ଼ିଚି । ଏଠୁ ଆଉ ସ୍ୱର୍ଗକୁ ଫେରିବାକୁ ଇଚ୍ଛା ହେଉନାହିଁ । ତଥାପି ଇନ୍ଦ୍ରଙ୍କ ଆଦେଶ ପାଳନ କରିବାକୁ ପଡ଼ିବ । ସେମାନେ ମାର୍କଣ୍ଡେୟଙ୍କ କାମଭାବ ଉଦ୍ରେକ କରିବା ପାଇଁ ସେମାନଙ୍କ ମାୟା ବିସ୍ତାର କରିବାକୁ ଲାଗିଲେ । ପ୍ରଥମେ କାମଦେବଙ୍କ ସଖୀ ବସନ୍ତକୁ କହିଲେ, ତୁ ପ୍ରଥମେ ତୋ ମାୟାଜାଲ ବିଛେଇ ଦେ । ସେତେବେଳକୁ ସଂଧ୍ୟା ପ୍ରାୟ । ଚନ୍ଦ୍ର ଉଦୟ ହୋଇ ନିଜର ଜ୍ୟୋସ୍ନା ଢାଳିବାରେ ଲାଗିଲେ । ଫୁଲଗୁଡ଼ିକ ଅଧିକ ସୁରଭିତ ହେଲା । କୋକିଳର କାକଳିରେ ଫୁଟି ଉଠିଲା ମଧୁର ସଂଗୀତ । କାମଦେବ ପ୍ରବେଶ କଲେ ଆଶ୍ରମ ଭିତରେ । ବସନ୍ତର ସାମ୍ରାଜ୍ୟ ଭିତରେ ସେମାନେ ବିଚରଣ କଲେ । ଗନ୍ଧର୍ବମାନେ ସେମାନଙ୍କ ବାଇଦ ବାଜଣା ବଜାଇଲେ । ଅପ୍‌ସରୀମାନେ ସେମାନଙ୍କ ଅଙ୍ଗଲତା ପ୍ରଦର୍ଶନ କରି ନୃତ୍ୟ କଲେ ।

ଏହି ସମୟରେ ମାର୍କଣ୍ଡେୟ ମୁନି ଅଗ୍ନିହୋତ୍ର କରିସାରି ଭଗବାନଙ୍କ ଆରାଧନା କରୁଥିଲେ । ତାଙ୍କର ଚକ୍ଷୁଯୁଗଳ ବନ୍ଦ ଥିଲା । ମନେ ହେଉଥିଲା ସ୍ୱୟଂ ଅଗ୍ନିଦେବ ମୂର୍ତ୍ତିମାନ । ଅଗ୍ନିକୁ ଜୟ କରିବା କଠିନ । ଅପ୍‌ସରାମାନେ ନାଚି ନାଚି ମାର୍କଣ୍ଡେୟଙ୍କ ପାଖକୁ ଲାଗି ଆସିଲେ । ଗନ୍ଧର୍ବମାନେ ବୀଣା, ମୃଦଙ୍ଗ, ଢୋଲକ ଆଦି ତାଳ ମାନ ସହିତ ବଜାଇଲେ । କାମଦେବ ତାଙ୍କ ପୁଷ୍ପଧନୁକୁ ଟଙ୍କାରିଲେ । ପଞ୍ଚମୁଖ ବାଣ

ଚଢ଼ାଇଲେ । ଏହି ପଞ୍ଚମୁଖ ବାଣ ହେଉଛି— ଶୋଷଣ, ଦୀପନ, ସମ୍ମୋହନ, ତାପନ ଓ ଉନ୍ମାଦନ । କାମଦେବ ମାର୍କଣ୍ଡେୟଙ୍କୁ ଲକ୍ଷ୍ୟ କରି ବାଣ ବିନ୍ଧିବାକୁ ଉଦ୍ୟତ ହେବାମାତ୍ରେ ବସନ୍ତ ଓ ଲୋଭ ମୁନିଙ୍କ ମନକୁ ବିଚଳିତ କରିବା ଲାଗି ପ୍ରଯତ୍ନ କଲେ । ପୁଞ୍ଜିକସ୍ଥଳୀ ନାମ୍ନୀ ଏକ ଅପ୍‌ସରୀ ମାର୍କଣ୍ଡେୟ ମୁନିଙ୍କ ସାମନାରେ ନାନା ଅଙ୍ଗଭଙ୍ଗୀ କରିବାରେ ଲାଗିଲା । ସେ ଅତି ସୁନ୍ଦର ଭାବରେ ସଜେଇ ହୋଇଥିଲା । ତା' ଚାଲିରେ, ଆଖିରେ, ଚାହାଁଣିରେ, ମୃଦୁମନ୍ଦ ହସରେ, ଅର୍ଦ୍ଧନଗ୍ନ ତନୁଲତାରେ, ସବୁଥିରେ ଥିଲା ଅମୋଘ ଆକର୍ଷଣ । ସେ ଏପରି ଭାବଭଙ୍ଗୀ କରିବାରେ ଲାଗିଥିଲା, ଯେପରିକି ମାର୍କଣ୍ଡେୟ ଆଖିଖୋଲିବା ମାତ୍ରେ, ତାକୁ ଆଲିଙ୍ଗନ କରିନେବେ । ଏହା ହିଁ ଉପଯୁକ୍ତ ସମୟ ସୁଯୋଗ ମନେ କରି କାମଦେବ ତାଙ୍କର ପ୍ରଥମ ବାଣ ନିକ୍ଷେପ କଲେ । କିଛି ଫଳ ହେଲାନି । ପରେ ପରେ ଆଉ ଚାରୋଟି ବାଣ ଛାଡ଼ିଲେ । ସବୁ ନିଷ୍ଫଳ । ବସନ୍ତ ନିଜେ ମୁନିଙ୍କ ତେଜରେ ଜଳିଯିବା ଭୟରେ ପଛଘୁଞ୍ଚା ଦେଲା । ତା' ସହିତ ଗନ୍ଧର୍ବ, ଅପ୍‌ସରୀମାନେ ହଟିଗଲେ । କାମଦେବଙ୍କ କୌଣସି ବାଣ କାମ ଦେଲାନି । ମାର୍କଣ୍ଡେୟ ଅବିଚଳିତ । ସେତେବେଳକୁ ସେ ଆତ୍ମାନନ୍ଦ ଉପଭୋଗ କରୁଥିଲେ । ଆତ୍ମସ୍ୱରୂପରେ ଲୀନ ଥିଲେ । ସମସ୍ତେ ଆସି ଇନ୍ଦ୍ରଙ୍କୁ କହିଲେ, 'ଆମେ ଅସମର୍ଥ । ମାର୍କଣ୍ଡେୟଙ୍କ ତେଜରେ ଆମେ ସମସ୍ତେ ନିସ୍ତେଜ ହୋଇ ପଡ଼ିଲୁ ।'

ଇନ୍ଦ୍ର ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରେ ବିଷ୍ଣୁ କହିଲେ, ଭାବନାହିଁ ଯେ ମୁଁ ତୁମ ଅନୁରୋଧ ରକ୍ଷା କରି ମାର୍କଣ୍ଡେୟର ତପସ୍ୟା ଭଙ୍ଗ କରିବାକୁ ଯିବି । ମୋର ପରମଭକ୍ତ ସେ । ତଥାପି ମୁଁ ଏବେ ଯାଉଚି ନରନାରାୟଣ ଭାବରେ । ସେ ଦୁଇଜଣ ମୁନିରୂପ ନେଇ ପହଞ୍ଚିଲେ ଭକ୍ତ ମାର୍କଣ୍ଡେୟଙ୍କ ପାଖରେ । ମାର୍କଣ୍ଡେୟ ଜାଣି ପାରିଲେ ସ୍ୱୟଂ ଭଗବାନ ତାଙ୍କ ସମ୍ମୁଖରେ ଉପସ୍ଥିତ । ସେ ନର-ନାରାୟଣଙ୍କୁ ଦଣ୍ଡବତ୍ ପ୍ରଣାମ କଲେ । ଭଗବାନ ଭକ୍ତ ଉପରେ କୃପା ପ୍ରସାଦ ବର୍ଷଣ କଲେ । ଭଗବାନ କହିଲେ, ତୁମର ଏକାଗ୍ରତା, ତପସ୍ୟା, ସ୍ୱାଧ୍ୟାୟ, ସଂଯମ ଓ ମୋ ପ୍ରତି ଅନନ୍ୟ ଭକ୍ତିରେ ମୁଁ ପ୍ରସନ୍ନ । ତୁମେ ଅଭୀଷ୍ଟ ବର ମାଗ, ମୁଁ ଦେବାକୁ ପ୍ରସ୍ତୁତ ।

ମାର୍କଣ୍ଡେୟ କହିଲେ, ମୁଁ ଆପଣଙ୍କ ମାୟା ଦେଖିବାକୁ ଚାହେଁ— ଯେଉଁଥିରେ ମୋହିତ ହୋଇ ଜଗତର ସମସ୍ତ ଲୋକ ଓ ଲୋକପାଳମାନେ ଅଦ୍ୱିତୀୟ ବ୍ରହ୍ମ ଭିତରେ ନାନା ଭେଦ-ବିଭେଦ ଦେଖି ଆସୁଛନ୍ତି ! ନର ନାରାୟଣ କହିଲେ, 'ଠିକ୍ ଅଛି, ତାହା ହିଁ ହେବ ।''

●

## ॥ ୧୭୦ ॥

# ମାୟାର କାୟା ଦର୍ଶନ

ବ୍ରାହ୍ମଣରୂପୀ ନର ନାରାୟଣଙ୍କ ବର ପାଇ ମୁନି ମାର୍କଣ୍ଡେୟ ଦୀର୍ଘଜୀବୀ ହେଲେ । ଭଗବାନଙ୍କ 'ମାୟା'କୁ ଦର୍ଶନ କରିବା ଲାଗି ମାର୍କଣ୍ଡେୟ ଇଚ୍ଛା ପ୍ରକାଶ କଲେ । ଭଗବାନ ତଥାସ୍ତୁ କରି ବଦରିକା ଆଶ୍ରମକୁ ଚାଲିଗଲେ । ମାର୍କଣ୍ଡେୟ ଅପେକ୍ଷା କରି ରହିଲେ 'ମାୟା'ର ଦର୍ଶନ ପାଇବା ପାଇଁ ।

ସବୁଠୁ ଆଶ୍ଚର୍ଯ୍ୟ ହେଉଛି, ଯାହାର ସଂସାର ପ୍ରତି ମାୟା ତୁଟି ଗଲାଣି ବୋଲି କୁହାଯାଉଛି, ସେ 'ମାୟା'ର ଦର୍ଶନ ଲାଗି ବ୍ୟାକୁଳ । ବ୍ରହ୍ମର୍ଷି ନାରଦ ଠାରୁ ଆରମ୍ଭ କରି ଅର୍ଜୁନ, ଉଦ୍ଧବ ଆଦି ଯେତେ ପରମ ଭକ୍ତ, ସମସ୍ତେ ଭଗବାନଙ୍କୁ କହିଛନ୍ତି, ତୁମ ମାୟା କ'ଣ ଆମକୁ ଦେଖେଇ ଦିଅ । ନାରଦ ଏହି ପ୍ରାର୍ଥନା କରି ଚେଁକେ ପାଇଥିଲେ । ମାୟାଜାଲରେ ପଡ଼ି ଗୁଡ଼ିଏ ସନ୍ତାନର ବାପ ହୋଇଥିଲେ । ଜାଲରୁ ଖସିବା ଲାଗି ତାଙ୍କୁ ବହୁବର୍ଷ ଲାଗିଗଲା । ମାୟାରେ ପଡ଼ି ଅର୍ଜୁନ କୁରୁକ୍ଷେତ୍ରର ରଣାଙ୍ଗନରେ ଗାଣ୍ଡିବ ଧନୁକୁ ତଳେ ଥୋଇ ଦେଇଥିଲେ । ଧନ୍ୟରେ ତୁ ମାୟା ! ସ୍ୱର୍ଗର ସମସ୍ତ ଅପ୍‌ସରୀଙ୍କଠି ଯେତେ ସୌନ୍ଦର୍ଯ୍ୟ, ସବୁକୁ ମିଶେଇଲେ ଯାହା, ତା'ଠୁ ତୁ ଅଧିକ । ଅପରୂପା ତୁ । ତୋ ରୂପ, ଗୁଣ ଓ ଆକର୍ଷଣର ପଟାନ୍ତର ନାହିଁ । ମାୟା + ଭଗବାନ = ମନୁଷ୍ୟ । ଯେଉଁ ମଣିଷର ମାୟା ନଥାଏ ସେ ଭଗବାନ ବିବେଚିତ । ଭଗବାନ ମାୟାଶୂନ୍ୟ । ଅଥଚ ସେ ମାୟାଧର ।

ମାର୍କଣ୍ଡେୟ ମୁନି ତାଙ୍କ ଆଶ୍ରମରେ ବସି କେବଳ ଚିନ୍ତା କରିବାରେ ଲାଗିଛନ୍ତି, ଶ୍ରୀମତୀ ମାୟାଦେବୀ ଆସିବେ କେବେ, ତାକୁ ମନଭରି ଦେଖିବେ, ଆଲିଙ୍ଗନ କରିବେ । ସେ ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ଜଳ, ବାୟୁ, ଆକାଶକୁ ଦେଖୁଛନ୍ତି, ଅନୁଭବ କରୁଛନ୍ତି । ପ୍ରକୃତିରାଣୀର ଶୋଭା ଓ ଗଭାକୁ ଦେଖୁଛନ୍ତି । ସର୍ବତ୍ର ଭଗବାନ ବିରାଜମାନ ଥିବା ଅନୁଭବ କରୁଛନ୍ତି । କେବେ କେବେ ତାଙ୍କ ହୃଦୟରେ ପ୍ରେମର ପ୍ଲାବନ ଛୁଟୁଚୁ । ସେ ସେଥିରେ ବୁଡୁଚନ୍ତି, ଉଠୁଚନ୍ତି । ଅବଗାହନର ଆନନ୍ଦ ପାଉଛନ୍ତି । କିନ୍ତୁ ମାୟା କାହିଁ ? ଭାବୁଚନ୍ତି, ଭଗବାନଙ୍କୁ କିମିତି ପୂଜା କଲେ, ସେ ତାଙ୍କର ମାୟା ମେଖଳା ଖୋଲିବେ ।

ସୂତମୁନି ଶୌନକଙ୍କୁ କହିଲେ, ଦିନେ ପ୍ରଳୟଙ୍କରୀ ଝଡ଼ ବାତ୍ୟା ଆସିଲା । ମାର୍କଣ୍ଡେୟଙ୍କ ଧ୍ୟାନଭଙ୍ଗ ହୋଇଗଲା । ଆକାଶ ମେଘାଚ୍ଛନ୍ନ । ଚତୁର୍ଦ୍ଦିଗରେ ବଜ୍ରନାଦ । ବିଜୁଳିର ଚମକ । ମୂଷଳଧାରା ବର୍ଷା । ମନେ ହେଲା ଯେପରି ସପ୍ତସମୁଦ୍ର ଏକାଠି ମାଡ଼ି

ଆସୁଚ୍ଛନ୍ତି । ତୁଙ୍ଗ ତରଙ୍ଗମାଳା । ପ୍ରଚଣ୍ଡ ଧ୍ୱନି । ବୃକ୍ଷଲତା ଭୂଲୁଣ୍ଠିତ । ଉଦ୍‌ବେଳିତ ଉଚ୍ଛଳ ସମୁଦ୍ରରୁ ପ୍ରକାଣ୍ଡକାୟ ଜଳଚର ସବୁ ଉପରକୁ ଉଠି ଗର୍ଜନ କରିବାରେ ଲାଗିଛନ୍ତି । ବାହାର ଭିତର, ଚର୍ତୁଦ୍ଦିଗ ଜଳ ଆଉ ଜଳ । ସମଗ୍ର ଜଗତ ସଂପ୍ଲୁତ । ଉଦ୍ଭିଦଜ, ସ୍ୱେଦଜ, ଅଣ୍ଡଜ ଓ ଜରାୟୁଜ ଚାରି ପ୍ରକାରର ସମସ୍ତ ପ୍ରାଣୀ ଯେପରି ପ୍ରାଣହୀନ ! ନିଷ୍ପ୍ରାଣ । ଜଳ ପ୍ରଳୟରେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ନିଶ୍ଚିହ୍ନ । ପୃଥ୍ୱୀ, ଅନ୍ତରୀକ୍ଷ, ସ୍ୱର୍ଗ ଓ ଜ୍ୟୋତିମଣ୍ଡଳ ସବୁ ଜଳମଗ୍ନ । କେହି ଜଣେ ଜୀବିତ ନାହିଁ, କେବଳ ଜୀବିତ ମାର୍କଣ୍ଡେୟ । ସେ ମଧ୍ୟ ଭୟଭୀତ । ସେ ମଧ୍ୟ ପାଗଳ ଭଳି ପ୍ରାଣରକ୍ଷା ଲାଗି ଏଣେତେଣେ ଦୌଡ଼ିବାରେ ବ୍ୟସ୍ତ । ଯିବେ କୁଆଡ଼େ ? ନିରୁପାୟ । ଅଜ୍ଞାନଅନ୍ଧକାର ଭିତରେ ମାର୍କଣ୍ଡେୟଙ୍କ ଚିତ୍ତ ବ୍ୟାକୁଳ । କେତେବେଳେ ଶୋକଗ୍ରସ୍ତ ତ କେତେବେଳେ ମୋହଗ୍ରସ୍ତ । କେତେବେଳେ ଦୁଃଖ ହିଁ ଦୁଃଖ ତ କେତେବେଳେ ସାମାନ୍ୟ ସୁଖ । କେତେବେଳେ ସେ ଭାବୁଛନ୍ତି ହେଇ ମୋର ପ୍ରାଣ ଛାଡ଼ିଗଲା । ମରିଗଲି । ଆଉ ଦୀର୍ଘଜୀବୀ ହେବି କ'ଣ ? ଦେହରେ ନାନା ପ୍ରକାରର ରୋଗ । ଭଗବାନଙ୍କ ମାୟାଚକ୍ରରେ ମାର୍କଣ୍ଡେୟ ଘୂର୍ଣ୍ଣାୟମାନ । ପ୍ରଳୟକାଳର ସମୁଦ୍ରରେ ତାଙ୍କର ହଜାର ହଜାର ବର୍ଷ ଅତିବାହିତ । ଏପରି ଜଳ ଯେ ତା'ର କୂଳ କିନାରା ନାହିଁ । ଇମିତି ଘୂରୁଘୂରୁ ହଠାତ୍ ସେ ଏକ କୁଦ ଉପରକୁ ଉଠିଲେ । ଦେଖିଲେ ସେଠି ଏକ ଗଛ । ଗଛର ପତ୍ରଗୁଡ଼ିକ ବିଭିନ୍ନ ରଙ୍ଗର । ଲାଲଲାଲ ଫଳଭରା । ଐଶାନ୍ୟ କୋଣରେ ଗଛର ଏକ ଡାଳ । ଡାଳର ପତ୍ରରେ ଗୋଟିଏ ଦନା । ଦନା ଉପରେ ଗୋଟିଏ ଶିଶୁ ଶୋଇଚି । ଅନ୍ଧାର ଭିତରେ ଆଲୋକର ଛଟା । ଜ୍ୟୋତିର୍ମୟ ଶିଶୁ । ତା' ଚାରିପଟରେ ଉଜ୍ଜ୍ୱଳ ଆଲୋକ । ମନେହେଲା ଯେପରି ଗୋଟିଏ ମରକତ ମଣି ! ଏପରି ମୁଖମଣ୍ଡଳ କୌଣସି ମନୁଷ୍ୟ ଦେହରେ ସମ୍ଭବ ନୁହଁ । ଅପୂର୍ବ ଏ ଶିଶୁ ! ନାକ, ଆଖି, ଓଠ ଏତେ ସୁନ୍ଦର ଯେ, ତାହା ବର୍ଣ୍ଣନା କରି ହେବନି । ସୁକାନ୍ତ, ସୌମ୍ୟ ରୂପ । ଅନୁପମ । ଓଠରେ ଖିଲ୍ ଖିଲ୍ ହସ ।

ମାର୍କଣ୍ଡେୟ ଏ ଦିବ୍ୟରୂପ ଦେଖି ବିସ୍ମିତ, ସ୍ତମ୍ଭିତ । ଶିଶୁଟିକୁ ଦେଖିବା ମାତ୍ରେ ମାର୍କଣ୍ଡେୟଙ୍କ ସମସ୍ତ କ୍ଳାନ୍ତି ଶାନ୍ତିରେ ପରିଣତ ହେଲା । ଶରୀର ପୁଲକିତ ହୋଇ ଉଠିଲା । ଚକ୍ଷୁରୁ ଆନନ୍ଦାଶ୍ରୁ ବିଗଳିତ ହେଲା । ଭାବିଲେ, ଏ ପିଲାଟି କିଏ ? ଏ ପ୍ରଶ୍ନର ଉତ୍ତର ପାଇବା ପାଇଁ ସେ ଧୀରେ ଧୀରେ ପିଲାପାଖକୁ ଲାଗି ଆସିଲେ । କିନ୍ତୁ ପାଖକୁ ଯାଉ ଯାଉ ଶିଶୁର ନିଶ୍ୱାସ ତାଙ୍କୁ ଟାଣି ନେଲା ତା' ପେଟ ଭିତରକୁ । ପେଟ ଭିତରେ ସେ ସମଗ୍ର ସୃଷ୍ଟିକୁ ଦେଖିଲେ । ପ୍ରଳୟ ପୂର୍ବରୁ ଯେଉଁ ସୃଷ୍ଟି ଥିଲା, ଠିକ୍ ସେହି ସୃଷ୍ଟି । ସେହି

ବ୍ରହ୍ମାଣ୍ଡ । ଏ ବିଚିତ୍ର ଦୃଶ୍ୟକୁ ଦେଖି ସେ ଚକିତ ହୋଇ ପଡ଼ିଲେ । ଶିଶୁର ଉଦର ଭିତରେ ସେ ଦେଖିଲେ ଆକାଶ, ପାତାଳ, ଜ୍ୟୋତିର୍ମଣ୍ଡଳ, ପର୍ବତ, ସମୁଦ୍ର, ଦୀପ, ବର୍ଷ, ଦଶଦିଗ, ଦେବତା, ଦୈତ୍ୟ, ବଣଜଙ୍ଗଲ, ନଦୀନାଳ, ଗାଁ ଗଣ୍ଡା, ସହର, ଆଶ୍ରମ, ବର୍ଣ୍ଣ, ଆଚାର ବ୍ୟବହାର, ପଞ୍ଚ ମହାଭୂତ, ଜୀବଜଗତ, ନାନା ପଦାର୍ଥ, ଅନେକ ଯୁଗ, କଳ୍ପ ସହିତ କାଳ, ମହାକାଳ, ସବୁକିଛି ବିଦ୍ୟମାନ । କେଉଁଠି କାହାର ସୀମା ବାରି ହେଉନି । ମାର୍କଣ୍ଡେୟ ଦେଖିଲେ, ତାଙ୍କର ଆଶ୍ରମ ଯିମିତି ଥିଲା, ସିମିତି ଅଛି । ଆଶ୍ରମକୁ ଲାଗି ବହି ଯାଉଚି କୁଳୁକୁଳୁ ନାଦିନୀ ପୁଷ୍ପଭଦ୍ରା ନଦୀ । ହିମାଭ ହିମାଳୟ । ହିମାଳୟ ଭିତରେ ବହୁ ମୁନିଋଷିଙ୍କ ଆଶ୍ରମ । ଶାନ୍ତ, କାନ୍ତ କୋମଳ ପରିବେଶ । ଏହିଭଳି ସମଗ୍ର ବିଶ୍ୱକୁ ଦେଖିବା ପରେ ଶିଶୁର ପ୍ରଶ୍ୱାସରେ ସେ ବାହାରକୁ ଆସିଲେ ଶିଶୁର ଉଦରରୁ । ଦେଖିଲେ ପତ୍ରର ଦନାରେ ଶିଶୁଟି ଯିମିତି ଶୋଇ ରହିଥିଲା, ସିମିତି ଶୋଇଚି । ହଲ୍ ନାହିଁ କି ଚଲ୍ ନାହିଁ । ହସ ହସ ମୁହଁ । ପିଲାଟି ନିରୀକ୍ଷଣ କରିବାରେ ଲାଗିଚି ମାର୍କଣ୍ଡେୟଙ୍କୁ । ପିଲାଟିକୁ ଆଲିଙ୍ଗନ କରିବା ଲାଗି ଆଗେଇଲେ ସେ । ଶିଶୁଟି ଯେ ସ୍ୱୟଂ ଭଗବାନ, ଇଏ ତାଙ୍କର ଶିଶୁରୂପ, ପ୍ରଳୟ ଆଦି ଦୃଶ୍ୟ ଯେ ଭଗବାନଙ୍କ ମାୟା ଜାଣି ପାରିଲେ ନାହିଁ ମୁନି ମାର୍କଣ୍ଡେୟ । ମାର୍କଣ୍ଡେୟ ପିଲାଟିକୁ ନିଜ କୋଳକୁ ଟାଣି ଆଣିବା ଲାଗି ହାତ ବଢ଼ାଇବା ମାତ୍ରେ ପିଲାଟି ଅନ୍ତର୍ଦ୍ଧାନ ହୋଇଗଲା । ସେ ଦେଖିଲେ, ସେ ଗଛ ନାହିଁ କି ଡାଳ ନାହିଁ । ପ୍ରଳୟ କାଳର ଜଳ ମଧ୍ୟ ନାହିଁ । ସେ ପୂର୍ବ ଭଳି ଆଶ୍ରମରେ ବସିଚନ୍ତି ।

ସୂତମୁନି ମହାରାଜ ଶୌନକଙ୍କୁ କହିଲେ, ମାର୍କଣ୍ଡେୟ ମୁନି ନାରାୟଣଙ୍କ ଦ୍ୱାରା ନିର୍ମିତ ଯୋଗମାୟାକୁ ଏହିଭଳି ଭାବେ ଦର୍ଶନ କଲେ । ମନେ ମନେ ସ୍ଥିର କଲେ– ମାୟାକୁ ଦର୍ଶନ କରିବା ଲାଗି ଭଗବାନଙ୍କୁ ପ୍ରାର୍ଥନା କରି ସିନା ମୁଁ ଏ ଦଶା ଭୋଗିଲି ! ମାୟାପତିଙ୍କ ମାୟାରୁ ମୁକ୍ତ ହେବା ଲାଗି ଏକମାତ୍ର ବାଟ ହେଉଚି ତାଙ୍କ ଶରଣ ଗ୍ରହଣ କରିବା । ମାର୍କଣ୍ଡେୟ ନାରାୟଣଙ୍କୁ ସ୍ତୁତି କରି କହିଲେ, ହେ ପ୍ରଭୁ, ତୁମ ମାୟା ବାସ୍ତବ ଭଳି ମନେ ହେବାରେ ବଡ଼ ବଡ଼ ବିଦ୍ୱାନ ମଧ୍ୟ ମୋହିତ ହୋଇପଡ଼ିବା ସ୍ୱାଭାବିକ । ତୁମର ଚରଣ କମଳ ହିଁ ଏକମାତ୍ର ଆଶ୍ରୟ !

●

## ॥ ୧୭୧ ॥

# ସନ୍ତମନ ଚିରବସନ୍ତ

ମାର୍କଣ୍ଡେୟ ନିଜ ଆଶ୍ରମରେ ଶରଣାଗତ ଭାବେ ତନ୍ମୟ । ଏହି ସମୟରେ ଭଗବାନ୍ ଶଙ୍କର ଭଗବତୀ ପାର୍ବତୀଙ୍କ ସହିତ ନନ୍ଦୀ ଉପରେ ବସି ଆକାଶମାର୍ଗରେ ବିଚରଣ କରୁଥିଲେ । ସେମାନଙ୍କ ସହିତ ତାଙ୍କର 'ଗଣ' ମାନେ ମଧ ଥିଲେ । ମାର୍କଣ୍ଡେୟ ଧ୍ୟାନସ୍ଥ ଓ ତନ୍ମୟ ଅବସ୍ଥାରେ ଥିବା ଦେଖି ସେମାନେ ତାଙ୍କ ପାଖକୁ ଓହ୍ଲାଇ ଆସିଲେ । ତାଙ୍କୁ ଦେଖୁ ଦେଖୁ ମା' ପାର୍ବତୀଙ୍କ ବାତ୍ସଲ୍ୟ ଭାବ ଆସିଗଲା । ସେ ଶିବଶଙ୍କରଙ୍କୁ କହିଲେ, ମାର୍କଣ୍ଡେୟ କିମିତି ଧ୍ୟାନମଗ୍ନ ଦେଖ । ତୋଫାନ ଶାନ୍ତ ହୋଇଯିବା ପରେ ସମୁଦ୍ର ଯେପରି ଶାନ୍ତ ହୋଇଆସେ, ଠିକ୍ ସେହିଭଳି ମାର୍କଣ୍ଡେୟଙ୍କ ଶାନ୍ତ ଅବସ୍ଥା । ଆପଣ ତ ସମସ୍ତଙ୍କ ସିଦ୍ଧିଦାତା । ଏହି ସିଦ୍ଧ ତପସ୍ୱୀଙ୍କୁ କିଛିଟା ବର ଦିଅନ୍ତୁ ।

ହରହର ମହାଦେବ କହିଲେ, ୟାକୁ ଦେବି କ'ଣ ? 'କିଛି ଚାହିଁବା' ଜିନିଷଟି ତ ତା' ମନରୁ ଲୋପ ପାଇଯାଇଛି । ସେ ଇହଲୋକ, ପରଲୋକର କୌଣସି ପଦାର୍ଥ ଚାହେଁନା । ଭକ୍ତମାନେ ଭଗବାନଙ୍କଠୁ 'ମୋକ୍ଷ' ଚାହିଁଥାଆନ୍ତି । ଏ ତପସ୍ୱୀ ଏହା ବି ଚାହେଁ ନାହିଁ । ସେ ତ ସବୁ ବସ୍ତୁରେ ଭଗବାନଙ୍କୁ ଦର୍ଶନ କରୁଛି । ଯିଏ କିଛି ଚାହେଁନା, ସେ ନିଜେ ଭଗବାନ ପାଲଟି ଯାଇଥାଏ ! ମୁଁ ଭଗବାନ ହୋଇ ଏ ଭଗବାନଙ୍କୁ ଦେବି କ'ଣ ? ସେ ମନେ ମନେ ମୋ ଚରଣରେ ଭକ୍ତିପୁଷ୍ପ ଢାଳିବାରେ ଲାଗିଚି । ତଥାପି ତୁମେ ଯେତେବେଳେ କହୁଚ, ଚାଲ ତା' ସହିତ କଥାବାର୍ତ୍ତା କରିବା । କାରଣ ସେ ଜଣେ ମହାତ୍ମା ପୁରୁଷ । ତାଙ୍କ ସହିତ ସତ୍‌ସଙ୍ଗ କରାଯାଇପାରେ !

ସୂତମୁନି ଶୌନକଙ୍କୁ କହିଲେ, ଭଗବାନ ଶଙ୍କର ସମସ୍ତ ବିଦ୍ୟାର ପ୍ରବର୍ତ୍ତକ । ସେ ଅନ୍ତର୍ଯ୍ୟାମୀ ! ସବୁ ଜୀବର ହୃଦୟରେ ସର୍ବଦା ବାସ କରିଥାଆନ୍ତି । ପାର୍ବତୀଙ୍କ ଅନୁରୋଧ ରକ୍ଷା କରି ସେ ଗଲେ ମାର୍କଣ୍ଡେୟଙ୍କ ପାଖକୁ ।

ମାର୍କଣ୍ଡେୟଙ୍କ ମନ ସେତେବେଳକୁ ଭଗବାନଙ୍କ ସହିତ ସଂଲଗ୍ନ ହୋଇ ପଡ଼ିଥିଲା । ଶରୀର ଓ ଜଗତର ଅସ୍ତିତ୍ୱକୁ ସେ ସଂପୂର୍ଣ୍ଣ ଭୁଲି ଯାଇଥିଲେ । ବିଶ୍ୱନାଥ ଗୌରୀଶଙ୍କର ଯେ ତାଙ୍କ ସମ୍ମୁଖରେ ଉପସ୍ଥିତ ସେ ଜାଣି ପାରି ନଥିଲେ । କିନ୍ତୁ ସର୍ବସଶକ୍ତିମାନ କୈଳାସପତି ଏହି ମୁହୂର୍ତ୍ତରେ ମାର୍କଣ୍ଡେୟଙ୍କ ମନରେ କ'ଣ ଅଛି ଜାଣିଥିଲେ । ବାୟୁ ଯେପରି ଅନାୟାସରେ ସବୁ ସ୍ଥାନରେ ପ୍ରବେଶ କରିଥାଏ, ସେହିଭଳି

ମହାଦେବ ଯୋଗମାୟାବଳରେ ମାର୍କଣ୍ଡେୟଙ୍କ ହୃଦୟରେ ପ୍ରବେଶ କଲେ । ସଙ୍ଗେ ସଙ୍ଗେ ମାର୍କଣ୍ଡେୟ ତାଙ୍କ ହୃଦୟରେ ଭଗବାନଙ୍କୁ ଦର୍ଶନ କରି ଆନନ୍ଦ ବିହ୍ୱଳିତ ହୋଇ ପଡ଼ିଲେ । ସେ ଦେଖିଲେ ଶଙ୍କରଙ୍କ ମୁଣ୍ଡରେ ବିଜୁଳିଭଳି ଝଟକୁଥିବା ଜଟାଜୁଟ ପରିଶୋଭିତ । ତ୍ରିନେତ୍ର ଓ ଦଶହସ୍ତ । ହୃଷ୍ଟପୁଷ୍ଟ ଶରୀର । ସୂର୍ଯ୍ୟଭଳି ତେଜସ୍ୱୀ । ଦେହରେ ବ୍ୟାଘ୍ରାଚର୍ମ । ହାତରେ ତ୍ରିଶୂଳ, ଖଟ୍ୱାଙ୍ଗ, ଢାଲ । ହାତ ଓ ଗଳାରେ ରୁଦ୍ରାକ୍ଷ ମାଳ । ଅନ୍ୟ ହାତଗୁଡ଼ିକରେ ଖଣ୍ଡା, ଖର୍ପର, ଧନୁଶର ଓ ଡମ୍ବରୁ । ଶଙ୍କରଙ୍କ ଏହି ରୂପକୁ ଦେଖି ମାର୍କଣ୍ଡେୟଙ୍କ ମନରେ ସ୍ୱତଃ ପ୍ରଶ୍ନ ଜାଗ୍ରତ ହେଲା, ଇଏ କିଏ ? ଆସିଲେ କେଉଁଠୁ ?

ଏ ଦୃଶ୍ୟ ଦେଖି ମାର୍କଣ୍ଡେୟଙ୍କ ଧ୍ୟାନଭଙ୍ଗ ହେଲା । ଆଖି ଖୋଲିଗଲା । ହୃଦୟରେ ସେ ଯାହାକୁ ଦେଖିଥିଲେ ବାହାରେ ତାଙ୍କୁ ଦେଖିଲେ । ତାଙ୍କ ସହିତ ଅଛନ୍ତି ମା' ପାର୍ବତୀ ଓ ଶିବଙ୍କ ଅନୁଚର; ପରିଚାରକଗଣ । ସେ ଭଗବାନଙ୍କୁ ନତମସ୍ତକରେ ପ୍ରଣାମ କଲେ । ସ୍ୱାଗତିକା ଗାନ କଲେ । ଆସନ, ପାଦ୍ୟ, ଅର୍ଘ୍ୟ, ଗଂଧ, ପୁଷ୍ପ, ଧୂପ ଆଦି ଷୋଡ଼ଶ ଉପଚାର ଦେଇ ସମସ୍ତଙ୍କୁ ପୂଜା କଲେ । ଶଙ୍କରଙ୍କୁ ସ୍ତୁତି କରି କହିଲେ, ମୁଁ ଆପଣମାନଙ୍କର କ'ଣ ସେବା କରି ପାରିବି, ଦୟାକରି ଜଣାନ୍ତୁ । ମୁଁ ଜାଣେ ମୋର ଉପଚାର ନିରର୍ଥକ । କାରଣ ଆପଣ ତ ସବୁ ଉପଚାରର ଆଧାର । କେବଳ ନମସ୍କାର ଛଡ଼ା କିଛି ଦେଇ ପାରିବି ବୋଲି ଭାବି ପାରୁନାହିଁ ।

ଭଗବାନ୍ ଶଙ୍କର କହିଲେ, ତୁମର ତପସ୍ୟା, ସ୍ତୁତି ଓ ସେବାରେ ମୁଁ ସନ୍ତୁଷ୍ଟ । ତୁମେ ତ ଜାଣ ମୁଁ ଓ ବ୍ରହ୍ମାବିଷ୍ଣୁ ବରଦାତାମାନଙ୍କ ସ୍ୱାମୀ । ଆମମାନଙ୍କ ଦର୍ଶନ କେବେହେଲେ ବ୍ୟର୍ଥ ହୋଇ ନଥାଏ । ଆମମାନଙ୍କ ବରଦାନରେ ମୃତ ମଧ୍ୟ ଅମୃତ ହୋଇଯାଇପାରେ । ତେଣୁ ତୁମର ଯାହା ଇଚ୍ଛା ମାଗିପାର । ମୁଁ ଦେବାକୁ କଦାପି କୁଣ୍ଠିତ ହେବି ନାହିଁ । କେବଳ ନଦୀ, ସମୁଦ୍ର ବା ପର୍ବତ ତୀର୍ଥ ହୋଇ ନଥାଏ । ଜଡ଼ମୂର୍ତ୍ତି ଦେବତା ହୋଇ ନପାରେ । ସବୁଠୁ ବଡ଼ ତୀର୍ଥ ହେଉଛି, ତୁମଭଳି ସାଧୁସନ୍ଥ । ଯାହା ହୃଦୟରେ ଚିରବସନ୍ତ ସେ କେବଳ ସନ୍ଥ ପଦବାଚ୍ୟ । କାରଣ ସେ ପ୍ରତ୍ୟେକ ହୃଦୟରେ ବସନ୍ତ ଭଳି ସୁଗନ୍ଧିତ ପୁଷ୍ପ ଫୁଟାଇ ପାରେ । ତା'ର ମୁଖ ନିଃସୃତ ବାଣୀ ଅମୃତତୁଲ୍ୟ । ତୁମର ଚରିତ୍ର ଶ୍ରବଣରେ ମଣିଷ ଶୁଦ୍ଧ ହୋଇଯାଏ ।

ଶଙ୍କରଙ୍କ ପ୍ରତ୍ୟେକ ବାଣୀରେ ଧର୍ମର ଗୁପ୍ତତମ ରହସ୍ୟ ଉଦ୍‌ଘାଟିତ ହେବାକୁ ଲାଗିଲା । ସେ ତ ଭୋଳାନାଥ । ଭୋଳରେ ମାର୍କଣ୍ଡେୟଙ୍କୁ ସେ ନାନା ସୂତ୍ର ବତାଇଲେ । ଭଗବାନଙ୍କ କଥାମୃତ ପାନ କରିବାରେ ଲାଗିଛନ୍ତି ଭାଗ୍ୟବାନ ମାର୍କଣ୍ଡେୟ ।

ତଥାପି ସେ ପରିତୃପ୍ତ ହୋଇପାରିଲେ ନାହିଁ । ଶତ ସହସ୍ର ବର୍ଷ ଧରି ସେ ବିଷ୍ଣୁଙ୍କ ମାୟାରେ ମୋହିତ ହୋଇ କ୍ଳାନ୍ତଶ୍ରାନ୍ତ ହୋଇ ପଡ଼ିଥିଲେ । ତେଣୁ ଭାବିଲେ, ଏ ପର୍ଯ୍ୟନ୍ତ ତାଙ୍କୁ ଯାହା କୁହାଗଲା, ସେ ସବୁ ଶଙ୍କରଙ୍କ ଲୀଳାଖେଳା ତଥା ମାୟା ନୁହେଁ ତ ? ଭଗବାନ ହୋଇ ମୋ ଭଳି ସାମାନ୍ୟ ମନୁଷ୍ୟର ଏତେ ପ୍ରଶଂସା କରିବା ପଛରେ କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ ତ ! ସେ ଶଙ୍କରଙ୍କୁ କହିଲେ, ତଥାପି ଯଦି ଆପଣ ବରମାଗ ବୋଲି କହୁଛନ୍ତି, ତାହାହେଲେ ଏହି ବର ଦିଅନ୍ତୁ, ଯେପରି କି ଆପଣଙ୍କ ସେବାରେ ମୋର କୌଣସି ତ୍ରୁଟି ହେବନି । ଆପଣଙ୍କ ପ୍ରତି ମୋର ଭକ୍ତି ଅବିଚଳିତ ରହିବ ।

ଶଙ୍କର ପାର୍ବତୀଙ୍କି କହିଲେ, ଶୁଣିଲ ତ ? ମୁଁ କ'ଣ କହୁଥିଲି ! ଯିଏ କିଛି ନେବାକୁ ଚାହୁଁନି, ତାକୁ ଦେବା କ'ଣ ? ପାର୍ବତୀ କହିଲେ, ବର ଦେବ ତ ଦେବ, ତାକୁ ପଚାରିବ କ'ଣ ? ଦେଲେ କ'ଣ ସେ ନେବାକୁ ମନା କରିବ ? ଯାହା ତୁମ ଭଳି ଦାତାର ଦାନ ତାକୁ ସେ ଫୋପାଡ଼ି ଦେବ ? ଇମିତି ବର ଦିଅ, ଯାହା ଫୋପଡ଼ା ଯାଇପାରିବ ନାହିଁ ।

ଶଙ୍କର କହିଲେ, ମାର୍କଣ୍ଡେୟ ! ତୁମ ଭଳି ଭକ୍ତ ସଂସାରରେ କ୍ୱଚିତ ଦେଖିବାକୁ ମିଳେ । ତୁମର ସମସ୍ତ କାମନା ପୂର୍ଣ୍ଣ ହେବ । ଇନ୍ଦ୍ରିୟାତୀତ ପରମାତ୍ମାଙ୍କ ଠାରେ ତୁମର ଭକ୍ତି ଅତୁଟ ରହିବ । କଳ୍ପାନ୍ତ ପର୍ଯ୍ୟନ୍ତ ତୁମର ଖ୍ୟାତି ସମଗ୍ର ବିଶ୍ୱରେ ଖେଳିବ । ତୁମେ ଅଜର ଅମର ରହିବ । ତୁମ ବ୍ରହ୍ମତେଜ ସର୍ବଦା ଅକ୍ଷୁଣ୍ଣ ରହିବ । ଜ୍ଞାନ, ଭକ୍ତି, ବୈରାଗ୍ୟରେ ତୁମେ ହେବ ଶିରୋମଣି । ତୁମେ ପୁରାଣାଚାର୍ଯ୍ୟ ଭାବରେ ପରିଗଣିତ ହେବ ।

ଧ୍ୟାନସ୍ଥ ମାର୍କଣ୍ଡେୟଙ୍କୁ ଦେଖି ତ ମା' ପାର୍ବତୀଙ୍କ ବାତ୍ସଲ୍ୟ ଭାବ ଆସିଯାଇଥିଲା । ସ୍ୱାମୀ ଶଙ୍କର ଏସବୁ ବର ଦେବାରେ ପାର୍ବତୀ ଖୁସି ହେଲେ । ତା'ପରେ ସେମାନେ ସ୍ୱଧାମକୁ ଚାଲିଗଲେ ।

ସୂତମୁନି ଶୌନକଙ୍କୁ କହିଲେ, ମାର୍କଣ୍ଡେୟ କିପରି ଦୀର୍ଘଜୀବୀ ବା ଚିରଂଜୀବୀ ହେଲେ, ଏବେ ଶୁଣିଲ ତ ! ସନ୍ଦେହ ଦୂର ହେଲା କି ନାହିଁ ? ସେ ଅନେକ କଳ୍ପ ଧରି ଯେଉଁ ସୃଷ୍ଟି ପ୍ରଳୟ ଅନୁଭବ କରିଥିଲେ, ତାହାହିଁ ଥିଲା ଭଗବାନଙ୍କର ମାୟାବୈଭବ ।

ଶୌନକମୁନି କହିଲେ, ସନ୍ଦେହ ପ୍ରକାଶ କରି ନଥିଲେ, ହେ ସୂତ ମହାରାଜ ! ଆପଣଙ୍କଠାରୁ ଏତେ କଥା ଶୁଣିବାକୁ ମିଳି ନଥାନ୍ତା ! ମୁଁ ଏବେ ମାର୍କଣ୍ଡେୟଙ୍କ ଦୀର୍ଘଜୀବନ ସଂପର୍କରେ ନିଃସନ୍ଦେହ !

●

॥ ୧୭୨ ॥

# ଭଗବାନଙ୍କ ଅଙ୍ଗ, ଉପାଙ୍ଗ, ଆୟୁଧ

ଆଗରୁ କହିଚି, ସବୁ ଯୁଗରେ ସବୁ କାଳରେ 'ପ୍ରଶଂସା'ର ସାଧାରଣତଃ ମୂଲ୍ୟ ଓ ଚାହିଦା ସର୍ବାଧିକ । ସବୁ କ୍ଷେତ୍ରରେ ଟେକାଟେକି, ତୋଷାମଦ, ଚାଟୁକାରିତା । ଥରେ ଜଣେ ଲୋକ ତୈଲଙ୍ଗ ସ୍ୱାମୀଙ୍କୁ ପ୍ରଶ୍ନ କରିଥିଲେ, ମଣିଷର ସବୁଠୁ ପ୍ରିୟ ବସ୍ତୁ କ'ଣ ? ସ୍ୱାମୀଜୀ କହିଥିଲେ, ନିଜ ଜୀବନ ଓ ପ୍ରଶଂସା । ବିଷଧର ମଣିଷକୁ ବଶ କରିବାଲାଗି 'ପ୍ରଶଂସା' ନାଗେଶ୍ୱର ସଂଗୀତର କାର୍ଯ୍ୟ କରିଥାଏ । ଏ ସଂପର୍କରେ ପୁରାଣମାନଙ୍କର କଳ୍ପନା ପ୍ରସୂତ ବହୁ ଉପାଖ୍ୟାନ, କାହାଣୀର ଅବତାରଣା କରାଯାଇଛି । ଆଗେ ରାଜା ମହାରାଜାମାନଙ୍କ ପାଖରେ ଏଥିଲାଗି ଲୋକ ଖଞ୍ଜା ହୋଇ ରହିଥିଲେ । ଏମାନଙ୍କୁ ବିଦୂଷକ କୁହାଯାଉଥିଲା । ଗଣତାନ୍ତ୍ରିକ ରୀତିରେ ଏବେ ଯେଉଁମାନେ କ୍ଷମତାବାନ୍, ସେମାନଙ୍କ ଠାରୁ କାମ ହାସଲ ଲାଗି ଆଜିକାଲି ଏହି ବିଦୂଷକମାନଙ୍କ ସଂଖ୍ୟା ଅଗଣିତ ।

ମାର୍କଣ୍ଡେୟଙ୍କ କଥା ଶେଷ କରି ପୁରାଣାଚାର୍ଯ୍ୟ ସୂତମୁନି ଶୌନକାଦି ମୁନିମାନଙ୍କଠାରୁ ଖସି ପଳାଉଥିଲେ । କିନ୍ତୁ ଶୌନକ ଅତି ଚତୁର । ଚାଲାକ । ସେ ସୂତମୁନିଙ୍କ ମନରେ ଏପରି ପ୍ରଶଂସାର ଇଲମ ଚଢ଼ାଇଲେ ଯେ ସୂତକୀ ବିଦାୟ ନେବେ କ'ଣ, ପୁଣି କେତେକ ଜ୍ଞାନର କଥା ବଖାଣିବାକୁ ବାଧ୍ୟ ହେଲେ । ଶୌନକ କହିଲେ, ହେ ମୁନିବର ସୂତ ମହାଶୟ ! ଆପଣ ଭଗବାନଙ୍କ ପରମ ଭକ୍ତ, ଅଗାଧ ଜ୍ଞାନର ଗନ୍ତାଘର, ଜ୍ଞାନର ଶିରୋମଣି । ମର୍ମଜ୍ଞ । ଆମ୍ଭେମାନେ କ୍ରିୟାଯୋଗର ଯଥାର୍ଥ ଜ୍ଞାନ ଲାଭ କରିବାକୁ ଚାହୁଁ । କାରଣ ଠିକ୍ ଠିକ୍ ଆଚରଣ କଲେ, ମରଣଶୀଳ ପୁରୁଷ ଅମରତ୍ୱ ଲାଭ କରିପାରେ ! ଭଗବାନଙ୍କ ପୂଜା ଲାଗି ବହୁ ବିଧିବିଧାନ ରହିଛି । ସେଥିମଧ୍ୟରୁ ପାଞ୍ଚରାତ୍ର ତନ୍ତ୍ରର ବିଧି ଅନ୍ୟତମ । ଏ ବିଧିରେ ଶ୍ରୀ ଲକ୍ଷ୍ମୀପତି ଭଗବାନଙ୍କ ଆରାଧନା ଲାଗି କେଉଁ କେଉଁ ତତ୍ତ୍ୱରେ ତାଙ୍କର ଚରଣ ଆଦି ଅଙ୍ଗ, ରେରୁଡ୍ରାଦି ଉପାଙ୍ଗ, ସୁଦର୍ଶନାଦି ଆୟୁଧ ଏବଂ କୌସ୍ତୁଭମଣି ଆଦି ଆଭୂଷଣର କଳ୍ପନା କରାଯାଇଥିଲା ?

ବହୁ ଶ୍ଳୋକ ମୁଖସ୍ଥ କରିଥିବା ପଣ୍ଡିତମାନଙ୍କୁ କେବଳ ଗୋଟିଏ ଶବ୍ଦ ଧରାଇଦେଲେ ଯଥେଷ୍ଟ । ତା'ପରେ ସେମାନଙ୍କ ଶ୍ଳୋକର ସ୍ରୋତ ଛୁଟେ ଦୀର୍ଘ ସମୟ ଧରି । ସେହିଭଳି ଶୌନକ ଶ୍ରୀ ସୂତଙ୍କୁ 'ତନ୍ତ୍ର'ର ସୂତ୍ର ଧରେଇ ଦେଇ ଚୁପ ରହିଲେ । ତା'ପରେ ସୂତଙ୍କ ଜ୍ଞାନର ଭଣ୍ଡାର ଖୋଲିଗଲା । ସୂତ କହିଲେ, କେବଳ ପାଞ୍ଚରାତ୍ର ତନ୍ତ୍ର

କାହିଁକି, ମୌଳିକ ଗ୍ରନ୍ଥ 'ବେଦ'ରେ ବିଷ୍ଣୁ ଭଗବାନଙ୍କ ବହୁ ବିଭୂତିର ବର୍ଣ୍ଣନା ରହିଛି । ଗୁରୁଦେବଙ୍କ ଚରଣକମଳରେ ନମସ୍କାର ଜଣାଇ, ତାଙ୍କଠୁ ଯାହା ଶୁଣିଛି, କହୁଚି ।

ସୂତମୁନି କହିଲେ, ଭଗବାନଙ୍କ ବିରାଟ ରୂପରେ ଯେଉଁ ତ୍ରିଲୋକ ପ୍ରତିଭାତ, ତାହା ଷୋଡ଼ଶ ବିକାରର ସମନ୍ୱୟ ।ଏଥିରେ ରହିଚି, ପ୍ରକୃତି, ସୂତ୍ରାତ୍ମା, ମହତତ୍ତ୍ୱ, ଅହଂକାର, ପାଞ୍ଚ ତନ୍ମାତ୍ରା, ଏଗାର ଇନ୍ଦ୍ରିୟ ତଥା ପଞ୍ଚଭୂତ । ଏହା ହେଉଚି ଚେତନାଧିଷ୍ଠ ଭଗବାନଙ୍କ ପୁରୁଷରୂପ । ପୁରୁଷସୂକ୍ତରେ ଏହି ରୂପର ବର୍ଣ୍ଣନା କରାଯାଇଛି ଯଥା– 'ଓଁ ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷ ସହସ୍ରପାତ, ସଭୂତି ଗୁଁ ସର୍ବତଃ ସ୍ପୃତ୍ୱାଽତ୍ୟତିଷ୍ଠଦ୍ ଦଶାଙ୍ଗୁଳମ୍ (୧) ଇତ୍ୟାଦି ।''

ପିଲାଙ୍କୁ ଶିକ୍ଷକ ବୁଝାଇବା ଭଳି ସୂତମୁନି ଶୌନକାଦିମୁନିମାନଙ୍କୁ ବୁଝାଇ କହିଲେ, ପୃଥ୍ୱୀ ହେଉଛି ଭଗବାନଙ୍କ ଚରଣ, ସ୍ୱର୍ଗ ମସ୍ତକ, ଅନ୍ତରୀକ୍ଷ ବା ଆକାଶ ହେଉଛି ନାଭି, ସୂର୍ଯ୍ୟ ଚକ୍ଷୁ, ବାୟୁ ନାସିକା ଏବଂ ବିଭିନ୍ନ ଦିଗ୍ ବିଦିଗ୍‌ମାନ ଅଙ୍ଗୁଳି । ସେହିଭଳି ପ୍ରଜାପତି ହେଉଛନ୍ତି ଲିଙ୍ଗ, ମୃତ୍ୟୁ ଗୁହ୍ୟଦ୍ୱାର, ଲୋକପାଳମାନେ ଭଗବାନଙ୍କ ହସ୍ତ । ଚନ୍ଦ୍ରମା ହେଉଚନ୍ତି ମନ, ଲଜ୍ଜା ଭଗବାନଙ୍କ ଉପର ଓଠ, ଲୋଭ ତଳ ଓଠ, ଜ୍ୟୋତ୍ସ୍ନା ଦନ୍ତରାଜି, ଭ୍ରମ ହେଉଚି ତାଙ୍କର ହସ, ବୃକ୍ଷ ରୋମ ଏବଂ ମେଘ ହେଉଚି ଏହି ବିରାଟ ପୁରୁଷଙ୍କ କେଶରାଶି । ଏସବୁ ଅଙ୍ଗ ଉପାଙ୍ଗ ଥାଇ ମଧ୍ୟ ଭଗବାନ ଅଜନ୍ମା ।

ଏଣିକି ଆଭୂଷଣ । କୌସ୍ତୁଭମଣି ରୂପରେ ଯାହା ବାହାରକୁ ଦେଖାଯାଏ, ତାହା ହେଉଚି ଜୀବର ଚୈତନ୍ୟ ରୂପକ ଆତ୍ମଜ୍ୟୋତି । ଏହାର ସର୍ବବ୍ୟାପକ ପ୍ରଭାକୁ ଭଗବାନ ନିଜ ବକ୍ଷସ୍ଥଳରେ ଶ୍ରୀବତ୍ସ ଲାଞ୍ଛନ ଚିହ୍ନ ରୂପରେ ଧାରଣ କରିଥାଆନ୍ତି । ସତ୍ତ୍ୱ, ରଜ ଓ ତମ ଏହି ତ୍ରିଗୁଣମାୟା ହେଉଚି ଭଗବାନଙ୍କର ବନମାଳା । ଛନ୍ଦଗୁଡ଼ିକ ଅତି ମନୋରମ ଏବଂ ସୂକ୍ଷ୍ମ ଭାବରେ ବୁଣା ହୋଇଚି ପୀତାମ୍ବର ରୂପରେ । ତାଙ୍କର ଯଜ୍ଞୋପବୀତ ହେଉଛି ତ୍ରିମାତ୍ରା ପ୍ରଣବ, ଅ+ଉ+ମ୍ (ଓଁ) ।

ଶୌନକ ପ୍ରଶ୍ନ କଲେ, ଭଗବାନଙ୍କ ମକରକୁଣ୍ଡଳର ତାତ୍ପର୍ଯ୍ୟ ? ସୂତ କହିଲେ, ସାଂଖ୍ୟଆଦି ସମସ୍ତ ଯୋଗ ତାଙ୍କର ଦୁଇ ମକର କୁଣ୍ଡଳ । ସବୁଲୋକକୁ ଅଭୟ ପ୍ରଦାନର ପ୍ରତୀକ ହେଉଚି ଭଗବାନଙ୍କ ମୁକୁଟ । ମୂଳ ପ୍ରକୃତି ତାଙ୍କର ଶେଷଶଯ୍ୟା । ଏହା ଉପରେ ଭଗବାନ ବିରାଜମାନ । ଧର୍ମ,ଜ୍ଞାନ ଆଦି ସତ୍ତ୍ୱଗୁଣ ଭଗବାନଙ୍କ ନାଭିକମଳ । ମନ, ଇନ୍ଦ୍ରିୟ ଆଦି ଶରୀରର ସମସ୍ତ ଶକ୍ତିକୁ ନେଇ ଯେଉଁ ପ୍ରାଣତତ୍ତ୍ୱ ତାହା ଭାଗବାନଙ୍କ କୌମଦକୀ ଗଦା । ଜଳତତ୍ତ୍ୱ ପାଞ୍ଚଜନ୍ୟ ଶଙ୍ଖ । ତେଜତତ୍ତ୍ୱ ତାଙ୍କର ସୁଦର୍ଶନ ଚକ୍ର । ଆକାଶର ନିର୍ମଳତା ତାଙ୍କର ଖଡ଼୍‌ଗ, ତମୋମୟ ଅଜ୍ଞାନ ଜାଲ, କାଳ ଶାର୍ଙ୍ଗଧନୁ ।

ଇନ୍ଦ୍ରିୟଗୁଡ଼ିକ ଭଗବାନଙ୍କ ବାଣ, କ୍ରିୟାଶକ୍ତିଯୁକ୍ତ ମନ ହେଉଛି ରଥ । ତନ୍ମାତ୍ରା ରଥର ବହିର୍ଭାଗ, ଅଭୟ ଆଦି ମୁଦ୍ରା ତାଙ୍କର ବରଦାନ । ଅଭୟଦାନ ତାଙ୍କର କ୍ରିୟାଶୀଳତା । ସୂର୍ଯ୍ୟମଣ୍ଡଳ ବା ଅଗ୍ନିମଣ୍ଡଳ ଭଗବାନଙ୍କ ପୂଜାପୀଠ । ଅନ୍ତଃକରଣ– ଶୁଦ୍ଧି ହେଉଚି ମନ୍ତ୍ରଦୀକ୍ଷା । ସମସ୍ତ ପାପ ବା କଳୁଷକୁ ନଷ୍ଟ କରିବା ପ୍ରକ୍ରିୟା ହିଁ ଭଗବାନଙ୍କ ପୂଜା ।

ଭଗବାନଙ୍କ ଲୀଳା-କମଳର ଅଗଣିତ ପାଖୁଡ଼ା । ସେଥିମଧ୍ୟରୁ ଐଶ୍ୱର୍ଯ୍ୟ, ଧର୍ମ, ଯଶ, ଲକ୍ଷ୍ମୀ, ଜ୍ଞାନ, ବୈରାଗ୍ୟ ଗୋଟିଏ ଗୋଟିଏ । ତିନିବେଦ-ଋକ୍, ଯଜୁଃ ଓ ସାମ ହେଉଛନ୍ତି ଭଗବାନଙ୍କ ବାହନ ଗରୁଡ଼ । ଆତ୍ମସ୍ୱରୂପ ଭଗବାନଙ୍କ ଆତ୍ମଶକ୍ତି ଶ୍ରୀଲକ୍ଷ୍ମୀ । ଅଣିମା, ଲଘିମା ଓ ମହିମା ଆଦି ଅଷ୍ଟସିଦ୍ଧି ହେଉଛନ୍ତି ନନ୍ଦ-ସୁନନ୍ଦ ଆଦି ଅଷ୍ଟ ଦ୍ୱାରପାଳ । ସ୍ୱୟଂ ଭଗବାନ ବାସୁଦେବ, ସଙ୍କର୍ଷଣ, ପ୍ରଦ୍ୟୁମ୍ନ ଓ ଅନିରୁଦ୍ଧ ଏହି ଚାରିମୂର୍ତ୍ତି ରୂପରେ ଅବସ୍ଥିତ । ତେଣୁ ସେ ଚତୁର୍ବାହୁ । ଜାଗ୍ରତ ଅବସ୍ଥାରେ ସେ ଅଭିମାନୀ 'ବିଶ୍ୱ' ରୂପ ନେଇଥାଆନ୍ତି ଏବଂ ସେହି ରୂପରେ ସେ ଶବ୍ଦ, ସ୍ପର୍ଶ ଆଦି ବାହ୍ୟ ବିଷୟକୁ ଗ୍ରହଣ କରିଥାଆନ୍ତି । ସେହିଭଳି ସ୍ୱପ୍ନାବସ୍ଥା । ସେଥିରେ ସେ 'ତୈଜସ' ରୂପ ନିଅନ୍ତି ଏବଂ ବାହ୍ୟ ବିଷୟ ବିନା ମନକୁମନ ଅନେକ ବିଷୟ ଦେଖନ୍ତି ଏବଂ ଗ୍ରହଣ କରନ୍ତି । ସୁଷୁପ୍ତି ବା ଶୋଇବା ଅବସ୍ଥାରେ ଅଭିମାନୀ 'ପ୍ରାଜ୍ଞ' ରୂପ ନିଅନ୍ତି । ଏହି ଅବସ୍ଥାରେ ବିଷୟ ଓ ମନର ସମସ୍ତ ସଂସ୍କାର ଯୁକ୍ତ ଅଜ୍ଞାନ ଢାଙ୍କି ହୋଇଯାଏ । ଅବଶେଷରେ ସମସ୍ତଙ୍କ ସାକ୍ଷୀ 'ତୁରୀୟ' ଜ୍ଞାନର ଅଧିଷ୍ଠାନ ରହିଥାଏ । ଆଗରୁ ଯେଉଁ ଚାରିମୂର୍ତ୍ତି କଥା କହିଲି, ସେହି ରୂପରେ ପ୍ରକଟିତ ହୋଇ ଭଗବାନ ଶ୍ରୀହରି କ୍ରମଶଃ ବିଶ୍ୱ, ତୈଜସ, ପ୍ରାଜ୍ଞ ଓ ତୁରୀୟ ରୂପରେ ପ୍ରକାଶିତ ହୋଇଥାଆନ୍ତି ।

ସୂତମୁନି ଶୌନକଙ୍କୁ ଭଗବାନଙ୍କ ଅଙ୍ଗ, ଉପାଙ୍ଗ, ଆଭୂଷଣ, ଆୟୁଧାଦିର ବର୍ଣ୍ଣନା କରୁ କରୁ ତନ୍ମୟ ହୋଇ ପଡ଼ିଲେ । ସେ ଭଗବାନ ଶ୍ରୀକୃଷ୍ଣଙ୍କ ଗୁଣକୀର୍ତ୍ତନ କରିବାକୁ ଲାଗିଲେ । ବାହ୍ୟଜ୍ଞାନଶୂନ୍ୟ ହୋଇ ପଡ଼ିଲେ । ଶୌନକ ତାଙ୍କୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ଲାଗି ଆଉ ଏକ ପ୍ରଶ୍ନବାଣ ଛାଡ଼ିଲେ । ପ୍ରଶ୍ନ କଲେ, ସୂତ ମହୋଦୟ ! ଶୁକମୁନି ରାଜର୍ଷି ପରୀକ୍ଷିତଙ୍କୁ କହିଥିଲେ, ଋଷି, ଗନ୍ଧର୍ବ, ନାଗ, ଅପ୍‌ସରା, ଯକ୍ଷ, ରାକ୍ଷସ ଓ ଦେବତାମାନଙ୍କୁ ନେଇ ଏକ ସୌରଗଣ ଏବଂ ଏହି ସାତଜଣ ପ୍ରତ୍ୟେକ ମାସରେ ବଦଳିଥାଆନ୍ତି । ଏହି ବାର 'ଗଣ' ନିଜ ସ୍ୱାମୀ ଦ୍ୱାଦଶ ଆଦିତ୍ୟଙ୍କ ସହିତ ରହି କି କି କାମ କରିଥାଆନ୍ତି, ସୂର୍ଯ୍ୟ ରୂପରେ ସ୍ୱୟଂ ଭଗବାନ ଏମାନଙ୍କୁ କିପରି ଭାବରେ ପରିଚାଳିତ କରିଥାଆନ୍ତି ?

ସୂତମୁନି କହିଲେ, ଭଲ ପ୍ରଶ୍ନଟିଏ କଲ । ଧନ୍ୟବାଦ । ସମସ୍ତ ପ୍ରାଣୀଙ୍କ ଆତ୍ମା ଭଗବାନ ଶ୍ରୀକୃଷ୍ଣ । ସେ ବେଦର ମୂଳକାରଣ, ସ୍ୱୟଂ ପ୍ରକାଶ । ନିଜ ମହିମାରେ

ପରିପୂର୍ଣ୍ଣ । ସେ ସୂର୍ଯ୍ୟ ରୂପେ ସମସ୍ତ ଲୋକ ପରିଭ୍ରମଣ କରିଥାଆନ୍ତି । ଯଦିଓ ସେ ଏକ, ଋଷିମାନେ ତାଙ୍କୁ ବହୁରୂପରେ ବର୍ଣ୍ଣନା କରିଆସିଚନ୍ତି । କାଳରୂପରେ ଭଗବାନ ସୂର୍ଯ୍ୟଲୋକର ଯଥାର୍ଥ ବ୍ୟବହାର ଲାଗି ଚୈତ୍ର ଆଦି ବାରମାସରେ ଭିନ୍ନ ଭିନ୍ନ ବାରଗଣଙ୍କ ସହିତ ଘୂରୁ ଥାଆନ୍ତି । ବାର ମାସରେ ସୂର୍ଯ୍ୟରୂପୀ ଭଗବାନଙ୍କ ବିଭିନ୍ନ ନାମ । ଚୈତ୍ରରେ ସେ 'ଧାତା', ବୈଶାଖରେ 'ଅର୍ଯ୍ୟମା', ଜ୍ୟେଷ୍ଠରେ 'ମିତ୍ର', ଆଷାଢ଼ରେ 'ବରୁଣ' ଏବଂ ଶ୍ରାବଣ ମାସରେ 'ଇନ୍ଦ୍ର' ନାମକ ସୂର୍ଯ୍ୟଙ୍କ କାର୍ଯ୍ୟକାଳ । ଭାଦ୍ରବରେ ସେ 'ବିବସ୍ୱାନ', ଆଶ୍ୱିନରେ 'ତ୍ୱଷ୍ଟା', ପୌଷରେ 'ଭଗ', ମାଘରେ 'ପୁଷା' ଏବଂ ଫାଲ୍‌ଗୁନରେ 'ପର୍ଜନା' ନାମରେ ସୁବିଦିତ । ପ୍ରତ୍ୟେକ ମାସ ପାଇଁ ସାତ ସାତ ଜଣ ଋଷି, ଗନ୍ଧର୍ବ, ଅପ୍‌ସରାଦି ବିଭିନ୍ନ କାର୍ଯ୍ୟ ଲାଗି ନିଯୁକ୍ତ । ସେମାନଙ୍କ ଦ୍ୱାରା ଭଗବାନ ସୃଷ୍ଟି ଚକ୍ର ଚଳାଇଥାଆନ୍ତି । ଅନାଦି, ଅନନ୍ତ, ଅଜନ୍ମା ଭଗବାନ ଶ୍ରୀହରି କଳ୍ପ କଳ୍ପ ଧରି ନିଜ ସ୍ୱରୂପର ବିଭାଗ କରି ତ୍ରିଲୋକର ପାଳନ ପୋଷଣ କରି ଆସୁଛନ୍ତି ।

●

॥ ୧୭୩ ॥

# ପିବତ ଭାଗବତ 'ରସମାଲୟମ'

ଚିରସ୍ରୋତା ସ୍ରୋତସ୍ୱିନୀ ଶ୍ରୀମଦ୍‌ଭାଗବତ ମହାପୁରାଣ । ଏହାର ଉତ୍ପତ୍ତିସ୍ଥଳ ଓ ଉତ୍ପାଦକ ସ୍ୱୟଂ ନାରାୟଣ । ଭାଗବତର ଜନ୍ମ ଭାଦ୍ରବ ପୂର୍ଣ୍ଣିମା । ସମସ୍ତ ଉପନିଷଦର ସାର ଭାଗବତ । ମୁନିଋଷିମାନେ କହିଆସିଛନ୍ତି ଦେବତାମାନଙ୍କ ମଧ୍ୟରେ ଶ୍ରୀବିଷ୍ଣୁ, ବୈଷ୍ଣବମାନଙ୍କ ଭିତରେ ଶ୍ରୀ ଶଙ୍କର, ନଦୀମାନଙ୍କ ମଧ୍ୟରେ ଗଙ୍ଗା, ତୀର୍ଥକ୍ଷେତ୍ର ମଧ୍ୟରେ କାଶୀ ଯେପରି ସର୍ବଶ୍ରେଷ୍ଠ, ସେହିଭଳି ପୁରାଣମାନଙ୍କ ମଧ୍ୟରେ ଶ୍ରୀମଦ୍ ଭାଗବତ ଶ୍ରେଷ୍ଠ । ବୈଷ୍ଣବମାନଙ୍କର ଏହା ସବୁଠାରୁ ଅଧିକ ପ୍ରିୟଗ୍ରନ୍ଥ । ପ୍ରଥମେ ଶ୍ରୀମନ୍ ନାରାୟଣ ବ୍ରହ୍ମାଙ୍କ ଲାଗି ଏହା ପ୍ରକଟ କରିଥିଲେ । ପରେ ସେହି ନାରାୟଣ ହିଁ ବ୍ରହ୍ମାରୂପରେ ଦେବର୍ଷି ନାରଦଙ୍କୁ କହିଥିଲେ । ପୁଣି ନାରଦ ରୂପରେ ସେ ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସଦେବଙ୍କୁ ଉପଦେଶ ଦେଇଥିଲେ । ତା'ପରେ ବ୍ୟାସ ରୂପରେ ଯୋଗୀନ୍ଦ୍ର ଶୁକଦେବଙ୍କୁ ଏବଂ ଶୁକଦେବଙ୍କ ରୂପରେ ରାଜର୍ଷି ପରୀକ୍ଷିତଙ୍କୁ କହିଥିଲେ । କ୍ରମଶଃ ସେହି ନାରାୟଣ ହିଁ ସନ୍ଥ ଏକନାଥ ଏବଂ ଅତିବଡ଼ି ଜଗନ୍ନାଥ ଦାସ ରୂପରେ କେଉଁଠି ମରାଠି ଭାଷାରେ ତ କେଉଁଠି ଓଡ଼ିଆ ଭାଷାରେ ଏହି ମହାପୁରାଣକୁ ବିଭିନ୍ନ କଥିତ ପ୍ରାକୃତିକ ଭାଷାରେ ଜନସାଧାରଣଙ୍କୁ ପରିବେଷଣ କରି ଆସିଛନ୍ତି । ଏହି ଗ୍ରନ୍ଥ ସର୍ବରସର ସମାହାର । ରସ ଖାଲି ରସ । ନିଷ୍କାମ କର୍ମ, ଜ୍ଞାନ, ବୈରାଗ୍ୟ, ଭକ୍ତି ଆଦି ଏହି ସ୍ରୋତସ୍ୱିନୀର ବିଭିନ୍ନ

ଧାରା । ଏହି ନଦୀର ଟୋପାଏ ଜଳ ଯାହାର ମାନସପାତ୍ରରେ ପଡ଼ିଥାଏ, ସେ ଅମୃତତ୍ୱ ଲାଭ କରିଥାଏ । ଏହା ଶାସ୍ତ୍ରର ଉଦ୍‌ଘୋଷଣା । ଏହା ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ଉର୍ଦ୍ଧ୍ୱରେ । ଏହାର ସ୍କନ୍ଧ ସଂଖ୍ୟା ବାର ତେର ହେଲେ ମଧ୍ୟ ବାସ୍ତବରେ ଦଶମ ସ୍କନ୍ଧରେ ଏହାର ପରିସମାପ୍ତି । ଅନ୍ୟ ଦୁଇଟି ସ୍କନ୍ଧ ଏହି ପୁରାଣର ଲାଙ୍ଗୁଳ ଭଳି ବିସ୍ତାର ମାତ୍ର ।

ସୂତମୁନି ଶୌନକାଦିମୁନିମାନଙ୍କୁ ସଂକ୍ଷେପରେ ଏହି ମହାପୁରାଣ ବର୍ଣ୍ଣନା କରିଥିଲେ । ସେ କହିଲେ, ମନୁଷ୍ୟ ପଡ଼େ, ଉଠେ, ସଂସାର ଜାଲରେ ଫଶିଯାଏ, ଦୁଃଖ କଷଣ ସହେ । ଥରେ ସୁଦ୍ଧା ଯଦି ତା' ତୁଣ୍ଡରୁ ବାହାରେ 'ହରୟେ ନମଃ' ସେ ସବୁ ପାପରୁ ମୁକ୍ତ ହୋଇଯାଏ । କାରଣ ଶ୍ରୀହରି ସମସ୍ତଙ୍କ ହୃଦୟନିବାସୀ । ଯେଉଁ ବାଣୀ ଦ୍ୱାରା ଘଟଘଟବାସୀ ଅବିନାଶୀ ଭଗବାନଙ୍କ ନାମ, ଲୀଳା ଗୁଣ ଆଦି ଉଚ୍ଚାରିତ ହୋଇ ନଥାଏ, ସେ ବାଣୀ ଯେତେ ଭାବପୂର୍ଣ୍ଣ ହେଲେ ମଧ୍ୟ ନିରର୍ଥକ । ଏହି ନିରର୍ଥକତାକୁ ସାର୍ଥକ କରିବା ଲାଗି ଶ୍ରୀମଦ୍ ଭାଗବତ ମହାପୁରାଣ ଉଦ୍ଦିଷ୍ଟ । ଏହାର ପ୍ରତ୍ୟେକ ସ୍କନ୍ଧରେ ଏହି ସାର୍ଥକତା ପ୍ରକଟିତ, ପ୍ରତିପାଦିତ ।

ମୁନିବର ସୂତ କହିଲେ, ଏହି ମହାପୁରାଣର ପ୍ରଥମ ସ୍କନ୍ଧରେ ଭକ୍ତିଯୋଗର ନିରୂପଣ କରାଯାଇଚି । ଏହା 'ସମ୍ଭୂତ ଭକ୍ତିଯୋଗ'ର ଉତ୍ପତ୍ତି ଏବଂ ଏହାକୁ ସ୍ଥିର ରଖିବା ଲାଗି ବୈରାଗ୍ୟର ବର୍ଣ୍ଣନା କରାଯାଇଛି । ଏହି ପ୍ରସଙ୍ଗରେ ନାରଦଙ୍କ କଥା ମଧ୍ୟ ରହିଛି । ରାଜର୍ଷି ପରୀକ୍ଷିତ ସମୀକମୁନିଙ୍କ ପୁତ୍ର କାଳବ୍ରହ୍ମଚାରୀ ଶୃଙ୍ଗୀଙ୍କ ଦ୍ୱାରା ଅଭିଶପ୍ତ ହେଲେ । ଅଭିଶାପ ଥିଲା ସାତଦିନ ଅନ୍ତେ ତକ୍ଷକ ସର୍ପ ଦଂଶନରେ ପରୀକ୍ଷିତଙ୍କ ମୃତ୍ୟୁ ହେବ । ଏହି ଅଭିଶାପ ପରେ ରାଜା ଗଙ୍ଗାତଟରେ ବସି ଅନଶନବ୍ରତ କଲେ । ଏଇଠି ଋଷି ପ୍ରବର ଶ୍ରୀ ଶୁକଦେବ ପରୀକ୍ଷିତଙ୍କୁ ଭାଗବତ ଶୁଣାଇଲେ ।

ଦ୍ୱିତୀୟ ସ୍କନ୍ଧରେ ଯୋଗ ସାଧନ ଦ୍ୱାରା ଶରୀରତ୍ୟାଗର ବିଧି, ବ୍ରହ୍ମା ଓ ନାରଦ ସମ୍ବାଦ, ଅବତାରମାନଙ୍କ ସଂକ୍ଷିପ୍ତ ଆଲୋଚନା, ମହତତ୍ତ୍ୱ କ୍ରମରେ ପ୍ରାକୃତିକ ସୃଷ୍ଟିର ଉତ୍ପତ୍ତି ସଂପର୍କରେ ବର୍ଣ୍ଣନା କରାଯାଇଚି ।

ତୃତୀୟ ସ୍କନ୍ଧର ପ୍ରଥମରେ ବିଦୁର ଓ ଉଦ୍ଧବ ଏବଂ ପରେ ବିଦୁର ତଥା ମୈତ୍ରେୟ ଆଦିଙ୍କ ସମାଗମ ଏବଂ ସେମାନଙ୍କ ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି । ପୁରାଣ ସଂହିତା ବିଷୟରେ ପ୍ରଶ୍ନ ଓ ଉତ୍ତର ମଧ୍ୟ ଏହି ଭାଗରୁ ମିଳେ । ପ୍ରଳୟକାଳରେ ପରମାତ୍ମାଙ୍କ ସ୍ଥିତି, ତ୍ରିଗୁଣର କ୍ଷୋଭ, ବିକ୍ଷୋଭରୁ ପ୍ରାକୃତିକ ସୃଷ୍ଟି ଏବଂ ମହତତ୍ତ୍ୱ ଆଦି ସାତ ପ୍ରକାରର ପ୍ରକୃତି- ବିକୃତି ଦ୍ୱାରା ବିଭିନ୍ନ କାର୍ଯ୍ୟର ସୃଷ୍ଟି, ବ୍ରହ୍ମାଣ୍ଡର ଉତ୍ପତ୍ତି ଏବଂ ଏହା ଭିତରେ ବିରାଟ ପୁରୁଷଙ୍କ ସ୍ଥିତିକୁ ବୁଝାଇ ଦିଆଯାଇଛି । ଏହି ସ୍କନ୍ଧରେ ହିଁ ସ୍ଥୂଳ ଓ ସୂକ୍ଷ୍ମ କାଳର ସ୍ୱରୂପ, ଲୋକପଦ୍ମର ଉତ୍ପତ୍ତି, ପ୍ରଳୟ ସମୁଦ୍ରରୁ ପୃଥିବୀର ଉଦ୍ଧାର, ଭଗବାନଙ୍କ ବରାହ

ଅବତାର, ହିରଣ୍ୟାକ୍ଷ ବଧ, ଦେବତା, ପଶୁ ପକ୍ଷୀ ଏବଂ ମନୁଷ୍ୟର ସୃଷ୍ଟି ଏବଂ ରୁଦ୍ରଙ୍କ ଉତ୍ପତ୍ତି ପ୍ରସଙ୍ଗ ରହିଛି । ଏହାପରେ ଅର୍ଦ୍ଧନାରୀ-ନର ସ୍ୱରୂପର ବର୍ଣ୍ଣନା, ସ୍ୱାୟମ୍ଭୁବ ମନୁ ଏବଂ ସ୍ତ୍ରୀ ସମାଜର ଆଦ୍ୟା ପ୍ରକୃତି ଶତରୂପାଙ୍କ ଜନ୍ମର ବିବରଣୀ ଦିଆଯାଇଚି । କର୍ଦ୍ଦମ ପ୍ରଜାପତିଙ୍କ ଚରିତ୍ର, ମୁନିପତ୍ନୀମାନଙ୍କ ଜନ୍ମ, ଭଗବାନ କପିଳଙ୍କ ଅବତାର ଏବଂ ତାଙ୍କ ମାତା ଦେବହୂତିଙ୍କ ସଂବାଦ ତୃତୀୟ ସ୍କନ୍ଧର ବିଷୟବସ୍ତୁ ।

ଚତୁର୍ଥ ସ୍କନ୍ଧରେ ମରୀଚି ଆଦି ନଅ ପ୍ରଜାପତିଙ୍କ ଉତ୍ପତ୍ତି, ଦକ୍ଷଯଜ୍ଞ ବିଧ୍ୱଂସ, ଭକ୍ତଧ୍ରୁବ ଓ ପୃଥୁଙ୍କ ଚରିତ୍ର, ତା'ଭିତରେ ପ୍ରାଚୀନବର୍ହି ଓ ନାରଦଙ୍କ ପ୍ରସଙ୍ଗ ନିହିତ ।

ପଞ୍ଚମ ସ୍କନ୍ଧରେ ପ୍ରିୟବ୍ରତ, ନାଭି, ଋଷଭ ଏବଂ ଭରତ ଚରିତ୍ର ଏବଂ ତା' ସହିତ ଦ୍ୱୀପ, ବର୍ଷ, ସମୁଦ୍ର, ପର୍ବତ ଓ ନଦୀମାନଙ୍କ ବର୍ଣ୍ଣନା, ଜ୍ୟୋତିଃ ଚକ୍ରର ବିସ୍ତାର, ପାତାଳ ଓ ନରକର ସ୍ଥିତି ଆଦିର ନିରୂପଣ କରାଯାଇଛି ।

ସୂତମୁନି କହିଲେ, ଷଷ୍ଠ ଓ ସପ୍ତମ ସ୍କନ୍ଧରେ ପ୍ରଚେତାମାନଙ୍କ ଠାରୁ ଦକ୍ଷଙ୍କ ଉତ୍ପତ୍ତି, ଦକ୍ଷ କନ୍ୟାମାନଙ୍କ ସନ୍ତାନ, ଦେବତା, ଅସୁର, ମନୁଷ୍ୟ, ପଶୁ, ପର୍ବତ ଏବଂ ପକ୍ଷୀମାନଙ୍କ ଜନ୍ମ ଓ କର୍ମ, ବୃତ୍ରାସୁରର ଉତ୍ପତ୍ତି ଏବଂ ଏହାର ପରମଗତି, ଦୈତ୍ୟରାଜ ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷଙ୍କ ଜନ୍ମ, କର୍ମ ଏବଂ ଦୈତ୍ୟଶିରୋମଣି ଭକ୍ତ ପ୍ରହ୍ଲାଦ ଆଦି ଚରିତ୍ରର ଉଲ୍ଲେଖ ରହିଛି ।

ଅଷ୍ଟମ ସ୍କନ୍ଧରେ ମନ୍ୱନ୍ତର କଥା, ଗଜେନ୍ଦ୍ରମୋକ୍ଷ, ବିଭିନ୍ନ ମନ୍ୱନ୍ତରରେ ଭଗବାନ ବିଷ୍ଣୁଙ୍କ କୂର୍ମ, ମତ୍ସ୍ୟ, ବାମନ, ଧନ୍ୱନ୍ତରୀ, ହୟଗ୍ରୀବ ଆଦି ଅବତାର, ଅମୃତଲାଭ ଲାଗି ଦେବତା ଓ ଦୈତ୍ୟଙ୍କ ଦ୍ୱାରା ସମୁଦ୍ର ମନ୍ଥନ, ଦେବାସୁର ସଂଗ୍ରାମ ଆଦିର ବର୍ଣ୍ଣନା କରାଯାଇଛି ।

ନବମ ସ୍କନ୍ଧରେ ମୁଖ୍ୟତଃ ବିଭିନ୍ନ ରାଜବଂଶର ବର୍ଣ୍ଣନା କରାଯାଇଛି । ଇକ୍ଷ୍ୱାକୁଙ୍କ ଜନ୍ମ, କର୍ମ, ବଂଶବିସ୍ତାର, ମହାତ୍ମା ସୁଦ୍ୟୁମ୍ନ, ଇଳା, ତାରା ଉପାଖ୍ୟାନ, ସୂର୍ଯ୍ୟବଂଶ, ଶଶାଦ, ନୃଗ, ସୁକନ୍ୟା, ଶର୍ଯ୍ୟାତି, ଖଟ୍ୱାଙ୍ଗ, ମାନ୍ଧାତା, ସୌଭିର ସଗର ଏବଂ ସର୍ବପାପହାରୀ ଶ୍ରୀରାମ ଚରିତ୍ରର ବର୍ଣ୍ଣନା ରହିଛି । ନିମିଙ୍କ ଦେହତ୍ୟାଗ, ଭୃଗୁବଂଶୋଦ୍ଭବ ପର୍ଶୁରାମଙ୍କ କ୍ଷତ୍ରିୟ ସଂହାର, ନରପତି ପୁରୁରବା, ଯଯାତି, ନହୁଷ, ଦୁଷ୍ୟନ୍ତନନ୍ଦନ ଭରତ, ଶାନ୍ତନୁ ଏବଂ ତାଙ୍କ ପୁତ୍ର ଭୀଷ୍ମଙ୍କ କଥା ଏବଂ ଯଯାତିଙ୍କ ଜ୍ୟେଷ୍ଠପୁତ୍ର ଯଦୁଙ୍କ ବଂଶ ବିସ୍ତାର କଥା କୁହାଯାଇଚି । ଏହି ଯଦୁବଂଶରେ ହିଁ ନାରାୟଣ ଶ୍ରୀକୃଷ୍ଣ ରୂପ ନେଇ ଅବତରିତ ହୋଇଥିଲେ ।

ଦଶମ ସ୍କନ୍ଧଟିଯାକ ହେଉଚି ଶ୍ରୀକୃଷ୍ଣଙ୍କ ଲୀଳାଖେଳା । ଏହି ସ୍କନ୍ଧରେ ପାଞ୍ଚଟି ଯାକ ଅଧ୍ୟାୟ ରସମୟ । ରସ ପଞ୍ଚାଧ୍ୟାୟୀ । ଶିଶୁ ଓ ବାଳକ ଅବସ୍ଥାରୁ ହିଁ ଶ୍ରୀକୃଷ୍ଣ ପୁତନା, ତୃଣାବର୍ତ୍ତ, ବକାସୁର, ଶକଟାସୁର, ତୃଣାସୁର, ବତ୍ସାସୁର, ଧେନୁକାସୁର, ପ୍ରଳମ୍ବାସୁରକୁ

ମାରିଥିଲେ । ଗୋପୀ ଗୋପାଳମାନଙ୍କୁ ସେ ବହୁ ବିପଦରୁ ରକ୍ଷା କରିଥିଲେ । ଶରତ ଋତୁରେ ବ୍ରଜ ଲଳନାମାନଙ୍କ ସହିତ ରାସକ୍ରୀଡ଼ା କରିଥିଲେ । ଗୋବର୍ଦ୍ଧନ ଧାରଣ, କାଳୀୟ ସର୍ପ ଦମନ, ଶଂଖଚୂଡ଼, ଅରିଷ୍ଟ ଓ କେଶୀ ଆଦିଙ୍କୁ ବଧ କରିଥିଲେ । ଅକ୍ରୁର କୃଷ୍ଣ ବଳରାମଙ୍କୁ କଂସର ଧନୁଯାତ୍ରା ଦେଖାଇବା ଲାଗି ବୃନ୍ଦାବନରୁ ମଥୁରାକୁ ନେଲେ । ମଥୁରାରେ ଦୁଇଭାଇ ବହୁ ବାହାପିଆ ବୀରପୁଙ୍ଗବଙ୍କୁ ମାରିଲେ । କଂସ ସଂହାର ପରେ ଦୁଇଭାଇ ସାନ୍ଦୀପନି ଆଶ୍ରମକୁ ଯାଇ ବିଦ୍ୟାର୍ଜନ କରି ମଥୁରାକୁ ଫେରିଲେ । କଂସର ଶ୍ୱଶୁର ଜରାସନ୍ଧ ବାରବାର ମଥୁରା ଆକ୍ରମଣ କରିବାରେ ପଶ୍ଚିମ ସମୁଦ୍ରରେ ଦ୍ୱାରକାପୁରୀ ନିର୍ମାଣ କରି ରାତାରାତି ମଥୁରାର ସମସ୍ତଙ୍କୁ ସେଠିକି ନେଇଗଲେ । ସ୍ୱର୍ଗରୁ କଳ୍ପବୃକ୍ଷ, ସୁଧର୍ମାସଭା ଏହି ଦ୍ୱାରକାକୁ ନେଇ ଆସିଲେ । ରକ୍ମିଣୀ ହରଣ, ସତ୍ୟଭାମା, କାଳିନ୍ଦୀ, ଜାମ୍ବବତୀ ଆଦି ଅଷ୍ଟପାଟବଂଶୀଙ୍କ ସହିତ ବିବାହ, ଭୌମାସୁରକୁ ମାରି ଷୋଳସହସ୍ର କନ୍ୟାଙ୍କ ପାଣି ଗ୍ରହଣ, ଶିଶୁପାଳ, ପୌଣ୍ଡ୍ରକ, ପଞ୍ଚଜନ, ମୁର ଆଦିଙ୍କ ନିଧନ, ମହାଭାରତ ଯୁଦ୍ଧରେ ପାଣ୍ଡବଙ୍କୁ ନିମିତ୍ତ କରି ଦୁଷ୍ଟଦଳନ ଆଦି ବହୁଲୀଳା ଏହି ଦଶମ ସ୍କନ୍ଧର ବିଷୟବସ୍ତୁ ।

ଏକାଦଶ ସ୍କନ୍ଧରେ ଋଷିମାନଙ୍କ ଅଭିଶାପକୁ ଆଳ କରି ଯଦୁବଂଶ ଧ୍ୱଂସ, ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ଉଦ୍ଧବଙ୍କ ପ୍ରଶ୍ନୋତ୍ତରର ବିବରଣୀ ଅତ୍ୟନ୍ତ ଜ୍ଞାନଗର୍ଭକ । ପରିଶେଷରେ ସ୍ୱଇଚ୍ଛାରେ ଶ୍ରୀକୃଷ୍ଣଙ୍କ ମର୍ତ୍ତ୍ୟଲୋକ ତ୍ୟାଗ ଏବଂ ସ୍ୱଧାମଗମନର ବର୍ଣ୍ଣନା ଅତ୍ୟନ୍ତ କରୁଣ ଓ ହୃଦୟସ୍ପର୍ଶୀ । ଦ୍ୱାଦଶ ସ୍କନ୍ଧରେ ବିଭିନ୍ନ ଯୋଗର ଲକ୍ଷଣ, ବିଶେଷତଃ କଳିଯୁଗର କଳ୍ମଷ, ଚାରିପ୍ରକାରର ପ୍ରଳୟ କଥା କୁହାଯାଇଛି । ସଂକ୍ଷେପରେ ଏହାହିଁ ମହାପୁରାଣ ଶ୍ରୀମଦ୍ ଭାଗବତ କଥା... । ''ପିବତ୍ ଭାଗବତଂ 'ରସମାଳୟମ୍'' । ଓଡ଼ିଆ ଭାଷାରେ 'ଳ' ଓ 'ଲ' ଦୁଇଟି ଅଲଗା ଶବ୍ଦ ଥିବାରୁ 'ରସମାଳୟମ୍' ଶବ୍ଦ ନେଇ ସାଧାରଣପାଠକ ଟିକିଏ ଅଡୁଆରେ ପଡୁଥିବା ଲକ୍ଷ୍ୟ କରାଯାଏ ।

ଶ୍ରୀମଦ୍ ଭାଗବତ ମହାତ୍ମ୍ୟରେ କୁହାଯାଇଛି –

ନିଗମକଳ୍ପତରୋର୍ଗଳିତଂ ଫଳଂ
ଶୁକମୁଖାଦମୃତଦ୍ରବ ସଂଯୁତମ୍
ପିବତ ଭାଗବତଂ ''ରସମାଳୟଂ''
ମୁହୁରହୋ ରସିକା ଭୁବିଭାବୁକାଃ ।

(ହେ ରସିକ ଏବଂ ଭାବୁକ ଲୋକ ! ଏହି ଶ୍ରୀମଦ୍‌ଭାଗବତ ବେଦରୂପକ କଳ୍ପବୃକ୍ଷର ପରିପକ୍ୱ ବା ପାଚିଲା ଫଳ । ଶ୍ରୀଶୁକଦେବରୂପକ ଶୁକ ବା ଶୁଆର ମୁଖ ବା ଥଣ୍ଟ ଏଥିରେ ଲାଗିଥିବାରୁ ଏହା ଅମୃତରସରେ ପରିପୂର୍ଣ୍ଣ । କେବଳ ରସ ହିଁ ରସ । ଏହା

ଉପରେ ଚୋପା ନାହିଁ କି ଭିତରେ ଖଦା ନାହିଁ । ଏହା ଲୋକଙ୍କ ପକ୍ଷରେ ସୁଲଭ । ଯେଯାଏଁ ଶରୀରରେ ଚେତନା (ଆ+ଲୟ ଅର୍ଥାତ୍ ଲୟଥିବା ପର୍ଯ୍ୟନ୍ତ) ଆପଣମାନେ ଏହାକୁ ବାରମ୍ବାର ପାନ କରନ୍ତୁ । ସାଧାରଣ ପାଠକ ''ରସମାଳୟଂ'' ଶବ୍ଦଟିକୁ ରସଂ + ଆଳୟ ବା ରସର ଆଳୟ (ଘର ବା ଭଣ୍ଡାର) ବୋଲି ଅର୍ଥ କରିଥାଆନ୍ତି । ତା' ହୋଇଥିଲେ ଏ ଶବ୍ଦଟି ହିମାଳୟ, ବିଦ୍ୟାଳୟ ଭଳି 'ରସାଳୟ' ହୋଇଥାଆନ୍ତା । ଏଠାରେ 'ଳ' ଅକ୍ଷରଟି ସଂସ୍କୃତଭାଷା ଅନୁସାରେ 'ଲ' ହେବ । ଯେପରି 'ଆଜୀବନ', ସେହିଭଳି 'ଆଲୟ' । ଅର୍ଥାତ୍ ଲୟଥିବା ପର୍ଯ୍ୟନ୍ତ, ଦେହରେ ପ୍ରାଣଶକ୍ତି ବା ଜୀବନ ଥିବାଯାଏ ଏହି ରସାଳଗ୍ରନ୍ଥ ରୂପକ ରସମୟଫଳକୁ ସେବନ କରି ଏହାର ରସକୁ ପିଉଥାଅ ବୋଲି କୁହାଯାଇଛି ।

ଶ୍ରୀ ଜଗନ୍ନାଥ ଦାସଙ୍କ ଭାଗବତର ପ୍ରଥମ ସ୍କନ୍ଧ ପ୍ରଥମ ଅଧ୍ୟାୟରେ ଅଛି – ''ଏ ଭାଗବତର ମହିମା । କେ ଜାଣିପାରେ ଗୁଣସୀମା । ସକଳ ଶାସ୍ତ୍ର ଫଳ ଏହି । ଶ୍ରୀ ଭାଗବତ ନାମଦେଇ । ସକଳ ବେଦ ହୋଇ ବୃକ୍ଷ । ଫଳ ଫଳିଲେ ଅନ୍ତରୀକ୍ଷ । କେତେହେଁ ଦିନେ ପାଚି ତଳେ । ବୃକ୍ଷୁଁ ପଡ଼ିଲେ ବାୟୁବଳେ । ଶୁକ ଧାଇଁଲେ ତାହା ଦେଖି । ପକ୍ଷୀଙ୍କ ସଂଗତ ଉପେକ୍ଷି । ତୋଷେ ଅଧର କ୍ଷତ କଲେ । ଭିତରେ ସୁରଙ୍ଗ ଦେଖିଲେ । ତହୁଁ ଗଳିଲା ରସସାର । କି ଅବା ଦେବା ପଟାନ୍ତର । ଅମୃତ ନିନ୍ଦେ ସ୍ୱାଦୁପଣେ । ପିଅ ସୁଜନେ ଅନୁକ୍ଷଣେ । ଆନନ୍ଦେ କର ସୁଧାପାନ । ଯେଣେ ପାଇବ ଦିବ୍ୟଜ୍ଞାନ । ଏ ରସ ଚାରିବେଦମୂଳ । ନିଗମ ବୃକ୍ଷର ଏ ଫଳ । ପିଅ ଜୀବନ ଅନ୍ତଯାଏ । ଯେବେ ବଞ୍ଚିବ ମାୟା ମୋହେ ।''

●

॥ ୧୭୪ ॥

# ନୂତନ ବ୍ରଜବୃନ୍ଦାବନ

ମହାନ-ଆତ୍ମନ୍‌ରୁ ମହାତ୍ମା । ମହାତ୍ମାଙ୍କ ମହତ୍ତ୍ୱରୁ ମହାତ୍ମ୍ୟ । ମହତ୍, ମହାନତା, ମହିମା, ମହାନ୍‌ମନାଃ, ମହାନୁଭବତା ଆଦି ଏହି ମହାତ୍ମାଙ୍କ ପାରିବାରିକ ଶବ୍ଦ । ବ୍ୟକ୍ତିର ମହାତ୍ମ୍ୟ ଯେପରି, ଶାସ୍ତ୍ରାଦିର ମହାତ୍ମ୍ୟ ସେହିପରି । ଯଥା ଗୀତା-ମହାତ୍ମ୍ୟ । ସେହିଭଳି ଭାଗବତ-ମହାତ୍ମ୍ୟ ।

ନୈମିଷାରଣ୍ୟ ଏକ ପବିତ୍ର ତୀର୍ଥକ୍ଷେତ୍ର । ଶ୍ରୀ ସୂତ ମହାରାଜ ପ୍ରଶାନ୍ତ-ଚିତ୍ତ । କୁଶାସନରେ ଆସୀନ । ପ୍ରବକ୍ତା ସେ । ଶ୍ରୋତା ଶୌନକାଦି ମହର୍ଷି । ଭଗବାନଙ୍କ

ଅମୃତମୟୀ ଲୀଳା କଥାର ରସିକ ଶ୍ରୋତା ସେମାନେ । ଭାଗବତ କଥା ସରିଲା କହି ସୂତମୁନି ଆସନ ଉପରୁ ଉଠୁ ଉଠୁ ହେଉଛନ୍ତି । ଶୌନକ କହିଲେ, ଦାନ ତ ଦେଲେ, ଦକ୍ଷିଣା କାହିଁ ? ଭଗବତ କଥା ହେଲା ଆପଣଙ୍କ ଅମୂଲ୍ୟ ଦାନ- କିନ୍ତୁ ତା'ର ମହାତ୍ମ୍ୟ ତ ଶୁଣାଇ ନାହାଁନ୍ତି ।

ସୂତମୁନି କହିଲେ, ଶ୍ରୀମଦ୍ ଭାଗବତର ମହାତ୍ମ୍ୟ ତ ଅନନ୍ତ । ମହାତ୍ମ୍ୟର କେଉଁ ଅଂଶ ଶୁଣିବାକୁ ଚାହୁଁଚନ୍ତି, କହନ୍ତୁ ।

ଶୌନକାଦି ଋଷିମାନେ କହିଲେ, ଧର୍ମରାଜ ଯୁଧିଷ୍ଠିର ମହାଭାରତ ଯୁଦ୍ଧ ପରେ ଇନ୍ଦ୍ରପ୍ରସ୍ଥ ତଥା ହସ୍ତିନାପୁରରେ ରାଜୁତି କଲେ । ପ୍ରଜାପାଳନ କଲେ । ତାଙ୍କର ସଂସାରରୁ ବିଦାୟ ନେବା ସମୟ ଆସିଗଲା । ସେ ମଥୁରାମଣ୍ଡଳରେ ଯାଦବ ବଂଶର ଅନିରୁଦ୍ଧଙ୍କ ନନ୍ଦନ ବଜ୍ରନାଭ ଏବଂ ହସ୍ତିନାପୁରରେ ନିଜର ନାତି ପରୀକ୍ଷିତଙ୍କ ରାଜ୍ୟାଭିଷକ କରାଇଲେ । ତା'ପରେ ସପରିବାର ହିମାଳୟକୁ ଚାଲିଗଲେ । ଆମେ ପରୀକ୍ଷିତ ଓ ବଜ୍ରନାଭ କି କି କାର୍ଯ୍ୟ କଲେ ଜାଣିବାକୁ ଚାହୁଁ ।

ସୂତମୁନି କହିଲେ, ଧର୍ମରାଜ ଯୁଧିଷ୍ଠିର ତଥା ପାଣ୍ଡବମାନେ ସ୍ୱର୍ଗାରୋହଣ ଲାଗି ହିମାଳୟ ଯିବା ପରେ ପରୀକ୍ଷିତ ହସ୍ତିନାପୁରର ସମ୍ରାଟ ହେଲେ । ଦିନେ ସେ ମଥୁରାକୁ ଗଲେ । ଯିବାର ଏକମାତ୍ର ଉଦ୍ଦେଶ୍ୟ ଥିଲା ବଜ୍ରନାଭଙ୍କ ସହିତ ସାକ୍ଷାତ କରିବା । ବଜ୍ର ପରୀକ୍ଷିତଙ୍କୁ ନିଜର ପିତାତୁଲ୍ୟ ସମ୍ମାନ କରୁଥିଲେ । ସେ ଆସୁଥିବା ଖବର ପାଇ ବଜ୍ରନାଭ ଆନନ୍ଦିତ ହେଲେ । ତାଙ୍କୁ ପାଛୋଟି ଆଣିବା ଲାଗି ମଥୁରାର ସୀମା ପର୍ଯ୍ୟନ୍ତ ନିଜ ପାଦରେ ଚାଲି ଚାଲି ଗଲେ । ପରୀକ୍ଷିତଙ୍କୁ ସ୍ୱାଗତ କଲେ । ଦୁହେଁ ପରସ୍ପରକୁ ଆଲିଙ୍ଗନ କଲେ । ରାଜପ୍ରାସାଦକୁ ପାଛୋଟି ଆଣିଲେ  ବଜ୍ରନାଭ ପରୀକ୍ଷିତଙ୍କୁ ।

ପରୀକ୍ଷିତ ଶ୍ରୀକୃଷ୍ଣଙ୍କ ପରମ ଭକ୍ତ । ମାତୃଗର୍ଭରୁ ହିଁ ସେ ତାଙ୍କୁ ନାରାୟଣ ରୂପରେ ଦର୍ଶନ କରିଥିଲେ । ବ୍ରହ୍ମାସ୍ତ୍ର ଆଘାତରୁ ଭଗବାନ ତାଙ୍କୁ ରକ୍ଷା କରିଥିଲେ । ଭଗବାନଙ୍କୁ ସେ ମାତୃ ଗର୍ଭରେ ଥାଇ ପରୀକ୍ଷା, ନିରୀକ୍ଷା କରିଥିଲେ । ତେଣୁ ତାଙ୍କ ନାମ ଭଗବାନ 'ପରୀକ୍ଷିତ' ରଖିଥିଲେ । ଭଗବାନଙ୍କ ଦ୍ୱାରା ସୁରକ୍ଷିତ ଥିଲେ ପରୀକ୍ଷିତ । ସେହି ଶ୍ରୀକୃଷ୍ଣଙ୍କ ବଂଶୋଦ୍ଭବ ପ୍ରପୌତ୍ର (ଅଣନାତି) ଶ୍ରୀମାନ୍ ବଜ୍ରନାଭ ।

ପରୀକ୍ଷିତ ଅନ୍ତଃପୁରକୁ ଯାଇ ଶ୍ରୀକୃଷ୍ଣଙ୍କ ପତ୍ନୀମାନଙ୍କୁ ନିଜ ସମ୍ମାନ ଜଣାଇଲେ । ଭୋଜନ ଓ ବିଶ୍ରାମ ପରେ ସେ ବଜ୍ରନାଭଙ୍କୁ ପାଖରେ ବସାଇଲେ । କହିଲେ, ତୁମର ପିତା ପିତାମହ, ଆମର ପିତା, ପିତାମହମାନଙ୍କୁ ବହୁ ସଂକଟରୁ ରକ୍ଷା କରିଥିଲେ । ସେମାନଙ୍କ ଋଣ ପରିଶୋଧ କରିବି କିପରି ଭାବି ପାରୁ ନାହିଁ । ତୁମେ ନିଶ୍ଚିତରେ ରାଜୁତି

କର । ବଡ଼ ସେବା ହେଉଛି ମାତାପିତା ଓ ପ୍ରଜାମାନଙ୍କ ସେବା । ନିରନ୍ତର ଏହି ସେବା କରିବ । ଧନରତ୍ନ ସୈନ୍ୟ ଯାହା ଯେତେବେଳେ ଦରକାର ମତେ ଜଣାଇବ । ମୁଁ ସାହାଯ୍ୟ, ସହଯୋଗ କରିବା ଲାଗି ପ୍ରସ୍ତୁତ ।

ପରୀକ୍ଷିତଙ୍କ ଏହି ସାନ୍ତ୍ୱନାବାଣୀ ଶୁଣି ବଜ୍ରନାଭ ଅତି ଖୁସି ହେଲେ । କହିଲେ, ମୋର ଅନ୍ୟ କୌଣସି ବିଷୟରେ ଚିନ୍ତାଦକ୍ ନାହିଁ । ଗୋଟିଏ ବିଷୟରେ ବିଶେଷ ଭାବରେ ଚିନ୍ତିତ । ଅବଶ୍ୟ ମତେ ଆପଣଙ୍କ ପିତାମହ ମଥୁରାରରେ ରାଜା ଭାବରେ ଅଭିଷିକ୍ତ କରାଇଲେ, କିନ୍ତୁ ଏଠି ତ ପ୍ରଜା କେହି ନାହାଁନ୍ତି, ସେବା କରିବି କାହାର ? ପାଳନ କରିବି କାହାକୁ ? ଇଏ ଏକ ନିର୍ଜନ ଅରଣ୍ୟ ! ଏଠି ମୁଁ ବନବାସ କରୁଚି । ଚାରିଆଡ଼େ କେବଳ ଗଛପତ୍ର, ପଶୁପକ୍ଷୀ । ମନୁଷ୍ୟ କାହାଁନ୍ତି ? ଏ ରାଜ୍ୟର ପ୍ରଜା ଗଲେ କୁଆଡ଼େ ?

ରାଜା ପରୀକ୍ଷିତ ବଜ୍ରନାଭଙ୍କ ସନ୍ଦେହ ଦୂର ଲାଗି ଶାଣ୍ଡିଲ୍ୟ ମୁନିଙ୍କୁ ଡକେଇ ଆଣିଲେ । ଶାଣ୍ଡିଲ୍ୟ ମୁନି ଆଗରୁ ବ୍ରଜବୃନ୍ଦାବନରେ ନନ୍ଦରାଜଙ୍କ ପୁରୋହିତ ଥିଲେ । ବ୍ରଜଧାମର ରହସ୍ୟ କ'ଣ ତାଙ୍କୁ ପଚରାଗଲା । ଶାଣ୍ଡିଲ୍ୟ ମୁନି କହିଲେ, 'ବ୍ରଜ' ଶବ୍ଦର ଅର୍ଥ ହେଉଚି ବ୍ୟାପ୍ତି ବା ବ୍ୟାପକତା । ସତ୍ତ୍ୱ, ରଜ, ସମ- ଏହି ତିନିଗୁଣର ଅତୀତ ଯେଉଁ ପରଂବ୍ରହ୍ମ- ସେ କେବଳ 'ବ୍ୟାପକ' । ଏହିଠାରେ ତାଙ୍କର ଅବସ୍ଥାନ । ତେଣୁ ଏହା ବ୍ରଜଧାମ । ଏହି ବ୍ରଜଧାମରେ ସେ ଥିଲେ ନନ୍ଦନନ୍ଦନ । ଯଶୋଦା ଦୁଲାଳ । ବ୍ରଜବୃନ୍ଦାବନର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ସଚ୍ଚିଦାନନ୍ଦ ସ୍ୱରୂପ । ପ୍ରେମ ରସ ପାନ କରିଥିବା ଗୋପୀ-ଗୋପାଳମାନେ ହିଁ ତାଙ୍କୁ ଶ୍ୟାମସୁନ୍ଦର ରୂପରେ ଅନୁଭବ କରିଥିଲେ । ଶ୍ରୀକୃଷ୍ଣଙ୍କ ଆତ୍ମା ଥିଲେ ଶ୍ରୀରାଧିକା । ତାଙ୍କୁ ରମଣ କରିବା ଯୋଗୁଁ ମର୍ମଜ୍ଞ ଜ୍ଞାନୀ ମହାପୁରୁଷମାନଙ୍କ ଦୃଷ୍ଟିରେ ଶ୍ରୀକୃଷ୍ଣ ଆତ୍ମାରାମ, ଆପ୍ତକାମ । 'କାମ'ର ସାଧାରଣ ଅର୍ଥ କାମନା, ଅଭିଳାଷ । ବ୍ରଜଧାମରେ ଭଗବାନଙ୍କ ବାଞ୍ଛିତ ପଦାର୍ଥ ଗାଈ, ବାଛୁରୀ, ଗୋପୀ ଗୋପାଳ ଓ ଲୀଳାବିହାର । ଲୀଳା, ପ୍ରକୃତି ସହିତ । ସେ ପ୍ରକୃତି ସହିତ ଖେଳିବା ବେଳେ ଅନ୍ୟମାନେ ଏହି ଲୀଳା ଅନୁଭବ କରିଥାଆନ୍ତି । ପ୍ରକୃତି ସହିତ ତାଙ୍କର ଲୀଳାରେ ତ୍ରିଗୁଣ (ସତ୍ତ୍ୱ, ରଜ, ତମ) ଦ୍ୱାରା ଯାହା ସୃଷ୍ଟି ହୋଇଥାଏ, ତାହା ସ୍ଥିତି ଓ ପ୍ରଳୟ ଭଳି ମନେ ହୋଇଥାଏ । ଏଥିରୁ ନିଶ୍ଚିତ ହୁଏ ଯେ, ଭଗବାନଙ୍କ ଲୀଳା ଦୁଇ ପ୍ରକାରର । ବାସ୍ତବିକୀ ଓ ବ୍ୟବହାରିକୀ । ବାସ୍ତବିକୀ ଲୀଳା ସ୍ୱୟଂବେଦ୍ୟ, ଏହାକୁ ସ୍ୱୟଂ ଭଗବାନ ଓ ତାଙ୍କର ରସିକ ଭକ୍ତ ହିଁ ଜାଣନ୍ତି । ଜୀବର ସାମନାରେ ଯେଉଁ ଲୀଳା ହୋଇଥାଏ, ତାହା ବ୍ୟବହାରିକୀ ଲୀଳା । ବାସ୍ତବ ଲୀଳା ବିନା ବ୍ୟବହାରିକୀ ଲୀଳା ହୋଇ ନପାରେ । କିନ୍ତୁ ବ୍ୟବହାରିକୀ ଲୀଳା ବାସ୍ତବ ଲୀଳା ରାଜ୍ୟରେ ପ୍ରବେଶ କରିପାରେନା । ଜୀବ ଯେଉଁ ଲୀଳା ଦେଖିଥାଏ, ତାହା ବ୍ୟବହାରିକୀ ଲୀଳା । ପୃଥିବୀ ଓ ସ୍ୱର୍ଗ ଆଦି ହେଉଚି ଏହି

ଲୀଳା ଅନ୍ତର୍ଗତ । ପୃଥିବୀରେ ମଥୁରା ଓ ବ୍ରଜ ବୃନ୍ଦାବନ । ଏଠାରେ ଭଗବାନଙ୍କ ଏହି ବାସ୍ତବ ଲୀଳା ଅହରହ ଲାଗି ରହିଚି । ଏହା ହିଁ ନିତ୍ୟଲୀଳା । ଏହା ଅତି ଗୁପ୍ତ ଭାବରେ ହୋଇଥାଏ । ତେଣୁ ଏହାର ଅନ୍ୟନାମ ରହସ୍ୟଲୀଳା । ଅବତାର-ଲୀଳା ଦ୍ୱାରା ସେ ଭକ୍ତଙ୍କ ସହିତ ସମ୍ମିଳିତ ହୋଇ ନିଜ ଲୀଳା-ରସକୁ ନିଜେ ଆସ୍ୱାଦନ କରିଥାଆନ୍ତି । ତାଙ୍କ ସହିତ ଦେବତା ଓ ଋଷିମାନେ ଆସନ୍ତି ।

ଶାଣ୍ଡିଲ୍ୟ ମୁନି କହିଲେ, କୃଷ୍ଣାବତାରରେ ଭଗବାନ ତାଙ୍କର ପ୍ରେମୀଭକ୍ତମାନଙ୍କ ଅଭିଳାଷ ପୂର୍ଣ୍ଣ କରିଥିଲେ । ଏହି ଅବତାର ବେଳେ ତାଙ୍କ ସହିତ ଧରାଧାମକୁ ଆସିଥିଲେ ତିନି ଶ୍ରେଣୀର ଭକ୍ତ । ନିତ୍ୟ, ଅନ୍ତରଙ୍ଗ, ପାର୍ଷଦ । ଭଗବାନଙ୍କ ଠାରୁ ଏମାନଙ୍କର କେବେହେଲେ 'ବିୟୋଗ' ହୋଇ ନଥାଏ । ଏମାନେ ପ୍ରଥମ ଶ୍ରେଣୀର । ଦ୍ୱିତୀୟ ଶ୍ରେଣୀର ଭକ୍ତ ଏକମାତ୍ର ଭଗବାନଙ୍କୁ ପାଇବା ପାଇଁ ଇଚ୍ଛା କରିଥାଆନ୍ତି, ତାଙ୍କର ଅନ୍ତରଙ୍ଗ ଲୀଳାରେ ପ୍ରବେଶ କରିବାକୁ ଚାହିଁଥାଆନ୍ତି । ତୃତୀୟ ଶ୍ରେଣୀ ଦେବତା ଆଦି । ଏମାନଙ୍କ ମଧ୍ୟରୁ ଯେଉଁ ଦେବତାଦିଙ୍କ ଅଂଶ ରୂପରେ ଅବତୀର୍ଣ୍ଣ ହୋଇଥିଲେ, ଭଗବାନ ସେମାନଙ୍କୁ ବ୍ରଜଭୂମିରୁ ହଟାଇ ଦେଇ ଆଗରୁ ଦ୍ୱାରକାରେ ପହଞ୍ଚାଇ ଦେଇଥିଲେ । ପରବର୍ତ୍ତୀ କାଳରେ ଭଗବାନ ଋଷିମାନଙ୍କ ଅଭିଶାପରୁ ମୂଷଳ ସୃଷ୍ଟି କଲେ । ଏହି ମୂଷଳ ମାଧ୍ୟମରେ ଯଦୁକୂଳରେ ଜାତ ହୋଇଥିବା ଦେବତାମାନଙ୍କୁ ସ୍ୱର୍ଗକୁ ପଠାଇ ସେମାନଙ୍କୁ ଯଥାସ୍ଥାନରେ ସ୍ଥାପନ କରିଥିଲେ । ସେହିଭଳି ଦ୍ୱିତୀୟ ଶ୍ରେଣୀର ଭକ୍ତଙ୍କୁ ସେ ନିତ୍ୟ, ଅନ୍ତରଙ୍ଗ, ପାର୍ଷଦ ଭାବରେ ସମ୍ମିଳିତ କରିଦେଲେ । ସେମାନେ ଅନ୍ତରଙ୍ଗ ହେଲେ ମଧ୍ୟ ଯେଉଁମାନେ ଭଗବାନଙ୍କ ଦର୍ଶନ ପାଇଁ ଅଧିକାରୀ ନଥିଲେ, ଏମାନଙ୍କ ଲାଗି ସେ ଅଦୃଶ୍ୟ ହୋଇଗଲେ । ଯେଉଁମାନେ ନିତ୍ୟଲୀଳା ଦର୍ଶନର ଅଧିକାରୀ ନୁହଁନ୍ତି, ସେମାନଙ୍କ ଲାଗି ସବୁ ଶୂନ୍ୟ ଶୂନ୍ୟ ମନେ ହୋଇଥାଏ । ଯାହାକି ତୁମ ପକ୍ଷରେ ହୋଇଛି ।

ଶାଣ୍ଡିଲ୍ୟମୁନି ବଜ୍ରନାଭଙ୍କୁ କହିଲେ, ନିର୍ଜନସ୍ଥାନକୁ ଜନାରଣ୍ୟ କରିବା ଲାଗି ତୁମକୁ ନୂତନ ଗୋବର୍ଦ୍ଧନ, ମଥୁରା, ମହାବନ, ଗୋକୁଳ, ନନ୍ଦିଗ୍ରାମ (ନନ୍ଦଗାଁ) ଆଦି ଗ୍ରାମ ନିର୍ମାଣ କରିବାକୁ ପଡ଼ିବ । ଏହି ଗ୍ରାମଗୁଡ଼ିକ ହିଁ ହେବ ତୁମଲାଗି ଏବଂ ଆଗାମୀ ବଂଶଧରମାନଙ୍କ ଲାଗି ନୂତନ ବ୍ରଜଧାମ । ଏସବୁ ସ୍ଥାନରେ ଥିବା ନଦୀ, ପର୍ବତ, ସରୋବର ଓ କୁଣ୍ଡ (ଯଥା- ରାଧାକୁଣ୍ଡ, ଶ୍ୟାମକୁଣ୍ଡ) କୁଞ୍ଜବନ ଓ ନିଧୁବନ ଭିତରେ ପରମାନନ୍ଦର ଆନନ୍ଦ ପାଇ ପାରିବ । ଏସବୁ ନଗର ଓ ଗ୍ରାମର ପ୍ରଜାମାନେ ସର୍ବଦା ସୁଖସଂପନ୍ନ ଓ ପ୍ରସନ୍ନ ରହିବେ । କାରଣ ବ୍ରଜଧାମର ଅନ୍ୟନାମ ସଚ୍ଚିଦାନନ୍ଦଧାମ । ଦିନେ ତୁମେ ଭଗବାନଙ୍କ ପରମଭକ୍ତ ଉଦ୍ଧବଙ୍କୁ ଏହି ବ୍ରଜଧାମରେ ସାକ୍ଷାତ ସଶରୀର ଦର୍ଶନ କରିପାରିବ । ଏତିକି କହି ଶାଣ୍ଡିଲ୍ୟମୁନି ନିଜ ଆଶ୍ରମକୁ ଫେରିଗଲେ ।

●

॥ ୧୭୫ ॥

# ଦିବ୍ୟ ଚକ୍ଷୁରେ ଦିବ୍ୟ ଦର୍ଶନ

**ରା**ଜା ପରୀକ୍ଷିତଙ୍କ ସାହାଯ୍ୟ ଓ ସହଯୋଗରେ ବ୍ରଜମଣ୍ଡଳ ଧନ ଜନ ଗୋପ ଲକ୍ଷ୍ମୀରେ ପରିପୂର୍ଣ୍ଣ ହୋଇଉଠିଲା । ପରୀକ୍ଷିତ ଇନ୍ଦ୍ରପ୍ରସ୍ଥ (ଦିଲ୍ଲୀ)ରୁ ହଜାର ହଜାର ବଣିକଙ୍କୁ ପଠାଇ ମଥୁରାରେ ବାଣିଜ୍ୟ ପସରାର ପ୍ରସାର କରାଇଲେ । ଭଗବାନ ବ୍ରଜଧାମରେ ଥିବାବେଳେ ବ୍ରାହ୍ମଣ, ଗୋଧନ ଓ ବାନରମାନଙ୍କୁ ଭଲ ପାଉଥିଲେ । ପରୀକ୍ଷିତ ସେ ବ୍ୟବସ୍ଥା ମଧ କରିଦେଲେ । ଯେଉଁ ଯେଉଁ ସ୍ଥାନରେ ଭଗବାନ ଶ୍ରୀକୃଷ୍ଣ ରୂପରେ ଗୋପୀ ଗୋପାଳମାନଙ୍କ ସହିତ ଲୀଳା କରୁଥିଲେ, ସେ ସେସବୁ ପୀଠର ପୁନରୁଦ୍ଧାର କରାଇଲେ । କୁଞ୍ଜ, କାନନ ଓ ମଠ ମନ୍ଦିର ନିର୍ମାଣ କରାଗଲା । ବିଭିନ୍ନ ମନ୍ଦିରରେ ଶିବ, ଗୋବିନ୍ଦ, ହରି ଆଦି ନାମରେ ବିଗ୍ରହମାନ ପ୍ରତିଷ୍ଠା କରାଗଲା । ବ୍ରଜଧାମ କୃଷ୍ଣଭକ୍ତିର ତୀର୍ଥଭୂମି ହୋଇ ଉଠିଲା । ଭଗବାନଙ୍କ ପୂଜା ଓ ଲୀଳା କୀର୍ତ୍ତନ ଚାଲିଲା ।

ବଜ୍ରନାଭଙ୍କ ସମୟରେ ତାଙ୍କର ପିତାମହୀମାନେ ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ଷୋଳ ହଜାର ରାଣୀ ଜୀବିତ ଥିଲେ । ଅଷ୍ଟ ପାଟବଂଶୀ ବା ପାଟରାଣୀଙ୍କ ମଧ୍ୟରୁ ଚତୁର୍ଥ ପତ୍ନୀ କାଳିନ୍ଦୀ (ଯମୁନା) ମଧ ବଞ୍ଚିଥିଲେ । ସମସ୍ତେ ସ୍ୱାମୀ ଶ୍ରୀକୃଷ୍ଣଙ୍କୁ ହରେଇ ବିରହ ବ୍ୟାକୁଳ ଥିଲେ । ଦିନେ ଷୋଳସହସ୍ର ରାଣୀ ଦେଖିଲେ କାଳିନ୍ଦୀ ବେଶ୍ ଖୁସ୍ ମିଂଜାସ୍‌ରେ ଅଛନ୍ତି । ସମସ୍ତେ ସମସ୍ୱରରେ ପ୍ରଶ୍ନ କଲେ, ଆମମାନଙ୍କ ଭଳି ତୁମେ ତ ଜଣେ ରାଣୀ । ଆମେ ତ ସମସ୍ତେ କୃଷ୍ଣ ବିରହରେ ସଂତପ୍ତ । ସର୍ବଦା ବିଷଣ୍ଣ । ତୁମେ ଖୁସିରେ ଅଛ କିମିତି ?

କାଳିନ୍ଦୀ କହିଲେ, ନିଜ ଆତ୍ମା ସହିତ ସର୍ବଦା ରମଣ କରୁଥିବାରୁ ଭଗବାନ ଶ୍ରୀକୃଷ୍ଣ ଆତ୍ମାରାମ । ସେ ରାଧାରମଣ ମଧ । ତାଙ୍କର ଆତ୍ମା ହିଁ ଶ୍ରୀରାଧା । ଶ୍ରୀକୃଷ୍ଣ ହିଁ ଶ୍ରୀରାଧା ଏବଂ ରାଧା ହିଁ ଶ୍ରୀକୃଷ୍ଣ । ମୋ ସମେତ ତୁମେମାନେ ମଧ ଶ୍ରୀରାଧାଙ୍କ ଅଂଶ । ନଚେତ ତୁମେମାନେ ଭଗବାନଙ୍କୁ ସ୍ୱାମୀ ଭାବରେ ପାଇ ପାରି ନଥାଆନ୍ତ । ମୁଁ ଦାସୀ ଭାବରେ ଶ୍ରୀରାଧାଙ୍କ ସେବା କରି ଆସୁଥିବାରୁ ସଦା ପ୍ରସନ୍ନ । ମତେ ଦୁଃଖ, ସଂତାପ ଓ ବିୟୋଗ ସ୍ପର୍ଶ କରିନପାରେ । ରାଧାତତ୍ତ୍ୱ ଯେପରି ସରଳ, ସରସ, ସେହିଭଳି ନିଗୂଢ଼ ଓ ପ୍ରଗାଢ଼ । ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ମଧ୍ୟରେ ଯେଉଁ 'ପ୍ରେମ', ତାହା ହିଁ ବଂଶୀ ବା ମୁରଲୀ ବା ବେଣୁ । ସେ ବଂଶୀଧର, ମୁରଲୀଧର ଓ ବେଣୁଧର । ଶ୍ରୀରାଧାଙ୍କ ଅନ୍ୟତମା ସଖୀ ଚନ୍ଦ୍ରାବଳୀ । ଶ୍ରୀକୃଷ୍ଣଙ୍କ ପାଦାଙ୍ଗୁଳିର ନଖ ରୂପରେ ଚନ୍ଦ୍ରମାଙ୍କ ସେବା ପ୍ରତି ଆସକ୍ତ ରହିବାରେ ଏ ସଖୀଙ୍କ ନାମ ଚନ୍ଦ୍ରାବଳୀ । ରୁକ୍ମିଣୀ, ସତ୍ୟଭାମା ଆଦି ପାଟରାଣୀଙ୍କ

ଭିତରେ ସେହି ଶ୍ରୀରାଧାଙ୍କ ସମାବେଶ । ତୁମମାନଙ୍କ ଠାରୁ ଭଗବାନଙ୍କ ବିୟୋଗ ହୋଇ ନାହିଁ କି ହୋଇ ନପାରେ । ଏହି ରହସ୍ୟକୁ ତୁମେମାନେ ଜାଣ ନାହିଁ ବୋଲି ଏତେ ବିରହ ବ୍ୟାକୁଳ । ଅକ୍ରୁର ରାମକୃଷ୍ଣଙ୍କୁ ରଥରେ ବସାଇ ବ୍ରଜଧାମରୁ ମଥୁରା ନେଇଗଲା ବେଳେ ଶ୍ରୀକୃଷ୍ଣଙ୍କ ଠାରୁ ଗୋପୀମାନଙ୍କର ଯେଉଁ ବିରହ, ତାହା ପ୍ରତୀତି ମାତ୍ର, ବାସ୍ତବରେ ଏହା ବିରହ ନୁହଁ, ବିରହର ଆଭାସ ମାତ୍ର । ଯେ ପର୍ଯ୍ୟନ୍ତ ଏହି ବାସ୍ତବତାକୁ ସେମାନେ ଜାଣି ନଥିଲେ, ସେ ପର୍ଯ୍ୟନ୍ତ ସେମାନେ ବିରହ ଯନ୍ତ୍ରଣା ଅନୁଭବ କରୁଥିଲେ । ଭଗବାନଙ୍କ ଦ୍ୱାରା ପ୍ରେରିତ ହୋଇ ଉଦ୍ଧବ ବ୍ରଜଧାମକୁ ଆସି ଏହି ସମସ୍ୟାର ସମାଧାନ କରିଥିଲେ । ଉଦ୍ଧବଙ୍କର ଏହା ସଂଦେଶ ନଥିଲା । ଏ ସଂଦେଶ ଥିଲା- ସନ୍ଦେହ- ଦୂରୀକରଣ-ସତ୍‌ସଙ୍ଗ-ରୂପକ ଔଷଧ । ଏହି ସତ୍‌ସଙ୍ଗ ଯିଏ ପାଏ, ସେ ପାଏ ଶ୍ରୀକୃଷ୍ଣଙ୍କ ସହିତ ନିତ୍ୟ ବିହାରର ସୁଖ ।

କୃଷ୍ଣପତ୍ନୀମାନେ ସପତ୍ନୀ କାଳିନ୍ଦୀଙ୍କୁ ଧନ୍ୟ ଧନ୍ୟ କଲେ । କହିଲେ, ଉଦ୍ଧବଙ୍କ ସତ୍‌ସଙ୍ଗ ମିଳିବ କେବେ ? କାଳିନ୍ଦୀ ଅର୍ଥାତ୍ ଯମୁନା ଦେବୀ କହିଲେ, ଉଦ୍ଧବ ଏବେ ବଦରିକାଶ୍ରମରେ । କିନ୍ତୁ ତାଙ୍କର ସାଧନାର ଫଳଭୂମି ବ୍ରଜବୃନ୍ଦାବନ । ଉଦ୍ଧବ ଗୋପୀମାନଙ୍କୁ ଭଗବାନଙ୍କ ସନ୍ଦେଶ ଦେଇ ଫେରି ଆସିଥିଲେ ମଥୁରାକୁ । ସେ ଥିଲେ ଜ୍ଞାନଯୋଗୀ । କିନ୍ତୁ ଗୋପୀମାନଙ୍କ ସଂସ୍ପର୍ଶ ଓ ସାନ୍ନିଧ ପାଇ ସେ ହୋଇଥିଲେ ଭକ୍ତିଯୋଗୀ । ସେ ଗୋପୀମାନଙ୍କ କୃଷ୍ଣ-ପ୍ରେମ-ରସପାନ କରି ଏପରି ମଜ୍ଜି ଯାଇଥିଲେ ଯେ ଭଗବାନଙ୍କୁ କହିଲେ, ହେ ପ୍ରଭୁ, ମତେ ବ୍ରଜର ତୃଣଲତା କରିଦିଅ । ମୁଁ ସର୍ବଦା ଭକ୍ତି ସ୍ୱରୂପିଣୀ ଗୋପୀମାନଙ୍କ ପଦରଜ ପାଇବାକୁ ଚାହେଁ । ଭଗବାନ ତାଙ୍କର ମନୋବାଞ୍ଛା ପୂର୍ଣ୍ଣ କରିଥିଲେ । ତେଣୁ ଉଦ୍ଧବ ଶ୍ରୀକୃଷ୍ଣଙ୍କ ଧରାଧାମ ତ୍ୟାଗ ପରେ ବଦରିକାରେ ସାଧନାରତ ଥିଲେ ମଧ ସେ ବ୍ରଜଭୂମିର ତୃଣଲତା ରୂପରେ ସତତ ବିରାଜମାନ । ସେଠାକୁ ଗଲେ ତୁମେମାନେ ପ୍ରତି ଲତାକୁଂଜରେ ତାଙ୍କୁ ପାଇପାରିବ । ଲତା କୁଞ୍ଜମାନଙ୍କ ସହିତ ସତ୍‌ସଙ୍ଗ କଲେ କେବଳ ଉଦ୍ଧବଙ୍କୁ ନୁହଁ, ଭଗବାନଙ୍କୁ ତୁମେମାନେ ସୂକ୍ଷ୍ମ ରୂପରେ ଦର୍ଶନ କରିପାରିବ । ତୁମ୍ଭେମାନେ ବଜ୍ରନାଭଙ୍କୁ ସାଙ୍ଗରେ ନେଇ ଗୋବର୍ଦ୍ଧନରେ ଥିବା କୁସୁମ ସରୋବର ନିକଟକୁ ଯାଅ । ସେଠାରେ ଏକତ୍ର ଭଗବାନଙ୍କ ଗୁଣ ଓ ଲୀଳା କୀର୍ତ୍ତନ କର ।

କୃଷ୍ଣପତ୍ନୀମାନେ ଏକଥା ପରୀକ୍ଷିତ ଓ ବଜ୍ରନାଭଙ୍କୁ କହିଲେ । ସମସ୍ତେ ଗଲେ ବ୍ରଜ ବୃନ୍ଦାବନର ଗୋବର୍ଦ୍ଧନ ପୀଠରେ ଥିବା କୁସୁମ ସରୋବରକୁ । ସମବେତ ଭାବରେ ସେମାନେ ଭଗବାନଙ୍କ ଗୁଣଗାନ କରିବା ମାତ୍ରେ ଲତା ଭିତରୁ ପ୍ରକଟିତ ହେଲେ ଶ୍ରୀଯୁକ୍ତ

ଉଦ୍ଧବ । ରୂପକାନ୍ତି ଠିକ୍ କୃଷ୍ଣଙ୍କ ଭଳି । ଦେହରେ ପୀତାମ୍ବର । ଶ୍ୟାମବର୍ଣ୍ଣ । ଗଳାରେ ବନମାଳା । ତୁଣ୍ଡରେ ମୁଖରିତ ଗୋପୀବଲ୍ଲଭ ଶ୍ରୀକୃଷ୍ଣଙ୍କ ଲୀଳାକୀର୍ତ୍ତନ । ଏ ଦୃଶ୍ୟ ଦେଖି, ଉଦ୍ଧବଙ୍କ ବାଣୀ ଶୁଣି ସମସ୍ତେ ନିଜକୁ ନିଜେ ଭୁଲିଗଲେ । ଦିବ୍ୟ ଚକ୍ଷୁରେ ଦିବ୍ୟଦର୍ଶନ । ଉଦ୍ଧବଙ୍କ ମାଧ୍ୟମରେ ସେମାନେ ପ୍ରଥମେ କୃଷ୍ଣ ଦର୍ଶନ କଲେ । ତା'ପରେ ଦର୍ଶନ କଲେ ସାକ୍ଷାତ ଉଦ୍ଧବଙ୍କୁ ।

ରାଜା ପରୀକ୍ଷିତ, ବଜ୍ରନାଭ ଓ କୃଷ୍ଣପତ୍ନୀମାନଙ୍କ କୃଷ୍ଣଙ୍କ ଗୁଣକୀର୍ତ୍ତନରେ ମୁଗ୍ଧ ହେଲେ ସେ । ସମସ୍ତଙ୍କୁ ଶ୍ରୀଉଦ୍ଧବ ସତ୍କାର କଲେ । ସେ ପରୀକ୍ଷିତଙ୍କୁ କହିଲେ, ତୁମର କୃଷ୍ଣଭକ୍ତିରେ ମୁଁ ଆନନ୍ଦିତ । ତୁମର ଭଗବାନ ଶ୍ରୀକୃଷ୍ଣ କେବଳ ଦେହରକ୍ଷା କରି ନାହାଁନ୍ତି, ତୁମର ବୈଭବ ରକ୍ଷା କରି ଆସିଛନ୍ତି । ଯୋଗକ୍ଷେମ ବହାମ୍ୟହମ୍ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ, ବଜ୍ରକୁ ମଥୁରାର ରାଜା କରାଇବା ଲାଗି । ଯାହା ହେଉ ତୁମ ଦୁହିଁଙ୍କି ଏକତ୍ର ଦେଖି ମୁଁ ଖୁସି । ଶ୍ରୀକୃଷ୍ଣ ଅବତାରରେ ଭଗବାନ ନିଜ ଯୋଗମାୟାରେ ସମସ୍ତଙ୍କୁ ଅଭିଭୂତ କରି ରଖିଥିଲେ । ଫଳରେ ସମସ୍ତେ ନିଜ ସ୍ୱରୂପକୁ ଭୁଲି ଯାଇଥିଲେ ଏବଂ ଦୁଃଖୀ ରହିଥିଲେ । ଭଗବାନ ଇଚ୍ଛା ନ କଲେ କେହି ନିଜ ସ୍ୱରୂପବୋଧ କରିବା ସମ୍ଭବ ନୁହେଁ । କାରଣ ସମସ୍ତଙ୍କ ମନ ଓ ହୃଦୟ ସାମନାରେ ମାୟାର ପରଦା । ଦ୍ୱାପରରେ ଯେଉଁ ଟିକକ ମାୟା ଥିଲା, କଳିଯୁଗରେ ସେହି ମାୟା ବହୁଗୁଣରେ ଅଧିକ । ଦ୍ୱାପରରେ ଭଗବାନ ସ୍ୱୟଂ ମନୁଷ୍ୟ ରୂପରେ ପ୍ରକଟିତ ହୋଇଥିଲେ । କଳିଯୁଗରେ 'ଶ୍ରୀମଦ୍ ଭାଗବତ' ରୂପରେ ସେ ପ୍ରକଟିତ । ଶାସ୍ତ୍ର କହେ ଯିଏ ଭାଗବତ ପାଠ କରେନା, ସେ ଆତ୍ମଘାତକ ଭାବରେ ବିବେଚିତ ।

ଉଦ୍ଧବ କହିଲେ, ହେ ପରୀକ୍ଷିତ ! ବଜ୍ରନାଭ ଓ କୃଷ୍ଣଙ୍କ ଷୋଳ ସହସ୍ର ରାଣୀ ଓ ଅଷ୍ଟ ପାଟବଂଶୀ ! ପୂର୍ବ କାଳରେ ସାଂଖ୍ୟାୟନୀଙ୍କ କୃପାରୁ ଶ୍ରୀମଦ୍ ଭାଗବତର ରସପାନ କରିଥିଲେ ମୋ ଗୁରୁ ବୃହସ୍ପତି । ବୃହସ୍ପତିଙ୍କ ଠାରୁ ମୁଁ ଏ ଗ୍ରନ୍ଥର ରସାସ୍ୱାଦନ କରିଥିଲି । ବୃହସ୍ପତି ମତେ କହିଥିଲେ, ନୀର ବା ଜଳରେ ଶୟନ କରୁଥିବାରୁ ଭଗବାନଙ୍କ ନାମ ନାରାୟଣ । ଏହି ନାରାୟଣ ହିଁ କୃଷ୍ଣାବତାର ଗ୍ରହଣ କରିଥିଲେ । ନାରାୟଣଙ୍କ ତିନୋଟି ବିଗ୍ରହ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର(ରୁଦ୍ର) । ରଜୋଗୁଣରୁ ବ୍ରହ୍ମା, ସତ୍ୱ ଗୁଣରୁ ବିଷ୍ଣୁ ଓ ତମଗୁଣରୁ ମହେଶ୍ୱର (ରୁଦ୍ର) । ଉତ୍ପତ୍ତି, ପାଳନ ଓ ସଂହାର- ଏହି ତିନୋଟି କାର୍ଯ୍ୟ ପାଇଁ ଏମାନେ ନିଯୁକ୍ତ । ସମସ୍ତେ ଶ୍ରୀମଦ୍ ଭାଗବତର ଶ୍ରୋତା । ବକ୍ତା ସ୍ୱୟଂ ନାରାୟଣ ।

●

॥ ୧୭୬ ॥

# ପ୍ରବର ଓ ଅବର

ଲଘୁକଥା । ଅଥଚ ଗୁରୁତ୍ୱପୂର୍ଣ୍ଣ । ବକ୍ତା ଓ ଶ୍ରୋତାଙ୍କ ଲାଗି ପ୍ରଯୋଜ୍ୟ । ରାଜସଭା । ବହୁ ବିଜ୍ଞ ଓ ଶ୍ରୋତାଙ୍କ ସମାଗମ । ଜଣେ ପ୍ରବଚକଙ୍କ ପାଣ୍ଡିତ୍ୟପୂର୍ଣ୍ଣ ପ୍ରବଚନରେ ଶ୍ରୋତାମଣ୍ଡଳି ମନ୍ତ୍ରମୁଗ୍ଧ । ମଝିରେ ମଝିରେ କରତାଳି ଧ୍ୱନିରେ ସଭାଗୃହ ମୁଖରିତ । ପ୍ରବଚକ ମହାରାଜାଙ୍କ ଗୁରୁଦେବ । ଦ୍ୱାରପାଳ ଆସି ଜଣେ ସାଧୁଙ୍କ ଆଗମନର ଖବର ଜଣାଇଲା ରାଜାଙ୍କୁ । ବହୁ ସମୟ ପରେ ଛାମୁଙ୍କ ଠାରୁ ଅନୁମତି ମିଳିଲା ସଭାଗୃହରେ ସାଧୁଙ୍କ ପ୍ରବେଶ ଲାଗି । ସାଧୁ ଆସିଲେ । ମହାରାଜା ସ୍ୱାଗତ କଲେ । ଆଗମନର କାରଣ ପଚାରିଲେ । ସାଧୁ ଧୀରେ ଧୀରେ ତାଙ୍କୁ ଝୁଲାମୁଣିରୁ ବାହାର କଲେ ତିନୋଟି କଣ୍ଢେଇ ଭଳି ମୂର୍ତ୍ତି । ତିନୋଟି ଯାକ ଏକାଭଳି । ଋଷି କହିଲେ, ରାଜାଙ୍କୁ ଉପହାର ଦେବା ଲାଗି ଆଣିଛି । ରାଜା ପ୍ରଶ୍ନ କଲେ, ମୂର୍ତ୍ତି ଗୁଡ଼ିକର ମୂଲ୍ୟ କେତେ ? ସାଧୁ କହିଲେ ତିନୋଟି ମୂର୍ତ୍ତି ମଧ୍ୟରୁ ଗୋଟିଏ ମୂର୍ତ୍ତିର ମୂଲ୍ୟ ଏକ, ଦ୍ୱିତୀୟଟିର ଦୁଇ ଏବଂ ତୃତୀୟଟିର ମୂଲ୍ୟ ଲକ୍ଷେ ସ୍ୱର୍ଣ୍ଣ ମୁଦ୍ରା ।

ରାଜା ହସିଲେ । କହିଲେ, ତିନୋଟିଯାକ ତ ଦେଖିବାକୁ ଏକାଭଳି । ତିଳେ ବି ଫରକ ନାହିଁ । ମୂଲ୍ୟରେ ଫରକ କାହିଁକି ? ସାଧୁ କହିଲେ, ଦେଖିବାକୁ ସିନା ଏକାଭଳି ରୂପଦୃଷ୍ଟିରୁ, କିନ୍ତୁ ସ୍ୱରୂପ ଓ ଅନ୍ତର୍ନିହିତ ଶକ୍ତି ଦୃଷ୍ଟିରୁ ମୂଲ୍ୟରେ ଆକାଶ ପାତାଳ ଫରକ । ମୂଲ୍ୟ ନିର୍ଦ୍ଧାରଣ ଛାମୁ ନିଜେ କରି ପାରିବେ । ନଚେତ ଏଠାରେ ଉପସ୍ଥିତ ଥିବା ବକ୍ତା ବା ପ୍ରବଚକ କିମ୍ବା ଯେ କୌଣସି ବ୍ୟକ୍ତି ଅତି ସହଜରେ କରି ପାରିବେ । ମୂଲ୍ୟ ନିର୍ଦ୍ଧାରଣର ତୁଳାଦଣ୍ଡ ହେଉଛି ମୁଁ ଧରିଥିବା ଏହି ଖଣ୍ଡିଏ କୁଟାମାତ୍ର । ଏହି କୁଟାଟିକୁ ଏ ମୂର୍ତ୍ତି ଗୁଡ଼ିକର କାନର ରନ୍ଧ୍ରରେ ପୂରାଇଲେ ମୂଲ୍ୟ ନିର୍ଦ୍ଧାରଣ ହୋଇଯାଇ ପାରିବ ।

ରାଜା ଗୁରୁଦେବଙ୍କୁ ଏହି କୁଟା ପୂରାଇବା ଦାୟିତ୍ୱ ଦେଲେ । ଗୁରୁଦେବ ଗୋଟିଏ ମୂର୍ତ୍ତିର କାନରେ କୁଟା ପୁରାଇବା ମାତ୍ରେ କୁଟାଟି ଏ କାନ ଦେଇ ସେ କାନ ବାଟେ ବାହାରି ଆସିଲା । ସାଧୁ କହିଲେ, ଏମାନେ ହେଲେ ଶ୍ରୋତା । ଏଠାରେ ଉପସ୍ଥିତ ଶ୍ରେତାମଣ୍ଡଳୀ ମଧ୍ୟରୁ ଅଧିକାଂଶ ଲୋକ ଏଠି ଯାହା ଶୁଣୁଛନ୍ତି ସେ ସବୁ ଏ କାନରୁ ସେ କାନ ଦେଇ ବାହାରି ଆସୁଛି । ତେଣୁ ଏହି ଶ୍ରୋତାପ୍ରତିମ ମୂର୍ତ୍ତିର ମୂଲ୍ୟ ମାତ୍ର ଏକ ମୁଦ୍ରା । ତା'ଠୁ କମ ମଧ ହୋଇପାରେ । ଗୁରୁଦେବ ଆଉ ଏକ ମୂର୍ତ୍ତିର କାନରେ କୁଟା ପୂରାଇବା ମାତ୍ରେ ତାହା ପାଟି ବାଟେ ବାହାରି ଆସିଲା । ଋଷି କହିଲେ, ଏମାନେ ହେଲେ

ବକ୍ତା ବା ପ୍ରବଚକ । ଯାହା ପଢୁଛନ୍ତି, ମୁଖସ୍ଥ କରୁଛନ୍ତି ବା ଯାହା ଶୁଣୁଛନ୍ତି, ସେହି କଥା ଲୋକଙ୍କ ମନକୁ ପାଇବା ଭଳି ବନେଇ ଚୂନେଇ କହୁଛନ୍ତି । କିନ୍ତୁ ନିଜେ ଆଚରଣ କରନ୍ତି ନାହିଁ । ଏମାନେ ପେଶାଦାର ପ୍ରବଚକ । ତୁଣ୍ଡରେ କହନ୍ତି, ମୁଣ୍ଡକୁ ନିଅନ୍ତି ନାହିଁ । ଶେଷ ମୂର୍ତ୍ତିର କାନରେ କୁଟା ପୂରାଗଲା । ତାହା ଆର କାନବାଟେ ବାହାରିଲା ନାହିଁ କି ତୁଣ୍ଡ ବାଟେ ବାହାରିଲା ନାହିଁ । କୁଟାଟି ମୁଣ୍ଡ ଭିତରକୁ ଗଲା । ସାଧୁ କହିଲେ, ଏ ମୂର୍ତ୍ତିର ମୂଲ୍ୟ ଲକ୍ଷେ ସ୍ୱର୍ଣ୍ଣମୁଦ୍ରା ।

ଏ କଥା ଭାଗବତ ମହାତ୍ମ୍ୟରେ ମଧ କୁହାଯାଇଚି । ସୂତମୁନି ଶୌନକାଦି ଋଷିମାନଙ୍କୁ କହିଲେ, ଭଗବାନ ଶ୍ରୀକୃଷ୍ଣଙ୍କ କଥା ଶୁଣିବାବାଲା ଦୁଇପ୍ରକାରର । ପ୍ରବର (ଉତ୍ତମ) ଓ ଅବର (ଅଧମ) । ପ୍ରବର ଶ୍ରୋତା ମଧ ଚାରିଭାଗରେ ବିଭକ୍ତ– ଯଥା ଚାତକ, ହଂସ, ଶୁକ ଓ ମୀନ । ଅବର ଶ୍ରୋତା ମଧ ଚାରି ପ୍ରକାରର । ବୃକ, ଭୂରୁଣ୍ଡ, ବୃଷ ଓ ଉଷ୍ଟ୍ର (ଓଟ) । 'ଚାତକ' କେବଳ ମେଘବର୍ଷା ବେଳେ ସ୍ୱାତି ନକ୍ଷତ୍ର ଜଳକୁ ଅପେକ୍ଷା କରି ରହିଥାଏ । ଅନ୍ୟ କୌଣସି ଜଳ ସ୍ପର୍ଶ କରେନା । ସେହିଭଳି ଏ ପ୍ରକାର ଶ୍ରୋତା କେବଳ କୃଷ୍ଣକଥା ଶୁଣିବା ଲାଗି ଆଗ୍ରହୀ, ବ୍ୟାକୁଳ । ଏମାନେ ଚାତକ ଶ୍ରୋତା ଭାବରେ ଗଣ୍ୟ । ଦୁଧରେ ପାଣି ମିଶିଥାଏ । କିନ୍ତୁ ହଂସ କେବଳ ଦୁଧହିଁ ଗ୍ରହଣ କରେ, ପାଣି ଅଲଗା କରିଦିଏ । 'ହଂସ' ଶ୍ରେଣୀର ଶ୍ରୋତା ନାନା ଶାସ୍ତ୍ର ପଠନ ଓ ଶ୍ରବଣ କଲେ ମଧ ସେଥିରୁ ସାର ଅଂଶ ଗ୍ରହଣ କରି ନିରସକୁ ତ୍ୟାଗ କରିଥାଏ । ଏ ଧରଣର ସାଧୁସନ୍ଥମାନଙ୍କୁ ପରମହଂସ କୁହାଯାଏ । ତୃତୀୟ ଶ୍ରେଣୀର ଶ୍ରୋତା ଶୁକ ବ ଶୁଆ ଭଳି । ଶୁକ ପାଳକ ଶୁକକୁ ପଢ଼ାଏ "ଚକ୍ରଧର ପକ୍ଷୀ ଜନ୍ମରୁ ପାରିକର ।" ଶୁଆ ଯାହା ଶୁଣେ ମନେ ରଖେ । ମଧୁର କଣ୍ଠରେ ପରିବାରର ଲୋକଙ୍କ ନାଆଁ ଧରି ଡାକେ । ସେ ପାଳକ ଓ ଘରକୁ ଆସୁଥିବା ଅତିଥିମାନଙ୍କୁ ଆନନ୍ଦ ଦିଏ । ସେହିଭଳି ଯେଉଁ ଶ୍ରୋତା ସାଧୁ ସନ୍ଥଙ୍କ ଉପଦେଶ ଶୁଣି, ଅନ୍ୟ ଶ୍ରୋତାମାନଙ୍କୁ ଶୁଣାଏ, ଆନନ୍ଦ ଦିଏ, ସିଏ 'ଶୁକ' ଶ୍ରୋତା । କ୍ଷୀରସାଗରରେ ରହୁଥିବା ମାଛ ମୌନ ରହି ଅପଲକ ନେତ୍ରରେ ଦେଖେ ଏବଂ ସର୍ବଦା ଦୁଗ୍ଧ ପାନ କରିଥାଏ । ସେହିଭଳି କୃଷ୍ଣଙ୍କ କଥା ତଥା ଭାଗବତ କଥା ଶୁଣୁଥିବା ବେଳେ କୌଣସି କୌଣସି ଶ୍ରୋତା ନିର୍ନିମେଷ ନୟନରେ କେବଳ ବକ୍ତାଙ୍କ ମୁଖଭଙ୍ଗୀକୁ ଲକ୍ଷ୍ୟ କରିଥାଏ । ସେ କାହା ସହିତ କଥାବାର୍ତ୍ତା ନ କରି ନିରବରେ କଥାରସ ଆସ୍ୱାଦନ କରିଥାଏ । ଏ ଧରଣର ପ୍ରେମୀ ଶ୍ରୋତାଙ୍କୁ 'ମୀନ' କୁହାଯାଏ ।

ଇଏ ଗଲା ଉତ୍ତମ ବା ପ୍ରବର ଶ୍ରୋତାଙ୍କ ଲକ୍ଷଣ । ଏବେ 'ଅବର' ବା ଅଧମ ଶ୍ରୋତାଙ୍କ ଲକ୍ଷଣ ଶୁଣନ୍ତୁ । 'ବୃକ୍' ବା ଭେରେଣ୍ଡା କିମ୍ବା ଛାଗଳୀ ଶ୍ରେଣୀର ଶ୍ରୋତା ଏହି

'ଅବର' ପର୍ଯ୍ୟାୟଭୁକ୍ତ । ମୃଗ ମାତ୍ରେ ସଂଗୀତ ପ୍ରିୟ । ବଣରେ ମଧୁର ବେଣୁ ବାଦନ ଶୁଣିବାକୁ ମୃଗ କାନଡେରି ରହିଥାଏ । କିନ୍ତୁ ଭେରେଣ୍ଡା ଏ ମିଠା ସ୍ୱରକୁ ଭଲ ପାଏନା । ଏ ସ୍ୱର ଶୁଣିବା ମାତ୍ରେ ସେ କଦର୍ଯ୍ୟ କର୍କଶ ସ୍ୱରରେ ଗର୍ଜନ କରେ ମୃଗକୁ ଡରେଇବା ପାଇଁ । ସେହିଭଳି ଶ୍ରୋତାମଣ୍ଡଳୀ ଭିତରେ ବସିଥିବା କେହି କେହି ଅଯଥା ପାଟିତୁଣ୍ଡ କରି ଅନ୍ୟ ଶ୍ରୋତାମାନଙ୍କୁ ବାଧା ଦେଇଥାଆନ୍ତି, ଶୁଣାଇ ଦେଇ ନଥାଆନ୍ତି । ଏମାନେ 'ବୃକ୍' ବା ଛାଗଳୀ ଶ୍ରେଣୀର ଶ୍ରୋତା । ହିମାଳୟର ଉଚ୍ଚ ଜାଗାମାନଙ୍କରେ ଭୂରୁଣ୍ଡ ଜାତିର ପକ୍ଷୀ ରହିଥାଆନ୍ତି । ଏ ଶ୍ରେଣୀର ଶ୍ରୋତା ଯାହା ସଦୁପଦେଶ ଶୁଣନ୍ତି, ଠିକ ସେହି କଥା ଅନ୍ୟମାନଙ୍କୁ କହି ଥାଆନ୍ତି କିନ୍ତୁ ନିଜେ ଆଚରଣ କରି ନଥାଆନ୍ତି । ଏମାନେ ଭୂରୁଣ୍ଡ ଶ୍ରେଣୀର ଶ୍ରୋତା । ବୃଷ ବା ଷଣ୍ଢ – ମିଠାଖଟା ଯାହା ପାଏ ଖାଇଥାଏ । ସାର ଅସାର, ସୁଆଦ ଅସୁଆଦ କିଛି ଜାଣେନା । ସେହିଭଳି ଅନେକେ ଯାହା ଶୁଣନ୍ତି, ଗ୍ରହଣ କରି ନିଅନ୍ତି, ସାର ଅସାରର ବିଚାର ସେମାନଙ୍କର ନଥାଏ । ଅନ୍ଧ ଭାବରେ ସବୁ କିଛି ଠିକ୍ ବୋଲି ଗ୍ରହଣ କରି ଥାଆନ୍ତି । ଏ ଧରଣର ଶ୍ରୋତା ବୃଷ ଶ୍ରେଣୀର ।

ରସାଳ ଆମ୍ବ ପ୍ରତି ରୁଚି ନଥାଏ । ମିଠା ଆମ୍ବ ଛାଡି ସେ ତିକ୍ତ ନିମ୍ବପତ୍ର ଖାଇଯାଏ । ସେହିଭଳି ଶ୍ରୋତାଙ୍କ ଭିତରୁ ଅଧିକାଂଶ ଭଗବାନଙ୍କ କଥାକୁ ଛାଡ଼ି ସାଂସରିକ କଥା ଶୁଣିବାକୁ ଭଲ ପାଇ ଥାଆନ୍ତି । ଏମାନଙ୍କୁ 'ଓଟ' କୁହାଯାଇଥାଏ । ପ୍ରବର ଓ ଅବର ଶ୍ରୋତାଙ୍କ ମଧ୍ୟରେ ଦୁଇ ପ୍ରକାରର ପ୍ରଭେଦ ରହିଛି । ଠିକ 'ଭ୍ରମର' ଓ 'ଗଧ'ର ପ୍ରଭେଦ । ଶ୍ରୋତାଙ୍କ ଆଚାର, ଆଚରଣରୁ ଏହି ପ୍ରଭେଦ ଜଣାପଡ଼ିଥାଏ ।

ମୁନିବର ସୂତ ମହାରାଜ କହିଲେ, ଯେଉଁ ଶ୍ରୋତା ସାଧୁ ସନ୍ଥସ୍ଥାନୀୟ ବକ୍ତାଙ୍କୁ ବିଧିବଦ୍ଧ ପ୍ରଣାମ କରି ନିରବରେ ବସନ୍ତି, ମନଦେଇ କେବଳ ଭଗବାନଙ୍କ ଲୀଳାକଥା ଶୁଣନ୍ତି, ମନରେ ସଂସାରର ଚିନ୍ତା ନଥାଏ, ଶିଷ୍ୟ ଭାବରେ ଉପଦେଶ ଗ୍ରହଣ କରନ୍ତି, ଯିଏ ନମ୍ର ଓ ବିନୟୀ, ନ ବୁଝି ପାରିଲେ, ବକ୍ତାଙ୍କୁ ହାତଯୋଡ଼ି ଭଲ ଭାବରେ ବୁଝେଇଦେବା ପାଇଁ ନିବେଦନ କରନ୍ତି, ଏମାନଙ୍କୁ ହିଁ ପ୍ରବର ବା ଉତ୍ତମ ଶ୍ରୋତା କୁହାଯାଏ । ସେହିଭଳି ବକ୍ତାଙ୍କ ମଧ୍ୟରେ ମଧ୍ୟ ପ୍ରଭେଦ ରହିଛି । ପ୍ରବଚକ ପ୍ରବଞ୍ଚକ ହେବା ଅନୁଚିତ । ଗୁଡ଼ାଏ କଥା ପ୍ରଗଳଭ ଭାବରେ ଗପି, କାଳ୍ପନିକ ଅସାର କଥା କହି ଶ୍ରୋତାଙ୍କ ଚିତ୍ତ ବିନୋଦନ କରୁଥିବା ବକ୍ତାମାନେ ହିଁ ପ୍ରବଞ୍ଚକ । ଯାହାର ମନ ଭଗବାନଙ୍କଠି ସର୍ବଦା ଲାଗି ରହିଥାଏ, ଭଗବାନ ସେହିଭଳି ଭକ୍ତର ହୃଦୟରେ ରହି ତାଙ୍କରି ତୁଣ୍ଡ ଦେଇ ନିଜ କଥା ଅନ୍ୟ ପ୍ରେମୀ ଭକ୍ତମାନଙ୍କୁ ଶୁଣାଇ ଥାଆନ୍ତି । ଶ୍ରୀମଦ୍ ଭାଗବତର ପାରାୟଣ ଚାରିପ୍ରକାରରେ ବିଭକ୍ତ । ସାତ୍ତ୍ୱିକ, ରାଜସିକ, ତାମସିକ ଓ ନିର୍ଗୁଣ । ଗୁଡ଼ାଏ ପଇସାପତ୍ର

ଖର୍ଚ୍ଚ କରି ଜାକଜମକ କରିବା, ପୁରାଣ ପାଠକ ନିଯୁକ୍ତ କରି ସାତ ଦିନରେ ପାରାୟଣ ଶେଷ କରିବା ରାଜସିକ ମନୋଭାବ । ତାମସିକ ମନୋଭାବ ଓ ସାତ୍ତ୍ୱିକ ମନୋଭାବ ନେଇ ପାରାୟଣ ଶେଷ କରିବା ଏବଂ ରାଜସିକ ମନୋଭାବ ନେଇ ପାରାୟଣ କରିବାରେ ଯଥେଷ୍ଟ ପ୍ରଭେଦ । ରାଜା ପାରୀକ୍ଷିତ ଓ ଶୁକଦେବ ସମ୍ବାଦରେ ଯେଉଁ ଭାଗବତର ରସାସ୍ୱାଦନ କରାଗଲା, ତାହାହିଁ ନିର୍ଗୁଣ । ଏହା ସାତଦିନର ସମ୍ବାଦ । ଏ ସାତଦିନ ପରୀକ୍ଷିତଙ୍କର ବାକିଥିବା ସାତଦିନର ଆୟୁଷକୁ ନେଇ । ସପ୍ତାହକ ଭିତରେ ଯେ ପାରାୟଣ କରାଯିବ – ଏପରି କିଛି ବାଧବାଧକତା ନାହିଁ । ଧୀରେ ଧୀରେ ଶ୍ରଦ୍ଧାର ସହିତ ପାରାୟଣ କରିବା ଲାଗି କୌଣସି ସମୟ ଧାର୍ଯ୍ୟ କରାଯାଇ ନାହିଁ । ଏଇଠି ଶ୍ରୀମଦ୍ ଭାଗବତ ଓ ମହାତ୍ମ୍ୟ ସମାପ୍ତ ।

●

॥ ୧୭୭ ॥

# ମାନବର ଭୋଗ-ରୋଗ

ଗୀତା ଓ ଭାଗବତର ରଚନା ଆଗ କି ଜୟଦେବଙ୍କ 'ଗୀତିଗୋବିନ୍ଦ' ଆଗ ତାହା ଗବେଷଣା ସାପେକ୍ଷ । ସବୁରି ଭାଷା ସଂସ୍କୃତ । ଜଗନ୍ନାଥ ଦାସଙ୍କ ଭାଗବତର ବିଷୟବସ୍ତୁ ଓ କ୍ରମ ସଂସ୍କୃତ ଭାଗବତଠାରୁ ଗୃହୀତ । ଆକ୍ଷରିକ ଅନୁବାଦ ବୋଲି କୁହାଯାଇ ନପାରେ । ଜ୍ଞାନ ବିଜ୍ଞାନ ଯେପରି ଅନନ୍ତ, ସେହିପରି ଯେ କୌଣସି ବିଷୟରେ ଗବେଷଣା ଓ ବିବାଦର ମଧ ସୀମା ନିର୍ଦ୍ଧାରଣ ଅସମ୍ଭବ । ମନୁଷ୍ୟ ନାମକ ସର୍ବଶ୍ରେଷ୍ଠ ଜୀବର ଆବିର୍ଭାବ ମୁହୂର୍ତ୍ତରୁ ବାଦ, ବିବାଦର ଉତ୍ପତ୍ତି । ତେଣୁ 'ଅବତାରବାଦ' ଏକ ବିବାଦୀୟ ବିଷୟ । ଅଷ୍ଟାଦଶ ପୁରାଣର ସାରାଂଶର ସମାବେଶ ହିଁ ଶ୍ରୀମଦ୍ ଭାଗବତ । ତେଣୁ ଏହା ମହାପୁରାଣ । ଏଥିରେ ଦଶାବତାରର ସୂଚନା ମାତ୍ର ଦିଆଯାଇଛି । ଅବଶ୍ୟ ଗୀତାରେ ଭଗବାନ କହିଛନ୍ତି ଯେ, ଧର୍ମର ଗ୍ଳାନି ହେଲେ ଏହାର ଉଦ୍ଧାର ଲାଗି ସେ ଧରାଧାମକୁ ଆସନ୍ତି । ଏହି ସୂଚନାକୁ ଭିତ୍ତି କରି, ଗୋସ୍ୱାମୀ ଜୟଦେବ ମହାରାଜ ଦଶାବତାରର ସାମାନ୍ୟ ବିସ୍ତାର କରି ଏହି 'ବାଦ'କୁ ଜନପ୍ରିୟ କରିପାରିଛନ୍ତି । ଏହି ବିସ୍ତାରକୁ ଅଧିକ ବିସ୍ତାରିତ, ପ୍ରସାରିତ କରିବା ଲାଗି କେହି କେହି ଉଦ୍ୟମ କରିଛନ୍ତି । ହିନ୍ଦୁ ସଂସ୍କୃତିରେ ଅବତାରବାଦ ସୁପ୍ରତିଷ୍ଠିତ । କିନ୍ତୁ ଏହି ସଂସ୍କୃତିର ସଂସ୍କାର ଲାଗି ଭଗବାନ ବୁଦ୍ଧଦେବଙ୍କ ଠାରୁ ଆରମ୍ଭ କରି ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ଚୈତନ୍ୟ, ରାମକୃଷ୍ଣ ପରମହଂସ, ସ୍ୱାମୀ ଦୟାନନ୍ଦ, ରାଜା ରାମମୋହନ ରାୟ ପ୍ରମୁଖ ବହୁ ସିଦ୍ଧ ସନ୍ଥ ଏବଂ ଅନ୍ୟ ଧର୍ମ

ସଂପ୍ରଦାୟର ବହୁ ମହାପୁରୁଷ ପ୍ରୟାସ କରିଛନ୍ତି । 'ଅବତାର' – ଶବ୍ଦଟି ବିବାଦୀୟ ହେଲେ ମଧ୍ୟ ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷ ଭାବରେ ହେଉ ସବୁ ଧର୍ମ ସଂପ୍ରଦାୟ ଦ୍ୱାରା ସ୍ୱୀକୃତ । ''ଭଗବାନ'' ଶବ୍ଦର ବହୁ ପ୍ରତିଶବ୍ଦ । କିଏ କେଉଁ ନାମରେ ଏହି ନାମର ଉଚ୍ଚାରଣ କରିଥାଆନ୍ତି । ନାନାପଥ, ନାନାମତ । ମହଜନୋ ଯେନ ଗତସ୍ୟ ପନ୍ଥା । ସବୁ ହେଉଛି ବିଶ୍ୱାସର ନିଃଶ୍ୱାସ, ପ୍ରଶ୍ୱାସ । ମଣିଷର ମୁକ୍ତି ସମ୍ଭବ ହୋଇପାରେ । କିନ୍ତୁ ମଣିଷ ମନରୁ ନିର୍ଗତ ଯୁକ୍ତିର ମୁକ୍ତି ନାହିଁ ।

ଭାଗବତରେ ହେଉ ବା ଜୟଦେବଙ୍କ ଗୀତଗୋବିନ୍ଦରେ ହେଉ ଯେଉଁ ଦଶଟି ଅବତାର କଥା ଉଲ୍ଲେଖ ରହିଛି, ସେଥି ମଧ୍ୟରୁ କେତେକ ପୌରାଣିକ ଏବଂ ଆଉ କେତେକ ଐତିହାସିକ ଯଥା ପର୍ଶୁରାମ, ରାମ, ହଳଧର ଓ ବୁଦ୍ଧ ଚରିତ । ମନୁଷ୍ୟ ମନର କଳୁଷ ହିଁ କଲ୍‌କୀ । ଅଧିକାଂଶ ପୁରାଣରେ ଏହି କଲ୍‌କୀ ଅବତାରର କରାଳ, ବିକଟାଳ ରୂପର ବର୍ଣ୍ଣନା କରାଯାଇଛି । କଳିଯୁଗର ଶେଷ ଭାଗରେ ମନୁଷ୍ୟ ଭଗବାନଙ୍କୁ ଭୁଲିଯିବ । ପାପ ଫଳରେ ତା'ର ଆକାର ଓ ଆୟୁ ହ୍ରାସ ପାଇବ । ଏହାହିଁ କଳ୍କି କରବାଳର କରାମତି ।

ପୁରାଣକୁ ଯଦି କାହାଣୀ ବା କଳ୍ପନାର ଜାଲ ବୋଲି ଧରାଯାଏ, ତାହା ହେଲେ ଏହି ଧାରଣାର ଧାର ଯେତେଦୂର ଲମ୍ବିଚି, ତାକୁ ଧରିବା ପାଇଁ ଏହି ଲେଖକ ବା ସଂକଳନର ସଂପାଦକ କିଂଚିତ ଧୃଷ୍ଟତା ପ୍ରକାଶ କରିଚି ମାତ୍ର । ଏଥିଲାଗି ଏଠାରେ ଶ୍ରୀଶ୍ରୀ ଜୟଦେବ ଓ ଶ୍ରୀହଟ୍ଟ ରାମକୃଷ୍ଣ ଆଶ୍ରମର ସ୍ୱାମୀ ପ୍ରମେଶାନନ୍ଦଜୀଙ୍କ ସଂକଳିତ 'ଦଶାବତାର ଚରିତ' ପୁସ୍ତକକୁ ଅବଲମ୍ବନ ଭାବରେ ମୁଁ ଗ୍ରହଣ କରିଛି ।

ମାନବ ହିଁ ଜଗତର ସର୍ବଶ୍ରେଷ୍ଠ ଜୀବ । ମନୁଙ୍କ ସନ୍ତାନ ଇଏ । ତେଣୁ ନାଆଁ ମାନବ । ସୃଷ୍ଟିକର୍ତ୍ତା ବ୍ରହ୍ମା ପ୍ରଥମେ ସୃଷ୍ଟି କଲେ ଜଗତକୁ । ସର୍ବଶେଷରେ ଭାବିଲେ ଜଗତ ସିନା ସୃଷ୍ଟି କଲି, ଏଠି ରହିବ କିଏ ? ଭାବି ଭାବି ସୃଷ୍ଟି କଲେ ଆଦିପୁରୁଷ ମନୁଙ୍କୁ । ଆମେ ସମସ୍ତେ ଏହି ମନୁଙ୍କ ସନ୍ତାନ । ଆମକୁ ଜନ୍ମ ଦେବାପାଇଁ ମନୁଙ୍କୁ କଠୋର ତପସ୍ୟା କରିବାକୁ ପଡିଥିଲା । ସେହି ତପସ୍ୟା ଫଳରେ ବହୁ ସନ୍ତାନ ଜାତ ହେଲେ । ସମସ୍ତେ ତେଜସ୍ୱୀ । ଏହି ସନ୍ତାନମାନେ ମଧ୍ୟ କଠୋର ତପସ୍ୟା କଲେ । ନାନା ବିଦ୍ୟା ଆବିଷ୍କାର କଲେ । ମହାଶକ୍ତିବାନ ହେଲେ । ଜୀବଜଗତ ଉପରେ ପ୍ରଭୁତ୍ୱ ବିସ୍ତାର କଲେ । ପ୍ରକୃତି ସେମାନଙ୍କୁ ସକଳ ସୁବିଧା ସୁଯୋଗ ଯୋଗାଇ ଦେଲା । ସନ୍ତାନମାନଙ୍କ କୃତିତ୍ୱ ଦେଖି ମନୁ ଖୁସି ହେଲେ । ହଠାତ୍ ମନରେ ଏକ ପ୍ରଶ୍ନ ତାଙ୍କୁ ବଡ଼ ହଇରାଣ କଲା । ଏ ପ୍ରଶ୍ନ ପିଲାଙ୍କ ଭୂତ, ଭବିଷ୍ୟତ ଓ ବର୍ତ୍ତମାନକୁ ନେଇ । ପୁଣି କଠୋର ତପସ୍ୟା କଲେ ସେ ।

ତପସ୍ୟା ବଳରେ ମନୁ ପାଇଲେ ଦିବ୍ୟଦୃଷ୍ଟି । ଦିବ୍ୟଦୃଷ୍ଟି ବଳରେ ସେ ଜାଣି ପାରିଲେ ଅଳ୍ପଦିନ ପରେ ଜଳପ୍ରଳୟ ହେବ । ସମଗ୍ର ଜୀବଜଗତ ନିଶ୍ଚିହ୍ନ ହୋଇ ପଡିବ ।

ତାଙ୍କ ଖୁସିର ଦିନ ସରି ଆସିଛି । ଏତେ ତପସ୍ୟାର ଫଳ ନିଷ୍ଫଳ ହୋଇ ଯିବ । ତାଙ୍କ ମନରେ ଚିନ୍ତା ଘାରିଲା । ଏ ଚିନ୍ତା ଅସହ୍ୟ । ଚିନ୍ତାର ମନ୍ଥନରୁ ବାହାରିଲା ଏକ ଉପାୟ । ମନୁ ଭାବିଲେ, ତପସ୍ୟାରୁ ହିଁ ଜଗତ ସୃଷ୍ଟି । ସେହି ତପସ୍ୟା ହିଁ ଏକମାତ୍ର ଭରସା । ମନୁ ବସିଲେ ତପସ୍ୟାରେ । ଧ୍ୟାନ କଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ । ସ୍ଥାନ ଏକ ପର୍ବତ ଗୁମ୍ଫା । ଆସନ ଏକ ପଥର । ସମାଧିସ୍ଥ ମନୁ । ବାହ୍ୟଜ୍ଞାନ ଶୂନ୍ୟ । ନିଜ ଅସ୍ତିତ୍ୱକୁ ମଧ୍ୟ ଭୁଲି ଗଲେ । ମନ ତାଙ୍କର ବ୍ରହ୍ମମୟ । ବ୍ରହ୍ମା ପ୍ରସନ୍ନ ହେଲେ । ଉପସ୍ଥିତ ହେଲେ ମନୁଙ୍କ ନିକଟରେ । ବ୍ରହ୍ମା ଧ୍ୟାନସ୍ଥ ମନୁଙ୍କୁ କହିଲେ –

"ବତ୍ସ ମନୁ ! ତୋର ସନ୍ତାନ ସନ୍ତତିରେ ଜଗତ ପରିପୂର୍ଣ୍ଣ । ସମସ୍ତ ପ୍ରକାରର ଭୋଗ୍ୟ ପଦାର୍ଥ ସେମାନଙ୍କ ପାଖରେ । ସମସ୍ତେ ଆନନ୍ଦିତ । କ'ଣ ଅଭାବ ରହିଚି ଯେ ପାଇବା ପାଇଁ ତୋର ଏ କଠୋର ତପସ୍ୟା, ଶରୀରପାତ !"

ମନୁ ବ୍ରହ୍ମାଙ୍କୁ ନିଜର ମନର ଭାବ ଜଣାଇଲେ । କହିଲେ, ପ୍ରଳୟ ଆସନ୍ନ । ମୋ ପିଲେ ଭାସିଯିବେ । ଜଣେ ବି ରହିବେ ନାହିଁ । ବ୍ରହ୍ମା ହସି ହସି କହିଲେ, ମନୁବାପ ! ତୁ ନିଶ୍ଚିନ୍ତ ରହ । ମୁଁ ତ ମୋ ଇଚ୍ଛାରେ ଜଗତ ସୃଷ୍ଟି କରିନାହିଁ । ଯାହା ଇଚ୍ଛାରେ କରିଚି, ଯାହା ଇଚ୍ଛାରେ ତତେ ମୁଁ ମନୁଷ୍ୟମାନଙ୍କ ଆଦି ପୁରୁଷ କରାଇଲି, ସେ ଅତି ପ୍ରେମମୟ । ତାଙ୍କ ନାଆଁ ନାରାୟଣ । ନରଙ୍କ ଅୟନ ସେ । ଜୀବ ରକ୍ଷାର ଦାୟିତ୍ୱ ତାଙ୍କର । ସେ ନିଶ୍ଚୟ ତୋ ପିଲାଙ୍କୁ ରକ୍ଷା କରିବେ । କହୁ କହୁ ବ୍ରହ୍ମା ମନୁଙ୍କ ମନଶ୍ଚକ୍ଷୁ ଆଗରେ ଭବିଷ୍ୟତରେ କ'ଣ ସବୁ ଘଟିବ, ସବୁ କଥା ଖୋଲି ଦେଲେ । ମନୁ ବ୍ରହ୍ମାଙ୍କୁ ପ୍ରଣିପାତ କଲେ । ତା'ପରେ ବ୍ରହ୍ମା ଅନ୍ତର୍ଦ୍ଧାନ ହୋଇଗଲେ ।

ପ୍ରଳୟ କେବେ ଆସିବ, କିଛି ଠିକ୍ ଠିକଣା ନାହିଁ । ପରିବର୍ତ୍ତନ ଭିତରେ ଜଗତ ଚାଲିଲା । ଧନ ଜନ ଗୋପଲକ୍ଷ୍ମୀରେ ପୃଥିବୀ ପରିପୂର୍ଣ୍ଣ । ରୂପ, ଯୌବନ ସ୍ୱାସ୍ଥ୍ୟ ସାଙ୍ଗକୁ ଜରାବ୍ୟାଧି, ଜନ୍ମ, ମୃତ୍ୟୁ ମଧ୍ୟ ଚାଲିଲା । ଯୁଗ ପୁଗ କିଛି ନାହିଁ । ଜଗତ ଜାଗ୍ରତ । କିନ୍ତୁ ସମସ୍ତେ ସୁପ୍ତ ଥିବା ଭଳି ମନେହେଲା । ତୁଚ୍ଛା କଥାରେ କଳିତକରାଳ । ମାରପିଟ୍, ଗାଳିଗୁଲଜ, ରକ୍ତପାତ । ସ୍ନେହ, ପ୍ରେମ, ମମତା ମଧ୍ୟ କମ ନୁହେଁ । ସବୁ କିଛି ବିପରୀତ । ପର ପାଇଁ ଆତ୍ମତ୍ୟାଗ ଲାଗି ମଧ୍ୟ ପ୍ରସ୍ତୁତ । ସୁଖ, ଦୁଃଖ, ଭଲ ମନ୍ଦ ଆଦି ମନୁଷ୍ୟ ଜୀବନରେ ବହୁ ବିଚିତ୍ର ଭାବ । କାଳସ୍ରୋତରେ ମନୁଷ୍ୟର ପ୍ରକୃତି ଯିମିତି ଭାସି ଭାସି ଚାଲିଚି ।

ସମସ୍ତେ ଭୋଗରୋଗରେ ପୀଡ଼ିତ । ଅଳ୍ପ ଧନରେ ବଡ଼ମନ । ସୁଖରେ, ବିଳାସ ବ୍ୟସନରେ ମସ୍‌ଗୁଲ । ଦେହର ଆରାମ ପାଇଁ ବ୍ୟସ୍ତ । ମନର ଶାନ୍ତି ପାଇଁ କାହାରି

ଉଦ୍ୟମ ନାହିଁ । ଚାରିଆଡ଼େ ଅତ୍ୟାଚାର, ଲୁଣ୍ଠନ । ହୃଦୟ ନିଷ୍ଠୁର, ମିଥ୍ୟା, ପ୍ରବଞ୍ଚନା, ଛଳନା । ମଣିଷ ହୃଦୟରେ ପଶୁତ୍ୱର ରାଜୁତି । ସାଧୁ ସନ୍ଥମାନଙ୍କ ପ୍ରତି ଲାଞ୍ଛନା ବଢ଼ି ବଢ଼ି ଚାଲିଛି । ସାଧୁତା ବୋଲି କିଛି ରହିଲା ନାହିଁ । ଦୁର୍ବଳଙ୍କ କାତର କ୍ରନ୍ଦନ ରୋଳରେ ପୃଥିବୀର ଆଖିରେ ଲୁହ । ଶ୍ରୀହରିଙ୍କ ଆସନ ଟଳମଳ ହେଲା । ଭାବିଲେ ଭଲ ଜଗତ ସୃଷ୍ଟି କରିବାକୁ ବ୍ରହ୍ମାଙ୍କୁ କହିଲି । ଶେଷକୁ ଏୟା ହେଲା ! ଠିକ୍ ଅଛି, ଏହାର ପ୍ରତିକାର କରିବାକୁ ପଡ଼ିବ । ଜଗତ ଉଦ୍ଧାର ଲାଗି କ'ଣ କରାଯିବ, ମନେ ମନେ ସେ ଯୋଜନା କରିବାକୁ ଲାଗିଲେ ।

●

॥ ୧୭୮ ॥

## କମଣ୍ଡଳୁରେ କେରାଣ୍ଡି !

**ସ**ବୁ ଯୁଗରେ, ସବୁ କାଳରେ ଜନସଂଖ୍ୟା ବଢ଼ିବା ମାତ୍ରେ ନାନା ବିଭ୍ରାଟ ଦେଖାଦିଏ । ଜଞ୍ଜାଳ ବଢ଼େ । କଷଣ ପେଷଣ ମଧ ବଢ଼େ । ମନୁ ଜନସଂଖ୍ୟା ବଢ଼ାଇବାରେ ପୃଥିବୀରେ ନାନା ବ୍ରିଭାଟ ଦେଖାଦେଲା । ସୁଷମାମୟୀ ପ୍ରକୃତିର ମୁହଁରୁ ହସ ହଟିଗଲା । ହସ ବଦଳରେ ସୃଷ୍ଟି ହେଲା କ୍ରୋଧ । ଯେଉଁ ଋତୁରେ ଯାହା ହେବା କଥା, ତା'ର ଓଲଟା ସବୁ ଘଟିଲା । ଶରତ ଆକାଶ ମେଘାଚ୍ଛନ୍ନ । ବଜ୍ରର ନିନାଦ । ବସନ୍ତ ମଧ ଅଶାନ୍ତ । ଋତୁର ଘୋର ବିପର୍ଯ୍ୟୟ ! ଦୁର୍ଭିକ୍ଷ, ଅନାଟନ । ଜୀବ ଜଗତ ନିରୂପାୟ ! ଆତ୍ମରକ୍ଷାର କୌଣସି ପନ୍ଥା ନାହିଁ ।

ଏହି ସମୟରେ ପୃଥିବୀରେ ଦ୍ରାବିଡ଼ ନାମକ ଏକ ରାଜ୍ୟ ଥିଲା । ସେ ରାଜ୍ୟର ରାଜା ଥିଲେ ସତ୍ୟବ୍ରତ । ଧର୍ମପରାୟଣ । ପ୍ରଜାବତ୍ସଳ । ପ୍ରଜାମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ଥିଲା ତାଙ୍କର ଏକମାତ୍ର ଚିନ୍ତା । ତାଙ୍କର ଦିନ କଟୁଥିଲା କେବଳ ଯାଗ-ଯଜ୍ଞ, ଜପ ତପରେ । ଲୋକଙ୍କ ଦୁର୍ଦ୍ଦଶାରେ ବ୍ୟଥିତ ହୋଇ ସେ ସର୍ବଦା ଭଗବାନଙ୍କୁ ପ୍ରାର୍ଥନା କରୁଥିଲେ । କହୁଥିଲେ, ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟା ।

ଦିନେ ସତ୍ୟବ୍ରତ ପୁଷ୍କରିଣୀରେ ସ୍ନାନ କରି ପିତୃତର୍ପଣ କରୁଥିଲେ । ହଠାତ୍ ଏକ ଛୋଟ କେରାଣ୍ଡି ମାଛ ଡେଇଁ ଡେଇଁ ତାଙ୍କ ଆଞ୍ଜୁଳା ଭିତରେ ଆସି ପଡ଼ିଲା । ରାଜା ମାଛଟିକୁ ଫିଙ୍ଗିଦେବା ଲାଗି ଉଦ୍ୟମ କରିବା ମାତ୍ରେ ଠିକ୍ ମଣିଷ ଭଳି ମାଛ କହିଲା, 'ରକ୍ଷା କର, ରକ୍ଷାକର' । ମାଛ ମୁହଁରେ ଆର୍ତ୍ତନାଦ ! ସତ୍ୟବ୍ରତ ଚମକି ପଡ଼ିଲେ ।

ମାଛଟିକୁ ପାଣି ଭିତରକୁ ନ ଫୋପାଡ଼ି ହାତରେ ରଖିଲେ । ମାଛ ପୁଣି କହିଲା, ବଡ଼ ବଡ଼ ମାଛ ମତେ ଖାଇଯିବେ । ମତେ ରକ୍ଷା କର ।

ରାଜା ଅବାକ୍ । ମାଛଟିକୁ ନିଜ କମଣ୍ଡଳୁରେ ରଖି ତର୍ପଣ ଶେଷ କଲେ । ମାଛ ସହିତ କମଣ୍ଡଳୁକୁ ଧରି ଉଆସକୁ ଆସିଲେ । କମଣ୍ଡଳୁକୁ ଯଥାସ୍ଥାନରେ ରଖିଲେ । ଭାବିଲେ, ଭଗବାନଙ୍କ ଇଚ୍ଛାରେ ସବୁ କିଛି ସମ୍ଭବ । ନଚେତ ମାଛଟି ମଣିଷ ଭଳି କଥା କହନ୍ତାନି । ଭଗବାନଙ୍କର ଇଏ ଏକ ଲୀଳାରହସ୍ୟ ହୋଇଥାଇପାରେ ।

> ପ୍ରଳୟପୟୋଧି ଜଳେ ଧୃତବାନସିବେଦଂ
> ବିହିତ ବହିତ୍ର ଚରିତ୍ର ମଖେଦମ୍ ।
> କେଶବଧୃତ ମୀନ ଶରୀର ଜୟ ଜଗଦୀଶ ହରେ ।। ୧ ।।
> — ଗୀତ ଗୋବିନ୍ଦ

ଦିନ ଗଲା, ରାତି ପାହିଲା । ରାଜା ଗଲେ, କମଣ୍ଡଳୁରେ ମୀନ ଅଛି କି ନାହିଁ ଦେଖିବା ପାଇଁ । ଦେଖିଲେ ମୀନର ଶରୀର ପୂରା କମଣ୍ଡଳୁକୁ ଦଖଲ କରି ଯାଇଚି । ମୀନ କହିଲା, ଦେଖ ରାଜା ! ଦିନକ ଭିତରେ ମୁଁ କେଡ଼େ ବଡ଼ ହୋଇ ଗଲିଣି ! ମତେ ବଡ଼ ଜାଗା ଦିଅ ରହିବା ପାଇଁ । ରାଜା ମାଛଟିକୁ ଏକ ପାଣିକୁଣ୍ଡ ଭିତରେ ରଖିଲେ । ପୁଣି ପରଦିନ ଦେଖିଲେ ମାଛଟା ଏଡ଼େବଡ଼ ହୋଇ ଯାଇଚି ଯେ କୁଣ୍ଡ ତାକୁ ପାଉନି । ନଡ଼ଚଡ଼ ହେବାକୁ ଜାଗା ନାହିଁ । ଦିନକୁ ଦିନ ତ ଏହାର କଳେବର ବଢ଼ିବାରେ ଲାଗିଚି ! ଭଗବାନଙ୍କର ଇଏ ଏକ ଅଦ୍ଭୁତ ଲୀଳା ! ମାଛଟି ଗମ୍ଭୀର ସ୍ୱରରେ କହିଲା, ମତେ ନେଇ କୌଣସି ଏକ ପୋଖରୀରେ ରଖ । ରାଜା ତା' କଲେ । ଭାବିଲେ ଏଡ଼େବଡ଼ ପୋଖରୀ, ମାଛଟା ଏଣିକି ଆରାମରେ ରହି ପାରିବ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଦେଖାଗଲା, ଏଡ଼େ ବଡ଼ ସରୋବର ମଧ୍ୟ ମାଛଟାକୁ ନିଅଣ୍ଟ ! ମାଛଟା ଯେତେ ମୋଟା ହେଉଚି, ତା' ଗଳାର ସ୍ୱର ମଧ୍ୟ ସେତିକି ମୋଟା ହେବାରେ ଲାଗିଛି । କହିଲା ତୁମ ପୋଖରୀ ମଧ୍ୟ ମୋ ଦିହକୁ ପାଉନି । ନିଃଶ୍ୱାସ ରୁନ୍ଧି ହୋଇଯାଉଚି ।

ରାଜା ସେନାପତିଙ୍କୁ ଆଦେଶ ଦେଲେ, ମାଛକୁ ନେଇ ନଦୀରେ ଛାଡ଼ିଦିଅ । ଏହାର ଦିହ ଯେତେ ଲମ୍ବୁଚି, ଲମ୍ବୁ । କିନ୍ତୁ ମାଛଟି ତ ଛୋଟ ନୁହେଁ, ବିରାଟ । ପୋଖରୀ ସାରା ପୂରି ରହିଛି । ସେନାପତି ରଥଟଣା ଦଉଡ଼ି ଭଳି ମୋଟା ମୋଟା ଦଉଡ଼ି ଆଣିଲେ । ମାଛର ଦିହ ସାରା ଗୁଡ଼େଇ ବାନ୍ଧିଲେ । ହଜାର ହଜାର ଲୋକ ଓ ସୈନ୍ୟ ସହିତ ଗୁଡ଼ିଏ

ହାତୀଙ୍କୁ ଲଗେଇଲେ ମାଛକୁ ଟାଣିବା ପାଇଁ । ମାଛକୁ ଆଣି ଗୁଡ଼ିଏ ଖଞ୍ଜା ହୋଇଥିବା ଶଗଡ଼ ଉପରେ ରଖାଗଲା । ସେତକ କାମ କରୁ କରୁ ସମସ୍ତେ ଝାଳନାଳ । ଯାହା ହେଉ ମାଛକୁ ନେଇ ଛଡ଼ାଗଲା ନଦୀରେ । ଇଆଡ଼େ ରାଜା ସତ୍ୟବ୍ରତ ଚିନ୍ତା ସାଗରରେ ଉବୁଟୁବୁ ହେବାକୁ ଲାଗିଲେ । ଭାବିଲେ, ଯେଉଁ ମୀନକୁ ସେ କମଣ୍ଡଳୁ ଭିତରେ ଆଣିଥିଲେ, ସେଇଟା ପୁଣି ଏତେ କମ୍ ଦିନରେ ଏତେ ବଡ଼ ହୋଇପାରେ ! କଥାରେ କୁହାଯାଏ ''ଗଣ୍ଡୁଷ ଜଳ ମାତ୍ରେଣ ସଫରୀ ଫରଫରାୟତେ !'' ମାତ୍ର ପୋଷେ ଜଳରେ ଯେଉଁ ମୀନମାଛ ଫଡ଼ଫଡ଼ ହୋଇଥାଏ, ସେ ପୁଣି ବିରାଟ ସରୋବରରେ ରହି ମଧ ନଡ଼ଚଡ଼ ହେବା ପାଇଁ ଅକ୍ଷମ ! ନିଶ୍ଚଳ !

ରାଜା ମୀନକୁ ନେଇ ନଦୀରେ ପକାଇ ଦେଲେ ସତ, ଇଆଡ଼େ ରାଜ୍ୟର ଚାରିଆଡ଼େ ହାହାକାର । ଏହି ମୀନ ସଂପର୍କରେ ଲୋକମୁଖରେ ନାନା ପ୍ରଚାର ଚାଲିଲା । ମୀନର କଳେବରଠୁ ପ୍ରଚାରର କଳେବର ବହୁତ ବଡ଼ । ନାନା ଗୁଜବ ମଧ ସୃଷ୍ଟି ହେଲା । ରଞ୍ଜିତ, ଅତିରଞ୍ଜିତ । ପୃଥିବୀରେ ସେତେବେଳେ ରୋଗ, ଶୋକ, ଦୁର୍ଭିକ୍ଷ, ଭୂମିକମ୍ପ, ଉଲ୍କାପାତ, ବଜ୍ରପାତ ଆଦି ଭୀଷଣ ଅବସ୍ଥା । ମୀନର ଗମନ ଫଳରେ ଏସବୁ ନଦୀର ଅବସ୍ଥା ଅଧିକ ଭୟଙ୍କର ହୋଇ ଉଠିଲା । ଦୁର୍ଭିକ୍ଷ ଫଳରେ ପୃଥିବୀର ଜନସଂଖ୍ୟା ବହୁତ ହ୍ରାସ ପାଇଥିଲା । ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଅଳ୍ପ କେତେକ ଲୋକ ବଞ୍ଚି ରହିଥିଲେ । ପ୍ରଜାଙ୍କ ଦୁର୍ଦ୍ଦଶା ଦେଖି ରାଜା ସତ୍ୟବ୍ରତ ମଧ ମ୍ରିୟମାଣ ହୋଇ ପଡ଼ିଲେ । ସେ କେବଳ ଭଗବାନଙ୍କୁ ପ୍ରାର୍ଥନା କଲେ, ହେ ପ୍ରଭୁ, ପୃଥିବୀକୁ ରକ୍ଷା କର ।

ନଦୀ ଭିତରେ ମୀନର ମୌନ ଅବସ୍ଥା । ସେ ଏପରି ବଢ଼ିବାରେ ଲାଗିଲା ଯେ ନଦୀର ସ୍ରୋତ ବନ୍ଦ ହୋଇଗଲା । ତା' ଦେହଟା ନଦୀ ବନ୍ଧ ଭଳି ହୋଇ ପଡ଼ିଲା । ଜଳ ଉଚ୍ଛୁଳି ଗ୍ରାମ ସହର ଚାରିଆଡ଼େ ମାଡ଼ିଗଲା । ଚତୁର୍ଦ୍ଦିଗ ଜଳାର୍ଣ୍ଣବ । ଦ୍ରାବିଡ଼ ରାଜ୍ୟରେ ହାହାକାର । ଯେତେ ଲୋକ ବଞ୍ଚିଥିଲେ, ସେମାନଙ୍କୁ ଲଗେଇ ରାଜା ମୀନଟିକୁ ସମୁଦ୍ରରେ ନେଇ ଛାଡ଼ିଦେଲେ । କିନ୍ତୁ ସାଗର ମଧ ତା' ଦିହ ପାଇଁ ନିଅଣ୍ଟ ହେଲା । ଶରୀର ବଢ଼ି ବଢ଼ି ସାତ ସମୁଦ୍ରକୁ ବ୍ୟାପିଗଲା । ତା' ଦେହଟା ଯିମିତି ଏକ ବ୍ରହ୍ମାଣ୍ଡ !

ରାଜାଙ୍କର ଦୃଢ଼ ବିଶ୍ୱାସ ହେଲା ଯେ ଏହି ମୀନ ହିଁ ଭଗବାନ । ଭଗବାନଙ୍କ ବ୍ୟତୀତ ଏ ଲୀଳା ଆଉ କିଏ କରିପାରେ ? ସେ ଭଗବାନଙ୍କୁ ସ୍ତୁତି କଲେ । କହିଲେ, ସାରା ସଂସାର ପାପର ସାଗର ପାଲଟି ଗଲାଣି । ମଣିଷ ତୁମକୁ ଭୁଲି ଅହଂକାରରେ ମତ୍ତ । ବର୍ଷ ବର୍ଷ ଧରି ବହୁ ଦଣ୍ଡ ପାଇଲେଣି । ଯେଉଁମାନେ ଧରାକୁ ସରା ମନେ କରୁଥିଲେ, ହେ ପ୍ରଭୁ ! ସେମାନେ ଏବେ ମାଛ ଭୟରେ ଭୀତତ୍ରସ୍ତ । ମଣିଷର ଗର୍ବ

ଖର୍ବ କରିବା ପାଇଁ ତୁମେ ତୁଚ୍ଛ ମାଛର ରୂପ ନେବ ବୋଲି କେହି କଳ୍ପନା ସୁଦ୍ଧା କରି ନପାରେ । ମଣିଷ ରହିଲେ ସିନା ଦର୍ପ ରହିବ ! ମଣିଷ ତ କ୍ରମଶଃ ନିଶ୍ଚିହ୍ନ । ହେ ଭଗବାନ ! ପ୍ରସନ୍ନ ହୁଅ ।

ସତ୍ୟବ୍ରତଙ୍କ ସ୍ତୁତିରେ ଭଗବାନ ପ୍ରସନ୍ନ ହେଲେ । ହଠାତ୍ ଚୌଦିଗ ଆଲୋକମୟ ହୋଇ ପଡ଼ିଲା । ମାଛର ପୂର୍ବାର୍ଦ୍ଧ ନାରାୟଣ ରୂପ ଧରିଲା । ଚକ୍ଷୁ ଯୁଗଳ ପଦ୍ମପାଖୁଡ଼ା ଭଳି । ଅଧରରେ ସ୍ମିତ ହାସ୍ୟ । ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ । ଏ ଅପରୂପ ରୂପ ଦର୍ଶନରେ ରାଜା ସତ୍ୟବ୍ରତ ଆଚମ୍ବିତ ହୋଇ ପଡ଼ିଲେ । ଶରୀର ରୋମାଞ୍ଚିତ । ଦେହରୁ ଝାଳ ଓ ଆଖିରୁ ଲୁହ ଝରିଲା । ପିଲାଙ୍କ ଭଳି ସେ କାନ୍ଦିବାରେ ଲାଗିଲେ । ବାକ୍‌ରୁଦ୍ଧ । ହୃଦୟରେ ଆନନ୍ଦର ତରଙ୍ଗ । ନାରାୟଣ ରାଜାଙ୍କ ମୁଣ୍ଡରେ ହାତ ରଖି କହିଲେ, ବାପ ସତ୍ୟବ୍ରତ ! ତୁ ତୋର ପୂର୍ବ ଜନ୍ମର ଘଟଣା ସ୍ମରଣ କର । ତୁ ମାନବର ଆଦିପୁରୁଷ ମନୁ !

●

॥ ୧୭୯ ॥

# ମା ଭୈଃ, ମା ଭୈଃ !

**ଶ୍ରୀ**ମନ୍ ନାରାୟଣ ରାଜା ସତ୍ୟବ୍ରତଙ୍କୁ କହିଲେ, ମାତ୍ର ସାତଦିନ ପରେ ପ୍ରଳୟ କାଳ ଆସିଯିବ ।

ଚମକି ପଡ଼ିଲେ ସତ୍ୟବ୍ରତ । ଭଗବାନ ଆଶ୍ୱାସନା ବାଣୀ ଶୁଣାଇ କହିଲେ, ତୁ ନିଜେ ମନୁ । ତୁ ପ୍ରଳୟ ପ୍ଲାବନ କାଳରେ ମାନବ ସମାଜର ସୁରକ୍ଷା ଲାଗି କଠୋର ତପସ୍ୟା କରିଥିଲୁ । ତୁ ବ୍ରହ୍ମାଙ୍କ ବରରେ ବଳିୟାନ । ତୋ ଦ୍ୱାରା ହିଁ ଆସନ୍ନ ପ୍ରଳୟରୁ ଜୀବଜଗତ ରକ୍ଷା ପାଇବ ।

ଉପାୟ ? ପ୍ରଶ୍ନ କଲେ ସତ୍ୟବ୍ରତ ।

ଶ୍ରୀହରି କହିଲେ, ତୁ ମାନବ ଓ ଅନ୍ୟ ସବୁ ଜୀବର ଗୋଟିଏ ଗୋଟିଏ ଦମ୍ପତି ଓ ଉଦ୍ଭିଦଗୁଡ଼ିକର ବୀଜ ବା ମଞ୍ଜି ତୁରନ୍ତ ସଂଗ୍ରହ କରି ରଖ । ସାତଦିନ ପରେ ଦେବତାମାନଙ୍କ ଦ୍ୱାରା ପ୍ରସ୍ତୁତ ଗୋଟିଏ ସୁବର୍ଣ୍ଣ ନୌକା ତୋ ରାଜ୍ୟର ନଦୀ ଘାଟରେ ପହଞ୍ଚିବ । ତୁ ସଙ୍ଗେ ସଙ୍ଗେ ଜୀବଦମ୍ପତି ଓ ଉଦ୍ଭିଦ ବୀଜ ସହିତ ସେ ନୌକାରେ ଚଢ଼ିବୁ । ତୁ ଦେଖିବୁ ପ୍ରଳୟର ବାତ୍ୟା ବହିବ । ସମୁଦ୍ର ଉଚ୍ଛୁଳି ପଡ଼ିବ । ଜଳରେ ପୃଥିବୀ ବୁଡ଼ିଯିବ ।

ସେହି ସମୟରେ ମୁଁ ସୁନାର ମାଛ ରୂପରେ ପ୍ରକଟିତ ହେବି । ଏ ମାଛ ମୁଣ୍ଡ ଉପରେ ଦି'ପଟକୁ ଦି'ଟା ଶିଙ୍ଗ ଥିବ । ତୁ ତୋ ସୁନା ନାଆଟିକୁ ଏହି ଶିଙ୍ଗରେ ବାନ୍ଧି ରଖିବୁ । ଏତିକି ମାତ୍ର ତୋ କାର୍ଯ୍ୟ । ''ମା ଭୈଃ, ମା ଭୈଃ'' । ବାପ ସତ୍ୟବ୍ରତ ଭୟ କରିବୁନି ।''

ଏତିକି କହି ଯେଉଁ ମାଛଟି ସତ୍ୟବ୍ରତଙ୍କ କମଣ୍ଡଳୁରେ ଛୋଟ କେରାଣ୍ଡି ରୂପରେ ଆସି ପ୍ରକାଣ୍ଡ ହୋଇ ପଡ଼ିଥିଲା, ସେହି ନାରାୟଣ ରୂପୀ ମୀନଟି କୁଆଡ଼େ ଉଭେଇଗଲା । ସତ୍ୟବ୍ରତ କେରାଣ୍ଡି ପାଇଁ ଦରାଣ୍ଡି ହେଲେ, ପାଇଲେ ନାହିଁ ।

ସତକୁ ସତ ସାତଦିନ ପରେ ସ୍ୱର୍ଣ୍ଣ ତରୀ ଆସିଲା । ତା' ପୂର୍ବରୁ ସତ୍ୟବ୍ରତ ଜୀବ ଦମ୍ପତି ଓ ଉଦ୍ଭିଦ ବୀଜ ସଂଗ୍ରହ କରି ରଖିଥିଲେ । ସେ ସବୁ ସହିତ ସେ ସୁନା-ନାଆରେ ଚଢ଼ିଲେ । ନାଆଟି ଆପେ ଆପେ ସମୁଦ୍ର ମଝିକୁ ଚାଲିଗଲା ।

ପୃଥିବୀରେ ବହୁ ବିଭୀଷିକାମୟ ଘଟଣା ଘଟିବାକୁ ଲାଗିଲା । ସୂର୍ଯ୍ୟଦେବତାଙ୍କ ତେଜ ବାରଗୁଣ ବଢ଼ିଗଲା । ନଦୀ, ପୋଖରୀ, ଗାଡ଼ିଆ, କୂଅ ଆଦି ଜଳାଶୟ ସବୁ ଶୁଖିଗଲା । ବଡ଼ ବଡ଼ ଗଛ କ'ଣ ଘାସ ସୁଦ୍ଧା ଲୋପ ପାଇଗଲା । ଆଗେ ପକ୍ଷୀଗୁଡ଼ାକ ମରିଗଲେ, ତା'ପରେ ଅନ୍ୟ ଜୀବ ଜନ୍ତୁ ସବୁ । ମଣିଷ ବହୁ କଷ୍ଟରେ ବଞ୍ଚି ରହିବାକୁ ଚେଷ୍ଟା କଲା । କିନ୍ତୁ ସବୁ ବ୍ୟର୍ଥ । କଙ୍କାଳସାର ହୋଇ ଯେଉଁ କେତୋଟି ମଣିଷ ନାଆଁକୁ ମାତ୍ର ବଞ୍ଚି ରହିଲେ, ସେମାନେ ଭୋକ ଶୋଷରେ ଆଉଟ ପାଉଟ ହେଲେ । ବିଲୁଆ, ଶାଗୁଣା ଭଳି ପଚାମାଂସ ଖାଇଲେ । ତଥାପି ଯେଉଁମାନେ ମଲେ ନାହିଁ, ସେମାନେ ଏକ ପ୍ରକାରର ପାଗଳ ଭଳି ଲଙ୍ଗଳା ହୋଇ ବୁଲିଲେ । ପିଶାଚଙ୍କ ଠୁଁ ବଳି ହିଂସ୍ର ହୋଇପଡ଼ିଲେ । ପରସ୍ପରକୁ ହତ୍ୟା କଲେ । ମଣିଷ ରକ୍ତ ମଣିଷ ପିଇଲେ । ଧୀରେ ଧୀରେ ମଣିଷ ନାମକ ଜୀବଟି ନିର୍ମୂଳ ହୋଇ ପଡ଼ିଲା । ଘରଦ୍ୱାର ସବୁ ନିଶ୍ଚିହ୍ନ । ପୃଥିବୀ ନୀରବ, ନିସ୍ତବ୍ଧ । କେବଳ ରହିଲା ସୂର୍ଯ୍ୟର ପ୍ରଚଣ୍ଡ ତେଜ ଓ ପ୍ରବଳ ପବନ । ସେହି ଦୁଇଟି ହିଁ ଶୋକ ପ୍ରକାଶ କରିବା ପାଇଁ ରହିଲେ ।

ତେଜରୁ ସୃଷ୍ଟି ହେଲା ଦାବାନଳ । ପୃଥିବୀ ସାରା ଅଗ୍ନି ଦେବତାଙ୍କ ତାଣ୍ଡବ ନୃତ୍ୟ ! କ୍ରମଶଃ ପୃଥିବୀ ଏକ ଅଗ୍ନିପିଣ୍ଡୁଳା ପାଲଟିଲା । ପ୍ରବଳ ଘୂର୍ଣ୍ଣିବାତ୍ୟାରେ ଭସ୍ମ ଉଡ଼ି ଉଡ଼ି ସୂର୍ଯ୍ୟଙ୍କୁ ଢାଙ୍କି ପକାଇଲା ।

ଗୋଟିଏ ମୁହୂର୍ତ୍ତରେ ଗୋଟିଏ ଯୁଗ ଯେପରି ବିତିଗଲା । ସୂର୍ଯ୍ୟର ତୀବ୍ର କିରଣରେ ସବୁ ଶୁଷ୍କ । ଜଳ ବାଷ୍ପ ହୋଇ ମେଘ ରୂପ ଧରିଲା । କିନ୍ତୁ ବର୍ଷା କାହିଁ ? ଆକାଶ ମେଘାଚ୍ଛନ୍ନ । ଦିନ କ'ଣ ରାତି କ'ଣ କିଛି ଜଣା ପଡ଼ିଲା ନାହିଁ । କିନ୍ତୁ ବଜ୍ର ନାଦରେ ସମଗ୍ର ପୃଥିବୀ ନିନାଦିତ । ଭୂମିକମ୍ପରେ ପ୍ରକମ୍ପିତ । ପର୍ବତସବୁ ଭାଙ୍ଗି ସମୁଦ୍ରରେ

ଲୀନ । କିନ୍ତୁ ସମୁଦ୍ର କାହିଁ ? ସମୁଦ୍ର ମରୁଭୂମିରେ ପରିଣତ । ତା'ପରେ ମୂଷଳ ଧାରାରେ ବର୍ଷା । ବର୍ଷଣ ଓ କରକାପାତ । ପାହାଡ଼, ପର୍ବତ, ସମତଳ ସବୁ ଏକାକାର । କିଏ କେଉଁଠି ରହିଲେ, ତା'ର ପତ୍ତା ନାହିଁ । ଏହା ହିଁ ପ୍ରଳୟ । ସବୁ କିଛି ବିପରୀତ ।

ରାଜା ସତ୍ୟବ୍ରତ ସୁନାନାଆ ଭିତରେ ଯେପରି ଥିଲେ ଠିକ୍ ସେହିପରି ରହିଛନ୍ତି । ସମୁଦ୍ରର ଉତ୍ତାଳ ତରଙ୍ଗରେ ନାଆ ତାଙ୍କର ଉଠୁଚି ପଡୁଚି । କେତେବେଳେ ଆକାଶଚୁମ୍ବୀ ତ କେବେବେଳେ ରସାତଳଚୁମ୍ବୀ । ସତ୍ୟବ୍ରତ ଭୀତତ୍ରସ୍ତ । ଡାକ ଛାଡ଼ିଛନ୍ତି ନାରାୟଣ ରକ୍ଷ । ନାରାୟଣ ପ୍ରସନ୍ନ ହେଲେ । କିନ୍ତୁ ଅନ୍ୟ କୌଣସି ଜୀବଜନ୍ତୁ ରୂପରେ ନୁହେଁ କି ମଣିଷ ରୂପରେ ନୁହେଁ । ଏକ ବିରାଟକାୟ ମାଛ ରୂପରେ । ଯୋଜନ ଯୋଜନ ବ୍ୟାପୀ ଏହି ମାଛର ଶରୀର । ମାଛ ମୁଣ୍ଡରେ ଦୁଇଟା ଶିଙ୍ଗ । ସ୍ୱର୍ଣ୍ଣବର୍ଣ୍ଣ । ଜ୍ୟୋତିର୍ମୟ । ତାଙ୍କ ପ୍ରଭାରେ ଚୌଦିଗ ଆଲୋକମୟ ।

ରାଜା ଆଗରୁ କମଣ୍ଡଳୁରେ ରହି କଳେବର ବଢ଼ାଇଥିବା ମାଛ ମୁହଁରୁ ଶୁଣିଥିଲେ, ଏପରି ସବୁ ହେବ । ତେଣୁ ରାଜା ସତ୍ୟବ୍ରତ ନାରାୟଣରୂପୀ ମତ୍ସ୍ୟକୁ ଦେଖି ନିର୍ଭୟ ହେଲେ । ସ୍ୱର୍ଣ୍ଣ ନୌକାଟିକୁ ଶ୍ରୀହରିଙ୍କ ଶିଙ୍ଗରେ ବାନ୍ଧି ସେ ନିଶ୍ଚିନ୍ତ ଓ ନିରାପଦ ।

ମେଘ ବର୍ଷି ବର୍ଷି ନିଃଶେଷ । ଆକାଶ ନିର୍ମଳ । ପବନ ସ୍ଥିର । ଉଚ୍ଛଳ ଜଳରାଶି ନିସ୍ତରଙ୍ଗ । ସୂର୍ଯ୍ୟୋଦୟ ହେଲା । ସୂର୍ଯ୍ୟ କିରଣରେ ପୃଥିବୀ ଦେଖାଗଲା ଏକ ଗୋଲାକାର କାଚପିଣ୍ଡୁଳା ଭଳି । ରାଜା ସତ୍ୟବ୍ରତଙ୍କ ସୁବର୍ଣ୍ଣ ନୌକାରେ ଥିବା ଜୀବ ଓ ଉଦ୍ଭିଦ ସମସ୍ତେ ଆଶ୍ୱସ୍ତ ।

ଦ୍ରାବିଡେଶ୍ୱର ରାଜା ସତ୍ୟବ୍ରତ । ନିସ୍ତରଙ୍ଗ ସମୁଦ୍ର ଜଳରେ ସୂର୍ଯ୍ୟଚନ୍ଦ୍ରଙ୍କ ବିଭିନ୍ନ ରଙ୍ଗର ଲୀଳା ଖେଳା ଦେଖି ଖୁସି ହେଲେ । ସମସ୍ତ ସୌନ୍ଦର୍ଯ୍ୟର ଆଧାର ଶ୍ରୀହରିଙ୍କ ସ୍ମରଣରେ ସେ ମଗ୍ନ ରହିଲେ । ସେ ନିଜେ ଯେ ମନୁ– ଏକଥା ତାଙ୍କର ମନେ ପଡ଼ିଲା । ଉପରେ ନୀଳ ନିର୍ମଳ ଅନନ୍ତ ଆକାଶକୁ ଦେଖି ସତ୍ୟବ୍ରତଙ୍କ ମନରେ ଅନନ୍ତଭାବର ତରଙ୍ଗ ଖେଳିଗଲା ।

ମାଛ ରୂପ ଧାରଣ କରିଥିବା ଶ୍ରୀମନ୍ ନାରାୟଣ ମନୁ (ସତ୍ୟବ୍ରତ)ଙ୍କୁ ବହୁବର୍ଷ ଧରି ବହୁ ଶିକ୍ଷା ଓ ପରାମର୍ଶ ଦେଲେ । ସବୁ ହେଉଛି ଧର୍ମ ବିଷୟରେ । ସତ୍ୟବ୍ରତଙ୍କର ହୃଦ୍‌ବୋଧ ହେଲା ଯେ ଅଧର୍ମର ବିନାଶ ଓ ଧର୍ମ ସ୍ଥାପନ ଲାଗି ଆବଶ୍ୟକ ହେଲେ ଭଗବାନ ନାନା ରୂପ ଧରିଥାଆନ୍ତି । କେବଳ ମନୁଷ୍ୟ ରୂପ ନୁହଁ– ବିଭିନ୍ନ ଜଳଚର ଓ ସ୍ଥଳଚର ପ୍ରାଣୀ ରୂପରେ ସେ ଆସିଥାଆନ୍ତି ।

ସମଗ୍ର ପୃଥିବୀ ଜଳମୟ ହୋଇ ପଡ଼ିଥିଲା । ଭଗବାନ ମାଛ ରୂପରେ ଆସି ପୃଥିବୀ ପାଇଁ ଯେତିକି ଜଳ, ଯେତିକି ସ୍ଥଳ ଆବଶ୍ୟକ, ତା'ଦେଇ ଅନ୍ତର୍ଦ୍ଧାନ ହେଲେ ।

କ୍ରମଶଃ ଭୂଭାଗ ଦେଖାଗଲା । ରାଜା ସତ୍ୟବ୍ରତ ସଂଗ୍ରହ କରିଥିବା ଉଦ୍ଭିଦ ବିହନ ବୁଣିଲେ । ଧରା ହେଲା ଉର୍ବରା । ଫଳ, ପୁଷ୍ପ, ବନସ୍ପତିରେ ବିମଣ୍ଡିତ । ମନୁ ଜୀବମାନଙ୍କ ସହିତ ଆନନ୍ଦରେ ରହିଲେ । ପୁନଶ୍ଚ ପୃଥିବୀ ପ୍ରକୃତି ରାଣୀ ସହିତ ସହବାସ ଓ ସମ୍ଭୋଗ କରିବାକୁ ଲାଗିଲା ।

ଏହା ଥିଲା ଶ୍ରୀବିଷ୍ଣୁଙ୍କ ପ୍ରଥମ ଅବତାର । ପ୍ରଳୟ କାଳରେ ସମସ୍ତ ଲୋକ ଜଳରେ ବୁଡ଼ି ଯାଇଥିଲେ । ମହାସମୁଦ୍ରରେ ଶୋଇଥିବା ଅବସ୍ଥାରେ ବିଧାତାଙ୍କ ମୁଖରୁ ବେଦ ନିର୍ଗତ ହୋଇଥିଲା । ହୟଗ୍ରୀବ ଅସୁର ବେଦଗୁଡ଼ିକ ହରଣ କରି ନେଇଥିଲା । ପ୍ରଳୟର ଅବସାନ ପରେ ମତ୍ସ୍ୟରୂପୀ ବିଷ୍ଣୁ ହୟଗ୍ରୀବକୁ ସଂହାର କଲେ । ମଧୁକୈଟଭଙ୍କୁ ଲଗେଇ ବେଦ ଉଦ୍ଧାର କଲେ ଏବଂ ବିଧାତା ବ୍ରହ୍ମାଙ୍କୁ ସେଗୁଡ଼ିକୁ ଫେରାଇ ଦେଲେ । ରାଜର୍ଷି ସତ୍ୟବ୍ରତ ବିଷ୍ଣୁଙ୍କ ଅନୁଗ୍ରହରୁ ବୈବସ୍ୱତ ମନୁ ନାମରେ ବିଖ୍ୟାତ ହେଲେ ।

●

॥ ୧୮୦ ॥

# ଧୃତ କଚ୍ଛପ ରୂପ...

**ସଂ**ପତ୍ତି ବଢ଼ିଲେ, ବିପତ୍ତି ବଢ଼େ । ସଂପତ୍ତି ଏକା ଏକା ଆସେନା । ତା'ର ବନ୍ଧୁମାନଙ୍କୁ ଧରି ଆସେ । ସବୁଠୁ ଅନ୍ତରଙ୍ଗ ସାଙ୍ଗ ହେଉଛି ଗର୍ବ । ମଣିଷ କ'ଣ, ଦେବତାମାନଙ୍କ ମନକୁ ମଧ୍ୟ ଇଏ ଗ୍ରାସ କରିଥାଏ । ଇମିତି ସମୟ ଆସିଲା, ସ୍ୱର୍ଗର ଐଶ୍ୱର୍ଯ୍ୟ ଭୋଗ କରି ଦେବତାମାନଙ୍କ ମନରେ ଭୀଷଣ ଗର୍ବ ଜାତ ହେଲା । ସମସ୍ତେ ଭୋଗ ବିଳାସରେ ମତ୍ତ ରହିଲେ । ତପସ୍ୟା କରିବା ଭୁଲିଗଲେ । ଭୋଗ-ରୋଗରେ ସବୁ ଦେବତା ପୀଡ଼ିତ । ଏହି ରୋଗରୁ ଜାତ ହେଲା ଆଳସ୍ୟ । ଦେବତେଜ ନିଷ୍ପ୍ରଭ, ନିସ୍ତେଜ ହୋଇ ପଡ଼ିଲା । ଶରୀର ଓ ମନ ମଧ୍ୟ ଦୁର୍ବଳ ହୋଇ ଆସିଲା । ଅବଶେଷରେ ରହିଲା କେବଳ ପୂର୍ବ ଗୌରବର ଦମ୍ଭ । ମୁଁ ବଡ଼ ତୁ ଛୋଟ, ଏହି କଳହ ଲାଗି ରହିଲା ଅହରହ ।

ସେତେବେଳେ ଥିଲା, ଏବେ ବି ରହିଚି— ସୁର, ଅସୁର ଦୁଇ ଶ୍ରେଣୀ । ସୁର ବା ଦେବତାମାନଙ୍କ ଦୁର୍ବଳତାର ସୁଯୋଗ ନେଲେ ଅସୁରମାନେ । ସୁରମାନେ ରହୁଥିଲେ ଉପରେ— ସ୍ୱର୍ଗରେ । ଅସୁରମାନେ ପାତାଳରେ । ଅସୁର ହେଲେ କ'ଣ ହେଲା, ବହୁ

ଉଦ୍ୟମୀ । ଶାସ୍ତ୍ରପାଠ, ଦାନ, ଧ୍ୟାନ, ଶିଳ୍ପ ବାଣିଜ୍ୟ, କୃଷି ପ୍ରଭୃତି ସମସ୍ତ ପ୍ରକାର ସାଂସାରିକ କାର୍ଯ୍ୟରେ ନିପୁଣ । ଉତ୍ସାହୀ । ବଳବୀର୍ଯ୍ୟ ଅଧିକ । ଅସ୍ତ୍ରଶସ୍ତ୍ର ବିପୁଳ । ପ୍ରବଳ ଶକ୍ତିଶାଳୀ ।

> କ୍ଷିତିରତି ବିପୁଳତରେ ତବ ତିଷ୍ଠତି ପୃଷ୍ଠେ
> ଧରଣି ଧାରଣ କିଣ ଚକ୍ର ଗରିଷ୍ଠେ
> କେଶବ ଧୃତ 'କଚ୍ଛପ' ରୂପ ଜୟ ଜଗଦୀଶ ହରେ ।।

ଆଳସ୍ୟପରାୟଣ ଦେବତାମାନେ ଦେଖିଲେ, ଅସୁର ସେନାବାହିନୀ ମାଡ଼ି ଆସୁଚନ୍ତି । ସ୍ୱର୍ଗରାଜ୍ୟ ଆକ୍ରାନ୍ତ । ଦେବତାମାନଙ୍କ ଭିତରେ ଭାଳେଣି ପଡ଼ିଗଲା । ସେମାନେ ଆତ୍ମକଳହରେ ବ୍ୟସ୍ତ ଥିବାବେଳେ ଅସୁରମାନେ ଅସ୍ତ୍ରଶସ୍ତ୍ର ଠୁଳ କରିବାରେ ଲାଗିଥିଲେ । ଧନଜନ, ବଳ ବୁଦ୍ଧିରେ ସେମାନେ ଦେବତାମାନଙ୍କ ଠାରୁ ବଳି ପଡ଼ିଥିଲେ । ଘର ବୁଡ଼ି ପାଣି ଆଣ୍ଠୁଏ । ତଥାପି ଦେବତାମାନେ ନିଜ ଅହମିକା ଛାଡ଼ି ନଥିଲେ । ପରସ୍ପର ସହିତ ନାନା ଯୁକ୍ତିତର୍କ କଲେ । କେହି କେହି କହିଲେ, ଯେତେ ହେଲେ ଆମେ ସ୍ୱର୍ଗବାସୀ । ଅସୁରଙ୍କ ହଜାରେ ବାଣ ଆମର ଗୋଟିଏ ବାଣକୁ ସରି ହେବ ନାହିଁ । ଥାଟପାଟ ଧରି ଦେବତାମାନେ ଖୁବ୍ ଜାକଜମକରେ ଅସୁରମାନଙ୍କ ପ୍ରତିରୋଧ କଲେ । ବାଣ ଅବଶ୍ୟ ତୀକ୍ଷ୍ଣ ଏବଂ ଅଧିକ କ୍ଷମତାଶାଳୀ, କିନ୍ତୁ ତା'ର ପ୍ରୟୋଗ ଲାଗି ତ ଶରୀରର ବଳ ଆବଶ୍ୟକ । ଅଳସୁଆ ଦେହରେ ବଳ କୁଆଡୁ ଆସିବ ? ଅସୁରଙ୍କ ଦେହ ବଜ୍ର ଭଳି ଟାଣ । ସେମାନେ କଷ୍ଟକୁ ଇଷ୍ଟ ମନେ କରିଥାଆନ୍ତି । ଭୟ ବୋଇଲେ ଗୋଟିଏ 'ମୃତ୍ୟୁ' । ଏ ଭୟକୁ ମଧ୍ୟ ସେମାନେ ଅଗ୍ରାହ୍ୟ କରିଥିଲେ । 'ମାର, ମାର', 'କାଟ, କାଟ' ଆଦି ଧ୍ୱନି କରି ସେମାନେ ଦେବତାମାନଙ୍କ ବ୍ୟୂହ ଭିତରେ ପ୍ରବେଶ କଲେ । ରେରେକାର, ହୁଁକାର ଶବ୍ଦରେ ସ୍ୱର୍ଗ ପ୍ରକମ୍ପିତ ହୋଇ ପଡ଼ିଲା । ଦେବତାମାନଙ୍କ ଦମ୍ଭ ଭାଙ୍ଗିଗଲା । ଆତଙ୍କିତ ହୋଇପଡ଼ିଲେ । ଦେବତା ଓ ଦୈତ୍ୟଙ୍କ ଭିତରେ ବହୁଦିନ ଧରି ଯୁଦ୍ଧ ଚାଲିଲା । ପରାସ୍ତ ହେଲେ ଦେବଗଣ । ସ୍ୱର୍ଗ ତ୍ୟାଗ କରିବାକୁ ବାଧ୍ୟ ହେଲେ । ଅସୁରଗଣ ସ୍ୱର୍ଗରାଜ୍ୟ ଦଖଲ କରିନେଲେ । ଦେବତାମାନେ ଅସୁରମାନଙ୍କ ଅଧୀନରେ ରହିବାକୁ ଚାହିଁଲେ ନାହିଁ । ଦେହରେ ଅସ୍ତ୍ରାଘାତ । ମନରେ ଘୋର ଅପମାନ । ଦେବତାମାନଙ୍କ ପକ୍ଷରେ ଏସବୁ ଅସହ୍ୟ ହୋଇ ପଡ଼ିଲା । ଭାବିଲେ ଏହା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର । କ୍ଷତ ବିକ୍ଷତ ଦେହରେ ସେମାନେ ମର୍ତ୍ତ୍ୟ ଓ ପାତାଳର ବିଭିନ୍ନ ପାହାଡ଼ ଗୁମ୍ଫା ଭିତରେ ଲୁଚି ରହିଲେ । ଯେଉଁମାନେ ଧରାପଡ଼ିଲେ, ସେମାନେ ଅସୁରମାନଙ୍କ ଦ୍ୱାରା ଲାଞ୍ଛିତ ହେଲେ । ମାତ୍ର

ମଧ ଖାଇଲେ । ଅସହ୍ୟ ଯନ୍ତ୍ରଣା । ଏଥିରୁ ଉଦ୍ଧାର ପାଇବାର କୌଣସି ଉପାୟ ନଥିଲା । ଅହଂକାର ଓ ଆଳସ୍ୟରୁ କୁପରିଣାମ ଭୋଗ କଲେ । ବହୁକାଳ ପର୍ଯ୍ୟନ୍ତ ଦେବତାମାନେ ଏହି ନିର୍ଯ୍ୟାତନା ସହ୍ୟ କଲେ ।

ଏସବୁ କାର୍ଯ୍ୟ ଚାଲିଥିବା ବେଳେ ଧ୍ୟାନସ୍ଥ ଥିଲେ ପ୍ରଜାପତି ବ୍ରହ୍ମା । ହଠାତ୍ ତାଙ୍କର ଧ୍ୟାନ ଭଙ୍ଗ ହେଲା । ଦେବତାମାନଙ୍କ ଦୁଃଖରେ ସେ ବ୍ୟଥିତ ହୋଇ ପଡ଼ିଲେ । ସେ ନିରପେକ୍ଷ ଭାବରେ ଚିନ୍ତା କରି ଦେଖିଲେ, ଦେବତାମାନେ ସାମୟିକ ଦୁର୍ବଳତା ଯୋଗୁ ଅହଂକାରୀ, ଦାମ୍ଭିକ ହୋଇ ପଡ଼ିଥିଲେ ମଧ ଭଗବାନଙ୍କୁ ଭଲ ପାଇଥାଆନ୍ତି । ଧର୍ମରକ୍ଷା ଲାଗି ଧାର୍ମିକ ସାଧନା କରିଥାଆନ୍ତି । ସେମାନଙ୍କ ମନରେ ଭୋଗରୋଗ ପ୍ରବଳ ହେବାରେ ନାନା ଦୁର୍ବଳତା ଦେଖା ଦେଇଥିଲେ ମଧ ମୂଳସ୍ୱଭାବ ଭଲ ।

କିନ୍ତୁ ଅସୁରମାନଙ୍କ ସ୍ୱଭାବ କଦାପି ଭଲ ହୋଇ ନଥାଏ । ଯେତେ ଦାନ, ଧର୍ମ ଆଦି ଭଲ କାମ କରନ୍ତୁ ନା କାହିଁକି, ସେମାନଙ୍କ ଉଦ୍ଦେଶ୍ୟ ଭଲ ନୁହଁ । ନିଜର ଯଶ, ସମ୍ମାନ, କ୍ଷମତା, ଧନରତ୍ନ ବୃଦ୍ଧି ହିଁ ଏକାନ୍ତ କାମ୍ୟ । ଏଥିଲାଗି ସେମାନେ ଅପ୍ରୀତିକର, ଅଶୋଭନୀୟ କାର୍ଯ୍ୟ କରିବା ଲାଗି କୁଣ୍ଠିତ ହୋଇ ନ ଥାଆନ୍ତି । ଭଗବାନଙ୍କ ନାଆଁ ପଡ଼ିଲେ, ସେମାନଙ୍କ ନାହି ଡିଏଁ । କହନ୍ତି, ନିଜ ବୁଦ୍ଧି ବଳରେ ଆମେ ସବୁ କାର୍ଯ୍ୟ ହାସଲ କରିପାରୁ, ଭଗବାନ କିଏ ? ଇଏ ଏକ ଅବାସ୍ତବ କଳ୍ପନା । ଯାହା ବା ଟିକିଏ ଧର୍ମ କାର୍ଯ୍ୟ କରନ୍ତି, ତା' ନିଜ ସ୍ୱାର୍ଥ ହାସଲ ଲାଗି । ସେମାନେ ଭଗବାନଙ୍କୁ ତ ଚାହାଁନ୍ତି ନାହିଁ, ଭଗବାନ ବୋଲି ଯଦି କେହି ଥାଏ, କେବଳ ଆମକୁ ସୁଖ ସ୍ୱାଚ୍ଛନ୍ଦ୍ୟ ଦେଉ ବୋଲି ଦାବୀ କରିଥାଆନ୍ତି ।

ଯାହାହେଉ, ଅସୁରମାନେ ତ ସ୍ୱର୍ଗର ରାଜା ହେଲେ । ନିଜର ବିଧିବିଧାନ ଅନୁସାରେ ଶାସନ କରିବାକୁ ଲାଗିଲେ । ଧର୍ମ ଓ ଜ୍ଞାନର ମୂଲ୍ୟ ନାହିଁ । ଧନବଳ, ଦେହ ବଳ, ବାହ୍ୟ ଚାକଚକ୍ୟ ଓ ସୌନ୍ଦର୍ଯ୍ୟର ଗୌରବ ଅତିମାତ୍ରାରେ ବଢ଼ିବାରେ ଲାଗିଲା । ଖାଇବୁ, ନେବୁ, କିଛି କାହାକୁ ଦେବୁ ନାହିଁ, ଯିଏ ସତ କହିଲା, ତାକୁ ଘୃଣା କରିବୁ– ଏହାହିଁ ହେଲା ଅସୁରସଭ୍ୟତା । ମିଥ୍ୟା ହିଁ ହେଲା ନିତ୍ୟକର୍ମ । ଆସକ୍ତି ବଢ଼ିଲା ।

ଏହା ହିଁ ଥିଲା ସେତେବେଳେ ସ୍ୱର୍ଗର ପରିସ୍ଥିତି । ପ୍ରଜାପତି ବ୍ରହ୍ମା ମନେ ମନେ ଖୋଜିଲେ ବିଚରା ଇନ୍ଦ୍ର ଗଲା କୁଆଡ଼େ ? ଧ୍ୟାନ ବଳରେ ସେ ଇନ୍ଦ୍ରଙ୍କୁ ଠାବ କଲେ । ଏକ ଅନ୍ଧାରୁଆ ଗୁମ୍ଫା ଭିତରୁ ତାଙ୍କୁ ବାହାର କଲେ । ତାଙ୍କୁ ସଙ୍ଗରେ ନେଇ ସେ ପହଞ୍ଚିଲେ ବୈକୁଣ୍ଠପତି ଶ୍ରୀହରିଙ୍କ ପାଖରେ । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରର ଅତୀତ, ବର୍ତ୍ତମାନ, ଭବିଷ୍ୟତ ସଂପର୍କରେ ଶ୍ରୀହରି ଅବହିତ ଥିଲେ । ତେଣୁ ଦେବତାମାନଙ୍କ ଦୁର୍ଦ୍ଦଶା କଥା ସେ ସବୁ ଜାଣିଥିଲେ । ତଥାପି କିଛି ନ ଜାଣିଲା ଭଳି ରହିଥିଲେ । ବ୍ରହ୍ମା ଓ ଇନ୍ଦ୍ର ତାଙ୍କୁ

ପ୍ରଣାମ କଲେ । ଶ୍ରୀହରି ପଚାରିଲେ, ଆପଣମାନଙ୍କର ସର୍ବକୁଶଳ ତ ? ଇନ୍ଦ୍ର ଏ ପ୍ରଶ୍ନରେ ଲଜ୍ଜିତ ହୋଇ ପଡ଼ିଲେ । ମୁଣ୍ଡ ତଳକୁ ହୋଇଗଲା । କଥା କହି ପାରିଲେ ନାହିଁ । ଇନ୍ଦ୍ରଙ୍କ ପକ୍ଷରୁ ବ୍ରହ୍ମା ସବୁ ଘଟଣା ବର୍ଣ୍ଣନା କଲେ ।

ଶ୍ରୀହରି ଦେବତାମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କଲେ । କହିଲେ, ଆଗରୁ ଜଣାଇଥିଲେ, ଭଲ ହୋଇଥାଆନ୍ତା । ହେଉ, ଯାହା ହେବାର ହୋଇଗଲାଣି । ଆଉ ବ୍ୟସ୍ତ ହୁଅନି । ସେ ଇନ୍ଦ୍ରଙ୍କୁ ଆଶ୍ୱାସନା ଦେଇ କହିଲେ, ଦେବତା ହୁଅନ୍ତୁ ବା ଦୈତ୍ୟ ହୁଅନ୍ତୁ— ଯାହାର ଜୀବନ ଅଛି, ତା'ର ଉତ୍‌ଥାନ ପତନ ନିଶ୍ଚିତ । କର୍ମର ଫଳକୁ କେହି ଏଡ଼ି ଦେଇ ନପାରେ । କର୍ମ ଅନୁସାରେ ଫଳ । ଦେହଧାରୀ ମାତ୍ରେ ଜୟ ହେଉ ବା ପରାଜୟ ହେଉ, କର୍ମ କରିବା ଛଡ଼ା ଉପାୟ ନାହିଁ । ଦେବତା ଓ ଦୈତ୍ୟମାନେ ଏବେ ନିଜର କର୍ମଫଳ ଭୋଗ କରୁଛନ୍ତି । ଯାହା ହେଉ, ତୁମେମାନେ ଏବେ ମୋର ଶରଣାଗତ । ତୁମମାନଙ୍କ ବିପଦ କଟିଗଲା ବୋଲି ଜାଣ । କର୍ମ ଦ୍ୱାରା କର୍ମର ପରାଜୟ ସମ୍ଭବ । ଦୈତ୍ୟମାନେ କଠୋର କର୍ମ କରି ବଳଶାଳୀ ହୋଇଛନ୍ତି । ତୁମମାନଙ୍କୁ ଏବଠୁ କଠୋର କର୍ମ କରିବାକୁ ପଡ଼ିବ । ଦୈତ୍ୟମାନଙ୍କୁ ଯୁଦ୍ଧରେ ଜିଣି ପାରିବ ନାହିଁ । ତୁମେମାନେ ଯାଇ ଅସୁରମାନଙ୍କ ସହିତ ସନ୍ଧି ସ୍ଥାପନ କର । ଦେବାସୁର ମିଳିମିଶି କ୍ଷୀରସାଗର ମନ୍ଥନ କରିବ । ସେଥିରୁ ଯେଉଁ ଅମୃତ ବାହାରିବ, ତାକୁ ପାନ କଲେ ତୁମେମାନେ ପୁଣି ଅମର ହୋଇପାରିବ । ଅଶେଷ ତେଜ ପାଇବ । ଦେହର ବଳ ବଢ଼ିଲେ ଯାଇ ଦୈତ୍ୟମାନଙ୍କ ପରାଜୟ ସମ୍ଭବ ।

●

॥ ୧୮୧ ॥

## ସନ୍ଧି ପଛରେ ଫନ୍ଦି

ପରାଜିତ ପଳାୟିତ ଇନ୍ଦ୍ର ଚିନ୍ତିତ । ଭାବିଲେ, ଗୁମ୍ଫା ଭିତରେ ଲୁଚି ରହିଥିଲେ, ଭଲ ହୋଇଥିଲା । ବ୍ରହ୍ମା ନେଇ ଆସିଲେ ଶ୍ରୀହରିଙ୍କ ପାଖକୁ । ଶ୍ରୀହରି ଯାହା କହିଲେ, ତା' କରିବା ଆହୁରି ଅଧିକ ଅପମାନଜନକ । ଦୈତ୍ୟରାଜଙ୍କ ନିକଟରୁ ସନ୍ଧିଭିକ୍ଷା, କ୍ଷୀରସାଗର ମନ୍ଥନ କରିବା, ଅମୃତ ପାଇଲେ, ଅସୁରମାନେ ତ ଭାଗ ଦାବୀ କରିବେ— ଏସବୁ ତ ସହଜ କଥା ନୁହଁ । ଅସୁରମାନେ ଯଦି ଅମୃତପାନ କରନ୍ତି, ସମସ୍ତେ ତ ଅମର ହୋଇଯିବେ, ତା'ପରେ କରାଯିବ କ'ଣ ?

ଇନ୍ଦ୍ର ପୁଣି ଭାବିଲେ, ଏ ପ୍ରସ୍ତାବ ଭଗବାନଙ୍କ ମୁହଁରୁ ବାହାରିଚି । ତାଙ୍କର ପରିକଳ୍ପନା ଅବଶ୍ୟ ଦେବତାମାନଙ୍କ ସପକ୍ଷରେ ଯିବ । ତେଣୁ ସନ୍ଦେହର ଅବକାଶ ନାହିଁ । ଶ୍ରୀହରି ଶ୍ରୀବିଷ୍ଣୁ ସବୁବେଳେ ଦେବତାମାନଙ୍କ ହିତ ଚାହିଁଥାଆନ୍ତି । ସେ ଚାହୁଁଛନ୍ତି ସନ୍ଧି କରିବାକୁ । ସନ୍ଧି କରିବା ପଛରେ ଭଗବାନଙ୍କର ନିଶ୍ଚୟ କୌଣସି ଫନ୍ଦି ରହିଛି ।

ଇନ୍ଦ୍ର ଗଲେ ଦୈତ୍ୟରାଜ ପାଖକୁ । ଦୈତ୍ୟରାଜ ଇନ୍ଦ୍ରାସନରେ ଆସୀନ । ସେ ଏବେ ତ୍ରିଲୋକର ଶାସକ । ଦେବରାଜ ଇନ୍ଦ୍ର ରାଜ୍ୟହୀନ, ମାନହୀନ, ନିରସ୍ତ୍ର । ଦୈତ୍ୟରାଜ ନିକଟରେ ସନ୍ଧିପ୍ରାର୍ଥୀ । ଇନ୍ଦ୍ରଙ୍କ ଉଜ୍ଜ୍ୱଳ ମୁଖଶ୍ରୀ, ଦେଖୁ ଦେଖୁ ଦ୍ୱାରପାଳମାନେ ସ୍ତମ୍ଭିତ ହୋଇପଡ଼ିଲେ । ବାଟ ଛାଡ଼ିଦେଲେ ରାଜସଭାକୁ ଯିବା ପାଇଁ । ସଭାରେ ଉପସ୍ଥିତ ହୋଇ ଇନ୍ଦ୍ର ଦୈତ୍ୟରାଜଙ୍କୁ ଯଥୋଚିତ ସମ୍ମାନ ଜ୍ଞାପନ କଲେ ।

ଦୈତ୍ୟରାଜ ଇନ୍ଦ୍ରଙ୍କ ନାଆଁ ଶୁଣିଥିଲେ । ସ୍ୱଚକ୍ଷୁରେ ଦେଖି ନଥିଲେ । ଇନ୍ଦ୍ର ନିଜର ପରିଚୟ ଦେଲେ । ତାଙ୍କର ଅଙ୍ଗକାନ୍ତିରେ ସଭାଗୃହ ଝଲସି ଉଠିଲା । ଦୈତ୍ୟରାଜ ପାତାଳଲୋକରେ ରହିଥିବା ବେଳେ ମନେ ମନେ ଇନ୍ଦ୍ର ଓ ଇନ୍ଦ୍ରଲୋକର ସ୍ୱପ୍ନ ଦେଖୁଥିଲେ । ଇନ୍ଦ୍ର ଇମିତି ହୋଇଥିବେ, ସିମିତି ରହୁଥିବେ, ଏଭଳି ନାନା କଳ୍ପନା କରୁଥିଲେ ସେ । ଇନ୍ଦ୍ରଲୋକର ଏବେ ରାଜା ସେ । ସ୍ୱର୍ଗକୁ ଦେଖିଲେ । ସ୍ୱର୍ଗୀୟ ଆନନ୍ଦ ପାଇଲେ । କିନ୍ତୁ ଇନ୍ଦ୍ରଙ୍କ ଜ୍ୟୋତି ଦେଖି, ସେ ମନେ ମନେ ଭାବିଲେ, ବାସ୍ତବିକ ଇନ୍ଦ୍ରାସନ ପାଇଁ ଇଏ ହିଁ ଯୋଗ୍ୟ । ଦୈତ୍ୟମାନେ ମଧ୍ୟ ଭାବିଲେ, ସିଂହାସନରେ ଏ ଲୋକଟା ବସିଲେ, ବେଶ୍ ମାନନ୍ତା । ଆମ ରାଜାଙ୍କୁ ମାନୁନି । ଦୈତ୍ୟରାଜ ସିଂହାସନାରୂଢ଼, ତାଙ୍କ ପାଦତଳେ ସ୍ୱୟଂ ଇନ୍ଦ୍ର । ମନରେ ନ୍ୟୂନଭାବ ଆସିଗଲା ଦୈତ୍ୟରାଜଙ୍କର । କିଂକର୍ତ୍ତବ୍ୟବିମୂଢ଼ ସେ । ନିର୍ବାକ, ନିସ୍ପନ୍ଦ !

ଇନ୍ଦ୍ର ନିସ୍ତବ୍ଧତା ଭଙ୍ଗ କଲେ । କହିଲେ, ଦୈତ୍ୟ ଓ ଦେବତା ଭାଇ ଭାଇ । ଦୈତ୍ୟ ଓ ଆଦିତ୍ୟ ଏକ ପିତା କଶ୍ୟପଙ୍କ ସନ୍ତାନ । ସ୍ୱର୍ଗ ସିଂହାସନରେ ତୁମର, ଆମର ସମାନ ଅଧିକାର । ଈର୍ଷାବଶତଃ ଆମ ଦୁଇଭାଇଙ୍କ ଭିତରେ ଶତ୍ରୁତା । ଏହା ସାମୟିକ । ସିଂହାସନ ଲାଗି ଭାଇ ଭାଇ ମଧ୍ୟରେ କଳିତକରାଳ ଲଜ୍ଜାଜନକ । ଗୃହବିବାଦରେ ଶତ୍ରୁର ବଳବୃଦ୍ଧି ଘଟିଥାଏ । ମିଳିମିଶି ରହିଲେ ପିତୃଗୌରବ ରକ୍ଷା ସମ୍ଭବ । ମୁଁ ସ୍ୱର୍ଗର ସିଂହାସନ ଲାଗି ଲାଳାୟିତ ନୁହଁ । ଦୈତ୍ୟ ଓ ଆଦିତ୍ୟ- ଉଭୟଙ୍କ ମଙ୍ଗଳ ଲାଗି ଭାଇ ଭାଇ କଳହ ଏଡ଼େଇବାକୁ ପଡ଼ିବ । ସେଥିଲାଗି ମୁଁ ସନ୍ଧିପ୍ରାର୍ଥୀ ।

ଦୈତ୍ୟରାଜ ଇନ୍ଦ୍ରଙ୍କ କଥା ମନ ଦେଇ ଶୁଣୁଥିଲେ । ସ୍ନେହ ଓ ପ୍ରେମରେ ତାଙ୍କର ହୃଦୟ ବିଗଳିତ ହୋଇ ପଡ଼ିଲା । ସେ ଇନ୍ଦ୍ରଙ୍କୁ ହାତ ଧରି ପାଛୋଟି ନେଲେ । ତାଙ୍କ ପାଖରେ ବସାଇଲେ ।

ଇନ୍ଦ୍ର କହିଲେ, ମୁଁ ବୈକୁଣ୍ଠରେ ଶ୍ରୀମନ୍ ନାରାୟଣଙ୍କୁ ଭେଟିଥିଲି । ସେ ଭାଇ ଭାଇ ମଧ୍ୟରେ କଳହକୁ ଅନୁଚିତ ବୋଲି କହିଲେ । ସେ ପରାମର୍ଶ ଦେଲେ, ଭାଇ ଭାଇ ମିଶି କ୍ଷୀରସାଗର ମନ୍ଥନ କର । ଏହି ମନ୍ଥନରୁ ଅମୃତ ବାହାରିବ । ଅମୃତର ଗୁଣ ତ ତୁମକୁ ଅଜଣା ନଥିବ ।

'ଅମୃତ' ବାହାରିବ- ଏକଥା ଶୁଣିବା ମାତ୍ରେ ଦୈତ୍ୟରାଜ ଓ ସଭାସଦ୍ ଦୈତ୍ୟମାନେ ଆନନ୍ଦରେ ଉଲ୍ଲସିତ ହୋଇଉଠିଲେ । ନାଚି ନାଚି ବେଦମ୍ ହୋଇପଡ଼ିଲେ । ଇନ୍ଦ୍ର ସେମାନଙ୍କୁ ବହୁ କଷ୍ଟରେ ଶାନ୍ତ କରାଇଲେ । ଦୈତ୍ୟରାଜ ସନ୍ଧି ପ୍ରସ୍ତାବକୁ ସ୍ୱୀକାର କଲେ । ସମସ୍ତେ ସମସ୍ୱରରେ କହିଲେ, ଇନ୍ଦ୍ର ହିଁ ସମୁଦ୍ର ମନ୍ଥନର ନେତୃତ୍ୱ ନେବେ । ଆୟୋଜନ କରନ୍ତୁ ବୋଲି କହିଲେ ।

ଇନ୍ଦ୍ର ବହୁ ଖୋଜାଖୋଜି କରି ପ୍ରାଣଭୟରେ ଲୁଚିଥିବା ଦେବତାମାନଙ୍କୁ ଏକାଠି କଲେ । ଶ୍ରୀହରିଙ୍କ ପରାମର୍ଶ କଥା କହିଲେ । ଦଳ ଦଳ ହୋଇ ସୁର ଓ ଅସୁର ବାହାରିଲେ ମନ୍ଥନଦଣ୍ଡ ଓ ଦଉଡ଼ି ଯୋଗାଡ଼ କରିବା ଲାଗି । ଜଗତରେ ଯେତେ ପର୍ବତ, ସମସ୍ତଙ୍କୁ ଅନୁରୋଧ କଲେ ମନ୍ଥନଦଣ୍ଡ ହେବା ଲାଗି । କେହି ରାଜି ହେଲେ ନାହିଁ । ଏହା ଏକ ଗୁରୁତର କାର୍ଯ୍ୟ । କେହି ସାହସ କଲେ ନାହିଁ । ମନ୍ଦରଗିରି ରାଜି ହେଲା । ଅମୃତ ପାଇବା ଲୋଭରେ ନାଗରାଜ ବାସୁକୀ ରାଜି ହେଲେ ଦଉଡ଼ିର କାର୍ଯ୍ୟ କରିବା ପାଇଁ ।

ଶୁଭଦିନ ଦେଖି ସୁର ଓ ଅସୁରମାନେ ମନ୍ଦରଗିରିକି ଉପାଡ଼ି କ୍ଷୀରସାଗର ଆଡ଼ିକି କାନ୍ଧରେ ଇଦି ନେଲେ । ମନ୍ଦର ପର୍ବତ କମ୍ ଓଜନ ନୁହଁ । ତାକୁ ଟେକି ଟେକି କିଛିବାଟ ନେବା ପରେ ସମସ୍ତେ ଝୋଲା ମାରି ବସି ପଡ଼ିଲେ । ଝାଳନାଳ ହୋଇ ପଡ଼ିଲେ । ଭାଳେଣି ପଡ଼ିଲା, ଏଇଟାକୁ ସମୁଦ୍ର ପାଖକୁ ନେଉ ନେଉ ସମସ୍ତେ ତ ମରିଯାଇଥିବା, ଆଉ ଅମର ହେବା କ'ଣ ? ଦୈତ୍ୟରାଜ ଓ ଇନ୍ଦ୍ର ମ୍ରିୟମାଣ । ନିରୂପାୟ । ଦେବତାମାନେ ଶ୍ରୀହରି, ଶ୍ରୀହରି ଡାକ ଛାଡ଼ିଲେ । ହଠାତ୍ ଦେଖାଗଲା ଏକ ବିଶାଳ ମେଘଖଣ୍ଡ ଭଳି ଗରୁଡ଼ ଉଡ଼ି ଉଡ଼ି ଆସି ସେମାନଙ୍କ ପାଖରେ ହାଜର । ଆକାଶରେ କୋଟିସୂର୍ଯ୍ୟ ସମପ୍ରଭ ଶ୍ରୀହରି ଆବିର୍ଭୂତ ହେଲେ । ଦେବତାମାନେ ଜୟଧ୍ୱନି କରିବାରେ ଲାଗିଲେ ।

'ଶ୍ରୀହରି'ଙ୍କ ନାମ ନେଇ ଦେବତାମାନଙ୍କ ଜୟଧ୍ୱନି ! ଅସୁରମାନେ ତାଙ୍କୁ ଦେଖି ଡରିଗଲେ । ସେମାନଙ୍କ ଦେହରେ କମ୍ପ ଆସିଗଲା । ଶ୍ରୀହରିଙ୍କ ଉଜ୍ଜ୍ୱଳ ଜ୍ୟୋତିରେ ଅସୁରମାନଙ୍କ ଆଖିବୁଜି ହୋଇ ଆସିଲା । ଭୟଭୀତ ହୋଇ କିଏ କୁଆଡ଼େ ପଳେଇଲେ । ଇନ୍ଦ୍ରଙ୍କର ପୁଣି ଭାଳେଣି ପଡ଼ିଗଲା । ଯାହାହେଉ ଦେବତାମାନେ ବହୁତ ବୁଝେଇ ସେମାନଙ୍କୁ ଫେରାଇ ଆଣିଲେ ।

ଅସୁରମାନଙ୍କ ଡରକୁ ଦେଖି ନାରାୟଣ ଶ୍ରୀହରି ନିଜ ଜ୍ୟୋତିକୁ ଊଣା କରିନେଲେ । ଅସୁରମାନଙ୍କୁ ମିଠାକଥା କହିଲେ । ସେମାନଙ୍କର ବିଶ୍ୱାସ ହେଲା ଯେ ଏ ନାରାୟଣଟା ଭଲ ଲୋକ । ଶ୍ରୀହରି କହିଲେ, ମନ୍ଦରଗିରିକି ଟେକି ନେବାରେ ତୁମମାନଙ୍କ କଷ୍ଟ ଦେଖି ମୋ ମନରେ କଷ୍ଟ ହେଲା । ସାହାଯ୍ୟ କରିବା ଲାଗି ଆସିଲି । ସେ ସଙ୍ଗେ ସଙ୍ଗେ ଟେଳାଏ ମାଟି ଭଳି ମନ୍ଦରଗିରିକି ହାତରେ ଉଠେଇ ଗରୁଡ଼ ପିଠିରେ ରଖିଲେ । ଗରୁଡ଼ ପ୍ରଭୁଙ୍କ ଆଦେଶ ପାଇ ପର୍ବତଟିକୁ ନେଇ କ୍ଷୀରସାଗର ମଝିରେ ପୋତି ଦେଇ ଆସିଲା । ପୁଣି ଚାଲିଲା ଦେବତାମାନଙ୍କ ଜୟଧ୍ୱନି । ଅସୁରମାନେ ମଧ ଖୁସି ହେଲେ । କାରଣ ଭବିଷ୍ୟତରେ ସେମାନେ ଅମୃତପାନ କରି ଅମର ହୋଇଯାଇପାରିବେ । ଦେବତାମାନେ ତ ଶ୍ରୀହରିଙ୍କ ଭକ୍ତ । ଭକ୍ତି ବଳରେ ହିଁ ସେମାନେ ଦେବତ୍ୱ ଲାଭ କରିପାରିଛନ୍ତି । ଶ୍ରୀହରିଙ୍କ ଦର୍ଶନରେ ସେମାନେ ଆନନ୍ଦିତ ହେବା ସ୍ୱାଭାବିକ । ତେଣୁ ଶ୍ରୀହରି ସେମାନଙ୍କୁ କିଛି ନକହି ଅସୁରମାନଙ୍କୁ କହିଲେ, ବିପଦ ପଡ଼ିଲେ, ମତେ ସ୍ମରଣ କରିବ, ମୁଁ ଆସି ତୁମମାନଙ୍କୁ ରକ୍ଷା କରିବି । ଜାଣିରଖ ମୋର ଅନ୍ୟନାମ ଆପଦବାନ୍ଧବ ।

ଅମୃତପାନ ଲାଗି ବାସୁକୀ ମଧ ବ୍ୟାକୁଳ । ସେ ସଙ୍ଗେ ସଙ୍ଗେ ନିଜର ଯୋଜନ ଯୋଜନ ବ୍ୟାପୀ ଲମ୍ବା ଦିହକୁ ମନ୍ଦର ଗିରି ଚାରିପଟେ ଗୁଡ଼େଇ ରଖିଲା । ଗୋଟିଏ ପଟେ ଲାଞ୍ଜ, ଅନ୍ୟପଟେ ମୁଣ୍ଡ । ଦେବତା ଓ ଅସୁର- ଦୁଇ ପକ୍ଷ ଭିତରେ ଘଡ଼ିଏ କାଳ ଯୁକ୍ତିତର୍କ ଚାଲିଲା । କିଏ ମୁଣ୍ଡପଟେ ରହିବ, କିଏ ଲାଞ୍ଜପଟେ ରହିବ, ସେଥିଲାଗି କଳହ । ଦେବତାମାନେ କହିଲେ, ଆମେ ଶ୍ରେଷ୍ଠ ଜାତି, ଆମେ ମୁଣ୍ଡ ପଟେ ରହିବୁ- ଅସୁରମାନେ କହିଲେ ତୁମେମାନେ ଆମ ଦ୍ୱାରା ପରାସ୍ତ ହୋଇ କିଏ କୁଆଡ଼େ ଲୁଚିଥିଲ୍ୟ ଶ୍ରେଷ୍ଠ ଆମେ । ତୁମେମାନେ ଲାଞ୍ଜ ଧର, ଆମେ ମୁଣ୍ଡ ଧରିବୁ । ବୁଦ୍ଧିମାନ ଇନ୍ଦ୍ର ଭାବିଲେ, ଲାଞ୍ଜ ହେଉ ମୁଣ୍ଡ ହେଉ, ବାସୁକୀ ତ ବାସୁକୀ । ସେ ରାଜିହେଲେ ଲାଞ୍ଜ ପଟେ ରହିବା ପାଇଁ । ସେ ଜାଣିପାରିଲେ, ଅହଂକାର ଯୋଗୁଁ ତ ଏମାନେ ଅସୁର । ଏହି ଅହଂକାର ହିଁ ସେମାନଙ୍କୁ ପୁଣି ରସାତଳଗାମୀ କରାଇବ ।

ଆରମ୍ଭ ହେଲା ସମୁଦ୍ର ମନ୍ଥନ ! ଜୟ ଜୟ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଲା ।

●

॥ ୧୮୨ ॥

# ମୋ ନାଆଁ କ୍ଷୀରାବ୍ଧି-ତନୟା

**ବା**ସୁକୀର ମୁଣ୍ଡ ପାଖରେ ରହିଲେ, ଆମେ ବଡ଼ ବିବେଚିତ ହେବୁ, ଅମୃତ ବେଶୀ ପାଇବୁ– ଅସୁରମାନଙ୍କର ଏ ଆଶା ସ୍ୱାଭାବିକ । ଟିକିଏ ଭିଡ଼ାଓଟରା, ଟଣାଟଣି ପରେ ବାସୁକୀ ଦୀର୍ଘନିଃଶ୍ୱାସ ଛାଡ଼ିଲା । ବିଷାକ୍ତ ସେ ନିଃଶ୍ୱାସ । ଅସୁରମାନଙ୍କ ଦେହରେ ଜଳାପୋଡ଼ା ଆରମ୍ଭ ହୋଇଗଲା । ନିଜେ ଦାବୀ କରି ଅସୁରମାନେ ବାସୁକୀର ମୁଣ୍ଡକୁ ଧରିଛନ୍ତି । ସେମାନେ ଦାୟୀ କରିବେ କାହାକୁ ? ନିଜ ନିଜ ଭିତରେ କଳହ ଲାଗିଗଲା । ଇଆଡ଼େ ବିଷଜ୍ୱାଳାରେ ଅସୁରମାନଙ୍କ ଦେହରେ ଅସହ୍ୟ ଯନ୍ତ୍ରଣା । ଏକଥା ସେମାନେ ଦେବତାମାନଙ୍କୁ କହିବାକୁ ଲାଜ । ସେମାନେ ତ ବାସୁକୀର ଲାଞ୍ଜପଟ ଧରି ଭିଡୁଛନ୍ତି । ଅସୁରମାନେ ତ ପ୍ରଥମରୁ ମୁଣ୍ଡପଟ ଧରି ଭିଡ଼ିବାପାଇଁ ହମ୍‌ହମ ହେଉଥିଲେ । ଏବେ ଦେହରେ ଗମ୍‌ଗମ୍ ଝାଳ । ତେଣୁ ସେମାନେ ବାଧ ହୋଇ ଦେହର ବେଦନାକୁ ମନ ଭିତରେ ଲୁଚେଇ ରଖିଲେ ।

ଇଆଡ଼େ ଆଉ ଏକ ବିପଦ ଆସି ହାଜର । ମନ୍ଥନ-ଦଉଡ଼ି ବାସୁକୀକୁ ଦୁଇପକ୍ଷ ଯେତେ ଜୋରରେ ଟଣା ଓଟରା କରୁଛନ୍ତି, ସେତିକି ଜୋରରେ ମନ୍ଦରଗିରି ସୁମୁଦ୍ର ତଳେ ପଶି ପଶି ଯାଉଚି । ଦେବତାମାନଙ୍କ ଚିଫ ଇଞ୍ଜିନିୟର ଶ୍ରୀଯୁକ୍ତ ବିଶ୍ୱକର୍ମା ମହାଶୟ ତାଙ୍କର ଯେତେ ବିଦ୍ୟାବୁଦ୍ଧି ଥିଲା ସବୁ ଖଟଉଛନ୍ତି । ମନ୍ଦରଗିରି ସମୁଦ୍ରତଳ ପଙ୍କ ଭିତରେ ଏତେ ଗଭୀରକୁ ପଶିଯାଉଛି ଯେ, ତାକୁ ଉପରକୁ ଉଠେଇ ଯଥା ସ୍ଥାନରେ ରଖିବା ତାଙ୍କ ଦ୍ୱାରା ସମ୍ଭବ ହେଉନାହିଁ । ଦେବତା ଓ ଅସୁରଙ୍କ ପାଇଁ ଇଏ ଏକ ଗୁରୁତର ସମସ୍ୟା । ଉଭୟ ପକ୍ଷ ନିରୂପାୟ ହୋଇ 'ଶ୍ରୀହରି ରକ୍ଷା କର, ରକ୍ଷାକର' ଡାକ ଛାଡ଼ିଲେ । ଭକ୍ତବତ୍ସଳ ଶ୍ରୀହରି ଭକ୍ତଡାକ ଶୁଣିଲେ । ଶ୍ରୀହରି ତ ବହୁରୂପୀ । କେତେବେଳେ ସେ କେଉଁ ରୂପ ଧରନ୍ତି, ତାହା କଳନା କରି ହେବନି । ସେ ନିଜେ ଆସି ସାଗର ମନ୍ଥନ କାର୍ଯ୍ୟ ତଦାରଖ କଲେ । ବିରାଟକାୟ କଇଁଛ (କଚ୍ଛପ, କୂର୍ମ) ରୂପ ଧରି ସେ ସମୁଦ୍ରତଳେ ରହିଲେ । ନିଜ ପିଠି ଉପରେ ମନ୍ଦରଗିରିର ତଳକୁ ଧରିଲେ । ଶ୍ରୀହରିଙ୍କ ପିଠି ଉପରେ ମନ୍ଦର । ଆଉ ତଳକୁ ଖସିବାକୁ ବାଟ ନାହିଁ ।

ମନ୍ଥନ କାର୍ଯ୍ୟ ସ୍ଥଗିତ ରହିଥିଲା । ଶ୍ରୀହରି ଅଣ୍ଟେଇ ଦେବାରେ ଦେବାସୁର ପୁଣି ଲାଗିଲେ ବାସୁକୀରୂପୀ ଦଉଡ଼ି ଟାଣିବା କାମରେ । ମନରେ ଅପୂର୍ବ ଉତ୍ସାହ । ମନ୍ଦର ଗିରି ଘୂରିବାରେ ଲାଗିଲା କ୍ଷିପ୍ର ଗତିରେ । ପୁଣି ଜୟ ଜୟକାର ଧ୍ୱନି । ଏତେ ଜୋରରେ

ମନ୍ଦରଗିରି ଘୂରିଲା ଯେ, ବ୍ରହ୍ମାଣ୍ଡ କମ୍ପି ଉଠିଲା । ଜଳର ପ୍ରଚଣ୍ଡ ଶବ୍ଦ । ଜୀବଜଗତ ସ୍ତମ୍ଭିତ । ଆକାଶରେ ଗ୍ରହମାନେ ଥରହର । ଦେବତା ଓ ଅସୁରମାନଙ୍କ କାନ ଯେପରି ଫାଟି ପଡିଲା ।

ହଠାତ୍ ଦେବାସୁରଙ୍କ ନାକରେ ଲାଗିଲା ତୀବ୍ର ଗନ୍ଧ । ସାଗର ଜଳ କଳା ପଡ଼ି ଆସିଲା । ଚାରିଆଡ଼େ କଳା । ଇମିତି କଡୁ ଗନ୍ଧ ଯେ ସମସ୍ତେ ମୂର୍ଚ୍ଛିତ । ଶ୍ରୀହରି ଦେବରାଜ ଇନ୍ଦ୍ରଙ୍କୁ କହିଲେ, ତୁମେ ଜଲ୍‌ଦି କୈଳାସକୁ ଯାଅ । କୈଳାସନାଥ ମହାଯୋଗୀ ଶିବଶଙ୍କର ଯୋଗରେ ବସିଥିବେ । ଏ ଯେଉଁ କଳା କଳା ଦେଖୁଛ, ଇଏ କାଳକୂଟ ବିଷ । ଶିବ ବ୍ୟତୀତ ଏହାକୁ ପାନ କରିବାର କ୍ଷମତା ଆଉ କାହାର ନାହିଁ ।

ଇନ୍ଦ୍ର ସଙ୍ଗେ ସଙ୍ଗେ ଗଲେ କୈଳାସକୁ । ଦେଖିଲେ ଶଙ୍କର ସମାଧିସ୍ଥ । ମହାମାୟା ପାର୍ବତୀ ତାଙ୍କର ସେବାରତା । ସେ ପ୍ରଥମେ ମାଆଙ୍କ ଗୋଡ଼ ତଳେ ଲମ୍ବଦଣ୍ଡା ହୋଇ ପଡ଼ିଗଲେ । ପ୍ରଣତ ଅବସ୍ଥାରେ ହିଁ ମାଆଙ୍କୁ ଘଟଣା ସବୁ କହିଗଲେ । କରୁଣାମୟୀ ମା' ଗୌରୀଙ୍କ ହୃଦୟ ତରଳିଲା । ସେ ମହାଦେବଙ୍କ କାନ ପାଖରେ ଓଁକାର ଧ୍ୱନି କରି ତାଙ୍କ ସମାଧି ଭଙ୍ଗ କଲେ । ଇନ୍ଦ୍ରଙ୍କ ପକ୍ଷରୁ ମାଆ ପାର୍ବତୀ ଶିବଙ୍କୁ ସବୁ କଥା ଜଣାଇଲେ । ଦେବତାମାନେ ବିପଦରେ ପଡ଼ିଛନ୍ତି ଶୁଣି ଆଶୁତୋଷ ଈଷତ୍ ହସିଲେ । କହିଲେ, ଏ କାମ କରିବାକୁ ଶ୍ରୀହରି ଛଡ଼ା ଆଉ କେହି ନଥିବେ । ବିପଦ ସୃଷ୍ଟି କରିବାବାଲା ସେ । ବିପଦ ଅସମ୍ଭାଳ ହେଲେ ସମ୍ଭାଳିବା ପାଇଁ ସେ ତୁମମାନଙ୍କୁ ମୋ ପାଖକୁ ପଠାଇ ଦିଅନ୍ତି । ଇନ୍ଦ୍ର କହିଲେ, ସେ ନିଜେ ଆସି ଥାଆନ୍ତେ କିନ୍ତୁ ସେ ଏବେ ମନ୍ଦରଗିରିକୁ କଇଁଛ ହୋଇ ପିଠିରେ ଧରିଛନ୍ତି ।

ହେଉ, ଚାଲ ଚାଲ କହି ନିଜ ବାହନ ବୃଷଭ ପିଠିରେ ବସିଲେ ଶଙ୍କରଜୀ । ନିମିଷକରେ ସେ ହାଜର ହେଲେ କ୍ଷୀରସାଗରରେ । ଦେଖିଲେ, କ୍ଷୀରସାଗର ଆଉ କ୍ଷୀର ହୋଇ ରହିନାହିଁ । ସର୍ବତ୍ର ହଳାହଳ । କାଳକୂଟ ବିଷ ଲହୁଣୀ ଭଳି ଭାସୁଛି । ଶଙ୍କର ତତକ୍ଷଣାତ୍ ପ୍ରସନ୍ନ ବଦନରେ ସବୁ ବିଷ ପିଇ ପକାଇଲେ । ସେ ବିଷରେ ତାଙ୍କର କଣ୍ଠ ନୀଳ ପଡିଗଲା । ଏଣିକି ସେ ଆଉ ଏକ ନାଆଁ ପାଇଲେ, ତ୍ରିଲୋକରେ ସେ 'ନୀଳକଣ୍ଠ' ନାମରେ ବିଖ୍ୟାତ ହେଲେ । ବିଷ ହଟିଲା । ଜଗତ ସ୍ନିଗ୍ଧ ହେଲା । ଭୋଳାନାଥ ଶ୍ରୀହରିଙ୍କୁ କଇଁଛ ରୂପରେ ଦେଖି ହସିଲେ । କହିଲେ, ତୁମ ଲୀଳା ଚଲାଅ । ମୁଁ ଚାଲିଲି । ଭୋଳାନାଥ 'ବଂ ବଂ' ଧ୍ୱନି କରି ଡମ୍ବରୁ ବଜେଇ କିଛି ସମୟ ନାଚିଲେ । ନାଚି ନାଚି ସେ କୈଳାସ ଆଡ଼ିକି ମୁହାଁଇଲେ । ପୁଣି ମନ୍ଥନ ଆରମ୍ଭ ହେଲା ।

ଜୋର୍‌ରେ ମନ୍ଥ ବୋଲି ଶ୍ରୀହରି ଉଭୟ ପକ୍ଷକୁ ଉତ୍ସାହ ଦେଲେ । ସହସା ଜଳରାଶି ଭେଦକରି ଏକ ସୁନ୍ଦର ଗାଈ ଉପରକୁ ଉଠି ଆସିଲା । କହିଲା, ମୋ ନାଆଁ 'ସୁରଭୀ' ।

ମୁଁ ଏପରି ଗାଈ ଯେ ବିନା ବାଛୁରୀରେ ଦୁଧ ଦିଏ । ଟୋପେ ଦି' ଟୋପା ଦୁଧ ନୁହଁ । ଯେତେ ଦୁହିଁବ ସେତିକି ଦୁଧ ପାଉଥିବ । ଅମାପ କ୍ଷୀର । ଏ ଗାଈ ପାଇଁ କଳି ହେବ ବୋଲି ଜଣାଥିଲା । ତେଣୁ ଶ୍ରୀହରିଙ୍କ ପରାମର୍ଶରେ ମୁନିଋଷିଙ୍କୁ 'ସୁରଭୀ'କୁ ଦାନ ଦିଆଗଲା ।

ମନ୍ଥନ ଚାଲିଛି । ସୁରଭୀ ପରେ ସାଗର ଭିତରୁ ବାହାରିଲା ପ୍ରକାଣ୍ଡକାୟ ଐରାବତ ନାମକ ଧଳାହାତୀ । ତା'ପରେ ଉଚ୍ଚୈଃଶ୍ରବା ନାମକ କ୍ଷିପ୍ରଗାମୀ ଅଶ୍ୱ । ଇମିତି କେତେ କ'ଣ ପଦାର୍ଥ ଗୋଟିକ ପରେ ଗୋଟିଏ ଉଠିଲେ । ନାରାୟଣ ଏସବୁ ଦେଇଦେଲେ ଇନ୍ଦ୍ରଙ୍କୁ । ତା'ପରେ କୌସ୍ତୁଭ ନାମକ ଏପରି ଏକ ମଣି ବାହାରିଲା ଯେ ଚାରିଆଡ଼ ଆଲୋକିତ ହୋଇପଡିଲା । ରତ୍ନଗର୍ଭା କ୍ଷୀରସାଗର । ମଣି ନେଲେ ଚିନ୍ତାମଣି । ଏପର୍ଯ୍ୟନ୍ତ ଜନ୍ତୁଜନ୍ତୁ ଓ ଜଡପଦାର୍ଥ ବାହାରୁଥିଲା । ଏଥର ମନ୍ଥନ ବେଗରେ ଜଳରେ ଭାସି ଉଠିଲା ଏକ ରୂପସୀ ତରୁଣୀ । ପରମାସୁନ୍ଦରୀ ! ତାକୁ ଦେଖି ଦେବାସୁରମାନେ ମୁଗ୍‌ଧଚକିତ ହୋଇ ପଡିଲେ । ଦେବୀ ଜଳରୁ ଉଠିଲେ । ହାତରେ ତାଙ୍କର ଏକ ଅମ୍ଳାନ ପଦ୍ମଫୁଲମାଳ । ସେ ମାଳାଟିକୁ ଶ୍ରୀ ବିଷ୍ଣୁଙ୍କ ଗଳାରେ ପିନ୍ଧାଇ ତାଙ୍କୁ ସ୍ୱାମୀ ଭାବରେ ବରଣ କଲେ । କହିଲେ, ମୋ ନାଁ କ୍ଷୀରାବ୍ଧି ତନୟା । ମହାଲକ୍ଷ୍ମୀ ।

ଯୁବତୀଙ୍କି ଦେଖି ଅସୁରମାନେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ପଡିଥିଲେ । ଲୋଭେଇ ଯାଇଥିଲେ । କିନ୍ତୁ ନାରାୟଣଙ୍କ ଭୟରେ ସେମାନେ ଗଣ୍ଡଗୋଳ କଲେ ନାହିଁ । ମନେ ମନେ ଭାବିଲେ, ପରେ ଦେଖାଯିବ । ଏବେ କିଛି ଗଣ୍ଡଗୋଳ କଲେ ହୁଏତ୍ ଅମୃତ ପାଇବାରେ ବାଧା ଉପୁଜିପାରେ । ପ୍ରଥମେ ସେତକ ମିଳୁ, ପରେ ଏ ଯୁବତୀକୁ ହାସଲ କରିବା ଲାଗି ଉପାୟ କରାଯିବ । ଜିନିଷପତ୍ର ମଧ୍ୟ ଦେବତାମାନଙ୍କଠୁ ଛଡ଼େଇ ଅଣାଯାଇପାରିବ । ଦେହର ବଳ ତ ଅମୃତ ପାନ କଲେ ବହୁତ ବଢ଼ିଯିବ । ଅବଶ୍ୟ ଉଭୟ ପକ୍ଷ ଯେତେବେଳେ ସମୁଦ୍ର ମନ୍ଥନ କରୁଛନ୍ତି, ଯାହା ବାହାରିବ, ସେଥିରୁ ଅସୁରମାନେ ଅଧେ ପାଇବା କଥା । ସେମାନଙ୍କ ଦାବୀ ଅନ୍ୟାୟ ନୁହଁ । କିନ୍ତୁ ନାରାୟଣଙ୍କ ଲୀଳା-ରହସ୍ୟ ଭେଦ କରିବା ଅସମ୍ଭବ । ଦେବତାମାନେ ତ ଜାଣି ପାରନ୍ତି ନାହିଁ । ଏ ଅସୁରରୂପୀ ମନୁଷ୍ୟମାନେ କ'ଣ ବା ଜାଣିବେ ?

ମନ୍ଥନର କ୍ଷିପ୍ରତା ବଢ଼ିବାରେ ଲାଗିଛି । ଦିନ, ମାସ, ବର୍ଷ ବର୍ଷ ଧରି । ଇଆଡ଼େ ବାସୁକୀ ରକ୍ତବାନ୍ତି କଲାଣି । ସିଆଡ଼େ ମନ୍ଦରଗିରିକି ଘୂରେଇ ଘୂରେଇ ଦେବାସୁର କ୍ଳାନ୍ତଶ୍ରାନ୍ତ । ଦେହ ଅବଶ । ହାତବନ୍ଦ । ବାସୁକୀର ପ୍ରାୟ ଅଚେତନ ଅବସ୍ଥା । ମୃତପ୍ରାୟ ବାସୁକୀର ଜ୍ୱାଳାମୟୀ ନିଃଶ୍ୱାସରେ ଅସୁରମାନଙ୍କ ଦେହରେ ଅସହ୍ୟ ଯନ୍ତ୍ରଣା । ତା'

ସହିତ ଯେଉଁସବୁ ମୂଲ୍ୟବାନ ଜିନିଷ ବାହାରୁଚି ସବୁ ପାଉଚନ୍ତି ଦେବତାମାନେ । ତେଣୁ ଅସୁରଗଣ ନିରୁତ୍ସାହିତ । ଦେହରେ କ୍ଳାନ୍ତି । ମନରେ ଭ୍ରାନ୍ତି । ପରସ୍ପର କୁହାକୁହି ହେଲେ । ଦେବତାମାନଙ୍କ ମତଲବ ଭଲ ନୁହେଁ । କିଛି ନା କିଛି ଅଭିସନ୍ଧି ରହିଛି । ଗୋପନ ଷଡ଼ଯନ୍ତ୍ର କରି ନାରାୟଣଙ୍କୁ ମନେଇ ଆମକୁ ଫସେଇ ଦେଇଛନ୍ତି । ଆମ ଦେହର ବଳ ଅଧିକ ହେଲେ କ'ଣ ହେବ, ଦେବତାମାନଙ୍କ ବୁଦ୍ଧି ବଳ ଅଧିକ ।

ଠିକ୍ ଏହି ସମୟରେ ଚାରିଆଡ଼ ମହକି ଉଠିଲା । ବହିବାରେ ଲାଗିଲା ସୁବାସିତ ପବନ । ମନ୍ଦାନିଳ । ଦେବାସୁରଙ୍କ ଦେହ ସତେଜ ହୋଇ ଉଠିଲା । ବାସୁକୀ ମଧ ଚେଇଁଲା । ସ୍ନିଗ୍ଧ ଜ୍ୟୋତିରେ ଚୌଦିଗ ଜ୍ୟୋର୍ତିମୟ । ମନେହେଲା ଯେପରି ସ୍ୱର୍ଗର ନନ୍ଦନକାନନ ସେବା କରିବାକୁ ଆସିଛି । ଦେବାସୁର ଆନନ୍ଦରେ ନାଚି ଉଠିଲେ । ଜୟ ଜୟ ଧ୍ୱନି କଲେ । ଆନନ୍ଦର କୋଳାହଳ । ସମସ୍ତେ ଭାବିଲେ, ଶ୍ରମ ସାର୍ଥକ ହେଲା । ଏହାପରେ ଅମୃତର ଉଦ୍ଭବ ନିଶ୍ଚିତ ।

●

॥ ୧୮୩ ॥

# ମାରିନେଲେ ମହାପାତ୍ରେ...

**ଦେ**ବାସୁରମାନେ ଅପଲକ ନେତ୍ରରେ ଚାହିଁ ରହିଛନ୍ତି, ଏଥର କ୍ଷୀରସାଗରରୁ ଉଠିବ କିଏ ? ହାତୀ ଘୋଡ଼ା, ଗାଈ ଓ ମନମୋହିନୀ ରମଣିରତ୍ନ ତ ଉଠିଲେ ଦେଖିଲୁ । ଏଣିକି ନିଶ୍ଚିତ ଭାବରେ ଅମୃତ ବାହାରିବ । କିନ୍ତୁ ସେ ଅମୃତର ରୂପ କ'ଣ ଭେକ କ'ଣ, କିଏ ଧରି ଆସିବ, ଏହାର ସ୍ୱାଦ କ'ଣ କେହି ଜାଣନ୍ତି ନାହିଁ । ଏତିକି ମାତ୍ର ଜାଣନ୍ତି, ଯାହା ନାଆଁ ଅମୃତ, ସିଏ ନିଶ୍ଚିୟ ଏକ ରସ, ତାକୁ ପିଇଲେ ଆଉ ମୃତ୍ୟୁ ନାହିଁ । ଅମର ।

ଏହି ଭାବନାରେ ସମସ୍ତେ ରତଥିବା ବେଳେ ଚତୁର୍ଦ୍ଦିଗ ଝଟକି ଉଠିଲା । ଦେବାସୁରଙ୍କ ଉତ୍ସାହ ବଢ଼ିଲା । ସେମାନେ ଜୋର୍‌ରେ ମନ୍ଦରାଚଳକୁ ଘୁରେଇଲେ । ମନ୍ଥନର କ୍ଷିପ୍ରତା ହଜାରେ ଗୁଣ ବଢ଼ିଗଲା । ମନେ ହେଲା ଯେପରି ଦେବତା ଓ ଅସୁରଙ୍କ ଦେହରେ ଅମୃତର ସଂଚାର ହୋଇଗଲା । ଆଉ କାହାରି କ୍ଳାନ୍ତି ନାହିଁ । ଭ୍ରାନ୍ତି ନାହିଁ । ସମସ୍ତେ ଦେଖିଲେ, ଜଣେ ଜ୍ୟୋତିର୍ମୟ, ଦୀପ୍ତିମନ୍ତ ପୁରୁଷ ସମୁଦ୍ରରୁ ଉଠି ଆସୁଛନ୍ତି । ପ୍ରଥମେ ତାଙ୍କ ମୁଣ୍ଡଟି ଦେଖାଗଲା । ପରେ ପରେ ସର୍ବାଙ୍ଗ । ହାତରେ ତାଙ୍କର ଏକ ସୁବର୍ଣ୍ଣ କଳସ । ବୟସରେ ତରୁଣ । ସମସ୍ତେ ସମସ୍ୱରରେ ପାଟିକରି ଉଠିଲେ, ଦେଖ ଦେଖ, ହାତରେ ତାଙ୍କର ଅମୃତଭାଣ୍ଡ । ଭଗବାନ୍ ଠିକ୍ ଲୋକକୁ ବାଛିଚନ୍ତି । ସେ ଉପରକୁ ଉଠିବା ମାତ୍ରେ ଦେବତାମାନେ ତାଙ୍କ ନାଆଁ ରଖିଲେ 'ଧନ୍ୱନ୍ତରୀ' ।

ଉଦ୍ଧତ, ଉନ୍ମତ୍ତ ଅବିବେକୀ, ଲୋଭୀ, ନିର୍ଦ୍ଦୟ ନିଷ୍ଠୁର ମଣିଷକୁ ହିଁ ରାକ୍ଷସ ବା ଅସୁର କୁହାଯାଇଥାଏ । ସେମାନେ ଧନ୍ୱନ୍ତରୀ ସମୁଦ୍ରରୁ ଉଠିବାମାତ୍ରେ ଅମୃତ ଲୋଭରେ ତାଙ୍କ ହାତରୁ କଳସୀଟିକୁ ଛଡ଼େଇ ନେଲେ । ଦେବତାମାନେ ଅସୁରମାନଙ୍କ ଆଚରଣରେ କ୍ରୋଧାନ୍ଧ ହୋଇ ପଡ଼ିଲେ । ସେମାନେ ବାହାରିଲେ, ଆକ୍ରମଣ କରିବାକୁ । କିନ୍ତୁ ନାରାୟଣଙ୍କ ଇଙ୍ଗିତରେ ଦେବତାମାନେ ଶାନ୍ତ ହେଲେ । ନାରାୟଣ କହିଲେ, କ୍ରୋଧ ମଣିଷର ପରମ ଶତ୍ରୁ । ତାକୁ ପ୍ରଥମେ ଦମନ କର । ନ କଲେ ତୁମେମାନେ ମଧ୍ୟ ଅସୁର ହୋଇ ପଡିବ । କ'ଣ ଘଟୁଚି, ଅପେକ୍ଷା କର । ମୁଁ ତ ଅଛି, ଡର କାହିଁକି ?

ଅମୃତଭାଣ୍ଡ ଏବେ ଅସୁରମାନଙ୍କ ପାଖରେ । ତାକୁ ପାଇବା ମାତ୍ରେ ଅସୁରମାନଙ୍କ ଅସଲ ପ୍ରକୃତି ବାହାରି ପଡିଲା । ପରସ୍ପର ସହିତ ଝଗଡ଼ା କଲେ । ସମସ୍ତେ କହିଲେ, ମୁଁ ଅମୃତ ଆଗେ ପିଇବି । ଆରମ୍ଭ ହୋଇଗଲା ଧସ୍ତାଧସ୍ତି । ତୁମୁଳ କାଣ୍ଡ । ଅସୁରଙ୍କ ମଧ୍ୟରୁ ବଳ ଯାହାର ଅଧିକ, ସେମାନେ ୟା ହାତରୁ ସିଏ ତା' ହାତରୁ ଇଏ – ଅମୃତ ଭାଣ୍ଡକୁ ଛଡ଼େଇବାରେ ଲାଗିଲେ । ଦୁର୍ବଳ ଶ୍ରେଣୀର ଅସୁରମାନେ ଧସ୍ତାଧସ୍ତି ନ କରି କେବଳ ତର୍କ ବିତର୍କ, କୋଳାହଳ କରିବାକୁ ଲାଗିଲେ । ସମାଲୋଚନା ଚାଲିଲା । କେହି କେହି କହିଲେ, ଏପରି କରିବା ଘୋର ଅନ୍ୟାୟ । ଦେବତାଙ୍କ ସହିତ ମିଶି ଉଭୟ ପକ୍ଷ ସମୁଦ୍ର ମନ୍ଥନ କଲେ । ଏକା ଏକା ଅସୁରମାନେ ଅମୃତପାନ କରିବା ଅନୁଚିତ ହେବ । ସେମାନେ ହାତୀ, ଘୋଡ଼ା, କେତୋଟି ନେଲେ ବୋଲି ଅମୃତ ଭାଗ ନେବାରେ ବଞ୍ଚିତ ହେବେ କାହିଁକି ? ଯେତେହେଲେ ସେମାନେ ଆମର ବଡ଼ଭାଇ । ସେମାନଙ୍କ ବୁଦ୍ଧି ଯୋଗୁଁ ତ ସମୁଦ୍ର ମନ୍ଥନ ହେଲା ।

ମନେ ହେଲା ଯେପରି ସମୁଦ୍ର ମନ୍ଥନ ପରେ ଲକ୍ଷ ଲକ୍ଷ ଅସୁରଙ୍କ ମନରେ ଓ ଦେହ-ସାଗରରେ ମନ୍ଥନ ଚାଲିଛି । ଇମିତି କେତେ ସମୟ ଚାଲିଲା । ହଠାତ୍ ଏକ ଅପୂର୍ବ ଦୃଶ୍ୟ ଦେଖାଗଲା । ସେ ଦୃଶ୍ୟ ଦେଖି ସମସ୍ତେ ଚୁପ୍ । ନୀରବ ନିସ୍ତବ୍ଧ । କୋଳାହଳ କୁଆଡ଼େ ପଳେଇ ଗଲା । ଆକାଶକୁ ବୁକୁ ଚିରି ହଠାତ୍ ଓହ୍ଲେଇ ଆସିଲେ ଜଣେ ପୂର୍ଣ୍ଣଯୌବନା ଷୋଡ଼ଶୀ ତରୁଣୀ । ଇମିତି ରୂପ ଯେ କେହି କହିଲେ, ୟାଙ୍କ ନାଆଁ ଅନୁପମା । କେହି କେହି କହିଲେ ଅପରୂପା, ଭୁବନମୋହିନୀ । ଚିତ୍ତ ବିନୋଦିନୀ । କି ସୁନ୍ଦର ଆଖି ! ରମଣୀ ଯୁବତୀ, ଗୌରବର୍ଣ୍ଣା । ଅତି ଅତି ସୁନ୍ଦରୀ । ଯେତେ 'ଅତି' ଲଗାଇଲେ ବି ଏହାଙ୍କ ରୂପର ଗତିକି ମାପି ହେବ ନାହିଁ । ଦେହରେ କେତେ ନା କେତେ ମଣି ମାଣିକ୍ୟ ଖଚିତ । ଶୁକ୍ଳାମ୍ବରୀ । ଦେବତାମାନଙ୍କ ପାଖକୁ ନ ଯାଇ ସେ ସିଧା ଉପରୁ ଖସି ଆସିଲେ ଅସୁରମାନଙ୍କ ପାଖକୁ । ଅଧରରେ ସ୍ମିତ ହାସ୍ୟ ରେଖା । ଟିକିଏ ହସରେ ଅସୁରମାନେ ବଶୀଭୂତ । ମଧୁର କଣ୍ଠସ୍ୱର । ସେ ଅସୁରମାନଙ୍କୁ କହିଲେ, ଉପରେ ଉଡ଼ି

ଉଡ଼ି ଯାଉଥିଲି, ତୁମମାନଙ୍କ ପାଟିତୁଣ୍ଡ ଶୁଣିଲି । ଘଟଣା କ'ଣ, ଗୋଳମାଳ କାହିଁକି, ଜାଣିବା ପାଇଁ କୌତୂହଳ ହେଲା । ଖସି ଆସିଲି । ଦେଖୁଚି, ତୁମେମାନେ ତ ଜଣେ ଜଣେ ମହାବୀର । ବେଶ୍ ସୁସ୍ଥ ସବଳ । ହୃଷ୍ଟପୁଷ୍ଟ । କାହାକୁ ନେଇ ପାଟିତୁଣ୍ଡ, ଝଗଡ଼ା କଳହ ? ଏପରି କୌଣସି କଥା, ସମସ୍ୟା ନାହିଁ, ଯାହାର ସମାଧାନ ହୋଇ ପାରିବନି ।

ଅସୁରମାନେ ଲାଙ୍ଗୁଳ ଜାକିଲେ । ଅମୃତଭାଣ୍ଡଟିକୁ ନେଇ ଦେବୀଙ୍କ ପାଖରେ ଥୋଇଲେ । କହିଲେ, ଏଥିରେ ଅମୃତ ଅଛି ବୋଲି ଏ ଝଗଡ଼ା । ଶୁଣୁ ଶୁଣୁ ମନମୋହିନୀ ଦେବୀ ଇମିତି ଜୋରରେ ଠୋ ଠୋ ହସିଲେ ଯେ, ଅସୁରମାନଙ୍କ ଛାତି ଦୁଲୁକି ଉଠିଲା । ଦେବୀ କହିଲେ, ଇଏତ ସାମାନ୍ୟ କଥା । ଆସ ସମସ୍ତେ, ମୁଁ ଝଗଡ଼ା ମେଣ୍ଟେଇ ଦେବି ।

ଏତିକି କହି ଦେବୀ ଅମୃତ କଳସଟିକୁ ନିଜ କାଖକୁ ଉଠେଇ ନେଲେ । ଦେବତା, ଅସୁରମାନେ କେବଳ ଚାହିଁ ରହିଲେ, କ'ଣ ହେଉଛି ଦେଖିବା ପାଇଁ । ଆଉ ଚୁଁ ନାହିଁ କି ଚାଁ ନାହିଁ । ନିସ୍ତବ୍ଧ । ଏ ଝିଅଟା କୁଆଡୁ ଆସିଲା, ଇଏ ଶତ୍ରୁ କି ମିତ୍ର, ଏ ବିଚାର କାହାର ନାହିଁ । ସମସ୍ତେ ମନ୍ତ୍ରମୁଗ୍ଧ । ଦେବୀ କହିଲେ, ଦେବତା ଓ ଅସୁର ଦୁଇପକ୍ଷ ଲୋକ ଅଲଗା ଧାଡ଼ି ହୋଇ ବସ । ଯିଏ ଯେତିକି ପାଇବା କଥା ମୁଁ ସମାନ ଭାଗ କରି ଅମୃତ ବାଣ୍ଟି ଦେବି । ଇମିତି ବାଣ୍ଟିବି ଯେ କାହା ମନରେ ଅସନ୍ତୋଷ ବୋଲି ତିଳେ ହେଲେ ରହିବ ନାହିଁ । ମୁଁ ସଂମ୍ପୂର୍ଣ୍ଣ ନିରପେକ୍ଷ । ନିଷ୍ପକ୍ଷ ।

ଦେବତା ଓ ଅସୁରମାନେ ଧାଡ଼ିବାନ୍ଧି ବସିଲେ । ଦେବୀ ପ୍ରଥମେ ଅସୁରମାନଙ୍କ ସହିତ କଥାବାର୍ତ୍ତା ଆରମ୍ଭ କଲେ । ହାସ୍ୟ, କୌତୁକ, ଥଟ୍ଟା ପରିହାସ ଚାଲିଲା । ସେମାନେ ଦେବୀଙ୍କ ହାସ୍ୟରସ ପାନ କରି ଅମୃତ କଥା ଭୁଲିଗଲେ । ଦେବୀ ସେହି ସୁଯୋଗ ନେଇ ଦେବତା ବା ସୁରମାନଙ୍କୁ ଅମୃତ ପାନ କରାଇବାରେ ଲାଗିଲେ । ଅସୁରମାନେ ଆନନ୍ଦରେ ମନେ ମନେ ଉନ୍ମତ୍ତ ହୋଇ ଉଠିଲେ । ଭାବିଲେ ଦେବୀଙ୍କ ଅଧରାମୃତଠୁ ବଳି ଅମୃତ ଆଉ କିଛି ନାହିଁ ।

ଅସୁରଙ୍କ ମଧ୍ୟରୁ ରାହୁ ନାମକ ରାକ୍ଷସ ଯିମିତି ଧୂର୍ତ୍ତ ସିମିତି ଚତୁର । ସେ ଭୁବନମୋହିନୀ ତରୁଣୀମଣିର ମତଲବକୁ ଠିକ୍ ଠଉରେଇ ପାରିଲା । ସେ ଅସୁରମାନଙ୍କ ଧାଡ଼ିରୁ ଖସି ଯାଇ ସୁରମାନଙ୍କ ଧାଡ଼ିରେ ଖୁନ୍ଦାଖୁନ୍ଦି ହୋଇ ବସି ପଡ଼ିଲା । ଦେବତାମାନେ ଅମୃତ ପାନ କରିବାରେ ଭୋଳ । ସେମାନେ ରାହୁର ପ୍ରବେଶକୁ ଜାଣି ପାରିଲେ ନାହିଁ । ଚାଲାକ ହେଲେ କ'ଣ ହେଲା, ରାହୁ ଯାଇ ବସିଲା ସୂର୍ଯ୍ୟ ଆଉ ଚନ୍ଦ୍ରଙ୍କ ମଝିରେ । ଏ ଦୁହେଁ ତ ଦିବ୍ୟାଲୋକର ଆଧାର । ତଳେ ଛୁଞ୍ଚିଟିଏ ପଡ଼ିଲେ ମଧ ଜାଣିପାରିବେ । ରାହୁ ଅମୃତ ପାଇବା ପାଇଁ ହାତ ବଢ଼ାଇବା ମାତ୍ରେ ସୂର୍ଯ୍ୟ ଓ ଚନ୍ଦ୍ର ବିଷ୍ଣୁଙ୍କୁ ନିଜ ସଂକେତ ଦ୍ୱାରା ଜଣାଇଦେଲେ ଯେ ଏଇଟା ସୁର ନୁହେଁ ଅସୁର । ଶ୍ରୀବିଷ୍ଣୁ ତତ୍‌କ୍ଷଣାତ୍ ସୁଦର୍ଶନ

ଚକ୍ର ପଠାଇ ରାହୁର ମୁଣ୍ଡ କାଟି ପକାଇଲେ । ସେତେବେଳକୁ ରାହୁ ଅମୃତ ଟୋପାଏ ପିଇ ସାରିଥିଲା । ସେ ଟୋପାକ ତା' ତଣ୍ଟି ନଳି ପର୍ଯ୍ୟନ୍ତ ଚାଲି ଯାଇଥିଲା । ତେଣୁ ତା ମୁଣ୍ଡଟି ରହିଲା, କାନ୍ଧଟି ମଧ ରହିଲା । ଦେହର ବାକି ତକ ଗଲା । ସେ ଦ୍ୱିଧାବିଭକ୍ତ ହେଲେ ମଧ ଅମର ହେଲା । ଅମୃତ ପାନ କରିଥିବାରୁ ସେ ଦେବତାମାନଙ୍କ ମଧରେ ନବଗ୍ରହରୁ ଗୋଟିଏ ଗ୍ରହ ଭାବରେ ନିମ୍ନ ଶ୍ରେଣୀରେ ରହିଲା । କିନ୍ତୁ ତାକୁ ଧରା ପକାଇ ଦେଇଥିବାରୁ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପ୍ରତି ତାର ରୋଷ ଓ କ୍ରୋଧ ସର୍ବଦା ରହି ଆସିଚି । ସେ ମଝିରେ ମଝିରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଗିଳିବା ବା ଗ୍ରାସ କରିବା ପାଇଁ ଚେଷ୍ଟା କରିଥାଏ । ତେଣୁ ଗ୍ରହଣ ଓ ପରାଗ ହୋଇ ଆସୁଛି ।

ଦେବୀ ଅସୁରମାନଙ୍କୁ କରୁଣ ଓ ନିରୂପାୟ ଦୃଷ୍ଟିରେ କଟାକ୍ଷପାତ କରିବାରେ ଲାଗିଛନ୍ତି । ତାଙ୍କ ଦୃଷ୍ଟିରେ ଅସୁରଙ୍କର ତୁଷ୍ଟି । କଥାରେ ଅଛି, ମାରିନେଲେ ମହାପାତ୍ରେ, ଚାହିଁଥାରେ ଢଳକା । ଦେବୀ ପ୍ରସନ୍ନା । ବରାଭୟକରା ମାତୃମୂର୍ତ୍ତିକୁ ଦର୍ଶନ କଲେ ଦେବତାମନେ । ଢଳକା ଭଳି ଚାହିଁ ରହିଛନ୍ତି ଅସୁରଗଣ । ସେମାନେ ଦେବୀଙ୍କ ସହାସ୍ୟ ମୁଖମଣ୍ଡଳ, ଅମୃତ ବଚନରେ ବିଭୋଳ । ହଠାତ୍ ସେମାନେ ଚମକି ଉଠିଲେ । ଅସଂଯମର ଫଳ ଭୋଗିଲେ । ଦେଖିଲେ ଦେବୀ କୁଆଡ଼େ ଭାଗେ । ଅନ୍ତର୍ହିତା । ଲଜ୍ଜାରେ ଅସୁରମାନେ କିଏ କାହାର ମୁହଁକୁ ଚାହିଁ ପାରିଲେ ନାହିଁ । ସମସ୍ତଙ୍କ ମଥା ତଳକୁ । ଏତେଦିନ ଧରି ସମୁଦ୍ର ମନ୍ଥନ ନିଷ୍ଫଳ । ସାମନାରେ ଦେବତାମାନେ । ଅମୃତପାନ କରି ତୃପ୍ତ , ଦୃପ୍ତ । ଅସୁରମାନଙ୍କ ରାଜା ବଳୀ କହିଲେ, ଏ ଲଜ୍ଜା ଅସହ୍ୟ । ଚାଲ ଆମେ ଯେଉଁଠୁ ଆସିଥିଲେ, ସେହି ପାତାଳ ପୁରୀକି ଫେରିଯିବା । ପରାଜୟ, ଅପମାନ ତୁଳନାରେ ମୃତ୍ୟୁ ଶ୍ରେୟସ୍କର ।

ଦେବତାମାନେ ଶ୍ରୀହରିଙ୍କ ମାୟାଶକ୍ତିର ଜୟଜୟକାର କଲେ । ଏ ଧ୍ୱନି ଦୈତ୍ୟରାଜ ବଳୀ ଓ ଅସୁରମାନଙ୍କ ହୃଦୟକୁ ଶୂଳିଠୁ ବଳି ପଡ଼ିଲା । ଉତ୍କ୍ଷିପ୍ତ ହୋଇ ସେମାନେ ଦେବତାମାନଙ୍କୁ ଆକ୍ରମଣ କଲେ । କିନ୍ତୁ ଦେବତାମାନେ ଯେ ଅମୃତ ପାନ କରି ଅମର । ଅସୁରମାନଙ୍କ ସମସ୍ତ ଉଦ୍ୟମ ବ୍ୟର୍ଥ । ଅସଂଯମୀଙ୍କ ଶକ୍ତି କ୍ଷଣସ୍ଥାୟୀ । ଅସୁରମାନେ ପ୍ରାଣ ଭୟରେ ପାତାଳକୁ ଯାଇ ଲୁଚିଲେ । ଦେବରାଜ ଇନ୍ଦ୍ର ସ୍ୱର୍ଗ ସିଂହାସନରେ ଅଧିଷ୍ଠିତ ହେଲେ । ଜଗତର ଶାନ୍ତି ବିଧାନ ହେଲା ।

ଶ୍ରୀହରି ଭକ୍ତଙ୍କ ଲାଗି ତୁଚ୍ଛ କୂର୍ମ ବା କଇଁଛ ଦେହ ଧାରଣ କରିଥିଲେ । ଦେବତାମାନଙ୍କୁ ସେ ଅମୃତପାନ କରାଇ ଜଗତକୁ ଉଦ୍ଧାର କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । ଇଏ ଥିଲା ତାଙ୍କର କଚ୍ଛପ-ଲୀଳା ।

●

## ॥ ୧୮୪ ॥

# ଜୟ ବିଜୟଙ୍କ ଅଧୋଗତି

ଏବେ ଯେମିତି, ସୃଷ୍ଟିର ଆରମ୍ଭରୁ ମଧ୍ୟ ସିମିତି ଥିଲା । କ୍ଷମତାଶାଳୀଙ୍କ ଅପେକ୍ଷା ସେମାନଙ୍କ ଦ୍ୱାରପାଳଙ୍କ ତୋଡ଼ ବେଶୀ । ବୈକୁଣ୍ଠପୁରୀର ଦୁଇ ଦ୍ୱାରପାଳ ଜୟ ବିଜୟ । ଏମାନଙ୍କର ବିଚିତ୍ର ଇତିହାସ ।

ସୃଷ୍ଟିକର୍ତ୍ତା ବ୍ରହ୍ମା ସର୍ବପ୍ରଥମେ କେତେଜଣ ଋଷି ମୁନିଙ୍କୁ ସୃଷ୍ଟି କରିଥିଲେ । ଏମାନେ ହେଲେ ସନକ, ସନନ୍ଦ, ସନାତନ, କପିଳ, ବୋଢୁ, ଆସୁରୀ ଓ ପଞ୍ଚଶିଖ । ସମସ୍ତେ ଦିବ୍ୟ ମନୁଷ୍ୟ । ବ୍ରହ୍ମାଙ୍କ ମାନସପୁତ୍ର ଏମାନେ । ମନୁଷ୍ୟମାନଙ୍କ ପୂର୍ବ ପୁରୁଷ । ଏମାନେ ବ୍ରହ୍ମାଙ୍କ ଆଦେଶ ଅନୁସାରେ ମନୁଷ୍ୟମାନଙ୍କୁ ସୃଷ୍ଟି କରିଥିଲେ । ତେଣୁ ଏମାନଙ୍କୁ ଶ୍ରାଦ୍ଧାଦିରେ ଶ୍ରଦ୍ଧାର ସହିତ ତଣ୍ଡୁଳୋଦକରେ ତର୍ପଣ କରାଯାଏ । ଏହି ମାନସପୁତ୍ରଙ୍କ ମଧ୍ୟରୁ ସନତ କୁମାର ମଧ୍ୟ ଅନ୍ୟତମ । ଏମାନଙ୍କ ବ୍ୟତୀତ ଆଉ ସାତଜଣ ମଧ୍ୟ ବ୍ରହ୍ମାଙ୍କ ମାନସପୁତ୍ର ସପ୍ତର୍ଷି ନାମରେ ପରିଚିତ । ଏମାନେ ହେଲେ ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ । ଏମାନଙ୍କ ପତ୍ନୀ ଯଥାକ୍ରମେ ସଂଭୂତି, ଅନସୂୟା, କ୍ଷମା, ପ୍ରୀତି, ସନ୍ନତି, ଲଜ୍ଜା ଓ ଅରୁନ୍ଧତୀ ।

ପ୍ରଥମ ସାତଜଣ ମାନସପୁତ୍ରଙ୍କର ବନ୍ଧନ ବୋଲି କିଛି ନଥିଲା । ସେମାନେ ଭଗବାନଙ୍କ ବ୍ୟତୀତ କିଛି ଜାଣୁ ନଥିଲେ । ଲଜ୍ଜା, ଘୃଣା ଭୟ ଆଦି ଏମାନଙ୍କର କିଛି ନ ଥିଲା । ଶିଶୁସୁଲଭ ଆଚରଣ । ଆନନ୍ଦରେ ତ୍ରିଲୋକ ବିଚରଣ କରୁଥିଲେ । ଦିନେ ବୁଲୁ ବୁଲୁ ସେମାନେ ପହଞ୍ଚିଲେ ବୈକୁଣ୍ଠପୁରୀରେ । ବୈକୁଣ୍ଠର ଶୋଭା ଦେଖି ବିମୁଗ୍ଧ ହୋଇ ପଡ଼ିଲେ । ଶ୍ରୀହରିଙ୍କୁ ଦର୍ଶନ କରିବା ପାଇଁ ଚାହିଁଲେ । କିନ୍ତୁ ଦୁଇ ଦ୍ୱାରପାଳ ଜୟ ଓ ବିଜୟ ସେମାନଙ୍କୁ ବାଧା ଦେଲେ । ମୁନିମାନେ ବାଧା ମାନିଲେ ନାହିଁ । ପିଲାଳିଆ ସ୍ୱଭାବ । ବୈକୁଣ୍ଠପୁରୀ ଭିତରକୁ ଜବରଦସ୍ତି ପଶିବାକୁ ଚେଷ୍ଟା କଲେ । ଜୟ ବିଜୟଙ୍କ ବେତମାଡ଼ରେ ସେମାନଙ୍କ ପିଠିରେ ଲୋଳା ବସିଗଲା । ଶିଶୁଙ୍କ ଭଳି ମୁନିମାନେ ରାଗିଗଲେ । ଜୟ, ବିଜୟଙ୍କୁ ଖାଲି ଗାଳି ଦେଲେ ନାହିଁ, ଅଭିଶାପ ମଧ୍ୟ ଦେଲେ । କହିଲେ, ତୁମେ ଦିହେଁ ବୈକୁଣ୍ଠର ଦ୍ୱାରପାଳ ହେବା ପାଇଁ ଅଯୋଗ୍ୟ । ତୁମମାନଙ୍କ ପତନ ହେଉ ।

| |
|---|
| ବସତି ଦଶନ ଶିଖରେ ଧରଣୀ ତବ ଲଗ୍ନା<br>ଶଶିନି କଳଙ୍କ କଳେବ ନିମଗ୍ନା<br>କେଶବ ଧୃତ 'ଶୂକର' ରୂପ ଜୟ ଜଗଦୀଶ ହରେ ॥ |

ଜୟ ବିଜୟ ଡରିଗଲେ । ଅଭିଶାପରୁ ମୁକ୍ତି ପାଇବା ପାଇଁ ସେମାନଙ୍କର ଚିନ୍ତା ବଢ଼ିଗଲା । ମୁନିମାନଙ୍କ ଗୋଡ଼ତଳେ ପଡ଼ି କ୍ଷମାଭିକ୍ଷା କଲେ । ଶ୍ରୀହରି ତ ଅନ୍ତର୍ଯ୍ୟାମୀ । ଭକ୍ତମାନଙ୍କ ପ୍ରତି ଅସମ୍ମାନ କରାଯାଇଚି । ଜାଣିପାରି ସେ ବୈକୁଣ୍ଠର ଅନ୍ତଃପୁରରୁ ବାହାରକୁ ଆସିଗଲେ । ଶ୍ରୀହରିଙ୍କି ଦେଖି ମୁନିମାନଙ୍କ ଆନନ୍ଦ କହିଲେ ନ ସରେ । ଆତୁର ଶିଶୁ ନିଜ ମାଆକୁ ପାଇବା ଭଳି ସେମାନେ ଅନୁଭବ କଲେ । କିଏ ଶ୍ରୀହରିଙ୍କ ଗୋଡ଼କୁ ଧରିଲା ତ କିଏ ତାଙ୍କ ହାତକୁ ଧରିଲା । କିଏ ତାଙ୍କ କାନ୍ଧ ଉପରକୁ ଉଠିଗଲେ । ପିଲାଙ୍କ ମୁଣ୍ଡରେ ବାପମାଆ ଅତି ସ୍ନେହରେ ହାତ ବୁଲାଇବା ଭଳି ଶ୍ରୀହରି ଚାରିହାତ ମୁନିଙ୍କ ମୁଣ୍ଡ ଉପରେ ବୁଲାଇ ଆଶୀର୍ବାଦ କଲେ । ଏ ଦୃଶ୍ୟ ଦେଖି ଜୟ ବିଜୟ ଭୟରେ ଥରହର ହୋଇ ପଡ଼ିଲେ । ମୁନିମାନଙ୍କ ଆନନ୍ଦର ଜୁଆରରେ ଭଟ୍ଟା ଆସିବା ପରେ ଶ୍ରୀହରି ସେମାନଙ୍କୁ ଅନ୍ତଃପୁରକୁ ପାଛୋଟି ନେଲେ । ଆସନ ଦେଲେ ବସିବା ପାଇଁ । କଥା ପ୍ରସଙ୍ଗରେ ଶ୍ରୀହରି କହିଲେ, ମୋ ଦ୍ୱାରପାଳମାନେ ତୁମମାନଙ୍କ ପ୍ରତି ଖରାପ ବ୍ୟବହାର କରିଥିବାରୁ ମୁଁ ଦୁଃଖିତ । ସେ ହଳକ ପୁଣ୍ୟବଳରେ ବୈକୁଣ୍ଠ ଆସିଥିବାରୁ ଅହଂକାରୀ ହୋଇପଡ଼ିଛନ୍ତି । ତୁମେମାନେ ଉପଯୁକ୍ତ ଦଣ୍ଡ ଦେଇଛ । ସେମାନଙ୍କ ଅଧଃପତନ ନିଶ୍ଚିତ ।

ସାଧୁସନ୍ଥମାନଙ୍କ ରାଗ ପାଣିରେ ଗାର ଭଳି । କ୍ଷଣିକେ ରୁଷ୍ଟ, କ୍ଷଣିକେ ତୁଷ୍ଟ । ବେତମାଡ଼ ଖାଇଥିଲେ ମଧ୍ୟ ଶ୍ରୀହରିଙ୍କ ଦର୍ଶନ ପାଇ ଭୁଲି ଯାଇଥିଲେ । ଅଭିଶାପ ଦେଇଛନ୍ତି ବୋଲି ମଧ୍ୟ ସେମାନଙ୍କର ହେତୁ ନଥିଲା । ଶ୍ରୀହରି ମନେ ପକାଇ ଦେବାରେ ଜୟ ବିଜୟଙ୍କ ପତନ ଘଟିବ ଜାଣି ସେମାନେ ଦୁଃଖିତ ହେଲେ । ବୈକୁଣ୍ଠରୁ ବିତାଡ଼ିତ ହୋଇ ଜୟ ବିଜୟ ପାପତାପ ମୋହମାୟାମୟ ଜଗତକୁ ଫେରିବାକୁ ବାଧ୍ୟ । କିନ୍ତୁ କ'ଣ କରାଯିବ ? ମୁନିମାନଙ୍କ ଅଭିଶାପ ତ ଅନ୍ୟଥା ହୋଇ ନପାରେ । ନିଶ୍ଚୟ ଫଳିବ । ସେମାନେ ଶ୍ରୀହରିଙ୍କୁ ହାତଯୋଡ଼ି କହିଲେ, ଜୟ ବିଜୟ ପୁଣି ବୈକୁଣ୍ଠକୁ ଯେପରି ଶୀଘ୍ର ଫେରିବେ, ତା'ର ବ୍ୟବସ୍ଥା କରନ୍ତୁ ।

ଶ୍ରୀହରି କହିଲେ, ଜୟ ବିଜୟ ଅବଶ୍ୟ ବହୁ ସାଧନା କରିଛନ୍ତି, କିନ୍ତୁ ଗର୍ବକୁ ଛାଡ଼ି ପାରି ନାହାଁନ୍ତି । ସାତ ଜନ୍ମ ଧରି ତପସ୍ୟା ନ କଲେ, ଏ ବିଷମ ଅହଂକାର ସେମାନଙ୍କ ମନରୁ ଯିବନି ।

ସାତଜନ୍ମ ! ଶୁଣିବା ମାତ୍ରେ ଜୟ ବିଜୟ କାନ୍ଦିବାରେ ଲାଗିଲେ । ସେମାନେ କହିଲେ, ଯିଏ ଥରେ ଆପଣଙ୍କ ପାଦପଦ୍ମରେ ଆଶ୍ରୟ ପାଇଛି, ତା' ପକ୍ଷରେ ଆପଣଙ୍କ ବିରହ କେତେ କଷ୍ଟକର ସେ କଥା ଭାଷାରେ କହି ହେବନି । ଦିନେ ଦି' ଦିନ ନୁହଁ, ସାତଜନ୍ମ ଧରି ବିରହ ! ଭକ୍ତ ପ୍ରତି ଏତେ ନିର୍ଦ୍ଦୟ ହୁଅନ୍ତୁନି ପ୍ରଭୁ !

ଭଗବାନ ଜୟ ବିଜୟଙ୍କୁ କହିଲେ, ଆଚ୍ଛା, ଚାରି ଜନ୍ମ ଋଣା କରିଦିଆଯିବ । ତୁମେ ଦୁହେଁ ମୋ ପ୍ରତି ଶତ୍ରୁଭାବ ନେଇ ମନୁଷ୍ୟ ଲୋକକୁ ଯାଅ । ଏ ଭାବଟି ବଡ଼ ତୀବ୍ର ! ମଣିଷର ପ୍ରକୃତି ହେଉଛି ସେ ଶତ୍ରୁକଥା ଯେତେ ଭାବେ, ମିତ୍ର କଥା ସେପରି ଭାବେନା । ଏହି ଭାବ ନେଇ ରହିଲେ, ତିନି ଜନ୍ମରେ ତୁମମାନଙ୍କ ମନରୁ ଅହଂକାର ଦୂର ହେବ । ପ୍ରତିଥର ମୁଁ ନିଜ ହାତରେ ତୁମମାନଙ୍କୁ ବଧ କରିବି ।

ଏହି ଜୟ ବିଜୟ ସତ୍ୟଯୁଗରେ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ, ତ୍ରେତାରେ ରାବଣ ଓ କୁମ୍ଭକର୍ଣ୍ଣ ଏବଂ ଦ୍ୱାପରରେ ଶିଶୁପାଳ ଓ ଦନ୍ତବକ୍ର ରୂପରେ ଜାତ ହୋଇଥିଲେ । ଶ୍ରୀହରି ଯଥାକ୍ରମେ ନୃସିଂହ, ଶ୍ରୀରାମ ଓ ଶ୍ରୀକୃଷ୍ଣ ରୂପରେ ଏମାନଙ୍କୁ ବଧ କରିଥିଲେ ।

ମହର୍ଷି କଶ୍ୟପଙ୍କ ଦୁଇ ସ୍ତ୍ରୀ । ଦିତି ଓ ଅଦିତି । ଅଦିତିଙ୍କ ଗର୍ଭରୁ ଆଦିତ୍ୟ ବା ଦେବତାମାନେ, ଦିତିଙ୍କ ଗର୍ଭରୁ ଦୈତ୍ୟ ବା ଅସୁରମାନେ ଜନ୍ମ ଗ୍ରହଣ କରିଥିଲେ । ଦିତିଙ୍କ ସ୍ୱଭାବ ଭଲ ନଥିଲା । ସେ ଦୁଇଟି ଜାଆଁଳା ପୁତ୍ର ସନ୍ତାନ ଜନ୍ମ ଦେଲେ । ନାଆଁ ରଖାଗଲା ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ । ଦୁଇ ଭାଇ ପିଲାଟି ଦିନୁଁ ଦୁର୍ଦ୍ଦାନ୍ତ । ଦେହ ଲୁହାଠୁ ବଳି ଶକ୍ତ । ହାତୀର ବଳ । ବଦ୍‌ରାଗୀ । ସାହି ପିଲାମାନେ ଏ ଦୁଇ ଦୁର୍ଦ୍ଦାନ୍ତ ଭାଇଙ୍କୁ ଦେଖିବା ମାତ୍ରେ ଭୟରେ ଘରେ ଲୁଚୁଥିଲେ । କାହା ଉପରେ ରାଗିଲେ ତା' ପ୍ରାଣ ଗଲା ବୋଲି ଜାଣ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏମାନଙ୍କ ଅତ୍ୟାଚାର ବଢ଼ିବାକୁ ଲାଗିଲା । ଦୟା କ୍ଷମା ଆଦି ଗୁଣରୁ କିଛି ନଥିଲା । ମାରଧର କରିବା ଥିଲା ସେମାନଙ୍କ ପରମଧର୍ମ । ରାଜ୍ୟର ଯେତେ ଗୁଣ୍ଡା, ଅସାମାଜିକ ଯୁବକ ସମସ୍ତେ ଆସି ଏମାନଙ୍କ ପାଖରେ ଜୁଟିଲେ । ଏହି ଗୁଣ୍ଡାଦଳକୁ ଧରି ସେମାନେ ରାଜ୍ୟ ଶାସନ କରିବାକୁ ଲାଗିଲେ । ଅନ୍ୟ ରାଜ୍ୟମାନଙ୍କୁ ପରାଜିତ କରି ସେମାନଙ୍କ ରାଜ୍ୟ ଦଖଲ କଲେ । ସମଗ୍ର ଦେଶରେ ଚକ୍ରବର୍ତ୍ତୀ, ସମ୍ରାଟ ହେଲେ ଏ ଦୁଇଭାଇ ।

ହିରଣ୍ୟାକ୍ଷ ଭାବିଲା, ମଣିଷ ଜନ୍ମ ପାଇଲେ ଦିନେ ନା ଦିନେ ମରିବାକୁ ପଡ଼ିବ । ତା'ଛଡ଼ା ଯୁଦ୍ଧ କଲେ କ୍ଷତବିକ୍ଷତ ଯେ ନ ହେବ, ଏପରି କିଛି ନାହିଁ । ତେଣୁ ଏହି ଶରୀର ଯିମିତି ନଷ୍ଟ ନ ହେବ, ଅମର ହୋଇ ରହିବ, ସେଥିଲାଗି ଏକମାତ୍ର ଉପାୟ ତପସ୍ୟା । ଅସୁରମାନେ ସୃଷ୍ଟିକର୍ତ୍ତା ବ୍ରହ୍ମା ଓ ସଂହାରକର୍ତ୍ତା ଆଶୁ ବରଦାତା ଶିବଙ୍କୁ ଭକ୍ତି କରିଥାଆନ୍ତି ।

ଶ୍ରୀହରିଙ୍କ ନାଆଁ ପଡ଼ିଲେ, ସେମାନଙ୍କ ନାହି ଡିଏଁ । ହିରଣ୍ୟାକ୍ଷ ବ୍ରହ୍ମାଙ୍କୁ ଆରାଧନା କଲା । ତା'ର କଠୋର ତପସ୍ୟାରେ ବ୍ରହ୍ମା ପ୍ରସନ୍ନ ହେଲେ । କି ବର ମାଗୁଚୁ ମାଗ ବୋଲି କହିଲେ । ହିରଣ୍ୟାକ୍ଷ କହିଲା, ଏ ଦିହଟା ଅମର ହେବା ପାଇଁ ମୁଁ ଚାହେଁ । ବ୍ରହ୍ମା କହିଲେ, ଯା ନାଆଁ ତ ଶରୀର । ସଢ଼ି ସରି ଯିବା ଏହାର ଧର୍ମ । ଶରୀରଟା ଅମର ହେବ କିମିତି ? ପଞ୍ଚଭୂତକୁ ନେଇ ଏ ଦେହ । ହଁ, ଏତିକିମାତ୍ର ବର ଦେଇ ପାରେ ଯେ କୌଣସି ଅସ୍ତ୍ରର ଆଘାତରେ ତୋ ଶରୀରର ଶେଷ ହେବ ନାହିଁ । ଅସ୍ତ୍ର ତୋ ଦେହକୁ ଲାଗିବନି ।

ହରିଣ୍ୟାକ୍ଷ ମନେ ମନେ ଖୁସ୍ । ଭାବିଲା, ଠିକ୍ ଅଛି । ଅସ୍ତ୍ରାଘାତ ନ ହେଲେ ଯୁଦ୍ଧରେ ମୋର ପରାଜୟ ନାହିଁ । ମୁଁ ତ ସେଇଥିଲାଗି ଅମର ହେବକୁ ଚାହୁଁଚି । ହିରଣ୍ୟାକ୍ଷ ଏ ବର ପାଇ ଧରାକୁ ସରା ମଣିଲା । ଅକଥନୀୟ ଅତ୍ୟାଚାର କରି ଚାଲିଲା । ଭାଇ ହିରଣ୍ୟକଶିପୁ ଲାଗିଲା ରାଜ୍ୟଶାସନ କରିବାରେ । ହିରଣ୍ୟାକ୍ଷ ବାହୁବଳରେ ସମଗ୍ର ପୃଥିବୀର ସମ୍ରାଟ ହେଲା । ମଣିଷ ବାସ କରୁଥିବା ସବୁ ଅଞ୍ଚଳକୁ ସେ ଦଖଲ କରିନେଲା । ଦିନେ ସେ ମସ୍ତ ଏକ ଲୁହାଗଦା ନେଇ ସ୍ୱର୍ଗଲୋକକୁ ଉଠିଲା । ଭାବିଲା, ମଣିଷଗୁଡ଼ାକ ତ ସେ ଛୁଇଁବା କ୍ଷଣି ମରିଯାଉଚନ୍ତି, ଦେବତାଗୁଡ଼ାକ ଅମର । ଏମାନଙ୍କ ସହିତ ଲଢ଼େଇ କଲେ ବେଶ ଜମିବ । ଦେବତାମାନେ ଜାଣିଥିଲେ ଯେ ଏ ଅସୁରଟା ବ୍ରହ୍ମାଙ୍କଠୁ ବର ପାଇଚି । ଏହା ଦେହରେ କୌଣସି ଅସ୍ତ୍ର ଲାଗିବନି । ତେଣୁ ସେମାନେ ଚାଲାକ୍ କରି ଆଗରୁ ପରାଜୟ ସ୍ୱୀକାର କରିନେଲେ । ଗଦାଘାଦକୁ ଏଡ଼ାଇ ଦେଲେ ।

●

॥ ୧୮୫ ॥

# ଶ୍ୱେତ ବରାହ କଳ୍ପେ...

ହିରଣ୍ୟାକ୍ଷ । ବର ପାଇଚି ଅସ୍ତ୍ରାଘାତରେ ତା'ର ମୃତ୍ୟୁ ହେବ ନାହିଁ । ଦେବତାମାନେ ଆଗରୁ ପରାଜୟ ସ୍ୱୀକାର କରିନେଇଛନ୍ତି କିନ୍ତୁ ବିନାଯୁଦ୍ଧରେ ହିରଣ୍ୟାକ୍ଷ ବଞ୍ଚିବ କିମିତି ? ବଳଗୁଡ଼ାକ ତା' ଦେହରେ ଖଳଖଳ । ଦେହ ଘୋଳେଇ ହେଲା । ହିରଣ୍ୟାକ୍ଷ ମନେ ମନେ ଖୋଜି ଚାଲିଚି ଯୁଦ୍ଧ କରିବ କାହା ସାଥିରେ ? ସାଙ୍ଗ ସାଥୀମାନେ କହିଲେ, ଯୁଦ୍ଧ କରିବାକୁ ହମ ହମ ତ, ଯାଅ ହିମାଳୟ ସହିତ ଲଢ଼ । ତା'ଠୁ ବଳବାନ୍ ପୃଥିବୀରେ ଦ୍ୱିତୀୟ କେହି ନାହିଁ । ସେ ସଙ୍ଗେ ସଙ୍ଗେ ହିମାଳୟ ଦେହରେ ଗଦାଘାତ କଲା । ମନେ ମନେ ଆରାମ ପାଇଲା ସେ । ଗଦାଘାତରେ ହିମାଳୟ ଚୂରମାର ହେବାକୁ

ଲାଗିଲା । ହିମାଳୟର ଅଧିଷ୍ଠାତ୍ରୀ ଦେବୀ ହିରଣ୍ୟାକ୍ଷକୁ କହିଲେ ''ଆରେ ମୂର୍ଖ ! ତୋ'ର ବୀରପଣକୁ ଧିକ୍ ! କିଏ କ'ଣ ମାଟି ପଥର ସହିତ ଯୁଦ୍ଧ କରେ ? ତୁ ସାଗର ଦେବତା ବରୁଣ ପାଖକୁ ଯାଆ, ସେ ତୋ'ର ସମରପିପାସା ମେଣ୍ଟାଇ ଦେଇ ପାରିବେ ।''

ହିରଣ୍ୟାକ୍ଷ ହିମାଳୟକୁ ଛାଡ଼ି ଗଲା ସାଗର ପାଖକୁ । ପାଣି ଉପରେ ଗଦାକୁ ପିଟିଲା । ଫଳରେ ସମୁଦ୍ର ଉଛୁଳି ପଡ଼ିଲା । ମାଛ, ସାପ ଆଦି ଜଳଜନ୍ତୁମାନେ ଭୟରେ ଥରହର ହୋଇ ପଡ଼ିଲେ । ସାଗର ରାଜ୍ୟ ଉଚ୍ଛନ୍ନ । ଚାରିଆଡ଼େ ହାହାକାର । ସାଗର ଦେବତା ବରୁଣ ତଳୁ ଉପରକୁ ଉଠି ଆସିଲେ । ହିରଣ୍ୟାକ୍ଷକୁ କହିଲେ, ଛି ରେ ତୋର ବୀରତ୍ୱ ! ସମୁଦ୍ରର ମାଛଗୁଡ଼ାକ ସହିତ ଲଢ଼େଇ ! ଲଢ଼ିବୁ ଯଦି ପାତାଳକୁ ଯାଆ । ସେଠି ବରାହ ରୂପରେ ଶ୍ରୀହରି ବିରାଜମାନ । ତୋର ଛଳ, ବଳ, କଉଶଳ ତାଙ୍କୁ ଦେଖାଇବୁ । ତୋ ଗର୍ବଗୁଡ଼ାକୁ ସେ ଖର୍ବ କରି ଦେଇ ପାରିବେ ।

ହିରଣ୍ୟାକ୍ଷ ଏହି ଶ୍ରୀହରିଙ୍କି ମନେ ମନେ ବହୁତ ଭାଳୁଥିଲା, ଖୋଜୁଥିଲା । ଲୋକେ ବିପଦରେ ପଡ଼ିଲେ ଶ୍ରୀହରିଙ୍କି ଡାକିବା ସେ ଶୁଣିଛି । ଦୁର୍ବଳ ଉପରେ ସବଳର ଅତ୍ୟାଚାର ବେଳେ ଲୋକେ କୁହନ୍ତି ଶ୍ରୀହରି ହିଁ ସହାୟ । ଶ୍ରୀହରିଟା ନିଶ୍ଚୟ ତା' ଭଳି ଶକ୍ତିଶାଳୀ ! ଯା ସହିତ ଯୁଦ୍ଧ କଲେ ଲଢ଼େଇଟା ବେଶ୍ ଜମନ୍ତା । ଏ ଯାଏଁ ସେ ଏହି ଶ୍ରୀହରିର ଠାବ ପାଇ ନଥିଲା । ଯାହାହେଉ ବରୁଣ ବେଟା ସେ ପାତାଳରେ ଅଛି ବୋଲି କହିଲା ! ହିରଣ୍ୟାକ୍ଷ ମନରେ ହିଂସାର ଅନଳ ଧୂ ଧୂ ଜଳିବାକୁ ଲାଗିଲା । ଉତ୍ସାହିତ ହୋଇ ସେ ଦାନ୍ତ କଡ଼ମଡ଼ କରିବାକୁ ଲାଗିଲା । ତା'ର ମନେ ହେଲା ଯିମିତି ମୁହୂର୍ତ୍ତକରେ ଶ୍ରୀହରିଙ୍କ ହାତଗୋଡ଼ ସହିତ ଟିକ୍ ଟିକ୍ କରି ପକାଇଚି । ସେ ଉନ୍ମାଦ, ପାଗଳଙ୍କ ଭଳି ପାତାଳ ଆଡ଼ିକି ଦୌଡ଼ିଲା ।

ଶ୍ରୀହରି ଶୂକର ବା ବରାହ (ବାର୍‌ହା) ରୂପ ଧରି ପାତାଳରେ ରହିବାର ଯଥେଷ୍ଟ କାରଣ ରହିଛି । ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରିଲା ବେଳେ ଉତ୍ତରମେରୁଟା ଟିକିଏ ହଲି ଯାଇଥାଏ । ତେଣୁ ଦକ୍ଷିଣର ସାଗର ମହାସାଗର । ଉତ୍ତରର ଦେଶ ମହାଦେଶ । ଥରେ କୌଣସି କାରଣରୁ ପୃଥିବୀର ଉତ୍ତରମେରୁ ଆଉ ଟିକିଏ ନଇଁ ପଡ଼ିଲା । ତା' ଫଳରେ ସମୁଦ୍ରର ଜଳ ସ୍ଥଳଭାଗକୁ ବୁଡ଼େଇ ଦେଲା । ଜୀବଜନ୍ତୁ ମରିଗଲେ । କେବଳ ଜଣେ ଦୁଇଜଣ ମଣିଷ ଉଚ୍ଚପର୍ବତ ଉପରେ ବହୁ କଷ୍ଟରେ ବଞ୍ଚି ରହିଲେ । ସୃଷ୍ଟିକର୍ତ୍ତା ବ୍ରହ୍ମା ସ୍ୱର୍ଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ବିଶ୍ୱକର୍ମାଙ୍କୁ ଆଦେଶ ଦେଲେ ଯେକୌଣସିମତେ ପୃଥିବୀ ଯେପରି ଉଦ୍ଧାର ପାଇବ, ତା' ବ୍ୟବସ୍ଥା କର । ବିଶ୍ୱକର୍ମା ତାଙ୍କ ସହକର୍ମୀଙ୍କ ସହିତ ବହୁ ଚେଷ୍ଟା କଲେ । ପାରିଲେ ନାହିଁ । ବ୍ରହ୍ମା ଦେଖିଲେ, କେବଳ ଶ୍ରୀହରି ଶରଣମ୍ । ଶ୍ରୀହରିଙ୍କି

ନିବେଦନ କଲେ । ଶ୍ରୀହରି ଏକ ଧଳା ବରାହ ରୂପ ଧାରଣ କଲେ । ତାଙ୍କର ପ୍ରକାଣ୍ଡକାୟ ଦାନ୍ତରେ ଢଳି ପଡ଼ିଥିବା ପୃଥିବୀକୁ ଧୀରେ ଧୀରେ ଟାଣି, ଯଥାସ୍ଥାନରେ ରଖିଦେଲେ । ତା'ପରେ ସବୁ ଜଳ ଦକ୍ଷିଣ ସାଗରକୁ ଗଲା । ଉତ୍ତରର ଗାଁ ଗଣ୍ଡା, ସହରାଞ୍ଚଳ ଭାସି ଉଠିଲା । ଶ୍ୱେତବରାହ ରୂପୀ ଶ୍ରୀହରି ଜଳମଗ୍ନା ଧରଣୀକି ଉଦ୍ଧାର କରି ପାତାଳରେ ବିଚରଣ କରିବାକୁ ଲାଗିଲେ ।

ହିରଣ୍ୟାକ୍ଷ ଶ୍ରୀହରିଙ୍କି ଖୋଜି ଖୋଜି ପାତାଳରେ ପହଞ୍ଚିଲା । ସେ ପ୍ରଥମେ ପ୍ରକାଣ୍ଡକାୟ ଶ୍ୱେତବର୍ଣ୍ଣ ଶୂକର, ତା'ର ସୁବିଶାଳ ଦାନ୍ତ, ଜ୍ୟୋତିର୍ମୟ ଚକ୍ଷୁକୁ ଦେଖି ଅବାକ୍ । ଦେଖୁ ଦେଖୁ ସେ ମନେ ମନେ ଖୁସ୍ । ଯାହା ହେଉ ଯୁଦ୍ଧ କରିବାର ସୁଯୋଗ ମିଳିଗଲା ଭାବି ଯେ ଥୋଡ଼ା ଡେଇଁଲା । ଆନନ୍ଦରେ, ବଡ଼ ପାଟିରେ କହିଲା, ବାର୍‌ହାଟା ପୁଣି ଜଳ ଭିତରେ ! ଇଏ ତ ଜଙ୍ଗଲରେ ରହିବା କଥା । ଯୁଦ୍ଧବିକଳା ଅସୁର ଖୁସିରେ ଇମିତି ଗର୍ଜନ କଲା ଯେ ଗ୍ରହ ନକ୍ଷତ୍ର ସହିତ ବ୍ରହ୍ମାଣ୍ଡ କମ୍ପି ଉଠିଲା । 'କ୍ରୋଧ' ବୋଲିବା ଜିନିଷଟି ଯିମିତି ହିରଣ୍ୟାକ୍ଷ ହୋଇ ଉଠିଚି ।

ହିରଣ୍ୟାକ୍ଷ ତତ୍‌କ୍ଷଣାତ୍ ଲୌହ ଗଦା ନେଇ ଶୂକରର ମୁଣ୍ଡକୁ ଲକ୍ଷ୍ୟ କରି ପିଟିଲା । ଶୂକର ବା ବରାହ ଟିକିଏ ଘୁଞ୍ଚି ଯିବାରେ ଗଦା ବାଜିଲା ଦାନ୍ତ ଉପରେ । ଗଦା ଭାଙ୍ଗିଗଲା । ଦୁହିଁଙ୍କ ଭିତରେ ଚାଲିଲା ଧସ୍ତାଧସ୍ତି । ସେମାନଙ୍କ ପାଦର ଆଘାତରେ ପୃଥିବୀ ଟଳମଳ ହେବାକୁ ଲାଗିଲା । ଦୁହେଁ ଦୁହିଁଙ୍କୁ କାମୁଡ଼ିବାରେ ଲାଗିଲେ । ଦୁହିଁଙ୍କ ଦେହରୁ ରକ୍ତର ପ୍ରବାହ । ମେଦିନୀ ରକ୍ତାକ୍ତ । କର୍ଦ୍ଦମାକ୍ତ । କାଦୁଅରେ ବରାହର ସୁବିଧା । ହିରଣ୍ୟାକ୍ଷର ଘୋର ଅସୁବିଧା ।

ହିରଣ୍ୟାକ୍ଷ ଖୁସି ଯେ ଯାହାହେଉ ଜୀବନରେ ସେ ଗୋଟାଏ ତା'ଭଳି ଯୋଦ୍ଧା ପାଇଚି ଲଢ଼ିବା ପାଇଁ । ବହୁତ ଲଢ଼ିଲା । କିନ୍ତୁ ଦେଖିଲା ଜୟର ଆଶା କମ୍ । କ୍ରୋଧରେ ତା' ଦେହର ରକ୍ତ ଯିମିତି ଟକ୍‌ମକ୍ । ଶୂକରର ରୂପ କମ୍ ନୁହେଁ । ପ୍ରକାଣ୍ଡରୁ ପ୍ରକାଣ୍ଡ । ହଠାତ୍ ସେହି ପ୍ରକାଣ୍ଡ ରୂପ ସୂକ୍ଷ୍ମ ହୋଇ ପଡ଼ିଲା । ଶୂକର ହିରଣ୍ୟାକ୍ଷର ନାକ ପୁଡ଼ାବାଟେ ଯାଇ ତା ପେଟରେ ପ୍ରବେଶ କଲା । ପେଟ ଭିତରେ ରହି ଶ୍ରୀହରି ଇମିତି କାଣ୍ଡ କଲେ ଯେ, ହିରଣ୍ୟାକ୍ଷ ଆଉ ହଲ୍ ନାହିଁ କି ଚଲ୍ ନାହିଁ । ଏପରି କଷ୍ଟ ସେ କେବେହେଲେ ଭୋଗି ନଥିଲା । ସେ ଜାଣିଥିଲା ଯେ କୌଣସି ଅସ୍ତ୍ରର ଆଘାତରେ ମରିବ ନାହିଁ । କିନ୍ତୁ ଇଏ ତ ଅସ୍ତ୍ରାଘାତ ନୁହଁ, ଉଦର ଯନ୍ତ୍ରଣା । କଷ୍ଟ ଅସହ୍ୟ । ମନେ ମନେ ଭାବିଲା ଲୀଳାମୟ ଶ୍ରୀହରି ହିରଣ୍ୟାକ୍ଷର ପେଟ ଭିତରେ ଥାଇ କିଛି ସମୟ ତା' ସହିତ ଯନ୍ତ୍ରଣା ରୂପରେ ଖେଳିଲେ ।

ଶ୍ରୀହରି ବାହାରକୁ ଆସିଲେ । ଆଉ ଖଣ୍ଡେ ପଟେ ଅସୁର ସହିତ ଲଢ଼ିବାକୁ ଇଚ୍ଛା । ଏଥର ଘୋରତର ଲଢ଼େଇ ! ମନେହେଲା ପୃଥିବୀ କକ୍ଷଚ୍ୟୁତ ହୋଇ ପଡ଼ିବ । ନିଖିଳ ବ୍ରହ୍ମାଣ୍ଡ ଧ୍ୱଂସ ହେବ । ଦେବତାମାନେ ଭୟଭୀତ । ଅନ୍ତରୀକ୍ଷରେ ରହି ସେମାନେ କମ୍ପିତ । ସଂଧ୍ୟା ହୋଇ ଆସିଲା । ବ୍ରହ୍ମା ଚିତ୍କାର କରି କହିଲେ, ପ୍ରଭୁ ! ସଂଧ୍ୟା ହୋଇ ଆସିଲାଣି, ରାତିରେ ଅସୁରଙ୍କ ଶକ୍ତି ବଢ଼ି ଉଠେ । ଅସୁରକୁ ଯଥାଶୀଘ୍ର ସଂହାର କରନ୍ତୁ । ଶ୍ରୀହରି ହସି ହସି କହିଲେ, ମୁଁ ଜାଣେ । କହୁ କହୁ ସେ ତାଙ୍କ ବଜ୍ରସମ ତୀକ୍ଷ୍ଣ ଦାନ୍ତରେ ଅସୁରର ଛାତିକି ବିଦାରି ପକାଇଲେ । ରକ୍ତ ନଦୀ ବହି ଚାଲିଲା । ହିରଣ୍ୟାକ୍ଷ ମଲା । ଦେବତାମାନେ ବରାହରୂପୀ ଶ୍ରୀହରିଙ୍କ ଜୟଧ୍ୱନି କଲେ । ପୁଷ୍ପ ବୃଷ୍ଟି ହେଲା ।

ପୃଥିବୀର ଉଦ୍ଧାର ହେଲା । ବିନା ଅସ୍ତ୍ରାଘାତରେ ହିରଣ୍ୟାକ୍ଷ ନିହତ । ଦେବତାମାନେ ଯିଏ ଯାହା ସ୍ଥାନକୁ ଫେରିଗଲେ । କିନ୍ତୁ ଶୂକର କାଦୁଅରେ ଲଟପଟ ହୋଇ ଆମୋଦ ପ୍ରମୋଦ କରିବାକୁ ଲାଗିଲା । ଏକ ଶୂକରୀ ଆସି ତା' ସହିତ ଯୋଗ ଦେଲା । ସେମାନଙ୍କର ଗୁଡ଼ିଏ ପିଲାପିଲି ହେଲେ । ଶୂକର ସପରିବାର 'ଲୋକାଲୋକ' ପର୍ବତରେ ବସବାସ କଲା ।

କିନ୍ତୁ ଇଆଡ଼େ ବୈକୁଣ୍ଠପୁରୀରେ ଶ୍ରୀହରିଙ୍କ ଅନୁପସ୍ଥିତିରୁ ନାନା ବିଶୃଙ୍ଖଳା । ବ୍ରହ୍ମା ବହୁ କଷ୍ଟରେ ତାଙ୍କୁ ଠାବ କଲେ । ଶହ ଶହ ଶୂକରଙ୍କୁ ଦେଖି ବ୍ରହ୍ମା ନ ହସି ରହି ପାରିଲେ ନାହିଁ । ସେ ସ୍ତୁତି କରିବାକୁ ଲାଗିଲେ । ବ୍ରହ୍ମା ଓ ତାଙ୍କ ହଂସ ବାହନକୁ ଦେଖି ବରାହ ରୂପୀ ଶ୍ରୀହରି ଓ ତାଙ୍କ ପିଲାମାନେ ଭୟରେ କିଏ କୁଆଡ଼େ ଯାଇ ଲୁଚିଲେ । ବ୍ରହ୍ମା ବଡ଼ ଅଡୁଆରେ ପଡ଼ି ଶିବଙ୍କ ପାଖକୁ ଗଲେ । ଶ୍ରୀହରିଙ୍କ କଥା କହିଲେ । ଶିବ ହାତୀ ଭଳି ରୂପ ଧରିଲେ । ଶୁଣ୍ଢ ଓ ଦାନ୍ତ ସହିତ ଆଠଟି ପାଦ ଥିବା ଏକ ଜନ୍ତୁ ପାଲଟିଲେ । 'ଲୋକାଲୋକ' ପର୍ବତକୁ ଯାଇ ଗର୍ଜନ କଲେ ସେ । କିଏ ଶତ୍ରୁ ଆସିଚି ଭାବି ଆଦି ବରାହ ଏ ଅଦ୍‌ଭୁତ ଜନ୍ତୁ ସହିତ ଆସି ଲଢ଼ିଲେ । ଘମାଘୋଟ ଯୁଦ୍ଧ । ଅଷ୍ଟପଦୀ ଶିବ ବରାହ ଦେହକୁ ନିଜ ଦାନ୍ତରେ ଚିରି ଦି' ଭାଗ କରିଦେଲେ । ଶ୍ରୀହରି ଶୂକରରମୃତ ଦେହ ତ୍ୟାଗ କରି ଶିବଙ୍କ ସହିତ ଗଲେ ସ୍ୱର୍ଗକୁ । ପିତୃ ପୁରୁଷଙ୍କ ଶ୍ରାଦ୍ଧ ବେଳେ ଲୋକେ ଏହି ଆଦି ବରାହରୂପୀ ଶ୍ରୀହରିଙ୍କି ପୂଜା କରିଥାଆନ୍ତି ।

●

॥ ୧୮୬ ॥

# ଅସୁରର ହରିନାମ ବର୍ଜନ

ହିରଣ୍ୟକଶିପୁ ଓ ହିରଣ୍ୟାକ୍ଷ – ଦୁଇ ଭାଇଙ୍କ ସ୍ୱଭାବ, ଆଚରଣ ସମାନ । ଦୁହେଁ ଭାବି ଆସିଥିଲେ ଜଗତଟା ସେମାନଙ୍କର ଲୀଳାକ୍ଷେତ୍ର । ବିଶ୍ୱ ବିଜୟୀ ସାନଭାଇ ହିରଣ୍ୟାକ୍ଷ ପରାଜିତ ହେବ, ନିହତ ହେବ, ହିରଣ୍ୟକଶିପୁ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲା । ଶ୍ୱେତ ବରାହ ରୂପରେ ଶ୍ରୀହରି ହିରଣ୍ୟାକ୍ଷକୁ ମାରିଦେଲେ । ଶୁଣିବା ମାତ୍ରେ ହିରଣ୍ୟକଶିପୁର ଦେହ ଜଳି ଉଠିଲା । ଶୋକରେ ସଂତପ୍ତ । କ୍ରୋଧରେ ଗର୍ଜି ଉଠିଲା ସେ । ତା' ହୁଙ୍କାରରେ ଚୌଦିଗ କମ୍ପି ଉଠିଲା ।

ସେ ବ୍ରାହ୍ମଣ, ଋଷିମାନଙ୍କୁ ଡକାଇଲା । ପଚାରିଲା, ଶ୍ରୀହରି କିଏ ? ସେ କୁଉଠି ରହେ ? ତାକୁ ଜବତ୍ କରିହେବ କିପରି ? ବ୍ରାହ୍ମଣମାନେ କହିଲେ, ''ସେ ବୈକୁଣ୍ଠପତି । ଜଗତର ପ୍ରଭୁ, ଜଗନ୍ନାଥ । ସମସ୍ତଙ୍କର ଆରାଧ୍ୟ । ଯାଗଯଜ୍ଞ, ଧର୍ମକର୍ମ, ପୂଜା ଆରାଧନା ସବୁ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ କରାଯାଇଥାଏ । ସେ ଭକ୍ତ ପ୍ରିୟ । ଭକ୍ତମାନଙ୍କ କଷ୍ଟକୁ ସେ ନିଜର କଷ୍ଟ ମନେ କରିଥାଆନ୍ତି ।''

ହିରଣ୍ୟକଶିପୁ ବ୍ରାହ୍ମଣମାନଙ୍କ ଉପଦେଶ ଶୁଣିଲା । ଭାବିଲା, ଦେହ ବଳରେ ଏପରି ଶତ୍ରୁକୁ ପାରି ହେବନି । ଅମର ନ ହେଲେ ଏହା ସହିତ ଶତ୍ରୁତା କଲେ ମୃତ୍ୟୁ ନିଶ୍ଚିତ । ତେଣୁ ସେ ପାହାଡ଼ ଗୁମ୍ଫାକୁ ଯାଇ କଠୋର ତପସ୍ୟା ଆରମ୍ଭ କଲା । ତା'ର ଇଷ୍ଟଦେବ ବ୍ରହ୍ମା । ତାଙ୍କୁଇ ସ୍ମରଣ କଲା । ଗୋଟିଏ ପାଦ ଉପରକୁ ଟେକିଲା । ଅନ୍ୟ ପାଦର ବୁଢ଼ା ଆଙ୍ଗୁଠି ଉପରେ ଠିଆ ହେଲା । ଏକାଗ୍ର-ଚିତ୍ତ । ଏପରି ତପସ୍ୟା କଲା ଯେ ଦେହବୋଧ ରହିଲା ନାହିଁ । ମନ ତା'ର ବ୍ରହ୍ମାମୟ ହୋଇ ପଡିଲା । ମଶା, ଡାଆଁଶ, ଜନ୍ଦା, ପିମ୍ପୁଡ଼ି ତା' ଦେହର ମାଂସ ଖାଇଗଲେ । ବାକି ରହିଲା କେବଳ କଙ୍କାଳଟି ।

**ତବ କର-କମଳବରେ ନଖ ମଦ୍ଭୂତଶୃଙ୍ଗମ୍,**
**ଦଳିତ ହିରଣ୍ୟକଶିପୁ-ତନୁଭୃଙ୍ଗମ୍ ।**
**କେଶବ ଧୃତ ନରହରିରୂପ ଜୟ ଜଗଦୀଶ ହରେ ।**

ବ୍ରହ୍ମା ବାଧ୍ୟ ହେଲେ ହିରଣ୍ୟକଶିପୁ ପାଖକୁ ଆସିବାକୁ । ତା' ଦେହରେ କମଣ୍ଡଳୁରୁ ଜଳ ନେଇ ଛିଞ୍ଚିଲେ । ଫଳରେ ରକ୍ତ ମାଂସ ଫେରି ପାଇଲା । ତା' ମୁଣ୍ଡ ଉପରେ ହାତ

ବୁଲାଇବା ମାତ୍ରେ ତା'ର ଚେତା ଆସିଲା । ବ୍ରହ୍ମା କହିଲେ, ମୁଁ ତୋ ତପସ୍ୟାରେ ପ୍ରସନ୍ନ । କି ବର ମାଗୁଚୁ ମାଗ । ହିରଣ୍ୟକଶିପୁ ସାନଭାଇ ଭଳି କହିଲା, ମୁଁ ଅମର ହେବାକୁ ଚାହେଁ । ବ୍ରହ୍ମା କହିଲେ, ସେ ବର ଦେବାର କ୍ଷମତା ମୋର ନାହିଁ । ହିରଣ୍ୟକଶିପୁ କହିଲା, ତାହାହେଲେ ଏ ବର ଦିଅନ୍ତୁ, ଆପଣ ସୃଷ୍ଟି କରିଥିବା କୌଣସି ଜୀବଜନ୍ତୁ ଦ୍ୱାରା କୌଣସି ଅସ୍ତ୍ରରେ, ଜଳ, ସ୍ଥଳ, ଅନଳ ଓ ଅନିଳରେ, ଦିନରେ କିମ୍ବା ରାତିରେ ମୋର ମୃତ୍ୟୁ ହେବ ନାହିଁ । ବ୍ରହ୍ମା 'ତଥାସ୍ତୁ' କହି ଚାଲିଗଲେ ।

ହିରଣ୍ୟକଶିପୁ ଭାବିନେଲା ଏଣିକି ସେ ମୃତ୍ୟୁଞ୍ଜୟୀ । ଏଣିକି ଶ୍ରୀହରି ନାମକ ଶତ୍ରୁଟିର ବିନାଶ ନିଶ୍ଚିତ । ଇମିତି ତା' ସହିତ ଭେଟ ହେବ, ସେହି ଚିନ୍ତାରେ ସେ ବୁଡ଼ି ରହିଲା । ଥାଟ ପାଟ ଧରି ତ୍ରିଲୋକ ବିଜୟ କଲା । ସ୍ୱର୍ଗପୁରକୁ ଜିଣି ଇନ୍ଦ୍ରାସନ ଲାଭ କଲା । ଦେବତାମାନେ ତା'ର ଦାସତ୍ୱ ସ୍ୱୀକାର କଲେ । ସେ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ – ତିନିପୁରରେ ଘୋଷଣା କରିଦେଲା ଯେ, ଯିଏ ଶ୍ରୀହରିର ପୂଜା କରିବା, ତାକୁ ଶୂଳିରେ ଚଢ଼ାଇ ଦିଆଯିବ । ସାଧୁ ସନ୍ଥମାନଙ୍କ ଭାଳେଣି ପଡ଼ିଗଲା । ସେମାନେ ଆଉ ଯାଗଯଜ୍ଞ କଲେ ନାହିଁ । ହିରଣ୍ୟକଶିପୁ ସେମାନଙ୍କୁ ବାଧ କଲା, ଯାଗଯଜ୍ଞ ହେବ, କିନ୍ତୁ ଅସୁରମାନଙ୍କ ତୃପ୍ତି ଲାଗି । ଯିଏ ନ ଗଲା ତା' ପ୍ରତି ନାନା ଅତ୍ୟାଚାର କଲା । ଧର୍ମ ଲୋପ ପାଇଲା । ମଣିଷ ପଶୁ ହୋଇ ପଡ଼ିଲେ ।

ଶ୍ରୀହରିଙ୍କ ଲୀଳା ବିଚିତ୍ର । ହିରଣ୍ୟକଶିପୁ ଔରସରୁ ଏକ ପୁତ୍ର ଜାତ ହେଲା । ପିଲାଟି ଅତି ସୁନ୍ଦର । ଅସୁରୀ ଗର୍ଭରୁ ଯେପରି ଦେବତାର ଜନ୍ମ । ପିଲା ବଡ଼ ହେଲା । ତା' ଆଚରଣରେ ସମସ୍ତେ ମୁଗ୍ଧ ହେଲେ । ପିଲାଟି ଶାନ୍ତ ଶିଷ୍ଟ । ସମସ୍ତଙ୍କୁ ଭଲ ପାଇଲା । ସମସ୍ତଙ୍କ ସହିତ ମିଶିଲା । ଚେହେରା ଯିମିତି ସୁନ୍ଦର, କଣ୍ଠସ୍ୱର ସିମିତି ମଧୁର । ଚାଲିଚଳନ ମଧ୍ୟ ମନୋହର । ପିଲାଟିର ନାମ ପ୍ରହ୍ଲାଦ । ସେ ସମସ୍ତଙ୍କୁ ଆହ୍ଲାଦ ଦେବାକୁ ଲାଗିଲା ।

ମଣିଷ ଭିତରେ ହିଁ ସୁର ଅସୁର ରହିଥାଆନ୍ତି । ହିରଣ୍ୟକଶିପୁ ସ୍ୱଭାବରେ ଅସୁର ହେଲେ କ'ଣ ହେଲା କଶ୍ୟପଙ୍କ ପୁଅ ସେ । ତେଣୁ ବ୍ରାହ୍ମଣ । ବିଧି ଓ ଶାସ୍ତ୍ର ଅନୁସାରେ ସେ ପୁଅର ପାଳନ ପୋଷଣ କଲା । ପାଞ୍ଚବର୍ଷ ବୟସରେ ତାକୁ ପଠାଇଲା ଗୁରୁ ଗୃହକୁ ବିଦ୍ୟାଶିକ୍ଷା ଲାଗି । ଦୈତ୍ୟମାନଙ୍କ ଗୁରୁ ଶୁକ୍ରାଚାର୍ଯ୍ୟ । ତାଙ୍କର ପୁଅ ଷଣ୍ଡ ଓ ଅମାର୍କ । ଏମାନେ ହେଲେ ପ୍ରହ୍ଲାଦଙ୍କ ଗୁରୁ । ପ୍ରହ୍ଲାଦ ଗୁରୁଗୃହରେ ସାଙ୍ଗ ସାଥୀଙ୍କ ସହିତ ମନ ଦେଇ ପାଠ ପଢ଼ିଲା । ଅ, ଆ, ଇ ଆଦି ସ୍ୱରବର୍ଣ୍ଣ ସେ ଶୁଣିବା ମାତ୍ରେ ଶିଖି ନେଲା । କିନ୍ତୁ ବ୍ୟଞ୍ଜନବର୍ଣ୍ଣ 'କ' ଶବ୍ଦ କାନରେ ପଡ଼ିବା ମାତ୍ରେ ତା' ମନରେ କି ଭାବ ଜାଗ୍ରତ ହେଲା କେଜାଣି, ଖାଲି କାନ୍ଦିବାକୁ ଲାଗିଲା । ଦେହ ତା'ର ରୋମାଞ୍ଚିତ ହୋଇ ଉଠିଲା ।

ବାକ୍‌ରୁଦ୍ଧ ହୋଇ ଆସିଲା । ଗୁରୁ ତାକୁ ବହୁ କଷ୍ଟରେ ଶାନ୍ତ କଲେ । ପଚାରିଲେ, ତୋ'ର ହେଉଚି କ'ଣ ? ପ୍ରହ୍ଲାଦ କହିଲା, 'କ' ଅକ୍ଷର କାନରେ ପଡ଼ିବା ମାତ୍ରେ ମୋ ମନରେ କୃଷ୍ଣରୂପ ଝଲ୍‌ସି ଉଠୁଚି । କୃଷ୍ଣ ମତେ ଡାକୁଚନ୍ତି । ତାଙ୍କ ବଂଶୀସ୍ୱନ ମୋ ମନକୁ ପୁଲକିତ କରୁଚି ।

ଦୁଇଗୁରୁ ଓ ଅନ୍ୟ ପଣ୍ଡିତ ଶିକ୍ଷକମାନେ କହିଲେ, ଅସମ୍ଭବ ! ଏତେଟିକିଏ ପିଲା, କୃଷ୍ଣ ତ ବିଷ୍ଣୁ, ତା' କଥା ଇଏ ଜାଣିଲା କିମିତି ? ଏପରି ଭକ୍ତ ତ କେବେ ଦେଖା ନଥିଲା, ଶୁଣା ନଥିଲା । ପ୍ରହ୍ଲାଦ ଆଉ ପାଠ ପଢ଼ିବ କ'ଣ, ସାଙ୍ଗସାଥୀଙ୍କୁ ଧରି ହରିପୂଜା, ହରିକୀର୍ତ୍ତନରେ ମାତିଲା । କୀର୍ତ୍ତନ କରୁ କରୁ ସେ ଥରେ ଥରେ ବେହୋସ୍ ହୋଇ ପଡ଼ିଲା । ସମାଧିସ୍ଥ ଅବସ୍ଥାରେ ଶ୍ରୀହରିଙ୍କ ଦର୍ଶନ ଲାଭ କଲା । ତା' କଣ୍ଠର ହରିଧ୍ୱନିରେ ଗୁରୁକୁଳାଶ୍ରମ ପ୍ରତିଧ୍ୱନିତ । ଗୁରୁ ଷଣ୍ଡ ଓ ଅମାର୍କ ପ୍ରମାଦ ଗଣିଲେ । ପ୍ରହ୍ଲାଦର ଆଚରଣରେ ସେମାନେ ଏପରି ଆହ୍ଲାଦିତ ହୋଇ ପଡୁଥିଲେ ଯେ, ପ୍ରତିବାଦ କରିବାକୁ ସାହସ କରି ପାରୁ ନଥିଲେ । ଇଆଡ଼େ ଅସୁର ରାଜାର ତାଗିଦ୍ ଯିଏ ଶ୍ରୀହରି ନାଆଁ ଧରିବ କିମ୍ବା ହରିନାମକୁ ପ୍ରଶ୍ରୟ ଦେବ, ତା'ର ମୁଣ୍ଡ କାଟ । ତେଣୁ ଷଣ୍ଡ ଓ ଅମାର୍କ ଦୁଇଗୁରୁ ବଡ଼ ବିପଦରେ ପଡ଼ିଲେ ।

ଷଣ୍ଡ ଓ ଅମାର୍କ ପ୍ରହ୍ଲାଦକୁ ଶାସନ କଲେ । ତାକୁ ବୁଝେଇ କହିଲେ, ଶୁଣ ବାପ ! ଶ୍ରୀହରି ତୋ ବାପର ଶତ୍ରୁ । ତୋ କକାକୁ ହତ୍ୟା କରିଛି । ପ୍ରହ୍ଲାଦ କହିଲା, ହରି ସମସ୍ତଙ୍କ ମିତ୍ର, ସେ କାହାର ଶତ୍ରୁ ହୋଇ ନପାରନ୍ତି । ବହୁ ପଣ୍ଡିତ ଆସି ପ୍ରହ୍ଲାଦକୁ ବୁଝାଇଲେ । ପଣ୍ଡିତ ହେଲେ କ'ଣ ହେଲା, ଯିଏ ବିଷୟୀ, ଯିଏ ସ୍ୱାର୍ଥ ହାସଲକାରୀ, କ୍ଷମତାଶାଳୀର ତୋଷାମଦକାରୀ, ସେ ଭକ୍ତର ଯୁକ୍ତିକୁ ବୁଝିବେ କିପରି ? ପ୍ରହ୍ଲାଦ ଓ ତା ସାଙ୍ଗସାଥିଙ୍କ ମନ ଯେ ହରିରସ ପାନ କରି ଚିନ୍ମୟ– ଏକଥା ପଣ୍ଡିତମାନେ ନ ବୁଝି, ପ୍ରହ୍ଲାଦର କଥାକୁ ଅସାର ମନେ କଲେ । ପ୍ରହ୍ଲାଦ ଓ ସାଙ୍ଗମାନେ ପରସ୍ପରକୁ ଭେଟିବାମାତ୍ରେ 'ହରି ଓଁ ତତ୍ ସତ୍' କହି ସମ୍ବୋଧନ କରୁଥିଲେ । ଷଣ୍ଡ ଓ ଅମାର୍କ ରାଜାଙ୍କୁ ଯାଇ ଏ ସମ୍ବାଦ ଜଣାଇଲେ ।

ରାଜା ପ୍ରହ୍ଲାଦକୁ ଡକାଇ କୋଳରେ ବସାଇଲେ । ପଚାରିଲେ, ବାପ ! ହରି ଆମର ପରମଶତ୍ରୁ । ହରିକଥା ତତେ ଶିଖାଇଲା କିଏ ? ପ୍ରହ୍ଲାଦ କହିଲା, ବାପା ! ହରିକଥା କାହାକୁ ଶିଖା ଯାଏନି । ସିଏ ତ ସମସ୍ତଙ୍କ ହୃଦୟରେ ରହିଛନ୍ତି । ମନ ନିର୍ମଳ, ବାସନା କାମନା ଶୂନ୍ୟ ହେଲେ, ଶ୍ରୀହରି ଦେଖା ଦିଅନ୍ତି । କଥାବାର୍ତ୍ତା କରନ୍ତି । ସେ ଆମର ଆତ୍ମା, ପ୍ରାଣର ପ୍ରାଣ । ସେ ଶତ୍ରୁ ହେବେ କିପରି ?

ହରିଣ୍ୟକଶିପୁ ହସିଲା । ଭାବିଲା, କୌଣସି ଦୁଷ୍ଟଲୋକ ଯାକୁ ହରିକଥା କହିଚି, ଶିଖେଇଚି ନିଶ୍ଚୟ । ସେ ପୁଅକୁ ପୁଣି ଗୁରୁଗୃହକୁ ପଠାଇଲା । ସୈନ୍ୟ ପଠାଇ ଗୁରୁ

ଗୃହରେ କଡ଼ା ଜଗୁଆଳି ବ୍ୟବସ୍ଥା କଲା । ସୈନ୍ୟମାନଙ୍କୁ କହିଲା, ସାବଧାନ, ବାହାରୁ କୌଣସି ଅଚିହ୍ନା ଲୋକ ଯେପରି ପ୍ରହ୍ଲାଦ ପାଖକୁ ନଯିବେ ।

ଷଣ୍ଡ ଓ ଅମାର୍କ ପ୍ରହ୍ଲାଦକୁ ନାନା ବିଷୟରେ ଶିକ୍ଷା ଦେଲେ । ସେ ଶୁଣିବା ମାତ୍ରେ ମନେ ରଖିଲା । କିନ୍ତୁ ହରିଗୁଣକୀର୍ତ୍ତନରେ ସେ ମଜ୍ଜି ରହିଲା । ଏ ଖବର ପାଇଲା ହିରଣ୍ୟକଶିପୁ । ବାହାରେ ହରିନାମ ବନ୍ଦ କରିଦେଲେ କ'ଣ ହେବ, ତା ନିଜ ପୁଅର ମନ ଭିତରେ ଯେ ହରି ପଶିଯାଇଚି ! ତାକୁ ନିକାଲିବ କିମିତି ? ଭାବିଲା ପୁଅ ଗୁଣବାନ, ସୁନ୍ଦର ସତ, ସେ ତା'ର ପରମ ଶତ୍ରୁ । ହରିକି ଦମନ କରିବା ପୂର୍ବରୁ ପୁତ୍ରର ଦମନ ପ୍ରଥମେ ଆବଶ୍ୟକ ।

ହରିଣ୍ୟକଶିପୁର ମନରେ ହିଂସାର ଅଗ୍ନି ଜଳି ଉଠିଲା । ତା' ମନରୁ ପୁତ୍ର ପ୍ରତି ସ୍ନେହ, ମମତା ସବୁ ଲୋପ ପାଇଲା । ସେ ଘାତକକୁ ଆଦେଶ ଦେଲା, ପ୍ରହ୍ଲାଦର ଶିରଚ୍ଛେଦ କର । ତା' ହାଡ଼ ମାଂସ କୁକୁର ଶାଗୁଣାଙ୍କ ଭିତରେ ବାଣ୍ଟିଦିଅ ।

●

॥ ୧୮୭ ॥

## ନରସିଂହ, ନୃସିଂହ, ନରହରି

**ବା**ପର ଆଦେଶ ଏକମାତ୍ର ପୁଅର ମୁଣ୍ଡକାଟ । ହିରଣ୍ୟକଶିପୁକୁ ଅମାନ୍ୟ କରିବ ଯିଏ, ତା'ର ମଧ୍ୟ ମୁଣ୍ଡକାଟ । ରାଜକୁମାର ପ୍ରହ୍ଲାଦକୁ ଘାତକ ସାଙ୍ଗରେ ନେଇଗଲା । ଶ୍ମଶାନକୁ । ତା' ଗଳା କାଟିବାକୁ ଖଣ୍ଡାରେ ଚୋଟ ପକାଇଲା । କିନ୍ତୁ ପ୍ରହ୍ଲାଦର ଦେହଟାଯାକ ଶ୍ରୀହରିମୟ । ଚୋଟ ପରେ ଚୋଟ ଲଗାଇଲା ଘାତକ । ପ୍ରହ୍ଲାଦର କିଛି ହେଲା ନାହିଁ । ତୀକ୍ଷ୍ଣଧାର ତରବାରୀ ଅଦରକାରୀ ହୋଇ ପଡ଼ିଲା । ଚୋଟ ଲଗାଇ ଲଗାଇ ଘାତକ ହାଲିଆ । ପାରିଲାନି ସେ । ରାଜାଙ୍କୁ ଖବର ଦେଲା । ରାଜା କହିଲେ, ତରବାରୀ ଆଘାତରେ ନ ମଲେ, ପ୍ରହ୍ଲାଦକୁ ଶୂଳରେ ଭୁଷିମାର । ସୈନ୍ୟମାନେ ଶୂଳ ଧରିଗଲେ । କିନ୍ତୁ ଶୂଳ ପ୍ରହ୍ଲାଦର ଦିହରେ ବାଜି ନିର୍ମୂଳ ହୋଇଗଲା । ସୈନ୍ୟମାନେ ଚକିତ, ବିସ୍ମିତ । ନିରୂପାୟ ହୋଇ ରାଜାଙ୍କୁ ଜଣାଇଲେ । ଏଥର ହିରଣ୍ୟକଶିପୁର ଆଦେଶ, ରାଜ୍ୟର ବଡ଼ ପାଗଳା ହାତୀକୁ ନିଅ, ତା ପାଦରେ ପୁଅକୁ ଦଳି ଦିଅ ।

କିନ୍ତୁ ହାତୀ ଦିହରେ ମଧ୍ୟ ଶ୍ରୀହରି । ନାରାୟଣ । ହାତୀ ପ୍ରହ୍ଲାଦକୁ ପାଦରେ ଦଳିବ କ'ଣ ପୋଷାହାତୀ ଭଳି ପ୍ରହ୍ଲାଦକୁ ଶୁଣ୍ଢରେ ଉଠାଇ ନିଜ ପିଠିରେ ବସାଇଲା ।

ପ୍ରହ୍ଲାଦ ହାତୀ ଉପରେ ବସି ତାଳିମାରି ଖୁସିରେ ହରିନାମ କରିବାକୁ ଲାଗିଲା । ରାଜା ତ ଗୋଳା । ମନେ ମନେ ଭାବିଲା, ଯେଉଁ ଅସୁରସୈନ୍ୟଙ୍କୁ ନେଇ ସେ ତ୍ରିପୁର ବିଜୟୀ, ସେମାନେ କ'ଣ ଏତେଶୀଘ୍ର ଏତେ ଦୁର୍ବଳ ହୋଇ ପଡ଼ିଲେ ଯେ ପିଲାଟିକୁ ମାରିପାରିଲେନି ! ଏଗୁଡ଼ାକୁ ପୋଷି ଲାଭ କ'ଣ ?

ହରିଣ୍ୟକଶିପୁର ଏକାଜିଦ୍ – ଯେ କୌଣସି ମତେ ପିଲାଟାକୁ ମାରିବାକୁ ପଡ଼ିବ । ପାଣିରେ ବୁଡ଼େଇ, ନିଆଁରେ ପୋଡ଼ି, ବିଷ ଦେଇ – ମାରିବାର ତ ବହୁତ ଉପାୟ ରହିଛି । ଯାହା ପାରୁଚ କର – କିନ୍ତୁ ପୁଅକୁ ମାର । ଅସୁରମାନଙ୍କ ଭିତରେ ପ୍ରବଳ କୌତୁହଳ । ସବୁଠି ସବୁବେଳେ ବାହାପିଆ ଲୋକ ଥାଆନ୍ତି । କିଏ କହିଲା, ମୁଁ ମାରିଦେବି, କିଏ କହିଲା, ଏକା ଖୁନ୍ଦାରେ ଯିଏ ମରିବ, ତା' ଲାଗି ଏତେ ଚିନ୍ତା କାହିଁକି ?

କେତେଜଣ ଅସୁର ପ୍ରହ୍ଲାଦକୁ ବାନ୍ଧି ପକାଇଲେ । ତାକୁ ଗଭୀର ଜଳ ଭିତରେ ପକାଇ, ତା ଉପରେ ବଡ଼ ବଡ଼ ପଥର ଆଣି ଚାପିଦେଲେ । ଦେଖଣାହାରିଙ୍କ ସଂଖ୍ୟା ପ୍ରବଳ । ସମସ୍ତେ ଦେଖିଲେ ଓଜନିଆ ମୁଗୁନି ପଥର ଗୁଡ଼ାକ ଭାସୁଛି । ଠିକ୍ ସୋଲ ଭଳି । ପ୍ରହ୍ଲାଦର ଦେହରୁ ଲୁହା ଦଉଡ଼ି ସବୁ ଫିଟି ଯାଇଛି । ସେ ପଥର ଉପରେ ବସି ହରିନାମ ସଂକୀର୍ତ୍ତନରେ ବିଭୋଳ । ତାକୁ ସବୁଠାରୁ ବିଷଧର ସାପର ଗରଳ ମଧ ଦିଆଗଲା ପିଇବାକୁ । ପ୍ରହ୍ଲାଦର ଜିଭରେ ତ ହରି । ସେ ହରିନାମ ଉଚ୍ଚାରଣ କରି ଖୁସିରେ ବିଷପାନ କଲା । ବିଷ ଅମୃତ ପାଲଟିଗଲା । ତା' ମୁଖମଣ୍ଡଳ ଅଧିକ ଜ୍ୟୋତିର୍ମୟ ହୋଇ ଉଠିଲା । ତାକୁ ଉଚ୍ଚ ପର୍ବତ ଉପରୁ ଫିଙ୍ଗି ଦିଆଗଲା । କିନ୍ତୁ ତଳେ ପଡ଼ିବ କ'ଣ ପକ୍ଷୀଭଳି ସେ ଆକାଶରେ ଉଡ଼ି ଉଡ଼ି ଚାଲିଲା । ବାକି ରହିଲା ନିଆଁ । ଶୁଖିଲା କାଠରେ ଚିତା କରାଗଲା । କାଠର ସ୍ତୂପ । ତା' ଉପରେ ପ୍ରହ୍ଲାଦକୁ ଶବଭଳି ରଖି ନିଆଁ ଜଳାଗଲା । ଏତେ କାଠ ଯେ ବହୁଦିନ ଲାଗିଲା ପୋଡ଼ିବାକୁ । କାଠ ସବୁ ପୋଡ଼ି ପୋଡ଼ି ପାଉଁଶ ହେବା ପରେ ଦେଖାଗଲା ପ୍ରହ୍ଲାଦ ପାଉଁଶଗଦା ଉପରେ ବସିଚି ଯୋଗାସନରେ । ଯିମିତି ଥିଲା, ତା'ଠୁ ଅଧିକ ସୁନ୍ଦର ଡଉଲଡାଉଲ ଦେଖାଯାଉଛି । ସବୁ ଉପାୟ ନିଷ୍ଫଳ । ବେଶୀ ବୟସ ନୁହଁ । ମାତ୍ର ପାଞ୍ଚ ବର୍ଷର ଶିଶୁ । ସେ ପାଣିରେ ବୁଡୁନି, ନିଆଁରେ ପୋଡୁନି, ବିଷଖାଇ ମଧ ମରୁନି । ଏକଥା କେହି କେବେ ଦେଖି ନଥିଲା କି ଶୁଣି ନଥିଲା । ପିଲାଟା ଦିହରେ କି ଗୋଟିଏ ଅଦ୍‌ଭୁତ ଶକ୍ତି ଅଛି – ଯାହା ବଳରେ ତାକୁ ମାରିଲେ ମଧ ମରୁନି । ଅସୁରମାନେ ତା' ଶକ୍ତିକି ଦେଖି ଭୟଭୀତ । ଆଉ କେହି ତା' ପାଖ ସୁଦ୍ଧା ମାଡ଼ିବାକୁ ନାରାଜ । ହୁଏତ କ'ଣ କିଛି କରି ଦେଇପାରେ ।

ରାଜା ହିରଣ୍ୟକଶିପୁର ସବୁଠୁ ବଡ଼ ଚିନ୍ତା ଆଉ କିଏ ହରିଭକ୍ତ ହେଲେ ଚଳନ୍ତା କିନ୍ତୁ ନିଜ ପୁଅଟା ନିଜ ଘରେ ଭିତରେ ଶତ୍ରୁ ହୋଇ ପଡ଼ିଚି । ମାରିଲେ ତ ମରୁନି ।

କରାଯିବ କ'ଣ ? ବଡ଼ ଲଜ୍ଜାର କଥା । ଅଣ୍ଟିଚୁରୀ ତଣ୍ଟିକାଟିବାକୁ ତିଆର । ଚିନ୍ତାରେ ରାଜାର ନିଦ ନାହିଁ । ଝିଆପିଆ ମଧ୍ୟ ପଡ଼ିଗଲାଣି । ହରିକି ଜବତ୍ କଲେ ଯାଇ ପିଲାଟା ଜବତ୍ ହୋଇପାରେ । ମନ ଭିତରେ ପର୍ବତପ୍ରମାଣ ହିଂସା ଆଉ କ୍ରୋଧ । ଏତେ କ୍ରୋଧ ଯେ ପାତ୍ରମନ୍ତ୍ରୀମାନେ ରାଜା ପାଖକୁ ଯିବା ପାଇଁ ଡରିଲେ । ଶାସନରେ ବିଶୃଙ୍ଖଳା ଘୋଟି ଆସିଲା । ରାଜା ଅସୁର, ପ୍ରଜାଏ ଅସୁର । ପରସ୍ପର ମଧ୍ୟରେ ମରାମରି ହେଲେ । ନ୍ୟାୟ, ଅନ୍ୟାୟର ବିଚାର କରିବ କିଏ ? ରାଜା ତ ପୁତ୍ରହତ୍ୟା ଏବଂ ହରିଦମନ ଚିନ୍ତାରେ ପାଗଳ ।

ଦିନେ ହରଣ୍ୟକଶିପୁ ଶାନ୍ତମନରେ ଭାବିଲା, ବ୍ରହ୍ମଣମାନଙ୍କ ପରାମର୍ଶ ଦରକାର । ସେମାନେ କିଛି ଉପାୟ କହି ପାରନ୍ତି । ବ୍ରାହ୍ମଣମାନଙ୍କୁ ଡକାଗଲା । ଯାଜ୍ଞିକ ବ୍ରାହ୍ମଣ । ସେମାନେ କହିଲେ, ପ୍ରହ୍ଲାଦ ବାଳକ ହେଲେ କ'ଣ ହେଲା, ସେ ଯୋଗସିଦ୍ଧ, ନିଆଁ, ବିଷ ଆଦି ବାହାର ଜିନିଷ ଦ୍ୱାରା ତାକୁ ହତ୍ୟା କରାଯାଇ ନପାରେ । କଣ୍ଟା ଦ୍ୱାରା କଣ୍ଟା କଢ଼ାଯାଏ । ସେହିଭଳି ଦୈବଦ୍ୱାରାହିଁ ଦୈବୀଶକ୍ତିର ବିନାଶ ସମ୍ଭବ । ଏଥିଲାଗି 'ଅଭିଚାର' କ୍ରିୟା ଆବଶ୍ୟକ ।

ରାଜା ବ୍ରାହ୍ମଣମାନଙ୍କ ପରାମର୍ଶ ଗ୍ରହଣ କଲେ । ଏକ ପ୍ରକାଣ୍ଡ ଧୂନିର ବ୍ୟବସ୍ଥା କରାଗଲା । ମହଣ ମହଣ ଘିଅ ଆହୂତି ଦିଆଗଲା । ଯାଜ୍ଞିକ ବ୍ରାହ୍ମଣମାନେ ବହୁ ତନ୍ତ୍ରମନ୍ତ୍ର ପାଠ କଲେ । ପୂର୍ଣ୍ଣାହୂତି ପରେ ଗୁଡ଼ିଏ ଭୈରବ ଯଜ୍ଞକୁଣ୍ଡରୁ ଉଠିଲେ । କିଏ ଦେଖିବାକୁ ହାଣ୍ଡିକଳା ଭଳି ତ କିଏ ଲାଲ ଓ ହଳଦିଆ ବର୍ଣ୍ଣର । ମୁଣ୍ଡରେ ଜଟା, ହାତରେ ତ୍ରିଶୂଳ । ବ୍ରାହ୍ମଣମାନେ ତନ୍ତ୍ରବଳରେ ଏମାନଙ୍କୁ ଆହ୍ୱାନ କରିଥିଲେ, ପ୍ରହ୍ଲାଦକୁ ମାରିବା ପାଇଁ । କିନ୍ତୁ ଓଲଟା ଫଳ ଫଳିଲା । ଏମାନେ ହରିବିଦ୍ରୋହୀ, ଭକ୍ତଦ୍ରୋହୀ ଅସୁରମାନଙ୍କୁ ଗୋଡ଼ାଇଲେ ମାରିବା ପାଇଁ । ରାଜ୍ୟସାରା ହାହାକାର । ପ୍ରହ୍ଲାଦ ଭୈରବମାନଙ୍କ ସ୍ତୁତି କରିବାରେ ସେମାନେ ଅନ୍ତର୍ହିତ ହେଲେ । ଆଉ ଏମାନେ ଆଉ କିଛି ସମୟ ରହିଥିଲେ, ଅସୁରକୁଳ ଧ୍ୱଂସ ପାଇଥାଆନ୍ତା ।

ଅସୁରମାନେ ରାଜାଙ୍କୁ ଆସି କହିଲେ, ପ୍ରଜାଙ୍କ ଲାଗି ରାଜା । ଆମେ ଯଦି ସମୂଳେ ଧ୍ୱଂସ ପାଇବୁ, ଆଉ କାହାକୁ ନେଇ ରାଜା ହେବ ? ଆମେ ଜାଣିଲୁଣି, ତୁମ ପୁଅ ପ୍ରହ୍ଲାଦ ସର୍ବଶକ୍ତିମାନ । ବହୁ ପରୀକ୍ଷା ସରିଲାଣି । କ'ଣ ଯା ହାତରେ ଆମେ ସମସ୍ତେ ମରିବୁ ? ଭୈରବମାନେ ତ ମାରି ସାରନ୍ତେଣି, ଯା ଯୋଗୁଁ ରକ୍ଷା ପାଇଲୁ ।

ହିରଣ୍ୟକଶିପୁ ମନେ ମନେ ଭାବିଲା, ମୁଁ କ'ଣ ବିନା ଅସ୍ତ୍ରାଘାତରେ ପୁଅ ହାତରେ ମରିବି ? ଏ ଯାଏଁ ପରାଜୟ କ'ଣ ଜାଣିନି । ମୁଁ ପ୍ରହ୍ଲାଦର ବାପ ହେଲେ କ'ଣ ହେଲା, ସିଏ ତା ପରାଜୟର ବଡ଼ବାପା । ସବୁ ଉଦ୍ୟମ ତ ବ୍ୟର୍ଥ ।

ସେ ପ୍ରହ୍ଲାଦକୁ ଡକେଇ ଆଣିଲା । ପ୍ରହ୍ଲାଦ ପିତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା । ହାତଯୋଡ଼ି ଠିଆ ହେଲା । ହିରଣ୍ୟକଶିପୁ ପଚାରିଲା, ତୁ ତ ସବୁବେଳେ ହରି ହରି ହୁରି ପକାଉଚୁ, ସେ ହରିଟା ଅଛି କୁଉଠି ? ପ୍ରହ୍ଲାଦ କହିଲା, ସେ ଜଗତର ନାଥ, ଜଗଦୀଶ୍ୱର । ସେ ସର୍ବତ୍ର ବିଦ୍ୟମାନ ।

ହିରଣ୍ୟକଶିପୁ କହିଲା, ଏ ସବୁ ଆଜେବାଜେ କଥା କହନା । ଏବେ ଏହିକ୍ଷଣି ସେ କୁଉଠି ଅଛି କହ ।

ପ୍ରହ୍ଲାଦ – ମୁଁ ତ ତାଙ୍କୁ ସବୁଠି ଦେଖୁଚି ।

ହିରଣ୍ୟକଶିପୁ କହିଲା, ଏଇ ଯେ ସ୍ଫଟିକସ୍ତମ୍ଭ ଏଇଠି କ'ଣ ଅଛି ?

ପ୍ରହ୍ଲାଦ – ହଁ ବାପା ! ଏଇ ତ ମୁଁ ତାଙ୍କୁ ଦେଖୁଚି । ଏହି ସ୍ତମ୍ଭ ଭିତରେ ଥାଇ ମତେ ଦର୍ଶନ ଦେଉଚନ୍ତି ।

'ଏଇ ତ' – ଏତିକି ଶୁଣିବା ମାତ୍ରେ ହିରଣ୍ୟକଶିପୁ ଥରହର । ସେ ସଙ୍ଗେ ସଙ୍ଗେ ଗଦାଘାତ କରି ସ୍ତମ୍ଭକୁ ଭାଙ୍ଗି ପକାଇଲା ।

ଭଙ୍ଗା ସ୍ତମ୍ଭରୁ ଏକ ବିକଟାଳ ମୂର୍ତ୍ତି ଗର୍ଜନ କରି ଡେଇଁ ପଡ଼ିଲା । ଏହି ଜୀବନ୍ତ ମୂର୍ତ୍ତିର ମୁଣ୍ଡଟି ସିଂହ ଭଳି । ଚାରି ହାତରେ ଭୟାନକ ତୀକ୍ଷ୍ଣ ବଡ଼ ବଡ଼ ନଖ । ଦେହଟି ଠିକ୍ ମଣିଷ ଭଳି । ତା' ହୁଙ୍କାରରେ ମେଦିନୀ କମ୍ପିଲା । ହରିଣ୍ୟକଶିପୁ ସହିତ ଏହି ନୃସିଂହରୂପୀ ଶ୍ରୀହରିଙ୍କର ଚାଲିଲା ଭୀଷଣ ଲଢ଼େଇ । ପରିଶେଷରେ ଠିକ୍ ଦିନ ଓ ରାତିର ସନ୍ଧିକ୍ଷଣରେ ହିରଣ୍ୟକଶିପୁକୁ ନିଜ ଜଙ୍ଘ ଉପରେ ରଖି ନୃସିଂହ ନିଜ ମୁନିଆଁ ନଖଗୁଡ଼ିକରେ – ତା'ର ଛାତିକୁ ବିଦାରି ପକାଇଲେ । ତା'ର ଅନ୍ତବୁଜୁଳା ବାହାର କରି ସିଂହଖାଇବା ଭଳି ଖାଇବାରେ ଲାଗିଲେ ।

ନୃସିଂହରୂପୀ ଶ୍ରୀହରି ହିରଣ୍ୟକଶିପୁକୁ ବଧ କରିବାପରେ ମଧ୍ୟ ସିଂହପ୍ରକୃତି ଛାଡ଼ିଲେ ନାହିଁ । ତାଙ୍କ ଗର୍ଜନରେ ବ୍ରହ୍ମାଦି ଦେବଗଣ ଥରହର । କେହି ହେଲେ ନୃସିଂହ ପାଖ ପଶିପାରିଲେ ନାହିଁ । ସମସ୍ତେ ଭକ୍ତ ପ୍ରହ୍ଲାଦକୁ କହିଲେ, ବାପ ! ତୁ କେବଳ ଶ୍ରୀହରିଙ୍କୁ ଶାନ୍ତ କରାଇ ପାରିବୁ । ପ୍ରହ୍ଲାଦ ହାତଯୋଡ଼ି ଆଣ୍ଠୁମାଡ଼ି ବସି ହରିଭଜନ କଲା । ତା' ମଧୁର କଣ୍ଠସ୍ୱରରେ ଶ୍ରୀହରିଙ୍କ ହୃଦୟ ବିଗଳିତ ହେଲା । ସେ ପ୍ରହ୍ଲାଦକୁ କୋଳରେ ବସାଇ ନିଜ ଶାବକଭଳି ତାକୁ ଚାଟିବାକୁ ଲାଗିଲେ । ଶରୀର ନର ଭଳି, ମୁଣ୍ଡ ସିଂହ ଭଳି ରୂପ ନେଇଥିବାରୁ ଶ୍ରୀହରିଙ୍କ ଅନ୍ୟନାମ ହେଲା ନରସିଂହ ବା ନୃସିଂହ । ଜୟଦେବଙ୍କ ଭାଷାରେ ସେ 'ନରହରି' ।

॥ ୧୮୮ ॥

# ଗୋରୁ ମାରି ଜୋତା ଦାନ !

ବାପ ଭଲ ଥିଲେ, ପୁଅ ଯେ ଭଲ ହେବ ତା'ର କିଛି ମାନେ ନାହିଁ । ଅତି ଉତ୍ତମ ପିତାଙ୍କ ଔରସରୁ କୁଳାଙ୍ଗାର ପୁତ୍ର ମଧ୍ୟ ଜାତ ହୋଇଥାଆନ୍ତି । ଅବଶ୍ୟ କିଛିଟା ବଂଶଗତ ଭଲ ମନ୍ଦ ରହିଥାଏ । ହିରଣ୍ୟକଶିପୁର ନିଧନ ପରେ ଦୈତ୍ୟମାନଙ୍କ ରାଜା ହେଲେ ପ୍ରହ୍ଲାଦ । ପ୍ରହ୍ଲାଦଙ୍କ ପୁତ୍ର ବିରୋଚନ । ପ୍ରହ୍ଲାଦଙ୍କର ସର୍ବଦା ଭଜନ କୀର୍ତ୍ତନରେ ମନ । ପୁଅ ବିରୋଚନ ବଡ଼ ହେଲା । ପ୍ରହ୍ଲାଦ ତା' ଉପରେ ରାଜ୍ୟଭାର ସମର୍ପି ସାଧନ ଭଜନରେ ମନ ଦେଲେ । ବିରୋଚନ ଯେମିତି ବୀର, ସେମିତି ଦାତା ମଧ୍ୟ । ଦାତା ବୋଲି ତା' ମନରେ ଭୀଷଣ ଗର୍ବ ଥିଲା । ଏହି ଗର୍ବଗଞ୍ଜନ କରିବା ଲାଗି ଦେବତାମାନେ ବ୍ରାହ୍ମଣ ବେଶରେ ଯାଇ ବିରୋଚନଙ୍କୁ ଆୟୁଷ ଭିକ୍ଷା କଲେ । ଦାତା ବିରୋଚନ ଏ ଫିସାଦି ଜାଣି ପାରିଲେ ନାହିଁ । ବ୍ରାହ୍ମଣମାନଙ୍କୁ ନିଜ ଆୟୁଷ ଭିକ୍ଷାଦେଇ ସେ ଦେହତ୍ୟାଗ କଲେ । ତାଙ୍କ ପୁଅ ବଳି ରାଜା ହେଲେ ।

ବଳି ତହୁଁ ବଳୀ । ଧର୍ମକର୍ମ ଓ ଦାତା ପଣରେ ସେ ବାପଠୁ ବଳି ପଡ଼ିଲେ । ତେବେ ବଂଶଦୋଷ ଯିବ କୁଆଡୁ ? ସୁର ଅସୁର ଭିତରେ ବିରୋଧ ସର୍ବଦା । ବଳି ଚାହିଁଲେ ଦେବତାମାନଙ୍କୁ ହଟେଇ ସ୍ୱର୍ଗର ରାଜା ହେବା ଲାଗି । କ୍ରମେ ଦେବତାଙ୍କ ସହିତ ଯୁଦ୍ଧ ହେଲା । ବଳି ପରାଜିତ, ଅପମାନିତ ଓ ଆହତ ହେଲେ । ଭୃଗୁ ବଂଶୀୟ ବ୍ରାହ୍ମଣମାନେ ଥିଲେ ବଳିର ପୁରୋହିତ । ତପସ୍ୱୀ ସେମାନେ । ତପସ୍ୟାର ପ୍ରଭାବରେ ସେମାନେ ବଳିକି ସୁସ୍ଥ କରାଇଲେ । ତା'ଦ୍ୱାରା 'ବିଶ୍ୱଜିତ୍' ଯଜ୍ଞ କରାଇଲେ । ଏହି ଯଜ୍ଞ ଫଳରେ ବଳି ଜଗତବିଜୟୀ ଶକ୍ତି ଲାଭ କଲେ । ଲାଭରୁ ଲୋଭ ବଢ଼ିଲା । ପୁଣି ସେ ସ୍ୱର୍ଗ ଆକ୍ରମଣ କଲେ । ଦେବତାଙ୍କ ଗୁରୁ ବୃହସ୍ପତି । ସେ ଦେବତାମାନଙ୍କୁ ପରାମର୍ଶ ଦେଲେ । କହିଲେ, ଭୃଗୁବଂଶୀୟ ବ୍ରାହ୍ମଣମାନଙ୍କ ସାହାଯ୍ୟରେ ବଳି ଏବେ ମହାବଳୀ । ତାକୁ ପରାସ୍ତ କରିବା ସମ୍ଭବ ନୁହେଁ । ତେଣୁ ସ୍ୱର୍ଗ ଛାଡ଼ି ଚାଲିଯିବା ଶ୍ରେୟସ୍କର । ସମସ୍ତେ ମର୍ତ୍ତ୍ୟକୁ ଯାଇ ଲୁଚିଛପି ଆତ୍ମରକ୍ଷା କର । ତା'ଛଡ଼ା ଅନ୍ୟ ବାଟ ନାହିଁ । ଅସୁରଙ୍କ ଶକ୍ତି କ୍ଷୟ ହେଲେ ସୁଯୋଗ ଉଣ୍ଡି ସ୍ୱର୍ଗ ଅଧିକାର କରିପାରିବ ।

ଦେବତାମାନେ ବୃହସ୍ପତିଙ୍କ ପରାମର୍ଶ ଗ୍ରହଣ କଲେ । ବଳି ସ୍ୱର୍ଗର ରାଜା ହେଲେ । ତାଙ୍କ ପାଖେ ପାଖେ ରହିଲେ ତାଙ୍କ ପୁରୋହିତଗଣ । ସେମାନଙ୍କ ପରାମର୍ଶରେ ବଳି ଶହେ ଅଶ୍ୱମେଧ ଯଜ୍ଞ କରି ଇନ୍ଦ୍ରଙ୍କ ସମକକ୍ଷ ହୋଇପାରିଲେ । ଖୋଲା ହାତରେ ଦରିଦ୍ର

ଓ ବ୍ରାହ୍ମଣମାନଙ୍କୁ ବିପୁଳ ଦାନ ଦକ୍ଷିଣା ଦେଲେ । ଦାନ ଦେଇ ଦେଇ ତାଙ୍କ ମନରେ ଦାନ ଦେବାର ଇଚ୍ଛା ଏତେ ପ୍ରବଳ ହେଲା ଯେ ସେ 'କଳ୍ପତରୁ' ହୋଇଗଲେ । ରାଜ୍ୟ ସାରା ଘୋଷଣା କରିଦେଲେ, ତାଙ୍କଠୁ ଯିଏ ଯେତେବେଳେ ଯାହା ଚାହିଁବ, ପାଇ ପାରିବ । ତ୍ରିଭୁବନରେ ଆଉ ଦରିଦ୍ର କେହି ରହିଲେ ନାହିଁ । ଏବେ ଯେଉଁ ''ଗରିବୀ ହଟାଓ'' ଧ୍ୱନି ଚାଲିଛି, ବଳି ପ୍ରଥମେ ତାହା କାର୍ଯ୍ୟରେ ପରିଣତ କରିଥିଲେ । ଏବେ ତ ଖାଲି ପ୍ରତିଶ୍ରୁତି !

ଚାରିଆଡ଼େ ''ମହାଦାନୀ ବଳି ରାଜା କି ଜୟ'' ଧ୍ୱନି ଚାଲିଲା । କେବଳ ବଳିଙ୍କ ସମ୍ମାନ ବଢ଼ିଲା ନାହିଁ, ଅସୁରମାନଙ୍କ ଗୌରବ ମଧ୍ୟ ଶେଷ ସୀମାରେ ପହଞ୍ଚିଲା । ହେଲେ କ'ଣ ହେବ, ସବୁଠୁ ବଡ଼ ଦୋଷ, ଦୁର୍ଗୁଣ ହେଉଛି 'ଅହଙ୍କାର' । ବଳିଙ୍କର ମନରେ ଏ ଅହଙ୍କାର ବଢ଼ି ବଢ଼ି ଚାଲିଲା । ଅହଂକାରୀର ମିତ୍ର କେହି ନଥାଏ । ବଳି ପରମ ଧାର୍ମିକ, ଦାତାଶ୍ରେଷ୍ଠ ବୋଲି ଅହଂକାରରେ ଫୁଲି ଉଠିଲା । ଅହଂକାରରେ ପ୍ରମତ୍ତ ବଳି । ଏହା ଫଳରେ ସେ କ୍ରମଶଃ ଧର୍ମଚ୍ୟୁତ ହୋଇ ପଡ଼ିଲା । ଅସୁରମାନେ ଅହଂକାର ପ୍ରକୋପରେ ଧରାକୁ ସରା ମଣିଲେ । ଲୋକଙ୍କ ଉପରେ ଅତ୍ୟାଚାର କଲେ । ବଳି ସବୁ ଦେଖି, ସବୁ ଜାଣି ମଧ୍ୟ ନିଜର ପ୍ରଭୁତ୍ୱ ବଜାୟ ରଖିବା ପାଇଁ ଆଖିବୁଜି ଦେଲେ ।

କଥାରେ ଅଛି 'ଗୋରୁ ମାରି ଜୋତା ଦାନ' । ବଳିର ସେହି ପ୍ରକୃତି । ଧର୍ମକୁ ପଇସାଦେଇ କିଣିବା ଭଳି ମନେ କଲେ । ଧର୍ମ ଯେ ପ୍ରାଣର ବସ୍ତୁ, ଏ ଭାବନା ତାଙ୍କର ରହିଲା ନାହିଁ । ଦାତା ଓ ଧାର୍ମିକ ନମ୍ର, ବିନୟୀ ହେବା କଥା । ଧର୍ମ କୌଣସି ବିଳାସର ସାମଗ୍ରୀ ନୁହଁ । ଅନେକେ ବହୁ ଟଙ୍କା ପଇସା ଦେଇ ଯାଗଯଜ୍ଞ, ନାମ ସଂକୀର୍ତ୍ତନ କରାଇ ନିଜକୁ ଧାର୍ମିକ ବୋଲାଇ ଥାଆନ୍ତି । ଏପରି ଧର୍ମ ସଂଚୟର କୌଣସି ମୂଲ୍ୟ ନଥାଏ । ଏହାଠୁ ବଳି ଅଧର୍ମ କିଛି ନାହିଁ । ଯେଉଁମାନେ କଳାଧନ ଖଟେଇ ଧଳା ହେବାକୁ ଚାହିଁଥାଆନ୍ତି, ଅସଦୁପାୟରେ ଧନ ଅର୍ଜନ କରି ସେଥିରୁ କିଛିଟା ଦାନ କରିଥାଆନ୍ତି, ସେଥିରେ ସେମାନଙ୍କ 'ମାନ', ବାହାରେ ବଢ଼େ ସତ, ଭିତରଟା ଯେଉଁ କଳାକୁ ସେହି କଳା । ଯେଉଁମାନେ ଇମିତି କରିଥାଆନ୍ତି, ଶାସ୍ତ୍ରାନୁସାରେ ସେହିମାନେ ହିଁ ଅସୁର । ଶରୀର ସୁସ୍ଥ ରହିବ, ଆୟୁ ବଢ଼ିବ, ଧନଜନ ଗୋପ ଲକ୍ଷ୍ମୀରେ ଘର ପୂରି ଉଠିବ, ସ୍ୱର୍ଗସୁଖ ଲାଭ ହେବ– ଏହି କାମନା କରି ଯେଉଁମାନେ ଧର୍ମ କରନ୍ତି, ସେ ଧର୍ମ ସହିତ ଭଗବାନଙ୍କର କୌଣସି ସଂପର୍କ ନଥାଏ ।

ବଳି ଓ ଅସୁରମାନେ ଭୋଗ କରିବା ଉଦ୍ଦେଶ୍ୟରେ ହିଁ ତଥାକଥିତ ଧର୍ମ କରୁଥିଲେ । ବଳି ଦେହରେ ପ୍ରହ୍ଲାଦଙ୍କ ରକ୍ତ ଥିଲା, ତେଣୁ ଦାନ ଧର୍ମ କରୁଥିଲେ । କିନ୍ତୁ ଅନ୍ୟ ଅସୁରମାନଙ୍କର 'ଭୋଗ' ହିଁ ଥିଲା ଧର୍ମ ।

ଦେବତାମାନେ ବଳି ଭୟରେ ବହୁକାଳରୁ ଆତ୍ମଗୋପନ କରି ରହିଥିଲେ । କଶ୍ୟପଙ୍କ ପତ୍ନୀ ଅଦିତିଙ୍କ ସନ୍ତାନ ଆଦିତ୍ୟ ବା ଦେବତାମାନେ । ସନ୍ତାନମାନଙ୍କ କଷ୍ଟ ତାଙ୍କ ପକ୍ଷରେ ଅସହ୍ୟ ହୋଇ ପଡ଼ିଲା । କଶ୍ୟପ ଦିନରାତି ତପସ୍ୟାରତ । ତାଙ୍କୁ କହି କିଛି ଲାଭ ନାହିଁ । ତଥାପି ଅଦିତି ଥରେ ତାଙ୍କ ତପଃ ଭଗ୍ନ କରି କହିଲେ, ପିଲାଙ୍କ ମଙ୍ଗଳ ପାଇଁ କିଛିଟା ପ୍ରତିକାର ବ୍ୟବସ୍ଥା କର । କଶ୍ୟପ କହିଲେ, ନାରାୟଣବ୍ରତ କର । ସେ ତୋ ପିଲାମାନଙ୍କୁ ଉଦ୍ଧାର କରିବେ ।

ଅଦିତି ଭାବିଲେ, ଯାହାହେଉ ଗୋଟିଏ ବାଟ ତ ଦେଖାଗଲା । ସେ କଠୋର ବ୍ରତ କଲେ । ନାରାୟଣ ତାଙ୍କ ପ୍ରତି ସନ୍ତୁଷ୍ଟ ହୋଇ ପ୍ରସନ୍ନ ହେଲେ । ଅଦିତି ଭଗବାନଙ୍କୁ କହିଲେ, ପିଲାଙ୍କ ଦୁଃଖ ଯନ୍ତ୍ରଣା ଆଉ ସହି ହେଉନି । ସେମାନେ ଅସୁରଙ୍କ ଭୟରେ କିଏ କୁଉଠି ଲୁଚି ରହିଛନ୍ତି । ଶତ୍ରୁବିନାଶ କରି ମୋ ପିଲାଙ୍କୁ ରକ୍ଷା କରନ୍ତୁ ।

ନାରାୟଣ କହିଲେ, ଅସୁରମାନଙ୍କ ପ୍ରାରବ୍ଧକର୍ମକ୍ଷୟ ହେଲେ ଯାଇ ସେମାନଙ୍କର ବିନାଶ ସମ୍ଭବ । ଅପେକ୍ଷା କର, ପବିତ୍ର ଭାବରେ ଜୀବନଯାପନ କର । ଯୁଗଧର୍ମ ସ୍ଥାପନ ଲାଗି ମୁଁ ତୁମରି ଗର୍ଭରୁ ଜାତ ହେବି । ତା'ପରେ ଅସୁରମାନଙ୍କୁ ଦମନ କରାଯିବ । ଏକଥା ତୁମେ ଓ ମୋ ବ୍ୟତୀତ ତୃତୀୟ ବ୍ୟକ୍ତି ଯେପରି ନ ଜାଣନ୍ତି । ଏକଥା ଆଉ କାହାକୁ କହିବନି । ଅନ୍ୟ କେହି ଜାଣିଲେ, ସବୁ ପରିକଳ୍ପନା ଫସର ଫାଟିଯିବ ।

ଅଦିତିଙ୍କ ବ୍ୟାକୁଳତା ବଢ଼ିବାରେ ଲାଗିଲା । ଭଗବାନ କହିଛନ୍ତି, ଅପେକ୍ଷାକର । ଏହି ଅପେକ୍ଷା କେତେଦିନ, କେତେମାସ ! ଭଗବାନ ଜାତ ହେବେ ତାଙ୍କରି ଗର୍ଭରୁ । ଅନ୍ତତଃ ଦଶମାସ ଦଶଦିନ ତ ଦରକାର । ଏହିଭଳି ନାନା ଚିନ୍ତା ଅଦିତିଙ୍କର । ସେ ଦିନ ସେ ଭଗବାନଙ୍କ ପୂଜା ଅର୍ଚ୍ଚନା, ଧ୍ୟାନ, ଧାରଣା, ଭଜନକୀର୍ତ୍ତନରେ ମଜ୍ଜି ରହିଲେ । କିଛିଦିନ ପରେ ଅନୁଭବ କଲେ, ସେ ଗର୍ଭବତୀ । ଯଥା ସମୟରେ ତାଙ୍କ ଗର୍ଭରୁ ବ୍ରହ୍ମତେଜୋମୟ ଏକ ଅପୂର୍ବ ଶିଶୁ ଭୂମିଷ୍ଠ ହେଲା । ପିତା କଶ୍ୟପ, ମାତା ଅଦିତି ଦୁହେଁ ଆନନ୍ଦିତ । ପିଲାକୁ ପାଞ୍ଚବର୍ଷ ନ ହେଉଣୁ ସେ ଏପରି ବୁଦ୍ଧିମାନ ଜଣା ପଡ଼ିଲା ଯେ ସମସ୍ତେ ଚକିତ ହୋଇପଡ଼ିଲେ । ଶୁଣିବାମାତ୍ରେ ସବୁ ମନେ ରହିଲା । କଥା କହିଲା ଯେ ଯମିତି ବାତୁଲି ବାଜିବନି । ସବୁ ପଣ୍ଡିତଙ୍କୁ ବଳି ପଡ଼ିଲା । ଯିଏ ଯାହା ପଚାରିଲା, ତା'ର ସଠିକ ଉତ୍ତର ତା'ଠୁ ପାଇଲା । ପିତା କଶ୍ୟପ ତାକୁ ଗାୟତ୍ରୀ ମନ୍ତ୍ରରେ ଦୀକ୍ଷିତ କଲେ । ପିଲା କହିଲା, ଆଉ କି ମନ୍ତ୍ର ଅଛି, ସବୁ ମନ୍ତ୍ରରେ ମତେ ଦୀକ୍ଷା ଦିଅ । କଶ୍ୟପ କହିଲେ, ତୁ ଯିମିତି ପଣ୍ଡିତ, ମୁଁ ଭାବୁଚି, ତୋ'ଠୁ କିଛି ଶିଖିବି ।

ସବୁ ବଢ଼ିଲା କିନ୍ତୁ ପିଲାଟିର ଦିହଟା ବଢ଼ିଲା ନାହିଁ । ଦେହଟା ସେହି ପାଞ୍ଚ ବର୍ଷ ବୟସର ଦେହ ଭଳି ରହିଲା । ଖର୍ବକାୟ । ବାଙ୍ଗରା । ତେଣୁ ତା ନାଆଁ ରହିଲା 'ବାମନ' । ଛୋଟ ଛୋଟ ପାଦ, ଛୋଟ ଛୋଟ ହାତ । ଲମ୍ବ ଓସାର ଯିମିତି ସମାନ ! ହାତରେ ତାଳପତ୍ର ଛତା, ପାଦରେ କଠଉ । ଓଠରେ ଖିଲ୍ ଖିଲ୍ ହସ । କାନ୍ଧରୁ ଅଣ୍ଟାଯାଏ ଉପବୀତ । ହାତରେ କମଣ୍ଡଳୁ । ଗେଡ଼ୁ ବ୍ରାହ୍ମଣ । ବାଳ ବ୍ରହ୍ମଚାରୀ !

●

॥ ୧୮୯ ॥

# ବଳିର ପାତାଳ ଗମନ

ଭୃଗୁକଚ୍ଛ ଏକ କମନୀୟ ପବିତ୍ର ସ୍ଥାନ । ନର୍ମଦା ନଦୀ ତଟରେ ଅବସ୍ଥିତ । ବଳି ରାଜା ସେଠି ଏକ ଅଶ୍ୱମେଧ ଯଜ୍ଞ କଲେ । ଦୈତ୍ୟଗୁରୁ କୁଟବୁଦ୍ଧିଶୁକ୍ରାଚାର୍ଯ୍ୟ ଯଜ୍ଞର ମୁଖ୍ୟ ପରିଚାଳକ । ବଳିର ନିର୍ଦ୍ଦେଶରେ ଜଗତଯାକର ବେଦଜ୍ଞ ବ୍ରାହ୍ମଣଙ୍କ ସମାଗମ । ଦିଗ୍‌ବିଦିଗ ଚତୁର୍ଦ୍ଦିଗରୁ ଲକ୍ଷ ଲକ୍ଷ ବ୍ରାହ୍ମଣ ଓ ଦରିଦ୍ରଲୋକ ବଳିଠୁ ଦାନ ଗ୍ରହଣ ଲାଗି ଆସୁଛନ୍ତି, ଯାଉଛନ୍ତି । ଯିଏ ଯାହା ଚାହିଁଲା ପାଉଛନ୍ତି । ଅନ୍ନ, ବସ୍ତ୍ର, ଭୂମି, ଗାଈ, ସ୍ୱର୍ଣ୍ଣ ଆଦି ଦାନର ଅନ୍ତ ନାହିଁ । ବଳି କଳ୍ପତରୁ ହୋଇଛନ୍ତି । ଦରିଦ୍ରର ଦୁଃଖ ମୋଚନ କରିବାରେ ଲାଗିଛନ୍ତି । ଜଗତସାରା ବଳିର ଜୟଜୟକାର ।

ଦିନେ ବାମନରୂପୀ ଶ୍ରୀହରି ଆସି ପହଞ୍ଚିଲେ ଯଜ୍ଞସଭାରେ । ମୁଣ୍ଡ ଉପରେ ଛୋଟ ଗୋଟିଏ ତାଳପତ୍ର ଛତା । ଗେଡ଼ୁ ବ୍ରାହ୍ମଣ । ବୟସରେ ବାଳକ । ମୁଖମଣ୍ଡଳ ଝଲସି ଉଠୁଛି ବ୍ରହ୍ମତେଜରେ । ସଭାରେ ଉପସ୍ଥିତ ସମସ୍ତଙ୍କ ଦୃଷ୍ଟି ଏହି ବାଳବ୍ରହ୍ମଚାରୀ ଉପରେ । ମନେ ହେଲା ଦୀର୍ଘପଥ ଅତିକ୍ରମ କରି ଆସିଛନ୍ତି । ସ୍ୱେଦାକ୍ତ ଶରୀର ଓ ବଦନକମଳ । କ୍ଳାନ୍ତଶ୍ରାନ୍ତ । ଦେଖିବାମାତ୍ରେ ସମସ୍ତଙ୍କ ମନରେ ସ୍ନେହଭାବର ଉଦ୍ରେକ । ବଳି ତାଙ୍କୁ ପାଛୋଟି ଆଣିଲେ । ଆସନ ଦେଲେ ବସିବା ପାଇଁ । କେତେଦୂରରୁ ଆସିଲେ, କାହାର ପୁଅ ଆପଣ ବୋଲି ପଚାରିବା ପରେ ବଳି ରାଜା ନିଜ ହାତରେ ପିଲାଟିର ପାଦ ଧୋଇଦେଲେ । ତାଙ୍କ ମୁଣ୍ଡରେ ଅର୍ଘ୍ୟ ଦେଲେ । ଖାଇବା ପାଇଁ ଦେଲେ ମଧୁପର୍କ । (ପୂର୍ବେ ଅତିଥି ଅଭ୍ୟର୍ଥନା ଏହିଭଳି କରାଯାଉଥିଲା । ଏବେ ବି ଅଛି କିନ୍ତୁ କ୍ୱଚିତ୍ ।)

ଭିକ୍ଷାର୍ଥୀମାତ୍ରେ ଦାତାଙ୍କ ଯଶ ଓ ଗୁଣକୀର୍ତ୍ତନ କରିବା ଏକ ଚିରାଚରିତ ପ୍ରଥା । ବେଶୀ ପାଇବା ଲାଗି କେହି କେହି ବେଶୀ ଯଶଗାନ କରିଥାଆନ୍ତି । ଏଥିରେ ଦାତା

ଅଧିକ ପ୍ରସନ୍ନ ହୁଅନ୍ତି । ଉତ୍ସାହିତ ହୁଅନ୍ତି । ବାମନଦେବ ସୁଲଳିତ ମଧୁର କଣ୍ଠରେ ବଳି ଓ ତାଙ୍କ ପୂର୍ବ ପୁରୁଷମାନଙ୍କ କୀର୍ତ୍ତିଗାଥା ବଖାଣିବାକୁ ଲାଗିଲେ । ସେ ଆରମ୍ଭ କଲେ ହିରଣ୍ୟକଶିପୁର ବୀରତ୍ୱ ଠାରୁ । ତା ପରେ ପ୍ରହ୍ଲାଦର ଭକ୍ତି । ବିରୋଚନର ଦାନଶୀଳତା, ବଳିଙ୍କର ଯଜ୍ଞ, ଅକୁଣ୍ଠିତ ଦାନ, ସୌଜନ୍ୟ, ଆତିଥ୍ୟ ଆଦିର ଏପରି ଚମତ୍କାର ବର୍ଣ୍ଣନା କଲେ ଯେ, ସଭାର ସମସ୍ତେ ମୁଗ୍ଧ ହୋଇ ପଡ଼ିଲେ । ସମସ୍ତେ ଭାବିଲେ, ଏ ପିଲାଟା ମନେ ହେଉଚି ରାଜାଙ୍କ ଠାରୁ ରାଜପାଟ ନ ନେଇ ଛାଡ଼ିବନି ।

ବଳି ଭଲି ଗଲେ । ସେ ଅତି ବିନୀତ ଭାବରେ କରପତ୍ର ଯୋଡ଼ି କହିଲେ, ପ୍ରଭୁ, ଆପଣ ଯଦି ଏହି ଦାସାନୁଦାସ ଠାରୁ କିଛି ଦାନ ଗ୍ରହଣ କରନ୍ତି, ତେବେ କୃତାର୍ଥ ହୁଅନ୍ତି । ବାମନ ବ୍ରହ୍ମଚାରୀ କହିଲେ, ହଁ ମୁଁ ତ ଆସିଚି ସେଇଥିପାଇଁ । କିନ୍ତୁ ସାମାନ୍ୟ କିଛି । ଆପଣ ଯେହେତୁ ଦାତାଶ୍ରେଷ୍ଠ, ମୁଁ ଆପଣଙ୍କଠୁ କେବଳ ତିନିପାଦ ଭୂମି ଚାହେଁ ।

ସଭାରେ ସମସ୍ତେ ଠୋ ଠୋ ହସି ଉଠିଲେ । ପିଲାଟା ଚାଲାକ ଚତୁର ବୋଲି ଭାବିଥିଲେ । ମାତ୍ର ତ୍ରିପାଦ ଭୂମି ମାଗିବାରେ ବଳି କହିଲେ, ଏ ଭିକ୍ଷା, ଏ ପ୍ରାର୍ଥନା ତ ଅତି ସାମାନ୍ୟ । ପିଲାଲୋକ, ତେଣୁ ଏ ଭିକ୍ଷା ପିଲାଳିଆ । ଇମିତି କିଛି ମାଗ ଯାହା ଫଳରେ ଆଉ ମାଗିବାକୁ ପଡ଼ିବନି । ମୁଁ ଦେବାରେ ଆନନ୍ଦ ପାଇବି, ଆପଣ ମଧ୍ୟ ନେବାରେ ଆନନ୍ଦ ପାଇବେ ।

ବାଳକ ବାମନଦେବ କହିଲେ, ଯଦି ମନରେ ତୃପ୍ତି ନ ଥାଏ, ତାହାହେଲେ ସସାଗରା ଧରାର ଅଧିକାରୀ ହେଲେ ମଧ୍ୟ ଅଭାବ ମେଣ୍ଟେନା । ମୋ ଭଳି ଯିଏ ଇନ୍ଦ୍ରିୟଗୁଡ଼ିକୁ ବଶୀଭୂତ କରିପାରିଚି, ସେ ତ୍ରିପାଦ ଭୂମି ପାଇଲେ ମଧ୍ୟ ତୃପ୍ତ ହେବା ସ୍ୱାଭାବିକ । ମୁଁ ଆଉ କିଛି ଚାହେଁନା, ଥରେ ଯାହା କହିଚି, ସେହି ତିନିପାଦ ଭୂମି ହିଁ ଚାହେଁ ।

ବଳି ଭାବିଲେ, ବାଳକ ବାମନକୁ ଆଉ ବୁଝେଇ କିଛି ଲାଭ ନାହିଁ । ଦାନ ଦେବା ପୂର୍ବରୁ ସଂକଳ୍ପ କରିବାକୁ ପଡ଼େ । ବଳି କମଣ୍ଡଳୁରେ ଜଳ ଭର୍ତ୍ତି କରି ହାତରେ ଧରିଲେ । ଶୁକ୍ରାଚାର୍ଯ୍ୟ ଏ ଯାଏଁ ଚୁପଚାପ ସବୁ ଶୁଣୁଥିଲେ । ହସ୍ତକ୍ଷେପ କରିବାକୁ ବାଧ୍ୟ ହେଲେ । ସେ ବଳିଙ୍କ କାନରେ ଚୁପ୍‌ଚୁପ୍ କହିଲେ, ମହାରାଜା ! ଏ ପିଲାଟି ଛଦ୍ମବେଶୀ ଭଗବାନ୍ । ସେ ବଳିକି ଦାନ ଦେବା ପାଇଁ ମନା କଲେ । କିନ୍ତୁ ବଳି ସତ୍ୟପ୍ରିୟ । କହିଲେ, 'ଦେବି' ବୋଲି କହି ଯଦି ଏବେ କହିବି 'ଦେବିନି', ତାହାହେଲେ ମୋର ସବୁ ପୁଣ୍ୟ ଧୂଳିସାତ୍ ହେବ । ମୁଁ ପ୍ରହ୍ଲାଦଙ୍କ ନାତି, ବିରୋଚନଙ୍କ ପୁତ୍ର । ପିତାମହ ଶିଶୁ ଅବସ୍ଥାରୁ ଏହି ସତ୍ୟ ଲାଗି ବହୁ କଷ୍ଟ ସହ୍ୟ କରିଛନ୍ତି, ପିତା ସତ୍ୟରକ୍ଷା ଲାଗି ଦେହତ୍ୟାଗ କଲେ । ମୁଁ କୌଣସିମତେ ସତ୍ୟ ଭଙ୍ଗ କରିପାରିବିନି । ବାଳକ ଛଦ୍ମବେଶୀ ଦେବତା ବା ଭଗବାନ

ହୁଅନ୍ତୁ, ଦାନ ଦେବାରେ ମୋର କ୍ଷତି କ'ଣ ? ବରଂ ସଦ୍‌ଗତି ହେବ । ଜୀବନ ରକ୍ଷା ଲାଗି ସତ୍ୟଚ୍ୟୁତ ହେଲେ ମୁଁ ନରକଗାମୀ ହେବା ନିଶ୍ଚିତ । ଏହା କହି କମଣ୍ଡଳୁ ଉଠାଇଲେ । ଶୁକ୍ରାଚାର୍ଯ୍ୟ ବଳି ସହିତ ବହୁତ ଯୁକ୍ତିତର୍କ କଲେ । ବାଧା ଦେଇ ପାରିଲେ ନାହିଁ । ସେ ଯୋଗଶକ୍ତି ବଳରେ ମାଛି ହୋଇ କମଣ୍ଡଳୁ ଭିତରେ ପଶି ତା ମୁହଁ ବନ୍ଦ କରିଦେଲେ । ଜଳ ହାତରେ ରଖି ଦାନ ଦିଆଯାଇଥାଏ । ବଳି କମଣ୍ଡଳୁରୁ ପାଣି ଗଡ଼େଇ ଦେଖିଲେ ପାଣି ଆସୁନି । ତାଙ୍କ ହାତରେ କୁଶ ଥିଲା । ବାମନରୂପୀ ଶ୍ରୀହରି ଜାଣିପାରିଲେ ଶୁକ୍ର ପାଣିକି ଅଟକାଇଚି । ସେ ବଳିକି କହିଲେ, କୁଶରେ ଖେଞ୍ଚାଦିଅ ଯେ ପାଣି ବାହାରି ଆସିବ । ବଳି ଖେଞ୍ଚା ଦେବା ମାତ୍ରେ ଶୁକ୍ରଙ୍କ ଗୋଟିଏ ଆଖି ଫୁଟିଗଲା । (ପୁରାଣରେ ଅଛି ଯେ ବାମନ କୁଶ ଦ୍ୱାରା ଶୁକ୍ରାଚାର୍ଯ୍ୟଙ୍କ ଗୋଟିଏ ଆଖି ଫୁଟାଇ ଦେଇଥିଲେ ।) ଶୁକ୍ର କମଣ୍ଡଳୁରୁ ବାହାରକୁ ଆସି ବଳିକି ଅଭିଶାପ ଦେଲେ "ତୁ ଶ୍ରୀହୀନ ହୁଅ ।"

ବଳି ବେଦମନ୍ତ୍ର ଉଚ୍ଚାରଣ କରି ବାମନଦେବଙ୍କୁ ତ୍ରିପାଦ ଭୂମିଦାନ ଲାଗି ସଂକଳ୍ପ କଲେ । ହଠାତ ବାମନଦେବଙ୍କ ଚେହେରା ବଦଳିଗଲା । ସେ ଗୋଟିଏ ପାଦରେ ସମଗ୍ର ପୃଥିବୀକୁ ଆବୋରି ନେଲେ । ଦ୍ୱିତୀୟ ପାଦ ଦ୍ୱାରା ଆକାଶ ଛାଇଗଲା । ତୃତୀୟ ପାଦ ରଖିବାକୁ ସ୍ଥାନ କାହିଁ ? ଦୁଇପାଦ ମଝିରୁ ସେ ବାହାର କଲେ ତୃତୀୟ ପାଦ । ବଳିକି ପଚାରିଲେ ଏ ପାଦଟିକୁ କୁଉଠି ରଖିବି କହ । ସଭାରେ ଥିବା ଲୋକେ ଏ ପାଦ ଦେଖି ଆତଙ୍କିତ । ଇଏ ତ ବିରାଟ ପାଦ । ବଳି କିଂକର୍ତ୍ତବ୍ୟବିମୂଢ଼ । ବାମନ ଉତ୍ତେଜିତ । କହିଲେ, କିରେ ବଳି ! କଥା ଦେଇଚୁ, ମୋର ସବୁ ଅଭାବ ମେଣ୍ଟାଇବୁ, ଏବେ ତ ପାଦ ରଖିବା ପାଇଁ ଥାନ ନାହିଁ । ଜାଗା ଦେ । ମତେ ତ ଅବୋଧ ବାଳକ ବୋଲି କହୁଥିଲୁ– ଏବେ ବାଳକର ଅଳି ମେଣ୍ଟାଅ । ସତ୍ୟଭଙ୍ଗ କଲେ, ତୁ ନରକରେ ପଡ଼ିବୁ ।

ବଳି ନିରୁପାୟ । ବାମନଦେବ ସଙ୍ଗେ ସଙ୍ଗେ ଦେବଦୂତମାନଙ୍କୁ ଆହ୍ୱାନ କରି ବଳିକି ବାନ୍ଧି ପକାଇଲେ । ଅସୁରମାନେ ରାଜାଙ୍କ ଦୁର୍ଦ୍ଦଶା ଦେଖି ବାଳକ ବାମନ ଉପରେ ଆକ୍ରମଣ କରିବାକୁ ବାହାରିଲେ । ବଳି ସେମାନଙ୍କୁ ନିରସ୍ତ କଲେ । ରାଜ୍ୟସାରା ହାହାକାର ପଡ଼ିଗଲା ।

ବଳି ବିପଦରେ ପଡ଼ିଲେ ପିତାମହ ପ୍ରହ୍ଲାଦଙ୍କୁ ସ୍ମରଣ କରିଥାଆନ୍ତି । ପ୍ରହ୍ଲାଦ ନିର୍ଜ୍ଜନରେ ଅହର୍ନିଶି ଶ୍ରୀହରି ଚିନ୍ତାରେ ମଗ୍ନ । ବଳି ସ୍ମରଣ କରିବା ମାତ୍ରେ ବଳି ପାଖରେ ନିଜ ଇଷ୍ଟଦେବଙ୍କ ଆବିର୍ଭାବ କଥା ସେ ଜାଣିପାରିଲେ । ସେ ରାଜସଭାରେ ଉପସ୍ଥିତ ହେଲେ । ସେ ନାରାୟଣଙ୍କୁ ଦର୍ଶନ କରି ପ୍ରେମରେ ବିହ୍ୱଳ ହୋଇ ସ୍ତବ କଲେ । ବାମନ କହିଲେ, ତୁମ ନାତି ସତ୍ୟ ଭଙ୍ଗ କରିଚି । ସେ ଦଣ୍ଡନୀୟ । ପ୍ରହ୍ଲାଦ କହିଲେ, ପ୍ରଭୁ,

ସବୁଠୁ ବଡ଼ଦାତା ବୋଲି ବଳିର ଅହଂକାର ଥିଲା । ଯାହା ହେଉ ତା' ଫଳରେ ମର୍ତ୍ତ୍ୟମଣ୍ଡଳରେ ଯୋଗୀଜନ ଦୁର୍ଲ୍ଲଭ ଆପଣଙ୍କ ଚରଣ ଦର୍ଶନ ମିଳିଲା । ଯାହା ହେବାର ହେଲାଣି, ଏଣିକି ତୃତୀୟ ପାଦ ବଳିର ମୁଣ୍ଡ ଉପରେ ସ୍ଥାପନ କରି ତାକୁ ସତ୍ୟଭଙ୍ଗ ପାପରୁ ମୁକ୍ତ କରନ୍ତୁ ।

ବଳିର ଦର୍ପ ଚୂର୍ଣ୍ଣ ହେଲା । ଶ୍ରୀହରିଙ୍କ କୃପାରୁ ସେ ପାଇଲା ଦିବ୍ୟଦୃଷ୍ଟି । ଭକ୍ତବତ୍ସଳ ଶ୍ରୀହରି ତାଙ୍କର ତୃତୀୟ ପାଦ ତା'ର ମୁଣ୍ଡରେ ରଖି ତା' ସତ୍ୟରକ୍ଷା କଲେ । ପ୍ରସନ୍ନ ହୋଇ କହିଲେ, ବଳି, ତୁ ଅସୁରମାନଙ୍କ ଚିରନିକେତନ ପାତାଳକୁ ଯାଅ । ଆଜିଠୁ ତୁ ଅମର ହେଲୁ । ତୁ ମୋର ଭକ୍ତ । ମୁଁ ଗଦାହସ୍ତରେ ତୋର ଦ୍ୱାରପାଳ ହୋଇ ରହିବି । ଆତ୍ମସମର୍ପଣ କରିବାରେ ବଳି ଭଗବାନଙ୍କ ଅଶେଷ କରୁଣା ଲାଭ କରି କୃତାର୍ଥ ହେଲା । ଶ୍ରୀହରି ତୃତୀୟ ପାଦରେ ବଳିକି ଚାପିଦେଲେ ପାତାଳକୁ । ଦେବତାମାନେ ସ୍ୱର୍ଗକୁ ଫେରିଆସି ସୁଖୀ ହେଲେ ।

ଅସୁରମାନଙ୍କ ପ୍ରଭାବ, ମଣିଷ ଭିତରେ ବଢ଼ି ଉଠୁଥିବା ଆସୁରିକ ପ୍ରବୃତ୍ତିର ଦମନ ଲାଗି ଭଗବାନ୍ ନାନା ରୂପରେ ଥରକୁ ଥର ଧରାଧାମକୁ ଆସି ଥାଆନ୍ତି । ବଳିର ଦର୍ପ ହରଣ କରି ବାମନ ଯୁଗଧର୍ମ ପ୍ରଚାର କଲେ । ଧାର୍ମିକମାନେ ଶାନ୍ତି ଲାଭ କଲେ ।

●

॥ ୧୯୦ ॥

# ରାମରୁ ପର୍ଶୁରାମ

ଭଗବାନ ମଣିଷ ସମାଜକୁ ଶୃଙ୍ଖଳିତ କରିବା ଲାଗି ଚାରୋଟି ବର୍ଣ୍ଣ ସୃଷ୍ଟି କରିଛନ୍ତି । କର୍ମ ଅନୁସାରେ ବର୍ଣ୍ଣ । ଭେକ ଅନୁସାରେ ନୁହଁ । କିମ୍ବା ଏହା ଜନ୍ମଗତ ଅଧିକାର ନୁହଁ । ସଂସ୍କାରଗତ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର— ଏ ଚାରିବର୍ଣ୍ଣ । ଶୂଦ୍ର ମଧ୍ୟ ବ୍ରାହ୍ମଣୋଚିତ କର୍ମ କଲେ ସେ ବ୍ରାହ୍ମଣ ପଦବାଚ୍ୟ । ଏପରି କେତେ ମହାପୁରୁଷ ଶୂଦ୍ରବର୍ଣ୍ଣରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ବ୍ରାହ୍ମଣ ତାଙ୍କର ପାଦପୂଜା ଓ ସେବା କରିବା ଲକ୍ଷ୍ୟ କରାଯାଇଥାଏ ।

ପ୍ରଥମେ ସବୁ ମଣିଷର ଗୋଟିଏ ମାତ୍ର ବର୍ଣ୍ଣ ଥିଲା । କ୍ରମଶଃ ମନୁଷ୍ୟର ଚିନ୍ତା ବଢ଼ିଲା, କାମ ମଧ୍ୟ ବଢ଼ିଲା । ଜୀବମାତ୍ରେ ଆତ୍ମରକ୍ଷା ଲାଗି କର୍ମ କରେ । ଚିନ୍ତା କରି ମନୁଷ୍ୟ ନିଜର ଉନ୍ନତି ଲାଗି ନାନା ଉପାୟ ଉଦ୍‌ଭାବନ କରେ । ଦଳେ ଲୋକ ବାହାରିଲେ,

ସେମାନଙ୍କର ଏକମାତ୍ର ଚିନ୍ତା ହେଲା, ସମାଜର ମଙ୍ଗଳ କରିବା । ଏମାନଙ୍କୁ କୁହାଗଲା ବ୍ରାହ୍ମଣ । ସେମାନଙ୍କ ସୁରକ୍ଷା ଓ ଖାଦ୍ୟପେୟ ଆଦିର ଭାର ନେଲେ ଆଉ ଦୁଇଦଳ ଲୋକ । ଏହି ଦୁଇଦଳ ମଧ୍ୟରୁ ଦଳେ ଖୁବ୍ ତେଜସ୍ୱୀ ଓ ବୁଦ୍ଧିମାନ । ବଳବାନ୍ ମଧ୍ୟ । ଏମାନେ ଦୁଷ୍ଟ, ଦୁରାଚାରମାନଙ୍କ ଅତ୍ୟାଚାରର ପ୍ରତିରୋଧ କଲେ । ଏମାନଙ୍କୁ କୁହାଗଲା କ୍ଷତ୍ରିୟ । ଏମାନେ ସ୍ୱାର୍ଥରକ୍ଷକ, ଶାସକ ହେଲେ । ଆର ଦଳଟି ଅତି ବୁଦ୍ଧିମାନ ନ ହେଲେ ମଧ୍ୟ କର୍ମଠ । ଏମାନଙ୍କୁ କୁହାଗଲା ବୈଶ୍ୟ । ସମାଜର ଧନ ବଢ଼ାଇବା ହେଲା ଏମାନଙ୍କର ଏକମାତ୍ର ଚିନ୍ତା । ଯେଉଁମାନେ ମୋଟା ବୁଦ୍ଧିଆ, ହୀନ ପ୍ରକୃତିର ଲୋକ ସେମାନେ ଦୈହିକ ପରିଶ୍ରମ କଲେ । ସମାଜର ସେବା କଲେ । ଏମାନେ ଶୂଦ୍ର ବର୍ଣ୍ଣର । ମଣିଷ ସମାଜ ଏକ । କିନ୍ତୁ ଚାରିବର୍ଣ୍ଣରେ ବିଭକ୍ତ । ଏହା ପୃଥିବୀରେ ସର୍ବତ୍ର ପ୍ରଚଳିତ ।

ଦେହ ଲାଗି ମସ୍ତିଷ୍କ ଯେପରି ଆବଶ୍ୟକ, ସେହିଭଳି ବାହୁବଳ ମଧ୍ୟ । ବ୍ରାହ୍ମଣ ହେଲେ ମସ୍ତିଷ୍କ, କ୍ଷତ୍ରିୟ ହେଲେ ବାହୁ । ଉଭୟ ମିଳିତ ଭାବରେ କାର୍ଯ୍ୟ ନ କଲେ ସମାଜର ମଙ୍ଗଳ ହୋଇ ନପାରେ । ମାତ୍ର ଦଳ ବାନ୍ଧିଲେ, କଳହ ଅବଶ୍ୟାମ୍ଭାବୀ । ବ୍ରାହ୍ମଣ କ୍ଷତ୍ରିୟଙ୍କ ମଧ୍ୟରେ ନାନା ବିଷୟରେ ବିବାଦ । ଏପରିକି ଯୁଦ୍ଧ ମଧ୍ୟ ହୋଇଥାଏ । ବିବାଦର କାରଣ ଅନେକ । ଉଦାହରଣସ୍ୱରୂପ ବ୍ରାହ୍ମଣମାନେ ସାଧନ, ଭଜନ, ତପସ୍ୟା ଦ୍ୱାରା ସମାଜର କଲ୍ୟାଣ ଲାଗି କୌଣସି ବାଟ ବାହାର କଲେ, କ୍ଷତ୍ରିୟମାନେ ତା' ଗ୍ରହଣ କରିବାକୁ ନାରାଜ । ବ୍ରାହ୍ମଣ କହିଲେ, କ୍ଷତ୍ରିୟ ବାଲ୍ୟକାଳରେ ବ୍ରାହ୍ମଣଠାରୁ ବେଦାଧ୍ୟୟନ କରିବାକୁ ପଡ଼ିବ, କଠୋର ଭାବରେ ବ୍ରହ୍ମଚର୍ଯ୍ୟ ପାଳନ କରିବା ମଧ୍ୟ ଉଚିତ । କ୍ଷତ୍ରିୟ କହିଲେ, ବେଦାଧ୍ୟୟନ ଅବଶ୍ୟ ଆବଶ୍ୟକ, କିନ୍ତୁ ଏଥିଲାଗି ବ୍ରାହ୍ମଣର ଶିଷ୍ୟ ହେବା ଅନାବଶ୍ୟକ । ରାଜାର ପୁଅ ଏ ସବୁ କରି ନପାରେ । ବ୍ରାହ୍ମଣ ଦେଖିଲେ, ଯିଏ ଶାସକ ସେ ଏପରି ଅମାନିଆ ହେଲେ ସମାଜରେ ନାନା ବିଭ୍ରାଟ ଦେଖାଦେବ, ଶୃଙ୍ଖଳା ରହିବ ନାହିଁ, ଅନୁଶାସନ ଲୋପ ପାଇବ ।

ଏହିଥିରୁ କଳହ, ବିବାଦ । ଦୁଇଦଳ ମଧ୍ୟରେ ସଂଘର୍ଷ । ଏପରିକି ଯୁଦ୍ଧ ଚାଲିଲା । ଦଳେ ଅନ୍ୟ ଦଳକୁ ପରାଜିତ, ଅଧୀନସ୍ଥ କରିବା ପର୍ଯ୍ୟନ୍ତ । ଏହିଭଳି ଭାବରେ ଏକଦା କ୍ଷତ୍ରିୟମାନେ କ୍ଷମତା, ଐଶ୍ୱର୍ଯ୍ୟ, ଧନଧାନ୍ୟ ହେତୁ ଅତିଶୟ ଅହଂକାରୀ ହୋଇ ପଡ଼ିଲେ । ଧର୍ମର ନିୟମ ମାନିଲେ ନାହିଁ, ବ୍ରାହ୍ମଣମାନଙ୍କ ଆଦେଶ ଉଲ୍ଲଙ୍ଘନ କଲେ । ତାଙ୍କ ଦେଖାଦେଖି ପ୍ରଜାମାନେ ମଧ୍ୟ ଧର୍ମକୁ ଜଳାଞ୍ଜଳି ଦେଲେ । ବେଦାଚାର, ଆର୍ଯ୍ୟଧର୍ମ ଲୋପ ପାଇଲା । ସବୁ କ୍ଷେତ୍ରରେ ଅସାଧୁତା ରାଜୁତି କଲା । ମନୁଷ୍ୟ ଅସୁରବୃତ୍ତି ଅବଲମ୍ବନ କଲେ ।

ସେହି ସମୟରେ ଅର୍ଥାତ୍ ପ୍ରାଚୀନ ଭାରତରେ ଭୃଗୁବଂଶୀୟ ବ୍ରାହ୍ମଣମାନେ ବିଶେଷ ପ୍ରଭାବଶାଳୀ ଥିଲେ । ଏହି ବଂଶରେ ବହୁ ଯୋଗୀ, ତେଜସ୍ୱୀ ପୁରୁଷ ଜନ୍ମ ଗ୍ରହଣ କରିଥିଲେ । ମହର୍ଷି ଭୃଗୁଙ୍କ ପୁତ୍ର ଋଚୀକ । ପଣ୍ଡିତ, ବିଦ୍ୱାନ, ତପସ୍ୱୀ । ଯୁଦ୍ଧ ବିଦ୍ୟାରେ ମଧ୍ୟ ସେ ନିପୁଣ ଥିଲେ । ଗାଧି ରାଜାଙ୍କ କନ୍ୟା ମହର୍ଷି ବିଶ୍ୱାମିତ୍ରଙ୍କ ଭଉଣୀ ସତ୍ୟବତୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା । ସତ୍ୟବତୀ ମଧ୍ୟ ଥିଲେ ତପଃପରାୟଣା । ଭକ୍ତିମତୀ ।

ଧର୍ମର ଗ୍ଲାନି ଓ ଅଧର୍ମ ବଢ଼ି ବଢ଼ି ଚାଲିଥିବା ଦେଖି ଋଚୀକ ତା'ର ପ୍ରତିକାର ଲାଗି କଠୋର ତପସ୍ୟା କଲେ । ସେ ଚିନ୍ତା କରି ଦେଖିଲେ ମାନବଜାତିର ମଙ୍ଗଳ ଲାଗି ଆଦର୍ଶ ବ୍ରାହ୍ମଣ ଓ ଆଦର୍ଶ କ୍ଷତ୍ରିୟର ମିଳିତ ଶକ୍ତି ଆବଶ୍ୟକ । ଏଥିଲାଗି ସେ ଏକ ମହାଯଜ୍ଞ କଲେ । ଏହି ଯଜ୍ଞରେ ଦୁଇ ରକମର ଚରୁ ଅନ୍ନ ପ୍ରସ୍ତୁତ କଲେ । ନିଜ ଶାଶୁ ଲାଗି, ନିଜ ସ୍ତ୍ରୀ ଲାଗି । ଗୋଟିଏ କ୍ଷାତ୍ରତେଜୋମୟ ଚରୁ, ଅନ୍ୟଟି ବ୍ରହ୍ମତେଜୋମୟ ଚରୁ । ଚରୁକୁ ଦେଖି ଶାଶୁ ଗାଧିପତ୍ନୀ ଭାବିଲେ, ଆମ ଜାମାତା ନିଶ୍ଚୟ ନିଜ ସ୍ତ୍ରୀ (ମୋ କନ୍ୟା) ଲାଗି ଉତ୍କୃଷ୍ଟ ଚରୁ କରିଛନ୍ତି । କିଏ କେଉଁ ଚରୁ ପାଇବ, ଋଚୀକ ବାଣ୍ଟି ଦେଇଥିଲେ । ବ୍ରହ୍ମତେଜୋମୟ ଚରୁ ପାଇଥିଲେ ସତ୍ୟବତୀ । କିନ୍ତୁ ମା' କହିଲେ ତୁ ତୋର ଚରୁ ମତେ ଦେଇ ଦେ, ମୋ ଚରୁ ତୁ ନେ । ସତ୍ୟବତୀ ମା'ଙ୍କ ଅନୁରୋଧ ରକ୍ଷା କଲେ । ଚରୁ ଅନ୍ନ ଅଦଳ ବଦଳ ହୋଇଗଲା । ଦୁହେଁ ଚରୁଅନ୍ନ ଖାଇଲେ । ଏକଥା ଋଚୀକଙ୍କ କାନକୁ ଗଲା । ସେ ସ୍ତ୍ରୀ ସତ୍ୟବତୀ ପ୍ରତି ବିରକ୍ତ ହେଲେ । ଚରୁର ପ୍ରଭେଦ ଓ ପ୍ରଭାବ କ'ଣ ସ୍ତ୍ରୀକି ବୁଝାଇ ଦେଲେ । କଥାଟା ଅନ୍ୟ ପ୍ରକାରର ହୋଇଗଲା । ଶାନ୍ତଶିଷ୍ଟ ବ୍ରାହ୍ମଣକୁଳରେ ଉଗ୍ର ପ୍ରକୃତିର କ୍ଷତ୍ରିୟ ଜାତ ହେବ ଶୁଣି ସତ୍ୟବତୀ ଭୟଭୀତ ହେଲେ । ଚରୁଅନ୍ନ ତ ଖାଇ ସାରିଲେଣି, କ'ଣ ହେଲେ ପ୍ରତିକାର କର ବୋଲି ସତ୍ୟବତୀ ଋଚୀକଙ୍କ ଗୋଡ଼ ହାତ ଧରି ଅନୁନୟ କଲେ । ଋଚୀକ କହିଲେ, ତପୋବଳରେ ମୁଁ ଏତିକି ମାତ୍ର କରିପାରିବି ଯେ, ଯେଉଁ କ୍ଷତ୍ରିୟଶକ୍ତିସଂପନ୍ନ ପୁତ୍ର ଜାତ ହେବ ବୋଲି ଭୟ କରୁଚ, ସିଏ ତୁମ ଗର୍ଭରୁ ଜାତ ହେବ ନାହିଁ । ସେ ତୁମର ପୁଅର ପୁଅ ଅର୍ଥାତ୍ ନାତି ହୋଇ ଜାତ ହେବ ।

ଋଚୀକଙ୍କ ପୁତ୍ର ଜମଦଗ୍ନି । ପିତାଙ୍କ ଠାରୁ ସେ ଶିକ୍ଷାଲାଭ କଲା । ବେଦ, ବେଦାଙ୍ଗ, ବିଭିନ୍ନ ଶାସ୍ତ୍ର, ତପସ୍ୟା ଧନୁର୍ବିଦ୍ୟାରେ ସେ ଧୂରୀଣ । ଅସାଧାରଣ କ୍ଷମତାବାନ୍ । ଗୁଣବତୀ ରମଣୀ ରେଣୁକାଙ୍କ ସହିତ ଜମଦଗ୍ନିଙ୍କ ବିବାହ ହେଲା । ତାଙ୍କ ଗର୍ଭରୁ ପାଞ୍ଚ ପୁଅ ଜନ୍ମିଲେ । କନିଷ୍ଠ ପୁତ୍ରର ନାଆଁ ରଖାଗଲା 'ରାମ' । ପିଲାଟି ଦିନୁ ତା' ଦେହରେ କ୍ଷାତ୍ରଗୁଣ ପ୍ରକଟିତ ହେଲା । ବାହ୍ମଣ ପୁତ୍ର ହେଲେ କ'ଣ ହେବ, ପାଠପଢ଼ାରେ ତା'ର ମନ ନଥାଏ । ଅନ୍ୟାୟ

ଦେଖିଲେ, ସହ୍ୟ କରି ପାରେନା । ଅତ୍ୟାଚାରୀକୁ ଦମନ କରେ । ବ୍ୟାୟାମ, କ୍ରୀଡ଼ା ପଶୁପକ୍ଷୀ ଶିକାରରେ ମାତେ । ର' ଠ' କରି କିଛିଟା ପାଠ ପଢ଼ସାରି, ସେ ଚାଲିଲା ହିମାଳୟକୁ ତପସ୍ୟା କରିବା ପାଇଁ । କଠୋର ତପସ୍ୟା କରି ସେ ମହାଦେବଙ୍କୁ ପ୍ରସନ୍ନ କରାଇଲା । ମହାଦେବ ତାଙ୍କୁ ଦୁଇଟି ବର ଦେଲେ – ଗୋଟିଏ ହେଉଛି ଇଚ୍ଛାମୃତ୍ୟୁ । ନିଜେ ଇଚ୍ଛା ନକଲେ କୌଣସି ରୋଗ, ଅସ୍ତ୍ରାଘାତ କିମ୍ବା ବାର୍ଦ୍ଧକ୍ୟ ଯୋଗୁଁ ତା'ର ମରଣ ହେବନି ଅନ୍ୟ ବରଟି ହେଉଛି ଗୋଟିଏ ପର୍ଶୁ ବା କୁଠାର (ଫାର୍ଶା) ତା' ହାତରେ ସବୁବେଳେ ରହିବ ।

> କ୍ଷତ୍ରିୟ ରୁଧିରମୟେ ଜଗତପଗତପାପଂ
> ସ୍ୱପ୍ନୟସି ପୟସି ଶମିତ-ଭବତାଗମ୍
> କେଶବଧୃତ-ଭୃଗୁପତି ରୂପ
> ଜୟଜଗଦୀଶ ହରେ । *(ଗୀତଗୋବିନ୍ଦ)*

ଏଇଠି ତା' ହାତରେ ଥିଲେ, ଯୁଦ୍ଧରେ କେହି ତାକୁ ପରାଜିତ କରି ପାରିବେ ନାହିଁ । ପ୍ରଥମେ ତାଙ୍କ ନାଆଁ ଥିଲା କେବଳ 'ରାମ', ପର୍ଶୁ ପାଇବା ପରେ ତାଙ୍କ ନାଁ ହେଲା 'ପର୍ଶୁରାମ' । ଏହି ପର୍ଶୁ ସାହାଯ୍ୟରେ ସେ ଏକୋଇଶ ଥର କ୍ଷତ୍ରିୟକୂଳକୁ ଜୟ କରି ପାରିଥିଲେ । ପର୍ଶୁରାମଙ୍କ ନାଆଁ ପଡ଼ିଲେ କ୍ଷତ୍ରିୟମାନେ ଡରିଥରି ଯାଉଥିଲେ । କିଏ କୁଆଡ଼େ ଲୁଚୁଥିଲେ ।

ଦିନେ କୌଣସି କାରଣରୁ ଜମଦଗ୍ନି ସ୍ତ୍ରୀ ରେଣୁକା ଉପରେ ଭୀଷଣ ରାଗିଗଲେ । ପୁଅମାନଙ୍କୁ ଡାକି ମାଆର ମୁଣ୍ଡ କାଟି ପକାଅ ବୋଲି ଆଦେଶ ଦେଲେ । ସେତେବେଳେ ପର୍ଶୁରାମ ଘରେ ନଥିଲେ । ଅନ୍ୟ ଚାରିଭାଇ ପିତାଙ୍କ ଆଦେଶ ପାଳନ କଲେ ନାହିଁ । ପର୍ଶୁରାମ ଘରକୁ ଫେରି ଦେଖିଲେ ପିତା ଜମଦଗ୍ନି କ୍ରୋଧରେ ଯିମିତି ଜଳୁଚନ୍ତି । ଭାଇମାନେ ଭୟରେ ଅଚେତ । ପର୍ଶୁରାମଙ୍କୁ ଦେଖିବାମାତ୍ରେ ଜମଦଗ୍ନି ପୂର୍ବଭଳି କହିଲେ, ଆଗେ ତୋ' ମାଆର ମୁଣ୍ଡ କାଟ, ତା'ପରେ ଘଟଣା କହିବି । ପର୍ଶୁରାମ ପିତାଙ୍କ ଆଦେଶ ପାଳନ କଲେ । ପର୍ଶୁରେ ସେ ମା' ରେଣୁକାଙ୍କ ମୁଣ୍ଡ କାଟି ଦେଲେ । ପିତା ଖୁସି ହୋଇ ପର୍ଶୁରାମଙ୍କୁ ଚାରୋଟି ବର ଦେବାକୁ ଚାହିଁଲେ । ପର୍ଶୁରାମ କହିଲେ, (୧) ମୋ ଜନନୀ ଜୀବନ ଲାଭ କରି ହତ୍ୟା କଥା ଭୁଲିଯିବ । (୨) ଭାଇମାନେ ସଚେତ ହୋଇ ସବୁକଥା ଯିମିତି ଭୁଲିଯିବେ । (୩) ଯୁଦ୍ଧରେ ଯିମିତି ତାଙ୍କୁ କେହି ଜୟ କରି ପାରିବେ ନାହିଁ । (୪) ସେ ଦୀର୍ଘଜୀବୀ ହେବେ ।

## ॥ ୧୯୧ ॥

# କ୍ଷତ୍ରିୟ ରୁଧିର ମଧ୍ୟେ...

ନର୍ମଦା ନଦୀ ତୀରରେ ହୈହୟ ରାଜ୍ୟ । ରାଜାଙ୍କ ନାମ ମଧ୍ୟ ହୈହୟ । କ୍ଷତ୍ରିୟ ବୀର । ପ୍ରବଳ ପରାକ୍ରମୀ । ଏହି ରାଜ୍ୟର ରାଜଧାନୀ ମାହିସ୍ମତୀ । ହୈହୟ ବଂଶରେ ଜନ୍ମଗ୍ରହଣ କରିଥିଲେ ମହାବୀର କାର୍ତ୍ତବୀର୍ଯ୍ୟଙ୍କ ପୁତ୍ର ଅର୍ଜୁନ । ସେ ବହୁକାଳ ଧରି କଠୋର ତପସ୍ୟା କରିଥିଲେ । ଯୋଗବଳରେ ଏକାକୀ ସେ ସହସ୍ରଲୋକର ଶକ୍ତି ଠୁଳ କରି ପାରିଥିଲେ । ତେଣୁ ସେ ଦୁଇଟି ନାଆଁରେ ବିଖ୍ୟାତ ଥିଲେ । ଗୋଟିଏ ସହସ୍ରବାହୁ ବା ସହସ୍ରାର୍ଜୁନ । ଅନ୍ୟଟି କାର୍ତ୍ତବୀର୍ଯ୍ୟ-ଅର୍ଜୁନ । ଥରେ ବିଶ୍ୱଶ୍ରବାଙ୍କ ପୁତ୍ର ମହାବଳୀ ରାବଣ ଦିଗ୍‌ବିଜୟରେ ବାହାରିଥିଲେ । ସେ ବିଭିନ୍ନ ରାଜ୍ୟ ଜୟ କରି ନର୍ମଦା ନଦୀକୂଳରେ ହୈହୟ ରାଜ୍ୟରେ ଶିବିର ସ୍ଥାପନ କଲେ ।

ସେତିକିବେଳେ କାର୍ତ୍ତବୀର୍ଯ୍ୟ ଅର୍ଜୁନ ତାଙ୍କ ଶତାଧିକ ରାଣୀଙ୍କ ସହିତ ନର୍ମଦାରେ ଜଳକ୍ରୀଡ଼ା କରୁଥିଲେ । ସେ ନିଜର ସହସ୍ରବାହୁ ଦ୍ୱାରା ନର୍ମଦାର ସ୍ରୋତକୁ ବନ୍ଦ କରିଦେଇଥିଲେ । ରାବଣ ନଦୀ ତଟରେ ବସି ପୂଜା ଉପାସନା କଲା ବେଳେ ହଠାତ୍ ନଦୀଜଳ ଉଛୁଳି ପଡ଼ିଲା । ରାବଣର ପୂଜା ଉପକରଣ ସବୁ ଭାସିଗଲା । ଏହି ଘଟଣାକୁ କେନ୍ଦ୍ର କରି ରାବଣ ଓ କାର୍ତ୍ତବୀର୍ଯ୍ୟଙ୍କ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା । ରାବଣ ପରାଜିତ ହୋଇ ବନ୍ଦୀ ହେଲା । ଯାହା ହେଉ ମୁନି ବିଶ୍ୱଶ୍ରବା ଏ ଖବର ପାଇ କାର୍ତ୍ତବୀର୍ଯ୍ୟ-ଅର୍ଜୁନ ପାଖକୁ ଆସିଲେ । ବହୁ ଅନୁନୟ ବିନୟ ପରେ ରାବଣ ମୁକ୍ତ ହେଲା ।

ଦଶଟା ମୁଣ୍ଡ ଥିବା ରାବଣ ଓ ଶହେ ହାତ ଥିବା କାର୍ତ୍ତବୀର୍ଯ୍ୟ-ଅର୍ଜୁନ ସମବୟସ୍କ ଥିଲେ କି ନା ସେ କଥା ପୁରାଣରେ ସବିଶେଷ ବର୍ଣ୍ଣନା ନାହିଁ । ଗୋଟେ ଲୋକର ଏତେ ମୁଣ୍ଡ ଓ ଶହେ ହାତ ଥିବା ଅସମ୍ଭବ ହୋଇ ପାରେ କିନ୍ତୁ ବିଶ୍ୱାସ କରାଯାଇ ପାରେ ଯେ ରାବଣର ଦଶମୁଣ୍ଡର ଜ୍ଞାନ ଥିଲା ଓ କାର୍ତ୍ତବୀର୍ଯ୍ୟ-ଅର୍ଜୁନର ଶହେହାତର ବଳ ଥିଲା । ଦୁହେଁ ଥିଲେ ଖୁବ୍ ବଳୁଆ ।

ଏକଦା ଅର୍ଜୁନ (କାର୍ତ୍ତବୀର୍ଯ୍ୟ ପୁତ୍ର) ମୃଗୟାକୁ ଯାଇଥିଲେ । ବଣରେ ବୁଲୁ ବୁଲୁ ସେ ଜମଦଗ୍ନିଙ୍କ ଆଶ୍ରମରେ ଅତିଥି ହେଲେ । ଜମଦଗ୍ନି ଆଦରରେ ସହସ୍ରାର୍ଜୁନଙ୍କୁ ଅଭ୍ୟର୍ଥନା କଲେ । ଜମଦଗ୍ନି ଦରିଦ୍ର ବ୍ରାହ୍ମଣ ହେଲେ କ'ଣ ହେଲା, ସେ ଯୋଗବଳରେ ରାଜୋଚିତ ଖାଦ୍ୟାଦି ସଂଗ୍ରହ କଲେ । ଅର୍ଜୁନଙ୍କ ଖାଦ୍ୟ ପେୟର ସମସ୍ତ ବ୍ୟବସ୍ଥା କଲେ ସେ । କିନ୍ତୁ ଅର୍ଜୁନ ଅସୁର ପ୍ରକୃତିର ରାଜା । ଅହଂକାରୀ । ସନ୍ତୁଷ୍ଟ ହୋଇ ମଧ୍ୟ ଅସନ୍ତୁଷ୍ଟ । ଲୋଭ ଓ ହିଂସାରେ ଜଳି ଉଠିଲା ସେ ।

ଏସବୁ ଲୋଭ, ଈର୍ଷା, ହିଂସାର କାରଣ ହେଉଚି ଗୋଟିଏ ଗାଈ । କାମଧେନୁ । ମହର୍ଷିଙ୍କର ସେହି ଗୋଟିକ ଥିଲା ଏକମାତ୍ର ସଂପତ୍ତି । କାର୍ତ୍ତବୀର୍ଯ୍ୟ-ଅର୍ଜୁନର ଲୋଭ ଏହି କାମଧେନୁ ଲାଗି । ସେ ମୁନିଙ୍କୁ ମାଗିଲା – ମତେ ତୁମ କାମଧେନୁଟିକି ଦେଇଦିଅ । ମହର୍ଷି କହିଲେ, ମୁଁ ଗରିବ ବ୍ରାହ୍ମଣ । ଯାଗଯଜ୍ଞ ଲାଗି ଦୁଧ, ଘିଅ ନିହାତି ଦରକାର । ଗୁଡ଼ିଏ ଗାଈ ରଖିବା ମୋ ପକ୍ଷରେ ସମ୍ଭବ ନୁହେଁ । ଏହି ଗୋଟିଏ ଗାଈଠୁ ମୁଁ ସବୁ ପାଉଚି । ମୁଁ ଯାକୁ ଦେଇ ପାରିବିନି ।

ରାଜା ଅର୍ଜୁନର କ୍ରୋଧ ଚରମକୁ ଚଢ଼ିଗଲା । ଭାବିଲା, ମୁଁ ଜଣେ ରାଜା, ଏଇଟା ସାମାନ୍ୟ ଗୋଟାଏ ମୁନି ! ମୋ ଆଦେଶକୁ ପଦାଘାତ ! ଦେଖାଯାଉ । ସେ ବଳାତ୍କାର କରି କାମଧେନୁକୁ ଛଡ଼େଇ ନେବା ପାଇଁ ଉଦ୍ୟମ କଲା । କିନ୍ତୁ ଯୋଗବଳ ଆଗରେ ଦେହର ବଳ ବା କେତେ ! ରାଜା ହତାଶ, ଅପମାନିତ । କାନମୁଣ୍ଡ ଆଉଁସି ରାଜା ଫେରିଲା ନିଜ ରାଜ୍ୟକୁ ।

ପ୍ରତିହିଂସା – ଅନଳରେ କାର୍ତ୍ତବୀର୍ଯ୍ୟ-ଅର୍ଜୁନ ଜଳିବାରେ ଲାଗିଲା । ବହୁ ସୈନ୍ୟ ସାମନ୍ତଙ୍କୁ ନେଇ ଜମଦଗ୍ନିଙ୍କ ଆଶ୍ରମକୁ ଆକ୍ରମଣ କଲା । ମହର୍ଷି ସେତେବେଳେ ଧ୍ୟାନମଗ୍ନ । ସମାଧିସ୍ଥ । ସେହି ସୁଯୋଗରେ ଅର୍ଜୁନ ମୁନିଙ୍କ ମୁଣ୍ଡକାଟ କରି କାମଧେନୁଟିକୁ ନେଇ ଗଲା ।

ପର୍ଶୁରାମ ସେତେବେଳକୁ ଆଶ୍ରମରେ ନଥିଲେ । କୌଣସି କାର୍ଯ୍ୟରେ ସେ ବାହାରକୁ ଯାଇଥିଲେ । ଫେରି ଆସି ଦେଖିଲେ ତପୋବନ ନଷ୍ଟଭ୍ରଷ୍ଟ । ଆଶ୍ରମବାସୀଙ୍କ ରକ୍ତରେ ଆଶ୍ରମର ଭୂମି ରକ୍ତାକ୍ତ । ପିତା ଜମଦଗ୍ନି ଯୋଗାସନରେ ବସିଥିବା ଅବସ୍ଥାରେ ନିହତ । ଶିରଚ୍ଛେଦ ! ଭୟାବହ ଦୃଶ୍ୟ ! ଧର୍ମର ଗ୍ଲାନି ! ଗୋଟିଏ ଗାଈ ଲୋଭରେ ବ୍ରହ୍ମହତ୍ୟା ! ଋଷି ବଧ ! କ୍ଷତ୍ରିୟର ଧର୍ମ, ଧର୍ମରକ୍ଷା । କିନ୍ତୁ ଏ କି ଅନ୍ୟାୟ ! ଜଘନ୍ୟ ପାପ । ପିତାଙ୍କ ମୁଣ୍ଡ ଭୂଲୁଣ୍ଠିତ । ଶ୍ରାଦ୍ଧ ତର୍ପଣ କଥା ଆଉ ନାହିଁ । ପର୍ଶୁରାମ ସ୍ଥିର କଲେ, ଆଗେ ପୃଥିବୀର ଭାରସ୍ୱରୂପ, ମଣିଷଜାତିର ଶତ୍ରୁମାନଙ୍କ ସଂହାର । ତା'ପରେ ଅନ୍ୟ କଥା । ହାତରେ ପର୍ଶୁ ବା କୁଠାର ଧରି ସେ ଚାଲିଲେ ମାହିସ୍ମତୀ ନଗରୀ ଅଭିମୁଖେ । ପ୍ରତିହିଂସାର ମୂର୍ତ୍ତିମାନ ରୂପ ତାଙ୍କର । କର୍ତ୍ତବ୍ୟ କ'ଣ ସ୍ଥିର କରି ସାରିବା ପରେ ମଣିଷ ମନରେ ସଂଭବ, ଅସମ୍ଭବ କ'ଣ ସେ ପ୍ରଶ୍ନ ଉଠି ନଥାଏ । ସହସ୍ରବାହୁ ଅର୍ଜୁନ ବିରୁଦ୍ଧରେ ରାମଙ୍କ ହାତରେ କେବଳ ଗୋଟିଏ ମାତ୍ର ଅସ୍ତ୍ର ପର୍ଶୁ । ପର୍ଶୁ ଧାରଣ କରିବାରେ ସେ ବିଖ୍ୟାତ ହେଲେ ପର୍ଶୁରାମ ନାମରେ ।

ନଗରୀ ଭିତରେ ପ୍ରବେଶ କରି ସେ ଯାହାକୁ ଦେଖିଲେ କାଟିବାରେ ଲାଗିଲେ । ପ୍ରତିରୋଧ କରିବାର ଶକ୍ତି କାହାର ନାହିଁ । ପର୍ଶୁରାମ ଉନ୍ମତ୍ତ । ସେ ସିଂହଦ୍ୱାର ଆଗରେ

ପହଞ୍ଚି ଶତସିଂହର ଗର୍ଜନ କଲେ । ରାଜାଙ୍କ ପ୍ରତିରକ୍ଷା ବାହିନୀର ଅସ୍ତ୍ରାଘାତରେ ଅବଶ୍ୟ ବ୍ରାହ୍ମଣବୀର କ୍ଷତବିକ୍ଷତ କିନ୍ତୁ କେହି ତାଙ୍କୁ ରୋକି ପାରିଲେ ନାହିଁ । ରାଜଧାନୀ ରକ୍ତରଂଜିତ । ସିଂହାସନରେ ବସିଥିବା ଅବସ୍ଥାରେ ଅର୍ଜୁନଙ୍କୁ ପର୍ଶୁରାମ ଖଣ୍ଡ ଖଣ୍ଡ କରି କାଟି ପକାଇଲେ ।

ସହସ୍ରବାହୁ କାର୍ତ୍ତବୀର୍ଯ୍ୟ ପୁତ୍ର ଜଣେ ତପସ୍ୱୀର ପୁତ୍ର ଦ୍ୱାରା ନିହତ । ଏ ସଂବାଦ ଲୋକମୁଖରେ ସମଗ୍ର ବିଶ୍ୱରେ ପ୍ରଚାରିତ ହେଲା । ଗାଈ ଲୋଭରେ ବ୍ରହ୍ମହତ୍ୟା ଯୋଗୁ ବ୍ରାହ୍ମଣ ଓ ମୁନି ଋଷିମାନେ କହିଲେ, ପର୍ଶୁରାମଙ୍କ ଅଭିଯାନ ଯଥାର୍ଥ । କିନ୍ତୁ କ୍ଷତ୍ରିୟମାନେ ଉତ୍‌କ୍ଷିପ୍ତ । ଛାର ବ୍ରାହ୍ମଣ ପିଲାଟେ, କୁଠାରରେ ଏତେ ଲୋକଙ୍କୁ ହତ୍ୟା କଲା ! ଅସହ୍ୟ । ଦୁଇପକ୍ଷ ମଧ୍ୟରେ ତୁମୁଳ ଆଲୋଚନା । ପ୍ରବଳ ଆଲୋଡ଼ନ । କ୍ଷତ୍ରିୟମାନେ ଏକଜୁଟ । ବ୍ରାହ୍ମଣଙ୍କ ମଧ୍ୟରେ ଥିବା ରଜୋଗୁଣୀମାନେ ବିପ୍ରସେନାବାହିନୀ ଗଠନ କଲେ । ପର୍ଶୁରାମଙ୍କୁ ନିଜର ସେନାପତି ଭାବରେ ଗ୍ରହଣ କଲେ ।

ଚାଲିଲା ଯୁଦ୍ଧ । କିନ୍ତୁ ପର୍ଶୁରାମଙ୍କ ଅଦ୍‌ଭୁତ ବୀରତ୍ୱ ଆଗରେ କ୍ଷତ୍ରିୟମାନଙ୍କ ବାହୁ ଓ ଅସ୍ତ୍ରବଳ ନିଷ୍ପ୍ରଭ । ବାରମ୍ବାର ପରାଜିତ । ଅଧିକାଂଶ କ୍ଷତ୍ରିୟ ନିହତ । କ୍ଷତ୍ରିୟକୁଳ ନିପାତ କହିଲେ ଚଳେ । ଯୁଦ୍ଧ ସରିଲା । ବ୍ରାହ୍ମଣମାନେ ପର୍ଶୁରାମଙ୍କ ନେତୃତ୍ୱରେ ଦେଶରେ ଧର୍ମ ସଂସ୍ଥାପନର ବ୍ୟବସ୍ଥା କଲେ ।

କେତେବର୍ଷ ଶାନ୍ତିରେ କଟିଲା । କିନ୍ତୁ କ୍ଷତ୍ରିୟମାନେ ପ୍ରତିହିଂସା ପରାୟଣ । ଧୀରେ ଧୀରେ ସୈନ୍ୟବଳ ବଢ଼ାଇବାକୁ ଲାଗିଲେ ସେମାନେ । ଯେଉଁ କ୍ଷତ୍ରିୟ ବାଳକମାନେ ଜୀବିତ ଥିଲେ, ସେମାନେ ଯୁବକ ହେଲେ । ପିତୃହତ୍ୟାର ପ୍ରତିଶୋଧ ନେବା ପାଇଁ ସେମାନେ ପଣ କଲେ । ବ୍ରାହ୍ମଣମାନଙ୍କୁ ଆକ୍ରମଣ କଲେ । କିନ୍ତୁ ସେହି ଗୋଟିଏ ହାତର ଗୋଟିଏ ପର୍ଶୁ ଦ୍ୱାରା ସେମାନେ ମଧ୍ୟ ପରାଜିତ ଓ ଅପମାନିତ ହେଲେ । ପୁଣି ଶାନ୍ତି ଫେରି ଆସିଲା ।

କିନ୍ତୁ ଏ ଶାନ୍ତି ମଧ୍ୟ ଅଳ୍ପକାଳ ପାଇଁ । ପୁଣି କ୍ଷତ୍ରିୟମାନେ ଏକଜୁଟ । ପୁଣି ବ୍ରାହ୍ମଣଙ୍କ ସହିତ ଯୁଦ୍ଧ । ଉଭୟ ପକ୍ଷ ଲୋକଙ୍କ ରକ୍ତରେ ଧରଣୀ ରକ୍ତାକ୍ତ ହେଲା । ଏହିଭଳି ଏକୋଇଶବାର ଯୁଦ୍ଧ ଚାଲିଲା । ନ୍ୟାୟ ଅନ୍ୟାୟର ବିଚାର ଲୋପ ପାଇଲା । ଯିଏ ଯେପରି ଭାବରେ ଶତ୍ରୁ ସଂହାର କରିବାକୁ ଲାଗିଲେ ।

ପର୍ଶୁରାମ ଉତ୍‌କ୍ଷିପ୍ତ ହୋଇପଡ଼ିଲେ । କ୍ଷତ୍ରିୟମାନଙ୍କୁ ବନ୍ଦୀ କଲେ । କୁରୁକ୍ଷେତ୍ରର ସମନ୍ତପଞ୍ଚକଠାରେ ପାଞ୍ଚଟି ଗାତ ଖୋଳି କ୍ଷତ୍ରିୟମାନଙ୍କ ରକ୍ତରେ ଗାତଗୁଡ଼ିକୁ ଭର୍ତ୍ତି କଲେ । ସେହି ରକ୍ତରେ ପିତୃତର୍ପଣ କରି ପିତୃହତ୍ୟାର ପ୍ରତିଶୋଧ ନେଲେ । କ୍ଷତ୍ରିୟ କୁଳକୁ ନିର୍ମୂଳ କଲେ । 'ପର୍ଶୁରାମ' ନାମ ଉଚ୍ଚାରଣ ମାତ୍ରେ ସମସ୍ତେ ଚମକି ଉଠିଲେ । ଅନବରତ

ଯୁଦ୍ଧ ଫଳରେ ଧର୍ମନୀତି ବୋଲି କିଛି ରହିଲା ନାହିଁ । ଋଷିମାନେ ପର୍ଶୁରାମଙ୍କୁ ହିଂସା ପରିତ୍ୟାଗ କରିବା ଲାଗି ମିନତି କଲେ । ଫଳରେ ଋଷିମାନଙ୍କ ହାତରେ ପୃଥିବୀ ଶାସନ ଭାର ଦେଇ ସେ ମହେନ୍ଦ୍ର ପର୍ବତ ଦ୍ୱୀପକୁ ଯାଇ କଠୋର ତପସ୍ୟା କଲେ ।

କେତେକ କ୍ଷତ୍ରିୟ ସ୍ତ୍ରୀଲୋକ ନିଜ ଗର୍ଭରକ୍ଷା ଲାଗି ଭୟରେ ପାହାଡ଼ ଗୁମ୍ଫାରେ ଲୁଚିଥିଲେ । ଋଷିମାନେ ସେମାନଙ୍କୁ ଖୋଜି ବାହାର କଲେ । ସେମାନଙ୍କ ଗର୍ଭଜାତ ସନ୍ତାନମାନଙ୍କୁ ଧର୍ମଶିକ୍ଷା ଦେଇ ସେମାନଙ୍କୁ ନୀତିବାନ କ୍ଷତ୍ରିୟ ଭାବରେ ଗଢ଼ିଲେ ଏବଂ ସେହିମାନଙ୍କୁ ରାଜ୍ୟଶାସନ ଭାର ଅର୍ପଣ କଲେ । ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କ ମଧ୍ୟରେ ପୁଣି ମୈତ୍ରୀବନ୍ଧନ ଦୃଢ଼ ହେଲା । ବିବାଦ ତୁଟିଲା ।

●

॥ ୧୯୨ ॥

# ଶ୍ୟାମଳ କୋମଳ ନୟନାଭିରାମ

**ଭ**ଗବାନଙ୍କ ଦଶଟି ଅବତାର ମଧ୍ୟରେ ତିନୋଟି 'ରାମ' । ପର୍ଶୁରାମ, ରାମଚନ୍ଦ୍ର (ରଘୁପତି) ଓ ବଳରାମ । ପ୍ରଥମ ଦୁଇ ରାମ ତ୍ରେତା ଯୁଗର । ବଳରାମ ଦ୍ୱାପରର । ତିନିହେଁ ପୌରାଣିକ ଏବଂ ଐତିହାସିକ । ଏମାନଙ୍କର ଭୂମିକା ଅଲଗା ଅଲଗା । ପୁରାଣ କାହାଣୀ ଅନୁସାରେ ସୀତା ସ୍ୱୟମ୍ବର ପରେ ଶ୍ରୀରାମଚନ୍ଦ୍ରଙ୍କ ସହିତ ପର୍ଶୁରାମଙ୍କ ଭେଟ ହୋଇଥିଲା । ଏହି ସାକ୍ଷାତ ପରେ ପର୍ଶୁରାମଙ୍କ କ୍ଷତ୍ରିୟଦମନ-କ୍ରୋଧ ପ୍ରଶମିତ ହୋଇଥିଲା ।

ଶ୍ରୀରାମ (ରାମଚନ୍ଦ୍ର) ଅବତାରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସତ୍ୟ ତଥା ମର୍ଯ୍ୟାଦା ରକ୍ଷା । ତେଣୁ ଶ୍ରୀରାମଚନ୍ଦ୍ର ମର୍ଯ୍ୟାଦାପୁରୁଷ ଭାବରେ ବିଖ୍ୟାତ । ପର୍ଶୁରାମ ଅବତାର ବେଳେ ପ୍ରଭୁତ୍ୱ ଲାଗି ବ୍ରାହ୍ମଣ ଓ କ୍ଷତ୍ରିୟଙ୍କ ମଧ୍ୟରେ ବହୁକାଳ ଧରି ବିବାଦ ଲାଗି ରହିଥିଲା । କାଳକ୍ରମେ ଉଭୟ ପକ୍ଷ ବୁଝିଲେ ଯେ ଧର୍ମସାଧନ ଓ ଭଗବତ୍ ପ୍ରେମ ହିଁ ମାନବଜୀବନର ଲକ୍ଷ୍ୟ । ସେଥିଲାଗି ବର୍ଣ୍ଣ ବିଭାଗ-କର୍ମ ଅନୁସାରେ ।

> ବିତରସି ଦିକ୍ଷୁରଣେ ଦିକ୍‌ପତି କମନୀୟମ୍
> ଦଶମୁଖ ମୌଳି ବଳିଂ ରମଣୀୟମ୍ ।
> କେଶବ ଧୃତ-ରଘୁପତି ରୂପ
> ଜୟଜଗଦୀଶ ହରେ । *(ଗୀତଗୋବିନ୍ଦ)*

ବିବାଦ ସିନା ବ୍ରାହ୍ମଣ-କ୍ଷତ୍ରିୟଙ୍କଠୁ ଗଲା କିନ୍ତୁ ସୁର ଓ ଅସୁରଙ୍କ ମଧ୍ୟରୁ ଗଲା ନାହିଁ । ମନୁଷ୍ୟ ସମାଜରେ ଏ ଦୁଇଟି ଶ୍ରେଣୀ ସବୁବେଳେ ରହି ଆସିଛି । ସୃଷ୍ଟି ଥିବାଯାଏଁ ରହିବା ନିଶ୍ଚିତ । ଯେଉଁମାନେ ସମାଜର ମଙ୍ଗଳଚିନ୍ତକ ସେମାନେ ସୁରଶ୍ରେଣୀର, ଯେଉଁମାନେ ଅହଂଭାବର ବଶବର୍ତ୍ତୀ ସେମାନେ ଅସୁର । ଅହଂରୁ କ୍ରୋଧ, ହିଂସା, ଦ୍ୱେଷ, ଇର୍ଷା ଆଦି ନାନା ଅବିଗୁଣର ଉଦ୍‌ଭବ । ଏଗୁଡ଼ିକ ମନୁଷ୍ୟକୁ ଧ୍ୱଂସମୁଖୀ କରାଇଥାଏ । ଏହି ଦୁର୍ଗୁଣଗୁଡ଼ିକ ଆଧିପତ୍ୟ ବିସ୍ତାର କଲେ, ଧର୍ମର ଗ୍ଳାନି ଘଟେ । ଧର୍ମର ଗ୍ଳାନି ଘଟିଲେ ଭଗବାନ ଧର୍ମ ରକ୍ଷା ଲାଗି ଧରାଧାମକୁ ମନୁଷ୍ୟ ରୂପରେ ଆସିଥାଆନ୍ତି । ତାଙ୍କର ମଧ୍ୟ ସୁଖଦୁଃଖ, ଉତ୍‌ଥାନ ପତନ ହୋଇଥାଏ । ଏସବୁ ପଡ଼ାଉଠା ମଧ୍ୟରେ ସେ ଆଦର୍ଶ ପୁରୁଷ ଭାବରେ କାର୍ଯ୍ୟ କରନ୍ତି । କିନ୍ତୁ ଭଗବାନ ଅବତାର ଗ୍ରହଣ ପୂର୍ବରୁ ପୃଥିବୀର କ୍ଷେତ୍ର ପ୍ରସ୍ତୁତ ହୋଇଥାଏ । ବିନା କାରଣରେ ସେ ଆସନ୍ତି ନାହିଁ ।

ସେତେବେଳେ ପୁଲସ୍ତ୍ୟବଂଶରେ ଜଣେ ନିଷ୍ପାପର ବ୍ରାହ୍ମଣ ଥିଲେ । ତାଙ୍କ ନାଆଁ ବିଶ୍ୱଶ୍ରବା । ତାଙ୍କର ତିନିପୁଅ ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ । ଏମାନେ ଥିଲେ ବହୁଶାସ୍ତ୍ରବିଦ୍ । କଠୋର ତପସ୍ୟା ବଳରେ ଏମାନେ ଶକ୍ତିଶାଳୀ ହୋଇ ପାରିଥିଲେ । ବଡ଼ଭାଇ ରାବଣ ଲଙ୍କାଦ୍ୱୀପର ରାଜା ହୋଇ ପାରିଥିଲେ । ଦୁଇଭାଇଙ୍କୁ ନିଜ ପାଖରେ ରଖିଥିଲେ । ରାବଣ ଓ କୁମ୍ଭକର୍ଣ୍ଣ ସର୍ବଦା ଭୋଗସୁଖରେ ମାତି ରହିଲେ । ତାଙ୍କ ସହିତ କେବଳ ରାକ୍ଷସ ପ୍ରକୃତିର ଲୋକ ଯୋଗଦେଲେ । ତେଣୁ ଲଙ୍କା ଏକ ରାକ୍ଷସ ରାଜ୍ୟରେ ପରିଣତ ହେଲା । (ଏବେ ମଧ୍ୟ ଏହି ରାଜ୍ୟରେ ରାକ୍ଷସମାନଙ୍କ ଦୌରାତ୍ମ୍ୟ ଯୋଗୁଁ ସର୍ବଦା ଅଶାନ୍ତି ଲାଗି ରହିଛି ।)

ରାବଣ ଶାସନରେ ଲଙ୍କାଦ୍ୱୀପ ଧନଜନ ଗୋପଲକ୍ଷ୍ମୀରେ ଭରପୂର ଥିଲା । ତେଣୁ ସେତେବେଳେ ଏହି ରାଜ୍ୟକୁ ସ୍ୱର୍ଣ୍ଣଲଙ୍କା କୁହାଯାଉଥିଲା । ହେଲେ କ'ଣ ହେବ ସବୁଠୁ ମୂଲ୍ୟବାନ ଯେ 'ଧର୍ମ', ସେତକ ସେଠି ଲୋପ ପାଇଥିଲା । ରାବଣ ଅହଂକାରରେ ଉନ୍ମତ୍ତ । ଧରାକୁ ସରା ମଣୁଥିଲା ସେ । ଏବେ ଯେମିତି ଶ୍ରୀଲଙ୍କାର ରାକ୍ଷସମାନେ ଭାରତରେ ପଶି ବା ରହି ନାନା ଉତ୍ପାତ କରୁଛନ୍ତି, ସେତେବେଳେ ମଧ୍ୟ ରାବଣଙ୍କ ଅନୁଚରମାନେ ରାବଣଠୁ ବଳ ପାଇ ଭାରତ ଭିତରକୁ ପଶି ଆସୁଥିଲେ । ବିଶେଷତଃ ଦକ୍ଷିଣ ଭାରତକୁ ଆସି ସେମାନେ ମୁନିଋଷିମାନଙ୍କ ଉପରେ ଅତ୍ୟାଚାର କରୁଥିଲେ । ତପଃ ଭଙ୍ଗ କରୁଥିଲେ । ସେମାନଙ୍କ ଯଜ୍ଞପୀଠକୁ ଅଇଁଠା, ହାଡ଼, ମାଂସ ଆଦି ଫିଙ୍ଗୁଥିଲେ । ଅବଶ୍ୟ ଭାରତରେ ବହୁ ରାଜା ମହାରାଜା ଥିଲେ, କିନ୍ତୁ ସେମାନେ ମହାପରାକ୍ରମୀ ରାବଣ ଭୟରେ କିଛି କରି ପାରୁନଥିଲେ । ସମସ୍ତେ ବିପନ୍ନ । ଚାରିଆଡ଼େ

ତ୍ରାହି ତ୍ରାହି ରବ । ସମସ୍ତଙ୍କର ଏକମାତ୍ର ପ୍ରାର୍ଥନା, ପ୍ରଭୁ ତୁମେ କୁଉଠି ଅଛ, ଶୀଘ୍ର ଆସି ଆମକୁ ରାବଣ- ଅତ୍ୟାଚାରରୁ ରକ୍ଷା କର । ଭକ୍ତମାନଙ୍କ ଗୁହାରି ଭଗବାନ ଶୁଣିଲେ । ସେ ଧରାଧାମକୁ ଓହ୍ଲାଇ ଆସିଲେ ।

ସୂର୍ଯ୍ୟବଂଶୀୟ ତଥା ରଘୁବଂଶୀୟ ରାଜା ଦଶରଥ । ତାଙ୍କ ରାଜଧାନୀ ଥିଲା ଅଯୋଧ୍ୟା । ଅତି ସୁନ୍ଦର, ନିର୍ମଳ ନଗର । ଦେବଦ୍ୱିଜଙ୍କ ପ୍ରତି ଦଶରଥଙ୍କର ଅଚଳା ଭକ୍ତି । ତାଙ୍କର ତିନିରାଣୀ । ବହୁବର୍ଷ ଧରି ଏହି ତିନିରାଣୀଙ୍କ ଗର୍ଭରୁ କୌଣସି ସନ୍ତାନ ଜାତ ନ ହେବାରେ ଦଶରଥ ବହୁ ଯାଗଯଜ୍ଞ କଲେ । ପ୍ରଭୁ ତାଙ୍କ ପ୍ରାର୍ଥନା ଶୁଣିଲେ । ଦଶରଥ ଚାରିପୁତ୍ରଙ୍କର ଜନକ ହେଲେ । କୌଶଲ୍ୟାଙ୍କ ଗର୍ଭରୁ ରାମ, ସୁମିତ୍ରାଙ୍କ ଗର୍ଭରୁ ଲକ୍ଷ୍ମଣ, ଶତ୍ରୁଘ୍ନ ଏବଂ କୈକେୟୀଙ୍କ ଗର୍ଭରୁ ଭରତ । (କେତେକଙ୍କ ମତରେ କୈକେୟୀ ମଝିଆଁ ରାଣୀ, ଆଉ କେତେକଙ୍କ ମତରେ ସେ ସଭାଁ ସାନ ରାଣୀ । ସାନରାଣୀ ହୋଇଥିବା ଯୁକ୍ତିଯୁକ୍ତ ମନେ ହୁଏ । ସେ କେକୟ ରାଜ୍ୟର ରାଜକନ୍ୟା । କେକୟ ରାଜ୍ୟକାଶ୍ମୀର ଓ ଆଫଗାନିସ୍ତାନ ମଧ୍ୟ ଭାଗରେ ବୋଲି ଐତିହାସିକମାନଙ୍କ ମତ । କୈକେୟୀ ନିଶ୍ଚିତ ଭାବରେ ସୁନ୍ଦରୀ ଓ ଅନ୍ୟ ଦୁଇରାଣୀଙ୍କ ଅପେକ୍ଷା ବୟସରେ କମ । ତେଣୁ ବୟସ୍କ ଦଶରଥ କୈକେୟୀଙ୍କୁ ଅଧିକ ଭଲ ପାଇବା ସ୍ୱାଭାବିକ ।)

ଶ୍ରୀରାମ ବୟସରେ ଜ୍ୟେଷ୍ଠ । ବଡ଼ଭାଇ । ଅନ୍ୟ ତିନିଭାଇ ତାଙ୍କୁ ପ୍ରାଣଠୁ ବଳି ଅଧିକ ଭଲ ପାଉଥିଲେ । ସେ ବୁଦ୍ଧି ବିଦ୍ୟାରେ ମଧ୍ୟ ସମସ୍ତଙ୍କଠୁ ଅଧିକ ଥିଲେ । ଏମାନେ ଚନ୍ଦ୍ରକଳା ଭଳି ବଢ଼ିବାରେ ଲାଗିଲେ । ସେତେବେଳେ ବିଶ୍ୱାମିତ୍ର ଭାରତରେ ଜଣେ ଶ୍ରେଷ୍ଠ ଋଷି ଭାବରେ ପ୍ରସିଦ୍ଧ ଥିଲେ । ସିଏବି ଦିନେ ରାଜା ଥିଲେ । କିନ୍ତୁ କ୍ଷମତାକୁ ଜଳାଞ୍ଜଳି ଦେଇ ସେ କଠୋର ତପସ୍ୟା କଲେ । ବ୍ରହ୍ମର୍ଷି ହେଲେ । ତାଙ୍କ ଆଶ୍ରମ ତଥା ତପୋବନ ଭିତରେ ପଶି ରାକ୍ଷସମାନେ ନାନା ଅତ୍ୟାଚାର କରୁଥିଲେ । ସେ ଚାହିଁଲେ, ଯୋଗବଳରେ ରାକ୍ଷସମାନଙ୍କୁ ଭସ୍ମୀଭୂତ କରିଦେଇ ପାରନ୍ତେ, କିନ୍ତୁ ସେପରି କରିବା ଋଷିସୁଲଭ ଆଚରଣ ନୁହଁ । ସେ ତପୋବଳରେ ଜାଣିପାରିଲେ ଯେ ଶ୍ରୀବିଷ୍ଣୁ ଦଶରଥଙ୍କ ପୁତ୍ର ଭାବରେ ଅବତୀର୍ଣ୍ଣ ହୋଇଛନ୍ତି । ତେଣୁ ଶ୍ରୀରାମଚନ୍ଦ୍ରଙ୍କୁ ରାକ୍ଷସ ବିନାଶ ଲାଗି ନେବା ପାଇଁ ଅଯୋଧ୍ୟା ଆସିଲେ । ଶ୍ରୀରାମ ସେତେବେଳେ ବାଳକମାତ୍ର । କିନ୍ତୁ ବିଶ୍ୱାମିତ୍ରଙ୍କ ଅଭିଶାପ ଭୟରେ ଦଶରଥ ଅନିଚ୍ଛାସତ୍ତ୍ୱେ ବିଶ୍ୱାମିତ୍ରଙ୍କ ସହିତ ରାମଲକ୍ଷ୍ମଣଙ୍କୁ ପଠାଇଲେ । ଦୁଇଭାଇ ବିଶ୍ୱାମିତ୍ରଙ୍କ ଆଶ୍ରମରେ ପହଞ୍ଚୁ ପହଞ୍ଚୁ ତାଡ଼କା ଓ ସୁବାହୁ ପ୍ରଭୃତି ରାକ୍ଷସୀ, ରାକ୍ଷସମାନଙ୍କୁ ବଧ କଲେ । ମାୟାବୀ ମାରିଚକୁ ଏପରି ଏକ ବାଣ ମାରିଲେ ଯେ, ସେ ଶୂନ୍ୟରେ ଘୂରି ଘୂରି ସମୁଦ୍ରରେ ଯାଇ ପଡ଼ିଲା ।

ତା'ପରେ ବିଶ୍ୱାମିତ୍ର ରାମଲକ୍ଷ୍ମଣଙ୍କୁ ନିଜ ସାଙ୍ଗରେ ନେଇ ଗଲେ ଗୌତମଙ୍କ ଆଶ୍ରମକୁ । ବିଭ୍ରାନ୍ତିର ବଶବର୍ତ୍ତୀ ହୋଇ ମୁନି ଗୌତମ ନିଜ ସ୍ତ୍ରୀ ଅହଲ୍ୟାଙ୍କୁ ଶାପ ଦେଇଥିଲେ । ଅହଲ୍ୟା ପଥର ପାଲଟି ଯାଇଥିଲେ । ଶ୍ରୀରାମଙ୍କ ଚରଣ ସ୍ପର୍ଶରେ ଅହଲ୍ୟା ଶାପମୁକ୍ତ ହେଲେ ।

ନିକଟରେ ମିଥିଳା ରାଜ୍ୟ । ମିଥିଳାରେ ରାଜା ଜନକଙ୍କ ଶିବ ଧନୁଭଙ୍ଗ କରି ସୀତାଙ୍କୁ ସେ ପତ୍ନୀ ଭାବରେ ବରଣ କଲେ । ଏଠିକି ରାବଣ ମଧ ଆସିଥିଲା । କିନ୍ତୁ ଇସ୍‌ପାତଭଳି ଟାଣୁଆ ଧନୁକୁ ସେ ଭାଙ୍ଗିବ କ'ଣ, ତଳୁ ଉପରକୁ ଉଠାଇ ପାରିଲା ନାହିଁ । ଲଜ୍ଜିତ ହୋଇ ଫେରିଯାଇଥିଲା ।

ଜନକ ତାଙ୍କର ଦୁଇକନ୍ୟା ଓ ନିଜ ଭାଇଙ୍କ ଆଉ ଦୁଇ କନ୍ୟାଙ୍କୁ ଦଶରଥଙ୍କ ଚାରିପୁତ୍ରଙ୍କ ସହିତ ବିବାହ କରାଇଥିଲେ ।

●

॥ ୧୯୩ ॥

# ପରମପାବନ ମଙ୍ଗଳରାମ

ରାମକଥାକୁ ଏକ ଆଖୁଦଣ୍ଡା ସହିତ ତୁଳନା କରାଯାଇଥାଏ । ଆଖୁଦଣ୍ଡା ମଝି ମଝିରେ ଥିବା ଗଣ୍ଠିଗୁଡ଼ିକୁ କାଣ୍ଡ କୁହାଯାଏ । ତେଣୁ ସାତକାଣ୍ଡ ରାମାୟଣ । ଆଖୁ ଦଣ୍ଡାର ଯେଉଁଠି ଦାନ୍ତ ଲଗାଇଲେ, କେବଳ ମିଠାରସ ହିଁ ମିଳେ । ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ମିଠା । ରାମକଥାରସ ପ୍ରବାହର ବିରାମ ନାହିଁ । ଲୋକେ ଶ୍ରୀରାମଙ୍କ ଭଜନ କରି ଗାଆନ୍ତି, "ମଧୁର ମନୋହର ସୁନ୍ଦର ରାମ, ଶ୍ୟାମଳକୋମଳ ନୟାନାଭିରାମ । ରବିକୁଳମଣ୍ଡନ ରାଜନ ରାମ, ପରମପାବନ ମଙ୍ଗଳଧାମ ।"

ତେଣୁ ରାମଚରିତରେ ଦୁଃଖରେ, ଶୋକରେ ମଧ ଆନନ୍ଦ । ମହାମହିମ୍ ମହର୍ଷି ବାଲ୍ମିକୀ ଓ ପରବର୍ତ୍ତୀ କାଳରେ ସନ୍ଥ ତୁଳସୀ ଦାସ ଏ ଚରିତକୁ ଏପରି ଯତ୍ନରେ ଗୁନ୍ଥିଛନ୍ତି ଯେ, ଏହି ପୁଷ୍ପମାଳାର ଗୋଟିଏ ହେଲେ ପାଖୁଡ଼ା କେବେହେଲେ ମଉଳି ଯାଇନପାରେ । ଯୁଗ ଯୁଗ ଧରି ଏହି ରସର ସ୍ରୋତ ଅବିଶ୍ରାନ୍ତ ଗତିରେ ଚାଲିଚି । ଚିରସ୍ରୋତା ନିର୍ଝରଣୀ ଇଏ ।

ରାଜା ଦଶରଥ ବୁଢ଼ା ହୋଇ ଆସିଲେ । ପରମ୍ପରା ଅନୁସାରେ ବଡ଼ପୁଅ ରାଜା ହେବା କଥା । ବଡ଼ ପୁଅ ଶ୍ରୀରାମ । ସେ ତାଙ୍କରି ହାତରେ ରାଜ୍ୟଭାର ଅର୍ପଣ କରିବାକୁ

ଚାହିଁଲେ । ଅଭିଷେକ ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଗଲା । ରାମ ରାଜା ହେବା ଶୁଣି ଅଯୋଧ୍ୟାର ପ୍ରଜାମାନେ ଖୁସିରେ ନାଚିଲେ, ଡେଇଁଲେ । ଚାରିଆଡ଼େ ଉତ୍ସବ । କିନ୍ତୁ ହଠାତ୍ ସବୁଆନନ୍ଦ ନିରାନନ୍ଦ ହୋଇ ପଡ଼ିଲା । ଘଟଣା କ'ଣ ? ସମସ୍ତେ ତଟସ୍ଥ ।

ଦଶରଥ ବୀର୍ଯ୍ୟବାନ ପୁରୁଷ । ଥରେ ଯୁଦ୍ଧ କଲାବେଳେ ସେ ଗୁରୁତର ଭାବରେ ଆହତ ହୋଇ ପଡ଼ିଥିଲେ । ସେତେବେଳେ ରାଣୀ କୈକେୟୀ ତାଙ୍କ ପାଖରେ ଥିଲେ । ସେ ସ୍ୱାମୀଙ୍କର ବହୁତ ସେବା ଶୁଶ୍ରୂଷା କରିବାରେ ଦଶରଥ ସୁସ୍ଥ ହେଲେ । କୈକେୟୀଙ୍କ ସେବାରେ ସେ ଖୁସି ହୋଇ ତାଙ୍କୁ ଦୁଇଟି ବର ଦେବାକୁ ଚାହିଁଥିଲେ । କୈକେୟୀ କହିଲେ, ଏବେ ବର ଦେବା ଆବଶ୍ୟକ ନାହିଁ, ଦରକାର ହେଲେ ପରେ ମାଗିବି । କୈକେୟୀ ରାମଙ୍କୁ ନିଜ ପୁଅ ଭରତଠୁ ବଳି ଭଲ ପାଉଥିଲେ । କିନ୍ତୁ ତାଙ୍କ ଦାସୀ ମନ୍ଥରାର ମନ୍ତ୍ରଣାରେ ସେ ଫସିଗଲେ । ରାତି ପାହିଲେ ରାମ ରାଜା ହେବେ । କୈକେୟୀ ଠିକ୍ ପୂର୍ବଦିନ ରାତିରେ ଦଶରଥଙ୍କ ପାଖକୁ ଗଲେ । କହିଲେ, ବରଦେବ ବୋଲି କହିଚ୍, ଏବେ ଦିଅ । ଦଶରଥ ତ ସତ୍ୟ କରି ସାରିଛନ୍ତି । ସେ ସତ୍ୟରକ୍ଷା କରିବାକୁ ବାଧ ହେଲେ । କୈକେୟୀ ଦୁଇଟି ବର ମାଗିଲେ । ଏକରେ ରାମ ଚଉଦ ବର୍ଷ ବନବାସ କରିବ । ଦ୍ୱିତୀୟରେ ମୋ ପୁଅ ଭରତ ଆଯୋଧ୍ୟାର ରାଜା ହେବ ।

ଦଶରଥ ମୁଣ୍ଡରେ ଚଡ଼କ ପଡ଼ିବା ଭଳି ଅନୁଭବ କଲେ । ସତ୍ୟ ରକ୍ଷା କରିବେ କି ବଡ଼ପୁଅକୁ ରକ୍ଷା କରିବେ, ଭାବି ପାରିଲେ ନାହିଁ । ତାଙ୍କ ମୁଣ୍ଡ ଗୋଳମାଳ ହୋଇଗଲା । ବଞ୍ଚି ଥାଉ ଥାଉ ମରିଗଲା ଭଳି ଛଟପଟ ହେଲେ ।

ମା' କୈକେୟୀଙ୍କ ବରର ସର୍ତ୍ତ ଅତ୍ୟନ୍ତ କଠୋର । ଦଶରଥ ମ୍ରିୟମାଣ । ଏ ଖବର ଶ୍ରୀରାମଙ୍କ କାନକୁ ଗଲା । ସେ ବନବାସ ଲାଗି ପ୍ରସ୍ତୁତ ହୋଇଗଲେ । ସନ୍ୟାସୀ ବେଶ ଧରିଲେ । ଅଯୋଧ୍ୟା ତ୍ୟାଗ କରି ବନଗମନ କଲେ । ତାଙ୍କ ସହିତ ଗଲେ ସ୍ତ୍ରୀ ସୀତା ଓ ଭାଇ ଲକ୍ଷ୍ମଣ । ପୁତ୍ରଶୋକରେ ଦଶରଥ ଦେହ ଛାଡ଼ିଲେ ।

ଭରତ ଥିଲେ ମାମୁଁ ଘରେ । ସେ ଉଆସକୁ ଫେରି ଏ ଦାରୁଣ ସମ୍ବାଦ ଶୁଣିଲେ । ମର୍ମାହତ ହେଲେ । ମା' କୈକେୟୀଙ୍କୁ ଭର୍ତ୍ସନା କଲେ । ସଙ୍ଗେ ସଙ୍ଗେ ବାହାରିଲେ ଭାଇ ଶ୍ରୀରାମଙ୍କୁ ଫେରାଇ ଆଣିବା ଲାଗି । ରାଜ୍ୟଯାକର ପ୍ରଜାମାନେ ମଧ୍ୟ ତାଙ୍କ ସହିତ ଗଲେ । ଭରତ ଭାଇ ରାମଙ୍କୁ ଭେଟି ଅଯୋଧ୍ୟା ଫେରି ଆସିବା ପାଇଁ କାତର ପ୍ରାର୍ଥନା କଲେ । ଶ୍ରୀରାମ ପିତାଙ୍କ ସତ୍ୟଭଙ୍ଗ କରିବା ଲାଗି ରାଜି ହେଲେ ନାହିଁ । ଶେଷରେ ନିଜର ଦୁଇଟି କଠଉ ଦେଲେ ଭରତଙ୍କୁ । ଭରତ କଠଉ ଧରି ଅଯୋଧ୍ୟା ଫେରିଲେ । ସିଂହାସନରେ ସେ ହଳକ ଥାପନା କରି ନିଜେ ସନ୍ୟାସୀ ଜୀବନ ଯାପନ କଲେ । କଠଉ ଦୁଇଟିକୁ ଶ୍ରୀରାମଙ୍କ ପ୍ରତିନିଧି ମନେ କରି ସେ ପ୍ରଜାପାଳନ କଲେ ।

ଶ୍ରୀରାମ ପ୍ରଥମେ ଗଲେ ଚିତ୍ରକୂଟ ପର୍ବତକୁ । ପରେ ଦଣ୍ଡକାରଣ୍ୟ । ସେଠି ସେ ବହୁମୁନି ଋଷିଙ୍କ ସହିତ ସତ୍‌ସଙ୍ଗ କଲେ । ଧର୍ମାଲୋଚନା କରିବାରେ ଏହି ପର୍ବତରେ ତାଙ୍କର ଦଶବର୍ଷ କଟିଗଲା । ମୁନିମାନେ ଜାଣିଥିଲେ ଶ୍ରୀରାମ ଶ୍ରୀବିଷ୍ଣୁଙ୍କ ଅବତାର । ତେଣୁ ଈଶ୍ୱର ଦର୍ଶନ କରି ସେମାନେ କୃତାର୍ଥ ହେଲେ । ଦଣ୍ଡକାରଣ୍ୟରୁ ଶ୍ରୀରାମ ଗଲେ ପଞ୍ଚବଟୀ । ଏ ସ୍ଥାନଟି ଅତି ରମଣୀୟ । ଏଠି ସେ କୁଡ଼ିଆ କରି ରହିଲେ । ଦଣ୍ଡକାରଣ୍ୟରେ ଥିବାବେଳେ ସେ ଅଞ୍ଚଳରେ ନାନା ଉପଦ୍ରବ କରୁଥିବା ଦୁଇ ତିନିଜଣ ରାକ୍ଷସଙ୍କୁ ବଧ କରିଥିଲେ । ପଞ୍ଚବଟୀ ଅଞ୍ଚଳରେ ସେତେବେଳେ ରହୁଥିଲା ରାବଣର ଭଉଣୀ ସୂର୍ପଣଖା । ସେ ଲକ୍ଷ୍ମଣଙ୍କୁ ବିବାହ କରିବାକୁ ଚାହିଁଲା । ଲକ୍ଷ୍ମଣ ବିରକ୍ତରେ ତା' ନାକ କାନ କାଟି ଦେଲେ । ସେ ଯାଇ ଭାଇ ରାବଣଙ୍କୁ କହିଲା । ରାବଣ ଦିନେ ଛଦ୍ମବେଶରେ ଆସି ଶ୍ରୀରାମ ଓ ଲକ୍ଷ୍ମଣ ନଥିବାବେଳେ ସୀତାଙ୍କୁ ଧରି ନେଇଗଲା ।

ରାମ ଓ ଲକ୍ଷ୍ମଣ କୁଟୀରକୁ ଫେରି ଦେଖିଲେ ସୀତା ନାହାନ୍ତି । ସେମାନେ କାତର, ବିକଳ ହୋଇ ପଡ଼ିଲେ । ବଣ ଜଙ୍ଗଲ ଚାରିଆଡ଼େ ବୁଲିଲେ ସୀତାଙ୍କୁ ଖୋଜିବା ଲାଗି । ଖୋଜିବାବେଳେ ସେମାନଙ୍କ ଭେଟ ହେଲା ସୁଗ୍ରୀବ ଓ ହନୁମାନଙ୍କ ସହିତ । ଏ ଦୁହେଁ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଆଚରଣରେ ମୁଗ୍ଧ ହୋଇ ପଡ଼ିଲେ । ତାଙ୍କର ଭକ୍ତ ପାଲଟିଗଲେ ।

ସୁଗ୍ରୀବଙ୍କ ଭାଇ ବାଳୀ ଥିଲେ କିଷ୍କିନ୍ଧ୍ୟାର ରାଜା । କୌଣସି ଏକ କାରଣରୁ ଦୁଇ ଭାଇଙ୍କ ମଧ୍ୟରେ କଳହ ହେଲା । ବାଳୀ ଭାଇ ସୁଗ୍ରୀବଙ୍କୁ ରାଜ୍ୟରୁ ତଡ଼ିଦେଲା । ସେଦିନଠୁ ସେ ହନୁମାନ ଓ ଆଉ କେତେଜଣ ବନ୍ଧୁଙ୍କ ସହିତ ଜଙ୍ଗଲରେ ବୁଲୁଥିଲେ । ଶ୍ରୀରାମଙ୍କ ସହିତ ଏଇ ଦୁଇ ଜଣଙ୍କ ବନ୍ଧୁତା ହେଲା । ସେ ବାଳୀକୁ ମାରି ସୁଗ୍ରୀବଙ୍କୁ ରାଜ୍ୟର ରାଜା କରାଇଲେ । ସୁଗ୍ରୀବ ଶପଥ କଲେ ସେ ଯେକୌଣସି ମତେ ସୀତାଙ୍କୁ ଠାବ କରାଇ ତାଙ୍କୁ ଶ୍ରୀରାମଙ୍କ ନିକଟରେ ପହଞ୍ଚାଇଦେବ । ସେ ଏ କାମରେ ହନୁମାନଙ୍କୁ ନିଯୁକ୍ତ କଲେ । ହନୁମାନ ସମୁଦ୍ର ଡ଼େଇଁ ଲଙ୍କାପୁରକୁ ଯାଇ ସୀତାଙ୍କୁ ଠାବ କଲା । ସୀତା ଏବେ କେଉଁଠି ସେ ଖବର ଦେଲା ଶ୍ରୀରାମଙ୍କୁ । ରାମ, ଲକ୍ଷ୍ମଣ ସଙ୍ଗେ ସଙ୍ଗେ ବାନର ସେନାଙ୍କୁ ନେଇ ଲଙ୍କା ଆକ୍ରମଣ କଲେ । ଲକ୍ଷ ଲକ୍ଷ ବାନର ବା ମାଙ୍କଡ଼ ଲଙ୍କାକୁ ଘେରିଗଲେ ।

ରାବଣର ଭାଇ ବିଭୀଷଣ । ଧର୍ମ ପରାୟଣ । ସେ ରାବଣଙ୍କୁ ପରାମର୍ଶ ଦେଲେ ଶ୍ରୀରାମଙ୍କ ସହିତ ସନ୍ଧି କରିବା ଲାଗି । ରାବଣ ରାଗିଗଲା । ସେ ଗୋଇଠା ମାରି ଭାଇ ବିଭୀଷଣଙ୍କୁ ତଡ଼ିଦେଲା । ବିଭୀଷଣ ଶ୍ରୀରାମଙ୍କ ପକ୍ଷ ନେଲେ । ରାବଣ ସହିତ ଶ୍ରୀରାମଙ୍କର

ଦଶମାସ ଧରି ଯୁଦ୍ଧ ହେଲା । ଶ୍ରୀଲଙ୍କାର ଶ୍ରୀ ତୁଟିଗଲା । ରାବଣ ସମେତ ଲଙ୍କାର ସବୁ ପୁରୁଷ ନିପାତ ହୋଇଗଲେ । ସୀତାଙ୍କ ଉଦ୍ଧାର ହେଲା । ବିଭୀଷଣଙ୍କୁ ଶ୍ରୀରାମ ଲଙ୍କାର ରାଜା କରାଇଲେ ।

ଚଉଦବର୍ଷ ବନବାସ ପରେ ଶ୍ରୀରାମ ଅଯୋଧ୍ୟା ଫେରି ଆସିଲେ । ପ୍ରଜାମାନେ ଆନନ୍ଦ ଉତ୍ସବ କଲେ । ଶ୍ରୀରାମ ରାଜା ହେଲେ । ଅଯୋଧ୍ୟା ସ୍ୱର୍ଗରାଜ୍ୟରେ ପରିଣତ ହେଲା । ସ୍ୱୟଂ ଭଗବାନ ଯେଉଁ ରାଜ୍ୟର ରାଜା, ସେ ରାଜ୍ୟ ବୈକୁଣ୍ଠ ସମାନ । ତେଣୁ ଏଯାଏଁ ଲୋକେ କହନ୍ତି – 'ରାମରାଜ୍ୟ' ।

ସବୁଠି ଦୁଷ୍ଟ ଲୋକ ରହିଥାଆନ୍ତି । ଏମାନେ ଶ୍ରୀରାମଙ୍କ ବିରୁଦ୍ଧରେ ଲାଗିଲେ । କହିଲେ, ସୀତାକୁ ରାକ୍ଷସ ନେଇ ରଖିଥିଲା । ସେ ଅସତୀ । ତାକୁ ରାମ ରାଣୀ କରି ରଖିଛନ୍ତି । ଏକଥା ଶୁଣି ଶ୍ରୀରାମ ସୀତାଙ୍କୁ ବାଲ୍ମିକୀ ଆଶ୍ରମକୁ ପଠାଇଦେଲେ । ସେତେବେଳେ ସୀତା ଥିଲେ ଗର୍ଭବତୀ । ମୁନିଙ୍କ ଆଶ୍ରମରେ ତାଙ୍କ ଗର୍ଭରୁ ଯାଆଁଳା ପୁଅ ଲବ ଓ କୁଶ ଜାତ ହେଲେ । ବାଲ୍ମିକୀ ଏ ଦୁଇଭାଇଙ୍କୁ ପାଳିଲେ । ପରବର୍ତ୍ତୀ କାଳରେ ଶ୍ରୀରାମଙ୍କ ସହିତ ଏମାନଙ୍କ ଭେଟ ହେଲା । ସୀତାଙ୍କୁ ମଧ୍ୟ ଶ୍ରୀରାମ ତପୋବନରୁ ଫେରାଇ ଆଣିଲେ । କିନ୍ତୁ ସୀତା ସ୍ୱାମୀଙ୍କୁ ପାଇବା ପରେ ସମାଧିସ୍ଥ ହୋଇ ପଡ଼ିଲେ ।

ଘଟଣାକ୍ରମେ ରାମ, ଲକ୍ଷ୍ମଣ, ଶତ୍ରୁଘ୍ନ ଓ ଭରତ ଚାରିଭାଇଙ୍କ ମହାପ୍ରୟାଣ ହେଲା । ଶ୍ରୀରାମ ବୈକୁଣ୍ଠକୁ ଫେରିଗଲେ । କାରଣ ସେ ଥିଲେ ପୂର୍ଣ୍ଣବ୍ରହ୍ମ ।

●

॥ ୧୯୪ ॥

# ଧୃତ ହଳଧର ରୂପମ୍...

'ରାମରାଜ୍ୟ' କେତେବର୍ଷ ପରେ ମରାରାଜ୍ୟରେ ପରିଣତ ହେଲା । ଶ୍ରୀରାମଙ୍କ ପରେ ଭାରତବର୍ଷରେ ରାଜାମାନେ ଅତ୍ୟାଚାରୀ, ସ୍ୱେଚ୍ଛାଚାରୀ ହୋଇ ପଡ଼ିଲେ । ଚାରିଆଡ଼େ ବିଶୃଙ୍ଖଳା । ବିଧିବିଧାନ, ନିୟମ କାନୁନ କିଛି ରହିଲା ନାହିଁ । ରାଜାମାନେ ବିଳାସ ବ୍ୟସନରେ ମାତିଲେ । ଶାସ୍ତ୍ରକୁ ପଦାଘାତ କଲେ । ପରସ୍ପର ଭିତରେ କଳହ, ଯୁଦ୍ଧ ଘନଘଟା ବ୍ୟାପିଲା । କୁତ୍ସିତ ଲୋକାଚାର ପ୍ରଚଳନ ହେଲା । ନ୍ୟାୟ ବୋଲି କିଛି ରହିଲା ନାହିଁ । ରାଜା ଅନୁସାରେ ପ୍ରଜା । ରାଜା ଯାହା କଲେ ବା କହିଲେ, ଲୋକେ ତାହା ଅନ୍ଧଭାବରେ ମାନିଗଲେ । ବିଦ୍ୱାନ, ପଣ୍ଡିତ ତଥା ଧାର୍ମିକ ଲୋକେ ପ୍ରାଣ ଭୟରେ ବାଧ୍ୟ ହୋଇ ରାଜାଦେଶ ପାଳନ କଲେ । ସ୍ୱାଧୀନତା ଶବ୍ଦ ଲୋପ ପାଇଗଲା ।

ରାମଙ୍କ ସମୟକୁ ତ୍ରେତା ଯୁଗ କୁହାଯାଉଥିଲା । ତ୍ରେତା ଯାଇ ଦ୍ୱାପର ଆସିଲା । ଦ୍ୱାପରରେ କଳିଯୁଗ ଆସ୍ତେ ଆସ୍ତେ ମୁଣ୍ଡ ଟେକିବା ଲକ୍ଷ୍ୟ କରାଗଲା । ଯିମିତିକି ଠିକ୍ ଦ୍ୱାରଦେଶରେ ରହିଛି । କବାଟ ଖୋଲିବା ମାତ୍ରେ ପଶି ଆସିବ । ସିମିତି ଅବସ୍ଥା ।

> ବହସି ବପୁଷି ବିଶଦେ ବସନଂ ଜଳଦାଭମ୍
> ହଳହତି-ଭୀତି-ମିଳିତ-ଯମୁନାଭମ୍
> କେଶବ ! ଧୃତ-ହଳଧରରୂପ
> ଜୟ ଜଗଦୀଶ ହରେ ॥ *(ଗୀତଗୋବିନ୍ଦ)*

ସମାଜ, ପରିବାର, ଧର୍ମ, ଶାସନ ସବୁଥିରେ ବିଭ୍ରାଟ । ଯୁଧିଷ୍ଠିର ଭଳି ଧର୍ମରାଜ ମଧ୍ୟ ଦ୍ୱାପରରେ ପଶାଖେଳରେ ନିଜ ସ୍ତ୍ରୀ ଦ୍ରୌପଦୀକି ପଣ ରଖିଲେ । ହାରିଲେ । ସଭାସ୍ଥଳରେ ଶ୍ୱଶୁର, ଦେଢ଼ଶୁର ଓ ଗୁରୁଜନମାନଙ୍କ ସାମନାରେ ଦୁଃଶାସନ ଦ୍ରୌପଦୀଙ୍କୁ ଉଲଗ୍ନ କରିବା ଲାଗି ଉଦ୍ୟମ କଲା । ଭୀଷ୍ମ, ଦ୍ରୋଣ, ଭୀମ, ଅର୍ଜୁନ ଯୁଧିଷ୍ଠିରଙ୍କ ସତ୍ୟଭଙ୍ଗ ଭୟରେ ପ୍ରତିବାଦ କରିବାକୁ ସାହସ କଲେନି । ଅଥଚ ଏମାନେ ଥିଲେ ଜଣେ ଜଣେ ବିଶ୍ୱବିଖ୍ୟାତ ବୀରପୁଙ୍ଗବ । ଖାଲି ଏତିକି ନୁହେଁ, ଭଗବାନ ଶ୍ରୀକୃଷ୍ଣ ଯେଉଁ ଯଦୁବଂଶରେ ଜନ୍ମିଥିଲେ, ସେହି ବଂଶର ଲୋକେ ମଦ ପିଇ ମାତାଲ ହେଲେ । ପରସ୍ପରକୁ ବଧ କଲେ । ଯଦୁବଂଶ ଧ୍ୱଂସ ହେଲା । ତେଣୁ ଅରାଜକତା କିପରି ଜମାଟ ବାନ୍ଧି ଯାଇଥିଲା, ଏସବୁ ଘଟଣାରୁ ସହଜେ ବୁଝାଯାଏ ।

ଏ ଅବସ୍ଥାକୁ ସୁଧାରିବା ପାଇଁ ଶ୍ରୀରାମ ପୁଣି ଧରାଧାମକୁ ଆସିଥିଲେ ଶ୍ରୀକୃଷ୍ଣ ରୂପରେ । ଶ୍ରୀବିଷ୍ଣୁ ହିଁ ଶ୍ରୀହରି, ଶ୍ରୀକୃଷ୍ଣ । କିନ୍ତୁ ଶ୍ରୀକୃଷ୍ଣଙ୍କୁ ପୁରାଣକାରମାନେ ଅବତାର ଭାବରେ ଗଣନା ନ କରି ବଳରାମଙ୍କୁ ଦଶଅବତାରରେ ଅନ୍ତର୍ଭୁକ୍ତ କରିଛନ୍ତି । ଉଭୟଙ୍କ ଲୀଳା ଅଭେଦ । ବଳରାମ, ହଳଧର, ବଳୀରାମ, ବଳଦେବ ସେହି ଜଣେ ।

ଆହୁକ ନାମରେ ଜଣେ ପ୍ରତାପଶାଳୀ ରାଜା ଥିଲେ । ସେ ଭୋଜବଂଶର ରାଜା ଅଭିଜିତଙ୍କ ପୁତ୍ର । ଏହି ଆହୁକଙ୍କ ଦୁଇ ପୁତ୍ର ଦେବକ ଓ ଉଗ୍ରସେନ । ଦେବକଙ୍କ କନ୍ୟା ଦେବକୀ । ରାମ (ବଳରାମ) ଓ କୃଷ୍ଣଙ୍କ ମାଆ ଏହି ଦେବକୀ । ଯଦୁବଂଶର ଜଣେ ଜନପ୍ରିୟ ପ୍ରଭାବଶାଳୀ ବ୍ୟକ୍ତି ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ହୋଇଥିଲା । ଉଗ୍ରସେନ ମଥୁରାର ରାଜା ଥିଲେ । କିନ୍ତୁ ପୁତ୍ର କଂସ ପିତାକୁ ବନ୍ଦୀ କରି ନିଜେ ରାଜା ହେଲା । ହିସାବରେ ଦେବକୀ କଂସର ଭଉଣୀ । ସେ ଭଉଣୀର ବିବାହ କରାଇଲା । ଭଉଣୀକି ଶାଶୁଘରେ ଛାଡ଼ିବାକୁ ଯାଉଥିଲା । ଯାଉ ଯାଉ ବାଟରେ ଶୂନ୍ୟବାଣୀ ହେଲା,

ତୋ ଭଉଣୀ ଦେବକୀର ଅଷ୍ଟମ ଗର୍ଭର ପୁତ୍ର ସନ୍ତାନ ହିଁ ତୋର କାଳ ହେବ । ତତେ ସେ ମାରିବ । ଶୁଣିବାମାତ୍ରେ ସେ ଭଉଣୀକି ବଧ କରିବାକୁ ତରବାରୀ ଉଠାଇଲା । ବସୁଦେବ ତାକୁ ବୁଝାଇ କହିଲେ, ଏକେ ତ ନାରୀ ହତ୍ୟା, ଦ୍ୱିତୀୟରେ ନିଜ ଭଉଣୀକି ହତ୍ୟା କରିବା ମହାପାପ । ସେ ଦେବକୀଙ୍କ ପ୍ରାଣରକ୍ଷା କରିବା ପାଇଁ ଏକ ଉପାୟ କଲେ । କଂସକୁ କହିଲେ, ମୁଁ ଶପଥ କରି କହୁଛି, ଦେବକୀ ଗର୍ଭରୁ ଜାତ ହେବା ସନ୍ତାନମାନଙ୍କୁ ମୁଁ ତୁମ ହାତରେ ସମର୍ପଣ କରିବି । କଂସର ବିଶ୍ୱାସ ହେଲାନି । ଯାହାହେଉ ସେ ଦେବକୀକୁ ହତ୍ୟା କଲା ନାହିଁ । ଭିଣୋଇ ଓ ଭଉଣୀ ଉଭୟଙ୍କୁ ବନ୍ଦୀଶାଳାରେ ନେଇ ରଖିଲା ।

ବସୁଦେବଙ୍କର ରୋହିଣୀ ନାମରେ ଆଉ ଜଣେ ପତ୍ନୀ ଥିଲେ । ବସୁଦେବ କାରାଗାରରେ ରହିବାରେ ସେ ନିରାଶ୍ରିତା ହୋଇ ପଡ଼ିଲେ । ଅସହାୟା ଅବସ୍ଥାରେ ସେ ବସୁଦେବଙ୍କ ପରମ ବନ୍ଧୁ ଗୋପପୁରର ନନ୍ଦରାଜାଙ୍କ ଘରେ ଆଶ୍ରୟ ନେଲେ । ଦେବକୀଙ୍କ ଗର୍ଭରୁ ଗୋଟିକ ପରେ ଗୋଟିଏ ଛଅଟି ସନ୍ତାନ ଜାତ ହେଲେ । କଂସ ହାତରେ ସମସ୍ତଙ୍କର ମୃତ୍ୟୁ ହେଲା । ସପ୍ତମ ଗର୍ଭର ସନ୍ତାନକୁ ଦୈବକ୍ରମେ ରୋହିଣୀ ନିକଟକୁ ପଠାଇ ଦିଆଗଲା । ରୋହିଣୀ ଏହି ପୁତ୍ର ସନ୍ତାନକୁ ନିଜର ମନେକରି ଲାଳନ ପାଳନ କଲେ । ଚାରିଆଡ଼େ ପ୍ରଚାରିତ ହେଲା ଯେ ଦେବକୀଙ୍କ ସପ୍ତମ ଗର୍ଭ ନଷ୍ଟ ହୋଇଗଲା । ଏହି ସନ୍ତାନ ହିଁ ରାମ । ବଳରାମ । ବଳଭଦ୍ର । ବଳଦେବ ।

ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜାତ ହେଲେ ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣ ଭୂମିଷ୍ଠ ହେବାମାତ୍ରେ ପିତା ବସୁଦେବଙ୍କୁ ନିର୍ଦ୍ଦେଶ ଦେଲେ, ଯାକର, ତା'କର । ମତେ ନେଇ ଯଶୋଦାଙ୍କ କୋଳରେ ଛାଡ଼ି ଦେଇ ଆସ । ଯଶୋଦା ନନ୍ଦବାବାଙ୍କ ସ୍ତ୍ରୀ । ଯଶୋଦା ସେତେବେଳେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇ ବେହୋସ ଅବସ୍ଥାରେ ଥିଲେ । ବସୁଦେବ ଯମୁନା ପାରି ହୋଇ ନବଜାତ ଶ୍ରୀକୃଷ୍ଣଙ୍କୁ ଯଶୋଦା ପାଖରେ ରଖିଦେଇ କନ୍ୟା ସନ୍ତାନକୁ ନେଇ ଆସିଥିଲେ । ଶ୍ରୀକୃଷ୍ଣଙ୍କ ଅନ୍ୟନାମ ମାୟାଧର । ସେ ପୃଥିବୀକି ଆସିବା ପୂର୍ବରୁ ଯୋଗମାୟା ଯଶୋଦାଙ୍କ ଗର୍ଭରୁ ଜାତ ହୋଇ ସାରିଥିଲେ । ବସୁଦେବ ଏହି ମାୟାବତୀ କନ୍ୟାକୁ ଆଣି ଦେବକୀଙ୍କ କୋଳରେ ଶୁଆଇଁ ଦେଲେ । କଂସ ଶୂନ୍ୟବାଣୀ ଅନୁସାରେ ଭାବି ନେଇଥିଲା ଯେ ଦେବକୀଙ୍କ ଅଷ୍ଟମଗର୍ଭରୁ ନିଶ୍ଚିତ ଭାବରେ ପୁଅ ଜନ୍ମ ହେବ । ଯାହାହେଉ ସେ କନ୍ୟା ସନ୍ତାନକୁ ହାତରେ ଧରି ତା' ମୁଣ୍ଡକାଟ କରିବାକୁ ଗଲାବେଳେ କନ୍ୟାଟି ହାତରୁ ଖସି ଶୂନ୍ୟକୁ ପକ୍ଷୀ ଭଳି ଉଡ଼ି ଚାଲିଗଲା । ସେ ମଧ ଶୂନ୍ୟବାଣୀ କରି କହିଲା, ଯିଏ ତତେ ମାରିବ, ସିଏ ଜନ୍ମ ହୋଇ ଅନ୍ୟତ୍ର ଚାଲିଗଲାଣି ।

ରାମକୃଷ୍ଣ ନନ୍ଦଙ୍କ ଘରେ ଯଶୋଦା ଓ ରୋହିଣୀଙ୍କ ଦ୍ୱାରା ପାଳିତ ହେଲେ । ସାଧାରଣ ମଣିଷ ଭାବରେ ଜନ୍ମ ହୋଇଥିଲେ ମଧ ପିଲାଟି ଦିନୁଁ ଏମାନେ ନାନା ଲୀଳା

କରି ଚାଲିଲେ । କୃଷ୍ଣଙ୍କ ଦେହର ରଙ୍ଗ କଳା, ବଳରାମ ଗୋରା । ଦେଖୁ ଦେଖୁ ଏମାନେ ଅସାଧାରଣ ଭାବରେ ବୁଦ୍ଧି ବିଦ୍ୟାରେ ସବୁ ପିଲାଙ୍କଠୁ ବଳିଗଲେ । ଚେହେରା ସୁନ୍ଦର, ଆଚରଣ ମଧୁର, ଚାଲିଚଳନ, କଥାବାର୍ତ୍ତା ମଧ ତତୋଽଧିକ । ଏମାନେ ଗୋପୀ ଗୋପାଳମାନଙ୍କୁ ଅଳ୍ପ ବୟସରେ ଆପଣାର କରିନେଲେ । ବଳରାମ ଟିକିଏ ଚୁପ୍‌ଚାପ ପିଲା । କିନ୍ତୁ କୃଷ୍ଣ ଖଲବଲିଆ । ଚପଳ, ଚଞ୍ଚଳ । ଯା ତା' ଘରେ ପଶି ଦୁଧ, ଦହି, ଲହୁଣୀ ଚୋରି କରି ଖାଇଲେ ମଧ ଗୋପୀମାନେ ତାଙ୍କୁ ଦିନେ ନ ଦେଖିଲେ ରହି ପାରିଲେ ନାହିଁ । ଶ୍ରୀକୃଷ୍ଣଙ୍କ ସବୁ କାମରେ ବଳରାମ ଭାଗ ନେଉଥିଲେ । କିନ୍ତୁ ଧରା ପଡୁନଥିଲେ । ଶ୍ରୀକୃଷ୍ଣ ବଡ଼ଭାଇ ଭାବରେ ବଳରାମଙ୍କୁ ଖାତିର୍ କରୁଥିଲେ । ତାଙ୍କଠୁ ପରାମର୍ଶ ଲୋଡୁଥିଲେ ।

●

॥ ୧୯୫ ॥

## ବାଘ ଘରେ ମିରିଗ ନାଟ

ବ୍ରଜଧାମ । ରାମକୃଷ୍ଣଙ୍କ ବାଲ୍ୟଲୀଳା କ୍ଷେତ୍ର । ଜନ୍ମ ହେବାମାତ୍ରେ ଲୁଚିଛପି ସେମାନେ ଆସିଥିଲେ ଏହି କ୍ଷେତ୍ରକୁ । ଦେବକୀଙ୍କ କୋଳରୁ ରୋହିଣୀ ଆଉ ଯଶୋଦାଙ୍କ କୋଳକୁ । କଳାଗୋରା- ଦୁଇଭାଇ । ଶିଶୁ ଅବସ୍ଥାରୁ ଏମାନେ ହେଲେ ବାଳକ । ଏହି ସମୟରେ ସାଧାରଣତଃ ସବୁ ପିଲାଙ୍କ ଚଗଲାମି । ଇମିତି ଚଗଲା ଯେ ସାଙ୍ଗସାଥୀମାନେ ମୁହୂର୍ତ୍ତେ ସୁଦ୍ଧା ସେମାନଙ୍କୁ ଛାଡ଼ି ପାରୁନଥିଲେ । ସେମାନଙ୍କ ଚଗଲାମି, ଚପଳତାରୁ ଯିମିତି ମହୁ ଝରୁଥିଲା । ଏହି ମହୁ ପାନ କରି ବ୍ରଜର ଗୋପାଳ ବାଳକମାନେ ଆନନ୍ଦ ପାଉଥିଲେ । ଉଲ୍ଲସିତ ହେଉଥିଲେ । ଏକାଠି ମିଶି ଗୋଚାରଣ ଲାଗି ବଣକୁ ଯାଉଥିଲେ । ଘରେ ଲୀଳା, ଦାଣ୍ଡରେ ଲୀଳା । ବଣରେ ବହୁ ହିଂସ୍ର ଜନ୍ତୁ, କିନ୍ତୁ ରାମକୃଷ୍ଣ ସାଥିରେ ଥିଲେ, ଭୟ କାହାରି ନଥିଲା । ଯିଏ ଆକ୍ରମଣ କରିବାକୁ ଆସୁଥିଲା, ରାମକୃଷ୍ଣଙ୍କ ଦ୍ୱାରା ନିହତ ହେଉଥିଲା । ତେଣୁ ବ୍ରଜ ଥିଲା ନିରାପଦ । ନିଃଶଙ୍କ ।

ବହୁକାଳ ବସବାସ କରିବାରେ ବ୍ରଜରେ ଆଉ ଭଲ ଘାସ ହେଲା ନାହିଁ । ଯା'ଭିତରେ ଗାଈଗୋରୁଙ୍କ ସଂଖ୍ୟା ମଧ ବଢ଼ି ବଢ଼ି ଚାଲିଥିଲା । ତା'ଛଡ଼ା ହେଟାବାଘ ପଲ ପଲ । ବାଛୁରୀ ଗୁଡ଼ାକୁ ଏମାନେ ଗୁହାଳରେ ପଶି ଖାଇ ପକାଉଥିଲେ । ରାମକୃଷ୍ଣ ଏହି ଅଞ୍ଚଳର ଅବସ୍ଥା କ୍ରମଶଃ ଖରାପ ହୋଇ ପଡୁଥିବା ଅନୁମାନ କଲେ । ସେମାନେ

ଗାଈ ଚରାଇ ନେବା ବେଳେ କିଛି ଦୂରରେ ଆଉ ଗୋଟିଏ ନିଛାଟିଆ ଜାଗା ଦେଖିଥିଲେ । ଯମୁନାନଦୀ କୂଳରେ । ନନ୍ଦବାବାଙ୍କୁ ସେମାନେ ପ୍ରସ୍ତାବ ଦେଲେ, ଅଳ୍ପଦୂରରେ ବୃନ୍ଦାବନ ବୋଲି ଗୋଟିଏ ଭଲ ଜାଗା ଅଛି, ସେଇଠିକି ଚାଲିଯିବା । ଘାସ ମିଳିବ । ଲୋକେ ବସବାସ କରିବା ପାଇଁ ମଧ ବିସ୍ତର ଜାଗା ଅଛି । ଆରାମରେ ରହିବା ।

ବ୍ରଜବାସୀମାନେ ଉତ୍ସାହିତ ହେଲେ– ସପରିବାର ସମସ୍ତେ ଗଲେ ବୃନ୍ଦାବନକୁ । କ୍ରମଶଃ ବ୍ରଜ ଓ ବୃନ୍ଦାବନ ଗୋଟିଏ ଅଞ୍ଚଳ ହେଲା । ନାଆଁ ରହିଲା ବ୍ରଜବୃନ୍ଦାବନ । ଗୋପୀଗୋପାଳମାନଙ୍କ ଭିତରେ ନବଜୀବନ ସଂଚାର କରାଇଲେ– ଦୁଇଭାଇ ରାମକୃଷ୍ଣ । ସେମାନେ ଏହି ଧାମକୁ ଆସିବା ଦିନଠାରୁ କେବଳ ଉନ୍ନତି ଓ ପ୍ରଗତି । କିନ୍ତୁ ମଣିଷ ଯେଉଁଠି ବିପଦ ସେଇଠି । ବିପଦ ନ ଆସିଲେ ରାମକୃଷ୍ଣ ଆପଦବାନ୍ଧବ ହେବେ କିପରି ? ଥରେ ଗାଈ ଚରାଇବା ପାଇଁ ସାଙ୍ଗସାଥୀଙ୍କ ସହିତ ବଣକୁ ଯାଇଛନ୍ତି ରାମକୃଷ୍ଣ । ସମସ୍ତେ ଖେଳରେ ବିଭୋଳ । ଖରାଦିନ । ପଥର ତାତିରୁ ବାହାରିଲା ନିଆଁ । ଦାବାନଳ । ଧୀରେ ଧୀରେ ଚାରିଆଡ଼େ ବ୍ୟାପିଗଲା । ଗୋପାଳ ବାଳକମାନେ ତ୍ରାହି ତ୍ରାହି ଡାକିଲେ । ନିଜେ ବଞ୍ଚିବେ, ଗାଈ ବାଛୁରୀଗୁଡ଼ିକୁ ବଞ୍ଚେଇବେ କିପରି ? ଗାଈ ସବୁ ବାଛୁରୀ ସହିତ ଲାଙ୍ଗୁଡ଼ ଟେକି ନିଆଁ ଭୟରେ ଦୌଡ଼ିଲେ । ଯୁଆଡ଼େ ଯିବ, କେବଳ ନିଆଁ । ରାମକୃଷ୍ଣ କୌଶଳ କ୍ରମେ ଗୋପଳ ଓ ଗାଈଗୁଡ଼ିକୁ ଉଦ୍ଧାର କଲେ । କାହାର କିଛି କ୍ଷତି ହେଲା ନାହିଁ । ଅସୀମ ସାହସ ଓ ଧୈର୍ଯ୍ୟ । ସମସ୍ତେ ବଞ୍ଚିଗଲେ । ରାମକୃଷ୍ଣ କି ମନ୍ତ୍ର ଜାଣିଥିଲେ କେଜାଣି, 'ଫୁ' କରିବା ମାତ୍ରେ ନିଆଁ ଲିଭିଗଲା । ଗୋପାଳମାନେ ବୃନ୍ଦାବନକୁ ଆସି ମା' ବାପାଙ୍କୁ କହିଲେ, ଏମାନେ ନିଆଁକୁ ଗିଳି ପକାଇଲେ । ନିଆଁଗିଳା ରାମକୃଷ୍ଣ ।

ବୃନ୍ଦାବନ ନିକଟରେ ଗୋଟିଏ ବଡ଼ ହ୍ରଦ ଥିଲା । ଚାରିଆଡ଼େ ପାହାଡ଼ । ବର୍ଷା କାଳରେ ପାହାଡ଼ରୁ ପାଣି ଗଡ଼ି ଏହି ହ୍ରଦରେ ଜମୁଥିଲା । ପାଣି ରହି ରହି କଳା ଦେଖାଯାଉଥିଲା । ତେଣୁ ଲୋକେ ଏହାକୁ କାଳିନ୍ଦୀ ହ୍ରଦ କହୁଥିଲେ । ଜଳ ଯେଉଁଠି ଜଳଚର ଜୀବ ସେଇଠି । ଏଠି ଗୁଡ଼ିଏ ବିଷଧର ସାପ ରହୁଥିଲେ । ଗାଈଗୋରୁ କିମ୍ବା ମଣିଷ ପାଣି ପିଇବାକୁ ଗଲେ ସାପ କାମୁଡ଼ାରେ ମରୁଥିଲେ । ରାମକୃଷ୍ଣ ଏହି ସାପ ବଂଶ ନିପାତ କରିଦେଲେ । ସେହିଭଳି ବଳରାମ ଏକାକୀ ପ୍ରଲମ୍ବ ଓ ଧେନୁକ ନାମରେ ଦୁଇଟି ହିଂସ୍ର ବନ୍ୟଜନ୍ତୁଙ୍କୁ ମଧ ମାରିଦେଲେ ।

ପୁରାଣରେ ଏହିଭଳି ବହୁ କଥାର ବର୍ଣ୍ଣନା ରହିଛି । ଅସୁରଙ୍କ କଥା ତ ସବୁ ପୁରାଣରେ ପଢ଼ିବାକୁ ମିଳିଥାଏ । ଏମାନଙ୍କ କାଣ୍ଡକାରଖାନା ଅଦ୍ଭୁତ ପ୍ରକାରର । ଏକଥା ସବୁ କାଳ୍ପନିକ ଓ ଅବାନ୍ତର ହୋଇପାରେ । କିନ୍ତୁ ରାମକୃଷ୍ଣ ବାଲ୍ୟ ସମୟରୁ ଏପରି

ବଳ, ବୁଦ୍ଧି, ସାହସ ଓ ଧୈର୍ଯ୍ୟ ଦେଖାଇଥିଲେ ଯେ ଏମାନେ ଅସୁର ନିଧନ କରୁଥିବା କଥା ଯାହା ବର୍ଣ୍ଣନା କରାଯାଇଛି, ଲୋକେ ତାହା ବିଶ୍ୱାସ କରିବା ଅସ୍ୱାଭାବିକ ନୁହେଁ ।

କଂସ ନିଶ୍ଚିନ୍ତ ଥିଲା ଯେ ଦେବକୀଙ୍କ ଅଷ୍ଟମଗର୍ଭରୁ ପୁତ୍ରଜାତ ହୋଇନାହିଁ । ପୁଅ ହୋଇଥିଲେ ସିନା ତା' ହାତରେ ସେ ମରିଥାଆନ୍ତା । ତେଣୁ ଶୂନ୍ୟବାଣୀ ମିଛ । କିନ୍ତୁ ଯେଉଁ ଝିଅଟି ତା'ହାତରୁ ଖସି ଶୂନ୍ୟରୁ କହିଲା, ତତେ ଯିଏ ମାରିବ, ସେ ଅନ୍ୟଠି ବଢୁଚି– ସେ ମାୟାବୀ ଝିଅର କଥା ସତ ହୋଇପାରେ । ତେଣୁ ମନରୁ ଆଶଙ୍କା ସମ୍ପୂର୍ଣ୍ଣ ଦୂର ହୋଇ ନଥିଲା । ଯା' ଭିତରେ ଶାନ୍ତସରଳ ପ୍ରକୃତି ଗୋପୀଗୋପାଳଙ୍କ ଖବର ତା'କାନରେ ପଡୁଥିଲା । ଦୂତମାନେ ତାକୁ କହୁଥିଲେ- ବ୍ରଜବୃନ୍ଦାବନରେ ରାମ କୃଷ୍ଣ ନାମରେ ଦୁଇଭାଇ ସେ ଅଞ୍ଚଳ ଲୋକଙ୍କୁ ସୁଖିରେ ରଖିଚନ୍ତି । ଏ ଦୁଇଭାଇଙ୍କ କୀର୍ତ୍ତିକଳାପ ନାନା ଭାବରେ ଅତିରଞ୍ଜିତ ହୋଇ କଂସ ନିକଟରେ ପହଞ୍ଚିଲା । କେହି କେହି କହିଲେ, ଏ ପିଲାଦିଇଟା କୁହୁକ ଜାଣିଲା ଭଳି ଯାହା ଚାହୁଁଚନ୍ତି, କରିଦେଇ ପାରୁଚନ୍ତି । ଗୋପାଳମାନେ ମଥୁରାବାସୀଙ୍କ ଠାରୁ ଅଧିକ ଉନ୍ନତ, ସମୃଦ୍ଧ । ଏସବୁ ଖବର କଂସ କାନକୁ କଟୁ ବୋଧ ହେଲା । ସେ ଥରକୁ ଥର ଭାବିଲା, ଦେବକୀ ଗର୍ଭରୁ ଜାତ ସବୁ ସନ୍ତାନଙ୍କୁ ତ ସେ ନିଜ ହାତରେ ମାରିଚି, ଏ ଦି'ଟା ଆସିଲେ କୁଆଡୁ ? ତା' ମନ ସନ୍ଦେହଦୋଳାରେ ଆନ୍ଦୋଳିତ ହେବାକୁ ଲାଗିଲା । ଈର୍ଷାରେ ଦଗ୍ଧ ହେଲା । ଭାବିଲା, ଯେ କୌଣସିମତେ ଗୋପ ଗୋପାଳଙ୍କ ଗର୍ବ ଖର୍ବ କରିବାକୁ ପଡ଼ିବ । କିନ୍ତୁ ଅତ୍ୟାଚାରୀର ମନ ଦୁର୍ବଳ । ପିତାକୁ ବନ୍ଦୀ କରି ରଖିଚି, ଭଉଣୀର ପିଲାଙ୍କୁ ମାରିଚି, ଆଉ କିଏ ବା ତା'ର ବନ୍ଧୁ ଅଛି ? ସେ ଖୋଲାଖୋଲି ଭାବେ ନିର୍ଦ୍ଦୋଷ ସରଳ ଗୋପାଳମାନଙ୍କ ସହିତ ଶତ୍ରୁତା କରିବାକୁ ସାହସ କଲା ନାହିଁ । ସେ ଜଣଙ୍କ ପରେ ଜଣେ ଅସୁରଙ୍କୁ ପଠାଇଲା ରାମକୃଷ୍ଣଙ୍କୁ ପ୍ରାଣରେ ମାରିବା ପାଇଁ; କିନ୍ତୁ ଯିଏ ମାରିବାକୁ ଗଲା, ସିଏ ମଲା ।

କଂସ ନିରୂପାୟ । ଚିନ୍ତାଗ୍ରସ୍ତ । କୂଟନୀତିଜ୍ଞମାନଙ୍କ ସହିତ ପରାମର୍ଶ କଲା । ଏକ ଧନୁଯଜ୍ଞର ଆୟୋଜନ କରାଗଲା । ବୃନ୍ଦାବନରେ ଗୋପଳମାନେ ତା'ର ପ୍ରଜା । ସେମାନଙ୍କୁ କୁହାଗଲା ଯଜ୍ଞ ଲାଗି ସେମାନେ ଦୁଧ ଦହି ଧରି ଆସିବେ । ଏହି ଖବର ଜଣାଇବା ପାଇଁ ଅକ୍ରୁରଙ୍କୁ ପଠାଗଲା । କଂସ ଚୁପଚାପ ଅକ୍ରୁରଙ୍କୁ କହିଥିଲା ଯେ ଛଳ ବଳ କୌଶଳରେ ରାମକୃଷ୍ଣ ଦୁଇଭାଇଙ୍କି ମଥୁରା ଆଣିବାକୁ ପଡ଼ିବ । ରାମକୃଷ୍ଣଙ୍କ ବୟସ ସେତେବେଳକୁ ଦଶ ଏଗାର ବର୍ଷ । ଅକ୍ରୁରଙ୍କ ମଧ ଇଚ୍ଛା ଥିଲା ରାମକୃଷ୍ଣଙ୍କୁ ବ୍ରଜବୃନ୍ଦାବନକୁ ଯାଇ ଦେଖିଆସିବାକୁ । ସେ କଂସର ଯେ ବନ୍ଧୁ ତାହା ନୁହେଁ । ଅକ୍ରୁର ଆସି ବୃନ୍ଦାବନରେ ଏ ଖବର ଦେଲେ । ରାମକୃଷ୍ଣଙ୍କୁ ସାଙ୍ଗରେ ଧରି ମଥୁରା ଫେରିଲେ । ତାଙ୍କ ପଛେ ପଛେ

ନନ୍ଦବାବା ଅନ୍ୟ ଗୋପଲଙ୍କ ସହିତ ଦହି ଦୁଧ ଧରି ମଥୁରାକୁ ଗଲେ । ସେଠି ରାମକୃଷ୍ଣ ଗୋପଲ ସାଙ୍ଗସାଥୀଙ୍କ ସହିତ ଲୁଟପାଟ ଆରମ୍ଭ କରିଦେଲେ । କାହାଠୁ ଲୁଗାପଟା ଛଡ଼େଇ ନେଲେ ତ କାହାଠୁ ଫୁଲ ମାଳ, ଗନ୍ଧ, ଚନ୍ଦନ ସବୁ ନେଇଗଲେ । ଦାଣ୍ଡରେ ଡିଆଁ ଉକୁସା କଲେ । ମଥୁରାରେ ଉତ୍ସବ । ଲୋକେ ଧନୁ ଉତ୍ସବ ଦେଖିବାକୁ ଯିବେ କ'ଣ ରାମକୃଷ୍ଣଙ୍କ ଉତ୍ପାତ, ଉପଦ୍ରବ ଦେଖିବାକୁ ଲାଗିଲେ । ଏମାନଙ୍କ ଉପଦ୍ରବରେ ମଧ୍ୟ ଆନନ୍ଦ !

ଯେଉଁଠି କଂସ ଭୟରେ ସମସ୍ତେ ଭୟଭୀତ, ସେଠି ପିଲାଦିଇଟାର ଉଦଣ୍ଡ ନୃତ୍ୟ । ରୀତିମତ ଦିନ ଦିପହରେ ଖୋଲାଖୋଲି ଡ଼କାୟତି ! ଦୋକାନ ବଜାର ବନ୍ଦ । କିନ୍ତୁ ମଥୁରାବାସୀ ଛାତ ଉପରେ ରୁଣ୍ଡ । ପିଲାଙ୍କ କାଣ୍ଡ ଦେଖିବା ଲାଗି । ରାମକୃଷ୍ଣ ଘରୁ ଯେଉଁ ପୋଷାକ ପିନ୍ଧି ଆସିଥିଲେ, ମଇଳା ହୋଇଯିବାରୁ ତାକୁ କାଢ଼ି, ଧୋବା ଘରେ ପଶି ନୂଆ ସଫା ଲୁଗା ଉଠାଇ ଆଣି ପିନ୍ଧିଲେ । ସାଙ୍ଗ ସାଥୀଙ୍କୁ ଦେଲେ ପିନ୍ଧିବା ପାଇଁ । ମିଠା ଦୋକାନରେ ପଶି, କବାଟ ଝରକା ଭାଙ୍ଗି ମିଠା, ଫଳମୂଳ ସବୁ ଖାଇଗଲେ ।

ବାଘଘରେ ମିରିଗର ନାଟ । କଂସ ପାଖରେ ସବୁ ଖବର ପହଞ୍ଚିଲା । ସେ ହିଂସାରେ ପାଗଳ ହୋଇ ପଡ଼ିଲା । ଦିହ ଜଳି ଉଠିଲା । ପାଗଳା ହାତୀ (କୁବଳୟା)କୁ ଲଗାଇଲା— ପାଦରେ ଦଳିଚକଟି ପିଲା ଦିଇଟାକୁ ମାରିଦେବା ପାଇଁ । ଚାଣୁର ଓ ମୁଷ୍ଟିକ— ଦୁଇଟା ପହଲମାନଙ୍କୁ ଲଗାଇଲା ମାରିବା ପାଇଁ । ହାତୀ ମାରି ପାରିଲା ନାହିଁ କି ପହଲମାନମାନେ ମାରି ପାରିଲେ ନାହିଁ ।

●

॥ ୧୯୬ ॥

## କଂସେଇ ଓ କଂସ ମଲେ

ମଥୁରା । ରାଜ୍ୟର ରାଜଧାନୀ । ରାଜରାସ୍ତା ଦେଇ ଚାଲିଚନ୍ତି ରାମକୃଷ୍ଣ । ସହର ଭିତରେ ଉପଦ୍ରବ ସରିଲା । ଏଣିକି ସେମାନେ ରାଜସଭା ଆଡ଼େ ମୁହାଁଇଲେ । ରାଜନଅର ଭିତରେ ଧନୁଯାତ୍ରା । ଯଜ୍ଞ । ରାମକୃଷ୍ଣ ସିଂହଦ୍ୱାରରେ ପହଁଚିଲେ । ମାହୁନ୍ତର ଖେଁଚା ପାଇ କୁବଳୟାହାତୀ ଶୁଣ୍ଢକୁ ହଲେଇ ମାଡ଼ି ଆସିଲା ଦୁଇଭାଇ ଆଡ଼ିକି । ପାଗଳା ହାତୀ । ଦେଖଣାହାରୀମାନେ ଭାବିଲେ, ହାତୀ ଦଳି ଚକଟି ପକାଇବ । କେଡ଼େ ସୁନ୍ଦର ପିଲା ଦିଓଟି । ହାତୀ ହାବୁଡ଼ରୁ ରକ୍ଷା ପାଇବା ଅସମ୍ଭବ । ସମସ୍ତଙ୍କ ଆଖି ବୁଜି ହୋଇଗଲା ।

କିନ୍ତୁ ଆଖି ଖୋଲି ଦେଖିଲେ – ଗୋରା ପିଲାଟି ହାତୀର ଲାଙ୍ଗୁଡ଼କୁ ଧରିଚି । ନିଜେ ସେ ମାହୁନ୍ତ ପାଲଟି ଯାଇଚି । ବଳରାମ ବୋଲିବା ପିଲାଟି ହାତୀର ଲାଙ୍ଗୁଡ଼କୁ ଏତେ ଜୋରରେ ମୋଡ଼ିଲା ଯେ ହାତୀ ନିଜ ପ୍ରାଣରକ୍ଷା ପାଇଁ କ୍ଷିପ୍ରଗତିରେ ଦୌଡ଼ିଲା ସାମାନା ରାସ୍ତାରେ । ପ୍ରାଣ ବିକଳରେ ହାତୀ ଆଣ୍ଠେଇ ପଡ଼ିଲା ଯେ ଆଉ ଉଠି ପାରିଲା ନାହିଁ । କୃଷ୍ଣ ବୋଲିବା ପିଲାଟି ଏକ ମସ୍ତ ଠେଙ୍ଗୁଣି ଧରି ହାତୀର ମୁଣ୍ଡକୁ ପିଟିବାରେ ଲାଗିଲା । ବଳରାମ ତା' ଦାନ୍ତତ ଦି'ଟାକୁ ଉପାଡ଼ି ହାତୀ ଦେହରେ ଫୋଡ଼ି ଚାଲିଲେ । କୁବଳୟା ହାତୀ ଦେହରୁ ଝର ଝର ରକ୍ତର ଧାର । ସିଂହଦ୍ୱାର ସାରା ହାତୀ ରକ୍ତରେ ଜୁଡୁବୁଡୁ । କୁବଳୟା ମଲା । ଲୋକେ ଆଚମ୍ୱିତ ହେଲେ ।

ଆଗରୁ ସହରସାରା ହୁଲସ୍ତୁଲ ପଡ଼ିଯାଇଥିଲା । ହାତୀ ଭୀଷଣ ଗର୍ଜନ କରି ମରିଯିବାରେ ସଭାସ୍ଥଳର ଲୋକେ ଦୌଡ଼ି ଆସିଲେ । ପିଲା ଦି'ଟାର ପରାକ୍ରମକୁ ଦେଖି କେହି କେହି କହିଲେ, ଏ ଦୁଇ ଭାଇ ମଣିଷ ନୁହଁନ୍ତି, ଦେବତା । ସେମାନଙ୍କ କମନୀୟ ମୁଖମଣ୍ଡଳରୁ ଜ୍ୟୋତି ବାହାରୁଥିଲା । ଜଣଙ୍କ ହାତରେ ଦି'ଟା ଗଉଡ଼ିଆ ଠେଙ୍ଗା । ମୁହଁରେ କେହି ପ୍ରଶଂସା ନ କଲେ ମଧ ମନେ ମନେ ସମସ୍ତେ ଏ ଦୁହିଁଙ୍କୁ ପ୍ରଶଂସା କଲେ ।

ଦୁଇଭାଇ ଯମଭଳି ମାଡ଼ି ଚାଲିଚନ୍ତି ଆଗକୁ ଆଗକୁ । ସିଂହଦ୍ୱାର ଅତିକ୍ରମ କରି ଭିତରେ ପଶିଲେ । ଖବର ପାଇ କଂସ ଆତଙ୍କିତ । ସମ୍ଭୀଭୂତ । ହାତୀ ତ ମଲା । ଏଣିକି ମୁଷ୍ଟିଯୁଦ୍ଧର ଆୟୋଜନ । ଚାଣୁର (ଚାଣୁକ) ଏବଂ ମୁଷ୍ଟିକ-ଦୁଇ ପହଲମାନ । ପାହାଡ଼ଭଳି ପ୍ରକାଣ୍ଡ ଶରୀର । ଏଡ଼େ ଏଡ଼େ ଆଖି । କୁତ୍ସିତ ଚେହେରା । ଦେହର ବର୍ଣ୍ଣ ହାଣ୍ଡିକଳାଠୁ ବଳି କଳା । ସେମାନେ ରାମକୃଷ୍ଣଙ୍କୁ ଆହ୍ୱାନ କଲେ ମୁଷ୍ଟିଯୁଦ୍ଧ ଲାଗି । ରାମକୃଷ୍ଣଙ୍କ କୋମଳ ଦେହ । ବୟସ କମ । ପିଲା ଦି'ଟା ସହିତ ଏ ଦି'ଟା ରାକ୍ଷସଙ୍କ ଲଢ଼େଇ । ପିଲାଙ୍କ ପ୍ରତି ସମସ୍ତଙ୍କର ସହାନୁଭୂତି । ସମବେଦନା । ବହୁ ସମୟ ଧରି ଯୁଦ୍ଧ ଚାଲିଲା । ପରିଶେଷରେ କଂସର ଦି'ଟା ଯାକ କଂସେଇ ମଲେ ।

କଂସର ସବୁ ଉପାୟ ସରିଲା । କଂସ ଥରହର । ସିଂହାସନ ହଲିଲା । ତା' ମୁହଁରେ ମରଣର ଛାଇ । କାଠ ପାଲଟିଗଲା ସେ । କୃଷ୍ଣ ଡିଆଁଟେ ମାରି ସିଂହାସନ ଉପରେ ଚଢ଼ିଗଲେ । କଂସର ରାଜମୁକୁଟ ଖସି ପଡିଲା । ତା' ଚୁଟିକି ଧରି କଂସକୁ ଘୋଷାଡ଼ି ଆଣିଲେ । ବିଧା ଗୋଇଠା ସବୁ ତା' ଦେହରେ ଅଜାଡ଼ି ହୋଇ ପଡ଼ିଲା । କଂସର ତିଳେ ହେଲେ ପ୍ରତିରୋଧ ଶକ୍ତି ନଥିଲା । ରାମକୃଷ୍ଣଙ୍କ ପଦାଘାତରେ ସେ ରକ୍ତବାନ୍ତି କରି ପକାଇଲା । ପାଟି ଭିତରୁ ଜିଭ ଆଗକୁ ଟାଣି ହୋଇ ଆସିଲା । ଗାଁ ଗାଁ ରଡ଼ି ଛାଡ଼ିବା ପରେ କଂସର ପ୍ରାଣବାୟୁ ଉଡ଼ିଗଲା । ସିଂହାସନ ତଳେ ତା' ଶବ ପଡ଼ି ରହିଲା ।

ରାମକୃଷ୍ଣ ମାଆ ଦେବକୀ ଓ ପିତା ବସୁଦେବଙ୍କ ପାଖକୁ ଯାଇ ସେମାନଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଦେବକୀ ଦୁଇ ପୁଅକୁ କୁଣ୍ଢାଇ ପକାଇଲେ । ତାଙ୍କ ଆଖିରୁ ଆନନ୍ଦାଶ୍ରୁ ବହି ଚାଲିଲା । ସେ ସାଙ୍ଗସାଥିଙ୍କ ସହିତ ମାଆ ବାପାଙ୍କୁ ପରିଚିତ କରାଇଲେ । ସଭାସଦ୍‌ମାନେ ଫୁଲ୍‌ମାଳ ଆଣି ରାମକୃଷ୍ଣଙ୍କ ଗଳାରେ ପକାଇଲେ । ସେମାନଙ୍କ ଆଶୀର୍ବାଦ ଭିକ୍ଷା କଲେ ।

ସଙ୍ଗେ ସଙ୍ଗେ ରାଜକାର୍ଯ୍ୟ ଆରମ୍ଭ । ଦି’ ଭାଇ ପ୍ରଥମେ ଅଜା ଉଗ୍ରସେନଙ୍କୁ ଜେଲଖାନାରୁ ମୁକୁଳାଇଲେ । ତାଙ୍କୁ ମଥୁରାର ରାଜା କରାଇଲେ । ମଥୁରାର ପୂର୍ବ ଅବସ୍ଥା ଫେରି ଆସିଲା । ରାମକୃଷ୍ଣ ପିଲାଦିନୁ ଏପର୍ଯ୍ୟନ୍ତ ନନ୍ଦଙ୍କ ଘରେ ରହି ଆସିଥିଲେ । ବସୁଦେବ ଦେବକୀ ସେମାନଙ୍କ ବ୍ରତୋପନୟନ କରାଇଲେ । ମହର୍ଷି ଗାର୍ଗ ଯଥାବିଧି ସଂସ୍କାର କଲେ । ତା’ ପରେ ରାମକୃଷ୍ଣ ଗଲେ ଅବନ୍ତୀନଗର । ସେଠି ସନ୍ଦୀପନୀଙ୍କ ଗୁରୁକୁଳ ଆଶ୍ରମରେ ବେଦାଦି ଶାସ୍ତ୍ର ଅଧ୍ୟୟନ କଲେ । ଦୁଇଭାଇ ଥିଲେ ଶ୍ରୁତିଧର । ଶୁଣିବାମାତ୍ରେ ସେମାନେ ମନେ ରଖି ପାରୁଥିଲେ । ତେଣୁ ଅଳ୍ପଦିନ ଭିତରେ ସର୍ବଶାସ୍ତ୍ରରେ ପାରଦର୍ଶୀ ହୋଇ ସେମାନେ ଘରକୁ ଫେରିଲେ ।

ଉଗ୍ରସେନ ଅବଶ୍ୟ ରାଜଗାଦିରେ ବସିଥିଲେ କିନ୍ତୁ ଶାସନ କାର୍ଯ୍ୟ ଚଳାଉଥିଲେ ବଳରାମ ଓ ଶ୍ରୀକୃଷ୍ଣ । ମଗଧର ରାଜା ଜରାସନ୍ଧ । କଂସର ଶ୍ୱଶୁର । ତାଙ୍କର ଦୁଇଝିଅ ହେତି ଓ ପ୍ରହେତି । ବିଧବା ହେବା ପରେ ସେମାନେ ବାପ ଘରକୁ ପଳାଇ ଯାଇଥିଲେ । ତେଣୁ କଂସର ଘାତକ ରାମ ଓ କୃଷ୍ଣଙ୍କ ଉପରେ ଜରାସନ୍ଧଙ୍କର ଭୀଷଣ ରାଗ । ସେ ସତରଥର ମଥୁରା ଆକ୍ରମଣ କଲା । ପ୍ରତିଥର ପରାଜିତ ହେଲା । ପରାଜୟର ଗ୍ଲାନିରେ ଭାଙ୍ଗି ପଡ଼ିଲା ସେ । ବହୁ ସୈନ୍ୟ ସଂଗ୍ରହ କରି ଆଉଥରେ ଆକ୍ରମଣ କରିବାକୁ ଆୟୋଜନ କଲା ସେ । ରାମକୃଷ୍ଣ ଭାବିଲେ, ମଥୁରାରେ, ଆଉ ଶାନ୍ତିରେ ରହି ହେବ ନାହିଁ । ଜରାସନ୍ଧ ସହଜେ ମରିବନି । ଯୁଦ୍ଧ କରି କରି ଯାଦବ ସୈନ୍ୟମାନେ କ୍ଲାନ୍ତଶ୍ରାନ୍ତ । ଅର୍ଥଶୂନ୍ୟ । ଯୁଦ୍ଧର ପ୍ରତିକ୍ରିୟା ଅତ୍ୟନ୍ତ ଉତ୍କଟ । ଲୋକେ ପେଟକୁ ମୁଠେ ଖାଇବାକୁ ପାଇଲେ ନାହିଁ । ଭାଳେଣି ପଡ଼ିଗଲା । ମଥୁରା ଛାଡ଼ି ଅନ୍ୟତ୍ର ଚାଲିଯିବା ପାଇଁ ସେମାନେ ସ୍ଥିର କଲେ । ଯାଦବବୀରମାନେ ରାମକୃଷ୍ଣଙ୍କ ପ୍ରସ୍ତାବକୁ ଗ୍ରହଣ କଲେ । ମଥୁରାବାସୀ ସମସ୍ତେ ଚାଲିଗଲେ ପଶ୍ଚିମ ଦିଗକୁ । ଦୂରସ୍ଥାନକୁ । ରାମକୃଷ୍ଣ ଭାବିଲେ ସେମାନେ କୁଆଡ଼େ ଗଲେ, ଜରାସନ୍ଧ ଜାଣି ପାରିବ ନାହିଁ । ମଥୁରା ନିଛାଟିଆ । ଜନଶୂନ୍ୟ । ଜରାସନ୍ଧ ବିପୁଳ ସୈନ୍ୟବାହିନୀ ସହିତ ପୁଣି ମଥୁରା ଆକ୍ରମଣ କଲା । କାହାକୁ ନ ପାଇ ଫେରିଗଲା ସତ ନିଶ୍ଚିନ୍ତ ରହିଲା ନାହିଁ । ଦୂତ ପଠାଇ ଖୋଜ ଖବର ନେଲା । ମଗଧର ରାଜା ସେ ।

ଖୁବ୍ ଚତୁର । ତା'ର ଜନ୍ମ ବୃତ୍ତାନ୍ତ ଅଦ୍ଭୁତ । ସେ ଏକ ବିରାଟ କାହାଣୀ । ପୂର୍ବରୁ ଏ କଥା ଉଲ୍ଲେଖ କରାଯାଇଚି । ଯାହାହେଉ ଜରାସନ୍ଧ ମିତ୍ରରାଜ୍ୟର ରାଜାମାନଙ୍କୁ ଏକାଠି କରି ପ୍ରବଳ ବଳ ବିକ୍ରମରେ ସେ ପଶ୍ଚିମପଥରେ ଅଭିଯାନ କଲା ।

ରାମକୃଷ୍ଣଙ୍କ ପୀଉସା ଚେଦିର ରାଜା ଏ ଖବର ପାଇଲେ । ସେ ବଛା ବଛା ସୈନ୍ୟଙ୍କୁ ନେଇ ଜରାସନ୍ଧର ପିଛା କଲେ । ରାମକୃଷ୍ଣ ସେତେବେଳେ ଗୋମନ୍ତ ପର୍ବତ ଉପରେ ରହୁଥିଲେ । ଜରାସନ୍ଧ ସେ ରାଜ୍ୟ ଆକ୍ରମଣ କଲା । ପାର୍ବତ୍ୟ ଅଞ୍ଚଳରେ ରହି ରାମକୃଷ୍ଣ ନିଜ ସୈନ୍ୟମାନଙ୍କୁ ଲୁଚିଛପି (ଗରିଲା) କିପରି ଯୁଦ୍ଧ କରିବାକୁ ହୁଏ ସେ ତାଲିମ ଦେଇଥିଲେ । ଜରାସନ୍ଧର ସୈନ୍ୟମାନେ ସମତଳର । ଏକେ ତ ଅପରିଚିତ ସ୍ଥାନ, ଦ୍ୱିତୀୟରେ ବଣ ଜଙ୍ଗଲ । ଜରାସନ୍ଧର ବହୁ ସୈନ୍ୟ ମଲେ । ଚେଦିର ସୈନ୍ୟ ଓ ଯାଦବ ସୈନ୍ୟ ମିଶି ଜରାସନ୍ଧ ଓ ତା'ର ବନ୍ଧୁବାନ୍ଧବମାନଙ୍କୁ ଏପରି ଚେଁଖେ ଦେଲେ ଯେ ଯେଉଁ ଅଳ୍ପ କେତେକ ସୈନ୍ୟ ଥିଲେ, ସେମାନେ ପ୍ରାଣ ରକ୍ଷାଲାଗି ଗୋମନ୍ତ ଛାଡ଼ି କିଏ କୁଆଡ଼େ ପଳାଇଲେ । ସେମାନଙ୍କ ତମ୍ବୁ, ଅସ୍ତ୍ରଶସ୍ତ୍ର ସବୁ ପଡ଼ି ରହିଲା ।

ମଥୁରା ଛାଡ଼ି ଆସିଲେ ମଧ ଜରାସନ୍ଧଠୁଁ ତ୍ରାହି ନାହିଁ । ତେଣୁ ଚେଦି ରାଜାଙ୍କ ପରାମର୍ଶ କ୍ରମେ ରାମକୃଷ୍ଣ ଯାଦବମାନଙ୍କ ସହିତ ପୁଣି ମଥୁରାକୁ ଫେରି ଆସିଲେ । ମଥୁରା ସମତଳ ଭୂଇଁ । ଚାରିଆଡୁ ଅବରୋଧ କରିବା ସହଜ । ଜରାସନ୍ଧ ପୁଣି ସୈନ୍ୟ ଠୁଳ କରି ଆକ୍ରମଣ କରିପାରେ । କ'ଣ କରାଯିବ, ସେ ସଂପର୍କରେ ରାମକୃଷ୍ଣ ପରାମର୍ଶ କଲେ । ସ୍ଥିର ହେଲା ଦ୍ୱାରାବତୀ (ଦ୍ୱାରକା) ଚାଲିଯିବେ । ଏହିଠି ରାଜଧାନୀ କରାଯିବ । ସ୍ଥାନଟିର ଚାରିପଟେ ସମୁଦ୍ର । ତେଣୁ ସବୁଠୁ ଅଧିକ ନିରାପଦ ।

●

॥ ୧୯୭ ॥

# ବଳରାମଙ୍କ ତୀର୍ଥଯାତ୍ରା

ଦ୍ୱାରକାରେ ରାମକୃଷ୍ଣ ଏକ ଅଭେଦ୍ୟ ଦୁର୍ଗ ନିର୍ମାଣ କଲେ । ଇମିତି ଦୁର୍ଗ ଯେ ଏହାର ଦ୍ୱାର କେଉଁଠି ବାହାରକୁ କିଛି ଜଣା ପଡୁ ନଥିଲା । 'ଦ୍ୱାର କହାଁ'ରୁ ସ୍ଥାନଟିର ନାମ 'ଦ୍ୱାରକା' ହେଲା ବୋଲି କେହି କେହି କହିଥାଆନ୍ତି । ଚାରିପଟେ ସମୁଦ୍ର । ଇଏ ଏକ ଦ୍ୱୀପ ବା ଟାପୁ ଭଳି । ଏଠି ରହି ରାମକୃଷ୍ଣ ''ନାରାୟଣୀସେନା'' ନାମରେ ଏକ ବିରାଟ ସେନାବାହିନୀ ଗଠନ କଲେ । ଶ୍ରୀକୃଷ୍ଣ ଥିଲେ ଯୁଦ୍ଧ କୌଶଳରେ ଅଦ୍ୱିତୀୟ ।

ବଳରାମ ଗଦାଯୁଦ୍ଧରେ ନିପୁଣ । ଭାରତବର୍ଷରେ ସର୍ବଶ୍ରେଷ୍ଠ ବୀର । ଶତ୍ରୁ ସଂହାରରେ ଅଜେୟ । ସେ ଲଙ୍ଗଳ ଭଳି ଏକ ତୀକ୍ଷ୍ଣ ଅସ୍ତ୍ର ତିଆରି କରିଥିଲେ । ଭୂଇଁ ଚଷିଲା ଭଳି ସେ ଏହି ଲଙ୍ଗଳାସ୍ତ୍ରରେ ଶତ୍ରୁବ୍ୟୁହ ଭିତରେ ପଶି ସୈନ୍ୟମାନଙ୍କୁ ଚଷି ପକାଉଥିଲେ । ତାଙ୍କ ଦେହରେ ଏତେ ବଳ ଥିଲା ଯେ ସମସ୍ତେ ଭାବୁଥିଲେ ସେ ବଳର ଦେବତା, 'ବଳଦେବ' । ବଳରାମ । ଲଙ୍ଗଳ ତାଙ୍କର ଅସ୍ତ୍ର ଥିବାରୁ ତାଙ୍କୁ 'ହଳଧର', 'ହଳୀରାମ' ମଧ୍ୟ କୁହାଯାଉଥିଲା ।

ଇତି ମଧ୍ୟରେ ରାମ ଓ କୃଷ୍ଣଙ୍କ ବିବାହ ହୋଇ ଯାଇଚି । କୁଶସ୍ଥଳୀର ରାଜା ଥିଲେ ରେବନ୍ତ । ତାଙ୍କର ରୂପବତୀ କନ୍ୟା ରେବତୀଙ୍କ ସହିତ ବଳରାମଙ୍କ ବିବାହ ସଂପନ୍ନ ହେଲା । ବିଦର୍ଭ ରାଜ୍ୟର ରାଜା ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀଙ୍କୁ ହରଣ କରି ଶ୍ରୀକୃଷ୍ଣ ବିବାହ କଲେ । ରୁକ୍ମିଣୀଙ୍କ ଭାଇ ରୁକ୍ମ ଭଉଣୀକୁ ତାଙ୍କ ବନ୍ଧୁ ଶିଶୁପାଳ ସହିତ ବିବାହ ଦେବାକୁ ଚାହୁଁଥିଲେ । କିନ୍ତୁ ରୁକ୍ମିଣୀ ଚାହୁଁଥିଲେ ଶ୍ରୀକୃଷ୍ଣଙ୍କୁ । ପୂର୍ବରୁ ରୁକ୍ମିଣୀ ନିଜ ମନକଥା ଜଣାଇ ଜଣେ ବ୍ରାହ୍ମଣ ଦୂତ ହାତରେ ଶ୍ରୀକୃଷ୍ଣଙ୍କ ପାଖକୁ ଖବର ପଠାଇଲେ । ଶିଶୁପାଳ ବରବେଶରେ ସଜ୍ଜିତ ହୋଇ ବସିଥିଲା । ରୁକ୍ମିଣୀ କନ୍ୟା ବେଶରେ ସଜ୍ଜିତ ହୋଇ ଇଷ୍ଟଦେବୀଙ୍କ ଦର୍ଶନ କରିବାକୁ ଗଲାବେଳେ ଶ୍ରୀକୃଷ୍ଣ ତାଙ୍କୁ ହରଣ କରି ନେଇ ଆସିଥିଲେ । ଏହି ଘଟଣାରେ ଶଳା ଭିଣୋଇଙ୍କ ମଧ୍ୟରେ ଖଣ୍ଡେ ପଟେ ଲଢ଼େଇ ହୋଇଯାଇଥିଲା । ରୁକ୍ମ ଘୋଷଡ଼ା ଖାଇ କ୍ଷତବିକ୍ଷତ ହୋଇଥିଲେ । କିନ୍ତୁ ପରବର୍ତ୍ତୀ କାଳରେ ରୁକ୍ମିଣୀଙ୍କ ପୁତ୍ର ପ୍ରଦ୍ୟୁମ୍ନଙ୍କର, ମାମୁଁଝିଅ ଭଉଣୀ ରୁକ୍ମକନ୍ୟା ଶୁଭାଙ୍ଗୀଙ୍କ ସହିତ ବିବାହ ହୋଇଥିଲା । ସେତେବେଳେ କ'ଣ ଏବେ ମଧ୍ୟ କେତେକ କ୍ଷେତ୍ରରେ ଏଭଳି ବିବାହ ପ୍ରଚଳିତ ।

ଏହି ବିବାହ ଉପଲକ୍ଷେ ବିଦର୍ଭର ରାଜଧାନୀ କୁଣ୍ଡିନ ନଗରରେ ବଳରାମ କେତେଦିନ ରହିଥିଲେ । ସେତେବେଳେ ରାଜା ମହାରାଜାଙ୍କ ଭିତରେ ପଶାଖେଳର ପ୍ରଥାକୁ ସମ୍ମାନଜନକ ଖେଳ ବୋଲି ମନେ କରାଯାଉଥିଲା । ଯିଏ ଏହି ଖେଳରେ ଯେତେ ପାରଙ୍ଗମ ସିଏ ସେତେ ସମ୍ମାନିତ । ଖେଳ ନ ଜାଣିଥିବା ରାଜାକୁ ନ୍ୟୁନ ମନେ କରାଯାଉଥିଲା । ବଳରାମ ଜଣେ ବୀର ପୁରୁଷ । ସେ ଏ ଖେଳକୁ ଆଦୌ ପସନ୍ଦ କରୁ ନ ଥିଲେ । ସ୍ୱୟମ୍ବର ଉପଲକ୍ଷେ ଦାକ୍ଷିଣାତ୍ୟର ବହୁ ରାଜା ଆସିଥିଲେ । ସମସ୍ତେ ଜୁଆଚୋର, କଳହପ୍ରିୟ । ବଳରାମ ଶାନ୍ତଶିଷ୍ଟ ସରଳ । ସେମାନେ ତାଙ୍କୁ ପଶାଖେଳିବାକୁ ଧରି ବସିଲେ । ବାଧ ହୋଇ ସେ ଖେଳିଲେ । ଖେଳରେ ମନ ନ ଥିଲେ, ହାରିବା ସୁନିଶ୍ଚିତ ।

ଅବହେଳା ଯୋଗୁଁ ବଳରାମ ପ୍ରଥମେ ପ୍ରଥମେ ହାରିଲେ । ରାଜାମାନେ ବିଶେଷତଃ ଶାଳକ ରୁକ୍ମ ଥଟ୍ଟା ପରିହାସ କଲେ । ଉପହାସ ପରିଶେଷରେ ଉତ୍ତେଜନାରେ ପରିଣତ ହେଲା । ଅଭଦ୍ରତା ବଢ଼ିଲା । ବଳରାମ ଏଣିକି ଏପରି ମନ ଦେଇ ଖେଳିଲେ ଯେ ପ୍ରତିପକ୍ଷ ବାରମ୍ବାର ପରାଜିତ ହେଲେ । କିନ୍ତୁ ସେମାନେ ପରାଜୟକୁ ସ୍ୱୀକାର ନ କରି ବଳରାମଙ୍କୁ ଉତ୍ତେଜିତ କରିବା ଭଳି କଟୁ କଥା କହିଲେ । ବଳରାମଙ୍କ ପକ୍ଷରେ ପରିହାସ ଅସହ୍ୟ ହୋଇପଡ଼ିଲା । ସେ ରୁକ୍ମଙ୍କୁ ଦ୍ୱନ୍ଦ୍ୱଯୁଦ୍ଧ ଲାଗି ଆହ୍ୱାନ କଲେ । ରାଜାମାନେ ଭାବିଥିଲେ ଯେ ବଳରାମ ଅତି ଶାନ୍ତ ସରଳ ନିରହଂକାର । ତାଙ୍କର ବଳକୁ ସେମାନେ କଳନା କରି ନଥିଲେ । ଅବଲୀଳାକ୍ରମେ ଦ୍ୱନ୍ଦ୍ୱ ଯୁଦ୍ଧରେ ରୁକ୍ମ ନିହତ ହେଲେ । ଥଟ୍ଟା କରୁଥିଲ ତ ଆସ ମୋ ସହିତ ଲଢ଼ିବ ବୋଲି ବଳରାମ ଉପସ୍ଥିତ ରାଜାମାନଙ୍କୁ ଆହ୍ୱାନ କଲେ । କିନ୍ତୁ ରୁକ୍ମ ନିହତ ହେବାର ଦେଖି ସବୁ ରାଜା ଲାଙ୍ଗୁଡ଼ ଜାକିଲେ । କିଏ କୁଆଡ଼େ ଦୌଡ଼ି ପଳାଇଲେ ।

ସେତେବେଳେ କନ୍ୟା ହରଣ କରି ବିବାହ କରିବା କ୍ଷତ୍ରିୟ ପକ୍ଷରେ ଗୌରବର ବିଷୟ ମନେ କରାଯାଉଥିଲା । କାରଣ ସେଥିରେ ବୀରତ୍ୱ ପ୍ରକାଶ ପାଇଥାଏ । ଦୁର୍ଯ୍ୟୋଧନର କନ୍ୟା ଲକ୍ଷଣାର ସ୍ୱୟଂବରବେଳେ ମଧ ଏପରି ଘଟଣା ଘଟିଥିଲା । ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଲକ୍ଷଣାଙ୍କୁ ହରଣ କରିନେଲେ । ଉପସ୍ଥିତ ରାଜକୁମାରମାନେ ମିଳିତ ହୋଇ ଶାମ୍ବକୁ ଧରି ବାନ୍ଧି ପକାଇଥିଲେ । ବଳରାମ ଶାମ୍ବକୁ ଉଦ୍ଧାର କରିବାକୁ ଯିବାରେ ରାଜକୁମାରମାନେ ଭୟରେ ଶାମ୍ବକୁ ଛାଡ଼ି ଦେବାକୁ ଚାହିଁଲେ । କିନ୍ତୁ ଦୁର୍ଯ୍ୟୋଧନ ରାଜି ହେଲାନି ।ବଳରାମଙ୍କ ସହିତ ତାଙ୍କର ଯୁଦ୍ଧ ହେଲା । ବଳରାମ କ୍ରୋଧରେ ଜଳି ଉଠିଲେ । ସେ ଗଦା ଓ ଲଙ୍ଗଳାସ୍ତ୍ର ସହିତ ଏପରି ଯୁଦ୍ଧ କଲେ ଯେ, ହସ୍ତିନାପୁରରେ ହାହାକାର ପଡ଼ିଗଲା । ସୈନ୍ୟ ସଂହାର କରି ସେ ଦୁର୍ଗ ପାଚେରୀ ସବୁ ଉପାଡ଼ି ଚୂର୍ଣ୍ଣବିଚୂର୍ଣ୍ଣ କରି ପକାଇଲେ । ଦୁର୍ଯ୍ୟୋଧନ ଭୟରେ ଥରହର । ସେ ଶାମ୍ବ ହାତରେ କନ୍ୟା ଲକ୍ଷଣାକୁ ସମର୍ପଣ କରିବାକୁ ବାଧ ହେଲା । ବଳରାମଙ୍କୁ ନିଜର ଗୁରୁ କଲା । ତାଙ୍କଠୁ ଗଦାଯୁଦ୍ଧ ଶିକ୍ଷା କରିବାକୁ ଇଚ୍ଛା କଲା । ବଳରାମ ସ୍ୱୟଂ ଶିବ । ଆଶୁତୋଷ । କ୍ଷଣିକେ ସେ ଶତ୍ରୁତାକୁ ଭୁଲି ଦୁର୍ଯ୍ୟୋଧନକୁ ମନଖୋଲି ଗଦାଯୁଦ୍ଧ ଶିକ୍ଷା ଦେଲେ । ତାଙ୍କରି ଶିକ୍ଷା ଯୋଗୁ ଦୁର୍ଯ୍ୟୋଧନ ଗଦାଯୁଦ୍ଧରେ ଅଜେୟ ରହିଥିଲା ।

ବଳରାମଙ୍କ ଭଗ୍ନୀ ସୁଭଦ୍ରା । ସେ ଦୁର୍ଯ୍ୟୋଧନ ସହିତ ସୁଭଦ୍ରାଙ୍କ ବିବାହ କରାଇବା ପାଇଁ ଚାହିଁଥିଲେ । କିନ୍ତୁ ଶ୍ରୀକୃଷ୍ଣ ଚାହିଁଲେନି । ଏକଦା ଅର୍ଜୁନ ବିଭିନ୍ନ ସ୍ଥାନ ଭ୍ରମଣ କରି ରାମକୃଷ୍ଣଙ୍କ ପାଖରେ ରହିଥିଲେ । ଶ୍ରୀକୃଷ୍ଣଙ୍କ ଇଙ୍ଗିତରେ ଦିନେ ଅର୍ଜୁନ ସୁଭଦ୍ରାଙ୍କୁ

ସାଙ୍ଗରେ ନେଇ ପଳାଇଲେ । ଭାଇ କୃଷ୍ଣର ଏ କାଣ୍ଡ ବୋଲି ସେ ଜାଣି ନଥିଲେ । ଅର୍ଜୁନଙ୍କୁ ଧରିବା ଲାଗି ସେ ଯାଦବ ସୈନ୍ୟମାନଙ୍କୁ ପଠାଇଲେ । ଯାଦବ ସୈନ୍ୟମାନେ ଅର୍ଜୁନଙ୍କୁ ଆକ୍ରମଣ କଲେ । କିନ୍ତୁ ଦେଖିଲେ ସୁଭଦ୍ରା ସାରଥି ହୋଇ ରଥ ଚଳାଉଛନ୍ତି । ସେମାନେ ଯୁଦ୍ଧ ନ କରି ଫେରି ଆସିଲେ । ଭାଇ କୃଷ୍ଣର ମନ୍ତ୍ରଣାରେ ସୁଭଦ୍ରା ହରଣ ହୋଇଚି ଜାଣିବା ପରେ ବଳରାମଙ୍କ କ୍ରୋଧ ଶାନ୍ତ ହେଲା । ଯୁଦ୍ଧ-ଆୟୋଜନ ବିବାହ ଉତ୍ସବ ପାଲଟିଲା । ବଳରାମ ବରକନ୍ୟାଙ୍କୁ ବେଦିରେ ବସାଇ ଶାସ୍ତ୍ରମତେ ବିବାହକାର୍ଯ୍ୟ ସମ୍ପନ୍ନ କଲେ ।

ଶ୍ରୀକୃଷ୍ଣ ଜାଣିଥିଲେ ଭାଇଙ୍କ ହୃଦୟ ଅତି ସରଳ, କୋମଳ । ତେଣୁ ମଝି ମଝିରେ ମଜା ଦେଖିବା ଲାଗି ବଳରାମଙ୍କୁ ତତେଇ ଦେଉଥିଲେ । ଯେତେ ରାଗିଲେ ମଧ୍ୟ ବଳରାମ କାହା ମନରେ କଷ୍ଟ ଦେବାଭଳି କୌଣସି କାର୍ଯ୍ୟ କରୁ ନଥିଲେ । ସେ ଯାହା ଚାହାଁନ୍ତି ନାହିଁ, ଶ୍ରୀକୃଷ୍ଣ କରି ବସିଲେ, ତାଙ୍କୁ ସେ କୌଣସି ବାଧା ଦେଉ ନଥିଲେ । କିନ୍ତୁ ସେପରି କାର୍ଯ୍ୟରେ ସେ ନିଜକୁ ସଂପୃକ୍ତ କରୁ ନଥିଲେ । ସାନଭାଇକୁ ଏତେ ଭଲ ପାଉଥିଲେ ଯେ ସେ କୌଣସି ବିଷୟରେ ତାଙ୍କୁ ଟିକେ ହେଲେ ବିରକ୍ତ କରାଉ ନଥିଲେ । କହୁଥିଲେ, ତୁ ଯାହା ଭଲ ଭାବୁଛୁ କର । ଶ୍ରୀକୃଷ୍ଣଙ୍କ ସମଗ୍ର ଜୀବନ ଯୁଦ୍ଧ କରିବା, ଯୁଦ୍ଧ କରାଇବାରେ ଗଲା; କିନ୍ତୁ ବଳରାମ ଯୁଦ୍ଧକୁ ଭଲ ପାଉ ନଥିଲେ । ଅନ୍ୟାୟ, ଅତ୍ୟାଚାର, ଅବିଚାର, ଅନାଚାର ଦେଖିଲେ ସେ ଖଡ୍ଗହସ୍ତ ହେଉଥିଲେ । ଜଣେ ସଚ୍ଚୋଟ କ୍ଷତ୍ରିୟ ଭାବରେ ଭାବୁଥିଲେ ଅନ୍ୟାୟର ପ୍ରତିକାର କରିବା ତାଙ୍କର ଧର୍ମ । ତେଣୁ କର୍ତ୍ତବ୍ୟବୋଧ ଦୃଷ୍ଟିରୁ ତାଙ୍କୁ ଯୁଦ୍ଧ କରିବାକୁ ପଡୁଥିଲା ।

କୁରୁପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧର ସମ୍ଭାବନା କଥା ଶୁଣି ବଳରାମ ବ୍ୟଥିତ ହୋଇପଡ଼ିଲେ । ସେ କୃଷ୍ଣଙ୍କୁ ହସ୍ତିନା ପଠାଇଲେ ବିବାଦ ମେଣ୍ଟାଇବା ପାଇଁ । ସେ ଜାଣିଥିଲେ କୃଷ୍ଣଙ୍କର ବିଚକ୍ଷଣ ବୁଦ୍ଧି । ସେ ନିଶ୍ଚୟ ଶାନ୍ତିସ୍ଥାପନ କରିପାରିବ । କିନ୍ତୁ ଦୁର୍ଯ୍ୟୋଧନ କୃଷ୍ଣଙ୍କ ପ୍ରସ୍ତାବକୁ ନାକଚ କରିଦେଲା । ବଳରାମ ଭାବିଥିଲେ, ଦୁର୍ଯ୍ୟୋଧନ ଶିଷ୍ୟ ଭାବରେ ଗୁରୁଙ୍କ କଥା ରଖିବ । କିନ୍ତୁ ସମାଧାନ ହୋଇ ପାରିଲା ନାହିଁ । କୃଷ୍ଣ ଫେରିଆସି ଏ ଖବର ଦେବାରେ ବଳରାମ ମର୍ମାହତ ହୋଇ ପଡ଼ିଲେ । କୁରୁପାଣ୍ଡବଙ୍କ ଯୁଦ୍ଧ ଆଖିରେ ଦେଖିବେନି ଭାବି ସେ ତୀର୍ଥଯାତ୍ରା ବାହାନାରେ ଦ୍ୱାରକା ଛାଡ଼ି ଅନ୍ୟତ୍ର ଚାଲିଗଲେ ।

## ।। ୧୯୮ ।।

# ବଳରାମଙ୍କ ବ୍ରହ୍ମହତ୍ୟା

ବଳରାମ ତୀର୍ଥ ଦର୍ଶନ ଲାଗି କେତେକ ପବିତ୍ର ସ୍ଥାନ ପର୍ଯ୍ୟଟନ କଲେ । ପହଞ୍ଚିଲେ ନୈମିଷାରଣ୍ୟରେ । ଋଷିମାନେ ସେଠି ଏକ ଯଜ୍ଞାନୁଷ୍ଠାନ କରୁଥିଲେ । ଏ ଉପଲକ୍ଷେ ସେଠାରେ ପୁରାଣପାଠ ହେଉଥିଲା । ବ୍ୟାସ ଆସନରେ ବସିଥିଲେ ମୁନି ଲୋମହର୍ଷଣ । ବଳରାମ ସେଠାରେ ଉପସ୍ଥିତ ହେବାମାତ୍ରେ ମୁନିଋଷିମାନେ ତାଙ୍କୁ ଯଥାବିଧି ଅଭ୍ୟର୍ଥନା କଲେ । କିନ୍ତୁ ଲୋମହର୍ଷଣ ତାଙ୍କ ଆସନରେ ସ୍ଥିରଚିତ୍ତରେ ବସି ରହିଲେ । ବଳରାମଙ୍କ କ୍ରୋଧ ଜାତ ହେଲା । ଭାବିଲେ ବ୍ୟାସ ଆସନରେ ବସିଚି ବୋଲି ଋଷିଟାର ଏତେ ଗର୍ବ ! ଏତେ ଔଦ୍ଧତ୍ୟ ! ସମସ୍ତେ ତାଙ୍କୁ ପାଛୋଟିଲେ । ଅଥଚ... । ସେ ଲୋମହର୍ଷଣଙ୍କୁ ଏପରି ଜୋର୍‌ରେ ଆଘାତ କଲେ ଯେ ସେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ଟଳି ପଡ଼ିଲେ । ତାଙ୍କ ପ୍ରାଣବାୟୁ ଉଡ଼ିଗଲା ।

ଋଷିମାନେ ବ୍ୟଥିତ ହେଲେ । ହାୟ, ହାୟ କଲେ । ବଳରାମଙ୍କର ସେତେବେଳକୁ କ୍ରୋଧ ଶାନ୍ତ ହୋଇ ଆସିଥିଲା । ସେ କହିଲେ, ଅହଂକାରୀ ଲୋମହର୍ଷଣଙ୍କୁ ସେ ଉଚିତ ଦଣ୍ଡ ଦେଇଛନ୍ତି । ଋଷିମାନେ ବଳରାମଙ୍କୁ ବୁଝେଇ କହିଲେ, ଯିଏ ବ୍ୟାସ ଆସନରେ ବସନ୍ତି ସେ କାହାକୁ ଅଭିବାଦନ କରି ନଥାଆନ୍ତି । ଏହା ହେଉଛି ଶାସ୍ତ୍ରୋଚିତ ନିୟମ । ବଳରାମ ବୁଝିବା ପରେ ଅନୁତପ୍ତ ହେଲେ । ପ୍ରାୟଶ୍ଚିତ କରିବାକୁ ଚାହିଁଲେ । ଋଷିମାନେ କହିଲେ, ବ୍ରହ୍ମହତ୍ୟା ହେଉଛି ସବୁଠୁ ଜଘନ୍ୟ ପାପ । ପ୍ରାୟଶ୍ଚିତ କରିବାକୁ ହେଲେ ସବୁ ତୀର୍ଥ ଭ୍ରମଣ କରିବାକୁ ପଡ଼ିବ । ଭାରତର ସମସ୍ତ ତୀର୍ଥ ଜଳରେ ସ୍ନାନ କରିବାକୁ ପଡ଼ିବ ।

ବଳରାମ ନୈମିଷାରଣ୍ୟରୁ ଦ୍ୱାରକା ଫେରି ଯିବା ଲାଗି ଭାବିଥିଲେ । କିନ୍ତୁ ବିଧିର ବିଧାନ ଅଲଗା । ସେ ଫେରି ଯାଇଥିଲେ, କୁରୁକ୍ଷେତ୍ର ଯୁଦ୍ଧରେ ଯେଉଁ ଅନ୍ୟାୟ ଓ ନିର୍ମମ କାର୍ଯ୍ୟ ହେଲା ହୁଏତ ତାହା ହୋଇ ନଥାଆନ୍ତା । କିନ୍ତୁ ମହାଭାରତ ଯୁଦ୍ଧର ଯଥେଷ୍ଟ ଆବଶ୍ୟକତା ଥିଲା । ତାହା ହୋଇ ନଥିଲେ ରାଜାମାନଙ୍କର ଚରିତ୍ର ପ୍ରକାଶ ପାଇ ନଥାଆନ୍ତା । ମନୁଷ୍ୟ ସମାଜର ଶିକ୍ଷା ହୋଇ ନଥାଆନ୍ତା । ବଳରାମଙ୍କ ହସ୍ତକ୍ଷେପ ଫଳରେ ହୁଏତ ଯୁଦ୍ଧ ହୋଇ ନଥାଆନ୍ତା, ହୋଇ ନଥିଲେ କ୍ଷତ୍ରିୟ ରାଜାମାନେ ଯେପରି କଳୁଷିତ ହୋଇ ପଡ଼ିଥିଲେ, ପାପ ଯେଉଁ ପରିମାଣରେ ବଢ଼ି ବଢ଼ି ଚାଲିଥିଲା, ତାହା ଅତିରିକ୍ତ ହୋଇ ପଡ଼ିଥାଆନ୍ତା । ତେଣୁ ଭଗବାନ କୌଶଳକ୍ରମେ ବଳରାମଙ୍କୁ କୁରୁକ୍ଷେତ୍ର ଯୁଦ୍ଧରୁ ଦୂରେଇ ନେଲେ । ସମଗ୍ର ଭାରତର ରାଜାମାନେ ସେମାନଙ୍କ ଥାଟପାଟ ସହିତ ଯେ

ଏହି ଯୁଦ୍ଧରେ ଯୋଗ ଦେବେ ଏବଂ କ୍ଷତ୍ରିୟକୁଳ ଯେ ନିର୍ମୂଳ ହୋଇଯିବେ, ଏକଥା କଳ୍ପନା ସୁଦ୍ଧା କରାଯାଇ ନଥିଲା । ଅଥଚ ଯୁଦ୍ଧ ହୋଇଥିଲା ଭାଇଭାଗ ଲାଗି, ଜମି ବଣ୍ଟାକୁ କେନ୍ଦ୍ର କରି ! ଏବେ ମଧ ଭୂମି ଭାଗ ବଣ୍ଟରା ଲାଗି ତୁମୂଳ କାଣ୍ଡ ଘଟୁଚି । ଭାଇ ଭାଇକି ହତ୍ୟା କରୁଚି— ଯାହା ମହାଭାରତ ଯୁଦ୍ଧରେ ଘଟିଥିଲା ।

ବଳଦେବ ପ୍ରାୟଶ୍ଚିତ୍ତ ଲାଗି ତୀର୍ଥାଟନ କରିବାରେ ଲାଗିଛନ୍ତି । ଭାରତରେ ତୀର୍ଥସଂଖ୍ୟା ଅଗଣ୍ୟ । ତା' ଭିତରେ ଯୁଦ୍ଧ ସଂପର୍କରେ ସମ୍ବାଦ ପାଇ ସେ ବିଚଳିତ । ସେ ଜାଣୁଥିଲେ, ଯୁଦ୍ଧର ପରିଣତି ଭୟାନକ । ତା'ଛଡ଼ା ଯୁଦ୍ଧ ଖବର ଏ କାନରୁ ସେକାନ ଦେଇ ଅତିରଞ୍ଜିତ ହୋଇ ତାଙ୍କ କାନରେ ପଡ଼ିଲା । ସେ ପ୍ରଭାସ ତୀର୍ଥକୁ ଯିବା ବାଟରେ ଶୁଣିଲେ, କ୍ଷତ୍ରିୟକୁଳ ଧ୍ୱଂସ ପ୍ରାୟ । ଦୁର୍ଯ୍ୟୋଧନ ଏବେ ବି ଜୀବିତ । କିନ୍ତୁ ନାରାୟଣୀ ସେନା ପ୍ରଭୃତି ସମସ୍ତେ ନିହତ ।

ବଳରାମ ଆତୁର ଓ ଆତଙ୍କିତ । ତୀର୍ଥାଟନ ସେତିକିରେ ରହିଲା । ବ୍ରହ୍ମହତ୍ୟା ପାପରୁ ସେ ମୁକ୍ତ ହୁଅନ୍ତୁ ନହୁଅନ୍ତୁ, ସମ୍ଭାଳି ନ ପାରି, ସେ ସିଧାସଳଖ ପହଞ୍ଚିଲେ କୁରୁକ୍ଷେତ୍ରରେ । ଦେଖିଲେ ଭୀମ ଓ ଦୁର୍ଯ୍ୟୋଧନ ମଧରେ ଲଢ଼େଇ ଚାଲିଛି । ବୀଭତ୍ସ ଦୃଶ୍ୟ । ଦୁହେଁ ଯେପରି ପଶୁ ପାଲଟି ଯାଇଛନ୍ତି । ବଳରାମଙ୍କ ଆଖି ବୁଜି ହୋଇଗଲା । ଦୁର୍ଯ୍ୟୋଧନ ବଳରାମଙ୍କ ପ୍ରିୟଶିଷ୍ୟ । ଗଦାଯୁଦ୍ଧରେ ଅଦ୍ୱିତୀୟ । ଭୀମ ଅତି ଆତ୍ମୀୟ । ପିଉସୀ ପୁଅ ଭାଇ । ଦୁହିଁଙ୍କ ମଧରୁ କେହି ମରିବା ସେ ଚାହାଁନ୍ତି ନାହିଁ । ସେ ଲଢ଼େଇରୁ ବିରତ କରିବା ଲାଗି ବହୁତ ବୁଝାଇଲେ । କେହି ବୁଝିଲେ ନାହିଁ । ଭୀମ ହାରିବା ହାରିବା ଭଳି ମନେହେଲା । କିନ୍ତୁ ନିୟମ ଭଙ୍ଗ କରି ଭୀମ ଦୁର୍ଯ୍ୟୋଧନର ଜଙ୍ଘରେ ଗଦାଘାତ କଲେ । ଉରୁ (ଜଙ୍ଘ) ଭଙ୍ଗ ହେବାରେ ଦୁର୍ଯ୍ୟୋଧନ ତଳେ ପଡ଼ିଗଲା । ସେହି ସୁଯୋଗରେ ଭୀମ ଦୁର୍ଯ୍ୟୋଧନର ମଣ୍ଡ ଉପରେ ଗଦାଘାତ କରିବାକୁ ଲାଗିଲେ । ସବୁ ବେନିୟମ । ଗଦାଯୁଦ୍ଧରେ କେହି କାହାର ନାଭି ତଳକୁ ଆଘାତ କରିବା ଅନୁଚିତ । ତଳେ ପଡ଼ିଯାଇଥିବା, ଭୂଲୁଣ୍ଠିତ ଶତ୍ରୁ ଉପରେ ଆଘାତ ମଧ ଘୋର ଅନ୍ୟାୟ ।

ବଳରାମ ସହ୍ୟ କରିପାରିଲେ ନାହିଁ । କ୍ରୋଧରେ ଅଗ୍ନିଶର୍ମା । ଲଙ୍ଗଳାସ୍ତ୍ର ଧରି ସେ ଭୀମଙ୍କୁ ମାରିବା ଲାଗି ଝପଟିଗଲେ । କିନ୍ତୁ ଭାଇ କୃଷ୍ଣ ତାଙ୍କୁ ବିରତ କରାଇଲେ । କହିଲେ, ''ଭାଇ, ତୁମର ମନେଥିବ, ଏହି ଦୁର୍ଯ୍ୟୋଧନର ନିର୍ଦ୍ଦେଶରେ ତା' ଭାଇ ଦୁଃଶାସନ ସଭାସ୍ଥଳରେ ଦ୍ରୌପଦୀକି ଉଲଗ୍ନ କରୁଥିଲା । ଦୁର୍ଯ୍ୟୋଧନ ଭାଇବୋହୂକୁ ନିଜ ଜଙ୍ଘରେ ବସାଇବା ପାଇଁ ଡାକିଥିଲା । ସେତିକିବେଳେ ଭାଇ ଭୀମ ପ୍ରତିଜ୍ଞା କରିଥିଲା, ଦିନେ ନା ଦିନେ ଦୁର୍ଯ୍ୟୋଧନର ଜଂଘଭଙ୍ଗ କରିବ । ଏବେ ସେହି ଶପଥ କାର୍ଯ୍ୟକାରୀ ହୋଇଚି । ଏକଥା କ'ଣ ତୁମର ହେତୁ ନାହିଁ ?''

ବଳରାମ କହିଲେ, ହଁ ମନେ ପଡୁଚି । ଲଙ୍ଗଳ ସହ ଫେରି ଆସିଲେ । ସେ ଜାଣି ପାରିଲେ ଯେ, କୁରୁକ୍ଷେତ୍ର ଯୁଦ୍ଧ ମୂଳରେ ଭାଇ କୃଷ୍ଣର ହାତ ରହିଚି । ସେ ଚୁପ୍‌ଚାପ୍ କୁରୁକ୍ଷେତ୍ର ଛାଡ଼ି ଚାଲିଗଲେ ।

କୁରୁକ୍ଷେତ୍ର ଯୁଦ୍ଧ ପରେ ଭାରତର ଅବସ୍ଥା ଶାନ୍ତ ହୋଇ ଆସିଲା । ଏ ଯୁଦ୍ଧରେ ଶ୍ରୀକୃଷ୍ଣ ଏକାକୀ ପାଣ୍ଡବଙ୍କ ସହିତ ଥିଲେ । କିନ୍ତୁ ସେ ଅର୍ଜୁନଙ୍କ ରଥର ସାରଥି ହୋଇଥିଲେ । ଦୁର୍ଯ୍ୟୋଧନଙ୍କ ପକ୍ଷରେ ଥିଲେ ରାମକୃଷ୍ଣଙ୍କ ସୁଶିକ୍ଷିତ ବୀର ନାରାୟଣୀ ସେନା । ଯୁଦ୍ଧରେ ସମୟ କଟୁଥିଲା, ଯେଉଁସବୁ ଯାଦବବୀରମାନେ ବଞ୍ଚିଥିଲେ, ଘରକୁ ଫେରିଲି । ଏବେ ଆଉ କାମ ନାହିଁ । ସେମାନେ ମଦ ମାଂସ ଖାଇ ସର୍ବଦା ମସ୍ତ ରହିଲେ । ଝଗଡ଼ା ବଢ଼ିଲା । ସେମାନଙ୍କୁ ସମ୍ଭାଳିବା ରାମକୃଷ୍ଣଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ପରିଶେଷରେ ରାମକୃଷ୍ଣ ଏମାନଙ୍କୁ ସାଙ୍ଗରେ ନେଇ ପ୍ରଭାସତୀର୍ଥକୁ ଗଲେ । ସେଠାରେ ମଦ ମାଂସର ବିପୁଳ ଆୟୋଜନ ହୋଇଥିଲା । ମଦ ପିଇ ଯଦୁକୁଳର ବୀରମାନେ ମାତାଲ । ପ୍ରଥମେ ଥଟ୍ଟା ପରିହାସ । ତା'ପରେ ହାତାହାତି । ମରାମରି । କୁରୁକ୍ଷେତ୍ରର ଅଭିନୟ ପ୍ରଭାସ୍ ତୀର୍ଥରେ ହେଲା ।

କୋମଳମତି ଶ୍ରୀରାମ ଯାହା ସବୁ ଘଟିଗଲା, ସେଥିରେ ତାଙ୍କ ମନ କ୍ଷୁଣ୍ଣ ହୋଇ ପଡ଼ିଲା । ସେ ସେହି କୁରୁକ୍ଷେତ୍ରରେ ହିଁ ଯୋଗାସନରେ ବସିଲେ । ଯୋଗାସନରେ ବସିଥିବା ଅବସ୍ଥାରେ ସମାଧିସ୍ଥ ହୋଇ ଗୋଲକ ଧାମକୁ ଫେରିଗଲେ । ଶ୍ରୀକୃଷ୍ଣ ମଧ୍ୟ ସେହି ବାଟ ଧରିଲେ । ଜାଣିଶୁଣି ନିହତ ହେଲେ । ରାମକୃଷ୍ଣଙ୍କ ଚରିତ୍ର ହେଉଚି ନିଷ୍କାମ କର୍ମଯୋଗ । ଏହି କର୍ମଯୋଗ ଅବଲମ୍ବନ କଲେ ମଣିଷ ଶାନ୍ତିଲାଭ କରିପାରେ ।

●

॥ ୧୯୯ ॥

# ରୋଗ-ଜରା-ମରଣ

**ଶା**ସ୍ତ୍ର, ପୁରାଣରେ 'ସତ୍ୟଯୁଗ' ବୋଲି ଏକ ଯୁଗ ଥିଲା – ଏହା କେବଳ ବର୍ଣ୍ଣନାର ବିଷୟ । ଯୁଗ ମଣିଷକୁ ଗଢ଼େ ନ ଥାଏ । ମଣିଷ ହିଁ ଯୁଗକୁ ଗଢ଼େ । ଅନ୍ଧାକାର ଯୋଗୁଁ ଆଲୋକର ପରିଚୟ । ଆଲୋକ ଯୋଗୁଁ ଅନ୍ଧାର । ସେହିଭଳି ମିଥ୍ୟା ବା ଅସତ୍ ଯୋଗୁ ସତ୍ୟ ବା ସତ୍‌ର ପରିଚୟ । ସତ୍ୟ ପୂର୍ବରୁ 'କୃତ' ବୋଲି ଗୋଟିଏ ଯୁଗର କଥା ମଧ୍ୟ ପୁରାଣରେ ରହିଛି । ବର୍ଣ୍ଣମାଳା ଭଳି ଏ ସବୁ ଗୋଟିଏ ଗୋଟିଏ ଯୁଗ । ସନାତନ ଧର୍ମ ହେଉଚି ଚିରନ୍ତନ ସଂସ୍କୃତି । ଏ ସଂସ୍କୃତିକୁ କେବଳ ଭାରତୀୟ ବୋଲି କହି ଏହାର

ବ୍ୟାପକତାକୁ ସଙ୍କୁଚିତ କରିବା ଲାଗି ଉଦ୍ୟମ କରାଯାଉଛି । ସନାତନ ଧର୍ମର ସନାତନତ୍ୱ ରକ୍ଷା କରିବା ଲାଗି ଯୁଗର ଶ୍ରେଣୀବିଭାଗ କରାଯାଇଚି । ଶ୍ରେଣୀ ବା ପର୍ଯ୍ୟାୟ । ପୌରାଣିକ ଭାଷାରେ ଏଗୁଡ଼ିକୁ ପର୍ବ, କାଣ୍ଡ ବା ସ୍କନ୍ଧ କୁହାଯାଏ । ନାଟକର ବିଭିନ୍ନ ଅଙ୍କ, ଦୃଶ୍ୟ ଭଳି ଏହି ଯୁଗର ଶ୍ରେଣୀବିଭାଗ ଜୀବନର ଉତ୍ଥାନ, ପତନକୁ ନେଇ ।

କୃତ, ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଏ ପର୍ଯ୍ୟନ୍ତ ଏହି ପାଞ୍ଚଟି ବିଭାଗର ନାମ ସହିତ ଆମେ ପରିଚିତ । ପରବର୍ତ୍ତୀ କାଳରେ ହୁଏତ ଯୁଗର ନାମକରଣ ଆଉ କ'ଣ ହୋଇପାରେ । ଯାହା ହେଉ ଆମେ ତ୍ରେତାରେ ଶ୍ରୀରାମ ଓ ଦ୍ୱାପରରେ ଶ୍ରୀକୃଷ୍ଣଙ୍କୁ ପାଇଥିଲୁ । ସେମାନଙ୍କ ଜୀବନାଦର୍ଶ ଯୋଗୁଁ ବହୁ ଉନ୍ନତି ହୋଇଥିଲା । ମନୁଷ୍ୟ ବୁଝିଥିଲା ଯେ, ଭଗବାନପ୍ରାପ୍ତି ହିଁ ଜୀବନର ଏକମାତ୍ର ଲକ୍ଷ୍ୟ । ସେଇଥିରେ ଶାନ୍ତି ଓ ସୁଖ । ତେଣୁ ମଣିଷ ସବୁ କାମ କରି ଆସୁଥିଲା ଭଗବାନଙ୍କୁ ପାଇବା ଲାଗି ।

କିନ୍ତୁ ଏହି ଶାନ୍ତି ଲାଭ କରି ମନୁଷ୍ୟ କ୍ରମଶଃ କେବଳ ଆରାମ ଚାହିଁଲା । ଧର୍ମକୁ ଆଖିଠାର ମାରିଲା । ମଣିଷ ଭାବିଲା ସଂସାରର ସୁଖ ହିଁ ଜୀବନର ସାର, ଆଉ ସବୁ ଅସାର । ଧର୍ମକର୍ମ ହେଲା ଗୌରବ, ସମ୍ମାନ ବୃଦ୍ଧିର ବାହନ ମାତ୍ର । ରାଜରାଜୁଡ଼ା (ଏବକାଚ ମନ୍ତ୍ରୀ) ଯାଗଯଜ୍ଞ କଲେ ନିଜର ଯଶ, ଖ୍ୟାତି ବଢ଼ାଇବା ଲାଗି, ଜନପ୍ରିୟ ହେବା ଲାଗି । ଯୋଗୀ, ଋଷି, ସନ୍ଥ ସନ୍ନ୍ୟାସୀ (ଯଥା ମହନ୍ତ) ମାନେ ମଧ୍ୟ ସେହି ରୋଗରେ ପୀଡ଼ିତ ହେଲେ । କଠୋର ତପସ୍ୟା କଲେ, ଶରୀରପାତ କଲେ, କେବଳ ଯଶ, ସମ୍ମାନ ଲାଗି । ସାଂସାରିକ ଉନ୍ନତି ଲାଗି ମନୁଷ୍ୟ ବ୍ୟସ୍ତ, ବିବ୍ରତ । ଚିନ୍ତିତ । ଭଗବାନ ଲାଭର ଚିନ୍ତା ଗଲା । ଧର୍ମ ସ୍ଥାନରେ ଲୋକାଚାର ରାଜୁତି କଲା । ବାସନାର ଅନଳ ଦାଉଦାଉ ଜଳିବାରେ ଲାଗିଲା । ଜୀବନ ହେଲା ଭକ୍ତିଶୂନ୍ୟ ଏକ ଶ୍ମଶାନ ।

ସେତେବେଳେ ପୃଥିବୀ କହିଲେ, ଭାରତକୁ ବୁଝାଉଥିଲା । ଅଖଣ୍ଡ ଭାରତ । ଋଷିମାନେ ଏହାକୁ ହିଁ ଭୂ-ମଣ୍ଡଳ, ବ୍ରହ୍ମାଣ୍ଡ ବୋଲି କଳ୍ପନା କରି ଆସିଥିଲେ । କାରଣ ଏହା ଥିଲା ଯୋଗଭୂମୀ, ପ୍ରେମଭୂମୀ । ଧର୍ମଭୂମି । ସବୁ ଋତୁ ଏହାର ସେବା କରି ଆସୁଥିଲେ । ଭାରତ ଥିଲା ଗୁରୁଭୂମି । କିନ୍ତୁ ରାମ ଓ କୃଷ୍ଣଙ୍କ ପରେ ଏହା ମରୁଭୂମି ହୋଇ ପଡ଼ିଲା । ରାବଣ ଯୋଗୁଁ ରାମ ଆସିଥିଲେ । କଂସ ଯୋଗୁଁ କୃଷ୍ଣ ଆସିଥିଲେ । ଏବେ ତ ଅଧିକାଂଶ ରାବଣ, ଅଧିକାଂଶ କଂସ । ଅନ୍ଧ ବିଶ୍ୱାସ ଯୋଗୁଁ ଦେଶ ଛାରଖାର । ହିଂସା, ପ୍ରତିହିଂସା, ରୋଗ, ଜରା, ମରଣ ଆଦି ନାନା ବିପ୍ଲାତ । ଏହା ମଣିଷ ବାହାରେ ନୁହଁ, ଭିତରେ ।

ସେଥିଯୋଗୁ ଭଗବାନଙ୍କ ବୁଦ୍ଧ ଅବତାର । ଅଶୁଦ୍ଧକୁ ଶୁଦ୍ଧ କରିବା ପାଇଁ । ଅବୁଦ୍ଧକୁ ବୁଦ୍ଧ, ଅବୋଧକୁ ବୋଧ କରିବା ଲାଗି । ନେପାଳ ଓ ଭାରତ ସୀମାନ୍ତରେ କପିଳବାସ୍ତୁ-

ଏକ ଛୋଟ ରାଜ୍ୟ । ଶୁଦ୍ଧୋଦନ ଏ ରାଜ୍ୟର ରାଜା । ବହୁ ବୟସ ପରେ ସେ ଏକ ପୁତ୍ର ସନ୍ତାନର ଜନକ ହେଲେ । ଜ୍ୟୋତିଷୀମାନେ କହିଲେ, ପିଲାଟି ସାଂସାରିକ ଜୀବନଯାପନ କଲେ ହେବ ଚକ୍ରବର୍ତ୍ତୀ, ସନ୍ନ୍ୟାସୀ ହେଲେ ମହାପୁରୁଷ ଜଗଦ୍‌ଗୁରୁ । ପିତାମାତା ନାଆଁ ରଖିଲେ ସିଦ୍ଧାର୍ଥ । ଡାକ ନାଆଁ ଗୌତମ । ସୁକୁମାର, ସୁଶ୍ରୀ, ବୁଦ୍ଧିମାନ, ଧୀର, ସ୍ଥିର, ଶାନ୍ତ, ସୁଶାନ୍ତ । ବାଳକ ସୁଲଭ ଚପଳତା ନଥିଲା । ଏପରିକି କାହା ସହିତ ଖେଳିବାକୁ ସୁଦ୍ଧା ଭଲ ପାଉ ନଥିଲେ । ବୟସ ଯେତିକି ବଢ଼ିଲା, ଗାମ୍ଭୀର୍ଯ୍ୟ ମଧ ସେତିକି ବଢ଼ିଲା । ରାଜା ଶୁଦ୍ଧୋଦନଙ୍କ ଭୟ, ପିଲା ସଂନ୍ୟାସୀ ହୋଇ ଯିବନି ତ ! ତେଣୁ ସେ ପିଲାଙ୍କୁ ସର୍ବଦା ପ୍ରଫୁଲ୍ଲ ରଖିବା ପାଇଁ ଚେଷ୍ଟା କଲେ ।

ପ୍ରତ୍ୟେକ ଜୀବଜନ୍ତୁଙ୍କ ପ୍ରତି ସିଦ୍ଧାର୍ଥର ଦୟା । ଦିନେ ଦେବଦତ୍ତ ନାମକ ଜଣେ ଶାକ୍ୟବାଳକ ଗୋଟିଏ ବଣୁଆ ହଂସ ଉପରେ ଉଡ଼ି ଉଡ଼ି ଯାଉଥିବାବେଳେ ଶର ମାରିଲା । ତୀର ବାଜିବାରେ ହଂସଟି ଆକାଶରୁ ଆସି ସିଦ୍ଧାର୍ଥ ଉପରେ ପଡ଼ିଲା । ସିଦ୍ଧାର୍ଥ ହଂସଟିକୁ ନିଜ କୋଳକୁ ଟାଣି ନେଲେ । ତା ଦେହରୁ ଶରଟିକୁ କାଢ଼ି ତା'ର ସେବା ଶୁଶ୍ରୂଷା କଲେ । ହଂସଟି ସୁସ୍ଥ ହେଲା । କିନ୍ତୁ ଦେବଦତ୍ତ ଛୁଟି ଆସିଲା ହଂସଟିକୁ ନେବା ପାଇଁ । ସିଦ୍ଧାର୍ଥ କହିଲେ, ତତେ ମୋ ଜୀବନ ଦେଇପାରେ, କିନ୍ତୁ ହଂସଟିକୁ ଦେବି ନାହିଁ । ଶେଷରେ କଥା ଗଲା ରାଜ୍ୟର ପଣ୍ଡିତମାନଙ୍କ ଦରବାରକୁ । ପଣ୍ଡିତମାନେ କହିଲେ, ଯିଏ ହଂସଟିର ପ୍ରାଣରକ୍ଷା କଲା, ସିଏ ତା'ର ହେବ । ଥରେ କପିଳବାସ୍ତୁରେ ଏକ କୃଷି ଉତ୍ସବ ହେଲା । ରାଜା, ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ପ୍ରଜା ପର୍ଯ୍ୟନ୍ତ ସମସ୍ତେ ଲଙ୍ଗଳ ଧରି ଭୂମିଚାଷ କଲେ । ଫଳରେ ମାଟି ଭିତରେ ରହୁଥିବା ବହୁ କୃମି କୀଟ ବାହାରକୁ ବାହାରି ଆସିଲେ । ଏଗୁଡ଼ିକ ଲୋକଙ୍କ କୁଦାଚକଟାରେ ମଲେ । ପକ୍ଷୀମାନେ ଖାଇଗଲେ । ସିଦ୍ଧାର୍ଥ ଏ ଦୃଶ୍ୟ ଦେଖିଲେ । ଜୀବର ଏ କଷ୍ଟ ସେ ସହ୍ୟ କରି ପାରିଲେ ନାହିଁ । ସେ ପିତାଙ୍କୁ କହିଲେ ଏ ଉତ୍ସବ ବନ୍ଦ କରାଯାଉ । ପିତା ଶୁଦ୍ଧୋଦନ ସିଦ୍ଧାର୍ଥଙ୍କ କଥା ରଖିଲେ । କୃଷି ଉତ୍ସବ ପରମ୍ପରା ରାଜ୍ୟରୁ ଉଠାଇ ଦିଆଗଲା ।

**ନିନ୍ଦସି ଯଜ୍ଞ ବିଧେରହହ ଶ୍ରୁତିଜାତଂ**
**ସଦୟ-ହୃଦୟ-ଦର୍ଶିତ ପଶୁଘାତମ୍,**
**କେଶବ ! ଧୃତ ବୁଦ୍ଧଶରୀର**
**ଜୟ ଜଗଦୀଶ ହରେ ।**

ପିଲାର ବୈରାଗ୍ୟ, ଜୀବେ ଦୟା ଆଦି ଲକ୍ଷଣ ଦେଖି ରାଜା ଶୁଦ୍ଧୋଦନ ବିଚଳିତ ହୋଇ ପଡ଼ିଲେ । ଜ୍ୟୋତିଷୀଙ୍କ କଥା ତାଙ୍କ ମନରେ ଉଙ୍କି ମାରୁଥିଲା । ତେଣୁ ଅଳ୍ପ

ବୟସରେ ସେ ପିଲାର ବିବାହ କରାଇଦେଲେ । ଗୋପା ହେଲେ ସିଦ୍ଧାର୍ଥଙ୍କ ସ୍ତ୍ରୀ । ରୂପବତୀ, ଗୁଣବତୀ । ପିଲାର ମନକୁ ବୈରାଗ୍ୟରୁ ହଟେଇ ନେବା ଲାଗି ରାଜା ବହୁ ଆୟୋଜନ କଲେ । ଆମୋଦ ପ୍ରମୋଦରେ ପୁଅର ମନକୁ ମଜେଇ ରଖିବା ଲାଗି ଏକ ପ୍ରମୋଦ ଉଦ୍ୟାନ ନିର୍ମାଣ କଲେ । ସର୍ବଦା ନୃତ୍ୟଗୀତରେ ଏ ଉଦ୍ୟାନ ମୁଖରିତ ହେଲା । ସିଦ୍ଧାର୍ଥ ପିତାଙ୍କୁ ଖୁସି କରାଇବା ଲାଗି ଏହି ଉଦ୍ୟାନକୁ ଯାଉଥିଲେ ସତ କିନ୍ତୁ ନୃତ୍ୟଗୀତ ତାଙ୍କ ମନକୁ ସ୍ପର୍ଶ କରୁ ନଥିଲା ।

ସୁଖ ଦୁଃଖ ମନୁଷ୍ୟର ଦୁଇ ସାଥୀ । କିନ୍ତୁ ସିଦ୍ଧାର୍ଥ କେବଳ ଦୁଃଖକୁ ହିଁ ଅନୁଭବ କରୁଥିଲେ । କାହାର ଦୁଃଖ ଦେଖିଲେ, ତାଙ୍କ ମନ ବିଗଳିତ ହୋଇ ପଡୁଥିଲା । ଇଚ୍ଛା ହେଉଥିଲା ନିଜର ପ୍ରାଣ ପଛେ ଯାଉ, ଅନ୍ୟର ଦୁଃଖ ମୋଚନ ହେଉ । ଦିନେ ନଗର ଭ୍ରମଣରେ ଯାଇ ସେ ଦେଖିଲେ, ଜଣେ ଲୋକ ରୋଗରେ ଭୀଷଣ କଷ୍ଟ ପାଉଛି । ସେ ନିଜେ ସେ କଷ୍ଟ ଅନୁଭବ କଲେ । ଆଉ ଭ୍ରମଣ କଲେ ନାହିଁ । ଆଉ ଦିନେ ଜଣେ ଚମଧୁଡୁଧୁଡୁ ବୁଢ଼ାକୁ ଦେଖିଲେ, ବହୁ କଷ୍ଟରେ ବାଡ଼ି ଖଣ୍ଡିଏ ଧରି ଚାଲୁଚି । ଭାବିଲେ, ଇମିତି ସମସ୍ତଙ୍କୁ ଦିନେ ବୁଢ଼ା ହେବାକୁ ପଡ଼ିବ । ଆଉ ଦିନେ ଏକ ଶବ ଦେଖିଲେ । ସ୍ତ୍ରୀ, ପୁତ୍ର ସମସ୍ତେ କାନ୍ଦୁଚନ୍ତି । ମନେ ମନେ ଭାବିଲେ, ବ୍ୟାଧି ଜରା-ମରଣରୁ ମନୁଷ୍ୟକୁ ଉଦ୍ଧାର କରିବାର କ'ଣ କିଛି ବାଟ ନାହିଁ ? ଯଦି ନଥାଏ, ଏ ଜୀବନର ମୂଲ୍ୟ କ'ଣ ?

●

॥ ୨୦୦ ॥

# ନିର୍ବାଣ, ମହାନିର୍ବାଣ

ରାଜକୁମାର ଥିବାବେଳେ ତାଙ୍କ ନାଆଁ ଥିଲା ସିଦ୍ଧାର୍ଥ । ସେ ପରେ ଗୌତମ ଭାବରେ ପ୍ରସିଦ୍ଧ ହେଲେ । ଆତ୍ମବୋଧ ହେବା ପରେ ସେ ହେଲେ ବୁଦ୍ଧ । ସେ ଯେଉଁ ଦର୍ଶନ ସ୍ଥାପନ କଲେ, ତାହା ହେଲା ବୌଦ୍ଧଦର୍ଶନ । ମନୁଷ୍ୟ ଜୀବନରେ ଯାହା ଅପରିହାର୍ଯ୍ୟ, ବାଳକ ଅବସ୍ଥାରେ ତାକୁ ସେ ଦେଖିଲେ । ଭୋଗରେ ଥାଇ ସେ ରୋଗକୁ ଦେଖିଲେ, ଜରା ଦେଖିଲେ, ଦୁଃଖ ଓ ମୃତ୍ୟୁକୁ ଦେଖିଲେ— ଯାହା ସମସ୍ତେ ଭୋଗିଥାନ୍ତି । ଏସବୁ 'ଦେଖା' ହିଁ ତାଙ୍କର ଶିକ୍ଷା ହେଲା । କଠୋର ତପସ୍ୟା କଲେ । ସିଦ୍ଧି ଲାଭ କଲେ । ଚାରୋଟି ସତ୍ୟରେ ଉପନୀତ ହେଲେ । (୧) ଦୁଃଖ ଅଛି (୨) ଦୁଃଖର କାରଣ ମଧ୍ୟ ଅଛି, (୩) ଦୁଃଖରୁ ନିବୃତ୍ତି ଅଛି, (୪) ନିବୃତ୍ତି ଲାଭର ପଥ ମଧ୍ୟ ଅଛି । ବୌଦ୍ଧଦର୍ଶନ ଆତ୍ମା କିମ୍ବା ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେନା । କିନ୍ତୁ ମନୁଷ୍ୟର ସାଂସାରିକ ବିଷୟ

ତୃଷ୍ଣା ହେତୁ ଗୋଟିଏ ଜୀବନର ସମାପ୍ତି ପରେ ଅନ୍ୟ ଜୀବନର ଆରମ୍ଭ ହୁଏ । ତେଣୁ ଏହି ଦର୍ଶନ ପୁନର୍ଜନ୍ମରେ ବିଶ୍ୱାସ କରେ । ବୌଦ୍ଧଜାତକ ଏହାର ପ୍ରମାଣ । କାମନା ଥିବା ଯାଏ ଜୀବନ ପରେ ଜୀବନ । କାମନାର ବିନାଶ ଘଟିଲେ ଦୁଃଖର ବିନାଶ । ପୁନର୍ଜନ୍ମ ହୁଏ ନାହିଁ । ତାହାହିଁ ନିର୍ବାଣ ପ୍ରାପ୍ତି ।

ସିଦ୍ଧାର୍ଥ ଦିନେ ଦେଖିଲେ ଜଣେ ଶାନ୍ତମୂର୍ତ୍ତି ସନ୍ନ୍ୟାସୀଙ୍କୁ । ନିର୍ବିକାର । ଜ୍ୟୋତିର୍ମୟ । ସଂସାର ଭିତରେ ଥାଇ ମଧ୍ୟ ସଂସାର ତାଙ୍କ ଭିତରେ ନାହିଁ । ଖାଦ୍ୟ ପେୟର କୌଣସି ଚିନ୍ତା ନାହିଁ । ଧୀରସ୍ଥିର । ଶାନ୍ତ ଶୀତଳ । ତାଙ୍କୁ ଦୂରରୁ ଦେଖିଲେ । ପାଖରୁ ଦେଖିଲେ । ସିଦ୍ଧାର୍ଥ ଭାବିଲେ, ମୁଁ ମଧ୍ୟ ସନ୍ନ୍ୟାସୀ ହେବି । ତପସ୍ୟା କରିବି । ଦେଖିବି ଜରା ବ୍ୟାଧି-ମରଣ କବଳରୁ ତ୍ରାହି ପାଇବାର କୌଣସି ଉପାୟ ଅଛି କି ନାହିଁ । ସେ ପିତାଙ୍କ ନିକଟକୁ ଗଲେ । ନିଜ ଅଭିପ୍ରାୟ ଜଣାଇଲେ ।

ପିତା ଶୁଦ୍ଧୋଦନ ପୁଅର ଏ ଭାବନାକୁ ଲକ୍ଷ୍ୟ କଲେ । ବିଚଳିତ ହୋଇ ପଡ଼ିଲେ । ପିଲା ସହିତ ତାଙ୍କର ବହୁ ତର୍କ ବିତର୍କ ହେଲା । କହିଲେ, ତୁ ଯାହା କରିବାକୁ କହିବୁ, ଶୁଣିବି, କରିବି । କିନ୍ତୁ ତୋତେ ଘରଛଡ଼ା କରି ପାରିବିନି । ଆଉ ଟିକିଏ ବଡ଼ ହେଲେ, ତୁ ରାଜା ହେବୁ । ପ୍ରଜା ପାଳନ କରିବୁ । ପ୍ରଜାଙ୍କ ସୁଖରେ ତୁ ସୁଖୀ ହେବୁ । ଘର ସଂସାର କରିବୁ ।

କିନ୍ତୁ ଶୁଦ୍ଧୋଦନ ଯେତେ ବୁଝାଇଲେ ବି ସିଦ୍ଧାର୍ଥଙ୍କ ମନ ମାନିଲା ନାହିଁ । ମନ ଭିତରେ ସନ୍ନ୍ୟାସୀ ହେବା ପାଇଁ ବ୍ୟାକୁଳତା । ଏ ଜୁଆରର ଭଟ୍ଟା ନାହିଁ । ପିତା ଶୁଦ୍ଧୋଦନ ପିଲାର ହାବଭାବରୁ ଜାଣି ପାରିଲେ, ହୁଏତ ସମସ୍ତଙ୍କ ଅଜାଣତରେ ଇଏ ଘର ଛାଡ଼ି ପଳାଇବ । ତେଣୁ ତାଙ୍କୁ ପହରା ଭିତରେ ରଖିଲେ । ଜଗୁଆଳି ଜଗି ରହିଲେ ।

ସିଦ୍ଧାର୍ଥଙ୍କ ବୟସ ବଢ଼ି ବଢ଼ି ଚାଲିଲା । ଇତିମଧ୍ୟରେ ଏକ ପୁତ୍ର ସନ୍ତାନର ଜନକ ହେଲେ ସେ । ସ୍ତ୍ରୀ ଗୋପା ସବୁ ଜାଣୁଥିଲେ, ଶୁଣୁଥିଲେ । ସ୍ୱାମୀ ତାଙ୍କର ଦିନେ ନା ଦିନେ ସନ୍ନ୍ୟାସୀ ହୋଇଯିବେ, ଏ ଭୟ ମଧ୍ୟ ତାଙ୍କର ଥିଲା । ପୁଅଟିଏ ହେବାରେ ଗୋପା ଭାବିଲେ ସ୍ୱାମୀ ପିଲାର ମୁହଁକୁ ଦେଖି ଭୁଲିଯିବେ । ଆଉ ସନ୍ନ୍ୟାସୀ ହେବେ ନାହିଁ ।

କିନ୍ତୁ ସିଦ୍ଧାର୍ଥଙ୍କ ଓଲଟା ଭାବ । ପୁଅର ବାପା ହୋଇଯିବା ପରେ ଦେଖିଲେ, ସେ ସଂସାର ବନ୍ଧନ ତୁଟେଇବେ କ'ଣ, କ୍ରମଶଃ ସଂସାର ପଙ୍କରେ ଛଟପଟ ହୋଇ ପଡୁଚନ୍ତି । ଆଉ ଡେରି କଲେ ସଂସାରର ଭେରୀ ଆଉ ଜୋରରେ ବାଜି ଉଠିବ । ମୋହ ଆସିବ, କୋହ ମଧ୍ୟ ଆସିବ । ଭାବି ଭାବି ଦିନେ ସେ ଗଭୀର ରାତ୍ରିର ଘୋର ଅନ୍ଧକାର ଭିତରେ ରାଜ୍ୟ ଛାଡ଼ି ପଳେଇଲେ । ପଛରେ ପଡ଼ି ରହିଲେ ପିତା, ମାତା, ସ୍ତ୍ରୀ, ପୁତ୍ର, ରାଜଉଆସ, ପାତ୍ରମନ୍ତ୍ରୀ, ପ୍ରଜା ଆଦି ସମସ୍ତେ ।

ରାଜପୁତ୍ର ସିଦ୍ଧାର୍ଥ ଭୋଗୀରୁ ହେଲେ ତ୍ୟାଗୀ । ଦେହରୁ ରାଜପୋଷାକ ଓହ୍ଲାଇ ଦେଲେ । ସନ୍ନ୍ୟାସୀ ବେଶରେ ସେ ମୁନି ଋଷି, ତପସ୍ୱୀମାନଙ୍କ ପାଖକୁ ଗଲେ । ସତ୍‌ସଙ୍ଗ କଲେ । ଯୋଗୀଙ୍କ ଠାରୁ ଯୋଗ ଶିକ୍ଷା କଲେ । ସେତେବେଳେ କ'ଣ ଏବେ ମଧ୍ୟ ଲୋକେ ନାନାରୂପ ଧରି କଠୋର ତପସ୍ୟା କରିଥାଆନ୍ତି । ଅଳ୍ପ କିଛି ଅନୁଭୂତି ହେବାମାତ୍ରେ ସିଦ୍ଧି ହୋଇଗଲା ବୋଲି ଭାବି ଥାଆନ୍ତି । ଲୋକଙ୍କ ପାଖକୁ ଆସି ସିଦ୍ଧିକୁ ନାନା ଭାବରେ ପ୍ରଚାର କରିଥାଆନ୍ତି । ସିଦ୍ଧାର୍ଥ ଏ ଧରଣର ବହୁ ଯୋଗୀଙ୍କ ଶିଷ୍ୟ ହେଲେ । ସେମାନଙ୍କ ନିୟମ ବିଧିବିଧାନ ଅନୁସାରେ ସିଦ୍ଧିଲାଭ କଲେ । ବହୁ ତିକ୍ତ ମଧୁର ଅନୁଭୂତି ହେଲା । କିନ୍ତୁ ପରିଶେଷରେ ଦେଖିଲେ, ଏ ସବୁ ଭଣ୍ଡାମି । ଅର୍ଥ ଓ ସମ୍ମାନ ଲାଭ ଲାଗି ଏହି ସବୁ ତଥାକଥିତ ଯୋଗ ଆବଶ୍ୟକ । କିନ୍ତୁ ଜରା-ମରଣର ହାତରୁ ମୁକ୍ତ ହେବାର ଉପାୟ ଏ ସବୁ ନୁହଁ । ସେ ଶାନ୍ତି ପାଇବେ କ'ଣ, ଅଶାନ୍ତି ହିଁ ପାଇଲେ । ଅଶାନ୍ତିରୁ ପ୍ରଶାନ୍ତି ପାଇବେ କ'ଣ, ଅଶାନ୍ତିରୁ ଅଧିକ ଅଶାନ୍ତି ଲାଭ ସାର ହେଲା ! ବହୁ ସ୍ଥାନ ବୁଲି ବୁଲି କ୍ଳାନ୍ତ ଓ ନିରାଶ ହେଲେ । ସ୍ଥିର କଲେ, ଧ୍ୟାନ ତପସ୍ୟା ଲାଗି କୌଣସି ସାହାଯ୍ୟ, ସହଯୋଗ ଅନାବଶ୍ୟକ । ନିଜେ ତାହା କରି ଜରା-ମରଣରୁ ରକ୍ଷା ପାଇବା ପାଇଁ ଉଦ୍ୟମ କରିବେ । ସେ ଗଲେ ଗୟା ନିକଟ ନିରଂଜନା ନଦୀତୀରରେ ଥିବା ଉରୁବିଲ୍ୱ ଗ୍ରାମକୁ । ନିର୍ଜନ ମନୋରମ ସ୍ଥଳ । ସେଠି ଯୋଗାସନରେ ବସିଲେ । ଧ୍ୟାନ କଲେ । ତାଙ୍କ ପାଖକୁ ଆସିଲେ ପାଞ୍ଚଜଣ ସାଧକ । ସିଦ୍ଧାର୍ଥଙ୍କ ତେଜୋଦୀପ୍ତ ମୁଖମଣ୍ଡଳକୁ ଦେଖି ସେମାନେ ମୁଗ୍ଧ ହୋଇ ପଡ଼ିଲେ । ସିଦ୍ଧାର୍ଥଙ୍କ ସେବା କଲେ । ଶିଷ୍ୟ ହେଲେ ।

ସିଦ୍ଧାର୍ଥ ଆହାର ନିଦ୍ରା ତ୍ୟାଗ କରି ଏକାସନରେ ଧ୍ୟାନ କରିବାରେ ଲାଗିଲେ । ଶରୀର ଦୁର୍ବଳ ହୋଇ ପଡ଼ିଲା । ଦିନେ ସେ ନଦୀରେ ସ୍ନାନ ସାରି କୂଳକୁ ଉଠିବା ମାତ୍ରେ ଅଚେତ ହୋଇ ପଡ଼ିଲେ । ଶିଷ୍ୟମାନେ ଭାବିଲେ ଗୁରୁଦେବ ବୋଧହୁଏ ଦେହତ୍ୟାଗ କରିଦେଲେ । କିଛି ସମୟ ପରେ ତାଙ୍କର ଚେତା ଆସିଲା । ଏଣିକି ସେ ଭାବିଲେ, କେବଳ ଧ୍ୟାନ ଧାରଣା କଲେ ଶରୀର ନଷ୍ଟ ହେବ, ସିଦ୍ଧିଲାଭ ଅସମ୍ଭବ । ଖିଆ ପିଆ କଲେ । ଗୁରୁଙ୍କ ଏ ପରିବର୍ତ୍ତନ ଶିଷ୍ୟଙ୍କ ପକ୍ଷରେ ଅସହ୍ୟ ହେଲା । ସେମାନେ ଭାବିଲେ ଧ୍ୟାନ ଧାରଣାର କଠୋରତା ହିଁ ପ୍ରକୃତ ସାଧନା । କିନ୍ତୁ ଗୁରୁ ତ ସାଧାରଣ ମଣିଷଙ୍କ ଭଳି ଖିଆପିଆ କଲେଣି ! ନିଶ୍ଚୟ ତାଙ୍କର ପତନ ହେଲା । ଏହା ଭାବି ସେମାନେ ସିଦ୍ଧାର୍ଥଙ୍କୁ ଛାଡ଼ି ପଳାଇଲେ ।

ସିଦ୍ଧାର୍ଥ ଧୀରେ ଧୀରେ ସୁସ୍ଥ ସବଳ ହେଲେ । ଧ୍ୟାନ କରି କରି ତାଙ୍କର ମନ ନିର୍ବାଣ-ସାଗରରେ ଲୀନ ହେଲା । ସେ ବୁଦ୍ଧତ୍ୱ ଲାଭ କଲେ । ବୁଦ୍ଧ ହେଲେ । ତାଙ୍କ ହୃଦୟ କେବଳ ଆନନ୍ଦ ଓ ଶାନ୍ତିରେ ଭରି ଉଠିଲା । ଦୁଃଖ ମୋଚନର ଉପାୟ କ'ଣ ସେ

ଜାଣି ପାରିବେ । କିନ୍ତୁ ମୁକ୍ତି କ'ଣ, ନିର୍ବାଣ କ'ଣ ସେ କଥା କହିବେ କାହାକୁ ? ସାଧାରଣ ଲୋକେ ତ ଏକଥା ବୁଝି ପାରିବେ ନାହିଁ । ଯେଉଁ ପାଞ୍ଚଜଣ ଶିଷ୍ୟ ତାଙ୍କୁ ଛାଡ଼ି ପଳାଇଥିଲେ, ସେମାନଙ୍କୁ ଖୋଜିଲେ ସେ । କାଶୀ ନିକଟ ସାରନାଥରେ ପାଇଲେ ସେମାନଙ୍କୁ । ସେମାନଙ୍କୁ ଉପଦେଶ ଦେଲେ । ସେମାନେ ମଧ ନିର୍ବାଣ ଲାଭ କରି କୃତାର୍ଥ ହେଲେ । ଫୁଲ ଫୁଟିଲେ ଭ୍ରମରର ଅଭାବ ନଥାଏ । ଶହଶହ ଲୋକ ଗୌତମବୁଦ୍ଧଙ୍କ ପାଖକୁ ଛୁଟିଲେ । କେହି କେହି ସର୍ବସ୍ୱ ତ୍ୟାଗ କରି ବୌଦ୍ଧ ହେଲେ । ନିର୍ବାଣ-ଧର୍ମ ପ୍ରଚାର କଲେ । ଲକ୍ଷ ଲକ୍ଷ ଲୋକଙ୍କର ମୁହଁରୁ ଧ୍ୱନିତ ହେଲା, ''ବୁଦ୍ଧମ୍ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘମ୍ ଶରଣଂ ଗଚ୍ଛାମି ।'' ପିତା ଶୁଦ୍ଧୋଦନ ସ୍ତ୍ରୀ ଗୋପା ଏହି ନିର୍ବାଣଧର୍ମରେ ଦୀକ୍ଷିତ ହେଲେ । ଶାକ୍ୟବଂଶର ବହୁଲୋକ ଏପରି କି ବୁଦ୍ଧଦେବଙ୍କ ପୁତ୍ର ରାହୁଲ ମଧ ସନ୍ୟାସୀ ହେଲେ । ଭିକ୍ଷୁ ହେଲେ । ପତିତ, ଘୃଣିତ, ଅସ୍ପୃଶ୍ୟ ବୋଲି ସମାଜ ଯେଉଁମାନଙ୍କୁ ହେୟ, ନୀଚ ମନେ କରିଥାଏ, ବୁଦ୍ଧଦେବ ସେମାନଙ୍କୁ ନିଜର ଶିଷ୍ୟ କରିନେଲେ । ଭାରତରେ ପୁଣି ଧର୍ମଭାବ ଜାଗ୍ରତ ହେଲା । ଲୋକେ ଶାନ୍ତିଲାଭ କଲେ । ଅଶୀବର୍ଷ ବୟସରେ ବୁଦ୍ଧଦେବ ମହାନିର୍ବାଣ ଲାଭ କଲେ ।

●

॥ ୨୦୧ ॥

# କଳିର ବଳ କଳହ

**ଶ୍ରୀ**କୃଷ୍ଣ ମାନବଶରୀର ତ୍ୟାଗ କଲେ । ନିଜ ବୈକୁଣ୍ଠଧାମକୁ ଫେରିଗଲେ । ସେ ଧରାଧାମରେ ଥିବାବେଳେ ମହାଭାରତ ଯୁଦ୍ଧ ହେଲା । ବାସ୍ତବରେ ଏହା ଥିଲା ପ୍ରଥମ ବିଶ୍ୱସମର । ଏ ଯୁଦ୍ଧରେ ଦୁଷ୍ଟଦଳନ ହେଲା । ଶିଷ୍ଟ ପାଳନ ବି ହେଲା । ଭଗବାନ ଶ୍ରୀକୃଷ୍ଣଙ୍କର ଏହାଥିଲା ଶେଷଲୀଳା । ସେ ଅବତାରୀ । ସେ ଯିବା ପୂର୍ବରୁ କଳିର କରାଳ ରୂପ ମାଡ଼ି ମାଡ଼ି ଆସୁଥିଲା । ତା' ନୁପୂରନିକ୍ୱଣ ସମସ୍ତଙ୍କ କାନରେ ପଡୁଥିଲା । କଳିର ପ୍ରଭାବରେ ହିଁ ଯାଦବକୁଳ ଧ୍ୱଂସ ପାଇଲା । ତା'ପରେ କଳିର ଅବାଧ ରାଜୁତି ଚାଲିଲା । ଏହି ରାଜୁତିର କେବେ ଅନ୍ତ ହେବ ସେଥିଲାଗି ବହୁ ଗଣକଙ୍କ ବହୁ ଗଣନା । ସବୁ ପୁରାଣରେ କଳିର ବର୍ଣ୍ଣନା । କଳିର କଳୁଷ ଅକଳନ ।

ବୁଦ୍ଧଦେବଙ୍କ ପରେ ମଣିଷ ଧର୍ମ-କର୍ମକୁ ଭୁଲିଗଲା । ଷଷ୍ଠ-ସପ୍ତମ ଶତାବ୍ଦୀରେ ଭଗବାନଙ୍କର ଆବିର୍ଭାବ ଜଗଦ୍‌ଗୁରୁ ଆଚାର୍ଯ୍ୟ ଶଙ୍କର ରୂପରେ । ଶଙ୍କର ମନୁଷ୍ୟ ସମାଜକୁ ବେଦ-ଗୀତା ଉପନିଷଦ ଆଦି ମାଧମରେ ଜୀବକୁ ଧର୍ମଶିକ୍ଷା ଦେଲେ ।

କାଳକ୍ରମେ ମହାବୀର, ରାମାନୁଜ, ଶ୍ରୀଚୈତନ୍ୟ, ରାମକୃଷ୍ଣ ପରମହଂସ, କବିର, ନାନକ ଆଦି ନାନା ରୂପରେ ଭଗବାନ ଧରାଧାମରେ ଅବତରିତ ହେଲେ । ଏମାନେ ବି ଅବତାର । କିନ୍ତୁ ଦଶାବତାର ଭାବରେ ବୁଦ୍ଧଦେବଙ୍କ ପରେ କଲ୍‌କୀ ଅବତାରର ନାମ ହିଁ ଉଲ୍ଲେଖ ରହିଛି ଜୟଦେବଙ୍କ ଗୀତଗୋବିନ୍ଦରେ । କଲ୍‌କୀର ଅର୍ଥ ହେଉଛି 'ଯିଏ ଆସିବେ' । [ କଲ୍ (ଗମନ, ଆଗମନ) + କି ] ।

ମ୍ଲେଚ୍ଛନିବହ-ନିଧନେ କଳୟସି କରବାଳଂ
ଧୂମକେତୁମିବ କିମପି କରାଳମ୍
କେଶବ ! ଧୃତ କଲ୍‌କୀଶରୀର
ଜୟଜଗଦୀଶ ହରେ ।

କଳିରୁ କଲ୍‌କୀ କି କଲ୍‌କୀରୁ କଳି– ଏ ସଂପର୍କରେ ଓଲଟା ସିଧା ବହୁ ଅର୍ଥ । କଳିଯୁଗର ବିଭୀଷିକା, ଅନାଚାର, ବ୍ୟଭିଚାର ସଂପର୍କରେ ପ୍ରାୟ ପ୍ରତ୍ୟେକ ପୁରାଣ, ମହାପୁରାଣ, ଉପପୁରାଣମାନଙ୍କରେ ବହୁ ବର୍ଣ୍ଣନା । କଳିର କଳେବର ଏତେ ବିରାଟ, ଏତେ ବ୍ୟାପକ ଯେ ଏହାକୁ କଳନା କରିବା ସମ୍ଭବ ନୁହଁ । ଭଗବାନଙ୍କ ମାୟାର କାୟାକୁ ମାପି ବସିଲେ ବାୟା ହେବା ସାର । କୁହାଯାଇଚି, କଳିଯୁଗର ଶେଷ ଭାଗରେ ମଣିଷର ଜ୍ଞାନ ବୋଲି କିଛି ରହିବ ନାହିଁ । ଭଗବାନଙ୍କୁ ସେ ଭୁଲିଯିବ । ପାପର ତାପ ଏତେ ବଢ଼ିଯିବ ଯେ ତା'ର ଜ୍ୱାଳାରେ ମଣିଷର ଆକାର ଓ ଆୟୁ ବହୁତ କମିଯିବ । ଧୂର୍ତ୍ତତା ଓ କପଟତା ପ୍ରଭୃତି ସବୁ ପ୍ରକାରର ନୀଚତା ହେବ ମଣିଷର ସ୍ୱଭାବ । ବ୍ରାହ୍ମଣ ଶୂଦ୍ରଙ୍କ ଭଳି ଆଚରଣ କରିବ । ଶଠମାନେ ସନ୍ନ୍ୟାସୀ ସାଜି ମଣିଷର ମନକୁ ଭୁଲାଇବେ । ବିଭ୍ରାନ୍ତ କରିବେ । ଯାଦୁଗିରି କରିବେ । ନାନା କୁହୁକ ଦେଖାଇ ଲୋକଙ୍କୁ ଠକିବେ । ଲୋକେ ପିତା ମାତା, ଭାଇ ଭଉଣୀକି ପର କରିବେ । ଶାଶୁ, ଶ୍ୱଶୁର, ଶାଳୀ, ଶାଳକ ହେବେ ପରମ ଆତ୍ମୀୟ ସ୍ୱଜନ । କଳହ ହେବ କଳିର ବଳ । କେଶବିନ୍ୟାସ ଓ ପୋଷାକ ପରିଚ୍ଛଦର ପରିପାଟୀ ହେବ ସଭ୍ୟତା । ମନୁଷ୍ୟ ମନରେ ବୁଦ୍ଧି ବିବେକ ବୋଲି କିଛି ରହିବ ନାହିଁ । ରାକ୍ଷସ ପ୍ରକୃତିର ଲୋକେ ଛଳ ବଳରେ ଦେଶର ରାଜା (ଗଣତନ୍ତ୍ରରେ ମନ୍ତ୍ରୀ) ହୋଇ ପ୍ରଜା ଶୋଷଣ କରିବେ । ଯେତେ ଖଳ, ଦୁଷ୍ଟ ପ୍ରକୃତିର ଲୋକେ ଲୋକଙ୍କ ହିତସାଧନର ଛଳନା କରି ନିଜ ସ୍ୱାର୍ଥ ସାଧନ କରିବେ । ନାନା ରୋଗ, ମହାମାରୀ, ଅନାବୃଷ୍ଟି, ଦୁର୍ଭିକ୍ଷ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ଘଟିବାରେ ଲାଗିବ । ଫଳରେ ଲୋକକ୍ଷୟ ହେବ ।

ଶମ୍ଭଲ ନାମକ ଗ୍ରାମରେ ବିଷ୍ଣୁଯଶା ନାମରେ ଜଣେ ବ୍ରାହ୍ମଣଙ୍କ ସହିତ ସୁମତିଙ୍କ ବିବାହ ହେବ । ଏ ଦୁହେଁ ଧର୍ମପ୍ରାଣ । ଭଗବାନ କଲ୍କୀ ପୁତ୍ର ରୂପରେ ଏମାନଙ୍କ ଘରେ ଜନ୍ମଗ୍ରହଣ କରିବେ । କଲ୍କୀ ଅଳ୍ପ ବୟସରେ ବେଦାଦି ଶାସ୍ତ୍ରାଦିରେ ସୁପଣ୍ଡିତ ହେବେ । ଜନସମାଜର ଦୁଃଖକଷ୍ଟ ଦେଖି ସେ ମହାଦେବଙ୍କ ଉପାସନା କରିବେ । ଅସ୍ତ୍ରବିଦ୍ୟାରେ ପାରଙ୍ଗମ ହେବେ । ସେତେବେଳେ ସେ ଦେଶର ରାଜା ଥିବେ ବିଶାଖଯୁପ । ସେ କଲ୍କୀ ଦେବଙ୍କ ମହିମାରେ ଅଭିଭୂତ ହୋଇ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବେ । ଗୁରୁ କଲ୍କୀଙ୍କ ଉପଦେଶ ଅନୁସାରେ ରାଜ୍ୟଶାସନ ଚାଲିବ । କଲ୍କୀଙ୍କ କୃପାଲାଭ କରି ଲୋକେ କୃତାର୍ଥ ହେବେ ।

ଇଏ ତ ହେବ । ତା ସାଙ୍ଗକୁ ଆଉ ନାନା କଥା ମଧ୍ୟ କଳି ସହିତ ଯୋଡ଼ା ଯାଇ ବର୍ଣ୍ଣନା କରାଯାଇଛି । ଏହା ଉପରେ କେତେ ଗବେଷଣା ! ମାଳିକା ଆଦିର ପ୍ରଚାର । ଉଲ୍ଲେଖ ଅଛି ଯେ ସିଂହଳ ଦ୍ୱୀପରେ ବୃହଦ୍ରଥ ନାମରେ ଜଣେ ରାଜା ହେବେ । ତାଙ୍କର ରାଣୀ କୌମୁଦୀ । ତାଙ୍କ ଗର୍ଭରୁ ଜଣେ ଅପୂର୍ବ ସୁନ୍ଦରୀ ଲାବଣ୍ୟବତୀ କନ୍ୟା ଜାତ ହେବ । ତା' ନାଆଁ ପଦ୍ମାବତୀ । ପଦ୍ମା ପିଲାଟି ଦିନରୁ ହରିଭକ୍ତ । ସେ ଶ୍ରୀହରିଙ୍କୁ ପତି ରୂପରେ ଲାଭ କରିବା ପାଇଁ ମହାଦେବଙ୍କ ଆରାଧନା କରିବ । ହରପାର୍ବତୀ ତାଙ୍କ ପ୍ରତି ପ୍ରସନ୍ନ ହେବେ । କି ବର ମାଗୁଚୁ ମାଗ କହିବା ମାତ୍ରେ ପଦ୍ମା କହିବ, ସେ ଶ୍ରୀହରିଙ୍କୁ ସ୍ୱାମୀ ଭାବରେ ପାଇବାକୁ ଚାହାଁନ୍ତି । ଯଦି ଅନ୍ୟ କୌଣସି ପୁରୁଷ ପଦ୍ମାଙ୍କୁ ପତ୍ନୀ ରୂପରେ ପାଇବାକୁ ଚାହିଁବ, ସେ ତତ୍‌କ୍ଷଣାତ୍ ପୁରୁଷରୁ ନାରୀ ହୋଇଯିବ ।

ପଦ୍ମାବତୀଙ୍କ ବିବାହ ବୟସ ହେବ । ପିତା ବୃହଦ୍ରଥ କନ୍ୟାର ବିବାହ ଲାଗି ସ୍ୱୟମ୍ବର ସଭା କରାଇବେ । ବହୁ ରାଜକୁମାର ସଭାରେ ସମବେତ ହେବେ । ପଦ୍ମାବତୀ ଅସାମାନ୍ୟ ରୂପବତୀ । ପଦ୍ମାର ରୂପଦର୍ଶନରେ ସେମାନେ ମୋହିତ ହୋଇପଡ଼ିବେ । ପଦ୍ମାଙ୍କୁ ପତ୍ନୀ ରୂପରେ ପାଇବା ଲାଗି ଲାଳସୀ ହେବାମାତ୍ରେ ସମସ୍ତେ ପଦ୍ମାଙ୍କ ଭଳି ଯୁବତୀ ପାଲଟି ଯିବେ । ଲଜ୍ଜାରେ ସେମାନେ ଆଉ ନିଜ ରାଜ୍ୟକୁ ଫେରି ନ ଯାଇ ପଦ୍ମାବତୀଙ୍କ ସଖୀ ହୋଇ ତାଙ୍କ ସହିତ ରହିବେ ।

କଲ୍କୀଦେବ ସେ ଖବର ପାଇ ଘୋଡ଼ାରେ ଚଢ଼ି ସିଂହଳ ଦ୍ୱୀପକୁ ଯିବେ । ପଦ୍ମାବତୀ ସେତେବେଳେ ଜଳକ୍ରୀଡ଼ା କରୁଥିବେ । କଲ୍କୀଙ୍କୁ ଦେଖି ଇଏ ହିଁ ଶ୍ରୀହରି ବୋଲି ଚିହ୍ନି ପାରିବେ । ତାଙ୍କ ପ୍ରତି ଅନୁରକ୍ତ ହୋଇ ପଡ଼ିବେ । ବୃହଦ୍ରଥ ଏକଥା ଜାଣିପାରି କଲ୍କୀ ସହିତ କନ୍ୟାର ବିବାହ ସଂପନ୍ନ କରିବେ । ଯେଉଁ ସବୁ ରାଜା ନାରୀ ପାଲଟି

ଯାଇଥିବେ, କଲ୍କୀଦେବଙ୍କ ଦର୍ଶନ ପାଇ ପୂର୍ବ ରୂପ ଲାଭ କରିବେ । ନାରୀରୁ ପୁରୁଷ ହୋଇଯିବେ । କଲ୍କୀଙ୍କୁ କୃତଜ୍ଞତା ଜଣାଇ ସମସ୍ତେ ସ୍ୱଦେଶ ଫେରିଯିବେ ।

ଦେବରାଜ ଇନ୍ଦ୍ରଙ୍କ ଆଦେଶରେ ଦେବଶିଳ୍ପୀ ବିଶ୍ୱକର୍ମା ଶମ୍ଭଲ ଗ୍ରାମରେ ଏକ ଅପୂର୍ବ ସୌଧ ନିର୍ମାଣ କରିବେ । କଲ୍କୀ ଦେବ ପତ୍ନୀ ପଦ୍ମାବତୀ ସହିତ ଏହି ଉଆସରେ ବାସ କରିବେ । ଏ ଉଆସ ଧନରତ୍ନ, ହସ୍ତୀ, ଅଶ୍ୱ ଆଦିରେ ଭରପୂର ହେବ । କେତେକାଳ ପରେ ଜୟ ଓ ବିଜୟ ନାମରେ ଏମାନଙ୍କ ଦୁଇପୁତ୍ର ସନ୍ତାନ ହେବେ ।

●

॥ ୨୦୨ ॥

## ଦୁଷ୍ଟ ହେବେ ଶିଷ୍ଟ !!

**କେ**ବଳ କଲ୍କୀ ପୁରାଣରେ ନୁହଁ, ଅନେକ ପୁରାଣ, ଲୋକଗୀତି, ଲୋକକଥାରେ କଳିର ପ୍ରଭାବ ସଂପର୍କରେ ନାନା ଅଦ୍ଭୁତ କଥାର ବର୍ଣ୍ଣନା ରହିଛି । ଏସବୁ ଘଟିବ ବୋଲି ଭବିଷ୍ୟବାଣୀ କରିବା ଲୋକ ମଧ୍ୟ ଅନେକ । ଏହାକୁ କେନ୍ଦ୍ର କରି ଅର୍ଥ ଉପାର୍ଜନ ମଧ୍ୟ କରାଯାଉଚି । ଶମ୍ଭଲ ଗ୍ରାମରେ ବ୍ରାହ୍ମଣ ବିଷ୍ଣୁଯଶାଙ୍କ ଔରସରୁ ସୁମତିଙ୍କ ଗର୍ଭରୁ କଲ୍କୀଙ୍କର କେବେ ଜନ୍ମହେବ, ସେ ସମ୍ପର୍କରେ ନାନା ମୁନିଙ୍କ ନାନା ମତ । ନାନା ଗଣନା । କେହି କେହି କହୁଛନ୍ତି କଲ୍କୀଙ୍କର ଜନ୍ମ ହୋଇ ସାରିଲାଣି । କଳିଯୁଗ ମଧ୍ୟ ସରିସରି ଆସିଲାଣି । ସତ୍ୟଯୁଗର ଆଗମନ ଆସନ୍ନ । ଏସବୁ ସତ କି ମିଛ, କଳ୍ପନାବିଳାସ କି ଅନ୍ଧବିଶ୍ୱାସୀ ଲୋକଙ୍କୁ ଶୋଷଣ କରିବା ଲାଗି ଚତୁର-ଧୂର୍ତ୍ତମାନଙ୍କର ଏକ ପରିକଳ୍ପନା- ସଠିକ୍ ଭାବରେ କହି ହେବ ନାହିଁ । କାକତାଳ ନ୍ୟାୟରେ ଏପରି କେତେକ ଘଟଣା ଘଟିଯାଏ, ଯାହାକୁ ଖଣ୍ଡନ କରିବା ମଧ୍ୟ ସମ୍ଭବ ନୁହଁ ।

ଯାହାହେଉ, କଲ୍କୀଦେବଙ୍କ ଆଗମନର ବର୍ଣ୍ଣନା ବେଶ୍ କୌତୁହଳପ୍ରଦ । ଶୁଣିବାକୁ ଭଲ ଲାଗେ । କହିବାକୁ ମନ ଛନଛନ ହୁଏ । ପୁରାଣରେ ଉଲ୍ଲେଖ ଅଛି ଯେ, କଲ୍କୀଙ୍କ ପିତା ବିଷ୍ଣୁଯଶା ଏକ ଅଶ୍ୱମେଧ ଯଜ୍ଞ କରିବା ଲାଗି ସଂକଳ୍ପ କରିବେ । ପିତାଙ୍କ ଇଚ୍ଛା ପୂର୍ଣ୍ଣ କରିବା ଲାଗି ପୁତ୍ର କଲ୍କୀ ଦିଗ୍‌ବିଜୟ ଲାଗି ଯିବେ । କାରଣ ରାଜଚକ୍ରବର୍ତ୍ତୀ ନ ହେଲେ ଅଶ୍ୱମେଧ ଯଜ୍ଞ କରାଯାଇ ନଥାଏ ।

ଭଗବାନ୍ କଲ୍କୀଦେବ ପ୍ରଥମେ ନିକଟ ଦେଶ ଆକ୍ରମଣ କରିବେ । ଏ ରାଜ୍ୟର ରାଜା ଜଣେ ଅସୁର । ତାଙ୍କ ନାମ ବୌଦ୍ଧ । ପ୍ରଜାମାନେ ବୌଦ୍ଧ । ସମସ୍ତଙ୍କ ରାକ୍ଷସ ପ୍ରକୃତି । ବୌଦ୍ଧମାନେ ସାମନା ସାମନି ଯୁଦ୍ଧରେ ପରାଜିତ ହେବେ । ବହୁ ମାୟା ଅବଲମ୍ବନ

କରିବେ । କଲ୍‌କୀଦେବ ସବୁ ମାୟାର ଜାଲକୁ କାଟି ପକାଇବେ । ବୌଦ୍ଧମାନେ ଲକ୍ଷ ଲକ୍ଷ ମ୍ଳେଚ୍ଛ ସୈନ୍ୟ ସଂଗ୍ରହ କରି କଲ୍‌କୀଙ୍କୁ ଆକ୍ରମଣ କରିବେ । ବହୁକାଳ ଧରି ଭୟଙ୍କର ଯୁଦ୍ଧ ଚାଲିବ । ବୌଦ୍ଧ ଓ ମ୍ଳେଚ୍ଛସେନା ନିପାତ ହେବେ । ସେମାନଙ୍କ ରକ୍ତରେ ଏକ ନଦୀ ହୋଇଯିବ । ହାତୀ, ଘୋଡ଼ା, ରଥ ଆଦି ଏହି ରକ୍ତନଦୀରେ କୁମ୍ଭୀର ଭଳି ଭାସିବେ । ମୃତ ସୈନ୍ୟଙ୍କ ଦେହହାଡ଼ରେ ଏକ ପର୍ବତ ହୋଇଯିବ ।

ଯୁଦ୍ଧରେ ପତି ଓ ପୁତ୍ରମାନେ ନିହତ । ବଞ୍ଚିଥିବା ବୌଦ୍ଧ ଓ ମ୍ଳେଚ୍ଛ ରମଣୀମାନେ ପ୍ରତିଶୋଧ ନେବାକୁ ବାହାରିବେ ! ସେମାନେ ନାନା ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ କଲ୍‌କୀଙ୍କ ସେନାବାହିନୀକୁ ଆକ୍ରମଣ କରିବେ । ସ୍ତ୍ରୀଲୋକଙ୍କୁ ମାରିଲେ ପାପ ଓ ଅପଯଶ ହେବ, ସେମାନଙ୍କୁ ପରାଜିତ କଲେ ମଧ୍ୟ ଗୌରବ ହେବ ନାହିଁ- ଏକଥା ଭାବି କଲ୍‌କୀ ଦେବ ଏକ ମାୟା କରିବେ । ସ୍ତ୍ରୀଲୋକ ଅସ୍ତ୍ର ପ୍ରୟୋଗ କଲେ, ସେଗୁଡ଼ିକ କାହା ଦେହରେ ନ ବାଜି ସେମାନଙ୍କ ହାତକୁ ଫେରିଯିବ । ଏପରି ହେବାରେ ସ୍ତ୍ରୀମାନଙ୍କର ମାନସିକ ପରିବର୍ତ୍ତନ ଘଟିବ । ସେମାନେ କଲ୍‌କୀଙ୍କୁ ଭଗବାନ ବୋଲି ମାନିବେ । ଆତ୍ମ ସମର୍ପଣ କରିବେ । କଲ୍‌କୀ ସେମାନଙ୍କୁ ସଦୁପଦେଶ ଦେଇ ମୁକ୍ତି ପ୍ରଦାନ କରିବେ ।

ଏହି ସମୟରେ ଚକ୍ରତୀର୍ଥର ବାଳଖିଲ୍ୟ ନାମକ କେତେକ ଖର୍ବକାୟ ଋଷି କଲ୍‌କୀଙ୍କ ପାଖକୁ ଆସିବେ । ସେମାନେ ନିବେଦନ କରିବେ ଯେ, କୁଥୋଦରୀ ନାମ୍ନୀ ଜଣେ ମାୟାବିନୀ ରାକ୍ଷସୀର ଉପଦ୍ରବରେ ସେମାନଙ୍କ ତପସ୍ୟାରେ ବିଘ୍ନ ଘଟୁଛି । କଲ୍‌କୀଦେବ ରାକ୍ଷସୀକୁ ଦମନ କରିବା ଲାଗି ସୈନ୍ୟମାନଙ୍କ ସହ ହିମାଳୟରେ ପ୍ରବେଶ କରିବେ ।

କୁଥୋଦରୀ ହିମାଳୟ ପର୍ବତରେ ମୁଣ୍ଡ ଓ ନିଷେଧ ପର୍ବତରେ ଦୁଇଗୋଡ଼ ରଖି ଶୋଇବେ । ବହୁ ଯୋଜନ ବ୍ୟାପୀ ତା ଶରୀର । ସେ ନିଜ ପୁଅ ବିକଂଜନକୁ ସ୍ତନ୍ୟପାନ କରାଉଥିବ । ତା' ସ୍ତନରୁ ଏତେ କ୍ଷୀର ବାହାରିବ ଯେ, ସେହି କ୍ଷୀରରେ ଏକ ନଦୀ ହୋଇଯିବ । ରାକ୍ଷସୀର ନିଃଶ୍ୱାସ ପ୍ରଶ୍ୱାସରେ ବଣର ହାତୀଗୁଡ଼ାକ ଉଡ଼ି ଉଡ଼ି ବହୁ ଦୂରରେ ପଡ଼ିବେ । ରାକ୍ଷସୀର ଶରୀରକୁ ଗୁମ୍ଫା ମନେ କରି ସିଂହଗୁଡ଼ାକ ତା କାନ ସନ୍ଧିରେ ଓ ହରିଣଗୁଡ଼ାକ ତା'ର ଲୋମକୂପରେ ଆଶ୍ରୟ ନେବେ । କଲ୍‌କୀଙ୍କ ସୈନ୍ୟମାନେ ଏହି ଅଦ୍ଭୁତ ରାକ୍ଷସୀକୁ ଦେଖି ଦେଖି ଅଚେତ ହୋଇପଡ଼ିବେ । କଲ୍‌କୀଦେବ ଓ ତାଙ୍କ ସେନାବାହିନୀକୁ ରାକ୍ଷସୀ ଏକ ଢୋକରେ ଗିଳି ପକାଇବ । କଲ୍‌କୀଦେବ ଖଡ୍ଗରେ ରାକ୍ଷସୀର ପେଟ ଚିରି ବାହାରକୁ ବାହାରି ଆସିବେ । କୁଥୋଦରୀର ରକ୍ତ ଚତୁର୍ଦ୍ଦିଗକୁ ବ୍ୟାପିଯିବ । ସେ ବିରାଟ ପର୍ବତମାଳା ଭଳି ତଳେ ଛେଚି ହୋଇ ପଡ଼ିବ । କୁଥୋଦରୀ ମରିବ ।

ଏହିଭଳି କଲ୍‌କୀଙ୍କ ସମ୍ପର୍କରେ ନାନା କଥାର ପ୍ରବାହ । ମରୁ ଓ ଦେବାପି ନାମକ ଦୁଇଜଣ ଭକ୍ତ କଲ୍‌କୀଙ୍କ ଶିଷ୍ୟ ହେବେ । ବିଶାଖଯୁପ ମଧ୍ୟ । ଏ ତିନିହେଁ ରାଜା । ନିଜ ସେନାବାହିନୀ ଓ ଏମାନଙ୍କ ସେନାବାହିନୀ ମିଳିତ ହେବେ । ଏମାନେ ବିଶସନ ନାମକ ରାଜ୍ୟ ଆକ୍ରମଣ କରିବେ । ଏଠାରେ କୋକ ଓ ବିକୋକ ନାମକ ଦୁଇଜଣ ମାୟାବୀ ରାକ୍ଷସ ନାନା ମାୟା କରିବେ । କିନ୍ତୁ କଲ୍‌କୀଙ୍କ ଦ୍ୱାରା ଏମାନେ ନିହତ ହେବେ ।

ଏସବୁ କଲ୍‌କୀଙ୍କ ଦିଗ୍‌ବିଜୟ ବେଳର ଘଟଣା । ତା'ପରେ ସେ ଭଲ୍ଲାଟ ରାଜ୍ୟ ଆକ୍ରମଣ କରିବେ । ମହାଯୋଦ୍ଧା ସେ ଓ ତାଙ୍କର ଭକ୍ତିମତୀ ସ୍ତ୍ରୀ ସୁଶାନ୍ତା ଭଗବାନ କଲ୍‌କୀଦେବଙ୍କୁ ଚିହ୍ନି ପାରିବେ । ଶ୍ରୀହରିଙ୍କ ଶରଣ ନେବା ଲାଗି ସୁଶାନ୍ତା ପତି ଶଶିଧ୍ୱଜଙ୍କୁ ବହୁତ ବୁଝାଇବେ । କିନ୍ତୁ ଯୁଦ୍ଧଖୋର ଶଶିଧ୍ୱଜ ରାଣୀଙ୍କ ନିବେଦନ ପ୍ରତ୍ୟାଖ୍ୟାନ କରିବେ । ସେ କଲ୍‌କୀଦେବଙ୍କୁ ଆକ୍ରମଣ କରିବେ । ବିଶାଖଯୁପ, ମରୁ ଓ ଦେବାପି ରାଜାମାନେ ପରାସ୍ତ ହେବେ । ଶଶିଧ୍ୱଜଙ୍କ ଆଘାତରେ କଲ୍‌କୀ ମୂର୍ଚ୍ଛିତ ହୋଇପଡ଼ିବେ ଏବଂ ଶଶିଧ୍ୱଜ ତାଙ୍କୁ ନିଜ ହାତରେ ରାଜଉଆସକୁ ଟେକି ନେଇଯିବେ । ସୁଶାନ୍ତା ଓ ତାଙ୍କର ସଖୀମାନେ ଶ୍ରୀହରିଙ୍କୁ ପାଖରେ ପାଇ ଆନନ୍ଦରେ ନାଚି ଉଠିବେ । କଲ୍‌କୀଦେବଙ୍କ ଚେତନା ଫେରି ଆସିବ । ଶଶିଧ୍ୱଜ, ସୁଶାନ୍ତା ଓ ପ୍ରଜାମାନଙ୍କ ଭକ୍ତି ଦେଖି ଖୁସି ହେବେ । ସେ ଆତ୍ମସମର୍ପଣ କରିବେ ଭକ୍ତମାନଙ୍କ ନିକଟରେ । ଶଶିଧ୍ୱଜ ନିଜ କନ୍ୟା ରମାକୁ କଲ୍‌କୀଙ୍କ ହାତରେ ସମର୍ପଣ କରିବେ । କଲ୍‌କୀ ହେବେ ତାଙ୍କ ଜାମାତା । ରାଜ୍ୟସାରା ମହୋତ୍ସବ ହେବ ।

କଲ୍‌କୀଦେବ ଶଶିଧ୍ୱଜଙ୍କ ସହଯୋଗରେ ସମଗ୍ର ଭାରତରେ ଅସୁର ସ୍ୱଭାବର ରାଜାମାନଙ୍କୁ ସଂହାର କରିବେ । ଦୁଷ୍ଟଲୋକେ ତାଙ୍କ ଭୟରେ ଶିଷ୍ଟ ହେବେ । ଦିଗ୍‌ବିଜୟ କରି କଲ୍‌କୀ ରାଜଚକ୍ରବର୍ତ୍ତୀ ହେବେ । ପିତାଙ୍କ ଲାଗି ଅଶ୍ୱମେଧ ଯଜ୍ଞ ଓ ଅନ୍ୟାନ୍ୟ ଯଜ୍ଞ କରିବେ । ବୈଦିକ ଧର୍ମର ପୁନରୁତ୍‌ଥାନ କରିବେ ।

କଲ୍‌କୀଦେବଙ୍କର ଅଲୌକିକ ଅସାଧାରଣ ଲୀଳା ତଥା କାର୍ଯ୍ୟାବଳୀ ଦେଖି ଲୋକେ ତାଙ୍କ ମହିମା କୀର୍ତ୍ତନ କରିବେ । ତାଙ୍କ ଚରିତ୍ର ଚିନ୍ତା କରି ଲୋକେ ପବିତ୍ର ହେବେ । ତାଙ୍କରି ଆଦର୍ଶରେ ଲୋକେ ଅନୁପ୍ରାଣିତ ହେବେ । ଚାରିଆଡ଼େ ସୁଖଶାନ୍ତି ବିରାଜିବ । ଯଥା ସମୟରେ ଭଲ ବର୍ଷା ହେବ । ଦେଶ ସର୍ବଦା ଶସ୍ୟଶ୍ୟାମଳା ହେବ । ଭୂମି ଉର୍ବର ହେବ । ପ୍ରଚୁର ପରିମାଣରେ ଶସ୍ୟ ଉତ୍ପନ୍ନ ହେବ । ରୋଗଶୋକ ବୋଲି କିଛି ରହିବ ନାହିଁ । କାଳକ୍ରମେ ସତ୍ୟଯୁଗ ଆସିବ । କଲ୍‌କୀଦେବ ନରଶରୀର ତ୍ୟାଗ କରି ଗୋଲକଧାମକୁ ଫେରିଯିବେ ।